# ଡଗର

ଆନନ୍ଦ ଆଲୋକ ଅଗ୍ରଗତିର ପ୍ରତୀକ





୧୪ ଶ ବର୍ଷ
ଅମ ସଂଖ୍ୟା

ଆଷାଢ଼
ପ୍ରଥମାର୍ଦ୍ଧ

ପ୍ରତିଖଣ୍ଡ
ବାର୍ଷିକ
ଅଣା



odia.org
Digitized by srujanika@gmail.com

## ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧,୦୦୦ ଟଙ୍କା



ଆପଣ ଯଦି ଗଭୀର ନୈରାଶ୍ୟ ଓ ଦୁଃଖରେ ବୁଡ଼ି ରହିଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ପିନ୍ଧନ୍ତୁ । ଏହା ଆପଣଙ୍କୁ ପ୍ରଚୁର ସମ୍ପତ୍ତି ଆଣିଦେବ । ଆପଣ ନିଜ ମନଲାଖି ସୁନ୍ଦରୀ, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ଲକ୍ଷ୍ମୀ ଆପଣଙ୍କ ଦୁଆରେ ଥୁଆ ହେବେ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଇବ ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ... ପ୍ରସବରେ ନିଶ୍ଚୟ ଜନ୍ମ ହେବ । ପରୀକ୍ଷାରେ ହସି ଖେଳି ପାସ କରିଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ... ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଉନ୍ନତି ମଧ୍ୟରେ କାଟି ନେବେ ।

ଏହି କୁହୁକ ମୁଦି ଆପଣଙ୍କୁ ମୋଟେ ୧।୵୦ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦି ୩।୵୦ । ଏହା ଅଷ୍ଟଧାତୁ ତିଆରି । ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ଅନ୍ୟ ବହୁ ପର୍ଣ୍ଣ ପରେ ତଦ୍ଦ୍ୱାରା ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଆମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧,୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( p.b. )
Jullundur City.Panjab

---

### ସ୍ତ୍ରୀ ରୋଗ ପାଇଁ

## ପ୍ରେମିକା ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଲେ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨ ୫୯ ଡାକ ଖର୍ଚ୍ଚ—୨।୵୦

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୨।— ଡାକଖର୍ଚ୍ଚ—୬୦।୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

### ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ କୁତ୍ସିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
**(H. K. K.)**

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

---

### ଶୁଣନ୍ତୁ—

ଗୋଟିଏ ନୂଆ ଧରଣର ପାର୍ଟି ଗଢ଼ିବାକୁ ବସିଛୁ । ଦଶରୁ ଚଉଦ ବର୍ଷର କେତୋଟି ବାଳକ ବାଳିକା ଦରକାର । ସେମାନେ ଗାଇବେ, ଖିଆଇବେ, ଡ୍ରାମା କରିବେ ଆଉ ଉଚ୍ଚ ଧରଣର ସଙ୍ଗୀତ ଶିଖିବେ । ଦରକାର ଥିଲେ ପାଠ ବି ପଢ଼ିବେ । ଯାହାଙ୍କର ମନ ଅଛି, ଶୀଘ୍ର ଆସନ୍ତୁ ବା ଚିଠି ଲେଖନ୍ତୁ ।

କବି-ଚନ୍ଦ୍ର
କାଳୀ ଚରଣ ପଟ୍ଟନାୟକ
ଜଗନ୍ନାଥ ବଲ୍ଲଭ
କଟକ,

---

### —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋଃ—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏଚ୍. ଏମ୍. ବି. ଏମ୍. ଏଚ୍. ଆର୍. ଏ.

ଏଠାରେ ଡାକ୍ତର୍ ହାନେମାନଙ୍କର ହୋମିଓପ୍ୟାଥିକ ଔଷଧ ଓ ଡାକ୍ତର ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

### ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ


Digitized by srujanika@gmail.com

ଅନନ୍ତାନ୍ ହି ଶତ୍ରୁ ରୁମାନ ଭୂମିନ କାର୍ଯ୍ୟନ୍ତେ



ଆଷାଢ଼ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ପ୍ରଥମ ସଂଖ୍ୟା ୧ । ୭ । ୫୦

## ଏଇ ସହକାର ତଳେ—ମାନସିଂହ




ଆପଣ ଏକ ସୁନ୍ଦର ଜଗତର ଆଶା ପାଇଛନ୍ତି—'ମୃତ' କାଟିଲେ ସାରା ଓଡ଼ିଶାକୁ ଅଳଙ୍କୃତ କରିଦେବାର କାମିଆ ଏବଂ ଆପଣଙ୍କୁ ଚଳାଇଥିଲା । ଭରସା ଦେବାରେ ପାଦେ ପଛେଇବା ଉଠିବାର ସୌଭାଗ୍ୟ ଏବଂ ଆପଣଙ୍କର ଅଛି । ତା ନହେଲେ ଆଧୁନିକ କବିତା ବହି ବଜାରରେ ବିକ୍ରି ହେବାର ସ୍ୱପ୍ନ କି ଓଡ଼ିଆ କବି ଦେଖୁ ନଥିଲେ । କବି କେବଳ କଳ୍ପନା ବିଳାସୀ ବୋଲି ଯେଉଁ ଦୁର୍ନାମ ଥିଲା ଆପଣ ତାହା ଘୁଞ୍ଚାଇ ଦେଇ ପାଠକଙ୍କୁ ସିଧା ସହକାର ତଳର ଇଙ୍ଗିତ ଦେଇଛନ୍ତି । ଆପଣ କେବଳ କଳ୍ପନାକୁ ବାସ୍ତବ କରି ନାହାନ୍ତି—ବାସ୍ତବ ସ୍ୱପ୍ନର ଚରମ ଅନୁଭୂତି ପାଇଁ ଆପଣ ସୁକ୍ଷ୍ମ କଳ୍ପନାର ପଥ ଦେଖାଇ ଏବେ ଚତୁର ରଚନା ବା ଯୋଗ ସାଧିବା ପାଇଁ ନିର୍ଦ୍ଦେଶ ଦେଲେଣି । ଅତୀତ ସମ୍ବନ୍ଧରେ ହିସାବ ନିକାଶ କରି ବର୍ତ୍ତମାନ ସହିତ ଦରଦସ୍ତୁର ଚଳାଇବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଗଛ ମେ କାଠାଲ୍ ଓଠ ମେ ତେଲ ଦେଇ ବସିବାର ଧୈର୍ଯ୍ୟ ଆପଣଙ୍କର ଅଛି । ଆପଣଙ୍କ ଦମ୍ଭିଲା ବପୁ ଶଣ୍ଢାମୃତର ଖଣ୍ଡାକୁ ଯୋଗ୍ୟ ହେଲେ ହେଁ—କଳା ଦେହ ଗୋପକୃଷ୍ଣଙ୍କର କଣ୍ଠାର ସୂଚନା ଦେଇଥାଏ । ଆପଣ ରସି ରସାଇ ପାରନ୍ତି—ଖସି ଖସାଇ ପାରନ୍ତି— ଧସି ଧସାଇ ପାରନ୍ତି—କିନ୍ତୁ ଭୁଷି ଭୁଷାଇ ପାରନ୍ତି ନାହିଁ—ହାରେ କାହିଁ ଗୋବରଗୁବୀ କବି—ଆପଣଙ୍କୁ ନମସ୍ତେ । ଆପଣଙ୍କୁ ଡଗର ଅଜ ପ୍ରୀତି ଉପହାର ଦେଉଛି—

ଏହି ସହକାର ତଳେ,
ପ୍ରିୟାର ପଦ୍ମରେ ଭୋମ୍ବର ହେବ ନୂ
ଯୋଗ ସାଧନାର ବଳେ—

## ସଂପାଦକୀୟ

ଦ୍ୱିତୀୟ ମହାସମରର ଉଦ୍ୟୋଗ ପର୍ବ ଚାଲିଛି କୋରିଆ ରଣାଙ୍ଗନରେ । ଯୁଦ୍ଧ କୋରିଆ ଏମ୍ଭିତି ଦୁଇ ବଡ଼ ଶକ୍ତିଙ୍କର ସ୍ୱାର୍ଥରେ ବିଭକ୍ତ ହୋଇ ଉତ୍ତର ଓ ଦକ୍ଷିଣ କୋରିଆ ରୂପେ ଅପ୍ରାକୃତିକ ଅବସ୍ଥାରେ ବହୁଦିନ ରହି ଆସିଛି । ଉତ୍ତର କୋରିଆକୁ ରୁଷର ଛତ୍ର ଛାୟାରେ ଓ ଦକ୍ଷିଣ କୋରିଆକୁ ଆମେରିକାର ବାହୁବଳରେ ଥାଇ ଉଭୟର ମଧ୍ୟରେ ବହୁ ଦିନୁ ଯୁଦ୍ଧପରେ ଉତ୍ତର କୋରିଆ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କରିଛି । ଭାରତ ସରକାର ସଂବାଦ ପାଇଛନ୍ତି ଯେ ଏହା ଉତ୍ତର କୋରିଆର ଅନ୍ୟାୟ । ତେଣୁ ସେ ମିଳିତ ଜାତିସଂଘର ପ୍ରସ୍ତାବକୁ ସାଧୁସମର୍ଥନ ( moral support ) କରିଛନ୍ତି ମାତ୍ର କିନ୍ତୁ ଭାରତ ପ୍ରତିନିଧି ମୂର୍ତ୍ତୀ ଯେଉଁ ରିପୋର୍ଟ ଦେଇଥିଲେ ତାର ବଳରେ ଭାରତ ସରକାର କରିଛନ୍ତି କି ? କାଲି ଯଦି କମିଉନିଷ୍ଟ ଚୀନ ଫରମୋଜା ଆକ୍ରମଣ କରେ ତେବେ ତାହା ଅନ୍ୟାୟ ହେବକି ? ଭାରତ ଯଦି ହାଇଦ୍ରାବାଦରେ ପୁଲିସ ତତ୍ପରତା ଅବଲମ୍ବନ କରିବା ଅନ୍ୟାୟ ନୁହେଁ—ଦକ୍ଷିଣ କୋରିଆ ଅଧିକାର କରିବା କୋରିଆର ଅନ୍ୟାୟ କି ? ମିଳିତ ଜାତିସଂଘ ରୁଷର ଅନୁପସ୍ଥିତିରେ ଆମେରିକାର ଖେଳଘର ହୋଇଛି । ରୁଷ ଥିବା ବେଳେ ମଧ୍ୟ କୋରିଆ ଆମେରିକାର ହାତ ଥିଲା । ବର୍ତ୍ତମାନ ମିଳିତ ଜାତିସଂଘ ଏକ ପ୍ରକାର ବଡ଼ ଶକ୍ତିଙ୍କର ଉଣ୍ଡଗିଧି ଛଡ଼ା କିଛି ନୁହେ । କୋରିଆର ଗୃହ ଯୁଦ୍ଧରେ ଏଡ଼ା ଘନରେ ସେ ଯେଉଁ ତତ୍ପରତା ଦେଖାଇଲେ ପାକିସ୍ଥାନ ଭାରତର କାଶ୍ମୀର ଠାରେ ଆକ୍ରମଣ କଲାବେଳେ ସେ ତତ୍ପରତା ଥିଲା କି ? ଭାରତ ଅନ୍ତର୍ଗତ ହାଇଦ୍ରାବାଦରେ ପୁଲିସ ତତ୍ପରତାକୁ ଏକ ବଡ଼ ପ୍ରଶ୍ନ କରିବା ଜାତିସଂଘର ନ୍ୟାୟପରତା କି ?

ଅବଶ୍ୟ କୌଣସି ଅନ୍ୟାୟର ସମାଧାନ ଅସ୍ତ୍ର ଶସ୍ତ୍ର ବଳରେ କରିବାକୁ ଆମେ ସମର୍ଥନ କରିପାରୁ ନାହିଁ । ସେହି ଦୃଷ୍ଟିରୁ ଉତ୍ତର କୋରିଆର ସାମରିକ ପ୍ରକ୍ରିୟା ଅନ୍ୟାୟ । ଏବଂ ଭାରତ ସରକାରଙ୍କର ସାଧୁ ସମର୍ଥନ ମଧ୍ୟ ନ୍ୟାୟସଙ୍ଗତ । କିନ୍ତୁ ଏହାଠାରୁ ଅଧିକ ସକ୍ରିୟ ସହାନୁଭୂତି ପ୍ରକାଶ ଭାରତ ପକ୍ଷରେ ମାରାତ୍ମକ ପାକିସ୍ଥାନ କାଶ୍ମୀର ପ୍ରଲୋଭନରେ ତା ଦେଇ ପାରେ । କିନ୍ତୁ ଭାରତ କୂଟନୀତିର ଅସ୍ତ୍ର ନେଇ ଧର୍ମ ଜଗତର ଆଶ୍ରୟ ନେବାରେ ତାର ବିଜୟ ନିହିତ ।—ନ.ନ.

Digitized by srujanika@gmail.com

ଅସଲି ହରେକୃଷ୍ଣ ଆୟୁର୍ବେଦ ଭବନର

# ପେଞ୍ଚଗୁଣା ତୈଳ

## ନକଲକୁ ସାବଧାନ !

ଉତ୍କଳର ବିଶିଷ୍ଟ ବିଶିଷ୍ଟ, ଅଫିସ୍, କଷ୍ଟ ଲୋକମାନଙ୍କର ସ୍ୱଦେହାନୁଭୂତ ତଥା ଭାରତ ଓ ଭାରତ ବାହାରର ବହୁ ସୁନାମଖ୍ୟାତଙ୍କ ଠାରୁ ଆମ୍ଭେ ଲକ୍ଷ ଲକ୍ଷ କୋଟି ପ୍ରଶଂସା ପତ୍ର ହାସଲ କରିଛୁ । ତନ୍ମଧ୍ୟରୁ ମାତ୍ର କେତୋଟି ଏହି ସ୍ଥଳରେ ଉଲ୍ଲେଖ କଲୁ ।

ଅମର ଔଷଧ ଅଗ୍ରୀଫଦା ନାମକ ଅରଣ୍ୟକ ଖଣ୍ଡରୁ ଏକ ସାଧୁଙ୍କ ଅଷ୍ଟକ୍ରମେ ପ୍ରାପ୍ତ ଓ ଆବିଷ୍କୃତ । ଏହା ସଫଳ ହେବାର କେହି ପ୍ରମାଣ କରିଦେଲେ ତାହାକୁ ପ୍ରଥମେ 'ବେହାର ସପିନ'ରେ ଏପ୍ରେଣ୍ଟିସ କାମ ମିଳିବ ଯାହା ପାଇଁ ସୁର, ବୀର ଜନ୍ମ ମଣି ବୈରବାଦ ଶତ ଶତ ଜନ୍ମ ତପସ୍ୟାରତ ହୋଇ ସିଦ୍ଧି ପାଇଛନ୍ତି ।

ଉତ୍କଳର ସୁନାମ ଖ୍ୟାତ କାଶୀନାଥ ଦାଶ ଲେଖିଛନ୍ତି—

ମୁଁ କବିରାଜ ମହାତାପୀଙ୍କୁ ଭଲକ ଚିହ୍ନିଗଲି । ତାଙ୍କ ଆବିଷ୍କୃତ ତପଃସିଦ୍ଧ ପେଞ୍ଚଗୁଣା ତୈଳ ବ୍ୟବହାର କରି ମୁଁ ନାନାବିଧ ରୋଗରୁ ମୁକ୍ତ ହୋଇଛି । ପ୍ରଥମରେ ମୋତେ ପ୍ରଧାନମନ୍ତ୍ରୀ ରୋଗ ମାରାତ୍ମକ ଭାବରେ ଧରିଥିଲା । ଏହି ରୋଗର ବିଷମ ବିକାର ମାନ ମୋତେ ଜନ-ମୁଖରେ ହାସ୍ୟାସ୍ପଦ କରୁଥିଲା । ଏଥିପାଇଁ ମୁଁ ରଘୁନାଥ ରଥରେ ଚଢି ବଜାରରେ ଲୋକହସା ହେଉଥିଲେ ମଧ୍ୟ ମୋତେ ଜଣା ଯାଉଥିଲା— ସତେ ଯେପରି ପୁଷ୍ପକ ବିମାନରେ ବସିଛି । ମୁଁ ନିତ୍ୟାନନ୍ଦ ଧାମରେ ବିଶ୍ରାମ ନେଇ ମନେ କରୁଥିଲି ସତେଅବା ମୁଁ ସଦାନନ୍ଦ ରସରେ ଅନୁଭବ । ଏବେ ଚକ୍ଷୁରେ କବିରାଜଙ୍କ ଅନାସ୍ୱାଞ୍ଜନ ଲଗାନ୍ତେ ମୋତେ ଝଲଝଲ କରି ସବୁ ଦିଶୁଛି । ମୋର ହବାଷ୍ଟା ଅଞ୍ଜନ ତମସାଚ୍ଛ ଚକ୍ଷୁରେ ଜ୍ଞାନାଞ୍ଜନ ଶଳାକା ଦେଇଥିଲା ପରି ଛାୟୁ ପାଇଛି । ପ୍ରଧାନମନ୍ତ୍ରୀ ରୋଗର ସମୂଳ ବିନାଶ ପାଇଁ ମୁଁ ଅଭ ପାଞ୍ଚ ଶିଶି ପେଞ୍ଚଗୁଣାତୈଳ ବରାଦ ଦେଉଛି—

ଇତି କାଶୀନାଥ ଦାଶ ନାରାଣ ଭବନ
ଗଞ୍ଜାମ ।

ଶ୍ରୀଯୁକ୍ତ ଧବକୃଷ୍ଣ ଚୌଧୁରୀ ଲେଖିଛନ୍ତି —ମୁଁ ବହୁଦିନରୁ ଜଗଣ ରୋଗରେ ପୀଡ଼ିତ ଥିଲି । କବିରାଜ ମହାତାପୀଙ୍କଠାରୁ ସର୍ବୋଦୟ ବଟୀ ସେବନ କରିବାରୁ ସୁସ୍ଥ ହୋଇ ଆସିଛି । ତାହାପରେ ତାଙ୍କରି ମତେ ପ୍ରସ୍ତୁତ ପେଞ୍ଚଗୁଣା-ତୈଳ ବିଧିମତେ ବ୍ୟବହାର କରିବାରୁ ମୋର ହସ୍ତ କଣ୍ଡୂମର ଏବେ କିମ୍ବା ଜଣ୍ଡୁଝନ ଆରମ୍ଭ ହୋଇଛି । ଏହା ମୋତେ ବଳୁଡା ଦେବାରେ ପ୍ରଭୂତ ସାହାଯ୍ୟ କରିବ ଓ ଭୋଜନ ସ୍ପୃହା ବଢାଇବ ଏବଂ ମହାତାପୀଙ୍କ ଗୁଣ କୀର୍ତ୍ତନ ପାଇଁ ମୋତେ ଗଡଗଡ଼ହାଉ ଉତ୍ସାହ ଦେବ ବୋଲି ମୋର ଆଶା । ମୁଁ କବିରାଜ ମହାତାପୀଙ୍କର ଉନ୍ନତି କାମନା କରେଁ ।

ଧବକୃଷ୍ଣ ଚୌଧୁରୀ
ବାରବାଟୀ, କଟକ ।

ଶ୍ରୀଯୁକ୍ତ ବୁଦ୍ଧିନାଥ ରଥ ଲେଖିଛନ୍ତି । ମୋର କୋଟେକିନ ହେବ ସିଧାରୋଗ ଧରିଥିଲା । କେବେ କେବେ ସିଧା ଭାବରେ ଚାଲିବାକୁ ବାଧ୍ୟ ହେଉଥିଲି । ସେତେବେଳେ ନଇଁ ହେଉ ନଥିଲି । କିନ୍ତୁ ଦେଖାଗଲା ସେ ସିଧା ଅଞ୍ଚଳରେ କିଏ ଉଠୁନାହିଁ । ମୁଁ ବଡ଼ ବିବ୍ରତ ହୋଇ କବିରାଜ ମହାତାପୀଙ୍କ ଆଶ୍ରମ ନେଲି । ସେ ମହାତ୍ମା ମୋତେ ଅଣା ଲେହନା ବଟିକା ମଧୁ ସଂଯୋଗରେ ସେବନ କରାନ୍ତେ ଏବେ ବେଶ୍ ନଇଁ ପାରୁଛି । ଏଣିକି ପୂର୍ବବତ୍ ସାପ ମାରିବ ନାହିଁ ବାଡ଼ ଭାଙ୍ଗିବ ନାହିଁ କଥାମାନ କହିବୋଲି ପାରୁଛି । ମୁଁ ବର୍ତ୍ତମାନ ସକଳକାର୍ଯ୍ୟରେ ଆଶାନ୍ୱିତ ନହେଲେ ମଧ୍ୟ ନିରାଶ ନୁହେଁ । ମୁଁ ଏବେ ହାତେ ତେଲ ଗଡିରେ ଓ ହାତେ ସୁଅ ମୁଣ୍ଡରେ ଦେଇ ବେଶ୍ କାମ ତୁଲାଇ ପାରେ । କବିରାଜ ମହାତାପୀ ଜଗତରେ ସୁଖ୍ୟାତି ଲାଭ କରନ୍ତୁ । ଇତି

ଶ୍ରୀ ବୁଦ୍ଧିନାଥ ରଥ
ପୁରୁଣା ଗଲଜ ଗଳି, କଟକ

ଶ୍ରୀଯୁକ୍ତ ସର୍ବନ୍ଦ ସମାନ ପ୍ରଧାନ ଲେଖିଛନ୍ତି—

କବିରାଜ ମହାତାପୀଙ୍କର ଅଦ୍ଭୁତ ଗୁଣ ! ତାଙ୍କର ଔଷଧର ସର୍ବତ୍ର ପ୍ରଶଂସା ଆପଣମାନେ ଶୁଣିଛନ୍ତି । ମାତ୍ର ତାଙ୍କର କର୍ମଆ ହିକମତ କଥା କେହି ଜାଣି ନଥିବେ । ସେ ମୋତେ ଯେଉଁ ମନ୍ତ୍ରପୂତଃ ଯୋତା ଦେଇଛନ୍ତି ତାହାକୁ ପାଦରେ ପିନ୍ଧି ମୁଁ ସର୍ବତ୍ର ଗମନ କରିପାରେ । ବିନା ଔଷଧରେ ଗୁଣିଆ ମାନେ ବାର୍ତ୍ତା-ବହକୁ ଗୃହପୂଜା ମାରି ସର୍ପାଘାତ ରୋଗୀ ଭଲ କଲ୍ଲପରି ଏହାଙ୍କର ଧମକ ଓ ଚମକ ମନ୍ତ୍ରରେ ମୁଁ ସୁରେନ୍ଦ୍ର ସୂର୍ଯ୍ୟଦତ୍ତ ଭଗବାନଙ୍କ ବୈକୁଣ୍ଠ ପୁର ଯାଏ ଅଣ ନିଶ୍ୱାସରେ ଚାଲି ଆସି ପାରିଲି । ମୁଁ ମହାତାପୀଙ୍କର ସର୍ବତ୍ର ସମାନ ପାଦୁକା ପିନ୍ଧି ବର୍ତ୍ତମାନ ମଧ୍ୟ ବିନା ବାଧାରେ ପାଦ ତଳ ଗତାଗତ କରିପାରେଁ । କବିରାଜ— ମହାତାପୀଙ୍କର ସର୍ବତ୍ର ସୁଖ୍ୟାତି ରଜୁ ।

ଶ୍ରୀ ସର୍ବନ୍ଦ ସମାନ ପ୍ରଧାନ
ତେଙ୍କିଶାଳ
ଓଡ଼ିଶା

ଶ୍ରୀ କପାଳଫଟା ନନ୍ଦ ଲେଖିଛନ୍ତି

ମୁଁ କବିରାଜ ମହାତାପୀଙ୍କ ମନ୍ତ୍ର ବଳରେ ଆଶ୍ଚର୍ଯ୍ୟ ହୋଇଛି ! ମୋତେ ମନ୍ତ୍ରୀଭୂତ ମାଡ଼ି ବସିଥିଲା । କବିରାଜ ଏକା ଫୁଙ୍କାକେ ଭୂତ ଛଡ଼ାଇ ଦେଇ ପାରିଲେ । ମୋ ପାଖରେ ଖପିସର ଶକ୍ତ ଭରି ରହିଥିଲା । ଏବଂ ମୋ ପାଟି ଏତେବଡ଼ ଥିଲା ଯେ ତା ଭିତରେ କାକ ସୁବିଧାନ ସବୁ ପଶି ହଜମ ହୋଇ ପଡ଼ିଥାନ୍ତା ! ମାତ୍ର ଏହି ସର୍ବଗ୍ରାସୀ ପ୍ରକୃତିଚରିତାର୍ଥ କଲେ ମୋର ଲମ୍ବକୁଦିକ୍ୟ ଧିହେବାର ଆଶଙ୍କା ଦେଖି କବିରାଜ ମହାତାପୀ ମୋତେ ଏପରି ମନ୍ତ୍ରକଲେ ଯେଉଁମୁହଁରେ ମୁଁ ତାଙ୍କର ନିନ୍ଦା କରୁଥିଲି ସେହି ମୁହଁରେ ପ୍ରଶଂସା କରି ପାରିଲି ଏବଂ ପଢାଇଲି ଛେଦ ମୋତେ ସୁଅଦ ଲାଗିଲା ।

ଇତି କପାଳ ଫଟା ନନ୍ଦ
ଗ୍ରାମ—ପାଦଡଣା,
ଓଡ଼ିଶା

କ୍ରମଶଃ



Digitized by srujanika@gmail.com



—ପାଠୁଲିଖିଆ—

"ମୂଲିଆ ଅଭାବରୁ ଆମ ଦେଶରେ ଗୃହ-ବାସ ହୋଇପାରୁ ନାହିଁ ବୋଲି ମୂଲକମାନେ ଗୁହାରି କରୁଛନ୍ତି; ଖାଲି ବଢ଼ତି ମୂଲକଥା ନୁହେଁ—ମୁଣ୍ଡବ ଉଷା ପଡ଼ି ଗଲେଣି । ଅଧିକ ଅଧିକା ରୋଜଗାର ଆଶାରେ ଲୋକେ କଲି-କତା, ଟାଟା ଅହମଦାବାଦ ପ୍ରଭୃତି ସ୍ଥାନକୁ ଦେଶ ଛାଡ଼ି ପଳାଇ ଯିବାରୁ ଏଠି ଏଭଳି ଜନ-ଦୁର୍ଭିକ୍ଷ ଘଟୁଛି ।

ଏବେ ବାହାରୁ ପାକିସ୍ଥାନୀ ଲୋକଙ୍କୁ ଓଡ଼ିଶା ସରକାର ଆଣି ଥଇଥାନ କରିବାର ବ୍ୟବସ୍ଥା କରୁଛନ୍ତି । ଏ ବ୍ୟବସ୍ଥା କରିବା ଖୁବ୍ ସହଜ ତ ନୁହେଁ, ପରନ୍ତୁ ସମୟ ସାପେକ୍ଷ । ଯେଉଁ ମାନେ ଆସିଛନ୍ତି ତାଙ୍କ ଭିତରୁ ପ୍ରାୟ ସମସ୍ତେ କିମ୍ବା ଅଧିକାଂଶ କୃଷି ମୂଲିଆ ଶ୍ରେଣୀର ଲୋକ । ସରକାର ଏମାନଙ୍କ ପାଇଁ ଖର୍ଚ୍ଚାନ୍ତ ଓ ହଇରାଣ ନ ହୋଇ ଯଦି ପ୍ରତି ଗ୍ରାମକୁ କିଛି କିଛି ବାଣ୍ଟି କରି ପାରନ୍ତେ ତେବେ ଗ୍ରାମର କୃଷି ମାନେ ଆନନ୍ଦରେ ଏମାନଙ୍କୁ କାମରେ ଲଗାଇ ପୋଷନ୍ତେ ନାହିଁ କି ? ଗୃହର ମଧ୍ୟ ଉନ୍ନତି ହୁଅନ୍ତା ।"

ଜଣେ ଉଗର ପାଠକ ଏହିପରି ଚିଠି ଖଣ୍ଡିଏ ଆମଠାକୁ ଲେଖିଛନ୍ତି । ଏ ବୁଦ୍ଧିଟା ଏକା ଲେଖକଙ୍କୁ କାହିଁକି ଅନେକଙ୍କୁ ଦିଶୁଛି ଗୃହଆଖିଆ ସରକାର ମଧ୍ୟ ଦେଖି ପାରୁଥିବେ । କିନ୍ତୁ କଥାଟା ହେଉଛି ଏହି ଯେ ଏମାନେ ହେଉ ଉଚ୍ଛନ୍ନ-ଆସିଛନ୍ତି କିଏ ମାମୁଘରର ଭଣଜା, କିଏ ଶ୍ୱଶୁର-ଘର ଜୁଆଇଁ କୁଣିଆ, ବା କିଏ ଠାକୁରବାଡ଼ି ପାତୁଲିଖିଆ । ବସି ଶୋଇ ପେଟଭି ଅନ୍ନ ପାଉଥିବା ସ୍ଥଳେ ଗତରର ଖଟାଇ ଖାଇବାକୁ କିଏ ରାଜି ହୁଏ !

ଠାକୁର ବାଡ଼ରେ ବାଜିଲେ ଘଣ୍ଟା
ପୋଲି ଖିଆଙ୍କର ଫିଟିଲା ଅଣ୍ଟା......

—ନେହେରୁ ଓ ମହତାବ—

ଜଣେ ପତ୍ର ପ୍ରେରକ ମାନ୍ୟବର ଜବାହାରଲାଲ ନେହେରୁଙ୍କ ସହିତ ମାନ୍ୟବର ହରେକୃଷ୍ଣ ମହତାବଙ୍କର ତୁଳନା କରି ଗୋଟାଏ ଲେଖା ପଠାଇଛନ୍ତି । ଏହି ଦୁଇ ମହା ନେତାଙ୍କ ମଧ୍ୟରେ ଅବସ୍ଥାଗତ ଓ ସ୍ୱଭାବଗତ ଅନେକ ସାମଞ୍ଜସ୍ୟ ଥିବାର ଦର୍ଶାଇ ଲେଖିଛନ୍ତି କି ଏ ଦୁହେଁ ଯାକ ଜନ୍ମଗତ ଜନନେତା । ସେ କହୁଛନ୍ତି—

ନେହେରୁ ବଡ଼ଲୋକଙ୍କ ପିଲା—ମହତାବ ବଡ଼ଲୋକ ପିଲା । ନେହେରୁ ଥାଟ୍ ବଜାୟ ରଖିବାରେ ଅଭ୍ୟସ୍ତ—ମହତାବ ତଦ୍ରୂପ । ନେହେରୁଙ୍କ ଆଭିଜାତ୍ୟ ପୂର୍ବମାନଙ୍କରେ ବଦ୍ୟମାନ—ମହତାବ ଏହିଗତରେ ଊଣା ନୁହନ୍ତି । ମୁହଁରେ ଡେମୋକ୍ରେସି କହି ନେହେରୁ ଯେପରି ଡିକ୍ଟେଟରି କାମ କରନ୍ତି, ମହତାବ ଠିକ୍ ସେଇୟା । ନେହେରୁ ବେଜାୟ ପରିଶ୍ରମ କରି ପାରନ୍ତି—ମହତାବଙ୍କ ଅମାନୁଷିକ ପରିଶ୍ରମ କଥା ସର୍ବବାଦୀ ସମ୍ମତ । ନେହେରୁ ସମ୍ବର୍ଦ୍ଧନା ଓ ଫୁଲମାଳ, ମାନପତ୍ର ଗ୍ରହଣ କରିବାରେ ସିଦ୍ଧହସ୍ତ—ମହତାବ ଏହିଗତରେ ବିଖ୍ୟାତ । ନେହେରୁ କଥା କହିବାରେ ବା ବକ୍ତୃତା ଦେବାରେ ଚତୁର୍ମୁଖ—ମହତାବ ଶତଜିହ୍ୱ । ନେହେରୁଙ୍କ ଏନେରଜି ଯେପରି ଅସୀମ, ମହତାବଙ୍କ ଏନର୍ଜି ସେହିପରି ଅନନ୍ତ । ନେହେରୁ ସାହିତ୍ୟିକ, ସାମ୍ବାଦିକ, ଐତିହାସିକ—ମହତାବ କବି, ଐତିହାସିକ ଔପନ୍ୟାସିକ ସାମ୍ବାଦିକ ସବୁ । ନେହେରୁ ଅଶ୍ରିତ ବତ୍ସଳ, ମହତାବ ଭକ୍ତବତ୍ସଳ ।

ଲେଖକଙ୍କ ସହିତ ଆମେ ଏକମତ ହୋଇ ଏତିକି କହୁଁ କି ଲେଖକ ଗୋଟିଏ କଥା ଛାଡ଼ି ଯାଇଛନ୍ତି କି ଦୁହେଁ ଯାକ ଯୋଗ ସାଧକ, ବ୍ରହ୍ମଚାରୀ ।

ଯଥା ଇନ୍ଦ୍ରସ୍ୟ ଶଚୀପତ୍ନୀ
ତଥା ପଣ୍ଡିତସ୍ୟ ମହତାବ ।......

—ଦେବତା ଓ ନେତା—

ପଣ୍ଡିତ ଜବାହାରଲାଲ ଯେଉଁଠିକି ଯାଆନ୍ତି ବଡ଼ ବଡ଼ ଲୋକେ ତାଙ୍କୁ ଠେକା ଠେକି କରନ୍ତି ବହୁତ । ବୋଧହୁଏ ସମ୍ପ୍ରତିଙ୍କର ଆଶା ପଣ୍ଡିତେ ସେମାନଙ୍କୁ ସେହିପରି ଠେକିବେ । କିନ୍ତୁ ପଣ୍ଡିତଙ୍କର ସ୍ୱଭାବ ତାହା ନୁହେଁ । କେବଳ ପରଙ୍କ ଠାରୁ ପ୍ରଶଂସା ବଦଳରେ ସେ ଭଙ୍ଗା କୁଣ୍ଡେ ପାରନ୍ତି ନାହିଁ । ଆମେରିକାରେ ସେ ଟ୍ରୁମାନଙ୍କ ଭଳି ଲୋକଙ୍କୁ ମଧ୍ୟ ଠେକି ନାହାନ୍ତି । ଇଂଲଣ୍ଡରେ ଶିବକର୍ଣ୍ଣ ଓ ସିନ୍ଧୁ ସୁରରେ ମ୍ୟାକଡୋନାଲେଡ ଠାରୁ ଅବଜ୍ଞାପ୍ରଶସ୍ତି ପାଇ ମଧ୍ୟ ପଦେହେଲେ ଦେଇ ନାହାନ୍ତି । ଏହାର କାରଣ ସେ "ନେତା"—'ଦେବତା' ନୁହନ୍ତି । ନେତାମାନେ ଅନ୍ୟକୁ ଠେକନ୍ତି ନାହିଁ—ଅନ୍ୟର କାନ୍ଧ ଉପରେ ଚଢ଼ି ଉପରକୁ ଉଠନ୍ତି । ଏଣୁ ବାହାର ମନଦୁଃଖ କରିବାର କାରଣ ନାହିଁ ।...

—ଏ ଯୁଗର ଦଧୀଚି—

ମହତାବଜୀ କେନ୍ଦ୍ରମନ୍ତ୍ରୀ ହେଲେ । ଏଣୁ ପାର୍ଲିଅମେଣ୍ଟର ମେମ୍ବର ହେବା ତାଙ୍କର ଲୋଡ଼ା । ସେ କହିଲେ କୁଆଡ଼େ ଯେ ଓଡ଼ିଶା ତରଫରୁ ମେମ୍ବର ହେବ । ସୁତରାଂ ଓଡ଼ିଶା-ର କେହି ଜଣେ ଇସ୍ତଫା ଦେଇ ତାଙ୍କ ପାଇଁ ବଳିମୁଖ ବା ଶୁନଶେଫ (Scape goat) ହେବାର କଥା । ଜଣାପଡ଼ୁଛି ଶ୍ରୀ ମୋତିଲାଲ ପଣ୍ଡିତ ଆପଣା ଛାଏଁ ଆସନ ତ୍ୟାଗ କରି ଉକ୍ତ-ପ୍ରୀତିର ପରାକାଷ୍ଠା ଦେଖାଇଛନ୍ତି । ପଣ୍ଡିତ-ଜୀଙ୍କ ତ୍ୟାଗ ଲୋକ ପ୍ରସିଦ୍ଧ । ମାତ୍ର ଏହି ତ୍ୟାଗ ଦ୍ୱାରା ସେ ଦଧୀଚି ମୁନିଙ୍କୁ ବି ଟପି ଗଲେ ।

—ଦେବାଥିଲା ପାଳି—

ମାତ୍ର ଏବେ ଉଡ଼ା ଖବର ଯେ ଶ୍ରୀଯୁକ୍ତ ମହତାବ ମୋତିଲାଲଙ୍କ ମୋହିନ୍ଦ୍ର, ଦେବମାନ୍ଦ, ମାଣ୍ଡୋ, ସେତୋ, ମହାଦାନ ବାହାରବାଗ, ମୋଟର ଆଦର ଶୁକ୍ର ଅଦା କରିବା ପାଇ ମୋତିଲାଲଙ୍କୁ ଓଡ଼ିଶାର ପୁନର୍ବସତି ମନ୍ତ୍ରୀ କରି ନେବା ପାଇଁ ନବକୃଷ୍ଣଙ୍କୁ ସୁପାରିସ କରି ଲେଖିଛନ୍ତି । ମୋତିଲାଲଙ୍କ ପ୍ରଜାଭକ୍ତି ଓ ମହତାବଙ୍କର ଅନେକ ଅବଦାନ ପୁନର୍ବସତି ପାଇଁ ସ୍ଥାନ ଦେଇଥିଲେ ତେଣୁ ସେଇ ମନ୍ତ୍ରୀ ହେବାକୁ ସେ ଯୋଗ୍ୟ ଏକ !



Digitized by srujanika@gmail.com

—ଲୁହାଣ୍ଡି ଧୂନା—

ହରିଚନ୍ଦନ ମନ୍ତ୍ରୀମଣ୍ଡଳୀରେ ରଘୁ ଓ ଜାନକୀ ଦେଓ ଙ୍କ ମନ୍ତ୍ରୀ ମହତାବଙ୍କ ମୂଳରୁ ଲୁଟିପଡିଲେଣି । ବମ୍ଭରର ସୈନ୍ଦ ମାନଙ୍କୁ ଲେଉଟା ଓ ସାହାଯ୍ୟ ଦେଇ ସେ ପୂର୍ବ ପ୍ରକାଶ୍ୟରେ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ଏବେ ଚାଉଳର ଦାମ ବଢ଼ାଇ ଦେଇ-ଛନ୍ତି । ମହତାବ ଜୀଙ୍କ ମତରେ ଚାଉଳର ମୂଲ୍ୟ ବଢ଼ି ଯିବା ଫଳେ ଲୋକେ ଅଧିକ ଧାନ ଉତ୍ପାଦନ କରିବେ । ସେ କହନ୍ତି କି ଏହା-ଦ୍ୱାରା କପଡ଼ାର ମୂଲ୍ୟ ବଢ଼ିବ ନାହିଁ । କାରଣ ମହତାବ ଅଦୋଳରେ ଲୁଗାରୁ ତୁଳା ମଧ ଆଦର ନା ହେବ ବୋଧହୁଏ ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ଥିଲା ବେଳେ ମହ-ତାବଜୀ ଧାନର ଦର ବଢ଼ାଇ ଦେଇ କହୁଥିଲେ କି ଏହା ଦ୍ୱାରା ଧାନ ଚାଷ ବହୁତ ବଢ଼ିଯିବ—ହୁଏତ ସେ ହିସାବ କରି ବୁଝିଥିଲେ ଯେ ଧାନର ଦର ବଢ଼ିବା ଦ୍ୱାରା ଚାଉଳର ଦର ବଢ଼ିବ ନାହିଁ ! କାରଣ ଚାଉଳରୁ ଧାନ ଗଜେଇବ ।

ବୋଧି ପତ୍ର

ଭୂତ ମନ୍ତ୍ରୀ ଶ୍ରୀ ବୋଧରାମ ଦୁବେ ଗାପେ-ବର ପାଇ ହସ୍ତିବୁଦ ଆନ୍ଦୋଳନ ଛାଡ଼ କାଳକ-ରେ ସରକାରୀ ଓକିଲ ଗୃହର ଗ୍ରହଣ କରି-ଥିଲେ । ମହତାବଙ୍କ ଯିବା ପଛେ ପଛେ ସେ ପୁଣି ଫିଡ଼କି ଉଠି ଗୃହରୁ ଇସ୍ତଫା ଦେଲେଣି । ସେ ସମ୍ଭବତଃ ହାଗ୍ଭିଦଆ ରାଜ-ନୀତିରେ ପ୍ରବେଶ କରିବେ । ମଣିଷ ମାଉଁସ ଥରେ ଚାଖିଲେ ବାଘ ଯେପରି ଆଉ କଞ୍ଚା ମାଉଁସ ଖାଏ ନାହିଁ—ରାଜନୀତି ଲଡୁର ସୁଆଦ ଥରେ ପାଇଲେ ମଣିଷକୁ ଆଉ କିଛି ଭଲ ଲାଗେ ନାହିଁ । ବୋଧରାମ ବାବୁ ଯେ ଏତେଦିନ ମନକୁ ବୋଧ ଦେଇ ପାରିଛନ୍ତି, ଏତିକି ସୁଖର କଥା ।

କହଇ ମନ ଥରେ ମୋ ଝୋଲାକର
କାଠକ ଛାଡ଼ ଗୃହ ସମ୍ବଲପୁର ରେ

—ବିଶ୍ୱପ୍ରେମ—

ଏଥର ରବୀନ୍ଦ୍ରଜୟନ୍ତୀରେ ଓଡ଼ିଶା ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ ଦେଲେ ମାତ୍ର ଗୋପବନ୍ଧୁ ତଥା ଉପେନ୍ଦ୍ରଭଞ୍ଜ ବା ଫକୀର ମୋହନ ପ୍ରଭୃତିଙ୍କ ବେଳକୁ ଭୁଲି ପଡ଼ି ରହିଗଲେ । ଏଥିପାଇଁ ସମାଜ ମନଦୁଃଖ କରି ବିପଦ ଧନ୍ଦାପି ହୋଇଛନ୍ତି । ଆମ ମତରେ ସମାଜଙ୍କ ଦୃଷ୍ଟି ବଡ଼ ସଂକୀର୍ଣ୍ଣ । ସରକାର ଆମର ଶାନ୍ତି ମହାଭାରତୀୟ ନୁହେ—ସେ ଆନ୍ତର୍ଜାତୀୟ ବିଶ୍ୱ ପ୍ରେମରେ ଉନ୍ମତ୍ତ । ବାହାରର ବଡ଼ ଲୋକଙ୍କୁ ସମ୍ମାନ ଦେଖାଇଲେ ସିନା ବାହାରେ ସମ୍ମାନ କରିବେ ! ବାପୁଲ ବହିର ଘରକା ଠାକୁର ଧୂଳିବାଟରେ ଫାଇଦା କଣ ? ଆଉ ବାସେ ଆପଣେ ଆପଣା ଘର-ଦେବତା ଥିବାରୁ ଏଥିପାଇଁ ମନଦୁଃଖ କରିବେ ନାହିଁ କେହେ !

ବସ୍ତୁତଃ ପ୍ରଚୁର ବିଜ୍ଞାପନ ବଡ଼ ଯନ୍ତ୍ର ମନ୍ତ୍ରର ଆଉ କୌଣସି ସୁନ୍ଦରୀ ମହିଳାଙ୍କ ନାମରେ ଲାଗି ପାରେ ମାତ୍ର ଗୋପବନ୍ଧୁଙ୍କ ପାଇଁ ପ୍ରଚୁର କରାଗଲେ ପ୍ରଚୁର ବିଜ୍ଞାପନ ମୃତ ଆତ୍ମାଙ୍କୁ ପାପ ହେବାର ଭୟ ଅଛି । ଦ୍ୱିତୀୟରେ ସଂକୀର୍ଣ୍ଣରେ ବିଜ୍ଞାପନ ସୁଖୀ ହେବ ନିଶ୍ଚୟ; ପ୍ରଚୁର ଓ ପ୍ରସାର ବଢ଼ିବ ।............

—ସାଧୁ ସାବଧାନ—

ଶୁଣିବାରେ ଭାରତୀୟ କମ୍ୟୁନିଷ୍ଟ ଦଳ ତାଙ୍କ ଲକ୍ଷ୍ୟ ଓ ଘରପୋଡ଼ିଆ ନୀତି ଛାଡ଼ିଛନ୍ତି ! ଭାରତ ନେତା ଯୋଶୀ ଓ ଉତ୍କଳ ନେତା ରାଜକୃଷ୍ଣ ଦାସ ପ୍ରଭୃତିଙ୍କର ଏହି ମତ । କଥା ହା ଯେବେ କାମରେ ଫଳେ, ତେବେ ସୁଶୀଳ ଦଳ ଓ କର୍ମନିଷ୍ଠ ଦଳଙ୍କ ଭିତରେ ଆଉ ଭେଦ ରହିବ ନାହିଁ—ଯାହା ରହିଲେ ରହିପାରେ—ଅଭେଦ୍ୟ ଭେଦାଭେଦ । ଜଗତସ ସାବଧାନ—ଫିର କରୋ ଅବଧାନ ।

—ଭଦ୍ରକରେ ଚୂଡ଼ଗଙ୍ଗ ଦେବ—

ଭଦ୍ରକ କଲେଜକୁ ଜଣେ ତାମିଲ ପ୍ରିନ୍ସପାଲ ଆସିଛନ୍ତି ତେଲଙ୍ଗ ଦେଶରୁ । ଏହାପରେ ଦିନେ ଚୂଡ଼ଗଙ୍ଗ ଦେବ ଆସିଥିଲେ ଓଡ଼ିଶା ମୁଲକକୁ । ପୁଣି ଦିନେ ତେଲଙ୍ଗା ମୁକୁନ୍ଦ ଦେବ ଆସିଥିଲେ ସେହି ଦେଶରୁ । ଶୁଣାଯାଉଛି ପିଲମାନେ ତାଙ୍କ ପାଠ ପଢ଼ାରେ ନାରାଜ, ଆଉ ପିଲଙ୍କ କୋପାମାନେ ତାଙ୍କ ଶାସନ ଦକ୍ଷତାରେ ଅସନ୍ତୁଷ୍ଟ ।

ଆମେ କହୁ, ଯେଉଁ ବ୍ୟକ୍ତି ସାତର ସାଗର ପାଣି ଚାଖି ଆସିଲେଣି ସେ ନିଶ୍ଚୟ ମୂର୍ଖ ଓ ପାଗଳ । ବିଶେଷତଃ ତାଙ୍କୁ ଯେତେବେଳେ ପଣ୍ଡିତ ସୀତା ରାମେୟା, ଟି ପ୍ରକାଶମ୍, ରାମସ୍ୱାମୀ ମୁଦାଲିୟର, ସାର ରାଧା କୃଷ୍ଣନଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିଗଣ ଜାଣନ୍ତି—ଓଡ଼ିଶା ମୁଲକରେ ତାଙ୍କୁ କଳା ବା ତାଙ୍କ ଭଳି ଦକ୍ଷ ବ୍ୟକ୍ତି ଆଉ କାହିଁ ମିଳମାରେ ? ଉଡ଼ିଶିଆ ଲୋକେ ମୂଳରୁ ଘୁଞ୍ଚିଙ୍କ ନାହାନ୍ତି—

ଶୁଣିନା ଗୁଣଙ୍କ ରମଣେ...

—ସତ୍ୟ ଅହିଂସା—

ଦ୍ୱିତୀୟ ମହାସମର ଲାଗ ଲାଗ ହୋଇ ଅଛି ବୋଲି ବଡ଼ ବଡ଼ଆ ମାନେ ଆତଙ୍କିତ ହେଲେଣି । ଏକ ବିଲାତି କାଗଜ କହୁଛି କି ଏ ବେଳରେ ଭାରତର ଜଳକା ଭଳି ଗୃହ ରହିବା ଉଚିତ ନୁହେଁ ।

ହାୟ, ବିଲାତର ଲୋକେ ଭାରତର ମନକଥା କିପରି ବୁଝିବେ ! ଆମର ଯେ ମହାତ୍ମା ଗାନ୍ଧିଙ୍କ ରାମ ରାଜ୍ୟ । ଆମେ ଯେ ସତ୍ୟ, ଅହିଂସାର ଭକ୍ତ ! ହାଣ କାଟ ପାଇଁ ଅସ୍ତ୍ର ଶସ୍ତ୍ର ବଢ଼ାଇବା ଆମର ନୁହେ ଧର୍ମ । ଆମେ କରିବୁ—ଖାଦ୍ୟ ଉତ୍ପାଦନ [ Grow more Food ) ସଦ୍ଭାବନା ( Grow more Good) ଆଉ ବନଉତ୍ସବ (Grow more wood) !ଶାନ୍ତିଃ—ଶାନ୍ତିଃ—ଶାନ୍ତିଃ—।

—ନଈ ନ ଦେଖି—

ଦକ୍ଷିଣ କୋରିଆ ଉତ୍ତର କୋରିଆକୁ କାମୁଡ଼ିବାରୁ ସାଙ୍ଗେ ସାଙ୍ଗେ ମିଳିତ ଜାତି ସଙ୍ଘ ଗାଉଁ କେରେ ଗର୍ଜି ଉଠିଲେଣି । ଏତେ ବେଳ ଯାଏ ରୁଷ ବାହାରକୁ ବାହାରି ନାହିଁ । ମାତ୍ର ଅମେରିକା ନଈ ନ ଦେଖୁ ଲଙ୍ଗଳା । ଦେଖା ଯାଉ କଉଁ ପାଣି କୁଆଡ଼କୁ ବହୁଛି ।

—ପଣ୍ଡିତଙ୍କପୁଅ—

ସୁଶୀଳ ଦଳର ବଡ ପଣ୍ଡା ଜୟପ୍ରକାଶଜୀ ଯେ ସର୍ବଦଳ ସମ୍ମିଳନୀ ଡ଼କାଇ ଛନ୍ତି ତାହାରୁ କମ୍ୟୁନିଷ୍ଟ ଓ କଂଗ୍ରେସକୁ ବାଦ ଦିଆ ଯାଇଛି—କାରଣ, କମ୍ୟୁନିଷ୍ଟ ହେଲେ ଧୂମା-ଧରିଆ ଆଉ କଂଗ୍ରେସ—ସରକାର ଘସିଆ ପକ୍ଷିଆ । ଆସନ୍ତା ଭୋଟରେ କଂଗ୍ରେସି ସରକାର କାଳେ ଅସାଧୁତା ଓ ଛଳ କୌଶଳ କରିବେ ସେଥିର ପ୍ରତିକାର ଲୋଡ଼ିବା ଏ ସମ୍ମିଳନୀର ପ୍ରଧାନ ଉଦ୍ଦେଶ୍ୟ ।

ଜୟପ୍ରକାଶଙ୍କ ଭଳି ଲୋକଙ୍କ ମନରୁ ଯେ ଏ ଭଳିଆ କଥା ଆସିଲା, ଏଥିପାଇଁ ଆମେ ଦୁଃଖିତ,

ବତ୍ସ, ବତ୍ସ ! କାହା ନାଆଁରେ ପୁଣି କଉଁ କଥା ! ଖୋଦ୍ ଗାନ୍ଧିଜୀ ନାମ ଜପୁଛନ୍ତି ଯେ, ସେ କେବେ ଅସତ୍ୟ କରି ପାରନ୍ତି । ଯେ ଏପରି ଦୁରନ୍ତନା ଦେବ ତାର ଖାଇଲା ପିଇଲା ଭସ୍ମ ହୋଇ ଯାଉ !



Digitized by srujanika@gmail.com

# କବିପୂଜା

ଲେ—[illegible]

ଇନ୍ଦ୍ରଙ୍କ ସଭା ଆଜି ଭାରି ସରଗରମ। ସ୍ୱୟଂ ସୁରପତି, କବିସମ୍ରାଟ ଉପେନ୍ଦ୍ର ଓ ଭକ୍ତକବି ରାଧାନାଥଙ୍କୁ ସମ୍ମାନିତ କରିବା ପାଇଁ ସଭା ଡକେଇଛନ୍ତି। ତିନିଜଣ ଯାକ ଏକାଠି ବସିଥାନ୍ତି। ଉର୍ବଶୀ "ଆଜ କେଳି ବନଭୂମି" ଗୀତଟି ବୋଲି ନାଚୁଥାନ୍ତି। ଗନ୍ଧର୍ବମାନେ କ୍ଲାରିଓନେଟ, କରନେଟ, ସେକ୍ସୋଫୋନ, ହାରମୋନିୟମ, ତବଲା, ଡାବଲ ଓ ଆହୁରି ଅନେକ ପ୍ରକାର ଦେଶୀ ବିଲାତି ବଜାଉଥାନ୍ତି। ମହାଦେବ ବ୍ରହ୍ମପୁରୀ ଗଞ୍ଜେଇକଲି ମୁଣ୍ଡରେ ଚଳମରେ ଉଡ଼ିକରି ଗୋଟାଏ କୋଣରେ ସବୁ ଶୋଡ଼ାଡ଼ି ନେଇ ଖଞ୍ଜଣୀ ବଜାଇ ବସିଲେ। ନିଶାରେ ଅଡ଼ଟ ପାଉଟ ହେଇ ବେତାଳ କରିବାରୁ ଜଣେ ଗନ୍ଧର୍ବ ତାଙ୍କ ହାତରୁ ଖଞ୍ଜଣୀଟା ଛଡ଼େଇ ନେଇ ଥିରହୋଇ ବସିବାପାଇଁ କହିଲେ। ବାଲ୍ମିକୀ ଓ ବ୍ୟାସ କବିଦ୍ୱୟଙ୍କ ପାଖରେ ବସି ଗୀତଟିକୁ ପିଇଯାଉଥାନ୍ତି ଓ ମଝିରେ ମଝିରେ କ୍ୟା ତୋଫା ତୋଫା ବୋଲି ଚିଲେଇ ଉଠୁଥାନ୍ତି। ବିଶ୍ୱାମିତ୍ର ଗୋଟାଏ କଣପଟିଆ ଯାଗାରେ ବସି ହାଇଫେନ ବହି ପଢ଼ୁଥାନ୍ତି ଓ ମଝିରେ ମଝିରେ ନାଚଆଡ଼େ ଚାହିଁ ଦେଉଥାଆନ୍ତି। ନାରଦ ଗୋଟାଏ ଢିଙ୍କି ଉପରେ ବସି ବୀଣା ବଜଉଥିଲେ।

ଅଧଘଣ୍ଟାଏ ଖଣ୍ଡେ ଚୁପ୍ ହୋଇ ବସିଥିବା ହାରୁ ତାଙ୍କ ତୋଣ୍ଟଟା ଫୁଲେଇ ଦେଲା। ସେ ରାଧାନାଥଙ୍କ ପାଖକୁ ଯାଇ ତାଙ୍କ କାନରେ ଫୁସ୍ ଫୁସ୍ କରି କହିଲେ, "ଦେଖି ପାରୁଛନ୍ତି ତ ସୁରପତିଙ୍କ ପକ୍ଷ ପାତିତା? ଓଡ଼ିଆ କବିତା ଭକ୍ତଙ୍କର ଗବେଷଣା ଖାଇ ଖାଇ ଅଜୀର୍ଣ୍ଣ ରୋଗରେ ପଡ଼ିଥିଲା। ସେଥିରୁ ସେ ବଞ୍ଚିଥାଆନ୍ତା କି। ଆପଣ ବିନା ତାହାକୁ ଦହି, ଅଦା, ଲବଣ ଖୁଆଇ ବଞ୍ଚାଇଲେ। ତେଣୁ ଆପଣଙ୍କ ସ୍ଥାନ ଉପେନ୍ଦ୍ରଙ୍କ ଠାରୁ ଉଚ୍ଚରେ ନୁହେଁ କି? କିନ୍ତୁ ସୁରପତି, ତାଙ୍କ ଗାଇକୁ ଆଗ ବୋଲିବାକୁ କହିଲେ; "ଛି ଛି କି ପକ୍ଷପାତିତା!"

ରାଧାନାଥ ତାଙ୍କୁ ପେଲିଦେଇ କହିଲେ— "ଉଁ ଯାଃ ଭାଇ! ଭାଇ ବେପାରଟି କିଛି ନାହିଁ ଆସିଲେ ଏଠି କଳି ଲଗେଇବାକୁ। ପଳା ଏଠୁ"।

ନାରଦ ମୁହଁଟି ହାଣ୍ଡିପରି କରି ଟିକିଏ ପଦାକୁ ଗୁଞ୍ଜିଗଲେ ଓ ଗୋଟିଏ ବିଡ଼ି ଟାଣି ଦେଇସାରି ଭିତରକୁ ଯାଇ ଭକ୍ତଙ୍କ ପାଖରେ ବସିଲେ। ଓର ଉଣ୍ଟି ଭକ୍ତଙ୍କ କାନରେ ଫୁସ୍ ଫୁସ୍ କରି କହିଲେ—"ଆଜ୍ଞା ଦେଖିଲେ ତ ସୁରପତିଙ୍କର ଅନ୍ୟାୟ କର୍ମ। ଆପଣଙ୍କୁ ନେଇ ରାଧାନାଥଙ୍କ ସାଙ୍ଗରେ ବସାଇଲେ। ଯେଉଁ ଓଡ଼ିଆ କବିତାକୁ ଆପଣ ପ୍ରକାଣ୍ଡ ରାଜ୍ୟର ଅଧୀଶ୍ୱରୀ କରାଇ ଥିଲେ ତାକୁ ଏହି ରାଧନାଥ ପରା ଦେବାଳିଆ କରାଇ ଦେଇ, ହିନ୍ଦି ଇଂରେଜି ଓ ଗୁଜରାଟି ଦାଣ୍ଡରେ ଭିକାରୁଣୀ କରି ବୁଲାଇ ଅଛନ୍ତି। ଏପରି ଲୋକ ସଙ୍ଗେ ଆପଣ! ଛି ଛି ସୁରପତିଙ୍କର କି ଅନ୍ୟାୟ କର୍ମ।"

ଭକ୍ତ ଧୈର୍ଯ୍ୟ ଧରି ପାରିଲେ ନାହିଁ। ନାରଦଙ୍କ ଦାଢ଼ିରୁ ଦୁଇଚାରି ଝିଙ୍କା ଦେଇ ନାକ ଉପରେ ଗୋଟାଏ ମୁଥ ବସାଇଲେ ଓ ଗର୍ଜିକରି କହିଲେ "ପଳା ଅ, କଳିହୁଡ଼ା ଥୋବଡ଼ା! ଏହାକୁ ଆଉ କେଉଁଠି ଯାଗା ମିଳିଲା ନାହିଁ କଳିମୁଣ୍ଡ ଝାଡ଼ିବାକୁ ଆସିଛି ଏଠାକୁ।"

ନାରଦ ଲଜ୍ଜାରେ ଜଡ଼ସଡ଼ ହୋଇ ଢିଙ୍କିରେ ବସି ସଭା ଛାଡ଼ି ପଳେଇ ଆସିଲେ। ପଦାକୁ ଆସି କିନ୍ତୁ ତାଙ୍କ ମନ ଗଲ ଗଲ ହେଲା। ବିରକ୍ତ ହୋଇ ସେ ମର୍ତ୍ତ୍ୟକୁ ଦୃଷ୍ଟି ପକାଇଲେ। ତାଙ୍କ ନଜରରେ ପଡ଼ିଲା ଉତ୍କଳ ସାହିତ୍ୟ ସମାଜ। ଦିବ୍ୟ ଦୃଷ୍ଟିରେ ସେ ଦେଖିଲେ ଯେ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ସଭ୍ୟମାନେ କବିପୂଜା କରୁଛନ୍ତି। ତାହା ଦେଖି ତାଙ୍କ ମୁଖ ଉଜ୍ଜ୍ୱଳ ହୋଇଗଲା। କଳିମୁଣ୍ଡରୁ ମୁଠାଏ ବାଲିଧରି ଶ୍ରୀରାମଚନ୍ଦ୍ର ଭବନ ଉପରେ ଲକ୍ଷ୍ୟ କରି ଛାଡ଼ିଲେ। ଓ ତା'ପରେ ଭଲଲୋକ ପରି ଢିଙ୍କିରେ ବସି ପୁଣି ସଭାସ୍ଥାନକୁ ଗଲେ।

ସେତେବେଳକୁ ଉର୍ବଶୀଙ୍କ ନାଚରେ ସମସ୍ତେ ହେଲେ। ହଠାତ୍ ଗୋଟାଏ ପୋଡ଼ା ଗନ୍ଧ ହେବାରୁ ସମସ୍ତେ ନାକ ଟେକିଲେ। 'ଉଁ! କି ଗନ୍ଧ' ବୋଲି ଇଆଡ଼େ ସିଆଡ଼େ ଚାହିଁଲେ। କେତେକ ଭାବିଥିଲେ ଯେ ହୁଏତ ପଞ୍ଚତ ଭୀମା ଗୁଡ଼ାଏ ବଡ଼ ପିଠା ମୂଳା ଖରକାର କରି ଗେଲିଛି। ତାହାର କଣ୍ଡୁରୁ ଗୋଟାଏ ଅଧଃ ବାୟୁ ନିର୍ଗତ ହୋଇ ଥିବ। କିନ୍ତୁ ବାବା କହିବାକୁ ସାହାସ କାହାର? ସେ ଯେ ଭୀମା! କ୍ରମେ ଗନ୍ଧ ଅଧିକ ପ୍ରବଳ ହେବାରୁ ସୁରପତି ଚିଲେଇ ଉଠିଲେ "ଏ ହାଏ, ଏକି ଗନ୍ଧ?"

ହାରପାଳ ହାତଯୋଡ଼ି କହିଲା, "ହଜୁର ମର୍ତ୍ତ୍ୟରେ ଶ୍ରୀରାମଚନ୍ଦ୍ର ଭବନରେ କବି ପୂଜା ହେଉଛି। କବିମାନଙ୍କୁ ଦିଆଯାଉଥିବା ଧୂପର-ଗନ୍ଧ ଏ ଆଡ଼କୁ ମାଡ଼ିଆସୁଛି"।

ସୁରପତି କାବା ହୋଇ କହିଲେ "ଏ ଧୂପର ଗନ୍ଧ?"

କବି ସମ୍ରାଟ କହିଉଠିଲେ "ଆଜ୍ଞା ମୋର ଭୌତିକ ଶରୀର ପୋଡ଼ା ହେଲାବେଳେ ଯେପରି ଗନ୍ଧ ବାହାରୁଥିଲା ଏଇଟି ଠିକ୍ ସେହିପରି ଗନ୍ଧ"।

ରାଧାନାଥ ବି କହିଲେ "ମୋର ଭୌତିକ ଶରୀର ପୋଡ଼ା ହେଲେ ମଧ୍ୟ ଏହିପରି ଠିକ୍ ଗନ୍ଧ ବାହାରୁଥିଲା"।

ଗନ୍ଧ ଅତି ପ୍ରବଳ ହେବାରୁ ସଭା ଭାଙ୍ଗିଗଲା। ସୁରପତିଙ୍କ ଆଦେଶରେ ଦେବଶିଳ୍ପୀ ଇଞ୍ଜିନିୟର ଉନ୍ ପ୍ୟାରୀ ଅଧର ପାଖରୁ ଛୁଟିଗଲେ ଓ ଗୋଟାଏ ପ୍ରକାଣ୍ଡ ରେଡିଓ ଟେଲିଭିଜନ ଯନ୍ତ୍ର ଆଣି ଦେଇ ଥୋଇଦେଲେ। ସୁରପତି ନିଜେ ଚାବିମୋଡ଼ି ରାମଚନ୍ଦ୍ର ଭବନ ସଙ୍ଗେ ସଂଯୋଗ କରିଦେଲେ। ଭକ୍ତ ଓ ରାଧାନାଥ ତତ୍କ୍ଷଣାତ୍ ଯନ୍ତ୍ରର ପରଦା ଆଡ଼କୁ ଚାହିଁଲେ।

ହଠାତ୍ ରାମଚନ୍ଦ୍ର ଭବନର ହଲ୍ ଦିଶିଲା। ହଲ୍‌ଟି ମଣିଷରେ ଭରପୂର। ନିଶୁଆ, ନିଶମରା, ମୁଣ୍ଡିଆ, ଟେଙ୍ଗା, କାଳିଆ, ଡେଙ୍ଗା, ଧୋଡ଼ିଆ, ବୁଢ଼ା, ବୁଢ଼ୀ ଓ ଟୋକା, ଟୋକୀ ସମସ୍ତେ ଅଛନ୍ତି। ଜଣେ ତା ଭିତରେ ବକ୍ତୃତା ଝାଡ଼ୁଥାଏ—"ଭାଇମାନେ ଏ ଯେଉଁ ଫଟ ଝୁଲୁଛି ଏହାକୁ ଚିହ୍ନିଛ? ଏ' ହେଉଛନ୍ତି ମହାକବି ରାଧାନାଥ। ଏ ଏଡ଼ ଆଜି କବି ଥାଆନ୍ତେ ମୁଁ ତାଙ୍କୁ ଯଇ ମାରେ କବି ଥାଆନ୍ତି ଓ ଙ୍କ



Digitized by srujanika@gmail.com

ହାତ ଯୁଦ୍ଧ ଚାଲିଲା । ତା'ପରେ ଅସ୍ତ୍ରଶସ୍ତ୍ର, ଛତା ବାଡ଼ି ଯେ ଯା ଠଦ୍ ଠାଦ୍ ବୋପଲେ ମାଆଲୋ, ମରିଗଲିରେ, ପୁଲିସ, ପୁଲିସ ଶବ୍ଦରେ ଘର ଫାଟି ପଡ଼ିଲା ।

ଠିକ ଏତିକି ବେଳେ କିଏ ଗୋଟାଏ ଡବଲ ଫୋଟକାରେ ନିଆଁ ଲଗେଇ ଘର ଭିତରକୁ ଛାଡ଼ି ଦେଲା । ଫୋଟକା ଶବ୍ଦରେ କାନ ଅତଡ଼ା ପଡ଼ିଗଲା । ବୋମା, ବୋମା, ପାଟି କରି ସମସ୍ତେ ଅତର୍କିରେ ଘର ଛାଡ଼ି ପଳେଇଲେ । ପୋଲିସ ଆସି ଦେଖିଲା ବେଳକୁ ଘର ସୁନସାନ । ପାଞ୍ଚ ଛଅଟା ଲୁଗା ପଡ଼ିଛି, ଚଶ୍ମା, କମିଜ ଗୋଟାଏ ଦୁଇଟା, ଛେଡ଼ା ଚଟି ଦୁଇ ବେଡା ହବ, ଗୋଟାଏ ଯୋଡ଼ାଏ ଫାଉଣ୍ଟେନ୍ ପେନ ଓ ଏମିତି କେତେ ଜିନିଷ ପଡ଼ିଥାଏ ।

ସୁରପତି ସେତିକି ବେଳେ ଟେଲିଭିଜନ୍ ସୁଇଚ୍ ଅଫ୍ କରିଦେଲେ ! ସମସ୍ତେ ଆଁ କରି ଭକ୍ତ ରାଧାନାଥଙ୍କ ଆଡେ ଚାହିଁଲେ । ଦୁହିଁଙ୍କ ଆଖିରୁ ଶ୍ରାବଣ ଧାରାପରି ଲୁହ ଛୁଟିଥାଏ । ଭଞ୍ଜ ରାଧାନାଥଙ୍କ ହାତଠାରୁ ଛାକକରି କହିଲେ, "ମୂଢ଼ ମାନଙ୍କୁ ଦେଖିଲତ, ଏମାନେ ହାତରେ ରିଷ୍ଟୱାଚ୍ ବାନ୍ଧନ୍ତି କିନ୍ତୁ ସମୟର ଗତି ବୁଝନ୍ତି ନାହିଁ ! ମୁଁ ଯେଉଁ ଯୁଗରେ କବିତା ଲେଖିଥିଲି ସେ ଯୁଗର ଆଉ ହାଉଆ କଅଣ ଆଜିକାଲି ଅଛି ? ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସମସ୍ତ ଜିନିଷର ପରିବର୍ତ୍ତନ ହେଉଛି । ଅଥଚ କେତେକ ଲୋକ ସେହି ପୁରୁଣା ଆଉ ହାଉଆ ଭିତରେ ଚଳିବାକୁ ଚାହାନ୍ତି । ଏମାନେ ଏତିକି କଅଣ ଜାଣି ପାରୁ ନାହାନ୍ତି ଯେ ସେମାନଙ୍କର ପୂର୍ବ ପୁରୁଷମାନେ ବଣରେ ଲଙ୍ଗଳା ହୋଇ ବୁଲୁଥିଲେ । କିନ୍ତୁ ସେମାନେତ ଆଜିକାଲି ଲୁଗା ପିନ୍ଧୁଛନ୍ତି ପୂର୍ବପ୍ରଥା ଆଚରି ରହିଥିବା ଲଙ୍ଗଳମାନେ ଆଜିକାଲି ନିଶ୍ଚିହ୍ନ ହୋଇ ଗଲେଣି । ଦୁଃଖ-ଲାଗେ ଏମାନେ ବୁଝିପାରୁ ନାହାନ୍ତି ଯେ ପୂର୍ବ ସାହିତ୍ୟକୁ ଧରି ରହିଲେ ସେମାନେ କାଳକ୍ରମେ ସେମିତି ନିଶ୍ଚିହ୍ନ ହୋଇଯିବେ । ମୁଁ ଯେଉଁ କବିତା ରଚନା କରୁଥିଲି ସେ ସମୟରେ ଲୋକଙ୍କର ନୈତିକ ବଳ ଆଜିକାଲିକାର ଲୋକଙ୍କର ନୈତିକ ବଳଠାରୁ ଢେରବେଶିଥିଲା ଓ ମୋ କବିତାମଧ୍ୟ କୋମଳ ମତି ଛାତ୍ରମାନଙ୍କୁ ପଢ଼ିବାକୁ ଦିଆ ଯାଉଥିଲା କିନ୍ତୁ ଆଜିକାଲି ମାଙ୍କଡ଼ ହାତରେ ଶାଳଗ୍ରାମପରି ଏମାନଙ୍କର ହାତରେ ମୋ ସାହିତ୍ୟ ପଡ଼ି ସମଦରାପନ୍ନ ହେଉଅଛି । ଦେଖିଲତ ଅସହିଷ୍ଣୁତାର ଚରମ ନିଦର୍ଶନ ?"

ଲୁହ ପୋଛୁ ପୋଛୁ ରାଧାନାଥ କହିଲେ, "ବନ୍ଧୁମୋର ବାକ୍‌ରୋଧ ହୋଇ ଯାଉଛି । କେବଳ ଓଡ଼ିଆ ଭାଷାର ଜୀବନ ରକ୍ଷିବା ପାଇଁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ରାଜାରାମ-ମୋହନରାଏ ଯେପରି ଖ୍ରୀଷ୍ଟଧର୍ମାକୃଷ୍ଟ ଶିକ୍ଷିତ ଯୁବକ ମାନଙ୍କୁ ରକ୍ଷା କରିବା ଲାଗି ବ୍ରାହ୍ମ ଧର୍ମର ସୃଷ୍ଟି କରିଥିଲେ, ମୁଁ ସେହିପରି ବଙ୍ଗ ଭାଷାରେ ଲୀନ ହେବାକୁ ଯାଉଥିବା ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ଦେଶର ଶିକ୍ଷିତ ମାନଙ୍କର ମନ ଆକୃଷ୍ଟ ହେବାଲାଗି ଢଙ୍ଗରେ ଅନ୍ୟାନ୍ୟ ଭାଷା ସାହିତ୍ୟର ଛାୟା ରଖିଥିଲି । ଆଜି କିନ୍ତୁ ସେ ସମୟ ନାହିଁ । ଓଡ଼ିଆ ଭାଷା ଦୁଇଗୋଡରେ ଠିଆ ହେଲାଣି । ତେବେ ନିଜ ଜିନିଷକୁ ଛାଡ଼ି ପର ମୁଖାପେକ୍ଷୀ ହେବାରେ ଅଛି ଲାଭକଣ । ହତଭାଗ୍ୟ ମାନେ ଅନ୍ୟ ସାହିତ୍ୟ ପଛରେ ଗୋଡ଼ାଉଛନ୍ତି । ଅଥଚ ଆପଣଙ୍କ ସାହିତ୍ୟକୁ ଯୁଗୋପଯୋଗୀ କରେଇ ବାରେ ଚେଷ୍ଟା କରୁ ନାହାନ୍ତି । ଭାରତର ଅନ୍ୟ କୌଣସି ସାହିତ୍ୟ ଆପଣଙ୍କ ସାହିତ୍ୟପରି ଐଶ୍ୱର୍ଯ୍ୟଶାଳୀ ନୁହେଁ । ଏହି ପରିଶ୍ରମ କାତର ଲୋକମାନେ ଯଦି ଆପଣଙ୍କ ସାହିତ୍ୟକୁ ଉତ୍ତମ ରୂପରେ ଖଟେଇ ଜନ ସାଧାରଣଙ୍କର ବୋଧଗମ୍ୟ ହେବାପରି ପରିବେଷଣ କରିପାରନ୍ତେ ତେବେ ଓଡ଼ିଆ ଭାଷା ଯେ କୌଣସି ଭାରତୀୟ ଭାଷାଠାରୁ ବେଶି ଐଶ୍ୱର୍ଯ୍ୟଶାଳୀ ହୋଇ ପାରନ୍ତା ! ଆପଣଙ୍କ ସାହିତ୍ୟରେ ଅଭିଜ୍ଞତା ଅର୍ଜନ କରିବାକୁ ହେଲେ ବହୁ ପରିଶ୍ରମ ଦରକାର । ଆଜିକାଲି ଯେଉଁ ସାହିତ୍ୟର ପରିବେଷଣ ହେଉଅଛି ତାହା ଏତେ ସହଜ ଯେ ଅଷାଢ଼ ମାସରେ ଛତୁ ଫୁଟିଲାପରି ଓଡ଼ିଶା ସାରା କବିମୟ ହୋଇ ଗଲେଣି । ଏପରି ଅଗଣିତ ନକ୍ଷତ୍ର ଥାଇ କି ଲାଭ ! ଯଦି ସେ ଟିଏ ଚନ୍ଦ୍ର ଆପଣଙ୍କ ସାହିତ୍ୟକୁ ମାର୍ଜିତ ଓ ଯୁଗୋପଯୋଗୀ କରି ଆଜିକାଲି ପ୍ରଚଳନ କରି ପାରନ୍ତେ, ତେବେ ତାହା ଉତ୍କଳ ସାହିତ୍ୟ ଆକାଶକୁ କେତେ ଉଜ୍ଜ୍ୱଳ କରି ନ ପାରନ୍ତା !"

ଏହି ସମୟରେ ନାରଦ ଦାଢ଼ି ମକଚି ମକଚି ଇନ୍ଦ୍ରଙ୍କ ପାଖକୁ ଗଲେ ଓ କାନରେ ଫୁସ୍ ଫୁସ୍ କରି କହିଲେ "ସୁରପତେ, ମର୍ତ୍ତ୍ୟବାସୀ ଏହି ମୂଢ଼ ଓଡ଼ିଆ ମାନଙ୍କ ଦ୍ୱାରା ଏଠାରେ ହେଉଥିବା ସଭା ଆଜି ପଣ୍ଡ ହୋଇଗଲା । ଆପଣ ଯେଉଁ କବି ଦ୍ୱୟଙ୍କୁ ସମ୍ମାନିତ କରିବା ପାଇଁ ସଭା ଡକାଇ ଥିଲେ ସେମାନଙ୍କ ଅବସ୍ଥା ଦେଖନ୍ତୁ ତ । ବିଚାରି କବି କାନ୍ଦି ଦରମରା ହୋଇ ଗଲେଣି । ଏହା କଅଣ ଆପଣଙ୍କ ହୃଦୟରେ ଦାରୁଣ ଆଘାତ ଦେଉନାହିଁ !"

ସୁରପତି ହଠାତ୍ ଛାତିରେ ହାତଟା ଦେଇ କହିଲେ, "ଓଃ ବନ୍ଧୁବର୍ ମୋ ହୃଦୟରେ ଗୋଟାଏ କିଳ ଯୋଡ଼ିହୋଇ ଗଲାପରି ଲାଗୁଛି । ବାସ୍ତବିକ୍ କଡ଼ା କଷ୍ଟ !"

ନାରଦ ଉଲ୍ଲସିତ ହୋଇ ପୁଣି କହିଲେ "ସୁରପତେ, ଏ ମୂଢ଼ ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ୍ । ସେହି ଉତ୍କଳ ସାହିତ୍ୟ ସମାଜ କୋଠା ଉପରେ ବଜ୍ର ନିକ୍ଷେପ କରନ୍ତୁ !"

ସୁରପତି ରାଗରେ ପାଟିଯାଇ ଗର୍ଜି ଉଠିଲେ "ଏହି ମୂଢମାନେ ଜାଣି ପାରୁନାହାନ୍ତି ଯେ ଆଜି କେବଳ ରାଧାନାଥ ସାହିତ୍ୟ ବା ଭଞ୍ଜ ସାହିତ୍ୟର ଦରକାର ନାହିଁ । ଦରକାର ଅଛି ଉଭୟଙ୍କ ମିଶ୍ରଣରେ ଏକ ନୂତନ ସାହିତ୍ୟ । ଏ ମୂଢମାନେ ଯେପରି ଭାବରେ କବିମାନଙ୍କୁ ଅପମାନିତ କରୁଛନ୍ତି ତାହା ଅସହ୍ୟ । ମୁଁ ଏମାନଙ୍କୁ ଉପଯୁକ୍ତ ଶାସ୍ତି ଦେବି ।"

ଏହାକହି ତାଙ୍କ ଅଣ୍ଟାରେ ଝୁଲୁଥିବା ଚମଡ଼ା ମୁଣିରୁ ବଜ୍ର କାଢ଼ିଲେ । ତାହାର ଆଲୁଅ ଓ ଘଡ଼ ଘଡ଼ ଶବ୍ଦରେ ସମସ୍ତେ ପ୍ରମାଦ ଗଣିଲେ । ନାରଦ ମୁରୁକି ହସ ଦେଇ ସଭା ଛାଡ଼ି ପଳେଇଲେ । ଦେବତା ମାନେ ସମସ୍ତେ ହାବଳ ଖାଇଗଲେ । ଭଞ୍ଜ ଓ ରାଧାନାଥ ଦୁହେଁ ହଠାତ୍ ଦୌଡ଼ିଯାଇ ସୁରପତିଙ୍କର ହାତଧରି ପକାଇଲେ ଓ ଅତି ବିନୀତ ଭାବରେ କହିଲେ—"ସୁରପତେ ଏମାନଙ୍କୁ କ୍ଷମା କରନ୍ତୁ । କାରଣ ଏମାନେ କଅଣ କରୁଛନ୍ତି ତାହା ଜାଣନ୍ତି ନାହିଁ ।"

ଅନୁରୋଧ ଏଡ଼େଇ ନପାରି ସୁରପତି ପୁଣି ବଜ୍ରକୁ ଚମଡ଼ା ଖୋଳ ଭିତରେ ପୂରେଇ ଦେଲେ ।

ଭଗବାନ କରନ୍ତୁ ଉତ୍କଳ ସାହିତ୍ୟ ସମାଜରେ ଏଭଳି ଅଘଟଣ ନଘଟୁ ।



Digitized by srujanika@gmail.com

ଭିତରେ ତାକୁ ଭର୍ତ୍ତି କରି ଦଅନ୍ତୁ । ସମ୍ମାନ ଦେଇ ଥାଆନ୍ତୁ । କିମ୍ବା ତା ବେକରେ ଦଉଡ଼ି ବାନ୍ଧି କୂଅରେ ବୁଡ଼େଇ ବୁଡ଼େଇ ମାରିଦେଇ ଥାଆନ୍ତୁ । ଏହି ସମୟର ଯେଉଁ ନରାଧମ ଚେଲାମାନେ ଉତ୍କଳ ମାଟିର ମୂଷାରେ ଉଈଁଷୀ ସଦୃଶ ବିଚରଣ କରୁଅଛନ୍ତି ସେମାନଙ୍କ କଥା ମୋତେ ଶୁଣ ନାହିଁ । ସେମାନେ ଯୁଗଗ୍ରେର, ଭଣ୍ଡ, ଦରିଦ୍ର, ଭିକାରୀ । ଏହି ମାନଙ୍କମାନେ ଓଡ଼ିଆ ସାହିତ୍ୟର ଜୀ ଦୁରବସ୍ଥା ନେଖରାଇଲେ ! ଖାଣ୍ଟି ଲୋଚନ୍ ଓଡ଼ିଆ ଜନନୀ କଅଣ ଆମର ନାହିଁ ! ଆମର କୋଣାର୍କ ଅଛି, ଆମର ପୁରୀ ଦେଉଳ, ଆମର ଭୁବନେଶ୍ୱର ଦେଉଳ ଅଛି, ଆମର କେ ବଡ଼ା ଖଣ୍ଡଗିରି । ଆମର ଖାରବେଳ ଥିଲେ, ଆମର ବୀର ମହାରଣା ଥିଲେ, ଆମର ମହାନଦୀ ଅଛି, ଆମର ଭଞ୍ଜ ସାହିତ୍ୟ ମଧ୍ୟ ଅଛି । ଭଞ୍ଜ ସାହିତ୍ୟ ଅହା କି ଚମତ୍କାର ? ଓଡ଼ିଆର ସମ୍ପୂର୍ଣ୍ଣ ନିଜସ୍ୱ ରଚନା ଶୈଳୀ, ଅଳଙ୍କାର, ଉପମା, ଯମକ ଇତ୍ୟାଦି ଗୁଣରେ ବିଭୂଷିତ ହୋଇ ବିଶ୍ୱ ସାହିତ୍ୟରେ ଏହା ଶୀର୍ଷସ୍ଥାନ ଅଧିକାର କରିବ । ଏହି ପାପୀ ନରାଧମ ଚେଲା ମାନେ ଅମୂଲ୍ୟ ଭଞ୍ଜ ସାହିତ୍ୟକୁ ଛୁଞ୍ଚି ଭିକାରୀ, ଯେତେ ଶ୍ରୀ ରାଧାନାଥ ସାହିତ୍ୟ ପଛରେ ଗୋଡ଼ାଉଛନ୍ତି । ଥୁଃ ଥୁଃ ! ସେ ସାହିତ୍ୟରେ କଅଣ ବା ଅଛି । ଏମାନେ ପରଘରୁ ସାରୁ ବାଇଗଣ ଚିଅଣ ମାଗି ଆଣି ଖାଉଛନ୍ତି ଅଥଚ ଏ ଧୂର୍ତ୍ତ ଗୁଡ଼ାଙ୍କୁ ନିଜ ଘରେ ତିଆରି ଅଣ୍ଡା ପୋଟଳ ରସାକୁ ଛୁଇଁବାକୁ ଇଚ୍ଛା ହେଉ ନାହିଁ । କହ ଦେଖି କେଉଁ ସାହିତ୍ୟ ଭଞ୍ଜ ସାହିତ୍ୟର ସମକକ୍ଷ ହେବ ।”

ସଭା ଭିତରେ କିଏ ଜଣେ କହିଲା “ସେ ଗୁଡ଼ାକ ସହଜରେ ବୁଝି ହୁଏ ନାହିଁ ।”

ଏହାଶୁଣି ବକ୍ତା ପୁଣି କହିଲେ “ମରିଯାଅ, ମରିଯାଅ ଯଦି ନବୁଝି ପାରୁଛ ମରିଯାଅ ! ମୂର୍ଖ ହେବା ଅପେକ୍ଷା ମରିଯିବା ଭଲ ।”

ପୁଣି ଜଣେ କିଏ କହିଲା । “ଏ ଗୁଡ଼ାକ ଅଶ୍ଳୀଳ ।”

ବକ୍ତା ଗର୍ଜି ଉଠିଲେ “ଫେର ଯଦି ଏହା କହିବ, ତେବେ ତୁମ ଜିଭ କାଟି ପକାଇବି । ବାପ ପୁଅକୁ ତାହାଘର କଥା ପଚୁରେ ଏହା କଅଣ ଅଶ୍ଳୀଳ ? ଏହାତ ସମାଜରେ ଭରପୂର । ତେବେ ଭଞ୍ଜ ସାହିତ୍ୟକୁ ଜାହିଁକି ଅଶ୍ଳୀଳ କହିବ ? ଯେ କହିବ ସେ ବଦମାସ । ଭାଇମାନେ ଏହି ବଦମାସ ମାନଙ୍କ କଥା ଶୁଣ ନାହିଁ ।”

ଏହି ସମ୍ବନ୍ଧରେ ସଭାରେ ଭାରି ଗଣ୍ଡଗୋଳ ହେଲା । ବକ୍ତା ଟେବୁଲ ଠେଲି, ଚେୟାର୍ ଫେଲ୍ ପରେ ଆଉଜଣେ ଉଠି କହିଲେ “ଭାଇ ମାନେ; ଯେଉଁ ମଣିଷ ବଦମାସ୍, ଗର୍ଦ୍ଦଭମାରା ଟୋକାର, ଦଜ୍ଜାଳ ଭଞ୍ଜଙ୍କର ସାହିତ୍ୟକୁ ସର୍ବଶ୍ରେଷ୍ଠ ବୋଲି କହିବ ତା ମୁଣ୍ଡ କାଟି ଦେବା ଉଚିତ । ତା ମୁହଁରେ ପାଳ ବିଣ୍ଡା ମାଡ଼ି ଦେବା ଉଚିତ । ଯେଉଁ ସାହିତ୍ୟକୁ ପୁଅ ବାପ ପାଖରେ ପଢ଼ି ପାରିବ ନାହିଁ, ଭାଇ ଭଉଣୀ ଆଗରେ ପଢ଼ି ପାରିବ ନାହିଁ ସେ ସାହିତ୍ୟକୁ ଚୂଲିଚୁଲ୍ଲାରେ ଭର୍ତ୍ତିକରିବା ଦରକାର । ସେହି ଟୋକାର ଭଞ୍ଜ ଯଦି ଆଜି ବଞ୍ଚି ଥାଆନ୍ତା ତେବେ ଏହି ଅଶ୍ଳୀଳ ସାହିତ୍ୟ ଯୋଗୁଁ ସେ ନିଶ୍ଚୟ କଏଦରେ ସଢ଼ୁ ଥାଆନ୍ତା । ଭଞ୍ଜ ସାହିତ୍ୟ ଶବ୍ଦ ଐଶ୍ୱର୍ଯ୍ୟଶାଳୀ ଓ ନିଜସ୍ୱ ହୋଇ ପାରେ । କିନ୍ତୁ ଏହା ଓଡ଼ିଆ ଜାତିକୁ ଆସନ୍ନ ମୃତ୍ୟୁ ମୁଖରୁ ବଞ୍ଚେଇ ପାରି ନଥିଲା । ଏହାକୁ ବଞ୍ଚାଇଥିଲେ ପୁଣ୍ୟାତ୍ମା ରାଧାନାଥ । ତାଙ୍କର ଆବିର୍ଭାବ ନ ହୋଇଥିଲେ ଓଡ଼ିଆ ଭାଷା ଭଞ୍ଜ ସାହିତ୍ୟର ମଇଳା ଟୋକେଇକୁ ବେକରେ ବାନ୍ଧି ନୁଗୁଳ ନଦୀରେ ବୁଡ଼ି ମରି ଥାନ୍ତା । ଭାଇମାନେ, କଅଣ ଭଞ୍ଜଙ୍କ ସାହିତ୍ୟରେ ସର୍ବୋଚ୍ଚ ସ୍ଥାନ ଅଛି କି ? ସେ ପାଜି ଭଞ୍ଜର ଚେଲାମାନଙ୍କୁ ଗୁଳି କରିଦିଅ । କିମ୍ବା ସେମାନଙ୍କର ହାତଗୋଡ଼ ବାନ୍ଧି ମଙ୍ଗଳ ମାଳିନୀ ଚାଳିକାରେ ଫୋପାଡ଼ି ଦିଅ । ଯୁଗ ବଦଳି ଯିବା ସଙ୍ଗେ ସଙ୍ଗେ ରୁଚି ମଧ୍ୟ ବଦଳି ଯାଏ । ଯେଉଁ ଟୋକାମାନେ ଭଞ୍ଜ ସାହିତ୍ୟକୁ ଯକଟି ମକଟି ଧରି ରଖିବାକୁ ଚାହାନ୍ତି ସେମାନଙ୍କୁ ଘର ଭିତରେ ଭର୍ତ୍ତିକରି ଲଙ୍କା ମରିଚ ଧୂଆଁ ଦେବା ଉଚିତ ନୁହେଁ କି ? ସେ ଭଣ୍ଡ ଭଞ୍ଜ ଚେଲା ଗୁଡ଼ାକ କହୁ ଅଛନ୍ତି— ଆମର କୋଣାର୍କ ଅଛି, ଆମର ପୁରୀ ଦେଉଳ ଅଛି । କରେ ବାବା ଆଉ ଗୋଟିଏ ଦୁଇଟା କୋଣାର୍କ ପୁରୀ ତିଆରି କର ! ଭଣ୍ଡ ମାନଙ୍କର ସେ ଶକ୍ତି କାହିଁ ? ସମୁଦ୍ର ଯଦି କୋଣାର୍କ, ପୁରୀ ଓ ଭଞ୍ଜ ସାହିତ୍ୟକୁ ଗିଳି ହଜମ କରି ଦିଅନ୍ତା ତେବେ ଏ ଭଣ୍ଡଙ୍କର ଚେତନା ପଶନ୍ତା । ସେମାନେ ନୂତନ ଜିନିଷ ତିଆରି କରିବାକୁ ଚାହାର ପଡ଼ନ୍ତେ । ପୁଣ୍ୟାତ୍ମା ରାଧାନାଥଙ୍କ ଦ୍ୱାରା ସୃଷ୍ଟ ଜନସାଧାରଣଙ୍କ ବୋଧଗମ୍ୟ ସାହିତ୍ୟ ଆମେମାନେ ପରିବେଷଣ କରି ଓଡ଼ିଆ ସାହିତ୍ୟକୁ କ୍ରମେ କ୍ରମେ ପରିପୁଷ୍ଟ କରୁଅଛୁ । ଆପଣମାନେ ଆମ୍ଭମାନଙ୍କ କଥା ଶୁଣନ୍ତୁ । ଏ ଲୋକର ଭଣ୍ଡଙ୍କ କଥା ଶୁଣନ୍ତୁ ନାହିଁ ।”

ଏ ବକ୍ତୃତା ଶୁଣି ଶୁଣି ପ୍ରଥମ ବକ୍ତା ଏତେ ରାଗି ଯାଇଥିଲେ ଯେ ସେ ସମସ୍ତ ଆଇନ କାନୁନ ଭାଙ୍ଗି ହଠାତ୍ ଠିଆ ହୋଇ ପଡ଼ିଲେ ଓ ଗର୍ଜନ କରି କହିଲେ, “ଆରେ ହେ ଧେଡ଼ଗଣ ! ଆମ୍ଭକୁ କହିବ ଭଣ୍ଡ ଲୋକ ରେ ? ଆରେ ଚୋରଗଣ, ଆମ୍ଭକୁ କହିବ ଭିକାରୀ ? ତୁମ ମୁହଁରେ ଅଖାଦ୍ୟ ପଶୁ । ପରର ଜିନିଷ ଚୋରିକରି ଆଣି ନିଜର ବୋଲୁଅଛ । ଦରିଦ୍ର ଭିକାରୀ ! ତୁମ ମୁହଁରେ ଲାଜ ନାହିଁ ?”

ଦ୍ୱିତୀୟ ବକ୍ତା ଆଉ ସମ୍ଭାଳି ପାରିଲେ ନାହିଁ । ସେ ଗର୍ଜି ଉଠିଲେ । “ରୂପକର ବଦମାସ ! ଭଣ୍ଡ ଭଞ୍ଜ ଗୋଟାଏ ପ୍ରକାଣ୍ଡ ପୁଞ୍ଜିପତି ଥିଲା । ତୁମେମାନେ ତାହାର ଦଲାଲ ।”

କ୍ରମେ ଦୁଇ ବକ୍ତାଙ୍କ ଭିତରେ ଉତ୍ତର ପ୍ରତି ଉତ୍ତର ଚାଲିଲା—

“ହଇରେ ଧେଡ଼ା, ଆମକୁ କହିବ, ଦଲାଲ, ? ଆରେ ତୁମେମାନେ ପରା କମ୍ୟୁନିଷ୍ଟ ସାଜି ଦେଶକୁ ଉଚ୍ଛନ୍ନ କରି ସାରିଲଣି—”

“ଏଁ ଆମେ ଉଚ୍ଛନ୍ନ କରିଛୁନା ତୁମେ ? ତୁମେ ପରା ୫୦୦ ବସ୍ତା ସିମେଣ୍ଟ ପରମିଟରେ କିଣି କଳା ଯୋଗେଇ କରି ବିକିଲ—”

“ଆରେ କିଏ ଅଛରେ ଏ ବଦମାସକୁ ଦେଖିନବଟି ! ଇଏ ପରା ଦରିଦ୍ର ଇଉନିଅନରୁ ସାତଶହ ଟଙ୍କା ମାରି ନେଇଛୁ ? ମୋତେ କେଉଁ ମୁହଁରେ କଳା ଯୋଗେଇଆ କହୁଛୁ ?”

କ୍ରମେ ଶ୍ରୋତାମାନଙ୍କ ମଧ୍ୟରେ ଗାଳି ଦିଆ ଦେଇ ଆରମ୍ଭ ହୋଇଗଲା । ସମସ୍ତେ କ୍ରମେ କ୍ରମେ ଦୁଇ ବକ୍ତାଙ୍କ ଭିତରେ ବାଣ୍ଟି ହୋଇ ଗଲେ । ଅଶ୍ଳୀଳ ଗାଳି ଦିଆଦେଇ ଭିତରେ ସଭାପତିଙ୍କ ‘ଅର୍ଡ଼ର, ଅର୍ଡ଼ର’ ଶବ୍ଦ ବୁଆଡ଼େ ଲୁଚି ଗଲା । ବାକ୍ୟ ଯୁଦ୍ଧ ପରେ ପରେ ହାତା



Digitized by srujanika@gmail.com

ହାତ ମୁକ୍ତ ହେଲା । ତା'ପରେ ଅସ୍ତ୍ରଶସ୍ତ୍ର, ଛତା ଖାଡ଼ ଯେ ଯାହା ଠାଉ ଠାଉ ଫୋପାଡ଼ି ମାରିଲେ, ମହରଗଣଙ୍କରେ, ସୁରେଶ, ସୁରେଶ ଶବ୍ଦରେ ଘର ଫାଟି ପଡ଼ିଲା ।

ଠିକ ଏତିକି ବେଳେ କିଏ ଗୋଟାଏ ଡବଲ ଫୋଟକାରେ ନିଆଁ ଲଗେଇ ଘର ଭିତରକୁ ଛାଡ଼ି ଦେଲା । ଫୋଟକା ଶବ୍ଦରେ କାନ ଅତଡ଼ା ପଡ଼ିଗଲା । ବୋମା, ବୋମା, ପାଟି କରି ସମସ୍ତେ ଅତର୍କରେ ଘର ଛାଡ଼ି ପଳେଇଲେ । ପୋଲିସ ଆସି ଦେଖିଲା ବେଳକୁ ଘର ସୁନସାନ । ପାଞ୍ଚ ଛଅଟା ଲୁଗା ପଡ଼ିଛି, ଚାରି ଖଣ୍ଡିକ ଗୋଟାଏ ଦୁଇଟା, ଜୋତା ଚଟି ଦୁଇ ବେଳା ହବ, ଗୋଟାଏ ଯୋଡ଼ାଏ ଫାଉଣ୍ଟେନ୍ ପେନ ଓ ଏମିତି କେତେ ଜିନିଷ ପଡ଼ିଥାଏ ।

ସୁରପତି ସେତେବେଳେ ଟେଲିଭିଜନ୍ ସୁଇଚ୍ ଅଫ୍ କରିଦେଲେ ! ସମସ୍ତେ ଆଁ କରି ଭକ୍ତ ଓ ରାଧାନାଥଙ୍କ ଆଡ଼େ ଚାହିଁଲେ । ଦୁହିଁଙ୍କ ଆଖିରୁ ଶ୍ରାବଣ ଧାରାପରି ଲୁହ ଛୁଟିଥାଏ । ଭକ୍ତ ରାଧାନାଥଙ୍କ ହାତଟାକୁ ଜାବୁଡ଼ି ଧରି କହିଲେ, "ମୂଢ଼ ମାନଙ୍କୁ ଦେଖିଲତ, ଏମାନେ ହାତରେ ରିଷ୍ଟୱାଚ୍ ବାନ୍ଧନ୍ତି କିନ୍ତୁ ସମୟର ଗତି ବୁଝନ୍ତି ନାହିଁ ! ମୁଁ ଯେଉଁ ଯୁଗରେ କବିତା ଲେଖିଥିଲି ସେ ଯୁଗର ଆବ୍ ହାଓଆ କ'ଣ ଆଜିକାଲି ଅଛି ? ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସମସ୍ତ ଜିନିଷର ପରିବର୍ତ୍ତନ ହେଉଛି । ଅଥଚ କେତେକ ଲୋକ ସେହି ପୁରୁଣା ଆବ୍ ହାଓଆ ଭିତରେ ଚଳିବାକୁ ଚାହାନ୍ତି । ଏମାନେ ଏତିକି କଥା ଜାଣି ପାରୁ ନାହାନ୍ତି ଯେ ସେମାନଙ୍କର ପୂର୍ବ ପୁରୁଷମାନେ ବଣରେ ଲଙ୍ଗଳା ହୋଇ ବୁଲୁଥିଲେ । କିନ୍ତୁ ସେମାନେ ତ ଆଜିକାଲି ଲୁଗା ପିନ୍ଧୁଛନ୍ତି । ପୂର୍ବପ୍ରଥା ଆଚରି ରହିଥିବା ଲଙ୍ଗଳାମାନେ ଆଜିକାଲି ନିଶ୍ଚିହ୍ନ ହୋଇ ଗଲେଣି । ଦୁଃଖ-ରେ ଏମାନେ ବୁଝିପାରୁ ନାହାନ୍ତି ଯେ ପୂର୍ବ ସାହିତ୍ୟକୁ ଧରି ରହିଲେ ସେମାନେ କାଳକ୍ରମେ ସେହିପରି ନିଶ୍ଚିହ୍ନ ହୋଇଯିବେ । ମୁଁ ଯେଉଁ କବିତା ରଚନା କରୁଥିଲି ସେ ସମୟରେ ଲୋକଙ୍କର ନୈତିକ ବଳ ଅଜଡ଼ାଳିକାର ଲୋକଙ୍କର ନୈତିକ ବଳଠାରୁ ଢେରବେଶିଥିଲା ଓ ମୋ କବିତାମଧ୍ୟ କୋମଳ ମତି ଛାତ୍ରମାନଙ୍କୁ ପଢ଼ିବାକୁ ଦିଆ ଯାଉଥିଲା କିନ୍ତୁ ଆଜିକାଲି ମଙ୍କଡ ହାତରେ ଶାଳଗ୍ରାମପରି ଏମାନଙ୍କର ହାତରେ ମୋ ସାହିତ୍ୟ ପଡ଼ି ସମ୍ବଦଶାପନ୍ନ ହେଉଅଛି । ଦେଖିଲତ ଅସହିଷ୍ଣୁତାର ଚରମ ନିଦର୍ଶନ ?"

ଲୁହ ପୋଛୁ ପୋଛୁ ରାଧାନାଥ କହିଲେ, "ବନ୍ଧୁ ମୋର ବାକ୍‌ରୋଧ ହୋଇ ଯାଉଛି । କେବଳ ଓଡ଼ିଆ ଭାଷାର ଜୀବନ ରକ୍ଷା ପାଇଁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ରାଜାରାମ-ମୋହନରାୟ ଯେପରି ଖ୍ରୀଷ୍ଟଧର୍ମାକ୍ରାନ୍ତ ଶିକ୍ଷିତ ଯୁବକ ମାନଙ୍କୁ ରକ୍ଷା କରିବା ଲାଗି ବ୍ରାହ୍ମ ଧର୍ମର ସୃଷ୍ଟି କରିଥିଲେ, ମୁଁ ସେହିପରି ବଙ୍ଗ ଭାଷାରେ ଲୀନ ହେବାକୁ ଯାଉଥିବା ଓଡ଼ିଆ ଭାଷାକୁ ରକ୍ଷା କରିବା ପାଇଁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ଦେଶର ଶିକ୍ଷିତ ମାନଙ୍କର ମନ ଆକୃଷ୍ଟ ହେବାଲାଗି ତହିଁରେ ଅନ୍ୟାନ୍ୟ ଭାଷା ସାହିତ୍ୟର ଛାୟା ରଖିଥିଲି । ଆଜି କିନ୍ତୁ ସେ ସମୟ ନାହିଁ । ଓଡ଼ିଆ ଭାଷା ଦୁଇଗୋଡ଼ରେ ଠିଆ ହେଲାଣି । ତେବେ ନିଜ ଜିନିଷକୁ ଛାଡ଼ି ପର ମୁଖାପେକ୍ଷୀ ହେବାରେ ଆଉ ଲାଭ କଣ । ହତଭାଗ୍ୟ ମାନେ ଅନ୍ୟ ସାହିତ୍ୟ ପଛରେ ଗୋଡ଼ାଉଛନ୍ତି । ଅଥଚ ଆପଣଙ୍କ ସାହିତ୍ୟକୁ ଯୁଗୋପଯୋଗୀ କରେଇ କାହିଁକି ଚେଷ୍ଟା କରୁ ନାହାନ୍ତି । ଭାରତର ଅନ୍ୟ କୌଣସି ସାହିତ୍ୟ ଆପଣଙ୍କ ସାହିତ୍ୟପରି ଐଶ୍ୱର୍ଯ୍ୟଶାଳୀ ନୁହେଁ । ଏହି ପରିଶ୍ରମ କାତର ଲୋକମାନେ ଯଦି ଆପଣଙ୍କ ସାହିତ୍ୟକୁ ନୂତନ ରୂପରେ ଖଟେଇ ଜନ ସାଧାରଣଙ୍କର ବୋଧଗମ୍ୟ ହେବାପରି ପରିବେଷଣ କରି ପାରନ୍ତେ ତେବେ ଓଡ଼ିଆ ଭାଷା ଯେ କୌଣସି ଭାରତୀୟ ଭାଷାଠାରୁ ବେଶି ଐଶ୍ୱର୍ଯ୍ୟଶାଳୀ ହୋଇ ପାରନ୍ତା ! ଆପଣଙ୍କ ସାହିତ୍ୟରେ ଅଭିଜ୍ଞତା ଅର୍ଜନତା କରିବାକୁ ହେଲେ ବହୁ ପରିଶ୍ରମ ଦରକାର । ଆଜିକାଲି ଯେଉଁ ସାହିତ୍ୟର ପରିବେଷଣ ହେଉଅଛି ତାହା ଏତେ ସହଜ ଯେ ଆଷାଢ଼ ମାସରେ ଛତୁ ଫୁଟିଲାପରି ଓଡ଼ିଶା ଯାକ ଭରପୂର ହୋଇ ଗଲେଣି । ଏପରି ଅଗଣିତ ନକ୍ଷତ୍ର ଥାଇ କି ଲାଭ ! ଯଦି ଗୋଟିଏ ଚନ୍ଦ୍ର ଆପଣଙ୍କ ସାହିତ୍ୟକୁ ମାର୍ଜିତ ଓ ଯୁଗୋପଯୋଗୀ କରି ଆଜିକାଲି ପ୍ରଚଳନ କରି ପାରନ୍ତେ, ତେବେ ତାହା ଉତ୍କଳ ସାହିତ୍ୟ ଆକାଶକୁ କେତେ ଉଜ୍ଜ୍ୱଳ କରି ନ ପାରନ୍ତା !"

ଏହି ସମୟରେ ନାରଦ ଢିଙ୍କି ମକଚ ମକଚ ଇନ୍ଦ୍ରଙ୍କ ପାଖକୁ ଗଲେ ଓ କାନରେ ଫୁସ୍ ଫୁସ୍ କରି କହିଲେ "ସୁରପତେ, ମର୍ତ୍ତ୍ୟବାସୀ ଏହି ମୂଢ଼ ଓଡ଼ିଆ ମାନଙ୍କ ଦ୍ୱାରା ଏଠାରେ ହେଉଥିବା ସଭା ଆଜି ପଣ୍ଡ ହୋଇଗଲା । ଆପଣ ଯେଉଁ କବି ଦୁହିଁଙ୍କୁ ସମ୍ମାନିତ କରିବା ପାଇଁ ସଭା ଡକାଇ ଥିଲେ ସେମାନଙ୍କ ଅବସ୍ଥା ଦେଖିଲେ ତ । ବିଚାରା କବି ଦୁହେଁ ଦରମରା ହୋଇ ଗଲେଣି । ଏହା କ'ଣ ଆପଣଙ୍କ ହୃଦୟରେ ଦାରୁଣ ଆଘାତ ଦେଉନାହିଁ !"

ସୁରପତି ହଠାତ୍ ଛାତିରେ ହାତଟା ଦେଇ କହିଲେ, "ଓଃ ବଜ୍ରବତ୍ ମୋ ହୃଦୟରେ ଗୋଟାଏ କିଲ ଫୋଡ଼ହୋଇ ଗଲାପରି ଲାଗୁଛି । ବାସ୍ତବତଃ ବଡ଼ କଷ୍ଟ !"

ନାରଦ ଉଲ୍ଲସିତ ହୋଇ ପୁଣି କହିଲେ "ସୁରପତେ, ଏ ମୂଢ଼ ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ୍ । ସେହି ଉତ୍କଳ ସାହିତ୍ୟ ସମାଜ କୋଠା ଉପରେ ବଜ୍ର ନିକ୍ଷେପ କରନ୍ତୁ !"

ସୁରପତି ରାଗରେ ପାଟିଯାଇ ଗର୍ଜି ଉଠିଲେ "ଏହି ମୂଢ଼ମାନେ ଜାଣି ପାରୁନାହାନ୍ତି ଯେ ଆଜି କେବଳ ରାଧାନାଥ ସାହିତ୍ୟ କି ଭକ୍ତ ସାହିତ୍ୟର ଦରକାର ନାହିଁ । ଦରକାର ଅଛି ଉଭୟଙ୍କ ମିଶ୍ରଣରେ ଏକ ନୂତନ ସାହିତ୍ୟ । ଏ ମୂଢ଼ମାନେ ଯେପରି ଭାବରେ କବିମାନଙ୍କୁ ଅପମାନିତ କରିଛନ୍ତି ତାହା ଅସହ୍ୟ । ମୁଁ ଏମାନଙ୍କୁ ଉପଯୁକ୍ତ ଶାସ୍ତି ଦେବି ।"

ଏହାକହି ତାଙ୍କ ଅଣ୍ଟାରେ ଝୁଲୁଥିବା ଚମଡ଼ା ମୁଣିରୁ ବଜ୍ର କାଢ଼ିଲେ । ତାହାର ଆଲୁଅ ଓ ଘଡ଼ ଘଡ଼ ଶବ୍ଦରେ ସମସ୍ତେ ପ୍ରମାଦ ଗଣିଲେ । ନାରଦ ମୂର୍ଚ୍ଛିତ ହୋଇ ସଭା ଛାଡ଼ି ପଳେଇଲେ ! ଦେବତା ମାନେ ସମସ୍ତେ ହାବୁଜା ଖାଇଗଲେ । ଭକ୍ତ ଓ ରାଧାନାଥ ଦୁହେଁ ହଠାତ୍ ଦୌଡ଼ିଯାଇ ସୁରପତିଙ୍କର ହାତଧରି ପକାଇଲେ ଓ ଅତି ବିନୀତ ଭାବରେ କହିଲେ—"ସୁରପତେ ଏମାନଙ୍କୁ କ୍ଷମା କରନ୍ତୁ । କାରଣ ଏମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ ।"

ଅନୁରୋଧ ଫେରାଇ ନପାରି ସୁରପତି ପୁଣି ବଜ୍ରକୁ ଚମଡ଼ା ଖୋଳ ଭିତରେ ପୁରାଇ ଦେଲେ ।

ଭଗବାନ କରନ୍ତୁ ଉତ୍କଳ ସାହିତ୍ୟ ସମାଜରେ ଏଭଳି ଅବ ବଳ ନ ଲାଗୁ ।



Digitized by srujanika@gmail.com

# ମୂକ ଶିଳ୍ପୀର ବିକ୍ଷିପ୍ତ ସ୍ୱପ୍ନ

ଲେଖକ—ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଣୀ

ନଦୀ କୂଳରେ ଗୋଟାଏ ଦୋମହଲା କୋଠା । ତା ପଛପଟକୁ ଠିକ୍ ନଦୀର ଖରସ୍ରୋତା ନଈର ଅତଡ଼କୁ ଲାଗି ବଡ ବଗିଚାଟିଏ । ନାନାପ୍ରକାର ଫୁଲ ଫଳରେ ପୂର୍ଣ୍ଣ । ଚାର କଡ଼ରୁ ବାଡ଼ ଘେରିଥାଏ ସେଟି ।

ବଗିଚାର ଭିତରେ ଗୋଟାଏ କୋଣକୁ ଛୋଟ ଦୁଇ ବଖରିଆ ଘରଟିଏ । ତା ଭିତରେ ଜଣେ ତରୁଣ ଶିଳ୍ପୀ ବସି ତାର ମୂକବ୍ୟଥା ଫୁଟାଇବାରେ ଲାଗିଛି—ତୂଳିକା ମୂନରେ ଜଣେ ଷୋଳ ନାରୀର ତରୁଣ ପ୍ରତିମୂର୍ତ୍ତିକୁ ତାର ଉଜ୍ଜ୍ୱଳ ଶ୍ୟାମଳ ଗୌର ଦେହ ଉପରେ ସରୁ ଚୂନାଟିଏ ଅଙ୍କିବା ପାଇଁ ବ୍ୟଗ୍ର ନୟନରେ ଚାହିଁ ଥିବାର ଚିତ୍ରଟିଏ ଆଙ୍କୁଥାଏ ସେ ।

ଅଙ୍କୁ ଅଙ୍କୁ ଚନ୍ଦ୍ରାଦେବୀଙ୍କର କୋମଳ ହାତର ପରଶ ତା ପଛ ଉପରେ କେତେବେଳେ ଲାଗିଯାଇଛି ଖିଆଲ ନାହିଁ...

ଜଣେ ପରିଚାରିକା ଚିଠିଖଣ୍ଡେ ଆଣି ଦେଇ ମୋତେ କହିଲା ଜେମା ଦେଇ ଅଛନ୍ତି । ଜେମା ଦେଇଛନ୍ତି ମୋ ନିକଟକୁ ପତ୍ର ? ଚମକି ପଡ଼ିଲି । ଏଇ କେତେଦିନ ତଳର କଥା । ସେଦିନ ମୋତେ ଡକାଇ ଆଣି କହିଥିଲେ—ଦେଖ ଚିନ୍ମୟ, ତୁମକୁ ମୋ ପାଇଁ କେତେଗୁଡ଼ିଏ ଚିତ୍ର ଅଙ୍କି ଦେବାକୁ ହେବ—ଯାହା ମୁଁ ବରାଦ କରିବି । ଆଉ ତୁମପାଇଁ ମୋର ସେଇ ବଗିଚାରେ ଥିବା ଛୋଟ ଘରଟିକୁ ରହିବା ପାଇଁ ଛାଡ଼ିଦେବି । ଗୋଟାଏ କୋଠରୀରେ ଶୋଇବ, ଅନ୍ୟଟିରେ ବସି ଚିତ୍ର ଅଙ୍କନ କରିବ । ମୋର ପରିଚାରିକା ମଧ୍ୟରୁ କେହି ଜଣେ ତୁମର ପ୍ରତ୍ୟେକ ସୁବିଧା ଅସୁବିଧା ବୁଝିବ ।

ଚିଠି ଖୋଲି ପଢ଼ିବାକୁ ଆରମ୍ଭ କଲି । ସେ ତରୁଣୀ ପରିଚାରିକାଟି ମୋର ମୁହଁକୁ ବଲ ବଲ କରି ଚାହିଁଥାଏ । ମୋତେ କିନ୍ତୁ ତାର ସେ ଚାହାଣୀ ଭଲ ଲାଗୁ ନଥାଏ । ସତେ ଯେପରି ତାର କଟାକ୍ଷ ଚାହାଁଣୀର ଜ୍ୟୋତିରେ ମୋତେ ସେ ଭସ୍ମୀଭୂତ କରି ଦେବାଭଳି କଣ ଅଛି ? ମୁଁ ଚିଠି ପଢି ଚାଲିଥାଏଁ ଚିଠି । ଓଃ ! କି ଦୁଷ୍ଟାମି ସମ୍ବୋଧନ ତାଙ୍କର, ଚ ଦୁଷ୍ଟାମି ଭଣ୍ଡ, ରାଜକନ୍ୟା ହେଲେ ବୋଲି ନିଅଣ୍ଟ ମୋତେ ଏପରି ଭାବରେ ସମ୍ବୋଧନ କରିବେ । ସେ ଜଣେ ରାଜଜେମା; ତାଙ୍କର ବା କଅଣ ଅଭାବ ଅଛି । ଇଚ୍ଛା କଲେ ସ୍ୱର୍ଗର ଚନ୍ଦ୍ର ମଧ୍ୟ ଧରିଦେବ । ଆଉ ମୋ ପରି ଗୋଟାଏ... ତେବେ ଚିଠିରୁ ଏତିକି ବେଶ୍ ବୁଝିଲି ଯେ ସେ ସ୍ୱୟଂ ମୋର ଏ ଚିତ୍ରଟି ଦେଖିବା ପାଇଁ ଆସିବେ ।

ପରିଚାରିକାଟିକୁ କହିଲି—ଦେଖ ମଳୟା, ତୁ ଯା ଜେମାଙ୍କୁ କହିବୁ ଚିତ୍ରଟି ଶେଷ ହୋଇ ନାହିଁ । କାହିଁକି ବୃଥାରେ ଆସିବେ ।

ସେ ପର୍ଯ୍ୟନ୍ତ ଲକ୍ଷ୍ୟ ତାର ମୋର ଉପରେ ଥିଲା ।

ସେ କଥାଶୁଣି ହଠାତ୍ ଚମକି ପଡ଼ି ପଚାରିଲା—କିଏ କହିଲେ ?

ମୋତେ ଭାରି ଚିଡ଼ ମାଡ଼ିଲା । ଏମାନେ ଗୋଟାଏ ଗୋଟାଏ ମାୟାବିନୀ । ଧନ୍ୟରେ ସୃଷ୍ଟି । ଏମାନଙ୍କୁ କାହିଁକି ଭଗବାନ ଗଢ଼ିଥିଲେ ? ଆମକୁ ଚକ୍ଷୁ ଦେଇ ସର୍ବନାଶ କରିବା ପାଇଁ ନା କଣ ?

ମୋତେ ନିରୁତ୍ତର ଦେଖି ପୁଣି ପଚାରିଲା—ଜେମା କହିଥିଲେ ଆପଣ ଭାରି ସୁନ୍ଦର ଚିତ୍ର ଅଙ୍କି ପାରନ୍ତି । ଭାରି ଭଲଲୋକ ଆପଣ—

ଭାବୁଥାଏଁ ମୁଁ ଯଦି ଭଲ ଅଙ୍କିଲି ତାହେଲେ ସେହିପରି ଭଲ ମୂଲ୍ୟଦେଇ ସନ୍ତୁଷ୍ଟ କରନ୍ତୁ ମୋତେ ; ସାମ୍ନାରେ କହି ବୁଲିଲେ ଲାଭ କଅଣ ? ମୋର ବୃଥା ପ୍ରଶଂସା କରି ସେ ଯେ କଅଣ ପାଆନ୍ତି କିଛି ବୁଝି ପାରେ ନାହିଁ ।

କହିଲି ତ ଶେଷ ହୋଇନାହିଁ, ଯା ଏଠାରେ ଗୋଳମାଳ କର ନାହିଁ ।

—ମୁଁ କଅଣ ଦୋଷ କଲି ଆପଣଙ୍କର, ଏତେ ରାଗୁଛନ୍ତି ଯେ ?

—ତୁମର ଯେତେବେଳେ ଖାଦ୍ୟ, ପାନୀୟ ଆଣିବାର ଥିବ, ସେହି ସମୟ ବ୍ୟତୀତ ଅନ୍ୟ ସମୟରେ ମୋଠି ଆସିବ ନାହିଁ ।

—ଜେମା ପଠାଇଲେ ?

—ହଁ-ତାଙ୍କୁ ମଧ୍ୟ ବାରଣ କରିବୁ ମୋ ନିକଟକୁ ପତ୍ର ଦେବାକୁ ।

—କିଛି ବିଶେଷ ଦରକାର ପଡ଼ିଲେ ?

ଯା, ଯା, ବକ୍ ବକ୍ କର ନାହିଁ କହିଲି । କାଲିଠାରୁ ତମେ ମୋର ପରିଚର୍ଯ୍ୟା କରିବା ପାଇଁ ଆସିବ ନାହିଁ ।

—ହଉ ହେଲା-ଆଉ କାହାକୁ ପଠାଇବି କହନ୍ତୁ ? ଚମ୍ପା, ଚଞ୍ଚଳା, ଚନ୍ଦ୍ରା, ଚିତ୍ରଲେଖା ଚନ୍ଦ୍ରକଳା ।।

—ହାୟରେ ଭଗବାନ ! ଦୁନିଆଁଟା ସାରା ଭଣ ଏହିପରି କେବଳ ନାଗୁଣୀ ? କହିଲି,- କେହି ବୟସ୍କା ପରିଚାରିକା ନାହାନ୍ତି? ମୋ କଥା ଶୁଣି ସେ ଗୋଟାଏ ଦୁଷ୍ଟାମିର ହସ ହସି କହିଲା—କାହିଁକି ଆମେ କଅଣ ସବୁ ପସନ୍ଦ ହେଉନାହୁଁ ?

—ଚୁପ୍‌କର ବଦମାସ୍ !

ମୋର ରକ୍ତ ସେତେବେଳକୁ ରାଗରେ ଗରମ ହୋଇ ଗଲାଣି । ଅନ୍ୟକିଛି ନକହି ପାରି ରଙ୍ଗ ପାତ୍ରଟି ଉପରକୁ ତାର ଫୋପାଡ଼ି ମାରିଲି । ସେ ଖିଲ ଖିଲିଆ ହସଟାଏ ହସି ଦୌଡ଼ି ପଳାଇଗଲା । ଝିଲିକାଏ ଥଣ୍ଡା ପବନ ବଗିଚାର ଫୁଲ ଗନ୍ଧକୁ ଚୋରି କରି ହୁ'କିନା ପଶିଆସିଲା ସାମ୍ନା ଝରକା ଫାଙ୍କରେ । ତା ମଧ୍ୟ ମୋତେ ସେତେବେଳେ ଉତ୍କଟ ମନେ ହେଲା ।

ଭଗବାନଙ୍କର ସୃଷ୍ଟିର ନିୟମ କଣ ଏଇୟା ! ଯେଉଁଠି ଚିର ବସନ୍ତ ବିରାଜୁଛି, କୋକିଳର କୁହୁତାନ ସନ୍ତପ୍ତ ପ୍ରାଣକୁ ଶୀତଳ କରୁଛି, ପ୍ରଜାପତିର ରଙ୍ଗିନ ପରର ପରଶରେ ସବୁ ବେଳେ ଫୁଲସବୁ ନାଲି ନୀଳରଙ୍ଗରେ ଶୋଭିତ ସେଇଠି ହେଉଛି ବିଳାସର କେନ୍ଦ୍ରସ୍ଥଳ । ଆଉ ଚାଲିଛି କାମ ରିପୁର ବୀଭତ୍ସ ତାଣ୍ଡବ । ହାୟରେ ଦୁନିଆ ! କେତେଦିନ ତୋର ଏଇ ଉନ୍ମାଦ ଯୌବନ ରହିବ ଯେ କାମନା, ବାସନା ସଙ୍ଗେ ତାଳ ଦେଇ ଚାଲିବୁ ! ବିଶ୍ୱସ୍ରଷ୍ଟାଙ୍କର ଏସବୁ ସୃଷ୍ଟି ଗୁଡ଼ିକ ମୋତେ ଭାରି ଖରାପ ଲାଗେ ।

ଦିନ ଯାଏ ରାତି ଆସେ ତାର ପଛେ ପଛେ ଠିକ୍ ନିୟମିତ ଭାବେ । ପୃଥିବୀର ପ୍ରତିଦିନର ନିୟମ ବଦଳି ଚାଲିଥାଏ, ସବୁବେଳେ



Digitized by srujanika@gmail.com

କାନ୍ଦୁଦାର ଚପଳମତି ବାଳକଟି ଅଳିଆ ଲଜକୁଳୀ ଲଟାଟି ପରି ଲମ୍ବ ପଣତ ଅଞ୍ଚଳରେ ଗୁହେଁ ଲୁଚିବାକୁ । ପୁଣି ଅନ୍ଧାର ନୀଳ ସଲିଳ ଯୁବତୀଟି ଜାଣି ଧୂମ୍ରାଭ ଅଗରେ ତାର ଅର୍ଦ୍ଧନଗ୍ନ ଶରୀରଟିକୁ ଦେଖାଇ ଆନନ୍ଦରେ ନାଚି ଯାଉଛି—ସୃଷ୍ଟିର ବୈଚିତ୍ର୍ୟକୁ ବଜାୟ ରଖି ! ଧନ୍ୟରେ—ପରିବର୍ତ୍ତନଶୀଳ ଜଗତ ।

ଛାତିଟା ମୋର ଦମ୍ ଦମ୍ କରି ଉଠେ, କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାର ଟିକ୍ ଟିକ୍ ଶବ୍ଦ ସଙ୍ଗେ ତାଳ ଦେଇ । ମୋର ଆଉ ପରିବର୍ତ୍ତନ ଘଟିବ ନାହିଁ ତ ! ମୁଁ ଆଜି ତପସ୍ୟା ପ୍ରତିଜ୍ଞା କରି ବସିଛି । ତାର ଆଉ ବ୍ୟତିକ୍ରମ ଘଟିବ ନାହିଁ ତ ? ? ? କିଏ ଜାଣେ । ଭାଇ ପର ଯେ, ଏହି ପୁରାଣ କଥାଟା ! ଯେଉଁ ବିଶ୍ୱାମିତ୍ର ଘୋର ତପସ୍ୟାରେ ବସିଥିଲେ, କାହିଁ ଯାଇ ସେ ଅଗମ୍ୟ ଅରଣ୍ୟ ବନସ୍ତ ମଧ୍ୟରେ—ଲୋକ ଲୋଚନର ଅଗୋଚରରେ । ସେଇଟି ତ ପୁଣି ବିଶ୍ୱାମିତ୍ର ସାମାନ୍ୟ ଗୋଟିଏ ବେଶ୍ୟାର ଆନ୍ଦୋଳିତ ଅଞ୍ଚଳ ଚଦ୍ଦର ତଳରୁ ସେ ବିପକ୍ଷ ଚକ୍ଷୁର କଟାକ୍ଷ ପାତରେ ଥରେ ମାତ୍ର ପଡ଼ି—ମନ, ପ୍ରାଣ, ଦେହ ଅର୍ପିଦେଲେ ତାହାର ଚରଣ ତଳେ—ସାମାନ୍ୟ ବେଶ୍ୟାର ଚରଣ ତଳେ । ଧନ୍ୟରେ ନାରୀ ! ଦୁଇଟି ଅକ୍ଷରରେ ଗଢ଼ା—ଏହି ଗୋଟିଏ ଶବ୍ଦ । ଜଗତଟା ସାରା ଗୋଡ଼ାଇଛି ତାହାରି ପଛେ ପଛେ । ମରୀଚିକା ପଛେ ଦୌଡ଼ିଲା ପରି ।

ସେ ଦିନ ମୁଁ ଭାବିଲି,—ନିଶ୍ଚୟ ଆଜି ଏ ଚରିତ୍ରଟିକୁ ଶେଷ କରିବି—ଯେତେ ସମୟ ଲାଗୁ ପଛେ । କେମାଙ୍କର ଏଠାକୁ ଆସିବା ଦିନରୁ ଯେପରି ଶପଥ ନେଇ କରି ତାଙ୍କ ନିକଟକୁ ପଠାଇ ଦେଇ ଦେଲେ । ଏହି ପ୍ରତିଜ୍ଞା କରି ତୁଳନା ଧରି ବସିଲି । କିନ୍ତୁ କାହିଁ ? ବାର ବାଜିଲା ଆସି, ଶେଷତ ପୂରା ହେବ ନାହିଁ । ମନର ଚଞ୍ଚଳତା ହେତୁ ନିଶ୍ଚୟ । ସ୍ନେହ'ତ ସ୍ୱିମିତକା କାମ । ମନ ସ୍ଥିର ନ ହେଲେ ତୁଳନା ମୂଳ ଏଣେ ତେଣେ ହେବ ନିଶ୍ଚୟ ।

ସମୟ କାହାରିକୁ ଅପେକ୍ଷା କରେ ନାହିଁ । ସମସ୍ତଙ୍କୁ ପଛରେ ପକାଇ ଦେଇ, ସେ ତାର ଗୁଲଥାଏ ସ୍ୱାଧୀନ ନିୟମ ବନ୍ଧା ଗତିରେ ।

କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାରେ ଟଂ କରି ଗୋଟାଏ ବାଜିଲା । ବାହାର ପାଖ ଦରଜାରେ କିଏ ହାତ ମାରିବାର ଶୁଣାଗଲା । ଭାବିଲି— ସେହି ସମୟରୁ ତ ଏଠାରେ ବସିଛି—ଦରଜାଟି ବନ୍ଦ କରିବା ପାଇଁ ଭୁଲି ଯାଇଛି । ବଗିଚାର ମଦନ ମୋହନ ଫୁଲଙ୍କ ପ୍ରେମରେ ମତୁଆଲ ହୋଇ ବୁଲି ବେଡ଼ାଉଥିବା ପବନଟିରେ । କିନ୍ତୁ ତାର ଠିକ ପର ମୁହୂର୍ତ୍ତରେ ମୋର ଭାବନାର ଗତିକୁ ବଦଳାଇ ଦେଲେ ପୂର୍ଣ୍ଣଯୌବନ-ସମ୍ପନ୍ନା ନାରୀ ମୂର୍ତ୍ତିର ହେଲା ଆବିର୍ଭାବ । ଚିତ ଉପରେ ଲକ୍ଷ୍ୟ ରହି ରହି ମୋର ଆଖି ଯେ ଉଡ଼ି ପଡ଼ିଲା ଦେଖା ଯାଉଥାଏ, ଭଲ ଭାବେ ଚିହ୍ନି ପାରିଲି ନାହିଁ—ସେ ଦେବୀ ନା ମାନବୀ । ଭାବିଲି—ବୋଧହୁଏ ବଗିଚା ଫୁଲଙ୍କର ଗନ୍ଧରେ ମୁଗ୍ଧ ହୋଇ କୌଣସି ପରୀରାଜ୍ୟର ରାଣୀ ଉଡ଼ି ଆସିଥିବେ—ଆଉ ଭୁଲରେ ମୋର ଏ ଘର ଭିତରକୁ ପଶି ଆସିଛନ୍ତି ପରା—

ମୁଁ କି ଭ୍ରମ କରିଛି ! ଛିଃ ! ହେଲା ବୋଧ ହୁଏ, ଜଣଙ୍କର ରୂପ ଉପରେ ଅନ୍ୟ ଜଣଙ୍କର ରୂପ ଆଙ୍କିବାର କ୍ଷମତା ବିସ୍ତାର କରି ପାରିବ !

ତେବେ ଶୁଣ ମୋତେ ଚକିତ କଲେ ସେ । ଭାବିଲି, ଆଜି ସ୍ୱପ୍ନ ଦେଖୁ ନାହିଁ ତ ? ଯାହାଙ୍କୁ କେତେ ଦେଖେଁ, ତାଙ୍କୁ ଆଜି ଚିହ୍ନିବା ପାଇଁ ଚକ୍ଷୁ ମୋର ଅବସର ପାଉ ନାହିଁ !

ତାର ଠିକ ପରକ୍ଷଣରେ ସନ୍ଦେହ ମୋର ଦୂରୀଭୂତ ହୋଇ ଗଲା । ସେ ଅପସରା ମୂର୍ତ୍ତି ପଛରେ ଦୁଷ୍ଟମତି ପରିଗୁଳବା ମଳୟ ଏଥର ଘଷଣ ଟି ବୁଝିବାକୁ ଆଉ ମୋତେ ବାକି ରହିଲା ନାହିଁ । କେମା କହୁଥିଲେ, ଆସିବେ—ଚିତ୍ର ଦେଖିବାକୁ । କିନ୍ତୁ ଏ ସମୟରେ କାହିଁକି ? ରାତି ଗୋଟାକ ସମୟରେ କି ଚିତ୍ର ଦେଖିବାର କଥା ? ଆଶ୍ଚର୍ଯ୍ୟର କେମା ସେ, ଏ ସମୟରେ କୋମଳ ତୁଳୀତଲ୍ପ ବିଛଣା ଉପରେ ତନ୍ଦ୍ରା ଜଡ଼ିତ କ୍ଳାନ୍ତ ଦେହ ଲଟାଇ ତାଙ୍କର ନିଦ୍ରାଦେବୀଙ୍କ କୋଳରେ ଶାନ୍ତି ଲଭୁଥାଆନ୍ତେ—କିନ୍ତୁ ସେ ଆସି ଏଠାରେ । ଏତେ ଶୀତ ରାତିରେ—ଏତେ ରହସ୍ୟ କରୁଛନ୍ତି—କାହାପାଇଁ ? ଚିତ୍ର ପାଇଁ ନା ?

ମୂକ ଭଳିଆ ନିର୍ନିମେଷ ନୟନରେ ଗୁହିଁ ରହିଥାଏ ତାଙ୍କରି ଆଡ଼କୁ । ମୁଁ ତ ଚିରଦିନ ମୂକ ଶିଳ୍ପୀ । ବାତୁଳ ହେବି କିପରି ? ମନେ ହେଉଥାଏ- କେତେ କଥା କହି ପକାନ୍ତି ତାଙ୍କୁ । କି ଅଧିକାର ଅଛି ତାଙ୍କର— ଏପରି ଅବସ୍ଥାରେ— ଏପରି ସମୟରେ ମୋ ନିକଟକୁ ଆସିବାର ?

ଗତ ଅମାବାସ୍ୟା ରାତିର ଅନ୍ଧାର କିଷା କଳା ମଚ ମଚ ମିଳନ ଶାଢ଼ୀଟିଏ ଦେହରେ ଆବୃତ । ସେ ବି ପୂର୍ଣ୍ଣ ନୁହେଁ । ମସୃଣତା ହେତୁ ସେଇଟା ଅଙ୍ଗେ ଅଙ୍ଗେ ଖେଳି ଦୋଳିରୁ ଖସି ଯାଉଛି । ଅର୍ଦ୍ଧନଗ୍ନ ସ୍ୱେତକାନ୍ତି ଦେହର ସତେ ଯେପରି ସାମାନ୍ୟ ଚାନ୍ଦ୍ର ପରଶ ଲାଗିଲେ ତଳ ପଡ଼ିବ ମୋ ଉପରେ । ମସ୍ତିଷ୍କ ମୋତେ ସେତେବେଳେ ଅବସର ଦେଇ ନ ଥିଲା—ତାଙ୍କ ଉଦ୍ଦେଶ୍ୟ ବୁଝିବା ପାଇଁ । ହଠାତ୍ ମୁଁ ନିଜକୁ ବାହାର କରି ପଚାରିଲି "ଆପଣ ଏଠାକୁ କାହିଁକି ଆସିଛନ୍ତି ?" ସେ ସ୍ୱରରେ ମୋର କୋମଳତା ଥିଲା କି ବୁଝିବା କଷ୍ଟ କରି ବୁଝି ପାରି ନଥିଲି । ସେ କେମା, ମୋର ଅନ୍ତରଙ୍ଗ—ଧାତ୍ରୀ । ତାଙ୍କ ପ୍ରତି ବ୍ୟବହାରରେ ଯଦି କୌଣସି ବ୍ୟତିକ୍ରମ ଘଟେ ତା ହାହେଲେ—?

× × ×

କ୍ରମେ ସେ ମୋ ନିକଟତର ହେଉଥାନ୍ତି । ମୋ ହାତରେ ଥିବା ଚିତ୍ରଟିକୁ ଦେଖି, କିଛି କ୍ଷଣ ପରେ କହିଲେ—ନରମ ଗଳାରେ । ଚିତ୍ରକର ବାବୁ, ଏ ଚିତ୍ରଟିରେ ତୁମେ ଯେଉଁ ରୂପ ଫୁଟାଇ ବାକୁ ଯାଉଛ, ତା ଏପରି ଭାବରେ ଫୁଟିବ ନାହିଁ । କାହିଁକି ଜାଣ ? ତୁମେ ରୂପ ଦେବତାର ପୂଜା କରୁନାହିଁ । ପୂଜା କରିବାକୁ ହେଲେ ଉପଯୁକ୍ତ ନୈବେଦ୍ୟ ଦରକାର ।"

ତାଙ୍କ କଥାର ଅର୍ଥ ମୁଁ ବୁଝି ପାରୁ ନ ଥାଏଁ । କିଛି ବି ବୁଝିବା ଭଳିଆ ଅବସ୍ଥାରେ ସେତେବେଳେ ନ ଥିଲି ମୁଁ । କେବଳ ଗୋଟିଏ ପଦ ମୋ ମନ ମଧ୍ୟରେ ପ୍ରତିଧ୍ୱନିତ ହେଉଥାଏ—"ରାତି ଗୋଟାଏ ସମୟରେ ଆସିବାର ଉଦ୍ଦେଶ୍ୟ କଅଣ ?"

ସେ ଶୁଣି କହିଲେ—"ମୋର ଏ ରୂପକୁ ତୁମ ସଙ୍ଗେ ମିଶାଇ ଦିଅ ଚିତ୍ରକର, ତା ହେଲେ; ତୁମେ ତୁମର ରୂପ ଦେବତାକୁ ଉପଯୁକ୍ତ ନୈବେଦ୍ୟ ଦେଇ ପାରିବ ।"

ସେ କଥା ଶୁଣିବାରେ ତାଙ୍କର କେତେ ଚାଲାକିତା, କେତେ କଦର୍ଯ୍ୟତା, କେତେ ବ୍ୟାକୁଳତା ଥାଏ, ତାର ଇୟତ୍ତା ନାହିଁ । କିନ୍ତୁ ମୋ ମନ ଭିତରେ ସେଇ ପଦକ କେବଳ ପ୍ରତିଧ୍ୱନିତ ହେବାକୁ ଲାଗିଥାଏ— "ରାତି ଗୋଟାକ ବେଳେ…"

କ୍ରମେ ତାଙ୍କର କମ୍ପିତ କ୍ଷିପ୍ର ବକ୍ଷ ମୋର ନିକଟରୁ ନିକଟତର ହୋଇ ଆସୁଛି ସତେ ଯେପରି ମୋ ସଙ୍ଗେ ମିଶି ଏକ ହୋଇ ଯିବ !



Digitized by srujanika@gmail.com



## କାବ୍ୟ କବିତା

ଶ୍ୱେତପଦ୍ମ ଓ ସ୍ୱପ୍ନିତା—ଦୁଇଟି କ୍ଷୁଦ୍ର କବିତା ପୁସ୍ତକ ଲେଖକ ନବାଗତ ଜଣେ ତରୁଣ କବି—ଶ୍ରୀ ଚନ୍ଦ୍ରମଣି ବେହେରା । ଆମ୍ଭେମାନେ ଏହି ନବୀନ ପ୍ରତିଭାକୁ ସ୍ୱାଗତ ଜଣାଉଛୁଁ । କବିତା ଗୁଡ଼ିକରେ ଛନ୍ଦର ସ୍ୱାଚ୍ଛନ୍ଦ୍ୟ ଅଛି ଯଦିଓ ଅନେକ ସ୍ଥଳରେ ପ୍ରଚଳିତ ହେବାରେ ଅସ୍ୱାଭାବିକତା ନାହିଁ—କାରଣ ଲେଖକ ଏବେ ମଧ୍ୟ ହାତ ମାଠେଣି କରିବାର ସୁଯୋଗ ପାଇ ନାହାନ୍ତି । ସ୍ଥାନେ ସ୍ଥାନେ ବଙ୍ଗଳା ଶବ୍ଦର ଅପରିପକ୍ୱ ବ୍ୟବହାର ଏବଂ ବହୁ ସ୍ଥଳରେ ମାତ୍ରାଛନ୍ଦ କବିତାର ଛନ୍ଦ ଭଙ୍ଗ ଦୋଷ ରହିଛି ।

କବିତା ପୁସ୍ତକ ଦୁଇଟିଯାକ ଯୌବନର ମାଦକତା ଯେଉଁ ଆସିଥିଲେହେଁ—ଶ୍ୱେତପଦ୍ମରେ ବନ୍ଦନ ବିପଦ୍ଦର ଅବତାରଣା ହୋଇଛି । ସ୍ୱପ୍ନିତାର କବିତା ଗୁଡ଼ିକରେ ମନେହୁଏ ନିତ୍ୟାନନ୍ଦ ମହାପାତ୍ରଙ୍କ 'ମରମ'ର ଛାୟା ଯଥେଷ୍ଟ ପଡ଼ିଛି । ଲେଖକଙ୍କ ଭବିଷ୍ୟତ ଅତି ଉଜ୍ଜ୍ୱଳ ମନେହୁଏ—ମୂଲ୍ୟ ଦଶଅଣା ଓ ଆଠଅଣା ଯଥାକ୍ରମେ ।—

ଧର୍ମରାଜ୍ୟ—ଲେଖକ ଶ୍ରୀ ଲକ୍ଷ୍ମଣ ମିଶ୍ର—ପ୍ରଥମ ଖଣ୍ଡ ପ୍ରକାଶ ପାଇଛି । ଗାନ୍ଧୀଜୀଙ୍କର ପରିକଳ୍ପିତ ରାମରାଜ୍ୟ ଭାବରେ ଅନୁପ୍ରାଣିତ ହୋଇ ଲେଖକ ବର୍ତ୍ତମାନ ରାଜନୈତିକ ସମସ୍ୟାମାନଙ୍କର ପ୍ରକୃତ ଏବଂ ବିକଟ ରୂପକୁ ପଦ୍ୟରେ ପକାଇଛନ୍ତି । ବିଷୟକୁ ମୁଦ୍ରଣର ଆଖ୍ୟାୟିକା ସହ ତୁଳନା କରି ନବାକ୍ଷର ଛନ୍ଦରେ ଲେଖିବା ଫଳରେ ପୁସ୍ତକଟି ବାସ୍ତବିକ ଲୋକସାହିତ୍ୟ ହୋଇଯାଇଛି । ପଦ ଯୋଜନାରେ ଠାବେ ଠାବେ ଦୋଷ ରହିଛି ।

## ଚଳନ୍ତ ଉପନ୍ୟାସ

ଧରମନ୍ଦିର—୨ୟ ଭାଗ—ପ୍ରକାଶକ ମହାପ୍ରସାଦ ବଦେର୍ସ—ଲେଖକ ଶ୍ରୀ ଘନଶ୍ୟାମ ମହାନ୍ତି । ଧରମନ୍ଦିରର ପ୍ରଥମ ଭାଗ ପଢ଼ି—ଆଜକୁ ପ୍ରାୟ ଦଶବର୍ଷ ତଳେ ଆମ୍ଭେମାନେ ୨ୟ ଭାଗ ସମ୍ଭାବନାର ସୂଚନା ଦେଇଥିଲୁଁ । ସୁଖର କଥା ଆମର ଭବିଷ୍ୟଦ୍ ବାଣୀ ସତ୍ୟ ହୋଇଛି । ଅଧିକ ସୁଖର କଥା ପ୍ରଥମଭାଗଠାରୁ ୨ୟ ଭାଗ ସାହିତ୍ୟ ଜଗତରେ ଢେର ଉଚ୍ଚତର ସ୍ଥାନ ବାଛି ନେଇ ପାରିବ—ଯୋଗ୍ୟତାର ଦାବିରେ । ଏଥିରେ ଚପଳତା ପୂର୍ଣ୍ଣ କଟାକ୍ଷ ବଦଳରେ ଗମ୍ଭୀର ସମାଲୋଚନା ଅଛି, ଭାଷାର ମାଧୁରୀ ସଙ୍ଗେ ସଙ୍ଗେ ଭାବର ନୂତନତ୍ୱ ଓ ପ୍ରକାଶର ସୁବ୍ୟଞ୍ଜନା ସ୍ପଷ୍ଟ ଦେଖାଯାଏ ।

କଥା ବସ୍ତୁରେ ଜଣେ ବୟସ୍କର ତରୁଣୀ ପ୍ରେମ ବା ତରୁଣୀର ବୟସ୍କ ପ୍ରେମ ସାଧାରଣତଃ ଯେଉଁ ଅପ୍ରାସଙ୍ଗିକତା ସୃଷ୍ଟି କରି ହାସ୍ୟରସକୁ ଖୋରାକ ଦିଅନ୍ତା ପୁସ୍ତକରେ ତା ମିଳେ ନାହିଁ ବରଂ ଉଭୟଙ୍କର ଅତି ସହୃଦୟ ବିଶ୍ୱସ୍ତ ପ୍ରଣୟ ପ୍ରତି ପାଠକର ମମତା ଆସେ ।

ବର୍ଣ୍ଣନା ଏତେ ବାସ୍ତବ ଏବଂ ପ୍ରାଞ୍ଜଳ ଯେ ପଢ଼ୁ ପଢ଼ୁ ଫକୀର ମୋହନ ସାହିତ୍ୟ ମନେ ପଡ଼େ ଏବଂ ଭାଷା ଏତେ ତରଳ ଓ ସରଳ ଯେ, ଯେ କୌଣସି ଆଧୁନିକ ଉତ୍କୃଷ୍ଟ କଥା ସାହିତ୍ୟ ସହ ସମାନ ଆସନ ପାଇବ ।

ଆମେ ଆଶାକରୁଁ ଧରମନ୍ଦିରର ତୃତୀୟ ଖଣ୍ଡରେ ଧରମ ମା'ଆର ସନ୍ଧାନ ମିଳିବ ।

---

[କାହାଣୀ ୯ ପୃଷ୍ଠା ଉତ୍ତାରୁ]

ଜଣା ଯାଉଥାଏ, କେଉଁ ଏକ ଅଜଣା ଦାନବ ହସ୍ତରୁ ଦୁଇଟି ତୀକ୍ଷ୍ଣ ଶର ତାଙ୍କ ଦୁଇବକ୍ଷ ସ୍ଥଳର ମଧ୍ୟ-ଭାଗରୁ, ମୋର ଆଡ଼କୁ ବାୟୁ ବେଗରେ ଛୁଟି ଆସୁଛି—ବକ୍ଷସ୍ଥଳ ମୋର ବିଦୀର୍ଣ୍ଣ କରିଦେବା ପାଇଁ । ଘନ ଘନ ନିଶ୍ୱାସ ହେତୁ ଉରଜ ଯୁଗଳ ଛନ ଛନ କମ୍ପୁଥାଏ । କ୍ରମେ ସେ ମୋ ନିକଟକୁ ଚାଲି ଆସିଲେଣି, ମୁଁ ନିଶ୍ଚଳ ଭାବେ ବସି ରହିଛି ସେଇଠି । ସମସ୍ତ ଶକ୍ତିକୁ କେନ୍ଦ୍ରୀଭୂତ କରି, ସେଠାରୁ ଉଠିଯିବା ପାଇଁ କଲି ହାୟ, ସବୁ ଚେଷ୍ଟା ମୋର ବିଫଳ ହେଲା ।

କଅଣ କରିବ ମୁଁ ? ଖାଲି ଭାବୁଥାଏଁ—ସତେ କଅଣ ମୋ ଦେହର ରକ୍ତ ବରଫ ପରି ଘନୀଭୂତ ହୋଇଯିବ !

ସେ ବିହ୍ୱଳରେ ଆସି, ତାଙ୍କର ଅର୍ଦ୍ଧନଗ୍ନ ଶରୀରଟି ମୋ ଦେହ......। ଓଃ କି ଉନ୍ମାଦନା ! ସେ ଏତେ ଉଦ୍‌ଗ୍ରୀବ ଲାଳସାର ପିପାସୁ ସେ, ମୁଁ କିନ୍ତୁ କିଛି କହି ପାରୁ ନଥାଏ । ସତେ କଅଣ ମୂକ ଦେବତା ମୋର କଣ୍ଠ ଦେଶ ରୋଧ କରି ଧରିଛନ୍ତି ? ତାଙ୍କର ବାହୁ ଲତାରେ ସମ୍ପୂର୍ଣ୍ଣ ଆବଦ୍ଧ ମୁଁ । ପର୍ଣ୍ଣାର ବିଷାକ୍ତ ଫଣା ସମ ତାଙ୍କର ସେ ଖର ନିଶ୍ୱାସ ରକ୍ତ ମୁଖ ମଣ୍ଡଳ ମୋର ଠିକ୍ ଗଣ୍ଡ ସମ୍ମୁଖରେ ଲାଗିଥାଏ । ସେ ଉଷ୍ଣ ନିଶ୍ୱାସରେ ଯେପରି ମୋର କେତେ ଯୁଗର ସଞ୍ଚିତ ସାଧନା ତରଳି ଯିବ ଅବା ।

ବିଶ୍ୱକର୍ମା ବିଶ୍ୱ ଗଢ଼ିଲା ବେଳେ ମୁଁ ଯଦି ଥାଆନ୍ତି, ତାହେଲେ ଏ ନାରୀ ଜାତିଠାରୁ ଏତେ ସୌନ୍ଦର୍ଯ୍ୟ କଦାପି ଦେଇ ନ ଥାଆନ୍ତି । ସୁନ୍ଦର ହେବେ, କାହିଁ ତା'ତ ନୁହେଁ । ଯଦି ସତ୍ୟଠାରୁ ସେମାନେ ସୁନ୍ଦର ହୋଇ ଥାଆନ୍ତେ, ତାହେଲେ ମୋ ପରି ଜଣେ ସାମାନ୍ୟ ଶିଳ୍ପୀ ପାଇଁ ଏ ରକ୍ତକେମା କାହିଁକି ଉନ୍ମାଦ ହୋଇ ରସି ଅଧରେ କୌଣ୍ଡି ଆସନ୍ତା ।

ଧନ୍ୟରେ ସ୍ରଷ୍ଟା ! ତୋ ର ସୃଷ୍ଟିରେ ଏଇ ବୈଚିତ୍ର୍ୟ ଟିକିଏ ନଥିଲେ ବୋଧେ କେହି ମାନନ୍ତେ ନାହିଁ । ଲୋକେ କହନ୍ତି—ନାରୀର କୋମଳ ବାହୁ ଲତାରେ ଶାନ୍ତି ମିଳେ ବୋଲି, କିନ୍ତୁ ମୁଁ ସେ କଠିନ ଆବଦ୍ଧତାରେ କ୍ରମେ ମରିଯାଉଥାଏ । ଭାର ଅସହ୍ୟ ହେଉଥାଏ । ସବୁ ଦମ୍ଭ ଓ ସାହାସ ଯେପରି ସେ ଫଣିନୀର ବାହୁ ... ର ଘନ ଘନ ଆଘାତରେ ନିସ୍ତେଜ ହୋଇ ଯାଉଥାଏ । ମୋର ଠିକ୍ ମନେ ଅଛି—ସେ ଠାଏ ଚୁମ୍ବନ ଦୃପ୍ତ ଦଂଶନ ମୋ ଗଣ୍ଡ ଦେଶରେ ଯାଇ ଘିମ୍ବିତ ଲାଗିଛି—ସଂଜ୍ଞାହୀନ ହୋଇ ପଡ଼ିଗଲି—ପଲଙ୍କ ଉପରେ । ତାପରେ......

\+ + + +

ହଠାତ୍ ଗୋଟାଏ ଉତ୍କଟ ଶବ୍ଦର ପ୍ରବାହ ମୋ ଅଙ୍ଗ ପ୍ରତ୍ୟଙ୍ଗରେ ଶିହରଣ ଆଣିଦେଲା··· । ମୋର ଯେତେବେଳେ ହୋସ୍ ଆସେ, ମୁଁ ଯାହା ଦେଖିଲି, ଯଦି ସେ ଚିତ୍ରଟି ଅଙ୍କି ରଖି ଥାଆନ୍ତି, ତାହାଲେ ବଜାରରେ ତାର ମୂଲ୍ୟ ଦେଇ କେବଳ ଜେମଙ୍କ ଭଳିଆ ଲୋକ ଛଡ଼ା ଅନ୍ୟ କେହି କିଣି ପାରି ନଥାନ୍ତେ ।

\+ + + +

ହଠାତ୍ ଶିଳ୍ପୀ ଫେରେ ସ୍ୱପ୍ନ ଜଗତରୁ ! ଦେଖେ —ତୁଳିକା ହସ୍ତଚ୍ୟୁତ ହୋଇଛି । ଚିତ୍ର ପଟଟି ସୌନ୍ଦର୍ଯ୍ୟ ହୀନ ହୋଇ ପଡ଼ିଛି ତଳେ । ଏତେ ସାଧନାର ବସ୍ତୁଟି ନଷ୍ଟ ହେଲା ବୋଲି ଦୁଃଖରେ ଏକ ମଳିନ ରେଖା ତରୁଣ ମୁଖଟିକୁ ତାର ବିବର୍ଣ୍ଣ କରି ଦେଇଛି ।



Digitized by srujanika@gmail.com

# ତ୍ରିଶଙ୍କୁ

ଶ୍ରୀ ଜାନକୀ ମହାନ୍ତି

ଲୁଚକାଳି ଖେଳ ଖେଳ ଦିନ ଯାଏ ବାହି...
ଲୁଚି ଲୁଚି ସମାଜର ସାମ୍ପ୍ରାହୀନ ସ୍ଥାପତ୍ୟ ଅନ୍ତରେ
ଜୀବନର ଛକପରେ ଆଜି ଯେବେ ଠିଆହୋଇ ଡାକେ ମୁଁ ହୃଦେ
ଏକାକୀ ମୁଁ ବୋକା ଭଳି ଆଖି ମଳି ମଳି
ଏକ, ଦଶ, ଶତ କୋଟି ଗଣିଯ ଏ ଛତିର ହିସାବ
ତୁମେ ଓ ମୁଁ, ଭାଇ ବନ୍ଧୁ, ପ୍ରିୟା ପ୍ରୀତି, ଜନ୍ମଭୂ ମହାନ୍ତ
ସାଗର ବୀଜନ-ସ୍ନିଗ୍ଧ ସ୍ୱାଦଁ ବଣ ଆକାଶର କୋଟି କୋଟି ତାରା
ଯୋଜନ, ଯେ ଜନ ବ୍ୟାପି ଜଳମାର ତରଙ୍ଗିତ କୋମଳ ବକ୍ଷର
କେତେ ସ୍ୱପ୍ନ, କେତେ ଆଶା, କେତେ ସ୍ନେହ କେତେ ଯେ ମମତା
ସବୁ ଯେବେ ପାଣି ଫାଟିଗଲା ।
ଗାନ୍ଧୀବାଦ, ସାମ୍ୟବାଦ, ଶତ ଶତ ଗୀତ ଓ ନିୟମ
ଗୁଡ଼ିକଙ୍କ କଣ୍ଟାପରି ପାଦରେ ମୋ ଗୃହଅଛି ବଳେ
ଛତିର ହିସାବ ଖାତା ପାଖରେ ମୋ ଲମ୍ବାଣୀ ବାହାର ପାହାଡ଼
ଅଉ ବସି ଦେଖଇ କପର
ପେଟ୍ରୋଲର ଗନ୍ଧ ତଳେ ହେନାର ବାସନା ଯାଏ ମନ୍ଦ ମନ୍ଦ ମିଳାଇ
ମିଳାଇ
ବିସ୍ଫୋରଣ ତଳେ ପୁଣି ଲିଭିଯାଏ ଝୁଣା ଧୂପ, ଦୀପ ଓ ଆରତି
ଏଠି କେବେ ସ୍ୱପ୍ନ ଦେଖି ହୁଏ ?
ତେଣୁ ମୁଁ ଗୃହାଁଳି ମୋର ତଳଦେଶେ ଅତି ସନ୍ତର୍ପଣେ
କାଁ ପଦେ ବା ଢାଳିଦେବ ଅନ୍ତର ପ୍ରଣତି ?

ଯେତେବେଳେ ପୋଡ଼ିଲା ଦେହ, ଅନ୍ତସ୍ନାୟୁ ଯେବେ ଗଲା ଥକି
ସେତେବେଳେ ମୁଁ ଗୃହାଁଳି ମୋର କାନ ତେଡ଼ି ପଧ୍ୟାୟନେ ବସି
ଇନ୍ଦ୍ରିୟ ବନ୍ଧକ କରି ଅଭିମୁଖ ଶୁଣିବାକୁ ତାହାର ଆହ୍ୱାନ
ଏ ଛାତିର ହାଡ଼ ଆଉ ଏ ପେଟର ହେ ପାଗଳ କ୍ଷୁଧା
ଦେଖିଛି ଲିଭାଇ ସବୁ ବିଦ୍ୟୁତର ନିବଡ଼ ଅଟ୍ଟମେ—
ଆଜି ସେ ଦିନର ସବୁ ଫିକାଗଲା ସ୍ମୃତି ତନ୍ତ୍ରୀ ତନ୍ତ୍ରୀ
ଯେଉଁ ଉଠେ ହାଇ ମାରି ମାରି ।
" ଜୟ ଜଗନ୍ନାଥ ଜୟ " ନୁହଁ, ନୁହଁ ଜାଗିଉଠ ନର ନାରାୟଣ !
କିଏ ପୁଣି କହିଯାଏ—
ଚୁପ ଚୁପ ବନ୍ଦ କର, ସବୁ ଶୀଳି ଛୁଞ୍ଚା ଧୂଆଁ ବାଣ...
ପୌରିହତ୍ୟ ସୌଖୀନ ଦଲାଲ ।
ସେତେ ମୁଁ ବସିଲି ଅପେ ଚୁପ୍ ହୋଇ
ଧୀରେ ଧୀରେ ସଙ୍କୁଚିତ ହୋଇ
ଅଜା ବି ସେଦିନ କଥା ଯେଉଁ ଉଠେ ହାଇ ମାରି ମାରି ।
ସେତେ ହୀନ ଏଇ ପଥେ ଛକ ପରେ ଛକ ଆଉ ଛକ
କେତେ ଦାରପଲ୍ଲ ଅଣ୍ଡା, କେତେ ଲକ୍ଷ୍ୟ
ବନ୍ଧୁ ଶିରେ ବୁଲୁକନ୍ଧ ବୋଝ
ଆଜି ହୁଏ ନାହିଁ ବୁଝି କିଏ ପଥ ବା ଅପଥ
କିଏ ପର କିଏ ବା ଆପଣା
କିଏ ଦୂର ନିକଟ ବା କିଏ ।

# ବର୍ଷ ବିଦାୟ

ଲେ—ଯଦୁନାଥ ଦାଶ ମହାପାତ୍ର

ପଳାଅନା ପଳାତକ ବର୍ଷ !
ତୁମର ମୁଁ କରିବି ବିଚାର,
ଛତିଘାସେ ଜମ ଘଟ ଯେତେ ନାଲି ରକ୍ତ
ବୃଷ୍ଟିମଣା ହେବ ଆଜି ତା'ର ।
କଂକାଳର ରଚିତ ତାଣ୍ଡବ
ଲୋତକର ବୁହାଇଛ ଧାର,
ମଣିଷକୁ ଦେଇଅଛ ତୁମେ
ଅନ୍ଧକାର କବରର ଦ୍ୱାର ।
ଶିଶୁକୁ ଦେଇ ନ ଦୁଗ୍ଧ—
ମାତୃହୃଦକୁ କରିଅଛ ହୀନ,
ପିତା ଅଙ୍ଗ କରିଅଛ
ଦୁହିତାକୁ ଅବଗତ ...।

ପବିତ୍ର ଧରଣୀ ଅଙ୍ଗ
ଶବମାଳେ ଦେଇଅଛ ଭରି
ନପୁଂସକ ତୁମ ଅଙ୍ଗ—
ଯାଇନାହିଁ ଅମୃତ ଫଟରି ।
ପଳାତକ ହେ ଅପ୍ରିୟ ସାଲ,
ଦେଖିଲଚ ଶ୍ମଶାନଗେ
କାଳ ଫାଶ ଛୁଟେ—ଯନ୍ତ୍ର—ଜାଲ ।
ତୁମର ବିଚାର ଆଜି—
ହୁଁ ହୁଁ ତୁମର ବିଚାର,
ରକ୍ତେ ଯେ' ବସନ ପିନ୍ଧେ
ରକ୍ଷା ଅବା କ୍ଷମା କାହିଁ ତା'ର ?

ଫେରିଯାଅ ହେ ଅଲକ୍ଷ୍ମୀ;
ତୁମସାର ନିବିଡ଼ ଗହ୍ୱରେ,
ସିନାଇ ପର୍ବତ ଶୀର୍ଷେ
ଅଗ୍ନି କାହିଁ କପିଳ ବାୟୁରେ ।
ଯେହୁଁ ତୁମେ ନେଇ ଆସ
ଶାନ୍ତି ଆଉ ପ୍ରେମ ମୈତ୍ରୀ ଗାନ,
ସେତେବେ ସିନା ଅଟେତ ପଙ୍ଗୁ,
ହେବ ତୁମ ପାପର ନିର୍ବାଣ ।
ଅସହାୟ କିନ୍ତୁ ପଳାତକ,
ଯାଅ ତୁମେ; ଆମେ ପୁଣି ଆଗାମୀ ବର୍ଷର
ରଚୁଅଛି ନୂତନ—ତୋରଣ ।



Digitized by srujanika@gmail.com

# ମୁଁ କାହିଁକି ଲେଖେଁ !

ଲେ—ଡକ୍‌ଟର ମାୟାଧର ମାନସିଂ

କୌଣସି ଲେଖକଙ୍କୁ ସେ କାହିଁକି ଲେଖନ୍ତି ଏହା ପଚାରିବାରେ ପ୍ରଚ୍ଛନ୍ନ ଉପହାସ ଥାଇପାରେ। ଅର୍ଥାତ୍ ତାଙ୍କ ଲେଖାର ତ କୌଣସି ମୂଲ୍ୟ ନାହିଁ, ସେ ଲେଖନ୍ତି ମିଛରେ କାହିଁକି ? ଏ କ୍ଷେତ୍ରରେ ଉତ୍ତର ଦେବା ମୋପରି ଅସହାୟ 'ପଦ' ଲେଖକ ପ୍ରକୃତରେ ବହୁପ୍ରଶ୍ନ ହୋଇଥାନ୍ତି ତାଙ୍କୁ ଏ ପ୍ରଶ୍ନର ଉତ୍ତର ଦେବା ସେହିପରି ଅନୁଚିତ। ଈଶ୍ୱର ଅଛନ୍ତି କି ନାହିଁ, ଏ ପ୍ରଶ୍ନର ଉତ୍ତର ଜଣେ ଭକ୍ତ କାହିଁକି ଲେଖେ'ଏ ପ୍ରଶ୍ନର ଉତ୍ତର ଠାରୁ ବରଂ ସହଜତର। ଚନ୍ଦ୍ରର ଜ୍ୟୋତ୍ସ୍ନା ପରି, ଜଳର ଗତି ପରି, ପୁଷ୍ପର ସୌରଭ ପରି, ରସସ୍ରଷ୍ଟା ତ ରସ ସୃଷ୍ଟି ଓ ବିତରଣ କରିଯାଏ, ସେଠି 'କାହିଁକି'ର ସ୍ଥାନ କାହିଁ !

କିନ୍ତୁ ମୋ ପରି ମନ୍ଦଃ କବି ଯଶଃ ପ୍ରାର୍ଥୀଙ୍କ ପ୍ରତି ଏ ପ୍ରକାର ପ୍ରଶ୍ନ ହୁଏତ ଏକାନ୍ତ ବାଞ୍ଛନୀୟ। ମୁଁ ବା ମୋ ପରି ସାରସ୍ୱତ ପଥରେ ଅନଧିକାର ପ୍ରବେଶକାରୀମାନେ ଯଦି ନିଜକୁ ନିଜେ ଏହି ପ୍ରଶ୍ନ ପଚାରନ୍ତେ ବା ପଚାରି ପାରୁଥାନ୍ତେ, ତେବେ ସାହିତ୍ୟ ବହୁ ଅବର୍ଜନାର ଅନାକାଂକ୍ଷିତ ସ୍ତୂପ ଗତ ଓ ଧୂଳି ମଳରୁ ରକ୍ଷା ପାନ୍ତା। ସେମାନେ ଚିତ୍ତର କଣ୍ଡୂୟନ ପାଇଁ ସିନା ଲେଖିବେ; ଅମର ସେହି କୃତିସ, ମହାଜନ ସ୍ଥଳରେ ନିର୍ଭୀକ ପାଦ ସ୍ପର୍ଶ କରିବାର କି ଦରକାର ? କି ବା ଫଳ ? ସେ ଯଦି ଦୁର୍ବଳ ଲେଖନୀ କଣ ଅମର ଅଛି ? ରବୀନ୍ଦ୍ରନାଥ ବା କାଳିଦାସଙ୍କ ଧୂଳିର ସୌରଭ ଓ ମାଧୁର୍ଯ୍ୟର କଥା ଭାବିଲେ ମନରେ ଏପରି ନୈରାଶ୍ୟ ଆସେ ଯେ, ସେମାନଙ୍କର ଉପସ୍ଥିତିରେ ନିଜକୁ ଲେଖକ ଶ୍ରେଣୀରେ ଗଣନା କରିବାକୁ ଲଜ୍ଜା ହୁଏ ଏବଂ ଯାହା ଲେଖିଛି, ତା'ର ଅପଦାର୍ଥତା ପାଇଁ ଚିତ୍ତ କ୍ଷିପ୍ତ ହୋଇ ଉଠେ।

ତେବେ ଲେଖେ କାହିଁକି ? ଅଲ ଇଣ୍ଡିଆ ରେଡିଓ ଏ ପ୍ରଶ୍ନ ନ ଉଠେଇ ଥିଲେ, ମୁଁ ନିଜକୁ ଏ ପ୍ରଶ୍ନ କେବେହେଲେ ପଚାରି ନଥାନ୍ତି।

ବର୍ତ୍ତମାନ ବିଶ୍ଳେଷଣ ପ୍ରୟାସରେ ମୋର ଲେଖକ ଜୀବନର ସମସ୍ତ ଅତୀତକୁ ଚାହିଁବାକୁ ପଡ଼ୁଛି ! ମୁଁ ସେହି ଦୀର୍ଘ ପଥର ଆରମ୍ଭ ପର୍ଯ୍ୟନ୍ତ ପଳାଇ ଦେଖୁଛି ଯେ, ଯେଉଁ ସ୍ଥାନ ବା ଗୋଷ୍ଠୀରେ ମୋର ଜନ୍ମ ଓ ବାଲ୍ୟକାଳ କଟି ଯାଇଛି ସେଠି ଲେଖକର ସ୍ଥାନ ନଥିଲା କି ଲେଖକ ହେବାକୁ ମୋତେ କେହି ଉତ୍ସାହିତ ବା ପ୍ରଣୋଦିତ କରିବାର ଲୋକ ନଥିଲେ। ଏ ପର୍ଯ୍ୟନ୍ତ ବି ମୋର ଗାଁର, ଦାଦା, ଖୁଡ଼ୀ, ଭାଇ ବନ୍ଧୁମାନେ ଜାଣନ୍ତି ନାହିଁ ଯେ ମୁଁ ଏକ ତଥା କଥିତ ଲେଖକ। ଅସ୍ପଷ୍ଟ ଭାବରେ ଲେଖକ ବୋଲି କିଛି ଗୋଟାଏ ଶୁଣା ଶୁଣିରୁ ଧାରଣା ଥିଲେ ମଧ୍ୟ, ମୁଁ କଣ ଲେଖେ ସେ ସମ୍ପର୍କରେ ସେମାନେ ଏକାବେଳେକେ ଅଜ୍ଞ। କିନ୍ତୁ ଏଥିରେ ସେମାନଙ୍କ ଅପେକ୍ଷା ମୋର ଲଜ୍ଜା ହିଁ ଅନେକ। ମୁଁ କଣ କପରି କବି ବା ଲେଖକ ହୋଇଛି ଅଥଚ ମୋର କୁଟୁମ୍ବ ବା ଗ୍ରାମବାସୀ ମୋର ପୁସ୍ତକ ପଢ଼ି ଆନନ୍ଦ ଲାଭ କରି ପାରିଲେ ନାହିଁ, ଏହାଠାରୁ ମୋର ଲେଖକ ଜୀବନର ଅଧିକ ବ୍ୟର୍ଥତା, ଅଧିକ ସରମ ଥାଇପାରେ କି ? ମୁଁ ଅନେକ ବେଳେ ଏହି ଚିନ୍ତାରେ ମଧ୍ୟ ମ୍ରିୟମାଣ ହୁଏ ଏବଂ ନିଜକୁ ଧିକ୍କାର କରେ। ତଥାପି ଲେଖେ କାହିଁକି ?

ସୁଦୂର ବାଲ୍ୟକାଳର କଥା ଅଳ୍ପ ମନେ ପଡ଼ୁଛି। ସନ ତାରିଖ ମନେ ନାହିଁ। କିନ୍ତୁ ଘଟଣାଟା ହୁଏତ ସେ କାଳର ଭାରତେଶ୍ୱର ସପ୍ତମ ଏଡ୍‌ୱାର୍ଡଙ୍କର ସିଂହାସନ ଆରୋହଣ ତା ସେହିପରି କିଛି। ସେଇଥିପାଇଁ ଆମେ ପିଲେ ବଡ଼ଙ୍କର ଯାତ୍ରାକୁ ଆସିଥିଲୁ ଏବଂ ଆମକୁ ମିଷ୍ଟାନ୍ନ ବଣ୍ଟନର ଔଚିତ୍ୟ ସିଦ୍ଧ ଆବଶ୍ୟକତା ସ୍ୱୀକୃତ ହୋଇଥିଲା। ସେ କାଳରେ ପାରିକୁଦ ଗଡ଼ରେ ଯେଉଁ ମାଇନର ସ୍କୁଲ ଥିଲା, ସେଇଠି ପଢ଼ିବା ପାଇଁ ଆମର ଅଭିଭାବକ ମାନେ ମତେ ଓ ମୋର ଏକ ଦାଦା ପୁଅ ଭାଇକୁ ଗ୍ରାମ୍ୟ ଜୀବନରୁ କବଳରେ କାଢ଼ି ଆଣିଥିଲେ। ସ୍କୁଲର ଉନ୍ମୁକ୍ତ ପ୍ରାଙ୍ଗଣରେ ଏକ ସଭାର ଯୋଗାଡ଼ ହେଲା। ଶିକ୍ଷକ ମାନେ, ସେଠାର ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ସେମାନଙ୍କ ଭିତରେ ଥିଲେ ମୋର ସାନବାପା, ମୋର ଅଭିଭାବକ, ଇଷ୍ଟେଟର ସେକାଳର ବୃଦ୍ଧତମ କର୍ମଚାରୀ। ପିଲାମାନେ ସମସ୍ତେ କ୍ରୀଡ଼ାରତ। ମୁଁ କିନ୍ତୁ ଖେଳଛାଡ଼ି ସଭାରେ କଥା ଶୁଣିବାକୁ ବସିଥାଏ। ବୋଧହୁଏ ଭାରତେଶ୍ୱରଙ୍କ ସମ୍ବନ୍ଧରେ ତାଙ୍କର କୁଶଳକାମନା କରି ବା ସେହିପରି ପ୍ରାସଙ୍ଗିକ କଥାସବୁ କୁହାକୁହି ହୋଇଥିବ, ସେ ସବୁ ମୋର କିଛି ହିଁ ମନେ ନାହିଁ। କିନ୍ତୁ ଏଇ କଥାଟି ମୋର ସ୍ପଷ୍ଟ ମନେ ପଡ଼େ ଯେ ସେହି ଗଣ୍ୟମାନ୍ୟ ବଡ଼ଙ୍କ ସଭାରେ ମୁଁ ଇଂଲଣ୍ଡେଶ୍ୱରଙ୍କର ସମ୍ବନ୍ଧରେ ଏକପଦ ଯାହା ଗଢ଼େଇ ଥିଲି ତାହା ପଢ଼ିଥିଲି। ଇଂଲଣ୍ଡର ରାଜବଂଶ ସମ୍ବନ୍ଧରେ ମୋର ଜ୍ଞାନ ସ୍କୁଲର ପାଠ୍ୟ ପୁସ୍ତକର ସୀମାକୁ ଟପିଯିବ ସେ କାଳରେ ତ ଆଶା ହିଁ ନଥିଲା। କିନ୍ତୁ ନୂତନ ଶୁଣାଇବାର ଆଶା ହିଁ ବିଡ଼ମ୍ବନା। /ନୂତନତ୍ୱର ଏକମାତ୍ର ମେଳ ହେଉଛି ଗୋଟିଏ ବଡ଼ଙ୍କ ସଭାରେ ଅନାହୂତ ଏକ ବାଳକର ଅଯାଚିତ ଭାବରେ ପ୍ରବନ୍ଧ ପାଠ। ସେ ପ୍ରବନ୍ଧ ଏପରି ସାରହୀନ ଯେ ତା'ର ବିନାଶ ଓ ବିଲୟ ପାଇଁ କାଳର ଦନ୍ତ ଦରକାର ନଥିଲା। ମୋର ଗୃହପାଖେ ମୁଁ ଯେଉଁ ଅବର୍ଜନା ସ୍ତୂପ ସୃଷ୍ଟି କରେ ସେଇଥିରେ ହିଁ ଜୀବନର ସାଙ୍କେତିକ ଅନ୍ୟ ପଦାର୍ଥମାନଙ୍କ ପରି, ତାହା ନିଶ୍ଚିହ୍ନ ଓ ବିଲୀନ ହୋଇ ଯାଇଛି। କିନ୍ତୁ ମୋର ଏତିକି ସ୍ମରଣ ହେଉଛି ଯେ, ଏହି ରାଜଭକ୍ତି ପାଇଁ ମତେ ସେଦିନ କେହି ଅନୁରୋଧ ବା ଉତ୍ସାହିତ କରି ନଥିଲେ। ମୁଁ କାହିଁକି ଲେଖିଲି, କିପରି ବା ସାହସ କରି ବଡ଼ଙ୍କର ସଭାରେ ତାକୁ ପଢ଼ିଲି, ତା'ର ଉତ୍ତର କେବଳ ମନ ସ୍ତମ୍ଭିତ କରିଦେବ। ହୁଏତ ଏହି ହିଁ ମୋ ଜୀବନର ପ୍ରଥମ ଲେଖା— ଗଦ୍ୟରେ ଆରମ୍ଭ, ଏକ ଦୈବୀ ସୂଚନା, ଯେ ଜୀବନଟା ନାହିଁ ଗଦ୍ୟମୟ ହେବ—ଯାହା ହିଁ ହୋଇଛି।

ଏଇ କାଳରେ ଆଉ ଏକ ଘଟଣା ଘଟିଥିଲା, ଯାହାକୁ ଏହି ମାନସିକ ବିଶ୍ଳେଷଣ ପାଇଁ ମତେ ଆଜି ପଦାରେ ପକାଇବାକୁ ପଡ଼ୁଛି। ଏବେ ମୁଁ ବହୁକାଳ ଧରି ଅପୌରୁ-



Digitized by srujanika@gmail.com

ଳିକ । ହିନ୍ଦୁ ଦେବ ଦେବୀଙ୍କର ପ୍ରତିମାକୁ ମୁଁ ନମସ୍କାର କରେନା । ମୋର ବର୍ତ୍ତମାନ ଦୃଢ଼ ଧାରଣା ଯେ ଏଇ ପୌତ୍ତଳିକତା ଓ ବ୍ରାହ୍ମଣ-ଶ୍ରେଣୀର ସାମାଜିକ ଜୀବନ ପ୍ରତିଷ୍ଠା ନ ଥିଲେ ଧାର୍ମିକ ଭାବରେ ହିନ୍ଦୁ ସମାଜ କେବେ-ହେଲେ ସଭ୍ୟ ବା ଉନ୍ନତ ହୋଇ ପାରିବ ନାହିଁ । କିନ୍ତୁ ସେହି ସୁଦୂର ବାଲ୍ୟ ଜୀବନରେ ମୁଁ ହିନ୍ଦୁ ଦେବ ଦେବୀଙ୍କର ଏକାନ୍ତ ଭକ୍ତ ଥିଲି । ଗଣେଶ ଓ ସରସ୍ୱତୀଙ୍କ ସ୍ତୋତ୍ର ମୁଖସ୍ଥ କରି ପ୍ରତ୍ୟହ ପାରାୟଣ କରୁଥିଲି । କେଉଁ କେଉଁ ଦେବ ଦେବୀଙ୍କୁ ତାଙ୍କର ମନ୍ଦିରେ ମନ୍ଦିରେ ଘୂରି ନିଜର ସେ କାଳର ଛୋଟ ଛୋଟ ଦୁଃଖ କହି ଆସୁଥିଲି; ଯଦିବା ମୋର ଦରଖାସ୍ତ ଉପରେ ନା ମଞ୍ଜୁର ହେଉଥାଏ ।

ସେ ଯାହାହେଉ, ମୁଁ ଦିନେ ସ୍ୱୟଂ ସରସ୍ୱତୀଙ୍କୁ ସ୍ୱପ୍ନରେ ଦେଖିଲି । ଦେଖିଲି କୌଣସି ମନ୍ଦିରକୁ ଯାଇଛି । ମନ୍ଦିରର କୌଣସି ଦ୍ୱାର ଦେଇ, କୌଣସି କକ୍ଷ ଭିତରେ ପଶିଲି କ୍ଷଣି ଦେବୀ ସରସ୍ୱତୀ ମୋର ଛୋଟ ବାଲ୍ୟ ଦେହଟିକୁ ନେଇ କୋଳରେ ରଖିଲେ । ତାଙ୍କର ମସ୍ତକରେ ଚାକଚକ୍ୟମାନ ମୁକୁଟ । ମୁଖରେ କଲ୍ୟାଣୀୟ ସ୍ମିତ । ମତେ ସସ୍ନେହରେ ଆଉଁସିଲେ ଏବଂ କିଛି କହିଲେ, ଯାହା କି ମୋର ଆଜି ମନେ ନାହିଁ । ତାଙ୍କର କୋଳରେ ଥାଇ ଥାଇହିଁ ମୋର ନିଦ୍ରାଭଙ୍ଗ ହେଲା ।

ଏଇଟା କେବଳ ସ୍ୱପ୍ନ ହୋଇଥିଲେ ଏଠାରେ ମୁଁ ଉଲ୍ଲେଖ କରି ନଥାନ୍ତି । କିନ୍ତୁ ଯାହା ସଙ୍ଗେ ମୋର ଲେଖକ ଜୀବନର ନଗଣ୍ୟ ଇତିହାସ ଜଡ଼ିତ । କାରଣ ବ୍ୟାଧଶରାହତ କ୍ରୌଞ୍ଚର କାରୁଣ୍ୟ ଯେପରି ବାଲ୍ମୀକିଙ୍କ କବିତାର ପ୍ରଥମ ପ୍ରେରଣା ଯୋଗାଇ ଥିଲା, ଏଇ ସ୍ୱପ୍ନହିଁ ହେଲା ମୋର ପ୍ରଥମ କବିତାର ଉପାଦାନ । ସେ ଦିନର ସମଗ୍ର ସକାଳ, ମୋର ଚିତ୍ତ ସେହି ସ୍ୱପ୍ନର ଦୈବିକ ମାଧୁର୍ଯ୍ୟରେ ପରିପ୍ଲୁତ ହୋଇ ରହିଥିଲା । ମୁଁ ମାନସିକ ବିଶ୍ରାମ ବା ଆମୋଦ ପାଇଁ ଘଟଣାଟିକୁ ଲେଖି ବସିଲି । ମୋର ସାନ୍ତ ବାପା ସେ କାଳର ଉତ୍କଳ ସାହିତ୍ୟ ଓ ଉତ୍କଳ ଦୀପିକା ଆଦି ମଗାଇ ପଢ଼ୁଥିଲେ । ଘରେ ସେ ଦିନ ସକାଳେ ଖଣ୍ଡେ ପ୍ରାଚୀନ 'ଉତ୍କଳ ସାହିତ୍ୟ' ପାଇଲି । ସେଥିରେ ଆର୍ଟ କାଗଜର ଏକ ଛବି ଥିଲା—ଯାର ପଛ ପାଖଟା ଥିଲା ଫାଙ୍କା । ମୋର ମନେ ଅଛି ସେହି ଫାଙ୍କା ସ୍ଥାନରେ ଆରମ୍ଭ କରି ଦେଲି ଏକ ପେନ୍‌ସିଲ ସାହାଯ୍ୟରେ ମୋର ସରସ୍ୱତୀ ଦର୍ଶନର ବର୍ଣ୍ଣନା । ସେ ସୃଷ୍ଟି ଅମିତ୍ରା ଛନ୍ଦରେ । ଏବ ଏକ ଦୋଷୀ ରଚନା । କାରଣ ଅକ୍ଷର ଚର୍ଚ୍ଚା ଯୋଗୁଁ କବିତାରେ ମିଳ ଅପେକ୍ଷା ଅଧିକ ଅମିଳହିଁ ପ୍ରାୟ ହୋଇ ଆସିଛି ! ଜୀବନରେ ହୋଇଥିଲା ଯତିହୀନ । ଛପା ବହିରେ ଯାହାଁକୁ ପେନ୍‌ସିଲ ଗାରଉଛି ଭାଇ ଜଣେ ଦାଦା ମୋତେ ସେହି ମୁହୂର୍ତ୍ତରେ ହିଁ ଗାଳି ଦେଇଥିଲେ । ଲେଖି ସାରିଲା ପରେ କବିତାର ଖବର ଭୁଲିଯିବା ଏବେ ବି ମୋର ସ୍ୱାଭାବିକ ଅଭ୍ୟାସ । ତେଣୁ ମୋର ସେହି ଆଦି କବିତାଟି କୁଆଡ଼େ ଗଲା, ମୁଁ କହି ପାରିବି ନା । କିନ୍ତୁ ସଦ୍ୟ ପୁରସ୍କାରଟା ମନେ ଅଛି । ଲେଖକ ପାଇଁ ସେହି ଶ୍ରେଣୀର ପୁରସ୍କାର ହିଁ ମୁଁ ବିଶେଷ ଭାବରେ ପାଇ ଆସୁଛି ।

ଆଜି ମନସ୍ତତ୍ତ୍ୱ ଦେଇ ବିଚାର କରି ଦେଖୁଛି ସ୍ୱପ୍ନରେ ସେହି ସରସ୍ୱତୀ ଦର୍ଶନର କୌଣସି ଅର୍ଥ ନାହିଁ । କିନ୍ତୁ ମୁଁ ଆଜି ନିଜକୁ ପଚାରୁଛି, ସେହି ଘଟଣାକୁ ମୁଁ ଲେଖିବାକୁ ଗଲି କାହିଁକି ? ତାକୁବା ଛନ୍ଦରେ ଲେଖିବାକୁ ଗଲି କାହିଁକି—ହେଉବା ସେ ଅମିତ୍ରାକ୍ଷର । ମୁଁ ନିଜେଇ ସେ ପ୍ରଶ୍ନର ଉତ୍ତର ଜାଣେ ନା ।

ଏଇ ଶତାବ୍ଦିର ଫ୍ରୟେଡ୍, ଜଙ୍ଗ୍ ପ୍ରଭୃତି ମନସ୍ତାତ୍ତ୍ୱିକ ପଣ୍ଡିତ ମାନେ ମନୁଷ୍ୟ ମନର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଦେଖିବାକୁ ଚେଷ୍ଟା କରିଛନ୍ତି ଯେ ମନୁଷ୍ୟର ସମଗ୍ର ପାର୍ଥିବ ଜୀବନର ମୂଳ ପ୍ରେରଣା କେଉଁଠୁ ଆସେ । ଫ୍ରୟେଡ୍ କହନ୍ତି ଯେ ଉଦର କ୍ଷୁଧା ଓ ଯୌନ କ୍ଷୁଧାରେ ମନୁଷ୍ୟର ପ୍ରବଳତମ ପ୍ରବୃତ୍ତି । ତାଜ ମହଲ ଠାରୁ କୁଟୀର ରଚନା ଯାଏ ମନୁଷ୍ୟର ସକଳ ଶ୍ରେଷ୍ଠ ବଡ଼ କର୍ମର ତଳେ ଏଇ ଦୁଇ ପ୍ରବୃତ୍ତି ପ୍ରଚ୍ଛନ୍ନ ରହିଛି । ଜଙ୍ଗ ଏକ ତୃତୀୟ ପ୍ରବୃତ୍ତି ଯୋଗ କରିଛନ୍ତି—ଯାର ଓଡ଼ିଆରେ ନାମ ହୋଇ ପାରେ ଆତ୍ମ ପ୍ରାଧାନ୍ୟ ଅର୍ଥାତ ପ୍ରତ୍ୟେକ ବ୍ୟକ୍ତିର—ନାରୀ ହେଉ ବା ପୁରୁଷ ହେଉ—ଏକ ପ୍ରଚ୍ଛନ୍ନ କିନ୍ତୁ ଗଭୀର ଅଭିଳାଷ ରହିଛି ସମାଜରେ ଦଶଜଣ ଠାରୁ ସେ ଧନରେ ମାନରେ ବା ବୁଦ୍ଧିରେ କୌଣସି ଥିରେ ହେଲେ, ବଡ଼ ବୋଲି ଧରାଯାନ୍ତୁ ଓ ସେଥିପାଇଁ ଅନ୍ୟଙ୍କ ଠାରୁ ଆଦର ଓ ସମ୍ମାନ ପାଆନ୍ତୁ । ନେପୋଲିଅନର ବିଶ୍ୱବିଜୟର ସ୍ୱପ୍ନ ଠାରୁ, ଗାଁ ମହାଜନର ଜମିମଣ୍ଡା ପର୍ଯ୍ୟନ୍ତ ଯେତେ ସବୁ ଅମାନୁଷିକ ସ୍ୱାର୍ଥ କେନ୍ଦ୍ରିତ କର୍ମ ଆମେ ଜଗତରେ ଦେଖିବାକୁ ପାଉଁ, ସେ ସବୁର ମୂଳରେ ଏଇ ଆତ୍ମ-ପ୍ରାଧାନ୍ୟର ପ୍ରେରଣା ।

ଜଣେ ଲେଖକ କାହିଁକି ଲେଖେ ତା'ର ଉତ୍ତର ହୁଏତ ମନୁଷ୍ୟର ଏଇ ତିନି ପ୍ରଧାନ ପ୍ରବୃତ୍ତିରେ ଓତପ୍ରୋତ ରହିଛି । ହୁଏତ ଲେଖକ କ୍ଷୁଧାର ତାଡ଼ନାରୁ ରକ୍ଷା ପାଇବା ପାଇଁ ଅର୍ଥାତ ଜୀବିକାର ଉପାୟ ରୂପେ ଲେଖୁଥାଇ ପାରେ । ପୂର୍ବେ ରାଜାମାନେ, ସ୍ତୁତିକାରକ କବି ମାନଙ୍କର ଭରଣ ପୋଷଣର ଭାର ନେଉଥିଲେ । ଅମର ପରମ ବରେଣ୍ୟ କାଳିଦାସ ହୁଏତ ଏଇ କାରଣରୁ ଦ୍ୱିତୀୟ ଚନ୍ଦ୍ର ଗୁପ୍ତଙ୍କ ଦରବାରର ଆଶ୍ରୟ ନେଇ-ଥିଲେ । ସେହି ମହାକବିଙ୍କ ଆତ୍ମ-ପ୍ରାଧାନ୍ୟ ମଧ ଯେ ପ୍ରଭାବିତ କରିଥିବ ଏହା ସ୍ୱାଭାବିକ । ନବରତ୍ନଙ୍କ ମଧ୍ୟରେ ଶ୍ରେଷ୍ଠତମ ରତ୍ନ ହେବାରେ ଆତ୍ମ ପ୍ରସାଦ ଅନୁଭବ ନ କରିବାହିଁ କୌଣସି ମନୁଷ୍ୟ ପକ୍ଷରେ ଅସ୍ୱାଭାବିକ । ମହାକବିଙ୍କ ରଚନାରେ ଯୌନ କ୍ଷୁଧା ଯେ ମଧୁର ଓ ମହନୀୟ ଆତ୍ମ-ପ୍ରକାଶ କରିଛି, ତାହା ଆଉ କାହାକୁ ବୁଝାଇ ଦେବାକୁ ହେବ ନାହିଁ । ମେଘ ଦୂତରେ ସେହି ପ୍ରଣୟ ଦଗ୍ଧ କବିଙ୍କର ନିଜର ନିବିଡ଼ ବିରହ—ବେଦନାହିଁ ଯେ ଜବା ପୁଷ୍ପ ପରି ପ୍ରାଣର ରକ୍ତରେ ରକ୍ତାଭ ହୋଇ ଫୁଟି ବାହାରିଛି ଏଥିରେ ସନ୍ଦେହ ନାହିଁ ।

ଉତ୍କଳ ଦେଶରେ ଜୀବିକାର ଉପାୟ ରୂପେ ସାହିତ୍ୟକୁ ଆଶ୍ରୟ କରିବାର ଯୁଗ ଏ ଯାଏଁ ଆସିନାହିଁ । ସାହିତ୍ୟର ବ୍ୟବସାୟୀ ନାଁରେ ହାତ ପତାଇ ବୁଲିବାର ଦେଖୁଁ, କିନ୍ତୁ ଅସଲ ସାହିତ୍ୟିକ ସେହି ପୂର୍ବ ପରି ଦରମଲା, ଗୃହହୀନ, ବୁଭୁକ୍ଷୁ । ମୁଁ ପାନ ସିଗାରେଟ ଆଦି ବ୍ୟବହାର କରେନା; ଯଦି କରୁଥାନ୍ତି ତେବେ, ଏ ଯାବତ ମୋର କବିତା ମାନଙ୍କରୁ ମୁଁ ଯାହା ପାଇଛି ତାହା ସେହି ପାନ ସିଗାରେଟ ପାଇଁ ମଧ୍ୟ ଅକୁଳାନ ହୁଅନ୍ତା । ମୋତେ ଯଦି କେବଳ ମୋର ବହିର ବିକ୍ରୟ ଲବ୍ଧ ଅର୍ଥ ଉପରେ ନିର୍ଭର



Digitized by srujanika@gmail.com

କରିବାକୁ ପଡୁଥାନ୍ତା ତେବେ ମୁଁ ଏପାକେ ଚାଟି ରହିଥାନ୍ତି କି ନା ସନ୍ଦେହ । ଆମ ଅଭିଧାନରେ ଅର୍ଥ ଶବ୍ଦର ଦୁଇଟି ଅର୍ଥ ଅଛି ଯାହାକି ପରସ୍ପର ବିରୋଧୀ । ଯେଉଁ ଅର୍ଥ ଯୋଗୁଁ ସାହିତ୍ୟ, ସମାଜରେ ଆଦରଣୀୟ ବସ୍ତୁ ସେହି ସୃଷ୍ଟି ଅବାସ୍ତବ ପଦାର୍ଥଟି କେବଳ ସାହିତ୍ୟିକ ପାଏ କିନ୍ତୁ ଯେଉଁ ଅର୍ଥରେ ମନୁଷ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟରେ କୋଠା ଉପରେ ଚଟା ପକେଇ ବସେ ତାହା ପାଏ ସାହିତ୍ୟ ବ୍ୟବସାୟୀ ।

ଏତ ଭଲ ଅର୍ଥ ଜୀବିକା ପାଇଁ ମୋର ସାହିତ୍ୟ ସେବା ତେବେ ମୁଁ ନିସଙ୍ଗ ସନ୍ନ୍ୟାସୀ ନୁହେଁ । ବହୁତ ଯନ୍ତ୍ରଣା ଭୋଗେ ଯେଉଁ ଦ'ପଇସା ଆସିଥାଏ କେବେ କେବେ ତାହିଁପେ ମୁଁ ଅନାଇଁ ରହିଥାଏ, ଏହା କହିବାରେ ଲଜ୍ଜା କିଛି ନାହିଁ । ଅର୍ଥ ପ୍ରତି ସେ ଲୋଲୁପତା ନଥିଲେ ଅଲ ଇଣ୍ଡିଆ ରେଡିଓର ନିମନ୍ତ୍ରଣ ରକ୍ଷାକରି ମୁଁ ମୋର ନିଜର ଆତ୍ମା ଉପରେ ଅସ୍ତ୍ର ପ୍ରୟୋଗ କରୁ ନଥାନ୍ତି ଯାହାକି ବର୍ତ୍ତମାନ କରୁଛି ।

ଯାହା ଯୌନ କ୍ଷୁଧା ମାନବ ସମାଜରେ ତାହା ପ୍ରେମ । ଯାହା ଇତର ପ୍ରାଣୀଙ୍କ ନିକଟରେ କେବଳ ପ୍ରଜନନର ଉପାୟ ମାତ୍ର, ମନୁଷ୍ୟ ନିକଟରେ ତାହାହିଁ ହେଉଛି ସଙ୍ଗୀତ, ସାହିତ୍ୟ, କଳା, ଶିଳ୍ପ, ନୃତ୍ୟର ଜନନୀ, ଯୌବନର ପ୍ରାତଃ କାଳରେ ନାରୀ ପୁରୁଷ ଭିତରେ ଯେଉଁ ହୃଦୟ ମନ୍ଥନ ସୃଷ୍ଟି କରେ ସେଇଥିରୁ ଆବିର୍ଭୂତ ହୁଏ ପ୍ରାଣ-ସ୍ପର୍ଶୀ କବିତା ଅନୁପମ ଚିତ୍ର ସମ୍ପଦ, ଅମୂଲ୍ୟ ଶିଳ୍ପ । ଜୀବନର ପ୍ରଥମ ପାଦରେ ମୋ ଭିତରେ ଅନଭିଜ୍ଞ ସରଳ କବି ବିସ୍ମୟର ହୃଦୟ ଏହିପରି ଭାବରେ ବାରମ୍ବାର ଅଭିଭୂତ ହୋଇଛି ଏବଂ ସେହି ତୀବ୍ର ଅନୁଭୂତିର ତାଡ଼ନାରେ ତା'ଠାରୁ ଯେ କିଛି କାବ୍ୟ କବିତା ବାହାରିଛି, ଏହା ଏ ଦେଶରେ ପାଠକ ମାନଙ୍କ ନିକଟରେ ବୋଧହୁଏ ଜଣାଶୁଣା କଥା । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ନାରୀ ବା ପୁରୁଷ ଯେ ମୋର ସାହିତ୍ୟିକ ଜୀବନର ମୂଳ ଉତ୍ସ ଏକଥା ସ୍ୱୀକାର କରିବାର କୌଣସି କାରଣ ମୁଁ ଦେଖୁ ନାହିଁ । ଜୀବନ ପଥର ବହୁ ଅଭିଜ୍ଞତା ଭିତରେ ସେମାନଙ୍କ ସହିତ ଦେଖା ଦେଖି ଓ ଛଡ଼ା ଛଡ଼ି । ସେହିସ୍ଥାନ ଓ ସେହି କାଳରେ ସେହି ଅବସ୍ଥାରେ ଅନ୍ୟ କେହି ଆସିଥିଲେ ମଧ୍ୟ ହୁଏତ ସେହି ଆତ୍ମିକ ଆଲୋଡ଼ନ ଘଟି ଥାନ୍ତା । ଗୋଲାପ ଓ ପଦ୍ମ ତୋଳିବାକୁ ଗଲେ ଧୂପ ଓ ସୌରଭ ସଙ୍ଗେସଙ୍ଗେ କିଛି ପଙ୍କ ଲେପନ ଓ କଣ୍ଟକାଘାତ ଯେପରି ସହିବାର ହିଁ କଥା, ମୋ ଭାଗ୍ୟରେ ତାହାହିଁ ଘଟି ଥିବାରୁ ଜଗତର ପ୍ରତ୍ୟେକ ଜିନିଷକୁ ଆଲୋକ ଅନ୍ଧକାରର ମିଶ୍ରଣ ବୋଲି ଦେଖିବାକୁ ଶିଖିଛି । କବିର ମଧ୍ୟ ଜ୍ଞାନ ଦାନ୍ତ ଦିନେ ଉଠେ ।

ବାକି ରହିଲା ଆତ୍ମ ପ୍ରତିଷ୍ଠା । ମୋର ମନେ ହେଉଛି ଏଇ ପ୍ରବୃତ୍ତି ହୁଏତ ମୋର ସାହିତ୍ୟିକ ଜୀବନର ପ୍ରଚ୍ଛନ୍ନ ପ୍ରେରଣା । ମୁଁ ଯେ ସବୁମନ୍ତେ କେତେ ଅପଦାର୍ଥ ତାହା ସହଜରେ ଅନ୍ୟ ଜଣକୁ ବୁଝେଇ ହେବନି । ଯେତେବେଳେ ଏକାକୀ ବସି ଆତ୍ମସ୍ଥ ହୁଏ, ମୋ ଭିତରେ ପ୍ରଧାନତମ ଆତ୍ମ ପ୍ରଶ୍ନ ହେଉଛି "ବିଧାତା, ତମେ ମତେ ଜନ୍ମ ଦେଇଥିଲ କାହିଁକି ? ମୁଁ କେଉଁ କାମକୁ ଉପଯୁକ୍ତ ? ଏପରି ଏକ ଅକାନ୍ତର ଅକର୍ମଣ୍ୟ ଜୀବ ସଂସାରକୁ ପଠେଇବାର କି ଦରକାର ଥିଲା ?" ଅକର୍ମଣ୍ୟତାର ଅସହ୍ୟ ଅଭିଶାପରୁ ନିଜକୁ ବଞ୍ଚେଇ ରଖିବା ପାଇଁ ନିଜର ଏଇ ପାର୍ଥିବ ଜୀବନଟାର ଯଥାର୍ଥତା ଅନ୍ତତଃ ଦଶଜଣଙ୍କ ଆଗରେ ଉପସ୍ଥାପିତ କରିବା ପାଇଁ ମୁଁ ହୁଏତ ସାହିତ୍ୟର ଆଶ୍ରୟ ନେଇଛି ।

କିନ୍ତୁ ଜୀବନର ଅନ୍ୟ ସମସ୍ତ ବିଭାଗରେ ସଙ୍କଳ୍ପ ଚେଷ୍ଟା ଶ୍ରୀବୃଦ୍ଧିର ପ୍ରଥମ ଆବଶ୍ୟକତା ଥିଲାବେଳେ କବି ଜୀବନରେ ତାହା ମାରାତ୍ମକ ବୋଲି ମୋର ମତ । ଚେଷ୍ଟାକରି ଉତ୍କୃଷ୍ଟ କବିତା ସୃଷ୍ଟି କରିବା, ଘାସରୁ ଅତର ବାହାର କରିବା ପରି ଅସମ୍ଭବ । ତେଣୁ ମୋର ସାହିତ୍ୟ ସେବା ଯଦୃଚ୍ଛା ଲବ୍ଧ ସନ୍ତୁଷ୍ଟ । ଏହାର କୌଣସି ଲକ୍ଷ୍ୟ ନାହିଁ, ଏଥିପାଇଁ କୌଣସି ସାଧନା ମୁଁ କରିନାହିଁ, ଏକମାତ୍ର କୃତ୍ରିମ ବେଗ ଏହିଯେ ଯେତେବେଳେ କୌଣସି କବିତା ବା କାବ୍ୟ ବା ରଚନା ଆରମ୍ଭ ହୋଇ ପଡ଼େ, ତା ସାରିବା ପାଇଁ ମତେ ଅନେକ ବେଳେ ମଧ୍ୟ ରାତିର ତେଲ ଜାଳିବାକୁ ପଡ଼େ, ଯାହାକି ମୁଁ ଛାତ୍ର ଜୀବନରେ କୌଣସି ହେଲେ ପରୀକ୍ଷା ପାଇଁ କେବେ ହେଲେ କରିନାହିଁ । ଆରମ୍ଭ କରି ନ ସାରିଲା ଯାଏଁ ମନରେ ଶାନ୍ତି ନଥାଏ ।

ଜୀବନରେ ଯାହା ମହତ୍, ଯାହା ସୁନ୍ଦର, ଯାହା ସତ୍ୟ ମୁଁ କେବଳ ତାହାରହିଁ ଉପାସକ ଓ ଭକ୍ତ । କୌଣସି ଗୋଷ୍ଠୀ, ଦଳ ବା ଇଜମର ପ୍ରଚାରକ ରୂପେ ଠିଆ ହେବା ମୋର ସ୍ୱଭାବ ବିରୁଦ୍ଧ । ମୁଁ ମୋର 'କମଳାୟନ' କାବ୍ୟରେ ଏହାହିଁ ଦେଖେଇବାକୁ ଯାଇଛି ଯେ ଦଳ ଓ ଦେଶ ଅପେକ୍ଷା ବ୍ୟକ୍ତି ଓ ମାନବ ବଡ଼ । ସେଥିପାଇଁ କମଳ ତାର ରାଜ-ନୈତିକ ଦଳ ଛାଡ଼ି ବିଶ୍ୱ ମାନବ ଜାତିର ସେବାରେ ବାହାରି ପଡ଼ୁଛି । କୌଣସି ସ୍ଲୋଗାନ ମନୁଷ୍ୟର କଲ୍ୟାଣ ଆଣି ପାରିବ ନାହିଁ; ଯେପରି ଆଣିବ ବ୍ୟକ୍ତିର ଚରିତ୍ରିକ ଶୁଦ୍ଧତା, ନିଃସ୍ୱାର୍ଥପରତା, ସତ୍ୟପ୍ରତି ବିଶୁଦ୍ଧ ଅନୁରାଗ । କବି ଓ ସାହିତ୍ୟିକର ସମାଜ ଓ ବ୍ୟକ୍ତି ଗତ ଜୀବନରେ ନିଃସ୍ୱାର୍ଥ ବିଶୁଦ୍ଧତା ପ୍ରଚାର କରିବା ଏକାନ୍ତ କର୍ତ୍ତବ୍ୟ । ଯେ ପର୍ଯ୍ୟନ୍ତ ମୁଁ ସ୍ୱାର୍ଥର ଉପରକୁ ସାମାଜିକ ଓ ବ୍ୟକ୍ତିଗତ ଜୀବନର ନାନା କ୍ଷୁଦ୍ର ଲାଳସାର ଉପରକୁ ଉଠିପାରି ନାହିଁ, ସେ ପର୍ଯ୍ୟନ୍ତ କୌଣସି ସ୍ଲୋଗାନ ଗାଇ, କୌଣସି 'ଇଜମ'ର ପଣ୍ଡା ହୋଇ ଜନସାଧାରଣକୁ ମତାଇବା ଏକାନ୍ତ ଗର୍ହିତ ବୋଲି ମୋର ମତ । ବ୍ୟକ୍ତିର ସମାଜକୁ ପ୍ରଧାନତମ ଦାନ ହେଉଛି ତାର ଅକଳୁଷ ଚରିତ୍ର, ଅନନ୍ୟ ସାଧୁତା ଓ ସ୍ୱାର୍ଥଲେଶ ହୀନ ଉପଚିକୀର୍ଷା । ଯେତେ ଇଜମ୍, ଯେତେ ସ୍ଲୋଗାନ ତାହାସବୁ ଏ ପ୍ରକାର ଶୁଭ୍ର ନିଷ୍କଳଙ୍କ ବ୍ୟକ୍ତିତ୍ୱର ପଛକୁ ତେଣୁ ହିଁ ମୁଁ ଗାନ୍ଧି, ଗୋପବନ୍ଧୁଙ୍କର ସ୍ତାବକ । ମୁଁ ସେମାନଙ୍କର ଦଳର ନୁହେଁ ବା ସେମାନଙ୍କର କର୍ମ ବା ଚିନ୍ତାର ଧାରା ସଂବନ୍ଧରେ ମୋର କୌଣସି ମତାନ୍ଧତା ନାହିଁ । ଦରକାର ବେଳେ ସେମାନଙ୍କର କର୍ମ ଓ ଚିନ୍ତାଧାରାର ସମାଲୋଚନା କରିଛି ଓ କରିପାରେ କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ନିକଟରେ ମୁଁ ନତ-ମସ୍ତକ କାରଣ ସେହି ବ୍ୟକ୍ତିର ଭିତରେହିଁ ମୁଁ ସତ୍ୟ, ଶିବ, ସୁନ୍ଦରର ବିକଚ ବିକାଶ ଦେଖିବାକୁ ପାଏଁ ।

ମୁଁ କାହିଁକି ଲେଖେଁ, ମୁଁ ତାର ସ୍ପଷ୍ଟ ଉତ୍ତର ଦେଇ ପାରିଲି ନାହିଁ, ପାରିବି ମଧ୍ୟ ନାହିଁ । କିନ୍ତୁ ମୁଁ ଅତୀତକୁ ଚାହିଁ ଅନୁଭବ କରୁଛି ଯେ, ଏ ପ୍ରଶ୍ନ ମୋର ମୂଳରୁ ନିଜକୁ ପଚାରିବାର ଥିଲା । ଯୁଗସ୍ରୋତରେ ବିବର୍ତ୍ତନବାଦ କେବଳ ବାହ୍ୟ ପ୍ରକୃତିରେ ଘଟେ ବୋଲି

( ଅବଶିଷ୍ଟାଂଶ ୧୭ ପୃଷ୍ଠା ଶେଷ ଦେଖନ୍ତୁ )



Digitized by srujanika@gmail.com

# ସେଦିନ ସ୍ମୃତି

ଲେ—ମନୋହର ମର

ମଟାଏ ଦିନେ ଖଣ୍ଡିଦେଲେ
ଜାଣିଛି ମୋର ଜଣାଦେଲେ
ପଢ଼ିଗଲି ସେକେଣ୍ଡର କ୍ଲାସି,
ଭାବିଲି ମୁଁ;—ଏଥର
ଗାଳି ମନ୍ଦ କଥା ଛାଡ଼
ହୋଇଯିବ ରସଗୋଲା ମୁଣ୍ଡି।
ଧୀରେ ଧୀରେ ଜାଣିଡ଼େଇ
ଘାସ କାଟେଣ ଗାଇ ହୋଇ
କଣ୍ଠ ସବୁ ଛାଡ଼ିଛି ଅଛି ଆସେ
ମେ ଉଡ଼ିଲୋ ନାକ-କାନ
ନା ହେବ ଏ ହଇରାଣ
ଛାଡ଼ ଏତ୍‌ଟୋ କାନ୍ଦୁଥିଲା ବାପେ।
ଗଳାଟା ବି' ଥର ଥାଉ
ସେଦିନ ବାପା ଦେଲେ ରଡ଼
କିଏରେ କାନ୍ଦୁଛି ମଣା ଭଲେ?"

ଅମିଛୁଁ କହୁଛି ସତ
କେମିତି ତୁ ମୋ ରଜତ
ମୁଣ୍ଡିଁ କିନା ଶୁଣି ଗଲୁପଲେ।
ଭିତରେ ଅଥ ଥିଲା ପଣେ
ମଉଜରେ ଅଛିଚ୍ଛି
ଅଡ଼ିଲି ମୁଁ ଗାଡ଼ିର ଭିତରେ,
ସେଦିନଙ୍କୁ ମୋ ପ୍ରାଣେ ଭାସୁ
ଦେଖିଛିୟ ସେ ଜଣ୍ଡମ୍ବୁ
ଦିନେ ଆଁ ରେ ଗେଡ଼ି ହାତ ଥରେ।
(ସେଇ) ମଣ ମଳ ଅଣୁ ଭାଲେ
ଜିଜ୍ଞା ମନ୍ତ୍ରୀ ବୈକାଳେ
'ହଁ' କହି ଦେଲି ଏକରତ୍ର,
ଭାଗ୍ୟକୁ ସମ୍ଭାଳି ଗଲି
ନହେଲେତ ଯାଇଥିଲି
ସେଇ ଭଙ୍ଗା ରୂପ ଗର୍ଭେ ପଡ଼ି।
ଉପରକୁ ଦେଖି ଗୁହୁଁ
ହନୁହା ବସିଛୁ କାହିଁ
କି ଦହିବ ହେଲା ଯା' ସେ କାଳେ

ମୁଁ କି ଆଉ କାଣି ଥିଲି
ଏ ମହିମା ଅଛି ଦେଖି
ମୋ ମୋ ଧୁଣ୍ଡ ଉପର ତଳେ!
ହନୁମ ନା ନାଡ଼ ଶୁଣି
କି ମିଳେଲିଛୁ ହେଲି ପଣି
ଆ ବାଟେ ସେ ଉପକାର ଦିନା,
କିନ୍ତୁ ସେ ଯା' ଗଲୁଛି
ଦେବୁଣ୍ଡ ଆହା ପଡ଼ି
ମୁଣ୍ଡିଁ କି ମୋ ହେଲା ଅଟନା।
× × ×
ସେହିଦିନ୍ ଆଉ ଦିନେ
ଧରିନାହିଁ ମୋର ମନେ
କହିବାକୁ ଜାଣୁ ଉଠେ ଚୈତ୍ର,
କେତାଣି କା ମୁହଁ ଗୁହିଁ
ଉଠିଲି ସେଦିନ ମୁହିଁ
ହୋଇଲି ଯା' ଏତେ ଦଉଡ଼ିନି।।

# ସାହେବଙ୍କ ବଶୀକରଣ ମନ୍ତ୍ର

ଲେ—କଉଁଚ୍ଛା ସେବକ

ଜୀବନରେ ଯେବେ ଥାଏ ଉଚ୍ଚ ଆଶା
ବଡ଼ ଚାକିରିର ପାଇଁ
ବାଳକ୍ଷା ସାଥେ ଅଫିସ୍ କାରେ
ସନ୍ଧ୍ୟା ହାଉଆ ଖାଇ,
ତେବେ ବି, ଏ,—ଏମ୍, ଏ ପଢ଼
ସ୍ୱଦେଶୀ ପୋଷାକ, ବ୍ୟବହାର ଖାଁଟି
ଝାଡ଼ିଦିଅ ଓ ମନରୁ ତଡ଼ !

ଲକ୍ଷ୍ମୀ ବା ସରସ୍ୱତୀର କରୁଣା
ନ ଥିବାରୁ ତୁମଠାରେ
(ଯଦି) ଚାଲାଣ ଚାକିରୀ ଖଣ୍ଡିଏ କଲ
କୁଟୁମ୍ବ ପୋଷିବାରେ;
ତେବେ "ହାଁ। ଜୀ ହାଁ। ଜୀ" କର ଶିଖ।
ଉପର ହାକିମ ହୁକୁର ସଙ୍ଗରେ
ଦୋସ୍ତି ଜମାଇ ରଖ। ୨।

ବିବେକ ଚେତନା ଦେକ ମୋଡ଼ି ଛଡ଼
ଈଶ୍ବାର ସନମାନ
ମଣିଷ ଶିକାର କରିବାକୁ ଶିଖ
ବଢ଼ି ଯିବ ତୁମ ମାନ।
ତାହା ସାଥେ ହାତ ଘସି
ହାକିମ ଡାକିଲେ 'ଜୀ ଜନାବ !' ବୋଲି
ପାଦେ ହୋଇଥିବ ନେସି। ୩।

ଅଫିସ କାମର ବାହାରେ ସାହେବ
(ଘରେ) ପ୍ରାଇଭେଟ୍ ସେକ୍ରେଟରି
ଭର ଯଦି ଭାମ ଭାଗ୍ୟ ଉଜଳ—
ମଣି କାଞ୍ଚନ ସହ
ଅଭାବ ପୂରଣ କଲେ
ରାଜ ଯୋଟକ ବ ସର ନ ହୋଇବ
ତୁମର ଭାଗ୍ୟ ତୁଲେ। ୪।

କଳି ସାହେବଙ୍କ ବର୍ଣ୍ଣ ଭୂତ ଜଉ
କହନ୍ତି ଲୋକଙ୍କ ହଟେ,
ରାମ ଦାମା ରାମଚନ୍ଦ୍ର ଦାମୋଦର
ହେବେ ଏ ମନ୍ତ୍ର ପାଠେ;
ଅବିଶ୍ୱାସ ନାହିଁ ଚଳେ
ପରୀକ୍ଷା କଲେ ମନ୍ତ୍ର ମହିମା
ଜଣା ପଡ଼ି ଯିବ ଭଲେ। ୫।



Digitized by srujanika@gmail.com

# ଖଣିଜ ତୈଳ

ଲେ—ଶ୍ରୀଗୋଲୋକବିହାରୀ ମିଶ୍ର

ଯନ୍ତ୍ର ସଭ୍ୟତାର ଉନ୍ନତିରେ ପ୍ରାୟ ଅର୍ଦ୍ଧେକରୁ ବେଶୀ ସାହାଯ୍ୟ କରିଛି ଖଣିଜ ତୈଳ। କେବଳ କେତେକ ବାଷ୍ପ ଚାଳିତ ଯନ୍ତ୍ର ଛାଡ଼ିଦେଲେ (ଏଗୁଡ଼ିକ ଅଧିକାଂଶତଃ କୋଇଲା ଦ୍ୱାରା ଚଳେ) ମୋଟର ଗାଡ଼ିଠାରୁ ଉଡ଼ାଜାହାଜ ପର୍ଯ୍ୟନ୍ତ ଅନ୍ୟ ସମସ୍ତ ପ୍ରକାର ଶକ୍ତିର ଇନ୍ଧନ ପେଟ୍ରୋଲ ବା କିରାସିନି। ତେଣୁ ଏହି ନିତ୍ୟ ବ୍ୟବହାର୍ଯ୍ୟ ତୈଳ ବିଷୟରେ ସାଧାରଣଙ୍କର ବିଶେଷତଃ ସ୍କୁଲ ଓ କଲେଜ ଛାତ୍ରମାନଙ୍କର ସାମାନ୍ୟ ଜ୍ଞାନ ରହିବା ବାଞ୍ଛନୀୟ।

ଭାରତରେ ଖଣିଜତୈଳ ସମ୍ପଦ ସୀମାବଦ୍ଧ ହେଲେ ମଧ୍ୟ ଅର୍ଥନୈତିକ ଦୃଷ୍ଟିରୁ ତାହାର ଧାରା-ବାହିକ ଉଦ୍ଧାର ଏକାନ୍ତ ପ୍ରୟୋଜନ। ଭାରତର ତୈଳ ଖଣିମାନଙ୍କ ମଧ୍ୟରେ ଡିଗବୋଇ (ଆସାମ) ପ୍ରଧାନ। ତାଛଡ଼ା ଆସାମର ମାର୍ଗିରିପୁର, ବାରଶିଲା ଇତ୍ୟାଦି ଅଞ୍ଚଳରେ ଖଣିଜ ତୈଳର ସନ୍ଧାନ ମିଳିଛି। ଏବଂ ଅନେକ ସ୍ଥାନର ଅନୁସନ୍ଧାନ ମଧ୍ୟ ଚାଲିଛି। ଭାରତରେ ଆସାମ ଛଡ଼ା କେବଳ କଚ୍ଛ ଉପକୂଳରେ ଖଣିଜ ତୈଳର ଅବସ୍ଥାନ ସମ୍ଭବପର; କିନ୍ତୁ ଅନୁସନ୍ଧାନ କଠିନ ଏବଂ ବ୍ୟୟସାପେକ୍ଷ। ପାକିସ୍ଥାନରେ ଅଟକଠାରେ ତୈଳଖଣିମାନ ଅଛି କିନ୍ତୁ ଏଥିରେ ବାର୍ଷିକ ତୈଳ ଆମଦାନୀ ଭାରତ ଅପେକ୍ଷା ଯଥେଷ୍ଟ କମ। ଡିଗବୋଇ ତୈଳଖଣି ଆସାମ ଅଏଲ କମ୍ପାନୀ ଲି. ଦ୍ୱାରା ପରିଚାଳିତ। ଏହାର ଦୈନିକ ହାରାହାରି ଖଣିଜ ତୈଳ [crude oil] ଆମଦାନୀର ପରିମାଣ ପ୍ରାୟ ୫୬୦୦ ବ୍ୟାରେଲ ବା ୨୮୮୦୦୦ ଗ୍ୟାଲନ। ପୃଥିବୀର ଦୈନିକ ଖଣିଜ ତୈଳ ଆମଦାନୀର ପରିମାଣ ୫୩୭୨୦୦୦ ବ୍ୟାରେଲ ବା ୩୭୫୨୪୦୦୦୦ ଗ୍ୟାଲନ। ଖଣିଜ ତୈଳ ସମ୍ପନ୍ନ ଦେଶମାନଙ୍କ ମଧ୍ୟରେ ୟୁ.ଏସ୍.ଏ. ପ୍ରଥମ; ଦକ୍ଷିଣ ଆମେରିକାର ଭେନିଜୁଏଲା, ଋଷିଆ, ମଧ୍ୟପ୍ରାଚ୍ୟ ଏବଂ ଇଉରୋପର ରୁମାନିଆରେ ପ୍ରଚୁର ଖଣିଜ ତୈଳ ମିଳେ। ଡିଗବୋଇଠାରେ ଗୋଟିଏ ଖଣିଜତୈଳ ପରିଷ୍କାରକ ବା Refinery ଅଛି।

ଖଣିଜ ତୈଳ ଆହରଣ ପ୍ରଣାଳୀ ସ୍ୱତନ୍ତ୍ର। ପ୍ରଥମତଃ ତୈଳ ଖଣିର ଭୂଗର୍ଭସ୍ଥ ଅବସ୍ଥାନ ନିର୍ଣ୍ଣୟ ଏକ କଠିନ ବ୍ୟାପାର। ଖଣିଜତୈଳ ସମ୍ପୃକ୍ତ ଭୂବିଦ୍ୟା ଖୁବ୍ ଉନ୍ନତ ଏବଂ ତୈଳ ଖଣି ଅନୁସନ୍ଧାନର ପ୍ରଣାଳୀ ଭୂତତ୍ତ୍ୱର ଏକ ପ୍ରଧାନ ଅଙ୍ଗ। ତୈଳଖଣି ଅନୁସନ୍ଧାନ ପୂର୍ବରୁ ତାହାର ଉତ୍ପତ୍ତି ଅବସ୍ଥାନ ବିଷୟରେ ସମ୍ୟକ ଜ୍ଞାନ ହେବା ଦରକାର।

ଖଣିଜ ତୈଳର ଉତ୍ପତ୍ତି ବିଷୟକ ଅନେକ ତଥ୍ୟ ମଧ୍ୟରୁ ଜୈବତଥ୍ୟ [organic theory] ପ୍ରଧାନ ଏବଂ ସର୍ବୋତ୍କୃଷ୍ଟ। ସାଧାରଣତଃ ଅଗଭୀର ସମୁଦ୍ରରେ ବାସ କରୁଥିବା କ୍ଷୁଦ୍ର ଉଦ୍ଭିଦ ଆଲଗି ଏବଂ ପ୍ଳାଙ୍କଟନ [algae & planktons] ସାଗର ମୁଖୀ ନଦୀମାନଙ୍କ ଦ୍ୱାରା ଆନୀତ ବାଲି ମାଟି ଦ୍ୱାରା ପୋତି ହୋଇ ପଡ଼ନ୍ତି। ପ୍ରତ୍ୟହ ପୃଥିବୀ ପୃଷ୍ଠରେ ଉତ୍ତାପ, ପାଣି, ପବନ ଦ୍ୱାରା ପାହାଡ଼ ପର୍ବତ ମାନଙ୍କର କ୍ଷୟ ହୁଏ ଏବଂ ଏହିସବୁ ନଦୀ ଦ୍ୱାରା ସମୁଦ୍ରକୁ ବୋହିହୋଇ ଯାଏ। ସମୁଦ୍ରରେ ପଡ଼ିବା ପରେ ନଦୀ ସ୍ରୋତର ହ୍ରାସ ହେବାରୁ ତଦ୍ୱାରା ବୋହି ହୋଇ ଯାଉଥିବା ବାଲିମାଟି ସବୁ ସମୁଦ୍ର ତଳେ ସ୍ତର ଆକାରରେ ଜମା ହୁଏ। କ୍ରମାଗତ ଧରି ଜମା ହୋଇଥିବା ସ୍ତର ଏବଂ ସମୁଦ୍ରର ବିପୁଳ ଜଳରାଶିର ଚାପରେ ଏହା ପୋତି ହୋଇ ପଡ଼ିଥିବା କ୍ଷୁଦ୍ର ଉଦ୍ଭିଦ ସ୍ତରର ଜୈବିକ ଏବଂ ରାସାୟନିକ ପରିବର୍ତ୍ତନ ହୁଏ। [biochemical change] ଏହି ଉଦ୍ଭିଦ ସବୁ ଚାପ ଉତ୍ତାପ ଏବଂ କେତେକ ଅମ୍ଳଜାନ ବିନା ବଞ୍ଚିଥିବା ବ୍ୟାକ୍‌ଟେରିଆ [anaerobic bacteria] ର କାର୍ଯ୍ୟ ହେତୁ ତୈଳରେ ପରିଣତ ହୁଏ। ଖଣିଜ ତୈଳ ପ୍ରଧାନତଃ ଉଚ୍ଚ ହାଇଡ୍ରୋକାର୍ବନ [higher hydrocarbon] ଦ୍ୱାରା ଗଠିତ। ତେଣୁ ଏହା ପାଣିଠାରୁ ହାଲୁକା। ସମୁଦ୍ର ତଳେ ପରିଣତ ଏହି ତୈଳ ବିନ୍ଦୁମାନ ଉପରୋକ୍ତ କାରଣ ହେତୁ ଉପରସ୍ତରର ରନ୍ଧ୍ରମାନଙ୍କରେ ଯାଇ ଜମା ହୁଏ; ଏବଂ ସେହି ସ୍ତରୀକୃତ ପ୍ରସ୍ତରସ୍ଥିତ ଛିଦ୍ରଦେଇ ଉପରକୁ ଉଠେ।

ସୁତରାଂ ପ୍ରଥମତଃ ଖଣିଜ ତୈଳର ଉତ୍ପତ୍ତି ସ୍ଥାନ ସ୍ତରୀକୃତ ଶିଳା [sedimentary rock] ଦ୍ୱିତୀୟତଃ ଏହି ଶିଳାର ଜନ୍ମସ୍ଥାନ ଅଗଭୀର ସାଗର। [Diastrophism] ବା ଭୂପୃଷ୍ଠର ଆକୁଞ୍ଚନ ହେତୁ ସମୁଦ୍ରସ୍ଥ ସ୍ତରମାନ କୁଞ୍ଚିତ ହୋଇ ଖାଲ [syncline] ଏବଂ ଢିପ [anticline] ରେ ପରିଣତ ହୁଏ। ଫଳରେ ଏହିସ୍ତର ସବୁର କେତେକାଂଶ ଜଳ ଉପରକୁ ଉଠି ସ୍ଥଳ-ଭାଗରେ ପରିଣତ ହୁଏ। ପୃଥିବୀ ପୃଷ୍ଠର ଏହି ଆକୃତି ପରିବର୍ତ୍ତନ ହେତୁ କେତେକ ଜାଗାରେ ପ୍ରସ୍ତରମାନଙ୍କରେ ଫାଟ (fault) ଦେଖାଯାଏ ଏବଂ ତନ୍ମଧ୍ୟରେ ଥିବା ତୈଳ ସେହି ଫାଟ ଏବଂ ପ୍ରସ୍ତରସ୍ଥ ଛିଦ୍ରଦେଇ ଉପରକୁ ଉଠେ। ଭୂପୃଷ୍ଠ କୁଞ୍ଚନ ଦ୍ୱାରା ପରିଣତ ଢିପସବୁ ଅନେକ ସମୟରେ ଗୁମ୍ଭଜ ଆକାରର ହୋଇଥାଏ [Domic structure] ଊର୍ଦ୍ଧ୍ୱଗାମୀ ତୈଳ ଏହି ଗୁମ୍ଭଜ ଭିତରେ ଯାଇ ଜମା ହୁଏ। ଗୁମ୍ଭଜାକୃତି ଏହି ସମସ୍ତ ସ୍ତର ଯଦି ସଛିଦ୍ର ହୋଇଥାନ୍ତା ତେବେ ତନ୍ମଧ୍ୟସ୍ଥ ତୈଳ ଛିଦ୍ରଦେଇ ଉପରକୁ ଉଠି ଭୂପୃଷ୍ଠରେ ବାଷ୍ପୀକୃତ ହୋଇ ଯାଆନ୍ତା। କିନ୍ତୁ ଜମା ହେଲବେଳେ ସବୁସ୍ତର ସମାନ ରନ୍ଧ୍ର ବିଶିଷ୍ଟ ନଥାନ୍ତି। ବାଲୁକା ପ୍ରସ୍ତର [sandstone] ଖୁବ୍ ରନ୍ଧ୍ରଯୁକ୍ତ ଏବଂ ଏହା ମଧ୍ୟଦେଇ ସହଜରେ ତୈଳ ଉପରକୁ ଉଠିଯାଇ ପାରେ। କିନ୍ତୁ କର୍ଦ୍ଦମ ପ୍ରସ୍ତର [clay] ଅଛିଦ୍ର ଏବଂ ଏହାମଧ୍ୟଦେଇ ତୈଳ ଉପରକୁ ଉଠିପାରେ ନାହିଁ। ତେଣୁ ଏହି ଗୁମ୍ଭଜରେ ଯଦି କର୍ଦ୍ଦମ ପ୍ରସ୍ତର ବାଲୁକା ପ୍ରସ୍ତରର ଉପର ଭାଗରେ ଟୋପି ଆକାରରେ ରହିଥାଏ ତେବେ ତନ୍ମଧ୍ୟସ୍ଥ ତୈଳ ଆଉ ଉପରକୁ ଉଠି ନପାରି ବାଲୁକା ପ୍ରସ୍ତର ସ୍ତରର ରନ୍ଧ୍ରମାନ ପୂର୍ଣ୍ଣକରେ ଏହାକୁ ତୈଳ ପୁଷ୍କରିଣୀ [Oil pool] କହନ୍ତି। ଏହି ତୈଳ ପୁଷ୍କରିଣୀରୁ କୂପଦ୍ୱାରା ତୈଳୋତ୍ତୋଳନ କରାଯାଏ।

ଏହାଛଡ଼ା ସଛିଦ୍ର ଚୂନପଥର (cavernous limestone) ରେ ଏବଂ ଭୂଗର୍ଭସ୍ଥ



Digitized by srujanika@gmail.com

# କୁଟୁକୁଟୁ

ବାପ—ମୁନ୍ନିକୁ ଶ୍ୟାମ ଶ୍ୟାମା କହୁଥିଲୁ ସେ ଜୋରରେ ଅଭିନୟ କଲା ବୋଲି ।

ଶ୍ୟାମ—ଆରେ ମୋ ନିଜ ବାପା ସେ ସେମିତି କହୁଥିଲେ ।

\+ \+ \+

ଗୁରୁ—ପାକିସ୍ଥାନ ଓ ଭାରତ ଯୁଦ୍ଧର ଫଳ କଣ ହେବ ?

ଶିଷ୍ୟ—ସେମାନେ ଯୁଦ୍ଧ କରିବେ ଆଉ ଆମେ ମରିବା ।

\+ \+ \+

ଗୋପ—ତୁ ଯାଆନ୍ତୁ ଜଗତ, ସେ ମୁଁ ତା ଭାଇ ଧରିବି ।

ଅବନୀ—ଆରେ ଭାଇ ସେ ମୋ ମୁଁ କହୁଥିଲୁ ମୁଁ କୁଆଡ଼େ ତାଙ୍କ ଆଗରୁ ଭାଇ ଯୁଦ୍ଧର ଦେଖାଯାଏଁ ।

\+ \+ \+

ସୁଧା—ଏ ଦେଶର ବଡ ଲେଖକ କିଏ କହିଲୁ ?

ହରି—ମୁଁ ପଢ଼ିବାକୁ ବହି ଯାଇ ନେବାକୁ କାଲିଠାରେ ଲେଖା କାମ ନାହିଁ ++

ଶିକ୍ଷକ—କାହାକୁ ପ୍ରିଆଡି, ରାତି କାହିଁକି ହୁଏ ?

ଛାତ୍ର—ଆଜ୍ଞା ସୂର୍ଯ୍ୟ ବୁଡ଼ି ଯାଆନ୍ତି ବୋଲି

\+ × ×

ଗୁରୁ—କହିଲୁ ବସନ୍ତ, ନବକୃଷ୍ଣ କାହିଁକି ପ୍ରଧାନ ମନ୍ତ୍ରୀ ହେଲେ ?

ବସନ୍ତ—ସେ ପଣ୍ଡିତ ନେହେରୁ । ମହତ୍ତାବ ହେଲେ ମୁରୁଷା ।

---

(ଖଣିଜ ତୈଳ ୧୬ ପୃଷ୍ଠା ପରଠାରୁ)

ଲବଣ ପାହାଡ଼ ( salt dome ) ର ଉପର ଭାଗରେ ମଧ୍ୟ ଖଣିଜ ତୈଳର ଅବସ୍ଥାନ ସମ୍ଭବପର । ତେବେ ପୃଥିବୀର ଅଲକେଟେଡ ଯୁଗର ପ୍ରସ୍ତରୀଭୂତ ପ୍ରସ୍ତରମାନଙ୍କରେ ଖଣିଜ ତୈଳ ସାମାନ୍ୟ ।

ଖଣିଜ ତୈଳର ଉତ୍ପତ୍ତି ବିଷୟରେ ଅନ୍ୟାନ୍ୟ ତଥ୍ୟମଧ୍ୟ ଅଛି । କେତେକଙ୍କ ମତରେ ଖଣିଜ ତୈଳ ପ୍ରାଣୀଜ । ଏହା ଦେଖାଯାଇଛି ଯେ କେବଳ ଇଂଲଣ୍ଡ ଉପକୂଳରେ ସମୁଦ୍ର ବକ୍ଷରେ ଯେତେ ମାଛ ଧରାଯାଏ ସେ ସମସ୍ତ ଯଦି ଯୁଗ ଯୁଗ ଧରି ମାଟିତଳେ ପୋତି ହୋଇ ପଡ଼ନ୍ତି ତେବେ ସେମାନେ ବର୍ତ୍ତମାନ ଖଣିଜତୈଳ ଉତ୍ପାଦନ ପରିମାଣର ୨° ଗୁଣ ଉତ୍ପାଦନ କରିପାରିବେ ।

ଭୂ ପୃଷ୍ଠର ଉପର ସ୍ତରର ( crust ) ଶିଳା ମାନଙ୍କରେ ଧାତବ କାରବାଇଡ୍ ରହିଥାଏ । ଏହିସବୁ ଭୂପୃଷ୍ଠରୁ ଝରିଆସିବା ପାଣି ସଂସ୍ପର୍ଶରେ ଆସି ଅସିଟେଲିନ ଗ୍ୟାସ ତିଆରି କରନ୍ତି । ଏବଂ ରାସାୟନିକ ପରିବର୍ତ୍ତନ ଏହି ଗ୍ୟାସ ଖଣିଜ ତୈଳରେ ପରିଣତ ହୁଏ ।

ଅନେକ ଜାଗାରେ ଦେଖାଯାଏ ଯେ ଯେଉଁ ଯୁଗର ପ୍ରସ୍ତରରେ କୋଇଲା ସ୍ତର ଦେଖାଯାଏ ସେହି ଯୁଗର ପ୍ରସ୍ତର ମାନଙ୍କରେ ଖଣିଜତୈଳ ମଧ୍ୟ ମିଳେ । ତେଣୁ ଖଣିଜ ତୈଳର ଉତ୍ପତ୍ତି କୋଇଲାରୁ ବୋଲିମଧ୍ୟ କେତେକଙ୍କର ମତ । ଭୂଗର୍ଭରେ ଚାପ ଏବଂ ଉତ୍ତାପ ହେତୁ କୋଇଲାର ଡିଷ୍ଟିଲେସନ୍ [ Distillation ] ହୁଏ ଏବଂ ତହିଁରୁ ଖଣିଜ ତୈଳର ଉତ୍ପତ୍ତି ହୁଏ ।

ଖଣିଜ ତୈଳ ଅନୁସନ୍ଧାନ ବହୁବିଧ ଏବଂ ଯଥେଷ୍ଟ ବୈଜ୍ଞାନିକ ହେଲେମଧ୍ୟ ଭୂଗର୍ଭରେ ତାର ଅବସ୍ଥାନ ସଠିକ ଭାବରେ ନିର୍ଣ୍ଣୟ କରିବାର ସହଜ ଏବଂ ସଳଖ ପ୍ରଣାଳୀ ଏପର୍ଯ୍ୟନ୍ତ ବାହାରି ନାହିଁ । ଭୂପୃଷ୍ଠରେ ଖଣିଜ ତୈଳ ପ୍ରସ୍ରବଣ [ Oil seepage ] ସାଧାରଣତଃ ନିକଟରେ ତୈଳ ସ୍ତମ୍ଭ ଭଣ୍ଡାରର ସୂଚନା ଦେଇଥାଏ । ତେବେ ଖଣିଜ ତୈଳ ଅନୁସନ୍ଧାନର ପ୍ରଧାନ ଉପାୟ ହେଉଛି ( କ ) ପ୍ରସ୍ତରୀଭୂତ ପ୍ରସ୍ତରର ବୟସ ନିର୍ଣ୍ଣୟ । ଏହାଦ୍ୱାରା ଉକ୍ତ ପ୍ରସ୍ତର ତୈଳ ଧାରଣୋପଯୋଗୀ କି ନୁହେଁ କହିହୁଏ । [ ଖ ] ଉକ୍ତ ପ୍ରସ୍ତର ସ୍ତର ମାନଙ୍କର ଆକୃତି ନିର୍ଣ୍ଣୟ । ସାଧାରଣତଃ ଆଗରୁ ଉଲ୍ଲେଖ କରାଯାଇଥିବା ଗୁମ୍ଭଜାକୃତି ସ୍ତରମାନଙ୍କରେ ତୈଳ ସ୍ତମ୍ଭରଣୀ ଦେଖାଯାଏ । ଏହି ଆକୃତି ନିର୍ଣ୍ଣୟ Geological [ ଭୂତତ୍ତ୍ୱ ] ଏବଂ [ Geophysical ] [ ଭୂପଦାର୍ଥ ବିଜ୍ଞାନ ସମ୍ବନ୍ଧୀୟ ] ପ୍ରଣାଳୀ ଦ୍ୱାରା କରାଯାଇଥାଏ । ଅନେକ ସମୟରେ ଭୂପୃଷ୍ଠସ୍ଥ ଶିଳାର ହାଇଡ୍ରୋକାର୍ବନ ପରିମାଣ ରାସାୟନିକ ଉପାୟରେ ନିର୍ଣ୍ଣୟ କରିବା ଦ୍ୱାରା ଭୂଗର୍ଭସ୍ଥ ତୈଳ ସ୍ତମ୍ଭରଣର ସନ୍ଧାନ ମିଳିଥାଏ । [କ୍ରମଶଃ]

---

( ମୁଁ କାହିଁକି ଲେଖେ ୧୪ ପୃଷ୍ଠା ପରଠାରୁ )

ପ୍ରଚାରିତ ହୋଇ ଆସିଛି । ଭାରତ କିନ୍ତୁ ତାର ଧର୍ମ ଦେଇ ବିବର୍ତ୍ତନବାଦକୁ ମନୁଷ୍ୟର ଆତ୍ମିକ ବିକାଶରେ ନିଯୋଜିତ କରିଛି । ବେଦାନ୍ତର କର୍ମ, ଜ୍ଞାନ, ଓ ଭକ୍ତି-କରିଛି । ବେଦାନ୍ତର କର୍ମ, ଜ୍ଞାନ, ଓ ଭକ୍ତି- ଯୋଗ କେବଳ ଏହି ବିବର୍ତ୍ତନବାଦ ଛଡ଼ା ଅନ୍ୟ କିଛି ନୁହେଁ । ଅର୍ଥାତ ଏଥିରୁ ଯେ କୌଣସି ଗୋଟିକର ଆଶ୍ରୟ ନେଲେ ମନୁଷ୍ୟ ଅନ୍ଧକାରରୁ ଆଲୋକକୁ, ସ୍ଥୂଳରୁ ସୂକ୍ଷ୍ମକୁ, ମୃତ୍ୟୁରୁ ଅମୃତକୁ, ପଶୁରୁ ଦେବତ୍ୱକୁ ଉନ୍ନୀତ ହେବ । ଭାରତୀୟ ଧର୍ମର ନିର୍ଦ୍ଦେଶ ଏହି ଯେ ସଜାଠାରୁ 'ପାରିଆ ପର୍ଯ୍ୟନ୍ତ ପ୍ରତ୍ୟେକ ନିଜ ନିଜର ସାମାଜିକ କର୍ତ୍ତବ୍ୟ ମଧ୍ୟ ଦେଇହିଁ ବିବର୍ତ୍ତିତ ହେବାର ପୂର୍ଣ୍ଣ ସୁଯୋଗ ଅଛି । ମୁଁ ମନେ କରେ କବି ଓ ଲେଖକ ପକ୍ଷରେ ସାହିତ୍ୟ ଓ କବିତା ଏହି ଆତ୍ମ ଉନ୍ନୟନର ଏକ ପରମ ଉପାୟ । କବିତାର ସୃଷ୍ଟିକୁ ନିଜକୁ ଓ ତାର ଜାତିକୁ ବିବର୍ତ୍ତନର ବାହନ ରୂପେ ବ୍ୟବହାର କରିପାରେ ଓ କରିବା ଉଚିତ । ସାହିତ୍ୟ କେବଳ ଜୀବିକାର, ଗୃହୀଜୀବନର ବା ଶସ୍ତା ନାମର ଉପାୟ ରୂପେ ବ୍ୟବହୃତ ହେବା, ରେଶମର ଶାଢ଼ୀକୁ ପଇଁଛି ଦେବାର ପରି ରୂପେ ବ୍ୟବହାର କରିବା ତାକୁ ମଧ୍ୟ ନିଚ୍ଚତର କର୍ମ । ମୋ ନିକଟରେ ସାହିତ୍ୟର ଏହି ଆଦର୍ଶ କିନ୍ତୁ ନିକଟ ଅତୀତରେ ହିଁ ଧୀରେ ଧୀରେ ପ୍ରତିଭାତ ହୋଇଛି । ମୁଁ ନିଜେ ଏ ଯାବତ୍ ମଧୁର ବ୍ୟଙ୍ଗର, ମନୁଷ୍ୟ ହୃଦୟର ଆଲୋଡ଼ନ, ସତ୍ୟର ମହିମା, ଏବଂ ପ୍ରକୃତି ଓ ମନୁଷ୍ୟର ରୂପେ ଯେତେବେଳେ ଯେପରି ଭାବରେ ମତେ ପ୍ରଭାବିତ କରିଛନ୍ତି, ମୁଁ ସେହିପରି ଲେଖି ଆସିଛି । ସେହି ଆକସ୍ମିକ ପ୍ରେରଣାରେ ହିଁ "ମୁଁ କାହିଁକି ଲେଖେ"ର ଉତ୍ତର । ମୋ ରଚନାରେ ମୋ ଆଦର୍ଶ କେତେଦୂର ପ୍ରତି-ଫଳିତ ତାହା ପାଠକ ମାନଙ୍କର କହିବାର କଥା ।



Digitized by srujanika@gmail.com

# ବୁଢ଼ୀ ସୀତାଙ୍କର ସତୀତ୍ୱ

ନିଜନାରୀ କୁଳଟା ନୁହେଁ
କିମ୍ବା
ନିଜ ଦହି ଖଟା ନୁହେ । - ଇତି,

ସୁତରାଂ ବୁଢ଼ାରାମ ପତ୍ନୀ 'ବୁଢ଼ୀ ସୀତା' ସତୀ ହେଉନ୍ତୁ ନହେଉନ୍ତୁ ବୁଢ଼ାରାମ ଆଖିରେ ସେ ଖାଣ୍ଟି ନମ୍ବର ଭିଟାମିନ ଯୁକ୍ତ ଡାଲଡା ବନସ୍ପତି ମାର୍କା ସତୀ । ମୋ ସୀତା ଯେ କେବଳ ଅନଳରେ ପରୀକ୍ଷିତ ହୋଇଛନ୍ତି! ତା ନୁହେଁ - ସେ ଅକାଶରେ ଜଳରେ ମଧ୍ୟ ବହୁ ବାର ପରୀକ୍ଷିତ ହୋଇ ସାରିଛନ୍ତି । ସେ ବିଷୟରେ ମୋର ସନ୍ଦେହ ନାହିଁ । ତଥାପି ବୃଦ୍ଧସ୍ୟ ତରୁଣୀ ଭାର୍ଯା - ଲୋକାପବାଦଃ ଦୁର୍ନିବାରଃ । ମାତ୍ର ମୋତେ ପଚାରିଲେ ମୁଁ ଆଣ୍ଠିଏ ମହାପ୍ରସାଦ ଉପରେ ଠିଆ ହୋଇ କହିବି — ମୋ ସୀତା ଏମନ୍ତ ସତୀ ଯେମନ୍ତକି କାଳିଦାସ କୁମାର ସମ୍ଭବରେ ବର୍ଣ୍ଣନା କରିଥିଲେ — ସତୀ ସତୀ ଯୋଗ - ବିସୃଷ୍ଟ ଦେହା ।

କେହି କେହି ଯୋଗ ଅର୍ଥ ପୁରୁଷ ସହ ଯୋଗ କହି ମୋତେ ହାହୁଲ କରନ୍ତି । ମାତ୍ର ଏଥିରେ ହାହୁଲର କାରଣ ନାହିଁ । ମୁଁ ଜାଣେ କେବଳ ମାତ୍ର ବିଷ୍ଣୁଙ୍କର ସହସ୍ର ନାମ ବା କୃଷ୍ଣଙ୍କର ସହସ୍ର ନାମ ଥିଲା । ଏବେ ମୋ ସୀତା ମୋତେ ସ୍ପଷ୍ଟ କହିଦେଇଛନ୍ତି ତାଙ୍କ ସହ ଯୋଗୀ ବା ଯୋଗବାନ୍ ପୁରୁଷଙ୍କ ସଂଖ୍ୟା ମୋତେ ଛାଡ଼ି ଏକ ଊଣା ସହସ୍ରେ — ତେଣୁ ତାଙ୍କର 'ଅନ୍ୟନାମ ସହସ୍ର ଶଯ୍ୟାର ନାୟିକା । ତା ସତ୍ତ୍ୱେ ବି ସେ ସତୀ । କାରଣ ଧରନ୍ତୁ ଆପଣଙ୍କ ସ୍ତ୍ରୀ ଆପଣଙ୍କ ଛଡ଼ା ଦ୍ୱିତୀୟ ପୁରୁଷ କରିବ ନାହିଁ । ମାତ୍ର ସେଇ ଯେ ଥରୁଟେ ଆପଣଙ୍କ ପାଖରେ ତାର ସତୀତ୍ୱ ଗଲା ତାର ଅର୍ଥ ଯଦି ସହସ୍ର, ସ୍ୱାମୀଙ୍କ ପାଖରେ ତାହାର ବିଚାରରେ କେନେ ଅର୍ଥ ହେବ ନାହିଁ । ଜଣେ ଇଂରେଜ ମନୀଷୀ କହିଲେ — chastity once lost can not be recalled—it goes only once.

ମାତ୍ର ମୋର ସ୍ତ୍ରୀ ଆପଣଙ୍କ ସ୍ତ୍ରୀ ଭିତରେ ତଫାତ୍ କିଛି ଏତିକି, ଆପଣଙ୍କ ସ୍ତ୍ରୀ ଯାହା କରେ ଆପଣଙ୍କୁ ଜଣାଏ ନାହିଁ - ବୁଢ଼ୀ ସୀତା ମୋତେ ସବୁ କହିଦିଏ ଓ ଜଣାଇ ଦିଏ । ପ୍ରକୃତରେ ସେ କୌଣସି ପୁରୁଷ ସହ ଅଭିସାର କରିବାକୁ ଗଲା ପୂର୍ବରୁ ମୋଠାରୁ ଅନୁମତି ନେଇଯାଏ ବା ଯାଆନ୍ତି ।

ଆପଣମାନେ ହସିପାରନ୍ତି, କାରଣ ବୁଢ଼ା-ରାମ ମାଇପ ସମସ୍ତଙ୍କର ଶାଳୀ ସେହେତୁ ଗରୀବ । କିନ୍ତୁ ଆପଣଙ୍କ ପ୍ରାତଃ ସ୍ମରଣୀୟା ପାତକ ହାରିଣୀ ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀଙ୍କ ଭିତରୁ ଆପଣଙ୍କର ଧାରଣା-ଗତ ଯୌନ ପବିତ୍ରତା ଦୃଷ୍ଟିରୁ କିଏ ସତୀ କହିଲେ ?

କିନ୍ତୁ ଆମେ ଭୁଲିଯାଉ ଯେ ସତୀ ଶବ୍ଦଟାରୁ ଯୌନ ପବିତ୍ରତା'ର ବସ୍ତୁ ଚମ୍ପକରୁ ସୂଚ ନ୍ୟାୟେନ ମଧ୍ୟ ଅର୍ଥ କଳ୍ପିତ୍ ନ ଅଟନ୍ତି ଯେତେ ସତୀ ଶବ୍ଦ 'ସତ୍' ଶବ୍ଦର ସ୍ତ୍ରୀ ଲିଙ୍ଗ । ଯିଏ ସତ୍ୟବତୀ ସେ ସତୀ—ସେ ସହସ୍ର ସ୍ୱାମୀଙ୍କର ମଧ୍ୟ ସତୀ । ଦ୍ରୌପଦୀଙ୍କର ପାଞ୍ଚଟି ଆଉ କୁନ୍ତୀଙ୍କର ମଧ୍ୟ ଅଳି ବହୁତ ସେତିକି ପତି ଥାଇ ସେମାନେ ସତୀ । ତାର କାରଣ ସେମାନେ ସତ୍ୟ ବତୀ—ସେମାନଙ୍କର ପତି ସଂଖ୍ୟାରେ ସେମାନେ ସାଧାରଣଙ୍କୁ କିମ୍ବା ସେମାନଙ୍କର ପତିଙ୍କୁ ପ୍ରତାରଣା କରି ନାହାନ୍ତି । କୁନ୍ତୀଙ୍କର ଦେବତା ବରଣ ପାଣ୍ଡୁଙ୍କୁ ଜଣାଥିଲା—ଏବଂ ଦ୍ରୌପଦୀଙ୍କର ପଞ୍ଚ ପତି ପ୍ରତ୍ୟେକ ପ୍ରତ୍ୟେକ କଥା ଜାଣିଥିଲେ । ସେଥିପାଇଁ ସେ ସତୀ । ତଥାପି ଥରୁଟେ ସେ ଅସତୀ ହୋଇ ଯାଇଥିଲେ । ମନରେ ତାଙ୍କର ଗର୍ବ ହେଲା ଯେ ମୁଁ ସତୀ । ଗର୍ବ ଗଞ୍ଜନ ଶ୍ରୀକୃଷ୍ଣ କହିଲେ—ଗଛରୁ ଯେଉଁ ଫଳଟି ତଳେ ପଡ଼ିଛି ତାକୁ ଜଣେ ସତୀ ଛୁଇଁ-ଦେଲେ ସେ ପୁଣି ବୃନ୍ତରେ ଲାଗିଯିବ । ଯୁଧିଷ୍ଠିର ସଙ୍ଗେ ସବୁଙ୍କ ଦ୍ରୌପଦୀଙ୍କୁ ଚାହିଁଲେ । ମାତ୍ର ଦ୍ରୌପଦୀ ଛୁଇଁବା କଥା ଦୂରରେ ଥାଉ—ବୃନ୍ତ ଉପରେ ଲଗାଇଲେ ମଧ୍ୟ ନାଲାଗେ । ଶେଷରେ ଦ୍ରୌପଦୀ ପାପ ଫିଟାଇ କହିଦେଲେ —'ମୁଁ ଥରୁଟେ ମନେ ମନେ କର୍ଣ୍ଣକୁ ଦେଖି ଭାବିଥିଲି ଏଙ୍କୁ ଲଗାଇ ମୋର ଯଦି ଛ'ପତି ହୋଇଥାନ୍ତେ । 'ଏତିକି ପ୍ରକାଶ କରିବା ମାତ୍ରେ ଫଳ ଆପେ ଆପେ ଯାଇଁ ଗଛରେ ଲାଗିଗଲା । ପୁଣି ଦ୍ରୌପଦୀ ଯେଉଁ ସତୀ ସେଇ ସତୀ ।

ସୁତରାଂ ଅପଣମାନେ ନଜାଣି ନଶୁଣି ସତୀତ୍ୱ ଅର୍ଥକୁ ବିଅର୍ଥ କରୁଛନ୍ତି । ଆପଣଙ୍କ ସ୍ତ୍ରୀ ଯଦି ପ୍ରଥମ ବାସର ଶେଯରେ ଆପଣଙ୍କ ଛଡ଼ା ଆଉ କାହାକୁ ଦେହ ଦେବ ନାହିଁ ବୋଲି ପଣ ନକରି ଥାଏ ତେବେ ସେ ଯେତେ ପରକୀୟା କଲେ ଅସତୀ ହେବ ନାହିଁ । ମୁଁ ସେଥିପାଇଁ ପୂର୍ବରୁ ସାବଧାନ ହୋଇ ବୁଢ଼ୀ ସୀତାଙ୍କୁ କହିଦେଲି'-ସଜନୀ ଏ ଘାଟକୁ ଗୃହଁ କହ—ମୋତେ ଲଗାଇ ମନ ସହସ୍ରଟି ପତି କରିବ—ବେଶି ନୁହେ । ଯେଉଁ ଦିନ ସହସ୍ରେ ପୂରିବ ସେଦିନ ତମେ ହାଣ୍ଡିକୋଡ଼ ମତେ ସତୀ ହୋଇ-ପାର ମାତ୍ର ମୋ ପକ୍ଷରେ ଆଉ ସତୀ ହେବନାହିଁ କାରଣ ମୁଁ ଜାଣେ—ମୁଁ ତାଙ୍କର ଅଯୋଗ୍ୟ । ମୁଁ ବିଶ୍ୱବିଦ୍ୟାଳୟ ପରୀକ୍ଷା ଘର ମୋ ଜୀବନରେ ଦେଖିନାହିଁ—ମାତ୍ର ସେ ବିଏ ପାସ୍—ମୁଁ ଜଣେ ସର୍ବହରା—ଉତ୍କଳ ସନ୍ତାନ ବା ଶ୍ରେଣୀଚ୍ୟୁତ ଓଡ଼ିଆ—ସେ ଜଣେ ପୁଞ୍ଜିପତି ମିଲବାଲାଙ୍କ ଝିଅ—ଆଉ ମୁଁ ବୁଢ଼ା ସେ ତରୁଣୀ—କାରଣ ମାଇପଙ୍କର ଲିପଷ୍ଟିକ୍ ପାଉଡ଼ର କିଣିବାର ପଇସା ନସରିବା ଯାଏ ସେମାନେ ବୁଢ଼ୀ ହୁଅନ୍ତି ନାହିଁ ।

କେହି କେହି ଅବିବେକୀ ଲୋକେ ମୋ ବୀବୀକୁ ବେଶ୍ୟା କହୁଥାନ୍ତି—ଦୁଃଖ ନାହିଁ—ପିଙ୍ଗଳା ବେଶ୍ୟା ଶୁକଦେବଙ୍କ ଗୁରୁ । ସେ ଗୋଟିଏ ରାତ୍ରିରେ ଗୋଟିଏ ବାଳିକା ଛଡ଼ା ଦ୍ୱିତୀୟ ବରଣ କରନ୍ତି ନାହିଁ । ଏଇ ସତ୍ୟ ଯୋଗୁ ସେ ସତୀ ।

ପୁରାଣର ପିଙ୍ଗଳା ବେଶ୍ୟାକଥା ଛାଡ଼ି ଦିଅନ୍ତୁ । ମୋ କୌଣସି ଆଠ ଅଣିଆ ଟଙ୍କିକିଆ ବେଶ୍ୟା ମଧ୍ୟ ଆପଣମାନଙ୍କର ଧନୀ ଓ ପଢ଼ୁଆ ଘରର ଝିଅ ବୋହୂଙ୍କଠାରୁ ଅଧିକ ଭଲ ଓ ଅଧିକ ସତୀ । କାରଣ ତାଙ୍କ ପକ୍ଷରେ ପ୍ରତାରଣା ନାହିଁ । ସେମାନଙ୍କର ଯୌନ ସମ୍ପର୍କ ଅତି ସ୍ପଷ୍ଟ—ଖୋଲା ଖୋଲି । ସେଥିପାଇଁ ଭଲ କାର୍ଯ୍ୟରେ ବେଶ୍ୟା ଦୁଆରୁ ମାଟି ଆଣିବା ପ୍ରଥା ଆମର ଅଛି ।

ନମସ୍କାର । ମୋ ସତୀ ସୀତାଙ୍କୁ ଆପଣ ଜାଣି ରଖିଥିବେ । ଆକାଶରୁ ଯଦି ତାରାଟାଏ ମଧ୍ୟ ଖସିପଡେ ସେ କହିଦେଲେ ଛଣି କକ୍ଷଚ୍ୟୁତ ତାରକା ସ୍ୱସ୍ଥାନରେ ଧରିତ ହୋଇ ଯିବ ।

— ବୁଢ଼ାରାମ ।



Digitized by srujanika@gmail.com

## ଟିକି ଚଢ଼େଇର ଟିକି ବାଞ୍ଛା

ନେଲି—ରାଧାଗୋବିନ୍ଦ ରଥ ଅଧିକାରୀ ( ୧୧୦୯ )

ଟିକି ଚଢ଼େଇଟି ଟିକି ଦେହ ତାର ଟିକି ଗଛ ଡାଳେ ବସି,
ଟିକି ଥଣ୍ଟିରେ ଟିକି ଟିକି ପୋକ ଧରି ଖାଏ ହୋଇ ଖୁସି ।
ଟିକି ପର ତାର ଫର ଫର କରି ଉଡ଼ି ବୁଲେ ଗଛ ଡାଳେ,
ଟିକି ଗୋଡ ତାର ଫୁଡୁକୁ ଫୁଡୁକୁ କରି ନାଚେ ଭୂଇଁ ତଳେ ।

ଭୁଆ ମୁହେଁ କେବେ ଆହାର ଦେଇ ସେ ପୁଣି ଫେରେ ମନ ସୁଖେ,
ଟିକି ଥଣ୍ଟିରେ ଟିକି କୁଟା କାଠି ଧରି ଫେରେ ନୀଡ ମୁଖେ ।
ଝଡ ବରଷାରେ ଟିକି ଚଢ଼େଇଟି ଘରେ ବସି ଗାଏ ଗୀତ,
ଟିକି ମନେ ତାର ନଆସଇ ଦୁଃଖ ସଦା ଆନନ୍ଦ ତା' ଚିତ୍ତ ।

ନିତି କାମ କରି ଆହାର ଖୋଜେ ସେ ସାଙ୍ଗ ସଖୀଙ୍କ ଭୁଲେ,
ଯତନରେ ଏକା ରତନ ମିଳଇ ଏହା ସେ ଜାଣିଛି ଭଲେ ।
ପଠ ଶାଠ ନାହିଁ ନହୋଇଛି ବାବୁ ଗଣାନ୍ତୁହେଁ ସଭ୍ୟ ଭଲେ,
ସଭ୍ୟତାର ଯେତେ ବାହାନ୍ନ ଚକ୍ରଜାଣ ମନ ନ ଯାଏ ତା ତଳେ ।

ପର ମଙ୍ଗଇଁ ସେହୁ ଏଟେ ଧନ ଗୁଣ୍ଡି ଆନର ଚିନ୍ତା ନ କରି,
ନିଜ ଶ୍ରମେ ସେହୁ ଅରଜଇ ଧନ, ନକରେ ପରର ଚୋରି ।
ହିଂସା ଦ୍ୱେଷରେ ସେହୁ ନୁହେଁ ଛିଡ଼ ଜର କ୍ରୋଧ ମୁଖେ ନାହିଁ ଅସେଣ,
ସୁଖେ ଦୁଃଖେ ତାର ବିତିଯାଏ ଦିନ ରହି ଥାଏ ଘର କୋଣେ ।
କିଏ କହ ଭଲ ନହିଲା ସେ କଥା ନିଜ କାମରେ ସେ ମଗ୍ନ,
ଛାଡ଼େ ସେ ନିଜର କାମ ନ କରେ ଯେ ପରର କରିବ ଭଗ୍ନ ?
ନିଜ କାମେ ନିଜେ ସୁଖୀ ଥାଏ ନୋହି ପର ନିନ୍ଦାରେ କାତର,
ଛୁଡ଼ି ପର ନିନ୍ଦା ପରଶଂସା ସେହୁ କରେ ପର ଉପକାର ।
ଏହିପରି ନିତି ଦୁନିଆରେ ଚାଲି ଯାଉଇ ଚଢ଼େଇ ଟିକି,
ନାଉ ଭଲ କାମେ ହାତ ନ ଦିଅଇ ନଥାଏ ତା ବଡ଼ଲୋକି ।
ଟିକି ଚଢ଼େଇର ଟିକି ଟିକି କାମ ଟିକି ଟିକି ଚିନ୍ତା ତାର,
ତାହାରି ଭିତରେ କେତେ ମହତ ଯେ କେତେ ସୁଖ ବଳିଆର ।
ଟିକି ଚଢ଼େଇର ଟିକି ବାଞ୍ଛାଟି ଶୁଣରେ ମଣିଷ ଜାତି,
ବଡ଼ ଘରେ ବଡ଼ ନଥାଏ ବଡ଼ ସେ ବଡ଼ ଯାର ଟିକି ଛାତି ।

## ନାଗଙ୍କ ଚିଠି

ନାଗ ଭାଇ ଓ ଭଉଣୀ;

ନାଗମାନେ କିପରି ଲେଖା ସମ୍ପାଦିବେ ଗଢ଼ିବେ ତାର ସୂଚନା ଦେଉଛି । ସମସ୍ତ ନାଗ ଭାଇ ଭଉଣୀମାନେ ପ୍ରତି ୨୦ ଜଣରେ ଜଣକୁ ବାଛନ୍ତୁ । ଯେଉଁମାନେ ଲେଖା ସମିତିର ବୋର୍ଡକୁ ଠିଆ ହେବେ, ସେମାନେ ୫୦ ପ ଏବଂ ଦରଖାସ୍ତ ଅଙ୍କାଙ୍କ ନିକଟକୁ ପଠାଇବେ । ଏଥି ମଧ୍ୟରେ ଭୋଟ ହେବ । ସେମାନଙ୍କ ମଧ୍ୟରୁ ୧୦ଜଣ ବଛାଯିବେ । ଏ ୧୦ଜଣକୁ ନେଇ ଏକ କମିଟି ବସିବ । ସେମାନଙ୍କର କାର୍ଯ୍ୟ ହେବ, ନାଗ ଭାଇ ଭଉଣୀଙ୍କର ଲେଖା ଗୁଡ଼ିକ ସଂଶୋଧନ କରି ଉପରକୁ ପଠାଇବା । ତାହାକୁ କଣ୍ଟ ଛଣ୍ଟା ଅବାଧ୍ୟ କରି ଏ ସମିତିକୁ ପରିଚାଳନା କରିବେ ନାହିଁ । ସମିତି ଉପରର ପ୍ରଚାର ପାଇଁ ଚେଷ୍ଟା କରିବେ । ପ୍ରତି ୫ଜଣ ନାଗ ମେମ୍ବର ଅନ୍ତେ ଖଣ୍ଡେ ଉପର ନେବେ । ଏହା ଯଦି ସମ୍ଭବ ନହୋଇ ପାରେ ତେବେ, ଉପର ବିକ୍ରୀ କରିବେ ଓ ପ୍ରସାର ପାଇଁ ଯଥାସାଧ୍ୟ ଚେଷ୍ଟା କରିବେ ।

ଏ ସମିତି ପ୍ରତି ମାସରେ ପୁରସ୍କାର ପ୍ରତିଯୋଗିତା କରାଇବେ । ଏହାଦ୍ୱାରା ଲେଖକ ଲେଖିକାଙ୍କର ଲେଖାର ଧାରା ଗଠନ ହେବ । ମୋର ଅନୁରୋଧ ସମସ୍ତ ଭାଇ ଭଉଣୀ ଏହାକୁ ସମର୍ଥନ କରିବେ । ଇତି

ଆପଣମାନଙ୍କର

ପୁରୁଣା ନାଗଭାଇ ସେକ୍ ରହିମ୍

## ନାଗଙ୍କ ପ୍ରଶ୍ନ

୧ । ମାନସ —୧୦୫୨ — ଶିକ୍ଷାର ଉଦ୍ଦେଶ୍ୟ କଣ ?

ଚନ୍ଦ୍ରମୋହନ (୧୨୫୨) କେଉଁ ଆଗ୍ନେୟଗିରିରୁ ପଙ୍କ ଉତ୍କ୍ଷିପ୍ତ ହୋଇ ଦୁଇଟି ସହର ଧ୍ୱଂସ ପାଇଥିଲା ଓ କେବେ ?

୨ । ଗୋବର୍ଦ୍ଧନ [ ୧୦୨୫ ] ଟେଲିଭିଜନର ଉଦ୍ଭାବକ କିଏ ?

୩ । ଶରତ [ ୧୨୫୦ ] ଭୁଇ ଗେଡ଼ାବଣିଙ୍କ ପକ୍ଷୀ କିଏ ?

୪ । ଶାନ୍ତିର [ ୧୨୩ ] Emaକଣ

୫ । ହିନ୍ଦୁମାନେ ଭକ୍ତ ପାରନ୍ତି ମାତ୍ର ମୁସଲମାନମାନେ ଭକ୍ତ ଖୋଲନ୍ତି, ହିନ୍ଦୁମାନେ ଓଡ଼ର ଏପଟେ ଆଙ୍କନ୍ତି ଓ ମୁସଲମାନମାନେ ପଛପଟେ କାହିଁକି ?

୬ । ରାଧାମୋହନ [ ୧୨୮୩ ] ପୃଥିବୀର ବଡ଼ ବୈଜ୍ଞାନିକଙ୍କ ନାମ କଣ ?

୭ । ଭଗିରଥି ( ୧୧୨୮ ) ପୃଥିବୀର ବଡ଼ ଛତ୍ରକର କିଏ ?

୮ । ସୋମନାଥ [୧୩୨୬] ପୃଥିବୀରେ ସମ୍ପ୍ରଦାୟ କେତୋଟି ପ୍ରଧାନ ପ୍ରଧାନ ଧର୍ମ ଓ ଭାଷା ?

୯ । ଉପେନ୍ଦ୍ର [୧୩୭୨] ପୃଥିବୀରେ ସର୍ବଶ୍ରେଷ୍ଠ ଗାୟକଙ୍କ ନାମ କଣ ?

୧୦ । ଲମ୍ବୋଦର—ସଙ୍ଗୀତ ପ୍ରଥମ ଅବିଷ୍କାର କେଉଁଠୁ ?

୧୧ । ପୂର୍ଣ୍ଣେନ୍ଦୁ [୧୩୮] କଂଗ୍ରେସର ତ୍ରିରଙ୍ଗା ପତାକା କେଉଁ ଦିନଠୁ ହେଲାଣି ଓ ସେତେବେଳେ କଂଗ୍ରେସ ସଭାପତି କିଏ ଥିଲେ ?

୧୨ । ରମାକାନ୍ତ [୧୩୭୮ ପର କାହିଁକି ଅଛଚି ?

୧୩ । ମାର୍ତ୍ତଣ୍ଡ [୧୩୭୫] ପୃଥିବୀର ସବୁଠାରୁ ବଡ଼ ରେଲ ପ୍ଲାଟଫର୍ମ କିଏ ?

## ନାଗଙ୍କ ଉତ୍ତର

୧୩୫୨ । ଗୁଲେଇଫୁଇ ଛାଣିବ । ପୃଥିବୀର ସବୁଠାରୁ ବଡ଼ କୋଠା— Palace of The Soviets ମସ୍କୋରେ ଅଛି । ଉଚ୍ଚତା-୧୩୦୦ ଫୁଟ —ମାର୍ତ୍ତଣ୍ଡ କହାର

୧୩୪୦ । ଅମୃତଛୁଇ—କାର୍ତ୍ତିକ ପୂର୍ଣ୍ଣିମାର ଭଙ୍ଗାଭସା ଉତ୍ସବରେ ଓଡ଼ିଆଙ୍କ ନୌ-ବାଣିଜ୍ୟର ସ୍ମୃତି ବହୁଛି । —ମାର୍ତ୍ତଣ୍ଡ କହାର

୧୩୪୪ । କୃଷ୍ଣଭାଇ—ଦୋଇଲା ଭିତରେ ପାଇକଲେ ଶବ୍ଦ ବାହାରି ନପାରି ପ୍ରତିଧ୍ୱନିତ ହୁଏ—ମାର୍ତ୍ତଣ୍ଡ କହାର



Digitized by srujanika@gmail.com

# ଯେସାକୁ ତେସା

କୁମାରୀ ସତୀ ଦାସ, ବାରିପଦା ।

ପ୍ର—ପ୍ରେମ କମ୍ପିଟିକା ? କପର୍ ଓ କାହାଁକୁ ହୁଏ ।

ଉ—(୧) ନୂଆ ଭଲ ପଣ୍ଡାଳକୁ । (୨) ବେହିଲେଇରୀ ଓସେଣ୍ଟ୍ରି ଭଲ ହୁଏ (୩) ମଥାର ଗଣ୍ଡଗୋଳ ହେଲେ ।

ପ୍ର—ଖଦଡ଼ ନ ପିନ୍ଧି ମିଲ୍ ପିନ୍ଧିଲେ କ୍ଷତି କଣ ?

ଉ—ନିଜ ସ୍ତ୍ରୀର ପ୍ରଣୟୀ ନହୋଇ ବାରସ୍ତ୍ରୀର ପ୍ରଣୟୀ ହେବାରେ କ୍ଷତି କଣ ?

ପ୍ର—ହାତରେ ସୂତା ନ କାଟି ଖଦଡ଼ କିଣି ପିନ୍ଧିଲେ କ କ୍ଷତି ?

ଉ—ଗଛରେ ଚଢ଼ି ନଜାଣି ଅଣ୍ଟା କୋଳି ଖାଇବାରେ କ୍ଷତି କାହିଁ ?

ମୁରାରିମୋହନ ବାରିକ
ଖ୍ରୀଷ୍ଟିଆନ କଲେଜ, କଟକ

ପ୍ର—ଗୋପାଳ ମିଶ୍ରଙ୍କର 'ଦୁଇଟି ବୋମା'ର ନାୟକ ଓ ଯଦୁନାଥ ଦାସ ମହାପାତ୍ରଙ୍କର 'ଅୟି ପ୍ରିୟତମେ ତୁମେକି ପାରିବ ଭୁଲି'ର ନାୟକଙ୍କ ଭିତରୁ ଆପଣ ଉଭୟେ କନ୍ୟାପିତା ହିସାବରେ କାହାକୁ ଜାମାତା କରନ୍ତେ ?

ଉ—ଫୁଲିବା ଠାରୁ ଉଡ଼ିବା ଓ ପଡ଼ିବାକୁ ମୋ ଝିଅ ବେଶି ପସନ୍ଦ କରେ ।

ପ୍ର—ଗୋଟିଏ ରକ୍ଷିତା ସ୍ତ୍ରୀ ଓ ନିଜ ସ୍ତ୍ରୀଙ୍କ ପ୍ରେମ ମଧ୍ୟରେ କେଉଁଟା ବେଶୀ ଆନନ୍ଦ ଦାୟକ ଓ ଦୀର୍ଘସ୍ଥାୟୀ ?

ଉ—ଛେଳି ଶିକାର ଠାରୁ ହରିଣ ଶିକାର ବେଶି ମଜା ! ଆପଣଙ୍କ ନିଜ ସ୍ତ୍ରୀ ଅରକ୍ଷିତା ନୁହନ୍ତି ତ ?

ପ୍ର—କବିର ପ୍ରେମ ଓ ଚାତୁର୍ଯ୍ୟ ଏବଂ ଲୋକଙ୍କର ପ୍ରେମ ଚାତୁର୍ଯ୍ୟ ମଧ୍ୟରେ ପ୍ରଭେଦ କଣ ?

ଉ—ଲୋକଙ୍କ ପଦ [ ବାକ୍ୟରେ ବ୍ୟବହୃତ ଶବ୍ଦ ] କୁ ଗଢ଼ନ୍ତି—କବି ପଦକୁ ଯୋଡ଼ନ୍ତି !

ଶରତଚନ୍ଦ୍ର ମହାନ୍ତି
ଫକୀରମୋହନ କଲେଜ—ବାଲେଶ୍ୱର

ପ୍ର—କଂଗ୍ରେସ ସରକାର ଲୋକପ୍ରିୟତା ହରାଉଛନ୍ତି କାହିଁକି ?

ଉ—ମନ୍ତ୍ରୀମାନେ ଧନୀଙ୍କର ପ୍ରିୟ ହେବାକୁ ଲୋକେ ପ୍ରିୟ ଡାକିଲେ ବ୍ୟାକରଣ ଭୁଲ ହେବ ।

ପ୍ର—ଜୀବନ ସୁଖମୟ କରିବାକୁ ହେଲେ ଲୋଡ଼ା କଣ ?

ଉ—୬ ଖଣ୍ଡ କାଠ ଓ ସାଢେ ତିନି ହାତ ଜମି ।

ପ୍ର—ଆପଣ ନାରୀ ଜାତିକୁ ଅଧିକ ସମ୍ମାନ କରନ୍ତି ନା ନରକୁ ?

ଉ—ନାରୀଙ୍କର ସନ୍ତାନ ମାତ୍ରକେ ପୁରୁଷ । ପୁରୁଷର ବା ଉତ୍ପାଦକ ପଦାର୍ଥର ନିଜର ସମ୍ମାନ କେଉଁଠୁ ଆଇଲା ।

ରାଧାଶ୍ୟାମ ପଟ୍ଟନାୟକ
ବଳରାମ ପୁର—ତାଳଚେର

ପ୍ର—କଂଗ୍ରେସ ତାର ପୂର୍ବ ଗୌରବ ଫେରି ପାଇବାର ଉପାୟ କଣ ?

ଉ—ରାଜନୈତିକ ଦଳ ହିସାବରେ ଆତ୍ମ ବଳିଦାନ ଦେଇ ଶହୀଦ ହୋଇ ପାରିଲେ ।

ପ୍ର—ନବୀନ ଜନତାର ପ୍ରଧାନ ଶତ୍ରୁ କିଏ—ଜମିଦାର ନା ସାହୁକାର ?

ଉ—ଆପଣ ଅଉ ଗୋଟିଏ ନାମ ଛାଡ଼ି ଦେଇଗଲେ—ରାଜନୈତିକ ଦଳ ମାନଙ୍କର କର୍ମୀ ବା ପ୍ରଚାରକ ଓ ନେତା ।

ପ୍ର—କାହାର ଲୋପ ଆଗ ଦରକାର ?

ଉ—ଷ୍ଟେସନରେ ଗାଡ଼ି ଛାଡ଼ିବାର ନିୟମ ହେଉଛି ଯେଉଁ ଗାଡ଼ି ପଛେ ଆସେ ସେ ଆଗ ଯାଏ ।

ବୃନ୍ଦାବନଚନ୍ଦ୍ର ଦାସ
ଅଁର କଲେଜ, କଟକ

ପ୍ର—ଉଗରର ଚୂଡ଼ାନ୍ତ, ବହୁଗରେ ବେଶି ଭଗ ପ୍ରେମ କାହାଣୀ ପ୍ରକୃତ ଉପ୍ତ ଥିବାରୁ ଏ ଯୁଗକୁ ପ୍ରେମ ଯୁଗ କୁହାଯାଇ ପାରେକି ?

ଉ—ଚଉଷ୍ଠରରେ ଯୋଉ ଏ ସାରର ଏକଥରେ ଯୁଗ ଗୁଲେ କିନ୍ତୁ ଆଜିକାଲି ପ୍ରତ୍ୟେକ ତରୁଣୀର ଏକାଧିକ ପ୍ରଣୟୀ ଥିବାରୁ ଏହାର ଅନ୍ୟ ନାମ ହେବା ଉଚିତ ।

ପ୍ର—ଏ ଯୁଗରେ ପ୍ରେମ କଣ ବାସ୍ତବ ?

ଉ—ପ୍ରେମଟା କେଉଁ ଯୁଗରେ ବାସ୍ତବ ନଥିଲା—ଏ ଗୋଟାଏ ଧୂଆଁ ବାଣ—ହୁହୁଡ଼ ପଡ଼ିଁ ।

ଟେଲ୍—ଚନ୍ଦ୍ରମୌଳି

ପ୍ର—କମ୍ୟୁନିଷ୍ଟ ମାନେ ଏକ ମୁଖରେ ଅହିଂସାର ଗାନ ଏବଂ ଅହିଂସାର ଅସ୍ତ୍ର ଅନଶନ କରୁଛନ୍ତି କାହିଁକି ?

ଉ—ଅନଶନ ଅହିଂସା ଅସ୍ତ୍ର କିଏ କହିଲା ? ଶତ୍ରୁ ଉପରେ ହିଂସା କରିବାକୁ ଅସମର୍ଥ ଲୋକେ ନିଜ ଉପରେ ହିଂସା କରେ ।

ଯୋଗେନ୍ଦ୍ର ପଟ୍ଟନାୟକ—
ବାଲେଶ୍ୱର କଲେଜ

ପ୍ର—ପୁରୁଷ ତାର ନାରୀତ୍ୱ କେତେବେଳେ ଦେଖାଏ ?

ଉ—ନାରୀ ଯେତେବେଳେ ତାକୁ ଦେବତା ଡାକେ ।

ପ୍ର—ବକାହାର ଅର୍ଥ କଣ ?

ଉ—ଲାଇସେନ୍‌ସ— ( ଲାଇସେନ୍‌ସ ନ ପଢ଼ନ୍ତୁ )

ପ୍ର—ପ୍ରେମ କଣ ଘଟେ କପର ?

ଉ—ପିଲାଏ ଯେତେବେଳେ ମୁହଁରେ ହସନ୍ତି ଓ ମୁରୁକନ୍ତି ।

ପୀତାମ୍ବର ଦାସ, ଭଦ୍ରକ

ପ୍ର—ବାହାହେବା ଭଲ କି ବାଡ଼ୁଅ ଭଲ ?

ଉ—ସୁଖଠାରୁ ସୁଖ ଅଭାବରେ ସୁଖ ଅଧିକ ।

ପ୍ର—ଅନେକ ଘୋଡ଼ ଦୌଡ଼ ଘୋଡ଼ାଙ୍କୁ ଚିତ୍ର ତାରକାମାନଙ୍କ ନାମ ଦିଆ ଯାଉଛି କାହିଁକି ?

ଉ—ତାରକା ମାନଙ୍କର ବି ସେହିପ୍ରକାର ଦୌଡ଼ ଚାଲିଥାଏ ବୋଧେ—ପଡ଼ିଆଟାର ନାମ କିନ୍ତୁ—ପ୍ରେମ ପଡ଼ିଆ ।

ପ୍ର—ମନ୍ତ୍ରୀମାନଙ୍କ ନାମ ଅନୁସାରେ ଘୋଡ଼ାଙ୍କ ନାମ ଦିଆଯାଇ ପାରେକି ?

ଉ—ଘୋଡ଼ ଦୌଡ଼ ନହୋଇ ଗଧ ଦୌଡ଼ ହେଲେ ଦେଇପାର ।

ବୈଦ୍ୟନାଥ ରାମ, ଆର କଲେଜ

ପ୍ର—ଆପଣ ମହତାବଙ୍କୁ ଡରନ୍ତି କି ? ଯଦି ଡରନ୍ତି କେତେବେଳେ ଓ କାହିଁକି ?

ଉ—ଯେତେବେଳେ ମହତାବ ବଡ଼ ଅନୁଷ୍ଠାନ ଗଢ଼ିବା ପାଇଁ କଳା ପୋତୁଥାନ୍ତି । କାରଣ କଳା ପେଡ଼ା ଉପରେ ଚିଅ ହେଲେ ଅନୁଷ୍ଠାନ ଭେଙ୍ଗେ ଭୁଷୁଡ଼ି ପଡ଼ିବାର ଭୟ । ମହତାବଙ୍କ ଉପରେ କାଳେ ପଡ଼ିଯିବ ଏଥିପାଇଁ ମୁଁ ଡରେ ।



Digitized by srujanika@gmail.com

# ଆମେରିକାର ସମର ସଜ୍ଜା ।





ଆମେରିକାର ସଭାପତି ଟ୍ରୁମାନ କୋରିଆ ଯୁଦ୍ଧରେ ଯୋଗ ଦେବା ପାଇଁ ଆଜ୍ଞାପତ୍ର ସ୍ୱାକ୍ଷର କରୁଛନ୍ତି ।



Digitized by srujanika@gmail.com

Dagaro 1-7-50

Reg. No O 18. ORISSA'S MOST POPULAR FORTNIGHTLY

# ଔଷଧର-ବିଷାକ୍ତ

ମଣିଷ ସହଜ ଓ ଅସହଜ ସବୁ ବ୍ୟାଧିପାଇଁ ଅପରିମିତ ଔଷଧ ବ୍ୟବହାର କରିଥାଏ । ଏଇ ଅଭ୍ୟାସ ଯୁଦ୍ଧ ବେଳଠୁଁ ଗଢ଼ି ଆସିଲାଣି । ଏମାନଙ୍କ ଆଳସ୍ୟ ଓ ଗ୍ଳାନି ଅପନୋଦନ କରିବା ଲୋଭରେ—କିଛିମାନ ଗୁଳ ମଧ୍ୟ ଚଳେ—ନିଦ କରିବା ପାଇଁ ମଧ୍ୟ ଚୂର୍ଣ୍ଣ ଖାଆନ୍ତି । ଏ କୁଅଭ୍ୟାସ ଡେନମାର୍କରେ ସବୁଠୁଁ ବେଶି । ସେ ଛୋଟ ଦେଶଟିର ଲୋକସଂଖ୍ୟା ମୋଟ ୩୨ଲକ୍ଷ । ୧୯୪୭ରେ ଷୋଳ କୋଟିର ଉର୍ଦ୍ଧ ନିଦ ବଟି ବିକ୍ରୀ ହୋଇଥିଲା । ଏତେ ଅଧିକ ମାତ୍ରା ଔଷଧ ସେବନ ଫଳରେ ଔଷଧର କାର୍ଯ୍ୟକ୍ଷମତା ଅତି ଭୟଙ୍କର ହେବା ସୁନିଶ୍ଚିତ । ସେ ବର୍ଷ ହଜାର ହଜାର ଔଷଧ ବିଷାକ୍ତ ଗ୍ରସ୍ତ ରୋଗୀ ଦେଖାଦେଲେ । ୧୯୪୭-୪୯ ରେ ମୃତ୍ୟୁ ସଂଖ୍ୟାରୁ ଏହା ଦେଖାଯାଏ । ୨ଟି ଉଚ୍ଚ ରୋଗୀ ଯନ୍ତ୍ରଣାରେ ମରିଲା ବେଳକୁ ଜଣେ ଅନ୍ତତଃ ଔଷଧ ଆଧିକ୍ୟ ହେତୁ ମରିଥାଏ—ଏବଂ ବାଳ ପକ୍ଷାଘାତ ଗ୍ରସ୍ତ ମୃତ ରୋଗୀ ଜଣକ ତୁଳନାରେ ୧୦ ଜଣ ଔଷଧର ଅପବ୍ୟବହାର ହେତୁ ମରିଥାଏ ।

କିନ୍ତୁ ଡେନମାର୍କରେ ହାସପାତାଳ ସଂଖ୍ୟା ଅଳ୍ପ । ତା ହୋଇ ନଥିଲେ ରୋଗୀମାନଙ୍କୁ ସେଠାରେ ରଖି ଅଳ୍ପ ମାତ୍ରାରେ ବେଳିଢନ ଧରି ଔଷଧ ଦେଉଥିଲେ ଧୀରେ ଧୀରେ ସେମାନେ ଭଲ ହୋଇ ଯାଇଥାନ୍ତେ ।

ଏଥିରୁ କେହି ଯେପରି ନବୁଝନ୍ତୁ ଔଷଧ ସେବନ ସବୁବେଳେ ଖରାପ । ବରଂ ଗତ କେତେ ବର୍ଷ ମଧ୍ୟରେ ଔଷଧ ରାଜ୍ୟରେ ବିଜ୍ଞାନ ଏତେ ଆଗେଇଛି ଯେ ଉପଦେଶାନୁଯାୟୀ ଔଷଧ ସେବନକଲେ ଅତ୍ୟାଶ୍ଚର୍ଯ୍ୟ ଫଳ ମିଳେ ।

କ୍ରାନ୍ତି ବଳୟ ଓ ନିମ୍ନ କ୍ରାନ୍ତିବଳୟବର୍ତ୍ତୀ [ troprical & sub tropical ] ବହୁ ଭୂଖଣ୍ଡରେ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ଲକ୍ଷ ଲକ୍ଷ ସଂଖ୍ୟା ଲୋକଙ୍କୁ ଜର ହୁଏ । ଏହାର ଶେଷ ଫଳପ୍ରଦ ଔଷଧ କୁଇନାଇନ । ୨ୟ ମହାସମର ପୂର୍ବରୁ ଏଶିଆ ମସିହାରେ ଭୂତପୂର୍ବ ଜାତିସଂଘର ମ୍ୟାଲେରିଆ କମିଟି ସୁପାରିସ କରିଛନ୍ତି—ମ୍ୟାଲେରିଆ ଋତୁରେ ପ୍ରତ୍ୟହ ୬ ଗ୍ରେନ ପ୍ରତିଷେଧକ ରୂପେ ଓ ଆକ୍ରାନ୍ତ ହେଲେ ପ୍ରତ୍ୟହ ୧୫ରୁ ୨୦ ଗ୍ରେନ କୁଇନାଇନ ସେବନ ବିଧେୟ । Mal No. 454

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ୧

ଆୟୁର୍ବେଦୀୟ ଅନୁଷ୍ଠାନ ।

## ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ମଧ୍ୟ ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାଁନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଖାଞ୍ଜିଆ ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଖାଞ୍ଜିଆ ମଙ୍ଗଳା
କଟକ ( ୧ )

---

କଟକ ଟ୍ରେଡିଂ କମ୍ପାନି, କଟକ ୨

ପ୍ରକାଶିତ

## ନୂତନ ପୁସ୍ତକ

ଉପନ୍ୟାସ

ଧନାବର୍ତ୍ତ- ବଟକୃଷ୍ଣ ପ୍ରହରାଜ ବି,ଏ ଟ୧॥୯
କୀର୍ତ୍ତିପଥ- ବାମାଚରଣ ମିତ୍ର ଟ୧।

ଗଳ୍ପ

ଗରୀବର କାହାଁ କି? ଗୋଦାବରୀଶ ମିଶ୍ର ଟ୦।
ଈଶ୍ୱରଙ୍କ ପାଖକୁ ଚିଠି " ଟ୦।

—ନାଟକ—

ସହୀଦ ବାଜୀରାଉତ-ବାଞ୍ଛାନିଧି ରାଉତରା ଟ୧

ଆତ୍ମ ଚରିତ

ମୋ ନିଜ କାହାଣୀ (ଜହରଲାଲ ଟ ୧ )

—ସ୍ତ୍ରୀପାଠ୍ୟ—

ଗୃହଲକ୍ଷ୍ମୀ-୧ମ ଜଗବନ୍ଧୁ ସିଂହ ଟ୧
" ୨ୟ " ୧୷
" ୩ୟ " ୧୷
" ୪ର୍ଥ " ଟ୨୯

Printed, Published and Edited by N. Mahapatra at the Dagaro Press, Cuttack—1,

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଅଗ୍ରଗତିର ପ୍ରତୀକ




ଏ ସଂଖ୍ୟାରେ--ମାଟିର ମଣିଷ କାଳନ୍ଦୀ ଚରଣ

୧୪ ଶ ବର୍ଷ
ଦ୍ୱିତୀୟ ସଂଖ୍ୟା

ଆଷାଢ
ଦ୍ୱିତୀୟାର୍ଦ୍ଧ

ବାର୍ଷିକ
୫ ଟଙ୍କା.

ପ୍ରତିଖଣ୍ଡ

Digitized by srujanika@gmail.com

## ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗରିବ ନୈରାଶ୍ୟ ଓ ଦୁଃଖରେ ବୁଡ଼ି ରହିଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ନିଅନ୍ତୁ । ଏହା ଆପଣଙ୍କୁ ବହୁତ ସମ୍ପତ୍ତି ଆଣିଦେବ । ଆପଣ ନିଜ ମନଲାଖି ସୁନ୍ଦରୀ, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ସୁନ୍ଦରୀ ଆପଣଙ୍କ ଦୁଆରେ ଥିବ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଯିବ । ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ସୁସନ୍ତାନ, ଯାହାଙ୍କ ପ୍ରକୃତିରେ କଷ୍ଟମୁକ୍ତ ଜନ୍ମ ହେବ । ପରୀକ୍ଷାରେ ହସି ଖେଳି ପାସ କରିଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଆନନ୍ଦ ମଧ୍ୟରେ କାଟି ନେବେ ।

ଏହି କୁହୁକ ମୁଦି ଆପଣଙ୍କୁ ମୋଟେ ୧୧୷୯ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦି ୨୩୷୯ । ଏହା ଅତି ଶୀଘ୍ର କାମ ଦିଏ । ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଆମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୨୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Panjab

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

# ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

---

## ଆଧୁନିକ ବିଜ୍ଞାନର ଚମତ୍କାରିତା

### ବୈଦ୍ୟୁତିକ ଚଷମା

ଅନ୍ଧାରରେ ଦେଖିବା ପଢ଼ିବା ପାଇଁ ବା ଲେଖିବା ପାଇଁ ଆଉ ଆଲୁଅ ଦରକାର ହେବନାହିଁ । ଏହି ବୈଦ୍ୟୁତିକ ଚଷମା ଲଗାଇ ଆପଣ ଘନ ଅନ୍ଧାରରେ ମଧ୍ୟ ଦେଖି ଲେଖି ପଢ଼ି ପାରିବେ । ଏହା ଘରକୁ ମଧ୍ୟ ଆଲୋକିତ କରିଦେବ । ଆଖିର କୌଣସି କ୍ଷତି କରେ ନାହିଁ । ମୂଲ୍ୟ ୫୷୯ ଡାକମାସୁଲ ସ୍ୱତନ୍ତ୍ର— ୨ଟି ଚଷମା ଏକତ୍ର ନେଲେ ମାସୁଲ ଛାଡ଼ପାଇବେ ।

Hilson Watch Import Co,
Kothi Mem, [D C] Decli No6

---

## ସ୍ତ୍ରୀ ରୋଗ ପାଇଁ

# ପ୍ରେମିକା ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନି କାରକ ନୁହେଁ । ମୂଲ୍ୟ ୨୷୯ ଡାକ ଖର୍ଚ୍ଚ—୫୷୯

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨।— ଡାକଖର୍ଚ୍ଚ—୫୷୯ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏଚ୍. ଏମ୍. ବି. ଏମ୍. ଏଚ୍. ଆର୍. ଏ.

ଏଠାରେ ଡେ ରଙ୍କ ହାଫେଲଙ୍କର ହୋମିଓପ୍ୟାଥିକ ଔଷଧ ଓ କାଙ୍କା ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

### ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ:.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ଧାର୍ ହ ଖଡ଼ ଇମାନ ଭୁଦାନ କାମ୍ନନ୍ତେ



ଆଷାଢ଼ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ଦ୍ୱିତୀୟ ସଂଖ୍ୟା ୧୭ । ୭ । ୬୦

## ମାଟିର ମଣିଷ —କାଳନ୍ଦୀଚରଣ

ହେ 'ସ୍ୱପ୍ନ-ସ୍ୱର୍ଗ'ର ରାଜ କୁମାର ! ଆପଣ ସ୍ୱର୍ଣ୍ଣ ହଂସ ସ୍ୱନର ନ୍ଦମ ଚ ସମ୍ୟରେ ଥାଇ ମଧ୍ୟ ଆପଣଙ୍କ ଗତି ହୋଇ ଯାଉଛି ମାଟିର ମଣିଷ ପାଇଁ । ସଭେଗ ଓ ବଳାୟ ପାଇଁ ସ୍ୱାଧୁ ବୁଟ ସୃଷ୍ଟି କରିବାରେ ଆପଣଙ୍କ କୁଣ୍ଠି କୌଣସି କାଳରେ ଵିଶ୍ୱାସ ଘାତକତା କରି ନାହିଁ— ତେଣୁ ପ୍ରାଣର କରୁଣାହିଁ ପଲଟି ଯାଇଛି ସହେଜ୍ୟ ସାମଗ୍ରୀ ହେଇ । ମାଟିର ମଣିଷ ହେଇ—ଧୂଳିର ଏ ମର କଲେବରରୁ ନେଇ ବରାଟ ଆଦର୍ଶର ଉଚ୍ଚ ଶିଖରରେ ମଣିଷ ଯେତେବେଳେ କହେ—"ଧର୍ମ ! ଧର୍ମ !!" ମନୁଷ୍ୟ ଧନ ରଖେ ନାହିଁ ଜନ ରଖେ ନାହିଁ —ମାନ ରଖେ ନାହିଁ—ମନୁଷ୍ୟ ରହିଯାଏ ମନୁଷ୍ୟ ଜାତି ପାଇଁ ଧର୍ମ ଧର୍ମ—କେବଳ ଧର୍ମ—ସେତେବେଳେ ଏଇ ମର୍ତ୍ତ୍ୟର ମାଟି ମଧ୍ୟ ସ୍ୱର୍ଗ ହୋଇ ଉଠେ ।




ହେ ସବୁଜ କବି—ଆପଣଙ୍କର ଗଦ୍ୟ ଓ ପଦ୍ୟ ଦୁଇଟି ଯାକ ପତ୍ନୀ ଆପଣଙ୍କର ଚିର-କାଳ ବିଶ୍ୱସ୍ତ—ଆପଣ ମଧ୍ୟ ଉଭୟ ସପତ୍ନୀଙ୍କୁ ସମାନ ଆଖିରେ ଦେଖିଛନ୍ତି । ମୁକ୍ତାଗଡ଼ର କ୍ଷୁଧା ଭିତରେ ଆପଣଙ୍କର ଏକ ପତ୍ନୀ ଯେପରି ପ୍ରଚଣ୍ଡା—ଦୁର୍ବିନୀତ ଟୋକା ବାଜି ଭିତରେ ମଧ୍ୟ ଆପଣଙ୍କର କାବ୍ୟ ନାୟିକା ଆଲୋ ମୁଖର ନୁହେଁ ।

ଏକଦା ହଠାତ୍ କେମଳ ଦୁର୍ବାଦଳ ପଶ୍ଚାତ୍ତେ ଶ୍ୟାମଳ ଲାବଣ୍ୟମଣ୍ଡିତ ହୋଇ ବହୁ ପାଠକ ପାଠିକାଙ୍କର ଚକ୍ଷୁ କୋଣ ହୋଇ ପରେ ମଧ୍ୟ ସେସବୁ ଚିରଦିନ ଗୋମଯ୍ରୁ ରୂପେ ଉତ୍କଳ ସାହିତ୍ୟ ମଣ୍ଡପକୁ ପବିତ୍ର କରୁଥିବ ।

ଚନ୍ଦ୍ରନାହିଁ ସବୁଜ କବି—ଚିର ଯୌବନା କବିତାର ପ୍ରେମରେ ବୁଢ଼ାପି ତରୁଣାୟିତେ ।

ଆଦର୍ଶ ପାଇଁ ଆଜି ଯଦି ଅନୁତାପ କର ତେବେ ଲେଖିଯାଅ :—

ଏତେ ଦୁର୍ବିନୀତ ଟୋକା

ଗୁଳ ନଖାଇ ତୁ ଅରେ ପାଜି ବାଜୀ

ମନ୍ତ୍ରୀ ନ ହେଲୁ ଯା ବୋକା !

ସମ୍ପାଦକୀୟ

## ଦୁଃଶାସନ

ନବ କଲେବର ସମ୍ବନ୍ଧରେ ତର୍କିତ ଆଲୋଚନା କରିବାର ବାସନାକୁ ପ୍ରତିହତ କରି ପ୍ରାଦେଶିକ ସମ୍ବାଦ ଆସିଲା—ପୁରୀରେ ଓଡ଼ିଶା ସରକାର ପୁଲିସ ଓ ସାଧୁଙ୍କ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଛି । ବାସ୍ତବ ସମସ୍ତ ସମ୍ମୁଖରେ ଏତେ କଠୋର ରୂପ ଯେ ଦେଖି ସେଠାରେ ବାସ୍ତ ହୋଇ ଉଡ଼ିଯାଏ ବୁଦ୍ଧି ଛାପରେ । ବାଧ୍ୟ ହୋଇ ଏଇ ଦାଙ୍ଗା ଆଲୋଚନା କରିବାକୁ ପଡ଼ୁଛି ।

ଏ ଘଟଣା ଉପରେ ସରକାରଙ୍କ ସଫେଇ ଇସ୍ତାହାର ପ୍ରକାଶ ପାଇଛି । ସାଧୁମାନଙ୍କ ପକ୍ଷରୁ କୌଣସି ବୋଷଣାର ଅବକାଶ ନାହିଁ । ଯଥାପି ହୁଏ କେହି ପ୍ରଚିତ ଓଡ଼ିଆ ବାବା ଏ ନଦୀ ଜଣେ ବିଶିଷ୍ଟ କଂଗ୍ରେସ କର୍ମୀ ଶ୍ରୀଲ ରାମ ଦାସଙ୍କ ବିବୃତି ପଠାଇ ମନେଦ୍ଵାଏ । ଏହାଛଡ଼ା ଆମର ବିଶିଷ୍ଟ ପ୍ରତିନିଧିଙ୍କର ଅନୁସନ୍ଧାନ ଯାହା ପ୍ରମାଣ ଦିଏ ସେଥିରୁ ବୁଝା ଯାଉଛି ଯେ ଏ ଘଟଣାରେ କେବଳ ଦୁଃଶାସନ ନୁହେ—ଦୁଃଶାସନର ଅନିଷ୍ଟକର ମାତ୍ରା ଶାସନ ବା ଅବିଚାରର ସୀମା ପର୍ଯ୍ୟନ୍ତ ଅତିକ୍ରମ କରିଗଲାଣି ।

ଆଶ୍ଚର୍ଯ୍ୟର କଥା, ନିଜେ ରାଷ୍ଟ୍ରପାଳ ଏବଂ ରାଷ୍ଟ୍ରର ଗରେଇ ତଥା ପୁଲିସ ବିଭାଗର ସଚିବ—ଅଥ ଅନ୍ୟ ସଚିବ ମାନଙ୍କର ଉପସ୍ଥିତିରେ ଦୋଷୀ ନିର୍ଦ୍ଦୋଷ ନ ବାଛି କେବଳ ପୁଲିସ ଯଥେଚ୍ଛା ଅତ୍ୟାଚାର କରିଗଲେ । ଏଥିରୁ ଜଣାଯାଏ—ଏ ରାଷ୍ଟ୍ରର ସବୁ ଦାୟିତ୍ୱଶୀଳ ପୁଲିସ—ନା ଲୋକ ପ୍ରତିନିଧି ?

କେବଳ ପୁରୀର ସାଧୁ ନୁହଁ—ପୁରୀରୁ ଯାଉଥିବା ଟ୍ରେନକୁ ସମସ୍ତ ସାଧୁଙ୍କୁ ଗିରଫ କରିବାର ଆଦେଶ ମଧ୍ୟ ହୋଇଗଲା । ଏହାର ବୃହତ୍ ପ୍ରମାଣ ମିଳିଛି ।

ଏହା ଛଡ଼ା ରଥ ଯାତ୍ରାରେ ଓ ସ୍ନାନରେ ଯେତେ ବିଶୃଙ୍ଖଳା—ଓଡ଼ିଶା ବାହାରୁ ଗାଡ଼ି ଗାଡ଼ି ପୁଲିସ ଆମଦାନୀ କରି ମଧ୍ୟ ଯେଉଁ ବିଭ୍ରାଟ ଘଟିଛି—ଏ ଦେଶରେ କୌଣସି ଶାସନ ଅଛି ବୋଲି ସେଥିରୁ ବୁଝା ପଡ଼ିବା କଷ୍ଟକର ।

ଆମ୍ଭମାନଙ୍କୁ ମୁକ୍ତ କଣ୍ଠରେ କହିବାକୁ ପଡ଼ିବ ଯେ ଘରୋଇ ଓ ପୁଲିସ ବିଭାଗର ମନ୍ତ୍ରୀ ତାଙ୍କର କାର୍ଯ୍ୟରୁ ସମ୍ପୂର୍ଣ୍ଣ ଅଯୋଗ୍ୟ । ଅଧିକ ଦୁଃଖର କଥା ଯେ ରାଷ୍ଟ୍ରପାଳ ସ୍ୱୟଂ ଗଭର୍ଣ୍ଣର ମଧ୍ୟ ସେଦିନ ଦ୍ରଷ୍ଟା ହିସାବରେ ଉପସ୍ଥିତ ଥିଲେ । ନିଃ ମଃ

# କିଏ କଅଣ ଲେଖିଛନ୍ତି ୨

ଲେଖକ—ସୁଶୀଲମୋହନ ମିଶ୍ର

**ରୋଲସ-୨-୮ ଦେଖି ସରକାର ମାନସିଂହ ଲେଖିଛନ୍ତି**

ଉତ୍କଳ କଥାଚିତ୍ର ଏଇ ମୁଁ ପ୍ରଥମ ଦେଖିଲି । ଉତ୍କଳ ଭାଷାରେ ଅଭିନେତା ଓ ଅଭିନେତ୍ରୀ ମାନଙ୍କ କଥା ହେବା ଶୁଣି ବଡ ପ୍ରୀତ ହେଲି । ଏହା ଲଳିତା ଛବିଠାରୁ ସାମାଜିକ ଚିତ୍ର ହିସାବରେ ଅତି ଉତ୍କୃଷ୍ଟ । ବିଶେଷ ଆକର୍ଷଣ ରହିଛି ଓଡ଼ିଆ କଥାଚିତ୍ରରେ 'ହିନ୍ଦ ଗୀତ' । ଏହା ଦ୍ୱାରା ଓଡ଼ିଆର ଉଦାର ମହତ୍ତ୍ୱ ପ୍ରତିପାଦିତ । ଡ୍ରପେଲ ପର୍ଦ୍ଦା ଚିତ୍ର ଆରମ୍ଭରୁ ଧଳା ଥିଲା । ପୁଣି ସିନେମା ଆରମ୍ଭ ହେଲରୁ ଉକ୍ତ ପରଦାରେ ନାନାବିଧ ଛବି ମୋ କବି ମନକୁ ଆକର୍ଷଣ କଲା । ତାପରେ ଇଣ୍ଟରଭେଲରେ ପୁଣି ଡ୍ରପେଲ ପର୍ଦ୍ଦା ଧଳା ହୋଇଗଲା ଓ ପୁଣି ନାନାବିଧ ଚିତ୍ର ବିଲୀନ ହେଲା । ପର୍ଦ୍ଦା ପରକ୍ଷଣରେ ପୁଣି ଧଳା ହୋଇଗଲା । ଏମିତି ଦୃଶ୍ୟ ମୁଁ କେବେ ଦେଖି ନଥିଲି । ଉତ୍କଳ ସିନେମା ଜଗତରେ ଏହା ପ୍ରଥମ । ଅଭିନେତା ଓ ଅଭିନେତ୍ରୀମାନ ଗୁଲ ବୁଲ କରୁଥିଲେ । ତେଣୁ ଅଭିନୟ ଅତି ଉତ୍କୃଷ୍ଟ ଧରଣର ହୋଇଛି । ମୋତେ ନିମନ୍ତ୍ରଣ କରି ରୋଲସ ୨-୮ର ପରିବେଷକ ଯେଉଁ ଆପ୍ୟାୟିତ କରିଛନ୍ତି ସେଥିପାଇଁ ତାଙ୍କୁ ଧନ୍ୟବାଦ । ମୋର ସମାଲୋଚନାରେ ମୁଗ୍ଧ ହୋଇ ଦେଶବାସୀ ରୋଲସ ୨-୮ ଦେଖିଲେ ମୋର ଆଶା । ..................

**'ବାସର ରାତି' ପଢ଼ି ଅଧ୍ୟାପକ ଚିନ୍ମୟ ଚଟ୍ଟେନ ଲେଖିଛନ୍ତି—**

କବିତାଟି ପ୍ରତ୍ୟେକ କଲେଜ ତରୁଣୀ ଓ ତରୁଣ ପାଠ କରିବା ଉଚିତ । କବିତା ପଢ଼ିଲେ ତରୁଣ ଓ ତରୁଣୀମାନଙ୍କ ମନରେ ରୋମାଞ୍ଚ ଜାଗ୍ରତ ହେବ । ସେମାନେ ଉପଦେଶ ପୁସ୍ତକ ଛାଡ଼ିଦେଇ ଏଇ କବିତା ପଢ଼ିଲେ ଜାଗ୍ରତ ହେବ ପ୍ରେମ ! ତାପରେ ବିବାହ ଓ ପରକ୍ଷଣରେ ପୁତ୍ର କନ୍ୟା ପ୍ରସବ । ଏ ପୁସ୍ତକ [illegible] ପାଠ୍ୟ ପୁସ୍ତକ ରୂପେ ଗୃହୀତ ହେଲେ ଲେଖକ ଖୁବ୍ ପଇସା ଉପାର୍ଜନ କରି ପାରନ୍ତେ ।........................

**୭୦ ବର୍ଷର ବୃଦ୍ଧ ଗୋଡ଼ିଲାଲ ଲେଖିଛନ୍ତି—**

ଜାବଗଳା ଚନ୍ଦ୍ର ସେନଙ୍କ ମଦନାନନ୍ଦ ମୋଦକ ଖାଇ ମୁଁ ବିବାହ ହେବାକୁ ବାଧ୍ୟ ହେଲି ।..................

**ଏଡ୍‌ଭୋକେଟ୍ ରାଓ ଲେଖିଛନ୍ତି—**

ପଥ ଚଳା ବସ ସର୍ଭିସକୁ ମୁଁ ଧନ୍ୟବାଦ ନଦେଇ ରହି ପାରୁନାହିଁ । ତାଙ୍କର ଦୃଷ୍ଟିକୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ଦିନେ ଯାଉଥିଲି । ମଟରରେ ଆଉ ଯାଗା ନଥିଲା ତଥାପି କଣ୍ଡକ୍ଟର ଯେ କେମିତି ମୋ ପାଇଁ ଫାଷ୍ଟକ୍ଲାସରେ ଯାଗାଟିଏ କରିଦେଲା ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ ଏହି ପଥଚଳା ବସ ସର୍ଭିସର ଉନ୍ନତି କାମନା କରେ । ......

**ଜଣେ କଂଗ୍ରେସ ଏମ୍, ଏଲ୍ ଏ ଲେଖିଛନ୍ତି—**

ମାରୱାଡ଼ି ଛପନଲାଲ ମୋ ପ୍ରିୟ ବାନ୍ଧା-ଘର ଲୋକଙ୍କୁ ବିନା ପରମିଟରେ ମୋତେ ଚିନି, କିରାସିନି ଯୋଗାଇ ଥିବାରୁ ମୁଁ ତାହାର 'ଅକ୍ଷୟ ଭଣ୍ଡାର'ର ଦୀର୍ଘ ଜୀବନ କାମନା କରେ । ଆଶାକରେ ଏ ଭଣ୍ଡାରରୁ ଲୋକେ ବିନା ପାରମିଟରେ ଚିନି ଓ କିରାସିନି ଖରିଦ କରିବେ । ମୂଲ୍ୟ ପ୍ରତି ଦୃଷ୍ଟି ଦେବେ ନାହିଁ ।...

**ମାରୱାଡ଼ୀ ଛପନ ଲାଲ ଲେଖିଛନ୍ତି—**

କଂଗ୍ରେସ ଏମ୍, ଏଲ୍ ଏ ଙ୍କର କାର୍ଯ୍ୟ କଳାପ ମୋର ମନକୁ ଆକର୍ଷଣ କରିଛି ଓ ସେ ମନ୍ତ୍ରୀ ହେବାର ସୁଯୋଗ୍ୟ ଅଟନ୍ତି । ......

**ଶିଶୁ ପରିଣୀତା ମହାନ୍ତି ଲେଖିଛନ୍ତି—**

ମୁଁ ଶ୍ରୀମତୀ ଯାଯାବର ମିଶ୍ରଙ୍କର ଔଷଧ ସେବନ କରନ୍ତେ ଭରା ଯୌବନ ପାଇଗଲି । ମୋର ବର୍ତ୍ତମାନ ବୟସ ନଅ । .............

**ବୃଦ୍ଧା ଶ୍ରୀମତୀ ବିଗତ ଯୌବନା ଦ୍ରାକ୍ଷା କୁଞ୍ଜରୁ ଲେଖିଛନ୍ତି—**

ବୟସ ଯଦିଓ ମୋର ୬୦ ତଥାପି ଏ ଔଷଧ ମୋର ପୂର୍ବ ଯୌବନ ଫେରାଇ ଆଣିଲା ।.........

**ଶ୍ରୀଯୁକ୍ତ [illegible] ସାର୍ଟିଫିକେଟରେ ଲେଖିଛନ୍ତି—**

ମୁଁ ମୋର ମୁନ୍ଦା ମିଶ୍ରଙ୍କୁ ଜାଣେ । ସେ ଡାକ୍ତର ଖାନାରେ ଦୁଃସ୍ଥ ରୋଗରେ ପୀଡ଼ିତ ଥିଲେ ସୁଦ୍ଧା ତାଙ୍କ ଚରିତ୍ର କଳଙ୍କ ହୀନ । ସେ କେବେ ଫୁଟବଲ ଦେଖିନଥିଲେ ମଧ୍ୟ ସେ ଜଣେ ଗାନ୍ଧିଙ୍କ ପଥ ସ୍ପୋର୍ଟସ ମେନ । କଥା ବାର୍ତ୍ତା କରିବାରେ ତାଙ୍କର ଦକ୍ଷତା ପଟୁତା ଅଛି । ତାଙ୍କର ମୁଁ ଉନ୍ନତି କାମନା କରେ ଓ ସେ ସରକାରୀ ଚାକିରିରେ ଉପଯୁକ୍ତ । ......

**ଚିନ୍ତାବଲ୍ଲଭ ମହାନ୍ତି ଲେଖିଛନ୍ତି—**

ପ୍ରଧାନ ମନ୍ତ୍ରୀଙ୍କର ବା ତାଙ୍କ କରକମଳରେ ଅର୍ପିତ ସମସ୍ତ ଓଡ଼ିଆ ପୁସ୍ତକ ପାଠ୍ୟ ପୁସ୍ତକ ହେବା ଉପଯୁକ୍ତ ।......

**ଲେଖକ ସଂଘ ଲେଖିଛନ୍ତି—**

ଲେଖକ ସାହିତ୍ୟର ଉପାସକ ସେ ଅର୍ଥପାଇଁ ବ୍ୟାକୁଳିତ ହେବା ଅନୁଚିତ । ତେଣୁ ପ୍ରତ୍ୟେକ ଲେଖକ ଅର୍ଥ ପାଇଁ ଝଙ୍କାର ନକରି ଲେଖା ପାଇଁ ମନ ଦିଅନ୍ତୁ ।......

**ଅନାଗ ଖବର କାଗଜର ସଂପାଦକ ଲେଖିଛନ୍ତି—**

ଆମର ଗ୍ରାହକମାନେ ରବିବାର ଦିନ ପାଇଁ ସ୍ୱତନ୍ତ୍ର ସାହିତ୍ୟ ମୂଳକ ଖବର କାଗଜ ବାହାର କରିବା ପାଇଁ ନାନାବିଧ ଆପତ୍ତି କରିବାରୁ ଆମେ ବାହାର କଲୁ । ପ୍ରତ୍ୟେକ ଖବର କାଗଜର ମୂଲ୍ୟ ଅଣାଏ ।......

ଓଡ଼ିଶା ସେକ୍ରେଟେରିଏଟ୍ କାଣ୍ଟିନରୁ ଜଣେ ଖାଦକ ଲେଖିଛନ୍ତି—ଏଠାରେ ଖାଦ୍ୟ ଓ ଖାଦକ ମଧ୍ୟରେ ବିଶେଷ ତଫାତ ନାହିଁ ତେଣୁ ଏଠାରେ ହିସାବ କିତାବର ପ୍ରୟୋଜନ ଥାଇ ନପାରେ ।......

ଜଣେ ପ୍ରଧାନ ସରକାରୀ ଅମଲାଙ୍କର ପିଅନ ଲେଖିଛନ୍ତି—ମୋତେ ସାହେବ ଘର କାମ କରିବାକୁ କହିବାରୁ ମୁଁ ହଠାତ୍ କ୍ରୋଧ ପରବଶ ହୋଇ ଯାହା କରିଛି—ସେଥିପାଇଁ ଅନୁତପ୍ତ । ମୁଁ ଶୁଣିଲି ସରକସର ଗଧ ବିଦନ ମାଲିକଙ୍କ କନ୍ୟାର ପାଣି ଗ୍ରହଣ ଆଶାୟୀ ହୋଇଥିଲି । ମୋର ଭବିଷ୍ୟତ ବର୍ତ୍ତମାନ ଅନ୍ଧକାର । ମୁଁ ଗଧ ସଂଗରେ ମଧ୍ୟ ସମାନ ନୁହେଁ ।......

ମର୍ଧଲ ଶ୍ୱେତ ଭଲ୍ଲୁକ ହସ୍ତିନୀ ଇନ୍ଦିରାଙ୍କ ପିତା ନେହେରୁ ଲେଖିଛନ୍ତି—ତମର ଶାନ୍ତି ପ୍ରସ୍ତାବରେ ଅଭିଭୂତ । ରୁଷିଆକୁ ମଧ୍ୟ ଗୋଟିଏ କାସ୍ମିର ଯୋଡ଼ା ଗଜ ପ୍ରୀତ ପଠାଇଲେ ଶାନ୍ତିର ପ୍ରତୀକ ହୁଅନ୍ତା । ଗଜ ଯୋଡ଼ର ଅହିଂସ ସେଇପରି ବପୁ ଓ ବୁଦ୍ଧିରେ ମୋଟ ।

ସଦ୍ୟପ୍ରାପ୍ତ ଅଙ୍କଲସାମ—ହିରଣ୍ଡା ମାଉଙ୍କୁ ଲେଖିଛନ୍ତି—ଭଉଜ ବୋଉ—ଭାଇ ମୋ ହାତ ନଧରିବା ଯାଏ—ମୁଁ ଆଉ ଘରକୁ ଫେରିବି ନାହିଁ—ଜାଣିଥା । ମୋ ପାଇଁ ପଖାଳ ଓ ଡାମଡ଼ା ଶୁଖୁଆ ଲୁଚାଇ ରଖିଥିବ ଏକା । .............



Digitized by srujanika@gmail.com



—ଆଶ୍ଚର୍ଯ୍ୟ ଖଜୁରୀ ଗଛ—

ସାରା ଭାରତରେ ବନ ମହୋତ୍ସବ ଚାଲିଛି । ଓଡ଼ିଶାରେ ମଧ୍ୟ । ଆମ ମତରେ ଅନ୍ୟାନ୍ୟ ଫଳଗଛ ନ ଲଗାଇ ଓଡ଼ିଶା ସରକାର ସରକାରଙ୍କ ଅନୁରୂପ ଗୁଡ଼ାଏ ଖଜୁରି ଗଛ ରୋପଣ କରନ୍ତୁ । ଜଣାଯାଇଛି ଯେ ଏକପ୍ରକାର ଆଶ୍ଚର୍ଯ୍ୟ ଖଜୁରି ଗଛ ଅଛି । ଯେଉଁ ଭୂଇଁରେ ଯେତେ ମିଛ, ଅନ୍ୟାୟ, କଳା ପୋତା ଥାଏ—ସେ ଭୂଇଁରେ ଏ ଗଛ ଏକା ଦିନେ ବାରହାତ ବଢ଼େ । ମିଛ କମିଲେ ଏ ପୁଣି ଛୋଟ ହୋଇ ଯାଏ । ଓଡ଼ିଶାର ଭୂଇଁ ଏଥିପାଇଁ ପ୍ରଶସ୍ତ ବୋଲି ମହତାବ ମନ୍ତ୍ରୀମଣ୍ଡଳ ବେଳରୁ ଜଣାଯାଇ ଥିଲା । ଏବେ ଭାରତ ସରକାର ମଧ୍ୟ ସେ କଥା ଜାଣିଲେଣି । ସେଥିପାଇଁ ଓଡ଼ିଶା ସରକାର ଶୀଘ୍ର ଏ ଗଛ ରୋପଣ କରନ୍ତୁ । ଓଡ଼ିଶା ସରକାରଙ୍କର ଯେପରି ମୂଳରୁ ପାହାଚ ପାହାଚ—କରି କଥା ଆଉ ବାଛିବାର ନାହିଁ ଏ ଗଛ ଗୁଡ଼ିକ ମଧ୍ୟ ଠିକ ସେହିପରି !......

—ବନ ମହୋତ୍ସବ—

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ବୃନ୍ଦାବନରେ କଦମ୍ବ ମୂଳରେ ରାହାସ ଉତ୍ସବ କରିଥିଲେ । ଆଜିକାଲି ନବ୍ୟ ଯୁଗରେ—ଖଜୁରି ଗଛ ମୂଳରେ ସେ ଉତ୍ସବ ହେବା ଉଚିତ । କାରଣ ଖଜୁରି ଗଛର ଗୀରି ଦେହକୁ ବଡ ହିତ । ଖଜୁରି ଗଛ, ରସାଳ—ଖଜୁରି ଫଳ ମିଠା । କଦମ୍ବର ନା ରସ—ନା ସ୍ୱାଦୁ । କେବଳ ଫୁଲ । ଆମ ପ୍ରେମ କେବଳ ଫୁଲରେ ସନ୍ତୋଷ ନୁହେଁ—ଫଳ ପାଇବାର ଆଶା ନଥିଲେ ଆଜି କାଲି କେହି କାହାରି ପ୍ରେମରେ ନପଡ଼େ । ମନ୍ତ୍ରୀ ମାନଙ୍କ ପ୍ରେମରେ ବହୁ ଲୋକ ପଡ଼ୁଛନ୍ତି ଏଇ ଫଳ ପାଇବା ଆଶାରେ । ଫଳ ନଦେଇ ଫୁଲ ଦେଉଥିଲେ କେହି ମନ୍ତ୍ରୀଙ୍କୁ ପଚାରନ୍ତେ ନାହିଁ । ସେଥିପାଇଁ ଫଳଗଛ ସବୁ ଲଗା ଯାଉଛି ।

ଶ୍ରୀବିଜୀ

ଜଣେ ଆମକୁ ପ୍ରଶ୍ନ ପଚାରିଛନ୍ତି—ବନ ମହୋତ୍ସବରେ ମନ୍ତ୍ରୀ ମାନଙ୍କୁ ଆଣି ସରକାର କଣ ନଚାଇଲେ ? ପ୍ରଶ୍ନକର୍ତ୍ତା ଏତକ ବୁଝି ପାରିଲେ ନାହିଁ ଯେ—ବନ ଉତ୍ସବ ଏକବନ ନୁହେଁ—ତିନିବନ । ଗୋଟିଏ ବନ—ଆଉ ଗୋଟିଏ ଉପବନ—ଆଉ ଗୋଟିଏ ଯଉବନ । ଏଇ ତିନିବନକୁ ଏକତ୍ର କରି ବନ ମହୋତ୍ସବ ପାଳିବାର କଥା । ପ୍ରଥମଟି ପୂର୍ଣ୍ଣ ବସ୍ତୁବାଦ—କାରଣ ଏହାର କେବଳ ବାସ୍ତବ ରୂପ ଅଛି ଏବଂ ବାସ୍ତବ ଫଳପ୍ରାପ୍ତି ଆଶାରେ ହୁଏ । ତା ଉପରକୁ ଉପବନ । ଏଥିରେ ଫଳ ପାଇବାର ଆଶା ନଥାଏ—ମାତ୍ର ଫୁଲରେ ମୋହ ଆସେ । ପରିଣାମରେ କଳାର ସୃଷ୍ଟି ହୁଏ—ଏଇଟା ବସ୍ତୁବାଦ ଆଉ ଅଧ୍ୟାତ୍ମବାଦ ବା objective ଆଉ subjective ବାଦର ମଝିରେ । ତାପରେ ଯଉବନଟା ପୁରାପୁରି ଅଧ୍ୟାତ୍ମ । କେବଳ ପ୍ରେମର ସଞ୍ଚାର । ଏଥିରେ ଫଳ ନାହିଁ, ଫୁଲ ନାହିଁ, କେବଳ 'ଭାଲବାସା' । ଏହାର ପ୍ରତୀକ ନୃତ୍ୟ, ଗୀତ, ଓ ଜୁମର ଜୁମାରୀ । ଏହି ତ୍ରିବିଧ ଉତ୍ସବକୁ ସଫଳ କରିବା ପାଇଁ କୁମାରୀ ମାନଙ୍କୁ ନଚା ହୋଇଥିବାର ଖବର ମିଳେ ।

—ନୂଆ କଳେବର—

ଏଥର ନବ କଳେବର । ଓଡ଼ିଶା ସରକାରଙ୍କର ମଧ୍ୟ 'ନବ+କଳେବର' । ନବ ବାବୁ ମନ୍ତ୍ରୀ ହେବାରୁ—କଂଗ୍ରେସ ସରକାରଙ୍କର ପୁରୁଣା କଳେବର ଯାଇ ନବ କଳେବର ହୋଇଛି । ଏଥର ନବ କଳେବର ପାଇଁ ଯେପରି ଅର୍ଥାଭାବ ହେଉଛି—ଓଡ଼ିଶା ସରକାରଙ୍କର ମଧ୍ୟ ସେହିପରି ଅବସ୍ଥା । କିଛି ଲୋକଙ୍କର ଆଜି କାଲି ଯେପରି ଜଗନ୍ନାଥ ରଥ ଓ ନବ କଳେବର ପ୍ରତି ବିଶ୍ୱାସ କମିଯାଉଛି—କଂଗ୍ରେସ ସରକାର ଉପରେ ସେପରି ଆସ୍ଥା ବି କମୁଛି । ମାତ୍ର ପଥପିଟା ବାଲାଙ୍କର ଯେପରି ଭିଡ଼ ପୁରୀରେ ଲାଗିଛି— ଆସନ୍ତା ଭୋଟରେ କଂଗ୍ରେସ ପକ୍ଷରେ ଭୋଟ ଦେବା ପାଇଁ ଲୋକେ ସେହିପରି ଭିଡ଼ କରିବେ ଏଥିରେ ସନ୍ଦେହ ନାହିଁ ।

—ରଥଯାତ୍ରା—

ଏଥର ପୁରୀ ରଥଯାତ୍ରାରେ ୪ । ୫ ଲକ୍ଷ ଲୋକ ଜମା ହୋଇଥିଲେ । ଓଡ଼ିଶା ସରକାର ଓ ପୁରୀ ରାଜାଙ୍କ ବ୍ୟବସ୍ଥା ତଥା ଦେବର୍ତ୍ତା ଗିରିରେ ଉଭୟଙ୍କ ପଦ୍ମଶ୍ରୀ ମିଳେ ହେଉ ହେଉ ରହି ହୋଇଗଲା । ଆମ ସରକାରୀ କର୍ମଚାରୀ ତଥା ରାଜା ସାହେବଙ୍କର ପଦ୍ମଶ୍ରୀଠା ଯେମିତି—ଠାକୁରଙ୍କର ପଦ୍ମଶ୍ରୀ ମଧ୍ୟ ସେମିତି ହେଲା । ଆମର ମନେହୁଏ ସେଦିନ ପୁରୀ ଅଫିସ ଦୋକାନମାନଙ୍କରୁ ହଙ୍ଗ ଶେଷ ହୋଇ ଯାଇଥିବ । ପୁଲିସ ଓ ରାଜା ସେଥିରେ ମାଲ ଦେଇ ତଉରସ ଗୁଳ ଚଲାଇ ଦେଇଥିଲେ । ତା ନ ହେଲେ ଲକ୍ଷ ଲକ୍ଷ ଲୋକଙ୍କୁ ସକାଳୁ ସଞ୍ଜ ଯାଏ ବସାଇ ରଖିବା କୌଣସି ବାହ୍ୟିକ ପୂର୍ଣ୍ଣ ଲୋକର କାମ ନୁହେଁ । ଆମ ମତରେ ଜଗନ୍ନାଥ ଯଦି ଜନ୍ତାଣ ବଳେ କରି ନପାରିଲେ ତେବେ ମାଜିଷ୍ଟ୍ରେଟଙ୍କୁ ବଡ ଠାକୁର ବଳଦେବଙ୍କ ରଥରେ—ପୁଲିସ ସାହେବଙ୍କୁ ସୁଭଦ୍ରା ରଥରେ ଓ ଠାକୁର ରାଜାଙ୍କୁ ଜଗନ୍ନାଥଙ୍କ ରଥରେ ବସାଇ ଟାଣି ନେଇ ଥିଲେ ଅନ୍ତତଃ କାମ ଚୁଟି ଯାଇଥାନ୍ତା ।

—ବି: ଏନ: ଆର—

ଆମ ଓଡ଼ିଶା ରେଲବାଇର ନାମ ବି ଏନଆର—B. N. R. ଏହାର କେତେକ ପ୍ରକାର ଅର୍ଥ ଲୋକ ମୁହଁରେ ଶୁଣାଯାଏ—ଯଥା—Be Never Regular—Bribe Never Refused—Badmash Nonesense Rogue ଅର୍ଥାତ କେତେଲୋକଙ୍କ ଲେ ହେଲେ ଯେ ନିୟମ ନୁହେଁ—ତୁମେ ଯେତେ ଦେଲେ ହେଲେ ମନା ହୁଏ ନାହିଁ—ବଦମାସ ନିର୍ବୋଧ ଓ ଗୁଣ୍ଡା । ଏ ସବୁ ଲୋକ ମୁଖର ଗଳ୍ପ ଏଥର ରଥଯାତ୍ରା ବେଳକୁ ସବୁ ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଗଲା । ପୁରୀରେ ଯେଉଁ ବାହାଲା ରେଲ କର୍ତ୍ତୃପକ୍ଷ କଲେ ସେଥିରୁ ଜଣାଗଲା ଯେ ବି ଏନ ଆର ହୋଟେଲ ଆଉ ସମୁଦ୍ର ପୁରୀକୁ ଉଠାଇ ନନେଲେ ଯାତ୍ରୀଙ୍କର ସୁବିଧା କେବେ ହେବ ନାହିଁ



Digitized by srujanika@gmail.com

—ନାଗା ଓ ପେଟା—

ରଥ ଯାତ୍ରାରେ ନାଗା ଓ ପୁଲିସମାନଙ୍କ ଭିତରେ ଦଙ୍ଗା ହୋଇଗଲା । ଏ ଦଙ୍ଗା ଫଳରେ ପୁଲିସ କୁଆଡେ ଯେଉଁଠି ଯେଉଁ ସାଧୁ ପାଇଲେ ସମସ୍ତଙ୍କୁ ଗୋଡେଇ ଗିରଫ କଲେ । ହନୁମାନ-ବିଶଲ୍ୟ କରଣି ଆଣିବାକୁ ଯାଇ ଗନ୍ଧମାର୍ଦ୍ଦନ ଆଣିଲା ପରି ଆମ ଓଡ଼ିଆ ପୁଲିସ ସବୁବେଳେ ଏହିପରି ସରକାର ଭକ୍ତ—ହନୁମାନସଙ୍ଗା । ଏହି ଭଳି ନିମକ ସଚ୍ଚା ପଣ ଯୋଗୁଁ ବ୍ରିଟିଶ ସରକାରଙ୍କୁ ଦମନ ଦେଲେ ଆଉ ଏହିଭଳି ଭକ୍ତି ଫଳରେ କଂଗ୍ରେସ ସରକାର ମଧ୍ୟ ପ୍ରୀତି ପାଇବେ । ପୂର୍ବଦିନ ଯଦି ପୁଲିସ କେବଳ ଦ୍ରଷ୍ଟା ନହୋଇ ନିଜ କର୍ତ୍ତବ୍ୟରେ ମନ ଦେଇ ଥାନ୍ତେ ତେବେ କୌଣସି ଗୋଳମାଳ ହୋଇ ନଥାନ୍ତା । ଆମ ପୁଲିସଙ୍କର ଅଭ୍ୟାସ ନିଜ କାମଟିକୁ ଛାଡ଼ି ଅନ୍ୟ ସବୁ କାମରେ ସେମାନେ ଧୁରନ୍ଧର ।

—ମେଡ଼ିକେଲରେ ନାଚ—

ଓଡ଼ିଶା ମେଡ଼ିକେଲ କଲେଜରେ ଛାତ୍ରମାନେ ବଡ଼ ଭଲ ନାଚ ଗୀତ କରନ୍ତି ବୋଲି ଶୁଣାଯାଏ । କିନ୍ତୁ ସେମାନେ ଯେ ତାଙ୍କର ମେଡ଼ିକେଲ ମୁରବୀ ଓ ସରକାରଙ୍କୁ ମଧ୍ୟ ନାଚ ଶିଖେଇ ନଚାଇ ପାରନ୍ତି ଏକଥା ଜଣା ନଥିଲା । ମେଡ଼ିକେଲ ବୋର୍ଡ଼ ଓ ସରକାରଙ୍କ ଭିତରେ ଯେଉଁ ବାଦାବାଦି ଲାଗିଛି ସେଥିରେ ବଗୁରପଡ଼ ଜଜେ ହାଇକୋର୍ଟ । ଶୁଣାଯାଉଛି ପ୍ରଧାନ ମନ୍ତ୍ରୀ ଦୁଇ ଦଳକୁ ସନ୍ତୋଷ କରି ନିଜ ମୁହଁରେ ଥୋଡ଼ା ଦୁର୍ବଳତାର ଚୁନ କାଳି ଲଗାଇ ବଜାରରେ ଡଗର ବିକ୍ରୀ କରିବେ । ତାହାଭିତରେ ପୁଣି କଳାବଜାର ଚାଲିଲା ଅଧେ ପିଲାଙ୍କୁ ତଡ଼ି ଦିଆଗଲାଣି !। ଆମ୍ଭେମାନେ ତାଙ୍କୁ ସେଥିପାଇଁ ଅନ୍ତରିକ ଧନ୍ୟବାଦ ଦେଉଛୁ ।

—ଟର୍ମି ଓ ହରକଳା—

ପବ୍ଲିକ୍ ସର୍ଭିସ କମିସନରଙ୍କ ପାଖରୁ ନୟାଇ ବଡ଼ ଖବର ଓଡ଼ିଶାରେ ଏକମାତ୍ର ଗୋଟିଏ କର୍ମଚାରୀ ପାଇଥିବାରୁ ମହତାବ ଯିବା ବେଳରେ ଝନମାଇ ସେ କର୍ମଚାରୀଙ୍କୁ ଛଡ଼ିଗଲେ । ବାକୀ ଯାହାସବୁ ତାଙ୍କ ଅଜ୍ଞାନରେ ହୋଇଯାଇଛି ସେ କଥା ଜଣେ ନୂଆ ସେକ୍ରେଟେରୀ ହେଜାଇ ଦେବାରୁ ତାଙ୍କର ଅବମୃଷ୍ୟକାରିତା ପାଇଁ ତାଙ୍କ ବିରୁଦ୍ଧରେ ପ୍ରୋସିଡ଼ିଙ୍ଗ ହେବ ହେଉଁ ରହିଗଲା । ଚମ୍ପୁ କି ହରକଳା ବୋଲି କହିବା ପାପ । ସେକ୍ରେଟେରୀ ମହାଶୟ ଏତକ ଜାଣିବା ଉଚିତ । କୃଷ୍ଣ କଳା ଓ ବଜାର କଳା ବୋଲି ବରଜ ବଜାରୀଙ୍କୁ କଳା କୃଷ୍ଣ କହିବ ନାହିଁ । ପ୍ରାଣନାଥଙ୍କର ପ୍ରାଣ ଉଡ଼ିଯିବ । ଦାନା ବି ଗୁଣ୍ଡ଼ିଯିବ ।

—ଶାସନ ତଳେ ବାଲିଚୂନ—

ନବବାବୁ ପ୍ରଧାନ ମନ୍ତ୍ରୀ ହେବାପରେ କୁଆଡ଼େ ସୁକନ୍ଦା ପାଖରେ ଦୋଉ ନଈ ଚୋଟିକୁ ବାଲି ସମାନ କରି ଦେଇଛନ୍ତି । ସିମେଣ୍ଟ ପଥରର ବନ୍ଧ ପାଇଁ ପଇସା ନେଇ ବାଲିଚୂନରେ କାମ କରାଯାଇଥିଲା । ନବବାବୁ କୁଆଡ଼େ ନିଜେ ସେ ସବୁ ତାଡ଼ି ଦେଖାଇ ଦେଇଛନ୍ତି । ଆମେ ଜାଣୁ ଯେ ବିହାରବାଗକୁ ମହାନଦୀରେ ସିମେଣ୍ଟ ଦସ୍ତା ବୁହା ହେବା ବେଳେ ସିମେଣ୍ଟ ଅଭାବ ପଡ଼ିବାରୁ ଏପରି ହୋଇଛି ବୋଲି କଣ୍ଟ୍ରାକ୍ଟର କଇଫିୟତ ଦେଇ ନାହାନ୍ତି । ମାତ୍ର ନବବାବୁ ଯଦି ଭଲ ତଡ଼ାଳ ଖୋଲାଳ ହୋଇଥାନ୍ତି ତେବେ ତାଙ୍କ ପୂର୍ବ ପୁରୁଷଙ୍କ ଶାସନ ତଳେ ବହୁତ ବାଲିଚୂନ ପାଇବେ, ସନ୍ଦେହ ନାହିଁ ।

—ମହତାବଙ୍କ ପାରିଲା ପଣ—

ଲୋକେ ମହତାବଙ୍କର ପ୍ରଶଂସା କରି କହୁଛନ୍ତି ଯେ ସେ ହସ୍ତିନା କଟକରେ ଥାଇ ମଧ୍ୟ କଳାବଜାର କଟକକୁ ଆଜିଯାଏ ନଭୁଲି ଏଠାରେ ମଧ୍ୟ ଅସ୍ତ୍ର ବେଳେ ବେଳେ ଧାରଣ କରି ତାହାକୁ ଖବର ଦେଉଛନ୍ତି ତାହାଠାରୁ କଣ ନେଉଛନ୍ତି । ଏକଥା ସତ ହୋଇଥିଲେ-ମହତାବଙ୍କ କାଉଁଆଳ ପଣକୁ ଧନ୍ୟ କହିବା । ପାରିଲା ପୁରୁଷ ଜଣେ ତାଙ୍କ ପରି ଏକା କେହି ନହେବେ ।

—ରାଜନୀତିକ କଲେଜ—

ଭଦ୍ରକ କଲେଜରେ ରାଜନୀତି ପଢ଼ାଇବାର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ହୋଇଥିଲା । ଶ୍ରୀମହତାବଙ୍କୁ ପ୍ରାର୍ଥନା କରାଯିବାର ଠିକ୍ ହୋଇଥିଲା ବୋଲି ଶୁଣିଲୁ । ମାତ୍ର କର୍ମକର୍ତ୍ତାମାନେ ଜାଣି ପାରିଲେ ଯେ ବର୍ତ୍ତମାନ କଲେଜରେ ପାଠ ବାହାରେ ଏକସ୍ଟ୍ରା ପାଠରେ ଯେତେ ରାଜନୀତି ପଢ଼ା ହେଉଛି - ତାହା ପୃଥିବୀର କୌଣସି କଲେଜରେ ନଥିବ । ସେଥିପାଇଁ ମହତାବ ନିଜେ ଏହି କଲେଜରେ ରାଜନୀତି ପଢ଼ିବାକୁ ଆସିବାର ଯଥେଷ୍ଟ ସମ୍ଭାବନା ଅଛି ।

—ବ୍ରହ୍ମଦୈତ୍ୟ—

ଓଡ଼ିଶା ସରକାରଙ୍କ ଘରେ ଗୋଟାଏ ବ୍ରହ୍ମ ଦୈତ୍ୟ ପଶିଛି । ରାତା ରାତି ବହୁ ପଦାର୍ଥ ହରଣଚାଲ ହୋଇ ଯାଉଛି । ସରକାରୀ ବିଶ୍ରାମ ବାସରୁ ସାଜ ସରଞ୍ଜାମ ଚାଲିଯାଉଛି—ମୋଟର ଗ୍ୟାରେଜରୁ ମୋଟର ଟ୍ରକ ଚାଲି ଯାଉଛି—ଛାପାଖାନାରୁ କାଗଜ ଟାଇପ ଚାଲି ଯାଉଛି—ଲାଟ ଭବନରୁ ମଧ୍ୟ ଚାଲି ଯାଉଛି ପୁଣି ଚାଲି ଆସୁଛି । ଏମିତି ହେଉଁ ହେଉଁ ଶେଷରେ ମନ୍ତ୍ରୀମାନେ ହରଣ ଚାଲ ହୋଇଯିବା ମଧ୍ୟ ଦେଖା ଦେଲାଣି । ଗତ ୨୦ । ୭ । ୫୦ ଦିନ ଓଡ଼ିଶା ସେକ୍ରେଟେରିଏଟରେ ଦେଖା ଗଲା—ସବୁ ମନ୍ତ୍ରୀ ହଟଣ ଚାଲ । ଯେମିତି ରାଜ୍ୟଟା ଅରାଜକ । କିମ୍ବା ମନ୍ତ୍ରୀମାନେ କେବଳ ମନ୍ତ୍ରଣାଦାତା ହୋଇ ସେକ୍ରେଟେରୀଙ୍କୁ ରାଜା କରି ଦେଇଛନ୍ତି । ଆଉ ଲାଟ ସାହେବ ତ ସ୍ମାରଂ ସ୍ମାରଂ ସ୍ମୃତ୍ୱା ଚରିତଂ ପୁରାଭୁତଃ ଅସଫଃ ।

—ରାଧାନାଥଙ୍କ ରଥ—

ଜଣେ ସମ୍ବାଦଦାତା ଲେଖିଛନ୍ତି ଯେ କଟକ ମେଡ଼ିକାଲ କଲେଜରେ ପ୍ରବେଶ ଘେନି ଯେଉଁ ଛାତ୍ରମାନଙ୍କୁ ବରଖାସ୍ତ କରାଯାଇ ଥିଲା, ସେମାନଙ୍କ ଭିତରୁ ଅଧେ ହାଇକୋର୍ଟ ନାଲିଶ କରିଥିଲେ । ସେଇ ଅଧକୁ ପୁଣି ପ୍ରବେଶାଧିକାର ଦେଇ ବାକି ଅଧକୁ ବଞ୍ଚିତ କାହିଁକି କରାଗଲା ? ଏବଂ ଯେଉଁ ସମାଜ ସମ୍ବାଦପତ୍ରଙ୍କ ଟିପ୍ପଣୀ ଉପରେ ସରକାରଙ୍କୁ ବାରମ୍ବାର ପକାଇଲା ଛେପ ଢୋକିବାକୁ ପଡ଼ିଲା ସେ ସମାଜ ଚାହିଁ ଚତୁର ନୀତିରେ କଥାଟାକୁ ଘୋଡ଼ାଇ ସରକାରଙ୍କୁ ବଧାଇ ଦେଲେ କପରି ?

ବଲ୍ଲଅ ସତ୍ତ୍ୱ ଏ ପତ୍ରର ଉତ୍ତରରେ ଏତକ କହିବେ ଯେ—ଘିଅ ଘାଣ୍ଟିଲେ ଖରାପ —ଘିଅକୁ ଟେକା ପକାଇଲେ ନିଜ ଉପରେ ପଡ଼ିବ । ଏ ବଡ଼ ଲୋକଙ୍କର ମତ—ଆମ ଭଳି ଲୋକଙ୍କୁ ବପାଛେ । ସେଠି ହାତ ମାରି ଲୁଣ ତାଙ୍କୁତ ପଡୁଛି । ଏଠି ହୁକା ହୁଅନ୍ତୁ ଶୁଣୁଛି କିଏ ? ପୁରୀରେ ଜଗନ୍ନାଥଙ୍କ ରଥ ତ କଟକରେ ରାଧାନାଥଙ୍କ ରଥ । ଶେଷରେ ସାଧୁ ମଧ୍ୟ ଚୋର ହୋଇ ମାଡ଼ ଖାଇଯିବେ—ଅତଏବ ସାଧୁ— ସାବଧାନ !!!



Digitized by srujanika@gmail.com

# ଆଡ୍‌ଭେଞ୍ଚର

ଲେ—ଶ୍ରୀ ଧବଳ ପ୍ରସାଦ ଚୌଧୁରୀ

ଭୂତକୋଠି ନାଁ ଆପଣ ଶୁଣିଛନ୍ତି ? ପୁରୀ ସମୁଦ୍ର କୂଳର ସେହି ଦୁଇ ମହଲା ହଳଦିଆ କୋଠାଟା, ଯା'ହି ଭିତରେ ଗୋଟାଏ ରକ୍ତଚୁଷା ଅଜଯାଏ କେହି ରହିପାରି ନାହାନ୍ତି । ଗୋଟାଏ ସାହେବ ଥରେ ରହି ଯାହି ହେଲା ! ଅଚ୍ଛା 'ଭୂତକୋଠି' ବହି ଆପଣ ପଢ଼ିଛନ୍ତି ? ସକାଳ ହେଲା ବେଳକୁ କୁଆଡ଼େ ସମସ୍ତେ ଦେଖିଲେ ସାହେବ ରକ୍ତବାନ୍ତି କରି ସେଇଠି ମରି ପଡ଼ିଛି । ସେହିଦିନଠାରୁ ମସ୍ତବଡ଼ କୋଠାଟା ସେମିତି ଖାଲି ପଡ଼ି ରହିଥାଏ । କେହି ଭଡ଼ାଟିଆ ଯୁଟନ୍ତି ନାହିଁ ।

ଘରଟାରେ କୁଆଡ଼େ ଗୋଟାଏ ବ୍ରହ୍ମଦୈତ୍ୟ ଅଛି । କେତେ କେତେ ନାମଜାଦା ଗୁଣିଆ ଆସି ଥକି ଗଲେଣି, ମନ୍ତ୍ର ଲହରା କଣ୍ଟା ବାଡ଼ିଆ ହୋଇ ହୋଇ କାନ୍ଥର ଚୂନ ପଲସ୍ତରା ଅସଂଖ୍ୟ ଯାଗାରେ ଝୁଣ୍ଟିଛି କାନ୍ଥଟାକୁ ଅସୁନ୍ଦର କରିଦେଲାଣି । ତଥାପି ବ୍ରହ୍ମଦୈତ୍ୟ ଅଚଳ, ଅଟଳ ମହାମେରୁ ପରି ସେଇଠି ଅସ୍ଥାନ ମାଡ଼ି ବସିଛି ।

ଝରକା କବାଟ ସବୁ ବନ୍ଦକରି ଆପଣ ଶୁଣନ୍ତୁ । ରାତି ଅଧରେ ସବୁ ଖୋଲିଯିବ । ଛାତ ଉପରେ କାହାର କଠୋର ଶବ୍ଦ ଶୁଭିବ । ଅସ୍ପଷ୍ଟ ମନ୍ତ୍ର ପଢ଼ାର ଶବ୍ଦ ମଧ୍ୟ ଶୁଣି ପାରିବେ । କିନ୍ତୁ ସ୍ୱରଟା କିଞ୍ଚିତ୍ ଅନୁନାସିକ । ମୋ କଥା ମିଛ ମଣନ୍ତୁ ନାହିଁ । ନିଜେ ଯଦିଓ ନଦେଖିଛନ୍ତି ତଥାପି ବନ୍ଧୁମାନେ ଦେଖିଛନ୍ତି । ସେହି ଅବସ୍ଥାରେ ଥରି ଥରି ଆସି ଅନୁଭୂତ ବର୍ଣ୍ଣନା କରିଛନ୍ତି । ଦେଖିବାଟା ଆଉ କେତେଦୂର !

କଥା କଣକି, ହଠାତ୍ ଦିନେ ସନ୍ଧ୍ୟାବେଳେ ଲଲ୍ଲୁ ଆସି ହାଜର । ଲଲ୍ଲୁ ଆମର ପୁରାତନ ବନ୍ଧୁ । ତାର ଅପ୍ରତ୍ୟାଶିତ ଆବିର୍ଭାବରେ ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି "କିରେ ଏ ଅସମୟରେ କେଉଁଠୁ ?"

"ସିଧା ବାଲେଶ୍ୱରରୁ ଆସିଲି ଭାଇ । ଅପେକ୍ଷା କର, ଆଗେ ରିକ୍ସାବାଲାକୁ ବିଦାୟ କରିଦେଇ ଆସେ" କହି କହି ଟୋପିଟାକୁ ଖଟ ଉପରେ ପକାଇ ଦେଇ ସେ ଝଡ଼ପରି ବାହାରିଗଲା ।

ଏହି ଅବସରରେ ଲଲ୍ଲୁର ପରିଚୟଟା ଆପଣଙ୍କୁ ଦେଇ ପକାଏ । ଲଲ୍ଲୁ ଆମର ହେଉଛି ଜଣେ ଉଦୀୟମାନ ଅଧୁନାତନ କବି ଓ ଅଡ୍‌ଭେଞ୍ଚର ପ୍ରିୟ-ଦୁଃସାହସୀ ତରୁଣ । ଶେଷୋକ୍ତ ଗୁଣଟା ଯଦିଓ କବିଜନ-ସୁଲଭ ନୁହେଁ ଓ ଗୁଣ ଦୁଇଟା ଯଦିଓ ପରସ୍ପର-ବିରୋଧୀ ତଥାପି ସେ ଏହି ଦୁଇ ଗୁଣର ଏକ ଅଦ୍ଭୁତ ସମ୍ମିଶ୍ରଣ । ଏହାହିଁ ତାର ବିଶେଷତ୍ୱ । ଅଡଭେଞ୍ଚରର ସନ୍ଧାନରେ ସେ କେତେ ଦୁର୍ଗମ, ଅଗମ୍ୟ ସ୍ଥାନ ଘୂରିବୁଲେ, ଭୂତର ଦର୍ଶନ ପାଇଁ କେତେ ଅମାବାସ୍ୟା, ରାତିଣ ରାତି ସେ ଶ୍ମଶାନ ମଶିରେ କଟାଏ, ଆଉ ଭାଗ୍ୟବଳରୁ ଯଦି କୌଣସି ଆଡ୍‌ଭେଞ୍ଚରର ସୁଯୋଗ ଆସେ ତାହେଲେ ସଙ୍ଗେ ସଙ୍ଗେ ସେ ଅଭିଯାନ ଆରମ୍ଭ କରିଦିଏ । ଅବଶିଷ୍ଟ ସମୟତକ ତାର କବିତା ଲେଖାରେ କଟେ ।

ତା କବିତା ଅନେକ ସମୟରେ ବହୁ ନାମଜାଦା ପତ୍ରପତ୍ରିକାରେ ପ୍ରକାଶ ପାଏ । ତା ମୁହଁରୁ ଶୁଣିଛି ତା କବିତାର କୁଆଡ଼େ ବଜାରରେ ଖୁବ୍ ଡିମାଣ୍ଡ । ମୁଁ ଅବୋଧ କିନ୍ତୁ ସେ କବିତାର ଆଦ୍ୟ ପ୍ରାନ୍ତ କିଛି ବୁଝିପାରେ ନାହିଁ । ସେ ପଢ଼େ । ଶୁଣିବା ଛଡ଼ା ଅନ୍ୟ ଉପାୟ ନଥାଏ ତେଣୁ ବାଧ୍ୟହୋଇ ବସି ଶୁଣେ । ଲଲ୍ଲୁ କହେ "ସମୟ ଥିଲା ଯେତେବେଳେ କବିମାନେ ଅଳଙ୍କାର ଓ ଯମକ ଦ୍ୱାରା ପାଠକକୁ ପ୍ରଲୁବ୍ଧ କରିବାକୁ ଚେଷ୍ଟା କରୁଥିଲେ । ସେ କବିତାରେ ଶବ୍ଦ ଯୋଜନାର ଆଡ଼ମ୍ବର ଥିଲା କିନ୍ତୁ ତାର ବସ୍ତୁ ବା ଅନ୍ତର୍ନିହିତ ଭାବ ଥିଲା ନିହାତି raw ଆଉ Vulgar । ଯୁଗ ବଦଳିଛି । ତା ସହିତ ଆମ କବିତା ଲେଖାର technic ମଧ୍ୟ ବଦଳିଛି । ଆମ ଆଧୁନିକ କବିତାର ବିଶେଷତ୍ୱ ରହିଛି ଏହାର ଭାବର ଜଟିଳତାରେ ଭାଷାର କ୍ଲିଷ୍ଟତାରେ ନୁହେଁ । ମୁଁ ଭାବେ ହୋଇଥିବ ଅବା । ସେହି ଯୋଗୁଁ ତହିଁରେ ତଳିବାକୁ ମୋ ପରି ବେସାହିତ୍ୟକ ମାନଙ୍କର ମଗଜର ମୂଳ ବଙ୍କା ହୋଇଯାଉଛି ।

ଲଲ୍ଲୁ ପ୍ରସ୍ତାବ କଲା ପୁରୀ ବୁଲିଯିବାକୁ ଦୁଇ ତିନି ଦିନ ପାଇଁ । ତାର ଅନୁରୋଧ ଅର୍ଥ ଏକପ୍ରକାର ବାଧ୍ୟ କରିବା । କାରଣ ଆପତ୍ତିର ମୂଲ୍ୟ ରହେନି ତା ପାଖରେ । ନଯାଇ ଉପାୟ ନଥିଲା । ତେବେ ଆମର ସେ ଏକବାରେ ଅନିଚ୍ଛା ଥିଲା ତା ବି ନୁହେଁ । ପୁରୀ ତ ଆଉ ଅଜଣାର ପୁରୀ ହୋଇନାହିଁ, ସଞ୍ଜ ବେଳେ ସମୁଦ୍ର କୂଳରେ ବୁଲିବା ମଜାଟା ମନେ ପଡ଼ିଲେ ଆଶା ଖାଲି ନାଚି ଉଠେ ।

ପ୍ରଥମ ଦିନଟା ଧର୍ମଶାଳାରେ କଟିଲା । ଏଇଠି ଲଲ୍ଲୁର ପୁରୀ ଆସିବାର ଅସଲ ଉଦ୍ଦେଶ୍ୟଟା ଜାଣିଲି । ଭୂତକୋଠିର ସନ୍ଧାନ ସେ କେଉଁଠୁ ସଂଗ୍ରହ କରିଛି ଓ ସେଥିଲାଗି ଉଟଲିକ ଛାଡ଼ି ସେ ଛୁଟି ଆସିଛି ସୁଦୂର ବାଲେଶ୍ୱରରୁ ଗୋଟାଏ ଅଡ୍‌ଭେଞ୍ଚରର ସନ୍ଧାନରେ । ଏହା ମଧ୍ୟରେ କେତେବେଳେ ଯାଇ ସେ ଘରର ମାଲିକଙ୍କଠାରୁ ଗୋଟାଏ ରାତି ରହିବା ପାଇଁ ଅନୁମତି ସଂଗ୍ରହ କରି ଆଣିଛି,-ଅବଶ୍ୟ ନିଜ ଦାୟିତ୍ୱରେ ।

ଆପେ ସବୁ ଶୁଣିଲି ବାରଣ କଲି, ଭୟ ଦେଖାଇଲି, କିନ୍ତୁ ସେହି ଏକା ଜିଦ୍ ସେ ସେଠି ରହିବ ହିଁ ରହିବ । ଆମକୁ ସବୁ ତା ସହିତ ଯିବାକୁ ହେବ । ତା ଜିଦ୍ ନିକଟରେ ସେ କଥାର ଯଦିଓ ମୂଲ୍ୟ ନାହିଁ ମୁଁ ଜାଣେ ତଥାପି କହିଲି, "ସେଠାରେ ରହି ପାରିବାର ସାହସ ତୋର ଥିବା ଭଲ ଅଛି, ଆମପରି ଛେଳିକୁ ସବୁ ଦୁଃଖରେ କାହିଁକି ଆଣିବୁ କହିଲୁ ।"

ଛାତି ଫୁଲାଇ ସେ କହିଲା, "ଏତେ ପାଠ ପଢ଼ି ମଧ୍ୟ ତମେ ସବୁ କିଛି ହେଲନାହିଁ ଦେଖୁଛି ଏତେ ଭୟ କରୁଛ କାହାକୁ ? ବ୍ରହ୍ମରାକ୍ଷସ ପୁଣି ଗୋଟାଏ କଣ ? All wornout superstitions । ଭୟର କାରଣ ନାହିଁ, ସବୁବେଳେ ତମ ପାଖେ ପାଖେ ରହିବ ।"

"ଆରେ ତୁ କଣ ପାରିବୁ, ସେ ଯେ ବ୍ରହ୍ମରାକ୍ଷସ ।" ମୁଁ କହିଲି । ଆମର କାପୁରୁଷତାକୁ ଉପହାସ କରି ଲଲ୍ଲୁ ହୋ ହୋ କରି ହସି ଉଠିଲା । କହିଲା,-"ଅଚ୍ଛା ଯଦି କିଛି ଉତ୍ପାତ ଆରମ୍ଭ ହୁଏ ତା ହେଲେ ସୁନାପିଲ୍ଲାପରି ଅମ୍ଭେମାନେ ଫେରି ଆସିବା । ତାହେଲେ ତ ଭୟର ଆଉ କୌଣସି କାରଣ ନାହିଁ ।"

ଆମର ନୀରବତାକୁ ସେ ମୌନଂ ସମ୍ମତି ଲକ୍ଷଣ ଧରି ନେଇ କହିଲା "ଦିନ ଥାଉ ଥାଉ ସବୁ ବନ୍ଦୋବସ୍ତ କରିରଖ । ରାତିଟା ସାରା



Digitized by srujanika@gmail.com

ଅନିଦ୍ରା ହେବାକୁ ପଡ଼ିବ ।" ସେ ମଧ୍ୟ ଶୋଇବାର ଉପକ୍ରମ କଲି ।

ଷ୍ଟିମ୍ପିଅ ସାରି ଠିକ୍ ସନ୍ଧ୍ୟାବେଳକୁ ଆଗେ ସବୁ ଯାଇ ସେଠାରେ ପହଞ୍ଚିଲୁ । ଘରଟା ପରିଷ୍କାର କରି ଚଟାଣରେ ସତରଞ୍ଜି ବିଛାଇ ଦେଲୁ । ସଙ୍ଗରେ ଗୃହା ଭରିବାର ସମସ୍ତ ସରଞ୍ଜାମ, ଦୁଇଟା ଲଣ୍ଠନ, ବିପଦ ଆପଦ ପାଇଁ ଦୁଇଟା ଟର୍ଚ୍ଚ ଓ ଗୋଟାଏ ବନ୍ଧୁକ ନେଇଥାଉ ! ଲଲ୍ଲୁ ତାର ଅପ୍ରକାଶିତ କବିତା ପୁସ୍ତକର ପାଣ୍ଡୁଲିପିଟା ନେଇଥାଏ । ମନଟା ମନ୍ଦା ଧରି ଆସିଲେ ଟିକିଏ ସରସ କରିବାକୁ ।

ଗୃହାପିଅ ସଙ୍ଗେ ସଙ୍ଗେ ଆମର ତାସ୍ ଖେଳ ଜାକିଜମିଲା । ଲଲ୍ଲୁ କିଛି ଦୂରରେ ବସି ତାର ପାଣ୍ଡୁଲିପିଟା ପଢୁଥାଏ । ଅଧରାତି ଯାଏ କୌଣସି ଦୁର୍ଘଟଣା ନାହିଁ । ମନକୁ ଆମର କ୍ରମେ କ୍ରମେ ଆଶଙ୍କା ଉଭାଇ ଆସିଲା ଓ ତା ସଙ୍ଗେ ସଙ୍ଗେ ନିଦ ଅଳସରେ ଆଖି-ପତା ଦୁଇଟା ବନ୍ଦ ହୋଇଆସିଲା । ଗୃହା ବୋଲ କମ ନାହିଁ । ତାସ ପକାଇ ଦେଇ ବେଣୁ କହିଲା, କିଏ ଜଣେ ଗୋଟାଏ ଗୀତ ବୋଲ, କିଛି ସମୟ ପାଇଁ ଅନ୍ତତଃ ନିଦ ଭାଙ୍ଗିଯିବ । କିନ୍ତୁ ଯୋଗ ଏମିତି ଯାହାଙ୍କୁ ଗୀତ ବୋଲି ଆସେ ନାହିଁ ।

ମୁଁ ପ୍ରସ୍ତାବ କଲି, " ଲଲ୍ଲୁ, କବିତା ଗୁଡ଼ା ତୁ ପାଟିକରି ପଢ଼, ସମସ୍ତେ ଶୁଣିବା ।" ସେଇଆ ହେଲା । ଗଳା ସଫା କରି ଲଲ୍ଲୁ ଆରମ୍ଭ କଲା । ଏହି 'ହିମାଳୟ' ବିଷୟରେ

ଶୁଣ—

ତ୍ରି-ହଷ୍ଟୋରର୍ ଗିରିରାଜ ତୁଷାର ଭୂଷିତ
ନଭ ଚୁମ୍ବୀ ଚୂଡ଼ା
ବ୍ୟାଘ୍ର ବଯୁଚିର
ଘୂର୍ଣ୍ଣୀ ଅକ୍ଷ, ଦ୍ରାଘିମା, ଲଘିମା
ଏଭରେଷ୍ଟ, ଗଡ୍‌ଭଇନ୍ ଅଷ୍ଟିନ୍

ଜନତାର ମଞ୍ଚ ଆଜି ନେଇଛୁ ଶପଥ
ମୁକ୍ତିପଥ, ବୁର୍ଜୋୟା ସରକାର
ଭଲ୍‌ଗା ନଦୀର ମୁହାଣ
ତାଜ୍ ମହଲର ତାମ୍ବୁଲ
ଲୁଭ୍, ସ୍ୱଚ୍ଛ, ତୁଙ୍ଗ, ମହୀୟାନ ।

"ଚମତ୍କାର, ଚମତ୍କାର । ଆରେ ସବୁ ଶୋଇପଡ଼ିଲ ନା କଣ ?" ଲଲ୍ଲୁ ନିଜେ ନିଜେ କହି ଉଠିଲା ।

ଆମର ଶୁଣିବାର ଧୈର୍ଯ୍ୟ ସେତେବେଳକୁ ଶେଷ ସୀମାରେ ପହଞ୍ଚିଲାଣି । ଦୁଇ କାନରେ ହାତ ଦେଇ ଆମେ ନିଦ୍ରା ଦେବୀଙ୍କୁ କାତର ପ୍ରାର୍ଥନା କରିବାରେ ଲାଗିଥାଉ । ହଠାତ୍ ଝରକା କବାଟ ଗୁଡ଼ା ସବୁ ଏକ ସାଙ୍ଗରେ ଖୋଲିଗଲା । ଧଡ଼୍ ଧଡ଼୍ ହୋଇ ଆମେ ଉଠି ବସିଲୁ । ବାରଣ୍ଡାର ସହିତ ଉଠିଯାଇ ଝରକା କବାଟ ଗୁଡ଼ା ବନ୍ଦ କରି ଦେଇ ଲଲ୍ଲୁ ଆସି ପୁଣି କବିତା ଗୀତା ପାଖରେ ବସିଲା । ଆମ ଆଡ଼େ ଚାହିଁ କହିଲା," କିଛି ନୁହେଁ, ପବନ"

ଯୁକ୍ତି ବା ପ୍ରତିବାଦ କରିବାର ଅବସ୍ଥା ଆମର ସେତେବେଳେ ନଥିଲା । କେବଳ ନୀରବରେ ପରସ୍ପରକୁ ଚାହିଁ ବାରେ ଲାଗିଲୁ । ଲଲ୍ଲୁ ପୁଣି କହିଲା, " ଏହିଥର 'ଜନତାର ଦାବୀ' ବିଷୟରେ ଶୁଣ, ଖୁବ୍ interesting ଆମର ସ୍ୱୀକୃତିକୁ ଅପେକ୍ଷା ନରଖି ସେ ଆରମ୍ଭ କରିଦେଲା ।

ଅନ୍ନସ୍ପର୍ଶ ଜନତାର ଚକ୍ଷୁ
ଉନ୍ମୋଚିତ ଆଜି ହେ ଜାଗୃତ
ମଧ୍ୟ ବିତ୍ତ ହାସ୍ୟ ଆଉ ଅଶ୍ରୁ ଆଭିଜାତ୍ୟ
ସାନ୍ଦ୍ର ତାର ମନ୍ଦ୍ରଧ୍ୱନି
ଫୁତ୍କାର ଚିତ୍କାର
ଅଗ୍ନି ହେଲା ରକ୍ତ ଜବ
ଏହି ଶୁଭେ ହୁଙ୍କାର
ଇନ୍‌କ୍ଲାବ ଫେଜାବାଦ
ଲକ୍ଷ ବଜ୍ର ଗର୍ଜି ଉଠେ
ଏରୋପ୍ଲେନ ପ୍ରପେଲର ଘରେ
ଭଙ୍ଗୋ ନଦୀର ମୁହାଣ
ବିପର୍ଯ୍ୟସ୍ତ ଟାଇଫୁନ୍
ନିବାୟୁସ ସମକକ୍ଷ
ମ୍ୟୁ, ଦିଲ୍ଲୀ, ବାବିଲୋନ୍ ।

ହଠାତ୍ ଦରଜା ଗୁଡ଼ା ସଶବ୍ଦେ ଖୋଲି-ଗଲା । ଦେଖିଲୁ ଜଣେ କୁତ୍ସିତ କାୟ ବୃଦ୍ଧ କକ୍ଷ ମଧ୍ୟରେ ପ୍ରବେଶ କରି ଦ୍ୱାର ନିକଟରେ ଠିଆ ହେଲା । ପାଦରେ ତାଙ୍କର କଠଉ, ଗଳାରେ ରୁଦ୍ରାକ୍ଷ ମାଳା, କାନ୍ଧରେ ମଇଳା ଗାମ୍ଛ ମାର୍ଜନା । ଆମେ ସବୁ ଭୟରେ ଥରିବାକୁ ଲାଗିଲୁଣି । ଲଲ୍ଲୁ କିନ୍ତୁ ଅବିଚଳିତ ସ୍ୱରରେ ପ୍ରଶ୍ନ କଲା, " କିଏ ଆପଣ ? କଣ ଚାହାନ୍ତି ?"

ବୃଦ୍ଧ କହିଲେ,—" ଆଜ୍ଞା, ଆଉ କଷ୍ଟ ଦିଅନ୍ତୁ ନାହିଁ । ଦୟା କରି ଅଧୀନକୁ କ୍ଷମା ଦିଅନ୍ତୁ ।"

ସ୍ୱରଟା କମ୍ପିତ୍ ଅନୁନାସିକ । ଆମର ଆଉ ଚାହିଁବାକୁ ବାକି ରହିଲା ନାହିଁ । ଘରଜଣ ଯାକ ଚିତ୍କାର କରି ପରସ୍ପରକୁ କୁଣ୍ଢାଇ ଆଖି ବୁଜି ସେଇଠି ପଡ଼ି ରହିଲୁ । ଲଲ୍ଲୁ ପଚାରିଲା, " ତମକୁ କିଏ କଷ୍ଟ ଦେଲା ?"

"ଏଇ ଯେ ଆଜ୍ଞା ଆପଣ ମନ୍ତ୍ର ପଢ଼ୁଛନ୍ତି । ସେ ଗୁଡ଼ା ମୋ ଦେହରେ ତୀର ପରି ପଶିଯାଉଛି । ଏତେ ଗୁଣିଆ ମୁଁ ଦେଖିଲି, କିନ୍ତୁ ଏମିତି କଡ଼ା ମନ୍ତ୍ର ମୁଁ କାହାରି ଠାରୁ ଶୁଣି ନାହିଁ ।"

ଲଲ୍ଲୁ ଚହିଲା, " ମନ୍ତ୍ର କାହିଁ ? ଏତ କବିତା, ଆଧୁନିକ କବିତା ।"

" ଆଜ୍ଞା ଭୂତ ମନ୍ତ୍ରତ ସେଇ କବିତାରେ ଲେଖା ହୁଏ ।"

" ଏହାକୁ ଭୂତମନ୍ତ୍ର ବୋଲି କିଏ କହିଲା ?"

" ଆଜ୍ଞା ମୁଁ ତ ଭୂତ, ମୁଁ କହୁଛି ।"

"ଓଃ ତୁମେଇ ତା ହେଲେ ବ୍ରହ୍ମଦୈତ୍ୟ?"

ହଁ ଆଜ୍ଞା, ମୁଁ ଏହି ଝାଉଁଗଛରେ ଥାଏ । କିନ୍ତୁ ଆଉ ମୁହୂର୍ତ୍ତେ ସୁଦ୍ଧା ରହିବାକୁ ମୋର ଇଚ୍ଛା ନାହିଁ । ଅନୁମତି ଦେଲେ ଚାଲିଯିବି ।"

ପ୍ରଣାମ କରି ବ୍ରହ୍ମଦୈତ୍ୟ ଚାଲିଗଲା । ସଙ୍ଗେ ସଙ୍ଗେ ସାରା କୋଠାଟା କମ୍ପି ଉଠିଲା । ଲଲ୍ଲୁ ଡାକରେ ଆମେ ଦୁଇଜଣ ଆଖି ଖୋଲିଲୁ କିନ୍ତୁ ବାକି ଦୁଇଜଣଙ୍କ ଆଖି ସେମିତି ବନ୍ଦ ରହିଲା । କିଛି ସମୟ ମୁଣ୍ଡରେ ପାଣି ଛାଟିବା ଓ କାନ ଫୁଙ୍କିବା ପରେ ସେମାନେ ଆଖି ଖୋଲିବାର ଶକ୍ତି ପାଇଲେ ।

ଲଲ୍ଲୁ ଆଜିକାଲି କବିତା ଲେଖା ଓ ଆବୃତ୍ତି କରିବା ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇଛି । ସେ ଜଣେ ନାମଯାଦା ଗୁଣିଆ । ବାଟଖର୍ଚ୍ଚ ଓ ଫିସ ନେଇ ସେ ଆଜିକାଲି ଦୂର ଦୂରାନ୍ତରକୁ ଭୂତ ଛଡ଼ାଇବାକୁ ଯାଏ । ତାର ଠିକଣା ଚାହୁଁଛନ୍ତି ? ତା ଠିକଣା ଆଜି କିଏ ନଜାଣେ ?



Digitized by srujanika@gmail.com

କାହାଣୀ

# ଏୟାର ହୋଷ୍ଟେସ୍

ଲେଖକ—ଶ୍ରୀ ସଦାନନ୍ଦ ଦାସ

ମହାନଗରୀର ବିମାନ ଘାଟି । ପ୍ରକାଣ୍ଡ ବିମାନ ଘାଟି । ଶୂନ୍ୟ ପଥ । ଯାନବାହାନର ଅଧୁନିକ ନାମ କରଣ—"ଏରୋପ୍ଲେନ୍ ।" ଆକାଶ-ଗୃହର ଅଧୁନିକ ନାମ ପରି ତାର ଚାଳକର ନାମ—"ପାଇଲଟ୍ ।" ପ୍ରଥମେ ବିଦେଶୀ ଚାଳକ ତତ୍ତ୍ୱାବଧାନରେ ବିମାନ ଚାଲୁଥିଲା କିନ୍ତୁ ଆଜିର ଉପଯୁକ୍ତ ଚାଳକ ଆମ ଦେଶର ଯୁବକ । ଏ କଣ କମ ଗୌରବର କଥା । ଚାଳକ ଭିନ୍ନ ସାଧାରଣ ଲୋକଙ୍କୁ ଶୂନ୍ୟ ମାର୍ଗ ଅବୋଧ । ସାଗର ମାର୍ଗ ପରି ବ୍ୟୋମ ମାର୍ଗ କଳନା କରିବା ଦକ୍ଷତାର କାଯ । ପାଇଲଟ୍ ଏହାର ପଥ ପ୍ରଦର୍ଶକ ।

ଲାବଣ୍ୟ କଲିକତାର ଏକ କମ୍ପାନୀ ଅଫିସରେ ଚାକିରି କରେ । ସେ ଯେ ଆଧୁନିକା ନିଃସନ୍ଦେହ ଭାବରେ କୁହାଯିବ । ସୁବୋଧ ବାବୁଙ୍କର ବହୁ-ଅନୁବର୍ତ୍ତୀ ପରିବାରରେ ଏକମାତ୍ର ସଂସ୍ଥାନର ଭରସା ତାଙ୍କର କନ୍ୟା ଲାବଣ୍ୟ । ଅନଟନ ଯୁଗରେ ଲାବଣ୍ୟର ସ୍ୱଳ୍ପ ବେତନ ଆଦୌ ଯଥେଷ୍ଟ ନୁହେଁ । କୌଣସି କଡ଼ା ଦରମାର ଚାକିରି ପାଇଁ ସର୍ବଦା ଚେଷ୍ଟିତା । ଦୈନିକ ଖବର କାଗଜ ଜରିଆରେ ସମ୍ବାଦ ପାଇଛି— କେତେକ ଉଚ୍ଚ ବେତନ-ଧାରୀ ମହିଳା କର୍ମୀ ଆବଶ୍ୟକ । ଚାକିରିର ବିବରଣୀ ଦିଆ ହୋଇଛି । ନିମ୍ନ ସ୍ୱାକ୍ଷରଙ୍କ ସହିତ ସାକ୍ଷାତର ଅନୁରୋଧ ଜଣାଇ କର୍ମଖାଲିର ସୂଚନା ଦିଆ ହୋଇଛି । ଠିକଣାନୁସାରେ ଲାବଣ୍ୟ ତଦନ୍ତ କରି ସାକ୍ଷାତ କଲା ଅଫିସରଙ୍କୁ ।

—"ଆପଣ ଚାକିରି ଚାହାନ୍ତି—?" ପ୍ରଶ୍ନ କଲେ ଅଫିସର ମହୋଦୟ ।

—"ଆଜ୍ଞା—।"

—"ପାସ କଣ ।"

—"ବି ଏ ପର୍ଯ୍ୟନ୍ତ ।"

—"ଅଫିସରୁ ଫର୍ମ ନେଇ ଯାଆନ୍ତୁ— ପୂରଣ କରି କାଲି ଆସିବେ ।"

ଚାକିରି ପାଇଛି ଲାବଣ୍ୟ । ଆଜି ତାର ଜୀବନରେ ଅଭିନବ ଅଭିଯାନ । ଉଲ୍ଲାସରେ ନିହରଣ ହେବା ସଙ୍ଗେ ସଙ୍ଗେ ପୁଣି ଆତଙ୍କରେ ସମଗ୍ର ଦେହ ଶିଥିଳ ହୋଇ ଯାଉଛି । ପ୍ରାଣହୀନ ପରି । ଏମିତ ନୂଆ ଅଭିଜ୍ଞତାର ଅଦବ୍‌କାଏଦା ଜଣା ନାହିଁ ତାକୁ—ସାହସ ତୁଲ କରୁଛି ମନେ ମନେ ।

ସକାଳ ଆଠଟା ରେ ନୂଆ ଚାକିରିରେ ଜଏନ କରିବ ସେ । ସକାଳଠୁଁ ବେଶ ପରିପାଟି ସହ ନିଜକୁ ମନୋରମ କରିବାରେ ଲାଗିଛି ଅପ୍ରାଣ । ଲମ୍ବ ଆରସିରେ ଆପଣାର ବେଶ ଦେଖୁଛି ବାର ବାର । ସମସ୍ତ ମୁଖଶ୍ରୀରେ ଅନନ୍ତ ମାଧୁରୀ ଓ ଅପେକ୍ଷା ପରିପୂର୍ଣ୍ଣ ।

—"ଆଜି ଏତେ ଶୀଘ୍ର କୁଆଡେ ବାହାରିଲୁ—?" । ଘର ମଧ୍ୟରୁ ମା ପଚାରୁଥାନ୍ତି । ଜବାବ ଦେଲାନି ଲାବଣ୍ୟ । କାନରେ କଥା କି ପଡ଼ୁନି ପାରୁନି ହୁଏତ, ନ ପଡ଼ୁନିବାର କଥା—। କାନ ମଧ୍ୟରେ ଭଁ ଭଁ ହେଉଛି ଏରୋପ୍ଲେନ ଆଉଆଜ—କ୍ରମାନ୍ୱୟରେ । ବିକଟ ଆଉ ଭୟଙ୍କର ନେଇ ତାକୁ ମତୁଆଲା କରି ଦେଉଛି । ନୂଆକି ଚାକିରି ପାଇଛି ଏରୋପ୍ଲେନ ବିଭାଗରେ ।

ହଠାତ୍ ବାହାରି ପଡ଼ିଲା ସେ ।

—"ମା—ଯାଉଛି—ବାବା—ଆସେ ।"

ଲାବଣ୍ୟ ଦୁଇଜଣଙ୍କର ପାଦ ତଳେ ହାତ ରଖି ପ୍ରଣାମ କଲା ।

—"କୁଆଡେ଼ ଚାଲିଲୁ ଲାବଣ୍ୟ ?"

—"ଯାଉଛି ଦୁଇ ତିନି ଦିନ ପରେ ଫେରିବି ।" ମହାନଗରୀରେ ଏମିତ ଦୃଶ୍ୟ କୌଣସି ଅସମ୍ଭବ ବୋଲି ଧାରଣା ହୁଏନି । ଆଧୁନିକ ଓ ଆଧୁନିକାର ନମୁନା । ଖାଇବା ପିନ୍ଧିବା ସମସ୍ୟା ଦୁର୍ବିଶ୍ରେଷ୍ଠ ସମସ୍ୟା । ଲୋକେ ଧାଇଁ ଚାଲନ୍ତି ଯନ୍ତ୍ର ଠାରୁଁ ଅଧିକ ବେଗରେ । ବେଗହିଁ ଜୀବନର ମୂଳ । ସବୁ ଅସମ୍ଭବ— ସବୁ ସମ୍ଭବ ସେଠାହିଁ ।

ବିମାନ ଅଫିସରେ ଜଏନ କରିଛି ସେ । ତାର କାମ ଗୋଟିଏ ନିର୍ଦ୍ଦିଷ୍ଟ ଏୟାର ଓଏସରେ । ଠିକ ସାଢେ ଆଠଟାରେ ବିମାନ ଘାଟି ଛାଡ଼ି ଉଡ଼ିଲା ଶତାଧିକ ମାଇଲ ପ୍ରଦକ୍ଷିଣ କରିବା ଉଦ୍ଦେଶ୍ୟରେ ଅପେକ୍ଷା କରିଛନ୍ତି ଘାଟିରେ ।

ନୂଆ ଜୀବନ, ନୂଆ ଆକାଙ୍କ୍ଷା ଓ ନୂଆ ପ୍ରେମାଞ୍ଜି । ଲାବଣ୍ୟର ସମଗ୍ର ଦେହ ଭଙ୍ଗୀରେ କମ୍ପି ଉଠୁଛି ।

ଖବର ଆସୁଛି କ୍ରମେ । ନିର୍ଦ୍ଦିଷ୍ଟ ଗନ୍ତବ୍ୟ ପଥରେ ଦଉଡୁଛି ଗୋଟିଏ ଯାନ୍ତ୍ରିକ ପକ୍ଷୀ । ଲାବଣ୍ୟ ଉଡୁଛି ସେଥିରେ । ନିମିଷକ ମଧ୍ୟରେ ସେମାନେ ଉଠିଗଲେ ଶହ ଶହ ଫୁଟ ଉପରକୁ । ବେଶୀ ଉପରକୁ ଉଠିଲେ ଭୟ ଲାଗିବ ଲାବଣ୍ୟଙ୍କୁ । ଲାଗିଲେ ମଧ୍ୟ ନିର୍ଥକ । ପୃଥିବୀ ପୃଷ୍ଠର ଉତ୍ତାପଠୁଁ ସେଠାକାର ଉତ୍ତାପ ଅପେକ୍ଷାକୃତ କମ୍ । ଗ୍ରୀଷ୍ମ ଦିନରେ ମଧ୍ୟ ଶୀତ ଲାଗେ । କିନ୍ତୁ ନିଜର ଶୀତ ପାଇଁ ଯତ୍ନ ନେବାକୁ ତାର ଆଦୌ ଅବକାଶ ନାହିଁ ଏବଂ କର୍ତ୍ତବ୍ୟ ମଧ୍ୟ ଅନୁମତି ଦିଏନି । ବିମାନ ମଧ୍ୟରେ ଯାହାଙ୍କୁ ଶୀତ ଲାଗୁଛି ସେମାନଙ୍କୁ ଘୋଡ଼ଘାଡ଼ି ବସିବା ପାଇଁ ଅନୁରୋଧ କରୁଛି ଲାବଣ୍ୟ । ପାସେଞ୍ଜର ମାନଙ୍କ କାହାର କୌଣସି ଅସୁବିଧା ହେଉଛି କି ନାହିଁ, କାନ ପାଖରେ ମୁହଁ ରଖି ତଦନ୍ତ କରିବାକୁ ହେଉଛି ତାକୁ । ମସ୍ତ ଲମ୍ବା ପ୍ଲେନଟା—ତାର ମଧ୍ୟରେ ଚଳାବୁଲା କରୁଥାଏ ସେ । ସମସ୍ତଙ୍କ ପାଖକୁ ଯାଇ ସୁବିଧା ଅସୁବିଧାର ତଦାରଖ କରୁଛି —"ଏୟାର ହୋଷ୍ଟେସ୍ ।" ଏଇଟାର କାମ ।

ପାଇଲଟ୍ ମାନଙ୍କୁ କର୍ତ୍ତବ୍ୟରେ ଅପ୍ୟାୟିତ କରିବାକୁ ହେଲେ ନିଜକୁ ବେଶ ସ୍ଫୁର୍ତ୍ତିରେ ଚଳେଇବାକୁ ହେବ ବିମାନ ମଧ୍ୟରେ । ଅତି ସ୍ମାର୍ଟନେସ୍ । ଲାବଣ୍ୟ ଚଞ୍ଚଳ ଭାବରେ ଏରୋପ୍ଲେନ ମଧ୍ୟରେ କାମ କରୁଛି । କିନ୍ତୁ ପ୍ରତ୍ୟେକ ଥର ଗୋଡ଼ ପକାଉଛି ଅତି ସନ୍ତର୍ପଣରେ । ନୂଆ ଚାକିରି । ତଥାପି ବାହାରକୁ ଅଭିନୟ କରି ଅତି ଅଭିଜ୍ଞ ବୋଲି ଜଣାଉଛି କର୍ତ୍ତବ୍ୟର ନିୟମ । ସେ ଜାଣିଛି—ବୋଧହୁଏ ତାର ଗୋଡ଼ ଖସିଲେ ଏକାବାରେ ଫାଙ୍କ— ବିରାଟ ଶୂନ୍ୟତା ମଧ୍ୟରେ ଯିମିତି [illegible] । ପାଇଲଟ୍ କାଚ ପାଖରେ ନିଜର ମୁହଁ ରଖି ଦେଖି ନେଲା ମାଇଲେଜ୍ ମିଟର—ପାଞ୍ଚ ହଜାର ଫୁଟ ଉଚ୍ଚରେ ପ୍ଲେନ ଚାଲିଛି । ଗୋଡ଼ ତଳେ ପୃଥିବୀଟା ବନ୍ ବନ୍ କରି ଘୂରୁଛି ନିଶ୍ଚୟ । ପୃଥିବୀର ଘର ଦୁଆର ବାଡ଼ି, ମହାନଗରୀର ଆଡ଼ମ୍ବର ସାଜସଜ୍ଜା ସବୁ ଏକ ଅତିକ୍ରମ କରି ଚାଲିଛି ଶୂନ୍ୟ ଦାନବ । ହେଉଥାଏ—ଏମିତି ଯଦି ପୃଥିବୀର ଆକର୍ଷଣ ବାହାରକୁ ଚାଲିଯାଏ ଏଇ ଏରୋପ୍ଲେନ—। ଏଇ ବିଶ୍ୱବ୍ରହ୍ମାଣ୍ଡର ମାୟା ମମତାଠୁ ଯଦି ସେମାନେ ଅଲଗା ହୋଇ



Digitized by srujanika@gmail.com

ଯାଆନ୍ତି । ତା'ହାହେଲେ ଛାଡ଼ି ଆସିଥିବା ବାବା, ମା, ଭାଇ ଭଉଣୀ ସମସ୍ତଙ୍କଠୁଁ ମୁକ୍ତ ହୋଇ ଯାନ୍ତା କିଛି ସମୟ ମଧ୍ୟରେ ।

ଅକସ୍ମାତ ପ୍ଲେନଟା ଆନ୍ଦୋଳିତ ହୋଇ ଉଠିଲା । ସମ୍ଭାଳି ରଖି ନ ପାରି ତଳକୁ ଝୁଙ୍କି ପଡ଼ିଲା ଅତ୍ୟନ୍ତ-ବେଗରେ ଲାବଣ୍ୟ । ତା'ର ଚିନ୍ତା ଭାବନାର ସୂଅ ଗୋଳମାଳ ହୋଇଗଲା ତଳ ଉପର ହୋଇ ଯିମିତି ! ନଦୀ ମୁହାଣ ପାଖରେ ସ୍ରୋତ ବେଗ ସମ୍ଭାଳି ନପାରି ଗୋଳେଇ ଘାଣ୍ଟି ହୋଇଯାଏ ।

"ବର୍ତ୍ତମାନ ଆମେ ଅବତରଣ ମୁହଁରେ ଆପଣମାନେ ନିଜର ବେଲ୍ଟ କଷି ନିଅନ୍ତୁ । ତୁଷାର ବୃଷ୍ଟି ହେଉ ଯାଇଛି, ଲେଣ୍ଡ କରିବାର ଗ୍ରାଉଣ୍ଡ ମିଳି ନପାରେ ଆଜି । ଖରାପ ଗ୍ରାଉଣ୍ଡ ଯୋଗୁଁ ଅଳ୍ପ ବହୁତ ଅସୁବିଧାର ସମ୍ଭାବନା ।"

ପାସେଞ୍ଜରମାନଙ୍କୁ ସେ ଟିଏ ସତର୍କବାଣୀ ଶୁଣାଇ ଦେଲା । ଏଇ ତା'ର କାମ ।

ଲାବଣ୍ୟର କଥା ଶୁଣି କେତେକ ଭୟଭୀତ ହୋଇ ପଡ଼ିଲେ । ପୁଣି ଲାବଣ୍ୟ ତା'ର ନିଜର କର୍ତ୍ତବ୍ୟ କରୁଛି—"ଭୟ କିଛି ନାହିଁ—ବିପଦର ସମ୍ଭାବନା ମଧ୍ୟ ଆଦୌ ନାହିଁ । ଆପଣମାନେ ନିର୍ଭୟରେ ରହନ୍ତୁ—ପାଇଲଟ ଆମର ଅତି ଉପଯୁକ୍ତ ।"

ସାମନା ସିଟ୍‌ରୁ ପଞ୍ଜାବୀ ପାଇଲଟ ହସିଦେଲା । ତା'ର ବଳିଷ୍ଠ ପୁରୁଳ ପୁରୁଳ ଓଠ ପାଙ୍କରୁ ଏକ ତୃପ୍ତିକର ହସ । ଏମିତି ହସରେ ଲାବଣ୍ୟ ଅପ୍ରତିଭ ହେବା ପ୍ରଥା—କିନ୍ତୁ ହସର ଜବାବରେ ସେ କେବଳ ହସ ଯୋଗ କଲା ତାକୁ ଗୋଟିଏ ଅଭ୍ୟସ୍ତ ପରି ।

ଉତ୍ତର ପାଖର ଝରକା ପାଖରେ ଗୋଟିଏ ପ୍ୟାସେଞ୍ଜର ଓଭର କୋଟ କାନ ପର୍ଯ୍ୟନ୍ତ ଟାଣି ମୁହଁ ଉପରକୁ ଟୋପି ଚାପିଦେଇ ଟିକିଏ ଯିମିତି ଅସ୍ୱସ୍ତି ଅନୁଭବ କରି ଝିମେଇ ପଡ଼ିଛି । ବହୁ କ୍ଷଣରୁ ଲାବଣ୍ୟ ଲକ୍ଷ୍ୟ କରୁଛି ଟୋପି ତଳରୁ ଅସରା ଅସରା ଲୋଲୁପ ଦୃଷ୍ଟି ନିକ୍ଷେପ କରୁଛି—ଏଥର ମୁଦ୍ରିତ ଆଖିରେ ଇସାରା କରି ଡାକିଲା ଲାବଣ୍ୟକୁ । ପାଖକୁ ଯାଇ ଲାବଣ୍ୟ ତା'ର ମୁହଁକୁ ବୋଲି ଆବୃତ୍ତି କଲା—"ଆପଣଙ୍କୁ କୌଣସି ସାହାଯ୍ୟ କରି ପାରେକି ?"

"ବେଲ୍ଟ ଉଠି ଫିଟୁନି—ସାହାଯ୍ୟ କରନ୍ତେ— ?"

"ନିଶ୍ଚୟ— ।"

ଲାବଣ୍ୟ ଆକାଶ-ଗୃହିଣୀ—ସାହାଯ୍ୟ ଅବଶ୍ୟ କରିବ । କମର ପାଖକୁ ନଇଁ ପଡ଼ି ବେଲ୍ଟ ଟାଇଟ୍ କରିବାକୁ ଲାଗିଲା ।

ପ୍ୟାସେଞ୍ଜରଟି ତା'ର ଗ୍ରାସ ସୂଚକ ଆଖି ସାହାଯ୍ୟରେ ଯିମିତି ଲାବଣ୍ୟର ପେସଲ ଦେହଟାକୁ ଅନୁଭବ କରୁଛି ଏକ ଦୃଷ୍ଟିରେ । କ୍ଷୀଣ ସ୍ୱରରେ କଣ କହିଲା । ଇଂଜିନର ବିକଟ ଶବ୍ଦରେ ଶୁଣା ଗଲାନି । କିନ୍ତୁ ଲାବଣ୍ୟ ତା'ର କଳ୍ପତା ଅନୁମାନ କରି ପାରୁଛି ।

ଜାହାଜଟି କ୍ରମେ କ୍ରମେ ତଳକୁ ଅବତରଣ କରୁଛି । ଯିମିତି ହଜାର ହଜାର ଫୁଟ ଉପରକୁ ଉଠିଥିଲା, ସିମିତି ଶହ ଶହ ଫୁଟ ତଳକୁ ଖସି ଆସୁଛି ନିମ୍ନ ଯାନ । କଳ କବଜାର ଶବ୍ଦ ଭୟଙ୍କର ବିକଟାଳ ହେଉଛି ବଡ଼ ଅଶାନ୍ତିକର ଚିତ୍କାର ପରି । ପ୍ଲେନଟି ନିମ୍ନଗାମୀ ହେବା ଯୋଗୁଁ ପୃଥିବୀ ପୃଷ୍ଠର ନିବିଡ଼ ଅରଣ୍ୟ ଏବଂ ସବୁଜ ଘାସ ଦୃଷ୍ଟିରୁ ସ୍ପଷ୍ଟତର ହେଉଛି । ଅନେକ ସ୍ଥାନରେ ଯେଉଁଠି ଚିତ୍ର ପଟରେ ନୀଳ ରଙ୍ଗଟି ପୂର୍ଣ୍ଣ ମୁଦ୍ରିତ ଥିବାଟି ସେଇଠି ଅପରିବର୍ତ୍ତିତ ଆଦିମ କାଳର ଦୃଶ୍ୟ ପରି ଦେଖା ଯାଉଥାଏ ବିମାନର ଝରକା ମଧ୍ୟରୁ । ଲାବଣ୍ୟ ଭାବୁଥାଏ ଏହାହିଁ ବୋଧହୁଏ ମୌଳିକ ସୌନ୍ଦର୍ଯ୍ୟର ସଜୀବ ବର୍ଣ୍ଣନା । ମନମୁଗ୍ଧ-କାରୀ ସୌନ୍ଦର୍ଯ୍ୟ ଯେ ପ୍ରେମ ଜଗତରେ ବିରଳ ନୁହେଁ ଆଜି ନୂଆ ଜାଣିଲା ଲାବଣ୍ୟ । ଏମିତି ଆକାଶ ପର୍ଯ୍ୟଟନ ତାକୁ ଅଶେଷ ଆନନ୍ଦ ଦେଉଛି ଅବଶ୍ୟ କିନ୍ତୁ ଅସୀମ ପରିତୃପ୍ତି ମଧ୍ୟରେ ଯିମିତି ଗୋଟିଏ ଅପରିଷ୍କାର ଗ୍ଲାନି ଅନୁଭବ କରୁଛି ସେ । ସେଇ ପ୍ୟାସେଞ୍ଜରଟିର ବର୍ବରତା ପୂର୍ଣ୍ଣ ଆଖି ଯୋଡ଼ିକ ତଥାପି ଅପଲକ ଭାବରେ ବ୍ୟସ୍ତ ।

ଅନ୍ୟମନସ୍କ ଲାବଣ୍ୟ ସହସା ଏରୋପ୍ଲେନର ବେଗ ସହ୍ୟ କରି ନପାରି ଚଞ୍ଚଳ ହୋଇ ପଡ଼ିଲା । କାନି ଅଞ୍ଚଳର ଅଯତ୍ନ ଲଗା ସଜାଡ଼ି ଦେଲା ପରିପୂର୍ଣ୍ଣ ମନଯୋଗ ସହକାରେ । ଲୋକଟି ଚାହିଁଛି ବୀଭତ୍ସ ଭାବରେ ।

ସେମାନେ ଲେଣ୍ଡ କଲେ ନିରାପଦରେ । ବର୍ତ୍ତମାନ ତା'ର ଯାତ୍ରା ଶେଷ ।

ପଞ୍ଜାବୀ ଯୁବକ ପାଇଲଟଟି ମନାନନ୍ଦରେ କଥା କହିବାର ଆମୋଦ ତା'ର କଳାଇଁ ଅର ଆଖିରେ ଧରି ଲାଗି ଆସିଲା ଲାବଣ୍ୟ ପାଖକୁ । ଲାବଣ୍ୟ ସିମିତି ନିଃସଙ୍କୋଚ ଭାବରେ ହସି ଅଭ୍ୟର୍ଥନା ଜଣାଇଲା । ପରିଷ୍କାର ସରଳ ବୋଧଗମ୍ୟ ଢଙ୍ଗରେ ଇଂରାଜୀ କହୁଛି । ପଞ୍ଜାବୀ ପାଇଲଟ ଲାବଣ୍ୟର ସମାନ ତାଳରେ ସ୍ଥାନ ରଖିବା ପାଇଁ ତତ୍ପର ।

କଥା କହୁଛି ଲାବଣ୍ୟ—ଅତି ସଙ୍ଗୋପନରେ । ଯୁବକଟିର ପ୍ରଶାନ୍ତ ମୂର୍ତ୍ତିକୁ ହୃଦୟ ଭରି ଦେଖିବାର ମାଦକତା ତୀବ୍ର ହଉଥାଏ । ତା'ର ମନରେ ଖାଣ୍ଟି ମଦ ନିଶା ପରି । ଯୁବକଟିର ଉତ୍ତମ ମୁଖମଣ୍ଡଳରେ ଯତ୍ନବିନ୍ୟସ୍ତ ଘନକୃଷ୍ଣ ଶ୍ମଶ୍ରୁ ମନେଇଛି ଅପୂର୍ବ ଭାବରେ । ସର୍ବୋପରି ଦେହ ଗଠନର ଚମତ୍କାରିତା ପ୍ରତି ଅଙ୍ଗରେ ଲୋଭନୀୟ ସ୍ୱାସ୍ଥ୍ୟର ଇସାରା ତାକୁ ମୁଗ୍ଧ କରୁଥାଏ । ପାଇଲଟ ହେବା ଭଳି ସ୍ୱାସ୍ଥ୍ୟ ଏକା । ସର୍ବଶେଷରେ ପାଇଲଟଟି କହିଲା ଇଂରାଜୀରେ "Cheer Oh my dear Madam !"

ଲାବଣ୍ୟ ସଯୋଗ କଲା—"Ta Ta !"

ବିଦାୟ ବେଳାରେ ମଧ୍ୟ ଦୁହିଁଙ୍କର ଓଠରେ ହସର ଖୋଷାଂଶ ଲାଗି ରହିଥାଏ ।

ଲାବଣ୍ୟର ଡିଉଟି ବଦଳି ଯାଇଛି ।

ସପ୍ତାହାନ୍ତେ ଡିଉଟି ବଦଳି ହୁଏ । ଚାକିରିର ନିୟମ ।

ନାଗପୁର ବିମାନ ଘାଟିରୁ ଏରୋପ୍ଲେନ ଛାଡ଼ିବ—ବମ୍ବେରେ ଲେଣ୍ଡ କରିବ ପ୍ଲେନ । ଲାବଣ୍ୟର ନୂଆ ଲାଇନ ।

ଏ ଉଏସର ପାଇଲଟଟି ବଡ଼ ଅଭଦ୍ର । ବେଗମାନ ପ୍ଲେନ ମଧ୍ୟରେ ମଧ୍ୟ ବାରମ୍ବାର ଲୋଲୁପ ଦୃଷ୍ଟି ଫୋପାଡ଼ି ଚାହିଁଥାଏ । କର୍ତ୍ତବ୍ୟ ପ୍ରହରରେ ଲାବଣ୍ୟ ବ୍ୟତିବ୍ୟସ୍ତ ହୋଇ ପଡ଼େ । କଟାକ୍ଷ ନିକ୍ଷେପର ବିରାମ ନାହିଁ । ଯାତ୍ରୀଙ୍କ ଶାଣଦିଆ ଆଖି ପୁଣି ପାଇଲଟର କଟାକ୍ଷ । ବଡ଼ ଅଶାନ୍ତ ଲାଗୁଛି ତାକୁ ।

ଚଳିତ ସପ୍ତାହ ପରେ ତା'ର ଡିଉଟି କଲିକତା ଉଏସରେ ପଡ଼ିବ । ପୁଣି ପଞ୍ଜାବୀ ପାଇଲଟର ସାନ୍ନିଧ୍ୟ ଲାଭ କରିବ ସେ । ଏମିତି ଯୋଡ଼ିଏ ତନୋଟି ଆନନ୍ଦର ଚିନ୍ତା କଲେ ତାକୁ ପରମାନନ୍ଦ ମିଳେ । ସେ ଜାଣି ପାରେନି—ଅଲକ୍ଷ୍ୟରେ ଆକୃଷ୍ଟ ହୁଏ । ଯୁବକର ସୁସ୍ଥ ଚେହେରା—ଉଦ୍ଦାମ ଯୌବନ ଆହୁରି ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ତାକୁ ବିଭୋର କରେ । ସେ ପ୍ଲେନରେ ଡିଉଟି ପଡ଼ିଲେ ଲାବଣ୍ୟ ଆଜିକାଲି ନିଜର କର୍ତ୍ତବ୍ୟ ଭୁଲିଯାଏ ।



Digitized by srujanika@gmail.com

ଅତ୍ୟଧିକ ବେଗମାନ ପ୍ଲେନ ମଧ୍ୟରେ ପାଇଲଟ ସିଟ ଉପରେ ବସିଥିବା ବଡ଼ ଗୋଟିଏ କ୍ଳାନ୍ତ ଭାବ ଆଖିରେ ଭରି।

ବମ୍ବେରୁ କଲିକତା ଉଡ଼ାଣ। ପଞ୍ଜାବୀ ପାଇଲଟ ତତ୍ତ୍ୱାବଧାନରେ ବିମାନ ଚାଲିଛି। ଲାବଣ୍ୟ ଏୟାର ହୋଷ୍ଟେସ। ପାଇଲଟ ସିଟ ପାଖରେ ବସିଛି। ତା'ର ଦେହ ଓ ଶାଢ଼ୀର ଦୋହଲା ଅଞ୍ଚଳ ଲାଗିଛି ପାଇଲଟ ଦେହରେ। ଇଚ୍ଛା କରି ଲାଗିଛି ମନେହୁଏ ନିଶ୍ଚିତ। ଚିନ୍ତା ମଗ୍ନା ସେ। ଏରୋପ୍ଲେନ ଦୃଷ୍ଟିର ବାହାରକୁ ଚାଲି ଯାଉଛି। ତଥାପି ସେ ଚାହିଁଛି ମୂକ ଓ ସ୍ଥାଣୁ ଆକାଶ ଆଡ଼କୁ। ଚିନ୍ତାର ଲହରୀ ଭାଙ୍ଗୁଛି ବାଦଲମୁକ୍ତ ମେଘାଲୋକରେ। ତା'ପରେ ହାଲୁକା ନିଶ୍ୱାସ ପକାଇ ଚାହିଁଲା ମାଇଲ ମିଟରକୁ। ହଠାତ ଦେଖିଲା ପାଇଲଟଙ୍କ ନିଜର ହାତ ତାର କୋଳ ଉପରେ ରଖିଛି। ଏକ ମନମୁଗ୍ଧ ଖୁସିର ଶିହରଣ ଆନ୍ଦୋଳିତ ହେଲା ତାର ସମଗ୍ର ଦେହରେ। ଗଭୀର ପରିତୃପ୍ତିରେ ଦରବୁଜା ଆଖିରେ ଚାହିଁ ରହିଲା ପାଇଲଟକୁ। ଆଖି ଧୁଆଁଇଛି ନିଶ୍ଚିତ ଫାଳା ଜହ୍ନ ଧନ୍ୟ ଦିଶୁଛି। ଦଣ୍ଡେ ପରେ ପଞ୍ଜାବୀ ଯୁବକଟି ହସିଲା—ତା'ର ସୁନ୍ଦର ହସ ସହ ନିଜର ହସ ଯୋଗ ନ କରି ରହି ପାରିଲାନି ଲାବଣ୍ୟ। ଅପୂର୍ବ ତାର ହସର ଭଙ୍ଗିମା। ପ୍ଲେନଟି ଚାଲିଛି ପୂର୍ଣ୍ଣ ବେଗରେ। ପାଇଲଟ ତତ୍‌କ୍ଷଣାତ୍ ଅଟୋମେଟିକ ଗିଅର ମାରିଦେଲା। ଏରୋପ୍ଲେନ ଚାଲିଛି ମନକୁ—ଆପଣା ଛାଏଁ—ସମାନ ଏକ ଉଚ୍ଚତାରେ। ଯାତ୍ରୀମାନେ ଗଭୀର ତନ୍ଦ୍ରାରେ ଢୁଳେଇ ପଡ଼ୁଚନ୍ତି। ଗ୍ଲାସ୍-ପେନଟି ଖୋଲିଥିଲା—ପକାଇ ଦେଲା ପାଇଲଟ୍।

ହଠାତ୍ କଣ ଭାବି ଲାବଣ୍ୟ ହସିଲା—ଶବ୍ଦ କରି। ତାର ହସର ମିଠା ଆବାଜ ଶୁଣି ମୁଗ୍ଧ ହେଲା ବିଦେଶୀ ଯୁବକ। ପଞ୍ଜାବୀ ଯୁବକଟି ନିଶ୍ଚିତ ସ୍ୱର୍ଗ ପାଇଲା ନିଜର ବାହୁ ମୁଠା ଭିତରେ।

ପରିପୂର୍ଣ୍ଣ ଆଗ୍ରହରେ ଭଅଁର ଭଳି ଆଖିକୁ ବଡ଼ କରିଦେଲା ଲାବଣ୍ୟ।

ମନ୍ତ୍ରବତ ଆବେଗରେ ପୂରିଲା ଓଠ ଯୋଡ଼ିକୁ ପାଟି ଓ ଜିଭ ରସରେ ଭିଜେଇ ନେଇ ଲାବଣ୍ୟର ଲାବଣ୍ୟ ବୋଳା ଓଷ୍ଠରେ ଚୁମ୍ବନ କଲା ସାହସ କରି।

ଚେତିବ ମୁଗ୍ଧା ଲାବଣ୍ୟ ଅପଠ୍ଠ କଲ୍ଲନା। ପୁଣି ଦ୍ୱିତୀୟ ଥର ଚୁମ୍ବନ ସମାପ୍ତ କଲା ଯୁବକଟି। ପ୍ଲେନ ଚାଲିଛି ମୃଦୁ ଗତିରେ—ବିନା ସହଯୋଗରେ—ସାତ ହଜାର ଫୁଟ ଉପରେ ନୀଳ ଭରା ଗୋଟିଏ ମେଘର ମହାସମୁଦ୍ର ଅତିକ୍ରମି ଚାଲିଚନ୍ତି ସେମାନେ।

ଗୋଟିଏ ରଙ୍ଗିନ ମୁହୂର୍ତ୍ତ ଶେଷ ହୋଇଗଲା। ଗ୍ଲାସ ସସପେନ୍ସର ପଛୟଟେ।

+ + +

ଲାବଣ୍ୟ ହଠାତ୍ ଦିନେ ଲକ୍ଷ୍ୟ କଲା ତାର ଦେହ ଉପରକୁ ପଇସା ଆକାର ପରି କଣ ଗୁଡ଼ାଏ ଯାହା ଭଲ ବାହାରି ପଡ଼ିଛି। ସଠିକ କଣ ଜାଣି ପାରିଲାନି। ଆଉରି ଦିନେ ଦେଖିଲା ପରିସ୍ରା କଲା ବେଳେ କଷ୍ଟ ଅନୁଭବ କରୁଛି। ସହଜରେ ପରିସ୍ରା ହଉନି। ତାହାଛଡ଼ା ପରିସ୍ରାର ରଙ୍ଗ ସନ୍ଦେହ ଜନକ। ଭାବିଲା ଡାକ୍ତରଙ୍କ ସହିତ ପରାମର୍ଶ କରିବ। ଗୋଟିଏ ପ୍ରସିଦ୍ଧ ଲେଡ଼ି ଡାକ୍ତରଙ୍କ ପାଖକୁ ଗଲା ତାର ବନ୍ଧୁ ମହଲରେ।

ଡାକ୍ତର ତନ ତନ ପରୀକ୍ଷା କରି ମତ ଦେଲେ—ସିଫିଲିସ! ଲାବଣ୍ୟର ମଥାରେ ବଜ୍ର ପଡ଼ିଲା ନିଶ୍ଚିତ। ମନେ ମନେ ଅତି ଚିନ୍ତା କରି ଉଚ୍ଚାରଣ କଲା—ସିଫିଲିସ! ଠିକ ସେଇ ମୁହୂର୍ତ୍ତରେ ଗୋଟିଏ ଦୁର୍ଦ୍ଦାନ୍ତ ଯୁବକର ଧୂଆଁଳିଆ ରୂପ ଭାସି ଆସିଲା ତାର ଆଖି ସାମନାକୁ। ଅତ୍ୟଧିକ ଦ୍ୱନ୍ଦ୍ୱ ପରେ ମାନସିକ ଚିନ୍ତାରେ ଉପନୀତ ହେଲା—ପଞ୍ଜାବୀ ପାଇଲଟ। ମୁହଁ ସାରା ଯାହା ଭଳି ଚିହ୍ନ ଏଥର ପରିଷ୍କାର ଜଣା ଗଲାଣି। ଯୌନାଙ୍ଗ ମଧ୍ୟରେ ଯନ୍ତ୍ରଣା ତାକୁ ବିବ୍ରତ କରୁଛି। ଲେଡ଼ି ଡାକ୍ତର ପରାମର୍ଶ ଦେଲେ କିଛି ଦିନ ଚିକିତ୍ସାଧୀନରେ ରହିବା ପାଇଁ।...

ଲାବଣ୍ୟ ଚିକିତ୍ସାରେ ଅଛି। ପୁଣି ଡାକ୍ତର ପରୀକ୍ଷା କରି ମତ ଦେଇଚନ୍ତି—ଗନୋରିଆ ଲକ୍ଷଣ ମଧ୍ୟ ମିଳିଛି। ସ୍ପଷ୍ଟ ଭାବରେ ମତ ଦେଲେ କୌଣସି ଯୌନ ଅପବ୍ୟବହାରର ଫଳାଫଳ।

ଲାବଣ୍ୟ ଅତି ଆଶ୍ଚର୍ଯ୍ୟ ହୋଇଛି। ଯେତେଥର ସେ ଚିନ୍ତା କରିଛି ଏମିତି କୁଲକ୍ଷଣା ରୋଗ ପାଇଁ ଦାୟୀ କିଏ—ସେତେଥର ପଞ୍ଜାବୀ ପାଇଲଟର ବଳିଷ୍ଠ ଚେହେରା ଭାସି ଆସୁଛି ତା ଆଖି ସାମନାକୁ।



ସିଫିଲିସ ଓ ଗନୋରିଆ ଉଭୟଙ୍କରେ ତା'ର ପାରିବାରିକ ଜୀବନର ଅନ୍ତ। ଏ ମାରାତ୍ମକ ବ୍ୟାଧି ତାହାରି ଦେହରେ ଜାଗ୍ରତ।

ମନେ ମନେ ନିଆଁ ପରି ଜଳି ଯାଉଛି ସେ ପାଇଲଟ ଉପରେ। ଦେହରେ ବିଷ ଫୋଟକା ପରି ବାହାରି ପଡ଼ିଲାଣି ସିଫିଲିସ ଓ ଗନୋରିଆ ରୋଗ।

ଚିକିତ୍ସାରେ ଅଛି, ଦୀର୍ଘ ମାସ ମାସ ଚିକିତ୍ସାରେ ରହିବା ପରେ ଦେହରୁ ଫୋଟକା ସବୁ ମଉଳି ଆସିଛି। ତଥାପି ସେ ରୋଗ ମୁକ୍ତ ନୁହେଁ। ନିଜର ବାପା, ମା, ଭାଇ ଭଉଣୀଙ୍କ ପାଖରେ ଜୀବନ ଧରି ରହିବା ପାଇଁ ସଙ୍କୋଚ ଅନୁଭବ କରୁଛି ସେ। ଥରେ ଏଭଳି ରୋଗ ହେଲେ ଜନ୍ମଜନ୍ମାନ୍ତର ପାଇଁ ଦେହରେ ରହେ। ମନେ ମନେ ଲାବଣ୍ୟ ବିଷମ ହୋଇ ଉଠୁଛି ପାଇଲଟ ଉପରେ—ତାର ପ୍ରିୟ ଉପରେ।

ଦୀର୍ଘ ମାସକ ପରେ ପୁଣି କାମରେ ବାହାଲ ହୋଇଛି ଲାବଣ୍ୟ। ଏୟାର ହୋଷ୍ଟେସ୍, ପୁଣି ସେହି ପରିଚିତ ଆକାଶର ଶୂନ୍ୟ ମାର୍ଗ। ଏଥର ମଧ୍ୟ ଅନ୍ୟ ଏକ ପଞ୍ଜାବୀ ପାଇଲଟ ପାଖକୁ ଲାଗି ଆସି ଅନନ୍ୟ ସୁନ୍ଦର କରଟୁର୍ଣ୍ଣ କରି ହାଲ ଫେସନରେ ମର୍ଦ୍ଦନ ପାଇଁ ଉଦ୍ୟତ।

ଲାବଣ୍ୟ ହଠାତ୍ ଚମକି ପଡ଼ିଲା—ତାକୁ ସିଫିଲିସ, ଗନୋରିଆ ହୋଇଛି। ମହାରୋଗର ଜୀବାଣୁ ଆନ୍ଦୋଳନ କରି ଉଠିଲେ ତାର ଲାବଣ୍ୟ-ଭରା ଲାଳିତ୍ୟ ପୂର୍ଣ୍ଣ ଦେହରେ। ଗୋଟିଏ ଅନିର୍ବାଣ ପ୍ରତିଶୋଧର ବହ୍ନି ଜଳି ଉଠିଲା ତାର ଅମୃତ ଭରା ହୃଦୟ ମଧ୍ୟରେ ବିଷମ ରୂପ ଧାରଣ କରି। ତାର ନଷ୍ଟ ଜୀବନ ପାଇ ଏମିତିକା ଜଣେ ପାଇଲଟ୍ ଦାୟୀ, ଦିକ୍ଷେ ପ୍ରତିଜ୍ଞା କରେ ସେ—।

ତାର ଲାବଣ୍ୟ-ବୋଳା ଜୀବନକୁ ଯେ ନଷ୍ଟ କରିଛି ସେ ମଧ୍ୟ ଧ୍ୱଂସ କରିବ ତାଙ୍କ ଜୀବନ। ଜାଳ ପୋଡ଼ି ଦେବ ସିଫିଲିସ ଗନୋରିଆ ରୋଗର ଜୀବାଣୁ ତାଙ୍କ ରକ୍ତରେ, ଯାହା ପୃଥିବୀ ଜଳି ପୋଡ଼ି ଧ୍ୱଂସ କରିବନି।

ନିମିଷକ ମଧ୍ୟରେ ଆଖିରେ ମାଦକତା ଭରି ନିମନ୍ତ୍ରଣ ଜଣାଇଲା ଲାବଣ୍ୟ—ଯୁବକଟି

[ ଅବଶିଷ୍ଟାଂଶ ୧୦ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

ନିବନ୍ଧ

# ଗାନ୍ଧିଜୀଙ୍କ ରାଷ୍ଟ୍ରନୀତି ଓ ଗଣତନ୍ତ୍ର ଶାସନ

ଲେ—ଶ୍ରୀ ପଠାଣି ପଟ୍ଟନାୟକ

୧୯୫୦ ଜାନୁୟାରୀ ଛବିଶ ତାରିଖ ଆମର ଜାତୀୟ ଜୀବନ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏହି ଦିନ ଠାରୁ ଆମେ ଏକ ସ୍ୱାଧୀନ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ରୂପେ ଶପଥ ଗ୍ରହଣ କରିଛୁ । ସ୍ୱାଧୀନତା କେବଳ ଉପାୟ ମାତ୍ର । ସେହି ସ୍ୱାଧୀନତା ହାସଲ ପରେ ପରେ ଏହାକୁ ପ୍ରକୃତ ଲୋକ-ଶାସନର ସ୍ୱପ୍ନ କାର୍ଯ୍ୟରେ ପରିଣତ କରିବା ପାଇଁ ଆମର ଲୋକେ ତଥା ସରକାର ପ୍ରସ୍ତୁତ ରହିବେ । କାରଣ ଗଣତନ୍ତ୍ର କହିଲେ ଆମେ ପ୍ରକୃତ ଲୋକଶାସନ ବୁଝୁ । ଇଂଲଣ୍ଡର ଗଣତନ୍ତ୍ର ଶାସନ ଅନୁକରଣରେ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ଏ ରୀତିର ଶାସନ ବିଭିନ୍ନ ଭାବରେ ଅନୁସୃତ ହୋଇଛି । ତେବେ ପ୍ରଶ୍ନ ଉଠୁଛି, ଯଦି ଲୋକ ଶାସନର ପରିକଳ୍ପନା ଗଣତନ୍ତ୍ର ହୋଇଥାଏ, ଏବଂ ପ୍ରତ୍ୟେକ ରାଷ୍ଟ୍ର ଏକ ପ୍ରକାର ଗଣତାନ୍ତ୍ରିକ ଶାସନର ପକ୍ଷପାତୀ, ପୃଥିବୀରେ ଆଜି ଶାନ୍ତି ରହିପାରୁନାହିଁ କାହିଁକି ? ପ୍ରକୃତ ଲୋକଶାସନ ଏ ଯାଏଁ ପ୍ରତିଷ୍ଠିତ ହୋଇନାହିଁ

ଗଣଶାସନରେ ଗାନ୍ଧିଜୀଙ୍କ ପ୍ରଶ୍ନ ଉଠିଲେ ଅହିଂସାର ପ୍ରଶ୍ନ ସ୍ୱତଃ ଉଠେ । ଅହିଂସା ଏବଂ ସତ୍ୟର ପ୍ରଶ୍ନ ଉଠିଲେ ସାଧାରଣତଃ ଏହା ବ୍ୟକ୍ତିଗତ ଜୀବନରେ କାର୍ଯ୍ୟକାରୀ ବୋଲି ମନେ ହୋଇଥାଏ । ମାତ୍ର ବାସ୍ତବରେ ଏହା ବ୍ୟକ୍ତି-ଗତ ଜୀବନରୁ ଆରମ୍ଭ କରି ଗୋଷ୍ଠୀଗତ, ତଥା ରାଷ୍ଟ୍ରଗତ ଜୀବନର ବିକାଶରେ ସାର୍ଥକ ହୋଇଥାଏ । ବାସ୍ତବରେ ଆଜି ପ୍ରତ୍ୟେକ ଗାନ୍ଧିବାଦୀ ବିଶ୍ୱାସ କରନ୍ତି ଯେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗହିଁ ପୃଥିବୀର ସନ୍ଦିହାନ ବାତା-ବରଣ ମଧ୍ୟରେ ଶାନ୍ତି ଆଣିପାରେ ଏବଂ ବ୍ୟକ୍ତି, ଗୋଷ୍ଠୀ ଏବଂ ରାଷ୍ଟ୍ର ମଧ୍ୟରେ ଯାବତୀୟ ବିଭେଦ ଦୂର କରିବାକୁ ସମର୍ଥ ହୋଇପାରେ । କାରଣ ତାଙ୍କର ଅହିଂସା ଏକ ଶୁଦ୍ଧ ଏବଂ ସତ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ । ଏବଂ ଉଭୟ ଲକ୍ଷ୍ୟ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଉପାୟ ମଧ୍ୟ ସାଧୁ ଜଣାପଡେ । ତାହା ଉଭୟ ରାଷ୍ଟ୍ର ଏବଂ ବ୍ୟକ୍ତିର ଜୀବନରେ ମଧ୍ୟ ଉପଯୋଗୀ ।

ଆଲୋଚନା କଲେ ଜଣାପଡ଼େ, ଊନବିଂଶ ଶତାବ୍ଦୀର ଗଣତନ୍ତ୍ର କହିଲେ ଯାହା ବୁଝା ଯାଉଥିଲା, ବର୍ତ୍ତମାନ ଆଉ ତାହା ନାହିଁ । ଅର୍ଥ ଏବଂ କାର୍ଯ୍ୟରେ ଏହା ଅଧିକ ବ୍ୟାପକ ହୋଇ ଉଠିଛି । ଗଣତନ୍ତ୍ର ଶାସନ ଏକ ସାଧନାରେ ପରିଣତ ହୋଇଛି । ପ୍ରଥମେ କେବଳ ପ୍ରତ୍ୟେକ ସାବାଳକ ଲୋକର ଭୋଟ ଦେବାର ଅଧିକାରହିଁ ଗଣତନ୍ତ୍ର ଶାସନର ମୌଳିକ ନୀତି ବୁଝାଉଥିଲା । ଲୋକେ ଭୋଟ ଦେଇ ନିଜର ପ୍ରତିନିଧି ବାଛିବେ ଏବଂ ଲୋକ-ପ୍ରତିନିଧି ସରକାର ଗଠନ କରିବେ । ଫଳରେ ଆମର ସମାଜରେ ଯେଉଁଭଳି ଅସମାନତା ରହିଛି, ପ୍ରକୃତ ଗଣର ଶାସନ ଏହା ହୋଇ ପାରିଲା ନାହିଁ । ଯେଉଁମାନେ ସମାଜରେ ବିଭବଶାଳୀ, କ୍ଷମତାବାନ ଏବଂ ଉଚ୍ଚ ଶିକ୍ଷାର ଅଧିକାରୀ, ସେମାନେ ଆନ୍ଦୋଳନରେ ତଳ ଶ୍ରେଣୀର ଲୋକଙ୍କୁ ପ୍ରଭାବିତ କରି ଶାସନ ଅଧିକାର କରି ବସିଲେ । ସେହିଏ କ୍ଷୁଦ୍ର ସାମାଜିକ ଗୋଷ୍ଠୀର ଶାସନ ଗଢ଼ି ଉଠିଲା । ଶ୍ରେଣୀ ସ୍ୱାର୍ଥ ସଙ୍ଗେ ସଙ୍ଗେ ଅସମାନ୍ତର ସମାଜରେ ଅସନ୍ତୋଷ ଏବଂ ଅସଦ୍ଭାବ ବଢି-

[ ଅବଶିଷ୍ଟାଂଶ ୧୩ ପୃଷ୍ଠା ଦେଖନ୍ତୁ ]

---

[କାହାଣୀ ୧୧ ପୃଷ୍ଠା ଉତ୍ତାରୁ]

ଉଦ୍ଦାମ କାମାବେଗରେ ଲାଗି ଆସିଲା ଲାବଣ୍ୟ ପାଖକୁ ।

ଦିନ ପୁଣି ଦିନ ପରେ ଲାବଣ୍ୟର ଦୃଷ୍ଟି ପଡ଼ିଲା ସ୍ୱାମୀଜ ପାଇଲହିଁ ଛୁଟି ନେଇଛି । ମନେ ମନେ ଆନନ୍ଦିତ ହେଲା—ସେ ବଞ୍ଚିଗଲା !

ଦିନେ ହଠାତ୍ ଦେଖିଲା ସେଇ ଅସଭ୍ୟ ବର୍ବର ପାଖେ ପହଞ୍ଚିଛି—ଯିଏ ଦିନେ ତାକୁ ବୀଭତ୍ସ ଦୃଷ୍ଟି ନିକ୍ଷେପ କରୁଥିଲା ।

ପ୍ରତିଶୋଧର ନିଶା ତୀବ୍ର ହୋଇ ଉଠିଲା । ଚଗଳିମାନ ନୟନ ମଧ୍ୟରେ ଇସାରା ଦେଲା ଲୋକଟିକୁ— ଯୌନଲାଳସାର ନିମନ୍ତ୍ରଣ ଜଣାଇ ।

ଲୋକଟି ଅନୁକୂଳ ସୁଯୋଗରେ ପରମାନନ୍ଦ ହେଲା । ଅତ୍ୟଧିକ ଉଦ୍ଦାମ କାମନାରେ କମ୍ପିତ ହେଲା । ଉଡ଼ନ୍ତା ଜାହାଜରେ ଯାତ୍ରୀଙ୍କ ଆମୋଦ ପ୍ରମୋଦ ଅବକାଶେ ଥାଏ ବିଶ୍ରାମାଗାର—ଏକାନ୍ତ ଭୂମି । ଦୁହେଁ ଗଲେ ମହା-ଶୂନ୍ୟରେ—ଜଣକ ମନରେ ଭୟଙ୍କର ଲାଳସା—ଅନ୍ୟ ଜଣଙ୍କ ହୃଦୟରେ ପ୍ରତିହିଂସା । ଲୋକଟି ଯୌନ ନିଶାରେ ଅସ୍ଥିର ହୋଇ ଲାବଣ୍ୟର ପ୍ରତି ଅଙ୍ଗରେ ଦେଲା ପ୍ରତି ଅଙ୍ଗ ମିଶାଇ । ପ୍ରାଣପଣେ ଛାତି ଭିତରକୁ ଯାକି ଆଣି ଅଜସ୍ର ଚୁମ୍ବନ ଢାଳି ଦେଲା ଲାବଣ୍ୟର ମୁଖଶ୍ରୀରେ ।

ଦିନେ—ନାଗପୁର ଏୟାର ବେସରେ ଦେଖିଲା ସେଇ ଅଭଦ୍ର ପାଇଲଟକୁ । ତାକୁ ମଧ୍ୟ ସଙ୍କେତ ଦେଲା ଯୌନ କାମନା ପରିତୃପ୍ତି ପାଇଁ । ପ୍ରତିହିଂସାର ନିଆଁ ଜଳୁଛି । ଏମିତି ଶୂନ୍ୟଆଡ଼େ ମହାବେଗରେ ଜୀବାଣୁ ଭରପୁର କରିଦେବା ପାଇଁ ଅଗ୍ରଗାମୀ ସେ ।

ଦିନେ ଜାଣିଲା ସେ ଅନ୍ତଃସତ୍ତ୍ୱା । ତାର ମଧ୍ୟ ପିଲା ହେବ । ନବାଗତ ପିଲାଟି ମଧ୍ୟ କୁଲକ୍ଷଣା ରୋଗରେ ଆକ୍ରାନ୍ତ ହୋଇ ଜନ୍ମଗ୍ରହଣ କରିବ । ସହ୍ୟ କରିପାରିବନି ଏ ପାପ । ଭାଳୁଛି—ନଷ୍ଟ କରିବ ପିଲାଟିକୁ । ଭ୍ରୂଣହତ୍ୟା !—ଭୟ ନାହିଁ ସେ ଆଧୁନିକା । ବିଜ୍ଞାନ ଯୁଗର ନାରୀ - ଚୈତ-ହିଉବ ଶୃଙ୍ଖଳିତ ଯୁଗର ମାତା ।

ଦିନ ପରେ ଦିନ ଗଡ଼ି ଯାଉଛି, ଏବେ ଆଉ ପାଇଲଟ ଏବଂ ପରିଚିତ ଯାତ୍ରୀ ତାକୁ ଆଖିରେ ଇସାରା ଦେଉ ନାହାନ୍ତି କିମ୍ବା ଲାବଣ୍ୟର ସଙ୍କେତରେ ଉତ୍ତର ଦେଉ ନାହାନ୍ତି । ଜଣାଜଣି ହୋଇ ଗଲାଣି—ଲାବଣ୍ୟ ମିସ୍ ଓ ଗନୋରିଆ ପେସେଣ୍ଟ୍ ।

ସାମନା ସିଟରେ ଏକ ହୃଷ୍ଟପୁଷ୍ଟ ସ୍ୱାସ୍ଥ୍ୟବାନ ଅଳ୍ପବୟସର ଯୁବକ ବସିଥାଏ ! ପ୍ରେମ ଗୁମ୍ଫିତ । ଚେହେରା ଅତି ସୁନ୍ଦର ନିଖୁଣ ଫୁଲ ପରି । ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ ପୂର୍ଣ୍ଣତା ପ୍ରାପ୍ତ !

ପ୍ରତିଶୋଧର ହିଂସାରେ ଜର୍ଜରିତ ହୋଇ ଉଠିଲା ବିଷମୟୀ ଲାବଣ୍ୟ । ନଷ୍ଟ ଆକାଂକ୍ଷା ବଳବତ୍ତର ହେଲା ମନ ମଧ୍ୟରେ । ତାର ମଧ୍ୟ ଦିନେ ଏମିତି ସୁନ୍ଦର ଚେହେରା ଥିଲା ଯାହା ଆଜି ସ୍ୱପ୍ନ । ତରୁଣଟିକୁ ମେହ ରୋଗରେ ଗ୍ରସ୍ତ କରିବା ପାଇଁ ବ୍ୟତିବ୍ୟସ୍ତ ହୋଇ ଉଠିଲା ସେ । ଅତୀତର ଲାବଣ୍ୟ ଆଜି ଭୟଙ୍କର ବିଷମ !

—*—



Digitized by srujanika@gmail.com

# ସାଇକେଲ୍ ମୋର

ଲେ—ହରିହର ବାହିନୀପତି

ଜରାଜୀର୍ଣ୍ଣ ସାଇକେଲ୍ ମୋର
ପାରିବକି ଆଉଥରେ ?
ବୋହି ନେବ ନଈ ବନ୍ଧପରେ, ଯେଉଁଠାରୁ
ଦେଖିବି ସେଦିନ ପରି ସାଧ ମନୋପ୍ରାଣେ
ମାରିବ ସନ୍ତେଇଁ ହିଳେ ଦ୍ୱାଲିକ ନିଶ୍ୱାସ
କାଠସାର୍ଡ଼ୀ ବ ଲପରେ ଖଗ୍ରିଟି ଅଗ୍ରସ୍ତା
କେତେ ପ୍ରିୟତମ ସଙ୍ଗେ ?
ପ୍ରଭୁମୋର ! ଅଳି ଏକ ଅଚମ୍ବିତ ସ୍ୱପ୍ନ ଦେଖି ଅଣ୍ଡି ।
ମନ ମୋର ଜଳଉଠେ, ଉଠଇ ସନ୍ଦେହ
ଜନ୍ମିଛ କି କେବେ ମୁହିଁ କର୍ତ୍ତବ୍ୟରେ ଚ୍ୟୁତି
ପାଇଛନ୍ତି ପ୍ରଭୁ ମୋର କେବେ ଅସନ୍ତୋଷ ?
ନାଁ ନାଁ ସାଇକେଲ୍ ଭୁଲ ବୁଝନା ମୋତେ
ନାହିଁ ମୋର ତୁମପ୍ରତି ଲେଶ ଅସନ୍ତୋଷ
କିନ୍ତୁ ସାଇକେଲ୍ !
ପାରୁନାହିଁ, ପାରୁନାହିଁ ଦୀର୍ଘକାଳ ଧରି
ମରାମତି କରିବାକୁ ତୁମ ଜୀର୍ଣ୍ଣ କଳେବର ।
ଛିଦ୍ରିତ ହେଲଣି ତୁମ ରିମ୍ ଦୁଇଗୋଡ଼ା
ତୁଟିଗଲାଣି କେତେ ଅଉ ହାଣ୍ଡୁଲା ଚେନ୍
ବ୍ରେକ୍ ନାହିଁ, ବେଲ୍ ନାହିଁ, ହ୍ୟାଣ୍ଡଲ୍ଟା ବଙ୍କା ।
ଅର୍ଦ୍ଧମୃତ ଅବସ୍ଥା ତୁମର !
ପାରିବତ ? ପାରିବତ ନେଇ ?
ପାରିବ ପାରିବ ନିଶ୍ଚେ ପାରିବନି ପ୍ରଭୁ
ମନେନାହିଁ, ସେଦିନର ଝଡ଼ବର୍ଷା ଦୁଃଖେ
ମିଳାଇ ଦେଇଥିଲ, ଦୂର ପ୍ରିୟତମ ପାଶେ
ବାନ୍ଧିଥିଲେ ଭାବିନେଲ, ଗଳାରେ ମିଶାଇ
ପ୍ରଭୁପତ୍ନୀ, ପ୍ରଭୁତୁମେ ଲେଖିଲ ଘରଗେ
ଆଜି ମୁଁ—
ଓଦା ଜୁବୁବୁବୁ, ପଙ୍କ ମେଞ୍ଚା ମେଞ୍ଚା
ଆଣିଲି ତୁମର ଦାମ୍ପ ଚାଳିଆର ତଳେ
ଜୀବନ ସଙ୍ଗେ—ଚତୁର୍ଦ୍ଦିଗେ ଓଦ ମାଟିକାନ୍ଥ
ବାହାରରେ ଘୁଞ୍ଚ ଘୁଞ୍ଚ ପବନ
ଝଙ୍କାରନ୍ତି ସେ ଯେ ।
ଆଉ କିନ ପ୍ରଣୟବୁ
ମୋର ପୁଣି ଲେଉଟିଲ ଅଶ୍ରୁ
କିନ୍ତୁ ପାରିବକି କହ କେବେ
ମନେ ତୁମ ଦେଉଛି ବିଷାଦ ।
ସେ ଦିନର ସାହୁକାର ଠାରୁ
ତମସୁକ ଲେଖି ପ୍ରଭୁ ଆଣିଲ କରଜ
କିଣିବାକୁ ମୋତେ । କେତେ ନିର୍ଯ୍ୟାତନା, କେତେ ଅପମାନ
ଦେଇଛ ସେ ସାହୁ,
ମୋ ରୂପ ଇଁ ସିନା, ପ୍ରଭୁ ତୁମେ ଅଦାଲତରେ
ସହି ନେଇଅଛ ସବୁ ?
ସେହିଦିନୁ—ମନମୋର ଉଠଇ ବିକଳି
ଆହା ପ୍ରଭୁ ମୋର ନିଃସ୍ୱ ହୋଇ
ଜୀବନଟା ଢାଳି ଦେଉଛ ତାର
ଧନମନ୍ତେ ଦେଉଛ ଭଗାରି ।
ତେବେ ସାଇକେଲ୍ ପ୍ରସ୍ତୁତ ତ ତୁମେ ?
ପ୍ରସ୍ତୁତ ପ୍ରଭୁ !

\+ \+ \+ \+

ଏଇଦେଖ, ଏ ପାଖରେ ଦେଖ
ଉତ୍ତୋଳିତ ହୋଇଅଛି କୃତିଳ ପ୍ରାସାଦ
ବହୁତ ପଡ଼ଚ୍ଛ ଝୋପା ବିଜୁଳି ଆଲୁଅ
ଘିରି ଘିରି ବୁଲେ ସେଠି ଇଲେକ୍ଟ୍ରିକ୍ ଫ୍ୟାନ୍
ଆଉ ଚତୁର୍ଦ୍ଦିଗେ ନେତାରର ଭିତର ଶିହରେ
ସେଣେ ପୁଣି ଲିପଷ୍ଟିକ୍ ବୋଳା ଯୁବତୀ ଅଧରୁ
ହାରମୋନିୟମ୍ ସୁରେ ବହିଆସେ "ପ୍ରିୟତମ
ଦେଇନାହିଁ ଦେଖା ।ପାଟର୍ଗୀ ଫୋର୍ଡ଼ କେତେ
ଏଣେ ରାଜପଥେ ଧୂଳିଦେଇ ଛୁଟେ
ସେଣେ କିନ୍ତୁ ରିକ୍ସାବାଲା,
ଛିଣ୍ଡାପାଦେ, ପଟି ବାନ୍ଧି, ଘଣ୍ଟିପିଟେ ବାରମ୍ବାର ।
ଏଇ ସାଇକେଲ୍-ଏଇ ସେହି ସୁଯୋଗାତ ।
ଏହିଠାରୁ ଗଡ଼ଯାଇ ନଦୀ ବନ୍ଧପରେ
ନିଶ୍ୱାସ ମାରିବା ଦୁହେଁ, ଶାନ୍ତି ପାଇଟିକେ ।
ନାଁ ନାଁ ସାଇକେଲ୍, ତାଡ଼ିବ ନୁହେଁ
ତୁମେ ମଧ୍ୟ ଉତ୍କଣ୍ଠିତ ସେ ବନାନ୍ତ ପବନ୍
କିନ୍ତୁ ତୁମେ ମୋର ପଙ୍କ ତଳୁ କମଳିନୀ ପରି ।
ଆଉ ଦେଖ—ଏଦିଗରେ
ମାନବର ହୀନ ପରଚେଷ୍ଟା
ବାନ୍ଧିବାନ୍ଧି ଗଢ଼ିବସେ ହୀନ ଭୋଗସୃଷ୍ଟି
ସ୍ୱରଗରୁ ନରକକୁ ଏହି ସିନା ବାଟ—
ମନ୍ଦିରରେ ନଦୀବନ୍ଧ—ଶୀର୍ଣ୍ଣଣ ପଠଯୋଡ଼ି
ଦେବତାର ଭକ୍ତିରେ—
ଟିଣାସିନା ଏହିଠାରେ ପାର୍ଥକ୍ୟର ଗାର ।
ଏଇ ଦେଖିଲତ ସାଇକେଲ୍ ଏବେ
ସାଥ ପରି ଅଣ୍ଡାଭୁଙ୍ଗି, ଠାଇଁ ଯାଏ ଜଗନ୍ନାଥ ସେତ
ସେହି ଦୁରେ—ଅଳ୍ପ ଦୁରେ
ଛୋଟ ଛୋଟ ବୃକ୍ଷତଳେ
ଢାଳିଲେଣି ଝଳବତୀ କୁଳବଧୂ କେତେ ।



Digitized by srujanika@gmail.com

# ବୟାଳିଶ ଆନ୍ଦୋଳନର ଝଲକ

## କାବ୍ୟ କବିତା

'ରକ୍ତମୁଖୀ'— ଶ୍ରୀଯଦୁନାଥ ଦାସ ମହାପାତ୍ର—କ୍ଷୁଦ୍ର କାବ୍ୟଟିଏ, ୧୯୪୨ ଆନ୍ଦୋଳନରେ ଗୋଟିଏ ଝଲକ। ବାଲେଶ୍ୱର ଜିଲ୍ଲା ତୁଡିଗଡ଼ିଆରେ ପୁଲିସ ଗୁଳିରେ ପ୍ରାଣ ଦେଇଥିଲେ—ଶହୀଦ୍ ରଘୁ। ତାର ଅମର ଜୀବ ସହିତ ଯେପରି ଫୁଟି ଉଠିଛି କେତୋଟି କବିତା ପଙ୍କ୍ତିରେ। ଲେଖକଙ୍କ ଲେଖନୀ ବଳିଷ୍ଠ। ଭାବ ଗମ୍ଭୀର। ଏଭଳି ଗ୍ରନ୍ଥକୁ ଆମ୍ଭେମାନେ ଜାତୀୟ ଧର୍ମଗ୍ରନ୍ଥ କହିଥାଉଁ—ଏବଂ ଏହା ଯେତେ ପ୍ରଚାରିତ ହେବ ସେତେ ଜାତୀୟ ଜୀବନ ପୁଷ୍ଟ ହେବ। —ମୂଲ୍ୟ—୦।/

## ଗଳ୍ପ ଉପନ୍ୟାସ

ବନମର୍ମର—ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ବି.ଏ. ପ୍ରକାଶକ ଷ୍ଟୁଡେଣ୍ଟସ ଷ୍ଟୋର, ୧୬ ଟି କ୍ଷୁଦ୍ର ଗଳ୍ପର ସମଷ୍ଟି—୧୧୦ ପୃଷ୍ଠା—ମୂଲ୍ୟ ଟ ୧ ୴।

କବି ଗୋପାଳ ମିଶ୍ରଙ୍କର ଗଳ୍ପ-ପ୍ରକାଶ ହେବାର ପ୍ରଥମ ଉଦ୍ୟମ ମନେହୁଏ। କାରଣ ଅପ୍ରାସଙ୍ଗିକତା ସ୍ଥାନେ ସ୍ଥାନେ ଦେଖାଯାଇଛି ଭାବପ୍ରବଣତାର ଆଧିକ୍ୟରେ। ଗଳ୍ପରେ ଭାବପ୍ରବଣତା ନଥିଲେ ସୁଖ ପାଠ୍ୟ ହୁଏ ନାହିଁ ସତ କିନ୍ତୁ ତାହାକୁ ସୁନିୟନ୍ତ୍ରିତ ନ କଲେ ସେ ବସ୍ତୁ ସୃଷ୍ଟିକୁ ଉପେକ୍ଷା କରିଯାଏ। ଫଳରେ ଗଳ୍ପରୁ ଭାବ ଯାଇ କେବଳ ପ୍ରବଣତା ରହିଯାଏ। କ୍ୱଚିତ୍ ଉପଯୁକ୍ତ ଭାବ ପାଇଁ ଉପଯୁକ୍ତ ଭାଷାର ଅଭାବ ଦେଖାଯାଏ। ଉପମା ମଧ୍ୟ ବେଳେ ବେଳେ ପିଲାଳିଆ ହୋଇଛି—ଯଥା 'ତୃପ୍ତିର ପ୍ରସୂତିଘର'। ଆମ୍ଭେ ମାନେ ଗୋପାଳ ବାବୁଙ୍କଠାରୁ ଅଧିକ ଉନ୍ନତ ଧରଣର ଗଳ୍ପ ଆଶା କରୁଛୁ।

ପଥେ ବିପଥେ—ଲେଖକ ନିତ୍ୟାନନ୍ଦ ପାଣିଗ୍ରାହୀ। ପ୍ରକାଶକ ଓଡ଼ିଆ ଲେଖକ ସହଯୋଗ ସମିତି। ୧୬୦ ପୃଷ୍ଠା—ମୂଲ୍ୟ ଟ ୨ ୮

ଓଡ଼ିଆ ଛାତ୍ର ଆଫ୍ରିକାକୁ ଯାଇ ସେଠି ଓଡ଼ିଆଏଟଙ୍କ ଭିତରେ କପରି ଆତ୍ମ ରକ୍ଷା କରୁଛି—ଏ ଭଳି ଏକ କଳ୍ପନା ନୂତନ ହୋଇଥିଲେହେଁ ଲେଖକଙ୍କ ଯଥେଷ୍ଟ ବାହାଦୁରୀ ଅଛି। ଦକ୍ଷିଣ ଆଫ୍ରିକାର ପରିସ୍ଥିତି ବର୍ଣ୍ଣନାରୁ ମନେ ହୁଏ ଲେଖକ ସେ ସ୍ଥାନ ସହିତ ସତେ ଅବା ପରିଚିତ।

## ସଂଗ୍ରହ ସଂକଳନ

'ସ୍ୱାସ୍ଥ୍ୟ—ସାହିତ୍ୟ—ସମାଜ'—ସଂଗ୍ରାହକ ସୁପରିଚିତ ସଂଗ୍ରାହକ ଶ୍ରୀ ନିମାଇ ଚରଣ ଦାସ। ସ୍ୱାସ୍ଥ୍ୟ ସାହିତ୍ୟ ଓ ସମାଜ ସମ୍ବନ୍ଧରେ ଗୁଣୀ-ଗଣ-ମୁଖ-ନିସୃତ ବହୁ ହିତୋପଦେଶ ଉଦ୍ଧୃତ ହୋଇ ପ୍ରକାଶ କରାଯାଇଛି। ଏହା ଆମର ବଡ଼ ବଡ଼ିଆ ସହରିଆଙ୍କ ପାଇଁ ଯେତିକି ଉପାଦେୟ—ଏହାର ସହଜଭାଷା ଗାଆଁର ଲୋକଙ୍କ ପାଇଁ ମଧ୍ୟ ସେତିକି ସହଜବୋଧ। ଛାତ୍ରମାନଙ୍କର ଅବଶ୍ୟ ପାଠ୍ୟ ପୁସ୍ତକଟିଏ। ଏହିଭଳି ରତ୍ନ ସଂଗ୍ରହ କରି ଲେଖକ ଜାତିର କଲ୍ୟାଣ କରନ୍ତୁ—ମୂଲ୍ୟ ଟ୧ମାତ୍ର

---

(ମଜାକଥା ୨୨ ପୃଷ୍ଠା ଉତ୍ତାରୁ)

ଦେଖୁଛନ୍ତି ସେହି ଆଗ କଦଳୀ ବାଡ଼ିରେ
ଥିରି ଥିରି ନାଚ ଉଠେ କଦଳୀ ପତ୍ରର
ମନ୍ଦ ମନ୍ଦ ସମୀରଣ ତଳେ। ବେହି ଆସେ
ଦୂର ଗାଁଆ ଜାଗା ଘରୁ ଓଡ଼ଗୀର ଗାନ,
ଏଇ ଦେମିଲଣି ସାଇକେଲ୍

ଏହିଗଡରେ, କେତେକାଳ ତଳ ବୁଢ଼ା ଦେଉଳ ଦୁଆରେ
କିଏ ଜାଣେ ? ଗାଇଆଳ ପିଲା, ନାନା ଯୁବକ ଜଣେ ଏ
କାଖେ ତାର ଉଛୁଳା କଳସୀ
ମୁଣ୍ଡପୋଛି କରଇ ମିନତି
ପ୍ରବାସିଆ ପଥ ପାଇଁ ଆଶିଷ ମନାଡ଼ି;

ବାଧ ହୋଇ ବାଧା ଦେଇ ପ୍ରଭୁ—
ଗୁଲ ଏବେ ଫେରିବା କଟକେ
ଦୁଆଖାଇ ସାମା ଏବେ ରହିଲାଣି
କାହିଁ କେଉଁ ଦୂରେ—

ନାଁ ନାଁ ସାଇକେଲ୍, ଅଢ଼କେ
—ଆହୁରି ଆଗକୁ।
ପ୍ରାଣଭରି ପିଇଯିବା ଅଜିର ଏ ମଧୁ
ଅବକାଶ ପାଇବାକୁ ସତେ,
ଫେରିଲେ କଟକେ।

ବାପ ପୁଣ ଚଢ଼ିବ ସମସ୍ତ ଶରୀରେ
ମରିବାକୁ ଡର ନାହିଁ ସେଥି।

\+ \+ \+ \+

କିନ୍ତୁ ପ୍ରଭୁ ଏ କି ପାଗଳାମି
ଦୁନିଆ କା ଖାଲି କବି—କଳ୍ପନାର ସ୍ୱର୍ଗ
ସହରର ବିଷାକ୍ତ ପବନେ ଅଛ କୋଳ ତୁମେ ମୋର ହୃଦ୍
ଗାଁଅତଳେ ଦେଖୁଛ ନନ୍ଦନ—କାନନର ପାରିଜାତ ଶୋଭା
କିନ୍ତୁ ଜାଣ କବି ?

—ଗାଁଏ ଗାଁଏ ବାଦ ଛିଦ୍ର ଏବେ
ମ୍ୟାଲେରିଆ—ମାଲି ମହିମା
ପରସ୍ପର ହିଂସା, ଦ୍ୱେଷ ଦେତେ
ବଡ଼ିଉଠେ ହିମାଳୟ ପରି......
ଗୁଲ ପ୍ରଭୁ, କାଳି ଯେ ଅଫିସ୍ ?

କବି ତୁମେ କେତେ ଅଯୋଗ୍ୟ ସତେ ମ ?
ଦୁନିଆରେ ତୁମ ପାଇଁ ନାହିଁ କାହିଁ ସ୍ଥାନ।

ପୁରୀଘାଟ ପାଣ୍ଡିପାଖେ ଧରିବ ପୁଲିସ୍
ସାଇକେଲ୍ ଚଳାଇବ ଆଲିନ ଲଇଟ୍।



Digitized by srujanika@gmail.com

( ନିବନ୍ଧ ୧୦ ପୃଷ୍ଠା ପରଠାରୁ )

ଉଠିଗଲା । ଏହି ଶ୍ରେଣୀ ସ୍ୱାର୍ଥପାଇଁ ଦୁର୍ବଳ ଉପରେ ପ୍ରବଳର ଆକ୍ରମଣ, ନାନା ପ୍ରକାର ଭେଦଭାବ ଓ ରାଜନୈତିକ ପରାଧୀନତା ଲାଗି ରହିଛି । ଗୋଟିଏ ଦେଶ ଅନ୍ୟ ଗୋଟିଏ ଦେଶକୁ ସାମାଜିକ, ଅର୍ଥନୈତିକ ତଥା ସାମାଜିକ ଦୃଷ୍ଟିକୋଣରୁ ଶୋଷଣ କରିବାରେ ଲାଗିଛି । ଏଥିପାଇଁ ଗୋଟିକ ପରେ ଗୋଟିଏ ବିଶ୍ୱଯୁଦ୍ଧ ହୋଇ ଯାଇଛି । ଅସନ୍ତୋଷ ଏବଂ ଅସଦ୍ଭାବ ବଢ଼ିଚାଲିଛି ।

ଜାତିର ପିତା ଗାନ୍ଧୀଜୀ ଏ ପ୍ରଶ୍ନର ସମାଧାନ କରି ଯାଇଛନ୍ତି । ଅଧିକାଂଶ ଲୋକଙ୍କୁ ନେଇ ଯେଉଁ ରାଷ୍ଟ୍ରର ସୃଷ୍ଟି, ସେଇ ମାନଙ୍କୁ ସୁଖ ଶାନ୍ତିରେ ରଖିବାରେହିଁ ଗଣତନ୍ତ୍ରର ସଫଳତା ନିର୍ଭର କରେ । ସେମାନଙ୍କର ଅଭିବୃଦ୍ଧି ଏବଂ ଅଗ୍ରଗତି ପାଇଁ ସମସ୍ତ ପ୍ରକାର ସୁଯୋଗ ସୁବିଧା କେବଳ ଗଣତନ୍ତ୍ର ଶାସନରେ ସମ୍ଭବ । ସେଠାରେ ଏକ କ୍ଷୁଦ୍ର ଗୋଷ୍ଠୀ ବା ସମ୍ପ୍ରଦାୟର ସମଗ୍ର ଜାତି ଉପରେ ସ୍ୱତନ୍ତ୍ର ସୁବିଧା ଉପଭୋଗ କରିବାର ପ୍ରଶ୍ନ ଉଠୁନାହିଁ । ଏ ସାମନ୍ତ ବାଦୀ ସମାଜର ଧ୍ୱଂସ ଅନିବାର୍ଯ୍ୟ । ତା ସଙ୍ଗେ ସଙ୍ଗେ ଗୋଟିଏ ଦେଶ ଅନ୍ୟ ଗୋଟିଏ ଦେଶ ଉପରେ ନିଜର ଆଧିପତ୍ୟ ବିସ୍ତାର କରି ଶୋଷଣ କରିବାର ଅଧିକାର ନାହିଁ । ଏହା ଫଳରେ ଭୟ, ଅସନ୍ତୋଷ ଏବଂ ଅଭାବ ଲାଗି ରହିଛି । ସମସ୍ତଙ୍କର ସମାନ ସୁଯୋଗ ପାଇବାର ଅଧିକାର ଅଛି । ଏହିଠାରେହିଁ ରାଷ୍ଟ୍ରନୀତିରେ ଅହିଂସା ଏବଂ ସତ୍ୟର କାର୍ଯ୍ୟକାରିତା ନିର୍ଭର କରେ । ବ୍ୟକ୍ତିର ଜୀବନ ପରି ରାଷ୍ଟ୍ରର ଜୀବନରେ ମଧ୍ୟ ଆଶଙ୍କା ଓ ଶୋଷଣର ପ୍ରଶ୍ନ ବିଶ୍ୱଶାନ୍ତି ପାଇଁ ଅନୁକୂଳ ନୁହେଁ । ଯୀଶୁ କହିଥିଲେ "Fear not them who can kill your body and cannot do anything more but fear him who can destroy both your body and soul" ଯେଉଁ ଲୋକ ତୁମର ମର ଶରୀରର ଧ୍ୱଂସ ଛଡ଼ା ଆଉ କିଛି କରି ପାରେନା, ତାକୁ ଭୟ କରିବାର କାରଣ ନାହିଁ ! ମାତ୍ର ଯେଉଁ ଲୋକ ଆତ୍ମାକୁ ଧ୍ୱଂସ କରିପାରେ, ତାକୁ ଏଡ଼ିବାକୁ ହେବ । ଗାନ୍ଧୀଜୀ କହୁଥିଲେ, କେବଳ ଭଗବାନଙ୍କ ଛଡ଼ା ଅନ୍ୟମାନଙ୍କୁ ଭୟ କରିବାର ପ୍ରଶ୍ନ ଉଠୁନାହିଁ । 'Fear none save God' ଏହା ବ୍ୟକ୍ତିର ଜୀବନରେ ଯେପରି ସତ୍ୟ, ରାଷ୍ଟ୍ର ତଥା ଜାତିର ଜୀବନରେ ମଧ୍ୟ ସେହିପରି ସତ୍ୟ; ନଚେତ ପ୍ରଗତି ଅସମ୍ଭବ ।

ବାସ୍ତବିକ ଗଣତନ୍ତ୍ର ଶାସନ କହିଲେ କେବଳ ରାଜନୈତିକ ଅଧିକାର ହାସଲ କରିବା ବୁଝାଏ ନାହିଁ; ଅର୍ଥନୈତିକ ତଥା ସାମାଜିକ ସ୍ୱାଧୀନତା ଏହା ସହିତ ଅଙ୍ଗାଙ୍ଗୀ ଭାବରେ ସଂଯୁକ୍ତ । ଗାନ୍ଧୀଜୀ ଏହି ମୌଳିକ ସ୍ୱାତନ୍ତ୍ର୍ୟ ପାଇଁ ଲଢ଼ିଥିଲେ ଏବଂ ତାଙ୍କ କଳ୍ପିତ ଗଣତନ୍ତ୍ର ରାଷ୍ଟ୍ର ଅଥବା ରାମରାଜ୍ୟର ଏହାହିଁ ରୂପରେଖ । ସେଠାରେ ଶୋଷକ ଶୋଷିତର ପ୍ରଶ୍ନ ଉଠୁନାହିଁ । କୌଣସି ପ୍ରକାର ଅସମାନତାର ସୁଯୋଗ ମିଳେ ନାହିଁ । ଏକ ଜାତୀୟ ଜୀବନର ଅଙ୍ଗ ଭାବରେ ପ୍ରତ୍ୟେକ ସମାନ ସୁଯୋଗ ଏବଂ ସୁବିଧା ଉପଭୋଗ କରିବାକୁ ହକଦାର ଅଟନ୍ତି ।

ଏହି ମାନଦଣ୍ଡରେ ଆଜି ବିଶ୍ୱ ସମସ୍ୟାର ଆଲୋଚନା କଲେ ସ୍ପଷ୍ଟ ପ୍ରତୀତ ହେବ ଯେ ବାସ୍ତବରେ ଗଣତନ୍ତ୍ର ଦୁହାଇ ଦେଇ ରାଷ୍ଟ୍ର ଗଠିତ ହୋଇଥିଲେହେଁ ପ୍ରକୃତ ଗଣତନ୍ତ୍ର ଶାସନର ପରୀକ୍ଷା ସେହି ଦେଶ ମାନଙ୍କରେ ହୋଇନାହିଁ ! ସେଥି ପାଇଁ ସମାଜର ଅଧିକାଂଶ ଲୋକଙ୍କର ଦାବୀ ଦୃଢ଼ୀଭୂତ ହୋଇନି । ଗଣତନ୍ତ୍ର ନାଁରେ ପୁଞ୍ଜିପତି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରାଟ ଜନସମାଜକୁ ଶୋଷଣ କରୁଛନ୍ତି । ପୃଥିବୀରେ ହିଂସାର ତାଣ୍ଡବଲୀଳା ଲାଗିରହିଛି ।

ପ୍ରଥମ କଥା ପୃଥିବୀରେ ଗୋଟିଏ ଶକ୍ତିଶାଳୀ ରାଷ୍ଟ୍ର ଆଉ ଗୋଟିଏ ରାଷ୍ଟ୍ରକୁ ପରାଧୀନ କରି ଶୋଷଣ କରିବାର ଚେଷ୍ଟାରେ ଲାଗିରହିଛି । ଜାତୀୟ ଉନ୍ମେଷ ଫଳରେ ଏବେ ଆଲଜେରିଆ ହେଲା ଭାରତ, ପାକିସ୍ଥାନ, ଇଣ୍ଡୋନେସିଆ, ବର୍ମା, ପ୍ରଭୃତି ଏସିଆର ରାଷ୍ଟ୍ରଗୁଡ଼ିକ ପରାଧୀନତାରୁ ମୁକ୍ତ ହୋଇଥିଲେ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଶୋଷଣ ଏବେ ମଧ୍ୟ ବନ୍ଦ ହୋଇନାହିଁ । ଏବେ ମଧ୍ୟ ଏସିଆର ବହୁ ଅଞ୍ଚଳରେ ବିଦେଶୀ କର୍ତ୍ତୃତ୍ୱ ରାଜପଣ କରୁଛି । ଚିରଭାବରେ ଶାସନ କରିବାର ମନୋବୃତ୍ତି ଗଣତନ୍ତ୍ରର ଘୋର ବିରୋଧୀ । କେବଳ ସେତିକି ନୁହେଁ, ଜାତି ଏବଂ ଧର୍ମ ନେଇ ମଧ୍ୟ ବିରୋଧ ଲାଗିରହିଛି । ଆମେରିକାରେ ନିଗ୍ରୋ ଏବଂ ଗୋରା ଲୋକଙ୍କ ବିଭେଦ, ଦକ୍ଷିଣ ଆଫ୍ରିକାରେ ଗୋରା କଳା ବିଭେଦ, ଭାରତରେ ଅଛୁଆଁ ଛୁଆଁ ମନୋଭାବ ପ୍ରଭୃତି ଜଗତର ଅଶାନ୍ତି ଅଗ୍ନିରେ ଇନ୍ଧନର କାର୍ଯ୍ୟ କରୁଛି । ଉନ୍ନତ ଜାତି ଅନୁନ୍ନତ ଜାତିଉପରେ ପ୍ରଭାବ ବିସ୍ତାର କରୁଛି । ସର୍ବହରା ଓ ଶ୍ରମିକ ଉପରେ ପୁଞ୍ଜିପତିର ଶୋଷଣ ଚାଲିଛି । ଅଳ୍ପ ଲୋକଙ୍କ ସ୍ୱାର୍ଥପାଇଁ ବହୁଲୋକଙ୍କ ସ୍ୱାର୍ଥକୁ ବଳି ଦିଆଯାଉଛି ଏବଂ ବିଶେଷ କରି ଶୋଷଣ ଏବଂ ଅତ୍ୟାଚାରର ଫଳରେ ଅର୍ଥନୈତିକ ଦୁରବସ୍ଥା ସମଗ୍ର ଜଗତକୁ ବିଚଳିତ କରୁଛି । ଅଭାବ ବଢ଼ିଚାଲିଛି । ସମସ୍ତଙ୍କୁ ପେଟପୂରା ଖାଇବାକୁ ଦେବା, ଦରକାର ମୁତାବକ ପିନ୍ଧିବାକୁ ଯୋଗାଇବା ଏବଂ ଉପଯୁକ୍ତ ବାସଗୃହର ବ୍ୟବସ୍ଥା କରିବା ଆଜି ଏକ ସମସ୍ୟାରେ ପରିଣତ ହୋଇଛି । ସମଗ୍ର ପୃଥିବୀରେ ଏ ପ୍ରଶ୍ନର ସମାଧାନ ନହେଲେ ଗଣତନ୍ତ୍ର ଶାସନ ସ୍ୱପ୍ନରେ ପରିଣତ ହୋଇଛି । ସମଗ୍ର ପୃଥିବୀରେ ଏ ପ୍ରଶ୍ନର ସମାଧାନ ନହେଲେ ଗଣତନ୍ତ୍ର ଶାସନ ସ୍ୱପ୍ନରେ ପରିଣତ ହେବ । ଯୁଦ୍ଧ ବିଗ୍ରହ ଏବଂ ଅଶାନ୍ତି ଏହିପରି ଲାଗି ରହିଥିବ । ଏଥିପାଇଁ ଗାନ୍ଧୀଜୀ ତାଙ୍କ ପରିକଳ୍ପିତ ଗଣତନ୍ତ୍ର ରାଷ୍ଟ୍ରରେ ଏ ସବୁର ତୁରନ୍ତ ସମାଧାନ ଚାହିଁଛନ୍ତି । ତାଙ୍କ ମତରେ ଯେଉଁ ଭାରତରେ ଦରିଦ୍ରତମ ଲୋକମଧ୍ୟ ଭାରତକୁ ନିଜର ଦେଶ ବୋଲି ଭାବି ତାର ସଂଗଠନ ଏବଂ ଅଭିବୃଦ୍ଧିରେ ତାର ହାତ ଅଛି ବୋଲି ଅନୁଭବ କରିବ, ଯେଉଁଠାରେ ଜନସାଧାରଣରେ ଉଚ୍ଚନୀଚ ଭେଦଭାବ ନଥିବ, ଯେଉଁ ଦେଶରେ ସକଳ ଗୋଷ୍ଠୀ, ସଂପ୍ରଦାୟ ଶ୍ରେଣୀ-ନିର୍ବିଶେଷରେ ସାମ୍ୟ ଓ ମୈତ୍ରୀ ବର୍ତ୍ତମାନ ଥିବ ଏବଂ ଯେଉଁ ଭାରତର ଅସ୍ପୃଶ୍ୟତା ଏବଂ ମାଦକଦ୍ରବ୍ୟ ବ୍ୟବହାରରୂପକ ରୋଗ ସମାଜକୁ ଗ୍ରାସ କରୁ ନଥିବ, ଯେଉଁଠାରେ ନାରୀ ପୁରୁଷ ଭଳି ସମାନ ଅଧିକାର ଓ ସମ୍ମାନ ଉପଭୋଗ କରୁଥିବେ, ସେହିଭଳି ଭାରତର ପ୍ରତିଷ୍ଠା ସେ ଚାହିଁଥିଲେ ।

ପୃଥିବୀର କୌଣସି ଅଞ୍ଚଳରେ ପରାଧୀନ ରାଷ୍ଟ୍ର କେହି ରହିବେ ନାହିଁ । ଛୋଟବଡ଼ ନିର୍ବିଶେଷରେ ପ୍ରତ୍ୟେକ ରାଷ୍ଟ୍ର ସମାନ ସୁଯୋଗ ଏବଂ ସୁବିଧା ଉପଭୋଗ କରିବେ । ଜୋର ଜବରଦସ୍ତିର କୌଣସି ମତବାଦ କାହାର ଉପରେ ଲଦି ଦିଆଯିବ ନାହିଁ । ସାମାଜ୍ୟ

[ ଅବଶିଷ୍ଟାଂଶ ୨୪ ପୃଷ୍ଠା ଶେଷ ଦେଖନ୍ତୁ ]



Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେଖକ—କାଳିନ୍ଦୀ ଚରଣ ପାଣିଗ୍ରାହୀ

ପ୍ରଥମେ ଯେତେବେଳେ ଲେଖିବାକୁ ଆରମ୍ଭ କଲି ସେ ବହୁତ କାଳର କଥା । ସେତେବେଳେ ଏ ପୃଥିବୀଟା ଥିଲା ସମ୍ପୂର୍ଣ୍ଣ ନୂଆ—ଏହାର ସକାଳ, ସନ୍ଧ୍ୟା, ଖରା, ବର୍ଷା, ଶୀତ, ବସନ୍ତ କାହାରି ସଙ୍ଗେ ମୋର ଭଲ ଭାବରେ ପରିଚୟ ହୋଇ ନଥିଲା । ଏହାର ପବନ, ଆଲୁଅ, ଜୀବଜନ୍ତୁ ଗଛଲତା ଫୁଲଫଳ କିଛି ହେଲେ ପୁରୁଣା ହୋଇ ନଥିଲା । ଚନ୍ଦ୍ର, ତାରା, ଇନ୍ଦ୍ରଧନୁ ଥିଲେ ଗୋଟିଏ ବିରାଟ ରହସ୍ୟ । ନଦୀ ପର୍ବତ ହ୍ରଦ ଅରଣ୍ୟ ସାଗର ଆକାଶ ସବୁରି ଭିତରେ ଲେଖିବା ପାଇଁ ଅସଂଖ୍ୟ ଉପାଦାନ ମିଳୁଥିଲା—ଲେଖ, ଲେଖ, ଲେଖ ! ଏହି ଅପରିଚିତ ନୂଆ ଦୁନିଆ ସଙ୍ଗେ ପରିଚୟ ଲାଭ କରିବା ପାଇଁ ଜଗତ ଗୋଟାକୁ ଏକାନ୍ତ ଆପଣାର ବୋଲି ବିଚାରି, ଜୀବ ଓ ଜଡ଼ ପ୍ରକୃତି ସହିତ ଆତ୍ମୀୟତା କରିବା ପାଇଁ ପହିଲେ ଲେଖିବାକୁ ଆରମ୍ଭ କଲି । ଆରମ୍ଭ କଲି ଦୁନିଆଟାକୁ ଅତି ନିକଟରେ ହାତ ପାଆନ୍ତାରେ ପାଇବା ପାଇଁ ନିଜ ସୁଖ ଦୁଃଖର ସାଥି କରି ଅତି ବିଶ୍ୱାସୀ ବନ୍ଧୁ ଭାବରେ—

କାରଣ ମଝିରେ ମଝିରେ ନିଜକୁ ହୁଏତ ସାହାସାର୍ଥୀହୀନ ଏକା ଏକା ବୋଧ କରୁଥିଲି—ସେତେବେଳେ ଦେଖେ ବିଶ୍ୱସ୍ତ ବନ୍ଧୁର ଲୋଡ଼ା ଥିଲା ଅନେକ—ଏଭଳି ବନ୍ଧୁ ଖୋଜି ସଂସାର ଭିତରୁ ବାହାର କରିବାକୁ ହୁଏତ ବେଳ ଆସି ନଥିଲା । ସେଥିପାଇଁ ସମଗ୍ର ଦୁନିଆଟାକୁ ଯୋଡ଼ୁ ଥିଲି ବନ୍ଧୁ ଭାବରେ—ନିରାଶ୍ରୟର ଆଶ୍ରୟ ରୂପରେ—କିନ୍ତୁ ନିରାଶ୍ରୟୀକୁ ଆଶ୍ରୟ ଦେବାଠୁ ଦୂରର କଥା, ଆଶ୍ରୟକୁ ନିରାଶ୍ରୟ କରିବା ଉଦାହରଣ ଯେ ପ୍ରଚୁର ସେ ବିଷୟ-

---

( [illegible] ୧୩ ପୃଷ୍ଠା ଉତ୍ତାରୁ )

କେତେକ ଧନକୁବେରଙ୍କ ଖିଆଲ ନେଇ ପୃଥିବୀର ଅର୍ଥନୈତିକ ତଥା ରାଜନୈତିକ ସମସ୍ୟାକୁ ନିୟନ୍ତ୍ରଣ କରିବାର ସୁଯୋଗ ଦିଆଯିବ ନାହିଁ । ଗଣତନ୍ତ୍ରହିଁ ଗଣଶାସନ ନୁହେଁ । 'ଗଣ' ଯେଉଁ ଲୋକ ସଂଖ୍ୟାର ଅଧିକାଂଶ, ତାର ସମ୍ବନ୍ଧ ଉନ୍ନତ ସର୍ବଥା ବାଞ୍ଛନୀୟ; ସେଥିପାଇଁ ରାଷ୍ଟ୍ରମାନଙ୍କୁ ସୁବିଧା ଯୋଗାଇ ଦେବାକୁ ପଡ଼ିବ । ଆଜିଯାଏଁ ରାଜନୀତିରେ ଅନେକେ ନ୍ୟସ୍ତସ୍ୱାର୍ଥଙ୍କ ପାଇଁ ବହୁ ଲୋକଙ୍କ ସ୍ୱାର୍ଥବଳି ଦିଆଯାଉଛି । ଅସନ୍ତୋଷ ଅବହେଳା ବଢ଼ିଚାଲିଛି । ଏ ସାମାଜିକ ବିଭେଦ ଅତି ବିକଟ ଆକାର ଧାରଣ କରୁଛି । ସହନଶୀଳତା, ଜାତି ତଥା ରାଷ୍ଟ୍ରର ଜୀବନର ନୈତିକତା ଆଜି ଉଚ୍ଛନ୍ନ ହୋଇ ପଡ଼ୁଛି । ସମସ୍ତ ପ୍ରକାର ସାମାଜିକ ଅସମାନତା ଏବଂ ଭେଦଭାବ ଦୂରୀକରଣ ସଙ୍ଗେ ଆର୍ଥିକ ସ୍ୱାଧୀନତା ହାସଲ କରିବାକୁ ପଡ଼ିବ । ଏ ସବୁର ସମାଧାନ ପାଇଁ କେବଳ ସତ୍ୟ ଏବଂ ଅହିଂସାହିଁ ଗାନ୍ଧୀଙ୍କ ମତରେ ରାଷ୍ଟ୍ରନୀତିର ମୌଳିକ ନୀତି ହେବା ଉଚିତ । ଆଜିଯାଏଁ ହିଂସାବାଦରେ ଧାଇଁ ଧାଇଁ ଜାଗତିକ ସଭ୍ୟତା ପ୍ରକୃତ ଶାନ୍ତି ଆଣିପାରିନାହିଁ । ଗଣତନ୍ତ୍ର ସଫଳ ହୋଇନାହିଁ । ରାଷ୍ଟ୍ରତନ୍ତ୍ରରେ ହିଂସା ଏବଂ ଅହିଂସାର କାର୍ଯ୍ୟକାରିତା ଆଲୋଚନା କରି " ସାଧାରଣ ଜୀବନରେ ଗଣତନ୍ତ୍ରର ସଫଳତା " ଶୀର୍ଷକ ପ୍ରବନ୍ଧରେ ଆଚାର୍ଯ୍ୟ କୃପାଳନୀ ଲେଖିଥିଲେ—" ହିଂସା ବ୍ୟକ୍ତିର ଜୀବନ ପରି ସାମାଜିକ ଜୀବନରେ ମଧ୍ୟ ବିଭିନ୍ନ ରୂପ ଧାରଣ କରେ । ପୁଞ୍ଜିପତି ସମାଜରେ ଏହା ଗରିବକୁ ଶୋଷଣ କରିବା ଆକାରରେ ରୂପ ପାଏ ଏବଂ ମଜୁରିଆ-ଦାସ ଶ୍ରେଣୀକୁ ସୃଷ୍ଟି କରେ । ଗଣତନ୍ତ୍ର ଶାସନ ବିଫଳ ହେବାର ଗୋଟିଏ କାରଣ ହେଉଛି ସମାଜର ବର୍ତ୍ତମାନ ପ୍ରଚଳିତ ପୁଞ୍ଜିବାଦୀ. ଅର୍ଥନୀତିର ଆମଦାନୀ ଏବଂ ବଣ୍ଟନ ସମାଜକୁ କଳ ମାଲିକ ଏବଂ ମଜୁରିଆ-ଦାସ ଶ୍ରେଣୀରେ ବିଭକ୍ତ କରିଛି । ଏଭଳି ଅସମାନ୍ତର ସମାଜରେ ଆଇନ ଅନୁଯାଇ ସମାନ ଆସନ ଏବଂ ଭୋଟ ଅଧିକାରର ସ୍ୱତନ୍ତ୍ର୍ୟ ଉପଭୋଗ କରିବା ଅଳୀକ ମାତ୍ର । ସମାଜରେ ଯଦି ଏଭଳି ଅସମାନତା ରହେ, ଯଦି ଜଣେ ଛୋଟ ଥାଇ ଆଉ ଜଣେ ବଡ଼ ଜାତି ଭାବରେ ସମାଜରେ ସମ୍ମାନିତ ହୁଏ, ତେବେ ଗଣତନ୍ତ୍ର ସହଜରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଆଇନ ଆଗରେ ସମାନତା ଏବଂ ସମାନ ଭୋଟ ଅଧିକାର କ୍ଷମତା ନ୍ୟସ୍ତ ହୋଇଥିବ ।

ଏହା ଅନ୍ତର୍ଦେଶୀୟ ଅବସ୍ଥା । ମାତ୍ର ଅନ୍ତର୍ଜାତିକ କ୍ଷେତ୍ରରେ ଯଦି ଗୋଟିଏ ଦେଶ ସର୍ବଦା ଯୁଦ୍ଧର ଆଶଙ୍କା ନେଇ ଗତି କରେ, ତେବେ ଗଣତନ୍ତ୍ର କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଯୁଦ୍ଧଭୀତି ଯୋଗୁ ସମସ୍ତ ରାଷ୍ଟ୍ରମାନଙ୍କ କ୍ଷମତା କେନ୍ଦ୍ରୀଭୂତ ହୋଇଯାଏ ଏବଂ ରାଷ୍ଟ୍ରର କର୍ମଚାରୀ ହାତରେ ଅଯଥା ଅଧିକ କ୍ଷମତା ଦିଆଯାଏ । ଏଣୁ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଏବଂ ଗୋଷ୍ଠୀ ଅହିଂସାର ମୂଳରେ ବା[illegible] ନହେଲେ ଗଣତନ୍ତ୍ରର ବିକାଶ ଅସମ୍ଭବ । ଏଣୁ ତାଙ୍କ ମତରେ ଗଣତନ୍ତ୍ରର ସଫଳତାପାଇଁ ସତ୍ୟ, ଅହିଂସା, ନ୍ୟାୟ ବିଚାର ଏବଂ ଆତ୍ମସଂଯମହିଁ ଅଧିକ ଦରକାର ।'

ଏ ସବୁର ବିରୁଦ୍ଧରେ ପ୍ରାଣପାତ କରି ବାପୁଜୀ ଯେଉଁ ସୁଖମୟ ସମାଜ ଅଥବା ରାମ ରାଜ୍ୟର ପରିକଳ୍ପନା କରୁଥିଲେ, ସେଠାରେ ଶୋଷକ ଶୋଷିତର ସ୍ଥାନ ନଥିଲା । ସେଠାରେ ପ୍ରଭୁ-ଦାସର ଭେଦ ଥାଏ ନାହିଁ । ନିଗ୍ରୋ, ଲୋହିତ ଭାରତୀୟ ଅଥବା ଭାରତର ହରିଜନ ଆଦିବାସୀ ପ୍ରଭୃତି ଅନୁନ୍ନତ ଜାତିଙ୍କୁ ପୃଥିବୀର ତଥାକଥିତ ଉନ୍ନତ ଜାତିଙ୍କ ହାତରେ ଖେଳନା-ହେବାକୁ ଛାଡ଼ିଦିଆଯାଏ ନାହିଁ । ଦେଶର ସମସ୍ତ ଅନୁଷ୍ଠାନ ସରକାର ପରିଚାଳନା କରନ୍ତି । ସେଠାରେ ପୁଞ୍ଜିପତି ଧନ ଖଟାଇ ଅର୍ଥନୈତିକ ଶୋଷଣର ପନ୍ଥା ଉନ୍ମୁକ୍ତ ହେବ ନାହିଁ । ପ୍ରକୃତ ଚାଷୀର ଚାଷଜମି ଉପରେ ଅଧିକାର ରହିବ । ଏଣୁ ସରକାର ଏବଂ ଚାଷୀ ମଧ୍ୟରେ ବହୁ ମଧ୍ୟ-ସ୍ୱତ୍ୱାଧିକାରୀଙ୍କୁ ଅଯଥା ଶୋଷଣ ପାଇଁ ପ୍ରଶ୍ରୟ ଦିଆଯିବ ନାହିଁ । ପ୍ରତ୍ୟେକ ଲୋକଙ୍କୁ ସମାଜ ସମ୍ପ୍ରଦାୟ ନିର୍ବିଶେଷରେ ଶିକ୍ଷା, ସଂସ୍କୃତି ତଥା ଧର୍ମାନୁଷ୍ଠାନ ଅଧିକାର ହାସଲ ପାଇଁ ସମାନ ସୁଯୋଗ ଦିଆଯିବ ।

ଗାନ୍ଧୀଜୀ ଆଜି ନାହାନ୍ତି । ତଥାପି ତାଙ୍କର ଶକ୍ତି ଏବଂ ପ୍ରେରଣା ଆଜିଆମ ଜାତୀୟ ଜୀବନର ଅନ୍ତରାଳରେ ପ୍ରେରଣା ଏବଂ ଆଶିଷ ଦେଉଛି । ତାଙ୍କର ସ୍ୱପ୍ନ ସାର୍ଥକ ହେଉ, ଏହାହିଁ ପ୍ରଗାଢ଼ ଆଜି କାମନା କରେ ।



Digitized by srujanika@gmail.com

ରେ ମୋ ଆଖି ଆଗକୁ ତାହା ଆସି ନଥିଲା— କାନକୁ ଶୁଣା ଯାଇ ନଥିଲା— ନବିଷ୍ଟପୁର ଆର୍ତ୍ତ-ନାଦ; ସେତେବେଳେ ହୁଏତ ବେଶୀ ଶୁଭୁଥିଲା କୋଇଲିର କୁହୁ କିମ୍ବା ଗଉଡ଼ ପିଲାର ବଇଁଶୀ; ଦେଖିବାକୁ ଭଲ ଲାଗୁଥିଲା ମୟୁରର ନାଚ ଅବା କଅଁଳ ବାଛୁରୀର ଡିଆଁ—ବାଳକ ଅବା ଯୁବକ ଜୀବନରେ ଯେତେ ଆଶା, ଆକାଂକ୍ଷା- ଯେତେ ବସ୍ତୁ ଲାଭ କରିବାର ଇଚ୍ଛା ମନ ଭିତରେ ଉଙ୍କି ଉଠେ। କିନ୍ତୁ ସବୁଗୁଡ଼ିକ ହୁଏତ ମିଳିବାର କଥାନୁହେଁ ବୋଲି ମିଳେ ନାହିଁ। ସେହି ନମିଳିବା ଥାନଟିକୁ ପୂରଣ କରିବା ପାଇଁ ଦୁନିଆଁଟାକୁ ପାଖକୁ ଆଣି ଶୁଣାଏଁ ତାହା କେନେ କାନେ ନିଜର ଦୁଃଖ, ଦୁର୍ବଳତା, ଦୁଃସ୍ୱପ୍ନ, ନିଜର ବ୍ୟର୍ଥତା, ବିଫଳ-ତା ଓ ନୈରାଶ୍ୟର କାହାଣୀ—ଶୁଣାଏ ତାହାକୁ ନିଃସ୍ୱ ହତାଶର ତୁମୁଳ ପ୍ରତିବାଦ— ଜୀବନରେ ଏଭଳି ଦ୍ୱନ୍ଦ୍ୱ, ଆତ୍ମ-ବିବାଦ ଓ ଆତ୍ମ-ଘୃଣାରେ କେତେ କବିତା ଗଳ୍ପ ସୃଷ୍ଟି ହୋଇପାରେ, ତାହାର ଉଦାହରଣ ମୋର ପ୍ରାଥମିକ ରଚନାବଳୀରେ ଅଭାବ ନୁହେଁ। ଦାର୍ଶନିକ ପ୍ଲେଟୋଙ୍କ କବିତାର ସେହି ପୁରୁଣା ସଂଜ୍ଞା କଥାଟି ମନେପଡ଼େ—ସେ କହିଥିଲେ, କବିତା ହେଉଛି ପ୍ରକୃତିର ଗୋଟାଏ ନକଲ ମାତ୍ର—ଏହାର ନଦୀ ବନପ୍ରାନ୍ତର ଜୀବଜଗତ୍ ଓ ଉଦ୍ଭିଦଜଗତ୍ ଏଇ କବି ଜଗତର ଗୋଟାଏ ନକଲ ଛବି, ଗୋଟାଏ ଛାୟା କିମ୍ବା ପ୍ରତିଧ୍ୱନି।

ଜଡ଼ ଉପାଦାନ, ଜୀବ ଉପାଦାନ ବା ଉଦ୍ଭିଦ ଉପାଦାନ ଗୁଡ଼ିକୁ ଯେ କବିତା ସଂଗଠିତ ନିୟନ୍ତ୍ରିତ ଓ ସଜ୍ଜିତ କରି ଏହି ଛନ୍ଦଟି ଜଗତ ଭିତରେ ଅର୍ଥାତ ଜଡ଼ ଜଗତ ଜୀବ ଜଗତ ବା ଉଦ୍ଭିଦ ଜଗତ ଭିତରେ ଉନ୍ମାଦନା, ନୂଆ ଜୀବନ, ନୂଆ ବିପ୍ଳବ ଓ ନୂଆ ସୃଷ୍ଟି ଆଣିପାରେ, ମଣିଷ ସମାଜକୁ ଗଢ଼ିପାରେ, ଭାଙ୍ଗିପାରେ ଏହି ଭଳି ଅନୁଭୂତି ଭିତରେ ପ୍ଲେଟୋଙ୍କ ସଂଜ୍ଞା ଅନୁସାରେ କେବଳ ପ୍ରକୃତିର ନକଲ କରି ଶବ୍ଦ ଅଙ୍କିବାରେ ପ୍ରେରଣା କେଉଁଠି ଅଛି, ଚିନ୍ତାକୁ ଅଲୋଡ଼ିତ କରୁଛି—କେତେ ଜର୍ଜ୍ଜରିତ ଅଳିଥରେ ଲେଖକ-ଙ୍କୁ ମସୀ ସୁନିପୁଣ ଅକାରଣ ଅସଫଳ ଓ ଉଦ୍ବେଗ ସ୍ୱପ୍ନ ଭାବରେ—ପୁଣି କେତେ ଚିନ୍ତାର ସଂଘାତ ଭିତରେ ମନର

ମଣିଷକୁ ଖୋଜିବାକୁ ପ୍ରାଣ ଧାଉଁଛି—କ୍ଷୋଭ ଓ ହତାଶା ଭିତରେ, 'ଅମୃତଚକ୍ଷୁ' ବା 'ଛିନ୍ନ ପୁଷ୍ପ' ଗଳ୍ପ ଲେଖିଛି—ଅବା 'ସୁନା ମନ୍ଦିର' ଭଳି କବିତା ଲେଖିଛି—ସବୁଠାରେ ଖୋଜି ବୁଲିଛି 'ମଣିଷ'। 'ସୁନା ମନ୍ଦିର' କବିତାଟିରେ ଦେବତାଙ୍କୁ ନମସ୍କାର ନକରି କରିଛି ମଣିଷକୁ —ଏହାର ଅନେକ ପରବର୍ତ୍ତୀ ରଚନାରେ ମଧ୍ୟ ଏହି ମଣିଷ ଖୋଜିବାହିଁ ମୋ ଲେଖାର ଗୋଟାଏ ବଡ଼ କାମ ହୋଇ ପଡ଼ିଛି—'ମାଟିର ମଣିଷ' କିମ୍ବା 'ଲୁହାର ମଣିଷ' ଆକାରରେ। କହୁଁ କହୁଁ ତ ମୁଁ ଅନେକ ବାଟ ଚାପି ଆସିଲିଣି।

ଯେ କେହି ଲେଖକକୁ ତାହାର ନିଜ କଥା ଗୁଡ଼ିକ ନିଜ ଲେଖା ଭିତରେ ଏତେ ବେଶୀ ବଖାଣ କରିବାକୁ ହୁଏ ଯେ, ପୁଣି ସେ କାହିଁକି ଲେଖେ, ଏ ବିଷୟରେ ଗୋଟାଏ ଲମ୍ବା ଚଉଡ଼ା କୈଫିୟତ ଦେବା ପାଇଁ ଅଡୁଆ ଲାଗିବାର କଥା! ଅଧିକ ମଧ୍ୟ ଆତ୍ମ ପ୍ରଶଂସା କରିବାକୁ ଗଲେ ଆତ୍ମ ନିନ୍ଦା ଆସି ପହଞ୍ଚି ଯାଏ ଆପେ ଆପେ।

ନିଜକୁ ଘୃଣା କରିବା ଅବସ୍ଥାରୁ ବାହାରି ଯାଇ ଘୃଣାଟା ପଡ଼େ ଦୁନିଆ ଉପରେ ଶେଷରେ ଯାଇଁ। ଖୋଜିବାକୁ ହୁଏ ଏହି ଘୃଣ୍ୟ ଜୀବନର କାରଣ। ଏହି ପରିବାର ଓ ପ୍ରମାଦ ଭିତରେ ବଞ୍ଚି ନେବାକୁ ହୁଏ କିଏ ସେ ଶତ୍ରୁ। ଦୁନିଆରୁ ପୁଣି ଖୋଜି କାଢ଼ିବାକୁ ପଡ଼େ ତାହାର ବିନାଶର ହେତୁ କେଉଁଠି? ଜର୍ଜ୍ଜରିତ ଆତ୍ମାର ଅଭିଶାପ ଜଳିଉଠେ ଅନ୍ତର ଭିତରେ। ସବୁ କବିତା, ସବୁ ଗଳ୍ପ ଉପନ୍ୟାସ ବା ପ୍ରବନ୍ଧ ଭିତରେ ବାଜି ଉଠେ ଏକ ଦୁର୍ଦ୍ଦାନ୍ତ ଅଭିଯୋଗ, ନିଜର ପୁଣି ଦୁନିଆର ବିଫଳତା ଓ ବ୍ୟର୍ଥତା ବିରୁଦ୍ଧରେ ନିର୍ଲଜ ମିଥ୍ୟା ଓ ଅ-ସମ୍ଭବ ବିରୁଦ୍ଧରେ। ସେତେବେଳେ ଆଉ କୋକିଳର ସ୍ୱନ ଅବା କୁସୁମର ମୃଦୁ ସାନ୍ତ୍ୱନା ଦେଇ ପାରେ ନାହିଁ। ସାନ୍ତ୍ୱନା ଦିଏ ମନୁଷ୍ୟର ପ୍ରତିହିଂସା ଓ ପ୍ରତିଶୋଧ। ସେତେବେଳେ ମନେହୁଏ ଏଇ ଦୁନିଆ ଉପରୁ ଅନ୍ୟାୟ, ଅନାଚାର, ପାପ ଓ ମୂର୍ଖତା ଦୂର ନ ହେବା ଯାଏ ଚଳାଇବାକୁ ହେବ ଅବିଶ୍ରାମ ଲେଖନୀର ଅଭିଯାନ। ଅତୀତର ହଜାର ହଜାର ଅନ୍ୟାୟ ଲୁଣ୍ଠନ, ପଙ୍କ ସୈନିକଙ୍କ ସାଥିରେ ଏକ ମାତ୍ର ଲେଖନୀ ଅସ୍ତ୍ରଟି ହସ୍ତରେ ଧାରଣ କରି।

ମୋହର ବାକ୍ୟ ବିନ୍ୟାସ ଶୁଣି ଆପଣ ମାନେ ହସିବେ ନାହିଁ ବୋଲି ଅନୁରୋଧ! ଏହି କଙ୍କାଳସାର ଶିଳ୍ପୀ କୁଳ ଯେ ଏକ ଅମର ସଭ୍ୟତା ଓ ସଂସ୍କୃତିକୁ ଗଢୁଛନ୍ତି, ସେମାନଙ୍କର ଋଣ ଅଭିଯାନ କଳ୍ପନା କଲାବେଳେ ଆପଣ ମାନେ ନିଜକୁ ଯେବେ ଆଣବିକ ବୋମାର ଯୁଗରେ ଅଛନ୍ତି ବୋଲି ସୌଭାଗ୍ୟବାନ ମନେ କରନ୍ତି ତେବେ ହୁଏତ ହସିବାର କାରଣ ଅଛି। ତଥାପି ଏହି କାରଣରୁହିଁ ମୁଁ ଲେଖେଁ। ଅର୍ଥାତ୍ ଆପଣ ମାନଙ୍କୁ ଟିକିଏ ହସାଇବା ପାଇଁ ଓ ନିଜେ ଅନ୍ୟର ହସ ମୁହଁ ଦେଖି ଖୁସି ହେବା ପାଇଁ ମୁଁ ଲେଖେଁ। ଏଠାରେ ପୁଣି ନିଜ କଥା ଆସି ପଡ଼ି ଯାଏ।

କଟକ ବେତାରକେନ୍ଦ୍ର ଅନୁରୂପ୍ୟରେ ନିଜ କଥା ବା ନିଜେ କାହିଁକି ଲେଖେଁ ତାହା ବର୍ଣ୍ଣନା କରିବାର ସୁଯୋଗ ପାଇ ଯଦି ନିଜ ବଡ଼ିମା ଟିକିଏ ଗାଇଦିଏଁ ତେବେ କ୍ଷତି କଣ? କାରଣ ମୁଁ ଜାଣେ ମୋର ବଡ଼ିମା ବଖାଣିବାକୁ ଗାଇବାକୁ, ଆଉ ଜାହିର ହେଲେ ବେଳନାହିଁ! ପୁଣି କେହି ଯେବେ ଅକସ୍ମାତ୍ ଗାଇବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ହତାଶ ହେବାକୁ ପଡ଼ିବ, କାରଣ ସେ ଦେଖିବେ ଯେ ପ୍ରକୃତରେ ମୋହର ବଡ଼ିମା ଫଡ଼ିମା କିଛି ନାହିଁ।

ଯାହା ହେଉ ଏହାପରି ବଡ଼ିମା କିମ୍ବା ଫାଇଲାମି କରିବାର ବୃତ୍ତି ହୁଏତ କେତେ ଲେଖକରେ ମୋର ଥିବ। କିନ୍ତୁ ସବୁ ଫାଇଲାମି ମିଳାଇଯାଏ ଯେତେବେଳେ ଆସେ ବାହାରିବାର ତାଗିଦା। ମୋର ଲେଖିବାର ନାନା କାରଣ ଭିତରେ ଏହାହିଁ ହେଉଛି ମୂଳକାରଣ। ନ ଲେଖିଲେ ଯେ ବଞ୍ଚି ରହିବାକୁ ହୁଏ ଗୋଟାଏ ପ୍ରାଣହୀନ ପ୍ରେରଣା ହୀନ କଠିନ ଜୀବନ। ଏହିଭଳି ଜୀବନଟିକୁ ମଧ୍ୟ ଧରି ରଖିବାକୁ ହୁଏ, ତାହା ପାଇଁ ଏକ ଅନୁକୂଳ ପରିସ୍ଥିତି ସୃଷ୍ଟି କରି, ନିଜକୁ ଦୁର୍ଗନ୍ଧରୁ ରକ୍ଷା କରିବା ପାଇଁ 'ଗୃହଅଭିତର' ସନ୍ଦେହ ଅବିଶ୍ୱାସ କଳହ ଦ୍ୱନ୍ଦ୍ୱ ଓ ମିଥ୍ୟାରୁ ଦୂରେଇ ପୁଣି ସେହି ବଞ୍ଚି ରହିବା ଭିତରେ କଳନା ଓ ସତ୍ୟରେ ମଣ୍ଡା ଗୋଟିଏ ଗୋଟିଏ ନୂଆ ସୁଖୀ ସଂସାର ଦେଖି ଯିବା ପାଇଁ।

ବଞ୍ଚିବାକୁ ଲେଖେଁ ମୁଁ କେତେବେଳେ ? ଯେତେବେଳେ ବାସ୍ତବତା ସାମ୍ନାରେ ଆସେ ମୋର ମୁହାଁ ମୁହିଁ ହୋଇଯାଏ ମଣିଷ । ସେତେ ବେଳେ ମନେପଡ଼େ ବିଖ୍ୟାତ ଇଂରେଜୀ ନାଟ୍ୟକାର ଜର୍ଜ ବର୍ଣ୍ଣାର୍ଡଶଙ୍କର ଗୋଟିଏ ବଚନ । ଜାହାଜରେ ଯାତ୍ରା କରୁଥିବା ବେଳେ ଜଣେ ସାମ୍ବାଦିକ ତାଙ୍କୁ ପଚାରିଲେ "ଆପଣ କଅଣ ଜାହାଜରେ ବସି ଲେଖୁଛନ୍ତି?" ରହସ୍ୟ ନିର୍ମିତା ବର୍ଣ୍ଣାର୍ଡଶ ତାହା ଶୁଣି ଉତ୍ତର ଦେଇଥିଲେ "ଏକଥା ମୋତେ ନ ପଚାରି ଏହି ଜାହାଜର କାପ୍ତାନକୁ ପଚାର, ସେ ଜାହାଜ ଚଳାଉଛନ୍ତି କି ନାହିଁ ।"

ବଞ୍ଚିରହିବାକୁ ସମସ୍ତେ ଆହାର କରନ୍ତି । ବଞ୍ଚି ରହିବାକୁ ଚେଷ୍ଟା ମଣିଷ କରେ, ବଞ୍ଚେଇ କ... ହାରେ । ତନ୍ତୀ ଲୁଗା ବୁଣେ, ବଣିଆ ଗହଣା ଗଢ଼େ, ମୁଁ ମଧ୍ୟ ବଞ୍ଚିରହିବାକୁ ଲେଖେଁ । ଲେଖିବା ଦ୍ୱାରା କେଉଁ ପରିମାଣରେ ବଞ୍ଚି ରହିବା କେଉଁ ପରିମାଣରେ ମରେଁ ସେ ସବୁ କଥା ମୋର ଦୃଷ୍ଟି ବର୍ଣ୍ଣନା କରିଲେ ଆପଣ ମୋତେ ଯେଉଁ ବିଷୟରେ କହିବାକୁ ଅଙ୍କ ... ଯାଇଛନ୍ତି ତାହାର ଠିକ୍ ଓଲଟା ଅର୍ଥ ବୁଝାଉଥିବା ବିଷୟ ପଚାରିଥିଲେ ଭଲ ହୋଇଥାନ୍ତା । ଅର୍ଥାତ୍ ମୁଁ କାହିଁକି ଲେଖେ ବୋଲି ନପଚାରି ମୁଁ କାହିଁକି ନ ଲେଖେ ପଚାରିଥିଲେ ଠିକ୍ ପ୍ରଶ୍ନ ହୋଇଥାନ୍ତା । କାରଣ ମୋର ଏହି ନ ଲେଖିବାର ଶୂନ୍ୟତା ନେଇହିଁ ମୋ ଲେଖକ ଜୀବନର ସବୁଠାରୁ ବେଶୀ ସମୟ ଅବୋର ବସିଛି ଏବଂ ସବୁଠାରୁ ତାହା ମୋର ବଡ଼ ବ୍ୟର୍ଥତା ।

ତାହାକୁ ପୂରଣ କରିବା ଉଦ୍ଦେଶ୍ୟରେ ମୋତେ ଯେବେ ଅଳ୍ପ କାରଣ ଓ ଅକାରଣ ଟଙ୍କା ପାଇଁ ଲେଖିବାକୁ ହୁଏ, ତେବେ ମଧ୍ୟ ଦୁଃଖ ନାହିଁ । କାରଣ ଏହାଠାରୁ ବଡ଼ ବ୍ୟର୍ଥତା ମଧ୍ୟରେ ଯୁଝି ମୋତେ ଲେଖିବାକୁ ହୋଇଛି - ମୋ ଲେଖାର ସାର୍ଥକତାକୁ ନେଇ ଆପଣମାନଙ୍କ ଆଗରେ କେତେ ଢଗାଇ କରୁଛି, ଏହାର ବ୍ୟର୍ଥତା ଶୁଣିଲେ ଆପଣମାନେ କାନରେ ହାତ ଦେବେ । ଏପରିକି ମୋର କୌଣସି ରଚନା ପଢ଼ିବାକୁ ଆପଣମାନଙ୍କର ଇଚ୍ଛା ହେବ ନାହିଁ ।

ସେ ବ୍ୟର୍ଥତା ହେଉଛି ଏହି ଯେ ମୁଁ ବିଶ୍ୱାସ କରିଛି ମନୁଷ୍ୟର ସ୍ନେହରେ ପ୍ରେମରେ ମଧୁରତାରେ କୋମଳତାରେ ପୁଣି ତାହାର ମିଳନରେ ବନ୍ଧୁତାରେ ଓ ଅହିଂସାରେ । ମୋହର "ଅଠରଗଛା" ବା "ମୁକ୍ତା ଗଡ଼ର କ୍ଷୁଧା" ଉପନ୍ୟାସ ମନୁଷ୍ୟର ହୃଦୟକୁ ପରିବର୍ତ୍ତନର ଗୋଟିଏ ଗୋଟିଏ ଚିତ୍ର—ଅତ୍ୟାଚାରୀ ଅମିତବ୍ୟୟୀ ଧନୀକର ଅନୁତାପ ଜନିତ ଜନସେବାରେ ଗୋଟିଏ ନିଦର୍ଶନ । ମୋହର "ମାଟିର ମଣିଷ" ଘର ସଂସାର ଭାଙ୍ଗିବାରୁ ରକ୍ଷାପାଏ । ହରିମିଶ୍ର ଉପରେ ପ୍ରତିହିଂସା ନିଏନାହିଁ । ଏହାକୁ କେହି କେହି ଏକ ଅସ୍ୱାଭାବିକ ଘଟଣା ବୋଲି ବିଚାର କରନ୍ତି । ମୋତେ ମଧ୍ୟ ଆଜି ତାହା ଅସ୍ୱାଭାବିକ ବୋଲି ବୋଧ ହେଉଛି । ସେଥିପାଇଁ ଗ୍ରନ୍ଥ ଶେଷ କଲାବେଳେ ହରି ମିଶ୍ରଙ୍କୁ ହତ୍ୟା କରିବା ଉଚିତ ବୋଲି କଳନା କରୁଛି । କାରଣ ମୁଁ ଦେଖୁଛି ଗାନ୍ଧିଜୀଙ୍କର ଅହିଂସା ବୋଧହୁଏ ଅନେକ ହିଂସାପରେ ସମ୍ଭବ ହେବ । ଅଶୋକଙ୍କର ଅହିଂସା ଯେପରି କଳିଙ୍ଗ ସମର ପରେ ଉଦିତ ହୋଇଥିଲା । ଯାହା ମୋର ପ୍ରିୟଦର୍ଶୀ ନାଟକର ବିଷୟ ବସ୍ତୁ ।

ଅବଶ୍ୟ ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନର ବାଢ଼ିଆ ମୋ ରଚନ ଗୁଡ଼ିକୁ ଏକସମୟରେ ପ୍ରଭାବିତ କରିଥିଲେହେଁ, ଆଉମଧ୍ୟ ଜାତିର ଓ ଦେଶର ସ୍ୱାଧୀନତା ପାଇଁ ମୋତେ ଲେଖିବାକୁ ହୋଇଥିଲେହେଁ, ସେ ଲେଖା ଆଜିବି ମୋ ସମକ୍ଷରେ ଏକ ବିରାଟ ବିଫଳତା ରୂପେ ଛିଡ଼ା ହୋଇଛି । କାରଣ ମୁଁ ଦେଖୁଛି ଯେଉଁଠି ଅହିଂସାର ମନ୍ତ୍ର ଉଚ୍ଚାରିତ ହେଉଥିଲା, ଠିକ୍ ସେହିଠାରେହିଁ ହିଂସାର କୁତ୍ସିତ ଦୃଶ୍ୟ ଚାଲିଛି ।

ଆଉ ଏକ ବିଫଳତା ଏହିଯେ ମୁଁ ଯେଉଁ କାରଣରୁ ଲେଖେଁ ସେହି ଭାବରେ ମୋ ଲେଖାର ବ୍ୟବହାର ହୁଏନା । ମଣିଷ ଜୀବନରେ ଯାହାକିଛି ଉଲ୍ଲେଖ ତାହାକୁହିଁ ସ୍ପର୍ଶ କରିବା ଯେପରି ମୋ ଲେଖାର ଉଦ୍ଦେଶ୍ୟ, ତାହା ମଧ୍ୟରେ ଯାହାକିଛି ଘୃଣ୍ୟ ତାହାକୁ ଆଘାତ କରିବାମଧ୍ୟ ସେହିପରି ତାର ଧର୍ମ । ଓଡ଼ିଆ ଭାଷା ପଢ଼ୁଥିବା ଯେଉଁ ପାଠକ ମାନଙ୍କ ପାଇଁ ମୁଁ ଲେଖେଁ ସେହିମାନଙ୍କର ବାସଭୂମି ଓଡ଼ିଶାକୁ ଚିହ୍ନିବା ପାଇଁ, ଏଠାର ନଦୀ ହ୍ରଦ ପର୍ବତ କନ୍ଦର ଜାଣିବା ପାଇଁ କେତେ ସୁଯୋଗ ମୋତେ ମିଳିଛି । ଓଡ଼ିଶାର ମନ୍ତ୍ରୀ କାରିଗର ଶିକ୍ଷିତ ଅଶିକ୍ଷିତ ସମାଜରେ ଚଳିବାର ପୁଣି କେତେ ଗୃହୀ ମୂଲିଆ ଓ କାରଖାନା କୁଲିଙ୍କ ପାଖରେ ବସିବାର, ତାହା ଗୁହାଳ ଘରେ ମୋର ରାତି ପୁହାଇବାର ଓ କେଉଁ ଛାପାଖାନା ଭିତରର ରାତି ଅଧଯାଏ କାମ କରିବାର ପ୍ରତିଜ୍ଞା ମୋର ହୋଇଛି । ଓଡ଼ିଆର ଲୋକପ୍ରିୟ ଶାସନର ମନ୍ତ୍ରୀମାନଙ୍କୁ ଚିହ୍ନିବାର ଫୁରୁସତ୍ ମଧ୍ୟ କେତେ ଜୁଟିଛି । ଓଡ଼ିଆ ଜାତିର ସମ୍ଭ୍ରମ ଆଭିଜାତ୍ୟ ସଙ୍ଗେ ଦାରିଦ୍ର୍ୟ ଅନଶନର ଚିତ୍ର ଭିତରେ ଲେଖନୀ ତାର ଖୋରାକ ଖୋଜିଛି, ଗଳ୍ପ ଉପନ୍ୟାସର ଚରିତ୍ର ବାଛିବାକୁ ଯାଇଛି ।

ଜୟଗାନ କରିଛି ଏକ ସମାଜର ଏକଚ୍ଛତ୍ର ଯାହାକୁ ଧାରଳା, ଜଗନ୍ନାଥ, ଉପେନ୍ଦ୍ର, ଅଭିମନ୍ୟୁ ବଞ୍ଚାଇଥିଲେ । ପୁଣି ଯେଉଁ ସମାଜର ଅବିଚ୍ଛେଦ୍ୟ ଯୋଗ ସ୍ଥାପିତ ହୋଇଛି ପୃଥିବୀର ବିରାଟ ମାନବ ସମାଜ ସହିତ ସେହି ସୂତ୍ରରେହିଁ ମୋ ଲେଖାର ଯୋଗ ଆଜି ଶତ ସହସ୍ର ଅତୀତ ଓ ବର୍ତ୍ତମାନ ଲେଖକଙ୍କ ସଙ୍ଗେ ପ୍ରତିଷ୍ଠିତ ହୋଇଛି । ବିଭିନ୍ନ ଦେଶର ସାହିତ୍ୟସଙ୍ଗେ ଇଂରାଜୀ ଭାଷା ଜରିଆରେ ଯେତେବେଳେ ମୋର ପ୍ରଥମ ପରିଚୟ ଘଟେ, ଗେଟେଙ୍କ ଫାଉଷ୍ଟ ପଢ଼ି ଯେତେବେଳେ ସ୍ୱପ୍ନ ଜୀବନରେ ମୋର ସତ୍ୟ ମିଥ୍ୟାର ପ୍ରଭେଦ ଜାଣିବାର ଆଗ୍ରହ ଜାଗି ଉଠେ କିମ୍ବା ଭିକ୍ଟର ହ୍ୟୁଗୋଙ୍କର ଲା ମିଜରେବ୍ଲସରେ ଯେତେବେଳେ ମଣିଷର ସଦ୍‌ଗୁଣକୁ ମୁଁ ଉଚ୍ଚସ୍ଥାନ ଦେଉଥିଲି ଅଥବା ସେକ୍ସପିୟରଙ୍କ ନାଟ୍ୟ ରଚନା କୌଶଳରେ ବିସ୍ମିତ ହେଉଥିଲି, ତାହାପରେ ନୂଏଣ୍ଡ୍ କେତେଯୁଗ ବିତି ଗଲାଣି । କେତେ ସଫଳତା ଓ ବିଫଳତାର ଅନୁଭୂତିରେ ମୋ ଲେଖନୀ ଅନୁପ୍ରାଣିତ, ହୃଦୟ ବା ମନ୍ଥର ହୋଇ ପଡ଼ିଛି ।

ତେବେ ସବୁ ଅବସ୍ଥାରେ ଓ ସବୁ କ୍ଷେତ୍ରରେ ମୋର ଲେଖିବାର ଅସଂଖ୍ୟ କାରଣ ପୂର୍ଣ୍ଣ ରହିଛି । ଆଜି ପର୍ଯ୍ୟନ୍ତ ମୋର ସବୁ ରଚନ ଯେବେ ବିଫଳ ହୋଇଥାଏ, ତେବେତ ତାହାକୁ ସଫଳ କରିବା ପାଇଁ ବେଶୀ ଲେଖିବା ଆବଶ୍ୟକ । ନାହିଁ ଯଦି ସଫଳ ହୋଇଥାଏ

[ଅବଶିଷ୍ଟାଂଶ ୯୭ ପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com

ନାଗ କଲମରୁ

**କଂକାଳ କଣ୍ଠ ବନ୍ଦନା ବାଣୀ ଛୁଟେ**

ଶତ୍ରୁ ଯାଉଛି ସଂଗ୍ରାମ ଛାଡ଼ି...,
ସଗ୍ରାମେ ହାରି ବିଷାଦେ ଯାଉଛି ଫେରି
ଜନତା ରଚଇ ଅଭିନନ୍ଦନ
ନେତୃ ଗଳାରେ ଶତ୍ରୁ ସୁମନ ଢେଲ ।
ଦଳିତ ଜନତା ଅନ୍ତର ତଳେ
ମଚାଇ ଅଛି ମୁକ୍ତି ଆନ୍ଦୋଳନ ଧାରା
ସ୍ୱଦେଶ ଲଭିବ ନବ ଗଉରବ
ନବ ଐଶ୍ୱର୍ଯ୍ୟ ନବୀନ ଦୃପ୍ତି-ଭରା ।
ସେ ଦିନ ଗଲାକି ଗୁଳି...?
ଗଲା ତ ସେଦିନ...ଇତିହାସ ହେଲା
ଗଉରବ ଗାଥା ଭୁଲି ।
ସେ ଦିନର ଛବି କାନ୍ତି ଅଛି କି
ମୁକ୍ତ ଆମର ଆଜିର ମୁକ୍ତି ଦେଶ
ଲାଙ୍ଗୁଳି ବାର ବୀତ୍ର ତାରକ ଅସ୍ତ ଯାଇଛି
ଦୁର୍ଯୋଗ ଘୋଟି ଅଶେଷ ।
ଲାଞ୍ଛ ମିଛ ଓ ଅତ୍ୟାଚାରର ବନ୍ୟା ଛୁଟିଛି
ଦୁର୍ଭିକ୍ଷ ଅଛି ପୂରି,
କଂକାଳ ରଚେ ଏତି ଶମଶାନ—
ପଥେ ଘାଟେ ରହେ କଂକାଳ ମାତ ଫେରି
ଏଇ ନାର୍ ମମ ଦିନେ...
ଅଭିନନ୍ଦନ କରେ କି ଜନତା...
ବାଣ୍ଠ ନେତୃ ଗଣେ—?
ଶତ୍ରୁ ଯାଉଛି ସଂଗ୍ରାମେ ଫେରି
ଆମରି ରାଜ୍ୟ ଆମରି ସଂସ୍କୃତି ମୂଳେ
ଲଙ୍ଘ ଗରବ ଦୁର୍ଦ୍ଦିନର ଧନେ—
ଫଥାଗି ନେତା ସେ ବିଳାସ ସଉଧ ଗଢ଼େ ।
କଂକାଳ ଦେଖି ଏତି ମଉଛବ
ଅଧୁନା ଶତ ଚିତ୍କାର ମିଛି ଧାଇ,
ଆହାରେ ବର୍ଜିଗର୍ଜି ଉଠିଲ ଶତ ଆସମାନ—
ସେ ଲା ବାରୁଦର ଦୁର୍ଗନ୍ଧ୍ୟ
ମଉଳ ନେଇ ଡ୍ରମ୍ ଉଠେ—
ଏଠିକି ତଥାପି କଂକାଳ କଣ୍ଠ
ବନ୍ଦନା ବାଣୀ ଛୁଟେ—?

ହେମନ୍ତ କୁମାର [୧୧୯]

## ନାଗଙ୍କ ଉତ୍ତର

ଉପେନ୍ଦ୍ର ଭଞ୍ଜ ଜୀବନ—ଆଶାବାଦ ବୋଧ ଓ ହାଇଡ୍ରୋଜେନ ବୋମାକୁ ଛାଡ଼ି ପୃଥିବୀରେ ଅନେକ ଆବିଷ୍କାରକୁ ଦୁଇ ଶ୍ରେଣୀ କରି ଦୁଇଟି ସମ୍ପୂର୍ଣ୍ଣ କରାଯାଏ—ଯଥା—

କ (୧) ଦେଶର ବାର୍ତ୍ତା ( ୨ ) ଟେଲିସ୍କୋପ [୩] ଷ୍ଟେଥିସ୍କୋପ (୪) ମାଇକ୍ରୋସ୍କୋପ [୩] ଏକ୍ସରେ [ ୬ ] ରେଡ଼ିଅମ (୭) ଉଡ଼ାଜାହାଜ

ଖ—[୧] କଳମ୍ପୁଟର ଏମ୍ପାୟାର ଷ୍ଟେଟ ବିଲଡ଼ିଂ [୨] ପାନାମା କେନାଲ, [ ୩ ] ଟେମସ ନଦୀର ସୁଡ଼ଙ୍ଗ (୪) ସାନ୍‌ଫ୍ରାନ୍‌ସିସ୍‌କୋର ଗୋଲଡ଼େନ ଗେଟ ହେତୁ—( ୫ ) ଓ୍ୟାସିଂଟନ ସ୍ତମ୍ଭ ( ୬ ) ସିଙ୍ଗାପୁରର ନୌଘାଟି (୭) ଟ୍ରାମଗାଡ଼ି, ରେଲଗାଡ଼ି ଆଦି ।
—ଶୁଭେନ୍ଦୁ (୨୩୫୨) ଭଗବାନ (୨୩୫୭)

ଗୋବର୍ଦ୍ଧନ ଭାଇ ଜାଣିବ—ଦଶ ସିଂହର ଉଦ୍ଭାବକ—Sauria—( ସରୀସୃପ ) ୨୮୩୨ ରେ ଆବିଷ୍କାର କରିଥିଲେ ଶୁଭେନ୍ଦୁ—[୨୩୫୨]

ମାଣ୍ଡି ଭାଇ—ମୁଦ୍ରାକାର ବକ୍ରତାରୁ ଲମ୍ବା ପାଉଫର୍ମ ଯୋଜନାକୁ—ବିହାରରେ—ତ୍ରିଭୁଜ (୨୩୫୨)

ସୋମନାଥ ଭାଇ—ଆନ୍ତର୍ଜାତିକ ମହିମାନଙ୍କ ମଧ୍ୟରେ ଆନ୍ତର୍ଜାତିକ ପୁରସ୍କାର ଭାରତ ଅନ୍ତୁ ଅଛୁ ବୋଲି କହୁଥିଲେ—ଶୁଭେନ୍ଦୁ [୨୩୫୨]

ମୋହନ ଭାଇ—କୋଣାର୍କ ଚୋଖଲାରୀ ପଣ୍ଡିତ ଅବେକ୍ଷା 'ଗନ୍ଧର୍ବ ଆର୍ଯ୍ୟ ବାଟ'ର ଗାନ୍ଧୀ ମାନ୍ଧାତା ଉଚ୍ଚ କୋଠିରେ ବାଦ୍ୟମାନ କରଣ ଯଦଶ ଦା ଦେଖାଇଛନ୍ତି କେବଳ ବାତ୍ସଲ୍ୟ ସ୍ନେହ ଓ ଗାନ୍ଧୀ ଦେଖାଇଛନ୍ତି ବିଶ୍ୱପ୍ରେମ—ଭଗବାନ [୨୩୫]

ମାନସ ଭାଇ—ଜ୍ଞାନ ଅର୍ଜ୍ଜନ ଓ ଚରିତ୍ର ଗଠନ ଶିକ୍ଷାର ମୂଳ ଉଦ୍ଦେଶ—ବିଭୂତି (୨୩୭୭)

ଗୋବର୍ଦ୍ଧନ-ଭାଇ— ହିନ୍ଦୁମାନଙ୍କ ଠାରୁ ସ୍ୱତନ୍ତ୍ର ପ୍ରତିପାଦନ ପାଇଁ ବୋଧହୁଏ ମୁସଲମାନମାନେ ସବୁ ଓଲଟା କରନ୍ତି ।

ରମାକାନ୍ତ ଭାଇ—ହିନ୍ଦୁ ଧର୍ମ ପର ଜନ୍ମରେ ବିଶ୍ୱାସ କରେ—ଖ୍ରୀଷ୍ଟାନ ବା ମୁସଲମାନମାନେ କରନ୍ତି ନାହିଁ—ବିଭୂତି ।

## ନାଗଙ୍କ ପ୍ରଶ୍ନ

ବର୍ତ୍ତମାନ ପୃଥିବୀରେ ନୂତନ ଜାତି କିଏ ?
—ବିଭୂତି [୨୩୭୨]

ଭାରତର ନାମ ହିନ୍ଦୁସ୍ଥାନ କିପରି ହେଲା ?—ଶୁଭେନ୍ଦୁ (୨୩୫୨)

ଭାରତର ବର୍ତ୍ତମାନ ସର୍ବଶ୍ରେଷ୍ଠ ଐତିହାସିକ କିଏ—ପ ତିବାସ (୨୩୭୬)

ଦସ୍ପମା ଦ୍ୱୀପ ଅପର ତଥା ପୋର୍ଟ ବିଡ଼ୋ ଯାଏ କାହିଁକି—ଜଗନ୍ନାଥ (୨୨୮୨)

ଓଡ଼ିଶାର ସର୍ବପ୍ରଥମ କେଉଁଟି ପତ୍ର ପତ୍ରିକା ପ୍ରକାଶ ପାଉଛି ?—ବ୍ରଜନାଥ (୨୩୩୬)

ବାମୁଠାରୁ ଯାଇ କାଳୁ ବାମୁରେ ଉଡ଼ିବା କଳ ନାମିସ କିଏ ପ୍ରଥମେ ଆବିଷ୍କାର କଲେ ଧୀରେନ୍ଦ୍ର [୨୨୫]

ଏରୋପ୍ଲେନ ଓ ଏରୋପ୍ଲେନ ଉଡ଼ରେ ପ୍ରଭେଦ କଣ ?—ଶିଶିର (୧୨୩)

[ ଆସନ୍ତା ... ୨୨ ... ଦେଖନ୍ତୁ ]

[ ୧୭ ପୃଷ୍ଠା ପରରୁ ]

ତାହାହେଲେ ଅଧିକ ସଫଳ ହେବାପାଇଁ ପ୍ରସ୍ତାବ କରିବାଟା ସ୍ୱାଭାବିକ । ଆଉ ଯେବେ ଗୋଟାଏ କଥାରେ ଆପଣମାନେ ସନ୍ତୁଷ୍ଟ ହେବାକୁ ଇଚ୍ଛା କରନ୍ତି, ତାହାହେଲେ କହିବି ଯେ ମୁଁ ଲେଖେଁ ଯେହେତୁ ନ ଲେଖିଲେ ବଞ୍ଚି ପାରିବି ନାହିଁ । ମେଣ୍ଟ ଉପରେ ମୁଁ ବଞ୍ଚିବା ପାଇଁ ଲେଖେଁ ଆଉ ମଧ୍ୟ ମୁଁ ଯେ ଏକାଙ୍କି ନୁହେ ବହୁ ସହଯାତ୍ରୀଙ୍କର ସହା ପଛରେ ରହି ମୁଁ ଯେ ଗଳ୍ପ କରେ ପୁଣି ହେବି ଲେଖକ ଅବସ୍ଥାରୁ ଆଜି ପର୍ଯ୍ୟନ୍ତ ମଣିଷ ସଭ୍ୟତାକୁ ଗଢ଼ି ଆସିଛି ଓ ଏବେ ମଧ୍ୟ ଅହରହ ତାର ଭବିଷ୍ୟତ ଗଢ଼ିବାରେ ଲାଗିପଡ଼ିଛି ମୁଁ ଯେ ତାହାରି ଭିତରେ ନ୍ୟୂନତମ ଅଧିକାରୀ ଏବଂ ଭବିଷ୍ୟତ୍ ଲେଖକମାନଙ୍କପାଇଁ ଅନ୍ତତଃ ଟିକିଏ ପଥ ପରିଷ୍କାର କରି ଦେଇପାରେ ଏହି ଚିନ୍ତାଧାରା ମୋତେ ମୋ ଲେଖାକୁ ବହୁ ଦୁଃଖରେ ତ୍ରୁଟି ତଳର କରି ପକାଏ ।

ତେଣୁ ମୁଁ କେବେ ସେମିତି ବଞ୍ଚିବାକୁ ଲେଖେଁ ମୋର ଅତୀତ ଓ ଭବିଷ୍ୟତକୁ ମଧ୍ୟ ସେମିତି ବଞ୍ଚାଇବାକୁ ଲେଖେଁ ।

[ଏ: ଆଇ: ଆର କଟକଙ୍କ ସୌଜନ୍ୟ]



Digitized by srujanika@gmail.com

## ଅତ୍ୟାଚାରୀ ହେ !

ଲେ—ଶରତଚନ୍ଦ୍ର ମହାନ୍ତି

ଅତ୍ୟାଚାରୀ ହେ କାହିଁ ଅଛ ଲୁଚି ଆଜି,
ପଥର ଶିକାରୀ କରିଛ ଯେତେହେ ପାଜି,
ଶତ ଜନତାରେ ସୁଖ-ବାଧିତ କରି
ଚାପିରଖିଅଛ ସତ୍ୟ ନ ଦେଇ ଧରି ?
ଦେଶୀୟ ଥରେ ଦେଶୀୟ ଏଠି ଆସି
ପ୍ରାଣ ହୋଇ କେତେ ପଡ଼ିଛ ଯାଇଛ ନାଶି !
ଜାତି-ଦେଶ କେତେ କଲ ଥାଇ ନିଜ ଜାତେ
ସ୍ୱାମୀ ହୋଇ ପୁଣ ବାଧିବା ନେହ ଜାରେ !
ପ୍ରଜା ଦେଇ ତମେ ପ୍ରଜାରେ କରିଛ ନାଶ
ଦାସ ହୋଇ ନିଜେ କରିଛ ଦାସାନୁଦାସ

ଶାସକଙ୍କୁ ଦେଇ ଶୋଷଣର ହାତିଆର
ବୁହାଉଛ ଯେତେ ଶୋଣିତ ରକ୍ତଧାର !
ପରାଧୀନ ଆଉ ପରବଳେ ସ୍ୱାଧୀନତା
ପାଇଛ ଯାହା ସେ ସ୍ୱପ୍ନ ଅଳୀକ କଥା ;
ଧର୍ମ ନାମେ ଯେ ଗଢ଼ିଲ ଧର୍ମ ସ୍ଥାନ
ହାଜି ନୁହେଁ ସେରେ ମଦ ପାଜି ସଇତାନ !
ଧର୍ମ ନାମରେ ଧର୍ମ ହଲାଲ୍ କରି
ଦୁନିଆରେ କଏ ଇମାନ ପାରିବ ଧରି ?
(ଯହିଁ) ମଣିଷକୁ ମାରି ମଣିଷ ଧର୍ମ ଥାପେ—
କାଫେର ସେଇରେ ଅଲ୍ଲାର ଅଭିଶାପେ !

ମନ୍ଦିର ଆଲ କରି ମଣିଷ ଭିତର ପଶୁ
ଧର୍ମ ସ୍ଥାପନା କରି ଆଜି ଭୁଲି ହସୁ
ମଣିଷ-ଧର୍ମ ଆବୁଛିରେ ଗୃହୀ ମାଡ—
ଭଣ୍ଡ ନେଶାଡ଼ି ଯିବରେ ଅଚିରେ ଛାଡ଼ି ।

ଶୋଷିତ ଜନତାର ଗହର ଆଜି ଚିରି
ଦଳିତ ମାନବ ହୋଇଛି ଯେ ହତଶିରି,
ସେ ଦେଖ ଦମ୍ଭେ ଧରିଛି ଚାବୁକ ତାର
ଜୟ ହେଉ, ଜୟ ହେବ ସେ ଦୁର୍ନିବାର !

## ଜୀବନ୍ତ ସମାଧି

—ଦରଦୀ

ଧୀରେ ଧୀରେ ଦେହ ମୋର ଭାଙ୍ଗି ପଡ଼େ ମନ ଯାଏ ତୁଟି
ହୃଦୟର ତାପ ଆଉ ଉଠେ ନାହିଁ ହୃଦରେ ଉଛୁଟି ।
ସବୁରି ବିଶ୍ୱାସ-ଘାତେ ବନ୍ଦୀପ୍ରାଣ ଶୋକ ଅଶ୍ରୁଭରା,
ତଥାପି ନଯାଏ ପ୍ରାଣ ଲଙ୍ଘି ହୀନ ନାହିଁ ତାର ନାଶ ।
ଦୁଃଖ ଆଉ ନିରାଶାକୁ ବାରବାର ଦେଉଛି 'ଲେଉଟାଇ'

କେ କାହିଁ ଗଲ୍ପକ ଛାଡ଼ି ତା ସୁଖରୁ ଚେନାଏ ମୋପାଇଁ ।
ବନ୍ଧୁ ମୁହଁ ବନ୍ଧନ ହିଁ ସମ୍ପୃକ୍ତ ମୋ ହସେ ବଳେ ବଳେ
ବଜ୍ରସମ ପଞ୍ଜର ଏ ଖଣ୍ଡ ହୋଇ ତଥାପି ନଟଳେ ।
ଜଗତର ଦୁଃଖ ଯେତେ ସବୁର ମୁଁ ଜୀବନ୍ତ ସମାଧି
ଦୁଃଖର ସାଧନା ମୋର ସବୁ ନାହିଁ ହେବ ସାଧି ସାଧି ।

---

[ନାଗବନ୍ଧୁ ପୂର୍ବ ପୃଷ୍ଠା ଉତ୍ତାରୁ]

୪୯ ନମ୍ବର ଅବସର ବିନୋଦନ ଉତ୍ତର

[୧୩୯୨] 'କ' 'ଖ' ର ବାପ କିନ୍ତୁ 'ଖ'କର ପୁଅ ନୁହେଁ ନିଶ୍ଚିତ ।

ଚଉତିରିଶରୁ ତିନି ଶ ଗଲେ ବାକି ୩୨ । ଏହାର ପ୍ରମାଣ ଏହିଯେ; ୩୪ଅକ୍ଷରରୁ ତିନି ଗୋଟି ସ ଯଥା ଶ, ଷ,ସ ଏହି ତିନି ଶ ଯିବ ଏଣୁ ୩୨ ରହିବ ।

ନିମ୍ନ ଲିଖିତ ଶବ୍ଦଟିରେ ପ୍ରଥମରୁ ଶେଷ ଅକ୍ଷର ମଧ୍ୟରେ ଏକ MILE ବ୍ୟବଧାନ ଯଥା— Smiles — ଗୋବର୍ଦ୍ଧନ

୫୦ ନମ୍ବର ଅବସର ବିନୋଦନର ଉତ୍ତର

ଯେତେ ବେଳେ ହିମ ଋତୁ ହେଲା ସେତେ ବେଳେ ଗୃହଆଡ଼େ ଲୋକମାନଙ୍କର ଲୁଗାପଟା ଦେହରେ ସବୁବେଳେ ରହିଲା । ଉଲୁକମାନେ ହିମ ଋତୁରେ ଆନନ୍ଦରେ ନୃତ୍ୟ ହୋଇ ବସିଲେ ପୁଣି ଅର୍ଜ୍ଜୁନ ଅର୍ଥାତ ଅଗ୍ନିକୁ ଲୋକେ ଶୀତରୁ ରକ୍ଷାପାଇଁ ଲୋଡ଼ିଲେ—ଗୋବର୍ଦ୍ଧନ ।

୫୧ ନମ୍ବର ଅବସର ବିନୋଦନ

(କ) କାହାର ଶୈଶବ ୨ଟି, ଯୌବନରେ ନମ୍ରି ପୁଣି ବାର୍ଦ୍ଧକ୍ୟରେ ୨ଟି ଡିଙ୍ଗ ଥାଏ —ସେ ପଶୁ କିମ୍ବା ପ୍ରାଣୀ ନୁହେଁ ?

[ ଖ ] କିଏ ମଳମୂତ୍ର ଏକ ମୁଖରେ ତ୍ୟାଗ କରେ ଏବଂ ଖାଏ ? ଜଗନ୍ନାଥ [୯୨୮]

[ଗ] ମୁଁ କିଏ? ମୋର ପକ୍ଷଟି ଡେଣା, ଗଛରେ ବାସ, ଉପରେ ନାହିଁ, କାରଣ ପକ୍ଷୀ ନୁହେ — ଲୋକେ ମୋତେ ରାନ୍ଧି ଖାଆନ୍ତି ! —ଗୋବର୍ଦ୍ଧନ ।

ନାଟଙ୍କ ପୁରସ୍କାର ଘୋଷଣା

ଶ୍ରୀ ଲମ୍ବୋଦର ଦାସ (୧୨୯୪) ଘୋଷଣା କରିଛନ୍ତି ଯେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଯେ ଦେବ ସେ ତାକୁ ୫୨୯ ପୁରସ୍କାର ଦେବେ—

ପ୍ରଶ୍ନ (୧) ନୋଟରେ ଅଶୋକ ସ୍ତମ୍ଭ କାହିଁକି ରହେ ? [ ୨ ] ମହାଭାରତର ଦ୍ରୁମ ଉତ୍କଳର ଶ୍ରୁତ୍ରାସ୍ତୁଧକୁ କାହିଁକି ଡରିଥିଲା [୩] ଶ୍ରୁତ୍ରାସ୍ତୁଧର କେତୋଟି ସନ୍ତାନ ଥିଲେ ଓ କିଏ କିଏ (୪) ରାବଣ, ରାମଚନ୍ଦ୍ର, ଯୁଧିଷ୍ଠିର ଓ କୃଷ୍ଣ ପ୍ରଭୃତିଙ୍କର ପଣ୍ଡିତ [ଦାଶ ମିଶ୍ର ନାୟକ ଆଦି] କିଏ ଥିଲା ? [୫] ସଙ୍ଗୀତ ପ୍ରଥମ ଆସିଲା କେଉଁଠୁ ? (୬) ବସନ୍ତକୁ ଠାକୁରାଣୀ କହନ୍ତି କାହିଁକି ? [୭] ଶ୍ରୀକୃଷ୍ଣ କେଉଁ ପକ୍ଷତରେ ଲମ୍ପଟ ଥିଲେ ? (୮) ରାମଚନ୍ଦ୍ର କାହିଁକି ଉତ୍ତରାଭିମୁଖୀ ନହୋଇ ଦକ୍ଷିଣାଭିମୁଖୀ ହୋଇ ବନବାସ କଲେ, [ ୯ ] ଭରତ କାହିଁକି ରାମଚନ୍ଦ୍ରଙ୍କର ବିପଦଅବସ୍ଥାରେ ସାହାଯ୍ୟ କଲେ ନାହିଁ ?

ନୂଆନାଗଙ୍କ ନାମ

୧୩୭୮ । ରମାକାନ୍ତ ମହାପାତ୍ର ମହାବୀର ଧର୍ମଶାଳା [ କଲେଜ ହଷ୍ଟେଲ ନଂ ୩ ] ବଡଦାଣ୍ଡ ପୁରୀ । ୧୩୭୯ । ମାର୍କଣ୍ଡ ମିଶ୍ର, c/o ଶ୍ରୀ ଯୁଧିଷ୍ଠିର ମିଶ୍ର—ଓଙ୍କାଲ ପୋ: ବଲାଙ୍ଗିର । ୧୩୮୦ । କ୍ଷୀରୋଦ ବିହାରୀ ପରିଡା c/o ନରଦା ବିହାରୀ ପରିଡା— ବିହାରୀ ମେମୋରିୟଲ ହଲ, ପଟପୁର ପୋ: ପଟ୍ଟାମୁଣ୍ଡାଇ । ୧୨୮୧ । ରମାକାନ୍ତ ମହାପାତ୍ର, କଲେଜ ହଷ୍ଟେଲ—୩ ବଡଦାଣ୍ଡ ପୁରୀ । ୧୩୮୨ । ମଦନ ସୁନ୍ଦର ରାୟ, ୭ମ ଶ୍ରେଣୀ ମି: ଇ: ସ୍କୁଲ ପୋ: ରୂପାରୀ— ବାଲେଶ୍ୱର ।

## ନାଗବନ୍ଧୁ ଲୁପନ

ଅଜା, ମୁଁ ଜଣେ ନାତି । ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ଊଣା ମୋର ଜନ୍ମ—ତା । । ମହିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବ । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ନିମନ୍ତେ ୫୦ ୬ ଛାଞ୍ଚ ଟିକଟ ଦେଲି ।

ସ୍ନେହର



Digitized by srujanika@gmail.com

# ଯେମିତିକୁ ତେମିତି

ଶରତଚନ୍ଦ୍ର ମହାନ୍ତି

ଫାକୀରମୋହନ କଲେଜ—ବାଲେଶ୍ୱର

ପ୍ର—ଆମେ ସମସ୍ତେ ଭୋଟ ଦେଇ ଆପଣଙ୍କୁ ପ୍ରଧାନ ମନ୍ତ୍ରୀ କଲେ ଆପଣ ଆମ ପାଇଁ କଣ କରନ୍ତେ ?

ଉ—ସମସ୍ତଙ୍କୁ ନାଗା କରି ନାଚୁଣୀ ବୋହୁ ଆଣି ଦିଅନ୍ତି ।

ପ୍ର—ପ୍ରେମ କେତେବେଳେ ପାପ ଓ କେତେବେଳେ ପୁଣ୍ୟ ?

ଉ—ଆଲୁଅରେ ପୁଣ୍ୟ ଓ ଅନ୍ଧାରରେ ପାପ ।

ପ୍ର—ମହାତ୍ମାଙ୍କ ବାହାର ବିଶେଷତ୍ୱ କଣ ?

ଉ—ବାଡ଼ି ବାଡ଼ି—ଦର୍ଶନ ଘୋଡ଼ା ।

ପ୍ର—ଆପଣଙ୍କୁ ହାଇଡ୍ରୋଜେନ ବୋମା ମିଳିଲେ କଣ କରନ୍ତେ ।

ଉ—ପ୍ରେମର ଏକ୍ସପେରିମେଣ୍ଟ କରିବା ପାଇଁ ଅକ୍ସିଜେନ ବୋମା ସହ ମିଶାଇ ଦିଅନ୍ତି ।

ପୂର୍ଣ୍ଣଚନ୍ଦ୍ର ବାହାଣୀ--ବାରିପଦା

ପ୍ର—ପୁରୁଷ ସୁନ୍ଦର ନା ନାରୀ ସୁନ୍ଦର ?

ଉ—ମୟୂର ସୁନ୍ଦର ନା ମୟୂରୀ ସୁନ୍ଦର ? କୁକୁଡ଼ା ସୁନ୍ଦର ନା କୁକୁଡ଼ୀ ସୁନ୍ଦର ? ଷଣ୍ଢ ସୁନ୍ଦର ନା ଗାଈ ସୁନ୍ଦର ?

ମୁରାରି ମୋହନ ଜେନା

ଖ୍ରୀଷ୍ଟାନ କଲେଜ--କଟକ

ପ୍ର—ପ୍ରେମ ଆଉ ପ୍ରୀତି ଏକ ଜାତୀୟ ଶବ୍ଦ ହେଲେ ମଧ୍ୟ ଭାବରେ ବିଭିନ୍ନତା ଥାଏ କି ?

ଉ—ପ୍ରେମଟା ଆଲୁଅରେ ଆଉ ପ୍ରୀତିଟା ଅନ୍ଧାରରେ ହୁଏ ।

ପ୍ର—ବିବାହିତ ଯୁବକ ଯୁବତୀଙ୍କ ପ୍ରଣୟ ଓ ଅବିବାହିତ ଯୁବକ ଯୁବତୀଙ୍କ ପ୍ରଣୟ ମଧ୍ୟରେ ପ୍ରଭେଦ କେଉଁଠି ?

ଉ—ପ୍ରଥମଟିରେ ପୁରୁଷର ଲାଭ [ଯୌତୁକ ଗ୍ରହଣରେ]—ଦ୍ୱିତୀୟଟିରେ ସ୍ତ୍ରୀର ଲାଭ [ଉପହାରରେ ।]

ପ୍ର—ଷୋଳ ବର୍ଷୀୟା ଯୁବତୀକୁ Sweet sixteen କାହିଁକି କୁହାଯାଏ—sweet fifteen seventeen, eighteen ଇତ୍ୟାଦି କାହିଁକି କୁହାଯିବ ?

ଉ—ଷୋଳଙ୍କୁ ସହଜରେ ହରଣ କରି ହୁଏ ବୋଲି—

ନାଗେନ୍ଦ୍ରନାଥ ସ୍ୱାଇଁ

୪ର୍ଥ ବାର୍ଷିକ ଶ୍ରେଣୀ--ବାଲେଶ୍ୱର କଲେଜ

ପ୍ର—କୋରିଆ ଯୁଦ୍ଧରେ ନେହେରୁଙ୍କର ଉଦ୍ୟମ କଣ ହେବ ?

ଉ—ଚମ୍ପୁ କୁହା ।

ପ୍ର—ଛାତ୍ରମାନଙ୍କ ନିକଟରୁ ପ୍ରେମ ସମ୍ବନ୍ଧୀୟ ପ୍ରଶ୍ନ ବେଶୀ ଆସୁଛି କାହିଁକି ?

ଉ—ପ୍ରେମଟା ସବୁଦିନେ ପ୍ରଶ୍ନ ବାଚକ ? ଛାତ୍ରମାନେ ସବୁଦିନେ ଜିଜ୍ଞାସୁ ।

ପ୍ର—ଡ଼ଗର ସମ୍ପାଦକ ଯଦି ନେହେରୁ ହୋଇଥାନ୍ତେ ଡଗର ସମ୍ପାଦନା କାମ କିଏ ଚଳାନ୍ତା ?

ଉ—ପଣ୍ଡିତ ନେହେରୁ ।

ପୀତବାସ ପଟ୍ଟନାୟକ— ବଲାଙ୍ଗିର

ପ୍ର-ଡଗର ସାପ୍ତାହିକ କାହିଁକି ନହେଉଛି ?

ଉ—ଡ଼ଗରର ପକ୍ଷ ଥିବାରୁ ସେ ପାକ୍ଷିକ ।

ପ୍ର—ବିଲୁଆ ସବୁ କେଉଁଦିନରେ ଥରେ ଡାକେ ?

ଉ—ଯେଉଁ ଦିନରେ ମନ୍ତ୍ରୀଙ୍କର ଥରେ ମନ୍ତ୍ରୀ ପରିବର୍ତ୍ତନ ହୁଏ ।

ମାର୍କଣ୍ଡ ମିଶ୍ର—ବଲାଙ୍ଗିର

ପ୍ର—ପ୍ରେମର ଆରମ୍ଭ କେଉଁଠି ?

ଉ—ଶେଷ ଯେଉଁଠି ।

ପ୍ର—ପ୍ରେମ ଜନସଂଖ୍ୟା କଣ ?

ଉ— ହାଉଆଉ ।

ପ୍ର—ଆପଣ ଓ ଆପଣଙ୍କ ସ୍ତ୍ରୀ କେଉଁ 'ବାଦ' ମାନନ୍ତି ?

ଉ—ବିଷମ୍ + ବାଦ ।

ରାଧାକାନ୍ତ ମହାପାତ୍ର – ବଡ଼ଦାଣ୍ଡ ପୁରୀ

ପ୍ର—ଆପଣ ପରଜନ୍ମରେ ବିଶ୍ୱାସ କରନ୍ତି କି ?

ଉ—ସେଠି ଯଦି ମୋ ପ୍ରେମିକା ମଧ୍ୟ ଥିବ ତେବେ ନିଶ୍ଚୟ ବିଶ୍ୱାସ କରିବି ।

ଟିଲୁ—ବ୍ରହ୍ମପୁର

ପ୍ର—ଏକ ଧୂଳ ନାମରେ ... ହେବା କଣ ପାପ ?

ଉ—ଅନେକଙ୍କ ହେବା ଯୌତୁକ; ଅନ୍ୟର ହେବା ପାଇବାଆ—ପ୍ରଥମ ପାପ ହେଲେ ଦ୍ୱିତୀୟଟି ଅନ୍ୟାୟ । ଗୋଟିକର ପ୍ରାୟଶ୍ଚିତ୍ତ ଅଛି—ଅନ୍ୟଟିର ନାହିଁ ।

ପ୍ର—ଆପଣ କେଉଁ ଧରଣର ସ୍ତ୍ରୀକୁ ଅଧିକ ପସନ୍ଦ କରନ୍ତି ?

ଉ—ଜଗତରେ ସମସ୍ତେ ସମାନ—ବାଛିବା ସବୁ କାର୍ଯ୍ୟ । ଯିଏ ଆଗ ଛୁଟି ମୋ ପାଖକୁ ଆସିବ ତାକୁହିଁ ଦେଖି ପସନ୍ଦ କରିବା ସ୍ୱାଭାବିକ ।

ଜଗନ୍ନାଥ ନନ୍ଦିମହାରା

ଜୋଡ଼ାବାଲି-ନୀଳଗିରି

ପ୍ର—ମନଲାଗି ବୁଝି ମିଳୁନାହିଁ —ପ୍ରତିଷେଧ କଣ?

ଉ—ବାହା ହୋଇପଡ଼—ଭଲ ପାଇବ ।

ପ୍ର—ଜଣେ କନ୍ୟା ପିତା କନ୍ୟା ଉପଯୋଗୀ ବର ନପାଇ ଷେଷ୍ଟୁ-ଷେ କରିବ କଣ ?

ଉ—ଆପଣଙ୍କ ସହ ଜୁଟିବ ଦେଖି ମୋର ମନେ ହୁଏ ଆପଣ ତାଙ୍କ ଅଗିରେ ପଡ଼ି ନାହାନ୍ତି ।

ପ୍ର—କୌଣସି ଯୁବତୀ ପୁରୁଷ ଅଙ୍କରେ ହଠାତ୍ ବସନ୍ତୁ ଗୃହେ କାହିଁକି ?

ଉ—ତା ସ୍ୱଭାବଟାକୁ କିଏ ଟେକିଇ ନେଇଗଲା କି ବୋଲି ଡରେ !

କୁମାର ଚନ୍ଦ୍ରମୋହନ ସିଂହଲଲ

ନୂଆଗାଁ—ଜୟପୁର

ପ୍ର—ସାଧୁମାନେ ଦାଢ଼ୀ ରଖନ୍ତି କାହିଁକି ?

ଉ—ଜୀବ ପୋଷିବାପାଇଁ ।

---


## ଆବଶ୍ୟକ

ଫାଉଣ୍ଟେନେ ପେନ୍ ଓ ଘଡ଼ିପାଇଁ ସ୍ୱଚ୍ଛଳ ବେତନ ଓ କମିଶନରେ ଏଜେଣ୍ଟ ବା ପ୍ରତିନିଧି ଆବଶ୍ୟକ । ଇଂରାଜୀରେ ଚିଠି ଲେଖି ନମୁନା ଓ ସର୍ତ୍ତ ମଗାନ୍ତୁ—
(Bansai Brothers; Kothi Mem,
(DWC) Delhi No 6




Digitized by srujanika@gmail.com

Dagaro
Reg. No O 18 ORISSA'S MOST POPULAR FORTNIGHTLY 16-7 50

# ପୋକ ଓ ମଶା

ଯୁଦ୍ଧ [illegible] ଏବେ [illegible] ଅଣିବାଏ ବେ ବାହାରୁ ବେଶି [illegible] ଜନରେ [illegible] ପଥ୍ୟ ଆଣିବା ସମ୍ଭବ ହୁଏ ନାହିଁ । ଅତଏବ ଏହାରେ ଏବେ ଏହାର କୁଫଳ [illegible] କିନ୍ତୁ । [illegible] ବାଡ଼ି, ଯାଏ [illegible] ଏକପ୍ରକାର ପୋକ [illegible] ହୋଇଛନ୍ତି । [illegible] ସବୁ ଏହ ପୋକ [illegible] ଯାଏ । [illegible] ଜାଗ୍ରତ ବ୍ୟାପାର ହୋଇଛନ୍ତି । ଏପାଳେ [illegible] ପକ୍ଷରେ [illegible] । [illegible] ଅନିସ୍ତାରିଜ କିଣା [illegible] । [illegible] ଗୋଟିଏ [illegible] ଅ[illegible] ନାନା [illegible]

[illegible] ପକ୍ଷରେ [illegible] ପାରିବେ ନାହିଁ । [illegible]

[illegible] ପ୍ରତି ଦିନ ପଥ୍ୟ [illegible] ।

[illegible] ପ୍ରତିଷେଧ [illegible] ଟ୍ରେନ ପ୍ରତିଷେଧ [illegible] ୨ ଟ୍ରେନ [illegible] ସେବନ [illegible]—

Mal No 184. Ens

# ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ବର୍ଣ୍ଣ । ଏସିଡ୍ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲଡ ଗହଣା, ରଙ୍ଗରେ ଓ ମଜବୁତିରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟେଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

ଜି, ମଲ୍ଲିକାର୍ଜୁନ ଚୌଧୁରୀ ୬୩, ବ୍ରାହ୍ମସମାଜ ରୋଡ, କଲିକତା—୩୪

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ୧

ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

[illegible] ଯଦି ମୂଲ୍ୟବାନ [illegible] ଆୟୁର୍ବେଦୀୟ ମତରେ କରାଇବାକୁ [illegible] ସମ୍ବନ୍ଧରେ [illegible] ପତ୍ର ଲେଖନ୍ତୁ ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା<br>ଝାଞ୍ଜିରୀ ମଙ୍ଗଳା<br>କଟକ [ ୧ ] | ସହକାରୀ ବ୍ୟବସ୍ଥାପକ<br>—କବିରାଜ—<br>ଶ୍ରୀ ଯୁଗେନ୍ଦ୍ର ମିଶ୍ର<br>ଝାଞ୍ଜିରୀ ମଙ୍ଗଳା<br>କଟକ ( ୧ ) |

କଟକ ଟ୍ରେଡିଂ କମ୍ପାନି, କଟକ ୨

ପ୍ରକାଶିତ

# ନୂତନ ପୁସ୍ତକ

ଉପନ୍ୟାସ

| | | |
|---|---|---|
| ଘନାବର୍ତ୍ତ- | ବଟକୃଷ୍ଣ ପ୍ରହରାଜ ବି,ଏ | ଟ୧୮ |
| କୀର୍ତ୍ତିସ୍ତମ୍ଭ- | ରାମଚରଣ ମିତ୍ର | ଟ୧। |

ଗଳ୍ପ

| | | |
|---|---|---|
| ଗରୀବର କାହିଁକି? | ଗୋଦାବରୀଶ ମିଶ୍ର | ଟ୦। |
| ଈଶ୍ୱରଙ୍କ ପାଖକୁ ଚିଠି | ” | ଟ୦। |

—ନାଟକ—

| | |
|---|---|
| ସହୀଦ ବାଜୀରାଉତ-ବାଞ୍ଛାନିଧି ରାଉତରାୟ | ଟ୧ |

ଆତ୍ମ ଚରିତ

| | |
|---|---|
| ମୋ ନିଜ କାହାଣୀ (ଜହରଲାଲ | ଟ ୧ ) |

—ସ୍ତ୍ରୀପାଠ୍ୟ—

| | | | |
|---|---|---|---|
| ଗୃହଲକ୍ଷ୍ମୀ-୧ମ | | ଜଗବନ୍ଧୁ ସିଂହ | ଟ୧ |
| ” | ୨ୟ | ” | ୧୷ |
| ” | ୩ୟ | ” | ୧୷ |
| ” | ୪ର୍ଥ | ” | ଟ୨୮ |

Printed, Published and Edited by N. Mahapatra at the Dagaro Press, Cuttack—1,
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ପରିଚାଳନା—ଶ୍ରୀ ଗଣମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ ଶ ବର୍ଷ

ତୃତୀୟ ସଂଖ୍ୟା

ଶ୍ରାବଣ

ପ୍ରଥମାର୍ଦ୍ଧ



କବିଗୁରୁ

ଶ୍ରାଦ୍ଧ ବାସରୀୟ

ଏ ସଂଖ୍ୟାରେ--ସର୍ବହରା କବି--ସଚ୍ଚି ରାଉତରା

ବାର୍ଷିକ

ଛ ଟଙ୍କା

ପ୍ରତିଖଣ୍ଡ

ଛ ଅଣା

Digitized by srujanika@gmail.com

ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଅପଣ ଯଦି ଘରର ନୈରାଶ୍ୟ ଓ ଦୁଃଖରେ ବୁଡ଼ି ଯାଉଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ପିନ୍ଧନ୍ତୁ। ଏହା ଆପଣଙ୍କୁ ବହୁତ ସମ୍ପତ୍ତି ଆଣିଦେବ। ଆପଣ ନିଜ ମନଲାଖି ଗୃହିଣୀ, ସ୍ତ୍ରୀ ପାଇ ପାରିବେ। ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ ; ଗୃହିଣୀ ଆପଣଙ୍କ ଦୁଆରେ ଥିଆ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ। ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ଯେ ଛିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଇବ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ। ମକଦ୍ଦମା, ଲଟେରୀ ପ୍ରଭୃତିରେ ନିଶ୍ଚୟ ଜୟ ହେବ। ପରୀକ୍ଷାରେ ଦ୍ୱସି ଫେଲ ପାସ କରିଯିବେ। ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ। ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଆନନ୍ଦ ମଧ୍ୟରେ କାଟି ନେବେ।

ଏହି କୁହୁକ ମୁଦି ଆପଣଙ୍କୁ ମୋଟେ ଟ୧୧୶୵ ପଡ଼ିବ। ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦି ଟ୩୲୶୵। ଏହା ଖୁବ୍ ଶୀଘ୍ର କାମ ଦିଏ। ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ। ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଅମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଅମେ ଫେରସ୍ତ ଦେବୁ। ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ଟ୧୦୦୦ ନଗଦ ପୁରସ୍କାର ଦିଆଯିବ। ଅନୁଗ୍ରହ କରି ପରୀକ୍ଷା କରନ୍ତୁ।

Prof. Bengal Mesmerism House( D.B. )
Jullundur City.Punjab

---

ସ୍ତ୍ରୀ ରୋଗ ପାଇଁ

## ପ୍ରେମିକା ଭେରଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଉ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କିମ୍ବା ଅଦୌ ହାନି କାରକନୁହେଁ। ମୂଲ୍ୟ ୮ ୬୯ ଡାକ ଖର୍ଚ୍ଚ—୮୲୶୵

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଲାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଅଳସ୍ୟ, ସ୍ମୃତିହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ। ଦାମ୍ପତ୍ୟ ଜୀବନ ପଥରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୩— ଡାକଖର୍ଚ୍ଚ—୮୦୲୶ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରଇସିସ୍, ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ। ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ଼ କଲିକତା

---

## ଆବଶ୍ୟକ

ଫାଉଣ୍ଟେନ ପେନ୍ ଓ ଘଡ଼ିପାଇଁ ସ୍ଥିଛଳ ବେତନ ଓ କମିଶନରେ ଏଜେଣ୍ଟ ବା ପ୍ରତିନିଧି ଆବଶ୍ୟକ। ଇଂରାଜୀରେ ଠିକଣା ଲେଖି ନମୁନା ଓ ସର୍ତ୍ତ ମଗାନ୍ତୁ—

(Bansal Brothers; Kothi Mem,
(DWC) Delhi No 6

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଅର୍. ଏ.

ଏଠାରେ ବୋରିକ୍ ଟାଫେଲ୍‌ଙ୍କର ହୋମିଓପ୍ୟାଥିକ ଔଷଧ ଓ ଡାକ୍ତର ନାଡ଼ର ବାଇଓକେମିକ ଓ ସ୍ପେସିଫିକ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ। ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ। ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

## ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ:.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ୟାଶ୍ଚ ଯଶ୍ଚ ଇମାନ ଭୂଚ୍ଚାନ ଜାନ୍ତ୍ୟନ୍ତେ




ଶ୍ରାବଣ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ତୃତୀୟ ସଂଖ୍ୟା ୧ । ୮ । ୫୦

## ସର୍ବହରା କବି—ସଚି ରାଉତରା

ହେ ସର୍ବହରା କବି—ବାରେ ଦୁଅ ଚିଆ—ନେଇଯାଅ ତାର ମାଳା, ନୁହେଁ ଫୁଲ ସେ ଯେ ଗାନ୍ଧ ନାଇଁ ! ସେ ଯେ ଏବେ କେଶରାମ କନେମ୍ବଲସର ଦଏଲର କଢ଼ରେ ଜଡ଼ିଛି କବି ! ସେ କେତେବାର ନୁହେଁ । ସେ ଫୁଲ ମଗାଣିର ଫୁଲ ! ପଙ୍କ୍ତିଶ୍ରେଣୀରୁ ଛିନ୍ନ କେନ୍ତ୍ର କର-କବି ହେ—ଦେଖ ସେ ଚମ୍ପକର ଚକ୍ଷୁ ଛଳ ମହାର୍ଘ ହର୍ମ୍ୟ ମାଳାର ଛବି—ମୁଣ୍ଡ ଢୋଳଛି ! 'ମାଟିର-ଡାକ' ନୁହେ ବନ୍ଧୁ, ବ୍ରେକ୍‌ଲ୍ୟାଣ୍ଡର ଜଞ୍ଜିର ! ଅନ୍ତି ଅଗ୍ରଗତି ନାମରେ ଯେଉଁ 'ଅଭିଯାନ' ଗୃହିଛି—ସେ ତ ଅଭ୍ୟୁଦୟ ନୁହେ—ସେ—ମୃତ୍ୟୁ—ପତନ!—ବନ୍ଦୀଙ୍କର ଦଶ ଏକ ହଜାର ଦଶ ହଜାର, ପଚାଶ ହଜାର ଓ୍ୟାଟ ଜାଳି ମେଟ୍ରେପୁଲରର ପୂର୍ଣ୍ଣିମା ଜନ୍ତୁ ସୃଷ୍ଟି କରିପାରିବ ନାହିଁ କବି—ଏ ଅନ୍ଧକାର ପଥରେ ଖଣ୍ଡନ 'ଅଭିଜ୍ଞାନ'—କେବଳ 'ଟୁଇ'—ଏହାର 'ପାଥେୟ'—ପଣ୍ଡୁ—ବଣ୍ଟାସ ଘାତକତା । ପଶ୍ଚାତ୍ତାପ କବି ! ପଶ୍ଚାତ୍ତାପ !




ଛିଡ଼ାଇ ଦିଅ ଏ 'ପାଣ୍ଡୁଲିପି'—ଦାହାରର ଡାଇଲେକ୍‌ଟିସ ଠାରୁ କଡ଼ରର ଦ୍ୱନ୍ଦ୍ୱ ଯେ ପ୍ରବଳତର କବି ! ତମେ କଣ ଦେଖୁ ନାହିଁ ଏ ଯନ୍ତ୍ରଣା—ଏ ବିଦ୍ରୋହ !

ମଣିଷର ଦାବି ମଣିଷ ଠାରେ ! ସେ କେବଳ ଆଘାତ ପାଏ—ହସନ୍ତି ହୀନ—ବଚ୍ଛୋଗାନ୍ତ ! ବସ୍ତୁ ପ୍ରାଚୁର୍ଯ୍ୟରେ ମାନବର ସଙ୍ଗତା ସମ୍ଭବ ! ଉପରକୁ ଉଠିବାକୁ ହେବ କବି—ଆହୁରି ଉପରକୁ !

ଏଠି ସର୍ବହରାଇ ପାଇଛି ଯାଏ ସର୍ବଧନ ଶୋଷକ—ଏଠି ସାମ୍ୟବାଦୀ ଲେଖକେହିଁ ସଙ୍କୀର୍ଣ୍ଣ—ନାଜିବାଦ—ଫାସିଷ୍ଟବାଦ—ଆଉ ଓକ୍‌ଟେଟର ଶିପ୍ !

ପ୍ରତାରଣାହିଁ ବସ୍ତୁ-ବାଦର ଧର୍ମ ! ଜଡ଼ତା—ନିର୍ମମତାହିଁ ଜଡ଼ବାଦର ମୂଳ ରଙ୍ଗ ।

ଏ ଦେଶରେ ସର୍ବହରାର କବି ବେକରେ ଯେତେବେଳେ ମାଲେନ୍‌କୋଭ୍‌ର ବରଣ ମାଳା ପଡ଼େ—ସେଠି ସାଧକ କବି ବନ୍ଦୀ ହୋଇଯାଏ—ତାର ସୃଷ୍ଟି ଆଉ ନୁହେଁ ଅମୃତ । ସେ ତାଏ

ଦେଖି ନେଲୁ ତାଙ୍କୁ ଛୁଡ଼ ଦେ ବାଟ
ମାଟିଆ ଭୂତୁଳ     ଜୁଆର ବସ୍ତିରୁ
ଉଠୁ ଅଛୁ ତାର ରଡ଼ ଜୁହାର !

## ( ଶ୍ରାଦ୍ଧ ବାସରେ )

ପରାଣ ଦିଅ     ପିଆସା ହର
ମୋତେ   ଦିଅହେ ଧନ—
ଅଶ୍ରୁର ଦିଅ ପ୍ରାଣ—
ଜୀବନେ ଥିବ     ମରଣେ ଥିବ
ମୋତେ   ଧନ ହେ ଦିଅ—
ଅଶ୍ରୁର ଦିଅ ସ୍ଥାନ !
ଆଲୋକ ଝଲକ     ଅଲୋକ ଝଲି
ମୋର ନୟନେ ତୃପ୍ତି ଦିଅ ହେ ଟାଣି
ସେ ସୁର ଧନ୍ୟ     ବଇଁଶୀ ଦିନ୍ୟ
ତମେ ଦିଅ ହେ ଦିଅ—
ଅଶ୍ରୁର ଦିଅ ଗାନ ।
ଅଶ୍ରୁର ବ୍ୟଥା     ବେଦନା ଦାନ
ମୋତେ   ଅଶ୍ରୁର ଦିଅ   ଚେତନା ଆଉ !
ଦୁଃଖର ଭେଦ     କାଥା ମୋ ଛେଦ
ମୋତେ କର ହେ ଦାସ—
କର ହେ ମୋତେ ଦାସ!
ଅଶ୍ରୁର ପ୍ରେମେ     ଭୂଗାଡ଼ ଛପ
ମୋତେ   ମଧୁହେ ମୁଗ୍ଧି   ମମତ୍ୱ ମଦ
ଅମୃତ ଧାରେ     ଛୁ ଅପଣ ତେ
ଦିଅ ହେ ତୃପ୍ତି
ଅଶ୍ରୁର ଦିଅ ଦାନ !

—ବିବୋଧିନି ଥ

## ସ୍ମରଣ

କବିଗୁରୁ ! ଘେନ ହେ ପ୍ରଣତି,
କେଉଁ ଦର୍ପେ କେଉଁ ଦମ୍ଭେ
ମାନବରେ ଦେଲ ତୁମେ ଗତି !
ଛନ୍ଦହୀନ ଜୀବନକୁ କି ସାହସେ
ଦେଲ ଛନ୍ଦୋମୟ
ମମତା ମଙ୍ଗଳ ଘେନି କବିତା କି
ବୃଥା ଅପଚୟ ?

+   +   +   +

ଜଡ଼ବାଦର ପ୍ରେଷଣୀ ମୁକ୍ତି ବାଟେ
ବିଭ ନୁହେ ଭୌତି—
ବିଶ୍ୱର ଘାତକ ଅନ୍ତ ଆଚାର
ପ୍ରଭାବୁ ପ୍ରଗତି !
ମାରଣର 'ଅଣୁବିଜ' ଜଳାଉଛି
ରଙ୍ଗେ ଜୀବନାଶ .
ଦୃଷ୍ଟି ପାଏ ବିଗ୍ରହର ବ୍ୟାସ;
ମାଟିର ମର୍ଜିତ ବୁକେ ଛଳ ହିମ ନାମ—
କୃତ୍ତି ପାଏ ସେପତେ ଶାପ ଗାନ—
କବି ଗୁରୁ !     ଅଳକ ଏ ଗାନ୍ଧି—
ଜୀବନର ବାଣୀ ଯେତେ—
ଫୋଟୁ ଦିଏ କ୍ରାନ୍ତି ପଦାକ୍ରାନ୍ତି !

—ନିତ୍ୟାନନ୍ଦ

Digitized by srujanika@gmail.com

# କିଏ କ'ଣ କରୁଛନ୍ତି

(ଏ ଭିତରନ୍ତା ସମ୍ବାଦ ସତ୍ୟ ନହୋଇ ଥିଲେ କ୍ଷମା ମାଗୁଛୁ)

ଶ୍ରୀଯୁକ୍ତ ସଦ୍‌ଭାବ—ବମ୍ବେଇରେ ହୁଲାଦାର ଚଢ଼ାଇବା ସପକ୍ଷରେ ବକ୍ତୃତା ଦେବାପରେ ବମ୍ବେ କାଂଗ୍ରେସ ସବୁ—ମୂର୍ଖ (ନନ୍‌ସେନ୍‌ସ) ବୋଲି ଗାଳି ଦେବାରୁ ପାକିସ୍ତାନ ଠାରୁ ଞ୍ଜନ ପାଇବା ପାଇଁ, ଭାରତ ପାକିସ୍ତାନଙ୍କ ଭିତରେ ଯେତେ କଳହଗୁ—ଉଭୟ ରାଜ୍ୟର ବଣିକ ମାନଙ୍କର ପ୍ରେମ ଜଳାକବାଟି ବାଟେ ଅକ୍ଷୁର୍ଣ୍ଣ ରଖିବା ପାଇଁ ସକର୍ମ କ୍ରିଷ୍ଟିଆର ମୂଳସୂତ୍ର 'ଟାଇଡ୍‌ସ୍ ଅଣ୍ଡ' ମୁଖସ୍ଥ କରୁଛନ୍ତି । ......

\+ + +

ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ—...ଶ୍ରୀଯୁକ୍ତ କାନନ୍‌ଗୋଙ୍କ ହାତରେ ରଘୁନାଥଙ୍କୁ ଅର୍ପଣ କରି ନିଜେ ପକ୍ଷି-ବଂଶୀରେ ବନ ପଦ୍ମୋତ୍ସବ ରିହରସଲ କରୁଛନ୍ତି । ଅସଲ କୃଷ୍ଣଙ୍କ ଅନୁପସ୍ଥିତିରେ ନକଲି ରୂପେ ପ୍ରବେଶ ଦେଉଛନ୍ତି ମାତ୍ର । ଜଣ ମଧ୍ୟରେ ଆସନ୍ତା ନିର୍ବାଚନ ପାଇଁ ମୁଣ୍ଡିବାଟେ ହାତ ବୁଲାଇ ଲୋକ ମାନଙ୍କୁ ନାକ ମଧ୍ୟ ଦେଖାଇ ଦେଉଛନ୍ତି । ସର୍ବ ସମ୍ମତ ମାନଙ୍କରେ ମୁଖବାନ ଅତଏବ ଦୂରେଭୁ ଗୁରୁ ହରେକୃଷ୍ଣଙ୍କୁ ସ୍ମରଣ କରି ଗାଉଛନ୍ତି—

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁ ରୁନ୍ମିଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ

\+ + +

ଶ୍ରୀଯୁକ୍ତ କାନନଗୋ—ସୁଯୋଗରେ ସାଧୁ ମାନଙ୍କ ଉପରେ ସାଧାରଣ ଲୋକ ମାଡ଼ ଚଢାଇଲେ କହି—ଜନତା ଜନାର୍ଦ୍ଦନଙ୍କର ସାଧୁଙ୍କ ଉପରେ ଅଶେଷ କରୁଣା ବୋଲି—ପ୍ରେମ ଗଦ୍ ଗଦ୍‌ରେ ଥରି ଥରି "ହରିମୋତେ ଏ ଭବାର୍ଣ୍ଣବରୁ ଉଦ୍ଧାର କର" ବୋଲି କହି ଅମ୍ଳାନଂ ସତତଂ ଉଚ୍ଚାରଣ ବୀଜ ମନ୍ତ୍ରରେ ରକ୍ଷ କବଚ ବାନ୍ଧି ପୈତୃକ ପ୍ରାଣ ଘେନି କଟକ ଫେରିବା ପରେ କେତେ ପ୍ରକାରର ସରକାରୀ ଦେଖଣା ଦିଆ ଯାଇପାରେ ତାର ହିସାବ ଧୋବା ଖରଚ ଖାତାରେ ଅନ୍ତଃପୁର ପରାମର୍ଶରେ ଲିପିବଦ୍ଧ କରୁଛନ୍ତି ।

\+ + +

ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ର—ବାଲୁକେଶ୍ୱର ଆଚାର୍ଯ୍ୟଙ୍କ ପୁତ୍ର ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟଙ୍କ ଠାରୁ ଆଣିଥିବା ମେଡ଼ିକାଲର ମୁଖ୍ୟ - ମାସିକ କେତେ ହାରରେ ବୃଦ୍ଧି ପାଇ ବାରୁ ମେଡ଼ିକାଲ କଲେଜରେ ଛାତ୍ର ମାନଙ୍କ ବଢ଼ି ଯାଉଛି ଓ ଶିକ୍ଷକ ମାନଙ୍କ ଉପୁର ଉଠୁଛି—ତାର ଏକ ଅଡ଼ିଟ ରିପୋର୍ଟ ନିକଟରେ ତନଖି କରିବାକୁ ଯାଉଛନ୍ତି ।

ଶ୍ରୀଯୁକ୍ତ ରାଜକୃଷ୍ଣ ବୋଷ—ଗୃହ ନିର୍ମାଣ କାର୍ଯ୍ୟରେ ନାନା ବିଶୃଙ୍ଖଳା ହେବାରୁ ପି ଡବଲ୍ୟୁଡି ଗୁଡ଼ ଉଠି ଗଲେ ଲେବର କମ୍‌ପେଲନ୍ ଦୂର ହେବ ବୋଲି ସେଣ ବୋଟ ପରାମର୍ଶ ଅନୁସାରେ କାର୍ଯ୍ୟ କରିବାକୁ ସ୍ଥିର କରୁଛନ୍ତି ।

ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ—ମନ୍ତ୍ରିତ୍ୱ ଓ କାଳିନ୍ଦୀ ପେନ ଦୁଇଟା ଯାକ ବ୍ୟାଧିର ମୂଳ ଏକ କି ନାହିଁ ଜାଣିବା ପାଇଁ ବର୍ତ୍ତମାନ କିଛିଦିନ ଗୃରୁପାଣି ପଦ୍‌ଧାର କରୁଛନ୍ତି ।

ଶ୍ରୀଯୁକ୍ତ ବରହା—ନାକ ଉପରେ ଆଉ ଏକ ନାକ ହେଲେ ଦୁର୍ଗନ୍ଧଟା ବେଶି ବାସିବ କି ପଚାରିବ ଏହା ସର୍ଜନ ମାନେ ଅବିଷ୍କାର ନକଲେ ଯଦି ସେ ବାରମ୍ବାର ନରସିଂ ହୋମ୍ ଯାଇ ବାରମ୍ବାର ଘରକୁ ଫେରୁଥିବେ ।

ଶ୍ରୀଯୁକ୍ତ ନୀଳମଣି ସେନାପତି—ଖାଦ୍ୟ ସଂଯମ ପରୀକ୍ଷା କରୁ କରୁ ବିଧବା ବ୍ରାହ୍ମଣୀ ଭଳି ହୋଇ ଯେତେ ପାଉଣ୍ଡ ଓଜନ ହରାଇ ଛନ୍ତି ତାହାର କ୍ଷତି ପୂରଣ ପାଇଁ ମେଡ଼ିକାଲର ଦୁମ୍‌କାଟ ପ୍ଲାଷ୍ଟିକ ଅପରେସନ ଯୋଗେ ଶରୀର-ସଂଯୁକ୍ତ କରିବା ପାଇଁ ଡାକ୍ତର ଶୈରଙ୍କ ପରାମର୍ଶ ନେଉଛନ୍ତି ।

ଶ୍ରୀଯୁକ୍ତ ବାଃ ହିଃ ମୁଖର୍ଜି—ବିନା ପିଅନ ଚପରାସିରେ ଚଳିବା ପାଇଁ ହସ୍ତ ପଣ କରି ଘରଅଫିସ ଅଚଳ ହେବାର ଦେଖି ନିଜେ ଅଫିସ ଓ ଘରେ ପିଅନ ଗିରି କରି ପାରିଲେ ତାଙ୍କୁ ସମସ୍ତେ ଗାନ୍ଧୀ ସେକ୍ରେଟେରୀ କହିବେ କି ନାହିଁ ବୋଲି ହଲାଣ୍ଡର ଜଣେ ଜ୍ୟୋତିଷ ନିକଟକୁ ଭି.ପି.ରେ ପ୍ରଶ୍ନ ପତ୍ର ପଠାଉଛନ୍ତି ।

ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ— ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷା କେନ୍ଦ୍ର ହେଉଁ ହେଉଁ - ଭିକ୍ଷା କେନ୍ଦ୍ର ହେବାକୁ ଯିବାରୁ ସେ ପୁଣି ଜଗନ୍ନାଥ ଧର୍ମ ପାଷାନେଇ ଶେଷରେ ଭିକ୍ଷା ଆଶ୍ରୟ କରିବେ କି ନାହିଁ ବିଚାର କରୁଛନ୍ତି ।

ଶ୍ରୀଯୁକ୍ତ ରାଧାନାଥ ରଥ—ସମାଜ ବନ୍ଦ ହେଉଥିଲରୁ ମନ୍ତ୍ରୀ ଭବନକୁ ଗୁଣ୍ଡିଚା ଯାତ୍ରା କଲାବେଳେ ସାଧୁ ପୁରୁଷ ସଂସର୍ଗ ଭଳି କୌଣସି ଘଟଣା କ୍ରମେ ବାଟରୁ ବାହୁଡ଼ା ନିଜେ ସାରି ଏବେ ଶ୍ରୀମନ୍ଦିରରେ ବଡ଼ସିଂହାର ବେଶାରେପୂର୍ବ ବଡଭେଗ ବ୍ୟଞ୍ଜନରେ ଅଛନ୍ତି ଏବଂ ଜର୍ନେଲିଷ୍ଟ ମାନଙ୍କୁ ପ୍ରସାଦ ବିତରଣ କରୁଛନ୍ତି ।

ପ୍ରଜାତନ୍ତ୍ର ସଂପାଦକ—କେଉଁ ପତ୍ରପତ୍ରିକା ଛିଦ୍ର ଅନ୍ୱେଷଣ କରୁଛନ୍ତି ତାର ସନ୍ଧାନରେ ରହି ଗୃହଲକ୍ଷ୍ମୀ ପ୍ରାଣ୍ଟେ ହୋଇ ଯିବାରୁ କି କଣ ତାଙ୍କ ପତ୍ରରେ ଜଣେ ବିଶିଷ୍ଟ ମହିଳା ଓ ଜଣେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କୁ ଘେନି ଯେଉଁ ରହସ୍ୟ ହୋଇଥିଲା ବୋଲି ଲୋକେ କହା କହି ହଉଛନ୍ତି ତାହା ମିଛ ବୋଲି ପ୍ରମାଣ କରିବା ପାଇଁ ବଡ଼ ବ୍ୟସ୍ତ ।

ସହକାର ସମ୍ପାଦକ—ବୟସ ବଢ଼ିବା ଅନୁପାତରେ ବାଳ ମଧ୍ୟ କୃଷ୍ଣ ହେଉଥିବାରୁ—ପତ୍ରିକା ସହକାରକୁ ମଧ୍ୟ ସେହି ବାଲ୍ୟାବସ୍ଥାରେ ରଖିବା ଦିଗରେ ଗଭୀର ଚିନ୍ତା କରୁଛନ୍ତି ।

ନବଭାରତ ସମ୍ପାଦକ—ଯେ କୌଣସି କାରଣରୁ ବନ୍ଦ ହୋଇଥାଉ ପଛେ ଏହି ଔଷଧ ସେବନ କଲେ ନିୟମିତ ମାସିକ ବାହାରି ପାରିବାର ବିଜ୍ଞାପନ ପ୍ରତି ଆକୃଷ୍ଟ ହେବାର ଜଣା ପଡ଼ୁଛି । ଏଣିକି ନବ ଭାରତ ନୂତନ ଯୁଗରେ ଦେଖା ଦେବାର ଆଶା ।

ଝଙ୍କାର ସମ୍ପାଦକ—କେବଳ ଗାନ୍ଧୀ ପୂଜାର ଅଧିକ ମାହାତ୍ମ୍ୟ—ନାମୀ ଠାରୁ ନାମର ଅଧିକ ମାହାତ୍ମ୍ୟ-ନିଜେ ରାମ ସେତୁ ବାନ୍ଧି ସାଗର ପାରିହୋଇଥିଲେ କିନ୍ତୁ ରାମ ନାମଧରି ହନୁମାନ ଏକା ଡିଆଁକେ ଲଙ୍କାରେ ପହଞ୍ଚିଥିଲେ—ଏକଥାର ସତ୍ୟତା ସମ୍ପର୍କରେ ପ୍ରାମାଣିକ ନିବନ୍ଧ ଲେଖିବା ପାଇଁ ଓଡ଼ିଶାର ପ୍ରଫେସର ଲେଖକ ମାନଙ୍କୁ ସ୍ୱପ୍ନରେ ଦେଖା ଦେଉଛନ୍ତି ।

କୃଷକ ସମ୍ପାଦକ—ଅର୍ଦ୍ଧ ସାପ୍ତାହିକରୁ ନୈତିକ ପ୍ରକାଶ କରିବା ପୂର୍ବରୁ ପୁଣି ଥରେ ଜନ୍ମ ପ୍ରକାଶଙ୍କୁ ଭେଟି ଦେବା ପାଇଁ ନିମନ୍ତ୍ରଣ କରିବା ଲାଗି ବିଚାର କରୁଛନ୍ତି ।

ଆଶା ସମ୍ପାଦକ—ମଦନା ନନ୍ଦ ମୋଦକ ସେବନ କରୁଛନ୍ତି ।

ନବ ଓଡ଼ିଶା—ପ୍ରସାଦରେ ଧନ୍ୟ ।

ଇଷ୍ଟର୍ଣ୍ଣ ଟାଇମସ୍—ପୂର୍ବପଟେ ସୂର୍ଯ୍ୟାସ୍ତ ଦେଖୁଛନ୍ତି ।



Digitized by srujanika@gmail.com



### ଚଢ଼ତି

ହଠାତ୍ ବଜାରରେ ସବୁ ଜିନିଷର ଦର ଚଢ଼ି ଗଲା । କାରଣ—କୋରିଆରେ ଯୁଦ୍ଧ ଲାଗିଛି । କୋରିଆରେ ଯୁଦ୍ଧ ଲାଗିଛି ବୋଲି କାହିଁ ଆଗ ଡ଼ାଲଚିନି ଗୁଜୁରାଟି ଲବଙ୍ଗର ଦର ବଢ଼ିଲା—ନା—କୋରିଆ ଯୁଦ୍ଧଟା ତ ଭାଇ ଭାଇ ଯୁଦ୍ଧ । ଭାଇ ଭାଇ ଯୁଦ୍ଧରେ କେବଳ ଡ଼ାଲଚିନି ଲବଙ୍ଗ ସବୁ ଗୁଳା ଗୁଳା ହୋଇ ବ୍ୟବହାର କରାଯାଏ । ଜାଣେ ପଚାରିଲା, ଆମ୍ବ ଗୁଡ଼ କରର ଦର କାହିଁକି ବଢ଼ିଲା ? କୋରିଆ ଯୁଦ୍ଧରେ ଅମ୍ବ ଓ ରସଗୋଲା ବୋମା ରୂପରେ ବର୍ଷଣ କରାଯାଏ । ଏବୁ ଯେ ହଜମ କରି ପାରିବ ସେ ଜିତିବ—ଯେ ହଜମ ନକରି ପାରିବ ସେ ହାରିବ ।

### ପଡ଼ତି

କିନ୍ତୁ ହଠାତ୍ ରୁଷିଆ ପୁଣି ନିରାପତ୍ତା ପରିଷଦରେ ଯୋଗ ଦେବାରୁ—ହଂକଂରେ ସୁନା ଦର ଖସିଗଲା—ସିଙ୍ଗାପୁରରେ ଟିଣ ଓ ରବରର ଦର ପଡ଼ିଗଲା—ବମ୍ବେରେ ରୂପା ଦର ପଡ଼ିଗଲା ... ଦର ପଡ଼ିବାର କାରଣ ବୋଧହୁଏ ରୁଷିଆର କଥା ଗୁଡ଼ାକ ସୁନା ରୂପା ଦର ସଙ୍ଗେ ଖସିନ ଓ ରବରର ପରି ପ୍ରସାରଣ-କ୍ଷମ ଥିଲା । ଏବେ ରୁଷିଆର ପଣ ବା କଥାର ଦର ପଡ଼ିଯିବାରୁ ସବୁ ଜିନିଷର ଦର ଆପେ ଆପେ ପଡ଼ିଗଲା ।

### କମିଉନିଷ୍ଟଙ୍କ ଶିଷ୍ଟାଚାର

ଏଣେ ଭାରତର କମିଉନିଷ୍ଟ ମାନେ ଆଉ ଅସଭ୍ୟ ଅଭଦ୍ର ନହୋଇ ଶିଷ୍ଟଭାବରେ ଏକ ରାଜନୈତିକ ଦଳ ରୂପେ ଆସନ୍ତା ନିର୍ବାଚନରେ ଲଢ଼ିବେ ବୋଲି ଠିକ୍ କଲେଣି । କଂଗ୍ରେସର ଅସହଯୋଗ ପରେ କାଉନ୍‌ସିଲ୍ ପ୍ରବେଶ ନୀତିକୁ ସେ ଧରିଛନ୍ତି । କିନ୍ତୁ କଥା ହେଉଛି ଯେଉଁ ଗାଣ୍ଡିବ କଂଗ୍ରେସର ହାତରେ ଥିଲା—ସେ ଗାଣ୍ଡିବ କମିଉନିଷ୍ଟ ମଥାରେ ବି ଧରି ପାରିବେ ନାହିଁ । ଶିବଧନୁ ରାମଚନ୍ଦ୍ର ଭାଙ୍ଗିଥିଲେ କେଉଁ ରାମାଭକ୍ତ କିଏ ଭାଙ୍ଗିବ ?

### ବାଘ ଆମିଷ ଛାଡ଼ିବ

ଭାରତ ଭିତର କୋରିଆକୁ ନିବେଦନ କରୁଛି ଯେ ସେ ଯୁଦ୍ଧ ଆଗରୁ ଯେଉଁଠି ଥିଲେ ସେଠିକି ଫେରି ଯାଆନ୍ତୁ । ଏ କଥା ଶୁଣି ଜଙ୍ଗଲର ଅନେକ ବାଘ ମଧ୍ୟ ଆଉ ଆମିଷ ଭକ୍ଷଣ କରିବେ ନାହିଁ ବୋଲି ପଣ୍ଡିତଜୀଙ୍କୁ ଜଣାଇ ଦେଇଛନ୍ତି ।

### ଗୋଟିଏ ଗାଛ ତୁଳସୀ

ବନମହୋତ୍ସବ ଉପଲକ୍ଷରେ ପଣ୍ଡିତ ନେହରୁ ଗାନ୍ଧୀଜୀଙ୍କ ସମାଧି ଉପରେ ତୁଳସୀ ଗଛଟିଏ ଲଗାଇଛନ୍ତି । ଲଗାଇଲାବେଳେ ପଣ୍ଡିତଜୀ ନିଶ୍ଚୟ ଗାନ୍ଧୀଜୀଙ୍କୁ କହିଥିବେ—ଗାନ୍ଧୀଜୀ ମୋ ସରକାର ଗୋଟିଏ ଗାଛ ତୁଳସୀ । ଗାନ୍ଧୀଜୀ ପଣ୍ଡିତଜୀଙ୍କୁ ସେ ଦିନ ପଚାରିଥିବେ—ନେହରୁ ତୁଳସୀ ବଣର ବାଘକୁ ଦେଖିଛୁ ? ସାବଧାନ ଥିବୁ ।

### ଧଳା ଓ କଳା

କିଏ କଳାକୁ ଧଳା କରେ କିଏ ଧଳାକୁ କଳା ବି କରେ । ବିହାରରେ ଦୁର୍ଭିକ୍ଷ ହେତୁ ଚାରି ପାଞ୍ଚ ମରିଗଲେ ବୋଲି ବିହାର ମନ୍ତ୍ରୀ କହିଲା ପରେ—ଭାରତ ମନ୍ତ୍ରୀ ପୁଣି ସେ କଳାକୁ ଧଳା କରି କହିଛନ୍ତି—ମିଛକଥା । ଯେଉଁ ମାନେ ମରିଥିଲେ ସେମାନେ ସ୍ୱୟଂ ଆସି ସାକ୍ଷ୍ୟ ଦେଇଛନ୍ତି ଯେ ସେମାନଙ୍କର ମୃତ୍ୟୁ ରୋଗରେ ହୋଇଛି—ଭୋକରେ ନୁହେଁ । ଶ୍ରୀଯୁକ୍ତ ମୁନସି ଏଇ ମଲା ଲୋକଙ୍କ ପାଇଁ ଖୁବ୍ ଭୋଜିର ଆୟୋଜନ କରିଥିବେ । ଖାଇବା ଲୋକଙ୍କର ଖାଇବାର ବିଶେଷ ଦରକାର କଣ ?

### —ଶୁଖିଲା କାଠରୁ ବହୁଛି ପାଣି—

ଭୁବନେଶ୍ୱର ରାଜଧାନୀରୁ ଯେ ପାଣି ବହୁଥିଲା ବୋଲି ଆପତ୍ତି ହେଲା—ଓଡ଼ିଆ ସରକାର ନାହିଁ ନାହିଁ କହି ଶେଷରେ ଏକ ଇନକ୍ୱାଏରି କଲେ । ଏବେ ଜଣା ଯାଉଛି ଯେ ଏ କଥାଟା ସତ ବୋଲି କମିଟି ରିପୋର୍ଟ ଦେଲେଣି । ମାନ୍ୟ ସରକାରଙ୍କର ଜଣେ ବଡ଼ କର୍ମଚାରୀ କେମନ୍ତେ କହିଲେ—ଆମର କେତେ ବାହାଦୂରୀ ଦେଖ—ପାଣିସିନା ଗଳୁଛି—ଘିଅ ମହୁ କିନ୍ତୁ ଏ ବାଟେ ଗଳିବ ନାହିଁ । ହଁସ-କୁଦିବା ହେଲେ ଯେ ଦେଶପାଣିରେ ଘିଅ ମହୁ ବହିଯିବ—ଏସବୁ ଆମଙ୍କ ପାଣିରେ ପଡ଼ିଲେ ଆଉ କଣ ଦାମ ଦିଆହେବ ? ସେଥିପାଇଁ ସେକ୍ରେଟେରିଏଟରୁ ଘିଅ ମହୁ ବର୍ଷା ଦେଉରୁ ପ୍ରମାଣିତ (proof) କରାଯାଇଛି ।

### —ଚୋରାକୁ ବାଧା—

ଆମେ ଶୁଣି ଆଶ୍ଚର୍ଯ୍ୟ ହେଲୁ ଯେ ଛୁଟ ପୁଲିସ ପୁଣି ପ୍ରଜାତନ୍ତ୍ର ନାମରେ ମକଦମା କରିଛନ୍ତି । କେହି କେହି କହନ୍ତି ପ୍ରଜାତନ୍ତ୍ରକୁ ଲୋକ ପ୍ରିୟ କରିବା ପାଇଁ ଏଟା ଭିତର ସଳ ସୂତ୍ରରେ ହୋଇଛି । କିନ୍ତୁ ଆମେ ଜାଣୁ ନିକଟରେ ଏକ ମାନହାନି ଅଭିଯୋଗ ହେବ । ପୁଲିସ ବିଭାଗର ମନ୍ତ୍ରୀ ପ୍ରଜାତନ୍ତ୍ର ଅଫିସକୁ ଦଉଡ଼ ଧାପଡ଼ କଲେଣି । ମହାଜେଟ ସେ ପ୍ରଜାତନ୍ତ୍ରକୁ ପୁଣ ଦାନ କରିଛନ୍ତି ।......

ପୁଲିସ ଯଦି ମାନହାନି କରିଥାଏ ତେବେ ଜାଣିବାକୁ ହେବ ଯେ ପୁଲିସ ସବୁ ଫୁଲିସ ହେଲେଣି । ତା ନ ହୋଇଥିଲେ ମଥା ନଥିବା ଲୋକର ମଥା କାଟି କରନ୍ତେ—ମାନ ନଥିଲା ଲୋକର ପୁଣି କି ମାନ ? ତଥାପି ଶିରେ ନାସ୍ତି,—ଶିରେ ପୀଡ଼ା !

### —ଅଣିବାସୁଅ !—

ଓଡ଼ିଶା ମେଡ଼ିକେଲ କଲେଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ହେଲାପରେ ଗୋଟିଏ ନୂଆ କଥା ହେଉଛି । ଶୁଣାଯାଏ ସରକାର ଗୋଟିଏ ଜନ୍ତୁ ନିୟନ୍ତ୍ରଣାଗାର ଖୋଲିବେ ଯେଉଁଠି ମାଉଳୀଙ୍କ ଡାକ୍ତର ବା ନର୍ସ ମାନଙ୍କର ଏ କିମ୍ବା ପ୍ରାଥମିକ ଶିକ୍ଷାର ଆବଶ୍ୟକତା ନଥିବ । ସର୍ବସାଧାରଣଙ୍କ ପାଇଁ ଏହାର ପ୍ରୟୋଜନୀୟତା ଥାଇ ପାରେ । ବିଶେଷତଃ ବର୍ତ୍ତମାନ ସଭ୍ୟତା ଓ ଶିକ୍ଷା ସାଙ୍ଗରେ ଏହା ଯେ ଏକ ଅପରିହାର୍ଯ୍ୟ ଅଙ୍ଗ ଏଥିରେ ସନ୍ଦେହ ନାହିଁ । ଆମେ ଥଟ୍ଟା କଲେ ଲୋକେ କହିବେ—ଲାଙ୍ଗୁଳହୀନ ଶୃଗାଳ ସମସ୍ତଙ୍କୁ ଲାଙ୍ଗୁଳ କାଟିବାକୁ କହେ । ଯିଏ ଯାହା କହୁ ଆମେ କିନ୍ତୁ ଏଥିପାଇଁ ସରକାରଙ୍କୁ ଯଥେଷ୍ଟ ଧନ୍ୟବାଦ ନଦେଉଛୁ—ସହର ତଳ ଯୁବକ ଯୁବତୀଙ୍କୁ ବିଶେଷତଃ ପାଠୁଆ ପାଠୁଆଙ୍କ ଭାଗ୍ୟକୁ ଡହୁଁ ବେଶୀ ବଧାଇ ଦେଉଛୁ । କେତି ଖାଇଲେ ଦାନ୍ତ ଖରାପ ହେବ



Digitized by srujanika@gmail.com

—ସେଥି ପାଇଁ ଯଦି ଜୀବମିନେଟିଭ—ହିଷ୍ଟର ଲବଣ କିମ୍ବା ନକ୍ସ ଭମିକାର ଅବେଷ୍ଟାରଥା ଯୁକ୍ତିଯୁକ୍ତ; ସେମିତି କେଣି ଯୌନ ଧର୍ମରେ ବେଗ ହେତୁ ଔଷଧ ଜନ୍ମ-ନିୟନ୍ତ୍ରଣ ଉପାୟ ଶିକ୍ଷା ଅପ୍ରାସଙ୍ଗିକ ନୁହେଁ। କିନ୍ତୁ ଦୁର୍ଭାଗ୍ୟ ଏହି କେନ୍ଦ୍ରରେ ଯେଉଁ ପିଲା ହେବେ ସେମାନଙ୍କର ବାପ କିଏ ସେ କେଉଁ ରେଜିଷ୍ଟ୍ରି ଭଳି—କେବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ବା ପ୍ରଧାନ ମନ୍ତ୍ରୀ କିମ୍ବା ନୂଆ ସହିବ କିମ୍ବା ସ୍ୱୟଂ ଭଗବାନଙ୍କ ନାମ ଠାଏ ଆସିଲେ ଭଲ। ହାତୀ ବନସ୍ତରେ ଥିଲେ ବି ତ ରଜାଙ୍କର।

—ନାମ ଓ ନାମୀ—

ନାମୀଠାରୁ ନାମ ବଡ଼—ଏକଥା ଓଡ଼ିଶା ସରକାର ଭଲ ଜାଣନ୍ତି। ମହତାବ ସରକାର ଜାଣିଥିଲେ ଅତି ରାମାନୁଜ ବା ହାଁଜୀ ବାଘ ଅବା ଯେମିତି ଚଳନ୍ତା ସେମିତି ଚଳେ ନୀତି ତାହା ନବକୃଷ୍ଣ ମଧ୍ୟ ଜାଣନ୍ତି। ତେଣୁ ଓଡ଼ିଶାର ଜେଉଁ ସ୍କୁଲ କଲେଜକୁ ମନଲଗା ବଡ଼ ଲୋକଙ୍କ ନାମରେ ନାମିତ କରି ଗୋଟାଏ ବଡ଼ ଦାନଶୀଳତା ଦେଖାଇଛନ୍ତି। ତାଠୁଁ ବେଶି ଉଦାର ନୀତି ହେଉଛି ଯେ କେତେକ ଜୀଅନ୍ତା ଲୋକଙ୍କୁ ବି ମଲା ଭିତରେ ଗଣି ବ୍ୟକ୍ତି ଠାରୁ ନାମକୁ ବଡ଼ ଭାବି ଥୁଆ ଯାଉଛି। ଏହି ଦୁର୍ଭାଗ୍ୟବାନ ଭାଗ୍ୟବାନଙ୍କ ଭିତରେ ପ୍ରଥମରେ ସୁଜ୍ଞାଏ ଉଦାହରଣ ଜାଗରେ ବିଚେଳ କପିଛନ୍ତି ଶ୍ରୀମହତାବ ଅଥ ଗୋଟା ଦୁଇଟା ଜାଗ ଠାରେ ଛତ୍ର ପନ୍ନୀ ସୁଭଦ୍ରା ଦେବୀ। ତାଙ୍କ ଅଚ୍ଛଣ୍ଡା ବୃତ୍ତି ଫେଦ—ମାଖାଁ ଗୋଟାଏ ଅଧେ ଲୋକଙ୍କ ଭିତରୁ ଶ୍ରୀମତୀ ରମାଦେବୀଙ୍କ ନାମ ମେହେନ୍ତର ବସ୍ତି ପାଖରେ ଅବ ଶ୍ରୀମତୀ ଶୈଳବାଳା ଦାସ ମିଶ୍ରଙ୍କ ନାମ ବାଳିକା କଲେଜରେ ରହିଛି। ରମାଦେବୀ ମେହେନ୍ତର ହୋଇ ସାଧୁ ହେଲେ ସୁତରାଂ ରମାଦେବୀଙ୍କ ଘରଠାର ନାମ ବରଂ ମେହେନ୍ତର ବା ହରିଜନ ଘର ଦେଇଥିଲେ ହୋଇଥାନ୍ତା। ମେହେନ୍ତରଶ୍ରେଣୀ ମନେ ଏଥର ରମାଦେବୀ ହେବେ ବୋଲି ବୋଧହୁଏ ମେହେନ୍ତର ବସ୍ତି ତାଙ୍କ ନାଁରେ ହୋଇଛି। ଆମର କେବଳ ରମାଦେବୀଙ୍କ ପୁଅ ମନମୋହନଙ୍କ ପାଇଁ ସହାନୁଭୂତି ହେଉଛି ଏଥିପାଇଁ ଯେ ସେ ବୋଉ ବୋଉ ଡାକି ତାଙ୍କ ଜୀବ ଯେ ଥୋଇଯିବ।

ଶୈଳବାଳା କଲେଜ

ଶୈଳବାଳାଙ୍କ ନାମରେ ବାଳିକା କଲେଜ କାହିଁକି ହେଲା—ମାଳତୀ ବା ସରଳା ହୋଇଥିଲେ କଣ ଛାଡ଼ି ଯାଇ ଥାନ୍ତା କି? ବୋଲି ଗୋଟାଏ ଇଂରାଜୀ ପତ୍ରିକା ପ୍ରଶ୍ନ କରିଛନ୍ତି। ତାର ଉତ୍ତର ଆମେ ଏତିକି ଦେବୁ ଯେ ଆଜି କାଲି ବାଳିକା ମାନେ ପାଠ ପଢ଼ି ଶୈଳବାଳାଙ୍କ ପରି ଆଦର୍ଶ ଗୃହିଣୀ ହେବା ପାଇଁ ସରକାର ବିଶେଷତଃ ମହତାବ ପସନ୍ଦ କରନ୍ତି। ସମାଜରେ ଯେତେ ସୁରୁପ ମହତାବ ହେବେ—ସେତେ ପତ୍ନୀ ବା ନହେଲେ ଶୈଳବାଳା ହେଲେ ଅନ୍ତତଃ ଭଗ୍ନାଗୃହ ପୃଥିବୀରୁ କମିଯିବ। କାରଣ ବାପ ମାନେ ସେମିତି ପିତା ନହେବେ, ମା ମାନେ ବି ସେମିତି ମାତା ନହେବେ। ଆମର ବିଶ୍ୱାସ ବାଳିକା କଲେଜର ପ୍ରିନ୍ସିପାଲ ଓ ଗୁରୁ ମାନେ ବାଳିକା ମାନଙ୍କୁ ମିସ୍ ଶୈଳବାଳାଙ୍କ ପରି ମିସ୍ ରହିବା ପାଇଁ ପ୍ରଶୋଦନା ଓ ପ୍ରେରଣା ଦେବେ। ମହତାବଙ୍କ କାଗଜର ନାରୀ ମହଲରେ ସର୍ବପ୍ରଥମେ ଅବାଧ କା ନାରୀତ୍ୱ ପାଇଁ ପ୍ରବୃତ୍ତି ଆରମ୍ଭ ହୋଇଯିବା ଆହୁରି ସୁଖର କଥା।

—ବାନର ସେନା—

ଭାରତରେ ଖାଦ୍ୟାଭାବର ଏକ ପ୍ରଧାନ କାରଣ ହନୁମାନ ବୋଲି ଖାଦ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୁନସି ବାନରସେନା ବିରୁଦ୍ଧରେ ଅଭିଯାନ କରିବା ପାଇଁ ଉପଦେଶ ଦେଇଛନ୍ତି। ଏ କଥା ଶୁଣି ବାନର ମାନେ ଆଗ ସରକାର ଦଖଲ କରିବା ପାଇଁ ଯୋଜନା କରୁଥିବାର ଶୁଣାଯାଏ। ପ୍ରଥମେ ଯାନବାହନ ଦଖଲ କରି ଭାରତର ସୈନ୍ୟ ଚଳାଚଳରେ ବାଧା ଦେବା ପାଇଁ ସେମାନଙ୍କର ଯେଉଁ ଯୋଜନା ହୋଇଛି ତାର ଏକ ପ୍ରାଥମିକ ପ୍ରତ୍ୟକ୍ଷ ପରୀକ୍ଷା ସ୍ୱରୂପ ସମ୍ବଲପୁର ବରଗଡ଼ ରୋଡରେ ହୋଇ ଯାଇଛି। ଶୁଣାଯାଏ ଗୋଟିଏ ହନୁମାନ ମଟର ବସ୍ ଭିତରେ ପଶିଯାଇ ସ୍ୱୟଂ ମଟର ଚଳାଇବାର ଉପକ୍ରମ କରିଥିଲା। ଆମର ମନେହୁଏ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପରିଚାଳନାରେ ଥିବା ମଟର ସର୍ଭିସର ବ୍ୟବସ୍ଥା ଠାରୁ ହନୁମାନ ବ୍ୟବସ୍ଥା ଭଲ ହୋଇଥାନ୍ତା। କାରଣ ହନୁମାନ ଯେ କେବଳ ମନୁଷ୍ୟର ପୂର୍ବ ପୁରୁଷ ତା ନୁହେଁ—ରାମାୟଣର ବୀର ଏମାନେ ପୁଣି ସତ୍ୟାଗ୍ରହ ଯୁଦ୍ଧର ବାନର ସେନା ଓ ଦାଉଦାଉ ଅସ୍ତ୍ର ଯୁଦ୍ଧର ଗରିଲା ହୁଏତ ଏମାନେ ହୋଇଥିବେ।

—ଶ୍ୱଶୁର ଘର—

ବିନା କନ୍ୟା ଓ ଯୌତୁକ ଦାନରେ ଲୋକଙ୍କୁ ଶ୍ୱଶୁର ଘର କିପରି ମିଳୁଛି ତାର ଗୋଟିଏ ଉଦାହରଣ ସୋନପୁର ଠାରେ ଦୃଷ୍ଟିଗୋଚର ହେଲା। କୌଣସି ଭଦ୍ରଲୋକ ରାଜନୈତିକ ଆଲୋଚନା କରିବା ଅପରାଧରେ ୧୨ ଦିନ ଜେଲ ଶ୍ୱଶୁରାଳୟରେ ରହି ଆସିଲେ। ଶୁଣାଯାଏ ସେଠି ସେ ଦ୍ୱାଦଶାହ ସାରି ଆସିଛନ୍ତି।

—ନ'ଶ ନଉ—

ପିଲାଏ ଆଗ ଅଙ୍କ କଷୁଥିଲେ—ନ'ଶ ନଉ—ଶୂନ ନେଇଗଲା ତାମରା ଧାଉ—ଗଲା କେତେ ରହିଲା କେତେ। ଓଡ଼ିଶା ସେକ୍ରେଟେରିଏଟରେ ଏବେ ନୂଆ ଜାତର ଅଙ୍କ ହେବା ବେଳେ ଜଣା ପଡ଼ୁଛି ଏହିଭଳି ଅଙ୍କ ଜମା ଖର୍ଚ୍ଚରେ କଷା ହୋଇ ୧୦୦୦ ରୁ ଏକ ଶୂନ କାଟ ନେଇ ଯାଉଛି। ବର୍ତ୍ତମାନ ସରକାର ଏ ଅଙ୍କକୁ କଷୁଛନ୍ତି—ହଜାରେ ଟଙ୍କା, ଶୂନ ନେଇଗଲେ ନାହିଁ ତ ଶଙ୍କା—ଶୂନର ମୂଲ ନାସ୍ତି—ଏଥିରୁ କିବା ଶାସ୍ତି!

—ଚିନ୍ତା ଶୂନ୍ୟ—

ଆମେରିକା ପରିବ୍ରାଜକ ମାନଙ୍କୁ ସାକ୍ଷାତ୍ ଦେଇ ନେହେରୁ କହିଛନ୍ତି ଯେ ମୋତେ କିଏ ପୁଣି କୋଳକୁ ନିଅନ୍ତା କି—ମୁଁ ଯେ ଆଜି କାଲି ଚିନ୍ତା କରିବାକୁ ବେଳପାଉ ନାହିଁ। ବାସ୍ତବିକ ଅନେକ ସମୟରେ ଜହରଲାଲ ଚିନ୍ତାଶୂନ୍ୟ ବ୍ୟକ୍ତିଭଳି କାମ କରୁଛନ୍ତି ଏକା! ସେ ନିଜେ ଚିନ୍ତା କରୁ ନାହାନ୍ତି; ତାଙ୍କ ପାଇଁ ଅନ୍ୟ କାହାକୁ ଚିନ୍ତା କରିବାକୁ ଦେଉ ନାହାନ୍ତି। ସେ ଜାଣନ୍ତି ଚିନ୍ତା ଚିତା ଦ୍ୱୟୋର୍ମଧ୍ୟେ ଚିନ୍ତା ଏବ ଗରୀୟସୀ।

× + ×

ଗୁଣ୍ଡୁଚି ମୂଷା

କୋରିଆ ଯୁଦ୍ଧରେ ଦକ୍ଷିଣ କୋରିଆର ବର୍ତ୍ତମାନ ସମର୍ଥକ ରୁଷ୍‌ହୀନ ମିଳିତ ଜାତି ଧବଳ ଓ କଳା ପଣ୍ଡାବାବୁ ଅନେକ ଦେଶ ଯୁଦ୍ଧ ଭୂଇଁକି ଧାଇଁଲେଣି। ଭାରତକୁ କହିବାରୁ ସେ କହିଲା—ଆମର ସେପରି ସୈନ୍ୟ ବଳ ନାହିଁ—ଆମେ କେବଳ ଗୁଣ୍ଡୁଚି ମୂଷା ପରି ବାଡ଼ରେ ଚାହିଁ ଝାଡ଼ିଲା ପରି ମେଡ଼ିକେଲ ବା ଡାକ୍ତର ଦଳ ପଠାଇବୁ। ଆମର ଦୁଃଖ ଯେ କୋରିଆ ଯୁଦ୍ଧରେ ଯଦି କେହି ଆହତ ନ ହୁଅନ୍ତି ତେବେ ଏମାନେ ଯେ ମୁଫତ ଫେରି ଆସିବେ। ଅନ୍ତତଃ ଭାରତର ସେବାକୁ ଫଳବତୀ କରିବା ପାଇଁ କୋରିଆ ବାସୀ ଅବଶ୍ୟ ଆହତ ହୁଅନ୍ତୁ। ଆଶାକରୁ ଆମର ଅନୁରୋଧ ସେମାନେ ରଖିବେ।



Digitized by srujanika@gmail.com

# ଅଖିଳ ଭାରତ ସ୍ୱାମୀ ସମିତି ।

ଲେ—ଶ୍ରୀମତୀ ମଦନ ରମା ଦାସ

'କିଛି ମନେ କରିବ ନାହିଁ ତ କହିବି ।'

'କହନ୍ତୁ'। ପାନବଟାଟା ପକେଟରେ ପୂରାଇ ମୁଁ କହିଲି। ଲଳିତା ତାର କଥାର ଲାଳିତ୍ୟ ଆଉ ଟିକିଏ ବଢ଼ାଇ ଦେଇ କହିଲା—'ସନ୍ନୁ ବୋଉର ଯେଉଁ ହାରଟା ଆସିଛି ଦେଖିଛ ନା ? ହାରର ସୌନ୍ଦର୍ଯ୍ୟ ବଢ଼େଇ ଦେଇଛି ତାର ଲକେଟ୍‌ଟା।

ଏତେବେଳକେ ବୁଝିଲି ପାଠିକା ଗୃହିଣୀ ଏ ଦୀର୍ଘ ଭୂମିକାର ଅବତାରଣା କରିଥିଲେ କାହିଁକି। ଖାଲି ଆମ ଘରେ ନୁହେଁ, ସ୍ୱାମୀ ସ୍ତ୍ରୀଙ୍କ ଭିତରେ କେବଳ ନୁହେଁ, ସାଧାରଣତଃ ନିଜର ଓଜର ଅପତ୍ତି ଜଣାଇବାକୁ ହତାର ଅଭିବ୍ୟକ୍ତି ଏପରି ବକ୍ରଗତି ଧରେ ଯେ ଯଦି କେହି ନାକଟାକୁ ଦେଖାଇବାକୁ ଯାଏ ତାକୁ ସିଧା ସଳଖ ନଛୁଇଁ ଆଡ଼ମ୍ବରରେ ମୁଣ୍ଡ ଆର ପାଖରେ ହାତ ବୁଲାଇ ଛୁଇଁବାକୁ ହୁଏ। ତେଣୁ ଗୃହିଣୀଙ୍କର ଏ ଦୀର୍ଘ ଭୂମିକାର ଗନ୍ତ-ପଥ ଯେତେ ବକ୍ର ଓ କୁଟିଳ ହେଲେ ବି ଉଦ୍ଦେଶ୍ୟ ଯେ ସିଧା ସଳଖ ଏଥିରେ କିଛି ଭୁଲ୍ ନାହିଁ।

ସେତିକିରେ ସେ ପୂର୍ଣ୍ଣଚ୍ଛେଦ ଦେବାକୁ ପ୍ରସ୍ତୁତ ନଥିଲେ ଯେ ତାଙ୍କର କଥା ସେତିକିରେ ଶେଷ ହୋଇଯାଆନ୍ତା। ଇଚ୍ଛା ନ ଥିଲେ ବି ବାଧ୍ୟ ହୋଇ ତାଙ୍କ ମୁହଁକୁ ଅନାଇ ରହିଲି।

'ପ୍ରଭୁ ସେ ହାରଟିକୁ ଭାରି ପସନ୍ଦ କରି ନେଇଥିଲେ ତା ସ୍ୱାମୀକୁ ଦେଖାଇବା ପାଇଁ। ବୋଧହୁଏ ବୟନା ଦେଇଥିବେ।'

ଆଉ ଧୈର୍ଯ୍ୟର ସହିତ ଅପେକ୍ଷା ନକରି ବାକ୍ୟଟିକୁ ମୁଁ ପୂରଣ କରିଦେଲି—'ତୁମର ସେଭଳିଆ ଗୋଟାଏ ହାର ଦରକାର। ଏଇ କଥା ତ? କେତେବେଳୁ ମାମଲା ଛାଡ଼ି ସାରନ୍ତାଣି। ଏତେ ସାଉଁଟା ଗୁହାରି କ'ଣ ଦରକାର।' ତରବରରେ ହାତ ଘଡ଼ିକୁ ଅନାଇ କହିଲି 'ସମୟ ହୋଇ ଗଲାଣି। ତୁମେ ସଂଜକୁ ସେ ହାରଟା ଆଣିଥିବ ଦେଖିବା।'

ତଥାପି ସେ ନଛୋଡ଼ବନ୍ଦା। 'ଟିକିଏ ରହନ୍ତୁ'। ଉପାୟାନ୍ତର ନଥିଲା। ବାଧ୍ୟ ହୋଇ ଅପେକ୍ଷା କଲି। ଲଳିତା ଟେବୁଲ ଡ୍ରୟରୁ ଗୋଟିଏ ଛୋଟ ରେଶମର ଡବା ବାହାର କରି ତଥା-କଥିତ ଲକେଟଯୁକ୍ତ ହାରଟି ସେଥିରୁ ବାହାର କଲା। ମୁଁ ମନେ ମନେ ଭଗବାନଙ୍କୁ ଡାକୁଥାଏ କାଳେ ଏଥିରୁ ବାହାର ପାଇବି। ଅଜାଣତରେ ଏତେ ଗୁଡ଼ାଏ ଟଙ୍କା ଶ୍ରାଦ୍ଧ କରିବାକୁ ହେବ। ଏହିପରି ଧୂନା ଯେଉଁ ଦିନ। ମନେ ମନେ ସନ୍ନୁ ବାପାଙ୍କ ପ୍ରତି ମୋର ରାଗ ହେଲା। ବୁଢ଼ା ଦିନେ ପଡ଼ି ହାର କିଣାଇବାକୁ ସଉକ ହେଲା ତାଙ୍କୁ ଏପରି ସଂକ୍ରାମକ କରିବା କଣ ଦରକାର ଥିଲା। ସଙ୍ଗେ ସଙ୍ଗେ ବୁଝିଲି ରୋଗ। ପ୍ରଭୁର ସ୍ୱାମୀର ହୃଦୟ କିଛି ଅପତ୍ତି ନଥାଇ ପାରେ। ମୁଁ ଏ ଯୁଦ୍ଧ ବଜାରରେ (କଳା ବଜାର ନୁହେଁ) ଯାହା ସଞ୍ଚୟ କରି ରଖିଛି, ସେଥିରେ ଯେ ଏପରି ଅନ୍ୟାୟ ହସ୍ତକ୍ଷେପ କରିପାରିବ, ମୁଁ ତାହା ବରଦାସ୍ତ କରି ପାରିବି ନାହିଁ।

ତୁମେ ବନ୍ଧୁ ଅର୍ଜିବାକୁ ଚାହଁ, ସ୍ତ୍ରୀରୁ ଭଲ ପାଇବାକୁ ଇଚ୍ଛା କର, ତାଇ ବନ୍ଧୁଙ୍କୁ ସନ୍ତୁଷ୍ଟ କରିବା ଦରକାର, ସବୁଥିରେ କଣ ପଇସା ପତର ଶ୍ରାଦ୍ଧ ନକଲେ ଚଳିବ ନାହିଁ ? ଉପାୟର ବହୁତ ବାଟ ଅଛି। ସ୍ତ୍ରୀ ତୁମର। ତାକୁ ଗହଣା ପତ୍ର ଦେଇ ସନ୍ତୁଷ୍ଟ କରିବା କି ଦରକାର। ତାଙ୍କର ସ୍ୱାମୀଠାରେ ସେ ଯଦି ବିନା ଅର୍ଥ ବ୍ୟୟରେ କଡ଼ା କ୍ରାନ୍ତି ଅସୁଲ୍ କରି ନେଇପାରେ ତୁମର ଗହଣା, ଶାଢ଼ୀ, ବ୍ଲାଉଜ୍ ଓ ଟଏଲେଟ୍ ଯୋଗାଇବାର ଯଥାର୍ଥତା କେଉଁଠି ?

'ଦେଖିଲ କପଟ ହୋଇଛି'। ଲଳିତା ପଚାରିଲା। 'ବାସ୍ତବରେ ଖୁବ୍ ଭଲ। ତୁମର ପସନ୍ଦ କରିବା ଶକ୍ତିକୁ ମୁଁ ତାରିଫ୍ ନକରି ରହି ପାରୁନାହିଁ। ଏଇଟା ତୁମମାନଙ୍କର ଗୋଟାଏ ଜାତିଗତ ଦୋଷ ବା ଗୁଣ ଯାହା କହି ପାରିବ। ଏ ପସନ୍ଦ କରିବା ଶକ୍ତି ଯେପରି ସଂକ୍ରାମକ ସେହିପରି ମାରାତ୍ମକ ବି। ଖାଇବା ଲୋଭ ପଛାଏ। ନଖାଇବା ଲୋକବି ପଛାଏ। କାହାକୁ ବା ଅଙ୍ଗୁର ଫଳ ଖଟା ଲାଗେ। ତେବେ ମନ ଭିତରେ ଯେଉଁ ଅଦମ୍ୟ ଇପ୍ସା ଜାଗିଉଠେ ତାହା ସମୟରେ ଇର୍ଷାରେ ପରିଣତ ହୁଏ ଯଦି ସଫଳ କାମ ନହୁଏ।'

ଲଳିତା କହିଲା—'ଆମ ଲକେଟ୍‌ରେ ଯେପରି ତୁମର ଗୋଟିଏ ଛୋଟ ଫଟୋ ରହି ପାରିବ।' ଏଇଟି ପ୍ରକାରର କୌଶଳ ଚକ୍ରାନ୍ତ ଅନୁଭବ କଲି। ମୁଁ ତାହାର କହିବାର ଶୈଳୀକୁ ପସନ୍ଦ କଲି। କୌଣସି ମତେ ହାରର ପ୍ରସଙ୍ଗକୁ ଚାପା ପକେଇ ଦେଇ ଅଫିସ୍ ବାହାରି ପାରିଲେ ରକ୍ଷା। କହିଲି 'ହଉ ଦେଖିବା, ଏ ମାସରେ ଟଙ୍କା ପଇସା ଟିକିଏ ଅସୁବିଧା ପଡ଼ିବ ଆରମାସ ଦରମା ପାଇଲା ପରେ ସଙ୍ଗେ ସଙ୍ଗେ।'

ଏଥର କିନ୍ତୁ ଦେଖିଲି ଗୃହିଣୀଙ୍କ ମୁହଁ ଅଭିମାନରେ ଭରି ଯାଇଛି। ମୁହଁଟାକୁ ଫୁଲେଇ ଦେଇ କହିଲା 'ଆଚ୍ଛା, କହିଲ ଯଦି ବରାଦ ଦବା। ଗଡ଼ା ମଜୁରିଟା କିନା ପରେ ଦେବା, ସୁନାତ ନଗଦ କିଣିବାକୁ ହେବ, ଟଙ୍କା କାହିଁ ?'

ମୋ ମୁହଁରୁ ବୋଧହୁଏ ସେ ଏତିକି ଶୁଣିବା ପାଇଁ ଅପେକ୍ଷା କରିଥିଲା ! ସଙ୍ଗେ ସଙ୍ଗେ ମୋ ହାତକୁ ଗୋଟାଏ ଲଫାପା ବଢ଼ାଇ ଦେଲା। ତାଙ୍କର ଅନ୍ତ ପର୍ଯ୍ୟନ୍ତ ଲଫାପାଟାକୁ ଆଉ ଖୋଲିବାକୁ ସାହସ ହେଲା ନାହିଁ। ଏ ପର୍ଯ୍ୟନ୍ତ ଗୋପନରେ ଯାହା ରଖିଥିଲ ତାହା ଯେ ଏପରି ଟଦାରେ ପଡ଼ିବ ବିଶ୍ୱାସ କରିନଥିଲି। ଦେଖିଲି ବିଜୟର ଗୌରବ ତାଙ୍କ ମୁହଁରେ ଗୋଟାଏ ସ୍ମିତ ହାସ୍ୟ ରେଖା ଖେଳାଇ ଦେଇଥିଲା। ବାସ୍ତବିକ ସ୍ୱାମୀ ହେବା କି ଝକମାରି। କେତେ ଚେଷ୍ଟା କଲେ ବି ଅପ୍ରିୟ ସତ୍ୟ 'ନା' ପଦକ ପାଟିରୁ ବାହାର ପାରିଲା ନାହିଁ। ଲଫାଫାଟି ପକେଟରେ ପୂରାଇ ବାହାରିଲି। କହିଲି 'ହଉ, ତୁମର ଯଦି କହୁଛ ହାର ଗଢ଼େଇବା ଦରକାର, ନକରେଇ ଆଉ ଉପାୟ କଣ ?' ଅଫିସ ଉଦ୍ଦେଶରେ ବାହାରି ପଡ଼ିଲି।

ପଛରୁ କାନ ଡେରିଲି, ଟିକିଏ ଶୁଣିବି 'ଧନ୍ୟବାଦ ବାବୁ !' ସବୁ ଏକରକମ ମଜାଟା ବରଫର ଶେଷ ସୋପାନରେ ପହୁଞ୍ଚିଥିଲା। ତେଣୁ ଅଫିସ ଅନୁକୂଳ ସମୟରେ ପଛକୁ ଚାହିଁବାଟା ଯେ କେତେ ଅନ୍ୟାୟ ମୁଁ ହାଡ଼େ ହାଡ଼େ ଅନୁଭବ କଲି। ଟିକିଏ ଜୋରରେ ଯେପରି ସାଇକେଲଟା ଚଳାଇଛି ମନେ ହେଲା ଯେପରି ସେ ଡାକଟା ମୋ ପଛେ ପଛେ ଗୋଡ଼ାଇଛି। ବାଧ୍ୟ ହୋଇ ଓହ୍ଲାଇ ପଛକୁ



Digitized by srujanika@gmail.com

ଅନେଇଲି । ଅବିନାଶ ବିଚରା ଧାଇଁଛି । ସେ ମୋତେ କିଛି କହିବା ପୂର୍ବରୁ ମୁଁ କହିଲି କେତେ ଅଭଦ୍ର ଲୋକଟା ତୁ । ପଛରୁ ଡାକ ପକାଉଛୁ । ସେ କହିଲା ଭାଇ ଭୁଲ ହୋଇଛି, ମାଫ୍ କରିବୁ । ମୁଁ କହିଲି ମୋର ଆଉ ବେଳ ନାହିଁ । ତୋର କଣ କହିବାର ଅଛି ଜଲଦି କହି ।

"ଭାଇ ଅଫିସରେ ପହଞ୍ଚିବାକୁ ଟିକିଏ ଡେରି ହେବ । ଯଦି ସୁପର-ଟେଣ୍ଡେଣ୍ଟ ପଚାରନ୍ତି କହିଦେବୁ" ।

"କାହିଁକି ତୋର କଣ ହୋଇଛି କି ?"

"ହେବ ଆଉ କଣ । ଗୃହିଣୀ ବର୍ତ୍ତମାନ ମାତୃମଙ୍ଗଳ କେନ୍ଦ୍ରରେ । ଭାଇ ପ୍ରସୂତୀ ହେବାର ସୌଭାଗ୍ୟ ମୋର ହୁଅନ୍ତା କି ! ଜୀବନରେ ଯାହା ଖାଇ ନାହିଁ ଯୋଗାଇବାକୁ ପଡୁଛି, ହେଇ ଦେଖୁନୁ !" ତା ହାତରେ ଥିବା ଫଳ ଡାଲିଟା ସେ ମୋତେ ଦେଖାଇଲା । ବେଦାନା, ସେଓ, ଅଙ୍ଗୁର ଓ ନାସ୍ପାତି ଇତ୍ୟାଦି ଫଳରେ ଭର୍ତ୍ତି ହୋଇଛି । "ଆଉ କେତେ ଦିନ ତାଙ୍କର ଏହି ରୋଗ ଅଛି କେଜାଣି ! ପନ୍ଦର ଦିନତ ଗଲାଣି । ଏହା ଭିତରେ ଯେଉଁ 'ନିଖିଳ ଭାରତ ପତ୍ନୀ ସଂଘ' ଗଢ଼ା ଯାଇଛି, ତାର ସଭ୍ୟ ଶ୍ରେଣୀ ପଠାଇ ଦେଇ, ରେଜୋଲ୍ୟୁସନର ଏକ କପି ମୋ ଉପରେ ସର୍ଭ କରି ଦେଇ ସାରିଲେଣି । କ'ଣ କରିବି କିଛି ବୁଦ୍ଧି ଦିଶୁ ନାହିଁ ।" ଅବିନାଶ ଏତିକି କହି ଚାଲିଗଲା ।

ମୁଁ ଭାବି ଭାବି ଚାଲିଲି—ସତେତ ଏ ଯୁଗଟା କୁଆଡ଼େ ଗତି କରୁଛି ? ଆଜି ଅବିନାଶର ସ୍ତ୍ରୀ ନୋଟିସ୍ ଦେଲାଣି । କାଲି ମୋ ସ୍ତ୍ରୀ ଦେବ । ଏମାନଙ୍କର ଏ ଅବାନ୍ତର ପ୍ରସ୍ତାବ ବିନା ମୁଣ୍ଡ-ପାତି ଗ୍ରହଣ କରିବାକୁ ହେବ । ଏହାର ସକ୍ରିୟ ପ୍ରତିରୋଧ ଦରକାର । କିନ୍ତୁ କିପରି ? ପରସ୍ପର ସହଯୋଗ ବିନା ଏହା ଯେ ଅସମ୍ଭବ । ଏଥି-ପାଇଁ ଆମ୍ଭମାନଙ୍କୁ ସଙ୍ଘବଦ୍ଧ ହେବାକୁ ପଡ଼ିବ । ପ୍ରଥମେ ନିୟମାବଳୀ ପ୍ରସ୍ତୁତ କରି ସଭ୍ୟ ସଂଗ୍ରହ କରିବାକୁ ହେବ । ନିର୍ଦ୍ଦିଷ୍ଟ ଯୋଜନା କରିବାକୁ ପଡ଼ିବ । ପ୍ରତ୍ୟେକ ପୀଡ଼ିତ, ଲାଞ୍ଛିତ, ଅବହେଳିତ ଅନୁଗୃହୀତ ସ୍ୱାମୀ ମାନଙ୍କୁ ସମବେତ ହୋଇ ଏହି ସ୍ୱାମୀ ସଂଘର ପତାକା ତଳେ ଏକଜୁଟ୍ ହେବାପାଇଁ ଆବେଦନ କରାଯିବ । ନିୟମରୁ ଟିକିଏ କୋହଳ କରି-ଦେଲେ ଅଧିକ ସଂଖ୍ୟକ ସଭ୍ୟ ସଂଗ୍ରହ କରା-ଯାଇ ପାରିବ । ଭିନ୍ନ ସ୍ୱାମୀମାନେ ଇଚ୍ଛା କଲେ ଏହି ସଂଘର ସଭ୍ୟ ହୋଇ ପାରନ୍ତି । ସେମାନେ ନିଜ ନିଜର ନବ ପରିଣିତା ପତ୍ନୀ ମାନଙ୍କ ପାଲରେ ପଡ଼ି ଯିବାର ଭୟ ଅଛି । ତେଣୁ ତାଙ୍କୁ ଅଫିସ୍ ବେଅରର କରାଯିବ ନାହିଁ ।

ସେଦିନ ଅଫିସରେ ଡେରିରେ ପହଞ୍ଚିଲି । ଆଟେଣ୍ଡେନସ୍ ରେଜିଷ୍ଟରରେ କ୍ରସ୍ ପଡ଼ି ସାରିଥିଲା । ମନଟା ଆହୁରି ତିକ୍ତ ହୋଇ ଉଠିଲା । ଲଳିତା ଉପରେ ମୋର ରାଗର ମାତ୍ରା ବଢ଼ି ଯାଇଥିଲା । ସେ ମୋ ପାସ୍ ବୁକ୍ ସନ୍ଧାନ ପାଇଲେ କେଉଁଠୁ ? ମୁଁ ତାକୁ ଆଜି ପର୍ଯ୍ୟନ୍ତ ଲୁଚାଇ ଯାହା କିଛି ସାମାନ୍ୟ ସଞ୍ଚୟ କରି ରଖିଛି ତାକୁ ତାର ଲକେଟ୍ ଦିଆ ହାରରେ ଖର୍ଚ୍ଚ କରିବାକୁ ମୋର ମୋଟେ ଇଚ୍ଛା ନଥିଲା । ପୁରୁଣା ଲଫାପା ଭିତରେ ପାସ୍‌ବୁକ୍‌ଟିକୁ ଭଲକରି ଦେଖିନେଲି । କାମ କରିବାକୁ ମନ ଲାଗିଲା ନାହିଁ ।

ମୋ ପାଖ ସିଟ୍‌ରେ ବସିଥିଲା ପ୍ରଶାନ୍ତ । ଅଫିସର ମିଆଁ ଦପ୍ତରୀ ଉପରେ ସେ କେଉଁ ଛୋଟ କାରଣ ନେଇ ଚଟି ଉଠିଲା । ଦପ୍ତରୀ ବି ବେଶ୍ ଦୁଇପଦ ଶୁଣାଇ ଦେଲା । ସେ ବା ଡରିବ କାହିଁକି ? ଆଜିକାଲି ସରକାରଙ୍କର ଯେଉଁ ଦରମା । ତା ଅପେକ୍ଷା ଛକ ଉପରେ ପାନ ବାଲା ଓ ରିକ୍‌ସା ବାଲା ଢେର୍ ବେଶି ପାଉଛନ୍ତି । ଦପ୍ତରୀ କହିଲା, 'ତୁମର ଘରୋଇ କାମ ତାମିଲ୍ କରିବା ପାଇଁ ସର୍କାର ଆମକୁ ରଖି ନାହାନ୍ତି । ତୁମର ଚା ଖାଇବାକୁ ଇଚ୍ଛାହେଲା, ପାନ କିଣିବାକୁ ଇଚ୍ଛା ହେଲା, ନିଜେ କର ।' ଆମେ ସମସ୍ତେ କଲମ ଛାଡ଼ି ଅନେଇଥିଲୁ ଦପ୍ତରୀକୁ । ଦୁଇ ତିନି ବର୍ଷ ଆଗରୁ ବ୍ରିଟିଶ୍ ସରକାର ଅମଳରେ ଯେଉଁ ଦପ୍ତରୀର କାନ ମୋଡ଼ିଲେ ବଚନ ବାହାରେ ନାହିଁ ସେ ଆଜି ଯେଉଁ ଜବାବ୍ ଦେଲା ଦେଖିଲେ କେହି ବିଶ୍ୱାସ କରିବ ନାହିଁ ଯେ ସେ ସେହି କାଳର ଦପ୍ତରୀ । ଦପ୍ତରୀ ପ୍ରଶାନ୍ତ ଟେବୁଲ୍ ଉପରେ ଖଣ୍ଡେ କାଗଜ ବାହାର କରି ଫୋପାଡ଼ି ଦେଲା— ତଳିଆ କର୍ମଚାରୀ ସଂଘର ପ୍ରସ୍ତାବ ସବୁ । ସେକ୍ରେଟେରିଏଟ୍‌ରେ କେଉଁ ବାବୁ କେଉଁ ଚପରାସିକୁ ଖରାପ ବ୍ୟବହାର କରି ଥିବାରୁ କ୍ଷମା ପ୍ରାର୍ଥନା ମାଗିଥିଲା । ଏମିତି କେତେକଥା ।

ମୁଁ ଭାବୁଥିଲି ସତେତ, ଜଣକର ଯାହା ଶକ୍ତି ନାହିଁ, ପାଞ୍ଚଜଣ ଏକଜୁଟ୍ ହେଲେ ନିଶ୍ଚୟ କରି ପାରିବେ । ସାରା ସହର ଯାକ କେତେସଂଘ ମୁଣ୍ଡ ଟେକିଛି । ସଂଘବଦ୍ଧ ନ ହେଲେ ଏ ଦୁନିଆରେ କିଛି କରିହେବ ନାହିଁ । ପରର ଅତ୍ୟାଚାର ମୁଣ୍ଡ ପାତି ସହିବାକୁ ହେଉଥିବ । ନିଜେ ଖଟି ଖଟି ମରିବ । ଅଥଚ ଘରେ ପତ୍ନୀମାନଙ୍କ ଫର୍ମାଶ୍ ଯେ ଗାର ଯୋଗାଉ ନିଜ ଦଫା ଶେଷ ।

ପ୍ରଶାନ୍ତ କହିଲା—'ପଟ୍ଟନାୟକ ବାବୁ, ଆଜି ବଡ଼ ଦୁର୍ଯୋଗ ଚାକର ପିଲାଟି ପଳେଇଛି । ତାକୁ ଯାଇ ପଡ଼ଶାରେ ଶିଖେଇ ସମସ୍ତେ ନେଇଗଲେ । ଘରର ବାରପଣ କାମ କରିବାର ଘରଣୀ ମୋ ଉପରେ ତଥାପି ବିରକ୍ତ । ଅଧିକ କ'ଣ କହିଥାନ୍ତି । ପାଣି ଦେଲି, ଦୁଆର ଘର ଓଳେଇଲି । ଝିଅଙ୍କୁ ଗାଧୋଇ ଦେଲି । ମସଲା ବାଟି ଦେଲି । ପରିବା କାଟି ଦେଲି । କେଉଁ ଯୋଗରେ ପାଠୋଇ ଝିଅ ବାହାହୋଇ ଥିଲା କେଜାଣି ଅଫିସ୍ ଆସିଲି ବେଳକୁ ମୁଠାଏ ଖାଇବାକୁ ମିଳିଲା ନାହିଁ । ଟିକିଏ ରାଗିବାର ବି ଜୁ ନାହିଁ । ଏତେ କାମ କଲି ବୋଲି କହିଲେ ଉତ୍ତର ମିଳିଲା, ସେ ଗୁଡ଼ିକ ଆମର ମୌଳିକ କର୍ତ୍ତବ୍ୟ । ମୌଳିକ କହିବା ଯୌଗିକ ଏହି କେଉଁ କର୍ତ୍ତବ୍ୟଟା ଆମର ନୁହେଁ ତାହା ହେଲେ ? ଅଫିସରୁ ଆସିଲା ବେଳେ ଧରାଇ ଦେଲେ ଖଣ୍ଡେ ନୋଟିସ୍ । ପତ୍ନୀ ସଂଘର ପ୍ରସ୍ତାବ ସବୁ । ମନଟା ଭଲ ନଥିଲା । କ'ଣ ପଦେ ଦପ୍ତରୀକୁ କହିଛି କି ନାହିଁ ସେ ଗୁରୁପଦ ଶୁଣାଇ ଦେଲା । ଭାଗ୍ୟ ସେ, କାହାକୁ କହିବ ! ସମସ୍ତେ ନିଜ ନିଜ ସଂଘ ଗଢ଼ି ନିଜକୁ ମଜଭୁତ କଲେଣି । ଆମର କିଛି ନାହିଁ ।

ଏତେବେଳେ ଜଣେ ସହଯୋଗୀ ପାଇଲି । ମୋ ମନ କଥା କହିବି ବୋଲି ଭାବୁଛି, ରମାନାଥ ଆସି କହିଲା—'ପଟ୍ଟନାୟକ ବାବୁ, କିଛି ଟଙ୍କା ଧାର ଦିଅନ୍ତ ନାହିଁ ? ଆମ ଷ୍ଟାଫ୍ ଭିତରେ ରମାନାଥ ଖୁବ୍ ଭଲ ପିଲା । ମୁଁ ତାକୁ ନିଜ ସାନ ଭାଇ ହିସାବରେ ମୂଳରୁ ଦେଖି ଆସିଛି । ପଚାରିଲି, 'ଏ ଅସମୟରେ ଏମିତି କ'ଣ ଦରକାର ପଡ଼ିଲା ଟଙ୍କାର ?' ମୁଣ୍ଡ ପଛଆଡ଼ର ବାଳ ଲୁଣ୍ଡାଉ ଲୁଣ୍ଡାଉ ସେ କହିଲା "ଆଜି ନିହାତି ଜର୍ଜେଟ୍



Digitized by srujanika@gmail.com

ଶାଢ଼ୀ ଖଣ୍ଡେ ନେବା ଦରକାର । ଆମ ପଡ଼ୋଶୀ ଘରର ଝିଅ ରମ୍ଭାକୁ ତା ଓକିଲ ବାପା ଯେପରି ଆଣି ଦେଇଛନ୍ତି ସେହିପରି ନହେଲେ ମାନ ଭଞ୍ଜନ ହେବ ନାହିଁ ।" ତା ପରେ ମୋ କାନ ପାଖରେ ମୁହଁ ଲଗାଇ ଦେଇ କହିଲା "ମୁଁ ଯେମିତି ଅଳ୍ପ ନାଇଁ ଭରିଛୁ ଆଉ ପାଲି ଦେଉଛି କିଏ ? ଖିଆ ନାହିଁ । ପିଆ ନାହିଁ । ନୀରବ ଧର୍ମଘଟ । ବାଧ ହୋଇ କାଲେ ରୋଷେଇ କରି ଗଣ ଜାନୁମ ଦେଇ ଗଣ୍ଡାଏ ଖୁଆଇ କରି ଆସିଛି । ବିନା ସର୍ତ୍ତରେ ବି ଆତ୍ମ ସମର୍ପଣ ନୁହେଁ; ଅଫିସ ଫେରନ୍ତା ଯେ କୌଣସି ମତେ ନେବାକୁ ହେବ । କହିଲି ଭଲ ମୋର ଉପାୟ କ'ଣ ଅଛି । ସ୍ୱାମୀତ୍ୱ ହୋଇଛି ।'

ଅବିନାଶ ଭୁଆଁଉ ଆସି ପହଞ୍ଚିଲା । କହିଲା—"ଯେତେ କହିଲେ ଭଗବାନ— ତୋପ ନ ହେଲା ତୋ'ର ଚାଲ । ଭାଇ ମୁଁ ଦଉଡ଼ ଦଉଡ଼ ଥୋବରୁ । ତେବେବି ଘରଣୀଙ୍କର ମନ ସନ୍ତୁଷ୍ଟ ନ ହେଲା । ହୁକୁମ୍ ହୋଇଛି ଦିନା କେତେ ଛୁଟି ନେଇ ମାତୃମଙ୍ଗଳ ଡାକ୍ତର ଖାନାର ସାମନା ବେଞ୍ଚ ଉପରେ ବସି ଉହବକୁ ହେବ । ତାହାହେଲେ ତାଙ୍କର ଯେତେବେଳେ ଯାହା ଇଚ୍ଛା ହେବ ଫର୍ମାସ ଦେଇ ପାରିବେ ।'

ଦେଖିଲି ହେଡ କ୍ଲର୍କଙ୍କ ମୁହଁ ବି ଶୁଖିଲା ଶୁଖିଲା ଦିଶୁଛି । ପଚାରିଲି "ସାର କ'ଣ ଦେହ ଭଲ ନାହିଁ କି ?" ସେ କହିଲେ, "ନାହିଁ ମ, ଆଜି ଘରେ ଟିକିଏ ବଚସା ହୋଇ ଗଲା । ବୁଢ଼ୀ ବୟସରେ ବି ଘରଣୀ କ'ଣ ଗୋଟାଏ ସଙ୍ଘର ମେମ୍ବର ହୋଇ ସ୍ତ୍ରୀ ସ୍ୱାଧୀନତା ଗୃହାନ୍ତି । ମୋତେ କହୁଛନ୍ତି ତୁମେ ତୁମର ପିଲା ପିଲି ସମ୍ଭାଳ ।"

ଗୁରୁଅନ୍ତେ ସେହି ସଙ୍ଘର ସଂକ୍ରାମକ ହାଓ୍ୱା ଅଫିସ ବହୁତେ ସମସ୍ତଙ୍କୁ ଆକ୍ରାନ୍ତ କରିଛି । ନାରଣ ସ୍ତ୍ରୀ ଦେଇ ଚାଲି ଯାଉ ଥିଲା । ତାଙ୍କୁ ପଚାରିଲି 'ହାର କେଉଁ ଯାଏ ଗଲା ।' ସେ କହିଲା 'ତୁମେ ସେ ରୋଗରୁ ରକ୍ଷା ପାଇନା ତାହାହେଲେ ? କ'ଣ କରିବ ଭାଇ, ଘରଣୀଙ୍କର ଏକା ଜିଦ୍ । ବଣିଆ ପେଷିବା ଛଡା ଆଉ କ'ଣ ଲଭ ।' ପ୍ରଭାର ସ୍ୱାମୀ ନାରଣ । ମୋର ସେ ବେଶି ପରିଚିତ ପ୍ରଭା ଓ ଲଳିତାର ବନ୍ଧୁତ୍ୱ ନେଇ ।

ସବୁ ସମ୍ମତି କ୍ରମେ ସ୍ଥିର ହେଲା ଅଖିଳ ଭାରତ ସ୍ୱାମୀ ସମିତିର ପ୍ରଥମ ଅଧିବେଶନ ହେବ ଟାଉନ୍ ହଲରେ । ଗୌରାଙ୍ଗଙ୍କର ପାର୍କଠାରୁ ଶୋଭା ଯାତ୍ରା ବାହାରିବ । ଅସଲ କଥା ହେଲା ସଭାପତି ହେବ କିଏ ?

ପ୍ରସ୍ତାବ ହେଲା "ଡଗର ସମ୍ପାଦକ"

"ସ୍ୱାମୀ ହେବାର ସୌଭାଗ୍ୟ ତାଙ୍କର ହୋଇ ନାହିଁ ।"

"କୁଙ୍କୁମ ସଂପାଦକ"

"ବିବାହିତ କି ଅବିବାହିତ ଜଣା ନାହିଁ ।"

"ପ୍ରଜାତନ୍ତ୍ରର ସମ୍ପାଦକ"

"ତାଙ୍କ ପତ୍ରିକାରେ ନାରୀ ମହଲ ଅଛି ।"

"ଅଗ୍ରଦୂତ ସଂପାଦକ ?"

କଥାଟା ସମସ୍ତଙ୍କ ମନକୁ ପାଇଲା । ଦୁନିଆର ଯେତେ ସଙ୍ଘ ସୃଷ୍ଟି ତା ତାଙ୍କର ସଭାପତିତ୍ୱ ବିନା ତିଷ୍ଠି ପାରିବ ନାହିଁ । ଏଇ ଧର ଉତ୍କଳ କର୍ମଚାରୀ ସଙ୍ଘ, ନିଖିଳ ଉତ୍କଳ ଛାପାଖାନା କର୍ମଚାରୀ ସଙ୍ଘ, ଶିକ୍ଷକ ସଙ୍ଘ ଡାକ ବିଭାଗ କର୍ମଚାରୀ ସଙ୍ଘ । ତାଙ୍କର ଓଜସ୍ୱିନୀ ଭାଷାରେ ପ୍ରତ୍ୟେକ ସଂଘର ଦାବି ଗୁଡ଼ାକ ଏପରି ଭାବରେ ବଖାଣି ପାରନ୍ତି ଯେ ତାହା ଅପରିହାର୍ଯ୍ୟ ଭାବରେ ଅପର ପକ୍ଷକୁ ଗ୍ରହଣ କରିବାକୁ ହୁଏ ।

ବହୁତ ଜାକ୍ ଜମକ୍‌ରେ ସଭା ଆରମ୍ଭ ହେଲା । ସ୍ୱାମୀ, ଅସ୍ୱାମୀ, ଭାବୀ ସ୍ୱାମୀ, ପଣ୍ଡିତ ସ୍ୱାମୀ, ଲାଞ୍ଛିତ ସ୍ୱାମୀ, ପ୍ରେମିକ ସ୍ୱାମୀ, ବିଟପୀ ସ୍ୱାମୀ, ଅନୁଗୃହୀତ ସ୍ୱାମୀ, ଭୂସ୍ୱାମୀ—ଗୋସ୍ୱାମୀ —ଯେତେ ରକମ ସ୍ୱାମୀର ସ୍ପେସିମେନ୍ ଅଛି ସମସ୍ତେ ସଭା ଗୃହରେ ଉପସ୍ଥିତ ଥିଲେ । ସଭାପତିଙ୍କ ଅଭିଭାଷଣ ଓ କରତାଳି ମଧ୍ୟରେ ସଭା ସାଙ୍ଗ ହେଲା । ଲେଖୋକର ପ୍ରସ୍ତାବ ଗୁଡ଼ିକ ଆମେ ଏକ କପି ପକେଟରେ ପୁରାଇ ଚାଲିଲି ଘର ଅଭିମୁଖରେ ।

ଘର ଦୁଆର ମୁହଁରେ ପହଞ୍ଚିଛି କି ନାହିଁ ଲଳିତା ପଚାରିଲା 'ହାରକଥା କ'ଣ ହେଲା ?' କିଛି ନକହି ଲେଖୋକରା କାଗଜଟି ତା ହାତକୁ ବଢ଼ାଇ ଦେଲି । ପ୍ରସ୍ତାବର ସାରମର୍ମ ହେଉଛି କୌଣସି ମତେ ପତ୍ନୀମାନଙ୍କ ଆନୁଗତ୍ୟ ସ୍ୱୀକାର କରିବାକୁ ହେବ ନାହିଁ । ଲଳିତା ପାଇଁ ଆଉ ଅପେକ୍ଷା ନରଖି ସୁଝାଇଲୁ ହତ ଆଣିବାକୁ କହିଲି । ତରବରରେ ଦୁଇଟି ଖାଇ ଶୋଇ ପଡ଼ିଲି । ତହିଁ ଆରଦିନ ଦୁହିଁଙ୍କର କଥାବାର୍ତ୍ତା ବନ୍ଦ ।

ପ୍ରତି ଦିନର ସମ୍ବାଦ ସଂଗ୍ରହ କରେଁ । ତୃତୀୟ ଦିନର ପ୍ରତ୍ୟେକ ସଂଗ୍ରାମରେ ରମାନାଥ ଟଳି ପଡ଼ିଲା । ବିଚରା ଆଉ କେତେ ଦିନ ଉପରେ ଦମ୍ଭି ପାରନ୍ତା । ତାର ଅନୁରୋଧ ଏଡ଼ାଇ ନପାରି ତାକୁ ଟଙ୍କା ଦେଲି । ଚତୁର୍ଥ ଦିନ ପ୍ରଶାନ୍ତ କହିଲା 'ଭାଇ ଆଉ ପାରିବି ନାହିଁ । ଦିନକାଳ ହେଲା ଘର ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ପ୍ଲେଟ କପ୍ ଭଙ୍ଗାରେ ଆଉଟି ପାଉଟି ହୋଇ ଯାଉଛି ।' ସେ ଦିନ ସେ ଆତ୍ମ ସମର୍ପଣ କଲା ।

ନାରଣ ହାତ ଗଡ଼ାଇ ସାରିଥିଲା । ଖାଲି ଆମ କଥା ରଖିବା ପାଇଁ ସେ ଆମ ଦଳରେ ଯୋଗ ଦେଇଥିଲେ ବି ଅପର ପକ୍ଷର ପକ୍ଷପାତୀ କାମ କରୁଥିଲା ।

ଛଦିନ ହେଲା ଅବିନାଶ ଛୁଟିରେ । ସେ ଦିନ ଅଫିସକୁ ଆସିଲା ବେଳେ ଦେଖିଲି, ମାତୃମଙ୍ଗଳ ଡାକ୍ତରଖାନା ସାମନା ବେଞ୍ଚ ଉପରେ ବସିଛି । ମୋର ଆଉ ପୁଛିବାକୁ ବାକି ରହିଲା ନାହିଁ । ହେଡ଼ କ୍ଲର୍କ କହିଲେ "ଆମେ ବୁଢ଼ା ବୁଢ଼ୀ ଲୋକ । ଆମର ଆଉ କେତେ ଦିନ ? ସାଲିସ ହୋଇଗଲା ସଙ୍ଗେ ସଙ୍ଗେ । ଆମେ ଦୁହେଁ ଦୁହିଙ୍କ ସଂଘ ଇସ୍ତଫା ଦେବୁ ବୋଲି ଠିକ କରି ସାରିଛୁ ।"

ମୁଁ କିନ୍ତୁ ଅଟଳ ଥାଏ । ଦେଖା ଯାଉ କେତେଦୂର ଯାଉଛି । ସେଦିନ ଲଳିତା ନାମରେ ଖଣ୍ଡେ ଚିଠି ପୋଷ୍ଟମ୍ୟାନ୍ ଦେଇଗଲା । ପର ଚିଠି ପଢ଼ିବା ଗର୍ହିତ । ତଥାପି ଖୋଲି ପଢ଼ିଲି । ତା ବାପା ବାରିପଦାରୁ ଲେଖିଛନ୍ତି । ଗରଜ୍ ଓରଫ ମୋର ଶଳା ତିନି ଦିନ ପରେ ଆସି ଲଳିତାକୁ ନେଇଯିବ । ବାସ୍ତବିକ ଷଡ଼ଯନ୍ତ୍ର । ଭୀଷଣ ଷଡ଼ଯନ୍ତ୍ର । ଚିଠିଟି ଖନ୍ଦକରି ଲଳିତାକୁ ଦେଇ ଦେବା ପାଇଁ ପୁଝାରୀକୁ କହିଲି ।

ମନଟା ମୋର ଟୋକେଇ ଘାଣ୍ଟି ହେଉଥାଏ; ବିବାହିତ ଜୀବନରେ ଯେତେ ମନ ମାଳିନ୍ୟ ହେଲେ ବି ମୁଁ ଲଳିତାକୁ ଦଣ୍ଡେ ଛାଡ଼ି ରହି ନାହିଁ । ଆମ ମନ ମଥିଆ ଘୁଞ୍ଚାଇବା

(ଅବଶିଷ୍ଟାଂଶ ୮ ପୃଷ୍ଠା ଶେଷ ଦେଖନ୍ତୁ)



Digitized by srujanika@gmail.com

# ଡାଆଁଣୀ କଳା

ଲେ — ବିନୋଦ ବିଭୂତି ବସୁ

ସେଠା ନାମ ଡାଆଁଣୀ । ଲୁହା ଲଗେଇ ରକ୍ତ ପିଏ । ରାତିରେ ଯେତେବେଳେ ଶୋଇ ଥାଏ, କେତେ କେତେ ଅସାର ସ୍ୱପ୍ନ ଦେଖେ; ଆଉ ହୁଏତ ସେଇ ସ୍ୱପ୍ନ ବାସନାରେ ଉଠି ଚାଲି ଯାଏ । ଅଦ୍‌ଭୁତ ଲମ୍ବା ହୋଇ ଗୁଡ଼ୁଆ ଶୁଣ୍ଢ ଭଳି ଗୋଡ଼ଦୁଇଟାକୁ ଉପର ମୁହାଁ କରି, ବାଳ ପିଟିକି ମୁକୁଳା କରି, ହାତଭରି ଦେଇ ବାହାରିଲେ ସାଡ଼୍ ସାଡ଼୍ କରି ସଞ୍ଜ ପହରର କଣା ଗୁହ ଗୁହ ପେଟ ଭିତରେ ଚରେ । ଏଇ ସମୟରେ ଯିଏ ତା ହାତୁଡ଼ିକୁ ଆସିବ — ଯିଏ ସେଇଠରେ ବେକ ମୋଡ଼ି ପଡ଼ିବ । ନାହିଁ ତ ଘରକୁ ଫେରି ତାଉ ପାଣି ଭଳି ବିନୋଟି ଧାଡ଼ାରେ ...ଜ୍ ! କେତେ ଥର ଫେଣା ଫେଣା ବରି ଫେଣ ଭଳି ସଜ ଲୁହ ତାର ବାଳରେ ନେସି ହୋଇ ଯାଇଥାଏ, କାଚ ଖଡ଼ୁରେ ଲାଗି ଥାଏ, ଦାନ୍ତ ସିରେଇ ଚକଚକିଆ ହୋଇ ଲାଗି ରହିଥାଏ—ସେ ମଣ୍ଟା ଜହ୍ନ ଆଡ଼େ ଅନାଇ ଫେରି ଆସେ । ଚଇତ ମେଳଣ ଫେରନ୍ତି ଧାଁଧୁଆ ନାହକ ତା ନୁଗାରେ ବାଡ଼ଗୁଳି ମାରିଥେଲା । ମୁଣ୍ଡମୁଣ୍ଡିକିଆ ମଲଙ୍ଗ, କାଉଁରୀ କନିଆଁ ହଉ, ତମ୍ପା ତେଲ ଦିଆ ବାଙ୍କୁଲି-ସିନ୍ଦୁର-ସୁରା ଲମ୍ବା ଅଖା ମୁଣ୍ଡା ପାଇଁ ତାର ହାରି ଡର ସାଧୁଆକୁ । ଯେତେ ଡାଗରେ ସେ ବିଶ୍ରାମ କରିଚି, ସେତେ ଯାଗାରେ ପ୍ରାୟ ଯୁଟିବ ସାଧୁଆ ଲୁହା—ଆଖିରେ ମଞ୍ଜୁର ଅଞ୍ଜନ, ମୁଣ୍ଡରେ ସିନ୍ଦୁର ଟିପା, ପେଣ୍ଡାଳିଆ ପାକଲା ବାଳରେ ନାଲି ମନ୍ଦାର, ହାତରେ ଅରଖ ଚାମଣ୍ଡାଙ୍କ ନାଉଁଲ ବେଢ଼ନେଇ । ସେଥିପାଇଁ ତାର ପ୍ରାଣାନ୍ତକ ଭୟ ସାଧୁଆକୁ ।

ତାର ପିଉସୀ ଥିଲା ଓପି । ସମସ୍ତେ କୁହନ୍ତି ଓଠିାରୁ ବଳି ଡାଆଣୀ ସେଖଣ୍ଡ ମଣ୍ଡଳରେ ନଥିଲା । ନିଜେ ସାଧୁଆ ମଧ ଏକଥାରେ ମାନେ । ତାର ଜାଉ ଫଳେ କଳା କଳା ଦାଗ ଥିଲା । ଯାହା ଘରକୁ ଯାଏ ସେମାନେ କଅଁଳା ଛୁଆଙ୍କୁ ଲୁଚାନ୍ତି, ଦୁଆର ମୁହଁରେ ପହଁରି ପକାନ୍ତି, ମାଳଦଉଡ଼ି ଲମ୍ବକରି ଶୋଇ ଦିଅନ୍ତି । କେବେ କେବେ ହୁଏତ ଗୋଟାଏ ସିଜୁ ପତରରେ ଟିକେ ଲୁଣ ରଖିଦେଇ ଏବୁଣ୍ଡି ବନ୍ଦ କରନ୍ତି ।

ଓପି ମେତେବେଳେ ବାଞ୍ଝ ଥିଲା, ଦିନେ ପ୍ରଧାନ ଘର ବାଳୁଙ୍ଗାକୁ ଦୁମଦୁମିଆ ତାଙ୍କ ବେଳେ ମଲ୍ଲଗୁଣି ଦେଇ ଗୋଟିଏ ମୁଣ୍ଡି ସାହଡ଼ାକୁ ଲାଗି ଜାମ୍ବୁଙ୍ଗ ଗଛ ପାଖ ତାଳ-ଚାହୁଙ୍କିରେ ଚିଁ ଚିଁ କରି ନହ ଶେମ୍ବୁ ଥେଲା । ଗ୍ରାମସାହୁ ଏକଥା ଦେଖି ଆସି ସେତେବେଳେ ଗାଁ ଖଣ୍ଡକରେ ପ୍ରଚାର କରିଦେଲା, ସେତେବେଳେ ବୁଢ଼ା ହାଡ଼ାଠାରୁ ଆରମ୍ଭ କରି ଅଣ୍ଡା ଦଳାପର୍ଯ୍ୟନ୍ତ କେହି ତାହାକଥାରେ ବିଶ୍ୱାସ କଲେ ନାହିଁ । ଓପିମାଆ କେତେ ସଁପିଲା, କାନ୍ଦିଲା, ପିଢ଼ା ଉପରୁ ହୁଣ୍ଡା ଆଣି ଖଣ୍ଡ ଖଣ୍ଡ କରି ଦେଲା । ସତକୁ ସତ ରାତି ପହରେ ବେଳକୁ ଯେତେବେଳେ ବାଳୁଙ୍ଗା ଗୁହାଳକୁ ଫେରିଲା ନାହିଁ, ସେତେବେଳେ ପ୍ରଧାନ ଘର ସନ୍ଦେହ କରି କେତେ ଖୋଜା ତଲାସ କରି ଦେଖିଲେ ଯେ ଠିକ୍ ଗ୍ରାମ କହୁଥିବା ଥାନରେ କଇଁଫୁଲ ପେରିକା ବାଳୁଙ୍ଗା ବେକ ମୋଡ଼ି ପଡ଼ିଛି । ଜହ୍ନ ଆଲୁଅରେ ଚକ ଚକ ନେଳିଆ କଟକଟ ଦିଶୁଛି । ଆଖିଯାଇଁ କୋଉ ପାତାଳରେ । ଗୋଡ଼ ଚାରିଟା ଚୂନିଯାଇଛି । ଜିଭ ବାହାରି ପଡ଼ିବା ସଙ୍ଗେ ସଙ୍ଗେ ରକ୍ତ ମିଶା ନାଳ ବାହାରି ଆସି ମାଟିରେ ଭେଦ ଯାଇଛି । ଜୀଅ ଛାଡ଼ିଯାଇଛି । ଠିକ ଏ କଥା ବୋଲି ଯେତେବେଳେ ଗାଁରେ ରାଷ୍ଟ୍ର ହେଲା, ସମସ୍ତେ ଗ୍ରାମ କହୁଥିବା କଥାରେ ପତେଇ ଗଲେ । ମାଇପେ ଛି-ଛିକର କଲେ । ଓପିମାଆ କାଆଁରେ ପଣି ପଶିଲା ଭଳି ଥପ୍‌କିନା ରହିଲା । ଓପି ହେଲା ଡାହାଣୀ ! ସେଇଦିନଠାରୁ ଗାଁରେ ଗାଇ ବେଇଲେ, ନାଳ ରକତ ସରପଞ୍ଚ ବାଛୁରୀ ବେକରେ ବାନ୍ଧି ଦିଅନ୍ତି ଦକ୍ଷିଣ ଚଉଁରାରେ ଗୋଟାଏ ବେଙ୍ଗି କଉଡ଼ି— ଖାସ୍ ଓପି ଡରେ ।

ବଇଶାଖ ସତର ଦିନ, ବାଜିଉଠିଲା ବିବାହ ଶଙ୍ଖ । ସେଦିନ ଓପିମାଆ ଝିଅର ଦିଗ ଦୋଷ ମାଫ କରିବା ପାଇଁ ଜୁଆଇଁକୁ ଧରି କାନ୍ଦି ଉଠିଲା, ଆଉ ଓପି ହେଲା ଶାଶୁ ଘରର ବୋହୂ ......

କିଛି ଦିନପରେ ଦିନେ ଗେରସ୍ତ ତାକୁ ଛାଡ଼ ପତର ଦେବା କଥା କାନ ପରଦାରେ ବାଜିଲା । ଦୋଷ ଦାଗଟା ମାଫ କରିବ ପାଇଁ ନିଜେ ଶାଶୁ ଯେଉଁ ଆପତ୍ତି କରି ଥେଲେ ତାକୁ ମାନିବାର ଦୂରର କଥା, ଗୋଟାଏ ଦୋଷ ତାର ମାଫ କରିବା ପାଇଁ ଘଇତା ଆଜି ତାର ଅମଙ୍ଗ ହୋଇ ହାଣ୍ଡିଆ ଘର ଭିତରେ ଛାଡ଼ପତ୍ର ଦେଇ ରାହାପିଆ ଝିଅ ଶୋଭାକୁ ଛଣବାଡ଼ା ପକାଇ ଥୁଆ ଥୋଇ ହେଲା । ଗାଁମାଇପେ ଫୁସ ଫାସ ହେଲେ ଯେ "ଓପି କୁହାଟା ନଗେଇ ରାତିରେ ତା ଗିରସ୍ତକୁ ଶୋଷୁ ଥେଲା: ଏଇ କଥା ଜାଣି ପାରି ଛାଡ଼ପତ୍ର ଦେଇଛି ।"

କିଏ କହିଲା —"ପୋଡ଼ାଯାଉ ତା ମନ; ମରଦ ପୁଅକୁ ଶୋଷି ଶୋଷି ଆଣି ବାଖଁଣ କଣିରେ ରଖିଲା । ଛିଅ ଛିଆଣେ !...... ଗୋଟାଏ ବସ୍ତିର ଗୁମର ପଦାରେ ପକେଇଲା"

( ଅବଶିଷ୍ଟାଂଶ ୯ ପୃଷ୍ଠା ଶେଷ ଦେଖନ୍ତୁ )

---

(ମଜାକଥା ପୂର୍ବ ପୃଷ୍ଠା ଉତ୍ତାରୁ)

ପାଇଁ • କାହାକୁ ମଧ୍ୟସ୍ଥତା କରିବାକୁ ପଡ଼ିନାହିଁ । ସଙ୍ଗେ ସଙ୍ଗେ ଟଙ୍କା ଉଇଥିଡ୍ର କରି ହାର ପାଇଁ ବଇନା ଦେଇଛି । ଅଫିସରୁ ସାତ ଦିନ ପାଇଁ ଛୁଟି ଆଣିଛି ।

ସେଦିନ ଶରତ୍ ଆସିବା କଥା । ମୁଁ ଅଫିସରୁ ବାହାରିଲି ଯେପରି କିଛି ଜାଣିନାହିଁ । ପାଖ ହୋଟେଲରେ ଯାଇ ଅପେକ୍ଷା କଲି ।

ଶରତ୍ ଘୋଡ଼ା ଗାଡ଼ିଟିଏ ଆଣି ପହଞ୍ଚିଲା । ଗୃହିଣୀ ତାଙ୍କର ଅଳୁ କିନାପ ଟେକି ଲଦେଇ ଦେଇ ପୁଅଟିକୁ କହିଲେ "ବାବୁ ଯଦି ଫେରନ୍ତି, କୁଆଡ଼େ ଗଲ ? କହିବୁ କି କିଛି ଜାଣିନାହିଁ । ଅତି ବ୍ୟସ୍ତ ହେଲେ, ଦିନେ ଦି ଦିନ ଗଲେ ଏ ଚିଠି ଖଣ୍ଡିକ ଦେବୁ ।"

ମୁଁ ଘୋଡ଼ା ଗାଡ଼ି ଆଢ଼ୁଆଳରେ ଚୁପ କରି ଠିଆ ହୋଇଥିଲି । ଗାଡ଼ି ଚାଲିବାକୁ ଆଉ ଦିଟା ଅଛି ଦରଜା ଖୋଲି ଲଜ୍ଜିତା ପାଖରେ ବସିଗଲି । ସେ ଆଶ୍ଚର୍ଯ୍ୟ ହୋଇ କହି ପକାଇଲା "ତୁମେ !" ମୁଁ ପକେଟରୁ ଟେଲିଗ୍ରାମ ଉଦାହିଁ ବାହାର କରି ଲକେଟ ଦିଆ ହାରଟି ତା ବେକରେ ପିନ୍ଧାଇ ଦେଲି ।

ଆମେ ସମସ୍ତେ ବାହାରିଲୁ ବାରିପଦା ଅଭିମୁଖରେ ।



Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ—ସଚ୍ଚିଦାନନ୍ଦ ରାଉତରାୟ

ପ୍ରିୟ 'ଡଗର' ସମ୍ପାଦକ,

ପ୍ରଥମେ ଲେଖିବାକୁ ଆରମ୍ଭ କଲାବେଳେ 'ମୁଁ କାହିଁକି ଲେଖେଁ' ଏ ପ୍ରଶ୍ନ ନିଜକୁ ନ ପଚାରି, ମନେ ହୁଏ, ମୁଁ ଯେମିତି ଖୁବ ଭୁଲ କରିଛି। ଏପ୍ରଶ୍ନ ଏତେ ଡେରିରେ ମତେ ପଚାରି ଆପଣ ବି ବୋଧହୁଏ ସେଇପରି ଭୁଲ କରୁଛନ୍ତି। କାରଣ ଇଆ ଭିତରେ ମୁଁ ଏତେ ଲେଖି ସାରିଲିଣି ଯେ ମୋ ଲେଖାରୁଇ ମୁଁ କାହିଁକି ଲେଖେଁ ଏପ୍ରଶ୍ନର ଉତ୍ତର ଆପେଆପେ ମିଳିଯିବା ଉଚିତ।

'ସତ୍ୟ, ଶିବ, ସୁନ୍ଦର' ଆଦି ବଡ଼ ବଡ଼ ରହସ୍ୟମୟ କଥାର ଦ୍ୱାହି ନ ଦେଇ ମୁଁ ସିଧା ସଳଖ ଭାବରେ କହିବି ଯେ ମୁଁ ଲେଖେଁ ମୋ ମନର ଉତ୍ତେଜନା ମେଣ୍ଟାଇବା ପାଇଁ। ବିଚିତ୍ର ପ୍ରକୃତି, ଶ୍ୟାମଳୀ ପୃଥିବୀ, ମଣିଷ ଜୀବନ, ସମାଜ, ପ୍ରେମ, ବିପ୍ଳବ, ଦେଶ-ପ୍ରୀତି ଏ ସବୁ ମୋ ମନକୁ ନାନା ଭାବରେ ଉତ୍ତେଜିତ କରିଛନ୍ତି। ମୋର ଲେଖା ସେଇ ମାନସିକ ଉତ୍ତେଜନା ହାତରୁ ରକ୍ଷା ପାଇବାର ଏକ ଉପାୟ ରୂପେ ପ୍ରଥମେ ଆତ୍ମପ୍ରକାଶ କରିଥିବ ବୋଲି ମନେ ହୁଏ। ମଣିଷର ଯେଉଁ ସ୍ୱପ୍ନ ବାସ୍ତବତାର ଜଗତରେ ଅଙ୍କୁରିବାକୁ ସୁଯୋଗ ପାଏ ନାଇଁ, ସାହିତ୍ୟର ମାଧ୍ୟମରେ ତାହା ପ୍ରକାଶର ମାର୍ଗ ଖୋଜେ। କଥାଟା ବୋଧହୁଏ ଦୁର୍ବୋଧ୍ୟ ହୋଇଗଲା; କିନ୍ତୁ ମୋର ମନେ ହୁଏ ଏହା ଖାଣ୍ଟି ସତ। ଅବଶ୍ୟ ଲେଖା ଲେଖି ଯେ ସବୁବେଳେ ନିସ୍ୱାର୍ଥ ସାତ୍ତ୍ୱିକ ଭାବରେ କରାଯାଏ ତା ନୁହେଁ। ଯଶ ଓ କିଛି ଦିନ ପରେ ପଇସା ପାଇବାର ପ୍ରତ୍ୟାଶା ମଧ୍ୟ ଏହା ପଛରେ ରହିବା ସ୍ୱାଭାବିକ। କାରଣ ଲେଖିବାର ମୂଳ ପ୍ରେରଣା ଯାହା ହେଉ ନା କାହିଁକି, ଏହା ଯେ ଅନ୍ୟାନ୍ୟ ଅନେକ କାମ ପରି ଏକ ପ୍ରକାର ଶ୍ରମ ବିଶେଷ ଏବଂ ଏ ଶ୍ରମର ସାମାଜିକ ମର୍ଯ୍ୟାଦା ଓ ମଜୁରି ଉଭୟ ଯେ ଲେଖକର ପ୍ରାପ୍ୟ ଏକଥା ଅସ୍ୱୀକାର କରିବାର ଉପାୟ ନାଇଁ! ଓକିଲ, ଡାକ୍ତର, ଶିକ୍ଷକ ଓ ଅନ୍ୟାନ୍ୟ ବୃତ୍ତି-ଜୀବୀ ମାନେ ନିଜର ମସ୍ତିଷ୍କ ଚାଳନା କରି ଯଦି ପଇସା ଦାବୀ କରି

---

ଓଡ଼ି ଆସି ରହିଲା ଦାପଘରେ। ଓଷିମ'ର ମୁଣ୍ଡରୁ ହାତ ଛାଡ଼ୁନାହିଁ। ତୁଣ୍ଡ ବାଇଦ ସହସ୍ର କୋଶ! କିଏ ଆଉ ନେବ—ଝିଅଟା ବାଛନ୍ତି ହେଲା...। ସାହି ଝିଅମାନେ ଓଡ଼ି ଶାଶୁ ଘରକୁ ଗଲାରେ କେତେକ ପରମାଏରେ ଅଶ୍ୱସ୍ତ ହୋଇ ପଡ଼ୁଥିଲେ; ଏଥର କିନ୍ତୁ, ବେଶି ପ୍ରମାଦ ଗଣିବାକୁ ପଡ଼ିଲା।

ଗାଁରେ ଚହଳିଲା ସତ ଓଡ଼ି; କିନ୍ତୁ ଓଡ଼ି ପାଇଁ ହେଇଗଲା ଗାଁଟା ହତଶିରୀ। ଜୁଆ ସଜୁଦିନେ ଦାଣ୍ଡରେ ଗୀତ ବୋଲି ଯାଉଥାଆନ୍ତି—ଝୁଙ୍ଗୁଣୁ ମୁଙ୍ଗୁଣୁ ଖାଇବକାନ୍ତି, ରଜା ବୋଲନ୍ତି ମହାପୀରତି, ମହାପୀରତି କେ ଗରୁଡ ଖୁମ୍ବ, ଗରୁଡ ବାଜେ ରୁଣ୍ଡୁଝୁଣ୍ଡୁ;—ନୋ ଯୁନ୍ଯୁକେଇଲି, ଧୂପ ଚଳ୍‌ଚଳେଇଲି, ପଟ ମହାଦେଇ ଗାଧେଇ ଗଲେ କୋଇଲି କୁକେଇଲି;—ଆମ୍ଭଟି କଖା, କେଇଛ କଖା, କି ମାଡ଼ ମାଇଲୁ ଝାଇ ଚୁଲାଶୁଆ ପଖା... ଇତ୍ୟାଦ...ଇତ୍ୟାଦ। ସେ ଖେଳ କାହିଁ?

ଫୁଲ ସଜ୍ଜାରେ ଓଡ଼ିର ନଜର ପଡ଼ିଲା ପଞ୍ଚାୟତଙ୍କ ନାଚ ଉପରେ। ବାହୁଡ଼ି ଚୁଟିଲା!...ଶେଷରେ ପୁଣିଥରେ ହେଇ ଆସିଲା ରେଙ୍ଗାମ ଫେରନ୍ତା ସାଧୁଆ ନାହାକ-ନୂଆ ଗୁଣୀ। କାଉଁରୀ ଦେଶରୁ ପାଠପାଢ଼ି ସେ ଆସିଥିବାରୁ ନୂଆ ହେଲେବି ତା'ର ଗୋଟାଏ ଖାତର ଥାଏ। ସେ ଚକଡା ଗୁରିକରି ନିହା କଣ୍ଟା ବାଢ଼େଇ, ତା ଉପରେ ସିନ୍ଦୂର ଦେଇ ଆଉ ଚେନାଗୁଡ଼ ପକାଥେଇ, ମନ୍ତ୍ରସିଦ୍ଧ ଚୁଣିଚୁଣି ପଶିଲା ଘର ଭିତରକୁ। ରୋଗୀ ପାଖରେ ନଖରେ ଦାଗଟା ଗାରେଇ ଛଡ଼େଇ ମନ୍ତ୍ର ପାଣିରେ ଉଷାଇଲା। ସଞ୍ଜକୁ ସତ ଖୁଣ୍ଟବାଳ ଗୁରିଲରେ ଲାଗି ଉଠିବାପରେ ମଙ୍ଗରାଜ ଘର ସୁଖ ପାଇଲେ। ଏଇ ଘଟଣା ପରଠାରୁ ସାହିଝିଇରେ ବା'ର ବସିଗଲା!...

ସହିଝିଇକୁ ବନ୍ଧ ହେବାପରେ ଅଗ୍ନି-ରହିଲା ଘର ଚକଡ଼ା ଭିତରେ—ଦେବୀ କରି ରଖିଥିବା ଗୁରୁବାର ଦିନ ସାଧୁଆ! ଓଡ଼ିର ଭଜର ଜେଉଟାଏ ଦୁଇଟା କରି ଆଉ, ନଅ ବର୍ଷରେ ଧାଙ୍ଗୁଡ଼ା ପୁଅ ଜନମ ହେଲେ; କିନ୍ତୁ ସବୁରି କାମ ଓଡ଼ି ଆଲୁବା ଶାଳକୁ ବଢ଼େଇ ଦେଇ ଥାଏ। ଗୁହାଁବା ମାଜେ ଛୁଆ ପାଣି ହେଇ ଯାଆନ୍ତି। କିନ୍ତୁ ଛୁଅ ଗର୍ଭ ବେଳକୁ ଭାଇ ଜିଠ ସାଧୁଆକୁ କିଛି ପାନ ଖିଆ ଦେଇ ପଞ୍ଚମା ପଦରେ ଅଗ୍ନିବନ୍ଧଣୀ କରି ଦେଲା! ସେଇ ଦିନଠାରୁ ନୂଏଚ ଓଡ଼ି କିଛି ଦେଖି ପାରେ ନାହିଁ।

ଚାଳ ବଅସ ରଚ ଉପରକୁ ଅସିଲା; ଆଉ ସେ ଲୁଡ଼ୀ ହେଲା! ମା ଭିତରେ ତିଇର ଗୋଟିଏ ବେଲି ଝିଅ ବର୍ତ୍ତି ଯାଇଛି ଅନ୍ଧାର ନବଡ଼ ଭଳ ଗୁଳୁଆ।......

କେମନ୍ତ ବାଧକା ହେଲା। କଡ଼ର ଖଣ୍ଡ-କରେ ପଡ଼ି ରହିଲା ଏଣ୍ଡୁର ଗୋଟାଏ ଓଡ଼ିର ଫୁଲିଲା ଫୁଲିଲା ଶୁଣୁଶୁଣୁଆ ଦିନ। କିନ୍ତୁ ସାହିବାଲାଙ୍କ ପେଟ ଭିତର ଦୁଇଁ ହେଇ ବାହାରି ଆସିଲା—ଅଶ୍ୱସ୍ତିର ଲମ୍ବ ନିଶ୍ୱାସ! •

ସେଦିନ ରାତିର ଶେଷ ପହରକୁ ଜାଗି ଉଠିଲେ ଗୁରୁଆ ଆଉ ଗୁରୁଆମାଆ। ସମସ୍ତେ ଠଉରାଇଲେ ସେ ଗୁରୁହାଇଲା ବୋଧେ। ଅନ୍ତ-ମରେ ଗାଡ଼ ଜାଦ ପଡ଼ି ଉପରେ ମାଡ଼ିବସିଲା—

ଘାଟପାହି ହେଲା ରଙ୍ଗା ସକାଳ। ଶୁଣୁ ଶୁଣୁ ବୁଢ଼ୀ କୁଆଡ଼େ ଗୁରୁଆକୁ ପହିଁରା ଦେଇ ଯାଇଚ। କିଏ କେତେ ପ୍ରକାର କହିଲେ। ମଜା ଚଉଁର ଭଳ ପାଚିଲା ଜଣ ବଡ଼ାଖୁଡ଼ାକ ମୋଡ଼ ନେଇ ସାଧୁଆ ନାଆକ ପୁଣି ଠେକା ଟାକୁ ଜୋରକରି କିଡ଼ ବାହୁ ବାହୁ କହିଲା— "କଳା ନ ଦେଇ ଥେଲେ କଅଣ ଜାବନ ସଜରେ ଯାଇ ଥାଆନ୍ତା! ମୁଁ ଆଉ ଦେଖି-ନାହିଁ।"

ଓଡ଼ି ଦେଇ ଯାଇଚ ପହିଁର ମୂଗା ଗୁରୁ-ଆକୁ। ସେଦିନର ଗୁରୁଆ ଆଜି ହୁଏତ ହୋଇ ଉଠିଚ କଣ୍ଠା ଡାଆଁଣ! କୁଟିଲ ଭେଇ ରଜାଡ ଶୋଭୁଚ, ରାତିରେ ବନ୍ଧ ଉଲେ ସାଉ ସାଉ ହେଇ ଘୂରି ଚରୁଚ; ଆଉବି ମୁଣ୍ଡି କାନ୍ଦେ ପକାଇଥିବା ସାଧୁଆ ନାଆକ ବୁଢ଼ାକୁ ଦେଖି ଡରୁଚ।



Digitized by srujanika@gmail.com

ବାର ହକଦାର ନୁହନ୍ତି, ତେବେ ଲେଖକ ବିଚରା ବି ସେଇପରି ନିଜର ଚିନ୍ତା ଓ ହୃଦୟାବେଗର ପ୍ରକାଶ କରିବେଟି ଖଟିବ କେଉଁ ଯୁକ୍ତିରେ ? ଏହା ଛଡ଼ା, କବିତା ଲେଖିବାକୁ ସରସ୍ୱତୀ ଠାକୁରାଣୀ କେବେ ହେଲେ ମତେ ସପନେଇ ନାହାନ୍ତି କି ତାଙ୍କ ଆଦେଶରେ ମୁଁ କେବେ ନିଃସ୍ୱାର୍ଥ ସାହିତ୍ୟ ସେବା କରେ ନାହିଁ । ଏକଥା ସ୍ୱୀକାର କରିବାରେ କିଛି ଲଜ୍ଜା ନାହିଁ ।

ଅବଶ୍ୟ ଏକଥା ସତ ଯେ ପଇସା କଥା ପରେ ଉଠିଥାଏ । ପ୍ରଥମେ ଲେଖକ ଲେଖେ ନିଜର ହୃଦୟାବେଗ ଓ ଚିନ୍ତାର ପ୍ରକାଶ ପାଇଁ । ପରେ ଅନ୍ୟ ପାଞ୍ଚ ଜଣଙ୍କୁ ତାହା ଶୁଣାଇବା ପାଇଁ ତାର ଇଚ୍ଛା ହୁଏ ଏବଂ ଅନ୍ୟର ନିନ୍ଦା ପ୍ରଶଂସା ଶୁଣିବାର ଅପେକ୍ଷା ରଖେ । ତା ମନର ଉଚ୍ଛାରଣ ସମସ୍ତଙ୍କୁ ଶୁଣାଇ ପାରିଲେ ସେ ଖୁସି ହୁଏ ଏବଂ ଅନ୍ୟ ସମସ୍ତେ ତାହା ଶୁଣି ଖୁସି ହେଲେ ସେ ଉତ୍ସାହିତ ହୁଏ । ପୁଣି ଅନ୍ୟର ମତାମତ ଦ୍ୱାରା ସେ ନିଜ ଲେଖାର ଦିଗ୍‌ନିର୍ଣ୍ଣୟ କରିବାକୁ ବି କେତେକ ଅଂଶରେ ସମର୍ଥ ହୁଏ !

ଲେଖା ପୁଣି ଆତ୍ମ-କେନ୍ଦ୍ରିକ ବା ନିଛକ ଆନ୍ତରିକ ବ୍ୟାପାର ନୁହେଁ । ଏହା ଏକ ସାମାଜିକ ପ୍ରକ୍ରିୟା । କାରଣ ଏହା ଦ୍ୱାରା ଲେଖକ ଏକ ସାମାଜିକ ସଂପର୍କ ସ୍ଥାପନ କରେ— ନିଜର କ୍ଷୁଦ୍ର ପରିସର ଭିତରୁ ବାହାରି ଆସି ବୃହତ୍ତର ସମାଜମାନସ ସଙ୍ଗେ ତାର ଦିଆ ନିଆ କାରବାର ଶୁରୁ ହୁଏ । ନହେଲେ ଲେଖାର କିଛି ଜମା ସାର୍ଥକତା ନାହିଁ । ମଣିଷର ମନ କହ ବା ହୃଦୟ କହ ତାହା ଦର୍ପଣ ପରି । ଛବି ଫୁଟାଇବାର ନିଜସ୍ୱ କ୍ଷମତା ତାର ନାହିଁ । ବାହାରର ନାନା ଘଟଣାର ଛାୟା ସଂପାତରେ ସେଥିରେ ନାନା ପ୍ରକାର ପ୍ରତିଫଳନ ହୁଏ । ନିଜକଳା ତାର ବାହ୍ୟ ପ୍ରକାଶ ମାତ୍ର । ଅବଶ୍ୟ ଏହା ବିନିମୟରେ ଯଶ ବା ଗୌରବ ପାଇବାର ଲାଳସା ସଂପୂର୍ଣ୍ଣ ସ୍ୱାଭାବିକ ଓ ଆନୁସଙ୍ଗିକ । ଜଣେ ଅନ୍ୟକୁ ଗୀତ ଶୁଣାଇଲା ବେଳେ ଗାୟକ ଯେମିତି ଗୀତ ଗାଇବାର ଆନନ୍ଦ ସଙ୍ଗେ ୨ ଶ୍ରୋତାର ପସନ୍ଦ ଅପସନ୍ଦ ଦ୍ୱାରା ପ୍ରଭାବିତ ହୋଇଥାଏ, ଲେଖକ ସେଇପରି ପାଠକ ସମାଜର ନିନ୍ଦା ପ୍ରଶଂସା ପ୍ରତି ସଚେତନ ରହିବାଟା ସ୍ୱାଭାବିକ । ଯେଉଁ ମାନେ ବଡ ବଡ ଲେଖକ, ଯେଉଁମାନଙ୍କର ଆତ୍ମ ବିଶ୍ୱାସ ଅଟଳ, ସେମାନେ ଜନତାର ମତାମତ ଭିତରେ ଅଟଳ ରହନ୍ତି—ନିଜର ସାହିତ୍ୟିକ ଆଦର୍ଶକୁ ଶସ୍ତା ଜନ-ମତ ଦ୍ୱାରା ପ୍ରଭାବିତ ହେବାକୁ ଦିଅନ୍ତି ନାହିଁ;—କିନ୍ତୁ ଏପରି କରିବା ଦ୍ୱାରା ସେମାନେ ଯେ ଯଶର ଲାଳସା ରଖି ନ ଥାନ୍ତି, ଏହା ଆଜି ମନ ସମୀକ୍ଷାର ଯୁଗରେ କହିବା ହାସ୍ୟାସ୍ପଦ । ଉଦାହରଣ ସ୍ୱରୂପ ଶିଲର୍ ଓ ଗେଟେଙ୍କ କଥା କୁହା ଯାଇ ପାରେ । ଉଭୟେ ସମସାମୟିକ । ଶିଲରଙ୍କ ଜନପ୍ରିୟତାର ଶତାଂଶରୁ ଏକାଂଶ ମଧ୍ୟ ଗେଟେଙ୍କର ନଥିଲା । କିନ୍ତୁ ଯଶ ବା କୀର୍ତ୍ତିର ଆଜି ଶହେ ବର୍ଷ ପରେ ମଧ୍ୟ ଗେଟେ ଶିଲରଙ୍କ ଅପେକ୍ଷା ଅଧିକ ଜାଜ୍ଜଲ୍ୟମାନ—ଅଧିକ ଭାସ୍ୱର ।

ଆଗରୁ କହି ରଖିଛି, ଲେଖିବା ଏକ ସାମାଜିକ କାର୍ଯ୍ୟ । ଏହାର ଜନ୍ମ ସ୍ଥଳ ମଣିଷର ନିଭୃତ ମର୍ମସ୍ଥଳ ହୋଇପାରେ—ଏହାର ମୂଳ ଉତ୍ସ ମଣିଷର ନିର୍ଜନ ହୃଦୟ ଭିତରେ ଲୁକ୍କାୟିତ ଥାଇପାରେ, କିନ୍ତୁ ଯେଉଁ ମୁହୂର୍ତ୍ତରେ ଏହା ବାହାରେ ପ୍ରକାଶ ହୋଇ ପଡ଼େ, ସେଇ ମୁହୂର୍ତ୍ତରୁ ଏହା ବ୍ୟକ୍ତିର ସଂକୀର୍ଣ୍ଣ ଗଣ୍ଡି ପାର ହୋଇ ସମାଜର ବୃହତ୍ତର ଇଲାକାରେ ପ୍ରବେଶ କରେ । ବ୍ୟକ୍ତି ଓ ତାର ଚିନ୍ତା, ଭାବନା ମଧ୍ୟ କିଛି ସମାଜ-ନିରପେକ୍ଷ ଅସମ୍ପୃକ୍ତ ବସ୍ତୁ ନୁହଁ ଯେ ଲେଖକ ନିଜ ମନକୁ ନିଜ ଖିଆଲରେ କିଛି ଲେଖି ପକାଇ ପୁଣି ନିଜେ ନିଜକୁ ଶୁଣାଇ ତୃପ୍ତି ଲାଭ କରିବ । ସାହିତ୍ୟରେ ମୋର ଆଦର୍ଶ ଭଞ୍ଜୀୟ ଯୁଗର ଆଦର୍ଶ ପରି ନ୍ୟୁନତମ ସଂଖ୍ୟା ଆଗରେ ସୂକ୍ଷ୍ମତମ କଳାର କୁହୁକ ଦେଖାଇବା ନୁହଁ । ବୃହତ୍ତମ ସଂଖ୍ୟା ପାଇଁ ଗଭୀରତମ ଅନୁଭୂତି ଓ ଅଭିଜ୍ଞତାର ଅବଦେପଣ ହିଁ ଶିଳ୍ପକଳାର ପ୍ରତିମାନ ବୋଲି ମୁଁ ବିଶ୍ୱାସ କରେ ।

ଏହାପରେ ପ୍ରଶ୍ନ ଉଠେ ପଇସାର । ଅନ୍ୟାନ୍ୟ ଶ୍ରମ ପରି ଲେଖିବାରେ କମ ସମୟ ଓ ଶକ୍ତି ଖର୍ଚ୍ଚ ହୁଏ ନାହିଁ । ଏ ଶ୍ରମ ଅମୂଲ୍ୟ ସତ, କିନ୍ତୁ ଏକାବେଳେକେ ମୂଲ୍ୟହୀନ ହେଲେ ଲେଖକ ବିଚରାର ବଞ୍ଚି ରହିବା କଷ୍ଟ ହେବ । ଗଛର ଫୁଲଟି ସୁନ୍ଦର ଓ ସେ ସୌନ୍ଦର୍ଯ୍ୟର ମୂଲ୍ୟ ଟଙ୍କା ଅଣା ପାହିରେ ଦିଆ ଯାଇ ପାରିବ ନାହିଁ ବୋଲି ଗଛକୁ ପାଣି ଓ ସାର ନଦେଇ ଶୁଖାଇ ମାରିବା ଯାହା— ଲେଖକର 'ଅମୂଲ୍ୟ' ଲେଖାର ମୂଲ୍ୟ ନଦେଇ ତାକୁ ଅଭାବ ଅନାଟନରେ ପେଷି ମାରିବା ପ୍ରାୟ ସେଇଆ ।

ତା'ପରେ ଲେଖା ଯେତେବେଳେ ଏକ ପେଶାରେ ପରିଣତ ହୁଏ ଅଥଚ ଯଦି ଲେଖି ଜଣେ ସେତେବେଳେ ପଇସା ନ ମିଳେ, ତେବେ ଲେଖକ ବିଚରା ଲେଖାଲେଖିକୁ ଗୌଣ ବିବେଚନା କରି ଜୀବନ ଧାରଣ ପାଇଁ ଅନ୍ୟ ବୃତ୍ତି ଧରିବାକୁ ବାଧ୍ୟ ହୁଏ । ଏଥିରେ ତାର ସାହିତ୍ୟିକ ଅନୁଶୀଳନ ଭ୍ରଷ୍ଟ ହୁଏ ଓ ସମାଜ ତାର ଶ୍ରେଷ୍ଠ ଦାନରୁ ବଞ୍ଚିତ ହୁଏ । କବି ହୁଏ ସେ କ୍ଷେତ୍ରରେ କିରାଣୀ, କି ଟାଇପିଷ୍ଟ, କି ଡେପୁଟି ମାଜିଷ୍ଟ୍ରେଟ, କି ବୀମା କମ୍ପାନୀର ଏଜେଣ୍ଟ । ଏପରି ମାନସିକ ଦ୍ୱନ୍ଦ୍ୱ ଓ ପ୍ରତିକୂଳ ଅବସ୍ଥାର ସଂଘର୍ଷ ଭିତରେ ତାର ମୌଳ ପ୍ରତିଭା ଧୀରେ ଧୀରେ ମଉଳି ଯାଏ । ତେଣୁ ଯେ ଲେଖକ, ତାର ଲେଖାଲେଖି ନେଇ ପଡ଼ି ରହିବା ଉଚିତ ଏବଂ ସେ ଦିଗରେ ନାନା ପରୀକ୍ଷା ଓ ସାଧନା ଅପ୍ରତିହତ ଭାବରେ ଚଳାଇଥିବା ଉଚିତ । ତାର ଚାହିଁ ପ୍ରଚୁର ଅବସର—ପ୍ରଚୁର ପଢ଼ା ଶୁଣାର ସାମଗ୍ରୀ । ଗୋଟିଏ କଥାରେ କହିବାକୁ ଗଲେ ତାକୁ ପେଶାଦାର ଲେଖକଇ ହେବାକୁ ହେବ । ତେଣୁ ଏଇଠି ସ୍ୱତଃ ପଇସାର ପ୍ରଶ୍ନ ଉଠେ । ପଇସା ନ ମିଳିଲେ ଏକାନ୍ତ ଭାବରେ କେବଳ ଲେଖାଲେଖି ନେଇ ପଡ଼ି ରହିବା ତା ପକ୍ଷରେ ସମ୍ଭବ ହବ କିପରି ? ତେଣୁ ସବୁ ଲେଖକଙ୍କ ପରି ମୋର ମଧ୍ୟ ଯଶ, ଖ୍ୟାତି ସଙ୍ଗେ ସଙ୍ଗେ ପଇସାର ଆବଶ୍ୟକତା ଥିଲା ଓ ଅଛି । ଏ ଦୁଇଟି ଦୁହିଙ୍କ ଉପରେ ପୁଣି ନିର୍ଭରଶୀଳ—ଅର୍ଥାତ ଭଲ ଖ୍ୟାତି ନ ଥିଲେ ଲେଖକର ବହି ଭଲ ବିକ୍ରି ହେବ ନାହିଁ ବା ବେଶୀ ପଇସା ମିଳିବ ନାହିଁ । ଓଡ଼ିଶାରେ ପୁଣି ଓଲଟାଟା ବି ସମ୍ଭବ ହୁଏ । ସେ ଯାହା ହଉ, ଏ ବିବଦମାନ ସମସ୍ୟା ଭିତରକୁ ନ ପଶି ମୁଁ ଟାଣୋଟି କହି ଯାଇ ପାରେ ଯେ ଯଶ ଓ ଅର୍ଥ ଉଭୟ ଲେଖକ ପକ୍ଷରେ ଅପରିହାର୍ଯ୍ୟ । ଏଥିରେ ଲଜ୍ଜାର କଥା କିଛି ନାହିଁ ।

ଆଉ ଗୋଟିଏ କଥା ପାଇଁ ମୁଁ ଲେଖେଁ ଏବଂ ସେଥିପାଇଁ ଜମ ଯତ୍ନ ସହିବାକୁ ବି ମୋତେ

[ଅବଶିଷ୍ଟାଂଶ ୧୩ ପୃଷ୍ଠା ଶେଷ ଦେଖନ୍ତୁ]



Digitized by srujanika@gmail.com

# ସ୍ନେହ

ଲେ—ଶ୍ରୀ ମୁରଲୀଧରମୋହନ ଜେନା

ଅଦରର ଲକ୍ଷ୍ମୀ !

ବଢ଼ିଥିଲ ତମକୁ ମୁଁ ଚିଠି ନ ଲେଖିବା...ତମକୁ ଯେ କେବଳ ଦୃଷ୍ଟିରୁ ଏତେ ଅପଣାର କରି ନେଇଥିଲି ତାହା ତମେ ବୁଝି ପାରୁଥିବ । ଅଉ ଅଧିକ ଲେଖିବାର କୌଣସି ପ୍ରୟୋଜନ ନାହିଁ । ଦେଖିଲ ନୂତନ ନରୂପଣ କରିବା ମୋ ପକ୍ଷରେ ଅସମ୍ଭବ—ତମେ ସେହି ଛବିଟାରେ ମୋଠାରୁ ବାରମ୍ବାର କହିଥିଲ ମୋର "ପଞ୍ଚଲହରି" ଦେଖିବାକୁ । ତମ ଅନୁରୋଧ ସତ୍ତ୍ୱେ ମୁଁ ତମକୁ ତାହା ଦେଖାଇ ପାରିଲି ନାହିଁ । ସେଇଥି ହୁଏତ ତମେ ଭୁଲକି ତମର ଭୁଲ ତାହା ତମର ଛବିଟା ଅନ୍ୟ ମୋ ପକ୍ଷରୁ ବଡ଼ୁଥି ହୃଦରେ ଏହି "ସ୍ନେହ" ନାମକ କବିତାଟି ତମର କମନୀୟ ବା ତମନୀୟ ହାତରେ ମୋର ଉପହାର ପଡ଼ି ଅନନ୍ତ ଅନୁରକ୍ତ କରିଲ ଖୁସି ହେବ । ଉତ୍ତର ଅପେକ୍ଷା ରେ—ତମର ମଜନୁ !

—୧—

ଭଲଯଦି ଲାଗି ନାହିଁ ସଖି ଏବେ ସେହି ଗ୍ରାମଟାରୀ
ପଢ଼ିବସ ତା କବିତା ତା ବାହାରୁ ନେଇ ଚେଷ୍ଟାସ—
ଏପ୍ରେଲ ଅପରାହ୍ଣ
ସଫେଦ ପରିଚ୍ଛନ୍ନ
ସାଜିଛଅ ବସ୍ତୁଟି ପଗଡ଼
ଦେଖିଯ ଅ ମଖମଲ ଦେହ ବାଘ ଶୁଭେ ତାର ନଖ ।
ଅଫିସର କଳାଗ୍ରାଛ ଭେକ ଭଇଁ ଆସେ ତାରକା; ତୁବ ତା'
ସାର୍କୁଲର ଫେଶ ପର ସଫା; ପଢ଼ ଆଜି ତାହାର କବିତା ।
ସକାଳର ମ୍ରିକଧାରା ସ୍ଲେଟ ସ୍ଲେଟ ପଣାପାଲୀ ଛକ,
ପାହାଡ଼ର ପିଲ୍‌ସିଙ୍ଗ ଆଉ ଏଇ ବିସ୍ଥ କଟକ,
ହାମଗଛେ ଫୁଲଫୁଟେ ଦେଖନ୍ତୁମେ ନମ୍ରନେ କରେଣି !
ଛୋଟଟି ପାଇଛୁ; ବଉଦର ଗୀତ ପର୍ବର ମୋ ସଖି !
କମଳା ରଙ୍ଗର ଖଣ୍ଡ
ଝର୍ଣ୍ଣାଫାଙ୍କେ ପଡ଼େ ଆସି ମେଲି ଦେଇ ନୂପୁର ପସରା ।
ଏପ୍ରେଲର ସକାଳନ୍ତଲେ ମନେ ପଡ଼େ ଝିଅର ବଉଦ,
ମଇଳା ଆକାଶେ ଧୋକାଜକୁ ମେଘଲ ନୂପୁର ସଉଧ ।
ଆଉ କୃଷ୍ଣଚୂଡ଼ା ଲକ୍ଷ୍ମୀପତୀ ଦେଖ ଶ୍ୟାମ ସ୍ନିଗ୍ଧ ଚର
ସଖି ମୋର ପଗୃହବ ସ୍ୱାମୀଙ୍କୁ ତମର ଲକ୍ଷ୍ମୀମା ଅସର;

ଅଦ୍ଭୁତ ଉପମା

ମନଯଦି ଖରାପ ତମର ଡ଼ାକ, ଡାକ, ସ୍ୱଳଜେମା—
ନାଲି ମିରଗର ଦାନ ପଦ୍ମଫୁଲ ଦେଖିଥିବ ବନେ,
ଚକ୍ରବାକୀ ଚକ୍ରବାକ ପକ୍ଷୀ ଯହିଁ ମରେବେ ବାନ୍ଧନେ;
ଟିଂ ଟିଂ ବାଜେ ସାଇରେନ
ଶେଷି ଟ୍ରେନ.........
ନୃଷ୍ଟ ମେଘ ଲିଖେ ଅଦ୍ଭୁତେନ—
ପାର ଯଦି ଯାଅ ସଖି ଭେଟିବ ସେ ପ୍ରଥମା ନାୟକ,
ତାକୁ ତାକୁ ଦେଖେ ତାର ପିନ୍ଧିଛି ସେ ଖଦଡ଼ର ପୋଷାକ !

—୨—

ବହିପତ୍ର ମଣିଷର ସଂସ୍କାରକ ଶ୍ରେଷ୍ଠ ଅଭିଯାନ,
ଖୋଲିଦେଖ ପାଣ୍ଡୁଲିପି ଯଥେଷ୍ଟସେ ତର ଅଭିଜ୍ଞାନ,
ରଜନୀବ ପକ୍ଷୀଙ୍କରେ ବଙ୍କଶିଙ୍ଗ ମଣାଣିର ଫୁଲ,
ମାଟିର ତାଜରେ ବାଳି ପୂର୍ଣ୍ଣିମା ଅଟେ ସମତୁଲ ।
ଲକ୍ଷ୍ମୀମା ଦେଖ ହସେ, ହସେ ତାର ହୃଦନ୍ତ ଓ ଝାଇ
କବି ଖାଲି ନାଚ ହୃଦ, ହସି ଖେଳ ମାତେ ସୁଖେ ହାଇ ।
ଭଲଯଦି ନାହିଁ ଲାଗେ ସଖି ସେହି ଗ୍ରାମଟା କବିତା
ପଢ଼ିବସ ତା ବାହାରୁ ତା କବିତା ତରଙ୍ଗ କେତା ।

## "ସେହି ସିନା ବଡ଼ ଲୋକ"

ଲେ—ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା

ସେହି ସିନା ବଡ଼ ଲୋକ,
ଆରାମ୍ ଚେୟାରେ ବସି ଯେହୁ ଖାଏ,
ସିଗରେଟ୍ ଭକ ଭକ । ସେହିସିନା...

( ୧ )

ସୁଟ୍ କୋଟରେ ଦେହ ଯାରଢଙ୍କା
ପାଦେ ଯୋତା ଚକ ଚକ,
ବଟର୍ ଫ୍ଲାଏ ନେଖ ରୋଲ୍‌ଡ ଗୋଲ୍‌ଡ ଟ୍ରେ ?
ଶୋଭିତ କରେ ଯା ନାକ,
ଯଉବୁକ ଲୁଭ ରିଷ୍ଟ୍ ଓ୍ୱାଚ୍ ଯାର
ହାତେ ଦିଶେ ଜକ ଜକ,
ଯୋଡ଼ାରେ ଭୂଇଁକୁ ମକଟ ଗୃଲଇ
କର ଜୋରେ ଠକ ଠକ; ସେହିସିନା ବଡ଼...

( ୨ )

ସଞ୍ଜ ସକାଳରେ ଫାଟକରେ ଯାର
ଖାଡ଼ା ଥାନ୍ତି ପାଞ୍ଚ ଲୋକ,
ଚୂଲ ମଜୁରିଅ ମଜୁରି ପାଇଁକି
ସହନ୍ତି ଉପାସ ଭୋକ,
ମିସେସ୍ ହାତରେ ଗୃହଦେଇ ଯେହୁ
ଦେଖେଇ ହୁଅନ୍ତି ଭେକ,
ଦରମା ମିଳିଲେ ମଜୁରି ମିଳିବ,
ହୁଅନାହିଁ ବକ ବକ; ସେହିସିନା...

( ୩ )

ଚିଜାରୀ ଥାଳରେ ଦିନେ ହେଲେ ଯେହୁ
ଦେଇ ନାହିଁ ମୁଠେ ଭିକ,
ଗାଡ଼ୀ କିଣା ପୁଣି ସିନେମା ଦେଖାରେ
ସର ଯାଏ ଟଙ୍କା ଢେର ।
ବାହା ଉତ୍ସବରେ ଋଣ ହୋଇ ଯାଏ
ଓଟିଲ ମୁକ୍ତ୍ୟାର ଯାକ,
ଦୁଧି, ରକ୍ଷୀ ଫେଜ ଟୋପାଏ ନପାଇ
ଦାଣ୍ଡରେ ଛଟନ୍ତି ଡାକ; ସେହିସିନା...

( ୪ )

ଓଟଭଳି ଯେହୁ ଗରବେ ଗୃଲଇ,
ଉପରକୁ ଟେକେ ବେକ,
ଚଷମା ନାଇ ସେ ଚାହିଁ ନ ପାରଇ,
ଆପଣା ଆପଣା ଲୋକ ।
ପଢ଼ୁ ବା ନପଢ଼ୁ ଦେଖାଇ ହୁଏ ଯେ
ଖବର କାଗଜ ପୋକ,
ବାହାରକୁ ସବୁ ସଙ୍ଗେ ଟପଣିଆଁ
ଭିତରେ ସେ ଭଦ୍ରଲୋକ;
ସେହିସିନା...



Digitized by srujanika@gmail.com

# ପ୍ରମାଣ ମାପର ପୁଲ୍ ଓଭାର (ସ୍ୱେଟର)

ଲେ—ଶ୍ରୀମତୀ ପ୍ରମିଳା ସାହୁ [ କଟକ ବେତାର କେନ୍ଦ୍ର ସୌଜନ୍ୟରୁ ]

## (ପୁଅ ମାନଙ୍କ ପାଇଁ ପ୍ରମାଣ ମାପର)

ପୁଅ ମାନଙ୍କର ସ୍ୱେଟର ବୁଣିବାକୁ ହେଲେ ଅଧ ପାଉଣ୍ଡ ଉଲ, ୨ଟି ୧୨ ନମ୍ବର କଣ୍ଟା ଓ ଗୋଟିଏ ମୁଣ୍ଡ ହେୟାରପିନ୍ ଆବଶ୍ୟକ ।

ପ୍ରଥମେ ୧୩୦ଟି ଘର ନିଅନ୍ତୁ । ପ୍ରଥମ ଧାଡ଼ି ୧ ସିଧା ଏକ ଓଲଟା, ୧ ସିଧା ଏକ ଓଲଟା ୪ ଇଞ୍ଚ ହେବା ପର୍ଯ୍ୟନ୍ତ ବୁଣନ୍ତୁ । ତା ପରେ ପାଟର୍ଣ୍ଣ ବୁଣିବାକୁ ହେବ । ଏଇ ସ୍ୱେଟରରେ ଯେଉଁ ପାଟର୍ଣ୍ଣ ଦିଆ ହେବ ତା କହି ଦେଉଛି ।

[ଦିପାଳି] ଦିଅଲି ପାଟର୍ଣ୍ଣ

ପ୍ରଥମ ଧାଡ଼ି:—

| | | | |
|---|---|---|---|
| ୧ ଓଲଟା | ୩ ସିଧା | ୧ ଓଲଟା | ୯ ସିଧା |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |
| ,, | ,, | ,, | ,, |

ଏକ ଓଲଟା ୩ ସିଧା ଏକ ଓଲଟା ଦ୍ୱିତୀୟ ଧାଡ଼ିରେ ଯେଉଁ ଜାଗାରେ ସିଧା ବୁଣା ହୋଇଥିବ ତାହା ସିଧା ବୁଣା ହେବ; ଯେଉଁ ଜାଗାରେ ଓଲଟା ବୁଣା ହୋଇଥିବ ସେଠି ଓଲଟା ବୁଣା ହେବ । ଏହି ପରି ୮ ଧାଡ଼ି ବୁଣି ତାପରେ ୯ ଧାଡ଼ିରେ ଏକ ଓଲଟା ୩ ସିଧା ଏକ ଓଲଟା ଯେଉଁ ୯ଟି ସିଧା ଅଛି, ପ୍ରଥମ ତିନୋଟି ସିଧା ହେୟାରପିନ୍‌ରେ ନବୁଣି କାଢ଼ି ନେଇ ତଳ ଆଡ଼କୁ ରଖନ୍ତୁ ପୁଣି ତିନୋଟି ସିଧା ବୁଣି ନିଅ ତଳ ଆଡ଼ରୁ ସେ ହେୟାରପିନ୍‌ଟିକୁ ଉପରକୁ ଆଣନ୍ତୁ । ତା ପରେ ପୁଣି ତିନୋଟି ସିଧା ବୁଣି ଏହା ପରେ ସେଇ ହେୟାର ପିନ୍‌ରେ ଥିବା ତିନୋଟି ସିଧା ବୁଣନ୍ତୁ । ଧାଡ଼ିଟି ଯାକ ଯେତୋଟି ୯ ସିଧା ଅଛି ଏଇପରି ବୁଣା ହେବ । ପୁଣି ୧୦ ମ ଧାଡ଼ି ଓଲଟା ପାଖରେ ଯେଉଁଠି ସିଧା ଥିବ ସେଇଠି ସିଧା ବୁଣା ହେବ । ଯେଉଁଠି ଓଲଟା ବୁଣା ଥିବ ସେଇଠି ଓଲଟା ବୁଣା ହେବ । ଆଠ ଧାଡ଼ି ହେବା ପର୍ଯ୍ୟନ୍ତ ଏଇ ପରି ବୁଣା ଯିବ । ପୁଣି ୯ ଧାଡ଼ିରେ ଉପର କହିବାନୁସାରେ ବୁଣିବାକୁ ହେବ । ଆରମ୍ଭରୁ ବଗଲ୍ ପର୍ଯ୍ୟନ୍ତ ଏକ ଫୁଟ ଏକ ଇଞ୍ଚ ହେବା ଯାଏ ବୁଣନ୍ତୁ । ତାପରେ କାନ୍ଧ ଓ ବେକ ଏକ ସଙ୍ଗେ ବୁଣିବାକୁ ହେବ । ବୁଣାର ଦୁଇ ପାଖରେ ସବୁ ଯାକ ବନ୍ଦ କରିବାକୁ ହେବ । ଦୁଇପାଖରେ ଆରମ୍ଭରେ ୧୨ ଟି ଲେଖା ଘର ଏକ ସଙ୍ଗେ ବନ୍ଦ କରିବାକୁ ହେବ । ତା ପରେ ଦୁଇ ପାଖରେ ପ୍ରତି ଧାଡ଼ି ଆରମ୍ଭରେ ଗୋଟିଏ ଲେଖା ଘର ଯୋଡ଼ା ବୁଣି ବନ୍ଦ କରିବାକୁ ହେବ । ୮ଟି ଲେଖା ୧୬ଟି ଘର ୨ ପାଖରେ ସର୍ବମୋଟ ଦୁଇ ପାଖରେ ୪୦ଟି ଘର କମ୍ କରିବା ପରେ ବେକ କରିବାକୁ ହେବ । ୪୦ଟି ଘର କମ ହେଲେ ଆଉ ରହିବ ୯୦ଟି ଘର । ତାକୁ ଦୁଇଭାଗ ସମାନ ଭାବରେ କରି ନିଅନ୍ତୁ । ଗୋଟିଏ ପାଖରେ ୪୫ଟି ଘର ଆଉ ଗୋଟିଏ ପାଖରେ ୪୫ ଘର ରହିବ । ଆରମ୍ଭରୁ ବୁଣି ଡାହାଣ ପାଖରଟା କଣ୍ଟାରେ ରଖି ଦିଅନ୍ତୁ ବାମ ପାଖଟା ଆଗେ ବୁଣନ୍ତୁ । ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଯୋଡ଼ା ବୁଣି ଗୋଟିଏ ଲେଖା ଘର କମ କରିବାକୁ ହେବ । ବେକ ପାଖରେ ୨୩ ଘର ବନ୍ଦ କରିବାକୁ ହେବ ଏବଂ କାନ୍ଧରେ ୨୨ ଟି ଘର ରହିବ । ବଗଲରୁ କାନ୍ଧ ପର୍ଯ୍ୟନ୍ତ ୯ ଇଞ୍ଚ ଯାଏ ବୁଣା ବୁଣା ସରିଲେ କାନ୍ଧ ଉପର ବନ୍ଦ କରି ଦିଅନ୍ତୁ । ଏଥର ଡାହାଣ ପାଖର ଓଲଟା ପାଖରେ ଉଲ ଯୋଡ଼ି ଓଲଟା ପାଖରେ ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଗୋଟିଏ ଲେଖା ଘର ଯୋଡ଼ା ବୁଣି ବନ୍ଦକରନ୍ତୁ । ବାମ ପାଖଟା ଯେପରି ବୁଣା ଯାଇଛି ଡାହାଣ ପାଖଟି ମଧ୍ୟ ସେହିପରି ବୁଣାହେବ । ଡାହାଣ ପାଖଟି ବୁଣା ସରିଲେ ବନ୍ଦ କରି ଦିଅନ୍ତୁ । ଏଇଟା ହେଲା ସ୍ୱେଟରର ଆଗ ପାଖ- ସାମନା ପାଖ । ଏଥର ସ୍ୱେଟରର ପଛ ପାଖ ବୁଣିବାକୁ ହେବ । ଆଗ ପାଖ ପରି ସବୁ ବୁଣିବାକୁ ହେବ । କେବଳ ବେକ ବୁଣା ଅନ୍ୟପ୍ରକାର ହେବାକୁ ହେବ । ବଗଲରୁ ୮ ଇଞ୍ଚ ବୁଣା ହେବା ପରେ ଏକସଙ୍ଗେ ମଝିରେ ୪୪ଟି ଘର ବନ୍ଦ କରନ୍ତୁ । ଦୁଇପାଖ କାନ୍ଧରେ ୨୪ଟି ଲେଖା ଘର ରହିବ । ଏକ ସଙ୍ଗେ ଘରବନ୍ଦ କରିବା ପରେ ଗୋଟିଏ ପାଖ କାନ୍ଧ ଆଗେ ବୁଣନ୍ତୁ । ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଯୋଡ଼ା ବୁଣି ଗୋଟିଏ ଲେଖା ଘର ବନ୍ଦ କରନ୍ତୁ । ସର୍ବମୋଟ ୨ଟି ଘରଯୋଡ଼ା ବୁଣି ବନ୍ଦ କରନ୍ତୁ । କାନ୍ଧରେ ୨୨ଟି ଘର ରହିବ; ତାକୁ ଏକସଙ୍ଗେ ବନ୍ଦ କରି ଦିଅନ୍ତୁ । ଅନ୍ୟ ପାଖ କାନ୍ଧଟି ମଧ୍ୟ ଏହିପରି ହେବ । ସବୁ ବୁଣା ସରିଲେ ଆଗ ପାଖ ଓ ପଛ ପାଖ ଏକାଠି କାନ୍ଧ ପାଖରେ ଯୋଡ଼ି ସିଲେଇ କରି ଦିଅନ୍ତୁ । ଦୁଇ କର ମଧ୍ୟ ସେହିପରି ସିଲେଇ କରି ଦିଅନ୍ତୁ । ସିଲେଇଟି ବୋତାମ ଘରର ସିଲେଇ ଦେଇ ସିଲେଇ କରିବାକୁ ହେବ । ତା ପରେ ବେକ ଓ ହାତର ପଟି ବୁଣିବାକୁ ହେବ । କଣ୍ଟାରେ ୧୨ଟି ଲେଖା ଘର ନେଇ ଗୋଟିଏ ସିଧା ଗୋଟିଏ ଓଲଟା ବୁଣି ଡବଲ ମପଲରର ବୁଣା ଦେଇ ବୁଣିବାକୁ ହେବ । ଓଲଟା ଘର ନବୁଣି ଉଠାଇ ନିଅନ୍ତୁ ସିଧା ଘର କେବଳ ବୁଣନ୍ତୁ । ବଗଲ୍ ମାପ ଅନୁସାରେ ଦୁଇବଗଲ ପାଇଁ ଏଇପରି ବୁଣି ନିଅନ୍ତୁ । ତାପରେ ବେକ ପାଇଁ ମଧ୍ୟ ଉପର କହିବାନୁଯାୟୀ ବୁଣା ଦେଇ ୧୦ଟି ଘର କଣ୍ଟାରେ ବେକ ମାପ ଅନୁସାରେ ବୁଣି ଯାଆନ୍ତୁ । ବୁଣା ସରିଲେ ବଗଲର ପଟି ବଗଲରେ ଛୁଞ୍ଚି ଦେଇ ଯୋଡ଼ି ସିଲାଇ କରି ଦିଅନ୍ତୁ । ବେକର ପଟି ଯେପରି ବେକର 'V' ମାପର ବେକ ବୁଣା ଯାଇଛି ସେଇ ୧ଟି ଛକରେ ଯୋଡ଼ି ସିଲାଇ କରି ନିଅନ୍ତୁ । ପ୍ରମାଣ ମାପର ପୁଲ ଓଭର ସ୍ୱେଟର ଏତିକିରେ ଶେଷ ହେଲା ।



Digitized by srujanika@gmail.com

ମୁଁ କାହିଁକି ଲେଖେଁ



ପଡ଼େ ନାହିଁ। ତା ହେଉଛି ବିଦ୍ରୋହ। ପ୍ରଚଳିତ ସମାଜ ଓ ରାଷ୍ଟ୍ରର ନାନା ଗଳିତ ଜୀର୍ଣ୍ଣ ଅବ୍ୟବସ୍ଥା ଦୂର କରି ଏକ ନୂଆ ମୁଖୀ ସାମାଜ ଗଢ଼ିବାର କଳ୍ପନା ମୋର ପିଲାଦିନରୁ ଅଛି। ଏକ ନୂଆ ଜୀବନର ଚେତନା ମତେ ଅସ୍ଥିର କରି ପକାଏ। ଗତ ଶହେ ବର୍ଷ ଭିତରେ ତିନି ତିନିଟା ମହାଯୁଦ୍ଧର ମାଡ଼ ଖାଇ ଏବଂ ଆଉ ଗୋଟିଏ ମହାଯୁଦ୍ଧର ବିଭୀଷିକା ତଳେ ଅନବରତ ଭୟରେ ଜର୍ଜ୍ଜରି ଏ ସଭ୍ୟତାର ବଞ୍ଚିବାର ଶକ୍ତି ଯେମିତି କ୍ରମେ ଶୁଖି ଗଲାଣି! ମଣିଷର ମନର ଜଙ୍ଗଲରେ ଆଜି ବିଶ୍ୱାସର ଚେର ବୋଲି ଆଉ କିଛି ନାହିଁ।

ଚାରିଆଡ଼େ ନୀରବତା ଶୂନ୍ୟତା—ଅସାଫଲ୍ୟର ଧୂ ଧୂ ବାଲିବନ୍ତ। ସେଇ ମରୁଭୂମିର ମାରୀଚ ଛଳନା ଭିତରେ ପରାଜୟ ଓ ପଳାୟନର ସ୍ୱର। ଯାହା ମରଣୀୟ, ତାହା ଶୀଘ୍ର ମରିଯାଉ ଓ ତା' ଜାଗାରେ ନୂଆ ଜୀବନ ଅଙ୍କୁରିତ ହେଉ, ଏହା ମୋର ଆଶା ଓ ଦର୍ଶନ ଏଥିପାଇଁ ସଂଘାତ ଓ ସମନ୍ୱୟ ଉଭୟ ଦରକାର। ପ୍ରଥମେ ପଚା ସଢ଼ା ସମାଜର ଚଉକଠ ଭାଙ୍ଗିବାକୁ ହେବ, ତା ପରେ ନୂତନ ସୃଷ୍ଟିର ସମ୍ଭାର ପାଇଁ ନୂତନ ଶକ୍ତିର ସମାବେଶ ଓ ସମନ୍ୱୟ କରିବାକୁ ହେବ। ଆମର ଘନାନ୍ଧକାର ବର୍ଷର ଉତ୍ତରାଧିକାର ସଙ୍ଗେ ନୂତନ ଉଦୀୟମାନ ସମାଜର ସହ ତାର ଯୋଗ ସୂତ୍ର ସ୍ଥାପନ କରିବାକୁ ପଡ଼ିବ। ଏକାଧାରରେ ସଂଘର୍ଷ ଓ ବିପ୍ଳବ—ଅନ୍ୟାଧାରରେ ନୂଆ ଜୀବନର ସମନ୍ୱୟ ସଂସ୍ଥାପନ। ତେଣୁ ମୋ ସାହିତ୍ୟର ଜଳବାୟୁ ଖାଲି ନେତିବାଚକ ବା ନଙ୍ଗ୍ୟର୍ଥକ ନୁହେଁ—ଏହା ଇତିବାଚକ ବା ହଁ-ଧର୍ମୀ। ଧ୍ୱଂସ ଓ ସୃଷ୍ଟି ଉଭୟକୁ ଆଶ୍ରୟ କରି ଏହା ଅଗ୍ରସର। ତେଣୁ ପ୍ରଚଳିତ ବିଧି ବ୍ୟବସ୍ଥା ବିରୁଦ୍ଧରେ ମୋ ସାହିତ୍ୟରେ ବିଦ୍ରୋହ ଓ ବିଦ୍ରୂପର ଅଙ୍କୁଶ ଯେମିତି ସବୁବେଳେ ଅତି ତୀବ୍ର ଓ ନିର୍ଦ୍ଦୟ ଭାବରେ ବାଜି ଉଠିଛି—ନୂତନ ଜୀବନର ସ୍ୱପ୍ନ ଓ ନିଶା ବି ସେଇପରି ମୂର୍ତ୍ତ ହୋଇ ଉଠିଛି। ରୋମାଣ୍ଟିକ୍ କୈଶୋରର ଛକ ଅତିକ୍ରମ କରି ନୂତନ ବାସ୍ତବତାର ଦିଗନ୍ତ ଅଭିମୁଖରେ ଏହା କ୍ରମ ଅଗ୍ରସର। ଏ ଯାତ୍ରା ଖାଲି ମରୁଭୂମିରେ କ୍ୟାରାଭାନ୍‌ର ମରୁଯାତ୍ରା ମାତ୍ର ନୁହେଁ। ଏ ଯାତ୍ରାର ଲକ୍ଷ୍ୟ ନୂତନ ଦିଗନ୍ତର ଆବିଷ୍କାର—ନୂତନ ପୃଥିବୀର ସନ୍ଧାନ। ଏହା ପଛରେ ଯଶ ଲିପ୍ସା ଯେ ନଥିବ ତାହା ପ୍ରତ୍ୟୁଢ଼ୀକୃ ଶାସ୍ତ୍ରର ଛନ୍ଦ ହିସାବରେ ଅସ୍ୱୀକାର କରିବା ମିଥ୍ୟା ଆତ୍ମଛଳନା ହେବ। କିନ୍ତୁ ଏଥିପାଇଁ ମତେ ଅନେକ ସମୟରେ ଅନେକ ଘାତ ସହିବାକୁ ପଡ଼ିଛି। ଦଳ ତ୍ୟାଜ୍ୟ ହେବାଠାରୁ ପରୋକ୍ଷ ତାଡ଼ନା ଓ ଜେଲ ଜୋରିମାନା ପର୍ଯ୍ୟନ୍ତ। କିନ୍ତୁ ମୁଁ ଦବି ଯାଇ ନାହିଁ, ଏହା ମୋ ପକ୍ଷରେ ଅବଶ୍ୟ ଆଶାର କଥା।

ଜୀବନର ନାନା ବିଚିତ୍ର ରଙ୍ଗ, ନାନା ସ୍ୱର ଓ ବର୍ଣ୍ଣର ଛଟା, ପୃଥିବୀର ନାନା ରୂପ, ରସ ଓ ଗନ୍ଧ, ପୁଣି ସମାଜ ଓ ମଣିଷ-ସମ୍ପର୍କର ନାନା ସଂଘର୍ଷ ଓ ସମନ୍ୱୟର ଆଶ୍ଚର୍ଯ୍ୟ ଧାରା ମୋତେ ବିହ୍ୱଳ ଓ ସୃଷ୍ଟିମୁଖର କରିଛନ୍ତି। କେତେବେଳେ ଆନନ୍ଦରେ ମୁଁ ଗୀତିବାନ ହୋଇ ଉଠିଛି ତ କେତେବେଳେ ଘୃଣା ଓ କ୍ରୋଧରେ ବହ୍ନିମାନ ହୋଇ ପଡ଼ିଛି। କିନ୍ତୁ ମୋ ଲେଖନୀ ମୋତେ ପ୍ରତାରିତ କରି ନାହିଁ। କୈଶୋରରେ ପୃଥିବୀ ଓ ପ୍ରକୃତିର ଆଶ୍ଚର୍ଯ୍ୟ ସୌନ୍ଦର୍ଯ୍ୟ ପ୍ରେମ, ପ୍ରଣୟ, ଜାତୀୟ ଆନ୍ଦୋଳନ—ଯୌବନରେ ଗାନ୍ଧିଜୀ, ମାର୍କ୍ସ୍ ଇଙ୍ଗେଲସ୍ ପ୍ରଭୃତି, ଜନ ଆନ୍ଦୋଳନ, କୃଷକ ଶ୍ରମିକ ଓ ମଧ୍ୟବିତ୍ତର ସଂଗ୍ରାମ, ପ୍ରେମ, ପଲ୍ଲୀ ଓ ଜନପଦ, ମନ୍ଦିରକଳା ଓ ସ୍ୱପ୍ନ ଏବଂ ସୋଭିଏଟ୍ ରଷ ଓ ତାର ଆଶ୍ଚର୍ଯ୍ୟ ସଂସ୍କୃତି ଓ ସଭ୍ୟତାର ସଂଗଠନ ମତେ ଯେତିକି ଗଭୀର ଭାବରେ ଉନ୍ମାଦିତ ଓ ଆନ୍ଦୋଳିତ କରିଛନ୍ତି ବର୍ତ୍ତମାନ ଯୁଗରେ, ମଣିଷର ସମ୍ପୂର୍ଣ୍ଣ ଜୀବନ, ଓ ତାର ସମସ୍ୟା, ମହାଯୁଦ୍ଧ, ଯୁଦ୍ଧୋତ୍ତର ପୃଥିବୀ, ଗାନ୍ଧିଜୀ, ମାର୍କ୍ସ, ଇଙ୍ଗେଲସ ପ୍ରଭୃତି, ନୂତନ ଯନ୍ତ୍ରର ସମ୍ଭାବନା କଲ କାରଖାନା, ଶାଗ୍ ସବଜି, ପାର୍କ, ମଇଦାନ, ନଦୀ ପ୍ରାନ୍ତର, ଫସଲର ରୋମାଞ୍ଚ ଓ ଉନ୍ମାଦନା; ପୁଣି ସ୍ୱାଧୀନ ହିନ୍ଦର ଅଭ୍ୟୁଦୟ—ତାର ଆଶା ଓ ପ୍ରତିକ୍ରିୟା, ନାଲ୍‌ଚୀନ, ପୃଥିବୀ ତଥା ପ୍ରକୃତିର ଅଜସ୍ର ରୂପ, ରସ, ଲୀଳା ଆଉ ପ୍ରେମ ଓ ବିଦ୍ରୋହ ମୋ ସାହିତ୍ୟର ଜୀବନୀଶକ୍ତି ଯୋଗାଇ ଛନ୍ତି। ଏ ସମସ୍ତଙ୍କୁ ମୁଁ ଗ୍ରହଣ କରି ନେଇଛି ମୋ ଜୀବନର ଅବିଚ୍ଛେଦ୍ୟ ଅଂଗ ରୂପେ—ପ୍ରତିବାଦ କରିନାହିଁ, ବରଂ ପୂର୍ଣ୍ଣତାଇ ଅନୁଭବ କରିଛି।

କାଳିଦାସ, ଭଞ୍ଜ ବା ରବୀନ୍ଦ୍ରନାଥ କବିତା ଲେଖି ଯାଇଛନ୍ତି ବୋଲି ଆଉ କେହି ଲେଖିବେ ନାହିଁ ବା ଲେଖିବା ଦରକାର ନାହିଁ, ଏଭଳି ଧାରଣା ମୋର କେବେ ହୋଇ ନାହିଁ। ସେମାନଙ୍କ ସଙ୍ଗେ ମୁଁ କେବେ ନିଜକୁ ତୁଳନା କରେ ନାହିଁ କି ତୁଳନା କରି ଲଜ୍ଜାରେ ଅଧମତମ ବୋଲି ନିଜକୁ ବୈଷ୍ଣବ ଧିକ୍କାର କରେ ନାହିଁ। ମୋର ମନେ ହୁଏ ସେମାନଙ୍କ ସାହିତ୍ୟ ଆମର ଅମୂଲ୍ୟ ଉତ୍ତରାଧିକାର ହେଲେହେଁ ଆମ ଯୁଗର ମାନସରୂପ ବା ଜୀବନର ଚେତନା ଫୁଟାଇ ପାରିବେ ନାହିଁ। ସେମାନଙ୍କ ସାହିତ୍ୟରେ ଆମ ଜଗତର ଛାୟା ମୁଦ୍ରା ନାହିଁ। ନ ଥିବାରଇ କଥା। ଆମକୁହିଁ ଆମର ସାହିତ୍ୟ ଗଢ଼ିବାକୁ ହେବ, ପ୍ରତ୍ୟେକ ଯୁଗର ସାହିତ୍ୟ ସେଇ ଯୁଗକୁହିଁ ତିଆରି କରିବାକୁ ହୋଇଥାଏ। କାଳିଦାସ, ଭଞ୍ଜ, ରାଧାନାଥ ବା ରବୀନ୍ଦ୍ରନାଥ ଯେତେବଡ଼ ଓ ନମସ୍ୟ ହୁଅନ୍ତୁ ନା କାହିଁକି ସେମାନେ କିଛି ଶ୍ମଶାନରୁ ଫେରିଆସି ଆମ ସାହିତ୍ୟ ଗଢ଼ିଦେଇ ଯିବେ ନାହିଁ କି ଆମ ଜୀବନର ଜଟିଳ,—ତାର ବହୁବିଧ ପ୍ରଶ୍ନ ଓ ସମସ୍ୟାର ସମାଧାନ କରି ଯିବେ ନାହିଁ! ଆମେ ସେମାନଙ୍କୁ ଶ୍ରଦ୍ଧା ଓ ଭକ୍ତି କରିବା ଏବଂ ସେମାନଙ୍କର ଉଜ୍ଜ୍ୱଳ ପରଂପରାରୁ ଭାଷା ଓ ସାହିତ୍ୟ ପାଇଁ ଜୀବନଶକ୍ତି ସଂଗ୍ରହ କରିବା ସିନା, କିନ୍ତୁ ସେମାନଙ୍କ ମୁହଁକୁ ଚାହିଁ ରହି ହାତ ଗୁଡ଼ାକ ବାନ୍ଧି ବସି ରହିଲେ କିଛି ଆମର ଦୁଃଖ ଘୁଞ୍ଚିବ ନାହିଁ କି ନୂତନ ସାହିତ୍ୟ ଗଢ଼ି ଉଠିବ ନାହିଁ। ଯେଉଁ ଜଗତ, ଜୀବନଧାରା ଓ ବାସ୍ତବତା ସେମାନଙ୍କ ସଙ୍ଗେ ମରି ଗଲାଣି, ସେଇ ଜଗତର ଲିପି, ଚିତ୍ରକୋଣ, ରୂପକଳ୍ପ, ଜୀବନବୋଧ, ସମାଜରୂପ ଓ ଶୈଳୀ ବଳରେ ତଥା ରୂପକ ବା ଆଙ୍ଗିକ ସାହାଯ୍ୟରେ ଆମ ସାହିତ୍ୟ ରଚନା କଲେ ଆମ ବାସ୍ତବତା ସେଥିରେ ଜୀବନ୍ତ ହୋଇ ଫୁଟି ଉଠିବ ନାହିଁ କି ଆମ ମାନସ ଭଙ୍ଗୀର ପ୍ରକୃତ ପ୍ରତିଫଳନ ତାହା କରିବ ନାହିଁ। ଆମ ମନରେ ଉପଯୁକ୍ତ ଅନୁସଙ୍ଗ ସୃଷ୍ଟି କରି ପାରିବ କେବଳ ସେଇ ସାହିତ୍ୟ ଯାହା ଆମ ଜୀବନର ପ୍ରକୃତ ପ୍ରତିଫଳନ ଏବଂ ଆମର ଚେତନ ଓ ଅବଚେତନ ମନର, ଯାହାର ଅଭିଜ୍ଞତା ଓ ଆବେଦନ ନିକଟବର୍ତ୍ତୀ। ଏ ସମ୍ବନ୍ଧରେ ମୋର ଧାରଣା, ଖୁବ ପରିଷ୍କାର ଆଉ ସନ୍ଦେହ-ହୀନ!

ଖାପଛଡ଼ା ଭାବରେ ଏଇ କେତୋଟି କଥା କହିବ ଛଡ଼ା 'ମୁଁ କାହିଁକି ଲେଖେ' ଏ ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ମୁଁ ଦେଇ ପାରିବି ନାହିଁ। ଇତି। ନମସ୍କାରାନ୍ତେ—



Digitized by srujanika@gmail.com

ମୈଠାକଡ଼ା

# ଆତ୍ମ-ପ୍ରତାରଣା

ଲେ—ବୁଦ୍ଧିଭ୍ରମ

ଚେଇଁର ମାଇଲ ଗଜା
ସାକୁଗଛ ମୂଳେ ବେଙ୍ଗଟିଏ ବସି
ଅଛି ବୋଲୁଅଛି ରଜା ।

ବେଙ୍ଗ ଯଦି ନିଜେ ନିଜେ ମନେକଲା—ସେ ରଜା—ଆଉ କେହି ନ ମାନିଲେ ବି ସେ ରଜା । ବୁଦ୍ଧିଭ୍ରମର ଏ ଯୁକ୍ତିକୁ ଅପରମାନେ ହସି ପାରନ୍ତି । କିନ୍ତୁ ମୋ ମତରେ ଅନ୍ୟମାନଙ୍କ ମାନିବାକୁ ଅପେକ୍ଷା କରିବା ମଣିଷ ମନର ଦୁର୍ବଳତା । ନିଜର ବିଶ୍ୱାସ ହୁଏ ନାହିଁ ବୋଲି ମଣିଷ ପାଞ୍ଚ ଜଣଙ୍କ ମୁହଁରୁ ଶୁଣିବାକୁ ଚାହେଁ । ଅନେକ ବୟସ ଅତୀତ ଦେଖି କପାଳକୁ ହିସାବ କରିଥାନ୍ତି, ବୁଦ୍ଧିଭ୍ରମଙ୍କ ସୀତା ତାଙ୍କର ପତ୍ନୀ ନୁହେଁ—କନ୍ୟା । ଲୋକଙ୍କ ମୁହଁରେ କେହି କଣ ହାତଦେବ ? ଏପରିକି ଅନେକାଳି ସୀତା ସେତେ ତାଙ୍କର ସ୍ୱାମୀ ବୋଲି ସ୍ୱୀକାର ନକଲେ ମଧ୍ୟ ମୁଁ ସ୍ୱାମୀ ସିଂହାସନକୁ ଖମିନ ହୁଁ ।

ଚେଦର ପଟେଲ ଜମି,
ବୁଦ୍ଧିଭ୍ରମଙ୍କ ମ୍ୟା ଖଟେଟଲେ ବସି
ଅଛି ବୋଲୁଅଛି ସ୍ୱାମୀ ।

ଥରେ ଜଣେ ମତାଲ ମଦଖାଇ ରାସ୍ତାରେ କହି ବୁଲୁଥିଲା—ମୁଁ ରଜାଙ୍କ ଭଣେଇ । ରଜା ଏକଥା ଶୁଣି ତାକୁ ଡାକିନେଇ ଗାରଦରେ ରଖିଦେଲେ । ତହୁଁ ଅଗଦିନ ନିଶା ଛାଡ଼ି ଗଲାରୁ ରଜା ପଚାରିଲେ—କିହେ ?—ଏଥର କହିଲ ପୁଣି କଣ କହୁଥିଲ ଶୁଣେ ! ମଦୁଆ ପଚାରିଲା—'କୋଉ କଥା ? ମୋର ମନେନାହିଁ'—'କାଲି ମାତାଲ ହୋଇ କଣ କହୁଥିଲୁ !' ଲୋକଟିର ନାମ ଥିଲା ନିତ୍ୟାନନ୍ଦ । ନିତ୍ୟାନନ୍ଦ କହିଲେ—"ଆଜ୍ଞା କାଲି ଯେଉଁ ନିତ୍ୟାନନ୍ଦ ରଜାଙ୍କ ଭଣେଇ ହୋଇଥିଲା ସେତ ଆଜି ନାହିଁ—ଆଜି ସେ ରଜାଙ୍କ ଅତିଥି—ରଜାଙ୍କ ଶଳା ହେଲେ ହେବ ଅବା !"

ନିତ୍ୟାନନ୍ଦଙ୍କର ଯେ ମାତାଲ ଅବସ୍ଥାଟା ତାଙ୍କ ପକ୍ଷରେ ମିଥ୍ୟା ନୁହେଁ । ରଜା ଯଦି ମଣିଷ ହୋଇଥାନ୍ତେ ତେବେ ସେ ନିଶ୍ଚୟ ବୁଝିଥାନ୍ତେ ଯେ ରାଜ୍ୟର ରଜା ସେ ନୁହନ୍ତି—କାରଣ ତାଙ୍କ ନିଶା ଦିନେ ଛାଡ଼ିବ—ଏବଂ ତାଙ୍କ ପୁଅ ହେଉନ୍ତୁ ବା ଅପରେ କେହି ହୁଅନ୍ତୁ ସିଂହାସନର ଅଧିକାରୀ ହେବ । ମାତ୍ର ବୁଦ୍ଧି-ନିଜକୁ ସେ ରଜା । ଏଇ ରଜତ୍ୱକୁ ସେ ବିଶ୍ୱାସ କରି ପାରୁ ନାହାନ୍ତି ବୋଲି—ସିଂହାସନ ନଅର, ପାତ୍ର,ମନ୍ତ୍ରୀ ଅମାତ୍ୟ, ସେନା ସାମନ୍ତ ଦରକାର । କିନ୍ତୁ ମାତାଲର ଏ ସବୁର କିଛି ଦରକାର ପଡ଼ୁନାହିଁ । ୨ ପଇସାର ଦେଶୀ ତାଡ଼ି ତାର ରଜତ୍ୱ ପାଇଁ ଯଥେଷ୍ଟ । ତଫାତ୍‌ କଣ ? ଆତ୍ମ-ପ୍ରବଞ୍ଚନାର ମୂଲ୍ୟ ରଜାଙ୍କ ପାଖରେ କୋଟି କୋଟି ଟଙ୍କା—ନିତ୍ୟାନନ୍ଦଙ୍କ ପକ୍ଷରେ ମାତ୍ର ଛ ପାହ । ସବୁଟି ସେଇ ଏକା ଆତ୍ମ-ପ୍ରବଞ୍ଚନା ।

ଆତ୍ମ-ପ୍ରବଞ୍ଚନା ନକରି ମଣିଷ ମୁହୂର୍ତ୍ତେ ବଞ୍ଚିପାରେ ନାହିଁ । Hazlitt ଙ୍କ କଥାରେ "Life is the art of being well-deceipt. ମଣିଷ ଜାଣେ ସେ ମରିବ ! କିନ୍ତୁ ଏପରି ନିପୁଣ ଆତ୍ମ-ପ୍ରବଞ୍ଚନା ସେ କରେଯେ ସେ ବଞ୍ଚିଛି ବୋଲି ପୁରୁଷାନୁକ୍ରମିକ ଅଭ୍ୟାସଦ୍ୱାରା ସ୍ୱଭାବ ସିଦ୍ଧ କରି ନେଇଛି ସେ ବଞ୍ଚନାକୁ । ସେ ଆଉ ବଞ୍ଚନା ହେଉନାହିଁ ।

କଳାର ସୃଷ୍ଟିମଧ୍ୟ ଏହି ପ୍ରବଞ୍ଚନାରୁ ! କଳନା—ଚିନ୍ତା—ସବୁଦିନେ ବାସ୍ତବରୁ ଦୂରରେ । ଇଂରାଜୀ Art—ଶବ୍ଦରୁ artificial କଥାଟିର ଉତ୍ପତ୍ତି । ଅସୁନ୍ଦରକୁ ସୁନ୍ଦର କରିବାହିଁ କଳା—art. ଜୀବନ ବାସ୍ତବିକ ଅସୁନ୍ଦର—ତାକୁ ସୁନ୍ଦର କରିବାକୁ ହୁଏ । ମଣିଷ ପଶୁ—animal—ତାକୁ ମଣିଷ କରିବାକୁ ହେବ—ଛନ୍ଦହୀନକୁ ସ୍ୱଚ୍ଛନ୍ଦ କରି ସ୍ୱଚ୍ଛନ୍ଦର ଆନନ୍ଦ ଦେବାକୁ ହେବ । ମଣିଷକୁ ଭୁଲି ଯିବାକୁ ହେବଯେ ସେ ପଶୁର ବଂଶଧର । ସେତେବେଳେ ହୁଏତ Goethe କହନ୍ତି—We are our own aptest deceiver.

ଏଇ ପ୍ରତାରଣାର ଉଚ୍ଚ ସୋପାନରେ ମଣିଷ ପହଞ୍ଚେ ଯେତେବେଳେ ସେ ଚିତ୍କାର କରି କହେ—ଚିଦାନନ୍ଦ ରୂପ ଶିବୋଽହଂ—ଶିବୋଽହଂ । ଶିବୋଽହଂ—ସୋଽହଂ—ତତ୍ତ୍ୱମସି—ଏସବୁ ପ୍ରବଞ୍ଚନା । ନିଜେ ନିଜକୁ ପ୍ରବଞ୍ଚନା ନକଲେ ଈଶ୍ୱରଙ୍କ ସହ ସମାନ ହେବା ଅସମ୍ଭବ । ମାଟିରେ ଥାଇ ସ୍ୱର୍ଗର ଚିନ୍ତା କଲେ ପ୍ରବଞ୍ଚନା ହିଁ ସାର । ପୁଞ୍ଜିବାଦୀ ରାଷ୍ଟ୍ରରେ ଥାଇ ସାମ୍ୟବାଦୀ ହେବାର ଚିନ୍ତା-ମଧ୍ୟ ପ୍ରବଞ୍ଚନା । ମାତ୍ର ଏ ପ୍ରବଞ୍ଚନାରୁ ଉନ୍ମୁ ଦେଇହେବ—ଓ ହେବା ଉଚିତ ।

ତଥାପି ମଣିଷ ଯେତେବେଳେ ଅକୃତ୍ରିମ ହୋଇପଡ଼େ ସେ ସେତେବେଳେ ବୁଝିପାରେ ଯେ ସେ କେତେ ତଳେ । ମନୁଷ୍ୟ ପ୍ରକୃତିସ୍ଥ ହୋଇ ଦେଖେ—ଈଶ୍ୱର ବୋଲି ନିଜକୁ ବିଚାର କରିବା ତା ପକ୍ଷରେ ଅଯଥା । ମଣିଷ ଅଦ୍ୱୈତ ବାଦରୁ ଦ୍ୱୈତକୁ ଖସେ Adisson ସେତେବେଳେ କହନ୍ତି—

'Tis not my talent to conceal
my thoughts,
Or carry smiles of sunshine
in my face.
When discontent sits heavy
at my heart

ଆତ୍ମ ପ୍ରବଞ୍ଚନା ଯେଉଁଠି ସଂଯମର ସୀମାରେ ଥାଏ—ସେଠି ଯେ ସୁନ୍ଦର—କଳା—ଛନ୍ଦୋମୟ । ଆତ୍ମପ୍ରବଞ୍ଚନା ସେ ସ୍ତରରୁ ଖସିଲେ ସେଠି ସେ ଅହମିକାରେ ପରିଣତ ହୁଏ—ସେତେବେଳେ ମଣିଷ ନିଜକୁ ଠକିବା ଠାରୁ ଅନ୍ୟକୁ ଠକେଇବାରେ ବେଶି ଆନନ୍ଦପାଏ ; ଅନ୍ୟକୁ ଠକିବାରେ ଯେଉଁ ଆତ୍ମପ୍ରବଞ୍ଚନା—ବା ମିଥ୍ୟା-ଆତ୍ମ-ବୋଧ ସେ ଅତି ମାରାତ୍ମକ । ମଣିଷ ଅନ୍ୟକୁ ଠକି ଦେଇ ଭାବେ ତାର ଆତ୍ମାର ଦୁର୍ବଳତାକୁ ସେ ଲୋପ କରିଦେଇଛି । ଫଳରେ ସେ ଆପଣା ଦେହ ନୀତିକୁ ଘୋଡ଼ାଇ ମିଥ୍ୟା-ଆତ୍ମବୋଧ ପାଏ , ମିଥ୍ୟା ଆତ୍ମ-ବୋଧରୁ ଆସେ ଅହମିକା ।

ସେତେ ବେଳେ ମଣିଷ ଉନ୍ନତ-କାମୀ—ଉତ୍ଥାନପେଦ ମଣିଷର ମନ୍ଦା ଭିନେ ହୁଏ । ସେ ନିଜକୁ ଅସହାୟ ଦେଖି କହେ—ମୁଁ ନୀଚ—ମୁଁ ହୀନ । ଅନେକ ବୁଦ୍ଧିମାନ ଲୋକେ ଏଥିକୁ ନୀଚ-ମନୋବୃତ୍ତି କହନ୍ତି । କିନ୍ତୁ ମଣିଷ ଯେତେବେଳେ ନିଜର ଦୁର୍ବଳତାକୁ ବୁଝି ଆପଣାକୁ ହୀନମନେ କରେ ସେତେବେଳେ ସେ ସବୁଠାରୁ ବଳବାନ । ଚୈତନ୍ୟ ସେଇ ବଳବାନ୍ ମଣିଷକୁ ଈଶ୍ୱର କହି ନିଜକୁ ନୀଚ ଭାବି କହିଗଲେ—ତୃଣାଦପି ସୁନୀଚେନ-ତରୋରିବ ସହିଷ୍ଣୁନା ।...

( ଅବଶିଷ୍ଟାଂଶ ୧୫ ପୃଷ୍ଠା ଦେଖନ୍ତୁ )

# ଉତ୍ତରାଧିକାର

ଲେ—ଶ୍ରୀ ମହାନ୍ତ...

ଭାଗ୍ୟହୀନ ପିତା ମୋର ହେ ନମସ୍ୟ ସ୍ୱର୍ଗ ଲୋକ ବାସୀ,
ତୁମର ସନ୍ତାନ ବ୍ୟଥା ବାରେ ହେଲେ ଦେଖିଯାଅ ଆସି ।

ଅଶରୀରୀ ଶୁଣ ଅସି ଥରେ ଏଠି ଏ ମୋର କ୍ରନ୍ଦନ,
ତୁମଠି ଦାୟାଦ ମୁଁ ଯେ ଏକଥା କି ହୁଏନା ସ୍ମରଣ ?
ତୁମ ଗୁଣ ଦେହ ମନ ପାଇଛି ମୁଁ ଉତ୍ତରାଧିକାର,
ତଥାପି ଶୁଣନା କପାଁ ଏ ଆତ୍ମାର ଆର୍ତ୍ତ ହାହାକାର ?

ଯେତେ ଦୋଷ, ଦୁର୍ବଳତା, ଅକ୍ଷମତା ଦେହ-ମନେ ମମ,
ତୁମର ପ୍ରସାଦେ ସବୁ ତୁମର ମୁଁ ଦାୟାଦ ପରମ ।
ନଥିବ ତ ଭୁଲ ତଳେ ଯେ ନିର୍ମମ ଗୁଣ ପରିବେଶେ,
ବର୍ଦ୍ଧିତ କରିଛି ମତେ ଅତି ହୀନ ଅତି ଘୃଣ୍ୟ ବେଶେ ।

ଯେତେ ଲଜ୍ଜା, ଅପମାନ, ମର୍ମାନ୍ତିକ ବିଘାତ, ବ୍ୟର୍ଥତା,
ଅଟଗ ଲଭିଇଛି ସବୁ ବୁଝିଥିବ ମୋର ଅକ୍ଷମତା ।

ଶୂନ୍ୟ ନେଇ ଗୃହଁ ଗୃହଁ ଏ ବିରାଟ ଦୁନିଆର ପଥେ,
ଯେତେ ସ୍ୱପ୍ନ ଯେତେ ପ୍ରଶ୍ନ ଜାଗେ ଆଜି ମୋର ମନୋରଥେ,
ଇତିହାସ, ଅର୍ଥନୀତି, ଜନବୁଦ୍ଧି, ବୁର୍ଜୁଆ, ମଜଦୁର୍,
ସାମ୍ୟବାଦ, ଗାନ୍ଧୀବାଦ, ଯୋଜନାବାଦ ଯା ହା ଯୁଦ୍ଧୋତ୍ତର ।

ବୈଜ୍ଞାନିକ-ଆବିଷ୍କାର, ରୂପ-ପ୍ରୀତି, କଳା ଅନୁରାଗ,
ଏସବୁର ଉର୍ଦ୍ଧେ ଶୁଣେ ତୁମ କଥା --ଭଗବାନ, ଜନ୍ମାନ୍ତରବାଦ ।
ଶୁଭାଶୁଭ ଫଳଦାତା, ଦୀନବନ୍ଧୁ ଶରଣ-ସୋଦର,
ସର୍ବ ଶକ୍ତିମାନ ସେହି ସର୍ବଜ୍ଞତା ପାଳକ ଯେ ନିର୍ବାଚ ଈଶ୍ୱର ।
ମନୁଷ୍ୟ ନିର୍ମିତ ମାତ୍ର, ଭାଗ୍ୟ, ଭୋଗ୍ୟ, ଭାଗ୍ୟଲିପି ସବୁ,
ବ୍ୟକ୍ତି, ଜାତି, ରାଷ୍ଟ୍ର, ଦେଶ, ସର୍ବପ୍ରାଣୀ ନିୟନ୍ତ୍ରିତ ପୂର୍ବୁ ।
ଏଇ ସବୁ କଥା ପରେ ଜୀବନର ଛନ୍ଦ ପରେ ଆଜି,
ଗୋଡ଼ ଯେବେ ଛନ୍ଦ ହୁଏ, ଦେହ ପେଟେ ପାଦଯାଏ ଭାଜି ।
ଗଲ୍ପ ମାଘେ ଡିସ୍‌ପେପ୍‌ସିଆ, ଆଜି ଯେବେ ମେଣ୍ଟଇ ମୋ ମରେ,

'କପାଳ ଲିଖନ' ଭାବି ଯଥା ତଥା ଦିନମୋର ଯାଉ ।
ସାମର୍ଥ୍ୟ ଅଭାବ ହୁଏ ଏଠିକାର ପ୍ରତିଯୋଗିତାରେ,
ସବୁରି ପଛରେ ପଡ଼ି ଠିଆହୋଇ ରାଜପଥ ଧାରେ ;
କି ବୁଝେଁ, ବୁଝେଁନା କିସ, ତଳେ ତାହା ଗାରେନା ମୁଁ ବୁଝି,
ମୁଣ୍ଡରୁ ମୋ କେଶ ଝଡ଼େ ଚସମାରେ ଝାପସା ଦିଶେ ଆଜି ।

ସାନ ଭାଇ ନୀରକ୍ଷର, ଶିଶୁପୁତ୍ର ପାଏ ନାହିଁ ପଥ୍ୟ,
ବୁଝିବି ବୁଝେଁନା ମୁଇ ଏତେଟିକେ ଜୀବନର ଅର୍ଥ ।
ତୁମେ ଅବା ବୁଝିଥିବ ଦିବ୍ୟ ଦୃଷ୍ଟି ଲଭି ସେ ଲୋକର,
ଏ ଧରାର ଭୁଲ, ଭ୍ରାନ୍ତି, ସତ୍ୟ ମିଥ୍ୟା, ହେତୁ ରହସ୍ୟର ।
କିନ୍ତୁ ମୁଁ ଦେଖଇ ଏଠି ଧରଣୀର ଶତ ବିଫଳତା,
ସାମଞ୍ଜସ୍ୟ ହୀନ ସବୁ ଶୁଣେ ବହୁ ବଡ଼ ବଡ଼ କଥା ।

ସେ ଲାଗି ମୁଁ ଡାକେ ଅସି ଦିଅ ମତେ ପଥର ସନ୍ଧାନ,
ଅଛି ଯଦି ଶକ୍ତି ତବ ନେଇ ମୋର ଜ୍ୱଳନ୍ତ ଜୀବନ ।
ଅନ୍ୟଥା ମୁଁ ନୁହେଁ ଦୋଷୀ ଯଦିଥାଏ ମୋର ଦୁର୍ବଳତା,—
କର୍ତ୍ତବ୍ୟ ମୋ କରିବାରେ ବୁଝିଥିବ ସବୁ ମୋର କଥା ।
ବ୍ୟକ୍ତି ଏଠି କେତେ ହୀନ, ଅସହାୟ—,ନାହିଁ ରହି ତାର
ସାମାଜିକ ପ୍ରତିପତ୍ତି, ଆଭିଜାତ୍ୟ, ବାହାଦୁରୀ' ଅର୍ଥ କାରବାର ।
ସେଲାଗି ମୁଁ ନୁହେଁ-ଦାୟୀ ଯଦି ଆଜି ଗଣେ ବସି ଝଟର ହିସାବ
ଅବା ମୋର ଛାତି ହାଡ଼, ଶୁଣେ ଯଦି ରୋଗୀ କଳରବ—
ପରିବାରେ ନିତିମୋର, ଗଣେ ଯଦି ଚୋଡା ବାଡ଼ି ସଂଖ୍ୟା
ଧୂମାୟିତ ହୁକା ଲୋକେ କରେ ବସି ଫାଇଲ ସଂରକ୍ଷା ।
ଯନ୍ତ୍ରହୁଏ ଗୋଳମାଳ, ତେଣୁ ଟିକେ ଖାଏ ମୁଁ ଅଫିମ,
ଗୋଲିଏଡ଼େ ସବୁ ପ୍ରଶ୍ନ, ସବୁ କ୍ଷୀଣ, ଆଖିରେ ମୋ ନଇଁ ଆସେ
ଘୁମ ।

ତୁମେଇ ବିଚାର କର, ଭୁଲ୍ ଠିକ୍, କିଏ ବଡ଼,କିଏ ଅବା ସାନ,
ମଣିଷର ଆବିଷ୍କାର, ଅର୍ଥନୀତି, ଅଉ ଭଗବାନ !

## ପ୍ରେମାଶ୍ରମ

ଶ୍ରୀ ବିନୋଦ ରାଉତରାୟ

ମନ୍ଦାର ଡାଳ ସୁନ୍ଦର ଓଠେ
ଗୋଧୂଳି ଚୁମେ,
କୁନ୍ତଳିନୀ ଗୋ, କାନ୍ତ ମହଲ
ଅସିଚ ତୁମେ ?
ଆଣିଚ ବାରତା, ଅନାଗତ ଯାହା
ଓଷ୍ଠେ ଧରି
ଡାଳଦେଲେ ଧୀରେ ଉଠିବ କବରୀ
ଛନ୍ଦ ଭରି !...
ଛନ୍ଦ ବୀଣା ତା' ସଜାଡ଼ ଗରବେ
ଗଉରବରେ,
ଦରଦ ଲଘବ ଝଙ୍କାର ଦେଇ
ଜୀବନ ପରେ;

ଗାଇବ ସେବାଣୀ ଗୃହଁ ତୁମ ପଥେ
ଆବେଗ ହେଇ,
ଜଡ ଧରଣୀରେ ବିପୁଳ ଜୀବନ
ଅସିବ ନେଇଁ ।
ପ୍ରେମ ଆଶ୍ରମେ ଗାଇବଏ କବି
କବିତା ଗୋଟି;
ଅସମାପ୍ତ ଯେ ଭୂମିକା ରହିଚି
ପଢିବ ଲୋଟି ।
ଅନାଗତ ଯାହା ସମାଗତ ହେବ
ଆଗାମୀ କାଲି;
ସ୍ୱର୍ଣ୍ଣ ଗୋଧୂଳି ଲହରେ ଲହରେ
ଅଜିର ବାଲି !!

ସ୍ୱପ୍ନ ଆଖିରେ ସଂଚିତ ତୁମ
ଅଜୁହା ଆଶା,
ଅଶ୍ରୁ-ତୁମୁମେ ବିକଶି ଉଠେ ତା'
ମରମ ଭାଷା;
ସେଇଥିରେ କବି ରଚିବ ଅଜିତା'
ମାଙ୍ଗଳିକ,
ଲୁଣ ସବୁଦାର ଜୀବନ କାନନେ
ଗାଇବ ପିକ ।
ପ୍ରେମ ଆଶ୍ରମେ ପ୍ରେମ ଲତା ମୋର
ଉଠିବ ଚେଇଁ,
ସରମ ଆନନ କପୋଳ ଉପରେ
ଓଢ଼ଣା ଦେଇ ।



Digitized by srujanika@gmail.com

## ବାନର ଅଜା

ଲେ—ପୂର୍ଣ୍ଣଚନ୍ଦ୍ର ରଥ [୧୯୦୧]

ଗାଁଅଁ ମୁଣ୍ଡ ବଙ୍କା ଗୋହିରୀ ସେପଟ ଅମ୍ବ ତୋଟାରେ
ଝାଙ୍କ ସିନ୍ଦୂରର ପଥର ଶମ୍ଭୁ ତଳ ଲଟାରେ ।
ବାଟୋଇଙ୍କ ଦେଖି କପିଏ ଭାଳଇ ହାଇରେ ମୋର
ମଣିଷ ଜନମ ନହୋଇ କପା ମୁଁ ବଣ ବାନର ।
ଏ ସମୟେ ଗଲେ ଶିବ ପାରବତୀ ସେ ବାଟେ ଉଡ଼ି
ଦେଖି ହନୂ ତାଙ୍କ ଆଗରେ ହୋଇଲା ମୁଣ୍ଡକୁ କୋଡ଼ି ।
ଈଶ୍ୱର ବୋଇଲେ କି ବର ମାଗୁଛ ମାଗରେ କପି !
କପି ବୋଲେ ଶିବ ମୋତେ ଏ ଜନମୁ ଉଦ୍ଧାରିବ କି !
ମନ୍ତ୍ରର ପାଣିକି ସିଞ୍ଚି ଦେଲେ ଯହୁଁ ଶିବ ପାର୍ବତୀ
ଚୁହୁଁ ଚୁହୁଁ କପି ହୋଇ ଗଲା ଏକ ମଣିଷ ମୂର୍ତ୍ତି !
ଏବେ ତ ବାନର ସ୍ୱଭାବ କେବଳ ମଣିଷ ଶରୀର
ଆଇନ କାନୂନ ତାହାକୁ ବା ଜଣା ଥିବ କପର ?
ରାସ୍ତାଘାଟ ହଗି କଲା ଏକାକାର ବଜାରେ ପଶି
କଦଳୀ ନଡ଼ିଆ ଆତ୍ତ ବାଇଗଣ ଖାଇଲା ଧସି ।
ପୁଲିସ ତାହାକୁ ହାତକଡ଼ି ଦେଇ ଧଇଲେ ଚେତୁ
କିଅଲେ ପଶିଣ ଏକୁଟିଆ ଘରେ ଭାଳଇ ହନୂ ।
ମଣିଷ ଜନମ ଝିଙ୍କମାର ସିନା ପୁଲିସ ନୋହି—
ପୁଲିସ ହେଲେ ମୁଁ ମୋତେ କେହି ଧରି ପାରିବ ନାହିଁ ।
ଡାକିଲା ଆତୁରେ ହେ ଶିବ ଶଙ୍କର ରଖ ଏଥର
ହନୂର ଡାକେ କଇଲାସୁ ଶିବ ଅଇଲେ ଖର ।
କପି ବୋଲେ ପ୍ରଭୁ ମଣିଷ ଜନମ ଧିକ ଏ ଛଛ !
ଯେତେବେଳ ଯାଏଁ ପୁଲିସ ସାହେବ ମୁଁ ନ ହୋଇଛି ।
ଶୁଣି ଶିବ ପାଣି ସିଞ୍ଚି ଦଅନ୍ତେ ସେ ହେଲା ପୁଲିସ
ଚଳନ୍ତି ଏଥର କପି ସାହେବ୍ ମୋ ଫୁଲଇ ନିଶ ।
ଏ ସମୟେ ମହାମନ୍ତ୍ରୀ ଯାଉଥିଲେ ମଟରେ ଚଢ଼ି—
ଜାଣେ ନାହିଁ ଗଲା ତାଙ୍କୁ ସଲାମ ଦେବାକୁ ଭୁଲି ।
ସାଙ୍ଗେ ସାଙ୍ଗେ ତାକୁ ଡିସମିସି କରି ଦେଲେ ସରବ
କପି ଏବେ କାନ୍ଦ କାନ୍ଦ ଡାକୁଥାଏ ରଖହେ ଶିବ !
ମନ୍ତ୍ରୀ ନ ହେଲେ ମୁଁ ମଣିଷ ଜନମ ହେଲା ଅସାର
ଶିବ ଆସି ପୁଣି ସିଞ୍ଚି ଦେଲେ ଯହୁଁ ମନ୍ତ୍ରର ଜଳ,
ସଙ୍ଗେ ସଙ୍ଗେ ମନ୍ତ୍ରୀ-ବର ହେଲା କପି କି ଦେଖ ଠାଣି ।
ମନ୍ତ୍ରୀଙ୍କ ଅଫିସରେ ଦିନେ କାଏ ଦେଲା ଡଗର ଆଣି ।
ଚହୁଁ ଭୁଲେ କପି ହେ ଶିବ ଏଥର ହେବି ମୁଁ କବି,
ମନ୍ତ୍ରୀଙ୍କ ନାମରେ ଲେଖିବି ମୁଁ ପୁଣି କାଟିବି ଛବି ।
କବି ଆଉ କବି ମଝିରେ କେବଳ 'ପିବି'ର ଛାଡ଼ି
ଶିବ କରି ଦେଲେ ସହଜରେ ତାକୁ କବିଏ ବଡ଼ ।
ସେଇ କବି ଏବେ ବନ୍ଧୁଜନ୍ତୁ ଆମ ହୋଇଣ ଅଜା
ଆଉ ମୋ ମାଙ୍କଡ଼ୀ କହିବ କି ଅଜା କେମନ୍ତେ ମଜା ।

## ନାଗଙ୍କ ପ୍ରଶ୍ନ

ପୂର୍ଣ୍ଣ [୧୯୦୨] ପୃଥିବୀ ଗ୍ରହ ହୋଇଥିଲେ ଅନ୍ୟାନ୍ୟ ଗ୍ରହଙ୍କ ପରି ଉଜ୍ଜ୍ୱଳ ଦେଖା ଯାଏ କାହିଁକି ?

ଚନ୍ଦ୍ର [୧୨୫୨] ପୃଥିବୀରେ ବଡ଼ ମ୍ୟୁଜିଅମ [ଯାଦୁଘର] କାଏ ?

ପୂର୍ଣ୍ଣେନ୍ଦୁ [୧୩୬୮] ଜହରଲାଲଙ୍କ ଝିଅ ନାତିଙ୍କ ନାମ କଣ ?

ସୋମନାଥ [୧୩୨୬] କେଉଁ ପ୍ରାଣୀର ଆଖି ଓ କାନ ନ ଥିଲେ ମଧ୍ୟ ଅନ୍ତ୍ର ଦ୍ୱାରା ଶୁଣି ପାରେ ।

ଶରତ [୧୨୫୦] ଇତିହାସ କାହିଁକି ମୁଖସ୍ଥ ହେଉଛି ।

## ନାଗଙ୍କ ଉତ୍ତର

ରାଧାମୋହନ ଦାଇ [୧୨୮୩] ଜ୍ୟୋତିବ—ସାର ଆଇଜାକ୍ ନିଉଟନ ପୃଥିବୀର ବଡ ବୈଜ୍ଞାନିକ ଅଟନ୍ତି—ଉପେନ୍ଦ୍ର [୧୩୬୨]

ଲମ୍ବୋଦର ଭାଇ—ବେଙ୍ଗ ମାନଙ୍କଠାରୁ ସଙ୍ଗୀତର 'ସା' ଆରମ୍ଭ । ସ୍ତ୍ରୀ ବେଙ୍ଗକୁ ଆକର୍ଷଣ କରିବାପାଇଁ ସେମାନେ ରାବନ୍ତି ।
—ଉପେନ୍ଦ୍ର

୫୧ ନମ୍ବର ଅବସର ବିନୋଦନ ଉତ୍ତର
[ଖ] କୁମ୍ଭୀର
[ଗ] ଓଉ ଓ ଭଇ—[ନିର୍ମଳ ୧୨୧]

## ଅବସର ବିନୋଦନ ୫୨

ଚୂରିଟି ଅକ୍ଷରେ ନାମଟି ମୋହର
ଶୁଣି ସର୍ବେ ଥରହର,
ପ୍ରଥମ ଦ୍ୱିତୀୟ ଅକ୍ଷର ମିଶିଲେ
ହୁଏ ଏକ ବନଚର ।
ଦ୍ୱିତୀୟ ତୃତୀୟ ମିଶିଲେ ବୁଝାଏ
କାହାଣୀର ଅନ୍ୟନାମ,
ତୃତୀୟ ଚତୁର୍ଥେ ଯେ ପଦାର୍ଥଟି
ରମଣୀଙ୍କ ପୂଜ୍ୟ ଜାଣ ।
ଦ୍ୱିତୀୟ ଚତୁର୍ଥ ଗମନ ବୁଝାଇ
କହିବ ଯେ ଶବ୍ଦ କହ;
ଦେଖି ତ ନଥିବ ଜାଣେ ଭଲକରି
ବଣେ ଯେଣୁ ଥାଏ ରହ ।
ଅମ୍ବୁଜ [୧୨୫୨]

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି । ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ଊଣା । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ବାବଦକୁ ୦ ୬ ଡାକଟିକଟ ଦେଲି ।

ସ୍ନେହର

## ନୂଆ ନାଗଙ୍କ ନାମ

୧୯୮୩ ବାଳ ମୁକୁନ୍ଦ ହୋତା ୯ମ ଶ୍ରେଣୀ ସୋନପୁର ଘଣ୍ଟାଘର ସୋନପୁର । ୧୩୮୪ ଶୈଳବାଳା ରାୟ ଖଇରଗଡ଼—ନୂଆଗାଁ । ପୋଃଅଃ କଟକ । ୧୩୮୫ ସ୍ୱର୍ଣ୍ଣପ୍ରଭା ଦେବୀ ଗ୍ରାଃ ବୀର ଗୋବିନ୍ଦପୁର ପୋଃ ଆନନ୍ଦପୁର କେନ୍ଦୁଝର । ୧୩୮୬ ଭଗବାନ ନନ୍ଦ ଗ୍ରାଃ ବୀର ଗୋବିନ୍ଦପୁର ପୋଃ ଆନନ୍ଦପୁର କେନ୍ଦୁଝର ।



Digitized by srujanika@gmail.com

# ଯେସାକୁ ତେସା

ଲେ—ଚକ୍ରୀ ଚକ୍ର

ଶ୍ରୀମତୀ ଶୈଳବାଳା ରାୟ
ଖଇରାଗଡ଼, ନୂଆଗାଁ, କଟକ

ପ୍ର—କୋରିଆ ସମ୍ବନ୍ଧରେ ଭାରତ ସରକାର ଆମେରିକା ଓ ରୁଷ ସଙ୍ଗେ ଚିଠିପତ୍ର ଚଳାଇ କି ଲାଭ ?

ଉ—ଲୁଗା ଯୋଡ଼େ ଓ ବାଟଖର୍ଚ୍ଚ ଘଟକାଳି ବାବଦ ।

ପ୍ର—ଢଗର ପତ୍ରିକାକୁ ଲୋକମାନେ ବେଶି ଆଦର କରନ୍ତି କାହିଁ ?

ଉ—ସେ ଓଲଟା କଥା କହେବୋଲି—ଅର୍ଥାତ ଢଗର ନହୋଇ ରଗଡ଼ କରେ ।

ପ୍ର—ପୃଥିବୀରେ ବୃହତ୍ତମ ନଦୀ, ହ୍ରଦ, ପର୍ବତର ନାମ ?

ଉ—ଏ ସମ୍ବନ୍ଧରେ ନଦୀର ନାମ ନାଇଁର ଯୁକ୍ତା ହ୍ରଦର ନାମ ନାଇଁହ୍ରଦ ଓ ପର୍ବତର ନାମ ବୟ— ।

ହରିହର ପାଣି—କଟକ

ପ୍ର—ପଣ୍ଡିତ ନେହୁରୁ ଓ ଜଣେ ପାଗଳ ମଧ୍ୟରେ ତଫାତ କଣ ?

ଉ—ପାଗଳକୁ ସମସ୍ତେ ପାଗଳ ବୋଲି କହୁଥାନ୍ତି—ନେହୁରୁଙ୍କୁ ସମସ୍ତେ ପାଗଳ ହୋଇ ଗୋଡ଼ାନ୍ତି ।

ପ୍ର—ସୁନ୍ଦରୀଙ୍କୁ ଛବିରେ ଦେଖିଲେ ମୋର ରାଗ ହୁଏ ଅଥଚ ବ୍ୟକ୍ତିଗତ ପରିଚୟ ନାହିଁ—କାରଣ କଣ ?

ଉ—ସେଇଟା ରାଗନୁହେଁ—ପୂର୍ବରାଗ !

ପ୍ର—ମୁଁ ବଡ଼ ପତଳା—ମୋଟା ହେବାର ଉପାୟ କହିବେ କି ?

ଉ—ଯେଉଁ ଔଷଧ ଖାଇ ମୂର୍ଖମଧ୍ୟ ମନ୍ତ୍ରୀ ହୋଇପାରନ୍ତି ସେହି ଔଷଧର ନାମ ଜାଣିବାକୁ ହେଲେ—ଓଡ଼ିଶା ସେକ୍ରେଟେରିଏଟରେ ସନ୍ଧାନ କର !

ନିତ୍ୟାନନ୍ଦ ଦାସ,
ଟେଁଗ୍ରାମ ନଗର, ପୋ: ବାଲେଶ୍ୱର

ପ୍ର—ମୃତ୍ୟୁ ସମସ୍ତ ଦୁଃଖର ଅବସାନ ଘଟାଏ କି ?

ଉ—ନିଜେ ନମଲେ ସମର ଭେଟ ମଧ୍ୟ ଅସମ୍ଭବ । ପରୀକ୍ଷା ପ୍ରାର୍ଥନୀୟ !

ପ୍ର—ମଣିଷ ନିଜର ଜୀବନକୁ ଯେପରି ଗଢିବାକୁ ଚାହେଁ ପାରେ ନାହିଁ କାହିଁକି ?

ଉ—ଅର୍ଦ୍ଧାଙ୍ଗିନୀ ଅନ୍ୟ ପୁରୁଷର ଗୃହେ-ବୋଲି—man proposes woman disposes.

ପ୍ର—ଶିଶୁ ଜୀବନରେ ବାଳକ ପିତାମାତାଙ୍କ ଉପରେ ନିର୍ଭର କରେ—ନା ସରକାରଙ୍କ ଉପରେ

ଉ—ଯେଉଁଠି ସରକାର ମା ବାପ—ସେଠିତ ଏ ପ୍ରଶ୍ନ ଉଠିବ ନାହିଁ ।

ଶରତ ଚନ୍ଦ୍ର ମହାନ୍ତି—

ପ୍ର—ଆଜିର ଯୁଗ ଗୃହେଁ କଣ ?

ଉ—ଯୁଗ ଗୃହେଁ ଯୁଗ— (ଯୁଗ୍ମ)

ପ୍ର—ଆଜିର ଜନତା ଗୃହେଁ କଣ ?

ଉ—ତାର ଗୃହିଁବାକୁ ଆସି ନାହିଁ ।

ପ୍ର—ଏ ଯୁଗର ନାରୀ ଗୃହେଁ ଓ ନର ଗୃହେଁ କଣ ?

ଉ—ନାରୀ ଗୃହେଁ—ନର ହେବାକୁ ଓ ନର ଗୃହେଁ ବାନର ହେବାକୁ ।

ନୀରଦ ବିହାରୀ ପରିଡ଼ା
ଭଦ୍ରକ କଲେଜ

ପ୍ର—ଓଡ଼ିଶାର ଆଧୁନିକ କବି ମାନଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? ଏବଂ ତାଙ୍କର କେଉଁ କବିତାଟି ଅତି ସରସ—

ଉ—ମୁଁତ କୌଣସି କବିର ପ୍ରିୟା ନୁହେଁ—କହିବି କିପରି ?

ପ୍ର—ଢଗରର ପ୍ରଧାନ ଲେଖକ ବା ଲେଖିକା କିଏ ? ତାଙ୍କ ଘର କେଉଁଠି ?

ଉ—ପ୍ରଧାନ ଲେଖକ ମୁଁ— ମୋ ଘର ସରଗରେ—ଲେଖିକାଙ୍କ ନାମ ଠିକଣା ଦେବାକୁ ନ ରାଜ—କାରଣ ତାଙ୍କ ଶୁଣି ପତିବ୍ରତୀ ଛାଡ଼ିବ ନାହିଁ ।

ରମେଶ ଚନ୍ଦ୍ର ରଣା
ଲକ୍ଷ୍ମଣ ନାଥ ।

ପ୍ର—ପ୍ରେମ କେତେବେଳେ ଓ କିପରି କ୍ଷଣେ ଓ ଅନ୍ୟାୟ ହୁଏ ?

ଉ—ଯେତେବେଳେ ପଣାପାଲରେ ମୁଅ ବାଆର ପଡ଼େ ।

ପ୍ର—ଧରମ ମିଶ୍ର ଉପନ୍ୟାସକୁ ଆପଣ କିପରି ପସନ୍ଦ କରନ୍ତି ?

ଉ—ମୋର ବୟସ ମୋତେ ଧରମ ମାଆଙ୍କ ଆଡ଼କୁ ଟାଣୁଛି ।

ପ୍ର—ଢଗରରେ ଅତ କେତୋଟି ଅଧିକ ବିଭାଗ ବଢ଼ାଇଲେ ଭଲ ହୁଅନ୍ତା ନାହିଁ କି ?

ଉ—ଗୋଟାଏ ସ୍ତ୍ରୀକୁ ଭାଗ କଲେ ସେ ଦ୍ରୌପଦୀ ହୁଏ—ଗଣେଶ ଜୀବନକୁ ଭାଗ କଲେ ବେଙ୍ଗସଲ ହୁଏ—ଗୋଟେ ଗରକୁ ଭାଗ କରୁଥିଲେ ଭାଙ୍ଗେ—ଗୋଟିଏ ପତ୍ରିକାକୁ ଅଧିକ ଭାଗ କଲେ କଣ ହେବ ?

ପ୍ର—ଢଗରରେ ପ୍ରଥମ ଯେଉଁ ଗୀତ ଧନ୍ଦା ବାହାରୁଥିଲା ତାହା ଏବେ ଆଉ ବାହାରୁ ନାହିଁ କାହିଁକି ?

ଉ—ସମ୍ପାଦକେ ନିଜେ ପ୍ରେମ ଧନ୍ଦାରେ ଧନ୍ଦି ହୋଇ ବୁଝିବାକୁ ଭଲ ପାଉ ନାହାନ୍ତି ବୋଲି ଅନୁମାନ ।

ଶ୍ରୀ ଦିଗମ୍ବର ରାଉତ
ରାମକୃଷ୍ଣ ସେବାଶ୍ରମ—ପାଟଲିପୁର

ପ୍ର—ମୋର ଚାହିଁବା ଚେଷ୍ଟାକର ମଧ୍ୟ ପାଠ ହୁଏ ନାହିଁ ?

ଉ—ଆପଣ ଦୁଧସର, ଜୋବୁଅ, ମଖନ ଆଦି ନଖାଇ ମୋ ପାଇଁ ପଠାଇଦିଅନ୍ତୁ—ପାଠହେବ ।

ପ୍ର—ବୁରୁଡ଼ିଙ୍କର କାହିଁକି ଦାଢ଼ି ଉଠେ ।

ଉ—ପାଞ୍ଚଲୋଳ ନାହିଁ ତାକୁ ଧରି ବୈତରଣୀ ପାର ହେବେ ବୋଲି ।

ପ୍ର—ନ ଥିବାମ ଗଉଁସେକୁ ଫାସି ଦେବା କଣ ପ୍ରକୃତ ଶାସ୍ତି ।

ଉ—ତା ଉପରକୁ ଶାସ୍ତି କଣ ତା ଗାନ୍ଧୀଜୀଙ୍କୁ ପଟେଲଙ୍କୁ ଜଣା ନଥିଲା ।

ନଗେନ୍ଦ୍ର କୁମାର ଦେହୁରୀଆ—
ତେଲେଙ୍ଗା ବଜାର—କଟକ

ପ୍ର—ଭଲ ଶିକ୍ଷିତା ଝିଅଟିଏ ଆଜୀବନ କୁମାରୀ ହୋଇ ରହିବାକୁ ଗୃହେଁ—ପାରିବତ ?

ଉ—କୁମାରୀ ରହିବାକୁ ଇଚ୍ଛାକଲେ ବୟସ ତ ମାନିବ ନାହିଁ—ସେ ପ୍ରୌଢ଼ା ବୁଢ଼ୀ ଆଦି ନିଶ୍ଚୟ ହେବେ । ଯଦି ଅବିବାହିତ ରହିବାକୁ ଗୃହାନ୍ତି—ତା ସେ କରିପାରିବେ । ସ୍କୁଲ୍‌ଖରରେ ପାରିବାର କୌଶଳ ଭଲ ଶିକ୍ଷିତାଙ୍କୁ ବତାଇ ଦେବାକୁ ପଡ଼ିବ ନାହିଁ । ନିହାତି ଅସମର୍ଥ ହେଲେ ଓଡ଼ିଶା ମେଡ଼ିକେଲ କଲେଜରେ ନୂଆ ଖୋଲି ଯାଇଥିବା ବିଭାଗରେ ପରାମର୍ଶ ନିଅନ୍ତୁ ।



Digitized by srujanika@gmail.com

Reg. No O 18.

Dagaro

ORISSA'S MOST POPULAR FORTNIGHTLY

1-8 50

# ଇତିହାସରେ ମ୍ୟାଲେରିଆ

ଯୁଗ ଯୁଗ ହେବ ମ୍ୟଲେରିଆ ମଣିଷ ଜାତିର ଏକ ମହାମାରୀ ହୋଇ ଆସିଛି । ବାଇବଲ ଗ୍ରନ୍ଥରେ ଏକ [illegible] ସୂକ୍ତରେ ଜ୍ୱର କଥା ଉଠିଛି । ଯେଉଁଠି ଦେଶର ଜଳବାୟୁ ଉଷ୍ଣ ଏବଂ ଧନ୍ତୁସ୍ତ୍ରୀ [illegible] ପାଇଁ ଘର କରି ରହିଛନ୍ତି, ସେ ଦେଶରେ ଜ୍ୱର କହିଲାକ୍ଷଣି ମ୍ୟାଲେରିଆ ଜ୍ୱରକୁହିଁ [illegible] ବୁଝାଏ । ପୃଥିବୀର ଅନ୍ୟାନ୍ୟ ଅଂଶରେ ଏକପ୍ରକାର ନମୋନିଆ ବା କଫ ରୋଗର ବର୍ଣ୍ଣନା ଅବିକଳ ମ୍ୟାଲେରିଆ ସଙ୍ଗରେ ମିଳିଯାଏ ।

[illegible] ପ୍ରସିଦ୍ଧ [illegible] ଭଲାଭାବ 'ଜ୍ୱର' ପ୍ରଦେଶ ପରିକ୍ରମଣରେ [illegible] [illegible] କଥା [illegible] ଉଲ୍ଲେଖ କରିଛନ୍ତି । [illegible] ମ୍ୟାଲେରିଆ [illegible]

Mal No 477

# ଆଧୁନିକ ବିଜ୍ଞାନର ଚମତ୍କାରିତା

## ବୈଦ୍ୟୁତିକ ଚଷମା

[illegible]ରରେ ଦେଖିବା ପଢ଼ିବା ପାଇଁ ବା ଲେଖିବା ପାଇଁ ଆଉ ଆଲୁଅ ଦରକାର ହେବନାହିଁ । ଏହି ବୈଦ୍ୟୁତିକ ଚଷମା ଲଗାଇ ଆପଣ ଘନ ଅନ୍ଧାରରେ ମଧ୍ୟ ଦେଖି ଲେଖି ପଢ଼ି ପାରିବେ । [illegible] ଖୋଲିବ ନାହିଁ । [illegible]—

[illegible]

Hilton Watch Import Co,

Eng. (Kothi Mem. (D C) Delhi No 9

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ

ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରୀ ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରୀ ମଙ୍ଗଳା
କଟକ ( ୧ )

କଟକ ଟ୍ରେଡିଂ କମ୍ପାନି, କଟକ ୨

ପ୍ରକାଶିତ

# ନୂତନ ପୁସ୍ତକ

ଉପନ୍ୟାସ

ଘନାବର୍ତ୍ତ- ବଟକୃଷ୍ଣ ପ୍ରହରାଜ ବି,ଏ ଟ୧॥

କୀର୍ତ୍ତିପଥ- ବାମାଚରଣ ମିତ୍ର ଟ୧॥

ଗଳ୍ପ

ଗରୀବର କାହିଁ କି? } ଗୋଦାବରୀଶ ଟ୦।
ଈଶ୍ୱରଙ୍କ ପାଖକୁ ଚିଠି } ମହାପାତ୍ର ଟ୦।

—ନାଟକ —

ସହୀଦ ବାଜୀରାଉତ-ବାଞ୍ଛାନିଧି ରାଉତରାୟ ଟ୧

ଆତ୍ମ ଚରିତ

ମୋ ନିଜ କାହାଣୀ (ଜହରଲାଲ ଟ ୧ )

—ସ୍କୁଲପାଠ୍ୟ—

| | | | |
|---|---|---|---|
| ଗୃହଲକ୍ଷ୍ମୀ-୧ମ | ଜଗବନ୍ଧୁ | ସିଂହ | ଟ୧ |
| ” | ୨ୟ | ” | ୧ଏ |
| ” | ୩ୟ | ” | ୧ଏ |
| ” | ୪ର୍ଥ | ” | ଟ୧୨ |

Printed, Published and Edited by N. Mahapatra at the Dagaro Press, Cuttack—1

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

## ସାଧୁ ଓ ସାଧୁବାଦ




କାନନଗୋ—ସାଧୁଙ୍କ ଅଭିଯୋଗର ଓଜନ ବେଶୀ—ନା ସରକାରଙ୍କ କଥାର ଓଜନ ବେଶି ?

୨୪ ଶ ବର୍ଷ
ଚତୁର୍ଥ ସଂଖ୍ୟା

ଶ୍ରାବଣ
ଦ୍ୱିତୀୟାର୍ଦ୍ଧ

ଏ ସଂଖ୍ୟାରେ--ଅମୃତର ସନ୍ତାନ---ଗୋପୀନାଥ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଦୁଇଅଣା

Digitized by srujanika@gmail.com

## ଆପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗଭୀର ନୈରାଶ୍ୟ ଓ ଦୁଃଖରେ ବୁଡ଼ି ଯାଇଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ପିନ୍ଧନ୍ତୁ । ଏହା ଆପଣଙ୍କୁ ପ୍ରଚୁର ସମ୍ପତ୍ତି ଆଣିଦେବ । ଆପଣ ନିଜ ମନଲୋଭୀ ଗୃହିଣୀ, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ଗୃହିଣୀ ଆପଣଙ୍କ ଦୁଆରେ ଥୁଆ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଯିବ ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ... ଶ୍ରେଣୀରେ ... ଜନ୍ମ ହେବ । ପରୀକ୍ଷାରେ ହସି ଖେଳି ପାସ କରିଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଉନ୍ନତି ମଧ୍ୟରେ କାଟି ନେବେ !

ଏହି କୁହୁକ ମୁଦି ଆପଣଙ୍କୁ କେତେ ୬୯୯/୦ ପଡ଼ିବ । ବିଶେଷ ଶକ୍ତିମଣ୍ଡଳ କୁହୁକ ମୁଦି ... । ଏହା ... ନାହିଁ । ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ... ଜନ୍ମ ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାହା ଦୁଇଗୁଣ ଆମେ ଫେରାଇ ଦେବୁ । ଯେଉଁମାନେ ଏହା ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Punjab

---

## ସ୍ତ୍ରୀ ରୋଗ ପାଇଁ

# ମ୍ୟୁକୋ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଛି ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅବେଳେ ହାନି କାରକ ନୁହେଁ । ମୂଲ୍ୟ ୬୧ ଡାକ ଖର୍ଚ୍ଚ—୬୯୦

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୩— ଡାକଖର୍ଚ୍ଚ—୬୦/୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ... ଜମା, ଘୋର ଇତ୍ୟାଦି ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

# ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ.**
(H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

---

## ଗୋପବନ୍ଧୁ ସ୍ମୃତି ରକ୍ଷାପାଇଁ

ଗୋପବନ୍ଧୁ ମେମୋରିଅଲ ସ୍କୁଲ ... କୃଷି ଓ ବୈଜ୍ଞାନିକ ଶିକ୍ଷା କେନ୍ଦ୍ର ରୂପେ ଗଢ଼ା ଯାଇଛି । ସର୍ବ ସାଧାରଣଙ୍କ ସାହାଯ୍ୟ ପ୍ରାର୍ଥନୀୟ ।

ଶ୍ରୀ ଅନୁଗ୍ରହ ନାୟକ
ଗୋପବନ୍ଧୁ ମେମୋରିଅଲ ସ୍କୁଲ
ପୋ. ଦାଣ୍ଡମୁକୁନ୍ଦ ପୁର
ପୁରୀ

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବେ.ରିକ୍ ଟାଫେଲ୍‌ଙ୍କର ହୋମିଓପ୍ୟାଥିକ ଔଷଧ ଓ କାଙ୍କା ନାଡ଼ିର ଦାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

### ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ. ... ଜିଲ୍ଲା କଟକ

Digitized by srujanika@gmail.com

ଅନାଦୃତା, ହସ୍ତ ଖଡ଼ି ଇମାନ ଭୁଲାନ ଜାମୃତେନ୍ତି




ଶ୍ରାବଣ ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ଚତୁର୍ଥ ସଂଖ୍ୟା ୧୬ । ୮ । ୫୦

## ଅମୃତର ସନ୍ତାନ––ଗୋପୀନାଥ

ଆପଣ ଧନାତ୍ମକ ଓ ଋଣାତ୍ମକ [positive and negative] ଦୁଇ ବିପରୀତ ଅଣୁର ସଂଘର୍ଷ—ଏକ ତୁଳନାମ୍ର ବୈଦ୍ୟୁତିକ ଶକ୍ତି । ଆପଣ ନର ହୋଇମଧ୍ୟ ଅମୃତର ସନ୍ତାନ, ଆପଣ ଆର୍ଯ୍ୟ ହୋଇମଧ୍ୟ ଅନାର୍ଯ୍ୟ ପ୍ରେମୀ ଓ ଅନାର୍ଯ୍ୟ ଦୂତି । କନ୍ଧ କୋଲ ପରଜା ସଉରାଙ୍କ ଦୁଃଖରେ ଦୁଃଖୀ ହେବାଲାଗି ନ୍ୟୁତନ୍ତ୍ର, ଆପଣ ତାଙ୍କ ଦୁଃଖକଥା କହି କହି ସତେ କି ତାଙ୍କ ରୂପକୁ ପରିଗ୍ରହ କରି ଛନ୍ତି ଯେମିତି କୃଷ୍ଣ ରାଧାଙ୍କ ବିରହରେ ଗୌର ଦେହ ଧରିଥିଲେ । ଆପଣ ପାଠୁଆ ହୋଇ ମଧ୍ୟ ଅପାଠୁଆଙ୍କ ଭଳି ଅରଣା । ଆପଣ ଅଫିସର-କଳା ହୋଇ ମଧ୍ୟ ଅଲୋକ ଖୋଜି ବୁଲନ୍ତି । ଆପଣ ଆଖି ଥାଇ ଚସମା ଦିଅନ୍ତି—ଗୋଡ଼ ଥାଇ ମଧ୍ୟ ସାଇକଲ ଚଢ଼ନ୍ତି, ଦୁଆନ୍ନ ରହି ମଧ୍ୟ ଫାଉଣ୍ଟେନ ପେନ୍‌ରେ ଲେଖନ୍ତି, ପିଲାଙ୍କ ବାପା ହୋଇ ମଧ୍ୟ ବାପା ବୋଲଉଥାନ୍ତି, ସ୍ୱାମୀ ହୋଇ ମଧ୍ୟ




ଗୋସ୍ୱାମୀ ହେବାକୁ ମନ କଲାନ୍ତି । ହାକିମ ହୋଇ ମଧ୍ୟ ଲୋକଙ୍କ ହୋଇଛନ୍ତି । ଗଳ୍ପ ଲେଖି ମଧ୍ୟ ଲୋକଙ୍କ ଗଳ୍ପରେ ବନ୍ଧ ଲେଖିଛନ୍ତି । ଆପଣ ଅପେ ନ ହୋଇମଧ୍ୟ ହୃଦୟକୁ ବଡ କରି ଧରିଛନ୍ତି—ସବର୍ଣ୍ଣ ହୋଇ ହରିଜନ ଲେଖିଛନ୍ତି—ବିବାହିତ ହୋଇ ମଧ୍ୟ ମନ ଗହନର ଗୁପ୍ତ ଭରିଛନ୍ତି ! ଆପଣ ଯାହା ନୁହନ୍ତି ତାହା ଏବଂ ଯାହା ହେଉଛନ୍ତି ତା ନୁହନ୍ତି । ଆପଣଙ୍କର ଏଇ ବିରୋଧାଭାସ ଏକ ଗୋଲକ ଧନ୍ଦା । ଏ ବ୍ୟୂହ ଭେଦ କରି ଜାଣି ହବା କେହ କେହ ଆପଣଙ୍କର ଲେଖା ଚଢ଼ିଯାନ୍ତି କିନ୍ତୁ ସପ୍ତରଥୀ ମୁହଁରୁ ଫେରିଆସି ପାରନ୍ତି ନାହିଁ ।

ଆପଣ ମହାନାୟୁ ହୁଅନ୍ତୁ । ଡଗରର ଏହା ହିଁ କାମନା ।

ସମ୍ପାଦକୀୟ—

## ଅଗଷ୍ଟ ପନ୍ଦର

ଆମେ ସ୍ୱାଧୀନ ହେଲୁ—ତିନିବର୍ଷ ବିତିଗଲା । ଅଗଷ୍ଟ ପନ୍ଦର ଦିନ ଆମ ସ୍ୱାଧୀନତାର ଜନ୍ମ ଉତ୍ସବ । ତିନିବର୍ଷ ତଳେ ଲୋକଙ୍କ ମୁହଁରେ ସେଦିନ ଯେଉଁ ଆଲୋକ ଓ ଆନନ୍ଦ ଫୁଟି ଉଠିଥିଲା ଆଜି ତାହା ନାହିଁ । ଲୋକେ ଆଜି ପ୍ରଶ୍ନ କରୁଛନ୍ତି- ଏ—କାହାର ସ୍ୱାଧୀନତା ? ଯେଉଁମାନେ ଦେଶପାଇଁ ଲଢୁଥିଲେ—ତାଙ୍କର ? ନା—ଯେଉଁମାନେ ବ୍ରିଟିଶର 'ହଁ ।କି' ଭରି ଆଜିର ସରକାରଙ୍କର ମଧ୍ୟ 'ହଁ।କି' କରିବାକୁ ଲଜ୍ଜିତ ନୁହନ୍ତି ତାଙ୍କର ? ଜନ ସାଧାରଣର ସ୍ୱାଧୀନତା କାହିଁ । ସେତ ତାତ୍ତ୍ୱିକ ସ୍ୱାଧୀନତା ଗୁହୁଁ ନଥିଲୁ । ସେ ଗୁହୁଁଥିଲୁ—ଖଟିବାର ସ୍ୱାଧୀନତା ଓ ଓ ପେଟ ଖାଇବାର ସ୍ୱାଧୀନତା । କାହିଁ—ସେ ମଧ୍ୟ ସ୍ୱପ୍ନ । ଖାଦ୍ୟର ଅନଟନ ଚତୁର୍ଦ୍ଦିଗରେ । ସରକାର ଚିତ୍କାର ଛାଡୁଛନ୍ତି—ଅଧିକ ଉତ୍ପାଦନ କର ! ଲୋକେ ବା ଶୁଣିବେ କି ଶୁଣୁନାହାନ୍ତି । ଯେ ଦେଖୁଛନ୍ତି ନଖଟି ଖାଇବା ଲୋକ ସମାଜରେ ବେଶି । ସେଇମାନେଇ ଆଜି ବଡ଼ ବଡ଼ିଆ । ତାଙ୍କର ଆସନ ଉଚ୍ଚରେ । ସେମାନେ ଗ ସଭା ସେମାନେ ଆଇନ କରି ଖାଦ୍ୟ ଛଡ଼ାଇ ନେବେ । କାରଣ ତାଙ୍କର ମଟର ଦରକାର ସାଇକଲ ଦରକାର, ଯୋଡ଼ା ଛଡ଼ା ଘଡ଼ି ଫାଉଣ୍ଟେନ ଦରକାର । ଆଉ ଏସବୁ ଅସିବ ଅନୁତ୍ପାଦନ-କାରୀର ଝୋଲବୁହା ପଦାର୍ଥର ବିନିମୟରେ—ସେ କରିବ କ'ଣ କି ? ଜାତୀୟତା ନାମରେ ଉତ୍ତମ ବଢ଼ଇଲେ ତା ପ୍ରାଣ ଆଉ ମାନିବ ନାହିଁ । ନିଆଁ ଜଳୁଛି । ଏ ନିଆଁରେ ଜୀଅନ୍ତା ମଣିଷ ପୋଡ଼ି ମରୁଛି ।

କିନ୍ତୁ • କେତେଦିନ ଏ ସର୍ବଗ୍ରାସୀ ନିଆଁକୁ ଆଇନ ବଳରେ ଚାପିହେବ । ସର୍ଦ୍ଦାରଜୀ କମ୍ୟୁନିଷ୍ଟଙ୍କୁ ଗାଳି ଗୁଲଜ କଲେ ଏ ନିଆ ଲିଭିବ ନାହିଁ । ନିଆ ଅଛି—କେତେକ ପାଗଳ ସେ ନିଆଁରେ ମନ୍ଦାଖିଛି ନ ଢାଳି ଭଗବତ ଚୁଲିରେ ଲଗାଇ ଦେଉଛନ୍ତି । ମନ୍ଦାକିନୀରେ ଲାଗିବା ଦୋଷ ଭଗବତ ଚୁଲିରେ ବି ଲାଗୁଛି । ଗୋରୁକୁ ଦଣ୍ଡଦେଇ ଗୋରୁକୁ ରୋକିବାର ପୁରୁଣା ନୀତି ଏତେଦିନ ପରୀକ୍ଷିତ ହେଲାପରେ ଆଜି ବି ସେଇ ନୀତି ଚାଲିଛି । ଫଳରେ ଗୋରୁ ବଦଳି ଯାଉଛି କିନ୍ତୁ ଗୋରୁ ଲୋପ ପାଉନାହିଁ । ଭାରତରୁ କମ୍ୟୁନିଷ୍ଟ ଲୋପ ପାଇଯିବେ—ପାଇଯାନ୍ତୁ—କିନ୍ତୁ ଲୋକହତ୍ୟା ବନ୍ଦ ହେବନାହିଁ । ବୁଦ୍ଧିମତ୍ତ କିଂ ନକରୋତି ପାପଂ ।

Digitized by srujanika@gmail.com

ଖାଟରେ ଖାଟରେ

# କିଏ କଣ ପଚାରିଛନ୍ତି ?

ବୈଜ୍ଞାନିକ ଅଭିନବ ଗବେଷଣା ପଦ୍ଧତିରେ— ମାନବ ଜାତିର ସନ୍ତାନ ଓ ପରବର୍ତ୍ତୀ ବିକାଶ ଘଟିବ ?

ଉତ୍ତର

ବିଜ୍ଞାନଶାଳାରେ ମଣିଷ ସୃଷ୍ଟି କରିବାର ପ୍ରଚେଷ୍ଟା ଅନେକ ଦିନରୁ ବୈଜ୍ଞାନିକମାନଙ୍କର ସ୍ୱପ୍ନ । ସେଥିପାଇଁ test tube [କାଚନଳୀ] ମଧ୍ୟରେ ରାସାୟନିକ ପ୍ରଣାଳୀରେ ମାନବ ଶିଶୁ ଜାତ କରାଇବାର ପରୀକ୍ଷା ଚାଲିଛି ବିଭିନ୍ନ ଦେଶମାନଙ୍କରେ ।

ଏବେ ଜଣେ ବୈଜ୍ଞାନିକ ଆବିଷ୍କାର କରିଛନ୍ତି ଯେ ନର୍ଦ୍ଦମା ଓ ପଚାପୋଖରୀ ଆଦି ସ୍ଥାନରେ ଯେଉଁ ଜୀବାଣୁ (ବ୍ୟାକ୍ଟେରିଆ) ଥାଆନ୍ତି, ସେଥିରୁ ସାଧାରଣତଃ ମଶା, ଜାତ ହୁଅନ୍ତି । କିନ୍ତୁ ପରୀକ୍ଷା ଦ୍ୱାରା ଜଣା ପଡ଼ିଲାଣି ଯେ ଏହି ସବୁ ଜୀବାଣୁ ମୂଳତଃ Sperma ଜାତୀୟ ଅଟନ୍ତି । ମାନବ ଶିଶୁ ଏହି Spermaରୁ ଜାତ ହୁଏ ବୋଲି ଜଣା କଥା ।

ଉକ୍ତ ବୈଜ୍ଞାନିକ କହୁଛନ୍ତି କି ପାଣି ପାଗ ଓ ପରିତ୍ୟକ୍ତ ଦୋକାନରୁ ପଚା ପାଣିରେ ଅବସ୍ଥିତ sperma ଗୁଡ଼ିକ ମଶାରେ ପରିଣତ ହୁଅନ୍ତି; ଯଦି ତାଙ୍କୁ ଉପଯୋଗୀ ଅବସ୍ଥା, ଉତ୍ତାପ ଓ ଖାଦ୍ୟ ମଧ୍ୟରେ ରଖି ଚାଷ [culture]ର ବ୍ୟବସ୍ଥା କରାଯାଏ ତେବେ ସେହି ଜୀବାଣୁ ଗୁଡ଼ିକରୁ ମାନବ ଶିଶୁ ସୃଷ୍ଟି କରାଯାଇ ପାରିବ । ତେବେ ସେଥିପାଇଁ କୌଶଳ, ବୁଦ୍ଧି, ଅର୍ଥ ଓ ଧୈର୍ଯ୍ୟ ଲୋଡ଼ା ।

ଏ ଗବେଷଣା ଯଦି ସଫଳ ହୁଏ, ତେବେ ଜୀବାଣୁରୁ ଯେଉଁ ମାନବ ଜାତି ହେବେ ସେମାନେ ପ୍ରଥମେ ଅପେକ୍ଷାକୃତ କ୍ଷୁଦ୍ରକାୟ ଓ ପକ୍ଷଯୁକ୍ତ ହେବାର ସମ୍ଭାବନା । ତେବେ କ୍ରମଶଃ culture ପ୍ରୟୋଗରେ ତାଙ୍କର ଆକାର ବୃଦ୍ଧି କରାଯାଇ ପାରିବ ।

ବୈଜ୍ଞାନିକ କହନ୍ତି ଯେ ଏଣିକି ଆଉ ମଶା ମାରିବା ପାଇଁ କ୍ୱିନାଇନ୍ ବା D.D.T.ର ଲୋଡ଼ା ହେବ ନାହିଁ । ମଶା ସବୁ ମଣିଷ ହୋଇଯିବେ । ପୁଣି ନର୍ଦ୍ଦମା ବା ପଚା ଗଡ଼ିଆମାନଙ୍କୁ ନଷ୍ଟ ନକରି ଯତ୍ନରେ ରଖିବାକୁ ପଡ଼ିବ !

ଏହି ଯେଉଁ ପକ୍ଷଯୁକ୍ତ ମାନବ ଜାତିର ସୃଷ୍ଟି ହେବ ସେମାନଙ୍କର ମେଧା, ବୁଦ୍ଧି ବର୍ତ୍ତମାନ ମାନବ ଭଳି ହେବ କି ନାହିଁ ଏଥିରେ ଟିକିଏ ସନ୍ଦେହ ଅଛି । ତେବେ ଏକଥା ନିଶ୍ଚିତ ଯେ ସେମାନେ ବିକ୍ରମଶାଳୀ, ସାହସୀ ଓ ଯୋଦ୍ଧା ହେବେ । ଯେଉଁ ଦେଶ ଏ ସୂତ୍ର ପାଇଯିବ ସେ ପୃଥିବୀକୁ ଜୟ କରିବ; ଏପରିକି ଚନ୍ଦ୍ରଲୋକ ଓ ମଙ୍ଗଳ ଗ୍ରହକୁ ମଧ୍ୟ ଜୟ କରିବ । ଏମାନଙ୍କର ପକ୍ଷ ଥିବାରୁ ବିମାନ ବିହାର ସକାଶେ ଉଡ଼ାଜାହାଜର ପ୍ରୟୋଜନ ହେବ ନାହିଁ ।

ଭୟ କେବଳ ପରମାଣୁ ବୋମା ବା ସୌରରଶ୍ମି ରୂପ ମାରଣାସ୍ତ୍ରକୁ । ପ୍ରଖର ସୌର ତେଜ ବା ଆଗ୍ନେୟାସ୍ତ୍ରରେ ପକ୍ଷ ପୋଡ଼ିଗଲେ ଏମାନେ ଆକାଶରୁ ଖସିପଡ଼ି ନିଶ୍ଚିହ୍ନ ହୋଇଯାଇପାରନ୍ତି ।

ତେବେ ସେଥିପାଇଁ ବିଶେଷ ଚିନ୍ତାର କାରଣ ନାହିଁ । କାରଣ ମିନିଟ ମଧ୍ୟରେ ଏହି ପକ୍ଷଯୁକ୍ତ ମାନବସେନା କୋଟି କୋଟି ସଂଖ୍ୟାରେ ସୃଷ୍ଟି ହୋଇ ପାରିବେ—ଯାହାଙ୍କୁ ବିନାଶ କରିବା ପାଇଁ ଶତ୍ରୁର ଅସ୍ତ୍ର ଶସ୍ତ୍ର ନିଃଶେଷ ହୋଇଯିବ ।

କେବଳ ଚିନ୍ତାର କଥା ଗୋଟିଏ । ଏମାନଙ୍କୁ କି ଖାଦ୍ୟ ଦିଆଯିବ ଓ ସେ ଖାଦ୍ୟ କାହୁଁ ଆସିବ । ଖାଦ୍ୟ ଯୋଗାଇ ନପାରିଲେ ସେମାନେ ମାନବ ସହିତେ ସବୁ ଜୀବଜନ୍ତୁଙ୍କୁ ଖାଇ ନିକାଶ କରିଦେବେ ।

ସମ୍ଭବତଃ ଏମାନେ ନିରାମିଷ ଆହାର ଗ୍ରହଣ କରିବେ ନାହିଁ । ରକ୍ତ ଓ ମାଂସ ଏମାନଙ୍କର ପ୍ରିୟ ଖାଦ୍ୟ ସଂଗ୍ରହ କରି ରଖିବା ପ୍ରୟୋଜନ । ତାହାର ଉପାୟ ବିଧାନ ବିଶେଷ କଷ୍ଟକର ନୁହେଁ । ସୃଷ୍ଟି ହେବା ପୂର୍ଣ୍ଣାଙ୍ଗ ଓ ପୂର୍ଣ୍ଣ ଜୀବନ ପାଇବା ଆଗରୁ ଏମାନଙ୍କ ମଧ୍ୟରୁ କେତେକଙ୍କୁ ବିନାଶ କରି ଖାଦ୍ୟ ରୂପେ ବ୍ୟବହାର କରାଯାଇ ପାରେ । ଏତିକରେ ଖାଦ୍ୟ ସମସ୍ୟା ସମାଧାନ ହୋଇପାରିବ ସହଜରେ ।

କେହି କେହି ଭୟ କରନ୍ତି, କାଳେ ଏ ନୂଆ ଶକ୍ତିଶାଳୀ ପକ୍ଷଯୁକ୍ତ ମାନବ ଜାତି ବର୍ତ୍ତମାନ ମାନବ ଜାତିକୁ ପରାସ୍ତ କରି ବିଧ୍ୱଂସ କରିଦେବେ !.......................

ଉତ୍କଳ ବିଶ୍ୱବିଦ୍ୟାଳୟ ଏମ୍.ଏ. ଛାତ୍ରଙ୍କୁ ପଚାରିଛନ୍ତି—ରାଧା କିପରି ଅଷ୍ଟାଙ୍ଗ ଯୋଗ ମାର୍ଗରେ କୃଷ୍ଣଙ୍କୁ ପାଇଲେ ସପ୍ରମାଣେ ଲେଖ !

—ଉତ୍ତର—

ଶୁଣାଯାଏ ରାଧାଙ୍କ କୃଷ୍ଣ ପ୍ରୀତି ଅପ୍ରାକୃତ । ତେଣୁ ସେ ସମ୍ବନ୍ଧରେ ପ୍ରାକୃତ ମନୁଷ୍ୟର ଜ୍ଞାନ ନାହିଁ—ପୁଣି ଓଡ଼ିଆ ଭାଷାତ ସଂସ୍କୃତ ନୁହେଁ— ଏଥିରେ ସେ କଥା ଲେଖି ମଧ୍ୟ ହେବ ନାହିଁ । ତା ଛଡ଼ା କୃଷ୍ଣ ରାଧାତ ବର୍ତ୍ତମାନ ଜୀବିତ ନାହାନ୍ତି । ପ୍ରମାଣ ସହ ଦେଖାଇବା କଷ୍ଟ । ଯେଉଁ ସବୁ ପ୍ରମାଣ ପୁସ୍ତକ ଏ ସମ୍ବନ୍ଧରେ ଥିବ ତାହା ମଧ୍ୟ ବିଶ୍ୱବିଦ୍ୟାଳୟରେ କୌଣସି ଅଧ୍ୟାପକ ଏକ୍ସପେରିମେଣ୍ଟ କରି ଲେବରେଟୋରୀରେ ହାତରେ ଦେଖାଇ ପାରି ନାହାନ୍ତି । ଏ ଯୋଗ ମାର୍ଗ ନିଜେ ଗୁରୁ ଶିଖାଇ ନଦେଲେ ଶିଖି ହୁଏନାହିଁ । ବିଶ୍ୱବିଦ୍ୟାଳୟ ସେଭଳି ଯୋଗୀ ବା ବୈଷ୍ଣବ ଅଧ୍ୟାପକ ରଖି ନଥିବାରୁ ଛାତ୍ରମାନେ ମଡର୍ଣ୍ଣ ରାଧା ଓ ମଡର୍ଣ୍ଣ କୃଷ୍ଣଙ୍କୁ ନେଇ ଯେଉଁ ଏକ୍ସପେରିମେଣ୍ଟ ଚାଲିଛି ତାହାର ବର୍ଣ୍ଣନା ମାତ୍ର ଦେଇ ପାରିବେ । ଏ ପ୍ରଶ୍ନ ଚଳିତ ପରୀକ୍ଷାରେ ନପଡ଼ି ମେଡିକେଲ କଲେଜରେ ଜନ୍ମ ନିୟନ୍ତ୍ରଣାଗାର ଖୋଲି ସାରିବା ପରେ ପଡ଼ିଥିଲେ ଏହା ଅଧିକ ସପ୍ରମାଣେ ଦେଇ ହୁଅନ୍ତା । କାରଣ ଏହା ପରେ ରାଷ୍ଟ୍ରରେ ସମସ୍ତ ଅଶ୍ଳୀଳତାକୁ ଶ୍ଳୀଳତାରେ ପରିଣତ କରିବାର ଲାଇସେନ୍ସ ବା ପରମିଟ୍ ସେଠୁ ମିଳି ପାରିବ । ବର୍ତ୍ତମାନ ବିନା ଲାଇସେନ୍ସରେ ଉତ୍ତର ଦେବା ହେତୁ ପରୀକ୍ଷକ କ୍ଷମା କରିବେ !

ଷଡ଼ାଙ୍ଗ ପ୍ରଣୟ ପଦ୍ଧତିରେ ପାଦ ଦୁଇ, ଆଖି ଦୁଇ ଓ କର ଦୁଇ ବ୍ୟବହୃତ ହୁଏ । ଅଷ୍ଟାଙ୍ଗରେ ଆଉ ଦୁଇଟି ଅଙ୍ଗ ବ୍ୟବହୃତ ହେବ । ଏ ୮ଟି ଅଙ୍ଗ ସମ୍ବନ୍ଧରେ ବାତ୍ସାୟନଙ୍କ ରତିଶାସ୍ତ୍ର ଦ୍ରଷ୍ଟବ୍ୟ ।

ଏ ପଥକୁ ଛାଡ଼ିଦେଲେ ମଡର୍ଣ୍ଣ ଶ୍ରୀମତୀଙ୍କର ଶ୍ରୀକୃଷ୍ଣ ପ୍ରାପ୍ତିର ଧାରା ଏଇମିତି—

ପ୍ରଥମରେ ସାଇକଲ ଆଗରେ ଧକ୍କା ଲାଗିଯିବା—ତାପରେ ସେଇଠି love at the first sight ଏ ପ୍ରେମର ଗୋଟିଏ ଅଙ୍ଗ । ତାପରେ କ୍ଷମାମାଗି ପତ୍ର ଦାନ— ଏହା ଦ୍ୱିତୀୟ ଅଙ୍ଗ । ତାପରେ ପାଠ୍ୟ ପୁସ୍ତକ ବିନିମୟ— ତୃତୀୟ ଅଙ୍ଗ । ତାପରେ ଉପହାରଦ ଚତୁର୍ଥ ଅଙ୍ଗ । ତାପରେ ସିନେମା ଯିବା—ଓ ସାନ୍ଧ୍ୟ ଭ୍ରମଣ ପଞ୍ଚମ ଅଙ୍ଗ । ତାପରେ ଫଟୋ ବିନିମୟ—ଷଷ୍ଠ ଅଙ୍ଗ । ତାପରେ ସଙ୍କେତ ସ୍ଥଳ ନିର୍ଦ୍ଦେଶ ସପ୍ତମ ଅଙ୍ଗ— ବାକି ଅଷ୍ଟମ ଅଙ୍ଗ ତା ତ ବେସାମାଲ କଥା । ତାର ପ୍ରମାଣ ନାହିଁ । ପରୀକ୍ଷକ ନିଜେ ବୁଝି ପାରିଥିବେ । ଧନ୍ୟ—ପରୀକ୍ଷକ!



Digitized by srujanika@gmail.com



## ନାମ ଓ ନାମୀ

ଭଗବାନ ଶ୍ରୀକୃଷ୍ଣ ଥରେ ଭକ୍ତ ନାରଦଙ୍କୁ କହିଲେ—ନାରଦ, ମୋଠାରୁ ମୋ ନାମ ବଡ଼ । ନାରଦ କିନ୍ତୁ ଆଖିରେ ନଦେଖିବା ଯାଏ ଏହାକୁ ପରତେ ନଯାଏ । ଶ୍ରୀକୃଷ୍ଣ ଏକ ଧାନ ମପା କଣ୍ଟା ପୋଚ ଗୋଟାଏ ପଟରେ ନିଜେ ବସିଲେ—ଆର ପଟକୁ ଗୋଟିଏ ତୁଳସୀ ପତ୍ରରେ ନିଜ ନାମ ଲେଖି ପକାଇ ଦେଲେ । ଦେଖୁ ଦେଖୁଁ—ଶ୍ରୀକୃଷ୍ଣ ଉପରକୁ ଉଠିବାକୁ ଲାଗିଲେ ଏବଂ ତୁଳସୀ ପାଖ ତଳକୁ ଲାଗିଗଲା । ପୂର୍ବରେ ସାଧୁ ଓ ପୁଲିସଙ୍କ ମାଡ଼ ଗୋଳରେ ଠିକ ସେମିତି ହୋଇଛି । ଆମ ପୁଲିସ ମନ୍ତ୍ରୀ କାନନଗୋ ସାଧୁଙ୍କୁ ଏକ ପାଖରେ ଆଉ ସାଧୁବାଦ ବା ତାଙ୍କ ସାଧୁ ଉକ୍ତିଦ୍ୱାରକୁ ଅନ୍ୟ ପାଖରେ ରଖି ଦେଖିଲେ ଯେ ସତ୍ୟଟା ତାଙ୍କ ସାଧୁବାଦ ବା ସତ୍ୟବାଦିତାରେ ବଦ୍ୟମାନ । ଫଳରେ ସାଧୁଗୁଡ଼ାକ ମାଡ ଖାଇ, କେହି କେହି କହୁଛନ୍ତି ସ୍ୱର୍ଗ ଦ୍ୱାରକୁ ପଳାଇ ମଧ୍ୟ ଅସାଧୁ ଆଉ ଆମ ଘରେଇ ମନ୍ତ୍ରୀ—ସ୍ୱୈର ଓ ପୁଲିସ ମନ୍ତ୍ରୀ କାନନଗୋ ସାଧୁ ।

## ସାଧୁଙ୍କ ଶାଢ଼ୀ

ମନ୍ତ୍ରୀ କାନନଗୋ ସାଧୁମାନଙ୍କୁ ଅସାଧୁ ଏବଂ ସମ୍ଭବତଃ ନିଜକୁ ସାଧୁ ପ୍ରମାଣ କରିବା ପାଇଁ ବକ୍ତୃତାରେ କହୁଛନ୍ତି ଯେ ସାଧୁମାନଙ୍କ ପାଖରୁ ଶାଢ଼ୀ ଓ ଗହଣା ବାହାରିଲା । ଲୋକେ କହୁଛନ୍ତି ପୁଲିସ ନିଜେ ଏସବୁ ନେଇ ପକେଇ ଦେଇଛି । ଅବଶ୍ୟ ଏଭଳି କଥା ବ୍ରିଟିଶ ଅମଳର ପୁଲିସ କରୁଥିଲେ । ବର୍ତ୍ତମାନ ଅହିଂସା ଅମଳରେ—ସତ୍ୟବାଦୀ ପୁଲିସ ଗହଣା ଶାଢ଼ୀ କିଣି ନେଇ ପାରନ୍ତି କଦାପି ଦେଇ ପାରୁ ନଥିବେ । କିନ୍ତୁ ଯଦି କୌଣସି ପୁଲିସ ସାହେବ ବା ମନ୍ତ୍ରୀର ପୁଅ ହୋଇ ନାହିଁ—କି ପୁଅ ପାଇଁ ବୋହୂ ମିଳୁନାହିଁ ବୋଲି ସାଧୁଙ୍କ ପାଖରେ ଯାଇ ଗହଣା ଶାଢ଼ୀ ଦେଇ ଅସନ୍ତି ସାଧୁ ବିଚାର ତାକୁ ନ ରଖି କରିବେ କଣ ? ନିଜେ ଶାଢ଼ୀ ପିନ୍ଧି ବୁଲିଲେ ପୁଲିସ ଓ ମନ୍ତ୍ରୀଙ୍କ ଆଖିରେ ପଡ଼ିବେ ଯେ ।

## ଟୋଇଠା ଓ ବିଷ୍ଣୁ

ନାରଦ ପଚାରିଲେ—ହେ ନାରାୟଣ ବିଷ୍ଣୁ—କଳିଯୁଗରେ ଅହେତ୍ୟ ଘେଟି ଗଲେ ଶ୍ରୀ ରାମଙ୍କର ପଦ୍ଧତି କେଉଁଠି ରହିବ—? ଶ୍ରୀରାମ ମର୍ତ୍ତ୍ୟରେ କେଉଁ ସ୍ଥଳରେ ବିଜେ କରିବେ ? ଶ୍ରୀବିଷ୍ଣୁ କହିଲେ—ମଦ୍ ଭକ୍ତା ଯତ୍ର ଗାୟନ୍ତି । ନାରଦ ପଚାରିଲେ, ଆପଣଙ୍କ ଭକ୍ତ କିଏ ? ବିଷ୍ଣୁ କହିଲେ—ମୋ ନାମ ଯିଏ ଗାଏ । ନାରଦ ପୁଣି ପଚାରିଲେ—ଆପଣଙ୍କ ନାମ କିଏ ଗାଏ ? ବିଷ୍ଣୁ କହିଲେ—ଦେଖୁ ନାହିଁ ଶ୍ରୀ ବସ୍ତ୍ରର ପାଦ ମୋ ଗୀତରେ । ନାରଦ 'ନୂଁହିଁ ଲ ନୂଁହିଁ ଲି' କହି ବିଷ୍ଣୁଙ୍କ ଛାତିକି ନାଡେ ମାରି କହିଲେ—ଶ୍ରୀ ବିଷ୍ଣୁ ବିଷ୍ଣୁ ! ଯେହି ଦିନଠୁଁ ଆମ ସମାଜରେ କାହାରି କାହାରେ କାର ଗୋଡ ବାଜିଗଲେ ସେ କହିବ ଏ—ବିଷ୍ଣୁ—ବିଷ୍ଣୁ—ବିଷ୍ଣୁ ! ଅର୍ଥାତ୍ ସେଇଦିନଠୁ ଟୋଇଠା ମାର ବିଷ୍ଣୁ ନାମ ଧରିବା ବା ବିଷ୍ଣୁ ନାମ ଧରିବା ପାଇଁ ଟୋଇଠା ମାରିବା କିମ୍ବା ଟୋଇଠା ମାରିବା ପାଇଁ ବିଷ୍ଣୁ ନାମ ଧରିବା ଗୋଟାଏ ପୁତ୍ରପୌତ୍ରାଦିକ୍ରମେ ଯାବତ୍ ଚନ୍ଦ୍ରାର୍କ ଧାରା ଚାଲି ଆସିଲାଣି । ଶ୍ରୀଯୁକ୍ତ ମହତାବ—ମାଡ଼ ଖାଆ ସାଧୁମାନଙ୍କୁ ବିଷ୍ଣୁ ବିଷ୍ଣୁ କରି ସେଥିପାଇଁ ୧୦୦ ଟଙ୍କା ଜଳପାନି ପଠେଇ ଛନ୍ତି ।

## ମାର୍ ଓ ଏମାର

ଏମାର ମଠର ମହନ୍ତ ମହାରାଜଙ୍କୁ ମହତାବ ଦିଲ୍ଲୀରୁ ଲେଖିଛନ୍ତି ଯେ ସେ ଏ ଘଟଣା ପାଇଁ ବଡ଼ ଦୁଃଖିତ । ଏ ଘଟଣା ଯେମିତ ସଦାରେ ନଘଟେ ସେଥିପାଇଁ ଏମାର ମଠର ମହନ୍ତ ଚଢ ରାଜ ଚେଷ୍ଟା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି । ମହନ୍ତ ମହାରାଜ ମଧ୍ୟ ପ୍ରାଣ ପଣେ ଲାଗିପଡ଼ିଛନ୍ତି—ଯେମିତ ସରକାରଙ୍କ ହିଂସ ଧୂଆ ନହୁଏ । କିନ୍ତୁ ସାଧୁମାନେ କହୁଛନ୍ତି—ପୁଲିସ ପିନା ଖାଇ କହୁଥିଲେ—ମାର ବୋଲି । ମହନ୍ତ କହୁଛନ୍ତି —"ଏ ମାର !" ଘା ଉପରେ ଆଉଁସି ଦେବା ପାଇଁ ହାତ ଲଗାଇଲେ ଯେମିତ ଅଧମ ଲଗେ ପୁଲିସଙ୍କ "ମାର"ପରେ ଏମାରଙ୍କ "ଏ ମାର୍" ଠିକ୍ ସେମିତି ।

## କଥା ଓ ବ୍ୟଥା

ଅସିଠାରୁ ମସି ସବୁଦିନେ ବଳଶାଳୀ କଥାଠାରୁ ବ୍ୟଥା ମଧ୍ୟ ସେମିତି ବଳଶାଳୀ । ଖାଲି କଥାରେ ମଣିଷର ହୃଦୟ ମନର ବ୍ୟଥା ବି ମରିଯାଏ । ସାଧୁଙ୍କ ମାଡ଼ର ବ୍ୟଥା କାନନ-ଗୋଙ୍କ ବକ୍ତୃତା କଥାରେ ମରିଥିବ । ଶରଣାର୍ଥୀଙ୍କ ଦେହ ଗୋଡ଼ ଓ ପେଟର ବ୍ୟଥା ନେହେରୁଙ୍କ ବକ୍ତୃତାରୁ ମରିଥିବ ଓ ଓଡ଼ିଶା ଆସେମ୍ବ୍ଲିରେ ଉମାଚରଣଙ୍କ ମୁଣ୍ଡର ବ୍ୟଥା—କାନନଗୋଙ୍କ ଜବାବରେ ମଧ୍ୟ ମରିଥିବ । ଏ ସବୁ ଘଟଣାରୁ ଜଣା ପଡ଼ୁଛି—କଳିଯୁଗରେ ଶବ୍ଦ ବା ନାଦ ବ୍ରହ୍ମ ସବୁଠାରୁ ବଳଶାଳୀ—ଆଣବିକ ବୋମାଠାରୁ ମଧ୍ୟ ବଳଶାଳୀ । ସେଥିପାଇଁ କେନ୍ଦ୍ର ପାର୍ଲିମେଣ୍ଟରେ ଆହ୍ୱାନ ପ୍ରାର୍ଥୀଙ୍କ ପକ୍ଷ ଶ୍ୟାମାପ୍ରସାଦ ମୁଖାର୍ଜି ହାରି ଗଲେ । କାରଣ ତାଙ୍କର ବକ୍ତୃତାରେ ଯେତେ ଶବ୍ଦ ଥିଲା ତାର ୪ ଗୁଣ ଶବ୍ଦ ନେହେରୁ ବ୍ୟବହାର କଲେ । ସାଧୁ ମାନଙ୍କ ଠାରୁ କାନନଗୋଙ୍କ ଶବ୍ଦ ୧୦୦ ଗୁଣ ହେଲା ଓ ଉମାଚରଣଙ୍କ ଠାରୁ ନିତ୍ୟାନନ୍ଦଙ୍କ ଶବ୍ଦ ପାଞ୍ଚ ଗୁଣ ହେଲା ।

## ଅମାର୍ ଓ ତୋମାର୍

ଓଡ଼ିଶା ସେକ୍ରେଟାରିଏଟ ହଲ୍‌ରେ ହେତାବଙ୍କର ଆଣଥିଲା । ମନ୍ତ୍ରୀ ମନ୍ତ୍ରୀ ହେଲା ପରେ ସେ ଆଉ ତାଙ୍କର ନାହିଁ ବୋଲି କାନନଗୋ ଉତ୍ତର ଦେଇ ଲାଟ ସଚିବରେ କହୁଛନ୍ତି । ଏ ଘୁଡାକ ବକ୍ତୃତା ମଧ୍ୟ ହୋଇ ନାହିଁ । ମହତାବଙ୍କର ଏମିତି ଅନେକ ବେନାମୀ ବି ଥାଏ । ଜମିଦାରୀରେ ଅତ୍ୟାଗୃହ ହେଲେ ସେ ସଙ୍ଗେ ସଙ୍ଗେ—ଗୋପିନାଥ ଗୋପିନାଥ—ମୋତେ ଜଣା ନାହିଁ କହନ୍ତି । ଇସ୍କୁଲ ଡାକ୍ତର ଖାନା ଆଦି ନାନା ସୁବିଧା ଅସୁବିଧାରେ ସେ କେବଳ ଭଗବାନ୍ ସ୍ମରଣ କରି କହନ୍ତି—ଗୋପିନାଥ—ଗୋପିନାଥ ! ମୁଁ କିଛି ଜାଣେ ନାହିଁ—ତମେ ଜାଣ ! ସୁତରାଂ



Digitized by srujanika@gmail.com

ମହତାବ ଯିମିତ ଗୋପିନାଥଙ୍କୁ ଗୃହଁଛନ୍ତି ଗୋପିନାଥ ବି ସେମିତ ମହତାବଙ୍କୁ ଗୃହଁଛନ୍ତି । ବଙ୍ଗଳାରେ ଯେମିତ କଥାଅଛି—ଅମି ଦେ ତୁମିଦେ—ଅମାର ମା—ତୋମାର ମା, ତୋମାର ମା—ଅମାର ମା—ଅମାର ବୋନ ତୋମାର ବୋନ—ତୋମାର ବୋନ ଅମାର ବୋନ—ଅମାର ଛେଲେ ତୋମାର ଛେଲେ, ତୋମାର ଛେଲେ ଅମାର ଛେଲେ—ତା ପରେ ହୃଏତ ଯୋଡ଼ ଦେଇ ହେବ—ଅମାର ଜମିଦାରୀ ତୋମାର ଜମିଦାରୀ—ଅମାର ଶେଅର ତୋମାର ଶେଅର ।

## ଘୁସା ଦେଉସା

ମିଳିତ ଜାତି ସଙ୍ଘର ନିରପେକ୍ଷ ପରିଷଦରେ ଘୁସ ପ୍ରତିନିଧି ମାଲିକ ଅମେରିକା ଗୋଷ୍ଠୀ ଠେଙ୍ଗ ବାହାର କରିସାରିଲେଣି । ଏଥର ପରିଷଦରେ ସଭାପତି ପଦ ଘୁସ ମୁଣ୍ଡରେ ପଡ଼ିଛି । ଅମେରିକାକୁ ହେଠା ଗୋଡ଼ ପକେଇ ଝଠ ବସ୍ କରି ନାକରେ କନ୍ଦେଇ କାନରେ ଦେଖେଇ ସାରିଲେଣି । ଘୁସ୍ ତ ଘୁସି ଯାଇଥିଲା, ତାକୁ ପୁଣି ଦେଉଁ ଦେଉଁ ଓଲଟି ଦେଉସିଲା ଲୋକ ନାକେ ଦମ୍ । ଟ୍ରୁମେନ କହୁଥିବେ—

ଶ୍ୟାମବନ୍ଧୁ ପ୍ରୀତ—ଜଣା ନଥିଲା ମା !

## ଗୁପତ କଂଗ୍ରେସ

ଗଙ୍ଗା ଥିଲେ—ତାଙ୍କ ପଛରୁ ଗୁପତ ଗଙ୍ଗା ସ୍ଥାନେ ସ୍ଥାନେ ବାହାରି ଲୋକ ମନଙ୍କୁ ଉଦ୍ଧାର କରିବାକୁ ଲାଗିଲେ । ସେମିତି କଂଗ୍ରେସ ମଧ୍ୟ ଲୋକଙ୍କ ଉଦ୍ଧାର ପାଇଁ ଏଣିକି ଗୁପତ କଂଗ୍ରେସ ହେବାକୁ ବସିଲାଣି : ଘୋଷଣାରୁ ଜଣାଯାଏ ଯେ ଆସନ୍ତା କଂଗ୍ରେସ ଅଧିବେଶନ ଆଉ ଖୋଲା ମଇଦାନ ଅଧିବେଶନ ନହେଇ ଗୁପତ ଅଧିବେଶନ ହେବ । ସାଧାରଣ ଦେଖଣାହାରୀଙ୍କ ସେଠିକି ଯିବା ମନା । ଏଣିକି ଭଜତ ମହତ ଜଗିବା ବେଳ ହେଇଗଲା । ସେତେବେଳେ ତ ମହତ ପଦାରେ ଗଡ଼ ଗଡ଼ର ଥିଲା ।

## ଗୃଷୀ ଓ ମୂଲିଆ

ଓଡ଼ିଶା ସରକାର ଗୃଷ ପାଇଁ ସ୍ୱତନ୍ତ୍ର ବିଭାଗ କରି ଗୃଷ ବଢ଼ାଉଛନ୍ତି । ଆମ ପ୍ରଧାନ ମନ୍ତ୍ରୀ ନିଜେ କଲମ ଧରି ଫାଇଲ ହଳ କରି ଗୃଲିଛନ୍ତି—ସେଥିରୁଁ ଫଳ ଫଳିବ । ଗୃଷୀ ଲଭବାନ ହେବେ—ଭିଖ ବରଷିବ—ମହୁ ବରଷିବ । ତା ହେଲେ ଗୃଷୀ ଶଗୃଣୀ କି ପଇସା ପାଇବ । କିନ୍ତୁ ସୋସାଲିଷ୍ଟ କମ୍ୟୁନିଷ୍ଟ ମାନେ ଯେ ତେଣେ କଳ ମୂଲିଆଙ୍କ ପାଉଣା ବଢ଼ାଇ ଛନ୍ତି ତହିଁର ଉପାୟ କଣ ? କଂଗ୍ରେସ ସରକାର ଖାଦ୍ୟ ଯୋଗାନ୍ତୁ—ସୋସାଲିଷ୍ଟ କମ୍ୟୁନିଷ୍ଟ ଖାଆନ୍ତୁ—ଶେଷରେ ଖାଦ୍ୟ ନପାଇ କେତେକ କଂଗ୍ରେସ ବାଲାଙ୍କୁ ଖାଇଯିବେ—ସେଇ ଭୟରେ ଅଧିକ ଖାଦ୍ୟ—ଉତ୍ପନ୍ନ କରନ୍ତୁ ।

## ଛୁଟି ଓ ଶୁଣ୍ଠି

ଡାକ ବିଭାଗ ମନ୍ତ୍ରୀ କିଦ୍‌ବାଇ କହୁଛନ୍ତି ଯେ ରବିବାର ବନ୍ଦ ଯୋଜନା ଯେପରି ସୁନ୍ଦର ରୂପରେ କାର୍ଯ୍ୟକାରୀ ହୋଇଛି ସେଥିରେ ସେ ଆନନ୍ଦିତ । ଏକା ସେ କାହିଁକି, ସମସ୍ତେ ଏଥିରେ ଆନନ୍ଦିତ ବୋଲି ଆମର ବିଶ୍ୱାସ । ଡାକ କର୍ମଚାରୀ ଗଣ କାମରେ କମେଇ ପାଇ ଯେପରି ଆନନ୍ଦିତ, ଜନ ସାଧାରଣ ଚିଠି ଲେଖା ଓ ଖବର କାଗଜ ପଢ଼ାରୁ ଫୁରସତ୍ ପାଇ ତତୋଧିକ ଆନନ୍ଦିତ ।

ମନେ ହେଉଛି, ଗୁରୁବାର ଦିନଟା ପୁଣି ଡାକ ଛୁଟି ଦେଲେ ଏ ଅନନ୍ଦ ସହିତ ଡାକ ବିଭାଗର ନୈପୁଣ୍ୟ ଅଦ୍ଭୁତ ବୃଦ୍ଧି ପାଆନ୍ତା । କର୍ମଚାରୀ ତଥା ଜନସାଧାରଣ ଅବସରକ୍ରମେ ଅଧିକ ଉତ୍ସାହରେ ଆପଣା ଆପଣା କାମରେ ଲାଗି ପାରନ୍ତେ । ଅଧିକନ୍ତୁ ସେହି ବେଳଟାରେ ଅନ୍ତତଃ ଗ୍ରୋ—ମୋର—ଫୁଡ୍ ବା ସୂତା କାଟିବାରେ ନିଜକୁ ନିୟୋଜିତ କରି ଦେଶର ଆର୍ଥିକ ସମସ୍ୟା ଦୂର କରନ୍ତେ । ବଦ ହଜମ ହେଲେ ଶୁଣ୍ଠି ଗରମ ଜଳ ପାନ ବିଧେୟ ।

## —ମିସ୍ ଆନ୍ଦୋଳନ—

ମନ୍ତ୍ରୀ ଜଗଜୀବନ ରାମ Miss a meal ଆନ୍ଦୋଳନ ପ୍ରବର୍ତ୍ତାଇ ଦେଶକୁ ଯେପରି ସ୍ୱାବଲମ୍ବୀ କରାଇ ପାରିଛନ୍ତି ଓ ନିଜେ ପ୍ରସିଦ୍ଧ ହୋଇଛନ୍ତି, ଡାକ୍‌ବାଇ ଏହି Miss a Mail ପ୍ରଯୋଜନା ଦ୍ୱାରା ଦେଶର ଅର୍ଥରକ୍ଷା ସଙ୍ଗେ ସଙ୍ଗେ ନିଜେ ବି ଅମର ହୋଇ ଯିବେ ବୋଲି ଆମର ଧାରଣା । ଦେଶରେ ଏହିପରି ଯେତେ 'Miss' ଆନ୍ଦୋଳନ ବଢ଼ିବ ଜାତି ପକ୍ଷରେ ସେତିକି ମଙ୍ଗଳ ।

ଏହା ପଛରୁ ରେଲ ଚଳାଚଳରେ ମଧ୍ୟ Miss a day ନିୟମ ଚଳାଇବାର କଳନା ଆରମ୍ଭ ହେଲାଣି ବୋଲି ଶୁଣାଯାଉଛି । ଏହା ଫଳରେ ଶନିବାର ରାତି ବାରଟା ଠାରୁ ରବିବାର ରାତି ବାରଟା ଯାଏ ସବୁ ଟ୍ରେନ୍ ଯେଉଁଠି ଥିବ ସେହିଠି ଅଚଳ ହୋଇ ରହିବ ଓ ସବୁ ଷ୍ଟେସନ୍ ଶୁନସାନ ହୋଇଯିବ । ଏହା ହେଲେ ରେଲ ଗାଡ଼ିର ଆୟୁ ବୃଦ୍ଧି ହେବ, କୋଇଲା ଖରଚ କମିଯିବ, ମଝିବାଟରେ ଲୋକେ ଉପାସ ରହିଲେ ଧାନ ଗୃଉଳ ବଳି ପଡ଼ିବ ଆଉ ରେଲ ଭଡ଼ା ଦରବୁଡ଼ ଲୋକଙ୍କର ବଞ୍ଚି ଯିବ ! ମୋଟ ଉପରେ ଦେଶର ବହୁତ ଦିଗରେ ଲାଭ ।

## —ଗୋରୁ ଖୋଜା—

କେତେ ବର୍ଷ ପୂର୍ବେ ଖବର ବାହାରିଥିଲା କି ଜଣେ ଓଡ଼ିଆ ଯୁବକ ବୈଜ୍ଞାନିକ ଗବେଷଣା କରି ଦେଖିଛନ୍ତି କି ଧାନ ବୁଣିବା ଠାରୁ ତିରିଶ ଦିନ ମଧ୍ୟରେ ଫସଲ ଅମଳ କରି ହେବ । ଏ ଖବର ପାଇ ସମସ୍ତେ ବଡ଼ ଆଶ୍ୱସ୍ତ ଓ ଆଗ୍ରହାନ୍ୱିତ ହୋଇଥିଲେ କି ଏଥର ଖାଦ୍ୟ ସମସ୍ୟା ସମାଧାନ ନୁହେ, ଏକା ବେଳେକେ ତିରୋଧାନ ହୋଇଗଲା । କାରଣ ଏକ ଜମିରୁ ବର୍ଷକେ ଗୋଟିଏ ଫସଲ ସ୍ଥାନରେ ଆମେ ବାରଗୋଟି ଫସଲ ଅମଦାନି କରି ପାରିବା । ଦେଶରେ ଆଉ ଦୁର୍ଭିକ୍ଷ ରହିବ ନାହିଁ ଓ ଖାଦ୍ୟ ନିଅଣ୍ଟ ହେତୁ ସରକାର ଏତେ ବ୍ୟତିବ୍ୟସ୍ତ ହେବେ ନାହିଁ ।

କିନ୍ତୁ ଦୁଃଖର କଥା, ସେ ବୈଜ୍ଞାନିକ ଓ ତାଙ୍କ ଗବେଷଣାର ଆଉ କିଛି ସମ୍ବାଦ ମିଳନାହିଁ ଏଯାଏ । ଖାଦ୍ୟ ଉତ୍ପାଦନରେ ଏତେ ଅର୍ଥ, ଶ୍ରମ ଓ ମସ୍ତିଷ୍କ ଖରଚ କରିବା ଠାରୁ ସରକାର ସେହି ବୈଜ୍ଞାନିକଙ୍କୁ ଖୋଜି ବାହାର କରିବା ପାଇଁ ଗୋରୁ ଖୋଜା ଗବେଷଣା କଲେ ଭଲ ହୁଅନ୍ତା ନାହିଁକି ?...

କେନ୍ଦ୍ରମନ୍ତ୍ରୀ ମହତାପଜୀଙ୍କୁ ଭାରତ ପାର୍ଲିମେଣ୍ଟରେ ସ୍ଥାନ ଦେବାଲାଗି ମୋତିଲାଲଜୀ ନିଜ ଆସନ ତ୍ୟାଗ କରି ଆସିଲେ । ନବେଲାରେ ଓ ସୁରଖୁରରେ ମହତାପଜୀ ସେଠାରୁ ନିର୍ବାଚିତ ହୋଇ ଯିବାର କଥା । ମାତ୍ର ଆଜିଜଣେ ଓଡ଼ିଆ ସେଥିରେ ବାଧକ ପଡ଼ିଲେ । ଓଡ଼ିଶା ବୋଇଲେ ମହତାବ ଓ ମହତାବ ବୋଇଲେ ଓଡ଼ିଶା ବୋଲି ବାହାର ଲୋକେ ଜାଣନ୍ତି । କଂଗ୍ରେସିଆ ବହୁଳ ଅସେମ୍ବ୍ଲିରେ ଏ ଭୋଟର ଫଳ କଣ ହେବ ତାହା ଜଣାଥିଲା । ଦୁଃଖର ବିଷୟ ଓଡ଼ିଶାର ମନଟା ଯା ପଦାରେ ପଡ଼ିଲା !



Digitized by srujanika@gmail.com

# ବନ ମହୋତ୍ସବ

ଲେଖକ—ଶ୍ରୀ ସୁଶୀଳ ମୋହନ ମିଶ୍ର

ଜୁଲାଇ ତାରିଖ ଏକ ଇଂରେଜୀ ଶହ ପଚାଶ। ସକାଳ ଛଅଟା ତିରିଶ ମିନଟ ସାଢ଼େ ଅଠେଇଶ ସେକେଣ୍ଡ। ମୋର ଶଯ୍ୟା ତ୍ୟାଗ କରିବାକୁ ଆଉ ବାକି ଥିଲା ଊଣେଇଶ ମିନଟ ଊଣଷାଠିଏ ସେକେଣ୍ଡ। ନିଦ୍ରା କିନ୍ତୁ ମୋର ଭାଙ୍ଗି ଯାଇଥିଲା। ମୁଁ ଖଟରେ ଶୋଇ ଶୋଇ ଭାଙ୍ଗି ଯାଇଥିବା ନିଦଟାକୁ ଯୋଡ଼ିବାକୁ ଚେଷ୍ଟା କରୁଥିଲି। ଭଙ୍ଗା ନିଦ କି ଆଉ ଯୋଡ଼ି ହୁଏ! ବିଛଣାଟାକୁ ଅଣ୍ଡାଳିବାକୁ ଲାଗିଲି। ଶଯ୍ୟାଟି ଶୂନ୍ୟ ବୋଲି ମନେହେଲା। ରାତି ସାରା ମୋର ଦାମ୍ପତ୍ୟ ଦ୍ୱିତୀୟା ମୋ ପାଖରେ ଥିଲେ; କେତେବେଳେ ଉଠି ଯାଇଛନ୍ତି। ଅଭିମାନ କରି ହୁଏତ ନୁହେଁ କର୍ମ ତତ୍ପରତା ଯୋଗୁଁ ହୋଇପାରେ ବା। କନକ ଗଳା-ବାହା ଫୁଲର ହାର ଛିଣ୍ଡି ପଡ଼ିଛି ଆଉ ମୃତ ସନ୍ତାନ ପରି ପଡ଼ି ରହିଛି ମୋର ଶଯ୍ୟାରେ ଓ ଅଶ୍ରୁ ପ୍ରାର୍ଥୀ ପରି ତାଙ୍କରି ଗଳାର ସାହାଯ୍ୟ କାମନା କରୁଛି। ବାହାରେ ବର୍ଷା ମେଘର ଚିତ୍କାରରେ କାନ ଅତଡ଼ା ପଡ଼ୁଛି। ହୁଏତ ବର୍ଷା ଉପରେ ବାଜିଛି ବିଦ୍ୟୁତ୍।

ଘରୁ ପ୍ରଶ୍ନ ହେଲା 'ଶୁଭୁଛି'! ପରିବର୍ତ୍ତନଶୀଳ ଜଗତରେ କେବେଠୁ ମୋର ସୁନ୍ଦର ନାଆଁଟି 'ଶୁଭୁଛି' ହେଲା କିଏ କହି ନ ପାରିଲେ ବି ମୁଁ କହି ପାରେଁ। ମୋର ଏମିତି ନାମ ଆମର ବିବାହ ପରେ ହେଲା ବୋଲି ଆମ ବୈବାହିକ ଇତିହାସ କହିବ। ବିବାହର ବର୍ଷକ ପରେ ଯେତେବେଳେ ସେ ମୋର ପ୍ରେମର ଗଭୀରତା ତାଙ୍କ ନୟନନୀର ଦ୍ୱାରା କଳନେଲେ ଆଉ ଯେତେବେଳେ ସେ ଜାଣିଲେ ମୁଁ ତାଙ୍କ ବିହୁନେ ଯମୁନାରେ ଝାସ ଦେବାପାଇଁ ପ୍ରସ୍ତୁତ ସେତେବେଳେ ସେ ମୋତେ ପ୍ରିୟ, ପ୍ରିୟତର, ପ୍ରିୟତମ, ହୃଦୟର ରଜା, ଦିଲ୍‌ର ସମ୍ରାଟ, ଛାତି ଉପରର ରାଜପ୍ରମୁଖ, ମୁଁ ଏସେମ୍ବ୍ଲି ହଲ୍‌ର ସ୍ପିକର ଇତ୍ୟାଦି ସମ୍ବୋଧନ ଉପରେ ନିଷେଧାଜ୍ଞା ଜାରି କରି ଦେଇ ଖୁବ୍ ସରଳ, ତାଙ୍କ ମନଲାଖି ନାଆଁଟିଏ ଦେଲେ 'ଶୁଭୁଛି' ବା 'ଶୁଣୁଛି'। ଆଉ ଏଇ ନାମ-କରଣ ଯୁଗରେ ପୁରାତନ ନାଆଁକୁ ବଦଳାଇ ଗୋଟିଏ ନୂତନ ନାଆଁ ଦେବାରେ ଯେମିତି ଦେଶ-ପ୍ରିୟତା ଫୁଟି ଉଠୁଛି। ତେବେ, ପତି-ପ୍ରେମତା କଣ ନାଆଁ ଦେବାରେ ନାହିଁ?

ମୋର କେଜାଣି କେମିତି ଭୟ ହୁଏ ଯଦି କୌଣସି ପ୍ରଧାନ ମନ୍ତ୍ରୀ ଯେ ନିଜେ ନାମ ଦ୍ୱାରା ଗୌରବ ଅର୍ଜନ କରିଛନ୍ତି ସେ ହୁଏତ ଦିନେ ଏହାଙ୍କୁ (ମୋର ଧର୍ମ ପତ୍ନୀ) ସେକ୍ରେଟେରୀ ଅବ୍ ନେମ୍‌ସ୍ ଗିଭିଙ୍ଗ୍ ଡିପାର୍ଟମେଣ୍ଟ ପଦରେ ବାହାଲ କରି ମାସକୁ ଦେଢ଼ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ନେଇ ଯିବେ। ଅସମ୍ଭବ ବି ନୁହେଁ। ଏବେତ ସେ ହେଲେ ସୁଶ୍ରୀ, ମୁଖାରବିନ୍ଦକୁ ସଜାଇ ବାରେ ଯେଉଁ ପଟୁତା ଅଛି ହୁଏତ ସେ ଯେ କୌଣସି ଇଣ୍ଟର-ଭିଉରେ ପ୍ରଧାନ ଓ ପ୍ରଥମ ସ୍ଥାନ ଅଧିକାର କରି ପାରିବେ। କାରଣ ସ୍ତ୍ରୀ କର୍ମୀ ଇଣ୍ଟରଭିଉ ବେଳେ ଦେଖାଯାଏ ବକ୍ଷ କମଳର କମନୀୟତା, ନୟନର ଚଞ୍ଚଳତା ଆଉ ବଦନର ମିଶା-ଜଣା ଭାଷା। ଏସବୁ ଅପ୍ରକାଶିତ ଗେଜେଟର ଭାଷା। କ୍ଷମା କରିବେ, ଆପଣଙ୍କର ଉଦାର (ମୃଦାର ବା-ଅଦାର ନୁହେଁ) ବକ୍ଷପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷିତ ହେଲେ ମାତୃବତ୍ ପରଦାରେଷୁ ନୀତି ବାକ୍ୟ ମନେ କରିବେ କାରଣ ସେ ବର୍ତ୍ତମାନ ଗୋଟିଏ ପୁଅର ମା। ଏଇ ଗୋଟିକ ଡିସ୍‌କ୍ୱାଲିଫିକେସନ ଛଡ଼ା ବାକି ସବୁ ଠିକ୍ ଅଛି। ମୁଁ କଣ କହୁଥିଲି? 'ଶୁଭୁଛି' ସମ୍ବୋଧନ ତଳେ ଏବା ଇତିହାସ।

ସେ ଡାକିଲେ 'ଶୁଭୁଛି'!

ମୁଁ ଉତ୍ତର ଦେଲି—'ଆଇର ସମସ୍ତେ ଯେତେବେଳେ ଶୁଣି ପାରୁଛନ୍ତି ଆଉ ମୋତେ ଶୁଭନ୍ତା ନାହିଁ ନା। ତୁମେ କଣ ମନେ କର ମୁଁ କାଲ?'

ସେ କହିଲେ 'ମୁଁ ତୁମକୁ କହିବାକୁ ଥିବା କଥା ଆଉ କହିବି ଓ ଜାମ କରିବି ବେଶି।'

ମୋ ସ୍ତ୍ରୀଙ୍କର ଆଉ ଗୋଟିଏ ବଡ ଗୁଣ ଅଛି ଯେ ସେ ଜଣେ ବକ୍ତା। ସେ ବକ୍ତୃତା ଦେଲେ ଦଶ ହଜାର ଲୋକ ଅନାୟାସରେ ଶୁଣି ପାରିବେ; ମାଇକର ପ୍ରୟୋଜନ ହୁଏନା। କିନ୍ତୁ ଦୁଃଖର ବିଷୟ ଏହି ଯେ ବୈଜ୍ଞାନିକ ଯୁଗର ପ୍ରଭାବ ହେତୁ ପ୍ରତ୍ୟେକ ସଭା ସମିତିରେ ସେ ବସି ରହନ୍ତି।

ସେ—'ମୁଁ ବାହାରିଲି। ବୋଧହୁଏ ସନ୍ଧ୍ୟା ହେଲେ ଯାଇ ଘରକୁ ଲେଉଟିବି।'

ମୁଁ ସେପଟକୁ ଉଠି ପଡ଼ିଲି ଆଉ କହିଲି 'କଣ କରୁଛ ହୃଦୟର ଗହନ ବନର ଚୋରଣୀ, ତୁମେ ମୋତେ ବାର ଘଣ୍ଟା ବିରହ ସାଗରରେ ବୁଡାଇ ଚାଲି ଯିବ'?

ସେ କହିଲେ 'ଦେଶର ଡାକ, ସମିତିର ଡାକ, ମଣ୍ଡଳର ନିମନ୍ତ୍ରଣ ମୋତେ ଯିବାକୁ ବାଧ୍ୟ କରୁଛି।'

ମୁଁ ଆଶ୍ଚର୍ଯ୍ୟ ହେଲି ଆଉ ପଚାରିଲି 'ଆଜି କିଆ ଦିଆ?'

ସେ କହିଲେ 'ନାରୀ ଉଦ୍ଧାର ସଦନରେ ହେବ। ତୁମେ ତୁମର ସୁବିଧା କରି ନିଅ!'

ମୁଁ କହିଲି 'ଆଜି ମୁଁ ମୋର ସୁବିଧା କରିନେବି?'

ସେ କହିଲେ 'ସେଲ୍‌ଫ ହେଲ୍‌ପ ଇଜ ଦି ବେଷ୍ଟ ହେଲ୍‌ପ—ଆତ୍ମ-ସେବା—ଶ୍ରେଷ୍ଠ ସେବା—ଆତ୍ମ କୃଷଲେ ସର୍ବ ସିଦ୍ଧି।'

ମୁଁ କହିଲି 'ସୁଦ୍ଧା ଘାଟା କୁଆଡେ ଅଛି'?

ସେ କହିଲେ 'ଝାଳିଠାରୁ ସେ ବିଦାୟ ନେଇଛି'

ମୁଁ କହିଲି 'କାହିଁକି'?

ସେ କହିଲେ 'ଖର୍ଚ୍ଚ କାଟ ସମସ୍ୟା'

ମୁଁ କହିଲି 'ଆଜି ମୁଁ କିମିତି ଖାଇବି?''

ସେ କହିଲେ 'ଡାହାଣ ହାତରେ'

ସେ ଚାଲିଗଲେ। ଗଲାବେଳେ ତାଙ୍କର ହାଇହିଲଜୋତାର ରୁମୁ ଝୁମୁ ନାଦ ଶୁଭୁଥାଏ, ଧୀରେ ଧୀରେ ସେ ସ୍ୱନ ମୋର କର୍ଣ୍ଣର ଗୁହାରେ ପ୍ରତି-ଧ୍ୱନିତ ହେବାକୁ ଲାଗିଲା! ମୁଁ ଦେଖିଲି ସେ ଚାଲି ଯାଉଛନ୍ତି; ଉପରେ ଅନନ୍ତ ଆକାଶ, ଚରଣ ତଳେ ସବୁଜ ଧରଣୀ, ହାତରେ ତାଙ୍କର ଭେନିଟି ବେଗ୍, ହୁଏତ ତା ଭିତରେ କିଛି ନ ଥାଇ ମଧ୍ୟ ଥିବ ଅନେକ। କାରଣ ବହୁତ ପୁରୁଷଙ୍କର ଲାଳସା ଚକ୍ଷୁର ଜ୍ୟୋତି ଓ ବିଳାସୀ ମନ ଦାମ୍ଭିକାମାନଙ୍କର ଅନୁକୂଳ ନୁହେଁ।

ପିଅନ ଆସିଲା। ନମସ୍କାର ଜଣାଇ କହିଲା 'ହଜୁର, ଆଜି ବନ ମହୋତ୍ସବ ପ୍ରଥମ ଦିନ।'

'ତୈଳମର୍ଦ୍ଦନ କ୍ଲବ୍‌କୁ ଯିବେ ନାହିଁ?'

ମୁଁ କହିଲି 'ଡ୍ରାଇଭରକୁ କହ ଗାଡ଼ି ଆଣିବ।'

ମଟର୍ ଡ୍ରାଇଭର ଗାଡ଼ି ଆଣିଲା ଆଉ ପ୍ରଶ୍ନକଲା—'ହଜୁର'



Digitized by srujanika@gmail.com

ମୁଁ କହିଲି 'ରାଜ ପ୍ରମୁଖ ମନ୍ଦର'
ମନେର ରଖିଲି।

ରାଜ ପ୍ରମୁଖ ମନ୍ଦିରରେ ଲୋକେ ଲୋକେ ଲୋକାରଣ୍ୟ।

ମୁଁ ବି ନିମନ୍ତ୍ରଣ ପାଇଥିଲି ଏଇ ମହା ଉତ୍ସବରେ ଉପସ୍ଥିତ ହେବାକୁ। ବ୍ରାହ୍ମଣ ଠାରୁ ଚଣ୍ଡାଳ ଯାଏ ସମସ୍ତଙ୍କ ହାତରେ ଟୋକେଇ ଏମୋନିଆ ସଲଫେଟ୍! ମୁଁ ଅନେକଙ୍କୁ ପ୍ରଶ୍ନକଲି "ଆପଣଙ୍କ ହାତରେ ଏ ପାତ୍ରଟା କାହିଁକି?"

ଅନେକ ଉତ୍ତର ଦେଲେ "ରାଜ ପ୍ରମୁଖ ବୃକ୍ଷ ରୋପଣ କରୁଛନ୍ତି; ଆମେ ସେଇ ଗଛର ବୃଦ୍ଧି ସକାଶେ ଗଛ ମୂଳରେ ଏହି ସାର ଦେବୁଁ।"

କେହିଜଣେ ଆସି ମୋ ହାତକୁ ମୁଠାଏ ଏମୋନିଆ ସଲଫେଟ୍ ବଢ଼ାଇ ଦେଲେ। ସମୟ ଆଠଟା। ଆକାଶରେ ମେଘ ଘୁମାଇ କରି ବସିଛି — ତାଙ୍କ ମୁଖମଣ୍ଡଳର ହସନ୍ତ କରଣରେ।

ଫୁଡ଼ ଡାଇରେକ୍ଟରଙ୍କ ପଛେ ପଛେ ଆସିଲେ ରାଜ ପ୍ରମୁଖଙ୍କୁ। ଟୋପାର କାନ୍ଧରେ ଭୂଇଁ ଫୋଡ଼ି ସୁନାର ଗାଣ୍ଡୁଆରେ ମାଟି ଫିଙ୍ଗି ଗୋଟାଏ ଗର୍ତ୍ତ କଲେ। ଏସିଷ୍ଟାଣ୍ଟ ଫୁଡ଼ ଡାଇରେକ୍ଟର ନିଜ କଲମ ଧରା ହାତରେ ଟୋଟି ଟୋଟି ଦୁର୍ବା ଉଠାଇ ଫିଙ୍ଗିଦେଲେ। ରାଜ-ପ୍ରମୁଖଙ୍କ କାନି ଆଙ୍ଗୁଠିରେ ଚନ୍ଦ୍ରାଭଣି ଆଗ୍ରହେ କୁଶବଟୁ ଖଞ୍ଜାଇ ମନ୍ତ୍ରପାଠ କଲେ। ପ୍ରଜାତନ୍ତ୍ର ପତ୍ରିକାର ସମ୍ପାଦକ ଗୋଟିଏ ପରେ ଗୋଟିଏ ଫଟୋ ଉଠାଇ ନେଉ ଥାଆନ୍ତି। ମୁଦାନ୍ତି ବାମ ପାର୍ଶ୍ୱରେ ଡୁପ୍ଲିକେଟ ଏକ୍ସପୋଜର ସମୟ ଆଠଟା ଦଶ। ବୃକ୍ଷରୋପଣର ମାହେନ୍ଦ୍ର ମୁହୂର୍ତ୍ତ। ବୃକ୍ଷ ରୋପଣ ହେଲା। ବୃକ୍ଷର ନା ହେଉଛି ........'ଗବ'

ଫୁଡ଼ କମିସନର ରାଜ-ପ୍ରମୁଖଙ୍କ ମାଟି ମଳିତ ହାତକୁ ଦୁଧରେ ଧୋଇ ଦେଇ ସୁନାର କଳସରେ ରଖିଲେ। ସମସ୍ତ ଅଫିସର ଆସି ଫୁଡ଼ କମିସନର ପାଖରେ ରୁଣ୍ଡ ହେଲେ ଆଉ ହାତ ପାତିଲେ କରାମୃତ ଗ୍ରହଣ କରିବାକୁ। ଛୋଟ କଳସଟିରେ ଅଳପ ପାଣି; ତାହାର ଲାଗି ପୁଣି ଲମ୍ବା ଧାଡ଼ି। ଯେଉଁ ମାନଙ୍କ ଭାଗ୍ୟରେ ଏ କରାମୃତକୁ ଜାଣିବାକୁ ନ ପଡ଼ିଲା ତାକୁ ମୁଁ ଏତ ଏଇ ମେଳେଣିଆ ଉତ୍ସବରେ କରାମୃତରେ ସଡ଼ିବାକୁ ପଡ଼ିପାରେ। ଏହା ମାପର ପ୍ରାକୃତିକ। ଆଉ ଯାହା ଭାଗ୍ୟରେ ପ୍ରଥମେ ଏଇ କରାମୃତ ପଡ଼ିଲା ସେ ହେଲା 'ବୀର'—ଏଇ ବନ୍ଧୁଟିରା ଟା ତାହାର।

ଗୋଟାଏ ପ୍ରଶ୍ନ ଉଠିଲା "କିଏ ଏହି କରାମୃତ ପ୍ରଥମେ ପାନ କରିବ।"

ଲକ୍ଷେ ହାତ 'ମୁଁ—ମୁଁ' ଶବ୍ଦର ସଙ୍ଗେ ଉଠିଲା। ଫୁଡ଼ କମିଶନର ବଡ଼ ଝାମେଲାରେ ପଡ଼ିଲେ। ଫୁଡ଼ କମିସନରଙ୍କ ଏ ଝମେଲା ପଡ଼ିଥିବା ବେଳେ ଫଟୋଟିଏ ଉଠାଇ ନିଆଗଲା। ପ୍ରଜାତନ୍ତ୍ର ପତ୍ରିକାର ସମ୍ପାଦକ କହନ୍ତି ଏଇ ଫଟୋଟି ମହାମୂଲ୍ୟ ହେବ। ଆବେଗ-ମନ୍ଥ।

ରୁଣ୍ଡ ଜନତାର ଭିତରୁ ଶବ୍ଦ ଗୋଟାଏ ନାରୀ କଣ୍ଠ ଭାସି ଆସିଲା। ସମସ୍ତେ କାନ ଡେରିଲେ ଆଉ କହିବାକୁ ଲାଗିଲେ "କିଏ ଏ ମୋହିନୀ ଅମୃତ ବିତରଣ କରିବାକୁ ଆସିଛି!"

ମୋହିନୀ ଉତ୍ତର ଦେଲେ "ମୁଁ ଜଣେ ବିବାହିତା କୁମାରୀ; ନାଁ ଅଛି ମୋର ଶ୍ରୀମତୀ ଖାନାସିଂହ।"

ସମସ୍ତେ ଆନନ୍ଦରେ କରତାଳି ଦେଲେ। ମୋହିନୀ କହିଲେ "ସମସ୍ତେ ଗୋଟିଏ ଧାଡ଼ିରେ ବସ"।

ସମସ୍ତେ ଗୋଟିଏ ଧାଡ଼ିରେ ବସିଲେ। ମୋହିନୀ କରାମୃତ ବଣ୍ଟନ କରି ସମସ୍ତଙ୍କ ମନ ମୋହିଲେ।

ତା ପରେ ଆସିଲା ଏମୋନିଆ ପୂର୍ଣ୍ଣାହୁତି ଉତ୍ସବ।

ସମସ୍ତେ ଥରେ ଥରେ ବୃକ୍ଷ ଚାରିଆଡ଼େ ପ୍ରଦକ୍ଷିଣ କରି କରି ସେଇ ଏମୋନିଆକୁ ଗବ ଗଛ ମୂଳରେ ପକାଇଦେଲେ। ଜଣେ ପ୍ରଦକ୍ଷିଣ କରି ସାରିଲା ପରେ ଯେତେବେଳେ ଆଉ ଜଣେ ପ୍ରଦକ୍ଷିଣ କରିବାକୁ ଯାଆନ୍ତି ସେତେବେଳେ ସେ ତାଙ୍କ ପୂର୍ବବର୍ତ୍ତୀ ପ୍ରଦକ୍ଷିଣ କରିଥିବା ବ୍ୟକ୍ତିଠାରୁ ଆଉ ଗୋଟିଏ ଥର ଅଧିକ ପ୍ରଦକ୍ଷିଣ କରୁଥିଲେ। ଏହି ମହୋତ୍ସବରେ ପ୍ରଧାନ ପ୍ରଣିଧାନର ବିଷୟ ବସ୍ତୁ ଥିଲା ଏହି ଉତ୍ସବ ଠାରୁ ପୂର୍ଣ୍ଣ ପ୍ରାଣରେ ସହଯୋଗ ଦେବା। ସମସ୍ତେ ଯଦି ଏକ ପ୍ରକାର ଭାବରେ ସହଯୋଗ ଦିଅନ୍ତି ତେବେ ପ୍ରଜାତନ୍ତ୍ର ବିବୃତ୍ତି ଲେଖିବ କିଏ, ଖମ୍ବାଜ ରାଗିଣୀ ଗାଇବ କିଏ, ଅଗ୍ନିମୂର୍ତ୍ତି ହସିବ କିଏ, ମଗର ବିବୃତ୍ତି କାଢ଼ିବ କିଏ? ସେଇଥି ପାଇଁ ସିନା ମେଘ ବୃଷ୍ଟି କପିଳାସ ପାହାଡ଼ର ଶିଖରରେ ହଠାତ୍ ଏମିତି ଦିନେ ଘିଅ ପେଣ୍ଡା ଗଛର ସୂଚନା ମିଳିଲା। ବନର ହରିଣୀ ଚକିତେ ଚକିତେ ଚମକି ଚମକି ଚମ୍ପା ଗଛର ଅନ୍ତରାଳକୁ ଗଲା। ସେ ଅବୋଧ ପଶୁ ବୁଝି ପାରିଲା ନାହିଁ କୃଷ୍ଣରାଜ କେହିଁହୋସ୍ ଆସିଛନ୍ତି ବନକୁ ଉତ୍ସବ କରିବାକୁ। ଦଳେ ଦଳେ ଲୋକ ଛୁଟିଛନ୍ତି ଏହି ଉତ୍ସବ ଦେଖିବାକୁ। ଉତ୍ସବ ଦେଖିବାକୁ କିଏ କାହିଁକି ଦଉଡ଼ନ୍ତା ଏଠି ବାଇଶ ହଜାର ଫୁଟ୍ ଉପରକୁ? କେବଳ ଲୋକଙ୍କ ମନ ଟାଣିଥିଲା କନକ ରଙ୍ଗର କୁନ୍ଦିଆ ଖାଇବାକୁ। ମନ୍ତ୍ରୀ ଲୋକ ଗୃହାନ୍ତ। ଗଏ ଦୁଇଶ ନୁହେଁ ହଜାର ହଜାର ନୁହେଁ ଲକ୍ଷେ ପୁଣି ଲକ୍ଷେ ଲୋକେ ଗୃହାନ୍ତ ଖାଇବାକୁ। ଯେଉଁଠି ଖାଇବାର ଅଛି ସେଇଠି ଲୋକ ଅଛନ୍ତି। ଯେଉଁଠି ଲୋକ ଅଛନ୍ତି ସେଇଠି ମନ୍ତ୍ରୀ ମନ୍ତ୍ରଣା ଦେଉଛନ୍ତି। ସବୁ ଅଲେଖଙ୍କ ମହିମା। କେଉଁ ଯୁଗର କଣରୁ ଅରଣ୍ୟ ମଛଘୀ ବି ସେଇ କଥା କହୁଥିଲା 'କେନ୍ଦୁପତ୍ର ପଧାନେ ବନରେ ବୃକ୍ଷରୋପଣ କରୁଛନ୍ତି କାହିଁକି? ଆଉ ଲୁଚ ଲୁଚ ଯୁଦ୍ଧ କରିବା ବେଳ ତ ଗଲାଣି। ଏଥର ନିଆଁ କଟା ବେଳ, ଢୋଲ ଦୋଳା ବେଳ, ବିଦ୍ରୋହ ଦେବା କାଳ।'

ଅନୁଗୁଳ ବଣର ବାଉଁଶ କହିଲା "ବନ୍ଧୁହେ! ସର୍ବୋଦୟ ବେଳେ ନିର୍ବାଂଶ କରି ପୁଣି ବାଉଁଶ ଲଗାଇ ଏ ପ୍ରୀତି କାହିଁକି? ସର୍ବୋଦୟ ମେଳା କଲ ବୋଲି ତ ବିଶୁଆର ହେଲା ନୂଆ।'

ପୁରୀ ଧାମର ନାରୀକେଳ ବଣର ଟୋଖଡ଼ା ବୃକ୍ଷ କହିଲା "ଆହା ମରି ଯାଉ ଥାଏଁ ମୋ କେ ପ୍ରେମରେ ମାଆ କାହ୍ନୁ ଲେଙ୍କା। ଭଙ୍ଗା ଭଙ୍ଗିଆ, କବରକିଆ କଟକରେ ଘରବାଡ଼ି କରି ଆସିଛ ଗଛ ରୋପିବାକୁ ପୁରୀକୁ। ମଲା ମୋର କାଗଜ ଗଛା ବେଲ ଆଇଲାଣି କି?"

ସମ୍ବଲପୁରର ଶିମୁଳି ଗଛ କହିଲା "ଇ ମାଇଟା! କାଏଁ କଥା। ଜମିଦାର ପିଲା ଗଛ ଲଗଉଛେ। ଲଗା ପୁଡ଼ା ଲଗା, କେନ୍ଦୁ ଗଛ ଦିନେ ନିଜେ ଲଗା। କେନ୍ଦୁ ପତ୍ରର ତ ତୁମକୁ ସାହାନାଇ ହେଲେ ଆଉ ଭୁଇଁ ନାହିଁ, ଆଉ ଇ ତୋର ଗଛ ଲଗା କାହିଁ?"

କାଠଜୁ ଗଛ ରୋପିଲେ। ତାଙ୍କ ଆଖି ଆଗରେ ହେଲା ତରୁଣୀର ହାସ୍ୟ, ତରୁଣର ସଙ୍ଗୀତରେ ମୂର୍ଚ୍ଛନା ନାଳ ନୀଳ ଗଭୀର ସିହରଣ ଧଳା ଧଳା ପଞ୍ଜାବୀ ହୃଦୟର ସ୍ପନ୍ଦନ।

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ଦୋଷୀ କିଏ ?

ଲେଖକ—ଯତୀନ୍ଦ୍ର ମୋହନ ମହାନ୍ତି

କଂସାରୀ ସାହିର କାର୍ତ୍ତିକିଆ ମ୍ୟୁନିସିପାଲିଟିର ଜମାଦାର, ଦିନରେ ହାଡ଼ିମାନଙ୍କୁ କାମ ତଦନ୍ତ କରେ । ତାକୁ ଧରି ଗଳି ଗଳି ବୁଲି ନାଳ ସଫା କରାଏ, ତା ଖାତାରେ ହରଚନ୍ଦ ଚଉଧୁରୀ ବାବୁଙ୍କର ହେଡ଼ କ୍ଲର୍କର ଦସ୍ତଖତ ଥାଏ; ଆଉ ରାତି ହେଲେ ଅଚ୍ୟୁତାନନ୍ଦ ମିଆଁର ଖଟିକୁ ଗଡ଼ି ପଡ଼ି ତାଡ଼ି ପିଏ । ଅନେକ ରାତି ତାର ସେହି ଖଟିରେ ପାହେ । କିନ୍ତୁ ଯୋଉଦିନ ଅଧରାତିରେ ଟଳି ଟଳି ଫେରେ ଘରକୁ, ସେଦିନ ତା ମଉସ ଉପରେ ହୁଏ ବେଦମ୍ ପାହାର ।

ଚଇନା ବିଗୁଣୀ ସ୍ତ୍ରୀ ନିରୀହ । ପିଠି ଫାଟିଗଲେ ବି ମୁହଁ ଖୋଲି ଫିଟେ ନା, ମହାଲ ସ୍ୱାମୀର ଅତ୍ୟାଚାର ସେ ନୀରବରେ ସହେ । ତେବେ ସବୁଦିନେ ମାଡ଼ ଖାଇ ଖାଇ ତାର ଅଭ୍ୟାସ ହୋଇଗଲାଣି । ଆଜିକାଲି ଆଉ ବିଶେଷ ବାଧେ ନା ।

ପହିଲି ବେଳକୁ କାର୍ତ୍ତିକ ଦାସ ବାହାରୁ ଟଙ୍କା ଆଣି ଧରେଇ ଦିଅନ୍ତି ଚଇନାକୁ । ଚଇନା ବିଗୁଣୀ ଜଗିଣ କରିଦିଏ; ସେଥିରୁ ମାସଯାକ ଦୁଇ ପ୍ରାଣୀ ନିହାତି ଯେ ଯଥାତଥା ଚଳିଯିବେ । ତା ଉପରେ ଅଛନ୍ତି ଫୁଲ, ଗାମ, ଜଗା; ଫୁଲଟି ଦୁଇ ବର୍ଷ ବଡ଼ । ହେଲେ ବାପକୁ କିଛି କହି ପାରେ ନା, ଡର ଡର ଚଳେ । ମା ସାଙ୍ଗରେ ଓଳିଏ ଖାଇ ଓଳିଏ ଉପାସ ରହି ବାପକୁ ଓ ଛୁଆ ଭାଇ ଦିହିଁଙ୍କୁ ଖାଇବା ଯୋଗାଏ । ସବୁଆଡ଼େ ଅଭାବ, ଅନାଟନ । ଘରଚଳା ଛଡ଼ା ଚଇନାକୁ ଆଉ ଗୋଟାଏ ବଡ଼ ଚିନ୍ତା ଘେରି ବସିଛି । ଫୁଲଟି ବଡ଼ ହେଲାଣି, ତାକୁ ବାହା ଦେବାକୁ ହେବ । କିନ୍ତୁ ବାହା ବା ଦରକାର କେତେ । ତା ହାତରେ କ'ଣ ଅଛି ଯେ ଏତେ ବଡ଼ କାମ ନିର୍ବାହ କରିବ । ଛଡ଼ା ମଦୁଆ ବାପର ଝିଅକୁ ବାହା ହେବାକୁ କିଏ ବା ରାଜି ହେବ ।

ଫୁଲ ଦେହରେ ଯୌବନ ତାର କାଉଁରୀ କାଠି ଛୁଇଁ ଦେଇ ଗଲାଣି । ଦେହରେ ଲାବଣ୍ୟ ଫୁଟି ଉଠୁଛି । ବେଳେ ବେଳେ ମନ ତାର ଉଚ୍ଛନ୍ନ ହୋଇଉଠେ; ନିଜ ଶରୀରକୁ ଦେଖେ । ଚାହିଁ ପାରେ ନା । ତେବେ ତାକୁ ଭାରି ଭଲ ଲାଗେ । ବେଳେ ବେଳେ ମନ ତାର ଖୋଜି ବୁଲେ କାହାଁର କଥା, କାହାଁର ଛୁଆଁ । ସ୍ୱପ୍ନରେ କିଏ ଚାଲି ଗଲେ ସେ ଦର୍ଶନ ପାଏ ତା ଆଖିକୁ ଘୁଞ୍ଚି ରହେ, ଯଦି କିଏ ଫେରି ପଡ଼େ ତା ଆଡ଼କୁ

(ଅବଶିଷ୍ଟାଂଶ ପର ପୃଷ୍ଠାରେ ଦେଖନ୍ତୁ)

---

(ପର କଥା ୭ ପୃଷ୍ଠା ପରେ)

ଫେରିବାର ସମୟ ହେଲା । ଘରକୁ ଫେରିଲି । ଫେରିବା ବେଳେ ମୋର ଭିନ୍ନ ସମ୍ପତ୍ତି ବାହାର ହୋଇ ଆସିଲା ସେତେବେଳେ ମୋର ଅନ୍ତରର ରାଣୀଙ୍କୁ ବାରିଷ୍ଟର ଉପର ଦେଖି ଆଶ୍ଚର୍ଯ୍ୟ ହେଲି ।

ମୁଁ ପଚାରିଲି, "ଘରକୁ ଲେଉଟିବ ?"

ସେ କହିଲେ "ଆଜିଠୁ ସାତଦିନ ଯାଏଁ ଆମେ ଜାଲି ଉଦ୍ୟାନ ପାର ଚଳିବା ।"

ମୁଁ ପଚାରିଲି "କାହିଁକି ?"

ସେ କହିଲେ "ଏଇ ମହୋତ୍ସବକୁ ସୁଚରନ୍ତ ହୋଇ ପାଳିବାକୁ ।"

ସେ ଦିନର ସନ୍ଧ୍ୟାରେ ଥିଲି ନିସ୍ତେଜର ପ୍ରତୀକ । ମୁଁ ବୁଲି ବାହାରିଥିଲି । ସନ୍ଧ୍ୟା ଜମାଟ ବାନ୍ଧି ଦେଲା, ମୁହଁକୁ ମୁହଁ ଦେଖିବାର ଉପାୟ ନଥିଲା । ଗୋଟାଏ ସ୍ୱର ଶୁଣିବାକୁ ପାଇଲି ଅତି ପୁରାତନ ପିପ୍ପଳ ଗଛରେ । କେହି ଜଣେ କହୁଛି-"ଆଗକୁ ଆସ ନାହିଁ । ଗଛଟି ତୁମ ମଥା ଉପରେ ପଡ଼ିବ ।"

ମୁଁ କହିଲି "ତୁମେ କିଏ ?"

ସେ କହିଲେ "ମୁଁ ଅଶୋକ"

ମୁଁ ପ୍ରଶ୍ନ କଲି "ତୁମେ କାହିଁକି ଆସିଛ ?"

ସେ କହିଲେ "ଗଛ କାଟିବାକୁ"

ମୁଁ କହିଲି—"ଏଇ ବନ ମହୋତ୍ସବ ଦିନରେ ତୁମେ ଏ ପାପ କାମ କରିବ ?"

ମହାରାଜ ଅଶୋକ କହିଲେ "ମୋର ସମସ୍ତ ସ୍ମୃତି ତୁମେମାନେ ଆଜି ନଷ୍ଟ କରି ନେଇଛ । ମୁଁ ଗଢ଼ିଥିଲି ମୋର ସାଧନା ଥିଲା ଜାତିକୁ ଧ୍ୱଂସ କରିଦେବାକୁ । ମୋର ତିନୋଟି ସିଂହ ମୂର୍ତ୍ତି ତୁମର ରାଜ୍ୟର ପ୍ରତୀକ ହୋଇଛି । ମୋର ଚିହ୍ନର [ଧର୍ମ] ତୁମର ମୁଦ୍ରାରେ ସ୍ଥାନ ପାଇଛି । ମୋର ଅନୁଶାସନ ଲିପି ଆଜି ବହୁଗୁଣ ହୋଇ ଦେଖା ଦେଇଛି—ତୁମର ଉଚ୍ଚତା ଇତିହାସରେ ସୁଧୀର ବଚନରେ । ମୁଁ ଗଛ ଲଗାଇଥିଲି, ତୁମେ ଆଜି ଗଛ ଲଗାଉଛ ଅଥଚ ମୋର ଗଛ ଲଗାଇବାରେ ତାହାର ବ୍ୟଥା ନଥିଲା । ମୁଁ ଗଛ ପାଳୁଥିଲି, ତୁମେ ମାତ୍ର ପାଳୁଛ । ମୋର ନଜର ହେଇ ଆଉ ରହିଲା କଣ ? ମୋତେ ଲୋକେ ଭୁଲିଯିବେ ଆଉ ତୁମେ ଗୃହକର୍ତ୍ତା ଗଛ ରୋପି ଚିର ସ୍ମରଣୀୟ ହେବ । ମୁଁ ଭାଙ୍ଗିଥିଲି, ତୁମେମାନେ ଆଜି ମନ୍ତ୍ରୀ ପାଳୁଛ ।"

ପିପ୍ପଳ ଗଛଟା ମଡ ମଡ କରି ଭାଙ୍ଗି ପଡ଼ିଲା । କାଲି ପଡ଼ିଆରେ ନୂତନ ରୋପିତ ବୃକ୍ଷମାନେ କରତାଳି ଦେଇ ହସି ଉଠିଲେ । ମଲାବେଳେ ପିପ୍ପଳ ଗଛ କହିଗଲା, "ତୁମେ ଆଜି ହସୁଛ ଭଣ୍ଡାରୁଗଣ ! କେବଳ ଆଜି ଜନ୍ମ ନେଇ କାଲିକି ମରିଯିବାକୁ । ଲକ୍ଷ ଲକ୍ଷ ଟଙ୍କା ଆଜି ତୁମକୁ ଉଠାଇବାକୁ ଖର୍ଚ୍ଚକରି ଯାଇ ଲଗାଗଲା କିନ୍ତୁ କାଲି ସକାଳେ ତୁମେ ପଳାଇବା ଆଗରୁ ପ୍ରାଣ ତ୍ୟାଗ କରିବ । ମୋତେ ଯେ ଅଶୋକ ଲଗାଇ ଥିଲେ ତୁମକୁ ଲଗାଇଛି ପାଞ୍ଚ ବର୍ଷୀୟ ଅଶୋକ ।"

ଘରକୁ ଫେରିଲି । ସ୍ତ୍ରୀ ମୋର ଶୋଇଛି ମୋର ପଲଙ୍କରେ ।

ମୁଁ ତାଙ୍କୁ କହିଲି "ଏବଣି ଉଠ, ଯାଅ ତୁମର ଶଯ୍ୟାରେ ଶୋଇବ ।'

ସେ ଉଠିଲେ, ଆଉ କହିଲେ "କିଏ ?'

ମୁଁ କହିଲି "ତୁମର ସାତ ଦିନିଆ ଛାଇ ।'

ସେ ଶୁଣିଲେ ନାହିଁ । ମୁଁ ବିରକ୍ତ ହୋଇ ଅଗତ୍ୟା—ଲାଇଟ୍ ଲିଭାଇ ଦେଇ ଶୋଇଲି । ସେ ମୋ ପାଖକୁ ଘୁଞ୍ଚିଆସି ମୋ କାନେ କାନେ କହିଲେ 'ଶୁଣୁଛ?' ସେଇ ଦିନଠୁ ମୋ ନା—'ଶୁଣୁଛ !'

ଆଜି ଗୋଟାଏ ମୋର ପ୍ରାଣପ୍ରିୟା ଆସି ମୋତେ କହିଲେ 'ଗୋଟାଏ ରେଡ଼ିଓ କିଣନ୍ତୁ ।'

ମୁଁ କହିଲି "ଟଙ୍କା ନାହିଁ"

ସେ କହିଲେ" ଫଡ଼ ଅଫିସରଙ୍କ ସ୍ତ୍ରୀ କହିଲେ ବନ ମହୋତ୍ସବରେ ସରକାର ଯେଉଁ ଅର୍ଥ ମିଳିଲା ସେଇଥିରୁ ତାଙ୍କର ରେଡ଼ିଓ କିଣା ହୋଇଛି ।"

ମୁଁ ହସିଲି

ସେ ମୁହଁ ଲେଉଟାଇ ଦେଲେ । ମୁଁ କହିଲି—ହ ଶୁଣୁଛି ।



Digitized by srujanika@gmail.com

# "ଦୁଇଟି ବୋମା"

## କାବ୍ୟ କବିତା

ଉଗରରେ ପ୍ରକାଶିତ ଅଧ୍ୟାପକ ଗୋପାଳ ମିଶ୍ରଙ୍କ ୨ଟି ବୋମା ସମ୍ପର୍କରେ ଗୋଟାଏ ବୈଶିଷ୍ଟ୍ୟ ଖୋଲି ଯାଇଛି । ସାହିତ୍ୟ ମଞ୍ଚଠାରୁ ପତ୍ରିକା ପ୍ରଚାର ପର୍ଯ୍ୟନ୍ତ ନିନ୍ଦାବାଦ ସର୍ବତ୍ର । ପ୍ରଥମରୁ ଆମେ ପାଠକ ମାନଙ୍କୁ କ୍ଷମା ମାଗୁଛୁଁ ଯେ ଯେଉଁ ଦୃଷ୍ଟିରୁ ସମାଲୋଚକ ମାନେ ଏ କବିତାର ଅର୍ଥ କରି ନିନ୍ଦା କରୁଛନ୍ତି ସେ କୋଣରୁ ଉତ୍ତର ଦେବାକୁ ଗଲେ ତହିଁରେ ଅଶ୍ଳୀଳତା ଆସିବହିଁ । ପାଠକମାନେ ପ୍ରଥମେ ଦୟାକରି ଚୈତ୍ର ୨ୟ ଖଣ୍ଡ—୧୩ଶ ବର୍ଷ ୨୦ଶ ସଂଖ୍ୟା—୧୬-୪-୫୦- ଉଗରର ମଳାଟ କବିତା ଟିକିଏ ଦେଖନ୍ତୁ । ପ୍ରଥମ ଧାଡ଼ିରେ—"ବୋମା ଦୁଇଗୋଟି ଦେଇଗଲି ନାଥ ତୁମରି କରେ—ଆଦରରେ ଏହାକୁ ସାଇତି ରଖ ଗୋ ଛାତି ଭିତରେ ।" ଏହିରୁ ଦୁଷ୍ଟ ମନ ସଙ୍ଗେ ସଙ୍ଗେ ଅର୍ଥ କରି ବସେ—ଏହା ନାରୀର କୁଚ ଯୁଗଳକୁ ଲକ୍ଷ୍ୟ କରି କବି ପ୍ରେମିକ ପ୍ରଣୟୀର ତା ପତି ମୁଖରେ ଲୁଦାଇଛନ୍ତି । ଏହି ଦୃଷ୍ଟିରୁ ଦେଖିଲେ ସମଗ୍ର କବିତାଟି ଅଶ୍ଳୀଳ । କବି ଯଦି ବାସ୍ତବରେ ଏହି ଦୃଷ୍ଟିରୁ ଲେଖିଥାନ୍ତି ତେବେ ତାଙ୍କଭଳି ମୂର୍ଖ ଅପଗଣ୍ଡ ଶିଶୁ ଦୁନିଆରେ କେହି ନଥିବ । କାରଣ ବୋମାକୁ କୁଚ ସହିତ ତୁଳନା କଲାବେଳେ ସେ ଏତିକି ଦେଖି ପାରି ନାହାନ୍ତି ଯେ ବୋମାର ବିସ୍ଫୋରଣ ଅଛି କିନ୍ତୁ କୁଚର ବିସ୍ଫୋରଣ ନାହିଁ । ତା ଛଡ଼ା ପାଠକ ଓ ସମାଲୋଚକ ମନେ ଏତେ ଅ ହୋଇ ଅରସିକ ହେବେ ବୋଲି ଆମର ଧାରଣା ନଥିଲା । କୁଚ ଯଦି ବୋମା ବୋଲି ତୁଳିତ ହୋଇଥାନ୍ତା—ତେବେ ପ୍ରଣୟୀ ତାକୁ ପ୍ରଣୟିନୀ 'କର'ରେ ଦେଇ ନ ଥାନ୍ତେ । ପୁଣି ଛାତି ଉପରେ ରଖିବାକୁ ନ କହି ଛାତି ଭିତରେ ରଖିବାକୁ କହି ଥାନ୍ତେ କି ? ମଣିଷର କୁଚ ଯେତେବେଳେ ହୃଷ୍ଟ ହୋଇଯାଏ ବାସ୍ତବିକ ସେ ଏହିଭଳି ଅର୍ଥକୁ ଅନର୍ଥ ଓ କଦର୍ଥ କରେ । ସମାଲୋଚକ ମାନେ ବୋଧ-ହୁଏ ଆଶା କରିଥିଲେ ବୋମ ଦୁଇଟିକୁ ଲେଖକ ତାଙ୍କ 'କରେ' ଦେଇନଥିଲେ ଶ୍ଳୀଳ ହୋଇଥାନ୍ତା ।

କବି ଏ ବୋମାର ପ୍ରକୃତ ଗୂଢ଼ ଅର୍ଥକୁ କଳା ଦୃଷ୍ଟିରୁ ଗୋପନ କରିଥିଲେ ମଧ୍ୟ—ସୂଚନା ଯଥେଷ୍ଟ ଦେଇଛନ୍ତି ଓ ବୋମା ଦୁଇଟିକୁ ସେ 'ସ୍ନେହ ଶ୍ରୀଫଳ' ଆଖ୍ୟା ଦେଇଛନ୍ତି । କୁଚ କଦାପି ପ୍ରଣୟୀ ପ୍ରଣୟିନୀଙ୍କ ସ୍ନେହର ପ୍ରତୀକ ନୁହେଁ—ଏହା ସମ୍ପୂର୍ଣ୍ଣ କାମ ଉଦ୍ରେକୀ । କବି ସେଥିପାଇଁ କନ୍ଦର୍ପର ଘର ବୋଲି ତୁଳନା କରିଥାନ୍ତି । ଏହା ମାତା ଓ ଶିଶୁ ସମ୍ପର୍କରେ ସ୍ନେହାଧାର ହୋଇପାରେ । ତେଣୁ କବି କୁଚ ଯୁଗଳକୁ ଆଦୌ ଲକ୍ଷ୍ୟ ନକରି ସ୍ନେହର ଦୁଇଟି ଦାଗକୁ ଦୁଇଟି ବୋମା ରୂପେ

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

(୭ ପୃଷ୍ଠାର ଅବଶିଷ୍ଟାଂଶ)

ଗୃହେଁ ସେ ଲଜ୍ଜାରେ ମୁହଁ ନଇଁ ଦିଏ ! ଚଇନା ଲକ୍ଷ୍ୟ କରେ । ତା ମନରେ ଦାଜ ଆସେ ।

ରାତି ନଅ ନ ପଡ଼ୁ ଖାଇ, ଦୁଇଗୋଲ କର୍ତ୍ତିକିଆ ଖୋଇ ରହେ ଦିନ ଏଗାରଟା କି ବାରଟା ପର୍ଯ୍ୟନ୍ତ । ଇଚ୍ଛା ହେଲେ କାମକୁ ଯାଏ ନ ହେଲେ ନାହିଁ, ଫଳରେ ଘରର ଖାଇବା ହେଲା । ଉପରଓଳା ମାନଙ୍କର ଆଖିରେ ପଡ଼ିଲା । କାର୍ତ୍ତିକିଆ କାମରୁ ବରଖାସ୍ତ ।

କାମ ଗଲା ଟଙ୍କା ଆସିବା ବି ବନ୍ଦ ହେଲା, ତା ସାଙ୍ଗେ ସାଙ୍ଗେ ତାଡ଼ି ଖିଆ କମି ଗଲା ସତ କିନ୍ତୁ ବନ୍ଦ ହେଲା ନାହିଁ ।

ଦିନ ତମାମ ସେ ବାଜାର ଭିତରେ ଟହଲ ଦିଏ । ରାତି ହେଲେ ପାଖରେ ପଇସା ଥିଲେ ଖାଇକି ଯାଏ; ନ ହେଲେ ଘରକୁ ଆସି ଥକ୍ ହୋଇ ଶୁଏ ।

ଆଉ ଚାରି ପାଞ୍ଚ ଦିନରେ ଥରେ ଚଇନା ହାତରେ ଆସି ଚାରିଅଣା ବା ତିନିଅଣା ପଇସା ଦେଇ ଦିଏ । ଏତିକି ପଇସାରେ ଘର ବା କେମିତି ଚଳିବ ! ଚଇନାକୁ ଚାରିଆଡ଼ ଅନ୍ଧାର ଦିଶେ, କଅଣ ସେ କରିବ, କାର୍ତ୍ତିକିଆକୁ କହି ଯା, ନା କହିବ ତା,—ଆଜ୍ଞା ଯାଗରେ ବାପ ମା ତାକୁ ଦେଲେ, ଅଇକା ପିଲାପିଲିଙ୍କୁ ଚଳେଇବ କେମିତି ! ଯାହା ମାସରେ ଦଶ ବାର ଟଙ୍କା ଦଉଥିଲା ସେତିକ ତ ବନ୍ଦ । ଗହଣା ଗାଣ୍ଠି ଯାହା ସେ ଆଣିଥିଲା ସବୁତ ବନ୍ଧା ଭଙ୍ଗା ଖିଆ ସଇଲାଣି । ବାକି ଥିଲା ଗୁରୁ-ପଟି ରୂପା କାଚ, ସେତକ ବିକି କିଛିଦିନ ଚଳେଇ ନେଲା । ତାପରେ......? କିଛି ସେ ଭାବି ପାରେ ନାହିଁ । ସବୁ ତାକୁ ଅନ୍ଧାର ଦିଶେ ।

ଦିନ ଦିନ ହେଲା ଉପାସ । କାର୍ତ୍ତିକିଆ ଖାଇବାକୁ ମାଗି କିଛି ନ ପାଇ ଚଇନାକୁ ଦି'ଟା ଉତ୍ତମ ମଧ୍ୟମ ଦେଇ ବାହାରି ଯାଇଛି ଯେ ଏ ପର୍ଯ୍ୟନ୍ତ ଫେରିନି । ପିଲା ଦିଟା ଭୋକରେ ଆଉଟୁ ପାଉଟୁ ହେଉଛନ୍ତି । କାଲି ସକାଳେ କଅଣ ଦିଟା ମୁଢ଼ି ଖାଇଥିଲେ; ସେତିକିଃ ବାସ୍ ! ଚଇନା କହେ, "କଅଣ କରିବା ଫୁଲ ?" ଫୁଲର ବି ତିନିଦିନ ହେଲା ଉପାସ । ତାକୁ କିଛି ଲୁଝି ଦିଶେ ନା ।

ସନ୍ଧ୍ୟା ହେଇ ନ ଥାଏ । ଫୁଲ ଦୁଆର ମୁହଁରେ ଘର ଭିତରକୁ ଚାହିଁଥାଏ । ଚଇନା କାନ୍ଥକୁ ଆଉଜି ବସି ଭାବୁଥାଏ "କଅଣ କରିବ ?" ପିଲା ଦିଟା ଶୋଇ ପଡ଼ିଥାନ୍ତି । ଫୁଲ ଦେଖିଲା ଜଣେ ଲୋକ ତାଙ୍କ ଘର ଆଗ ଦେଇ ତାକୁ ଅନେଇ ଅନେଇକା ବାରମ୍ବାର ଗଲା ଆଇଲା । ଯେତେବେଳକୁ ଧୀରେ ଧୀରେ ତାଙ୍କ ଦୁଆର ମୁହଁରେ ଆସି ଠିଆହେଲା । ଫୁଲ ବାହାରକୁ ମୁହଁ କରେଇ ଦେଇ ଆସ୍ତେ ଆସ୍ତେ ପଚାରିଲା, "କାହାକୁ ଖୋଜୁଛ ?" ଲୋକଟି ଚାରିଆଡ଼କୁ ଥରେ ଚାହିଁ ଜାମା ପକେଟରୁ ଗୋଟିଏ ପାଞ୍ଚ ଟଙ୍କିଆ ନୋଟ୍ କାଢ଼ି ତ ଆଡ଼କୁ ପକେଇ ଦେଇ ସେ ପାଖକୁ ଘୁଞ୍ଚିଗଲା । ମୁହୂର୍ତ୍ତକେ ଫୁଲ ସବୁ ବୁଝିପାରିଲା । ତା ମନ ଭିତରୁ କିଏ ଯେପରି ଗର୍ଜି ଉଠିଲା, "ନେ ନା, ଫେରେଇ ଦେ !" କିନ୍ତୁ ପରକ୍ଷଣରେ ତାର ମନେ ପଡ଼ିଗଲା ଚଇନା କଥା, ଛୁଆ ଦି'ଟି ! ଭାଇଙ୍କ କଥା ପୁଣି ନିଜ କଥା । ତିନି ଦିନ ହେଲା ସମସ୍ତଙ୍କର ଉପାସ ! ସେ ଥରେ ଲୋକ-ଟିକୁ ଚାହିଁଲା, ତାପରେ ନୋଟଟିକୁ ଉଠେଇ ନେଲା । ବଦଣ ସ୍ୱରରେ କହିଲା, "ରାତି ବାରଟାକୁ ଆସ !" ଲୋକଟି ଖୁସି ହୋଇ ଚାଲିଗଲା । ଚଇନା ଦେଖିଲା, ତା ଆଖିରୁ ଦି ଟୋପା ଲୁହ ଶୁଖିଲା ଭୂଇଁ ଉପରେ ଗଡ଼ି ପଡ଼ିଛି । ଲୁଲୁ କାନ୍ଥରୁ ଗୋଟିଏ ଗଭୀର ଦୀର୍ଘ ନିଶ୍ୱାସ ବାହାରି ଆସିଲା । ହଁ, ନିଶ୍ୱାସ !



Digitized by srujanika@gmail.com

# ଢୋଲ ମର୍ଦ୍ଦନ ସଂଘ

ଲେ—ବୃକ୍ଷଗ୍ରମ

ଢୋଲମର୍ଦ୍ଦନ ସଂଘ କଥା ଅଗରୁ ଥରେ କହିଛି । ଏବେ ବୃକ୍ଷଗ୍ରମ ସେ ସଂଘର ସଭାପତି । ସଭାପତ୍ନୀ ଶ୍ରୀମତୀ ସାଁଡ଼ା । ଏ ସଂଘର ଢୋଲ ମର୍ଦ୍ଦନର ଉପକାରିତା ସଂଗଂଧରେ ବିଶେଷ ବିବରଣୀ ଆପଣମାନେ କାଲିକତା ମାସେକାଂ ରୂଦ୍ରରୁ ପାଇବେ— ଯେଉଁଠି ଆଶ୍ରୟପ୍ରାର୍ଥୀ ଶରଣାର୍ଥୀ ବାଳକ-ମାନେ ସମାଜର ପଦସ୍ଥ ମାନଙ୍କର ଢୋଲମର୍ଦ୍ଦନ କରି ପେଟ ପୋଷନ୍ତି । ବର୍ତ୍ତମାନ ବୃକ୍ଷଗ୍ରମ ଯୋଗତ୍ ଉଗର ସଂପାଦକଙ୍କ ପାଦରେ ଢୋଲ ମର୍ଦ୍ଦନ କରି ପେଟ ପୋଷୁଛି । ଢୋଲ ମର୍ଦ୍ଦନ ସମସ୍ତେ କରନ୍ତି । ଢୋଲ ମର୍ଦ୍ଦନ ବିନା ସଂସାରରେ କୌଣସି ପ୍ରାଣୀ ଚଳିପାରିବ ନାହିଁ । ସେହି ଶିକ୍ଷା ଦେବା ପାଇଁ ଶୋଇ ଶିଶୁ ଦେହରେ ଢୋଲ ମର୍ଦ୍ଦନ ଆରମ୍ଭ ହୁଏ --ଏବଂ ଉପଦେଶ ଦିଆଯାଏ—ଶିଘ୍ରମେ ପଗଡ଼ ପ୍ରେମେ ପେଲ୍—ବାଇଦ ସଙ୍ଗେ ଭାଇରୁ ଗେଲ୍ ।

ଯେଉଁଠି ଢୋଲ ପ୍ରଥା ନାହିଁ—ସେଠି ଢୋଲ ଜାଗିରି ସାବଜୀର ବ୍ୟବହାର ହୁଏ । କିନ୍ତୁ ଢୋଲ ମର୍ଦ୍ଦନ । ବଡ଼ ଲୋକମାନେ ଢୋଲ ସ୍ଥାନରେ ଘିଅ ବ୍ୟବହାର କରନ୍ତି—ଏ ଘିଅ ଯେତେ ପୁରୁଣା ହୁଏ ସେତେ ଉପକାରୀ । ଢୋଲ ବା ଘିଅ ହେଲେ ପାଚୁଆଣୀ ବାଧା ମଧ ନାଚବେ ବୋଲି କଥା ଅଛି ଯେ—ଷଠିଏ ମହଣ ଘିଅ ହେଲେ ରାଧା ବି ନାଚିବ । ସୁତରାଂ ଢୋଲ ବା ଘିଅ ଦ୍ୱାରା ମର୍ଦ୍ଦନ ଦ୍ୱାରା ସବୁ କାର୍ଯ୍ୟ କରାଯାଏ ।

ବୈଷ୍ଣବ ମାନଙ୍କର ନବଧା ଭକ୍ତି ପରି ଆମ ଢୋଲ ମର୍ଦ୍ଦନ ସଂଘର କ୍ରିୟା ଚର୍ମ ପଦ୍ଧତି । ପ୍ରଥମ ମର୍ଦ୍ଦନରେ ପ୍ରଭୁ ସ୍ୱାମୀ ସଂପର୍କ—୨ୟ ମର୍ଦ୍ଦନରେ ସ୍ତ୍ରୀ ସ୍ୱାମୀ ସଂପର୍କ ଓ ତୃତୀୟ ମାଲିସରେ ଈଶ୍ୱର ଓ ଭକ୍ତର ସଂପର୍କ । ୪ର୍ଥ ମାଲିସରେ ଅବିଭକ୍ତ ପାଠ୍ୟ ।

ପ୍ରଥମ ସଂପର୍କଟା ବଡ଼ ବିଶ୍ରବ୍ୟାପୀ । କାରଣ ପେଟ ପୋଷିବାକୁ ହେଲେ ପ୍ରଭୁ ବରଣ କରିବାକୁ ହିଁ ପଡ଼ିବ । ପ୍ରଭୁ ବରଣ ଫଳେ ପ୍ରଭୁର ବିଶେଷତ୍ୱ ସର୍ବ ପ୍ରଥମ ଅନୁଧାନପୂର୍ବ ବାହାର କରିବା କଥା । ଗୃହ ବିଭାଗରେ ଯିଏ ଯେତେ କହୁ, ରାଜାର ସିଂହାସନ ହେଉ ବା ମନ୍ତ୍ରୀଙ୍କର କୁଳନାସନ ହେଉ ଆସନ ଓ ପ୍ରଭୁତ୍ୱଟା କେବଳ ଗୃହ ଉପରେ ପ୍ରତିଷ୍ଠିତ ହୋଇ ଆସିଛି । ମଣିଷ ଯେତେବେଳେ ଆପେ ଆପଣାକୁ ଶାସନ କରି ନପାରି ଅନ୍ୟକୁ ଶାସନ କରିବାର ସ୍ୱାର୍ଥରେ ସେତେବେଳେ ସେ ନିଜେ ନିଜର ବଡ଼ ଗୃହକାରୀ । Johnson କହିଥିଲେ— He that is much flattered soon learns to flatter himself. କିନ୍ତୁ ପ୍ରକୃତ କଥା ହେଉଛି He learus to flatter himself first. ତା ପରେ ପାଇଁ

---

[ବାହ୍ୟପତ୍ର ପୃଷ୍ଠାରୁ ଉଦ୍ଧୃତ]

ବର୍ଣ୍ଣନା କରିଛନ୍ତି । ପ୍ରଣୟୀ ଓ ପ୍ରଣୟିନୀଙ୍କ ସ୍ନେହର ଦୁଇଟି ଅଂଶ 'ପ୍ରଣୟ ଓ ବିଶ୍ୱାସ'। ଏହାପରେ କେବଳ ପ୍ରଣୟୀ ପ୍ରଣୟିନୀଙ୍କର ପ୍ରଣୟର କଥା ନୁହେଁ—ସମଗ୍ର ଦୁନିଆର ଲୋକେ—ଧର୍ମ (ଦୀନ)- ଦାନ ଲୋକେ ମଧ୍ୟ ଏଇ ଦୁଇଟିକୁ ଭରସା କରିଥାନ୍ତି—ସେଥିପାଇଁ କବି କହିଛନ୍ତି—..."ରହିବ ଲାଗି—ଦୀନ୍ ଦୁନିଆରେ (ଧର୍ମ ଦୁନିଆରେ) ଚିର ପିପାସିତ ସକଳ ଆଶା । କୃତ ଲୋକର ଆଶା ସଫଳ ହୁଏନାହିଁ—ଲାଳସା-ଦୀପ୍ତ ହୋଇଥାଏ । ଏହି ବିଶ୍ୱାସ ଓ ପ୍ରଣୟକୁ କବି ସ୍ପଷ୍ଟ ଭାଷାରେ "ଗୋପନେ ଗୋପନେ ମଉନେ ମଉନେ ମନ ଭିତରେ" ରଖିବାକୁ କହିଛନ୍ତି । କିନ୍ତୁ ତାହା ମନଭିତରେ ରଖେନାହିଁ । ବର୍ତ୍ତମାନ ବିଜ୍ଞାନଯୁଗରେ ମନୁଷ୍ୟ ସମାଜ ପ୍ରକୃତ 'ପ୍ରଣୟ ଓ ବିଶ୍ୱାସକୁ' ହରାଇ ଥିବାରୁ କବି କହିଛନ୍ତି— "ମଣିଷ ଗହଳ—ଧରା ଦୁନିଆରେ ପ୍ରଗତି ନାମେ, ଏବେ ଗୋ ସଜନି, ବିଜ୍ଞାନଗବରେ ବିବିଧ କାମେ—ସକଳ କଳାର ସଫଳ ଅତଙ୍କ-କାରୀ ବନ୍ଧନେ—ଆମ ଦୋହା ଦୁଇ ଅବାଇ ଦିଅଇ ନବ ବାଧନେ ।" ନାରୀର କୃତ ବନ୍ଧନ ଓ ବାଧାନକୁ ଅବାଇବ କପରି ତାହା ବିକୃତ ମନର ସମାଲୋଚକ ଦେଖି ପାରନ୍ତି । କବି ପୁଣି କହନ୍ତି—'ଭବିଷ୍ୟତେ ଯେତେ ଯୁଗଳ ଜୀବନ ଛିନ୍ନ କରିଦେବ, ମୁଁ ଧରିବି ପୁଣି ବିଦାୟ ନେଇଥିବ— ତଥାପି ପ୍ରେମ ରହସ୍ୟ ଅର୍ଥାତ୍ ଆମର ପ୍ରଣୟ ଓ ବିଶ୍ୱାସର ମର୍ମ ପ୍ରିତିଭଙ୍ଗ ନାହିଁ ।' ବାସ୍ତବିକ ପ୍ରଣୟ ଓ ବିଶ୍ୱାସ ଯେତେ ଆନ୍ତରିକ ହୁଏ ସେତେ ଶକ୍ତିଶାଳୀ ଓ ମଧୁର ହୋଇଥାଏ ।

ସମ୍ପାଦକୀୟ ଦୃଷ୍ଟିରୁ ବୁଝିଲୁ ଆମର ଗୋଟିଏ ପ୍ରମାଦକୁ ସ୍ୱୀକାର ନକଲେ ସମାଲୋଚନାର ସାଧୁ ଉତ୍ତର ହେବନାହିଁ । ଏ କବିତାଟି କବିତା ବିଭାଗରେ ପ୍ରକାଶ ନପାଇ ମଜା କବିତା ବିଭାଗରେ ପ୍ରକାଶ ପାଇ ଥିବାରୁ ପାଠକମାନଙ୍କର ଭ୍ରାନ୍ତି ହୋଇ ଥାଇପାରେ । ସ. ତି.

ପ୍ରେମଗତ—ଶ୍ରୀ ଶୁକଦେବ ସାହୁ, ପ୍ରକାଶ ଲୁକ ଷ୍ଟୋର କଟକ—ଦଶଅଣା—୩୬ ପୃଷ୍ଠାର ଖଣ୍ଡ କବିତା ଗୁଚ୍ଛ ।

ମନସ୍ତାତ୍ତ୍ୱିକ ମାନେ କହନ୍ତି—ମଣିଷ ଭିତରେ ବଞ୍ଚି ରହିବା ଇଚ୍ଛାର ରୂପାୟନ ପ୍ରେମ । କିନ୍ତୁ ଆମ ମତରେ ମନୁଷ୍ୟର ମରିବାର ଅର୍ଥାତ୍ ଦେହ ବଦଳାଇବାର ଇଚ୍ଛାର ନାମ ପ୍ରେମ । ପ୍ରେମ ସ୍ୱାର୍ଥ ନୁହେଁ—ପରାର୍ଥ । ନିଜେ ମରି ଅନ୍ୟକୁ ବଞ୍ଚାଇବା ହିଁ ପ୍ରେମ । ପ୍ରେମରୁ ଯେଉଁ ଯୌନ ବାସନା ଜାଗେ ଏହା ମୃତ୍ୟୁର ଅଗ୍ରଚର ମାତ୍ର । ଅନ୍ୟ ଜୀବ-ଧାରାର ମୃତ୍ୟୁନାହିଁ । ଏପରି ଜୀବ ଅଛନ୍ତି ଯେଉଁମାନେ ଯୌନଭୋଗ ପରେ ପରେ ସନ୍ତାନ ସଞ୍ଚାର କରି ମରିଯାନ୍ତି । ଏହା ହିଁ ଜୀବଧର୍ମ । ସନ୍ତାନ ଭିତରେ ସେମାନେ ପିତା ଓ ମାତା ବଞ୍ଚିଥାନ୍ତି ତେବେ ସେ ବଞ୍ଚିବା ହୃଦ୍ୟ ନୁହେଁ—ମରିବା ହିଁ । ଏଇ ମୃତ୍ୟୁରେ ଗୋଟିଏ ଆନନ୍ଦ ଅଛି । ସେ ଆନନ୍ଦ ଯେତେବେଳେ ଅନ୍ୟର ଜୀବନ ସଞ୍ଚାରରେ ହୁଏ ସେତେବେଳେ ସେ ପ୍ରେମ । କିନ୍ତୁ ସେ ଆନନ୍ଦ ଯେତେବେଳେ କେବଳ ଆତ୍ମ-ସୁଖରେ ହୁଏ ସେତେବେଳେ ତାହା କାମ । ପ୍ରଥମ ପ୍ରଣୟରେ ମନୁଷ୍ୟର ସେଇ ତ୍ୟାଗ ଥାଏ ବେଶି—ତେଣୁ ସେ ପ୍ରେମ । ପରେ ପରେ ଆସିଯାଏ କାମ—ସେଠି ସେ କାମ । ପ୍ରେମଗତର ଲେଖକ— ପ୍ରଥମ ପ୍ରଣୟରେ ଯେଉଁ କବିତା ଗୁଡ଼ିକ ଲେଖିଛନ୍ତି ତାହା ସେଥିପାଇଁ ଉଚ୍ଛୃଙ୍ଖଳ ହୋଇନାହିଁ । ସଯତ୍ନ ସୁନ୍ଦର ହୋଇଛି । ଦେହର ଉପରକୁ ଉଠିଯାଇଛି । ଭାଷା ମଧ୍ୟ ବଡ଼ ସରଳ ଓ ତରଳ । ଆମ୍ଭେମାନେ ନୂତନ କବିଙ୍କୁ ସ୍ୱାଗତ ଜଣାଉଛୁ ।—



Digitized by srujanika@gmail.com

ସ୍ତୁତିଶୀଳତାର ଧୈର୍ଯ୍ୟ ଅଛେ ପୃଥିବୀର ସମସ୍ତ ଲୋକେ ପ୍ରତ୍ୟେକ ନିଜ ନିଜକୁ ଶାସନ କରୁଥିଲେ ଶାସକର ଆବଶ୍ୟକ ହେଉ ନଥାନ୍ତା । ଗୋରଙ୍କ ଭାଷାରେ ସେମିତି ବଡ଼ ଲୋକର ସର୍ଦ୍ଦାର—ଅପରାଧ ଦୁନିଆରେ ସକ୍ରିୟ ଥିବା ବଡ଼ ଅପରାଧୀ, ନହେଲେ ଅପରାଧୀଙ୍କ ଶାସକ ହେବା ସମ୍ଭବ ନୁହେଁ ଏହି ବେଳେ ବେଳେ ଆତ୍ମଚେତନା ହୋଇ ଯେତେବେଳେ ନିଜର ଅପରାଧ ଓ ଦୁର୍ବଳତା ବୁଝେ ସେତେବେଳେ ଦୁଃଖୀ ଲୋକ ଦୁଃଖ ଭୁଲିବା ପାଇଁ ମଦ ଖାଇଲାପରି ଶାସକମାନେ 'ସ୍ତୁତି' ମଦ ଖାଇ ମାତିଲେ ହୁଅନ୍ତି—ନିଜର ଶାସକ ହେବାର ଅକ୍ଷମତାକୁ ଭୁଲି ଯାଆନ୍ତି । ସୁତରାଂ ଦୁନିଆରେ ଶାସକ ଓ ଚୋରର ଆବଶ୍ୟକତା ଥିବା ଯାଏଁ ସ୍ତୁତି ହେବା ଏବଂ ରହିବା ଆବଶ୍ୟକ । ସ୍ତୁତି ବଚନକୁ ନିନ୍ଦା ଅନେକ କରିଛନ୍ତି—ଯେଉଁମାନେ ନିନ୍ଦା କରିଛନ୍ତି ସେମାନେ ଯେତେ ବଡ଼ ପୁରୁଷ ହୁଅନ୍ତୁ ମୁଁ କହିବି ସେମାନେ ନିଜକୁ ସ୍ତୁତି କରି ପାରି ନାହାନ୍ତି ସ୍ତୁତିର ନିନ୍ଦା କରି ନଥାନ୍ତେ କାରଣ ସେମାନେ ନିଜକୁ ସ୍ତୁତିର ବାହାରେ ବୋଲି ମନେ କରନ୍ତି । Shakespeare ତେଣୁ କହିଥିଲେ—

But when I tell him
he hates flatterers
He says he does
being the most flattered.

ତୈଳ ମର୍ଦ୍ଦନ ପରର ୨ୟ ସୋପାନ ଶ୍ରେଣୀ ବା ବର୍ଗ ହେଉଛି ସ୍ୱାମୀର ସ୍ତ୍ରୀ ପ୍ରତି ସ୍ତୁତି—ପ୍ରିୟେ ପ୍ରିୟତମେ ! ତୁମେ ବୋଲି ସ୍ତୁତି—(ଉଲ୍ଟା ସ୍ୱଭାବ) ସ୍ତ୍ରୀ କିନ୍ତୁ ସ୍ୱାମୀକୁ ସ୍ତୁତି କେବେ କରେ ନାହିଁ । କରିବା ତାର ଦରକାର ପଡ଼େ ନାହିଁ । କାରଣ ସେ ଜାଣେ ଯେ ସ୍ୱାମୀ ତାର ଗୋଲାମ—ଲଗାମ ତା ହାତରେ । ଘୋଡ଼ା ବଦମାସି କରିପାରିବ ନାହିଁ । କିନ୍ତୁ ସ୍ୱାମୀ ସ୍ତ୍ରୀକୁ ଅନ୍ତଃପୁର କରିପରେ ନାହିଁ । ଓଲେଇ ଗାଈ ମୁହଁରେ ତୁଣ୍ଡି ବାନ୍ଧିବା ଦରକାର ହେଲାପରି ସ୍ତ୍ରୀର ଛାନ୍ଦିକା ପଣିଆ ବନ୍ଦ କରିବା ପାଇଁ ସେ ସ୍ତୁତି କରେ । ପୁରୁଷର ଏହି ସ୍ତ୍ରୀ-ସ୍ତୁତି ମୂଳରେ ଦୁଇଟି ମୌଳିକ ତତ୍ତ୍ୱ ବିଦ୍ୟମାନ । ପ୍ରଥମତଃ ପୁରୁଷ କେବେ ନାରୀକୁ ଭଲ ପାଇପାରେ ନାହିଁ—ନାରୀର ଚରିତ୍ର ବିଶ୍ୱାସ ଘାତକତା ପାଇଁ । ମାତ୍ର ସଂସାର ଚଳେଇବା ପାଇଁ ନାରୀ ତାର ଆବଶ୍ୟକ । ଶାସକର ସ୍ତୁତି ଆବଶ୍ୟକ ହେଲାପରି ପୁରୁଷର ନାରୀ ଆବଶ୍ୟକ । ସେହିପରି ପୁରୁଷର ଦୁର୍ବଳତାକୁ ଢାଙ୍କିବା ପାଇଁ କଣ ସ୍ତୁତି । ଜଣେ ଇଂରାଜୀ ମନୀଷୀ ଠିକ୍ କହିଥିଲେ—No man flatters the woman he truly loves. ଶ୍ରୀକୃଷ୍ଣ ସ୍ତୁତି କରୁଥିଲେ । ବୈଷ୍ଣବ ସାହିତ୍ୟ କେବଳ ରାଧାଙ୍କର ସ୍ତୁତି ପୁଷ୍ପାଞ୍ଜଳିରେ ପୂର୍ଣ୍ଣ ! ସ୍ମର ଗରଳ ଖଣ୍ଡନଂ ମମଶିରସି ମଣ୍ଡନଂ ଦେହି ପଦ ପଲ୍ଲବ ମୁଦାରଂ କହି କହି ବା ବାରମ୍ବାର ସ୍ତୁତି ବଚନ ରଚନଂ ଚରଣେ ରଚିତ ପ୍ରଣିପାତଂ ଗଡ଼ାଗଡ଼ି ତାଙ୍କ ମନ ମଜୁ ନଥିଲା । ବିନା ସ୍ତୁତିରେ ସ୍ତ୍ରୀମାନଙ୍କର ମୁଣ୍ଡ ଠିକ୍ ରହେ ନାହିଁ—ଠିକ୍ ସେମାନଙ୍କପରି ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ—ଓଲଟା ଆପଣ ଲୁଚାଇବା ପାଇଁ ତାଙ୍କର ସ୍ତୁତି ଦରକାର ହୁଏ । ଭର୍ତ୍ତୃହରି ସେଥିପାଇଁ କହିଛନ୍ତି—ଗଜପୁଙ୍ଗବସ୍ତୁ ଧୀରଂ ବିଲୋକୟତି ଚାଟୁଶତୈଶ୍ଚ ଭୁଙ୍କ୍ତେ । କିନ୍ତୁ ପୁରୁଷ ଏଇଠି ନାରୀକୁ ପ୍ରତାରଣା କରେ—ଅଭାଗ୍ୟ ନାରୀ ସ୍ତୁତିରେ ଭୋଳେ । ନାରୀ କହେ ସେକ୍ସପିଅରଙ୍କ ଭାଷାରେ—Oh flatter me—for love delights in praises. କିନ୍ତୁ ପୁରୁଷ ଯଦି ନାରୀକୁ ଭଲ ପାଉଥାନ୍ତା—ତେବେ ସେ କଦାପି ତାକୁ ସ୍ତୁତି କରନ୍ତା ନାହିଁ । ଶେଷରେ କୃଷ୍ଣ ରାଧାଙ୍କୁ ଛାଡ଼ି ଗୁଚିଗଲେ ।

୨ୟ କାରଣ ହେଉଛି ମଣିଷ ଜାଣେ ଯେ ମଣିଷୀ ମାନେ ମୂର୍ଖ—ଓଲୁଅ ମାନେ ମୂର୍ଖ । ତେଣୁ ସେ ତାକୁ ଅଧିକ ମୂର୍ଖ ପ୍ରମାଣ କରି ସୁଖ ପାଏ । ନାରୀକୁ ନିର୍ବୋଧ କରିବାରେ ହିଁ ପୁରୁଷର ପୌରୁଷ ବା ବାହାଦୁରୀ—ତାର ଅନ୍ୟନାମ ପୁରୁଷର ପ୍ରେମ । Richardson ଠିକ୍ ଏଇ କଥା କହିଥିଲେ—A man who flatters a woman hopes either to find her a fool or to make her one. ଏହା କିନ୍ତୁ ପୁରୁଷର ଦୋଷ ନୁହେଁ । ପୁରୁଷକୁ ମିଥ୍ୟାବାଦୀ ଓ ନୀଚ ନଦେଖିଲେ ଏବଂ ନ କଲେ ସ୍ତ୍ରୀ ତାକୁ ଭଲ ପାଇପାରେ ନାହିଁ । ମେନକା ତପସ୍ୱୀ ବିଶ୍ୱାମିତ୍ରଙ୍କୁ ଭଲ ପାଇ ଥିଲେ—ତାଙ୍କୁ ସେ ଭୁଲାଇବାକୁ ଆସି ନଥାନ୍ତା । ବିଶ୍ୱାମିତ୍ରଙ୍କୁ ଦୁର୍ବଳ କରିବା ପରେ ହିଁ ସେ ବିଶ୍ୱାମିତ୍ରଙ୍କ ପୁଣି ଶକୁନ୍ତଳାର ଗର୍ଭଧାରିଣୀ ହେଲା । ସୁତରାଂ ନାରୀର ସ୍ତୁତି କଲାବେଳେ ନିଜକୁ ଜାଣିଶୁଣି ହୀନ, ମିଥ୍ୟାବାଦୀ କରେ—କାରଣ ନାରୀ ସ୍ତୁତିହେଁ ତାହାହିଁ ।

ତୃତୀୟ ସୋପାନରେ ଭଗବାନ ଓ ଭକ୍ତ । ବନ୍ଦନା ସ୍ତୁତି, ସ୍ତବ ଓ ସ୍ତୋତ୍ରରେ ଭଗବାନ ମଧ୍ୟ ତୁଷ୍ଟ ହୁଅନ୍ତି ନାହିଁ । Pope କହିଥିଲେ ପରା—All-potent Flattery, universal lord ! ହିନ୍ଦୁଙ୍କର ଭକ୍ତି ମାର୍ଗଟା ପ୍ରଧାନତଃ ଭଗବାନଙ୍କ ସ୍ତୁତି । ଦ୍ୱୈତ-ବାଦ କେବଳ ସ୍ତୁତି ଉପରେ ପ୍ରତିଷ୍ଠିତ । ସ୍ତୁତି ଯଦି ଏକ ଘୃଣ୍ୟ ବୃତ୍ତି—ବାଇବେଲ ଯଦି କହେ—Meddle not with him that Flattered with his lips—ଆମେ ପୁଣି ଈଶ୍ୱରଙ୍କ ସ୍ତୁତି କରିବୁ କିମିତି ?

ଏଇଟି ବାସ୍ତବିକ—ସ୍ତୁତିର ଚରମ । ପ୍ରଭୁ ପ୍ରତି ଦାସର ସ୍ତୁତି ହେଲା Thesis—ନିବାସ—ସ୍ତ୍ରୀ ଓ ସ୍ୱାମୀର ସ୍ତୁତି anti-thesis—ଅନ୍ତରେ ଓ ଭଗବାନ ଓ ଭକ୍ତ ଯେଉଁଠାରେ ତାହା ମିଳନ୍ତି । Synthesis, ଏହା କହିବାର ଉଦ୍ଦେଶ୍ୟ— ସ୍ତୁତି ଏଠି ରୂପାନ୍ତରିତ ହୋଇ ଯାଏ । ସ୍ତୁତି ଶବ୍ଦର ଅର୍ଥହିଁ ବଦଳିଯାଏ । ମଣିଷକୁ ଯେଉଁଠି ସ୍ତୁତି କରାଯାଏ ସେଠି ନିଜସ୍ୱାର୍ଥ ସିଦ୍ଧି ପାଇଁ ଯାହାର ସ୍ତୁତି କରେ ତାର ପ୍ରୀତି ସମ୍ପାଦନ ଅର୍ଥେ ସ୍ତୁତି ପ୍ରୟୋଗ କରେ । କୌଣସି ସ୍ତୁତି-କାରୀ ସ୍ତୁତି କଲାବେଳେ ଅନ୍ତରରେ କଦାପି ସୁଖୀ ହୁଏ ନାହିଁ ! କାରଣ ମୁଁ ପ୍ରଥମରୁ କହିଛି—ନିଜକୁ ସ୍ତୁତି କରି ନ ଶିଖିଲେ ଅନ୍ୟକୁ ସ୍ତୁତି କରିବା ଅସମ୍ଭବ । ନିଜକୁ ସ୍ତୁତି କରିବା ଲୋକ ଅନ୍ୟକୁ ସ୍ତୁତି କଲାବେଳେ ଖୁସିରେ ବା ଅନ୍ତରକରଣରେ କରିବା ଅସମ୍ଭବ । ବାଧ୍ୟ ହୋଇ ସେ କରେ । ସ୍ତୁତି କାରୀ ମନେ ମନେ ନିଜକୁ ବେଶି ସ୍ତୁତ୍ୟ ଭାବି ସ୍ତୁତି ଶ୍ରୋତାକୁ ମୂର୍ଖ ବା ମୂର୍ଖା ମନେ କରି କାମ ହାସଲ କରିବାକୁ ସ୍ତୁତି କରେ । ମାତ୍ର ଭକ୍ତ ପ୍ରକୃତରେ ନିଜକୁ ତୁଚ୍ଛ ମନେ କରି ଭଗବାନଙ୍କର ସ୍ତୁତି କରେ । ଏବଂ ଏ ସ୍ତୁତିରେ ଭଗବାନ ପ୍ରୀତ ହୁଅନ୍ତୁ ନ ହୁଅନ୍ତୁ—ପ୍ରୀତି ଓ ଆନନ୍ଦ ତାର ନିଜର ସବୁଠାରୁ ବେଶି ।

ବାକି ଅଛି ଶକ୍ତ ପାଠମାଳାଟା ହେଉଛି-ଭଗତ ସମ୍ପାଦକଙ୍କ ବୃଦ୍ଧ ଗ୍ରାମର ସ୍ତୁତି । ଏ ସ୍ତୁତିରେ ସ୍ତୁତିକାରୀ ଓ ସ୍ତୁତି ଶ୍ରୋତାଙ୍କର ଜୀବାତ୍ମା ପରମାତ୍ମା ସମ୍ପର୍କ । ଯୋଗବଳରେ ଯେତେବେଳେ ସମାଧି ହୁଏ ସେତେବେଳେ ଉଭୟେ ଏକ ହୋଇଯାନ୍ତି—ସେତେବେଳେ-

ତୁ ବ୍ରହ୍ମ ହୋ ମୈଁ ଜୀବ ହୁଁ
ତୁ ଠାକୁର ହୋ ଚେରେ ।
ତାକା ମାତା ଗୁରୁସଖା ତୁ
ସବ ବିଧ ହୋ ତୁ ମେରୋ !



Digitized by srujanika@gmail.com

# ଫାଇଲ୍ ପ୍ରିୟା

ଲେ—ଶ୍ରୀ ହରିହର ବାହିନୀପତି

ପ୍ରିୟେ ! ଦେଖନା ଦେହ ମେଲେ ।
ବନ୍ଦୀ ମୁଁ ଯେ ଏଥି ।
ଫାଇଲ ପ୍ରିୟା ମୋତେ ଡାକଇ ଅହରହ
କହଇ ଆସି ଆସି, ମୁହୁ ହସନ୍ତି ଜ ପର
ମୁଁ ଯେ ଅଟଇ ତାର ଯୁଗ ଯୁଗ କିଙ୍କର ।
ଅଫିସ ମଧୁପୁରେ କଂସ ଅଫିସର
କୁବୁଜା ପ୍ରିୟା ମୋର ଫାଇଲ ନଥି ନଥି;
ଗୋପର ରାଧା ତୁମେ, ଶ୍ରଦ୍ଧା କାହିଁ ଯେ ନେତେ
କରୁଛ ରହ ସହ ! ଦୂର ଗୋ ଦୂରାନ୍ତରେ !
ସେଦିନ ବେଦୀପରେ ବନ୍ଧିଲ ଯେବେ ମୋତେ
ବାନ୍ଧିଥିବ ହେ କେତେ ଆଶାର କୋଣାରକ,
ଅଶିଟଙ୍କାର ଗୃହ କଳ୍ପନା ସ୍ୱାମୀ ତବ
ଖୋଜଇ ଘର ଭଡ଼ା କଟକ ନଗରୀ ଯାକ ।
କହଇ ଘରଧଣୀ ପଚାଶ ଟଙ୍କା ଦେଲେ
ମିଳିବ ଘରଟିଏ, ନାହିଁ ଗୋ ପାଇଖାନା ।
ଦୀର୍ଘ ନିଶ୍ୱାସ ଟାଣି ମୋର ଆସଇ କହ—
ହାୟ୍ ହାୟ୍ ଜୀବନ ଏ କି ଗୋ ବିଡ଼ମ୍ବନା !
ଲେଖିଛ ପ୍ରିୟା ମୋର, ଶାଢ଼ୀ ଖଣ୍ଡିଏ ଚିରି,
ଡାକିବା କହିଲଣି ଗହଣ ବାରମ୍ବାର,
ବାକି ଟଙ୍କା ନଦେଲେ ନନ୍ଦ ସେ କରିଦେବ
ନରଗକର ଶିଶୁ ଜନାବ ଘର ମୋର ।
ବାପବା ସାହୁକାର ବମ୍ଭଲିନାଙ୍କ ଠାରୁ
ହାତ ଉଧାର ସବୁ ଅଛି ଦଶଟଙ୍କା ?
ପଠାଇ ଦେବ ପ୍ରିୟା କହିବ ତାକୁ ଥରେ
ହେଉ ମୋ ପ୍ରିୟତମ ଆଗାମୀ ପହିଲାଟା ।
ନୂଆ ପାରିବ ନାହିଁ ପହିଲା ପହିଲା ସେ,
କହିବ ମୁନିଆକୁ ବଜାର ଡାକିଥିବ,
ସୁଧମୂଳ ମିଶାଇ ଯାହା ତାହାର ହେବ
ନେହୁରା ହୋଇ ତାକୁ ପଇଠ ଦେଇ ଦେବ ।
ଯାଉଛି ଏବେ ସହ !
ହେଲଣି ବହୁ ରାତି,
ନାଃସଙ୍ଗ ହୋଇଥିବ ଫାଇଲ ପ୍ରିୟା ମୋର,
କୈଫିଏତ ଦେବାକୁ ପଡ଼ିବ ଏହିକ୍ଷଣି—
ଏତେ ରାତି ଯେ ଥିଲୁ କେଉଁଠି କହ କହ !
(ଏଇ) ଦେଖ ଗୋ ଦେଖ ସଖି
ରଗଡ଼ ଦେବ ମୋର କାନରେ ଦେଇ ହାତ,—
'କଅଣ କରୁଛରେ କାମ ରହିଛି ବାକି
ତାଗିଦା ଦେଲେ ମରା ହେଉ କିରାଣି କାହିଁ ?'

# ସିଗାରେଟ୍ ପ୍ରିୟା

ଲେ—ଯୁଗଳ କିଶୋର ଦତ୍ତ

ଶ୍ୱେତ ଧୂପ ବାସିନୀ ଗୋ !
ସିଗାରେଟ୍ ପ୍ରିୟା
ପକେଟେ ତୁମେ ଥିଲେ ମୋର
ନାଚ ଉଠେ ହିଆ ।
ବୁଢ଼ାଠାରୁ ଯୁବ ଯାଏ
ସମସ୍ତଙ୍କ ପ୍ରିୟ,
ସମସ୍ତଙ୍କ ଓଠ ଛୁଇଁଲେ
କିସ [ Kiss ] ବୋଲି ଦିଅ !
କେତେ ନାମେ ତୁମେ ଅଛ ଗୋ
ଦେଉ ଅଛ ଦେଖା
ଧନ୍ୟ ଧନ୍ୟ ତୁମ ପ୍ରେମୀ
ଧରୁଛନ୍ତି ଏକା !
ଶ୍ରୀକୃଷ୍ଣଙ୍କ ଥିଲା ସିନା
ଶହେ ଆଠ ନାମ
ତୁମେ ଏବେ ସବ୍‌ଷ୍ଟିଟିଉଟ୍
ଭରୁଅଛ ନାମ ।
କାଏ ନାଏ "ପାସିଙ୍ଗସୋ"
କାଏ ଅବା "ସ୍ୱବଟ୍"
କାଏ କୁହେ "ଉଇଲସ୍ ଅଣ"
ସେଇଟା ମୋ ହାବିଟ୍ !
"ସିଜରସ୍" କାଏ ଦାଏ
ଗୃପି ଓଠେ ଛୁଇଁଲେ,
"ବ୍ଲାକ୍ ଏଣ୍ଡ ହ୍ୱାଇଟ୍" ପୁଣି
ମିଳେ ଭାଗ୍ୟ ବଳେ ।
"ଗୋଲଡ୍‌ଫ୍ଲେକ ଟିଣ ଧରି
କାଏ ଅବା ସାହିବ୍"
"ନାଇନ ନାଇନ ନାଇନ" ମାଗେ
ଅବା "ଫାଇଭ୍ ଫାଇଭ୍ ।
ଟିଣ ମଧ୍ୟେ ଥାଅ କେବେ
କେବେ ବା ପ୍ୟାକେଟ୍
କେବେ ପୁଣି ଆଉଟ୍ ଅଫ୍ ଷ୍ଟକ୍
ବ୍ଲାକ୍ ମାର୍କେଟ୍ !
ଷ୍ଟୁଡେଣ୍ଟ ଠାରୁ ପ୍ରିନ୍‌ସିପାଲ
ମେଟ ଠାରୁ ସେଠ୍
କ୍ଲର୍କ ଠାରୁ ଲାଟ୍ ଛାଡ଼
ପିଅନ ମାଜିଷ୍ଟ୍ରେଟ !
କଲେଜ ବନ୍ଧୁ, କଲେଜ ଗାର୍ଲ
ସମସ୍ତଙ୍କ ପ୍ରିୟ
ସୁଅ ଡାକେ ପ୍ରିୟା ବୋଲି
ପ୍ରିୟ ଡାକେ ପ୍ରିଅ !
ଭୁଲିଯାନ୍ତି କାମ ସବୁ
ତୁମ ପ୍ରେମ ପାଇ
ମନ ଉଡ଼େ ଆକାଶରେ
ତୁମ ଗୁଣ ଗାଇ ।
ଅର୍ଦ୍ଧାଙ୍ଗିନୀ ଚୁପେ ଥାଅ,
ବିଦେଶକୁ ଗଲେ—
ମନୋରଞ୍ଜନ, ହର୍ଷ ସୁଖ
ଆଣି ଦିଅ ଭଲେ ।
ସମସ୍ତଙ୍କ ପାଖେ ପାଅ
ସମାନ ଆସନ
କେବେ ଉପବାସୀ ଖାଦ୍ୟ
କେବେ ବା ବ୍ୟସନ ।
ତୁମ କଥା କି କହିବି
ଦବ ଯାଏ ହିଆ,
ଶ୍ୱେତ-ଧୂପ-ବାସିନୀ ଗୋ
ସିଗାରେଟ୍ ପ୍ରିୟା ।



Digitized by srujanika@gmail.com

# ସ୍ୱରାଜ୍ୟ କାହାକୁ କୁହାଯାଏ ?

ଲେଖକ—ଶ୍ରୀ ଲକ୍ଷ୍ମଣ ମିଶ୍ର

ଭଗବତରେ ଅଛି ଯେ ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ମାନଙ୍କୁ ନିରୋଧ କରି ଅନାସକ୍ତ ଓ ନିଷ୍କାମ ଭାବରେ କର୍ମ କରେ, କାହାରିକି ଭୟ କରେ ନାହିଁ କିମ୍ବା କାହାରି ଉପରେ କ୍ରୋଧ କରେ ନାହିଁ ସେହି ବ୍ୟକ୍ତି ହିଁ ସ୍ୱରାଜ୍ୟରେ ଅବସ୍ଥାନ କରେ । ଯେଉଁ ବ୍ୟକ୍ତି ନିଜର ଦେହ ଓ ଇନ୍ଦ୍ରିୟମାନଙ୍କୁ ନିଜର ଅଧୀନରେ ରଖି ଦୁର୍ଜୟ ତୃଷ୍ଣାର କବଳରୁ ନିଜକୁ ମୁକ୍ତ କରିପାରେ, ସେହି ବ୍ୟକ୍ତି ହିଁ ପ୍ରକୃତରେ ଅଖଣ୍ଡ ସ୍ୱାଧୀନତା ଓ ନିରବଚ୍ଛିନ୍ନ ସୁଖର ଅଧିକାରୀ । ଏହି ଉକ୍ତିକି ବିଶେଷ ପ୍ରଣିଧାନ କଲେ ଦେଖିବା ଯେ ଯେଉଁ ବ୍ୟକ୍ତି ଇନ୍ଦ୍ରିୟର ଦାସ ହୁଏ, ସେ ବ୍ୟକ୍ତିକୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ଅର୍ଥାତ ଯେଉଁ ବ୍ୟକ୍ତି ଇନ୍ଦ୍ରିୟ-ପରତନ୍ତ୍ର ହୋଇ ଇନ୍ଦ୍ରିୟ ମାନଙ୍କ ଇଙ୍ଗିତ ଓ ଆକାଂକ୍ଷାମାନଙ୍କୁ ପୂରଣ କରିବାରେ ଲାଗିପଡ଼େ, ସେହି ବ୍ୟକ୍ତିକୁ ଅପର କୌଣସି ବ୍ୟକ୍ତି ବା ଗୋଷ୍ଠୀର ହୁକୁମ ତାମିଲ କରିବାକୁ ପଡ଼େ । ପକ୍ଷାନ୍ତରରେ ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ମାନଙ୍କର ଯେତିକି ଯେତିକି କମ୍ ଅଧୀନ ହୁଏ, ଅନ୍ୟମାନଙ୍କ ଉପରେ ବାଧ୍ୟ ହୋଇ ନିର୍ଭର କରିବାର ମନୋବୃତ୍ତି ତାହାର ସେତିକି ସେତିକି କମିଯାଏ । ଏଣୁ ଇନ୍ଦ୍ରିୟ ମାନଙ୍କର ଦାସ ହେବା ଫଳରେ ହିଁ ବ୍ୟକ୍ତିକି ଅପରର ଅଧୀନତା ସ୍ୱୀକାର କରିବାକୁ ପଡ଼େ । ବ୍ୟକ୍ତି ବା ସମଷ୍ଟିର ଅଧୀନ ହେବା ଦ୍ୱାରା ବ୍ୟକ୍ତିର ସୁଖ ନଷ୍ଟ ହୁଏ । ଏଣୁ ସ୍ୱାଧୀନତା ଓ ସୁଖ ପ୍ରକୃତରେ ତଥାକଥିତ ଭୋଟ ବ୍ୟବସ୍ଥା-ମୂଳକ ପ୍ରହସନରେ ଅର୍ଥାତ୍ ଗଣତନ୍ତ୍ର ଦ୍ୱାରା କିମ୍ବା ତରବାରୀରକ୍ଷିତ କମ୍ୟୁନିଜିମ ଦ୍ୱାରା ହୋଇ ପାରିବ ନାହିଁ । ପ୍ରହସନମୂଳକ ଭୋଟ ବା ଗଣତନ୍ତ୍ର ଲୋକଙ୍କୁ କଥା କହିବାର ଯେଉଁ ସ୍ୱାଧୀନତା ଦିଏ ତାହା କୋଟି କୋଟି ଅର୍ଦ୍ଧନଗ୍ନ, ଅର୍ଦ୍ଧାହାରୀ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ଖିଆଇ ହେବା ପରି ହୁଏ । ତରବାରୀ ରକ୍ଷିତ କମ୍ୟୁ-ନିଜିମ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିକୁ ଗ୍ରାସାଚ୍ଛାଦନ ଓ ଗୃହାଦି ବିଷୟ ଯୋଗାଇଦେଲେ ମଧ୍ୟ ମନୁଷ୍ୟର ଚିନ୍ତା କରିବାର ଓ କହିବାର ସ୍ୱାଧୀନତା ନଷ୍ଟ ହୋଇଯାଏ । ପିମ୍ପୁଡ଼ି ବା ମହୁମାଛିଙ୍କ ଗୋଷ୍ଠୀପରି ମନୁଷ୍ୟ ସମାଜ ଯନ୍ତ୍ର ଶୃଙ୍ଖଳିତ ବଡ଼ ହୋଇ ଯାଏ । ଏଣୁ ପ୍ରକୃତ ସୁଖ ଓ ସ୍ୱାଧୀନତା ପାଇବାକୁ ହେଲେ ଏହା ବ୍ୟକ୍ତିଗତ ଓ ସମଷ୍ଟିଗତ ସମସ୍ୟାର ସମାଧାନ ଉପରେ ନିର୍ଭର କରେ । ସମାଜରେ ଯେଉଁମାନେ ଶାସକ ହେବେ, ସେମାନେ ପୁରୁଷାନୁକ୍ରମିକ ରାଜା ଏବଂ ତାଙ୍କର ମନ୍ତ୍ରୀ, କିମ୍ବା ନିର୍ବାଚିତ ପ୍ରେସିଡେଣ୍ଟ ଓ ତାଙ୍କର ମନ୍ତ୍ରୀ, ଅଥବା ଲୋକଙ୍କ ସମର୍ଥନ ଜୋରରେ ହୋଇଥିବ ଡିକ୍‌ଟେଟର ଓ ତାଙ୍କର ସେକ୍ରେଟେରି ପ୍ରଭୃତି ଯେ କୌଣସି ପଦବାଚ୍ୟ ହୁଅନ୍ତୁ, ସେମାନଙ୍କୁ ସମସ୍ତଙ୍କ ଠାରୁ ବେଶୀ ସଂଯତ ଓ ଅନାସକ୍ତ ରହି ନିଜର ସ୍ୱରାଜ୍ୟ ଗଢ଼ିବାକୁ ପଡ଼ିବ । ଅନ୍ୟ ମାନଙ୍କ ଉପରେ କ୍ଷମତାକୁ କମ୍ କମ୍ ଜାରି କରି ନିଜ ଉପରେ ଏବଂ ଦୁର୍ଦ୍ଦାନ୍ତ ଇନ୍ଦ୍ରିୟମାନଙ୍କ ଉପରେ ଏହି କ୍ଷମତାକୁ ବେଶି ବେଶି ଜାରି କରିବାକୁ ହେବ । ସମସ୍ତଙ୍କୁ ପ୍ରକୃତ ସୁଖ ଓ ସ୍ୱାଧୀନତାର ପଥ ଦେଖାଇବାର ଯେଉଁ ସମଷ୍ଟିଗତ ସମସ୍ୟା ରହିଛି, ସେହି ସମସ୍ୟାର କ୍ରମିକ ସମାଧାନ ହୋଇ ପାରିବ ଯଦି ଶାସକ ଗୋଷ୍ଠୀ ଅନ୍ୟଙ୍କୁ କମ କମ ଶାସନ କରି ନିଜକୁ ବେଶି ବେଶି ଶାସନ କରି ନିଜେ ନିଜର ରାଜ୍ୟରେ ଦୃଢ଼ ଭାବରେ ଅବସ୍ଥାନ କରନ୍ତି । ଶାସକ ଗୋଷ୍ଠୀ ନିଜର ଇନ୍ଦ୍ରିୟ ମାନଙ୍କୁ ଯେତିକି ସଂଯତ ରଖି ନିଜର ଘରକୁ ନିଜେ ଯେତିକି ସଜାଡ଼ିବେ, ଅନ୍ୟମାନେ ସେମାନଙ୍କର ଇଙ୍ଗିତ ନିର୍ଦ୍ଦେଶାଦି ସେତିକି ହୃଦୟର ସହିତ ଗ୍ରହଣ କରିବେ ।

କେବଳ ଶାସକଗୋଷ୍ଠୀ ସଂଯତ ଓ ଅନାସକ୍ତ ହୋଇ ନିଜ ସ୍ୱରାଜ୍ୟର ନିଜେ ଅଧିକାରୀ ହେବା ଦ୍ୱାରା ଯେ ଅନ୍ୟମାନଙ୍କୁ ପ୍ରକୃତ ସୁଖ ଓ ସ୍ୱାଧୀନତା ମିଳିବ ତାହାର କିଛି ଅର୍ଥ ନାହିଁ । ଏଣୁ ସ୍ୱାର୍ଥମୂଳକ ଭୋଗ ଓ ଇନ୍ଦ୍ରିୟ ତୃପ୍ତିକି ଛାଡ଼ି ସହଯୋଗ-ମୂଳକ ସେବା ଓ ତ୍ୟାଗର ପଥରେ ପ୍ରତ୍ୟେକ ବ୍ୟକ୍ତିକୁ ଚାଲିବାକୁ ହେବ । ଏହି କାରଣରୁ ଦେଶରେ ସ୍ୱରାଜ୍ୟ ସ୍ଥାପନ କରିବା ପାଇଁ ଯେଉଁ ବ୍ୟକ୍ତିଗତ ସମସ୍ୟା ଘଟେ, ତାହାର ସମାଧାନ ହୋଇ ପାରିବ ଯଦି ଲୋକମାନେ ଶାସକ ମାନଙ୍କର ସେବା ଓ ତ୍ୟାଗର ପଥକୁ ଅନୁସରଣ କରି ସେହି ବାଟରେ ଚାଲିବାକୁ ଚେଷ୍ଟା କରନ୍ତି ।

ବ୍ୟକ୍ତିଗତ ସମସ୍ୟାର ସମାଧାନ ସର୍ବତୋ-ଭାବେ ସମ୍ଭବପର ନୁହେଁ । ଯେଣୁ ଦେଶର ପ୍ରତ୍ୟେକ ବ୍ୟକ୍ତି ସ୍ୱଇଚ୍ଛାରେ ସହଯୋଗ ମୂଳକ ସେବା ଓ ତ୍ୟାଗରେ ଅନୁପ୍ରାଣିତ ହେବେ ନାହିଁ । ହୁଏତ ଅନେକ ବା ଅଳ୍ପକେତେକ ସ୍ୱାର୍ଥମୂଳକ ଭୋଗର ଯେ ବଶବର୍ତ୍ତୀ ହେବେ ଏବଂ ଏହିମାନଙ୍କ ଦ୍ୱାରା ନାନା ପ୍ରକାର ସାମାଜିକ ଓ ଅର୍ଥନୈତିକ ଦ୍ୱନ୍ଦ୍ୱ ଯେ ଘଟି ପାରେ, ଏହା ମାନି ନିଆ ଯାଇଛି । ଏଣୁ ଲୋକେ ସହଯୋଗ କରୁ ନାହାନ୍ତି, ବା ସରକାରଙ୍କର ମଙ୍ଗଳମୟ ନିର୍ଦ୍ଦେଶ ଶୁଣୁ ନାହାନ୍ତି, ଏହା ଶାସକମାନଙ୍କର କହିବାଟା ଧୃଷ୍ଟତା ଅଟେ । ସମଷ୍ଟିଗତ ସମସ୍ୟାର ସମାଧାନ ସବୁଠାରୁ ଜରୁରୀ ଅଟେ ।

"ଲୋକେ ଆମ ସଙ୍ଗରେ ସହଯୋଗ କରୁନାହାନ୍ତି, ଆମେ କଣ କରିବୁ ।" ଏହି କଥାଟା ପଛରେ ଆଶ୍ରୟ ନେବାର ମନୋ-ଭାବରୁ ଜଣାଯାଏ ଯେ ଶାସକଗୋଷ୍ଠୀ ମନେ କରନ୍ତି ଯେ ସେ ନିଜେ ସଂଯତ ଓ ସ୍ୱାର୍ଥତ୍ୟାଗୀ ମାତ୍ର ଅଧିକାଂଶ ପ୍ରଜା ସେବା ଓ ତ୍ୟାଗର ମହତ୍ତ୍ୱ ବୁଝୁ ନାହାନ୍ତି । ଖୁବ୍ ତଳେଇ କରି ଦେଖିଲେ ଆମେ ଜାଣିପାରିବା ଯେ ଶାସକ ଗୋଷ୍ଠୀ ନିଜେ ନିଜର ସ୍ୱରାଜ୍ୟର ଅଧିକାରୀ ହୋଇପାରି ନାହାନ୍ତି; ଗଦିର ଆସନରେ ବସିବା ପରେ ସେବା ଓ ତ୍ୟାଗର ଛଳନା କରି ସ୍ୱାର୍ଥମୂଳକ ଭୋଗବିଳାସ ଓ ତୃଷ୍ଣାର ଦାସ ହୋଇ ପଡ଼ିଛନ୍ତି । ଏହି କାରଣରୁ ସେମାନଙ୍କ ଇଙ୍ଗିତ, ନିର୍ଦ୍ଦେଶମାନ ସ୍ୱାଭାବିକ ନହୋଇ ହୁକୁମଜାରି କଲାପରି ଜଣା ଯାଉଛି । ଭୋଗବିଳାସ ଇନ୍ଦ୍ରିୟ ତୃପ୍ତିକି ସବୁ ଲୋକେ ସୁଖ ଓ ସ୍ୱାଧୀନତାର ମାପ କାଠି ବୋଲି ଶାସକ ମାନଙ୍କ ଠାରୁ ଶିଖୁଛନ୍ତି ।

ଇନ୍ଦ୍ରିୟ ମାନଙ୍କର ଅଧୀନ ନହେବା ଫଳରେ ଅନ୍ୟର ଅଧୀନ ନହୋଇ ପ୍ରକୃତ ସୁଖ ଓ ସ୍ୱାଧୀନତା ଯେଉଁ ବ୍ୟକ୍ତି ଯେତିକି ପାଇପାରେ ସେହି କେବଳ ଅପଣା



Digitized by srujanika@gmail.com

# ମୁଁ କାହିଁକି ଲେଖେଁ!

ଲେ—ଗୋପୀନାଥ ମହାନ୍ତି

ମୁଁ କାହିଁକି ଲେଖେ ?

ପହିଲି ଥର ଏ ପ୍ରଶ୍ନର ମୁହାଁମୁହିଁ ହୋଇ ମୁଁ ଭାବୁଛି—ସତରେତ ? କାହିଁକି ? ମଣିଷ କାମ ବା ଅକାମ କରି ଲାଗିଥାଏ। କାହିଁକି ବୋଲି ପଚାରିଲେ ବିସ୍ମୟରେ ଚାହେଁ। ସତେ ଯେପରି ଆବେଗ ଉଚ୍ଛ୍ୱାସରେ ସ୍ୱପ୍ନ ସମ୍ଭାର ଲଦି ବାହି ନେଉଥିବା ତାର ଶଗଡ଼ ଗାଡ଼ି ଓଲଟି ପଡ଼େ ଏହି ପଦେ କଥାରେ, ଏବଂ ଅର୍ଜୁନ ପରି ବୀର ଧନୁ ଥୋଇଦେଇ ଚୁପ୍ ହୋଇ ବସି ରହେ। କଦାପଣ ଭାଗେ କେବଳ ଭଗବାନଙ୍କ ଅମର ବାଣୀରେ ଯେ 'କାହିଁକି' ନଥିବ ନ ଅଟକି କାମ କରିଯାଅ, ନିୟତଂ କୁରୁ କର୍ମ ତ୍ୱଂ !

ଆଜ ମୁଁ ଭାବୁଛି—କାହିଁକି ଲେଖିବି ବୋଲି ଯଦି ଆଗ ମୀମାଂସା କରି ସାରି ପଛେ ଲେଖିବାକୁ ବସିଥାନ୍ତି ବା ଲେଖୁ ଲେଖୁ ଭାବୁଥାନ୍ତି କାହିଁକି ଲେଖୁଛି—ହେଲେ ଉପାରେ ମୁଁ ହୋଇଥାନ୍ତି ଜଣେ ବଡ଼ ବିଶ୍ଳେଷକ ବା ଭାବୁକ, କିନ୍ତୁ କଲମ ଅଟକି ଥାଆନ୍ତା ବୋଧହୁଏ। କାରଣ ଏ କାହିଁକି ଏକ ମହାକୁଣ୍ଡା, ତାର ବିରାମ ନାହିଁ। ଯେତେ ଉତ୍ତର ଖୋଜୁଥିଲେ ବି ଅଧୁରା ରହିଯାଏ ବାକି, ମନରେ ପ୍ରଶ୍ନ ଉଠାଇ ରଖି ଯୁଗରୁ ଯୁଗ ଖେଦିନିଏ ମାନବ ସଭ୍ୟତାକୁ ଆଗକୁ ଆଗକୁ। ପ୍ରଶ୍ନର ଦ୍ୱାର ମେଲି ରହେ। ସୁତରାଂ କାହିଁକି-ର ଉତ୍ତର ଦେବା ଦମ୍ଭ, ନିଜ ବିଷୟରେ ଅଧିକ ଦମ୍ଭ।

ମୂଳ ଓ ଡାଳରେ ହେଉ ଖୋଜି ଉପରେ ଧରି କାରଣ ଅନୁପାତରେ ଫଳ ମାପି ବସେ ବ୍ୟବସାୟୀ ବୁଦ୍ଧି—ତାହେ ଓଜନ ଘେନି ବୋଲ, ତୌଲବଣ୍ଟ ଘେନ ଚଳନ କହେ ମଙ୍ଗଳର ଅଙ୍କ—ଛୁଆ ବୁଦ୍ଧିରୁ ଗୋଟାଏ ବା ବେଶୀରୁ ଚତୁର୍ଥାର୍ଥ କରିବା ଅନୁସନ୍ଧାନ କର୍ମର ଦ୍ୟୋତନା, ମୁକ୍ତି ଭଦ୍ରସ୍ୱର ଅଭାବ ମେଣ୍ଟାଇବା ପାଇଁ। କିନ୍ତୁ ତେତେବେଳେ କର୍ମ

[ ଅବଶିଷ୍ଟାଂଶ ୧୪ ପୃଷ୍ଠା ଦେଖନ୍ତୁ ]

---

ବାର ପୃଷ୍ଠାର ଅବଶିଷ୍ଟାଂଶ

ରାଜ୍ୟ ଆପେ ଗଢ଼ି ତାହାକୁ ରକ୍ଷା କରି ପାରେ ଏବଂ ଅନ୍ୟମାନଙ୍କୁ ତଦ୍ରୂପ କରିବାକୁ ଶିକ୍ଷା ଦେଇପାରେ। ସମାଜର ପ୍ରତ୍ୟେକ ବ୍ୟକ୍ତି ଆପଣା ରାଜ୍ୟ ଆପେ ଗଢ଼ି ତାହାକୁ ଯେପରି ରକ୍ଷା କରି ପାରିବ। ବାଧ୍ୟ ହୋଇ ବା ଭୟରେ ଅପର କାହାର ଅଧୀନତା ସ୍ୱୀକାର କରିବ ନାହିଁ। ଏହାକୁ ସମ୍ଭବ କରିବାକୁ ହେଲେ ଶାସକ ମାନଙ୍କୁ ନିଜେ ଆଗ ନିଜର ସ୍ୱରାଜ୍ୟ ଗଢ଼ିବାକୁ ହେବ ବୋଲି ପୂର୍ବରୁ କୁହା ଯାଇଅଛି। ଅନ୍ୟମାନଙ୍କୁ କମ୍ କମ୍ ଶାସନ କରି, ନିଜକୁ ସେମାନେ ଯେତିକି ଯେତିକି ବେଶି ଶାସନ କରିବେ, ସେହି ପରିମାଣରେ ପ୍ରତ୍ୟେକ ପ୍ରଜାକୁ ସେମାନେ ସ୍ୱରାଜ୍ୟର ପଥ ଦେଖାଇ ପାରିବେ। ଏହାର ଫଳରେ ଶାସକ ଓ ଶାସିତ ମଧ୍ୟରେ ଯେଉଁ ପ୍ରଭୁ ଓ ଦାସର ପ୍ରଚ୍ଛନ୍ନ ସଞ୍ଜ୍ଞା ରହିଛି ତାହା ଲୋପ ପାଇବ। ଇଂରାଜୀରେ ଅନାର୍କିଜମ୍ (Anarachism) ବୋଲି ଗୋଟାଏ ଶବ୍ଦ ଅଛି; ଏହା ଏପରି ଏକ ଅବସ୍ଥା ସୂଚକ ଅଟେ ଯାହାର ଅର୍ଥ ସ୍ୱରାଜ୍ୟ ଶବ୍ଦରେ ପୁରାପୁରି ରହିଅଛି।

ଗୋଟିଏ ପିମ୍ପୁଡ଼ି ମହା ଓ ମହୁଫେଣାକୁ ଦୃଷ୍ଟି ପକାଇଲେ ଆମେ ଦେଖିବା ଯେ ପିମ୍ପୁଡ଼ି ଓ ମହୁମାଛିଙ୍କ ଦଳରେ କୌଣସି ପ୍ରକାର ଦଳାଦଳି, ହିଂସା ବା କଳିକଜିଆ ନାହିଁ ଯେ ଯାହାର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟରେ ଲାଗି ଯାଇଛି। ସେଠାରେ ଶାସକ, ଶାସିତ ବ୍ୟକ୍ତି ଅବ୍ୟକ୍ତି ବା ବଡ଼ ସାନ ଭେଦ ନାହିଁ। ନିଜର କର୍ତ୍ତବ୍ୟ କ୍ଷେତ୍ରରେ ପ୍ରତ୍ୟେକ ଅପର ଠାରୁ ବଡ଼। ମାତ୍ର ଏହି ଗୋଷ୍ଠୀ ବ୍ୟୂହରେ ଗୋଟାଏ ବଡ଼ ଅଭାବ ରହିଛି। ତାହା ହେଉଛି ଯନ୍ତ୍ର-ଚାଳିତ ଆଚରଣ (automatic behaviours)। ଆମେ ଏତକ ଏଡ଼ାଇବାକୁ ଚାହୁଁ। କାରଣ ଆମର ବିବେକ ହେତୁ ବୋଧ [Rationality], ଭାଷା ଓ କୃଷ୍ଟି ଇତ୍ୟାଦି ସମ୍ପଦ ଅଛି ଯାହା କି ମହୁମାଛି ବା ପିମ୍ପୁଡ଼ିର ନାହିଁ। ଏଣୁ ଯନ୍ତ୍ର-ଚାଳିତବତ୍ କ୍ରିୟା ପିମ୍ପୁଡ଼ି ମହାରେ ସୁଖ ଓ ସ୍ୱାଧୀନତା ସ୍ଥାପନ କରିଥିଲେ ମଧ୍ୟ, ମଣିଷ ସମାଜରେ ସ୍ଥାପନ କରି ପାରିବ ନାହିଁ।

ଯଦି ଶାସକ ଗୋଷ୍ଠୀ ଅନ୍ୟକୁ ଖୁଆଇ ପରେ ନିଜ ଖାଇବାର ବନ୍ଦୋବସ୍ତ କରନ୍ତି, ଅନ୍ୟକୁ ପିନ୍ଧାଇବା ପରେ ନିଜେ ପିନ୍ଧିବାକୁ ବ୍ରତ କରନ୍ତି, ଅନ୍ୟକୁ ଥଇ ଥାନ କଲା ପରେ ନିଜେ ଆଶ୍ରା ଲୋଡ଼ନ୍ତି, ତେବେ ପ୍ରକୃତ ଗଣତନ୍ତ୍ର ଓ ପ୍ରକୃତ କମ୍ୟୁନିଜମ ମଧ୍ୟରେ ଆଉ କୌଣସି ପ୍ରଭେଦ ରହିବ ନାହିଁ; ଯାହାକୁ କି ଆମେ ଉପାରେ ସ୍ୱରାଜ୍ୟ ବୋଲି କହିବା।

ଆମେରିକାର ଟ୍ରୁମାନ ସାହେବ ତାଙ୍କ ଅନୁଚର ବୃନ୍ଦ ଯଦି ତାଙ୍କ ରାଜ୍ୟରେ ଥିବା ସବୁ ଗରିବଙ୍କ ଠାରୁ ଅଧିକ ଗରିବ ଭାବରେ ଚଳନ୍ତି, ନିଜର ବୋଲି କିଛି ନ ରଖନ୍ତି, ତେବେ ଯେ କେଇଜଣ କମ୍ୟୁନିଷ୍ଟ ତାଙ୍କ ଦେଶରେ ଅଛନ୍ତି, ସେମାନେ ଆଉ ସଂଖ୍ୟା ବୃଦ୍ଧି କରିପାରିବେ ନାହିଁ; ତାଙ୍କ ରାଜ୍ୟରେ ଥିବା ଗଣତନ୍ତ୍ର କମ୍ୟୁନିଜମ ସହ ଏକାମ୍ ହୋଇଯିବ। ରୁଷିଆର ଷ୍ଟାଲିନ ସାହେବ ଓ ତାଙ୍କର ସହଧର୍ମୀ ଶାସକ ମାନେ ଯଦି ସମସ୍ତଙ୍କଠାରୁ କମ ଦରମା ନିଅନ୍ତି, ସମସ୍ତଙ୍କ ଠାରୁ କମ୍ ଅଧିକାର ବୋଧ କରନ୍ତି, ତେବେ ସେ ଆଉ ଗୋପନରେ ହାଇଡ୍ରୋଜେନ ବମା ତିଆରି କରାଇବେ ନାହିଁ; ତାଙ୍କର କମ୍ୟୁନିଜମ ସହିତ ଡେମୋକ୍ରାସିର ଆଉ ବିରୋଧ ରହିବ ନାହିଁ। ଅସଲ କଥା ହେଉଛି ଶାସକ ନିଜେ ଆଗେ ନ ଭୁଞ୍ଜି ଅନ୍ୟଙ୍କୁ ଭୁଞ୍ଜାଇବାର ବ୍ରତ କରନ୍ତୁ, ତାର ସବୁ ଅଶାନ୍ତି ମୋହ ଓ ଅହଂକାର ଦୂର ହୋଇଯିବ; ନିଜକୁ ନିଜର ଛାଡ଼ିବା ବା ନିଜର ଚଳାଧାର ଓ ସଂସ୍କୃତିକୁ ସେ ଆଉ ବଡ଼ ମନେ କରିବ ନାହିଁ। ପୃଥିବୀର କୌଣସି ଅଞ୍ଚଳରେ ତାହାର ଆଉ ବିରୋଧ ରହିବ ନାହିଁ।

[ "ସ୍ୱରାଜ୍ୟ" ନାମକ ହାତ ଲେଖା ପୁସ୍ତକରୁ ]



Digitized by srujanika@gmail.com

ଅଛି ଯାହାକୁ ଏ ମାପରେ ମାପିହୁଏ ନାହିଁ, ଯାହାର ପ୍ରକାରର ହେତୁ ଏକ ପ୍ରକାର ଅନିର୍ଦ୍ଦିଷ୍ଟ ଆକାଂକ୍ଷାର ବେଗ। ସାହିତ୍ୟ ଏହି ଶ୍ରେଣୀର। ପ୍ରଥମେ ଦେଖାଯାଉ, ମନକୁ ଯାହା ସହଜରେ ଲାଗୁଥିବ। ଯେ ଲେଖକ ବୋଧ ହୁଏ ବହି ଲେଖେ ଲାଭପାଇଁ, ଯେପରି ମୂଲିଆ ମୂଲଲାଗେ ମୂଲପାଇଁ—ବ୍ୟବସାୟୀ ବ୍ୟବସାୟ କରେ ଲାଭ ପାଇଁ—କିନ୍ତୁ ବହି ଯେ ଲେଖେ ସେ ଜାଣେ ଏ ଦେଶରେ ଏ ଉଦ୍ଦେଶ୍ୟ ଅସମ୍ଭବ। ବର୍ଷ ବର୍ଷ ବିତିଯାଏ, ବହି ଛପା ହୁଏନାହିଁ। ସରିଲେ କାଗଜର ଦୁର୍ମୂଲ୍ୟ, ଲଭ୍ୟାଂଶର ସମସ୍ୟା। ମା ଜନ୍ମ ଦିଏ, କର୍ମ ଦିଏନାହିଁ; ଲେଖକ ଲେଖିଜାଣେ, ଆର୍ଥ ନୈତିକ ବିଷୟ ତାର ଶକ୍ତିର ବାହାରେ। ଏ ପର୍ଯ୍ୟନ୍ତ ଏଠି ସାହିତ୍ୟ ସେବା କାହାର ଜୀବିକା ବୃତ୍ତି ହୋଇ ପାରିନାହିଁ, ଜୀବିକା ବୃତ୍ତି କଷ୍ଟସ୍ୱ ଆଉ କିଛି। ଗଙ୍ଗାଧରଙ୍କର ଥିଲା ଭିକାରୀ ଓ ଲଜ୍ଜାକୃଷ୍ଣା। ଖଗେଶ୍ୱର ସେଠିଙ୍କର ଅଛି ମୂର୍ତ୍ତିଭଙ୍ଗା କାଠବିକା, ମାଛମରା, ବୃତ୍ତି ବନ୍ଧନ। ଆମେ ମୃତ ଆତ୍ମାପାଇଁ ତିଳ ତର୍ପଣ କରୁ, ଗଢ଼ୁ ସ୍ମୃତି ମନ୍ଦିର। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଲାଭର ଆଶା ନାହିଁ ତଥାପି ଲେଖାର ଭୂତ ଘୂରି ଖାଏ। ସ୍ୱଳ୍ପ ଅବସର, ଦୃଷ୍ଟି ଶକ୍ତି ଯାଏ, ସ୍ୱାସ୍ଥ୍ୟରେ ଘଟେ ଭଙ୍ଗ, ବୈଷୟିକ ଅବସ୍ଥାର ଘଟେ କ୍ଷତି।

ତେବେ ମୁଁ ଲେଖେଁ କାହିଁକି ? ତାର ସହଜ ଉତ୍ତର,—କାରଣ ଲେଖାମାତେ। ଏ ମୋ ମନର ସହଜ ସ୍ୱାଭାବିକ ପ୍ରକ୍ରିୟା।

ଏହି ପ୍ରକ୍ରିୟାକୁ ଆଲୋଚି ଦେଖିଲେ ପ୍ରଥମେ ଲାଗେ ମୁ ଲେଖେଁ କାରଣ ମୁଁ ଭଲପାଏଁ। ମୁଁ ମୋର ଦେଖା ଅଦେଖା ଜଗତକୁ ଭଲପାଏଁ, ମଣିଷକୁ ଭଲପାଏଁ, ଜୀବନକୁ ଭଲପାଏଁ। ମାଟିଅରେ ପାଣି ପଡ଼ିଲା ପରେ ଗନ୍ଧ ଉଠେଇ ଉଠେ ମୋ ଘଟରେ ମୋର ଭଲ ପାଇବା, ଉଚ୍ଛୁଳି ପଡ଼େ ହୁଏ ମୋର ଲେଖା। ଏହି ତୀବ୍ର ସମ୍ପର୍କ ଯୋଗୁଁ ଯେତେ ପ୍ରକାର ପ୍ରାଣର ଦାବି, ନିଜ ବାହାର ଲାଗି ମନର କୋହ ଅଯାଚିତ। ପରର ସମସ୍ୟା ପରର ଦୁଃଖ ନିଜର ହୋଇଥାଏ, ପୁଣି ବାହାରର ଆନନ୍ଦ ଉଲ୍ଲାସ ପଶେ ନିଜଠି

ଯେତେଥର ମୁଁ ଲେଖି ବସେ ସେତେଥର ମୋ ମନ କଲେବରରେ ନିବିଡ ସମ୍ପର୍କ ବାନ୍ଧେ ଏହିମାନଙ୍କ ସହିତ—ଏହିଦେଶ, ଯାହାର ପ୍ରତି ଧୂଳିକଣା ମୋ ପାଇଁ ସ୍ନେହର ସମ୍ଭାର। ଏହି ପ୍ରକୃତି--ଯାହା ମୋର ବ୍ୟକ୍ତିତ୍ୱର ଆଧାର, ଏହି ମଣିଷ, ସେ ଯେଉଁ ବର୍ଣ୍ଣରେ ଯେତେ ଦୂରରେ ଥାଉ ପଛେ ମୋଠି ତାଠିଁ ଏକା ରକ୍ତର ଧାର। ଏ ସମ୍ପର୍କ ଅତି ଘନିଷ୍ଠ ମିଳନ କ୍ରିୟା, ତାର ଆନନ୍ଦ ଅନନ୍ୟ ନାହିଁ। ତେଣୁ ପରିସ୍ଥିତିର ଅନ୍ଧାରରେ ଜାଳି ବସି ହୁଏ ଦୀପ ଶିଖା; ମିଳନରୁ ସୃଷ୍ଟି ଉପୁଜେ—ହେବେ ନାହିଁ ହେତୁବାଦୀ ଦୁନିଆର ହାଟରେ ତାର ମୂଲ ତଉଲ କେତେ !

ଭାବର ଗର୍ଭାଧାନରୁ ସାହିତ୍ୟର ଉତ୍ପତ୍ତି। ଲେଖକ କେବଳ ତାର କ୍ଷେତ୍ର। ଆଖି ନିରେଖି ଦେଖୁଥାଏ। ମନ ବିଶ୍ଳେଷଣ ସଂଶ୍ଳେଷଣ କରି ଛନ୍ଦରେ ଗୁନ୍ଥି ଥାଏ, ହୃଦୟ ମିଶାଉ ଥାଏ ରଙ୍ଗ, କଳ୍ପନା ପ୍ରବଣତା ଆବିଷ୍କାର କରି ଦେଉଥାଏ ପ୍ରାଣ, ଗତି, ହଜିଲା ଅତୀତରୁ ଦୂର ଭବିଷ୍ୟତକୁ ଖଞ୍ଜୁଥାଏ ପରସ୍ପର; ଏହି କ୍ରିୟା ଚାଲିଥାଏ ମନ ଗହୀରରେ ବହୁଦିନ ଅକ୍ଷରରେ ଜନ୍ମ ହେବାର ବହୁଦିନ ପୂର୍ବରୁ। ଦିନେ ସେ ସଂପୂର୍ଣ୍ଣ ହୋଇ ହୁଏ ଭାବରୂପ, ବ୍ୟକ୍ତିତ୍ୱରେ ଭାବର ଗର୍ଭାଧାନ ପ୍ରକାଶ ପାଇଁ ଚହଲ ପକାଏ। ସେତେବେଳେ ଅକ୍ଷର ପାଖେ ମୁଁ ଅକ୍ଷର ବସାଏ, ଭାବର ରୂପ ନିଜକୁ ପ୍ରକାଶ କରେ।

ଲେଖି ମନରେ ବୋଧ ହୁଏ-ଲେଖା ମୋତେ ଆନନ୍ଦ ଦିଏ ମୋ ନିଜତ ସ୍ୱାଧୀନ ବୁଦ୍ଧି ଓ ବିବେଚନାରେ ସବୁ କଥା ଦେଖି, ବୁଝି ଅର୍ଥ କରି ପ୍ରକାଶ କରିବାକୁ ସୁବିଧା ଦିଏ ବୋଲି। ଏ ଏକ ପ୍ରକାର ଆତ୍ମ ପ୍ରକାଶର ଆନନ୍ଦ ଏବଂ ସ୍ୱାଧୀନତାର ଆନନ୍ଦ ମିଶାମିଶି। ମନୁଷ୍ୟକୁ ନାନା ଦିଗରୁ ବୁଝି ବୁଝାଇବାକୁ ଚାହେଁ। ସେ ହିଏ ସିଧା ଠିଆ ଦି ଗୋଡ଼ିଆ ଜନ୍ତୁ। ମୁଣ୍ଡ ଆକାଶରେ, ପାଦ ମାଟିରେ। ଦେବତା ଓ ଦାନବ ଏକା ଘଟରେ, କୋଷ୍ଠୀରେ ବୃହସ୍ପତି ଓ ଶୁକ୍ର ଉଭୟଙ୍କ ପ୍ରଭାବ, ଏକା ଦେହରେ ନାନା ବ୍ୟକ୍ତିତ୍ୱ। ପାଖରୁ ଦେଖେଁ—ସେ ବିରାଟ—ତାର ମନହିଁ ଗୋଟେ ପୃଥିବୀ। ଅସଂଖ୍ୟ ତାରକାରଣ

ସତ୍ତାର ସବୁ ଖିଅ। ଦୂରରୁ ଦେଖେଁ ଆକାଶ ପର୍ବତ ତୁଳନାରେ ସ୍ଥୂଳ ଓ କାଳର ବିସ୍ତୃତିରୁ-ସେ କେବଳ ମୁହୂର୍ତ୍ତର କାରଣରେ ଉଡନ୍ତା ରଙ୍ଗ ଧୂଳି। କାରଣ ଧାରର ସେ ପାଖକୁ ଗଲେ ସେ ଅଦୃଶ୍ୟ। ଏକ ପକ୍ଷରେ ଦେଖେ ସ୍ରଷ୍ଟା ମନୁଷ୍ୟକୁ। ସଭ୍ୟତାର କାରିଗର,—ଭାବର ରାଜା--ଆର ପାଖେ ଦେଖେ ତାର ବିଫଳତାର କେତେ—ଫୁଲ ପାଖୁଡ଼ାକୁ ସରି ନୁହେଁ ଜୀବନ ବ୍ୟାପୀ କାବ୍ୟ ପ୍ରଚେଷ୍ଟା। ଆପଣା ହାତରେ ଗୋପିଲା ଗଛର ଆୟୁଷକୁ ସରିନୁହେଁ ଆପଣା ଆୟୁଃ କାଳ। ସେହି ମନୁଷ୍ୟକୁ ଦେଖେ ତାର ଦଳରେ, ସଂହତିରୁ ପାଏ ସେ ନୂଆ ବଳ, ନୂଆ ସୌନ୍ଦର୍ଯ୍ୟ, ଇତିହାସ ଗଢ଼େ। ପରିବେଷ୍ଟନୀର ପ୍ରଭାବରେ ତାର ରୂପାନ୍ତର ଦେଖେ। ସମ୍ପର୍କର ରୂପକୁ ଏତେ ଦେଖେ ତାର ଭାବରେ ରୂପାନ୍ତରିତ ପ୍ରକାଶ। ପ୍ରତ୍ୟେକ ଅବସ୍ଥାରେ ଦେଖେ ତାର ପ୍ରାଣ ପ୍ରାଚୁର୍ଯ୍ୟ, ବଞ୍ଚିବାର ଆନନ୍ଦ। ତାର ଅପରାଜେୟ ଚରିତ୍ରର କ୍ରିୟା ଦେଖେ। ଦେଖେ ସେ ଅନ୍ଧାରରୁ ଆଲୋକକୁ ଗତିଛି। ଦୁଃଖର ସମୁଦ୍ର ମନ୍ଥି ପାଇଛି ଆନନ୍ଦର ଅମୃତ, ଏତେ ଦିଗରୁ ଦେଖି ଆଙ୍କିବାକୁ ସୁଯୋଗ ଦିଏ ଲେଖା, ଭବିଷ୍ୟତକୁ ତାର ଗୋଟାଏ ମହାନ୍ ଉଦ୍ଦେଶ୍ୟ ଅଛି—ଯେ ମଣିଷ ନିଜକୁ ବୁଝିବ, ପରସ୍ପରକୁ ବୁଝିବ ତେବେ ସେ ଆଉ ଲଢ଼ି ପାରିବ ନାହିଁ, ଦୋଷ ଦେବ ନାହିଁ, ହିଂସା କରିବ ନାହିଁ, ଲେଖା ସେହି ଅସଂଖ୍ୟ ମାନବ ହୃଦୟକୁ ଯୋଖିବା ପାଇଁ ସେତୁବନ୍ଧ, ଏବଂ ସେହି ସେତୁବନ୍ଧ ଗଢିବା ପାଇଁ ଲେଖକ ବି ଜଣେ ସାନ ଗୁଣ୍ଡୁଚି ମୂଷା, ବାଲି ବୁହାଳି। ପୁଣି—ଲେଖିଲେ ମିଳେ ଆବିଷ୍କାର କରିବାର ଗଭୀର ଆନନ୍ଦ। ଆବିଷ୍କାରକ କ୍ଷୁଧା ତୃଷ୍ଣା ଭୁଲି ମାତିଯାଏ ଗୋଟାଏ କୁତୂହଳ ନିଶାରେ—ଅଦମ୍ୟ କେଉଁ ଅନ୍ତର୍ଯ୍ୟକର ଗୁଣର ତାଡନାରେ ଦୂରକୁ, ଦୂରକୁ। କିଏ ଖୋଜେ ନକ୍ଷତ୍ରର ଗୁପ୍ତ ଜନ୍ମ ଗହ୍ୱର, କିଏ ଚଢ଼େ ପର୍ବତ, କିଏ ଲୁଚିଲେ ଦେଶ, କିଏ ଅବା ଶଜପୁଷ୍ଟ ସଂସାର ଛାଡି ଧାଇଁ ଯାଏ ମଣିଷରେ ଦୁଃଖର ହେତୁ ଆବିଷ୍କାର କରିବାକୁ। ଲେଖକ କଳାର ସଂଧାନୀ ସେ ଆବିଷ୍କାର କରେ ମନର ପ୍ରକ୍ରିୟା, ପ୍ରକୃତିର ହେତୁ। ସାଧାରଣରେ ଅସାଧାରଣ



Digitized by srujanika@gmail.com

ଦେଖେ, ଗୋଡ଼ଦଳା ଘାସରେ ପାଏ କବିତା । ରାସ୍ତାରେ ଭିକାରି ଗାଉଛି, କେହି ତାହା ଆଉକୁ ଦୁଇଥର ଶୁଣେଁ ନାହିଁ । କିନ୍ତୁ ଲେଖକ ସେଠି ସୃଷ୍ଟି ଖୋଜେ, କଳାକାର ମନ ତାକୁ ଆବିଷ୍କାର କରେ । କିଏ ସେ? କଣ ତା'ର ଉପାଦାନ ? ଅତୀତର କେଉଁ କାରଣ ସମଷ୍ଟିର ଫଳ ? ଭବିଷ୍ୟତକୁ କଣ ତା'ର ପ୍ରବଣତା ? ବିଭିନ୍ନ ସମ୍ବନ୍ଧରେ କିପରି ତା'ର ବ୍ୟକ୍ତିତ୍ୱର ପ୍ରକାଶ ? ଲେଖାର ପାତ୍ର ପାତ୍ରୀ କାଗଜର ପୃଷ୍ଠାରେ ଆସି ଠିଆ ହୁଅନ୍ତି । ମେଲି ଦିଅନ୍ତି ତାଙ୍କର ସମସ୍ୟା, ତାଙ୍କର ଜୀବନର ଖେଳ, ନୂତନ ଦେଖା ଉପାଦାନକୁ ଆବିଷ୍କାର କରି ମିଳେ ସାହିତ୍ୟର ବିଷୟ ବସ୍ତୁ, ସୃଷ୍ଟି ହୁଏ କୃତି ।

ତା'ପରେ — ଲେଖି ବସିଲେ ସର୍ଜନର ଆନନ୍ଦ । ଧାତା ଗଢ଼ିଛି ଗଢ଼ୁଛି ଏ ବିଶ୍ୱକୁ । ତା'ର ମନୁଷ୍ୟର ଅନୁଭୂତି ଥିଲେ ଅବଶ୍ୟ ସେ ଆନନ୍ଦ ପାଉଥିବ, କାରଣ ସର୍ଜନରେ ହିଁ ତ ଆନନ୍ଦ । ଏହା ମନୁଷ୍ୟ ଚେତନର ଆଦିମ ବିଶିଷ୍ଟତା । "ଇମେ ମେ ମାନସପୁତ୍ରାଃ ।" ଏହି ଏତେ ପ୍ରକାର, ସବୁ ମୋର, ସବୁ ମୋର । ମୁଁ ଗଢ଼ିଛି, ମୋର ଖଣ୍ଡ ଖଣ୍ଡ ବ୍ୟକ୍ତିତ୍ୱ ଏମାନେ, ତାଙ୍କର ଗଢ଼ଣରେ ନାହିଁ କେବଳ ମୋର ଚେଷ୍ଟା ସେ । ଆହୁରି ଅଧିକ—ଆହୁରି ଅଧିକ । ମୋର ଆଘାତ ସବୁ ବାଣ୍ଟି ଦେଉଛି ମୁଁ ଏମାନଙ୍କୁ । ସବୁ ଲମ୍ବ ଲମ୍ବ ଦୀର୍ଘଶ୍ୱାସ, ସବୁ ଆଶା, ସବୁ ସ୍ୱପ୍ନ, ମୋର ବାଣୀ, ମୋର ନୀରବତା, ଏମାନେ ମୋର ମନ ଗହନରେ ମୁହୂର୍ତ୍ତ ମୁହୂର୍ତ୍ତକର ଶସ୍ୟ-ସମ୍ଭାର । ଏମାନେ ମୋର ଇତିହାସ, ଜୀବନ ବ୍ରହ୍ମ ମାନସ ପୁତ୍ର ଗଢ଼ିଛି, ମୁଁ ଗଲେବି ଏମାନେ ରହିବେ । ଏ ସର୍ଜନର ନାହିଁ ପରିବେଷ୍ଟନୀର ସୀମା ବନ୍ଧନ, ନାହିଁ ଅତୀତ ଓ ଭବିଷ୍ୟତର ବ୍ୟବଚ୍ଛେଦ । ଏହି ସୃଷ୍ଟି ଖେଳରେ ପ୍ରକାଶ କରେ ଯାହା ମୁଁ ବୁଝେଁ ସତ୍ୟବୋଲି, ଯାହା ମୁଁ ଭାବେଁ ଅର୍ଥ କି ଉଦ୍ଦେଶ୍ୟ । ଦିନକୁ ଲୋକେ ନିଦବେଳାରେ ଘର ସଂସାର କରିବାକୁ କାନ୍ଦୁ ଦିଅନ୍ତି, ହସୁ ଦିଅନ୍ତି, ଓହ୍ଲାନ୍ତି ପର୍ଦ୍ଦା— ଭିନ୍ନ ଭିନ୍ନ କଥା କହନ୍ତି, ଅଭିନୟ କରନ୍ତି— ବିଚିତ୍ର ଲେଖକର ବୁଦ୍ଧି ଘୋଷାରି ନିଏ ତାକୁ ଦୁନିଆର ଦାଣ୍ଡ ପର୍ଯ୍ୟନ୍ତ, ଓଲଟ ପାଲଟ, ତା'ର ସବୁ ଜଣା ଶୁଣା, ତେଣୁ ଏ ଏକ ଅଗ୍ନି ପରୀକ୍ଷା—ଯାହା ଲେଖକର ପ୍ରକୃତ ଚରିତ୍ରର ପରେ ତା'ର ଲେଖାର ସାହିତ୍ୟିକ ମୂଲ୍ୟର । ପରୀକ୍ଷାର ଦାଉ ମଣିଷକୁ ସଜାଗ ରଖେ । ଚେତନ ମନର ସାଧନା ଦ୍ୱାରା ଲେଖକ ବାଧ୍ୟ ହୁଏ ଜାଗ୍ରତ ମନର ଉତ୍କର୍ଷ ବଢ଼ାଇବାକୁ ।

କିଏ ଏଥିରେ କେତେ ଦୂର ସମର୍ଥ ହୋଇଛି ତା କହିବ ଭବିଷ୍ୟତ । କିନ୍ତୁ ଏ କଥା ଦୃଢ଼ ସ୍ୱରରେ କୁହା ଯାଇ ପାରେ ଯେ ପୃଥିବୀରେ ଉତ୍କୃଷ୍ଟ ଲେଖକ ବୋଲି ଯେଉଁମାନେ ଅମର ହୋଇଛନ୍ତି ସବୁ ଦେଶରେ ସେମାନେ ଥିଲେ ଋଷି, ସିଦ୍ଧ, ପବିତ୍ର ସାଧକ । ସେମାନେ ଗାନ୍ଧୀ, ଜୟଦେବ, ବାଲ୍ମିକି, ଜଗନ୍ନାଥ ଦାସ, ସାରଳାଦାସ ଦଳ । ଚରିତ୍ରରେ ହୀନ ବଳ ଲେଖକର ଲେଖାର ନାଁ ସନ୍ଦେହରେ ଟଳ ଟଳ ହଲ ହଲ, ଯଶସ୍ପୃହା ଭୋଗର କାମନାର ଉତ୍ତେଜନା ପଛ କ୍ଷଣ-ସ୍ଥାୟୀ ସେ, ଭିତରର ପ୍ରବୋଧ-ବାଦ ।

ଏଇଠି ଦେଖୁଁ କିପରି ସ୍ପଷ୍ଟରେ ସାହିତ୍ୟ ଉପରେ ଜୀବନର ପ୍ରଭାବ ଜୀବନ ଉପରେ ସାହିତ୍ୟର ପ୍ରଭାବ ହୋଇ ଓଲଟି ପଡ଼େ ପ୍ରତି ଜୀବନରେ । ପ୍ରଥମେ ଆଦର୍ଶବାଦ ଓ ଅଗ୍ନି ପରୀକ୍ଷାର ଉଲ୍ଲାସ ବା ଭୟରେ ଜୀବନର କ୍ରମ ଉପରେ ପ୍ରଭାବ ପଡ଼େ ସିଧା ସିଧା । କିନ୍ତୁ କେବଳ କଣ ଏତିକି ? ଏତିକି ନୁହେଁ, ସାହିତ୍ୟ ବାଟେ ନିରୁଦ୍ଧ ମନର ଯେଉଁ ପ୍ରକାଶ ତହିଁରେ ମନ ନିର୍ମଳ ହୁଏ । ନିରୁଦ୍ଧ ମନର ଯେଉଁ ଅପେକ୍ଷା ଆଶା ଆକାଂକ୍ଷା, ଯେତେ ଇଚ୍ଛା, ଯାହା ସବୁ ଅଚେତ ମନରେ ହତାହତ ଧାରଣାର ସଂସ୍କାର ଯୋଗୁଁ ପଦକୁ ପ୍ରକାଶ କରିହୁଏ ନାହିଁ ସେ ସବୁ ବେଶୀ ହୋଇ ଗୁପ୍ତ ହୋଇ ରହିଲେ ହଠାତ୍ ଦିନେ ପୁଞ୍ଜିତ ହୋଇ ଡାକୁଣୀ ଚେହେରା ଧରେ ଅର୍ଥାତ ମଣିଷ ପାଗଳ ହୁଏ । ଅଳ୍ପ ଅଧିକରେ ପ୍ରତି ମୁହୂର୍ତ୍ତରେ ଘଟାଉଥାଏ ଚରିତ୍ରବିକୃତି, ଯହିଁରୁ ହିଂସା ଉପୁଜେ, ଯାହାଲାଗି ଜଗତରେ ଅଶାନ୍ତି, ପ୍ରଳୟ, ଯୁଦ୍ଧ । ଲେଖିଲେ ରୁଦ୍ଧ ଭାବନା ଯେତେ ସବୁ ଲେଖା ବାଟେ ପ୍ରକାଶ ପାଏ, ଆପଣା ମନ ଗହନର ଅପେକ୍ଷା ଆଶାକୁ ସାହିତ୍ୟିକ ମେଣ୍ଟାଇ ପାରେ ତାର ହାତଗଢ଼ା ଚରିତ୍ରମାନଙ୍କ ଦ୍ୱାରା, ତାଙ୍କର ଦ୍ୱାରା ତାର ପ୍ରକୃତି ଚରିତାର୍ଥ ହୋଇ ପାରେ, ମନର ବେଦନା ପ୍ରକାଶ କରି ଲାଘବ କରିପାରେ ବିଷାଦ ବର୍ଣ୍ଣନାରେ, ସେହିପରି ମନର ବିକ୍ଷୋଭ, ଆଘାତ ପାଇ ପ୍ରତିଘାତ ଦେଇପାରେ ସାହିତ୍ୟିକ ପଥ ବାଟରେ । ମନୁ କ୍ରୋଧ, ବୋଧ, ମନରେ କିଛି ରହେ ନାହିଁ ବାକି, କିଛି ରହେ ନାହିଁ ତଳାତଳ । ତେଣୁ ଆମେ ଦେଖୁଁ ବ୍ୟକ୍ତିଗତ ଜୀବନରେ ସାହିତ୍ୟିକର ଯାହା ଅଭାବ, ଦୈହିକ ବା ମାନସିକ, ତା'ର ସାହିତ୍ୟର ରଚନା ବସ୍ତୁରେ ତା ପୂର୍ଣ୍ଣ ହୋଇଛି । ଏବଂ ଓଲଟି ଦେଖିଲେ ଜଣା ପଡ଼ିବ ଯେ କୌଣସି ଲୋକର ଜୀବନ ଓ ସାହିତ୍ୟ ସାଧନା ପରସ୍ପରକୁ ଅବଲମ୍ବନ କରି, ପରସ୍ପରକୁ କରେ ପ୍ରଭାବିତ । ନିଜ ଜୀବନର ଢଙ୍ଗରେ ଯେ ଲେଖା ଗଢ଼ିହୁଏ ସେ କଥା କହିବା ବାହୁଲ୍ୟ । ଦର୍ପଣରେ ଛବି ପଡ଼ିଲା ପରି ଲେଖାରେ ସମୁଦାୟ ବ୍ୟକ୍ତିତ୍ୱ ସମୁଦାୟ ଜୀବନର ଅନୁଭୂତି ଦିଶେ ଝଲ ଝଲ । ଅତି ସାଧାରଣ କଥା ଦେଖାଯାଉ—ଲୋକର ଗଳ୍ପ ଦେଖି ତାର ଧାରଣା ସୃଷ୍ଟି ହେବ, ହସ୍ତ ଅକ୍ଷରରୁ ଚରିତ୍ର ଜଣା ପଡ଼ିବ, ଲେଖାର ସମୁଦାୟ ଚରିତ୍ରକୁ ଚିହ୍ନେଇ ଦେବ, ସାଂସାରିକ ବ୍ୟବହାରରେ ସମାଜର [illegible], ନୀତିର ଚମ୍ପୁ ଲେଖା ଅର୍ଥ ତ ଲୋକେ କହୁଣ କହିବେ ଏ ଧାରଣା ଲୋଭ ଲୋକସାଧାରଣର ଚତୁର, ଆପଣାର ସ୍ୱାର୍ଥ, ଏପରି ଅନେକ ଗୁଡ଼ିଏ କାରଣ ମନୁଷ୍ୟର ଚେତନ ମନରେ ଶିଙ୍ଗୁଆଳ ପରି ଉଜାଗର ରହି ଭିତରର ମନର ପ୍ରକୃତ ଇଚ୍ଛାକୁ ଦବାଇ ରଖେ । ଯାହା ପ୍ରକାଶ ପାଏ ତାହା ସେହି ଭିତରି କଥାର ରୂପାନ୍ତର । କିନ୍ତୁ ଲେଖି ବସିଲେ ଏସବୁ ପ୍ରତିବନ୍ଧକ ଅଳ୍ପ ଥାଏ । ଲେଖିଲା ବେଳେ ମନର ଅବସ୍ଥା ଏକ ପ୍ରକାର ଅର୍ଦ୍ଧ ସୁପ୍ତି ଅବସ୍ଥା, ମନ ଭିତରର ସତ କଥା ପଦାକୁ ବାହାରେ । ଯେଉଁଠି ଏଠି ଲେଖକ ଆପଣା ହାତ ଲେଖା ଛାପିବା ଅକ୍ଷରରେ ଥରେ ମିଳିଲା ବେଳେ ଥାନ ଅଥାନରେ ଗୋଟାଏ ଗୋଟାଏ ଶବ୍ଦ ଦେଖି ଚମକି ପଡ଼େ ଉତ୍ତର ହୋଇ ତାକୁ କାଟି ଦିଅନ୍ତି ପୁଣି



Digitized by srujanika@gmail.com

ତାପରେ ନାନା ପ୍ରକାର ଗାଳି ଗଲ କରି ସେହି ଅଶାନ୍ତ ମନ ଭାବକୁ କଳାପର୍ଦ୍ଦା ସମ୍ଭାର ତଳେ ଲୁଚାଇବାକୁ ଚେଷ୍ଟା କରନ୍ତି । ସେମାନେ ସମସ୍ତେ ଅନୁଭବ କରିଥିବେ ଲେଖା ବେଳର ଏହି ଅବସ୍ଥା, କିପରି ନିଜ ଅଜାଣତରେ ମନର ଦୁଆର ଖୋଲିଯାଏ ବାହାର ଆସେ ସେହି ସତ୍ୟ ଯାହା ଦେଖିଲେ ନିଜର ଜାଣିଲା ମନର ବିସ୍ମୟ ଆସେ । ସାମନାରେ ଦର୍ପଣ ଥୋଇ ଲେଖାବେଳେ ହଠାତ୍ ବୁଲିଲେ ଦିଶିଯାଏ ନିଜ ମୁହଁର ଅପ୍ରାକୃତ ଅବସ୍ଥା ଅର୍ଥାତ୍ ଯାହା ପ୍ରକୃତ ଅବସ୍ଥା, ମୁହଁର ପାଣି କେନ୍ନେ, ଆଖିର ତାର ଅସ୍ୱାଭାବିକ । କପାଳରେ ଭାବର ମେଘ— କାଳିମା । ଏତ ଗଲା ସାଧାରଣ ଝିଟି ଲେଖାଳିଙ୍କ କଥା, ଆଉ ଯେ ଲେଖକ, ଯେ ଅଳ୍ପ ବେଳ ପାଇଲେ ଟେବୁଲରେ ହାତ ଥୋଇ ଦେଇ କାଗଜ ଉପରେ ଝୁଙ୍କିପଡେ ତାରତ ମନର ଦୁଆର ଖୋଲିହିଁ ରହିଥାଏ । ନିଜ ସଙ୍ଗେ ଯୁଦ୍ଧ କରି ଆପଣାକୁ ଘେରିଥିଲେ କଲମ ଚଳାଇବା ସହଜ ନୁହେଁ, ତେଣୁ ଲେଖକ ପାତ୍ର ପାତ୍ରୀଙ୍କ ମୁହଁରେ, ଭାବ ବିନ୍ୟାସରେ, ରଚନା ଭଙ୍ଗୀରେ ବାରମ୍ବାର ନିଜକୁ ଧରାଦେଇ ପକାଉଥାଏ, ଯେବେ ହେଲେ ଲୋକେ ଜାଣିବେ ସେ ଲୋକଟା ପ୍ରକୃତରେ କଣ, ତାର ଗଣ୍ଠିଧନ କଣ, ତା ମନର ଗୋପନ ବିକାର କଅଣ । ସେତେବେଳେ ଗଣ୍ଡା ଗଣ୍ଡା ନିର୍ଦ୍ଦୟ ଆଖି ତରବରି ଦେଖିବ ତାର ଅନ୍ଧାର ଗମ୍ଭୀରର ଭିତର କଥା । ସଫେଇ ଦେଇ ଭଲେଇ ହେବାକୁ ସେଠି ସେ ଥିବ ନାହିଁ । ଶୁଣିବାକୁ ପଡିବ ଦଶ ତୁଣ୍ଡର ଶହେ କଥା । ଜଗତର ବିଚାରର ନ୍ୟାୟ ମୁଣ୍ଡପାତି ନେବାକୁହିଁ ପଡ଼ିବ । କେହି କ୍ଷମା ପାଇ ନାହିଁ କେହି ପାଇବହିଁ ନାହିଁ । ଲେଖକ ତାର ଲେଖାରେ ଚରିତ୍ର ମାନଙ୍କୁ ଗିରି ଲଙ୍ଘାଉଛି, କରୁଛି ଯୋଦ୍ଧା ବୀର, କପର୍ଦ୍ଦକ-ହୀନ ତାର ଲେଖାରେ ଧନୀକ ଚରିତ୍ର ବର୍ଣ୍ଣନା କରୁଛି, ଆଙ୍କୁଛି ରାଜସୁଖ, ସଂସ୍କାର ଯୋଗୁଁ ବାଧରେ ସୁବୋଧ ଭଦ୍ର ହୋଇଥିବା ଲେଖକ ତାର ଲେଖାରେ ବର୍ଣ୍ଣନା କରୁଛି ଅଭଦ୍ର, ଅଶ୍ଲୀଳ ଜୀବନ । ଲୋକେ କହିବେ ଓ କହନ୍ତି ଯେ ଏ ଏତ ପ୍ରକାର ଜୀବନ-ବିମୁଖ ପଳାୟନ ପନ୍ଥୀ ମନୋବୃତ୍ତି । କିନ୍ତୁ ଏହି ପରି ପଦେ କଥାରେ ମାର୍କା ମାରି ଦେଇ କଥାଟିକୁ ଉଡ଼ାଇ ଦେଲେ ଚଳିବ ନାହିଁ ବରଂ ଏପରି ସମାଲୋଚନା-କାରୀହିଁ ପଳାୟନ ପନ୍ଥୀ ବୋଲି କୁହାଯାଇ ପାରେ କାରଣ ସମାଲୋଚନାର ଉଦ୍ଦେଶ୍ୟ ହେଉଛି ମେହନତ କରି ବୁଝି ବୁଝାଇବା । ଲେଖକର ଲେଖା ଓ ଜୀବନର ବାସ୍ତବ ବସ୍ତୁ, ଏହି ଯେ ଓଲଟା ହୋଇଥିବାର ଦେଖେ ତାର କାରଣ ହେଉଛି ଯେ ମନୁଷ୍ୟ ଆପଣାର ସୁବିଧା ଅନୁସାରେ ଆପଣାର ମନ ମାପି ଉପାଦାନ ଗୋଟେଇ ନେଇ ଘରବାନ୍ଧି ବସେ । ଏ ତାର ସହଜାତ ଗୁଣ । ବ୍ୟକ୍ତିଗତ ଜୀବନରେ ସୁବିଧା ଗୋଟାଇବାର ପରିସର ସଂକୀର୍ଣ୍ଣ ଓ ସୀମାବଦ୍ଧ । ସାହିତ୍ୟର ସୃଷ୍ଟିରେ ସେ ସୀମାବଦ୍ଧ ନୁହେଁ, ସେଠି ସୀମାହିଁ ନାହିଁ । ପୋଥିଗତ ପରିସର ଲେଖକର ଇଚ୍ଛାଧୀନ । ସେ ସୃଷ୍ଟିରେ ସେ କର୍ତ୍ତା । ନିଜ ସୃଷ୍ଟି ଘଟଣାରେ ଅର୍ଥାତ୍ ନିଜ ଜୀବନରେ ସେ କର୍ମ । କର୍ମ ଯେତେବେଳେ କର୍ତ୍ତା ହେବାକୁ ସୁବିଧା ପାଏ ସେ ଓଲଟି ଯାଏ, ସେ ପଳାୟନ ପନ୍ଥୀ ନୁହେଁ, ଏ କେବଳ ସୃଷ୍ଟି କୌଶଳ, ତେଣୁ ମୁଁ ଦେଖିଛି ଯେତେଥର ମୁଁ ଲେଖି ସାରିଛି ଅନୁଭବ କରିଛି ମନରେ ଓଜନ ମାଣ ନାହିଁ, କ୍ଷୋଭ ନାହିଁ, ଦୁଃଖ ନାହିଁ, ପ୍ରଚୁର ଆନନ୍ଦ, ଠିକ ଯେପରି ଗାଧୋଇ ସାରି ପେଟ ପୂରି ଖାଇ ଶାନ୍ତ ହୋଇ ବସିଛି । ସଂସାରର ଜଞ୍ଜାଳ ଯାଇଛି ପିଟିଏ, ପିଟିଏ, ମନ ଗହ୍ୱରକୁ ଭେଦ ନାହିଁ, ସେଠି ନାହାନ୍ତି ଅନ୍ଧାରର ଭୂତ ପ୍ରେତ—ଅଶାନ୍ତ ଭୈରବଙ୍କୁ । ଏହା ସାହିତ୍ୟର ପ୍ରତ୍ୟକ୍ଷ ପ୍ରଭାବ ଜୀବନ ଉପରେ । ଜଞ୍ଜାଳ ଛୁଏ ନାହିଁ; ଅମେଣ୍ଟା ଆଶା ଦୁଃଖ ଦିଏ ନାହିଁ, କ୍ଷୋଭ ନାହିଁ, ଶୋକ ନାହିଁ, ଯାହା କିଛି ହେଲେ ପ୍ରକାଶ କରିଦେଇ ଶାନ୍ତି ପାଇବାକୁ ମାର୍ଗ ରହିଛି । ବରଂ ସାହିତ୍ୟକର ଦୁଃଖହିଁ ସାହିତ୍ୟର ପ୍ରକୃଷ୍ଟ ଉପାଦାନ, ଛୁଞ୍ଚି ପରି ତୀକ୍ଷ୍ଣ ଦୁଃଖ, ସୁଚିପଣର ଶବ୍ଦ । ଯେତେ ଫୋଡ଼ୁଥାଏ ସେତେ ବାହାରୁ ଥାଏ ସାହିତ୍ୟ— ସୁଚେ ବଦାମି— ବାଙ୍କ ହେଲେ ମୁଁ ଗାଏଁ । ନିଜେ ନ କାନ୍ଦିଲେ ପରକୁ କନ୍ଦାଇ ହୁଏ ନାହିଁ, ଭୋକେ ଓପାସ ଗୀତ ଗାଏ । ଏଇଠି ଦେଖି ସାହିତ୍ୟର ଜୀବନ ଉପରେ ପ୍ରଭାବ, ଯେ ସାହିତ୍ୟ ଜୀବନର ଅମେଣ୍ଟ ଆଶା ମେଣ୍ଟାଇ ଆନନ୍ଦ ଦିଏ । ଲେଖକର ଜୀବନ ତେଣୁ ହୁଏ ଅନୁଭୂତି-ବହୁଳ, ଚିନ୍ତା-ବହୁଳ, ଜୀବନର ଭୋଗର ପରିସର ସୀମାବଦ୍ଧ, ସାହିତ୍ୟିକ ତାର ଲେଖାରେ ସେ ସୀମା ଭାଙ୍ଗି ଦିଏ । ଚିତ୍ରକରର ତୂଳି ତଳେ ଲେଖକର କଲମ ତଳେ ଫୁଟି ଉଠେ ସହସ୍ର ସହସ୍ର ଜୀବନ, ଲକ୍ଷ ଲକ୍ଷ ଅବସ୍ଥା ଓ ଘଟଣା, ଅକଳନ ଅନୁଭୂତି, ଅସମ୍ଭାବ୍ୟ ସୌନ୍ଦର୍ଯ୍ୟ ସମାବେଶ, କାମନାର ଏପରି ସମ୍ଭୋଗ ଯାହା କୌଣସି ମୋଗଲ ସମ୍ରାଟଙ୍କ ଦ୍ୱାରା ବି ସମ୍ଭବ ହୋଇନାହିଁ ତ୍ୟାଗର ଏପରି ତପସ୍ୟା ଯାହା ଯତି ଦେହଧାରୀର କଳ୍ପନାର ଅତୀତ । ଇଚ୍ଛା-ଜନ୍ମ, ଇଚ୍ଛା-ମୃତ୍ୟୁ, ଇଚ୍ଛା-ମିଳନ, ଇଚ୍ଛା-ବିଚ୍ଛେଦ, ସାହିତ୍ୟରେ ସବୁ ଇଚ୍ଛାର ଅଧୀନ । ଜଡ଼ ଜୀବନରେ ପଦେ ପଦେ ବାଧା, ପଦେ ପଦେ ଅପୂର୍ଣ୍ଣତା, । ସମ୍ଭବ, ଅସମ୍ଭବର ହିସାବ କସା । ମପା ଚୁପା ଜୀବନର ଭାର ବହି ଦାନା ପାଣିର ପଶୁ ଯୁଦ୍ଧରେ ମତି ରହି ସାଧାରଣ ମନୁଷ୍ୟ ଯେତେବେଳେ ତମ୍ବା, ରୂପା, ସୁନା, କାଗଜ, ଇଟା, ଚୂନ, ବାଲି ମାଟିରେ ଧନ ଓ ପ୍ରତିଷ୍ଠାର ଆଦର୍ଶ ସ୍ଥାପି ଆପଣା ଆପଣା ସାନ ପିଞ୍ଜରା ଭିତରେ ଛଟପଟ ହେଉଥାନ୍ତି ସେତେବେଳେ ଲେଖକ ଉଡ଼ିଯାଏ ଉପରକୁ ଈଶ୍ୱର ସୃଷ୍ଟି-ବିରାଟ ଜୀବନର ଅସଂଖ୍ୟ ଅଣୁ ପରମାଣୁ ଆପଣା ଭିତରେ ଉପଭୋଗ କରିବାକୁ । ଜୀବନରେ ପାଏ ପୂର୍ଣ୍ଣ ଅନୁଭୂତି-ମୟ ସାହିତ୍ୟିକ ନିର୍ବାଣ । ମରଣରେ ପାଏ ଅକାଂକ୍ଷିତ ସ୍ୱର୍ଗ, ଅମିତାଭ ଆଲୋକର ବିସ୍ତୃତି । ଲେଖକ ଜୀବନର ପରିଚୟ ଓ ସମ୍ଭାବ୍ୟ ପରିସର ଏହି ପରି । କାହିଁକି ମୁଁ ଲେଖେଁ ? ବୋଧହୁଏ ଏଇଥିପାଇଁ ।

ସମସ୍ତ ପ୍ରକାର
ସୁନ୍ଦର ଛପା କାମ ପାଇଁ
ଡଗର ପ୍ରେସ,
ପୀଠାପୁର
କଟକକୁ
ନିର୍ଭର କରି ପାରନ୍ତି



Digitized by srujanika@gmail.com



ନାଗ ବଲମରୁ

## ଜାଗରେ ଖୋରଧା

ଜାଗରେ ! ଖୋରଧା ! ଜାଗରେ ଖୋରଧା !
ତରୁଣ-ଅରୁଣ-ଅରୁଣ-ରାଗେ,
ଗୃହଁ ଚକ୍ଷୁଡୋଳ ବଜାଇ-ନିଶାଣ
ଉଡ଼ ଉଡ଼ ଯାଏ ତୋ ପୁରୋଭାଗେ ।
ଜାଗରେ ଖୋରଧା ! ଜାଗରେ ଖୋରଧା !
ଶୁଣ ଯାତ୍ରାର ଶୁଭଆହ୍ୱାନ
ଯୁଗେ ଯୁଗେ ଯାହା ସାରା ଆର୍ଯ୍ୟାବର୍ତ୍ତେ
ଥିଲୁ ତୁ ଭାସ୍ୱର-ଗରିମାମାନ !
ମନେ ପଡ଼େନି କି ଅତୀତ ଗରବ
ଅତୀତ ବିଭବ ଅତୀତ ଶିରୀ ?
ଅଛୁତ 'ସ ଲଗ୍ନ' 'ଗଡ଼ଶିଳା, ଆଉ --
ଗାଧିବ' ସେ କେଉଁ ଅଛି 'ଭୁଲେଶ୍ୱ' ?
ଆକାଶେ ଯୁଗେ ନକହନ୍ତି କହେ !
ଅତୀତର ପୂତ ଗରିମା କଥା ?
କାହାର ତୋପୁଟେ ଗୋଟି ଗୋଟି ହୋଇ—
ଦେଶପାଇଁ ଦେଇଥିଲେ ଲୋ ମଥା !
ଫିରଙ୍ଗୀ ସମରେ ପଡ଼ିଲ ଚହଳ
ଚହଳି ଫିରିଙ୍ଗି ଖଞ୍ଜିଲେ ହୁଦ,
ଖୋରଧାର ଖାର— ପାଇକର ଖର—
ଆଜିମନେ ଗଲା ମୁଲକ ଥର ।
ଏ ଗର ସେପରି ବିଦେଶୀ-ବଣିକ
ପଶୁଥିଲ ଦେଶେ ବାଣିଜ ପାଇଁ
ବାଣିଜ୍ୟ-ଛଳନା- ଜାଲ ବିଛାଇ ସେ
ଭାରତ-ହୃଦୟେ ପଶିବ ଯାଇ ।
ଭାରତ ମୁଲକ ହୋଇଗଲ ନାଲି
ଭାରତେ ହୋଇଲେ ଫିରଙ୍ଗି ରଜା,
ହିମାଚଳ ଠାରୁ ସିନ୍ଧୁଚଳଯାଏ
ବାଜିଲ ଫିରଙ୍ଗି-ବିଜୟ-ବଜା ।
'ଗଙ୍ଗା' 'ଗୋଦାବରୀ'— ପଦ୍ମେ ପଦ ଧୋଇ
'ବଙ୍ଗାଳ' 'ତେଲଙ୍ଗୁ' ବରଲେ ଘରେ
(କେବଳ) ଜଳିଲା ସେଦିନ ମୁକତି-ବାଡ଼ବ
ବକ୍ସି ଏଇ ସେ ଖୁଲଆ ପୂଲେ ।
ବାଣପୁର ଶୁଭେ— ଭଗବତୀ-ପଦ
ଜୟ-ଜୟନ୍ତିକା ଉଠିଲ ନଡ଼ଭ,
ଭୁଜ ଭୁଜ କରି ପାଇକ କାନରେ
କହିଲା,—"ମରରେ ତଥାପି କେବେ !"

ତୋହର ଉଠିଲେ ଅସ୍ତ୍ରୀ ଝନ ଝନ
ମର ମର ଡାକେ ରଚିଲ ଗୀତ,
ମର ମର ତଳେ— ଖଣ୍ଡାର ଧାରେ—
ନାଆଁ ଦେଲିକାଲି ହୋଇ ଅମୃତ ।
ଅସ୍ତ୍ରର ସମାନ ଜଳି ଜଳି ଯେବେ,
ଉଠିଲେ ପାଇକେ କରି ହୁଙ୍କାର
ହାତେ ଧରି ମନ୍ତ୍ର— ବିଜୟ ଶଙ୍ଖଳ
ଫୁଙ୍କିଲେ ହୃଦରେ କୋରିଣ ଅମୁର ।
ଯାହାଙ୍କ ପ୍ରତାପେ ଝୁରି ଗୋରା ସେନା,
ବରଗ , ମାରାଠା, ଉଠିଲେ ଥରି—
ଜଣେ ଜଣେ ହୋଇ ଭୂମି ମୁକ୍ତି ଯାନ
ବିଦେଶୀ -ଗରବ ଦେଇଲେଲୋ ଜାଳି ।
ଗୋଟି ଗୋଟି ହୋଇ ଜଳିଲେ ଅନଳେ
ଗୋଟି ଗୋଟି ଗଲେ ସମରେ ସୋଇ,
ମଲେ ସିନା ସତେ ! ତୋ ପାଦ-କମଳ
ନିଜ ଲହୁଧାରେ ଗଲେଲୋ ଧୋଇ ।
ସାରା ଆର୍ଯ୍ୟାବର୍ତ୍ତ ଥିଲା ଯେବେ ସୁପ୍ତ
ନଉଠିଲେ ଜାଗି ଜଣେଲୋ କଏ,
ମୁକତି-ସମରେ ପ୍ରଥମ-ଆହ୍ୱାନ
ଦେଲେ ସିନା ସତ ! ତୋହର ପୁଏ !
ବୀର ପାଇକର ବୀର ଜନନୀ ତୁ;
ସକ୍ତି-ନିର୍ଭୟମନ୍ତ୍ରୀ ତତେ ମୋ ନମ !
ଚିହ୍ନା ହେବ ଯେବେଲୋ, ଅଯୁ ପରମ ଜଣେ,
ତୋହର ପଥରେଲୋ ହେଉ ହେଉ ନମ !
ଲୋକପୁଅ ଜିଏରେ ତେଲେଲୋ ସେନେହେ—
ପୁଷ୍ପ-ବି - ପୁଷ୍ପ —ତୁଧର ଧରି,
ମହିମା ଓଡ଼ିଶା ଆଜିଟା ତଳେତେ—
କେତେ ଚିହ୍ନାଁଲୋ ନାଖିଲା ଧରି ।
ଜାଗରେ ଖୋରଧା ଜାଗରେ ଖୋରଧା !
ତରୁଣ-ଅରୁଣ-ଅରୁଣ-ରାଗେ,
ଗୃହଁ ଚକ୍ଷୁ ତୋଳ— ବିଜୟ-ନିଶାଣ
ଉଡ଼ ଉଡ଼ ଯାଏ ତୋ ପୁରୋ-ଭାଗେ ।

ମୋହିନୀ ମୁରାରି ବାରିକ (୧୨୧୮)

## ନାଗଙ୍କ ଉତ୍ତର

ପୁରସ୍କାର ଘୋଷଣା କରିଥିବା ଲକ୍ଷ୍ମୀଧର ଦାସ [ ୧୨୧୪ ] ଙ୍କର ୯ଟି ପ୍ରଶ୍ନର ଉତ୍ତର—

୧ମପ୍ରଶ୍ନ—ନୋଟରେ ଅଶୋକଙ୍କ ସ୍ତମ୍ଭ କାହିଁକି ରହେ ?

ଉତ୍ତର—ଅଶୋକଙ୍କ ରାଜ୍ୟ ଅହିଂସା ଓ ସତ୍ୟ ଉପରେ ପ୍ରତିଷ୍ଠିତ ଥିଲା । ବର୍ତ୍ତମାନ ମଧ୍ୟ ଭାରତ ସରକାରଙ୍କର ନୀତି—ସତ୍ୟ ମେବ ଜୟତେ ହୋଇଥିବାରୁ ଓ ଆମ୍ଭେମାନେ ଅହିଂସା ସଂଗ୍ରାମ କରି ସ୍ୱାଧୀନତା ପାଇ ଥିବାରୁ ଅଶୋକ ସ୍ତମ୍ଭ ଭାରତ ସରକାରଙ୍କ ଆଦର୍ଶର ପ୍ରତୀକ କରାଯାଇଛି ।

୨ୟପ୍ରଶ୍ନ—ମହାଭାରତର ଭୀମ ଉରୁଜର ଗୁଡ଼ା ଯୁଧରୁ କାହିଁକି ଡରିଥିଲେ ?

ଉତ୍ତର—ଶ୍ରୀ ମୁରାରି ଚିତ୍ରୁଣ ଏକ ଗଦା ଦେଇଥିଲେ । ସେ ଗଦାକୁ ଅନ୍ଦାଇବାର କାହାରି ଶକ୍ତି ନଥିଲା ବୋଲି ସେ ଡରିଥିଲେ!

୩ୟପ୍ରଶ୍ନ—ଦ୍ରୋଣାଯୁଧର କେତୋଟି ସନ୍ତାନ ଓ କିଏ କିଏ ?

ଉତ୍ତର—ଦ୍ରୋଣାଯୁଧର ଦୁଇଟି ସନ୍ତାନ ଯଥା—ଜୟନ୍ତାୟୁ ଓ ଦୀର୍ଘାୟୁ

୪ର୍ଥପ୍ରଶ୍ନ—ସଙ୍ଗୀତ ଆସିଲା କେଉଁଠୁ ?

ଉ—ଥରେ ସ୍ୱର୍ଗରେ ବ୍ରହ୍ମା, ବିଷ୍ଣୁ ଓ ଶିବ ବସିଥିବା ସମୟରେ ସେଠାରେ ଅବିଦ୍ୟା ଉପସ୍ଥିତ ହେଲା ! ବ୍ରହ୍ମାଙ୍କ ଆଦେଶରେ ଶିବ ଅବିଦ୍ୟା ସହିତ ତାଣ୍ଡବ ନୃତ୍ୟ କଲେ ! ସେହି ନୃତ୍ୟ ସମୟରେ ତାଳ ଓ ସଙ୍ଗୀତର କାହାର [ ଇନ୍ଦ୍ରେଣୀରେ ପ୍ରମାଣ ଅଛି ]

୫ମପ୍ରଶ୍ନ—ବସନ୍ତକୁ ଠାକୁରାଣୀ କାହିଁକି କହନ୍ତି ?

ଉତ୍ତର—ବସନ୍ତକୁ ଠାକୁରାଣୀ କହିବାର ମୂଳ ଅର୍ଥ ନାହିଁ-ଏହା ଏକ କୁସଂସ୍କାର ହେଲାଏରେ । କିନ୍ତୁ ପ୍ରତ୍ୟେକ ରୋଗ ଏକ ପାପର ଫଳ ସ୍ୱରୂପ ଅଟେ । ତେଣୁ ରୋଗକୁ ଦନ୍ତବଧାନ କାଳି ବା କାରଣୀ ଦେବତା ବିଚାରିଲେ ଆପତ୍ତି କଣ ?

୬ଷ୍ଠପ୍ରଶ୍ନ—ଶ୍ରୀକୃଷ୍ଣ ପ୍ରକୃତରେ ଲମ୍ପଟ କି?

ଉତ୍ତର—ନା—ରାଧା ଗୋପୀଙ୍କ ସହ ପ୍ରେମର ଅପ୍ରାକୃତିକ ବୋଲି ବର୍ଣ୍ଣନା ଅଛି—ତାହା ଲୌକିକ ନୁହେଁ ଆଧ୍ୟାତ୍ମିକ

୭ମ ପ୍ରଶ୍ନ—ରାମଚନ୍ଦ୍ର ଦକ୍ଷିଣାଭିମୁଖୀ ହୋଇ ବନବାସ ଯିବାର ମାନେ କଣ ?

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଅନାହାର ମୃତ ଶିଶୁ

ଲେଖକ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ପଡ଼ିଅଛି ହାଟ ବାଟରେ ସେହି—ଅନାହାର ମୃତଶିଶୁ
କହୁଛ ତୁମେ ମାଲ୍‌ଥସଙ୍କ ସନରେ ମୃତ ? ବଶୁ !
ହେଉ, ତୁମର କଥା ହେଉ ! ତୁମର କଥା ରହୁ ।
କିନ୍ତୁ ହାୟ ! ମରିଗଲା, ଫୁଟି ଥିଲା ଯେହୁ
ଉଦ ଆହାର ଦେଇ ନାହିଁ !
କଢ଼ ଫୁଟିବା ହେବା ଲାଗି ନିର୍ମଳର ସୌଭାଗ୍ୟ
ଏହି ଆମ ସଂସାର ଛଡ଼ ଛାୟା ତଳେ । ହାୟ !

—୨—

ଯେଉଁ ଶିଶୁ ଜନ୍ମିଥିଲା କେତେ ପ୍ରେମ ଆଲୋକ ଘେନି
ସେହି ଶିଶୁର ଏହି ଗତି ! ପଡ଼ି ରହିଛି ସେ ହାଟ ଉପରେ
ଶାଗୁଣା ବିଲୁଆ ହୋଇଛନ୍ତି ଟାଳୁ,
କେହି ନରଖିଲେ ତାର କୁହୁ ।
ସେ ମୁହଁ ଚହିଲା ମାଆର ମୁଖକୁ ।
ପ୍ରଣୟ କାହିଁ ? ପ୍ରଣୟ ନାହିଁ ! ଶୁଖି ଯାଇଛି !
ହିଂସା ଜ୍ୱଳି ଉଠୁଛି ବ କରୁ ନାହିଁ ।
ପଥର ପରି ମୁହିଁ ରହି ଅଙ୍ଗିଳା ନାହିଁ,
ଦେଖିଲି—ମୃତ୍ୟୁ ! ତାର ସନ୍ତାନର । ନିଜ ରୂପ ପଥର !
ପୁଣି ମୁହିଁକୁ ଚାହିଁଅଛି । କେହି ନାହିଁ କେଉଁଠି !
ରଖି ଦେଲି ସେହି ନୀରବ ମୃତ ଶିଶୁଟିକୁ ହାଟ ବାଟରେ ।
ଦେଖିଲେ ସରବେ — ଗଡ଼ିଗଲା—କି ନାହିଁ ମୁହଁରେ ?
କହୁଛି—ମରିଛି ସେ ଶିଶୁ ମାଲ୍‌ଥସଙ୍କ ସନରେ ।
ଓଡ଼ିଶାର ଘରେ ଘରେ ଏହିପରି ଅନାହାର
ମରନ୍ତର ଲୁଲେ ଟେକି ରହି ଦିନ ଗଣେ ବାରି ବାର,
କେବେ ମରିବ ? ବଞ୍ଚିବାର ଆଶା ନାହିଁ ।
ଭାଙ୍ଗିବାର ପଣ ଶକ୍ତି ନାହିଁ ଅପମାନ ଶିରେ ବହି,
ଖାଏ—ଭାତର ବଦଳେ—ଗାଳି !—

ଯାଇଛି ମରି ଓଡ଼ିଆ ଜାତି !
ଯେତେ ବଢ଼େଇ, ତୁଛ ବଢ଼େଇ କରି କହ—
କଳିଙ୍ଗ, ଉତ୍କଳ, ଓଡ୍ର ଦେଶ ଆମର—
କି ଅଛି ଏ ଦେଶେ ? ମରିଛି । ଅସ୍ଥି ରହିଛି ଅଶେଷ ।
ଓଡ଼ିଆ ପାନ ଦଣ୍ଡୁଆ କରିଛି ଖାର,
ଆଉ କିଛି ନାହିଁ କପାଳେ ; ହାୟରେ !
ଯାଇଛି ବାପ ପଳାଇ—
ଘରେ ଅନ୍ନ କିଛି ନାହିଁ—
କେତେ କ୍ରନ୍ଦନ ଦେଇ ଥିଲେ ବାପ ମା ମିଶି
ସାଇ ପଡ଼ିଶା କେତେ ଯେ ଆସି—
ସବୁ ଗଲା ବୃଥାରେ !
ଆଜି ପଡ଼ି ରହିଲା ଶିଶୁ ଜନ୍ମର ପ୍ରଥମ ବର୍ଷ
ହାଟ ଦୁଆରେ !
ସେ ରୂପ ଗଲା ଶୁଖି, ସେ ଦନ୍ତେଟି ବଚନ ଗଲା ବୁଜି,
'ତୁ୍ୟଟି'; ହାୟ ଗଲା କାହିଁ, ଅଙ୍ଗୁଠି, ଗାଲ ସବୁ ଶୁଖିଲା ।
ନିର୍ଜୀବ—ଅସାଡ଼ !
ପଡ଼ି ରହିଥା ଶିଶୁ, ଏ ଜନ ପରେ
ଆଉ ଦଣ୍ଡିବୁ ନାହିଁରେ
ଅମର ଶିଶୁ ତୁ ! କହୁଛି କିଏ କାନେ କାନେ
ମାରି ମାରି ଏମନ, ନଦେଇ ଜୀବନ, କହୁଛି—
କିଏ ସିଏ—'ଅମର ଶିଶୁରେ !'
ଛି ଛି କହ ନାହିଁ, ମୋ ମନ ମାନୁ ନାହିଁ !
ମାରିଛୁଁ ଆମେ ସରବେ, ବଞ୍ଚିବୁ ପୁଣି ଗରବେ,
ଲାଜ ନାହିଁ ।
କହୁଛୁଁ—'ଅମର ଶିଶୁ ସେହି—
ରହିଛି ସ୍ୱର୍ଗକୁ ଯାଇ ।' ଛି !

---

ଉତ୍ତର—ନାରଦ ଓ ପର୍ବତ ମୁନିଙ୍କର ଅଭିଶାପରେ—ପୂର୍ବ ଜନ୍ମରେ ଭଗବାନଙ୍କୁ ଦୁଇମୁନି ଅଭିଶାପ ଦେଇଥିଲେ—

୯ମ ପ୍ରଶ୍ନ—ବିପଦ ବେଳେ ଭରତ କାହିଁକି ରାମଚନ୍ଦ୍ରଙ୍କୁ ସାହାଯ୍ୟ କଲେ ନାହିଁ ?

ଉତ୍ତର—ଥରେ ଅମ୍ବରୀଷଙ୍କର ଝିଅଙ୍କର ସ୍ୱୟମ୍ବର ହୋଇଥିଲା—ସେ ସ୍ୱୟମ୍ବରକୁ କେବଳ ନାରଦ ଓ ପର୍ବତ ଏହି ଦୁଇ ମୁନିଙ୍କୁ ନିମନ୍ତ୍ରଣ କରା ହୋଇଥିଲା-ଯେହେତୁ ଉଭୟ ଝିଅଟି ପାଇଁ କନ୍ଦି ହେଉଥିଲେ—ନାରଦ ଝିଅ ପାଇବା ଆଶାରେ ଭଗବାନଙ୍କୁ ଯାଇ ଜଣାଇଲେ ଯେ ଯେପରି ପର୍ବତ ମୁନିଙ୍କର ମୁଖ ଭାଲୁ ପରି ହେବ—ପୁଣି ପର୍ବତ ମୁନି ପରେ ଯାଇ ଭଗବାନଙ୍କୁ ଜଣାଇଲେ ଯେ ନାରଦ ମୁଖ ମାଙ୍କଡ଼ ପରି ହେଉ—ଫଳରେ ତାହା ହିଁ ହେଲା । ସ୍ୱୟମ୍ବର କାଳରେ ରାଜାଙ୍କର ଝିଅ କାହାରିକୁ ବରଣମାଳା ଦେଲା ନାହିଁ । ତେଣୁ ଦୁଇ ମୁନି ଭଗବାନଙ୍କୁ ଅଭିଶାପ ଦେଲେ—ଯେ ପର ଜନ୍ମରେ ତୁମେ ଯେତେବେଳେ ବିପଦରେ ପଡ଼ିବ ତୁମ୍ଭଙ୍କୁ କେହି ସାହା ହେବ ନାହିଁ-କେବଳ ତୁମ୍ଭଙ୍କୁ ଏହି ମାଙ୍କଡ଼ ଭାଲୁ ସାହାଯ୍ୟ କରିବେ ।

## ନାଗଙ୍କ ପ୍ରଶ୍ନ

୧—ଗୁଣମଣି [୧୩୭୪]—ଯନ୍ତ୍ର ନଥିବା ବେଳେ ଏତେ ଏତେ ବଡ଼ ପଥର କୋଣାର୍କ ବା ବଡ଼ ଦେଉଳ ଉପରକୁ ଉଠିଲା କିପରି?

୨—କରୁଣାକର [୧୩୭୮] ପ୍ରଥମ କଂଗ୍ରେସ ସଭାପତି କିଏ ?

୩—କାଳୀ ଚରଣ [୧୩୭୩] ପୃଥିବୀରେ ବର୍ତ୍ତମାନ ସବୁଠାରୁ ବଡ଼ ନେତା କିଏ ?

## ନାଗଙ୍କ ଉତ୍ତର

ଶଚ୍ଚିତ ଭାଇ ଜାଣିବେ—ବାୟୁଠାରୁ ଭାର ଓ ବାୟୁରେ ଉଡ଼ିବା ଜିନିଷ 'ବେଲୁନ' ରାଇଟ ଭାତୃଦ୍ୱୟଙ୍କ ଦ୍ୱାରା ପ୍ରଥମେ ୧୯୦୯ ରେ ଆବିଷ୍କୃତ—ଶୁଭେନ୍ଦୁ [୧୩୮୧]

ଶିଶିର ଭାଇ—ଏରୋପ୍ଲେନ କେବଳ ବାୟୁରେ ଉଡ଼ିବ—ମାତ୍ର ଏଥର ଶିପ୍ ବାୟୁରେ ଉଡ଼ିବ ଓ ଜଳରେ ଅବତରଣ କରି ପାରିବ।
—ଶୁଭେନ୍ଦୁ [୧୩୮୧]



Digitized by srujanika@gmail.com

# ଯେସାକୁ ତେସା

ଲେଖକ—ପ୍ରେମୀ ଚନ୍ଦ୍ର

ନରେନ୍ଦ୍ର କୁମାର ଚଉଧୁରୀ କଟକ

ପ୍ର—କଂଗ୍ରେସରୁ ଇସ୍ତଫା ଦେଇଛି । ମନ୍ତ୍ରୀ ଗିରି କରିବାକୁ ଇଚ୍ଛା—କେଉଁ ପାର୍ଟିରେ ଯୋଗ ଦେବି ?

ଉ—ଆପଣଙ୍କ ପ୍ରେମିକର ପାର୍ଟିକୁ ଆଗ ସମ୍ଭାଳନ୍ତୁ—ତାଙ୍କ ନେତୃତ୍ୱରେ ବିଶ୍ୱାସ ଅଛିତ ?

ପ୍ର—କେତେ ଗୁଡ଼ିଏ ବେକାମୀ ଝିଅଙ୍କର ସାମ୍ପ୍ରତିକ—ମୋ କନ୍ୟାର ପୁଞ୍ଜିଏ ପତ୍ନୀ ଫେରାଇବା ପ୍ରେମିକ ଅଛନ୍ତି ।ବିଶ୍ୱାସ କରିବି କି ?

ଉ—ଆଜି ଧର୍ମ କଲ୍ପତ୍ରୁ ନାମରେ ବିଶ୍ୱାସ କରନ୍ତୁ—ତେବେ ସିମାନେ କାଗଜ- ବାଦୀ ।

ବାଉରୀ ବନ୍ଧୁ ମହାନ୍ତି

ମଙ୍ଗଳା ବାଗ, କଟକ

ପ୍ର—ଆଜିକାଲି ଓଡ଼ିଆ ଯୁବକ ମାନଙ୍କର ଲେଖ ଲେଖିବାରେ ଶୈଥିଲ୍ୟ ଆପଣ ଅବବୋଧ କରୁଛନ୍ତି କି ?

ଉ—ମୁଁ ପତ୍ର ପଢ଼ିରେ ଶୈଥିଲ୍ୟ ଦେଖୁଛି ।

ପ୍ର—ଓଡ଼ିଶା ମନ୍ତ୍ରୀ ମଣ୍ଡଳରେ କେଉଁ କେଉଁ ବ୍ୟକ୍ତି ଓ ମେଧା ପରିବର୍ତ୍ତେ ପ୍ରୁଫ୍ଗୀରୁ ସାହାଯ୍ୟ ଦେବାର ଯୋଗ୍ୟତା ବିଶ୍ୱର କରୁଥିବା ଫଳ ପାଇଛନ୍ତି କି ?

ଉ—ହଁ, ସେ ମନ୍ତ୍ରୀ ମାନଙ୍କ ମନର ବୁଦ୍ଧିତା କଥା ମେଧା ର ଅଭାବ ଦେଖି ମୁଁ କିଛି ସାହାଯ୍ୟ ପଠାଇ ଦେଇଛି ।

ପ୍ର—ଫେବ୍ରୁୟାରୀ ମାସର ଗୋଟିଏ ସଂଖ୍ୟା କୃଷକରେ ଲେଡି ମାଉଣ୍ଟ ବେଟନଙ୍କ ଭାରତ ଆଗମନ ସମ୍ପର୍କରେ ଯେଉଁ ସମ୍ବାଦ ପ୍ରକାଶ ପାଇଥିଲା—ତାହା କେଉଁ ଉପପାଦ୍ୟ ?

ଉ—ଗୋଟିଏ ସରଳ ରେଖା ଉପରେ ଆଉ ଏକ ସରଳ ରେଖା ଠିଆ ହେଲେ ତାହା ଦୁଇଟିସମକୋଣ ସୃଷ୍ଟି କରେ ।

ବେଣୀ ଦୟାଳ୍ (ହୁକୁ)

ପୁନହାଟ, ବାଲେଶ୍ୱର

ପ୍ର—ପ୍ରେମିକା ବାଳୁତ ହେଲେ ପ୍ରେମ କରିବା ଉଚିତ କି ?

ଉ—ବାଳୁ ଯଦି ନ୍ୟୁନେଇ ହେଉଥାଏ—ନୈବଚ—ନୈବଚ ।

ପ୍ର—ପ୍ରେମିକର ରଙ୍ଗ ଆଲକାତରା ପରି ଓ ପ୍ରେମିକାର ରଙ୍ଗ ବରୁଚି ପରଠୁ ଧଳା । ପ୍ରେମ ସମ୍ଭବ କି ?

ଉ—ବୈଦ୍ୟୁତିକ ଶକ୍ତି ସମ୍ଭବ । କାରଣ ଧନାତ୍ମକ (Positive) ଓ ଋଣାତ୍ମକ (negative) ସଙ୍ଘର୍ଷରେ ବିଦ୍ୟୁତାଣୁ (electron) ସୃଷ୍ଟି ହୁଏ ।

ପ୍ର—ଗୋଟିଏ ଦୁଇଟି ପ୍ରସବ କଲାପରେ ସ୍ୱାମୀ ସ୍ତ୍ରୀକୁ ପୂର୍ବପରି ଭଲପାଏ ନାହିଁ କାହିଁକି ?

ଉ—ପୁରୁଷ ନିଜେ ପ୍ରସବ କରେ ନାହିଁ ବୋଲି !

ଜୀଳାମ୍ବା ବାହିଦାର

ଟଲିଙ୍ଗ୍ ଲିଟ୍ଲ୍ ବାଳିକା ବିଦ୍ୟାଳୟ

ସମ୍ବଲପୁର

ପ୍ର—ଅସୂଦର, ଅବର୍ଜନା, ଅଚନା, ଅପ୍ରିୟ —ଇତ୍ୟାଦି କେତେବେଳେ ଶୋଭାପାଏ ?

ଉ—ନାରୀ ଯେତେବେଳେ ପୁରୁଷକୁ ଅତିରିକ୍ତ ଭଲପାଇ ତାର [ପୁରୁଷର] ଆଚରଣ ପାଇଁ ବିଶ୍ଳେଷଣ ଖୋଜିବସେ ।

ପ୍ର—ମଣିଷ ଜୀବନର ସବୁଠୁଁ ବଡ଼ ଉଲ୍ଲେଖ ଯୋଗ୍ୟ ଘଟଣା କଣ ହୋଇପାରେ ?

ଉ—ସ୍ତ୍ରୀରେ ସେ ଯେତେବେଳେ ଗଳାରେ ଫାଶି ପିନ୍ଧିନିଏ ।

ପ୍ର—ଲକ୍ଷ୍ମୀକାନ୍ତଙ୍କ ପଛକୁ ନିତ୍ୟାନନ୍ଦ, ନିତ୍ୟାନନ୍ଦଙ୍କ ପରେ ଉଗରକୁ ସମ୍ଭାଳିବ କିଏ ?

ଉ—ଆପଣଙ୍କ ମୁଣ୍ଡ ବଥାଇଲାଣିକି ? ଆଉ ଚିନ୍ତା କଣ ?

ପୀତବାସ ପଟ୍ଟନାୟକ

ପି: ଆର: ହାଇସ୍କୁଲ—ବଲାଙ୍ଗିର

ପ୍ର—ଉଗରର ବଲ୍ଲୁଆ ସଭାର ସଭାପତି କିଏ ଓ ସମ୍ପାଦକ କିଏ ?

ଉ—ସଭାପତି ବଲ୍ଲୁଆନନ୍ଦ ଓ ସମ୍ପାଦକ ନିତ୍ୟାନନ୍ଦ ।

ପ୍ର—ପଣ୍ଡିତ ନେହେରୁଙ୍କ ଇଣ୍ଡୋନେସିଆ ଗସ୍ତ ଫଳରେ କି ଉପକାର ହେଲା ?

ଉ—ନାରୀକେଳ !

ପ୍ର—ବଲ୍ଲୁଆ ସଭାରେ କେତେ ଜଣ ସଭ୍ୟ ?

ଉ—ପାଠକ ଓ ସମ୍ପାଦକଙ୍କୁ ଛାଡ଼ି ବାକି ସମସ୍ତେ ।

ରାମକୃଷ୍ଣ ମହାପାତ୍ର,

ନଂ ମୂର କଲେଜ ହଷ୍ଟେଲ, ପୁରୀ

ପ୍ର—ଆପଣ ଭଗବାନଙ୍କ ଠାରେ ବିଶ୍ୱାସ କରନ୍ତି କି !

ଉ—ଭଗବାନ ନିଜେ ପଚାରିଲେ ଉତ୍ତର ଦେବି ।

ପ୍ର—ଆପଣ କେଉଁ ଖେଳ ଖେଳିବାକୁ ବେଶି ଭଲ ପାଆନ୍ତି ?

ଉ—ଯେସାକୁ ତେସା ।

ପ୍ର—ମନୁଷ୍ୟର ଜୀବନ ଗୋଟାଏ ପ୍ରଶ୍ନ ନୁହେଁ କି ?

ଉ—ପ୍ରଶ୍ନର ଉତ୍ତର ମଧ୍ୟ ।

-ଶ୍ରୀ କୃଷ୍ଣଚନ୍ଦ୍ର ବଳ, ବାରିପଦା କାଲେଜ

ପ୍ର—ସ୍ୱାଧୀନ ଭାରତରେ ଗରିବ ଓ ଧନୀ ଭିତରେ ପ୍ରାର୍ଥକ୍ୟ କଣ ?

ଉ—ଯିଏ ସ୍ୱାଧୀନ ଭାରତରେ ସବୁପରେ ସେ ଗରିବ—ଯେ ସ୍ୱାଧୀନ ଭାରତର ଉପ-ପାରେ ସେ ଧନୀ ।

ପ୍ର—ଏକାଧିକ ପୁରୁଷ ସାଥିରେ ପ୍ରେମ କରୁଥିବା, ଆଧୁନିକା ସ୍ତ୍ରୀ ଓ ବେଶ୍ୟା ମଧ୍ୟରେ ପ୍ରଭେଦ କଣ ଥାଇପାରେ ?

ଉ—ଏକାଧିକ ସ୍ତ୍ରୀ ସାଥିରେ ପ୍ରେମ କରୁଥିବା ଆପଣଙ୍କ ଭଳି ଜଣେ ପୁରୁଷ ଓ ବିତ୍ତଶାଳୀ ଭିତରେ ଯେତିକି ପାର୍ଥକ୍ୟ ଥାଇପାରେ ।

ପ୍ର—ମାସକୁ ଲକ୍ଷ ଧିକ ରୋଜଗାର କରୁ-ଥିବା ସିନେମା ତାରକା ମାନେ ଗରିବ ଅନ୍ତନ୍ୟ କଲାବେଳେ ଆମ ଦେଶରେ ଲକ୍ଷପତିମାନେ ପଛକୁ ପାଣି ବୁହାଇ ମାଗି ପାଣିକୁ ନିଅନ୍ତି ଅଥଚ ଘର ଆଗରେ ଭିକାରୀ ହିଏ ଦେଖିଲେ ଭୋଡ଼ାମାରି ଘୋଡ଼ ଦିଅନ୍ତି କାହିଁକି ?

ଉ—ଲକ୍ଷପତି ମାନଙ୍କର ନିଜ ଜୀବନ ଏକ ଅନ୍ତନ୍ୟ ହୋଇ ଥିବାରୁ ଅହଂକାର ଅନ୍ତନ୍ୟରେ ବିଶ୍ୱାସ ନୁହେଁ । ଜୀବନର ପ୍ରକୃତ ଅଭିପ୍ରାୟକୁ ଭଲ କରି କାଙ୍ଗାଳକୁ ଉଡ଼ ଦିଅନ୍ତି ।

ସୁଶୀଲ କୁମାର ଦାଲାଇ

ଅମର୍ଦ୍ଦା ରୋଡ଼—ବାଲେଶ୍ୱର

ପ୍ର—ପ୍ରେମ ନକରିଥିବା ଝିଅ ମିଳୁ ନଥିବାରୁ ମୁଁ ବିବାହ କରିପାରୁ ନାହିଁ—ତା ହେଲେ କଣ କରିବି ?

ଉ—କଣ୍ଢେଇ ଟିଏ ଘରେ ରଖନ୍ତୁ । ସେ ପ୍ରେମ କରି ନଥିବ ।

ପ୍ର—ଉଗରର ୨୪ବର୍ଷ ହେଲା । ସେ ବୁଢ଼ା ନା ଯୁବକ ।

ଉ—ପ୍ରବୀଣ, ଯାହେ ଘର ବୁଝାଇ—ବଚା— ହେବେ ଇନ୍ଦ୍ରାଚୋଗ ଉପଯିବେ ।

ପ୍ର—ନାରୀ ମାନଙ୍କର ଅଳଙ୍କାର ପ୍ରୀତି ବଢ଼େନି ହେଉ କାହିଁକି ?

ଉ—ନାରୀକୁ ବୁଲାଇବା ଭଳି ମହାନ୍ତ ଭିତରେ ନଥାଏ ବୋଲି ।



Digitized by srujanika@gmail.com

Dagaro

Reg. No O 18. ORISSA'S MOST POPULAR FORTNIGHTLY 16-8-50

# ଆକାଶ ମାଛ

ମଣିଷ ଅଙ୍କା ଅକାଶ ଛନ୍ଦ୍ରୀ—ଆକାଶ ଅଭିଯାନରେ ଦିନୁ ଦିନ ମଣିଷ ଆଗେଇଛି— ନୂଆ ନୂଆ ବ୍ୟୋମଯାନର ସୃଷ୍ଟି ହେଉଛି । କିନ୍ତୁ ଅସଂଖ୍ୟ ଆକାଶଗାମୀ ମାଛଙ୍କ କାହାଣୀ ଆ... ଘଣ୍ଟାରେ ପରିଗଣିତ ହେବ । କେତେ ବର୍ଷ ତଳେ କିନ୍ତୁ ଏ କଥା ଘଟିଛି । ଏକ ପ୍ରକାର ମାଛ ସେତେବେଳେ ହ ଲ୍ଲକାଧାତୁରେ ନିର୍ମିତ ପୁଷ୍କରିଣୀରେ ଛଡ଼ାଯାଇ ବଢ଼ାଇ ... ଅଗ୍ରିକାର କରେ ... ରାଜ୍ୟକୁ ... ଏ ମାଛ ଗୁଡ଼ିକ ... ଥିବାରୁ କେତେ ରାଜ୍ୟର ଜଳାଶୟରେ ... ମ୍ୟାଲେରିଆ ବାହା ଅସଂଖ୍ୟ ଅନେ- ... ବିରାଟ ଅଭିଯାନର କାର୍ଯ୍ୟକ୍ରମ ... ଇଥିଲା ।

ଏହି ... ଅଭିଯାନ କିନ୍ତୁ ମ୍ୟାଲେରିଆ ନିବାରଣ ପାଇଁ ଯଥେଷ୍ଟ ନୁହେଁ । ସେଥିପାଇଁ ... ର ଜାତିସଂଘ ... ଯେଉଁ ମ୍ୟାଲେରିଆ କମିସନ ବସିଥିଲା ତାଙ୍କର ସୁପାରିସ ହେଉଛି— ... ଜ୍ୱରରେ ... ସେଦିନ ... ଓ ଅନ୍ୟାନ୍ୟ ହେଲେ ... ୧୫ ରୁ ୨୦ ... ସେବନ କରନ୍ତୁ ।

ମ୍ୟାଲେରିଆ ... ଏ ... ମାତ୍ର ... ରେ ସର୍ବତ୍ର ଅନୁମୋଦିତ ହୋଇ ... ହେଉଛି Mal. F. No 466

# ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ୍ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ୍ ରୋଲଡ୍ ଗୋଲଡ ଗହଣା, ରଙ୍ଗ ... ର ଓ ମଜଭୁତରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟଲଗ ଓ ମଲ୍ୟ ... ଲାଗି ପତ୍ର ଲେଖନ୍ତୁ ।

ଜି, ମାଲ୍ଲିକାର ଚୌଧୁରୀ ଏଣ୍ଡ, ବ୍ରାହ୍ମସମାଜ ରୋଡ୍, ... —୩୪

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ

ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

... ଶାସ୍ତ୍ରୀୟ ... ଆୟୁର୍ବେଦୀୟ ... କରିବାକୁ ... ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା<br>ଝାଞ୍ଜିରୀ ମଙ୍ଗଳା<br>କଟକ [ ୧ ] | ସହକାରୀ ବ୍ୟବସ୍ଥାପକ<br>—କବିରାଜ—<br>ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର<br>ଝାଞ୍ଜିରୀ ମଙ୍ଗଳା<br>କଟକ ( ୧ ) |

ଓଡ଼ିଶା ଟ୍ରେଡିଂ କମ୍ପାନି, କଟକ ୨

ପ୍ରକାଶିତ

# ନୂତନ ପୁସ୍ତକ

ଉପନ୍ୟାସ

ଘନାବର୍ତ୍ତ- ବଟକୃଷ୍ଣ ପ୍ରହରାଜ ବି,ଏ ଟ୧୧୦

କୀର୍ତ୍ତିପଥ- ବାମାଚରଣ ମିତ୍ର ଟ୧।

ଗଳ୍ପ

ଗରୀବର କାହିଁ କି? } ଗୋଦାବରୀଶ ଟ୩।

ଈଶ୍ୱରଙ୍କ ପାଖକୁ ଚିଠି } ମହାପାତ୍ର ଟ୩।

—ନାଟକ —

ସହୀଦ ବାଜୀରାଉତ-ବାଞ୍ଛାନିଧି ରାଉତରା ଟ୧

ଆତ୍ମ ଚରିତ

ମୋ ନିଜ କାହାଣୀ (ଜହରଲାଲ ଟ ୧ )

—ସ୍ତ୍ରୀପାଠ୍ୟ—

ଗୃହଲକ୍ଷ୍ମୀ-୧ମ ଜଗବନ୍ଧୁ ସିଂହ ଟ୧

„ ୨ୟ „ ୧।୵

„ ୩ୟ „ ୧।୵

„ ୪ର୍ଥ „ ଟ୨।୦

Printed, Published and Edited by N. Mahapatra at the Dagaro Press, Cuttack—1

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ ଶ ବର୍ଷ

ପଞ୍ଚମ ସଂଖ୍ୟା

ଭାଦ୍ରବ

ପ୍ରଥମାର୍ଦ୍ଧ

## ମୁଖ୍ୟମନ୍ତ୍ରୀଙ୍କ ତୀକ୍ଷ୍ଣ ଦୃଷ୍ଟି




ପ୍ରଶ୍ନ—ଆପଣ ଦରଦାମ ବୃଦ୍ଧି ପ୍ରତି ଦୃଷ୍ଟି ଦେଉଛନ୍ତି କି ?
ମୁଖ୍ୟମନ୍ତ୍ରୀଙ୍କ ଉତ୍ତର—ମୁଁ ତୀକ୍ଷ୍ଣ ଦୃଷ୍ଟିରେ ଲକ୍ଷ୍ୟ କରୁଛି ।

ଏ ସଂଖ୍ୟାରେ--ଭୁଲ କାହାର---ଚନ୍ଦ୍ରମଣି ବାବୁ ?

ବାର୍ଷିକ

ଛ ଟଙ୍କା

ପ୍ରତିଖଣ୍ଡ

ଚାରିଅଣା

Digitized by srujanika@gmail.com

আ

আପଣଙ୍କ ସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗଭୀର ନୈରାଶ୍ୟ ଓ ଦୁଃଖରେ ବୁଡ଼ି ଯାଉଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ କୁହୁକ ମୁଦି ପିନ୍ଧନ୍ତୁ । ଏହା ଆପଣଙ୍କୁ ବହୁତ ସମ୍ପତ୍ତି ଆଣିଦେବ । ଆପଣ ନିଜ ମନଲକ୍ଷୀ ଗୃହିଣୀ, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ଗୃହିଣୀ ଆପଣଙ୍କ ଦୁଆରେ ଥିଆ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଉତ୍ତରୋତ୍ତର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଯିବ ! ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ ମୋକଦ୍ଦମା, ଲଟେରି ପ୍ରଭୃତିରେ ନିଶ୍ଚୟ ଜୟ ହେବ । ପରୀକ୍ଷାରେ ହସି ଖେଳି ପାସ ହୋଇଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଆନନ୍ଦ ମଧ୍ୟରେ କାଟି ନେବେ ।

ଏହି କୁହୁକ ମୁଦି ଆପଣଙ୍କୁ ମୋଟେ ୧।୯୵୦ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ କୁହୁକ ମୁଦି ୩।୯୵୦ । ଏହା ଖୁବ୍ ଶୀଘ୍ର କାମ ଦିଏ । ଏହି କୁହୁକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି କୁହୁକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଆମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Punjab

---

**ସ୍ତ୍ରୀ ରୋଗ ପାଇଁ**

## ବ୍ୟମ୍ବକୀ ଭେରଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଛି ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନିକାରକ ନୁହେଁ । ମୂଲ୍ୟ ୨୮ ଡାକ ଖର୍ଚ୍ଚ—୧।୯୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବକୁ ଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୧୦।୯୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗୀନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୁଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

---

## "ଗୋପବନ୍ଧୁ ସ୍ମୃତି ରକ୍ଷାପାଇଁ

ଗୋପବନ୍ଧୁ ମେମୋରିଅଲ ସ୍କୁଲକୁ ଗୋଟିଏ କୃଷି ଓ ବୈଜ୍ଞାନିକ ଶିକ୍ଷା କେନ୍ଦ୍ର ରୂପେ ଗଢ଼ା ଯାଉଛି । ସର୍ବ ସାଧାରଣଙ୍କ ସାହାଯ୍ୟ ପ୍ରାର୍ଥନୀୟ

ଶ୍ରୀ ଅନୁଗ୍ରହ ନାୟକ
ଗୋପବନ୍ଧୁ ମେମୋରିଅଲ ସ୍କୁଲ
ପୋ. ଦାଣ୍ଡମୁକୁନ୍ଦ ପୁର
ପୁରୀ

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବୋରିକ୍ ଟାଫେଲଙ୍କର ହୋମିଓପ୍ୟାଥିକ ଔଷଧ ଓ କାଙ୍କା ନାଡ଼ିର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

**ଠିକଣା**

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ୟାତ୍, ହ ଶନ୍ଦ ଇସ୍ନ ଭୁଷାନ୍ତି ଜାନ୍ତେ



ଭାଦ୍ରବ ପ୍ରଥମାର୍ଦ୍ଧ ୧୪ ଶ ବର୍ଷ ପଞ୍ଚମ ସଂଖ୍ୟା ୧ । ୯ । ୫୦

## ଭୁଲକାହାର--ଚନ୍ଦ୍ରମଣି ବାବୁ ?

ଭୁଲ୍ ଆପଣଙ୍କର ନୁହେଁ କି ଆପଣଙ୍କ ତାଙ୍କର ନୁହେ ! ଭୁଲ ସେଇ ଅଦେହର—ଯାର ଦେହ ନାହିଁ—ଅଥଚ ସେ ଦେହୀକୁ ଦେହରେ ଭୁଲାଏ । ସେଥିପାଇଁ କେତେ ସୁରମା, କେତେ ବାବୁ, କେତେ ଅନୁ ସନୁ ଘର କୋଣରେ ବସି ଭାବନ୍ତି, ଲେଖନ୍ତି—'ତମର ସେ ସୁନ୍ଦର ମୁହଁକୁ ଦେଖିଲା ଦିନୁ ମୁଁ ପାଗଳ ହୋଇଛି ! ସେଦିନଠାରୁ ମୋ ମନର ଅବସ୍ଥା ଯେ କ'ଣ ହେଉଛି—ତା ମୋ ଛଡ଼ା କିଏ ଜାଣିବ ? ତମେ ଯଦି ମୋ ଅନ୍ତର ଚିରି ଦେଖି ପାରନ୍ତ ତାହେଲେ ତମେ ବିଶ୍ୱାସ କରନ୍ତ ।......'

କିନ୍ତୁ ଭୁଲ ପ୍ରକୃତରେ ସେଇ ଅନ୍ତରର । ଏ ଅନ୍ତର କେଜା ଅବିଶ୍ୱାସୀ କେହି ନାହିଁ । ସେଥିପାଇଁ ଅନ୍ତରଟା ଲୁଚିଥାଏ । ବିଶେଷତଃ ନାରୀର ଅନ୍ତର ବା ନାରୀକାର ଅନ୍ତର ।



ଆପଣ ସେ ମହାକାଳକୁ ଯେତେ ସୁନ୍ଦର ରୂପ ଦେଇଛନ୍ତି ସେଥିପାଇଁ ଉତ୍କଳର ନାରୀ ଜାତି ଚିର କୃତଜ୍ଞତା ପାଶରେ ଆପଣଙ୍କୁ ଅବଦ୍ଧ କରି ଅତି ଅତି ଅପସାର କରି ନେଇଛନ୍ତି ।

ଘରେ ଘରେ, ଘର କୋଣରେ—ଶେଯ ମଣ୍ଡା ମାଣ୍ଡି ତଳେ କେତେ ଗଣ୍ଡାର କୋମଳ ସ୍ପର୍ଶ ପାଇଛି ଆପଣଙ୍କର ଶ୍ରୀନାମ ଅଙ୍କିତ ପୁସ୍ତିକାବଳୀ ।

ଆପଣଙ୍କ ଭାଷାରେ ଯେପରି ସରଳ ନୃତ୍ୟର ଛନ୍ଦ, ଭାବର ସହଜ ବିକାଶ, ସେହିପରି ତାଳ ଲୟରେ ଗତି କରୁଛି—ଆପଣଙ୍କର ସମୁଦାୟ ସାହିତ୍ୟ

ଆପଣଙ୍କର ନୃତ୍ୟ ମୁଖର ସାହିତ୍ୟକୁ ଡଗର ଶୁଭନନ୍ଦନ ଜଣାଉଛି ।

ସମ୍ପାଦକୀୟ

## କଂଗ୍ରେସ ସଭାପତି

ଏକଦା କଂଗ୍ରେସର ସଭାପତିଙ୍କୁ ଭାରତର ମୁକୁଟ-ହୀନ ସମ୍ରାଟ ବା ରାଷ୍ଟ୍ରପତି ପଦରେ ଭୂଷିତ କରାଯାଉ ଥିଲା । ସ୍ୱାଧୀନତା ପରେ କଂଗ୍ରେସ ଆଉ ଜାତୀୟ ଅନୁଷ୍ଠାନ ନୁହେ । ଏହା ଏକ ଦଳଗତ ଦଳ ସ୍ୱାର୍ଥାପେକ୍ଷୀ ରାଜନୈତିକ ଗୋଷ୍ଠୀ । କଂଗ୍ରେସ ସଭାପତି ନିର୍ବାଚନରେ ଦେଶ ବାସୀଙ୍କ ଯେତିକି ଆଗ୍ରହ ତାହା କେବଳ କଂଗ୍ରେସ ଦଳ ହାତରେ ଶାସନର ବାଗ୍‌ଡୋର ଥିବା ହେତୁ ।

ଏବର୍ଷ କଂଗ୍ରେସ ସଭାପତି ନିର୍ବାଚନ ମୂଳରେ କୌଣସି ଆଦର୍ଶର ସମର୍ଥନ ସୂଚିତ ହେବ ବୋଲି ପଣ୍ଡିତ ନେହେରୁ କହୁଥିଲେ ପୂର୍ବରୁ । ତାହା ସତ୍ୟ ନ ହେଲେହେଁ ଅନେକାଂଶରେ ତାହା ଠିକ୍ । ଶ୍ରୀ ଶଙ୍କର ରାଓ ଦେଓ ପଟ୍ଟାଭିଙ୍କ ମାନେ ସବୁବେଳେ ଆବଶ୍ୟକ ଅନୁଯାୟୀ ନିଜର ମତିଗତିକୁ କେବଳ ବଦଳାଇ ଦେବାର ପକ୍ଷପାତୀ । ଶ୍ରୀଯୁକ୍ତ ଟାଣ୍ଡନ-ମୁରାପୁର ସାମ୍ପ୍ରଦାୟିକ ଭାବ ଅନେକାଂଶରେ ପୋଷଣ କରନ୍ତି । ଶ୍ରୀଯୁକ୍ତ କୃପାଳନୀ—ଗାନ୍ଧୀବାଦୀ । ଶ୍ରୀଯୁକ୍ତ ଟାଣ୍ଡନଙ୍କ ବିଜୟରେ କଂଗ୍ରେସରେ ଗାନ୍ଧୀନୀତିର ସମ୍ପୂର୍ଣ୍ଣ ପରାଜୟ ହୋଇଛି । ଏକଥା କଂଗ୍ରେସ ସ୍ପଷ୍ଟ ଭାବରେ ସ୍ୱୀକାର କରିବାର ବେଳ ଆସିଛି । ସେ ଯଦି ସେ କଥାରେ ତେବେ ବିଶୁଦ୍ଧ ଦାଲ୍‌ମା ବା ବକଧାର୍ମିକତାର ଦୁର୍ଗନ୍ଧ ସେଠାରେ ବେଶି ପରିଚୟ ହେବାକୁ ଡେରି ଲାଗିବ ନାହିଁ । ଆସନ୍ତା ନିର୍ବାଚନରେ ଗାନ୍ଧୀ ନାମକୁ ବ୍ୟବହାର କରିବା ପାଇଁ ସେ ଏବେ ବି ଆତ୍ମ-ଗୋପନ କରିପାରେ ।

ଯାହାହେଲେ ଶ୍ରୀଯୁକ୍ତ ପଣ୍ଡିତଜୀଙ୍କ ଭାଷାରେ କଂଗ୍ରେସ ଭିତରେ ସାଧୁ ଲୋକଙ୍କ ପାଇଁ ଆଉ ସ୍ଥାନ ରହିବ ନାହିଁ । ଧନପତି ଧପ୍‌ପାବାଜୀ, କାଳ ବଜାରୀ ହିଁ କଂଗ୍ରେସର ଆଦର୍ଶ ହୋଇଯିବ । କଂଗ୍ରେସ ଓ ଅନ୍ୟାନ୍ୟ ରାଜନୈତିକ ଦଳ ଭିତରେ ଏଣିକି ଆଉ କୌଣସି ପାର୍ଥକ୍ୟ ରହିବ ନାହିଁ ।

ଏପରି ଆଶଙ୍କା କରିବା ଅସଙ୍ଗତ ନୁହେ ଯେ ପଣ୍ଡିତ ନେହେରୁ ମଧ୍ୟ କଂଗ୍ରେସରୁ ଅଲଗା ହୋଇ ଯାଇ ପାରନ୍ତି ।

[ ପରବର୍ତ୍ତୀ ପୃଷ୍ଠାରେ ଶେଷ ଦେଖନ୍ତୁ ]

Digitized by srujanika@gmail.com

# କିଏ କଣ ଗାଉଛନ୍ତି

ବର୍ଣ୍ଣାଡ଼ଶ—

ପ୍ରସିଦ୍ଧ ଲେଖକ ବର୍ଣ୍ଣାଡ଼
ମାନନ୍ତି ନାହିଁ ବନ୍ଧ ବାଡ଼
ସନ୍ତୁ ବର୍ଣ୍ଣାଡ଼ କେହି କହେ
ବର୍ଣ୍ଣାଡ଼ ଶ' ନାମ ବହେ ।
ସେ ଏବେ ଭବିଷ୍ୟତ ବାଣୀ
ଗାଇ ଅଛନ୍ତି କାଳ ଜାଣି ।
ଶୁଣହେ ମନୁଷ୍ୟେ ଗଧ
ମହାରେ ଲାଗିଲେଣି ଯୁଦ୍ଧ
ଦୁଇ ପକ୍ଷରୁ କେହି ଏକ
ନଧର ଅଣୁର କାର୍ମୁକ
ବରଂ ଆଣବିକ ବୋମା
ନଧର ଅସ୍ତ୍ର ଶସ୍ତ୍ର ଜମା
ପ୍ରେମରେ ହେବେ ମଗ୍ନମର
ଶାନ୍ତିରେ ସର୍ବ ଜୁର କର ।
ଶାନ୍ତି ନାମରେ ଏକ ଭୂତ
ନରଙ୍କୁ କରିବ ଜବତ ।

ରସେଲ—

ବୋଲନ୍ତି ରସେଲ ଯେ ସାଧୁ
ଇଂଲଣ୍ଡ ଜାଣେ ପୂର୍ଣ୍ଣ ବନ୍ଧୁ ।
ଆମ୍ଭର ପଶ୍ଚିମ ସଭ୍ୟତା
ରୁଷିଆ କାଟିବ ତା ମଥା ।
ତେଣୁ ସରବେ ସାବଧାନ
ଧର ହେ ଅଣୁ ଅସ୍ତ୍ର ମାନ
ମୂଳ ରୁଷକୁ ଦିଅ ମାରି
ଷ୍ଟାଲିନ ସଙ୍ଗେ କଅଁାଳିଲ ?
କହଇ ବାଟ୍ରାଣ୍ଡ ରସେଲ
ପୃଥିବୀ ମୁହିଁ ଏକା ସଲ ।

ଚର୍ଚ୍ଚିଲ—

କହନ୍ତି ଚଢ଼ା ଯେ ଚର୍ଚ୍ଚିଲ
ସିନ୍ଧାଣା ପଣେ ଶଙ୍ଖ ଚଲ ।
ଶୁଣ ଆମ୍ଭର ଅସ୍ତ୍ର ଅଣୁ
ରୁସିଆ ଗ୍ରେରଇଲ୍ଲ ଯେଣୁ
ସେ ଏବେ ହେଉଛି ଯଡାପି
ଲଣ୍ଡନର ବାଡ଼ ଆଗେ ଥାପି ।
ଶବଧ ଅସ୍ତ୍ର କରେ ସାଜ
ସରବେ ସାବଧାନେ ହେଜ ।
କୋରିଆ ଅବା ତୁର୍କ ପଠ
ସିରିଆ ଆରବ ସକଠ
ତହ୍ନୁ ବଳି ଯେ ଘର ମଝେ
ପଶ୍ଚିମ ଇଉରୋପ ସାଜେ
କମିନିଷ୍ଟଙ୍କୁ ମୂଳ ପୋଛ
ନ କଲେ ସଂସାରଟି ମିଛ ।
ଯଦି ରୁସିଆ ନ ମରିବ
ମାୟା ସଂସାରେ କିସ ଲାଭ ?

ଶ୍ରୀ ଅରବିନ୍ଦ—

ଶୁଣରେ ଶୁଣ ବିଶ୍ୱବାସୀ
ରୁସିଆ ହେବ କାଳ ଫାସି ।
କେବଳ ନୁହଇ କୋରିଆ
ଗ୍ରାସିବ ଭାରତେ ସେ ନିଅଁ ।
ଷିତକ ବେଳରୁ ଯେ ବେଳ
ସେ ହତ ହୋଇବ ପ୍ରବଳ ।

ଅବଦୁଲ୍ଲା—

ଆମ୍ଭେ କାଶ୍ମୀର ସରକାର
କିବା ଏ ପାକିସ୍ଥାନ ଛର—
ମହାମଣ୍ଡଳ ନହିଁ ଜନ
ଛଡ଼ାଇ ନେବ ମୋ ଆସନ ।
ଯଦ୍ୟପି ଲଆକତ ଅଲି
ସ୍ୱର୍ଗକୁ ବାରେ ଯିବେ ଚାଲି ।
ତେବେ ବା କହି ମୁଁ ନପାରେ
ଖପିସ ଲାଗିବ କାଠାରେ
ସେ ସ୍ୱର୍ଗ ପୁରର ବାରତା ।
ନଜାଣେ ଆମ୍ଭ ସ୍ୱାଧୀନତା
ପାକିସ୍ଥାନକୁ ଭଲେ ଜାଣି;
ତେଣୁ ଜାହିଦ ପଥେ ବଣା ।

ଡ଼କାସନ—

ଦୁଇ ବାନର ମଧ୍ୟେ କଳି
ମାଡର ପଡ଼ିଏ ଚଳିଳ ।
ଏହାଙ୍କୁ କହ ହିଗ ଭାଗ—
ମୁଁ ବାଣ୍ଟି କରି ଦିଏଁ ଆଗ ।
ଅଥବା ଯଦି ଯାଆ' ହାତରେ
ଅଛି ତା ଦିଅ ମୋହ କରେ
ଦାତା ପଣକୁ ବଳିହାରି
ଜାତି ସଂଘରେ ମୁଁ ପ୍ରଚାରି
ଇଂଲଣ୍ଡ ଆମେରିକା ପଦେ
ସମର୍ପି ପ୍ରାଣ ଗଦ ଗଦେ ।
ଦୁହିଙ୍କି କରିବି ମୁଁ ପାରି—
ତୁମ୍ଭେ ଯେ ଅରକ୍ଷିତା ନାରୀ ।

କାଟଜୁ—

ଶୁଣ କୁମାରୀ ନାରୀଗଣ
ସୀତା ଆଦର୍ଶ ଅନୁତ୍ରାଣ ।
ସକଳେ ସୀତା ପରି ସତୀ
ହୋଇବ ଯେ ପତି ବରତୀ ।
ଯେମନ୍ତେ ରାମ ଉତ୍ପାଦନ
ଅଧିକ ହେବାର କାରଣ
ମୁଁ ରାମରାଜ୍ୟ ଅଛି ଥାପି
ଏକଥା ନଭୁଲ କଦାପି ।

ମେଦ—

ନାରୀଏ ଧରି ତରବାରୀ ।
ଅଥବା ହେଲେ ଦଣ୍ଡଧାରୀ
ଝାନ୍ସୀ ରାଣୀ ବା ଲକ୍ଷ୍ମୀବାଇ,
କଥା ଶୁଣି ମୋ ଡ଼ରଁ ନାହିଁ ।
ନାରୀକି ଦେଖିଲେ ତକ୍ଷଣ
ମୁଁ ସିନା ପାଏଁଟି କଷଣ ।
ତେଣୁ ସକଳ ନାରୀ ଗଣ
ଛାଡ଼ ହେ ଅସ୍ତ୍ର ଶସ୍ତ୍ର ରଣ ।
କୋମଳ ମଧୁର ଗୃହିଣୀ,
ଥାଅ କପାଇଁ ଅସ୍ତ୍ର ପୁଣି ?

---

(ସମ୍ପାଦକୀୟ ପରପୃଷ୍ଠା ଇହାରୁ)

ଆମ ମତରେ ପ୍ରକୃତ ଗାନ୍ଧୀ ପନ୍ଥାବଲମ୍ବୀ ମାନେ ବର୍ତ୍ତମାନ କଂଗ୍ରେସରୁ ସ୍ୱତନ୍ତ୍ର ହୋଇ ଏକ ଶୁଦ୍ଧ ରାଜନୈତିକ ଦଳ ହିସାବରେ ନୂତନ ସଂଗଠନ ଆରମ୍ଭ କରିବା ଉଚିତ । ଏ ଅନୁଷ୍ଠାନ ଏକ ଆଦର୍ଶ ରାଜନୈତିକ ଦଳ ହେବ—ଏବଂ କଠିନ ଅନୁଶାସନ ଭିତରେ ନିଜକୁ ନିୟନ୍ତ୍ରିତ କରି ଲୋକଙ୍କ ଆଗରେ ଗାନ୍ଧୀ ପ୍ରଦର୍ଶିତ ଧାରାକୁ ଉପସ୍ଥାପିତ କରିବ । ଲୋକେ ଯଦି ଗାନ୍ଧୀବାଦକୁ ଫିଙ୍ଗି ଦିଅନ୍ତି— ସେ ସ୍ୱତନ୍ତ୍ର କଥା । କିନ୍ତୁ ଗାନ୍ଧୀ ନାମରେ ଯାବତ ଅସାଧୁତାକୁ ଆଉ ବେଶି ଦିନ ପ୍ରଶ୍ରୟ ଦିଆଯାଇ ନପାରେ । ନ:ମ.



Digitized by srujanika@gmail.com



### ପୁନର୍ମୂଷିକୋ ଭବ

କେଉଁ ଦାଦସ ଦଲ୍ଲୀରୁ ସ୍ୱାଧୀନତା ବାଦ ପୁଣି ସଂକଳ୍ପ ବାଦରୁ ଓଲ୍ଲିଖି ରାଜଧାନୀ ଥରକୁ ଥର ବଦଳାଇ ନାମ ରଖି ଯାଇଥିଲେ । ଓଡ଼ିଶାର ସେକାଳିଆ ମନ୍ତ୍ରୀ ମଣ୍ଡଳ କେବଳ କଟକରୁ ଭୁବନେଶ୍ୱର ରାଜଧାନୀ ଉଠାଇ ନେଇଥିଲେ ଅଧ ନାମ ରଖି ଯାଇଥାନ୍ତେ । ମାତ୍ର ପୁଣି ଶୁଣା ଯାଉଛି ଭୁବନେଶ୍ୱରରୁ ପୁରପୁର କଟକକୁ ରାଜଧାନୀ ଉଠି ଆସିବ । ଅତଏବ ଆମ ସରକାରଙ୍କର ନାମଟା ପୁଣ ଇତିହାସରେ ରହିଯିବ । ତଥା ବାଳବୋଧ କଥା ବଳରେ ବିଷ୍ଣୁ ଶର୍ମାଙ୍କ ପୁନର୍ମୂଷିକୋ ଭବ ଉପାଖ୍ୟାନର ନବାନ୍ତନ ସଂସ୍କରଣ ମଧ୍ୟ ହୋଇଯିବ ।

### ପୂର୍ବ ଗୌରବ ଫେରିବ

ଭୁବନେଶ୍ୱରଟା ଭାରତ ସରକାରଙ୍କ ସେନା ଛାଉଣୀ ହୋଇଯିବ ବୋଲି ଗୁଜବ । ଓଡ଼ିଆ ତ ଯୋଦ୍ଧା ଜାତିର ଦେଶ । ଏଠି ଟାଇଟ ପଲ୍ଟଣଟାଏ ନରହିଲେ ମାନିବ ନାହିଁ । ତେବେ କଥା ହେଉଛି ବୀର ଓଡ଼ିଆ ଏମାନଙ୍କ ଭିତରେ କେତେଜଣ ରହିବେ ସେତିକ ଆମ ଜାତିଲ୍ଲ ଫଳ ଜଣାଇ ଦେବ । ନହେଲେ ଚିନ୍ତା ନାହିଁ । କଟକ ରାଜଧାନୀ ପାଖରେ ସେନା ଛାଉଣି ହେଲେ—ଗୋଟାଏ ପୁରୁଷ ଭିତରେ ହୁଏତ ରକ୍ତ ପରୀକ୍ଷା କଲେ ଦେଖାଯିବ ଯେ ଓଡ଼ିଆ ରକ୍ତ ଓ ମିଲିଟାରୀ ରକ୍ତ ଭିତରେ ଆଉ ତଫାତ୍ କିଛିନାହିଁ । ମାଇଚିଆ ଓଡ଼ିଆ ଗୁଡ଼ାକ ପୁଣି ପୂର୍ବ ଗୌରବ ଫେରି ପାଇବେ ।

### ବଚେଲା ମଧ୍ୟେ—

ପୁଣି ଶୁଣା ଗଲାଣି ନବ ବାବୁ ଇସ୍ତଫା ଦେଇ ପଥ ପରୀବ ଅନୁଗୁଳ ଯିବେ, ଆଉ କଟକ ମୁହଁ ନ ଦେଖିବେ । ଏଥିର କାରଣ ଜଣା ନଗଲେ ବି ହାତୀ ମର ଭୂଲ୍ଲ ତାଳୁଡ଼ି ଷଡ଼ନ୍ତୁ । ବକ ମେଳରେ ହଂସ ରହିଲେ ହାନସ୍ତା ହେବା କଥା । ତେଣୁ ନବବାବୁ ସବୁକଥ ଜାଣି ଶୁଣି ଆସିଥିଲେ ସେତେବେଳେ ମନେ ହେଉଥିଲା କିଛି ମଣ୍ଡଳୀ ପକ୍ଷ ବା ଗଣପକ୍ଷ ଅଛି । କିନ୍ତୁ ଗ୍ରୀଷ୍ମକାଳ ସମୟରେ ଚେଷ୍ଟା ନଟେଗାଷ୍ଠି ପାଇ ବୈଷ୍ଣବ ହୋଇଗଲେ ବୋଲି ଦୁର୍ନାମ ଦେବେ ଯେ ।

### ଭୂଇଁ କମ୍ପ—

ଆସାମରେ ଭୂଇଁ କମ୍ପ ହୋଇ ବହୁ ଧନଜନ କ୍ଷୟ ହୋଇଛି । ଗାନ୍ଧୀଜୀ ବିହାର ଭୂଇଁ କମ୍ପକୁ ଅସ୍ପୃଶ୍ୟତା ପାପର ପ୍ରାୟଶ୍ଚିତ୍ତ ବୋଲି କହିଥିଲେ । ଏବେ କେଉଁ ପାପରୁ ଏ ଭୂଇଁ କମ୍ପ ହେଲା ଗାନ୍ଧିବାଦୀ ମାନେ ଠିକଏ ବିଚାର କରନ୍ତୁ । କେହି କେହି କହୁଛନ୍ତି, ଆସାମରେ ପ୍ରଧାନ ମନ୍ତ୍ରୀ ବରଦୋଲୋଇ ପୁଣ୍ୟାତ୍ମା ଥିଲେ ବୋଲି ଅଦ୍ୟାବଧି ଭୂଇଁ କମ୍ପ ନହୋଇ ରହିଥିଲା । ସେ ଦେହ ଛାଡ଼ିବା ପରେ ପାପ ବେଢ଼ିଗଲା । ଆସାମରେ ଯେଉଁ ଜଳ ପ୍ରଶାସନ ଦୋଷର ପାତ୍ ଗୁଲଥିଲା—ତା ତ ସର୍ବଜନ ବିଦିତ । କିନ୍ତୁ ଓଡ଼ିଶାରେ ଯେ ତାହୁ ବଳ । ଏଠି ପୃଥ୍ୱୀ ଏ ଭାର ଅଦ୍ୟାବଧି ସହୁଛି କମିତ କେଜାଣି ? ତଥାପି ନୂଆ କୋଠାରୁ ବନା ଭୂଇଁ କମ୍ପରେ ତ ପାଣି ପଡ଼ିଲା । ଲୋକେ କହୁଛନ୍ତି ନବବାବୁ ମନ୍ତ୍ରୀ ନହୋଇ ଥିଲେ ଓଡ଼ିଶାରେ ଅଳ୍ପ ବଢ଼ୀ ଓ ଭୂଇଁ କମ୍ପ ହୋଇଥାନ୍ତା । ନବବାବୁ ମନ୍ତ୍ରୀଗାଦୀ ଛାଡ଼ିଲେ ବରଦୋଲୋଇଙ୍କ ଦେଶ ଆସାମ ଭଳି ଓଡ଼ିଶାର ଅବସ୍ଥା ବି ସେମିତି ହୋଇଯିବ । ମାତ୍ର ଏବେ ଯେ ଶୃଙ୍ଖଳ ପଡ଼ିଅଛି ଦଳଙ୍କ ଅଣିରେ ଅନ୍ଧ ପୁତୁଳି ବାନ୍ଧି ସବୁ କାମ ଚାଲିଛି—ସେ ପାପ କିଏ କେଉଁ ପାର କରି ପାରିବେ ? ଶେଷକୁ ଦଳକୁ ଖାଇ ଶୃଙ୍ଖଳ ମଧ୍ୟ ଖାଇଯିବେଟି ।

### ଦିଲ୍ଲୀ ଦଉଡ଼

ଶ୍ରୀଯୁକ୍ତ ମହତାବ କଟକ ଛାଡ଼ି ହସ୍ତିନା ପୁରକୁ ବଳେଇଲା ପରଠାରୁ ଏଠା ଗୋପି- ମାନଙ୍କର ଅବସ୍ଥା ଉନ୍ମାଦନ ଅସମ୍ଭାଳ ହେଲା । ଗଲା କଂଗ୍ରେସ ସଭ୍ୟ ନିର୍ବାଚନରେ ତାଙ୍କ ଦକ୍ଷିଣ ବାମ ସବୁ ପକ୍ଷ ସାଙ୍ଗ ଛେଦି ହୋଇଗଲା । ବୀର ଇନ୍ଦ୍ରଙ୍କ ସହାୟ ଶିଶିଙ୍କ ବଳ ବିଦ୍ଧଳକୁ ଲାଗିଲେ । ଇନ୍ଦ୍ରଙ୍କ ତେଜ ଓନ୍ଧରୁ କାହିଁ ଉଡ଼ିଗଲା । ସାଥି ବୃନ୍ଦ ଦେକେ ଅର୍ଥାରେ ସରକ୍ଷୁଣ୍ଣ ପଦ ବାନ୍ଧିଲେ । ଅଧିକନ୍ତୁ ଓଡ଼ିଆ ଭୂଇଁର ଏକଛତ୍ର ଶାସକଙ୍କ ବଳ ଆଉ ତୃଣକୁ ବାହାର ପାରିଲୁ ନାହିଁ । ସେ ହା ଅସି ଅବସରରେ ଗ ହେଲ ନିର୍ବାଚନ ମୁରରେ କାଳ କର୍ତ୍ତା, ପ୍ରଦେଶ କର୍ତ୍ତା ମନେ ଥାଇଥିର ଯାଉଥିଲେ—ମାଲଗେ ପ ମର ଛିଡ଼େଇ ମୁଁ ଥିନ୍ ଥିନ୍ ଗଲା କରି ଉଡ଼ୁଥିଲା ସେ ଏଣିକି କୋଠାଆ ଭଳ ହୋଇ ରହିଲେ । ଏଥିକୁ ଉପାୟ ନପାଇ ବୁଦ୍ଧି ପରାମର୍ଶ ଆଣିବା ପାଇଁ ଦିଲ୍ଲୀ ରମନା ହୋଇଛନ୍ତି । ଦିଲ୍ଲୀରୁ ଫେରି ଓଡ଼ିଶାରେ କିଛି ନୂଆ ନାଟକଟି ଗୁଲ ଥରମ୍ଭ ହେବାର ସମ୍ଭାବନା ।

### ଲିଆକତଙ୍କ କୀର୍ତ୍ତି କୌତ

ଲୁଡୁ ବା ଗୁଲ ବାଗୁଡ଼ି ଚିତ୍ର କିଚ ଖେଳରେ ବଡ ପାକିଡାଏ ହାଙ୍କି ଲୁଚୁଡ଼େଇ ଦେବା ଜାତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଲିଆକତଙ୍କୁ ଭଲ ଆସେ । ଅଦ୍ୟାବଧି ପଣ୍ଡିତ ନେହେରୁ ସେଇ ଚମକରେ ଦବକି ଯାଉଥିଲେ ପରି ଲାଗୁ ଥିଲା । ଏଥର କିନ୍ତୁ ନେହେରୁ ବେଗ ଚହଳାଇ ଉଠାଇ କହୁଛନ୍ତି—ଡ଼ଇସନ୍ ମିଳା ମିଶାର ସଫଳତା ପାଇଁ ପାକିସ୍ତାନ ଶହେରୁ ଶହେ ଦାୟୀ । କିନ୍ତୁ ଲିଆକତ୍ ସେମିତି ହାବରେ ଯୋଡ଼ାରେ ସିଦ୍ଧେଇ ମୁହଁକୁ ସଫା କରି ଜାଲ ଭଥାରୁ ଅଙ୍କ ଲଭାଇ ଦାଣ୍ଡରେ ଚହଟି ଉଠିବେ—ନେହେରୁ ତ ତା ପାଇବେ ନାହିଁ । ପାକିସ୍ତାନ ଓଲଟି ଏବେ ବି କହୁଛି—କାଶ୍ମୀର ଆକ୍ରମଣ ଭାରତର ଜବର ଦସ୍ତି ।

### ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ

ପଣ୍ଡିତ ନେହେରୁ ଯେ କାଶ୍ମୀରରେ ଖଣ୍ଡ ଭୋଟ ନେବାକୁ ରାଜି ହେଲେ ଏକଥା ଶୁଣି ଖଡାଇ ହେବାକୁ ଭାଗ୍ୟ ଗରଜ ବୋଡ ଜାବଡ ନାହନ୍ତି ପଣ୍ଡିତଜୀ ତ ଜନ୍ମରୁ ପଣ୍ଡିତ । କାଶ୍ମୀରକୁ ଖଣ୍ଡ ଖଣ୍ଡ କରି ସଧେ ନଦେବା ଯାଏଁ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ ଶ୍ଳୋକାଂଶଟା



Digitized by srujanika@gmail.com

ମିଥ୍ୟା ହୋଇଯିବ ଯେ । ନେହେରୁଙ୍କୁ ପଣ୍ଡିତ କରି କାଶ୍ମୀରରୁ ଅଧେ ଭାରତକୁ ଛଡ଼ିବାକୁ ପଡ଼ିବଇ ପଡ଼ିବ ।

### ପାତାଳ ପ୍ରବେଶ

ଆସାମରେ ଗୋଟିଏ ଶେଯ ଝିଅ ଶୋଇ ଥିଲା ବେଳେ—ବସୁଧା ଦବିଗଲା ଓ ପିଲାଟି ଭୂଇଁ ତଳେ ରହିଗଲା ବୋଲି ସଂବାଦ ମିଳିଛି । ସୀତା ମଧ୍ୟ ଦିନେ ଏମିତି ପାତାଳ ପ୍ରବେଶ କରିଥିଲେ । ମାତ୍ର ଏ କଳିକାଳରେ ଯେ ଏଭଳି ପାତାଳ ପ୍ରବେଶ ସମ୍ଭବ ଏକଥା କେହି ସହଜରେ ବିଶ୍ୱାସ କରିବେ ନାହିଁ । କଳିକାଳରେ ଗୋଟିଏ ମାତ୍ର ପାତାଳ—କଳା ବେପାରୀଙ୍କ ଗୋଦାମ ! ସେ ପାତାଳରେ ଯେ କେତେ ଝିଅ ଯୁବା ବୃଦ୍ଧା ଲୁଚି ଯାଉଛନ୍ତି ତାର ସୀମା ନାହିଁ । ମନେ ହୁଏ ଏ ପାତାଳ ପ୍ରବେଶଟି ତା'ର ପ୍ରତୀକ ବାଦ ।

### କୁକୁର କାମୁଡ଼ା—

ଇଂରେଜୀରେ ଗୋଟିଏ କଥା ଅଛି— କୁକୁର ମଣିଷକୁ କାମୁଡ଼ିବ ବୋଲି ମଣିଷ କଣ କୁକୁରକୁ କାମୁଡ଼େ ? କିନ୍ତୁ ବମ୍ବେଇରେ ଏ ଘଟଣା ସତ୍ୟ ହୋଇଯାଇଛି । ଗୋଟିଏ କୁକୁର କୌଣସି ସୈନ୍ୟଙ୍କୁ କାମୁଡ଼ିବାରୁ ସୈନ୍ୟଟି ମଧ୍ୟ ରାଗରେ କୁକୁରକୁ କାମୁଡ଼ିଲା । କିନ୍ତୁ କୁକୁରକୁ ଦଣ୍ଡିତ କରିବା ପାଇଁ ବିଗୁଡ଼ାଇବା ନଥିଲା । ମାତ୍ର ପଶୁପ୍ରତି ନିର୍ଦ୍ଦୟ ହେବା ଅପରାଧରେ ସୈନ୍ୟର ବିଚାର ହୋଇଛି । ଏହା ମଧ୍ୟ ପାକିସ୍ତାନର ଭାରତ ଆକ୍ରମଣ ଘଟଣାର ଏକ ପ୍ରତୀକ-ବାଚୀ ଘଟଣା ବୋଲି କେହି କେହି ଧରୁଛନ୍ତି ।

### ଗୋଳ ମାଳ

ମୟୂରଭଞ୍ଜରେ କଂଗ୍ରେସ ଓ ସୋସାଲିଷ୍ଟ ଦଳ ରାଜନୀତି କରୁ କରୁ ଗୋଳମାଳ ଆରମ୍ଭ କରିଛନ୍ତି । ଦିନାକେତେ ତଳେ ଜଣେ କଂଗ୍ରେସ ଏମ୍‌ଏଲ୍‌ଏଙ୍କ ଚରିତ୍ର ନେଇ ଓଡ଼ିଶାର ସୋସାଲିଷ୍ଟ ନେତା ଏକ ଧୂଆଁ ବାଣ ଛାଡ଼ିବା ପରେ, ଏମ ଏଲ ଏଙ୍କ ଦୋଷିତ ପତ୍ର ଏବେ ଗୋଟିଏ ସୋସାଲିଷ୍ଟ କର୍ମୀଙ୍କ ଚରିତ୍ରରେ ଥୋଡାଏ କାଳି ବୋଳି ଦେଇଛନ୍ତି । ଯାହା-ହେଉ ଏମିତ ହୋଳି ଖେଳଟା ରାଜନୀତିରେ ବେଶ୍ ମିଠା ଲାଗେ ଏବଂ ଏଥିରେ ଯିଏ ଯେତେ ପାରଗ ସେ ସେତେ ବଡ଼ ଖେଳାଳୀ । ଯିଏ ନଖେଳି ମଧ୍ୟ ନା ପକାଏ—ସେ ତାଙ୍କ ବଡ଼ା ଖେଳାଳୀ ।

### ପୁରୀରେ ଡୁସୀ

ପୁରୀ ସହରରେ ସିନେମା ତରଫରୁ ତାଳବାଜ ଯନ୍ତ୍ରର ଡୁସୀ ବାଜିବାରୁ ମହେନ୍ଦ୍ର ଦେବଙ୍କ ତପସ୍ୟା ଭଙ୍ଗ ଗଲା ବୋଲି—ସେ କାହାଣୀକି ଜନଗଡ଼ କରିଦେବା ପାଇଁ ପୁରୀ ମିଉନିସିପାଲିଟି ଆଦେଶ ଦେଇଛନ୍ତି ବୋଲି ଶୁଣାଯାଏ । କିନ୍ତୁ ପୁରୀର ନେତାମାନଙ୍କ ପାଟି ତୁଣ୍ଡରେ ଯେ ବେଳେ ବେଳେ ପିଲାଙ୍କ ନିଦ ଭଙ୍ଗି ଯାଏ ତାହାର କି ପ୍ରତିକାର କରିହେବ— ମିଉନିସିପାଲିଟି କର୍ତ୍ତାମାନେ ବିଚାର ଦେଖିବେ କି ?

### କେନ୍ଦୁ ପତ୍ର

ସଂବାଦ ମିଳିଛି ଯେ ସମ୍ବଲପୁରରୁ 'କେନ୍ଦୁପତ୍ର' ନାମକ ଗୋଟିଏ ସମ୍ବାଦପତ୍ର ଶୀଘ୍ର ବାହାରିବ କିମ୍ବା ପୂର୍ବରୁ ୨ଥର ନାମ ପରିବର୍ତ୍ତନ କରିଥିବା କୌଣସି ସଂବାଦପତ୍ରର ପୁଣି ନୂତନ ନାମ ପ୍ରକରଣ ହେବ । ଆମର ବିଶ୍ୱାସ କେନ୍ଦୁପତ୍ରର ସଦ୍‌ବ୍ୟବହାର କରୁଥିବା କୌଣସି ସ୍ୱନାମଖ୍ୟାତ ଲୋକ ପତ୍ରିକାଟିକୁ ହାର ସଂପାଦକ କରିଯିବ—

### ବିନା ମେଘେ ବଜ୍ରପାତ

ମେଘ ନାହିଁ ଫେଗ ନାହିଁ ହଠାତ୍ ଦାରିପଦା ଫୁଟବଲ ପଡ଼ିଆରେ ସ୍କୁଲପିଲାଙ୍କ ଉପରେ ହେଲା ବଜ୍ରପାତ । ଶୁଣା ଯାଉଛି— ଏ ବଜ୍ରପାତର କାରଣ ସରକାର ଅନୁସନ୍ଧାନ କରୁଛନ୍ତି ମାତ୍ର ତାହା ପୂର୍ବରୁ ବିଲୁଆ ସଭା ଏହାର କାରଣ ଜାଣିପାରିଛନ୍ତି । ସ୍ୱାଧୀନ ରାଜ୍ୟ ହେବା ପରେ ଓଡ଼ିଶାର ନୂଆ ପୁଲିସ-ଙ୍କର ଜନ୍ମ ରହସ୍ୟ ନ ଜାଣିଲେ ଏ କାହାଣୀ ସହଜ ହେବ ନାହିଁ । ସ୍ୱାଧୀନ ଓଡ଼ିଶାର ସ୍ୱାଧୀନ ପୁଲିସ ଯେ ବାରମିଶା ଅର୍ଥାତ ଗଡ଼ଜାତ ଓ ମୋଗଲବନ୍ଦି ମିଶାମିଶି । ଓଡ଼ିଶା ପୁଲିସଙ୍କ ମା ହେଉଛନ୍ତି— ଢେଙ୍କାନାଳର କର୍ତ୍ତା । ବାପ ପଣ୍ଡାଙ୍କ ଅନୁରୋଧରେ ସେ ଇନ୍ଦ୍ରଙ୍କୁ ସ୍ମରଣ କରିବାରୁ ଇନ୍ଦ୍ରଙ୍କ ଔରଷରୁ ଓଡ଼ିଶା ପୁଲିସଙ୍କ ଜନ୍ମ ହେଲା । ସେଥିପାଇଁ ଇନ୍ଦ୍ର ଶ୍ରଦ୍ଧାରେ ପୁତ୍ରକୁ ବଜ୍ର ଦେଇଗଲେ ଏବଂ ବରଦେଇଗଲେ ଯେ—ପୁଅ ତୁ ମେଘରେ ବିନା ମେଘରେ ବଜ୍ର ବର୍ଷଣ କରିପାରିବୁ । କାରଣ ତମ ଜନ୍ମ ପରା ଗଡ଼ ଯାଉଛନ୍ତି—

କେ ବୋଲଇ ମୁହିଁ ଅଟଇ ପୁଲିସ
ବିନା ମେଘେ ସୃଜି ପାରଇ କୁଳିଶ ।

### ଧାନ ହରଣ

ମୟୂରଭଞ୍ଜ ପାଞ୍ଚ ପୀଢ଼ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିଲାଣି ବୋଲି ସୋସାଲିଷ୍ଟ ମାନେ ମିଛଟାରେ ଚହଳ ପକାଇଛନ୍ତି । ପୁଣି କହୁଛନ୍ତି ୪ ଜଣ ଲୋକେ ଅନାହାରରେ ମଲେଣି । ଓଡ଼ିଶା ସରକାର କିନ୍ତୁ ଏକଥା ଜାଣନ୍ତି ନାହିଁ ତ ! କେବଳ ସେ ଅଞ୍ଚଳକୁ ଧାନ ପଠାଇବାର ବ୍ୟବସ୍ଥା କରୁଛନ୍ତି ମାତ୍ର । କାରଣ ବୋଧହୁଏ ସେ ଅଞ୍ଚଳରେ ଭୂମିକମ୍ପ ହୋଇ—ଧାନସବୁ ପାତାଳରେ ପଶିଗଲାଣି । ମାତ୍ର ଦୁର୍ଭିକ୍ଷ କାହିଁ ? —ଦୁର୍ଭିକ୍ଷ ତେବେ ହେଲା କେଉଁଠାରେ କିନ୍ତୁ ପାଞ୍ଚ ପୀଢ଼ର ଧାନ ହରଣ କଲା କିଏ ? ସେ ଅସୁରକୁ ମାରଣ କରି ପାରିବାର ପୁରୁଷପଣ କେଉଁ ମର୍ଦ୍ଦାଙ୍କର ଅଛି ?

### ମନ୍ତ୍ରାଧୋ ଶ୍ରୀ ବିଶ୍ୱନାଥଃ

ଓଡ଼ିଶା ପ୍ରାଦେଶିକ କଂଗ୍ରେସର ମୁଣ୍ଡ ଧାରଣା କିଏ ହେବ ସେଥିପାଇଁ ଲୋକ ମିଳିଲେ ନାହିଁ । ସମସ୍ତେ କେମନ୍ତେ ନାରାଜ ହେଲେ । କାରଣ କଂଗ୍ରେସ ସଭାପତି ହେଲେ ଚିପୁଡ଼ିଲେ ଆଉ କୁଆଡ଼େ ରସ ବାହାରୁ ନାହିଁ । ସେଥିପାଇଁ ସର୍ବଶେଷରେ ଶୁଷ୍କ ନୀରସିଆ ବିଶ୍ୱନାଥ ଦାସଙ୍କୁ ସମସ୍ତେ କହିଲେ—

ଯେତୁବା ହୁଅନ୍ତି ଅନାଥ
ତା' ନାଥ ତୁମ୍ଭେ ବିଶ୍ୱନାଥ ।
ଉତ୍କଳ କଂଗ୍ରେସର ଭେଳା
ନାଉରୀ ବିନା ଭାସିଗଲା ।
ଏକ କୃଷ୍ଣ ତ ଛାଡ଼ି ଗୋପେ
ରହିଲେ ରୁକ୍ମିଣୀ ସମୀପେ ।
ଆରେକ କୃଷ୍ଣ ବଡ଼ାନସୀ
ପଠାରେ ବଜାଅନ୍ତି ବଂଶୀ ।
ଏଠି କେ କଡ଼ ନାବ କେଳ
କରିବ ଧେନୁ ଗୋଠ ବଳୀ ।
ଆମ୍ଭର ନାଥ ତୁମ୍ଭେ ତେଣୁ,
ତାରଣ ନିସ୍ତାରଣ ଯେଣୁ ।

### ବାଟଲିଷ୍ଟରଠୁ ବାଲଟେଷ୍ଟର

ବାଲେଶ୍ୱର ଜିଲ୍ଲାବୋର୍ଡ଼ର ନୂଆ ଚେଆର ମ୍ୟାନ ପ୍ରଥମ ଭାଷଣରେ କହିଲେ—ମୁଁ ତ କିଛି ଜାଣେ ନାହିଁ—ମୋତେ ହେଡ଼କ୍ଲର୍କ ଶିଖାଇବେ । ବାସ୍ତବରେ ଚେଆରମ୍ୟାନ ତ ଜିଲ୍ଲାବୋର୍ଡ଼ ଅଫିସରେ ବାଳକ । ତେବେ ତାଙ୍କ ପାଇଁ ସିଲେଟ ପେନସିଲ୍ ବାଳବୋଧ ପୁସ୍ତକ ଓ ଖଣ୍ଡେ ଛାଟର ବ୍ୟବସ୍ଥା କରି କିଣ୍ଡରଗାର୍ଟେନରେ ପଢ଼ିବା ପାଇଁ ଆସନ୍ତା ବୋର୍ଡ ମିଟିଂ ନିର୍ଦ୍ଧାରଣ କରିବେ ବୋଲି ଆଶା ।



Digitized by srujanika@gmail.com

# ଜୀଅନ୍ତା ଭୂତ

ଶ୍ରୀ ଧବଳ ପ୍ରସାଦ ତ୍ରିପାଠୀ

ତାକୁ ଆମେ ଡାକୁଥିଲୁ---ଲଲ୍ଲୁ! ଭଲ ନାଁ ଅବଶ୍ୟ ଗୋଟାଏ ତାକୁ ନଥିଲେ, ଏମିତି ପିଲା କେହି ନଥିଲେ। ହିନ୍ଦିରେ ଲଲ ଶବ୍ଦର ଅର୍ଥ---ପ୍ରିୟ ଏ ନାଁଟା ତାକୁ କିଏ ଦେଇଥିଲା ଜାଣେନା, କିନ୍ତୁ ପ୍ରକୃତରେ ଥିଲା ସେ ସମସ୍ତଙ୍କର ପ୍ରିୟ।

ମାଇନର ସ୍କୁଲରେ ପଢୁଥିଲା ବେଳେ ଆମର ଗୋଟାଏ ଦଳଥିଲା। ଲଲ୍ଲୁ ଥିଲା ତାର ସର୍ଦ୍ଦାର। ତାର ଅସୀମ ବଳ ଓ ଦୁଃସାହସିକତା ତାକୁ ଏ ଗୌରବ ଦେଇଥିଲା। ଭୟ କାହାକୁ କହନ୍ତି ସେ ଜାଣି ନଥିଲା। କଟିକଟିଆ ଅନ୍ଧାର ରାତିରେ ବାଜିପାଇ ସେ ଯେ କୌଣସି ଦୁର୍ଗମ, ଭୟଙ୍କର ସ୍ଥାନକୁ ଯାଇପାରେ। ଆଉ ଗୋଟାଏ ଭଲ ଗୁଣ ଥିଲା ତାର, କୌଣସି ବିପଦରେ ପଡ଼ି ଯଦି କିଏ ଅସମର୍ଥରେ ତାକୁ ଡାକେ ତେବେ ଯେତେ କାମଥିଲେ ମଧ୍ୟ ତାକୁ ସାହାଯ୍ୟ କରିବାକୁ ସେ କେବେ ଅସ୍ୱୀକାର କରେନା।

ମାଇନର ପାଶ୍ କରି ଆସି ହାଇସ୍କୁଲରେ ପଶିଲୁଁ। ମଫସଲ ଛାଡ଼ି ସହରକୁ ଆସିଲୁ। ଲଲ୍ଲୁର ମୋ ସହିତ ଖୁବ୍ ଘନିଷ୍ଠତା ଥିଲା, ଥିବାର ବି କଥା। ଲଲ୍ଲୁର ପରିଚୟଟା ଏତେବେଳ ଯାଏ ଦେଇପାରି ନାହିଁ। ଲଲ୍ଲୁ ହେଉଛି ଆମ ଭାଇଙ୍କର 'ଶ୍ରେଷ୍ଠ ବନ୍ଧୁ' ତେଣୁ ମୋର ବି ହେବା ସ୍ୱାଭାବିକ। ଦୁହିଁଙ୍କ ସଙ୍ଗ ହୋଇ ଗୋଟାଏ ହଷ୍ଟେଲରେ ରହିଲୁ।

ଏଠାରେ ମଧ୍ୟ ପରିଚିତ ହେବାକୁ ଲଲ୍ଲୁକୁ ବେଶୀଦିନ ଲାଗିଲା ନାହିଁ। ସେ ବର୍ଷ ସ୍କୁଲର ଜିମ୍ନାଷ୍ଟିକ୍ ସେକ୍ସନ୍‌ରେ ସେ ହେଲା କାପ୍ଟେନ। କିନ୍ତୁ ଗୋଟାଏ ବଡ଼ ପରିବର୍ତ୍ତନ ମୁଁ ଲକ୍ଷ୍ୟ କଲି ଏଠାକୁ ଆସିଲା ପରେ ସେ ଅପେକ୍ଷାକୃତ ଶାନ୍ତ ହୋଇ ପଡ଼ିଲା। ଗତବର୍ଷ ପଢ଼ିବା ମଧ୍ୟରେ କାହା ସହିତ ତାର ମନୋମାଳିନ୍ୟ ହୋଇ ଥିବାର ମୁଁ ଜାଣେନା। କାହାର ଗାଳି, ବିଦ୍ରୂପ ବା ଉପହାସକୁ ସେ ଖାତିର କରେନା—ହସି ହସି ଉଡ଼ାଇ ଦିଏ।

ସବୁବେଳେ ସେ ଖୁସିଥାଏ। ମନଦୁଃଖ କରିବାର କେହି କେବେ ତାକୁ ଦେଖି ନାହିଁ। ଜଣେ ଯେତେ ଦୁଃଖିତ ବା ଗମ୍ଭୀର ହୋଇଥାଉନା, କାହିଁକି ଲଲ୍ଲୁ ଅଳ୍ପକଣରେ ତାକୁ ହସାଇ ଦେଇ ପାରେ। ସ୍କୁଲରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଉଥିଲା ବେଳେ ମଝିରେ ଉଠି ଅଙ୍ଗଭଙ୍ଗୀ ସହ ସେ ଏପରି ଗୋଟାଏ ପ୍ରଶ୍ନ କରେ, ଯହିଁରେ ସମସ୍ତେ ହସି ଉଠନ୍ତି। କେତେକ ତା ଉପରେ ବିରକ୍ତ ହୁଅନ୍ତି! ଧାଇଁ ଦୁହାଳ ବେଶି ଗାଳି ଦିଅନ୍ତି। କିନ୍ତୁ ସେସବୁ ସେ ହାଲୁକା ହସରେ ଉଡ଼ାଇ ଦିଏ। ମୁହଁ ଉପରେ ବିରକ୍ତ ହେଉଥିଲେ ମଧ୍ୟ ସମସ୍ତେ ତାକୁ ଅନ୍ତରର ସହିତ ଭଲ ପାଉଥିଲେ।

ଦିନେ ଦିନେ ତା ମୁଣ୍ଡରେ କି ଖିଆଲ ଉଠେ କେଜାଣି। ରାତିରେ ସେ ଆମ ରୁମ୍ ସବୁ ସମସ୍ତଙ୍କ ରୁମରୁ ତାଲାଯନ୍ତ୍ର ଚୋରାଇ ଆଣି ତା ଖଟତଳେ ଲୁଚାଇ ରଖେ। ତା ପରଦିନ ଭୋରରୁ ଗାଧୋଇ ଯିବାକୁ ବ୍ୟସ୍ତ ହୋଇ ସମସ୍ତେ ତାଲା ଖୋଜନ୍ତି। ସମସ୍ତଙ୍କ ରୁମ୍ ଖୋଲା, କାହାରି ତାଲା ନାହିଁ। ହଷ୍ଟେଲସାରା ହୁଲସ୍ଥୁଲ ହୁଏ। ସେ ନୀରବରେ କୌତୁକ ଉପଭୋଗ କରେ। ସମସ୍ତଙ୍କ ରୁମ୍ ଖୋଜା ହୋଇ ଶେଷରେ ତାଲା ଖଟତଳୁ ମାଲିକଙ୍କ ବାହାରେ।

କେବଳ ଗୋଟାଏ ମାରାତ୍ମକ ଦୋଷ ଥିଲା ତାର, କାହାକୁ ଭୟ ଦେଖାଇବାର ସୁଯୋଗ ପାଇଲେ ସେ କେବେ ଲୋଭ ସମ୍ଭାଳି ପାରେନା। ସେତେବେଳେ ଶ୍ରେଷ୍ଠ, ବନ୍ଧୁ, ଲଘୁଜନ, ଗୁରୁଜନ ସମସ୍ତେ ତା ପାଖରେ ସମାନ। ଆମେ ଆଶ୍ଚର୍ଯ୍ୟ ହେଉ ଏମିତି ଅଦ୍ଭୁତ ଭୟ ଦେଖାଇବାର ଫିକର ମୁହୂର୍ତ୍ତକ ମଧ୍ୟରେ ତା ମୁଣ୍ଡକୁ ଆସେ କେଉଁଠୁ।

ସେ ବର୍ଷ ଦଶହରା ପରେ ସହରରେ ଭୀଷଣ ହଇଜା ଲାଗିଥାଏ। ଦେଖୁ ଦେଖୁ ବହୁତ ଲୋକ ମରିଗଲେ। ଗୃହଅଭିମୁଖେ ଆମଙ୍କ ପଡ଼ିଗଲା ଦିନେ ସଞ୍ଜବେଳେ ଖେଳ ସାରି ସମସ୍ତେ ଫେରୁଛୁ, ଧୀରେ ସଇଁ ହୋଇ ଶରତ ଆସି ପହଞ୍ଚିଲା। [illegible] ରୁହିଲା, ତାର ଦାଦା ଜଣ କାମରେ ଟାଉନକୁ ଆସିଥିଲେ। ହଠାତ୍ କଲେରା ଧରିଲା। ଡାକ୍ତର ଖାନାରେ ସେ ମରି ଯାଇଛନ୍ତି। ଶବ ଉଠାଇବାକୁ ତାର କେହି ନାହାନ୍ତି ଏଠି। ଆମ ସମସ୍ତଙ୍କୁ, ବିଶେଷ କରି ଲଲ୍ଲୁକୁ ସେ ଅନୁରୋଧ କଲା ତାକୁ ସାହାଯ୍ୟ କରିବାକୁ। କାରଣ ସେ ଜାଣେ ଲଲ୍ଲୁ ହାତ ନ ଦେଲେ ଏ କାମ ସହଜରେ ତୁଟିବା ସମ୍ଭବ ନୁହେଁ।

ସଂଧ୍ୟା ପ୍ରାୟ ୭ଟା ବେଳକୁ ଆମେ ସାତ ଆଠ ଜଣ ଟୋକା ବାହାରି ପଡ଼ିଲୁ। [illegible] ଅନୁରୋଧରେ ହଷ୍ଟେଲର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ୍ ଦ୍ୱିଜ ରାଜ ମିଶ୍ରେ ବି ସୁନ୍ଦର ଭାବରେ ଆମ ସହିତ ଗଲେ ତାଙ୍କ ଘର ହଷ୍ଟେଲ ଠାରୁ ଅଳ୍ପ ଦୂରରେ। ଏପରି ପରୋପକାର କରିବାର ସୁଯୋଗ ପାଇଲେ କେତେ ହେଲେ ସେ ଛାଡ଼ନ୍ତି ନାହିଁ।

[illegible] ଆମ [illegible] ଶବଦାହ ତାଙ୍କର ଗୋଟାଏ ବଡ଼ ଗର୍ବର ବସ୍ତୁ, ଆମ ଆଗରେ ସେ ଅନେକ ଥର କହନ୍ତି---ଜୀବନରେ ସେ ପ୍ରାୟ ଶତାଧିକ ଶବ ସତ୍କାର କରିଛନ୍ତି ଆଉ ତାଙ୍କ ପରି ସାହସୀ ବ୍ୟକ୍ତି ଏ ଅଞ୍ଚଳରେ କେହି ନାହାନ୍ତି। ଅନେକ ଥର ଶ୍ମଶାନରେ ଭୂତଙ୍କ ସହିତ ତାଙ୍କର ଅକସ୍ମାତ୍ ଭେଟ ହୋଇ ଥିବାର କଥା ସେ କହନ୍ତି। ଅନୁଭୂତ ବର୍ଣ୍ଣନା କରନ୍ତି।

ଆଗେସବୁ କିଛି କିଛି ବିଶ୍ୱାସ କରୁ। କିନ୍ତୁ ଲଲ୍ଲୁ ହସି ହସି କହେ, "ଆରେ, ଯାହା ନ ଦେଖିବ ଦୁଇ ନୟନେ, ପରତେ ନ ଯିବ ଗୁରୁ ବଚନେ।"

ଡାକ୍ତର ଖାନାରୁ ଶବ ନେଇ ରାତି ପ୍ରାୟ ଦଶଟା ବେଳକୁ ଆମେ ଯାଇ ଶ୍ମଶାନରେ ପହଞ୍ଚିଲୁ। ନଦୀ କୂଳରେ ଗୋଟାଏ ପକ୍କା ବେଦୀ ଉପରେ ଶବଟା ଥୋଇଦେଇ ସମସ୍ତେ ବାଲି ଉପରେ ବସି ପଡ଼ିଲୁ ଟିକିଏ ବିଶ୍ରାମ ନେବା ପାଇଁ। ବଡ଼ କ୍ଳାନ୍ତ ହୋଇ ପଡ଼ିଥାଉ ସମସ୍ତେ। ପଛରେ କାଠ ଶଗଡ଼ ଆସୁଥାଏ। ଚହଟି ବାଲି ଉପରେ ବହୁତ ତେଜ ଥାଏ।

ଠିକ୍ ନଦୀ କୂଳରେ ଶ୍ମଶାନ। ଚାରିଆଡ଼େ ଧଳା ଧଳା ବାଲି। ଶୁକ୍ଳା ଦ୍ୱାଦଶୀର ଜହ୍ନ ଆକାଶରେ ଉଠିଥାଏ। ବହୁଦୂର ପର୍ଯ୍ୟନ୍ତ ନିରାଟ ଜନ ହୀନ ବାଲୁକା ପ୍ରାନ୍ତର ସ୍ପଷ୍ଟ ହୋଇ ଦେଖା ଯାଉଥାଏ।



Digitized by srujanika@gmail.com

ହଠାତ୍ ଖଣ୍ଡେ କଳାମେଘ କାହିଁ ସେପାଖ ଆକାଶରେ ଦେଖାଦେଲା, ଦେଖୁ ଦେଖୁ ସାରା ଆକାଶଟା ଯାକ ମେଘରେ ଛାଇ ହୋଇଗଲା । ବର୍ଷା ଦିନ । ରତନସାର୍ କହିଲେ, "ଆଉ ରକ୍ଷା ନାହିଁରେ ପିଲେ । ଏ ଶୀତରେ ବର୍ଷା ହେଉ ଯାଇଲେ ମଣିଷ ଅଉ ବଞ୍ଚିବ ?" ଆଶ୍ରୟ ଖୋଜାରେ ସାର୍ ଆଖି ବୁଲାଇଲେ ।

ନିକଟରେ ଆଶ୍ରୟ ନେବାର ଯାଗା କିଛି ନଥାଏ । ଗୋଟାଏ ଗଛ ପତ୍ର ପର୍ଯ୍ୟନ୍ତ ବି ଶୂନ୍ । ଦୂରରେ ହରିଜନ ବସ୍ତି, କିନ୍ତୁ ଏତେଦୂର ଦଉଡ଼ି କରି ଯିବାଟା ସହଜ କଥା ନୁହେଁ ।

ଦେଖୁ ଦେଖୁ ମେଘ ଆଡ଼ୁଆଳରେ ଜହ୍ନ କୁଆଡ଼େ ଲୁଚିଗଲା । ଚାରିଆଡ଼େ ଅନ୍ଧାର ହୋଇଗଲା, ଆଉ ତାପରୁ ବର୍ଷାର ସେଁ ସେଁ ଶବ୍ଦ କ୍ରମେ ପାଖେଇ ଆସିଲା, କଣ କରିବୁ, କେଉଁଆଡ଼େ ଯିବୁ ଭାବୁ ଭାବୁ ମୂଷଳ ଧାରରେ ବର୍ଷା ହେଲା । ଶବ ପଡ଼ି ରହିଲା । ପ୍ରାଣ ବିକଳରେ କିଏ କୁଆଡ଼େ ପଳାଇ ଗଲେ, ତାର ଠିକଣା ନାହିଁ ।

ବର୍ଷା ଛାଡ଼ିବାରୁ ପ୍ରାୟ ଘଣ୍ଟାଏ ଖଣ୍ଡେ ପରେ ସମସ୍ତେ ଫେରି ଆସିଲୁ । ଆକାଶ ପୁଣି ସଫା ହୋଇ ଯାଇଥାଏ । ସିକ୍ତ ବାଲି ଶଯ୍ୟା ଉପରେ ଜହ୍ନ ଆଲୁଅ ଦିନପରି ବିଛୁରିତ ହୋଇ ପଡ଼ିଥାଏ । ଏହା ମଧ୍ୟରେ କାଠ ଗଡ଼ି ମଧ୍ୟ ଆସି ପହଞ୍ଚି ଯାଇଛି ।

ରମୁ କହିଲା, "ଆରେ ସମସ୍ତେ ଆସିଲେ, ଲାଲୁ ଏତେବେଳ ଯାଏଁ କାହିଁ ଫେରିଲା ନାହିଁ ।" ଲାଲୁ ଉଦ୍ଦେଶ୍ୟରେ ବିରକ୍ତ ହୋଇ ରତନସାର୍ କହିଲେ, "ମୁଁ ଜାଣେପରା, ସେ ଲାଟ୍ ସାହେବ ହୋଇଛି ତ କେଉଁଠି ବସିଥିବ ।"

ଶ୍ମଶାନରେ ଗୋଟାଏ ବୁଢ଼ା ଜଗା କୋଦାଳ ପଡ଼ିଥିଲା । ସାର୍ ଜଣେ ଅଭିଜ୍ଞ ବ୍ୟକ୍ତିପରି ସେଥିରୁ ଗୋଟାଏ ଉଠାଇ ନେଇ ଚୁଲି ଖୋଳିବାରେ ଲାଗିଲେ । ଆମେ ସବୁ ଶଗଡ଼ରୁ କାଠ ବୋହି ଆଣିବାରେ ଲାଗିଲୁ ।

କାଠ ବୋଝଟା ତଳେ ପକାଇ ଦେଇ ଜନାର୍ଦ୍ଦନ ପଚାରିଲା, "ସାର୍, ଆପଣଙ୍କୁ ରାତି ସାରା ଏଠାରେ ଏକା ବସି ଶବ ମଡ଼ା ଜଗିବାକୁ ପଡ଼ିଥାନ୍ତା ତ ଥାଆନ୍ତେ ? ଭୟ ଲାଗି ନ ଥାନ୍ତା ?"

"ଭୟ, ଦୂର୍ ଦୂର୍ ! ଆରେ ପୁଣି ମୋତେ ? ଜାଣିଛ ଜନାର୍ଦ୍ଦନ, ଏହି ଦେହରେ ଅନ୍ତତଃ ଶହେଟି ମଡ଼ା ଏମିତି ପୋଡ଼ିଛି ମୁଁ ।" ଚୁଲି ଖୋଳାରୁ ମୁହଁ ଉଠାଇ ସାର୍ କହିଲେ । ରମୁର ଦୃଷ୍ଟି ମଡ଼ା ଉପରେ ଥିଲା । ସେ କହିଲା, "ଆରେ, ମଡ଼ାଟା ଫୁଲିବାର କଣ ଦୁଇଗୁଣ ହୋଇ ଯାଇଛି ନା କଣ ?" ସେମିତି କୋଦାଳ ଚାଳନା କରୁ କରୁ ସାର୍ କହି ଉଠିଲେ, "କିରେ ଫୁଲନ୍ତା ନାହିଁ, ବିଛଣା ପତ୍ର ଗୁଡ଼ା ସବୁ ପରା ଓଦା ହୋଇ ଯାଇଛି ।" "କିନ୍ତୁ ସାର ଚୁଲାଓଦା ହେଲେ କମ୍ପିବ ସିନା, ଫୁଲିବ କିପରି ?" ରମୁ ଯୁକ୍ତି କଲା । ସାର୍ ରାଗି ଉଠି କହିଲେ, "ହୁଁ ବୁଦ୍ଧି, ଯା ଯାଃ କାମ ସାରିଦିଅ-ଚଞ୍ଚଳ ।"

କାଠ ବୋହା ଚାଲିଥାଏ । ହଠାତ୍ ବେଣୁ ଚମକି ପଡ଼ି କହିଲା, "ସାର ମଡ଼ାଟା କଣ ହଠାଏ ହଲିଲା ପରି ଦେଖାଗଲା ।" ସାର୍‌ଙ୍କ କାମ ସେତେବେଳକୁ ଶେଷ ହୋଇ ଯାଇଥିଲା । କୋଦାଳ ଟାକୁ ଦୂରକୁ ଫୋପାଡ଼ି ଦେଇ ସେ କହିଲେ, "ତୋ ପରି ପିଲା ମୁଁ କେଉଁଠି ଦେଖିନି । ଏତେ ଯଦି ଭୟ ତୋର, ତେବେ ଆସ ସବୁ କାହିଁକି ଏମିତିକା କାମରେ ?"

ହଠାତ୍ ରମୁ ଚମକି ପଡ଼ି ଛୁଅଁ ସ ତ ହାତ ପଛେଇ ନେଇ କହିଲା, "ହଁ ହଁ ମଡ଼ାଟ ପୁଣି ଥରେ ହଲି ଉଠିଲା ।"

ରତନ ସାର ଏଥର ହୋ ହୋ କରି ହସି ଉଠିଲେ । କହିଲେ, "ଆରେ ତମେ ସବୁ କାପୁରୁଷ ପିଲା, ଭୟ ଦେଖାଇଲ ମୋତେ । ତମର ସବୁ ଜାଣି ରଖିବା ଉଚିତ ଏହି ହାତରେ ଅନ୍ତତଃ—" କଥା ତାଙ୍କର ସେତିକିରେ ରହିଲା । ରମୁ ପୁଣି ଚିତ୍କାର କରି ଉଠିଲା, "ଏହି ଦେଖ ପୁଣି ହଲୁଛି ।" ରତନ ସାର ଏଥର ଖୁବ ରାଗି ଉଠିଲେ । କହିଲେ, "ହଁ ହଲୁଛି ଭୂତ ହୋଇ ତମକୁ ସବୁ ଖାଇବାକୁ ।" ପାଟିରୁ କଥାଟା ଶେଷ ହୋଇଛି କି ନାହିଁ ଅକସ୍ମାତ ବିଛଣା ସମେତ ମଡ଼ାଟା ଅଣ୍ଟାମୋଡ଼ି କୋକେଇ ଉପରେ ବସିପଡ଼ି ଗୋଟାଏ ଭୟଙ୍କର ବିକଟ ସ୍ୱରରେ କହିଉଠିଲା, "ରଁ ତଁ ନଁ ପ ଣ୍ଡିଁ ତଁ ହୁଁ ଖାଇଁବି ।"

ବାପ୍‌ରେ ବାପ । ଆମେ ସମସ୍ତେ ଊର୍ଦ୍ଧ୍ୱଶ୍ୱାସରେ ଯେ ଯୁଆଡ଼େ ଦୌଡ଼ ମାରିଲୁ । ରତନ ସାରଙ୍କ ଆଗରେ ଥିଲା କାଠ ଗଦା । ସେ ଆଗକୁ ଯାଇ ନ ପାରି ପଛକୁ ଫେରି ଦଉଡ଼ିଲେ । ପଛରେ ନଈ । ଝୁପ୍ କରି ଗୁଡ଼ାଏ ପାଣିରେ ପଡ଼ିଲେ । ସେ କାଲୁଆ, ଥଣ୍ଡା ପାଣିରେ ପଡ଼ି ଡାକ ପକାଇଲେ "ଖାଇଗଲାଲେ ବାବା, ରକ୍ଷାକର । ରାମ, ରାମ, ରାମ, ରାମ ।"

ଏଆଡ଼େ ସେତେବେଳକୁ ଭୂତ ତା ମୁହଁରୁ ଲୁଗା କାଢ଼ି ପକାଇ ଡାକ ପକାଉଛି —"ଆରେ ରବି, ଆରେ ରାଜୁ, ଆରେ ରମୁ ଫେରିଆସ । ମୁଁ ଲାଲୁ ।"

ଲାଲୁର କଣ୍ଠସ୍ୱର ଆମେ ଜାଣି ପାରିଲୁ । ମନେ ମନେ ନିଜ ନିଜର ଭୀରୁତାକୁ ଧିକ୍କାର ଦେଇ ଫେରି ଆସିଲୁ । ରତନସାର୍ ଗୋଟା ଶରୀର ଓଦା ହୋଇ ଶୀତରେ ଥରି ଥରି ଆସି ପହଞ୍ଚିଲେ । ଲାଲୁ ତାଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗିଲା । କହିଲା—"ବର୍ଷା ଭୟରେ ସମସ୍ତେ ପଳାଇ ଗଲେ । ମୁଁ କିନ୍ତୁ ଶବ ଛାଡ଼ି ଯାଇ ପାରିଲି ନାହିଁ । ତେଣୁ ସେହି ବିଛଣା ତଳେ ଘୋଡ଼ାଇ ହୋଇ ଶୋଇ ପଡ଼ିଲି ।"

ଆମେ ସବୁତ ଅବାକ୍ । ରତନ୍ ସାର୍ କହିଲେ—"ଭଲ କରିଛୁ ବାବା ଖୁବ ଭଲ କରିଛୁ । ଏଥର ଯାଅ ବାଲି ଘଷି ହୋଇ ନଈରେ ଭଲକରି ଥରେ ଗାଧୋଇ ଆସ । ବାବା ! ଏମିତି ଶଇତାନ ପିଲା ମୁଁ ଦୁନିଆରେ କେଉଁଠି ଦେଖିନାହିଁ ।"

ମନେ ମନେ ସେ କିନ୍ତୁ ତାର ଅନନ୍ୟତାକୁ ପ୍ରଶଂସା ନ କରି ରହିପାରିଲେ ନାହିଁ । କଲେରା ରୋଗୀର ଶବ ସହିତ କଲେରା ରୋଗୀର ବିଛଣାରେ ଶୁଆ, ପୁଣି ଶ୍ମଶାନ ମଝିରେ, ବାପରେ ବାପ ।

ଶବ ଦାହ ଶେଷ ହେଲା । ନଈରେ ଗାଧୋଇ ସାରି ଆମେ ଯେତେବେଳେ ଫେରିଲୁ ସେତେବେଳକୁ ଭୋର ହୋଇ ଆସିଲାଣି ।



Digitized by srujanika@gmail.com

# ଧାରା ଓ ଧରା

ଲେ—ଶ୍ରୀ କମଳ କୁମାର

ସ୍ୱରୂପ ଜେଲର ଝର୍କାରେ ଚାହିଁ ରହିଥିଲା ମଳୟାର ସୁନ୍ଦର ଦେହକୁ। ବାସ୍ତବିକ ସେ ସୁନ୍ଦରୀ। ତା ଦେହର ପାତଳା ପରିଧେୟ ଭିତର ଦେଇ ତା ସୁନ୍ଦର ଦେହର ନିଟୋଳ ସୀମାରେଖା ଗୁଡ଼ିକ କ୍ରମେ ସ୍ୱରୂପର ଯୁବକ ମନ ଭିତରେ ଅଙ୍କି ହୁଏ। ମଳୟାର ଯୌବନ ଚଞ୍ଚଳ ଗୃହିଣୀ, ଗୃହିଣୀରେ ଅଳଙ୍କାର ଆଭୂଷ, ଆଉ ତାର ନାରୀ ସୁଲଭ ମୁଖଭଙ୍ଗୀ ସେ ଉପଭୋଗ କରୁଥିଲା। ଆଉ ଅଳ୍ପ ସମୟ—ତାପରେ ସେ ମଳୟାର ଅସ୍ତିତ୍ୱ ତାର ବାହୁବେଷ୍ଟନୀ ଭିତରେ ଲୋପ କରିଦେବ। ତଥାପି ହଠାତ୍ କିଛି କହି ବସିବାକୁ ତାର ସାହସ ହେଉନି।

ସ୍ୱରୂପ ସୁନ୍ଦର ସ୍ୱାସ୍ଥ୍ୟବାନ ଯୁବକ। ଯେ କୌଣସି ନାରୀ ତା ପରି ପୁରୁଷ ପାଇ ନିଜକୁ ଭାଗ୍ୟବତୀ ମଣିବ। ତାର ସେଇ ପ୍ରଶସ୍ତ ବକ୍ଷ ଉପରେ ମଥାରଖି ଯେ କୌଣସି ନାରୀ ଦୁନିଆର ସବୁ ଜଞ୍ଜାଳ ଭୁଲି ସୁଖରେ ନିଦ୍ରା ଯାଇ ପାରିବ।—ମଳୟା ଭାବୁଥିଲା।

'ମଳୟା'—କୋମଳ ସ୍ୱର ଡାକିଲା ସ୍ୱରୂପ। ଡାକରେ ପ୍ରେମର ଆମନ୍ତ୍ରଣ। ମଳୟା କଣେଇ ଚାହିଁଲା।

ମଳୟାର କୋମଳ ହାତ ନିଜ ହାତ ମୁଠା ଭିତରେ ଗ୍ରହଣ କରି ସ୍ୱରୂପ ପୁଣି ଡାକିଲା—'ମଳୟା!'—ହୁଏତ ଡାକରେ ଆବେଗ ବେଶୀ। ସ୍ୱରୂପ ମୁହଁରୁ ଅନ୍ୟ କିଛି କଥା ବାହାରିଲା ନାହିଁ। ସ୍ୱରୂପ ମଳୟାର ଆହୁରି ନିକଟକୁ ଘୁଞ୍ଚି ଆସିଲା।—

—ଗଭୀର ରାତ୍ର ନିସ୍ତବ୍ଧ ନିର୍ଜନ। ଗୋଟିଏ କକ୍ଷ ଆଜି ବିଶେଷ ଭାବରେ ସଜ୍ଜିତ। ସୁସଜ୍ଜିତ ଶେଯ—ଯୁଗଳ ଯୁକ୍ତ। ଆଜି ତାଙ୍କର ମିଳନ ସେଇ କୋଠରୀରେ। ଆଜି ମଧୁରଜନୀ। ଆଜି ତାଙ୍କର ଏ ମିଳନରେ ସେମାନଙ୍କର ପିତାମାତା ସହାୟ। ସମାଜର ସୃଷ୍ଟି ହେବା ଦିନଠାରୁ ବିବାହର ପ୍ରଚଳନ ହେବା ଦିନଠାରୁ ଆଉ ପିତାମାତା ବର କନ୍ୟା ମିଳନର ଭାର ନେବା ଦିନଠାରୁ ଏ ରୀତି ପ୍ରଚଳିତ ହୋଇ ଆସୁଛି। ହେଉଥିବ ପୁଣି।—ଏ ବୈଧ ମିଳନ। ଅନୀତି ନୁହେଁ। ପିତାମାତାଙ୍କର ଯୁବକ ଯୁବତୀଙ୍କର ମିଳନରେ ସେପରି ଭାବରେ ସହାୟ ହେବା ଅସଙ୍ଗୋଚିତ ନୁହେଁ। ଏ ସାମାଜିକ ନିୟମ—ନୀତି। ଏଥିରେ ଲଜ୍ଜା କରିବା କିଛି ନାହିଁ।

ରାତି ଆଗେଇ ଚାଲିବା ସହିତ ସ୍ୱରୂପ ଓ ମଳୟା ମଧ୍ୟର ବ୍ୟବଧାନ କମିଲା। ପ୍ରେମର ଉଷ୍ଣତା, ଦମିତ ଉଚ୍ଛ୍ୱାସ। ଯାହା ବର୍ଷ ବର୍ଷ ଧରି ଚାପି ରଖା ଯାଉଥିଲା ସେ ଗୋଟିଏ ନୂଆ ଧାର ଧାଇଁ ବାଧାହୀନ, ଅର୍ଗଳହୀନ ଭାବରେ ଫିଟି ପଡ଼ିଲା। ଆଜି ପ୍ରେମ ଅଭିନୟନର ପ୍ରୟୋଜନ ନାହିଁ। କଥା ବାର୍ତ୍ତାର ପ୍ରୟୋଜନ ନାହିଁ। ପରସ୍ପର ହୃଦୟ ବିନିଯୋଗର କୌଣସି ଆବଶ୍ୟକ ନାହିଁ। ଏପରିକି ପରସ୍ପର ପ୍ରତି ପରସ୍ପରର ଟାଣ ଅଛି କି ନାହିଁ ତା ମଧ୍ୟ ଜାଣିବାର ଦରକାର ନାହିଁ। ଏ ସବୁ ଯେପରି ଅଛି କିମ୍ବା ଅନ୍ତର୍ନିହିତ ସେକଥା ଦୁଇ ପକ୍ଷକୁ ଧରି ନେବାକୁ ହେବ ବିନା ବାକ୍ୟ ବ୍ୟୟରେ, କିମ୍ବା ଅଳ୍ପ ବାକ୍ୟବ୍ୟୟରେ, ବିନା ଭାବନା କିମ୍ବା ଦୁଃଶ୍ଚିନ୍ତାରେ, ବିନା ବିରକ୍ତିରେ ସେମାନେ ପରସ୍ପରର।—ଏ ସବୁ ଶେଷରେ ଯେଉଁ ମିଳନକୁ ଦୃଷ୍ଟିଦେଇ ମଣିଷ ଯାହା ଦୁଃଖ ଭୋଗ କରୁଥାଏ, ତା ମନ ଭିତରେ ସେ ଯେଉଁ ରକ୍ତ ମାଂସ ଶରୀରର କ୍ଷୁଧା ଚାପି ରଖିଥାଏ, ତାହାର ଚରମ ଉଦ୍ଦେଶ୍ୟ ଚରିତାର୍ଥ ନିମନ୍ତେ ଆଜି, ରାତ୍ରୀ—ସେ ପୁଣି ପିତାମାତାଙ୍କ ସହାୟତାରୁ।

ସ୍ୱରୂପ ଜୀବନରେ ମଳୟା ପ୍ରଥମ ନାରୀ ନୁହେଁ। ସେ ଜାଣେ ଏହିପରି ମୁହୂର୍ତ୍ତରେ ପୁରୁଷକୁ କିପରି ଅଗ୍ରସର ହେବାକୁ ପଡ଼େ। ସେ ମଳୟାର ହାତରେ ଅଳ୍ପ ଟିକିଏ ଚାପ ଦେଲା।

ମଳୟା ର ସ୍ୱରୂପର ଏ ସମ୍ପୂର୍ଣ୍ଣ ଅଗ୍ରସରକୁ ଉପଭୋଗ କରୁଥିଲା। ସ୍ୱରୂପ ଯେତେବେଳେ ତା ହାତରେ ଚାପ ଦେଲା ମଳୟା ଦେହରେ ଗୋଟିଏ ଶିହରଣ ଚଞ୍ଚଳ ଗୋଟିଏ ପ୍ରାନ୍ତରୁ ଆରମ୍ଭ କରି ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଖେଳିଗଲା।—ଆଜି ତାର ବୟସ ହେଇଛି। ଦିନେ ସେ ଚପଳା ବାଳିକା ଥିଲା। ପୁରୁଷର ପ୍ରେମରେ ଅର୍ଘ୍ୟ ଦେବାକୁ ବଳବତୀ ମାନସିକ ଇଚ୍ଛା ଥିଲେ ମଧ୍ୟ ଚଞ୍ଚଳ ଦୌଡ଼ି ପଳାଇ ଯାଇ ପାରୁଥିଲା ଏବଂ ପୁରୁଷର ଗୋଟିଏ ସାମାନ୍ୟ ଦୈହିକ ସ୍ପର୍ଶ ବୟସରେ ଦିନ ରାତି ଧରି ଝୁରୁଥିଲା। କିନ୍ତୁ ଆଜି ତାର ସେଦିନ ଆଉ ନାହିଁ। ଆଜି ସେ ସମ୍ପୂର୍ଣ୍ଣାଙ୍ଗ ଯୁବତୀ। ସାମାନ୍ୟ ସ୍ପର୍ଶ ବା ହାତରେ ଚାପ ଦିଆ ନିଆ ତା ପକ୍ଷରେ ଅତି ସାଧାରଣ ହୋଇ ଆସିଛି। ପ୍ରଥମ ପ୍ରଥମ ସେ ସେଥିରୁ ଉନ୍ମାଦନା ପାଉଥିଲା ତାର ରକ୍ତ ଚଞ୍ଚଳ ହୋଇ ଉଠୁଥିଲା।—କିନ୍ତୁ କ୍ରମେ ତାର ପରିବର୍ତ୍ତନ ଆସିଛି। ସେ ପୁରୁଷକୁ, ପୁରୁଷର ଭଲ ପାଇବାକୁ ଟିକିଏ ଭଲେଇ ଚିହ୍ନିବାକୁ ଚେଷ୍ଟା କରୁଛି। ପ୍ରେମର ଯେ ପବିତ୍ର ଉଦ୍ଦେଶ୍ୟ ଅଛି ସେ ତାର ସନ୍ଧାନ ପାଇବାକୁ ଚେଷ୍ଟା କରୁଛି। ତଥାପି ସେ ସାମାନ୍ୟ ନାରୀ। ମୁହୂର୍ତ୍ତର ଦୁର୍ବଳତା ତାର ଅଛି। କେତେବେଳେ ବିପଦ ମିଠା କଥାରେ କି ଅଳ୍ପ ଟିକିଏ ସ୍ପର୍ଶର ପ୍ରଲୋଭନରେ ସେ ଭାସି ଯାଉଛି। ବହୁବାର ସେ ଅନୁତାପ କରିଛି। କ୍ରମେ ସେ ମଣିଷର ସାଧାରଣ ଗଣ୍ଡି ଭିତରୁ ବାହାରି ଯାଇ କଳ୍ପନାରେ ଅନ୍ୟ ବିଶ୍ୱର ସନ୍ଧାନ କରିବାକୁ ଚେଷ୍ଟା କରୁଛି।—ତଥାପି ସେ ମଣିଷ। ମଣିଷର ସବୁ ଦୋଷ ତାର ଅଛି।

ସ୍ୱରୂପ ଆହୁରି ନିକଟକୁ ଘୁଞ୍ଚି ଆସିଲା। ଅଳ୍ପ ବୟସରେ ମଳୟା ଯେଉଁ ସ୍ପନ୍ଦନ ଅନୁଭବ କରୁଥିଲା, ଯେଉଁ ଉନ୍ମାଦନା ପାଉଥିଲା, ତା ଆଜି ପୁଣି ଅନୁଭବ କଲା। ପୁଣି ତା ଦେହ ରୋମାଞ୍ଚିତ ହୋଇ ଉଠିଲା—ତା ଦେହ ଭିତରେ ଶିହରଣ ଖେଳିଗଲା। ତା ନିଶ୍ୱାସ ବନ୍ଦ ହେବାର ଉପକ୍ରମ ହୋଇ ଆସିଲା। ତାର ଆଖିପତା ଯୋଡ଼ିକ ସୁପ୍ତି ଓ ଦୁର୍ବଳତାରୁ ବନ୍ଦ ହେଲା। କିନ୍ତୁ ଆଜିର ଏ ଶିଥିଳତାରେ ସେ ଅସୁସ୍ଥ ଅନୁଭବ କଲାନି! ବରଂ ଶାନ୍ତି ପାଇଲା—ଆନନ୍ଦ ପାଇଲା। ଆଜି ରାତି—ଏଇ ଗୋଟିକ ରାତି ତା ଜୀବନରେ ଆଣି ନୂଆ ଜୀବନର ବନ୍ୟା ଉଚ୍ଛୁଳାଇବ। କେତେଦିନ ହେବ କି କେତେ ବର୍ଷ ତଳେ ହେବ କେଜାଣି ସେ ଏଇ ଗୋଟିକ ରାତିର ସ୍ୱପ୍ନ ଦେଖି ଆନନ୍ଦରେ ଆତ୍ମହରା ହୋଇ ଉଠିଥିଲା।



Digitized by srujanika@gmail.com

ସ୍ୱରୂପ ମଳୟାର ଦୁଇ ଗୁଚ୍ଛେ ବିଦ୍ରୋହୀ କେଶକୁ ସଜାଡ଼ି କରିଦେବା ପରେ କହିଲା — 'ମଳୟା ତୁମେ ସୁନ୍ଦର !'—ସେଇ ଗୋଟିଏ ପଦ 'ସୁନ୍ଦର'—ତାକୁ କହିଲା ବେଳେ ସ୍ୱରୂପର କଣ୍ଠ ଥରି ଉଠିଥିଲା । ଏତିକି ମଳୟାର ଲକ୍ଷ୍ୟକୁ ପ୍ରତାରିତ କରି ପାରିନି ।—ଯେ ଉଏ ପଦ 'ତୁମେ ସୁନ୍ଦର !' କେତେ ଅସଂଖ୍ୟ ବାଳିକାଙ୍କୁ ତାଙ୍କର ସୌନ୍ଦର୍ଯ୍ୟର ଆତ୍ମଗର୍ବ ବଢ଼ାଇ ତାଙ୍କୁ ଦୁର୍ବଳ କରିଦେଇ, ତାଙ୍କୁ ବିପଥକୁ ଟାଣି ଆଣିଛି । ମଳୟାର ବୟସ ସତ୍ତ୍ୱେ, ତା'ର ଶତ ଅନୁଭୂତି ସତ୍ତ୍ୱେ ମଧ କଥାଟାର ପ୍ରଭାବ ମଳୟା ଉପରେ ପଡ଼ିଲା । ମନେ ମନେ ମଳୟା କହିଲା—'ତୁମେ କଅଣ ଅସୁନ୍ଦର !'—ଆଜି ସୁନ୍ଦର ବିବେଚନା କରିବା ନକରିବା କଥା ନୁହେଁ । ମଳୟା ଥରେ ଆଖି ମେଲିକରି ସ୍ୱରୂପ ଆଡ଼କୁ ଦେଖିନେଲା । ସ୍ୱରୂପର ସେଇ କ୍ଷୁଧାର୍ତ୍ତ ଚାହାଣୀ ଆଡ଼କୁ ସେ ଅନାଇ ପାରିଲା ନାହିଁ । ମଳୟା ବୁଝିଲା ଆଉ ବେଶି ଡେରିନାହିଁ । ସ୍ୱରୂପ କ୍ରମେ ପାଗଳ ହୋଇ ଉଠୁଥିଲା । ତା ଗଳାର ସେଇ ପ୍ରକମ୍ପନ ମଳୟା ଆଗରେ ସ୍ୱରୂପର ଉନ୍ମାଦନାକୁ ଧରାଇ ଦେଇଥିଲା ।

ମଳୟା ନିଜର ମୁହଁର ନିକଟରେ କିଛି ଗୋଟାଏ ଅନୁଭବ କରି ଆଖି ମେଲିକଲା ବେଳକୁ ତା'ର ଦୁଇଟି ଅଧର ସ୍ୱରୂପର ଅନ୍ୟ ଦୁଇଟି ଅଧରର ପ୍ରଖରତା ଅନୁଭବ କରି ମୁହଁ ବଙ୍କାଇ ନେଲା ବେଳକୁ ପ୍ରକୋଷ୍ଠର ଦୁଆରରେ ଧକ୍କା ପଡ଼ିଲା । ଥରେ—ପୁଣି ଆଉଥରେ ।

ଦୁଇଜଣ ପ୍ରକୃତିସ୍ଥ ହୋଇ ଉଠିଲେ । କାହାର ମୁହଁରେ କଥା ନାହିଁ । ମଳୟା ସ୍ୱରୂପର କୋଳ ଉପରୁ ଉଠି ଆସି ଶଯ୍ୟାର ଗୋଟିଏ ପ୍ରାନ୍ତକୁ ଘୁଞ୍ଚିଗଲା ।

ସ୍ୱରୂପ ପ୍ରଶ୍ନ କଲା—'କିଏ ?'

ଉତ୍ତରରେ କେତେ କେତେ ଶବ୍ଦ । ସ୍ୱରୂପ ବିରକ୍ତିରେ ଉଠି ଠିଆ ହେଲା—'କିଏ ତୁମେ ?'

'ଶୀଘ୍ର କବାଟ ଖୋଲନ୍ତୁ '—ଉତ୍ତର ଆସିଲା ।

ସ୍ୱରୂପ ଉଠି ଠିଆ ହେଲା ବେଳକୁ ମଳୟାର ହାତ ଆସି ତା ହାତରେ ବାଜିଲା । ସେ ନଇଁ ପଡ଼ି ମଳୟାର ଚିବୁକ ଉପରେ ଗୋଟିଏ ଚୁମା ତାକୁ ସାନ୍ତ୍ୱନା ଦେବା ପାଇଁ ଦେଇ ପୁଣି ଠିଆ ହେଲା ।

ପୁଣି କେତେ କେତେ ହାକ ଉଠିଲା—

'ଦୁଆର ଖୋଲି ଦେବା ପରେ ସେ ପଟୁ କେହି ଜଣେ ମଣିଷ ହାତକୁ କଅଣ ଖଣ୍ଡିଏ କାଗଜ ବଢ଼ାଇ ଦେଲା । ମଳୟା ତାକୁ ଦେଖି ପାରିଲା ନାହିଁ । ସ୍ୱରୂପ ତା ହାତରୁ କାଗଜ ଖଣ୍ଡିକ ଗ୍ରହଣ କରି ଏକା ନିଶ୍ୱାସରେ ତାକୁ ପଢ଼ିଗଲା । ତା ମୁହଁରେ କପରି ଗୋଟାଏ ଆଶଙ୍କିତ ଭାବ କ୍ରମେ ଫୁଟିଉଠିଲା । ମଳୟା ଏ କଥା ଲକ୍ଷ୍ୟ କଲା । ତା ମନରେ ମଧ୍ୟ ଭୟ ଜାତ ହେଲା ।

'ମଳୟା, ମତେ ଅଳ୍ପ ସମୟ ପାଇଁ ବାହାରକୁ ଯିବାକୁ ହେବ' ---ସ୍ୱରୂପ ଫେରି ଆସି କହିଲା ।

'କାହିଁକି ?'

'ପ୍ରଶ୍ନ ପଚାରନା ମଳୟା, ସମୟ ନାହିଁ । ମତେ ଅନୁମତି ଦିଅ, ଦିଅ ମଳୟା' ---ସ୍ୱରରେ ଏ ବ୍ୟସ୍ତତାର କାରଣ ମଳୟା ସମ୍ୟକ ବୁଝି ପାରିଲା ନାହିଁ ।

'କୁଆଡ଼େ ଯିବ ଏତେ ରାତିରେ ?'

'ମୁଁ....ମୁଁ ଫେରି ଆସିଲେ ସବୁ କଥା କହିବି---ମତେ ବିଶ୍ୱାସ କର । ମୁଁ....ଯାଏଁ ମଳୟା ? କୁହ କୁହ ମୁଁ ଯିବି ?'---ସ୍ୱରୂପ ବ୍ୟସ୍ତ ହୋଇ ମଳୟାର ହାତଧରି ପକାଇଲା ।

ମଳୟା ଘଟଣା କିଛି ବୁଝି ପାରିଲା ନାହିଁ, ସେ କେବଳ କହିଲା, 'ଯଦି ନିହାତି ଯିବାକୁ ହୁଏ ଯାଅ କିନ୍ତୁ ଯେତେ ଶୀଘ୍ର ପାର ଫେରି ଆସିବ । ମୁଁ ଜାଗିରହି ବସିଥିବି ?'

ସ୍ୱରୂପ ମଳୟା ନିକଟରୁ ଏତିକି ଶୁଣି କୃତଜ୍ଞତାରେ ପୂର୍ଣ୍ଣ ହୋଇ ତାର ହାତଧରି ପକାଇ କହିଲା---'ତୁମେ ଯେ ଖାଲି ସୁନ୍ଦର ନୁହ---ତୁମେ ଉଦାର ମଧ୍ୟ । ଧନ୍ୟବାଦ ।' ---ସ୍ୱରୂପ ବାହାରି ଗଲା ।

ସ୍ୱରୂପ ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପରେ ତା ଆଖି ଆଗରୁ ଲିଭି ନ ଯାଇଛି ସେ ପର୍ଯ୍ୟନ୍ତ ତା ଯିବା ବାଟକୁ ଅନାଇ ରହି ମଳୟା ଫେରି ଆସିଲା । ସୁସଜ୍ଜିତ ଶେଯ ଉପରେ ସେ ତା ନିଜର ତନୁଭାର ଢାଳି ଦେଇ ସ୍ୱରୂପର ହଠାତ୍ ଏପରି ଭାବରେ ଚାଲି ଯିବାର କାରଣ କଅଣ ହୋଇ ପାରେ ସେ ବିଷୟରେ ଭାବିବାପାଇଁ ଚେଷ୍ଟା କଲା । ତା ମୁଣ୍ଡରେ କିଛି ପଶିଲା ନାହିଁ । —

ଆଜି ମଧୁରାତି । ଲକ୍ଷ ପ୍ରଲୋଭନରେ ସହସ୍ର ନିମନ୍ତ୍ରଣରେ ଯେ କୌଣସି ତରୁଣ ତାର ନବ ପରିଣୀତା ସ୍ତ୍ରୀ ନିକଟରୁ ପ୍ରଥମ-ମିଳନ ରଜନୀରେ ଏତେ ସହଜରେ ବାହାରି ଯାଇ-ପାରେ ସେ ସେକଥା କେବେ ଶୁଣିନି । କେଉଁ ବା ସେ କାରଣ ଯାହା ମଳୟା ନିକଟରୁ ସ୍ୱରୂପକୁ ଟାଣି ନେଇ ପାରିଲା । ସ୍ୱରୂପ---ସ୍ୱରୂପ ---ସ୍ୱରୂପ---ତା'ର ସେଇ ତୃଷିତ ଚାହାଣୀ, ତାର ହସ୍ତର ସ୍ପର୍ଶ ଯେପରି ସେ ଅଳ୍ପ ଆଗରୁ ଅନୁଭବ କରୁଥିଲା ଠିକ ସେମିତି ଅନୁଭବ କଲା । ତାର ଚକ୍ଷୁ ଦୁଇଟି ବନ୍ଦ କରି ଭାବି ଚାଲିଥିଲା ସେ । ଥଣ୍ଡା ଝୁଲକାଏ ପବନ ଆସି ଘର ଭିତରର ପ୍ରତ୍ୟେକଟି ଜିନିଷ ଧୋଇ ନେଇ ଚାଲିଗଲା । ତାର ଶୀତଳ ସ୍ପର୍ଶ ମଳୟା ଅନୁଭବ କଲା ! ଦୀପଟି ଦପ୍ ଦପ୍ କରି ଜଳି ଉଠି ହଠାତ୍ ଲିଭିଗଲା । ମଳୟା ଲିଭନ୍ତା ଦୀପଟିକୁ ଦେଖିଲା । ତାରି ଆଗରେ ଦୀପଟି ଜଳିଉଠି କକ୍ଷଟିକୁ ଅନ୍ଧାରରେ ବୁଡ଼ାଇ ଦେଇ କୁଆଡ଼େ ଲିଭିଗଲା ।

ମଳୟା ପୁଣି ଆଖି ବନ୍ଦ କଲା । ଥରକୁ ଥର ଥଣ୍ଡା ପବନ ଘର ଭିତରକୁ ପଶି ଆସିଲା— ତାର ଶୀତଳ ସ୍ପର୍ଶ ମଳୟାକୁ ଭାରି ଭଲ ଲାଗିଗଲା । ସେ ତା ଦେହର ପତଳା ପରିଧେୟକୁ ପବନର ଶୀତଳତାକୁ ସମ୍ପୂର୍ଣ୍ଣ ରୂପରେ ଉପଭୋଗ କରିବା ପାଇଁ ଶିଥିଳ କରିଦେଲା । ତାକୁ ଯେ ଏ କାମ କରିବାକୁ ପଡ଼ିଲା ସେଥିପାଇଁ ତା ମନରେ ଦୁଃଖ ଆସିଲା । ଦେହର ପରିଧେୟକୁ ସମ୍ପୂର୍ଣ୍ଣ ଭାବରେ ଶିଥିଳ କରିଦେଇ ସେ ଶୋଇ ରହିବାର କଳ୍ପନା କଲା । ତାର ମନେ ହେଲା ସେ ଦୀପଟିକୁ ଜାଳି ଦେବ, କିନ୍ତୁ ସେ ଉଠିଲାନି । ସେହିପରି ଶୋଇ ରହିଲା । ନା ଥାଉ, ସେ ସେଇପରି ସ୍ୱରୂପ ଆସିବା ଯାଏଁ ଶୋଇ ରହିବ ।

ଅଳ୍ପ ସମୟ ଆଉ କେତେ ?— କେତେବେଳ ଆଉ ?—ସ୍ୱରୂପ ଫେରିଲାନି । କ୍ରମେ ସେ ବ୍ୟସ୍ତବ୍ୟସ୍ତ ହୋଇ ଉଠିଲା । କେତେ ସମୟ ଆଗରୁ ତାର ଯେଉଁ ଉନ୍ମାଦନା ପ୍ରବଳ ହୋଇ ଉଠିଥିଲା ତାର ପ୍ରଖର ଜ୍ୱାଳାର ଶେଷ ଶଳାକା ତାକୁ ପୁଣି ବିଛ କରି ଆହୁରି ଚଞ୍ଚଳ କରି ଉଠିଲା ।

କକ୍ଷ ଭିତରର ଅନ୍ଧକାର ମଧ୍ୟରେ ବନ୍ଦିନୀ ହୋଇ ସେ ଆଉ ବେଶୀସମୟ ରହିପାରିଲାନି । ତା ଆଖିକୁ ଆଉ ନିଦ ଆସିଲାନି । ସେ ଆସି ଠିଆ ହେଲା ବାହାରେ । —ସୁନ୍ଦର [illegible] ଆକାଶ—ତାର ତଳେ ନରମ ଘାସ ଉପରେ



Digitized by srujanika@gmail.com

ସେ ଶୋଇ ପଡ଼ିଲା । କ୍ରମେ ତା ଦେହର ସମସ୍ତ ଉଷ୍ଣତା ଶୀତଳ ହୋଇଗଲା । ସେ ଆଉ ବ୍ୟଥା ଅନୁଭବ କଲାନି । ଟିକିଏ ସ୍ୱପ୍ନ ଜଣାଗଲା ତାକୁ ; ସେ ଭାବିଲା ପୁରୁଣା ଦିନ ଗୁଡ଼ିକ କଥା । ସେତେବେଳେ ସ୍ୱରୂପ ତା ଜୀବନରେ ପ୍ରବେଶ କରିନି । ବେଳେ ବେଳେ ସେ ଆଗରୁ ମଧ ଠିକ୍ ଏମିତି ଦୁର୍ବଳ ହୋଇ ପଡ଼ୁଥିଲା ଏବଂ କେତେକ ତାର ଏ ଦୁର୍ବଳତାର ସୁବିଧା ଗ୍ରହଣ କରୁଥିଲେ । ବେଶୀଦିନ କଥା ନୁହେଁ--ଏଇ ସେଦିନ । ଆଜକୁ ସାତ ଦିନ ହେବ । ଦୂର ସମ୍ପର୍କର ଭାଇ ନରେନ୍ଦ୍ର; ସେ ଆସିଥିଲେ । ଠିକ୍ ଏମିତି ଦୁର୍ବଳ ସେ ତାଙ୍କ ସକାଶେ ହୋଇ ପଡ଼ିଥିଲା । ଖୋଲା ଛାତ ଉପରେ ସେ, ଆଉ ନରେନ୍ଦ୍ର---କେହି ନାହିଁ ପାଖରେ---ସେ ଗଲା ଦିନର ଖବର । ତାକୁ ମନେ ପକାଇ ଲାଭ ନାହିଁ । ତାର, ନୂଆ ଜୀବନ ନୂଆ କରି ପୁଣି ତାକୁ ଗଢ଼ିବାକୁ ହେବ । ସେଠି ସେ, ଆଉ ସ୍ୱରୂପ । ସହସ୍ର ନରେନ୍ଦ୍ର ଆସି ଫେରିଯିବେ ତାର ସେ ସଂସାର ଆଗରୁ । ---ସେ ଭାବି ଚାଲିଲା, କେତେବେଳେ ତନ୍ଦ୍ରା ଛାଇ ଆସିଲା ତା ଆଖିକୁ ସେ ଜାଣି ପାରିନି ।

——ଭୋର ସକାଳ । ସ୍ୱରୂପ ଫେରି ଆସିବାର ପଦଶବ୍ଦ ଶୁଣି ମଳୟା ଉଠି ବସିଲା ! ହାତରେ କଅଣ ଗୋଟାଏ ଧରି ସ୍ୱରୂପ ଦ୍ୱାର ଗୋଡ଼ରେ ଅଟେଇଥିଲା ତାଙ୍କର ସେଇ କୋଠରୀକୁ । ତା ପଛେ ମଳୟା ପ୍ରବେଶ କଲା ଦେଖିଲା ସ୍ୱରୂପ ହାତରେ ଗୋଟିଏ ସଦ୍ୟ ପ୍ରସୂତ ଛୁଆ ଦେଖି ସନ୍ଦିଗ୍ଧ କଣ୍ଠରେ ପ୍ରଶ୍ନ କଲା-- 'ଏ ଛୁଆ କାହାର ?'

ସ୍ୱରୂପ ମୁହଁରୁ ହଠାତ୍ କିଛି ଉତ୍ତର ବାହାରିଲାନି । ତେବେ, ମଳୟା ପ୍ରଥମେ ଯାହା ସନ୍ଦେହ କରିଥିଲା ଠିକ୍ ସେଇଆ । ତାପରେ ସ୍ୱରୂପ ବୁଝାଇଲା ମଳୟାକୁ । ପିଲାଟି ସ୍ୱରୂପର, ଆଉ ତାର ପୂର୍ବ ଅବୈଧ ପ୍ରଣୟର ସନ୍ତାନ, ତଥାପି ତ ତାକୁ ପାଳିବାକୁ ହେବ । ତାକୁ ବଢ଼ାଇବାକୁ ହେବ । ତାର ମା ଯେ ମରି ଯାଇଛି, ମଳୟା ଏତେ ଉଦାର--ସେ କଅଣ ତାର ମା ହୋଇ ପାରିବନି---ସ୍ୱରୂପକୁ କ୍ଷମା କରିପାରିବ ନାହିଁ—? ମଳୟା ବୁଝିଲା ନାହିଁ । ସେ ରାଗିଉଠିଲା । ତା ଆଖିରୁ ଲୁହ ଝରିଗଲା । କ୍ରୋଧ ଓ ଉତ୍ତେଜନାରେ ସେ ଛଟପଟ ହେଲା ନାହିଁ । ନା-ନା-ସେ ସ୍ୱରୂପକୁ କେବେ କୌଣସି ପ୍ରକାରେ ଘର ଦଖାଇ ପାରିବ ନାହିଁ । ସେ ଦୁଷ୍ଟ । ସେ ତାର ମାତୃଗୃହକୁ ଚାଲିଗଲା ।

× × ×

ଏହା ପରେ ପାଞ୍ଚମାସ ବିତି ଯାଇଛି । ସ୍ୱରୂପ ସାନ ପିଲାଟିକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରି ସଫଳ ହୋଇଛି । ତାର ଅବୈଧ ପ୍ରଣୟର ଫଳ ସେଇ । ସେ ତାର ସଂସାର ଭାଙ୍ଗିଛି । ବେଳେ ବେଳେ ସେ ପିଲାଟି ଉପରେ ବିରକ୍ତ ହୋଇ ଉଠେ । ପିଲାଟିର ତଣ୍ଟିଚିପି ମାରିଦେବା ପାଇଁ ମନେ ମନେ ଭାବେ । କିନ୍ତୁ ପିଲାଟିର କୋମଳ ମୁହଁ ଆଡ଼କୁ ଦେଖିଲେ ତାର ପୁରୁଣା ସ୍ମୃତି ଜାଗରୁକ ହୋଇଉଠେ । ତାର ମାତାର ମୁହଁ ମୃତ୍ୟୁ ଶଯ୍ୟାରେ ତାର ଶେଷ କଥାତକ ସ୍ୱରୂପ ଆଖି ଆଗରେ ଭାସି ଉଠେ । ସେ ପିଲାଟିକୁ କୋଳ ଉପରକୁ ଟେକି ନିଏ । ସ୍ୱରୂପ କୋଳ ଭିତରକୁ ଆସି ଛୋଟ ପିଲାଟି ତାର କ୍ରନ୍ଦନ ବନ୍ଦ କରେ । ସ୍ୱରୂପ ନିଜକୁ ଭୁଲି ଯାଏ । ମଳୟାକୁ ଭୁଲି ଯାଏ । ମଳୟାର ମନ କଅଣ ଏଇ ପିଲାଟି ପରି ପବିତ୍ର, ନିର୍ମଳ ?—ନିଶ୍ଚୟ ନୁହେଁ । ତାର ଉଦାରତା ହେଉଛି ଛଳନା । ସେ ଛଳନାମୟୀ ।'—

—ଆଜି ମଳୟା ଘରୁ ପ୍ରଥମ ବାର୍ତ୍ତା ପାଇ ସ୍ୱରୂପ ବାହାରିଲା ମଳୟା ଘରକୁ ।

ସେପଟେ ମଳୟା ତା ବୋଉ ନିକଟରେ କହୁଥିଲା—'ବୋଉ...ମତେ ମରିବାକୁ ଦେ ବୋଉ...ମତେ ବିଷ ଟିକିଏ ଦେ । ମୁଁ ମରିବ ...ମରିବ ।'—ମଳୟାର ବୋଉ ତାକୁ ବୁଝାଉ ଥିଲେ । କିନ୍ତୁ ମଳୟାର ସେଇ ଏକା କଥା ସେ ମରିବ । ଶେଷକୁ ତା ବୋଉ ତାକୁ କହିଲେ 'ଦେଖ ମଳି, ବୁଝିଲୁ ତୁ ଏବେ ନହେଲେ ମରିବୁ । ସ୍ୱରୂପ ସହିତ ତୋର ପାଗଳାମି ବୋଲି ସିନା । ପୁଣି ତୋ ଦେହରେ ଯେଉଁ ପିଲାଟି ଅଛି ସ୍ୱରୂପର ତା ଉପରେ ଠିକ ସମାନ ଅଧିକାର । ମୁଁ ସ୍ୱରୂପ ନିକଟକୁ ଖବର ପଠାଇଛି । ସେ ଅଳ୍ପ ସମୟ ଭିତରେ ଆସିଯିବ ।'

'ତୁ...ତୁ କଅଣ କଲୁ ବୋଉ...ତା ନିକଟକୁ କାହିଁକି ତୁ ଖବର ପଠାଇଲୁ । ତୁ ଜାଣୁନି...'

'କଅଣ ?'

'ତୁ ଜାଣୁନି ଯେ ମୋ ପେଟରେ ଏ ଯେଉଁ ଛୁଆ ଅଛି ସେ ସ୍ୱରୂପର ନୁହେଁ ବୋଉ ସ୍ୱରୂପର ନୁହେଁ—' ମଳୟା ପ୍ରଳାପ ରେ ଚିତ୍କାର କରି ଉଠିଲା ପରି କହି ଉଠିଲା ।

ଠିକ ସେତିକି ବେଳକୁ ସ୍ୱରୂପ କକ୍ଷ ଭିତରେ ପ୍ରବେଶ କଲା । ମଳୟାର ଶେଷ କଥାତକ ତା କାନରେ ପଡ଼ିଥିଲା । ଗୋଟିଏ ମୁହୂର୍ତ୍ତ ସେ ଠିଆ ହୋଇଗଲା । ମଳୟାର ମା ବିପଦ ଆସନ୍ନ ଦେଖି କକ୍ଷାନ୍ତରକୁ ଚାଲି ଗଲେ । ସ୍ୱରୂପ ମଳୟା ନିକଟକୁ ଯାଇ ଠିଆ ହେଲା । ମଳୟା ସ୍ୱରୂପ ଆଖି ଆଡ଼କୁ ସିଧା ଅନାଇଲା । ଅନାଇ ପାରିଲା ନାହିଁ । ଅନ୍ୟ ଆଡ଼କୁ ସିଧା ଅନାଇଲା । ଅନାଇ ପାରିଲା ନାହିଁ । ଅନ୍ୟ ଆଡ଼କୁ ମୁହଁ ଫେରାଇ ସେ ସ୍ୱରୂପକୁ ପ୍ରଶ୍ନ କଲା--'ମୁଁ କଅଣ ବୋଉକୁ କହୁଥିଲି—ଶୁଣିଲ ?'

'ହେଁ'

'ତେବେ ଆଉ କାହିଁକି ଏଠି । ଯାଅ... ଯାଅ...ତୁମେ ଏଠୁ ବାହାରି ଯାଅ... ତୁମେ ଏଠୁ ବାହାରି ଯାଅ...'

'ମଳୟା...ପାଗଳ ହୁଅନା । ମୁଁ ବୁଝିଲି ଯେ ତୁମ ଗର୍ଭରେ ଯେଉଁ ପିଲାଟି ଅଛି ସେ ମୋ ଔରସରୁ ନୁହେଁ ! ସେଥିପାଇଁ ଦୁଃଖିତ ହେବାର କୌଣସି କାରଣ ନାହିଁ । ମୋ ମନରେ ତ ଦୁଃଖ ନାହିଁ...ତୁମେ କାହିଁକି ଦୁଃଖ କରୁଛ...ମୋର ବି ଦୋଷ ଅଛି । ତୁମକୁ ବିବାହ କରିବା ଆଗରୁ ମୁଁ ମଧ ଅନ୍ୟ ସ୍ତ୍ରୀ ସହିତ ସମ୍ପର୍କରେ ଆସି ଗୋଟିଏ ସନ୍ତାନ ପାଇଛି । ତୁମେ ମତେ ସେତେବେଳେ କ୍ଷମା କରିନ । ବୋଧହୁଏ ବର୍ତ୍ତମାନ କରି ପାରିବ । ସମସ୍ତଙ୍କର ଦୋଷ ଅଛି ମଳୟା, କିନ୍ତୁ ସମସ୍ତଙ୍କର କ୍ଷମା ଗୁଣ ନାହିଁ । ସ୍ୱାମୀ ଓ ସ୍ତ୍ରୀ ସମ୍ପୂର୍ଣ୍ଣ ରୂପରେ ପରସ୍ପରକୁ ଭୋଗ କରିବାକୁ ଚାହାନ୍ତି—ତାହାହିଁ ମଧ୍ୟ ପରୋକ୍ଷରେ ଅନ୍ୟକୁ ଲୁଚିବାକୁ ଚାହାନ୍ତି । ସେ କଥା ଶୁଣିବାକୁ ଯେତେ କଷ୍ଟ ହେଲେ ମଧ୍ୟ କଥାଟା ନିହାତି ସତ ।...ଉଠ...,ଚାଲ ଆମ ଘରକୁ ଯିବା... ମିଥ୍ୟା ଅଭିମାନ ବା କ୍ରୋଧ କରି ଆଉ କିଛି ଲାଭ ନାହିଁ ମଳୟା' ।

ମଳୟା ଅନାଇ ରହିଲା ସ୍ୱରୂପମୁହଁକୁ ।



Digitized by srujanika@gmail.com

# ମିଳନର ଛନ୍ଦ

## ଗଳ୍ପ ଉପନ୍ୟାସ

ଔପନ୍ୟାସିକ ଭଗବତୀ ଚରଣଙ୍କର ସାହିତ୍ୟିକ ମିଳନର ୨୬ଟି ଛନ୍ଦ ପ୍ରକାଶ ପାଇସାରିଣି ଏହାକୁ ନେଇ। ପୁରୁଷ ଆଉ ନାରୀର ମିଳନରେ ସନ୍ତାନ ହେଉଛି ଛନ୍ଦ ବା ମିଳନର—ହିଁ ହିଁ ହିଁ ଠା!

ଜୀବନର ପ୍ରକୃତ ଆଦର୍ଶ କ'ଣ ? ଉପନ୍ୟାସର ଗୋଟିଏ ଚରିତ୍ର କହେ—'ସନ୍ତାନ ରକ୍ଷା ଗଲେ—ଆମ୍ଭ ସନ୍ତୁଷ୍ଟ ହୋଇ ରହିବ ସନ୍ତାନର ଭଲ ଲାଗି।' ଏ ଗୋଟିଏ ଚରିତ୍ରର ବିଚାର। ହୁଏତ ଜଣକର ଆଦର୍ଶ।

କିନ୍ତୁ ଲେଖକ କଳ୍ପିତ ଆଦର୍ଶ ଓ ବାସ୍ତବ ଆଦର୍ଶକୁ ଆପଣାର ଉପନ୍ୟାସରେ ୨ଟି ବିଭିନ୍ନ ବସ୍ତୁ କରି ଦେଖାଇ—ତାଙ୍କର ମନ୍ତବ୍ୟ ମତ ମନୁଷ୍ୟ ଜୀବନ ବା ଜୀବୀ ଜୀବନର ପାରମ୍ପର୍ଯ୍ୟରେ ବା ବହୁମାନତାରେ ଅଛି ବୋଲି ସେ କହିବା ସଙ୍ଗେ ସଙ୍ଗେ—ପ୍ରତ୍ୟେକକୁ ସେ ଆଦର୍ଶର ମୂଳକ ବୋଲି ମାନି ନେଇଛନ୍ତି। ସନ୍ତାନ ଉତ୍ପାଦନକୁ ଆଦର୍ଶ କହି ପୁଣି ପ୍ରତ୍ୟେକକୁ ସ୍ୱ ଗତ କଲାବେଳେ "ସଂଯମର ଦ୍ୱାର ଖୋଲିଛି—ଆଦର୍ଶ ଦୂରକୁ ଅପସରିଛି—ସେ ଆଜି ମଣିଷ—କେବଳ ମଣିଷ...ମଣିଷ କେବଳ ଆଦର୍ଶ ନୁହେଁ— କେବଳ ସଂଯମ ନୁହେଁ—ସେ ରକ୍ତମାଂସର ମଣିଷ—ସବୁ ଦୁର୍ବଳତା—ସବୁ ଉତ୍ତେଜନାର ସମଷ୍ଟି।" ବୋଲି କହିଛନ୍ତି।

ଜୀବନଠା ଆଦର୍ଶ ଓ ବାସ୍ତବ ମଧ୍ୟରେ ଗୋଟିଏ ମୀମାଂସା— Compromise ବୋଲି ସ୍ପଷ୍ଟରେ ଦର୍ଶାଇ ଦେଇଥିଲେ ସୁନ୍ଦର ହୋଇଥାନ୍ତା।

କଥାବସ୍ତୁରେ ଲେଖକ ଆଧୁନିକ ସମାଜରେ ଉଚ୍ଚ ପାଠୋଇ ଝିଅମାନଙ୍କ ଆବିର୍ଭାବ ସଙ୍ଗେ ସଙ୍ଗେ ତାଙ୍କ ଜୀବନକୁ ଘେନି ଯେଉଁ ସାମାଜିକ ସମସ୍ୟା ଉଠିଛି ତାହାର ସମାଧାନ କରିବାକୁ ଯାଇଛନ୍ତି। ସମାଧାନଟା ମଧ୍ୟ ସୁନ୍ଦର। ଆଧୁନିକ ବହୁ କ୍ଷୁଦ୍ର ଗଳ୍ପରେ ଏ ସୂଚନା ମିଳୁଛି—ଯେ ମାତୃତ୍ୱ ହିଁ ନାରୀତ୍ୱର ଯଥାର୍ଥ ସାର୍ଥକତା।

ଉପନ୍ୟାସର କଥାବସ୍ତୁ ସୁନ୍ଦର ଘଟଣା ଗଠନ ବା ସଂବିଧାନକୁ ଅଣ୍ଡାଳି ଦେଇ ସହଜଗତି ଧରିଛି। ବେଳେ ବେଳେ ଚମତ୍କାର ବର୍ଣ୍ଣନା ଅତି ମଧୁର ଭାବରେ ଦେଖା ଦେଇଛି !

ଗୋଟିଏ ଅର୍ଦ୍ଧ ନଗ୍ନ ଲାବଣ୍ୟମୟୀ ତରୁଣୀ ମୂର୍ତ୍ତିକୁ ଦେଖି ନାୟିକା ସୁନ୍ଦରୀ ରମଣୀକୁ ତୁଳନା କରି ଜଣେ ନାୟକ ମୁଖରେ କହୁଛନ୍ତି ଲେଖକ— ସେ କେଉଁଥିରେ ଆପଣଙ୍କ ଠାରୁ କମ ? ଆପଣ ଯୁବତୀ—ସେ ଆପଣଙ୍କର ପରବର୍ତ୍ତୀ ଅବସ୍ଥା। ଆପଣ ଧନୀର କନ୍ୟା। ସେ ଆପଣଙ୍କର କେତେ ପୁରୁଷର ପୂର୍ବବର୍ତ୍ତୀ ଅବସ୍ଥା। ଆପଣ ଆଧୁନିକ ସେ ଆପଣଙ୍କର ଆଦିମ ଯୁଗ, ଧରନ୍ତୁ—ଦଶ ସହସ୍ର ବର୍ଷ ଆଗର ନଗ୍ନ ଅବତାର ! କିନ୍ତୁ ଦେହ ଆପଣ ସମାନ।"

ଏମିତି ଗୋଟିଏ ଗୋଟିଏ ସୁନ୍ଦର ବିଶ୍ଳେଷଣ ପୁସ୍ତକକୁ ଅତି ସୁନ୍ଦର କରିଛି। ଅତି ମଧୁର କରିଛି।

ଭାଷା ସରଳ ଏବଂ କ୍ଷୁଦ୍ର ବାକ୍ୟ ଗୁଡିକ ନିଶ୍ୱାସ ରୋଧ କରିନଦେଇ ପାଠକକୁ କଥା ସ୍ରୋତରେ ଭସାଇ ନେଇ ଯାଏ।

ମୂଲ୍ୟ ୧୲ ---ପ୍ରକାଶକ---ମନମୋହନ ପୁସ୍ତକାଳୟ। ବନ୍ଧାଇ ଛପା ସୁନ୍ଦର।

## ଜୀବନ ଓ ଜୀବନୀ

ମହାମାନବ ମହାତ୍ମାଗାନ୍ଧୀ— ଲେଖକ ପଣ୍ଡିତ ବିନାୟକ ମିଶ୍ର। ପ୍ରକାଶକ— ମନମୋହନ ପୁସ୍ତକାଳୟ ଦେଢ଼ଟଙ୍କା ମୂଲ୍ୟ।

ଏହାକୁ ଗାନ୍ଧୀଜୀଙ୍କ ଜୀବନୀ ନକହି ଜୀବନ ଦର୍ଶନ କହିଲେ ଚଳେ। ଗାନ୍ଧୀଜୀଙ୍କ ଜୀବନ କାହାଣୀ ଏତେ ଚର୍ବିତ ଚର୍ବଣ ହେଲାଣି ଯେ ଗାନ୍ଧୀଜୀଙ୍କ ଦର୍ଶନରବି ନବ ନବ ଦିଗକୁ ଆଣି ପୂଟ ନ ଦେଲେ ତାହା ସୁଖପାଠ୍ୟ ହୁଅନ୍ତା ନାହିଁ। ପଣ୍ଡିତ ମିଶ୍ରଙ୍କ ଗାନ୍ଧୀ ଜୀବନୀ ଲେଖାରେ ଏହି ବିଶେଷତ୍ୱ। ବହି ଖଣ୍ଡି ପ୍ରତ୍ୟେକ ଗାନ୍ଧୀବାଦୀ-ଧାରା ସତ୍ ଓ ପ୍ରତ୍ୟେକ ବ୍ୟକ୍ତିଙ୍କର ଅନୁଧ୍ୟାନ-ଯୋଗ୍ୟ।

ଆମେରିକା ଆବିଷ୍କାର— ପ୍ରକାଶକ ମନମୋହନ ପୁସ୍ତକାଳୟ—ମୂଲ୍ୟ ୫୩ ଛପା ବନ୍ଧାଇ ଚମତ୍କାର। ପଣ୍ଡିତ ନେହେରୁଙ୍କ ଆମେରିକା ଯାତ୍ରାର ବର୍ଣ୍ଣନା ଅଭିଭାଷଣ ଓ ଅଭିନନ୍ଦନ ଅବଲମ୍ବନ ଇଂରାଜୀ ସଂସ୍କରଣର ଅନୁବାଦ। ଅନୁବାଦକ ଭାଷାରେ ସୂକ୍ଷ୍ମ ରକ୍ଷା କରିଛନ୍ତି। ଏହିଭଳି ପୁସ୍ତକ ପ୍ରତି ଆମ ଦେଶବାସୀଙ୍କର ରୁଚି ବଢ଼ିବା ଉଚିତ।

## ଧର୍ମ ଓ ଦର୍ଶନ

ଶ୍ରୀ ଶ୍ରୀରାମକୃଷ୍ଣ ଦେବଙ୍କ କାହାଣୀ— ଲେ—ସ୍ୱାମୀ ଜଗନ୍ନାଥ ନନ୍ଦ ଶ୍ରୀ ଶ୍ରୀରାମକୃଷ୍ଣ ମଠ ପକ୍ଷରୁ ପ୍ରକାଶିତ ମୂଲ୍ୟ ଏକଟଙ୍କା —ଶ୍ରୀ ଶ୍ରୀ ଠାକୁର ପରମହଂସ ରାମକୃଷ୍ଣ ଦେବ ସାଧାରଣ ଲୋକଙ୍କୁ ଗୂଢ଼ ଧର୍ମତତ୍ତ୍ୱ ଶିକ୍ଷା ଦେବା ଲାଗି ଯେଉଁ ସବୁ ମଧୁର ଗଳ୍ପ ବା ଦୃଷ୍ଟାନ୍ତ ଛଳରେ କହୁଥିଲେ ତହିଁରୁ କେତେକ ଏଥିରେ ସନ୍ନିହିତ। ଠାକୁରଙ୍କର ସଂକ୍ଷିପ୍ତ ଜୀବନୀ ମଧ୍ୟ ଏଥିରେ ଅଛି।

## କାବ୍ୟ କବିତା

ଭକ୍ତି କଳ୍ପ ଲତା କାବ୍ୟ—

କବି ଶ୍ରୀ ମାଧବ ଚନ୍ଦ୍ର ମିଶ୍ର ପ୍ରଣୀତ— ମୂଲ୍ୟ ବାରଅଣା —ମନମୋହନ ପ୍ରେସରେ ମୁଦ୍ରିତ। କବି ମାଧବ ଚନ୍ଦ୍ର ଜଣେ ତରୁଣ କବି। କବିତା ରଚନାରେ ତାଙ୍କର ପର୍ଯ୍ୟାପ୍ତ ଶକ୍ତି ଅଛି। ପୁଣି ସେ ଜଣେ ଆଶୁ କବି ବୋଲି ପ୍ରଖ୍ୟାତ। ଇଚ୍ଛାମାତ୍ରେ ମୁହୂର୍ତ୍ତେ ମୁହୂର୍ତ୍ତେ ପଦ ରଚନା କରି ପାରନ୍ତି। ଏ କ୍ଷମତା ପ୍ରକୃତ ଦେଖାଯାଏ। ମାଧବଚନ୍ଦ୍ର ଅନେକ କାବ୍ୟ କବିତା ରଚନା କରି ଅଛନ୍ତି ଓ ବହୁତ କୃତ-ବିଦ୍ୟ ବ୍ୟକ୍ତିଙ୍କ ପ୍ରଶଂସା ଅର୍ଜନ କରିଛନ୍ତି। ମାତ୍ର ଦାରିଦ୍ର୍ୟ କବିମାନଙ୍କ ଭୂଷଣ ଥିବାରୁ କବି ମାଧବଚନ୍ଦ୍ର ଦରିଦ୍ର।

ଭକ୍ତ ସୁଦାମା ଆଖ୍ୟାୟିକା ଅବଲମ୍ବନ କରି ଭକ୍ତି କଳ୍ପଲତା କାବ୍ୟ ବିରଚିତ। ଏ ପୁସ୍ତକର ବିଶେଷତ୍ୱ ଯେ ଏହା ଖାଣ୍ଟି ଓଡ଼ିଆ ରଚନା। ପୁରୁଣା ଛନ୍ଦ ନିୟମରେ ଲିଖିତ ହୋଇଥିଲେ ମଧ୍ୟ ରଚନା ପ୍ରାଞ୍ଜଳ, ସରଳ ଓ କ୍ଲିଷ୍ଟତା-ବର୍ଜିତ। ପ୍ରକୃତି ବର୍ଣ୍ଣନା ଗୁଡ଼ିକ ମଧୁର ଓ କବିତ୍ୱ ପୂର୍ଣ୍ଣ। ଉତ୍ସାହ ପାଇଲେ କବିଙ୍କର ପ୍ରତିଭା ଅଧିକତର ବିକଶିତ ହେବ ବୋଲି ମୋର ବିଶ୍ୱାସ। ଆଶା—କବି ମାଧବଚନ୍ଦ୍ର ନିଷ୍ଠା ସହକାରେ ବାଣୀ ଆରାଧନା କରିବା ଦ୍ୱାରା ନିଜେ ଯଶସ୍ୱୀ ହୁଅନ୍ତୁ ଓ ଉତ୍କଳ ସାହିତ୍ୟ ଭଣ୍ଡାରର ସମୃଦ୍ଧି କରନ୍ତୁ। [ଲକ୍ଷ୍ମୀକାନ୍ତ]



Digitized by srujanika@gmail.com

# ଅଜାଙ୍କ ଗାନ୍ଧିବାଦ

ଲେ—ଗୌ: ମ:

ଗାନ୍ଧୀ ବାବାଙ୍କର ପଟ୍ଟଶିଷ୍ୟ ହେବେ ବୋଲି,
ଅଜା ପଢାଇଲେ କାନ୍ଧରେ ଖଦଡ଼ ଝୋଲି ।
ଜଳ ଦାନ୍ତ ପଡ଼ି ଛମୁଁ ଦାନ୍ତ ଥିଲା ଗୋଟେ,
ଆଉଙ୍କୁ କହିଲେ ମାଇଲେ ଖଡ଼୍ଗରେ ଚୋଟେ ।
ଚଦର ଚଷମା ଅଛି, ନ ଭାଙ୍ଗନ୍ତି କେବେ,
ଏଇ ଥର ଅଜା ଖାଣ୍ଟି ଗାନ୍ଧୀ ଚେଲା ହେବେ ।
ଆଣ୍ଟୁ ମାପ କଲେ—ବଡ଼ ଲୁଗାସବୁ ଚିରି,
ହୋଟଲରେ ପଛେ ଖାଆନ୍ତି ପଲଉ ଖୀରି ।
ଗାଆଁରେ କହନ୍ତି ନିରାମିଷାହାରୀ ମୁହିଁ,
ଗାଧୁଆ ମୁଁ ଭ୍ରମେ ମାଛ ଦେଖିଲ
ଥରେ ଛୁଇଁ ।
ମାଉଁସବୁ ଖାଲି ଝୋଲ ଆଉ ଦେଲେ ଅଣ୍ଡ,
ଭେଜିଟେରିଆନ୍ ବୋଲି ଆନନ୍ଦେ ଖାଆନ୍ତି ଖାଇ ।
ଗୁଡ଼ାଖୁ ଘଷାକୁ ଛାଡ଼ିଲେ ସେ ପଣ କରି,
ଝାଡ଼ାବେଳେ ଖାଲି ହୋକତା ଖାଆନ୍ତି ଦାଳ ।
ଲୁଗା କାଚନ୍ତି ସେ ଛୁଟେ ଗୁଣ୍ଡେ ଜାଗା ମାଡ଼ି,
ପୋଖରୀ ଯିବାକୁ ବାଟ ନ ଦାଅନ୍ତି ଛାଡ଼ି ।
କଳ ତକଲିଲେ ଚୋଡ଼ି କେବେ ନ ଧରନ୍ତି,
ଅହିଂସା ମତରେ ଭୁସିଭୁସା ଯା ପକାନ୍ତି ।
ସପ୍ତାହକେ ଥରେ ମଉନ କରିବା ପାଇଁ
ଦିନେ ଗୋଟି ଗାଆଁ ଲୋକଙ୍କୁ କହିଲେ ଯାଇ—
'ଭଜନ କାଳରେ ଘଣ୍ଟିରେ ପଶିଲେ ଚୋର,
ଘର ଦାରବାଟି ବୋହି ନେବ ସବୁ ମୋର ।
ବିପଦ ପଡ଼ିଲେ ଧାଇଁ ଯିବ ତୁମ ଦ୍ୱାରେ,
କଥା ନ କହିବି କେବେ ହେଲେ ମୁହିଁ ବାରେ ।
ଆନ ଆନ ଶବ୍ଦ କରିବଇଁ ରହି ରହି,
ସେ ଶବଦ ଶୁଣି ଆସିବ ହେ ତୁମେ ଧାଇଁ ।
ବିପଦକୁ ମୋର ତୁମେ ହେବ ଯେବେ ସାଥୀ,
ତୁମଙ୍କୁ ଅବଶ୍ୟ ରଖିବେ ହୋ ଭଗବାନ୍ ।'
ମଉନରେ ଅଜା ବସନ୍ତି ପାଖ ଗଲେ ନାହିଁ
ବାନ ଡାଲି ଖାଲି ଚେଙ୍ଗିଏ ଦେଲେ ଖାଇ ।
ଘଣ୍ଟି ଉପାସରେ ଚୁଲି ପାଖେ ବସି ବସି,
ମୁଢ଼ି ମୂଳାକୁ ଡ ଟେକ ଯାକେ ଦେଲେ ଚୂରି ।

( ୨ )

ମୁହିଁକା ରହିତ ଅଜାଙ୍କର ନିଦ ଆସିଲେ
ତ ହୁ,
ତାକ ନ ପକାଇ ଧାଇଁ ଯିବେ ଆନ ନିଦ
ଦେବାକୁ ।
ବାଘପଟେ ଗୋରୁ ଧଡ଼ ପଡ଼ ହୋଇ
ହାଉଳିଖାଇ
ଅନ୍ଧାରରେ ଅଜା ପଡ଼ିଗା ଘରକୁ
ଗଡ଼ିଲ ସେ ଧାଇଁ ।
ଦାସ ପୁଅ ଥିଲା ପିଣ୍ଡା ଉପରେ ଶୋଇ
ତା ପାଖେ ବସି,
ବାଇ ପେଟ ଚିପି ବଜାଇଲେ—
ଅଜା 'ନିତମ୍ବ ବଂଶୀ ।'
ଅନ୍ଧାରରେ ଦାସେ ଚିହ୍ନି ନ ପାରିଣ
ବୋଉଠେ ଦେଲେ,
ଗଡ଼ ଗଡ଼ ଅଜା ଲୁଗା ପଟା ଛାଡ଼ି
ଖସିପଡ଼ କଲେ ।
ପାଟି ପାଲୁ ପାଲୁ ଅଣି କୁଡ଼ି କୁଡ଼ି—
ନଳାରେ ପଡ଼ି
ଅନ ଅନ ନାଦେ ଅଜା ବେଳେ ବେଳେ
ପକାନ୍ତି ଗଡ଼ି,
ଚୋର ଚୋର ବୋଲି ଗାଆଁ ବାଲା ସବୁ
ହୋଇଲେ ଜୁଣ୍ଡ,
ଦାନ୍ତ ନିକୁଟାଇ ପଡ଼ିଥାନ୍ତି ଅଜା
ନ ଖୋଲି ତୁଣ୍ଡ ।
ଟୋକାଏ କହିଲେ—ଧାଇଁ ଆସ ଭାଇ
ଦେଖିବ ମଜା,
ଏଥାଗ ମଉନ—ସେ ପାଖରେ ବାଜା
ବଜାଏ ଅଜା !

## "କବି ମାନସ ଯେ କୃଷ୍ଣ ଘୋଡ଼ା"

ଲେ—ଶ୍ରୀ ଶିବବ୍ରତ ଦାସ

କବି ମାନସ ଯେ କୃଷ୍ଣ ଘୋଡ଼ା,
ଦେଖିଛକି କେହି ? ଦେଖିଛ ଯେବେ—
କବି ମାନସ ଯେ କୃଷ୍ଣ ଘୋଡ଼ା
ନୁହେଁ ଅଷ୍ଟ୍ରେଲିଅନ୍, ଆରବୀ କେବେଁ
କବି ମାନସ ଯେ କୃଷ୍ଣ ହୟ,
କୌଣସି ନାହିଁ ଲଗାମ ଘୋଡ଼ା
ସେ ଘୋଡ଼ା ପାଇଁକି ଭୋଗ୍ୟ ଏକ,
ସମ ଲୋଚନାର ଜଡ଼ା କେ ରଡ଼ା ।
ଜୋରିଆ ପ୍ରଣ୍ଟର ଲୌହାବୃତ,
ଅଗ୍ରଗାମୀ ବା ଯାଙ୍କ ସେକି !
"କାଟରପିଲର" ଟ୍ରାକ୍ଟର ସେ
ସରକାରୀ କୃଷି ବିଭାଗରେ କି ?
ପେନସିଲିନ୍ ତା ସାହିତ୍ୟରେ
ସକଳ ରୋଗରେ କରଇ ଥିୟ,
କବି ମାନସ ଯେ କୃଷ୍ଣ ଘୋଡ଼ା,
ଲଗାମ ବନ୍ଧନ କୃଷ୍ଣ ହୟ ।
କବି ମାନସ ଯେ କୃଷ୍ଣ ଘୋଡ଼ା,
ତା ପରି ବଳସ ଅଛନ୍ତି ଧାଏ ?
ହେଲିକପ୍ଟାରେ ଉଡ଼ିଲା ଭଳି
ଉଠାଇ ନେବଟି ସେ ମୁହିଁ ମୁହିଁ ।
କବି ମାନସ ଯେ କୃଷ୍ଣ ଘୋଡ଼ା,
ସେ ଘୋ ଡ଼ାଟା ସହେ ସ୍ୱର୍ଣ୍ଣମୟ
ସେ କଳା ଘୋଡ଼ାର ଯୋଗ୍ୟ ସେନା
ସିକନ୍ଦର ସମ ଚେଙ୍ଗିଜର ବଂଶ ।
"ବୋମା ଦୁଇଗୋଟି ସଙ୍ଗୀର କରେ"
"କହ ନ୍ୟୁଆର୍କର ଉଇଣ୍ଡୋ ଅବ"
"ପ୍ରିୟାର ଗାଁରେ ଫୁଟିଲା ଫୁଲ"
"ଅଶ୍ୱତ୍ଥ ଗଛ ମୂଳରେ ଥାଇ ।"
ସେ କଳା ଘୋଡ଼ାର ସଢ଼କପଞ୍ଚ
କବି ଲଭେ ତାହା ଚନ୍ଦ୍ରାଇ ଦିଏ
କବି ମାନସ ଯେ କୃଷ୍ଣ ଘୋଡ଼ା
ଜାତି ନୂଆ ପଥେ ଉଡ଼ାଇ ନିଏ
କବି ମାନସ ଯେ କୃଷ୍ଣ ଘୋଡ଼ା
କେହି କି ଦେଖିଛ ଦେଖିଛ କି ଯେ,
ସେ ତଥ ଶୂନ୍ୟ, ଶୂନ୍ୟ ତାହା
ଅସ୍ତାବଳଟା 'ମୃନ୍ମୟ, ମଗଜେ'
କବି ମାନସ ଯେ କୃଷ୍ଣ ଘୋଡ଼ା
କବିତା ଦେବୀଙ୍କ ଅଗ୍ରଦୂତ
ଘୂରାଇ ଘୂରାଇ କବି ଦେବଙ୍କୁ
ପାନ କରାଏ ସେ ଗବ୍ୟମୂତ୍ର ।
[ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ]

* ମେ ୧୯୫— ଇଦନ୍ଦୁରେ ପ୍ରକାଶିତ ଶ୍ରୀ ଗୋପାଳଚନ୍ଦ୍ର ମିଶ୍ରଙ୍କର "ତବ ମାନସୀର ପୁଷ୍ପବୀଥିକା" କବିତାର ବୀଜ [parody]



Digitized by srujanika@gmail.com

# ଅନ୍ଧ ବିଶ୍ୱାସ

ଲେ—ଲୁଛୁ ଭ୍ରମ

ଲୁଛୁଭ୍ରମର ବିବାହ ପୂର୍ବରୁ ସୀତାଙ୍କ ସହିତ କଥା ବାର୍ତ୍ତାରେ ପ୍ରଥମେ ଏଇ 'ଅନ୍ଧ-ବିଶ୍ୱାସ' ଶବ୍ଦର ଆବିଷ୍କାର ହେଲା । ମୁଁ ପଚାରିଲି-- ସଖି ତୁମେ ମୋତେ ଭଲ ପାଇ ପାରିବତ? ସଖି କହିଲେ—ବିଶ୍ୱାସ କର । ମୁଁ କହିଲି— ଶାସ୍ତ୍ର ଯେ କହୁଛି 'ବିଶ୍ୱାସ ନୈବ କର୍ତ୍ତବ୍ୟଂ ସ୍ତ୍ରୀଷୁ ରାଜକୁଲେଷୁ ଚ' । ସୀତା କହିଲେ— ମୁଁ ସଂସ୍କୃତ ଫଂସ୍କୃତ ଜାଣେ ନାହିଁ—ସେ ପଣ୍ଡିତିଆ ପାଠ—ମୂର୍ଖ ପଣ୍ଡିତଙ୍କ ମୂର୍ଖତା— ଆମ ଇଂରାଜି ପଣ୍ଡିତ ଅଲେକଜାଣ୍ଡର- କହୁଛନ୍ତି—

The saddest thing that can
befall a soul,
Is when it loses faith
in God and woman.

ମୁଁ କହିଲି—କାହାର କଥାରେ ବିଶ୍ୱାସ ଦିବାର ପାତ୍ର ମୁଁ ନୁହେଁ—ଆଖିରେ ପ୍ରମାଣ ନଦେଖିବା ଯାଏଁ ମୁଁ କାହାକୁ ବିଶ୍ୱାସ କରେ ନାହିଁ । Carlyleଙ୍କ କଥାରେ— Pin thy faith to no mans sleeve. Hast thou not two eyes of thy own? " ଯାହା ନଦେଖିବ ଦୁଇ ନୟନେ ପରତେ ନ ଯିବ ଗୁରୁ ବଚନେ " ମୋର ସେ ଅନ୍ଧ ବିଶ୍ୱାସ ନାହିଁ । ସଜନୀ କହିଲେ— କି ଶବ୍ଦ କହିଲେ ? ଏଇଟା କଣ ଅଭିଧାନରେ ଅଛି ? ମୁଁ କହିଲି—ନିଶ୍ଚୟ ଅଛି । ସଜନୀ କହିଲେ—ତେବେତ ଅଭିଧାନରେ ' ମଣିଷ ଲୁଛୁ-ଭ୍ରମ' ବୋଲି ଶବ୍ଦ ଥିବ? ମୁଁ କହିଲି-- ମଣିଷ ଶବ୍ଦ ଥିବ ଓ ଲୁଛୁଭ୍ରମ ଶବ୍ଦ ଥିବ ।

ସେ କହିଲେ—ଲୁଛୁଭ୍ରମତ 'ମଣିଷ-ମଣିଷ?' 'ମଣିଷ-ଲୁଛୁଭ୍ରମ' ଶବ୍ଦର ଆବଶ୍ୟକତା କଅଣ ? ସୀତା—କହିଲେ କାହିଁକି ? 'ପଶୁ ଲୁଛୁଭ୍ରମ'—ଓ 'ପକ୍ଷୀ-ଲୁଛୁଭ୍ରମ' ଥାଇ ପାରନ୍ତି— ।

କଥାଟା ମନକୁ ପାଇଗଲା—ବୁଝି ପାରିଲି ଯେ ମଣିଷ ଆଉ ଲୁଛୁଭ୍ରମ ଭିତରେ ଆଉ ଯେପରି ତଫାତ୍ ନାହିଁ । ଅନ୍ଧ ଆଉ ବିଶ୍ୱାସ ଭିତରେ ସେହିପରି ଆଉ କୌଣସି ତଫାତ୍ ନାହିଁ । କାରଣ ଲୁଛୁଭ୍ରମ ଯେପରି ସବୁ-ବେଳେ ମଣିଷ—ବିଶ୍ୱାସଟା ସେହିପରି ସବୁବେଳେ ଅନ୍ଧ । ମଣିଷର ବିଶେଷଣ ଯେପରି ମଣିଷ ହେବା ଅଦ୍ଭୁତର, ସେହିପରି ବିଶ୍ୱାସର ବିଶେଷଣ ଅନ୍ଧ ହେବା ଅଦ୍ଭୁତର । ଏହି ଅନ୍ଧ ବିଶ୍ୱାସ—ମଣିଷର ମନୁଷ୍ୟତ୍ୱ । ପଶୁର ବିଶ୍ୱାସ ନାହିଁ ନା— ଅବିଶ୍ୱାସ ମଧ୍ୟ ନାହିଁ । ତାର କେବଳ ଗୋଟାଏ ପ୍ରବୃତ୍ତି ବା ( instinct ). ଧରିବନ୍ଧା ଗତିରେ ସେ ଚାଲେ । କାହିଁକି ବୋଲି ପ୍ରଶ୍ନ ପଚାରେ ନାହିଁ । କାହିଁକି ବୋଲି ପ୍ରଶ୍ନ ସାଙ୍ଗେ ସାଙ୍ଗେ ବିଶ୍ୱାସ ବା ଅବିଶ୍ୱାସର ଜନ୍ମ । ବିଶ୍ୱାସ ବା ଅବିଶ୍ୱାସ ନଥିଲେ କାହିଁକି ବା କାରଣର ପ୍ରଶ୍ନ ମନୁଷ୍ୟର ମୁଣ୍ଡରେ ଉଠନ୍ତା ନାହିଁ । ତା ନହୋଇ ଥିଲେ ଆଦମ ଓ ଇଭଙ୍କର ଚିନ୍ତା ବା ଅସମ୍ଭବ ହୋଇ ଥାନ୍ତା । ମନୁଷ୍ୟ ଆଗ ବିଶ୍ୱାସ କରେ ତାପରେ ପଚାରେ କାହିଁକି ? ଯେଉଁ ଜିନିଷଟା ନାହିଁ ସେ ଜିନିଷରେ ବିଶ୍ୱାସ ମଧ୍ୟ ନାହିଁ— ସୁତରାଂ ତାର କାରଣ ବା କାହିଁକି ମଧ୍ୟ ଆସି ନପାରେ । କାହିଁକି ବା କାରଣଟା— ଅବିଶ୍ୱାସ ବା ବିଶ୍ୱାସର ବିରୋଧ ନୁହେଁ— କାହିଁକି ନା ସମାଧାନ ପୂର୍ବରୁ ବିଶ୍ୱାସଟା ସବୁବେଳେ ଅନ୍ଧ ଥାଏ । ସମାଧାନ ପରେ ମଧ୍ୟ ବିଶ୍ୱାସ ଅଦ୍ଭୁତ ଅନ୍ଧ ହୋଇଯାଏ କାରଣ ତାହା ସତ୍ୟହୁଏ । ପ୍ରମାଣିତ ସତ୍ୟ ଉପରେ ବିଶ୍ୱାସ ରଖିବା ଛଳି ସେ ପୁଣି ଅଦ୍ଭୁତ ଉଚ୍ଚତର ସତ୍ୟର ସନ୍ଧାନୀ ହୁଏ—Holmes କହୁଛନ୍ତି " Faith always implies the disbelief of a lesser fact in favour of a greater. ବସନ୍ତକୁ ଠାକୁ-ରାଣୀ କହି ପୂଜା ଦେଲେ ବସନ୍ତ ହୁଏ ନାହିଁ । ଏ ଅନ୍ଧ ବିଶ୍ୱାସ ଚାଲିଗଲା । କାରଣ ଠାକୁରାଣୀ ମାର୍ଜନା ପରେ ମଧ୍ୟ କେତେକ ଲୋକଙ୍କୁ ବସନ୍ତ ହେଲା । କାଳର ପୂର୍ଣ୍ଣ ବିଶ୍ୱାସଟା ଆଜି ହୋଇଗଲା ଅନ୍ଧ ବିଶ୍ୱାସ । ମଣିଷ ପଚାରିଲା— କାହିଁକି ? ଆବିଷ୍କାର କଲା ଗୋ ବୀଜ ଟୀକା । ପୁଣି ଯେତେବେଳେ ଦେଖିଲା ଗୋ ବୀଜ ଟୀକା ଚୁପି ଠାକୁରାଣୀଙ୍କୁ ପୂଜା କଲେ ମଧ୍ୟ ବସନ୍ତ ହେଉଛି, ସେ ହୋଇଗଲା ଅନ୍ଧ ବିଶ୍ୱାସ । ସୁତରାଂ ସତ୍ୟ ନିର୍ଦ୍ଦିଷ୍ଟ ନୁହେ । ବିଶ୍ୱାସ ମଧ୍ୟ ଚିରସ୍ଥାୟୀ ନୁହେ । ବିଶ୍ୱାସ ଏବଂ ବିଚାର ଗୋଟିଏ ବସ୍ତୁର ଦୁଇଟି ଦିଗ, ବରଂ ବିଶ୍ୱାସ ଉପରେହିଁ ବିଚାର ଅଶ୍ରୟ କରି ରହିଥାଏ । ଗୁରୁ କହେ ହାଇଡ୍ରୋଜେନ ଓ ଅକ୍ସିଜେନ ମିଶିଲେ ଜଳ ହୁଏ । Experiment କରି ଦେଖାଇ ଦେବା ପୂର୍ବରୁ ଛାତ୍ର ଯଦି ବିଶ୍ୱାସ ବା ଅନ୍ଧବିଶ୍ୱାସ ନକରେ ସେ କଦାପି ଲେବରେଟରି ପାଖ ମାଡିବ ନାହିଁ । ବାସ୍ତବିକ Young ଠିକ୍ କହିଛନ୍ତି "Faith is not reason's labour but repose " ଅନ୍ୟତ୍ର ମଧ୍ୟ ପଣ୍ଡିତ ମାନେ କହିଛନ୍ତି "Faith is higher faculty than reason ।"

ଆମ ସୀତା ଓ ରାମଙ୍କ ଜୀବନରେ ବିଶ୍ୱାସ ସୀତା, ରାମ ବିଚାର ବା କାରଣ । ସେ ବିଶ୍ୱାସ ଉପରେ ବିଚାର ସବୁବେଳେ ଅଶ୍ରୟ କରିଥାଏ—ସେଥିପାଇଁ "Faith is a higher Faculty than reason " ବରଂ Adams ଙ୍କ ଭାଷାରେ— "Faith is but continuation of reason' ଅପଣ ସୀତାଙ୍କ

[ ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ ]

କବି ମାନସ ଯେ କୃଷ୍ଣ ଘୋଡ଼ା
କବି ଜୀବନରେ ଅଭିଳଷିତ,
କବି ଜୀବନରେ ସ୍ୱର୍ଗଦ୍ୱାର,
କବିତା ଲୋକରେ କରୁଏ ରତ
ଦରଶ୍ରୀ କବିର ସମ୍ବଳଦାତା,
କବି ଜୀବନରେ ସୃଷ୍ଟିଦ୍ୱାର,
ସେ ଘୋଡ଼ାର ବଳେ ସର୍ବଗତ,
ଗର୍ବ କବିର ବାସନା ଭାର—

କବି ମାନସର କୃଷ୍ଣ ଘୋଡ଼ା,
ଏଥିଁ ବଳକରେ ରକ୍ଷାଦାନେ
ସେ କଳା ଘୋଡ଼ାରେ ସବାର ପାଇଁ,
ଝୁରୁଥାନ୍ତି ନିଅ ଚଢ଼ାଳମାନେ ।
କବି କଳପନା ଚିନ୍ତା କେତେ
ସେ କଳା ଘୋଡ଼ାର ପୃଷ୍ଠେ ବସି
ଭ୍ରମିଯାଏ ସେ ସ୍ୱପ୍ନ-ସମ—
ଉଡ଼ି ଉଡ଼ି ଜଳେ ଆକାଶେ ଧସି ।



Digitized by srujanika@gmail.com

# ମୁଁ କାହିଁକି ଲେଖେଁ !

ଲେ—ଶ୍ରୀ ଚନ୍ଦ୍ରମଣି ଦାସ

ମୁଁ କାହିଁକି ଲେଖେଁ ଏହା ଏକ ବହୁ ସୂକ୍ଷ୍ମ ପ୍ରଶ୍ନ ମିଶ୍ରିତ ବଡ଼ ପ୍ରଶ୍ନ । ଏହାର ଉତ୍ତର ମଧ୍ୟ ସେହିପରି ବହୁମୁଖୀ । ଆଜି ହୁଏତ ମୁଁ ବହୁତ କିଛି ଲେଖିଲିଣି ବୋଲି ଏବଂ ଲେଖିବା ପ୍ରଣାଳୀ ଏକ ଗଡ଼ରେ ପଡ଼ି ଗଲିଣି ବୋଲି—'ମୁଁ କାହିଁକି ଲେଖେଁ' ଏ ପ୍ରଶ୍ନର ଉତ୍ତର ମୁଁ ଅତି ହାଲୁକା ଭାବରେ ଦେଇ-ଦେବି—"ମୁଁ ଲେଖୁଛି ଲୋକଙ୍କ ଚିତ୍ତ ବିନୋଦ ପାଇଁ—ମୁଁ ଲେଖୁଛି, ଆମ ସମାଜର ସଂସ୍କାର ପାଇଁ—ମୁଁ ଲେଖୁଛି, ପ୍ରଗତିଶୀଳ ଦୁନିଆ ସହିତ ଏ ଦେଶର ଲୋକଙ୍କୁ ବାଟ ଦେଖାଇବା ପାଇଁ । କିନ୍ତୁ କବି ବା ଲେଖକର ପ୍ରକୃତ ବା ମୂଳ ଲେଖା ସହିତ ଏହାର ବିଶେଷ କିଛି ସଂପର୍କ ନଥାଏ । କବି ବା ଲେଖକ ଯେତେବେଳେ ସାଂସାରିକ ଜୀବନ ଯାପନ କରେ ଏବଂ ଦୁନିଆର ଯାବତୀୟ ସମସ୍ୟା ଯଥା—ଅଭାବ, ଅନଟନ, ଅସମଞ୍ଜସ୍ୟ ଓ କୁପ୍ରଥା ପ୍ରଭୃତି ତାର ଆଗରେ ଚଳଚିତ୍ର ଧରି ନାଚି ନାଚି ଯାଏ ସେତେବେଳେ ସେ ଏ ସବୁକୁ ଦୂର କରିବା ପାଇଁ ତାର ଲେଖା ସହିତ ସୁନ୍ଦର ଭାବରେ ଏହି ସବୁ ସମସ୍ୟାକୁ ଜୀବନ୍ତ ଚିତ୍ରଣ କରି ଯୋଡ଼ି ଦିଏ । ଏହି ଲେଖାଇ ପରେ ପରେ ଭିନ୍ନ ଭିନ୍ନ ଶ୍ରେଣୀରେ ଆଦର ପାଏ । କିନ୍ତୁ ଲେଖକର ଏହି ଲେଖା ସବୁ ପ୍ରକୃତ ବା ଚିରସ୍ଥାୟୀ ଲେଖା ନୁହେଁ । ଏ ସବୁ ହେଲା ସାମୟିକ ବା ସମାଜର ହିତ ପାଇଁ ପ୍ରଚୁର ଘଣ୍ଟିଆ ଲେଖା ।

ତେବେ ଲେଖକ ଜୀବନରେ ପ୍ରକୃତ ଲେଖା କଅଣ ଏବଂ ସେ ଲେଖେ କାହିଁକି ? ଜୀବନର ଭିନ୍ନ ଭିନ୍ନ ସ୍ତରରେ କପଟ ଓ ଭଣ୍ଡ ଲେଖେ । ଏ ବିଷୟରେ କିଛିଏ ପୂର୍ବାପର ସୂଚନା ନଦେଲେ—"ମୁଁ ଲେଖେ କାହିଁକି?" ଏହାର ସଠିକ ଉତ୍ତର ଦେଲି ବୋଲି ମୁଁ କହି ପାରିବି ନାହିଁ । କବି ଲେଖକ ପ୍ରକୃତିର ଏକ ସ୍ୱତନ୍ତ୍ର ଶକ୍ତି ନେଇ ଦୁନିଆରେ ଜନ୍ମ ଗ୍ରହଣ କରେ । ଦୁନିଆର ଆଖିରେ ଯେଉଁଠି ସୌନ୍ଦର୍ଯ୍ୟର ସତ୍ତା ନାହିଁ, ସେଠି କବି ଲେଖକ ଅପରନ୍ତ ସୌନ୍ଦର୍ଯ୍ୟ ଦେଖି ଆତ୍ମ-ହରା ହୁଏ । ଦୁନିଆ ଯାହାକୁ ତୁଚ୍ଛ ଜ୍ଞାନ କରେ, ସେଠି ଲେଖକର ହୃଦୟ ସମବେଦନାରେ ଭରି ହୋଇଯାଏ । ଆଖିରେ ଅଶ୍ରୁ ଆସେ । ମୋଟ ଉପରେ କବି ଲେଖକର ହୃଦୟ ଅନନ୍ତ ଆକାଶପରି ଉଦାର—ପ୍ରଶାନ୍ତ । ତାର ଅମୃତ ଦୃଷ୍ଟିରେ ସେ ପ୍ରକୃତି ରାଜ୍ୟରେ ସରଳ । ସ୍ୱାଧୀନ ପ୍ରକ୍ରିୟା ଭଳି ଦୁନିଆକୁ ଦେଖେ । ଦୁଃଖ ଅଶାନ୍ତି କଳନାର ବାହାରେ ।

ହଁ—ଏବେ ଶୁଣନ୍ତୁ । ଲେଖକ ଜୀବନର ମୂଳ ଲେଖା କଅଣ—ସେ କାହିଁକି ଲେଖେ ଏ କଥା କହିବାକୁ ଯାଇଁ ଅନ୍ୟ ବାଟରେ ମାଡ଼ି ଗଲିଣି । ଲେଖା ଲେଖି କରିବା ତାହାଠାରୁ ଶିଖିବାକୁ ହୁଏ ନାହିଁ କି, ପଢ଼ି ଘୋଷି ଅଭ୍ୟାସ କରିବାକୁ ହୁଏ ନାହିଁ । ତାହା ଜଳ ଭିତରେ ପ୍ରଚ୍ଛନ୍ନ ଭାବରେ ଥିବା ପ୍ରକୃତିର ଏକ ଅମୃତମୟୀ ଶକ୍ତି । ଛୋଟ ବର ମଞ୍ଜିଟି ଭିତରେ ଅତି ସୂକ୍ଷ୍ମ ଶରୀରରେ ଲୁକ୍କାୟିତ ଥିବା ବିରାଟ "ବରଗଛ"ର ଯେପରି ବାହାରର ପାଣି ପବନରେ ବିକାଶ ଲାଭ କରେ, କେତକୀ ଗଛର ଗର୍ଭ ଭିତରେ ଲୁକ୍କାୟିତ ଥିବା କେତକୀ କଢ଼ ଯେପରି କ୍ରମେ ବିକାଶ ଲାଭ କରେ, ସେହିପରି ଦୁନିଆରେ ସେ କବି ଲେଖକ ହିସାବରେ ଗଣା ହୁଏ ।

ଲେଖକ ଜୀବନର ପ୍ରଥମାବସ୍ଥା କଥା କହୁଛି । ମୋର ପିଲାଦିନର କଥା । ବାଲିଙ୍ଗି, କଅଁଳିଆ ଘେରା ଆମର ଛୋଟ ଗାଁଟି । ଅଳ୍ପ ଦୂରରେ ଗୃହାଳୀ । ସନ୍ଧ୍ୟାପଟ୍ଟିରେ ଛୋଟ ପୋଲଟିଏ । ଏ ପାଖର ପାଣି ସେ ପାଖକୁ ଯାଏ । ମାଘ ମାସ । ଦିନରୁ କନ କନିଆ ଶୀତ ମଡ଼ି ଆସେ । ତାଆଣିଆ ଧୂନେଇ ଖସି ଢାଳଗଛ ମଥା ଉପରକୁ ଉଠିଲା ବେଳକୁ ଅଦଧ ନେ ଗୃହାଳୀ ଛୁଟି କରି ଦିଅନ୍ତି । ଛୋଟ ଛୋଟ ପୁଅଝିଅଙ୍କର ଆନନ୍ଦରେ ସୀମା ନ ଥାଏ । ସମସ୍ତେ ହୁଡ଼ାଟ ମାରି ହସି ଖେଳି ଘରକୁ ଫେରନ୍ତି । ମୁଁ କିନ୍ତୁ ଅଟକି ଯାଏ ସେହି ପୋଲ ଉପରେ । ଆଉ କେତେକ ମଧ୍ୟ ଅଟକନ୍ତି । ଆଗରେ ଅସୁମାରୀ ଦିଗନ୍ତ-ବ୍ୟାପୀ ସବୁଜ ଧାନ କ୍ଷେତ । ଝୁଲ୍ ଝୁଲିଆ ପବନରେ ସବୁଜ କ୍ଷେତରେ ଢେଉ ପରେ ଢେଉ ଉଠେ । ଅସ୍ତ-ରବିର ସୁନେଲି କିରଣରେ ବସି ବାହୁଡ଼ା

---

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଖୋଜି ଖୋଜି ପାଆନ୍ତି, ସୀତା ଯେଉଁଠି ସରିଛନ୍ତି ସେଇଠି ରାମ ଆରମ୍ଭ ହୋଇଛନ୍ତି । ବୃକ୍ଷ ରାମଙ୍କ ପ୍ରାଣ ହୋଇଛନ୍ତି ସୀତା । ସେଥିପାଇଁ Tolstoy ଙ୍କ କଥାରେ "Faith is the force of life" ଆମେ ଯାହା ଦେଖିଛୁ ତାହାହିଁ ବିଚାର । ଆମେ ଯାହା ଦେଖିନୁ ତାହାହିଁ ବିଶ୍ୱାସ । All I have seen teaches me to trust creator for all I have not seen—Emerson. ଜ୍ଞାତ ବିଷୟରେ ବିଚାର ଅଛି ବୋଲି ଅଜ୍ଞାତ ଈଶ୍ୱର-ରେ ବିଶ୍ୱାସ ଆସିବା ସ୍ୱାଭାବିକ । ବସ୍ତୁବାଦୀ ମାନେ କହନ୍ତି ଯେ ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ ବ୍ୟତିରେକେ ଅନ୍ୟ ସମସ୍ତ ଅସମ୍ଭବ ! ଅର୍ଥାତ୍ କଳ୍ପନା ଅବାସ୍ତବ । କିନ୍ତୁ ବୃଦ୍ଧବ୍ରମ କହେ, ଅସମ୍ଭବ ବୋଲି ଏକ ଶବ୍ଦ ମନୁଷ୍ୟର କଳ୍ପନା କୋଷରେ ନାହିଁ—ଉଡ଼ାଜାହାଜ କଳ୍ପନା ଦିନେ ଅସମ୍ଭବ ଥିଲା । କାରଣ ତାହା କଳ୍ପନା ଥିଲା । ସେହିପରି ଆଜି ମୋର ଈଶ୍ୱରର କଳ୍ପନା ଦିନେ ସତ ହେବା ବିଚିତ୍ର ନୁହେଁ । ଉଡ଼ାଜାହାଜ ଆବିଷ୍କାରକ ଯଦି ଏଭଳି ଏକ ଅସମ୍ଭବରେ ବିଶ୍ୱାସ କରି ନ ଥାନ୍ତା ହୁଏତ ଉଡ଼ାଜାହାଜ ଆଜି ସମ୍ଭବ ହୋଇନଥାନ୍ତା । ଉଡ଼ାଜାହାଜ ଆବିଷ୍କାରକର ପ୍ରଥମରେ ଯେଉଁ ଅନ୍ଧ ବିଶ୍ୱାସ ଥିଲା, ସେ ଆଜି ବିଶ୍ୱାସ ହୋଇଯାଇଛି । ସେ ଦିନର ଅନ୍ଧ-ବିଶ୍ୱାସ-ଉଡ଼ାଜାହାଜ ଆଜିର ବିଶ୍ୱାସ-ଉଡ଼ାଜାହାଜ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ସୁତରାଂ ଅନ୍ଧ ବିଶ୍ୱାସ ବିଶ୍ୱାସ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ପାଠକେ ଅନ୍ଧ ହେଲେ ବୃଦ୍ଧବ୍ରମ ବିଶ୍ୱାସ । ବୃଦ୍ଧବ୍ରମ ବିଶ୍ୱାସ ହେଲେ ପାଠକେ ଅନ୍ଧ । ସୀତା ଅନ୍ଧ ହେଲେ ବୃଦ୍ଧବ୍ରମ୍ ବିଶ୍ୱାସ ବା ବିଶ୍ୱାସର ଘର । ବୃଦ୍ଧବ୍ରମ ଅନ୍ଧ ହେଲେ ସୀତା ତାର ବିଶ୍ୱାସ କଳସୀ ।



Digitized by srujanika@gmail.com

ପକ୍ଷୀ ଦଳ ଦଳ ହୋଇ ବସାକୁ ଫେରି ଯାଆନ୍ତି । ପାଖ ବାଉଁଶ ବୁଦାରେ ମାଛରଙ୍କା ଚୋଟି ଫର୍ ଫର୍ ଉଡ଼ି ଶିକାର କରୁଥାନ୍ତି ଅନବରତ । ଏସବୁ ଦେଖି ଦେଖି ମନଟା ଆନନ୍ଦରେ କେମିତି ଉଦାସ ହୋଇଯାଏ । କାହିଁକି ମନ ଭିତରେ କେଉଁଠି ଉଦାସ ଥରିଲା ପରି ଲାଗେ । ଏସବୁ ଦେଖି ଦେଖି ଫେରି ଆସେ ଘରକୁ ।

ସାନ୍ଧ୍ୟ ହୁଏ—ଆକାଶରେ ଜହ୍ନ ଉଠେ । ଗୃହଅଗଣା ଦୁଆର ପାଣିରେ ଧୂଆ ହେଲା ପରି ଦିଶେ କି ସୁନ୍ଦର । ସେହି ଜ୍ୟୋତ୍ସ୍ନା ଜଡ଼ିତ ଆକାଶ ଆଡ଼େ ଚାହିଁ ଚାହିଁ ମନରେ ମୋର କେମିତି ଏକ ସ୍ୱପ୍ନ ଜାଲ ସୃଷ୍ଟି ହୁଏ । ମନଭିତରେ ଜାଗିଉଠେ—କେତେ ଅଜଣା ପ୍ରଶ୍ନ । ଏତେ ସୁନ୍ଦର ଅନନ୍ତ ନୀଳ ଆକାଶ ଗଢ଼ିଲା କିଏ ? ଏତେ ସୁନ୍ଦର ଜହ୍ନ ଛୋଟ ଛୋଟ ତାରା ଖଞ୍ଜିଲା କିଏ, କାହିଁକି ? ଛୋଟିଆ ଧଳା ନ ହୋଇ ନୀଳ ହୋଇଥିଲେ, ଅଧିକ ସୁନ୍ଦର ଦିଶୁଥାନ୍ତା । ତାରା ଗୁଡ଼ିକ ଗୋଟାଏ ରଙ୍ଗରେ ନହୋଇ, ନାଲି, ନେଳି, ସବୁଜ ବାଇଗଣି ହୋଇଥିଲେ ଅଧିକ ଆକାଶ ସୁନ୍ଦର ଦିଶୁଥାନ୍ତା । ଆକାଶ ଆରପାଖରେ କଣ ଅଛି ? ଇତ୍ୟାଦି କେତେ ପ୍ରଶ୍ନ କଳ୍ପନା । ପିଲାଦିନୁ ଏହି ସବୁ କଳ୍ପନା ଏବଂ ପ୍ରକୃତିର ସୃଷ୍ଟିରହସ୍ୟ ଦେଖି ଅନୁଭବ ହେବା ମାନେ—ଲେଖକଠାରେ ଥିବା ପ୍ରତିଭାର କ୍ରମ ବିକାଶର ସୂଚନା । ଏହି ସବୁ ଖଣ୍ଡ ମଧୁର ସ୍ମୃତି ସେତେବେଳେ ଲେଖିବା ପାଇଁ ଶକ୍ତି ଏବଂ ଭାଷା ନଥିଲେ ମଧ୍ୟ ତାହା ଅନ୍ତର ଭିତରେ ଚିର ଅଲିଭା ଛାପ ହୋଇ ରହିଯାଏ । ଏହି ମଧୁର ସ୍ମୃତି ଲେଖକର ପରଜୀବନରେ ଶ୍ରେଷ୍ଠ ଉପାଦାନ ହୋଇ ଭାଷାର କାରିଗରୀ ସ୍ପର୍ଶରେ ଜୀବନ୍ତ ହୋଇଉଠେ । ଏ ଧରଣର ଲେଖାସବୁ ଶ୍ରେଷ୍ଠ ଏବଂ ନୂତନ ।

ପୁଣି ପିଲାଦିନ ଗଡ଼ି ଯାଏ । ଲେଖକ ଜୀବନରେ ଆସେ ଯୌବନ । ତା ଆଖିରେ ସଂସାର ଦିଶେ ଅଧିକ ସୁନ୍ଦର । କିଶୋରୀର ଚଟୁଳ ଚାହାଣି, ତାର କମନୀୟ ମୁଖଶ୍ରୀ ଲେଖକର ଚିତ୍ତ ଚଞ୍ଚଳ କରେ । ବିରହୀ ଅନ୍ତରରେ ଯୁବତୀକୁ କେନ୍ଦ୍ର କରି ସେ ଲେଖେ ବୋଝ କବିତା, ଗଳ୍ପ, ଗୀତି ଭିତରେ ମରମ କାହାଣୀ । ଯୁବତୀ ପାଇଁ ଯୁବକ ଲେଖକ ସ୍ୱର୍ଗ, ମର୍ତ୍ତ୍ୟ ସମାନ କରେ । ସେସମୟ ହେଉଛି ଲେଖକ ଜୀବନରେ ଶ୍ରେଷ୍ଠ ସମୟ, ମଧୁମୟ ବେଳା । କବି ଲେଖକ ଏହି ସମୟରେ ତାର ବିରହୀ ଅନ୍ତର ନେଇ, ସଦ୍ୟ ପ୍ରସ୍ଫୁଟିତ ଗୋଲାପ ଫୁଲଟିର ରୂପ, ସୁବାସରେ ଆତ୍ମହରା ହୁଏ । ତାର ଅନ୍ତରର କଥା ନିଜ ଅନ୍ତରର କଷ୍ଟି ପଥରରେ ଆଙ୍କି ଗୌରବ ମନେ କରେ । ପୁଣି ସେହି ବୃନ୍ତ-ଚ୍ୟୁତ ବାସୀ ଫୁଲଟିର ଶ୍ରୀହୀନତାରେ ତାର ଅନ୍ତର ହା ହା କରି ଉଠେ ! ଏହି ସମୟରେ ଲେଖକର କଲମରୁ ଯେଉଁ ଲେଖା ସବୁ ବାହାରେ ସେଥିରେ ବାହ୍ୟ ଦୁନିଆର ବିଭିନ୍ନ ଜଟିଳ ସମସ୍ୟା ନଥାଏ । ତା ସ୍ୱଚ୍ଛ, ପବିତ୍ର, ସ୍ୱାଧୀନ । ସେଥିରେ ପାଏ କେବଳ ଆନନ୍ଦ, ସୁଖ, ଦୁନିଆ ବିଷୟରେ ସୁନେଲି କଳ୍ପନା । ଏ ଧରଣର ଲେଖା ସବୁ ସମୟରେ ଆଦରଣୀୟ । ଏଥି ସହିତ କେବଳ ପୁରୁଷ ପାଇଁ ସ୍ତ୍ରୀ କିମ୍ବା ସ୍ତ୍ରୀ ପାଇଁ ପୁରୁଷର ତ୍ୟାଗ ନିଷ୍ଠା ଇତ୍ୟାଦି କେତେକ ଆଦର୍ଶନୀୟ ଲେଖା ଯୋଗାଇଦେଲେ, ତାହା ଯୁଗେ ଯୁଗେ ଜନ ସମାଜରେ ପ୍ରୀତିକର ଓ ଅମର ହୋଇ ରହେ । ଏଥିରେ ଲେଖକ ଯେତେ ଆନନ୍ଦ ପାଏ ଅନ୍ୟ କୌଣସି ଲେଖାରେ ସେତେ ଆନନ୍ଦ ପାଏ ନାହିଁ । ଏ ଲେଖା ହେଲା ଭଗବାନଙ୍କର ମନୁଷ୍ୟକୁ ଶ୍ରେଷ୍ଠଦାନ । ଯୌବନ ସମୟର ଲେଖା । ପ୍ରାଚୀନ କାଳରେ ଯେଉଁ ସବୁ କବି ଏହିପରି ଲେଖା ଲେଖି ଯାଇଛନ୍ତି ତାହା ଆଜି କୋଟି କଣ୍ଠରେ ପ୍ରଶଂସିତ ହେଉଛି !

ଏହାବାଦ୍ ଲେଖକ ଜୀବନରେ ଆଉ ଏକ ଲେଖା କଥା କହୁଛି । ତା ହେଉଛି ସମସ୍ୟା-ସମାଧାନ ମୂଳକ ଜନ ଓ ଦେଶ ହିତକର ଲେଖା । ଲେଖକକୁ ଯୌବନ ନିଶା ନିଛିଡ଼ିବୁ, ସେ ସଂସାର ବୋଝ ମୁଣ୍ଡାଇ ଅଙ୍ଗେ ନିଭାଏ—ଅଭାବ ଅନଟନ କୁପ୍ରଥା ଇତ୍ୟାଦି କେତେ କଣ । ଏ ସବୁ ଦେଖି ଲେଖକ ସ୍ଥିରହୋଇରହି ପାରେନାହିଁ । ଲେଖକ ଜାଣି ଶୁଣି ପ୍ରକୃତ ଲେଖାକୁ ପଛରେ ପକାଇ ନିଜ ଜାତି ଓ ଦେଶର ମଙ୍ଗଳ ପାଇଁ କଲମ ଧରେ । ବର୍ତ୍ତମାନ କଥା ଧରାଯାଉ; ଆଜି ଭିତରେ ବର୍ତ୍ତମାନ ସୁଦ୍ଧା ଯେଉଁ ଉଚ୍ଚ, ନୀଚ ଭେଦ-ଭେଦ, ଅନ୍ୟାନ୍ୟ ଶୋଷଣ ପୁରି ରହିଛି, ସେଥିରେ ସମସ୍ତଙ୍କ ମୁଖରେ ଆନନ୍ଦର ହସ ଫୁଟେ ନାହିଁ । ଲୋକଙ୍କ ମନ ପରିବର୍ତ୍ତନ କରାଇ ସମାଜରୁ ଏ ଭ୍ରାନ୍ତି ଦୂର କରିବା ପାଇଁ ଲେଖକ ଶ୍ରେଣୀ ଆଜି ସଜାଗ । ମୁଁ ମଧ୍ୟ ସେଥିରୁ ବାଦ ପଡ଼ିନାହିଁ । କାରଣ ମୁଁ ଜାଣେ, ମୋର ଲେଖକ ବନ୍ଧୁ ଜାଣନ୍ତି, ସମାଜରୁ ଯାବତୀୟ କୁପ୍ରଥା ଲୋପକରି ଦେଶର ସୁଖ, ଶାନ୍ତି ଫେରାଇବା ପାଇଁ, ଲେଖକର ଲେଖାର ପ୍ରଭାବ ଖୁବ୍ ବେଶି କାମକରେ । ଲେଖକର ବାସ୍ତବ-ପୂର୍ଣ୍ଣ ଘଟଣାର ବର୍ଣ୍ଣନରେ ଓଜସ୍ୱିନୀ ଭାଷାର ପ୍ରଭାବରେ ଦେଶର ବିପ୍ଳବ ଆସେ । ରଣ କ୍ଷେତ୍ରରେ ଲେଖକର ମାତୃ ଭୂମିର ଗରିମା-ପୂର୍ଣ୍ଣ ସଙ୍ଗୀତର ମୂର୍ଚ୍ଛନାରେ ସୈନିକ ଶତ୍ରୁ ଆଗରେ ଜୀବନ ଦେଇ ମାତୃ-ଭୂମିର ମୁଖ ଉଜ୍ଜ୍ୱଳ କରେ । ପୁଣି ସେହି ଲେଖାର କାରିଗରୀ ଶକ୍ତି ବଳରେ ଗୋଟାଏ ଜାତି ମଧ୍ୟ ସତ୍ୟ, ଅହିଂସା, ଧର୍ମ ପରୋପକାର ଗୁଣରେ ଭୂଷିତ ହୋଇ ଅନ୍ୟ ଦେଶ ପକ୍ଷରେ ଅନୁକରଣୀୟ, ପ୍ରଶଂସନୀୟ ହୁଏ । ଏହା ଛଡ଼ା ଲେଖକ ତା ଲେଖା ଭିତରେ ଯେ କୌଣସି ସମସ୍ୟାକୁ ଲେଖା ଭିତରେ କୌଶଳରେ ଦେଶ ଓ ଜାତିର ଅଶେଷ କଲ୍ୟାଣ ସାଧନ କରେ । ଲେଖକ ଦୁନିଆରେ ସର୍ବଶ୍ରେଷ୍ଠ ଦେଶ ପ୍ରେମୀ । ସେ ଦେଶ, ଜାତି ଓ ସମାଜର କଲ୍ୟାଣ ସାଧନ ନିମନ୍ତେ ଚିନ୍ତା କରିବା ଛଡ଼ା ତାର କଳ୍ପନାକୁ ଅନ୍ୟ କିଛି ଆସେ ନାହିଁ । ସେ ମଧ୍ୟ ତ୍ରିକାଳ-ଦର୍ଶୀ । ଅତୀତର ଅସଂଖ୍ୟ ଜାଜ୍ୱଲ୍ୟମାନ ଘଟଣାକୁ ଅତୀତର କେଉଁ ଅତଳ ଗର୍ଭରୁ ଉଦ୍ଧାର କରି ବର୍ତ୍ତମାନ ଜଗତକୁ ପ୍ରେରଣା ଦିଏ ଏବଂ ଚଳନ୍ତି ସମାଜରେ ଥିବା ଯାବତୀୟ ଦୁଃଖ, ଦୁର୍ଦ୍ଦଶାକୁ ତାର ମର୍ମସ୍ପର୍ଶୀ ଭାଷାର ପ୍ରଭାବରେ ଲୋକ ଅନ୍ତରରେ ବିପ୍ଳବ ଆଣାଏ । ଏବଂ ସକାଳ ସୂର୍ଯ୍ୟ ପରି ସଜ, ରଜନୀ-ଗନ୍ଧାର ମହକ ପରି ସରଳ, ଭାବପୂର୍ଣ୍ଣ ସୁଖ, ଶାନ୍ତିରେ ଜୀବନ ଯାପନ କରିବା ପାଇଁ ପ୍ରବର୍ତ୍ତାଏ । ଏବଂ ଭବିଷ୍ୟତ ପାଇଁ ବର୍ତ୍ତମାନ ସମାଜର ରୀତି ନୀତି ବିଚାର କରି ଏକ ଭବିଷ୍ୟତ ବାଣୀ ଶୁଣାଏ ।

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ପ୍ରାଚୀନ ଭାରତୀୟ ରାଜ ଆଦର୍ଶ

ଲେ:—ଶ୍ରୀମତୀ ସରଳା ଦେବୀ

ଭାରତୀୟ ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଯେଉଁ ମହା କବିମାନେ ପ୍ରଖ୍ୟାତ, ସେମାନଙ୍କ ମଧ୍ୟରେ ବାଣ ଭଟ୍ଟ କାଦମ୍ବରୀ ନାମକ କାବ୍ୟ ଲେଖି ପ୍ରସିଦ୍ଧି ଲାଭ କରିଥିଲେ । ଏହି ମହା କବିଙ୍କର ଜନ୍ମ ସପ୍ତମ ଶତାବ୍ଦୀରେ । କାଦମ୍ବରୀ ଉପାଖ୍ୟାନରେ ଉଜ୍ଜୟିନୀର ରାଜା ଚନ୍ଦ୍ରାପୀଡ଼ଙ୍କର ସିଂହାସନାରୋହଣ ମୁହୂର୍ତ୍ତ ଉତ୍ସବ କାଳରେ ତାଙ୍କ ରାଜ୍ୟର ପ୍ରଧାନ ମନ୍ତ୍ରୀଥିଲେ ଶୁକନାସା । ସେ ମହାରାଜା ଚନ୍ଦ୍ରାପୀଡ଼ଙ୍କୁ ଯେ ଅମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ, ତାହା ଏକଛତ୍ର ରାଜା ଓ ଏକଛତ୍ର ଶାସନ କାଳରେ ଦିଆ ହୋଇ ଥିଲେ ମଧ୍ୟ, ସେହି ଉପଦେଶର ମର୍ମରୁ ଭାରତୀୟ ପ୍ରାଚୀନ ରାଜନୀତିର ଆଦର୍ଶର ରୂପ ରେଖ କଣ ଥିଲା, ତାହା ଜଣା ପଡ଼େ । ଏହି ଆଦର୍ଶ ଯେ ଭାରତୀୟ ରାଜତନ୍ତ୍ର ଓ ରାଜନୀତିକ ସଂସ୍କୃତିର ଧାରା ଥିଲା, ଏବଂ ତଦ୍ଦ୍ବାରା ଯେ ଏକଛତ୍ର ଶାସିତ ପ୍ରଜାକୂଳ ସଭ୍ୟ ଓ ସୁଖୀ ଥିଲେ, ଏହା ଅନୁମିତ ହୁଏ । ଏକଛତ୍ର, ଗଣତନ୍ତ୍ର, ସମାଜତନ୍ତ୍ର ରାଜ୍ୟଶାସନ ଓ ରାଜନୀତିର ଯେ କୌଣସି ରୂପ ହେଉନା କାହିଁ, ରାଜନୀତିକ ଆଦର୍ଶ ଓ ଶାସକର ଆଦର୍ଶ ଗୋଟିଏ ଶାଶ୍ବତ ବିଧି ଉପରେ ପ୍ରତିଷ୍ଠିତ ହେବା ସମୀଚୀନ । ଆଜିକା ଦୁନିଆରେ ରାଜନୀତିର ଆଦର୍ଶ ରହିଛି, କିନ୍ତୁ ରାଜ୍ୟଚାଳକଗଣଙ୍କର ଆଦର୍ଶ ରାଜ୍ୟ ଶାସନର କର୍ମଧାରାରେ ତାହା ଅବଲୁପ୍ତ ହୋଇ ଯାଇଅଛି । ସେହି କାରଣରୁ ପୃଥିବୀ ଆଜି ରାଜନୀତି କ୍ଷେତ୍ରରେ ଆଦର୍ଶ ଭ୍ରଷ୍ଟ ସ୍ବେଚ୍ଛାଚାରରେ ପରିଣତ ହୋଇ ଯୁଦ୍ଧ-ବିଗ୍ରହର ମୁହୁର୍ମୁହୁ ନିମନ୍ତ୍ରଣ କରି ପ୍ରଜାକୂଳଙ୍କର ଅସହନୀୟ କଷ୍ଟ, ମହାମାରୀ, ଦୁର୍ଭିକ୍ଷ, ମୃତ୍ୟୁର ଶେଷଧାପକୁ ନେଇ ଆସିଛି । ଭାରତ ସ୍ବାଧୀନ ହେଲାପରେ ଲୋକପ୍ରତିନିଧି ସରକାର ପ୍ରତିଷ୍ଠା ହୋଇ ଅଛି । ଏହି ଲୋକ ପ୍ରତିନିଧି ମାନେ 'ରାଜା' ନହେଲେ ମଧ୍ୟ ରାଜାର ସମ୍ମାନ ଓ କ୍ଷମତା ଲାଭ କରି ଅଛନ୍ତି । କିନ୍ତୁ ପ୍ରାଚୀନ ଭାରତର ରାଜନୀତି ଓ ଆଧୁନିକ ଭାରତର ରାଜନୀତି ରାଜା ବା ଶାସକମାନଙ୍କ ଜୀବନରେ କିପରି ଆଦର୍ଶ ଦେଇଛି, ତାହାକୁ ଆଜିକାର ରାଜା ଓ ରାଜନୀତି ସହିତ ତୁଳନାତ୍ମକ ଭାବରେ ପ୍ରଣିଧାନ କରିବା ପାଇଁ କାଦମ୍ବରୀ ଯୁଗର ରାଜନୀତି କଣ ଥିଲା ତାହାର ଉଲ୍ଲେଖ ସମୀଚୀନ ବୋଲି ମନେ ହୁଏ ।

ଶୁକନାସା କହୁଛନ୍ତି "ବତ୍ସ ! ତୁମେ ସକଳ ବିଦ୍ୟା ଓ ଗୁଣରେ ପରିପୂର୍ଣ୍ଣତା ଲାଭ କରିଥିବାରୁ ତୁମକୁ ଉପଦେଶ ଦେବା ଆବଶ୍ୟକ ମନେ ନାହିଁ । କିନ୍ତୁ ଜୀବନରେ ତୁମର ଅଭିଜ୍ଞତାର ସମ୍ପୂର୍ଣ୍ଣ ନଥିବାରୁ ତୁମକୁ ପରାମର୍ଶ ଦେବା ବିଧେୟ । ତୁମେ ତରୁଣ । ତୁମର ପ୍ରଜାକୂଳ ତୁମର ଛନ୍ଦାନୁବର୍ତ୍ତୀ ଭାବରେ ବୃଦ୍ଧି ହେଉଛନ୍ତି । ଏ ସମୟରେ ତୁମର ଜାଣିବା ଉଚିତ—ଅଜ୍ଞାନର ଗହ୍ବରରେ ଯେଉଁ ପ୍ରଜାକୂଳ ପୀଡ଼ିତ ସେମାନଙ୍କୁ ରତ୍ନଦୀପ ଆଲୋକ ରଶ୍ମି ଦାନ କରି ପାରିବ ନାହିଁ କିମ୍ବା ହୀରକର ଜ୍ୟୋତି ସେମାନଙ୍କୁ ଆଲୋକିତ କରିବ ନାହିଁ । ଏ ପରିକି ସୂର୍ଯ୍ୟର ଖରରଶ୍ମିର ଆଲୋକ ସମ୍ପାତ ଏହି ବିକଟ ଅନ୍ଧକାରକୁ ସ୍ପର୍ଶ କରି ପାରିବ ନାହିଁ ।

ତୁମେ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ । ରାଜଲକ୍ଷ୍ମୀ ତୁମକୁ ବାହୁବନ୍ଧନରେ ସୁରକ୍ଷିତ କରିଛନ୍ତି । କିନ୍ତୁ ତୁମେ ଏହି ଐଶ୍ୱର୍ଯ୍ୟ ପ୍ରଭାବରେ ପାଗଳ ହୁଅନାହିଁ । ଏହି ଧନ ଯୌବନରେ ମଦ୍ୟର ନିଶା ରହିଛି, ଯାହାକି କୌଣସି ଔଷଧରେ ଆରୋଗ୍ୟ ହୁଏନାହିଁ । ଐଶ୍ୱର୍ଯ୍ୟ-ଅନ୍ଧ ବ୍ୟକ୍ତିର ଚକ୍ଷୁ ଉନ୍ମୀଳନ କରିବା ନିମନ୍ତେ କୌଣସି ଶଳାକା ଆବିଷ୍କୃତ ହୋଇ ନାହିଁ କିମ୍ବା ଏହାର ତାପ ନିବାରିତ ହେବାପାଇଁ କୌଣସି ଶୀତଳ ସ୍ନିଗ୍ଧ ପ୍ରଲେପ ନାହିଁ । —ଐଶ୍ୱର୍ଯ୍ୟର ଶକ୍ତି କ୍ରମଶଃ ମାନବ ଜୀବନର ମୌଳିକ ନୀତି ଗୁଡ଼ିକୁ ବିସ୍ମୃତ କରାଇ ଜୀବନକୁ ବିଶୃଙ୍ଖଳ, ବିକ୍ଷିପ୍ତ ଏବଂ ଅର୍ଥ-ଶୂନ୍ୟ କରି-ପକାଏ । —ମୁଁ ତୁମକୁ ବାରମ୍ବାର ସାବଧାନ କରାଇ ଦେଉଛି ଯେ ଏହି ଐଶ୍ୱର୍ଯ୍ୟ-ଲୁବ୍ଧ-ପ୍ରକୃତି ବ୍ୟକ୍ତିର ଶତ୍ରୁ ସୃଷ୍ଟି କରି ରାଜତ୍ବ

ପରପୃଷ୍ଠା ଶେଷ ଦେଖନ୍ତୁ

ଏହାଛଡ଼ା ସମାଜର ଯେ କୌଣସି ଉନ୍ନତି-ମୂଳକ ଯୋଜନାକୁ ତାର ଲେଖାରେ ଚିତ୍ରଣ କରିବା ଦ୍ବାରା ଯେଉଁ ସୁଫଳ ଫଳେ ତାହା ଅନ୍ୟ ପ୍ରକାରରେ ବା ବକ୍ତୃତାରେ ହୁଏ ନାହିଁ । କାରଣ ଯେ କୌଣସି ଲୋକ ଯେତେବେଳେ ଦୈନନ୍ଦିନ କାର୍ଯ୍ୟରୁ ଅବ୍ୟାହତି ପାଏ ଫାଙ୍କା ହାଲୁକା ମନରେ ନିଶ୍ଚିନ୍ତରେ ଟିକିଏ ବିଶ୍ରାମ ନିଏ ସେତେବେଳେ ସେ ତାର ମନକୁ ଟିକିଏ ଫୁର୍ତ୍ତି କରିବା ପାଇଁ ବହି ପଢ଼େ ଏବଂ ବହି ପଢ଼ିବା ଭିତରେ ଦେଇ ଚିତ୍ରିତ ହୋଇଥିବା ଯେ କୌଣସି ସମସ୍ୟାକୁ ସେ ନିଶ୍ଚିନ୍ତରେ ଭାବେ ଏବଂ ଭଲ ମନ୍ଦ ବିଚାର କରି ଯେ କୌଣସି ଆଡ଼କୁ ତା ମନକୁ ଚଳାଇ ନିଏ ।

ବର୍ତ୍ତମାନ ଲେଖକ ଜୀବନର ତିନୋଟି ଅବସ୍ଥାର କଥା କହୁ ଅଛି । ଏହିକ୍ଷଣି ମୁଁ କାହିଁକି ଲେଖେଁ କହିବା ଅତି ସହଜ ହେବ ।

ମୁଁ ଲେଖେଁ ପ୍ରକୃତି ପ୍ରଦତ୍ତ ଶକ୍ତି ବଳରେ ଦୁନିଆର ଯେ କୌଣସି ବିଷୟକୁ ଭାବିଚିନ୍ତି ମନର କ୍ଷୁଧା ମେଣ୍ଟାଇ ନିଜେ ଏବଂ ପରକୁ ଆନନ୍ଦ ଅନୁଭବ କରାଇବା ପାଇଁ ।

ମୁଁ ଲେଖେଁ—ସୃଷ୍ଟି କର୍ତ୍ତା ଓ ତାଙ୍କର ବୈଚିତ୍ର୍ୟମୟ ସୃଜନର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନ୍ୟକୁ ଉପଲବ୍ଧ ଓ ମୁଗ୍ଧ କରାଇବା ପାଇଁ ।

ଆଦି-ରସାତ୍ମକ ଲେଖା ମୁଁ ଶ୍ରେଷ୍ଠ ସ୍ଥାନ ଦେଇ ଲେଖେଁ ଯୁବକ ଯୁବତୀମାନଙ୍କୁ କଳ୍ପନାର ସ୍ବର୍ଣ୍ଣ ମନ୍ଦିରରେ ବସାଇ ସାରା ଦୁନିଆକୁ ମଧୁଭରା ଗୋଲାପୀ ଆଖିରେ ଦେଖିବା ପାଇଁ ଏବଂ ଦାମ୍ପତ୍ୟ ଜୀବନକୁ ସୁଖ ଶାନ୍ତିରେ ଦ୍ବିଗୁଣିତ ଉପଭୋଗ କରିବା ପାଇଁ ।

ବର୍ତ୍ତମାନ ଏସବୁ ଲେଖା ମଧ୍ୟରେ ମୁଁ ଲେଖେଁ ଆମ ସମାଜରେ ଥିବା ଜାତୀୟ କୁପ୍ରଥା, ଉଚ୍ଚ ନୀଚ, ଭେଦା ଭେଦ, ଅନ୍ୟାନ୍ୟ ଅତ୍ୟାଚାର କିପରି ଦୂର ହୋଇ ମହାତ୍ମାଜୀଙ୍କ କଳ୍ପିତ ରାମରାଜ୍ୟ ଦେଶରେ ପ୍ରତିଷ୍ଠିତ ହେବ ଏବଂ ସମସ୍ତଙ୍କ ମୁଖରେ ଆନନ୍ଦର ହସ ଫୁଟି ଉଠିବ । ବର୍ତ୍ତମାନ ମୁଁ କାହିଁକି ଲେଖେଁ, ମୋର ଉତ୍ତର ଶେଷ ହୋଇଛି । ମୋର ଆଶା ଆପଣ ମାନଙ୍କ ମନକୁ ଏହା ଯୋଗିବ ।

[ଏଃ ଆଃ ର ସୌଜନ୍ୟରୁ]



Digitized by srujanika@gmail.com

ବିରୁଦ୍ଧରେ ଅନ୍ୟାୟ ନ ଚଳାଏ । ତୁମେ ଧନରେ ଚଞ୍ଚଳ ବିକ୍ଷିପ୍ତ ହୁଅ ନାହିଁ । ବାସ୍ତୁବୁଦ୍ଧି-ହୀନ ଭାବରେ ଏହି ଐଶ୍ୱର୍ଯ୍ୟ ବ୍ୟୟିତ ହେଲେ ମନ୍ଦ ଫଳ ଉତ୍ପୁଜାଏ; ଏହି ଐଶ୍ୱର୍ଯ୍ୟ ତୁମର ଅର୍ଜିତ ନୁହେଁ, ବିଧିର ବିଧାନରେ ତୁମର ଯୌବନ ବିକ୍ରମ ମନୋହର ରୂପ ଲାବଣ୍ୟ ଏବଂ ରାଜ କଳେବରରେ ଜନ୍ମ ଲାଭ କରିଥିବା ହେତୁ ଏ ଧନର ଅଧିକାର ଲାଭ କରିଛ । —ଏହି ସବୁ ଐଶ୍ୱର୍ଯ୍ୟ ଥିଲେ ମନୁଷ୍ୟକୁ ପଥଭ୍ରାନ୍ତ କରେ; ସେଥିପାଇଁ ମୁଁ ପ୍ରବୀଣ ମନ୍ତ୍ରୀର ଅଧିକାରରେ ତୁମକୁ ସାବଧାନ କରୁଛି ।

କିନ୍ତୁ ମୁଁ ଦୁଃଖର ସହିତ ଜଣାଉଛି ଯେ ଅଧିକାଂଶ ଲୋକେ ରାଜାର ଶୁଭାର୍ଥୀ ହୁଅନ୍ତି । ପ୍ରକୃତ ପରାମର୍ଶ ଦାତା ବିରଳ । ଯେଉଁମାନେ ରାଜାଙ୍କ ପାର୍ଶ୍ୱଚର ହୋଇ ତାଙ୍କୁ ବେଷ୍ଟନ କରି ଖୋସାମଦ କରୁଥାନ୍ତି, ସେମାନେ ସେମାନଙ୍କର ନିଜର ସ୍ୱାର୍ଥାନୁସାରେ ତାହା କରନ୍ତି କେବଳ ରାଜାଙ୍କୁ ପ୍ରୀତ କରିବାକୁ ଢଙ୍ଗରେ ଲୋକଙ୍କର ଧ୍ୱନି ଶୁଣା ଯାଏ ନାହିଁ । ରାଜାଙ୍କର ମତକୁ ହିଁ ସେମାନେ ସ୍ୱୀକୃତି ଦେଇ ଥାନ୍ତି । ଅନ୍ୟ ଲୋକମାନେ ଭୟଭୀତ ହୋଇ ରାଜାଙ୍କର ଭ୍ରମ ସଂଶୋଧନ କରିବାକୁ ଚେଷ୍ଟା କରିପାରନ୍ତି ନାହିଁ । ରାଜାମାନେ ସେମାନଙ୍କର ସୁରକ୍ଷିତ ପାରିପାର୍ଶ୍ୱିକ ଅବେଷ୍ଟନୀ ଏବଂ ଧନ ମୋହରେ ଲୁପ୍ତ ହୋଇ ଯେଉଁ ଧାରା ତଳେ ସେମାନଙ୍କର ଜନ୍ମ, ସେହି ଧାରାକୁ ସ୍ୱୀକାର କରନ୍ତି ନାହିଁ । ଏହା ମଧ୍ୟ ଦେଖାଯିବ, ଯେଉଁମାନେ ରାଜାଙ୍କର ଶୁଭାର୍ଥୀ ସେମାନଙ୍କର ସୁପରାମର୍ଶକୁ ରାଜା ଅବଜ୍ଞା କରି ବଧିର ପ୍ରାୟ ରହିଥାନ୍ତି । —ଯଦିଓ ସେମାନେ କିଛି ଶୁଣନ୍ତି, ତାହାକୁ ଗୁରୁତ୍ୱ ଦିଅନ୍ତି ନାହିଁ । ସେମାନେ ଅର୍ଦ୍ଧ-ଉନ୍ମୀଳିତ ନୟନରେ ଐରାବତ ତୁଲ୍ୟ ପଡ଼ିଥାନ୍ତି ଏବଂ ପ୍ରତ୍ୟେକ ସତ୍ ପରାମର୍ଶ ସେମାନଙ୍କୁ ବିରକ୍ତ ବୋଧହୁଏ । ରାଜାର କ୍ଷମତା ତାର ମନରେ ମଦାନ୍ଧତା, ଅହମିକା ଏବଂ ଧନ ଗର୍ବ ଏବଂ ଧୂର୍ତ୍ତାମି ସୃଷ୍ଟି କରିଥାଏ ଏବଂ ଫଳରେ ସେ ପାଗଳ ହୋଇଯାଏ । କିନ୍ତୁ ବତ୍ସ ! ଏହି ଧନ ଏବଂ କ୍ଷମତାର ଭୋଗ ରାଜାର ଜୀବନ ସୀମା ଭିତରେଇ ଶେଷ ହୁଏ । ଯଦି ତୁମେ ଏହି ଐଶ୍ୱର୍ଯ୍ୟ ଓ କ୍ଷମତାକୁ ଶକ୍ତର ଦୃଢ଼ ସୂତ୍ରରେ ସଦା ଖଡ୍‌ଗ ମଳାରେ ବାନ୍ଧି ରଖିବାକୁ ଚେଷ୍ଟା କରିବ, କାଳକ୍ରମେ ପବନରେ ତାହା ଉଡ଼ିଯିବ; କାରଣ ଏହା ଚିରନ୍ତନ ନୁହେଁ । ଏଇ ଶାଶ୍ୱତବାଦୀ ବଂଶାନୁକ୍ରମକୁ ଖାତିର କରେ ନାହିଁ କିମ୍ବା ବଣ୍ଟାଇର ମୋହ ରଖେ ନାହିଁ । ତୁମର ଶତ ସାବଧାନତା ଏବଂ ଅନ୍ତରର ସିଦ୍ଧି ପୁଣି ତ୍ୟାଗ ସତ୍ତ୍ୱେ ସେହି କ୍ଷମତା ଏବଂ ରାଜ-ଲକ୍ଷ୍ମୀ ଉଭେଇ ଯିବେ । ରାଜାମାନେ ଭାବନ୍ତି ପୃଥିବୀ ସୁନାର ମୋଡ଼ କରେ ତାଙ୍କରି ଅଧିକାର ତଳକୁ ଆସିଛି ଏବଂ ସ୍ୱପ୍ନ ଦେଖନ୍ତି, ଚିରକାଳ ସେମାନେ ରାଜତ୍ୱ କରିବେ । ନିଜର ସ୍ୱାର୍ଥାନ୍ଧ ବୁଦ୍ଧିରେ ସେମାନେ ଭାବନ୍ତି ତାଙ୍କଠାରୁ ଅଧିକ ବିଦ୍ୱାନ ଓ ବୁଦ୍ଧିମାନ ବଳିଷ୍ଠ ସଂସାରରେ ଆଉ ନାହାନ୍ତି । ଯେଉଁମାନେ ନ୍ୟାୟବନ୍ତ ଓ ଶୁଭ ବୁଦ୍ଧି ସମ୍ପନ୍ନ ଦେଶ ହିତୈଷୀ ବ୍ୟକ୍ତି, ସେମାନଙ୍କୁ ରାଜାମାନେ ପାଗଳ ଓ ନିର୍ବୋଧ ବୋଲି ଧାରଣା କରିଥାନ୍ତି । —ଏମାନେ ଦ୍ୟୁତ କ୍ରୀଡ଼ା, ଜୁଆଖେଳା ବ୍ୟସନକୁ ଲଘୁ ଆମୋଦ ଭାବନ୍ତି । —ଶିକାର, ଜୀବ ହତ୍ୟାକୁ ଏମାନେ ଶାରୀରିକ ପରିଶ୍ରମ ବୋଲି ମଣନ୍ତି । ମଦ୍ୟ ପାନକୁ ସୁସ୍ଥ ବିଳାସ ଭୋଗ ବୋଲି ମଣନ୍ତି । ସେମାନଙ୍କର ଦୃଷ୍ଟିର ମଧ୍ୟ ପରିବର୍ତ୍ତନ ଘଟେ । ସେମାନଙ୍କର ଦର୍ଶନ କହେ, ପରସ୍ତ୍ରୀ ଉପଭୋଗ କରିବା ଗୋଟିଏ କଳା, ନିଜସ୍ତ୍ରୀକୁ ଅନାଦର ଅବହେଳା କରିବା ହେଲା ବୈରାଗ୍ୟ ଗୁଣ । ପୁଣି ଅନୈତିକ ନୃତ୍ୟ ଉପଭୋଗ କରିବା, ଅଶ୍ଳୀଳ ଗୀତ ଶ୍ରବଣ କରିବା ଏବଂ ବେଶ୍ୟା ସଙ୍ଗ କରିବା ଗୋଟିଏ ଭଲ ପ୍ରହସନ ଭଳି ଉପଭୋଗ୍ୟ । - ଯେତେବେଳେ ସେମାନେ ଶତ୍ରୁମାନଙ୍କ ଦ୍ୱାରା ପରସ୍ତ ହୁଅନ୍ତି, ଭାବନ୍ତି, ସେମାନେ ଶତ୍ରୁକୁ କ୍ଷମା କଲେ । ସେମାନେ ଚପଳତାପୂର୍ଣ୍ଣ ଶକ୍ତି ଓ ଉତ୍ସାହର ପ୍ରତୀକ । ନିଷ୍ପେଷିତ ଦୁଃଖୀ ଲୋକ ତାଙ୍କର ଦୁଃଖ ଓ ବିପତ୍ତିକୁ ଗୁପ୍ତି ରଖିବାକୁ ଶକ୍ତି ଓ ଉତ୍ସାହର ସହିତ ଖୋସାମଦ ତଥା ସମ୍ମାନ କଲେ ରାଜା ସେଇ ଲୋକଙ୍କୁ ଉଦାର ଉନ୍ନତ ବୋଲି ଥାନ୍ତି । — ସେମାନେ ନିଜକୁ ଅତି ଉଚ୍ଚ ମନୁଷ୍ୟ ବିବେଚନା କରି ଭଗବତ୍ ସତ୍ତା ନିଜଉପରେ ଆରୋପିତ କରି ବସନ୍ତି ।- ଯେତେବେଳେ ସେମାନେ ପ୍ରଜାମାନଙ୍କୁ ଦର୍ଶନ ଦିଅନ୍ତି, ମନେ କରନ୍ତି ସେମାନେ ଦୟା କରି ପ୍ରଜାକୁଳଙ୍କୁ ଏହି ସୁବିଧା ଦେଇ ଅନୁଗୃହୀତ କରୁଛନ୍ତି, ଯେପରି ସେମାନଙ୍କର ମୃଦୁହାସ୍ୟ, ଟିକିଏ ବକ୍ରତା ବା ଗୋଟିଏ ପୁରସ୍କାର କିମ୍ବା ଆଦେଶ କିଛି, ସାମାନ୍ୟ ଶବ୍ଦ ପ୍ରୟୋଗ ଦ୍ୱାରା ସାରା ପୃଥିବୀର ଉଦ୍ଦେଶ୍ୟ ପରିପୂର୍ଣ୍ଣ ଭାବରେ ସାଧିତ ହୋଇ ଯାଏ । ସେମାନଙ୍କର ଦେହ ଯଦି କାହାକୁ ସ୍ପର୍ଶକରେ, ସେମାନେ ଭାବନ୍ତି ସେହି ବ୍ୟକ୍ତିର ଗଙ୍ଗାସ୍ନାନ ଦ୍ୱାରା ସମସ୍ତ କଳୁଷ ଦୂର ହୋଇଗଲା ! ନିଜର କ୍ଷମତା ଓ ଧନରେ ଏତେ ଗର୍ବିତ ବୋଧ କରନ୍ତି, ଦାମ୍ଭିକତା ବଶରେ ସେମାନେ ଭଗବାନଙ୍କୁ ମାନନ୍ତି ନାହିଁ । ଜ୍ଞାନୀ, ସମ୍ମାନିତ ଚରିତ୍ରବାନ୍ ବ୍ୟକ୍ତିମାନଙ୍କ ସଦୁପଦେଶକୁ ହାସ୍ୟ ଫୁତ୍କାରରେ ଉଡ଼ାଇ ଦିଅନ୍ତି । ଏବଂ କୁଚକ୍ରୀ, ନଗଣ୍ୟମାନଙ୍କୁ ସମ୍ମାନିତ କରି ଥାନ୍ତି ।- ଯେଉଁ ବ୍ୟକ୍ତିମାନେ ଏଇ କ୍ଷମତା-ଲୋଭୀ ରାଜାମାନଙ୍କୁ ପୂଜା କରିଥାନ୍ତି, ସେମାନଙ୍କ ବକ୍ତୃତାରେ, ଅଙ୍ଗଭଙ୍ଗୀ ଓ ଇଙ୍ଗିତରେ ରାଜ ତୋଷାମୋଦର ସ୍ରୋତ ବହେ ଏବଂ ସେମାନଙ୍କ ଉପରେ ସବୁପ୍ରକାର ଅନୁଗ୍ରହ-ମଧୁର ସ୍ନେହ ବାକ୍ୟ, ଧନ, ଉପହାର ବର୍ଷା ପାଣିର ବନ୍ୟା ତୁଲ୍ୟ ଅଜାଡ଼ି ହୋଇପଡ଼େ ।

ସେଥିପାଇଁ ମୋର ପ୍ରିୟ ତରୁଣ ରାଜକୁମାର ! ତୁମେ ଏହି ବିପଦରୁ ରକ୍ଷା ପାଇବାକୁ ସାବଧାନ ରହ । ରାଜ୍ୟପରିଚାଳନା କଳା କୌଶଳ ଏକ କଠିନ କର୍ମ ଧାରାର ପ୍ରତୀକ ଅଟେ ।"

ସମସ୍ତ ପ୍ରକାର
ସୁନ୍ଦର ଛପା କାମ ପାଇଁ
**ଉଗର ପ୍ରେସ୍,**
ପୀଠାପୁର
କଟକକୁ
ନିର୍ଭର କରି ପାରିବେ



Digitized by srujanika@gmail.com

# ଭାଇଗ-ଚାଷୀ

ଲେ—ଡଃ ଚଃ ଦାଶ, ଲକ୍ଷ୍ମୀନାଥ

ଫଳ ହେଲା; ଏତେ ବେଳଯା' 'କଠାଣି' ଖେଳୁଛୁ କଲେ ?
ଗୁଲିଆ ଘରକୁ, ଏ ଖିଣ ତୋ ବାପା ଫେରିବେ କାଲି ।
'ଭୁଗାଦିଆ' ଆଜି, ହାତ ଗଣ୍ଠି ସବୁ ବାନ୍ଧିବ କେତେ,
ଲଣ୍ଡା-ତେଲ ଟିକେ ଯାଆନ୍ତି ଆଣିବୁ ଗେନାରେ ଏତେ ।
ପଖାଳ କରିଛି, ଖାଇବ ଘଜ୍ରିଆ ଆସିଲେ ବାପା;
ବୁର୍ଗି ତେଲ ସବୁ ନିଗିଡ଼ି ଯାଉଛି, ଆଣିବୁ ଦି'ପା ।
ପଇସା ମୋ ପାଖେ ନାହିଁ ଲୋ ଅପନା, ଆଣିବୁ କାଲି,
କହିବୁ ଦେ,କାକା-ପୁଅକୁ ପଇସା ପାଇବ କାଲି ।

\+ + +

ଏମିତି ଦିନ ଯାଇ ଚଳି ତ ଅଇଲା ଭାଇଗ ଜେନ,
କାମ କରି କରି ହାଡ଼ ଗଣ୍ଠି ସବୁ ହୋଇଲା ଚୂନା ।
ଫୁଟି ଦିଶିଲାଣି ଦେହରେ ତାହାର ପଞ୍ଜରା ହାଡ଼,
ମହାଜନର ଲୋ ଧାରୁଆ ରହିଛି, ଖାଉଛି ମାଡ଼ ।
ଘରବାଡ଼ି ସବୁ ନିଲାମେ ଯାଉଛି, ଗୋଧନ ଏକ ।
ମୁଖିଆ ପଧାନର ଗୋହାଳ ଠିକର ରଖିଛି ଟେକ ।
ଏବେ ତ ଅଇଲା ଶ୍ରାବଣର ଧାରା, ପଡ଼ିଲା ଦଦା,
କାମ୍ପନ୍ତି ପାଳିବ ଭରସା, ଝିଅ ପୁଅ, ନୁହେଁ ତ ଏକା ।
କୁଠା ଯାହାଥିଲା ତା'ଘର ଛପରେ ଗଲାଣି ଉଡ଼ି,
ପାଣି ଗଳଗଳ ପଡ଼ୁଅଛି ଘରେ, ମହାନ ଝଡ଼ି ।
ଭାଇଗ ପଡ଼ିଛି ବିଛଣାରୁ ଧରି ବାହୁଆ ଜରେ,
ଗୃହବଧନ ହେଲା ଖିଦ ଅଭାବରୁ ଗୁଲି ନଜରେ ।

\+ × +

ଧାନମୁଠି ଦେଇ ପର ଅମାରକୁ ଅଗାଡ଼ି ଖାଏ,
ଗୃହ ଖାଇ ଫଳ ଖାଣ୍ଡିଦର ଘରେ ଅଜାଡ଼ି ଥାଏ ।
ଧନୀଜନଙ୍କର ମଥାରେ ବାଟେ ସେ ଯୁନେଲି ପାଗ.
କେହି ତ ନଜଦେ ବୁଝିବା ପାଇଁ କି ତା କଥା ଅଗ ।
ପର ପାଇଁ ଯାର ଜୀବନ ସବଦା ଯାଉଛି ଭାସି,
ତଥାପି ଦେଶର ଟେକ ତ ରଖିଛି ଭାଇଗ-ଚାଷୀ ।

## ଚଟକଳ ଡାକେ ମତେ ।

ଲେ—ଯଦୁନାଥ ଦାଶ ମହାପାତ୍ର

ବହୁଦୂରୁ ଆଜି ଚଟକଳ ଡାକେ ମତେ
ଡାକରି ତାହାର ଏଡ଼ାଇ ପାରିବ ସତେ !

ଆଜି ମୋର ଏଇ ମାଟିର ପଲ୍ଲୀ
ପଉଷର ଧୂନା ଖେତ,
ନାନାଜାତି ଫଳ— ଜାମୁ ବର କୋଳି
ପଣସ ଖଜୁରୀ କେତ,
ଟିକି ବାଡ଼ିଟିର ଲଙ୍କା ମରିଚ
ବାଇଗଣ—ପୋଇଶାଗ,
ନାଗଣ ଭାଇର ନଡ଼ିଆ ଗଛରୁ
ଯାହା ମିଳିବ ମୋ' ଭାଗ—
ଆଷାଢ଼ର ଭରା କିଆ ଯିର ମାଛ,
ଗୋହିରୀର କିଆ ଫୁଲ,
କାଚଧାର ପାଣି ଏଇ ପୋଖରୀର—
ଛାଡ଼ି ଯିବ ବହୁଦୂର !

ସନ୍ଧ୍ୟାରେ ଯେତେ ବସି ଶଯକରି
ଭଗବତ ଗାଦୀ ପାଖେ
ଛାଡ଼ି ଯିବ ଆଜି: ଦୁହିଇ ଡୁହାଇ
ଦୂରୁ ଚଟକଳ ଡାକେ ।
ଦୂର ବାଉଡ଼ିଆ ଚଟକଳ ଆଜ ଡାକେ
ଜୁଆନ୍ ମୁଁ ଭରେ କାମ କରିଯିବ
ଯନ୍ତ୍ର ଧୂଆଁର ପାଖେ ।
ହସ୍ତାରେ ଯାହା ପଇସା ବଳିବ
ଭାତ-ବଡ଼ ପାନ ଯାଇ,
ମୋଅ ଏ' ଦେଶକୁ ପଠାଇ ଦେବ ମୁଁ
ଗୃହେଁ ଥିବେ ମାଆ—ଭାଇ ।
ଅସ୍ଥିର ଆଜି ମନ,
ଗୃହଁ ତ ମନ୍ତେରେ ସେ' ଦୂର ଦେଶର
ଗହଳ ନଡ଼ିଆ ବନ ।

କଳା କଳା ଧୂଆଁ— ମଗ୍ନ ଗୁଞ୍ଜନ
ପଗୁ ନର୍ଦ୍ଦମା ଜଳ,
ଠାଣୁଥ ମୁଁ ଭରେ ସବୁ ସହିନେବ
ପଇସା ମୋ ଅର ବଳ ।
ଦୂର ପଥୁ ଆଜି ଚଟକଳ ଡାକେ ମତେ,
ଏ' ଡାକରୁ ପେଟ ଛକାର ଛାଡ଼େ ସତେ !
ବୀର ଓଡ଼ିଅର ସନ୍ତାନ ମୁଁ ରେ
ଗଢ଼ିଛି ସେ' କୋଣାରକ,
ଯା' ବାପ ଅଜାର ପୋଡା ସୁନା ଆଜି
ଖେଳ ବୁଲେ ହୋଇ ଯଶ ।
ଗୌରବ ଯା'ର ପ୍ରତି ଧୂଳିକଣା କହେ,
ସେ ବୀର ଓଡ଼ିଅ ସନ୍ତାନ ମୁଁ ରେ
ଆଜି ଚଟକଳେ ଯାଏଁ ।

## 'ମୁକ୍ତିର ଜାତକ

ଲେ—ଗୋପାଳ ଚନ୍ଦ୍ର ମିଶ୍ର

ଅୟି, ମୁକ୍ତି,
ଆଜ ପୁଣି ଅନ୍ଧକାରୁ
ଫିଙ୍ଗି ଦେଇ ଯାଏନ୍ତିତ
ବନ୍ଦୀଗ୍ରାମ ସଙ୍ଗୀତର
ତିମିର ବନ୍ଦନୁ ମୁକ୍ତ
ଶର୍ବରୀର ମୋହ ନିଦ୍ରା
ଆନନ୍ଦର ଉର୍ମ୍ମିଭଙ୍ଗେ
ତୁମରି ଜାତକ
ଯୁଗ ପଳାତକ !
ମୂର୍ଚ୍ଛନାର ତଳେ
ମୁକ୍ତି ରଶ୍ମି ଜାଲେ ।
ଖର୍ବ କରି ଆଜି
କୁସୁମ ବିରାଜି,
ଅନ୍ଧକାର ଛେଦି ଆଜି ତୋ ଶୁଭ ଜାତକେ,
ଲେଖି ଥାରେ ଅଗ୍ରଗାମୀ, ରକ୍ତ ଅଲକ୍ତକେ ।
ମୁକ୍ତିରେ କରିବ ମୁକ୍ତ
ଛୁଟେ ତାର ଗନ୍ଧ ଧୂପ
ପଲ୍ଲୀପ୍ରାନ୍ତ ବନାନୀ
ତା ହାଓ ମୁକ୍ତିର ଛନ୍ଦେ
ଅତୀତ ଅଶ୍ରୁର ଯେତେ
ଚଳ ଆଜି ଶିବପୀଠେ.
ଗଡ଼ ଅଲିଙ୍ଗନେ
ଅଙ୍ଗନୁ ଅଙ୍ଗନେ ।
ସନ୍ଦ୍ର ଦୂର୍ବାଦଳ
ନୂପୁରର ନୂପୁର;
ଧୌତ କରେ ସାଥି,
ଅହେ ଯୁଗ ଯାତ୍ରୀ !



Digitized by srujanika@gmail.com

# ଚେସାକୁ ଚେସା

ଲେଖକ—ଚକ୍ରଧାରୀ ଚନ୍ଦ୍ର

ହରେକୃଷ୍ଣ ଦାସ--C/O ଆନନ୍ଦ ଚନ୍ଦ୍ର ଦାସ
କୁଣ୍ଡେଇ ବେଣ୍ଟ ସାହି—ପୁରୀ

ପ୍ର—ଆଜକାଲ ଯୁବକ ଯୁବତୀ ଏତେ କାମବର୍ଦ୍ଧନ ପଢ଼ୁଛନ୍ତି କାହିଁକି ?

ଉ—ସେମାନେ ଅନାଗତ ବାପା ।

ପ୍ର—ବେକାର ସମସ୍ୟା ଦୂର କରିବାକୁ ହେଲେ କ'ଣ କରିବାକୁ ହେବ ?

ଉ—ଓଡ଼ିଆ ପୁସ୍ତକରେ ଥିବା ନଗ୍ନତାର ଲେଖକମାନଙ୍କୁ ସ୍ୱୀକାର କରନ୍ତୁ ।

ଜଣେ ଶୂଦ୍ର ପଇତା ପକାଇ ବ୍ରାହ୍ମଣ ହୋଇ ପାରନ୍ତି କି ?

ଉ—ଆପଣଙ୍କୁ ବିନା ପଇତାରେ ବ୍ରାହ୍ମଣୀ ମିଳିଛନ୍ତି ତ ? ପଇତାର ଆବଶ୍ୟକତା କଣ !

ଶରତ ଚନ୍ଦ୍ର ଆଚାର୍ଯ୍ୟ—ଚୌଧୁରୀ ନିବାସ
ରାଣୀହାଟ କଟକ

ପ୍ର—ବିଶ୍ୱବିଦ୍ୟାଳୟ ବାଳକ ବାଳିକାଙ୍କ ପାଇଁ ଖେଳ ବାଧ୍ୟତାମୂଳକ କରୁନାହାନ୍ତି କାହିଁକି ?

ଉ—ସେମାନେ ତ ଜନ୍ମରୁ ଖେଳୁଥାଆନ୍ତି—ଏକ୍ସପର୍ଟଙ୍କୁ ପୁଣି ଶିଖାଇବା ଦରକାର କଣ ?

ପ୍ର—ରଇମେନସ୍ କଲେଜ ଥିବା ସତ୍ତ୍ୱେ ରେଭେନସା କଲେଜରେ ପଢ଼ିଲା ଛାତ୍ରୀଙ୍କୁ ଏତେ ଆଦର କାହିଁକି ?

ଉ—ରେଭେନ୍ସା ସାହେବଙ୍କର ମିସେସ୍ ପଛ ଥିଲେ । କଲେଜର ନାମ ମିଷ୍ଟର ରେଭେନ୍ସା କଲେଜ ନୁହେଁ—ଖାଲି ରେଭେନସା ମେନ୍ସ କଲେଜ ନୁହେଁ ।

ଶ୍ରୀ ନୃସିଂହ ମିଶ୍ର—ମାଳିକାନା ଗିର
କୋରାପୁଟ

ପ୍ର—ଓଡ଼ିଆ ଭାଷାରେ ଇଂରାଜୀର ଉଚ୍ଚାରଣକୁ କଣ କୁହାଯାଏ ?

ଉ—ଯେଉଁଠି କର୍ଯ୍ୟତଃ ଅର୍ଥାନୁରୂପ ସଂବନ୍ଧ ସଂଭବ ନୁହେଁ ସେଠି ମୁଖ୍ୟ ( ମୁଖରୁ ) ତଃ ଗୋଟାଏ ଶବ୍ଦ ବାହାର କରି ମନ ଅଶାନ୍ତି ମେଣ୍ଟନ କରାଯାଇ ପାରେ ।

ପ୍ରଶ୍ନ—ଭକ୍ତ କବିଙ୍କୁ ମାନସିଂହ ତୀବ୍ର ସମାଲୋଚନା କରନ୍ତି କାହିଁକି ?

ଉ—କରୁଥିବା କଥା ମୋତେ ଜଣା ନାହିଁ । କରୁଥିଲେ ସମ୍ଭବତଃ ସେ ହିଁ ଏ ବନସ୍ତରେ ଦୁଇଟି ସିଂହ ରହିବା ସମ୍ଭବ ହେଉ ନାହିଁ । ଓଡ଼ିଆ ସାହିତ୍ୟଟା ପଲ୍ଲୀ ବାଣୀଙ୍କର କୁଞ୍ଜ ନୁହେଁ—ସେଟା ବନସ୍ତ ।

ପ୍ର—ନାରୀ ବେଶୀ କାମାତୁର ନା ପୁରୁଷ ବେଶୀ କାମାତୁର ?

ଉ—ପୁରୁଷ କାମାତୁର ଓ ନାରୀ କାମାତୁରା ।

ଶରତ୍‌ଚନ୍ଦ୍ର ମହାନ୍ତି--ମେଦିନୀପୁର କଲେଜ
ମେଦିନୀପୁର

ପ୍ର—ମଣିଷ ମଣିଷକୁ କିଏ ଭେଟେ କେବେ?

ଉ—ମଣିଷର ପେଟ ଭରିଲେ ମଣିଷ ମାନଙ୍କ ସହରେ ଲୋଭ ହୁଏ ।

ପ୍ର—ମହାତ୍ମାଙ୍କର ଅଦୃଶ୍ୟ ହାତ ଦୁଇଟା ଓଡ଼ିଶାରେ କାମ କରିବ ବୋଲି ଶୁଣାଯାଉଥିଲା—ଏହା ସତ୍ୟ କି ?

ଉ—ମହାତ୍ମାଙ୍କ ହାତଟା ସୁଦର୍ଶନ ନୁହେଁ ତେଣୁ ଅଦୃଶ୍ୟରେ ମନ୍ତ୍ରି ତକଟ ହେଉଛି ସିନା କୋଇ କାମକା ନୁହେଁ ।

ପ୍ର—ରାଜନୀତି ଓ ପ୍ରେମନୀତି ମଧ୍ୟରୁ ମୋତେ ସୁଖ କେଉଁଥିରେ ମିଳିବ ?

ଉ—ରାଜନୀତିରେ ନୀତି ନାହିଁ—ପ୍ରେମ ନୀତିରେ ପ୍ରେମ ନାହିଁ । ଆପଣ ଏବେ ନିଜେ ପସନ୍ଦ କରନ୍ତୁ ।

ଯତୀନ୍ଦ୍ର କୁମାର ମିଶ୍ର--ମାକଳାପୁର
ବାଲେଶ୍ୱର

ପ୍ର—ଆସନ୍ତା ଭୋଟରେ ମୁଁ କାହାକୁ ଭୋଟ ଦେବି ?

ଉ—କାହାକୁ ପର ନକରି ଭୋଟ ଟିକଟକୁ ଯେତେ ପ୍ରାର୍ଥୀ ସେତେଖଣ୍ଡ କାଟି ସମସ୍ତଙ୍କ ବାକ୍ସରେ ଖଣ୍ଡେ ଖଣ୍ଡେ ଗଳେଇ ଦେବ ।

ପ୍ର—ଅପକ୍ୱ ବୟସରେ ବାପା ଜୁଆଁଏ କନ୍ୟା ବଛି କରି ଦେଇଥିଲେ । ମୁଁ ଏବେ ବହୁତ ପାଠ ପଢ଼ିଲିଣି । ଏମ୍ ଏ ପାସ କରିଛି । ସେ ସ୍ତ୍ରୀ ଆଉ ପସନ୍ଦ ହେଉ ନାହିଁ । ବାପମାଙ୍କୁ ନୋଟିସ ଦେଇଦେବି କି ଯେ ସେ ତାଙ୍କ ବହୁକୁ ପୋଷନ୍ତୁ ?

ଉ—ଟିକିଏ ଅପେକ୍ଷା କର । ତମ ପାଠ ପଢ଼ା ଅଦ୍ଭୁତ ବାକି ଅଛି । ଏମ୍ ଏ ପରେ ପ୍ରେମଗ୍ରନ୍ଥ ସ୍ୱଳରଣିତ ପାଇଁ ଚେଷ୍ଟା କର । କଲେଜ ଗାର୍ଲ ଅଧ୍ୟାପିକା ମିଳିବେ । ସେଠୁ ପାସ୍ କରି ଆସିଲେ—ନୋଟିସ ଦେବା କଥା ବିଚାର କରିବ ।

ପ୍ର—ସ୍ତ୍ରୀମାନେ ପ୍ରେମଚଳ ଚାପ ଦେଖିବା ମୋତେ ଭଲଲାଗେ ନାହିଁ କାହିଁକି ?

ଉ—ଯେଉଁ ପୁରୁଷ ସ୍ତ୍ରୀ ପାଖରେ ଭଲ ଅଭିନୟ କରିନପାରେ ତା ସ୍ତ୍ରୀ ଚଳଚିତ୍ରକୁ ଯିବନି ଯିବ । ଭଲ ନଲାଗିଲେ ଉପାୟ କଣ ?

କୈଳାସ ଚନ୍ଦ୍ର ସିଂହ---୨ୟ ବାର୍ଷିକ
ବିଜ୍ଞାନ, ଜୟପୁର କଲେଜ—ଜୟପୁର

ପ୍ର—ବାଲ୍ୟ ଯୌବନ ଓ ବାର୍ଦ୍ଧକ୍ୟ ଭିତରୁ ଶାନ୍ତିମୟ ଅବସ୍ଥା କେଉଁଟା ?

ଉ—ଶାନ୍ତିଟା ସବୁବେଳେ ଅବସ୍ଥାର ଅଜ୍ଞାତ । ଅର୍ଥାତ୍ ଯେଉଁ ଅବସ୍ଥାଟା ମଣିଷ ଅତିକ୍ରମ କରିଯାଏ ସେଇଟାକୁଇ ମଣିଷ ଅଧିକ ଶାନ୍ତିମୟ ଭାବେ ଆଉ ଏଇ ତିନି ଅବସ୍ଥା ଶେଷ ହେଲେ ପୁରା ଶାନ୍ତି ।

ପ୍ର—ଚୁମ୍ବନ କାହିଁକି ଓ କେତେବେଳେ ଦିଆଯାଏ ।

ଉ—ପେଟ ପୂରିଛି—ଆଉ ଯାଗା ନାହିଁ ଅଥଚ ଖାଇବାକୁ ଇଚ୍ଛା—ସେତିକି ବେଳେ ମଣିଷ ଚୁମା ଖାଏ ।

ପ୍ର—ସ୍ୱର୍ଗ ନର୍କ ପ୍ରଳୟଙ୍କରୀ--ଭଗବାନଙ୍କର ପ୍ରମାଣ ଦେଇ ପାରିବେକି ?

ଉ—ସ୍ୱର୍ଗ ନର୍କ ପ୍ରଣୟଙ୍କରୀର ପ୍ରମାଣ ମୁଁ ନିଜେ ଆଉ ପ୍ରଳୟଙ୍କରୀର ପ୍ରମାଣ ଖୋଦ୍ ପ୍ରଶ୍ନକର୍ତ୍ତା ।

ବୈକୁଣ୍ଠନାଥ ମହାନ୍ତି—ରେଢ଼ାଗୋଲ

ପ୍ର—ଜନ୍ମ ନିରୋଧ ଜନ୍ମ ବିରୋଧ ଭିତରେ ତାରତମ୍ୟ କଣ ?

ଉ—ପ୍ରକୃତି କାର୍ଯ୍ୟରେ ପର୍ଯ୍ୟବସିତ ଥିବା ଯାଏ ନିରୋଧ---କଥାରେ ପ୍ରକାଶ ପାଇଲେ ବିରୋଧ ।

ପ୍ର—ରାଜନୀତିର ସରଳ ବ୍ୟାଖ୍ୟା କଣ ?

ଉ—ରାଜନୀତିକୁ ସରଳ କଲେ କୂଟନୀତି ହୁଏ ଓ କୂଟନୀତିକୁ ସରଳ କଲେ ରାଜନୀତି ହୁଏ ।

ପ୍ର—ଏକା ଦିନକେ ଧନୀ ହେବାର ଉପାୟ କଣ ?

ଉ—ନାରୀର ହୃଦୟ ସିନ୍ଧୁକରେ ଆଟକି ହେବା ।



Digitized by srujanika@gmail.com



ନାଗଙ୍କ କଲମରୁ

## ଗଣେଶ

ଲେ—ଦୟାନିଧି ପ୍ର.ମନ୍ତରାୟ

ପାଣି ବରଷ୍ଟ୍ର ମୁଁ ଗଣେଶ ପୂଜେ
ଯେଉଁ ଥୋମଣିଆ ପ୍ରତିମା ଥାପି
କେତେ କେତେ ଯୁଗ ଗଲାଣି ବିତି
ଲୁଚନାହିଁ ଏଇ ପୂଜା ଅଦ୍ୟାପି ।
ସରଳ ବାଳକ ଜାଣି ନ ଜାଣେ
ଏଇଟି ଗଣେଶ ଏଇ ମୋ ଦିଅଁ
ଅଜ୍ଞ୍ଜକ ବ୍ରାହ୍ମଣ ବଢ଼ାଇ ଦିଏ
ବିଘ୍ନେଶ ହେ ନମୋ ନମସ୍ତେ ନାଅ ।
ସୂତ୍ର ନଇଁ ଯାଏ ଭଜନ୍ତି ଯାରେ
ଏ ମାଟି ପ୍ରତିମା ଗଣେଶ ଭଲେ
ବିଦ୍ୟା ଦିଅ ବୋଲି ହେ ବିଦ୍ୟା ପତି
... ଏବେ କାହିଁ ଭକତି ଭୋଳେ
ଯୁଗ ଯୁଗ ଧରି ଏ ହେଉ ପୂଜା
ମିଳିଛି ଗଲାଣି ଗଣେଶ ପାରେ
ବାଳକ ଜୀବନେ ଯାଏଁ ଗଣେଶ
ଆନନ୍ଦ ତାହାର କେ ଧରି ପାରେ ।
ଦେଖି ନେଇ ଥରେ ଗଣେଶ ଯେଉଁ
ହସି ସେ କରଇ ଅନ୍ତରେ ପୂଜା
ବାଳକ ଲାଗି ଏ ଆନନ୍ଦ ଧ୍ୱନି
ଅଛି ଯାଏ ତାର ରକତ ମଜ୍ଜା ।
ସରଳ ବିଶ୍ୱାସ ଧନ୍ୟରେ ଧନ୍ୟ
ବିଶ୍ୱାସ ବଡ଼, ଭକ୍ତି ବିମଳ;
ଅନ୍ତର ହୃଦୟ ସରସୀ ଜଳେ
ଫୁଟେ ଭକତିର ଏ ଶତଦଳ ।

## ଭିକ୍ଷା

ସ୍ୱାଧୀନତା-ଉଜ୍ଜ୍ୱଳ ନଭେ ଉଦାର ଚନ୍ଦ୍ରମା,
ଫୁଟି ଉଠେ; ଲିଭିଯାଏ ସକଳ କାଳିମା ।
ସ୍ୱାଧୀନ ଏ ଦେଶ ଏବେ
ଯାଅରେ ଆଗେଇ ସବେ ।
ଗାଇ ଜନନୀର ଜୟ ସ୍ୱାଧୀନ ଗରିମା ।
ପ୍ରଳୟର ଘନ ବାତ୍ୟା ବହେ ଦେଶ ବୁକେ,
ଜାଗରେ ଯୁବକ ବୃନ୍ଦ ବଜାଅ ସନ୍ତୋଷେ ।
ଦେଶ ପାଇଁ ଦେଇ ପ୍ରାଣ
ରଖିଲୁ ଦେଶର ମାନ
ଫୁଟି ଉଠୁ ଏହି ବାଣୀ କୋଟି କୋଟି ମୁଖେ ।
ନ୍ୟାୟ, ଧର୍ମ ସତ୍ୟ ବଳେ ହୁଅ ଆଗୁସାର
ଅହିଂସା-ଅମୃତ ବାଣୀ ସ୍ୱାଧୀନତା-ଝର
ଭୂଭାରତ ଦେଶ ବୁକେ
ଗାଅ ଆଜ ମନ ସୁଖେ
ଜନ୍ମ ଜନ୍ମାନ୍ତର ମାଗେ ଭିକ୍ଷା ଏହି ଥରେ ।
ଜନମିଲେ ଏହି ଦେଶେ କୋଟି କୋଟି ଥର
ଏ ଦେଶ ସ୍ୱାଧୀନ ପାଇଁ ରକ୍ତ ଫଳ ଫଳ
ମିଳିଥିଲେ କିଛି ଦେଇ
ଗାନ୍ଧୀର ସମ୍ମୁଖେ ଯାଇ
ସ୍ମରିବି ସେ ଦେବ ଜନେ କର ନମସ୍କାର ।
ଯେଉଁ ହେ ଯୁବକ ବୃନ୍ଦ ! ଯେଉଁ ଆଜ ଶିକ୍ଷା,
ଶୁଣ ସେହି ବାଣୀ ନରି ଜାତୀୟ ପରୀକ୍ଷା,
ମହାତ୍ମା ଜୀବନ ର ପ୍ରଭାବେ
ସାଧି ହିତ ବିଶ୍ୱ ଜନେ,
ଦେଶ-ପ୍ରେମ ହୁଅ ସବେ ଏତିକି ମୋ ଭିକ୍ଷା ।

ଲେ—ଶ୍ରୀମାନ ରାଧାଗୋବିନ୍ଦ ରଥ ଅଧିକାରୀ

## ନାଗଙ୍କ ପ୍ରଶ୍ନ

ଭରଦା (୧୬୮) କେଉଁକ କୋଉଲୁ କେବେ ରଚିତ ହୋଇଥିଲା ?

ରାମଚନ୍ଦ୍ର (୨୯୩) କପିଳକେନ୍ଦ୍ରଙ୍କୁ ୨ମ ଖାରବେଳ କାହିଁକି ବୁହାଯାଏ ।

ଭଗବାନ—[୧୬୫୬] ହସ୍ତକୁ ଜଳରେ ପକାଇଲେ ଅଳ୍ପ ଉଜ୍ଜ୍ୱଳ ଦିଶେ କାହିଁକି ?

ହରିବନ୍ଧୁ [୧୨୫୧] ଗ୍ରହ ଓ ନକ୍ଷତ୍ର ମଧ୍ୟରେ ପ୍ରଭେଦ କଣ ?

ଶୁଭେନ୍ଦୁ [୧୬୫୧] ବିକ୍ରମାଦିତ୍ୟ ସଭାରେ ନବରତ୍ନ ପଣ୍ଡିତ କିଏ କିଏ ?

## ନାଗଙ୍କ ଉତ୍ତର

ପୂର୍ଣ୍ଣ ଭାଇ ଜାଣିବ—ଆମେ ପୃଥିବୀରେ ଥିବାରୁ ତାହାର ଗୋଲତ୍ୱ ଦେଖିପାରୁ ନାହିଁ—[ପୂର୍ଣ୍ଣେନ୍ଦୁ କିଶୋର ୧୬୬୮]

ଚନ୍ଦ୍ର ଭାଇ—ବେଥୋଭେନ ( Bethoven ) ପୃଥିବୀର ଶ୍ରେଷ୍ଠ ସଙ୍ଗୀତଜ୍ଞ ।—୧୬୬୮ ।

ସୋମନାଥ ଭାଇ—ପିଷ୍ଟ୍ରୁ ଓ ଜେଲିଫିସର ଆଖି ନାହିଁ ମାତ୍ର ଆଲୋକ ହେଲେ ଜାଣିପାରେ । ଅତୀତ ଘଟଣା ଲିପିବଦ୍ଧ କରି ଭବିଷ୍ୟତ ଶିକ୍ଷାପାଇଁ ଇତିହାସ ସୃଷ୍ଟି ହୋଇଛି ।—୧୬୬୮

ଚନ୍ଦ୍ରମୋହନ ଭାଇ—ସେସିଲ୍ ହ୍ୱାଇଟ ରିଫ୍ରେସ୍ ଆଡ୍ରେନ୍ସୁଟିରରୁ ୫.୦୩ ଉଚ୍ଚକିତ୍ତ ହୋଇ ୮୨ ୩ ଅଃ ରେ ୨୮ ଘଣ୍ଟାକୁ ସ୍ଥାପ କରି ହୋଇଥିଲା ।

ଶିଶିର ଭାଇ—Emu ଅଷ୍ଟ୍ରେଲିଆର ଏକପ୍ରକାର ଚୁଡ଼ାହୀନ ପକ୍ଷୀ—ଏ ବେଗରେ ଦୌଡ଼ି ପାରେ ।

ରମାକାନ୍ତ ଭାଇ—ପୃଥିବୀରେ ୪ଟି ପ୍ରଧାନ ଧର୍ମ—ହିନ୍ଦୁ, ଇସଲାମ, ଖ୍ରୀଷ୍ଟ ଓ ବୌଦ୍ଧ । ଓ ୬ଟି ପ୍ରଧାନ ଭାଷା—ଫରାସୀ, ଇଂରାଜୀ, ସ୍ପେନୀୟ, ହିନ୍ଦୀ, ଉର୍ଦ୍ଦୁ ଓ ଆରବୀୟ

## ଅବସର ବିନୋଦନ ୫୩

ଇଂରେଜୀରେ ୬ ଅକ୍ଷରିଆ ଏପରି ଗୋଟିଏ ଶବ୍ଦ ବାହାର କର—ଯେଉଁ ଶବ୍ଦର ଅକ୍ଷର ଗୁଡ଼ିକ ଏପାଖ ସେପାଖ କରି ଦେଖିଲେ ଯେଉଁ କେତୋଟି ଶବ୍ଦ ହେବ ତାହାର ବଙ୍ଗଳା ଅର୍ଥ ହେବ—ଚୋର, ଚୋରେ, ଠକ, ଉପରେ, ନାହିଁ, ରୋହିଏ, ଆସ ଓ ଗୃହକାଠି ।—ଗୋବର୍ଦ୍ଧନ

## ୫୨ ଅବସର ବିନୋଦନ ଉତ୍ତର

ନୃଗପତି—ରାମଚନ୍ଦ୍ର [୨୯୩] ଗୋବର୍ଦ୍ଧନ ପୂର୍ଣ୍ଣେନ୍ଦୁ କିଶୋର [୧୬୬୮] ଭଗବାନ [୧୬୫୬]

## ନୂଆନାଗଙ୍କ ନାମ

୧୬୮୭ ବୀରେନ୍ଦ୍ର କୁମାର ସେଠ ଜୟକ୍ରିଷ୍ଣା ବାଣାପାଣି ପ୍ରେସ୍ ପୋ : କରଞ୍ଜିଆ ମୟୂରଭଞ୍ଜ । ୧୬୮୮ ବରଦା ପ୍ରସନ୍ନ ମହାନ୍ତି C/o ଶ୍ରୀ ଦୁର୍ଗା ପ୍ରସନ୍ନ ମହାନ୍ତି ଲାଇବ୍ରେରୀ ରୋଡ଼ ବାରିପଦା । ୧୬୮୯ ରଘୁନାଥ ବେହେରା ଭରମ ଏମ୍. ଇ. ସ୍କୁଲ ଭରମ—ବାଲେଶ୍ୱର ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାଗ ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ । ମୋର ଜନ୍ମ—ତା । ମହିନା । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅହିଂସା ପାଳନ କରିବାକୁ ଚେଷ୍ଟା କରିବ । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖି ଦେବେ । ମୁଁ ଏଥି ସହ ଦୁଇଣା ଟିକେଟ ୫୦/ ଡାକଟିକଟ ଦେଲି ।

ସ୍ନେହର
ଚିହ୍ନ—ଶ୍ରୀ...



Digitized by srujanika@gmail.com

# ଅନ୍ଧ ବିଶ୍ୱାସ ଓ ଅଗ୍ରଗତି

ସଂସାରରେ ଅନ୍ଧ ବିଶ୍ୱାସ ପାଉ ବଳା ବ୍ୟାପକ ଭୌଗଳି ବ୍ୟାପାର ଭାଗନା ଭଳି ହୁଏ ନାହିଁ । ଭଇ ଉତ୍ତର ଧ୍ରୁ ଅଥବା ଗହିର ଦକ୍ଷିଣ ବଳୟରେ—ସର୍ବତ୍ର ଏହି ଅନ୍ଧ ବିଶ୍ୱାସ ବିବିଧ ଆକାରରେ ଦେଖିବାକୁ ମିଳେ । ଯେଉଁ ଅଞ୍ଚଳରେ ସଭ୍ୟତା ପୂର୍ଣ ବିକାଶିମ ନ ହେଇଛି ସେଠାରେ ପଥ ଏ ଅନ୍ଧ ବିଶ୍ୱାସର ଗତି ମିଳିବ । ଅନେକ ଲୋକ ସିନ୍ଦୁ ଭଳ ବାଟେ ଯାଆନ୍ତି ନାହିଁ—ଟେବୁଲ ଉପରେ ଜୁତା ଧୂଳିଆ ଛଦ୍ଦଣ ମନ୍ଦଣରେ ଥୋଇ ଦେଇ ଗୃହ ଯିବାକୁ ଡରନ୍ତି ଏଇ ଅନ୍ଧ ବିଶ୍ୱାସରେ ।

ବେଳେବେଳେ ଏଇ ଅନ୍ଧ ବିଶ୍ୱାସ ଦୁଃସହ ବାଧା ଆଣି ଦିଏ । ଉଦାହରଣ ସ୍ୱରୂପ ଦକ୍ଷିଣ ଆଫ୍ରିକାର ସରକାରଙ୍କୁ ଲୋକଙ୍କ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ଯୁଦ୍ଧ କରିବାକୁ ହୁଏ । ବିଶେଷତଃ ରୋଗ ନିରାକରଣ ବେଳେ ଅନ୍ଧ ବେଶି ବାଧାର ସମ୍ମୁଖୀନ ହେବାକୁ ପଡେ । ଧାମ ଦ୍ୱାରା ହିଁ ମ୍ୟାଲେରିଆ ପ୍ରତିକାର ସମ୍ଭବ ହୁଏ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କର୍ତ୍ତାମାନେ କହନ୍ତି ।

ସେଠାରେ ପ୍ରାଚୀନ କାଳରୁ କର୍ତ୍ତୃକ ପ୍ରତିଷ୍ଠିତ ମ୍ୟାଲେରିଆ କମିସନଙ୍କ ରିପୋର୍ଟ ଅନୁସାରେ ଲୋକେ କିପରି ଚଳିବେ ସେଥିପାଇଁ ସରକାରଙ୍କୁ କୌଶଳ ପୂର୍ଣ ଉପାୟ ଅବଲମ୍ବନ କରିବାକୁ ହେଲା । ଫଳରେ ବହୁ ଜାତିମାନଙ୍କର ସ୍ୱାସ୍ଥ୍ୟ ଉନ୍ନତି ଓ ଜୀବନୀଶକ୍ତି ବଢିବାର ଦେଖି ଗଲା ।

ମ୍ୟାଲେରିଆ ଭଲ କରିବା ପାଇଁ ଜ୍ୱର ହୋଇଥିବା ସମୟରେ ପ୍ରତି ସପ୍ତାହ - ଦିନ ପ୍ରତ୍ୟହ ୧୫ ବା ୨୦ ଗ୍ରେନ କରି ଖାଇଲେ ଆରାମ ହୁଏ ଏବଂ ପ୍ରତ୍ୟହ ୭ ଗ୍ରେନ ମ୍ୟାଲେରିଆ ଲଗୁରେ ପ୍ରତିଷେଧକ ଭାବରେ ଖିଆ ଯାଇ ପାରେ । ଏହା ଦ୍ୱାରା ମ୍ୟାଲେରିଆ ସଙ୍ଗେ ସଙ୍ଗେ ଅନ୍ଧ ବିଶ୍ୱାସ ଦୂର ହେବ—Mal—E.No.469

# ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲଡ ଗହଣା, ରଙ୍ଗ ଓ ମଜବୁତରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେଉ । ସଚିତ୍ର କ୍ୟାଟେଲଗ ଓ ମଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

କେ, ମାଲିକାର ଚୌଧୁରୀ ଏଣ୍ଡ, ବ୍ରାହ୍ମସମାଜ ରୋଡ, କଲିକତା—୩୪

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ
ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରୀ ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରୀ ମଙ୍ଗଳା
କଟକ ( ୧ )

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୧ |
| ପାଣି ଜୀବନ— | ” | ଟ ୧୧ |
| କାଳରଣ୍ଡି— | ” (ନାଟକ) | ଟ ୧୧ |
| ହାଡମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | ” | ଟ ୨୫ |
| ଜୀବନର ଛନ୍ଦ— | | ଟ ୨୧ |
| ଭୁଲ— | | ଟ ୨୧ |
| ଏକାଗ୍ରହା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| ଷଣ୍ଡିକା— | ” | ଟ ୧। |

ପ୍ରାପ୍ତି ସ୍ଥାନ—ଉତ୍କଳ ପ୍ରେସ୍,—କଟକ ୧ ---


Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
ଷଷ୍ଠ ସଂଖ୍ୟା

ଭାଦ୍ରବ
ଦ୍ୱିତୀୟାର୍ଦ୍ଧ

## ଗଧ ଦୌଡ଼




କୃପାଳନୀ ଗୁଡ଼ ହୁଡ଼େଇଁ ଗଲେ ଅଧା ବାଟ
ଟାଣ୍ଡନଙ୍କ ଗଧ ଗୋଟି ନେଲା ବାଜି ମାରି

ଏ ସଂଖ୍ୟାରେ—ଉତ୍କଳ ଶାରଳା ଶ୍ରୀମତୀ ସରଳା

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

Digitized by srujanika@gmail.com

## ଆପଣଙ୍କସ୍ୱପ୍ନ ସତ ହେବ

# ନଗଦ ପୁରସ୍କାର ୧୦୦୦ ଟଙ୍କା



ଆପଣ ଯଦି ଗଭୀର ନୈରାଶ୍ୟ ଓ ଦୁଃଖରେ ବୁଡ଼ି ଯାଉଥାନ୍ତି ତେବେ ଏହି ଆଶ୍ଚର୍ଯ୍ୟ ଫଳପ୍ରଦ ଚୁମ୍ବକ ମୁଦି ପିନ୍ଧନ୍ତୁ । ଏହା ଆପଣଙ୍କୁ ବହୁତ ସମ୍ପତ୍ତି ଆଣିଦେବ । ଆପଣ ନିଜ ମନଲୋଭୀ ସୁନ୍ଦରୀ, ସ୍ତ୍ରୀ ପାଇ ପାରିବେ । ଆପଣଙ୍କର ପ୍ରେମିକା ଆପଣଙ୍କୁ ଦେଖିବାମାତ୍ରେହିଁ ଆପଣଙ୍କ ପ୍ରତି ଆକୃଷ୍ଟ ହେବେ । ସୁନ୍ଦରୀ ଆପଣଙ୍କ ହାତରେ ଥିବ ହେବ ଏବଂ ବ୍ୟାଙ୍କରେ ଆପଣଙ୍କର ଟଙ୍କା ଡବଲଗୁଣର ବୃଦ୍ଧି ପାଇବ । ଏହି ମୁଦି ବଳରେ ମୃତ ବ୍ୟକ୍ତିମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରି ପାରିବେ ଏବଂ ଆପଣଙ୍କ ପୂର୍ବ ପୁରୁଷମାନେ ପୋତିଥିବା ଧନ ସମ୍ପତ୍ତି ବିଷୟ ଆପଣଙ୍କୁ ସ୍ୱପ୍ନରେ ଦେଖାଯିବ । ସ୍ତ୍ରୀଙ୍କର ବନ୍ଧ୍ୟାଦୋଷ ଥିଲେ ଦୂର ହେବ । ମାମଲା ମକଦ୍ଦମା, ଲଟେରୀ ପ୍ରଭୃତିରେ ନିଶ୍ଚୟ ଜୟ ହେବ । ପରୀକ୍ଷାରେ ହସି ଖେଳି ପାସ କରିଯିବେ । ସଂକ୍ଷେପରେ କହିଲେ ଆପଣ ଯାହା ଇଚ୍ଛା କରିବେ ତାହା ପାଇବେ । ଆପଣଙ୍କ ଅବଶିଷ୍ଟ ଜୀବନ ଆପଣ ପ୍ରଚୁର ଧନସମ୍ପତ୍ତି ଓ ଆନନ୍ଦ ମଧ୍ୟରେ କାଟି ନେବେ ।

ଏହି ଚୁମ୍ବକ ମୁଦି ଆପଣଙ୍କୁ ମୋଟେ ୧।୵ ପଡ଼ିବ । ବିଶେଷ ଶକ୍ତିସମ୍ପନ୍ନ ଚୁମ୍ବକ ମୁଦି ୩।୵ । ଏହା ଖୁବ୍ ଶୀଘ୍ର କାମ ଦିଏ । ଏହି ଚୁମ୍ବକ ମୁଦି ଗୋଟିଏ ଶୁଭ ଲଗ୍ନରେ ତିଆରି ହୋଇଥାଏ । ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହୋଇ ପାରନ୍ତି ମାତ୍ର ଏହି ଚୁମ୍ବକ ମୁଦି କେବେ ବ୍ୟର୍ଥ ହେବ ନାହିଁ ।

ଯଦି ଏହା ଫଳପ୍ରଦ ବୋଲି ପ୍ରମାଣିତ ନ ହେବ, ଆମ୍ଭେ ଗ୍ୟାରେଣ୍ଟି ଦେଉଛୁ ଯେ, ଆପଣ ଯେତିକି ମୂଲ୍ୟ ଦେଇଥିବେ, ତାର ଦୁଇଗୁଣ ଆମେ ଫେରସ୍ତ ଦେବୁ । ଯେଉଁମାନେ ଏହାକୁ ମିଥ୍ୟା ପ୍ରମାଣିତ କରିବେ ତାଙ୍କୁ ୧୦୦୦ ନଗଦ ପୁରସ୍କାର ଦିଆଯିବ । ଅନୁଗ୍ରହ କରି ପରୀକ୍ଷା କରନ୍ତୁ ।

Prof. Bengal Mesmerism House( D.B. )
Jullundur City.Punjab

---

### ସ୍ତ୍ରୀ ରୋଗ ପାଇଁ

## ଚ୍ଚେସ୍ତୁକୀ ବିରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କିମ୍ବା ଅବୈ ହାନି କାରକନୁହେଁ । ମୂଲ୍ୟ ୬୲ ଡାକ ଖର୍ଚ୍ଚ—୧।୵

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବତୁରତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୧୦।୵ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

### ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗୀନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

### ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
### (H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହରିସନ ରୋଡ କଲିକତା

---

### "ଗୋପବନ୍ଧୁ ସ୍ମୃତି ରକ୍ଷାପାଇଁ

ଗୋପବନ୍ଧୁ ମେମୋରିଅଲ ସ୍କୁଲକୁ ଗୋଟିଏ କୃଷି ଓ ବୈଜ୍ଞାନିକ ଶିକ୍ଷା କେନ୍ଦ୍ର ରୂପେ ଗଢା ଯାଇଛି । ସର୍ବ ସାଧାରଣଙ୍କ ସାହାଯ୍ୟ ପ୍ରାର୍ଥନୀୟ

ଶ୍ରୀ ଅନୁଗ୍ରହ ନାୟକ
ଗୋପବନ୍ଧୁ ମେମୋରିଅଲ ସ୍କୁଲ
ପୋ. ଦାଣ୍ଡମୁକୁନ୍ଦ ପୁର
ପୁରୀ

---

### —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବୋରିକ୍ ଟାଫେଲ୍‌ଙ୍କର ହୋମିଓପ୍ୟାଥିକ ଔଷଧ ଓ କାଙ୍କା ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

### ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନୟାଭ୍ ହ୍ଵ ଶତ୍ର ଇମାନି ଭୂତାନି ଜାୟନ୍ତେ



ଭାଦ୍ରବ ଦ୍ୱିତୀୟାର୍ଦ୍ଧ ୧୪ ଶ ବର୍ଷ ଷଷ୍ଠ ସଂଖ୍ୟା ୧୬ । ୯ । ୫୦

## ଉତ୍କଳ ଶାରଳା ଶ୍ରୀମତୀ ସରଳା

ଆପଣ ଏକ ନୁହନ୍ତି—ଦୁଇ । ଆପଣ କେବଳ ପ୍ରକୃତି ନୁହନ୍ତି ପୁରୁଷ ମଧ୍ୟ । ଆପଣ ନାରୀ ହୋଇ ମଧ୍ୟ ବୀର—'ବୀର ନାରୀ'ର ଲେଖିକା । ଆପଣ ଶାରଳା [ଶାରଦା] ବା ସରସ୍ୱତୀ ହୋଇ ବର ଦାଅନ୍ତି; ପୁଣି ମହାସରସ୍ୱତୀ ଦୁର୍ଗା ରୂପରେ ସଂହାର କରନ୍ତି । ଆପଣ ସାହିତ୍ୟ ସୃଷ୍ଟି କରି କରୁଣା ଝରାନ୍ତି ପୁଣି ରାଜନୀତି ସମରାଙ୍ଗନରେ ସୁଭଦ୍ରା, କୌଶଲ୍ୟା, ଲକ୍ଷ୍ମୀବାଈଙ୍କର ପରମ୍ପରା ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖି ପୁରୁଷମାନଙ୍କ ସହ ପାଦ ମିଳାଇ ଅଗ୍ରସର ହୁଅନ୍ତି ।




ସତ୍ତ୍ୱ ରଜ ତମ—ବଳଭଦ୍ର ସୁଭଦ୍ରା ଜଗନ୍ନାଥ ତ୍ରିମୂର୍ତ୍ତି ମଧ୍ୟରେ ଆପଣ ସାକ୍ଷାତ ରଜଃଶିଖା ସୁଭଦ୍ରା । ଆପଣଙ୍କର ଭକ୍ତ ଅବନ୍ତ ଅନୁଗାମୀ ଥିଲେ ମଧ୍ୟ ଆପଣ ସ୍ୱାଧୀନ—କାହାର ସାହାଯ୍ୟ ପାଇଁ କର ପ୍ରସାରଣ କରନ୍ତି ନାହିଁ । ଆପଣ ସାତ୍ତ୍ୱିକ ଭକ୍ତିକୁ ଆଦର୍ଶ କରି ଭକ୍ତ କରନ୍ତି; ତାମସିକ ସୁପ୍ତ ଶକ୍ତିକୁ ଜଗାଇବା ପାଇଁ ଲଲକାର ଛାଡ଼ନ୍ତି । ଆପଣ ଦୁର୍ଦ୍ଦାନ୍ତ ଦର୍ପୀର ଦର୍ପ ହରଣ କରନ୍ତି ଏବଂ ଶରଣାର୍ଥୀ ପାଇଁ ଆପଣଙ୍କର ଶରଣ-ରକ୍ଷଣ-ବାନା ଓର ଉଡ଼େ ।

ଆପଣ ଏକ ହାତରେ ବନ୍ଧ୍ୟା କୁନ୍ତୀ ଓ ଜଳାର ବ୍ୟାଖ୍ୟାକାର ଅନ୍ୟ ହାତରେ ଅଳଅ ଅବର୍ଜନା ଅନ୍ୟାୟର ସନ୍ତର୍ପକ ! ଆପଣ ଗଙ୍ଗା ଓ ଯମୁନା—ଶିବ ଓ ପାର୍ବତୀ—ଅର୍ଦ୍ଧନାରୀଶ୍ୱର ! ଡଗର ଆଜ ଆପଣଙ୍କର ବନ୍ଦନା ଗାଉଛି—

ଉଜ୍ଜ୍ୱଳ ସଜ୍ଜ୍ୱଳ ଲୋଚନ ହୁଲେ  ବକ୍ଷ ବିଶୋଭିତ ସ୍ୱର୍ଣ୍ଣ ହାରେ  
ସୁସ୍ମିତ ମାଧୁରୀ ମଣ୍ଡିତ ହସ୍ତେ  ଉତ୍କଳ ଶାରଳେ ଦେବି ନମସ୍ତେ !

ସମ୍ପାଦକୀୟ

## ଅସାଧୁ ବ୍ୟବସ୍ଥା ସମ୍ବନ୍ଧ

ଓଡ଼ିଶା ସରକାରର ବ୍ୟବସ୍ଥା ସମ୍ବନ୍ଧ ବର୍ତ୍ତମାନ ବାଚସ୍ପତିଙ୍କ ଉକ୍ତ ବ୍ୟାନରେ ଅତି ଉଦ୍‌ବେଗ୍ୟ ଭାବରେ ଅସାଧୁ ହୋଇଯାଇଛି । ପରବର୍ତ୍ତୀ ଯୁଗରେ ସମାଜ୍ୟ ଲକ୍ଷ ମାଲମୋହନ ମନ୍ତ୍ରିମାନଙ୍କର ଦୁଃସ୍ତ୍ରହତା, ହୀନ ମନୋଭାବ ସମ୍ବନ୍ଧରେ ଆଲୋଚନା ହେଲେ ଦୁଃଖ କରିବାର କିଛି ନଥିଲା—ସମଗ୍ର ଜାତି ପକ୍ଷରେ ଏହି ସନ୍ଧିର କାର୍ଯ୍ୟକାଳର ଇତିହାସ ଏକ କାଳିମାମୟ ବିବରଣୀ ହୋଇ ରହିବ ଏହାହିଁ ଖେଦ ।

ଆମ୍ଭମାନେ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ଆଚରଣର ନଗ୍ନ ସମାଲୋଚନା କ୍ୱଚିତ କରିଥାଉଁ; କିନ୍ତୁ ଯଦି ପଦସ୍ଥ ଲୋକେ ଏପରି ଲୋକଙ୍କୁ ଖସନ୍ତି ସମାଜର ଅବସ୍ଥା ଅତି ଉଦ୍‌ବେଗ୍ୟ ହୋଇଯିବ । ଆଜି ସେଥିପାଇଁ ବ୍ୟବସ୍ଥା ସମ୍ବନ୍ଧ ସଙ୍ଘ, ଉତ୍କଳ କଂଗ୍ରେସ, ପ୍ରଧାନମନ୍ତ୍ରୀ ତଥା ରାଜ୍ୟପାଳ ଓ ନେତାଙ୍କର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏବଂ ସର୍ବସାଧାରଣ ସମ୍ବାଦ ଦାତାମାନଙ୍କ ଅବଗତି ପାଇଁ ପ୍ରସଙ୍ଗ ଉଠାଉଛୁ । ତାଧ ହେଲା ଏବଂ ସାଧାରଣ ଜାଣନ୍ତି ଯେ ଶ୍ରୀଯୁକ୍ତ ମହତାବ ପ୍ରଧାନମନ୍ତ୍ରୀ ଥିବା ବେଳେ ପ୍ରଧାନମନ୍ତ୍ରୀ ହିସାବରେ କେତେକ ଖର୍ଚ୍ଚ ଜାଲିଆ କାରବାର କରିଛନ୍ତି ଯାହାର ପ୍ରତିବାଦ ସମ୍ବାଦରେ ସାଧାରଣରେ ଓ ସଭା ସମିତିରେ ମଧ୍ୟ ଆଲୋଚନା ହୋଇଛି । ସେ ସମ୍ବନ୍ଧରେ ବ୍ୟବସ୍ଥା ସଭାରେ ପୁଣି ଆଲୋଚନା ହେବାପରେ ମହତାବଙ୍କ ନିର୍ଦ୍ଦେଶ କ୍ରମେ ବାଚସ୍ପତି ସେ ଆଲୋଚନାକୁ ବ୍ୟବସ୍ଥା ସଭା ବିବରଣୀରୁ ବ୍ୟବସ୍ଥା ସଭାରେ ନାଗରିକ ଉଠାଇ ଦେବା ଯେ କେତେ ଅସାଧୁ, ମିଥ୍ୟାଚାର ତାହା ସହଜ ବୋଧ । ଏହା ହେଲେ କୌଣସି ଭୂତ ମନ୍ତ୍ରୀର କାର୍ଯ୍ୟକ୍ଷମତା ସମ୍ବନ୍ଧରେ କେହି କେବେ ବ୍ୟବସ୍ଥା ସଭାରେ ଆଲୋଚନା କରିବେ ନାହିଁ ଏଣିକି ।

ଏ ଆଲୋଚନାକୁ ବ୍ୟକ୍ତିଗତ କୁତ୍ସା ହିସାବରେ ଯଦି ଧରିଯାଏ ତେବେ ନିଜେ ମହତାବ, ପଣ୍ଡିତ ନୀଳକଣ୍ଠ ଗୋଦାବରୀଶଙ୍କ ବିରୁଦ୍ଧରେ କୁତ୍ସା କଲାବେଳେ ବାଚସ୍ପତିଙ୍କ ବଚନ ଫୁଟିଲା ନାହିଁ କାହିଁ ? ନୀଳକଣ୍ଠ ଗୋଦାବରୀଶଙ୍କର ବ୍ୟକ୍ତି ସଭାରେ ଉତ୍ତର ଦେବାର ସୁବିଧା ନଥିଲା । ଅଥଚ ମହତାବ ବା ଉଦ୍‌ବୋଳାନ

[ ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ ]

Digitized by srujanika@gmail.com

# କେଉଁଠି କଣ ଘଟୁଛି

କୋରିଆ ଯୁଦ୍ଧ---ପ୍ରାଙ୍ଗଣରେ କମ୍ୟୁନିଷ୍ଟ ମାନଙ୍କର କଟାପଟ । ମିଳିତ ଜାତିସଂଘ ବାନାଧାରୀ ଆମେରିକା ଇଂରାଜୀ ସୈନ୍ୟଙ୍କ ଛଡ଼ପଟାଙ୍ଗ । କୁହୁର କିଆଳ ଶାଗୁଣା ଅଦ୍ଭୁତ ପଡିବାରୁ ପାକିସ୍ତାନ ସୈନ୍ୟ ନପଠାଇ ସେଥିକୁ କେତେ ଲକ୍ଷ ସୈନ୍ୟ ପଠାଇବେ ବୋଲି ଠିକ ହୋଇଛି ।

ନରପତ୍ନୀ ସଭା ମଞ୍ଚରେ—ଆମେରିକାର କିଂପାଟ ଓ ରୁସିଆ ଛଡ଼ପଟାଙ୍ଗ । ଭାରତ ଦୁଇ ନାବରେ ଗୋଡ ଦେଇ ଶେଷକୁ କେଉଁ ଆକାଶ ଉପରେ ଗୋଡ଼ ଥାପିବ ସେଇ ଚିନ୍ତା କରୁଛି । ପାକିସ୍ତାନକୁ ଯିଏ କାଶ୍ମୀର ଦେବ ସେ ତାର ପାଖକୁ ଯିବାର ସମ୍ଭାବନା ।

ପାଣିପାଗ— ଭାରତର ଆସାମରେ ଭୂଇଁକମ୍ପ, ବନ୍ୟା । ପାକିସ୍ତାନର ଲାହୋରରେ ଖାଲି ବନ୍ୟା । ଜାପାନରେ ପ୍ରଭଞ୍ଜନ, ଇଟାଲିରେ ଖଣ୍ଡିଆବୁଡ଼ି । ବାଇବୋଲ ମହାପାପଙ୍କ ଗଣନାରେ ପାପର ଏକ ପାଦ ଇଟାଲିରେ ୨ ପାଦ ଜାପାନରେ ୩ ପାଦ ପାକିସ୍ତାନରେ ଓ ୪ ପାଦ ଭାରତରେ । ଭାରତ ଓ ପାକିସ୍ତାନଙ୍କ ୩ୟ ପାଦଟା ମନ୍ତ୍ରୀମାନଙ୍କ ଦରମା ଓ ଟିଏରେ ଏବଂ ଭାରତର ୪ର୍ଥ ପାଦ ବ୍ୟବସାୟୀଙ୍କ କଳା ପୋତିଆରେ ।

ବାଣିଜ୍ୟ—ପ୍ରକାଶ ଯେ ଭାରତର ଆମଦାନୀ ବାଣିଜ୍ୟ କମିଛି । ରପ୍ତାନୀ ବାଣିଜ୍ୟ ବଢ଼ିଛି । ବିଲାତି ସାଇକଲ ଦର ବଢ଼ିଛି—ଦେଶି ସାଇକଲ ଦର ତାକୁ ଟପିଯାଇ ମୁନାଫାଖୋର ବିରଳାଙ୍କ ଖବର କାଗଜ ମାନଙ୍କରେ ନେତାଙ୍କ ଛବି ବାହାରିବାରେ ଖରଚ ହେଉଛି—ଏବଂ ମହାତ୍ମା ଗାନ୍ଧୀଙ୍କ ପୁଅ ଦେବଦାସଙ୍କ ଦରମା ବୃଦ୍ଧିରେ ସାହାଯ୍ୟ କରୁଛି । ଆମେରିକା ବାଣିଜ୍ୟ ଶ୍ରାନ୍ତ— ଇଂଲଣ୍ଡର କ୍ଳାନ୍ତ—ଭାରତର ପରିଶ୍ରାନ୍ତ ।

ଶିଳ୍ପ—ବମ୍ବେଇରେ ଧର୍ମଘଟ ଚଉଦ୍ୱାରରେ ଚର୍ମଘଟ— ତାଳଚେରରେ ଗର୍ଭଘଟର ଜୋର ଲାଗିଛି । ଲୁଗା ଆମଦାନୀ କମିଛି, ହନୁମାନ ଧର୍ମ ପ୍ରଚାର ପାଇଁ । ସୂତା ଆମଦାନୀ ବଢ଼ିଛି—ବସ୍ତ୍ରାଭାବେ ସ୍ୱୟଂ ଦିଦ୍ୟାତ୍ କରିବାକୁ । ଓ କୋଇଲା ଆମଦାନୀ ବଢ଼ିଛି କଳାବଜାରକୁ ସାହାଯ୍ୟ କରିବା ପାଇଁ ।

ସାହିତ୍ୟ— ଆମେରିକା ସାହିତ୍ୟରେ ଗଦ୍ୟ---କାରଣ ସେଠାରେ ଗଦା ଯୁଦ୍ଧର ଅଖଡ଼ା ଖୋଲିଛି । ରୁସ ସାହିତ୍ୟରେ ପଦ୍ୟ କାରଣ ସେଠାରେ ଦୁନିଆକୁ ପଦ ତଳେ ଦଳିବାକୁ ମସୁଧା ଚାଲିଛି । ପାକିସ୍ତାନ ସାହିତ୍ୟରେ ଗଧ୍ୟ କାରଣ ସେଠାରେ ଗଧମାନେ ସାହିତ୍ୟ ଚର୍ଚ୍ଚା କରୁଛନ୍ତି ଓ ଭାରତରେ ବେଧ୍ୟ କାରଣ ବେଧ ( ଦୋମିଶା ନୁହଁ ) କିମ୍ବା ପଣ୍ଡିତ ମାନଙ୍କର classic ସାହିତ୍ୟ ଆଲୋଚନା ଚାଲିଛି ।

ବିଜ୍ଞାନ---ଆଣବିକ ଶକ୍ତି ସାହାଯ୍ୟରେ ସବୁ ମଣିଷଙ୍କ ପେଟକୁ ଅଣି କପଡ଼ ଅମେରିକାରେ ରଖାଯାଇ ପାରେ ତାର ଗବେଷଣା ନିଭୃତରେ ଚାଲିଛି । କାରଣ ତାହାହେଲେ ବିଭିନ୍ନ ଦେଶର ଲୋକେ ପେଟ ପାଇଁ ଅମେରିକା ପାଖରେ ହାତ ପାତିବେ । ଲୋକଙ୍କର ମଥାଟିକୁ କପଡ଼ ଅପହରଣ କରିନେଲେ ଲୋକଙ୍କୁ ଚିନ୍ତା କରିବାକୁ ପଡିବ ନାହିଁ ତାର ଗବେଷଣା ରୁସ୍‌ରେ ଚାଲିଛି । ଭାରତରେ କାଟଟୁ କପଡ଼ ଲୁଗା କରିହେବ ଯାହାଫଳରେ ପରିଧାନରେ ଏଣିକି ସାମ୍ୟବାଦ ଆସି ଯାଇ ପାରେ ସେଥିପାଇ ଗବେଷଣା ଚାଲିଛି ।

ରାଜନୀତି---ଆମେରିକାରେ ବାଡଣ୍ଡା: କାରଣ ମେକ ଆର୍ଥର ଓ ଟ୍ରୁମାନଙ୍କର ମତ ଭେଦ ରହିଛି ଫର୍ମୋଜା ନେଇ । ବ୍ରିଟେନରେ ଝଣ୍ଡା: କାରଣ ରୁସକୁ ଦାବିବା ବିଷୟରେ ଉଭୟ ଚର୍ଚ୍ଚିଲ ଓ ଆଟଲି ଖଡ୍ଗ ହସ୍ତ । ରୁସିଆରେ ଗୁଣ୍ଡା କାରଣ କୋରିଆରେ ରୁସ ଉଡ଼ାଜାହାଜ ଗୁଣ୍ଡାମି କରୁଛି । ଭାରତରେ ମେଣ୍ଢା—କାରଣ ମୁଖ୍ୟ ଆଗକୁ ଚାହିଁବାକୁ ନାରାଜ । ପାକିସ୍ତାନରେ ଦୁଣ୍ଡା କାରଣ ହୁଙ୍କାପିଠା ନୀତି ଧାର୍ଯ୍ୟ ହୋଇଛି । ଫ୍ରାନ୍‌ସରେ ମୁଣ୍ଡା—କାରଣ ପ୍ରତି ମୁହୂର୍ତ୍ତରେ ସରକାର ବଦଳି ରାଜନୀତି ଆଉ ନାହିଁ । ଓଡ଼ିଶାରେ ଭଣ୍ଡା ଅର୍ଥାତ୍ ଲୋକଙ୍କୁ ଭଣ୍ଡିବା ନୀତି ହୋଇଛି ।

ଅର୍ଥନୀତି---ଆମେରିକାରେ ଅର୍ଥନୀତିର ନାମ ରାଜସିକ ଦାନ ଅର୍ଥାତ ତାଙ୍କୁ ଯେ ରାଜା ମାନିବ ସେ ଟଙ୍କା ନେବ । ରୁସିଆରେ ସାତ୍ତ୍ୱିକ ଦାନ—ଅର୍ଥାତ ତାଙ୍କ ସତ୍ୟ ବା ମିଥ୍ୟାକୁ ଯେ ସତ ମାନିବ ସେ ତାହାର ଦାନ ଦେବେ ।

ବଜାର ଦର—ପୃଥିବୀରେ କଳାବଜାର ଛୁଉଛି— ଭାରତରେ ବଢ଼ିଛି—ଓଡ଼ିଶାରେ ହରେକୃଷ୍ଣଙ୍କ ଅମଳରେ ହରଣ ହେଉଥିଲା— ବର୍ତ୍ତମାନ ନବକୃଷ୍ଣଙ୍କ ରାଜୁତିରେ କେବଳ ନବା ନବା ପଦ ଯୋଗୁଛନ୍ତି ।

ଶିକ୍ଷା—ଇଂଲଣ୍ଡ ଆମେରିକାରେ ନର ନାରୀମାନଙ୍କୁ ପଢ଼ାଉଛନ୍ତି । ରୁସିଆରେ ନାରୀ ନରଙ୍କୁ ପଢ଼ାଉଛନ୍ତି । ଭାରତରେ ନପୁଂସକମାନେ ନରକୁ ଓ ନାରୀମାନେ ନପୁଂସକଙ୍କୁ ପଢ଼ାଉଛନ୍ତି ପାକିସ୍ତାନରେ ନାରୀ ନାରୀଙ୍କୁ ଓ ନର ନରଙ୍କୁ ପଢ଼ାଉଛନ୍ତି । ଆମେରିକା ଇଂଲଣ୍ଡରେ ରତି ଶାସ୍ତ୍ର । ରୁସରେ ମତି ଶାସ୍ତ୍ର । ଭାରତରେ ଯତି ଶାସ୍ତ୍ର । ପାକିସ୍ତାନରେ ନୀତି ଶାସ୍ତ୍ର । ଓଡ଼ିଶାରେ ପତି (ଉପ) ଶାସ୍ତ୍ର । କଟକରେ ଗତି [ଦୁଃ] ଶାସ୍ତ୍ର ଅଧ୍ୟୟନ ଚାଲିଛି ।

କୃଷି—ଆମେରିକାରେ ଉଲଗ୍ନ କୃଷି—ବ୍ରିଟେନରେ ଫଳଗ୍ନ କୃଷି, ରୁସରେ ଯନ୍ତ୍ରଗ୍ନ କୃଷି । ଭାରତରେ ନିମଗ୍ନ କୃଷି ଓ ପାକିସ୍ତାନ-ବିମଗ୍ନ କୃଷି ।

ପ୍ରେମ—ଜାପାନରେ ସଂବୃଦ୍ଧ ପ୍ରେମ କାରଣ ୭୪ ବରଷର ପୁଅ ୫୪ ର ଝିଅକୁ ବାହା ହୋଇଛି । ଭାରତରେ ଫରୁଧ ପ୍ରେମ କାରଣ ପ୍ରେମ ଦେବାରେ କାର୍ପଣ୍ୟ ଦେଖାଯାଉଛି । ଆମେରିକାରେ ଫବୁଲ ପ୍ରେମ କାରଣ ହଲି ଉଡର ଯୌବନ ଗୁଡ଼ଗୁଡ଼ ହୋଇ ଉତ୍ତାପ ବଢ଼ିଛି । ଗ୍ରୀସରେ ଫଶୂଲ ପ୍ରେମ— ଅଟଶାଲ୍ କନଷ୍ଟାଣ୍ଟାଇନ ଉପଖ୍ୟାନ ଚାଲିଛି । ପାକିସ୍ତାନରେ ସଯୁକ୍ତ ପ୍ରେମ—ଆଜାଦ କାଶ୍ମୀର ଅଞ୍ଚଳରେ ତାର ଦୃଷ୍ଟାନ୍ତ ଦେଖାଯାଏ । ଭାରତରେ ସକ୍ରୁଦ୍ଧ ପ୍ରେମ । କାରଣ ଶ୍ରୀମତୀ ଶ୍ରୀମନ୍ତଙ୍କୁ ଛାଡ଼ି ଅନ୍ୟତ୍ର ବାସ କରୁଛନ୍ତି । ଭାରତରେ ନାୟିକା ନାମ— ଖଣ୍ଡିତା, ପାକିସ୍ତାନର ନାୟିକା ନାମ ଛିଣ୍ଡିତା । ଗ୍ରୀସରେ—ନଣ୍ଡିତା । ଆମେରିକାରେ ଭଣ୍ଡିତା । ଜାପନରେ ଦଣ୍ଡିତା ।

---

ପ୍ରଧାନ ମନ୍ତ୍ରୀଙ୍କ ପକ୍ଷରୁ ଜବାବ ଦେବା ପାଇଁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଓ ଅର୍ଥ ମନ୍ତ୍ରୀ ମହଜୁଦ ଥିଲେ ।

ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକଙ୍କର ଏଭଳି ଆଚରଣ ତାଙ୍କୁ ବାଚସ୍ପତି ଆସନ ପାଇଁ ଅଯୋଗ୍ୟ କରୁଛି । ଏ ଭଳି ଅସାଧୁ—ଅବିବେକୀ ଆତ୍ମ-କେନ୍ଦ୍ରୀ ଲୋକକୁ କଂଗ୍ରେସ କିମ୍ବା ସାଧାରଣ, ସେ ଆସନରେ ରଖିବାକୁ ଦେବା ବାସ୍ତବିକ ପାପ । ଏହାଦ୍ୱାରା ଶ୍ରୀଯୁକ୍ତ ପଟ୍ଟନାୟକ ମେରୁଦଣ୍ଡ ହୀନ ଦୁର୍ବଳ ମହତାବଙ୍କ ପୋଷ୍ୟ ବୋଲି ନିଜକୁ ପ୍ରମାଣ କରୁଛନ୍ତି ।



Digitized by srujanika@gmail.com



## ଯମର ନିକଟ

କେତେ ଲୋକ କହୁଛନ୍ତି ମୟୂରଭଞ୍ଜ ପାଇଁ ପୀଡ଼ାରେ ଲୋକେ ଭାତ ସଙ୍କଟରେ ମରୁଛନ୍ତି । କିଏ କହୁଛନ୍ତି ସେମାନେ ଉପାସରେ ସେମାନେ ବର୍ଷରେ ଆଠମାସ ଥାଆନ୍ତି—ମରନ୍ତି ନାହିଁ । ଏଥର ଯେଉଁମାନେ ମଲେ ସେମାନେ ବେଶି ଖାଇ ମରୁଛନ୍ତି । କିଏ କହୁଛି—ମୟୂରଭଞ୍ଜର କଂଗ୍ରେସ ନେତାମାନଙ୍କ ସନ୍ତୁଆ ପଣର ପ୍ରତିବାଦ କରି ମିଛୁଆ ମୂର୍ଖ ଲୋକ ଗୁଡ଼ାକ ଅନଶନ କରି ମରୁଛନ୍ତି । କିଏ କହୁଛି—ସେମାନେ ମରିନାହାନ୍ତି ଅମର ହୋଇଯାଇଛନ୍ତି । ମନ୍ତ୍ରୀମାନେ ମଲାବେଳକୁ ସିନା ଅମର ହୋଇଗଲେ ବୋଲି ଲେଖିବା ପାଇଁ ଖବର କାଗଜ ବ୍ୟବସ୍ଥା କରିଛନ୍ତି ବା ଖବର କାଗଜ ପୋଷିଛନ୍ତି ବା ଖବର କାଗଜ ସଂପାଦକଙ୍କୁ ଠେକୁଛନ୍ତି—ଏ ଗରିବ ଲୋକ ଗୁଡ଼ାକ ଯେ ଅମର ହେଲେ ସେ କଥା କେହି ଲେଖିନାହାନ୍ତି ବୋଲି ସିନା କେହି ଜାଣିଲେ ନାହିଁ । ନଚେତ୍ ସେ ଅମର ହୋଇଛନ୍ତି ନିଶ୍ଚୟ । କିଏ କହୁଛନ୍ତି—ଉପବାସରେ କିମ୍ପା ମରନ୍ତି ସେଇଠା ପରଖିବା ପାଇଁ ସେମାନେ ଯମ ପୁରରେ ଯମକୁ ଭେଟିବାକୁ ଯାଇଛନ୍ତି । ବାଲୁଆ ସହରର ଅନୁରୋଧ, ପ୍ରକୃତରେ ଏମାନେ ମରୁଛନ୍ତି କି ନା ଏବଂ ମରିଥିଲେ ଯମପୁରକୁ ଯାଇଛନ୍ତି କି ସ୍ୱର୍ଗ ପୁରକୁ ଯାଇଛନ୍ତି ସେ କଥାର ଇନକ୍ୱାଏରି କରିବା ପାଇଁ ସରକାର ଅଫିସର ପଠାନ୍ତୁ ନଚେତ୍ ନିଜେ ମନ୍ତ୍ରୀମାନେ ଯାଇ ଯମକୁ ଭେଟି ଆସନ୍ତୁ ।

## ଭକ୍ତ ଓ ଭଗବାନ

ତ୍ରେତା ଯୁଗରେ ରାମଭକ୍ତ ମାନେ ରାମଚନ୍ଦ୍ରଙ୍କୁ ବର ମାଗିଲେ—ପ୍ରଭୁ, ଆପଣ ଆମଠାରୁ ସୀତାଦେବୀଙ୍କୁ ବେଶୀ ଭଲ ପାଇଲେ । ଆମେ ସମସ୍ତେ ସୀତା ଭାବରେ ଆପଣଙ୍କୁ କିପରି ପାଇବୁଁ ? ରାମ କହିଲେ ଦ୍ୱାପରରେ ମୁଁ କୃଷ୍ଣ ହେବି ଆଉ ମୋର ଭକ୍ତମାନେ ଗୋପୀ ହୋଇ ମୋତେ ସ୍ୱାମୀ ରୂପରେ ଭୋଗ କରିବ । ସେତୁ ଗୀତରେ ଜଗନ୍ନାଥ ଦାସେ କହିଲେ—

ତୋଳ ସମୁଦ୍ର ଗୋପନାରୀ
ମୋତେ ବରିଲେ ତପକରି
ମୁଁ ତାଙ୍କ ପୁରାଇବି ଆଶ
ସେ ମୋର ଭକତ ବିଶ୍ୱାସ

ଗୋପୀମାନେ ପୁଣି କହିଲେ—ନାଥ—ଦ୍ୱାପର ଯୁଗରେ ଆମେ ସ୍ତ୍ରୀ ହୋଇ ତୁମେ ସ୍ୱାମୀ ହେଲ । ସେତୁ ଆଉ ତୁମର ଦାସୀ ତୁମେ ପ୍ରଭୁ—ଆମେ ତଳେ ତୁମେ ଉପରେ । ମାତ୍ର କଳି କାଳରେ ଏ ସବୁ ଓଲଟା ହେବ । ମାଇପେ ଉପରକୁ ଉଠିବେ—ମାଣିପେ ତଳେ ରହିବେ— ଉଇମେନ ଫାଷ୍ଟ—ବା ମାଇପ ଆଗ ଆନ୍ଦୋଳନ କଳିକାଳ [illegible] କରିବେ । ସେତେବେଳେ ଆମେ ଆଉ ଦାସୀ ହୋଇ ଆପଣଙ୍କୁ ସ୍ୱାମୀ ଭାବରେ ପାଇବୁ କିପରି ? ଭଗବାନ ସେଠୁଁ ବର ଦେଲେ—କଳି କାଳରେ ତୁମେ ପୁଲିସ ହେବ ମୁଁ ମନ୍ତ୍ରୀ ହେବି । ତୁମେ ନାଆଁକୁ ଦାସୀ ମୁଁ ତୁମର ସ୍ୱାମୀ କିନ୍ତୁ କାର୍ଯ୍ୟତଃ ତୁମେ ମୋ ଉପରେ । ମୁଁ ତୁମର ଅଲେଇ ବଲେଇ ସବୁ ତାଙ୍କି ଘୋଡ଼ାଇ ଦେବି । କଳିକାଳରେ ଯେମିତି ଦଳେ ହରି ନାମିଆ ଧାହାର କହିବେ—ଯିଏ ହରିବୋଲ କରିବ ସେ ଚୋର ଡକାଇତ ଯାହା ହେଉ ତରିଯିବ, ସେମିତି ଯିଏ ପୁଲିସ ହେବ—ସେ ଚୋର ଡକାଇତ ଯାହା କରୁ ସବୁପାପରୁ ପାର । ଅର୍ଥାତ ଚୋର ପୁଲିସ ହେଲେ ବି ସେ ସାଧୁ ।

ଏବେ କଳିଯୁଗରେ ଜଗନ୍ନାଥ କ୍ଷେତ୍ରରେ କୃଷ୍ଣ ନିଜେ ଅବତାର ହୋଇଛନ୍ତି । ଗୋଟେ କୃଷ୍ଣ ଗଲେ ପୁଣି ନବକଳେବରରେ ନବକୃଷ୍ଣ ଆସିଛନ୍ତି । ସବୁବେଳେ ପୁଲିସ କେବଳ ଭକ୍ତ ସାଧୁ ହୋଇ ରହିଛନ୍ତି । ମୟୂର ଭଞ୍ଜ ଆଦିବାସୀ ଗୁଳି କାଣ୍ଡରେ ସେମିତି ମାଜିଷ୍ଟ୍ରେଟ ଲୋକଙ୍କୁ ନିର୍ଦ୍ଦୋଷ କହି ଖଲାସ ଦେଲା ପରେ ବି ପୁଲିସ ସାଧୁ—ପୁରୀରେ ସାଧୁଙ୍କ ଉପରେ ମାଡ଼ ଦେଇ ପଥ ଆଣିବା ଲୋକ ଜାଣିଥିରେ ଦିନ୍ତୁଆ ଯେମିତି ସାଧୁ ଚୋର ଓ ପୁଲିସ ସାଧୁ, ସେମିତି ବାରିପଦାରେ ପିଲାଙ୍କୁ ବାଡ଼େଇ ମଧ୍ୟ ପୁଲିସ ନିଜେ ନିଜର ବାହାର କର୍ତ୍ତା ହୋଇ ନିଜକୁ ସାଧୁ କହିଦେଲେ । ସେଥିରୁ ମନ୍ତ୍ରୀ ପୁଲିସଙ୍କ ଯାହା ଭକ୍ତ ଭଗବାନ ସମ୍ପର୍କ ଆଉ କଣ କହିବା ? ଏବେ ବାଲୁଆ ନାଥ ଦାସ ଲେଖିଛନ୍ତି ।

ପୁଲିସ ତୋଳ ସମୁ ବାଳି
ଜଳରେ ମୋତେ ହେଲେ ହିଳି
ଯେ ପ୍ରଭୁ ମୁହିଁ ଦାସ ପଣେ
ବସିଛି ମନ୍ତ୍ରୀର ଆସନେ
ମୁଁ ତାଙ୍କ ପୁରାଇବି ଆଶ
ଏ ଯେତୁ ବଚନ ବିଶ୍ୱାସ

## ଧୂଆ ମୂଳା ଅଧୂଆ ମୂଳା

କେତେ ବର୍ଷ ତଳେ ଶ୍ରୀଯୁକ୍ତ ପଟ୍ଟନାୟକ ଏକ ନୂତନ ବିଚାର ପଦ୍ଧତି ଆବିଷ୍କାର କରି କହିଲେ ଯେ ନିର୍ଦ୍ଦୋଷ କେଇଜଣ ପଛକେ ଦଣ୍ଡ ପାଆନ୍ତୁ କିନ୍ତୁ ଦୋଷୀ ଯେମିତି ଖସି ନ ଯାଉ । ପୁରୀ ପୁଲିସ ବାଡ଼ିଆ ବେଳେ ଠିକ୍ ସେଇ ନୀତିରେ ଦାଢ଼ି ଦେଖିଲେ ସାଧୁ ବାଡ଼ିଆ ଗଲେ । କାରଣ କେଉଁ ଦାଢ଼ିଆ ସାଧୁ ହୁଏତ ଜଣେ ଦୋଷ କରିଥିଲା । ଠିକ ସେଇ ନୀତିରେ ନାଥ ମାତ୍ରକେ ଅନାଥ ବା ଅମନ୍ତ୍ରୀ—ସେ ବିଶ୍ୱନାଥ ବା ରାଧାନାଥ ହୋଇଥାନ୍ତୁ ଏବଂ କୃଷ୍ଣ ମାତ୍ରକେ ମନ୍ତ୍ରୀ ସେ ହରେକୃଷ୍ଣ ହୋଇଥାନ୍ତୁ ବା ନବକୃଷ୍ଣ ହୋଇଥାନ୍ତୁ ଏବି ଚାଲିଲା । ଏବେ ହରେକୃଷ୍ଣଙ୍କ ପ୍ରଭୁଭକ୍ତ [His master's voice] ନବକୃଷ୍ଣ ମଧ୍ୟ ଠିକ୍ ସେଇ କଥା କହିଲେଣି ଯେ ଧୂଆ ମୂଳା ଅଧୂଆ ମୂଳା ସବୁ ସମାନ । ଚୋର ହେଉ ନହେଉ ଦଣ୍ଡ ପାଇବଇ ପାଇବ ।

## ଲକ୍ଷ୍ମୀ ପୂଜା

ଓଡ଼ିଶାରେ ଲକ୍ଷ୍ମୀ ପୂଜା ବା ଧାନ ମାଣିକା ପୂଜା ଏକ ପୁରୁ ପ୍ରଚଳିତ ବିଧି । ମାଣବସା ନହେଲେ ଘରେ ଲକ୍ଷ୍ମୀ ରହନ୍ତି ନାହିଁ । ଠିକ



Digitized by srujanika@gmail.com

ସେଇ ଜାତରେ ଓଡ଼ିଶା ସେକ୍ରେଟେରିଏଟରେ ଲକ୍ଷ୍ମୀ ପୂଜା କରିବା କଥା । ମାତ୍ର କେତେକ ମୁସଲମାନ ଓ ଖ୍ରୀଷ୍ଟିଆନ ଆପତ୍ତି କରିବାରୁ ଫିରିଲା ଲକ୍ଷ୍ମୀ ଛାଡ଼ି ଜୀବନ୍ତ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଆଗେ ଲକ୍ଷ୍ମୀଙ୍କ ଖିରିଖୁରି ମଣ୍ଡା ଭୋଗ କରିବାକୁ ପଡ଼ୁଥିଲା । ଏବେ ଗୁଆ ସିଗାରେଟ୍ ଓ ଟୁଇସ ଗୋଲ୍ଡ । ଆଗେ ମା ଲକ୍ଷ୍ମୀଙ୍କ ଆବାହନ କରିବାକୁ ପଡ଼ୁଥିଲା— ବର୍ଷକେ ଚାରି ପାଞ୍ଚଟା ଗୁରୁବାର—ମାର୍ଗଶିର ମାସରେ । ଏବେ ଲକ୍ଷ୍ମୀ ସେଇଠିକୁ ଗୃହିଁ ନିଜେ ଦରଖାସ୍ତ ଧରି ସେକ୍ରେଟେରିଏଟରେ ଭକ୍ତ ମାନଙ୍କ ପାଖରେ ହାଜର । ଗୋଟିଏ ଗୋଟିଏ ପୂଜାରେ କେତେ ଖରଚ ହୁଏ ତାର ହିସାବ ଆମକୁ ଜଣା ନାହିଁ । ଉନ୍ନୟନ ବିଭାଗରେ ଲକ୍ଷ୍ମୀଙ୍କର ବିଶେଷ ପୂଜା ମାସ ବାନ୍ଧି ।

## ଫୁଲ୍ ଖେଳ

କୋରିଆ ଯୁଦ୍ଧରେ ରୁଷିଆର ଉଡ଼ା ଜାହାଜ ବୋମା ବର୍ଷୁଥିଲା ବେଳେ ଜଖମ ହୋଇ ଖସି ପଡ଼ିବାରୁ ଧରା ପଡ଼ିଗଲା । ପାପ ପ୍ରଣୟଟା ସବୁବେଳେ ଲୁଚେ ନାହିଁ । ସବୁ ଚୋର ଲୁଚିବାରେ ମାତ୍ର ପ୍ରେମଚୋର ନ ଲୁଚେ । ଉତ୍ତର କୋରିଆ ଓ ରୁଷିଆର ପ୍ରେମ ତ ଖାଲି ପ୍ରେମ ନୁହେଁ ଉଦ୍‌ଭ୍ରାନ୍ତ ପ୍ରେମ । ଅବଶ୍ୟ ଦକ୍ଷିଣ କୋରିଆ ଓ ଆମେରିକାଙ୍କ ପ୍ରେମର ନାମ ଉତ୍କଟ ପ୍ରେମ । କିନ୍ତୁ ଉଦ୍‌ଭ୍ରାନ୍ତ ପ୍ରେମରେ ବେଳେ ବେଳେ ଭ୍ରାନ୍ତି ଆସିଯାଏ । ଭୁଲ୍ କରି ପ୍ରେମଚୋର ମାନେ ଯେମିତି ଭୁଲକୁ ସ୍ୱୀକାର କରନ୍ତି ନାହିଁ—ରୁଷବି ଠିକ୍ ସେମିତି । ବାଲୁଆ ନଗରରେ ଥରେ ଜଣେ ବାଲୁଆ ଗୋଟିଏ ବାଲୁଆ ସାଙ୍ଗରେ କାଆ କୁଦାରେ ଲୁଚିଥିଲା । ଧରାପଡ଼ି ଗଲାରୁ କହିଲା—ଆମେ ଲୁଚକାଳି ଖେଳ ଶିଖୁଥିଲୁ । ରୁଷ ବି ସେମିତି କହୁଛି—ଆମ ଉଡ଼ା ଜାହାଜ ଟା ବୋମା ପକାଇବା ଶିଖିବାକୁ ଯାଇଥିଲା । ଆମର ମନେହୁଏ ଆମେରିକା ବି କହିବ —ଆମେତ ଯୁଦ୍ଧ କରୁନାହିଁ—ଯୁଦ୍ଧ ଆମକୁ ଜଣାନାହିଁ । ଆମେ ଯୁଦ୍ଧଖେଳ ଶିଖିବାକୁ ଯାଇଛୁ । ଆଉ ହାରିଗଲେବି ଆମେ ହାରିଛୁ ବୋଲି କହୁନାହିଁ—କାରଣ ଲୁଚକାଳି ଖେଳରେ ସାନ ନ ପାରିଲା ପିଲା ଫୁଲ୍‌ଖେଳ ହେଇପଡ଼େ ଆଉ ଆମେରିକା କୋରିଆରେ ଫୁଲ ଖେଳ ଖେଳୁଛି ।

## ପାକିସ୍ତାନ ପ୍ରେମ

ଅଷ୍ଟ୍ରେଲିଆର ପାକିସ୍ତାନୀ ଦୂତ ଅବଦୁଲ୍ଲ କହୁଛନ୍ତି— ପାକିସ୍ତାନ କୋରିଆ ଯୁଦ୍ଧରେ ଧନଜନମନ ଦେଇ ସାହାଯ୍ୟ କରନ୍ତା ମାତ୍ର ଅଡ଼ୁଆ ତ କାଶ୍ମୀର । ବ୍ରିଟେନ ଆମେରିକା କାଶ୍ମୀର ଅଡ଼ୁଆ ତୁଟେଇ ଦେଲେ ତେଣିକି ଦେଖିବ ପାକିସ୍ତାନ କେମିତି ବ'ଗୋଡ଼ କାନ୍ଧରେ ପକେଇ କେବଆ ଦଉଡ଼ିବ । ବହୁତ ଦିନେ ପାକିସ୍ତାନ ଆଉ ଇଂଲଣ୍ଡ ଆମେରିକାର ପ୍ରଣୟଟାର ଗୁମର ଫିଟିଗଲା ଏଥର—

ଗେଲ ବସିରିଆ ପାଣି
ତମେ ଯେଉଁ ପାଇଁ ନସର ପସର
ଆମେ ସେଇକଥା ଜାଣି ।

## ଭାରତ ଭୂତ

କଂସାସୁର କୃଷ୍ଣଙ୍କୁ ସପନ ଦେଖିଲା ପରି—ଶୟନେ ସ୍ୱପନେ କିବା ଜାଗରଣେ ପାକିସ୍ତାନକୁ କେବଳ ଭାରତ ଭୂତ ଘୋଟିଛି । ଏବେ ଜାଫରୁଲାଖାଁ ବିଲାତରେ କହୁଛନ୍ତି ଯେ ଫାକ୍ତୁନସ୍ଥାନରେ ବିଦ୍ରୋହ ପଛଆଡ଼େ ଭାରତ ଲୁଚିଛି । ଆଉ ବୁଢ଼ାଗାନ୍ଧୀ ସବା ପହିଲେ ଏ କଥା ଲଗେଇ ଦେଇ ଯାଇଥିଲା । ଏମିତି ଭାରତ ଭୂତ ଚତୁର୍ଦ୍ଦିଗରେ ଦେଖି ଦେଖି ମଣିଷ ନିଜେ ଭୂତ ହୋଇଗଲା ପରି ପାକିସ୍ତାନ ବି ଭାରତ ଭାରତ ହୋଇ ଶେଷକୁ ସାଯୁଜ୍ୟ ମୁକ୍ତି ପାଇ—ଭାରତ ହୋଇ ଯିବାର ସମ୍ଭାବନା ଦେଖା ଗଲାଣି ।

## ପାକିସ୍ତାନର ହୃତ୍‌କମ୍ପ

ସିନ୍ଧୁରେ ବନ୍ୟା କାହିଁକି ହେଲା—ପାକିସ୍ତାନ ବା ପବିତ୍ରସ୍ଥାନରେ ଏ ପ୍ରାକୃତିକ ବିପତ୍ତି କିପରି ଆସିଲା, ଏହାର କାରଣ ମଧ୍ୟ ସେଇ ଭାରତ । ଭାରତରେ ବନ୍ୟା ଭୂଇଁକମ୍ପ ଯୋଡ଼ାଏ ହେଲା । ସେଥିପାଇଁ ସେ ଦୁଇଟି ଭାଗହୋଇ ବନ୍ୟା ପାକିସ୍ତାନ ପାଇଛି । ଭୂଇଁକମ୍ପ କିନ୍ତୁ ଲିଆକତ ଏବଂ ଜାଫରୁଲ୍ଲାଙ୍କ ହୃଦୟରେ ଗଡ଼ ଦିଆ ଯାଇଛି—ଯେମିତି ସବୁଦିନେ ତାଙ୍କର ଭୂଇଁକମ୍ପ ବଦଳରେ ହୃତ୍‌କମ୍ପ ଆରମ୍ଭ ହେଉଥିବ ।

## ଗଧ ଶୋଭାଯାତ୍ରା

ଶୁଣା ଯାଉଛି ଏଥର କଂଗ୍ରେସ ସଭାପତିଙ୍କୁ ଆଗ ଆଗ ପରି ବିଶେଷ ଆଡ଼ମ୍ବର-ପୂର୍ଣ୍ଣ ଶୋଭା-ଯାତ୍ରାରେ ନ ନେଇ ସାଧା ସିଧା ଭାବରେ ସ୍ୱାଗତ କରାଯିବ । ଆଗରୁ ତ ହାତୀ ଘୋଡ଼ା ଏପରିକି ବଳଦଗାଡ଼ି ମଧ୍ୟ ଆଡ଼ମ୍ବର ପୂର୍ଣ୍ଣ ଶୋଭା ଯାତ୍ରାରେ ବ୍ୟବହୃତ ହୋଇଛି । ଏଥରକ ସାଧା ସାଦା ଶୋଭାଯାତ୍ରା ପାଇଁ ଗୋଟିଏ ସାଧା ସିଧା ପ୍ରାଣୀ ଆଣିଲେ ଚଳଯାନ୍ତା ଆମେ ସୁପାରିସ କରୁଛୁ—ଟାଣ୍ଡନଙ୍କୁ—ଉପଯୁକ୍ତ ରଥୀ ହେବେ—ଶ୍ରୀମାନ ଗଧେଶ୍ୱର ।

## ରାଜା ଓ ବିଦ୍ୱାନ

କଂଗ୍ରେସ ନିର୍ବାଚନରେ ଟାଣ୍ଡନଜୀ ସର୍ଦ୍ଦାର ପଟେଲଙ୍କ ବର ପାଇଥିଲେ ଓ କୃପାଳନୀ ନେହରୁଙ୍କ ବର ପାଇଥିଲେ । ଦେଖାଗଲା—ନେହେରୁଙ୍କ ଠାରୁ ପଟେଲଙ୍କ କାଟତି ବେଶି । ଜହରଲାଲଜୀ ବିଦେଶରେ ମାନ ପାଉଛନ୍ତି କିନ୍ତୁ ପଟେଲ ସ୍ୱଦେଶରେ । କଥାରେ ଅଛି—ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ । ଅତଏବ ସର୍ଦ୍ଦାରଜୀ ପ୍ରକୃତରେ ମୁକୁଟ ହୀନ ସମ୍ରାଟ ଆଉ ପଣ୍ଡିତ ନେହେରୁ ମାତ୍ର ଜଣେ ବିଦ୍ୱାନ ।

## ସାଧାରଣ ସମ୍ପର୍କ

ସାଧାରଣ ସମ୍ପର୍କ ବିଭାଗ ଅଫିସ ପୋଡରେ କେତେକ ରହସ୍ୟ ବାହାରୁଛି ବୋଲି ସରକାରୀ ମୁଖପତ୍ର ଦୈନିକରେ ଗୁଣ୍ଡାଳି ଜର-ସମ୍ବାଦ ପ୍ରକାଶ ପାଇଛି । ଏ ସମ୍ବାଦଟା ଚୋର ଧରାଇ ବାକୁ କି ଚୋରକୁ ସତର୍କ କରାଇ ଦେବାକୁ ବାହାରିଛି ତା ମା ଗଙ୍ଗା କାଳୀ ଜାଣିଥିବେ । ତେବେ ଯେଉଁ ପୁଲିସ ଅଫିସର ଏଭଳି ଦୁଃସାହସିକ କାମ କରୁଛନ୍ତି ତାଙ୍କର ଆସେମ୍ବ୍ଲି ପ୍ରଶ୍ନକୁ ଭୟ ଅଛି କି ? ବାଘଠାରୁ ଫାଗର ଦାଉ ବେଶି । ଅତଏବ ସଇ ସମ୍ଭାଳ ।

## ସାଧାରଣ ସମ୍ପତ୍ତି

ସାଧାରଣ ସମ୍ପର୍କ ବିଭାଗର କର୍ମଚାରୀଙ୍କ ଜମିବାଡ଼ି ବ୍ୟାଙ୍କ ଟଙ୍କା ପୋଷାକ ପତ୍ର ମାଇପ ଗହଣା, କାର କେତୋଟା ରେଡ଼ିଓ ଆଦି ସବୁର ତାଲିକା ପୁଲିସ କରୁଛି । କାହିଁକି ଏ ଲୀଳା ଲାଗିଛି ବୁଝି ହେଉନାହିଁ । ତେଣେ ଦିଲ୍ଲୀ ପର୍ଯ୍ୟନ୍ତ ଦଉଡ଼ା ଚାଲିଛି—ନାହିମାଂ ହରେକୃଷ୍ଣ ଭାବ । ଫଳ ଫଳିବ ନିଫଳ ! ସାଧାରଣ ବିଭାଗ ସମ୍ପତ୍ତିଟା ସବୁ ସାଧାରଣଙ୍କର—ଆମଘରେ ରହିଲେ ଯେ ଏ ପୁଲିସଙ୍କ ଘରେ ରହିଲେ ସିଏ ।



Digitized by srujanika@gmail.com

# ଅଖିଳ ଭାରତ ସ୍ୱାମୀ ସଂଘ

(୨ୟ ପର୍ଯ୍ୟାୟ)

ଲେ—ଜଗନ୍ନାଥ ମହାନ୍ତି

ମୋ ସାଙ୍ଗ ସାଥିମାନେ ମୋତେ କହନ୍ତି ପଛ ଲୁଣ୍ଡିଆ ବୋଲି । ମାଙ୍କଡ ନିଜ କଲିଜା-କୁ ଗଛରେ ରଖି କୁମ୍ଭୀର ପିଠିରେ ବସି ନଈ ପାର ହେଲାପରି ମୁଁ ବୁଦ୍ଧିକୁ ମୋ ବୁଦ୍ଧିସାକ ପଛରେ ରଖି ଲଜ୍ଜା ପିଠିରେ ବସି ସଂସାର-ନଈ ପାର ହେଉଛି । ଏକଥା ଶୁଣିଲେ ବେଳେ ବେଳେ ମୋ ପୁରୁଷ ପଣିଆ-ରେ ବାଧେ; ମୁଁ ରାଗିଯାଏଁ । କିନ୍ତୁ ସମୟ ସମୟରେ ଅଗ୍ନି-ପରୀକ୍ଷା କରି ଦେଖିଛି, କଥାଟା କହାତ ମିଛ ନୁହେଁ । ଆଜି ଘଟଣା-ରେ ସେ ଧାରଣାଟା ମୋ ମନରେ ଖୁବ୍ ବେଶି ଦୃଢ଼ ହୋଇଗଲା ।

ହେ ଷ୍ଟେସନରୁ ବାହାରି ଘୋଡ଼ା ଗାଡ଼ିରେ ଚଢ଼ି ବସିଲୁ । ରେଶମ ଉଡ଼ାଣି ତ ବାହାରି କରି ଲଳିତା ଗଳାରେ ହାର ପିନ୍ଧାଇ ଦେଲି । କି ଉଦ୍‌ବେଗରେ ଯେ ଏତେ କାମ କରିଗଲି, ତା ଆଜି ମୋର ମୋଟେ ମନେ ନାହିଁ ।

ଗାଡ଼ି ଚାଲିଥାଏ । ମୁଁ ଆଗକୁ ଚାହିଁ ଦେଲିକି ମୋ ପୂର୍ବ ଅଭ୍ୟାସ ଯେପରି ଫେରି ଆସିଲା । ଶରତ ଉପରେ ମୋ 'ବନ୍ଧୁବର' ଆଗରେ ବସି ମୁହଁକୁ ଚାହିଁ ମୁରୁକି ହସୁ ଥାଏ ।

ଶରତ ସହରର ବଡ଼ଘରର କଲେଜ ପଢ଼ୁଆ ଟୋକା । ଯୌବନର ଦୁଆର ମୁହଁରେ ପାଦ ପକାଇ ସାରିଲାଣି । ଆମ ଭାବଭଙ୍ଗୀ ଦେଖି ଭବିଷ୍ୟତରେ କେତେ କଣ ସ୍ୱପ୍ନ ତା ମନରେ ବୋଧ ହୁଏ ଖେଳିଗଲା । ମୋ ଦୁର୍ବଳତା ଲକ୍ଷ୍ୟ କରି ମୋତେ ଅପଦସ୍ତ କରିବା ଲାଗି ମନକୁ ମନ ହସି ଉଠିଲା । ମୋର ସେତେବେଳେ ଏପରି ରାଗ ହେଲା, ମନ ହେଉଥାଏ, ତା ନୂଆ ଯୌବନ ଭରା ଗାଲ ଦୁଇଟାକୁ ଚିପି ଦିଅନ୍ତି । କିନ୍ତୁ ବଥରେ କହନ୍ତି ପରି "ସୁନା ଗାଲକୁ ଓଳିଙ୍କ ଗୋଡ ଭଳି…।"

ଗାଡ଼ି ଷ୍ଟେସନରେ ପହଞ୍ଚିଲା । ଶରତ ଯାଇ ଟିକଟ କରି ଆଣିଲା । ଆଜିକା ଜଣଙ୍କ ପଇଁ ଟିକଟ କରିବାକୁ ପଡ଼ିବାରୁ ବୋଧହୁଏ ସେ ମନେ ମନେ ରାଗିଥିବ ।

ରେଲ ଛାଡ଼ିଲା । ମୋ ମନରେ ତ ପୃଥିବୀ ଯାକ ଭାବନା ଖେଳି ବୁଲୁଥାଏ । ଯେତେ-ବେଳେ ରେଲ ଆସିଲା, ଯେମିତି ଆମେ ତଳାରେ ଉଠିଲୁ, ସେ ସବୁପ୍ରତି ମୋର ଟିକିଏ ହେଲେ ଖିଆଲ ନଥାଏ ।

ଶରତର ଭାବ ଭଙ୍ଗୀ, ମୁରୁକି ହସ ଦେଖି, ରସ ରସିଆ କଥା ଶୁଣି ମୋ ବ୍ରହ୍ମ ଅଗ୍ନି ଜଳି ଯାଉଥାଏ । ମୁଁ ଥରେ ଥରେ ତାକୁ ବଡ଼ କ୍ରୁଦ୍ଧ ଚକ୍ଷୁରେ ଚାହିଁ ଦିଏଁ । ମନେ ମନେ ଭାବୁଥାଏ, ଶିବଙ୍କ କ୍ରୋଧାନଳରେ କାମ-ଦେବ ଭସ୍ମ ହୋଇ ଯାଇଛି, ଏ ଛାର ଶରତଟା ମୋ କ୍ରୋଧାନଳରେ ଟିକିଏ ତାତି ବି ପାଉନାହିଁ ?

ଏତିକି ବେଳେ ହସି ହସି ଶରତ କହିଲା—ଘରେ ସମସ୍ତେ ଜାଣନ୍ତି ଯେ ଖାଲି ଅପା ଆସିବ । ତା ପେଛା ବୁଢ଼ାଟା ଯେ ତା ପଛରେ ଗୋଡ଼ାଇ ଆସିବ—ଏ କଥାଟି କେହି ଜାଣି ନଥିଲେ ।

ଏହାର ଉତ୍ତରରେ ମୋ ବାଁ ପାଖରୁ ଗୋଟାଏ କ୍ରୋଧ-ସ୍ନେହ-ମିଶ୍ରିତ-ମିଶା ମଧୁର ବାଣୀ ଗର୍ଜନ ଶୁଭିଲା—ହୁଁ । ବୋଧ ହୁଏ ଶରତ ଅଭିଜ୍ଞ ଥିଲା—ସେତିକିରେ ରହିଗଲା ।

ମୋ ମୁଣ୍ଡ ତଳକୁ ନଇଁଗଲା । ମୁଁ ମୋର ଏହି ପଛ ଲୁଣ୍ଡିଆଗିରି ଅନୁତାପ କରି ମନେ ମନେ କହିଲି—"ମା ବସୁଧା ତୁ ଦ୍ୱିଧା ହୋଇଯା' ମୁଁ ସିଧା ସଳଖ ତୋ ଦେହରେ ପଶିଯାଏଁ ।"

ମା ବସୁଧା ହୋଇଥିଲେ ମୋ ଏକଲ ପ୍ରାର୍ଥନା ନିଶ୍ଚୟ ଶୁଣିଥାନ୍ତା—ମାତ୍ର ଏ ଯେ ରେଳଗାଡ଼ି ତଳ ! ସେ ଦ୍ୱିଧା ହେବ କଣ, ଓଲଟି ମୋତେ ଛାଡ଼ି ଗଲା କହି,—ଚକର ଚକ୍, ଚକର ଚକ୍, ଚକର ଚକ୍ ! ତା ଅର୍ଥ ସେ କହିଲା, "ନାହିଁ ନାହିଁ, ମୋ କୋଳରେ ଜାଗା ନାହିଁ; ଲଳିତା କୋଳ ଖୋଜ !"

ବାରିପଦା ଆସିଲା । କୁଆଁଙ୍କ ଆଦର ଖୁବ୍ ପାଇଲି । ଅସାର ଏ ସଂସାରରେ ସାର ଶ୍ୱଶୁରମନ୍ଦିରଂ ।" କିନ୍ତୁ ମୋ ମନଟା ଭଲ ନଥାଏ ।

ଦିନକ ପରେ ସାନ ଶାଳୀକୁ ସାଙ୍ଗରେ ଧରି ବଜାର ବୁଲି ବାହାରିଲି । ଲଳିତା ସହିତ ଛନ୍ଦ ପକାଇବାକୁ ଯାଇ ତା ନାଁ ଦିଅ ହୋଇଛି, ଶଳଙ୍କା । କିନ୍ତୁ ଏଇ ଦଶ-ବର୍ଷ ବୟସରୁ ତା ଦେହ ଯେମିତି ଫୁଲିଛି, ଗୋଡ ହାତ ଯେପରି ବଳିଷ୍ଠ ପରି ହୋଇଛି, ମୁହଁଟି ଯେମିତି ଗୋଲ ଗାଲ ହୋଇଛି, ସେମିତି ଅବସ୍ଥାରେ ତାକୁ ଶଳଙ୍କା କହିବା ଯାହା, ମହା ଭାରତର ଭୀମକୁ ଶୁକୁଟା କହିବା ତାହା ।

ମୁଁ କିନ୍ତୁ ତା ନାଁ ଦେଇଥାଏ ବାଇଗଣ-ପୋଲେଇ । ଶ୍ୱଶୁର ଘରଟା କେବଳ ତାହାରି ସଙ୍ଗରେ ମୋତେ ଯାହା ଅସରା ଭିତରେ ସାର ଲାଗୁଥାଏ ।

ସେଦିନ ଗୋଟାଏ ବଡ଼ ଲୁଗା ଦୋକାନକୁ ଗଲି । ଦୋକାନୀଟି ଆଉ କେହି ନୁହେଁ; ମୋର ପିଲା ଦିନର ବଡ଼ ଦୋସ୍ତ ନରହରି । ସେ ପ୍ରକୃତରେ ନର କି ହରି ତା ଏ ପର୍ଯ୍ୟନ୍ତ ମୁଁ ଠିକ୍ କରିପାରି ନାହିଁ । କିନ୍ତୁ ବାନର ହେବାକୁ ଅଳ୍ପ ଅଳ୍ପ ବାକି ରହି ଯାଇଥିଲା ପରି ମୋତେ ଜଣାଯାଏ । ଲାଞ୍ଜ ନଥିଲା ଯାଗାରେ ସେ କଳ ଲଗାଇ ଦେବ । ଆଉ ଯେତେବେଳେ କଳ ଲାଗିଥାଉ କଳ କୌଶଳରେ ତାହାର ସମାଧାନ ବି କରିଦେବ । ଜାଣ୍ଟୁର ବିଷୟରେ ନିଶ୍ଚିନ୍ତି ପାଇଁ ସାର ଓକ୍‌ସନ ସିନା କିଶୁପାଳ ହୋଇ ଗଲେ କିନ୍ତୁ ଆମ ନରହରି ଯାଇଥିଲେ ତାର ଯେ ଗୋଟାଏ ଯାହା କିଛି କରିଆସିଥାନ୍ତା —ଏ ବିଶ୍ୱାସ କରିବା ଅସଙ୍ଗତ ନୁହେଁ ।

ବାଇଗଣ ପୋଳେଇଙ୍କୁ ତାଙ୍କ ଗଞ୍ଜା ମଧ୍ୟକୁ ଛାଡ଼ି ଦେଇ ନରହରି ସହିତ ମୁଁ ମନ ଖୋଲି କେତେ ପଦ କଥା ବାର୍ତ୍ତା ହୋଇ ଗଲୁ । ମୋ ଆଗମନର କାରଣ ସେ ଶୁଣି ଖୁବ୍ ହସିଲା !

ମୋର ଘରକୁ ଫେରିବା ବେଳ ହେଲା । ବାଇଗଣ ପୋଲେଇକୁ ଡାକି ତା ହାତ ଧରି ବାହାରି ପଡ଼ିଲି । ଠିକ୍ ସେହି ସମୟରେ ନରହରି ପଛରୁ ଡାକି କହିଲା, " କହୋ ପଟ୍ଟନାୟକେ ଲୁଗା କଥା ଭୁଲି ଗଲକି ? ନା ଶାଳୀ ଅଛି ବୋଲି ଭଲୁଛ ମ ?"

ମୁଁ ପଛକୁ ବୁଲି ପଡ଼ି ତା ମୁହଁକୁ ଚାହିଁ ଠିଆ ହେଲି । ସେ କେତେ ଖଣ୍ଡ ଅତି ଦାମିକା ଖୁବ୍ ଭଲ ଭଲ ଲୁଗା ବାହାର କରି ଆଗରେ ଜମାଇଲା । ଏଣେ ଚୁହା ଚାଲିଥାଏଁ " ସେ ପିଲାଟାଏ, ସେ କଅଣ ଜାଣିବ ? ନାଇ

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

# ଖଲିଫା

ଲେ—ଗୋପୀନାଥ ମହାନ୍ତି

ପାନ ଦୋକାନ ଆଗରେ ସ୍ୱାଧୀନ ମତବାଦର ନିରଙ୍କୁଶ ବ୍ୟାଖ୍ୟାନ, ରାସ୍ତାଏ ରାସ୍ତାଏ ବୁଲି ଫେରି ନିଶ୍ଚିନ୍ତ ହୋଇ ସ୍ୱାଧୀନ ସମାଲୋଚନା ତାଲି ଦେବାକୁ ସମାନ ଅଧିକାର, —ମିଳୁଛି ।

ଖାଲି ଜଣ ଖିଲେ ପାନ, କଟାଏ ବିଡ଼ି, ଓହଳିଥିବା କଣ୍ଟା-ଦଉଡ଼ି ଅଗରୁ ଧାପଲିସାର ସିଗାରେଟ ଅଗରେ ନିଆଁ ଲଗେଇ କଲେ ଫୁଃ ?

ନୁହେଁ?

ସେଠି ସହ ନିଭୁଛି ଦେବାକୁ ଅଛି ଜଣେ, ଲଦା ଲଦି ଜବ୍‌ସିନି ତାକଲର ଉଞ୍ଚ ଉଗଡୀ ଉପରେ ତାର ଆସନ, ଅଭ୍ୟସ୍ତ ହାତ ଛେଚି ଦାନ୍ତ କାଠି ମୁଣ୍ଡରେ ଚୂନ ମାଠି ଦେଇ ନାଲି ନେଳି କେତେ ମସଲା ବାଛି ଦେଇ ପାନ ଖିଲକ ବାନ୍ଧି ଦେଇ ବିଡ଼ି କଟାଟି ବଢ଼େଇ ଦେବାକୁ ବିଜୁଳି କଳ ପରି ଝଟପଟ ଅଭ୍ୟସ୍ତ, ସେଥିରେ ଭାବିବାକୁ ପଡ଼େ ନାହିଁ । ଅଭ୍ୟସ୍ତ ଭୁଣ୍ଡ "ମିଠା କି କଡ଼ା—ସାହେବ କି ବାବୁ—କଇଁଚ କି ଜାଲ—" ପଚାରିବାକୁ ମନେକରେ କଳର କାମ, ସେଠି ନ ଥାଏ ହୃଦୟ କି ମନ, ଯେତେବେଳେ ଦେଖିଲେ ଜଣାଯାଏ ପଞ୍ଚେନ୍ଦ୍ରିୟରୁ ଅନ୍ତତଃ ତିନୋଟି ଇନ୍ଦ୍ରିୟ ମଣିଷ ପରି କାମ କରୁଥାଏ ଗଣି ଦେବାକୁ ସ୍ୱାଧୀନ ବାଣୀକୁ ଉତ୍ସାହ ଦେଇ ଠେଲିବାକୁ, ସେହି ତାର ପ୍ରକୃତ ଭେକ, ତେଣୁ ସେ ସଭାପତି ।

ଏବଂ ସାମ୍ନାରେ,—ଆପଣାକୁ ଦେଖିବାକୁ ଗୋଟାଏ ବଡ଼ ଦର୍ପଣ, ତାର ବିଭିନ୍ନ ଖାଲ ଢିପରେ ଆପଣାର ଚେହେରାଟି ଦିଶେ ବିଶିଷ୍ଟ ଓ ସ୍ୱତନ୍ତ୍ର, ଆପଣାକୁ ଅନୁଭବ କରିବାକୁ ନାନା ପ୍ରକାର ସ୍ୱତନ୍ତ୍ର ଛବି, ନାଟ୍ୟ ଜଗତର ହାତ ପାଆନ୍ତି ବାହାରର ତାରକା ଠାରୁ ଆରମ୍ଭ କରି ବିଶୁଦ୍ଧ କଳ୍ପନାର ଗୁମ୍ଫ ଯାଏ, ଏବଂ ଆପଣାର ବ୍ୟକ୍ତିତ୍ୱ ଢାଳିବାକୁ ଜାତି ଜାତି ମଣିଷଙ୍କ ସଦ୍ୟ ସୂଅ, ପ୍ରକାର ପ୍ରକାର ।

ଆଜିକା ବାଇସ୍କୋପ ବିଷୟରେ ତୀବ୍ର ଆଲୋଚନା ଲାଗିଥିଲା ଦୁଇ ଜଣଙ୍କ ମଧ୍ୟରେ । ଆଉ ତିନିଜଣ ଯୁକ୍ତି କରୁଥିଲେ ଫୁଟବଲ ପ୍ରତିଯୋଗିତାରେ ସହରର ସମ୍ଭାବିତ ଭାଗ୍ୟ ବିଷୟରେ, ଜଣେ ଦେଉଥିଲେ ରାଜନୀତି ବିଷୟରେ ଗୋଟିଏ କ୍ଷୁଦ୍ର ଭାଷଣ, ଜଣେ ହଠାତ୍ ଆଜିର ଚଢ଼ା ଦର ବିଷୟରେ ହାଉଳି ଖାଇ ଖାଇ ଚାଲି ଯାଉଥିଲେ ବିଦେଶୀ ଆଗନ୍ତୁକ ଓ ଗଣ୍ଡଗୋଳ ଆଡ଼କୁ, ଜଣେ ପେଟ ବଥାକୁ ପୋଡ଼ା ବେଲର ଉପକାରିତା ବିଷୟରେ ଆପଣା ଅଭିଜ୍ଞତାର ନଜର୍ ଦେଇ ଦେଉ ପଢ଼ିଥିଲେ ଗୃହୀବର ଚଢ଼ାକାମ ଓ କଡ଼ା ଘଣ୍ଟା ପ୍ରବନ୍ଧରେ । ବେପାର, ସମାଜ, ରେଲ୍‌ଗାଡ଼ି, କୁକୁଡ଼ା ପୋଷିବା, ପ୍ରତ୍ୟେକ ବିଷୟରେ ସଭାପତି ତାଙ୍କର ମତାମତ କହି ଦେଇ ପାନ ଭାଙ୍ଗୁଥିଲେ, ଏହି ସମୟରେ କରପଟିଆ ଜଣେ ସାମ୍ନାକୁ ଆସି ତାର ଫରିଆଦ ପେଶ୍ କରି କହି ଉଠିଲା—

[ଅବଶିଷ୍ଟାଂଶ ପର ପୃଷ୍ଠା ଦେଖନ୍ତୁ]

---

ଲୋ ମାଆ, ତୁ ତୋ ଅପା ଆଗରେ କିଛି କହିବୁ ନାହିଁ ।"

ଦୋକାନର ବଛା ବଛା ଲୁଗା କେତେ ଖଣ୍ଡ ବାହାର କରି ସେ ବାନ୍ଧିଲା । ବାସ୍ତବିକ ଏତେ ଦାମର ଏପରି ଲୁଗା ମନ୍ତ୍ରିଆଣୀମାନେ ବି ପିନ୍ଧନ୍ତି କି ନାହିଁ ସନ୍ଦେହ । ଚାରି ପ୍ରକାରର ଚାରି ଖଣ୍ଡ ଲୁଗା, ତା ସାଙ୍ଗକୁ ବ୍ଲାଉଜ କନା । ଦାମ ହେଲା ଟ ୩୮୮ । ଲୁଗା ବାନ୍ଧି ମୋ ହାତକୁ ବଢ଼ାଇ ଦେଇ ନରହରି କହିଲା, "ମୋର ତୁମକୁ ଟ ୫୦୦ ଦେବାର ଥିଲା । ସେଥିରୁ ଏ ଟ ୩୮୮ ଶୁଝି ଗଲା । ବାକି ଟ ୧୧୨ ଆର ମାସରେ ପଠାଇ ଦେବି । ନାହିଁ ଯଦି କହିବ, ତେବେ ଆଉ ଖଣ୍ଡେ ବଢ଼ିଆ ଲୁଗା ପଠାଇବି ।"

ଉତ୍ତରରେ ମୁଁ ମୁରୁକି ହସି କହିଲି ହଉ ଆର ମାସତ ଅଛି ।

ଲୁଗା ଧରି ଆସୁଥିଲି । ପୁଣି ଫେରାଇ ଲୁଗା ପୁଡ଼ାଟି ରଖି ଦେଇ କହିଲି—ନାଇଁ ଭାଇ, ପୁଡ଼ାଟା ତୋ ପାଖରେ ଥାଉ । ମୁଁ ଷ୍ଟେସନକୁ ଗଲାବେଳେ ଏଇଠାରୁ ନେଇଯିବି ।

"ହଁ, ହଁ ଭଲ ହେବ । ଶଶୁର ଘରକୁ ନେଲେ ପୁଣି ନାନା ତାମସା ବାହାରିବ "—ନରହରି ଯବାବ ଦେଇ ଲୁଗା ପୁଡ଼ାଟି ନେଇ ରଖି ଦେଲା ।

ବାହାରେ ଆସିଲା ବେଳେ ବାଇଗଣ ପୋଲେଇ ମୋ ହାତ ଧରି ପଚାରିଲା—"ଦାଦା ସେ ଲୁଗା କାହାପାଇଁ ନେବ କି ? ଅପା ପାଇଁ ?"

ମୁଁ କହିଲି—"ତୁ ଏଡ଼େ ବୋକି । ଅପା ପାଇଁ ଆଣିବାର ଥିଲେ, ମୁଁ ସାଙ୍ଗରେ ଆଣି ନଥାନ୍ତି । ତୁ ମୋ ରାଣ ପକା । ଯଦି ଅପା ଆଗରେ କି ଆଉ କାହା ଆଗରେ ନକହିବୁ, ତେବେ ମୁଁ ସତକଥା କହିବି ।"

ବାଇଗଣ ପୋଲେଇ ମୋ ମୁହଁକୁ ଚାହିଁ କହିଲା—ତୁମ ରାଣ ପକାଉଛି, ମୁଁ କାହାକୁ କହିବି ନାହିଁ ।

ଏ ରାଣର ଯେ ମୂଲ୍ୟ କିଛି ନାହିଁ, ତା ମୁଁ ଭଲ କରି ଜାଣେ । ସେଥିପାଇଁ ଟିକିଏ ବୁଲେଇ ବାଲେଇ ତା ମନକୁ ଆଉ ଟିକିଏ ଉତ୍ତେଜିତ କରି କହିଲି—କୁମାରୀ ବାସନ୍ତୀଙ୍କ ପାଇଁ ।

ମୁହଁରେ ସିନା ଏତିକି କହିଲି, କିନ୍ତୁ ହାତ ମୁହଁର ଅଭିଳାଷ ଏପରି କଲି ଯେ, ସେ ବୁଝି ପାରିଲା--କୁମାରୀ ବାସନ୍ତୀଙ୍କ ସହିତ ମୋର ଗୂଢ଼ସମ୍ପର୍କ ବହୁ ଦିନୁ ରହିଛି । ଏବଂ ଏହିପରି ଲୁଗା, ଅଳଙ୍କାର କେତେ କଣ ଯେ ମୁଁ ତାକୁ ଦାନ କରିଛି ତାର ସୀମା ନାହିଁ ।

ସମସ୍ତେ ମନା କରୁଥିଲେ ମଧ୍ୟ ସେହିଦିନ ରାତିରେ ମୁଁ ବାରିପଦା ଛାଡ଼ି କଟକ ଚାଲି ଆସିଲି । ଖାଲି ତାକୁ ଶୁଣେଇ ଶୁଣେଇ କହିଲି-- ତାଙ୍କ ଇଚ୍ଛା ଯେଉଁ ଦିନ ହେବ, ସେ ସେଦିନ ଯିବେ । ମୋର ସେଥିରେ କଣ ଅଛି ?

ନରହରି ଘରେ ସେ ରାତି ଓ ପର ଦିନଟି ଲୁଚିଲି । ଖବର ପାଇଲି, ଲଳିତା କାହାରି କଥା ନମାନି, ଘରେ ଜିଦ୍ ଧରି କଟକ ବାହାରିଲେଣି । ଶରତ ବାଧ୍ୟ ହୋଇ ତାଙ୍କୁ ଧରି ପୁଣି କଟକ ଫେରିଲା । ମୁଁ ଦୁଇଦିନ ଏଣେ ତେଣେ ବୁଲି କଟକ ବସାରେ ଆସି ପହଞ୍ଚିବା ଆଗରୁ ଲଳିତା ଆସି ଘରେ ପହଞ୍ଚି ସାରିଛନ୍ତି ।



Digitized by srujanika@gmail.com

"ଦେଖ ଥରେ ଏଇ ଫଟୋଟିକୁ ।"

ଆଲୋଚନାରେ ପଶିଲା ନୂଆ ରାଗିଣୀ, କେତେ ଜଣ ମୁହଁ ଟେକିଲେ, ଫଟୋରୁ ମଣିଷକୁ—ଠିଆ ବାଳ, ଭୁରୁ, ଆଖି ବସିଛି, ବର୍ଣ୍ଣ ଶ୍ୟାମଳ, ବେଶ ମଇଳା, ଅଥଚ କହିବା ଭଙ୍ଗୀରେ ଏକ ପ୍ରକାର ଚପଳ ଉଚ୍ଛ୍ୱାସ—

"ଦେଖ ଥରେ ଏଇ ଫଟୋଟିକୁ, ଦେଖୁଚ ନା ?" ପାନ ଦୋକାନୀ ମୁହଁ ନ ଟେକି ଆଖି ଛାଟିଦେଇ ହସିଦେଇ କହିଲା "କୋଉଠୁ କରେଇଲ ? ଜିଆଉଛ କି ? ବେଶ୍ ଭଲ ହୋଇଚି । କଣ ଦେବ ମିଠା ନା କଡ଼ା ? କେତେ ଖଣ୍ଡ ?"

ଆଗନ୍ତୁକ ଏତିକିରେ ସନ୍ତୋଷ ହେବାକୁ ଆସି ନ ଥିଲା । କହିଲା—"ଭଲ କରି ଦେଖ କେଡ଼େ ସୁନ୍ଦର, ଏମିତି ଦେଖିଛକି କୋଉଠି ? କି ଆଖି—କି ନାକ—କି କୁଞ୍ଚ କୁଞ୍ଚ ବାଳ—କି ଠାଣି—"

ତାର ସ୍ୱରରେ ଦୂରର ଟେଲିଫୋନର ଶବ୍ଦ ଝିମି ଝିମି, ଭାଙ୍ଗି ପଡ଼ି ସ୍ୱରତାର ଧରିଲା ନୂଆ ରାଗିଣୀ, କହିଲା—

"କଣ ହେବ ! ପିଞ୍ଜରାରେ ଶୁଆଟିଏ । କଣ ତାର ଗୁମର—ସେ ବନ୍ଦିନୀ । ଅହା । ହାଏରେ କସ୍ତୁରୀ ଦୁନିଆ, ଭଲ ପାଇବା କଣ ପାପ ? ଆମେ ଭଲ ପାଇଥିଲୁଁ, ଆପଣା ଘରର ଗୃହସ୍ଥ ବାପ ମା ଭାଇ ବନ୍ଧୁଙ୍କୁ ଛାଡ଼ି ଉଡ଼ି ପଳେଇଥିଲା ମୋର ପିଞ୍ଜରାର ଟିଆ, କି ସୁଖ ସେ, ସେହି ଘଣ୍ଟାକ ସାଇକେଲ୍‌ର ହାଣ୍ଡେଲ୍‌ରେ ସେ, ପଛରେ ମୁଁ ବାଇଁଶବୁଦା ସନ୍ଧିରେ ସବୁ ରାସ୍ତାରେ ସେ ଓ ମୁଁ—ଛପି ଛପି ମୋର ମନ ଦୁନିଆ ଭିତରକୁ । ତାପରେ, ସେମାନେ ଧରିନେଲେ । ଧରିବେ କାହାକୁ—ଆଉ କଣ ଧରା ଦିଏ ? ଓଃ, କେତେ ଯେ ମାଡ଼, କେତେ ଅତ୍ୟାଚାର ସହିଥିବ ତାର କଅଁଳ ପିଠି । ସେଦିନୁ ସେ ବନ୍ଦିନୀ । ଅନ୍ଧାରରେ କୋଠା ଛାତରେ ଯେତେବେଳେ ମୁଁ ଲୁଚି ଲୁଚି ବୁଲେଁ, ଉପରେ ତାର ଜେଲଖାନାର କୋଠରୀ ଝରକାରୁ ସେ ଗାଏ ଗୀତ, ମୋତେ ଶିଖେଇଥିଲା ଗୀତ, ସେହିବାଟେ ତାର ବାନ୍ଧଣା । ଦୁନିଆଁ କାହିଁକି କସ୍ତୁରୀ ହୁଏ ? କହି ପାରିବ କେହି ? ସେତିକିରେ ଭଲ ଶେଷ ହୁଅନ୍ତା ? ପୁଣି ସ୍ୱଭାବର ସମ୍ବନ୍ଧ ଲଗେଇଲେ, କେତେଠି ଆପେ ଭାଙ୍ଗିଲା, କେତେଠି ମୋ ହୃଦୟରେ ଲୋକେ ବୁଝିଗଲେ, ତଥାପି ଏଇ ସହରରେ ଅଛି ଜଣେ, ସେ ତାର କଅଁଳ ମାଂସ ଖାଇବାକୁ ମନ ବଳେଇଚି ଟଙ୍କା ଲୋଭରେ ବିକୁଛି ବିବେକ, ବଡ଼ା ହେବାକୁ ବସିଛି । କଣ ମୁଁ କରିବି ?"

ଗୋଟାଏ ଦୀର୍ଘଶ୍ୱାସ ତାର ଗୁଡ଼ ଝାଙ୍କି ଦେଇ ପାନରୁ ମସଲା ଉଡ଼େଇ ଦେଇ ଚାଲିଗଲା, ଦୋକାନୀ କହିଲା—"ସମ୍ଭାଳ—ସମ୍ଭାଳ—"

ତାଟଙ୍କା ସମସ୍ତେ ।

ପାଗଳ ବୋଧହୁଏ, ତଥାପି...।

ନାଲି କନାରେ ବନ୍ଧା ହୋଇଥିବା ପାନ ପୁଡ଼ୁଳାଟିଏ ସେ କାଢ଼ି ଉଠେଇଲା—"ଏଇ ତାଙ୍କ ଦାନ୍ତ ଚିହ୍ନ, ଏ କଣ ମିଛ ? ଏଇ ତାର ରୁମାଲ, ଆପଣା ହାତରେ ମୋ ନାଁ ବୁଣିଛି, ଏ କଣ ମିଛ ? ଦେଖାଯାଉ ସତ ଲଢ଼ିବ ମିଛ ସଙ୍ଗରେ, ଜିତିବ କିଏ—ମିଛର କାରାମତ ଦେଖେ—"

ପାନ ଦିଖଣ୍ଡ ଏକାଥରକେ ଗାଲରେ ଗୁଞ୍ଜି ଦେଇ ଚର ଚର ହୋଇ ସେ ଚାଲିଗଲା, ମିଳିଗଲା ମଣିଷ ସ୍ରୋତରେ ।

ପାନ ଦୋକାନରେ ନାନା ପ୍ରକାର ମନ୍ତବ୍ୟର ବଢ଼ଣ୍ଡା ।

"ଶଳା ବଦ୍‌ମାଶ୍—"

"ବିଚରା ଦୁଃଖରେ ପାଗଳ ହୋଇଛି ।"

"ଅଚ୍ଛା ଗନ୍ଧର ତାର ପ୍ରେମ ।"

"ଅହହଃ—ପେ-ମ—ଭାରି ବୁହାଳିଆ ଦେଖେଉଚି—"

"ଯେ ଭଲ ପାଏ ସେ ଏମିତି କହିବୁଲେ ନାହିଁ ।"

"ତୁମେ ଜାଣିନି ଭଲ ପାଇବା ମଦ ପିଇବା ପରି ।"

"ଦୁଇକଥା ମୋର ଅଜଣା—"

କଗଜ ଉପରୁ ସଭା-ପତି ମନ୍ତବ୍ୟ ଶୁଣିଲା—

"ପଗଲା । ଦେଖିଲ ନାହିଁ କେମିତି ତା ବେକ ବଙ୍ଗୁଚି ? ମଥାରେ ଯୋ ଦହି ଥାଏ ସେ ବଗିଡ଼ ଯାଉଚି, ନଇଲେ ପଢ଼ା ଶୁଣା ଲୋକ । ଛୋକାଟା ଯ୍ୟା ମୁଣ୍ଡ ବଗିଡ଼େଇ ଦେଲା, ସେମିତି ହୁଏ । ହଁ କଣ ତୁମର ଦରକାର, ମିଠା କି କଡ଼ା ?"



ଛୋଟ କୋଠା । ସାମ୍ନାରେ ଝୁଲା ଝୁଲ୍ ଦୋଳା । ଟେବୁଲ୍ ପାଖେ ଜଣେ ଯୁବକ ବସିଛନ୍ତି, ଚଷମା ଲଗା ମୁହଁରେ ଚେନ, ସାମ୍ନାରେ ସକାଳର ଖବର କାଗଜ । କାନ୍ଥ କର ଯାଏ ଅଲମାରି ଅଲମାରି ବହି । ପର୍ଦ୍ଦା ଠେଲି ଭିତରକୁ ପଶି ଆସିଲା ସେ ।

ରୁକ୍ଷ, ଅଚଞ୍ଚଳ ।

ହାତରେ ସେହି ଫଟୋ ଖଣ୍ଡି ।

ଚଷମାର ଭିତର ଦେଇ ଗଲା ତାର ସବୁ ଯନ୍ତ୍ର । ସବୁ ଛାଡ଼ି ତାହାହିଁ ହେଉଛି, ଆପଣା ସଙ୍ଗେ କଥା କହି ଆପଣାର ବିଶ୍ୱାସ ଜନ୍ମାଇଛି, ରାସ୍ତାଏ ରାସ୍ତାଏ ଗାଇ ଗାଇ ସେ ମୁଖସ୍ଥ, ଆଉ ଭାବିବାକୁ ପଡ଼େ ନାହିଁ ।

...ଦେଖୁ ଦେଖୁଛନ୍ତି କଣ ? ସେ ମୋର ! ସେ ମତେହିଁ ଭଲ ପାଏ, ଶୁଣିଲେ ତ ତାର ଇତିହାସ ? ଏଇ ଚିଠି ତାଡ଼ା ତାର ପ୍ରମାଣ, ପଢ଼ି ଦେଖନ୍ତୁ । ତଥାପି ଆପଣ ତାଙ୍କୁ ବିଭା ହେବେ ? କି ଶାନ୍ତି ପାଇବେ ସେ ଶବ ହବୁ ? ଶୁଣି ଘୃଣା ଲାଗୁ ନାହିଁ ?—

"ନା । ଘୃଣା କରିବା ମୋର ସ୍ୱଭାବ ନୁହେଁ, ମୋ ସ୍ୱଭାବ ଭଲ ପାଇବା । କିନ୍ତୁ ତ କଥା ମୁଁ ବିଶ୍ୱାସ କରେ ନାହିଁ, ଥାଉ କି ନଥାଉ ସେ, ମୋର ସେଥିରେ କିଛି ଯାଏ ନାହିଁ । ସମ୍ପ୍ରତିକୁ ମୁଁ ଭାବେଁ ପବିତ୍ର, ଆପଣଙ୍କୁ—ବି । ଆପଣ କହୁଛନ୍ତି ସେ ଆପଣଙ୍କୁ ଭଲ ପାଏ, ମୁଁ କହୁଛି ତା ମିଛ । ତା ସହିତ ଯୋଡ଼ିଏ ବର୍ଷର ଚିହ୍ନା ରେ ଆପଣ ପ୍ରମାଣ କରିଥିବେ ସେ ଆପଣଙ୍କୁ ଭଲ ପାଏ, ବେଶ୍, ପୂର୍ଣ୍ଣଚ୍ଛେଦ ପଡ଼ିଲା, ଏତିକି ବିବାହ ପରେ ତାର ମୋର ଆଜୀବନ ସମ୍ପର୍କରେ ଆସେ ପ୍ରତି ମୁହୂର୍ତ୍ତରେ ପ୍ରମାଣ କରୁଥିବୁଁ—ତା ମିଛ । ଭଲ, ଆପଣଙ୍କ କଥା ହେଉ, କି ଭଲ ପାଇବା ସେ ? ଆଉ କାହାକୁ ସେ ଦେଖିବାର ସୁବିଧା ପାଇ ନାହିଁ । ସଙ୍ଗୀତ ଶିଖେଇବାକୁ ମାସିକ ବେତନ ପାଇ ଆପଣ ଆସିଲେ, ଶିଖାଇଲେ ପ୍ରେମ । ସଙ୍ଗୀତ ମନ ତରଳାଏ, ଆପଣ ସେ ତରଳ ମନକୁ ଛାଞ୍ଚରେ ଢ଼ାଳିଲେ । ସଂଗୀତ ସ୍ଥାନ କାଳ ପାତ୍ରର ଧାରଣା ଭୁଲାଇ ଦିଏ । ଆପଣ ତାର ସୁବିଧା ନେଇ ବୁଝାଇଲେ ଆପଣହିଁ ଏକ ଓ ଅଦ୍ୱିତୀୟ, ଧରାପାଉ ସେ ଢ଼ଳିଗଲା, ସେ କଣ ପ୍ରେମ ? ସେ କଣ ତାର ଅବଚିନ୍ତ୍ୟଗଣ ପରସ୍ପରା ଦେଖନ୍ତୁ

Digitized by srujanika@gmail.com

# ଖଣିଜ ତୈଳ

( ପୂର୍ବ ପ୍ରକାଶିତ ପରରୁ )

ଲେଖକ—ଗୋଲକ ବିହାରୀ ମିଶ୍ର

ଖଣିଜ ତୈଳର ଉତ୍ପତ୍ତି, ଅବସ୍ଥାନ, ଏବଂ ଅନୁସନ୍ଧାନ ବିଷୟରେ ପୂର୍ବରୁ କୁହାଯାଇଛି । ଭୂଗର୍ଭରେ ତୈଳ ପୁଷ୍କରିଣୀ ନିର୍ଣ୍ଣୟ ପରେ ତହିଁରୁ ତୈଳ ଉଦ୍ଧାରର ପ୍ରଣାଳୀ ଏଠାରେ ବର୍ଣ୍ଣନା କରାଯାଉଛି ।

ପୂର୍ବରୁ କୁହାଯାଇଛି ଯେ ଭୂଗର୍ଭସ୍ଥ ତୈଳ ପୁଷ୍କରିଣୀର ସଠିକ୍ ଅବସ୍ଥାନ ନିର୍ଣ୍ଣୟ ପ୍ରାୟ ଅସମ୍ଭବ । ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କୂପ ଖୋଦନ କରି ତୈଳ ପୁଷ୍କରିଣୀରେ ପହଞ୍ଚିବାର ଆଶା ଭ୍ରମାତ୍ମକ । ଅବଶ୍ୟ ଅନେକ ସମୟରେ ଏହା ସମ୍ଭବପର ହୋଇଥାଏ । ତେଣୁ ତୈଳୋଦ୍ଧାର ନିମନ୍ତେ କୂପଖୋଦନ ପୂର୍ବରୁ ସାଧାରଣତଃ ଏକ ପରୀକ୍ଷା କୂପ [test well ବା wild cat] ଖୋଦନ କରାଯାଇଥାଏ । ସାଧାରଣତଃ ୨୦୦ ଫୁଟ ଲମ୍ବ ଏବଂ ୨୦୦ ଫୁଟ ଓସାର ବିଶିଷ୍ଟ ଏକ ଯାଗାରୁ ଗୋଟିଏ କୂପ ସାହାଯ୍ୟରେ ତୈଳ ଉଦ୍ଧାର କରାଯାଇଥାଏ ।

ତୈଳୋଦ୍ଧାର ନିମନ୍ତେ କୂପ ଖୋଦନର ପ୍ରଣାଳୀ ସାଧାରଣ କୂପ ଖୋଦନ ଅପେକ୍ଷା ଢେର ଜଟିଳ । ଗୋଟିଏ ଗୋଟିଏ ତୈଳ କୂପ ସାଧାରଣତଃ ୩୦୦୦ । ୪୦୦୦ ଫୁଟ ଗଭୀରକୁ ଯାଇଥାଏ । ଭାରତ ବର୍ଷର ସର୍ବାପେକ୍ଷା ଗଭୀର କୂପ ପ୍ରାୟ ୮୦୦୦ ଫୁଟ, ଏବଂ ପୃଥିବୀର ସର୍ବାପେକ୍ଷା ଗଭୀର କୂପର ଗଭୀରତା ପ୍ରାୟ ୧୮,୦୦୦ ଫୁଟ, ଅର୍ଥାତ୍ ପ୍ରାୟ ୩ ମାଇଲରୁ ଅଧିକ । ଏହା ଆମେରିକାରେ ଅବସ୍ଥିତ । ଗୋଟିଏ ସାଧାରଣ କୂପ ଖୋଦନରେ ପ୍ରାୟ ୨ । ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।

କୂପ ଖୋଦନ ପ୍ରଣାଳୀ ଦ୍ବିବିଧ । ଉଭୟ ପ୍ରଣାଳୀରେ ବ୍ୟବହୃତ ଜିନିଷ ଏବଂ ଯନ୍ତ୍ରପାତି ମଧ୍ୟରେ ପ୍ରାୟ ୯୦ ଫୁଟରୁ ୧୩୪ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଲୌହନିର୍ମିତ ମଞ୍ଚ (der rick) ପ୍ରଧାନ । ଅଗଭୀର କୂପମାନଙ୍କ ପାଇଁ ସାଧାରଣତଃ ଏହିମଞ୍ଚ ୩ ଗୋଟି ଲୁହାକାଠ ଦ୍ବାରା ନିର୍ମିତ ହୋଇଥାଏ । ଏହି ମଞ୍ଚର ଉପର ଭାଗରେ ଏକ ଚକା ବା (pulley) ଥାଏ । ଏହି ଚକାର ଉପର ଦେଇ ଗୋଟିଏ ୧ ଇଞ୍ଚ ବ୍ୟାସ ବିଶିଷ୍ଟ ଲୁହାତାରର ଦଉଡ଼ି ଯାଇଥାଏ । ଏହି ଦଉଡ଼ିର ଏକଅଂଶ ଗୋଟିଏ ଲଟେଇ (winch) ଉପରେ ଗୁଡ଼ା ହୋଇଥାଏ ଏବଂ ଏହି ଲଟେଇ ସାହାଯ୍ୟରେ ଦଉଡ଼ିର ଦୈର୍ଘ୍ୟର ପରିବର୍ତ୍ତନ କରାଯାଇ ଥାଏ । ଦଉଡ଼ିର ଅନ୍ୟ ଅଂଶର ଶେଷ ଭାଗରେ ଖୋଦନକାରୀ ଯନ୍ତ୍ର ବନ୍ଧାଯାଇ ଥାଏ । ଖୋଦନକାରୀ ଯନ୍ତ୍ର ଛେଣୀ ଆକାରର (Chisel) ଏବଂ ଏହାର ଓଜନ ବଢ଼ାଇବା ପାଇଁ ଏହାର ଉପର ଭାଗରେ ଏକସ୍ଥୂଳ ଲୌହ ନିର୍ମିତ ଦଣ୍ଡ ଖଞ୍ଜାଯାଇ ଥାଏ । ଏକ ଲିଭର (Lever) ଦ୍ବାରା ଏହି ଦଉଡ଼ିକୁ ଉପରକୁ ଉଠାଯାଇ ପୁଣି ତଳକୁ ପକାଯାଏ । ଫଳରେ ଖୋଦନକାରୀ ଯନ୍ତ୍ର ଠିକ୍ ଶାବଳପରି କାର୍ଯ୍ୟକରେ ଏବଂ ମାଟି ଖୋଳେ । କୂପର ଆକାର ଗୋଲାକାର କରିବା ପାଇଁ ଊର୍ଦ୍ଧ୍ୱ-ଅଧଃ ଗତି ସଙ୍ଗେ ସଙ୍ଗେ ଖୋଦନକାରୀ ଯନ୍ତ୍ରକୁ ଏକ ବ୍ରେସ୍‌ହେଡ୍ [brace head] ସାହାଯ୍ୟରେ କ୍ରମେ କ୍ରମେ ଘୂରାଇ ଦିଆଯାଇଥାଏ । କିଛିଦୂର ଖୋଦନ ପରେ ଏହି ଯନ୍ତ୍ରକୁ ଉପରକୁ ଉଠାଇ ନିଆଯାଏ ଏବଂ ଦଉଡ଼ିର ଶେଷ ଭାଗରେ ଏକ ବାଲିକା ଉଦ୍ଧାରକାରୀ ଯନ୍ତ୍ର [ Sand Pump ] ବାନ୍ଧି ଦଉଡ଼ିକୁ ପୁଣି କୂପ ଭିତରକୁ ପକାଇ ଦିଆଯାଏ । ଏହି Sand Pump ଗର୍ତ୍ତଭିତରୁ ବାଲିମାଟି ଉପରକୁ କାଢ଼ିଆଣେ । ଏ ପ୍ରକାର କୂପ ଖୋଦନକୁ ( Percussive boring ) କୁହାଯାଏ । ଏହି ପ୍ରଣାଳୀ ଦ୍ବାରା କେବଳ ୨୦୦୦ ଫୁଟ ପର୍ଯ୍ୟନ୍ତ ଗଭୀର କୂପ ଖୋଳାଯାଇ ପାରେ ।

କିନ୍ତୁ ଆଜିକାଲି ତୈଳକୂପ ଖୋଦନରେ ପ୍ରଧାନତଃ (Rotary boring) ପ୍ରଣାଳୀ ବ୍ୟବହାର କରାଯାଇଥାଏ । ଏହା କମ୍ ସମୟସାପେକ୍ଷ, ଶସ୍ତା ଏବଂ ବେଶୀ ଗଭୀରକୁ ଖୋଦନ କରିପାରେ । ଏହି ପ୍ରଣାଳୀରେ ଖୋଦନକାରୀ ଯନ୍ତ୍ର ଦଉଡ଼ିର ଶେଷ ଭାଗରେ ବନ୍ଧା ନଯାଇ ଖନନ କାରୀ ଦଣ୍ଡର (boring rod) ଶେଷ ଭାଗରେ ଯୋଡ଼ାଯାଇଥାଏ । ଖନନକାରୀ ଏହି ଦଣ୍ଡର ଭିତର ପୋଲ ଏବଂ ଏହା ଏକପରେ ଏକ ଜୋଡ଼ା ଯାଇ ଥାଏ । (Screw joint) ଏହି ଖନନକାରୀ ଦଣ୍ଡକୁ ଘୂରାଇବାଦ୍ବାରା ଖନନକାରୀ ଯନ୍ତ୍ର ମଧ୍ୟ ଘୂରେ ଏବଂ ଉପରସ୍ଥ ଖନନକାରୀ ଦଣ୍ଡମାନଙ୍କର ଓଜନ ହେତୁ ମାଟି ଖୋଳିଚାଲେ । ଖନନକାରୀ ଦଣ୍ଡକୁ ଘୂରାଇବା

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

---

ପାପ ଯେଉଁଥି ପାଇଁ ଜୀବନ ଯାକ ସେ ସଙ୍କୁଳ ହେଉଥିବ ? ହେଉ ଦର୍ପଣରେ ଦେଖନ୍ତୁ—ନିଜକୁ ଓ ମତେ, ଭଲକରି ଥରେ—ମତେ ଦେଖିଲେ ସେ ଆପଣଙ୍କ ଆଡ଼େ ଆଡ଼ ଆଖିରେ ଥରେ ଅନେଇବ ? ଯାଆନ୍ତୁ ଆପଣ, ଆପଣ ପ୍ରେମର ଉପଯୁକ୍ତ ନୁହନ୍ତି । ଯଦି ଆପଣ ଦୁଃଖିତ ନହେବେ ତେବେ କହିବି ଆପଣ ଗୋଟିଏ କଥା ପାଇଁ ଉପଯୁକ୍ତ,—ବଟଗଛ ମୂଳେ ବସି ଚିଠିର ଖବର କଲମ ଲଗା ଇବାନ୍ତୁ, ଆପଣ ଖଲିଫା—

ଛାତିରେ ବାଡ଼ା ଛକ ପକାଇ ସିଧା ହୋଇ ସେ ଠିଆ ହେଲାଣି, ଚଷମା ଆଢ଼ୁଆଳରୁ ହୃତ ପ୍ରତିଷ୍ଠର ତେଜ । ଆଉ ମୁହୂର୍ତ୍ତେ ନୁହେଁ,—ଅଦ୍ଭୁତ ହେଲା ପରି ପଛେଇ ପଛେଇ ପର୍ଦ୍ଦା ଠେଲି ହଠାତ୍ ସେ ଆଗନ୍ତୁକ ଡର ଡର ହୋଇ ପଦାକୁ ଚାଲିଗଲା । ଏହି ଯେପରିକି ଆଶାର ଶେଷ, ଛାତି ଦବି ଯାଉଛି, ଦେହ ଥରୁଛି । କେତେ ଦୂରରୁ ରେଲ୍ ଚଢ଼ି ମଟର ଚଢ଼ି ସେ ଧାଇଁ ଆସିଥିଲା । ଆପଣାକୁ ଆପେ ସାନ୍ତ୍ୱନା ଦେଲା—"ଅହ.—ଆହା—ଆହା—" । ବ୍ୟର୍ଥତାରେ ଝାଙ୍କି ହୋଇ ଟଳି ଟଳି ସେ ଚାଲିଗଲା ।

ଦୋଛକରେ ପାନ ଦୋକାନ ଡାକ ପକାଇଲା "ବାବୁ ବାବୁ, ଏତେ ଡର ଡର କାହିଁକି ? ଶୁଣି ଯାଅ, କଣ ହେଲା ?"

ସେ ଶୁଣିଲା ନାହିଁ । ପାନ ଦୋକାନର ବିକୃତ ଦର୍ପଣରେ ଦେଖିଲା ଜଣେ କିଏ ମୁହଁ ବୁଲେଇ ଦେଇ କାଠ ଫ୍ରେମ୍ ସେ ପାଖେ ଅଦୃଶ୍ୟ ହେଉଛି, ଦର୍ପଣରେ ଜୀଅନ୍ତା ଦୁନିଆର ଚଳନ୍ତ ଛବି ଦେଖେ, ସେଠି ସେ ନାହିଁ ।



Digitized by srujanika@gmail.com

ହଂସପୁର

# ବଡ ମଣିଷର ପୁରା ମୌଜା

[ ଗୃହ ଭଣ୍ଡାର ମଉଜା ପାଟର୍ଣ ]

ଲେଖିକା—ଶ୍ରୀମତୀ ପ୍ରମିଳା ସାହୁ

ମଉଜା ଏକ ହଳ ବୁଣିବା ପାଇଁ ଯେଉଁ ପ୍ରୟୋଜନ ମୁଁ ଆପଣ ମାନଙ୍କୁ କହୁଦେଉଛି । ଏଠାରେ ୩ ପ୍ଲାଏ ଉଲ୍, ୪ଟି ୧୨ ନମ୍ବରର କଣ୍ଟା, ଏଇ କଣ୍ଟାର ୨ପାଖ ସମାନ ମୁନ ଥିବ ।

ବର୍ତ୍ତମାନ ମଉଜା କିପରି ବୁଣିବାକୁ ହେବ ଦେଖନ୍ତୁ । ପ୍ରଥମେ ୧୦୦ଘର ନିଅନ୍ତୁ ଆଉ ଆଠ ଅଙ୍ଗୁଳି ପର୍ଯ୍ୟନ୍ତ ଏକ ସିଧା ଏକ ଓଲଟା ବୁଣିଦିଅ । ତାପରେ ଘର ମଝିରେ ମଝିରେ ଯୋଡ଼ା ବୁଣି କମ୍ କର ; ଏଥର ୯୧ଘର ରହିଲା । ସେଇ ୯୧ଘର ବୁଣିବାକୁ ହେବ । ଗୋଇଠି ପର୍ଯ୍ୟନ୍ତ ବୁଣିବାକୁ ହେବ । ଗୋଇଠି ପର୍ଯ୍ୟନ୍ତ ୯ଅଙ୍ଗୁଳି ହେବା ଯାଏଁ ବୁଣ । ଏଇ ୯୧ଘରର ବୁଣା ୪ସିଧା ୧ଓଲଟା ବୁଣିବାକୁ ହେବ । ଗୋଇଠି ପର୍ଯ୍ୟନ୍ତ ବୁଣି ଦୁଇ କଣ୍ଟାରେ ସମାନ କରି ଘର ନେବାକୁ ହେବ । ଗୋଟିଏ କଣ୍ଟାର ବୁଣା ସେମିତି ରଖିଦିଅ । ଆଉ ଗୋଟିଏ କଣ୍ଟାର ଯେଉଁ ଘରସବୁ ଅଛି ତାକୁ ବୁଣ:—ଗୋଟିଏ ଧାଡ଼ି ସିଧା ଗୋଟିଏ ଧାଡ଼ି ଓଲଟା । ଏଥର ୪ଧାଡ଼ି ବୁଣି ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଗୋଟିଏ ଲେଖା ଘର ବନ୍ଦକର । ୨୭ କିମ୍ବା ୨୫ଘର ରହିବା ପର୍ଯ୍ୟନ୍ତ ବୁଣ । ତାପରେ ପୁଣି ଯେପରି ଦୁଇ ପାଖରେ ଘର ମରି ଯାଇଛି ସେପରି ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଦୁଇ ପାଖରୁ (ଅର୍ଥାତ୍ ଯେଉଁ ଘର ଗୁଡ଼ିକ କମ୍ କରି କରି ଯେଉଁ ନିମ୍ନରୁ ଫେରି ବୁଣାଟା ହୋଇଛି) ତାର ଦୁଇ କଡ଼ରୁ ଯେତେଟା ଘର ମରି ହୋଇଛି ସେତିକିଟା ଘର ଉଠାଇବାକୁ ହେବ ସବୁ ହୋଇ ଯେପରି ୯୧ଟି ଘର ରହିବ । ପାଦ ମାପ ଅନୁସାରେ ବୁଣି ଚାଣି ଅଙ୍ଗୁଠି ପର୍ଯ୍ୟନ୍ତ ଆସିଲେ ପୁଣି ଅଳ୍ପେ ଅଳ୍ପେ ଘର କମ୍ କରିବାକୁ ହେବ । ଘର କମ୍ କରିବାକୁ ହେଲେ ଦୁଇ କଣ୍ଟାରୁ ଦୁଇଟି ଘର ଏକ ସଙ୍ଗେ ଯୋଡ଼ା ବୁଣିବ । ପୁଣି ଏପାଖେ ଏକ ସଙ୍ଗେ ଯୋଡ଼ା ବୁଣିବ । ବୁଢ଼ା ଅଙ୍ଗୁଠି ପର୍ଯ୍ୟନ୍ତ ଆସିଲେ ସେପରି ଭାବରେ ଘର କମ କରିବାକୁ ହେବ । ତାପରେ ୫ କି ୬ଟା ଘର ସାହା ରହିବ ଗୋଟିଏ କଣ୍ଟାରେ ୬ଟା ଅନ୍ୟ କଣ୍ଟାରେ ୬ଟା ଦୁଇଟା ଏକ ସଙ୍ଗେ ଯୋଡ଼ାଯୋଡ଼ା କରି ବନ୍ଦ କରିବାକୁ ହେବ । ଏହା ଗୋଟିଏ ଫୁଲ୍ ମଉଜା ହେଲା । ଅନ୍ୟ ମଉଜାଟି ମଧ୍ୟ ଏପରି ବୁଣିବାକୁ ହେବ । [ ଏ ଆଇ ଆର ସୌଜନ୍ୟ ]

---

ପାଇଁ ସାଧାରଣତଃ ବାଷ୍ପ-ଚାଳିତ ଯନ୍ତ୍ର ବ୍ୟବହାର କରା ଯାଇଥାଏ । ଏବଂ ଏହି ବାଷ୍ପ ବଏଲର୍ (boiler) ମାନଙ୍କର ତୈଳ-ଖଣିରୁ ମିଳୁଥିବା ଗ୍ୟାସ୍ ଜାଳି ତିଆର କରାଯାଇଥାଏ । ବାଷ୍ପ ଇଞ୍ଜିନ୍ ରେଲଗାଡ଼ି ଇଞ୍ଜିନ୍ ଭଳି ଏକ crank ଘୂରାଏ ଏବଂ ଏହି crank ଚେନ୍‌ଦ୍ୱାରା ଏକ rotary tableକୁ ଘୂରାଏ ଏବଂ rotary table ଖନନକାରୀ ଦଣ୍ଡକୁ ଘୂରାଏ । କୂପଭିତର ଖୋଦିତ ମୃତ୍ତିକା ଉଦ୍ଧାର କରିବା ଲାଗି ଖନନକାରୀ ଦଣ୍ଡ ମଧ୍ୟସ୍ଥ ଛିଦ୍ର ଦେଇ କାଦୁଅ ପାଣି (mud) ଗାତ ଭିତରକୁ ପମ୍ପ କରାଯାଏ । ଏହି mud ଗାତ ଭିତରୁ ବାଲିମାଟି ଉପରକୁ କାଢ଼ିଆଣେ । ଏହି ପ୍ରଣାଳୀରେ ଖନନକାରୀ ଯନ୍ତ୍ର ବାରମ୍ବାର ଉଠାଇ ଗର୍ତ୍ତ ସଫା କରିବାର ପ୍ରଥା ନାହିଁ । ତେଣୁ ଏକସଙ୍ଗେ ଅନେକ ବେଳ ପର୍ଯ୍ୟନ୍ତ ଖନନ କରାଯାଇ ପାରେ । ଏକ ଖନନକାରୀ ଦଣ୍ଡକୁ ଉଠାଇ ତାହାର ଉପର ଭାଗରେ ଅନ୍ୟ ଏକ ଦଣ୍ଡ ଯୋଡ଼ି ଦିଆଯାଏ ।

ଏହି କୂପମାନଙ୍କର ବ୍ୟାସ ପ୍ରାୟ ୧୨ ଇଞ୍ଚଠାରୁ ୩ ଇଞ୍ଚ ପର୍ଯ୍ୟନ୍ତ । କୂପ ଯେତେ ଗଭୀରକୁ ଯାଏ ତାର ବ୍ୟାସ ସେତେ କମାଇ ଦିଆଯାଏ । କୂପ ଖୋଦନ ପରେ ଏହାକୁ ଚତୁଃପାର୍ଶ୍ୱସ୍ଥ ବାଲି ମାଟି ଦ୍ୱାରା ପୋତି ହୋଇ ପଡ଼ିବ, ସେଥିପାଇଁ ଏହା ଭିତରେ ଏକ ଲୁହାନଳୀ ସିମେଣ୍ଟ ଦ୍ୱାରା ବସାଇ ଦିଆଯାଏ ।

କୂପଖୋଦନ ପରେ ତହିଁରୁ ତୈଳୋଦ୍ଧାର-ପ୍ରଣାଳୀ ମଧ୍ୟ ଅନେକ ରକମର । ଅନେକ ସମୟରେ ତୈଳସ୍ତରର ଗ୍ୟାସଦ୍ୱାରା ନିଜେ ନିଜେ ଝରଣା ଆକାରରେ ଉପରକୁ ଉଠିଆସେ । ଏହାକୁ flowing Well କହନ୍ତି । ଅନ୍ୟଥା ଏହି ତୈଳକୁ ପମ୍ପ ସାହାଯ୍ୟରେ ଉପରକୁ ଉଠାଯାଏ । କିନ୍ତୁ ଅତି ଗଭୀର କୂପ ମାନଙ୍କରେ ପମ୍ପ କାମ କରେ ନାହିଁ । ସେଠାରେ କୂପ ଭିତରେ ଗ୍ୟାସ୍ ଭର୍ତ୍ତି କରାଯାଏ । ଏହି ଗ୍ୟାସ ତୈଳର ସ୍ଥାନ ଦଖଲ କରେ ଏବଂ ତୈଳ ଉପରକୁ ଉଠେ । ପୃଥିବୀ ଗର୍ଭରୁ ଏହିପରି ଭାବରେ ଉଦ୍ଧୃତ ଖଣିଜ ତୈଳ ଅନେକ ପରିମାଣରେ ଗ୍ୟାସ ଏବଂ ଜଳ ଧାରଣ କରିଥାଏ । ଏହି ତୈଳ ପ୍ରଥମେ Settling Tankକୁ ନିଆଯାଏ । ସେଠାରେ ସବୁଠାରୁ ବେଶୀ ଓଜନ ହେବାରୁ ପାଣି ତଳେ, ତା ଉପରେ ତୈଳ, ଏବଂ ସର୍ବୋପରି ଗ୍ୟାସ୍ ଜମାହୁଏ । ସେଠାରୁ ତୈଳ ଜାଡ଼ି ନିଆଯାଇ ପରିଷ୍କାରକକୁ ପମ୍ପସାହାଯ୍ୟରେ ପଠାଇ ଦିଆଯାଏ ।

ଏହି ପରିଷ୍କାରକରେ ତୈଳ ଶୋଧନ କରାଯାଏ । ଶୋଧନ ପ୍ରକ୍ରିୟା ଦୁଇଟି Distilation Towerରେ ହୋଇଥାଏ । ଏହି ଡିଷ୍ଟିଲେସନ ଟାବାରରୁ ବିଭିନ୍ନ ଉତ୍ତାପ ଦ୍ୱାରା ବାଷ୍ପୀକୃତ ହେଉଥିବା ବିଭିନ୍ନ ତୈଳ ଉଦ୍ଧାର କରାଯାଏ । ଏମାନଙ୍କ ମଧ୍ୟରେ ପେଟ୍ରୋଲ, କିରାସିନି ପ୍ରଧାନ । ଏହାଛଡ଼ା ଖଣିଜ ତୈଳରୁ ଲୁବ୍ରିକେଟିଂ ତୈଳ(mobil oil), ଡିଜେଲ୍ ଅଏଲ୍, ଭେସେଲିନ୍ ଆଦି ମଧ୍ୟ ମିଳିଥାଏ । ଏହାଛଡ଼ା ତୈଳଖଣିପ୍ରାପ୍ତ ଗ୍ୟାସ୍‌ରୁ ଗ୍ୟାସୋଲିନ୍ ତିଆର କରାଯାଇଥାଏ । ଆଜିକାଲିର ଉଡ଼ାଜାହାଜ ଏହି ଗ୍ୟାସୋଲିନ୍ ଦ୍ୱାରା ଚଳେ । ଉପରୋକ୍ତ ଖଣିଜ ତୈଳରୁ ପ୍ରସ୍ତୁତ ବସ୍ତୁମାନଙ୍କ ମଧ୍ୟରେ ପାରାଫିନ୍ ୱାକ୍ସ [ମହମ] ପ୍ରଧାନ । ମହମ, ବତୀ ତିଆରି, ରଙ୍ଗ କାରଖାନା, ଦିଆସିଲି କାରଖାନାରେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ । ଏହା ଛଡ଼ା, ଖଣିଜତୈଳରୁ ପିଚ୍, ମାଲେରିଅଲ (ମଶାତେଲ) ଆଦି ମଧ୍ୟ ମିଳିଥାଏ । ଆଜିକାଲିର ଅନେକ ରକମର ରଙ୍ଗ, ବାସନା ଅତର, ଅନେକ ପ୍ରକାରର ଔଷଧ ଆଦି ମଧ୍ୟ ଖଣିଜ ତୈଳ ଏବଂ କୋଇଲାରୁ ତିଆରି କରାଯାଇଥାଏ ।

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )



Digitized by srujanika@gmail.com

# କଟକ ବେତାର କେନ୍ଦ୍ର

[ପୂର୍ବ ପ୍ରକାଶିତ ପରରୁ]

ଲେ—ହରିହର ପ୍ରସାଦ ମହାନ୍ତି

ପୂର୍ବରୁ କଟକ ବେତାର କେନ୍ଦ୍ରର ନାଟକ, ଗ୍ରାମ୍ୟ ସଙ୍ଗୀତ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲି। ଏଥର ଲେଖିବାକୁ ଯାଉଛି ରେକର୍ଡ ସଂଗୀତ, ଚଳଚ୍ଚିତ୍ର ସଂଗୀତ ଓ ପ୍ରୋଗ୍ରାମ ସମ୍ବନ୍ଧରେ ପଦେ ଅଧେ।

ପ୍ରାୟ ପ୍ରତିଦିନ ସନ୍ଧ୍ୟା ୫.୪୫ ରେ କଟକ ବେତାର କେନ୍ଦ୍ରରୁ ଚଳଚ୍ଚିତ୍ର ସଂଗୀତର ରେକର୍ଡ ବଜାଯାଏ ଓ ଦିନ ମଧ୍ୟରେ କେବଳ ଏଇ ୧୫ ମିନିଟ୍ ଓ କେତେକ ଦିନ ୧.୪୦ରେ ମଧ୍ୟ ଚଳଚ୍ଚିତ୍ର ସଂଗୀତ ପ୍ରଚାର କରାଯାଏ। ତା ଛଡ଼ା ଖୁବ୍ କମ ସମୟରେ 'ଗୀତ' ମଧ୍ୟ ପ୍ରଚାର କରାଯାଏ। ମାତ୍ର ଯେ କେହି ଶ୍ରୋତା ଯଦି ମାତ୍ର ୩ଦିନ କଟକର ଚଳଚ୍ଚିତ୍ର ରେକର୍ଡ ଅନୁଷ୍ଠାନ ଶୁଣେ, ତେବେ ସେ ବେଶ୍ ଜାଣି ପାରିବ ଯେ ଗୋଟିଏ ରେକର୍ଡ କେତେଥର ବଜା ଯାଉଛି। ତା ଛଡ଼ା ଯେଉଁ ଚଳଚ୍ଚିତ୍ରର ସଂଗୀତ ସବୁ ଶୁଣିବାକୁ ମିଳେ, ସବୁ ଅତି ପ୍ରାଚୀନ କାଳର ଚଳଚ୍ଚିତ୍ର, ଯାହାର ନାଁ ହୁଏତ ଅନେକ ଶୁଣି ନଥିବେ। କଟକରୁ ପ୍ରାୟ ସବୁବେଳେ ଘୁଂଘଟ, ମାନସରୋବର ଗରମିଲ୍, ଭକ୍ତ ସୁରଦାସ, ସନ୍ଥ ତୁଳସୀ ଦାସ ରାମରାଜ୍ୟ, ବେଲ୍ଲା, ଲୀଲି, ହାରଜିତ୍, ଅଞ୍ଜନ ଝୁଲ ଇତ୍ୟାଦି ଅତି ପୁରୁଣା ଚଳଚ୍ଚିତ୍ରର ସଂଗୀତ ସବୁ ପ୍ରଚାର କରାଯାଏ। ଚଳଚ୍ଚିତ୍ର ଜଗତରେ ନୂତନ ସଂଗୀତର ବହୁଳ ପ୍ରଚାର ଓ ଲୋକ ପ୍ରିୟତା ବେଳେ ଯଦି କଟକ ବେତାର କେନ୍ଦ୍ର ଏଇ ପ୍ରକାର ଚଳଚ୍ଚିତ୍ର ରେକର୍ଡ ସବୁ ବଜାନ୍ତି, ତେବେ ଶ୍ରୋତାମାନେ ଯେ କି ଆଗ୍ରହର ସହିତ ସେ ସବୁକୁ ଶୁଣୁଥିବେ ସେ କଥା ବେତାର କେନ୍ଦ୍ର କର୍ତ୍ତୃପକ୍ଷ ନିଜେ ବେଶ୍ ଅନୁଭବ କରି ପାରୁଥିବେ। ଅଧିକା ଲେଖିବା ଅନାବଶ୍ୟକ। ଏପରିକି ଅତି ଆଧୁନିକ ଚଳଚ୍ଚିତ୍ରର ସଂଗୀତ ବାରମ୍ବାର ଶୁଣିବା ଦ୍ୱାରା ବିରକ୍ତି ଆସେ, ମାତ୍ର ପୁରାତନ ଚଳଚ୍ଚିତ୍ର ସଂଗୀତ ବାରମ୍ବାର ଶୁଣିଲେ କଣ ହେବ? କର୍ତ୍ତୃପକ୍ଷ ଚିନ୍ତାକରି ଦେଖିବେ କି?

ପ୍ରତି ବୁଧବାର ସନ୍ଧ୍ୟା ୮ଟାରେ ଓ ରବିବାର ସନ୍ଧ୍ୟା ୭.୪୫ ରେ ଶ୍ରୋତାମାନଙ୍କର ଅନୁରୋଧରେ ରେକର୍ଡ ସଂଗୀତ ଶୁଣାଯାଏ। ମାତ୍ର ତାହା କେବଳ ୨୦ ମିନିଟ ପାଇଁ। ଆଶ୍ଚର୍ଯ୍ୟ ଲାଗେ —ଦିଲ୍ଲୀ, ପାଟଣା, କଲିକତା ପ୍ରଭୃତି ବେତାର କେନ୍ଦ୍ରରେ "ଅନୁରୋଧ ଆସର" ଏକ ଘଣ୍ଟା ସମୟ ଦିଆ ଯାଉଥିବା ସ୍ଥଳେ, କଟକ ବେତାର କେନ୍ଦ୍ର କଣ ଅଧଘଣ୍ଟା ସମୟ ଦେଇ ପାରୁ ନାହାନ୍ତି। ଏଣୁ ତେଣୁ ଶ୍ରୁତିକଟୁ ପ୍ରୋଗ୍ରାମ ପାଇଁ ସମୟ ଅଛି। କଲିକତାରୁ ପ୍ରତିଦିନ ୮.୩୦ ରେ ଘଣ୍ଟାଏ କରି ପ୍ରୋଗ୍ରାମ ଶୁଣାଇବାକୁ ବେଳ ଅଛି, କିନ୍ତୁ 'ଅନୁରୋଧ ଆସର' ପାଇଁ ସମୟ ନାହିଁ? ଆଜିକାଲି ୮୦% ଶ୍ରୋତାମାନେ ଚଳଚ୍ଚିତ୍ର ସଂଗୀତ ଓ ଆଧୁନିକ ଗୀତ ଶୁଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରନ୍ତି। ମାତ୍ର କଟକରେ ସେଇ ଦୁଇଟି ଜିନିଷକୁ ଖୁବ୍ ଅବହେଳା କରାଯାଏ। ତାର କାରଣ Programmeକୁ କିପରି interesting କରିବାକୁ ହୁଏ ସେ ବିଷୟରେ କର୍ତ୍ତୃପକ୍ଷ କେବେ ଭାବିବାକୁ ଚେଷ୍ଟା କରୁ ନାହାନ୍ତି।

ପ୍ରତି ଦିନ ସକାଳ ୭.୧୦ରେ ଗୋଟିଏ ଗୋଟିଏ ଅତି ବିଚିତ୍ର ଖେୟାଲର ରେକର୍ଡ ସଂଗୀତ ପ୍ରଚାରିତ ହେଉଛି। କିନ୍ତୁ ସେଇ ସ୍ଥାନରେ ପ୍ରତିଦିନ ଗୋଟିଏ ଗୋଟିଏ ଜାତୀୟ ସଂଗୀତ ପ୍ରଚାର କଲେ କଣ ମନ୍ଦ ହୁଅନ୍ତା କି?

'ଶରୀରକୁ ସୁସ୍ଥ ରଖନ୍ତୁ' ଅନୁଷ୍ଠାନ ପ୍ରତିଦିନ ସକାଳ ୭.୫୫ରେ ପ୍ରଚାରିତ ହେଉଛି। ମାତ୍ର ୫.୩୦ରେ ସକାଳ ହେଉଥିବା ବେଳେ ୭.୫୫ରେ କେହି ବ୍ୟାୟାମ କରନ୍ତି ନାହିଁ। ତେବେ ବ୍ୟାୟାମର ରିହର୍ସାଲ୍ କରିଲାଭ କଣ? କେବଳ ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧରେ ଗୋଟିଏ ଗୋଟିଏ [essay] ପ୍ରଚାର କରାଗଲେ ବେଶ୍ ହୁଅନ୍ତା।

କଟକ ବେତାର କେନ୍ଦ୍ରରେ ଗାୟକ ସହିତ ଯେଉଁ ମାନେ ବାଦ୍ୟ ଯନ୍ତ୍ର ବଜାନ୍ତି, ସେମାନେ ଭାବନ୍ତି ନାହିଁ ଯେ ଗାୟକର ଗୀତ ପ୍ରଚାର କରାଯାଉଛି ବୋଲି, ସେମାନେ ଭାବନ୍ତି ଯେ ସେମାନଙ୍କର ବାଦ୍ୟଯନ୍ତ୍ର ହିଁ ପ୍ରଚାର କରାଯାଉଛି। କୌଣସି ଶିଳ୍ପୀ ଗୀତ ଗାଇବା ବେଳେ ବାଦ୍ୟଯନ୍ତ୍ର ଏପରି ଭାବରେ ବାଜୁଥାଏ ଯେ, ଶିଳ୍ପୀର ସ୍ୱର ତହିଁରେ ଲୁଚି-ଯାଏ ଓ ବାଦ୍ୟ ଯନ୍ତ୍ର ପରିଷ୍କାର ହୋଇ ଶୁଣା ଯାଉଥାଏ। ଢାକା ବେତାର କେନ୍ଦ୍ରରେ କୌଣସି ଗୋଟିଏ ଗୀତ ଓ କଟକ ବେତାର କେନ୍ଦ୍ରର ଗୋଟିଏ ଗୀତ ତୁଳନା କରି ଦେଖିଲେ, ଏ ପ୍ରକାର ଅପ୍ରୀତି-କର ତ୍ରୁଟି ଦେଖିବାକୁ ମିଳେ। ଗାୟକ ଗାଇବା ସମୟରେ ଖୁବ୍ ଧୀର ଭାବରେ ବାଦ୍ୟ-ଯନ୍ତ୍ର ବଜା ଯିବା ଉଚିତ, ନଚେତ୍ ତାହା ଏକ ପ୍ରକାର ପାଲାରେ ପରିଣତ ହୁଏ।

ଏ ସବୁ ଛଡ଼ା କଟକରୁ ଓଡ଼ିଆର ଆଧୁନିକ ଗୀତ, ପଲ୍ଲୀ ଗୀତ, ଭଜନ, ଛାନ୍ଦ ଓ ଚମ୍ପୂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଦରକାର। ଦିନେ ଦିନେ ୧୫ମିନିଟ କେବଳ ଓଡ଼ିଆରେ ଆଧୁନିକ ଗୀତ ସବୁ ରେକର୍ଡ ଦ୍ୱାରା ପ୍ରଚାରିତ କରାଯାଆନ୍ତା—ଅନ୍ୟ ଦିନେ ଦିନେ ପଲ୍ଲୀ ଗୀତ ଓ ଭଜନ ଇତ୍ୟାଦି ସେହି ପରି ପ୍ରଚାର କରାଯାଆନ୍ତା! ଦିନେ ଦିନେ ଓଡ଼ିଶୀ, ଚମ୍ପୂ ଓ ଛାନ୍ଦ ଇତ୍ୟାଦି ପ୍ରଚାର କରା ଯାଆନ୍ତା।

[ଅବଶିଷ୍ଟାଂଶ ୧୩ ପୃଷ୍ଠାରେ ଦେଖନ୍ତୁ]

ସର୍ବୋପରି ବର୍ତ୍ତମାନ ଯୁଗର ଯୁଦ୍ଧ ସରଞ୍ଜାମ ମାନଙ୍କରେ ପେଟ୍ରୋଲର ଆବଶ୍ୟକତା ଅତିବେଶୀ, ଏବଂ ଯେଉଁ ଦେଶ ଖଣିଜ ତୈଳ ସମ୍ପଦରେ ଯେତିକି ପରିମାଣରେ ଧନୀ ସେ ଦେଶ ସେତିକି ଆଗେଇ ଚାଲିଛି। ଏହାଛଡ଼ା ଦୈନନ୍ଦିନ ଜୀବନରେ ମଧ୍ୟ ଔଷଧଠାରୁ ଆରମ୍ଭ କରି, ରଙ୍ଗ, ଅତର ଆଦି ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଏବଂ ଜାଳିବା ପାଇଁ କିରୋସିନର ଦରକାରିତା ସହଜରେ ଅନୁମେୟ। ଅବଶ୍ୟ ଆଜିକାଲି ପରମାଣୁ ଶକ୍ତିକୁ [atomic euergy] ଯାନାଦିର ଶକ୍ତିରୂପେ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଅଛି। ଏବଂ ଏହା ସଫଳ ହେଲେ ପେଟ୍ରୋଲର ଆବଶ୍ୟକତା ଅନେକ କମିଯିବ। କିନ୍ତୁ ପରମାଣୁ ଶକ୍ତିର ମୂଳ ରେଡ଼ିୟମ୍ ବା ଇଉରାନିୟମ୍ ପୃଥିବୀ ପୃଷ୍ଠର ଶିଳାମାନଙ୍କରେ ଏତେ କମ ପରିମାଣରେ ଅଛି ଯେ ପେଟ୍ରୋଲ ଦ୍ୱାରା ସମାହିତ ସମସ୍ତକାର୍ଯ୍ୟ ଏହା ସାହାଯ୍ୟରେ କରାଗଲେ ହୁଏତ ଏହା ଅଚିରେ ଶେଷ ହୋଇଯାଇ ପାରେ।



Digitized by srujanika@gmail.com

# ପୁରୀ ଗଣ୍ଡଗୋଳ

ଲେ—ସୁଶୀଳ ମୋହନ

( ୧ )

ଜଗବନ୍ଧୁ ତୁମେ ଭଲ
ତୁମେ ବଡ଼ ଦାରୁଣ
କଳେବର ହେଲ ଭଲ ଭଲ ବଲ
କେତେ ସନ୍ୟାସୀଙ୍କ ଭକ୍ତ ପରାଣ ।

[ ୨ ]

ଶ୍ରୀବତ୍ସ ଲାଞ୍ଛିତ ପଦ ହୃଦେଧର
ଦେଖାଅ ଭଗତ ବତ୍ସଳ ପଣ,
ସେ ଭଣ ଶୁଣିବା ପାଇଁ ନାଥହେ
ପୋଲିସ ରୂପକୁ କଲ ଧାରଣ
ଲାଠି ବାହନ
ଯଶୋଦା ଧନ!
ଛଟ ମାଡଦେଇ କଲ ତାରଣ ।

[ ୩ ]

କେତେ ହୁବୁ କେତେ ସାଧୁ ଆସିଥିଲେ
ନୂଆ କଳେବର ଦେଖା କାରଣ,
ବଡ ଦାଣ୍ଡ ପରେ ଥିଲେ ବସିଣ ହେ
ପୂଜା ଜପ କରି ଧୂନି ଜାଳିଣ
ହୋଇଲ ମଗନ ଚକ୍ଷୁ ମୁଦିଣ
ସାଧିଲ ସାଧୁଙ୍କୁ ଲାଠି ମାଡ଼େଣ ।

[ ୪ ]

ବାବା ଚୋର ବୋଲି ଲୋକେ କହୁଥାନ୍ତି
ଚୋରିଇଲ ତୁମେ ନାରୀ ବସନ
ସେହି ଚୋର ଧନ ଏବେ ଥୋଇଦେଲ
ବାବାଜୀ ମାନଙ୍କ ଝୁଲି ମୁଣେନ
ଚୋର ବୋଲିଣ,
ସାଧୁ ଧରିଣ,
ନେଇଗଲ ତାଙ୍କ ଥାନା ଘରେଣ ।

[ ୫ ]

ଯେ ଦାଢ଼ୀ ରଖିଲୁ ସିଏ ବାବା ହେଲୁ
ଦୋଷେ ତ ନଥିଲୁ ଜଣା ଏମନ
ଦାଢ଼ୀ ଯେଉଁ ଠାରେ ଲାଠି ସେହି ଠାରେ
ଦୋଷୀ ଅଦୋଷୀଙ୍କୁ କଲ ସମାନ,
ମାଡ ଦେଇଣ,
ଦୋଷ ଧୋଇଣ,
ଆଜି ଦେଖୁ ଅଛୁ ନ୍ୟାୟ କଣାଣ ।

[ ୬ ]

ଇସ୍ତାହାର ଦେଇ ବୁଝଇ ଦେଉଛ
ଦାଢ଼ୀଅଙ୍କ ପିଠି ମାଡ଼ ଭକ୍ଷଣ ।
ଅଟେ ମାତ ମାର ପଡେ ବାସ୍ତୁ ଭୋଲ
ସତେ କରିଲକ ରାମ ଶାସନ !
ରାଶି ଦେଇଣ,
ଧିଞ୍ଚ କହିଣ,
ପୋଲିସଙ୍କୁ କର ଘଣ୍ଟ ଘୋଡ଼ଣ ।

[ ୭ ]

ଅହେ ନିତ୍ୟାନନ୍ଦ ଛନ୍ଦମନ୍ଦ ଭଲ
ଦୋଷ ନାହିଁ ଅଉ ଏହି ଭକ୍ଷଣ !
ସନ୍ତ ମାର ଏବେ ଦୁଷ୍ଟଙ୍କୁ ପାଳଣ
ନୂଆ କଳେବରେ ପୂର୍ବ ବିଧାନ ।
ଅହିଂସା-ବାଣ
ଧର ଶାସନ
ସତ୍ୟ ଗୋପନରେ ଭଲା ସର୍ଜନ ।

[ ୮ ]

ଅବୋଧ ଭକତ ନ ବୁଝି ମହତ
ଚପଲ ଚରଣ ତଳେ ଗଡ଼ିଣ,
ଶ୍ରୀରାମ ବାବାଜୀ ପଦେ ପଡିଣ
କରୁଅଛୁ ତୁମ୍ଭ ଗୁଣ ବର୍ଣ୍ଣନ
[ ସୁ ] ଶୀଳ ମୋହନ
ବାଲୁଆ ପ୍ରାଣ-
ହୁକେ ହୁକେ ହୁଆ ହୁଆ କରଣ ।

# ମାଲ୍‌ତୀ ନାନି

[ ସମ୍ବଲପୁରୀ କବିତା ] ଲେ—ପରଶୁରାମ ଶତପଥୀ

[ ୧ ]

ମାଲ୍‌ତି ନାନି ! ଶୁନ୍ ତ ଅଲୋ, କାଇଁ ଶୁନ୍‌ବୁ ନାନି
ସାଙ୍ଗ୍ ସର୍‌ସା ମିଠା ମହାସାଦ୍ କାଇଁ ପାର୍‌ବୁ ଚାଖି ?
ପଏସା ବାଲାର୍ ହାତ୍ ଧର୍‌ଲୁ, ତେ ଗତିଆର୍ ବହି
ରହେନ୍‌ଲୁ ଏନେଁ ଘୁର୍‌ସେଁ ଆଚ, ଖାଏଲୁ ଘି ଯହି ।
ଗରିବ୍ ଘରର୍ ଝି ଆମେଲୋ, ଗରିବ୍ ଦଦା ଭାଏ
ସଭ୍ କହୁଛନ୍ତି, ପେଟ୍ ପୁର୍‌ସି, ଦେଖ୍‌ଲେଁ ଛତେ ଘାଏ !
ପିଲା ଦିନର ମଜର୍ ବଲି ମନ୍ଟା ହେସି ଘଁଟି
ତୁଇ ମୂଜି ଭରି ରହେମୁ ଯଦି ହେଁଟି ପଡ଼ିବା ଫାଟି ।

[ ୨ ]

ଶଗଡ଼ା ଖେଲ୍‌ବ୍ ମୁହୁଁ ଫୁଲ୍ ଡୋର୍, ଛକା ଖେଲ୍‌ବ୍ ଗାଲି
ରେହେଁଟି ଦୁଲାର୍ ମଜା ଟିକାକ ହେତେଇ ହେସୁ ଖାଲି ।
ଦଶରା ମାସର୍ ଭଉଆ, ସତର୍—' ହୁମୋ ' ଛନ୍ଦରେ ଲାଇ
' କାର୍ତ୍ତିକର ପି ର୍‌କ ବୁଡା ' ଭୁଲ୍‌ଲୁ ଆମର ସହି ।

' ଉପାସ କର ' ... ଝୁଣ୍ଟି ଲେଖା ... ଅଏ ଲୁ ତଲର୍ ଭୁଜି
ଢାଁ କର୍‌ମୁ ମାଲତ ନାନି ମନେ ପଡ଼ିସି ବୁଝି ।
ଆଉର୍ ଯଦି ନାଇଁ ଶୁନୁଛୁ ସାଙ୍ଗ୍ ସର୍‌ସାର୍ ଡାକ୍
ଆମର୍ ଦିନ୍‌କାଲ୍ ଆସ୍‌ବା ଦିନେଁ କର୍‌ସେ ଅଧେ ଡାକ୍ ।

[ ୩ ]

ବର୍ ସାଙ୍ଗେଁ ଭୋର୍ ପଡ଼ିହେଲୁ ଦେଖା ହେଲାହେଇ ସଜ୍
ଘରର୍ କଥା ହତେଇ କରି ଗପ କଲୁ କାଏଁ ଧକ୍ ?
ଶାଶ୍, ଶଶୁର, ନନ୍ଦ, ଦିଅର୍, ଅତା ଶଶୁରର୍ କଥା
ନାଇଁ କହେଲେଁ ନାନି ଅଚାର୍ ଧର୍ମ ତଡେ ଅଥା ।
ବାପ୍ ଘରର୍ ବୁସା ଫୁଲ, ବହେନ୍‌ଠାନର୍ ଗାଲି
ଅଚାର୍ ସାଙ୍ଗେ ଖେଚଡ଼ ଲଗା, ଅଷ୍ଟିର୍ ଲହି ଗାଲି ।
ସୋର୍ ପଡ୍‌ଲେଁ ଜାଣା କର୍‌ସୁ କହତ ସହି ସଭ୍
ବହେନ୍‌ମାନେ ଶୁନ୍‌ବେ ଅଜର୍ କହେଲେଁ ଝିନ୍ ଝିନ୍ ।



Digitized by srujanika@gmail.com

# ଭାବ ଓ ବୁଦ୍ଧି

ଲେ—ବୁଦ୍ଧୁରାମ

କେହି କେହି ପଚାରନ୍ତି ବୁଦ୍ଧୁରାମ ଶବ୍ଦଟାର ଅର୍ଥ କଣ ? ଏ ନାମଟା ହିନ୍ଦୀ । ବୁଦ୍ଧୁ ଅର୍ଥ ହିନ୍ଦୀରେ ବୋକା । ଏଥିରୁ ଜଣା ଯାଏ ବୁଦ୍ଧି ନଥାଏ ଯାହାର ସେ ବୁଦ୍ଧୁ । ଅତଏବ ବୁଦ୍ଧୁରାମ ଅର୍ଥ ବୋକାରାମ । କିନ୍ତୁ ସାଫ୍ ସାଫ ଓଡ଼ିଆରେ ବୋକା ନକହି ହିନ୍ଦୀରେ ନାମଟା ଦେବାର ମତଲବ—ଏଠି ବୁଦ୍ଧି ଅଭାବ ହେତୁ ଭାବ ଆସି ଗଲା । ଆଜି କାଲି ପ୍ରାଦେଶିକତା ଭୁଲି; ଜାତୀୟତାରେ ଉଦ୍‌ବୁଦ୍ଧ ହେବା ପାଇଁ ନେତା ମାନେ ଆହ୍ୱାନ କଲେ—ମାତୃ ଭାଷା ଉପରେ ରାଷ୍ଟ୍ରଭାଷାକୁ ଉଚ୍ଚସ୍ଥାନ ଦେଲେ—ସଙ୍କୀର୍ଣ୍ଣ ପରିସର ପ୍ରାଦେଶିକତା ବୋଧରୁ ଦେଶାତ୍ମବୋଧଯାଏ ବଢ଼ିଗଲୁ—ତେଣୁ ବାଧ୍ୟ ହୋଇ ଓଡ଼ିଆ ବୋକାରାମ ମଧ୍ୟ ବୁଦ୍ଧୁରାମରେ ପରିଣତ ହେଲେ । ଅର୍ଥାତ ବୁଦ୍ଧି ଯେଉଁଠି ଲୋପ ପାଇ ଭାବ ପ୍ରବଳ ହୁଏ ସେଠି ବୋକାରାମ ବୁଦ୍ଧୁରାମ ହୋଇ ଯାନ୍ତି । ଏବଂ ସେଇଠି ଆମ ଶ୍ରୀମତୀ ସୀତା ଛାଡ଼ ପତ୍ର ଦରଖାସ୍ତ କରି କହନ୍ତି—ବୁଦ୍ଧୁରାମ ଭାବ-ପ୍ରବଣ ହେବାରୁ ମୁଁ ତାଙ୍କ ସହିତ ଚଳି ପାରୁ ନାହିଁ । କାରଣ ସୀତାଙ୍କ ଛୋଟା ଗୋଡ଼ରୁ ଗୃହିଁ ଥରେ ଶ୍ରୀମତୀ ବୋଲି ଡାକ ଦେଲି ବୋଲି ସେ ଦୁର୍ଜ୍ଜୟମାନ କଲେ ଏବଂ ମାନଭଞ୍ଜନ ପାଇଁ ଯେତେ ଦେହି ପଦ ପଲ୍ଲବ ମୁଦାରଂ କଲି ସେ ମାନ ଭଞ୍ଜନ ବଦଳରେ ମସ୍ତିଷ୍କ ଭଞ୍ଜନ ଆରମ୍ଭ କରି ଦେଲେ । ଏଇ ଗୋଡ଼ ଧରିବାର ଭାବ-ପ୍ରବଣତା ହେଲା ଗୋଟାଏ ସ୍ପଷ୍ଟ salient ପଏଣ୍ଟ—ଯାହା ଉପରେ ଛାଡ଼ ପତ୍ର ଡିଗ୍ରୀ ହୋଇ ମଧ୍ୟ ଗଲା—ତଳ କୋର୍ଟରେ ।

କିନ୍ତୁ ଶ୍ରୀମତୀ ଭୁଲି ଗଲେ ଯେ ଭାବ ଗଦ ଗଦ ହୋଇ ପ୍ରେମିକାର ପାଦ ଧରିବାର ଭାବ-ପ୍ରବଣତା ଠାରୁ ନିଜର ବୁଦ୍ଧି ବିଚକ୍ଷଣତାରେ ସ୍ୱାମୀକୁ ଭାବପ୍ରବଣ କହି ଛାଡ଼ପତ୍ର ଦେବା ଭିତରେ ଯେଉଁ ବଗୁର ଓ କ୍ରୋଧ ରହିଛି ତାର ମୂଳରେ ଏକ ପ୍ରଚଣ୍ଡ ଭାବ-ହୀନତା ଅଛି ଯେଉଁଟା ବିପଦମାତ୍ମକ ।

ସଂସାରରେ ବୁଦ୍ଧିହୀନ ଭାବ, ଭାବକାତ୍ ବ୍ୟକ୍ତିର କ୍ଷତି କରିଛି କିନ୍ତୁ ଭାବହୀନ ବୁଦ୍ଧି ସଂସାରକୁ କେବଳ ଧ୍ୱଂସ କରି ଆସିଛି ଆଜି ଯାଏ । ଅଣବିକ ବୋମା ପ୍ରସ୍ତୁତ ମୂଳରେ ବୁଦ୍ଧିର ପ୍ରାଚୁର୍ଯ୍ୟ କିନ୍ତୁ ଭାବରେ ଅଭାବ । ସେଥିରେ ଆତ୍ମରକ୍ଷାର ସୂତ୍ର ଅଛି ମାତ୍ର ଅନ୍ୟ ହତ୍ୟାର ଷଡ଼ଯନ୍ତ୍ର ରହିଛି । ଦେଶ ହାରିଗଲା ବୋଲି ହିଟଲରଙ୍କ ଆତ୍ମହତ୍ୟା ମୂଳରେ ବୁଦ୍ଧି-ହୀନତା ଥାଇ ପାରେ ମାତ୍ର ଭାବ ଥିଲା ପ୍ରଚୁର । ଭାବ ସବୁବେଳେ ସତ୍ୟ, ଶିବ ଓ ସୁନ୍ଦର—ଗୀତାରେ ସେଥିପାଇଁ କହିଛି—ନାସତୋ ବିଦ୍ୟତେ ଭାବଃ ।

ମଣିଷ ବୁଦ୍ଧି ପାଇଁ ଅନ୍ୟ ଜୀବଙ୍କଠାରୁ ବଡ଼ ବୋଲାଏ । ତା ଭିତରେ ମସ୍ତବଡ଼ ସ୍ୱାର୍ଥ ରହିଛି, ସେଠି ଏକଚାଟିଆ ବାଣିଜ୍ୟ—ସାମ୍ୟବାଦ ନାହିଁ । ସାମ୍ୟବାଦଟା ଭାବ ଉପରେ ପ୍ରତିଷ୍ଠିତ 'ପୁଞ୍ଜିବାଦ ଓ ଧନଟା ମନୁଷ୍ୟର ଜୁଆ-ଖେଳ ବୁଦ୍ଧି । Laissez faire ଭାବ ଓ monopoly. ବୁଦ୍ଧି । ଭାବଟା ସବୁ ଜୀବ ମଧ୍ୟରେ ଅଛି । କିନ୍ତୁ ତଫାତ୍ ଏତିକି ଇତର ପ୍ରାଣୀଙ୍କ ଭିତରେ ଭାବଟା ପ୍ରବୃତ୍ତି—ତାହା ସୀମାବଦ୍ଧ । ଭାବକୁ ସେ ବୁଦ୍ଧି ସଂଯୁକ୍ତ କରି ପାରେ ନାହିଁ । ଚକୋରକୁ ଝୁରି ଝୁରି ସବୁ ଚଢ଼ଇ ମରି ଯାନ୍ତି । ବହୁ ଜୀବ ସନ୍ତାନ ପ୍ରସବ କରିବା ଆନନ୍ଦରେ ପ୍ରାଣ ମଧ୍ୟ ହାରି ଦିଅନ୍ତି । ସେ ଭାବକୁ ସଂଯତ କରିବାର ଶକ୍ତି ନାହିଁ । ମଣିଷ ସେଇ ଭାବକୁ ଧରି କେଉଁଠି ପ୍ରେମ ପାଇଁ ଆତ୍ମହତ୍ୟା କରେ କେଉଁଠି ପ୍ରେମକୁ ଉପେକ୍ଷା କରିବା ପାଇଁ ବନାନୀ କଠିଣ ବ୍ରହ୍ମଚର୍ଯ୍ୟ ଭିତରେ ଆନନ୍ଦ ପାଏ । ଏଇ ଭାବକୁ ବୁଦ୍ଧି ସଂଯୁକ୍ତ କରିବାର ଶକ୍ତି ମଣିଷର ଅଛି । ଏହି ଶକ୍ତି ହିଁ ବୁଦ୍ଧି । ବୁଦ୍ଧି ଦେଇ ମଣିଷକୁ ସୃଷ୍ଟିକର୍ତ୍ତା ବା ପ୍ରକୃତି ବଡ଼ କରିନାହିଁ—କରିଛି ଭାବକୁ ଉଦ୍ଭୂତ କରିବା ପାଇଁ ସୃଷ୍ଟିର ବୈଚିତ୍ର୍ୟ ମଧ୍ୟ କରିବା ପାଇଁ । ବୁଦ୍ଧିହୀନ ଭାବ ମଣିଷକୁ ସ୍ଥିତିସ୍ଥାପକତା ଅଣିଦିଏ—ପଶୁସଙ୍ଗେ ସମାନ କରିପାରେ ଏବଂ ଭାବହୀନ ବୁଦ୍ଧି ମଣିଷକୁ ପଶୁଠାରୁ ଅତି ହୀନ— ଆତ୍ମଘାତୀ କରିଦିଏ ।

ସର୍ଜନା ଶକ୍ତିର ମୂଳ ପ୍ରେରଣା ଭାବ । ବୁଦ୍ଧି ଅଣିଦିଏ ସୃଷ୍ଟିର ବୈଚିତ୍ର୍ୟ ବୁଦ୍ଧି ନଥିଲେ ପଶୁର ସନ୍ତାନ ପଶୁ—କୀଟର ସନ୍ତାନ କୀଟ ହୋଇ ପୃଥିବୀ ମଧ୍ୟ ସ୍ଥାଣୁ ହୋଇ ଜଡ଼-ଯାନ୍ତା । ବୁଦ୍ଧି ଯୁକ୍ତ ଭାବଦ୍ୱାରା ମଣିଷ ସୃଷ୍ଟିରେ ସୌନ୍ଦର୍ଯ୍ୟ ଆଣୁଛି—ବିଶୃଙ୍ଖଳ ଭାବକୁ ଶୃଙ୍ଖଳିତ କରୁଛି—ଛନ୍ଦହୀନତାକୁ ଛନ୍ଦୋମୟ କରୁଛି ।

ମଣିଷ ଜୀବନରେ ସୁଖ ଅଛି ଦୁଃଖ ଅଛି । ସୁଖ ବୁଦ୍ଧିକୁ ଭ୍ରଷ୍ଟ କରି ଦିଏ । ପୁଣି ସୁଖଭୋଗବକୁ ଶୋଷଣ ବା ଅପହରଣ କରି ମନୁଷ୍ୟକୁ ଆନନ୍ଦ ଦିଏ—ଭାବର ମୂଲ୍ୟରେ—ଭାବକୁ ବିକି ମଣିଷ ସୁଖ ପାଏ । ଦୁଃଖଟା ଭାବକୁ ଧାରୁଆ କରେ ଏବଂ ସେ ଧାର ଏତେ ବିପଦ୍ ଜନକ ଯେ ସେଥିରେ ଅନେକ ସମୟରେ ଆତ୍ମହତ୍ୟା ହିଁ ସଂଭବ ହୁଏ ।

ସୀତା ଯେତେ ବେଳେ ମୋର ସହଧର୍ମିଣୀ ହେଲେ, ଯେତେବେଳେ ପ୍ରେମ ମନ୍ତ୍ର ନେଇ ମୋତେ ଦୀକ୍ଷା ଦେଇ ପଣ କଲେ—ଆମେ କେହି କାହାରି ଦୋଷ ଧରିବା ନାହିଁ—ଆପଣଙ୍କ ମୋ ଭିତରେ ଆଉ ଲୌକିକତା ନାହିଁ—ଆପଣ ମୋର ଗୁରୁ ଏବଂ ଗୁରୁତ୍ୱଟାର ଗୁରୁତା କେବଳ ଆମ ଦୁହିଙ୍କ ଛଡ଼ା ଅନ୍ୟ ଯେପରି କେହି ନଶୁଣନ୍ତି—ଆପଣଙ୍କ ଗାଳି ପାଇବା ବେଳେ ମୋର ବାମ ଚକ୍ଷୁ ବାମ ବାହୁ ଝୁରୁ ଥିଲା—ମୋର ଅଧିମିକା-ନିଜକୁ-ମୋର ଉପାଧି ଭୂଷଣ ପ୍ରଶଂସା ପଦକ ସବୁ ଆପଣଙ୍କ ପଦତଳେ ନଉଛାଳି ଦେଇଛି, ମୁଁ ଆପଣଙ୍କ ଠାରେ ବିଶ୍ୱାସ ଘାତିନୀ ହେବିନି ଇତ୍ୟାଦି-ସେତେବେଳେ ମୁଁ ଠିକ୍ ଲକ୍ଷ୍ୟ କରିଥିଲି ସୀତା କେବଳ ବୁଦ୍ଧି-ହୀନ ଗୋଟିଏ ଭାବ । ବୁଦ୍ଧୁରାମ ଭଳି ଗୋଟାଏ ଅଡ଼ୁଆ ଲୋକକୁ ଯେ ଭଲ ପାଏ ଏବଂ ଭଲ ପାଇବାର ଅଧିମିକା ରଖେ ତା' ଭଳି ନିର୍ବୁଦ୍ଧିଆ ଆଉ କେହି ନାହିଁ ।

ସେଇ ସୀତା ଯେତେବେଳେ କହନ୍ତି—ଆପଣ ଭାବପ୍ରବଣ—ଆପଣଙ୍କୁ ଭଲପାଇ ମୁଁ ଭୁଲ୍ କରିଛି—ଆପଣ ମୋତେ ଭଲପାଇ ଉତ୍ତ୍ୟକ୍ତ କରିବେ ନାହିଁ—ମୁଁ ଆପଣଙ୍କୁ ଛାଡ଼ପତ୍ର ଦେଲି—ସେତେବେଳେ ଦେଖିଲି—ସୀତା କେବଳ ଭାବ ହୀନ ବୁଦ୍ଧି । କାରଣ ସେ ବୁଦ୍ଧୁରାମର ଦୋଷ ଦୁର୍ବଳତାକୁ କେବଳ ବୁଦ୍ଧିଦ୍ୱାରା ଦେଖି ପାରିଛନ୍ତି ମାତ୍ର ଭାବଦ୍ୱାରା

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେଖିକା—ଶ୍ରୀମତୀ ସରଳା ଦେବୀ

ପିଲା ଦିନୁ ପଢିବା ଲେଖିବାରେ ମୋର ସଉକ। ମୋ ଲେଖା ପଢି କିଏ ପ୍ରଶଂସା କରିବ କି କିଏ ନିନ୍ଦିବ, ଏକଥା ମୋ ମନକୁ କେବେ ହେଲେ ଛୁଇଁ ନାହିଁ।— ସେଥିପାଇଁ ବାସ୍ତବ ଜୀବନରେ ମୁଁ ଯାହା କହେ, ମନରେ ଯାହା ଭାବେ, ତାହାକୁହିଁ ଲେଖାରେ ରୂପ ଦବାକୁ ଲେଖନୀ ମୋର ଉନ୍ମୁଖ ହୋଇ ଉଠେ। ମୋ ଲେଖିବା ପଛରେ ଦାର୍ଶନିକତାର ପ୍ରେରଣା ମୁଖ୍ୟ ନୁହେଁ, ସାମୂହିକ ଚିନ୍ତାଧାରାର ବିକାଶ ମୋତେ କଲମ ଧରାଏ ନିଜର ଆତ୍ମ-ପ୍ରକାଶ କରିବା ପାଇଁ ମଣିଷ ମନର ଯେ ଅନ୍ତର୍ନିହିତ ଅଭିଳାଷ ରହିଛି ତାହା ସମସ୍ତେ ବୁଝନ୍ତି ନାହିଁ। ବିଦଗ୍ଧ ଶିଳ୍ପୀର ପ୍ରାର୍ଥନା ସେଇଠି। ସେହି ଅବୁଝା ଆବେଗର ପ୍ରେରଣା ମୋତେ ଲେଖାଏ। ମୋର ଭାବ ପ୍ରକାଶରେ ଶିଳ୍ପୀ ମନର ବ୍ୟଞ୍ଜନା ଅଛି କି ନା ତା ମୁଁ ଅନୁଭବ କରେ ନାହିଁ, କିନ୍ତୁ ସ୍ଥାବର ଜଙ୍ଗମାତ୍ମକ ପ୍ରାକୃତିକ ଆବେଷ୍ଟନରେ ଯେ ସୌନ୍ଦର୍ଯ୍ୟ ନିହିତ, ସେହି ସୌନ୍ଦର୍ଯ୍ୟର ଗୁହାସ୍ଥିତ ଲାବଣ୍ୟ ଚିତ୍ର ତୁଳିରେ ମୋର ଅସଂଖ୍ୟ ଅପରିଚିତ ପୁଷ୍ପର ବିଚିତ୍ର ବର୍ଣ୍ଣ ରାଗ ଫୁଟେଇ ଦିଏ। ବସ୍ତୁରାଗ ଭଳି ବର୍ଣ୍ଣ ସୁଷମାର ମୋହ ମୋ ଅଜାଣରେ ମୋତେ ଗଢି ଦିଏ— ଲେଖେ ମୁଁ। ଲେଖିବା ମୋର ସ୍ୱଭାବ— ନ ଲେଖି ମୁଁ ରହି ପାରେ ନାହିଁ। ମୋର ବାସ୍ତବ ଜୀବନରୁ ନିଜର ଚିନ୍ତା ବେଗ ବିଚ୍ଛିନ୍ନ କରି ନେଇ ପାରେ ନାହିଁ ବୋଲି ରସ ସାହିତ୍ୟର ପ୍ରେରଣା ମୋ ଲେଖାରେ ମୁଖ୍ୟ ନୁହେଁ। ମୁଁ ଜନ ସାହିତ୍ୟର ଚେତନା ପାଏ ଯେଉଁଠି ଦେଖେଁ ମାନବ ଜୀବନର ବଞ୍ଚନା ଅସତ୍ୟ ଓ ଅନ୍ୟାୟର ଉଲଗ୍ନତା ପୁଣି ଶୋଷଣ ଚକ୍ରାନ୍ତର ଘନ-ତନ୍ତୁ ଜାଲ। ସେଠି ମୋର ଆତ୍ମା ପଥଚାରୀ ପଥିକ ଭଳି ଆର୍ତ୍ତନାଦ କରିଥାଏ। ସେଥିପାଇଁ ଅଶରୀରୀ ବିବିଧର ପ୍ରଭାବଠାରୁ ରକ୍ତ ମାଂସ ଦେହର ବସ୍ତୁ ବା ଜଡ଼ବାଦର ପ୍ରଭାବ ମୋ ଉପରେ ବେଶି। ବୟସ ବୃଦ୍ଧି ସଙ୍ଗେ ଏହି ପରିଣତିରେ ବରଂ ଭାବାବେଗ ମତେ କ୍ଲିଷ୍ଟ କରେ, କାରଣ ମୋ ଆତ୍ମ ପ୍ରକାଶର ଯଥାର୍ଥ ରୂପ ଏହା ନୁହେଁ। ସ୍ଥୂଳତଃ ଲେଖିବା ଅନୁପ୍ରେରଣା ମୋର ନିକଟ ଆକାଶ ତାରାରୁ ମୁଁ ପାଏ ନାହିଁ, ପାଏଁ ଏଇ ଧୂଳି ଧୂସରିତ ଧରଣୀରୁ। ମୋର ମନେ ହୁଏ, ମୁଁ ପଦ୍ୟ କି ଗଦ୍ୟ ନୁହେଁ—ତାହା ସ୍ୱତନ୍ତ୍ର ମୋର ଲେଖନ ଧର୍ମ। ସତ୍ୟ ଶିବ ସୁନ୍ଦର ପ୍ରକାଶ ସାହିତ୍ୟ ଶ୍ରେଣୀ ନିର୍ବାଚନର ମାନଦଣ୍ଡ ହେଲେହେଁ, ମୋତେ ସଦାବେଳେ ଏହା ଠିକ ବୋଲି ମନେ ହୁଏ ନାହିଁ। ଯଦି ବୀଭତ୍ସ, ରୌଦ୍ର, ଅଦ୍ଭୁତ, ପ୍ରଭୃତି ରସ ରଚନା କରିବାକୁ ହୋଇ ଯାଏ, ତେବେ ଉପରୋକ୍ତ ସତ୍ୟ ଶିବ ସୁନ୍ଦରର ମାନଦଣ୍ଡର ସୀମିତ ପରିବେଶ ଡେଇଁ ଗଲେ ସୁଦ୍ଧା ରସ ବିଚାର ଦୃଷ୍ଟିରୁ ସେ ସାହିତ୍ୟକୁ ମୁଁ ଅସ୍ୱୀକାର କରି ପାରେ ନାହିଁ।

ଏକଥା ସତ୍ୟ ଯେ ଲେଖକ ଉପରେ ସମାଜ ଓ ଗୃହ ଧର୍ମ ତାର ଘାତ ବା ଅଭିଘାତ ସାରରେ ପ୍ରଭାବ ପକାଏ। ଏବଂ ତା ଭିତରେ ଯେଉଁ ନୂତନ ପ୍ରେରଣା ବାସ୍ତବ କ୍ଷେତ୍ରରେ ପ୍ରକାଶ ପାଏ, ସାଧାରଣ ଲେଖକ ସେହି ପ୍ରେରଣା ଗତ ବସ୍ତୁ-ବାଦୀ ଆନନ୍ଦ ବେଦନା ଉପରକୁ ଅନାସକ୍ତ ଯୋଗୀ ଭଳି ଉଠି ପାରନ୍ତି ନାହିଁ। ଯେଉଁଠି ଉଠନ୍ତି, ସେଠାରେ ସେ ଆକାଶ-ଗୁମ୍ଫ ବିହଙ୍ଗ, କବି, ଦାର୍ଶନିକ, କଳାକାର। କିନ୍ତୁ ଯେଉଁଠି ନ ଉଠି ପାରନ୍ତି, ସେଠାରେ ସେ କଳାକାର ହେଲେହେଁ କଥାକାର ଅର୍ଥାତ କବି ନୁହନ୍ତି।

ଲେଖକ କବି କି କଥାକାର ଯାହା ହୁଅନ୍ତୁ ତାଙ୍କ ଲେଖାର ପୃଷ୍ଠ-ଭୂମିକା ପଛରେ ଯେ ଦାର୍ଶନିକତା ଥାଏ, ତାର ବ୍ୟତିକ୍ରମ ମୋ ଲେଖାରେ ବହୁଳ ଭାବରେ ମୁଁ ଦେଖେଁ କାରଣ ନାରୀର ସ୍ୱାଭାବିକ ପ୍ରାଣ ଧର୍ମର ସ୍ୱରୂପ ହେଲା ସୁବୃତ୍ତି ଜନ। ତାର ପ୍ରାଣ ସ୍ୱର ବସ୍ତୁବାଦ ସହିତ ଯୁକ୍ତ ରହିଥାଏ. ବୋଲି ସେ ଦେହ କି ମନରେ, ଏପରିକି କଳ୍ପନାରେ ମଧ୍ୟ ମୁକ୍ତିର ସ୍ୱାଦ ପାଇ ପାରେ ନାହିଁ। ଏକଥା ମୁଁ ଅନୁଭୂତ ସାହାଯ୍ୟରେ ବୁଝେଁ, କିନ୍ତୁ ତାହା

[ମିଠା କଣ୍ଟା ୧୬ ପୃଷ୍ଠା ଉତ୍ତାରୁ]

କ୍ଷମା କରି ପାରି ନାହାନ୍ତି। ଏ ଫଳରେ ପୃଥିବୀରେ କୌଣସି ଦେବତା ହେଲେ ଚନ୍ଦନ ପାଇବେ ନାହିଁ—ଏବଂ ବୁଦ୍ଧି ତାଙ୍କୁ ମନ୍ଦିର ସଙ୍ଗୀ ସାଥୀଙ୍କ ଆସନରୁ ନେଇ ସ୍ୱର୍ଗର ମେନକା ଉର୍ବଶୀ କରି ଛାଡ଼ିଦେବ ସନ୍ଦେହ ନାହିଁ। ଭାବହୀନ ବୁଦ୍ଧିର ଊର୍ଦ୍ଧ୍ୱ ଗତିର ଶେଷ ସୀମା ହୁଏତ ଏଇ ସ୍ୱର୍ଗ ବିଳାସରେ ବା କାମ ଭୋଗରେ। ଯେଣୁ ବୁଦ୍ଧି ଓ ଭାବକୁ ସମନ୍ୱୟ ଦେବାହିଁ ମନୁଷ୍ୟର କୃଷ୍ଟି ମୂଳକ ଉଦ୍ୟମ। ବୁଦ୍ଧି ଭାବ ପରସ୍ପର ବିରୋଧୀ ଦୁଇ ବସ୍ତୁ ନୁହେଁ। ଭାବ ପ୍ରକୃତିରେ ପ୍ରାଥମିକ ବା preliminary ଏବଂ ବୁଦ୍ଧି ତାର ବ୍ୟୁତ୍ପନ୍ନ ବୃତ୍ତି ବା subordinate emotion. ଉଭୟର ସମନ୍ୱୟ ନ ହେଲେ ରସ ସୃଷ୍ଟି ଅସମ୍ଭବ। ରସ-ସୃଜନତାହିଁ ସଂସ୍କୃତି।

(କଟକ ବେତାର କେନ୍ଦ୍ର ୧୦ ପୃଷ୍ଠା ଉତ୍ତାରୁ)

ତେବେ ପ୍ରୋଗ୍ରାମ ଖୁବ୍ ଚିତ୍ତାକର୍ଷକ ହୁଅନ୍ତା। ବେତାର କେନ୍ଦ୍ର କର୍ତ୍ତୃପକ୍ଷ ଟିକିଏ ମନ ଦେଇ ଚେଷ୍ଟା କଲେ ଏଇ ସମାଲୋଚନା ବୁଝିକି ବୋଧ ବୁଝି ପାରିବେ ଓ ସେଇ ଅନୁସାରେ ନିଜକୁ ସଜାଡ଼ି ନେଇ ପାରିବେ।—

କଟକ ବେତାର କେନ୍ଦ୍ରର ପ୍ରୋଗ୍ରାମ ସବୁ ଏପରି *un-interesting* ହୋଇ ପଡ଼ୁଛି ଯେ ସ୍ୱତଃ କଟକର ଅନୁଷ୍ଠାନ ଶୁଣିବାକୁ ବିରକ୍ତି ଆସେ। ଶ୍ରୋତା ମନକୁ ସାମୟିକ ଆମୋଦ ଦେବା ସଙ୍ଗେ ସଙ୍ଗେ ଦେଶ ବିଦେଶର ଖବର ଅନ୍ତର ପ୍ରଚାର କରି ଜ୍ଞାନର ପରିସର ବଢାଇବା ହେଉଛି ବେତାର କେନ୍ଦ୍ରର କର୍ତ୍ତବ୍ୟ ମାତ୍ର ଶ୍ରୋତାମାନେ ବରଂ କଟକ ବେତାର କେନ୍ଦ୍ରର ଅନୁଷ୍ଠାନ ଶୁଣି ବିରକ୍ତ ହେଉଛନ୍ତି, ହେଲେ ଲାଭ କିଛି ମିଳି ପାରୁ ନାହାନ୍ତି। ବେତାର କେନ୍ଦ୍ରର ଡାଇରେକ୍ଟରଙ୍କୁ ଏ ସବୁ ଦିଗରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରାଯାଉଛି।



Digitized by srujanika@gmail.com

ସତ୍ତ୍ୱେ ବି ଦର୍ଶନ ଶାସ୍ତ୍ରର ଗୋଟିଏ ଅବୋଧ୍ୟ ଆବେଗ ଅଛି । ଯାହା ସଂକ୍ରାମକ ବୀଜାଣୁ ତୁଲ୍ୟ ବିଦଗ୍ଧ ମନକୁ ମୁହୂର୍ମୁହୂ ମୋର ବିଚିତ୍ର ରୂପ ବହୁବିଧ ପ୍ରକାଶ କରିବା ନିମନ୍ତେ ଆକ୍ରମଣ କରେ, କାରଣ ଆତ୍ମ-ପ୍ରକାଶ ବା ବିକାଶ ହିଁ ଏହି ତାର ଧର୍ମ—ସ୍ୱରୂପ । ଏହି ବୀଜାଣୁ ଦଂଶନରେ ବେଦନା ଅଛି । ସେହି ବେଦନାର ମରକୁଣ୍ଣ ଅନୁଭୂତିରୁ ମୁଁ ଲେଖିବାର ପ୍ରେରଣା ପାଏଁ; ଯାହା ସହିତ ଅଙ୍ଗାଙ୍ଗୀ ସମ୍ବନ୍ଧ ରଖେ ମୋର ସୌନ୍ଦର୍ଯ୍ୟ ବୋଧ । ସୌନ୍ଦର୍ଯ୍ୟ ଭିତରେ ନିବିଡ଼ ବନ୍ଧନରେ ଆବଦ୍ଧ ହୋଇ ପୁଷ୍ପ କୋରକର ଲଙ୍କ କାମ୍ୟ ସୁରଭି ଭଳି ଯେ ବିଚିତ୍ର ଲାବଣ୍ୟ ଥାଏ, ସେହି ଲାବଣ୍ୟମୟ ଅନୁଭୂତି ଓ ଅନୁରକ୍ତି ମୋତେ ଲେଖିବାକୁ ପ୍ରବର୍ତ୍ତନା ଦିଏ । ସୌନ୍ଦର୍ଯ୍ୟ ଉପରେ ଯେ ଆକାରର, ପୂର୍ଣ୍ଣତା ପ୍ରମାଣ, ରୂପ, ଗୁଣ ଥିଲେ ଲାବଣ୍ୟକୁ ଚିହ୍ନିଏ ବିଶିଷ୍ଟ ଠାଣି ଦିଏ, ତାହା ମୋ ଉପରେ ଗଭୀର ଚିହ୍ନ ରଖେ । ସେହି ଚିହ୍ନ ବଡ଼ ବିପଦ-ଜନକ ବସ୍ତୁ ! ଆଉ ସେ ବିପଦ ଗ୍ରାସରେ ନ ପଡ଼ି ମୁଁ ରହିପାରେ ନାହିଁ ।

ଏ ଦୃଷ୍ଟିରୁ ମୋର ଲିଖନ ପ୍ରେରଣାର ଜନନୀ ହେଲେହେଁ, ସାଧାରଣତଃ ମୋର ଲେଖା ମୋ ଅନ୍ତରର ସ୍ୱର୍ଗ ସୁଗମ ଛବି ଓ ଚିନ୍ତାର ନିମ୍ନାମକ । ଅନ୍ତର୍ଲୋକର ଅନ୍ତର୍ଯାମୀ ଅସୀମ ବସ୍ତୁ ଜଗତକୁ ପରିକ୍ରମା କରି ଦିଅନ୍ତି ତାଙ୍କର ବିଭୂତି । ସେହି ବିଭୂତିରେ ଥାଏ ରୂପ-ରସ-ଗନ୍ଧ-ସ୍ପର୍ଶ ପ୍ରକୃତିର ବିଚିତ୍ରମୟୀ ବର୍ଣ୍ଣ-ବହୁଳ ଅନୁପମ ଆବେଦନ ଓ ଆହୂତି । ସେହି ଆହୂତି ମୋର ଚିତ୍ତଟାରକୁ ଭାବ-ବନ୍ୟାରେ ପ୍ଲାବିତ କରେ, ଆଉ ତାର ପ୍ରେରଣାରେ ମୁଁ ଲେଖନୀ ଧରେଁ । ମୋର ଲେଖନୀରେ ସାଧାରଣତଃ ଫୁଟେ ରୁଦ୍ରରସ ସମଗ୍ର ପୃଥିବୀ ବିରୁଦ୍ଧରେ ତାର ସୀମିତ ଗତିର ଅଭିଯାନ । ବିପ୍ଳବର ଅଗ୍ନିଦାହ ମୋର ଭିତରକୁ ତପ୍ତ କରେ, ଦୁଃସାହସୀ କରେ, ପ୍ରବଳ ବିରୁଦ୍ଧରେ, ମାନବର ଲାଞ୍ଛନା ଭୋଗ ବିରୁଦ୍ଧରେ, କୁତ୍ସିତ ମିଥ୍ୟାଚରଣ ବିରୁଦ୍ଧରେ । ମୋ ହୃଦୟତଟରେ ଛିଡ଼ା ହୋଇଛି—ଭିସୁଭିୟସର ଆଗ୍ନେୟଗିରି—ଠିକ୍ ତା'ର ପଛପଟେ ରହିଛି ନାଏଗ୍ରାର ଅଜସ୍ର ଶୀତଳ ପ୍ରପାତ—ଠିକ୍ ନାରିକେଳ ଭଳି, ଯାହାର ସ୍ୱରୂପ ମୁଁ ନିରେଖି ନିଜକୁଇ ବୁଝେଁ ନାହିଁ । ମୋ' ଭିତରେ ଆତ୍ମ ପ୍ରକାଶ କରିବାର ଯେ ତୀବ୍ର ଆବେଦନ ରହିଛି, ତହିଁରେ ଛଦ୍ମତାର ଶିଳ୍ପଧର୍ମୀ ଆବରଣକୁ ମୁଁ ରଖେଇ ଦିଏ ନାହିଁ, କାରଣ ଏହା ମୋର ସ୍ୱଧର୍ମ ବିରୁଦ୍ଧ । ବସ୍ତୁ-ତାନ୍ତ୍ରିକ ଜଡ଼ଭବର ବିକଟ ପ୍ରକାଶ ଅନ୍ତରକୁ ମୋର ପୀଡ଼ିତ କରେ । କିନ୍ତୁ ତତ୍‌ସତ୍ତ୍ୱେ ସେହି ଭାବକୁ ଭାଷାରେ ରୂପ ଦେଇ ସମ୍ୟ ପରଣରେ ମାନବ ମନର ବିପଣିରେ ବିକ୍ରି ଖରିଦ କରିବା ପାଇଁ ମୁକ୍ତ ନଦେଇ ମୁଁ ରହିପାରେ ନାହିଁ । ମନେ ହୁଏ, ମୋର ଅନ୍ତର୍ଯାମୀ ମୋ କ୍ଷୁଦ୍ର ସୀମାବଦ୍ଧ ଜଗତର ସୀମିତ ପରିବେଶରେ ଅଗଣିତ ମୂକ ଜନତାର ବାଣୀ ଶୁଣିପାରେ । ଯେଉଁମାନେ ଘୃଣିତ ଲାଞ୍ଛିତ ନିର୍ଯ୍ୟାତିତ, ପୁଣି ଯେଉଁ ନାରୀମାନେ ଶୋଷିତ, ଲୁଣ୍ଠିତ ଜୀବନର ଶୂନ୍ୟ ଭଣ୍ଡାର ନେଇ ପଥ ଶ୍ରାନ୍ତ ସେମାନଙ୍କର କ୍ଳାନ୍ତ ମୋ ମାନସଲୋକରେ ତମସାସ୍ତରଣ ବିଛେଇ ଦିଏ । ସେମାନଙ୍କର ନିସ୍ତବ୍ଧ କଣ୍ଠସ୍ୱର, ଭଗ୍ନହୃଦୟର ମର୍ମବାଣୀ, ନିଃସମ୍ବଳ ଜୀବନର ଶୂନ୍ୟକୁକ୍ଷି ମୋର ମାନସସରୋବରରେ ଉତ୍ତାଳ ତରଙ୍ଗ ଭଙ୍ଗିଆର ଭଙ୍ଗୀ ସୃଷ୍ଟି କରିଥାଏ । ମୋତେ ଲାଗେ ମୁଁ ଯେପରି ସହସ୍ର ମୂକ-କଣ୍ଠରୁ ଶବ୍ଦ ଚୋରିଏଁ, ପ୍ରତ୍ୟେକ ହୃଦୟରୁ ଭାବଆହରଣ କରେ, ଆଉ ତାହାହିଁ ମୋ ଭାଷାକୁ ଗତି ବା speed ଦିଏ । ଏଇଥି ପାଇଁ ଲେଖେଁ । ମୁଁ ଯୋଉଠି ଅନ୍ୟାୟର ପ୍ରତିକାର କରି ନପାରେ, ଅସତ୍ୟ-କୁ ବଦଳାଇ ନପାରେ, ସେଠାରେ କଲମ ମୁନରେ ମୁଁ ନିଏ ପ୍ରତିଶୋଧ ଆଉ ତହିଁରେ ମୁଁ ପାଏ ଶାନ୍ତି, କାରଣ ତାହା ନକଲେ ମୁଁ ପାପ ଭାଗିନୀ ହେବି ବୋଲି ମନେ କରେଁ । ତହିଁରୁ ଉପୁଜେ ପ୍ରାଣର ଆନନ୍ଦ ।

ମୋ ଲେଖା ଦିଏ ମୋତେ ମାତୃତ୍ୱର ଆନନ୍ଦ ସୃଷ୍ଟିର ଆନନ୍ଦ । ଯେପରି ଶିଶୁ ରୂପକୁ ସନ୍ତାନ ବତ୍ସଳା ଜନନୀ ମୁହିଁ ଆନନ୍ଦ ପାଏ । ବୋଧହୁଏ ମୋ ଲେଖାମାନେ ସେପରି ଆନନ୍ଦ ଦିଏ କିନ୍ତୁ ଲେଖା ପଢ଼ି ମୋତେ କିଏ ଧନ୍ୟ କହିବ, ଏ ଭାବନା ମୋ ନିସ୍ତରଙ୍ଗ ମନରେ କେବେହେଲେ ଭୀତି ଉପଜାଇ ହୀନମନ୍ୟତା ସୃଷ୍ଟି କରିପାରେ ନାହିଁ । ସେହି କାରଣରୁ ମୋର ଲେଖା ଅଙ୍କା ବଙ୍କା ରାସ୍ତାରେ ଚାଲି ଅନେକ ଲଙ୍ଘି ବହିଯାଏ ସ୍ୱପ୍ନର ଚହଲା ଭଉଁରୀ ବୁଲି ବନ୍ଧ ବାଡ଼ ନପି । ମୋ ଲେଖାର ଗତିବେଗ ମୁଁ ଅନୁଭବ କରେ । ସେହି ଶୈଳୀ ମୋ ଲେଖାର ପ୍ରାଣ, ଯହିଁରୁ ବେନାମୀ ଲେଖା ମୁଁ ଜାଣ ପାଠକକୁ ଜଣାଇ ଦିଏ ଲେଖା କାହାର! ସେତିକ ମୋ ସମ୍ପଦ ଓ ବ୍ୟକ୍ତିସ୍ୱରୂପ । ମୋ ପ୍ରକାଶ ଭଙ୍ଗୀକୁ ଗତି ଦିଏ ପ୍ରାଣ ।

ମୋର ମନେ ହୁଏ ପ୍ରତି ଖାଣ୍ଟି ଲେଖାଳୀର ସ୍ୱତନ୍ତ୍ର ଲିଖନ ଧର୍ମ ବା ଜୀବନ-ଧର୍ମ ରହିଛି ଓ ବିଶିଷ୍ଟ ମତବାଦ ରହିଛି ! ଯେ ସାହିତ୍ୟ ମନୁଷ୍ୟ ମନ କଥା କହେ, ସାହିତ୍ୟରେ ସତେ ଯେପରି ମୋର ପ୍ରତିଚ୍ଛବି ମୁଁ ଦେଖେଁ । ସେହି ଅଦେହୀର ଅତନୁ ମୂର୍ତ୍ତି ମୋତେ ଲେଖିବାର ପ୍ରେରଣା ଦିଏ । ମୁଁ ତାରି କଥାରେ ଲେଖେ । ମନୁଷ୍ୟ ମନ କଥା ଆଜି ଦୁନିଆ ହାଟରେ ସଉଦା ହେଉଛି; ମୁଁ ସେ ମନର ସନ୍ଧାନୀ ଭାବର ବିନିମୟ ମୋତେ ସ୍ୱାଦିଷ୍ଟ ଲାଗେ । ମନୁଷ୍ୟ ମନର ଯେ ସତ୍ୟ ପ୍ରକାଶ ଏକ କାଳରେ ସ୍ୱପ୍ନ ଥିଲା, ସ୍ୱପ୍ନ କୁହେଳୀ ଆବରଣ ତଳୁ ଆବିଷ୍କାର କରେ ମୁଁ ସେହି ମନୁଷ୍ୟର ମନକୁ । ବିଶ୍ୱର ଚିରନ୍ତନ ସୌନ୍ଦର୍ଯ୍ୟାନୁଭୂତି ହର୍ଷ ଶୋକରେ ବିଚିତ୍ର ବିଳାସ ସୁଷମା ମୋତେ ମୁଗ୍ଧ କରେ । ଆଜି ମନୁଷ୍ୟ ମନ ଉପରୁ ପରଳ ଖସିଛି, ବିଜ୍ଞାନ ତାର ଆବିଷ୍କାରକ । ସେହି ମନର ସନ୍ଧାନୀ ମୁଁ, କାରଣ ମାନସ କ୍ଷୁଧା ମୋର ଅସହ୍ୟ । ସେଥିପାଇଁ ମୁଁ ଲେଖେଁ ।

ମୋ ଲେଖାକୁ ସୁନ୍ଦର, ଲାବଣ୍ୟ-ମୟ-କରିବାକୁ ମୋର ମନରେ କେବେ ହେଲେ ବେଗ ଥାଏ ନାହିଁ—କାରଣ କୃତ୍ରିମ ପ୍ରକାଶ ମୋ ଜୀବନ କିମ୍ବା ମୋର ଲେଖାର ଧର୍ମ ନୁହେଁ । ଯାହା ସତ୍ୟ, ଯାହା ଶିବ ଓ ସୁନ୍ଦର, ସାହିତ୍ୟ ଲେଖାର ଶ୍ରେଣୀ ତାହାହିଁ; ଏ ଦର୍ଶନକୁ ମୋ ଲେଖା ଉପେକ୍ଷା କରେ ନାହିଁ କିନ୍ତୁ ତଥାପି ମୋର ଲେଖାରେ ଅତନୁସ୍ପର୍ଶ ମୁଁ ସବୁବେଳେ ପାଏ ନାହିଁ—କାରଣ ମୋର ନାରୀତ୍ୱର ଚେର ଲାଗିଛି ମାଟି ତଳେ । ଅଧିକାଂଶ ନାରୀମାନଙ୍କର ଲିଖନ ଧର୍ମ ଏହା—ଯୋଉଠି ଏହାର ବ୍ୟତିକ୍ରମ, ସେଠି ଗୃହ୍ଲବାଜ ବା

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

ଅନୁଭୂତିର ସ୍ଥାନ ନିଶ୍ଚୟ ରହିବା ସ୍ୱାଭାବିକ ।

ମୋର ଜୀବନର ଉଷା କାଳରେ, ମୁଁ ଥିଲି ସେଲିଙ୍କ Sky lark ଚଢ଼େଇ ଭଳି—ଆଦର୍ଶବାଦ ଓ ସୌନ୍ଦର୍ଯ୍ୟ କଳ୍ପନାର ପୁଷ୍ପକ ବିମାନ ମୋ ଚିତ୍ତକୁ ନେଇ ଯାଉଥିଲା ବହୁ ଊର୍ଦ୍ଧ୍ୱ ଲୋକକୁ; ମୋର ପାଦ ଭୂଇଁ ଛୁଇଁବାକୁ ଘୃଣା କରି ଭୟ ଭୀତ ହେଉଥିଲା— । ମନ ଥିଲା ମୋର ବସ୍ତୁବାଦର ବହୁ ଊର୍ଦ୍ଧ୍ୱରେ— । ଚିତ୍ତ ବୁଝିଥିଲା ତାର ଅନୁସାରକ ଓ ଅନୁପୂରକ । ଲେଖିବାର ପ୍ରେରଣା ମିଳୁଥିଲା ମୋତେ ନୈମିଷାରଣ୍ୟରୁ, ସ୍ୱର୍ଗର ପରୀ ଲୋକରୁ, ନନ୍ଦନ କାନନର କଳ୍ପ ଲୋକରୁ, ଗ୍ରହ ଲୋକରୁ । ଜଗତ ଉପତ୍ୟକାର କଙ୍କର ଭୂଇଁକୁ ମୁଁ ଭୁଲୁଥିଲି । ଭୁଲୁଥିଲି ବୋଲି ତାଠୁଁ ଦୂରକୁ ଯିବାକୁ ମୋ ଜୀବନରେ ଆସିଛି ଅଶେଷ ଝଂଜା—ତଳେ ପାଦ ଥୋଇବାକୁ ହେଉଥିଲା ମୋର ଆତଙ୍କ । ମୋର ମନ ପଡ଼ି ରହୁଥିଲା କାଳିଦାସଙ୍କ ମେଘ ଲୋକର ଅଳକାରେ, କୁମାର ସମ୍ଭବର ହିମାଳୟ ସାନୁରେ, ରବୀନ୍ଦ୍ର, ଟଲଷ୍ଟୟ ଗାନ୍ଧୀ ସେଲିଙ୍କ ରଚିତ ଭୂସ୍ୱର୍ଗରେ,—ଓ୍ୱାର୍ଡସୱାର୍ଥଙ୍କ ଦାର୍ଶନିକ ପରିବେଷ୍ଟନୀ ଭିତରେ ।

କ୍ରମ ବିବର୍ତ୍ତନର ନିୟମ ଅନୁସାରେ ମନ ମୋର ବିକାଶ ପାଇଲା, ବାସ୍ତବ ସଂଘର୍ଷ ଓ ସଂଘାତରେ ଉନ୍ମୁକ୍ତ ଥିବା ବାସ୍ତବତାର ଗଣ୍ଡିବଦ୍ଧ ସଂକୀର୍ଣ୍ଣ ପରିଧି ଭିତରେ । —ଯାହା କୁତ୍ସିତ, ବୀଭତ୍ସ, ତାହା ବିରୁଦ୍ଧରେ ଅଭିଯାନ ଆରମ୍ଭ କରିବାକୁ ମୋର ସତ୍ତା ଆକୁଳ ହୋଇ ଉଠିଥିଲା । ଏହି ଭାବ ଓ ଆଦର୍ଶ ମୋତେ ନେଇ ୧୯୬୦ର ପ୍ରଥମ ପ୍ରହରରେ ଉତ୍ତୀର୍ଣ୍ଣ କଲା ରାଜନୀତିକ ଆଦର୍ଶ ବାଦରେ । ସେହି ରାଜନୀତିର ରୂପରେଖ ମୋର ତରୁଣ ମନରେ ଗଭୀର ଛାୟା ପାତି ଦେଲା । ମୋର ଲେଖାର ଆବେଗ ରୂପ ପାଇଲା ସେବାରେ, କର୍ମର ଜଞ୍ଜାଳରେ ।—ସେତେବେଳେ ମୋର ସତ୍ତାକୁ କେବଳ ଅନୁଭବ କରୁଛି—ଯେପରି ମୁଁ ଏକ ବିଦ୍ରୋହୀ ଆତ୍ମା—ମୋର ଶରୀର ଅବୟବ କିଛି ନଥିଲା । ତାର ଆହ୍ୱାନ ମୋର ବଧିର ଶ୍ରବଣକୁ ସ୍ପର୍ଶ କରିପାରୁ ନ ଥିଲା । ଅଗଣିତ ଦୁଃଖୀ, ରୋଗୀ, ବନ୍ଦୀ ଆବାଳବୃଦ୍ଧ ବନିତାଙ୍କର ବନ୍ଧନ ମୁକ୍ତିର ସ୍ୱପ୍ନ ମତେ ପାଗଳ କରିଥିଲା ।—କିନ୍ତୁ ଏହାର ବାସ୍ତବତା ମୁଁ ଜାଣିପାରୁ ନ ଥିଲି ! ମୋର ଭାବଜଗତରେ ବାସ୍ତବ ଅସାମ୍ୟ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସମସ୍ତ ସମାଜର ମୂଳ ପିଣ୍ଡରୁ ପଞ୍ଜ ବନ୍ଧି ଗ୍ରନ୍ଥିର ଲୌହଶୃଙ୍ଖଳକୁ ଛେଦନ କରି ମୁକ୍ତ ଆକାଶର ବିହଙ୍ଗୀ ହେବାକୁ ମୋ' ମନରେ ଅଦମ୍ୟ ସ୍ପୃହା ଜାତ ହୋଇଥିଲା । ସେହି କାରଣରୁ ମୋର ସୀମିତ କର୍ମ ପ୍ରଚେଷ୍ଟାରେ ଯାହା ସମ୍ଭବ ହେଉ ନ ଥିଲା, ତାହା ଉଦ୍‌ଗାରିତ ହୋଇ ପଡୁଥିଲା ମୋର ଅଗ୍ନିବାହୀ ବାଣୀରେ—ଅତ ଯାହା ହୋଇ ପାରୁ ନ ଥିଲା, ତାହାକୁ ପ୍ରକାଶ କରିବାକୁ ସାହାଯ୍ୟ କରୁଥିଲା ମୋର ଲେଖା । କ୍ରିୟାର ପ୍ରତିକ୍ରିୟାକୁ ପ୍ରକାଶ କରୁଥିଲା ମୋର ଲେଖା—ଆଉ ଏହି ଲେଖାରେ ଆସୁଥିଲା ମୋର ପ୍ରାଣାକୁତିର ସ୍ନିଗ୍ଧତମ ବିଶ୍ରାମ—ମନ ଓ ହୃଦୟର ଶାନ୍ତି । ଆଜି ଦେଶର ଚେହେରା ବଦଳିଛି—ବଦଳି ଚେହେରା ସହିତ ସମଗ୍ର ପୃଥିବୀର ଚେହେରା ତୁଳନା କରି ଦେଖିବାର ଅଭ୍ୟାସ ମୋର ଆଗେ ନ ଥିଲା । ଅନ୍ତର୍ଜାତିକତା ମୋ' ପକ୍ଷରେ ଗୋଟାଏ କଳ୍ପନାର ବସ୍ତୁ ହୋଇ ରହିଥିଲା । ଆଜି ସମଗ୍ର ପୃଥିବୀର ଜନତାଙ୍କୁ ନିଜଦେଶଠୁଁ ମୁଁ ପୃଥକ କରି ଦେଖି ପାରେନା କାରଣ ଦେଖି ହୁଏନା । ଯେଉଁ ବୀଭତ୍ସ ରୂପ ମନୁଷ୍ୟର କଳୁଷତା ଓ ବିକୃତି ଓ ପ୍ରସ୍ତାବନ ଅନ୍ଧତମସ ଗହ୍ୱର ତଳୁ ମୁଁ ଦେଖେଁ, ତହିଁରେ ଚିତ୍ତ ମୋର ଶରାହତ କ୍ରୌଞ୍ଚମିଥୁନ ପରି ମୂର୍ଚ୍ଛିତ ହୋଇ ପଡ଼େ । ମୋର କଳ୍ପ ଲୋକର ସୌନ୍ଦର୍ଯ୍ୟ ଓ ଆନନ୍ଦ-ବାଦ କ୍ଷଣକ ପାଇଁ ଚିତ୍ତରୁ ଅପସରି ଯାଏ—ନଗ୍ନ ରୁକ୍ଷ ପୃଥିବୀର ଦୁଃଖ, ଶୋକ, ତାପ, ପାପ ପ୍ରାଣରେ ତୀବ୍ର ଆଲୋଡ଼ନ ସୃଷ୍ଟି କରି ଦିଏ । ଦିଗ୍‌ଭ୍ରାନ୍ତ ପଥିକ ଭଳି ମୁଁ ସ୍ତବ୍ଧ ହୋଇ ଶ୍ରାନ୍ତିହରଣ କରିବା ପାଇଁ ଅଶ୍ୱତ୍ଥର ଅକ୍ଷୟ ବଟ ଛାୟା ଖୋଜେଁ । ପାଏ ନାହିଁ—ମୁମୂର୍ଷୁ ମନ ମୋର ଶ୍ରାନ୍ତିର ଗ୍ଳାନି ଦୂର କରିବାକୁ ଉଦଗ୍ର ଚେତନାରେ ବିରାଟ ପୃଥିବୀର ପାରାବାର ଉପରେ ଶୂନ୍ୟ ଅର୍ଥହୀନ ଦୃଷ୍ଟି ନିକ୍ଷେପ କରେଁ । ମୁଁ ବିକଳ ବିଭ୍ରାନ୍ତ ହୋଇ ନିଏ ଲେଖନୀର ଶରଣ । ଆଉ ସେଇ ଲେଖନୀ ଦିଏ ମୋର ଦୁର୍ବଳ ମୁମୂର୍ଷୁ ଚିତ୍ତସତ୍ତାକୁ ଶକ୍ତି—ସେଇଥି ପାଇଁ ମୁଁ ଲେଖେଁ । ଆନନ୍ଦ ପାଏନା ମୋର ଲେଖାରେ, କାରଣ ତାହା ସୀମିତ—ଖଣ୍ଡିତ-ସଂକୀର୍ଣ୍ଣ ତାର ଅବୟବ--ଆଧାର ତାର ଗଣ୍ଡିବଦ୍ଧ—ତଥାପି ସେହି ସୀମା ଭିତରେ ମନ ମୋର ଅସୀମର ସ୍ପର୍ଶ ପାଏ—ତହିଁରେ ମୋର ବନ୍ଧନ ମୁକ୍ତିର ଆନନ୍ଦ liberation from eternal bondage.—ଲେଖାକୁ ମୁଁ ସୁସଜ୍ଜିତା ସ୍ୱୈରିଣୀ କରିବାକୁ ଚାହେଁ ନା—ଜନମନ ହରଣ କରିବା, କାହାମନର ପ୍ରବୃତ୍ତିକୁ ଥୋଇବା ମୋର ଲେଖାର ଉଦ୍ଦେଶ୍ୟ ନୁହେ—ଯାହା ଭାବେ, ଯାହା ବୁଝେଁ, ଯାହା ଅନୁଭବ କରେଁ ତାହାକୁଇ ଲେଖେଁ--ଆଉ ଏହି ଆତ୍ମ-ପ୍ରକାଶରେ ମୋର ବିପ୍ଳବୀ ଚିତ୍ତର ଆନନ୍ଦ ହୁଏ । ମୁଁ ଚିର ସଂଗ୍ରାମୀ—ସେଇଥିପାଇଁ ମୁଁ ଲେଖେ ଓ ପ୍ରଶଂସା ନିନ୍ଦାକୁ ଉପେକ୍ଷା କରେ । ମୋର ଲେଖା ମତେ ପଳାୟନପର ଅସ୍ୱାଭାବିକ ମନୋବୃତ୍ତିରୁ ଚିରଦିନ ରକ୍ଷା କବଚ ଦେଇ ଆସିଛି । ତାହା ଚିରନ୍ତନ ବୋଲି ମନେ କରେ ବୋଲି ମୁଁ ଲେଖାର ପ୍ରେରଣା ପାଏ —ଏବଂ ସେହି ବାସ୍ତବ ଅବାସ୍ତବ ମୁକୁରରେ ମୋର ପ୍ରତିଚ୍ଛବି ଦେଖି ସୁଖୀ ଦୁଃଖୀ ହୁଏ ।

ବିଜ୍ଞାନ ଚିତ୍ତ ଅତୀତରୁ ଛାଡ଼ି ଆସିଛି । ଏବେ ନିଜକୁ ପଚାରେଁ, ଲେଖାରେ ମୋର ସାର୍ଥକତା କିଛି ଅଛି କି ? ମୋର ଆତ୍ମା ଆର୍ତ୍ତନାଦ କରି କହେ, ଯେଉଁ ଲେଖକ ତାର ଅନୁଭୂତିକୁ ଜୀବନର ବାସ୍ତବ ପୀଠ ଉପରେ ମୂର୍ତ୍ତ ନ ଦିଏ, ରୂପଦାନ କରିବାର ଶକ୍ତି ପାଏନା—ସେ ଲେଖାର ବାସ୍ତବିକ ଚିରନ୍ତନ ସାର୍ଥକତା ନାହିଁ । ଗାନ୍ଧୀ ଟଲଷ୍ଟୟ ରବୀନ୍ଦ୍ରନାଥଙ୍କ ଲେଖାରେ ଶିଳ୍ପର ଚରମ ପ୍ରକାଶ ହୋଇଛି କାରଣ ସେମାନେ ନିଜର ଆଦର୍ଶକୁ ଜୀବନରେ ରୂପଦାନ କରିଛନ୍ତି । ମନୁଷ୍ୟ ଜାତିକୁ ସେମାନଙ୍କର ଦାନ କେବଳ ଲିଖନ କଳା ନୁହେଁ, ଭାବାଦର୍ଶର ଶିଳ୍ପ ନୁହେଁ—ତାଠୁ ବଡ଼ ହେଲା ଜୀବନର ବସ୍ତୁରୂପ । ସେମାନେ ନିଜ ଜୀବନରେ ନିଜର ଭାବାଦର୍ଶ ଓ ମତବାଦ, ନୀତି, ସୌନ୍ଦର୍ଯ୍ୟ-ବୋଧକୁ ପ୍ରତିଷ୍ଠା କରିଛନ୍ତି ବୋଲି ସେମାନଙ୍କ ମନୀଷା

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ଯେସାକୁ ତେସା

ନା.ନା. ବହିଦାର—୪୩, କୁଟେଞ୍ଜଲ୍ ଷ୍ଟ୍ରୀଟ
ସମ୍ବଲ୍ ପୁର

ପ୍ର—ଅସତ୍ୟ ପ୍ରିୟ କଥା ଓ ଅପ୍ରିୟ ସତ୍ୟ କଥା ଭିତରେ ପ୍ରଭେଦ କଣ ?

ଉ—ପ୍ରଥମଟି ନାରୀର ଓ ଦ୍ୱିତୀୟଟି ନରର ଭୂଷଣ ।

ପ୍ର—ସବୁଠୁ ପ୍ରିୟ ଓ ଅପ୍ରିୟ କଥା କଣ ?

ଉ—ଦାଅ ଓ ନିଅ ।

ପ୍ର—ମହାତ୍ମାଙ୍କ 'ପ୍ରତିଜ୍ଞା' କଣ ଛାତ୍ରଙ୍କ ପ୍ରତି ପ୍ରଯୋଜ୍ୟ ?

ଉ—ପ୍ରତିଜ୍ଞା ନଥିବା ଛାତ୍ର ପଢି ପାରନ୍ତି ।

କୁମାରୀ ପ୍ରେମଲତା ଦେବୀ
ଶାଳେପୁର ହାଇସ୍କୁଲ୍

ପ୍ର—ମୂର୍ଖା ଓ ମୂର୍ଖ ଭିତରେ ପ୍ରଭେଦ କିପରି, କେମିତ ଓ କେଉଁଠି ?

ଉ—ସ୍ତ୍ରୀର ଗହଣା ଓ ପ୍ରସାଧନ ଯୋଗାଇ ନଦେବା ପୂର୍ବରୁ ମୁହଁ ଆଗରେ ଯେ ନାଚେ ସେ ମୂର୍ଖା—ଯୋଗାଇ ଦେବା ପରେ ଆଖିରେ ଯେ ନାଚେ ସେ ମୂର୍ଖ ।

ପ୍ର—ତାପ ( heat ) ଓ ଉତ୍ତାପ [ temperature ] ଭିତରେ ପ୍ରଭେଦ କଣ ?

ଉ—ସ୍ୱାମୀ ପାଖରେ ଥିଲେ ନାରୀର ଯାହା ହୁଏ ତାହା ତାପ—ସ୍ୱାମୀ ନଥିଲେ ଯାହା ହୁଏ—ତାହା ଉତ୍ତାପ । ଅର୍ଥାତ୍ ତାପଟା ଅନ୍ୟ ହୁଏ ଓ ଉତ୍ତାପ ଆପେ ଆପେ ଉଠେ ।

ପ୍ର—ମୋର ବର୍ତ୍ତମାନ କେତେ ବୟସ କହି ପାରିବେ ?

ଉ—ମୋ ବୟସ ବର୍ତ୍ତମାନ ନବୀନ; ଆପଣଙ୍କର ଦାନ୍ତ ହୋଇଥିବ ।

ରମେଶ ଚନ୍ଦ୍ର ଦତ୍ତ—ଫକୀରମୋହନ
କଲେଜ—ବାଲେଶ୍ୱର

ପ୍ର—ଚନ୍ଦ୍ରାଙ୍କ ଯୋଗ୍ୟତା କଣ ?

ଉ—B. A. [ ବ୍ୟର୍ଥ ଆଶା ] ।

ପ୍ର—ପ୍ରଶ୍ନକର୍ତ୍ତାଙ୍କର ଅତି ଘରୋଇ କଥା ଗୁଡ଼ା ଗୋଟାଏ ଜାଗାରେ ବସି ଜାଣନ୍ତି କିପରି ଆପଣ ?

ଉ—ଘର ଆଢ଼େ ସମସ୍ତଙ୍କର ସମାନ ।

ପ୍ର—ଆପଣ ଆସନ୍ତା ନିର୍ବାଚନପରେ ଘରୋଇ ବିଭାଗର ମନ୍ତ୍ରୀ ହେବେ କି ?

ଉ—ବର୍ତ୍ତମାନ ତ ମୁଁ ଘରୋଇ ବିଭାଗର ମନ୍ତ୍ରୀ । ଲାଟଙ୍କ ନାମ ଶ୍ରୀମତୀ ନାଇଡୁ ନୁହେ—ଶ୍ରୀମତୀ ଚନ୍ଦ୍ରାଣୀ ।

କୁମାର ଶ୍ରୀ ଚନ୍ଦ୍ରମୋହନ ସିଂହ
ନୂଆଗାଁ—ଜୟପୁର

ପ୍ର—କଂଗ୍ରେସ ଦଳ ହାତରେ ଶାସନ କଳ । ଅତଏବ କଂଗ୍ରେସର ନୀତିକୁ ଶାସନ ନୀତି ନକହି ରାଜନୀତି କୁହାଯାଉଛି କାହିଁକି ?

ଉ—ରାଜିବା ଅର୍ଥାତ୍ ରୂପ ଦେଖାଇବା ବା ଉପରକୁ ଦେଖେଇ ହେବାର ନୀତିକୁ ରାଜନୀତି କୁହାଯାଏ । ଏବଂ ବର୍ତ୍ତମାନ ଶାସକଙ୍କର ଉପରକୁ ଦେଖେଇ ହେବା ଛଡ଼ା ଭିତରେ କିଛି ନାହିଁ ।

ପ୍ର—ଆମ ସ୍ୱପ୍ନର ରାମରାଜ୍ୟ କେତେ ଦୂରରେ ?

ଉ—ଆଖି ଆଗରେ ସମୁଦ୍ର ଯେଉଁଠି ଆକାଶ ସଙ୍ଗେ ମିଶିଛି; ଦଉଡ଼ି ଗଲେ ପାଇବେ ।

ପ—ବର୍ତ୍ତମାନ ପରିସ୍ଥିତିରେ କେଉଁଟା ଭେଲ୍—ଚୁଡ୍ରୀ ଚନ୍ଦ୍ର ହିମରାଜ୍ୟ ସୂଚକ ?

ଉ—ଯେଉଁଠି ଲାଟ ସାହେବ ବା ମନ୍ତ୍ରୀଙ୍କର ସୀତାମାନେ ବନବାସରେ ଥାଆନ୍ତି ।

ବସନ୍ତ କୁମାର ଦାସ, ରସାଳ ପୁର ?

ପ୍ର—ଶ୍ରୀକୃଷ୍ଣଙ୍କ ସାଇଁଗା କଣ ?

ଉ—ଦାସ [ରାଧାଙ୍କ ଗୋଡ଼ ଧରି ଥିଲେ].

ପ୍ର—ଗଙ୍ଗାଙ୍କର ବାପା କିଏ ମା କିଏ ?

ଉ—ବାପା ଆକାଶ ଯେଉଁଠୁ ପାଣି ଆସେ—ମା ପୃଥିବୀ—ଯାହାଙ୍କୁ ସେ ପାଣି ଦିଏ ।

ପ୍ର—ସୁଚରିତ୍ରା ସହିତ ପ୍ରେମ କରିବାର ଉପାୟ କଣ ?

ଉ—ତାର ଉପର ଆବରଣକୁ ଛାଡ଼ି ଫିଙ୍ଗି ଦେବ ।

ମହେଶ୍ୱର ମହାପାତ୍ର, ଗଙ୍ଗାଧର
କଲେଜ—ସମ୍ବଲପୁର

ପ୍ର—ସୋସାଲିଷ୍ଟ ଭଲ ନା କମ୍ୟୁନିଷ୍ଟ ଭଲ ? ଆପଣ କେଉଁ ଦଳର ?

ଉ—ଉଭୟରେ ଅନାସ୍ଥା ! ମୁଁ ତ ନାସ୍ତି !

ପ୍ର—ମୌଳିକ ଶିକ୍ଷା ପାଇଁ ଯେଉଁ ଖରଚ ହେଉଛି ତାର କି ଫଳ ହେବ ? ଆପଣ ତାର ପକ୍ଷରେ ନା-ବିପକ୍ଷରେ ?

ଉ—ଆଗ ଡାଳ ପାଣିରୁ ଗଛ ଛାତି ଉପରେ ନ ପକାଇ ଶିକ୍ଷାର ମୂଳରେ ପାଣି ଦେବାର ନାମ ମୌଳିକ ଶିକ୍ଷା । ମୋର ତ ବର୍ତ୍ତମାନ ଆନ୍ତରିକ ଶିକ୍ଷା ଚାଲିଛି ।

ପ୍ର—କଳା ବଜାର ଲୋପ ହେବ କିପରି ?

ଉ—କଳା ସରକାରକୁ ଧଳା କଲେ ।

---

( ୧୫ ପୃଷ୍ଠାର ଅବଶିଷ୍ଟାଂଶ )

ପୃଥିବୀରେ ଆଲୋକ ସୃଷ୍ଟି ପ୍ରଚେଷ୍ଟା କରିଛି । ସେହି ଦୃଷ୍ଟିରୁ ଲେଖକର ନିଜ ଜୀବନ ଯଦି ତାର ମତ ବା ଅନୁଭୂତିର ଅନୁକୂଳ ତଥା ଅନୁସାରକ ନ ହୁଏ ତେବେ ଜଗତରେ ଲେଖକର ଅର୍ଥାତ୍ ତାହା ଲେଖାର ମୂଲ୍ୟ କିଛି ନାହିଁ । ଉପନିଷଦ, ଦର୍ଶନ, ବେଦ ପଛରେ ଋଷି ଜୀବନର ଆଦର୍ଶ ନ ଥିଲେ ତାହା ସହସ୍ର ଲକ୍ଷ ବର୍ଷ ଅତୀତର ଅନ୍ଧକାର ଗର୍ଭରୁ ହୀରକଦ୍ୟୁତି ବିକୀର୍ଣ୍ଣ କରି ଲୋକ ଚକ୍ଷୁରେ ଜ୍ଞାନାଞ୍ଜନ ଲଗାଇ ପାରି ନ ଥାନ୍ତା । ସେହି ଦର୍ଶନ ବା ଦାର୍ଶନିକ ଜୀବନ ପାଇଁ ସାର୍ଥକ । ସେହିପରି ସାହିତ୍ୟ ସାହିତ୍ୟିକ ଜୀବନରେ କେବଳ ସାର୍ଥକ ହୁଏ । ସାହିତ୍ୟିକ ଜୀବନ ସ୍ୱପ୍ନ ଜୀବନ ନୁହେଁ—ବାସ୍ତବତାରେହିଁ ତା'ର ପ୍ରକାଶ ଏବଂ ବିକାଶ । ସେହି ଦୃଷ୍ଟିରୁ ମୋ ପାଖେ ମୋ ଲେଖାର ଦାମ ନାହିଁ—କାହା ଲେଖାରଣ ନୁହେଁ । ଅତୀତ ସ୍ୱରର ଉତ୍ତରାଧିକାରୀ ଭାବରେ ଲଭିଥିବା ରାଜନୈତିକ ଜୀବନର ଭାବାଦର୍ଶ ଚିନ୍ତା ଓ ଜୀବନ ପ୍ରଣାଳୀ ଯେପରି ମୋ ନିକଟରେ ଅଳ୍ପ ପରିହାସ ଏବଂ ଆତ୍ମ ବିଡ଼ମ୍ବନାର ବସ୍ତୁ ହୋଇ ପ୍ରତିଭାତ ହୁଏ । ଅତୀତର ଲେଖକ ଜୀବନ ଓ ଭାବଚିନ୍ତା, ଆଦର୍ଶ, ନୀତି, ମତବାଦ, ଇତ୍ୟାଦିକୁ ବିଶ୍ଲେଷଣ କଲେ ମୋର ଲେଖାକୁ ଉପରୋକ୍ତ ଭାବରେ ଆତ୍ମ ବିଡ଼ମ୍ବନା, ଆତ୍ମଲାଞ୍ଛନ, ବଞ୍ଚନା ଓ ପରିହାସ ବସ୍ତୁ ରୂପେ ବୋଧହୁଏ । —

ମୁଁ ଲେଖେ ଦୁଇ ଚାଲ ରାଜନୀତି ମୋତେ ଭଲ ଲାଗେ ନାହିଁ ବୋଲି ଦେହରୁ ଅଛୁଆଁ ମୋ ପାଖରେ ବଡ଼ ବୋଲି । ଏ ଯାବତ ଲେଖାର ପ୍ରେରଣା ମୋ ଭିତରେ ବଞ୍ଚିଛି କେବଳ ସେଇଥିପାଇଁ । କାହିଁକି ମୁଁ ଲେଖେ ର ଜବାବ ଏତିକ ମୋଟା ମୋଟି ଦେଇଛି । —



Digitized by srujanika@gmail.com

ମୁରାରି ମୋହନ ଜେନା ଖ୍ରୀଷ୍ଟିଆନ-
କଲେଜ—କଟକ

ପ୍ର---ଲଭ୍ ମେରେଜ୍ ଓ ସିଭିଲ୍ ମେରେଜ ମଧ୍ୟରେ ପ୍ରଭେଦ କଣ ?

ଉ---ପ୍ରଥମଟି ଖପରାଦ୍ୟ ଦ୍ୱିତୀୟଟି ପ୍ରମାଣ ।

ପ୍ର---ବୋଉର ଇଚ୍ଛା ଗୋଟିଏ ଗାଉଁଲି ସ୍ତ୍ରୀ ବାହା କରେଇବା ପାଇଁ, ବାପାଙ୍କ ଇଚ୍ଛା ଗୋଟିଏ ଶିକ୍ଷିତା ସ୍ତ୍ରୀ ଓ ବନ୍ଧୁମାନଙ୍କର ଇଚ୍ଛା ଟିଉର କୁମାରୀ ବାହାବା ପାଇଁ---ମୋର କର୍ତ୍ତବ୍ୟ କଣ ?

ଉ--ବୋଉ କଥାରେ ଗାଉଁଲି ସ୍ତ୍ରୀଅଟିଏ ବାହା ହୁଅ--ବାପା କଥାରେ ଶିକ୍ଷିତା କୁମାରୀ ସ୍ତ୍ରୀଅଟିର ବୟ୍‌ଫ୍ରେଣ୍ଡ ହୁଅ, କାରଣ ତାଙ୍କର ହଜବେଣ୍ଡ ଓ ବୟ୍‌ଫ୍ରେଣ୍ଡ ସମାନ । ମଫସଲରେ ସ୍ତ୍ରୀର ରଖି ବନ୍ଧୁଙ୍କ କହ ଯେ ବାହା ହେଉ ନାହିଁ । କାରଣ ମଫସଲ ସ୍ତ୍ରୀ ବାହା ହେବା ନହେବା ସମାନ ।

ପ୍ର---ସ୍ତ୍ରୀ ମାନେ ଆଜି କାଲି ବେଣୀ ଆଡ଼ୁ ହତ୍ୟା କରୁଛନ୍ତି କାହିଁକି ?

ଉ---ଡ ଆଣ୍ଡି ହେଉ ପୁଅଙ୍କୁ ମାଡ଼ ବସିବା ପାଇଁ ।

ନାଶିକେଳି କ ନାଥ ବହିଦାର,
ସମ୍ବଲ ପୁର

ପ୍ର---ଶୁଣୁଛି ଡଗରର ସଂପାଦକ ବୁଢ଼ା ବୟସରେ ବାହା ହେବେ; ତାଙ୍କ ପାଇଁ କେତେ ବର୍ଷର ପାତ୍ରୀ ଲୋଡ଼ା ?

ଉ---ମଦ୍ୟ ମହାପାତ୍ରୀ ଲୋଡ଼ା ।

ପ୍ର---ମନସିହଙ୍କର ମୁଁ କହିଁକ ଲେଖେଁ--ରେ ସରସ୍ୱତୀଙ୍କ ସ୍ୱପ୍ନ ତାଙ୍କୁ ଜବ ମହତ୍ତ୍ୱ ମଣି କରିବା କଥା ସତ; ନା---ପ୍ରିୟାର ସ୍ୱପ୍ନ ?

ଉ---ସରସ୍ୱତୀ ତ ସ୍ୱପ୍ନ:ପ୍ରିୟାଟା ଯେ ସତ୍ୟ ।

ପ୍ର—ଗାଁ ଜନଅ ଶିଙ୍ଗାଣି ନାକା ଭଳି ନିତ୍ୟାନନ୍ଦ ମହାପାତ୍ର ଭଦ୍ରକରେ ବସେଇ ନପାରି ଗଣ୍ଡିଲ ଧରି କଟକରୁ ପଳାଇ ଆଇଲେକି ?

ଉ---କଟକରେ ହେଲେକ ଲୁଗା କଣି ନାଁ ତାଙ୍କର କଟକିଆଣୀ ହେଇ ଗଲଣି ।

ଗୌର ମୋହନ ଜେନା—
ଫକୀର ମୋହନ କଲେଜ

ପ୍ର—ସ୍ତ୍ରୀମାନେ ପୁରୁଷଙ୍କ ସହିତ ସବୁ କ୍ଷେତ୍ରରେ ସମାନ ଅଧିକାର ଦାବି କରୁଛନ୍ତି ମାତ୍ର ସଭାସମିତିରେ ବକ୍ତୃତା ଦେବା ବେଳେ ଖାଲି ବାଜୁଛି କାହିଁକି ?

ଉ—ଘରଅଲେ ସ୍ୱାମୀ ଆଗରେ ସବୁ କହି ସାରିଥାନ୍ତି—ସଭାରେ କହିବାକୁ ନୂଆ କଥା କିଛି ନଥାଏ ।

ପ୍ର—ପୁରୁଷ କାହା ପାଇଁ ଅନ୍ଧାରରେ ଜୀବନ ଦାନ କରେ ?

ଉ—ନାରୀ ଓ ହଂସ୍ର ପଶୁ ପାଇଁ ।

ପ୍ର---ପ୍ରତିଦ୍ୱନ୍ଦ୍ୱିତା ପାଇଁ କି ଭଳି ଲୋକଙ୍କୁ ଭୋଟ ଦେବ ?

ଉ---ଟେରଙ୍କ ପ୍ରତିନିଧି ବଡ଼ ଟେର ହେବା ବିଧି । କଳା ବଜାର ଦେଶରେ ବଡ଼ କଳା ବଜାରୀ ମନ୍ତ୍ରୀ ହୁଅନ୍ତି ।

ଭଗବାନ ନନ୍ଦାଟା

ଟିସି ଗୋବିନ୍ଦ ପୁର—କଟକ

ପ୍ର—ନୂରଜାହାନଙ୍କୁ ପୃଥିବୀର ଆଲୋକ କାହିଁକି କୁହାଯାଉଥିଲା ?

ଉ—ସେତେବେଳେ ସେ କିରାସିନି ରେସନ କାର୍ଡ ଇସୁ କରୁଥିଲେ ବୋଧ ହୁଏ !

ପ୍ର—ସ୍ତ୍ରୀ ଲୋକମାନେ ସରକାରୀ ଅଫିସର ହେବା ସଂବନ୍ଧରେ ଆପଣଙ୍କ ମତ କଣ ?

ଉ—ଭବିଷ୍ୟତ ବଂଶଧର ମାନେ ଜନ୍ମ ହେଲା ବେଳକୁ ତାଙ୍କ ଗୁଣରେ ଗୋଟିଏ ଗୋଟିଏ ଫାଉଣ୍ଟେନ ପେନ ଲଗି ଥିବ ।

ପ୍ର—କେତେକ ପୁରୁଷ ଦାଢୀ ଛାଡ଼ନ୍ତି କାହିଁକି ?

ଉ—ତାଙ୍କ ସ୍ତ୍ରୀ ମାନେ ପୁଣି କେତେବେଳେ ଜାମୁଡ଼ିଲେ ଗାଲରେ ଚୋଟ ନ ବସି ଦାଢ଼ୀରେ ବସିଗଲେ ରକ୍ଷା ପାଇଯିବେ ବୋଲି ।

ଯୋଗୀନ୍ଦ୍ର ପଟ୍ଟନାୟକ—
ଫକୀର ମୋହନକଲେଜ

ପ୍ର—ଡଗର ସମ୍ପାଦକ ଅବିବାହିତ ରହିଛନ୍ତି କାହିଁକି ?

ଉ—କାହାକୁ ନିର୍ବାଚନ କରିବାକୁ ବୁଦ୍ଧି ନ ଥିବାରୁ ।

ପ୍ର—ଏ ଯୁଗରେ ନାରୀର ସତୀତ୍ୱ କହିଲେ କ'ଣ ବୁଝାଏ ?

ଉ—ପୁରୁଷର ଦୁର୍ବଳତା ।

ପ୍ର—ପାଉଡର, ସ୍ନୋ, ରୁଜ ଆଦି ବେ-ଆଇନ ହୋଇଗଲେ ଅଧିକାଂଶ କରିବେ କଣ ?

ଉ—କିଛିଦିନ ପରେ ସେମାନେ ବାଗଲ ବୁଦ୍ଧି ପାଇବେ ଯେ ପାଉଡର ଘଡ଼ି ବାକ୍ସ ଲଗାଇଲେ ମଧ୍ୟ ଗୃହିଣୀ ଲୋକର ଅଭାବ ହେଉ ନାହାନ୍ତି ।

ବୈକୁଣ୍ଠ ନାଥ ମହାନ୍ତି, ଚେଉଁଟାଗୋଲ

ପ୍ର—ଈଶ୍ୱର ସର୍ବବ୍ୟାପୀ ଏହାର ପ୍ରତ୍ୟକ୍ଷ ପ୍ରମାଣ ଅଛି କି ?

ଉ—ଆପଣ ସର୍ବବ୍ୟାପୀକୁ ଦେଖିବା ପାଇଁ ଗୋଟିଏ ସେଲ୍ଡର ପାଓ୍ୱାର ବାଲା ଚଷମା କିଣନ୍ତୁ ନିଶ୍ଚୟ ଦେଖିବେ ।

ପ୍ର—ଚୁଡ଼ୁଙ୍ଗୀ ଚନ୍ଦ୍ରଙ୍କ ନାମ ପିନ୍ଧୁଦାଣ୍ଡ କି ସ୍ୱଦେଶୀ ।

ଉ—ସେଠା କୁହନ୍ତୁ ।

ପ୍ର—କୁକୁର ଲାଙ୍ଗୁଡ଼ ସିଧା କରିବାର ସହଜ ଉପାୟ କଣ ?

ଉ---କୌଣସି ସତୀସ୍ତ୍ରୀ ଛୁଇଁ ଦେଲେ ସଜେ ହୋଇଯିବ । ଆପଣ ପରୀକ୍ଷା କରି ଦେଖନ୍ତୁ ।

ଗୀତାଞ୍ଜଳି ସାମଲ
ପୁରୁଣା ହାଟ—କଟକ

ପ୍ର—ଅହିଂସା ଓ କଳା ପେଡ଼ା ମଧ୍ୟରେ ତଫାତ୍ କଣ ?

ଉ—ଅହିଂସା ମୁଗୁରରେ ବାଡ଼େଇଲେ କଳାଟା ମାଟି ଭିତରକୁ ପଶେ ।

ପ୍ର—ସ୍ଥୂଳ ଦେହରେ ପଚିଶ ତତ୍ତ୍ୱ କଣ?

ଉ—ସାବୁନ, ସ୍ନୋ, ପାଉଡର, ରୁଜ, ଲିପ୍‌ଷ୍ଟିକ୍, କଜ୍ଜଳ, ବିନ୍ଦି, ବାସ ତେଲ, ପୋମେଟମ, ଅତର, ବ୍ଲାଉଜ୍, ଅଲତା, ଦୁଲ୍, ଚଷମା, ନେକଲେସ, ବ୍ଲାଉଜ, ଶାଢ଼ୀ, ପେଟିକୋଟ, ଚୁଡ଼ି, ଘଡ଼ି, ଭ୍ୟାନିଟିବ୍ୟାଗ, ରୁମାଲ, କଲମ ଓ ଚପଲ୍ ।

ପ୍ର---ପ୍ରଣବ କଣ ଓ କିପରି ?

ଉ---ପ୍ରଣୟର ବିଫଳତାରେ ଉତ୍ଥିତ ଧ୍ୱନିର ନାମ ପ୍ରଣବ । ପ୍ରଣୟର ଦୈର୍ଘ୍ୟ ପ୍ରସ୍ଥ ଓ ବେଧ ଛଡ଼ା ସମୟ ମଧ୍ୟ ତାହାର ଏକ ଚତୁଃପାର୍ଶ୍ୱ ।

ବିନୋଦ ରାଉତରା,
ଏନ୍‌ସି କଲେଜ, ଜାଜପୁର

ପ୍ର---ରାମାୟଣ କଣ ମହାଭାରତ ଠାରୁ ପ୍ରାଚୀନ ।

ଉ---ରାମାୟଣରେ ସ୍ତ୍ରୀ ପାଇଁ ଯୁଦ୍ଧ; ମହାଭାରତ ଭାଇ ଭାଇ ମଧ୍ୟରେ ଯୁଦ୍ଧ । ପ୍ରଥମରେ ଆଗ ରାମାୟଣ ହେଲେ ତାପରେ ଭାଇଭାଇ ଲାଗିଥାଏ ।



Digitized by srujanika@gmail.com

# ଅରୁଣ ମହାପାତ୍ର

ଲେ—ଶ୍ରୀ···ମହାନ୍ତି—

ଆଜି ଏକି ତୁମ ନୂଆ ବେଶ
ସଂଗ୍ରାମ କି ହେଲା ତେବେ ଶେଷ ?
ନା, ଏବେ ଏକ ନୂତନ ସଂଗ୍ରାମ
ଜୀବନ ଓ ମରଣର ହୋଇଛି ଆରମ୍ଭ ?
ବେଶ୍ ବେଶ୍ ଯୁଦ୍ଧ ତେବେ ଚାଲୁ
ଜାଣିଥିବ ଏ ପଥଟା ଅତ୍ୟନ୍ତ ଯେ ଢାଲୁ ।
ଚାହିଁ ଚାହିଁ ବହୁ ଦୂରେ···ଭାବୁଛ କି ସେଦିନର କଥା
ଗସ୍ଥ ସାହେବଙ୍କ ପୁଅ
କଲେଜକୁ ମଟରରେ ଆସନ୍ତି ଯେ ସଦା—
ପଢୁଥିଲେ ତୁମ ସାଥେ ବି. ଏ.
ଅନର୍ସରେ ପାଇଥିଲେ ପ୍ରଥମ ପଦବୀ
ଦ୍ୱିତୀୟ ବିଭାଗେ ।
ଅଧୁନା ଯେ ଅଲ୍ଲାହାବାଦରେ
ସରକାରୀ ବୃତ୍ତି ପାଇ···ପଢୁଛନ୍ତି ଏମ୍. ଏ
"ଡିପ୍ଲୋମାସିରେ ।"
ମାତ୍ର ଚାରି ନମ୍ବରର ଲାଗି
ତମେ ପାଇନାହିଁ ବୃତ୍ତି ।
ମାସ ଶେଷେ ଷାଠିଏ ଟଙ୍କାରେ
ଅନାଖ୍ୟାତ କେଉଁ ସ୍କୁଲେ ବାଲେଶ୍ୱର ଠାରେ
କରିଥିଲ ଶିକ୍ଷକତା···ଖାଲି କିନ୍ତୁ ବଞ୍ଚିବାର ଲାଗି
ପିଲାଦିନୁଁ ଭବ ଚିନ୍ତନ
ବି. ଏ. ପଢୁଥିଲ ଯେବେ···ମନେ ଆଙ୍କି କେତେ ଯେ ସପନ ।
କେତେ ମଧୁଜୀବନର ଦୂର ଶୁଣା ବାର୍ତ୍ତା
ତୁମ ମନେ ପାଇଥିଲା ଭାଷା ।
ଅସ୍ଥିସାର ହୋଇଥିଲା ତନୁ
ବିଜୟ ଗୌରବ କିନ୍ତୁ ପାଇଥିଲ ତୁମେ ପିଲାଦିନୁ ।
କିନ୍ତୁ କିଏ ରଖିଲା ବା ଇତିହାସ ତାର
ହେ ବିପ୍ଳବୀ ତେଣୁ ବାରମ୍ବାର
ତମ ଗତ-କଥା ସବୁ···ଆଜି ମୋର ପଡୁଅଛି ମନେ
ହୋଇଥିଲା ଦେଖା ଯେବେ—
କାଲି ସେଇ ହସ୍ପିଟାଲ କୋଣେ ।
ପିନ୍ଧିଥିଲ ତମେ ନୂଆ ବେଶ
ଯୁଦ୍ଧ ତେବେ ହୋଇ ନାହିଁ ଶେଷ ?
ତମକୁ ମୁଁ ଦେଖିଥିଲି କାଲି
ବିଷାକ୍ତ ନିଶ୍ୱାସ ଭରି ବହୁଥିଲା
ଦେବାଲାଗି ଅପରକୁ ଛାଡ଼ି ।
ସମାଜର ଯେତେ ଅବିଚାର
ଅବହେଳା, ଅପମାନ, ଲୋଟୁଥିଲା ଚରଣେ ତୁମର ।
ଏ ଜାତି କଳଙ୍କ
ତୁମ କାଶ, କଫ ଓ ରକତେ—
ଦେଖିଥିଲି ହୋଇ ମୁଁ ଶଙ୍କିତ ।
କଣ୍ଠେ ତମ ଅଗ୍ନିଶମ ଧାର
ଚାହିଁଥିଲା ଗ୍ରାସିବାକୁ ଏ ଧରଣୀ ସାରା ।
ଅଭିଶପ୍ତ ହତଭାଗ୍ୟ ଜାତିର ଶୋଣିତର
ତମେ ଥିଲ ପ୍ରତିନିଧି ତାର
ଏ ଧରାରେ କେବେ ଯେଣୁ ପାଇ ନାହିଁ ଭଲ
ତେଣୁ ତ ବିଦାୟ କ୍ଷଣେ
"ଥାଅ ବନ୍ଧୁ ମୁଁ ଚାଲିଲି ଏବେ ଏକା"
ତମେ କହିଥିଲ ।
ଯକ୍ଷ୍ମାର ଜୀବାଣୁ ଆଜି ଯୁଦ୍ଧମାଗେ
ତମ ଅଙ୍ଗେ ପ୍ରତିଲୋମ କୂପେ
ଫୁସ୍ ଫୁସର ରକ୍ତ ସ୍ରୋତେ ଉଦ୍ଦାମ ପୁଲକେ ।
ତୁମେ କିନ୍ତୁ ହେ ନିର୍ଭୀକ
ଆଜି ମଧ୍ୟ ନୋହୁ ବିଚଳିତ
ରଣକ୍ଳାନ୍ତ ହେ ବୀର ସୈନିକ ।
ତମେ ତେବେ ଏତେଦିନ ଦାସ୍ୟମୁଖେ ସମସ୍ତ ଲଙ୍ଘିଣ—
ଭୁଲିଥିଲ ସ୍ୱପନର ଭ୍ରମେ
କିଏ ବଡ଼ ଶୋଭେଣ ନା ତମେ ?
ଏଇ ବର୍ଷ ତୁମେଇ ମରିବ
ଏଥିରେ ବା ଅଛିକି ସନ୍ଦେହ !
ଦେହର ଭଗ୍ନାଂଶ ଯିବ ସମୟର ଭଗ୍ନାଂଶରେ ମିଶି
ପ୍ରତିଶୋଧ ନେବ ନିଷ୍ଠେ
ତୁମ ଅଙ୍ଗ ପ୍ରତି ପରମାଣୁ
ଧ୍ୱଂସର ଜୀବାଣୁ
ନିର୍ବିଘ୍ନେ ସଂଚରିବ ସ୍ତରେ ସ୍ତରେ କଳଙ୍କିତ ଏଇ ସମାଜର
ଭାଙ୍ଗି ଶତ ବିଭେଦର ନୀଚ ବ୍ୟବଧାନ ।
ତୁମେ କିନ୍ତୁ ଜୀବନର ଦୀର୍ଘ ପଥଧାରେ
ମୃତ୍ୟୁ-ଗୃହେ କ୍ଷଣ ପାଇଁ ନିଅହେ ବିଶ୍ରାମ—
ହେ ବିପ୍ଳବୀ ହେ ବନ୍ଧୁ ପରମ ।



Digitized by srujanika@gmail.com



କଲମରୁ

## ବାସି ଫୁଲ

ଫୁଟିଲା ଦିନେ ଫୁଲଟି ବନ୍ଦୁନ୍ଦରେ
ମହକ ତାର ଉଠିଲା ଚଉଦିଗେ ।
ଆସିଲା ମାଳୀ ତୋଳିବା ପାଇଁ ତାରେ
ଦେବତା ଶିରେ ଦେବାକୁ ଅନୁରାଗେ ।
\+ \+ \+ \+
ସୁରୁଜ ଦେବ ବାରୁଣୀ ଶିରେ ଦିନେ
ଖେଳାଇ ଗଲେ ରକ୍ତିମାର ରେଖା,
ବୁଡ଼ିଣ ଗଲେ ସୁଦୂର କେଉଁ କୋଣେ
ଗୋଧୂଳି ବୁକେ ଆଙ୍କି ମଧୁ-ଲେଖା ।
ସଜ-ଗୋଧୂଳି-ବୁକେ ସେଦିନ ହସି
ଅସିଲା ଫୁଟି ବୃନ୍ତଶିରୁ କଳି ।
ମହକ ତାର ପବନେ ଗଲା ଭାସି
ପରାଣ ତାର ମୁକ୍ତ ଉଠେ ଝଲି ।
ପାହାନ୍ତି ଉଷା ପ୍ରଭାତେ ଆସି କେଉଁ
ଅଜଣା ମାଳୀ ହସ୍ତେ ଡାଳ ଧରି ।
ହସିତ ମୁଖେ ଫୁଲଟି ଧୀରେ ସେହୁ
ତୋଳିଣ ତାର ପାତେ ଦେଲା ଭରି ।
ସେଦିନ ଶେହୁ ଫୁଲଟି ନେଇ ଘରେ
ଦେବତା ଶିରେ ଅର୍ପେ ଅନୁରାଗୀ ।
ତା ପର ଦିନ ହୋଇଲା ଫୁଲ ଛଡ଼ା
ଯୋଗ୍ୟ ନୁହେଁ ଦେବତା ଶିର ଲାଗି ।
ସଜ ଫୁଲଟି ତୋଳିବା ଦିନ ମାଳୀ
ହସିଲା କିଆଁ ମର୍ମ ତାର ଜାଣେ ।
ବାସୀ ଫୁଲଟି ଫିଙ୍ଗିଲା ଦିନ ପୁଣି
ହସଟି ତାର ଭାସେନା ଓଠ କୋଣେ ;
ଏମିତ କେତେ ତୋଳିଛି ସଜ କଳି
ଏମିତ କେତେ ଫିଙ୍ଗେ ବାସିଫୁଲ ।
ହସିଲା କିଆଁ ମାଳୀଟି ତାହା ଜାଣେ
ପାଇନା କେହିଁ ଉତ୍ତର ଫୁଲ ମୂଲ ।
କହିଲା ଆଜ ମନର କଥା ମାଳୀ
ଧରି ପିଟିରେ ଏମିତ କଥା କେତେ ।
ନାଟ ତ ଘଟି ଯାଇଛି ପୁଣି ଗୁଲି
ରଖିଛି କେହି ମନେ ସେ କଥା ସତେ ?
ସକାଳ ପରେ ଏମିତ କେତେ ଫୁଲ
ଉଠୁଛି ଧୀରେ ହାସ୍ୟ ମୁଖେ ଫୁଟି ।
ବଳି ତାର ମନ୍ଦ ସଉରଭ
କାଳର ସୁଏ ଜୀବନ ଦିଏ କାଟି ।
ଯଉବନର ଗା ମନ୍ଦିରରେ
ପଡ଼େ ସେ ରହେ ହୋଇଣ-ବାସିଫୁଲ ।
ନ ଆସେ ମାଳୀ ତୋଳିବା ପାଇଁ ତାରେ
ପାଏ ନା ସେତ ଯଉବନର ମୂଲ ।

ଲେଖକ—
ଶ୍ରୀମାନ ରାଧାଗୋବିନ୍ଦ ରଥ ଅଧିକାରୀ

## ନାଗଙ୍କ ପ୍ରଶ୍ନ

ଅଖିଳ[୧୨୪୩]କାଚର ଉଦ୍ଭାବନ କିଏ କେବେ କରିଥିଲା ?

ମହେନ୍ଦ୍ର[୧୨୪୨] ପୃଥିବୀର ସବୁଠାରୁ ଘନ ଜନ ବସତି କେଉଁଠି ?

ଜନାର୍ଦ୍ଦନ[୧୨୫୩]ବେଶୀ ଉପରକୁ ଗଲେ ଥଣ୍ଡା ବୋଧହୁଏ କାହିଁକି ?

ରବି[୧୯୫୫]ଫଟୋଗ୍ରାଫ, ଚଳଚିତ୍ର, ରେଡ଼ିଓ, ଟେଲିଫୋନ, ଟେଲିସକୋପ, ମାଇକ୍ରୋସ୍କୋପ, ଛାପାଯନ୍ତ୍ର, ଟେଲିଭିଜନ, ଫାଉଣ୍ଟେନପେନ, ପେନସିଲ୍ନ, କାଗଜ ଓ ରଙ୍ଗନରଶ୍ମି ବା ଏକସରେର ଉଦ୍ଭାବକ କିଏ ?

ତ୍ରିଲୋଚନ[୯୧୧]ମଣିଷ ସବୁଠୁ ବେଶି ଜୀବିତ ଅଛି ବୋଲି କେତେବେଳେ ଜଣାପଡ଼େ ?

ବରଦା [୧୩୮୧] ବୁଦ୍ଧ ବୌଦ୍ଧ କେଉଁଠି ଶ୍ରୀକ୍ଷେତ୍ରରେ ହୋଇଥିଲା ।

ସତ୍ୟ.[୧୩୨୪] ପୃଥିବୀରେ ସର୍ବମୋଟ କେତେ ଟେରିଟୋରି ଅଛି ?

## ନାଗଙ୍କ ଉତ୍ତର

ଶୁଭେନ୍ଦୁ ଭାଇ—ହିନ୍ଦୁମାନେ ପକ୍ଷୀ ଗରୁଡ଼ କୋଲି ଭାବନ୍ତି ହିନ୍ଦୁସ୍ଥାନ ବୃହା ଯାଏ—

ଜଗନ୍ନାଥ ଭାଇ—ଚଷମା କାଚ ପ୍ରିଜମ୍ ବା ଯନ୍ତ୍ରକାଚ ପରି ତିଆରି ହୋଇଥିବାରୁ ଏଥିରେ ଅକ୍ଷର ବଡ଼ ଦିଶେ ।

ଶରତ ଭାଇ—ଏରୋପ୍ଲେନ ବାୟୁଠାରୁ ଓଜନ କମ୍ ଏହା ବାୟୁରେ ଉଡ଼େ—ଆମେରିକାର ରାଇଟ ବ୍ରଦର୍ସ ପ୍ରଥମେ ଏହା ବାହାର କରିଥିଲେ ।—ଭଗବାନ [୧୩୫]

ନାଂ ୫୩ ଅବିନାଶ ଚନ୍ଦ୍ରନାଥ ଉତ୍ତର
MONKEY—ବରଦା [୧୩୮୮]
ଓ ରମାକାନ୍ତ [୧୩୬୮]

ନାଂ ୫୦ ଅବସର ବିନୋଦନ

ଇଂରାଜୀରେ ଏପରି ଏକ ଶବ୍ଦ ଲେଖ ଯାହାର ବନାନ କଲେ ଏଭଳି ଏକ ପ୍ରଶ୍ନ ହେବ ଯାହାର ଉତ୍ତର ହଁ ବୋଲି କହିଲେ ଉତ୍ତର ଦାତା ବୁଦ୍ଧିଆ ନହୋଇ ଗଧ ପ୍ରମାଣିତ ହେବେ—ବରଦ (୧୩୮୮)

### ସୁନା କଣ୍ଠାଳି ନାଗ

ତ୍ରିଲୋଚନ(୯୧୧)ମୟୂର ଭଞ୍ଜ କଲେଜ ପୋ: ବାରିପଦା ଜଣେ ସୁନା କଣ୍ଠାଳି ନାଗ ହୋଇ ଗଲେଣି ।

### ନାଗଙ୍କ କୃତିତ୍ୱ

ନାଗ ନିହାର ରଞ୍ଜନ ହୋତା ମୟୂରଭଞ୍ଜ ଛାତ୍ର ସମ୍ମିଳନୀ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇଛନ୍ତି ।

## ନୂଆନାଗଙ୍କ ନାମ

୧୩୯୦ ସୁରେନ୍ଦ୍ର ନାଥ ପଣ୍ଡା, ଇରମ ଏମ.ଇ. ସ୍କୁଲ ଇରମ—ବାଲେଶ୍ୱର । ୧୩୯୧ ବିଷ୍ଣୁ ମୋହନ ଷଡ଼ଙ୍ଗୀ, ଇରମ ଏମ.ଇ.ସ୍କୁଲ ୧୩୯୨ ଗୌର କୃଷ୍ଣ ପଟ୍ଟନାୟକ, ଲୋଟସ୍ ହାଉସ୍ କଟକ । ୧୩୯୩ ଅପୂର୍ବ କୁମାର ଦାସ, ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧ମ ଶ୍ରେଣୀ ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣି ହେବାକୁ ଚାହେଁ । ମୋର ବୟସ ୫ ବର୍ଷରୁ ଉଣା । ମୋର ଜନ୍ମ—ତା । ।
ମସିହା । ମୁଁ ସତ୍ୟ ସାହାସ ଓ ସେବା ବ୍ରତ ଅହିଂସା ପାଳନ କରିବାକୁ ଚେଷ୍ଟା କରିବ । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଗ୍ରାହକ ନମ୍ବର ଟ ୵ ଡାକଟିକଟ ଦେଲି ।

ସ୍ନେହର
ଠିକଣା—ଶ୍ରୀ...



Digitized by srujanika@gmail.com

Dagaro
Reg. No O 18. ORISSA'S MOST POPULAR FORTNIGHTLY 16 9-50

# ମାରାତ୍ମକ କୀଟାଣୁ

ଆଜି ଦେଶ ଦେଶ ମଧ୍ୟରେ ଯାତାୟାତ ସୁଗମ ହେବାରୁ ଆନନ୍ଦ ହୁଏ । କିନ୍ତୁ ଏହାର ଅସୁଖ-ମୟ ପରିଣାମ ମଧ୍ୟ ଅଛି । ଏହା ଫଳରେ ନାନା କୀଟାଣୁଙ୍କର ଆକ୍ରମଣ ସମ୍ଭବ ହୋଇଛି । ଏହି କୀଟାଣୁ ସର୍ବତ୍ର କ୍ଷତି କରୁଛନ୍ତି । ଖାଦ୍ୟ ନଷ୍ଟ ଏକ ପ୍ରକାର ଗୋବର ପୋକ ଭଳି ହଜାର ହଜାର ମହଣ ଖାଦ୍ୟ ନଷ୍ଟ କରିଦିଅନ୍ତି । କଲରାଡୋ ନାମକ ଗୋବର ପୋକ ଅଦ୍ଭୁତ ମାରାତ୍ମକ ।

ଟାସମାନିଆର ଗ୍ରେର ଗୋବର ପୋକ ଛେନା ଖାଏ । କ୍ରାନ୍ତି ବଳୟସ୍ଥ ଦେଶରେ ଲଙ୍ଗି ଏବଂ ଗୁଡ଼ଳ-ଖାଈ ପୋକ ପ୍ରତିବର୍ଷ କେତେ କୋଟି ଟଙ୍କାର ଖାଦ୍ୟ ଖାଇଯାନ୍ତି । ଯୁଦ୍ଧ ପୂର୍ବରୁ ଜର୍ମାନରେ ଫାରଚ ନାମକ ପିମ୍ପୁଡ଼ି ହାସପିତାଳମାନଙ୍କରୁ ବାହାରିଲେ । ଆର୍ଜେଣ୍ଟିନାରୁ ଏକ ଜାତି ପିମ୍ପୁଡ଼ି ମଧ୍ୟ ୟୁରୋପଯାଏଁ ଆକ୍ରମଣ କରିଗଲେ ।

ଏଇ ଖାଦ୍ୟ ନାଶୀ ପୋକ ଛଡ଼ା ସ୍ୱାସ୍ଥ୍ୟ ନାଶୀ ପୋକ ବି ଅଛନ୍ତି । ତା ଭିତରେ ମ୍ୟାଲେରିଆ ମଶା ଏକଜାତି ଯାହାଙ୍କ ଯୋଗେ କୋଟି କୋଟି ଲୋକ ମ୍ୟାଲେରିଆ ଭୋଗୁଛନ୍ତି ।

ପୂର୍ବ ଜାତିସଂଘର ମେଲେରିଆ କମିସନ ସୁପାରିଶ କରନ୍ତି ଯେ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ମ୍ୟାଲେରିଆ ଋତୁରେ ପ୍ରତ୍ୟହ ୭ ଗ୍ରେନ ଓ ଆକ୍ରାନ୍ତ ହେଲେ ଦୈନିକ ୧୫ରୁ ୨୦ ଗ୍ରେନ—୭।୮ ଦିନ ଯାଏ ଖାଇବା ଉଚିତ ।

ପ୍ରତିବର୍ଷ ୩୦ ଲକ୍ଷ ଲୋକେ ଏ ରୋଗରେ ମରନ୍ତି । ଖାଦ୍ୟ ପୋକ ଖାଦ୍ୟ ନଷ୍ଟ କରେ । ମାତ୍ର ଏ ଜାତୀୟ ବଳ ଅନିଷ୍ଟକାରୀ ତେଣୁ ଏହା ବିରୁଦ୍ଧରେ ପ୍ରବଳ ଅଭିଯାନ ବିଧେୟ ।


ପଢ଼ନ୍ତୁ…ପଢ଼ନ୍ତୁ…ପଢ଼ନ୍ତୁ

ତରୁଣ ଲେଖକ ଶ୍ରୀ ପରମେଶ୍ୱର ମିଶ୍ରଙ୍କ ସଦ୍ୟ ପ୍ରକାଶିତ ରୋମାଞ୍ଚକର ଉପନ୍ୟାସ (ଡ଼ିଟେକ୍‌ଟିଭ)

## ରିଫ୍ୟୁଜି

ମୂଲ୍ୟ—ଏକ ଟଙ୍କା

ଆହୁରି ପଢ଼ନ୍ତୁ—[ଡିଟେକ୍‌ଟିଭ ଉପନ୍ୟାସ ]

| | |
|---|---|
| ୧—ତୋଫାନ୍ ମେଲ୍— | ଟ ୧। |
| ୨—ଗୁପ୍ତ ଶିକାରୀ— | ଟ ୧୷ |
| ୩—ବ୍ୟାଙ୍କ ମ୍ୟାନେଜର୍— | ଟ ୧। |
| ୪—ରାତ୍ରି ଯାତ୍ରୀ— | ଟ୦।/ |

ନିକଟ ଭବିଷ୍ୟତରେ ପ୍ରକାଶିତ ହେବ—

୧—ଷ୍ଟ୍ରେଞ୍ଜ ଫଟୋ ଗ୍ରାଫର—

୨—ଅଦୃଶ୍ୟର ଅଟ୍ଟହାସ୍ୟ—

୩—ଷ୍ଟ୍ରେଞ୍ଜ ଗାର୍ଲ—

ପ୍ରାପ୍ତିସ୍ଥାନ—ସାରସ୍ୱତ ଭଣ୍ଡାର କଟକ

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

## ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଅଜସ୍ର ଯେତେ ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଇଚ୍ଛାନ୍ତି ସେମାନେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରୀ ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରୀ ମଙ୍ଗଳା
କଟକ ( ୧ )

## ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଞ୍ଚ ଜନ୍ୟ— | ” | ଟ ୧୯ |
| କାଳରାତ୍ର— | ” (ଯନ୍ତ୍ରସ୍ଥ) | ଟ ୧୯ |
| ହୃଦମାଟି— | [ ଉପନ୍ୟାସ ] | ଟ ୨୷ |
| ଜୀଅନ୍ତା ମଣିଷ— | ” | ଟ ୨୷ |
| ଜୀବନର ଲକ୍ଷ୍ୟ— | ” | ଟ ୨୯ |
| ଭୁଲ— | ” | ଟ ୨୯ |
| ଏଗାରଟା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ” | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ ୧


Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଇମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

## ଜନଗଣମନ ଅଧିନାୟକ




ଏବେ ବି ଉଡ଼ୁଛ ବୀର ଲଭିନାହୁଁ ଲଭିନ ସେ ବଳ
ତବ ସ୍ନେହେ ଦାବାନଳୁଁ ଜଳେ ଅଣ୍ଡ ମଙ୍ଗଳ ଆରତ ।

ଏ ସଂଖ୍ୟାରେ---ଶାନ୍ତ କୁଞ୍ଜରେ କୁଞ୍ଜ ବିହାରୀ


୧୪ଶ ବର୍ଷ
ସପ୍ତମ ସଂଖ୍ୟା

ଆଶ୍ୱିନ
ପ୍ରଥମାର୍ଦ୍ଧ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଦୁଇଅଣା


Digitized by srujanika@gmail.com

ଗାନ୍ଧିଜୟନ୍ତୀ ପର୍ଯ୍ୟାୟରେ                    ଆତ୍ମପ୍ରକାଶ କଲା

ନିର୍ଭୀକ

# 'ଜହ୍ୱରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**-ପରିଚୟ ନୂଆ, ଜହ୍ୱରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅବିଭକ୍ତ ର, ରହସ୍ୟମୟ ଜୀବନର ଦାୟିତ୍ୱ,... କାରାବାସର କୌତୁକ କଥା, ଛଅଟଙ୍କାଙ୍କ ରାଇନରେ; ଭାରତର ଲକ୍ଷ୍ମୀରାଜ... ପ୍ରଭୃତି ୧୩ଟି ଅଧ୍ୟାୟରେ ପରିବେଷଣ ।

**Foreword** (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍ଟର ଜେ, ସାଇକେଲ୍ ହଗୋପିଅନ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

**Foreword**- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମିଃ ରୋଲ୍ଫ ସ୍କୁଲ, ଜର୍ମାନୀ । ପୂର୍ବାଭାଷ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । ବିଲାତି ଚିଠି (ଇଂରାଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବଟଭୂଷଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଲିଟ୍; ଓ; ଲିଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି; ରମଣ୍ (ନୋବେଲ୍-ଲରେଟ୍), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବିଭାଗ ମନ୍ତ୍ରୀ; ଅଧକ୍ଷ ଏସ୍. ଏନ୍. ଅଗରୱାଲ୍ ଓ୍ୟାର୍ଦ୍ଧା; ଶ୍ରୀ ଯୋଶେଫ୍ ଅଲଭା, "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ଓ୍ୟାଡ଼ିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଭଞ୍ଜ; ଡକ୍ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ—ପ୍ରଭୃତି । ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରକାଶକ— ଗୋପୀନାଥ ପ୍ରେସ                    ମୂଲ୍ୟ ଦୁଇଟଙ୍କା ମାତ୍ର,
ପୋଃ ଅଃ ଭଦ୍ରକ. ବି, ଏନ୍, ଆର୍
ଜିଃ ବାଲେଶ୍ୱର ।

**ସ୍ତ୍ରୀ ରୋଗ ପାଇଁ**

## ଋତୁକାରୀ ପାଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅପେକ୍ଷା ହାନି କାରକ ନୁହେଁ । ମୂଲ୍ୟ ୫ ୬୧ ଡାକ ଖର୍ଚ୍ଚ—୧୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୧୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

ହାଉଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଲେଖାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
**(H. K. K.)**

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଉଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଚାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୧୲ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଅର୍. ଏ.

ଏଠାରେ ବୋରିକ୍ ଟାଫେଲ୍ଙ୍କର ହୋମିଓପ୍ୟାଥିକ ଔଷଧ ଓ କାଙ୍କା ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

**ଠିକଣା**

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ୟାସ୍ତି ହି [illegible] ଉମାଙ୍କ ଭୂଷାଙ୍କ ଜାମ୍ବୁନେ



ଆଶ୍ୱିନ ପ୍ରଥମାର୍ଦ୍ଧ ୧୪ ଶ ବର୍ଷ ସପ୍ତମ ସଂଖ୍ୟା ୧ । ୧୦ । ୫୦

## ଶାନ୍ତ କୁଞ୍ଜରେ କୁଞ୍ଜ ବିହାରୀ



ଜୀବନର ବହୁ ସଂଘର୍ଷ ଅତିକ୍ରମ କରି— ବହୁ ଯୁଦ୍ଧବିଗ୍ରହକୁ ମାଡ଼ି ମକଚି—ଏକ ହସ୍ତରେ ଦାରିଦ୍ର୍ୟର ପସରା, ଅପରରେ ବିଦ୍ୟା ଓ ସାଧନାକୁ ଧରି କେଉଁ ଏକ ଗନ୍ତବ୍ୟ ପଥରେ ଆଜି ଆପଣ ଶାନ୍ତିର ନିକେତନ ଆବିଷ୍କାର କରିଚନ୍ତି !

ଆପଣଙ୍କ ପ୍ରଭାତ !—ଜୀବନର ବସନ୍ତ କାଳରେ— ସେହି କୋଇଲିର କୁହୁ— ଆପଣଙ୍କ କଣ୍ଠ— ଆପଣଙ୍କର ରୂପ ଆପଣଙ୍କୁ ବସନ୍ତର କୋକିଳହିଁ କରି ଛାଡ଼ିଛି । ମନେ ହୁଏ ଯେପରି ଜୀବନର ପ୍ରଭାତରୁହିଁ ଆପଣ କେଉଁ 'ପ୍ରେମ' କୁଞ୍ଜର 'ଲତା' ଗହଳରୁ କାବ୍ୟକାକଳି ଶୁଣାଇ ଆସିଛନ୍ତି । ସେ ପୁଣି ସେ ଦିନେ 'ବାଗ୍ର' 'ଉତ୍ତୁମା' ପରି ପ୍ରବଳ ପ୍ରତାପରେ ପଢ଼ୁଣିଆ ହୋଇ 'ପାଷାଣ ଚରଣରୁ ରକ୍ତ' ଧୋଇଦେବ ଏ କଳନା ଆପଣଙ୍କ 'ଖେଳସାଥି' ମନେ ହୁଏତ କରି ନଥିବେ ।

ଆପଣଙ୍କ ସୁଦୀର୍ଘକାୟା ଆପଣଙ୍କୁ ଯେପରି 'ଭାରତୀ'ରେ ମଣ୍ଡିତ କରିଛି ଆପଣଙ୍କ ଲାବଣ୍ୟମଣ୍ଡିତ ମୁଖ ଆପଣଙ୍କୁ ମୁଖର କରି 'କଳ କଲ୍ଲୋଳିତ' କରିଛି ଅନ୍ତରର କବିତାକୁ !

ହେ ଶାନ୍ତ ନିକେତନର ଦୂତ !—ଆପଣ ବିବାହ ଯଜ୍ଞର ହୁତବହ କରି ଅଳକାପୁରରେ ପ୍ରବେଶ କରିବାର ଶକ୍ତି ଧରନ୍ତୁ— ଏତିକିହିଁ କାମନା ।

## ବାପୁଜୀ

ବାପୁଜୀ
ତୁମେ ସତ କହୁଥିଲ,

ମାନବର ମୂଳ ଉପାଦାନ-ସତ୍ୟ ଓ ଅହିଂସା
ତେଣୁ ପ୍ରଭୁ ଲୁଣି
ବହୁ ମୂଲ୍ୟ ବହୁ ଅବତାର ସାଇଜିକ ଘୋଷି
କାହିଁ ? କେଉଁଠି ବ୍ୟାପିଛି ସତ୍ୟ—
ନାହିଁ ତାର ବନ୍ୟାର ପ୍ଲାବନ ?
ଫୁଲ ଉଠେ ଯେବେ-
ପ୍ରେମ ବନ୍ୟା ମାନବ ହୃଦରେ ।
ଅନ୍ୟ ଦିଗେ ଭୂ-କମ୍ପ ହିଂସା ମିଥ୍ୟାଗ୍ରତ

ତବେ ହିଂସା ବୃଥା ହୋଇଲା—
ଅମୂଲ୍ୟ ଜୀବନ—
ସତ୍ୟ ଅହିଂସାକୁ ମାନି ପାଇଲ ନା ଥାପି
ନିଜ ପ୍ରାଣ ପଣେ ?

ଅଥବା ଘୋଷିଲ ତମ ଅନ୍ତିମ ନିଶ୍ୱାସ
ଉଚ୍ଚ ଉଚ୍ଚକାଠେ ହରି ହିଂସା କହି ନାହିଁ ?
ଘାତକର ହାତଆରେ ଗଲା ତମ ପ୍ରାଣ !

ତମରେ ପୂଜୁଛି ଅଜି—
ସତ୍ୟର ସନ୍ତାନ, ଅହିଂସାର ଅବତାର ଘରେ !

ପୂଜେ ପୁଣ ତମର ଘାତକେ !
ସେ ମଧ୍ୟ ରଖିଛି କୀର୍ତ୍ତି,
ହିଂସା ପୀଠ କରି ସମୁଜ୍ଜ୍ୱଳ
ଆପଣା ରକ୍ତରେ— ଫାସି ଉକ୍ତା ପରେ ।

ଅହିଂସା ତ ପାରିନାହିଁ ଅହିଂସା ସରଜି !
ହିଂସା କିନ୍ତୁ ହିଂସୁଣିଆ କଲା ନିଜ ସେବ ।
ଅହିଂସ ଗାନ୍ଧୀର ହତ୍ୟା ହିଂସ୍ରକ ହାତରେ;
ହିଂସ୍ରକର ହତ୍ୟା କଲା ହିଂସ୍ର ସରକାର ।

ଭଉଚ୍ଛ୍ୱ ଶହୀଦ !
ଲଭଛୁ ଯାଇଛି ଲେଖି
ଦୁଇ ମହା ସତ୍ୟ-ତଥ୍ୟ-ତତ୍ତ୍ୱ-
ଦୁରଧୀର-ଦୁରନ୍ତ-ଦୁର୍ବାସ ଭଉଚ୍ଛ୍ୱ ।
ଖାଇବାର ପ୍ରେମ ଏକ
ଅନ୍ୟ ଖୋଇବାର ।

Digitized by srujanika@gmail.com

# ନାସିକ କଂଗ୍ରେସ ପାଲା

ଭଜରେ ମନ ପଟେଲ ଟାଣ୍ଡନ ଚନ୍ଦ୍ରଚୂଡ଼ [ଘୋଷା]
ନାସିକ ସହରେ ବସେ ରାଷ୍ଟ୍ରଜନଗଣ
ସେ ଥରେ ଯାଇଛି ମନ ନ ଧରେ ତା' ଭର
ପଟେଲ ଟାଣ୍ଡନ ମୋର ପ୍ରଭୁ [ଘୋଷା]
ମାଇଲ ମଣ୍ଡଳ ଦାର୍ଢ଼ ସେ ନବ ନଗରୀ,
ଘେର ଗଛଲ ସାରି ଦେଉଁ ନଗର ନଗରୀ
ପ୍ରଥମେ ଯେ ସିଂହଦ୍ୱାର ତୋରଣକୁ ପାର
ହୋଇ ଗୃହଛନ୍ତି ଭିତରର ନରନାରୀ ।
ଭିତରେ ବଜୁଳିବତୀ ବତିଜଳରେ ଦିନ,
ଗୃହେ ଅଛି ଦୁଇ ଦୁଇ ଘରେ ଲାଇଟ ସନ ।
ଡାକଘର ଡାକ ଟେଲିଗ୍ରାମ ଧମାଧମ
ପଠଏଟି ଟେଲିଫୋନ ଲଗିଛି ବାଜର ।
ସଭା ମଣ୍ଡପ ର ଶୋଭା କେ ପାରିବ ବର୍ଣ୍ଣି
ଗୃହ ଆଗେ ଉଡ଼ି ଅଛି ରଙ୍ଗ ତିନବର୍ଣ୍ଣି ।
ପ୍ରଥମରେ ନେତା ସଭାପତିଙ୍କ ଆସନ
ତହିଁ ପରେ ଗୃହଶଯ୍ୟାଏ ମୂନି ଗଣ ।
ତା ତଳକୁ ଅଡ଼ାଇ ହଜାର ପ୍ରତିନିଧି
ବସିଛନ୍ତି ସବୁ ଗଉରବ ଯଥ ବିଧି ।
ସ୍ୱାଗତ ସମ୍ଭାଷ ସମିତ୍ୟ ଗୃହେଟି ହଜାର
ବସିଛନ୍ତି ଯା ଧନରେ ଏ ବଡ଼ ବଜାର ।
ପାଞ୍ଚ ହଜାର ଯେ ଏ ଯେ କଂଗ୍ରେସର କର୍ମୀ
ବସିଛନ୍ତି ଏବେ ଧନେ ଯେତେକ ବଡ ଧର୍ମୀ ।
ମାପରେ ଯେ ପଚିଶହ ସାମ୍ନା ଦଳମାନେ
ବସିଛନ୍ତି ଯାଷ ଓ ସେ ଗଣେଶ ସମାନେ
କରଣା କରନ୍ତେ ସୁଣ୍ଡ ନାହିଁ ଗଡ଼ଗଡ଼ି
ନାହିଁ ନା ବଜୁଳି ହୁଇ ଯାମି ଯାଏ ଗଡ଼ି ।
ନାହିଁ ଗର୍ଜନ ତର୍ଜନ ବଦେଶୀ ବର୍ଜନ
ସଭିଙ୍କର ମୁଖ ଶାନ୍ତ ସର୍ଜନ ସୃଜନ ।
ଉପରେ ବଇଠା ପରେ ଶ୍ରୀଯୁକ୍ତ ପଣ୍ଡିତ
ବୋଲୁଛନ୍ତି ବନ୍ଧୁ ହୃଷ୍ଟମ ଅସ୍ତ୍ର ସ୍ତ୍ରୀ ।
ମୁଁ ଯେ ଥିଲି ସ୍ୱରାଜ ଗଲ୍ଲ କେତେ ଦିନ
ପଚମଣ ଦୁଃଖ ସ୍ୱରାଜ ହୋଇଲୁ ସ୍ୱାଧୀନ ।
ବନବାସରେ ମୁଁ ଯିବା ହୋଇଥିଲି ସ୍ୱାମୀ
ତାହାମଧ୍ୟ ଶେଷବେଳେ ହୋଇଲୁ ଅକାମୀ ।
ସ୍ୱରାଜର ସହପତି ହେଲେ ରାଷ୍ଟ୍ରପତି ।
ତାଙ୍କର ମୁଣ୍ଡରେ ଏବେ ଉଭେ ପଟଛତ ।
ଏ ଏକ ବିଷମ ପଦ ସମସ୍ୟା ବିଶାଳ
ଦାୟିତ୍ୱ ବହୁଛି ମାତ୍ର ନାହିଁ ଅଧିକାର
ଅଣା ମାତ୍ର ଅଛି ନାହିଁ କର୍ମର ସୁଯୋଗ
କ୍ଷମତା ନାହାନ୍ତି ମାତ୍ର ସସ୍ତ ନର ଭୋଗ ।

ଏବେତ ଏମନ୍ତ ମୁହିଁ ଯାଉ ଅଛି ଘଡ଼ି
ଧରନ୍ତେ ଟାଣ୍ଡନ ଦଣ୍ଡୀ ଲଣ୍ଡ ଦୋଳ ବାଡ଼ି ।
ଟାଣ୍ଡନ ବେ ଲନ୍ତ ଏବେ ଗୁଣ ସାଧୁଜନ ।
ଦେବାନନ୍ଦୀ ବର ତୁମ୍ଭେ ପଟେଲ ଭଜନ ।
ନେହ୍ରୁ ଏକା ଭାରତର ନାୟକ କାଣ୍ଡାରୀ ।
ସେଇ ଏକା ଶଙ୍ଖଚକ୍ର ସୁଦର୍ଶନ ଧାରୀ ।
ତାଙ୍କ ସଭଳ ର କରୁଛନ୍ତି ଯଦ୍ଧା ଯାହା
ସବୁ ଯେ ଉଚିତ ଯେଣୁ ସେ ଅମର ନାହା
ପାଇସ୍ତାନ ସହ ଆପେ କରୁଛୁ ସାଲିସ
ଅଥବା ମାଲିସ କର ହେଲା ଅପ କ୍ଲାସ ।
ଏଣିକି ଯୋଚ ରୁ ହେବ ନଡ଼ର ଯେ ଜଡ଼ା
ତେବେ ଟି ପଣ୍ଡିତ ତାଙ୍କ ଆଜ ସ୍ୱର ଚଡ଼ା
ସଂଖ୍ୟାଲଘୁ ଦଳର ଯେ ପିଟ ପାକସ୍ତାନ,
ସେଇଆଗ ମହୁ ଆପେ ଅଧା ଖଣ୍ଡନ ।
ଭାରତକୁ ଖଣ୍ଡ ଖଣ୍ଡ କରିବା ବ୍ୟବସ୍ଥା
ଦଶ ଆମେ ନେଲୁ ଯେଣୁ ଖଣ୍ଡ ସ୍ୱାଧୀନତା ।
ତାହାର ଫଳରୁ ଯନ ଡଜ ହେଲେ ଜାତ
ତାହାଙ୍କୁ ନେଇ ଗଲ ଦଅ ଘିଅଭାଲୁ ଭାତ ।
ମିଳିତ ଜାତି ସଂଘର ସଭ୍ୟ ଦେଶମାନେ
ଧଳାକୁ କଳା ଦେଖିବା ପ୍ରାୟ ମୁହିଁ ଜାଣେ
ଏକ ଜାତ ସେ ବିଅରେ କାଶ୍ମୀରରେ ଆଜ
ଆପଣା ଦଳ ସ୍ୱାର୍ଥରେ କରନ୍ତି ଭିଆଣ ।
ଆମର ସର୍ଦାର ଧରେ ନ୍ୟାମୂର ନୀତିକ
ସବୁକାର୍ଯ୍ୟ କରୁଛନ୍ତି ହୋଇ ଖୁବ ମତ ।
ଭାରତ ଶାସନ ପାଇଁ ଯେଉଁ ସଂବିଧାନ
କରିଛନ୍ତି ସବୁ ପଟକୁ ବଳସ୍ଥାନ ।
ଅଧିକ ଉତ୍ପାଦନରେ ଲାଗିଛନ୍ତି ଯେଣୁ,
ବଧାଇ ମୁଁ ଦିଏ ବୁଢ଼ା ବଅସରେ ତେଣୁ
ମାତ୍ର ଆମ କଂଗ୍ରେସରେ ବଢ଼ଇ ଦୁର୍ନୀତି
ସ୍ୱାର୍ଥପର ବ୍ୟକ୍ତି ଖେଳୁଛନ୍ତି ନିତ ନିତ
କେବଳ ସାଧୁତାଙ୍କ ପାଇଁ ନାହିଁ ସ୍ଥାନ,
ଦମ୍ଭଳକୁ ବାଛି ଦଳ ଗଢ଼ିଦେବା ଶୂନ୍ୟ ।
ନାନା ପ୍ରସ୍ତାବ ଯେ ତହୁଁ ହୋଇଗଲା ପାସ,
ଉଡ଼ର ସରକାରଙ୍କୁ କରିଣ ସାବାସ ।
ଲୋକେ କହୁଥିଲେ ଟାଣ୍ଡନ ଯେ ସରଦାର
ଉହର ଉପରେ ଦେବେ ଶାସନ ପାଦର ।
ଏଥି ଦାଗ ମନେ କଲ ଟାଣ୍ଡନ ଭୁଲଭାଇ,
ଆପଦରେ ପଣ୍ଡିତ ସଙ୍ଗକୁ ଛାଡୁଅଛ ।
କୃପାଳନୀ ଟାଣ୍ଡନଙ୍କ ରଣ ଅଙ୍ଗନରେ,
ପଟେଲଙ୍କ ସୁଦର୍ଶନ ଚକ୍ର ଗୃହ ଖରେ

ଯାହା ଯାହା କରିଥିଲୁ ତାହାର ପ୍ରମାଣ
ଧାର କହୁଁଥାଇ ବୁଢ଼ା ଦଖିଥିଲୁ ଟଣ ।
ତେଣୁ ବାଧ ହୋଇ ପଟେଲଙ୍କ ଯେତେପେଞ୍ଚ
ସମ୍ମ ଜ ଯେ ରଖି ଦେଲ ଶେଷ ନିଶାନ ଟ୍ରେଞ୍ଚ ।
କଥା କଥାରେ ନେହେରୁ ପାଇ ସମର୍ଥନ
ଟଳଗଲେ ମାତ୍ର ପନ୍ତ ଆଡ଼େ ସୁଦର୍ଶନ ।
ନାମ ବେଳକୁ ଓଲଟା କଥାରେ ପ୍ରକାର
ଘୁରେ ପଟେଲଙ୍କ ସୁଦର୍ଶନ ଚକ୍ରଧର ।
କହୁଛନ୍ତି କେହୁ କେହୁ ଦେଖିଲୁ କି କାମ,
କରିଦେବ ଯେଣୁ ପଣ୍ଡିତ ବୁଦ୍ଧି ବାମ ।
ଅସନ୍ତା ନିର୍ବାଚନରେ ସ୍ୱନ୍ଦ୍ୱ ହେବ ବହୁ
ନ ଲଢ଼ିଲେ ଭୋଟ ମିଳିବ ତ ନାହିଁ ।
ତେଣୁ କୃପାଳନୀ ସଙ୍ଗେ ନେହେରୁଙ୍କ ଦାବି
ପଟେଲ ଟାଣ୍ଡନେ ଦିଅ କଂଗ୍ରେସର ଗୃହ ।
ଧୀରେ ଧୀରେ କଙ୍ଗରେସ ହୁଏ କଂଗ୍ରେସ
ଉପର ଶୋଭୁଛି ତେଣୁ ଏଥେ ବ୍ୟଙ୍ଗରସ ।
ଗାନ୍ଧୀ ବୁଢ଼ା ସ୍ମୃତି ନାପି ଶ୍ରୀପଟେଲ ଦାସ
ଏଣିକି ଉଦ୍ଧିକ ଭାରତରେ କଣ ହାସ ।
ଏବେ ଟାଣ୍ଡନଙ୍କୁ ପଡ଼ି ଅଛି ଯେ ଭଜନେଣି
ନେହେରୁ ତ ଏତେ ବେଶୁ ମୁହିଁ ମେ ଜଳେଣି
କାର୍ଯ୍ୟକାରୀ କମିଟିରେ ନହୋଇଲେ ସଭ୍ୟ
ଟାଣ୍ଡନ ଭାଳନ୍ତି ଭାଗ୍ୟ ଜଣେ ଉଦ୍ଭାବ୍ୟ ।
ସକଳେ ବୋଲନ୍ତି ବାବୁ ନାସିକ କଂଗ୍ରେସ,
କଂଗ୍ରେସ ନୁହଇ ସବୁ ନେହେରୁଙ୍କ ମେଳ ।
ମରେ ପଟେଲ ବୁଢ଼ା ଯାଗ ଅଛି ମଢ଼
ଟେକ ଟେକାଇ ଅଛି ନେହୁ ଜଟିଳ ଦାଢ଼ ।
ଟାଣ୍ଡନଙ୍କ ହାତ ଧରି ସେକଗୋଲ ନଳୁଆ
ମଣ୍ଡପ ଭିତରେ ବସାଇଲେ ଛତ୍ରଧାରୀ ।
ଗେରୁ ହତ୍ୟା କରନାହିଁ ନଚିନ୍ତ ହୋ ଯୋଦ୍ଧା,
ସଭିଏ ଖାଇଲି ପାଅ ପୂର୍ଣ୍ଣ ସ୍ୱାଧୀନତା ।
ହିନ୍ଦୀ ସର୍ବେ ସତ୍ୟ ଛନ୍ଦ ହିନ୍ଦୁସ୍ତାନୀ ପାଠ
ହିନ୍ଦୁସ୍ଥାନ ନୁହେ ଭାରତ ମୋ ଜନ୍ମମାତ
ଶରଣାର୍ଥୀମାନଙ୍କୁ ଯେ କର ଅଭଥ ନ
ତାଙ୍କର ମୂଲ୍ୟରେ ଆମେ ହେଲୁଟି ସ୍ୱାଧୀନ ।
ତାଙ୍କ କଥା ନବୁଝିଲେ ହେବ ଆମ ପାପ
ରଣି ନପାରିଦ କେହୁ ତାଙ୍କଲେ ବିବାଦ ।
ଟାଣ୍ଡନଜୀ କଂଗ୍ରେସକୁ କରିବେ ଯେ ସଫା
ଆଗ ସେ କରିବେ ତାଙ୍କ ଦାଢ଼ୀ ଦଫାରଫା
ତେବେ ଯାଇ କଂଗରେସ ହୋଇବ ନିର୍ମଳ
ଭକ୍ତର ଗାନ୍ଧିକ ରହ ଜୟହେ ପଟେଲ



Digitized by srujanika@gmail.com

# ଶିଆଳଙ୍କ ସଭା

### ବେହିଆ ଓ ବଧ

ମଣିଷ ମନରେ ଦୁଃଖ ଅବସାଦ ଯେତେ ଥିଲେ ବି ଲୁଆ ବଗୁର ଲୋକଙ୍କୁ ହସାଇ, ମଜାଇ, ହେଜାଇ, ଟସାଜାଇ, ବଜାଇ ଗଜାଇ ଆପଣା ଘରେ ଛାଡ଼ି ଦିଏ। କିନ୍ତୁ ଯେଉଁ ବେହିଆ ଲଙ୍ଗଳା ହୋଇ ନାଚି ଆପଣା ପଛପଟ କଥଠାରୁ ଦେଖେଇ ସ୍ଥଳ ହେଉଛି ବୋଲି ହସି ହସି ଗଡ଼ିଯାଏ—ତାକୁ ହସାଇବା, ରସାଇବା, ଭସାଇବା, ଖୁସି ଇବା ପାଇଁ ଆମର ଭାଷା ନାହିଁ।

ଶରଣାର୍ଥୀମାନଙ୍କ ପ୍ରତି ଓଡ଼ିଶା ସରକାରଙ୍କ କର୍ମଚାରୀମାନେ ଯେଉଁ ଦୁର୍ବ୍ୟବହାର କରିଛନ୍ତି ପୁଣି ତାକୁ ସମର୍ଥନ କରି କିନ୍ତୁ ମାଜିଷ୍ଟ୍ରେଟ ଶରଣାର୍ଥୀ କମିଶନର ଯେଉଁ ରିପୋର୍ଟ ଦେଇଛନ୍ତି—ସେ ଠିକ୍ ଆଉ ଏକ ବେହିଆ ବଧ ଉପାଖ୍ୟାନ ଆରମ୍ଭ ହେଲାପରି ଲାଗୁଛି।

### ଶରଣି ଓ ଅର୍ଥ

କେହି କେହି ଆମ ଶରଣାର୍ଥୀ ଜମାଦାର ଓଡ଼ିଆ ଅଫିସରଙ୍କ ଚରିତ୍ର ସଂବନ୍ଧରେ ଆପତ୍ତି କରିଛନ୍ତି। କିନ୍ତୁ ଆମ ଅଫିସର ମାନଙ୍କର ଚରିତ୍ର ଥିଲେ ସିନା ତାର ଦୋଷ ଦେବ। ସେମାନେ ଚରିତ୍ରଟାକୁ ବନ୍ଦୋବସ୍ତକୁ ବାଦ ଦେଇ କଣ୍ଟ୍ରାକ୍ଟରେ କାମ କରନ୍ତି। ତାଙ୍କୁ ଏ ସଂବନ୍ଧରେ ଦୋଷୀ କରିବା ଯାହା ନପୁଂସକକୁ ବେଧ ବୁଝାଇ ବାପ କହିବା ସେଇଆ। ତେବେ ଗୋଟାଏ କଥା—ଶରଣ-ରକ୍ଷଣ ବାନା ଜଗନ୍ନାଥ ଦେଶର ଅଫିସରମାନେ ଶରଣାର୍ଥୀମାନଙ୍କୁ ଶରଣ ଅର୍ଥ ଉଭୟ ଦେଇ ରଖିବାକୁ ଚେଷ୍ଟା କରୁଥାଇ ପାରନ୍ତି। ପ୍ରଭୁ ଯିଶୁ ମେଣ୍ଢାମାନଙ୍କୁ ପ୍ରେମ କରୁଥିଲେ କାରଣ ମେଣ୍ଢାମାନଙ୍କୁ ସମସ୍ତେ ମାରି ଖାଇଯାନ୍ତି। ଶରଣାର୍ଥୀମାନଙ୍କୁ ପାକିସ୍ତାନରେ ମାରି ଖାଇ-ଯାଇଥାନ୍ତେ—ତେଣୁ ଓଡ଼ିଆ ଅଫିସରମାନେ ପ୍ରଭୁ ଯିଶୁଙ୍କ ପରି ମେଷ ଶାବକ ଶରଣାର୍ଥୀଙ୍କୁ ପ୍ରେମ କରୁଥିବେ ମାତ୍ର।

### ବସ୍ତ୍ର ହରଣ

ଶୁଣାଯାଏ ଓଡ଼ିଶା ରିଫିଉଜି ଅଫିସର ମାନେ ଶରଣାର୍ଥୀ ମାନଙ୍କୁ ସରକାରୀ ସାହାଯ୍ୟ ଛାଡ଼ି କିଛି ବେସରକାରୀ ସାହାଯ୍ୟ ମଧ୍ୟ ଯୋଗାଇବା ମାନସରେ ଶରଣାର୍ଥୀ ମାନଙ୍କୁ ନାମ୍ବିକା କରି ବସ୍ତ୍ର ହରଣ ଅଭିନୟ କରୁ-ଥିଲେ। ଟିକେଟ ଲବ୍ଧ ଟଙ୍କାର ହିସାବ ଯଥା ଶୀଘ୍ର ବାହାରିବ ଆଶା କରାଯାଏ।

### ନିଆଁ ଓ କଟାରି

ମାଛ ବଚାଏ କରେ କଣ? ନିଆଁରେ ପୋଡ଼ି ହେବା ଭୟରେ ଉଡ଼ିଆ ମାଛ କଟେଇରେ ପଡୁଛି—ପୁଣି କଟେଇରୁ ଡିଆଁ ମାରିଲେ ନିଆଁରେ ପଡ଼ିବ ଓଡ଼ିଶାରେ ଶରଣାର୍ଥୀ ମାନଙ୍କର ସେଇ ଅବସ୍ଥା। ପାକିସ୍ତାନରୁ ପଳାଇ ଆସି ଓଡ଼ିଶାରେ ରହିଲେ। ପୁଣି ଓଡ଼ିଶାରୁ ପାକିସ୍ତାନକୁ ପଳାଇଲେ ବୋଲି କହି କଲିକତାରେ ଅଧିକ ଟଙ୍କେ ଗଲେଣି। ଆମ ମତରେ ଟ୍ରେନରେ ଟିକଟରେ କଲପୋଟଣି ନମ୍ବର କରେଇରେ ଆପଣା ଜେଲରେ ଅପେକ୍ଷା ହେଇ କେତେକ ଅଫିସରଙ୍କର ସ୍ୱହସ୍ତରେ ସହାୟକ ହେବାର ଛଡ଼ି କଣ?

### ନିର୍ବାଚନ ଓ ଅର୍ବାଚୀନ ମଣ୍ଡଳୀ

ଜଳାଶୟ ମାଲଗିରି (ବେମୁଣ୍ଡା) ଆଦି ନାନା ସ୍ଥାନରେ ସରକାର ତାଙ୍କ ନିଜ ଦଳଗତ ସ୍ୱାର୍ଥରୁ ଆସନ୍ତା ନିର୍ବାଚନ ପାଇଁ ନିର୍ବାଚନ ମଣ୍ଡଳୀ ଗଢ଼ିଛନ୍ତି ବୋଲି ଅଭିଯୋଗ ଉଠୁଛି। ଏଥିରେ କେତେକ ନିଃସ୍ୱାର୍ଥ କଂଗ୍ରେସ କର୍ମୀ ମଧ୍ୟ ଭଡ଼ିଛନ୍ତି। କିନ୍ତୁ ସେମାନେ ଏତିକ ବୁଝିପାରୁ ନାହାନ୍ତି ଯେ ସରକାର ଅର୍ବାଚୀନ ମାନଙ୍କ ସ୍ୱାର୍ଥରକ୍ଷୀ ନିର୍ବାଚନ ମଣ୍ଡଳୀ ଗଢ଼ୁଛନ୍ତି। ଅର୍ବାଚୀନ ମାନେ ପ୍ରବୀଣ ନହେବା ଯାଏ—ବାଚକ ଯୁଦ୍ଧରେ ଫଳ ନାହିଁ।

### ମାଗି ଭଜନ

ଲୋକେ କହୁଛନ୍ତି ଟିଣପଟ ଖ୍ୟାତିପାଇ କୌଣସି କଂଗ୍ରେସ ଏମ୍ ଏଲ୍ ଏ ଉଦ୍ୟମରେ ବସି ବଲାଙ୍ଗିର ଠାରୁ ଟିଏ ବାଛେଇ ନେଲେ। ଆଉ ଏମ୍ ଏଲ୍ ଏ କେତେଜଣ ନାନା ବ୍ୟବସାୟ ବାଣିଜ୍ୟ କରି କଳା ପୋଟେଇରେ କଲେଣି ହୋଇଗଲେଣି। ଏକଥା ଶୁଣି ହରିମାଣ୍ଡରସ ଭଜନ ଟେକନ୍ତରେ ନୂଆ ଭଜନ ଲେଖା ଯିବାର ସ୍ଥିର ହୋଇଛି।—

ଖଦଡ଼ ପିନ୍ଧି କୃଷ୍ଣ ମିଲେ ତୋ
ବନ୍ କପିଳା ଗାଈ
ଜଟକା ବୈଠେ ବଲାଙ୍ଗିର ତକ୍
ହିଏ ଭୁପତି ମାଈ।
ସ୍ୱରାଜ୍ ଦିବ୍ କର ହରି ମିଲେ ତୋ
ବନ୍ ପଟ୍ଟନାୟକ ଦାସ୍,
ସାତ ସାତମେ ବନଯାଏ ମେରା
ପଣ୍ଡା ମୁଦ୍ରା ଅବାସ।
ଜେଲ ମାଲସ ସେ କୃଷ୍ଣ ମିଲେ ତୋ
ବନ୍ ଫରିଡି ଲୁଲ୍,
ବାତ୍ ବାତ ମେ ବ୍ୟାପାର କରୁ
ସାଗ କମ୍ବଲ ବାଲ୍।
ଦୁମ୍ ବଜା କର କୃଷ୍ଣ ମିଲେ ତୋ
ବନଯ କ ଦୁମ୍ବା ଗୁଜ୍,
ଗାଡ଼୍ ଗାଡ଼୍ ମେ ସମ୍ପାଦକ ହୋ
ଗାଉଁ ଢୋଲିବ ଗ୍ରଜ୍।
ଯୋଡ଼ୁ ଜୋଡ଼ୁ ସେ ହରି ମିଲେ ତୋ
ମେ ଚନ୍ଦ୍ରଗୌଡ଼ ମିତ୍ର,
ଅମପାଡ଼ାକଲସେ ଧୁଲିହରି ମିଲେ
ସବ ହୋଉ ପବିତ୍ର।
ରଙ୍ଗ ବଦଳକର ହରି ମିଲେ ତୋ
ସବ୍ ସେ ମୈ ପ୍ରଧାନ,
ଗଡ଼ଜାତ ଘରମେ ବାନ୍ଧ୍ଣୀ ସବ୍‌କେ ଭି
ଅକେଲା ହୁଁ ମୈ ଧାନ୍।
ପଦ୍ମପ୍ ପକଡ଼ କର୍ ହରି ମିଲେ ତୋ
ନିତ୍ୟ ମେ ଆନନ୍ଦ।
ଫିର ଭୀ ନବ ନବ ମନ୍ତ୍ରୀ ବନେ
ମେରା ଭାଗ୍ ହେ ମନ୍ଦ।

### ଗଞ୍ଜାମରେ ଗଞ୍ଜେଇ

ଓଡ଼ିଶା ହାଇକୋର୍ଟରେ ଏକ ମୋକ-ଦମାରୁ ବୁଝା ପଡୁଛି ଆମ ଗଞ୍ଜାମ ଜିଲ୍ଲାରେ ଏବେ ଗଞ୍ଜେଇର କାରବାର ବଢ଼ି ଯାଉଛି। ସେଠା ଜିଲ୍ଲା ହାକିମ କୌଣସି ଗୋଟିଏ ସ୍ଥାନରେ ସେହି ଚରସ୍ମଳଣ ଜାରିକଲେ।



Digitized by srujanika@gmail.com

ସେ ଶବ୍ଦେ ତତ୍‌କାଳରେ ଭାଗିବା ମୁତବା ଛୁଡ଼ି ମାଇପେ ପ୍ରସବ ମଧ୍ୟ କରି ପାରିଲେ ନାହିଁ। କାଳକର୍ତ୍ତା ନିଜେ ଉକ୍ତ ସ୍ଥାନ ଉପରକୁ ଯାଇ ଅବସ୍ଥା ଦେଖି ବ୍ୟବସ୍ଥା କରି ଆସିଥିଲେ। ମାତ୍ର ହାଇକୋର୍ଟରେ ଦେଖାଗଲା ଯେ ଅର୍ଡ଼ର ଟାଇପ କରିବା କିମ୍ବା ମାଜିଷ୍ଟ୍ରେଟ ଉକ୍ତ ସ୍ଥାନକୁ ଯିବା ଆଗରୁ ଅର୍ଡ଼ର ଟାଇପ କରି ତାଙ୍କ ନାମ ଓ ତାରିଖ ବସାଇ ଦେଇଛନ୍ତି। କିନ୍ତୁ ବାଲୁଆ ସଞ୍ଜ ପଢ଼ିବେ ଏତ୍କା ଗଞ୍ଜାମର ଦୋଷ ନୁହେଁ। ଗଞ୍ଜାମ କର୍ତ୍ତାମାନେ ସାକ୍ଷାତ୍ ବ୍ରହ୍ମା। ସେ ବାଳବଟଳିଆଳ ବେଦ। ଗଞ୍ଜାମ ଲୋକେ ମୂର୍ଖ ହେବାରୁ ତାଙ୍କ ବେଦ ଧ୍ୱନିକୁ ବେଧ ଧ୍ୱନି କହୁଛନ୍ତି ମାତ୍ର।

### ଭୂତକୋଠିରେ ଭୂତତ୍ୱ

ସମ୍ବାଦ ପ୍ରକାଶ ପାଇଛି, ପୁରୀର ପ୍ରସିଦ୍ଧ ଭୂତ କୋଠିରେ ଭୂତତ୍ୱ ବିଭାଗ ଖୋଲିବ। ଅନେକାଏ ପୁରୀରେ କେବଳ ଭୂତ ରହୁଥିଲେ। ଓଡ଼ିଶା ଯାକର ଭୂତଯାକ ପୁରୀ ଭୂତ କୋଠିରେ ଜନ୍ମ ଥିଲେ। ଏଣିକି ଓଡ଼ିଶା ବା ଭାରତକୁ ଜୀଅନ୍ତା ମଣିଷ ମାନେ ପୁରୀ ଗଲେ ସେଠି ଭୂତତ୍ୱ ପ୍ରାପ୍ତି ହୋଇଯିବେ।

### ଶୈବ ବୈଷ୍ଣବ

ଗୋଟିଏ ଶୈବ ଥରେ ବୈଷ୍ଣବ ହୋଇ କମଣ୍ଡଳରେ ରହି ଶୈବ ପାପରୁ ପାରି ହେବାପାଇଁ ହରି ଭଜନ ଆରମ୍ଭ କରିଦେଲା। ତାର ଭକ୍ତି ଓ ଭାବ ଦେଖି ସବୁ ସାଧୁ ତ ଅବାକ୍। କିନ୍ତୁ ପ୍ରକୃତି ତ ତାକୁ ଠିଏଛି। ଶୈବ ନକଲେ ତାକୁ ନିଦ ନହୁଏ। ଏବେ କରିବ କଣ? ରାତିରେ ଉଠି ସେ ଯାତକଥାକୁ ତା'ମୁଣ୍ଡରେ ତା' ଢଙ୍କଥାକୁ ଯା ମୁଣ୍ଡରେ ଥୋଇଦେଇ ପ୍ରକୃତି ମେଣ୍ଟାଏ କରେ। ସେମିତି ସେକ୍ରେଟେରିଏଟରେ ବଡ଼ ବଡ଼ ପାପୀଆର ସେକ୍ରେଟେରୀ ମାନେ ଏବେ ସାଧୁ ହେବାକୁ ଚେଷ୍ଟା କରୁଛନ୍ତି। ମାତ୍ର ଅଭ୍ୟାସ ଛାଡ଼ି ନପାରି ଯାହାଙ୍କୁ ତା ତଳକୁ, ତା ନାମକୁ ଯା ଉପରକୁ କରିବାକୁ ଶୁଣାଯାଏ ଶ୍ରୀଯୁକ୍ତ ଗୁହ ଓ ଦାସଙ୍କ ଭାଗ୍ୟରେ ଚିଫ ସେକ୍ରେଟେରିତ୍ୱ ଆଉ ପଡ଼ିବ ନାହିଁ। ମାତ୍ର ଏଭଳି କାମ କରୁଥିବା ସେକ୍ରେଟେରୀମାନଙ୍କୁ ଆମେ ଦୋଷ ଦେଇ ପାରିବୁ ନାହିଁ କାରଣ ଏମାନେ ଶୈବଙ୍କଠୁ ଦେଖି ପାଠ ପଢ଼ିଛନ୍ତି ଓ ଦେଖି ବୁଦ୍ଧିଆ।

### ଏକା ବିପରୀତ ଗୀତ!

ବଙ୍ଗଳାରେ ଗୋଟିଏ ସ୍ଥାନରେ କୋଉଟିଏ ଗୋଖୁର ଛୁଆ ସଙ୍ଗେ ଲଢି ତାକୁ ଗିଳିଦେଲା। ତେଣେ କୋରିଆ ଯୁଦ୍ଧରେ ମଧ୍ୟ ଆମେରିକା ବାହିନୀ ସିଓଲ ଅଧିକାର କରି ଉତ୍ତର ଆମେରିକା ସୈନ୍ୟଙ୍କୁ ତଡ଼ି ଦେଇଛନ୍ତି। ଶୁଣାଯାଏ—କୋରିଆ ବାସୀମାନେ ଆମେରିକାକୁ ସୁଖ ପାଇ ନଥିବାରୁ ଆମେରିକା ହିଁ ଏଣି ଅତ୍ୟାଚାର ମଧ୍ୟ କରୁଛି। ସିଓଲ ସହରରେ ଘର ଘର ଯୁଦ୍ଧ ଚାଲିଛି। ଏଥିରୁ ବୁଝା ପଡ଼ୁଛି ଯୁଗ ଓଲଟି ଗଲାଣି। ବେଙ୍ଗସବୁ ସାପକୁ ଖାଇଲେଣି।

### ସବୁ ଦିନେ କାହିଁ ଚାନ୍ଦିନୀ ରାତ

ନୂଆ ଚାଇନାର ଭାରତୀୟ ଦୂତାବାସ ଖୋଲିଲା। ନୂଆ ଚୀନ ଚାଇନାର ଦୂତ ମଧ୍ୟ ଦିଲ୍ଲୀ ଆସି ଗଲେଣି। ପଣ୍ଡିତ ନେହେରୁ ସମ୍ବର୍ଦ୍ଧନା କରି କହିଛନ୍ତି ଯେ ପୂର୍ବ ଚାଇନା ସରକାର ବା ଫର୍ମୋଜା ସରକାରକୁ ଆଉ ଚାଇନା ସରକାର କହିବା ପ୍ରବଞ୍ଚନା ହେବ। ଏକଥା ଶ୍ରୀମତୀ ଚ୍ୟାଙ୍ଗ ଶୁଣି କହୁଥିବେ—ମଣିଷ ମଣିଷ ଭିତରେ ହେଉ ବା ଦେଶ ଦେଶ ଭିତରେ ହେଉ ପ୍ରଣୟୀ ସବୁଦିନେ ଏମିତି ପ୍ରବଞ୍ଚନା। ସବୁଦିନେ କାହିଁ ଚାନ୍ଦିନୀ ରାତି-ସବୁଦିନେ କାହିଁ ଭଲ ପୀରତି!

### ଚାଇନା ଓ ଭାରତ

ଶୁଣାଯାଏ ଚାଇନାର ନାରୀମାନେ ଭାରତୀୟ ସ୍ୱାମୀକୁ ପସନ୍ଦ କରୁଛନ୍ତି। ଭାରତ ଓ ଚାଇନାର ନୂଆ ସମ୍ପର୍କ ଆରମ୍ଭ ବେଳେ ଏ ଗୋଟାଏ ଶୁଭ ସୂଚନା। ତେବେ ଏଠୁ ସ୍ୱାମୀମାନେ ସେଠାକୁ ଶରଣାର୍ଥୀ ହୋଇ ଯିବେ କି ସେଠା ସ୍ତ୍ରୀମାନେ ଶ୍ୱଶୁର ଘରକୁ ଆସିବେ ତାର ସମାଧାନ ହୋଇପାରୁ ନାହିଁ ବୋଲି ଅଚଳ ଅବସ୍ଥା ସୃଷ୍ଟି ହୋଇଛି। ତେଣେ ଚାଇନା ଭାରତ ପ୍ରୀତି ଦେଖି ଜାପାନ ଆମେରିକାରେ ନାରୀମାନେ ମନକଥା ମନରେ ମାରି ପ୍ରେମ ଛାଡ଼ି ଶାଢ଼ୀ ପିନ୍ଧା ଆରମ୍ଭ କରିଦେଲେଣି। ଧନ୍ୟରେ ଭାରତର ପୁରୁଷ ଗଣ। ମାତ୍ର ପାକିସ୍ତାନ ଆଗରେ ଅଗ୍ରୁଆ।

### ଡିକ୍‌ସନଙ୍କ ଡିବାଡ଼ିବି

କାଶ୍ମୀର କଳର ମଧ୍ୟସ୍ଥ ମିଳିତ ଜାତିସଙ୍ଘ ପ୍ରତିନିଧି ବିଫଳ ମନୋରଥ ହୋଇ ଫେରିଯିବା ପରେ ଡିବ ଡିବ ବଜାଇ କହି ଦେଇଛନ୍ତି ପାକିସ୍ତାନ ପହିଲି ଆକ୍ରମଣ କରିଥିଲା। ଆକ୍ରମଣ ହେଉ, ଅତିକ୍ରମଣ ହେଉ ବା ବିକ୍ରମଣ ହେଉ—ଏବେ ଆମେରିକା ଯେ ପାକିସ୍ତାନ ଅଧିକୃତ କାଶ୍ମୀରର ଗିଲଗିଟ ନେଇ ନୌ ଛାଉଣୀ ବସିବାକୁ ବାହାରିଲାଣି ତା ଦେଖି ମନେ ହେଉଛି—

ଯାଇଁ ପହଞ୍ଚିଲ ମାଉସି ଘରେ
ପଇସା ମିଳିଲା ଦିନ ଦ୍ୱିପହରେ

### ଦୁଇ ସଉତୁଣୀ

ପାକିସ୍ତାନର ଟଙ୍କା ଗୁଡ଼ାକର ମୁହଁ ବଙ୍କା ହୋଇ ଯାଇଛି। ତାକୁ ସିଧା କରିବା ପାଇଁ ଭାରତ ଆନ୍ତର୍ଜାତିକ ଅର୍ଥ କମିଟିରେ ଆଲୋଚନା କରିବାକୁ ଚାହିଁଲା। ମାତ୍ର ଆମେରିକା ଇଂଲଣ୍ଡର ଅଧିପତ୍ୟ. ଆମ ଭାରତର ଦିନ ସ୍ୱପ୍ନ ଭାଙ୍ଗି ଦେଇଛି ପାକିସ୍ତାନ ଓ ଭାରତକୁ ଆମେରିକା ଇଂଲଣ୍ଡ ଦୁଇ ସଉତୁଣୀ କରି ବେଚ୍ ନଗର ସାଜିଛନ୍ତି ଏକା।

### କଳ ପଦ୍ମ

ଭାରତର ତୃତୀୟ ଜାହାଜ ଜଳପଦ୍ମକୁ ମହତାବଙ୍କ କର ପଦ୍ମ ଛୁଇଁ ଦେବାରୁ ସେ ଜଳରେ କଳ କଳ ହୋଇ ଚାଲିଗଲା ବାସ୍ତବିକ କଳି ଯୁଗରେ ହରି ନାମର କେଡ଼େ ମହିମା।

ହରି ବୋଲ ଭାଇ ଗୋବିନ୍ଦ ବୋଲ
ଭାସିଲା ପଥର ବୁଡ଼ିଲା ଶୋଲ

### ମାଙ୍କଡ଼ ହତ୍ୟା

ରାମ ଓ କୃଷ୍ଣଙ୍କର ସରି ଦିନେ ବିବାଦ। ତେଣୁ ନବକୃଷ୍ଣଙ୍କ ସରକାର ରାମଦୂତ ହନୁମାନ ହତ୍ୟା ଚଳାଇଛନ୍ତି। କଟକରୁ କିଛି ହନୁମାନ ମଲେଣି କିନ୍ତୁ ଏଠି ସବୁ ନାଲି ମୁହାଁ ହନୁ। କଳାମୁହାଁ ନାହିଁ କହିଲେ ଚଳେ। କାରଣ ହନୁଙ୍କ ମୁହଁର କଳାତକ ଓଡ଼ିଶାର ସରକାରୀ ଅଫିସରମାନେ ଛଡ଼ାଇ ନେଇଛନ୍ତି। ମାତ୍ର ତେଣେ କଟକର ପ୍ରତିଶୋଧ ନେବା ପାଇଁ ବମ୍ବେଇରେ ହନୁମାନେ ବାଳକ ମାନଙ୍କୁ ଧମକାଇ ସ୍କୁଲ କଲେଜ ଯିବା ଛଡ଼ାଇ ଦେଲେଣି। କାରଣ ହନୁଙ୍କର ବଡ଼ ଗୁଣ ଅନୁକରଣ କ୍ଷମତାକୁ ଆଧୁନିକା ଝିଅ ନକଲ କରି ନେଇ ପ୍ରତିଯୋଗିତାରେ ହନୁଙ୍କୁ ଟପି ଯାଇଛନ୍ତି ବୋଲି ବୋଧ ହୁଏ।

### ମନ୍ତ୍ରିସ୍ତରୁ ଧନ

ଶ୍ରୀଯୁକ୍ତ ପଟେଲ ଛାତ୍ର ମାନଙ୍କୁ ଉପଦେଶ ଦେଇ କହିଛନ୍ତି ଯେ ଧନ ଉତ୍ପାଦନ ପାଇଁ ମଥା ଖଟାଅ। ଅର୍ଥାତ୍ ମଥା ଦେହରୁ ଯେ ଗୋବର ବାହାରିବ ତାକୁ ଭୂଇଁରେ ସାର ଦେଇ—ତହିଁରୁ ଭଲ ଗଛ ହେଲେ ସୁନା ଫଳିବ। ତେବେ ଯାଇ ଧନ ବଢ଼ିବ। ତା ନହେଲେ ମଥା ଦେହରୁ ସିଧା ସରପଟ ଧନ ଉତ୍ପାଦନର ବୈଜ୍ଞାନିକ ପ୍ରଣାଳୀ ଆମକୁ ଜଣାନାହିଁ।



Digitized by srujanika@gmail.com

# ଇତିହାସ

ଲେ— ଶ୍ରୀ ମନୋଜ କୁମାର ଦାସ

ସ୍ୱର୍ଗରେ ଆଜି ଭୀଷଣ କର୍ମ-ତତ୍ପରତା । ଝାଲବୁଡ଼ ଦେବତା ମହାପ୍ରଭୁ ମାନେ ଏକଦମ୍ ନାକେଦମ୍ ହୋଇ ଚଳେଣି । ଏହି ଇତିହାସ ସଭାଟା ହେବବୋଲି ଛଅମାସ ପୂର୍ବରୁ ଘମାଘୋଟ ଚାଲିଛି । ଆଜି ତା'ର ପରିଣତି । କାହାରିକୁ ଟିକିଏ ହେଲେ ଫୁରସତ୍ ନାହିଁ । କାମ ତ କମ୍ ନୁହେଁ! ଗୋଲକ ହଲ୍‌ଟିକୁ ଡେକୋରେଟେଡ୍ କରିବାଠୁଁ ଆରମ୍ଭ କରି ଉପସ୍ଥିତ ଭଦ୍ରବ୍ୟକ୍ତି ଏବଂ ମହିଳାବୃନ୍ଦଙ୍କୁ ସମ୍ବର୍ଦ୍ଧନା କରିବା ପର୍ଯ୍ୟନ୍ତ । ଅଭ୍ୟର୍ଥନା ସମିତିର ସଭାପତି ଆଗୃର୍ଯ୍ୟ ବରୁଣ ଦେବ ସବୁବେଳେ ଖାଲି ଭର୍‌ଟ୍‌ ହୋଇହୋଇ ହାଲିଆ ହୋଇଗଲେଣି ।

କ୍ରମେ ଟିପାର୍ଟି ସରିଲା । ସମସ୍ତେ ସଭାସ୍ଥଳକୁ ଆସିବା ଉତ୍ତାରୁ ଲେଡ଼ି ସୁଭଦ୍ରାଦେବୀ ଏବଂ ବଡ଼ଭାଇ ବଳରାମଜୀଙ୍କୁ ନେଇ ପୁରୀର ଜଗନ୍ନାଥ ବାବୁ ସଭାସ୍ଥଳର ଗୋଟିଏ କୋଣରେ ପ୍ରକାଣ୍ଡ ମାନଧାତା ଗିର୍ଦ୍ଧାଟିଏ ଆଉଜି ବସି ପଡ଼ିଲେ । ପଛେ ପଛେ ମୁଁ ବି ପଶି ଆସି ବସି ପଡ଼ିଲି । ଦୁଇ ଗୁରୁଟା ହୋକା ଠାକୁରିଆ ଦେବତା ମୋ ଆଡ଼କୁ କଣ ଭାବି କେଜାଣି, କସିକରି କଟମଟେଇ ଅନାଇ ଥାନ୍ତି । କିନ୍ତୁ କାଳେ ସମ୍ମାନିତ ଅତିଥି ଜଗନ୍ନାଥଙ୍କର ଚପରାଶି ଫପରାଶି ହୋଇଥିବ ଭାବି କିଛି କହିପାରୁ ନଥାନ୍ତି । ମୁଁ ବି ଟିକିଏ ବୁଦ୍ଧି କରି ସବୁବେଳେ ଆମ ଓଡ଼ିଆ ଠାକୁରଙ୍କ ପଛେ ପଛେ ଥାଏଁ ।

ସଭା ଆରମ୍ଭ ହେଲା । ଆଗୃର୍ଯ୍ୟ ବରୁଣ ଚନ୍ଦ୍ର ଉଠି ପଡ଼ି ଥର ଦୁଇ ବେଶକରି ଗଳାଟାକୁ ଝାଡ଼ି ଝୁଡ଼ି ନେଲେ । ତାପରେ ନେକ୍‌ଟାଇଟା ଉପରେ ହାତ ବୁଲାଇଁ ବୁଲାଇଁ ସ୍ୱର୍ଗାଧୀଶ ଇନ୍ଦ୍ରଙ୍କ ନାମଟିକୁ ସଭାପତି ପଦପାଇଁ ପ୍ରସ୍ତାବ କଲେ । ମୁଁ ଗୃହିଁ ରହିଥାଏ ଅନୁମୋଦନ କରିବ କିଏ? କିନ୍ତୁ ଏହି ସମୟରେ ମୋର ଡାହାଣ ଆଡୁ ଜଣେ ମାବୁଆଡ଼ ବାଙ୍କ୍‌ର କେଞ୍ଚଲ୍‌ ମ୍ୟାନ୍‌ ଉଠିପଡ଼ି ନିଜର ଗଳାଟାକୁ ସାଧ୍ୟନୁସାରେ ମୋଲାୟେମ କରିନେଇ ପ୍ରସ୍ତାବଟିକୁ ଅନୁମୋଦନ କରି ପକାଇଲେ । ମୁଁ ଭାବୁଥାଏ, କିଏ ଏହି ଭଦ୍ରଲୋକଟି? ଚିହ୍ନା, ଚିହ୍ନାଭଳି ମନେ ହେଉଛି । ଓହୋ— ଗରୁଡ଼ ନା? ଠିକ୍, ଠିକ୍ । ପିଲାଦିନରେ ମହାଭାରତରେ ଛବି ଦେଖିଥିଲି । ମନେ ପଡ଼ିଲା । କିନ୍ତୁ ଇଏ କଅଣ? ସେ ବିଶାଳ ବପୁ, ସୁନ୍ଦର ଚଞ୍ଚୁ କାହିଁ? ଯାହା ଫଳରେ କି ସେ ଗଜ-କଚ୍ଛପ ଦୁଇ ଠାକୁ ଟେକି ନେଇ ଯାଇଥିଲେ । ସେ ସବୁ ବଦଳରେ ବର୍ତ୍ତମାନ ଖାଲି ମାଟିଆ ବୁରୁଜର ଓଭର୍‌କୋଟ-ପିଲେହ ଟିଏ ଅଛି । ନିହାତି ଧନ୍ଦାରେ ପଡ଼ିଗଲି । ଏହାଙ୍କୁ ବି ତାହ ହେଲେ କଅଣ ମେଲେରିଆ ବେମାରୀ ଧରିଛି । କେଜାଣେ ବାବୁ!—

ହଠାତ୍ ମୋର ଚିନ୍ତାଧାରା ଛିନ୍ନ ବିଛିନ୍ନ ହୋଇଗଲା । କାର୍ତ୍ତିକ ଆଉ ଗଣେଶ ଭିତରେ ବାକ୍ୟ ବାଣର ତୁମୁଳ ଅବଦାନ ଚାଲିଛି । କଥା କଅଣ କି, ଦୁଇଜଣ ଦୁଇଟା କବିତା ଲେଖି ଆଣିଛନ୍ତି । କେଉଁଟା ଓପ୍‌ନିଂ ସଙ୍ଗ୍ ହେବ? ଗୋଳମାଳ ସଭାପତିଙ୍କ କାନକୁ ଗଲା । ସେ ପଚାରିଲେ— "ଗାଇବ କିଏ?

"ଉର୍ବଶୀ ଦେବୀଙ୍କ ସାନ ଝିଅ ସୁଶ୍ରୀ ଅଳକା ରାଣୀ" କାର୍ତ୍ତିକେୟ 'ଜାନନ୍‌ଗୋଇଙ୍ଗ୍ ହସ' ଟିଏ ହସି ଜବାବ୍ ଦେଲେ ।

ଇନ୍ଦ୍ର କହିଲେ, "ଅଚ୍ଛା ଗୀତ ଦୁଇଟି ତାଙ୍କୁ ଦିଅ । ସେ ଯେଉଁଟା ଭଲ ଭାବିବେ, ସେଇଟା ଗାଇବେ ।" ଏହା ଶୁଣି ମାଷ୍ଟର କାର୍ତ୍ତିକ ଏକା ବେଳେକେ ଆନନ୍ଦରେ ମଶ୍‌ଗୁଲ୍ । ଗଣେଶଙ୍କ ମୁହଁଟା କିନ୍ତୁ ତିନ୍ତୁଳି ଖାଇଲା ଭଳି ହୋଇଗଲା । ସୁଶ୍ରୀ ଅଳକା ବାହାରି ଆସି ହଫ୍ ନମସ୍କାର ଟିଏ କରି ହାରମୋନିୟମ ପାଖରେ ବସି ପଡ଼ି କାର୍ତ୍ତିକ-ରଚିତ ଗୀତଟାକୁହିଁ ଆରମ୍ଭ କରିଦେଲେ । ବେଶ୍ ଫର୍ସା ରଙ୍ଗ । ବୟସ ଅନ୍ଦାଜ ଷୋହଳ, ସତର ହେବ । ବୋଧହୁଏ ଗାର୍ଲ'ସ୍କୁଲରେ ପଢ଼ନ୍ତି । କାର୍ତ୍ତିକ ବୁଅଡ଼େ ଥିଲେ ସଙ୍ଗେ, ସଙ୍ଗେ ପତ୍ରାବାଟା ଗୋଟାଇ ଦେଇ ଓଗିଟାକୁ ଟାଣି ଆଣି ବସି ଗଲେ । ତତ୍‌କ୍ଷଣରେ ଭଦ୍ରଲୋକଙ୍କର ଯେତେ ଦଖଲ ଅଛି, ସୁଶ୍ରୀ ଉର୍ବଶୀ-ନନ୍ଦିନୀଙ୍କ ଆଡ଼େ ଟେରିକରି ଗୃହିଁବାରେ ତାଠୁଁ ଅନେକ ବେଶୀ ଦେଖିଲି ।

—•—

ଗୀତ ସରିଲା । ଏହାପରେ ବକ୍ତୃତା ଦେବାର ପାଳି । ଚଟିଟାକୁ ଘୋସାରି ଘୋସାରି ଶ୍ରୀକୃଷ୍ଣ ଉଠିଲେ । ଚମତ୍କାର ହାବାଇ ଜୋଟିଟିଏ ଦେଇଛନ୍ତି । ସେ କହିବାକୁ ଆରମ୍ଭ କରିବା ସାଥେ ସାଥେ, ମୁଁ ନୋଟ୍ ବହିଟାକୁ କାଢ଼ି ପଟାପଟ୍ ଟିପି ନିବାକୁ ବସିଗଲି । ସେ କହିବାକୁ ଲାଗିଲେ-

"ଏଇ ଯେଉଁ ଜଗନ୍ନାଥ ବାବୁ ଆଜି ଆମର ଅତିଥି ହୋଇଛନ୍ତି, ତାଙ୍କର ଇତିହାସ ଆଲୋଚନା କରିବା ପାଇଁ ଆମେ ଆଜି ସମବେତ । ନିଜ ଇତିହାସ ନିଜକୁ ମାଲୁମ୍ ନାହିଁ । କେବଳ୍ ଭଳି ଖାଲି ଚକା ଚକା ଆଖିକରି 'ଫ୍ୟାଲ୍ ଫ୍ୟାଲ୍' କରି ଗୃହିଁରହି ଥାଆନ୍ତି । ବହୁ ଗବେଷଣା ପରେ ମୁଁ ତାଙ୍କର ପ୍ରକୃତର ଯେଉଁ ଗୋପନ ଇତିହାସ ଟିକିଏ ଜାଣିବାକୁ ସକ୍ଷମ ହୋଇଛି, ତାହାହିଁ ଆଜି ଆପଣ ମାନଙ୍କ ସମ୍ମୁଖରେ ପେଶ୍ କରୁଛି ।

"ବହୁଯୁଗ ପୂର୍ବେ ଆବୁଲ୍ ଫାଇଲଙ୍କ ନାତି ଉତ୍କଳାଧୀଶ ଦଶରଥ ତାଙ୍କ ମନ୍ତ୍ରୀ ବାବର ଓ ପୁତ୍ର ଅର୍ଜୁନକୁ ତାଙ୍କ ରାଜ୍ୟ ବିଜୟାଭିଳାଷ ଜଣାଇବାକୁ ସେ ଦୁହେଁ ଉତ୍ତରାଭିମୁଖରେ ଯାଇ କପିଳ ବସ୍ତୁ ନଗରରେ ଉପସ୍ଥିତ ହେଲେ । 'ଓମ୍ଭଡଲ୍' କାଗଜର ସମ୍ବାଦ-ପ୍ରତିନିଧି ହିସାବରେ ମୋଟର୍ ବାଇକ୍ ମହାନ୍ତ ମଧ ସାଥିରେ ଯାଇଥିଲେ । 'କପିଳ' ବାସ୍ତୁର ରଜା ଲକ୍ଷ୍ମଣ ସେନ୍‌ଙ୍କୁ ପରାସ୍ତ କରି ଅର୍ଜୁନ ତାଙ୍କ ଝିଅ ମମତାଜ ବିବିଙ୍କୁ ବିବାହ କଲେ । ସେହି ମହାସୀୟଙ୍କର ତୃତୀୟ ପୁତ୍ର ମହାତ୍ମା କ୍ଲାଇଭ୍ କର୍ତ୍ତୃକ ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀରେ ପୁରୀ ମନ୍ଦିର ନିର୍ମିତ ହୁଏ ।"

କୃଷ୍ଣଙ୍କର ବକ୍ତୃତା ଏହି ଠାରେ ଶେଷ ହେଲା । ଏତେବେଳେ ମୁଁ ଜଗନ୍ନାଥଙ୍କ ଆଡ଼େ

Digitized by srujanika@gmail.com

ଅନାଇବାର ସୁଯୋଗ ପାଇଲି । ଭାବିଥିଲି ଏତେବଡ଼ ସଭାରେ କୃଷ୍ଣ ତାଙ୍କୁ 'ବୋଲ୍ଡ୍' ଅର୍ଥାତ୍ ଶବ୍ଦ ଉଚ୍ଚାର ଦେଇଥିବା ଯୋଗୁଁ ସେ ଅପମାନିତ ବୋଧ କରୁଥିବେ, କିନ୍ତୁ କାହିଁ ?—ସେତ କୋଡ଼ିଏ ଇଞ୍ଚ ବ୍ୟାସର "ଓଁ"ଟିଏ କରି ନେଫଜ୍ ସିଲ୍ ଗୁଡ଼ିକ ଅଡ଼େଇ ଗୃହିଁ ରହିଛନ୍ତି । ବଲ୍ଲଭା ପଲ୍ଲଭା ଅଡ଼ିକୁ ବଲ୍‌ହିଲ୍ ଲକ୍ଷ୍ୟ ନାହିଁ । ମୁଁ ଅସ୍ବସ୍ଥ୍ୟ ହେବାକୁ ଯାଉଥିଲି । କିନ୍ତୁ ହେଲିନି । ମନେ ପଡ଼ିଗଲା ଯେ ସେ ଓଡ଼ିଆ ।

ଠିକ୍ ଏ ସଚେତନ ହୋଇ ମଞ୍ଚ ଉପରେ ମୁହିଁ ଫେରାଇବା ବେଳକୁ ଉଭୟ ହସ୍ତ ଯଥାକ୍ରମେ ଦାଢ଼ି ଓ ବସ୍ତ୍ର ଉପରେ ନ୍ୟସ୍ତରଖି ସ୍ୱୟଂ ମହାଦେବ ବଜ୍ର ଗମ୍ଭୀର ସ୍ୱରରେ କହି ଚାଲିଛନ୍ତି ।

"ବଲ୍‌ହିଲ୍ ଝୁଁ ୦୍ ବାଡ୍ । କେଠା ଡ୍ରାଇଭ୍ କେବେହେଲେ ଏ କାର୍ଯ୍ୟ କରି ଯାଇନାହିଁ । ସେ ଥିଲେ ବୌଦ୍ଧ । କିନ୍ତୁ ଏ ବୌଦ୍ଧ ନୀତି ନୁହେଁ । ଖ୍ରୀଷ୍ଟପର ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗାଧିପତି ଦୁର୍ଯ୍ୟୋଧନର ଭ୍ରାତୃ ସ୍ମୃତ୍ର ଫାହିୟାନ ପୁରୀ ନଗରୀ ପ୍ରତିଷ୍ଠା କରିଥିଲେ । ସେହି ଫାହିୟାନଙ୍କ ମାଉସୀ ବିଶ୍ୱବାଗଙ୍କ ପୁତ୍ର ତାନ୍ ସେନର ଜ୍ୱାଇଁ କାଳିଦାସ—ଛୋକ୍ରା ଏହି ମନ୍ଦିରଟା ତିଆରି କରି ପକାଇଲେ । ଏହା ହିଁ ଇତିହାସ ।"

ଅକସ୍ମାତ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଉଠି ଆରମ୍ଭ କରି ଦେଲେ— "ମହାଦେବ ଜୀ ! ଆପଣ ବୋଧହୁଏ ସଦ୍ୟ ଗଞ୍ଜା ଖଟିରୁ ବାହାରି ଆସିଛନ୍ତି । ବୋଧହୁଏ ଭୁଲି ଗଲେଣି ଯେ ଏଠା "ଦାଢ଼ି-ଭରଭ- ପ୍ରେସ୍ ନୁହେଁ ।" ଏଥର ଆଉ କାର୍ତ୍ତିକଙ୍କୁ ରଖେ କିଏ ! ଗୋଟିଏ ମହାପାର୍ଶ୍ୱ-ଲମ୍ଫ ଦେଇ ମଞ୍ଚ ଉପରେ ଆସି ଛିଡ଼ା ହୋଇ ଗଲେ ।

"ତୋ ମଥାକୁ ପିତ୍ତ ଚଢ଼ିଲାଣି କିରେ ଶାମ୍ବା ! ଭେଗା ଭଳି ତ ସାରା ଦିନ ଜେଗା ଘରେ ବସିଥାଉ । ଇତିହାସ-କଥା ତୋ ଗୋବର ମଥାରେ ପଶିବ କୁଆଡ଼ୁ ?"

ଏତିକିରେ ଶାମ୍ବ ଚିତ୍କାର କରି କାର୍ତ୍ତିକଚନ୍ଦ୍ରଙ୍କ ଆଡ଼େ ମାଡ଼ି ଆସିଲେ ।

" ଚୁପ୍ କର ବାହାଁବା ! ତୋର ସବୁ ହସ୍ତି ଏକ୍ଷଣି ପଦାରେ ପକାଇ ଦେବ ଜାଣିଥା । ଦିନ ସାରା ଫେସନ କରି କାରଟା ଧରି ବୁଲୁଥାଉ । ତୋ ଲାଗି ବୋହୂ ଝିଅଙ୍କ ଜଗ୍ରପତ୍ରି ରହିଲା ନାହିଁ । ଅଳଙ୍କାର ଚୋରଟା ଖସ ତୋହର ପାଇଁ ତ--"ଇତ୍ୟାଦି ଇତ୍ୟାଦି ।

ଏହାପରେ ଭୀଷଣ ଗଣ୍ଡଗୋଳ । ଦେବଗଣ ଦୁଇଦଳ ହୋଇ ପ୍ରାକ୍ଟିକ୍ୟାଲ ଫିଲଡ୍‌କୁ ଓହ୍ଲାଇ ପଡ଼ିଲେ । ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ରଟାର ଧାର ପଶି ଯାଇଥିବା ଯୋଗୁ ସେଟା କମାର ଶାଳରେ ଦିଆଯାଇଥିଲା । ଅଗତ୍ୟାରେ ପଡ଼ ବାସୁଦେବ ଗୋଟିଏ ଟେବୁଲ ଇଲେକ୍‌ଟ୍ରିକ୍ ଫେନଟାକୁ ସୁଦର୍ଶନ ବଦଳରେ ଉଠାଇ ଆଣିଲେ । ନୀଳକଣ୍ଠଙ୍କର ଦାଢ଼ିଟାରୁ ଅଗ୍ନି ପଲକରେ ଅସଂଖ୍ୟ ଭୁତ ପ୍ରେତ ଖସି ପଡ଼ି ତାଣ୍ଡବ ଆରମ୍ଭ କରି ଦେଲେ । ବୋଧ ହେଲା ପ୍ରଳୟ କାଳ ଆସନ୍ନ ! ମୋର ପିଳେହି ବିଚରାତ ଏଥାବେଳେକେ ପାଣି ହୋଇଗଲେ । ଉପ୍ସରେ ଜଗନ୍ନାଥଙ୍କ ଅଡ଼ିକୁ ଗୃହିଁଲା ବେଳକୁ ଦେଖିଲି, ଇନ୍ଦ୍ରଦ୍ୟୁମ୍ନ ଅମଳର ଖଣ୍ଡିଏ ଛିଣ୍ଡା ରୁମାଲରେ ମୁହିଁ ଅଖି ଦଲନ କରୁଁ କରୁଁ ସୁଭଦ୍ରାକୁ ପଚାରୁଛନ୍ତି, 'ହିଁ...କଅଣ ହେଉଛି ? ଏମାନେ ଏମିତି ଗୋଲମାଲ କରୁଛନ୍ତି କାହିଁକି ? କଅଣ ଆଜି ଲକଡାର ବାହାଘରଟି ?'

ହା ଭଗବାନ ! ଏ ଜଗନ୍ନାଥ ଏସେମ୍ବ୍ଲି ମେମ୍ବର ନହେଲେ କାହିଁକି ? ରାମାୟଣ ଶେଷ ବେଳକୁ ପଚାରୁଛନ୍ତି "ରାବଣର ଭାରିଜା ରାମଚନ୍ଦ୍ରଟା ଟିକିଏ ଭାଲ—ନୁହେଁ ?"

ବଳରାମ ଏକା ବଡ଼ ହୁସିଆର ଆଦ୍‌ମୀ । ସାଙ୍ଗେ ସାଙ୍ଗେ ସାନଭାଇ ଅଉ ଭଉଣୀଙ୍କୁ ଧରି ପକ୍ଷୀରାଜରେ ଷ୍ଟାର୍ଟ ଦେଲେ । ମୁଁ ମଧ୍ୟ ପଛେ ପଛେ ଯାଇ ଘୋଡ଼ା ଲାଙ୍ଗୁଡ଼ ଟାକୁ ଧରି ଉଡ଼ି ଗଲି । ମଝି ରାସ୍ତାରେ ଅକସ୍ମାତ୍ ଛିଙ୍କ ଟିଏ ଛିଙ୍କି ପକାଇଲି । ଆଉ ଯାଏ କୁଆଡ଼େ ? ଜଗନ୍ନାଥ ତ ହାବଲ ମାଉଲ ଖାଇଗଲେ । ବଳରାମ ଏଥା ଫେରି ପଡ଼ି ମୋ ଗଳାଟାକୁ ଚିପି ଧରି କହିଲେ—ବେଟା ଗୋଏନ୍ଦା ! ଅଉ କେବେ ପିଛା ଧରିବୁ ? କହ—କିଏ ପଠାଇଛି, କୃଷ୍ଣ ନା ମହାଦେବ ? ମୁଁ ନହାଉ, ଅକର୍ତ୍ତବ୍ୟରେ ପଡ଼ି କହିଲି— "ଆଜ୍ଞା ସତ କହୁଛି, ମୁଁ ତ ମୁଁ, ମୋର ଚଉଦ ପୁରୁଷଙ୍କୁ ଚକଟି ପକାଇଲେ ବି କହୁଏ ଗୋଏନ୍ଦା ବାହାରିବେ ନାହିଁ । ମୁଁ କହୁଚି ଗୋଟିଏ ମର୍ତ୍ତ୍ୟର ଲୋକ । ଆଜି ରାତିରେ ଆପଣମାନେ ଘୋଡ଼ାରେ ଗଲାବେଳେ ମୁଁ ଗରୁଡ ସ୍ତମ୍ଭ ଉପରେ ବସି ହାଉଆ ଖାଉଥିଲି ଏହି ସମୟରେ ଆପଣଙ୍କର ଦିଗମ୍ବର ଘୋଡ଼ାଟି ଶୂନ୍ୟରୁ ମୋ ଉପରେ 'ଏକ' କଲା । ସେହି 'ଏକ'ର ଜଳୀୟ ଧାରା ଟିକୁ ଧରିଧରି ମୁଁ ଉପରକୁ ଉଠିଗଲି ଆଉ ତାର ଲାଙ୍ଗୁଡ଼ ଟାକୁ ଧରି ସ୍ୱର୍ଗ ପର୍ଯ୍ୟନ୍ତ ଗଲି ।"

"ହୁଁ—ତୋତେ ତ ମୁଁ ସ୍ୱର୍ଗରେ ଦେଖି କୌଣସି ଦେବତାଙ୍କର ସର୍‌ଭେଣ୍ଟ୍, ଫର୍‌ଭେଣ୍ଟ୍ ହୋଇଥିବୁ ବୋଲି ଭାବିଥିଲି । ଆଚ୍ଛା ତୁ'ଟା, କରୁ କଅଣ ବେ ?"

ଆଉ ସମ୍ଭାଳି ହୋଇପାରିଲି ନାହିଁ—କହିଲି—"ଆଜ୍ଞା ଟିକିଏ ଭଦ୍ର ଭାବେ ସମ୍ବୋଧନ କରନ୍ତୁ । ବେ, ବା କାହିଁକି କହୁଛନ୍ତି ? ଠାକୁର ହେଲେ ବୋଲି କଣ ଏ ଷ୍ଟାଲିନ ଯୁଗରେ ମଧ୍ୟ—"

"ଚୁପ୍ ବେ, ମୁଁ ଯାହା ପଚାରିଲି ତାହା କହ ! ତୁ ଟି ଗୋଟେ କରୁ କଅଣ ?"

" ମୁଁ ' ରଗଡ଼ 'ର ସମ୍ବାଦ ଦାତା "

" ମ୍ୟାଁ-ମୋ ବାପା ଲୋ—"

ଏତିକି କହି ବଳରାମଜୀ ପକ୍ଷୀରାଜ ଘୋଡ଼ା ଉପରେ ଏଇସା ଜୋରରେ ଚାବୁକ ପକାଇଲେ ଆଉ ସେହି ବେହିଆ ଘୋଡ଼ାଟା ଇମିତି ଭାବରେ ଲାଞ୍ଜଟାକୁ ଝିଙ୍କାଡ଼ି ଦେଲା ଯେ, ମୁଁ ଚକ୍ରବାଳର ଦିଗନ୍ତ ବିସ୍ତୃତ ମହାଶୂନ୍ୟ ମଧ୍ୟରୁ ମୁହୂର୍ତ୍ତକ ମଧ୍ୟରେ ଖସିଆସି ବିନ୍ଧ୍ୟ ପର୍ବତର ଶୃଙ୍ଗ ଉପରେ ଭୀଷଣ ଯୋରରେ କଚଡ଼ା ହୋଇ ପଡ଼ିଲି ।

* * * *

ଦିବା ନିଦ୍ରାଟା ଭାଙ୍ଗିଗଲା । କି ଅଦ୍ଭୁତ, କିମ୍ଭୁତ ସ୍ୱପ୍ନଟାଏ ଦେଖିଥିଲି । ଗୋବିନ୍ଦ, ଗୋବିନ୍ଦ ! ସେହିଯେ କଟକରୁ କିଣିଲି ଭାରତ ଇତିହାସ ସମ୍ମିଳନୀ ଦେଖି ଆସି ଶୋଇ ପଡ଼ିଥିଲି, ପାଞ୍ଚ ଘଣ୍ଟାପରେ ନିଦ ଭାଙ୍ଗିଛି । ରାମ, ରାମ !

ଚଦରଟାକୁ ଦେହରେ ପକାଇ ଦେଇ ବାହୁଆରୁ ଶୁଖିଲା ପାନଖଣ୍ଡିଏ କାଢ଼ି ଗାଲରେ ଯାକି ' ରଗଡ଼ ' ସମ୍ପାଦକଙ୍କ ଘରଆଡ଼େ ଧୀରେ, ଧୀରେ ଚାଲିକି ମୁହଁ କରି ଚାଲିଲି ।



Digitized by srujanika@gmail.com

# ବଳି ଭୋଇର ଦାଢ଼ୀ

ଲେ—କମଳା ଦାସ

ପଦ୍ମପୁରର ବଳି ଭୋଇ କୋଳପୁନେଇ ବାସୀ ଧନ ଧଜା ମିଶ୍ରଙ୍କ ଠାରୁ ଚାରଣା ପଇସା ବଇନା ଧରି ଜବାବ ଦେଲା ବର୍ଷକ ପାଇଁ ତାଙ୍କ ଘରେ ସେ ହଳିଆ ଚାକର ରହିବ। ଦରମା ବର୍ଷକୁ ଷାଠିଏ ଟଙ୍କା ନେବ। ଘର ତାର ସେଇ ଗାଁରେ। ବାଉରି ମୁଣ୍ଡ। ପାଠଶାଠ କିଛି ପଢ଼ିନାହିଁ। ଭଙ୍ଗା କୁଡ଼ିଆ ଘର ଖଣ୍ଡିଏ—ଦରଖୁଣ୍ଟି। ବଖୁରିକେ ମେଣ୍ଢା ଦୋଟି; ଆଉ ତାର ବୁଢ଼ୀମା, ଆଉ ବଖୁରୀକେ ତାର ଘରମଣ୍ଡପ ସେରନ୍ତୀ ଆଉ ସାନ ସାନ ଝିଅ ପୁଅ ଦୋଟି। ମିଶ୍ରଙ୍କ ଘରେ ବର୍ଷକୁ ଜବାବ ଦେଇ ଘରକୁ ଯାଇ ବୁଢ଼ୀମା ଆଉ ସୁନେଇ ବୋଉ ଓରଫ ତା ଘର ମଣିଷକୁ ଦୁଆରକୁ ଡାକି ଜବାବ କଲା—ହଇଲୋ ବୋଉ! ମୁଁ ତ ତାଙ୍କ ଘରେ ବର୍ଷକୁ ମୁଣ୍ଡ ବିକାଇଲି। ତୁ ଟିକେ ମେଣ୍ଢାଦିଟାକୁ ଚରାଇ ନବୁ। ସୁନେଇଟି ତୋ ସାଙ୍ଗରେ ଯିବ। ସୁନେଇ ବୋଉ ଘରଧନ୍ଦା କରିବ, ନହେଲେ ସାଇ ପିଲାଙ୍କ ପାଖରେ ଠୁରିଆଟିକେ ଗଡ଼ ହୁଏତ ମୂଲ ଖାଟିକି ଯିବ। ଗଲା ମଗୁଶିର ପୁଷରେ କଟାମଳା କରି ଧାନ ଦିଟା ଅଣିଥାଇଁ— ଦୁଇମାସ ଚଳିଯିବ। ତେଣିକି ଦେଖାଯିବ। ନଥିପଣ୍ଡା ଧମକେଇଚି ନାଲିସ କରିବାକୁ। ତା କରଜଟା ଦେଇ ଦେଲ ପଚିଶ ଟଙ୍କା ହବ। ମିଶ୍ରଙ୍କ ଘରୁ ଷାଠିଏ ଟଙ୍କା ପାଇବି। ଏକୁ ଶୁଝିଦେଇ ହାତରେ ବାକି ରହିବ—ଦଶଟଙ୍କା।

ବୁଢ଼ୀମା କହିଲା—ହଉରେ ପୁଅ, ଯାହା ଭଲ ମନେ କଲୁ ତା କଲୁ। ହେଲେ ଧଜା ମିଶ୍ରଟା ବଡ଼ ଖରଚୁଣ୍ଡା ଲୋକ। ବୁଢ଼ୀଟା ତାର କୁଟୁକୁଟିଆ।

ବଳି କହିଲା— ଅଲୋବୋଉ, ମୋ କାମ ମୁଁ କରିବି। ମୁ ସିନା ହେଳା କଲେ କିଏ କିଛି କହିବ।

ବଳିଭୋଇଟା ସତକୁ ଧଡ଼ି ନହତଡ଼ିବନ୍ତ ଲୋକ। ଯାହାଘରେ ରହେ, ତାଘରକୁ ଆପଣାର ବୋଲି ମଣେ। ବଡ଼ ଭରି ପିଲା, ଭାରି ମେହେନ୍ତି। ପାଞ୍ଚହାତ ମର୍ଦ୍ଦ; ଦିହରେ ଗୋଟାଏ ହାଡ଼ୀଆ ବଳ। କୋଡ଼ିଟା ଧରି ଠିଆ ହୋଇଗଲେ ପାଞ୍ଚଟା ମୂଲିଆ ଅଡ଼େଇ ହୋଇ ଯିବେ। ସେ ତା କାମରେ ଲାଗି ଥାଏ। ସକାଳ ହେଲେ କାମର ବାଗ ଦେଖି; ଘୋଡ଼ ଛାଡ଼ ଦିଏ। ସେ କହେ କହୁଡ଼ି ଥିଲେ ଅଭାବ ରହିବ ନାହିଁ।

ଧଜା ମିଶ୍ରଙ୍କର ଦଶମାଣ ବିଲ। ମଞ୍ଜୁଳିଆ ମଳଭୁଲିଆ ହଳେ ବଳଦ। ଭୋରରୁ ଉଠି ପଖାଳ ପାଣି ମୁନ୍ଦେ ପିଇଦେଇ ବଳୀ ହଳ ଯୋଚି ନିଏ। ଫେରୁ ଫେରୁ ଦିପହର; ତାପରେ ବଳଦଙ୍କୁ ଗାଧୋଇ ସାରି ତାଙ୍କ ଆଗରେ ପାଳଟିକା ପକାଇ ଦେଇ ସେ ଖିଆପିଆ କରେ। ଖରାବେଳେ ଦାଣ୍ଡ ବାରଣ୍ଡାରେ ଘଣ୍ଟାଏ ବିଶ୍ରାମ ନେଇ ପୁଣି ବାହାରି ପଡ଼େ ବାଡ଼କୁ। ବିଲବାଡ଼ି ପାଇଁ ସେ ଖୁଞ୍ଚଣ କରଚି। ବିଲବାଡ଼ି ହେଲା ତାର ଜୀବନ। ଧାନବୁଣା ଠାରୁ ଆରମ୍ଭ କରି କାଟିବା ବେଳଯାଏ ସବୁଯାକ ଭାରଠେଇଁ। ଘରେ ପୁଣି ଗୁହାଳ ଗୋବର, ଗୋରୁମୁହଁ, ଘରବାହାର ଓ ଓଳିଆ ତଳି—ସବୁ କାମ କରେ। ଏତେଟା ଚାକରଙ୍କ କାମ ଏକା ଏକା ତୁଲେଇ ନିଏ। କାଥଲସା ଲୋକ ସେ, ଝିଙ୍କ ବର୍ଷାରେ ବସିଲା ବେଳେ ମିଶ୍ରଙ୍କ ଘରପାଇଁ ଦିଖଣ୍ଡ ଚୌସ ମଶିଣା ବି ବୁଣି ଥୋଇ ଦିଏ।

ତେବେବି ସେ ଦେଖିଲା ବୋଉ ଯାହା କହୁଥିଲା ସେଇ କଥାଟା ସତ। ମିଶ୍ର ଘର ବୁଢ଼ୀଟା ଭାରି କୁଟୁକୁଟିଆ। ଖଟିଖଟି ଆସି ମୁହୂର୍ତ୍ତେ ବସି ପଡ଼ିଲେ ଗୋଟାଏ କିଛି କାମ ବଢ଼ାଇ ଦିଏ। ଧଜାମିଶ୍ର କହି ଉଠେ—ହଇରେ ବଳିଆ, ବସି ପଡ଼ିଲୁ ଖାଲି, ମଶିଣା ଖଣ୍ଡେ ପାରି ଶେଇ ପଡ଼ୁନାହୁଁ।। କଥାଟା ଧୀରେ ୨ ବଳିଆର ମନକୁ ବାଧିବାକୁ ଲାଗିଲା। ତେବେ ବି ସେ କାହାରିକି କିଛି ତୁଣ୍ଡ ଫିଟେଇ ଜବାବ ଦେଲା ନାହିଁ।

ଗାଁରେ ଘର ହେଲେ ବି ସେ ଘରକୁ ଯାଏ ନାହିଁ। କହେ, ସାଆନ୍ତ ଘରେ ବର୍ଷକୁ ମୁଣ୍ଡ ବିକାଚି। ବର୍ଷ ପୂରିଲେ ଘରକୁ ଯିବି। କାଠଘାଟରେ ବୋଉ ସାଙ୍ଗରେ ଦେଖାହେଲେ ବୁଢ଼ୀ କହେ—ହଇରେ ପୁଅ! ଘରକୁ ଦିନେ ଗଲୁ ନାହିଁ? ସାଆନ୍ତକୁ ଟିକେ କହି ବୋଲି ଦିନେ ଯାଉନୁ? ଝିଅ କଟା ପରା "ବାପା ବାପା" ହଉଛନ୍ତି।

ବଳୀ ହସିଦେଇ କହେ— ସୁନେଇକି କହିବୁ ଠୁରିଆକୁ ଦିନେ ଆସିବ। ମୁଁ ତାକୁ ଟିକେ ଦେଖିବି।

ଗଲା କିଛି ଦିନ। ଦିନେ ସୁନେଇ ଆସି କହିଲା—ବା'ଲୋ, ଠୁରିଆକୁ ଖୁବ୍ ଜର। ତିନିଦିନ ହେଲା ତାଟି ଓହ୍ଲାଉ ନାହିଁ। ବୋଉ କହୁଚି ଥରେ ତୁ ଯିବୁ।

ସକାଳୁ ମିଶ୍ରଙ୍କୁ ବଳୀ କହିଲା—ସାଆନ୍ତେ, ଟୋକାଟାକୁ ଖୁବ୍ ଜର। ତିନିଦିନ ହେଲାଣି। ମୁଁ ଟିକେ ଘରକୁ ଯାଉଚି।

ସ୍ୱର୍ଗରୁ ପଡ଼ିଗଲା ପରି ମିଶ୍ରେ କହିଲେ, କଣ କହିଲୁ ବଳିଆ? ଘରେ ପରା ତୋ ବୋଉ ଅଛି, ତୋ ବୋହୂ ବି ଅଛି; ତୁ ଆଉ କଅଣ କରିବୁରେ? ବଳଦଙ୍କୁ ମୁହଁ ଦେଲୁଣି? କଅଣ ଆମଘରର ପିଲା ହୋଇଚି ଯେ ଝଲେଣି ପଡ଼ିଯିବ! ବାଉରୀ ଘରର ଟୁଆ କାଲିସକାଳୁ ଛାଇଁ ଛାଇଁ ଝିଙ୍ଗୁ ଝିଙ୍ଗୁ ହୋଇ ଉଠି ବସିବ ନାଇଁ ସେ! ଯାଉଚୁ ଯା, ଟିକେ ବୁଲି ଆସିବୁ।

ବଳି ଭୋଇ ଘରକୁ ଯାଇ ଦେଖିଲା— ସତକୁ ସତ ପିଲାଟା ଅଚେତନ। ତାପ ସନ୍ଧି ଉଠି ହୋଇଚି। ଛାତିରେ ଦିହ ମୁଣ୍ଡ ଜଳୁଚି। କୋଳରେ ଧରି ଗୋଟିଏ ରାତି ସେ ବସିରହିଲା। ଟୁଆଟା ବାଇଆ ଭଳିଆ ହୋଇ ଏଣୁତେଣୁ ବକୁଥାଏ। ସୁନେଇ ବୋଉଟା ତିନିଦିନ ତିନିରାତି ଆଖି ପତା ଲଗାଇ ନଥିଲା, ଛିଣ୍ଡା କନା ମଶିଣା ଖଣ୍ଡକ ଉପରେ ପଡ଼ି ଯାଇ ଯାଉ ଅଚେତ ହୋଇଗଲା।

ଭୋର ହେଲା। ଦିନ ଘଣ୍ଟାଏ ହେଲା। ତେବେବି— ସୁନେଇ ବୋଉର ନିଦ ଭାଙ୍ଗିଲା ନାହିଁ। ବଳି ଭୋଇ ଟୁଆଟାକୁ ଧରି ସେଇଠି ସେମିତି ବସି ରହିଲା। ଦିନ ପହରକବେ ସୁନେଇ ବୋଉ ଉଠିଲାରୁ ଟୁଆଟାକୁ ତା କୋଳକୁ ଦେଇ ସାଆନ୍ତ ଘରକୁ ଦୌଡ଼ିଲା।

କିନ୍ତୁ ସେତେବେଳକୁ ମିଶ୍ରେ ମହାଖପା। ଖଟିଆ ପହଁରା ଠାରୁ ଧରି ନଡ଼ିଆ ନଡ଼ିଆ ଦାଣ୍ଡଟାକୁ ଓଳିଉ ଓଳିଉ ଏକେ ପାଟିରେ କହୁଚନ୍ତି "ଶଳା ବାଉରି ଟୋକାଟାର କହୁଚ ଦେଖ। ଘରକୁ ଯାଇଚି ସେ ଯାଇଚି।



Digitized by srujanika@gmail.com

ଏତେବେଳ ଯାଏଁ ବି ବଳୁଣା ଛାଡୁନାହିଁ । ସୁଅ ବେଶ୍‌ ମଜା କଥାଟା ଗଲା । ଅସଲ କଥା ଶଳାଟ ଏତେବେଳ ଯାକେ ଭସୁମ ଟଣୁଛି । ହଇହେ, ହଳ ଟଙ୍କା ନେବ ନ ମାଗଣା ? ଦିନ ପହରେ ହେଲାଣି । ବର୍ଷଟ ପଡ଼ି ମୁଣ୍ଡ ଫାଟିଲା, ସେଥିରେ ପୁଣି ଘରକୁ ଯିବା ପାଇଁ ରସ ଉଛୁଳି ପଡ଼ୁଛି କିଆଁ ?

ବଳିଆ ଆବୁ ଅବୁ ଏ କଥା ଶୁଣିଲା । କଟକଣା ତାକୁ ଖଟମଟ ଲାଗେ । ବର୍ଷକ ପାଇଁ ସେ ଜବାବ ଦେଇଛି ବୋଲି କଅଣ ଖଣ୍ଡମୁଣ୍ଡ ନାହିଁ ? ତା ଘରଦ୍ୱାର ବା ପିଲା କବିଲା ନାହାନ୍ତି । ମନେ ମନେ ସେ ବୋଉ କଥାକୁ ଗୁଣିହେଲା : ଆଗରୁ ଆସି ପହଁଚ ମୁଠାଏ ମାଗି ନେଉ ନେଉ କହିଲା, ସାଆନ୍ତେ ଶଳା ଶଳା ହଉଚ କିଆଁ ? ପୁଅଟିକୁ ପର ଅଡ଼ାଏ ଉର ! ଖାଲି ରାତିସାରା ଏତେବେଳେ ଯାକେ ମୋ ଆଖି କସା ହୋଇ ନାହିଁ । ଗୁଳ ଦେଖିଆସିବ, ମୋ କଥାଟା ମିଛକି ସତ ।

ମିଶ୍ରେ କିନ୍ତୁ ଗର୍ଜି ଉଠିଲେ—କଅଣ କହୁଚୁବେ । ଶଳା ବାଉର ଟୋକାର ହାଡ଼ ଭ ବଢ଼େଇ ! ମଜା କରୁଚ ଯିବାକୁ, ଗଲାତ ଗଲା—ଦିନ ଅସି ପହରେକୁ ଗଡ଼ ଗଲାଣି । ସେଥିରେ ଶଳା ବୋଲି କହିଦେଲି ସେ, ମାନହାନୀ ହୋଇ ଯାଉଛି ।

ପହଁଚ ମୁଠାକୁ ଧରି ବଳିଆ ଠିଆ ହୋଇ ଗଲା । ଆଖିରୁ ତାର ଦିଟୋପା ଲୁହ ଗଡ଼ି ଆସିଲା—ହେଉଛି ସାଆନ୍ତେ— ବାଉରୀ କୁଳରେ ଜନ୍ମ ହେଲେବି ମୋର ମନ ଭଲ ଅଛି । ତମ ଘରେ ବର୍ଷକୁ ଜବାବ ଦେଇଚି ବୋଲି । ବର୍ଷଟି ପୁରିଲେ ତୁମେ ଯେମିତ ମୁଁ ସେମିତ । ତମର କେଉଁ କାମରେ ହାଗି କାନ୍ଦେ ତୁମେ ମତେ ଶଳାଫଳା କରି କହିବ ହେ ? ତମେ ସାଆନ୍ତ ହୋଇ ତମର ମାନ ଅଛି । ମୁଁ ଗୁଲର ହୋଇ ମୋରବି ମାନ ଅଛି ; ତୁମେ ଯେବେ ଏମିତ କହିଲ— ବର୍ଷଟିଏ ନ ପୁରିଲେ ମୁଁ ଆଉ ଘର ମୁହଁ ହେବି ନାହିଁକି ପିଲାକବିଲାଙ୍କୁ ଅନାଇବି ନାହିଁ । ହେଉଛି ଧର୍ମକୁ ସାକ୍ଷୀ ରଖି ଏ ଦାଢ଼ୀ ଛାଡ଼ିଲି । ତମ ଘରୁ ମୁକୁଳିବି, ତେବେ ଯାଇଁ ଦାଢ଼ୀକି କାଟିବି ।

ମିଶ୍ରଙ୍କ ମୁଣ୍ଡରୁ ପିତ୍ତ ଓହ୍ଲାଇ ଗଲା । ବାବା ହୋଇ ସେ ବଳିଆ ଆଡ଼କୁ ଚାହିଁ ରହିଲେ । କିନ୍ତୁ ରୁହା କଥା ଫିଙ୍ଗା ପଥର ସଙ୍ଗେ ସରି ହାତରୁ ଛୁଟିଲେ କଥା ସରିଲା ।

ବଳିଆ ଆଉ ମିଶ୍ରଙ୍କ ଆଡ଼କୁ ଲେଉଟି ଚାହିଁଲା ନାହିଁ । କୋଡ଼ି ଖଣ୍ଡେ ଧରି ବିଲକୁ ବାହାରିଗଲା ।

ସେଇଦିନୁ ସେ ଦାଢ଼ୀ ଛାଡ଼ି ଦେଲା । ଘରେ ପିଲାଟାର ବଡ଼ ଅତଶଯ୍ୟ ହେଲା । ବୋଉ ଆସି ଖବର ଦେଲା । ଗୁନେଇ ଆସି ଡାକିଲା ! ତେବେବି ସେ ଘରମୁହାଁ ହେଲା ନାହିଁ । ଶେଷକୁ ଧର୍ମୀ ମିଶ୍ରେ କହିଲେ 'ଆରେ- ବଳି, ମୋ କଥାଟାକୁ ଧରିଚୁ ? ତୁ ଆଜି ଘରକୁ ଯା' । ତେବେବି ବଳିଆର ଗୋଟିଏ କଥା- ମରଦ୍‌କା ବାତ୍‌ ହାତୀକା ଦାନ୍ତ । ବର୍ଷେ ନ ପୁରିଲେ ମୁଁ ଘରକୁ ଯିବି ନାହିଁ ସାଆନ୍ତେ ।

ମିଶ୍ରେ କହିଲେ— ଆରେ ବଳି ତୋ ପିଲାଟା ବହୁ ପରି ଅତଶମ୍ଭ ! ରାଗରୋଷ ବେଳ କଅଣ ଏତିକି ବେଳେ ?

ବଳିଆ ହସିଦେଇ କାମକୁ ଯାଉ ଯାଉ କହିଲା—ସାଆନ୍ତେ, ପିଲାଟାକୁ ଠାକୁରେ ଦେଇଚନ୍ତି । ସେ ତାକୁ ରକ୍ଷା କରିବେ । ମୁଁ ତ ତୁମ ଘରେ ମୁଣ୍ଡ ବିକିଚି । ପିଲାର ଭଲ ମନ୍ଦ ହେଲେ ଅଧର୍ମ ମୋର ହବ ନାହିଁ— ହବ ତୁମର ।

ମିଶ୍ରେ କହିଲେ—ଆରେ ବଳି, ମୋ ଘରେ ଯେବେ ତୁ ମୁଣ୍ଡ ବିକିଚୁ — ମୁଁଇ କହୁଚି, ତୁ ଘରକୁ ଯା । ମୋ କଥା ଅମାନ୍ୟ କରନାହିଁ ।

ତେବେବି ହେଲା ନାହିଁ । ଏକ ଜିଦିଆ ଲୋକ ସେ । କହିଲା ସାଆନ୍ତେ ସେ ଦିନ ତମେ ନ ବୁଝି ନ ଶୁଝି ଏତେ ବଡ଼ କଟୁ- କଥା କହିଦେଲ । କହିବା ଆଗରୁ ତମେ ଭାବିଲ ନାହିଁ ? ମୁଁ ତ କହିଦେଇ ସାରିଚି ଘରକୁ ଯିବି ନାହିଁ ବୋଲି— ଯିବିନାହିଁ ମୁକର ।

ସେ କାମକୁ ଚାଲିଗଲା । ମିଶ୍ରେ ବହୁତ ବୁଝାଇ ଶୁଝାଇ ବଳିଆ ମାକୁ ଡାକି ଗୁହାଳ- କୁ ଲାଗି ଖଣ୍ଡେ ଘର ସଫା କରାଇଲେ । ସଞ୍ଜକୁ ବୁଢ଼ୀ ଘେନି ଆସିଲା ପୁଅଆଡ଼କୁ । ବଳିଆ ରାତିଟି ସାରା ତାକୁ କୋଳରେ ଧରି ବସି କାନ୍ଦିଲା । ମିଶ୍ରେ ଔଷଧ ପଥ କଲେ ।

ପିଲା କ୍ରମେ ଭଲ ହୋଇ ଗଲା ।

କିନ୍ତୁ ବଳି ଭୋଇ ଦାଢ଼ୀ ଛାଡ଼ ଦେଲା । ଲୋକେ କିଏ କେତେ କଅଣ ପଚାରିଲେ । କିନ୍ତୁ କାହାରିକି ସେ କିଛି ମନ ଦେଲା ନାହିଁ । ଛଅମାସ ଗଲା । ଆଠମାସ ଗଲା । ବର୍ଷେ ପୂରିଲା । ମିଶ୍ରଙ୍କ ବିଲରୁ ଧାନତକ କାଟିଆଣି ଅମଳ କରି ଅମାରରେ ଥୋଇ ଦେଲା ବଳୀ । ମିଶ୍ରେ ମାନିଲେ— ବଳୀଟି ଦାମ୍ଭିକ ନିହାତି ଗୁଲର । ଗଲା ସନର ଦେଡ଼ ଗୁଣ କି ଦିଗୁଣ ଧାନ ସେ ପାଇଲେ ଏସନ କେବଳ ବଳିଆ ପାଇଁ । ଦେବ ଲାଗଣ୍ଡା ବାଜିଲା । ଦୋଳପୁନେଇ ଆଉ ଗୋଟିଏ ପାଞ୍ଚ ଦିନ ବାକି । ବଳୀ ଦାରମା ଗଣ୍ଡିଏ ନେଇ ମିଶ୍ରଙ୍କୁ ମୁଣ୍ଡିଆଟିଏ ମାରିଲା । ଛାତି ଉପରକୁ ଲମ୍ବି ପଡ଼ିଥାଏ ତାର ଦାଢ଼ୀ । ଗରିବ ଗୁଲର ପ୍ରତି ଚିରଦିନ ମାଲିକର ଦୁର୍ବ୍ୟବହାର ରବ ଜଣାଣ- ଇଏ । ତା ଆଡ଼କୁ ଅନାଇ ମିଶ୍ରେ ତଳକୁ ମୁହଁ ପୋତିଲେ । ତାକସରୁ ଭାତେ ଆଣି ପାଞ୍ଚୋଟି ଟଙ୍କା ବଳୀ ଆଡ଼କୁ ବଢ଼ାଇ ଦେଲେ । ମାତ୍ର ସେ ତାକୁ ଗ୍ରହଣ କଲା ନାହିଁ । କହିଲା—ସାଆନ୍ତେ, ମୋର ଜବାବ ଭିତରେ ଏ ଟଙ୍କା କଥା ନଥିଲା—ମୁଁ ଏକୁ ଛୁଇଁବି ନାହିଁ ।

ମିଶ୍ରେ ଦେଖିଲେ ବଳୀର ମନରୁ ରାଗ ଛୁଟି ନାହିଁ । ସେ କହିଁଲେଇ ସହିଁଲେଇ କହିଲେ ଅରେ, ପୁଅ, ମୁଁ ପରା ତୋର ପିତୃ ସମାନ । ସେଇ କଥାଟାକୁ ଆଜି ଯାଏ ମନେ ରଖିଚୁ ? ମୁଁ ତତେ ଅଶିଟଙ୍କା ଦେବି ତୁ ଆଉ ବର୍ଷକ ପାଇଁ ମତେ ଜବାବ ଦେ । ପୁନେଇ ଦିନ ଆସି ବଇନା ଧରି ମୁଁ ତୋର ଦାଢ଼ି; ତୁ ମୋର ପୁଅ । ମୁଁ ତତେ ଆଉ ଦିନେ କିଛି କହିବି ନାହିଁ ।

ବଳିଆ କିନ୍ତୁ ସେଇଠି ସେମିତି ପାହାଚ ଉପରେ ଛିଡ଼ା ହୋଇ ଲମ୍ବ ଦାଢ଼ୀରେ ହାତ ବୁଲାଇ ବୁଲାଇ ଭାବିଲା— ମାଲିକର ଅତ୍ୟାଚାର, ମାଲିକଅନା ଥିବା ଯାକେ ନିଶ୍ଚୟ ଥିବ । ଘଡ଼ିଏ ଭାବି ହୋଇ ଧୀରେ ଜବାବ ଦେଲା—ସାଆନ୍ତେ, ମତେ ଆଉ ବଳାବଳି କରନାହିଁ । ମୁଁ ଆଉ କାହାରି ଘରେ ଗୁଲର କରିବି ନାହିଁ । ମୂଲଲାଗିବି ତ ପେଟ ପୋଷିବି । କାହାରି ଘରେ ମୁଣ୍ଡ ବିକିବି ନାହିଁ ।

ପୁଣି ଥରେ ମୁଣ୍ଡିଆ ମାରି ସେ ବିଦାୟ ନେଲା । ଛଳଛଳ ଆଖିରେ ମିଶ୍ରେ ତା

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଯେସାକୁ ତେସା

ଲେ— ଚୁଟ୍‌କୀ ଚନ୍ଦ୍ର

ବିନୋଦ ରାଉତରାୟ
କାଳିକାପ୍ରସାଦ, କଟକ

ପ୍ର- ନିତ୍ୟାନନ୍ଦଙ୍କ ପ୍ରେମ ଓ ପ୍ରିୟା, ବଂଶୀଧର ଷଡ଼଼ଙ୍ଗୀଙ୍କ ପ୍ରେମ ଓ ପ୍ରତିମା ଭିତରେ ରସ ପ୍ରାଚୁର୍ଯ୍ୟ ଅଧିକ କେଉଁଠି ?

ଉ- ପ୍ରଥମଟି ଜୀବନ୍ତ- ୨ୟଟି ଜଡ଼ । ରସ କେଉଁଠି ବେଶୀ ନିଗିଡ଼େ ଆପଣ ଅନୁଭବ କରନ୍ତୁ ।

ପ୍ର- ସୁନ୍ଦରୀ ଏବଂ ରୂପସୀ ମଧ୍ୟରେ ଫରକ ଅଛି କି ?

ଉ- ପ୍ରେମରେ ପଡ଼ିବା ପୂର୍ବରୁ ଯେଉଁ ସ୍ତ୍ରୀ ମନହରଣ କରେ ସେ ରୂପସୀ । ପଡ଼ିବା ପରେ ଯେ ମନୋହରଣ କରେ ସେ ସୁନ୍ଦରୀ । କାରଣ କୁରୂପା ପ୍ରେମଶୀଳା ହେଲେ ମଧ୍ୟ ନରର ଆଖିରେ ସେ ସୁନ୍ଦରୀ ।

ପୀତବାସ ପଟ୍ଟନାୟକ, ବଲାଙ୍ଗିର

ପ୍ର- ଢେବର ନହୋଇ କୃପାଳନୀ କଂଗ୍ରେସ ସଭାପତି ହୋଇଥିଲେ କଣ ହୋଇଥାନ୍ତା ?

ଉ- ଢେବର ଭଣ୍ଡିବେ, କୃପାଳନୀ କୃପାରେ ପାଳିଥାନ୍ତେ ।

ପ୍ର- ଓଡ଼ିଶାରେ ସବୁଠୁ ଭଲ ପତ୍ରିକା କିଏ ଓ କାହିଁକି ?

ଉ- ଝଙ୍କାରକୁ ଛାଡ଼ି ବାକି ସବୁ ଭଲ ପତ୍ରିକା ! କାରଣ ଚୁଟ୍‌କୀଙ୍କୁ ସ୍ଥାନ ଦିଅନ୍ତି ନାହିଁ ।

ପ୍ର- ଆପଣ ପ୍ରଧାନମନ୍ତ୍ରୀ ହେଲେ କଣ କରନ୍ତେ ?

ଉ- ସମସ୍ତଙ୍କ ନାକ ଅଗରେ ଘିଅ ଲଗେଇ ଦେଇ ଅବସରରେ ବସିଯାନ୍ତି ।

ଚନ୍ଦ୍ରମଣି ପଣ୍ଡା, ଏନ ସି କଲେଜ
ଜାଜପୁର

ପ୍ର- ମନ୍ତ୍ରୀଙ୍କ ଟିଏ ଟଙ୍କା ଦରମାର କେତେଗୁଣ ?

ଉ- ଟିଏ ଟା ଦରମାର ଲକ୍ଷ ସହସ୍ର ଗୁଣ

ପ୍ର- ଓଡ଼ିଆ ଭାଗ୍ୟରେ ବି, ଏ, ପାଶ୍ ମନ୍ତ୍ରୀ ମିଳିବ କି ?

ଉ- 'ବିଏ' ଭଳି ନଥିବା ମନ୍ତ୍ରୀ ମିଳିବା କଷ୍ଟ ।

ପ୍ର- ଦାଢ଼ୀ ଉଠୁ ନାହିଁ । ଦରଦୀଙ୍କ ଦାଢ଼ୀରେ ଜଡ଼ ମୁହଁ ଘସିଲେ ଦାଢ଼ୀ ଉଠିବ କି ?

ଉ- ଦରଦୀରେ ନୁହେଁ— ଦାଢ଼ରେ ଘସିଲେ ଉଠିବ ।

ଉମାକାନ୍ତ ନାୟକ
ଅଙ୍କତପୁର, ବାଲେଶ୍ୱର

ପ୍ର- ଜନ୍ମ ନିରୋଧରେ ଖାଦ୍ୟ ସମସ୍ୟା ସମାଧାନ ହେବ କି ?

ଉ- ନା । କାରଣ ପିଲାଙ୍କ ପାଇଁ ବାପମାଏ ଆପଣା ପେଟ ଶୁଖାଇ ଦିଅନ୍ତି । ପିଲା ନଥିଲେ ସବୁ ଖାଇ ଉଡ଼ାଇ ଦେବେ ବି ଖାଇସିବେ ।

ପ୍ର- ଆଜିକାଲି ଯୁବକ ଯୁବତୀମାନେ ପ୍ରେମ ଚଳଚିତ୍ର ଦେଖିବାକୁ ଭଲ ପାଉଛନ୍ତି କାହିଁକି ?

ଉ- ତାଙ୍କର ପ୍ରେମ ବା ଭଲ ପାଇବାଟା ଚଳଚିତ୍ର ପରି କ୍ଷଣିକ ହୋଇଥିବାରୁ ।

ପ୍ର- ବର୍ତ୍ତମାନ ଦେଶରେ ଯେଉଁ ପରିସ୍ଥିତି ହୋଇଛି— ଆସନ୍ତା ନିର୍ବାଚନ ଆଉ ବନ୍ଦ କରି ଦେଲେ ଚଳନ୍ତା ନାହିଁ କି?

ଉ- ମଲା ଘୋଡ଼ାକୁ ଆଉ ପାହାର ଦେବା ବଡ଼ ଭୁଲ କାହା ।

ଲେ— ଚୁଟ୍‌କୀ ଚନ୍ଦ୍ର

ବାନ୍ଧବଜୀ ପାତ୍ର
ମାଲ୍‌କାନଗିରି କୋରାପୁଟ

ପ୍ର- ଓଡ଼ିଶା ମନ୍ତ୍ରୀମଣ୍ଡଳରେ କେଉଁ ମନ୍ତ୍ରୀଙ୍କର ରାଜନୀତିରେ ଖୁବ ଭଲ ଭାବେ ଦଖଲ ଅଛି ?

ଉ- ଅର୍ଥନୈତିକ ଜ୍ଞାନ ସମସ୍ତଙ୍କର ସମାନ ମାତ୍ର ରାଜନୈତିକ ଜ୍ଞାନଟା ଟିଏ ଅନୁପାତରେ ବଡ଼େ ଓ ଛୋଟେ । କାରଣ ଓଡ଼ିଶା ରାଜନୈତିକ ମାନଚିତ୍ର ଯେତେ ମାଇଲ ଦେଖାଏ ଟିଏ ସେତେ ଗୁଣ ବଢ଼ାଏ ।

ପ୍ର- ଭାରତ ଇତିହାସରେ ଓଡ଼ିଶା ଅସଲ ସବୁଦିନେ ଶ୍ରେଷ୍ଠ ଥିଲା— ଏବେ ଏତେ ପଛରେ କାହିଁକି ?

ଉ- ଭାରତ ବର୍ତ୍ତମାନ ସ୍ୱର୍ଗକୁ ଯାଉଛି— ସେଥିପାଇଁ ।

ପ୍ର- ଓଡ଼ିଶାର ଜନସଂଖ୍ୟା କମ୍ କାହିଁକି ?

ଉ- ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳଙ୍କର ଛୁଆପିଲା ନାହିଁ ବୋଲି ଉଦ୍‌ବାହ ଦେଉ ନଥିଲେ । ଗୌରୀଙ୍କ ଆସିବା ପରେ ଅବସ୍ଥା ସୁଧୁରୁଛି ।

ନୀଳିମା ବହିଦାର, ଚଣ୍ଡିଖୋଲ ବାଳିକା ବିଦ୍ୟାଳୟ ସମ୍ବଲପୁର

ପ୍ର- ବାର ହନୁମାନ, ବାର ଚନ୍ଦ୍ରା, ବାର ହନୁମନ୍ତା ନହୋଇ ତେର ହନୁମାନ, ତେର ଚନ୍ଦ୍ରା କି ତେର ହନୁମନ୍ତା ନହୁଏ କାହିଁକି ?

ଉ- ହନୁମାନ, ଚନ୍ଦ୍ରା ହନୁମନ୍ତାଟା ବାରଣାସୀରୁ ବା ବାରବାଟିରୁ ବା ବାରଦ୍ୱାରରୁ ଆସିଥାଏ ବୋଲି ।

ପ୍ର- ଅସତ୍ୟ, ପାପ, ଧ୍ୱଂସ ଏମାନଙ୍କର ଶେଷ ସୀମା କେଉଁଠି ?

ଉ- ମନ୍ଦିରରେ ।

ପ୍ର- ରାତି ଅଧରେ ଝାଡ଼ା ମାଡ଼ିଲେ ଏକୁଟିଆ ଡର ଲାଗେ । ଫେରି ଆସିବା ବେଳେ ପାହୁଣ୍ଡର ବାଡ଼ରେ ଉପହଣ୍ଡ ପଡ଼େ କାହିଁ ?

ଉ- ଖଜଣା ଦେଇ ସାରିଲେ ରଇତର ଅବସ୍ଥା ସେହିପରି ।

କୈଳାଶଚନ୍ଦ୍ର ସିଂହ, ଜୟପୁର କଲେଜ

ପ୍ର- ଉତ୍କଳ ସାହିତ୍ୟ ଓ ରାଧାନାଥ ସାହିତ୍ୟ ଭିତରେ ଆପଣ କାହାକୁ ପସନ୍ଦ କରନ୍ତି ?

---

ଆଉ ଆସି ପାରିଲେ । ମାଳିକ ସେ । ମନ ତାଙ୍କର ମାଳିକର ମନ । ସେ କଣ ସତରେ ଦଳର ମନର ବେଦନା ବୁଝି ଅନୁତାପ କରିଛନ୍ତି । ସେ କେବଳ ଝିଅ ହେଉଛନ୍ତି, ଚାଲିଆ ଭଲ ଚାକର ଟାଏ ତାଙ୍କୁ ଆଉ କାହିଁ ମିଳିବ ! ବିଶ୍ୱାସୀ, ନିର୍ଭୀକ ଆଉ ନିରଳସୀ । ଦୀର୍ଘ ନିଶ୍ୱାସ ପକାଇ ସେ କେବଳ ହତଭାଗ୍ୟ ହେଲେ ।

ଚାଳୀ ହୋଇ ଘରକୁ ଯାଇ ଦାଢ଼ୀ କଟାଇଲା । ଆଠ ମାସର ଦାଢ଼ୀ, ମୁଠିଏ ଲମ୍ବର ରେଖାଏ ବନ୍ଧନର ଚିହ୍ନ ସା ଦାଢ଼ୀ । ସୂତା ଖିଅକେ ଗଣ୍ଠି ପକାଇ ସେ ତାକୁ ଶୋଇଲା ଘର କାନ୍ଥରେ ଟାଙ୍ଗି ଦେଲା । ତାକୁ ମୁଣ୍ଡିଆ ମାରି ସେ ମନକୁ ମନ ପ୍ରତିଜ୍ଞା କଲା—ଉପାସ ଭୋକରେ ମରିବ ପଛକେ, କାହା ଘରେ ଗୃହଭୃତ୍ୟ ହୋଇ ମୁଣ୍ଡ ବିକିବ ନାହିଁ ।



Digitized by srujanika@gmail.com

ଉ- ଉତ୍କଳସାହିତ୍ୟରେ ବାନ୍ତ ହୋଇଯାଏ ରାଧାନାଥଙ୍କ ସହୃଦୟ ସାହିତ୍ୟ ନୁହେଁ— ଫୌଜଦାରୀ କଚେରୀର ରାୟ ବା ଦଣ୍ଡ । ତେଣୁ ମୁଁ ଉଦ୍‌ଯୁକ୍ତ ଭାବେ ।

ପ୍ର- ଆପଣ କେଉଁ ismର ଚେଲା ?

ଉ- Missismର ।

ପ୍ର- ପ୍ରେମ ଓ ପ୍ରଣୟ ଶବ୍ଦ ଦୁଇଟିରେ ପାର୍ଥକ୍ୟ କଣ ?

ଉ- ପ୍ରଣୟଟା ବ୍ୟାଧି, ପ୍ରେମଟା ସ୍ୱୟଂ କାଳ । ଅର୍ଥାତ ପ୍ରେମ ଯମ, ପ୍ରଣୟ ତାର ଅସ୍ତ୍ର ।

ବରୁଣପ୍ରସାଦ ପ୍ରଧାନ
ରାଜେନ୍ଦ୍ର କଲେଜ ବଲାଙ୍ଗିର

ପ୍ର- ମନୁଷ୍ୟ ଏତେ ନର୍ଯ୍ୟାତନା ମଧ୍ୟରେ ବଞ୍ଚି ରହିବାକୁ ଚାହେଁ କାହିଁକି ?

ଉ- ବଞ୍ଚି ନରହିବାର ଦୁଃଖ ଓ ନର୍ଯ୍ୟାତନାକୁ ଏଡ଼ିବା ପାଇଁ ।

ପ୍ର- ଜଣେ ଅଧ୍ୟାପକ ଓ ଜଣେ ଅଭିନେତା ମଧ୍ୟରେ ତଫାତ୍ କଣ ?

ଉ- ପ୍ରଥମଟି ପରୀକ୍ଷକ, ଦ୍ୱିତୀୟଟି ପରୀକ୍ଷାର୍ଥୀମାନ୍ୟ ।

ପ୍ର- ଜଣେ କଲେଜ ପଢ଼ୁଆ ଝିଅ ଓ ଜଣେ ଗାଉଁଲି ଝିଅ ମଧ୍ୟରୁ କାହାକୁ ଓ କାହିଁକି ପ୍ରେମ କରିବ ?

ଉ- ଯେଉଁଠି ପ୍ରେମ ନଥିବ ସେଠି ପ୍ରେମ ସୃଷ୍ଟି କଲେ ଧର୍ମ ଅଛି ।

କୃଷ୍ଣଚନ୍ଦ୍ର ବଳ, ବାରିପଦା କଲେଜ

ପ୍ର- ଆସନ୍ତା ନିର୍ବାଚନରେ ଆପଣ ଠିଆ ହେବେ କି ?

ଉ- ମୁଁ ତ ସବୁବେଳେ ଠିଆ ।

ପ୍ର- ଆସନ୍ତା ନିର୍ବାଚନରେ ଛାତ୍ରଙ୍କର କର୍ତ୍ତବ୍ୟ କଣ ?

ଉ- ନିର୍ବାଚନ ହୋଇ ବସିବା ।

ପ୍ର- ପ୍ରେମ ପଛରେ କଣ ଯୌନ ଲାଳସା ଛଡ଼ା ଆଉ କିଛି ନାହିଁ ?

ଉ- ପ୍ରେମ ଆଗରେ ଯୌନ ଲାଳସା, ପ୍ରେମ ପଛରେ ତ ସନ୍ତାନ ସନ୍ତତି ।

ସଦାନନ୍ଦ ଦାସ, ବାଲେଶ୍ୱର

ପ୍ର- ଡେସାଙ୍କୁ ଡେସାରେ ଅଧିକାଂଶ ପ୍ରଶ୍ନ ପ୍ରେମ ବାବଦେ କାହିଁକି ?

ଉ- କାରଣ ଏହା ଭାବବାଚକ । ନିଜେ କାର୍ଯ୍ୟରେ ପରିଣତ କଲେ ବାଚ୍ୟ ।

ପ୍ର- ତରୁଣୀର ଚୁମ୍ବନ ଓ ଭାଙ୍ଗ ଦୁଇଟିରୁ ଅଧିକ ନିଶା କେଉଁଥିରେ ?

ଉ- ଚୁମ୍ବନ ନିଶାଟା ଦୁଇଜଣଙ୍କ ଭିତରେ ବାଣ୍ଟି ହୋଇଯାଏ । ଭାଙ୍ଗଟା ଜଣକ ଭିତରେ କାମ କରେ । ଭାଙ୍ଗ ଦେହ ଉପରେ ଓ ଚୁମ୍ବନ ମନ ଉପରେ କାମ କରେ ।

ପ୍ର- ଜୀବନ ଓ ସ୍ୱପ୍ନ ମଧ୍ୟରେ ପୃଥକ କେଉଁଠି ?

ଉ- ଜୀବନଟା କରୁଣରସର ପ୍ରତୀକ । ସ୍ୱପ୍ନ ସବୁଦିନେ ଆଶାବାଦୀ । ଜୀବନ ଅସମାପ୍ତ; ସ୍ୱପ୍ନ ପରିସମାପ୍ତି ।

ସେକ୍ ଗୌସ, ମୋତଗଞ୍ଜ ବାଲେଶ୍ୱର

ଘରେ ବସି ଗୁପ୍ତଭାବରେ ବେଶ୍ୟାଗିରି ଓ ପ୍ରକାଶ୍ୟ ଭାବରେ ବେଶ୍ୟାଗିରି ଭିତରୁ ଭଲ କିଏ ?

ଉ- ଗୁପ୍ତଭାବରେ ଯେ ଯାହା କରେ ସେଇଟା ସତୀତ୍ୱ ତେଣୁ ଦୁଇଟିକୁ ତୁଳନା କରାଯାଇ ନପାରେ ।

ପ୍ର- ନିତ୍ୟାନନ୍ଦଙ୍କ 'ଭୁଲ' ପଢ଼ି ଜଣେ ଯୁବକ ଠାକୁର ଘର ଭିତରେ ପ୍ରେମ କରୁଛି । ତାର ସେଇଟା ପାପ ନା ପୁଣ୍ୟ ?

ଉ- ଠାକୁର ଘରେ କିଏ ବୋଲି ପଚାରିଲେ ସେ ଯଦି କଦଳୀ ଖାଉନାହିଁ ବୋଲି ଉତ୍ତର ଦିଏ ତେବେ ପାପ ଅନ୍ୟଥା ପୁଣ୍ୟ ।

ପ୍ର- ପ୍ରେମିକା ମନ ତରଳାଇବା ପାଇଁ ବାଟାଚପଲ ଦରକାର- ନା ଜର୍ଜେଟ ଶାଢ଼ୀ ?

ଉ- ଶାଢ଼ୀରେ ମନ ଉଡ଼ିବ—ଯୋତାରେ ଦଉଡ଼ିବ । ଆପଣ ଚକଲେଟ ବା କିଛି ଗ୍ରେପ୍ ଦେଇ ଦେଖନ୍ତୁ ।

ହରିଶଚନ୍ଦ୍ର ଜେନା, ବାଲେଶ୍ୱର କଲେଜ

ପ୍ର- ମନୁଷ୍ୟର ଆତ୍ମା କପରି ଶାନ୍ତି ଲାଭ କରିବ ?

ଉ- ଆପଣଙ୍କ ସ୍ତ୍ରୀର ନାମ ଶାନ୍ତି ଦେଇ ଦିଅନ୍ତୁ ।

ପ୍ର- ଆଜିକାଲି ବଜାରରେ ଉପନ୍ୟାସର କାଟତି ବେଶୀ କାହିଁକି ?

ଉ- ମଦ କିଣିଲେ ଗ୍ଲାସ ବି କିଣିବା ଦରକାର ପଡ଼େ । ବଜାରରେ ପ୍ରେମ ବି ମିଳୁଛି— ଉପନ୍ୟାସ ବି ମିଳୁଛି ।

ପ୍ର- ପାପ ପୁଣ୍ୟ ମଧ୍ୟରେ ତଫାତ କଣ ।

ଉ- ଯେଉଁ ଦୋଷ ଅଣିକ ଦଶେ ବା ଧରିପଡ଼େ, ତାହା ପାପ ଯାହା ଛପିଯାଏ ତାହା ପୁଣ୍ୟ ।

## କେଉଁ ପାଣି କୁଆଡ଼େ

ଡଗରରେ ଏକ ନୂଆ ବିଭାଗ ଖୋଲିବ । ଏ ବିଭାଗର ନାମ ହେବ—"କେଉଁ ପାଣି କୁଆଡ଼େ" ଏଥିରେ ଡଗରର ପାଠକପାଠିକା ମାନଙ୍କର କୌଣସି ନିର୍ଦ୍ଦିଷ୍ଟ ବିଷୟରେ ମତାମତ ପ୍ରକାଶ ପାଇବ । ପ୍ରତ୍ୟେକ ଥର ସମ୍ପାଦକ ବିଷୟ ସୂଚିତ କରିଦେବେ । ସେହି ବିଷୟ ଉପରେ ପାଠକ ମାନେ ଆପଣା ଆପଣା ମତ ଦେବେ । ଯେଉଁ ପାଠକ ତାଙ୍କର ଫଟୋ ପଠାଇବେ ତାହା ମଧ୍ୟ ଆମ୍ଭେମାନେ ତାଙ୍କ ମତ ସାଙ୍ଗରେ ପ୍ରକାଶ କରିବୁ । ମାତ୍ର ଏହି ଫଟୋ ପ୍ରକାଶ ପାଇଁ ଟ ୭ ଖର୍ଚ୍ଚ ଦେବାକୁ ପଡ଼ିବ ।

ଆସନ୍ତା ଥର ପାଇଁ—ବିଷୟ—

ଶ୍ରୀଯୁକ୍ତ ରମାଚରଣ ପଟ୍ଟନାୟକ ବ୍ୟବସ୍ଥା ସଭାରେ ଭୂତପୂର୍ବ ପ୍ରଧାନମନ୍ତ୍ରୀ ମହତାବଙ୍କ ଅର୍ଥ ଅପବ୍ୟୟ ସମ୍ବନ୍ଧରେ ଯେଉଁ ମତ ଦେଇ ଥିଲେ ତାହାକୁ ବାଚସ୍ପତି ବିବରଣୀରେ ସ୍ଥାନ ନଦେଇ ଠିକ୍ କରିଛନ୍ତି—

ଏହାର ସପକ୍ଷ ଓ ବିପକ୍ଷରେ ପାଠକମାନେ ଲେଖନ୍ତୁ ।


## ସ୍ୱର୍ଣ୍ଣ ସମସ୍ୟାର ସମାଧାନ



ଖାଣ୍ଟି ଗିନିସୁନା ପରି ଗ୍ୟାରେଣ୍ଟି ଦିଆ ଏସିଡ୍ ଦ୍ୱାରା ପରୀକ୍ଷିତ ୨୨ କ୍ୟାରେଟ ରୋଲଡ୍ ଗୋଲ୍ଡ ଗହଣା, ରଙ୍ଗର ଓ ମଜବୁତରେ ଅତୁଳନୀୟ । ସର୍ବଦା ବ୍ୟବହାରୋପଯୋଗୀ ୧୦ ବର୍ଷ ଗ୍ୟାରେଣ୍ଟି ଦେବୁ । ସଚିତ୍ର କ୍ୟାଟଲଗ ଓ ମୂଲ୍ୟ ତାଲିକା ଲାଗି ପତ୍ର ଲେଖନ୍ତୁ ।

କି, ମାଲ୍ଲକାର ଚୌଧୁରୀ ୬୩, ବ୍ରାହ୍ମସମାଜ ରୋଡ, କଲିକତା—୩୪




Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେ—ଶ୍ରୀ ଚିତ୍ତବିହାରୀ ଦାଶ

କାହିଁକି ଲେଖେ, ଏ ପ୍ରଶ୍ନରେ ମୁଁ ନିଜକୁ କେବେ ବିବ୍ରତ କରିନାହିଁ। ଫୁଲ କାହିଁକି ଫୁଟେ, ଶିଶୁ କାହିଁକି ହସେ, ପକ୍ଷୀ କାହିଁକି ଗାଏ, ଏ ପ୍ରଶ୍ନ ମନରେ ଆସିଲେ ଆନନ୍ଦର ଅସଲ ସତ୍ତାଟିକୁ ହଜାଇଥାଏ। ଫୁଲର ପାଖୁଡ଼ା ଗଣିବା, ରଙ୍ଗ ବିଶ୍ଳେଷଣ କରିବା ଉଦ୍ଭିଦବିଦ୍ୟାବିତ୍‌ର କାର୍ଯ୍ୟ, କବିର ନୁହେଁ। କବି ତତ୍ତ୍ୱାନ୍ୱେଷୀ ନୁହେଁ, ଭାବଗ୍ରାହୀ, ରସଗ୍ରାହୀ। ମୁଁ ଦେଖେ ଫୁଲର ବର୍ଣ୍ଣ ଏ ଆକାରରେ ସିନ୍ଧୁ ଏ ଶୋଭା; ପବନ ଦୋହଲରେ ତା ଦୋଳି ଖେଳା ଛନ୍ଦକୁ ସଙ୍ଗେ ତାଳ ଦେଇ ମୋ ହୃଦୟ ନାଚି ଉଠେ। ଆଷାଢ଼ର କୃଷ୍ଣ ମେଘ ମୋ ଆଖିରେ ମାଖିଦିଏ ନୀଳ ଅଞ୍ଜନ, ଶରତ୍ ଚନ୍ଦ୍ରିକା ବୁକୁରେ ଲିପିଦିଏ ସ୍ନିଗ୍ଧତା। ଶ୍ୟାମଶସ୍ୟର ହିଲ୍ଲୋଳ ହୃଦୟରେ ଭରିଦିଏ ପୂର୍ଣ୍ଣତା। ଗିରି, ବନ, ନଦୀ, ହ୍ରଦ, ଆକାଶ, ପୃଥିବୀ ମୋର ଆତ୍ମୀୟ। ସେମାନଙ୍କୁ ଦେଖେ ମୋର ବାହାରେ, ଭିତରେ ମଧ୍ୟ। ମୋ ଅନ୍ତରର ସଞ୍ଜୀବନୀରେ ସେମାନେ ହୁଅନ୍ତି ଜୀବନ୍ତ, ଭାବ ହୋଇ ଝରିଯାଆନ୍ତି କବିତାରେ। ରୂପରସଗନ୍ଧଭରା ବିଶ୍ୱ ପ୍ରକୃତି ମୋ ମନରେ ସୃଷ୍ଟି କରେ ଆଲୋଡ଼ନ।

ମୋ ମନ ଭିତରେ ସେତେବେଳେ କିଏ କହେ ଲେଖ୍ ବୋଲି, ମୁଁ ଲେଖେଁ। ମନ ଭିତରର ଏଇ ଡାକରେ ମୁଁ ଚମକି ପଡ଼େଁ। ସେଇ ଡାକ ମୋତେ ଅସ୍ଥିର କରେ, ଆକ୍ରାନ୍ତ କରେ। ଏ ସୌନ୍ଦର୍ଯ୍ୟର ଡାକ କି ପ୍ରତିଭାର ଡାକ ଜାଣେନାହିଁ। ତାକୁ ଏଡ଼ିବା ଶକ୍ତି କାହାର ଅଛି? ସେ ଅଭିଭୂତ ମାଦକରେ ଚିତ୍ତ ହୁଏ ବିଭୋଳ, ଇନ୍ଦ୍ରିୟ ବିମୂଢ଼। ଭାବର ଜୁଆର ଟଳମଳ ହୁଏ ବୁକୁ ଭିତରେ, ଲେଖନୀ ପଥ ଦେଇ ଢାଳି ହୋଇ ଯାଏ କବିତା ଛନ୍ଦରେ। ଗୋଟିଏ ମୁହୂର୍ତ୍ତ ସେ, ଝଟକି ଉଠେ ଭାବ ବିଦ୍ୟୁତ୍ ପରି, ମନରେ ଚମକ, ଶରୀରରେ ଆସେ ପୁଲକ। ଭୁଲିଯାଏଁ ମୋର ବ୍ୟକ୍ତିଗତ ସୁଖଦୁଃଖ, ଦୈନିକ ଲୁଣର ପସରା। ମୁଁ ହୁଏଁ ଆଉ ଜଣେ କିଏ, ମୋ ନାମ ଓ ବେଳୁଣୀରୁ ଭିନ୍ନ, କାଳ ଓ ସ୍ଥାନରୁ ସ୍ୱତନ୍ତ୍ର। କେବଳ ମୁହୂର୍ତ୍ତର ବ୍ୟକ୍ତିତ୍ୱହୀନ ସତ୍ତା ମୋର 'ମୁଁ' ରୂପରେ ଆଧିପତ୍ୟ କରେ। ଟାଣିନେଇଯାଏ ମୋତେ ସସୀମରୁ ଅସୀମକୁ, ସାନ୍ତରୁ ଅନନ୍ତକୁ।

ସୃଷ୍ଟିର ଏ ମୁହୂର୍ତ୍ତ ଅମୃତ ମୁହୂର୍ତ୍ତ, ଶୁଭ ଲଗ୍ନ। ଭଗବାନ୍ ସୃଷ୍ଟି କଲାବେଳେ ହୁଏତ ଏହାର ଅନୁଭବ ଆସିଥିବ।

କଳା ନବବଧୂ, ବଡ଼ ଲାଜକୁଳୀ, ଅଭିମାନିନୀ। ମନର ପଟଳ ପରଦା ଠେଲି ଗୋଟିଏ ମୁହୂର୍ତ୍ତ ମାତ୍ର ଦେଖାଦିଏ। ସେ ଖୋଜେ ସ୍ନେହାଦର, ତାର ଅଛି ଆଭିଜାତ୍ୟ-ବୋଧ। ଅବଜ୍ଞା କଲେ ସେହି ମୁହୂର୍ତ୍ତରେ ଅନ୍ତର୍ହିତ ହୁଏ। ଯେତେ ନେହୁରା ହୋଇ ପଛରେ ଡାକିଲେ ଆଉ ଫେରେ ନାହିଁ। ସେଥିପାଇଁ ପ୍ରତିଭାର ଆଳସ୍ୟ ଅକ୍ଷମଣୀୟ।

ଯେତେବେଳେ ଇଚ୍ଛା ସେତେବେଳେ ଗଛରେ ଫୁଲ ଫୁଟେ ନାହିଁ କି ମନରେ ଭାବ ଫୁଟେନାହିଁ। ତାର ଋତୁ ଅଛି। କଳାର ସେହି ପରିଲଗ୍ନ ଅଛି। ସେ ଲଗ୍ନ ଠିକ୍ କରେ କଳାର ପାଳିକାର। ସେଥିରେ କବିର ହାତ ନାହିଁ। କବି ଇଚ୍ଛା କଲେ ଅଭ୍ୟାସ ଗୁଣରୁ, ପାଣ୍ଡିତ୍ୟ ବଳରୁ ପଦ ଯୋଡ଼ି ପଦ୍ୟ ରଚନା କରିପାରେ; କିନ୍ତୁ ସେ କବିତା ହେବ ନାହିଁ। କବିତ୍ୱ ପାଣ୍ଡିତ୍ୟ ବା ଅଭ୍ୟାସର କସରତ ନୁହେଁ। ବ୍ୟୁତ୍ପତ୍ତି ଓ ଅଭ୍ୟାସର ସ୍ଥାନ କାବ୍ୟରେ ଥିଲେ ହେଁ ଏହା ମୁଖ୍ୟତଃ ପ୍ରତିଭା-ମୂଳକ। ପ୍ରତିଭା ଈଶ୍ୱରଦତ୍ତ ଶକ୍ତି। କବି ଭଗବାନଙ୍କ ସୃଷ୍ଟି ରହସ୍ୟ ପ୍ରକାଶରେ ସାହାଯ୍ୟ କରେ, ସେ ସୃଷ୍ଟି ସୌନ୍ଦର୍ଯ୍ୟର ରସିକ, ଗ୍ରାହକ ଓ ପ୍ରକାଶକ। ସେ ମନର ରସ ଦେଇ ଗଢ଼େ ଏକ ଭାବ ଜଗତ୍, ଯାହା ଭଗବତ୍ ସୃଷ୍ଟ ସଂସାରଠାରୁ ସୁନ୍ଦରତର। ସମାଜକୁ ଗଢ଼ିବା ଦାୟିତ୍ୱ ଭାର କବି ବା ଲେଖକ ହାତରେ। ତାକୁ ଯେମିତି ରୁଚେ, ସେ ସେମିତି ଗଢ଼େ। ଏଥିରେ ପାଗଳର ଖିଆଲ ଅପେକ୍ଷା ମଙ୍ଗଳର ଇଚ୍ଛା ଥାଏ ବେଶୀ।

ଭଗବାନଙ୍କ ନିକଟରେ ଦ୍ୱିତୀୟ ସୃଷ୍ଟିକର୍ତ୍ତା ରୂପେ ବସିବାକୁ ଯୋଗ୍ୟତମ ବ୍ୟକ୍ତି କବି, ଶିଳ୍ପୀ ବା ଭାସ୍କର। ସେ ସୁନ୍ଦରକୁ ସୁନ୍ଦରତର କରେ, ବିଶ୍ୱ ମାନବ ଓ ପ୍ରକୃତି ମଧ୍ୟରେ ଏକାତ୍ମତା ସ୍ଥାପନ କରେ। ଦୁଃଖ ଶୋକ ଲୁହ ଲହୁକୁ ମନ୍ଥନରେ ପରିଣତ କରି ଦୁନିଆ ଆଗରେ ବାଢେ।

ବିଜ୍ଞାନ ବହୁ ରସାୟନିକ ପଦାର୍ଥ ସୃଷ୍ଟି କଲେ ବି କାରଖାନାରୁ ସାହିତ୍ୟ ଉତ୍ପାଦନ କରି ପାରି ନାହିଁ। ଏହା ରସାୟନିକ ଶକ୍ତିର ବାହାରେ। କବି କଳର ସୃଷ୍ଟି ନୁହେଁ, କଳାର। ଘାସ, କୁଣ୍ଡା ଚୂନାଟ ଖାଇ ଗାଈ ଦୁଧ ଦିଏ। କିନ୍ତୁ ସେ ସବୁ ବାଣ୍ଟି ବୁଟି ବିଜ୍ଞାନ ଦୁଧ ବାହାର କରି ପାରେ ନାହିଁ। ସେହିପରି କବିତାର ମୂଳରେ କେଉଁ ଅନନ୍ତ ଶକ୍ତିର ଯୋଗାଯୋଗ ଅଛି। କବି ସେହି ମହା-ଆଲୋକର ଅପେକ୍ଷା ରଖେ। ରବୀନ୍ଦ୍ରନାଥ ସେଥିପାଇଁ ଲେଖିଛନ୍ତି

"ସମ୍ପାଦକେର ତାଗିଦ୍ ଆମି ପାଇରେ
ଅନ୍ତରେତେ ତାଗିଦ୍ ଆମାର ନେଇଁ ରେ।"

ଅନ୍ତରର ତାଗିଦ୍ ଯେତେବେଳେ ଆସେ, ସେତେବେଳେ କବିତା ଝରେ। ଏହା ଯେପରିକି ଶ୍ରାବଣ ମେଘର ବର୍ଷା ଉନ୍ମାଦନା, ଗିରିକନ୍ଦରସ୍ଥ ଝରଣାର ପ୍ରବାହ ଉତ୍ତେଜନା, ଅରୁଣର ଉଦୟ ପ୍ରେରଣା।

ସୃଷ୍ଟିର ଆନନ୍ଦ ଲେଖକର ସବୁଠାରୁ ବଡ଼ ଲାଭ। ଦୁଃଖ ବିପଦ ମଧ୍ୟରେ ଏଇ ଆନନ୍ଦ ବୃଦ୍ଧ କବିକି ବାଳକ ପରି ସରସ ରଖିଥାଏ। ସେ ବୁଝେ, ତାର ଆତ୍ମତ୍ୟାଗ ମହତ୍ତ୍ୱର ଲକ୍ଷ୍ୟରେ ଉଦ୍ଦିଷ୍ଟ। ସେ ଅଗଣିତ ଜନତାର ମନର ଅନ୍ଧାର ଗହ୍ୱରରେ ଆଲୋକ ଜାଳିବ। ସେଥିପାଇଁ ସେ ସାଂସାରିକ ଦୁଃଖ ଶୋକକୁ ଭ୍ରୁକ୍ଷେପ କରେ ନାହିଁ, ଅନ୍ୟ ସ୍ୱପ୍ନରେ ଅପହୃତ ହୁଏ। ସଂସାର କହେ କବି ପାଗଳ। ତାର ଦୃଷ୍ଟି ଅନ୍ତର୍ମୁଖୀ, ହୃଦୟ ସୌନ୍ଦର୍ଯ୍ୟ-ଲୋଲୁପ। ତେଣୁ ବାହାର ଦୃଷ୍ଟିରେ ସେ ହେୟ ହେଲେ ବି ପାଏ ଜାତି ଅନ୍ତରର ସର୍ବଶ୍ରେଷ୍ଠ ଅର୍ଘ୍ୟ। କବିର ଏଇ ବାହ୍ୟକ ଦୁରବସ୍ଥା ଦେଖି କୁହାଯାଏ—

"ଶୁଷ୍କ କାଷ୍ଠ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭାର ପରି ଲଲାଟ ଲେଖନ।"



Digitized by srujanika@gmail.com

ଏଇ ଆନନ୍ଦ ମଧ୍ୟରେ ସାହିତ୍ୟ ରଚନାର ଅସଲ କାହିଁକି ଅଛି ଖୋଜିପାଉଁ । ସେଇ ଆନନ୍ଦ ସୃଷ୍ଟିକ ପାଇଁ କବି ରାତି ରାତି ଜାଗରଣ କରେ । ଏଇ ଆନନ୍ଦରେ ତାର ପରମ ଶାନ୍ତି, ଏଇ ଆନନ୍ଦର ଝଙ୍କାରରେ ସେ ତାର ଶେଷ ନିଶ୍ୱାସ ତ୍ୟାଗ କରେ । ଋଷି ବ୍ରହ୍ମଦର୍ଶନରେ ଯେଉଁ ଆନନ୍ଦ ପାଏ, ଏ ସେହି ଆନନ୍ଦ । ସେଥିଲାଗି କୁହାଯାଏ, ରସୋ ବୈ ସଃ; ବ୍ରହ୍ମାନନ୍ଦ ସହୋଦର । କବିର ଧର୍ମ ଆନନ୍ଦର ଧର୍ମ । କବିର ଦର୍ଶନ ଆନନ୍ଦ ଦର୍ଶନ । ଏଇ ସୁନ୍ଦର ମଧ୍ୟରେ ଆନନ୍ଦ ମଧ୍ୟରେ କବି ତାର ଭଗବାନ୍‌ର ଦର୍ଶନ ପାଏ । ତାର ସାଧନା କାୟସାଧନ ନୁହେଁ, ରୂପର ସାଧନା; ଧ୍ୟାନ ଦୃଷ୍ଟିରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳର ସମସ୍ତ ସୌନ୍ଦର୍ଯ୍ୟ ସେ ଅନ୍ତରରେ ତୋଳି ଧରେ, ରସାତ୍ମକ ଢଙ୍ଗରେ ପ୍ରକାଶ କରେ । ତାର ହୃଦୟ ସାରା ଜଗତର ଦର୍ପଣ, ସେ ସମଗ୍ର ମାନବ ଜାତିର ପ୍ରତିନିଧି । ଦୁନିଆର ସ୍ନେହପ୍ରେମ, ସୁଖ ଦୁଃଖ, ଆଶା ନୈରାଶ୍ୟ ସେ ନିଜର କରେ, ନିଜର କରି ସମସ୍ତଙ୍କୁ ବିତରଣ କରେ । ତାର କବିତା ଏକ ଅଦ୍ଭୁତ ଦ୍ୟୋତନା ଭଳି ଆମକୁ ଟାଣି ନିଏ କ୍ଷୁଦ୍ରର ବାହାରକୁ, ରୂପରୁ ଅରୂପକୁ । ପୀଡ଼ିତ ମନରେ ଜାଗ୍ରତ କରେ ଆମ ଅନ୍ତରର ସହାନୁଭୂତି, ଦୁର୍ବଳକୁ ଦିଏ ନୈତିକ ସାହସ, ଅତ୍ୟାଚାରୀକୁ ଦିଏ ଅସ୍ତ୍ର, ପାଷାଣକୁ ଦିଏ ମନୁଷ୍ୟତ୍ୱ, ମନୁଷ୍ୟକୁ ଦିଏ ଦେବତ୍ୱ ।

ଧର୍ମ ଅର୍ଥ କାମ ମୋକ୍ଷ କାବ୍ୟ ରଚନାର ଲକ୍ଷ୍ୟ ବୋଲି ଆଲଙ୍କାରିକ ମାନେ ସ୍ଥିର କରିଛନ୍ତି । କିନ୍ତୁ ଯଥାର୍ଥରେ ସୃଜନାନନ୍ଦ ହେଉଛି ମୁଖ୍ୟ ଲକ୍ଷ୍ୟ ।

କବି ଖାଲି କବି ନୁହେଁ, ପଇସା ମଧ୍ୟ ! ପେଟ ପାଇଁ ସାଧାରଣ ଲୋକ ପରି ସେ ଅର୍ଥ ଚାହେଁ । କିନ୍ତୁ ସେ ରୋଜଗାର ଲକ୍ଷ୍ୟରେ ଲେଖେନାହିଁ । ବ୍ୟବସାୟ ବୁଦ୍ଧି ମନରେ ପଶିଲେ, ଲେଖା ମଧ୍ୟ ନିମ୍ନ ସ୍ତରର ହୁଏ !

ମମ୍ମଟ କହିଛନ୍ତି "କାବ୍ୟଂ ଯଶସେ ଅର୍ଥକୃତେ ବ୍ୟବହାରବିଦେ ଶିବେତରକ୍ଷତୟେ" । କବିର ଯଶ ପିପାସା ଅଛି; ଯାବଚ୍ଚନ୍ଦ୍ରଦିବାକରୌ ତାର ନାମ ଲୋକ ସହସ୍ର ମୁଖରେ ବର୍ଣ୍ଣିତ ହେଉ, ଏହା ସେ ଚାହେଁ । ତାର କାମନା ମୃତ୍ୟୁହୀନ ପ୍ରୀତି, ଅମରତ୍ୱ । କିନ୍ତୁ କେବଳ ସେଥିଲାଗି ସେ ଲେଖେ ନାହିଁ । ଯଶ ବାହାର ଜିନିଷ, କବିତାର ଜନ୍ମ ହୃଦୟର ରସ ଉତ୍ସରୁ । ସେଥିପାଇଁ କେବଳ ଯଶପ୍ରାର୍ଥୀ ହୋଇ କବିତା ହୁଏ ।

ଆଜିକୁ ୧୫ବର୍ଷ ତଳର କଥା; ମନେ ପଡ଼େ ଧୂସର ଅତୀତର ସେ ଜ୍ୟୋତିର୍ମୟ ମୁହୂର୍ତ୍ତଟି, ଯେତେବେଳେ ମୁଁ ପହିଲି କବିତା ଲେଖିଥିଲି । ସେତେବେଳେ ମନେ କରି ନଥିଲି ଯେ ଏଇ ମୁହୂର୍ତ୍ତଟି ମୋର ସାରା ଜୀବନକୁ ଅଚ୍ଛନ୍ନ କରି ରଖିବ । ଏଇ ମୋତେ ଶୁଣାଇଲା [illegible] ପଥର ଆହ୍ୱାନ, ରୂପ କୁମାରୀର ଚଞ୍ଚଳ ଶିଖା ପଛରେ ଦଉଡ଼ାଇ ନେଲା ମୋର ମନକୁ । ଆଜି ଅର୍ଦ୍ଧାକାଶ ଓ ଅର୍ଦ୍ଧ ପୃଥିବୀ ମଧ୍ୟରେ ଅବସ୍ଥିତ ହୋଇ ପଚାରୁଛି "ଆଉ କେତେଦୂର ନେଇଯିବେ ମୋର ସୁନ୍ଦରୀ" ? ମାନସୀ କଟାକ୍ଷ ଇଙ୍ଗିତରେ ଉତ୍ତର ଦେଉଛି, ଅବସାଦ କାହିଁକି କବି ? ଅନନ୍ତ କାଳଲାଗି ଅନନ୍ତ ପଥରେ ଯେ ତୁମର ଗତି । କେତେ ପ୍ରକାଶ କରି ଶେଷ କରି ପାରିବ ନାହିଁ । ଆହୁରି ଅଛି ତୁମର ଅପେକ୍ଷା ଏବଂ ତୁମ ପଛରେ ଶତସହସ୍ର ଅନାଗତର ଅପେକ୍ଷା ।

ପ୍ରଥମ କବିତା ରଚନା ବେଳେ ମୋ ମନରେ କୌଣସି ଭାବର ଉଦ୍‌ବେଗ ଆସିଥିଲା ମନେ ପଡ଼ୁନାହିଁ । ଉପର ପଦ ସଙ୍ଗେ ତଳ ପଦ କିପରି ମିଳୁଛି ଏଇ କୌଶଳ ଜାଣିବାର ଏହା ଏକ କୌତୂହଳ । କବାଟ କିଳି ଖାତା ପେନ୍‌ସିଲ୍ ଧରି ବସି ପଡ଼ିଲି । ଭିତର ବାହାରକୁ ଆସିବାକୁ ଲଜ୍ଜା, ଲୋକକୁ ଅଭ୍ୟର୍ଥନା କରି ନେବାକୁ ତତ୍ପର ବି ସଙ୍କୋଚ । ଆଶା ନିରାଶାର ଉତ୍‌ଥାନ ପତନ ମଧ୍ୟରେ ମନର ଆତ୍ମ-ଜିଜ୍ଞାସା । ଏହା ମୋ ଦ୍ୱାରା ହେବ ନାହିଁ ଯେତେବେଳେ ଭାବେ, ଭାବ ଆତ୍ମଗୋପନ କରେ, ଯେତେବେଳ ଭାବେଁ, କେତେ କବି ଏହିପରି ଲେଖୁଛନ୍ତି, ମୁଁ ଲେଖି ନ ପାରିବି କାହିଁକି ? ସେତେବେଳେ ଭାବର ପଦଧ୍ୱନି ମନ ଭିତରେ ଶୁଣେ । ଲେଖନୀ ପର୍ଯ୍ୟନ୍ତ ଧୀରେ ଧୀରେ ଆସି ସେ ପୁଣି ଫେରିଯାଏ । ଅପରିଚିତକୁ ଆତ୍ମପରିଚୟ ଦେବାର ସଙ୍କୋଚ ଏ ।

କିଛି କାଳ କାଗଜ ବରବାଦ୍ ହେବାପରେ ଗୋଟିଏ ପଦ ଅଜାଣତରେ କିପରି ଲେଖି ହୋଇଗଲା । ଲେଖିସାରି ବିଶ୍ୱାସ ହେଲା ନାହିଁ ଯେ ମୁଁ ଲେଖିଛି । ମୁଁ ପ୍ରାଣପଣରେ ହାତ ଦେଇଛି ମାତ୍ର । କେଉଁ କୁହୁକର ବ୍ୟକ୍ତିତ୍ୱ ମୋ ହାତଟି ଧରି ସତେକି ଲେଖାଇ ଦେଲା । ଏଇ ଇଣାଗୁଣା ମୁଁ ଭିତରେ ଏମିତି ଗୋଟିଏ ଆଉ 'ମୁଁ' ଥିଲା ବୋଲି ଜାଣି ନଥିଲି ।

ପଦଟି ଲେଖି ସାରିବା ପରେ ହୃଦୟରେ ଆନନ୍ଦ ସମ୍ଭାଳି ନାହିଁ । ସତେ କି ଘର ଭାଙ୍ଗି ବୋହିଯିବ ସେ ବନ୍ୟାପରି । ଆଜି ମୋର ନୂତନ ପରିଚୟ, ଫୁଲ ଫୁଟିଲେ ଗଛ ନିଜର ଯେଉଁ ପରିଚୟ ଦିଏ, ଏ ସେହି ପରିଚୟ; ଆଜି ମୋର ଜନ୍ମଦିନ, କିରଣ ପ୍ରବାହରେ ବାଳସୂର୍ଯ୍ୟର ଇନ୍ଦ୍ରୋଦ୍ଭବ ପରି । ନିଜକୁ ଆଜି ନୂଆଭାବରେ ମୁଁ ଆବିଷ୍କାର କଲି । ମନ ସମୁଦ୍ର ଭିତରେ ନୂତନ ଆମେରିକାର ଆବିଷ୍କାର ଏ । କାଲି ଥିଲି ଜଣେ ନଗଣ୍ୟ ଛାତ୍ର । ଆଜି ଆଶା ଆଲୋକରେ ଉଜ୍ଜ୍ୱଳ ଜଣେ କବି ।

ସେତେବେଳେ ରାଧାନାଥ ମଧୁସୂଦନଙ୍କୁ ଜାଣିଥିଲି ପୃଥିବୀର ସର୍ବଶ୍ରେଷ୍ଠ କବି ବୋଲି । ମାଟ୍ରିକ୍ ଶ୍ରେଣୀର ଜଣେ ସହକବି ମୋତେ ରାଧାନାଥ ଆସନରେ ଏବଂ ନିଜକୁ ମଧୁସୂଦନ ଆସନରେ ବସାଇ ଦେଇଥାଏ । କୃତ୍ରିମତାକୁ ପରି ମନେ ମନେ ଫୁଲୁଥାଉ । ସେତେବେଳେ ପଢ଼ୁଆ ପୋଷାକ, ଫୁଲପରି ଯାହା ଆଖିରେ ପଡୁଥାଏ, ରାଧାନାଥୀ ଛାନ୍ଦରେ ବର୍ଣ୍ଣନା କରୁଥାଏ । ଆଇ. ଏ ପାସ୍ କରିବା ପର୍ଯ୍ୟନ୍ତ ମୁଁ ପାଠ୍ୟ ପୁସ୍ତକ ଛଡ଼ା ବଙ୍ଗଳା କିଛି ଇଂରେଜୀ ବା ଓଡ଼ିଆ ବହି ପଢିଥିଲି ବୋଲି ମନେ ହେଉନାହିଁ । ଦୁଃଖଦାରିଦ୍ର୍ୟ ସହିତ ଲାଗିଥାଏ ତନାଘନା ସଂଗ୍ରାମ ।

ବି. ଏ ପଢିଲା ବେଳେ ବୋଧେ ୧୯୩୯ରେ 'ଢେଙ୍କୀ' କବିତା 'ସହକାର'ରେ ଏବଂ 'ବେଙ୍ଗୁଲି ବାହାଘର' ଜହ୍ନ ମାମୁଁରେ ପ୍ରକାଶିତ ହେଲା । ଏ ପର୍ଯ୍ୟନ୍ତ ନିଜକୁ କବି ବୋଲି ଜାଣିଥିଲି । ନିଜ କବିତା ନିଜେ ସ୍ୱର ଲଗାଇ ପଢି ଭାରି ଭଲ ହୋଇଛି ବୋଲି ଆତ୍ମପ୍ରସାଦ ଅନୁଭବ କରୁଥିଲି । ଆଜି ସମସ୍ତେ ମୋତେ ଜାଣିଲେ ଜଣେ କବି ବୋଲି । କେତେ ଲୋକ ମୋ କବିତା ପଢୁଥିବେ,



Digitized by srujanika@gmail.com

# ଲକ୍ଷ୍ୟ ଓ ସାଧନ

ଲେ—ବୃନ୍ଦ୍ରାମ

ବୃନ୍ଦ୍ରାମ ଜଣେ ମାର୍କସ ପନ୍ଥୀ। ମାର୍କସ ନାମରେ ଅପର ମାନଙ୍କର ଓଡଅ ପ୍ରାଣ ଆତଙ୍କିତ ହୋଇଥିବ। ମାର୍କସ ନାମଟା ଜ୍ୟୋତିଷଙ୍କ ମାର୍କ ଦଶାର ଈଶ୍ୱରଙ୍କଠୁଁ ନୁହେ କିମ୍ବା ଯେଉଁ ମାରକଣ୍ଡ ଋଷି ଯାଉଥିଲେ ଭସି ଉଦର ଧରିଲେ [ଜଗନ୍ନାଥ] ବାହାରିଲେ—ସେ ମାର୍କଣ୍ଡଙ୍କ ପୁତ୍ର ପୌତ୍ରାଦି କ୍ରମେ ତାଙ୍କର ଜନ୍ମ ନୁହେ। ବୃନ୍ଦ୍ରାମ ମତରେ ମାର୍କସ ନାମରେ କେହି ଋଷି ଥାଆନ୍ତୁ ନଥାନ୍ତୁ ଯେଉଁ ଲୋକ ବେଲଗାଡି ସିଧା ରେଲ୍‌ବାଇ ପଟି ଧରି ଚାଲିଲା ପରି ଏଣିକି ତେଣିକି ନଚାହିଁ ଗନ୍ତବ୍ୟ ସ୍ଥାନକୁ ଯାଏ ଅର୍ଥାତ୍ ଯେଉଁମାନେ godmatic ବା ସିଦ୍ଧାନ୍ତ-ବାଦୀ ଅର୍ଥାତ୍ ଯାହାଙ୍କର ଶେଷ ପୟଗମ୍ବର ପରେ ଆଉ କେହି ନାହିଁ ସେଇମାନେ ମାର୍କସ ପନ୍ଥୀ। ଗାନ୍ଧୀ ବାଲମ ନେ ଆଜି ସବୁଠୁ ବଡ଼ ମାର୍କସ ପନ୍ଥୀ ଯଦି ଓ ସେମାନେ ମାର୍କସନାମ ଶୁଣିଲେ ଛାଟରେ ଛେପ ପକାନ୍ତି। ନିଜେ ମାର୍କସ କିନ୍ତୁ ମାର୍କସ ନହୋଇ ଚାଲିଗଲେ ବୋଲି ଶୁଣାଯାଏ—Thank God I am not a Marxist

ସେ ଯାହାହେଉ ମାର୍କସ ବାଦର ସବୁଠୁ ବଡ଼ ତଥ୍ୟ ହେଉଛି ଲକ୍ଷ୍ୟ ଓ ସାଧନର ବିବାଦ। ମାର୍କସ ବାଦୀ ମାନେ କହନ୍ତି—ଲକ୍ଷ୍ୟ ଯଦି ନ୍ୟାୟ୍ୟ ପୂର୍ଣ୍ଣ ଥିବ ତେବେ ସାଧନ ବା ଉପାୟ ବା ଅସ୍ତ୍ର ଅନ୍ୟାୟ ହେଲେ କିଛି ଯାଏ ଆସେ ନାହିଁ। ଏ ତତ୍ତ୍ୱର ଆବିଷ୍କର୍ତ୍ତା ଠିକ୍ ମାର୍କସ କହିଲେ ଭୁଲ୍ ହେବ। ପାଶ୍ଚାତ୍ୟ ଦେଶର ସମଗ୍ର କୃଷ୍ଟି ସଂସ୍କୃତି ଏହାରି ଉପରେ ପ୍ରତିଷ୍ଠିତ। ଏପରିକି ଏହି ସତ୍ୟ ପ୍ରଭୁ ଯିଶୁଙ୍କର ଧର୍ମକୁ ମଧ୍ୟ ପାଶ୍ଚାତ୍ୟ ଦେଶରେ ବ[illegible]ମ କରିଛି। ଜଣେ ଫରାସି ମନୀଷୀଙ୍କର ଉକ୍ତିର ଇଂରାଜୀ ପ୍ରବଚନରେ କରା ଯାଇଥାଏ—We must consider the end in every thing ସବୁ ଜିନିଷରେ ଲକ୍ଷ୍ୟ ଦେଖିବା କଥା। Prior ସେ କଥାକୁ ସ୍ପଷ୍ଟ କରି କହିଲେ The end must justify the means ଲକ୍ଷ୍ୟ ଯଦି ଶୁଭ ହୁଏ ତେବେ ଯେ କୌଣସି ଅବଲମ୍ବିତ ଉପାୟ ମଧ୍ୟ ଶୁଭ ହେବ। ଏହି ତଥ୍ୟକୁ କବି ନାଟ୍ୟକାର ସେକ୍ସ-ପିଅର ହଜାରେ ବାର ହଜାରେ କଥାରେ କହିଛନ୍ତି। ଯଥା—All is well, that ends well ଯାହାର ପରିଣାମ ଶୁଭ—ତାହାର ସମସ୍ତ ଶୁଭ। ମୂର୍ଖି କହିଲେ Let the end try the man—ପରିଣାମହିଁ ମନୁଷ୍ୟର ବିଚାର କର୍ତ୍ତା ଜନ୍ ଫୋର୍ଡ ଶେଷରେ ସିଦ୍ଧାନ୍ତ ଦେଇଦେଲେ ଯେ The end crowns all—ଶେଷ ସମସ୍ତଙ୍କର ଶୁଭ-ମସ୍ତୁ। ଫଳରେ ଆମେ ଲୋଭ-ଶୁଭ ଫଳ ତ୍ୟାଗୀ ହୋଇ ଖାଲି ଲୋପଠାକୁ ଚାହିଁ ବସିଥିବା।

ମୁଁ ମାର୍କସିଷ୍ଟ ହେବା ପରେ ଏହି ମତଟାକୁ ଖଣ୍ଡନ କରୁଣୁ ସହିବେଲେ ଗୋସିନ୍ତୁଏ। କେବଳ ମାନ ପାଇ ଖାନାରେ ଜୀବ ଜାମୁଡ଼ି ବସେଁ—ଭୋଳେ ଭିଣ୍ଡରେ ମଣିଗଲେ ମନ୍ଦ ଅଶୁଦ୍ଧ ହୋଇଯିବ। ଦିନେ ଟ୍ରେଟ୍ସ୍କିଙ୍କ ବାପଘର [କର୍ଣ୍ଣକଡା] ଯିବାର କଥା। ଟ୍ରେଟ୍ସ୍କି ତମେର ମାର୍କସ ବାଦର ଗୁରୁ। ସେ ଶିଖେଇ ଥାନ୍ତି—ଲକ୍ଷ୍ୟପଦ ସାଧୁ—ଯେଉଁ ରାସ୍ତା ଧରି ଲକ୍ଷ୍ୟରେ ପହଞ୍ଚିବ। ମୋର ଲକ୍ଷ୍ୟ ଥାଏ ସାଧୁ—ଶ୍ୱଶୁରାଳୟ—ଟ୍ରେଟ୍ସ୍କି ଥାନ୍ତି ସେଠି; ମୁଁ କିନ୍ତୁ ଟିକେଟ କାଟି ବସିଲି ସିଜ୍‌ସ ଅପ୍ ଗାଡ଼ିରେ। ସାଧନରେ କି ଯାଏ! ଯେଉଁ ଗାଡ଼ି ଧରିଲେ ବି କଲିକତାରେ ପହଞ୍ଚିବି। ମଣା ମାରିବାର କଥା। ଓଓଟି ନମିଲା ତ

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ ଦେଖନ୍ତୁ)

ଭାବୁଥିବେ ଏ କୁଞ୍ଜବିହାରୀ ଦାଶ କିଏ? ମୋ ମନରେ ଭାବ ଆଜି କେତେ ମନରେ ପଶିଲା, କେତେ ବୁକୁରେ ଲୁଚକାଳି ଖେଳିଲା। ଏ ଦୁଇଟି ଲେଖା ଏବଂ ତା ଉପରେ ଛପା ମୋ ନାମ ମୁଁ ବାରମ୍ବାର ପଢିବାକୁ ଲାଗିଲି, ପାଣ୍ଡୁଲିପି ପଢିବାରେ ଏ ତୃପ୍ତି ନଥିଲା।

ଏ ପ୍ରକାଶ ପରେ ମୋ ଉତ୍ସାହ ଉଛୁଳିଲା; ଲେଖନୀ ଦୌଡ଼ିଲା। ଦିନେ ନ ଲେଖିଲେ ତୃପ୍ତି ନାହିଁ। କେତେ ଅକାବ୍ୟ ଅକବିତା ଲେଖିଗଲି ତାର ଠିକ୍ ଠିକଣା ନାହିଁ। ବର୍ତ୍ତମାନ ସେ ସବୁ ପଢ଼ିଲେ ସେଇଆ ମନେ ହେଉଛି। ଆଧୁନିକ ଧାରାର ଅସଲ ଅମଳ ମୁଁ ଧରିପାରି ନ ଥାଏ। ତାର କାରଣ ମୋର ଆଧୁନିକ ସାହିତ୍ୟରେ ଅଜ୍ଞତା ଓ ପ୍ରାଚୀନ-ପକ୍ଷପାତିତା। ଲେଖା ବାହାରୁ ନ ବାହାରୁ ସମ୍ପାଦକଙ୍କ ଫାଇଲ ପୂର୍ଣ୍ଣ କରି ଦେଉଥାଏ, ବୋଧେ ବିରକ୍ତିରେ ସେ ମୋ ଲେଖା ପ୍ରକାଶ କରୁଥିବେ। ଯାହାମତେ ସହକାର, ଜହ୍ନମାମୁଁ, ଉତ୍କଳ ସାହିତ୍ୟ ଓ ନବଭାରତରେ ମୋ କବିତା ପ୍ରକାଶିତ ହେଲା। ଚାହିଁ ଚାହିଁ ହୋଇଗଲି ନାମଜାଦା, ଲବ୍ଧ ପ୍ରତିଷ୍ଠ!

୧୯୪୨ ଅଗଷ୍ଟ ବିପ୍ଳବ ବେଳେ ମୁଁ ରାଞ୍ଚିରେ ଗୋଟିଏ ହୋଷ୍ଟେଲ୍‌ରେ ଥାଏଁ। ଦିନେ ଟୈର ଗଳ୍ପ ସମସ୍ତ କାବ୍ୟ କରିବା। ତେତେଦିନ ଯାଏ ବନ୍ଦ ହୋଇନି। ସେ ଯନ୍ତ୍ରଣା ଭୁଲି ହୁଏ ନ ଯାଏ। ପ୍ରାଚୀନ ପନ୍ଥାରୁ ମୁକ୍ତ କରିବା ଲାଗି ଭଗବାନ୍ ଏଇ କଲ୍ୟାଣମୟ ଶାସ୍ତି ଦେଲେ। ବିପ୍ଳବର ସହରରେ ଗ୍ରାଅଣ୍ଡି ଦଣ୍ଡାର ସଦ୍‌ବ୍ୟବହାରରେ ଲାଗିଥିବ ଏ ଖାତା ଦୁଖଉ। ଏସବୁଦିନ ଠାରୁ ବହି ଛପାଇବା ଲାଗି ମନରେ ଜାଗିଲା ସଙ୍କଳ୍ପ। ମୋର ପ୍ରଥମ କବିତା ପୁସ୍ତକ 'ପ୍ରଭାତୀ' ତାଳଚେରରାଜାଙ୍କ ଅର୍ଥାନୁକୂଲ୍ୟରେ ୧୯୪୪ ପ୍ରକାଶିତ ହେଲା। ୧୯୪୫ ରେ ପାଷାଣ ଚରଣେବକ୍ର, ୧୯୪୬ରେ ଉତ୍ତୁମା, ୧୯୪୭ ରେ କଳକଲ୍ଲୋଳ, ୧୯୪୮ ରେ ବାଗ୍ରା, ୧୯୪୯ ରେ ଗୃରଣିକା, ବାରଣୀ, ବଙ୍ଗାଳର ଲୁହ, ପଲ୍ଲୀପୁଷ୍ପ, ଏବଂ ୧୯୫୦ ରେ ଲଙ୍କାଧାନୀ ଓ ପଲ୍ଲୀସ୍ମରଣୀ ପ୍ରକାଶିତ ହୋଇଅଛି। ମୁଁ ଅଜସ୍ର ଶିଶୁକବିତା ଲେଖିଛି। ସେଥିରୁ କେତେକ 'ଖେଳସାଥୀ' ନାମରେ ପ୍ରକାଶିତ ହୋଇଅଛି।

ମୋ କବିତାରେ ପ୍ରଧାନତଃ ଦୁଇଟି ଧାରା—ପ୍ରକୃତି ବର୍ଣ୍ଣନ, ଦେଶ ପ୍ରେମ। ମୁଁ ଓଡ଼ିଶାର ବିପର୍ଯ୍ୟୟରେ ମର୍ମାହତ ହୋଇ ଜାତୀୟ ବୀର ମାନଙ୍କର ଗୌରବୋଜ୍ଜ୍ୱଳ ଚିତ୍ର ଦେଇଅଛି। ବାଙ୍ଗା ଓ ବଙ୍ଗାଳର ଲୁହରେ ମୁଁ ପ୍ରକୃତିକୁ ନୁହେଁ, ମଣିଷକୁ ବଡ଼ ସ୍ଥାନ ଦେଇଛି। "I shall not write a single line for Arts sake" ବାର୍ଣ୍ଣାର୍ଡ୍ ଶଙ୍କ ଏହି ଉକ୍ତି ସହିତ ମୁଁ ଏକମତ। "Inspire the souls of the unfortunate and oppressed" —Gorkey. ବିଶ୍ୱ ସାହିତ୍ୟ ବର୍ତ୍ତମାନ ଏହି ଲକ୍ଷ୍ୟରେ ଧାବମାନ। ମୁଁ ଏହି ଆଦର୍ଶରେ ଅନୁପ୍ରାଣିତ ଉକ୍ତ ସାହିତ୍ୟିକ ମାନଙ୍କର ଜଣେ ନଗଣ୍ୟ ସହଯାତ୍ରୀ।

ରଚନା ଆରମ୍ଭରୁ ମୁଁ କେବେ ଭାବିନାହିଁ, କାହିଁକି ଲେଖୁଛି ବୋଲି। ଏହାର ଉତ୍ତର ଦେବା ଲାଗି କେତେ ଅସାର ପ୍ରଳାପ କରିଗଲି। ତଥାପି "ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ"। ଏଥିକି ମୋର ଉତ୍ତର ହେଉଛି ମହାଜନଃ ଯେନ ଗତଃ ସ ପନ୍ଥା। ମୋ ପୂର୍ବରୁ ବହୁ ଭଲ ଲେଖକ ଲେଖି ଯାଇଛନ୍ତି; ମୁଁ ସେମାନଙ୍କ ପନ୍ଥା ଅନୁସରଣ କରୁଅଛି ମାତ୍ର। ଭଗବାନ

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com

ବାକି ଅଛୁ । ଅସ୍ତୁ ସାଧୁତାର ଲକ୍ଷ୍ୟ ଠିକ୍ ହେଲେ ହେଲା । ଶେଷରେ କିନ୍ତୁ କ'ଣ ଦୁର୍ବିପାକ—ପୁରୀରେ ପହଞ୍ଚି ଗଲେ କଲିକତା ଯାତ୍ରୀ, ହେଲା । ଲକ୍ଷ୍ୟଚ୍ୟୁତ ସାଧୁ । ଯାଇଁ ପହଞ୍ଚିଲେ ପୁରୀ ସାଧୁଙ୍କ ମେଳରେ । ଫଳଂ—ଶୂନ୍ୟସ୍ଥିତି ।

ସେ ମାଡ଼ୱାରୀ ସାଧୁ ମୋତେ କହିଲେ ଯେ ଅରେ ବେଟା ଉପାୟଂ ଚିଂତୟେତ୍ ପ୍ରାଜ୍ଞଃ ତଥାପାୟଂ ଚ ଚିନ୍ତୟେତ୍ ! ମୋର ମନେପଡ଼ିଗଲା ପଣ୍ଡିତଙ୍କ କଥା । ଅରେ ସତେତ ! ଯେଉଁ ଫଳ ଲଗେଇବ ସେ ଫଳ ଫଳିବ ନିଶ୍ଚେ । ଗୁବ ନକଲେ ଅମ୍ବ ଟାକୁଆରୁ ପନସ ଆସିବ କୁଆଡୁ ? ଉପାୟ କରିବା ଆଗରୁ ପରିଣାମଟା ଭାବିବା ଉଚିତ ଥିଲା । ପୁରୀ ଗାଡ଼ି ମୋତେ କେମିତି କଲିକତାରେ ପହଞ୍ଚାଇବ କାହିଁ ? ଗୋଟାଏ ମାଇପଙ୍କ ବଦନ ଦିଗକୁ ଗତି ଓ ଗୋଟାଏ ଜଗନ୍ନାଥଙ୍କ ତୁଲ ତୁଲିଆ ମୁହଁକୁ ଗତି । ବାଟ ବାଛି ନେବାକୁ ହେବ ଆଗ । ତାପରେ ଉପାୟ ତଦନୁରୂପ—ନ୍ୟାୟ ସଦାଚାରଜାତ ସିଦ୍ଧଂ ।

ମନ୍ତ୍ର ଅମ ବୁଦ୍ଧିଶାଳି ଶକ୍ତି । ଭେଟ ହେଲାରୁ ପଚାରିଲେ— ହଇଓ, ତମେ ଯେ କହୁଥିଲ—ଦୁର୍ଲଭ ମନୁଷ୍ୟ ଜନ୍ମ କାରଣ ଭଗବତ୍ ଉପଲବ୍ଧି ପାଇଁ ଦେବତା ମାନେ ମନୁଷ୍ୟ ହୁଅନ୍ତି । କିନ୍ତୁ ମନୁଷ୍ୟ ତ ସାକାର— ସାକାର ସାଧନ ଧରି ନିରାକାର ଈଶ୍ୱରକୁ ପାଇବ କିମିତି ? ତମ ଦେହ ଦୁର୍ବଳ ସେ ସର୍ବଶକ୍ତିମାନ୍—ଏ ଦୁର୍ବଳ ଦେହରେ ଧରି ମାଳବେ କିମିତି ? ତମ ଇନ୍ଦ୍ରିୟ ସବୁବେଳେ ଦ୍ରବ୍ୟ ପଦାର୍ଥରେ ଭୁଲିଛି—ତାକୁ ପୁଣି ଅତୀନ୍ଦ୍ରିୟ ଈଶ୍ୱର ଭେଟ କିମିତି କରାଇବ ? ସେଠି ଉପାୟ ଓ ଲକ୍ଷ୍ୟ ସ୍ୱତନ୍ତ୍ର ତ ?

ଦେ ଦୁଇ ବମ ସ୍ତୂପ୍ତି ଏକାଥରେ । ଦେଖିଲି ସାମ୍ନା ସାଧୁ—ତାଙ୍କ ଚପ ସୂଅସ, ତାଙ୍କ ଧପ ମନ୍ତ୍ର । ତାଙ୍କ ବାପର ବପର ବାପ ହେବେ କି କଣ ଶ୍ରୀମତୀ ତୃପ୍ତିସ୍ୱିତା । ଏଥକୁ ଉତ୍ତର କଣ ? ଛବି ଦେଖିଲି—ସତେ ତ ଏଇ ଦୁନିଆରେ ମଣିଷ ମାରି ହୁଏ ପୁଣି ଦେହର ବ୍ୟାଧିକି ଭଲ କରି ହୁଏ । ଖଣ୍ଡାପ ଯେଉଁକୁ ଭଲ କାମରେ ବ୍ୟବହାର ନକରିହବ କାହିଁକି ?

କିନ୍ତୁ ସବୁବେଳେ ସବୁ ତଥ୍ୟ dogmatically ସତ୍ୟ ନଥାଏ—ରବୀନ୍ଦ୍ରଙ୍କ କଥାରେ—ସତ୍ୟ ଥାଏ—'ଦ୍ୱିଧାର ମାଝ୍ଖାନେ ।" ଲକ୍ଷ୍ୟ ଯେତେ ଭଲ ହେଉ ସେନ ତେନ ପ୍ରକାରେ ହାସଲ କରିବାକୁ ଗଲେ ସାଧନା ଠାଇ ଶେଷରେ ଲକ୍ଷ୍ୟ ହେଇଯାଏ । ନାରୀର ପ୍ରେମକୁ ପରମର ଉପାୟ ମନେକରି ଉପରକୁ ଉଠିବାକୁ ଯାଉଁ ଯାଉଁ—ନାରୀହିଁ ଉପର ତଳ, କାମ୍ୟ କାମନା—ଗତି ମୁକ୍ତି ହୋଇଗଲେ ବିପଦ । transitional ବା ମଧ୍ୟବର୍ତ୍ତୀ ବ୍ୟବସ୍ଥା ସ୍ୱରୂପ prolatariat ବା ସର୍ବହରାଙ୍କ ଏକାଧିପତ୍ୟ କରୁଁ କରୁଁ ଗତ ତିରିଶ ବର୍ଷ ଧରି ସେ ମଧ୍ୟବର୍ତ୍ତୀ ବ୍ୟବସ୍ଥା ସରେ ନାହିଁ—ଏକ ସର୍ବହରାଙ୍କର ଜଣେ ପ୍ରତିନିଧି ମଣିଷ ଆସନକୁ ଦେବତା ଆସନ ପାଇ ଏକ ଛତ୍ର ଶାସକ ହୋଇ ରହିଯାଆନ୍ତି ।

ଠିକ୍ ସେଇମିତି ଭଲ ଲକ୍ଷ୍ୟ ଓ ଭଲ ସାଧନ ଧରି ଆଗୁସାର ହେଲା ବେଳେ କେଉଁଟି କେତେ ବେଳେ ଅଜାଣତରେ ଦୁର୍ବଳତାରେ ବା ଅଗ୍ରହ ତତ୍ପରତାରେ ସାମାନ୍ୟ ଅନ୍ୟାୟ ହେଇଗଲା ବୋଲି ଲକ୍ଷ୍ୟଟା କଳୁଷିତ ହୋଇଗଲା ବୋଲି ଛାଡ଼ି ଦେବା ମଧ୍ୟ ମୂର୍ଖତା । ୪୨ ଅନ୍ଦୋଳନରେ ହିଂସା ହେଇଗଲା ବୋଲି—ହିଂସାର ପରିଣାମ ସ୍ୱାଧୀନତାଟା ଗ୍ରହଣ କରିବା ନାହିଁ ବୋଲି କହିଲେ ସାଧୁରାମ ମାନେ ଭୁଇଁଭ୍ରମ ବନିଯିବେ ।

ଲକ୍ଷ୍ୟ ଓ ସାଧନା ଛାଡ଼ ଅଭିପ୍ରାୟ ବା intention କୁ ଦେଖିବା କଥା । ଯଦି ଅହିଂସା ସମାଜ ଗଢିବା ପାଇଁ ଯେ କୌଣସି ପନ୍ଥାବଲମ୍ବନ କରିବା ସତ୍ୟ ବା ତଥ୍ୟ ହୁଏ ତେବେ ସେଇ ଅନ୍ୟାୟ ପଥ ବା ପଙ୍କ ଭିତରେ ପଡ଼ି ରହିବାହିଁ ରହିବ । ଅଥଚ ଭଲ ବାଟରେ ଯିବା ବେଳେ ପଙ୍କ ଲାଗି ଗଲା ବୋଲି ପ୍ରଣବ ଅଶୁଦ୍ଧ କରି ବସି ଯିବାର ନୁହେ ।

ଲକ୍ଷ୍ୟ ବୋଲି ବା end ବୋଲି—ସମାପ୍ତି ବୋଲି କିଛି ନାହିଁ । ସେଥିପାଇଁ end justifies means ଗୋଟାଏ ମୂର୍ଖାମିଆ କଥା । ଯେଉଁମାନେ ତାହା କହନ୍ତି ସେମାନଙ୍କର ବାଟରେ ଘାଟରେ ଯେଉଁଠି ପାରେ ସେଇଠି end ବା ସମାପ୍ତି ଆସିଯାଏ । ଷ୍ଟାଲିନ ଚିରଦିନ ସମ୍ରାଟ ହେଇ ରହିଯାନ୍ତି । ଲକ୍ଷ୍ୟ ବା ପଥ ଅନନ୍ତ ସେଥିପାଇଁ ସାଧୁ ମାର୍ଗ ଅନନ୍ତ—ଅସାଧୁ ମାର୍ଗ ଅନନ୍ତ । ସାଧୁ ମାର୍ଗରେ ଯାଉଁ ଯାଉଁ ପତନ ହେବ । ପୁଣି ଉଠି ଚାଲିବାକୁ ହେବ । ଅସାଧୁ ମାର୍ଗରେ ବା ବିପରୀତ ଦିଗରେ ଗଲେ ପତନହିଁ ଅଗ୍ରଗତିର ନାମାନ୍ତରରେ ପରିଣତ ହେବ ।

Withering away of the state ଓ ରାମରାଜ୍ୟ ଭିତରେ ତଫାତ୍ ଏଇଠି ପ୍ରଥମଟି କେବଳ ଚଳନ ଉପଯୋଗୀ ଶାସନ ବା ରାଷ୍ଟ୍ରକୁ ଲୋପ କରିଦେବାରେଇ କଳନାକୁ ପର୍ଯ୍ୟବସିତ କରେ । ରାମ ରାଜ୍ୟ ବା ଅହିଂସ ସମାଜ ଏକ କଳ୍ପିତ ବା ଯୋଜନା-ସିଦ୍ଧ

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

( ମୁଁ କାହିଁକି ଲେଖେଁ ପୂର୍ବପୃଷ୍ଠା ଉତ୍ତାରୁ )

ମୋତେ ପ୍ରତିଭା ଦେଇଛନ୍ତି, ତାଙ୍କୁ ମୋ କାର୍ଯ୍ୟର ହିସାବ ବୁଝେଇବାକୁ ହେବ । ଏହାର ବ୍ୟବହାର ନକଲେ ପ୍ରଭୁ କ୍ଷମତା କାଢି ନେବେ । ମୁଁ କେତେ ନିଃସ୍ୱ ହୋଇଯିବି !

ଲେଖି ପଇସା ରୋଜଗାର କରିବାର ପରି-କଳ୍ପନା କେବେ ମୋ ମନରେ ସ୍ଥାନ ପାଇ ନାହିଁ । ତା ହେଇ ଥିଲେ ବହୁତ ଶସ୍ତା ସାହିତ୍ୟ ଲେଖି ଧନୀ ହୋଇଥାନ୍ତି । ସହଜ ଲୋକପ୍ରିୟତା ଲାଗି ମୁଁ ମୋର ନିଜତ୍ୱ ବଳି ଦେବାକୁ ଚାହେଁ ନାହିଁ । ମୁଁ ଦେଶଠାରୁ ଅର୍ଥ ବା ସମ୍ମାନ ଆଶା କରୁ ନାହିଁ । ସେ ସବୁ ଆପେ ଆପେ ଆସେ । କିଏ ଖୋଜିଲେ ମିଳେ ନାହିଁ । ସଙ୍କଳ ଜୀବନରେ ଏହାହିଁ ଘଟିଥିଲା । ଦେଶକୁ ଚିହ୍ନିଲେ ଦେଶ ଚିହ୍ନିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୋ ପୁସ୍ତକର ବାର୍ଷିକ ଆୟରେ ଖଣ୍ଡେ ଦୁଇଖଣ୍ଡ ପୁସ୍ତକ ଅକ୍ଲେଶରେ ଛପି-ପାରୁଛି । ମୁଁ ସେଥିରୁ ଏକ ପଇସା ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଏ ନାହିଁ । ଲାଭ କ୍ଷତି ହିସାବ ବ୍ୟବସାୟୀର କଥା, ସାହିତ୍ୟର ନୁହେଁ । ସେ ସବୁ ଭାବିଲେ ନୈରାଶ୍ୟ ଆସିବ । ନୈରାଶ୍ୟ ଅଗ୍ରଗତିର ଶତ୍ରୁ । ସେହି ଭାବରେ ଲୁଡ଼ି ବୁଡ଼ାଇ ମୋ ଦେଶର ସର୍ବନାଶ କରିବାକୁ ଚାହେଁ ନାହିଁ । ମୂକ ଜନତାକୁ ଜାଗ୍ରତ କରିବା ଲାଗି ବର୍ତ୍ତମାନ ସାହିତ୍ୟିକ ସନ୍ୟାସୀ ଦରକାର । ଶହୀଦ୍ ପରି ସାହିତ୍ୟିକ ସାହିତ୍ୟ ଲାଗି ଆତ୍ମବଳି ଦେବା ଆବଶ୍ୟକ । ଆରାମ ଚୌକିରେ ବସି ସାହିତ୍ୟ ଲେଖିବା ଯୁଗ ଅତୀତ ହେଲାଣି । ବର୍ତ୍ତମାନ ଲେ.ଢ଼', ଗୁଷ୍ଟୋ, ଗର୍କି, ସ; ସେଇମାନଙ୍କ ଆଦର୍ଶରେ ଗଣଦେବତାକୁ ନବୀନ ବେଦ ମନ୍ତ୍ରରେ ଉଦ୍‌ବୁଦ୍ଧ କରିବା ଲାଗି ମୁଁ ଲେଖିବି । ଏହାହିଁ ମୋର ସଙ୍କଳ୍ପ ।



Digitized by srujanika@gmail.com

# ଚଟି-ଚଟି-ଚଟି

ଲେ—ଶ୍ରୀ ହରିହର ବାହିନୀପତି

ଚଟି…ଚଟି…ଚଟି ! ! !
ତୁମକୁ ମୋର ସମ୍ମାନ ଭରି
କଟକ ବଅଁ ସଡ଼କ ଧରି
ଦୁଇ ବରଷ ଦେଉଛି ଜାହି
ସଭ୍ୟ ପରି-ପାଟି ।
ଚଟି…ଚଟି…ଚଟି

ବାଟାର ସେହି ବାକ୍ସ ଘରେ
ବିଜୁଳି ପଙ୍ଖା ଆଲୁଅ ତଳେ,
ସେଲଫ୍ ମଝି କାଗଜ ଠୋଲା,
ଅଣ୍ଡ କଣ୍ଡସୀ ବନ୍ଦୀଶାଳା,
ସେଇଠି ତୁମେ ଲୋତକ ଢାଳି,
[ କେତେ ଗ୍ରାହକଠାରୁ ] ଖାଇଛ ଗାଳି ।
ସ୍ୱୟଂବରର ଆନ୍ଦୋଳନେ
ଟେକିଲ ମୋର ଭାଗ୍ୟବନେ,
ତେଜ କେତେବେ ଅଟ୍ଟହାସେ
ବସିଲ ଶେଷେ ମହୋଲ୍ଲାସେ
ମୋ ପଦ-ରଜ ଲୁଟି ।
ଚଟି…ଚଟି…ଚଟି !

ସେଦିନ ଥିଲା ଇଣ୍ଟରଭିଉ,
ବାଉ ଡାକୁ ପଛେ ବଣିଆ ଖାଉ,
ସାହେବ ପାଖେ ହୋଇବି ଠିଆ,
ଯଦି ହେଉ ଯୋଏଁ ଟିକେ ଛନିଆ,
ଯଦି ନଥିବ ପାଦରେ ତୁମେ,
ସାହେବ ଭର୍ତ୍ତି ନ କରେ କାମେ,
ବୁଦ୍ଧି ହାଏ କହସେ ମୋତେ—
ଓ୍ୟେଟିଂଲିଷ୍ଟ୍‌ରୁ ନାଁଟା ଦେବ କାଟି
ଚଟି…ଚଟି…ଚଟି !

ଏଇ କଟକ ରାସ୍ତା ପରେ,
ଲକ୍ଷ୍ମୀ ପଦୁ ରଜତ ଝରେ ।
ଏଇଠି ମୁଁ ଶ ବନ୍‌ସ'ବାଲ୍
ଫୁଣ୍ଡଟେ ଶକଳ ହେଲୁ ।
ଏଇଠି ମୁଁ ଶ କଲେଜ ଝିଅ
ଅଣ୍ଡା ହଜାଇ ଖୋଜୁଛି ପ୍ରିୟ ।
ଏଇଠି ମୁଁ ଶ ମଟର ଧକ୍କା
ମାଡ଼ଖାଇ ନାଁ ସେ ଡ୍ରାଇଭର୍ ବୋକା ?
କାର ବରଷର ପିଲ୍ଲଟି ଛିଦ
ରାସ୍ତା ଉପରେ ରକ୍ତ ଦିଏ
ମେଡ଼ିକାଲ୍‌କୁ ଗଲା ସେ ବୃଥା
ଖନ୍ ନଗରେ ଚଳଇ ଚତା ।

ଏଇ ସେ ରାସ୍ତା—କଟକ ମାଟି
ତୁମେହିଁ ତାକୁ ଅତୀତରେ
ଚୁମ୍ବି ଯାଅ ବା ଲୁଟି ଲୁଟି ।
ଚଟି…ଚଟି…ଚଟି !

ସେ ଦିନ ଗାଁଅ ଦାଣ୍ଡ ମଝିରେ
ତାକୁ ଫେରି ଚଟ୍ ଚଟ୍ କରି ଗୁଣ୍ଡଲଗାରେ ।
ଦାମା, ଶାମା ଆଉ ବଗୁଲା ନନ୍ଦେ
ମନେ ମନେ ତେ ଧେ ଶଙ୍କିଲେ ହେ ଯେ !
ଏ ଯେଉଁ କଥା ଆମ ଗାଁରେ ନଥିଲା ଏବେ ।
ବୋଉ କହିଲା "ଦାଣ୍ଡଘରେ ଶୁଅ, ଚଟିକୁ ଥୁଅ
ଏଣିକି ଅଣିଲେ ମୋଘରୁ ଲକ୍ଷ୍ମୀ ଯିବେ ଛୁଟି"
ଚଟି…ଚଟି…ଚଟି !

ଦୁଇ ବରଷ ହୋଇଲା ଏବେ,
ଖୋଲ୍ ତୁମର ନାହିଁ ତ ଲବେ ।
କେତେ ଥର ମୁଁ ହେଉଛି ହେଉ
ଉପର ଫିତା ଗଲଣି ଛୁଟି ।
ଯାଉଛ ଏବେ ମୋତେ ଛାଡ଼ିନେ
ଲଣ୍ଡା ଡିଏ ପିଟି
ଚଟି…ଚଟି…ଚଟି!!!

# ଜନନୀ ବିଳାପ

ଲେ—ହରେକୃଷ୍ଣ ଦାସ

(ଧୀରେ ଘେନ ଜାନକୀର ଅନୁକରଣରେ)
ଧୀରେ ଘେନ ଇସ୍କୁଲରେ କନ୍ୟା ଶଳମ୍ବିତ
ଡାକୁଛଲୁ ମମତା ଘେନ ଭରୁଛନ୍ତି ମାତ !
ମୋ ଧଳା ମାଣିକରେ ।
ନଧନ ସଂଖାଳି ମୋର ଝୋଟୁକ ପସରା
ଆଜର ଲବଡ଼ ବାଳା ହାଦରନ୍ ହାର,
ଧଳା ମାଣିକରେ ।
ଡରୁଥାଉ ପାଠ ପଢ଼ା, ବେଳା ଟରେ ଭୁଲି,
ଜନନୀ ହେବାର ଗର୍ବ କାହିଁ ପାଇଁ ସାରୁ !
ଧଳା ମାଣିକରେ ।

ଛୋଟାଏ ଲେକ୍‌ଚାନ୍ତ ଦେଖି ତୋହର ସୁଷମା,
ବାରବାର ବାରୁଥାଇ ଯିବାକୁ ସିନେମା ।
ଧଳା ମାଣିକରେ ।
ଝୁଣ୍ଡ-ପିଲେ ମାଡ଼ବାର ଶୁଭୁଛୁ ଶ୍ରୁତକ
ମୁଁ ଡାକୁଣୀ ଛାଡ଼ ଦେଲି ସ୍କୁଲରୁ କାହିଁକି !
ଧଳାମାଣିକରେ !
ଝାଳବହୁଥିବ ଅଙ୍ଗୁଳିଗି ଝୁଣ୍ଡି ଖରା
ଲଷ୍ଟ ହେଉଥିବ ପଥେ ଖାତା ଧରି ପରା !
ଧଳାମାଣିକରେ ।

ନେଲୁ ନାହିଁ କହୁଥାଇଁ ହାଇହିଲ ଯୋତା;
ପଥେ ଗୋଡ଼ ଲାଗି ଛତହେବ ମୋ ଅଣ୍ଟା
ଧଳାମାଣିକରେ
ତୋ ମାଧୁରୀ ଅଙ୍ଗଭଙ୍ଗୀ ଦେଖି ସୁଖି ଅଛି
ଅନ୍ଧ କରିଗଲୁ ଝିଅ ବା ମମତା ମାଗି ।
ଧଳାମାଣିକରେ ।
ତୋହାକୁ ଅନାଇ ଛାତ ଫୁଲାଇ ବି ଚାଲେ
ଚପଲ-ପାଦ ପକାଉ ବା ଗୁହାରୀ ରଙ୍ଗେ
ଧଳାମାଣିକରେ ।

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ]

---

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ବସ୍ତୁ ନୁହେଁ । ମନୁଷ୍ୟ ଅହିଂସା ଓ ପ୍ରେମ ବଳରେ ଗଢ଼ି କରୁ କରୁ କେତେ ଦୂରକୁ ଯିବ ତାର କଳନା ଅସମ୍ଭବ । ଖାଲି ମଣିଷ ମଣିଷ ଭିତରେ ସଦ୍‌ଭାବ ସ୍ଥାପନ କରି ସମସ୍ତେ ସମସ୍ତଙ୍କ କର୍ତ୍ତବ୍ୟ କରିଗଲେ—ଆଉ ଶାସନର ଆବଶ୍ୟକତା ହେବନାହିଁ—ଏହାହିଁ ମନୁଷ୍ୟର ଚରମ ଉନ୍ନତି କହିବା ସଙ୍ଗତ । ସମସ୍ତ ଅଛିବ—ହୁଏତ ମନୁଷ୍ୟ ଇତର ଜୀବଙ୍କ ପ୍ରତି ମଧ ମନୁଷ୍ୟ ତୁଲ୍ୟ ପ୍ରୀତି ପ୍ରଦର୍ଶନ କରିବ—ଜଡ଼ ଜଗତର ସ୍ଥୂଳ ଅନୁଭୂତି ମଧ ମନୁଷ୍ୟ ଚକ୍ଷୁରେ ବଦଳିତ ହେବ । ଆଜି ବିଜ୍ଞାନ ଯୁଗରେ ଏକଥାକୁ କପୋଳ କଳ୍ପିତ ବା fantacy କହିବାର ଯୁକ୍ତ ନାହିଁ । ବିଜ୍ଞାନ ଖାଲି ସ୍ଥୂଳତଃ ସତ୍ୟ ପ୍ରମାଣ କରି ଯାଉଛି । ମଣିଷ ତାକୁ ସ୍ଥୂଳତଃ ସତ୍ୟ ମାନି ନେଉଛି । କିନ୍ତୁ ସେ ସତ୍ୟ ଉପଲବ୍ଧି ହେବା ପାଇଁ ବହୁତ ଓ କଠିନ ସାଧନାର ପଥ ମନୁଷ୍ୟକୁ ଏବେ ବି ଅତିକ୍ରମ କରିବାକୁ ପାଇଁ ଅସୀମ ଅନନ୍ତ ପଥ ରହିଲା ପରି ଲାଗେ ।



Digitized by srujanika@gmail.com

# "ଜନମେଜୟ"

ଶ୍ରୀ—ବିନୋଦ ରାଉତରାୟ

ଦୁଃସ୍ଥ ପାଇଁ କା ଦେହ ଧରି ଯିଏ ଅମର ଭୁବନୁ ଆସି
ଲଭିବ ନାହିଁ, ଛଡ଼ି ଲକ୍ଷ୍ମୀ ଡାଲି ଦିଏ ସତ୍ୟସମରେ ଝାସି.
କହେ କାନେ କାନେ କାନ୍ତ ବାରତା
ପଣ୍ଡିତ ଜ୍ଞାତନ ଦୈବିକ କଥା,
ମହତ୍ ମହଣ ଲଭି ଚଞ୍ଚିର ବାନ୍ଧି ନପାରେ ଯା'ରେ
ଅତି ଅଦ୍‌ଭୁତ ସେହି ସାଧକ ଚାଲଇ ସତ୍ୟ ଧରେ ।
ପରଣ ତାକୁ କି ମାରିପାରେ କେବେ, କେବେ କରିପାରେ ହୀନା
ତାର ଅବିନାଶୀ ଅବିନଶ୍ୱର, ସେଇତ ନୂଆ ସୁନା !
ଅନାଗତର ତଳେ ଧୂମ୍ର ଧରିତ୍ରୀରେ
ଅନନ୍ତମୟ ସେହି କାଳେ କାଳେ,
ଅତି ଉନ୍ନତ, ଅତି ଉର୍ଦ୍ଧ୍ୱଗ, ଦମ୍ଭେ ରହିଛି ସେଥି
ଶୃଙ୍ଖଳା ତାକୁ କରିପାରିବ କି ପଙ୍କିଳ ଏ ଦୁନିଆ ??

ଜଳ ଲୋକର ଅଧିବାସୀ ବାପୁ, କଳେ କଳେ ଥାଏ,
ସ୍ୱପ୍ନ ମୟୂଖ ସୃଷ୍ଟି ମୁଖରେ ମଧୁ ସଂଗୀତ ଗାଏ ।
ନାଚି ଦେଖି ଏଇ ମାଟି ମଣିଷର
ବେଗ ଚକ୍ରେ ସେ କୋଟିଏ ଯୁଗର,
ଜଳଗରଳ, ଭୈଷଜ ତା'ର ଅମୃତ ବୃଷ୍ଟି ଭଳି,
ହିଂସା, ହତ୍ୟା, ପାତକକୁ ଦିଏ ପଲକ ପତରେ ଦଳି ।
ଜନମେଜୟ ସେ ଜଳୁନ୍ତୀ ତା'ର ଧରଣୀର ଗଉରବ,
ସୃଷ୍ଟି ପରଶେ ସ୍ୱର୍ଣ୍ଣ ପାଲଟେ ପଙ୍କିଳ ରଉରବ ।
ଗୋଳାପାରେ ନାହିଁ କାଳିମା ପଟଳ
ଅଭିରାମ ବାପୁ, ଅତି ଉଜ୍ଜ୍ୱଳ—
ଦୁନିଆଁ ପୂଜ୍ୟ, ମରଣ ପୂଜ୍ୟ, ତାର ଉପବାସୀ ଗୀର.
ହିଂସା ଡବୁର ତଳେ ମଗଳେ ତ ଲଭିଇ ଶାନ୍ତି ନୀର !!

## ଖୋଦେଇ

ଅଧ୍ୟାପକ ଗୋପାଳଚନ୍ଦ୍ର ମିଶ୍ର ଏମ୍.ଏ

ବଢ଼ି ନଈ ପାଣି ଖାଲ ଧରିଲଣି, ଭଗ୍ ଖୋଦେଇ,
ଚକ୍ ଚକ୍ ଖରା ନଦୀ କୂଳେ ଯାଏ ଚୁମାଟି ଦେଇ ।
ଶାଗୁଆ ଶଗୁଆ ଗଛ ବୃଛ ଏବେ ଶାଗୁଆ ହସ୍ତ,
ଗାଁଅ ମୁଣ୍ଡ ଚନ୍ଦ୍ର ଅଗି ଓଡ଼ିଆରେ ଅରମା ଶତ୍ତ ।
ଦୂର ଧାନ ବିଲ ମଥାନ ଶାଗୁଆ ଦିଶେ ଯତନ,
ଲହୁ ଧାନ ଅଧ ଫୁଟା ଫୁଲେ କିବା ଗଢ଼େ ରତନ ।
ଅହାତ ନିବିଡ଼, ଅଙ୍କ ମଳାତକ ପଳାଏ ମେଘ,
ଶ୍ରାବଣ ଶେଷେ ଶଣବଣ ପିଠେ ଖୋଦେଇ ଦାଗ ।
ଆମ ଗାଁଅ ନଦୀ ଅବଳ ଅସାରେ ହୋଇକି ଜୁହି,
ଖୋଦେଇ ପୁବେଇ ଦେଉଛି କି ପାରିଜାତର ଭୂଇଁ
କେଣ୍ଡି ଫୁଲ ଟୁଙ୍ଗ କଣ ଅନୁକମ୍ପା, ଗନ୍ଧସ ପାଇଁ,
ମଧୁପ ଚୁମ୍ବିତ ଝଡ଼ ଘାଟେ ଲେପ ଦିଏ ବସାଇ ।
ନାଲି କନିଅର ଦୁଇଟୋଟି ଫୁଟି ଗଛ ଗହଳେ,
ଶିବଲିଙ୍ଗ ପୂଜା ଫୁଲ କିବନାରି ଉପମା ବଳେ ।
ଅଜ ନାହିଁ ପେବେ ଘନ ବରଷଣ ଜଳଦ ଭୀତି,
ଝୁହାଇ ଝୁହାଇ ଆସର କରକା ପତନ ନୀତି ।
ଲହୁ ମେଘ ଲୀଳା, ଲହୁ ଖରାମେଣା ଲହୁ ଖୋଦେଇ,
ଲହୁ ଧାନ କାନେ କହେ କେତେ କଥା ସାହସ ଦେଇ
ନଦୀ କୂଳେ କୂଳେ ଶଣ ଫୁଲ ଭଗ୍ କବିତା ସାଜ,

ପ୍ରକୃତି ରାଣୀ କି ପାଉଡର ବୋଳି ଦେଖାଏ ଲାଜ ।
ଜନ୍ଦାଖାଇମୂଳ ନଦୀ ପାଣି ଭଗ୍ ଭରିଁଯା ମନ୍ଦା,
ଫୁଟା କଇଁଫୁଲ, ଫୁଟା ସରୋରୁ, କୋମଳ କନ୍ଦା ।
କେତେ ଲୀଳା ଛଳ ଛଳ କରି ଆଜି ଆସେ ଖୋଦେଇ,
ଦରଫୁଟା ଦୁଇ ଶେଫାଳୀ କି ତାରେ ଦିଏ ବଧେଇ ।
ଝିମ୍ ବାଦଲର ଭଗ୍ ନିଃଶ୍ୱାସରେ ଅତି ଖୋଦେଇ,
ଆକାଶ ବତାନେ ଅଗସ୍ତି ଅତିଥି ଯାଏ ବଧେଇ ।
ବଧେଇ ଯାଏ ସେ ଗାଧୋଇ ନଦୀର ବାଲୁକା ଜଳେ,
ଲଗ୍ ଧାନ ଗଛ ଓଠ ଫାଟି ଫାଟି ଫୁଲ କଅଁଳେ ।
ଗୃହିଣୀ କେତେ ମନେ ବଳି ଭଡ଼ ପରେ ଯାଉଛି ବସି,
ସୁନା ଆଶା କରି ଚୂନା କରେ ଦହ, ବାଦୁଅ ମସି ।
ନୂତନ ବରଷ ନୂତନି ପିପାସା, ଆଶା ନୂତନ,
ଖୋଦେଇ ଲଗନେ ଆଜି ଗୃହିଣୀର କେତେ ଯତନ ।
ଭଦ ଭଦଲିଆ, ଭଲ ଅଳକା'ରେ ଭରେଇ ଯାଏ,
ମାଛ ରଙ୍କା ଖାଲ ଦଙ୍କା ହୁଡ଼ ପରେ ଅନାଇ ଥାଏ ।
ବିକେ ବଲେ ଆଜି ଗାଲ ସୂଅ ପାଣି ବହିଲେ ଧୀରେ,
ଗାଙ୍ଗୁରୁ ଉପରେ ବଣ ମଲ୍ଲୀ କିବା ଶଙ୍ଖସ ଶିରେ ।
ବେଉଷଣ ବସ୍ତ୍ର ଫସଲ ଯତନ ବେଳେ ଖୋଦେଇ,
ଗୀତେ ଛଡ଼ି ବାହା ଫୁଲଇ ଗୁଲାଛି, ଗାଁଅ ଗଦେଇ ।

---

ଜଗତ-ମୋହିନୀ ବେଶ ଅତି ମନୋହର
ରଙ୍ଗିମା ଅଧରେ ହସ କି ଜାଡ ସୁନ୍ଦର !
ଧଳାମାଣିକରେ ।
ନୂଆ ନୂଆ ହିନ୍ଦୀଗାନେ କୁନ୍ତଳ ମଥାକୁ
ସିନ୍ଦୂର ବିନ୍ଦୁର ଶୋଭା ଲଲାଟ ପଟକୁ
ଧଳାମାଣିକରେ ।
ଧାନେ ଦୁଲ୍ ଦୋହଲାଇ ଯୁନୁଯୁନ ଶୋଭା
ନୌଠେଲ ବାଡ଼ିଥାଇ ସବୁ ସ୍ଥଳେ ନଭା !
ଧଳାମାଣିକରେ ।
ସ୍ୱଦେଶୀର ଥାଉ ହାର ସତ୍‌ସ୍ପୃହା ଶୋଭା
ମେ ଅଧି ଦେଖିବା ପାଇଁ ନିରବଧି ଲୋଭା ।

ଧଳାମାଣିକରେ ।
ଠିକା ପାଇଁ ଅଲଙ୍କାର ଗଡ଼ୁ ଥିଲରେ
ବାଂଶଥର ଗୁନ୍ଧା ନେଉ ପ୍ରତ୍ୟେକ ମାସରେ
ଧଳାମାଣିକରେ ।
ଅଣିବ ସୁନ୍ଦର ଲୋକ, ତୋର ଗୁରୁ ମାଆ
କାହା ଦୁଃଖ ଦେଖି କେବେ ନ 'କରନ୍ତୁ ଅହା'
ଧଳାମାଣିକରେ
ଶଗ, ଝଡ଼ା ତଡେ ଗନ୍ଧ ନ ଆସଇ ଅଭ
'ଡ୍ରେମେଟିକ୍' ସାଇନ୍ସରେ ଫାର୍ଷ୍ଟ ହେଉଥାଉ
ଧଳାମାଣିକରେ

ତୋର ଗୁରୁମାଆଙ୍କର ନରମଟି ହିଆ,
ଗରିବ ପିଲାଙ୍କ ପ୍ରତି ନ ଥାଇଟି ଦୟା ।
ଧଳାମାଣିକରେ ।
ଗୁନ୍ଧା ଆଣି ନ ପାରିଲେ ଧମକାଉ ଥାନ୍ତି,
"ମେସ୍ କଣ୍ଟ୍ରାକ୍ଟ" କଣ ଅବା ପାଆନ୍ତି କି ଶାନ୍ତି
ଧଳାମାଣିକରେ
ସରକାର ମାଗଣାରେ ଇସ୍କୁଲ ବସାଏ;
ସେ ସ୍ଥାନରେ ବିକାକିଣା । ଏତେ କିସ ହୁଏ
ଧଳାମାଣିକରେ
ମୁଁ ଗରିବ ଏତେ ଧନ କେଉଁଠୁ ପାଇବ ।
ପ୍ରତିଦିନ ଗୁରୁମାଙ୍କୁ ତୋଷ କରୁଥିବ ।
ଧଳାମାଣିକରେ ।



Digitized by srujanika@gmail.com

ନାଗ କଲମରୁ

## ଓଡ଼ିଆ ଭାଇ

ରେ ଓଡ଼ିଆ ଭାଇ ଯାହାଙ୍କ ହୋଇଛୁ
ତୁହି ଆଜ ଏତେ ଭୀରୁ,
ଘୃଣ ବିଦେଶୀଙ୍କ ପଦମେ ରୁ ଯାହାଙ୍କ
ମସ୍ତକ ତୋ ନତ କରୁ !
ଜାଣିନାହୁଁ ତୁ କି ତୋ ପୂର୍ବ ପୁରୁଷେ
ଥିଲେ ଅତୀବ ସାହସୀ ;
ବାଣିଜ୍ୟ କରିବା ନିମନ୍ତେ ବିଦେଶେ
ଯାଉଥିଲେ ହସି ହସି ।
ମେଲ ଦେଉଥିଲେ ବୋଇତର ପାଲ
ନୀଳ ଜଳଧିର ବକ୍ଷେ ।
ବହି ଆଣୁଥିଲେ ଅଜସ୍ର ସଂପଦ
ଆନନ୍ଦେ ନିଜର କକ୍ଷେ ।
ସର୍ବଦା ସେମାନେ ପ୍ରସ୍ତୁତ ଥିଲେରେ
ନିଜ ଦେଶ ରକ୍ଷା ପାଇଁ,
ନିଜ ଦେଶ ପାଇଁ ଅସିଧାରେ ପ୍ରାଣ
ଦେଇ ପାରୁଥିଲେ ଯାଇ ।
ବୀର ରକ୍ତ ଶିରା ପ୍ରତିଶିରେ ତାଙ୍କ
ହେଉଥିଲା ପ୍ରବାହିତ,
ତାଙ୍କର ଆଦେଶ ସମଗ୍ର ଭାରତ
ହେଉଥିଲା ଅନୁଯାତ ।
ସତ୍ୟ, ନ୍ୟାୟ, ଦୟା, ସାହସ ତାଙ୍କର
ପ୍ରଧାନ ଆଦର୍ଶ ଥିଲା,
ତାହାଦ୍ୱାରା ତାଙ୍କ ଯଶ ସବୁଆଡ଼େ
ବିକଶିତ ହେଉଥିଲା ।
ସେହିବୀର ଜାତିର ହୋଇ ବଂଶଧର
ତୁହି କିମ୍ପା ଏତେ ଭୀରୁ ।
ସାମାନ୍ୟ କଥାରେ ବିଚଳିତ ହୋଇ
କାହିଁକି ତୁ ଏତେ ଡରୁ ?
ତୋ ପୂର୍ବ ପୁରୁଷେ ଥିଲେ ବୀର ଜାତି
ଥିଲା ଏକତା ତାଙ୍କର,
ହୋଇ ତାହାଙ୍କର ବଂଶଧର ତୁହି
ଅଛୁ ପରଶ୍ରୀ-କାତର !
ଭାଇ ଭାଇ ମଧ୍ୟେ ଏକତାର ସତ୍ତା
ଥିଲେ ହେଲେ ସୁଖ ନାହିଁ,
ତୋ ଭାଇର ଦୁଃଖ ଦେଖିଲେ ତୋହର
ସୁଖ ସୀମା ରହେ ନାହିଁ ।
ସବୁଦେଲେ ତୁହି ଗୃହେଁ ରହିଥାଉ
ନିଜ ମଙ୍ଗଳ ପଥରୁ,
ତୋ ଜାତି ନଗର ମଙ୍ଗଳର କଥା
କେବେ ନ ଆସେ ମନରୁ ।
ସ୍ୱାଧୀନ ହୋଇଛି ଭାରତରେ ଆଜି
ତୁ ଏକ ସ୍ୱାଧୀନ ଜାତି,
ତୋହର ଉନ୍ନତି ବିଧି ନେ ଆଜି ତୁ
ସାହସେ ଉଠରେ ମାତି ।
ଯଦି ତୁ ସ୍ୱାଧୀନ ଭାରତେ ତୋହର
ଯଶ ବଢ଼ାଇବା ଚାହୁଁ,
ଦୂର କରିବାରେ ଲାଗି ପଡ଼ ତୋର
ଖରାପ ଗୁଣ ଅଛି ଯାହୁଁ ।

ଉପେନ୍ଦ୍ରନାଥ ପଣ୍ଡା (୧୩୮୧)

## ନାଗଙ୍କ ଉତ୍ତର

ରବିଭାଇ ଜାଣିବ— ଫଟୋଗ୍ରାଫ୍— (Louis Dagguars,) ଲୁଇସ୍ ଡାଗାରେ ।

ଚଳଚିତ୍ର— [William friesh Greene—]ଉଇଲିୟମ୍ ଫ୍ରେସ ଗ୍ରୀନ୍

ବେତାର— [Marconi] ମାର୍କୋନି; ଟେଲିଫୋନ୍—ଗ୍ରାହାମ—ବେଲ୍ ।

ଟେଲିସ୍କୋପ୍— [Lippershey]—ଲିପରସେ;

ମାଇକ୍ରୋସ୍କୋପ୍— [Luenhoek]—ଲିଉଏନ୍ ହୋଏକ୍

ଛାପଯନ୍ତ୍ର—ଗୁଟେନ୍‌ବର୍ଗ— [Guttenbarg.]

ଟେଲିଭିଜନ—ବେୟାର୍ଡ—

ଫାଉଣ୍ଟେନ୍—water man. ଓ୍ୱାଟର ମ୍ୟାନ୍ ।

ପେନ୍‌ସିଲିନ୍— [Du Vigneaud] ଡୁ ଭିଗ୍‌ନେଉଡ୍

roy—ରଞ୍ଜେନ୍‌ଆବିଷ୍କାର କରିଥିଲେ ।

କାଗଜ—ପ୍ରଥମେ ଚୀନ ଦେଶରେ ବ୍ୟବହାର ହୋଇଥିଲା ।

ମହେନ୍ଦ୍ର ଭାଇ—ପୃଥିବୀର ସବୁଠାରୁ ଘନ ଜନ ବସତି—ଜାଭାରେ ।

ବରଦାଭାଇ—ଭୁବନର ପ୍ରଥମ ବଲଶେଭିକ୍ ବିପ୍ଳବ ୧୯୧୭ ଖ୍ରୀଷ୍ଟାବ୍ଦରେ ହୋଇଥିଲା ।—

କାଚର ଉଦ୍‌ଭାବକ କିଏ ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ—ତେବେ ବହୁ ବର୍ଷ ପୂର୍ବେ Egypt ଇଜିପ୍ଟରେ ପ୍ରଥମେ କାଚ କରିବାର ହେଲା

—ଶୁଭେନ୍ଦୁ—୧୩୫୧

## ନାଗଙ୍କ ପ୍ରଶ୍ନ

City of seven hills, Roof of the world, Play ground of Europe, Land of rising sun ଓ Dark Coutinante କାହାକୁ କହନ୍ତି ।

ଶୁଭେନ୍ଦୁ—୧୩୫୨ ।ପଶୁ ଓ ମଣିଷ ଭିତରେ ଭେଦ କାହିଁକି ? ମଦନ— (୧୩୮୨) ଆଜି ଯାଏ ନୋବେଲ୍ ପୁରସ୍କାର ପାଇ- ଥିବା ନାରୀମାନଙ୍କ ନାମ ଲେଖ । ରମା—୧୩୪୯

୧୩୫୪ ମୁଁ ଅବସର ବିନୋଦନ ଉତ୍ତର RUNS [ Are you an ass ? ]

ସାବିତ୍ରୀ (୧୩୯୪) ରମା ୧୩୭୮ ଓ ରବି ୧୩୫୫

## ଅବସର ବିନୋଦନ ୫୫

ମନୁଷ୍ୟ ପ୍ରଧାନ ଖାଦ୍ୟଟି ମୁହିଁ,
ସ୍ୱର ବର୍ଣ୍ଣରୁ ମୁଁ ନପଏ କାହିଁ ।
ବନାନକୁ ଜେବେ ମୁଁ ନାହିଁ ଛୁଇଁ,
ମୃତ ପଦାର୍ଥରେ ଗଣା ହୁଅଇଁ ।
ମୋ ପାଇଁ ବଙ୍ଗାଳ ହୁଅନ୍ତ ଘାରୁ,
ଧନୀଙ୍କ ପାଇଁ ମୁଁ ହୁଏ ତିଆରୁ ।
ନୈଷ୍ଠିକ ହିନ୍ଦୁଙ୍କ ମୁ ଅତି ପ୍ରିୟ;
କହ ନାଗ ଭାଇ ନକରି ଭୟ । (ସତ୍ୟ)

## ନାଗବାହିନୀ କୁଯନ

ଅଜା, ମୁଁ ଜଣେ ନାଗ ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଊଣା ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବାହିନୀ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ନିମନ୍ତେ ୫୦ ନ. ପ. ଟିକଟ ଦେଉଛି ।

## ନୂଆନାଗଙ୍କ ନାମ

୧୩୯୪ କୁମାରୀ ସାବିତ୍ରୀ ଦାସ C/o ୰ ଅଧାପକ ହରେକୃଷ୍ଣ ଦାସ । ପୁରୁଣା ହାଟ, କଟକ । ୧୩୯୫ ଜନ୍ମଜୟ ମହାନ୍ତି ଦାତଅ ଟାଙ୍ଗର କେଉଁଝର ଗଡ଼ । ୧୩୯୬ ବାଲମୁକୁନ୍ଦ ହୋତା ସୋନପୁର ହାଇସ୍କୁଲ, ୯ ମ ଶ୍ରେଣୀ ସୋନପୁର ରାଜ ।



Digitized by srujanika@gmail.com

ଡଗର
Reg. No C 18. ORISSA'S MOST POPULAR FORTNIGHTLY 1 10-50

# ସାମାଜିକ ଦାମ୍ପତ୍ୟ

ପୀରବ ପ୍ରସ୍ତରର ଭଣ୍ଡାରି ଭିତରେ ଅଧ୍ୟାପକ ମାଲକ୍ସ କହିଥିଲେ— ଚତୁବର୍ଷ ପୂର୍ବେ— ଯେତେ ଲକ୍ଷଣ ରୋଗ ଅଛି, ତା ଭିତରୁ ସଂକ୍ରାମକ ମାଲେରିଆ ଅତି ଶୀଘ୍ର ଏବଂ ଭୟଙ୍କର । ଯେଉଁ ଅଞ୍ଚଳରେ ଏ ବ୍ୟାଧି ଅଛି ସେଠା ଲୋକଙ୍କ ଭିତରେ ଅଙ୍ଗ ମାରାତ୍ମକ ଭାବରେ ବଢ଼ାଏ । କ୍ରାନ୍ତିବଳୟ ଅଞ୍ଚଳ ବ୍ୟାଧି ସମୂହର ଅନ୍ୟାନ୍ୟ ବ୍ୟାଧି ଲକ୍ଷଣମାନେ ଏହି ସଙ୍ଗେ ଯୋଗ କରନ୍ତି । କାରଣ ପ୍ରଧାନେ ଗୋଟାଏ ଅଞ୍ଚଳର ସାମାଜିକ କୁଶଳାକୁଶଳକୁ ମଧ୍ୟ ଏହି ବ୍ୟାଧି ଅନେକାଂଶରେ ଅଧୀନ କରେ । କାରଣ ଆର୍ଥିକ କ୍ଷତି ହୁଏ, ତା ଛଡ଼ା ହଜାର ହଜାର ଲକ୍ଷ ଲକ୍ଷ ଲୋକେ ଯେଉଁଠି ଏହି ରୋଗରେ ପଡ଼ନ୍ତି ସେଠାରେ ସମାଜର ସମୂହ ସ୍ୱାସ୍ଥ୍ୟ ଜୀବନର ହାନି ଅବଶ୍ୟମ୍ଭାବୀ ହୋଇ ଉଠେ ।

ତେବେ ଉପଶମ କରାଯାଇ ଏହି ବ୍ୟାଧି ଉପଯୁକ୍ତ ଚିକିତ୍ସାରେ ଲାଗିଛି । ଯେଉଁ ସ୍ଥାନରେ ପୂର୍ବ ଉପସର୍ଗ ପ୍ରକାଶିତ ମାଲେରିଆ କମିସନ ନିର୍ଦ୍ଦେଶ ଦେଇଛନ୍ତି ଯେ, ମ୍ୟାଲେରିଆ ରାଜ୍ୟରେ ପ୍ରତ୍ୟେକ ୭ଗ୍ରେନ ଓ ଅଗ୍ରାନ୍ତ ହେଲେ ଦୈନିକ ୨ରୁ ୧୦ଗ୍ରେନ କୁଇନାଇନ ସେବନ କରିବେ ।

ପଢ଼ନ୍ତୁ… ପଢ଼ନ୍ତୁ… ପଢ଼ନ୍ତୁ.

ତରୁଣ ଲେଖକ ଶ୍ରୀ ଯଜ୍ଞେଶ୍ୱର ମଣ୍ଡଳଙ୍କ ସଦ୍ୟ ପ୍ରକାଶିତ ରୋମାଞ୍ଚକର ଉପନ୍ୟାସ (ଡିଟେକ୍ଟିଭ)

# ରିପୁଧିକି

ମୂଲ୍ୟ—ଏକ ଟଙ୍କା

ଅନ୍ୟର ପଢ଼ନ୍ତୁ—[ଡିଟେକ୍ଟିଭ ଉପନ୍ୟାସ]

| | |
|---|---|
| ୧—ତୋଫାନ ମେଲ— | ଟ ୧୲ |
| ୨—ଗୁପ୍ତ ଶିକାରୀ— | ଟ ୧୲ |
| ୩—ବ୍ୟାଙ୍କ ମ୍ୟାନେଜର— | ଟ ୧୲ |
| ୪—ରାତ୍ରିର ଯାତ୍ରୀ— | ଟ ୧୲ |

ନିକଟ ଭବିଷ୍ୟତରେ ପ୍ରକାଶିତ ହେବ—

୧—ଷ୍ଟ୍ରେଞ୍ଜ ଫଟୋ ଗ୍ରାଫର୍—
୨—ଅନ୍ଧକାରର ଅଟ୍ଟହାସ୍ୟ—
୩—ଷ୍ଟ୍ରେଞ୍ଜ ଗାର୍ଲ—

ପ୍ରାପ୍ତିସ୍ଥାନ—ସାରସ୍ୱତ ଭଣ୍ଡାର କଟକ

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା | ସହକାରୀ ବ୍ୟବସ୍ଥାପକ |
| | —କବିରାଜ— |
| ବାଙ୍କିରୀ ମଙ୍ଗଳା | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର |
| କଟକ [ ୧ ] | ବାଙ୍କିରୀ ମଙ୍ଗଳା |
| | କଟକ ( ୧ ) |

# ଓଡ଼ିଆ ସାହିତ୍ୟରେ

# ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଈଁ ଜନ୍ୟ— | ,, | ଟ ୧୯ |
| କାଳରଙ୍ଗ— | ,, (ଯନ୍ତ୍ରସ୍ଥ) | ଟ ୧୯ |
| ହୃତମାଟି— | [ ଉପନ୍ୟାସ ] | ଟ ୨୲ |
| ଜୀଅନ୍ତା ମଣିଷ— | ,, | ଟ ୨୲ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଭୁଲ— | ,, | ଟ ୨୯ |
| ଏଗାରଟା— | [ ଛୋଟ ଗଳ୍ପମାଳା ] ଟ | ଟ ୧୲ |
| କ୍ଷଣିକା— | ,, | ଟ ୧୲ |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,— କଟକ ୧ —

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
ଅଷ୍ଟମ ସଂଖ୍ୟା

ଆଶ୍ୱିନ
ଦ୍ୱିତୀୟାର୍ଦ୍ଧ

## ଗଣତନ୍ତ୍ରରେ ବିପଦ




ଗଣତନ୍ତ୍ରରେ ବିପଦ ଆଣୁଛନ୍ତି ପଟେଲର ଦଣ୍ଡନୀତି,
ତେଣୁ ଆଜି ମୁହଁ ରଚ ଛାତି ଘଡ଼ କରୁଅଛନ୍ତି ରାଜନୀତି ।

—ମହାରାଜା ପାଟନା—

ଏ ସଂଖ୍ୟାରେ—ତରୁଣ କବି ରାଧାମୋହନ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଛଅଅଣା

Digitized by srujanika@gmail.com

ଅପ୍ରକାଶ କାବ୍ୟ
ନୂତନ

# 'ଜହରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି. ଏ, ମୋହନ ବନ୍ଦ୍ୟୋପାଧ୍ୟାୟ

'ବିଷୟ ସୂଚନା-ପଣ୍ଡିତ ଜବାହରଲାଲଙ୍କ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଆତ୍ମା, ରବୀନ୍ଦ୍ରଙ୍କ ଜୀବନର ଶାନ୍ତି,... କାଶ୍ମୀରର ଐତିହ୍ୟ କଥା, ମହାତ୍ମାଙ୍କ ପ୍ରୟାଣରେ; ଭାରତର ଶ୍ରଦ୍ଧାଞ୍ଜଳି... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରାଜୀ ଓ ତାହାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଜୁଲିୟସ ଜେ, ବାଇବେଲ୍ ହପକିନ୍ସ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନୀ ଓ ତାହାର ଇଂରେଜୀ ଅନୁବାଦ) ମିଃ ରୋଲ୍ଫ ସ୍ମୁକ, ଜର୍ମାନୀ । ପୂର୍ବାଭାଷ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବନ୍ଦନା ଗୀତି' (ଇଂରାଜୀ ଓ ତାହାର ଓଡ଼ିଆ ଅନୁବାଦ) ଶ୍ରୀ ବଟକୃଷ୍ଣ ଦାସ, ଏମ୍, ଏ, ଏ, ଏମ୍, (ଅଧ୍ୟାପକ); - ବି. ଜି; ଓ; କାନ୍ (ଲଣ୍ଡନ) ।

**ଅଭିମତ ବର୍ଗ**- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସର୍ ସି; ଭି; ରମନ୍ (ନୋବେଲ୍-ବିଜେତା), ଅଧ୍ୟାପକ ଜନ୍ ଫ୍ଲନ୍-ସନ୍. ଚିନ ଭାରତ ସାଂସ୍କୃତିକ ଭବନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଓଡ଼ିଶାର ମୁଖ୍ୟ ମନ୍ତ୍ରୀ; ଅଧ୍ୟକ୍ଷ ଏଚ୍. ଏନ୍. ଜେରର୍ଲ୍ଡ୍, ଡବ୍ଲିନ୍; ଶ୍ରୀ ଯୋଗେଶ ଆଲକ, "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ୱାଡିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ବ୍ରଜକିଶୋର ରାୟ, ଭାଗବତ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗୋଦାବରୀଶ ମିଶ୍ର; ଉପେନ୍ଦ୍ର ପି, ପାଣ୍ଡେ, ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହୁମାୟୁନ କବିର; ... ଆମେରିକା ଓ ମୁଳଦେଶ ଅନେକ ବିଶେଷଜ୍ଞଙ୍କ ଅଭିମତ— । ଫଟୋ- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରକାଶକ — ଜଗନ୍ନାଥ ଦେବ                    ମୂଲ୍ୟ ଦୁଇଟଙ୍କା ମାତ୍ର,
ପୋଃ ଅଃ ଭଦ୍ରକ. ବି, ଏନ୍, ଆର୍
ଜିଃ ବାଲେଶ୍ୱର ।

---

**ସ୍ତ୍ରୀ ରୋଗ ପାଇଁ**

# ତ୍ର୍ୟମ୍ବକୀ ବଟିକା

**ପରୀକ୍ଷା କରନ୍ତୁ**

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଥିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅନେକ ସ୍ଥାନ ବାରେ ଜାଣନ୍ତି । ମୂଲ୍ୟ ୩ ୨୯ ଡାକ ଖର୍ଚ୍ଚ—୬/୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ମଧ୍ୟରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୬୦/୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

**ହାୱଡ଼ା କୁଷ୍ଠ କୁଟୀର**

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଆଂଶିକ ଫୁଲା. ଘା, ଶୋଥ ଅଙ୍ଗୁଳିର ବକ୍ରତା କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟ ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ । ରୋଗ ଲକ୍ଷଣ ଜାଣି ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ ।
ପତ୍ର ଦ୍ୱାରା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
**(H. K. K.)**

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାୱଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

---

## ଆଶ୍ଚର୍ଯ୍ୟ ଭାଗ୍ୟଗଣନା

କେବଳ ଭଗବାନଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବା ମାତ୍ରେ ଲେଖି ପଠାଇଲେ ଆମ୍ଭେ ବିଶାଳ ଜ୍ୟୋତିଃଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ଗଣନା କରି ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୧୧ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଜ୍ୟୋତିଷବିଦ୍ୟା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.—ଏଚ୍. ଆର୍. ଏ.

ଏଠାରେ ଡେଭିଡ୍ ହାନିମ୍ୟାନଙ୍କର ହୋମିଓପ୍ୟାଥିକ ଔଷଧ ଓ ଡାକ୍ତର ନାଡ଼ର ବାଇଓକେମିକ୍ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

**ଠିକଣା**

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ


Digitized by srujanika@gmail.com

ଅନନ୍ଦାତ, ହ ଧଣ୍ଡ ଇମାଂ ଭୁତାନି କାହୃନ୍ତେ



ଆଶ୍ୱିନ ଦ୍ୱିତୀୟାର୍ଦ୍ଧ ୧୪ ଶ ବର୍ଷ ଅଷ୍ଟମ ସଂଖ୍ୟା ୧୭ । ୧୦ । ୬୦

## ତରୁଣ କବି ରାଧାମୋହନ

କବି, କବି ହେବା ପାଇଁ ଆପଣଙ୍କର ଅସୀମ ବାସନା ଆଜି ଆପଣଙ୍କ ଦେହରେ ବିହଙ୍ଗର ପଦେହୀ କରି ଦେଇଛି । ଆପଣଙ୍କ ଦେହରୁ ଛାଡ଼ି ଆପଣଙ୍କ କବିତାର ଅଦେହ ଆତ୍ମା ଆଜି କେତେ ଦେହୀଙ୍କର ମରମକୁ ଘାଇଲ କରୁଛି— ଅସଂଖ୍ୟ । ତାହାହିଁ ହୋଇଛି କବିତାର ବାସ୍ତବ ଗୌରବ । ସେଥିରେ ତାର 'ଲବ ଈର୍ଷା' କରିବାର ନାହିଁ- ଶୋଚନା କରିବାର ମଧ୍ୟ ନାହିଁ ।



ଏ ସପନ୍ନୀ କବି ନୁହେଁ ବନ୍ଧୁ— ଏହାହିଁ ପରକାୟା । କବିତା ଆପଣଙ୍କର ପରକାୟା । ସ୍ୱକାୟାର ପ୍ରେରଣାହିଁ ଅଦେହ ରୂପ ନେଇ 'ପରକାୟାରେ' । 'ଅପଥଗାମୀ' ହେବାକୁ ଦେବନାହିଁ ସେ । ଆପଣଙ୍କର ଅପଥରେ ମଧ୍ୟ ସେ ସୁପଥର ସନ୍ଧାନ ଦେଇ ଦେଉଛି ।

'ଧରାତଳେ ସ୍ୱର୍ଗ ନାହିଁ— ସେଥିପାଇଁ ସେ ଧରା । କବି, ଆପଣ ହିଁ ଧରାକୁ ସ୍ୱର୍ଗ କରନ୍ତୁ ଆପଣଙ୍କର ନୂତନ ସର୍ଜନରେ ।

କବି ! ସାଧକ ଗୁରୁ, ନିର୍ଯ୍ୟାତିତ, ନିପୀଡ଼ିତ, ଅପାଂକ୍ତେୟ, ଆହତ, ଅବସନ୍ନ, ଅଖ୍ୟାତ ତଥାପି ସୁନ୍ଦର— ତଥାପି ସତ୍ୟ— ତଥାପି ମଙ୍ଗଳମୟ— ଉତ୍ତରର ଧ୍ରୁବ ତାରା— ପୂର୍ବର ପ୍ରଭାତ ମଙ୍ଗଳଗ୍ରହ ।

## ଶ୍ରୀଯୁକ୍ତ ମହତାବ

ଶିଳ୍ପମନ୍ତ୍ରୀ ମହତାବଙ୍କ ସ୍ୱଦେଶ ପଦାର୍ପଣରେ ଯେପରି ସ୍ୱାଗତ ଜଣାଉଛୁ । କିନ୍ତୁ ସ୍ୱାଗତ ଜଣାଇ ପାରୁ ନାହିଁ—କାରଣ ସଂଯୋଜିତ ଉତ୍କଳ ପ୍ରାଣରେ ଏ ଅଯଥା ଆଡ଼ମ୍ବର ଉତ୍ସବକୁ ସ୍ୱାଗତ କରି ପାରୁ ନାହିଁ—ଅର୍ଦ୍ଧ ଲକ୍ଷ ପଦ୍ମମାଳା ଅର୍ଦ୍ଧଶତ ତୋରଣ, ପୁଷ୍ପବର୍ଷଣ ଶୌର୍ଯ୍ୟ ଉପଢ଼ୌକନରେ, ମନୁଷ୍ୟର ପୂଜା ନୁହେଁ—ଦେବତାର ପୂଜା ନୁହେଁ—ଶକ୍ତିର ପୂଜା ନୁହେଁ—ନ୍ୟାୟର ଧର୍ମର ପୂଜା ନୁହେଁ କ୍ଷମତାର ପୂଜାକୁ । ଅନ୍ତରର ନୈତିକତା ହ୍ରାସ ହେବାର ଉପଲବ୍ଧି କାଳରେ ମନୁଷ୍ୟ ବାହାରର ଆଡ଼ମ୍ବରରେ ଲୋକ ଚକ୍ଷୁ ଚମକାଇବାର ସୃଷ୍ଟି କରିବାକୁ ଉଦ୍ୟମ କରେ । ଶ୍ରୀଯୁକ୍ତ ମହତାବଙ୍କ ଭକ୍ତମାନେ ଯଦି ତାହା ଅନୁଭବ କରିଥାନ୍ତେ ତେବେ ମହତାବଙ୍କର ଆଜି ବଡ଼ ଦୁର୍ଦ୍ଦିନ । ବୁଝିବାକୁ ହେବ ଯେ ମହତାବଙ୍କ ବିଜୟରେ ହିଁ ତାଙ୍କର ଭ୍ରମ; ଅଥଚ ବନ୍ଧୁମାନେ ଦଣ୍ଡ ଉତ୍ସବ ବିଜୟୀର ବାହୁଡ଼ା ଭଳି ଆନନ୍ଦ ଉତ୍ସବ ମନାଉଛନ୍ତି ।

ଉତ୍କଳ ସାହିତ୍ୟ ସମାଜ ମଧ୍ୟ ଶ୍ରୀଯୁକ୍ତ ମହତାବଙ୍କୁ ଅଭିନନ୍ଦନ ଦେଇଛନ୍ତି । ଉତ୍କଳ ସାହିତ୍ୟ ସମାଜ ନୁହେଁ—ଏହା କେବଳ ସେ ଅନୁଷ୍ଠାନର ପ୍ରେତ ଠିଆ ହୋଇଛି । କେବଳ ରାଜଶକ୍ତିର ପୂଜା କରିବାର ପରମ୍ପରା ଛଡ଼ା ଅନ୍ୟ ନୈତିକ ବୁଦ୍ଧି ତାର ନାହିଁ । ସେଥିପାଇଁ ଦିନେ ହେଲେ ମୁହୂର୍ତ୍ତକ ପାଇଁ 'ପଲାଶୀ ଅବସାନେ'ର ବାଗ୍ମୀ ଲେଖକ ଯୁବକ ହରେକୃଷ୍ଣଙ୍କୁ ପୂଜା କରିବାର ସ୍ୱପ୍ନ ମଧ୍ୟ ସେ ଦେଖି ପାରେ ନାହିଁ । ଆଜିର କ୍ଷମତାପନ୍ନ— ସତ୍ତାଧାରୀ…ମହତାବଙ୍କର ପୂଜାରେ ସାହିତ୍ୟକୁ ଗୌରବାନ୍ୱିତ କରିବାର ମୂର୍ଖତା କେବଳ ଉତ୍କଳ ସାହିତ୍ୟ ସମାଜ ପକ୍ଷରେ ହିଁ ସମ୍ଭବ ; ଏ ଜାତି ଯେ ମୃତ—ଏହାର ସାହିତ୍ୟ ଯେ ମୃତ—ତାର ଜୀବନ୍ତ ସାକ୍ଷୀ ଏହି ଶ୍ମଶାନର ପ୍ରେତାତ୍ମା—ଉତ୍କଳ ସାହିତ୍ୟ ସମାଜ ।—ନାଃମଃ

Digitized by srujanika@gmail.com

# ସ୍ୱାଗତ ହେ ମହତାବ

ଶ୍ରୀ ଶ୍ରୀ ମହତାବଙ୍କ ଆସିବା କାଳରେ ଶ୍ରୀ ମହତାବ ଦକ୍ଷିଣରୁ ଶୀଘ୍ର ଫେରିବା ବିଳମ୍ବ ହେଉଥିଲେ । ଏହାଙ୍କ ଆଗମନ ପୂର୍ବରୁ ପାଞ୍ଚଦିନେ ହ୍ୱାଲେଳ ଅଟ୍ଟଳ । ଏହା ଭିତରେ ସାରଶ୍ୱତମାନେ ବିଳମ୍ବ କାର୍ଯ୍ୟରେ ଏମନ୍ତେ ପାଇଲେ ଯେ ଭକ୍ତ ଅନୁଭୂତି ବଙ୍ଗ ମାରଡାଡ଼ି ଧନୀଗଣ, କାର୍ଯ୍ୟକର୍ତ୍ତାମାନେ ଅବାକ୍ ହୋଇ ଗଲେ । ଏହାଙ୍କର ସେକ୍ରେଟେରୀ ପ୍ରଫୁଲ୍ଲ ଚନ୍ଦ୍ରରେ ଓଡ଼ିଶା ପୂର୍ବରୁ ଆସିବା ବିଜେ-କର ଶ୍ରୀ ମହତାବଙ୍କ ସ୍ୱାଗତ ନିମନ୍ତେ ବ୍ୟାନ-ଭୂଷ ସୃଷ୍ଟି କଲେ । ଏଠାରେ ସାର ହେଲା ଯେ ଶ୍ରୀ ମହତାବ ମନୁଷ୍ୟ ନୁହନ୍ତି । ଏ ହେତୁ ଦେବତା ଅଂଶ ଏହାଙ୍କୁ ଦେବାର୍ଚ୍ଚନା ପୂଜା ବିଧିରେ ହେଉଅଛି । ତେଣୁ ପୁଷ୍ପକ ବିମାନ ତୁଳ୍ୟ ବାହାନରେ ନିର୍ମିତ ହୋଇଲା । ଲକ୍ଷେ ପଦ୍ମଫୁଲ ସଂଗ୍ରହ ହୋଇଥିଲା । ଲକ୍ଷେରୁ ଚେଷ୍ଟାଏ ଊଣା ହେଲେ ତାଙ୍କର ମନ୍ତ୍ରୀ ନିଜ ମାଦାଳ୍ୟରୁ ଏକ ସଂଯୋଗ ଜାଳ କରିବାକୁ ଅର୍ଥାଦିର କରାଇ ମନ୍ତ୍ର ଆମ୍ଭୋଜନ ଦେଲେ । ଏକ-ଶତ ଆଠ ନିର୍ଘାଣ ଫଟିଲା । ୩୨ ତୋପ ଫୁଟିଲା । ନିଜ ଜନ୍ମ ସମ୍ବାଦ ପତ୍ର ଲେଖିଲେ ଯେ ମହତାବଙ୍କୁ କୋଳାହ୍ଳରେ ଦେଖିବା ପାଇଁ ଜନତାର ମନ୍ତ୍ର ପଦ ଯୋଗ୍ୟ ମହତାବଙ୍କ ପାଖକୁ ଉଠିବା ଯେ ଯଦି ନିଜେ ଯେତା ଆଜ୍ଞା କି ନାହିଁ ଜଣ ନୋହିଲା ମନ ଦୁଖ ? ତାହା ମହତାବଙ୍କ ଆତ୍ମକୁ ତାଳି । ଏମନ୍ତେ ପ୍ରଜାତନ୍ତ୍ର ନୂତନ ସାହିତ୍ୟ ସୃଷ୍ଟି କଲେ । ଏ କାରଣ ଯେତେ ବ୍ୟୟ ହେଲା—ତାହା ଯଜ୍ଞରେ ବ୍ୟୟିତ ହେବାର ପ୍ରମାଣ ମିଳିଲା । ଅର୍ଥାତ ଏହା ଦ୍ୱାରା ଏ ବର୍ଷ ଧାନ ଫସଲ ବଢ଼ିବ । ସତ୍ୟର ପ୍ରଚାର ଓ ଅପପ୍ରଚାର ହୋଇବ । ମିଥ୍ୟା ଲୋପ ପାଇବ ।

ମୁନସିପାଲିଟି ପଡ଼ିଆରେ ବିଶାଳ ସଭା ହୋଇଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ମୁଖ୍ୟ-ମନ୍ତ୍ରୀ ଅଭିନନ୍ଦନ ପଢ଼ି ଜଣାଇଲେ କି ଶ୍ରୀ ମହତାବ ବିଶାଳ ଉତ୍କଳର କର୍ମୀ ତା । ସେହି ହେତୁ ଶ୍ରୀ ମହତାବଙ୍କ ଗଣ୍ଡି ମଧ୍ୟ ବିଶାଳତର ହେଉ ଅଛି । ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ ଶ୍ରୀ ମହତାବଙ୍କର ନେତୃତ୍ୱ ବହୁ ବର୍ଷ ଆବଶ୍ୟକ ହୋଇବ । ମହତାବ ଦକ୍ଷିଣରେ ରହିବେ ମାତ୍ର ତାଙ୍କ ନେତୃତ୍ୱ ପାଦୁକା ଥାପି ଭରତ ନବକୃଷ୍ଣ ବାରବାଟୀ ଗଡ ଶାସନ କରିବେ । ବୀର ବିଜୟ ସିଂ ପାତ୍ର ଅମାତ୍ୟ ହୋଇ ଥିବେ ।

ଶ୍ରୀଯୁକ୍ତ ମହତାବ ତାଙ୍କ ଭାଷଣରେ ସମସ୍ତଙ୍କୁ ବୋଧ ମ ହଅନ୍ତ କଥାକୁ କହି-ଗଲେ । ଏହା ନିମନ୍ତେ କି ସମସ୍ତେ ନିଜ ନିଜର ହୃଦୟରୁ ଏହିକ ସହଜରେ ଘେନି ପାରିବେ । ଶାସ୍ୟାଳିକ ହେଲେ ମଧ୍ୟ ଥଣ୍ଡା ନ ଲାଗିବ ଏବଂ ଶରୀରର ଅସ୍ଥି କେହି ନଦେଖିବେ । ଶ୍ରୀଯୁକ୍ତ ମହତାବ ଆହୁରି କହିଲେ ଯେ ସ୍ୱାଧୀନତା ଗଛରେ ଫଳ କଞ୍ଚା ହୋଇଅଛି— କଞ୍ଚା ବେଳରୁ ଖାଇ ନଯାଇ ପାଚିବା ଯାଏ ଅପେକ୍ଷା କରିବା ଉଚିତ ହେଉଛି । ମାତ୍ର ଭୋକ ଲାଗିଲେ ସମସ୍ତେ ମହତାବଙ୍କ କୃପା ପାତ୍ର ପ୍ରଜାତନ୍ତ୍ରରୁ କଲେ କଲେ ଖାଇ ସନ୍ତୁଷ୍ଟ ରହିବେ । କଂଗ୍ରେସ କର୍ମୀମାନଙ୍କୁ ଶ୍ରୀ ମହତାବ କହିଲେ ଯେ କଂଗ୍ରେସ ନିର୍ବାଚନରେ ହ ରିବା ଉଚିତ ନୁହେଁ । ମାତ୍ର ଶ୍ରୀ ମହତାବ କହିଲେ ଯେ ଯେତେବେଳେ ଯେଉଁ ପ୍ରକାରରେ କଂଗ୍ରେସ ବିଜୟୀ ହେଉଥିଲା । ସେ ବିଜୟ ଜାତି ମୂଲ୍ୟରେ ହେଉ ଚିନ୍ତା ନାହିଁ । ମହତାବଙ୍କର ଏ ଉପ-ଦେଶରୁ ଅନେକ ବହୁ ଲୋକ ବୋଇଲେ, ଏହା ସମ୍ପର୍କରେ କହିବାର ବାକି ନାହିଁ— ତାହା ଶାସ୍ତ୍ରଙ୍କ ମୁଖ ନିର୍ଗତ ହୋଇଲା । ମହତାବଙ୍କ ବାଣୀ ଲୋକେ କଂଗ୍ରେସ ବାଣୀ କହିଲେ । ଏ ଆଗମନ ମଙ୍ଗଳ ଯେ ଆସନ୍ତା ନିର୍ବାଚନ ପାଇଁ ମଧ୍ୟ ମଙ୍ଗଳ ହୋଇଲା । ମାତ୍ର ତାହା ସବୁ କର୍ମୀ ଜାଣି ନ ପାରିଲେ ମାତ୍ର ଅଙ୍ଗୁଳି ଗଣା କେତେକ ଜାଣିଲେ ।

ଏ ଉତ୍ସବରେ କବି ଭକ୍ତଚରଣଙ୍କ ପ୍ରେତାତ୍ମା ଏମନ୍ତ ରଚନା କଲେ କି—

### କଟକ ମଙ୍ଗଳ

କଳାବଜାର ଶ୍ରୀ ହରି ହେ
ଘଟେ ମାଲତୀ ନାଥ,
ଧରନ୍ତି କଟକ ବଜାରେ
ଦେଖି ପଣ୍ଡିତ ମିତ ।
ଝସି ପଡ଼ୁଛି କି ଆକାଶୁ
ଦେଶୀ ବିଦେଶୀ ମଦ,
ଖେଦ ବଣ୍ଟନା ଥେ ନଦେଲେ
ମୁଖ୍ୟମନ୍ତ୍ରୀର ପଦ ।
ଗହନ ବହାଣି ବାଗରେ
ଘୋର ବିପତ୍ତି କାଳ;
ଗିଳିବାକୁ ତାକୁ ଧାଇଲେ
ପୁଞ୍ଜିପତିଙ୍କ ଦଳ ।
ଘରେ ନ ରହନ୍ତି ସେ ହରି
ଏବେ ବଣିଆ ଛାଡ,
ଘେନି ସେ କଲେଜ ପିଲାଙ୍କୁ
ପଢ଼ା ଖେଳନ୍ତି ନିତି ।
ଭଇଁ ଥିବା ଛୁଆଙ୍କ ରୂପରୁ
କବା ରୈବ କଳାରୁ,
ଷାଠିଏ ମିନିଷ୍ଟର ଯୁବତୀ
ଓଗ ଜଡ଼ା ଅଗରୁ ।
ଚପକନ ବେଶ କରନ୍ତି
ମୋର ହେଉଛି ମନ;
ଚଗଲା ନହେବ କାହିଁ ମନ
ଗୃହ ଚନ୍ଦ୍ରବଦନ ।
କହିଲେ ଧରି ଚୁଡ଼ିଲ
ପହେଲରୁ କହୁଛ,
ଯେମନ୍ତେ ପ୍ରଭାତେ ବରଜ
ଗାନ୍ଧି ଶରଣାଗତ ।
ଝିଙ୍କୁଡ଼ି ପଡ଼ୁଛି କି ହାବାଭ
ଝୁସ କେତନ ଘାଟେ.
ଝୁଲ ବନ୍ଦ୍ ବନ୍ଦ୍ ଶ୍ରୀମୁଖୁ
କନ୍ଦୁ ଅଛି କାରଟେ ।
ନୟନ ଉପରେ ଚସମା
ଛାଏ ଯୌବନ ବୋମା ।
ନୁହନ୍ତି ଏ ଦୁଏ କାହୁର
ପ୍ରଜାତନ୍ତ୍ର ଚନ୍ଦ୍ରମା ।
ଚୋପି ମୁଣ୍ଡେ ଚନ୍ଧି ପାରନ୍ତି
ଛାଡ଼ିଛନ୍ତି ସେ କଟେ,
ଟେଙ୍କ ବାରେ ରାଧା କହନ୍ତି
ଦାଣ୍ଡେ ଶ୍ରୀକୃଷ୍ଣ ବଟେ ।
ଠାବେ ଠାବେ ଗୋଳ ହେଲ
ଶିଙ୍ଗ ବେଣୁ ବଇଁଶୀ.
ଠିକ ହେଉ ରାଜ୍ କଲୋନି
ଦାଣ୍ଡେ ଦେଖନ୍ତି ଅସି ।
ଡାକନ୍ତି ଏକଲୁ ଆରକ
ଆସ ଜୀବ ଜୀବନ,
ଢେଙ୍କାରେ ଦେଖି ତ ନନ୍ଦିଲ୍
ଗଲ କେତେ ଯେ ଦିନ ।
ଢଳ ଢଳ କୃଷ୍ଣ ଆସନ୍ତି
ଦେଖ ଦେଖ ମହାଣୀ,
ତାଳନ୍ତି କି ଦୁଃଖେ ତୋଳାକୁ
ଏତ କଟକ ଆଣି ।
ଅଳକାରେ ଗ୍ଲିଷରିନ ଯେ
ମଣ୍ଡିଛନ୍ତି କାକରେ,
ଅଣହେଲା ପାଉଥିବେ ତୋ
ଦଲ୍ଲୀ ନଗର ପୁରେ ।



Digitized by srujanika@gmail.com



## ରାଓଙ୍କ ରାଜ ରାଜ

କୋରିଆ ଯୁଦ୍ଧରେ କମ୍ୟୁନିଷ୍ଟମାନେ ହାରିଗଲେ । ଆମେରିକା ସୈନ୍ୟ ଉତ୍ତର କୋରିଆ ଭିତରକୁ ପଶିପାରିବେ ବୋଲି ମିଳିତ ଜାତିସଂଘ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଭାରତ ସେଥିରେ ଆପତ୍ତି କଲା । ମିଳିତ ଜାତିସଂଘ ତ ଆମେରିକା ଇଂଲଣ୍ଡର ପାଳିତ ଜାତିସଂଘ ହୋଇ ସାରିଲାଣି । ସେଠି ଆମ ଭାରତ ପ୍ରତିନିଧି ରାଓ ରାଜ ରାଜ ହେଲେ ବି ଏ ଶୁଣୁଛି !

## ପ୍ରଶାନ୍ତ ସମ୍ମିଳନୀ

ପ୍ରଥମଥର ପାଇଁ ପ୍ରଶାନ୍ତ ସଂପର୍କୀୟ ଶକ୍ତିମାନଙ୍କର ଅଧିବେଶନ ଭାରତରେ ବସିଲା । ପ୍ରାୟ ଡଜନେ ଖଣ୍ଡେ ପ୍ରଶାନ୍ତ ମହାସାଗର ସମୀପବର୍ତ୍ତୀ ରାଷ୍ଟ୍ର ଶକ୍ତିମାନଙ୍କର ପ୍ରତିନିଧିମାନେ ବସି ପ୍ରଶାନ୍ତ ଭାବରେ ଦେଶର ଶାନ୍ତି ସ୍ଥାପନର ବାଟ ଖୋଜୁଛନ୍ତି । ମଣିଷ କଥାରେ ଯଦି ଶାନ୍ତି ମିଳନ୍ତା ତେବେ କେବଳ ଓଁ ଶାନ୍ତି ଶାନ୍ତି କହିଲେ ମଧ୍ୟ ଚଳିଯାନ୍ତା । ଏତେ ସଭାସମିତି ଦରକାର ହୁଅନ୍ତା ନାହିଁ । ଦେଖାଯାଉ ପ୍ରଶାନ୍ତ ଶକ୍ତିମାନେ କଣ ଶାନ୍ତି ତେଲି ଭାଜି କେତେ ଆଣୁଛନ୍ତି ।

## ଏସିଆକୁ ଦୃଷ୍ଟି

ପ୍ରଶାନ୍ତ ସଂପର୍କୀୟ ସମ୍ମିଳନୀରେ ଉଦଘାଟନ ଦେଇ ପଣ୍ଡିତ ନେହେରୁ କହୁଛନ୍ତି— ଏଣିକି ଏସିଆ ପ୍ରତି ସମସ୍ତଙ୍କର ଦୃଷ୍ଟି ପଡ଼ିବା ଉଚିତ । ମାତ୍ର ଏ ଦୃଷ୍ଟି କାହାର ସେ କଥା କହିନାହାନ୍ତି । ରୁଷର ନା ଆମେରିକାର ? ଦୃଷ୍ଟି ଉଭୟଙ୍କର ଅଛି— ମାତ୍ର ସେ ସବୁ ଶକୁନି ଦୃଷ୍ଟି । ଏ ପାପଗ୍ରହମାନେ ଯେଉଁଠି ପୂର୍ଣ୍ଣ ଦୃଷ୍ଟି ଦେଲେ ମୋର ରକ୍ଷା ନାହିଁ ।

## ଜଳାତଙ୍କ

ଶିଆଳ କାମୁଡ଼ିଲେ ଜଳାତଙ୍କ ରୋଗ ହୁଏ । ହିନ୍ଦୁଙ୍କୁ କିଏ କାମୁଡ଼ିଲା କେଜାଣି— ତାଙ୍କୁ ଗଣତନ୍ତ୍ର ବିରୋଧୀ ଲୋକ ଓ କମ୍ୟୁନିଷ୍ଟ ଆତଙ୍କ ଧରିଛି । ପ୍ରଶାନ୍ତ ସଂପର୍କୀୟ ସଭାରେ ସେ କହିଛନ୍ତି, ଏସିଆକୁ ସ୍ୱାଧୀନ ଆତ୍ମନିର୍ଭରଶୀଳ କଲେ ଗଣତନ୍ତ୍ର ବିରୋଧୀମାନେ ଲୋକ ମୁହଁରେ ଲୁଣ ପକାଇଲା ପରି ତୁନି ରହିଯିବେ । ମାତ୍ର ଲୁଣଟା ଲୋକ ମୁହଁ ଯାଏ ଗଲେ ତ ହେବ । ଗଣତନ୍ତ୍ରବାଲା ନେତା ନିମକ ସତ୍ୟାଗ୍ରହ ହେବା ପରେ ସବୁ ଲୁଣ ସାବାଡ଼ି ଦେଇଛନ୍ତି— ଲୋକ ପାଇଁ କିଛି ନାହିଁ ।

## ଅଖଣ୍ଡ ମଣ୍ଡଳାକାର

ପାକିସ୍ଥାନର ଅଛୁଆ ମନ୍ତ୍ରୀ ଯୋଗେନ୍ଦ୍ରମଣ୍ଡଳ ଏଥର ଛୁଟି ପାଇ ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇଛନ୍ତି । ସେ ୧୦୦୦ ଶବ୍ଦର ଏକ ଚିଠା-ଲିଆକତଙ୍କୁ ଲେଖି ଜଣାଇ ଦେଇଛନ୍ତି ଯେ ପାକିସ୍ଥାନରେ ଆଉ ସଂଖ୍ୟାଲଘୁଙ୍କ ଭବିଷ୍ୟତ ନାହିଁ । ବାସ୍ତବିକ ଅତୀତ ତ ଥିଲା— ବର୍ତ୍ତମାନ ବି ଯୋଗେନ୍ଦ୍ରମଣ୍ଡଳ ମନ୍ତ୍ରୀ ଥିବା ଯାଏଁ ଅଛି— ତାପରେ ସେମାନଙ୍କ ଭବିଷ୍ୟତଟା ବିଲକୁଲ ଅନ୍ଧାର । କାରଣ ଏଥର ଯୋଗେନ୍ଦ୍ର ସମସ୍ତଙ୍କୁ ଆଙ୍ଗୁଠି ଦେଖାଇଦେଲେ— ଅଖଣ୍ଡ ମଣ୍ଡଳାକାର ବ୍ୟାପ୍ତଂ ଯେନ ଚରାଚର ହୋଇ ।

## ମଣ୍ଡଳଙ୍କ ଶୋକ

ପାକିସ୍ଥାନ ସରକାର ମଣ୍ଡଳ-ଶୋକ ବୋଲି ଖଣ୍ଡିଏ ପୁସ୍ତକ ବାଜ୍ୟାପ୍ତ କରିଛନ୍ତି— ମଣ୍ଡଳ ମହାଶୟ ଗାଇଛନ୍ତି—

ଘରୁ ବାହାରିଲି ମଣ୍ଡଳ ହୁଣ୍ଡା- ହେ ଲିଆକତ,
ତମ ସରକାର ଜାଣିଲି ଗୁଣ୍ଡା, „
ଜାଣି ମୁଁ ନଥିଲି ଛଳ ମାନବ, „
ବୋଲ ବୋଲି ପକାଇଲି ଦାନବ; „
ମନ୍ତ୍ରୀ ହୋଇ ଆଉ ଜାଣେ, ମଉଳ, „
ନ ରହିବ ସବୁବେଳେ ପଦର, „
ଆଜିଯାକେ ମୋର ବୁଦ୍ଧି ବିବେକ, „
ତମ ଅଗାଡ଼ିରେ ଥିଲା ଟେକ, „
ଏବେ ସଂଖ୍ୟାଲଘୁ ମୁହଁ ହୋଇଛି— „
ଚେଣ୍ ଛୁଇଁବୁ ମୁଁ କରଇ କିଛି, „
ଆଗେ ତୁମେ ଥିଲ ମୋ ମାଆ ବାପ, „
ଏବେ ତୁମେ ପାଲଟିଛ ଯେ ସାପ, „
ଘରୁ ବାହାରିଲି ମାଡ଼ିକି ଛୁଟି, „
ଲିଆକତ ଶିର ମାଡ଼ିଲା କିଣ, „
ଘରୁ ବାହାରିଲି ମଣ୍ଡଳ ମେଲ, „
ଲିଆକତ ଅଲି ମାଗିଲ ଚେଳ, „
ଘରୁ କହାରିଲି ମାଖିଲି ଛାଇ, „
ଲିଆକତ ଆଉ ନାହିଁ ମୋ ସାଇଁ; „
ଘରୁ ବାହାରିଲି ମଡ଼ିଲି ଖିଅ, „
ନଥରେ ମୁଁ ଲିଆକତର ହାତ । „

## କଂଗ୍ରେସର ପରମାୟୁ

ଶ୍ରୀଯୁକ୍ତ ପଟେଲ ଏଥର କିଛି ଦିନ ହେବ ଗଣିତ ଜ୍ୟୋତିଷ ଆଲୋଚନା କରି କହୁଛନ୍ତି ଯେ ଅସନ୍ତା ଦଶ କେତେ ବର୍ଷ ଭିତରେ କଂଗ୍ରେସକୁ କେହି ହଟାଇ ପାରିବେ ନାହିଁ । ଅର୍ଥାତ୍ ୧୦ବର୍ଷ ପରେ କଂଗ୍ରେସ ଶେଷ ପାଇବ । ସେତେବେଳକୁ ହୁଏତ ପଟେଲ ନଥିବେ । ପଟେଲ ଥିବାଯାଏ ଅନ୍ୟ ଦଳ ରହିପାରିବେ ନାହିଁ । ପଟେଲ କହୁଛନ୍ତି— ଦେଖଇ କେହି ଯାହା ଚଉଦିଗର

ସେ ସବୁର ଅଟଇ ମୁଁ ଅଧୀଶ୍ୱର
ମନ୍ତ୍ରୀମଣ୍ଡଳେ ନାହିଁ ଏମନ୍ତ ଧନ
ମୋ ଅଧିକାର ଯେବେ ମୋଡ଼ିବ ମନ !

## କଂଗ୍ରେସ ଅଭଙ୍ଗା

ପଟେଲ ଆହୁରି କହୁଛନ୍ତି ଯେ, ଯେଉଁମାନେ ଆଶା କରୁଥିଲେ କଂଗ୍ରେସ ନାସିକରେ ଦୁଇଖଣ୍ଡ ହୋଇଯିବ— ସେମାନେ ଚୁପ ହୋଇ ଯାଇଥିବେ । ବାସ୍ତବିକ କଂଗ୍ରେସକୁ ପଟେଲ ନେତୃତ୍ୱ ଅଳ୍ପ ଦିଆରେ ତାଙ୍କୁ ଅଭଙ୍ଗା କରିଦେଇଛି । ପିଠି ଖେଳିଲେ କଦାପି ଭାଙ୍ଗିବ ନାହିଁ । ମାତ୍ର—

## ଈଶ୍ୱର ସନ୍ଧାନ

ଶ୍ରୀଯୁକ୍ତ ପଟେଲ ଆଉ ଏକ ସ୍ଥାନରେ କହୁଛନ୍ତି ଯେ ନେହେରୁଙ୍କ ନେତୃତ୍ୱ ନମାନିବା ଈଶ୍ୱର ବିରୋଧୀ କାର୍ଯ୍ୟ ଅର୍ଥାତ୍ ନେହେରୁଙ୍କୁ ମାନିବା ଈଶ୍ୱର ସମ୍ମତ କାର୍ଯ୍ୟ । ପଟେଲ ଯେତେବେଳେ ନିଜେ ଏକଥା କହୁଛନ୍ତି ତେବେ ଜଣାଯାଏ ପଟେଲଙ୍କ ଈଶ୍ୱର । ଅତଏବ ସବୁ କଂଗ୍ରେସ ସାଙ୍ଗ ଏଥର ମିଳି ଗଲେ ।



Digitized by srujanika@gmail.com

ତୁମେତ ମଜାର ପିଲା ତୁମେତ
ତୁମେତ ଦୁଷ୍ଟ ସନ୍ତ ତୁମେତ
ତୁମେତ ଅର୍ଥ ଉପାୟ ତୁମେତ
ତୁମେତ ସର୍ବ ନେତ ମନ୍ଦର ଦେବ।

### ସାମ୍ବାଦିକଙ୍କ ପାଠ

ପାଠକ ଜନତା ହିଁ ମଧ ଜାଣିବେ ବାସ୍ତବତା କମୁଦର ପାଠ ତୁମ ଶୋଇଛି। ଗୃହିଣୀ ଏକଦମ ଭଲରକମେ ବଙ୍ଗଳା କହନ୍ତି—ସଂବାଦପତ୍ରରେ ଖବର ଦେଉନ ସାପ୍ତାହିକ ନୂଆ ପାକ ବର୍ଣ୍ଣନା ଆରମ୍ଭ। ସମାଜ ଏଣେ ତଳ ସଦଭାବ ଠିକ କରୁଛନ୍ତି ଖବର କାଗଜମାନଙ୍କ କଣ୍ଠ ଶୋଷଣ ହେବ। ଆଜ ବାସ୍ତବରେ ପେଟ ଭାଙ୍ଗି ଓଡ଼ ଖବର ଦେଶର ସମ୍ପାଦକଙ୍କୁ ନ ହେଲେ ସଂବାଦ ଦାତା-ମାନଙ୍କୁ ହେଲେ ସେମାନେ ସମ୍ପାଦକଙ୍କୁ ନମସ୍କାର ସତ୍କାରକୁ ପାଉନାହାନ୍ତି। ଯାହାହେଉ ବଙ୍ଗ ମନ୍ତ୍ରୀ ସାଂବାଦିକ ମାନଙ୍କୁ ନଟିଶ ଦେଇ ବେଶ ପାଠ ପଢାଇଲେ।

### — ନେତାଙ୍କ ସମ୍ମାନ —

ଓଡ଼ିଶା ଯୋଗ୍ୟ ଅଧ୍ୟକ୍ଷ ଗୃହକୁ— ଉପମାନେ ଏକ ରକ୍ତ ସମ୍ମାନ ଯେ ହେଲେ ସେ ସମ୍ପର୍କରେ ଆଗ୍ରହ କୃପାଳିନୀ ସୁଚେ-ତାଙ୍କ ସେ କହିଛନ୍ତି ଏ ହୀନ ଉଚ୍ଚ ଦରମା ଆମ ସରକାର। କିନ୍ତୁ କଣ? ଆମ ନେତାଙ୍କୁ ପଣ୍ଡିତ ନ ଧରୀ ରଖିଲେ ସ୍ୱୟଂ ପଣ୍ଡିତ ଦାୟୀ ହୋଇଥିଲେ—ଅନ୍ୟ ସମ୍ମାନରେ ବ ସେ ଭରିଛନ୍ତି ଦେଇ ଦ ଦେବେ।

### ସାଇକେଲର ସ୍ୱର୍ଗ ଗମନ

ପ୍ରତେଂକ ସରକାରୀ କର୍ମଚାରୀଙ୍କର ଅଧ ଜନନ ହୁଏ। ଶେଷରେ ଯେଉଁମାନେ ସେକ୍ରେଟେରିଏଟ୍‌ରୁ ପ୍ରସ୍ତୁତ ହୁଅନ୍ତି ସେମାନେ ସ୍ୱର୍ଗବାସ କରନ୍ତି ବୋଲି ଧରି ନିଆ ହୁଏ। କର୍ମଚାରୀ ମାନଙ୍କର ବାହନ ଗୁଡ଼ିକ ପାଦେନ ଅନୁଭବ କଲେ ଯେ—ଆମ ମୁନିବର ସ୍ୱର୍ଗବାସ ହେଉଛି — ଆମର କ'ଣ ନ ହେବ? ସେମାନେ ମଧ୍ୟ ସେକ୍ରେଟେରିଏଟ ସ୍ୱର୍ଗକୁ ଯିବାକୁ ଆରମ୍ଭ କଲେଣି। ଶୁଣାଯାଏ ଗତେଇ ଶହରର କୌଣସି ସେକ୍ରେଟେରୀଙ୍କ ବାହନ ୨୦ ବର୍ଷର ବୃଦ୍ଧ ସାଇକେଲ ହଠାତ ସେକ୍ରେଟେରିଏଟ ସ୍ୱର୍ଗବାସ କଲାବେଳେ ସରକାରୀ ଦପ୍ତର ସାଇକେଲ ସାଙ୍ଗରେ କଣ୍ଠମ ହୋଇଗଲା। ଟଙ୍କାଟା ଅବଶ୍ୟ ସରକାର ଖଜଣାଖାନ ଦେଇଥିଲା କି ସେକ୍ରେଟେରିଙ୍କ ପକେଟ ଦେଇଥିଲ ତାହା ଆମର ବିଚାର୍ଯ୍ୟ ନୁହେଁ। ମନ୍ତ୍ରୀ ପବିତ୍ର ପ୍ରଧାନଙ୍କ ଦ୍ୱା ... ମାନେ ମଧ୍ୟ ଅପଚୟ ପବିତ୍ର ହେଇଥିବା ... ଆମେ ଆଶା କରୁଛୁ

### ମାଳତୀ ଦେବୀଙ୍କ ହୁକୁମ

ଶୁଣାଯାଉଥିଲା ଅନୁଗୁଳରେ ଗୋଟିଏ ପିଲା ହୁକୁମ ହୈମାନରେ ବହୁ ରୋଗୀଙ୍କୁ ଆରୋଗ୍ୟ କରିବାରୁ ହଜାର ହଜାର ଲୋକ ପ୍ରତ୍ୟହ ଅନୁଗୁଳ ଆସି ହୁକୁମ ନେଲେ। ସରୁଆ ବସ୍ତ୍ର ସରକାରୀ ପର୍ଯ୍ୟ ନଭ-ରୋଗିଙ୍କ ସରକାର ଏହିଁକି ବ୍ୟବସ୍ଥା କରୁ-ନ ଥିବା ବେଳେ ମାଳତୀଦେବୀ ଖୋଲା କାଗଜ-ରେ ଏକ ହୁକୁମ ନଏ ଦେଇଛନ୍ତି। ଆମର ଯେତେବେଳେ ଧର୍ମ ନିରପେକ୍ଷ ରାଷ୍ଟ୍ର ଏଠି ପ୍ରଧାନ ମନ୍ତ୍ରୀଙ୍କ ଘରଣୀ ମାନଙ୍କ ଉପରେ କେଉଁଠା ଅ ଧର୍ମ, କେଉଁଠି ଅଶ୍ଳୀଳ ଧର୍ମ ତାହା ବିଚାର କରିବାର ଭାର ରହିଛି ଦେଖା ଉଚିତ। ବିଲ୍ଲ ଆସିଭ ମଧ୍ୟ ସରକାରଙ୍କ-ଠାରେ ଦାବୀ ହେଉଛି—ସରକାରଙ୍କ ପ୍ରତି ଏହାର ପ୍ରତିକାର କରନ୍ତୁ। ଢେଙ୍କାନାଳ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଶୀଘ୍ର ହୁକୁମ ଦେଇ ହୁକୁମ ଦେବା ବନ୍ଦ ଲାଗୁ ଲଗାଇ ବାଜେୟାପ୍ତ କରନ୍ତୁ। ଯେ କରି ନ ପାରିବେ ତାହା ଦେଖାଇ ଆଉ ଜଣେ ଦକ୍ଷ ଜିଲ୍ଲାମାଜିଷ୍ଟ୍ରେଟ ପଠାନ୍ତୁ। ତଥାପି ନ ହେଲେ ପିଲାଟି ଆଗରେ ସୁନାର ସିପାହୀ ପହରା ଜରି ଧରାଇ ଦାବୀ ଦଅନ୍ତୁ। ତା ନ ହେଲେ କିଛି ଟଙ୍କା ଦେଇ ପିଲାଟିକୁ ତୀର୍ଥ ଯାତ୍ରାକୁ ପଠାଇ ଦିଅନ୍ତୁ ବିଲ୍ଲ ଅ ସଭ ବିନା ପ୍ରେସ'ରେ ଏତେ ବୃଦ୍ଧି ହେବାର କାରଣ ସେ କଦାପି ଅନୁଗୁଳରେ ମାଳତୀ ଦେବୀଙ୍କ ଛଡ଼ା ଅନ୍ୟ କାହାର ହୁକୁମକୁ ସହ୍ୟ କରି ପାରିବ ନାହିଁ।

### ଚୁକ୍ତି ଓ ଭୁକ୍ତି

ଲେଖକଙ୍କ ଆଳଙ୍କୀ ଚନ୍ଦ୍ରଚନ୍ଦ୍ର କାଶ୍ମୀର ପାକିସ୍ତାନ ଭୁକ୍ତ ନ ହେଲେ ଭାରତ ଓ ପାକି-ସ୍ତାନ ଭିତରେ ଚୁକ୍ତି ହୋଇ ନପାରେ— ନେହେରୁ କହୁଛନ୍ତି—ଆମ ପାକିସ୍ତାନ ଓ ଭାରତର ଚୁକ୍ତିକ ମାନେ ସବୁ ଠିକ ହୋଇ ଯିବ। ପଣ୍ଡିତ ନେହେରୁ ସେତେ ବେଳେ ପଦ ଚଳିବ ମୁଦ୍ରାରଂ କରୁଛନ୍ତି ସେଥିରେ ଗୋଟା ଖାଉଛନ୍ତି। ସମ୍ମୁଖରେ ଯେ ଭଳି ତ୍ରେମଙ୍କ ପକ୍ଷରେ ମଠା ହେଉଥାଏ।

### ଦୁର୍ବଳ ବା ମୂର୍ଖ

ପଣ୍ଡିତ ନେହେରୁ କହୁଛନ୍ତି ଭାରତ ହୁଏତ ପ୍ରଥମ ଶ୍ରେଣୀର ଶକ୍ତି ହୋଇ ରହିବ ନାହିଁ ୧୦ମ ଶ୍ରେଣୀର ଶକ୍ତି ହୋଇ ରହି ହେଇ ହୋଇ ବଜାରରେ ପଛରେ ପାଖ ହେଇ ରହିବ ମଣ୍ଟି ମଣ୍ଡିକା ବାଟ ଧାର ନୁହେଁ। ଧାଡ଼ିବକ—ଦୁର୍ବଳ ଥରନ୍ତି କ ମୂର୍ଖ ଥରନ୍ତି। ମୂର୍ଖମୂର୍ଖକୁ ଯେ ଯୁଦ୍ଧ ମରନ୍ତି।

### ମୂଳ ଓ ଅଗ

କୃପାଳନୀ କହୁଛନ୍ତି ଆମେ ମୂଳରେ ଜାଳୁଛୁ ଓ ଶୋଷରେ ହରାଉଛୁ। ଅର୍ଥାତ ଜନ୍ମହେଲେ ହରାଇଛୁ ହେଉ ମଣିଷ ମଧ୍ୟ ହରାଉଛୁ ହେଇ। ମାତ୍ର ଜନ୍ମମୃତ୍ୟୁ ଭିତରେ ଗୋଟିଏ ଅବସ୍ଥା କଥା ସେ ଭୁଲିଗଲେ। ସେଠା ହେଉଛି ବିବାହ। ବିବାହ ବେଳେ ମଧ୍ୟ ଅମେ ହରାଉଛୁ। କାରଣ କୃପାଳନୀ ସିନ୍ଧି ସୁଚେତା ନାମ ସଙ୍ଗ କୃଣୀ।

### ସଙ୍ଗଠନ ଓ ରାଜନୀତି

କୃପାଳନୀ ଆହୁରି କହୁଛନ୍ତି ସଂଗଠନ ବିନା ରାଜନୀତି ହେବ ନାହିଁ କି ରାଜନୀତି ବିନା ସଂଗଠନ ହେବନାହିଁ। ଆମ ମତରେ ମଞ୍ଜି ବିନା ଗଛ ହୋଇ ପାରେ ଓ ଗଛ ବିନା ମଞ୍ଜି ବି ହୋଇ ପାରେ ମାତ୍ର ରାଜନୀତି ବିନା ସଂଗଠନରେ ସମ୍ଭବ ନୁହେଁ କି ସଂଗଠନ ବିନା ରାଜନୀତି ସଂଭବ ନୁହେଁ। ତଥାପି ରଚନାତ୍ମକ କର୍ମୀମାନେ କେବଳ ସଙ୍ଗଠନ କାମ କରୁଛନ୍ତି ଓ କଂଗ୍ରେସ ଦଳମାନେ କେବଳ ରାଜନୀତି ଚଳେଇଛନ୍ତି। ଫଳ ଏକ ନୁହେଁ ଦୁଇ ନୁହେଁ—ନିଫଳ।

### ତୁମର ଯେ ଖେଳ

ବେଙ୍ଗ କହୁଥିଲେ ପିଲାମାନଙ୍କୁ— 'ତୁମର ଯେ ଖେଳ ଆମର ସେ କାଳ' ଏବେ ସ୍କୁଲ କଲେଜରେ ଟୋକା ଟୋକିଏ ଭୁଇଁକମ୍ପ ବନ୍ୟା ବିପନ୍ନ ଲୋକଙ୍କୁ କହିବେ, ତୁମର ଯେ କାଳ ଆମର ସେ ଖେଳ। କାରଣ ତୁମର କାଳ ପଡ଼ିଲାରୁ ସିନା ଆମେ ଟୋକା ଟୋକିଏ ନାଚୁଛୁ। ନ ହେଲେ ଏ ନାଚ କରନ୍ତୁ କାହାପାଇଁ।

( ଅବଶିଷ୍ଟାଂଶ ୧୪ ପୃଷ୍ଠା ଦେଖ )



Digitized by srujanika@gmail.com

# ମନ ଓ ସ୍ୱତ୍ୱ

ମୁଁ ଶୁଣିଥିଲି ବିଶ୍ୱନାଥ ଦାସ ମଧ୍ୟ ଏମିତି ଦାଣ୍ଡରେ ବାଟରେ ଯାହାକୁ ଦେଖୁଥିଲେ, ତାକୁ ପଚାରୁଥିଲେ—'ତୁମେ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହେବ ? କହ ମୁଁ କରାଇ ଦେବି । ମୁଁ ସିନା ନିଜେ ନ ହେଉଛି—କିନ୍ତୁ ଅନ୍ୟକୁ ମନ୍ତ୍ରୀ କରାଇବାର କ୍ଷମତା ଏକା ମୋ'ର ଅଛି । କାରଣ ଉତ୍କଳ କଂଗ୍ରେସ କମିଟିର ସଭାପତି ମୁଁ । ମୋତେ ସମସ୍ତେ ମାନନ୍ତି । ମୁଁ କହିଦେଲା କ୍ଷଣି ମୋ କଥା ନମାନି କାହାର ଚାରା ନାହିଁ । ତମେ ପ୍ରଧାନ ମନ୍ତ୍ରୀ ହେବତ ଠିକ କରିନିଅ । ସେତେବେଳେ ପୁଣି ପଛଘୁଞ୍ଚା ଦେଲେ ଚଳିବ ନାହିଁ ।'

ମାତ୍ର କେହି ହଁ ଭରିବାର ଦେଖାଯା'ନ୍ତି ନାହିଁ । ଏମିତି ପଚାରୁ ପଚାରୁ ତାଙ୍କର ପଚାରିବାଟା ଗୋଟାଏ ମୁଦ୍ରାଦୋଷ ହୋଇଗଲା ଆଉ ମନା କରିବାଟା ମଧ୍ୟ ଲୋକଙ୍କର ମୁଦ୍ରାଦୋଷ ହୋଇଗଲା ପରି ଲାଗିଲା । କିନ୍ତୁ ମୁଁ ଜାଣେ ଏଇଟା ହେଉଛି ମନସ୍ତତ୍ତ୍ୱ । ଲୋକକୁ ଯାହା ଖାଇବାକୁ ଇଚ୍ଛା ଥିବ—ସେଇଟିକୁ ହାତ ପାଖନ୍ତାରେ ଆଣି ଦେଲେ ତାକୁ ସେ ଫିଙ୍ଗି ଦିଏ । ବିଶ୍ୱନାଥ ଦାସ ସମସ୍ତଙ୍କୁ ପଚାରିବାରୁ ସମସ୍ତେ ବିଶ୍ୱାସ କରନ୍ତି ଯେତେ ଅବା ବିଶ୍ୱନାଥ ଦାସେ ପ୍ରଧାନମନ୍ତ୍ରୀ ପଦ ଦେଇ ଦେବେ । ତେଣୁ ସମସ୍ତେ ମନେ ମନେ ପ୍ରଧାନମନ୍ତ୍ରୀ ହୋଇଯାନ୍ତି—ଆଉ ସତ ସତ ପ୍ରଧାନମନ୍ତ୍ରୀ ହେବାକୁ ମନ କରନ୍ତି ନାହିଁ । ଇମିତିକା ଚଉଧୁରୀ ବଜାର ଛକ ଉପରେ ଠିଆ ହୋଇ ରାମା ଶାମା ଦାମା ସମସ୍ତେ ଥରେ ଥରେ ପ୍ରଧାନମନ୍ତ୍ରୀ ହୋଇ ଯାଇଥିବେ ।

ମୋ ଜୀବନରେ ପ୍ରଧାନମନ୍ତ୍ରୀ ହେବାର ଏମିତି ଦୁର୍ଯୋଗ ଘଟି ନଥିଲେ ହେଁ ଆଉ ଗୋଟାଏ ତଦ୍ରୂପ ଅଭିଜ୍ଞତାର ସୁଯୋଗ ଘଟିଥିଲା ।

ଥରେ ମୁଁ ବସି ସୁଭାଷ ହୋଟେଲରେ ଜଳଖିଆ ଖାଉଛି । ଜଣେ ଭଦ୍ରଲୋକ—ନିତାନ୍ତ ଅପରିଚିତ—ମୋର ପାଖରେ ଆସି ବସି ପଡ଼ି କହିଲେ— ବାବୁଙ୍କୁ 'କ୍ଷୀରମୋହନ ଆଉ ଚାରିଟା ଦେ—ଏମିତି କଣ ଦଉଛୁ ମ ?'

ମୁଁ ଡରିଗଲି । ଏତେ ପଇସା ଖରଚ କରିବାକୁ ମୁଁ ପ୍ରସ୍ତୁତ ନଥିଲି । ପଞ୍ଚ ଟଙ୍କିଆ ନୋଟଟାଏ ଥାଏ, ମନ ତାକୁ ଭଙ୍ଗାଇ ଦେଲେ ଖର୍ଚ୍ଚ ହୋଇ ଯିବ ବୋଲି ମୁଁ ବେଶ ସାବଧାନ ଥିଲି । ମୁଁ ପ୍ରତିବାଦ କରି କହିଲି— ନାହିଁ ନାହିଁ—ମୋର ଆଉ ଦରକାର ନାହିଁ ।

'ହେ—ହେ—ଆପଣ ନାହିଁ କଲେ—ମୁଁ ମାନିବି ? ପେଟେଡ଼େକ ମୁହଁ ଲାଜ— ଆରେ ଦେରେ—ରସମଲାଇ ୪ଟା ଆଣ ମୋ ପାଇଁ ଚାରିଟା ।

ମୋତେ ଭାରି ଲାଜ ମାଡ଼ିଲା । ମୁଁ ନାହିଁ—ନାହିଁ—କଲି । ଭଦ୍ରଲୋକ ମୋତେ ଥଇଁରେ ହସି ଉଡ଼ାଇ ଦେଲେ । କହିଲେ—ମୁଁ ଜାଣେ, ଯାଚିଲା ଜିନିଷକୁ ସମସ୍ତେ ଏମିତି ଗୋଡ଼ରେ ଫିଙ୍ଗି ଦିଅନ୍ତି—କିନ୍ତୁ ପଛରେ ପସ୍ତେଇ ହୁଅନ୍ତି ସମସ୍ତେ । ଆପଣ ପରୀକ୍ଷା ସ୍ୱରୂପ ଏଇ ଦଶ ଟଙ୍କିଆ ନୋଟଟି ନେଇ ଏଠି ଯେତେ ଲୋକ ବସିଛନ୍ତି ସମସ୍ତଙ୍କ ପାଖକୁ ଯାଆନ୍ତୁ—କେହି ଜଣେ ବି ନେବ ନାହିଁ—ଏଇଟା ମନସ୍ତତ୍ତ୍ୱ—ମୁଁ ଭଲ ଭାବେ ଜାଣେ । ଆପଣ ରାସ୍ତା ଉପରକୁ ଯାଇ ବାଟରେ ଚାଲିଗଲା ଭିକାରୀଟାକୁ ଯାଚି ପରୀକ୍ଷା କରନ୍ତୁ ଦେଖିବେ— ସେ କେବେ ନେବ ନାହିଁ । କିନ୍ତୁ ମୋର ବିଶ୍ୱାସ ଆପଣ ସେ ବୋକାମି କରିବେ । ନାହିଁ । ପାପ ହେବ ।"

ମୁଁ ତଥାପି ନାହିଁ କଲି । ଭଦ୍ରଲୋକ କହିଲେ—ଅଚ୍ଛା ରହିଲା ଏ ରସଗୋଲା । ଆପଣଙ୍କ ପାଖରେ ଟଙ୍କା ଅଛି ? ଏଠି ବାଜି ବସିବା । ମୋ ପାଖରେ ୧୦ ଟଙ୍କା ଅଛି । ହୋଇଟି ଗରିବ ଲୋକଟିଏ ସେଠି ଠିଆ ହୋଇଛି, ତାକୁ ନେଇ ଆପଣଙ୍କ ୫ ଟଙ୍କା ଯାଚନ୍ତୁ ସେ ଯଦି ନେଇ ଯାଏ ତ ହେଲେ ମୁଁ ଏ ଦଶଟଙ୍କା ଆପଣଙ୍କୁ ଦେବି । ଯଦି ନ ନିଏ— ତେବେ ଆପଣଙ୍କୁ ରସମଲାଇ ଅଲବତ ଖାଇବାକୁ ହେବ । କାରଣ ମୁଁ ଆପଣଙ୍କ ମନସ୍ତତ୍ତ୍ୱ ଠିକ୍ ଅଧ୍ୟୟନ କରିପାରିଛି ।

ମୁଁ କେବଳ କୌତୂହଳ ବଶତଃ ରାଜି ହୋଇଗଲି କାରଣ ମୋରଠି କିଛି କ୍ଷତି ହେଉନଥିଲା । ଉଭୟ କ୍ଷେତ୍ରରେ ମୋର ଲାଭ ।

ମୁଁ ସତକୁ ସତ ମୋର ଟଙ୍କା ପାଞ୍ଚୋଟି ନେଇ ରାସ୍ତା ପାଖକୁ ଚାଲିଗଲି । ଯେଉଁ ଗରିବ ମଲମୁଣ୍ଡିଆ—ବାହାର ଚାକର ହେବ ବୋଲି ମନେ ହେଉଥାଏ— ସେଠି ଠିଆ ହୋଇଥିଲେ—ପ୍ରଣାମ ଥିଲା—ତାକୁ ପଚାରିଲି—ପାଞ୍ଚଟା ଟଙ୍କା ନେବୁ ।' ସେ ମୋତେ କାବା ହୋଇ ଦଣ୍ଡେ ଚାହିଁଲା । ତାପରେ କହିଲା—ଆପଣ ସତସତ ଦେବେ ? ମୁଁ କହିଲି—ମୁଁ କଣ ଥଟ୍ଟା କରୁଛି ?

'ନହେଲେ ଯେବେ ଅସୁବିଧା ହେଉଥାଏ ଆପଣଙ୍କର ତେବେ ଦିଅନ୍ତୁ ।'

ସେ ହାତ ବଢ଼ାଇ ଦେଲା । ମୁଁ କିନ୍ତୁ ହାତ ବଢ଼ାଇ ପାରୁ ନଥିଲି । ମାତ୍ର ହଠାତ ମନେ ହେଲା—ଟଙ୍କାଟାକୁ ବଢ଼ାଇ ଦେଲେ ତା ମନସ୍ତତ୍ତ୍ୱ ମନା କରି ଦେଇପାରେ ।

କିନ୍ତୁ ବିପଦ !—ମୁଁ ତା'ହାତ ଉପରେ ଟଙ୍କା ରଖିବା ଯାଏ ଆଉ ରହିଲା ନାହିଁ । ସେ ଝମ୍ପି କରି ମୋ ହାତରୁ ଟଙ୍କା ନେଇ ଯାଇ ନମସ୍କାର କରି ଚାଲିଗଲା । ମୁଁ ଲଲୁଆ ପରି ତା ବାଟକୁ ଚାହିଁ ରହିଲି ।

ହଠାତ୍ ମନେ ପଡ଼ିଲା—ଆରେ ମୋର ଚିନ୍ତା କରିବାର କଣ ଅଛି । ସେ ଭଦ୍ରଲୋକ ତ ମୋତେ ଏଇଲେ ୧୦ ଟଙ୍କା ଦେବେ । ମୁଁ ହୋଟେଲ ଭିତରକୁ ଯାଇ ଦେଖିଲି— ଭଦ୍ରଲୋକ ତାଙ୍କ ସ୍ଥାନରେ ନାହାନ୍ତି । ଆଶ୍ଚର୍ଯ୍ୟ ! ମୁଁ ହୋଟେଲ ବାଲାକୁ ପଚାରିଲି— ହୋଟେଲ ବାଲା କହିଲା—ଭଦ୍ରଲୋକ ଚାଲି ଗଲେଣି । ମୁଁ ପଚାରିଲି— ଆପଣ ଚିହ୍ନନ୍ତି ? ସେ କହିଲେ—'ମୁଁ ଚିହ୍ନେ ନାହିଁ । ମାତ୍ର ଆପଣ ସଡ଼କ ଉପରକୁ ଯାଆନ୍ତୁ ଦେଖିବେ— ତାଙ୍କ ସାଙ୍ଗରେ ତାଙ୍କ ଚାକର ଭଳି କିଏ ଜଣେ ଆସିଥିଲା—ତାକୁ ସେ ସେଠି ଠିଆ କରି ଅପେକ୍ଷା କରିବାକୁ କହି ଭିତରକୁ ଗଲେ—ସେ ଯଦି ସେଠି ଥାଏ—ତାକୁ ପଚାରିଲେ ସବୁ ଖବର ମିଳିବ ।

ଏଥର ମୋତେ ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ ।

ଚାକରଟି ନବକୃଷ୍ଣ ଚୌଧୁରୀ ନ ହେଲେ ହେଁ—ନବବାବୁ ଯେପରି ଲୋକଙ୍କ ଭିଡ଼ରେ ଯେମିତି ଏକା ଚାଲଖାଁ ପାଲଟି— ବିଶ୍ୱନାଥ ବାବୁ ପଚାରିବା ମାତ୍ରେ— ମୁଁ ପ୍ରଧାନମନ୍ତ୍ରୀ ହେବି ବୋଲି ମାଡ଼ି ବସିଲେ । ସେ; ଚାକରଟି ମୋତେ ସେମିତି ବିଶ୍ୱନାଥ ଦାସ ବନେଇ ପକେଇ ଗଲା । ମୁଁ ହେଲି ଲଲୁଆ—ନା ରସଗୋଲା

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖ ]

Digitized by srujanika@gmail.com

# ଅମେଳ

ଲେ—ଶ୍ରୀ ସଦାନନ୍ଦ ଦାସ

ରାତି ଭୋର ହେଲାଣି । ପ୍ରସୂତି ଗୃହରୁ କାନ୍ଦଣା ସ୍ୱର ଶୁଣାଯାଉ ଥିଲା । ଅନେକ ରାତି ପର୍ଯ୍ୟନ୍ତ ଛଟପଟ୍ ହେଉଥାଏ ନୟନ । ସାରା ଦିନ ଅକ୍ଲାନ୍ତ ପରିଶ୍ରମ କରିଛି ସେ । ନିଦ ହେଉନି ରାତିରେ ତେବେ ସୁଦ୍ଧା—ମଥା ବିଚ୍ଛିନ୍ନ । ପୁଣି ସେମିତି କାନ୍ଦଣା ଆବାଜ କାନରେ ବାଜୁଛି ରହି ରହି । ନୟନ ଚିହ୍ନି ଆୱାଜ ଧରି ପାରୁଛି—ଅବାଜ-ଟା ନୂତନର କୌଣସି ସଦ୍ୟଜାତ ପ୍ରାଣୀର ଅବା କଣ୍ଠର ଜୀବର ।

ପରଦିନ ସକାଳେ ଶୁଣାଗଲା— ଗୋଟିଏ ପଦ୍ମଫୁଲ ଫୋଟିଛି ରାତି ସାରା କଷ୍ଟ ପାଉଥିଲା—ତାହାର ସ୍ୱର ସେ ।

ଖବର ପହଞ୍ଚିଛି କ୍ରମେ । ଖବରଟି କ୍ରମେ ପୂର୍ଣ୍ଣତା ପାଉଛି ସମସ୍ତେ ଶୁଣିଲେ—ସୁବ୍ରତର ଗୋଟିଏ ପୁଅ ହୋଇଛି । ତତ୍କ୍ଷଣାତ ଦୌଡ଼ିଲା ସୁବ୍ରତ ଘରକୁ । ସୁବ୍ରତ ତାର ଅନ୍ତରଙ୍ଗ ବନ୍ଧୁ । ତାଙ୍କ ଘରକୁ ଭିତରର ଅବାଧଗତି । ଦୌଡ଼ିଛି ନୟନ— ଅତ୍ୟନ୍ତ ଚଞ୍ଚଳ ଆନନ୍ଦରେ ।

"ନୟନ, ଭାଇ ଟିଏ—"

—"ହଉ ଭଲ ହେଲା—ନୂଆ ବୋଉ କେମିତି ?"

—"ଭାଇନା ପରି — ଟିକିଏ ଲେଡି ଡାକ୍ତରଙ୍କୁ ଡାକି ଦେବୁ ?"

"ଯାଉଛି !"

ନୟନ ବିଜୁଳି ବେଗରେ ଛୁଟିଲା । ଏମିତି କାମରେ ତାକୁ ମିଳେ ପରମାନନ୍ଦ । ସୁବ୍ରତ ମହାନନ୍ଦ । ଏତେ ଦିନେ ତାର ସନ୍ତାନ ହୋଇଛି । ବିବାହର ଦୀର୍ଘ ଦିନ ପରେ ସେ ଆଜି ନବଜାତ ଶିଶୁର ପିତା । ଆଉ ସୁରମା ତାହି କନ୍ୟାର ଜନନୀ । ଇଚ୍ଛା ହେଉଥାଏ ଏଇନେ ଯାଇ ସୁରମାକୁ ଅତ୍ୟନ୍ତ ବେଗରେ ନିଜ ଛାତି ଭିତର ମଧ୍ୟରେ ଧରି ରଖି ଖୁସିରେ କେତେ କଥା ଶୁଣନ୍ତା । କେବଳ ଏଥିରେ — ଦୌଡ଼ିଗଲା ? ତଳା ଘର ପର୍ଯ୍ୟନ୍ତ । ହଠାତ୍ ବାଧା ପାଇଲା । ନର୍ସ କହିଲେ 'ଆପଣ ଏଇଲେ ଆସନ୍ତୁନି'

'ସୁରମା ଭଲ ଅଛନ୍ତି—ଚୁପ ରହିଅ !"

'ସବୁ ଭଲ ଯ'ନ୍ତୁ ବର୍ତ୍ତମାନ ।'

ତଥାପି ସୁବ୍ରତର ଆନନ୍ଦ ଅସୀମ । ଅଗ୍ନିରରେ ଚେୟାରଟି ଉପରେ ବସି ପଡ଼ିଲା କଥି-କନା । ନବଜାତ ଶିଶୁଟିର କଅଁଳିଆ କାନ୍ଦଣା ଶୁଭୁଛି ବଡ଼ ଗୋଟିଏ ଖୁସିରେ ଅଧୀର ହୋଇ ଆଖିବୁଜି ଦେଲା ନିଜ-କାଠର ଆସିପରି । ତାର ଝିଅଟିଏ ହୋଇଛି—କ୍ରମେ କ୍ରମେ ସେ ବଢିବ— କ୍ରମ ବର୍ଦ୍ଧନଶୀଳ ଚନ୍ଦ୍ରପରି । ଖେଳିବ ବୁଲିବ । ପାଠ ପଢିବ—ପାସ କରିବ ବିବାହ ହେବ—ନା—ନା ଚାକିରି କରିବ ନାଁ—ତାର ମା ଯାହା କହିବ ତାହା ହେବ । ସୁବ୍ରତର ନାତି ନାତୁଣୀ—ଏମିତି ଭାବନାର ସୁଅ ସାଗରାଭିମୁଖରେ ବେଗମାନା ।

ସହସା ନର୍ସ ଖବର ଦେଲା ଆସି— "ଆପଣ ଶୀଘ୍ର ଡାକ୍ତର ଡାକନ୍ତୁ— ଝିଅ ନିପର ହେଉଛି—ଦେହରୁ ରକ୍ତ ଉଭେଇ ଯିବା ଭଳି ସେତା—ଧଳା ପଡ଼ିଯାଇଛି "

ସବୁ ଚିନ୍ତା ମିଳେଇ ଗଲା ସୁବ୍ରତର ମରୁଭୂମିରେ ସ୍ରୋତ ହଜିଲା ପରି ।

ଅସ୍ତବ୍ୟସ୍ତ ହୋଇ ବାହାରକୁ ବାହାରି ପଡ଼ିଲା ।

ନୟନ ଲେଡି ଡାକ୍ତରଙ୍କୁ ନେଇ ପହଞ୍ଚିଲା ।

ଡାକ୍ତର ପରାମର୍ଶ ଦେଲେ ରକ୍ତ ହୀନତା ହୋଇଛି । ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କଲେ ମଧ୍ୟ ।

କ୍ରମେ ଶିଶୁଟିର ଅବସ୍ଥା ଶୋଚନୀୟ ହେଉଛି । କାତର ହୋଇ ଶୋଇଛି । ସକାଳେ କାନ୍ଦୁଥିଲା—ଏବେ ଆଦୌ ସ୍ୱରଶବ୍ଦ ନାହିଁ ସନ୍ଧ୍ୟାର ପାଣିଆ ଅନ୍ଧାରରେ କ୍ରମେ କ୍ରମେ ଉପସ୍ଥିତ ହେଲେ ଆସି ଅନେକେ ।

ସମସ୍ତଙ୍କ ମନରେ ବିପଦର କାଳିମା । ପୁରଖା ମାଇକିନା ଶିଶୁଟିର ଦୀର୍ଘଜୀବନ ଉପରେ କଠୋର ସମାଲୋଚନା କରୁଥାନ୍ତି । ଆହୁରି କେତେକ ଅବସ୍ଥା ଜଗି ବସିଥାନ୍ତି । ଶିଶୁଟି ଶୋଇଛି ହଲଚଲ ହେଉନି ।

ରାତି ବଢ଼ିବା ସଙ୍ଗେ ସଙ୍ଗେ ଶିଶୁଟିର ଜୀବନର ଆଶଙ୍କା ବଢ଼ି ଚାଲିଲା ।

ରାତି ଏଗାରଟା । ନୟନ ବହିଟିଏ ଓଲଟାଉଥାଏ । ଲୋକେ ଆସି ଖବର ଦେଲେ ସୁବ୍ରତ ବଡ଼ ବ୍ୟସ୍ତରେ ଖୋଜୁଛି ତାକୁ ।

ନୟନ ଗଲା ସେହି ମୁହୂର୍ତ୍ତରେ । ଦେଖିଲା—ସକାଳର କୋଳାହଳ, ଖୁସି ଆନନ୍ଦ ବ୍ୟସ୍ତତା ସମସ୍ତ ଯିମିତି ସମ ଧ୍ୱସ୍ତ ହେଲା ପରି ଜଣା ପଡୁଛି ।

ସୁବ୍ରତ ଛୁଟକା ଘର ଆଡ଼ୁ ଆସୁଥିଲା । ନୟନକୁ ସଜୋରେ ଧରି ପିଲାଙ୍କ ଭଳି କାନ୍ଦି ପକାଇଲା । ଆହୁରି ବହୁ କଣ୍ଠରୁ କାନ୍ଦଣା ଶୁଣାଗଲା । ସମବେଦନାର ରୂପ ଅଛି ।

ନୟନ ଚିନ୍ତାର ଥଳକୂଳ ନାହିଁ କିନ୍ତୁ ନିରର୍ଥକ, ସମସ୍ତଙ୍କର ଅଜ୍ଞାତସାରରେ ତ୍ରୁଟିର ଆଘାତ ସହ୍ୟ କରୁଥାନ୍ତି ସେଇ ସଦ୍ୟଜାତର ଭାଗ୍ୟ ଲେଖକ ବିଧାତା ।

କେତେ ବର୍ଷ ପରର କଥା । ଦୀର୍ଘ ବର୍ଷ ଗୁଡ଼ାକ କିଣ କମ ସମୟ । ଅତ୍ୟନ୍ତ ମାନସିକ ଯାତନା, ଦ୍ୱନ୍ଦ୍ୱ ଓ ଅଶାନ୍ତି ପରେ ଜଣାଗଲା ସୁରମା ଅନ୍ତଃସତ୍ତ୍ୱା, ପରିବାରର ସୁଖ ଶାନ୍ତି ଓ ସର୍ବୋପରି ଶ୍ରୀ ଫେରି ଆସିଛି । ମୃତ ପ୍ରାୟ ନିରାଶ, କ୍ଷୁଦ୍ଧ ପରିବାରର ମଥା ଉପରେ ଫଳ୍‌ଗୁ ଧାରା ବହିଯାଉଛି । ଏତେ ଦିନେ ପ୍ରାଣ ସଞ୍ଚାର ହେଲା ।

ନୟନର ଆଗ ପରି ସେଇ ଅଗଣାର ସୁବ୍ରତ ଦୁଇ ବନ୍ଧୁଙ୍କର ଅନ୍ତରଙ୍ଗତା ପୂର୍ବପରି ଅତଏବ ରହିଛି । ନୟନ ଏଥର କଲିକତା ଯିବାର

[ ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ ]

ଖାଇଲି ନା ଟଙ୍କା ପାଇଲି—ବରଂ ହାତରୁ ଗଣିବାକୁ ପଡ଼ିଲା ପାଞ୍ଚ ।

ମନେ ପଡ଼ିଲା—ମୋ ଯୌବନରେ ଥରେ ଗୋଟିଏ ଝିଅକୁ ମୋ ମନରେ ଚଢ଼ିବାର ଦେଖି ଯେତେବେଳେ ସହାନୁଭୂତି ଦେବ ବୋଲି ପାଖରେ ଠିଆ ହେଲି, ସେତେବେଳେ ସେ ହଁ ବୋଲି କହିଦେଲା । ଏବେ ସେ ଚଳୁଛି । ଆଉ ମୋ ସ୍ତ୍ରୀ ହିଁ । ଘର ଗୃହିଁ ବସିଥିଲା ଯେମିତି । କହାତ ପେଣ୍ଟନା ଅସ୍ଥିରୀ ବୋଲି ମୁଁ ଥଟ୍ଟାରେ ତାକୁ ଦିନେ କହିଲି—ତା ନାଉଥ ବେଳରେ—ଥଟ୍ଟାରେ— ମୁଁ ତୋତେ ପ୍ରେମ କରେ— ତୁ ମତେ ଚାହାଁଉ ?

ଖପ୍ କିନା— ତେଣିଠି ଲୁଚେଇ ରଖି-ଥିଲା—ଗୋଟେ ଫୁଲମାଳ ଆଣି ଗଳେଇ ଦେଲା ଗଳାରେ । ସେ ଦିନ ଠାରୁ ସେ ବିଶ୍ୱନାଥ ବନେଇ ଛାଡ଼ିଥିଲେ ବି ସେ ବୃଦ୍ଧ ବୟସରୁ ଆଜ ଗୃହଟି ଫଳ ଫଳୁଛନ୍ତି ।



Digitized by srujanika@gmail.com

ସରଂଞ୍ଜାମ କରୁଛ । ଏ ବର୍ଷ ବି-ଏ ପାସ କଲ । କଲିକତାରେ ଏମ୍, ଏ, ପଢ଼ିବ ;

ପଚଳା ଲୁହାର ଦାଆ ଆକାରର ବଙ୍କା ଜହ୍ନ ଉଇଁଛି ପଶ୍ଚିମାକାଶରେ । ଶ୍ରାବଣର ମେଘୁଆ ଆକାଶରୁ ମନ୍ଥଗତି ପରି ବାଦଲ ଅପସରି ଯାଇଛି । ଦିନ ଭରରେ ହୋଇଥିଲା ଅସରାଏ ବାଆସରା ବର୍ଷା । ଲେମ୍ବୁକୋଷିଆ ଜହ୍ନ କିରଣ ଢାଳୁଛି ଯଥାଶକ୍ତି । ବେଶ ମୁଲାୟମ ଲାଗୁଛି ଥଣ୍ଡା ରାତି ।

ସୁରମା ଓ ନୟନ ବସିଛନ୍ତି [illegible] । ନୟନ ତାର ଆଖି ଯୋଡ଼ିକୁ ଉଦାସୀନ ଭାବରେ ନ୍ୟସ୍ତ କରିଛି ପ୍ରାକୃତିକ ସମ୍ଭାର ଉପରେ । ଦାଣ୍ଡେ ହେଲା ଏକ ଖାମଖିଆଲି ନୀରବତା ଅସର ଜମେଇଛି । ସର୍ବ ପ୍ରଥମେ ଏହି ନୀରବତାକୁ ନରମ କରି କହିଲା ସୁରମା—

"କଲିକତା ଯାଉଛ କେବେ ?"

"ଯିବି —।" ହାଲ୍‌କା ଭାବରେ କହିଲା ନୟନ ।

"ଏଥର ପୁଅଟିଏ ହେଲେ— ନାମ ଦେବାର ଭାର ମୋ' ଉପରେ—।' ଆହୁରି ନୟନ କହିଲା । ସୁରମା ଈଷତ୍ ସଙ୍କୋଚ ହୋଇ ଆଖି କଣରେ ଚାହିଁ କହିଲା—"ସେ ତ ଖୁସିର କଥା—।"

"ସେତେବେଳେ ଭୁଲିଯିବ ଯେ— ଲୋକେ ଆନନ୍ଦ ଦିନରେ ବେଶି ଭୁଲ କରନ୍ତି—।"

"କୌଣସି ଦିନ କଣ ଭୁଲ ହୋଇଛି ?"

"—ନାଁ—।"

ବାହାରୁ ନୟନ ନୟନ ଡାକି ଡାକି ଆସିଲା ସୁବ୍ରତ ;

"ଆରେ ବାଃ ନୟନ ପାଇଁ କିଛି ଜଳଖିଆ କର— ସେ ପରା କଲିକତା ଗୃହ-ଯାଉଛି—।"

"କଣ ଆଜି ନାଁ । କାଲି ଯାଉଚନ୍ତି ଯେ ଏତେ ତରତର ।" ସୁରମା କହିଲା ;—

"କାଲି ଯାଉଛି ପରା—।" ସୁବ୍ରତ ନରମ କରି କହିଲା ।

"ତାହିଁମତେ କିଛି କହି ଚାହାନ୍ତି— ହଉ—।" ସୁରମା କଣ୍ଠରେ ଅଭିମାନର ଠାଣି । ତା ମନର ଭାବ ବୁଝି ବାକୁ ବୁଝି ପାରିଲେ । ହସିଦେଲେ ଅର୍ଥହୀନ ଭାବରେ । ହସର ଢେଉ ସୁରମାକୁ ପିଲାଳିଆ ପଣ ଭଳି କୌତୁକିଆ ଲାଗିଲା ।......

ଆଉ ଦୁଇ ତିନି ଘଣ୍ଟା ମଧ୍ୟରେ ଗାଡ଼ି ଛାଡ଼ିବାର ସମୟ । ନୟନ ଯିବ କଲିକତା ବିଦ୍ୟାଧ୍ୟୟନ ପାଇଁ । ଶେଷ ବିଦାୟ ପାଇଁ ଆସିଛି ।

"ନୂଆବୋଉ ଆଜି ଯାଉଛି— ମନେ ରଖିଥିବ, ଚିଠି ଦେବ ।"

—'ଯାଉଛ ଆଜି ।" ହସିବାକୁ ଚେଷ୍ଟା କଲା ସୁରମା । ନୟନ ସସ୍ମିତ ଛଳନା ହୋଇ ଦେଖୁଥାଏ ସୁରମାକୁ । ସୁରମା ହସିଲେ ଲୋକଙ୍କ ଭଲ ଲାଗେ । ଏଇ ହସ ଟିକକୁ ବହୁତ ଗୌରବ ଦେଖିଛି । ନହେଲେ ସୁରମାକୁ ବହୁତ ଥର ନିଜର କାକୁସ୍ତୁତି ଦ୍ୱାରା ହସେଇବାକୁ ପ୍ରୟାସ ମଧ୍ୟ କରିଛି ।

ହଠାତ୍ ସ୍ୱରର ଦୃପ୍ତି ପରିବର୍ତ୍ତନ ହେଲା । ସଙ୍କୋଚର ଛାୟା ସମସ୍ତ ମୁଖଶ୍ରୀରେ ଘୋଟିଗଲା- ନିମିଷ ମଧ୍ୟରେ । ରକ୍ତାଭ ଆରକ୍ତିମା ସୁନେଲ ଗାଲ ଯୋଡ଼ିକ ଉପରେ ଖେଳିଗଲା । ଅଳ୍ପ ଅପ୍ରତିଭ ହେଲା ସୁରମା । ନୟନ ଭାବ ପରିବର୍ତ୍ତନ କରି— "ହଉ ମୁଁ ଯାଏଁ--ସମୟ ହୋଇଯିବ ।"

ଇଚ୍ଛା କରି ହସିଲା ସୁରମା ଏ ବିଦାୟ ବେଳରେ—ହସ ନିଃଶବ୍ଦ ।......

କିଛିକାଳ ବର୍ଷେ ହେଲାଣି ନୟନ କଲିକତା ଯିବାର । ଏହା ମଧ୍ୟରେ ଆହୁରି ଗୋଟିଏ ସନ୍ତାନ ନାଶ ହୋଇଛି । ଏଥର ମଲା ପୁଅଟିଏ ଜନ୍ମ ହୋଇଥିଲା । ସୁବ୍ରତ ଚିନ୍ତିତ । ଲାଗି ଲାଗି ଯୋଡ଼ିଏ ପିଲା ନାଶ ହେଲା କହିଁକି । ସବୁ ଉତ୍ସାହ ସ୍ପୃହା ଧ୍ୱଂସ ହୋଇଛି ସୁବ୍ରତର ଏବେ । କୌଣସି ବିଷୟରେ ମନ ସ୍ଥିର ହଉନି । ସୁରମାର ମନ ଅସ୍ଥିର ଅଥୟ । ତାକୁ ଗୋଟିଏ ହୃଦରୋଗୀ ଭଗ୍ନ ରୋଗୀ ପରି ଜଣାଯାଏ । ଅତ୍ୟଧିକ ମ୍ରିୟମାଣ । ସନ୍ତାନ ବିୟୋଗର ଯନ୍ତ୍ରଣା ଅସହ୍ୟ ହେଲାଣି । ଅସୀମ ଦୁଃଖ କଷ୍ଟ ସହ୍ୟ କରି ଜନ୍ମଦାନ ଦିଅଛି ପିଲାଙ୍କୁ । କେତେ ଦିନେ ହେଲେ ସନ୍ତାନ ସୁଖ ପାଉନି । ପଡ଼ିଶାର ପିଲାଙ୍କୁ ଦେଖିଲେ ଅତି ଦୁଃଖ ହୁଏ । ନିଜର ପିଲା ଭଳି ସ୍ନେହ ଆଦର କରେ, ଯତ୍ନ ନିଏ ।

ସୁବ୍ରତ ବହୁତ ଡାକ୍ତର ବୈଦ୍ୟଙ୍କୁ ଏ ବିଷୟ କହିଛି । ସବୁ ବିଷୟ ଶୁଣି ସ୍ୱାମୀ ସ୍ତ୍ରୀ ଉଭୟଙ୍କର ରକ୍ତ ପରୀକ୍ଷା ପାଇଁ ପରାମର୍ଶ ଦେଲେ । କଲେଷ୍ଟରରେ "ଓମ୍ବେନ ମେନ ଟେଷ୍ଟ" ମୋ ଉ ପାଇବାକୁ ! ଏଥିପାଇଁ ହୁଏତ କଲିକତା ଯିବାକୁ ହେବ ।

ପରାମର୍ଶଟି ସୁବ୍ରତର ମନକୁ ପାଇଛି । ସୁରମା ମଧ୍ୟ ଏଥିରେ ରାଜି । ପ୍ରକୃତ ଓ ସଠିକ ପରୀକ୍ଷା ଫଳ ପାଇବାକୁ ହେଲେ କଲିକତା ଶ୍ରେୟ । ତାହା ଛଡ଼ା ନୟନ ସେଠାରେ ଅଛି ସୁବିଧା ହେବ ।

ଏହା ମଧ୍ୟରେ କଲିକତା ଯିବାର ସମସ୍ତ ସ୍ଥିର ହେଲାଣି । ନୟନଠୁଁ ମଧ୍ୟ ଉତ୍ତରର ଜବାବ ମିଳିଛି ।

ଜ୍ୟୋତିଷ ଭଳିଆ ସ୍ଥିର ହେଉଛି — ମଙ୍ଗଳ ପାଉଥିବ, ବୁଧ ଆସୁଥିବ ଯାତ୍ରା ମଙ୍ଗଳପ୍ରଦ । ଶୁଭାନୁକୂଳରେ ବାହାରି ପଡ଼ିଲେ ଦମ୍ପତି ।

ନୟନର ମନ ଏଇ ସେତେବେଳ ହେଲା ଅତ୍ୟନ୍ତ ଆନନ୍ଦ । ତାର ବଡ଼ ସୁବ୍ରତ ଓ ନୂଆବୋଉ ଆସୁଛନ୍ତି କଲିକତା । ନିଜେ ଅତ୍ୟନ୍ତ ପରିଶ୍ରମ କରି ମଧ୍ୟ ନଗରୀରେ ବସା ଟିଏ ବନ୍ଦୋବସ୍ତ କରିଛି ନିଜର ମେସ ପାଖରେ ।

କଲିକତା ମେଡ଼ିକାଲ କଲେଜ । ବିଖ୍ୟାତ ଡାକ୍ତରଙ୍କୁ ଭାଇ ଓ ଭାଉଜଙ୍କୁ ପରୀକ୍ଷା ପାଇଁ ବ୍ୟବସ୍ଥା କରିଛି । ଏତେ ଅର୍ଥର ଫିସ୍ ଦେବା ପାଇଁ ନାରାଜ ନୁହେଁ ସୁବ୍ରତ । ସେ ବୁଝେ— ଏପରି କୌଣସି ଟଙ୍କାର ବନ୍ଧନ ହେବା ଉଚିତ ଯେପରି ଅବିଚ୍ଛେଦ୍ୟ ବଂଶ ରକ୍ଷା ହୋଇପାରେ । ସୁରମା ମଧ୍ୟ ସନ୍ତାନର ମା ହେବା ପାଇଁ ଅତ୍ୟଧିକ ଆଗ୍ରହରେ ଈଶ୍ୱରଙ୍କୁ ଜଣାଣ କରୁଥାଏ ।

ଆଜି ରକ୍ତ ପରୀକ୍ଷାର ଦିନ । ସକାଳ ନଅଟା ବେଳକୁ ହସପିଟାଲରେ ଅପେକ୍ଷା କରିଚନ୍ତି ବାପୁ ଦୁହେଁ ଓ ସୁରମା । ସଢ଼େ ଦଶଟାରେ ପରୀକ୍ଷା ଆରମ୍ଭ କରିବେ ଡାକ୍ତର ମହୋଦୟ ।

ପରୀକ୍ଷା ଚାଲିଛି—। ପ୍ରଥମେ ସୁବ୍ରତର ରକ୍ତ ଟେଷ୍ଟ ଟିଉବରେ ରଖି ନାନା ପ୍ରକାର ରସାୟନିକ ଔଷଧ ଦ୍ୱାରା ପରୀକ୍ଷା କଲେ । ଧଳା ଛାପା ଫର୍ମରେ ଲେଖୁଥାନ୍ତି ରିପୋର୍ଟ

ତାପରେ ସୁରମାର ରକ୍ତ ନେଲେ । ଠିକ ବିଧିମତେ ପରୀକ୍ଷା ଚାଲିଲା । ବୈଜ୍ଞାନିକ ଦୃଷ୍ଟି ଭଙ୍ଗୀରୁ ଏକ୍ସବାର ବାଗନ ଇଏ । ସାଧାରଣଙ୍କୁ ଏହାର ତଥ୍ୟ ଅବୋଧ୍ୟ ।



Digitized by srujanika@gmail.com

ଭଗବାନଙ୍କର ସୃଷ୍ଟି ପରି ବଞ୍ଚନ୍ତି। ବ୍ରହ୍ମାଣ୍ଡର ଅନ୍ତ୍ୟ ସୂର୍ଯ୍ୟର ସମ୍ମୁଖ ପରେ ଅସ୍ତମ ହେବାର ପ୍ରୟାସ।

ଏକଟିଂ ରୁମରେ ଅପେକ୍ଷା କରିଚନ୍ତି ଫଳାଫଳକୁ ବୁଝିବାର। ନୟନ ନବାଗତ ଦାଂପତ୍ୟକୁ ମେଡ଼ିକେଲ ବିଜ୍ଞାନ ସମ୍ପର୍କରେ କିଛି କିଛି କହୁଥାଏ ଯାହା ତାହାର ଜ୍ଞାନ ପରିସର ମଧ୍ୟରେ ଅସିଚି।

ଠିକ ଏମିତି ସମୟରେ ବେହେରା ଆସି ସଲାମ ଦେଲା। ସମସ୍ତେ ଅତ୍ୟନ୍ତ ବ୍ୟଗ୍ରତାରେ ଗଲେ ଫେସର ଅବଗତ ହେବା ସକାଶେ। — 'ଦେଖନ୍ତୁ ଆପଣ ମାନଙ୍କ ରକ୍ତରେ ଆର-ଏଇଚ ଫ୍ୟାକ୍ଟରର ପ୍ରଭେଦ ମିଳୁଚି। ସୁବ୍ରତ ବାବୁ ଆପଣ ହେଲେ ଆର-ଏଇଚ ପଜେଟିଭ୍-ଓ ସୁରମା ଦେବୀଙ୍କର ନେଗେଟିଭ। ସହଜ ବୋଧରେ କହିଲେ ରକ୍ତରେ ଅମେଳ ଘଟୁଚି।'

'ଏହାର କୌଣସି ପ୍ରତିକାର ହୋଇପାରିବ ?' ନୟନ ଆଗୁଆ ପ୍ରଶ୍ନ କଲା।

'ବ୍ୟସ୍ତ ହେବେନି- କହୁଚି- ଆପଣମାନଙ୍କୁ ସହଜ ଭାଷାରେ ବୁଝାଇ ଦେଉଚି।'

'ସ୍ୱାମୀ ଓ ସ୍ତ୍ରୀ ରକ୍ତ ଯଦି ପଜେଟିଭ ଓ ନେଗେଟିଭ ହୁଏ, ଗର୍ଭାଶୟ ମଧ୍ୟରେ ଶିଶୁର ଗଠନ ହେଲାବେଳେ, ପିଲାର ରକ୍ତ ପିତାଙ୍କର ରକ୍ତ ଧାରଣ କଲାବେଳେ ସାଧାରଣତଃ ଏହା ହୋଇଥାଏ ଯେ ଗର୍ଭାଶୟ ମଧ୍ୟରେ ରକ୍ତର ପ୍ରଚଳନ ଦ୍ୱାରା ମାତାର ରକ୍ତ ଗର୍ଭାଶୟର ଏକ ପତଳା ପର୍ଦ୍ଦା ଦେଇ ଗର୍ଭାଶୟକୁ ଗଲେ ତତ୍କ୍ଷଣାତ ଶିଶୁ ଦେହରେ ଗୋଟିଏ ଏଣ୍ଟି ବଡି ତିଆରି ହୁଏ। ଏହି ଏଣ୍ଟି ବଡ଼ିରେ ମାତା ପିତାର ରକ୍ତ ମିଶିଲେ ସଦ୍ୟ ଗଠନ ହେଉଥିବା ପିଲାର ରକ୍ତ ପାଣି ଫାଟି ଯାଏ, ପୃଥକ ପୃଥକ ରକ୍ତ ମିଶ୍ରଣ ହେତୁ। ଫଳରେ ଶିଶୁର ମୃତ୍ୟୁ ଅନିବାର୍ଯ୍ୟ। ଏହାହିଁ ହେଲା ମୋଟାମୋଟି ସନ୍ତାନ ହାନୀ ହେବାର ବୈଜ୍ଞାନିକ କାରଣ।'

ସୁରମାର ଲୋମକୂପ ଟାଙ୍କୁରି ଉଠିଲା।

'ଅବସ୍ଥା ଏହାର କଣ ?' ସୁବ୍ରତ ନମ୍ର ସ୍ୱରରେ ପ୍ରଶ୍ନ କଲା।

'ଅବସ୍ଥା ଅତ୍ୟନ୍ତ କଠିଣ— ତାହାହେଲା ସନ୍ତାନ ରକ୍ଷା ହେବାର କୌଣସି ସଠିକତା ଆଗରୁ କହିହେବନି। ପରୀକ୍ଷା ଶୃଙ୍ଖଳ— ଏକ୍ସ-ଚେଞ୍ଜମେଣ୍ଟ ଟେକ୍। ଏହା ପାଇଁ ଆର ଏଇଚ ଫ୍ୟାକ୍ଟରରେ ନେଗେଟିଭ ସୁସ୍ଥ ଏବଂ ନୀରୋଗ ଲୋକଟିଏ ଲୋଡ଼ା ଯେ ଅନାୟାସରେ ରକ୍ତ ଦେବା ପାଇଁ ଇଚ୍ଛୁକ ହେବ। ପୁଣି ଅସନ୍ତା ପିଲା ଜନ୍ମ ହେଲାବେଳେ ଆସିବାକୁ ପଡ଼ିବ- ଶିଶୁଟିର ଦେହରୁ ତାର ବିଷାକ୍ତ ରକ୍ତ ବାହାର କରି ନେଇ ନେଗେଟିଭ ଲୋକଟିର ରକ୍ତ ଦେବାକୁ ପଡ଼ିବ— କାରଣ କହିହେବନି ଅପ୍ରାକୃତିକ ଉପାୟରେ ରକ୍ତ ମିଶ୍ରଣ ପ୍ରାକୃତିକ ରକ୍ତ ପରି ଫଳପ୍ରଦ କେତେଦୂର ହେବ।'

'ଅଚ୍ଛା— ତାଙ୍କର ନେଗେଟିଭ ରକ୍ତ ଆସିଲା କୁଆଡ଼ୁ ?' ସୁବ୍ରତ ପ୍ରଶ୍ନ କଲା।

'ଆପଣଙ୍କ ସ୍ତ୍ରୀଙ୍କର— । ତାଙ୍କର ନିଜ ପରିବାରର ରକ୍ତ ନେଗେଟିଭ ହୋଇ ପାରିଥାଏ। ଯେ ଗଲୁ ଯଦି ଆପଣଙ୍କ ରକ୍ତ ନେଗେଟିଭ ଫ୍ୟାକ୍ଟରର ହୋଇଥାନ୍ତା, କଥା ନଥିଲା।'

'ବର୍ତ୍ତମାନ କୌଣସି ଅବସ୍ଥା ସମ୍ଭବ ନୁହେଁ ?'

'ନାଁ— ପୂର୍ଣ୍ଣ ପିଲା ଜନ୍ମ ହେଲେ— ।'

ତେବେ ନେଗେଟିଭ ରକ୍ତବାଲା ଲୋକ ମିଳିବା ଦୁଷ୍କର — ।

'ମୋତେ ପରୀକ୍ଷା କରନ୍ତୁ—ଯଦି କୌଣସି ସାହାଯ୍ୟ କରିପାରେ।' —ନୟନ ଆଗ୍ରହରେ କହିଲା।

'ନୟନ ତୁ ରକ୍ତ ଦେବୁ ?' ସୁବ୍ରତ ଆନନ୍ଦିତ ହେଲା।

ଡାକ୍ତର ବାବୁ ଟେଷ୍ଟ କରି ଦେଖିଲେ। ରିପୋର୍ଟ ଦେଲେ ଖାଣ୍ଟି ନେଗେଟିଭ ରକ୍ତ। ସମସ୍ତଙ୍କ ଆନନ୍ଦ ହେଲା ଅଶେଷ। ସୁରମାର ମନ କୃତଜ୍ଞତାରେ ପୂରି ଉଠିଲା। ଆଖି ଖୋଲି ଚାହିଁଲା ନୟନକୁ। ନୟନ ଚାହିଁବା ମାତ୍ରେ ସରମ ମିଶା ଆଖିକୁ ନତ କଲା। ଗୃସେଟି ଆଖିରେ ଲକ୍ଷେ ଅକୁହା କଥାର ଅବ୍ୟକ୍ତ ଭାଷା।

'ଦେଖିଲେ କି ଆଶ୍ଚର୍ଯ୍ୟ ମାହେନ୍ଦ୍ରଯୋଗ ନହେଲେ ମିଳିବା ବଡ଼ ଦୁଷ୍କର ହୁଅନ୍ତା—।' ଡାକ୍ତର କହିଲେ।

ସୁରମା ଆଉଥରେ ମନ୍ତ୍ରମୁଗ୍ଧ ପରି ନୟନକୁ ଚାହିଁଲା।......

ସନ୍ତାନ ଜନ୍ମ ହେବାର ସମସ୍ତ ଲକ୍ଷଣ ସ୍ପଷ୍ଟ ଦେଖାଦେଲାଣି ସୁରମା ଦେହରେ। ପୁଣି ଏକ ଶୁଭ ମୁହୂର୍ତ୍ତରେ ଯାତ୍ରାରମ୍ଭ କଲେ ସ୍ୱାମୀ ସ୍ତ୍ରୀ। ସୁରମା ଭାବୁଚି— ନୟନ ରକ୍ତରେ ତାର ସନ୍ତାନର ପ୍ରାଣରକ୍ଷା ହେବ। ସୁବ୍ରତର କୌଣସି ଚିନ୍ତା ରହିନାହିଁ। ଏଣୁ ତେଣୁ ଅର୍ଥହୀନ ଚିନ୍ତା ଗୁଡ଼ାଏ ମନକୁ ଆସୁଚି। ଯଦି ତାର ସ୍ୱାମୀର ରକ୍ତ ନିଜ ରକ୍ତ ସହିତ ସମାନ ହୋଇଥାନ୍ତା—ଯେମିତି ନୟନର ହେଲା। ତାହେଲେ ଏତେ ସନ୍ତାନ ନଷ୍ଟ ହୋଇ ନଥାନ୍ତେ। ମନେ ମନେ ଭଗବାନଙ୍କୁ ସ୍ତୁତି କରୁଥାଏ ଏ ପିଲାଟି ଜୀବିତ ରହୁ। ସନ୍ତାନର ଦୀର୍ଘ-ଜୀବନ କଥା ଭାବିଲେ ନୟନ ଚେହେରା ଆଖି ସାମନାକୁ ଭାସି ଆସେ। ନାନାପ୍ରକାର ଚିନ୍ତା ବସା ବାନ୍ଧେ। ଏମିତି ଦୁର୍ବଳ ମୁହୂର୍ତ୍ତରେ। ସେ ହସିବ କି କାନ୍ଦିବ କିଛି ଠିକ୍ କରିପାରେନା। ସହସା ଚଳନ୍ତା ଗାଡ଼ି ମଧ୍ୟରେ ଖାବଦ କରି ହସି ଉଠେ। ସ୍ୱତଃ ସଚେତନ ହୋଇ ସ୍ୱାମୀକୁ ଚାହେଁ— ବିଚାରା ସୁବ୍ରତର ଆଖି ମୁଦି ଯାଇଥାଏ ଅଳସ ତନ୍ଦ୍ରାରେ। ପୁଣି ହସ ମାଡ଼େ ସୁରମାକୁ।

ମେଡ଼ିକେଲରେ ସୁରମାର ସନ୍ତାନଟିଏ ଭୂମିଷ୍ଠ ହୋଇଚି। ଡାକ୍ତରବାବୁ ତାଙ୍କର ମହା ପରୀକ୍ଷାରେ ବ୍ୟସ୍ତ। ନୟନ ଦେହରୁ ରକ୍ତ ବାହାର କରି ଟେଷ୍ଟ ଟିଉବରେ ରଖିଥାନ୍ତି। ସଦ୍ୟଜାତ ଶିଶୁଟିର ନାଭିର ନାଡ଼ି ଖୋଲିଥାଏ। ସେଇ ରନ୍ଧ୍ର ମଧ୍ୟ ଦେଇ ଯନ୍ତ୍ର ଦ୍ୱାରା ପ୍ରତିଥର କୋଡ଼ିଏ ସିସି ପଜେଟିଭ ରକ୍ତ ଦେବାରେ ବ୍ୟସ୍ତ। ଏମିତି ପାଞ୍ଚଶହ ସିସି ବାହାର କରି ପାଞ୍ଚଶହ ସିସି ଦେବାକୁ ପଡ଼ିବ। ବିଜ୍ଞାନର ଆଶ୍ଚର୍ଯ୍ୟ ପ୍ରକ୍ରିୟା। ସୁରମା ଶୋଇଥାଏ ଅର୍ଦ୍ଧଚେତନାବସ୍ଥାରେ। ନୟନର ବିମୁଗ୍ଧ ଆତ୍ମା ସୁରମାର ଅନାବୃତ ଦେହାଂଗୁଡ଼ିକରେ ଅଯତ୍ନ ଦୃଷ୍ଟି ଫେରାଇ ନେଉଥାଏ। ସୁବ୍ରତ ଆଉ ଦରବୃଜା କରି ଶିଶୁଟିର ଦୀର୍ଘ ଜୀବନ କାମନା କରୁଥାଏ।

ନବଜାତ ଶିଶୁଟି ଏବେ ବେଶ ଭଲ ଅଛି। ଶିଶୁଟିକୁ ତିନି ସପ୍ତାହ ତଲକତାରେ ରଖିବା ପାଇଁ କହିଚନ୍ତି ଡାକ୍ତରବାବୁ।

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ସାଧୁତା

ଲେ—ବୃନ୍ଦାବନ

ମୁଣ୍ଡରେ ଉଷ୍ଣୀଷ ଠାରୁ ଆରମ୍ଭ କରି ମାଙ୍କଡ଼ସା, ସଁବାଳ, ଅସରପା, ଝିଟିପିଟି, ଏପରିକି ସାପ ଡେଙ୍ଗାଙ୍କ ପର୍ଯ୍ୟନ୍ତେ ବସାବାନ୍ଧିବାକୁ ଯେତେ ସୁବିଧା ଦେବ—ଆଉ ଥୋପଣ-ଟାକୁ ଲମ୍ବେଇବା ପାଇଁ ଯେତେ ବେଶି ଦାଢ଼ୀ ଛାଡ଼ିବ—ସେତେବେଳେ ସାଧୁ ହୋଇ ଯାଏ ମଣିଷ। ଗାମୁଛ ହଲଥିଲେ ମଣିଷ ସାଧୁ ହେଇ ଦାଢ଼ୀ ଛାଡ଼େ ବୋଲି ଗୋଟାଏ କଥା ଅଛି । ସେତେବେଳେ ଭାରତର ନେତାମାନେ ସାଧୁତା ? ଦୋହାଇ ତଳ ଛାଡ଼ିଲେ ସେତେବେଳେ ବୃନ୍ଦାବନ ପଟ୍ଟ ଆଉ କୌଣସି ଉପାୟ ନ ପାଇ ସାଧୁ-ହେବାକୁ ଆରମ୍ଭ କଲି। କିନ୍ତୁ ଅନ୍ତରଙ୍ଗ ହେଲେ ଶ୍ରୀମତୀ ସୀତା। ଦାଢ଼ିଟିକୁ ଧରି ରାଗରେ ସେ ଯେଉଁ ଟାଣ ଟିକିଏ ଦେଲେ ଆଉ ପୁଲ୍କେବାରଃ ତାଳ ଉପୁଡ଼ିଯାଇ ମୂଳରୁ ରକତ ଗୁଡ଼ାଏ ଝରିଲା—ସେଇଦିନଠୁଁ ମୋ ସାଧୁପଣ ଚୁଲିକୁ ଯାଇଛି। ସମ୍ଭବତଃ ସାଧୁମାନଙ୍କର ମହିମ ନଥାଏ ବୋଲି ସେ ଦାଢ଼ୀ ଛାଡ଼ନ୍ତି ବା ଛାଡ଼ ମାରନ୍ତି। ଯାହା ମାଉପ ଅଛି ସେ ଇଚ୍ଛା କରି କୋଟି ସାଧନା କଲେ ବି ସାଧୁ ହୋଇ ପାରିବ ନାହିଁ—ପରିବ ନାହିଁ। ଭଗବାନ—ଦାଢ଼ୀଟା ପ୍ରେମ ଅପେକ୍ଷା ବେଳେ ଅଧିକ ପ୍ରେମାଷ୍ପଦର କାରଣ ହେବ ବୋଲି ଭଗବାନ ପୁରୁଷକୁ ଦାଢ଼ୀ ଦେଇଥାନ୍ତି। କାରଣ ନାରୀମାନେ ଧନ୍ୟା। ପୁରୁଷର ସବୁବେଳେ ଗରମ। ତାର ପ୍ରେମାଙ୍ଗର ଆବଶ୍ୟକତା ନଥାଏ।

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ]

---

ଦିନେ ରାତିରେ ପିଲାଟିର ଦେହ ଖରାପ ହେଲା। ଡାକ୍ତର ଆସିଲେ—ପରୀକ୍ଷା କଲେ। ନାନାପ୍ରକାର ଔଷଧର ବ୍ୟବସ୍ଥା କଲେ, କିନ୍ତୁ ସୁରମାର ସନ୍ତାନ ହାନିର ସଙ୍ଖ୍ୟା କମିଲା ମାତ୍ର କମିଲା ସମସ୍ତଙ୍କ ସମବେତ ଚେଷ୍ଟାପରେ ସୁଦ୍ଧା। ଅପ୍ରାକୃତିକ ଉପାୟରେ ରକ୍ତ ମିଶ୍ରଣ ସଫଳ ହେଲାନି। ସମସ୍ତଙ୍କର ହୃଦୟ ଭାଙ୍ଗି-ପଡ଼ିଛି। ସୁରମା ପିଲାଙ୍କ ଭଳି ଦିନ ରାତି କାନ୍ଦୁଛି। ଭବିଷ୍ୟତରେ ତାର ଆଉ ସନ୍ତାନ ରହିବ ନାହିଁ ଭାବିଲେ ଛାତି ଫାଟିଯିବା ଭଳି ଜଣାଯାଏ। ଉନ୍ମତ୍ତ ପରି ପ୍ରଳାପ କରି ଉଠେ। ସବୁଠାରୁ ବେଶିଦିନ ଶେଷ ପିଲାଟି ବଞ୍ଚିଥିଲା। ତାର ନଧରକାନ୍ତି ନାଲିଚିଆ ମୁଖମଣ୍ଡଳ—ସୁଗୋଲ ଦେହର ଠାଣି ପୁନରାବୃତ୍ତି କରି ଅଜ୍ଞାନ ହୁଏ ମଝିରେ ମଝିରେ।

କାନ୍ଦକଟାରୁ ସ୍ୱାମୀ ସ୍ତ୍ରୀ ଫେରି ଆସିଛନ୍ତି। ଦିନ କଟି ଯାଉଛି। ସୁରମାର ମନ ଭଲ ନାହିଁ। ସଦାସର୍ବଦା କେବଳ ଶୋକୋକ୍ତ ସନ୍ତାନଟିକୁ ଭାବୁଛି! ରକ୍ତ ପରିବର୍ତ୍ତନ ହେଲା ପରେ ସଚେତ ଦେଖା ଯାଉଥିଲା ପିଲାଟି। ସବୁଠୁଁ ବେଶିଦିନ ବଞ୍ଚିଥିଲା । ପ୍ରକୃତରେ କଣ ନିଜ ରକ୍ତ ସହିତ ସ୍ୱାମୀର ରକ୍ତ ମିଶୁନି। ଠିକ ଏଇ ସମୟରେ ନବୀନ କଥା ମନେ ପଡ଼େ। ଅଦ୍ଭୁତ ପ୍ରଶ୍ନ ଦେଖାଯାଏ ଡାକ୍ତରବାବୁ କାହିଁକି ନବୀନ ଦେହରୁ ରକ୍ତ ବାହାର କରିଥିଲେ। ଅଶେଷ ଉପଚାର କରି ମଧ୍ୟ ପିଲାଟି ବଞ୍ଚି ପାରିଲାନି। ଡାକ୍ତର ବାବୁଙ୍କ ଶେଷ କଥାଟି ମନେ ପଡ଼ିଲା। ସ୍ୱାମୀର ରକ୍ତ ନବୀନ ବାବୁଙ୍କ ଭଳି ହୋଇଥିଲେ କଥା ନଥିଲା।

ଏତେବେଳକୁ ତିନି ଚାରୋଟି ସନ୍ତାନର ମା ହୋଇ ସାରିଲାଣି। ଅପ୍ରାକୃତିକ ଉପାୟରେ ରକ୍ତ ମିଶ୍ରଣ ଫଳପ୍ରଦ ହେଲାନି। ଯଦି ପ୍ରାକୃତିକ ଉପାୟରେ ରକ୍ତରେ ରକ୍ତ ମିଶନ୍ତା—ତାହେଲେ ? ପର ମୁହୂର୍ତ୍ତରେ ତାର ଭାବନା ବିଷୟରେ ସେ ସଚେତନ ହେଲା— ନିଜକୁ ଉପହାସ କଲା ନିଜେ ନିଜେ।

ଫେର ଭାବୁଛି— ପ୍ରାକୃତିକ ଉପାୟରେ ମିଶିଲେ ଯଦି କଣ ହୁଅନ୍ତା । କପଟ ଦା ମିଶିବ— ଡାକ୍ତରଙ୍କ ସହିତ ପରାମର୍ଶ କରିବ। ମନକୁ ଉପାୟଟିଏ ଆସିଲା— ହଠାତ ହସିଲା। ଏ ଯେ ମହାପାପ। ଫେର ଚିନ୍ତା । ନାଁ ନାଁ ତାର ସନ୍ତାନ ଯେମିତି ହେଉ ବଞ୍ଚିବ—, ହଁ ବଞ୍ଚିବ—। ଏମିତି ନାନାଦି ଚିନ୍ତା କରୁ କରୁ ଶୋଇ ପଡ଼ିଲା। ଶୋଇଛି। ରାତି ବଢ଼ି ବଢ଼ି ଚାଲିଛି— ଅବଶେଷରେ ଦୀର୍ଘ ରାତିର ପତନ ହେଉଛି ।

ସୁରମାର ଚିନ୍ତା ପୂର୍ଣ୍ଣତା ପାଉଛି ଗାଢ଼ ନିଦ୍ରାରେ। ତାର ମାନସିକ ସମସ୍ୟାଟି ଅଦ୍ଭୁତ ରୂପ ଧାରଣ କରିଛି ବିଶେଷ କାରଣରେ। କେତେଦିନ ହେଲା ସବୁ ଭୁଲିଛି ସେ— ମନରେ କେବଳ ନବୀନ କଥା ଠିଆ ହଉଥାଏ। ପ୍ରତି ଜାଗ୍ରତ ମୁହୂର୍ତ୍ତରେ ଆଖି ସାମ୍ନାକୁ ଭାସି ଆସୁଛି ନବୀନର ଛବି କାନରେ ଝଙ୍କୃତ ହଉଛି ତାହାର ସ୍ୱର। ପୁଣି ଡାକ୍ତର ବାବୁଙ୍କ କଥା— ତାର ସ୍ୱାମୀର ରକ୍ତ ଯଦି ନବୀନର ରକ୍ତ ପରି ହୋଇଥାନ୍ତା ।

ବେଆଇନ ଏ ଚିନ୍ତା । ଅନିର୍ବଚନୀୟ ଅନୁଭୂତିର ସମସ୍ତ ବାଧା ବିଘ୍ନ ଅତିକ୍ରମି କଳ୍ପନାରେ ବିଚରଣ କରୁଛି ସୁରମାର ଅଚ୍ଛନ୍ନ ମନର ବିସ୍ତୀର୍ଣ୍ଣ ଅଗଣାରେ । ଠିକ ସିମିତ ଅନ୍ଧକାରରେ ପ୍ରସାରିତ ହୋଇଛି ତାର ସଂକୀର୍ଣ୍ଣ ଜଗତ୍—ବିସ୍ତାର ଲାଭ କରିଛି ଚୂଡ଼ା-ନ୍ତର ସୀମା ଲଙ୍ଘନ୍ତି । ବିହ୍ୱଳ ସାନ୍ନିଧ୍ୟରେ ନିଜକୁ ଆଉ ସେବାଦାସୀ ବୋଲି ମନେ କରିପାରୁନାହିଁ । ମନେ ହଉଛି ସେଇ ସବୁ ବିଦେଶୀ ଉପନ୍ୟାସର ନାୟିକା ଯାହାର ବଙ୍ଗାନୁବାଦ ଦିନେ ତାକୁ ନବୀନ ପଢ଼ିବାକୁ ଦେଇଥିଲା । ସେ ହେବ ଭୁଷର ଅନାକା-ଙ୍କ୍ଷିତ ନା। ଦେଖୁଛି— ନବୀନ ତାର ଶୟନା-ଗାରରେ ପ୍ରବେଶ କରୁଛି ଛଦ୍ମବେଶ ରୂପରେ ଅନାର ଚିହ୍ନ ବେଶରେ ।

କେବଳ ଗୋଟିଏ ଶୟନାଗାର । ଦୁହିଁଙ୍କ ଛଡ଼ା ଆଉ କେହି ନାହିଁ। ତାହାର ଆଖିରେ ନିଦ ନାହିଁ । ସୁରମା ଦେଖୁଛି— ନବୀନ ଧୀରେ ଧୀରେ ସୁରମାର ଲାବଣ୍ୟ ଭରା ମୁଖଶ୍ରୀ ଉପରକୁ ନଇଁ ପଡ଼ିଲା— ଦେହରେ ଦେହ ଲାଗିଲା। ସୁରମାର ଆଖି କୋଳରେ ନବୀନର ପ୍ରତିବିମ୍ବ ପଡ଼ିଛି! ବିହ୍ୱଳ ହୋଇ ଗୁହିଁଥାନ୍ତି ଦୁହେଁ ଦୁହିଁଙ୍କୁ ସୁରମା ଅନୁଭବ କରୁଛି ତା ଦେହରେ ନବୀନର ନେଗେଟିଭ ରକ୍ତ ଆନ୍ଦୋଳନ କରି ଉଠୁଛି। ନିଜ ରକ୍ତ ସାଙ୍ଗେ ଅବାଧରେ ମିଶି ଯାଉଛି ନବୀନର ରକ୍ତ। ନିଜ ରକତ ଧାଡ଼ି ଗୁଡ଼ିକ ସମସ୍ତେ ଯାଚିକି ସ୍ୱାଗତ ଜଣାଉ ଥାନ୍ତି। ଆଉ ଭୟ ନାହିଁ— ତାର ଭାବି ସନ୍ତାନକୁ କୋଳରୁ ବିଚ୍ଛିନ୍ନ କରିବାର ଆଉ ଶକ୍ତି ନାହିଁ କାହାରି। ଏଥର ସେ ଅସଲ ସନ୍ତାନର ଜନନୀ ।

ଘଇ ନିଦ୍ରା ମଧ୍ୟରେ ଶୁଣୁଛି— କିଏ ଡାକୁଛି ତାକୁ। ନିଦ ଭାଙ୍ଗି ଭାଙ୍ଗି ଆସୁଛି। ରାତି ପାହିଲାଣି । କିନ୍ତୁ ଅନୁଭୂତି ଭୁଲି ହଉନି। ଆଖି ବୁଜି ଦେଉଥାଏ, ନିଦ-କାତର ଅଖିପତା, ଭାରି ଲାଗୁଛି। ନିମିଳିତ ଚିନ୍ତା-କାତର ଆଖି ଖୋଲି ହଉନି। ବୁଜି ରହିଛି ଅପୂର୍ବ ଅନୁଭୂତିରେ ।



Digitized by srujanika@gmail.com

ମନ ଭିତରେ ଦ୍ୱିଧା ଆସିବାରୁ ଜଣେ ସାଧୁଙ୍କୁ ପାଇଁ ମଗୃବାଲି— ସାଧୁତା କିପର ହେବ ? ଏ ଯୁଗରେ ଘୁଷୁଖୋର ବଞ୍ଚାଇ ଦେବେକି ? ସେ କହିଲେ— ବାବା ସାଧୁ ଲୋକର ସାଧୁ ହେବା କି ଦରକାର ? ଅସାଧୁତା ଦରକାର ନାହିଁ କି ସାଧୁ-ହେବାର ଦରକାର ନାହିଁ । ତମେ ମନ୍ତ୍ରୀଙ୍କୁ ଯାଇ ପଚାର ମୁଁ କହିଲି ମନ୍ତ୍ରୀଙ୍କର ତ ପୁଣି ମଉଜ ଅଛନ୍ତି । ସାଧୁ ତାଙ୍କ ଆଶାବାଡ଼ିରେ ପାହାରେ ପକାଇବାରୁ ମୁଁ ନିରାଶ ହୋଇ ଘରକୁ ଆସିଲି ।

ଘରଣୀ କହିଲେ—ହଇଓ ସାଧୁ ହେବାରେ କି ଲାଭ ? ଯେତକ କଂଗ୍ରେସ ବାଲା ସାଧୁତ ଦେଖାଇ ଥିଲେ ସେଇମାନେ ତ ଆଜି ସାଧୁତାର ନିଆଁଳି କରି ବେଶ ଦିପଇସା ହାତେଇ ପକେଟ କଲେଣି, ଘର ଦୁଆର କଲେଣି ତମେ କଅଁ ପାଇଛ? କଂଗ୍ରେସ ପାର୍ଟିରେ ମିଶ । ଆଜିକାଲି ତ ଯଦି ଖଦି ଟୋପି, ଚୋରାଲି-ଖୋର, ସୁବିଧା ବାଦୀଙ୍କ ପାଇଁ କଂଗ୍ରେସ ଦୁଆର ମୁକୁଳା ପଡ଼ିଛି ।

ମୁଁ ଗୃହିଣୀଙ୍କ କଥାରେ ଘୋର ପ୍ରତିବାଦ କଲି । ଗୃହିଣୀ କହିଲେ— "ହଇଓ ସାଧୁ ? ସାଧୁତା ତମର ଥାଏ କେଉଁଠି । ତମକୁ ଗୋଟା ପଇସା ଘୁଷ୍ ଦେଲେ ତମେ ଫେରେଇ ଦେଇ ସାଧୁତା ଦେଖାଇବ—କିନ୍ତୁ ୪ ଟଙ୍କା ପାଇଲେ ନେଇ ନେବ ତ । ଧର ତମେ ଡିଷ୍ଟ୍ରିକ୍ଟବୋର୍ଡ ମେମ୍ବର ହେଲ, ୪ ଟଙ୍କା ଘୁଷ ଫେରାଇ ଦେଇ ସାଧୁତା ବାଢ଼ିବ । ୪୦୦ ଦେଲେ ଫେରାଇ ଦେବ କି? ଏମ୍ ଏଲ୍ ଏ ହେଲେ ୪ଶହ ଫେରେଇବ—୪୦୦୦ ଫେରାଇ ପାରିବ କି । ମନ୍ତ୍ରୀ ହେଲେ ଚାରିହଜାର ଫେରେଇ ପାର—୪୦ହଜାର କି ଚାରି ଲକ୍ଷ ଟଙ୍କା ଫେରାଇ ପାରିବ ତ ? ସାଧୁତା ଟା ଖାଲି ମାତ୍ରାରେ । ମନ୍ତ୍ରୀ ହୋଇ ଚାରିଟଙ୍କା ନେଲେ ସେଟା ଅସାଧୁତା—୪ ଲକ୍ଷ ନେଲେ ସାଧୁତା । ତା'ପରେ ପୁଣି ଅସାଧୁତାର ପ୍ରକାର ଭେଦରେ ସାଧୁତା ହୋଇଯାଏ । ସିଧା ସରପଟ ଟଙ୍କା ନେଲେ ଅସାଧୁ । ମନ୍ତ୍ରୀଙ୍କ ଝିଅ ପାଇଁ ବମ୍ବେ ବେପାରୀ ହଜାର ଟଙ୍କିଆ ହାର ଦେଲେ ସାଧୁ । ହାକିମକୁ ଡାଲି ପଠାଇଲେ ଅସାଧୁ— ହାକିମଙ୍କୁ ନିମନ୍ତ୍ରଣ କରି ଭୁରିଭୋଜୀ ଦେଲେ ସାଧୁ । ପୁଣି ଦେଶ ସେବା ଯମତା ପନ୍ଥ ଲୋକଙ୍କ ନିଜ ଖର୍ଚ୍ଚପାଇଁ ଟଙ୍କା ନେବା ଅସାଧୁତା—ମାସ ତାଙ୍କର ନାସିକ ଯିବା ଖର୍ଚ୍ଚ ନେବା ସାଧୁତା—ମନ୍ତ୍ରୀଙ୍କ ବଜର୍ଣର୍ଚ୍ଚ ପାଇଁ ଟଙ୍କା ନେବା ଅସାଧୁତା କିନ୍ତୁ ତାଙ୍କ ଖବର କାଗଜ ପାଇଁ ଟଙ୍କା ନେବା ସାଧୁତା ଠିକ ? ସୁତରାଂ ଏଭଳି ସାଧୁତାର ଭଣ୍ଡାମି ନ କରି ସିଧା ସରପଟ କଳାବଜାର କରୁଛ । କଳାବଜାର କରି ଜେଲ ଗଲେ ବି ମୁଁ ଦୁଃଖିତ ହେବି ନାହିଁ । କାରଣ କଳାବଜାରୀ ଗୋର କାଙ୍ଗାଳରୁ ଖବର କାଗଜ ପାଇଁ ମାରୁଥିଲି ବ୍ୟବସାୟୀଙ୍କଠୁଁ ଟଙ୍କା ନେବା ମନ୍ତ୍ରୀ ଧରି ନ ପଡ଼ନ୍ତି ବୋଲି କଦାପି ଭଲ ନୁହନ୍ତି । ଦୁନିଆ ତ ଆଜି ଅସାଧୁତା ଉପରେ ଠିଆ ହୋଇଛି—ତମେ ଜଣେ ସାଧୁ ହୋଇ ବଞ୍ଚିପାରିବ ନାହିଁ ।"

କିନ୍ତୁ ଶ୍ରୀମତୀ ବୁଝିଲେ ନାହିଁ ଯେ ସାଧୁତା ଗୋଟାଏ ବ୍ୟବସାୟ ନୁହେଁ । ସେ ବ୍ୟବସାୟ ନ ହୋଇଥିଲା ବୋଲି ଆଉ ଏକ ବ୍ୟବସାୟ ବା ଅସାଧୁତାକୁ ଧରୁଥାଏ ନାହିଁ । ଏଇଟି ପାଶ୍ଚାତ୍ୟ କୃଷ୍ଟି ଓ ପ୍ରାଚ୍ୟ ବା ଭାରତୀୟ କୃଷ୍ଟିର ପାର୍ଥକ୍ୟ । ପାଶ୍ଚାତ୍ୟ କୃଷ୍ଟିରେ ସାଧୁତା ଗୋଟିଏ ବ୍ୟବସାୟ ବା ବ୍ୟବସାୟର ନିୟାମକ ସାଧୁତା । କାରଣ ସେମାନେ ବ୍ୟବସାୟରେ ଅସାଧୁତା କରି ଶେଷରେ ଦେଖିଲେ ଯେ ଅସାଧୁତା ପଶିଲେ ତାର ଆଉ ଶେଷ ନାହିଁ ତେଣୁ ସାଧୁତାକୁ ଏକ ନୀତି ନିଜର ବ୍ୟବସାୟର ଭିତ୍ତି ଧରିନେଲେ । Honesty is the best policy [not principle]—Cervantes. ଅର୍ଥାତ ସାଧୁତା ସର୍ବୋତ୍ତମ ଧାରା । ଯଦି କେବେ ପୁଣି ଦେଖାଯିବ ଯେ ସାଧୁତା ଧରି କଲେ ଲାଭ ନାହିଁ— ସେତେବେଳେ ଅସାଧୁତାକୁଇ ଧାରା କରିନେବେ । ଅର୍ଥାତ ଲକ୍ଷ୍ୟ ସାଧୁତା ନୁହେଁ । ବ୍ୟବସାୟ ଲକ୍ଷ୍ୟ । ସାଧୁତ ଏକ ଅସ୍ତ୍ର । ଏ ଅସ୍ତ୍ର ଆବଶ୍ୟକ ମନେ କଲେ ଫିଙ୍ଗି ଦିଆଯାଇ ପାରେ ।

କିନ୍ତୁ ସାଧୁତା ଯାର ନୀତି ବା ଧର୍ମହେବ ତାକଥା ସ୍ୱତନ୍ତ୍ର ! ତାର ବ୍ୟବସାୟ— ଧ୍ୱଂସ ହେଉ ପଡ଼ୁ— ଜୀବନ ନିର୍ବାହ କଷ୍ଟକର ହୋଇପଡ଼ୁ—ସେ ସାଧୁତାକୁ କେବେ ଛାଡ଼ିବ ନାହିଁ ।

ସାଧୁତା ବାସ୍ତବରେ ଗୋଟାଏ ବ୍ୟବସାୟ ନୁହେ ।

ବ୍ୟବସାୟ ଯେପରି ବିନିମୟ ଓ ବିନିମୟର ସମାନତା ଉପରେ ଠିଆହୁଏ—ସାଧୁତା ସେପରି ବିନିମୟର ଅପେକ୍ଷା କରେ ନାହିଁ । ଯେଉଁଠୁ ସାଧୁତା ମିଳେ କେବଳ ସେଇଠି ସାଧୁତା ଗୃଲ୍ଲ ରଖି—ଅସାଧୁ ସହିତ ଅସାଧୁ ବ୍ୟବହାର କରିବା ବା ସବୁବେଳେ ଯେସାକୁ ତେସା ନୀତି ଧରିବା ସାଧୁତା ଧର୍ମପନ୍ଥର ଉଚିତ ନୁହେ ।

କରଣ ସାଧୁତା— କେବଳ ସ୍ନେହ-ପ୍ରୀତିର ନାମାନ୍ତର । ନିଜର ପଡ଼ୋଶୀ, ଦେଶ, ରାଷ୍ଟ୍ର, ମାନବ ଜାତି ପ୍ରତି ଅଶେଷ ସ୍ନେହ ଓ ଶ୍ରଦ୍ଧା ସାଧୁତାର ଧାରବାହକ ପ୍ରକାଶ ମାତ୍ର । ଆମେ ଦେଶ ଜାତିର ଉନ୍ନତି ଚାହୁଁ ବୋଲି ସାଧୁତା ଆଶ୍ରୟ କରିବୁଁ । ନିଜେ କଷ୍ଟ ସହିଲେ ଚିନ୍ତା ନାହିଁ । କାରଣ ତଦ୍ୱାରା ସ୍ନେହ ପ୍ରୀତିରେ ବାଧା ପଡ଼ିବ ନାହିଁ । ସ୍ନେହ ପ୍ରୀତି ସବୁବେଳେ ସ୍ୱାର୍ଥତ୍ୟାଗ ଉପରେ ପ୍ରତିଷ୍ଠିତ । ତ୍ୟାଗ ବିନା ସ୍ନେହପ୍ରୀତି ଉଠେଇ ପାରେନା— ଅସମ୍ଭବ ।

ବରଂ ସ୍ନେହପ୍ରୀତି ସାଧୁତାର ପରିମାପକ । ସାଧୁତାକୁ ବିଷୟ ବୁଦ୍ଧି ଦ୍ୱାରା ବିଚାର କଲେ ତାର ଅପପ୍ରୟୋଗ ସୁନିଶ୍ଚିତ । କିନ୍ତୁ ସାଧୁତାକୁ ସ୍ନେହ ପ୍ରୀତିରେ ବିଚାର କଲେ ସେ ବିରାଟ ତ୍ୟାଗର ଭିତ୍ତି ଉପରେ ମାନବିକତାର କୋଠ ଉଠାଇ ପାରିବ ।

ସେଥିପାଇଁ ସାଧୁ ହେଲେ ସଂସାରିକ ଦୃଷ୍ଟିରୁ କ୍ଷତି ବା ହାନି ଯାହା ହେବ ତାହାଁର ବିଚାର ନିଷ୍ପ୍ରୟୋଜନ । ମଣିଷ କେବଳ ବିଷୟବସ୍ତୁ ଉପାର୍ଜନ ଓ ଉତ୍ପାଦନ କରେ ମରଣଶୀଳ ପ୍ରାଣକୁ ରକ୍ଷା କରିବା ପାଇଁ । ପଥରୁ ପାଇଁ ବିଷୟବସ୍ତୁର ଆବଶ୍ୟକତା ନାହିଁ ।

ସାଧୁତା ଏକ ଜୀବନ ନିର୍ବାହର ନୈତିକ ତଥା ପ୍ରାଚୀନ ପଦ୍ଧତି । ସାଧୁତାକୁ ଏକ ଉପାୟ ବା କୌଶଳ କରିଦେଲେ ସାଧୁତା ଆଉ ସ୍ୱନାମବାଚ୍ୟ ହୋଇ ରହିବ ନାହିଁ । କୌଶଳ ଏବଂ ସାଧୁତା ଦୁଇ ଭିନ୍ନ ପଦାର୍ଥ । ଅବଶ୍ୟ ଜୀବନରେ କୁଶଳତା— ପଟୁତାର ଆବଶ୍ୟକତା ଅଛି । ମାତ୍ର କୌଶଳ କିମ୍ବା କପଟତାର—କୁଟତା ବା ଶଠତା ଆବଶ୍ୟକତା ନାହିଁ ।



Digitized by srujanika@gmail.com

# ଛେଳି ବିଳାପ

ଲେ—ନରେନ୍ଦ୍ରନାଥ ସ୍ୱାଇଁ

ବଇଶାଖ ମାସ ଦିନ ଦିପହରେ ମୋଟା ବରଗଛ ତଳେ,
ଜୁଆଡ଼ି ଜୁଆଡ଼ି ଘୂରି ଘୂରି ସେଠି ଛେଳି ପହଞ୍ଚିଲେ ଦଳେ।
ଧଳା, କଳା, ନାଲି ଛିଟିଲି ଯାକେ ଯେ ଯେତେ କିସମର ଛେଳି,
ଖାସି, ବୋଦା, ମାଈ, ପେଣ୍ଠା ଆଦି ସବୁ ସେଇଠି ବାନ୍ଧିଲେ ମେଳି।
ଝାଳ ନାଳ ବୋଳି ଅଣ୍ଟି ଏ ଯାକ ତା ହୋଇ କେହି ଆସେ ଓହ୍ଲଁ.
କାହାର ସୁଙ୍ଗାଏ ଚ ଅୁଣ୍ଠା ପଛରେ ଧାଇଁ ଛନ୍ତି ଧଇଁ ସଇଁ।

ପଛରେ କାହାର ଛେଳିର ବହିଯାଏ ସେଥିକୁ ତ ନାହିଁ ନଘା,
ଫଗା ଛିଡ଼ାଇ କେ ଧାଇଁ ଆସିଲାଣି ଘାଇ ପାଖ ଦୁଇ ବଘା।
'ଗୁରୁବାରୀ' ଆମ ଘରେ ତ ସେ ଦିନ ଚୋରଣି ଛୁଇଁଲା ନାହିଁ,
ଚରିବାକୁ ପଘା ଖୋଲିଛି କି ନାହିଁ ଦାଣ୍ଡର ସେଠି ସେ ଯାଇଁ।
ପଡ଼ ଉଠି ଦାମା ଗୋଡ଼ ଭିଡ଼ି ପଛେ ନଦାଏ ସେ ଧରୁ ଛୁଆଁ,
କଚଡ଼ା ଉପରେ କଚଡ଼ା ଦାମାର ନକଲେ ବକଲେ ଧୁଆଁ।
ଶୁଣି ତାହାଠାରୁ ହାଲ ହକିକତ ଗଲି ମୁଁ ଦେଖିବା ପାଇଁ,
ମେଣ୍ଟ ଦେଖି ଅଣ୍ଟା, ଭୟରେ ମୁଁ ଖୁଣ୍ଟା ଗଛରେ ବସିଲି ଯାଇଁ।
ମୋଟା ସୋଟା ଏକ ପେଟା ବୁଢ଼ା ବୋଦା ବସିଗଲା ଢିପ ପରେ,
ଭେଁ—ଭୃତ୍ କରି ରଡ଼ିଦିଏ ଛାଡ଼ି ସତେ କି ପଞ୍ଚମ ସ୍ୱରେ।
"ଶୁଣ ଭାଇମାନେ କହିବା କାରଣ ସଭା କରିଁ କରୁଥାଇଁ,
ଅତ୍ୟାଚାର ଏହି ମଣିଷଙ୍କ ଏତେ କଦାପି ସହିବା ନାହିଁ।
ଜନମ ହେବାର ମାସେ ନ ଯାଉଣୁ ଦେବେ ଛାଡ଼ି ଅଧିଆଁଡ଼,
କାଟ କାଟ ଛେଣେ ତଳିଆ ଛନ୍ତାଇ ସପନରେ ନାଲ ଗଡ଼।
ପ୍ରାଣୀଙ୍କ ଭିତରେ ଆମେ ହୀନମାନୀ ନଥାଉ କାହି ନ ଲୋଭେ,
ଜଗତସାରାର ଲୋକଙ୍କର ଦାଉ ସବୁ ଲୁଟେ ଆମ ଠାବେ।
ଏହି ଅତ୍ୟାଚାରୀ ମଣିଷର ଧ୍ୱଂସ ହେଉ ବୋଲି ସତେ କହ !'
'ଧ୍ୱଂସ ହେଉ ଧ୍ୱଂସ ହେଉ' ବୋବାଇଲେ ସବୁ ଛେଳି ଗହିଁ ଗହିଁ।

ତାଳି ପରେ ତାଳି ପଡ଼ିଗଲା ଛେଳି ଦଳର ବସିଛି ସଭା,
ଛୋଟା-ଛୋଟା ଅଣ୍ଡିବଛି ବୁଢ଼ାବୁଢ଼ୀ କି ଅବା ଯୁବତୀ ଯୁବା।
ସଅଁବାଟ୍ଟା କହେ 'ପ୍ରିୟା ସଙ୍ଗେ ଭାଲି ବଜାରକୁ ଯାଇଥିଲି,
ପାଞ୍ଚ ବରଷର ହଜିଲାକଥି ମୋ' କ କହୁଁ ତା କାନ୍ଦିବିଲି।
କଂସେଇଖାନାର ତାହି ଣ ପଟରେ ଅଡ଼ାଠାଏ ଅଛି ବେଢ଼ା,
ପ୍ରେୟସୀ ଦେଖିଲେ ବାନ୍ଧା ହୋଇଅଛି ଆମରି ଜୁମର ଭେଡ଼ା।
ଗୃହଁ ଗୃହଁ କହୁଁ 'କଉମ ବଇସ' କଂସେଇ ଅଇଲା ଢେଡ଼ି,
ବାସ୍ ମିଲ୍—ଏହି ସାରିଲି ହୁଲାଲି ମୁଣ୍ଡଗଣ୍ଡି ଗଲା ଛିଡ଼ି।

କଲମ ଭଇସ ଗୃହ ଏଡ଼େ ଖଣ୍ଡେ ଲାଗିଲା ପହରେ ଦଣ୍ଡେ,
ପ୍ରାଣ ନ ରହିବ ପିଣ୍ଡେ ଦେଖିଲେ ଜଦେଇ ତା' ପରଚଣ୍ଡେ।
ମ୍ୟେସ୍ ଷୋମବାରୀ ଅଖିରୁ ଝରିଲା ଦୁଇଧାର ଲୋତକ ରସ,
ତୁମ ଲ ଥିଲେ କା ପେଛି ଦେଇଥ ନ୍ତି, କରମ କାହାର ବଶ ?
ଭାଗ୍ୟରେ ଲେଖନ କେ କରିବ ଆନ ଛେଳି ଜନ୍ମ ଅଛୁଁ ପାଇ,
ମଣଷଙ୍କୁ ଛାଡ଼ ଠାକୁରଙ୍କ ଦୟାମାୟା ନାହିଁ ଆମ ପାଇଁ।
କାଳା ପେଟ ଦେଇ ଠାକୁରାଣୀ ଆଗେ ବଳି ଦେଲେ ମିଳେ ବର,
ସେଥିଲାଗି ଆଜି ଖୁବ୍ ଅଛେ ଗୃହଲ କାଳାପେଟା କାରବାର।'
ଗୁରୁବାରୀ କହେ 'ସେ ସବୁ ତ ଗଲା ନୂଆ କଥା ଏକ ଶୁଣ,
ସୁବୁଦ୍ଧଙ୍କ କଥା ଛାଡ଼ି ଏବେ କହେଁ ହିନ୍ଦୁ ମାଈପଙ୍କ ଗୁଣ।
ବାସନ୍ତୀ ନାମରେ ଆମ ମାଲିକର ଗେ ଟିଏ ପଠାଉଣି ଝିଅ,
ମାଇପି ନୁହେଁ ସେ ସାକ୍ଷାତେ ଅଣ୍ଡିରା ଠେଙ୍ଗାଠା ପରିକା ହିଅ।
କେଉଁଠା ଗୋଟାଏ ବଜାରୁ ଛୋକାର ମଝରେ ସେ ଦିନ ବସି,
ମହମହୋଅନ କାଣ୍ଡିନକୁ ଦୁହେଁ ପଶିଗଲେ ହସି ହସି।
ବାସ୍ନିଆ ସୁଅର ନାଲଭଜା ଯେନ ହୋଇଥିଲା କଟଲେଟ.
ପ୍ଲେଟ ପ୍ଲେଟ ଗିଳି ଗଲା ସେ ଢାହାଣୀ ଅଣ୍ଡି କାଟି ମଟମଟ।
ଅଗେ ଅଗେ ଖାଉ ନଥିଲେ ହିନ୍ଦୁଙ୍କ ମାଇପେ ମାଉଁସ ମିଛା,
ଫରୁଆଡ ହେଲି ଦିନଠୁଁ ଲୁଚାଲେ ଖାଇସିବେ କାଟ କଞ୍ଚା।
ହବନି ହବନି ଆମ୍ଭଙ୍କ ସଙ୍କଟରେ ବନ୍ଦୀନା ଉପାୟ କିଛି,
କିଏ କେଉଁ ପଥ ସୁଗମ ଦେଖୁଛି ନିଜ ବୋଲି ମଣ୍ଡ ଦିଅ।
ଗାନ୍ଧୀ ମହାତ୍ମା ଆମ ଦୁଃଖ ଯାଇ କଲେ ଅହିଂସା ପ୍ରଚାର,
ଆମ ଦୁଃଖ ଏବେ ନ ଶୁଣନ୍ତି ତାଙ୍କ କଂଗ୍ରେସ ସରକାର।
ଆଉ କିଏ ଅବା ବୁଝିବ ଏ ଦୁଃଖ ଆପର ଯେତେ ଏ କଷ୍ଟ,
କଂଗ୍ରେସକୁ ବଳ ଅଧିକ ଅନିଷ୍ଟ ସୋସାଲିଷ୍ଟ କମ୍ୟୁନିଷ୍ଟ।
ତଥାପି ସେ ଯଦି ଦେଶୀ ଶୁଣିଲୁ ଛାଡ଼ ଦୁଃଖ ଅବା ଆନ ଦେଶୁ।
ଧାରୁଆ ବଲେଡ୍ ମଗାଇ ଆଣିବେ କାଟିବାକୁ ଦେଶୀ ପଶୁ।
ବିଦେଶୀ ଅସ୍ତ୍ରେ ପ୍ରାଣ ଗଲେ ଅବା ସ୍ୱର୍ଗରେ ମିଳିବ ସ୍ଥାନ,
ଆଉ କେତେ ହେବା କଂଗ୍ରେସ ଅଧୀନେ ଏତେ ସବୁ ହୀନମାନ।'
ସଭାପତିଙ୍କର ଅନୁମତି ନେଇ ବୁଧୁବାରୀ ହେଲା ଠିଆ,
ଏ ପାଖ ସେ ପାଖ ଅନାଇ ଆରମ୍ଭ କରେ ସେ ଭାଷଣ ଦିଅ।
"ଭାଇ ଓ ଭଉଣୀ ବୃନ୍ଦ ହୋଇ ଅଛ ଯେତେ ସବୁ ଏଇଠାର,
ମନ କର୍ଣ୍ଣ ଦେଇ ଶୁଣ ମୁଁ କହିବି ଜାଣ ଏ ମସୁଧା ସାର।
ଏ ବାଟ ଧଇଲେ ଛେଳି ଜାତିଟାର ଭୟ ନାହିଁ ଆଉ କମା,
ପାକିସ୍ଥାନ ସଙ୍ଗେ ଲଢିବି ମାରିବା ଗାଇ ଜୟ ମହାତ୍ମା।
ଛେଳିସ୍ଥାନ ଚିଭ ପାଳିତ ଯେ ଗାନ୍ଧୀ ତାଙ୍କର ପଥକୁ ଧର,
ଯେତେ ଅଛ ସବୁ ସକାଳ ସଞ୍ଜରେ ରାମନାମ ଜପ କର।
ହିଂସା ପଥ ଛାଡ଼ି ଅହିଂସାରେ ଆମେ ହୋଇବା ଜଗତ ଜିତା;
କହି ଯାଇଛନ୍ତି ପରା ଏଇ କଥା ଭାରତ ଜାତିର ପିତା।
ଲାଗିଲାଣି ଯୁଦ୍ଧ ମଣିଷ ଭିତରେ କୋରିଆ ନା କେଉଁ ଦେଶେ,
କମ୍ୟୁନିଷ୍ଟ ସଙ୍ଗେ ପୁଞ୍ଜିବାଦୀ ଯେତେ ସଭିଏଁ ମରିବେ ଶେଷେ।
କାଲି ମୁଁ ସପନ ଦେଖିଛି ତୃତୀୟ ମହାଯୁଦ୍ଧ ମଂଜି ପୋତି,
ଏହି ଏଟମରେ ମରିବେ ମଣିଷ ଜାତି ଜାଣ ହଗି ମୁତି।
ଆଜଠାରୁ ଆଉ ଅହେ ପ୍ରଜାବୃନ୍ଦ ମନରେ ନକର ଭୟ,
ବୋଲ ଭାଇ ସର୍ବେ ବୋଲ ଏକ୍ଵାରେ ଆମ ଛେଳିଙ୍କର ଜୟ।
ଶେଷକୁ ସଂସାରେ ଆମେଇ ଗଢିବା ଏକ ମହା ଛେଳି ସ୍ଥାନ,
ଏ ଜାତିର ପିତା ନିଜେ ଗାନ୍ଧୀ ବୁଢା ଗାଅ ତାର ଜୟ ଗାନ।



Digitized by srujanika@gmail.com

ଚଠାଉ

# ମାନସିଂଙ୍କ ସପକ୍ଷେ

ଶ୍ରୀଯୁକ୍ତ 'ଢଗର' ସମ୍ପାଦକ ମହାଶୟେଷୁ,

'ମୁଁ କାହିଁକି ଲେଖେଁ' ଲେଖାରେ ମୁଁ ଲେଖିଛି ଯେ ମୋର ପ୍ରଥମ କବିତା ହେଉଛି, ବାଲ୍ୟ ବୟସରେ ମୁଁ ସ୍ୱପ୍ନରେ ସରସ୍ୱତୀଙ୍କୁ ଦେଖିବା ପରେ ତା'ର ବର୍ଣ୍ଣନା। ଶ୍ରୀମାନ୍ ହରି ତାଙ୍କ ଲେଖାରେ ଏହି ଘଟଣାକୁ ନେଇ ବ୍ୟଙ୍ଗ କରିଛନ୍ତି। ଢଗରର ଗତ ସଂଖ୍ୟାରେ ଜଣେ ପ୍ରଶ୍ନକର୍ତ୍ତା ଏହି ସମ୍ପର୍କରେ ପ୍ରଶ୍ନ ମଧ୍ୟ କରିଛନ୍ତି। ମୋର ମନେ ହେଉଛି ମୁଁ ଯାହା କହିଛି ତାହା'ର କଦର୍ଥର ଏ ସବୁ ସୂଚନା ମାତ୍ର। ଅନେକଙ୍କର ହୁଏତ ଧାରଣା ହୋଇ ପାରିଥାଏ ଯେ ମୁଁ ଖୋଦ ସରସ୍ୱତୀଙ୍କଠାରୁ ବର ପାଇ କବିତା ଲେଖୁଛି। ଏହା ସମ୍ପୂର୍ଣ୍ଣ ଓ ଭୟଙ୍କର ମିଥ୍ୟା।

ମୁଁ ହନୁମାନଙ୍କୁ ସ୍ୱପ୍ନ ଦେଖି ବା ତାହାର ଛବିଏ ସ୍ୱପ୍ନରେ ଦେଖି ଯଦି ପ୍ରଥମ କବିତା ଲେଖିଥାନ୍ତି, ତାହା ଯେପରି କହିଥାନ୍ତି, ସରସ୍ୱତୀଙ୍କୁ ସ୍ୱପ୍ନରେ ଦେଖିବା ମଧ୍ୟ ସେହିପରି ଗୋଟିଏ ଘଟଣା ଭାବରେ ଉଲ୍ଲେଖ କରିଛି। ଏହା ପଛରେ ବିଶ୍ୱାସର ବା ଅନୁଗ୍ରହର ପ୍ରଶ୍ନହିଁ ନାହିଁ। ମୁଁ ହନୁମାନ ଭକ୍ତ ବି ନୁହେଁ ସରସ୍ୱତୀ ପୂଜକ ବି ନୁହେଁ। ମୁଁ ଅଳ୍ପ ଏକପ୍ରକାର ଅହିନ୍ଦୁ ଓ ଘୋର ଅପୌତ୍ତଳିକ।

ମୋର ଛାତ୍ରମାନଙ୍କୁ ମୁଁ ସ୍ପଷ୍ଟ ଭାବରେ କହି ଆସୁଛି ଯେ ଯେତେଦିନ ପର୍ଯ୍ୟନ୍ତ ଗଣେଶ ଓ ସରସ୍ୱତୀ ପୂଜାରେ ମାତିଥିବ ସେତେଦିନ ପର୍ଯ୍ୟନ୍ତ ତୁମକୁ ଶିକ୍ଷିତ ବା ସଭ୍ୟ ବୋଲି ମୁଁ ମନେ କରିବି ନାହିଁ। ଯେତେଦିନ ଯାଏଁ ଭାରତବର୍ଷରୁ ପୌତ୍ତଳିକ ଧର୍ମ, ତୀର୍ଥ ଯାତ୍ରା ଓ ଜାତିବିଭାଗ, ଏହି ତିନି ଅଭିଶାପ ଯାଇନାହିଁ, ସେତେଦିନ ଏ ଜାତି— ଅନ୍ତତଃ ହିନ୍ଦୁ ସମାଜ, କେବେହେଲେ ପ୍ରକୃତ ଅର୍ଥରେ ସଭ୍ୟ ହୋଇ ନପାରେ।"

ଭାରତବର୍ଷ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ଘୋଷିତ ହେଲେହେଁ ଏବେ ବି ଆମର ପ୍ରତି ସ୍କୁଲ କଲେଜରେ ସାଡ଼ମ୍ବର ଗଣେଶ ଓ ସରସ୍ୱତୀ ପୂଜା ଚାଲିଛି। ସମ୍ବଲପୁର କଲେଜରେ ପୂଜା-ଚାନ୍ଦା କଲେଜ ଫିସ ସାଥିରେ ଆଦାୟ ହୋଇ ଆସୁଥିଲା। ମୁଁ ଏ ବର୍ଷ ତାହା ବନ୍ଦ କରି ଦେଇଛି। ଧର୍ମ, ଅନୁଷ୍ଠାନର ହୋଇ ପାରେନା, ତାହା ବ୍ୟକ୍ତିଗତ।

ତେଣୁ କେହି ଯେପରି ଏହି ଭ୍ରାନ୍ତଧାରଣା ନକରନ୍ତି ଯେ ମୋର ସରସ୍ୱତୀଙ୍କ ସ୍ୱପ୍ନ ଦେଖିବାହିଁ ମୋର କବିତା ଲେଖିବାର ମୂଳଭିତ୍ତି ଓ ସରସ୍ୱତୀ ନିଜେ ସ୍ୱପ୍ନରେ ମତେ ଆଶୀର୍ବାଦ ଦେଇ ଯାଇଛନ୍ତି— ଆଉ କାହାକୁ ନୁହେଁ। ମୁଁ ଯାହା ଲେଖିଛି ଏ ଯାବତ୍, ତାହା ବେଳେ ବେଳେ ଏତେ ଅପଦାର୍ଥ ବୋଲି ବୋଧହୁଏ ଯେ ତାକୁ କବିତା କହିବାକୁ ମତେ ଲାଜ ଲାଗେ। ସେଥିପାଇଁ ସରସ୍ୱତୀଙ୍କର ଆଶୀର୍ବାଦ ଦରକାର ନଥିଲା— ଗାଁ ଦରଗଛ ମୂଳରେ ସିନ୍ଦୁର ବୋଳା କୁମ୍ଭାର-ଶାଳ-ଉଦ୍ଭୂତା ଠାକୁରାଣୀଙ୍କ ବରଂ ଯଥେଷ୍ଟ ହୋଇଥାନ୍ତା।

ଆଉ ସରସ୍ୱତୀଙ୍କ ସ୍ୱପ୍ନ ଦେଖିବାରେ କୌତୁହଳ ବା କଣ ଅଛି ? ହିନ୍ଦୁ ସଂସାରରେ ପିଲାଦିନୁ ଦେବ ଦେବୀଙ୍କ କାହାଣୀ ମୁଣ୍ଡରେ ଭର୍ତ୍ତି କରାଯାଏ। ତାଙ୍କର କଳ୍ପିତ ରୂପ ସ୍ୱପ୍ନରେ ଦେଖିବା ଆଶ୍ଚର୍ଯ୍ୟ କଣ ? ଦେବ ଦେବୀଙ୍କ ସଂସାରରେ ମୁଁ ବାସ କରୁଥିଲି ମାଟ୍ରିକୁଲେସନ ପାଶ କଲା ପର୍ଯ୍ୟନ୍ତ। ସରସ୍ୱତୀଙ୍କ ବନ୍ଦନା କରି ସେ ପର୍ଯ୍ୟନ୍ତ ଏକାଧିକ କବିତା ଲେଖିଛି। କିନ୍ତୁ ପରେ ପରେ ଜ୍ଞାନ ଓ ଅଭିଜ୍ଞତାର ପ୍ରସାର ଫଳରେ କ୍ରମେ ଅନୁଭବ କରୁଛି ଯେ କଳ୍ପିତ ଦେବଦେବୀଙ୍କ କାହାଣୀ ପିଲାଙ୍କ ମୁଣ୍ଡରେ ପୂରେଇବା ମନୁଷ୍ୟର ସ୍ୱାଧୀନ ଚିନ୍ତା ସ୍ୱଚ୍ଛନ୍ଦ ବିକାଶ ପ୍ରତି ଏକ ଅପମାନ ଓ ଅଭିଶାପ।

ଆପଣଙ୍କର

ମାୟାଧର ମାନସିଂହ

ହଂସପୁର

# ବଡ ମଣିଷର ଅଧା ମୋଜା

ଲେଖିକା—ଶ୍ରୀମତୀ ପ୍ରମିଳା ସାହୁ

ସେଦିନ ମୁଁ ଆପଣମାନଙ୍କୁ ବଡ଼ମାନଙ୍କର ଫୁଲ [ପୁରା] ମୋଜା ଶିଖାଇଛି। ଆଜି ମୁଁ ବଡ଼ ମଣିଷଙ୍କର ହାଫମୋଜା ଶିଖାଇବି। ମୋଜା ପାଇଁ ପ୍ରୟୋଜନ:— ୨ ଅଉନ୍ସ ଉଲ ଓ ଗୁଡ଼ିଏ ମୋଜା ବୁଣା କଣ୍ଟା। ପ୍ରଥମେ ୯୦ ଘର ନେବାକୁ ହେବ। ୨ଟି ସିଧା, ୨ଟି ଓଲଟା, ଆଠଅଙ୍ଗୁଳି ପର୍ଯ୍ୟନ୍ତ ବୁଣିବାକୁ ହେବ ଆଠଅଙ୍ଗୁଳି ମାପ ପର୍ଯ୍ୟନ୍ତ ବୁଣା ସରିଲେ ୯୦ ଘରରୁ ୧୦ ଘର କମ୍ କରି ଦେବାକୁ ହେବ। ଏହି ଦଶ ଘର ମଝିରେ ୨ ଯୋଡ଼ା ବୁଣି କମକର ଏଥର ୯୦ ଘର ରହିଲା ଏଥିରେ ଅନ୍ୟବୁଣା ଦେବାକୁ ହେବ। ସବୁ ଧାଡ଼ିଗୁଡ଼ିକ ସିଧା ବୁଣିବାକୁ ହେବ ଗୋଡ଼ି ପର୍ଯ୍ୟନ୍ତ ଦଶ ଅଙ୍ଗୁଳି। ତାପରେ ଗୋଇଠି ବୁଣା। ସେଇ ୯୦ ଘରକୁ ୨ଟି କଣ୍ଟାରେ ଅଧା ଅଧେ ସମାନ ଭାଗ କରି ନେବ। ଗୋଟିଏ କଣ୍ଟା ଘର ସେମିତି ରଖି ଦେଇ ଆଉ ଗୋଟିଏ କଣ୍ଟାର ଘରଗୁଡ଼ିକ ବୁଣିବାକୁ ହେବ ୪ ଲାଇନ। ପ୍ରତ୍ୟେକ ଲାଇନ ଆରମ୍ଭ କରିବା ସମୟରେ ଗୋଟିଏ ଲେଖା ଘର ମାରିବାକୁ ହେବ କଣ୍ଟାରେ ୧୭ ଘର ରହିବା ପର୍ଯ୍ୟନ୍ତ। ତାପରେ ପୁଣି ଯେପରି ଦୁଇପାଖରେ ଘର ମରି ଯାଇଛି ସେପରି ପ୍ରତ୍ୟେକ ଧାଡ଼ି ଆରମ୍ଭରେ ଦୁଇ ପାଖରୁ [ମାନେ ଯେଉଁଠା କମ କରି କରି ବୁଣି ଯେଉଁ ବୁଣାଟା ତାହାରିଭିତ୍ରୁ ହୋଇଛି] ସେଥିରୁ ଘର ଉଠାଇବାକୁ ହେବ। ଯେତେଟା ଘର ମରି ହୋଇଛି ସେତିକିଟା ଘର ଉଠାଇବାକୁ ହେବ। ସବୁ ହୋଇ ଯେପରି ୯୦ଟା ଘରଥିଲା ସେପରି ହେବ। ପାଦ ମାପରେ ବୁଣି କଣି ଅଙ୍ଗୁଠି ପର୍ଯ୍ୟନ୍ତ ଆସିଲେ ପୁଣି ଅଳ୍ପେ ଅଳ୍ପେ ଘର କମାଇବାକୁ ହେବ। ବୁଢ଼ା ଅଙ୍ଗୁଠି ପାଖେ ମଧ୍ୟ ଅଳ୍ପେ ଅଳ୍ପେ ଘର କମାଇ ବାକୁହେବ।



Digitized by srujanika@gmail.com

# ଯେସାକୁ ତେସା

ଦାଶରଥି ନାୟକ, ୭୦/୭ଏ ଷ୍ଟ୍ରାଣ୍ଡରୋଡ
କଲିକତା

ପ୍ର- ଦାମ୍ପତ୍ୟ ଜୀବନର ଥଣ୍ଡାଯୁଦ୍ଧ ବା cold war କଣ ?

ଉ- ସ୍ୱାମୀ ଅଧିକ ସ୍ତ୍ରୀପ୍ରିୟ ବନ୍ଧୁରେ ଅଣ୍ଡରେ ରହିବା ।

ପ୍ର- ସଂସାରରେ ସୁଖୀ କିଏ ?

ଉ- ଯିଏ କେବେ ଯୌବନର ନାରୀର ବର୍ଣ୍ଣନା ଶୁଣିନାହିଁ

ପ୍ର- ନାରୀର ସହାନୁଭୂତି ମେଣ୍ଟେ ଅଳ୍ପ-ପରିବେଶରେ କହନ୍ତି ତାହା ସତ୍ୟ କି ମିଛ ଜାଣିବା କିପରି ?

ଉ- ସେ ଯଦି ତମ ପାଖରେ ବିଶ୍ୱାସ ନ କରି ପ୍ରକୃତ ଅନ୍ତରକୁ ବ୍ୟକ୍ତ କରୁଥାଏ— ତେବେ ସତ୍ୟ ମିଥ୍ୟା ଜାଣିବାର ପ୍ରୟୋଜନ କଣ ? ଉପଭୋଗ କରିବାର କଥା ।

ଗଙ୍ଗାଧର ଦାସ, ନଂ ୨, ଶଳିଡ଼ାଂ
କଲିକତା

ପ୍ର- ବୈବାହିକ ଜୀବନ ସୁଖମୟ ହେଲା କେତେବେଳେ ଜାଣିବ ?

ଉ- ଯେତେବେଳେ ମଇଁଷି ଶଶୁର ଘରକୁ ଗୁଳି ଯିବ ।

ପ୍ର- ପ୍ରେମଜୀବନ ସୁଖମୟ କି ?

ଉ- ବିବାହ ସୁଖମୟ ହେଲେ ବୈବାହିକ ଜୀବନ ସୁଖମୟ କି ନା ସେ କଥା କହିଲେ ଲୋକ ନ କହିଲେ ତୁଳନାତ୍ମକ ଲାଗିଯିବ ।

ପ୍ର- ଆପଣ ମନ୍ତ୍ରୀପଦ ପାଇଁ ଲାଳାୟିତ ଥିଲେ କି ?

ଉ- ଲାଳାୟିତ ଓ ଶଳାୟିତ ହେବା-ପରେ ବର୍ତ୍ତମାନ ପଳାୟିତ ହୋଇଛି । ଲାଳା-ୟିତ କଥା ଛାଡ଼ନ୍ତୁ ।

ଅଶୋକ କୁମାର ନାୟକ, ୨୫ନଂ
କଲେଜ ହଷ୍ଟେଲ ବାରିପଦା

ପ୍ର- କଲେଜବନ୍ଧୁ ଓ କଲେଜ ଗାର୍ଲ ଭିତରେ ତଫାତ୍ କ'ଣ ?

ଉ- ଜଣକୁ 'ଗାର୍ଲ' କହିବାର ସୁଯୋଗ ଦେବା ପାଇଁ ଅନ୍ୟଜଣେ ତା ପଛରେ 'ବ୍ୟୟ' କରେ ।

ପ୍ର- ପ୍ରେମ ବାସ୍ତବ ନା ଅବାସ୍ତବ ?

ଉ- ଉଭୟ । ବାସ୍ତବ ପ୍ରେମ ବସ୍ତୁପର ଯୌବନୁପ୍ରାପ୍ତ ଏବଂ ଅବାସ୍ତବ ପ୍ରେମ ଅବସ୍ଥାରେହିଁ ଜନ୍ମ ପାଏ ।

ପ୍ର- ପ୍ରେମ ବିବାହର ଦୁର୍ବଳତା କଣ ?

ଉ- ସେ ଦମ୍ପତି ସଫଳ ନହେବା ପାଇଁ ପ୍ରତି ଦିନ ଏକ ବିବାହିତ ସଫଳ କରିବା ପାଇଁ ମଣିଷ ପ୍ରେମ କରେ । ତେଣୁ ପ୍ରେମ ଓ ବିବାହ ଉଭୟ ଦୁର୍ବଳ ।

ନିତ୍ୟାନନ୍ଦ କୁମାର ଦେହୁରୀ · ବାଣୀପାଣି ମେସ
କଟକ ଝିଅ

ପ୍ର- ମହାଜନ ପଛରେ ଧାଇଁବା ଭ୍ରମ କି ?

ଉ- ଶେଷ ନହେଲେ ଧାଇଁବାରେ ଆପତ୍ତି ନାହିଁ ।

ପ୍ର- ଅପରିଚିତା ଯୁବତୀ ସହିତ ପ୍ରଥମେ କିପରି ଭାବରେ କଥା କହିବ ?

ଉ- ଜାଣିଶୁଣି ପ୍ରଶ୍ନରେ ।

ପ୍ର- ଜୀବନ କେବଳ ମେଣ୍ଟେ ଭଲ ପାଇଲେ ମୁଁ ତାକୁ ଭଲ ପାଇବି କି ନାହିଁ ?

ଉ- ତମେ କେବଳ ଭଲ ପାଉଥିଲେ ଏ ପ୍ରଶ୍ନ ପଚାରନ୍ତା ନାହିଁ । ଧୈର୍ଯ୍ୟ ଓ ସଂଯମ ନଥାନ୍ତା ।

କାଶୀନାଥ ରାଜ, ନୂଆବଜାର · ବାଲେଶ୍ୱର

ପ୍ର- ଚନ୍ଦ୍ରଲେଖାରେ ଅଭିନୟ କରିଥିବା ଝିଅମାନଙ୍କ ଭିତରୁ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ କେଉଁ ଅଭିନେତ୍ରୀ ବ୍ୟବହାର କରନ୍ତି ।

ଉ- ଅଭିନେତ୍ରୀ 'ଭ'ରେ ଅଣ୍ଡିଡ୍ରୋ୍ ।

ପ୍ର- ଶ୍ରୀ ଜଗନ୍ନାଥଙ୍କର କଳଙ୍କ ଭୂମିକାରେ ଅଭିନେତ୍ରୀ ତାହା ସେବନ କରନ୍ତି କି ?

ଉ- ସେବନ କରିବାର ସମୟ ଗଡ଼ି-ଗଲାଣି ।

ବୈକୁଣ୍ଠ ମହାନ୍ତି, ବେଢ଼ାଗୋଳ

ପ୍ର- କଂଗ୍ରେସ ନେତାମାନେ କହୁଛନ୍ତି, ଯେଉଁ ବିରୋଧୀମାନେ ନାସିକ ଅଧିବେଶନ-ରେ କଂଗ୍ରେସ ଫାଟିଯିବ ବୋଲି କହୁଥିଲେ ତାଙ୍କ ମୁହଁରେ ଚୂନକାଳି ଲାଗିଛି । ଏ ସଂପର୍କ-ରେ ଚୂନ୍ନୀ ଚନ୍ଦ୍ରଙ୍କ ମତ କଣ ?

ଉ- ଏକମତ । ମାତ୍ର ସେମାନେ କଂଗ୍ରେସ ନାଁରେ ଭଗବାନ ଅଭିନୟ କରିବା ପାଇଁ ଚୂନକାଳି ଲଗାଉଛନ୍ତି ।

ପ୍ର- ପ୍ରେମକୁ ଯଦି କେହି ଗୋଟିଏ ବନ୍ଦୁ ବୋଲି କହେ—ଚୂନ୍ନୀ ଚନ୍ଦ୍ର ଧରାଯାଏ ତେବେ ତାର ପରିଧି କେତେ ଓ ବ୍ୟାସରେ କେନ୍ଦ୍ର ଧରିବା କିଏ ?

ଉ- ପରିଧି ହେଉଛି-Ovum- କେନ୍ଦ୍ର-ଅଧିକାଂଶ ବା nucleus- ହେଉଛି spermatozoa.

ପ୍ର- ଚୂନ୍ନୀ ଚନ୍ଦ୍ରଙ୍କ ପ୍ରଶ୍ନୋତ୍ତର ବିଭାଗ ପାଇଁ ମେଣ୍ଟେ ସହକାରୀ ଭାବରେ ଗ୍ରହଣ କରିବେ କି ?

ଉ- [illegible] ସ୍ତ୍ରୀ ହୋଇଥିଲେ trial ନିଆଯାଇପାରେ ।

ପ୍ରସନ୍ନକୁମାର ମହାପାତ୍ର; ଜୟପୁରକଲେଜ

ପ୍ର—ବୈଜ୍ଞାନିକ ମାନଙ୍କର ଉଦ୍ଧାର-ବାଣୀ ସବୁ ନାହିଁ—ଏକଥା କଣ ସତ ? ଯଦି ସତ ତେବେ ପ୍ରମାଣ କଣ ?

ଉ—'ବୈ' ଜ୍ଞାନ (.ଶ୍ୱର ସମ୍ବନ୍ଧରେ) ବିଗଡ଼ି-ଗଲାଣି ଯ ଦ୍ୱାର ସେ ଶଙ୍କା ।

ପ୍ର—'ସ୍ତ୍ରୀ ସୌନ୍ଦର୍ଯ୍ୟର ଆଧାର' ଏହା ଶ୍ରେଷ୍ଠ କବି ଶ୍ରୀ [illegible] କହିଥିବା ସତ୍ୟ କି ?

ଉ—ସ୍ତ୍ରୀ ନିଜେ ବୁଝିବ ନାହିଁ—ସେମାନେ ସୌନ୍ଦର୍ଯ୍ୟର ଅର୍ଥାତ୍ ସୁନ୍ଦରର ଆଧାର ।

ପ୍ର—କୃଷ୍ଣଙ୍କର ଆଦର୍ଶର ଅନ୍ତର୍ନିହି-ତତ୍ତ୍ୱ ଓ ଉଦ୍ଦେଶ୍ୟ ବସ୍ତୁ କଣ ଓ କାହିଁକି ?

ଉ—ପ୍ରିୟବସ୍ତୁ ମୁଁ ନିଜେ—ଘୃଣ୍ୟବସ୍ତୁ ଚୂନ୍ନୀଚନ୍ଦ୍ର । ବର୍ତ୍ତମାନ Thesis ଓ Anti-thesisର ସଂଘର୍ଷରେ synthesis' ଦାନା ବାନ୍ଧିଲାଣି— ଆଉ 'କାହିଁକି' ପଚାରନ୍ତୁ ନାହିଁ ।

ରମେଶଚନ୍ଦ୍ର ଦାସ, ଫକୀର ମୋହନ
କଲେଜ ବାଲେଶ୍ୱର

ପ୍ର—ସମାଜରେ ବେଶ୍ୟାଙ୍କର ଦାବୀ କଣ ?

ଉ— ସତୀତ୍ୱ । କାରଣ ସେ ନିଜର ସତୀତ୍ୱ ଦେଇ ନଥିଲେ ଅନ୍ୟ ନାରୀମାନଙ୍କର ସତୀତ୍ୱ ନିରାପଦ ରହନ୍ତା ନାହିଁ ।

ପ୍ର—ଚୂନ୍ନୀ ଚନ୍ଦ୍ରଙ୍କର ପ୍ରେମ ପ୍ରଶ୍ନର ନିପୁଣ ସମାଧାନରୁ ମନେ ହୁଏ ସେ କଣ ପ୍ରେମ ବଜାରର ବ୍ରୋକର ବା କଳା ବଜାରୀ କି ?

ଉ—ପ୍ରେମର ବ୍ଲାକ୍ ବଜାରୀ ସମସ୍ତେ— ଚୂନ୍ନୀ ଚନ୍ଦ୍ର ତାକୁ ପଦାରେ ପକାନ୍ତି ମାତ୍ର ।



Digitized by srujanika@gmail.com

କବିତା

# ଭାଇ ଗଲେ ପୁରସ୍ତମ

ଲେ—କୁମାରୀ ତୁଳସୀ ଦାସ

ବାପଙ୍କୁ କହୁଥିଲେ ନେଇଯିବେ ଏଠି, ସହର ନଅର ଥଇ
ଧରାଧର ଦେଖିବ ଉଚ୍ଚା ଘରଗୁଡ଼ା ଝୁଲା ପୋଲ ଦେଖିବୁ ନାହିଁ ।
ଘଞ୍ଜ ଦେଖୁଥିଲି ମୁହଁ ମୋ'ର ଛୁ ନଅ ସ ଅଣ୍ଡା କିଏ
ଓଠରୁ ହିସାବ ଦେଖ ଗାଡ଼ି ଇଞ୍ଜିନ ଆସିବ ଯେତେବେଳେ ବଜ ।
ଝିଅଁ ଲ ଛ ଙ୍କ ଚଉଠ ବାପାଙ୍କୁ ସ ଥିଲେ ବାଲକଥା
ଆଜିଯା' ଆଉ ନାହିଁ ଖବରଟା କହୁ ମିଛନ ଠିକଣା ପତ୍ର
କବଦେ କହୁଛ "ତୁମ୍ଭ ଜଠାରେ ସେ ମାଟିରେ ପଡ଼ିଛ ଭଲ"
କିଏ ପୁଣି କହେ—"ଭାଇ ବୁଡ଼ ଥାଏ ଯାଇଛ ରେଙ୍ଗୁନ୍ ଚାଲି ।
ଟଂକା ଦେଇ ଭାଇ ଫେରିବ ଗାଁକୁ ବନେଇବ କୋଠା ବାଡ଼ୀ
ନରହିବ ଆଉ ଭୁଆଁରେ ହୁଙ୍କାର ଏତେ ଲ ବରଷା ଝଡ଼ି ।"
କିଏ ସେ କହୁଛି—"ବିଡ଼ମ୍ବିଣୀ ରଖିଥିବ ଭୁଲିଗଲା ବାପ ମାଆ"
ମୁଁ ଜାଣୁ ନ ଥିଲି ତାଙ୍କ ଗାଁସୁଖ ରଖ ଗଂଗ ଜଳ ମାଆ ।
ଭଗବାନ ଛୋଟ କହିବ କାହାକୁ ? ସେ'ଆନ୍ତି ଯେବେ ମୁଁ ମରି,
ବିସ୍ତାର ଆନ୍ତି ମୁଁ ସଭିଙ୍କ ଦାଉରୁ ନହୁଅନ୍ତି ଏତେ ସରି ।
ଯେ ଗଲାଥିଲେ ମୁଠେ ଭାତ ଦେବାକୁ ଘରେ ନାହିଁ ଗଣ୍ଡେ ଖୁଦ,
ରାଗ ହ' ଗୃହରେ ଝିଅ ଅଛନ୍ତି ଉଦ୍ ଖାଲି ଦାହ ଦୁଃ ।
ଆଉ ଦିନ୍ ଭତ ପାଆ ସଙ୍ଗେ ପଡ଼ି ନାହିଁ ମୋର ମନେ,
ମୋ ଛୁଇ ପଡ଼ିଲେ ଡାକନ୍ତି ନୋଳିଆଁଟା କହୁଥିଲେ ଦେହ ଭାନେ ।
ଅଙ୍ଗୁଳି ଧରି ମାଙ୍ଗୁଳି ଧରିକେ ହାତରୁ ମାଉଁସ ଝୁଲେ
ବାହାରେ, ହାଟରେ, ଗାଧୁଆ ତୁଠରେ ମୋ'କଥା ସବୁଠି ପଡେ ।
ଶାଶୁ କହୁଥିଲା, ମୋ ଶିରୀ ନଦେଖେ, ନଣନ୍ଦ ଗଂଜଇ ଭାରି,
ଶୁଣି ନଣନ୍ଦଙ୍କ ତର ଗୃହେ ବାଟ ଧାଡ଼ି ମ' ଛନମ ଶର ।
ଶ୍ୱଶୁର ବୁଢ଼ା ମୋ କୁଢଙ୍ଗ ଇଙ୍ଗିତେ ଅମିନ ଗୃହା ଧରେ,
ଦିନକ ପାଇଁ ସେ ଗାଁ ଘରକଥା ହୃଦୟରେ ମୋ ଠେ ନଥରେ ।
ସାଅନ୍ତେ କୁଆଡେ ଯାଇଥିଲେ ଦିନେ ଅନ୍ୟ ଗାଁ କଥବିକା
ତାଙ୍କୁ ଦେଖି ପଚାରିଲି ଧଇଁ ଧଇଁ କଥା ? ତୁ ଜାଣିଲେ ଗଲେ ଭାଇଙ୍କ ?
ସେ ଯାଆଁ ଅଧିକାରର ମହିଳା ଜନମରେ ଗଗନ୍ଦର ଧୁଆଁ ଦାଉ,
ସତ କଥା ମନ ହେଉନା କହୁଛିକେ ପରୁଷିଲୁ ମୋ ହୃଦ ଯାଏ ।
ଏଇଥିପାଇଁ ଏଇ ପୁରସ୍ତମ ଗଲେ ଏଠିକି ଅଇଲେ ନାହିଁ
ମାଉଁସିକି ଅଛି ଦେଖିବାକୁ ଟିକେ ? ଶୁଣି ମୁଁ ରହିଛି ଶୁଣି ।
କା'ଆଗେ କହିବ ବାପ ଭାଇ କଥା ? ସଜମ ମଲିଛି ମୋ ଦେହ
ଆଗ୍ରହର ବୋଲି ସବୁକଥା ଯିବା କହୁଛି ନଖାଣ୍ଟମୁଁ ଦେହେ
ବାପଙ୍କୁ କହିବୁ, ଏହୁଡ ଗାଳରେ ଦେଇ ଥାନ୍ତୁ ଯେତେମାର
ଏତେ କଷ୍ଟକଷ୍ଟ ସହୁଥାନ୍ତି ଥିବ ହେଇ ଥାନ୍ତା ଭଲ ଭାଇ
କାହିଁ ଅଛନ୍ତି ଭାଉଜ ମନେ ମୋ' ? କାହିଁ ଅଛନ୍ତି ସୁଅ ?
ଭଲ ଅଛି ନା ମୋ ଲାଜ କୁଳୀଟା ସେ ମଲା ଗୁଡ଼ିଆ ଝିଅ ?
ସୀତା ମଅ ବୁଢ଼ୀ ମଙ୍ଗୁଣି କୁଆଡ଼େ ? ନାତୁଣୀଟି ତାର କେଉଁଠି ?
ଭଲ ବରଷିଏ ଲୁହିତ ତ ପାଇଁ । ବସନ୍ତ ଲାଗିଛି ଏଣେ ।
ଭୋକ ଉପାସରେ ରହିଛି ଏଥର ବାହିଁ ମୁଁ ହାଦ ହାଦ
କେଶବ ବାରିକ ଅଣୁଥିଲା ପତ୍ର କୁଆଡ଼େ ଡଙ୍ଗା ବାଣ୍ଡି ?
ଏ ଖଣ୍ଡିଆ ଗାଆଁ କଥା ତୁ କହନା ସବୁ ଦିନେ ଦୁଃଖ ଖିଆ,
ସବୁ ଯାକ ଏଠି ଦର ଘର ଭଙ୍ଗା ଗଳ ମୂରୁଖ କାଳିଆ ।
ମାଲ ମକଦ୍ଦମ କରି ଶହ ଶହ ସରି ଦେବେ ପଛେ ଟଙ୍କା
ପାଠ ଶାଠ କଥ ପଡ଼ିଲା ଯଣ୍ଡ ତ ସମସ୍ତଙ୍କ ମୁହଁ ବଙ୍କା ।
ଖବର କାଗଜ ପଢ଼ିବାକୁ ଖଣ୍ଡେ ମିଳଇତ ନାହିଁ କେବେ,
ପାଞ୍ଚ କୋଶ ଦୂର ଡ଼ାକଘର, କିଏ ଶୁଣେ କିଛି ଯଦି ଏ ଯେବେ ।
ଆ ଲେଖିଥିଲା ଚିଠି ଖଣ୍ଡିଏ ପାଖୁଥିଲା ହଜିଗଲେ,
ବସିଥା ଟିକିଏ ଆସେ ମୁଁ କାହିଁକି ଖୁଡ଼ି ଶାଶୁ ଆସି ଡ଼ାକେ ।
"ନାହିଁ ମ ବୋଇତ ଯାଉଛି ମୁଁ ଗୃହ ଉଛୁର ହେଲଣି ଭାରି,
ବେଣା ପଟ ବାଟ, କୋଇଲିଖିଆ ବଣ ଥାଅଛି" କହିଲା ଶାରି ।

---

୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ଯୋ ଅତା ନେହି ଅନେକ ଦୋ

ଶ୍ରୀଯୁକ୍ତ ମହନ୍ତଙ୍କୁ ଭକ୍ତମାନେ ବିପୁଳ ସମ୍ବର୍ଦ୍ଧନା କରିଗଲେ । ଜନୈକ ପ୍ରତିଷ୍ଠିତ ଓଡ଼ିଶାରେ ହଜାର ହଜାର ଟଙ୍କା ମହନ୍ତ ବଙ୍କ ପାର୍ଶ୍ୱ ବଢ଼ିଗଲେ । ମନ୍ଦିରର ମଣ୍ଡପ— ସଜ୍ଜିତ ହେଲା । ଫୁଲ ହାରର ପଦ୍ମରେ ମାଳ ଦିଆଗଲା । କାଳୋଚିତ ଟ୍ରାଫିକ । ଏମ୍ ତୋରଣ ସଜା ହେଲା । ପୂଜାର ଓଡ଼ିଶା ଦିଆଗଲା । ସୁନ୍ଦର ରଥ ଓ ବିମାନ ବନାଇ । ମହନ୍ତ ମହନ୍ତାବ ନିଜେ ଏ ସବୁ ମନା କରିବା ସତ୍ତ୍ୱେ ହୋଇଛି ବୋଲି ସେ ସଭାରେ କହିଲେ । ଆପ ଦେଶରେ ଏକଦା ଜଣେ ନିସ୍ପୃହ ସାଧୁ ଥିଲେ । ସାଧୁଙ୍କୁ ତାଙ୍କ ଭକ୍ତ ଭୋଜୀ ହୋଇଁ ହୋଇଁ ହଠାତ୍ ଜଣେ ପରଶାଳୀ ମାଛ ପରଷି ଦେଲା । ପାଖ ଲୋକେ ଚିତ୍କାର କଲେ— କି ପାପ ହେଲା— ସାଧୁଙ୍କ ପତ୍ରରେ ମାଛ ? ସାଧୁ ରାଗିକରି ଅଭିଶାପ ଦେବେ ଯେ । ସାଧୁ କହିଲେ— ମୁଁ ତୁମମାନଙ୍କ ଭଲ ପାଇଁ । ମୁଁ ମନା କରିବା ସତ୍ତ୍ୱେ ତମେ ଏ ଆୟୋଜନ ଦେଲ । ତା ବୋଲି କଣ ଅଭିଶାପ ଦେବି ଆଜ ଯେତେବେଳେ ଦେଲଣି— ତବେ ତମର ମନରକ୍ଷା ପାଇଁ ଏତକ କହିବି— ଯୋ ଅତା ନେହି ଉସେ ଅନେ ଦୋ । ଠାକୁରଙ୍କ ଇଚ୍ଛା । ମହନ୍ତଙ୍କ ସମ୍ଭବତଃ ସେହି ସାଧୁଙ୍କ ନୂଆ ଅବତାର ।

ଆଗେ ବଢ଼ୋ !

ଶ୍ରୀଯୁକ୍ତ ମହନ୍ତ ବ କହୁଛନ୍ତି ଆମେ ତିନି ବର୍ଷ ଭିତରେ ଅନେକ ଦିନ ଆଗେଇ ଯାଇଛୁ । ବାସ୍ତବିକ ତିନି ବର୍ଷ ଭିତରେ ୧୦୦୦ ଦିନ ଆଗେଇ ଯାଇଛୁ । ଓଡ଼ିଶାରୁ ଦିଲ୍ଲୀ ଯାଏ ଆସିଗଲୁଣି । ପୁଣି ଦିଲ୍ଲୀରୁ ଆଉ କେଉଁଠିକି ଆଗେଇ ମଧ୍ୟ ଯାଇପାରୁଁ ।

ସେବକ ଲୋଡ଼ା

ଶ୍ରୀଯୁକ୍ତ ମହନ୍ତ ବ କହୁଛନ୍ତି ବର୍ତ୍ତମାନ ସେବକ ଲୋଡ଼ା । ବାସ୍ତବିକ ସେବା ବିନା କାମ ଚଳିବ କିପରି ? ମାତ୍ର ସମସ୍ତେ ସେବକ ହେଲେ ସେବା କରିବ କିଏ କାହାର ? ସେବାର ଠିକ ଅର୍ଥଟା ତ ମହନ୍ତଙ୍କ ତାଙ୍କ ଶିଷ୍ୟମାନଙ୍କୁ ଶିଖେଇ ଦେଇଛନ୍ତି ଯେ ସେମାନେ ଠାକୁର ଖାଇ ଖଟୁଲି ଖାଇ ବସିଲେଣି । ଅଦ୍ଭୁତ ପୂର୍ଣ୍ଣ ସେବ । ?



Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେ—ଗୁଧାମେ ହୃନ ଗଞ ନ୍ନାୟୂଠ

ଲେଖକ ବା କବି ଜଳ, ସଂପ୍ରଦାୟର ଅନ୍ତର୍ଭୁକ୍ତ। ଜଳାପ୍ରକାଶରୁ ମୁଁ ଅଧୁନିକ ଦୁନିଆର ଜଳବକାଙ୍କ ସଙ୍ଗେ ତୁଳନା କରି କେହି ଅନ୍ୟାୟ କରୁନାହିଁ। କଳାକାର ବା ଗୃହୀ ଜୀବନକାଳ ମଧ୍ୟରେ ସୁଖସଂପଦରେ, ସମତା ବଳରେ ପ୍ରାଚୁର୍ଯ୍ୟ ଓ ଭରେ ରହିବାକୁ, ଦାମ୍ପତ୍ୟ ଜୀବନ ପାଇଁ କୋଠାବାଡ଼ି, ଯାନବାହନ, ବ୍ୟାଙ୍କବ୍ୟାଲାନ୍ସ ରଖିଯିବାକୁ ମାତ୍ର ଅଳ୍ପ ଜଣଙ୍କ ଚୃହେ ଦୁଃଖରେ ଦୈନ୍ୟରେ ବଞ୍ଚିଯିବାକୁ, ଜୀବନ ସଂଗ୍ରାମରେ ଛିଡ଼ ଛତ୍ର, ଲହୁ ଲହୁ ଭିତରୁ ଯେଉଁ ସଙ୍ଗୀତ ସୃଷ୍ଟି କରିଯିବ ଦାମ୍ପତ୍ୟ ଜୀବନ ପାଇଁ ନୁହେଁ, ଅଟ ସ୍ୱାର୍ଥପର ହୋଇ ମୃତ୍ୟୁର ନିକଟରେ ଭଣିବାକୁ। ଇଂରେଜୀ କବି J. E. Flecker ଜୀବନ କାଳରେ ତାଙ୍କ ମୃତ୍ୟୁର ମୃତ୍ୟୁହୀନ ଭବିଷ୍ୟତ ଦେଖିଥିଲେ—

I who am dead a thousand years  
And wrote this sweet archaic Song.  
Send you my words for messengers  
The way I shall not pass along.

× × +

O, friend, unseen, unborn, unknown,  
Student of my sweet English Tongue  
Read out my words at night alone  
I was a poet, I was young.

କବୀନ୍ଦ୍ର ରବୀନ୍ଦ୍ରନାଥ ସେହିପରି ଏକ ଭବିଷ୍ୟତରେ ପହୋ ଦେଖିଥିଲେ ତାଙ୍କ 'ସଲ' କବିତାରେ—

ଆଜ ହତେ ଶତବର୍ଷ ପରେ  
କେ ତୁମି ପଡ଼ିଛ ବସି ଆମାର କବିତାଖାନି  
କୌତୂହଲ ଭରେ  
ଆଜି ହତେ ଶତବର୍ଷ ପରେ।

"ମୁଁ କାହିଁକି ଲେଖେଁ" ଏହା ମୋ ନିଜକୁ ଅଜ୍ଞାତ ନୁହେଁ। ତାହା ମୁଁ ମର୍ମେ ମର୍ମେ ଅନୁଭବ କରେ ତେଣୁ ଏ ପ୍ରଶ୍ନ ପଚାରନ୍ତି କାହାକୁ ? ମୋ ପକ୍ଷରେ ଯେତିକି ପ୍ରକାଶ କରିବା ସମ୍ଭବ ତାହାର ଆଲେଖ୍ୟ ମୁଁ ଦେଖିଛି ମୋର ଭାବ୍ୟ କବିତାରେ, ଆଲୋଚନାରେ ଯାହା ସମ୍ଭବ ନୁହେଁ ତାହା କହିବା ପାଇଁ ମନର ପ୍ରକୃତ କଥା ସେ ଭଳି ଲେଖାର ଶୈଳୀରେ, କଳାର କୌଶଳରେ।

ପାଠଶାଳା ଘରେ ଛୋଟା ହୋଇ ଆସମୀ ଜନନୀ ନବ— ସ୍ନିଗ୍ଧ ସଲଖ ସତ୍ୟ ସେ କହିଥିବ ନାହିଁ—ତାର କବାଟରେ ଥାଏ ବେଣୀ ହଗ ନିଜକୁ ଚମ୍ପାଇବାର ଚେଷ୍ଟା। ମୁଁ ଅବଶ୍ୟ ଏ କ୍ଷେତ୍ରରେ ଆସମୀ ନୁହେଁ— ପଞ୍ଚ ପାଠଶାଳା ଘରେ ଛୋଟା ହୋଇଥିବାର ଅଭିଜ୍ଞତା ବୋଧ କରୁଛି।

ଅଦ୍ୟାବଧି ମୁଁ ୧୬।୧୭ ଖଣ୍ଡ ବହି ଲେଖିଛି। ସେଥିରୁ ପ୍ରକାଶିତ ହୋଇଛି କାଳିଦାସ, ବିଶ୍ୱାମିତ୍ର, ଗୋପନାଥ, ଉତ୍କଳିକା, କାବ୍ୟନାଟିକା, ନରକାନ୍ତର ଓ ସ୍ୱରଣିକା। ଅଧିକାଂଶ ମାଟି ତଳେ।

ଯେତେବେଳେ ପ୍ରଥମ ଥର ମୁଁ ଲେଖିବାର ଆରମ୍ଭ କରିଥିଲି ତା ଭଲେ କିଛି ମନେ ହେଉ ନାହିଁ। ମୋର ସେ ବୟସ ବା ମନରେ ସେତେବେଳେ ଦେହୁଳି ଚାହିଁବାର କୌତୁକ ଜାତ ହେବା ସମ୍ଭବପର ନୁହେଁ। କୁହୁଡ଼ି ଭଳି ମୁଁ ଦେଖୁଛି ଅତୀତର ସେଇ ଦୂର ଦୂର ଦିଗନ୍ତ ଧୂସର ଦିନ ଗୁଡ଼ିକ— ଯା ଭିତରେ ମୋ ଭିତରର କବି ବା ଲେଖକର ଜନ୍ମ।

ମୋର ପ୍ରଥମ ଲେଖା "ଛାୟା" ନାମକ ଗୋଟିଏ ଗୀତ। ୧୯୧୯ରେ ଲେଖିଥିଲି। ମୋର ବୟସ ସେତେବେଳେ ଅତ୍ୟନ୍ତ ଅଳ୍ପ। ସେ ଲେଖାଟି ଆଉ ଉପଲବ୍ଧ ନାହିଁ। ଉଦୟାଚଳ ସେଇ ତାର କ୍ଳେଦକୁ। କଳା ବାଦଲ ଦେହରେ ହଉଆ ଲାଗିଲେ ସେଥିରୁ ଯେମିତି ଏ ଛବି ଦର୍ଶନ। ମୋର ଚଞ୍ଚଳ ତରଳ ମନରେ ସେତେବେଳେ ଲାଗି ଯାଇଥିଲା ଏକ ସୌନ୍ଦର୍ଯ୍ୟ— ଏକ କଳ୍ପନାର ସ୍ୱର୍ଗ— ଯାହାକୁ ମୁଁ ରୂପ ଦେଉଥିଲି ସେଇ ଲେଖାଟିରେ। ତା ପରେ ସୌନ୍ଦର୍ଯ୍ୟ ହେତୁ ପ୍ରାଣର ମୁଁ ଜାଣିନାହିଁ। "କ୍ଳାନ୍ତିହୀନ ସୁଖ-ସ୍ୱପ୍ନ" ତାର ପ୍ରକାଶ। ସୌନ୍ଦର୍ଯ୍ୟ ବୋଧ— ଆନନ୍ଦ ବୋଧର ତାହା ଏକ ପ୍ରତୀକ। ଆକାଶ, ପ୍ରଭାତ, ସନ୍ଧ୍ୟା, ବର୍ଷା, ଜ୍ୟୋତ୍ସ୍ନା, ଫୁଲ ବନ ଓ ବସନ୍ତ ପ୍ରକୃତି ମୋର ରକ୍ତରେ ମାତିଥିଲା ବୋଲି ମୋତେ ଘେରି ରହିଥିଲେ। ମୁଁ ହୋଇଥିଲି ସେମାନଙ୍କର ଉପାସକ— ରୂପ କାର।

ଆଖି ଆଗରେ ଦେଖାଦେଲା ଜୀବନର ନାନା ଚିତ୍ର ବାସ୍ତବ— ସ୍ନେହ ମାୟା ମମତା ସୁଖ ଦୁଃଖ ନାନା କଥା, ତାହାକୁ କେନ୍ଦ୍ର କରି ମୁଁ କବିତା ଲେଖିଲି। ପ୍ରଥମ ଥର ମୋର କବିତା ପ୍ରକାଶିତ ହେଲା 'ସହକାର'ରେ ୧୯୨୭ ମସିହାରେ; ଉତ୍କଳ ସାହିତ୍ୟରେ ୧୯୩୦ରେ। ପ୍ରଥମ ବହି ବାହାରିଲା 'କାଳିଦାସ' ୧୯୪୦ରେ। କବିତା ଲେଖିବାରେ ଯେଉଁ ଆନନ୍ଦ ମିଳେ ପ୍ରକାଶରେ ତାହାର ତୃପ୍ତି। ଯେଉଁ ଦିନ ମୋର ଲେଖା ପ୍ରଥମ ହୋଇ ପ୍ରକାଶିତ ହେଲା ତା ମୋ ଜୀବନରେ ଗୋଟିଏ ସ୍ମରଣୀୟ ମୁହୂର୍ତ୍ତ।

ବନ୍ଧୁ ମହଲରୁ, ଗୁରୁଜନମାନଙ୍କଠାରୁ ପ୍ରଶଂସା ପାଇଲି। ଉତ୍ସାହ ପାଇଲି। କେଉଁ କବିତା ଲେଖିବାରେ ମୋତେ ସାହାଯ୍ୟ କରିଛି। ମାତ୍ର ଲେଖାର ହେତୁ ଏଇ ଉତ୍ସାହ ନୁହେଁ, ପରିବେଶର ପ୍ରଭାବ... ଜୀବନର ସଙ୍କେତ... ମୁଁ ଲେଖିଛି—

ଜବ ହେବ, ଯାଇ ବସନ୍ତ ବେଳ  
ପ୍ରବଳ ଝଡ଼ରେ ପ୍ରବଳ ଝଡ଼  
ଗଲ ଅନ୍ଧାରର ପକ୍ଷିତି ସମ  
ଉଡ଼ି ଯାଉଥାଏ ଏ ମୋର ମନ  
ଦୁନିଆ ପାରରେ ଦରିଆ ପାର  
ଯେତେବେଳେ ହେଉଛି—  
ମୃତ୍ୟୁ କଣ୍ଠେର ଅଜଣି ପଥ।  
ସବୁଜ ଲହରେ ସବୁଜ ଲହୁ,  
ଅନ୍ତରେ ଆଶ କରଇ ମୋହ।

ସମୁଦ୍ରଙ୍କର "ଲହର" ଓ 'ଲହୁ'କୁ 'ମହୁ' ଧନ୍ୟବାଦ ଦେଇ। ସେଇଦିନ ମୋର ଇଂଗ୍ଲଣ୍ଡ ଯେଉଁ ଦିନ ମୁଁ ମନରେ ଅନୁଭବ କଲି ଲହୁ ଲହୁର ଚିତ୍ର— ବହୁବର୍ଣ୍ଣ ମୌସୁମୀ। ଆତ୍ମତୃପ୍ତି ଭାବରେ ମୁଁ ପ୍ରାଣରେ ବରଣ କରି ନେଇଛି ପରବର୍ତ୍ତୀରେ ମୁଁ ଉଠୁଛି, ହୋଇଛି—

ନମ୍ର ନାହିଁ, କମ୍ର ନାହିଁ, ନାହିଁ ଧୀର  
ଉଗ୍ର ଆଜି ମୁଁ ଭୀଷଣ ଆଜି ମୁଁ ଅଗ୍ରସର।  
ମୁଁ ଅପଥା ବୃନ୍ଦ ହେଉଛି...

କାଳୁ ମୋର ଲକ୍ଷ୍ୟ କଲ୍ୟାଣ ପାଇଁ। ସେଇ ମୌସୁମୀରେ ମୁଁ କହୁଛି

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com

# ବାଚସ୍ପତିଙ୍କ କାର୍ଯ୍ୟକଳାପ

ସଂପାଦକ ମହାଶୟ ସମୀପେଷୁ

ଆସେମ୍ବ୍ଲି ହେଉଛି ଦେଶର ସମସ୍ତ ଲୋକ ସାଧାରଣଙ୍କର ମୁଖପତ୍ର । ସାଧାରଣ ସ୍ୱାର୍ଥ ଓ ଭଲ ମନ୍ଦରେ ଓ ସରକାରର ସମସ୍ତ କାର୍ଯ୍ୟ ବିଷୟରେ ଏଠାରେ ଅବାଧ ବକ୍ତବ୍ୟ ଅବତାରଣ ଓ ଉତ୍ତର ସ୍ଥାନ ମଧ୍ୟ ରହିଅଛି । କୌଣସି ବ୍ୟକ୍ତି ବିଶେଷ ଯେତେ କ୍ଷମତାପନ୍ନ ବା ବଡ଼ ହୋଇଥାନ୍ତୁ ନା କାହିଁକି, ତାଙ୍କର ସରକାରୀ ଓ ସାଧାରଣ କାର୍ଯ୍ୟ ସାର୍ବଭୌମ ଦେଶବାସୀଙ୍କ ସମ୍ମୁଖରେ ଯେ ବିଚାର ଯୋଗ୍ୟ ଏହା ସର୍ବବାଦୀ ସମ୍ମତ, ତାହା ନ ହେଲେ ଗଣତନ୍ତ୍ରର ଅବମାନନା ଘଟିବ । ସେଥିପାଇଁ ଉନ୍ନତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରିକି ପରାଧୀନ ରାଜ୍ୟମାନଙ୍କରେ ମଧ୍ୟ ବ୍ୟବସ୍ଥାପକ ସଭା ମାନଙ୍କରେ ବାକ୍ୟ-ସ୍ୱାଧୀନତା ଗଣତନ୍ତ୍ରର ଏକ ପ୍ରଧାନ ଅଙ୍ଗ ହୋଇ ରହିଅଛି । କିନ୍ତୁ ଏହା ବୋଲି ବାକ୍ୟ ସ୍ୱାଧୀନତାର ସୁବିଧା ନେଇ କୌଣସି ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଈର୍ଷ୍ୟାମୂଳକ କୁତ୍ସା ଓ ମିଥ୍ୟା ରଚନା କରିବା ନିତାନ୍ତ ଅବୈଧ, ଅସଙ୍ଗତ ଓ ଅନୀତି ସଂପନ୍ନ । ସମାଲୋଚକ ଯଦି ବାସ୍ତବିକ ଏପରି କରିଥାନ୍ତି ତେବେ ତାଙ୍କର ଦଣ୍ଡ ଦିଆଯାଇ ପାରେ । କିନ୍ତୁ ମହତାବଙ୍କୁ ବ୍ୟକ୍ତିଗତ ଆକ୍ଷେପ ନ କରି ଯଦି ସେ ତାଙ୍କର ସରକାରୀ ବା ସାଧାରଣ କାର୍ଯ୍ୟ ବିଷୟରେ ସମାଲୋଚନା କରିଥାନ୍ତି ତେବେ ତାହା ନିତାନ୍ତ ଭୁଲ ହୋଇଥିଲେ ମଧ୍ୟ ଆସେମ୍ବ୍ଲି ବିବରଣୀରେ ରହିବା ଯୋଗ୍ୟ । କାରଣ ବକ୍ତା ଅଭିଯୋଗମାନଙ୍କର ଉତ୍ତର ସରକାରଙ୍କ ତରଫରୁ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନଗୋ ଦେଇଛନ୍ତି ।

ଗତ ପୂର୍ବରୁ ଆସେମ୍ବ୍ଲିରେ ନକେ ଶ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଗାଳବନ୍ଧ ଦାଶ ଗୋଦାବରୀଶ ମିଶ୍ର, ଶ୍ରୀ ଯଦୁମଣି ମଙ୍ଗରାଜ ଓ ଶ୍ରୀ ଦଧିବର ପଟ୍ଟନାୟକଙ୍କ ବିରୁଦ୍ଧରେ ବ୍ୟକ୍ତିଗତ ଆକ୍ଷେପ ଓ କୁତ୍ସା ରଚନା କରିଥିଲେ । ସେମାନେ ପ୍ରକାଶ୍ୟରେ ବାରମ୍ବାର ସେହି ଅଭିଯୋଗ ଗୁଡ଼ିକର ଯଥାର୍ଥତା ପ୍ରତିପାଦନ କରିବାକୁ ଏବଂ ସରକାର ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା କରି ପ୍ରମାଣ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେ ଏ ବିଷୟରେ ନୀରବ ଥିଲେ । ପାର୍ଲିଆମେଣ୍ଟାରୀ ନୀତି ଅନୁସାରେ ଏହା ଅନ୍ୟାୟ ହେଲେ ସୁଦ୍ଧା ମାନ୍ୟବର ଆସେମ୍ବ୍ଲି ସଭାପତି ସେ ବିଷୟରେ କିଛି ପ୍ରତିକାର କରି ନଥିଲେ । ଆସେମ୍ବ୍ଲି ମେମ୍ବର ଶ୍ରୀ ଭୈରବ ମହାନ୍ତି କିଛି ଦିନ ତଳେ ଜଣେ ପ୍ରତିଷ୍ଠିତ ଉଚ୍ଚପଦସ୍ଥ ପୋଲିସକର୍ମଚାରୀଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ଉକ୍ତ ପୋଲିସ କର୍ମଚାରୀ ଏହାର ତୀବ୍ର ପ୍ରତିବାଦ କରି ସରକାରଙ୍କ ନିକଟରେ ଅନୁସନ୍ଧାନ ପାଇଁ ଦାବୀ କରିଥିଲେ । କିନ୍ତୁ କାହିଁ ସେଥିକି ତ ସରକାର କି ମାନ୍ୟବର ସଭାପତି ଆସେମ୍ବ୍ଲି ବିବରଣୀରୁ କାଟିଲେ ନାହିଁ ।

ବର୍ତ୍ତମାନ ଦେଶରେ ବ୍ୟକ୍ତିର ଅଧିକାଂଶ ମୌଳିକ ଅଧିକାର କଟି ଯାଉଛି । ଦାୟିତ୍ୱ ସଂପନ୍ନ ଲୋକ ପ୍ରତିନିଧି ମାନଙ୍କର ଆସେମ୍ବ୍ଲିରେ ଯାହା କିଛି ଅଧିକାର ଥିଲା ତାହା ମଧ୍ୟ କାଟିବା ପାଇଁ ଉପରୁ ଉଦ୍ୟମ ହେଉଛି । ଏହା ଗଣତନ୍ତ୍ର ନା ହିଟଲରୀ ତନ୍ତ୍ର ଦେଶବାସୀ ତାହା ବିଚାର କରନ୍ତୁ ।

ଲେ—ଶ୍ରୀ ଅମିତାଭ ମହାପାତ୍ର

ମହାଶୟ,

ବଡ଼ ବଡ଼ ମଥାରେ ସବୁବେଳେ ବଡ଼ ବଡ଼ ଭାବନା ଏବେ ଯାହାକି ଆମ୍ଭ ବାଚସ୍ପତିଙ୍କ ମଥାରେ ପଶିଛି । ତେଣୁ ସେ ଉମାଚରଣ ପଟ୍ଟନାୟକଙ୍କର ମହତାବଙ୍କ ଅର୍ଥ ଅପବ୍ୟୟ ଅଭିଯୋଗକୁ ଗଣନକୁ ନେଇ ନାହାନ୍ତି । ବାଚସ୍ପତି ଆମ୍ଭର ଏକ ମହତ ଉଦ୍ଦେଶ୍ୟ ସାଧନ କରିଛନ୍ତି । ତାହା ହେଉଛି— ମହତାବଙ୍କ ପ୍ରଥମଥର ପାଇଁ ପ୍ରଥମ ନମ୍ବର ବିମାନ ଓଡ଼ିଶାରୁ ଦିଲ୍ଲୀଯାଏ । ପୁଣି ତାହା କେବଳ ଯାଏ ନୁହେଁ, ଦିଲ୍ଲୀର ସ୍ଥାୟୀ ରଙ୍ଗ ମଞ୍ଚରେ ସର୍ବୋଚ୍ଚ ମହତାବଙ୍କୀ ହେଉଛନ୍ତି ଜଣେ ପ୍ରଧାନ ଅଭିନେତା । ତାଙ୍କର ଅଭିନୟ ଦ୍ୱାରା ଓଡ଼ିଶା ବାସୀଙ୍କ ଆନନ୍ଦ ହେବାର କଥା ପୁଣି ଭାରତ ବାସୀ ମଧ୍ୟ ନାଚିବା ପାଇଁ ମନ ବଳାଇଲେଣି ଏହା ଓଡ଼ିଶାର କମ ଗୌରବ ନୁହେଁ । ବାଚସ୍ପତି ମହାଶୟଙ୍କ ଭଳି ମଥାରେ ଯଦି ଏ ସୂକ୍ଷ୍ମ ଭାବନା ପଶି ନଥାନ୍ତା ଏବଂ ସେ ମହତାବଙ୍କୁ ଛପି ଗୃପି ଧରି ନଥାନ୍ତେ ତେବେ ଓଡ଼ିଶାର ଗୌରବ ଏତେ ଅଳ୍ପକାଳ ମଧ୍ୟରେ ପ୍ରକଟିତ ହୋଇଥାନ୍ତା କିପରି ? ଏଥିପାଇଁ ବାଚସ୍ପତି ମହାଶୟ ଧନ୍ୟବାଦର ପାତ୍ର ।

ମୟୂରଧର ବେହେରା ଭଦ୍ରକ କଲେଜ ।

—ଅସନ୍ତା ସଂଖ୍ୟା ପାଇଁ—

ଦେଶରେ ବନ୍ୟା ଦୁର୍ଭିକ୍ଷ ପଡ଼ିଥିବା ସମୟରେ ହଜାର ହଜାର ଟଙ୍କା ଖର୍ଚ୍ଚ ହୋଇ ମହତାବଙ୍କ ସମ୍ବର୍ଦ୍ଧନା କରିବା ଦ୍ୱାରା ଲୋକେ ଦୁଃଖ ଭୁଞ୍ଜି ପାଉଛନ୍ତି । ଏହାର ବିପକ୍ଷ ଓ ସପକ୍ଷମତ ପ୍ରକାଶ ପାଇବ । ସଂପାଦକ ।

---

[ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ]

ତାରକା ମଣ୍ଡଳରେ ଚନ୍ଦ୍ରମା ମଣ୍ଡଳରେ ମର୍ତ୍ତ୍ୟଜୀବ
ରୁଦ୍ରସେନା ଏ ମୂର୍ତ୍ତି ମେଘର ମୁହଁତ ଶିବ ।

ଜୀବନରେ ଘଟନାର ଘଟା ଆସିଛି ବହୁତ । ଆନନ୍ଦରେ ହସିଛି, ଦୁଃଖ ଦୈନ୍ୟରେ କାନ୍ଦିଛି ଅଭାବର ତୀବ୍ର କଷାଘାତ ସହିଛି, ହୃଦୟ ଦେଇ ହୃଦୟ ପାଇଛି, ପ୍ରଣୟ ଦେଇ ପ୍ରତିଦାନ ପାଇଛି—କିନ୍ତୁ ପ୍ରତାରଣା ମଧ୍ୟ ପାଇଛି । ବଞ୍ଚିତ ଲାଞ୍ଛିତ ଅବହେଳିତ ଅପାଙ୍କ୍ତେୟ ମଣିଷ ପାଇଁ ଚିନ୍ତା କରିଛି, ଅଶ୍ରୁ ଦେଇଛି, ବିପ୍ଳବରେ ଯୋଗ ଦେଇଛି । କିନ୍ତୁ ସବୁ ଭିତରେ ଦୁଇଟି ଜିନିଷ ମୋ ଆଖିରେ ବଡ଼ । ଗୋଟିଏ ପ୍ରେମରେ ବିପ୍ଳବ, ଆଉଟି ବିପ୍ଳବରେ ପ୍ରେମ । ଏହାର ପ୍ରଭାବରେ ଏହାରି ଅନୁପ୍ରାଣନାରେ ମୁଁ ଲେଖିଛି ମୋର କାବ୍ୟ କବିତା ଅନୁପ୍ରାଣିତ ହୋଇ ବିଭୋର ହୋଇ । ତଥାପି ମୁଁ ସନ୍ତୋଷ ନୁହେଁ । ସବୁ କହିବାକୁ ଯାଇ ଉଦ୍ଧିଟି ଗୋପନ କରିଛି—ନର ବା ଗୁଞ୍ଜନ ଅଶ୍ଳୀଳ ଅଥବା ହଠ ।

ମୋର ଲକ୍ଷ୍ୟ ଜୀବନରେ ମୁକ୍ତି ଓ ମୃତ୍ୟୁରେ ଜୀବନ । ସେଥିପାଇଁ ଅର୍ଥ ଲୋଭ ଯଶ ଲୋଭ ମୋର ଲେଖକୁ ମୁଁ ଅର୍ଥ ପାଇଛି, ପାଇଛି ଯଶ ପାଇଛି । ସେଥିପାଇଁ ମୋର ଲୋଭ ନାହିଁ ବୋଲି କହି ପାରିବ ନାହିଁ । ସେଥିରେ ଉଦବୁଦ୍ଧ ହୋଇ ବେଳେ ବେଳେ ମୁଁ ଲେଖୁଛି ।

ମୋ ଲେଖାରେ ମୁଁ ଏ ଜୀବନ ଓ ମୃତ୍ୟୁ କାହିଁରେ ଆଶାନ୍ୱିତ ହୋଇ ପାରୁନାହିଁ ।



Digitized by srujanika@gmail.com

ନାଗ ଭଉଣୀ

## ବାପୁଜୀ

କହ କିଏ ସେ ନ ଥିଲ ବାପୁ ?
ଅନ୍ତର ଯାର ଦ୍ୟାରେ
ଦୁଃଖ ଜନତାର ନାଇଁ ।
ସତ୍ୟ ସେବାର ପୂଜାରୀ ସେ ଥିଲ
ପୂର୍ଣ୍ଣ କ୍ରୋଧ ରର୍ଷେ,
ଝଡ ସେ ପଡ଼ିଲ ଲକ୍ଷୀ ଦୃଷ୍ଟିରେ
ଗୁଣ୍‌ର ଶୂନ୍ୟ ସ୍ପର୍ଶେ ।
ଷଇତ ଅହିଂସା ଚର – ଚାହିଁଲ
କେତେ ନେ ସେ ଅଗ୍ରିଘ ଲଭ
ଏହ ଧାର ରକ୍ତ ମୁକ୍ତି ମୂଲ୍ୟ ନ
ନେଲିନ ସ୍ଥାନ୍ତ ହର ।
ନୂଆ ସେ ଆଜ ସେ ଅଟଇ ଫଳ
ବାପୁଜିର ଅବତାର.
ସ୍ୱଦେଶର ସେଥି ଦେଶଭକ୍ତ ହୃଦେ
ଦୀପ ଜ୍ଞାନର ।
କେଉଁ ନାହିଁ ଆଜ ଦାସତ୍ୱ ଭାବରେ
ସେ ଭରି ଭିନ୍ନ ଜଣେ,
ଅନି ବ ଧାରାର ବନ୍ଧୁର ଶଠ।
ଭକ୍ତିର ସ୍ନେହ ଦେଖେ ।
ସେ ପାପ ଭାରମା ଲଭିବ ନାହିଁ
ଯୁଗ ଯୁଗ ଧରି କେବଳ,
ଭାରତ ବର୍ଷ ଧନ୍ୟ ଜଣେ
ମାନବ ଗାଇବେ ସର୍ବେ ।
ନୂଆ ଲୋକ ଶ ଅନ ପ୍ରାଣୁଣ୍ଡି ଭାର
ହୋଇ ନାଇଁ ହବ ନାଇଁ,
ଅପୂର୍ଣ୍ଣ ଅନ ପୂର୍ଣ୍ଣ କରଣ
ଲଭନ୍ତୁ ମୁକ୍ତ ଭୂଷ ।—

ମ ଶ୍ରୀ ଅମିଳାବାଳା ଦାସ

## ନାଗଙ୍କ ପ୍ରଶ୍ନ

୧୯୫୦ ମସିହାର କେବଳ ମୁଦ୍ରଣର ବନ୍ଦ କେଉଁ ସ୍ଥାନରେ ପ୍ରକାଶିତ—"ସାହିତ୍ୟ" [ ୧୩୬୪ ]

ବ୍ରହ୍ମରେ ପ୍ରଥମ ପ୍ରକାଶିତ ପତ୍ରର ନାମ କଣ ଓ କେବେ ପ୍ରକାଶିତ ହୋଇଥିଲା-
ଶୁଭେନ୍ଦୁ ୧୩୬୧

ଅମର ପ୍ରଶ୍ନ କହିବାର ଶକ୍ତି ଲାଗେ କାହିଁକି?—ବିଲୋଚନ ୧୧୧

## ଅବସର ବିନୋଦନ ୫୭

ଦୁଇ ଦାଗ ନାହିଁ ମନୁଷ ନ ଥିଲ
ତ' ବିଶ୍ୱ ଆରମ୍ଭୋ ସ୍ପଷ୍ଟ.
ଚନ୍ଦ୍ରମା ଦୃଢ ଗର୍ଭରେ ଫଳିଲ
ଖାଏ ଅବଶ୍ୟ ଅନନ୍ତ ରେ
ନାବଦ—୧୬୮୭

## ୫୫ ନମ୍ବର ଉତ୍ତର

ଉତ୍ତ—ବିଲୋଚନ ୧୧୧ ବରଦନ୍ଦ ୧୩୬୧

## ଘୋଷଣା

ନାଗ ବିଲୋଚନ ବାଗଡିଆଙ୍କ ଅବସର ବିନୋଦନର ଏହ ପରିଚ୍ଛେଦର ଆରମ୍ଭ ହେବ । ପରନ୍ତୁ ନାଗ ଏଥିରେ ଯୋଗ ଦେଇ ପାରିବେ। ଆସନ୍ତା ଅପ୍ରେଲ ମାସ ୧୯୫୧ ଏଥିରେ ହେଉ ନାଗ ଭଉଣୀ ଶ୍ରୀ ... ର ଦୌଉତ୍ୟ ଉଦ୍ଦେଶ୍ୟ ଅବସର ବିନୋଦନ ପରିକଳ୍ପନରେ ସେ ଭଲ ଟୋକେଇ ପୁରସ୍କାର ଦେବେ। ପ୍ରତ୍ୟେକ ନାଗ ୨ଟି ଅବସର ବିନୋଦନ ଅନ୍ଧକାରକୁ ପଠାଇ ପାରନ୍ତି । ଏହି ପ୍ରବନ୍ଧରେ ରାଜାର ପ୍ରଥମ ପ୍ରବେଶ [entry] ଉତ୍ତରର ଏ ନମ୍ବର ଅବସର ବିନୋଦନ ଠାରୁ ଉତ୍ତରର ପ୍ରକାଶ ହେବ। ସମସ୍ତେ ଅଜାଙ୍କ ନିକଟକୁ ପଠାଇବେ । ମାତ୍ର ବିଜୟର ପୁରସ୍କାର ବିଲୋଚନ ଦେବେ ।

## ନୂଆ ନାଗଙ୍କ ନାମ

୧୯୯୭ ଶ୍ରୀଜନକରେ ନ ଦ ସ, ବାରିପଦା ଉ.ଇ.ବିଦ୍ୟାଳୟ ୧୦ମ ଶ୍ରେଣୀ । ୧୯୯୮— ଭାଗିରଥି ସାହୁ, ରେଳୱେ ଷ୍ଟେସନ— ଭୁବନେଶ୍ୱର ଗ୍ରାମ । ୧୯୯୯ ଶ୍ରୀ ଦାଶ୍ରିଥି ପଲ ଗୋପାଳ ନୁଆଗାଁ -ଭୁବନେଶ୍ୱର, ଗ୍ରାମ । ୨୦୦୦ ଶ୍ରୀ ସେଦାନନ୍ଦ ସେଠୀ ୯ମ ଶ୍ରେଣୀ ପୁରୀରାଜ ଉ.ଇ. ବିଦ୍ୟାଳୟ ଭଲ୍ଲିକର ମଠଶା ।

## ନାଗଙ୍କ ଉତ୍ତର

(୧) ଶୁଭେନ୍ଦୁ ଏଇ ଜାଣିବ—

City of seven hills—Rome କୁ କୋହୁଯାଏ ।

Roof of the world—Pamir Plateau କୁ କୋହୁଯାଏ ।

Play-ground of Europe—Switzerland କୁ କୋହୁଯାଏ ।

Land of rising sun—Japan କୁ କୁହାଯାଏ ।

Dark continent—Africaକୁ କୋହୁଯାଏ ।

ବିଲୋଚନ ୧୧୧, ସଖିନ୍ଦା ୧୩୬୪ ଓ ନଗେନ୍ଦ୍ର ୧୩୭୧

[୨]—ଏଉନ ଲାକୁ ଶଢ—ପଚା ଡ଼ିମ ଭିତରେ suelphuretted Hydrogen ନାମକ ଗ୍ୟାସ ରହିଥିବା ଦ୍ୱାରା ତାହା ସମ ଅନୁପାତ ଜଳ ଅପେକ୍ଷା ହାଲକା ହୁଏ। କେତେ ତାହା ମାଥିବନ ରହେ—ସାହୁ ୧୩୬୪ ଓ ବିଲୋଚନ (୧୧୧) ।

୩—ନବ ପୁରସ୍କାର ଲାଭ—

[a]1903 ରେ Franceର Marie Curie Physicsରେ

[b] 1947ରେ Chekoslovakiaର Mrs.F.Covi Medicine ଓ physiology ରେ

[c] 1911ରେ Franceର Marie Curie chemistryରେ

[d] 1935ରେ France ର Mrs. F.Joliot chemistryରେ

(e) 1928 ରେ Norwayର Mme. S.Undset Literatureରେ ଓ

[f] 1931 ରେ Americaର Miss Jane Addams peace ଲାଗି ନୋବେଲ ପୁରସ୍କାର ପାଇଥିଲେ । "ସହିତ୍ୟ" (୧୩୬୪)

## ନାଗବାସ୍କୁ କୁପନ

ଅଜା, ମୁଁ ଜଣେ ନାଗ ଭାଉଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଉଣା ନୋହେ କଣ—ଛା । । ।

ମସିହା । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅନୁଷ୍ଠା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବାସ୍କୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଗ୍ରାହକ ... ଚାରି ଅଣାର ଡାକଟିକଟ ଦେଲି ।

ସ୍ୱାକ୍ଷର

ଠିକଣା—ସ୍ଥା...



Digitized by srujanika@gmail.com

Dagaro 16 10-50
Reg. No O 18. ORISSA'S MOST POPULAR FORTNIGHTLY

# ସାମାଜିକ ଦାୟିତ୍ୱ

ଆମର ପରିସ୍ଥିତିର ଉନ୍ନତି ନିମନ୍ତେ ଅଧ୍ୟାପକ [illegible] କହୁଥିଲେ— ଭାରତବର୍ଷ ସର୍ବୋ— ଯେଉଁଠି ଜନସଂଖ୍ୟା ବେଶୀ ଅଛି, ତା ଭିତରୁ [illegible] ଅଛି [illegible] ଏକ ଗୁରୁତ୍ୱପୂର୍ଣ୍ଣ । ଯେଉଁ ଅଂଚଳରେ ଏ ବ୍ୟାଧି ଅଛି ସେଠା ଲୋକଙ୍କ ଉପରେ [illegible] ପ୍ରଭାବ ପଡ଼େ । [illegible] ବ୍ୟାଧି ସମ୍ପୂର୍ଣ୍ଣ [illegible] ଏହି [illegible] ସାମାଜିକ [illegible] ମଧ୍ୟ ଏହି [illegible] ଅନେକ ପରିମାଣରେ [illegible] କରେ । [illegible] ସେଠାରେ ସମାଜର ସମୃଦ୍ଧ ସ୍ୱାସ୍ଥ୍ୟ ଓ ଶକ୍ତିର [illegible] ଲୋକେ ଯେଉଁ [illegible] ରୋଗରେ ପଡ଼ନ୍ତି ସେଠାରେ [illegible] ହୋଇ ଉଠେ ।

[illegible] ଏହି ଦାୟିତ୍ୱ ଅନୁଭବ କରିବାରେ ଲାଗିଛି । [illegible] ପ୍ରତିନିଧି [illegible] କମିଶନ [illegible] ଓ ଆକ୍ରାନ୍ତ ହୋଇ [illegible] ।

---

ପଢ଼ନ୍ତୁ…ପଢ଼ନ୍ତୁ…ପଢ଼ନ୍ତୁ

ତରୁଣ ଲେଖକ ଶ୍ରୀ ପରମେଶ୍ୱର ମଣ୍ଡଙ୍କ ସଦ୍ୟ ପ୍ରକାଶିତ ରୋମାଞ୍ଚକର ଉପନ୍ୟାସ (ଡିଟେକ୍ଟିଭ)

## ରିପୁଧ୍ୱଜ

ମୂଲ୍ୟ—ଏକ ଟଙ୍କା

ଅନ୍ୟାନ୍ୟ ପୁସ୍ତକ—[ଡିଟେକ୍ଟିଭ ଉପନ୍ୟାସ]

| | |
|---|---|
| ୧—ଟେଲିଫୋନ୍ ମେଲ୍— | ଟ ୧। |
| ୨—ଗୁପ୍ତ ଘାତକ— | ଟ ୧। |
| ୩—ବ୍ୟାଙ୍କ ମ୍ୟାନେଜର— | ଟ ୧। |
| ୪—ରାତ୍ରିର ଯାତ୍ରୀ— | ଟ ୦।/ |

ଶୀଘ୍ର ପ୍ରକାଶିତ ହେବ—

୧—ଟେଲ୍ଲିଙ୍କ ପକେଟ ଗ୍ରାଫ—
୨—ଅନ୍ଧକାରର ଅଭିଯାନ—
୩—ଟେଲ୍ଲିଙ୍କ ଗର୍ଲ—

ପ୍ରାପ୍ତିସ୍ଥାନ—ସାରସ୍ୱତ ଭଣ୍ଡାର କଟକ

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ
ଆୟୁର୍ବେଦୀୟ ଅନୁଷ୍ଠାନ ।

## ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଅଂଶ ସବୁ ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଇଚ୍ଛା କରନ୍ତି ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା<br>ଝାଞ୍ଜିରୀ ମଙ୍ଗଳା<br>କଟକ [ ୧ ] | ସହକାରୀ ସଂସ୍ଥାପକ<br>—କବିରାଜ—<br>ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର<br>ଝାଞ୍ଜିରୀ ମଙ୍ଗଳା<br>କଟକ ( ୧ ) |

---

## ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ପଥମ— | ( କବିତା ) | ଟ ୧୧ |
| ପାଞ୍ଚ ଜନ୍ୟ— | " | ଟ ୧୧ |
| କାଳଚକ୍ର— | " (ଗଳ୍ପ) | ଟ ୧୧ |
| ହାତମାଟି— | [ ଉପନ୍ୟାସ ] | ଟ ୨। |
| ନୀଅନ୍ତା ମଣିଷ— | " | ଟ ୨। |
| ଜୀବନର ଲକ୍ଷ୍ୟ— | | ଟ ୨୧ |
| ଭୁଲ— | | ଟ ୨୧ |
| ଏଗାରଟା— | [ ଶ୍ରେଷ୍ଠ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | " | ଟ ୧। |

ପ୍ରାପ୍ତି ସ୍ଥାନ—ଉଦୟ ପ୍ରେସ,—କଟକ ୧ ---

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଟଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

## ସଂବର୍ଦ୍ଧନା




ବଙ୍ଗାଳ ଉତ୍କଳ ନିର୍ମାତା ଅହେ ମନ୍ତ୍ରୀତାବ ଜୟ ଜୟ,
ତୁମର ଚେଷ୍ଟାରୁ ଦେଶ ମାତା ଆଜ ହୋଇ ଅଛି ନିର୍ଭୟ ।
ଯାଉଅଛ ଯେ ପାଦ ପାଉଅଛ ଦୁଃଖ ଯେ ଉଅଛ ନ ଲଭି,
କାଳ୍ପାଡ଼ ହେ ତମେ ଦେଇଅଛ ତାଙ୍କ ଉମ ସୁନାମର ଗତି ।

୧୪ଶ ବର୍ଷ
ନବମ ସଂଖ୍ୟା

କାର୍ତ୍ତିକ
ପ୍ରଥମାର୍ଦ୍ଧ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଦୁଇ ଅଣା

ଏ ସଂଖ୍ୟାରେ—ସବ୍ୟସାଚୀ ସୁରେନ୍ଦ୍ର

Digitized by srujanika@gmail.com

ଅନୁବାଦ ଜଗତ

## 'ଜହରଲାଲ'

ଲେଖକ:- ଶ୍ରୀ ଘନଶ୍ୟାମ ଦାସ୍. ବି. ଏ. ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**—ପଣ୍ଡିତ ଜୁଆ. ଜହରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ସ୍ନେହ, ଭରତ-ଅବିସ୍ମରଣ, ରବୀନ୍ଦ୍ରନାଥ, ଜୀବନର ବାର୍ତ୍ତି .... ଜୀବନର ସବୁ ମୌଳିକ କଥା, ଝମଳକାଙ୍କ ଗ୍ରନ୍ଥରେ; ଭାରତର ଲକ୍ଷ୍ମୀ... ପ୍ରଭୃତି ୧୩ଟି ଅଧ୍ୟାୟରେ ପରିଚ୍ଛେଦ ।

**Foreword** (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଉଇଣ୍ଟରଙ୍କ, ମାଇକେଲ୍ ହଗେ ପିଅନ୍: ... ବନ୍ଦ୍ୟୋପାଧ୍ୟାୟ, ... ।

**Foreword**- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ... ଜର୍ମାନୀ । ପୂର୍ବଭାଷ । ଓଡ଼ିଶାର ... 'ବିଶ୍ୱଭାରତୀ' (ଇଂରେଜୀ ଓ ତାର ଓଡ଼ିଆ ଅନୁବାଦ) ଡ଼. ... ଦାସ, ଏମ୍, ଏ, ଏ, ଏମ୍, (ଆମେରିକା); ବି. ଲିଟ୍; ଡ଼; ... (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**— ବିଶ୍ୱବିଖ୍ୟାତ ବୈଜ୍ଞାନିକ ସର୍ ସି; ଭି; ରମଣ୍ (ନୋବେଲ୍-ଲରେଟ୍), ଅଧ୍ୟାପକ ... ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ... ; ଅଧ୍ୟକ୍ଷ ଏସ୍. ଏନ୍. ... ; ଶ୍ରୀ ... "Forum"ର ସମ୍ପାଦକ; ... P. E. N. ଭାରତ ଶାଖାର ... ; ଶ୍ରୀଯୁକ୍ତ ... ଅଧ୍ୟାପକ ରାଜକିଶୋର ରାୟ, ... ; ଡ଼. ... ପଟ୍ଟନାୟକ, ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ... ମୂଳକଥା ଅନେକ ବଡ଼ ବ୍ୟକ୍ତି— ... ଚିତ୍ର ଏଥିରେ ... ।

ପ୍ରକାଶକ— ... ମୂଲ୍ୟ ଦୁଇଟଙ୍କା ମାତ୍ର,
ପୋ: ... ବି, ଏନ୍, ଆର୍
... ।

ସ୍ତ୍ରୀ ରୋଗ ପାଇଁ

## ସ୍ତ୍ରୀକା ଚେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨ ୭୯ ଡାକ ଖର୍ଚ୍ଚ—୨ ...

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ମଧ୍ୟରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୫୦୮/ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornw allis St., Calcutta

ହାଉଡ଼ା କୁଷ୍ଠ କୁଟୀର

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ... ଫୋଟକ ଇସିମ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ... । ୫୦ ବର୍ଷାଧିକ କାଳର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ଼ କଲିକତା

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣ କରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଶ୍ଳେଷଣ ବିଚାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୧୧ ମନିଅର୍ଡର କରି କୁପନ-ରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବାଚ୍ଛ ଭବନ, ଭଦ୍ରକ ।

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡ଼ାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ଡା. ଉଇଲ୍ଲିଅମ୍ ଟାଫେଲ୍ଙ୍କର ହୋମିଓପ୍ୟାଥିକ ଔଷଧ ଓ ଜାଙ୍କା ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

### ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ୟାଡ଼ ହ ଗଣ୍ଡ ଇମାନ ଭୁଲାନା କାମୁନ୍ତେ



କାର୍ତ୍ତିକ ପ୍ରଥମାର୍ଦ୍ଧ ୧୪ ଶ ବର୍ଷ ନବମ ସଂଖ୍ୟା ୧ । ୧୧ । ୫୦

## ସବ୍ୟସାଚୀ ସୁରେନ୍ଦ୍ର

ରସ ବିନା ସାହିତ୍ୟ ସୃଷ୍ଟି ଆପଣଙ୍କର ଲେଖାର ଚରିତ୍ର ଅନ୍ୟତର । ତଥାପି ନେହେରୁଙ୍କ ଭାରତ ନୁହେଁ-କମ୍ପା ଭାରତ ଲେଖିଛ ଭାରତ ନୁହେଁ । ଶୁଷ୍କ ବାସ୍ତବ ସମ୍ପର୍କ ଛବିବରରେ ପରିଣତ ହୁଏ— ଆପଣଙ୍କ ଅଙ୍ଗ-ଚଳରେ ତାହା ହୋଇଛି । ଉପର-କୁ ଦେଖିବାକୁ ଶୁଖିଲା । ମାତ୍ର ଶୁଖିଲା କାଠକୁ ଚାପଣି କହେ । ଆପଣଙ୍କ 'କଲେଜ ଛାତ୍ର' ଜୀବନ ନୀରସ ହୋଇ ମଧ୍ୟ ସରସ — ଆପଣଙ୍କର 'ମହାନଗରୀର ରାତି' ସରସ ହୋଇ ମଧ୍ୟ ନୀରସ । ପ୍ରାଣ ନଥାଇ ପ୍ରାଣୀନ ତେଉଁଠି ଜୀବ ଥାଇ ନିର୍ଜୀବ ।




ଆପଣ ବାମ ପନ୍ଥୀ ଓ ଦକ୍ଷିଣ ପନ୍ଥୀ ଉଭୟ । ଆପଣ ଗଣତନ୍ତ୍ରରେ ବିପଦ ଗଣନ୍ତି ଅଥଚ ବାମ ପନ୍ଥାର ବୁଦ୍ଧିହୀନତାକୁ ଘୃଣା ମଧ୍ୟ କରନ୍ତି । ଆପଣ ସେଥିପାଇଁ ବାମ ଓ ଦକ୍ଷିଣ ଉଭୟ ଦିଗ ଅସ୍ତ୍ର କ୍ଷେପଣରେ ପଟୁ । ଆପଣ ତେଣୁ ନବ୍ୟ ଯୁଗର ସବ୍ୟସାଚୀ ।

ଆପଣ ଭାବକୁ ହତ୍ୟା କରି ବୁଦ୍ଧିକୁ—ଯାନ୍ତ୍ରିକତାର ମେହନ୍ତି ଭକ୍ତି ସ୍ୱାତନ୍ତ୍ର୍ୟରେ ବିଶ୍ୱାସ କରନ୍ତି ।

ଏହାସତ୍ତ୍ୱେ ଆପଣ ଏକ ଅଦ୍ଭୁତ ଶୃଙ୍ଖଳ ସାହିତ୍ୟ ସୃଷ୍ଟି କରି ଆସୁଛନ୍ତି । ଆପଣଙ୍କ-ସାହିତ୍ୟ କୂର୍ମର ପୃଷ୍ଠଦେଶପରି ଆପଣଙ୍କୁ—ଆପଣଙ୍କର ସ୍ୱରୂପକୁ ନିରାପଦରେ ଆଚ୍ଛାଦନ କରି ବସ୍ତ୍ରକପାନ ।

ଆପଣ ମନୁଷ୍ୟ ସମାଜରେ ଥାଇ ସୁରେନ୍ଦ୍ର । ସାଧାରଣ ଭିତରେ ଅସାଧାରଣ ଜୀବନ ଯାପନ କରନ୍ତି । ଦରିଦ୍ର ହୋଇ ରାଜ ଭୂମର ଭଳି ଅଭିମାନ,ସମ୍ମାନ ଦାବୀ କରନ୍ତି । ଦାରିଦ୍ର୍ୟ ଆପଣଙ୍କ ଗତିକୁ କେତେବେଳେ ବକ୍ର କରି ଥାଇ ପାରେ କିନ୍ତୁ ଅହଂକୁ ନମିତ କରି ନାହିଁ । ଆପଣଙ୍କ ସାହିତ୍ୟ କମଠ ଗତି ପରି ଧୀର ଏବଂ କଣ୍ଟିତ ।

ସମ୍ପାଦକୀୟ

## ପଥ କାଏ !

ଭାରତର ଚତୁର୍ଦ୍ଦିଗରେ ଅଶାନ୍ତିର ରାଜତ୍ୱ । ଚେଳେଣ ପାକିସ୍ତାନ-ଅପର ସ୍ଥାନ— ତାତରେ କାଶ୍ମୀର ଓ ପୂର୍ବବଙ୍ଗ,—ପଶ୍ଚିମରେ ହାଇଦ୍ରାବାଦ —ଉତ୍ତରରେ ନେପାଳ ଓ ଚୀନ୍— ତଳର କୋରିଆ । ଚୀନ କମ୍ୟୁନିଷ୍ଟ ବାହିନୀ ନେ ତିବ୍ବତ ସୀମାନ୍ତରେ ମଧ୍ୟ ଉପସ୍ଥିତ ହେଲେଣି । ମନେହୁଏ ପଶ୍ଚିମ ଶକ୍ତିମାନେ ଏଥର ବଳ-ପରୀକ୍ଷା ପୂର୍ବାଞ୍ଚଳରେ କରିବେ—ନିଜକୁ ନିରା-ପଦ ଦୂରତ୍ୱରେ ରଖି ।

ଏ ସମରର ଇଚ୍ଛା କାହାଁକି ? ଦୁଇ ବିବଦ-ମାନ ଦଳ ରୁଷ ଓ ଆମେରିକା—ଉଭୟ ଶାନ୍ତି ପ୍ରାର୍ଥୀ ମନ୍ତ୍ର ; ଯୁଦ୍ଧ ନାହିଁ—ଅଶାନ୍ତି ନାହିଁ ଚାହିଁଛନ୍ତି । ଅଥଚ ଇଚ୍ଛା କରି ଅଶାନ୍ତି ବାହାରୁ କିଣୁଛନ୍ତି କାହିଁକି ? ଏଥିରୁ ମନେହୁଏ ଯେ— 'ଅଶାନ୍ତିରୁ ଶାନ୍ତି ବାହାରିବ ସମ୍ଭବ ହୁଏ'— ଏ ପୁରାତନ ତଥ୍ୟ ମିଥ୍ୟା । ଅଧିକ ସ୍ୱାର୍ଥ— ଅଧିକ ଭୂମିର ଆକାଂକ୍ଷା, କ୍ଷମତାର ଆକାଂକ୍ଷା ହିଁ ବିକ୍ଷୋଭ—ବିଦ୍ରୋହର କାରଣ । ଏହି କ୍ଷମତା ଆମେରିକାର ଓ ରୁଷିଆର ଦୁର୍ବାର ଆକର୍ଷଣକୁ ରୂପଦେଇଛି; ତାର ସ୍ୱରୂପ ଜାତୀୟତାବାଦ । ଜର୍ମାନୀର ଫାସିଜିମ୍ ବିରୁଦ୍ଧରେ ଲଢ଼ି କମ୍ୟୁନିଷ୍ଟ ରୁଷ ଓ ପୁଞ୍ଜିପତି ଆମେରିକା ଉଭୟେ ଜାତୀୟତାବାଦୀ ହେବାକୁ ବାଧ୍ୟ ହେଲେ । ଜାତୀୟତାବାଦ ପୁଞ୍ଜିର ଧର୍ମ ନୁହେଁ । ପୁଞ୍ଜି ଦେଶ ବିଦେଶ ଚତୁର୍ଦ୍ଦିଗରେ ଶୋଷଣ କରେ । ସାମ୍ୟବାଦରେ ଜାତୀୟତାର ସ୍ଥାନ ନାହିଁ । ଜାତି ନିର୍ବିଶେଷରେ ସାମ୍ୟ ପ୍ରତିଷ୍ଠା ହିଁ ତାର ଆଦର୍ଶ ହୋଇ 'ଲେଲିନ ଏବଂ କମ୍ୟୁନିଜମ୍' ମତବାଦରେ ରୁଷ ଜାତୀୟତାକୁ ଗ୍ରହଣ କଲା । ଜର୍ମାନ ବା ହିଟଲରର ବାଦ— ହିଟ-ଲରିଜମ୍ ବା ହିଟଲରବାଦ ରହିଗଲା ।

ମାତ୍ର ଦୁଇଟି ପ୍ରବଳ ଜାତୀୟତାବାଦୀ ଦେଶ ଏକ ପଥରେ ରହିବା ଯାହା—ଦୁଇଟି ଆଦର୍ଶ କାଳରେ ମାମନ୍ତ ରଖା ପାଖ ପାଖରେ ରହିବା ତାହାହିଁ ; ଫଳରେ ରୁଷ ଆମେରିକା ଶକ୍ତା ଓ ସ୍ୱତନ୍ତ୍ରଙ୍କର ଆତ୍ମୀୟତା ନ ରଖିଲେ ମଧ୍ୟ ଜାତୀୟତାବାଦର ଅତ୍ମୀୟତା ଧରି ଠିଆ ହୋଇ-ଛନ୍ତି । ଉଭୟ ବଳ ବଢ଼ାଇବା ପାଇଁ ଧର୍ମ-ବକର ନୀତି ଘୋଷଣା କରୁଛନ୍ତି— ଗଣତନ୍ତ୍ର ଓ ସାମ୍ୟବାଦ । ଆମେରିକା କହେ—

ଅବ ଅଂଶ ପରପୃଷ୍ଠା ଦେଖ ]

Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେ—ସୁରେନ୍ଦ୍ର ମହାନ୍ତି

କବି ଇକ୍ବାଲ ଥରେ କେଉଁ ପ୍ରସଙ୍ଗରେ ଲେଖିଥିଲେ, 'ଗୋଡ଼ ଥିଲେ ଚାଲିହୁଏ, ହାତ ଥିଲେ ଲେଖି ହୁଏନା।' ଆମ ଗାଁ ଗହଳରେ ମଧ୍ୟ କଥାଟିଏ ଶୁଣିବାକୁ ମିଳେ...'ପାଠ ପଢ଼ିଥିଲେ ଗୀତ ବୋଲିଥାନ୍ତି ବାଡ଼ରୀ କଣ୍ଢେଇ ମୂଷା।' ଆଜି ଗଣତନ୍ତ୍ରର ଏ ଗଣଜାଗରଣ ଯୁଗରେ, ଅବଶ୍ୟ କଥାଟା କାନକୁ ଖରାପ ଶୁଣାପରେ ମିଣିଜନ୍ମ ରାଜନୀତି କ୍ଷେତ୍ରରେ ସେଇଟି ସ୍ୱାଦ୍ୟ, ସାହିତ୍ୟ ବା ଆର୍ଟ କ୍ଷେତ୍ରରେ ସେତିକି ଅସ୍ୱାଦ୍ୟ। ଗଣତନ୍ତ୍ରରେ mediocre ବା ଅଧାପନ୍ତରିଆର ସ୍ଥାନ ସବୁଠୁ ପୂର୍ବେଭଗରେ। କାରଣ ଅପନ୍ତରିଆ ଜନସାଧାରଣଙ୍କ ଯୋଗ୍ୟ ପ୍ରତିନିଧି ଅପନ୍ତରିଆ, ନୋହିଲେ ଅଧପନ୍ତରିଆ ଗଣତନ୍ତ୍ରର ଅନ୍ତର୍ନିହିତ ଏହି ଦୁର୍ବଳତା ଯୋଗୁ, ସବୁ ଦେଶରେ ଗଣତନ୍ତ୍ରର ଭବିଷ୍ୟତ ଯଥାର୍ଥରେ ଆଜି ସଙ୍କଟାପନ୍ନ ହୋଇଛି। ରାଜନୀତି କ୍ଷେତ୍ରରେ ସେହି ଅସମ୍ପୂର୍ଣ୍ଣ ଆଦର୍ଶ ଧରି, ତଥାପି ଦେଶ କୌଣସି ମତେ ଚାଲିଛି। ମାତ୍ର ଆର୍ଟ ବା ସାହିତ୍ୟ କ୍ଷେତ୍ରରେ ସେ ଆଦର୍ଶ ଧରିଲେ, ଆର୍ଟ ମୁହୂର୍ତ୍ତେ ସୁଦ୍ଧା ତିଷ୍ଠି ପାରିବ ନାହିଁ। କାରଣ ସାହିତ୍ୟଟା ଗଣର ଓ ଗଣପାଇଁ ହୋଇପାରେ, କିନ୍ତୁ ଗଣଦ୍ୱାରା କୌଣସି ସାହିତ୍ୟ ସୃଷ୍ଟି ସମ୍ଭବ ନୁହେ। ସାହିତ୍ୟ ବା ଆର୍ଟର କିଛି କେତୋଟି ଆଦର୍ଶ। ସେ ଆଦର୍ଶ, ଦିଗ୍‌ବଳୟର ରେଖା ପରି ହୁଏତ ଅଦୃଶ୍ୟ। ମାତ୍ର ଇତିହାସର ଯୁଗେ ଯୁଗେ, ପ୍ରଗତିର ଦୁର୍ଗମ ପଥରେ ବ୍ୟକ୍ତି ସେହି ଅଦୃଶ୍ୟ ଦିଗ୍‌ବଳୟରେଖା ଆଡ଼େ ପାଦ ପକାଇ ପକାଇ ଚାଲିଛି। ସେଥିପାଇଁ ଇତିହାସର ପ୍ରତ୍ୟେକ ଚରିତ୍ର ଓ ପ୍ରତ୍ୟେକ ସ୍ମରଣୀୟ ବ୍ୟକ୍ତି ଆଦର୍ଶବାଦୀ, ମାତ୍ର ଗଣ ବା (mass) ଜଡ଼ ବାସ୍ତବବାଦୀ। ତେଲ ଲୁଣର ନିତିଦିନିଆ ସଂସାର ସେମାନଙ୍କର ଆଦର୍ଶ ଓ ବାସ୍ତବ—ସବୁ। କ୍ଷୁଧା ଯେଉଁଠି ଏକ ଆଦର୍ଶ, କ୍ଷୁଧା ସେଠି ଆର୍ଟ। ମାତ୍ର କ୍ଷୁଧା ଯେଉଁଠି ବାସ୍ତବ, କ୍ଷୁଧା ସେଠି ବୀଭତ୍ସ। ରେସ୍ତୋରାଁ ଦୁଆର ମୁହଁରେ ଦୁଃସ୍ଥ ବ୍ୟାଧିଗ୍ରସ୍ତ ସେଇ ଭିକାରୀ, ଫୁଲ ଫୁଲ ପଦରେ ଅଧଭରେ ଅଖା ବନ୍ଧା ପାଖରେ ନିସ୍ତାର କଲେଇଛନ୍ତି। ଟିଣପାସ, ଖଣ୍ଡିଆ ହାଣ୍ଡିରେ ପଡ଼ିଛି ମରୁଛି ଆଉ ବେଳେ ବେଳେ ଅନାଉଛି ରେସ୍ତୋରାଁ ଭିତରକୁ ଲୋଲୁପ କ୍ଷୁଧାର୍ତ୍ତ ଦୃଷ୍ଟି। ରଙ୍ଗ ଆଉ ତୁଳି ଏ କ୍ଷୁଧାକୁ କରେ ଆର୍ଟ, କାଗଜ ଆଉ କଲମରେ ଏ କ୍ଷୁଧା ହୋଇଥାଏ ଆଦର୍ଶ। ମାତ୍ର ରେସ୍ତୋରାରେ ଯାଉ ଚଢ଼ିଲେ, ଦିନର ଆଲୁଅରେ...ଇସ୍ ଆଖି ବୁଜି ହୋଇଆସେ। ସେଠି ଘୃଣା, ସହାନୁଭୂତି ବା କରୁଣା ମଧ୍ୟରେ ସୀମାରେଖା ନାହିଁ। ମାତ୍ର ଏଇ ଚରିତ୍ର ବହିରେ ପଢ଼ିବାକୁ ବା ଛବିରେ ଦେଖିବାକୁ, ସୁନ୍ଦର ଲାଗେ କାରଣ କ୍ଷୁଧା ସେଠି ଆଦର୍ଶ ବା ଆର୍ଟ। ଅତଏବ କ୍ଷୁଧାକୁ ଆର୍ଟ ବା ଆଦର୍ଶର ଦୃଷ୍ଟିକୋଣରୁ ଦେଖିବା ଏକାନ୍ତ ବ୍ୟକ୍ତିଗତ। ଗଣ ବା massର ସେ ଦୃଷ୍ଟିକୋଣ ଆସି ନ ପାରେ। ବ୍ୟକ୍ତି, ଗଣକୁ ସେହି ଆଦର୍ଶରେ ଅନୁପ୍ରାଣିତ କରେ, ଉଦ୍‌ବୁଦ୍ଧ କରେ। ଅତଏବ ଗଣପାଇଁ ସାହିତ୍ୟ ହୋଇପାରେ, ମାତ୍ର ଗଣର କୌଣସି ସାହିତ୍ୟ ନାହିଁ। କାରଣ ଗଣ ବା mass ସବୁବେଳେ ଜଡ଼, ନିର୍ଜୀବ ଓ ଅଥର୍ବ। ବ୍ୟକ୍ତି ସେଥିରେ ପ୍ରାଣ ସଞ୍ଚାର କରେ। ମାତ୍ର ବୁଝିବାର ଅଛି ଏ 'ବ୍ୟକ୍ତି' ନିତ୍‌ସେଙ୍କର ଅତିମାନବ 'Beyond good and evil' ନୁହନ୍ତି। ବ୍ୟକ୍ତିତ୍ୱ ଅହଂସର୍ବସ୍ୱ ଅହମିକା ନୁହେଁ। ବ୍ୟକ୍ତି ଓ ବିଶ୍ୱ—ମଧ୍ୟରେ ସମନ୍ୱୟହିଁ ବ୍ୟକ୍ତିତ୍ୱ।

ମୋର ସମସ୍ତ ଲେଖାର ପୁରୋଭାଗ ଓ ପଶ୍ଚାଦ୍ ଭାଗରେ ରହିଛି ଏହି ବ୍ୟକ୍ତି—ଯେ ଚିର ଶୁଭ୍ର, ସୁନ୍ଦର ଓ ଅମଳିନ। ପରିସ୍ଥିତିର ପ୍ରଭାବ, ତାର ବ୍ୟକ୍ତିତ୍ୱକୁ ମଳିନ କରି ନାହିଁ। ପରିସ୍ଥିତି ସହିତ ସେ ଯୁଦ୍ଧ କରେ, ଅନାହାରରେ, ଶୀତ ନିପୀଡ଼ନ ଓ ଲାଞ୍ଛନା ଭିତରେ ସଂଗ୍ରାମ କରି ଆସିଛି। ଯେଉଁଠି ନ ପାରିଛି, ସେଠି ହୋଇଛି ସେ ପଳାୟନପନ୍ଥୀ। ସେ ଅବଶ୍ୟ କୌଣସି 'ଝଣ୍ଡା' ଉଡ଼ାଇ ନାହିଁ କି 'ସ୍ଲୋଗାନ' ଦେଇନାହିଁ। ଝଣ୍ଡା କି 'ସ୍ଲୋଗାନ' ସମାଧାନ ନୁହେଁ! ସମାଧାନର ଏକ ପନ୍ଥା ହୋଇପାରେ! କିନ୍ତୁ ସେ ସମାଧାନର ସ୍ୱରୂପ କଣ? ତାହା ହିଁ ତ ଏ ଯୁଗର ସବୁଠୁ ଦୁର୍ବୋଧ ପ୍ରଶ୍ନବାଚକ ଶତାବ୍ଦୀର ମୌନ-ତପସ୍ୟା, ସେଇଥି ପାଇଁ। ଏଇଥି ପାଇଁ ମୋ ମତରେ ସାହିତ୍ୟ ସମସ୍ୟାମୂଳକ ହେବା ଉଚିତ। ବିଶ୍ୱବ୍ୟାପୀ ସାହିତ୍ୟ ଆଜି ମଧ୍ୟ 'ସମସ୍ୟାମୂଳକ'। 'ରସ' ଏ ସାହିତ୍ୟର ପ୍ରାଣ ନୁହେଁ। 'ଆଇଡ଼ିଆ' ବା ଚିନ୍ତା ଏ ସାହିତ୍ୟର ପ୍ରାଣ। ଏହି ଆଇଡ଼ିଆ ଧର୍ମୀ ସାହିତ୍ୟର ଭୂମିକା ମୁଁ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ବୋଲି ଯଥାର୍ଥରେ ଗର୍ବ କରିବି। 'ରିଜନ' [Reason] ବା ହେତୁବାଦ ମୋ ଲେଖାର ଭିତ୍ତି—ଇନ୍‌ଷ୍ଟିଂକ୍ଟ୍ [instinct] ବା ପ୍ରେରଣା ନୁହେଁ। ସେଇଥିପାଇଁ ସାହିତ୍ୟ ରଚନାରେ ମୋର ଏକମାତ୍ର ମାଧ୍ୟମ 'ଛୋଟଗଳ୍ପ' ଗୁଡ଼ିକରେ ପ୍ରେମ, ପ୍ରଣୟ, ବିରହ, ପ୍ରତୀକ୍ଷା ଓ ଆକାଂକ୍ଷା ପ୍ରଭୃତିର ଶୋଚନୀୟ ଅଭାବ! ମୋର ଗଳ୍ପଗୁଡ଼ିକର ପ୍ରତ୍ୟେକଟି ଚରିତ୍ର ସେଇଥିପାଇଁ 'ସିନିକ୍'! 'ରିଜନ' ବା ହେତୁବାଦର ଜନ୍ମ 'ସିନିସିଜିମ୍'-ରୁ! ଏ 'ସିନିସିଜ୍‌ମ୍' ଅନେକଙ୍କ ମତରେ ଏକ ଅସୁସ୍ଥ ମସ୍ତିଷ୍କର ପରିଚୟ! କିନ୍ତୁ ମୋ ମତରେ 'ସିନିସିଜମ୍' ନୂତନ ମୂଲ୍ୟବୋଧ ଓ ନୂତନ ମାନଦଣ୍ଡର ପ୍ରସବ ବେଦନା!

ସେଇଥିପାଇଁ, ମୁଁ ଲେଖେଁ, ମାପିଚୁପି ଲେଖେଁ, ଅଙ୍କ କଷିଲା ପରି ଲେଖେଁ!

ଲେଖକର ସଂଜ୍ଞା ମୋ ପାଖରେ ସ୍ୱତନ୍ତ୍ର—ପାଦ ଥିଲେ ଚାଲି ହୁଏ କିନ୍ତୁ ହାତ ଥିଲେ ଲେଖି ହୁଏନା! ଲେଖକ, ଏ ଯୁଗର ମହାମୌନ ତପସ୍ୱୀ ଓ ଲେଖା ତାର ତପସ୍ୟା! ସତ୍ୟର ସନ୍ଧାନ ପାଇଁ ନୂତନ ମୂଲ୍ୟବୋଧର ପରିଚୟ ପାଇଁ!

---

ହୁଏତ କ୍ଷମା ହେବି—ମେଁ ରୋହୀ ହୁଗାଁ। ବୃଷଭଦେବ—ହୁଏତ ବେଅକୁଫ୍ ହେବି—ମୁଁ ତାଙ୍କୁ ବୁଦ୍ଧି ଶିକ୍ଷ ଦେବି। ପୃଥିବୀର ସବୁ ଜାତି ହାତ ଥାଳ ଧରି ଦୁଇ ଦେଶରୁ ଜଣକ ପାଖରେ ଠିଆ ନ ହେଲେ ରକ୍ଷା ନାହିଁ।

ଭାରତ ନିରପେକ୍ଷ ରହିବା ଅସମ୍ଭବ। ବର୍ତ୍ତମାନ ଯେଉଁ ନୀତି ଧରିଛି ଭାରତ—ସେଥିରେ ଏକାବେଳେକେ ଅସମ୍ଭବ।

ଏଣିକିବେଳେ ଗାନ୍ଧୀ ନୀତିର ପୂର୍ଣ୍ଣ ପରୀକ୍ଷା ଆବଶ୍ୟକ। ପୂର୍ଣ୍ଣତଃ ଗାନ୍ଧୀ ନୀତିରେ ପରିଚାଳନା ନ କଲେ ଦେଶ ଆଗାମୀ ମହାଯୁଦ୍ଧରେ ମଗ୍ନ ଭଳିଆ ଘାଣ୍ଟି ହୋଇ ପଡ଼ିବ; ରକ୍ଷା ନାହିଁ।



Digitized by srujanika@gmail.com



### ଟି: ଏ

ଶ୍ରୀଯୁକ୍ତ କପିଳେଶ୍ୱର ନନ୍ଦ ଆଗରୁ ମନ୍ତ୍ରୀ ପାହ୍ୟାରେ ଥିଲେ ! ସେ କୁଆଡ଼େ କେଉଁ କମିଟିରେ ଯୋଗ ଦେବା ଦେଖିଲେ ହଠାତ୍ ଜିଲ୍ଲା ପରିଷଦରୁ ୨ ଜଣ କମିଟି ମନୋନୀତ ରଖି ବଲାଙ୍ଗୀର ଯାଇ ସମ୍ବଲପୁର ଭଡ଼ାଟିଆ ଗାଡ଼ିରେ ଆସି ପୁଣି ଯୋଗ ଦେଲେ । ଏ ବିଷୟରେ ଗୋଟିଏ ପତ୍ରିକା ଲେଖିଲେ କି ସେ ବଲାଙ୍ଗୀର-ନୟାଗଡ଼ କଟକରେ ବସି ଟିଏ ନେଇଛନ୍ତି । ଉତ୍କଳ କଂଗ୍ରେସ କମିଟି ତାଙ୍କ ଉପରେ ପ୍ରତିକାର ବ୍ୟବସ୍ଥା ଦେବା ଆଶାରେ ସେ ମହାଶୟ ପତ୍ରିକା ଉପରେ ନାଲିଶ କରିଛନ୍ତି । ମାତ୍ର ଶ୍ରୀଯୁକ୍ତ ମହତାବ ଓଡ଼ିଶା ଗସ୍ତବେଳେ ବାବୁଙ୍କ ୨ ଦିନ ଦିଲ୍ଲୀ ଉଡ଼ାଇ ପୁଣି ଓଡ଼ିଶା ଫେରି ପୁଣି ଦିଲ୍ଲୀ ଗଲେ । ସେଥିପାଇଁ ଉତ୍କଳ ବା ଭାରତ କଂଗ୍ରେସ କମିଟି କିଛି କହୁନାହିଁ । କିମ୍ବା ସେ ଦିଲ୍ଲୀ ନ ଯାଇ ଟି,ଏ ନେଇ ନାହାନ୍ତି । ଟି, ଏ ନେଇଥିଲେ ମଧ୍ୟ ସେ ଭୁଲ କରି ପାରି ନାହାନ୍ତି—କାରଣ କ୍ରମେ ଚୌଧୁରୀପାର୍ଟି—ନନ୍ଦୀ ଭୁବନେଶ୍ୱରୀ—ରଣଜିତ୍ସିଂହ ସଂଖ୍ୟା ନ ବଢ଼ାଇଲେ ଚଳୁନାହିଁ । ବୋଧହୁଏ ଏଥିପାଇଁ ପୁଣି ଡିସେମ୍ବର-ରେ ଓଡ଼ିଶା ଆସିବେ ।

### ଜନମୂଷଳ

ଓଡ଼ିଶା କଂଗ୍ରେସ କୁଆଡ଼େ ଜନ ମୂଷଳ ହୋଇ ଗଲାଣି—ପୂର୍ବ କଂଗ୍ରେସ ବାଲାଙ୍କ ଆଗେ ମହତାବ କହିଲେ । ସେ ମୂଷଳ ତାଙ୍କର, ସେ ମୂଷଳ ଜନ୍ମ ହେଲା ତାଙ୍କର ଆଜି ଏକ ବର୍ଷ ତଳେ । ତେବେ ଯୁବକ ଦେଶସେବା ... କହିଲେ—ଆମେ ତ ଏ କଥା ଜାଣି ନାହୁଁ—ଆପଣ ତ ହେଲେ ଏ ... ମହତାବ କୁଆଡ଼େ ଉତ୍ତର ଦେଲେ—ବର୍ଷକ ଆଗ ଭୁଲ ବୁଝି ଦିଅନ୍ତି କି ? ୧୯୩୭ରେ ଯେମିତି କଂଗ୍ରେସ ପ୍ରଚାର ... କରିଥିଲୁ ଏବେ ସେମିତି ହେବ । ଯଦି ଏଥର ସତ ହୋଇଥାଏ ସେତେବେଳେ

ଯେପରି ନୀଳକଣ୍ଠ ଦାସ ନ ହୋଇଥିଲେ—ଏବେ ବିଶ୍ୱନାଥ ନିତ୍ୟାନନ୍ଦ ଦାସ ସେମିତି ଗୁଣବନ୍ତି ? ଆମ ଓଡ଼ିଶାରେ ବୈଷ୍ଣବ ହେଉଛନ୍ତି କୃଷ୍ଣଭକ୍ତ ସବୁ ଶିବଙ୍କଠାରୁ ହରେକୃଷ୍ଣଙ୍କୁ ବଡ଼ ଜାଣନ୍ତି । ସେଥିପାଇଁ ବିଶ୍ୱନାଥ ଦାସଙ୍କ ସୁନିଶ୍ଚିତ । ଜୟ, ହରେକୃଷ୍ଣ ମହତାବଙ୍କ ଜୟ ।

—ଆପନେତା —ମହତାବ—

ମହତାବଙ୍କୁ ସମ୍ବର୍ଦ୍ଧନା ପାଇଁ କଟକରେ ସଭା ହୋଇଥିଲା । ସଭା ଶେଷରେ ମହତାବଙ୍କ ଜୟ ପକାଇଲେ ଯାହାକି ... ଏ ... ସେଥିପାଇଁ ଆଗ ମହତାବଙ୍କ ଆଜ୍ଞାକୁ ... । ସମସ୍ତେ ମହତାବଙ୍କ ଜୟ ଡାକିଲେ । ହଠାତ୍ ମଞ୍ଚରେ 'ହରେକୃଷ୍ଣ ମହତାବ' କହିଲେ ଲୋକେ ଜୟ ପକାଇଲେ ନାହିଁ—... ଲୋକ ... ପୁଣି ଯେ ସେ—'ଆମର ନେତା—" ... ଫଳରେ ନିଜ ଲୋକ ଭିତରୁ ଜଣେ କିଏ କହିଲା—'ମହତାବଜୀ' ଲୋକଙ୍କ ଆଥ ପ ... । ଆମେ ... ଯେ ମହତାବଙ୍କ ... ଏ ସବୁ ନ କରିବାକୁ କହିଥିବାରୁ ଲୋକେ ତାଙ୍କ ଆଗରେ ଜୟଧ୍ୱନି ଦେଲେ ନାହିଁ—ପରେ ବହୁତ ୨ ଜୟଧ୍ୱନି ଅପରା ଆଜି ଘରେ ଯାଇ ପକାଇଲେ ବୋଲି ଖବର ମିଳିଛି !

—ହରିଜନ—

ଅଧିକ କୃଷିର ସେକ୍ରେଟାରୀ ଶ୍ରୀଯୁକ୍ତ ... ହରିଜନ ଖାଇବା ପାଇଁ ବହୁ ଉପଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀଯୁକ୍ତ ମହତାବ ବଡ଼େ କହିବେଲେ ଗୃହରେ ... ଦୁଇଟି ... ହରିଜନ ହୋଇଥିବାର ସମ୍ବାଦ ସତ୍ୟ କି ମିଥ୍ୟା ଆମେ ଜାଣୁ ନାହୁଁ । ସେନାପତି ଥରକେ ୩ ପ୍ରକାରରୁ ଅଧିକ ନ ଖାଇବା ପାଇଁ କହିଥିଲେ । ମନ୍ତ୍ରୀ



ଶ୍ରୀଯୁକ୍ତ ମହତାବଙ୍କ କଥା କହନ୍ତି । ଆମମାନଙ୍କର ଯେ ଅଭ୍ୟାସ—ତାଙ୍କଭଳି ଦେବତାଙ୍କର ସେ ଦରକାର । ସୁତରାଂ ଏଣ ... ପ୍ରକାର ତାଙ୍କ ଖାଇବାକୁ ଲାଗୁଛି ।

—ଲୋକାଙ୍କର ଦଳ—

ଓଡ଼ିଶାରେ ଗୁଡ଼ ମଣକ ୨୦ ଟଙ୍କା ଧାର୍ଯ୍ୟ କରି ସରକାର ଜଣାଇଛନ୍ତି ଯେ ଯେ କେହି ଏ ଦରରୁ ଅଧିକରେ ବିକ୍ରି କରିବ ସେ ଜେଲ ଜରିମାନା ଦଣ୍ଡ ପାଇବ । ... କଥା ଯେ ସରକାର ଗୁଡ଼ ଦର ବୃଦ୍ଧି ମୂଳର କାରଣଟି, ନା ବୁଝି ଏତେ ତରବରରେ ସର୍କ୍ୟୁଲାର ଜାରି କଲେ । କେଉଁଠାରେ ... ଅଛନ୍ତି ସେଠି ମଧ୍ୟ ... ପିମ୍ପୁଡ଼ି ଗୁଡ଼ ଖାଆନ୍ତି ସେଇ ... ପ୍ରଭୃତି ... ଗୁଡ଼ ଦର ... ମଣରେ ... ପିମ୍ପୁଡ଼ି ... । ... ପିମ୍ପୁଡ଼ି କହିବେ ... । ... ପିମ୍ପୁଡ଼ିଙ୍କ ପକ୍ଷରୁ ... ଦାବୀ କରୁଛି ଯେ—ଗୁଡ଼ଦର ବଢ଼ିଯାଉ—ଚୂଲି ଦର ଚଢ଼ିଯାଉ ।

### ଛୁଟି ପର୍ବ

ହାଇକୋର୍ଟର ଛୁଟିପର୍ବ ... । ... ଆଗରୁ ... ସରକାରରେ ଆଗ ... ଯେ ... ୧୯୦୪ ... ଛୁଟି ଦେବା ପାଇଁ ଓ ୧୪୫୭ ... ପୁରୁଷ ... ଛୁଟି ଦେବା ପାଇଁ ଆବେଦନ କରିଛନ୍ତି ! ... ଆଗେ ଦେଖୁଁ ... । ଏବେ ... ବାହାରର ... । ଘର ଭିତରେ ..., ସାମାଜିକ କର୍ମ କର୍ମୀଙ୍କରେ ... ପଞ୍ଜାବୀ, ଅଫିସରେ ... ଉପରେ ... ସଙ୍ଗେ ସମ୍ପର୍କରେ

(ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

ଦୁର୍ଗ୍ୟାଙ୍କ ଆଉ ପ୍ରକାର ପ୍ରକାର ପୋଷାକ ଦରକାର ହେଲାଣି । ସେମିତି ମଣିଷ ତ ଆଜି କାଲି ଗୋଟିଏ ଜାଗାରେ ନାହିଁ । ନାନା କାମ କରୁଛି ; ସବୁଠି ଜଣେ ଜଣେ ସହକର୍ମୀ କର୍ମିଣୀ ବା ଧର୍ମୀ ଧର୍ମିଣୀ ଦରକାର ପଡ଼ୁଛନ୍ତି । ଗୋଟିଏ ପତି ବା ପତ୍ନୀରେ ଚଳୁନାହିଁ । ସେଥିପାଇଁ ଗୋଳମାଳ ହେଉଛି । ଘର ଭିତରକୁ ଘରଣୀ ଲୋଡ଼ା । ସବୁ କାମ ଘରଣୀ ଚଳେଇ ପାରିବ ନାହିଁ କିମ୍ବା ସେହି ପତ୍ନୀ ଅଫିସ ଚଳାଇ ପାରିବ ନାହିଁ । ନାରୀମାନଙ୍କର ସେମିତି ଘର ଭିତରେ ସ୍ୱାମୀ ଦରକାର ହେବ, ଅଫିସରେ ଚାପରାସୀ କିରାଣି ବା ପେସକାର ହେବ, ସିନେମା ବେଳେ ଫ୍ରେଣ୍ଡ ହେବ, ଟି ପାର୍ଟିରେ ପାର୍ଟନର ହେବ, ପଠ ପଢ଼ାବେଳେ ପଢ଼ାସାଥୀ ହେବ । ଜଣଙ୍କରେ ଏ ସବୁ କାମ ଚଳୁନାହିଁ । ସେଥିପାଇଁ ପୁରୁଷମାନେ ନାରୀମାନେ ବେଶୀ ସଂଖ୍ୟାରେ ଛାଡ଼ପତ୍ର ମାଗୁଛନ୍ତି । ଏ ଦୃଶ୍ୟ ଦେଖି ସତୀ ସୀତା ସାବିତ୍ରୀମାନେ ସ୍ୱର୍ଗ ଆସ୍ଥାନରେ ଭାରତରେ ଜନ୍ମ ହୋଇ ନୂଆ ସତୀତ୍ୱର ପରୀକ୍ଷା କରି ନେବାକୁ ଲୋଭ କରୁଥିବେ । ଯାହାହେଉ ଏ ଛାଡ଼ପତ୍ର ନହେବା ଯେପରି ସମସ୍ୟା ହୋଇଥିଲା— ଛାଡ଼ପତ୍ର ଦରଖାସ୍ତ ଏତେ ବଢ଼ିଲାଣି ଯେ ଛାଡ଼ପତ୍ର ଦେବା ମଧ୍ୟ ସମସ୍ୟା ହୋଇ ଯାଉଛି । ଏ ସମସ୍ୟାର ସହଜ ସମାଧାନ ପ୍ରତ୍ୟେକ ନାରୀର ପ୍ରତ୍ୟେକ କାମ ପାଇଁ ଗୋଟିଏ ଗୋଟିଏ ସ୍ୱାମୀ ଓ ପ୍ରତ୍ୟେକ ପୁରୁଷର ବିଭିନ୍ନ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପତ୍ନୀର ବ୍ୟବସ୍ଥା କରିବାରୁ । ଜଣେ ଘରଣୀ ଜଣକର ଅଫିସ ସେକ୍ରେଟାରୀ ଆଉ ଏକ ନେତାର ସହପତ୍ନୀ ଏବଂ ଆଉ ଜଣକର ସହଧର୍ମିଣୀ ହୋଇ ପାରେ । ସେହିପରି ଜଣେ ପୁରୁଷ ଗୋଟିଏ ସ୍ତ୍ରୀର ଗୃହସ୍ୱାମୀ, ଆଉ ଏକ ସ୍ତ୍ରୀର ଗୃହଭୋଜୀ ସଂଗୀ, ଆଉ ଏକ ସ୍ତ୍ରୀର ଗନ୍ଧର୍ବ ଦୋକାନ ପ୍ରେମିକ, ଆଉ ଏକ ସ୍ତ୍ରୀର ସିନେମା ସହଯାତ୍ରୀ, ଆଉ ଏକ ସ୍ତ୍ରୀର ଖାଠ ସଙ୍ଗୀ ମଧ୍ୟ ହୋଇପାରେ । ପ୍ରତ୍ୟେକ ସ୍ତ୍ରୀ ଏହାପରି ପାଞ୍ଚୋଟି ପୁରୁଷ ଓ ପ୍ରତ୍ୟେକ ପୁରୁଷ ପାଞ୍ଚୋଟି ସ୍ତ୍ରୀ ନକଲେ ସରକାରୀ ଚାକିରୀ ମିଳିପାରିବ ନାହିଁ । ଏଥୁ ଅଧିକ ହେଲେ ପ୍ରମୋସନ ହେବ । ଆମର ବିଶ୍ୱାସ ଏଭଳି ବ୍ୟବସ୍ଥା ହେଲେ ଛାଡ଼ପତ୍ର ପାଇଁ ଦରଖାସ୍ତ ଆଉ ଦାଖଲ ହେବ ନାହିଁ ।

## ନଈସୁଅରେ ନବକୃଷ୍ଣ

ମୁଖ୍ୟମନ୍ତ୍ରୀ ଚୌଧୁରୀ କଂଗ୍ରେସକୁ ନଈ-ସୁଅ ସାଙ୍ଗରେ ତୁଳନା କରି କହୁଛନ୍ତି ଯେ ନୂଆ ନୂଆ ପାଣି ଏଥିରେ ସବୁଦିନେ ମିଶିଛି— ନ ମିଶିଲେ କଂଗ୍ରେସ ଅବନ୍ଧ ଜଳ ହୋଇ-ଯିବ । ଆମେ ମଧ୍ୟ ଏକ ମତ । କିନ୍ତୁ କଥା ପଡ଼ୁଛି ଆଉଟେଇଁ । ଏଥର ତ ନୂଆ ନଈସୁଅ ଅସି ମିଶୁ ନାହିଁ— ସବୁଯାକ ବରଷା ଜଳ । ଏକାଥରେ ବନ୍ୟା— ଗୋଳିଆ ପାଣି । ହେଉ ପଛେ ଆପତ୍ତି ନାହିଁ । ମାତ୍ର ଏଥିପାଇଁ ହୀରାକୁଦ ବନ୍ଧ ବାନ୍ଧ ସୁଅକୁ ଆୟତ୍ତ ନକଲେ କଂଗ୍ରେସ ବଳଶାଳୀ ହେବା ଦୂରେ ଥାଉ— କଂଗ୍ରେସ ସାଙ୍ଗରେ ଦେଶ ବି ଭାସିଯିବ । ନବକୃଷ୍ଣ ତ ଜୁହାରିଏ ।

## ରକ୍ଷଣଶୀଳ କଂଗ୍ରେସ

ବାମପନ୍ଥୀମାନେ କଂଗ୍ରେସକୁ ରକ୍ଷଣଶୀଳ ବୋଲି ଉଲ୍ଲେଖ କରି କହୁଛନ୍ତି । ଶ୍ରୀଯୁକ୍ତ ଚୌଧୁରୀ ସ୍ୱୀକାର କରି କହୁଛନ୍ତି ଯେ କଂଗ୍ରେସ ସ୍ୱାଧୀନତାକୁ ରକ୍ଷା କରୁଥିବାରୁ ପ୍ରକୃତ ରକ୍ଷଣଶୀଳ । ଏହା ଖୁବ୍ ସତ । ସ୍ୱାଧୀନତାଟା କିନ୍ତୁ କାହାର ? ଚୈତବଲାରୀ, ସୁଟିସ, ଢାଙ୍କଣ ଓ ଅମଲଙ୍କର ତ ?

## ଦ୍ୱିଅର୍ଥବୋଧକ ସମ୍ବାଦ

ଗୋଟିଏ ସମ୍ବାଦପତ୍ରରେ ପ୍ରକାଶ ପାଇଛି— ଶ୍ରୀଯୁକ୍ତ ମହତାବଙ୍କ ରମ୍ଭା ମଦନଦର୍ଶନ— ଶ୍ରୀଯୁକ୍ତ ମହତାବ ରମ୍ଭା ପରିଦର୍ଶନ କରି ରମ୍ଭା ନିକଟବର୍ତ୍ତୀ ବାଳାଶ୍ରମ ଦେଖି କତ୍ତ୍ର ଖୁସି ହୋଇଥିଲେ । ଏହାର ଅର୍ଥ ଯେପରି କେହି ନ ଭାବନ୍ତି ଯେ ମହତାବ ପ୍ରକୃତରେ ରମ୍ଭା ଅପ୍ସରାଙ୍କୁ ଦେଖିଲେ ଏବଂ ତାଙ୍କ ନିକଟରେ ବାଳାମାନଙ୍କର ଆଶ୍ରମକୁ ଗମନ କରିଥିଲେ ।

## କଳି ଓ ମେଳ

ସମ୍ବାଦପତ୍ର ସବୁ ସଙ୍ଗେ ସଙ୍ଗେ ଉଠାଓ ସଙ୍ଗେ ସଙ୍ଗେ ଉଦ୍ଭାବନା ପରିବେଷଣରେ ପଟୁ ହୋଇଗଲେଣି । ଏବେ ନିକଟରେ ଖାଦ୍ୟ ସମସ୍ୟା ଯୋଗୁ ବିହାର ମନ୍ତ୍ରୀମଣ୍ଡଳରେ ଗୋଳ ଲାଗିଥିଲା ଏବଂ ଅନୁଗ୍ରହ ବାବୁ ଇସ୍ତଫା ଦେବେ ବୋଲି ସମ୍ବାଦ ବାହାରିଲା । ପୁଣି ଏ ସମ୍ବାଦ ମିଥ୍ୟା ବୋଲି ପ୍ରତିବାଦ ବାହାରିଲା । ଓଡ଼ିଶା ମନ୍ତ୍ରୀମଣ୍ଡଳରେ ଭେଦ ଉଠିଛି ବୋଲି ବମ୍ବେଇ କାଗଜରେ ବାହାରିଲା— ପୁଣି ନବକୃଷ୍ଣଙ୍କ ପ୍ରତିବାଦ ବାହାରିଲା ଯେ ଭଇ-ନିତ୍ୟାନନ୍ଦଙ୍କ ବନ୍ଧୁତା ତାଙ୍କ ପକ୍ଷରେ ଅମୂଲ୍ୟ ସଂପଦ । ଘର କରିଥିଲେ ଏମିତି କଳି ଓ ମେଳ ଲାଗି ରହିଥାଏ । କଳିଟା ବି ଯେମିତି ନିସ୍ୱାର୍ଥରେ ମେଳ ବି ସେମିତି ନିସ୍ୱାର୍ଥରେ । କିନ୍ତୁ ବିହାରର ଶ୍ରୀକୃଷ୍ଣ ଓ ଅନୁଗ୍ରହ ବାବୁ ଓଡ଼ିଶାରେ ନବକୃଷ୍ଣ ଓ ନିତ୍ୟାନନ୍ଦଙ୍କ ଭିତରେ ଘରଣୀ କିଏ କର୍ତ୍ତା କିଏ ?

## ମଧ୍ୟସ୍ଥ ମହତାବ

ଓଡ଼ିଶା ମନ୍ତ୍ରୀମଣ୍ଡଳର କଳି ତୁଟାଇବା ପାଇଁ ମହତାବ ଓଡ଼ିଶା ଆସୁଛନ୍ତି ବୋଲି ସମ୍ବାଦ ପ୍ରକାଶ ପାଇଲା । ଶୁଣାଯାଏ ସମ୍ବାଦଦାତା କଳିକତାରେ ପାଇଥିଲେ ଏ ଦାମୀ ସମ୍ବାଦ । ଖାଲି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରରୋଚନାରେ ଉକ୍ତ ବ୍ୟକ୍ତିଙ୍କୁ ଓଡ଼ିଶାର ସର୍ବବାଦୀ ସମ୍ମତ ସର୍ବଶ୍ରେଷ୍ଠ ନେତା ପ୍ରମାଣ କରିବାକୁ ଏବଂ ତାଙ୍କ ବିନା ଏ ରାଜ୍ୟ ଅଚଳ ବୋଲି ପ୍ରମାଣ କରି ଦେବାକୁ ଏଭଳି ଏକ ସମ୍ବାଦ ପ୍ରକାଶ କରିଥିଲେ । ଏ ରାଜନୀତି ଗୁଳି ଲୁଚି ନାହିଁ ଶ୍ରୀଯୁକ୍ତ କାନୁନଗୋ କୁଆଡେ ଇସ୍ତଫାପତ୍ର ଶ୍ରୀଯୁକ୍ତ ଆସଫ ଅଲ୍ଲୀଙ୍କ ପାଖେ ଦାଖଲ କରିବାକୁ ଆରମ୍ଭ କଲେ । ମାତ୍ର ଏଟା ଜଣା କଥା ଯେ ଗୋଟିଏ ଚଣ୍ଡାଳ ମନ୍ତ୍ରୀ ହୋଇଥିଲେ ମଧ୍ୟ ଏପରି ଅପମାନରେ ମନ୍ତ୍ରିତ୍ୱ ଛାଡ଼ି ପାରନ୍ତି ମାତ୍ର କାନୁନଗୋ କଦାପି ଦେଶ ହିତ ଦୃଷ୍ଟିରୁ ମନ୍ତ୍ରିତ୍ୱ ଛାଡ଼ିବେ ନାହିଁ । ଖଳ ଲୋକେ ତାଙ୍କୁ ଏଭଳି ଉତ୍ତ୍ୟକ୍ତ କରି ମନ୍ତ୍ରିତ୍ୱରୁ ତଡ଼ିବା ପାଇଁ ଏ ଗୁଳି ଖେଳୁଥିଲେ ବୋଲି ସେ ହୁଏତ ପରେ ଲୁଚିପାରି ଇସ୍ତଫାପତ୍ର ଫେରାଇ ନେଇଥିବେ ।

## ଚବ୍‌ବତ ଆକ୍ରମଣ

କମ୍ୟୁନିଷ୍ଟ ଚୀନ ତିବ୍‌ବତ ଆକ୍ରମଣ କରିଛି ବୋଲି ଭାରତ ସରକାରଙ୍କ ମଥା ଗରମ ଉଠୁଛି । ଯେମିତି ଦେଖାଯାଉଛି— ଭାରତ ଯେଣିକି ଚାହିଁଲେ ସେଣେ କେବଳ ଯୁଦ୍ଧ ମାର— ମଡ଼ିକ । ଉତ୍ତରରେ ତିବ୍‌ବତ— ଦକ୍ଷିଣରେ ଓ ପୂର୍ବରେ ଇଣ୍ଡୋଚୀନ— ପଶ୍ଚିମରେ ପାକିସ୍ଥାନ—ଫ କହନ୍ତି ନ ଗୋଳ ଲାଗିଛି । ସେଣେତ କାଶ୍ମୀର ଯୋଗ ଅସ୍ତବ୍ୟସ୍ତ । ଆମ ମତରେ କମଳ ଯୋଡ଼ି ଶୋଇପଡ଼ିବା ଭଲ । ଉପରେ ନିଆଁ ଲାଗିଯାଉ । କମଳ ଜଳୁନାହିଁ, ଚିନ୍ତା କଣ ?



Digitized by srujanika@gmail.com

# ଜିପ୍ ଗାଡି

ଲେ— ଶ୍ରୀ ଅନନ୍ତ ପାଢ଼ୀ

ବାଣପୁରରେ ଆଠ ହଜାର ଟଙ୍କାର ଇନସ୍ୟୁରେନ୍ସ କ୍ଲେମ୍ କରି ସାରି ବାରଂପୁର ଅଭିମୁଖେ ଚଳାଇଲି ମୋର ଜିପ୍‌ଗାଡ଼ି । ମନଟା ଖୋଲାସା ଥାଏ । ଖଲିକୋଟ ଷ୍ଟେସନ ପାର ହୋଇ ରମ୍ଭାର ଘାଟି ଚଢ଼ିଲେ । ଜାପାନ ଫ୍ୟାକ୍ଟେରୀରୁ ଖଣ୍ଡେ ମୁହଁରେ ବାହାରିଥିଲି ଧଗଇ ଭାବିଲି ଘାଟି ରାସ୍ତା ଦେଇ ଯିବି । ବାମ ପାଖେ ମୋର ନୀଳ-ଜଳ ରାଶି ଚିଲିକା ଆଉ ଡାହାଣ ପାଖଟା ନିଚ୍ଛ ଉଚ୍ଚା ଢିମିରି ବଣ ବୁଦାରେ ପୂର୍ଣ୍ଣ । ସୂର୍ଯ୍ୟ ଖସି ଗଲେଣି ରଜାଘର ଉଆସ ଆଡେ । ଘଡ଼ିରେ ବାଜିଛି ପାଞ୍ଚ ।

ଟପ୍ ଗିଅର ଠାଣି ଜିପ୍‌କୁ ପଚାରିଲି "ପବନା, ଘାଟି ଉଠି ପାରିବୁ ତ ?" ମୁଁ ତାର ନାଁ ଦେଇଥାଏ 'ପବନା' । ସେ ଠିକ୍ ଗଳାଟା ଘଁ ଘଁ କରି ଉତ୍ତର ଦେଲା "ମାଲିକ, ଏଭଳି ଛର ଘାଟି—ନିପୁର୍, ମଣିପୁର, ଇମ୍ଫାଲ ପର୍ବତ ଶ୍ରେଣୀ ମୁଁ ପାର ହୋଇଛି ।" "କିରେ ତୁ ସେଆଡ଼େ କିମିତି ଯାଇଥିଲୁ ?" ମୁଁ ପଚାରିଲି । "ବାବୁ କଣ ଶୁଣିବେ ସେ କଥା । ଆପଣ ଯେଉଁଭଳି ଦୟାଳୁ ଲୋକ ମୁଁ ଦେଖୁଛି ମୋର ସେ ହାଡ଼ଭଙ୍ଗା ଖଟଣି କଥା ଶୁଣିଲେ କାନ୍ଦ ପକାଇବେ । ଭାଗ୍ୟ ଭଲ ଶେଷ କାଳରେ ଆପଣଙ୍କ ପାଖେ ପହଞ୍ଚିଛି । ରୋଜ ଗୁହାରି କରେ ଦାଆଁଙ୍କ ଠାରେ 'ମୋର ଦିନ କାଳ ଏ ବାବୁଙ୍କ ଠାରେ ସରି ଯାଉ ।' ଆଉ ଯେପରି କେଉଁ ନିର୍ଦ୍ଦୟ ମାଲିକ ହାତରେ ନ ପଡ଼େଁ" । ସେତିକିବେଳକୁ ପବନା ଘାଟି ପ୍ରାୟ ଅଧା ଉଠି ସାରିଲାଣି । ଏକା ନିଶ୍ୱାସରେ ଦୌଡ଼ୁଛି ସେ ।

କହିଲି "ପବନା, ସତରେ କଣ ତୋର ପୂର୍ବ ମାଲିକମାନେ ନିର୍ଦ୍ଦୟ ଥିଲେ ? ସେଥିରେ ତାଙ୍କର ଭଲ ଲାଭ କଣ ? ତୋତେ ଖୁଆଇ ପିଆଇ ସୁସ୍ଥ ସବଳ ରଖିଲେ ସିନା କାମ ଦେବୁ… ।" କଥାରେ ବାଧା ଦେଇ ପବନା କହିଲା, 'ସେ ବିଚାର ସେମାନଙ୍କର ନଥିଲା । ଭେଣ୍ଡା ଜୁଆନ ବୟସ ମୋର ଯେତେବେଳେ ଆମଦେଶ ଲୋକେ ମୋତେ ଆଣିଲେ ସାତ ସମୁଦ୍ର ପାର କରି । ଏ ଦେଶର ମାଟିରେ ପାଦ ଦେଲାଠୁଁ ହେଲା ମୋ ଉପରେ ଚଢ଼ାଉ । ଦିନ ନାହିଁ ରାତି ନାହିଁ, ହଜାର ହଜାର ମାଇଲ ଦଉଡ଼ା । ଅଧା ବାଟରେ ଦେଖ କରେନି । ଦୟା ଧରମ ସେମାନଙ୍କର ଜାତି-କଟର ବୋଧହୁଏ ନଥିଲା । ନିର ବୁଝାଇଲେ ସେମାନେ ଆନନ୍ଦରେ ନାଚି ଉଠୁଥିଲେ ଆଉ ମୋର ହାଡ଼ଆ ପରିଶ୍ରମକୁ ବା ସେମାନେ କାହିଁକି ମନ ଦେବେ । ମଦ ଟେକ ଭରି ଖାଇବାକୁ ଦିଅନ୍ତି ଡିମ୍ବିରି, ପଥର, ପାହାଡ଼, ନଈ ସବୁଥିରେ ବାହି ନିଅନ୍ତି ମୋତେ । ଟଳତେ ସାଙ୍ଗ ମୋର ଏମିତି ହାଡ଼ଭଙ୍ଗା ଖଟଣିରେ ହଟି ଯାଆନ୍ତି । ବେମାରିଆ ହୁଅନ୍ତି । ଦରମରା ହୋଇ ଏଣେତେଣେ ପଡ଼ି ରହନ୍ତି । କିନ୍ତୁ ବାପଦ ସେଟିକରେ ଶେଷ ହୁଏନି ମାଲିକ । ତୋପ ମୁହଁରେ ଆମର କାରବାର । ଗୁଡ଼ୁମ ଗୁଡ଼ୁମ ଆବାଜରେ କାନ ଅତଡ଼ା ପଡ଼େ ମୋର ଆଉ ଛାତି ଧୁକ୍ ଧୁକ୍ କମ୍ପି ଉଠେ । ସେ ଯେଉଁ ଲୌହ କମାଣରୁ ଗୁଳି ବୃଷ୍ଟି—କଣି-ଗୁଏ ଯଦି ମୋ ଦେହରେ ବାଜି ଥାଆନ୍ତା କେବେଠି, ମୋ ଦଫା ଶେଷ ପାଇଥାନ୍ତାଣି । ଭାଗ୍ୟ ବଦଳିଲା । ଉଡ଼ନ୍ତି ଶୁଣିଲି ଏ ପାହାଡ଼ ଅଞ୍ଚଳରୁ ଫେରିବାକୁ ହେବ ଏଥର । ଶିଘ୍ରରେ ଦମ୍ଭ ଆସିଲା ।'

ଗାଡି ଉପରେ ପଡ଼ୁଥିଲା ସେତେବେଳକୁ ପବନା ସେଁ ସେଁ ହୋଇ ଯାଉଥାଏ । ପଚାରିଲି "ପାଣି ପିଇବୁ ?" ନରମ ଗଳାରେ କହିଲା "ବାହିହିଁବ ଦିଅ । ଘାଟିଟା ଉଠି ଆସିବାରେ ଶେଷ ହେଉଛି ।" ପାଖ ଗାଡ଼ିଆରୁ ଆଣି ପିଆଇ ଦେଲି ଲିଟରେ ପାଣି । ପଚାରିଲି 'ଭୋକ ହେଉନାହିଁ ତ ?' 'ନାହିଁ ବାବୁ ମୁଁ ସେମିତି ଖାଉଣିଆ ନୁହେଁ । ତେବେ ଭରତି କଲେ ଶହେ ମାଇଲ ଦଉଡ଼ିବି ।" ପୁଣି ସଇସ ହେଲି ତା ଉପରେ । ଗଡ଼ାଣିଆ ରାସ୍ତା ମନ ଖୁସିରେ ହିଁ ହିଁ ବଜାଇ ଧାଇଁଲା ସେ । ପଚାରିଲି--'ପବନା, ତା ପରେ ତୁ କୁଆଡ଼େ ଗଲୁ ଶୁଣେ । ତୋ କଥା ଶୁଣି ମୋତେ ଭାରି ଶ୍ରଦ୍ଧା ଲାଗୁଛି । ତୋ ଭଳି ପ୍ରଭୁଭକ୍ତ ବାହନଟି ପାଇଲି ବୋଲି ମୋ ଭାଗ୍ୟ ରବି ଉଦୟ ହୋଇଛି । ଦୁଇ ମାସ ଭିତରେ ଲକ୍ଷେ ଟଙ୍କାର ଜାଲ ପକାଇ ପାରିଛି । କହ ଯା ତୋ କଥା ଶୁଣେ ମୁଁ ।'

'ସେତିକି ଅଲେ ବାହୁଡ଼ିଲି ଶିଘ୍ର ଶିଘ୍ର ସଂଗ୍ରାମରେ । ଆସି ଜମା ହେଲି ଗୋଟାଏ ବିସ୍ତୀର୍ଣ୍ଣ ପଡ଼ିଆରେ । ଗୁରୁଆଟଙ୍କ ଭାରି ବାଡ଼ି ବେଡ଼ା ହୋଇଥାଏ । ଆମ ଦେଶର ମାଲିକ-ମାନେ ଚୂଡ଼ା ଭୂଜା ହେଲେ, ବିକା ହେବା ଏ ଗୁଡ଼ାକୁ ଏଠାରେ । ଅଜଣା ଯୁବକ କଲିକତାରେ ବାହାର ହେଲି ମୁଁ । ଦଳ ଦଳ ବାବୁ ଆସିଲେ ଆମକୁ ଦେଖିବା ପାଇଁ ପରୀକ୍ଷା କରି ଯାଉଥାନ୍ତି ଔଟନା ଖୋଲି । ନାକ, କାନ, ପେଟ, ପୋଡ଼, ହୃଦ୍‌ପିଣ୍ଡ ପର୍ଯ୍ୟନ୍ତ ବାଦ ଗଲା ନାହିଁ ସେ ପରୀକ୍ଷାରୁ । ସବୁଥିରେ ମୁଁ ହେଲି ପାଶ । ଖୁବ୍ ସ୍ୱାସ୍ଥ୍ୟବାନ ବୋଲି ମୋତେ ପସନ୍ଦ କଲେ ଜଣେ ପାଞ୍ଜାବିଆ ଦାଢ଼ିଆ । ସାଙ୍ଗ ଛାଡ଼ି ଜନ୍ମ ବାନ୍ଧବ ଆଣିଲେ ଦକ୍ଷିଣ ଦେଶ । ଗୋଟାଏ ଟାଉନ ସହର । ସେଠି ହଜାର ହଜାର ନୂଆ ପୁରୁଣା ଘର ତିଆରି ହେଉଥାଏ । ମୋର ମାଲିକ ସେଥିକୁ କେତେ ଗୋଟା କୋଠା ତିଆରି କରାଉଥାନ୍ତି । ନିତି ନୂଆ ବସ୍ତିର ନୂଆ ଦାଣ୍ଡରେ ମୁଁ ବୁଲେ । ଦିନେ ଦିନେ ନଦୀ ପାର ହୋଇ ଗୋଟାଏ ବଡ଼ ସହରକୁ ଯାଏ । ସେଠି ଏ ଦେଶର କଳା ସାହେବ କେତେ ଯୁକ୍ତି ପାଇଁ ମୋର ସବାର ହେବା ପାଇଁ । ସେମାନେ ନୂଆ ଘର ଗୁଡ଼ିକ ମାପ ଜୋଖ କରନ୍ତି ବେଳେ ବେଳେ ଅଧଗ୍ରଡିଆ କାମ ପଡ଼େ । ମାଲିକ ମୋର ନଥାଇ ଏଣୁ ତେଣୁ ଲୋକ ଆସି ମୋ ପେଟ ଫାଡ଼ି ସେଥିରେ କେତେ କଣ ବସ୍ତା ଭରତି କରି ବାନ୍ଧି ନିଅନ୍ତି । ଦିନେ ଜଣେ ସାହେବ ମୋତେ ଏକେଲା ବାନ୍ଧି ନେଲେ ଖଣ୍ଡଗିରି ପାହାଡ଼ ପଟେ । ହେ ଆଉ ଫେରି ସେ ବାବୁ ମାଲିକଙ୍କୁ ଖୁବ୍ ପ୍ରଶଂସା କରି ଗଲେ ମୋର । ଦାଢ଼ିବାଲା ମାଲିକ ଟିକିଏ ମୁରୁକି ହସା ଦେଇ ମୋତେ ନେଇ ଯିବାକୁ କହିଲେ । ସେହି କ୍ଷଣରୁ ମୁଁ ହେଲି ପର ହସ୍ତ । ଯାହା-ହେଉ ପୂର୍ବ ଭଳି ଅଉ ପରୀକ୍ଷା ହେଉନି । ସାଧାରଣରେ ଆମକୁ କିଣିଲାବେଳେ ନୂଆ ମାଲିକମାନେ କିଛି କଥା କହନ୍ତି । ଦରଦାମ କଷା କଷି ହୁଏ । ମାତ୍ର ଏ ବାବୁ ମୋର ପ୍ରଶଂସା ଗାଇ ଗାଇଗଲେ । ଭାବିଲି ଦରଦାମ

Digitized by srujanika@gmail.com

ଇଟା ଚୂନ ମାପ କଷୁଥିଲେ ଛତ୍ରୀ ଥିବ ।

ନୂଆ ମାଲିକ। ମନ ଜାଣି କାମ କରି- ବାକୁ ହେବ । ପ୍ରଥମେ ଟିକିଏ ଅଡୁଆ ଅଡୁଆ ଲାଗିଲା । ମାତ୍ର ଦୁଇ ଚାରି ଦିନ ପରେ ନୂତନ ପରିବେଶ ପାଇ ଖୁବ୍ ଆନନ୍ଦ ଅନୁଭବ କଲି । ମୋର ଜନ୍ମ ବେଳୁ କୌଣସି କୋମଳାଙ୍ଗୀ- ଙ୍କର ବନ୍ଧନ ହୋଇ ନଥିଲି । ଏଥର ଅନ- ବରତ ମୋ କୋଳରେ ଆଶ୍ରୟ ନେଲେ ତରୁଣୀ ଦଳ । ରୋଜ ସନ୍ଧ୍ୟାରେ ସିନେମା, ଥିଏଟର, ଗହଣା ଦୋକାନ ଦୁଆରେ ମୋର ହାଜର ପଡ଼େ । ନୂଆ ପରିସ୍ଥିତିରେ ନୂଆ ଉତ୍ତେଜନା ଖେଳି ଖେଳି ଯାଉଥାଏ ମନରେ ବର୍ଣ୍ଣାଳିଆ ନୂପୁର ଝରଣ ଆଉ ବୀଣା ଜିଣା ସ୍ୱରର ଆବାଜରେ ଚିତ୍ତ ପୁଲକିତ ହୋଇ ଉଠୁଥାଏ । ହେଲେ କଣ ହେବ ମୁଁ ତାଙ୍କ ମନକୁ ପାଉ ନଥାଏ । ଜଣେ କହୁଥିଲେ 'ଚେଟ ହୋଇଗଲି' ଆଉ ଜଣେ କହେ 'ମୋ ଦେହ ଦରଜ ହୋଇଗଲା ଏ ଗାଡ଼ିରେ ବସି ।' ଆଉ ତରୁଣୀ କହେ 'ଏକଦମ୍ ଅଚଳ ହୋଇ ପଡୁଥିନ୍ତି ଅଳକେ ରକ୍ଷା ପାଇଗଲି। ଏମିତି କି ଗାଡ଼ିମ— ମନୁଷ୍ୟର ମାନ ଇଜ୍ଜତ ଯିବ ।'

ଏ ସବୁ ସମାଲୋଚନା ପରେ ବୁଝିଲି ଶୀଘ୍ର ମୋର ଜୋର ଛତ୍ରୀ ଯିବ ଯୁବକଠାରୁ । ଅନ୍ତରଟା ଖଟା ହୋଇଗଲା । ମନର ତେଜ ଦେହର ତେଜ କମି ଆସିଲା ଦିନକୁ ଦିନ । ସର୍ବାଙ୍ଗରେ ବେମାର ଦେଖା ଦେଲା କ୍ରମେ କ୍ରମେ । ମାଲିକର ଶତ ଯତ୍ନ ସତ୍ତ୍ୱେ ରୋଗୀ ହୋଇ ପଡ଼ିଲି ମୁଁ । ବହୁତ ଖର୍ଚ୍ଚ ବି କଲେ ସେ ବାବୁ ମୋ ପିଇଁ । ମାତ୍ର ଡାକ୍ତର ମତ ଦେଲେ—"ଏ ରୋଗ ସାଧାରଣ ଉପଚାରରେ ଭଲ ହେବାର ନୁହେଁ । ଯାନ୍ତ୍ରିକ ଅପରେଶନ ଦରକାର । କଲିକତା ପଠେଇ ଦିଅନ୍ତୁ ।" ମାଲିକ ବ୍ୟସ୍ତ ହୋଇ ପଡ଼ିଥିଲେ ମୋ ପାଇଁ । ଆଉ କଲିକତା ନ ପଠାଇ ମୂଳ ମୂଲକା ଉପ- ଚାରରେ ମୋତେ କିଛି ଦିନ ରଖିଲେ । ହଠାତ୍ ଦିନେ ଗସ୍ତବେଳେ ବୁଲି ଆସି ଦେଖେତ ମୋ ବଖରାରେ ଝଳ ମଚ ମଚ ଫୋର୍ଡ ସୁନ୍ଦରୀ ଆସି ଆସନ ଜମେଇ ଲଣି । ତାର ଗୃହପାଖ ବେଢ଼ ରହୁଛନ୍ତି ବାବୁ ଓ ତାଙ୍କର ସ୍ତ୍ରୀ କନ୍ୟା ସବୁ । ମୋତେ ଦେଖି ଥଟ୍ଟା ପରିହାସ ଆରମ୍ଭ ହେଲା ।

କିଏ କହିଲା 'ନୂଆ ଲୁଗା ଖଣ୍ଡେ ଗୁଡ଼ାଇଲ ସେବେ ମିଶାଇ ଦାନ ଦେଇଥାନ୍ତ ଏଇଟାକୁ ।' ଆରେକ କହିଲା 'ବଜାରରେ ନିଲାମ କରି ଦିଅ ଯାହା ମିଳିବ ମିଳୁ । କେତେ ଟଙ୍କା ଗଣି କିଣା ହୋଇଛୁ । ମରାମତି ଖର୍ଚ୍ଚଟା ବାହାରି ପଡ଼ିଲେ ହେଲା ।', ବଚ୍ଚୂଳି ଅଲୁଅ ଆଗରେ ଉଲ୍ଲଙ୍ଗିଆ ନେପ ଭ ପରି ନିଜକୁ ଅତି ସଙ୍କୁଚିତ ମନେ କଲି । ବାହାରଦ୍ୱାରରେ ସେମିତି ମୋତେ ପକେଇ ଦେଲେ । ମୁଣ୍ଡ ଗୁଞ୍ଜିବାକୁ ଆଉ ଜାଗା ନାହିଁ । ଦିନଡମାମ ମୁଣ୍ଡଫଟା ଖରା, ରାତିରେ ଠିଆ କାକର । ଖାଇବାକୁ ଦେଲେ ନାହିଁ କି ଛୁଇଁ ପଚାରିଲେ ନାହିଁ କିଏ ମୋତେ । ମୋ ଆଗନ୍ତାରେ ସେ କାଳୀ ସଉତୁଣୀଟା ଗଚ ଫୁଲେଇ ଗୁରୁଗର୍ମ୍ଭୀର ନାଦରେ ଯାଏ ଆଉ ଆସେ । ହୀନ କପାଳୀ ମୁଁ । ସେମିତି ଶୁଖି ଶୁଖି ପଡ଼ି ରହିଲି କିଛି ଦିନ ।

ଦିନେ ଆସି ପହଞ୍ଚିଲେ ଜଣେ ବାବୁ । ମୋଟା ମୋଟା । ଖଦଡ଼ ଖଦଡ଼ ଲୁଗା ପିନ୍ଧି- ଥାନ୍ତି । ଥରେ ଗୃହପାଖ ଘୂରି ଗଲେ ମୋର । ଟିଥିମ ଥର ଭଲ ଓଢ଼ଣା ଖୋଲି, ଛତି ପଞ୍ଜରା ପେଟ ଛାପ ସବୁ ଦେଖିଲେ । ମୋର ମାଲିକ ଓ ସେ ବାବୁ ଦୁହେଁ ଚଢ଼ି ଦଉଡ଼ା- ଇଲେ ମୋତେ କିଛି ଦୂର । ମାଲିକ ଗର୍ଭଜକ୍କା ହୋଇ ମୋର ପ୍ରଶସ୍ତି ଗାଇ ଯାଉଥାନ୍ତି । 'ବଡ଼ ଶକ୍ତ ଭିଡ଼ କାମକୁ ଖୁବ୍ ପାରିବାର, ଅଳ୍ପ ଖାଏ, ଚଞ୍ଚଳ ଚାଲେ ଇମିତି ଇମିତି କେତେ କଥା । ମୋର ଭାଗ୍ୟ ଅନନ୍ତ ଭିତରେ ସେ ଦିନ ସ୍ଥାନଚ୍ୟୁତ ହେଲି ମୁଁ ।

ଚାଲିଲି ଗୋଟାଏ ଅଜଣା ମଫସଲ ଗାଁକୁ । ସେ ଠାଏ କି ଆଶ୍ରମ ବୋଲି ଲେଖା ହୋଇଥିବା ଦୁଆରେ ମୋତେ ଠିଆ କଲେ ନୂଆ ମାଲିକ । କେତେ ବାବୁ ଆସି ଜୁଟି- ଲେ ମୋ ପାଖେ । ଥାହୁଲି ଥାହୁଲି ଗାଲ, ଗୋରା ଢଳଢଳ ଦେହ, ଦାଢ଼ିଆ ନିଦୁଆ ମୁହଁ । ମୁରୁକି ମୁରୁକି ହସରେ ସମ୍ବର୍ଦ୍ଧନା କଲେ ମୋତେ କୁହା କୁହି ହେଲେ, ଏ ଆମର କାମ ଦେବ । ମୋର ଶିରରେ କଣ ଗୋଟାଏ ପତାକା ବାନ୍ଧି ଦିଆଗଲା । ଜନ୍ମ ଟୀକା ପାଇ ମୋ ଛାତି ଫୁଲି ଉଠିଲା । ତା ପରେ ପରେ ମୋ ଖଟଣିରେ ଦେଳ ପଡ଼ିଲା । ସହରର ପିଚରାସ୍ତା ବଦଳରେ ଚାଲିଲି ଅମଡ଼ା ଗୋଡ଼ ବଣୁଆ, କଚ୍ଚା ସଡ଼କ ଉପରେ । କୋମଳାଙ୍ଗୀ ଲବଣୀ ପିତୁଳା ପରିବର୍ତ୍ତେ ସବାର ହେଲେ ମୋଟା ମୋଟା କାଣ୍ଡିଆ ପରି- ହିତ ସେବା ଦଳ । ଥିଏଟର ସିନେମାର ମନୋହାରିଣୀ ସଙ୍ଗୀତ ପାଶୋରି ଶୁଣିବାକୁ ପାଇଲି ବକ୍ତୃତା ଛଳରେ ଗଳାଫଟା ତର୍ଜନ ଗର୍ଜନ । ନରୁଜ ପକ୍କା ସିମେଣ୍ଟ ଚଟାଣ ଛାଡ଼ି ବିଶ୍ରାମ ନେଲି ସଡ଼କ କଡ଼େ, ତୋଟାମୂଳରେ ପଲ୍ଲୀଗ୍ରାମର ଖଡ଼ଲୁଡ଼ ପଥେ । ଅନ୍ତରାଗ୍ନ ଜଳୁଥିଲେ ଉଠେ । ମୋର ମାଲିକ କୋଲି ଜଣେ କେହି ନଥାନ୍ତି । ସେ ମନକଲେ ଯେତେ- ବେଳେ ଇଚ୍ଛା ଧଇଲେ ସେ । ଗୃହଜଣ ଯାଗାରେ ଚଢ଼ି ଥାଆନ୍ତି ଆଠ ଦଶ । ଅଣ୍ଟା ମୋର ଭାଙ୍ଗି ପଡେ । ବେଳ ନାହିଁ ଅବେଳ ନାହିଁ । ଦିପହର ଖରା ଆଉ ରାତି ଅଧ ବର- ଫିଆ ଶୀତରେ ମଧ ମୋ ଗତିର ବିରାମ ନ ଥାଏ । ଖାଲି ଚଲ, ଚଲ, ଚଲ । ଏଠିକି ଅମୁକ ନେତା ଆସିବେ ଚାଲ, ସେ ଗାଁ ଲୋକଙ୍କୁ ବୁଝାଇବା ଚାଲ, ଅମୁକ ଜେଲରୁ ହାତ ହାତ କରିବାକୁ ହେବ ଚାଲ । ଖାଲି ଦୌଡ଼ ଧାପଡ଼ । ତେବେ ସେମାନଙ୍କର ଅକ୍ଲାନ୍ତ ଚୁର୍ଣ୍ଣନ ଦେଖି ମୋ ମନରେ ବି ଦମ୍ଭ ଆସି ଥାଏ । ବିଚରା ଗୁଡାକ ମୋତେ ଅଶ୍ରାବର ସେଉବାନ୍ଧବେ ବୋଲି ବାହାରିଛନ୍ତି ଦେଶ ସମୁଦ୍ରରେ । ଗୁଣ୍ଡୁଚ ଭଜ ମୋର ବି ଲାଗ ଥାଉ । ଯେତେ ହେଲେ ମାଲିକ ତ ସେମାନେ ମୋର ।

ସେଇଁ ଠାରେ ମୋର ମାଲିକମାନେ ଫୁଲମାଳ ପାଆନ୍ତି ସେ ଗୁଡ଼ାକରେ ବିଭୂଷିତ ହୁଏ ମୁଁ ଆଉ କେଉଁଠି ଇଟା, ଗୋବର, ଧୂଳି ମାଡ଼ ହୁଏ ସେଥିରୁ ଖଣ୍ଡେ ପଟେ ମିଳେ ମୋ ଆଡ଼େ ଗୋବର କା ମୁଠାଏ ଧୂଳି ପାଇ- ଥାଏ କି । ସେଦିନ ଦିନ ଗଡୁଥାଏ ସେଦିନ କୋଳାହଳ ବଢୁଥାଏ । ମାଲିକମାନେ ଅଶିଥ

[ଅବଶିଷ୍ଟାଂଶ ପରପୃଷ୍ଠ ଦେଖନ୍ତୁ]



Digitized by srujanika@gmail.com

# ବିଜୟା

ଲେ… ଶ୍ରୀ ରାମଚନ୍ଦ୍ର ମହାପାତ୍ର

ମୋହନ ଆଜି ଉନ୍ମତ୍ତ, ସେ ଆଜି ଫେରିଛି ଯାଯାବର ଦଳରେ ଜଣେ ହୋଇ ସଞ୍ଚିତ ସ୍ମୃତି ଭିତରେ ଭାସି ଭାସି ଭାରତ ଭୂମିକୁ। କାହାର ସ୍ୱପ୍ନ— ସେ ଭୁଲି ଯାଇଛି ଆଜି ତାର ସବୁଜ କ୍ଷେତର ବୁକୁଫଟା ହସରେ ମିଶାଇ ବାକୁ ଅବସର ନାହିଁ। ସେ ସବୁକୁ ସେ ପଛାରେ ପକେଇ ଆସିଛି— ବହୁତ ପଛରେ ତା'ର କ୍ଷେତ, ବଳଦ, ବହନ, ଘର, ଶଗଡ ସବୁ। କେବଳ ସାଥିରେ ଆଣିଛି। ତାକୁ ମିଶେଇ ଦୁଇଟି କଂକାଳର ପ୍ରତିମୂର୍ତ୍ତି।

କିନ୍ତୁ ତାର ନଥିଲା କଣ? କାହାର କଥା, ଇଚ୍ଛାପୁର ଗାଁରେ ସେ ଥିଲା ଜଣେ ବଡ଼-ଚାଷୀ— କହିବା ସମ୍ପତ୍ତି ତାର। ଗୃହ ନୂଆ ଖୁଣାରେ ତାର ଅମାର ଥିଲା ଭର୍ତ୍ତି। ତାର ୩ ବର୍ଷର ପୁଅ ଖୋକା, ବାରବରଷର ଭଉଣୀ ଶିବାନୀ— ସ୍ତ୍ରୀ କମଳା ଆଉ ବୁଢ଼ୀ ମାକୁ ନେଇ କରି ସେ ଗଢ଼ି ତୋଳିଥିଲା କେତେ କଣ ସପନିଡ଼। ତେବେ ଗ୍ରହୀର ଫେଟାଏ ସ୍ୱପ୍ନ ପରି ଏ ପରିବର୍ତ୍ତନ ଆଣିଲା କିଏ?

ସେ ଦିନ ସକାଳୁ ସେ ଗାଡ଼ିନେଇ ଯାଇଥିଲା ସହରକୁ ଶାଗ୍ ସବଜି ଭଳି ଜିନିଷ ଧରି ତାର ଶିବାନୀକୁ ଜର; ଔଷଧ ଆଣି ସଅଳେ ସଅଳେ ଫେରିବ। ସେ ସହରରେ ପହଞ୍ଚି ଶୁଣିଲା ସେ ଅନାସର ବାହାମାର ଯୁଦ୍ଧ ଓ ଭଗ୍ନ— ବିଧର୍ମୀ ବା'ଫେର ବିରୁଦ୍ଧରେ। ଛାତି ତାର ଥରି ଉଠିଲା। ସେ ଦିନର ଛାତି ତାର, ନାହିଁ, ସିଏ ବିଦେଶୀର ବନ୍ଧୁକକୁ ଚୂର୍ଣ୍ଣ କରି ଦେଇଥାନ୍ତା। ସେ ଦିନର ଜାଇ ଆଜି ତାକୁ ଜଳିଛି ବିଧର୍ମୀ ବାଫେର। କାନରେ ତାର ବାଜି ଉଠିଲା ଶଯ୍ୟାଶାୟୀ ଶିବାନୀର ଡାକ। ତେବେ ବି ଔଷଧ ମିଳିଲାନି। କ୍ରମେ କୃଷ୍ଣ ଘନାନ୍ଧମାନ ଅଂଧକାର ଧରଣୀପୃଷ୍ଠେ ଛାଇ ହୋଇ ଆସିଲା। ତା ହୃଦୟରେ ବି ସେଇ ଅଂଧାର ହାହାକାର କରି ଉଠିଲା। ଢଂ ଢଂ ଡାକ୍ତରଖାନା ଘଣ୍ଟାରେ ବାଜିଲା ସାତ୍। ସେ କାହାର କଥା ମାନିଲାନି। ପାଗଳ ପରି ଛୁଟିଗଲା ଅଂଧାରର ଗହଳିଆ ବୁକୁରେ ମିଶି ପଛରେ ବାନ୍ଧିଲା ତାର ଶଗଡ଼ ଶଗଡିଆ।

ବିଚକ୍ଷଣିଆ ଅଂଧାର ଭାଙ୍ଗି ସେ ଆଗେଇଲା ଗାଁ ପରେ ଗାଁ ଅତିକ୍ରମ କରି। ରାସ୍ତାର ଦୁଇକଡ଼ୁ ଭାସି ଆସୁଥାଏ ମଣିଷର ଆର୍ତ୍ତନାଦ ଅନ୍ଧାରର ବୁକୁ ଚିରି ଶୁଣିବାକୁ ତାକୁ ଡର ନାହିଁ। ସେ ଚମକି ପଡ଼ୁଛି ପ୍ରତିପାଦ ଆଗକୁ ବଢ଼େଇ। ସାରା ଅମ୍ବର କାଳିଆ ଅଗାଣିଆ ତାକୁ ଖାଁ ଖାଁ କରି ଚାହିଁଛି। ଧମନୀର ରକ୍ତ ତାର ସେତିକି ଜୋରରେ ଉପରକୁ ଉଠୁଛି ଯେତିକି ସେ ଆଗେଇ ଚାଲିଛି।

ତା ପରେ— କହିବି କାହିଁ? ସବୁ ଦିନ-ପରି ତ ଅଲେଇ ନାହିଁ। କାହିଁ ଖୋକା ତାର ତ ହସି ହସି ଦଉଡ଼ି ଆସୁନି। ସେ ଝୁଡ଼ିପରି ଘରେ ପ୍ରବେଶ କଲା। ହାତରେ ତାର ଟର୍ଚ୍ଚ ଦୁଆର ବନ୍ଦରେ ଝୁଲନ୍ତି ଧଡ଼ିଲା। ଟର୍ଚ୍ଚ ମାରିଲା। ଧୁଁ ଧୁଁ ଟର୍ଚ୍ଚ ଉଭେଇଗଲା। ଦେଖିଲା ତାର

[ଅବଶିଷ୍ଟାଂଶ ପର ପୃଷ୍ଠା ଦେଖନ୍ତୁ]

---

ଅଗାଧିଆରେ ମୋ ଉପରର ବସ ଭାଙ୍ଗିଥାନ୍ତି ସ୍ୱପ୍ନ ନେଇ। ଉଦ୍ବେଗ ବୃଦ୍ଧି ପାଉଥାଏ ଘଡ଼ିକୁ ଘଡ଼ି। ପେଟ ଭରି ମୋତେ ଖୁଆଇ ଥାନ୍ତି ଖାଇ ସପ୍ତାହ ସପ୍ତାହ ଧରି ମୋର ସ୍ନାନ ହୁଏନି। ରୋଗରେ ମୁଣ୍ଡରେ କାଦୁଅ ଛିଟ ଲାଗି ରହିଥାଏ ସେମିତି। ପୋଛି ଦେବାକୁ କାହାରିକୁ ବେଳ ନଥାଏ ସହରରେ। ଦିନେ ଶୁଣିଲି "କାଲି ଦିନଟା ଗଲେ ଗଲା।" ଅଶ୍ୱାସନାର ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ଠିଆ ହେଲି ସେହି "ଅଶ୍ରମ" ବାରଣ୍ଡା ପାଖେ।

ରାତି ରାତି ମୋତେ ସ୍ନାନ କରି ଦିଆଗଲା। ସଫା ସୁତୁରା ହେଲି। ଅପ ଦାମସ୍ତକ ପତାକା ଆଉ ଫୁଲମାଳରେ ଭୂଷିତ ହେଲି। ଗୋଟାଏ ଗଡ଼ଗଡ ନାଦରୀ ଦୁନ୍ଦୁଭିପୂର୍ଣ୍ଣିଆ ବାଜା ହେଲା ମୋ ପଛପାଖେ। ବଡ଼ା ବଡ଼ା ସଭେଲା ହଳଦିଆ କାଗଜ ମୋ କୋଳରେ ଥୁଆ ହେଲା। ଅବେକ୍ଷା ମାତ୍ର କିଛିକ୍ଷଣ। ସେ ଦିନ ସକାଳ ଛଅଟାରୁ ରାତି ଆଠଟା ଯାଏ ମୋର କ୍ଷଣେ ବିଶ୍ରାମ ନ ଥାଏ। ମୋତେ ଦେଖି କେତେ ସ୍ଥାନରେ ଠୋକାଏ ତାଳି ମାରନ୍ତି ତ ଆଉ କେତେଁଟି ହସ ମୁହାଁ ପତାକା ବାନ୍ଧି ଦେଇ ଯାନ୍ତି ମୋତେ। ସଂଧ୍ୟା ହେଲା। ଗହଳି କମି ଆସିଲା। ଦଳ ୨ ହୋଇ ଗାଁ ବାଲା ସେଷ୍ଟାଗାଁକୁ ବାହୁଡ଼ିଲେଣି। ମୁଁ ବି ଫେରିଲି ମୋ ମାଲିକକୁ ନେଇ। ସେଦିନ ମୋର ପ୍ରାଣାନ୍ତକ କଷ୍ଟ। ତୋଳେଇ ହେଲେ ଚଉଦ ଜଣ ମୋ ଉପରେ। ମେରୁଦଣ୍ଡମୋର କଟ କଟ ହେଲା। ତେବେ "ଗଡ଼ିକ ପଇଁ ସିନା" ବଗୁରି ଘୋଡ଼ାରି ହୋଇ ଫେରିଲି ଅଶ୍ରମ ଅଭିମୁଖେ। ଫେରିବା ବାଟରେ ବାବୁମାନେ ନିଜ ନିଜର ବକ୍ତବ୍ୟ ଝାଡ଼ି ଯାଉଥାନ୍ତି। ଜଣେ କହିଲା "ମୋର ପଚିଶଟା ଛଡ଼େଇ ନେଲେ ସେମାନେ'। ଆଉ ଜଣେ କହେ 'ଆମକୁ ସେ ଘରଟାରେ ଦିନ ତମାମ ବନ୍ଦ କରି ରଖିଦେଲେ'। ଅନ୍ୟ ଜଣେ କହିଲେ 'ସେ ଗାଁରେ ଏତେ ଧନ ବ୍ୟୟ କରି କୂଅ ଖୋଳିଲୁ ସମସ୍ତେ ଆଗ ଧୁଁ ଧୁଁ କରୁଥିଲେ ଦେଖିଲ ବେଳକୁ ବରାଡ଼ ଚୁଅନେ ବି ଆସିଲା ନାହିଁ ସେ ଗାଁରୁ? ଲୋକ ଗୁଡ଼ାକ କି ନିମକ ହାରାମ ଦେଖନ୍ତୁ ତ।' ମୋର ବଡ଼ ମାଲିକ ସମସ୍ତଙ୍କୁ ସମ୍ଭାଳି ନେଇ କହିଲେ 'ଅରେ ବାବୁ ସାବୁପୋତ ଥିଲେ କଣ ଅଙ୍କୁର ପାଇବ? ଯାହା ବୋଇଥିଲେ ତାହା ଦାଇବା। ମଞ୍ଚରେ ଛଟ ପଟ ହୋଇ କି ଲାଭ।'

ଏ ଦିନ ପରେ କଣ ସବୁ ଖବର କାଗଜରେ ବାହାରିଲା। ଭିର ଗରି ମାଗି ହେଉଥାନ୍ତି ସେମାନେ। ସମସ୍ତଙ୍କ ରାଗ ମୋ ଉପରେ। ଜଣେ କହିଲେ ଏଇ କଳାକାଠୁଆ ଲାଗି ଆମର ସବୁ ଅନର୍ଥ। ଆଉ ଜଣେ କହିଲେ 'ଅନୁନ୍ନତ କରି ସେ ଦିନ ବାହାରିବା କୁ ଗାଁ ମଣ୍ଡରେ କରି ଥୋଇଦେଇଥିଲ ଏଇଟା'। ପୋ—। ଭଙ୍ଗିଲା ମୋର। ସେମିତି ପଡ଼ି ରହିଲି। ମୋତେ ଖୋଇବାକୁ ଆଉ ତାଙ୍କର ସମ୍ବଳ ନଥିଲା କିବା ମୋ ଦେହରେ ଚଢ଼ି ବୁଲି ବାହାରିବାକୁ ଲାଜ ମାଡୁଥିଲା ତାକୁ କେଜାଣି ଆଉ କେହି ମୋ ପାଖ ମାଡ଼ିଲେ ନାହିଁ।

ତାପରେ ବାବୁ ଚମରି ଦେଖା। ଭାଗ୍ୟ ଫେରିଛି ମୋର, ଖୁସିରେ ଅଛି।"

ଆଗରେ ପାର୍ବତ୍ୟ ହୋଟେଲ। ସାମନାରେ ଜିପକୁ ଠିଆ କରି କହିଲି 'ଚଳନା, କିଛି ଖାଇ ନେବା।'



Digitized by srujanika@gmail.com

ଷ୍ଟେନଗନ୍'ର ମା' ପଡ଼ିଛି, ଧରରେ ତାର ଛୁରୀ। ଟିକେ ଆଗେଇଲା, ଖାଲି ଝଟକର ତାର ସ୍ତ୍ରୀ ଶୋଇଛି ଲଙ୍ଗଳା ହୋଇ ବକ୍ଷରେ ତାର ରକ୍ତ ଗାଧୁଆ ମୃତ ଶିଶୁ, ତଳେ ତାର ଶିବାନୀ ଅର୍ଦ୍ଧଲଗ୍ନ ହୋଇ ଅଚେତନ, ରକ୍ତରେ ଶାଢ଼ୀଟା ଭିଜି ଯାଇଛି। ସେ ଆଉ ଦେଖି ପାରିଲା ନାହିଁ। ପଡ଼ିଗଲା ସେଇଠି, ହାତ'ରୁ ଛୁରୀଟା ଖସି ପଡ଼ିଲା।

କେତେବେଳେ ସେ ଶୁଣିଲା—"ଦା-ଦା" ତାରି କରୁଣ ସେ ସ୍ୱର, ସେ ଉତ୍ତର ଦେଲା—ଶିବାନୀ! ପାହାନ୍ତିର ଦମକାଏ ଥଣ୍ଡା ପବନ ଘର ଭିତରେ ପଶିଗଲା। ଶିବାନୀକୁ ଅଣ୍ଟାଳି ସେ କାନ୍ଧ ଉପରେ ଥୋଇଲା। ଡ଼ାକିଲା—'କମଳ' 'କମଳା' ତା ଉପରୁ ଶିବାନୀ କହିଲା, 'ଦାଦା-ସେ ଆଉ ଫେରିବେନି।' ସେ ଆଉ ଡ଼ାକିଲାନି—ଧୀରେ ଧୀରେ ଘରୁ ବାହାରି ଆସିଲା ବଗଡ଼ଜା ନାଗଲ ଗହୀର ଭିତରେ ପଦ ତାର ଛିପ୍ର। ସେ ପାହାନ୍ତି ଅନ୍ଧାରର ବୁକ୍ ଚିରି ଆଗେଇ ଯାଉଛି। ଆକାଶର କଳା ଭୂତ ବାଦଗୁଡ଼ିକ କ୍ରମେ ଲୁଚି-ଗଲେ କଳା ବଉଦର ପଛପଟେ। ବଗଚକ୍ରର ଆରପଟୁ ପଲେ ପଲେ ଶାଗୁଣା ପହଁର ପହଁର ବୁଲିଗଲେ ତା'ର ମୁଣ୍ଡ ଉପର ଦେଇ ସମ୍ଭବତଃ ଶବ ଗନ୍ଧାକର ଦଗ ନେଉଁ କଢ଼! ଠିକ ସେଇ ସମୟରେ ରାସ୍ତାର ଦୁଇକଡ଼ରୁ ଶୃଗାଳ ଦଳ ଗୋଟିକ ପରେ ଗୋଟିଏ ବାହାରି ଆସୁଥାନ୍ତି ତାର ଆଗେ ଆଗେ। ଏ ସବୁକୁ ସେ ମୁଣ୍ଡଟେକି ଦେଖୁନି। ବୁଲୁଛି—ଆଖିରେ ତାର ଭରତ ମାତାର ଉତ୍ତପ୍ତ କୋଳର ଅଦୃଶ୍ୟ ପିପାସା।

\+ × +

ଶରତର ଶୁଭ୍ର ବଦଳ ଭଙ୍ଗି ଆକାଶ-ତଳେ ସୁପ୍ତ ଧରଣୀ ଆଜି ଚେଇଁ ଉଠିଛି। ନୂଆ ପ୍ରେରଣାରେ ଶକ୍ତିର ସମ୍ପ୍ରସାରଣ ପାଇଁ। ବିରାଟ କଲିକତା ନଗରୀରେ ଆଜ ମଣିଷର ସ୍ରୋତ ଅବଶ୍ରାନ୍ତ ଛୁଟିଛି ରାସ୍ତାଦେଇ, ଆଖି ଝଲସି ଉଠୁଛି ଦୋକାନର ସାଜ ସଜାରେ ଫୁଟପାଥ୍‌ରେ ଭିଡ଼ ପେଲେଇବାକୁ ଅବସର ନାହିଁ। ସମସ୍ତେ ବ୍ୟଗ୍ର—ଅବସର ହୀନ—କେବଳ ରାସ୍ତାର ଗୋଟାଏ କଣରେ ଆଖି ତାର କୋଟରଗତ, ଭଙ୍ଗି ଦେଇଛି ଗୋଟାଏ ବାଡ଼ରେ ଜଣକ ପରେ ଜଣେ ଅସଂଖ୍ୟ ନରନାରୀ ଚାଲି ଯାଉଛନ୍ତି ପୂଜା ବଜାର କରି ଉଲ୍ଲସିତ ଚିତ୍ତରେ। କିଏ ଥରେ ସଭ୍ୟତାର ସେଇ ଅଶ୍ଳୀଳ ଜୀବ ଉପରେ ଟିକେ ଆଖି ଫେରେଇ ନେଉଛି କିଏ ବା ଆଦୌ ଦେଖୁନି। କିନ୍ତୁ ତା ନିକଟରୁ ସବୁନା "ବାବୁ ଟଙ୍କାଟିଏ, ମା, ପଇସାଟିଏ— ଭଗବାନ୍ ମୋର ଶକ୍ତି ଦେବେନି। ଏଥିଟିକେ ନେବ"। କେବଳ ସଭ୍ୟ ମାନବର ହସ କୌତୁହଳରେ ଭରିଯାଉଛି ତାର ମନଟି

କ୍ରମେ ରାସ୍ତା ଫାଙ୍କା ହୋଇ ଆସିଲା। ମଣିଷର ସ୍ରୋତ ଛୁଟି ଗଲା। ଗୋଟାକ ପରେ ଗୋଟାଏ ଦୋକାନର କବାଟ ପଡ଼ିଲା। ଏଥର ରାସ୍ତାରେ ଆଗେଇ ବୁଲିଲା ମୋହନ, ଉଏଲିଂଟନ ସ୍କୋୟାର ତାର ବସା। ଗଗନ ଚୁମ୍ବୀ ସୌଧମାଳୀ କାନ୍ଥକଡ଼ର ଛୋଟ ଛାଇରେ ଭିତରେ କେତେଗୁଡ଼ିଏ ଭଙ୍ଗା ଛିଣ୍ଡା ଟିଣ ଯୋଡ଼ି ସେ କରିଛି ତାର ସୌଧ, ଯେଉଁଥିରେ ସେ ବସିଲେ ନିତ ଦେଖେ ନୀଳ ଆକାଶର ବୁକୁରେ ତାରା ଫୁଟିକର ଗଙ୍ଗାର ତରଙ୍ଗର ହସ ମଣିଷ ଜଡ଼ ପ୍ରୀତି। କିଛି ଦୂର ଯାଇ ମେନ୍ ରାସ୍ତା ଛାଡ଼ି ସେ ଚାଲି ଧରିଲା। ହାତରେ ଛିଣ୍ଡା କୋଟଟିଏ କମିଜ ତଳେ ସେ ଧରିଛି ଖଣ୍ଡେ ଶାଢ଼ୀ। ନୂଆ କରିଛି ସେ। ବଳହୀନ ଦେହରେ ମରଣମୁଖୀ ଶିବାନୀ ମୁହଁରେ ହସରେଖାଟିକେ ଦେଖିବାକୁ —ଏଇ ନୂଆ ସ୍ୱପ୍ନାତୀତ ଉପହାରଟି ଦେଇ—ମନ ଗହୀରରେ କ୍ରୁଦ୍ଧ ତାର ବିଦ୍ରୋହ କରି ଉଠିଛି।

ସେ ବୁଲୁଛି। ମନରେ ତାର ଅସରନ୍ତି ଭାବନାର ଜୁଆର ଫୁଲି ଉଠୁଛି। ହତାଶର ନିଶ୍ୱାସ ଗୋଟା ଗୋଟା ତାର ପଞ୍ଜରା ଥରେଇ ବାହାରି କାହିଁ କେଉଁଠି ମିଳାଇ ଯାଉଛି। ସେ ଭାବୁଛି ତାର ଅତୀତ!

ସେ ଆଜି ଭିକାରି, କାହିଁକି? କାହା-ପାଇଁ କାଲି ସେ ଲଢ଼ିଲା ସାମ୍ରାଜ୍ୟବାଦୀର କମାଣର ତଳେ ସୁପ୍ତ ଜାତିକୁ ଜାଗ୍ରତର ଉଦ୍‌ବୋଧନ ଦେଇ ସ୍ୱାଧୀନତାର ମଦୁଆଳି ନିଶାରେ ପାଗଳ ହୋଇ, ନିର୍ଯ୍ୟାତର କୃତ ପାପସଞ୍ଚିତ ପ୍ରାୟଶ୍ଚିତ୍ତ ପାଇଁ, ଢାଲ ଦେଇ ବୁକୁର ରକତ ଇଂରାଜଙ୍କର ବେୟନେଟ ମାଡ଼ ଉପରେ, ଦେଶ ହେବ ତାର ସ୍ୱାଧୀନ ସେ ଆଗେଇ ଯିବ ବିଶ୍ୱ ସଭାରେ ଜଣେ ହୋଇ ଛାତି ଦାଗୀ ମସଲ କରି,—ଏହି କଣ ସ୍ୱପ୍ନ ଥିଲା ତାର ? ହଁ ସ୍ୱପ୍ନ ନ ଥିଲେ ବା ସେ ଆଜି ସେଇକୁ ସ୍ୱପ୍ନ ଭାବି ଧରିନେଇଛି ...

ଗୋଟାଏ ଘଟଣାର ଜାଗରଣ ପରେ ସେ ଶୁଣିଲା; ସେ ଆଜି ଭାରତ ମାଟିରେ ବିଦେଶୀ ଭିକ୍ଷୁକ—ଶରଣାର୍ଥୀ; ଏହାଠାରୁ ବଡ଼ ପୁରସ୍କାର ଦୁଇଶ ବର୍ଷର ରକ୍ତ ଧୁଆଁଳିତ ଗୋଲାମର ଶିକୁଳି କାଟି ସେ ହେଲା ବିଦେଶୀ—ମା-କୋଳରେ ଥାଇ ମା ବୋଲି ଡାକିବାର ଅଧିକାର ରହିଲା ନି ତାର। ତାର ସ୍ୱାଧୀନତାର ସୂର୍ଯ୍ୟ ମୌସୁମୀ ବାଦଲର ତଳେ ଲୁଚି ଗଲା ଚିର-ଦିନ ପାଇଁ। ଜୀବନକୁ ସେ ଧରିନେଲା ମସ୍ତବଡ଼ ପ୍ରହସନର ରଙ୍ଗ ମଞ୍ଚ ପରି, ଯେଉଁଠି କାଲି କଳା ପରଦା ଆଡ଼େଇ ତାକୁ ଭବିଷ୍ୟତରେ ପାଦ ବଢ଼େଇବାକୁ ପଡ଼ିବ।

ସେ ଆଉ ଭାବି ପାରିଲାନି ଚଞ୍ଚଳ ପଦରେ ପ୍ରବେଶ କଲା ଘରେ, କାପଡ଼ି ଶୋଇଛି ଶିବାନୀ; ଅଶ୍ରୁପୂର୍ଣ୍ଣ ନୟନରେ ସେ ଥରେ ଅନେଇଲା ତାକୁ; ଦେହରେ ତାର ହାତ ଦେଇ ମୋହନ ଚମକି ଉଠିଲା। ବରଫ ପରି ଥଣ୍ଡା। କାଶ୍ମୀ ଜାଳ ସେକ ବସିଲା। ତାପରେ ଶିବାନୀ ଆଖି ଖୋଲିଲା। ମୋହନ ଟିକେ ଗରମ ପାଣି ତା ମୁହଁରେ ଦେଲା। ଅସ୍ପଷ୍ଟ ହସର ରେଖାଟିଏ ଶିବାନୀର ମୁହଁରେ ଖେଳିଗଲା; କହିଲା "ଦାଦା" ମୋର ପୂଜାର ଶାଢ଼ୀ? ମୋହନ ଅଶ୍ରୁରେ ଅନ୍ଧ ହୋଇ ଗଲା ଓ ଚଞ୍ଚଳ ପେଟଭିତରୁ ଶାଢ଼ୀଟି ବାହାର କରି ତାକୁ ଧରାଇଦେଲା।

ଅନ୍ଧାର ଫାଟି ଆସୁଥିଲା। ପାହାନ୍ତାର ଥଣ୍ଡା ପବନ ହୁଲୁକାଏ ନଡ଼ିଆ ପତ୍ରର ଓ ଖଣ୍ଡିଆ ଟିଣ ଗୁଡ଼ିକୁ ଝଣଝାଣ କରି ବୁଲିଗଲା, ସେଇ ହସର ରେଖାଟିକୁ ଲଟେଇ ରଖି ଫେର ଶିବାନୀ ପଚାରିଲା 'ଦାଦା, କାଲି ପରା କ--ଇ--ସ୍ତା?' ନଡ଼ିଆ ଗଛ କୋଟରୁ ପେଚାଟାଏ ଘୁମୁରି ଉଠିଲା। ମହମ ବତୀଟି ଦପ୍ କରି ଜଳି ଉଠି ମିଳେଇ ଗଲା ଅନ୍ଧକାରର ଅନ୍ତିମ ଗର୍ଭରେ।

ଅଧୀର ହୋଇ ମୋହନ ଡାକିଲା— "ଶିବାନୀ"—

ଗଙ୍ଗା ତୀରରୁ ଭାସି ଆସିଲା, ବିଜୟାର ଶଙ୍ଖ ଶବ୍ଦର ଅଗମନୀ ବାର୍ତ୍ତାନେଇ।...



Digitized by srujanika@gmail.com

# ବହିପତ୍ର

ଓଡ଼ିଆରେ ବହୁ ବାଞ୍ଛିତ ଉପନ୍ୟାସ ଲେଖକ ମହାନ୍ତି ଭ୍ରାତୃଦ୍ୱୟଙ୍କର ଅଦମ୍ୟ ଚେଷ୍ଟାର ଏ ନୂତନ ନିଦର୍ଶନ । ପଞ୍ଚଶହ ପୃଷ୍ଠା ବ୍ୟାପୀ ଅସ୍ତିତ୍ୱଧର ଚରିତ୍ର ମାଳରେ ପୂର୍ଣ୍ଣ ପୁସ୍ତକଟିରେ ଯେ ନୂତନତ୍ୱର ଛନ୍ଦ ଦେଇଛି ଏହା ନିଃସନ୍ଦେହରେ କୁହାଯାଇପାରେ । କିନ୍ତୁ ପୁସ୍ତକର ନାମ ଝଞ୍ଜାର ସାର୍ଥକତା କେତେଦୂର ହୋଇଛି ସେ ବିଷୟରେ ମତଦ୍ୱୈଧ ଥାଇପାରେ । ଔପନ୍ୟାସିକ ଚରିତ୍ର ସବୁ ଝଞ୍ଜା ଭିତରେ ଯାଇଛନ୍ତି ଅବଶ୍ୟ । କିନ୍ତୁ ଝଞ୍ଜାଟା ଗୃହନିକ ଘଟଣାବଳୀ ପରି ଏତେ ନମଜାସ୍ୱ ସହଜ ଏବଂ ଅବାଧ ହୋଇନଥାଏ । ପ୍ରତ୍ୟେକ ଉଲ୍ଲେଖଯୋଗ୍ୟ ଚରିତ୍ର ଏଥିରେ ଆଦର୍ଶବାଦୀ । ସମସ୍ତ ସହଜ ସରଳ ମାନବର ଗତଶୀଳତାରୁ ଉପରକୁ ଉଠିବାକୁ ଚେଷ୍ଟା କରିଛନ୍ତି । ଆଦର୍ଶର ଅନୁକରଣ ପଥରେ ଝଞ୍ଜା ଆସିବ । ଲେଖକ ସେଇ ଝଞ୍ଜାକୁ ଏକ ଆବେଗମୟ ବାତ୍ୟା ସର୍ଜନା କରିବାରେ ଲେଖଣୀର ସମ୍ଭାବନାକୁ ସଂକୋଚ କଲାପରି ଲାଗୁଛି । ଯେପରି ଝଞ୍ଜା ଆସିବା ପୂର୍ବରୁ ସାବଧାନତାରେ ଝଞ୍ଜାକୁ ଏଡ଼ାଇ ଦେଇ ଅନ୍ୟ ପଥରେ ଗଡ଼ୁଛନ୍ତି ସମସ୍ତେ— ଲକ୍ଷ୍ୟ କିନ୍ତୁ ସ୍ଥିର ରହୁଛି । ଆଦର୍ଶ ଧରି ଗଢ଼ିଛନ୍ତି ପ୍ରତ୍ୟେକ ଚରିତ୍ର— ଆଦର୍ଶ ଜଗତ୍ ; ଆଦର୍ଶର ସ୍ୱପ୍ନ ଭାଙ୍ଗି ନାହିଁ ଶେଷ ଯାଏ । Back to villages— ଗାଁକୁ ଫେରିଯାଅ ବୋଲି ଗୋଟାଏ ପ୍ରଚଳିତ ପ୍ରବୃତ୍ତିର ପରି ଭଲ ଉପନ୍ୟାସର ପରିଣତି— ଯଦିଓ ଯଥେଷ୍ଟ କଳାପୂର୍ଣ୍ଣ ପରିସମାପ୍ତି ଲେଖକଙ୍କ ପ୍ରବୀଣ ହସ୍ତ ସଂପାଦନ କରିବାରେ ଅସମର୍ଥ ହୋଇନାହିଁ ।

ନାୟିକା 'କ୍ଷଣପ୍ରଭା' ବଡ଼ ଲୋକ ଦୁଷ୍ମନ୍ତକୁ ବିବାହ ନହୋଇ ଆଦର୍ଶ ପାଇଁ ଦରିଦ୍ର କୃତୀଛାତ୍ର ତୁଷାରକାନ୍ତକୁ ବିବାହ କରେ । ତୁଷାର ହେଲା ଅନ୍ଧ । ଶେଷରେ ଧନୀ ଦୁଷ୍ମନ୍ତ ହେଲେ ଉଭୟଙ୍କ ଆଶ୍ରୟ— ଅନାଥ ଅସମର୍ଥଙ୍କର ସେବା ରୂପକ ଏକ ବିରାଟ ଆଦର୍ଶ ହେଲା ତିନିଙ୍କର ସଂଯୋଗ ସୂତ୍ର । ସେହି ଆଦର୍ଶ ପାଇଁ ତୁଷାରକାନ୍ତ ସମାଜର ଅବଜ୍ଞା ଭିତରକୁ ଠେଲି ଦେଲେ କ୍ଷଣପ୍ରଭାକୁ । ଫଳରେ କ୍ଷଣପ୍ରଭାର ପତ୍ନୀତ୍ୱ ପାଇଲାଥିବା ହେଲା ଅବହେଳିତ । ଦୁଷ୍ମନ୍ତର ତ୍ୟାଗ ମୂଳରେ ଯେ ଦାମ୍ଭିକତା ଲୁକ୍କାୟିତ ଥିଲା— ତାହା ସମାପ୍ତ ହୋଇଗଲା ପରେ ଝଞ୍ଜାର ଆଦର୍ଶର ବନ୍ଧନକୁ ଛିଣ୍ଡାଇ ପଳାଇଗଲା—ମଫସଲରେ ସାମ୍ୟବାଦ ସମାଜ ଗଢ଼ିବାରେ ବ୍ରତୀ ତାର ପିତା ମହେଶ୍ୱରଙ୍କ ପାଖକୁ ସେଠିକି ଦିନେ ତାର ସ୍ୱାମୀ ତୁଷାର ଯେ ଫେରିଆସିବ— ଏଇ ସୁଖ ସ୍ୱପ୍ନ ଭିତରେ ଲେଖକ ଗ୍ରନ୍ଥ ସମାପନ କରିଛନ୍ତି ।

ଆଦର୍ଶବାଦକୁ ଉପନ୍ୟାସ ରାଜ୍ୟରେ ସୁଦୃଢ଼ ସ୍ଥାପନ କରିବାକୁ ଯାଇଁ ଲେଖକ ସମାଜର ବର୍ତ୍ତମାନ ଅବସ୍ଥାଠାରୁ ଢେର ଆଗକୁ ଆଗେଇ ଯାଇ କେତେକ ଅବାସ୍ତବ (ହୁଏତ ଭବିଷ୍ୟତରେ ସମ୍ଭବ) ଘଟଣା କ୍ରମ ଓ ଘଟଣାର କ୍ରିୟାଜନକ ପାତ୍ର ପାତ୍ରୀ ସୃଷ୍ଟି କରିଛନ୍ତି । ଦୁଷ୍ମନ୍ତ ଓ ଅବନୀ ପରି ବଡ଼ ଲୋକ ଓଡ଼ିଶାରେ ଦୁର୍ଲଭ— ଏବଂ ଦୁଷ୍ମନ୍ତଙ୍କ ପରି ତ୍ୟାଗୀ ଧନୀକ ତ ସ୍ୱପ୍ନରେ ମଧ୍ୟ ବିରଳ । ପରଶୁରାମଙ୍କ ପରି ଜମିଦାର ତାଙ୍କ ପତ୍ନୀଙ୍କ ପରି ସେବିକା ସବୁ କେବଳ ଆଦର୍ଶର ଭଉଁରି ଭିତରେ ଘୂରୁଛନ୍ତି । ଲେଖକ ବାସ୍ତବରେ ଦୁନିଆରେ ଗୋଡ଼ ଥୋଇଁ ଉଡ଼ିବାକୁ ଭଲ ପାଉଥିବା ପରି ମନେହୁଏ । ବାସ୍ତବ ଓ ଆଦର୍ଶ ଭିତରେ ସଂଘର୍ଷକୁ ଏଡ଼ି ଯାଇଛନ୍ତି ଲେଖକ । ସେଥିପାଇଁ ପ୍ରବଳ ଝଞ୍ଜାର ସନ୍ଧାନ ମିଳି ନାହିଁ । ଯାହା ମିଳିଛି—ସେ କେବଳ ମନଜଗତରେ— ଏବଂ ଲେଖକ ମନସ୍ତତ୍ତ୍ୱ ବିଶ୍ଳେଷଣ ଭିତରେ ସେତିକି ଫୁଟାଇ ପାରିଛନ୍ତି ତାଙ୍କ ପକ୍ଷରେ ଯଥାସମ୍ଭବ ଓ ଯଥାଶକ୍ତି । ଯାହା ହେଉଛି ତାକୁ ଛାଡ଼ି ଉପନ୍ୟାସ ଯେତେବେଳେ ଯାହା ହେବା ଉଚିତ ତାହା ସୂଚାଇବାକୁ ଯାଏ ସେତେବେଳେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ଝଞ୍ଜା ଅବଶ୍ୟମ୍ଭାବୀ ତାକୁ ଯଦି ଉପଲବ୍ଧି କରିପାରିବା କଠିନ ହୁଏ ତେବେ ଉପନ୍ୟାସର ସାର୍ଥକତା କ୍ଷୁଣ୍ଣ ହେବହିଁ ହେବ ।

ଦେଶର ଉପସ୍ଥିତ ବହୁ ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିଛନ୍ତି ଲେଖକ । ଶିଳ୍ପ ଯୋଜନା, ଦେଶ ମିଶ୍ରଣ, ଗ୍ରନ୍ଥପାଠାରୁ ଆରମ୍ଭ କରି ଅଦ୍ଧାସନ୍ନି, ହରିଜନ, ଶ୍ରମିକ, ଅଧିକ ଉତ୍ପାଦନ, କମ୍ୟୁନିଷ୍ଟ ଦମନ ପ୍ରଭୃତି ନାନା ବିଷୟ ଉପରେ ହାତ ଦେଇ ଓଡ଼ିଆ ଉପନ୍ୟାସ ଧାରାକୁ ଏକ ନୂଆ ମୋଡ଼ ଦେଇଛନ୍ତି ଲେଖକ । ଏହାହିଁ ଉପନ୍ୟାସର ମୌଳିକତା ଏବଂ ବିଶେଷତ୍ୱ ।

ପୁସ୍ତକ ବନ୍ଧେଇ ଛାପା ଓ ପ୍ରକାଶ ସୁନ୍ଦର । ପ୍ରକାଶକ ମନମୋହନ ପ୍ରେସ, କଟକଙ୍କର ଉଦ୍ୟମ ପ୍ରଶଂସନୀୟ । ଓଡ଼ିଆରେ ସୁନ୍ଦର ବହି ଛପା ହୁଏନାହିଁ ବୋଲି ଧାରଣା ଅନେକାଂଶରେ ଏଭଳି ପୁସ୍ତକ ଦୂରାଇଥାଏ ।

## ଧର୍ମ ଓ ଦର୍ଶନ

ସ୍ୱର୍ଗୀୟ ଶ୍ରୀ ଶ୍ରୀ ବଳରାମ ଦାସଙ୍କ କୃତ ଶ୍ରୀମଦ୍ ଭଗବଦ୍‌ଗୀତାର ଓଡ଼ିଆ ପଦ୍ୟାନୁବାଦ ବିଶ୍ୱଭାରତୀ ଗବେଷଣା ବିଭାଗରୁ ପ୍ରକାଶ ପାଇଛି । ଗୀତାର ଅନୁବାଦରେ ବଳରାମ ଦାସ ଦଣ୍ଡୀ ବୃତ୍ତ ଧରି ମହା ଅକ୍ଷରକୁ ଯେପରି ଚେଖାଡ଼ି କରି ଲେଖିଛନ୍ତି ତା ମୂଳରେ ଭାବ ପ୍ରବଳତା ରହୁଛି ସତେ । ଗୀତା ଅନୁବାଦରେ ବଳରାମ ଦାସ ବାହାର ସମ୍ପାଦକଙ୍କ ମତ ଅନୁସାରେ ସ୍ୱାଧୀନ ହୋଇନାହାନ୍ତି— ସରଳ ହୋଇଛନ୍ତି ଏବଂ ସ୍ୱଚ୍ଛନ୍ଦ ହୋଇଛନ୍ତି । ତଳଲିଖିତ ଉଦାହରଣରୁ ଦେଖାଯିବ ବଳରାମ କିପରି ମୂଳ ତତ୍ତ୍ୱକୁ ଠିକ୍ ରଖି ଭାଷାନ୍ତର ବା ଭାବାବେଗ ପ୍ରକାଶରେ ସ୍ୱଚ୍ଛନ୍ଦତା ଆଣି ପାରିଛନ୍ତି ।

—ମୂଳ ଶ୍ଳୋକ—

ସର୍ବତଃ ପାଣିପାଦନ୍ତତ୍
ସର୍ବତୋ କ୍ଷିଶିରମୁଖଂ
ସର୍ବତଃ ଶ୍ରୁତିମଲ୍ଲୋକେ
ସର୍ବମାବୃତ୍ୟ ତିଷ୍ଠତି
ସର୍ବେନ୍ଦ୍ରିୟ ଗୁଣାଭାସଂ
ସର୍ବେନ୍ଦ୍ରିୟ ବିବର୍ଜିତଂ
ଅସକ୍ତଂ ସର୍ବଭୃଚ୍ଚୈବ
ନିର୍ଗୁଣଂ ଗୁଣ ଭୋକ୍ତୃ ଚ
ବହିରନ୍ତଶ୍ଚ ଭୂତାନା-
ମଚରଂ ଚରମେବ ଚ
ସୂକ୍ଷ୍ମତ୍ୱାତ୍ତଦ ବିଜ୍ଞେୟଂ
ଦୂରସ୍ଥଂ ଚାନ୍ତିକେ ଚ ତତ୍

ଅନୁବାଦ

ସେ ଯେବଣ ତତ୍ତ୍ୱ, ତା ଶୁଣ ତନୟ ହୁ
ସବୁହିଁ ଉତ୍ତମ ସେହୁ

(ଅବଶିଷ୍ଟାଂଶ ପର ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com

# କୋଇଲାରୁ ପେଟ୍ରୋଲ

ଲେ— ଶ୍ରୀମତୀ ମୃଦୁଳା ମହାପାତ୍ର

ଆଜକାଲି ଯୁଗରେ କୋଇଲା ଅପେକ୍ଷା ପେଟ୍ରୋଲର ଆବଶ୍ୟକତା ଢେର ବେଶୀ କାରଣ ପେଟ୍ରୋଲ ବିନା ସଭ୍ୟତାର ବିଭିନ୍ନ ଅଙ୍ଗ ସମ୍ପୂର୍ଣ୍ଣରୂପେ ଅଚଳ ହୋଇ ପଡ଼ିବ । ଆକାଶ ପଥରେ ଯାତାୟାତ ପାଇଁ ମନୁଷ୍ୟ ଆଜି ଗର୍ବପ୍ରକାଶ କରେ, ତାହା ପେଟ୍ରୋଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ପେଟ୍ରୋଲ ବିନା ଆଜି ସେ ଆକାଶ ପଥ ବନ୍ଦ ହୋଇଯିବ ତା ନୁହେଁ ଯୁଦ୍ଧରେ ବ୍ୟବହୃତ ଟ୍ୟାଙ୍କ, ମେସିନଗନଠାରୁ ଆରମ୍ଭ କରି କୃଷି କାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ପର୍ଯ୍ୟନ୍ତ ଯନ୍ତ୍ରପାତି ଅଚଳ ହୋଇ ପଡ଼ିବ । କୋଇଲା ଓ ପେଟ୍ରୋଲ ଉଭୟ ଯାକ ବାୟୁରେ ଥିବା ଅମ୍ଳଯାନ ସହିତ ରାସାୟନିକ ପ୍ରକ୍ରିୟା କରି ଶକ୍ତି ପ୍ରଦାନ କରନ୍ତି । କିନ୍ତୁ କୋଇଲାଠାରୁ ପେଟ୍ରୋଲର ଶକ୍ତିଦାୟକ ଶକ୍ତି ଢେର ଅଧିକ । ଗୋଟିଏ ପାଉଣ୍ଡ କୋଇଲା ଯେତେ ପ୍ରଦାନ କରେ, ଗୋଟିଏ ପାଉଣ୍ଡ ପେଟ୍ରୋଲ ତାଠାରୁ ଢେର ଅଧିକ ଶକ୍ତି ଦେଇ ପାରିବ । ଏହି ଦୃଷ୍ଟିରୁ ପେଟ୍ରୋଲ ଏକ ଲୋକପ୍ରିୟ ଇନ୍ଧନ ହୋଇ

[୧୬ ପୃଷ୍ଠା ଦେଖନ୍ତୁ]

---

ଯାହାର ହୃଦେ ସ୍ଫୁରେଶ ନାଥ
ସର୍ବ ବ୍ୟାପକଟି ସେହି ।
କେବଳ ଅଛି ବୋଲି ଲକ୍ଷି ହୋଇ
ତା ତେଜେ ପରଏ,
ସେ ପୁରୁଷର ଗୋଟି ହାତ ମୁଖ ଲକ୍ଷଣେ
ଭୂଷଣ ହୋଏ ।
ଶୁକ୍ଳାମ୍ବର ବିଷ୍ଣୁ ପ୍ରସନ୍ନ ବଦନ;
ଜନ ଦୃଷ୍ଟିକି ପ୍ରକାଶେ,
ଦାସ ତାରିବାକୁ ଭୁଜ ଟେକିଛନ୍ତି
ନିରନ୍ତରେ ମନ୍ଦହାସେ
କାହାର ଦୋଷ ଦଣ୍ଡବତ ଯାକେ
ବ୍ୟାପିଣ ଅଛନ୍ତି ସେହି,
ସେ ନାରାୟଣ ଦେହ ଶୂନ୍ୟ ସ୍ଫୁରୁଥି
ପରମ ଜ୍ୟୋତିଟି ସେହି ।

ଏଥିର ତୃତୀୟ ପଦ୍ୟାରରେ ମୂଳ ଅନୁବାଦର ପୂର୍ଣ୍ଣ ସ୍ୱରୂପ ଦେଖା ନଦେଲେ ରେ ମଧ୍ୟ— ଶୁକ୍ଳାମ୍ବରଧରଂ ବିଷ୍ଣୁଂ...ପ୍ରସନ୍ନବଦନଂ ଧ୍ୟାୟେତ ଆଦି ମନ୍ତ୍ରକୁ ଗୃହୀତ ହେଲେ ହେଁ, ଦାସ ତାରିବାକୁ ଭୁଜ ଟେକିଛନ୍ତି କଥାଟି ଭଜନ ଅଭିର ଭାବ ସମ୍ବଳିତ ହେଲେହେଁ— ଏହା ମୂଳତତ୍ତ୍ୱକୁ ଅନୁଦୀ ଯୁର୍ଣ୍ଣ କରେ ନାହିଁ ।

ଗୀତ ଅନୁବାଦଠାରୁ ଗୀତା ଅନୁବାଦର କାହାଣୀହିଁ ଅଧିକ ଚମତ୍କାର । ସଂପାଦକ ଲେଖକଙ୍କର ଦୃଷ୍ଟିଭଙ୍ଗୀରୁ ଦେଖି ନପାରି ନିଜର ପରାଜୟକୁ ସ୍ୱୀକାର କରି ପକାଇଛନ୍ତି ଭ୍ରମରେ ଯେ ଅନୁବାଦକଙ୍କର ସଂଭବତଃ ଗୀତା ମୁଖସ୍ଥ ଥିଲା— ସେଥିପାଇଁ ସ୍ୱଚ୍ଛନ୍ଦ ପ୍ରକାଶ ହୋଇଛି । ମାତ୍ର ବଳରାମ ଦାସଙ୍କ ଭଳି ଉଚ୍ଚ କବି, ଭକ୍ତ ଓ ପଣ୍ଡିତଙ୍କୁ ମିଥ୍ୟାବାଦୀ ପ୍ରମାଣିତ କରାଯାଇଛି । ବଳରାମ ଦାସ ଥିଲେ ଟିଏ ମାତ୍ର ମୁକ୍ତିମଣ୍ଡପର ବ୍ରାହ୍ମଣ ସମାଜକୁ ଗୀତା ବ୍ରହ୍ମବିଦ୍ୟା ଶୁଣି ଅନୁବାଦ କରିଛନ୍ତି । ସେ ଛଦ୍ମ ବେଶରେ ଗୀତା ଶୁଣିଥିବାରୁ ବ୍ରାହ୍ମଣେ ଜାଣି ପାରି ପ୍ରତାପରୁଦ୍ରଙ୍କ ଆଗେ ବ୍ରହ୍ମବିଦ୍ୟା ଅନଧିକାରୀ ଶୂଦ୍ର ବଳରାମଙ୍କୁ ଦଣ୍ଡ ଦେବାକୁ କହିଲେ । ବଳରାମ ଧନେ ସମ୍ମୁଖୀନ ହେଲେ । ଜଗନ୍ନାଥଙ୍କ ଶରଣ ନେବାରୁ ରାତିରେ ତାଙ୍କୁ ଗୀତା ଅନୁବାଦ କରିବାକୁ ସ୍ୱପ୍ନାଦେଶ ହେଲା । ସେ ସେହି ରାତିରେ ଗୀତା ଅନୁବାଦ କରି ପ୍ରତାପରୁଦ୍ରଙ୍କୁ ସକାଳେ ନେଇ ପ୍ରମାଣ କରାଇଲେ ଯେ ଗୀତାରେ ଶୂଦ୍ରର ମଧ୍ୟ ଅଧିକାର ଅଛି ଭକ୍ତିକ ଜ୍ଞାନଠାରୁ ଊର୍ଦ୍ଧ୍ୱ କରି ଭକ୍ତ ଜ୍ଞାନର ସ୍ୱତଃ ଅଧିକାରୀ ବୋଲି ପ୍ରମାଣିତ ହେଲା

ବଳରାମଙ୍କର ଏହି ସ୍ୱପ୍ନାଦେଶ ବୃତ୍ତାନ୍ତକୁ କବି ମାନସିଂହଙ୍କର ସ୍ୱପ୍ନାଦେଶ ବୃତ୍ତାନ୍ତ ସଙ୍ଗେ ତୁଳନା କରାଯାଇ ପାରିବ କି? ବଳରାମ ଆଜି ବଞ୍ଚିଥିଲେ କବି ମାନସିଂହଙ୍କ ପରି । ସ୍ୱପ୍ନାଦେଶକୁ ଏକ ଅସଭ୍ୟ କ୍ରିୟା ବୋଲି ଘୋଷଣା କରିଥାନ୍ତେ କି?—ଯେହେତୁ ତାହା ପୌତ୍ତଳିକତାବାଦ

## ସମାଜ ଓ ସଂସ୍କାର

ସଭ୍ୟତା— ଶ୍ରୀ କୃଷ୍ଣବିହାରୀ ଦାସ— ଶ୍ରୀ ଏସ୍ ରାଧାକୃଷ୍ଣନଙ୍କ କଲ୍କି ନାମକ ପୁସ୍ତକରୁ ଭାବ ଗ୍ରହଣ କରି ଲେଖକ ଆଧୁନିକ ସଭ୍ୟତାର ବିଭିନ୍ନ ଦିଗ, ଅର୍ଥନୈତିକ, ନୈତିକ, ବୈବାହିକ, ଧାର୍ମିକ, ରାଜନୈତିକ, ସାମାଜିକ ସମସ୍ୟାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି—ଅତି କ୍ଷୁଦ୍ର ୨ କେତୋଟି ପ୍ରବନ୍ଧରେ । ରାଧାକୃଷ୍ଣନ, ଗାନ୍ଧୀ, ଅରବିନ୍ଦ ଆଜି ଭାରତୀୟ ମୌଳିକ ସଭ୍ୟତାର ଉଦ୍‌ଗାତା । ଆଧୁନିକ ତଥାକଥିତ ପ୍ରଗତିର ଖରସ୍ରୋତ ବିରୁଦ୍ଧରେ ଏମାନଙ୍କର ମତ କେତେଦୂର ଲଢ଼ିପାରିବ ଆଶଙ୍କା କରିବା ଅସ୍ୱାଭାବିକ ନୁହେଁ । ରାଜନୀତି କ୍ଷେତ୍ରରେ ଯେପରି ଏକଛତ୍ରବାଦ, ଆର୍ଥିକ ଜଗତରେ ପୁଞ୍ଜିବାଦ, ବୈବାହିକ ଓ ସାମାଜିକ କ୍ଷେତ୍ରରେ ଅବିଶ୍ୱାସ ଅସତ୍ୟ, ଅନାସ୍ଥା, ସ୍ୱାର୍ଥପରଭାବ, ସଭ୍ୟତାରେ ବାହ୍ୟାଡମ୍ବର ଓ ଅନ୍ତଃସାରଶୂନ୍ୟତା ଏ ସବୁରୁ ସଭ୍ୟମାନବ ଆଖି ବୁଜି ଦେଇ ଗୃହୁଛି— ପଥଟାର ମୃତ୍ୟୁର କି ଜୀବନର କହିହେବ ନାହିଁ ସାହସ କରି । ହୁଏତ ମୃତ୍ୟୁ ଓ ଜୀବନ ଏକ ।

## ଧର୍ମରାଜ୍ୟ— ୨ୟ ଖଣ୍ଡ

ଶ୍ରୀ ଲକ୍ଷ୍ମଣ ମିଶ୍ରଙ୍କର ଧର୍ମରାଜ୍ୟ ପ୍ରଥମ ଖଣ୍ଡ ସମାଲୋଚନା କରିବାର ସୌଭାଗ୍ୟ ମିଳିଥିଲା । ଏବେ ଦ୍ୱିତୀୟ ଖଣ୍ଡରେ ସେ ବହିଃପ୍ରକୃତିକି ଜୟ କରିବାରେ ବୃଥା ଆତ୍ମଶ୍ଳାଘା, ଜଡ଼ବିଜ୍ଞାନ ମାନବକୁ ଧ୍ୱଂସ ପଥର ଯାତ୍ରୀ କିପରି କରିଛି, ଟଙ୍କା ମୁଦ୍ରା ନେଇ ମଣିଷ କିପରି ପରସ୍ପରର ତଣ୍ଟି ଚିପୁଛନ୍ତି, ସ୍କୁଲ କଲେଜରେ ଅଧ୍ୟାପକ ଓ ଶିକ୍ଷାପଦ୍ଧତି କିପରି ଅସଂଯତ ଓ ବିଳାସୀ କରି ଧର୍ମ ବା କର୍ମପରାୟଣତାଠାରୁ ଦୂରକୁ ନେଇ ଯାଉଛନ୍ତି, ପାରିବାରିକ ଜୀବନରେ କିପରି ସ୍ୱାମୀ ସ୍ତ୍ରୀକୁ ଟଙ୍କା ବଳରେ ଅଭିନ ସଂଗତ ବେଶ୍ୟା ଭାବରେ ବ୍ୟବହାର କରୁଛି ଏବଂ ନିଜେ କିପରି କାଙ୍କର ହେଉଛି ଆଦି ଆଧୁନିକ ମନୁଷ୍ୟ ସମାଜର ଅଧୋଗତି ସୂଚାଇ ତାର ସମାଧାନ ଗାନ୍ଧୀ ତତ୍ତ୍ୱାନୁଯାୟୀ କରି— ସାଧାରଣ ଗାଁ ଲୋକଙ୍କ ପାଇଁ ନବାକ୍ଷରୀ ପଦ୍ୟ ଛନ୍ଦରେ ପ୍ରକାଶ କରିଛନ୍ତି । ଏହିଭଳି ପୁସ୍ତକକୁ ଆମେ ବିପ୍ଳବାତ୍ମକ ପୁସ୍ତକ ବୋଲି— ଆଖ୍ୟା ଦେଇ ପାରୁଁ— କାରଣ ଏହା ଯୁଗର ଗତି ବିରୁଦ୍ଧରେ ଠିଆ ହୋଇ ନୂତନତ୍ୱର ଆହ୍ୱାନ ଦିଏ ।



Digitized by srujanika@gmail.com

# ଡାକ୍ତରଙ୍କ ଜଣାଣ

(କୃପାସିନ୍ଧୁ ବଦନ କର ଅବଲୋକନ—ବୃତ୍ତ)

ଡାକ୍ତରଙ୍କ ଜୀବନ, କଲଣ୍ଡ ସ୍ୱାମୀମାନ; ଗରିବ ଡାକ୍ତରଙ୍କ ନ୍ୟୁନ,
ହୋଇଛୁ ବଡ଼ ରଙ୍କା, ମନେ ଅସିଛି ଶଙ୍କା; କରୁଛ ଯାହା ମୋ ବେତନ
ହେ ସରକାର ।

ଜନମ ହେଲା ହୀନସନ
ଶୁଖିଲା ଅଙ୍ଗ ବର୍ଣ୍ଣ ଘନ
ଶିକ୍ଷିତ ପ୍ରିୟା ମୋର, ନ ହେଲା ଅନ୍ତର, ମୋ ପ୍ରେମ ନକଲା ଆଦର
ହେ ସରକାର ।୧।

ଆଇ,ଏ ପରେ ଦୁଇ, ବରଷ ପଢ଼ି ମୁହିଁ ହୋଇ ଥାଆନ୍ତି ମାଜିଷ୍ଟ୍ରେଟ
ଆଇ, ଏସସି ପରେ, ତିନଗୁର ବର୍ଷରେ, ଥାନ୍ତା ଇଞ୍ଜିନିୟର ପୋଷ୍ଟ
ହେ ସରକାର

ହୋଇଥାନ୍ତି ମୁଁ ଗେଜେଟେଡ୍
ଆସନ ହୋଇଥାନ୍ତା ବଡ଼
ମୋ କରମ ହୀନସ୍ତା, ଏ ଡାକ୍ତରୀ ରାସ୍ତା, ସାତ ବର୍ଷ ପାଠଶାସ୍ତ୍ରା
ହେ ସରକାର ।୨।

ଗରିବ ବାପ ମୋର, ବିକିଲା ଘର ଦ୍ୱାର, କରିବ ବୋଲି ମୋତେ ବଡ଼
ଦିନ ରାତି ମୁଁ ଖଟି ଓଲଟି ଖଟି ଖାଟି ପଢ଼ିଲି ବହି ବଡ଼ ବଡ଼,
ହେ ସରକାର

ବଡ଼ କଷ୍ଟରେ ଉତୁରିଲି,
ପରୀକ୍ଷା ସାଗରୁ ତରିଲି
ତେବେ ନଗଲା ଶଙ୍କା ହୋଇଲି ମୁହିଁ ଫିକା ଶହେ ଷାଠିଏ ହେଲା ଟଙ୍କା
ହେ ସରକାର ।୩।

ସୁନ୍ଦର ଖାଦ୍ୟ ସର, ଅଣ୍ଡା, ଦୁଧଶାକର, ଦିଏଁ ମୁଁ ଖାଇବାକୁ ଶିକ୍ଷା,
ଶାଗ ଖରଡ଼ା ଖାଇ, ଦୁଧ ସ୍ୱପ୍ନ ଦେଖଇ, ତଥାପି ଦରକାର ଭିକ୍ଷା
ହେ ସରକାର

(ଲେ— ଇଗ:)

ମାସ ମଣ୍ଡିରେ ଅଣ୍ଟେ ଚାଲି;
ଦୋକାନୀ କରେ ସାଉକାରୀ ।
ପ୍ରାଇଭେଟ୍ ପ୍ରାକ୍ଟିସ୍, ନଦଏ ବହୁଦିନ୍ ଗରିବ ଦେବ କେତେ ଫିସ୍ ?
ହେ ସରକାର ।୪।

ସହରେ ଧନୀ ଜନ ଧନ୍ୱନ୍ତରୀ ଅଧୀନ ଆମକୁ କିଏ ମଗୁଛନ୍ତି ?
ଶାସନ କଲବାଲା ଦେବେ କି ଫିସ ଭଲା, ପ୍ରାକ୍ଟିସ୍ କଅବ ମନ୍ତୁଛ
ହେ ସରକାର ।

ମଫସଲରେ ଉଠବୁଠି;
ପଇସାକରେ ଚେରକୁଟି;
ମଫସଲ ବଜାର, ଜଗନ୍ତି ଅନ୍ଧକାର, ସେଟେଡକ ଜ୍ଞାନ୍ ନରଖର
ହେ ସରକାର । ।୫।

ତଥାପି ଉପଦେଶ ଦିଅନ୍ତି ଜାତିଗତ "ଗ୍ରାମ ଉନ୍ନତେ ଯାଅ,
ଗଡ଼ଜାତେ ଗହଳେ ମଫସଲ ଭିତରେ ଚିକିତ୍ସା କର ଦିନ ନିଅ"
ହେ ସରକାର

"ଛାପରେ ନିଅ ତୁମ ଡିଗ୍ରୀ
ସେବାରେ ହୁଅ ପଡ଼େ ବନ୍ଦୀ"
ତୁମେ ଯେ ତ୍ୟାଗୀ ଦଳ ନେତା ଏକଥା ସାର, ତୁଣ୍ଡରୁ ହୁଏ ଯା ବାହାର
ହେ ସରକାର ।୬।

ମଫସଲ ଭିତର, ହସପିଟାଲ ପାଖର ଦିଅ ଜମି ମାଣେ ଏକର,
ଏତିକି ମୋ ମାଗୁଣୀ, ଧାନ ଜାହ୍ନି ବୁଣି ଗୃହ କରିବ ନିରନ୍ତର ।
ହେ ସରକାର

ଏଥିରେ ହେଲେ ପେଟ ପୂରୁ.
ନାଲି ସବୁଜ ବୋତଲରୁ,
ପିଠା ଔଷଧ ଦେବ, ରୁଟିକୁ ହବ ଭବ, ମଧୁର ଯାଚ ମୁଁ ଖାଇବ ।
ହେ ସରକାର ! ।୭।

# ମର୍ଡନ ଶ୍ୟାମ

ଲେ—କପିବର ହନୁମନ୍ତ

ଶ୍ୟାମ ହେ ତୁମ ମୁରଲୀ ନୂଆ ।
ସପ୍ତ ସ୍ୱର ନବାହାର ନିକଲ ଧୂଆଁ । ସେ ଥା
କଳା ରୂପ ଛଟ ହୋଇଛି ଗୋରା,
ସବୁନ ଘର୍ଷଣେ ଦଗଇ ତୋରା ।
କାହିଁଗଲା ସେହି ଗୁଚ୍ଛର କେଶ ?
ଚନ୍ଦା ମୁଣ୍ଡେ କେଶ ନାହିଁ ତ ଲେଶ ,
ମୟୂର ଚନ୍ଦ୍ରିକା ଖୋସିବା ପାଇଁ,
ଠାକୁର ମୁଣ୍ଡରେ ବାଳତ ନାହିଁ ।
ମହାର୍ଣ୍ଣ ଗୋପୀଙ୍କି ଦେବାକୁ ଫାଙ୍କି,
ଫେଲଟ ହ୍ୟାଟେ ମୁଣ୍ଡ ଦେଇଛ ଢାଙ୍କି ।

କରେ ସୁନା ବଳା ପାଞ୍ଚଣ ଛଡ଼ି,
ହାତ ଘଡ଼ି ପିନ୍ଧି ଧରିଛ ବାଡ଼ି ।
ଗଳେ ମୋହନମାଳା ଛଡ଼ି କପାଇଁ,
ଭିଡ଼ିଛ ସୁନ୍ଦର ଏ ନେକଟାଇ ।
ପାଟବାସ ପୁଣି କି ଦୋଷ କଲା,
ଫ୍ୟାଣ୍ଟକୋଟ ଛନ୍ଦି ପିନ୍ଧିଲ ଭଲା ।
ପାଦ ପଦ୍ମେ ନାହିଁ ନୂପୁର ସ୍ୱନ,
ଜୋତା ମଚ ମଚ ମୋହୁଛି ମନ ।
ମାଧବୀ କୁଞ୍ଜକୁ ଯାଉଛ ଭୁଲି,

ବଙ୍ଗଳାରେ ବୁଲି କରୁଛ କେଳି ।
ବାହୁଙ୍ଗୀ ନରଙ୍ଗୀ ହୁକୁର ପୋଷ,
ଲବଣୀ ଛଡ଼ିଣ ଚକ୍ଲେଟ୍ ଗ୍ରେଷ ।
ମଟରରେ ଚଢ଼ି ଗୋପିକା ସଙ୍ଗେ,
ଟୁର୍ କର ଫୁର୍ତ୍ତି ମାରୁଛ ରଙ୍ଗେ ।
ନବ୍ୟା ମିଶ୍‌କର ନବୀନ ଗ୍ରେସ,
ଏଣୁ ଏହି ବେଶ ଧରିଛ ପରା ।
ହନୁ ବୋଲେ ଏବେ କରେ କି ସେବା,
ନବ୍ୟର ଖଣ୍ଡେ ମିଳନ୍ତା ଯବା ।



Digitized by srujanika@gmail.com

# ଗଣତନ୍ତ୍ର ଓ ଗଣପତି

ଏ

ସ୍ୱର୍ଗ ଓ ନରକ ଦେଖି ଗଲେ ସମ୍ପ୍ରତି କି ନରକରେ ଉଚ୍ଚ ନୀଚ କିଛି ନାହିଁ—ଗରିବ ଧନୀ ପାର୍ଥକ୍ୟ ନାହିଁ— ସ୍ୱର୍ଗ ପାଞ୍ଚରେ ଭିଡ଼ିର କଥା—ବିଦ୍ରୋହ ଉଠିନାହିଁ ବୋଲି ଜଣାଗଲା। ବହୁତ ଯୁଗରେ ବର୍ଷା ହେଲା— ବର୍ଷାରେ ମଳମୂତ୍ର ବହିଗଲା। ଏହି ଅନୁମାନ କରି ବସିଛି— କାରଣ ସେ ଦଧି ଅଳି ଦିନରେ ଛତୁ ଖାଇବାର କଥା ଉଠିଲା। କାରଣ ଲୋକେ ବା ଗଣ ବା Demos ବୃନ୍ଦେ ଯେ ଜୀବନରେ ଯତି ନଥିବୁ। ଦେଖି ଦେଖି ସ୍ୱର୍ଗ ଆଉ ଭଲ ନାହିଁ, ବର୍ଷା ଆଉ ହେଲା ନାହିଁ। ପବନ ଆଉ ବହିଲା ନାହିଁ। ଇନ୍ଦ୍ର ସୂର୍ଯ୍ୟ ପବନ ଦେବତାଙ୍କୁ ଋଷିମାନେ ପଚାରିଲେ— କଥା କଣ? ସୂର୍ଯ୍ୟ କହିଲେ କେହି ନେଇ ତମେ ଠିକ୍ କର ମୁଁ କେଉଁଠାରେ ଉଇଁବି। କାରଣ କିଏ କହୁଛି ସାତଟା କିଏ କହୁଛି ନ'ଟା— କିଏ କହୁଛି ବାରଟା। ଇନ୍ଦ୍ର ମଧ୍ୟ ସେମିତି କହିଲେ— କିଏ କହୁଛି ବର୍ଷା ହେଉ— କିଏ କହୁଛି ବର୍ଷା ନହେଉ— ମୁଁ ଏବେ କାହା କଥା କରିବି ଭଲ। ପବନ ଦେବଙ୍କର ସେଇ ଆପତ୍ତି। କିନ୍ତୁ କେହି ପାଇ କଲି ଗୋଳ ଲାଗି ଅଧିକ ସଂଖ୍ୟକ ଭୋଟରେ ଯାହା ଠିକ୍ ହେଲା— ତାକୁ ଯମଦେ ମାନିବା ପାଇଁ ବାଧ୍ୟ କି ମିତ ହେବେ? ତାଙ୍କୁ ବାଧ୍ୟ କରିବା ପାଇଁ ଜଣେ ଗଣପତି ଲୋଡ଼ା ହେଲେ। ଅର୍ଥାତ ଗଣତନ୍ତ୍ରଟା ପରିଣତ ହେଲା ଜଣତନ୍ତ୍ରରେ। ନିର୍ବାଚନଟା ଗୋଟେ ପ୍ରହସନ—ଧର୍ମକୁ ଅଙ୍ଗୀକାର। ରାଜାର ପୁଅ ରାଜା ହୋଇ ଶାସନ କରିବା ଯାହା କେହି ନେଇ ଜଣକ ପରେ ଆଉ ଜଣେ ଶାସନ କରିବା ସେଇଆ। କେହ Lincolnଙ୍କ ମତରେ Government of the people, by the people, for the people— ଲୋକଙ୍କୁ ନେଇ. ଲୋକଙ୍କ ଦ୍ୱାରା ଲୋକଙ୍କ ପାଇଁ ସରକାର କରି ପାରିବ ନାହିଁ। ଶେଷରେ ଜଣେ ଲୋକକୁହିଁ ଦଶ ଜଣ ବୋଲି ଲୋକେ ମାନି ନେବେ। Peel ସେଥିପାଇଁ କହିଥିଲେ—In every village their will rise a miscreant to establish the most grinding tyrany by calling himself the people. ଜଣେ ଲୋକ ନିଜକୁ ଦଶଜଣ ବୋଲି ଅତ୍ୟାଚାର କରିବ- ତାର ନାମ ଗଣତନ୍ତ୍ର। Bruke ସେଥିପାଇଁ କହିଥିଲେ। popular election is a mighty evil.

ଏଇ ଜଣକ ପୁଣି ଏକ ପିତୁଳା ଦଶ ଜଣକୁ ଶାସନ କରିବାକୁ ହେଲେ ପାଞ୍ଚଜଣଙ୍କ ସାହାଯ୍ୟ ନେବାକୁ ହେବ। ଯାହାର ସାହାଯ୍ୟ ନେବ ତାଙ୍କ ମନ ଅନୁସାରେ କାମ ନକଲେ ଶାସନ ଅଚଳ। ତାଙ୍କ ମନ ନେଇ କାମ କଲେ ଜଣେ ନିଜେ ଗୋଲାମ ହୋଇଯାଏ। ବର୍ତ୍ତମାନ ଶାସନ ଯେତେ ନିରପେକ୍ଷ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ପାଉ— ନିର୍ବାଚନମଣ୍ଡଳୀ ଯେତେ ସୁବିବେଚକ ହୁଅନ୍ତୁ— ମନ୍ତ୍ରୀମାନେ ତାଙ୍କ ସେକ୍ରେଟେରୀଏଟ ଯନ୍ତ୍ର ଓ ପୁଲିସଙ୍କ ଦ୍ୱାରା ପରିଚାଳିତ ହେବାକୁ ବାଧ୍ୟ। ସେଥିପାଇଁ ଏଇ ମନ୍ତ୍ରୀମାନଙ୍କ ଅବସ୍ଥା ଅତି ସଂଗୀନ। ଗୋଟିଏ ପୁରୁଷର ଦୁଇଟି ପତ୍ନୀ ଥିଲେ ଘରେ ତାର ଯେଉଁ ଅବସ୍ଥା ମନ୍ତ୍ରୀଙ୍କର ଠିକ ସେଇ ଅବସ୍ଥା। ଗୋଟିଏ ପତ୍ନୀ ଲୋକେ ବା ତାଙ୍କ ପାଟି— ଆଉ ଏକ ପତ୍ନୀ ତାଙ୍କ କର୍ମଚାରୀବୃନ୍ଦ। ପ୍ରଥମ ପତ୍ନୀଟିକୁ ସେ ଭଲ ମ୍ୟାରେଜରେ ବାହା ହୋଇଥାନ୍ତି ଆଉ ଦ୍ୱିତୀୟଟିକୁ ଦ୍ରୁତ ପଥ ବାହାଡ ବଧାନେ। ପ୍ରଥମ ପତ୍ନୀର ବଦାହ ନାକଚ କରିବାର ଅଛି ଅଧିକାର— ପାଞ୍ଚ ବର୍ଷରେ ହେଉ ଦୁଇ ବର୍ଷ ହେଉ— ଦ୍ୱିତୀୟ ପତ୍ନୀର ସେ ଅଧିକାର ନାହିଁ। କିନ୍ତୁ ଦୁଇଟି ପତ୍ନୀ ନିଜ ନିଜ ବାଟରେ ସ୍ୱାମୀକୁ ନେବାକୁ ଚାହିଁଲେ ସବୁ ଅସୁବିଧା। ୨ୟ ପତ୍ନୀ କନିଅ ମାଇପ ତାର କଟାଳ ସବୁଠୁ ବେଶି। ଲୋକଙ୍କ ସ୍ୱାର୍ଥ ପାଇଁ ଅସଂ କର୍ମଚାରୀଙ୍କ ସ୍ୱାର୍ଥ ଜଗିବା ବଡ଼ ହୋଇ ପଡେ। ତା ନହେଲେ ଶାସନ ଅଚଳ।

ଆଉ ଟିକିଏ ଉଦାହରଣ ଦେଇ କହିଲେ ସ୍ପଷ୍ଟ ହେବ କଥାଟି। ହିନ୍ଦୁ ଶାସ୍ତ୍ରରେ ଗଣପତି ବୋଲି ଗୋଟିଏ ଦେବତା ଅଛନ୍ତି। ତାଙ୍କର ବାପା ଶିବ, ମା ସତୀ। ଅଥଚ ସେ ଶିବ ପାର୍ବତୀଙ୍କ ପୁଅ ନୁହନ୍ତି— ଅଜଅବୁ ତାଙ୍କର ଜନ୍ମ। ପାର୍ବତୀ ତାଙ୍କୁ ପାଳିଲେ। ଶେଷରେ ସେ ବାପାଙ୍କର ଅବାଧ ହେବାରୁ ମୁଣ୍ଡ କାଟି ଖାଇଲେ। ଗଣପତି ଠିକ୍ ସେଇଆ। ଯେଉଁ ସିଡ଼ିରେ ସେ ଉଠନ୍ତି ସେଇ ସିଡ଼ିକୁ ସେ ଆଗ ଫିଙ୍ଗନ୍ତି। ଯେଉଁ ଲୋକଙ୍କ ମତରେ ସେ ପତି ହୁଅନ୍ତି— ଆଗ ତାକୁଇ ପିଟନ୍ତି। ଗଣପତିଙ୍କର ନିଜ ମୁଣ୍ଡ ମଧ୍ୟ ନାହିଁ। ମୁଣ୍ଡଟା ମାଗିଆଣା। ସେ ପୁଣି ପଶୁ ମୁଣ୍ଡ। ପଶୁ ତ ପଶୁ ସେ ପୁଣି ଗଜ। ଗଜ ବୁଦ୍ଧି ଭଳି ଗଜପତିଙ୍କ ମଗଜ। ଗଜପତିଙ୍କ ମୁଣ୍ଡରୁ କିଛି ନୂଆ କଥା ବାହାରେ ନାହିଁ। ମହାଭାରତ ରଚନା କରିବାର ଶକ୍ତି ତାଙ୍କର ନଥାଏ। ସେ କେବଳ ବ୍ୟାସଙ୍କ କଥାକୁ ଲେଖିଯାନ୍ତି। ସେ କେବଳ ନକଲିଆ, ଓଁକାର ନୁହନ୍ତି। ଅଥଚ ଏଇ ଅପଦାର୍ଥ ଗଣପତି ଗଣେଶ ସବୁ ପୂଜା ଆଗରେ ଗଣପତି ପୂଜା ପାଇଲା ପରେ ସବୁ କ୍ଷେତ୍ରରେ ସବୁଠାରେ; ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ରଙ୍ଗମଞ୍ଚ ଯାଏଁ— ସବୁଠି ପୂଜା ପାଆନ୍ତି। ଗଣପତିଙ୍କୁ ପୂଜା ନକଲେ ଅନ୍ୟ କୌଣସି ଦେବତା ସନ୍ତୁଷ୍ଟ ହୁଅନ୍ତି ନାହିଁ। ସେଥିପାଇଁ ଗଣପତି— ଗଣପତି।

ଗଣତନ୍ତ୍ର ନାମଟା ଯେ ବସ୍ତୁବିହୀନ ସୁନ୍ଦର ଅଶରୀରୀ ଏ କଥା କଳ୍ପନା। ବ୍ରାଉନିଂସଙ୍କ କଥାରେ— ଗଣତନ୍ତ୍ର ଗୋଟାଏ mischievous dream. ରୁଷୋ ସେଥିପାଇଁ କହିଛନ୍ତି— If there were a people consisting of gods this would be governed democratically. So perfect a Government is not suitable to men. ଲୋକେ ଦେବତା ହୋଇଗଲେ ମଧ୍ୟ ଗଣତନ୍ତ୍ର ବରଦ ହେବ ନାହିଁ। ଗଣତନ୍ତ୍ରର ମୂଳମନ୍ତ୍ର ତ୍ରାଣ-ନାଶ। ପ୍ରତ୍ୟେକ ଲୋକ ସ୍ୱେଚ୍ଛାରେ ଗଣ ପାଇଁ ତ୍ୟାଗ ନକଲେ ଗଣତନ୍ତ୍ର ଅସମ୍ଭବ। To live and let live ବହୁ ପୁରୁଣା କଥା— Live only to let others liveର ଯୁଗ ଆସିଛି। ପାର୍କର ଯାହା କହିଛନ୍ତି ତାହା ଅତି ସତ୍ୟ— Democracy means not 'I am as good as You are but you are as good as I am.'



Digitized by srujanika@gmail.com

# ଯେସାକୁ ତେସା

ଚନ୍ଦ୍ରମୋହନ ସିଂହ, ନୂଆଗାଁ  ଜୟପୁର

ପ୍ର—ବୈଜ୍ଞାନିକ ଯୁଗର ଧ୍ୱଂସମୂଳକ ଅବିଷ୍କାରର ଶେଷ ପରିଣତି କଣ ଆମକୁ ଭସ୍ମ କରିବା ?

ଉ—ମଣିଷ ଜାତିକୁ ଭସ୍ମ କରିବା ଆଗରୁ ବିଜ୍ଞାନ ନିଜେ ଭସ୍ମାସୁର ଭଳି ଭସ୍ମ ହୋଇ ଯାଇଥିବ ।

ପ୍ର—ବିବାହ କଲେ ଭଲ ନା ନ କଲେ ଭଲ ?

ଉ—ବିବାହ ଯେ ନ କରେ ତା ଭଳି ମୂର୍ଖ କେହି ନାହିଁ—ବିବାହ ଯେ କରେ ତା ଭଳି ଅଜ୍ଞ କେହି ନାହିଁ ।

ପ୍ର—ସିନେମା ଦେଖା ଓ ଉପନ୍ୟାସ ପଢ଼ାରୁ କଣ ମିଳେ

ଉ—ଚଷମା ।

ବୀରେନ୍ଦ୍ର କୁମାର ସେଠୀ  ବୀଣାପାଣିମେସ୍

କରଞ୍ଜିଆ

ପ୍ର—ମନ ଭୁଲାଇବାର ଉପାୟ କଣ ?

ଉ—ମନକୁ ଭୁଲାଇବା ।

ପ୍ର—ନାରୀର କେଉଁ ଜିନିଷ ଅଧିକତର ଆକର୍ଷଣୀୟ ?

ଉ—ଚପଳତା—

ପ୍ର—ଆଜିକାଲି ପାଠପଢ଼ା ବ୍ୟବସାୟ ସ୍ଥିତ୍ କ'ଣ କରିବା ଉଚିତ ?

ଉ—ଚପୁ ନକୁଟିଲେ ଧାନ କୁଟିବେ ।

ଲକ୍ଷଣ ହୋତା—ଅମଲା ପଡା, ଅନୁଗୁଳ

ପ୍ର—ସରକାର ମଦର ଚଳାଚଳ କେତେକ ସ୍ଥାନରେ ହଟାଇ ନେଲେଣି । ଲାଭ ଟଙ୍କା କଣ ହେବ ?

ଉ—ମଦର ଚଢ଼ା ଅର୍ଥ ଉନ୍ନତି, ଏ ରେ ଖର୍ଚ୍ଚ କଲେ ମାଛକୁ ମାଛତେଲରେ ଭାଜିବା ସଙ୍ଗେ ସମାନ ହେବ ।

ପ୍ର—ସିନେମା ଅଭିନେତ୍ରୀ ସୁରେୟା ଦେବାନନ୍ଦଙ୍କୁ ବିବାହ କଲେ ହିନ୍ଦୁ ମୁସଲମାନ ମିଳନ ହେବ କି ?

ଉ—ସେ ଜଗତରେ ଧର୍ମ ନାହିଁ ।

ପ୍ର—ଶିକ୍ଷିତା ଯୁବତୀ ଓ ଅଶିକ୍ଷିତା ଯୁବତୀ ଭିତରେ ତଫାତ କଣ ?

ଉ—ପ୍ରଥମଟି ଗଣ୍ଡ—ଦ୍ୱିତୀୟଟି ଗ୍ରେସ-ଫାଇଲ ।

କିଶୋରଚନ୍ଦ୍ର ପାଣି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ —ଭୋଗପୁର

ପ୍ର—ଧୂପ ଭରତର ଶ୍ରୀ ଜଗନ୍ନାଥ ସିନେମାରେ ରାଜା ଇନ୍ଦ୍ରଦ୍ୟୁମ୍ନ ମୁଣ୍ଡରେ ମୁକୁଟ ନ ପିନ୍ଧିବାର କାରଣ କଣ ?

ଉ—'ଜଗନ୍ନାଥ' ସିନେମା ଦେଖିବାକୁ ଯାଇ ସେଥିରେ ଓହ୍ଲାଇଥିବା ଇନ୍ଦ୍ରଦ୍ୟୁମ୍ନଙ୍କ ଦାରିଦ୍ର୍ୟ ଦେଖି ଦୟା ପରବଶ ହୋଇ କହିଲେ — Thy necessity is greater than mine

ପ୍ର— ଓଡ଼ିଶାରେ ଅଭିନୟ କରୁଥିବା ପ୍ରଧାନ ଅଭିନେତ୍ରୀଙ୍କ ନାମ କଣ ?

ଉ—ସତୀ, ସୀତା ଓ ସାବିତ୍ରୀ ।

ପ୍ର—ଓଡ଼ିଶାରେ ସ୍ତ୍ରୀ ଜନସଂଖ୍ୟା ପୁରୁଷ ସଂଖ୍ୟା ଠାରୁ ଏତେ ଅଧିକ କାହିଁକି ?

ଉ—ସ୍ତ୍ରୀମାନେ ପୁରୁଷଙ୍କୁ ଯେତେ ଭଲ ନ ପାନ୍ତି ପୁରୁଷମାନେ ସ୍ତ୍ରୀଙ୍କୁ ତାଠୁଁ ଅଧିକ ଭଲ ପାଉଥିବା ହେତୁ ନରମାନେ ଅଧିକ ନାଶ ପାଉଛନ୍ତି ।

କମଳାକାନ୍ତ ପଟ୍ଟନାୟକ

ପଦାଗାଁ—ଖନ୍ତାପଡ଼ା, ବାଲେଶ୍ୱର

ପ୍ର—ଉପନ୍ୟାସ ପୁସ୍ତକର ପ୍ରଚ୍ଛଦପଟରେ ସାଧାରଣତଃ ପୁରୁଷର ଚିତ୍ର ନଥାଇ ସ୍ତ୍ରୀର ଚିତ୍ର ଥାଏ କାହିଁକି ?

ଉ—ଉପନ୍ୟାସ ପାଠକ ପାଠିକା ପୁରୁଷଚିତ୍ର ଠାରୁ ସ୍ତ୍ରୀ ଚିତ୍ର ଦେଖିବାକୁ ଭଲ ପାଆନ୍ତି ବୋଲି; କାରଣ—ପୁରୁଷନିଜଠାରୁ ସ୍ତ୍ରୀକୁ ବେଶୀ ଭଲପାଏ ଓ ସ୍ତ୍ରୀ ପୁରୁଷଠାରୁ ନିଜକୁ ବେଶି ଭଲପାଏ ।

ପ୍ର—ଆପଣ ବାଲ୍ୟ ବିବାହ ପସନ୍ଦ କରନ୍ତି କି ?

ଉ—ଅଜାଣତରେ ବିଷ ଖାଇବା ଯାହା ଜାଣତରେ ବିଷ ଖାଇବା ତାହା ; ତେବେ ସିଆଣିଆ ହେଲାପରେ ଖାଇଲେ ଅଧିକ ବୋକାମି ପ୍ରମାଣିତ ହୁଏ ।

ପ୍ର—ସ୍ନେହ ଓ ପ୍ରେମ ମଧ୍ୟରେ ପ୍ରଭେଦ କଣ ?

ଉ—ସ୍ନେହଟା ଘୃତ ଭଳି ଜମେ ଓ ହାଣ୍ଡି—ପ୍ରେମଟା ଚନ୍ଦ୍ର ତରଳ ବହିଯାଏ । ଦ୍ୱିତୀୟଟି ମଧ୍ୟ ଭଲ ଖରା-ବେଳେ ତରଳ ଓ ଥଣ୍ଡାରେ ଜମେ । ଘୃତ ଓ ମଧୁର ସନ୍ନିପାତ ଯେ ମଜା ।

ଜନାର୍ଦ୍ଦନ ମହାନ୍ତି, ସାନ୍ତରାପୁର

ପୋଷ୍ଟ, ବାଲେଶ୍ୱର

ସ୍ତ୍ରୀ ପ୍ରତି ପୁରୁଷର ଆକର୍ଷଣ ବେଶୀ ନା ପୁରୁଷ ପ୍ରତି ସ୍ତ୍ରୀର ଆକର୍ଷଣ ବେଶୀ ?

ଉ—ସ୍ତ୍ରୀର ଆକର୍ଷଣ ଓ ପୁରୁଷର ବିକର୍ଷଣ ।

ପ୍ର—ସ୍ତ୍ରୀ ଏତେ ଅଳଙ୍କାର ପ୍ରିୟ କାହିଁକି ?

ଉ— ନାରୀର ଅଳଂ- [ଅନ ବର୍ଣ୍ଣନୀୟତା] କାରର ପ୍ରତୀକ ହୋଇଥିବାରୁ ।

ପ୍ର—ପୁରୁଷ ସହିତ ସ୍ତ୍ରୀର ସ୍ତ୍ରୀସହିତ ପୁରୁଷର କି ସମ୍ପର୍କ ରହିବା ଉଚିତ ?

ଉ...ସ୍ତ୍ରୀ ପୁରୁଷ ସମ୍ପର୍କ ରହିବା ଉଚିତ ।

ମଠେଶ୍ୱର ମହାପାତ୍ର,

ଭୂଲିଣ୍ଡି, ବରପାଲି,

ପ୍ର— ନୂତନ ନିର୍ବାଚନ ଶାସ୍ତ୍ରରେ ଯେ ଜନା ଦଣ୍ଡ ଓ କପଟ ଗୃହସ୍ଥ ।

ଉ— ମନୁ ଏଡ଼ିଦେ ନିର୍ବାଚନ ପୂର୍ବମେଘ ନର୍ମଦା ମାନ ଭବ ଭୋଟରାନ୍ତି ।

ପ୍ର— ମୋର ମନ ସ୍ଥିର ହେଉନାହିଁ । ଉପାୟ କଣ ?

ଉ— ସ୍ଥିର ନହେଲେ ସ୍ତ୍ରୀର ହେବା ଦରକାର ।

ପ୍ର— କଳ ବଜାରରେ ପ୍ରବେଶ କଲେ ନା ବଡ ବଡ଼ ଅଫିସର, ମନ୍ତ୍ରୀ ବା ନେତାଙ୍କ ଚରଣ ସେବା କଲେ ଅଧିକ ଲାଭବାନ ହେବ ?

ଉ— ସବୁ ନଈ ଯାଇ ସମୁଦ୍ରକୁ- ସବୁ ବାଟ ମୁହଁ ପଶ୍ଚିମକୁ ସବୁ ଧର୍ମବାଟ ସ୍ୱର୍ଗକୁ ।

କାଳୀଚରଣ ମହାପାତ୍ର

ଖଲ୍ଲିକୋଟ କଲେଜ, ବ୍ରହ୍ମପୁର ।

ପ୍ର— ପ୍ରେମ ଅମ୍ବିଳ ନା ପିଠା ?

ଉ— ପ୍ରେମ ଜର ବେଳେ ପିଠା, ଜର ଛାଡ଼ି ଗଲେ ନୂଆଁଣବେଳେ ଅମ୍ବିଳ ।

ପ୍ର— ବିବାହ କହିଲେ ଆପଣ କଣ

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

ବୁଝନ୍ତି ?

ଉ— ଜୀବନର 'ବି' ଅର୍ଥ ବିପରୀତ ଭାବରେ ବାହିତ ବା ପ୍ରବାହିତ ହେଲେ ବିବାହ ହୁଏ ।

ପ୍ର— ସୌନ୍ଦର୍ଯ୍ୟର ଶେଷ କେଉଁଠି ?

ଉ— ଅନ୍ଧକାରେ ।

ଭ୍ରମରବର ଗଣ୍ଡିଆ

ଏନ୍., ସି., କଲେଜ, ଜାଜପୁର

ପ୍ର— ପୃଥିବୀର ସ୍ଥିର କଣ କହିବେ ?

ଉ— ମନ ।

ପ୍ର— ସପ୍ତମ ଶ୍ରେଣୀ ପରୀକ୍ଷାରେ ଯେଉଁ ସ୍କୁଲର ପିଲା ପାସ ନ କରନ୍ତି ସେ ସ୍କୁଲ ଅଛି କାହିଁକି ?

ଉ— ଛାତ୍ରସଂଖ୍ୟା ବଢ଼ାଇବାକୁ ।

ପ୍ର— କଦଳୀ ଗଛ ଏକା ଥରରେ ବୁଢ଼ା ହୁଏ କାହିଁକି ?

ଉ— ମଞ୍ଜି ନଥାଇ ମଞ୍ଜା ଥାଏ ବୋଲି ।

ଶରତଚନ୍ଦ୍ର ଅଗ୍ରଓ

ଚୌଧୁରୀ ନିବାସ, ରାଣୀହାଟ, କଟକ

ପ୍ର— ଆଧୁନିକ ଶିକ୍ଷକମାନେ ଶିକ୍ଷିତାମାନଙ୍କୁ ଓ ଶିକ୍ଷିତାମାନେ ଶିକ୍ଷିତଙ୍କୁ ବିବାହ କରିବାକୁ ଇଚ୍ଛୁକ କାହିଁକି ?

ଉ— ଉଭୟଙ୍କର ଚାକିରି ନ ଥିବାରୁ ଯୌତୁକ ନେବା ହେବ ।

ପ୍ର— ଆଜିକାଲି ଗଦ୍ୟ ଓ ପଦ୍ୟରେ ସବୁଜ ସାହିତ୍ୟ ବହୁଳ ଭାବରେ ସ୍ଥାନ ପାଉଛି କାହିଁକି ?

ଉ— ଲେଖକମାନେ ସାହିତ୍ୟକୁ ଫଳଧର ପାଚିବାକୁ ଦେଉ ନାହାନ୍ତି ।

ପ୍ର— ଶୁଦ୍ଧ ପ୍ରେମ ଓ ଅଶୁଦ୍ଧ ପ୍ରେମ କଣ ?

ଉ— କାଳି ଲାଗିଲେ ଅଶୁଦ୍ଧ ହୁଏ କାଳି ନ ଲଗାଇ ଯେମିତି ଭୁଲ୍ ଭାଲ୍‌କୁ ଆଖି ବୁଜି ଦେଲେ ଶୁଦ୍ଧ ।

ନୀଳମା ବିହାରୀ, ଲେଡ଼ିଲୁଇସ ବାଳିକା ବିଦ୍ୟାଳୟ —ସମ୍ବଲପୁର

ପ୍ର— ପ୍ରାକୃତିକ ଉତ୍କଳର ସ୍ରଷ୍ଟା ମାନ୍ୟବର ମହତାବଙ୍କୁ ସମୁଚିତ ସମ୍ମାନ ପ୍ରଦର୍ଶନ କରନ୍ତୁ ଏହି ନିବେଦନ ମୁଖ୍ୟମନ୍ତ୍ରୀ ଚୌଧୁରୀ ନ କରି ନିଜେ ମହତାବ କରିଥିଲେ ଅଧିକ ସୁନ୍ଦର ଏଣି ନଥାନ୍ତା କି ?

ଉ— ଉଭୟଙ୍କ ଭିତରେ ଅନ୍ତର ଲୋକ ଦେଖା ସଂପର୍କ...ଭକ୍ତ ଓ ଭଗବାନ । ବରଂ ଭଗବାନଙ୍କଠାରୁ ଭକ୍ତ ବଡ । ସେଥିରୁ ଚୌଧୁରୀଙ୍କ ନିବେଦନ ଅଧିକ ସୁନ୍ଦର ।

ପ୍ର— ଚୌଧୁରୀଙ୍କ ଅମଳରେ ଗରିବ ଓଡ଼ିଆଙ୍କର କ'ଣ ଉନ୍ନତି ହୋଇଛି ?

ଉ— ଜଣେ ଗରିବ ଓଡ଼ିଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

ମୁରଲୀମୋହନ ଜେନା—ଖ୍ରୀଷ୍ଟକଲେଜ

କଟକ

ପ୍ର— ମୋର ସାଥୀମାନେ ମୋର କବିତା ଲେଖା ଦେଖି ପାଇଁ କବିବୋଲି ଭାବନ୍ତି ଓ ଗୃହନ୍ତି ଯେ ମୁଁ କବିତାଟିଏ ବାଜ ହୁଏ । ମନ ମୋର ଗଳ୍ପ କାହିଁଏ ବଡ଼ହେବାକୁ ଇଚ୍ଛା । ବନ୍ଧୁଙ୍କୁ ସନ୍ତୁଷ୍ଟ କରିବ କିପରି ।

ଉ— ନା ନା ନିଜେ କବିତା । ନା ନା କବିତା ହୋଇପାରିବେ ନାହିଁ । ବରଂ ଆପଣ କବିତା ଲେଖିଲେ ସେ ଗାଇବେ ; କେଣ୍ଟ ଆପଣଙ୍କ ନିର୍ଦ୍ଧାରଣ ହିଁ ସୁବିବେଚନା । ବନ୍ଧୁମାନଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ ଡଗରରେ ପନ୍ଥା ଧରି ନିଜେ କବିତା ଲେଖି ସ୍ତ୍ରୀ ନାଁରେ ବା ପ୍ରେମିକ ନାଁରେ ଛପାଇ ଦିଅନ୍ତୁ ।

ପ୍ର— ଆଜିକାଲି ଅଧ୍ୟାପକ ଅଧ୍ୟାପିକାମାନେ କାହିଁକି ପରୀକ୍ଷକ ହେବାକୁ ଉତ୍କଣ୍ଠିତ ?

ଉ— ଉଭୟେ ଉଭୟଙ୍କୁ ପରୀକ୍ଷା ପଢ଼ାଇ ଦେବାକୁ ଚାହାନ୍ତି ।

ପ୍ର— ଡଗର ସଂପାଦକ କଣ ବାହାହେବାକୁ ଉଚିତ ମନେ କରନ୍ତି ।

ଉ— 'ବାହା ହେବା' ଓ 'ବାହା କରିବା' ଦୁଇଟା କଥା ଅଛି । ହେବାଟା ହୋଇଯାଏ । ଉଚିତ ଅନୁଚିତ ବିଚାରିବାକୁ ବେଳ ନାହିଁ । ବାହା କରିବାକୁ ହେଲେ ଭାବିବାର କଥା ।

ଯତୀନ୍ଦ୍ର କୁମାର ମିଶ୍ର

ମାକାଳମୁଣ୍ଡ, ବାଲେଶ୍ୱର

ପ୍ର— ଡଗର ସଂପାଦକ ସମସ୍ତଙ୍କୁ ରଗଡ଼ୁଛନ୍ତି । ସେ ଯଦି କେବେ ରଗଡ଼ା ଖାଆନ୍ତି ?

ଉ— ସେଟା ପ୍ରେମର ରଗଡ଼ା ହେବ —ମିଠା ।

ପ୍ର— ଓଡ଼ିଶାର ଶ୍ରେଷ୍ଠ ଲେଖକ ଜଣେ ବାଛିବ କିପରି ?

ଉ— ଆପଣଙ୍କ ପ୍ରେମିକାକୁ ପଚାରନ୍ତୁ କାହା ବହିକୁ ପଢ଼ି ସେ ପ୍ରେମ ପତ୍ର ଲେଖନ୍ତି ।

ପ୍ର— ମନ୍ତ୍ରୀ ନିତ୍ୟାନନ୍ଦ ଓ ସାଧୁ ନିତ୍ୟାନନ୍ଦଙ୍କ ମଧ୍ୟରେ ସଂଘର୍ଷର ସଂଭାବନା ଅଛି କି ?

ଉ— ନାଃ । କାରଣ ସାଧୁ ନିତ୍ୟାନନ୍ଦ ମନ୍ତ୍ରୀ ହେବାକୁ ଚାହାନ୍ତି ନାହିଁ କିମ୍ବା ମନ୍ତ୍ରୀ ନିତ୍ୟାନନ୍ଦ ସାଧୁ ହେବାକୁ ଚାହାନ୍ତି ନାହିଁ । ଉଭୟଙ୍କର ସ୍ୱାର୍ଥ ସ୍ୱତନ୍ତ୍ର ।

ରାମଚନ୍ଦ୍ର ପାଢ଼ୀ ନାରାୟଣ ପାଠଶାଳା

କରାପୁଟ

ପ୍ର— ମାଙ୍କଡ଼ମାନଙ୍କୁ ଶିକ୍ଷା ଦେଲେ କେତେକ କାର୍ଯ୍ୟ ଜନ୍ମ କରି ପାରନ୍ତି । ଆମ ସରକାର ସେ ଦିଗରେ ଉଦ୍ୟମ ନକରି ନଷ୍ଟ କରୁଛନ୍ତି କାହିଁକି ?

ଉ— ମାଙ୍କଡ଼ କାମ କଲେ ମନ୍ତ୍ରୀମାନେ କରିବେ କଣ ?

ପ୍ର— ମନ୍ତ୍ରିତ୍ୱ ଓ ସ୍ୱାମିତ୍ୱକୁ ଆପଣ ନିର୍ଦ୍ଧାର କରନ୍ତି କିଆଁ ?

ଉ— ଦୁର୍ବଳ ସ୍ୱାମୀ ହେଲେ ମନ୍ତ୍ରିତ୍ୱ ଯିବ ଓ ଦୁର୍ବଳ ମନ୍ତ୍ରୀ ହେଲେ ସ୍ୱାମିତ୍ୱ ଯିବ ।

ପ୍ର— ଗୃହିଣୀ ଓ ବେଶ୍ୟା ମଧ୍ୟରେ ପାର୍ଥକ୍ୟ କଣ ?

ଉ— ଗୃହିଣୀ ନିଜ ଘର ଭାଙ୍ଗନ୍ତି—ବେଶ୍ୟା ପରଘର ଭାଙ୍ଗନ୍ତି ।

ଠଗାଟୀନ୍ଦ୍ର ପଟ୍ଟନାୟକ, ରାଇରଙ୍ଗପୁର

ପ୍ର— ସଂପାଦକଙ୍କର ସଂପାଦକତ୍ୱର ମୂଳ-କଥା କେଉଁଠି ?

ଉ— ସଂପ [ଶାମିଧା ଦା ଗଳଦେବା] ଓ ଦକ (ଉଷ୍ଟବ) ।

ପ୍ର— ଡଗର ଗୋଟିଏ ଉଚ୍ଚ ପ୍ରବଣ ପତ୍ରିକା ବୋଲି ଲୋକେ କହନ୍ତି—କଥାଟା କେତେ ସତ୍ୟ ?

ଉ— ହଁ—ପ୍ରବଳ ପତ୍ରିକା ନିଶ୍ଚୟ । ସେଥିପାଇଁ ଅନେକଙ୍କର ଆନନ୍ଦ ହୁଏ ।

ପ୍ର— କୌଣସି କଥା ମୁଁ କହେନାହିଁ ବୋଲି ମହତାବ କହିଥିଲେ; ମାତ୍ର କାର୍ଯ୍ୟ କ୍ଷେତ୍ରରେ ଦେଖାଯାଉଛି ସେ କେବଳ ବକ୍ତୃତା ଦେଇ ଯାଉଛନ୍ତି ।

ଉ— ତାଙ୍କର କଥା ଓ କାର୍ଯ୍ୟ ଭିତରେ ତଫାତ ନାହିଁ ।

ପ୍ର— ଆଧୁନିକା କଲେଜଝିଅକୁ ବିବାହ କଲେ ଜଣେ ସୁଖୀ ହୋଇ ପାରିବ କି ?

ଉ— ଯଦି ତା ସୁଖରେ ଆପଣ ସୁଖୀ ହୋଇ ପାରନ୍ତି ତେବେ ନିଶ୍ଚୟ ସୁଖୀ ହେବେ ।



Digitized by srujanika@gmail.com

ପାଉଅଛି । ଉଡ଼ାଜାହାଜ ଟ୍ୟାଙ୍କ ଇତ୍ୟାଦି ଚଳାଇବା ପାଇଁ କୋଇଲା ଅପେକ୍ଷା ପେଟ୍ରୋଲ ଅଧିକ ଉପଯୋଗୀ ହୋଇ ଯୁଦ୍ଧ କ୍ଷେତ୍ରରେ ପେଟ୍ରୋଲର ଗୁରୁତ୍ୱ ଢେର ଅଧିକ । ଦେଶର ଶିଳ୍ପ ଉନ୍ନୟନରେ କୋଇଲାର ଆବଶ୍ୟକତା ବେଶୀ ହୋଇପାରେ, କିନ୍ତୁ ବାହ୍ୟ ଆକ୍ରମଣରୁ ଦେଶକୁ ରକ୍ଷା କରିବା ପାଇଁ ପେଟ୍ରୋଲର ଆବଶ୍ୟକତା ଢେର ବେଶୀ । ମୋଟ ଉପରେ ପ୍ରତ୍ୟେକ ଦେଶ ପାଇଁ ପେଟ୍ରୋଲ ଯେ ଏକାନ୍ତ ପ୍ରୟୋଜନ ଏହା କେହି ଅସ୍ୱୀକାର କରିବେନ । କୋଇଲା ସମ୍ପଦ ଯଥେଷ୍ଟ ଥାଇ ମଧ୍ୟ ଅନେକ ଦେଶ ପେଟ୍ରୋଲ ଅଭାବରୁ ଯୁଦ୍ଧରେ ହାରି ଯାଇଅଛନ୍ତି, ଏହାର ମୂଳ ସାକ୍ଷ୍ୟ ରୂପେ ବିଦ୍ୟମାନ ଇତିହାସ । ଏହି ହେତୁରୁ ପ୍ରତ୍ୟେକ ଦେଶନାୟକ କୋଇଲା ଅପେକ୍ଷା ପେଟ୍ରୋଲ ଉପରେ ଅଧିକ ଗୁରୁତ୍ୱ ସ୍ଥାପନ କରିଥାନ୍ତି । ଦେଶରକ୍ଷା ଦୃଷ୍ଟିରୁ ପେଟ୍ରୋଲ ଯେ ଖାଲି ଦରକାରୀ ତାହା ନୁହେଁ, ଏହା ବିନା ଦେଶନାୟକଙ୍କ ମଟର ଗାଡ଼ି ଯେ ଚଳି ପାରେନା । ଏହି ସବୁ କାରଣ ହେତୁ ପେଟ୍ରୋଲ ଉପରେ ଅଧିକ ଗୁରୁତ୍ୱ ସ୍ଥାପନ କରିବା ସ୍ୱାଭାବିକ । ଭାତ କମ୍ବା ରୋଟି ନଥିଲେ ମନୁଷ୍ୟ ଯେପରି ବଳହୀନ ହୋଇପଡ଼େ, ପେଟ୍ରୋଲ ଅଭାବରେ ସେହିଭଳି ଦେଶ ଦୁର୍ବଳ ହୋଇପଡ଼େ । ଉନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏହି ପେଟ୍ରୋଲ ସମସ୍ୟା ଏକ ବଡ଼ ସମସ୍ୟା ହୋଇ ରହିଥିଲା । କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବୈଜ୍ଞାନିକମାନେ ଏହି ବିଷୟଟି ଉପରେ ଅଧିକ ଜୋର ଦେଲେ । ସହଜ ସୁଲଭ କୋଇଲାରୁ କିପରି ପେଟ୍ରୋଲରେ ପରିଣତ କରି ହେବ, ସେହି ହେଲା ପ୍ରଶ୍ନ । ବହୁ ବର୍ଷ ଦୃଢ଼ ଅଧ୍ୟବସାୟ ଓ ଗବେଷଣା ଫଳରେ ବୈଜ୍ଞାନିକମାନେ ଏ ଦିଗରେ କୃତକାର୍ଯ୍ୟ ହେଲେ । ଫଳରେ କୋଇଲାରୁ ପେଟ୍ରୋଲ ତିଆରି ସମ୍ଭବପର ହେଲା ।

ବାହ୍ୟ ପ୍ରକୃତି ଦୃଷ୍ଟିରୁ କୋଇଲା ଓ ପେଟ୍ରୋଲ ସମ୍ପୂର୍ଣ୍ଣ ରୂପେ ପୃଥକ୍ ହେଲେ ମଧ୍ୟ ଦୁଇଟି ମଧ୍ୟରେ ପ୍ରଧାନତଃ ଏକ ମୌଳିକବସ୍ତୁ ଅଙ୍ଗାର ବିଦ୍ୟମାନ । ଏହି ମୌଳିକ ବସ୍ତୁଟି ଉଭୟର ବାହ୍ୟ ପ୍ରକୃତି ପାଇଁ ଦାୟୀ । ଖାଦ ଅଂଶତକ ଛାଡ଼ି ଦେଲେ କୋଇଲାରେ ଅଙ୍ଗାର ବ୍ୟତୀତ ଅନ୍ୟ କିଛି ନାହିଁ କହିଲେ ଚଳେ । ପେଟ୍ରୋଲରେ କୋଇଲା ଭଳି କୌଣସି ଖାଦ ନାହିଁ । ଏହା କେବଳ ଅଙ୍ଗାର ଓ ଉଦଯାନ ନାମକ ମୌଳିକ ବସ୍ତୁର ଏକ ଯୌଗିକ ପଦାର୍ଥ । ଏହି ରସାୟନିକ ଯୌଗିକ ପଦାର୍ଥକୁ ବୈଜ୍ଞାନିକ ଭାଷାରେ ହାଇଡ୍ରୋକର୍ବନ୍ ବୋଲି କହନ୍ତି । ପେଟ୍ରୋଲ ଏହି ହାଇଡ୍ରୋ-କର୍ବନ ନାମକ ଏକ ଜାତୀୟ ତରଳ ପଦାର୍ଥ ବ୍ୟତୀତ ଅନ୍ୟ କିଛି ନୁହେଁ । କୋଇଲା ଅପେକ୍ଷା ପେଟ୍ରୋଲରେ ଆଉ ଏକ ଅଧିକା ଦାହ୍ୟ ବସ୍ତୁ ଉଦଯାନ ଥିବାରୁ ଓ ପେଟ୍ରୋଲ-ରେ କୋଇଲା ଭଳି ଖାଦ ନଥିବାରୁ ପେଟ୍ରୋଲର ଶକ୍ତିଦାୟକ ଗୁଣ ଢେର ଅଧିକ । ବୈଜ୍ଞାନିକମାନେ ଦେଖିଲେ ଯେ କୋଇଲା-ରେ ଥିବା ଅଙ୍ଗାର ସହିତ ଯଦି କୌଣସି ଉପାୟରେ ଉଦଯାନ ସଂଯୋଗ କରିହୋଇ ହାଇଡ୍ରୋ କାର୍ବନ ପ୍ରସ୍ତୁତ କରିଯାଇ ପାରେ, ତେବେ କୋଇଲାରୁ ପେଟ୍ରୋଲ ଉତ୍ପନ୍ନ ସମ୍ଭବପର ହେବ ଏଥିରେ ସନ୍ଦେହ ନାହିଁ । ଏହି ଧାରଣାର ବଶବର୍ତ୍ତୀ ହୋଇ କୋଇଲା-ରେ ଥିବା ଅଙ୍ଗାରକୁ ବ୍ୟବହାର କରି ତରଳ ହାଇଡ୍ରୋକାର୍ବନ ତିଆରିର ଏମାନେ ଗବେଷଣା କଲେ ।

ସର୍ବପ୍ରଥମେ ଏ ଦିଗରେ କୃତକାର୍ଯ୍ୟ ହୋଇଥିଲେ ବିଖ୍ୟାତ ବୈଜ୍ଞାନିକ ବର୍ଜିଅସ୍ । ସେ କୋଇଲାକୁ ଗୁଣ୍ଡ କରି ତାହା ସହିତ ଏକ ବହଳିଆ ତେଲ ମିଶାଇ ଏକ ପ୍ରକାର ଗାଢ଼ା ଅଠା ତିଆରି କଲେ । ତତ୍-ପରେ ଏହି ଗାଢ଼ା ଅଠା ସହିତ ରସାୟନିକ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରାଇବା ପାଇଁ ଏକ ପ୍ରକାର ଅଣୁଘଟକ catalyst ଯୋଗ କଲେ । ତତ୍‌ପରେ ଉଚ୍ଚ ଉତ୍ତାପରେ ଏହି ଗାଢ଼ା ଅଠା ମଧ୍ୟକୁ ଉଦଯାନ ଗ୍ୟାସ ଭରତି କରାଇବା ଦ୍ୱାରା ଅଠାରେ ଥିବା ଅଙ୍ଗାର ପରମାଣୁ ସହିତ ଉଦଯାନର ଏକ ରସାୟନିକ ପ୍ରକ୍ରିୟା ସଂଘଟିତ ହେଲା । ଫଳରେ ହାଇଡ୍ରୋକାର୍ବନ୍ ପ୍ରସ୍ତୁତ ହେଲା । ହାଇଡ୍ରୋ-କାର୍ବନ୍ ଉଦ୍‌ବାୟୀ [Volatile] ତୈଳ ଭାବରେ ଅଠା ମଧ୍ୟରୁ ଉଡ଼ିଯାଇ ଅନ୍ୟତ୍ର ଥଣ୍ଡା ପାଇ ତରଳୀକୃତ ହେଲା । ଏହି ତରଳୀକୃତ ତେଲକୁ ଶୋଧନ କଲା ପରେ ପେଟ୍ରୋଲ ମିଳିଲା । ବର୍ଜିଅସ୍‌ଙ୍କ ଏହି ପଦ୍ଧତି ସଙ୍ଗେ ସଙ୍ଗେ ଖୁବ୍ ଲୋକପ୍ରିୟ ହୋଇ ପଡ଼ିଲା । ଜର୍ମାନୀର ବିଭିନ୍ନ ସ୍ଥାନରେ ଏହି ପଦ୍ଧତି ଅନୁସାରେ ପେଟ୍ରୋଲ ତିଆରି ହେବା ପାଇଁ ବଡ଼ ବଡ଼ କାରଖାନାମାନ ପ୍ରତିଷ୍ଠିତ ହେଲା । ଖାଲି ଯେ ଜର୍ମାନୀରେ କୋଇଲାରୁ ପେଟ୍ରୋଲ ତିଆରି ହେଲା, ତା ନୁହେଁ ଜର୍ମାନୀର ଦେଖାଦେଖି ଇଂଲଣ୍ଡ, ଫ୍ରାନ୍ସ, ଆମେରିକା ଓ ଜାପାନରେ ଏହି ପଦ୍ଧତି ସାହାଯ୍ୟରେ ପେଟ୍ରୋଲ ତିଆରି ହେବାକୁ ଲାଗିଲା ।

ବର୍ଜିଅସ୍‌ଙ୍କ ବ୍ୟତୀତ ଫିସର ଓ ଟ୍ରପ୍‌ସ୍ ନାମକ ଆଉ ଦୁଇଜଣ ଜର୍ମାନ୍ ବୈଜ୍ଞାନିକ ଏ ଦିଗରେ ଗବେଷଣା କରି ଆଉ ଏକ ନୂତନ ପଦ୍ଧତିର ସୂଚନା ଦେଲେ । ଏହି ପଦ୍ଧତିଟି ଏତେ ଉତ୍କୃଷ୍ଟ ଯେ କୋଇଲା ବ୍ୟତୀତ କାଠ, କୁଟା, ଅଳିଆ, ଛିଣ୍ଡାକନା, ଛିଣ୍ଡାକାଗଜ ଇତ୍ୟାଦି ମଧ୍ୟ ପେଟ୍ରୋଲ ଉତ୍ପନ୍ନ ଦିଗରେ ବ୍ୟବହୃତ ହୋଇ ପାରେ । ଅନେକ-ଙ୍କର ମନେ ଥିବ ଯେ ଗତ ମହାଯୁଦ୍ଧର ପ୍ରାରମ୍ଭରେ ଥରେ ଖବର କାଗଜରେ ପ୍ରକା-ଶିତ ହୋଇଥିଲା ଯେ ଜର୍ମାନୀରେ ଅଳିଆ ଗଦାରୁ ପେଟ୍ରୋଲ ତିଆରି କରି ହେଉଅଛି । ହୁଏତ ଅନେକେ ଏହି ସମ୍ବାଦଟିକୁ କପୋଳ-କଳ୍ପିତ ବା କଞ୍ଚାମିଛ ବୋଲି ପରିତ୍ୟାଗ କରି ପାରିଥାନ୍ତି । କିନ୍ତୁ ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ଅଳିଆ ଗଦାରୁ ପେଟ୍ରୋଲ ତିଆରି ହେବା କିଛି ବିଚିତ୍ର ନୁହେଁ ।

କାଠ, କୁଟା, ଅଳିଆ, (ଛିଣ୍ଡା କନା, ଛିଣ୍ଡା କାଗଜପତ୍ର) ଇତ୍ୟାଦିରେ ସେଲୁଲୋଜ ଜାତୀୟ ପଦାର୍ଥ ପ୍ରଚୁର ପରିମାଣରେ ଥାଏ । ସେଲୁଲୋଜ ଜାତୀୟ ପଦାର୍ଥରେ ଅଙ୍ଗାର ପରମାଣୁ ବିଦ୍ୟମାନ । ଏହି ପଦାର୍ଥ ଗୁଡ଼ିକୁ ଅତ୍ୟଳ୍ପ ପରିମାଣ ଅମ୍ଳଯାନରେ ଦଗ୍ଧ କଲେ ଅଙ୍ଗାରକାମ୍ଳ ବାଷ୍ପ ଭଳି କାର୍ବନ ମନ୍-ଅକ୍‌ସାଇଡ୍ ନାମକ ଏକ ଗ୍ୟାସ ଉତ୍ପନ୍ନ ହୁଏ । ଏହି ଗ୍ୟାସରେ ଅଙ୍ଗାର ପରମାଣୁ ଓ ଅମ୍ଳଜାନ ପରମାଣୁ ବିଦ୍ୟମାନ । ଏହି ଗ୍ୟାସ

୧୬ ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ଗାଁଆ ଅବଧାନ

ଲେ— ଫକୁର ନନ୍ଦ

ଗାଁଅଁ ମୁଣ୍ଡ ପାଖ ଗଛମାଳର ପଟେ ଜାଗା ଖଣ୍ଡେ ଅଛି ଦେଖ,
ବାଡ ପର ଉହିଁ ନଡିଆ ପଡ଼ିଛି ଲଗା ଲଗି ଗୃହ କଡ଼ ।
ତହିଁ ତଳେ କଣ୍ଟା ଘେର ଆଗରେ କି ବସିଛି ପାଠକ ଚିଏ
ଡାହାଣ ମଣ୍ଡିରେ ଗୁଳଘର ଖଣ୍ଡେ ଗାଁଅଁ ଚାଟଶାଳୀ ସିଏ ।
କାଥିଅଁ ଦୁଇ ଗୃହିହା ରଙ୍କାରେ ମାଡ଼ୁଛି କାନ୍ଥ ଲଟା
ପାଖକୁ ନୂଦ ଏ କଦଳୀ ସୂତ୍ରର ମଞ୍ଜ ହୋଇ ଅଛି ଜଟା ।
ଘର ଚଉକଣ୍ଠ ପଦାରେ ଉଠୁଛି ସଜାନ ଏ ଅଲଗଟେ,
ଦନ୍ତକାଠି ଫାଳ ପାଉଁସ ମୂଳରେ କୁଡିଆ ସେ ଘର ପଟେ ।
କାହ୍ନିହାଉଦାର ଗୋରୁ ଧଳପର ଗୁଳଣ ପଗୃଣ ହୁଆ,
ସିଧିରଥ୍ରୁଠାରୁ ଜାଠି କୁଟ ଯାଏ ପଡ଼ୁଛନ୍ତି ନୂଆ ନୂଆ ।
'ଦୁଇ କେଏ ଦୁଇ ପହଣ' ଶବଦେ ଫାଟି ପଡୁଥାଏ କାନ,
ପିଢ଼ାପରେ ପୋଥିବାଡା ଧରି ବଟେ ତହିଁ ଗାଁଅ ଅବଧାନ ।
ଟବଲ ମର ଚନ୍ଦା ଖପର ମୁଣ୍ଡର ପଛରେ କେନାଏ ବାଳ,
କୋରଡ ଭିତରୁ କଟାସ ପରିକା ଆଖି ଧଡଶେ ଜଳ ଜଳ ।
ଶୁଆ ଥଣ୍ଟ ପରି ଆଗକୁ ଲମ୍ବିଛି ସଭକାର ଏକ ନାକ,
ଶିଆଳ ଗାତରୁ ଛଣବୁଦା ପ୍ରାୟେ ବାଳବାଳ କାନଯାକ ।
ପାକୁଆ ପାଟିରେ ଗୁହୁଳା ଡ ଥାନ୍ତି ନାଲ ଛେଚ୍ଚା ଗୁଣ୍ଡ ପାନ,
ରହି ରହି ଝଣେ କୁହାଟିଦିଅନ୍ତି—"ଆରେ ପାଜି—ସଇତାନ"
ହଣ୍ଡା ଲାଞ୍ଜ ପରି ଦୁଇକଡ଼େ ଦୁଇ ହାଡ ହୁଏ ଠଳଠଳ,
ବଢ଼େଇଲ୍ବ ବେଳେ କାହୁଁ ଆସେ ତହିଁ ମହାବଳବାଘ ବଳ ।
ହାଣ୍ଡୁଆ କଙ୍କାଳ ତଳେ ଖଙ୍କାଳଛି ହୋଇନ୍ଥ କୋଙ୍କାର ପେଟ,
ହମଲନ୍ଧି ଝାମ୍ପର ହୋଇ କି ବା ମାନସରୋବର ଭେଟ ।
ଲମ୍ବା ପାଦ ଦୁଇ, ଜଙ୍ଘ ସନ୍ଧିରେ କି ଜାନ୍ଦୁକନ୍ଧା କଣ୍ଠଘସା,
ଆଖିବୁଜା ଯେବେ ବନ୍ତାଳଇ ବୁଢ଼ା ପିଲ୍ଲଙ୍କ ହଡ଼ଇ ହସା ।
କୁଣ୍ଡାଉ କୁଣ୍ଡ ଉ ମୁଁହଁରୁ ନଛିଣ୍ଡ ରଡ଼ୁଛନ୍ତେ "ଅରେ ଘନା"
ଝଡ଼ର ସ୍ୱନେ ମଣି ପିଲ୍ଲଙ୍କର ବୁଦ୍ଧି ହେଇଥାଏ ବଣା ।
କର୍ଣ୍ଣ ଟାଣୀ ଦୁଇ ହାତେ ସମ୍ଭିରାମି କଂପିଉଲ ସେ ଡଂଠଉଲ,
ହୁହି ଟେକନ୍ତି ପିଲେ—'ରୂପ ଟଙ୍କା ମା ଅଲ୍ଲେ ଇଲ୍ଲେ ମାଟେ ମଲ୍ଲ'
ସବୁ ପାଠସବୁ ଅନ୍ଦରେ ମଝା ବେଡ ପଡୁଥାଏ ପାଶ,
ପିଲଙ୍କ ଆଖିରେ ଯମ ଜବା ସତେ ଧରିଅଛି କାଳ ଫାଶ ।

ତାଳ ପତ୍ରରକ୍ କାଟି ଲେଖାମାରେ ଲେଖନ୍ତି ମାଦ୍ଧରେ ଜୋଷୀ
ମନ୍ଦିରେ ମନ୍ଦିରେ ବାହ୍ମଣ ଉଠେ ବା ଚଉଦ ପୁରୁଷ ଗୋଷ୍ଠୀ ।
ଜ୍ୟୋତିଷ ବିଦ୍ୟାରେ ବଣ ରଦ ହେବେ ଭାସ୍କରାଚାର୍ଯ୍ୟଙ୍କ ପଟ,
ପାଞ୍ଜି ଦେଖି ଝଣେ କହି ଦିଅନ୍ତି ସେ ଶୁଭ ଦିନ ନିରଘଣ୍ଟ ।
ପଡ଼ିଗ, ଗ୍ରହଣ, ଶରବଣା ଆଦି କହନ୍ତି ସେ ସର୍ବଜାଣ,
ପାଳିବେ କି ଇନ୍ଦ୍ର, ଏମନ ଅଥବା ଅମଳରେ ନୂଆକନା ।
କାହା ପଦାରକୁ କାଳ କେ ଚଳିଲ୍ଲ ଲାଗିଲ୍ଲ ହୁନ୍ଦର କଳି,
ନଳ ହଙ୍ଗି ଜମି ମାପି ସେ ଭୁଟନ୍ତି ଭାଇ ଲୋକଙ୍କର ଭଳି ?
ଗାଁଅଁ ଗୋଟ କର ଚିଠି ଲେଖା କାମ ପଡ଼ି ରହେ ତାଙ୍କପାଇଁ,
ଲେଖିଦେଲେ ଦଖା ଟିକଟା ଯାଗାରେ ମୁଳକ ପହଞ୍ଚେ ଯାଇ ।
ମହାଜନ ସୁଧ ଅସଲ ପାଉଣା ହିସାବ ତ ମୁହେଁ ମୁହେଁ,
ଗଣିତରେ ଜାଣ ଲୀଳାବତୀଙ୍କର ଆସିଲେ ନାତିକା ପୋଏ ।
ସିଲଟରେ ଲେଖି ଘୋଷଇ ଅଇଁଠା—'ଗଅ ଘଅ ଙ ଚଛ,
ପଢ଼ୁ ପଢ଼ୁ ଦଣ୍ଡିଯାଏ ତା' ଆଖିକି ଦାସିଆ ପିଜୁଳିଗଛ ।
ଅକ୍ଷର ଜାଗାରେ ଟୁଲଇ ପିଜୁଳି ଫାଟ ହୁଏ ନଟପଟ,
ମନେ ମନେ ଟେକା ବଡ଼ ଉଛି ହାତ କରିବାକୁ ଡରଗଟ ।
ସପନ ତା ହାର ଭାଙ୍ଗଇ ସହସା ଶୂନ୍ୟପଡ଼ ଘଡ଼ଘଡ଼,
ମନେ ମନେ ମୁଅଁ ଖାଁଅ ଯାଏ ଛାଡ଼ ଅବଧାନ ବେତ ପଡ଼ ।
ସିଲଟ ଭିତରେ ହୁବ ଦେଖେ ଚେମା ଉଗ ଝୋଡ ଦଣ୍ଡିକାଣୀ,
ଅଣ୍ଡାଳ ଅଣ୍ଡାଳ କାଦୁଅରୁ ମୀନ ଚମୁଛି କି ଥିର ଥିର ।
ଟବ ନହି ସେଠ ବତାଇ ଦେବାକୁ ବେତର ଅହନ୍ତା ପଣ,
ପିଠିକିରେ ଟେମ୍ପା 'ଇଲେ ମା କୁପାଲେ ଦୁଇ ଡର ଛ' ପଣ ।
ବେଳେ ବେଳେ ପାନ ଖାଇବାକୁ ମାଷ୍ଟ୍ରେ ବସନ୍ତି ବଟୁଆ ଖୋଲି,
କହନ୍ତି ଶୁଖିଲ୍ଲ ମୁହେଁ ମଲ୍ଲ ମଲ୍ଲ ଗୁଆ ଖଣ୍ଡେ ନାହିଁ ବୋଲି ।
ହଠାତ୍ ଉଠନ୍ତି ଗୃହପ ଅ ପିଲ୍ଲ ପାଠ ପଢ଼ା ଛାଡ଼ଛୁଡ଼,
ମାଷ୍ଟ୍ରେ ମୁଁ ଯାଉଛି ଆଣିବ ବୋଲିକୁ ବୋଲି ଲାଗେ ଭଡାଭଡ ।
ଅବଧାନଙ୍କର ଥାଉ ଥାଉ ପଦ ନ ପଶଇ କାହା କାନେ,
ପିଲ୍ଲଏ ଜାଣନ୍ତି ଭଲ କରି ଯେଣୁ ସେଇ 'ଥାଉ ଥାଉ'ମାନେ ।
କିଏ ବା ଫେରଇ ପାନଗୁଆ ନେଇ କିଏ ଫେରେ ଖାଲି ହାତେ,
'ମନା କରୁଥିଲି ଗଲ୍ଲ କାହିଁ' ବୋଲି ତଳହିଁସ୍ ମିଳେ ବେତେ ।

(କ୍ରମଶଃ)

ସହିତ ଉଦଯାନ ଗ୍ୟାସ ମିଶାଇ ଉତ୍ତପ୍ତ ଅଣୁଗଠନ ଉପରେ ଗତି କରାଇଲେ ଦୁଇ ଗ୍ୟାସ ମଧ୍ୟରେ ରାସାୟନିକ ପ୍ରକ୍ରିୟା ସଂଘଟିତ ହୁଏ, ଫଳରେ ବିଭିନ୍ନ ହାଇଡ୍ରୋକାର୍ବନ ପ୍ରସ୍ତୁତ ହୁଏ । ଏହି ହାଇଡ୍ରୋକାର୍ବନ ତାପ୍ପକୁ ଥଣ୍ଡା କଲେ ଏହା ତରଳୀଭୂତ [liquefied] ହୁଏ ଓ ଏହି ତରଳ ପଦାର୍ଥକୁ ଶୋଧନ କଲେ ପେଟ୍ରୋଲ ଉତ୍ପନ୍ନ ହୁଏ । ଏହି ପଦ୍ଧତି ସାହାଯ୍ୟରେ ଜର୍ମାନୀର ବିଭିନ୍ନ ସ୍ଥାନରେ ବହୁ ପରିମାଣରେ ପେଟ୍ରୋଲ ତିଆରି ହେବାକୁ ଲାଗିଲା । ୧୯୪୦ ମସିହାରେ କେବଳ ଜର୍ମାନୀରେ ଉପରୋକ୍ତ ପଦ୍ଧତିଦ୍ୱୟ ସାହାଯ୍ୟରେ ୨୨,୦୦୦-୦୦୦ ମହଣ ପେଟ୍ରୋଲ ତିଆରି ହୋଇଥିଲା ।

ପୃଥିବୀର କୋଇଲା ସମ୍ପଦ ଶେଷ ହେବା ବହୁ ଆଗରୁ ପେଟ୍ରୋଲ ସମ୍ପଦ ଶେଷ ହୋଇଯିବ ବୋଲି ବୈଜ୍ଞାନିକମାନେ ଆଶଙ୍କା କରୁଥିଲେ । ପେଟ୍ରୋଲ ଶେଷ ହୋଇ ଗଲେ ଆଧୁନିକ ସଭ୍ୟତା ଯେ ବିକଳାଙ୍ଗ ହୋଇଯିବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ବୈଜ୍ଞାନିକମାନେ ପେଟ୍ରୋଲ ତିଆରିର ଏହି ଯେଉଁ ନୂତନ ପଦ୍ଧତିର ସୂଚନା ଦେଲେ ତା ଫଳରେ ସେଇ ଆଶଙ୍କା ଦୂରୀଭୂତ ହେଲା । ପେଟ୍ରୋଲ ପରେ ପରେ କୋଇଲା ଶେଷ ହୋଇଗଲେ ମଧ୍ୟ ପେଟ୍ରୋଲ ତିଆରିରେ କୌଣସି ବ୍ୟାଘାତ ଘଟିବନି । ସେତେବେଳେ ପେଟ୍ରୋଲ କେବଳ କାଠ, କୁଟା ଇତ୍ୟାଦିରୁ ହିଁ ଉତ୍ପନ୍ନ ହେବ ।



Digitized by srujanika@gmail.com



ନାଗଙ୍କ କଲମରୁ

### ବିଦାୟ

ଲେ— ସବିତାଗ୍ରାମ୍ମା ମିଶ୍ର ୧୬୪୪

ବିଦାୟର ସେ କରୁଣ ଦୃଶ୍ୟ
ନାଚଯାଏ ଆଖି ଆଗେ,
ସେହି ସେ ବିଚ୍ଛେଦ ଦିନ
ଶତ ବାଧାକୁ ଲଙ୍ଘନ କରି,
ଝୁରଏ ଲେଖକ ଝୁରେ
ସେ ଦିନର ଅବସାନ ।
ଦକ୍ଷିଣା ପବନ କହିଥିଲା କାନେ
ଫଗୁଣଆ ସନ୍ଧ୍ୟାବେଳେ,
ଆସିଛି ବିଦାୟ ବେଳ
ଅତୀତର ସ୍ମୃତି ରହିଥିଲା ମନେ,
ଝରଇଲେ ଭାବୁଥିଲି
ମମତାମୟ ତ ଫଳ ।
ଯତନେ ଗୁନ୍ଥା ଫୁଲ ମଳି
ହେଲା ବିଦାୟର ବେଳ,
ସ୍ମରଣୀୟ ସେହି ଦିନେ
ଅଛି ମନେ ପଡ଼ୁଛି ଏ ମୋର—
ଦେଇ ନଥିଲି ତ କିଛି
ନନ୍ଦିନ ଲେଖକ ବନେ ।

ଅଜାଙ୍କ ଚିଠି—

ସ୍ନେହର ନାତି ନାତୁଣୀଏ ।

ତମେ ପରସ୍ପର ଯେଉଁ ପ୍ରଶ୍ନ ଉତ୍ତର କରୁଛ— ତାହା ଜ୍ଞାନବର୍ଦ୍ଧକ । ତା ଛଡ଼ା ନିଜ ଜୀବନର କେତେକ ସମସ୍ୟାର ସମାଧାନ ପାଇଁ କେତେକ ନାତି ନାତୁଣୀ ମୋତେ ପ୍ରଶ୍ନ ପଚାରୁଛନ୍ତି । ସେ ସବୁ ବ୍ୟକ୍ତିଗତ ଭାବରେ ଉତ୍ତର ଦେଇପାରନ୍ତି । ମାତ୍ର ତାହାର ଜହ୍ନଅରେ ଦେଲେ ଅନ୍ୟମାନେ ସେଥିରୁ କିଛି ଶିଖିବେ । ତେଣୁ ପ୍ରତିଥର "ଅଜାଙ୍କ ଉତ୍ତର" ମଧ୍ୟ ବାହାରିବ ।

ଇତି, ଅଜା ।

## ଅଜାଙ୍କ ଉତ୍ତର

ରବି [୧୩୫୫] ହେଙ୍କାଲ ସାପ ତାହାର ଆହାର-ବେଙ୍ଗକୁ ଧରିଛି; ବେଙ୍ଗ ରଡ଼ି ଛାଡ଼ୁଛି- ସେଠି ତମେ ବେଙ୍ଗକୁ ରକ୍ଷା କଲେ ସାପର ଆହାର ଛଡ଼ାଇବ ଓ କିଛି ନକଲେ ମଧ୍ୟ ବେଙ୍ଗ ଉପରେ ସାପର ଅତ୍ୟାଚାରକୁ ସମର୍ଥନ କରୁଥିବାରୁ ପାପୀ ହେବ । ଏଭଳି ଉଭୟ ସଂକଟରେ ତମେ ଭଗବାନଙ୍କୁ ସ୍ମରଣ କର ଯେଉଁଠା ଅଳ୍ପ ପାପ ବୋଲି ତମର ମନେ ହେବ ସେଇଆ କରିବ ।

ସବିତା [୧୬୪୪] ଝିଅ ବା ପୁଅ ଉପନ୍ୟାସ ପଢ଼ିବା ଆରମ୍ଭ କଲେ ବାପ ମା ବିରକ୍ତ ହେବା ଉଚିତ୍ ନୁହେଁ । ଉପନ୍ୟାସ ପଢ଼ିବାର ବୟସ ଅଛି । ପିଲାମାନେ ଉପନ୍ୟାସର ଭିତର କଥାସବୁ ବୁଝି ନପାରି ଉପର କଥାଗୁଡ଼ାକୁ ଅନୁକରଣ କରନ୍ତି । ତେଣୁ ଜୀବନଗଠନ ଉପରେ ଉପନ୍ୟାସର ଖରାପ କଥା ପ୍ରଭାବ ପକାଏ । ବିଶେଷତଃ ଆଜିକାଲି ବଜାରରେ ଯେଉଁ ଉପନ୍ୟାସ ବାହାରୁଛି ତାହା ପିଲାଙ୍କ ମସ୍ତିଷ୍କ ବିକୃତ କରି ଦେବ ସନ୍ଦେହ ନାହିଁ । ସେଥି-ପାଇଁ ଉପନ୍ୟାସ ପଢ଼ିଲେ ଆଗ ବାପ ମାଙ୍କୁ ପଢ଼ିବାକୁ ଦେବ । ସେ ଯେଉଁ ଉପନ୍ୟାସ ପଢ଼ିବାକୁ କହିବେ କେବଳ ତାହାହିଁ ପଢ଼ିବ ।

ଗୋପିନାଥ [୧୦୪୪]—ତମେ କବିତା ସବୁ ବର୍ତ୍ତମାନ ନପଠାଇ—ଗୋଟିଏ ଅଧେ ପଠାଅ—ମୁଁ ସଂଶୋଧନ କରିଦେବି । ଅଧିକ ପାଇଁ ସମୟ ନାହିଁ । ସଂଲୋଚନ [୧୯୨୨]ର ଠିକଣା— ବାରିପଦା କଲେଜ ବାରିପଦା ।

## ନାଗଙ୍କ ଉତ୍ତର

ସାବିତ୍ରୀ ଦେଈ ଜାଣିବ—ରାଲଫ ବୁଞ୍ଚେ ଶାନ୍ତି ପାଇଁ ୧୯୫୦ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି । ସେ ପାଲେଷ୍ଟାଇନ ସମସ୍ୟାରେ ମିଳିତଜାତି ସଂଘ ପକ୍ଷରୁ ମଧ୍ୟସ୍ଥ ନିଯୁକ୍ତ ହୋଇ ସମାଧାନ କରିଛନ୍ତି । ଉପେନ୍ଦ୍ର, [୧୬୭୨] ଅମ୍ବିକା [୧୩୫୨]

ଜ୍ୟୋତିର୍ମୟୀ ଜାଣିବ— ଭାରତରେ ପ୍ରଥମ ପ୍ରକାଶିତ ସରକାରୀ ଗେଜେଟ୍‌ର ନାମ— The Gezette of India—୧୮୩୫ରେ ପ୍ରକାଶିତ । ବେସରକାରୀ ସମାଚାର ଦର୍ପଣ- ୧୮୬୬ ଖ୍ରୀ. ଉପେନ୍ଦ୍ର— [୧୩୭୨] ଓ ରଘୁ [୧୩୮୯]

## ନାଗଙ୍କପ୍ରଶ୍ନ

Land of midnight sun, Hermit kingdom, Land of white elephant, land of Land tears କାହାକୁ କହନ୍ତି— ସୁରେନ୍ଦ୍ର ୧୬୯୦

ସବିତା ୧୬୪୪ କେଉଁ ରାଜ୍ୟରେ ନିଜ ବାପଙ୍କ ଝିଅକୁ ବିଭା କରିଥିଲେ ।

ହରିବନ୍ଧୁ ୧୯୫୫— ଭାରତର ସର୍ବଶ୍ରେଷ୍ଠ ବନ୍ଦର କିଏ ?

## ଅବସର ବିନୋଦନ ୫୭

ମାପିଲ୍ଲ ମଥା ହା
ହାଇଦ୍ର ତ କେନ୍ଦ୍ରେ ଅଞ୍ଚଳ ନ କର
ଚକ୍ଷୁକର୍ଣ୍ଣ ନାହି
ଏ ଭଳି କଳ୍ପିତ ତମେ—ଦେଖିଛ କି ଭାଇ ?

ରବି [୨୩୫୫]

## ୫୫ ନମ୍ବର ଉତ୍ତର

ବଗୁଡ଼ି ହାଣ୍ଡିରୁ ମାଛ ଖାଇଗଲା—
ଦ୍ୱିଦଶ ନୟନ— କାର୍ତ୍ତିକ [ଷଡ଼ାନନ]
ତାଙ୍କ ଅନୁଜ— ଗଣେଶ,
ତାଙ୍କ ବାହାନ— ମୂଷା
ତା' ବଧୂ— ବିରାଡ଼ି
ଚକ୍ରଧରସୁତ— ହାଣ୍ଡି
ଆଦ୍ୟ ଅବତାର— ମଛ ।--- ସୁହିନ

## ନୂଆ ନାଗଙ୍କନାମ

୨୪୦୨... ସୁପ୍ରଭାସ C/o K C Das, କଦମସାହି, ଗଞ୍ଜାମ ଜିଲା ୨୪୦୭— ଶ୍ରୀ ଭାସ୍କରଚନ୍ଦ୍ର, ମିଶ୍ର, ହାଇସ୍କୁଲ, ପୋ: ଚମ୍ପୁଆ, କେଉଁଝର । ୨୪୦୩ ପ୍ରାଣକୃଷ୍ଣ ନାୟକ ଟର୍ମି--ଉଗ୍ରପାଠ, ଘ, ନଂ: ୭୭୫ ବଲାଙ୍ଗୀର ।

## ଭ୍ରମ ସଂଶୋଧନ

୨୯୯୭, ୨୯୯୮, ୨୯୯୯, ୨୦୦୦ ନାଗମାନଙ୍କର ନମ୍ବର ଯଥାକ୍ରମେ ୨୩୯୭, ୨୩୯୮, ୨୩୯୯, ୨୪୦୦ ହେବ ।

## ନାଗବାହୁ କୁପନ

ଅଜା, ମୁଁ ଜଣେ ନାତି ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଉର୍ଦ୍ଧ୍ୱ । ମୋର ଜନ୍ମ—ତା । । ପଡ଼ିଛି । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅନୁସାରେ ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବାହୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚାନ୍ଦା ନିମନ୍ତେ ୫° ୬ ଡାକଟିକଟ ଦେଲି ।

ସ୍ନେହର
ଠିକଣା—ଶ୍ରୀ...



Digitized by srujanika@gmail.com

Dagaro
Reg. No O 18. ORISSA'S MOST POPULAR FORTNIGHTLY 1-11-50

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ତିନି ବା ତତୋଽଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ । କବିଙ୍କ ସମଗ୍ର ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ । ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହୋଇଅଛି । କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ଏଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ବାହୁଡ଼ୀ, ନବଭାରତ ବା ଅନ୍ୟ ପତ୍ରପତ୍ରିକା ଅଛି କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଲେ ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ ଏମ୍ପୋରିଅମ୍, କଟକ—୨  ମ୍ୟାନେଜର, ଡଗର ପ୍ରେସ, କଟକ—୧

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶଙ୍କର ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ ।

# ଲଙ୍କାଯାତ୍ରୀ

ଗାଁ । ଝିଅଙ୍କ ଲୁହରେ ଲେଖା–

# ପଲ୍ଲୀଝରଣା

ପ୍ରକାଶିତ ହେଲା ।

ଲେଖକଙ୍କ ଅନ୍ୟାନ୍ୟ ମୂଲ୍ୟବାନ ପୁସ୍ତକ

| | |
|---|---|
| ଗ୍ରାମଟିକା- | ଟ ୨ |
| କଙ୍କାଳର ଲୁହ | -ଟ ୦୫ |
| କଳକଲ୍ଲୋଳ- | ଟ ୨୫ |
| ପଲ୍ଲୀ ଦୃଷ୍ଟିପ- | ଟ ୧୫ |

ପ୍ରାପ୍ତିସ୍ଥାନ- ଓଡ଼ିଶାର ବଡ଼ ବଡ଼ ବହି ଦୋକାନ ।

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ମୂତ୍ରାଘାତ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାଁନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରି ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରି ମଙ୍ଗଳା
କଟକ ( ୧ )

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ନରମ— | ( କବିତା ) | ଟ ୧୯ |
| ପାଞ୍ଚଜନ୍ୟ— | ,, | ଟ ୧୯ |
| କାଳରାତ୍ରି— | ,, (ଯନ୍ତ୍ରସ୍ଥ) | ଟ ୧୯ |
| ହାତମାଟି— | [ ଉପନ୍ୟାସ ] | ଟ ୨୫ |
| ନୀଅନ୍ତା ମଣିଷ— | ,, | ଟ ୨୫ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଧୂଳି— | | ଟ ୨୯ |
| ଏଗାରଟା— | [ ଚୁଟୁକି ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତି ସ୍ଥାନ —ଡଗର ପ୍ରେସ,—କଟକ ୧ ---

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ସହସମ୍ପାଦକ—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ


## ଜର୍ଜ ବର୍ଣ୍ଣାଡ଼ଶ


୧୪ଶ ବର୍ଷ

ଦଶମ ସଂଖ୍ୟା

କାର୍ତ୍ତିକ

ଦ୍ୱିତୀୟାର୍ଦ୍ଧ




ଏ ସଂଖ୍ୟାରେ--କଳା କାହ୍ନୁ କାହ୍ନୁ ଚରଣ


ବାର୍ଷିକ

୮ ଟଙ୍କା

ପ୍ରତିଖଣ୍ଡ

୮ ଅଣା


Digitized by srujanika@gmail.com

ଅଳ୍ପପ୍ରକାଶ ହେଲା
ସଚିତ୍ର

# 'ଜହରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, କଲିକତା ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**—ପଣ୍ଡିତ ନେହେରୁ, ଜହରଲାଲଙ୍କ ପିଲାଦିନ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅବସ୍ଥାର, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, କମଳାଙ୍କ ବିୟୋଗରେ; ଭାରତର ଭବିଷ୍ୟତ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରେଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ହୁଦ୍‌ହର ରେ, ମାଇକେଲ୍ ହୁଗୋପିଅନ୍; କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମିଃ ଗୋଲ୍ଡ ସ୍ମିଲ, ଜର୍ମାନୀ । ପୂର୍ବଭାଷ । ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବନ୍ଧୁତ ଚିଠି' (ଇଂରେଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବଟକୃଷ୍ଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ଡି. ଲିଟ୍; ଓ; ଲଣ୍ଡ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସର୍ ସି; ଭି; ରମଣ୍ (ନୋବେଲ୍-ଲରେଟ୍), ଅଧ୍ୟାପକ ହାନ୍ ସ୍କୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବାଣିଜ୍ୟ ମନ୍ତ୍ରୀ; ଅଧ୍ୟକ୍ଷ ଏସ୍. ଏନ୍. ଜେରଣ୍ଡ୍ୱାଲ୍ ଓ୍ୟାର୍ଡ଼; ଶ୍ରୀ ଯୋଷେଫ୍ ଅଲଜା, "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ୱାଡ଼ିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ ପାଣିନୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜଶେଖର ରାଏ, ସାହିତ୍ୟରଥୀ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦାଶ; ଡକ୍ଟର ପି, ପଣ୍ଡା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିହର, ଲେକ୍ଚରର ପର୍ଲବନ୍ ଆମେରିକା ଡକ୍ଟର ମୂଳଙ୍କ ଅନେକ ବହୁ ବ୍ୟକ୍ତି—। ଟେଲ- ପ୍ରାୟ ୫୦ଟି ଫଟୋ ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରକାଶକ— ଜଗନ୍ନାଥ ପ୍ରେସ — ମୂଲ୍ୟ ଦୁଇଟଙ୍କା ମାତ୍ର,
ପୋଃ ଅଃ ଜଳେଶ୍ୱର, ଏନ୍, ଆର୍,
ଜିଃ ବାଲେଶ୍ୱର ।

---

ସ୍ତ୍ରୀ ଜଗତ ପାଇଁ

## ମେନ୍ସିକା ବଟିକା

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ ଋତୁସ୍ରାବ ସ୍ୱାଭାବିକ ହେବ । ଔଷଧର ବିଷୟ ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨୲ ଡାକ ଖର୍ଚ୍ଚ—।

**ଯୌବନ ଏବଂ ମନର ପ୍ରଫୁଲ୍ଲତା ପୁନଃ ପ୍ରାପ୍ତିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଅପୂର୍ବ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅକାଳ, ସ୍ୱପ୍ନଦୋଷ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବତୀ ଦୂର ହୁଏ । ବାଜାରରେ ଅନେକ ପ୍ରକାର ଏହା ଅମୂଲ୍ୟ ଫଳ ଦେବ । ମୂଲ୍ୟ—୩— ଡାକଖର୍ଚ୍ଚ—।୶ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ଦିଆଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

ହାୱଡ଼ା କୁଷ୍ଠ କୁଟୀର

## କେନ୍ଦ୍ର

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍, ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ନିଅନ୍ତୁ ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
**(H. K. K.)**

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

---

## ଆଶ୍ଚର୍ଯ୍ୟ ଭାଗ୍ୟଗଣନା

ଭୈରବ ... ୧୦ରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ... ସଂଖ୍ୟା ... ପଠାଇଲେ ... ମାତ୍ର ୧ ... ।

... ଜ୍ୟୋତିଷ ...
... ଜିଲ୍ଲା, ...

---

## —ଅନନ୍ତ ଗୋପାଳ ଚକ୍ଷୁପ୍ରାଳୟ—

ପ୍ରୋ:—ଡାକ୍ତର ... 
ଏମ୍.—ଏଚ୍. ଆଇ. ଏ.

ଏଠାରେ ... ଔଷଧ ଓ ... ଚଷମା ... ଏଠାରେ ... ।

## ଠିକଣା

... ... ...

Digitized by srujanika@gmail.com

ଅନୁବାଦ ସ୍ୱତ୍ୱ ଭବାନୀ ଭୂଷଣ ଜାନୁଙ୍କ



କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ ୧୪ ଶ ବର୍ଷ ଦଶମ ସଂଖ୍ୟା ୧୬ । ୧୧ । ୫୦

## କଳା କାହ୍ନୁ କାହ୍ନୁଚରଣ

ଆଧୁନିକ ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ଆପଣ ଏକ ଅପ୍ରତିଦ୍ୱନ୍ଦୀ ନେତା । ଆପଣଙ୍କ କଲମର ଗର୍ବିତ ଶକ୍ତିକୁ ଦେଶ ବାସୀ ଗ୍ରହଣ କରିଥିଲେ ହୁଏତ ଅଧିକ ଉତ୍ସାହରେ ପ୍ରଭୂତ ସାହାଯ୍ୟ ମିଳିଥାନ୍ତା । ତାଙ୍କ ମୃତ୍ୟୁପରେ ସହ-ଧର୍ମିଣୀଙ୍କୁ ଦେଖି ଦେବା ସଙ୍ଗେ ସଙ୍ଗେ ଆପଣ ଦେଶବାସୀଙ୍କୁ ମଧ୍ୟ ଆପଣଙ୍କ ସେ ମହାର୍ଘ ଦାନକୁ ବଞ୍ଚିତ କରିବା ଦୁଃଖ ଅବସରରେ ଓ ପଞ୍ଚ ପଚିଶ ଗୋଟି ମାନସପୁତ୍ର ଦେଇଗଲେଣି । ଆପଣ ନିଜ ଭୂମିକୁ ଛାଡ଼ି ଦେନେ ପରସ୍ୱ-କୁ ଦେଖି ବାଲ୍ମୀକିର ଗ୍ରନ୍ଥ ହୋଇ ଅନୁ-ପରିଚୟ ହେଲେ । ଜୀବନର ବନ୍ଧୁ 'ଓଲଟ ପାଲଟ' ଓ ଅର୍ଦ୍ଧେକ 'ପ୍ରତିଷ୍ଠା' ପରେ ଏବ 'ଅଦେଖା ହାତ' ଆପଣଙ୍କୁ ସତ୍ୟରୁ ଦୂରେଇ ନେଉଛି । ଆପଣଙ୍କର ଅନୁଭୂତି 'ହ ଅଳ' ଆପଣଙ୍କୁ ସନ୍ଧ୍ୟା ଜଗତରେ ବଡ଼ତ ଦୂର କରିଛି ସତ କିନ୍ତୁ ଆପଣଙ୍କର ପରିଚୟ ଦେଶ ସେଥିରୁ ପାଇନାହିଁ । ଆପଣଙ୍କ ମନର ଛନ ତଳେ ଯେଉଁ ଆସ୍ଥା ଓ ଅନେକ ଆଶା ଖାଲି ପାରି ହେଉ ନାହିଁ ମନେ ହୁଏ । ଆପଣଙ୍କ ସ୍ୱପ୍ନା ଅଭିନ— କଳ୍ପନା ହେଲେହେଁ ଆପଣଙ୍କ ବୃଦ୍ଧିକୁ ଅଚଳ କରୁଦେଉଛି— ଦେଖାକୁ ମଧ୍ୟ ଆଗ ବୃଦ୍ଧ ହେବାର ଅବକାଶ ଦେଉଛି ।




ହେ ଦୀନ ଦେଶର ସାଧୁ ଔପନ୍ୟାସିକ
ତୁମର ଆଜ ସେଇ ଦାନ ଅନ୍ନ ଉଦରେ ତାର ଅପନାସ ଦରି ଛୁଟା ଲାଗିଛି—
ଧନ ଦନ୍ତ ବୃଦ୍ଧ ଜାଣେ
'ଲଳ ପାଲଟ ଦାର ସେଇ ପଥ' ଧର
'ପରଚ୍ଛା' ପ୍ରୀତ ଧରିବ ହାଣେ ।

'ନେତ୍ରାନନ୍ଦ ଶର୍ମା'

ସମ୍ପାଦକୀୟ

### ଜର୍ଜ ବର୍ନାର୍ଡଶ

ବର୍ନାର୍ଡଶ ଆଉ ନାହାନ୍ତି । ଗୋଟିଏ ଅଧ୍ୟାୟ ଶେଷ କରି ସେ ଗୁଡ଼ିଗଲେ । ସାଧୁ! ସାଧୁ!

ଶ ! ଯୁଗମାନବର ଶ୍ରଦ୍ଧାଞ୍ଜଳି ନେଜ ।

\+ \+ \+

ସାମ୍ରାଜ୍ୟ ଯେତେବେଳେ ନିର୍ମମ ମନ୍ତ୍ରଣା ପ୍ରଭାବରେ ମଣିଷ ହୀନ ହୋଇ ଉଠେ— ସମାଜର ଯୋଗସୂତ୍ର ଯେତେବେଳେ ମାନବର ଦୁର୍ବଳତା ସହିତ ଭିଡ଼ି ଯାଏ, ଦେଶକୁ ଶକ୍ତି ଅଭାବରେ ଶେଷ କରେ ସେତେବେଳେ ପଞ୍ଚ-ମାନବର ଅଶ୍ରୁ ପ୍ରବାହର ପୂର୍ଣ୍ଣ ଜୀବନ—ଓ ମନୀଷୀ ଅନୁକମ୍ପା ଆଉ ସାହିତ୍ୟକୁ ଦୁର୍ଭିକ୍ଷର କବଳ ପରିହାସ କରେ । ଶ'ଙ୍କର ସୃଷ୍ଟି ଏ ଯୁଗକୁ ବା ଏ ଯୁଗର ଦର୍ଶନକୁ ପରିହାସ କରିବାକୁ ସାହସ କରିନାହିଁ ସତ୍ୟ କିନ୍ତୁ ଏ ଯୁଗର ଉଚ୍ଚ ଚିନ୍ତାଧାରା ଓ ସମାଜ ନୀତିକୁ ବିଦ୍ରୂପ କରି ପାରିଛନ୍ତି ସେ—ସଦ୍ଗୁଣ ଦେଇ ପାରି ନାହାନ୍ତି । ବର୍ତ୍ତମାନ ସମାଜର ସତ୍ତାକୁ ସେ ଏକ ଦାର୍ଶନିକ ଭାବରେ ଦେଖି ତାର ସଂଶୋଧନର ପ୍ରୟାସ ଜନ୍ମର ବେଶରେ ଦେଖାଇ ଦେଇଥାନ୍ତି । ଅନ୍ୟପକ୍ଷ ପ୍ରତି କୃଷ୍ଟି ଦେଖାଇ ସେ ଭବିଷ୍ୟତର ନିକଟରେ ମଧ୍ୟ ପରିହାସ କରିଛନ୍ତି ଦେଲେ ଦେଲେ । ପାଶ୍ଚାତ୍ୟ ନାଟ୍ୟ ଜଗତରେ ସେକ୍ସପିଅର ଇବସେନଙ୍କର ଏକ ମିଶାଣ [synthesis] ଭଳି ବର୍ନାର୍ଡଶ'ଙ୍କ ସ୍ମରଣୀୟ ହେବେ ।

#### କଂଗ୍ରେସର ଅଟୋପାଟେ

ଆମ୍ଭେମାନେ ଜାଣୁଁ ଓ ଶୁଣିବା ଦେଖିଛୁ ଯେ, କଂଗ୍ରେସ କ୍ରମେ ଜନ ଚିତ୍ତ ହେଉଛି ଭାରତ ଓ ଆପଣର ଦେଶ ଖାଲି କ୍ରୀଡ଼ା କରୁଛି, ସନ୍ଦେହ ନାହିଁ । ଏଥିରୁ ଉଷ୍ଣ ପରି-ବାର ଉଷ୍ମାକୁ ପାଣି ପେଟ ବାହାରରେ ଦେଖୁ ପାରୁନେ । ସେ କହୁଥିଲେ କଂଗ୍ରେସ ଆଉ ନେଇ ନୈତିକ ବଳ ହରାଇବେ ନାହିଁ ଯେତେ ସେବକ ଦଳ ହୋଇଯାଉ । ତାହା ସେ ବୁଝିଥିଲେ ଯେ ଯେତେବେଳେ ବାପୁଙ୍କର ପଦଚିହ୍ନରେ ଚାଲିଥିବା ନେତୃତ୍ୱ ହାତରେ କ୍ଷମତା ପଡ଼ିଲେ ସେ ଏଗୁଡ଼ିକ ହେବ ସୁନିଶ୍ଚିତ । ଅନ୍ତିମରେ ପ୍ରାନ୍ତର ବାପୁଙ୍କ ସ୍ୱପ୍ନ ଦେଶକୁ ଭୁଲିଲା ।

[ପରପୃଷ୍ଠା ଦେଖନ୍ତୁ]

Digitized by srujanika@gmail.com

ଭାରେଭାରେ

# ସ୍ୱର୍ଗରେ ଭୂମିକମ୍ପ

ଇନ୍ଦ୍ର ଭାବୁଥିଲେ ସନ୍ତର୍ପଣେ ବସି
ଚଳିଲା ଏ ରାଜ୍ୟ କି ହେଲା ଅସି
ନିଶ୍ଚିନ୍ତ ରହିଲେ ବୈକୁଣ୍ଠ ପୁରେ
ଲଦିଦେଇ ସ୍ୱର୍ଗ ମୋ ମୁଣ୍ଡ ପରେ ।
ରମ୍ଭା ଉର୍ବଶୀ ମେନକା ଦଳ,
ନାଚିବାର ଜାଣନ୍ତେ ସେ ସଲ ସଲ ।
ତାଙ୍କୁ ସମ୍ଭାଳିବା କାଠିଏ ପାଠ
ବୋପା ମୋର ନ ପାଇବେ ବାଟ ।
ତହିଁ ପରେ ପଡ଼େ ବନ୍ୟା ମରୁଡ଼ି,
"ସୁଶୀଳା" "କାମିନୀ" ଛାଡ଼ନ୍ତି ରଡ଼ି ।
ତହିଁ ପରେ ପୁଣି ଏ ଭୂମିକମ୍ପ,
'ମଦନ'ର ଶାସନ ପ୍ରକମ୍ପ ।
କର୍ଣ୍ଣଗହ୍ୱରରେ ସେ ବାରବାର
କହୁଅଛି ମିଥ୍ୟା ବାଦ ପ୍ରଚାର
ନିଜ ପିତା ହରବାରେ ଦୋହରେହା,
ହେବାରୁ ନିତ୍ୟତା ଦେଖାଛି ଏହା ।
ଆସିଛି ବୈକୁଣ୍ଠପୁରୁ ଆଦେଶ,
ଜାନକୀହା ଏବେ ହୋଇବେ ଶେଷ ।
ଅମାତ୍ୟ ପଣକୁ ନୋହି ଭାଜନ,
ଗୃହାନ୍ତ ଯାଇକେ ହେବେ ଭଜନ ।
'ବିଶ୍ୱନାଥ' ପୂଜା ଜାଣିବେ ମନ୍ତ୍ରୀ,
ଭାଳିଛନ୍ତି ମନେ ମିଠାଇ ଖାଇ ।
ଶେଷକୁ ହେ ଇନ୍ଦ୍ର 'ରଥ' ଅଚଳ
'କପିଳ' ମୁନି ଯେ ମୋ ଉନ୍ନତି କଳ ।
ଭାବନ୍ତି ଇନ୍ଦ୍ର ଏ ବଡ଼ ଝମେଲ,
ଯେଣିକି ଗୃହେଁ ମୁଁ ତେଣିକି ମେଘ ।

× + ×

ସ୍ୱରଗରେ ଶୁଣି ଇନ୍ଦ୍ର ଭବନ,
ସେକ୍ରେଟେରିଏଟ ସେ ଶୋଭାବନ ।
ତହିଁ ପଶୁ'ଗ୍ରାମ ଚଳନ୍ତି ରାଜ୍ୟ
ଦୀର୍ଘବର୍ଷଙ୍କର ଗଲାଣି ତେଜ ।
ସ୍ୱର୍ଗ ନିର୍ବାସିତ କରିବା ପାଇଁ,
ପଶୁ'ଗ୍ରାମ ଗଣ ଅସିଲେ ଧାଇଁ ।
ପ୍ରାଣନାଥଙ୍କର ଗଲା ପରାଣ,
ବ୍ରଜହେଉଛନ୍ତି କି ହଇରାଣ ।
ଚିନ୍ତାମଣି ନିଷ୍ଫଳଙ୍କ ହୋଇଲେ
ତାଙ୍କ ପାଇଁ ନୂଆ ଗାଦୀ ଭେଇଲେ ।
ସୋମନାଥ ଅମ ସବୁର ନାଥ,
ଇନ୍ଦ୍ରଙ୍କ କାନରେ ରଖନ୍ତି ହାତ ।
ଯେଣିକି ମେଲନ୍ତି ତେଣିକି ଯାଇ
ସୋମନାଥ ବସି କୃଷ୍ଣଙ୍କ ଗାଇ ।
ବରଷକ ପରେ ଏ ସ୍ୱର୍ଗ ପୁରେ,
ନୂଆ ନିର୍ବାଚନ ହେବ ବଧିରେ ।
ତେଣୁ ଦେବମାନଙ୍କର ବଦଳ
ନୂଆ ଦେବଙ୍କର ନୂତନ ସ୍ଥଳୀ ।
ଯେ ଦେବତା ଯେତେ ଯୋଡିବ ଟଙ୍କା,
ସେ ଦେବତା ସେତେ ପଦ ପାଇଲା ।
ହରିବୋଲ କହି ଶ୍ରୀକୃଷ୍ଣ ବୋଲ ।
ଭାଙ୍ଗଇ ପଥର ବୁଡଇ ଶୋଲ ।
ମିଛ ବୁହୁଡରେ ହୁଏ ପହଁଚ,
ଲୁଡ଼ାଇ ମାରିବା ସତ ଭଉଁରା ।
ସତ ଯାଇ ପଶେ ଶୈରଙ୍କ ଘରେ,
ମିଛ ଯାଇପଶେ ରାଜନବରେ ।

# ତ୍ରିକୋଣ

(ବଡ଼ ଗଳ୍ପ)

ଅଲ୍ ଇଣ୍ଡିଆ ରେଡ଼ିଓଙ୍କ ସୌଜନ୍ୟରୁ ତିନିଜଣ ବିଶିଷ୍ଟ ସାହିତ୍ୟିକଙ୍କ ଲିଖିତ ଗୋଟିଏ ବଡ଼ ଗଳ୍ପ ଡ଼ଗରରେ ପ୍ରକାଶ କରିବା ପାଇଁ ଉଦ୍ୟମ ଚାଲିଛି । ଗଳ୍ପଟିକୁ ଆରମ୍ଭ କରିଛନ୍ତି ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ—ମଝିରେ ଲେଖିଛନ୍ତି—ଶ୍ରୀ ଅନନ୍ତ ପଟ୍ଟନାୟକ ଓ ଶେଷ କରିଛନ୍ତି— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଡ଼ଗରର ଯେଉଁ ସଂଖ୍ୟାରୁ ଏହା ଆରମ୍ଭ ହୋଇ ଯେଉଁ ସଂଖ୍ୟାରେ ସରିବ ତାହା ଆମ୍ଭେମାନେ ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଯଥେଷ୍ଟ ପୂର୍ବରୁ ଜଣାଇ ଦେବୁ ।

ପରିଚାଳନା

# କ୍ଷମାପନ

ମୁଦ୍ରାଯନ୍ତ୍ରର ଅସଜ, ତଥା ନିଜର ଶାରୀରିକ, ମାନସିକ ଓ ଆର୍ଥିକ ଅସ୍ୱାସ୍ଥ୍ୟ ଡଗର ପ୍ରକାଶନରେ ଅଯଥା ବିଳମ୍ବ ଘଟାଇଛି । ପାଠକ, ପାଠିକା ଓ ଗ୍ରାହକ ଗ୍ରାହିକାଙ୍କଠାରେ ବିନୀତ କ୍ଷମା ଭିକ୍ଷା କରୁଛି— ଆଶା କରୁଛି— ଡଗର ଏଣିକି ତାର ତ୍ରୁଟିକୁ ସଂଶୋଧନ କରିବାକୁ କ୍ଷମ ହେବ ।

ନିତ୍ୟାନନ୍ଦ ମହାପାତ୍ର

( ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ )

ଷ୍ଟାଲିନ ଓ ଜର୍ମାନର ହିଟଲର ବାଦ ତାର ଜୀବନ୍ତ ସାକ୍ଷୀ । କଂଗ୍ରେସ ନିଜୁ କ୍ଷମତା ଲୋଭରେ ମହାତ୍ମାଗାନ୍ଧିକୁ ଜାଳି ତାଙ୍କ ଚିତାକୁ ତୀର୍ଥରେ ଉଦ୍ଯାପନ କରିବା ସଙ୍ଗେ ସଙ୍ଗେ ଦର୍ଶନକୁ ମଧ୍ୟ କରିଦେଲା । ଫଳରେ ଫାସିଷ୍ଟବାଦହିଁ ଆଜି କଂଗ୍ରେସର ନୀତି ହୋଇଛି । କଂଗ୍ରେସକୁ ଏ ଅଧୋଗତିରୁ ରକ୍ଷା ନକଲେ ଦେଶ ଯେ ଅରକ୍ଷ ହେବ ସନ୍ଦେହ ନାହିଁ । ଏହି ଦୃଷ୍ଟିରୁ କଂଗ୍ରେସ ଭିତରେ ରହି ଆଚାର୍ଯ୍ୟ କୃପାଳିନୀ ଏ ଗଣତନ୍ତ୍ର ଦଳ ଗଢିଛନ୍ତି । ଆମେ ସେ ଦଳକୁ ସ୍ୱାଗତ ଜଣାଉଛୁ ।

ପଶ୍ଚିମବଙ୍ଗରେ ଗାନ୍ଧୀବାଦୀ ପ୍ରଫୁଲ୍ଲଘୋଷ ପ୍ରଭୃତି କିଛୁ କଂଗ୍ରେସ ଛାଡ଼ି ଚାଲିଗଲେ । ସେ ପ୍ରଦେଶରେ କଂଗ୍ରେସ ଦଳ ଏତେ ତଳକୁ ଖସିଛି ଯେ କଂଗ୍ରେସ ଅଉ ନୈତିକ ଦୃଷ୍ଟିରୁ ଉଠିବାର ସମ୍ଭାବନା ନାହିଁ । ସେ ଯାହା-ହେଉ—କଂଗ୍ରେସ ଯଦି ନିଜକୁ ସଂଶୋଧନ ନ କରେ ତେବେ ଅପୂର୍ଣ୍ଣ ସ୍ଥାନକୁ ପୂରଣ କରିବା ପାଇଁ ଦେଶବାସୀ ଉଦ୍ୟତ ନିଶ୍ଚୟ ହେବେ ।



Digitized by srujanika@gmail.com



ଟିକା ଓ ଟିପ୍ପଣୀ

କୋରିଆ ଯୁଦ୍ଧରେ ଧାର ମାର୍କିନ ସେନାମାନେ ମଦ୍ୟପାନକୁ ରକ୍ଷା କରି ପାରିଛନ୍ତି । ସବୁଆଡ଼ ମହତ ଥିବା କଥାଟା ତାଙ୍କର ସବୁଠୁ ବଡ଼ । ସେଥିପାଇଁ ସେମାନେ ସବୁ ଛାଡ଼ି କେବଳ ମଦ ବୋତଲକୁ ରଖିବା ପାଇଁ ଯଃ ପଳାୟତି ସଃ ଜୀବତି ନୀତି ଧରିଦେଲେ । ଯେତେବେଳେ ନଈକୁ ଡେଇଁଲେ ପଣି ସେ ଦକ୍ଷିଣ କୋରିଆର ନେତାଙ୍କୁ ଉପଢ଼ୌକନ ପଠାଇ ଦେଇଥିଲେ । ଏଥର ଯେତେବେଳେ ନଈକୁ ଉଡ଼ାଖାଇ ଦେଖିଲେ ସେ ହଳଦିଆ ପଣ୍ଡିତଙ୍କ ନାଲିଆ ହୋଇଗଲାଣି ନାଲି ଗୁଳିନାର ପାଣି ବାଜି ।

ଗୁରୁଖିଆ

ଗୁର୍ଖା ଶବ୍ଦକୁ କେହି କେହି ଭୟରେ ଗୋରୁଖିଆ ବୋଲି କହୁଥିଲେ । କିନ୍ତୁ ପ୍ରକୃତରେ ନେପାଳର ଲୋକେ ଗୋରୁଖିଆ ନୁହନ୍ତି—ବରଂ ନେପାଳର ମନ୍ତ୍ରୀ ଗୁରୁଖିଆ । ତାଙ୍କ ରାଜା ତାଙ୍କର ଗୁରୁ । ଗୁରୁଙ୍କୁ ଖାଇ ନିଜେ ମାଲିକ ହେବା ପାଇଁ ନେପାଳ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ମଧ ଖାଇ ମାଡ଼ି ମକଚି ଗଲେ । ଫଳରେ ଏ ହୁମ୍ଭାର ମୋତେ ଗିଳି କହିବାକୁ ବାଧ ହେଲେଣି । ନେପାଳ ଲୋକେ ପ୍ରଧାନ ମନ୍ତ୍ରୀଙ୍କ ସରକାରକୁ ଭାଙ୍ଗିବା ପାଇଁ ଚଢ଼ାଉ କରିଛନ୍ତି ।

ଠାକୁର ଓ ଖଟୁଲି

ନେପାଳ ରାଜା ଲୋକମତ ପକ୍ଷରେ ଥିବାରୁ ତାଙ୍କ ବଦଳରେ ମନ୍ତ୍ରୀ ଚଳାଇ କଲେ । ରାଜା ପଳାଇ ଅସି ଦିଲ୍ଲୀରେ । ରାଜସିଂହାସନଟା ଖାଲି ଥିବାର ଦେଖି ପ୍ରଧାନମନ୍ତ୍ରୀ ତାକୁ ଗୋଟିଏ ଖଟୁଲି କରି ନେପାଳରାଜାଙ୍କ ପୁଅକୁ ନ ପାଇ ବଡ଼ ନାତିକୁ ନ ପାଇ—ଶେଷରେ ତିନିବରଷର ସାନ ନାତିଙ୍କ ଠାକୁର ଥାପନା କରି ପାହୁଲି ଉଠାଇବାରେ ଲାଗିଛନ୍ତି ।

ବାହାପାଣି

ନେପାଳର ଚୁଆନୁଆ ତିନିବର୍ଷର ରାଜାଙ୍କୁ ବାହା କରେଇ ଦିଆଯାଇଛି । କାରଣ ଅଇନ ଅନୁସାରେ ବାଡ଼ୁଆ ପୁଅ ରାଜା ହୋଇ ନ ପାରେ । ପୁଣି ଶୁଣାଯାଉଛି ଯେ ଏ ବିବାହ ପ୍ରଜାପତି ନିର୍ବନ୍ଧ ବିଧାନେ ନ ହୋଇ ସ୍ୱୟଂବର ମତରେ ହୋଇଛି । ବରର ୩ ବର୍ଷ ଯେତେବେଳେ କନ୍ୟାର ବର୍ଷେ ଦେଢ଼ବର୍ଷ ହୋଇଥିବ । କନ୍ୟା ପୁଣି ମନ୍ତ୍ରୀଙ୍କ ନାତୁଣୀ । ଦେଢ଼ବର୍ଷର କନ୍ୟା ଯେ କିପରି ସ୍ୱୟଂବର କଲା ଅନେକ ବୁଝି ପାରୁ ନାହାନ୍ତି । ଆମେ ଅବୁଝା ଲୋକଙ୍କୁ ଏତିକି ଜଣାଇ ଦେଉଛୁ ଯେ ଶ୍ରୀରାଧା ଇଙ୍ଗିତରେ ଶ୍ରୀ କୃଷ୍ଣଙ୍କୁ ଗୃହେଁ ଆଖି ଖୋଲିଥିଲେ ; ଅଭିମନ୍ୟୁ ମା ପେଟରେ ଯୁଦ୍ଧବିଦ୍ୟା ଶିଖିଥିଲେ । ଏ ତ ସେହି ଦେଶ । ନ ହେବ କାହିଁକି ? ତେବେ କେହି କେହି ବଲିଆ କହୁଛନ୍ତି ଝିଅ ପେଟରେ ଥିଲା ବେଳେ ମା ବୋଧେ ଝିଅ ପାଇଁ ପୁଅ ବାପ ବେକରେ ହାର ଗଳାଇ ଥିଲା ।

ପାଗ ବାନ୍ଧୁବାନ୍ଧୁ

ଗାଁରେ ଗୋଟାଏ ପ୍ରକାର ଗଣ୍ଡ ମାଇପେ ଥାଆନ୍ତି, ମଝିରେ ୨ ରଡ଼ ଗଡ଼ କାହାରି ନାଁରେ ହେଲେ ବାଜାବଜାଇ ନିଜର ସତୀତ୍ୱ ବାଢ଼ନ୍ତି । ଧନେ ଦେଖିବା ବେଳକୁ ଠାଇଁ ଧୋଇ ପୁଣି ତାରି ସାଙ୍ଗରେ ରହିଲେଣି । ତିବ୍ବତ ଠିକ ସେମିତ ମିଳିତ ଜାତିସଂଘକୁ ଦରଖାସ୍ତ କରି ଏଣେ ଗୁଇନାକୁ ବରଣମାଳା ଦେଇ ଦେଲାଣି । ମିଳିତଜାତି ସଂଘ ପାଗ ବାନ୍ଧୁବାନ୍ଧୁ ତେଣେ ଭଟେବ ବାଲଖାସ୍ତ । ପୁଣି ତିବ୍ବତ ତା ଦରଖାସ୍ତ ବାତିଲ କରାଇ ଶେଷରେ କ୍ଷମାପ୍ରାର୍ଥନା ପାଇଁ ଅଲଗା କାଗଜ ଓ ଡାକବା ତାର ଖର୍ଚ୍ଚ ଶ୍ରାଦ୍ଧ କରିବାକୁ ବାଧ ହେବ ।

—ତିବ ବାଧିତ ବାଧତେ—

ଭାରତ କିନ୍ତୁ ବଡ଼ ଦୁଃଖିତ ଯେ ଗୁଇନା ଏମିତି ଭାବରେ ସୈନ୍ୟସାମନ୍ତ ପଠାଇ ଅନ୍ୟାୟରେ ତିବ୍ବତକୁ ମାଡ଼ ବସିଲା । କିନ୍ତୁ ଉପାୟ କଣ ? ଗୁଇନା ବନ୍ଧୁତାର ତ ପ୍ରଥମ ପୋଷଣାକାରୀ ଆମ ଭାରତ । ସେଥି ପାଇଁ ତିବ୍ବତ ଭିତରକୁ ଗୁଇନା ମନେ ମନେ ଝୁରୁଥିବ ସ୍ୱୟଂ ନ ବାଧନ୍ତେ ଗୁଇନା ତିବ ବାଧିବା ବାଧନ୍ତେ ।

—ଫୁଲ ଝୁରି ଝୁରି ଯାଉଛି—

ଆସନ୍ତା ସାଧାରଣ ନିର୍ବାଚନ ଏପ୍ରିଲ ୧୯୫୧ରେ ହେଉ ହେଉ ପୁଣି ନଭେମ୍ବର ଡିସେମ୍ବର ବେଳକୁ ଘୁଞ୍ଚିଲା । ଆମ ପ୍ରେସିଡେଣ୍ଟ ଘୋଷଣା କରିଛନ୍ତି । କିନ୍ତୁ ଡର ହେଉଛି—ନଭେମ୍ବର ଡିସେମ୍ବର ବେଳକୁ ଯଦି ଶୀତଟା ପଡ଼ିଯାଏ ତେବେ ନିର୍ବାଚନ ହବ ଅମେ ହବ ! ଲୋକେ ସେତେବେଳେ କହିବେ—ଅଣ୍ଟିଏ ପାଣିରେ ହେଲା ସଭାପତି ନିର୍ବାଚନେ ଗଳି ଯାଉଛି । ସଭାପତି କହିବେ—ମୁଁ କଣ କରିବି କହ ହେ ପ୍ରଜାଏ—ଭାରତ ସ୍ୱାଧୀନ ହୋଇଛି ।—ମୁଣ୍ଡିତ ନେହେରୁ ।

ନେହେରୁ ଅବ ପଣ୍ଡିତ ନେହେରୁ ନହୋଇ ଏଣିକି କେବଳ ଶ୍ରୀ ନେହେରୁ ରୂପେ ଲିଖିତ ହେବେ ବୋଲି ନିଜେ ଆଜ୍ଞା ଦେଇଛନ୍ତି । ଆମ ବଲିଆ ସଭା ତାହା ଗ୍ରହଣ କରିବା ସଙ୍ଗେ ସଙ୍ଗେ ପ୍ରସ୍ତାବ ଦେଇଛନ୍ତି—ଶ୍ରୀ ନେହେରୁଙ୍କ ମୁଣ୍ଡ କ୍ରମେ କ୍ରମେ ମେରୁଭୂମି ପାଲଟି ଯାଉଥିବାରୁ ତାଙ୍କ ନାମ ଏଣିକି ମୁଣ୍ଡିତ ନେହେରୁ ରଖାଯାଉ । ଆଗକୁ ଭାରତର ପୁର ପଞ୍ଜୀକୁ ପ୍ରସ୍ତାବମାନ ଲିଖିତ ହୋଇ ନେହେରୁଙ୍କ ଜନ୍ମଦିନରେ ତାଙ୍କୁ ମୁଣ୍ଡିତ ଉପାଧିରେ ଭୂଷିତ କରି ତାଙ୍କ ନିକଟକୁ ଶୁଭ ବାର୍ତ୍ତାମାନ ପଠାଯିବ ।

—ହଗୀମର କୁଲି ଡାକୁଛି—

ଶ୍ରୀଯୁକ୍ତ ମହତାବ ୨ ଦିନରେ ଦୁଇଥର ଓଡ଼ିଶା ବଜେଟ କରିବା ଦ୍ୱାରା ସବୁ ସରକାରୀ କାମ ହୋଇଗଲା ବୋଲି ଲୋକେ ଜାଣିଲେ । ଯାହା ତା ଅଧିକରୁ ଅଧିକ ଲୋକେ ଜାଣି ୨ ଜାଣିଲେ—କେତେ କାଳ ହୃଦ ଦହନ ହୋଇ ଲକ୍ଷେପଦ ଡୋଳା ହେଲା—ଦେବ ଇନ୍ଦ୍ରକୁ ପରାସ୍ତ କରି ପୁଷ୍ପକ ବିମାନ

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

ଅସିଲା—କେଉଁଠି ବା କେତେ ଟା ମାଇକ୍ରୋଳ ସନ୍ତାନ ହରାଇ କାନ୍ଦିଲେ—କେଉଁ କୁଟୀରରେ କୁଟୀରବାସୀ ଶରଣ ଜ୍ୱାଳାରେ ପୋଡ଼ିଲୁ ଶେଷ କରି ଶ୍ଳୋକ ଚୂପରେ ଆମ ପ୍ରଜାତନ୍ତ୍ରକୁ ଧିକ୍କା-ରିତ କଲେ । ଅବା କେଉଁଠି କୁଟୀରବାସୀର ଭ୍ରୂଣ ହତ୍ୟା ପାପ ପାଇଁ ଗୋଲମରିଚ ଗୁଣ୍ଡରେ ହୋମହେଲେ । କେଉଁଠି ମନୁଷ୍ୟ ଅବତାରର ପୂଜା ପାଇଁ ଖିଲଖିଲ ସୂଅରେ ଚନ୍ଦନ ବାଟ ଗଲା—କିମ୍ବା ଧନଅର ଅର୍ଚ୍ଚନା ଲଗିଲା । ଏତଦ୍ ବ୍ୟତିରେକେ ଆଉ କୌଣସି କଥା ଆମେ ଜ ଶୁନାହୁଁ ।

—ପରମିଟ ଚୋରୀ—

ଅବଶ୍ୟ ଲୋକେ କହୁଛନ୍ତି ଯେ, କଟକର ଜଣେ 'ଧନୀ'ଲୋକ ମହତାବଙ୍କ ପାଖରେ 'ମନ୍ତ୍ରୀ'ରୂପଧର ଗୋଟିଏ କ ପରମିଟ ଆଣି ତାକୁ କଲିକତାରେ ୨ ଲକ୍ଷ ଟଙ୍କାରେ ବିକ୍ରି ଦେଇଅସିଲେ । ଏଥିରୁ ପ୍ରଜାମାନଙ୍କ ପାଇଁ କେତେ ଆଉ ତାଙ୍କ ପାଇଁ କେତେ ତା' ଖୁଦାଙ୍କୁ ମାଲୁମ ଥିବ । କିନ୍ତୁ ମହତାବ ଯେ ପରମିଟ ଦେବା ବେଳେ ଏ ଲକ୍ଷ୍ମୀର ମନ୍ତ୍ରଧାଡ଼ା ଜାଣିଥିବେ ଏ କଥା ଆମେ ଭାବିପାରୁ ନାହୁଁ ।

— ଭଣ୍ଡ କମ୍ପାନୀ—

ଓଡ଼ିଶାରେ କେତେକ ଭଣ୍ଡ କମ୍ପାନୀ ହୋଇ ନାଲବତୀ ଜଳାଇ ଦେଲେଣି । କିନ୍ତୁ ଗୋଟିଏ ଅଖ୍ୟାତ କମ୍ପାନୀ ସବୁବେଳେ ସର-କାରୀ ସାହାଯ୍ୟରେ ନାଲବତୀ ଜଳାଇଛନ୍ତି । ଏଥର ଆସାମ ଭୂମିକମ୍ପ ବେଳେ ଅକାଶ ବାଟେ ବ୍ୟୋମଯାନରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଏ କମ୍ପାନୀ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି । ଗୋଟାଏ ମିଥ୍ୟା ଗୁଜବ ଉଠିଛି ଯେ ସେ କମ୍ପାନୀର ତିନିଜଣ ଅଂଶୀଦାରଙ୍କ ଭିତରୁ ମହତାବ ନିଜେ ଜଣେ । ଓଡ଼ିଶା ଅସିବା ଭିତରେ ସେ ଅଂଶଟାକୁ ଶ୍ରୀମତୀ ସୁଭଦ୍ରା ମହତାବଙ୍କ ନାମରେ ଟ୍ରାନସଫର କରିଗଲେ ବୋଲି ଶୁଣାଗଲା । ବାସ୍ତବିକ ଏହାଯଦି ସତ ହୋଇଥାଏ ତେବେ ମହତାବ କମ୍ପାନୀଙ୍କ ଠୋକିଦେଲେ । ସୁଭଦ୍ରା ମହତାବ ସିନା ଏଣିକି ଟଙ୍କା ରୋଜଗାର କରିବେ — ମହତାବଙ୍କର ସେଥିରେ କଣ ହୁଗଅଛି ।

—କଂଗ୍ରେସ ଗଣତନ୍ତ୍ର ଦଳ—

ଆଚାର୍ଯ୍ୟ କୃପାଳନୀ ସାରୁ ଭିତରେ ଏବଂ ମଧୁ ବାହାର କରି କଂଗ୍ରେସ ଭିତରେ ପଶି-ଥିବା ଅନ୍ୟ ସୁରୁ ରୋଧ କରିବା ପାଇଁ ଗୋଟିଏ କଂଗ୍ରେସ ଗଣତନ୍ତ୍ର ଦଳ ଗଢିଲେଣି । କାଳ କିନ୍ତୁ ବିଳମ୍ବ ହୋଇଗଲା । କଳାପୋକଅ ସବୁ ଶକ୍ତ କଳା ପୋକ ବସିଗଲେଣି । ଆଚାର୍ଯ୍ୟ କୃପାଳନୀ କଲେ ପୃଷ୍ଠିଭ ବାନର ବଡ଼ ନହେଉନ୍ତୁ ଏତିକି ଆମର ଶୁଭ କାମନା ।

—ମହତାବଙ୍କ ମଥା ଘୁରିଲା—

ଗଣତନ୍ତ୍ରଦଳକୁ ଦେଖି ମହତାବ ଭୟରେ ଥରଥର ହୋଇ କୃପାଳନୀଙ୍କ ଉପରକୁ ଗୁହ-ରୁଛି କହିଲେ— ସଭାପତି ପଦରୁ ହାରିବାରୁ କୃପାଳନୀ ନୂଆଦଳ କଲେ । ବାସ୍ତବିକ ମହତାବ ତାଙ୍କ ରାଜନୈତିକ ଜୀବନରେ କେବେହେଲେ ହାରିନାହାନ୍ତି । ପ୍ରଥମେ ସେ ଓଡ଼ିଶାରେ ନୀଳକଣ୍ଠଙ୍କ କାଳକୂଟ ବିଷ ହରଣ କରି ଓଡ଼ିଶା କଂଗ୍ରେସକୁ ଜିତିଲେ । ତାପରେ ସୁଭାଷଦାଙ୍କ ଗୋଡ଼ଧରି ମାଲତୀ ଦେବୀଙ୍କ ଜରିଆ-ରେ କାର୍ଯ୍ୟକାରୀ କମିଟିରେ ପଶି ଦେଖିଲେ ଯେ ସୁଭାଷଦେଙ୍କ ଅବସ୍ଥା ଭଲହେଲେ ନ ସରେ । ତେଣୁ ସୁଭାଷଙ୍କୁ ଗୋଇଠେଇ ଗାନ୍ଧୀ ଭକ୍ତ ହୋଇ ସାଧନା କାଟିଲେ । ଗାନ୍ଧୀ ମଲା ପରେ ପରେ ପଟେଲ ଭକ୍ତ ହୋଇ ମିଲ ବସାଇଲେ —ଛଡ଼େଇକଳା ଖରଚୁଆ ଦେଇ କେନ୍ଦ୍ରକୁ ଗଲେ । ସେଠି ଦେଖିଲେ ଯେ ପଟେଲଙ୍କ ସ୍ଥିତି ବଡ଼ ଟଳଟଳ; ସେଠୁ କଂଗ୍ରେସ ଫେସିଷ୍ଟ ହୋଇ-ଯାଉଛି କହି ନେହେରୁଙ୍କ ପଦାଶ୍ରୟ କଲେଣି । ସବୁବେଳେ ତ ଜିତାପଟ ତାଙ୍କର । ଶେଷରେ କଳାପୋତଅଙ୍କ ସହ ଲଢି ମଧ୍ୟ ତାଙ୍କୁ ଏମିତ ମାଙ୍କଡ଼ତାଡ ମରେଇଚନ୍ତି, ଯେ ରାଜ୍ୟର ପ୍ରତୀକ ବିହ ବିବାଗରେ ପ୍ରଜାତନ୍ତ୍ରରକଳା ଖୁବ ମଜବୁତ ହୋଇ ପୋତାହୋଇଛି ।

ଘୋଷଙ୍କ ଘୋଷଣା

ବଙ୍ଗଳାର ଗାନ୍ଧିବାଦୀ ନେତା ଡାକ୍ତର ପ୍ରଫୁଲ୍ଲ ଘୋଷ ମଧ୍ୟ ଏବେ କଂଗ୍ରେସରୁ ଅଲଗା ହୋଇ କୃଷକ ମଜଦୁର ଦଳ ଗଠନ କଲେଣି । ଆମର ବିଶ୍ୱାସ ଏଥର ଆଉ କଂଗ୍ରେସକୁ ଅଳଅ ସଫା କରିବାକୁ ପଡ଼ିବ ନାହିଁ । ସବୁ ବାହୁଡ଼ାଯାଉ ଅପେ ଅପେ ଉଡ଼ସାଉଛନ୍ତି । ଏଣିକି ମହତାବ ଓ ତାଙ୍କ ବିଜୁପଟ୍ଟନାୟକ, ହରେନ ମିଶ୍ରଙ୍କ ଭଳି ଧାନ ସବୁ ଉଡ଼ିଯିବେ ।

ଘୁସଖୋର ସଂଘ

ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟକୁ Bribers Association (B.A) ତରଫରୁ ଜଣେ ପ୍ରତିନିଧି ପଠା ହେବାର ସ୍ଥିର ହୋଇଛି । ଏହା B.Aମାନଙ୍କୁ ମଣ ତିନି ତିନି ଟଙ୍କା ଦେଇପାରିଲେ ଭୋଟ ମିଳି-ପାରିବ । ଏବଂ ଏଙ୍କ ଭିତରୁ ଅଧିକାଂଶଙ୍କ ଠିକଣ ମଧ୍ୟ ଗୋଟିଏ ଗୋଟିଏ ସ୍ଥାନରେ ଏମାନେ ନିଜେ ନିଜର ଯନ୍ତ୍ର ଚଳାଉ ରନ୍ତି ନାହିଁ ବୋଲି ଜେଥିର ଅଫରେ ଥାଆନ୍ତି । ଆମର ଆଶା ଏଇ Bribers Association ସବୁଠାରୁ ଯେ ବୀର ତାଙ୍କୁ ଭୋଟ ମିଳିବ ଏବଂ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେ-ଟରେ ଯଥାଯୋଗ୍ୟ ସ୍ଥାନ ପାଇବେ ।

ଲୋକ ସଂପର୍କ ଓ ମନ୍ତ୍ରୀ

ନେତାମାନେ ମନ୍ତ୍ରୀ ହେଲା ପରେ କେତେକ କଂଗ୍ରେସ କର୍ମୀଙ୍କୁ ଅଇଣ୍ଠା ରୋଟି ଫିଙ୍ଗିଲାଭଳି ଲୋକସଂପର୍କ ବିଭାଗ ଜରିଆରେ ଟଙ୍କା ଗୁଳିଏ ପଚିଶ ଫିଙ୍ଗନ୍ତି । ସେମାନେ ଲୋକ-ସଂପର୍କ କରନ୍ତୁ ନ କରନ୍ତୁ ମନ୍ତ୍ରୀ ସଂପର୍କଟା ଆଗେ କରିବେ ନଚେତ୍ ଗୁଳିକ ଗୁଡ଼ିଯିବ । ଏବେ ପୁରୀରେ କୌଣସି ମନ୍ତ୍ରୀ କଂଗ୍ରେସ ନିର୍ବାଚନରେ ହାରିଗଲେ । ଲୋକ ସଂପର୍କ ବିଭାଗର କେତେକ କର୍ମୀ ତାଙ୍କୁ ସମର୍ଥନ ନ କରିଥିବାରୁ ତାଙ୍କ ଗୁଳିକ ଗଲା । କଥାରେ ଅନ୍ୟାୟ କିଛି ନାହିଁ । କେବଳ ଲୋକସମ୍ପର୍କ ନକହି ଲୋକପ୍ରତିନିଧି ସଂପର୍କ କହିବା ସୁନ୍ଦର ହେବ । ଏ ବିଭାଗଟା କେବଳ ଲୋକଙ୍କ ନାଁରେ ମନ୍ତ୍ରୀଙ୍କର ମାଲିସ କରିବାକୁ ସୃଷ୍ଟି ହୁଅନ୍ତି ।

ମନ୍ତ୍ରୀ ଓ ଖବର କାଗଜ

କୌଣସି କୌଣସି ମନ୍ତ୍ରୀ ବଡ଼ ବଡ଼ ଖବର କାଗଜରେ ଆପଣ ପୁଅ ପୁତୁରାଙ୍କୁ ପ୍ରତିନିଧି କରି— ନିଜ ନାମକୁ ସାର୍ଥକ କରିବା ସଙ୍ଗେ ସଙ୍ଗେ ଦେଶର ବଡ଼ ହିତ ସାଧନ କରୁ-ଛନ୍ତି । କାରଣ ଖବରକାଗଜର ମାଲିକମାନେ ତ ପୃଷ୍ଠପୋଷକ । ମନ୍ତ୍ରୀ ଓ ପୃଷ୍ଠପୋଷକ ଲେମ୍ବୁ ଓ ଲୁଣ । ସେଥିରୁ ଯେଉଁ ଆନନ୍ଦ ମିଳେ ସେ ନିତ୍ୟାନନ୍ଦ ।



Digitized by srujanika@gmail.com

# ଯୋଗ୍ୟତା

[ କ୍ଷମା ପ୍ରାର୍ଥନା ସହ ]

ଯଳ—ଚତୁରାନନ

ଖୁଆଡ଼ ଭିତରେ ଏକୁଟିଆ ବସିଥାଏଁ । ଜେଲର ବାବୁ ମୋ ଉପରେ ଟିକିଏ ଖେଆଲ ଦେଖାଇ ଗୁଲିଗଲେ; ତାଙ୍କ ଏହି ବ୍ୟବହାର ବୁଝି ମୁଁ ଆଉ ଧୈର୍ଯ୍ୟ ଧରି ରହି ପାରିଲି ନାହିଁ । ଭେଁ କରି କାନ୍ଦି ପକାଇଲି ଓ ପାଟିକରି କହିଲି "ହାଇରେ କପାଳ ! ମୁଁ ଯଦି ରଥ ପୁରୋହିତଙ୍କର କଥାମାନ ନ ଶୁଣନ୍ତି ତାହାହେଲେ ମୋର କାହିଁକି ଏ ଦଶା ହୋଇଥାଆନ୍ତା ।" ପାଖରେ ପହରା ଦେଉଥିବା ଓ୍ୱାର୍ଡର ମୋତେ ବୋବାଉ ଥିବାର ଦେଖି ମୋର ପୂର୍ବବୃତ୍ତାନ୍ତ ସବୁ ଶୁଣିବାକୁ ଇଚ୍ଛା କଲା । ବିଚରା ଖୁବ୍ ଦୟାଳୁ ଥିଲା ପରି ଜଣା ପଡୁଥିଲା । ମୁଁ ଟିକିଏ ଦମ୍ଭଧରି କହିବାକୁ ଆରମ୍ଭ କଲି—

ମୁଁ ଥିଲି ଗୁଡ଼ଗଡ଼ ରାଜାଙ୍କର ପ୍ରଧାନମନ୍ତ୍ରୀ । ଦେଶର ସବୁ ଭାର ଓ କ୍ଷମତା ମୋ ଉପରେ ଥିଲା । ହେଲେ ରାଜାଙ୍କୁ ମୁଠା ଭିତରେ ରଖି ପାରୁଥିଲେ ତାଙ୍କ ପୁରୋହିତ ରଥ ଆପଣେ । ଏକେତ ବ୍ରାହ୍ମଣ, ଦ୍ୱିତୀୟତଃ ତାଙ୍କର ଥିଲା ବେତାଳିଆ ପାଟି । ଯେତେବେଳେ ଖାଇ ଖାଇ ହୋଇ ରଡ଼ିଛାଡ଼ନ୍ତି ସେତେବେଳେ ସାଧାରଣ ଲୋକ କାହିଁକି ଖୋଦ ରାଜାବି ଛେରମୁତ ପକାନ୍ତି । ସେଥିଲାଗି ରାଜା ତାଙ୍କ କଥା ଖୁବ୍ ଶୁଣନ୍ତି । ରାଜାଙ୍କ ଅବସ୍ଥା ଦେଖି ମୁଁ ମଧ୍ୟ ଖୁବ୍ ହୁସିଆର ହୋଇଗଲି । ରଥ ପୁରୋହିତଙ୍କୁ ହାତରେ ରଖିବା ଲାଗି ତାଙ୍କ ଘରକୁ ଧାମନଗରୀ ଚୂଡ଼ା ବସ୍ତାଏ ବସ୍ତାଏ ଓ ମାଣିକପାଟଣା ଦହି ହାଣ୍ଡିଏ ହାଣ୍ଡିଏ ବରାବର ପଠାଉଥିଲି । ଏଥିରେ ଫଳ ବି ମନ୍ଦ ଫଳିନଥିଲା । ରଥ ମୋ ବିରୁଦ୍ଧରେ ତାଙ୍କ ଫାଳିଆ ପାଟି ବହୁଦିନ ଯାଏ ମେଲା କରି ନଥିଲେ । ହେଲେ ସ୍ୱଭାବ ଛାଡ଼ୁଛନ୍ତି କେତେବେଳେ । ବାଘକୁ ଯେତେ ପୋଷ, ସୁଯୋଗ ପାଇଲେ ସୁଲାଏ ହେଲେ ଖାମୁଡ଼ି ଦେବ । ପାଳବିଣ୍ଡା ଦାହା ହୋଇଗଲା ପରି ଥରେ ମୋ ବିରୁଦ୍ଧରେ ହାଉକାଉ ପାଞ୍ଚିଠାଏ କରି ଦେଇ ଥିଲେ । ସେଥିରେ ମୁଁ ତ ମୁଁ ଖୋଦ ରାଜା ଓ ୪୦,୬୦୦ଟି ପିଲା ହଗିମୁତି ଅଣ୍ଡିଏ ।

କଥା କଣ କି ଆମ ଆୟୁର୍ବେଦ ବିଦ୍ୟାଳୟରେ ପଢ଼ିବା ଲାଗି ମୁଁ କେତେ ଗୁଡ଼ାଏ ପିଲା ବାଛୁଥିଲି । କେବଳ ପରୀକ୍ଷା ନମ୍ବରକୁ ଯୋଗ୍ୟତା ବୋଲି ନ ଧରି ମୁଁ ସବୁ ଦିଗରୁ ବିଚାର କରି ପିଲାମାନଙ୍କୁ ବାଛୁଥିଲି । ଅର୍ଥାତ ସ୍ୱାସ୍ଥ୍ୟ, ଆର୍ଥିକ ସ୍ୱଚ୍ଛଳତା, ଚରିତ୍ର ପ୍ରଭୃତି ବିଷୟ ପ୍ରତି ନଜର ଦେଉଥିଲି । ମୋତେ ଆଉ ମାଲୁମ ନଥିଲା ଯେ ରଥଙ୍କ ସମୁଦିର ଶଳାର ମାଉସୀ ପୁଅ ଦରଖାସ୍ତ କରିଛି । ତାର ଖାଲି ପରୀକ୍ଷା ନମ୍ବର ବେଶୀ ଥିଲା । ଅନ୍ୟାନ୍ୟ ବିଷୟରେ ତାର ବେଶୀ ଯୋଗ୍ୟତା ନଥିବାରୁ ତାକୁ ମୁଁ ବାଛି ନଥିଲି । ଆଉ ବିଚରା ମୁଁ ଯାଏ କୁଆଡେ ! ରଥଙ୍କ ସିଂହ ରଡ଼ିରେ ମୁଁ କେଉଁ ବେଳେକେ ଗ୍ରଜିଆ ହୋଇଗଲି । ଗୃହିଣୀ ଖଣ୍ଡ ଯାଏ କି ନ ଯାଏ । କୌଣସି ମତେ ରାଜା ଓ ରଥଙ୍କ ଗୋଡ଼ତଳେ ପଡ଼ି ତାଙ୍କ ପିଲାକୁ ପୁଣି ମଠରେ ଭର୍ତ୍ତିକରି ଗୃହିଣୀକୁ ବଞ୍ଚାଇ ରଖିଲି, ମନରେ କିନ୍ତୁ ଭାରି ଭୟ ହୋଇଗଲା । ଦେଖିଲି ଧାମନଗରୀ ଚୂଡ଼ା ଓ ମାଣିକପାଟଣା ଦହିର କରାମତି କମ୍ ଆସିଲାଣି । ଦିନେ ଟିକେ ଜଡ଼ାତେଲ ନେଇ ରଥଙ୍କ ପାଖରେ ପହଞ୍ଚିଲି । ଶ୍ରୀ ପାଦରେ ତେଲ ମାଲିସ କରିବା ସଙ୍ଗେ ସଙ୍ଗେ ସ୍ତୁତିପାଠ କରିଦେଲି । "ହେ ରଥ ମହାପ୍ରଭୁ ! ଆପଣଙ୍କର କ୍ଷମତା ଅସୀମ, କେତେବେଳେ ଆପଣ ମୂର୍ଖକୁ ପଣ୍ଡିତ, ଚୋରକୁ ନେତା, ଚୂନ୍ଧାକୁ ହାତୀ କରି ଦେଇ ପାରନ୍ତି । କୋପଡ଼କୁ ଠିକ ଓଲଟା କରିବାକୁ ଆପଣଙ୍କୁ ଅଧା ସେକେଣ୍ଡ ବି ଲାଗେ ନାହିଁ । ମହାଭାରତ ଲେଖିବାରେ ଆପଣ ସାରଳା ଦାସଙ୍କୁ ବି ଟପି ଯାଇଛନ୍ତି । ଆପଣ ସାମାନ୍ୟ ବେଲୁନକୁ ହାଇଡ୍ରୋଜେନ ବୋମା କରି ଦେଇ ପାରନ୍ତି । ଶହ ଶହ ସାଧୁ ମାଡ଼ଖାଇ ଚିତ୍କାର କରୁଥିଲେ ବେଳେ ଆଖିବୁଜି ନାକଟିପି ଆସନ ପାତି ଯୋଗ ସାଧନା କରି ପାରନ୍ତି । ବିଷ୍ଣୁ ଯେପରି ଭୋଗ ବିଳାସରେ ବୁଡ଼ି ରହି ମଧ୍ୟ ନିର୍ଲିପ୍ତ ରହି ଥାଆନ୍ତି ଅର୍ଥାତ କର୍ଦ୍ଦମ ଆପଣଙ୍କ ପଦ ସ୍ପର୍ଶ କରିପାରେ ନାହିଁ । ହେ ପ୍ରଭୋ, ଏ ଅକିଞ୍ଚନକୁ ଦୟା କରନ୍ତୁ ।" କାଠ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସମସ୍ତେ ତେଲ ଟିକେ ପାଖରେ ପରାସ୍ତ, ରଥ ପୁରୋହିତ କେଉଁ ଛାର । ସେ ଗଦ୍‌ଗଦ ହୋଇ କହିଲେ 'ଅଚ୍ଛା ବାବା ତୁ କଣ ଚାହୁଁ ?" ଦଶଟାଯାକ ଆଙ୍ଗୁଠି ମଳି ମଳି କହିଲି-'ଆଜ୍ଞା ମୋ ଲାଗି ଶ୍ରୀ ତୁଣ୍ଡରୁ ପାଳବିଣ୍ଡା ନ କାଢ଼ିବାକୁ ଆଜ୍ଞା ହେଉ' ରଥେ କହିଲେ 'ହେଉ; ତାହାହିଁ ହେବ । କିନ୍ତୁ ଦେଖ, ଶାସନର ସବୁ କ୍ଷେତ୍ରରେ ସବୁ ସମୟରେ ବିଶ୍ୱବିଦ୍ୟାଳୟ ଯୋଗ୍ୟତା-କୁହିଁ ତୁମେ ଦେଖିବ ।'

ତାପରେ ସେ ୨।୪ଟା ମାଦଳାପାଞ୍ଜି ଖୋଲି ମୋତେ ଦେଖାଇ ଦେଖାଇ କହିଲେ 'ହେଇଟି ଦେଖ 'ଧଡ୍ୟଡ' ଦେଶର 'ସରସେ' ସାହେବ ଲେଖିଛନ୍ତି ଯେ ବିଶ୍ୱବିଦ୍ୟାଳୟ ଯୋଗ୍ୟତା ହେଉଛି ଏକମାତ୍ର ଯୋଗ୍ୟତା ଅହବ ଦେଖ 'ଷଡ୍‌ସାଠ୍ ବିଶ୍ୱ ବିଦ୍ୟାଳୟ'ର "ଡେଁ ଫଟ୍" ସାହେବ ଲେଖିଛନ୍ତି "ବିଶ୍ୱବିଦ୍ୟାଳୟ ଯୋଗ୍ୟତାକୁ ଏକମାତ୍ର ମାନଦଣ୍ଡ ବୋଲି ନ ଧରିଲେ ଶାସନ ଅନୁଷ୍ଠାନ ପ୍ରଭୃତି କ୍ଷେତ୍ରରେ ଗଧମାନେ ପଶିଯାଆନ୍ତି । ତେଣୁ ତୁମେ ବଡ଼ ଛୋଟ ବା ଯଥା ନିଯୁକ୍ତିରେ ବିଶ୍ୱବିଦ୍ୟାଳୟ ଯୋଗ୍ୟତାକୁ ଏକମାତ୍ର ମାପକାଠି ବୋଲି ଧରିବ ।"

ମୁଁ କହିଲି 'ଆଜ୍ଞା ହଁ, ଆପଣଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିବି । ବିଶେଷରେ ଏତେ ଗୁଡ଼ାଏ ସାହେବ ଯେତେବେଳେ ଏହି ମତ ଦେଇଛନ୍ତି ସେତେବେଳେ କେବେହେଲେ ଭୁଲ ହୋଇ ନ ପାରେ ।' ତାପରେ ରଥଙ୍କ-ଠାରୁ ମେଲାଣି ନେଇ ଆସିଲି ।

ଦେଶରେ ସୈନ୍ୟ ଓ କୋଟୁଆଲ ବାହିନୀରେ ବହୁତ ଲୋକ ନିଯୁକ୍ତିର ଦରକାର ଥାଏ । ତେଣୁ ମୋ ନଜର ପଡ଼ିଲେ ସେଇଠି ପଡ଼ିଲା ସଙ୍ଗେ ସଙ୍ଗେ ସେନାପତି ଓ କୋଟୁଆଲ ପତିଙ୍କୁ ମୋ ପାଖକୁ ଡକାଇଲି । ଦୁଇ ଜଣଙ୍କୁ ସଫାସଫା କହିଲି, 'ଦେଖ ଯୁଆଡ଼କୁ ଯେଉଁ ଲୋକ ସବୁ ନେବ ସେମାନଙ୍କୁ କେବଳ ବିଶ୍ୱବିଦ୍ୟାଳୟ ଯୋଗ୍ୟତା ଦେଖି ବିଚାର କରିବ । ଅନ୍ୟ କୌଣସି ଯୋଗ୍ୟତାକୁ ଯୋଗ୍ୟତା ବୋଲି ବିଚାର କରିବ ନାହିଁ । କେବଳ ଦରଖାସ୍ତରୁ ବିଶ୍ୱବିଦ୍ୟାଳୟର ଉପାଧି ଓ ନମ୍ବର ଦେଖି ପ୍ରାର୍ଥୀ ନିଯୁକ୍ତ କରିବ । କୋଟୁଆଲ ପତି କହିଲେ-'ଆଜ୍ଞା,' ତେବେ ଇନ୍‌ଟରଭ୍ୟୁର ଦରକାର କଣ ? କେବଳ ଦରଖାସ୍ତରୁ ବିଶ୍ୱବିଦ୍ୟାଳୟର ଉପାଧି ଓ ନମ୍ବର ଦେଖି ପ୍ରାର୍ଥୀ ନିଯୁକ୍ତ କରି ଦେବା ।' ମୁଁ କହିଲି 'ହଁ ସେଇଆ କରିବ' ।

କିନ୍ତୁ ଏ କଥାଗୁଡ଼ାକ ସେମାନେ ସହଜରେ ଗ୍ରହଣ କରି ପାରିଲେ ନାହିଁ । ସେନାପତି

Digitized by srujanika@gmail.com

# ଉପହାର



କହିଲେ— "ଏଣୁ ଗୋଟିଏ ବିଷୟରେ ଯୋଗ୍ୟତା ସବୁକ୍ଷେତ୍ରରେ ପ୍ରଯୁଜ୍ୟ ହୋଇ-ପାରିବ ନାହିଁ । ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ପ୍ରକାର ଯୋଗ୍ୟତା ଦରକାର । ଆପଣ ଯେଉଁ ଯୋଗ୍ୟତା କଥା କହୁଛନ୍ତି ତାହା କେବଳ ସାଧାରଣ ମହାବିଦ୍ୟାଳୟ ପାଇଁ ପ୍ରଯୁଜ୍ୟ ହୋଇ ପାରେ । ସେନା ବା କଟୁଆଳ ବିଦ୍ୟାଳୟ ପାଇଁ ଏହା ପ୍ରଯୁଜ୍ୟ ହୋଇପାରିବ ନାହିଁ ।"

ମୁଁ ଆଉ ଧୈର୍ଯ୍ୟ ଧରି ପାରିଲି ନାହିଁ । ପାଟି କରି ଉଠିଲି "ବାସ୍, ବାସ୍ ଯଥେଷ୍ଟ ଥାଉ । ତୁମକୁ ଯାହା ଆଦେଶ ଦିଆଯାଉଛି ତାହା ପାଳନ କର, ଯାଅ ।" ବୃଦ୍ଧସାକ ଶୂନ୍ୟ ମନରେ ଖଟ୍ ଖଟ୍ ସଲାମ ବଜାଇ ଚାଲିଗଲେ । ରଥଙ୍କୁ ଏକଥା ଜଣାଇ ଦେଲି । ସେ ଭାରି ଖୁସୀ ହେଲେ । ତାଙ୍କ ଅମୃତ ଦୃଷ୍ଟି ମୋ ଉପରେ ପଡ଼ିଲା । ସମସ୍ତଙ୍କ ଆଗରେ ସେ ମୋର ପ୍ରଶଂସା ଗାଇଲେ । ପ୍ରଜା ତାଙ୍କଠାରୁ ମୋର ପ୍ରଶଂସା ଶୁଣି ମୋତେ ଖୁବ୍ ଆଦର କଲେ । ମୋତେ ନ ଦେଖିଥିବା ଲୋକମାନେ ମଧ୍ୟ ମୋତେ ଗୋଟାଏ ଦେବତା ବୋଲି ମନେ କଲେ । ସବୁ କେବଳ ରଥଙ୍କ ଦୟାରୁ । ମୋ ପ୍ରତି ହାତରେ ଗୋଟାଏ ଅସ୍ତ୍ର "ବନ୍ଧୁ" ରହି-ଥିଲେ ସୁଦ୍ଧା ମୁଁ [illegible] ହୋଇ ଖୁସି ହେଉଥାଏ ।

ପୁଣି ଦିନେ ରଥ ମତେ କହିଲେ 'ହଇହେ ତୁମେ ଆଜିଯାଏ କାହିଁକି ବାହା ହେଉନାହିଁ । ତୁମେ ପ୍ରଧାନମନ୍ତ୍ରୀ ତୁମେ ଅବିବାହିତ ରହିଲେ ଲୋକେ ତୁମକୁ ସନ୍ଦେହ ଚକ୍ଷୁରେ ଦେଖିବେ । ଗୋଟିଏ ଉଚ୍ଚ ଯୋଗ୍ୟ ସ୍ତ୍ରୀ ବିବାହ ହୋଇପଡ଼ ।"

ମୁଁ କହିଲି, 'ଆଜ୍ଞା ହେଉ । ତେବେ ଆପଣ ଟିକିଏ ଦୟା କରି ପ୍ରଚାର କରି ଦିଅନ୍ତୁ ଯେ, ପାତ୍ରୀ ଆବଶ୍ୟକ । ଜାତି ବା ଜାତକର ଦରକାର ନାହିଁ । କେବଳ ବିଶ୍ୱବିଦ୍ୟାଳୟ ଯୋଗ୍ୟତା ଓ ପରୀକ୍ଷା ନମ୍ବର ସହିତ ପାତ୍ରୀମାନେ ଦରଖାସ୍ତ କରନ୍ତୁ ।'

ପ୍ରଚାର କରିବାକୁ ରଥ ଧୁରନ୍ଧର ଶହ ଶହ ଦରଖାସ୍ତ ମୋ ପାଖକୁ ଆସିଲା । ମୋତେ ବାଛିବାକୁ ସମୟ କାହିଁ ? ସେକ୍ରେଟେରୀଙ୍କୁ ବାଛିବାକୁ କହିଦେଲି । ବିଶ୍ୱବିଦ୍ୟାଳୟ ଓ ନମ୍ବର ଦେଖି ସେ ଜଣଙ୍କୁ ବାଛିଲେ । ରଥଙ୍କ ସାହାଯ୍ୟରେ ସେଠି ବିବାହ ହୋଇଗଲା । ସ୍ତ୍ରୀକୁ ଆଗରୁ କେବେ ଦେଖି-ନଥିଲି । ତାକୁ ଦେଖିଲା ମାତ୍ରେ ମୋର ପିଲେଇ ପାଣି ହୋଇଗଲା । ସେ ସବୁଠାରୁ ଯୋଗ୍ୟତମ ବୋଲି ମନକୁ ଖୁବ ସାନ୍ତ୍ୱନା ଦେଲି । ସେ ଆମ ଘରକୁ ଆସିବା ଦିନ ଠାରୁ ମୋ ଅବସ୍ଥା କମିତ ଟିକିଏ ଖରାପ ହେଲାପରି ଜଣାଗଲା । କାରଣ ମୋ ସ୍ତ୍ରୀ କଳାଶାଢ଼ୀଟିଏ ପିନ୍ଧି ଅନ୍ଧାର ଘରେ ବସିଥିଲେ ମୁଁ ତାଙ୍କୁ ମୋଟେ ଦେଖିପାରେ ନାହିଁ । ଏବଂ ଯେତେ-ବେଳେ ମୋ ପାଖରେ ଥିବା ଚାକରକୁ ଚାହିଁ ଦଉମଡ଼ ହୋଇ ଉଠନ୍ତି ସେତେ-ବେଳେ ମୋତେ ଜଣାଯାଏ ଯେପରି ମୋତେ ଚାହିଁ ଗାଳି ଦେଉଛନ୍ତି । ଥରେ ଅଧେ ମୋ ପାଖରେ ଥିବା ଚାକରଙ୍କୁ ବାଡ଼େଇବାକୁ ପଶି ଆସିବା ବେଳେ ମୋ ଉପରକୁ ବାଡ଼ି ଆସୁଛି ଭଳି ଜଣାଯାଉଛି । କ୍ରମେ ମୁଁ ବୁଝି ପାରିଲି ସବୁ ମୋର ଆଖିର ଦୋଷ ।

ଏହି ସମୟରେ ମୋର ସାରଥୀ ଅର୍ଥାତ୍ ମଟର ଡ୍ରାଇଭରକୁ ଛଡ଼ାଇ ଦିଆଗଲା । ବିଚରା [illegible] ଶେଷ । ନୂଆ ଡ୍ରାଇଭର ପାଇଁ ବିଜ୍ଞାପନ ଦିଆଗଲା । ସେକ୍ରେଟେରୀଙ୍କୁ ପୂର୍ବକଥିତ ଯୋଗ୍ୟତାଅନୁଯାୟୀ ଗୋଟିଏ ଡ୍ରାଇଭର ବାଛିବାକୁ କହିଲି । ସବୁଠାରୁ ବେଶୀ ପଢ଼ିଥିବା ପ୍ରାର୍ଥୀ ପାଖକୁ ବିନା ଇଣ୍ଟରଭ୍ୟୁରେ ନିଯୁକ୍ତିପତ୍ର ଗଲା । ସେ ସଙ୍ଗେ ସଙ୍ଗେ କାମରେ ଯୋଗ ଦେଲା । ଡ୍ରାଇଭରଟି ବେଶ ଭଲ, କେବଳ ଆଖି ଦୁଇଟି ସବୁବେଳେ ଚଷମା ତଳେ ଲୁଚି ରହିଥାଏ । ଆଖିରୁ ଚଷମା ଖସିଲେ ସେ ବିଲକୁଲ ଅନ୍ଧ ହୋଇଯାଏ; କାରଣ ତା ଚଷମାର କାଚଗୁଡ଼ିକର ଶକ୍ତି ବହୁତ ବେଶୀ । ମନେ ମନେ ଭାବିଲି ଏତେ ପାୱାରର ଚଷମା ପିନ୍ଧିବା କଣ କମ୍ ବାହାଦୁରୀର କଥା ।

କଟୁଆଳ ଖେଳ ପ୍ରତିଯୋଗିତାରେ ବା ସ୍ପୋର୍ଟସରେ ମୋତେ ପୁରସ୍କାର ବାଣ୍ଟିବାକୁ ନିମନ୍ତ୍ରଣ କରି ଯାଇଥିଲେ । କଟୁଆଳପତି ମୋତେ ଆଗରୁ କହିଥାଆନ୍ତି ସେ ମୋର ନିର୍ଦ୍ଦେଶ ଅନୁଯାୟୀ ଯେଉଁମାନେ ବଛା ହୋଇଛନ୍ତି ସେହିମାନେ ମୋତେ ସେ ଦିନ 'ଗାର୍ଡ ଅଫ ଅନର' ଦେବେ । ନିର୍ଦ୍ଦିଷ୍ଟ ସ୍ଥାନରେ ମୁଁ ପହଞ୍ଚିଲି । ନୂଆ କଟୁଆଳ ସବୁ ଧାଡ଼ି ଧାଡ଼ି ହୋଇ ବନ୍ଦୁକ ଠିଆ ହୋଇଥାଆନ୍ତି । ସେମାନଙ୍କର ପୋଷାକ-ଟି କେବଳ ମଣ୍ଡି ଯାଉଥାଏ । ଅନ୍ୟ କୌଣସି ବିଷୟ ମିଶିଲା ଭଳି ଜଣାପଡ଼ୁ ନଥାଏ । ଗୋଟିଏ କଟୁଆଳ ଗୋଟିଏ ବଡ଼ ଜୋତା ଓ ଗୋଟିଏ ସାନ ଯୋତା ପିନ୍ଧିଥାଏ । ଏହାର କାରଣ ପଚାରିବାରୁ କଟୁଆଳପତି କହିଲେ ତାହାର ଗୋଟିଏ ଗୋଡ଼ ଅନ୍ୟ ଗୋଡ଼ ଅପେକ୍ଷା ସ୍ୱାସ୍ଥ୍ୟବାନ ।

ଆଉ ଗୋଟିଏ କଟୁଆଳ ସବୁ ସ୍ୱାସ୍ଥ୍ୟକୁ ସଂକୁଚିତ କରି ପେଟରେ ପୂଜି କରିଥିବା ପରି ଜଣା ପଡ଼ୁଥିଲା । ତାକୁ ପଚାରିଲାରୁ ସେ ତାହା ପିଲା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଜୋର ଦେଇ କହିଲା । ଏହିପରି ଅଧିକାଂଶ ଲୋକଙ୍କର ଗୋଡ଼, ପେଟ ହାତ ଓ ପ୍ୟାଣ୍ଟର କୌଣସି କୌଣସି ସ୍ଥାନ ଅପେକ୍ଷାକୃତ ଉଚ୍ଚ ଦିଶୁଥିଲା । ସେ ଯାହା-ହେଉ ସେମାନେ କିନ୍ତୁ ବିଶ୍ୱବିଦ୍ୟାଳୟର ଉପାଧି ଓ ପରୀକ୍ଷା ନମ୍ବରରେ ଖୁବ ଉଚ୍ଚ ଆସନ ପାଇଥିଲେ ।

……………………… ତା'ପରେ ଦଉଡ଼ିବା ପ୍ରତିଯୋଗିତା ହେଲା । ଶତକଡ଼ା ୯୭ ଜଣ ମୋଟେ ଦଉଡ଼ି ପାରିଲେ ନାହିଁ । କିଏ ଗୋଡ଼ କିଏ ଅବା ପେଟ କିଏ ଅବା ଅନ୍ୟ କୌଣସି ଜାଗାର ବ୍ୟଥାରେ ମ୍ରିୟ-ମାଣ ହୋଇ ବସି ପଡ଼ିଲେ । ଦେଖଣାହାରୀଙ୍କ ଭିତରୁ କିଏ ଗୋଟାଏ ପାଟି କରି କହିଦେଲା; "ଆମେ ଭଲ ଚୋରଙ୍କୁ ଗୋଡ଼ାଇବ କେ— ଯେତେବେଳେ ସେମାନେ ପାଠୂଅ"। ଗୋଟାଏ ମୂର୍ଖର ଏପରି ଉକ୍ତିକୁ ସମ୍ଭ୍ରାନ୍ତ [illegible] । ଯେଉଁ ଜାଗାରୁ ସେହି କଥାଟି ଶୁଭିଥିଲା ସେହି ଜାଗାରେ ଥିବା ଶହେ ଦୁଇଶହ ଦେଖଣା-ହାରୀଙ୍କୁ ଛେଚି କେଲି । କହିଥିବା ଲୋକଟି ନିଶ୍ଚୟ ମାଡ଼ ଖାଇଥିବ । ମୁଁ ପ୍ରକାଶ୍ୟରେ ଯୁକ୍ତିକୁ ସମର୍ଥନ କଲି କାରଣ ଦିନେ ରଜାଙ୍କୁ କହିବାର ଶୁଣିଥିଲି ଯେ ଶହେଟା ନିର୍ଦ୍ଦୋଷୀ ପଛକେ ଦଣ୍ଡ ପାଆନ୍ତୁ ଗୋଟାଏ ଦୋଷ ଯେପରି ଘଟୁ ନପାଉ । ରଥ ବି ସେଠି

[ପରପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com

# ଅମାତ୍ୟ

ଲେ—ଶ୍ରୀ ଗୋପିନାଥ ମହାନ୍ତି

‘କିଏ ସେ ଯାଉଛି ?”

‘ଜବାବ ଦିଅ, ଯାଉଛି କିଏ ସେ ?”

ଅନ୍ଧକାର ଭିତରୁ ପ୍ରହରୀ ଆଗକୁ ବଢ଼ିଗଲା, ତା ପରେ ଅପ୍ରସ୍ତୁତ ହୋଇ ମୁଣ୍ଡ ପୋତି ଦେଇ ଆର୍ଯ୍ୟ ଅମାତ୍ୟ ସ୍ୱାମୀକୁ । ତେଜୁଆଳ ଗଳିଲେ ଆଖିରେ ଅନ୍ଧାରରେ କଣ ଦେଖିବ ଦେଖିବ ହୋଇ ପୁଣି ଗଲା ପଛ ଦିଗକୁ । ଶୁଣିଲୁ ପଦ ଶବ୍ଦ ହେଲା । ପ୍ରହରୀର ସଙ୍ଗୀଟି ଆଗୁଆ ଉଠି ପଚାରିଲା ‘କିଏ ସେ ଯାଉଛନ୍ତି ?”

ଫୁସ୍ ଫୁସ୍ କରି ପ୍ରହରୀ ଉତ୍ତର ଦେବାକୁ, ଜବାବ ଦେଲା ‘ଚୁପ୍ ଚୁପ୍ ଅମାତ୍ୟ ଉଦେବଙ୍ଗଧି’

“ଏ ରାତିରେ କାହିଁକି ?”

“ଆମର କ’ଣ ଯାଏ ଆସେ ଭାଇ ?”

“ତଥାପି ?”

ଉତ୍ତର ଦେବାକୁ ହସିଲା, କହିଲା “ଅମାତ୍ୟଙ୍କର କେଉଁ ନିଆଁ ଲାଗିବ ହେଉଛି ପରା । ଆମର କି ଯାଏ ?”

ଆଜି ରାତିର ପ୍ରଥମ ପ୍ରହର । ନିର୍ଜନ ପଥ । ରାଜଧାନୀ କାର୍ଯ୍ୟାଳୟର ଶେଷ ପ୍ରାନ୍ତରେ ରାଜକୋଷ ଜଗି ସଶସ୍ତ୍ର ପ୍ରହରୀ ଦୁହେଁ ଟହଲ ଦେଉଥାନ୍ତି, ଉତ୍ତର ଦେବାକୁ ଗଦା ଧରିଥାଏ, ଦକ୍ଷିଣ ଦେବାକୁ ବନ୍ଧପାଳ ଅଧୀ । ମନ୍ଦେ ମନ୍ଦେ ବର୍ତ୍ତିକା ଜଳୁଛି । ରାଜ କୋଷର ଦ୍ୱାରରେ ଲକ୍ଷ୍ମୀଙ୍କ ଖୋଦିତ ମୂର୍ତ୍ତିରେ ଝୁଲୁଛି ବାସି ଫୁଲମାଳ । ତାହା ତଳେ କ୍ଷୀଣ ଘୃତ-ଶଳାକାଟିଏ ଜଳୁଛି । ପୁରୋହିତଙ୍କ ପୂଜାର ସଦ୍ୟଚିହ୍ନ ବିଦ୍ୟମାନ ।

ନିସ୍ତବ୍ଧ ଅନ୍ଧାର । କାର୍ଯ୍ୟାଳୟ ଶୂନ୍ୟ । ଗୃହଅଭ୍ୟନ୍ତରେ ଘୋର ଜଳୁଛି ପ୍ରାଚୀନ ଦୀପଟି । ଦୂରରେ ଅତି ଦୂରରେ—ବସନ୍ତ । ନଗରର ଅଟ୍ଟାଳିକାର ଆଲୋକ ସ୍ତିମିତ ।

ରାଜକୋଷର ଦୁଇ ପାଖେ ଦୁଇ ପ୍ରହରୀ ପଦଶବ୍ଦ ପକାଇ ପହରା ଆରମ୍ଭ କରିଦେଲେଣି । ଯେପରି କିଛି ଘଟିନାହିଁ ! ଯେପରି ଦିନ ଲାଗିଛି । ନିସ୍ତବ୍ଧତାରେ ଅମନ୍ତ୍ର ମେଘ ସେ ପ୍ରାନ୍ତର ସୂଚନା । ପ୍ରହରୀ ଡାକିଲା—“ଦକ୍ଷିଣ କବାଟ—”

“ଭଲ ?”

“କି ସମ୍ବାଦ ?”

ଦୁଇ ଦେବାକୁ ପଛକୁ ଆସି ଆସିଲେ ।

ଦକ୍ଷିଣ ଦେବାକୁ କହିଲା —

“ସମ୍ବାଦ ? ସେ ପ୍ରାନ୍ତରେ ଦୁଇଟା ବିଲୁଆ ଧାଇଁ ଧାଇଁ ଗଲେ । ତୁମର ଯେ ?”

‘ଗୋଟାଏ ବିଲୁଆ ଗଲା । ଈଶାନ୍ୟ କୋଣରୁ ଗୋଟାଏ ପେଚା ଡାକିଉଠିଲା, ଆଉ ତ କିଛି ନାହିଁ ।’

‘ହୁଁ ।’

‘କି ସମ୍ବାଦ ପଚାରୁଥିଲ ? କେମାନେ ତ ଆସିନାହାନ୍ତି । ତୁମ ପ୍ରାନ୍ତରେ ଗଲେକି ?”

“କିଏ ଅମାତ୍ୟ ଉଦେବଙ୍ଗଧି ? ନା କେହି ଦେଖିନାହିଁ ।”

ଦୁଇଜଣ ଅଲଗା ହୋଇଗଲେ, ନୂଆ ପାଦ ଗଣି ଗଣି ପଥର ପିଣ୍ଡା ଉପରେ ଏ ମୁଣ୍ଡ ସେ ମୁଣ୍ଡ ବିରାମ ନାହିଁ । ଛିନ୍ନ ପିଣ୍ଡୁକାର୍ଯ୍ୟ କର୍ ରାଜକାର୍ଯ୍ୟ ।

ପାଦ ବାଜୁ ଉତ୍ତର ଦେବା ଦୂର, ତୁହିଁ ଆର ପାଳପଦକୁ ଡେଇଁଛି । ମେଘ—ବିସ୍ମିତ ଆକାଶ । କେହି ନାହିଁ ।

ଉର୍ଦ୍ଧ୍ୱର ଶୀତଳ ଦୁଇଟା ଚୋରଗୋଡ଼; ଉତ୍ତର ଦେବାକୁ ମଣ୍ଡପ ପରି ଛାଡ଼ି ଲାଗିଲା ।

ଏହି ସ୍ଥଳ, ଦୂରରେ ଏ ମହାନଗରୀ, କିଏ ତାର ଏଠି ? କେତେଦିନ ଏ ବାନ୍ଧିବ ?

ଅନ୍ଧାରକୁ ଚାହିଁଦେଇ ଗୁମିଗଲା ଭାବ

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖ]

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ପାଖରେ ଥିଲେ । ସେ ତ ଥରେ ପ୍ରତିବାଦ କରି ନ ଥିଲେ । ତେଣୁ ମୁଁ ଭାବିଲି ଏହା ମଧ୍ୟ ରଥଙ୍କର ମତ ହୋଇଥିବ । ରଥ ମଧ୍ୟ ଏ ମାତର କୌଣସି ପ୍ରତିବାଦ କଲେ ନାହିଁ । ମୌନଂ ସମ୍ମତି ଲକ୍ଷଣଂ ବୋଲି ଭାବି ମୁଁ ନିଶ୍ଚିନ୍ତ ହେଲି । × × +

ସେନାପତି ମଧ୍ୟ ଦିନେ ସୈନ୍ୟ ପରି-ବର୍ତ୍ତନ କରିବାକୁ ଚାହିଁଲେ । ସେଠି ବି ଏକ-ପ୍ରକାର ସେହି ଅବସ୍ଥା । ଲୋକଙ୍କ ମୁହଁରୁ ଫାଙ୍କରୁ ଶୁଣି ପାରିଲି ଯେ ସେନାପତି ଓ କୋତୁଆଳପତି ଦୁହେଁ ମୋର ମତର ଅସାରତା ପ୍ରମାଣ କରିବାକୁ ଏପରି ଆୟୋଜନ କରିଥିଲେ ଓ ତାହାହିଁ ମୁଁ ମୋ ମତ ପରିବର୍ତ୍ତନ କରିବି ବୋଲି ଆଶାପୋଷଣ କରିଥିଲେ । କିନ୍ତୁ ମୁଁ ରଥଙ୍କର ଅଭିମତ ବାହୁଡ଼ିଲେ ବି ମୋ ମତରେ ଦୃଢ଼ ରହିଲି । ଦୃଢ଼ ନ ରହିବାର ମଧ୍ୟ ଉପାୟ ନ ଥିଲା କାରଣ ରଥଙ୍କର କୋପ ହେଲେ ଯେ ସର୍ବନାଶ ।

ମୋର ଏହି ଯୋଗ୍ୟତା ମଧ୍ୟ ସ୍ୱେଚ୍ଛା ଦେଶରେ ଖୁବ୍ ପ୍ରତିକ୍ରିୟା ଆଣିଲା । ସର୍ବୋଚ୍ଚ କର୍ମ-ଚାରୀମାନେ ବଡ଼ ଚିନ୍ତିତ ହୋଇ ପଡ଼ିଲେ । ସେମାନଙ୍କର ଘର ଆଡ଼କୁ ଯେଉଁ ପ୍ରାର୍ଥୀଙ୍କର ସୁଅ ଛୁଟିଥିଲା ତାହା ବିଲକୁଲ ବନ୍ଦ ହୋଇ ପରିଷଦ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ଘର ଆଡ଼କୁ ଧାଇଁଲା । ଏମାନଙ୍କର ଘର ମୂଳରେ ବହୁତ ପତ୍ର ଜମା ହେଲା । ଫଳରେ ଗୃହଁ ଗୃହଁ ସେମାନଙ୍କର ଘରର ଅଙ୍ଗ ବୃଦ୍ଧି ହେଲା । ଫଳରେ ଚାଳଘର ଗୃହଁ ଗୃହଁ କୋଠାଘର ହୋଇଗଲା । ଏକ ମହାଲ ଦୁଇ ମହାଲ ତିନି ମହାଲ । ଧାନଗଛ ମୂଳେ ପତ୍ର ଜମିଲେ ଠିକ୍ ଏମିତି ହୁଏ ।

କର୍ମଚାରୀମାନେ ରକ୍ତ ଗୃହଳ ଗୋଟେଇ-ଲେ । କୋତୁଆଳପତି ଓ ସେନାପତିଙ୍କ ସହିତ ବହୁତ କର୍ମଚାରୀ ଇସ୍ତଫା ଦେଇ ଚାଲିଗଲେ । ମୋତେ ଜବରଦସ୍ତ ଗାଦିରୁ ତଡ଼ି ଦେବାପାଇଁ ଦେଶର ପୂର୍ବ ପ୍ରଥା ଚାଲୁ କରିବେ ସେଥି-ଲାଗି ସମସ୍ତେ ଷଡ଼ଯନ୍ତ୍ର କଲେ । ନିହାର ଦେଶର ରାଜା ବି ସେମାନଙ୍କୁ ସମର୍ଥନ କଲେ । ନିହାର ରାଜା ଓ ଆମ ରାଜାଙ୍କର ତ ମୋଟେ ପଡୁ ନ ଥିଲା । ଏହି ସୁଯୋଗରେ ସେ ସୈନ୍ୟ ସଜ କରି ଆମ ରାଜ୍ୟ ଆକ୍ରମଣ କଲେ । ଆମ ସୈନ୍ୟମାନେ ଭାରି ଶାନ୍ତିପ୍ରିୟ ଥିଲେ । ଉଚ୍ଚ ଶିକ୍ଷିତ ଥିବାରୁ ସେମାନେ ଅଯଥା ଲୋକ ହତ୍ୟା କରିବାକୁ ମୋଟେ ଇଚ୍ଛା କରୁ ନ ଥିଲେ । ଅଧିକାଂଶଙ୍କର ବହୁତ ସମୟ ପାଇଁ ରାଇଫଲ ଧରିବାର କ୍ଷମତା ନ ଥିଲା । ଯାହା ହେଉ ଶତ୍ରୁକୁ ଆପଣାର କରି ପାରିବାର ଶକ୍ତି ସେମାନଙ୍କର ବହୁତ ଥିଲା । ଅଧିକାଂଶ ସୈନ୍ୟ ଯୁଦ୍ଧ କ୍ଷେତ୍ରରେ ଗୋଟିଏ ହେଲେ ଗୁଳି ନ କରି ରାଇଫଲ ସହ ସମସ୍ତ ଅସ୍ତ୍ରଶସ୍ତ୍ର ଶତ୍ରୁଙ୍କ ହାତରେ ଦେଇ-ଦେଲେ । ଶତ୍ରୁ ପବନ ବେଗରେ ରାଜଧାନୀ ଆଡ଼କୁ ମାଡ଼ି ଆସୁଥାଆନ୍ତି । ବିଦ୍ରୋହିଏର ବି କୌଣସି ଫଳ ହେଉ ନ ଥାଏ । ପରାମର୍ଶ ପାଇଁ ମୁଁ ରଥଙ୍କ ପାଖକୁ ଦଉଡ଼ିଲି । ରଥ

ପରପୃଷ୍ଠାର ଶେଷ ଦେଖନ୍ତୁ



Digitized by srujanika@gmail.com

ଦୀର୍ଘଶ୍ୱାସ । ମୁହୂର୍ତ୍ତକେ ଦବ୍ୟ ଦୃଷ୍ଟିରେ ତାର ଆପଣାର ଘର ଦିଶିଗଲା ।

ଦୂର ଦକ୍ଷିଣରେ କୃଷ୍ଣବେଣୀ ନଦୀକୂଳ,—କାହିଁ ସେ କେତେ ଦୂରରେ !

ନଦୀଘାଟରେ ଅଦ୍ୟାପି ସନ୍ଧ୍ୟାର ଗାଧୁଆ ଶେଷହୋଇ ନଥିବ । ନୈଷ୍ଠିକ ବାପା ତାର ମନ୍ତ୍ର ଜପୁଥିବେ, ଅନ୍ଧାରରେ ତାର ପଲ୍ଲୀ ଗୋରୁଗାଈ ବନ୍ଧାବନ୍ଧବେଳ, ଦାଣ୍ଡରେ ଗଛମୂଳ ଚଉତରାରେ ଦଳ ଦଳ ଲୋକ । ମୃଦଙ୍ଗ, ଖଞ୍ଜଣୀ, ସୁସ୍ଥ ଗୀ ଧୂମ୍ଧାମ ।

ତାର ଘର ସଂସାର, ମା, ତାର ସ୍ତ୍ରୀ, ଭାଇ ଭଉଣୀ ।

କୃଷ୍ଣାବେଣୀ ନଦୀ ଉପରେ ପବନରେ କଳା ଢେଉ ଉଠୁଥିବ ।

ଉତ୍ତର କବାଟ ହାତର ଗଦା ଡିଗ ଦେଇ ଧ୍ୟାନରେ ବୁଡିଥିଲା ।

ହଠାତ୍ ଶୁଣିଲା ଦକ୍ଷିଣ କବାଟର ଚିତ୍କାର— "କିଏ ସେ, କିଏ ଯାଉଛ ?"

ଉତ୍ତର କବାଟ ଗଦା ଧରି ପ୍ରସ୍ତୁତ ହେଲା । ପ୍ରଶ୍ନ ଉତ୍ତରରେ ଅନ୍ଧାରରୁ ଜବାବ୍ ଆସିଲା "ଭୟ ନାହିଁ, ମୁଁ ଯାଉଛି ସେ—"

ଦୁଇ କବାଟ ଧାଇଁ ଧାଇଁ ଏକାଠି ହେଲେ, ଚିତ୍କାର କଲେ 'କିଏ ସେ ତୁମେ ଠିଆ ହୁଅ' ।

'ପଦେ ଅଟିଛି ଟି ହେଇ ଦେଖ ଦ୍ୱାରପାଳ—'

'ହେଇ ଦେଖ୍ ଗଦା—'

'ନିଧନ କଷ୍ଟସ୍ତୁ, କିଏ ତୁମେ ପରିଚୟ ଦିଅ ।'

'ରହ ହୋ ସେମିତ କାହିଁ ହେଉଛ, ମୁଁ ଅମାତ୍ୟଙ୍କ ମାଉଳ—'

'ଅମାତ୍ୟଙ୍କ ମାଉଳ ହୁଅ କି ମାତୁଳ ହୁଅ ଏଠି କି କାମ, ଦୂରେଇ ଯାଅ—'

'କିଏ ହୋ ତୁମେ, ଲୁଗାଁ ପ୍ରହରୀ, ଚିହ୍ନି ନା କହୋ'—ଅନ୍ଧକାରରେ କଥା କହୁ ଆସିଲା ଜଣେ ନୂଆ ଲୋକ । ଡେଙ୍ଗା, ସରୁଆ, ନହକା । ଦେହରେ ତାର ଫୁଲପକା ଅଙ୍ଗୀ, ମୁଣ୍ଡରେ ଲୁଞ୍ଚିକୁଞ୍ଚିକା ବାଳ, ବାସନା ତେଲର ଉତ୍କଟ ବାସ । ଆଗନ୍ତୁକ ପିଣ୍ଡାକୁ ଚଢି ଆସିଲା; ତାର ଭୟ ନାହିଁ, ସଙ୍କୋଚ ନାହିଁ । ଯେଉଁ ଲକ୍ଷ୍ମୀହିଣ୍ଡାର ରାଜକୋଷ ଆଗରେ ସନ୍ଧ୍ୟାପରେ ପାଦ ପକାଇବାକୁ ନଗରୀର ପ୍ରବଳ ପରାକ୍ରାନ୍ତ ଶ୍ରେଣୀର ସୁଦ୍ଧା ସାହସ ହୁଏ ନାହିଁ ସେଠିକି ଅବଲୀଳାକ୍ରମେ ଚଢି ଆସିଲା ସୂତ ଦୂହ ହେହ ଆଗନ୍ତୁକ, କାରଣ ସେ ଅମାତ୍ୟଙ୍କ ମଉଳ । ଦ୍ୱାରପାଳ ଓ ଗଦା ଉଦ୍ୟତ ହୋଇ ସ୍ଥିର ହୋଇ ଅପେକ୍ଷା କଲେ । ସୂତପୁତ୍ର କହିଲା— 'ଲୁଗାଁ ପ୍ରହରୀ ହୋ ତୁମେ, ଅଛ ଖଣ୍ଡ ଖଣ୍ଡ ହେଲେ ଚମକ ପଡୁଛ ଏମିତ ତୁମର ଗୁଣ ହେଁ । ରହ, ଅମାତ୍ୟଙ୍କୁ କହୁଛ ।'

ଉତ୍ତର କବାଟ ଅସ୍ଥିର ହେଲା । ଦକ୍ଷିଣ କବାଟ କହିଲା 'ଗୁଣ ପରୀକ୍ଷା କରିବା ଲୋକ ସେନେ ଅଛନ୍ତି ବାବୁ, ତାର ଭ୍ରମଣ ସଥେଷ୍ଟ ଦେଇ ସାଉଛି—ମୂଷିକ ଛେନରେ ଚମା-ଛେନରେ । ଗୁଣ ଅଛି ଦେଖୁଛୁ ତୁମର । ନଗରୀର ବିହାର-ଉଦ୍ୟାନ ଭିତରେ ଯୋ ଅଡେଇଲେ କଣ ଭାରି ଗୁଣ ହୁଏ ?'

ଉତ୍ତର କବାଟ କହିଲା,'ରହ ଭାଇ, ଥାଉ! ହଉ ମାଉଳ, ଏଥରତ ଆସିଗଲ କହ କି ପ୍ରୟୋଜନ ?

"ପ୍ରୟୋଜନ ? ରଥର ଘର୍ଘର କଣ ତୁମେ ଶୁଣି ନାହଁ ପ୍ରୟୋଜନ ବହୁତ ଅଛି ।" ଦକ୍ଷିଣ କବାଟ କହିଲା 'କିଛି ନାହିଁ । କିଛି ନାହିଁ । ଅନ୍ଧାରରେ ତୁମେ ରାଜକୋଷ ଦ୍ୱାରକୁ ଆସିଛ, କହ କାହାର ଅନୁମତି ଅଛି ? ଶୀଘ୍ର କହ ନହେଲେ ମୁଁ ଶିଙ୍ଗା ଫୁଙ୍କି ଦେବି—"

"ହୋଃ ହୋଃ ହୋଃ— ଶିଙ୍ଘା ଫୁଙ୍କିବ, ଫୁଙ୍କ ମନ ଇଚ୍ଛା; ଅସନ୍ତୁ ତୁମ ଥାଟ; ଅମାତ୍ୟ ବଜେ କରୁଛନ୍ତି; ପଚୁଆର ଜର ଯେବଯିବେ ।

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

କହିଲେ, 'ମୁଁ ଖବର ପାଇଚ ସେମାନେ ଆସୁ-ଛନ୍ତି ତୁମକୁ ବାନ୍ଧି ପକାଇବେ । ମୁଁ ତ ବ୍ରାହ୍ମଣ ଲୋକ ମଙ୍ଗଳାଷ୍ଟକଟାଏ ପଢିଦେଇ ରକ୍ଷା ପାଇଯିବ । ତୁମେ ଶୀଘ୍ର ସାଙ୍ଗିକ ମଟରରେ ବସି ରାଜ୍ୟ ଛାଡ଼ ପଳାଅ ।'

ତାଙ୍କର କଥା ମାନି ମୁଁ ସାଙ୍ଗିକ ମଟର-ରେ ବସି ପଳାଇଲି । ଡ୍ରାଇଭର ଗୋଟିଏ ଅବଡା ଖାବଡ଼ା ରାସ୍ତାରେ ମଟର ନେଇ ନେଇ ଆଖିରୁ ଚଷମାଟା ଖସିପଡି ଭାଙ୍ଗିଗଲା ; ହରି-ବୋଲ ! ବାବୁଙ୍କ ଆଖିରୁ ଚଷମା ଖସିଲେ ଦାରୁ ଅନ୍ଧ । ବିଚରା ଅନ୍ଦାଜ କରି ମଟରଟାକୁ ନେଇ ନେଇ ତାହା ଗୋଟିଏ ଅମ୍ବ ଗଛରେ ଢେ଼ା ହୋଇ ପିଟି ହୋଇଗଲା । ଶତ୍ରୁ ସୈନ୍ୟ-ମାନେ ଆମର ପଳାଇ ଯିବାର ଖବର ପାଇ ଆମ ପଛେ ପଛେ ଛୁଟିଥାଆନ୍ତି । ମୁହୂର୍ତ୍ତକ ମଧ୍ୟରେ ସେମାନେ ଆମ ଭଙ୍ଗା ମଟର ପାଖରେ ପହଞ୍ଚିଗଲେ । ସେମାନଙ୍କର ଆସିବା ଦେଖି ମୋ ସ୍ତ୍ରୀ ଗୋଟାଏ ବୁଦାରେ ଓ ମୁଁ ଆଉ ଗୋଟାଏ ବୁଦାରେ ଲୁଚିଗଲୁଁ । ଡ୍ରାଇଭରଟି ସେଇଠି ଭୁଆଡ଼େ ଯିବବୋଲି ଅଣ୍ଡାଳି ହେଉଥାଏ । ଦଶ ବାର ଜଣ ଶତ୍ରୁ ସୈନ୍ୟ ତାହା ପାଖରେ ଆସି ଠିଆ ହୋଇ-ଗଲେ ଏବଂ ତାକୁ ପଚାରିଲେ 'ମନ୍ତ୍ରୀ ମନ୍ତ୍ରି-ଆଣୀ କାହାନ୍ତି ।'

ବେଶୀ ସମୟ ସେମାନଙ୍କର ତା ସହିତ କଥାବାର୍ତ୍ତା ହେବାକୁ ପଡ଼ି ନଥିଲା । ଶତ୍ରୁ ସୈନ୍ୟମାନେ ଖୋଜାଖୋଜି କରି ବୁଦା ଭିତରୁ ଆମ ଦୁଇ ଜଣଙ୍କୁ ଘୋଷାଡ଼ି କାଢି ଆଣିଲେ । କିଛି ସମୟ ପରେ ପୁଣି ଗୋଟିଏ ଶତ୍ରୁ ଅଫିସର ଥିବା ଜିପ୍ଗାଡ଼ି ଆସି ପହଞ୍ଚିଲା । ସେ ଅଫିସରଟି ମୁଁ ଓ ମୋ ସ୍ତ୍ରୀ ପାଖକୁ ଆସି ଠିଆ ହେଲେ । ମୋ ପକେଟ ପକେଟ ସବୁ ଖାନତଲାସି କରୁଥାଆନ୍ତି ଓ ମଝିରେ ମଝିରେ ମୋ ସ୍ତ୍ରୀ ଉପରେ ଦୃଷ୍ଟି ନିକ୍ଷେପ କରୁଥାଆନ୍ତି । ମୋ ସ୍ତ୍ରୀ ଭୟୀ ଉରିଯାଇ ଥାଆନ୍ତି । ମୋତେ ଗୃହ ସେ ବିହ୍ୱଳିତ ହୋଇ କହି ପକାଇଲେ 'ପ୍ରାଣନାଥ ମୋତେ ରକ୍ଷା କର' । ସେ ଅଫିସର୍ଟି ତାକୁ କହୁଅଛନ୍ତି ବୋଲି ଭାବି ଆନନ୍ଦରେ ଚିଲମାଛ ଝାମ୍ପିଲା ପରି ତାଙ୍କୁ ଟେକି ନେଇ ଯାଇ ଜୀପଗାଡ଼ିରେ ବସି ଛୁ ଦେଲା । କପାଳକୁ ଥାଦର ରଖିଲା । ତାପରେତ ଏଇଠି ।'

ଓ୍ୱାର୍ଡରଟି ସବୁ ଶୁଣି ସାରି କହିଲା 'ରଥ ଆପଣେତ ଦେଖିଲେ । ସେ ଏଇଖଣି କଣ କରୁଥିବେ ?'

ମୁଁ କହିଲି ତାଙ୍କ କଥା କାହିଁକି ପଚାରୁଛ । ସେ ଏଇକ୍ଷଣି ବେଲପତ୍ର, ପାଦୁକ, ତୁଳସୀ, ଚନ୍ଦନ, ଟିଣ୍ଡିବାଟା ଶାସକଙ୍କୁ ଦେଇ ଶ୍ଲୋକ ବୋଲୁଥିବେ— 'ଲକ୍ଷ୍ମୀପ୍ରେ ପଙ୍କଜାକ୍ଷୀ ନିବସତୁ ସଦନେ ଭାରତୀ କଣ୍ଠ ଦେଶେ ।'



Digitized by srujanika@gmail.com

# ତରୁଣ ବେକାର ମନ

ହାମୁରେ ତରୁଣ ବେକାର ମନ
ଏତେ ଓଜସ୍ୱୀର ସେ ପାଏ କି ଧନ !
ଭାବୁଥିଲି ଯିବି ବିଲାତ ପଥେ,
ଗୁରୁ ନିନାଦିତ ବିମାନ ରଥେ ।
ଏଆର ହୋଷ୍ଟେସ୍ ପରଶ କରେ
ପାଆନ୍ତି ଥରେ ।
ଭାବୁଥିଲି ଖୋସି ପାର୍ଲର ଖଣ୍ଡେ
ନେକ୍ରୋପୋଲିସ୍ ଯୋଡ଼ା ଲଗାଇ ଦାଣ୍ଡେ ।
ଖାଲି ଛପ କିଛି ମାନନ୍ତି ନାହିଁ—
ଯାଆନ୍ତି ବାହି ।
ଭାବୁଥିଲି ଗୃହୀ ହୋଟେଲରେ ବସି,
ମୋହନ୍ତ ନର୍ତ୍ତକୀ ନାଚିପି ଗଣ୍ଡି ।
ପିଇପ୍ ଟାଣନ୍ତି ଅୟଦେ ଭ୍ରମି
ଚୁମ୍ବନ ଦିଅ !
ସ୍ୱକାଂଚା ମାଗିଁଠା ଆଜିଛୁ କିସ ?
ଶାନ୍ତି ବାଣୀର ପକେଟ ଗେଟ !
ମୋ ନିତ ଭଙ୍ଗଁଠା ଆସିଲି କାହିଁ ?
କଠୋର ଦୁନିଆ !
ବା ... ର ଛିନ୍ନ ଲଗିମ୍ବା ନାଗ,
ନେହେରୁକେଟ୍ ପ୍ରାଣ ସଁଗିନୀ ମେଳ,
ଭାବୁଛି କପଡ଼ ନେବି ସେ ସାଥୀ—
ଲେଡ଼ିଜ୍ ହାଟ !
ଲେ—କୁମାରୀ ପୂର୍ଣ୍ଣଲତା ମିଶ୍ର
ମାନସୀ ଅସଜ୍ଜା ହାଲୁଇ ଶାଢ଼ୀ,
ପ୍ଲାଷ୍ଟିକ୍ ଚଟି ତା’ ଯାଉଛି ଛାଡ଼ି—
ପାଉଛି ପରଶ ମୋହର ପିଠି
ତାର ଗେଇଠି ।
ବେକାର ଜନର ଅଭାବ କାହିଁ
ଭ୍ରିଷ୍ଟି ପରମ ସ ପାଠକ ନେଇ ?
ଧାସେନ୍ତୁର ଯାଇ ଲୋକାଲ ଅସେ—
କି ଯାଏ ଆସେ !
ଚାହିଁବା ବିଲ୍ଲିକ କାହିଁ ସ୍ତ୍ରୀ ହୋଇକି,
ଆଖି ପିଛୁଡ଼ାଳେ ସେ ଭେଳବାଜୀ ।
ଏତେ ଯୋଜନାରୁ ପାଏ କି ଧନ
ହାମୁରେ ତରୁଣ ବେକାର ମନ !

## ଏ ବେଶ ହୋଇବ ନାହିଁ

ଲେ—କପିବର ହନୁମନ୍ତ

ଶ୍ୟାମ ସୁନ୍ଦରହେ, ନବ ନନ୍ଦର ହେ
ଏ ବେଶ ହୋଇବ ନାହିଁ ।
ଏ ବେଶ ହେଉଲେ ବରଫ ତରଳେ
ନାରୀଏ ବଞ୍ଚିବେ କାହିଁ ।
ପିନ୍ଧିଥିବ ଯେବେ [ଖ୍ରସ୍] ବିଲ୍ଲଟି ମୁକୁଟି
ହେଉଛି ଶୋଭନବ ନାହିଁ ।
ଧ୍ୟାଉଛି ଘେନିଲେ ସେ ସୁନ୍ଦର ଚନ୍ଦା
ମୁଣ୍ଡଟି ଦଶ୍ଚିଉ କାହିଁ ।
ଅଙ୍ଗିଥିବ ଯେବେ ଗଳାରେ କାଲର
ଜଳଇଛି ନ ଉଚ୍ଚ ନାହିଁ ।
ଠାଇଠା ନ ଉଲେ କାଏ କେତେବେଳେ
ଘେ ଖାଉ ଦେବଟି କାହିଁ ।
ରେଳଗାଡ଼ି ଚଢ଼ି ଯାଉଥିବ ଯେବେ
ଏକା ଏକି ଯିବ ନାହିଁ ।
ଏକ ହୋଇ ଗଲେ ମୁକ୍ତଟି ନାହିଁଏ
ତଥିର ଯିବେଟି କାହିଁ ।
ମଫସଲ ଟୁର କରିଯିବ ଯେବେ
ବଙ୍ଗଳାରେ ରହିବ ନାହିଁ ।
ବଙ୍ଗଳାରେ ରହିଲେ ମିଶିବାବା ସନେ
ଇସି ହସି ହେବେ କାହିଁ ।

---

ଥାଉ ବୀରତ୍ୱ ବହୁତ ହେଲଣି । ପ୍ରୟୋଜନ ଏତିକି... ଗଣ୍ଡିକା ଅଛୁ ?’

“ଗଣ୍ଡିକା ?”

“ଆଉ ନହେଲେ କିପରି ମତେ ଅପେକ୍ଷା କରିବାକୁ ହେବ, ତୁମେ ହେଲେ ଉପଦେଶ ଦିଅ । ମତେ ତ ଆଦେଶ ଅଛି ଏଇଠି ଅପେକ୍ଷା କରିବାକୁ ପଡ଼ିବ ଯେ ପର୍ଯ୍ୟନ୍ତ ସେମାନେ ନ ଫେରିଛନ୍ତି ।”

“ସେମାନେ ? ଆଉ କିଏ ?”

“ସେଥିରେ ତୁମର ପ୍ରୟୋଜନ ନାହିଁ । ‘ତୁମର ବି ଏଠି ପ୍ରୟୋଜନ ନାହିଁ, ତୁମେ ଯାଅ !” ଦୌବାରିକ କହିଲା ।

“ତୁମର ଭୟ ନାହିଁ ପ୍ରହରୀ, ତୁମେ ଗଜପତିଙ୍କ ଅମାତ୍ୟଙ୍କ ମାତୁଳଙ୍କୁ ଅପମାନ କରୁଛ, ଜାଣ ଏହାର ଶାସ୍ତି କଣ ?”

“ମୁଁ କ୍ଷତ୍ରିୟ, ଭୟ କଣ ମତେ ଜଣା-ନାହିଁ । ଗଜପତିଙ୍କ ରାଜକୋଷ ଜଗିବା ମୋ କାମ । ତାଙ୍କ ଅମାତ୍ୟଙ୍କ ଶାଳେଇ କୁକୁରଙ୍କୁ ପରିଚର୍ଯ୍ୟା କରିବା ମୋର କାମ ନୁହେଁ—”

“ଅରେ କ୍ଷତ୍ରିୟ, ତୁଚ୍ଛା ଭାବ କ୍ଷତ୍ରିୟ । ଜାଣିଚୁ ଅମାତ୍ୟଙ୍କର ମୋର କି ସମ୍ବନ୍ଧ ?”

ଦକ୍ଷିଣ କବାଟ ହସିଲା, ଧାଡ଼ିଏ ହସ ପରି ଝଲକି ଗଲା ତାର ହସ । ଉଭୟ କବାଟ କହିଲା ଏତେ ‘ବଚନକାରେ କଣ ଅଛି ମହାଶୟ’ ଯାଅ ତୁମେ ତୁମ କାମରେ ଯାଅ ।”

“କାମରେ ଯିବ କଣ ?” ଦକ୍ଷିଣ କବାଟ ହସ ବୋଲି ଗମ୍ଭୀର ହୋଇ କହିଲା, ତୁ କାଲୁମ ଭାଙ୍ଗିଛୁ, ହୋଇ ଦେଖ—”

ଦକ୍ଷିଣ କବାଟ ପାଶ ପ୍ରହାର କଲା । ଗୋଡ଼ ହାତ ବାନ୍ଧି ହୋଇ ଜଉଭୂତ କରି ଡାଳେ ପଡ଼ି ଅମାତ୍ୟଙ୍କ ମାତୁଳ ଉଚ୍ଚ କଣ୍ଠରେ ଚିତ୍କାର ଆରମ୍ଭ କଲା,— ‘ମାରି ପକେଇଲେ’ ମାରି ପକେଇଲେ ।”

ଅନ୍ଧାରରେ ଖସ୍ ଖସ୍ ଶୁଭିଲା, କର୍ତ୍ତୃତ୍ୱ-ପୂର୍ଣ୍ଣ ଗଳାରେ ଶବ୍ଦ ହେଲା “ପ୍ରହରୀ !—”

‘କିଏ ?’

“ମୁଁ ଅମାତ୍ୟ—”

ସମ୍ମାନ ଦେଖାଇ ଦୁଇ ପ୍ରହରୀ ଦୌଡ଼ି ଗଲେ, ସାମରିକ ଅଭିବାଦନ ଜଣାଇବାକୁ ।

ଜଣେ ଖର୍ବକାୟ ମନୁଷ୍ୟ; ତାର ବଡ ମୁଣ୍ଡ, ଓସାର କପାଳ, ତାର ସାଧାରଣ ନାଗରିକ ବେଶ । କିନ୍ତୁ ରାଜଛତ୍ର ତଳେ ସେ ଜଣେ ଅତି ପ୍ରଧାନ କର୍ମଚାରୀ— ଅମାତ୍ୟ ଗୋବିନ୍ଦ ।

“ଜାଗ୍ରତ ଅଛ ?”

“ମହାପ୍ରଭୁ ”

‘ସବୁ ନିରାପଦ ?’

‘ମହାପ୍ରଭୁଙ୍କ କରୁଣାରୁ ।’

ଅନ୍ଧାରରେ ପାଶବଦ୍ଧ ମାତୁଳ ଆରମ୍ଭ କରି ଦେଲା ତାର ଗର୍ଜନ ତର୍ଜନ, ତାର ଅଭିଯୋଗ, ଅପମାନର କଥା ସବୁ । ଅମାତ୍ୟ ସହଜ ସ୍ୱରରେ ପଚାରିଲେ “ଏଇଟା କିଏ ?”

ଦକ୍ଷିଣ କବାଟ ବ୍ୟାଖ୍ୟାନ କଲା । ଅମାତ୍ୟ କହିଲେ ‘ତୁମେ ବଡ଼ କର୍ତ୍ତବ୍ୟ ନିଷ୍ଠ ଅଟ ପ୍ରହରୀ, କାଲି ତୁମେ ସମ୍ମାନ ପାଇବ । ଲୋକଟା ମଦ୍ୟପାୟୀ ପିଶାଚ ଭାଙ୍ଗିବାକୁ ଚାଲି ଆସୁଛି ତାକୁ କାରାଗାରକୁ ପଠାଇ ଦିଅ, କାଲି ତାର ବିଚାର ହେବ ।’

ପ୍ରହରୀ ଅଭିବାଦନ କଲେ, ଅମାତ୍ୟ ଗୃହକୁ ଗଲେ । ପଛେ ପଛେ ଅନ୍ଧାରରେ ଗଲା ଜଣେ ସ୍ତ୍ରୀ ଲୋକ ।

ଦୁଇ କବାଟ ଏକାଠି ହେଲେ, ବକ୍ର ଅବଜ୍ଞାଂଶ ପରଦୃଷ୍ଟା ଦେଖିଲୁ



Digitized by srujanika@gmail.com

# ରସିକ-ଅହଙ୍କାରୀ ଜି ବି ଏସ୍

ଲେଖକ—କ.କୃ.ମ.

ଆମେ ଆଜି କେବଳ ନାଟ୍ୟକାର ଜର୍ଜ ବାର୍ଣ୍ଣାର୍ଡ ଶ'ଙ୍କୁ ଜାଣୁ । ତାଙ୍କର ନାଟକ ଇଂରାଜୀ ସାହିତ୍ୟରେ ଏକ ଅଭିନବ ଏବଂ ଅମର ଦାନ । ତାଙ୍କର ନାଟକ ଏବଂ ତାଙ୍କ ସମ୍ବନ୍ଧରେ ଏତେ ଆଗରୁ ଅନେକ ଅନେକ ପ୍ରକାରରେ ଲେଖି ସାରିଲେଣି ଯେ ମୁଁ ତାଙ୍କୁ ଆଜି କେଉଁ ନୂଆ ରୂପରେ ପାଠକଙ୍କ ଆଗ ଆଗରେ ଥୋଇବି ।

ଚେଷ୍ଟର୍ଟନ୍ ସାହେବ ତାଙ୍କ ବିଷୟରେ କହିବାକୁ ଯାଇ କହିଛନ୍ତି — He possesses to the highest degree inventiveness, wit, humour.— ଆମେମାନେ ସମସ୍ତେ ଜାଣୁ ଯେ ଜି, ବି, ଏସ୍ ଜଣେ ପ୍ରକାଣ୍ଡ ବାକ୍ୟବାଗୀଶ । ଲୋକଙ୍କର ଦେଖିବା ନଦେଖିବା ସେ ସମ ଜାଣୁ ... ଲୋକ କଥା ଦେଖି ... ପଦରେ ପକାଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି । ସେ ରସିକ ଥିଲେ । ରସ ବିନା ସାହିତ୍ୟ ଜୀବନ୍ତ ହୁଏନା । ତେଣୁ ସେ ଅଦ୍ଭୁତ ଧରଣର ସବୁ କଥା ଗୁଡ଼ିକ ଜୁଟେଇ କରି କହନ୍ତି । ଫଳରେ ତାଙ୍କଠାରେ ଆମେ ଗୋଟିଏ ନୂଆ ପ୍ରକାର ଦେଖିବାକୁ ପାଉଁ । ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିଲା । ସେ ଥରେ କହିଥିଲେ—'I came at the age of twenty to educate London.' ଏଥିରୁ ପାଠକ ତାଙ୍କର ଅହଙ୍କାର କେତେ ପରିମାଣରେ ଥିଲା ଅନୁମାନ କରି ପାରିବେ । ପ୍ରଥମେ ସେ ସେତେବେଳେ ଉପନ୍ୟାସ ଲେଖି [The Irrational Knot,-Love among the Artists, Cashel Byrons profession, An Unsocial Socialist—1880-86 ମଧ୍ୟରେ ... ସେ ଲେଖିଥିଲେ । ] ଦେଖିଲେ ଯେ ପ୍ରକାଶକମାନେ ସେ ପୁସ୍ତକର ପ୍ରକାଶନ ଭାର ନେବାକୁ କୁଣ୍ଠିତ । ସେ ଜଣେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ତାଙ୍କ କଥା ... ରେ ସେ କହନ୍ତି — He tested my eyesight one evening and informed me that it was quite uninteresting to him because it was normal. ତେଣୁ ସେ ଭାବିବାକୁ ଆରମ୍ଭ କଲେ ଯେ ତାଙ୍କର ଦୃଷ୍ଟିଶକ୍ତି ଯଦି ସାଧାରଣ ହେବେ ତାଙ୍କର ପାଠକମାନେ ତାଙ୍କୁ ବୁଝିପାରୁ ନାହାନ୍ତି କାହିଁକି—ତାଙ୍କର ଲେଖାକୁ ଆଦର କରୁ ନାହାନ୍ତି କାହିଁକି । ଡାକ୍ତର କହିଲେ ଯେ ଶତକଡ଼ା ଦଶଜଣ ଲୋକଙ୍କ ଦୃଷ୍ଟିଶକ୍ତି ସାଧାରଣ ! ଅନ୍ୟ ନବେଭାଗ ଲୋକଙ୍କର ଦୃଷ୍ଟିଶକ୍ତି କ୍ଷୀଣ । ତେଣୁ ସେ ଜୋର କରି ଏଇ ସ୍ଥାନରେ ସ୍ଥିର କଲେ ନିଜର ଅଧିକାଂଶ ବ୍ୟକ୍ତି କରନ୍ତି ଏହି ପରି ଭାବରେ—a moment's reflection shewed me that these must all be penniless as I—ସେଇ ଦଶ ଜଣ ତାଙ୍କରି ପରି ଗରିବ, ତେଣୁ ସେମାନେ କେଉଁଠି ଗଲେ—taking in one anothers washing ବଞ୍ଚି ପାରିବେ ନାହିଁ । ଜୀବନକୁ ବଞ୍ଚେଇ ରଖିବା ପାଇଁ ଲୋକଙ୍କର ପ୍ରୟୋଜନ ହୁଏ । ତେଣୁ ସେ ଆରମ୍ଭ କଲେ ଏକ ଦୁର୍ଦ୍ଧର୍ଷ ଅଭିଯାନ ମାନବ ସମାଜଙ୍କର ଦୃଷ୍ଟିକୋଣ ଅପେକ୍ଷା ପୃଥକ । ଏକଥା ତାଙ୍କର ଅନ୍ୟ ଏକ ମତରୁ ସହଜରେ ବୁଝି ପାରିବେ । ସେ ଅନ୍ୟତ୍ର କହିଛନ୍ତି—I was a socialist, detesting our anarchical scramble for money, and believing in equality as the only possible permanent basis of social organisation, discipline, subordination, good manners and selection of fit persons for high functions. Fashionable life, open on indulgent terms unencumbered "brilliant" persons, I could not endure...

ଆଉ ଗୋଟିଏ ଉଦାହରଣ—ଥରେ ସେ କୌଣସି ସ୍ଥାନରେ ବିବାହ ବନ୍ଧନରେ କହିବାକୁ ଯାଇ କହିଥିଲେ ଯେ କୌଣସି ମେଧାବାନ ବ୍ୟକ୍ତି ଯଦି କୌଣସି ଏକ ସୁନ୍ଦରୀ ତରୁଣୀକୁ ବିବାହ କରେ ତେବେ ସନ୍ତାନ ତାର ପିତାଙ୍କଠାରୁ ମେଧାର ଅଂଶ ଗ୍ରହଣ କରି ଏବଂ ମାତାଙ୍କଠାରୁ ସୌନ୍ଦର୍ଯ୍ୟ ଅପହରଣ କରି ଦୁନିଆରେ ବଡ଼ ହୋଇ ପାରିବ, ମେଧା ଶକ୍ତି ଫଳରେ ସେ ଲୋକଙ୍କୁ ଅଭିଭୂତ କରି ପାରିବ, ଏବଂ କାନ୍ତି ବଳରେ ଲୋକଙ୍କୁ ବଶ କରି ପାରିବ । ବକ୍ତୃତା ଦେବାର କିଛି ଦିନ ପରେ ସେ ଗୋଟିଏ ସୁନ୍ଦରୀ ଅଭିନେତ୍ରୀ ନିକଟରୁ ଗୋଟିଏ ପତ୍ର ପାଇଲେ । ଅଭିନେତ୍ରୀ ଜଣେ ସମୟର ପୃଥିବୀର ଅନ୍ୟତମ ଶ୍ରେଷ୍ଠା ସୁନ୍ଦରୀ—

---

କବାଟକୁ ଅନାଇ ଦୁର୍ଯ୍ୟୋଧନ କହିଲେ— ଏଥର ? ମାତଳି କହିଲେ ତୁମେ ମତେ ଚିହ୍ନି ନାହଁ, ତୁମେ ଅମାତ୍ୟ ବଦେଶ୍ୟଙ୍କୁ ଚିହ୍ନି ନାହଁ ? ଜାଣିଛ, ପଚେ ପଚେ ଗଲେ ଯେଉଁ ଜଣକ ! ବାଉଣୀ ବାଳା, ଆଜି ମୁଁ ତା ସଙ୍ଗରେ ଧର୍ମ ହାଇ ବସିଛି, ସକାଳ ପାହୁ ଜାଣିବ ଯେ, ବାପାଙ୍କୁ ମଞ୍ଜୁଷା ଭାଙ୍ଗିବ ।

'ଉଠେଇ ଦବ ନାହିଁ ଆଜି ସାରଥି,ବ ଏ ପାଗଳ' ଦକ୍ଷିଣ କବାଟ କହିଲା, ଶିଙ୍ଘା ଫୁଙ୍କିଲା । ଧାଇଁ ଧାଇଁ ଦୁଇଜଣ ଆସି ପହଞ୍ଚିଲେ, ଦକ୍ଷିଣ କବାଟ କାନ୍ଧୀ ଆଡ଼କୁ ହାତ ଦେଖାଇ କହିଲା 'ଡାକ୍ତର ।'

ଚିତ୍କାର କରି ଛଟପିଟି ହୋଇ ଶୂନ୍ୟେ ଶୂନ୍ୟେ ବୁଢ଼ା ହୋଇ ଗଡ଼ିଲା ମାଟିରେ । ରାଜ-ଶୃଙ୍ଖଳାର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଲା ।

ଦୂରରୁ ରଥର ଘର୍ଘର ଶବ୍ଦ ହେଲା, ଦକ୍ଷିଣ କବାଟ କହିଲା 'ଅମାତ୍ୟ ଯାଉ ରାଜ ସଭରେ ଭାଙ୍ଗି ପଡ଼ିବେ ସେ ରାଜକୋଷର ପ୍ରହରୀ ପରିଦର୍ଶନ କରିଥିଲେ ।'

ଉତ୍ତରକବାଟ ଥରେ ଆକାଶକୁ ଉଦ୍ଦେଶ୍ୟ କରି ପାଟି କଲା, 'କିଏ ରେ ଯାଉଛ ?' ହାଲୁଆଟିଏ ଧାଇଁ ପଳାଇଲା । ପୁଣି ତାର ପରମୂହୂର୍ତ୍ତ ମନା ହୋଇଗଲା, ଭାବିଲା— ବାନ୍ଧୁ-ବାନ୍ଧବ ଅମାତ୍ୟ ଉଦ୍ଦେଶ୍ୟ ଦ୍ ? କ୍ୟାଣ୍ଡର ? ତାର କି ଯାଏ ? ଧ୍ୟାନ ଲଗେଇଲା କୃଷ୍ଣବେଣୀ ନଦୀକୂଳ । ସେଠି ତାର ସଂସ୍କାରବନ୍ତ ପିତା ପୋଥି ପଢ଼ୁଥିବେ, ଆଉ ଅଳ୍ପ ସମୟ ପରେ ଅନ୍ଧାର ଘନେଇବ ।

# ମୁଁ କାହିଁକି ଲେଖେଁ

ଲେ—କାହ୍ନୁଚରଣ

ମୋର କଲମକୁ ମୁଁ ପଚାରେଁ । କହେଁ, ତୁମେ କହ ଏ ପ୍ରଶ୍ନର ଉତ୍ତର । ତୁମେହିଁ ତ ଲେଖୁଛ । କଲମ ଅଟକେ । ଏବେ କ'ଣ । ନୀରବ ଭାଷାରେ କହେ । ମୋର ଯେ ଅସ୍ତିତ୍ୱ ଯେ ମୋତେ ଧରେ, ଆଦର ଯତ୍ନ କରେ, ମୋତେ ଚଳାଏ ସେଇ ହାତ ବିନା ଲେଖେ, ତାଙ୍କୁ ପଚାର ସେ କାହିଁକି ଲେଖନ୍ତି । ହାତ ଅଟକେ । କଲମକୁ ତଳେ ରଖେଁ । ଟିକିଏ ଚିନ୍ତା କରେଁ । ପୁଣି କଲମକୁ ଧରେଁ । କାଗଜ ଉପରେ ଥୁଏ । କାହିଁ ଗୃଳୁ ନାହିଁତ । ସେ ଉତ୍ତର ଦେ, ମୁଁ ଲେଖେ ନାହିଁ । ମୁଁ ଅକ୍ଷମ । ଗୃଳୁଛ କି ? ନାଁ । ମୁଁ ମନର ଚେଟିଆ । ମୋତେ ସେ ଆଦେଶ ଦେଲେ ମୁଁ ତତ୍ପର ହଏଁ । କଲମ ଠେଲେ କାଗଜ ଉପରେ ଗାର ପଡ଼େ । ସେଇ ଗାରକୁ କହନ୍ତି ଲେଖା । ସେ ଲେଖା ହୁଏ କାହିଁକି, ତା'ର ଉଦ୍ଦେଶ୍ୟ କଣ, ଅର୍ଥ କ'ଣ ମୁଁ କିଛୁ ଜାଣେ ନାହିଁ । ଜାଣେ ମନ । ସେଇ ମନହିଁ ଲେଖେ । କାହିଁକି ଲେଖେ ସେ କହିବ ।

ଆରେ, ନା ନା,—ମନ କହି ଉଠେ । ମୋର ପାଞ୍ଚଟା ଦଗ । ପ୍ରତି ଦଗରେ ପାଞ୍ଚଟା କରି ଅଙ୍ଗ । ପ୍ରତି ଦଗର ପ୍ରତି ଅଙ୍ଗ ଗୋଟିଏ ଗୋଟିଏ ଭୂତକୁ ସବୁବେଳେ ଗ୍ରହିଁ ରହିଥାନ୍ତି । ପାଞ୍ଚଟା ତ ଭୂତ— ମାଟି, ପାଣି, ତେଜ, ପବନ ଓ ଆକାଶ । ସେଇ ଭୂତ ଗୁଡିକ ସବୁବେଳେ ସବୁଠି ଅଛନ୍ତି । ତାଙ୍କର ମିଶ୍ରଣରେ ମଣିଷର ଦେହ ଗଢା । ସେଇଥି ପାଇଁ ମଣିଷ ଦେହର ପାଞ୍ଚଟି ଇନ୍ଦ୍ରିୟ ଓ ପ୍ରତି ଇନ୍ଦ୍ରିୟର ଗୋଟାଏ ଲେଖାଁ ଅନୁଭୂତ ଦେଖିବା, ଶୁଣିବା, ଶୁଙ୍ଘିବା, ଚାଖିବା ଓ ଛୁଇଁବା । ଅତଏବ ଦେହର ଅଛି ଅନୁଭୂତି ଓ ଅନୁଭବର ବାସନା । ଦେହର ଅନୁଭୂତ ଧନଦର ନୁହେଁ । ଅଜ-କାର ନୁହେଁ । ଯେଉଁ ଦନ ପ୍ରଥମ କରି ଦେହ ଅଣୁ ପରମାଣୁ ହୋଇ ସର୍ଜନା ହେଲା, ସେଇ ଦନରୁ ସେ ଅନୁଭବ କଲା । ଗୋଟିଏ ଦେହ ଛଡିବା ପୂର୍ବରୁ ଯେତେ ଦେହ ସେ ସର୍ଜନା କରିଗଲା ସବୁଥିରେ ସେ ତାର ଅନୁଭୂତ ସାଇତି ରଖିଲା । ଦେହର ପରିବର୍ତ୍ତନ ହୋଇ ଆସିଲା ଯୁଗରୁ ଯୁଗ ଓ ଅନୁଭୂତିର କଳେବର ମଧ୍ୟ ବଢିଲା । ଦେହ ବଦଳି ବଦଳି ମଣିଷ ଦେହ ହେଲା ଓ ଅନୁଭୂତ ତଥା ଅନୁଭବର ବାସନାର ପ୍ରକୃତ ମଧ୍ୟ ହାସଲ କଲା । ଦେହର ସବୁକାଳର ସବୁ ଅନୁଭୂତ ଏବଂ ମଣିଷ ଦେହର ଅନୁଭବର ବାସନାକୁ ମନ ତାର ଅନନ୍ତ ଅଙ୍ଗରେ ସାଇତି ରଖିଥାଏ । ଯେତେବେଳେ ଦେହ ତାର ଅନୁଭୂତକୁ ଯିଦି ହଏ ଅଥବା ଅନୁଭବର ବାସନାକୁ ଅନୁଭୂତରେ ପରିଣତ କରିବାକୁ ଇନ୍ଦ୍ରିୟର ସଂଘମୋହରେ ବ୍ୟଗ୍ର ହୋଇ ଉଠେ, ସେତେବେଳେ ମନ ଅତୀତ ଅନୁଭୂତକୁ ପ୍ରକାଶ କରିବାକୁ ଆଗେଇ ଆସେ ଓ ଦେହର ଅନୁଭବ ବାସନାକୁ ଅନୁଭୂତର ପୃଷ୍ଠରେ ପଡ଼ାଇ ଆକାର ଦେଇ ଅବାସ୍ତବକୁ ବାସ୍ତବ ପରି ଠିଆ କରିବାକୁ ଉଦ୍ୟତ ହୁଏ । ଦେହର ଆଗ୍ରହକୁ ସନ୍ତୁଷ୍ଟ କରିବାକୁ ମନ ଦେହର ଅଙ୍ଗକୁହିଁ ଆଦେଶ ଦଏ । ଅନୁଭୂତ ଓ ଅନୁଭବ କାମନାର ପ୍ରକାଶର ଗୋଟିଏ ପ୍ରଣାଳୀ ହେଉଛି, ଲେଖା । ଅତଏବ, ମଣିଷର ସାରା ଦେହ ଲେଖେ । ମଣିଷର ପ୍ରକାଶର ପ୍ରଣାଳୀମାନଙ୍କ ଭିତରେ ଲେଖି ପ୍ରକାଶ କରିବାର ପ୍ରେରଣାହିଁ ପ୍ରବଳ । ତେଣୁ ମନ କହେ, ସାରା ଦେହ ଲେଖେ । ଦେହ କହିବ, ସେ କାହିଁକି ଲେଖେ ।

ଦେହ ଶିହରି ଉଠେ । କହେ, ଏଟାତ ଭୁଲ କଥା । ମୋର ପୁଣି ଗୋଟାଏ ଅନୁଭୂତ କଣ ଓ ଅନୁଭବର କାମନା କଣ । ମୋ' ଭିତରେ ଜୀବନ ନଥିଲେ, ମୁଁ ଜଡ ହେଲେ ଏ ସବୁ ମୋ ପାଖରୁ ଦୂରେଇ ରହେ । ଜୀବନଟାହିଁ ଅନୁଭବର ଆଧାର । ସେଇ ନିଜକୁ ପ୍ରକାଶ କରିବାକୁ ବିବିଧ ରୂପ ଧରେ, ଲେଖା ତହିଁରୁ ଗୋଟିଏ ପଦ୍ଧତି । ଜୀବନ କହେ, ମୁଁ କିଏ ହେ ? ମୋ'ର ବ୍ୟକ୍ତିତ୍ୱ ନାହିଁ, ମୁଁ କେବଳ ଦେହରେ ଉତ୍ଥିତ ଥିବା 'ମୁଁ'ର ପ୍ରକ୍ରିୟା । ସେଇ 'ମୁଁ' ଟାହିଁ ଲେଖେ । ନିଜକୁ ପ୍ରକାଶ କରିବାକୁ । ଯେତେ ରୂପରେ ପ୍ରକାଶ କଲେ ବି [illegible] ସନ୍ତୁଷ୍ଟ ହୋଇ ପାରେ ନାହିଁ । ନିଜକୁ ବଦଳି ରୂପରେ ସେ ଦେଖିବାକୁ ଓ ଦେଖାଇବାକୁ ଭଲ ପାଏ । ଯେମିତି ନିଜକୁ ସେ ଖୋଲି ଦେଖି ଓ ଦେଖେ । ସେମିତି ପୁଣି ନିଜକୁ ଲୁଚାଇ ଛପେଇ ଭଲ ଭଲ ପୋଷାକ ପିନ୍ଧି ଦେଖେ ଓ ଦେଖାଏ । ଦେହର ମୁଁ ଓ ଦେହର ମନ ଅଭିନ୍ନ । ତେଣୁ 'ମୁଁ' ଲେଖେଁ ଓ ମନ ଲେଖେ ଦୁଇଟି ଏକା କଥା ।

ମନ କହିଲେ ବୁଝାଏ କେତେ ଗୁଡିଏ ଭାବର ସମଷ୍ଟି । ଯଥା— କାମ, କ୍ରୋଧ, ଲୋଭ, ଭକ୍ତି, କରୁଣା, ଦୟା, ବନ୍ଧୁତ୍ୱ, କ୍ଷମା, ବିଶ୍ୱାସ ଇତ୍ୟାଦି । ଏହି ସବୁ ଭାବର ସ୍ୱାଧୀନ ପ୍ରେରଣା ବା ଏକାଧିକର ମିଶାମିଶି ପ୍ରେରଣା ମନରେ ବିଭିନ୍ନ କାମନା ବା ଆକାଂକ୍ଷା ଜାତ କରେ । ଏହି ସବୁ ଆକାଂକ୍ଷା ମଣିଷ ପ୍ରକୃତିର ଚଳନକୁ ଉଦ୍ଦେଶ୍ୟ ରୂପେ ନିୟନ୍ତ୍ରିତ କରେ । ମଣିଷ ପ୍ରକୃତି ଯେମିତି ନିଜର ଚଳନରେ କୃତକାର୍ଯ୍ୟ ହୁଏ, ଅର୍ଥାତ ଉଦ୍ଦେଶ୍ୟ ମଙ୍ଗଳ ହୁଏ ସେମିତି ସେ ତାର ସଫଳତାକୁ ଅନୁଭୂତ ରୂପେ ଜାଗ୍ରତ ମନରେ ସାଇତି ରଖେ । ଯେମିତି ସେ ବିଫଳ ହୁଏ, ତାର କାମନା ଏକାଥରେ ନମରି ସୁପ୍ତ ମନ ତଳେ ଦୁର୍ବଳ ହୋଇ ପଡ଼ି ରହେ । ନିଜକୁ ପ୍ରକାଶ କରିବାକୁ ସଫଳତା ଲାଭ କରିବାକୁ ସେ କାମନା କେବଳ ସୁବିଧା ଖୋଜି ବୁଲୁଥାଏ । ସଭ୍ୟ ମଣିଷର ସମାଜରେ ସଂସ୍କୃତିର ବେଷ୍ଟନୀ ମଝିରେ ମଣିଷ ମନର ଅନେକ ଅଶ୍ଳୀଳ ଓ ସମାଜ-ଦ୍ରୋହୀ ଭବ ଅସମ୍ଭବ କାମନାର ପ୍ରେରଣା ଆସି ପାରେ ନାହିଁ । ତେଣୁ ଏପରି ଭାବ ମନର ଅନ୍ତର ନିମ୍ନସ୍ତରରେ ଅର୍ଥାତ ଅଚେତ ମନର ଅନ୍ଧାର-ଗୁହା ଭିତରେ ପ୍ରବେଶ କରି ଆପେ ଆପେ ଆତ୍ମଗୋପନ କରି ନିର୍ଜ୍ଜୀବ ପଡ଼ି ପଡ଼ି ରହେ ।

ଅନୁଭୂତ, ବିଫଳତାର ସଫଳ-କାମନା ଓ ଅସମ୍ଭବ କାମନାର ଜୀବନ-ଭୂଇ-ଆଗ୍ରହ, ପ୍ରତ୍ୟେକ ଭିନ୍ନ ଭିନ୍ନ ହୋଇ କିମ୍ବା ଏକାଧିକ ମିଶାମିଶି ହୋଇ ପ୍ରକାଶ ଲଭନ୍ତି । ମଣିଷର କଥାରେ, ସଙ୍ଗୀତରେ, ନାଟରେ, ଗଠନରେ, ଅଙ୍କନରେ ଓ ଲିଖନରେ । ଯେମିତି ମଣିଷର 'ମୁଁ' ବା 'ମନ' ପ୍ରକାଶ କରେ ଓ ପ୍ରକାଶିତ

ପରପୃଷ୍ଠା ଶେଷ ଦେଖ



Digitized by srujanika@gmail.com

# ଗାଁଆ ଅବଧାନ

ଲେ— ଫକୀର ନନ୍ଦ

[ ପୂର୍ବ ପ୍ରକାଶିତ ପରଠାରୁ ]

ଗାଆଁ ମହାଜନ ପୁଅ ରଘୁନାଥ ଗୁରୁଭକ୍ତ ଭାରି ଶୁଣ
ନିତି ଲୁଚାଇ ସେ ମାଷ୍ଟଙ୍କୁ ଦିଅଇ ମାଗୁର ପଣସ ଲୁଣ ।
ସାରଦାକୁ ଚିନି ଦିଅ ପଣି କଥା ଲଗିଛି ବରଷ ଦୁଇ,
ଗୁରୁଙ୍କର ବଡ଼ ପ୍ରିୟ ଛାତ୍ର ବୋଲି କେହିତାକୁ ନାହିଁ ଛୁଇଁ ।
'ମାଷ୍ଟ୍ରେ ଦୁଇ' ଭଲ ମାଗା ଚାଲିଯାଏ ଖସି ଗୁହାଳୀରୁ ହି'ର,
ଭାଲ ପେଖାଙ୍କ ଘଣ୍ଟାଦେଖି ମନ ଛନ ଛନ ହୁଏ ହିର ।
ଲଗାଇ ହେଲେ ଭଣ ପାଖରେ ପଣି ସେ ଶପଇ ମାଗୁର ଭଳ
ତେବେ ଦେଖିମାଷ୍ଟେ ଭାବନ୍ତି—କୁଆଡ଼େ ଗଲ ଦେଖିବୁଟି ଗଲ ।
ଧାଇଁ ଯାଇଁ ଗଲ ଦେଖଇ ପଣିବେ ପଣି ମଗାମଛ ମାରେ,
ଅ. ହୋଇ ନିଜେ ମନଇ ପାଣିରେ ମାଷ୍ଟଙ୍କୁ କିଏ ପଚାରେ ।
ଗଲକୁ ଖୋଜିବା ପାଇଁ ବନାଯାଏ ତାକୁ ଖୋଜିବାକୁ ଗୋପ,
ଗୃହପାଠ ଜଣ ଉଟାଇ ପିବାରୁ ମାଷ୍ଟରଙ୍କ ବଢ଼େ କୋପ ।
ବେତ ହାତେ ଧରି ଧାଆନ୍ତି ବାଟକୁ ଯମ କି ବା ପଥ ଦୂତ,
ଅଚିବାର ଦେଖି ଲୁଅଙ୍କର ଆହା ଫାଟଇ ଯାଏ କି ଭତ ।
ଚତୁଷ୍ପାଠୀ ବୁଝି ଗଲ ଠାକୁରଦେବ କେତ୍ରିରୁ ଧରି ଫୁଲେ,
ଗୋପ ମାରୀ ସବୁ ସୁନ୍ଦର ମଙ୍ଗଳା ଥୁଅନ୍ତି ଶ୍ରୀ ପାଦତଳେ ।
ଦୋଟ ଛୁଡ଼ ଗୁରୁ ସ୍ନେହରେ ଭଦନ୍ତି ମାଛ ମଧ୍ୟେ ଅଟଇସାର,
ଏ ଥରେ ଲେଖିବାକୁ ବିଦ୍ୟନରେ ଭରା ଅଛ ଦୁଇପୁଷ୍ଟା ଧର ।
ଶପଦ ଦୁହାଇ ପିମ୍ପାନାଙ୍କର ଖୁସି କହିଲେ ନ ସରେ,
ମାଛ ଧରି ଗୁରୁଘରକୁ ଫେରନ୍ତି ପିଲେଇତାଙ୍କ ସଙ୍ଗତରେ ।
ଅତେ ଗୃହଶାଳୀ ଘରେ ବସିଥାଏ ଗାଆଁ ଉଦବାର ହାଟ,
ସ୍ୱର୍ଣ୍ଣଚୂଡ଼ା ସମ୍ପୂର୍ଣ୍ଣ ଭେଟି ହୁଆଁ ଗଡ଼ କେତେ ନବରଙ୍ଗୀନାଟ ;
ମାଷ୍ଟେ ବଜେ ଦେଲେ ଆରମ୍ଭ ହୁଅଇ କେତେ ବାହୁନ ବାହୁନ,
ଗୋଟି ଗୋଟି ପିଠି ପିଠି ଓଇଁ ଦେଉ ସବୁ ପଡ଼ଯାଏ ଚୁନ ।
ତଥାପି କରିବା ପାଇଁ ଉବଶ୍ୟତ ମାଳକ୍ଷେଟ ମନ୍ଦୀଲଟ,
ଦରମା ପାଆନ୍ତି ମାଷ୍ଟରଙ୍କା ଅରଥ ଥାଏ ବି ଓପୁରି ବାଟ ।
ଆରମ୍ଭ ହୋଇଲେ ନୂଆ ପଠ ଗୃହଗୁରୁଙ୍କୁ ସଲାମି ଦିଏ,
ଏଇ ପା ଗୃହଲ ଗୋଟାଏ ପଇସା କେହି ବା ନଦିଅ ଟିଏ ।
ସରସ୍ୱତୀ ପୂଜା ମାସକ ଆଗରୁ ଅବଧାନେ ବେଢ଼ି ଘେନି,
ଘୋଟନ୍ତି ପିଲଙ୍କୁ ଧାନଇ ହରି କା ଆଉ ଛାନ ଦୁଇ ଚିନି ।
ପଜାଶେଷେ ମିଳେ ଛମ୍ବଚା ଦକ୍ଷିଣା ଅଧବେଢ଼ା ଖଣ୍ଡେ ଲୁଗା,
ସାନ୍ଧ୍ୟଧାର ବଡ଼ ଲୁଗାଯୋଡ଼ ଅବା ସୁନାଏ ଫାଳ ନଡ଼ିଆ ।
ପୂଜା ଶେଷେ ଯାଇଁ ଘାଣ୍ଟନ୍ତି ପିଲାଏ ଘର ଗାଡ଼ିଥିବ ଜଳ,
ଖାଦ୍ୟାଖାଦ୍ୟ ବେଢ଼, ଫୁଲ ଅବା ଖଡ଼ ଖାଦ୍ୟର ଅବା ଶ୍ରୀଫଳାଁ ।
ଅଗ୍ରନଦ ଏକ ଦୋଷ ଦିଡି ମାଷ୍ଟ୍ରେ ଧରି ସାର ସୁଅ ଜାନ,
ଧନ୍ୟତ ବୁଡ଼ାଇ ଦେଲେ ସେ ପାଣିରୁ ଉଠେ ହୋଇ ଭାଗ୍ୟବାନ
ଶ୍ରୀଫଳ ଧରି ସେ ଫେରଇ ଘରକୁ ମାଷ୍ଟଙ୍କର ଲୁଗାଯୋଡ,
ମାଗଣରେ ପିଲେ ବାଡ଼ି ଥିଲେ ସେଇ ହୋଇଯାଏ ଗୃହ ବଡ ।
ଘର ଘର ବୁଲି ବୋଲନ୍ତି ପିଲାଏ ଭେଟେ ଶ୍ରୀପଞ୍ଚମୀ ପଦ,
ସେଥିରୁ ମିଳଇ ବଦାମ ସୁଜି ଅଧିଲି ଦେ ଅଣୀ ଅଧ ।
କେତେବେଳେ ଯାକେ ପିଲଙ୍କ ପିଠିରେ ଗୁରୁଙ୍କର ହାତ ବୁଲେ,
ଦେଖିଥାନ୍ତି ଆହା କେତେ ମନଦୁଃଖେ ଖୋଷାମିଦୁଏ ଗୃହଖୋଲେ
କେବେ ଜର ଅବା ନୁଆର ହୋଇଲେ ପିଲଙ୍କ ଖୁସି ନ ସରେ,
ମା ବାପେଲେଇ ଖାଇମା' ମାଷ୍ଟ୍ରଙ୍କୁ ମନାସୁ ଥାଆନ୍ତି ଘରେ ।
ଆଗରୁ କେହିବା ସାବଧାନ ହୋଇ ବସେଯାଇ ଗୋଡ଼ ଘସି,
ବୋଷାଟିର ନଦୀ କେ ଡ଼ାଳମାକୁଡ଼ ଖେଳଖେଳେ ଗଛେ ବସି ।
ସ୍ନାନ ହେଲେ ଗୁରୁ ଭାଗବତ ଘରେ ପଢ଼ନ୍ତି ସୁବର୍ଣ୍ଣ ଫେଇ,
ଡୁଲେଇ ଡୁଲେଇ ଶୁଣୁଥାନ୍ତି ଥୋକେ କିଏ ଅବା ଶୁଣେ ଶୋଇ ।
ଗାଁ ବାଲ୍ୟ ଯାକ ତାଣ୍ଡବ ହୁଅନ୍ତି ମୁଣ୍ଡେ ତା'ରହୁଛି କେଶ,
ତାଙ୍କ ବେତ ବାଜି ଗୋରୁ ଗଧ ହୋଇ ପାଳନ୍ତି ଯାଉ ମଣିଷ ।
ସରସ୍ୱତୀଙ୍କର ବରପୁତ୍ର ଯିଏ ବିଦ୍ୟା କେ ପାଉଦ ଜଳ
ସମସ୍ତେ କହନ୍ତି ଏ ଗୁଣ ମଣ୍ଡଳେ ତାଙ୍କ ପରି ନାହିଁ କେ ବଳ ।
ତାଙ୍କ ଠେଇଁ ପିଲ ଛାଡ଼ିଦେଇ ବାପା ମାଆଙ୍କ ନଥାଏ ଦବା,
ଏଇ କାଳାଗାର ଭିଜେ ଗୋଠ ସେଇ ବାବାଜୀଟା ଭଦ୍ରେବୋଲା
ତାଙ୍କ ଖଡ଼୍ଧର ହାକିମ ଡାକ୍ତର କିଏ ଅବା ମନ୍ତ୍ରୀ ଲାଟ,
ଛାତ୍ରାଜନା ପାଇ ନଥିବା ରହୁଥା ଦେଲାଣି କାନ ତରାଟ ।
କଂଗ୍ରେସ ଦୋକାନୀ ବଣିଆ ତାଙ୍କଠୁ ହିତମତ ଗଲା ପାଇ,
କଳାପୋଟେଇରେ ଦୋଲିଲା ବାଢ଼ାଏ ଥ୍ୟାଟମୋଟ ଗୃହନାହିଁ ।
କଲେଜେ ନ ପଢି ଉଚ୍ଚବ ପଧାନ ବୋଲାଏ ନେତା ସୌକାର,
ଯାଙ୍କ କାର୍ମିଙ୍ଗୁ ମାସକୁ ଜମାଏ ଅଲପଟେ ଦି ହଜାର ।
କେତେ ଯେ ଓକିଲ ଡାକ୍ତର କେତେ କରୁଛନ୍ତି ଦେଶ ସେବା,
ବହୁ ଲେଖେ କିଏ କବି ବା ଲେଖକ କିଏ ନେତା ହେବଅବା ।
ଯେଉଁଙ୍କ ଛାଟଖାଉ କେତେ ଗୃହଙ୍କର ବଢିଗଲା ଧନମାନ,
ଏବେ ରହିଗଲେ ଭଳିଆ ପଟ୍ଟିକା ଆମଗାଆଁ ଅବଧାନ ।

---

ହୁଏ ଲିଖନରେ, ସେଇଠି ସେ ଲେଖକ । ଲେଖକ ଲେଖେ 'ମୁଁ'କୁ ପ୍ରକାଶ କରିବାକୁ । ଅନ୍ୟର ଅନୁଭୂତି, ବିଫଳ କାମନା ଓ ଅସମ୍ଭବ ଆକାଂକ୍ଷାକୁ ମଧ୍ୟ ଲେଖକର 'ମୁଁ' ନିଜର କରି ନିଏ । ତା' ପାଖରେ 'ଅନ୍ୟର' ସ୍ଥାନ ଓ ସମୟର ସୀମା ଅପ୍ରତିହତ ହୁଏ । ଅନନ୍ତ-ଅତୀତ ଓ ଅସୀମ ଭବିଷ୍ୟତ ଲେଖକର 'ମୁଁ' ପାଖରେ 'ବର୍ତ୍ତମାନ' ହୋଇ ଜୀବନ୍ତ ହୋଇ ଉଠିଥ ହୋଇ ରହେ ଏବଂ ତାର 'ମୁଁ'ର ଅଭିନ୍ନ ଅଂଶ ହୋଇ ଯାଏ । ଲେଖକର 'ମୁଁ'ହିଁ ଲେଖେ ଏବଂ ସେ ଲେଖେ 'ମୁଁ'କୁ ପ୍ରକାଶ କରିବାକୁ ।

ମୁଁ ମଧ୍ୟ ଲେଖେ ଏଥିପାଇଁ । ଦଶ ବର୍ଷ ବୟସରେ ୧୯୧୭ ସାଲରେ ମୁଁ ଲେଖିଥିଲି ପ୍ରଥମ କବିତା 'ଜୟଦ୍ରଥ ବଧ' । ସେତେବେଳେ ମୁଁ ସୋନପୁର ହାଇସ୍କୁଲରେ ପଢ଼ୁଥିଲି । ମହାଭାରତ ପଢିବାକୁ ଭଲ ପାଉଥିଲି । ୧୯୨୩ରେ କଟକରେ ପଢୁଥିଲାବେଳେ ପ୍ରଥମ ଉପନ୍ୟାସ 'ଭଲ୍ଲବେ ଦ୍ୟସନ' ଲେଖିଥିଲି । 'ବାଲିରଜା' ମୋର ଚତୁର୍ଥ ଉପନ୍ୟାସ । ୧୯୨୫ସାଲରେ ପାଟନା କଲେଜରେ ପଢ଼ିଲାବେଳେ ଏହାକୁ ମୁଁ ଆରମ୍ଭ କରିଥିଲି । ୧୯୫୦ ସାଲରେ ମୋର ଶେଷ ପ୍ରକାଶିତ ଉପନ୍ୟାସ "ମଳନର-ଛନ୍ଦ" ଏହାକୁ ମିଶାଇ ବୋଧହୁଏ ଚଉଦ ଖଣ୍ଡି ଉପନ୍ୟାସ । ଖଣ୍ଡିଏ କବିତା ଓ ଗୋଟିଏ ନାଟକ ପ୍ରକାଶିତ ହୋଇଛି । ଜାଣେନା ଏଥକରେ ସଫଳ ନା' ଅଧିକର ତାହିଁରେ ଓ ଲେଖରେ ମୋର 'ମୁଁ' ନିଜକୁ ପ୍ରକାଶ କରିବ । ଗୃହଅଭୂ ପ୍ରତବାଦକ ଘୋଟି ଅଛୁଛ ।



Digitized by srujanika@gmail.com

[୧୦ପୃଷ୍ଠାର ଅବଶିଷ୍ଟାଂଶ]

ଅଭିନେତ୍ରୀ ତାଙ୍କୁ ବିବାହ କରିବା ପାଇଁ ଚିଠି ଲେଖିଥିଲେ । କିନ୍ତୁ ଶ' ତାଙ୍କ ନିକଟକୁ ଯାହା ଉତ୍ତର ପଠାଇଥିଲେ ତା ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ସେ କହିଥିଲେ 'ଯେ ବିବାହ ପରେ ତାଙ୍କର ପୁଅ ନହୋଇ ଯଦି ଝିଅ ହେବ ଏବଂ ଝିଅ ଯଦି ତାଙ୍କର କାନ୍ତି ଏବଂ ମାତାର ମେଧା ପାଇବ ତେବେ ସେ ସ୍କୋଇଲ୍‌କୁ ନାଚିବାକୁ ଯିବ । ମାତାର ସୌନ୍ଦର୍ଯ୍ୟ ଅଛି ବୋଲି ଲୋକେ ସିନା ତାକୁ ଦେଖିବାକୁ ଯାଉଛନ୍ତି କିନ୍ତୁ ଝିଅଟିକୁ କେହି ଦେଖିବାକୁ ଯିବେ ନାହିଁ ତେଣୁ ସେ ପୃଥିବୀର ଜୀବନ ସଂଗ୍ରାମରେ ପରାଭୂତ ହେବ ।—

—ଯୁକ୍ତିରେ ଅସତ୍ୟତା ନାହିଁ । ସେଇଥିପାଇଁ ଆମକୁ ମାନି ନେବାକୁ ପଡ଼ିବ । ପୁଣି ଅଭିନେତ୍ରୀ ଯେ ତାଙ୍କର କଥାର ଏ ପଟଟି ଦେଖି ପାରି ନଥିଲେ ସେ ସେଥିପାଇଁ ଦୁଃଖ ପ୍ରକାଶ କରିଥିଲେ ।

କିନ୍ତୁ ତାଙ୍କର ଏ ପ୍ରକାର ଉତ୍ତର ଦେବା ପଛରେ ଉଦ୍ଦେଶ୍ୟ ଅଛି । ପ୍ରଥମ କଥା ଯେ ସେ ଏ ପ୍ରକାର ଉତ୍ତର ଦେବା ଦ୍ୱାରା ସାଧାରଣ ଲୋକଙ୍କ ଆଖିକୁ ଆସନ୍ତି । ବିଜ୍ଞାପନର କାର୍ଯ୍ୟ କରେ ତାଙ୍କର ଏ ପ୍ରକାର ଉତ୍ତର ଗୁଡ଼ିକ । ତେବେ ତାଙ୍କର ଉତ୍ତର ଗୁଡ଼ିକ ଯେ ହାଲୁକା ତା ନୁହେଁ; ଗଭୀର ତତ୍ତ୍ୱ ତା ଭିତରେ ଥାଏ ।

ଆଉ ଗୋଟିଏ ଉଦାହରଣ ଦିଏଁ ।

ଇଂଲଣ୍ଡରେ ଥରେ ବହୁ ଦେଶର ବିଖ୍ୟାତ ଲେଖକ ମାନଙ୍କର ଗୋଟିଏ ସମ୍ମିଳନୀ ହୋଇଥିଲା । ଇଂଲଣ୍ଡ ତରଫରୁ ଗଲେ ଚେଷ୍ଟରଟନ୍ ଏବଂ ଶ' । ଏହି ଦୁଇ ଜଣଙ୍କ ଫଟୋଗ୍ରାଫ୍ ଦେଖିଲେ ଆପଣ ବୁଝି ପାରିବେ ଯେ ଜଣେ ହେଉଛନ୍ତି ମୋଟା ଅନ୍ୟ ଜଣକ ପତଳା । ସଭା ଆରମ୍ଭ ହେବାପାଇଁ ଅଳ୍ପ ଡେରି ଥାଏ । ଦୁହେଁ କିଛି ଦୂରରୁ ମଟରରୁ ଓହ୍ଲାଇ ଗୃହ ମଧ୍ୟ ଯିବାକୁ ଲାଗିଲେ । ବାଟରେ ଚେଷ୍ଟରଟନ୍ କହିଲେ—ମିଷ୍ଟର ଶ' ବାହାରର ଲୋକେ ଆପଣଙ୍କୁ ଦେଖିଲେ ବୋଧହୁଏ ଅନୁମାନ କରିବେ ଯେ ଇଂଲଣ୍ଡରେ ବର୍ତ୍ତମାନ ଦୁର୍ଭିକ୍ଷ ପଡ଼ିଛି ।

ଶ' ଟିକିଏ ଆଗେଇ ଯାଉଥିଲେ । ସେ ଫେରି ହସି କହିଲେ 'ସେଥିପାଇଁ ଆପଣ ଦାୟୀ'—ଚେଷ୍ଟରଟନ ମୋଟା । ଅର୍ଥାତ୍ ତାଙ୍କର ଦର୍ପ ହାଲୁକା ହେଲା ? ଭାବି ଦେଖନ୍ତୁ ଦୁହେଁ ଇଂଲଣ୍ଡର ବିଶିଷ୍ଟ ସମାଲୋଚକ । ସାରା ଇଂଲଣ୍ଡର ପାଠକ ମାନଙ୍କୁ ସେଇମାନେହିଁ ବେଗ ଦଖଲ କରନ୍ତି । ମତବାଦ ସୃଷ୍ଟି କରନ୍ତି । ତେଣୁ ପରସ୍ପର ଯେ ପରସ୍ପରକୁ ଈର୍ଷା ମନେ ମନେ କରନ୍ତି ତା ସ୍ୱାଭାବିକ । ଅତଏବ ଶ' ଙ୍କ ପାଠକ ମାନଙ୍କ ମଧ୍ୟରୁ ଯେ ଚେଷ୍ଟରଟନ୍ କିଛି ଦଖଲ କରୁଛନ୍ତି ଫଳରେ ଶ' ଗରିବ ହେଉଛନ୍ତି । ଦୁହେଁ ଦୁହିଁଙ୍କ କଥା ବୁଝିଲେ । ତେବେବି ଉତ୍ତର ଦେବାର ବେଶ ଢଙ୍ଗ ଅଛି—ରସ ଅଛି । ରସିକ ମାତ୍ରେହିଁ ଏକଥା ସ୍ୱୀକାର କରିବେ ।—

—ଅନ୍ୟ ସ୍ଥଳରେ କୌଣସି ଏକ ଲେଡ଼ି [ସଦ୍ ବଂଶଜା] ଯେ କି ପରିପାଟୀ ଓ ପ୍ରସାଧନରେ ବହୁ ପରିମାଣରେ ପଇସା ଖର୍ଚ୍ଚ କରୁଥିଲେ ଥରେ ଶ' ଙ୍କ ମୁହଁରୁ ତାଙ୍କର ନିଜର ପ୍ରଶଂସା ଶୁଣିବା ପାଇଁ ତାଙ୍କୁ ନିମନ୍ତ୍ରଣ କରି ତାଙ୍କ ମନ ନେବାକୁ ବସିଲେ । ଶ' ଙ୍କ ଆଗରେ ଖାଇବା ପାଇଁ ଭଲ ଭଲ ଖାଦ୍ୟ ଟେବୁଲ ଉପରେ କିଛି ରଖି ଦିଆ ହେଲା । ଶ' ଗୋଟିଏ ଗୋଟିଏ ପ୍ଲେଟ୍‌ରୁ କିଛି କିଛି ଚାଖିବାକୁ ଆରମ୍ଭ କରି ପ୍ରତ୍ୟେକଟି ଖାଦ୍ୟ ଅତ୍ୟନ୍ତ ମୁଖରୋଚକ ହେବାରୁ ସେକଥା କହିବାକୁ ଲାଗିଲେ । ଲେଡ଼ି ଦେଖିଲେ ଯେ ବର୍ତ୍ତମାନ ଶ'ଙ୍କୁ କିଛି ପ୍ରଶ୍ନ ପଚାରି ଯାଇପାରେ । ସେ ପ୍ରଶ୍ନ କଲେ—ଅଚ୍ଛା ମିଷ୍ଟର ଶ' ଆପଣ କହିବେକି ମୋର ବୟସ କେତେ ହେବ ?

'ମୁଁ ଜାଣେ ନା ।'

'ଅନୁମାନ କରି କହନ୍ତୁ ।'

ଶ' ତାପରେ ଉକ୍ତ ଲେଡ଼ିକୁ ଡେଇଁବାକୁ କହିଲେ । ଚାଲିବାକୁ କହିଲେ । ହସିବାକୁ କହିଲେ— ଦୌଡ଼ିବାକୁ କହିଲେ, ଅଙ୍ଗଭଙ୍ଗୀ କରି ଠିଆ ହେବାକୁ କହିଲେ । ଲେଡି କେବଳ ନିଜର ପ୍ରଶଂସା ଶୁଣିବାକୁ ପାଇବ ପନ୍ଦର ମିନିଟ କାଳ ଶ'ଙ୍କ ଇଚ୍ଛା ଅନୁସାରେ ଉପର କହଥିବା କାମ ସବୁ କଲେ । ଶେଷରେ ଶ' କହିଲେ— ଆପଣଙ୍କର ଦାନ୍ତ ଦେଖି ମନେ ହୁଏ ଆପଣଙ୍କର ବୟସ ଉଣେଇଶ— ଆଉ ଦୁଇଥର ଖାଇବା ଜିନିଷ ମୁହଁରେ ପୁରାଇ ପୁଣି ଥରେ ଅନୁନୟ କରି କହିଲେ—'ଆପଣଙ୍କର ଚାଲିବାର ସହଜ ଭଙ୍ଗୀ ଦେଖି ମନେ ହୁଏ ଆପଣଙ୍କ ବୟସ ସତର— ପୁଣି କିଛି-କ୍ଷଣ ଭାବିଲେ ଏବଂ ନିଜର ଖାଇବା ସମାପ୍ତ କରି ହାତ ପରିଷ୍କାର କରି କହିଲେ 'ଆପଣଙ୍କର ମୁଣ୍ଡରେ କେଶର ରଙ୍ଗ ଦେଖି ମନେ ହୁଏ ଆପଣଙ୍କର ବୟସ ତେର ।'

ଲେଡି ଏଥର ବ୍ୟସ୍ତ ହୋଇ ପଡ଼ିଲେ । ଶ' ସେତେବେଳକୁ ଯିବାକୁ ବାହାରିଲେଣି । ସେ ଉଦ୍‌ଗ୍ରୀବ ହୋଇ ପ୍ରଶ୍ନ କଲେ— ତଥାପି ମୋର ବୟସ କେତେ ଅନୁମାନ ?

'ସବୁ ଗୁଡ଼ିକୁ ମିଶାଇ ଦିଅନ୍ତୁ'—କହି ଶ' ବିଦାୟ ନେଇ ବାହାରି ଗଲେ । ପ୍ରକାଶ ଥାଉ କି ଲେଡ଼ିଙ୍କର ବୟସ ପଇଁତିରିଶ ପ୍ରାୟ ହେବ । ଶ' ଯେ ପରିପାଟୀ ପ୍ରସାଧନକୁ ଘୃଣା କରନ୍ତି ସେ କଥା ସ୍ପଷ୍ଟ ରୂପରେ ବୁଝି ଗଲେ— ସେ ତାଙ୍କର ଘୃଣାକୁ ବେଶ ଆବରଣରେ ରଖି ମଧ୍ୟ ଚତୁରତାର ସହିତ ତାଙ୍କର ମନ୍ତବ୍ୟକୁ ଦେଇ ଗଲେ । ଅଭିଯୋଗ ଦୂରେଥାଉ ଜଣାଇ ମଧ୍ୟ ସେ ତାଙ୍କର ଅଭିଯୋଗ ଜଣାଇନାହାନ୍ତି । ତାଙ୍କର ବିଶ୍ୱାସ ଯେ ପ୍ରତ୍ୟେକ ଜିନିଷରେ କାରଣ ଅଛି ଏପରିକି ମିଛ କହିବାରେ ମଧ୍ୟ କାରଣ ଅଛି—

There is reason in every-thing. You said you told only two lies in your whole life. Dear young lady, isn't that rather a short allowance? I am quite a straight forward man myself, but it would not last me a whole morning. ସେ ସେ କଥା Arms and the man ନାଟକର ତାଙ୍କର ନାୟିକା Rainaକୁ କହୁଛନ୍ତି । ଦୁନିଆରେ ପ୍ରତ୍ୟେକ ଜିନିଷ ସ୍ୱାଭାବିକ— ଏପରିକି ମିଛଟା ପର୍ଯ୍ୟନ୍ତ । ତେଣୁ ସେ ଏ ଜିନିଷ ଗୁଡ଼ିକୁ 'seriously' ନେଇ ମଧ୍ୟ ଜାଣନ୍ତି ନାହିଁ । ସେ ମିଥ୍ୟା ବାଦୀ Rainaକୁ କହୁଛନ୍ତି— Its part of your youth, part of your charm. I am

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

your infatuated admirer' ସଙ୍କେତରେ ... ଦେଇ ବାସ୍ତବର ଚରିତ୍ରମାନେ ଆସନ୍ତି ନାହିଁ — ଏଥିରେ ଦୋଷ କାହାର ଏ ଜେ ... ଆମେ ଦୋଷୀ ନୋହୁଁ ? ଜି ବି ଶ— ସେଥିପ୍ରତି କିଛି ଚିନ୍ତା ନାହିଁ। ଶ' ଏହି ଦାର୍ଶନିକ ନାଟ୍ୟକାରଙ୍କୁ ଆବଶ୍ୟ କହୁଥିଲେ··· Say things which many would like to say, but dare not, and in deed for want of skill could not even if they durst. ତେଣୁ ଶ' ସମାଜର iconoclasms, seditions, and blasphemies, if well tuned tickle those whom they shock ନାଟ ଧରି ଲେଖା ଆରମ୍ଭ କରିଥିଲେ। ଗୋଟିଏ ଲୋକ ଜୀବନରେ କେତେ ନାରୀକୁ ଉପଭୋଗ କରି ମଧ୍ୟ ଯେ ବିବାହ କରିବାରେ ବା ତାର ଇଚ୍ଛା କରିଥାଏ ସେ କଥାର ସତ୍ୟତା ସମସ୍ତେ ଉପଲବ୍ଧି ଅଳ୍ପ ବହୁତ ବୟସରେ ଅନୁଭବ କରନ୍ତି ଏବଂ ତାଙ୍କର ଚରିତ୍ର ହୀନତାର ଦୋଷକୁ ନିଜ ଛାତି ଉପରୁ ଉଠାଇ ଦେବାକୁ ଚେଷ୍ଟା କରନ୍ତି। ସେ ତାଙ୍କର Philanderer ନାଟକରେ ନାୟକର ପ୍ରବେଚନାରେ ନାୟିକାକୁ ବୁଝାଇ ଦେଇଛନ୍ତି ଯେ ନାୟକ ଦେଖିବାକୁ ସୁନ୍ଦର ନୁହେଁ, ସେ ଏହିପରି ସହିତ ନିଜକୁ ସଜାଏ ନା, ଏବଂ ନିଜକୁ ଉତ୍ତମ କରି ନାୟିକାମାନଙ୍କ ଆଗରେ ତାଙ୍କର କୃପା ଭିକ୍ଷା କରେ ନା··· ବରଂ ସେ ବେଶୀ ଲଜ୍ଜାଶୀଳ। ତେଣୁ ନାୟକ କହି ଉଠିଛନ୍ତି— Then whose fault in it that half the women I speek to fall in love with me ? not mine; I hate it; it bores me to distraction. ଫଳରେ ନରୁଣ ଗୃହିଣୀ ବିବାହ କରିବାକୁ। ସତ କଥା, ତଥାପି ନାଟକୀୟ ଛାଟରେ କଥାଟି କୁହାଯାଇଛି। ନାଟକୀୟ ଭଙ୍ଗୀରେ ସେ ସବୁ କଥା କହନ୍ତି। କାରଣ ସେ କହନ୍ତି ଯେ, am myself a bit of an actor। ତେଣୁ ଅନେକ ସମାଲୋଚକ ମତ ଦିଅନ୍ତି ତାଙ୍କ ଚରିତ୍ରଗୁଡ଼ିକ ସବୁ ଶ'ଙ୍କ ରୂପାନ୍ତର ସେଥିରେ ସତ୍ୟତା ବେଶୀ ନାହିଁ। ଜୀବନର ଶେଷାଂଶରେ ସେ ଲେଖନ୍ତି ତାଙ୍କର ନାଟକ ... — ଅନ୍ୟ ନାଟକମାନ ଭାବରେ। ଫଳରେ ତାଙ୍କ ଲେଖାର ଅନୁରାଗୀ ଗୋଷ୍ଠୀ ଗଢ଼ିଥାଏ ଏବଂ ଲୋକେ ପ୍ରଭାବିତ ହୁଅନ୍ତି, ଏବଂ କେତେକ ତାଙ୍କୁ ତାଙ୍କର ଅସନ ... ଦାନ ଓ ତାଙ୍କର ଦୃଢ଼ତା ପ୍ରଶଂସା କରନ୍ତି। କିନ୍ତୁ ସେ କହିଛନ୍ତି ବର୍ତ୍ତମାନ ଯୁଗରେ— When I talked to this generation it called me Mister, and with it's frank charming humanity, respected me as one who had done good work in my time. ସେ ସେଥିରେ ସନ୍ତୁଷ୍ଟ— ଯେଉଁମାନେ ତାଙ୍କୁ ଅନୁସରଣ କରନ୍ତି ତାଙ୍କ ପ୍ରତି ହସନ୍ତି ସେ— with the wrong side of my mouth.

ଜୀବନରେ ସେ ବିଶ୍ୱାସ କରନ୍ତି। ସେ ସବୁଥିରେ ବିଶ୍ୱାସ କରନ୍ତି ପୁଣି କେଉଁଥିରେ କରନ୍ତି ନାହିଁ। ଯେଉଁ ସ୍ଥଳରେ ମିଛଟା କହିବାକୁ ହେବ ସେଠି ସେ କହିବେ। ସେଇଥିପାଇଁ ହେଉଛି ଠିକ୍ ସେଇ ସମୟର କାମ। ଯେଉଁ ଭଗବାନକୁ ସେ ମାନନ୍ତି ନାହିଁ ସେଇ ଭଗବାନ ବିଷୟରେ ସେ ମଧ୍ୟ କହିଛନ୍ତି— He made me becausse: He had a job for me—ପୁଣି ଧର୍ମ ବିଷୟରେ କହନ୍ତି— 'No, No more paths. No more broad and narrow. No more good and bad, but by Jimmy, gents, there is a rotton game and a great game. I played the rotton game, but the great game was played on me; and now I am for the great game every time.

ଏହି ଶେଷ କେତେକ ଧାଡ଼ି ତାଙ୍କର ଦର୍ଶନ ବା ମତବାଦକୁ ପରିଷ୍କାର ଜୀବନ୍ତ ଦେଖାଏ। ତାଙ୍କର ଭାବଧାରା ବିଷୟରେ କହିବାକୁ ଗଲେ ବିରାଟ ଏକ ପୁସ୍ତକର ପ୍ରୟୋଜନ ହେବ। ତେଣୁ ଅଳ୍ପ ମୁଁ ଶାନ୍ତ ହେଲି। ଶେଷରେ ମୋର ପ୍ରାର୍ଥନା ସ୍ୱର୍ଗରେ ଶ' ସୁଖୀ ହୁଅନ୍ତୁ। St. Joan ନାଟକରେ ତାଙ୍କର ଯେଉଁ ଭଗବାନ ବିଶ୍ୱାସ ଥିଲା ଦେଖିଥିଲେ ସେଇ ଭଗବାନ ତାଙ୍କର ଅମର ଆତ୍ମାକୁ ସୁଖୀ କରନ୍ତୁ।

ଥରେ ବର୍ଣ୍ଣାଡ ଶ'ଙ୍କ ପାଖକୁ ଏକ ନୂଆ ଲେଖକ ତାଙ୍କ ଲେଖା ମତ ଶୁଣାଇବାକୁ ଆସିଲେ। ଶ' କିଛିକ୍ଷଣ ଶୁଣିଲା ପରେ ହଠାତ ଉଠିଯାଇ ଝରକା ସବୁ ଖୋଲିଦେଲେ। ନୂଆ ଲେଖକଙ୍କ ଶ'ଙ୍କର ଝରକା ଖୋଲିଦେବା ଦେଖି ଆନନ୍ଦିତ ହୋଇ କହିଲେ— ଆପଣ ଗୃହ ଭିତରେ ପଡ଼ିଲା ଲୋକେ ବି ମୋ ଲେଖା ଶୁଣନ୍ତୁ ?

—'ନାଁ। ମୋତେ ନିଦ ମାଡ଼ିଲେ ମୁଁ ଝରକା ଖୋଲିଦିଏ।"

ସମରସେଟ୍ ମମ୍ଙ୍କର ସର୍ବାଧୁନିକ ଉପନ୍ୟାସ କ୍ୟାଥଲିନା ସଂପର୍କରେ କେହିଜଣେ ଥରେ ତାଙ୍କୁ ପଚାରିଲା—ଆପଣ କଣ ସୋମାରସେଟ୍ଙ୍କ ନୂଆ ଉପନ୍ୟାସଟା ପଢ଼ିଛନ୍ତି ?

"ନାଁ," ଉତ୍ତର ଦେଲେ ଶ'। 'ମୁଁ ବହି ପଢ଼େ ଆନନ୍ଦ ପାଇବା ପାଇଁ ନଚେତ୍ କିଛି ଶିକ୍ଷା କରିବା ପାଇଁ।"

କୌଣସି ଜଣେ ଭଦ୍ରମହିଳା ଶ'ଙ୍କ ଘରକୁ ଥରେ ବୁଲି ଯାଇଥିଲେ। ସେ ଶଙ୍କ ଘରେ ଗୋଟିଏ ଫୁଲଦାନୀ ବା ଫୁଲ ନଦେଖି କହିଲେ— "ଶୁଣିଥିଲି ଆପଣ ଫୁଲକୁ ଭଲ ପାଆନ୍ତି ଅଥଚ କେଉଁଠି ଗୋଟାଏ ଫୁଲ ନାହିଁ ସାରା ଘରଟା ଭିତରେ ?"

ବର୍ଣ୍ଣାଡ଼ ଶ' ହସି ହସି ଉତ୍ତର ଦେଇଥିଲେ—ଦେଖନ୍ତୁ ମୁଁ ଛୋଟ ଛୋଟ ପିଲାଙ୍କୁ ବି ଭାରି ଭଲ ପାଏ କିନ୍ତୁ ସେମାନଙ୍କ ମୁଣ୍ଡ କାଟି ଆଣି ଘର ସଜାଏନାହିଁ!

ଶ'ଙ୍କର କଥାବାର୍ତ୍ତା ଓ ଚାଲିଚଳଣ ସମସ୍ତ ତାଙ୍କର ନିଜସ୍ୱ। ଶ' ଅଙ୍କରେ ଆଦୌ ପାରୁ ନଥିଲେ। ସେ କହୁଥିଲେ "ଗୃହସଂଖ୍ୟା ବିଶିଷ୍ଟ ଗୋଟିଏ ଅଙ୍କ ମୋତେ ଦେଇ ଅଧଘଣ୍ଟାଏ ସମୟ ଦିଅ ମୁଁ ନିଶ୍ଚୟ ଗୋଟାଏ ଭୁଲ ଉତ୍ତର ବାହାର କରିଦେବି। ସେ ତାଙ୍କର ଲେଖାକୁ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ କରିବାକୁ ସର୍ବଦା ଆପତ୍ତି କରୁଥିଲେ। ସେ କହୁଥିଲେ ସ୍କୁଲ କଲେଜର ପିଲାମାନେ ସେକ୍ସପିଅରଙ୍କୁ ଯେପରିକି ଘୃଣା କରନ୍ତି ମୋତେ ସେମିତି ଘୃଣା ନ

ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଯେସାକୁ ତେସା

ଲେ—ଚୂଚୁନ୍ଦ୍ରୀ ଚନ୍ଦ୍ର

ଶ୍ରୀ ହରେକୃଷ୍ଣ ଦାସ— କୁଣ୍ଡେଶ୍ୱରୀ ବେଣ୍ଟପୁର

ପ୍ର—ମୋର ଜଣେ ବନ୍ଧୁଙ୍କୁ ଗଣିତ ଆସେ ନାହିଁ । ଇଚ୍ଛା ମଧ୍ୟ ନାହିଁ ପଢ଼ିବା ଶୁଣିବାକୁ ଚେଷ୍ଟା ବି କରିବାକୁ । ଉପାୟ କଣ ?

ଉ—ସେ ସମୁଦ୍ର ତୀର ଗଲେ—ଯଦି କରଣ ହୋଇଥାନ୍ତି ପାସ କଲେ ଯାହା ପାଇବେ ନ କଲେ ବି ସେଇତା ପାଇବେ ।

ପ୍ର—ମୋର ବନ୍ଧୁମାନେ କହନ୍ତି ରୂପ-ଭାରତୀର ଶ୍ରୀ ଜଗନ୍ନାଥ ଦାସଙ୍କ ପଥାରେ ଦେଖିବା ଦିନୁ ମୁଁ କୌଣସି ଜନ ତାରତାଙ୍କ ପ୍ରେମରେ ପଡ଼ିଛି । ଯେତେ ମନା କଲେ ସେମାନେ ମାନୁନାହାନ୍ତି । ମନାଇବି କିପରି ?

ଉ—ସମ୍ଭବ ହେଲେ ତାକୁ ବାହାହୋଇ ପଡ଼ନ୍ତୁ । ପ୍ରେମରେ ପଡ଼ିଛନ୍ତି ବୋଲି କହିବାକୁ ମୁହଁ ନଥିବ କାହାର ।

ପ୍ର—ମୋର ଜଣେ ବନ୍ଧୁ ଅଛନ୍ତି ଯେ କି ଓଡ଼ିଶାର ବଡ଼ ବଡ଼ ମନୀଷୀମାନେ କିଏ ତାଙ୍କର କକା, ଦଦା, ବା ମାମୁଁ ବୋଲି ପରିଚୟ ଦିଅନ୍ତି ଓ ପ୍ରତିବାଦ କଲେ ରାଗି-ଯାନ୍ତି । ତାଙ୍କୁ କି ପ୍ରକାର ପାଗଳ ଡାକ୍ତରଙ୍କ ?

ଉ—ମନୀଷୀଙ୍କ ଦ୍ୱାରା ଯିଏ ତାଙ୍କ ପିଉସା ହୋଇଥିବେ—କିମ୍ବା ତାଙ୍କ ବାପଙ୍କ ଜୁଆଇଁ ହୋଇଥିବେ—ତାଙ୍କୁ କହନ୍ତୁ ଥେରାପି ସଂଶୋଧନ କ୍ଲିନିକ ଦେବାକୁ—ମନ ଭଲ ହେଲେ ମାନସିକ ।

କୁମାର ଶ୍ରୀଚନ୍ଦ୍ର, ମୋହନ ସିଂହନୁଆଗାଁ, ଜୟପୁର

ପ୍ର—ମଣିଷ ଜୀବନର କାମନାର ଶେଷ କେଉଁଠି ?

ଉ—ମନାରେ । ଅର୍ଥାତ୍ କାମନାକୁ ମନା କରନ୍ତୁ ।

ପ୍ର—ଗୃହିଣୀ ସାଥରେ ମନ ଉତ୍ଫୁଲ୍ଲ ହୁଏ କାହିଁକି

ଉ—ଗୃହ ଉଜ୍ଜ୍ୱଳ କରେ ବୋଲି ।

ପ୍ର— ମଣିଷ ବଞ୍ଚିବା ଆଶ୍ଚର୍ଯ୍ୟଜନକ ନା ମରଣ ?

ଉ—ବଞ୍ଚିବାଟା ଆଶ୍ଚର୍ଯ୍ୟର ଜନକ ଆଉ ମରିବାଟା ଆଶ୍ଚର୍ଯ୍ୟର ଘାତକ ।

ଶ୍ରୀ ସୁଶୀଲ କୁମାର ଦାଶ ସୁବର୍ଣ୍ଣରେଖା ଉଚ୍ଚ ବିଦ୍ୟାଳୟ—ବାଲିଆପାଳ ବାଲେଶ୍ୱର

ପ୍ର—ମନ୍ତ୍ରୀ ଓ ସରକାରଙ୍କୁ ନନ୍ଦିନୀ ଏତେ ସମାଲୋଚନା କରନ୍ତି କାହିଁକି ? ତାଙ୍କ ନେତୃତ୍ୱରେ ନୂଆ ମନ୍ତ୍ରୀ ମଣ୍ଡଳ ଗଢ଼ିବା ପାଇଁ ?

ଉ—ମନ୍ତ୍ରୀମଣ୍ଡଳ ନେତୃତ୍ୱରେ ଗଢ଼ାଯାଏ ନାହିଁ- କର୍ତ୍ତୃତ୍ୱରେ । ଦେଶର ଲୁଚିଯାଇଛି ସହେଳିତା ଆସିଲେ କି ?

ନାହିଁ—ସରକାରୀ ଅଫିସରଙ୍କ ଭୃତ୍ୟ—କଳାପେଟିଆଙ୍କ ଭୃତ୍ୟ । ପୂର୍ଣ୍ଣ ସମାଲୋଚନା-କାରୀ ହୋଇ ପାରନ୍ତି ନାହିଁ । କାରଣ ଗାଈଗୁଣ୍ଡା ସବୁ ମାଂସ ଖାଏ—ଶାଗୁଣା ମାଂସ କେହି ଖାଆନ୍ତି ନାହିଁ ।

ଅଶୋକକୁମାର ନାଏକ— M.P.C College Hostel

ପ୍ର—ସୁରେୟା ଓ ଦେବାନନ୍ଦଙ୍କ ମଧ୍ୟରେ କି ସମ୍ପର୍କ ଅଛି ?

ଉ—ଯେନାଯେନ ।

ପ୍ର—ପ୍ରେମର ଆଦ୍ୟ କେଉଁଠି ଓ ଅନ୍ତ କେଉଁଠି ?

ଉ—ପ୍ରେମର ଆଦ୍ୟ ଭ୍ରାନ୍ତି— ଓ ଶେଷ ଶାନ୍ତି ।

ପ୍ର— କଲେଜ ଗାର୍ଲମାନେ କାହିଁକି ଚୂଚୁନ୍ଦ୍ରୀ ଚନ୍ଦ୍ରଙ୍କୁ ଭଲ ପାଆନ୍ତି ?

ଉ—ସତେ ? ଥି ଥି ଥି— ମୁଁ ଆଗ ଘୁଣ୍ଟରେ ଚୋପ ପକାଇ ଦେବି କଲ କିଏ—

ଚନ୍ଦ୍ରମୋହନ ପଣ୍ଡା, Convener Y.S.L ଆଳିପୁର

ପ୍ର—ନିର୍ବାଚନ ପରିଷଦ ଓ ଭୁସିଆ ମଧ୍ୟରେ ସମ୍ପର୍କ କିପରି ?

ଉ—ପରିଷଦ ଶ୍ୱେତ ହଲ୍ ଲଗାଇ ଦେଇଛି ।

କରନ୍ତୁ । "ମୋର ନାଟକ ଛବିମାନଙ୍କର ଅତ୍ୟାଚାରର ଯନ୍ତ୍ର ହିସାବରେ ବ୍ୟବହୃତ ନ ହେଉ ।"

ଭଗ୍ରାମେରୁ ଅଭିଯାନକାରୀ ନ୍ୟାନ-ସେନଙ୍କୁ ଥରେ ପଚାରିଥିଲେ ଯେ, ସେ ମଥାଧାର ଔଷଧ ଆବିଷ୍କାର ସମ୍ବନ୍ଧରେ କେବେ ମୁଣ୍ଡ ଖେଳାଇଛନ୍ତି କି ନାହିଁ ?

ନ୍ୟାନସେନ ଅତି ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ତାଙ୍କ ଆଡକୁ । ସେ କହିଲେ— "କେବେ ଆପଣ ଚେଷ୍ଟା କରିଛନ୍ତି କି ?

—ନା ।

"ମୋତେ ଖୁବ ଆଶ୍ଚର୍ଯ୍ୟ ଲାଗୁଛି ଆପଣଙ୍କ କଥା ଶୁଣି । ଭଗ୍ରାମେରୁ ପାଇଁ କୌଣସି ଜଣେ ଲୋକର ଦୁଶ୍ଚିନ୍ତା ନାହିଁ, ଅଥଚ ସାରା ଜୀବନଟା ବ୍ୟସ୍ତ ଥିଲେ ସେ କଥା ଭାବି ଭାବି । ଏଣେ ପୃଥିବୀର ପ୍ରତ୍ୟେକ ଲୋକ ଅଲଗା ବନ୍ଧୁରେ ଯେଉଁଥି ପାଇଁ ବ୍ୟତିବ୍ୟସ୍ତ ସେ ବିଷୟରେ ଚିନ୍ତାଏ ବୋଲି ଭାବିଲେନି ଆପଣ ?"

ସେ ଥରେ ସମଗ୍ର ପୃଥିବୀ ଭ୍ରମଣ କରିଥିଲେ—କିନ୍ତୁ ଭାରତ ବୁଲିବାକୁ ତାଙ୍କର ଆଦୌ ଉତ୍ସାହ ନଥିଲା । ତାଙ୍କୁ ଥରେ ପଚାରିଗଲା—କୌଣସି ସ୍ଥାନ ଦେଖି ଆପଣଙ୍କୁ ବିଶେଷ ଭାବରେ ଭଲ ଲାଗିଛି କି ?

—ନାଁ, ସବୁ ସ୍ଥାନ ସମାନ ।

—କୌଣସି ଲୋକ ? ପ୍ରତ୍ୟେକହିଁ ମଣିଷ ।

—ଆଗ୍ରାର ତାଜମହଲ ଆପଣ ଦେଖି-ଛନ୍ତି କି ?

—ନାଁ, ଆମଦାଲରେ ସମସ୍ତେ ସାତଦିନରେ ଭାରତବର୍ଷ ଭ୍ରମଣ କରିବାକୁ ଗଲେ କିନ୍ତୁ ମୁଁ ଥିଲି ବୋମ୍ବାଇରେ ।

—ଚୀନର ବିଖ୍ୟାତ ପାଚେରୀ ଦେଖି ଆପଣଙ୍କୁ କିମିତି ଲାଗିଲା ?

—ଗୋଟାଏ ପାଚେରୀ ଯିମିତି ଲାଗିବା କଥା, ସିମିତି ।

—ରଙ୍ଗ ପାହାଡ଼ ଆପଣଙ୍କୁ ମୁଗ୍ଧ କରିଛି କି ?

—ଦେଖିନା । ମୋ ପାଇଁ ମୋ ହଲାଣ୍ଡର ବାସଭବନ ନିକଟସ୍ଥ ଛୋଟ ପାହାଡ଼ଟି ଯଥେଷ୍ଟ ।

ସେ କିପରି ଭାବରେ ବିଖ୍ୟାତ ହେଲେ ବୋଲି ଜାଣିବାକୁ ଚାହିଁଲେ ସେ କହନ୍ତି- "I never tried to be great but I was great." (ରବୀନ୍ଦ୍ରନାଥ ଦାସ)



Digitized by srujanika@gmail.com

ପ୍ର—ପ୍ରେମ ଓ ପ୍ରଣୟ ଭିତରେ ପ୍ରଭେଦ କଣ ?

ଉ—ପ୍ରେମଟା ଜୁଳିବା—ପ୍ରଣୟଟା ଖାଇବା—ତାପରେ ଅବଶେଷ ଯାଏ କ୍ରିୟା ଅଛି—ଗିଳିବା—ତା ନାମ ପରିଣୟ ।

ପ୍ର—କେନ୍ଦ୍ର ମନ୍ତ୍ରୀ ହିସି ସିଂ ଆମୃତ ପ୍ରସାଦ କରିଥିଲେ କି ?—ସେଥିରୁ K.P ଭୁଲା ଯିବକି ନାହିଁ ?

ଉ—ଅମୃତ ନାହି ପଡ଼ୁଚି ତେଣୁ ଗଣନା ଲଭୁ ଚେଷ୍ଟା ।

କୃଷ୍ଣଚନ୍ଦ୍ର ବଳ

ପ୍ର—ନାଁର ଅର୍ଥ କଣ ?

ଉ—ହଁ—ସ୍ତ୍ରୀ ପକ୍ଷରେ ।

ପ୍ର—ମଣିଷ କାହାକୁ କହନ୍ତି ?

ଉ—ଯେ ଅନ୍ୟର ନଶରୁ ଅଣି 'ମୋହନଶ' ବୋଲି କହିବାର ଚେଷ୍ଟା କରୁଥାଏ ।

ପ୍ର—ଆପଣଙ୍କ ବିଶେଷତ୍ୱ କଣ ?

ଉ—ଯାହା ପଛରେ ଲାଗେ—ତାକୁ କ୍ୟାବତ୍ୟସ୍ତ କରିଛାଡ଼େ ।

ଶ୍ରୀ ସୁକେଶଚନ୍ଦ୍ର ସାହୁ

ନଂ ୩୦ ଚୂନାପୁକୁର ଲେନ୍—କଲିକତା

ପ୍ର—ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ଅତ୍ୟାଶ୍ଚର୍ଯ୍ୟ କଣ ?

ଉ—ଥରେ ଗୋଟିଏ ନାରୀ ଗୋଟିଏ ନରକୁ ପ୍ରକୃତରେ ଭଲ ପାଇଥିଲା ।

ପ୍ର—ଭାରତର ଅଧୁନା ଶ୍ରେଷ୍ଠ ମାନବ କିଏ ?

ଉ—ନେହେରୁ ସର୍ଗଙ୍କ ମନ୍ତ୍ରୀ ।

ପ୍ର—ସୁଅ ନା ଧରି ଯୋଆଡ ଗାଇବାରେ ଦୋଷ କଣ ?

ଉ—ଖାଉ ଖାଉ ସୁଅକୁ ଖାଇଯାଇ ପାରେ—ଠାକୁର ଓ ଖଟୁଲି ସବୁ ।

ନରେନ୍ଦ୍ରନାଥ ସ୍ୱାଇଁ, ଫକୀରମୋହନ କଲେଜ
ବାଲେଶ୍ୱର ।

ପ୍ର—ଡଗର ବନ୍ଦ ହୋଇଗଲେ ମନ୍ତ୍ରୀ ଓ ଏମ ଏଲ ଏଙ୍କର କି ହେବ ?

ଉ—ଅଜୀର୍ଣ୍ଣ ବଢ଼େ ।

ପ୍ର—ଉତ୍କଳ ବିଶ୍ୱବିଦ୍ୟାଳୟ ଡର୍ଟୋବ ଏ,କୁ ଜଗବଡ ବଟାଇ ଦେଇଛନ୍ତି କାହିଁକି ?

ଉ—ଯେତେ କହିଲେ ଭଗବତ—ଛୋଟ ନେଇଥିଲୁ 'ବି ଏ' ଦଣ୍ଡ ।

ପ୍ର—କଲେଜ ଇଲେକସନ ପୂର୍ବରୁ ଛାତ୍ରନେତାମାନେ ହଠାତ୍ ଶାନ୍ତ ଧୀର ଓ ବେରସିକ ହୁଅନ୍ତି କାହିଁକି ?

ଉ—ଛାତ୍ରୀମାନଙ୍କ ଭୋଟ ପାଇବା ପାଇଁ ।

ଶ୍ରୀପତି କୋଳବାଳା ସାହୁ, ଖଇରାଗଡ଼ କଟକ ।

ପ୍ର—ଡଗର ସଂପାଦକ କଲ୍ୟାଣନ୍ଦ ବାବୁଙ୍କ ବିବାହ ପ୍ରଶ୍ନ ଏତେ ଉଠୁଛି କାହିଁକି ?

ଉ—ତାଙ୍କ ବାହା ଶୁଣିଲେ ହେଉଥିବ ଆଉ ପିଠି ବି କୁଣ୍ଡେଇ ହେଉଥିବ ବୋଧେ ।

ପ୍ର—ଆଚାର୍ଯ୍ୟ କୃପାଳନୀ ଗଣତନ୍ତ୍ର ଦଳ ଗଠନ କରିବା ଉଦ୍ଦେଶ୍ୟ କଣ ? ସେ ଜଣେ ନିଷ୍ଠାପର ଖାଣ୍ଟି କଂଗ୍ରେସ କର୍ମୀ ଥିଲେ ?

ଉ—କଂଗ୍ରେସକୁ ଘୃଣଡନ୍ତ ହାତରୁ ରକ୍ଷା କରିବାକୁ ।

ପ୍ର—ସମାଜ, ପ୍ରଜାତନ୍ତ୍ର ଓ ଦୈନିକ ଆଶା ଏହି ତିନ ପତ୍ରିକାର ବିଶେଷତ୍ୱ କଣ ?

ଉ—ଗୋଟିଏ ଖବର କାଗଜ, ଆଉ ଗୋଟିଏ ଖାଲି କାଗଜ— ଅଉ ଗୋଟିଏ କେବଳ ଦୈନିକ ।

ମହେଶ୍ୱର ମହାପାତ୍ର, ଝୁଲଣ୍ଡି ବରପାଲି ।

ପ୍ର—ଡେଇଜି ଶବ୍ଦର (Daisy) ଅର୍ଥ କଣ ?

ଉ—ରମଣୀର ଚଢ଼ୁଲ କପୋଳରେ କୁଙ୍କୁମର ଶୋଭା ।

ପ୍ର—ଶିକ୍ଷିତା ରମଣୀମାନେ ନର୍ସ ବା ଶିକ୍ଷୟିତ୍ରୀ ନହୋଇ ବାବୁର୍ଚ୍ଚି ବା ପୁଲିସ ବିଭାଗରେ କାମ କଲେ କ୍ଷତି କଣ ହୁଅନ୍ତା ?

ଉ—ଚୋର ଚୋରି କରନ୍ତେ ନାହିଁ କି ବାବୁର୍ଚ୍ଚି ମଇଳା ଦରକାର ପଡ଼ନ୍ତା ନାହିଁ । ହସ୍ପିଟାଲ ଓ ଥାନାର ଦରକାର ନହେଲେ ତାଙ୍କ ଚାକିରୀର କି ଦରକାର ?

ପ୍ର—ଆପଣଙ୍କୁ ମୁଁ ଦେଖିନାହିଁ । ଏଇଠୁ ଥାଇ କି ଉପାୟରେ ବିନା ଫୋଟ ସାହାଯ୍ୟରେ ଦେଖିପାରିବି ।

ଉ—ଗୋଟିଏ ଚୁଟୁକି, ଦେହରେ ହାତ ଦେଇ ନାକ ଅଗରେ ରଖନ୍ତୁ ।

ନାଃ ନାଃ କହଦାର, ସମ୍ବଲପୁର

ପ୍ର—ସମ୍ବଲପୁରରେ ଗାଡ଼ଗିଲ, ଅସଫଅଲି ଓ କେଳେବ ମନ୍ତ୍ରୀ ବଳେ ଭାଷଣ ଦେବାବେଳେ ଚନ୍ଦନ ବନରେ କି ବଜ୍ରଘାତ ହୋଇଥିଲା କି ?

ଉ—ସୂର୍ଯ୍ୟ କେତୁଗ୍ରସ୍ତ ହୋଇଥିଲେ ।

ପ୍ର—ସେ ଦିନ କେବେ ଯେବେ ଆମ ନେତାମାନେ ଅଳ୍ପ କହିବେ ଓ ବେଶୀ କରିବେ ।

ଉ—ସେ ଦିନ ନ ଆସିଲେ— ଗ୍ରନ୍ଥ ନିଶ୍ଚୟ ଆସିବ ।

ପ୍ର—ଶୁଣାଯାଏ ପାକିସ୍ଥାନ ଗିଲଗିଟଘାଟି ଆମେରିକାକୁ ବିକି ଦେଉଛି । ସାଂଗ୍ରା ପାକିସ୍ତାନକୁ ଠେକି ଦେବା ଦିନ ଆସିବ କି ?

ଉ—ଠେକିଦେବେ, ବିକିଦେବେ ପୁଣି ବାଣ୍ଟି ବି ଦେବେ— ଅଳ୍ପ ଦିନ ।

ଚିତ୍ତରଞ୍ଜନ ଦାସ ମହାପାତ୍ର,
ବାଲେଶ୍ୱର କଲେଜ ।

ପ୍ର—ପ୍ରେମରେ ବିଫଳ ହେଲେ ମନରେ ଦୁଃଖ ଆସେ କାହିଁକି ?

ଉ—ଭବିଷ୍ୟତ୍ ସୁଖମୟ ହେବ ବୋଲି ।

ପ୍ର—ସ୍ତ୍ରୀ ଓ ପୁରୁଷ ମଧ୍ୟରେ ପ୍ରେମଲିପ୍ସୁ ବେଶୀ କିଏ ?

ଉ—ସ୍ତ୍ରୀ ହବେ ପ୍ରେମ ମିଳିଲେ ଭଲ; ପୁରୁଷ ହବେ ପ୍ରେମ ଭଲ ଥିଲେ ମିଳେ ।

ପ୍ର—ପାଠ ନପଢ଼ି ପାସ କରିବାର ସହଜ ଉପାୟ କଣ ?

ଉ—ଘାସ କାଟିବା । କାରଣ ପାସ୍ କଲା ଲୋକେ ତା ବି ପାରନ୍ତି ନାହିଁ ।

ଶ୍ୟାମସୁନ୍ଦର ଦାସ, ଗ୍ରାମ— ସମ୍ବଲପୁର
ବାଲେଶ୍ୱର ।

ପ୍ର—ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାକୁ ହେଲେ କଣ କରିବା ଦରକାର ?

ଉ—ଜୀବନ ଉଦ୍ଯାପନ ।

ପ୍ର—ପର ପର ସୃଷ୍ଟି ମାନବ ସମାଜର ସୃଷ୍ଟି ପାଇଁ ନା ବିନାଶ ପାଇଁ ?

ଉ—ସୃଷ୍ଟି ନହେଲେ ବିନାଶ ଅସିବ କେଉଁଠୁ । ବିନାଶ ନହେଲେ ପୁଣି ସୃଷ୍ଟି ହେବ କେମିତି ।

ପ୍ର—ଡଗରର ନାତି ନାତୁଣୀ କେତେ ?

ଉ—ବର୍ଷା ଦିନରେ ତେଲଗୁଣ୍ଡି ପୋକ ଯେତେ ।



Digitized by srujanika@gmail.com

## ନାଗଙ୍କ କଲମରୁ

### ଦୁର୍ଗାପୂଜା

ନଦୀ ପୋଖରୀ ଗୋଳିଆ ଗଲା
ମେଘୁଆ ନଭେ ଫୁଟିଲା ଖରା
କାଦୁଅ ଦହ ଶୁଖିଲା ଫାଟି
ସବୁଜ କ୍ଷେତେ ଚଗାଢିଲା ଧରା ।
ଘଣ୍ଟା ବାଜିଲା ବାଜିଲା ଶଙ୍ଖ
ବାଜିଲା ପୁଣି ମହୁରୀ ଢୋଲ,
ମୃଦଙ୍ଗ ବାଜେ ମନ୍ଦିରେ ବାଜେ
ଆସିଲା ଏବେ ପୂଜାର ଗୋଳ ।
ଜଗତ ମାତା ଶକତି ଆଦ୍ୟା
ଧ୍ୱଂସ କାରିଣୀ ଚାମୁଣ୍ଡା ରୂପେ
ଓଁ ଦୁର୍ଗା ଦୁର୍ଗା ମନ୍ତ୍ରରେ ସଦା
ବୈଦିକ ସେହି ବ୍ରାହ୍ମଣ ଜପେ ।
ମହାମା ମଲ୍ଲ ଯୁଦ୍ଧ ସଇଲା
ଦେଶରେ ଯାକେ କି ସୁଖ ଶାନ୍ତି
ମଧୁକୈଟଭ ମରିଲେ ପୁଣି
ତୁଟିଗଲା ମନରୁ ଭ୍ରାନ୍ତି ।
ବିଜୟ ଆଶା ପୋଷିଣ ହୃଦେ
ରାମ ରାଘବ ଶ୍ରୀ ରଘୁବୀର
ସାଗର ତୀରେ ରଚିଲେ ପୂଜା
ମରିଲା ଲଙ୍କା ରାବଣାସୁର ।
ନାହିଁ ସେ ଦିନ ରହିଛି ସ୍ମୃତି
ପୂଜା ଏ ହୁଏ ବରଷେ ଦିନ ।
ବିଜୟ ଆଶା ଆପଣା ଅର୍ଥେ
ମଣିଷ ହୁଏ କି ହୀନମାନ ।
ଭାଇ ଭାଇର ଲାଗିଛି ବାଦ
ହୋଇନି ଆଜି ତା ଅବସାନ
କଠୋର ହିଂସା କାରଣ ଦରେ
ଲଢନ୍ତି ହିନ୍ଦୁ ମୁସଲମାନ ।
ସ୍ୱାର୍ଥ ପାଇଁ ଲଢନ୍ତି ଯେବେ
ନାହିଁ ତାଙ୍କର ପରାଣେ ଡର
ମାଆଗୋ ଦୁର୍ଗା ସଦୟ ହୋଇ
ହିଂସା ଦ୍ୱେଷ କର ମା ଦୂର ।
ମହତ ଜାତୀ ଭେଦ ଭାବକୁ
ଖଡ୍ଗରେ ତୋ ଦିଅ ଗୋ ଛେଦି
ଭାଇ ଭାଇର ମିଳନ ହେଉ
ଭସାଇ ଦିଅ ପ୍ରେମର ନଦୀ ।

ଶ୍ରୀ ରଘୁନାଥ କେଡ଼େଟ
୧୩୮୯

## ଅଜାଙ୍କ ଜବାବ

ପ୍ରାଣ ବନ୍ଧୁ (୧୪୯୩)-ଶିକ୍ଷକଙ୍କୁ ଆଜ୍ଞା କହିବା ପୂର୍ବରୁ କହିଲେ ଭୁଲ୍‌ ଲାଗେ ମନେ ହୁଏ ? ତାର କାରଣ ଅନ୍ୟମାନେ କେହି ଗୁରୁ ବୋଲି କହୁନାହାନ୍ତି । ତା ଛଡ଼ା ଯୁବକ ସମ୍ବୋଧନରେ ସମ୍ମାନ ଅନୁପଯୁକ୍ତ ମନେ ହେବ । ହିନ୍ଦୀ ଅନୁଯାୟୀ ଗୁରୁଜୀ—ଓଡ଼ିଆ ଅନୁଯାୟୀ ଗୁରୁ ଆଜ୍ଞା ବା ଗୁରୁ ଆପଣେ ହେବ ।

ସବିତା (୧୨୪୪)—ଯାହାର ସଂସାର ପ୍ରତି ବୈରାଗ୍ୟ ଆସିଚ ତାର ତାପ ମା ଭାଇଙ୍କୁ ବାଧା ଦେଇ ପାରିବେ ନାହିଁ, ମନ ଜେତେକ କାରଣରୁ ଥରେ ସାମୟିକ ଭାବରେ ବିବାହ କରିବାକୁ ମନ ବଳାଇ ନଥାନ୍ତି । ସେହି କାରଣ ଦୂର ହୋଇଗଲେ ପୁଣି ମନ ଦୁର୍ବଳ ହୋଇ ଯାଏ । ବିବାହ ନକରିବାକୁ ଇଚ୍ଛା ଥିଲେ—ବୈରାଗ୍ୟ ଆସିବା ଦରକାର । ତାହେଲେ ବିବାହ ହେଲେ ମଧ୍ୟ ଧର୍ମର ଜୀବନରେ ବାଧା ଆସିବ ନାହିଁ । ଏହି ଦୁଇଟି ଉପଦେଶ ନିମନ୍ତେ ତମେ ଦୁଇଟି ପୁସ୍ତକ ଦୃଷ୍ଟାନ୍ତ ପାଇବ । ଶଙ୍କରାଚାର୍ଯ୍ୟ ମାତାଙ୍କ ଅନୁମତି ନେଇ ସନ୍ନ୍ୟାସ ହେଲେ । ମାତା ବାଧା ଦେଇ ନାହାନ୍ତି । ଚୈତନ୍ୟ ମାତାଙ୍କ ଅନୁମତି ନେଇ ନାହିଁ । ତେବେ ବାହାହେଲେ । ମନ—ସେ ବିବାହ ତାଙ୍କୁ ଦମିତ କଲେ ନାହିଁ । (୨) ମନୁଷ୍ୟ ଜୀବନର ପ୍ରତ୍ୟେକ ସ୍ତର-ଅଭ୍ୟାସ । ଈଶ୍ୱର (୧୦୨୮) ଉପନ୍ୟାସ ପୁଣି ଫେରେଇ ଉପନ୍ୟାସ ସଂଶୋଧନ କରିବା ପାଇଁ ମୋତେ ସମୟ ମିଳିବ ନାହିଁ । ତମର ଶିକ୍ଷକ ବା ଅଧ୍ୟାପକଙ୍କୁ ଦେଖାଅ । ହଠାତ୍ ଛାପିବାକୁ ମନବଳାଅ ନାହିଁ !

ଉପେନ୍ଦ୍ର— ବଙ୍ଗାଳିମାନଙ୍କ ଅପେକ୍ଷା ଓଡ଼ିଆଙ୍କର ମୁଣ୍ଡପିଣ୍ଡ ଥାଇ ବେଶି ବୋଲି ହିନ୍ଦୁସ୍ଥାନ ଷ୍ଟାଣ୍ଡ୍‌ରେ ବାହାରିଛି । ଏହା ସତ୍ୟ ମିଥ୍ୟା ଜାଣିବାକୁ ଚାହୁଁଛ ? ମୋ ମତରେ ହିସାବ ଭୁଲ ହୋଇଛି । ତମ କବିତା ମନୋନୀତ ହୋଇନାହିଁ ।

## ନାଗଙ୍କ ଉତ୍ତର

ଦୁଃଖର କଥା କୌଣସି ନାଗ ପୂର୍ବ ପ୍ରଶ୍ନମାନଙ୍କର ଉତ୍ତର ଦେଇ ନାହାନ୍ତି ।

## ନାଗଙ୍କ ପ୍ରଶ୍ନ

ହରିବନ୍ଧୁ (୧୨୫୦) ରାଜନୀତି କ୍ଷେତ୍ରରେ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପରେ ଭାରତରେ ପ୍ରଥମ ସ୍ଥାନ ଅଧିକାର କରିବେ ?

ରାଜକିଶୋର (୧୩୫୬) ଓଡ଼ିଶାର ପ୍ରଥମ କଂଗ୍ରେସ କର୍ମୀ କିଏ ଓ ତାଙ୍କ ଘର କେଉଁ ଜିଲ୍ଲାରେ ?

ସୁରେନ୍ଦ୍ର (୧୩୫୨) ମୁଦ୍ରାଙ୍କରେ ସବୁଠାରୁ ଅଧିକ ସୁନା, ଲୋହା, ରୁପା ଓ ନିକେଲ୍ କେଉଁ ଜାତି ଦେଶ ଦିଏ ?

ମଦନ (୧୩୮୨) କେଉଁ ସମୟରେ ଜେବେ ଭାରତୀୟ କୋଟାର କେନ୍ଦ୍ର ପ୍ରତିଷ୍ଠିତ ?

ଧିରେନ୍ଦ୍ର (୧୩୯୦) ବାୟୁ ଓଜନରେ ସେପ୍ଟେମ୍ବର ଯୋଜନା ଅଛି କି ?

ନିତ୍ୟା (୧୩୮୮) ବେଦ ଟା କେତେ ପ୍ରକାର ଓ କଣ କଣ ?

## ୫୭ ନମ୍ବର ଉତ୍ତର

ଉପର ଦାଗ ନକ୍ରେ—ଅର୍ଥାତ୍ ମନୁଷ୍ୟ —ଅର୍ଥାତ୍—

| | | | |
|---|---|---|---|
| 'ଟା' ପାଦ | — | ମଣିଷର | ପାଦଅଛି |
| 'ତିନୀ'—ପିଠି | — | ,, | ପିଠିଅଛି |
| ଦୁଇହାତ | — | ,, | ହାତଅଛି |
| ୨୦ ଆଙ୍ଗୁଳି | — | ,, | ଆଙ୍ଗୁଳିଅଛି |
| ନାକ | — | ,, | ନାକଅଛି |
| ଚକ୍ଷୁ | — | ,, | ଚକ୍ଷୁଅଛି |
| କର୍ଣ୍ଣ | — | ,, | କର୍ଣ୍ଣଅଛି |
| ନାହି | — | ,, | ନାହିଅଛି |

## ଅବସର ବିନୋଦନ ୫୭

ଦୁଇଜଣ ମହାଜନଙ୍କର ଦୁଇଟି ପଥର ଥିଲା । ୧ମ ଜଣଙ୍କ ପଥରର ଓଜନ ୧୦୦ ସେର-୨ୟଙ୍କ ମହାଜନେ ଦୁହେଁ ଯେଉଁ ପଥରକୁ ହିସାବ ଦେଇ ପ୍ରଥମ ଜଣଙ୍କ ୬ଖଣ୍ଡ କଲା ଓ ୨ୟ ଜଣଙ୍କ ତା ଠାରୁ ୩ଖଣ୍ଡ ଛୋଟା କଲା ସେମାନେ ସେ ପଥରକୁ ଏପରି ଭାବେ ଭାଙ୍ଗିଲେ ଯେ ପ୍ରଥମ ଜଣଙ୍କ ୧୦୦ ସେର ଭିତରେ ଓ ୨ୟ ଜଣଙ୍କ ୪୦ ସେର ଭିତରେ ଯାବତୀୟ ଜିନିଷ ଓଜନ କରି ପାରିଲେ ଅନ୍ୟ ବଟକରା ବିନା ସାହାଯ୍ୟରେ କାହାର ପଥର କେତେ ଲେଖାଏଁ ଓଜନ ଥିଲା —ଗୋବର୍ଦ୍ଧନ [୧୦୬୯]

## ନୂଆ ନାଗଙ୍କ ନାମ

୧୪୦୪—ରାଜକିଶୋର ମହାନ୍ତି ୧୪୦୫ ରବିନାରାୟଣ ମହାନ୍ତି— ମଧୁଗ୍ରାମ, ପୋଃ ହୃଦ.ନଗର ବଡ଼ଭ ।



Digitized by srujanika@gmail.com

Dagaro
Reg. No O 15. ORISSA'S MOST POPULAR FORTNIGHTLY 16-11-50


ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ। ଅନୁମାନ କରାଯାଉଛି— ଏହା ତିନି ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ। ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ। ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି। କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ। ସେଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ବାରୁଣୀ, ରସଚକ୍ର ବା ଅନ୍ୟ ପତ୍ରପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ।

ଉତ୍କଳ ବୁକ୍ ଏମ୍ପୋରିଅମ୍ କମ୍ପାନୀ, କଟକ—୨ | ମ୍ୟାନେଜର, ଡଗର ପ୍ରେସ, କଟକ—୧

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶଙ୍କର ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ।

# ଲଙ୍କାଯାତ୍ରୀ

ଗାଁ। ଝିଅଙ୍କ ନୂଆରେ ଲେଖା—

# ପଲ୍ଲୀଚାରଣୀ

ପ୍ରକାଶିତ ହେଲା।

ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଦୁଇଟଙ୍କା

| | |
|---|---|
| ଗ୍ରହଣିକା- | ଟ୨ |
| କଙ୍କାଳର ଲହୁ | -ଟ୦୪ |
| କଳକଲ୍ଲୋଳ- | ଟ୨୪ |
| ପଲ୍ଲୀପୁଷ୍ପ- | ଟ୧୪ |

ପ୍ରାପ୍ତିସ୍ଥାନ- ଓଡ଼ିଶାର ବଡ ବଡ ବହି ଦୋକାନ।

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା<br>ଝାଞ୍ଜିରି ମଙ୍ଗଳା<br>କଟକ [ ୧ ] | ସହକାରୀ ଚିକିତ୍ସାପକ<br>—କବିରାଜ—<br>ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର<br>ଝାଞ୍ଜିରି ମଙ୍ଗଳା<br>କଟକ ( ୧ ) |

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ନୂପୁର— | ( କବିତା ) | ଟ ୧୮ |
| ପାଞ୍ଚଜନ୍ୟ— | ,, | ଟ ୧୮ |
| କାଳରତ୍ନ— | ,, (ଅନୁବାଦ) | ଟ ୧୮ |
| ହିଙ୍ଗୁଳମାଟି— | [ ଉପନ୍ୟାସ ] | ଟ ୨୪ |
| ଜୀଅନ୍ତା ମଣିଷ— | ,, | ଟ ୨୪ |
| ଜୀବନର ଲକ୍ଷ୍ୟ— | ,, | ଟ ୬୮ |
| ଭୁଲ— | ,, | ଟ ୬୮ |
| ଏଗାରଟି— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ୧ —


Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

## ରୁସିଆ ମୁହଁରୁ ରଖ ମା !

୧୪ଶ ବର୍ଷ

ଏକାଦଶ ସଂଖ୍ୟା

ମାର୍ଗଶୀର

ପ୍ରଥମାର୍ଦ୍ଧ




କମ୍ୟୁନିଜମ୍‌ରୁ ରକ୍ଷା ପାଇବା ପାଇଁ ବନାରସ ପଣ୍ଡିତମାନେ କାଳୀପୂଜା କରିଥିଲେ — ସମ୍ବାଦ

ବାର୍ଷିକ

ଛ ଟଙ୍କା

ପ୍ରତିଖଣ୍ଡ

ଚାରିଅଣା

ଏ ସଂଖ୍ୟାରେ--କିଶୋରଚନ୍ଦ୍ର ରାଜ କିଶୋର

Digitized by srujanika@gmail.com

ଅଗ୍ରପ୍ରକାଶ କଲା
ନୂତନ

# 'ଜବାହରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**-ପରିଚୟ, ଜବାହରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅବିଷ୍କାର, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ଟମଦଳାଙ୍କ ରାଇଜରେ; ଭାରତର ଜହରଲାଲ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

**Foreword** (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍ଟର ଜେ, ମାଇକେଲ୍ ହଗୋପିଅନ୍; କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

**Foreword**- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମିଃ ରୋଲ୍ଫ ସ୍କୁଲ, ଜର୍ମାନୀ । ପୂର୍ବାଭାଷ । ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବିଲାତ ଚିଠି' (ଇଂରାଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବଟକୃଷ୍ଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଲିଟ୍; ଡ଼; ଲିଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି: ରମଣ୍ (ନୋବେଲ୍-ଲରେଟ୍), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବିଭାଗ ମନ୍ତ୍ରୀ; ଅଧକ୍ଷ ଏସ୍. ଏନ୍. ଏଗରୱାଲ୍ ଓ୍ୟାର୍ଦ୍ଧା; ଶ୍ରୀ ଯୋଶେଫ୍ ଆଲଭା, "Forum"ର ସଂପାଦକ; ଶ୍ରୀମତୀ ସୋଫିଆ ଓ୍ୟାଦିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦାସ; ଡକ୍ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଷ୍ଟନ୍ ବଡ଼ାଲ ପାର୍ଲବନ୍ ଆମେରିକା ଡକ୍ଟର ମୂଲକରାଜ ଆନନ୍ଦ ବମ୍ବେ ପ୍ରଭୃତି—। ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତିସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍ଏଜେନ୍ସି
ବଣିଆସାହି, କଟକ ।



ସ୍ତ୍ରୀ ରୋଗ ପାଇଁ

## ଋତୁସ୍ରାବ ଶୋଧନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼େ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨୲୦ ଡାକ ଖର୍ଚ୍ଚ—୲୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

### ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହା ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡ଼ାକଖର୍ଚ୍ଚ—୲୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**



ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ - ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହରିସନ ରୋଡ କଲିକତା



## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଚାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୲୧ ମନିଅର୍ଡର କରି କୁପନ-ରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।



## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବୋରିକ୍ ଟାଫେଲଙ୍କର ହୋମିଓପ୍ୟାଥିକ ଔଷଧ ଓ ଜାଙ୍କା ନାଡ଼ର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

**ଠିକଣା**

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ


Digitized by srujanika@gmail.com

ଆନନ୍ଦାଦ୍ ହ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ



ମାର୍ଗଶିର ପ୍ରଥମାର୍ଦ୍ଧ ୧୪ ଶ ବର୍ଷ ଏକାଦଶ ସଂଖ୍ୟା ୧ । ୧୨ । ୬୦

## କିଶୋରଚନ୍ଦ୍ର ରଜ କିଶୋର ରାୟ

ଆପଣ ବାଳାମାନଙ୍କ ମଧ୍ୟରେ କିଶୋର ନୁହନ୍ତି କିନ୍ତୁ କିଶୋରମାନଙ୍କ ମଧ୍ୟରେ ରାଜା । ଆପଣ କଥା କହନ୍ତି ସତ, କିନ୍ତୁ କବିତା ମଧ୍ୟ ଆପଣଙ୍କୁ ଅନୁସରଣ କରେ । ଆପଣଙ୍କ କଥାରେ କବିତା ଥାଉ ନଥାଉ କବିତାରେ କିନ୍ତୁ କଥା ଥାଏ । ଚିର ନୂତନ— ଚିର ନୂତନ ତା— ଯେଉଁଠି ପ୍ରେମ ଏ ଜୀବନକୁ ବୋଢ଼ି ରହେ ଲୀଳା ପରି ଆଉ ଯେଉଁଠି ଜୀବନ ଭିତରେ ଖୋଜିବାକୁ ହୁଏ ପ୍ରେମକୁ । ଆପଣଙ୍କର ଲେଖନୀ ସେଠାରୁ ସତ୍ୟକୁ ସେଠାରୁ ପ୍ରମାଣ ଦେଉଛି ।




ହେ ବନଜ୍ୟୋତ୍ସ୍ନାର କଳାକାର ! ଏ ଜ୍ୟୋତ୍ସ୍ନା ବାସ୍ତବର ଅନାଘ୍ରାତ, ଅପରିଗ୍ରାହ୍ୟ, ଅପରିଗମ୍ୟ, ଅପରିବେଶ୍ୟ ବନ ଓ ବନାନୀର ନୁହେଁ—ଏ ଜ୍ୟୋତ୍ସ୍ନାର ଚିର ଚନ୍ଦ୍ରିମାକୁ ଅମୋଦିତ କରିଛନ୍ତି । ସେ ବନ୍ୟାରେ ଆପଣ ଭାସି ଯାଇନାହାନ୍ତି । ଆପଣ ସବୁଦିନେ ନିଜକୁ ଏକ ବିରାଟ ବାଲିସ୍ତୂପ ପରି ଜାହ୍ନବୀର ନବ ଅଭିଷିକ୍ତ ପ୍ଳାବନରେ । ଗାଳ ଲହରୀରେ ଉଦ୍‌ବେଳିତ ହୋଇନାହାନ୍ତି ଆପଣ । ବାଣୀକମଳା ଆପଣଙ୍କର ଚରଣବେଳା ସ୍ୱର୍ଣ୍ଣ ନୂପୁର ଯୋଗାଇଛି । ଶତଦଳ ବିକଶିତ ହୋଇନାହିଁ । ଆପଣଙ୍କର କର ସ୍ପର୍ଶ ପାଇ ବିକଚ ଶତଦଳ ଲୋଟି ପଡ଼ୁଛି ଆପଣଙ୍କ ପଦ ପଙ୍କଜକୁ ସାର୍ଥକ କରି ।

ଆପଣ କବିତା ହୋଇ ଜନ୍ମ ହୋଇଥିଲେ— କିନ୍ତୁ କଏ ବୁଦ୍ଧିମାନ ତାକୁ କଥାରେ ପରିଣତ କରିଦେଲା । ଆପଣଙ୍କ ସୁଠାମ, ସୁଶ୍ରୀ ବଦନ ଅବୟବରେ ସଦାସର୍ବଦା କବିତାର ଲାଳିମା ଓ ଲାବଣ୍ୟ— ଛନ୍ଦୋବଦ୍ଧର ବିନ୍ୟାସ । କିନ୍ତୁ ଆପଣଙ୍କ ହୃଦୟ ତଳେ ଗୋଟିଏ ଅକୁହା କାହାଣୀ । ନିଜକୁ ଅନ୍ୟ ଭାବରେ ଦେଖିବାର ଚେଷ୍ଟା ବିଫଳ ହୋଇ ଯେପରି ଆପଣ ନିଜ ଭିତରେ ଅନ୍ୟକୁ ପରିଚୟ ଦେଉଛନ୍ତି ।

## ବିଶ୍ୱାସ

ବସ୍ତୁବାଦୀ ସଭ୍ୟତାର ଘୋର ବିପଦ ମୁହୂର୍ତ୍ତରେ ହୋଇଥିବା ବିଶେଷ ଘଟଣା ଦାୟିତ୍ୱକ ବିସ୍ମୟ ସୃଷ୍ଟି କରୁଛି— ଅନୁଗୁଳର କ୍ଷୁଦ୍ର ଗୋଟିଏ ଗ୍ରାମରେ ସାମାନ୍ୟ ଗୋପାଳ ବାଳକର ଅଲୌକିକ ଆରୋଗ୍ୟ ଶକ୍ତି ଏବଂ ଶ୍ରୀ ଅରବିନ୍ଦଙ୍କ ଶବର ଅବିକୃତ ଅବସ୍ଥା । ଏହି ଦୁଇଟି ଘଟଣା ଦୈବୀ । ଏହା ଯେ ବହିର୍ବିଜ୍ଞାନର ପରିସରର ବାହାରେ, ଏଥିରେ ସନ୍ଦେହ ନାହିଁ । ପୃଥିବୀରେ ଯେତେବେଳେ ଯେତେବେଳେ ଧର୍ମ-ସ୍ଥାପକ ଐଶୀଶକ୍ତି ସମ୍ପନ୍ନ ବ୍ୟକ୍ତି ଜନ୍ମିଛନ୍ତି ସମସ୍ତଙ୍କ ଚତୁଃପାର୍ଶ୍ୱରେ ଏଭଳି ଦୈବୀ କାହାଣୀ ଅନେକ ଯେ ନଥିଲା ନୁହେଁ ଏକଥା ସ୍ୱୀକାର କରିବାର ବେଳ ଆସିଛି । ଅନେକ ମନେ କରନ୍ତି ବର୍ତ୍ତମାନ ଏହି ଅବିଶ୍ୱାସଗ୍ରସ୍ତ, ଭୀତ, ସଂଶୟାକୁଳ ଯୁଗ ଅନ୍ତର୍ମୁଖୀ ହୋଇବାର ଆଗ ସୋପାନ ହେବା ପାଇଁ ଏ ଦୈବୀ ଶକ୍ତିର ବିକାଶ ।

ଆଲୋଚନା କରି ଦେଖିଲେ ବର୍ତ୍ତମାନ ପୃଥିବୀର ସମସ୍ତ ଦ୍ୱନ୍ଦ୍ୱ ମୂଳରେ ଗୋଟିଏ ମାରାତ୍ମକ ବୀଜ ରହିଛି— ସେ ହେଉଛି— ଅବିଶ୍ୱାସ । ମିଳିତ ଜାତି ସଂଘର ବିଫଳତା, କୋରିଆ ଶୀତଳ ଯୁଦ୍ଧ, ଭାରତ ପାକିସ୍ଥାନ କଳହରୁ ଏ ଦେଶର ଗ୍ରାମରେ ନଗରରେ ଯେଉଁ କଳହ କଳିର ମଧ୍ୟ ଶୁଣୁଛି— ସେ ସବୁ ଏହି ଅବିଶ୍ୱାସର କାରଣ । ବ୍ୟକ୍ତି ବ୍ୟକ୍ତିକୁ ବିଶ୍ୱାସ କରୁନାହିଁ, ବାପ ପୁଅକୁ ବିଶ୍ୱାସ କରୁନାହିଁ, ସ୍ୱାମୀ ସ୍ତ୍ରୀକୁ ବିଶ୍ୱାସ କରୁନାହିଁ, ପଡ଼ୋଶୀ ପଡ଼ୋଶୀକୁ ବିଶ୍ୱାସ କରୁନାହିଁ, ରାଷ୍ଟ୍ର ରାଷ୍ଟ୍ରକୁ ବିଶ୍ୱାସ କରୁନାହିଁ, ଜାତି ଜାତିକୁ ବିଶ୍ୱାସ କରୁନାହିଁ । ଏପରି ଅବସ୍ଥା ସୃଷ୍ଟି ହୋଇଛି ଯେ କାଲି ସକାଳ ଯେ ସୁନିଶ୍ଚିତ ଏ କଥା ମଧ୍ୟ କେହି ବିଶ୍ୱାସ କରୁନାହିଁ । କେବଳ ବସ୍ତୁ ବା ଦୃଶ୍ୟମାନ ଜଗତକୁ ବିଶ୍ୱାସ କଲେ ଏ ସଂକଟ ସ୍ୱାଭାବିକ । କାରଣ ଏ ବସ୍ତୁର ବ୍ୟବସ୍ଥା ମଧ୍ୟ ଅସ୍ଥାୟୀ ଓ ଅନିଶ୍ଚିତ । ଏହାର ଭିତରେ ମନୁଷ୍ୟର ସ୍ନେହ, ଦୟା, ଭକ୍ତି, ପ୍ରେମ ଆଦି ଶାଶ୍ୱତ ଭାବ ରହିଛି ତାକୁ ଅସ୍ୱୀକାର କଲେ ମନୁଷ୍ୟ ସମାଜର ଭିତ୍ତି ଟଳିଯିବ । ଆଲୋଚନା କଲେ ବୁଝି ହେବ ଯେ ଏହି ସ୍ନେହ, ଦୟା, ଓ ଭକ୍ତିର ଆଧାର ବିଶ୍ୱାସ । ଆଜି ବିଶ୍ୱାସ ଅଭାବରେ

[ ଅବଶିଷ୍ଟାଂଶ ୧୯ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ପଚାଶ ହଜାର ପୁରସ୍କାର

ତଳେ ଉତ୍କଳର କେତେକ ବରିଷ୍ଠ ନେତା, ଦେଶସେବୀ, ସାହିତ୍ୟିକ, ଶିକ୍ଷାବିତ୍, ଅଭିନେତା, ଚିତ୍ରକର, ଓ ଶାସନସେବୀ (civil servant)ଙ୍କ ନାମ ଦିଆଯାଇଛି। ନାମଗୁଡ଼ିକ ଓ ଉପାଧିଗୁଡ଼ିକ ଏକାଠି ଛପାଯାଇଛି। ଉପାଧିଗୁଡ଼ିକୁ ବାଛି ଠିକ୍ ବ୍ୟକ୍ତିଙ୍କ ନାମ ପାଖରେ ଲେଖିବାକୁ ହେବ। ଏକ ସଙ୍ଗରେ ଥିବା ଯେକୌଣସି ତିନୋଟି ଉପାଧିକୁ ଏକ ଥରରେ ଉଠାଇ ଏକ ଗୋଠରେ ଥିବା ତିନୋଟି ବ୍ୟକ୍ତିଙ୍କ ପଛରେ ଯୋଡ଼ିବାକୁ ହେବ। ତିନୋଟି ଉପାଧି ମଧ୍ୟରୁ ଗୋଟି ଗୋଟି ବାଛି ଅଲଗା ଅଲଗା କରି ବ୍ୟକ୍ତି ବିଶେଷଙ୍କ ପାଖରେ ଯେମିତି ପାରେ ସେମିତି ଲଗାଇଲେ ଭୁଲ ହେବ। ଏକ ସଙ୍ଗରେ ତିନୋଟି ଉପାଧି ଏକା ସଙ୍ଗରେ ଥିବା ତିନୋଟି ବ୍ୟକ୍ତିଙ୍କ ପାଖ ପାଖରେ ଏକ କାଳରେ ଯୋଡ଼ା ଯିବା ବିଧି। ଯିଏ ହିଁ ଉପାଧି ବଛା ଭଗର ଅଫିସ ଦେଇ ଉପାଧିସ୍ୱତ୍ତ୍ୱ ମିଳିଯିବ ତାଙ୍କୁ ରଗଡ଼ ବ୍ୟାଙ୍କର ପଚାଶହଜାର ଟଙ୍କା ପୁରସ୍କାର ଓ ସ୍ୱର୍ଗକୁ ଯିବା ପାଇଁ ଗୋଟିଏ ପାସପୋର୍ଟ ମିଳିବ।

| ନାମ | ସ୍ଥାନପୂରଣ କରନ୍ତୁ | ଉପାଧି | ନାମ | ସ୍ଥାନପୂରଣ କରନ୍ତୁ | ଉପାଧି |
|---|---|---|---|---|---|
| ହରେକୃଷ୍ଣ ମହତାବ | ... | ଉତ୍କଳ କେଶରୀ | ମଦନମୋହନ ପଟ୍ଟନାୟକ | ... | ମୋଧନ ମୋହନ |
| ଚନ୍ଦ୍ରାର୍ଣି ଅଗୃର୍ଜ | | ସମାବର୍ତ୍ତନ | ଲକ୍ଷ୍ମୀନାରାୟଣ ସାହୁ | | ବାଇଗଣ ପରିବା |
| କାଳନ୍ଦୀଚରଣ ପାଣିଗ୍ରାହୀ | | ମାଟିଆମଣିଷ | ଡାକ୍ତର ଖେଗ | | ଅଗ୍ନି ପ୍ରବେଶ ଉ |
| ନବକୃଷ୍ଣ ଚୌଧୁରୀ | | ମେଷ ଶାବକ | ଗୋପିନାଥ ମହାନ୍ତି | | ଉପନ୍ୟାସ |
| ଅର୍ଦ୍ଧବଲ୍ଲଭ ମହାନ୍ତି | | କଳାକଳେବର କନ୍ଧାଇ | ବିଶ୍ୱନାଥ ଦାସ | | କାଶୀବାସୀ |
| ଡାକ୍ତର ପିସାବୁଟି | | ହଜମିବଟି | ବୀରେନ୍ ମିତ୍ର | | ଭୌମବୀରଥି |
| ମାଳତୀଚୌଧୁରୀ | | ଅନୁଗୁଳ ଚଣ୍ଡୀ | ସମାଜ | | ନମାଜ |
| ଛ ମୁଖର୍ଜି | | ବଦନ ସୁନ୍ଦର | ପ୍ରଜାତନ୍ତ୍ର | | କଳାପୋଡେଇର ମୂଳମନ୍ତ୍ର |
| ମନୁଧର ମାନସିଂହ | | ସହକାର ଉଲେ | ଆଶା | | ମାର୍ ବାଡ଼ୀ |
| ସୁରେନ୍ଦ୍ର ଦ୍ୱିବେଦୀ | | ମୁଖନରେନ୍ଦ୍ର ବାଘ | ଇଷ୍ଟର୍ଣ୍ଣ ଟାଇମସ୍ | ... | ନୋ ରଜନ୍ ନୋ ରାଇମସ୍ |
| ମହେଶ ପ୍ରଧାନ | | ଗଞ୍ଜମସ୍ତକ | ନବର୍ତ୍ତଡ଼ଗା | | ଯା ଯୋଡ଼ ଯା ! |
| ରାଧାମୋହନ ଗଡ଼ନାୟକ | | ମାନସ ମର୍ମବାଣୀ | କୃଷକ | | ଭୂଷକ |
| ବୈଦ୍ୟନାଥ ରଥ | | ବନଥ | କାଆଖଣ୍ଡା | | ଜବରଗୁଣ୍ଡା |
| ସଚି ରାଉତରାୟ | | ଯୁବକବ | ମାତୃଭୂମି | | କଭୁ'ମ ସାହାକାରୀ |
| ସରଳାଦେବୀ | | ଜ୍ୱାଳାମୁଖୀ | ଜନତା | | ଯନ୍ତ୍ର |
| ନିତ୍ୟାନନ୍ଦ କାନନଗୋ | | ନଯିବ ଯମୁନା ତୋହଡୁଲେ | ସହକାର | | ସାହାକାର |
| ରାଧାନାଥ ରଥ | | ଅଙ୍କଚନ୍ଦ୍ର | ନବଭାରତ | | ନାରବଭାରତୀ |
| ଭକ୍ତଚରଣ ମହାନ୍ତି | ... | ଅଦେଖା ହାତ | ଝଙ୍କାର | ... | ଝନତ୍କାର |

[ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ]

କୌଣସି ବ୍ୟକ୍ତି ଏ ସମାଜରେ ରହି ସ୍ନେହଶୀଳ ମମତାଶୀଳ, ସାଧୁ ଜୀବନ ମଧ୍ୟ ଯାପନ କରିପାରିବ ବୋଲି ଭରସା ପାଉନାହିଁ। ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଏହି ଅବିଶ୍ୱାସ, ଶୋଷଣ ଓ ବୈରଭାବ ପାଇଁ ଦାୟୀ। ରାଷ୍ଟ୍ର ଓ ଅନ୍ତର୍ଜାତିକ ଜଗତରେ ଯୁଦ୍ଧ ବିଗ୍ରହ ଅଶାନ୍ତି ଓ ବିପ୍ଳବ ପାଇଁ ମଧ୍ୟ ଏହି ଅପ୍ରତ୍ୟୟ ଦାୟୀ।

ଏହି ବିଶ୍ୱାସ— ଏହାକୁ ଅଧ୍ୟାତ୍ମବାଦ କହନ୍ତୁ ବା ଈଶ୍ୱର ବିଶ୍ୱାସ କହନ୍ତୁ— ଏହି ବିଶ୍ୱାସହିଁ ମନୁଷ୍ୟ ସମାଜର ଶାନ୍ତି ପାଇଁ ବର୍ତ୍ତମାନ ସର୍ବାଧିକ ଆବଶ୍ୟକ। ବିଶ୍ୱାସ ଗୋଟିଏ ପଥର ବା କାଠଖଣ୍ଡରେ ଆରୋପିତ ହୋଇପାରେ କିମ୍ବା ବିରାଟ ଧର୍ମଗ୍ରନ୍ଥ, ବ୍ୟବସ୍ଥା ସଭ, ସୈନ୍ୟସାମନ୍ତ ଉପରେ ବା ବ୍ୟକ୍ତିବିଶେଷ ଉପରେ ମଧ୍ୟ ହୋଇପାରେ। ବସ୍ତୁର ପାର୍ଥକ୍ୟ ଅଛି— ବିଶ୍ୱାସ ତ ଏକ ହିଁ! ମନୁଷ୍ୟର ଜ୍ଞାନ ମୂଳରେ ରହିଛି ବିଶ୍ୱାସ ଏବଂ ଆତ୍ମପ୍ରତ୍ୟୟ। ଜ୍ଞାନ ଅନ୍ଧ ହେଲେ ବିଶ୍ୱାସ ତାର ଗଢ଼ିବ।

ଆମର ଦୁଃଖ ହୁଏ ଅନୁଗୁଳ ଗୋଟାଏ ବାଳକର ଜନ୍ମବୃତ୍ତିର ବୈଜ୍ଞାନିକ ତଥ୍ୟ ଗବେଷଣା ପାଇଁ ଓଡ଼ିଶା ସରକାର ଏକ ହାସ୍ୟାସ୍ପଦ ଚେଷ୍ଟା କରୁଛନ୍ତି। ପଣ୍ଡିଚେରୀର ଫରାସୀ ସରକାର କିନ୍ତୁ ଅରବିନ୍ଦଙ୍କ ଦେହ ଉପରେ କୌଣସି ପ୍ରୟୋଗ ନକରି ବରଂ ଅଭିନ କୋହଳ କରି ଶବକୁ ବହୁଦିନ ରହିବାକୁ ଦେଇଥିଲେ।



Digitized by srujanika@gmail.com



## —ଅରଣ୍ୟ ରୋଦନ—

ନବୀପତ୍ନୀ ପଦ୍ମପଦାରେ କମ୍ୟୁନିଷ୍ଟ ଚୀନା-ର ପ୍ରତିନିଧି ବେଶ୍ ହାତ ହଲାଇ ମୁହଁ ନଚାଇ ଅଭିନୟ କଲେ । ଅଭିନୟର ନାମ-ଅରଣ୍ୟ ରୋଦନ । ହାଁ ମଧ୍ୟରେ ବ୍ରାହ୍ମଣଙ୍କରେ କି ଲଭ ପୁଣି ତମେ ଯେ ବ୍ରାହ୍ମଣ ଏ କଥା କିଏ କହିବ ? ବେଦ ପଢିଲେ ବ୍ରାହ୍ମଣ ହୁଅନ୍ତି ନାହିଁ କି ପଇତା ପକାଇଲେ ବ୍ରାହ୍ମଣ ହୁଅନ୍ତି ନାହିଁ । ଅମେରିକା ଅଇଣ୍ଠ ଖାଇଲେ ହାଡ଼ି ମେହେନ୍ତର ହୁଅନ୍ତି ନାହିଁ କି ଚୁଟିଆ ଗୋଡ଼ ଧରିଲେ ବ୍ରାହ୍ମଣ ହୁଅନ୍ତି ନାହିଁ । ଦୋଷ ଯାହାର ହେଉ— ନେହେରୁଙ୍କ ସଖୀ ନବୀପତ୍ନୀ । ନବୀପତ୍ନୀ ପଦ୍ମପଦାରେ ତ ଶ୍ରେଷ୍ଠ ବକ୍ତା କେହି ନାହିଁ ରୋଦନ କରୁ ଭଲ ପାଇଁ ।

## —ରଣ ଧମକାଣି—

ଚୀନାର ଲାଲ ପ୍ରତିନିଧି ଫରମୋସା ସମ୍ବନ୍ଧରେ କହିଲେ ଯେ କଲମ୍ବସ ଆମେରିକା ଆବିଷ୍କାର କରିବା ପୂର୍ବରୁ ଚୀନାଇମାନେ ଫରମୋସାରେ ରହୁଥିଲେ । ତେଣୁ ସେଠା ତାଙ୍କର । କିନ୍ତୁ ହେଲେ କ'ଣ ହେଲା— ଫରମୋସା ନାମଟାତ ଚୀନାଙ୍କ ନୁହେଁ । ସେଥି-ପାଇଁ ଆମେରିକା ପ୍ରତିନିଧି ଅଷ୍ଟିନ୍ କହିଥିବେ ଏ ରଣ ଧମକାଣି କାହାଆଗେ । ଜାଣିଛ— ସ୍ୱୀକାର କରିଦେବୁ— ଆମ ନାଁ ଅମେରିକା ନୁହେଁ— ଆମ ନାଁ ମିଳିତଜାତିସଂଘ । ସମସ୍ତେ ମିଳି ଏମିତି ଗୋଳ ଚଢ଼େଇବୁ ଯେ ମନ ମସ୍ତୋ ଧରି ଯାଇଥିବ !

## —ମହାଭାରତ—

'ମା ହେଉ ଯୁଦ୍ଧ' ପ୍ରସ୍ତାବ ଯେ ଭାରତ ଓ ପାକିସ୍ଥାନ ରାଜନାମାରେ ହେବା କଥା ସାର ହେଉଥିଲା— ସେଥିରେ ପାକିସ୍ଥାନ ଚାହେଁ ଛନ୍ଦ ଦଉଡ଼ି ଧରିବାକୁ । ପଢ଼ିଲେ ଆପୋଷ ମିଳାମିଶ । ନହେଲେ ଭଲଲୋକ ମେଳା-ମିଶ । ନହେଲେ ଭଲଲୋକଙ୍କ ହାତରେ ପଶା ଗଡ଼ାଇ ଯାହା ଭାଗ୍ୟରେ ଯାହା ପଡ଼ିବ । କିନ୍ତୁ ଏହି ଯୁଦ୍ଧଟି ଖେଳରୁ ମହାଭାରତ ହୁଏ । ଭାରତ— ଆଉ ମହାଭାରତ ହେବାକୁ ଚାହେଁ ନାହିଁ ।

## —ଅଗ ଓ ମୂଳ—

ଲିଆକତ୍ ଅଲି କହିଲେ— ଖାଲି ଯୁଦ୍ଧ କେହି ଘୋଷଣା କଲେ ଚଳିବ ନାହିଁ । ସବୁ ବିବାଦ ନିଷ୍ପତ୍ତି ଆଗ ହେଉ । କିନ୍ତୁ ବିବାଦ ତୁଟି ଗଲେ ଆଉ ଯୁଦ୍ଧ ନ ହେବା ଘୋଷଣାର ଦରକାର କଣ ? ତେବେ ପାକିସ୍ତାନ ମନ୍ତ୍ରୀ ଏକାଥରେ ଗଛ ଅଗକୁ ଉଠିପାରନ୍ତି ଜଣା-ଯାଉଛି । ମୂଳରେ ସେ ଅଦୌ ଗୋଡ଼ ଦିଅନ୍ତି ନାହିଁ ।

## —ବାପକୁ ମଉସା—

ପଣ୍ଡିତ ନେହେରୁ କହିଲେ— ଦୁଃଖର କଥା ଯେ, ତର୍ପେ କଲ ନଥବର୍ଷ ପରେ ଆମେ ଅଦୌ ଆଗେଇ ପାରିନାହୁଁ । ମନ କଥାବାର୍ତ୍ତାରେ କଣ କେହି ଆଗାଏ । ଭାରତର ଅଭାବ ସେଇଠି । ଥରେ ନଲ-କଟା ଛଡ଼ି ହାତ ଗୋଡ଼ ହଲାଇ ଦେଖତ ଭଲ, ଦେଖିବା ବାପକୁ ମଉସା ବୋଲି ନ ଡାକିବା ଯାଏଁ ଲିଆକତ୍‌ଙ୍କୁ କୃଷି ଦିଶିବ ନାହିଁ ।

## —ଦେଶମୁଖ—

ଆମ ଅର୍ଥମନ୍ତ୍ରୀ ଦେଶମୁଖ ଏବେ ଭାରତ ପାର୍ଲିଆମେଣ୍ଟରେ ନିଜ ମୁଖ ଖୋଲି ୬ବର୍ଷିଆ ଉନ୍ନତିବିଧାୟକ ଯୋଜନା ବଖାଣ କଲେ । ଆଗରୁ ଦଶବର୍ଷିଆ, ତିନିବର୍ଷିଆ ବା ପଞ୍ଚବର୍ଷିଆ ଯୋଜନା ନାମ ଶୁଣା ଯାଉଥିଲା । ଏଥର ଛ' ବର୍ଷିଆ ନାମ ଦେବାର ଅର୍ଥ ଅଛି । ଆମ ନୀତି ଶାସ୍ତ୍ରରେ ଗୃହସ୍ଥଙ୍କ ଉପ କହିଛନ୍ତି ପର ଲାଳୟେତ୍ ପଞ୍ଚବର୍ଷାଣି । ପଞ୍ଚ-ବର୍ଷ ପରେ ଯାଇଁ ସିନା ତାଡ଼ନା କରିବ ବା ତାଡ଼ିବ । ଛ ବର୍ଷ ଯୋଜନାରେ ଦେଶମୁଖ ଦେଶ ସାରା ତାଡ଼ନ ପକେଇବେ ।

## —ପଳାୟନ ପନ୍ଥା—

ମାର୍କସ୍ ପନ୍ଥୀମାନେ ପୁରାଣ ସାହିତ୍ୟଙ୍କୁ ପଳାୟନପନ୍ଥୀ ବୋଲି ନାମକରଣ କରିଥାନ୍ତି । ପୁରାଣ ଶାସକମାନେ ଯେ ପଳାୟନପନ୍ଥୀ ଏହା ନେପାଳ ଏବଂ ତିବ୍ବତ ପ୍ରମାଣ କରିଛନ୍ତି । ମାତ୍ର ଏ ପଳାୟନ ପନ୍ଥାଟା ନୂତନ ଧର୍ମ ନା ପୁରାତନ ଧର୍ମ ବିଚାରିବା କଥା । ବୋଧହୁଏ ନୂତନ ବିଜ୍ଞାନ ଉଡ଼ାଜାହାଜ ଆବିଷ୍କାର କରି ନଥିଲେ ପଳାୟନ ପନ୍ଥାଟା ଏଭଳି ସିଧ ସରପଟ ଯେତେବେଳେ ଯାହାରେ ସେତେବେଳେ ସମ୍ଭବ ହେଉ ନଥାନ୍ତା । ସୁତରାଂ ପଳାୟନ ପନ୍ଥାଟା ପୁରୁଣା ମଦ ନୂତନ ଆଧାରରେ ।

## —ମଣିମୁକ୍ତା—

ଦଲାଇଲାମା ତିବ୍ବତରୁ ତାଙ୍କ ଧନ-ସମ୍ପତ୍ତି ଭାରତକୁ ପଠାଇ ଦେଇଛନ୍ତି । ଖାଲି ମୁନି ଋଷିଙ୍କ ନିହାତି ଖେଚର ବିଦ୍ୟା ଅଣି-ଛନ୍ତି ଆଉ ମଣିମୁକ୍ତା ସଂଗ୍ରହ କରି । ଖେଚର-ମାନେ ମୁନି ଋଷି ବଡ଼ବଡ଼ର ଅର୍ଥ— ଧନଟା ସବୁଦିନେ ଖେଚର—ଖେଚର ଆକାଶରେ ଉଡ଼େ । କିନ୍ତୁ ଧର୍ମଟା ରହିଯାଏ । ଦଲାଇଲାମା ଧନକୁ ଭାରତ ପଠାଇ ନିଜେ ଧର୍ମକୁ ଧରି ବସି ଯାଇଛନ୍ତି । ସେ ନିଜେ ଭାରତକୁ ଆସିଲେ ଏଠି ଧର୍ମ ବୃଦ୍ଧି ବହୁତ ହୋଇ-ଯିବ । ନେପାଳରାଜ ଶହେ କୋଟି ମଣିମୁକ୍ତା ନେଇ ଚାଲି ଆସିଛନ୍ତି ବୋଲି ସମ୍ବାଦ ପ୍ରକାଶ ପାଇଛି । ମାତ୍ର ଆମ ପାଖରେ ସମ୍ବାଦ ପହଞ୍ଚିଛି ଯେ ମଣିମୁକ୍ତା ଓ ଜବାହାରାତର ସଂଖ୍ୟା ଶହେକୋଟି ଦୁ- କାରଣ ତାଙ୍କ ଦୁଇ ସ୍ତ୍ରୀ ମଧ୍ୟ ତାଙ୍କ ସାଙ୍ଗରେ ଆସିଛନ୍ତି ।

## —ସାଧୁ ଓ ସରକାର—

ନେପାଳ ସାଧୁମାନେ ଜନସାଧାରଣଙ୍କ ପାଇଁ ସରକାର ବିରୁଦ୍ଧରେ ଲଢୁଛନ୍ତି ବୋଲି ଜଣାଯାଇଛି । ବାଃ—ସାଧୁ ସରକାର ଲଢ଼ାଇ କଣ ସବୁ ଦିନେ ଚିରସିଦ୍ଧ । ବାସ୍ତବିକ ସର-କାର ସାଧୁ ନୁହନ୍ତି କି ସାଧୁ ସରକାର ନୁହନ୍ତି—ତେଣୁ ଲଢ଼ାଇ ଅନିବାର୍ଯ୍ୟ ।

## —ପ୍ରାକୃତିକ ଅଭାବ—

ପାର୍ଲିମେଣ୍ଟରେ ଜଣେ ସଭ୍ୟ ଅଭିଯୋଗ କଲେ ଯେ କଣ୍ଟ୍ରୋଲ ଥିବାରୁ ଖାଦ୍ୟାଭାବ —ନଚେତ ପ୍ରକୃତରେ ଖାଦ୍ୟର ଅଭାବ ଦେଶରେ ନାହିଁ । ଖାଦ୍ୟମନ୍ତ୍ରୀ ମୁନସି ତା' ଜବାବରେ କହିଲେ—କଣ୍ଟ୍ରୋଲ ଉଠିଗଲେ ସରକାରୀ କାଗଜପତ୍ରରେ ଅଭାବ ବଦଳରେ ପ୍ରାକୃତିକ ଖାଦ୍ୟାଭାବ ଘଟିବ । ଏଥିରୁ ଜଣା-ପଡୁଛି ସରକାରୀ କାଗଜପତ୍ର ପ୍ରାକୃତିକ ନୁହେଁ—ଅପ୍ରାକୃତିକ ।



Digitized by srujanika@gmail.com

**— ବିଜ୍ଞାନ ଶିଳ୍ପ ବିବାହ —**

ପଣ୍ଡିତ ନେହେରୁ କହୁଛନ୍ତି ବିଜ୍ଞାନ ଓ ଶିଳ୍ପର ବିବାହ ହୋଇଛି। ମାତ୍ର କିଏ କାହାକୁ ବାହା ହେଉଛି ତାହା କହୁ ନାହାନ୍ତି। ବୋଧହୁଏ ଶିଳ୍ପପତିମାନେ ବର ଓ ବୈଜ୍ଞାନିକମାନେ କନ୍ୟା ଏବଂ ସରକାର କନ୍ୟା ପିତା ହୋଇ ଶିଳ୍ପପତିଙ୍କୁ ଯୌତୁକ ଦିଅନ୍ତି। ଶିଳ୍ପପତିମାନେ ବିଜ୍ଞାନୀଙ୍କୁ ପୋଷନ୍ତି।

**— ନେପାଳୀ ବାବା —**

ଅନୁଗୁଳ ରନ୍ତିଲେଇରେ ଜଣେ ନେପାଳୀ ବାବା ବାହାରିଛନ୍ତି। ନେପାଳ ଯୁଦ୍ଧରୁ ପଳାଇ ଆସିଛନ୍ତି ବୋଲି ସନ୍ଦେହ ହେବାରୁ ସରକାର ବୋଧହୁଏ ଗବେଷଣା କରିବା ପାଇଁ ଏକ କମିଟି ବସାଇଛନ୍ତି। ଏ ବାବା ଯେଉଁ ଔଷଧ ଦେଉଛନ୍ତି ତାକୁ ଖାଇ ଏତେଲୋକ ଭଲ ହେଉଛନ୍ତି ଯେ ପ୍ରତିଦିନ ସାରା ଭାରତରୁ ହଜାର ହଜାର ହଜାର ଲୋକେ ଧାଇଁଛନ୍ତି। ଶ୍ରୀମତୀ ମାଳତୀ ଦେବୀ ଏହାକୁ ମିଥ୍ୟା ପ୍ରମାଣ କରି ବହୁ ବିବୃତି ଦେଲେ। ତଥାପି ନେପାଳ ବାବା ମାଳତୀ ଦେବୀଙ୍କ କଥାମାନ ରୋଗୀଙ୍କ କର୍ଣ୍ଣ ଗୃହ ଆଣି ଭଲକାମରେ ଲଗାଇଲେ ନାହିଁ। ଫଳରେ ସରକାର ଅନୁସନ୍ଧାନ କରିବେ। ଧର୍ମ ଓ ବିଶ୍ୱାସ ଉପରେ ବୈଜ୍ଞାନିକ ଅନୁସନ୍ଧାନ ଆମ ଓଡ଼ିଶା ଶାସକମାନଙ୍କ ମଗଜର ଏକ ବିଶେଷ ମସଲା। କାଠ ଜଗନ୍ନାଥ ଆଗରେ ମୁଣ୍ଡିଆମାରି ଭୋଗ ଲଗାଇ ଲୋକେ ପ୍ରକୃତରେ ଉପକାର ପାଉଛନ୍ତି କି ନା— ପୀରଙ୍କ ଆଗରେ ଶିରଣି ଦେଇ ଲୋକ ଉପକାର ପାଉଛନ୍ତି କି ନା—ସରକାର ତାର ଗବେଷଣା କରିବେ କି? ନେପାଳ ବାବା ଯଦି ଅନୁଗୁଳରେ ନଥାଇ ଆଉ କେଉଁଠି ଥାଆନ୍ତେ ତେବେ ସରକାର ଅନୁସନ୍ଧାନ କରିଥାନ୍ତେ କି? ଧର୍ମ ବିରୁଦ୍ଧରେ ସବୁ ଯୁଗରେ ଧ୍ୱଂସମୁଖୀ ଶାସନର ଏଭଳି ଅତ୍ୟାଚାର ହୋଇଛି। ତେବେ କଥା ହେଉଛି—ଏ ଅତ୍ୟାଚାର ଗାନ୍ଧୀ ଭକ୍ତ ସରକାର କରୁଛନ୍ତି। ଗାନ୍ଧୀଜୀ ନିଜେ କହୁଛନ୍ତି—ଏକ ରାମ ନାମହିଁ ସବୁ ରୋଗର ପରମ ମହୌଷଧି। ମାତ୍ର ଗାନ୍ଧୀ ତ ମଲେଣି। ସେ କଥା ବି ଗଲାଣି।

**— ଅନ୍ଧ ବିଶ୍ୱାସ —**

ଅନୁଗୁଳରେ ଯେଉଁ ସର୍ବୋଦୟ ମେଳା ବସିଥିଲା—ସେଠି ଯେଉଁ ସୂତ ଯଜ୍ଞ ହେଉଥିଲା—ତାକୁ ଆଧୁନିକ ପନ୍ଥୀମାନେ ଅନ୍ଧବିଶ୍ୱାସ ବୋଲି କହୁଥିଲେ— କହୁଛନ୍ତି। ଗାନ୍ଧୀଜୀ ଏହାକୁ ଶୋଷଣହୀନ ସମାଜର ପ୍ରତୀକ କହୁଥିଲେ। ଏବେ ବିଲୁଆ ସଭି କହୁଛି ଖଦଡ଼ ଚଡ଼ାକଣା ଏକା କଥା—ଖଦଡ଼ ଶୋଷଣ କରିବାର ଭଣ୍ଡାମିର ପ୍ରତୀକ ହେଲାଣି। ତା ବୋଲି ସରକାର ଅନୁସନ୍ଧାନ କରିବେ କି— ପ୍ରକୃତ ସତ୍ୟ କେଉଁଠି?

**— ଭେଦ ଓ ଭେଦ —**

ଓଡ଼ିଆ ସେକ୍ରେଟେରିଏଟର ବେଶ୍ ବାଧା ଫାଲ୍ଲ ଗୃଲଛି। ଶୁଣାଯାଏ— ଦୁଇ ସେକ୍ରେଟେରୀଙ୍କ ମାଇପ ମାଇପ ଭିତରେ କଳି ଲାଗି ଶେଷରେ ହାଇମ କାଗଜପତ୍ର ଯାଏଁ ଗଲା— ପାଇପରେ କେତେ ଧୂଆଁ ଉଡ଼ିଗଲା। ଫଳରେ ନାରୀ ଲୁକ୍କି ଚ୍ଛଳମଙ୍କରୀ। ଏ କଳିରୁ କରଣ ବ୍ରାହ୍ମଣ କଳିଯାଏ କଥା ଗଲା। ଓଡ଼ିଆ ବଙ୍ଗାଳି କଟକ, ବାଲେଶ୍ୱର, ଖଣ୍ଡାଇତ ଅଖଣ୍ଡାଇତ କରଣ ବ୍ରାହ୍ମଣ, ସ୍ତ୍ରୀ ପୁରୁଷ, ବାଳକ ବୃଦ୍ଧ ଇତ୍ୟାଦି ଯେତେ ପ୍ରକାର ଭେଦା ଭେଦ— ହେବ ସେକ୍ରେଟେରୀଏଟରୁ ସେତେ ଭେଦ ବାହାରିବ।

**— ସରକାରଙ୍କ ଭାଣେଜି —**

ଜଣେ ଆଇ ଏ ଏସ ଅଫିସରଙ୍କୁ ନେଇ ସରକାର ବଡ ମଥା ବେଦନାରେ ପଡିଛନ୍ତି। କଟକରୁ ତଡ଼ି ବାଲେଶ୍ୱରକୁ ପଠାଇ ପଠାଇ ପୁଣି ବୋଧହୁଏ ପୁରୀ ପଠାଇବା କଥା ହେବ ଏମିତ କଟକ ପୁରୀ ବାଲେଶ୍ୱର ଗୁଲୁଥିବ। କଟକ ସେକ୍ରେଟେରିଏଟ ତାଙ୍କ ଲାଗି ବଗୁଡ଼ିଛି ମାତ୍ର ବାଲେଶ୍ୱର ଗଲେ ସେଠି ସେ ଆସନ୍ତା ଭୋଟକୁ ବିଗାଡ଼ି ଦେବେ ବୋଲି ଭୟ ହେଉଛି। କାରଣ ସେ ଥରେ ଜଣେ ବାଲେଶ୍ୱରୀ ନେତାଙ୍କୁ କେଉଁଠି ଜେଲ ଦେଇ ଥିଲେ। ଏବେ ମହତାବଙ୍କୁ ବି ଦେଇ ପାରନ୍ତି।

**— କଟକ ବିଜେ —**

ଶ୍ରୀଯୁକ୍ତ ମହତାବ ପୁଣି କଟକ ବିଜେ କରିବେ। ଏଥର କଳ୍ପ ସଂଗରେ ସୁଦର୍ଶନ ଆଣୁଛନ୍ତି। ଶୁଣାଯାଏ ମନ୍ତ୍ରୀ କାନନଗୋଙ୍କୁ ତଡ଼ିବା ପାଇଁ ସେ ଅଗରୁ ସୁଦର୍ଶନକୁ ପ୍ରେରଣା ଦେଇ ସାରିଛନ୍ତି। ମନ୍ତ୍ରୀ କାନନଗୋ ପୂର୍ବରୁ ସାବଧାନ ହୋଇ ପଟେଲଙ୍କୁ ଲେଖି ସାରିଲେଣି କି ପ୍ରଭୋ— ମୋତେ ଧ୍ରୁବ ଲୋକରେ ରଖନ୍ତୁ। ଏ ମର୍ତ୍ତ୍ୟମଣ୍ଡଳରେ ସମସ୍ତେ ଅସୁର। ପଟେଲ କିନ୍ତୁ କହୁଛନ୍ତି— ଆରେ ବେଟା— ଅଭୀ ତ ମହତାବ ତୁମ୍ହେ ଛୋଡ ଗୟା— ତୁମହୀ ଅକେଲା ଓଡ଼ିଶା ମେ ମେରା ସବ୍ କୁଛ। ତୁମହେ ଛୋଡ଼କର କ୍ୟା କରୁ। ଦେଖାଯିବ ଓଡ଼ିଶାରେ ପଟେଲଙ୍କ କରାମତି ବେଶି- ନା ମହତାବଙ୍କ କରାମତି ବେଶି। ମଦନ ପଟ୍ଟନାୟକଙ୍କ କହଣି ବେଶି ନା ବୀରେନ୍ ମିତ୍ରଙ୍କ କରଣି ବେଶି।

**— ଡମ୍ବ କୃଷି —**

ଶ୍ରୀଯୁକ୍ତ କୃପାଳନୀଙ୍କ ଡେମୋକ୍ରାସି ଦଳକୁ କେହି କେହି ଡମ୍ବ କୃଷି କହୁଛନ୍ତି। କାରଣ ତାହା ଡିମ୍ବ ଅବସ୍ଥାରେ ଅଛି। ମାତ୍ର ଅନ୍ୟ କେହି କହନ୍ତି— ଏଇ ଡମ୍ବ ଯେ ଗୋଲକାର ଅଖଣ୍ଡ ମଣ୍ଡଳାକାର। ଏହା ଭିତରୁ ସଗଳ ବଂଶ ସୃଷ୍ଟି ହେବ। ଓଡ଼ିଶାରେ କାନନଗୋଙ୍କ ଭଉଣୀ ସୁପ୍ରସିଦ୍ଧା ସରଳା ଦେବୀ ଏହି କୃଷି ଆରମ୍ଭ କରିଛନ୍ତି ବୋଲି ଶୁଣାଯାଏ। ଭାଇ କାନନଗୋ ପଟେଲ ଭକ୍ତ ତ ସରଳା ଦେବୀ କୃପାଳନୀ ଭକ୍ତ। ଦେଖାଯାଉ କିଏ ଜିଣେ।

**— ଓଦାକନା —**

୧୯୫୧ ବେଳକୁ ଭାରତର ଖାଦ୍ୟ—ନିଅଣ୍ଟ ବନ୍ଦ ହୋଇଯିବ ବୋଲି ଉପର ମହଲରୁ ଶୁଣି ଶୁଣି କାନରେ ଅଠା ପଡ଼ିଲାଣି। ଦୁଃଖ ଯିବାକୁ ଅଳ୍ପ ଦିନ ରହିଲା ବୋଲି ପାଣି ଢୋକେ ଢୋକେ ପିଇ କୌଣସି ପ୍ରକାରେ ନିଶ୍ୱାସ ମାରୁଥିଲୁ। କିନ୍ତୁ ଖାଦ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୁନ୍‌ସିଜୀ ଏବେ ୫୧ର ଏକରୁ ଦୁଇ କରି ଦେଲେଣି। ନାଟ ନ ଜାଣିଲେ ଚାଇଦର ଦୋଷଦେବା ଭଳି ସେ ଝଡ଼, ଜଡ଼ି, ମରୁଡ଼ି, ଭୂଇଁକମ୍ପର ଦୋଷ ଦେଉଛନ୍ତି। ଦଇବ କଥାକୁ ମଣିଷରେ ହାତ କଣ ! ଆପଣାର ଅପାରଗ ପଣ ସ୍ୱୀକାର କରିବା ସହଜ ନୁହେଁ। ପୁଣି ହେଉ ଅସୁବିଧା ଯେ ! ଅତଏବ ହେ ଭାରତବାସୀ ଆଉ କିଛି ଦିନ ପେଟରେ ଓଦା କନା ଦେଇ ଶୋଇପଡ଼। ଅହୁରି ବରଷେ ଦୁ' ବରଷ ତେଣିକି—ଓଃ— ଏକ୍‌ଦମ୍— ଝମାଝମ୍।



Digitized by srujanika@gmail.com

# ଏଣିକି ମୁଁ କଅଣ ଲେଖିବି

ଲେ—କମଳାକାନ୍ତ

ସେଇ କଥ ଖବୃଟ । ନୂଆ ବାଟ ନଧରିଲେ ଆଉ ଚଳିବ ନାହିଁ, ସମସ୍ତେ ଲେଖୁଛନ୍ତି—କାଗଜ କଲମ ଓ କାଳିର ସଦ୍ବ୍ୟୟ ଘଟୁଛି । ଏକ ଭାବ, ଏକ ଭାଷା; ନୂଆ କିଛି ନାହିଁ । ଛୁଞ୍ଚା ମୂରୁଣୀ କଥା । କେତେ ଦିନ ହେଲା ଭାବି ହେଉଛି, ମୁଁ ନିଜେ ନୂଆ ପଥ ଧରିବି, ଏବଂ ଉତ୍କଳ ଭାରତୀର ନୂଆ ପୁରୁଣା ସବୁ ଲେଖକଙ୍କୁ ମୋ'ର ପାଖକୁ ଡାକି ନେବି ।

ମୋର ଲେଖା ଆରମ୍ଭ କଲା ବେଳକୁ ଏ ଗୃହ୍ୟ ଶିଖାଟେ ମୋର ଦରକାର ! ଟେମ୍ପରେଚରକୁ ଉପରେ ଠିକ କରି ନେବା ଆବଶ୍ୟକ । "ଚପଲ-ଛନ୍ଦା-ଚରନ" କବିଙ୍କୁ ଟେବୁଲ ତଳେ ବୁହେ ହେଲେଇ ନନେଲେ ଚଳିବ ନାହିଁ । ତାପରେ କାଠାନ୍ଦୂନ ପଟେ "ବାଦଲଭରା ଝାଦର" ଅକଗ ଆଣ୍ଡେ ଥର କେତେ ଅଗି ଜ୍ୱାଳିଇ ନେଲେ ଚଳିବ । ତେଣିକି ଆଉ କିଛି ଭାବିବା ଦରକାର ନାହିଁ—କଲମ ଧଇଲେ କବିତା ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ମୋ ଧୂମାବତୀ (ସିଗରେଟ୍ କୁଆଡୁ) ମସ୍ତିଷ୍କ ଭିତରେ ଗିଜି ଗିଜି କରିବ । ଛନ୍ଦ, ଯତି, ମିତ୍ରାକ୍ଷର ବା ଦେଶ-କାଳ ପାତ୍ର ସମ୍ବନ୍ଧରେ ଭାବିବା ଆଦୌ ଆବଶ୍ୟକ ନାହିଁ । ଯାହା ଯେତେ ବେଳେ ମନକୁ ଆସିବ, ଲେଖି ଚାଲିଯିବି । ଭାବ ଓ ଭାଷ—ବାଜେ କଥା । ଅକ୍ଷର ଯୋଡ଼ି ଜାଣିଲେ ହେଲା । ମୁଁ ତ କିଛି "ନବୀନ୍ କବି" ନୁହେଁ "ପ୍ରବୀନ୍"—ଏକଦମ୍ । ସୁତରାଂ ପାଠକ ପାଠିକା ମାନେ ଆପଣା ଆପଣାର ପାଣ୍ଡିତ୍ୟ ଓ ଚିନ୍ତା-ଶକ୍ତି ଦେଇ ମୋ ଲେଖାକୁ ଧରି ବସିଲେ ହେଲା । ଯେ ପକ୍ଷୀ ଯେତେ-ଦୂର ଉଡ଼ିପାରେ ସେ ସେତେ ଦୂରରେ ବେଢ଼ାଇ ଜାଣି ପାରିବ । ମୁଁ କାହାର ଚିନ୍ତା ବା କଳ୍ପନାକୁ ସୀମାବଦ୍ଧ କରି ଦେବାକୁ ଚାହେଁ ନା । କାହାକୁ କାହାକୁ "ମିଷ୍ଟି" ଲାଗୁ ବା ନଲାଗୁ କିଛି ଯାଏ ଆସେନା, କାରଣ ମୋ.ର ଲେଖା ହେବ ଖାଣ୍ଟି "ମେଷ୍ଟ ଜ୍"। ମୋ ଲେଖା ବୁଝିବ ଋଷ, ବୁଝିବ ଚୀନ, ବୁଝିବେ ଜର୍ମାନ୍ । ଗଦା ଗଦା ଲେଖି ପଦ୍ମାଇବି । ପୃଥିବୀର ବଡ଼ ବଡ଼ ଭାଷାମାନଙ୍କରେ ଅନୁବାଦ ହେବ ।

ହଁ, କଅଣ ଫୁସୁ ଫୁସୁ ହେଉଛ—କହି ପକାଅ; ନୋହିଲେ ମୁଁ ଅଗତ୍ୟା କହି ଦେଉଛି—ତୁମ ମନ କଥା । ଆମ ଓଡ଼ିଶୀ ଭାଇ ଭଉଣୀମାନେ ବୁଝି ପାରିବେ ନାହିଁ ? ବାସ୍ । ସେଇ ନବୁଝିବା ଉପରେତ ନିର୍ଭର କରୁଛି ମୋ ଲେଖାର ସାର୍ଥକତା । ଶହେବର୍ଷ ପରେ ଆମ ଜାତିର ବଂଶଧର ବୁଝି ପାରିବେ ଯେ ।

କହୁଛ—ନମୁନା ଦେବି ? ଆଚ୍ଛା ଦେଉଛି ମୂଳରୁ କହୁଛି ସେ, କବିତା 'ମିକ୍ସିଙ୍'। ତୁମେମାନେ ବୋଧହୁଏ ଏ କଳାରେ ବୁଝି ପାରିବ ନାହିଁ । ହଉ ଶୁଣି ଯାଅ । ଆଉ ପ୍ରତି ଶବ୍ଦକୁ ପୃଥକ ଭାବେ ଅର୍ଥ କରି ଯାଅ ।

"ବୃଷଡ଼ାଳେ" କକତୁଆ ଖାଲେ କୁଡ଼ କୁଡ଼
ହେମନ୍ତ ସରସୀ ପଦ୍ମବନ୍ଧୁ ବରଫ୍ ବରଫ୍
ପ୍ରଚଣ୍ଡ ଗରମ
ଥର ଥର ଥରୁଛି ଦେହ ମୋ
ନ ସହାକର ଜଳ୍
ବେଲଫୁଲ୍ ଖବର୍ ପଗଡ଼ି
ଏହିସବୁକାର ତଳେ ଶରହରିଣୀ ବାଳା
ଦାନ୍ତକୁ ରଗଡ଼ି
ମନ୍ତ୍ରଡାର ବଗିଚା, ନଗିଡା ଗଲାଣି ମଲାଣି ।
ଓଟାଡ଼ର ଲାଭ୍ଲିନ୍ ରଙ୍ଗ
ଫିକା ଚୂନ୍ହେଲିକା
ଡବ୍ଲି ଟପି. କରେ ଝଙ୍କାର;
କର କରବୀ ଶୋଭିତ ଦବଶା କଙ୍କଣ
ଖଣ୍ଡି ପିଣ୍ଡଲର ।

ଆହା, ମଲୁ ମଲୁଃ ଧନ୍ୟ ଧନ୍ୟ ଗଣ୍ୟ, ବଣ୍ୟ, ପୁଣ୍ୟ । ବୁଝି ପାରିଲେ ନାହିଁ ? ମୁଁ ପରି କହୁଥିଲି । କିନ୍ତୁ ଏଥିରେ ସବୁ ମୁଁ ନୂଆ ଦେଇଛି । ସାହିତ୍ୟ ରାଜ୍ୟରେ ମୁଁ ଯୁଗାନ୍ତର ଆଣିବାକୁ ଚାହେଁ । ଯୁଗାନ୍ତର ପରେ ହୁଏତ ଆପଣମାନେ କିଛି କିଛି ବୁଝିବେ, ବର୍ତ୍ତମାନ ନୁହେଁ ।

ହଁ କଅଣ କହୁଥିଲି ! ଆମ ପ୍ରଦେଶକୁ ଲାଗି ଦଙ୍ଗଲା । ଛାପା ଉଡ଼ାଣି ନେଇ ନିଜ ନାଁରେ ପ୍ରକାଶ କରିବା ସମ୍ବନ୍ଧରେ ଏ ଯୁଗର ଲେଖକମାନଙ୍କ ଭିତରୁ ଅଧିକାଂଶ ବେଶ କୃତିତ୍ୱ ଅର୍ଜନ କରି ସାରିଲେଣି । ସେମାନଙ୍କ ନିକଟରେ ଓଡ଼ିଆ କୃତଜ୍ଞ ନିଶ୍ଚୟ ରହିବ । ମୁଁ କିନ୍ତୁ ଆଉ ଥୋଡ଼ା ଦୂର ଆଗେଇ ଯିବାକୁ ଚାହେଁ । ଆଜି କାଲିର ପୃଥିବୀ ଏତେବଡ଼ ଟିକିଏ । ଭିନ୍ନ ଭିନ୍ନ ବା ଜାତି ଭାଷା ଭିତରେ ପାର୍ଥକ୍ୟ ଦେଖିବା କାହିଁକି ଶ୍ରେଷ୍ଠ ଲେଖକର କାମ । ମୁଁ ହେଲି ଜଣେ "ୱାର୍ଲ୍ଡ'ର 'ସିଟି-ଜନ'। 'ୱାର୍ଲଡ'ର ସବୁ ଭାଷାକୁ ମିଶାଇ ମୁଁ ଗୋଟାଏ ଅଭିନବ ଖେଚୁଡ଼ି ବନାଇବାକୁ ଚାହେଁ । ପୃଥିବୀରେ ଗୋଟିଏ ଭାଷା ପ୍ରଚଳିତ ହେବ । ଆଉ ମୁଁ ହେବି ତାର ପ୍ରତିଷ୍ଠାତା । ତଳେ ଦେଖନ୍ତୁ—ନମୁନା ଦେଉଛି ।

ଆଦର୍ଶ ଓ ବ୍ରାଦର୍ଶ
ନାଉ ଅଦର୍ଶ

ମୁଁ ଲେଖିବି ହିନ୍ଦୁସ୍ତାନୀ ବଙ୍ଗାଳି ମିଶା ଇଂରେଜି
'ଦେଜ ହିଁ' ବୁଝି ନାହିଁ ପାରିବେ
ସେ ଲେଖକ୍ 'ଇଣ୍ଡିଆ' ପାକ
ସିଷ୍ଟର୍ସ ଓ ବ୍ରଦାର୍ସ । ଫଲୋ କର ମେର
ଅଦର୍ଶ

ଓଡ଼ିଆ ସୁଏ ମେଦିନ ସୁରେ
ଜମଏଲ ସୁରେ ଗାନ ଧରେ
ସତ୍ତେଲକଲା ଖରସୁଆଁ ମେ
ମେରେ ଖଣ୍ଡ ଗଳ କରେ ।
ଗା ଦ୍ୱିଟେ ପି ହ ଓ୍ୱାଇ ବୋଟ
ଖଦଡ଼ ପେଣ୍ଟ ଚଢ଼େ ଲେକ
ହାଓ୍ୱାଗଡ ଏରୋ ପ୍ଲେନ
ପେଁ ପେଁ ଭନ୍ ଭନ୍
ହଜାର ହଜାର ପେଏ ଟିଃଏଃ

ଓଡ଼ିଆ ବୋଲି ଗୋଟାଏ ଭାଷା ଓ ଗୋଟାଏ ଜାତି ? କେବେଥିଲା । ଏବେ କିନ୍ତୁ ଅନ୍ତର୍ଜାତିକ ମହା ସାଗର ଭିତରେ ସେ ବୁଡ଼ି ମରୁଛି । ସମସ୍ତେ ସେ ସମୁଦ୍ରରେ ନାଚକୁ କଳାପିରଣି ପଶୁଛନ୍ତି ମନ ଆମେ ସବୁ ହରାଇ ଦେବା ନିଶ୍ଚୟ—କାରଣ ଆମେ ବଡ଼ ଉଦାର । ଆମେ ଦରିଆ ମହାବୀର । ଆମେ ଭାରତବାସୀ । ନାନା ସେତିକି ନୁହେଁ ଆମେ ହେଲୁ "ସିଟିଜନ ଅଫ୍ ଦ ୱାର୍ଲଡ଼ !" ସାବାସ୍ ସାବାସ । ହେ ମୋର ସୁହୃଦ ପାଠକ ପାଠିକା ! ମୋତେ ଅଭିନନ୍ଦନ ଦେବା ଲାଗି ଅଭ୍ୟର୍ଥନା କରୁଛନ୍ତି କି ? ନା ନା; ଥାଉ, କିଛି ଦିନ ଅପେକ୍ଷା କରନ୍ତୁ—ଦେଖିବେ—ମୋ ଲାଗି ସାରା ପୃଥିବୀ ଯୁବିଲି ଉତ୍ସବ ପାଳନ



Digitized by srujanika@gmail.com

କରିବ । ଅଉ ସେ ଉଦ୍ଭବର ସଦେଖ୍ୟା ହେବେ ବହୁ ସଂଖ୍ୟକ Retired ପ୍ରଫେସର ।

ଦେଖନ୍ତୁ, ମୁଁ ହେଲି ଜଣେ 'ଉଇଲ୍ସନ୍ ସନ୍ଦ୍ଧ' ମୋର ଭାବ ଓ (stile) ଷ୍ଟାଇଲ ଏକଦମ 'ନେ ଫୁନ' ହଉଥ ବୁଝ ! ଅପନ୍ୟାସ ଓ ନାଟକ ଭିତରେ ମୁଁ ନାୟକ ଥିଲେ ବା ଛୁନେବ କଲେଜ ପିଲାଙ୍କ ଦେଉଣ୍ଡୁ କେବଳ କାଲ୍ପନିକେଇଠାଙ୍କୁ । କଲେଜ ଗାର୍ଲ କେତେକଙ୍କୁ କରିବ ନାୟିକା । ଉପେନ୍ଦ୍ର ଭଞ୍ଜଙ୍କ ଲେଖା ଅଶ୍ଳୀଳ । ମୁ କିନ୍ତୁ ଏକଦମ୍ ଆଧୁନିକ । ବୁଝନ୍ତୁ ଆଣ୍ଡି ପରମାର୍ଜିତ ।

ନାୟିକା ମୋର 'ଧରମଭଉଣୀ' ଡାକିଷ୍ଟ ହେବ । ଧରିବା ନହେଲେ 'ଧରମଝିଅ' କରି ଥୋଇଦେବ । ନାୟିକା ଗାଡ଼ି ପଛରେ ସାଇକେଲଧରି ଗାଡ଼ି ଧାଇଁବ ନାୟକ ମୋର— ଏସେନ୍ସ ପଖା ରୁମାଲ ହଲାଇ ହଲାଇ, ଆପଣ ଆପ୍ରିକେ କ୍ଷ ଦେଇ ଦେଇ ଯାଇ । ଦୋମନଙ୍କ ଉପରୁ ଓହ୍ଲାଇ ଆସ୍ ଅସୁ ହୁଏ ନେନ ନାୟିକା ମୋଟିବୁ ବାନ୍ଧି ଝାମ୍ପିକି ଖସି ପଡ଼ିବ ନାୟକ ପାଦରୁ ଚପଲ ଖଣ୍ଡେ ହୁଗୁଳି ଯିବ । ବାସ୍ ଏଇ ହେଲା ଏକ୍ସିଡେଣ୍ଟ (Accident) ନାୟକ ତୁରନ୍ତ 'ଆହା ହେଉରେ' କହି ଚପଲ ଖଣ୍ଡିକ 'ଚରନ ଶରନ ଭଲ୍ଲସ୍' ଅର୍ପଣ କରିଦେବ ସେତେ ଏଣ୍ଟିକ ବୋଲା ଉଠରେ ମାଲେଲ ପୁଟିବ । ଦନ୍ତରୁଚି କୌମୁଦୀ ଭିତରେ ଆଉ ରସନା ହାଙ୍କ ଲୁଚିବ— ଥାଙ୍କ୍ସ, ମେନିଥାଙ୍କ (ଧନ୍ୟବାଦ, ବହୁ ଧନ୍ୟବାଦ) । ବାସ ଏତିକରେ ଯଥେଷ୍ଟ । ଦୁହିଁଙ୍କ ଭିତରେ ଲଭ ହେବ । ଲଭ ଲଭ୍ ଲଭ୍ ସେଇଠୁ ଜମିବ ଲଭ୍ ଖାଲି । ତାପରେ ସିନେମା ହଲରେ 'କିସ' । ଖାଲି କିସ୍ ନୁହେଁ କେଉଁ କେଉଁ ଦିନ ସହକାର ଦେଲେ ଟ୍ରିପ୍ସାଲ କରକଙ୍କଣ ଅଧାରିଥ ଗଳାରେ ଛନ୍ଦି ଯିବ । ବାସ ଏତିକି । ସେଇଠୁ ନର୍ସ୍ଭିଲା ଦୁନିଆ ବନ୍ଧନ 'ବାର୍ଥ କଣ୍ଟ୍ରୋଲ' ମୋଟେ ଦେଖାଇବ ନୁହେଁ ।

Desperate [ହତାଶ] ଲଭରଖାଇବ ସ୍ତ୍ରୀ ସ୍ତ୍ରୀ ପୋଟାସିୟମ୍ ସାଇନାଇଡ୍ । ଆଦର୍ଶ ପ୍ରଣୟ । ଏକଦମ ଅଲ ଓ ଏଲ୍ । କେହି କେହି ଲେଖକ "କଲେଜ ଗାର୍ଲ୍ରୁ" ଆରମ୍ଭ କରି କଲେଜ ଗାର୍ଲ ଯାକେ । କେହି କେହି 'ଧରମ ଭଉଣୀ'ଠାରୁ ଆରମ୍ଭ କରି 'ଧରମ ମା' ବାଟ ହୋଇ 'ଧରମ ଝିଅ'ଯାକେ ଗତି କଲେଣି । ସେମାନଙ୍କୁ ସାଧୁବାଦ ଅର୍ପଣ କରୁଛୁ । କାରଣ ଏ ଦେଶରେ ଯେ କେଇଟା ଝିଅ ପାଠ ପଢିବାକୁ ବାହାରିପଡ଼ି 'ବାହାଦୁରୀ ଦେଖାଉଛନ୍ତି' ସତ ହେଉ ବା ମିଛ ହେଉ ସେଇମାନଙ୍କୁ ଆକ୍ରମଣ କରିବା କର୍ତ୍ତବ୍ୟ ଉଚିତ । ଦେଶର ଅଭିଭାବକମାନେ ଝିଅମାନଙ୍କୁ ସ୍କୁଲ କଲେଜରୁ ଲେଉଟାଇ ନିଅନ୍ତୁ— ଯାହାଦ୍ୱାରା ପର୍ଯ୍ୟାର୍ଥ ସ୍ତ୍ରୀ ଶିକ୍ଷା ବେଶୀ ହୋଇଗଲେ କବାଟ କଣରେ ଚୂଡ଼ି ହବ କାଏ ? ରାଧାନାଥଙ୍କ "ପାର୍ବତୀ କାବ୍ୟର" ସମାଲୋଚକମାନେ ସମସ୍ତେ ବୋଧହୁଏ 'ସର୍ ସେ ଟ୍ରେଲ୍ଲ" ପନ୍ଥ ଧଇଲେଣି । ଠିକ୍ କରିଛନ୍ତି । କାରଣ ଯୁଗ ଓଲଟି ପଡ଼ିଲାଣି । ଦେଶ ସ୍ୱାଧୀନ ହେଲାଣି । ଲେଖକମାନେ ପ୍ରଣୟକୁ ମଧ୍ୟ ସ୍ୱାଧୀନତା ଦେଲେଣି ଏବଂ ଆଦର୍ଶବାଦର ଉଣ୍ଟି ଚପି ଦେଲେଣି । ଏକଦମ୍ ଠିକ୍ କରିଛନ୍ତି । ମୁଁ ସେମାନଙ୍କୁ "ଗାର୍ଲସ୍ ସ୍କୁଲ"କୁ ନେଇ "ଚୁମ୍ବନ" ଦେଇ ଆଲିଙ୍ଗନ କରିବାକୁ ଚାହେଁ ।

ହେ ମୋର ନିତାନ୍ତ ବୁଦ୍ଧିମାନ ଆଧୁନିକ ଲେଖକ ଲେଖିକା 'ଜମ୍ରେଡ୍ସ' ଆଗେଇ ଚାଲନ୍ତୁ ମୁଁ ଆପଣମାନଙ୍କୁ ଲିଡ୍ କରି ନେବାକୁ ଚାହେଁ । ଲେଖା ଭିତରେ ସଂଯମ ବା ଆଦର୍ଶକୁ ମୁଁ ଇଚ୍ଛେ ସ୍ଥାନ ଦେବାକୁ ଚାହେଁ ନା— ସେ ସବୁ ହେଲା ଧନୀ ପୁଞ୍ଜିପତି, ଧନୀ ଜମିଦାରିଆ ଦଳର କଥା । ଆମେ ଚାହୁଁ ସାମ୍ୟବାଦ, ନର ଆଉ ନାରୀ— ସାଥି ଆଉ କମ୍ରେଡ୍ । ଲଭ୍ ଗୋଟାଏ ହାଇଫେନ୍ । ଦୁହିଙ୍କୁ ଯୋଗ କରିବା ତାର କାମ । ବାସ୍ତବରେ ଭାଇ ଭଉଣୀ ନୁହନ୍ତି ବାପ ଝିଅ ନୁହନ୍ତି, କି ମା ପୁଅ ନୁହନ୍ତି କିଛି ପରୱାଏ ନାହିଁ । ଆଜି କାଲି ବ୍ୟାକରଣରୁ ସ୍ତ୍ରୀଲିଙ୍ଗ ଉଠିଗଲାଣି । ସମସ୍ତେ ସାଥି । ସମସ୍ତେ କମ୍ରେଡ୍ । ସୁତରାଂ ଫ୍ଲିଙ୍ଗ । କ୍ଲୀବଲିଙ୍ଗଟା ଆଉ କିଛି ଦିନ ବାଦ ହଟିଗଲେ ଲିଙ୍ଗ ପ୍ରକରଣ ସମୂଳେ ଧ୍ୱଂସ ପାଇବ । ଯାଉ ସେ । ହେମୋର ସାଥି ଲେଖକ ଲେଖିକା, କଲମ ସଙ୍ଗେ ସଙ୍ଗେ ହାତୁଡ଼ି ଖଣ୍ଡେ ଖଣ୍ଡେ ଧର, ଦାଆଟାଏ ଧରି ଥାଅ । ମୁଁ ଧରୁଛି ଗ୍ଲାଣ୍ଟଶ୍ରୀ । କିସ୍ । ଅଶୋପନ୍ଥିଲ ।

ଆଉ ହେଉଛି ହେ ମୋର ନପାତ୍ରନସିଦ୍ଧ ଲେଖକ ଲେଖିକା ଫ୍ଲିଙ୍ଗ କମ୍ରେଡ୍ସ୍ । ଆଦିରସଟାକୁ ଆଦିମଯୁଗରୁ ଆଜିର ଯୁଗଯାକେ ସମସ୍ତେ ସ୍ୱୀକାର କରି ଆସୁଛନ୍ତି । ମୁଁ ବି ସେହି ଆଦିରସଟାକୁ ଗାଧାନସିନ କରି ଯିବାକୁ ଚାହେଁ । 'ବଟୁ ଓ ବାବୁ'ଗଣ । ଆପଣମାନେ ସାପ୍ତାହିକ କଲମ ଚସି ଚସି ପେଟ ଚପାଡ଼ି ପାତୁନାହାନ୍ତି କାହିଁକି ଜାଣନ୍ତି ? ଏବେଗୋଟାଏ ଆଦର୍ଶ ଧରି କେଶୀ ଜାଣନ୍ତି ନାହିଁ ବୋଲି । ଆପଣମାନେ ବୋଧେ ମଧୁସୂଦନଙ୍କ ଜାଟା ମୁଣ୍ଡରେ ବାନ୍ଧି ଝେଙ୍କୁଳ ଖଟା ଖାଇ ନାସ ସୁଙ୍ଗି ସୁଙ୍ଗି ଆଜଯାକେ ଲେଖୁଚନ୍ତି ।

ରେ ଆମ୍ଭନ୍, ନିଦ୍ରାପରିହରି

ଫେଡ ଚନ୍ତୁର ଲୋଚନ

କର କର ନିରୀକ୍ଷଣ ।

ମୁଁ ନୋଟିସ୍ ଦେଉଚି । ଆପଣମାନେ ରୁଚି ଓ ଲେଖା ବଦଳାନ୍ତୁ ।

ଅହେ ସାଧୁ ସୁଅ ସାବଧାନ

କର କର ଅବଧାନ,

ଦୁନିଆ ଯାକରେ ଆଦିରସଟି ପ୍ରଧାନ

ଏ ଯୁଗର ଟୋକା ଟୋକୀ ।

ଏ କାଳର ଖୋକା ଖୋକି

ପାଗଳ ହୁଅନ୍ତୁ ଖାଲି ଲଭ୍ ଲଭ୍ କାହି

ଲଭ୍ ମୂଳ ପିଣ୍ଡ ଧେନ ଲେଖିଯ ଅ ବାହି ।

ଶୁଣ, ପ୍ରେମର ବର୍ଣ୍ଣନାକୁ ଯେତେଟାର ନେକେଡ୍ କରି ଦିଅ । ପାଠକ ପାଠିକା ସେତେ ଆଦର କରିବେ । ଆଜି କାଲିକା ବଜାରରେ ସ୍ୱଚ୍ଛ 'ଅଧିଆ ପାଠକ ପାଠିକା-ସଂଖ୍ୟା ବେଶୀ । ଆଜିର ଦୁନିଆ ଚାହେଁ ନା ଆଦର୍ଶ, ଚାହେଁ ଉତ୍ତେଜନା । ରଙ୍ଗମଞ୍ଚ ବା ସିନେମାହଲକୁ ଯାଅ—ଦେଖିବ— ନାଟକର ନାମ ଚୁମ୍ବନ, ଆଲିଙ୍ଗନ ବା ସେମିତି ଆଉ ଗୋଟାଏ । ଅଭିନେତ୍ରୀ ସଂଖ୍ୟା ବେଶୀ । ଅଭିନୟ ଭିତରେ ଗାମ୍ଭୀର୍ଯ୍ୟ ଥାଉ ବା ନ ଥାଉ ଯୁବମନୋରଞ୍ଜକ ହାସ୍ୟ କଟାକ୍ଷ ଅଙ୍ଗଭଙ୍ଗୀର ଚଟକ ବେଶୀ । ଯେଉଁଥିରେ ନଗ୍ନତାର ମାତ୍ରା ଯେତେ ବେଶି ଲୋକ ଗହଳି ସେଥିରେ ସେତିକି ବେଶି ।

ହେ ମୋର ଦରିଦ୍ର, କରୁଣ ଭକ୍ତ ଓ ଲେଖକ ବନ୍ଧୁଗଣ । ଏଥିରୁ କରୁଣ ସ୍ୱାଧୀନ

[ ଅବଶିଷ୍ଟାଂଶ ୫୬ ପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

ଦରବ । ଅଉ ସେ ଉପ୍ରବର ସ୍ୱଦୋଂଗ୍ରା ହେବେ ବହୁ ସଂଖ୍ୟକ Retired ପ୍ରଫେସର ।

ଦେଖିଲୁ, ମୁଁ ହେଲି ଜଣେ 'ଇଭଲ୍ୟୁସନିଷ୍ଟ' ମୋର ଭାବ ଓ (stile) ଷ୍ଟାଇଲ ଏକଦମ 'ନେଭୁନ' ହଉଥା ଗୃହେଁ ! ଉପନ୍ୟାସ ଓ ନାଟକ ଚରିତ୍ରରେ ମୁଁ ନାୟକ ହୁଏ ତ ଛୁ ନେବ କଲେଜ ପିଲଙ୍କ ଭିତରୁ କେବଳ ବାଛି କେଇଟାଙ୍କୁ । କଲେଜ ଗାର୍ଲ କେତେଙ୍କୁ କରିବ ନାୟିକା । ଉପେନ୍ଦ୍ର ଭଞ୍ଜଙ୍କ ଲେଖା ଅଶ୍ଳୀଳ । ମୁ କରିବି ଏକଦମ୍ ଅଧୁନିକ । ଜୁହ୍ଦେମା [illegible] ଚରମାର୍ଟିଟି

ନାୟିକା ମୋର 'ଧରମଭଉଣୀ' [illegible] ହେବ । ସୁବିଧା ନହେଲେ 'ଧରମଝିଅ' କରି ଥୋଇଦେବି । ନାୟିକା ଗାଡ଼ି ଚଢ଼ିରେ [illegible] ଧାଇଁବ ନାୟକ ମୋର— ଏସେନ୍ସ ମଖା ରୁମାଲ ହଲାଇ ହଲାଇ, ଆପଣା [illegible] ଦେଇ ଦେଇ ଯାଇ । ଦୋମହଲା ଉପରୁ ଓହ୍ଲାଇ [illegible] ନାୟିକା [illegible] ଖସି ପଡ଼ିବ କିମ୍ବା [illegible] ପିବ । ବାସ ଏଇ ହେଲା ଏକ୍ସିଡେଣ୍ଟ (Accident) [illegible] 'ଅଦ୍ଭୁତ' [illegible] ସେଥିଁ [illegible] ଦେଖିବ [illegible] ଥାଙ୍କ୍ସ, ମେନିଥାଙ୍କ୍ସ (ଧନ୍ୟବାଦ, ବହୁ ଧନ୍ୟବାଦ) । ବାସ ଏତିକିରେ ଯଥେଷ୍ଟ । ଦୁହିଁଙ୍କ ଭିତରେ [illegible] ଲଭ ଲଭ୍ ଲଭ୍ ସେଇଠୁ ଜନ୍ମିବ [illegible] । ତାପରେ ସିନେମା ହଲରେ 'କିସ' । [illegible] ନୁହେଁ କେଉଁ କେଉଁ ଦିନ ସହକାର ତଳେ ପ୍ରିୟ୍ହାଲ ଭରକଙ୍କଣ [illegible] ଗଳାରେ [illegible] । ବାସ ଏତିକି । ସେଇଠୁ ନର୍ସିଙ୍ଗ [illegible] 'ବାର୍ଥ କଣ୍ଟ୍ରୋଲ' [illegible] ବେଆଇନ ନୁହେଁ ।

Desperate [ହତାଶ] ଲଭରଖାଇବ [illegible] ପୋଟାସିୟମ୍ ସାଇନାଇଡ୍ । ଆଦର୍ଶ ପ୍ରଣୟ । ଏକଦମ ଅଲ ଓ ଏଲ୍ । କେହି କେହି ଲେଖକ "କଲେଜ ଗାର୍ଲ୍‌ରୁ" ଆରମ୍ଭ କରି କଲେଜ ଗାର୍ଲ ଯାଏ । କେହି କେହି 'ଧରମ ଭଉଣୀ'ଠାରୁ ଆରମ୍ଭ କରି 'ଧରମ ମା' ବାଟ ହୋଇ 'ଧରମ ଝିଅ'ଯାଏ ଗତି କଲେଣି । ସେମାନଙ୍କୁ ସାଧୁବାଦ ଅର୍ପଣ କରୁଛୁ । କାରଣ ଏ ଦେଶରେ ଯେ କେଇଟା ଝିଅ ପାଠ ପଢ଼ିବାକୁ ବାହାରିପଡ଼ି 'ବାହାଦୁରୀ ଦେଖାଉଛନ୍ତି' ସତ ହେଉ କା ମିଛ ହେଉ ସେଇମାନଙ୍କୁ ଆକ୍ରମଣ କରିବା କର୍ତ୍ତବ୍ୟ ଉଚିତ । ଦେଶର ଅଭିଭାବକମାନେ ଝିଅମାନଙ୍କୁ ସ୍କୁଲ କଲେଜରୁ ଲେଉଟାଇ ନିଅନ୍ତୁ— [illegible] ପର୍ଯ୍ୟାର୍ଥ [illegible] ଶିକ୍ଷା ବେଶୀ ହୋଇଗଲେ କବାଟ କଣରେ ଚିତ୍ତିଁ ହବ କିଏ ? ରାଧାନାଥଙ୍କ "ପାର୍ବତୀ କାବ୍ୟର" ସମାଲୋଚକମାନେ ସମସ୍ତେ କୋଉଦିନୁ ଏ 'ସବ୍ ସେ ଚୁପ୍ ଭଲ୍ଲ' [illegible] ଧଇଲେଣି । ଠିକ୍ କରିଛନ୍ତି । କାରଣ ଯୁଗ ଓଲଟି ପଡ଼ିଲଣି । ଦେଶ ସ୍ୱାଧୀନ ହେଲାଣି । ଲେଖକମାନେ ପ୍ରଣୟକୁ ମଧ୍ୟ ସ୍ୱାଧୀନତା ଦେଲେଣି ଏବଂ ଆଦର୍ଶବାଦର ଭିତ୍ତି ଚାପି ଦେଲେଣି । ଏକଦମ୍ ଠିକ୍ କରିଛନ୍ତି । ମୁଁ ସେମାନଙ୍କୁ "ଗର୍ଲସ୍ ସ୍କୁଲ"କୁ ନେଇ 'ଚୁମ୍ବନ' ଦେଇ ଆଲିଙ୍ଗନ କରିବାକୁ ଚାହେଁ ।

ହେ ମୋର ନବୀନ ଭୂମିମାନ ଅଧୁନିକ ଲେଖକ ଲେଖିକା 'କମ୍ରେଡ୍ସ' ଆଗେଇ ଆସନ୍ତୁ ମୁଁ ଆପଣମାନଙ୍କୁ [illegible] କରି ନେବାକୁ ଚାହେଁ । ଲେଖା ଭିତରେ ସଂଯମ ବା ଆଦର୍ଶକୁ ମୁଁ ଉକ୍ତେ ସ୍ଥାନ ଦେବାକୁ ଚାହେଁ ନା — ସେ ସବୁ ହେଲା ଧର୍ମ ପୁସ୍ତକ, ଗୀତା ଜନିଦ ବିଅ ଦଳର କଥା । ଆମେ ଚାହୁଁ ସାମ୍ୟବାଦ, ନର ଆଉ ନାରୀ— ସାଥି ଆଉ କମ୍ରେଡ୍ । ଲଭ୍ ଗୋଟାଏ ହାଇଫେନ୍ । ଦିହିଙ୍କୁ ଯୋଗ କରିବା ତାର କାମ । ବାସ୍ତବରେ ଡିଇ ଭଉଣୀ ନ୍ହଅନ୍ତୁ ବାପ ଝିଅ ନ୍ହଅନ୍ତୁ, କି ମା ପୁଅ ନ୍ହଅନ୍ତୁ କିଛି ପରୁଆ ନାହିଁ । ଆଜି କାଲି ବ୍ୟାକରଣରୁ ସ୍ତ୍ରୀଲିଙ୍ଗ ଉଠିଗଲାଣି । ସମସ୍ତେ ସାଥି । ସମସ୍ତେ କମ୍ରେଡ୍ । ସୁତରାଂ ପୁଲିଙ୍ଗ । କ୍ଲିବଲିଙ୍ଗ । ଆଉ କିଛି ଦିନ ବାଦ ଉଠିଗଲେ ଲିଙ୍ଗ ପ୍ରକରଣ ସମୂଳେ ଧ୍ୱଂସ ପାଇବ । ଯାଉ ସେ । ହେ ମୋର ସାଥି ଲେଖକ ଲେଖିକା, କଲମ ସଙ୍ଗେ ସଙ୍ଗେ ହାତୁଡ଼ି ଖଣ୍ଡେ ଖଣ୍ଡେ ଧର, ବାଟାଏ ଧରି ଥାଅ । ମୁଁ ଧରୁଚି ଲାଲଝଣ୍ଡା । ବାସ୍ । ଅଭଗଉଲି ।

ଅବ ହେଉଛି ହେ ମୋର ନବାଗତନବିଶ ଲେଖକ ଲେଖିକା ଫ୍ୟୁଲଙ୍ଗ କମ୍ରେଡ୍ସ୍ । ଅଭିରସଟାକୁ ଅଦମ୍ୟଯୁଗରୁ ଅଜିର ଯୁଗଯାଏ ସମସ୍ତେ ସ୍ୱୀକାର କରି ଆସୁଛନ୍ତି । ମୁଁ ବ ସେହି ଆଦିରସଟାକୁ ଗାଧୋଇ ସିନ କରି ଯିବାକୁ ଚାହେଁ । 'ବନ୍ଧୁ ଓ ବାନ୍ଧବୀ'ଗଣ । ଆପଣମାନେ ସାରାଜୀବନ କଲମ ଚସି ଚସି ପେଟ ଚିପୁଡ଼ି ପାରୁନାହାନ୍ତି କାହିଁକି ଜାଣନ୍ତି ? ଯୁଗୋଚିତ ଆଦର୍ଶ ଧରି କେଶୀ ଜାଣନ୍ତି ନାହିଁ ବୋଲି । ଆପଣମାନେ ବୋଧେ ମଧୁସୂଦନୀୟ ଜାଠା ମୁଣ୍ଡରେ ବାନ୍ଧି ତେଲୁଲି ଖଟା ଖାଇ ନାସ ସୁଙ୍ଗି ସୁଙ୍ଗି ଆଜଯାକେ ଲେଖୁଚନ୍ତି ।

ରେ ଅମ୍ଭେ, ନିଦ୍ରାପରିହରି
ଫେଡ଼ ଚନ୍ଦ୍ର ର ଲୋଚନ
କର କର ନିରୀକ୍ଷଣ ।

ମୁଁ କୋହିସ୍ ଦେଉଚି । ଆପଣମାନେ ରୁଚି ଓ ଲେଖା ବଦଳାନ୍ତୁ ।

ଅହେ ସାଧୁ ସୁଅ ସାବଧାନ
କର କର ଅବଧାନ,
ଧୁଆଁ ଯାକରେ ଆଦିରସଟି ପ୍ରଧାନ
ଏ ଯୁଗର ଠୋକା ଠେଙ୍ଗା ।
ଏ କାଳର ଖୋକା ଖୋକି
ପାଗଳ ହୁଅନ୍ତି ଶୀଘ୍ର ଲଭ୍ ଲଭ୍ କହି
ଲଭ୍ ମୂଳ ପିଣ୍ଡ ଦୋନା ଲେଖିଯ ଅ ବାହି ।

ଶୁଣ, ପ୍ରେମର ବର୍ଣ୍ଣନାକୁ ଯେତେପାର ନେକେଡ୍ କରି ଦିଅ । ପାଠକ ପାଠିକା ସେତେ ଆଦର କରିବେ । ଆଜି କାଲିକା ବଜାରରେ ଛାତ୍ର ଓ ଅନ୍ୟ ପାଠକ ପାଠିକା-ସଂଖ୍ୟା ବେଶୀ । ଆଜିର ଦୁନିଆ ଚାହେଁନା ଆଦର୍ଶ, ଚାହେଁ ଉତ୍ତେଜନା । ରଙ୍ଗମଞ୍ଚ ବା ସିନେମାହଲକୁ ଯାଅ—ଦେଖିବ— ନାଟକର ନାମ ଚୁମ୍ବନ, ଆଲିଙ୍ଗନ ବା ସେମିତି ଆଉ ଗୋଟାଏ । ଅଭିନେତ୍ରୀ ସଂଖ୍ୟା ବେଶୀ । ଅଭିନୟ ଭିତରେ ଗାମ୍ଭୀର୍ଯ୍ୟ ଥାଉ ବା ନଥାଉ ଯୁବମନୋଲୋଭକ ହାସ୍ୟ କଟାକ୍ଷ ଅଙ୍ଗଭଙ୍ଗିର ଚଟକ ବେଶୀ । ଯେଉଁଥିରେ ନଗ୍ନତାର ମାତ୍ରା ଯେତେ ବେଶି ଲୋକ ଗହଳ ସେଥିରେ ସେତିକି ବେଶି ।

ହେ ମୋର ଦରିଦ୍ର, କରନ୍ଧ ଭବ ଓ ଲେଖକ ବନ୍ଧୁଗଣ । ଏଥିରୁ କଣଣ ସ୍ୱାଧୀନ

[ ଅବଶିଷ୍ଟାଂଶ ୫ମ ପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

# ତିନୋଟି ସ୍ତ୍ରୀଲୋକ

ଅନୁବାଦକ—ଯୋଗୀନ୍ଦ୍ର ପଟ୍ଟନାୟକ

ଟ୍ରେନ ଲାଇନ କଡ଼େ କଡ଼େ ଚାଲିଛନ୍ତି ତିନୋଟି ସ୍ତ୍ରୀଲୋକ ।

ସେଥିମଧ୍ୟରୁ ଜଣେ ବାଳ ବୁଢ଼ୀ । ମଇଳା ଛିଣ୍ଡାକନା ତା'ର ପରିଧାନ । ମୁହଁରେ ପ୍ରସ୍ତ ପ୍ରସ୍ତ କରି ମଇଳା ବସିଛି । କେଶ ଜଟା ବାନ୍ଧିଯାଇଛି । ପାଦ ଫୁଲି ଯାଇଛି । ଠାଏ ଠାଏ ଦାଢ଼ୁଆ ପଥରରେ ଗୋଡ଼ ଗୋଇଠି କଟିଯାଇଛି ।

ଆଉଜଣେ ଯୁବତୀ । ବୟସ କୋଡ଼ିଏ କି ସେଇ ପାଖାପାଖି ହେବ । ନୟନରେ ଚମକ ଅଛି । ବୁକୁରେ ଯୌବନଶ୍ରୀ ପରିସ୍ଫୁଟ । ଚଳନରେ ଅବାଂଛିତ ଛଟା ସ୍ପଷ୍ଟ ଥିଲା । ଅଣ୍ଟୁ-ଗୁଡ଼ାକ ତା'ର ଅତି ସରୁ ।

ଅନ୍ୟ ଜଣକ ମାତା । ବାହୁରେ ତା'ର ସଦ୍ୟ ଜାତ ଛୁଆ । ତା'ର ସ୍ନେହ ଦୃଷ୍ଟି ବାର-ବାର ବାହୁରେ ଥିବା ଶିଶୁଟିର ମୁହଁ ଉପରେ ନିବଦ୍ଧ ରହୁଥିଲା । ଶୁଷ୍କ ଦେହ ଏ ଛିଣ୍ଡାକନା ଭିତରୁ ଉଙ୍କି ମାରୁଥିଲା ।

ତିନୋଟି ସ୍ତ୍ରୀଲୋକ ଚୁପ୍ ଚାପ୍ ହୋଇ ଚାଲୁଥିଲେ । ସେମାନେ ଉପରକୁ ଚାହିଁଲେ । ଯେମିତି ଦୂରରୁ ଟ୍ରେନ ଆସିବା ଶବ୍ଦ କାନରେ ବାଜୁଛି । ସମାନ୍ତରାଳ ଲାଇନଗୁଡ଼ିକ ଆସ୍ତେ ଆସ୍ତେ ସରୁହୋଇ ଲମ୍ବି ଅନନ୍ତ ପରି ଚକ୍ରବାଳ ଭିତରକୁ ପଶିଯାଇଛି ବହୁ ଦୂରରେ । ସେହି ଦୂରରୁ ଧୂଆଁର ଏକ ନେଳା ରେଖା ଦେଖା-ଦେଲା ।

ଭିକାରୁଣୀଟି କହିଲା 'ଏଇ ଦୁଇ ମିନିଟ ଭିତରେ ଟ୍ରେନ ପହଞ୍ଚିବ ।'

ଅନ୍ୟ ଦୁଇଜଣ ଏକଥାର ଗୁରୁତ୍ୱ ବୁଝି ଚମକି ପଡ଼ିଲେ । ଏକା ସାଙ୍ଗରେ ଭୟରେ ଚିତ୍କାର କରି ଉଠିଲେ 'କଣ ? କଣ କହୁଚ ?'

ଭିକାରୁଣୀ ଉତ୍ତରଦେଲା—'ମୁଁ ଯାହା କହୁଛି ତୁମେ ଜାଣ'' ତା'ର ଦୃଷ୍ଟି ଦୂର ଚକ୍ରବାଳ ଉପରେ ନିବଦ୍ଧ ଥିଲା । ଦୂରରେ କଳା ବିନ୍ଦୁଟି ପରି ଦିଶୁଥିବା ଇଂଜିନଟା କ୍ରମଶଃ ବଡ଼ ହୋଇ ଆସୁଥିଲା । ଲକ୍ଷ୍ୟ କରୁଥିଲା ସେ । 'ତୁମେ ଜାଣ ଏହି ଟ୍ରେନ ଆମର ସବୁ ସମସ୍ୟା ଗୁଡ଼ିକୁ ସମାଧାନ କରିବ ।''

ଯୁବତୀଟି ଗମ୍ଭୀର ହୋଇ ଉତ୍ତର ଦେଲା "ମୁଁ ମରିବାକୁ ଚାହେଁନା, ମୁଁ ଯୁବତୀ, ମୁଁ ଜୀବନକୁ ଆଉରି ଉପଭୋଗ କରିବି ।'

"ତେବେ ଏ ଯୌବନର ମୂଲ୍ୟ କଣ ?

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ଦୁର୍ବିଚିନ୍ତାର ଅବଶିଷ୍ଟାଂଶ

ଭାରତର ଜନସାଧାରଣଙ୍କ ରୁଚିର ଯଥାଯଥ ପରିଚୟ ପାଇ ପାରୁନାହଁ ?

ଥାଉ ହେଇଟି— ସାମ୍ନାମାନେ, ଅଜ-ଯାକେ କବି ଓ ଲେଖକମାନେ ଫୁଲ ଉଣ୍ଡି ବୁଲୁଥିଲେ ଭଅଁରକୁ ବସାଇବା ପାଇଁ ଚନ୍ଦନ-ରେ ବାସ ଗୋଳାଇ ଚହଟାଇବା ପାଇଁ । ଏଣିକି ସେ ଦାଉ ଛୁଟ । ଖୋଜ ଦୁଲ କେଉଁଠି କଅଣ ପଚି ସଢ଼ି ଜିନିଷ ପଡ଼ିଛି । ଲୋକେ ବୃଦ୍ଧାନ୍ତ ତୀବ୍ର ଗନ୍ଧ । ସୁଗନ୍ଧ ନୁହେଁ ଦୁର୍ଗନ୍ଧ । ଆଜିକାଲିକା ଦୁନିଆର ଲୋକଙ୍କୁ ଚରଜନ୍ଦାଠା ଭାରି ଭଲ ଲାଗେ । ବିଶେଷତଃ ଭଦ୍ର ଘରର ଝିଅ ବୋହୂ ଓ ଭଦ୍ରମହିଳାଙ୍କ ନାମରେ କୁତ୍ସାରଟନା କରିବା । ଏଣିକି ମୁଁ ମଣ୍ଡେ ଟୁଣ୍ଡି ଧରି ସହର ବଜାର ଓ ଗାଁ ଗହଳରେ ଭଣ୍ଡି ବୁଲିବି, କାଏ କେଉଁଠି କାହା ସାଙ୍ଗରେ ପଦେ ଅଧେ ଫୁସୁଫାସ ହେଲାତ— ନୋଟ କରିବି ତାଙ୍କ ନା ଓ କଥାବାର୍ତ୍ତା ଏବଂ କାମେରା ଧରି ଉଠାଇ ନେବି ଫଟୋ । ଏକ ଦୁଇ Snap short [ସ୍ନାପ୍ସଟ୍] । ଆଉ ପତ୍ରପତ୍ରିକାକୁ ଲେଖି ଦେବି ଚମକପ୍ରଦ ଲେଖାଟାଏ ।

ଉପାଦାନର ଅଭାବ ନାହିଁ ଅଳ୍ପଟିକେ ବୁଝିଲେ ଅସଲ ହେଲା । କେଉଁ କେଉଁ ପ୍ରଫେସରମାନେ ଛାତ୍ରୀ ବିଶେଷଙ୍କ ପ୍ରତି ଅନୁ-ରକ୍ତି ଦେଖାଉଛନ୍ତି ଏବଂ କେଉଁ କେଉଁ ଶିକ୍ଷକ ସ୍କୁଲ ଛାତ୍ରୀଙ୍କୁ ଭଲ ପାଉଛନ୍ତି, ଟିକିଏ ଚେଷ୍ଟା କଲେ ସେସବୁ ଖବର ପାଇ ପାରିବ । ଶ୍ରେଣୀ କ୍ଲାସ 'ହାଇଫେନ'' ଠାରୁ ଆରମ୍ଭ କରି 'ସେମିକୋଲନ' ଯାଏ କେତେ କେତେ ଉପାଦେୟ ଉପନ୍ୟାସ ଓ ନାଟକାବଳି ତୁମେ ଲେଖି ପାରିବ । ତା ପଛକୁ ପୁଣି ଦେବୀଙ୍କ ପଚିଶିଅ ସରିଦବ ଅଛି । 'ଦେଢ଼ଶୁର ଭାଉ ବୋହୂ' ସ୍ପର୍ଶ ଠାରୁ ଆରମ୍ଭ କରି 'ନବ କଳେବର ଚଉଦଶୀ ପର୍ଯ୍ୟନ୍ତ' ଲେଖି ପକାଅ । କହ ବୋଲି ପାଇଲେ ପ୍ରକାଶ କରିବା ପାଇଁ ଅସୁବିଧା ହେବ ନାହିଁ । ଆମ ସରକାର ବି ଯଥେଷ୍ଟ ସାହାଯ୍ୟ ଦେଇ ପାରନ୍ତି ।

ଆଜିକାଲିର ଖଦଡ଼ ବଜାରରେ କାଳା-ପୋଷ୍ଟ ଜାଣିଲେ ପଇସା ଗଦା ହେଲା । ମୁଁ କଷ୍ଟମ୍ କରିଛି ଖଣ୍ଡେ ଖଦଡ଼ ଧୋତି ଖଣ୍ଡେ ଖଦଡ଼ ପଞ୍ଜାବୀ ଖଣ୍ଡେ ଖଦଡ଼ ଟୋପି ଓ ଖଣ୍ଡେ ମୁକ୍ତି କରିମ୍ନତି ଚେଉଁରେ ସ୍ୱାଇତ ରଖିବ ସବୁବେଳେ ପାଇଁ ନୁହେଁ । ସଭା ସମିତି ଓ ଦେଖାସାକ୍ଷାତ ବେଳେ ପାଇଁ । ଯେତିକି ଆଜ-କାଲିକା ହାକିମ ହୁକୁମା ଓ ବଡ଼ ଭଦ୍ରଲୋକ ଭଦ୍ର ମହିଳା କରନ୍ତି । ଖଦଡ଼ର ପିଚବୋର୍ଡ ପଞ୍ଝଟ— କଳାବଜାର ଭିତର ଦେଇ— ଦେଶସାରା ବ୍ୟାପିଅଛେ । ସେଇ କଳାବଜାର-ର କଳା ପିଚ ରାସ୍ତା ଉପରେ ଫିରଙ୍ଗୀ ପଠକା ଆଗରୁ ଉଡ଼ାଇ ଯେଉଁ ଯେଉଁ ଗୁଳିରେ ଗାନ୍ଧି ଖାଦି ଧାରୀଙ୍କ ମୋଟରକାର । ଆଉ ସେଇ କାରର ଚକାତଳେ ପଡ଼ି ମରୁଚନ୍ତି ଶହ ଶହ ହଜାର ହଜାର ନିରନ୍ନ ନିବସ୍ତ୍ର ଦେଶବାସୀ ନର ନାରୀ ବାଳକ ବାଳିକା । ଦେଶ ସାରା ରେଡ଼ିଓ ଓ ଲାଉଡ୍ ସ୍ପିକର ଗାଇ ଗାଇ ଡାକୁଚି

ରଘୁପତି ରାଘବ ରାଜାରାମ
ପତିତ ପାବନ ସୀତାରାମ
ମହାତ୍ମା ଗାନ୍ଧୀ କି ଜୟ ।

ହେ ମୋର ଲେଖକ ବନ୍ଧୁଗଣ ଆଜିକାଲି ମଦନାନନ୍ଦ ମୋଦକର କାଟତି ଖୁବ୍ ବେଶୀ ମଦନ ସାଙ୍ଗକୁ ଆନନ୍ଦ ପୁଣି ତା ପଛକୁ ମୋଦକ । ସମସ୍ତେ ଆଜିକାଲି ମାତିଲେ । ସମସ୍ତେ ଛବି ଓ ମହର ଷଣ୍ଢାମାନଙ୍କ ପରି ସୁରା ଓ ସୁନ୍ଦରୀ ଖୋଜିବୁଲନ୍ତି । ଆସନ୍ତୁ ଆମେ ଲେଖକ ଲେଖିକା ସମସ୍ତେ (ଆଜିକାଲି ତ ସମସ୍ତେ ଫୁଲଙ୍ଗ ବଢ଼ିଛି ଅଛନ୍ତି ! ଚେଷ୍ଟା କର) ଦଳି ଦିଆ ଲାଗି କରି ଈଶ୍ୱର ହେବା ସେଇଠି ସାହ୍ୟା ଓ ନାରକେଲ ଗଛରୁ ପିଇ ଦେଶସାରା ସୁରା ପରିବେଷଣ କରି ବୁଲିବା । ଏତେଗୁଡ଼ାଏ ସୁରା କାହୁଁବା ମିଳିବ ? ଏ ଦେଶରେ ଖଜୁରି ଗଛର ଅଭାବ ନାହିଁ ମାଠିଆ ମାଠିଆ ତାଡ଼ି-ମଗାଇ ଆଣି ଢାଳିବା ଆମ ସୁହୃଦ ପାଠକ ପାଠିକାମାନଙ୍କ ପାଟିରେ । ଦେଖିବେ ସମସ୍ତେ

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

ଗୋଟାଏ କଦାମାତ୍ର ଲୋକର ଖେଳନା ହୋଇ ରହିବୁ । ଯେତେବେଳେ ତାର ସ୍ୱାର୍ଥ ମେଣ୍ଟିବ ସେ ତୋତେ ସେତେବେଳେ ଅବହେଳାରେ ପେପର ପରି ଫିଙ୍ଗିଦେବ ଏଇଠି ?"

'ନା— ନା ତା ବଳୁଛରେ କହନା । ସେ ପ୍ରେମ କରିଥିଲା ମୋତେ କିନ୍ତୁ ପିତାମାତାଙ୍କୁ ପ୍ରତାଦର କରିପାରି ନାହିଁ ସେ"

'ଦେଖୁଛୁ ତୁ ସେଇ ପ୍ରେମକୁ ବିଶ୍ୱାସ କରୁ । ସେଇଟା ଗୋଟାଏ ମାୟାବୀ ଶବ୍ଦ— ଆବିଷ୍କାର କରିଛି ପୁରୁଷ— ସ୍ତ୍ରୀଲୋକମାନଙ୍କୁ ଫାନ୍ଦରେ ପକାଇବାକୁ । ତୋର ଏ ଯୌବନ କେତୋଟି ଦିବସ ଅସ୍ଥିର କରିବାକୁ ସାହାଯ୍ୟ କରିପାରେ ଦେହ ଦିଏ । ତାପରେ—ତାପରେ" କୋକୁଣୀର ନୟନରେ ସ୍ଫୁରିତ କ୍ରୋଧର ଚିହ୍ନ ପରିସ୍ଫୁଟ ହେଲା । 'ଶୀଘ୍ର ତୁ ଗୋଟାଏ କଦାପି ବୁଢ଼ୀ ହୋଇଯିବୁ—ଏପରିକି ଭିକ ମାଗିବା ବି ପାଇବୁ ନାହିଁ ।' ଯୁବତୀଟି କମ୍ପ୍ରସ୍ୱରରେ ଯନ୍ତ୍ର କାଢ଼ିଲେ— ତାର ଆଶା ଅଳ୍ପେ ଅଳ୍ପେ ମରିଯାଉଥିବା ସହିତ— 'ତଥାପି ଯୁବତୀ ସମ୍ମୁଖରେ ବଞ୍ଚିବା ଭଲ— ଜୀବନ ଯଦି ହେଉନା କାହିଁକି ।" ମା ଅଛିକୁ ପଚାରିଲେ କୋକୁଣୀ 'ତୁମେ ଏବେ ଅଛ—କିଏ କହୁଛି ? ତୁମେ ବି କଣ ମରିବାକୁ ଡରୁଛ ?'

'ସେ କଥା କହନା । ମୁଁ ମରିବାକୁ ଚାହେଁନା । ଝିଅ ପାଇଁ ମୋତେ ନିଶ୍ଚୟ ବଞ୍ଚିବାକୁ ହେବ ।' ଶିଶୁଟିକୁ ବକ୍ଷ ଉପରକୁ ଟାଣି ନେଲା ସେ ।

'ଓଃ ସେଇ ମାଂସ ଖଣ୍ଡଟା ।' ପରିହାସ କରି କହି ଉଠିଲା । 'ତେବେ ଦୁର୍ବଳତା ଅଟୋ-

ଗତର ସୃଷ୍ଟି । ଏହି ଜଗତରେ ତୋ ପ୍ରତି କ୍ରୂରତା ଓ ଅଜାତର ସ୍ମାରକ ।'

"ମୁଁ ଜାଣେ— ସବୁ ଜାଣେ । କିନ୍ତୁ ସେ ମୋର ଝିଅ । ମୋର ମାଂସର ମାଂସ ।"

'ବାଃ— ତୋର ଏ ହବ ପ୍ରବଣତା ମୋତେ ରୋଗୀ କରି ପକାଇଲାଣି । ଝିଅ ହାତରେ ଯେତେବେଳେ ତୋର ମଆ କାପ ଘରୁ ତଡ଼ି ଦେଲେ କଣ ଭାବିଥିଲେ—ତାଙ୍କର ମାଂସର ମାଂସ ।'

'ମୁଁ ଠିକ୍ କରି କହୁଛି । ମୁଁ ମରିବାକୁ କିଛି ମନେ କରୁ ନାହିଁ । ବୋଧହୁଏ ମୁଁ ତାହା ପାଇବାର ଯୋଗ୍ୟ । ଯାହାହେଉ ମୋର ଜୀବନର ଦୁଃଖର ଶେଷ ହେବ । କିନ୍ତୁ ଏହି ଶିଶୁଟିର କଣ ହେବ । ମୁଁ ଯଦି ମରେ କିଏ ଏହାର ପୋଷଣ କରିବ ।'

'ସେ ତୋ' ସଙ୍ଗେ ମରୁ ।ଏ ଜଗତରୁ ଆଉ ଗୋଟାଏ କୋଣ ଯିବ ।'

'ତୁ ଯେ ତାର ଜୀବନ ରକ୍ଷା କରିବାକୁ ଚେଷ୍ଟା କରୁଛୁ । କାହିଁ ପାରିବୁ ତାର ଭବିଷ୍ୟତ କଣ— ଛିଣ୍ଡା ଅଛି '

ମା ଅଛି ଶିଶୁଟି ପାଇଁ କେତେ ଯନ୍ତ୍ର କାଢ଼ି ବସିଲା । କିନ୍ତୁ କୋକୁଣୀର ମତ ସେହିପରି ରହିଲା । ଦୂରର ଗୋଟିଏ ବନ୍ଦୁ ଇଂଜିନଟି ଗୋଟାଏ ଦାନବ ପରି ପାଖେଇ ଆସୁଛି ଚିତ୍କାର କରି ।

'ଅଚ୍ଛା ଅବଶେଷରେ ମୁଁ ଏକା ମରିବାକୁ ଯାଉଛି । କାରଣ ମୁଁ ଜାଣେ ଯେ ମୋର ଜୀବନରେ ବଞ୍ଚିବା ବୃଥା ।'

'ତୁ ପାଗଳ !' ଚିତ୍କାର କରି ଉଠିଲେ ଅନ୍ୟ ଦୁଇଜଣ ।

କୋକୁଣୀଟି 'ହିଷ୍ଟ୍ରିଆ ରୋଗୀ ପରି ହାଃ ହାଃ ହାଃ ହୋଇ ହସି ଉଠିଲା 'ତମେ ଭାବୁଛ ମୁଁ ପାଗଳ ? ମୋତେ କହିବାକୁ ଦିଅ ଯାହା ମୁଁ ଭାବୁଛି— ତମେ ଦୁଇଜଣ ଭାବୁ ଚିନ୍ତା— ତମର ଭୀରୁତାକୁ ଯୌବନ ଓ ମାତୃତ୍ୱର ଅନ୍ତରାଳରେ ଲୁଚାଇବାକୁ ଚେଷ୍ଟା କରୁଛ । ଯଦି କେହି ପାଗଳ ହୋଇଥାଏ ପ୍ରକୃତରେ—ତେବେ ତୁମେଇ —ବିଦାୟ ।'

ଟ୍ରେନ କେତୋଟି ଗଜ ଦୂରରେ । କୋକୁଣୀଟି ଲାଇନ ଉପରକୁ ଡେଇଁ ପଡ଼ିଲା । ଇଂଜିନ ଚିତ୍କାର କରି ଉଠିଲା । ଡ୍ରାଇଭର ବ୍ରେକ ଜୋରରେ ଟାଣି ଧରିଲା । କିନ୍ତୁ ସବୁ ଶେଷ ହୋଇଯାଇଛି ।

ଟ୍ରେନ ଠିଆ ହେଲା । ଇଂଜିନରେ ଥିବା ଲୋକମାନେ ଟାଣି ଆଣିଲେ ଗଦାଏ ମଣିଷ ମାଂସ, ହାଡ଼ ଚକତଳରୁ । ସଙ୍ଗେ ସଙ୍ଗେ କେତେକ ସନ୍ଦେହୀ ଯାତ୍ରୀ ଗାଡ଼ିରୁ ଓହ୍ଲାଇ ଜମା ହେଲେ ।

କେହିଜଣେ କହିଲା, 'କୋକୁଣୀଟାଏ ।'

ଅନ୍ୟଜଣେ କହିଲା, 'ଯୁବତୀ ଝିଅଟିଏ— ଗରିବ କିନ୍ତୁ ସୁନ୍ଦର ।'

ତୃତୀୟ ଜଣେ କହି ଉଠିଲା 'ହାଁ, ମାଟିଏ, ସାଥିରେ ତାର ଝିଅ ।'

ଭୁଣ୍ଡ ହୋଇଥିବା ଜନତା ମଧ୍ୟରୁ ଜଣେ ଲୋକ ସେହି ମୁହୂର୍ତ୍ତରେ ଆସିଥିବା ଲୋକକୁ ସମସ୍ତ ଅବସ୍ଥା ବୁଝାଇ କହିଲା; 'ଗୋଟିଏ ସ୍ତ୍ରୀଲୋକ ମରିଛି ।'

ଜଣେ ଦାର୍ଶନିକ ସେଠାରେ ଉପସ୍ଥିତ ଥିଲେ । ସେ ଭୁଲ ସୁଧାରି କହିଲେ 'ନା— ଜଣେ ସ୍ତ୍ରୀଲୋକ ନୁହେଁ—ତି—ନି—ଜଣ—'

---

ଅଟେ ଦାସତ୍ୱ ବାନ୍ଧିବା ପାଇଁ । ଏଇସାର ଅଭାବ ହେବ ନାହିଁ ।

କେମିତି ଲାଗିଲା ? କଥାଗୁଡ଼ାକ ମୋର ନିଶ୍ଚୟ ଆପଣମାନଙ୍କ ମନକୁ ପାଇଛି । କଅଣ କହୁଛନ୍ତି ଅଭିନନ୍ଦନ ଦେବେ ।। ମୋତେ ? କେବେ ? କେଉଁଠାରେ ? ଟାଉନ ହଲରେ ନା ଉତ୍କଳ ସାହିତ୍ୟ ସମାଜରେ । ସେଠିବି ଅଜାଣିଥି ସେଇ ପୁରୁଣା କାଳିଆ ସାହିବ କୁମାରମାନଙ୍କ ନୀଳ ଗୃହର ବେଉସା ଚାଲିଛି କଅଣ କହିଲେ ? ନାଃ ସେଇ ସଦନ । ବେଶ ବେଶ 'ଯେଇଭାଲେ' । କିନ୍ତୁ ସଭା ପାଇଁ ଅନୁମତି ଆଣିବାକୁ ସମୟ ଲାଗିବ । ଏତେ ଦିନ ଯାଏ ଅପେକ୍ଷା କରିବାକୁ ମୋର ଧୈର୍ଯ୍ୟ ନାହିଁ । ହେଇଟି ଶୁଣନ୍ତୁ, ମୁଁ ଆଜି ଆପେ ଆପେ ଅଗ୍ରେ ହୋଇ ମୋର ନିଜର ହୀରକ ଯୁବିଲି ଉତ୍ସବ ପାଳନ କରୁଛି । ହେଇଟି ବନ୍ଧୁଗଣ । ଆପଣମାନେ ହାତତାଳି ଦିଅନ୍ତୁ, ଆଉ ବାଳିକାଗଣ —ହୁଳହୁଳି ଦିଅନ୍ତୁ । ହେଇଟି ଆରମ୍ଭ କଲି । ଉତ୍ସବଟା କିନ୍ତୁ ସଂସ୍କୃତରେ କହିବାଟା ବରଂ ସମୀଚୀନ । (ଖେଣୁ—ଶୁଣନ୍ତୁ ।

ଅଦ୍ୟ ଶ୍ରୀ ଆଶ୍ୱିନ ମାସେ, ଶୁକ୍ଳପକ୍ଷେ ଜ୍ୟେଷ୍ଠ୍ୟ ତିଥୌ ସୋମେ ବାସେ ତଥା ନାମନକ୍ଷେତ୍ରେ [ନକ୍ଷତ୍ର ନାମ କହିବାକୁ ପଣ୍ଡିଆ ଉପସ୍ଥିତ ନାହାନ୍ତି ଏବଂ ଆମ୍ଭଙ୍କୁ ମାଲୁମ ନାହିଁ । ତେଣୁ ବନ୍ଧାଭାବେ ସୁନ୍ଦଂ ଦେଇ ଚଳାଇ ନେଲୁଁ ] ରାଶୌ ଏକାଦଶ ଘଟିକାୟାଂ ସମୟେ ସ୍ୱୟଂ ମମ ଭାବ-ବିଶ୍ୱବରେଣ୍ୟ ଲେଖକସ୍ୟ ହୀରକ ଯୁବିଲି ଉତ୍ସବଂ ପାଳାୟିତ୍ୱା । ଇଦଂ ପ୍ରବନ୍ଧଂ ସମାପନ୍ତାମି ।



Digitized by srujanika@gmail.com

ବିଜ୍ଞାନ

# ହୀରା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ପ୍ରସ୍ତର

ଲେ—ଶ୍ରୀ ଗୋଲକବିହାରୀ ମିଶ୍ର

ହୀରା, ନୀଳା, ମୋତି, ମାଣିକ୍ୟ ଅତି ଅତି ପ୍ରାଚୀନ କାଳରୁ ଭାରତର ରାଜା ମହାରାଜା, ଧନୀ ବଣିକମାନେ ବ୍ୟବହାର କରି ଆସିଛନ୍ତି । ଏହି ମୂଲ୍ୟବାନ ପ୍ରସ୍ତର ଦୁର୍ଲଭ ହେଲେ ମଧ୍ୟ ତାହା ଆର୍ଯ୍ୟ ସଭ୍ୟତାର ପ୍ରାରମ୍ଭରୁ ମାନବ ସମାଜରେ ବ୍ୟବହୃତ ହୋଇଅଛି । ଅବଶ୍ୟ ନ ଜାଣିବା ଲୋକେ ଏହାର ଉତ୍ପତ୍ତି ସମ୍ବନ୍ଧରେ ବହୁ କଳନା ଜଳନା କରନ୍ତି ଏବଂ ଫଳତଃ ଏହି ମୂଲ୍ୟବାନ ପ୍ରସ୍ତର ମାନଙ୍କ ଉପରେ ଅସମ୍ଭବ କିମ୍ବଦନ୍ତୀମାନ ଆମ ସମାଜରେ ବିରଳ ନୁହେଁ ।

ହୀରା ରସାୟନିକ ଦୃଷ୍ଟିରୁ ଅଙ୍ଗାର [Carbon] ମାତ୍ର । ଏହା କାଚ ଭଳି ସ୍ୱଚ୍ଛ ଏବଂ ରଙ୍ଗହୀନ । କିନ୍ତୁ ଏହାର ଉଚ୍ଚ refractive inden ହେତୁ ଆଲୋକରଶ୍ମି ହୀରା କଣା ମଧ୍ୟରେ ପ୍ରବେଶ କଲେ ତାହା ସେହି ସ୍ଫଟିକ [Crystal] ଭିତରେ ବାରମ୍ବାର ପ୍ରତିଫଳିତ ହୁଏ । [Internal reflection] ଏବଂ ସେହି ହେତୁ ହୀରା ଜକ ଜକ କରେ । ତାହା ଛଡ଼ା ଏହାର କଠିନତା ଅନ୍ୟତମ ଗୁଣ । ପୃଥିବୀ ପୃଷ୍ଠରେ ପ୍ରାକୃତିକ ସମସ୍ତ ଜିନିଷ ମଧ୍ୟରେ ହୀରା କଠିନତମ । [Hardness—10] ହୀରା Crystel Octahedral [ଅଷ୍ଟମୁଖୀ] ଅର୍ଥାତ ଏହାର ଆଠଟି face ବା ମୁଖ ଥାଏ । ଏହା ପାଣିଠାରୁ ପ୍ରାୟ ତିନିଗୁଣ ଓଜନରେ ବେଶୀ [ଆପେକ୍ଷିକ ଗୁରୁତ୍ୱ = ୩] ହୀରାକୁ ବହୁତବେଳ ପର୍ଯ୍ୟନ୍ତ ବାୟୁ ସଂସ୍ପର୍ଶରେ ଗରମ କଲେ ତାହା ଜଳି ଅଙ୍ଗାର-ଜାମ୍ଳ ବାଷ୍ପରେ Carbon dioxide ପରିଣତ ହୁଏ ।

ପ୍ରକୃତରେ ହୀରାର ମୂଲ୍ୟ ତା'ର ସ୍ୱଚ୍ଛତା, ରଙ୍ଗ ଏବଂ ଆକାର ଉପରେ ନିର୍ଭର କରେ । ହୀରାର ରଙ୍ଗ ତାହା ମଧ୍ୟରେ ଥିବା ଅପରିଷ୍କାର ବସ୍ତୁ ଉପରେ ନିର୍ଭର କରେ । ଏହା ଅନେକ ସମୟରେ ନାଲି, ନେଳି ବା ପାଉଁଶିଆ ଦେଖାଯାଏ । ହୀରା ମୂଲ୍ୟବାନ ପ୍ରସ୍ତର ରୂପେ ଗହଣା, ରାଜମୁକୁଟ ଆଦିରେ ବ୍ୟବହୃତ ହୁଏ । କ୍ଷୁଦ୍ର ହୀରାଖଣ୍ଡମାନ କାଚ କାଟିବା ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ । ଆଜିକାଲି କୃତ୍ରିମ ଉପାୟରେ ହୀରା ତିଆରି ହୋଇ ପାରୁଛି । ବିଶୁଦ୍ଧ ଚିନି ଅଙ୍ଗାର [Sugar charcoal]କୁ ଲୁହା ସଙ୍ଗେ ଇଲେକ୍ଟ୍ରିକ୍ ଫର୍ଣ୍ଣେସ୍‌ରେ ୪୦୦୦ ସେଣ୍ଟିଗ୍ରେଡ୍ ଉତ୍ତାପ ପର୍ଯ୍ୟନ୍ତ ଗରମ କରି ହଠାତ୍ ତରଳ ଗ୍ୟାସରେ ବୁଡ଼ାଇ ଠଣ୍ଡା କରି ଦେଲେ ହୀରା କ୍ରିଷ୍ଟାଲାଇଜ୍ କରେ । କିନ୍ତୁ ଏହି ହୀରା କଣାମାନଙ୍କର କ୍ଷୁଦ୍ର ଆକାର ହେତୁ ଏହା ସେତେ ମୂଲ୍ୟବାନ ନୁହେଁ । ଏହା ଛଡ଼ା ଅନେକ ସମୟରେ ଏହି ହୀରା କଳା ହୋଇଥାଏ । ଏହାକୁ 'Black diamond' କହନ୍ତି । ଏହା ସାଧାରଣତଃ Abrasike [ଯାହାଦ୍ୱାରା କୌଣସି ଜିନିଷକୁ ଘଷି ପରିଷ୍କାର କରାଯାଏ] ରୂପେ ବ୍ୟବହୃତ ହୁଏ ।

ହୀରା କିମ୍ବରଲାଇଟ୍ ନାମକ ଏକ ପ୍ରସ୍ତରରେ ମିଳେ । ଏହି ପ୍ରସ୍ତର 'Basic' ଅର୍ଥାତ୍ ଏଥିରେ ଲୌହ ମାଗ୍ନେସିଅମ୍ ଆଦି ଧାତୁର ପରିମାଣ ବେଶୀ । ଏହାର ରଙ୍ଗ କଳା କିନ୍ତୁ ଉପର ଭାଗରେ ଲୁହା Oxideରେ ପରିଣତ ହେବା ହେତୁ ଏହାର ରଙ୍ଗ ହଳଦିଆ ଦେଖାଯାଏ । ଏହି ପ୍ରସ୍ତର ମୃତ ଆଗ୍ନେୟଗିରିର Pipe ବା ନଳୀରେ ଦେଖାଯାଏ । ହୀରାର ଉତ୍ପତ୍ତି ବିଷୟରେ ଦୁଇଟି ମତ ଅଛି ।

କେତେକଙ୍କ ମତରେ ଆଗ୍ନେୟଗିରି ନିସୃତ ତରଳ magma ବା Lavaର ହୀରା ଏକ ମୌଳିକ ଅଂଶ । ଏବଂ ଏହି magma ଶୀତଳ ହେଲେ ତହିଁରୁ ହୀରା କ୍ରିଷ୍ଟାଲାଇଜ୍ କରେ । ଅନ୍ୟ କେତେକଙ୍କ ମତରେ ତରଳ magma ଭୂଗର୍ଭରୁ ଉଠିଲା ବେଳେ ତାହା ପାର୍ଶ୍ୱସ୍ଥ ଅଙ୍ଗାରଯୁକ୍ତ କର୍ଦ୍ଦମ ପ୍ରସ୍ତରରୁ [Carbonaceous shale] ଅଙ୍ଗାର ଅପହରଣ କରେ, ଏବଂ ଏହି ଅଙ୍ଗାର ହୀରାରେ ପରିଣତ ହୁଏ ।

ଭାରତରେ ଅଳ୍ପ ଦିନ ହେଲା ଡକ୍ଟର ଦୁବେ ଏହି ଭଳି ଏକ କିମ୍ବରଲାଇଟ୍ ପାଇପ୍ ମଜଗାଓଁରେ ଆବିଷ୍କାର କରିଛନ୍ତି । ଏବଂ ବର୍ତ୍ତମାନ ତହିଁରୁ ହୀରା ଆହରଣ କରାଯାଉଛି । ଏହି ପ୍ରସ୍ତରରେ ହୀରା ପ୍ରତି ଟନ୍ ୨୮୪୦ ପାଉଣ୍ଡ ମୂଲ୍ୟ କ୍ୟାରାଟ୍ ହିସାବରେ ଅଛି । ଏହା ଛଡ଼ା ପାନା ଏବଂ ଗୋଲକୁଣ୍ଡାରେ ବାଲୁକା ଏବଂ ବାଲି ଗରଡ଼ା ପ୍ରସ୍ତର [conglomerate]ରେ ହୀରା କଣମାନ ଦେଖାଯାଏ । ସମ୍ଭବତଃ ଏହି ହୀରା କିମ୍ବରଲାଇଟ୍ ପ୍ରସ୍ତରରୁ ଧୋଇ ହୋଇ ଆସି ଏଠାରେ ଜମା ହୋଇଛି । ଆଜିକାଲି ଭାରତରେ ପ୍ରଧାନତଃ ଏହି ହୀରା, ଆହରଣ କରାଯାଏ । ପ୍ରଥମ ଏହି ପ୍ରସ୍ତରକୁ ଖୋଳି ଭାଙ୍ଗି ଚୂନା କରାଯାଏ । ଏବଂ ଏହାକୁ Sluice box ଉପରେ ପାଣି ସାହାଯ୍ୟରେ ଧୁଆଯାଏ । ଫଳରେ ହାଲୁକା ବାଲିମାଟି ଆଦି ଧୋଇ ହୋଇଯାଏ, ଏବଂ ହୀରାର ଗୁରୁତ୍ୱ ହେତୁ ତାହା ତଳେ ଅନ୍ୟାନ୍ୟ ଗୁରୁ 'Mineral' ଖଣିଜମାନଙ୍କ ସଙ୍ଗେ ବସିଯାଏ । ଏହି ଗୁରୁ ଅଂଶକୁ ପୁନର୍ବାର ପାଣି ସାହାଯ୍ୟରେ ଗ୍ରିଜ୍ [Grease] ବୋଳାଯାଇଥିବା କାଠଟେକ ଉପରେ ଢାଳି ଦିଆଯାଏ । ହୀରାକଣାମାନ ଗ୍ରିଜ୍‌ରେ ଲାଗି ଅଟକି ଯାଏ ଏବଂ ଅନ୍ୟ ଅଦରକାରୀ ପଦାର୍ଥ ପାଣି ସଙ୍ଗେ ଗଡ଼ିଯାଏ । ଏହି ଗ୍ରିଜ୍‌ରୁ ହୀରା ଉଦ୍ଧାର କରାଯାଏ ।

ପୃଥିବୀର ହୀରା-ପ୍ରସୂ ଦେଶମାନଙ୍କ ମଧ୍ୟରେ ସାଉଥ୍ ଆଫ୍ରିକା ପ୍ରଧାନ । ଏହାର କିମ୍ବରଲିଠାରେ ପୃଥିବୀ ବିଖ୍ୟାତ ହୀରାଖଣି ଅଛି ।



Digitized by srujanika@gmail.com

କବିତା

# ଫକୀରା ଜେନା

ଲେ—କୃଷ୍ଣଚନ୍ଦ୍ର ତ୍ରିପାଠୀ ବି. ଏ.

ବସ୍ତିର ଫକୀର ଜେନା ତଥାପି ବସ୍ତିତ
ତା' ଦରିଦ୍ର ଜୀବନର ଇତିହାସ ଧର ।
ଘରେ ତାର କିଏ ?
ଶୂନ୍ୟ ଘର, କେହି ନାହିଁ କେହି ନାହିଁ—
ଜଣେ ସୁଦ୍ଧା କେହି ନାହିଁ
ଢେଉରଣି ଟିକିଏ ଘରେ ବାଟିଦେବା ପାଇଁ
ଫେରିଲେ ସେ ମୂଲ ଲାଗି
ଦିନେ ଯେବେ ହେଉଥାଏ ଅବରୁ ଝାବରୁ
ଶୀତେ ଯେବେ ହଂସା ତା'ର ଯାଉଥାଏ ଉଡ଼ି
କ୍ଷୁଦ୍ର ତାର ଦରିଦ୍ର କୁଟୀରେ
ବସିଯାଏ ଥଳାମାର କେତେବେଳ ଯାଏଁ
ଆଖିରୁ ଦଧାର ଲୁହ ଝରି ପଡ଼େ
ବାଜଲେ ମଉନେ ।
ଅତୀତର କେତେ ସ୍ମୃତି ଆଖି ଆଗେ ନାଚି ଯାଏ
ଚୋହି ଗୋଟି ହୋଇ ।
ସବୁଥିଲା ତାର—
ସୁଅଥିଲା, ଝିଅଥିଲା,
ଥିଲା ତାର ରୂପବତୀ ଗୁଣବତୀ ଗୋଟିଏ ଭାରିଜା ।
ପୁଅ ତାର ?
ଡେଙ୍ଗାପୁଅ, ବଳଦେଲା ପର ବାହା
କରି କରି ଅବୁଥିଲା ପାଇଟି ପଥର ।
ଝିଅ ତାର ?
ଅସନ୍ତା ଏ ମଶୁଣିରେ ହୋଇଥାନ୍ତା ବାହା ।
ତାର ସ୍ତ୍ରୀ ?
ମୂଲ ଲାଗି ଯେତେବେଳେ କାନ୍ତ ପଦେ
ଫେରି ଅସେ ଗୃହେ
ଯାତ, କାନ୍ତି, ଭୋକ, ଓ ଢୋକଣୀ
ବାଣ୍ଟିଦିଏ ସଚୁରେ ଅଦରେ
ଦିନ ଶେଷ ସବୁ କ୍ଳାନ୍ତି, ଅବସାଦ
ଅଭାବର ଶୁରୁ ନାସ୍ପେଷଣ
ଭୁଲିଯାଏ କର୍ମିଷ୍ଟଙ୍କ ସେ ଫକୀର ଜେନା ।
ସବୁ ଦୁଃଖ ଦାରିଦ୍ର୍ୟ ଭିତରେ
ତାଙ୍କ ଏଇ ମଧୁର ସଂସାର
ସାତସରଗରୁ ବଳି ଥିଲା ଯେତେ ଜୀବନର ପ୍ରିୟ ।
ଅଭାବ ଦୈନ୍ୟରେ ଯେବେ
ଯାଉଥିଲା ଝାଉଁଳି ତା' ଗୋଟିକ ଅନ୍ତର
ଏଇ—ଏଇ— ସଂସାରଟି ଦେଉଥିଲା ଯେତେ ତାରେ
ସଞ୍ଜୀବନୀ ଧାର—
ସେ ବରଷ ବରଜାଟି ଲୁଚିଦେଲା ଅଖି
ହେଲାଯେବେ ଧନି ପତ ।
କେତେ ଜଣଙ୍କୁ ଜଣିବ ସେ ଓଷଧ ପଥର
ଏତେ ବା ପଇସା କାହିଁ ?
ଦେବାପାଇଁ ପଥ୍ୟ ଆ ପାଚନ;
ଛ'ମାସ ନ ଯାଉଁ
ପୁଅପରି ପୁଅ ତାର
ଦିନଙ୍କର ହଇଜାରେ
ଶୂନ୍ୟକରି ଦରିଦ୍ର ସଂସାର ଗଲା ଅର ପାରେ
ସମ୍ବଳ କାହିଁ ବା ତାର
କରିବାକୁ ତୁରନ୍ତ ଚିକିତ୍ସା ?
ସେଥର ବସନ୍ତ ହେଲା
ଝିଅଟି ତା ଜଳ ବଳ ହୋଇ
ଗୃହ ବଦନେ ଲୁଚିଦେଲା ଅଖି !
ପୃଥିବୀ ଶୂନ୍ୟତ
ତା' ଉପରେ ଶୂନ୍ୟତ ବି ଏ ଫକୀର ଜେନା
ଅଖିଲକୁ ଅଖିରେ ତା' ମରି ମରି ଯାଏ
ବୁକୁର ଅନନ୍ତ ବ୍ୟଥା ବୁକୁତଳେ ଥାଏ
ଯେତେ ପ୍ରପୀଡ଼ିତ ହୋଇ ।
ମନେ ପଡ଼େ କେବେ ପୁଅ
ମନେ ପଡ଼େ କେବେ ବା ଭାରିଜା,
ସମସ୍ତେ ତ ଗଲେ ଗୃହ ଗୋଟି ଗୋଟି ହୋଇ
ବହିଛି ଏ ଭଗ୍ନଗୃହୀ ରହିଛି ଏ କାନ୍ଥ ବାଡ଼
ରହିଛି ଏ ମାଟି ।
ଏହାରି ଭିତରେ ଯେବେ ବସି ତାର
କଦାଚିତ୍ ଅଜ ଉରେ ଯାଏ ଫାଟି ଫାଟି
କିଏ ବୁଝେ ? କିଏ ଜାଣେ ? କିଏ ଅସେ
ଦେବାପାଇଁ ପ୍ରବୋଧନା ବାଣୀ!
ଧୂଳିର ପଲ୍ଲୀର ସେତେ
ଅବାଞ୍ଛିତ ପ୍ରାଣୀ ।
ଅଖିରୁ ଦିଶୁନି ତାର କିନ୍ତୁ ଶୁଭୁନି
ଦେହେ ତାଙ୍କ କଣ୍ଠା ଅଛି
ଲୁକୁଚିଲେ ଅଛି ତାର
ବେଦନାର ଇତିହାସ
ଚିର ଅଶ୍ରୁମୟ ।
ତଥାପି ଜୀବନ ତାର
ବହିବ ଦୈତ୍ୟ ଭାର
କେଉଁ ମହା ବାଧ୍ୟତାର
ବୀଣାତାରେ ଥରି
ହୁଏ ଚଞ୍ଚଳ ଅଥୟ ?


Digitized by srujanika@gmail.com

# ଟି କପ୍ ମୋର

ଲେ—ଶ୍ରୀ ହରିହର ବାହିନୀପତି

ସୂର୍ଯ୍ୟସ୍ନାତ ! ଶ୍ୟାମଳୀ ପ୍ରକୃତି
ଲତାସ୍ଥିତ ପାର୍କର ଘନ କୁଞ୍ଜ ତଳେ
ଏ କଣ ?
ଟି ପାର୍ଟି ହେବେ ?
ଦଳ ଦଳ ଯୋଡ଼ ହୋଇ
କେତେ କେତେ ମିଷ୍ଟର ମିସେସ୍—
ବସିଛନ୍ତି ଟେବୁଲ୍ ଅବେଷ୍ଟି
ଇଏ କିଏ ? ମିସେସ୍ ମହାପାତ୍ର ପରା
ପାଖେ ତାଙ୍କ ମିଷ୍ଟର ବାହିତରା ।
ଆଉ ସେ ପଟକୁ
ମିସେସ୍ କାନଗୋଇ, ସେ ବସିଛନ୍ତି ମିଷ୍ଟର ମିତ୍ର ପାଖେ
ମଣ୍ଡିତା
ବଡ ଦେଖିଲି ଗାଦଠା
ନୂଆ ନୂଆ ଶାଢ଼ି ନୂଆ ନୂଆ
ନୂଆ ପାଇଁ ମିଶ୍ର ଖାଉଡ଼ରା, ବାଉଡ଼ରା ମିଶ୍ର ସଂଯୋଗ ଜନା ।
ଠିକ୍ କଥ, ର ଗାନୁନା ପ୍ରେମ ଉଦ୍ଭବ ଦର
ଏବେ ମୋର ଗାଇଗଲା ପରକାନ୍ଥା ପ୍ରୀତି ।
କଳାଚୋଡ଼ା ଗଣ୍ଡି ଦରୁ ଯେବେ ଚଳିଯାଏ ଘୁରୁଘୁରୁ ମାସ
ଭାଙ୍ଗି ହେବେ ଦାରମାକୁ ଅଶା, ରହି ଥାଉ ଆଗକୁ ଭରସା ।
ଆରେ! ସତେ ତ
ଏଣ୍ଡି ଅଟେ ବଡ ଆଡ଼ମ୍ବିତ
ସେ ପାଖକୁ ଅନ୍‌ରେବଲ୍ ଜଣେ
ପାଖେ ତାଙ୍କ ମିସ୍ ସେନଗୁପ୍ତ
ଆଗେ ତାଙ୍କ ହଜ୍ ଏକ୍ସେଲ୍‌ନ୍ସି
ଧୁଇପାଖେ ମିସ୍ ଦାସ, ହର୍ ହାଇନେସ୍ ପରା ?
ଏ କଣ ? ଆଜିର ଏସ ମହାସମାବେଶ
ଜବ ଥିଲେ କହୁଥାନ୍ତା ଅବା ସତେଗରେ—
ଦେବରାଜ ଇନ୍ଦ୍ରଙ୍କର ସ୍ୱର୍ଣ୍ଣ ଜୟନ୍ତୀ
ନା ନା ତା ବି ନୁହେଁ ।
ଧରଗର ଲେକ୍ ସକ୍‌ସେସେ
ପ୍ରତିରାଷ୍ଟ୍ର ପ୍ରକୃତି-ସୁରୁଚି
ଆଜିକାର ମହା ସମାବେଶ ।
ହେବେ କଏ ଆଉ ଅବାହକ
କିଏ ମିଷ୍ଟର ଲଇ ? କିଏ ସେକ୍ରେଟେରୀ ?
ଟି ପାର୍ଟି ପରା
ତେବେ ଟି ?...
ଟି ତୁମେ ଏତେ ବଡ ମିଳନର ଅଟ ଯୋଗସୂତ୍ର !
ଅମୃତ ପରାୟେ
ସଭ୍ୟତାର ସମୁଦ୍ର ମନ୍ଥନେ
ଅବିରତ ରତ ସୁରଗଣେ
ଏତେବେ ପାଇ ତୁମର ସନ୍ଧାନ
ସଭ୍ୟ ହୋଇ ରହିଗଲେ ଅମର ଜୀବନ ।
ବୋକା ପୂର୍ଣ୍ଣ ଅଶିକ୍ଷିତ ଅସଭ୍ୟ ସେଗୁଡ଼ା
ଭ..., କୋଲ୍ଲ ଭୂମ୍ପି, ଦାନବ
ନପାଇଲେ ଅମୃତ ସନ୍ଧାନ
ନିତି ସଞ୍ଜ ସକାଳରେ କରିବାକୁ ତୁମକୁ ଚୁମ୍ବନ ।
ତେବେ ରାକ୍ଷସର ତପଃ ଫଳ ପରି
ଦାନବଙ୍କୁ ଦେବତ୍ୱ ପ୍ରଦାନ
ଅଜିକାଲି ଭ..., କୋଲ୍ଲ, ଭୂମ୍ପି । ପାଇଲେଣି ତୁମର ସନ୍ଧାନ
[illegible]
ଆଗାଡ଼ି ଅଗୋଇଛୁ ଦୋ!
ଧନ୍ୟ ଟି..........
ଧନ୍ୟ ତୁମ ଶୁଭ ଆଗମନ ।
ଟେଥ ପାର୍ଟି ବେଞ୍ଚରେ ବସି
ବନ୍ଧୁ ! ବନ୍ଧୁ ! ଡାକେ ଧରେ ଧରେ
ତ... ମେଳେ ଅଜିକାଲ୍ୟେ ହସି ।
ନଭୋମୂର ହ୍ୱସ ସଂଗ ତଳେ
[illegible] ଭଲ କପ୍ ପିଆଲିକୁ [illegible] ଲେ
ତୁମେ ପିଆଲି ମୋର [illegible] କେତେ ଥର
[illegible] ? [illegible] ?
[illegible] ଯେ [illegible] ମୋର
[illegible] ଲେ ହେଇ [illegible]
ଜିନ୍ନି.............
ଛିଃ ଛିଃ ଛିଃ...
ସେ ଯେ ନୁହେଁ ଜବର ଘୋଡ଼ୀ
[illegible] ଜଣା ଦଏ ସେ ପରନି
କହେ "ବା ! ଖେଗ ଖେଗ ଖାଅ
[illegible] ନାହିଁ—ତେଲ ନାହିଁ ବଜାରକୁ ଯାଅ" !
ଆହା !! ମୋର ଟି କପ୍ ପଡ଼ି ଥିବ ଖାଲି,
ପ୍ରବାସିଆ ବସୁଣା ମୁଁ ସହକାରୀ ଟେକି,
[illegible] ହୋଇ ଅସିଛି କହେକେ
'ହ'ହେଲେ ଜଡାନ୍ତିକା 'ମେଘ ଦୂତ' କାବ୍ୟକୁ ନାହିଁ ଦେବେ ?
ଯକ୍ଷ ! ଥିଲୁ କେବେ ତୋର କବି କାଳିଦାସ କାଳେ
ପ୍ରଣୟିନୀ ବିରହିଲତା, ଟି, ଖାଲିଥିଲା ପିଆଲା ପିଅଲେ ?
ହତଭାଗ୍ୟ ଯକ୍ଷ ଆରେ ହେ, ହତ ଭାଗ୍ୟ ତୋର ସେତ ଭତ
ରାମଗିରି ବୁଲେ ଯକ୍ଷ ଯହା ?
ନଷ୍ଟ ହେଲା ଟି ଦାତ୍ରୀ ପ୍ରଣୟିନୀ ଛବି ?
ଅହ ! ବୁଢ଼ୀ ମୋର...
ବଉଳ ବୁଇଠା ଭାତ ନହୁକୁ ନପୁକୁ
ଚାହା ଯେବେ କଆରେ ଗରବା
"ଚ ହେ ବା ଦେ, ବୋଉ" ! ବକୁଥେ ଘୁଙ୍ଗାଏଁ
ଧନ୍ୟ ଟୀ



Digitized by srujanika@gmail.com

ଧନ୍ୟ ତୁମ ଯଶସ୍ୱୀ ଜୀବନ
ଶକ୍‌ସ୍‌ବାଲ୍ଲ, ମେହନ୍ତର ଠାରୁ, ଶିଶୁ ପୁଣି ବିଳାସୀ ବ୍ୟଞ୍ଜନ
ଛାତ୍ର ଛାତ୍ରୀ, ପାଠ ମନ୍ତ୍ରୀ ଯାଏଁ ସମସ୍ତଙ୍କ ତୁମେ ପ୍ରିୟ ଜନ ?
କଙ୍କାଳରୁ ଲବ୍ଧ୍‌ ଲଫ୍‌ସା ଧର
ପଣ୍ଡାପାଳ ପୁଂଜିପତି ଦଳ
ତୋଷିବାକୁ ମଂତ୍ରୀ, ମୁଖ୍ୟ ମଂତ୍ରୀ
ପ୍ରଜାତନ୍ତ୍ର ଶାସନର କଳ
"ଟି ପାର୍ଟି" କରେ ଆୟୋଜନ ।
ଧନ୍ୟ ଚା ! ଧନ୍ୟ ତୁମ ଜୀବନ ମହାନ୍‌ ?
ତୁମେ ସେହି ଚା କପ୍‌ ଟିକ ?
ବାମ୍ପାକୁଳ କେଟଲ୍‌ ଭିତରୁ
ଉଦ୍‌ଭବାକୁ ବେଳମସ ଉଆଁର୍‌
କର ପରୁ ଗାଇ ଗାଇ ଗଳ୍ପ
"ରହ ରହ ବାଷ୍ପୀୟ ଶକଟ"
ଏତେ ବଡ଼ ଦୁନିଆଁ ଛୋଟ
ହେଲା ପୁଣି ଏତେ କାଟ-ଛାଣ୍ଟ ?
ଷ୍ଟେସନ୍‌ ପ୍ଲାଟ୍‌ଫର୍ମ ରେସ୍ତୁରାଣ୍ଟ ଯୋଡ଼ ଯୋଡ଼
ବସିଥାନ୍ତି ଯେବେ ଯାତ୍ରୀ ପଥ
ଚତୁର୍ଦ୍ଦିର ଗେଳିଆ ମରଣ
ତୁମ କପ୍‌ କରଇ ଆରତି ।
ଧନ୍ୟ ଚା ରାଜଧାନୀ, ପାର୍ଲିମେଣ୍ଟ ଘରୁ
ଆମ ଗାଁ ଭିତ୍ରୁ ଜେଲ ଯାଏଁ
ସର୍ବେ ତୁମେ—କରନ୍ତି ଆହ୍ୱାନ
ଧନ୍ୟ ତୁମ ଅପୂର୍ବ ଆଘ୍ରାଣ
ଧୂପ ଦୀପ, ଚନ୍ଦନ ଲେପନ
କଳା କୃଷ୍ଣ ଅଚନା ଆଘ୍ରାଣ—
ପର ତୁମେ ବାସ
ସତେଣି ବୃନ୍ଦ ପର ତୁମ ବର୍ଣ୍ଣ ରୂପ
ତୁମ କୃଷ୍ଣେ ଭଜୁଥାନ୍ତି ଶ୍ୱେତ ଦୀପ ଲୋକ—
ଯେଉଁ ଠରେ ସଭ୍ୟତାର ପରିପୂର୍ଣ୍ଣ ଧାପ
ଛି ଛି, ଚ ଇଜଳ୍‌ ଗୁଡ଼, ନ୍ୟାସ୍‌ଟି ଇଣ୍ଡିଆନ
ଗିଳିଥାନ୍ତି କଳାକୃଷ୍ଣ ଟେଳା—
ଏସିଆରେ, ସେହିଠାରେ ସୀମା ସରହଦ୍‌—
ପାଣ୍ଡିତ୍ୟରେ ସଭ୍ୟତାର ବେଳ......
ପୂର୍ବାଞ୍ଚଳ ସୀମାନ୍ତ ଭୂଇଁରେ
ଏବେ ଯହିଁ ଭୂମି କମ୍ପ ଯାଉଥିଲା
କୋଠିଆରେ ସନ୍ଧାନ୍‌ ଧର
ସାଧୁ ବେଶେ ମେଣ୍ଟ ବାନ୍ଧି ଦଲେ
ଶୋଷନ୍ତି ରକ୍ତ ଚୋପା ଚୋପ ଭର ।
ସେଠ ପୁଣି ସେ ମାଟିରେ
ଛୋଟେ ଜଣ ଦଲାଲ ମାଲିକ

"ବଗିଚା"ରେ ପିନ୍ଧୁଥାନ୍ତି ମୋ ଦେଶ ଶ୍ରମିକ
ଖାଇ ମାଟି, ଖାଇ ଦେଶ ଶୁଏ
ଖାଇଛନ୍ତି ପ୍ରକାଶନ୍ତି ଭାସି ଭାସି ଭୁଲ ମେଳ ଶୁଏ ।
ଛାଡ଼ ତାକୁ ଛାଡ଼ ବାଜେ କଥା
ନେତାଙ୍କର, ମନ୍ତ୍ରୀଙ୍କର ଘରେ ଯହିଁ ମଥା
ବେପାର ମୋ ଅଦା
ଜାହାଜର ମୂଲ ପାଇଁ ଏତେ କାହିଁ ଧନ୍ଦା ?
କଲୁ ଚ ରଖିଛି ଭରସା
ବେଉସାକୁ କର ମୋ ବନସି
କେରାଣି ମୁଁ କରିଥିବ ତୁମେ
ଗୁଣ୍ଡିଥିବ ଖୁବ୍‌ ଜୋରେ କସି
କ୍ଲାଏଣ୍ଟ ଯେବେ ବସିଥିବ ତାଣେ
ନୂଆ ନୂଆ ଓକିଲର ଗୁପ୍ତ ଦୀର୍ଘଶ୍ୱାସେ
ପାଟି କରି ଦେବ ମୁଁ ବର ଦ
ଚକରାରେ ! ଚ ଆଣ ଜଲଦ ଜଲଦ
କ୍ଲାଏଣ୍ଟ ମୁଁ ପରଖି ତୁମରି
ପାଇବନା ଭାବୁଛନ୍ତି କେରାଣି ଦାମକୁ ?
ସ୍କ୍ରିନ ଉହାଡ଼ୁ ଯେବେ ଲୁଚି ଲୁଚି ଗୃହିଁବ ଗଳାଣ୍ଡି
ଶୂନ୍ୟ କପ୍‌ ପଠାଇବ ତୁମେ ଡିଇବା ଯେ ଅନ୍ତଃପୁରଚାରୀ ?
ଓଃ ଚ କପ୍‌ କେତେ ନିଷ୍ଠୁର ତୁମେ ମ ?
ଏତେ ଶୀଘ୍ର ହେଉଛ ନିଃଶେଷ,
ମାସ ଶେଷ କରୁନ ଭାବନା
ତୁମ ପାଇଁ ଦେଇଛୁ ମୁଁ ରକ୍ତ ଦୁଇ ଗିନା—
ପଇସାର ପୂର୍ବ ଦୁଇ ଅଣା
ଏତେ ଶୀଘ୍ର ସରି ସରି ଆସ
ଏପଟା ସେହି ଟେଷ୍ଟରଁ ମାଲିକେ,
ଡାକିବାକୁ ଅଜଣ୍ଟ ଅର୍ଡ଼ର ?
କାନ୍ତ କ୍ଲିଷ୍ଟ ଧରଣୀ ଯେ ଦିନେ
ମେହନ୍ତର ଜର୍ଜ ଏଡୱାର୍ଡ ଠାରୁ
ପ୍ରେସିଡେଣ୍ଟ ପ୍ରିମିୟର ଯାଏଁ
ସର୍ବେ ତହିଁ କରିଲେ ନିବେଦନ
ଧରଣୀର ହେଲା ଡେପୁଟେସନ୍‌ !
ତୁମେ ଦ୍ରବ୍ୟ ଦେବ ଶ୍ରେଷ୍ଠ ହର
ତୁଷ୍ଟ ହେଲ ଜଗି ମୃଗା ପର
କୌଶଲ୍ୟାଦ ଧରଣୀର ଗର୍ଭେ
ଉଦି ହେଲ ରାମ ରାଜ୍ୟ ସ୍ଫୂର୍ତ୍ତି
ଲଙ୍କାର ବୀରତ୍ୱ ଅପାର
ଭରତର ଭକ୍ତି ପରାବାର
ଚା ତରୁ ଦେଗ୍‌ ବିଜୟ ଯାର
ବନ୍ଦେ ତାର ଚରଣର ତଳେ
ଜମ୍ଭକାର କରେ ଆଜ ତାର



Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେ—ଅଧ୍ୟାପକ ଶ୍ରୀ ରାଜକିଶୋର ରାୟ

କାହିଁକି ଲେଖେ ? ସତ କଥା—କେବେବି ଭାବି ନାହିଁ ମୁଁ କାହିଁକି ଲେଖେ ବୋଲି—ଆଜି ନିଜକୁ ପଚାରୁଛି, ମୁଁ କାହିଁକି ଲେଖେ ? ମୁଁ ଲେଖିଯାଏ, ଲେଖିଯାଉଛି—ଭବିଷ୍ୟତରେ ଲେଖିବି ମଧ୍ୟ—କିନ୍ତୁ କାହିଁକି ? ପ୍ରଥମେ ଗୋଟିଏ କଥା ମନକୁ ଆସୁଛି। ମୁଁ କ'ଣ ଲେଖେଁ, ଲେଖା ବିକି ଟଙ୍କା ଅର୍ଜନ ପାଇଁ ? ଏବଂ ଏଇଟା କ'ଣ ଲେଖିବାର ପ୍ରଧାନ ଓ ଏକମାତ୍ର ଉପଯୋଗିତା ? ନାଁ ମନକୁ ମାନୁ-ନାହିଁ—ପୃଥିବୀର ବହୁ ଲେଖକ ଶେଷ ଜୀବନରେ ନିଃସ୍ୱ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଅନେକ ବହି ଲେଖି ମଧ୍ୟ ଦରିଦ୍ର ଅବସ୍ଥାରେ ଦିନ କଟାଇଛନ୍ତି। ମୋ ନିଜ ବିଷୟ ମୁଁ କହେଁ-ଯେଉଁ କେତେ ଖଣ୍ଡ ବହି ମୋର ଅଛି, ତାର ମୂଲ୍ୟ ଯଦି ମୁଁ ପ୍ରକାଶକଙ୍କ ଠାରୁ ନିୟମିତ ଭାବରେ ପାଉଥାନ୍ତି, ତେବେ ତାକୁଇ କେବଳ ଜୀବିକା ଭାବି ତା' ଉପରେ ନିର୍ଭର କରିବା ମୋର ପାଗଳାମି ହୁଅନ୍ତା। ଓଡ଼ିଶାରେ ବହି ଲେଖାକୁ ଜୀବିକା ଅର୍ଜନର ପନ୍ଥା ରୂପରେ ଗ୍ରହଣ କରିବା ଏକ ହାସ୍ୟକର ବ୍ୟାପାର। ମୁଁ ଜାଣେ ବହୁ ଲେଖକ ବହିର ବିକ୍ରି କମ୍ ଥିଲେ ମଧ୍ୟ ଏକ ପ୍ରକାର ଅଭ୍ୟାସ ବଶତଃ ହୋଇ ଲେଖୁଥାନ୍ତି। ସେ ଲେଖା ସବୁ ପ୍ରକାଶିତ ହେଉ ବା ପ୍ରକାଶିତ ହୋଇ ବିକ୍ରି ନହେଉ, ସେଥିରେ ସେ ଯେପରି ବୀତ-ସ୍ପୃହ। ତେବେ କ'ଣ ଅର୍ଥ ଛଡ଼ା ଆଉ କିଛି ପ୍ରବୃତ୍ତି ଅଛି ଯାହା ମଣିଷକୁ ଲେଖକ କରେ ? ସ୍ରଷ୍ଟା କରେ ? (ଏ ଲେଖା ଭିତରେ ମୁଁ ନିଜ କଥା କହିବି। ଅନ୍ୟ କିଏ କେଉଁ ମନୋବୃତ୍ତିର ପ୍ରଭାବରେ କ'ଣ କଲା, ମୋର ଜାଣିବା ଦରକାର ନାହିଁ)।

ନା, ଅର୍ଥାଗମ ମତେ ଲେଖକ କରିନାହିଁ। ମନେ ପଡ଼େ ଯେତେବେଳେ ମୋର ପୂର୍ଣ୍ଣ କିଶୋର ଅବସ୍ଥା, ଯେତେବେଳେ ମୋର ହୃଦୟ ବିଶ୍ୱର ବହୁ ଭାବତରଙ୍ଗକୁ ଦୋଳନ ଦେବା ପାଇଁ ଉନ୍ମୁଖ ହୋଇ ରହିଥିଲା, ସେତେବେଳେ ଆହା ! ଫୁଲ ଗଛରେ ଫୁଲଟିଏ ହସିଲେ, ନଈରେ ସୁଅ ଝରିଲେ, ଚନ୍ଦ୍ର ଉପରେ ବଉଦ ଭାସିଲେ, ନାରୀ ଆଖିରେ ଅଞ୍ଜନ ଦେଖିଲେ, ଗଭୀର କାକୁତି ଶୁଣିଲେ, ପାହାନ୍ତି ତାରା ଟଳିଲେ, ଟ୍ରେନ୍ ଛୁଟିଲେ, ଅଭିମାନିନୀର କଣ୍ଠ ଶୁଣିଲେ ମୋର ପ୍ରତି ଶିରା ସ୍ନାୟୁ ଓ ରକ୍ତ ଧାରରେ ତଡ଼ିତ ପ୍ରବାହ ଖେଳିଯାଏ। ସେଇ ଉଦ୍ଦାମ ପ୍ରବୃତ୍ତି। କିଏ ଯେପରି ବନ୍ଧ ଦ୍ୱାରକୁ ଧୂଳି ତୋଳି କହୁଥାଏ-ଏ ସବୁ ତୁ ଦେଖିଲୁ, ଆନନ୍ଦ ପାଇଲୁ, ଉପଭୋଗ କଲୁ, ତଥାପି ତୋର ମନ ହେଉ ନାହିଁ ସେହି ରସକୁ ସେହି ଆନନ୍ଦର ନିର୍ଝରକୁ ବିଶ୍ୱ ମାନସ ଆଗରେ ମର୍ମର ଶବ୍ଦରେ ଝରେଇ ଦେବା ପାଇଁ—? ସତେ ତ ? ଗୋଟିଏ ସ୍ୱାଦକୁ ଏକା ନ ଭୁଞ୍ଜିବା ଭଳି ବିଶ୍ୱ ଜନଙ୍କର ଭୋଗରେ ଯେଉଁ ସୃଷ୍ଟି ଲାଗିବ ତାହା କ'ଣ ମୋର ସାଧ୍ୟ—? ମୁଁ କ'ଣ ତାହା କରି ପାରିବି—? ଆଖି ଆଗରେ ନବ ବସନ୍ତ ଆସିଛି। କି ତା'ର ସମାରୋହ। ମୁଁ ତାର ସୁଷମା ଶ୍ରୀକୁ ନିବିଡ଼ ଭାବରେ ଉପଭୋଗ କରୁଛି, ଅଥଚ ମୋର ଗୃହ ପଟେ ନିଦ୍ରିତ ଜନତା ଏଥିର ଆନନ୍ଦ ସୌନ୍ଦର୍ଯ୍ୟ ଓ ସୁଗନ୍ଧତାକୁ ଉପଭୋଗ କରି ପାରୁ ନାହିଁ। ଭଗବାନ ତେବେ ମୋତେ କାହିଁକି ଗୋଟିଏ ନବଚେତନ ହୃଦୟ ଦେଲେ—ଯାହାର ପ୍ରତି ସ୍ପନ୍ଦନରେ ବିଶ୍ୱର ସ୍ୱପ୍ନ ଛବି ଅହରହ ଛବି..., ଆହ୍ୱାନମଙ୍ଗଳ ପ୍ରତିଭାତ ହେଉଛି ? ଏ ଉଚ୍ଛଳ ହୃଦୟକୁ ଧରି ମୁଁ କେତେ ଦିନ ହୋଇ ରହି ପାରିବି ? ମୁଁ କିପରି ମୂକ ହେବି—ମୁଁ କିପରି ଲତାଭାର ଶୀର୍ଷରେ ଛୋଟ ଫୁଲଟିର ନୃତ୍ୟ ଆନ୍ୟକୁ ଦେଖାଇବି—ଏହି ଚିନ୍ତା ଏହି ବେଦନା ମତେ ଅସ୍ଥିର କଲା। ମୁଁ ଚିତ୍କାର କରୁଥାଏ—ମୁଁ କିପରି ପ୍ରକାଶିତ ହେବି। ମୁଁ ଯାହା ଅନୁଭବ କରୁଛି, ନାରୀର ଭ୍ରୂ ଚଳନରେ ଯେଉଁ ଅନନ୍ୟ ରୂପର ଜ୍ୟୋତି ମୁଁ ଦେଖୁଛି ବା ସମୀରର ପ୍ରକମ୍ପରେ ଦୂର ପଥିକର ବଂଶୀ ଗୁଞ୍ଜନ ଶୁଣୁଛି ତାହାକୁ କିପରି ସର୍ବମୟ ଅନୁଭୂତ କରାଇ ପାରିବି। ଅନ୍ୟମନରେ ମୋର ହୃଦଗତ ହର୍ଷ, ଶୋକ, ଆନନ୍ଦ ବିସ୍ମୟ ପ୍ରଭୃତି ଭାବ-ରାଜିକୁ କିପରି ଜଗାଇ ପାରିବି। ଏହି ବେଦନା—ଏହି ଅଭୀପ୍ସା କ୍ରମେ ମତେ ଅଧୀର କଲା। ଓଃ ସେ ଯେ କି କଷ୍ଟ ଅନାଗତ ସୃଷ୍ଟିର ! ସୁନ୍ଦର ପ୍ରଭାତ ଆନନ୍ଦର ପ୍ରାକ୍ କାଳରେ ଏ ଯେଉଁ ଆର୍ତ୍ତି ଓ ତ୍ରାସ, ତାହା ମୋତେ ଏତେ ଅନୁଭବ କଲି ଯାହାର ପରିଣାମରେ ଦିନେ ହଠାତ ଏକ ସଜୀବ ସ୍ପନ୍ଦନରେ ମୁଁ କଲି ଆତ୍ମପ୍ରକାଶ। ସେହିମୁହୂର୍ତ୍ତରେ ମୁଁ ମୋ ନିଜକୁ ଫେରି ପାଇଲି, ସ୍ରଷ୍ଟା ଭାବରେ ମୋର ପୂର୍ଣ୍ଣତା, ମନୀଷା ଭାବରେ ମୋର ପ୍ରତିଷ୍ଠା ଉପଲବ୍ଧ କଲି। ମୁଁ ହେଲି ସ୍ରଷ୍ଟା—ମୁଁ ହେଲି ଲେଖକ। ସେହି ଦିନଠାରୁ ପ୍ରତ୍ୟେକ ନାରୀ ମୋ ପାଖରେ ଅବ୍ୟକ୍ତ ଆନନ୍ଦ ଓ ରହସ୍ୟର ଅଧିକାରୀ। ପ୍ରତ୍ୟେକ ଦୁର୍ବାଦଳ ମୋ ପାଖରେ ନିଗୂଢ଼ ଅର୍ଥ ପ୍ରକାଶ କଲା। ପ୍ରତି ସନ୍ଧ୍ୟାର ତାରକା ଖଚିତ ଆକାଶ, ପ୍ରତି ପ୍ରଭାତର ସ୍ନିଗ୍ଧ କାକଳି, ମୋତେ ବୋଧ ହେଲା ଯେପରି ଅତି ସତ୍ୟ, ଆନନ୍ଦମୟ ଓ ରାଗରଞ୍ଜିତ। ଭାବିଲେ ଆଶ୍ଚର୍ଯ୍ୟ ହୁଏ କିପରି ଗଳ୍ପ କବିତା ଉପନ୍ୟାସ ଭିତରେ ପ୍ରାଣସତ୍ତା ଦେଇ ଗଢ଼ା ଛୋଟ ଛୋଟ ସୃଷ୍ଟି ବାଙ୍ମୟ ହୋଇ, ମୁଖରିତ ହୋଇ ଅଥଚ ମନୋରମ ଅଭି-ବ୍ୟକ୍ତିରେ ଉଦ୍ଭାସିତ ହେଲା—ଅଥଚ କାଳଚକ୍ର ତଳେ ଏଥିର ସ୍ୱରୂପ ଯେ କେତେ ତାହା ସ୍ରଷ୍ଟା ଜାଣେନାହିଁ। ଦେଖ ମୃତ୍ୟୁର ଅନ୍ତରାଳ-ସେହି ମହିମାମୟ ପ୍ରିୟଦର୍ଶୀ ଭାରତ ଗୌରବ ସମ୍ରାଟ ଅଶୋକଙ୍କୁ—ଆତ୍ମପ୍ରକାଶର ଦାବାନଳ ତାଙ୍କର ବକ୍ଷ ଉପରେ ଏତେ ତୀବ୍ର ଭାବରେ ପ୍ରଜ୍ୱଳିତ ହୋଇଥିଲା ଯେ ତାଙ୍କର ଧର୍ମବାଣୀ ତାଙ୍କର ଭାବନା ଅବଶେଷରେ ରୂପ ପାଇଲା ବନ ପ୍ରାନ୍ତର ଭିତରେ ପଥର ଉପରେ—ଶିଳା ଖଣ୍ଡ ଉପରେ ଯାହାକୁ କି କାଳଚକ୍ର କରି ପାରିବ ନାହିଁ, ବଦଳା କରି ପାରିବ ନାହିଁ। ଆତ୍ମ-ପ୍ରକାଶର ଏ ଯେଉଁ ତୀବ୍ର ଉନ୍ମାଦନା-ଏହା ହିଁ କ'ଣ ମୋର ନଗଣ୍ୟ ଲେଖାରେ ରଞ୍ଜିତ ହୋଇ ନାହିଁ ? ସୃଷ୍ଟି କରିବାର ଏ ଯେ ଅପୂର୍ବ ଆନନ୍ଦ ବିଚିତ୍ର ବିଶ୍ୱର ନରନାରୀ, ଏ ଶୋଭାଯାତ୍ରା ଏ ପ୍ରକୃତି ସର୍ବୋପରି ଐଶ୍ୱର୍ଯ୍ୟର ଏ ଜମ-ଜମାଟ ବିଳାସ ମଧ୍ୟରେ ବିଚ୍ଛୁରିତ ଏ ଯେଉଁ ସୌନ୍ଦର୍ଯ୍ୟ ଓ ବ୍ରହ୍ମାନନ୍ଦ—ଏହା ହିଁ କ'ଣ ମୋତେ ଲେଖକ କରିବାରେ ମତେ ସ୍ରଷ୍ଟା କରିବାରେ ମତେ ପରିପୂର୍ଣ୍ଣ କରିବାରେ ଅନୁପ୍ରେରଣା ଦେଇ ନାହିଁ—? ଏହା ପାଖରେ ଅଯୁତ ଅଯୁତ ଅର୍ଥ ବା ସୁବର୍ଣ୍ଣ ଖଣ୍ଡର ସ୍ତୂପ କିଛି ଥାଇ ପାରେକି ? ନା ମୋର ବିଶ୍ୱାସ



Digitized by srujanika@gmail.com

ହୋଇଛି, ମୁଁ ଲେଖିଛି ଆଜି ବି ଲେଖୁଛି; ସେଇ ଆନନ୍ଦର ଆତିଶଯ୍ୟରେ— ଆଉ ସେହି ଆନନ୍ଦକୁ ବିଶ୍ୱର ମଞ୍ଜୁଷା ଖୋଲି ସୁନ୍ଦର ମନ୍ତ୍ରରେ ଅଦ୍ଭୁତ ଉଦ୍ଗମ କରି ମୁଁ ବହୁ ପାଠକ ପାଠିକାଙ୍କର ପ୍ରାଣରେ ରସ ସଂଚାର କରୁଛି— ଏ ଯେପରି ଏକ ମହାବ୍ରତ ବିଶ୍ୱନିୟନ୍ତାଙ୍କର ନିର୍ଦ୍ଦେଶ ମାତ୍ର ମୁଁ ପାଳନ କରି ଚାଲିଛି ।

ଏ କିଏ ? କିଏ ଯେପରି ଏମିତି ମୋ କାନପାଖେ କହି ଦେଉଛି— ତୁମେ ଭୁଲିଯାଉଛ—ନିଜକୁ ନିଜେ ଜାଣିପାରୁ ନାହଁ । ତୁମର ଅହମିକା! ତୁମର ଯଶଲାଳସା ନାଁ କିଣିବାର ଗୋଟାଏ ଅପ୍ରତିହତ ମୋହ ତୁମକୁ ଲେଖକ କରିଛି—ତୁମର ହୃଦୟକୁ ଖୋଲା ପଥର ପରି ଅଦ୍ଭୁତ ଜଡ଼, ଅଦ୍ଭୁତ ଶକ୍ତ ! ତୁମର ନେତ୍ର ଥିଲା ଅନ୍ଧ, ତୁମର ପ୍ରାଣରେ ବେଗର କମ୍ପନ ନଥିଲା । ତୁମର କିଛି ନଥିଲା । କେବଳ ଥିଲା ଜଣେ ଜଣଙ୍କର କାର୍ଯ୍ୟ କଳାପ, ଗଳ୍ପ ଉପନ୍ୟାସ ଦେଖି ପଢି ମନ ଭିତରେ ଗୋଟାଏ ଈର୍ଷା ଭାବ—ମୁଁ କିପରି ଏପରି ଲେଖନ୍ତି... ଅନ୍ତଃପୁରରେ, ବାହାରେ, ବିଦ୍ୟାଳୟରେ, ବୈଠକରେ, ହାଟ ବଜାର ସବୁଠାରେ ପାଠକ ପାଠିକାଙ୍କର ସାଧୁବାଦ ଲେଖକଙ୍କୁ ଯେଉଁ ଉତ୍ସାହ ଓ ପ୍ରୀତି ଦିଏ, ତାହାକୁ ଲୁଟିବାକୁ ତମେ ଧରିଲ ଲେଖନୀ, ଏବଂ ତୁମେ ହେଲ ଲେଖକ—

ଏହା କେଉଁ ସତ ? ଆଜି ପରେ ଏହା କେଉଁ ସତ ? ଆଗ ସୃଜନ ଆନନ୍ଦ ନା ଆଗ ଈର୍ଷା ପ୍ରଣୋଦିତ ଯଶ ଆକାଂକ୍ଷା ? କେଉଁଟା ଆଗ ଆସିଛି? ନା-ତ ! ହୃଦୟ ଯଦି ମୋର ଜଡ ଥାଆନ୍ତା, ପ୍ରାଣ ଯଦି ସୁନ୍ଦର ପୃଥିବୀକୁ ଉପଲବ୍ଧ କରି ଆବେଗାକୁଳ ହୋଇ ନ ଥାନ୍ତା, ତେବେ ଲକ୍ଷ ଥର କବି ଯଶଃ ପ୍ରାର୍ଥୀ ହେଲେ ବି ତାହା ଆକାଶ କୁସୁମରେ ରହି ଯାଇଥାନ୍ତା । ନାଁ । ବୋଧହୁଏ ଏପରି ହୋଇ ନାହିଁ । ମୋ ଚକ୍ଷୁରେ ଅନୁରଂଜନ ଅଛି । ଜଗତର ପ୍ରତ୍ୟେକ ସୁନ୍ଦର ବସ୍ତୁ ସହିତ ମୋର ସ୍ୱାର୍ଥଭାବ ଅଛି । ସୁତରାଂ କେବଳ ଯେ ଯଶ ପାଇଁ, ନାଁ କରିବା ପାଇଁ, ମୁଁ ସୃଜନ କ୍ରିୟାରେ ହାତ ଦେଲି—ନିଜ ଭାଷାରେ ସତ୍ୟ ଶିବ ଓ ସୁନ୍ଦରର ଉପାସନା କଲି, ନିଜ ଜୀବନର ଅନୁଭୂତିକୁ ବିଶ୍ୱମୟ କଲି; ଏପରି ନୁହେଁ । ଅବଶ୍ୟ ମନୁଷ୍ୟ ମାତ୍ରକେ ଯଶ ଲିପ୍ସୁ । ମାତ୍ର ମୋର ଲେଖକ ଜୀବନରେ ସୁନ୍ଦରର ସାଧନା ଓ ଅର୍ଚ୍ଚନା ଯେତେ ଯେତେ ମୋର ହୃଦ ତନ୍ତ୍ରୀକୁ ଉଦ୍‌ବେଳ କରିଛି, ଯଶ ଓ ପ୍ରତିପତ୍ତିର ଅଭିଳାଷ ମୋତେ ସେତେ ଆକୁଳ କରିନାହିଁ । ହୋଇପାରେ ରଙ୍କ ରଙ୍କ ହୋଇ ସେଗୁଡିକ ମୋ ପଛରେ ଗୋଡାଇଛନ୍ତି, ମୁଁ କିନ୍ତୁ ତାଙ୍କ ପ୍ରତି ଫେରି ଚାହିଁ ନାହିଁ । ମୁଁ ନିଜେ ହସୁଛି ବୋଲି ଅନ୍ୟକୁ ହସାଇବାକୁ ଯତ୍ନ କରେ । ନିଜେ ବିରହୀ ହୋଇ ତୃଷାନଳ ଯନ୍ତ୍ରଣା ଭୋଗ କଲି ବୋଲି ଅନ୍ୟକୁ ଏଥିରୁ ତାହା କଅଁଳ ବୁଝାଇଲି । ପରେ ହୁଏତ ଲେଖା ବିକ୍ରି ହେଲା । ଦି' ପଇସା ଆସିଲା ବା ଲୋକେ ବାହାବା କଲେ ମାତ୍ର ଏ ଅଳୀକ ପ୍ରବଞ୍ଚନାରେ ମୋର ଯେ ସୃଷ୍ଟି କରିବାର ସ୍ପୃହା କଦାପି ମଳିନ ପଡି ନାହିଁ । ଆଜି ଯଦି ନୀରବ ଭାବରେ ଉପରକୁ ମୁହଁ ଟେକି ନୀରବ ଆକାଶକୁ ମୁଁ କେବଳ ଚାହିଁ ରହିଥାନ୍ତି, କଳ, କଳ ବଢି ଗଲେବି ମୁଁ ଲେଖକ ହୋଇପାରି ନଥାନ୍ତି । ଭାବ ସମୁଦ୍ରର ତରଙ୍ଗ ରାଜିର ପ୍ରଚଣ୍ଡ ଆଘାତ ମୁଁ ଛାତି ଭିତରେ ସହୁଛି । ସହି ଯଦି ମୁଁ ପାଟି ଫିଟାଇ ନଥାନ୍ତି, ଲେଖନୀରେ ଦୁଃଖର ଧାର ଝରେଇ ନଥାନ୍ତି ତେବେ ମୁଁ ଲେଖକ ହୋଇ ପାରି ନଥାନ୍ତି—

ଆଉ କିଏ କେମିତି କି ପ୍ରେରଣା ବଶରୁ ଲେଖକ ହୋଇ ପାରିଥାଏ । ମାତ୍ର ମୁଁ ଲେଖିଲି, କାରଣ ଲେଖିବାକୁ ବାଧ୍ୟ ହେଲି । ସେ ଯେ କି ଶକ୍ତି-ସେ ଶକ୍ତିର କି ସେ ସ୍ଫୁରଣ-ତାର ସେ କି ଚଣ୍ଡ ଆବେଗ । ଯେପରି ପ୍ରତି ନିଯୁତ ଗୁଞ୍ଜନ ତୋଳି ହୃଦୟ ପାଖରେ ତାହା ଧ୍ୱନିତ କରୁଥାଏ—ହେ ଭବିଷ୍ୟତ କାଳର ଲେଖକ—ତୁମର କ୍ଷୁଦ୍ର ଜୀବନ ସଂଘର୍ଷ ଭିତରେ ପଡ଼ିଛି—ସଂଗ୍ରାମରେ ତୁମେ କ୍ଷତ ବିକ୍ଷତ ହେବ—ସେହିସବୁ ଅନୁଭୂତିକୁ ତୁମକୁ ପ୍ରକାଶ କରିବାକୁ ପଡ଼ିବ—କ୍ଷୁଦ୍ର ଶିଶୁ ଆମ୍ର ଚୁମ୍ବନ କରେ—ପକ୍ଷୀ ଶାବକ ଚଞ୍ଚୁ ଉଠାଇ ନିଜ ମାଆକୁ ସ୍ୱାଗତ କରେ—ତମେ କାହିଁକି ନପାରିବ । ସେହି ଆଦେଶକୁ ପ୍ରତିପାଳନ କଲାବେଳେ ଅର୍ଥର ମୋହ ମନରେ ନଥିଲା କି ଯଶ ପ୍ରାପ୍ତିର ଲାଳସା ମନରେ ନଥିଲା । ବରଂ ସୃଷ୍ଟି କରିବାର ଆନନ୍ଦ ଓ ସେହି ଆନନ୍ଦ ଅନ୍ୟ ହୃଦୟରେ ଉପଭୋଗ କରିବାର ବାସନା ମୋତେ ଲେଖକ କରିଛି— ପୃଥିବୀର ଅସଂଖ୍ୟ ଲେଖକ ହୁଏତ ଏହିଭଳି ଆନନ୍ଦରେ ଅଧୀର ହୋଇ ଲେଖକ ଜୀବନ ଆରମ୍ଭ କରିଥିବେ । ପ୍ରଥମ ରଚନା ଓ ତା ଉପରେ ନିଜର ନାମ ମୁଦ୍ରଣକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ପୃଥିବୀର ଶ୍ରେଷ୍ଠ ଲେଖକଗଣ ଦିନେ ମାଇଲ ମାଇଲ ଧରି ଦଉଡ଼ି ଯାଇଥିବାର ସମ୍ବାଦ ଆପଣ କଅଣ ଜାଣନ୍ତି ନାହିଁ । କହିଲ ଦେଖି ଏ କି ଭଳି ଆମୋଦ ! କି ଆକାଂକ୍ଷା !— ପ୍ରସୂତି ନାରୀ ଗର୍ଭସ୍ଥ ସନ୍ତାନକୁ ମାଟି ଉପରେ ଦେଖି ଅଶେଷ କ୍ଲେଶ ଯନ୍ତ୍ରଣାକୁ ଭୁଲିଯିବା ଭଳି ଲେଖକ ନିଜ ସୃଷ୍ଟିର ଆନନ୍ଦରେ ସୃଷ୍ଟି ପୂର୍ବ ଦୁଃଖକୁ ଭୁଲିଯାଏ— ଯାହା ପ୍ରକୃତ ସରସ ସୃଷ୍ଟି ତାହା ପ୍ରାଣ ରସରୁ ଜନ୍ମେ । ହଜାର ପାଠ୍ୟ-ପୁସ୍ତକ ଲେଖି କିମ୍ବା ହଜାର ଟଙ୍କାର ଅଧିକାରୀ ହେଲେ ବି ସୃଜନକ୍ରିୟା ଯେଉଁଠି ସରସ ଭାବରେ ପ୍ରତିଫଳିତ ନୁହେଁ ତାହା ଆନନ୍ଦ ଦେବ କି ?

ଶେଷରେ ଆଉ ବା କଅଣ କହିବି ? ଆପଣ କହିପାରନ୍ତି ବଡ ଆଦର୍ଶବାଦର କଥା ଏ ବାଡ଼ି ବାସି ଲେ— ପ୍ରକୃତ କଥା ଗୋପନ କଲେ— ନାଁ, ଏହା ଠିକ୍ ନୁହେଁ । ପ୍ରକୃତ କଥା କଅଣ ମୁଁ ଜାଣେ ନାହିଁ । ମାତ୍ର ଏତିକି ଜାଣେ ମୋ ରକ୍ତରେ ଯେଉଁ ସୃଜନ ଶକ୍ତିର ରଙ୍ଗ ଲାଗିଛି ତାହା ମୁଁ ପ୍ରକାଶ ନକଲେ ମୋର କଣ୍ଠରୋଧ ହୋଇଯିବ ; ମନର ଏକାଗ୍ରତା ସହଜ ନୁହେଁ । ସମଧୁର ଭଙ୍ଗୀରେ ସୃଷ୍ଟିର ସୌନ୍ଦର୍ଯ୍ୟ ବିକୁରିତ ହୁଏ । ମୁଁ ତାହାହିଁ ଲକ୍ଷ୍ୟ କରି ଆସୁଛି— ଆରମ୍ଭରୁ ମୁଁ କହିଥିଲି-- ମୁଁ ଲେଖିଛି, ଲେଖି ଯାଉଛି ଭବିଷ୍ୟତରେ ଲେଖିବି— ଶୋଭନ ସଂସାର ଶୋଭନ ମାନବ ଜୀବନ, ଶୋଭନ ସୃଷ୍ଟିର ମୂଳାଧାର ଭଗବାନଙ୍କର ନିତ୍ୟ ବିଳାସକୁ ମୁଁ ପ୍ରାଣ ଦେଇ ଉପଲବ୍ଧି କରୁଥିବା ଯାଏ କେବଳ ସତ୍ୟଶିବ ସୁନ୍ଦରର ଆକର୍ଷ ଜୟଗାନହିଁ ମୋର କର୍ତ୍ତବ୍ୟ । ସୁତରାଂ କାହିଁକି ମୁଁ ଲେଖେଁର ଉତ୍ତର ମୁଁ ଦେଇ ପାରୁଛି ବୋଲି ବିଶ୍ୱାସ କରି ଆଜି ପାଇଁ ବିଦାୟ ନେଉଛି ।



Digitized by srujanika@gmail.com

# ଯେମିତିକୁ ତେମିତି

ଶ୍ରୀ ବିନାଥ ଚୌଧୁରୀ ରାଷ୍ଟ୍ରଭାଷା ଲେନ କଟକ

ପ୍ର—ଲୋକେ କହନ୍ତି ଚୁଟ୍‌କିଚନ୍ଦ୍ର ଦେଖିବାକୁ ଧୁକ୍‌କୁଲ ଭଳି ଲାଗେ ବୋଲି ପ୍ରଶ୍ନ । ସତ କି ?

ଉ—ମନ ଶିଙ୍ଗ ନାହିଁ ।

ପ୍ର—ଭାରତକୁ କମ୍ୟୁନିଷ୍ଟ ଆକ୍ରମଣ କରିବେକି ?

ଉ—ଆକ୍ରମଣ ବହୁଦିନରୁ ହୋଇଛି । ସଂକ୍ରମଣ ଶୁଣିଲ ଏଣିକି ।

ପ୍ର—କେଉଁ ପ୍ରେମରେ ଜଣେ ସ୍ତ୍ରୀକୁ ଆଉ ଜଣେ ପୁରୁଷ ନିଜର ଅଧିକାର କରି ପାରିବ ।

ଉ—ଚୋରଡ଼ା ପ୍ରେମରେ ।

ଶ୍ରୀ ଭ୍ରମରବର ଖୁଣ୍ଟିଆ, ଏନ, ସି କଲେଜ ଯାଜପୁର

ପ୍ର—ପ୍ରେମ ନକରି ବିବାହ ହେଲେ ନବଯୁଗର ବାଳକ ବାଳିକାଙ୍କର କ୍ଷତି କଣ ହୁଅନ୍ତା ।

ଉ—କ୍ଷତି ତାଙ୍କର ହେବନାହିଁ— ସ୍କୁଲ କଲେଜର କ୍ଷତି ଅଧିକ ହେବ । କାରଣ ସେମାନେ ପଢ଼ା ଛାଡ଼ି ଦେବେ ।

ପ୍ର—ଶୁଖିଲା ଓ ଓଦା ପ୍ରେମ ଭିତରେ ପ୍ରଭେଦ କଣ ?

ଉ—ମିଳନଟା ଶୁଖିଲା— ବିଚ୍ଛେଦଟା ଓଦା ।

ପ୍ର—ଯେଉଁମାନେ ଜନ୍ମାନ୍ଧ, ସେମାନେ କଣ ସ୍ୱପ୍ନ ଦେଖନ୍ତି ?

ଉ—ଦେଖନ୍ତି ନାହିଁ—ସ୍ୱପ୍ନକୁ ଶୁଣନ୍ତି— ଖାଆନ୍ତି— ଛୁଅନ୍ତି !

ଶ୍ରୀ ବୈକୁଣ୍ଠନାଥ ମହାନ୍ତି—ରେଢ଼ାଖୋଲ

ପ୍ର—ଯେମିତିକୁ ତେମିତି, ହାରମଜାଦାକୁ ଚର୍ଚ୍ଚିଆ ପଶ, ଅଉ ଚୁଟ୍‌କିଚନ୍ଦ୍ରଙ୍କ ପାଇଁ କଣ ?

ଉ—ଖଜୁରୀ ।

ପ୍ର—ଫତୁରାନନ୍ଦଙ୍କ ଠିକଣା କଣ ?

ଉ—ଫତୁରାନନ୍ଦ, ପୁଅ ସତୁରାନନ୍ଦ c/o ମତୁରାନନ୍ଦ, ଗ୍ରାମ ଗଳଗଣ୍ଡ ପୁର, ପୋ—ଗେ ଦୁ ମଦ୍ଧପାଣୀ, ଜିଲ୍ଲା—ବାଲେଶ୍ୱର, ପ୍ରଦେଶ— ଓଡ଼ିଶା ଦେଶ – ମହାଭାରତ ।

ପ୍ର—ଯୌନ ସଂପର୍କୀୟ ପୁସ୍ତକକୁ କୋକ ଶାସ୍ତ୍ର କୁହାଯାଏ କାହିଁକି ?

ଉ—କୋକର ଅର୍ଥ ଚକ୍ରବାକ । ଯେଉଁ ବିଦ୍ୟା ଚକ୍ରବାକ ଦ୍ୱାରାଇଅ ତ ଉରନ ମ କୋକ ଶାସ୍ତ୍ର ।

ଯୋଗୀନ ପଟ୍ଟନାୟକ, ରାଇରଙ୍ଗପୁର

ପ୍ର—ପ୍ରେମ କରିବା କଣ ଅପରାଧ ?

ଉ—ପ୍ରେମ ନକରିବା ଅଯୋଗ୍ୟତା ।

ପ୍ର—ଜଣେ ପ୍ରେମିକା ଯଦି କହେ— 'ତୁମେ ସୁନ୍ଦର, ତୁମେ ବଡ଼, ତୁମେ ଦେବତା' ତେବେ ତାର ଅର୍ଥ କଣ ?

ଉ—ସେ ପ୍ରେମିକା ନିଜକୁ ସବୁଠୁ ସୁନ୍ଦରୀ, ସବୁଠୁ ବଡ଼ ଓ ଦେବୀ ବୋଲି ମନେ କରେ ।

ପ୍ର—ପ୍ରିୟା ଓ ମାନସୀ ମଧ୍ୟରେ କେଉଁଟା ଭଲ ?

ଉ—ଅନେକ ସମୟରେ ଅଙ୍କିତା ଏବଂ ବର ସ୍ୱରୂପ ହୋଇଥାଏ । ମାନସୀ ମନରେ ରହିବା ଭଲ । ପ୍ରିୟା ସମ୍ବନ୍ଧରେ ସତ୍ତ୍ୟାଗ୍ରହନ ହେଲେ ଘୃଣାହିଁ ଆସିବ ।

ଉଦୟନାଥ ଦାସ, ଜୟପୁର

ପ୍ର—ପୁରୁଷଠୁ ନାରୀର ବର୍ଣ୍ଣନା କବିତାରେ ଦୀର୍ଘ ହୁଏ କାହିଁକି ?

ଉ—ନରଠୁ ନାରୀର ଗୋଟିଏ ମାତ୍ରା ଅଛି ସେଥିପାଇଁ ନାରୀର ବାଳ ବୋଧହୁଏ ଲମ୍ବା ।

ପ୍ର—ନାରୀ ଶରୀରରେ ସୌନ୍ଦର୍ଯ୍ୟ ପୀଠ କେଉଁଠି ?

ଉ—ପୁରୁଷରେ ଯେଉଁଠି ଯାହା ଅଛି— ନାରୀର ଯେଉଁ ସ୍ଥାନରେ ସେଇଟା ନଥାଏ ସେଇ ସୌନ୍ଦର୍ଯ୍ୟର ପୀଠ । କାରଣ ପୁରୁଷର ମୁଣ୍ଡରେ ବୁଦ୍ଧି ଥାଏ- ନାରୀର ନଥାଏ, ମୁହଁରେ ହୃଦୟରେ ସୌହାର୍ଦ୍ଦ୍ୟ ସେ ହୃଦୟ ପ୍ରୀତି ଥାଏ – ନାରୀର ନଥାଏ, ପୁରୁଷ ଗାଲରେ ଦାଢ଼ି ଥାଏ- ନାରୀର ନଥାଏ ।

ପ୍ର—ନାରୀକୁ ମାତୃଜାତି କହି ତାର ଅପବ୍ୟବହାର କରନ୍ତି କାହିଁକି ?

ଉ—ନାରୀ ବେଳେ ବେଳେ ସଂହାରିଣୀ ରୂପ ଧରେ ବୋଲି ।

ଚୁଟ୍‌କୀ ଚନ୍ଦ୍ରଙ୍କ ସ୍ୱାଗତ—

ରାମଚନ୍ଦ୍ର ମିଶ୍ର- ଝାଞ୍ଜିରିମଙ୍ଗଳା, କଟକ

ପ୍ର—ଉଗଳର ବାଧା କିଏ ମା କିଏ ?

ଉ—ବାପା କଣ୍ଡ୍ୟନନ୍ଦ, ମା ଗୋପ କଲ୍ୟାଣ ଦେବୀ ।

ପ୍ର—ସ୍ୱଅ କିଏ ଝିଅ କିଏ ?

ଉ—ଲେଖକ ଓ ଲେଖିକା ।

ପ୍ର—ନାତି କିଏ ନାତୁଣୀ କିଏ ?

ଉ—ନାଗ ଓ ନାଗୁଣୀ ।

ବ୍ରଜନାଥ ରଥ, ଯୁନିଅନ ବାଲେଶ୍ୱର

ପ୍ର—ଉପର ମାମଣିକୁ ଦେଖାଇ ଦେଲେ ଭଲ ହେବ କି ?

ଉ—ଗୋଲାପଜେନା- ଟମ୍ପା ପଞ୍ଚଲୀ କାଉ ଚମ୍ପା ଗନ୍ଧର— କେଉଁଟା ଗୃହୀତ ଅପଣ ?

ପ୍ର—ବର୍ତ୍ତମାନ ଭାରତରେ ପାଶ୍ଚାତ୍ୟ ସଭ୍ୟତା ବଢ଼ିଚାଲିଥିବା ସମୟରେ ଯଦି ବିଦେଶରୁ ସ୍ନୋ ପାଉଡ଼ର ଲିପଷ୍ଟିକ ଅଉ ବିଳାସ ସାମଗ୍ରୀ ଆମଦାନି ବନ୍ଦ କରି ଦିଆଯାଏ, ଦେଶରେ ଜଟିଳ ସମସ୍ୟା ସୃଷ୍ଟି ହେବ ?

ଉ—ବନ୍ଦ ନକରିବା ପାଇଁ ଶ୍ରୀମତୀ ହେନ ସେନ ମାଉଣ୍ଟଙ୍କ ତରଫରୁ ବାର୍ତ୍ତା ମନ୍ତ୍ରୀଙ୍କଠି ଦାବୀ କରନ୍ତି । ବନ୍ଦ କରିଦେଲେ ମଣିପେ ସବୁ ବିଲାତ ପଳାଇବାର ଭୟ ଅଛି ।

ପ୍ର—ମନ୍ତ୍ରୀଙ୍କର ଗଣ୍ଡ ଓ ସାଧାରଣ ଲୋକଙ୍କର ଭ୍ରମଣ ଭିତରେ ପାର୍ଥକ୍ୟ କଣ ?

ଉ—ସାଧାରଣଙ୍କ ଭ୍ରମଣରେ ପଇସା ଯାଏ— ମନ୍ତ୍ରୀଙ୍କ ଗଣ୍ଡ ପଇସାକୁ ଧରେ ।

ଗୋଲାପ ବହିଦାର--ସମ୍ବଲପୁର

ପ୍ର—ଗଣ୍ଡତାଡ଼ ଆସିଲେ ଗଲେ, ଗଲେ ଆସିଲେ ପୁଣି ଆସିବେ କିବେ । ଏଥିରେ ଓଡ଼ିଆଙ୍କର କି ଲାଭ ହେଉଛି ବା ତାଙ୍କର କି ଲାଭ ?

ଉ—ତାଙ୍କର ଲାଭ ଦଳ, ଦଳନ ଓ ବଦଳନ । ଅର୍ଥାତ୍ ନିଜ ଦଳକୁ ରକ୍ଷା କଲେ ଅନ୍ୟ ଦଳକୁ ଦଳନ କଲେ ଓ ବାଃ ପଟ୍ଟନାୟକ ଅଣ୍ଟ କୋଠରେ ଥିବା ତାଙ୍କ ଅଫିସକୁ ସ୍ତ୍ରୀ ସୁଭଦ୍ରାଙ୍କ ନାମରେ ବଦଳନ କଲେ ।



Digitized by srujanika@gmail.com

ଓଡ଼ିଆଙ୍କର ଲଭ-ଦର୍ଶନ - ଅର୍ଥାତ୍ ତାଙ୍କୁ ଦେଖିଲେ ଏବଂ ତାଙ୍କ ହାତରେ ଥିବା ନୂତନ ଦର୍ଶନ ଶୁଣିଲେ ମଧ୍ୟ।

ପରମାନନ୍ଦ ମିଶ୍ର— କେନ୍ଦୁଝର ଗଡ଼

ପ୍ର— ମୁଁ କପର ଝିଅ ବାଛା ହେବ? କଳା ନା ଗୋରା, ଶିକ୍ଷିତା ନା ଅଶିକ୍ଷିତା, ମଫସଲି ନା ସହରୀ, ଲାଜକୁଳୀ ନା ଗୋରୀ, ଚେଙ୍ଗୀ ନା ବଙ୍ଗାଳୀ?

ଉ— ଝିଅ ବାଛା ହେଲେ ସିନା ଏଠେ ଅଡ଼ୁଆ, ବାଛ ବିଚାର। ଝିଅ ବଦଳରେ ଝିଅର ମାଟିଏ ଦେଖନ୍ତୁ - କାରଣ ଜଣେ କେହି ଆଗରୁ ବାଛି ବିଚାରି ସାରିଥିବେ।

ପ୍ର— ଡଗରରେ ସବୁ ବିଷୟରେ କିଛି ନା କିଛି ସମାଲୋଚନା କାହିଁକି ଥାଏ?

ଉ— ଡଗର ଟିକେ ଅଟକା ଅକ୍ଷର ବୋଲି ତାହା ସାମନାରେ କହେ ନାହିଁ।

ପ୍ର— ଗାନ୍ଧି ଟୋପି ଓ ଉଭୟ ଘାସଗାଆନ୍ତି ମାନ ଗାଈ ଗୋବର କାହିଁକି ତରଳ ଓ ଟୋପିର ନେହ୍ରୁକୋଟ ଗୋଟିଏ?

ଉ— ଟୋପି ଯଦି କଲେଇ ମଲୁଥାନ୍ତା ତା ଗୁହ ବି ପାଣିଆ ହୋଇଥାନ୍ତା।

ପରମାନନ୍ଦ ବାରିକ ୪୯ନଂ ଫୋର୍ଟ ପ୍ରେସ କଲିକତା।

ପ୍ର— ପ୍ରେମିକ ପ୍ରେମିକାଙ୍କର ଚିଠିପତ୍ର ଆଦାନ ପ୍ରଦାନରେ କେଉଁଠି?

ଉ— ପତ୍ରରୁ ମନ; ପୁଣି ହାସରୁ ସୁଖ ହେବା ପରେ ସ୍ନେହ— ଆଜ ର ପରେ ଉକାର ତା'ପରେ ପୁଣି ଔକାର ହେଲେ ସୁଖ ବନ୍ଦ ହୋଇଯାଏ।

ଚିତ୍ତରଞ୍ଜନ ଦାସ—ଫକୀରମୋହନ କଲେଜ ବାଲେଶ୍ୱର,

ପ୍ର— କୌଣସି ଯୁବତୀ ଆପଣଙ୍କୁ ଭଲ ପାଉଛି କି ନା ତାହା କିପରି ପରୀକ୍ଷା କରିବେ?

ଉ—ଯେ ତା ଉପହାର ଦେଇ ଦେଖିବେ ସେ ପଛରେ ଗୋଡ଼ାଉଛି କି ନାହିଁ।

ପ୍ର—ତୁମେ ଯଦି କୌଣସି ଯୁବତୀ ପାଇଁ ଭାବ ତେବେ ସେ କି କଣ ତୁମକୁ ଭାବିବ?

ଉ— ସେ ନହେଲ- କୌଣସି ଯୁବତୀ ତୁମକୁ ନିଶ୍ଚୟ ଭାବିବ କାରଣ ଆପଣ ତ 'ସେ'କୁ ଭାବନାହାନ୍ତି— ଯୁବତୀକୁ ଭାବୁଛନ୍ତି।

ପ୍ର— ପ୍ରେମ କରିବାର ସହଜ ଉପାୟ କଣ?

ଉ— ମୁହଁରେ ଚନ୍ଦନକାଳି ଲଗାଇ ବୁଲିବା।

ସାତକଡ଼ି ହୋତା- ବି, ଏ, ମଧୁସୂଦନ ଆଇନ କଲେଜ, କଟକ

ପ୍ର— ସରକାରୀ ଚାକିରୀରେ ନାରୀମାନେ ପ୍ରଥମ ସୁବିଧା ପାଇବା ଉଚିତ। ଆପଣ ଏହାର ବିରୋଧ କରନ୍ତି କି? ଯଦି ସପକ୍ଷରେ ଥାନ୍ତି କାହିଁକି?

ଉ— ମୋ ମତରେ ନାରୀମାନେ ସବୁ ସୁବିଧା ପାଇବା ଉଚିତ। କାରଣ ସରକାରୀ ଚାକିରିଆଙ୍କର ବୁଦ୍ଧିବୃଦ୍ଧି ନଥାଏ ବା ଦରକାର ପଡ଼େ ନାହିଁ। ଯେଉଁଠି ଥାଏ-- ସେଠି ଫଳ ବିପରୀତ।

ଦୁଷ୍ମନ୍ତ ପ୍ରାଣନାଥ ପଟ୍ଟନାୟକ

ପ୍ର— ବର୍ତ୍ତମାନ ବିବାହକୁ ଅଇନାନୁମୋଦିତ ବେଶ୍ୟାବୃତ୍ତି କହୁଛନ୍ତି କାହିଁକି?

ଉ— ଯୋଉଠି ଜଣକୁ ଗଚ୍ଛିତ ଥର ବିକ୍ରୀ ଯାହା ଜଣେ ଜଣକୁ ଥରେ ଥରେ ବିକ୍ରୀ ତାହା ବିବାହିତା ଦେହର ସମ୍ପର୍କ ଯଦି ହୁଏ ତେବେ। ବିବାହିତ ମଧ୍ୟ ବ୍ରହ୍ମଚାରୀ ହୋଇପାରେ।

ପ୍ର— ନାରୀ କବି, ଲେଖକ ଓ କଳାକାରଙ୍କର ପ୍ରେରଣାର ଉତ୍ସ କି?

ଉ— ପେଲଣ ବା ଛଅଣୀର ଉତ୍ସ

ପ୍ରାଣବନ୍ଧୁ ନାୟକ, ଭୁଗୁଡ଼ପଡ଼ା, ବଲାଙ୍ଗିର

ପ୍ର— ଆପଣ ପ୍ରଜାତନ୍ତ୍ର ଓ ଗଣତନ୍ତ୍ର ମଧ୍ୟରୁ କାହାକୁ ସପୋର୍ଟ କରନ୍ତି ଓ କାହିଁକି?

ଉ— ଧୂଆଁରେ ପଶିବା ଠାରୁ ହୁଗୁଡ଼ରେ ପଶିବା ଭଲ। କାରଣ ଆଖିରୁ ପାଣି ଗଡ଼େ ନାହିଁ କି ଆଖି ଅନ୍ଧ ହୁଏ ନାହିଁ। ପ୍ରଜାତନ୍ତ୍ର ଧୂଆଁବାଣ- ଗଣତନ୍ତ୍ର ହୁଗୁଡ଼। ଗୋଟିଏ ପଟଣା ବାଜାଙ୍କର ଅଉ ଗୋଟିଏ ଅଗରପଡ଼ା ଘାଜଙ୍କର।

ପ୍ର— ମଣ୍ଡୋଦରୀ ମାନସିଂହ ଓ ସଚ୍ଚିଦାନନ୍ଦ ସାହିତ୍ୟ କ୍ଷେତ୍ରରେ ଠାଣି ଓଠାରୀ ହୁଅନ୍ତି କାହିଁକି?

ଉ —ଉଭୟଙ୍କ ବୁଦ୍ଧିର ବାଲାନ୍ସ ରଖିବାକୁ ନହେଲେ ବୁଢ଼ୀ ବୁଢ଼ାଙ୍କୁ ପଡ଼ିଯାନ୍ତେ ଛାଡ଼ି ହୋଇ।

ପ୍ର— ହଂସ ଓ ନୀଳକଣ୍ଠଙ୍କ ଦୁହିଁଙ୍କ ଭିତରେ କେଉଁଟା ଦେଖିବାକୁ ସୁନ୍ଦର ଓ କାହିଁକି?

ଉ —ନୀଳକଣ୍ଠ। କାରଣ ସେ ସଂସାରୀ। କେଶରନା ହଂସ ପରି ସୁନ୍ଦର ଦିଶେ।

ଯତୀନ୍ଦ୍ର କୁମାର ମିଶ୍ର— ମାକଲପୁର ବାଲେଶ୍ୱର

ପ୍ର —ଧଳା ଗାନ୍ଧି ଟୋପି ପିନ୍ଧିଥିବା ଲୋକଙ୍କ ଟୋପି ତଳେ କଳାବାଳ ଥାଏ ବୋଲି କଳାବଜାର କରନ୍ତି କି?

ଉ —କଳାବଜାରରୁ ଧଳା କରିବା ପାଇଁ ଧଳା ଟୋପି ପିନ୍ଧିଥାନ୍ତି।

ପ୍ର- ବିବାହ କଣ ଗୋଟିଏ ଜୀବ (biological) ଆବଶ୍ୟକତା?

ଉ —ଯୌନ (ଯମକୁ) ଆବଶ୍ୟକତା (cidological) କାରଣ ମଣିଷ ମରେ ବୋଲି ବାହା ହୋଇ ପିତାମାତା ହେବାକୁ ଚାହେଁ।

ପ୍ର—ପ୍ରେମ କରୁ କରୁ ମନ ଯୌନ ଆକର୍ଷଣ ଆଡ଼କୁ ଦଉଡ଼େ କାହିଁକି?

ଉ—ଦଉଡ଼େ ନାହିଁ —ଖସେ—କାରଣ ପୀରତି ପଥ ଖସଡ଼ା।

ରମାନାଥ ମିଶ୍ର—ସାମନ୍ତଚନ୍ଦ୍ର ଶେଖର କଲେଜ ପୁରୀ

ପ୍ର— ପ୍ରେମ ଓ କାମ ମଧ୍ୟରେ ତଫାତ କଣ?

ଉ— ପ୍ରେମଟା ଆକାଶର ବର୍ଷା ବାର୍- କାମଟା ଉତ୍ତାଳ ସମୁଦ୍ର

ପ୍ର— ନୂଆ ଶାସନ ବିଧାନରେ ପୁରୁଷ ଓ ସ୍ତ୍ରୀମାନଙ୍କୁ ସମାନ ଅଧିକାର ଓ ସୁବିଧା ଦିଆଯିବ ବୋଲି ଉଲ୍ଲେଖ ଥିଲେ ମଧ୍ୟ ସ୍ଥଳବିଶେଷରେ ସ୍ତ୍ରୀମାନଙ୍କୁ ଅଧିକ ସୁବିଧା ଦିଆଯାଏ କାହିଁକି?

ଉ— ସ୍ତ୍ରୀମାନଙ୍କ ଗର୍ଭରେ ସ୍ଥଳ ବିଶେଷରେ ଅଧିକା କିଛି (ଗୁଣ) ରହିବାରୁ ସୁବିଧା ଥାଏ ବୋଲି।

ପ୍ର— ଅଜକାଲି ନରନାରୀମାନଙ୍କର ସାମାଜିକ ମିଳାମିଶା ପ୍ରୟୋଜନ ବୋଲି ଆପଣ ଭାବନ୍ତି କି?

ଉ— ନିଶ୍ଚୟ- କାରଣ ଘସରା ହୋଇଗଲେ ମୋହ ତୁଟି ଯିବ।



Digitized by srujanika@gmail.com



ନାଗଙ୍କ କଲମରୁ

## ଦୀନଭିକ୍ଷୁ

କିଏ ତୁମେ ଜୀର୍ଣ୍ଣ ଶୀର୍ଣ୍ଣ ନର ?
ବସିଅଛୁ ରାଜପଥ ପରେ
ଚିନ୍ତାଅଛି ସାରା ବକ୍ଷ ତୋର
ନିରାଶାର ଉପ୍ତ ଲହୁ ଧାରେ ।
ବକ୍ଷୁ ତୋର ସଦା ଉଠୁଅଛି
କରୁଣତା ପୂର୍ଣ୍ଣ ଦୀର୍ଘଶ୍ୱାସ
ନିବାରଏ ପାରୁନୁ ତୁ କିର
ବକ୍ଷପଟା ଆବେଗ ଉଚ୍ଛ୍ୱାସ ।
ଖାଦ୍ୟାଭାବେ ସାରା ଦେହ ତୋର
ହୋଇଅଛି କୃଷ୍ଣ ଓ ମଳିନ
ଏହିପରି ବସିଅଛୁ ତୁହି
ରାଜପଥ ପାର୍ଶ୍ୱେ ସାରା ଦିନ ।
ଯାଉଛନ୍ତି କେତେ ନରନାରୀ
ନିଜକାର୍ଯ୍ୟେ ବ୍ୟସ୍ତତାଙ୍କ ମନ
ବହୁମୂଲ୍ୟ ସୁନ୍ଦର ବସନ
ହୋଇଅଛି ତାଙ୍କ ପରିଧାନ ।
ରାଜପଥେ ଗୃହଯାନ୍ତି ଧୀରେ
ପୁଲକିତ ପ୍ରସନ୍ନ ବଦନେ
କିନ୍ତୁ ଥରେ ହେଲେ ଭାବୁଛନ୍ତି
କେତେକଷ୍ଟ ହୁଏ ତୋର ମନେ ।
ନବୀନତେ ସୁନ୍ଦର ଯୁବକ
ବସି ତାର ପ୍ରେୟସୀର ପାଶେ
ଆଙ୍କିଦିଏ ମଧୁର ଚୁମ୍ବନ
ରକ୍ତ ବେଳା ତାର ଗଣ୍ଡ ଦେଶେ ।
ମିଳନର ମଧୁର ଆନନ୍ଦ
ଉଭୟଙ୍କ ହୃଦେ ଫୁଟି ଉଠେ,
କିନ୍ତୁ ତୋର ଶତେଚେଷ୍ଟା ସତ୍ତ୍ୱେ
ଦୁଃଖଦିନେ ନ ପାରୁ ମୁଟେ ।
ବସି ନିଜ ସୁନ୍ଦର ପ୍ରାସାଦେ
କେତେ କେତେ ଯୁବକ ଯୁବତୀ
ଆମୋଦ ଓ ପ୍ରମୋଦରେ ରତି
କଟାଥାନ୍ତି ନିଜ ଇଚ୍ଛା ମତି ।
କିନ୍ତୁ ଆରେ ଦରିଦ୍ର ଭିକ୍ଷୁକ
ତ୍ରୈଲୋକ୍ୟକ କେହ କେବେ ବାରେ
ତାହାଙ୍କର ସ୍ନେହ ଆଶିଷ
ଦାନହୀନ ତୋହର ଉପରେ ?
ଗୃହେ ତାଙ୍କ ବସୁଧା ଯାଉଛି
କେତେ କେତେ ସୁମିଷ୍ଟ ଅଶନ
କିନ୍ତୁ ଭିକ୍ଷା ଭାଇ ଦୁଃଖଦିନେ
ଥରେ ତୁହି ପାଉନାହୁଁ ଅନ୍ନ ।
ବାସତାଙ୍କ ସୁନ୍ଦର ପ୍ରାସାଦ
କିନ୍ତୁ ତୋର ବାସ ରାଜ ମାର୍ଗ
ଶଯ୍ୟା ତାଙ୍କ ସୁକୋମଳ ଶେଯ
କିନ୍ତୁ ତୋର ଦୁର୍ବାଦଳ ବର୍ଗ ।
ଅଜ ଆମ ପ୍ରିୟ ଜନ୍ମଭୂମି
ହୋଇଅଛି ସମ୍ପୂର୍ଣ୍ଣ ସ୍ୱାଧୀନ,
କିନ୍ତୁ କାହିଁ ଲାଞ୍ଛିତ ତୋର
ବକ୍ଷ ଏବେ କରୁଣାର ଚିହ୍ନ ।
ଜମିଉଠେ ଏବେ ଦେଶ ସାରା
ନେତୃବୃନ୍ଦଙ୍କର ବାକ୍ୟବାଣେ,
କିନ୍ତୁ ତୋର କରୁଣ କ୍ରନ୍ଦନ
ଶୁଣେକିରେ କେହ କେବେ ଜଣେ ?
ଅଜି ଅଛେ ଜନମହୋତ୍ସବ,
ଆସିଥିବ ଅଗଷ୍ଟ ପନ୍ଦର,
ତାହାପରେ ଆସିଥିବ ପୁଣି
ଗଣତନ୍ତ୍ର ପ୍ରତିଷ୍ଠା ବାସର ।
ଏହିମତ ଲାଗି ରହିଥିବ
ସବୁ ଦିନେ ନବ ଆନ୍ଦୋଳନ,
ତାହା ସଙ୍ଗେ ଛୁଟୁଥିବ ତୋର
କଣ୍ଠୁ ସଦା କରୁଣ କ୍ରନ୍ଦନ ।

ଶ୍ରୀମାନ୍ ଉପେନ୍ଦ୍ରନାଥ ପଣ୍ଡା—୧୩୬୧

## ଏକଲବ୍ୟ

ଧନ୍ୟ ଧନ୍ୟ ଆହେ ବୀର ଏକଲବ୍ୟ
ଧନ୍ୟ ତମ୍ଭ ଗୁରୁ ଭକ୍ତି,
ମେଧାବୀ ପ୍ରତିଭା— ବନ୍ଦ ଯୁଗେ ଯୁଗେ
ଯୁ ପିଲ ଅକ୍ଷୟ କୀର୍ତ୍ତି । ୧ ।
ଏ ମର ଶରୀରେ ଯଶ ପ୍ରତି ଆଶା
ନ ପୋଷି ହୃଦୟେ କ୍ଷଣେ,
ଗୁରୁଙ୍କୁ ଦକ୍ଷିଣା ଦେଲ ତୁମ୍ଭ ବଳ
ପୂଜ୍ୟ ତୁମ୍ଭେ ତ୍ରିଭୁବନେ । ୨ ।
ବାମେତର କରୁ ଛେଦ ଅରପିଲ
ବୃଦ୍ଧ ଅଙ୍ଗୁଳି ଦକ୍ଷିଣା
ଗୁରୁ ଦ୍ରୋଣାଚାର୍ଯ୍ୟ ଆନନ୍ଦିତ ହେଲେ
ପୂରଣ ହେଲା ବାସନା । ୩ ।
ଅଲୌକିକ ଏହି ଗୁରୁଭକ୍ତି ତୁମ,
କରିଥିଲ ହୃଦେ ଲକ୍ଷ୍ୟ,
କହ କହ କେବେ ଏପରି ସୁକୀର୍ତ୍ତି
ହୋଇବ କି ସତେ ସମ୍ଭବ । ୪ ।

ଲେ— ରାମଚନ୍ଦ୍ର (୨୪୩)

## ଅବସର ବିନୋଦନ—୫୭

ଇଂରାଜୀରେ ୭ଅକ୍ଷରିଆ ଏମିତି ଏକ ଶବ୍ଦ ବାହାର କର, ଯାହାକି ଭୂମିସ୍ଥାର ଏବଂ ହ୍ରଦର ନାମକୁ ବୁଝାଇବ । ପୁଣି ସେହି ଶବ୍ଦର ପ୍ରଥମ ଅକ୍ଷରକୁ ମୂଳରେ ରଖି ଯଥାକ୍ରମେ ୬ଟି ଶବ୍ଦ ହେବ ଯାହାର ଅର୍ଥ ହେବ—

A city of England, a town in Arabia, a celebrated town in Germany, a river in South America, A river in India, A sea in Europe.

ରାମଚନ୍ଦ୍ର ନାଃ ନଂ ୨୪୩

## ନୂଆନାଗଙ୍କ ନାମ

୧୪୦୬—ରମାଚରଣ ମହାନ୍ତି ଫଉଲ-ହଜ ହାଇସ୍କୁଲ ୧୦ ଶ୍ରେଣୀ ପୋଃ ଢେଙ୍କା-ନାଳ, ଜିଲ୍ଲା ୧୪୦୭—ଅରୁଣଚନ୍ଦ୍ର ମହାନ୍ତି —c/o କୈଳାସଚନ୍ଦ୍ର ମହାନ୍ତି ରେମୁଣା ବାଲେଶ୍ୱର ।

## ନାଗବାହି କୁପନ

ଅଜା, ମୁଁ ଜଣେ ନାଗ ନ ହୋଇ ରହିବ କି ପାରିବି ? ମୋର ବୟସ ୯ ବର୍ଷରୁ ଉର୍ଦ୍ଧ୍ୱ ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବାହି ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଗ୍ରାହକ ନମ୍ବର ୫୦ ୮ ଡାକ ଟିକଟ ଦେଲି ।

ସ୍ନେହର

ଠିକଣା—ଶ୍ରୀ...



Digitized by srujanika@gmail.com

Dagaro
Reg. No O 18. ORISSA'S MOST POPULAR FORTNIGHTLY 1 12-50


ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ତିନି ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ । ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ । ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ଗୀତ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାସବୁ ସଂଗୃହୀତ ହୋଇଅଛି । କେତେଗୁଡ଼ିଏ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ସେଥିପାଇଁ ଏଣୁ ଉତ୍କଳର ସାହିତ୍ୟ ପ୍ରେମିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା । ସଂଗୃହୀତ ପ୍ରଜ୍ଞା ଉତ୍କଳ ସାହିତ୍ୟ, ମୁକୁର, ସହକାର, ନବଭାରତ ବା ଅନ୍ୟ ପତ୍ରପତ୍ରିକା ଏବଂ କୌଣସି ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ୍ ଏମ୍ପୋରିଅମ୍, କଟକ—୨ | ମ୍ୟାନେଜର, ଡଗର ପ୍ରେସ, କଟକ—୧

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶଙ୍କର ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ ।

# ଲଙ୍କାଯାତ୍ରୀ

ଗାଁ । ଝିଅଙ୍କ ଲୁହରେ ଲେଖା—

# ପଲ୍ଲୀଟରଣୀ

ପ୍ରକାଶିତ ହେଲା ।

[illegible]

ଗୃହଦିକା— ଟ୨
କଙ୍କାଳର ଲୁହ —ଟ୦୫
କଳକଲ୍ଲୋଳ— ଟ୬୫
ପଲ୍ଲୀ ଦୃଷ୍ଟି— ଟ୧୫

ପ୍ରାପ୍ତିସ୍ଥାନ— ଓଡ଼ିଶାର ବଡ ବଡ ବହି ଦୋକାନ ।

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତେ କରାଇବାକୁ ଚାହାଁନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

| | |
|---|---|
| କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା<br>ଝାଞ୍ଜିରୀ ମଙ୍ଗଳା<br>କଟକ [ ୧ ] | ସହକାରୀ ବ୍ୟବସ୍ଥାପକ<br>—କବିରାଜ—<br>ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର<br>ଝାଞ୍ଜିରୀ ମଙ୍ଗଳା<br>କଟକ ( ୧ ) |

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୮ |
| ପାଞ୍ଚ ଜନ୍ୟ— | ” | ଟ ୧୮ |
| କାଳରଡ଼— | ” (ଯନ୍ତ୍ରସ୍ଥ) | ଟ ୧୮ |
| ହୃଡମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | ” | ଟ ୨୫ |
| ଜୀବନର ଲକ୍ଷ୍ୟ— | ” | ଟ ୨୮ |
| ଭୁଲ— | ” | ଟ ୨୮ |
| ଏଗାରଟା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ” | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ୧ ---


Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ଘଣ୍ଟମୋହନ ଦାସ

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
ଦ୍ୱାଦଶ ସଂଖ୍ୟା

ମାର୍ଗଶୀର
ଦ୍ୱିତୀୟାର୍ଦ୍ଧ




ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

ଏ ସଂଖ୍ୟାରେ—ଉଡନ୍ତା ବୋମା—ଲକ୍ଷ୍ମୀନାରାୟଣ

Digitized by srujanika@gmail.com

ଆଗମନୀ କଲ୍
ନୂତନ
# 'ଜହ୍ୱରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**–ଜହରଲାଲ ନୂଆ, ଜହରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ଭେଟ, ଜନ୍ମଭୂମି-ଅବସ୍ଥାର, ରାଜନୈତିକ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ନେତାଙ୍କ ସ୍ୱଭାବରେ; ଭାରତର ଭବିଷ୍ୟତ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଓ୍ୱାଲ୍ଟର ଜେ, ଫାଇଭେଲ୍ ହରୋପିଅନ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମିଃ ରୋଲ୍ଫ ହୁଲ, ଜର୍ମାନୀ । ପୂର୍ବାଭାଷ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବିଲତି ଚିଠି' (ଇଂରାଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବିଦ୍ୟାଭୂଷଣ ଦାସ, ଏମ, ଏ, ଏମ, (ଆମେରିକା); ବି. ଲିଟ୍; ଡ଼; ଲିଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**– ବିଶ୍ୱବିଖ୍ୟାତ ବୈଜ୍ଞାନିକ ସର୍ ସି; ଭି: ରମଣ୍ (ନୋବେଲ୍-ଲରେଟ), ଅଧ୍ୟାପକ ତାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବାଣିଜ୍ୟ ମନ୍ତ୍ରୀ; ଅଧକ୍ଷ ଏସ୍. ଏନ୍. ଏଗରୱାଲ୍, ୱାର୍ଦ୍ଧା; ଶ୍ରୀ ଯୋହାନ୍ ଅଲଭା, "Forum"ର ସଂପାଦକ; ଶ୍ରୀମତୀ ସୋଫିଆ ଓ୍ୱାଡିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦତ୍ତ; ଡକ୍ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ ପାର୍ଲିବତ୍ ଆମେରିକା ଡକ୍ଟର ମୁଲକରାଜ ଆନନ୍ଦ ବମ୍ବେ ପ୍ରଭୃତି—। ରେଖା- ପ୍ରାୟ ୫୦ଟି ଛବି ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତି ସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍ଏଜେନ୍ସି
ବଣିକପଡ଼ା, କଟକ ।

---

ସ୍ତ୍ରୀ ରୋଗର ପାଇଁ
## ଟ୍ରେକୀ ପେଲେଟ୍ସ
ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୬୯ ଡାକ ଖର୍ଚ୍ଚ—୵୦୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୵୦୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

ହାଜାର ହାଜାର କୁଷ୍ଠ ରୋଗୀର
## କୁଷ୍ଠ
ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧଳା
ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—
**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ୍ କଲିକତା

---

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା
କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଦ୍ୟାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୫୧ ମନିଅର୍ଡର କରି କୁପନରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—
ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବେ ସିଦ୍ଧାନ୍ତ ହେନେମାନଙ୍କର ହୋମିଓପ୍ୟାଥିକ ଔଷଧ ଓ ଡାକ୍ତର ନାଡ଼ିର ବାଇଓକେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରାଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

## ଠିକଣା
ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଅନନ୍ୟାଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ଜୀବନ୍ତ




ମାର୍ଗଶିର ଦ୍ୱିତୀୟାର୍ଦ୍ଧ ୧୪ ଶ ବର୍ଷ ଦ୍ୱାଦଶ ସଂଖ୍ୟା ୧୭ । ୧୨ । ୫୦

## ଉଡ଼ନ୍ତା ବୋମା—ଲକ୍ଷ୍ମୀନାରାୟଣ

ଶରତ ସନ୍ଧ୍ୟାରେ ଜ୍ୟୋତ୍ସ୍ନାପ୍ଳାବିତ ରଜତ ଶୁଭ୍ର ଧରଣୀ ପରେ ଚନ୍ଦ୍ର ବଗୁଣ୍ଠନ ଉଦ୍ଧ୍ୱ ଖଣ୍ଡର ଚଳନ୍ତ ଛାୟାଛବି ପରି ଆପଣଙ୍କର କଥା ଯେତିକି ରହସ୍ୟମୟ ସେତିକି ଅନୁଜ୍ଜ୍ୱଳ । ଯେତିକି ବାସ୍ତବାପେକ୍ଷ ସେତିକି ନିର୍ବୋଧକ । ଯେତିକି ଅନ୍ତ୍ରହାନୁକୂଳ ସେତିକି ସନ୍ଦେହଗ୍ରହୀ ।



ତରୁଣ ଜୀବନର ସଲଜ୍ଜ ଅରୁଣିମାରେ ଆପଣଙ୍କର ‘ ନୈବେଦ୍ୟ ’ ନିବେଦନ ଯେତେବେଳେ ପ୍ରଥମ ପ୍ରେମର ପ୍ରତିଧ୍ୱନିରେ ମୁଖରିତ ହୋଇ ଉଠି ଆପଣଙ୍କୁ ଶୁଭ ବାର୍ତ୍ତା ଦିଏ—ସେତେବେଳେ ‘ ମନ୍ଦ ବହୁଲଣି’ ବୋଲି ଏକ ଜାଗ୍ରତ ଚେତନା ଆପଣଙ୍କୁ ଯେତିକି ସ୍ୱପ୍ନିଳ କରୁଛି ସେତିକି ଆପଣ ଜୀବନର ବାସ୍ତବତାକୁ କଠୋର ଆଘାତ ଦେଇ ଏକ ଅଦ୍ଭୁତ ସଂସାରୀ ଓ ବାସ୍ତବବାଦୀ ହେବାର ଦାବି ହିଁ ସ୍ୱଗତ କରି ଶୁଣାଉଛନ୍ତି ।

ଜୀବନର ‘ଝଙ୍କାର’ ବାଣୀ କେଉଁ ଉଦ୍ଧାରର ଓଡ଼ିଶା ଶୋଭା ଦେଖିଛନ୍ତି ଆପଣ ବାରେ ଜୀବନର ‘ଅଭିନୟ’ ‘ଅନ୍ତଦେଶରୁ ଦର୍ପଣ ବଳିଗଲା’ ପରି ବାରେ—ମାତ୍ର ପରିହାସରେ ଏ ମାନେ ବାଣୀ ଦୁଇଥର ‘ ଅନ୍ତ ଦେଶରୁ ଦର୍ପଣ ବଳିଗଲା ’ ପରି ବାରେ—ମାତ୍ର ପରିହାସରେ ଏ ମାନୁ ବାଣୀ ଦୁଇଥରେ ଆତ୍ମଗୋପନକାରୀ ଜୀବନର ନବପ୍ରେରଣା ମନେ ଆପଣ ଗୋଟିଏ ସନ୍ଧ୍ୟାର ଅନ୍ଧକାର ମଧ୍ୟରେ ଆତ୍ମଗୋପନକାରୀଙ୍କ ଜୀବନର ନବପ୍ରେରଣା ମନେ କରି ଅଗ୍ରସର ହେଉଛନ୍ତି ଆପଣ ଲକ୍ଷ୍ୟ ମୁଖରେ । ଆପଣାର ଅଲକ୍ଷ୍ୟରେ ଯେମିତି!

ଜୀବନ ବାସ୍ତବର ପ୍ରତ୍ୟାବର୍ତ୍ତନ ନୁହେଁ—କର୍ମ ଅନୁଶୀଳନ ନୁହେଁ—ଧର୍ମ ଦୃଷ୍ଟାନ୍ତ ନୁହେଁ—ଜୀଇବାର ଅର୍ଥ ହିଁ ଆତ୍ମଗୋପନ—ଆତ୍ମ ଗ୍ଲାନି—ଆତ୍ମ ହତ୍ୟା—ଆତ୍ମ ଅଦର୍ଶନ—ଆତ୍ମ ପ୍ରତାରଣା ।

ସାହିତ୍ୟ—ସହଯୋଗ—ପରକୁ ଆପଣାର କରିବା—ଆପଣାର ପରକୁ ଦେବାହିଁ—ଜୀବନ ଓ ସାହିତ୍ୟ ।

ଏହାହିଁ ଫୁଟି ଉଠିଛି ନିଜର ସମସ୍ତ ସଂକୀର୍ଣ୍ଣ ସ୍ୱାର୍ଥର ପଙ୍କିଳ ସରଣୀରେ ‘ ଉଦୟ ’ କାଳର ପ୍ରସ୍ଫୁଟ ନଳିନୀ ପରି ।

## ଶ୍ରୀ ଅରବିନ୍ଦ

କହ ସତ୍ୟ କରି
ବିଜ୍ଞାନର ଉଚ୍ଚ କଥା ଆସେ ବାହାରରୁ
ଅବା ଉଠେ ଅନ୍ତରରୁ ସ୍ଫୁରି ।
କହ ତଥ୍ୟ ସାର
ମନୁଷ୍ୟ ଦେବତା ହୁଏ ଆପଣା ପ୍ରୟାସେ
ଅବା ସେହୁ ଦେବ-ଅବତାର !
ଶୁଣାଅ ହେ ବାଣୀ,
ମୃତ୍ୟୁରୁ ବିଚ୍ୟୁତ ଜୀବ ସତେକି ଜଗତେ
ଅବା ଜୀବ ପ୍ରବାହେ ଭଜାଣି !
କହ କରି ସ୍ଥିର
ମୃତ୍ୟୁ କହେ ଜୀବନର ଚୂଡ଼ାନ୍ତ ସିଦ୍ଧାନ୍ତ
ଅବା ଏକ କ୍ଷୁଦ୍ର ଗ୍ରନ୍ଥି ମୁକ୍ତ ପ୍ରଣାଳୀର;
ହେ ତାପସୀ ନର!
ପୁଛିବାର ପ୍ରଶ୍ନ କହେ ପୋଛିବାର ନୁହେଁ
ବ୍ରତୀ କହେ ଚିର ଅବାମୃତୀ ?
ହେ ତ୍ୟାଗୀ ପ୍ରବର,
ଭୋଗ କି ହେ ପ୍ରକୃତିରେ ହୁଏ ଅବଭଜ୍ୟ
ବନ୍ଧନରେ କେବଳ ଜୀବର ।
କଥା କହ କଥା କହ ଗୁରୁ !
ପାପୀ କର୍ମୀ ଅକ୍ଷମ କି ସୃଷ୍ଟିରୁ ବାହାର
ସ୍ରଷ୍ଟା ତାରେ ଅବହେଳେ କିରୁ ?
ସ୍ୱର୍ଗ ଆବେଦନ
ତୁମେ କି ଜାଣୁଛ ଦେବ ? କହିବାକୁ ହେବ;
କର ଦେବ ତତ୍ତ୍ୱ ସ୍ଫୁରଣ !

—ନିତ୍ୟ ନନ୍ଦ—

## ସର୍ଦ୍ଦାର ପଟେଲ

ବନେ ହେଲେ ଶଙ୍କା ନାହିଁ ଯିଏ
ଜୀବନର ଭୁମୁଳ ସଂଗ୍ରାମେ—
ଆଜି ତାର ନଷ୍ଟ ନିର୍ଭିକ
ଅସହନୀୟ କାହିଁ ସେ ନିଦେଶ
ଭାରତର ନଗରେ ବା ଗ୍ରାମେ ?

× × + +

କହିଛ ଚରମ ତବ କର୍ତ୍ତବ୍ୟ ଜୀବନେ
ସେତିକି ତ ଦେଇଗଲ ଶିକ୍ଷା ;
ରଖି ନାହିଁ କିଛି ଅସମ୍ପୂର୍ଣ୍ଣ
ଯାହା ଅଛି ସେ କେବଳ ଆମର ପରୀକ୍ଷା !
ଜୀବନକୁ ପୂର୍ଣ୍ଣ କରି ଜୀଇଛ ମାନବ
ମୃତ୍ୟୁ ଆଜି କାହିଁ କ୍ଷଣେ ପୂର୍ଣ୍ଣଚ୍ଛେଦ
ପାଏ ନା କି ଅପମାନ ନିଜ କରସ୍ପର୍ଶରେ
ପାଏ ନାହିଁ କି ଲଜ୍ଜା ତାପ ଖେଦ ?

—ନିତ୍ୟାନନ୍ଦ —

Digitized by srujanika@gmail.com

# ନବବାବୁ ଉତ୍ତର ଦେବେକି ?

[ଉତ୍କଳର ବେପନ୍ଥାରେ ସରକାରଙ୍କ କାର୍ଯ୍ୟକଳାପ ଦେଖି ନାନା ଜନରବ ଉଠୁଛି ତାହା ପରିଷ୍କାର କରିବା ପାଇଁ ମୁଖ୍ୟ ମନ୍ତ୍ରୀଙ୍କୁ ଏ ପ୍ରଶ୍ନ ପଚାରୁଛୁଁ]

୧—ଉତ୍କଳରେ ଯେ ହଜାର ହଜାର ଲୋକ ହଇଜାରେ ମଲେ ଏଥି ପାଇଁ ଦାୟୀ ନେପାଳ ସାହୁ ନା—ଓଡ଼ିଶା ସରକାର ?

୨—ଗତ ତିନମାସ ଧରି ପ୍ରତ୍ୟହ ହଜାର ହଜାର ଲୋକ କ୍ଷୁଦ୍ର ଗ୍ରାମଟିରେ ଏକତ୍ର ହେଉଥିବା ବେଳେ କୌଣସି ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ରକ୍ଷାର ସୁବିଧା ନ କରିବା ସରକାରଙ୍କର ଯୋଗ୍ୟତା ନା ମୁଖ୍ୟ ମନ୍ତ୍ରୀଙ୍କ ଘର ଅଡ଼ୁଆର ଖେୟାଲ ?

୩—ମାଳତୀ ଦେବୀଙ୍କ ନିର୍ଦ୍ଦେଶ ମତେ ଲୋକଙ୍କୁ ଅସୁବିଧାରେ ପକାଇ ନେପାଳ ବାବାଙ୍କ ଔଷଧ ନେବାରୁ ନିବର୍ତ୍ତାଇବା ସରକାରଙ୍କର ଏ ମାରାତ୍ମକ ଅବହେଳାର ଉଦ୍ଦେଶ୍ୟ କି ?

୪—ନେପାଳ ବାବାଙ୍କ ଔଷଧ ମିଥ୍ୟା ପ୍ରମାଣିତ ନହେଲେ ମାଳତୀ ଦେବୀଙ୍କର ଆତ୍ମସମ୍ମାନରେ ବାଧା ପଡ଼ିବାର କାରଣ ଥିଲା କି ?

୫—କୌଣସି ଦାତବ୍ୟ ପାଣ୍ଠି ପାଇଁ ଚନ୍ଦା ଉଠାଇବାକୁ ମାଳତୀ ଦେବୀ ପ୍ରଥମେ ନେପାଳ ସାହୁଙ୍କୁ ଅନୁରୋଧ କରି ବିଫଳ ମନୋରଥ ହେବା ପରେ ସେ ବିରୋଧ ପ୍ରଚାର ଆରମ୍ଭ କରିଥିଲେ କି ?

୬—ଧର୍ମ ନିରପେକ୍ଷ ରାଷ୍ଟ୍ରରେ କେତେକ ଲୋକଙ୍କର ଧର୍ମ ବିଶ୍ୱାସକୁ ଅନ୍ଧ ବିଶ୍ୱାସ କହି ସରକାରଙ୍କୁ ହସ୍ତକ୍ଷେପ କରିବା ପାଇଁ ପ୍ରବର୍ତ୍ତାଇବା ଜଣେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀର ଅଧିକାରକୁ କେଉଁ ସମ୍ବିଧାନ ସମର୍ଥନ କରେ ଏବଂ ଲୋକଙ୍କ ଧର୍ମ ଓ ବିଶ୍ୱାସ ଉପରେ ନିର୍ବୋଧ ବାଚାଳତା କରିବା ପାଇଁ ମାଳତୀ ଦେବୀଙ୍କର ପ୍ରଧାନ ମନ୍ତ୍ରୀଙ୍କ ପତ୍ନୀ ହେବା ଛଡ଼ା ଅନ୍ୟ କି ବିଶେଷ ଯୋଗ୍ୟତା ଅଛି ?

୭—'ରୋଗ ଅନେକ, ଔଷଧ ଅନେକ ଓ ବୈଦ୍ୟ ଅନେକ କିନ୍ତୁ ସବୁ ରୋଗର ଏକମାତ୍ର ଔଷଧ, ଏକମାତ୍ର ବୈଦ୍ୟ ରାମନାମ' ବୋଲି ଗାନ୍ଧିଜୀ ଯେ କହିଥିଲେ ଗାନ୍ଧୀ ଭକ୍ତ ଦମ୍ପତି ଦ୍ୱୈଧୀ ହୁଏ ତାର ପ୍ରତିବାଦ କରିବେ କି ?

୮—ଗାନ୍ଧୀଜୀଙ୍କ ଚିତା ଭସ୍ମକୁ ସ୍ୱର୍ଗଦ୍ୱାରରେ ପକାଇ ଗାନ୍ଧୀଙ୍କ ଆତ୍ମାର ସଦ୍‌ଗତି କଲା ବେଳେ ମୁଖ୍ୟମନ୍ତ୍ରୀ ବା ମାଳତୀ ଦେବୀଙ୍କର ଅନ୍ଧ ବିଶ୍ୱାସ ଥିଲା—ନା ଭବିଷ୍ୟତ ପ୍ରଧାନମନ୍ତ୍ରୀ ତଥା ତସ୍ୟ ପତ୍ନୀ ହେବାପାଇଁ ଭଣ୍ଡାମିର ଭେକ ଥିଲା ?

୯—"Society for psychical Research" ବୋଲି ଇଂଲଣ୍ଡ ଆମେରିକାରେ ବିଶ୍ୱାସ ଆରୋଗ୍ୟ ସମ୍ବନ୍ଧରେ ଯେଉଁ ଗବେଷଣା ହୋଇଛି ଓ ହେଉଛି ତାହାର ବିବରଣୀ କିମ୍ବା ମାଳତୀ ଦେବୀ ବା ତାଙ୍କ ଧବ ନବବାବୁଙ୍କ ଦୃଷ୍ଟି ପଥାରୂଢ଼ ହୋଇଛି କି ?

୧୦—ବିଶ୍ୱାସ ଆରୋଗ୍ୟ ପାଇଁ ଔଷଧ ବିତରଣ ଅନ୍ୟାୟ ନୁହେଁ ବୋଲି ଭାରତୀୟ ଗୋଟିଏ ହାଇକୋର୍ଟର ସିଦ୍ଧାନ୍ତ ସମ୍ବନ୍ଧରେ ଆଇନଜ୍ଞ ପ୍ରଧାନ ମନ୍ତ୍ରୀ ଜାଣିଛନ୍ତି କି ?

୧୧—ନେପାଳସାହୁର ଔଷଧ ବିଷାକ୍ତ କି ନାହିଁ ପରୀକ୍ଷା କରାଯାଇଥିଲା କି ? ଯଦି ତାହା ନହେଁ ଏବଂ ସେ ଔଷଧ ଭଲ କରୁ ନକରୁ କ୍ଷତି ଯଦି କରୁ ନଥାଏ ଏବଂ ରାଜ୍ୟରେ କୌଣସି ଶାନ୍ତି ଭଙ୍ଗର କାର୍ଯ୍ୟ କରୁ ନଥିବା ବେଳେ ବହୁଲୋକଙ୍କର ଧର୍ମ ବିଶ୍ୱାସରେ ଆଘାତ ଦେଇ ୧୪୪ ଜାରୀ କରିବା ହିଟଲର ବା ମୁସୋଲିନ ନୀତି ନା ନବକୃଷ୍ଣଙ୍କ ନୂତନ ଗାନ୍ଧୀ ନୀତି ?

୧୨—ଯେଉଁମାନେ ଜଗନ୍ନାଥ ମନ୍ଦିର ବା ଆରୋଗ୍ୟ ପାଇଁ ଅଖଣ୍ଡଳମଣିଙ୍କ ମନ୍ଦିରକୁ ରୋଗ ନେଇ ଯାଆନ୍ତି ସେ ଅନ୍ଧ ବିଶ୍ୱାସୀଙ୍କୁ ଆନୁକୂଲ୍ୟ କରେ ତାର ଉନ୍ମୂଳନ କରିବା ପାଇଁ ନବବାବୁ ସରକାର କଣ କରିଛନ୍ତି ଏଯାଏ ?

୧୩—ଔଷଧର ଉପକାରିତା ପାଇଁ ସରକାର ଯେଉଁ କମିଟି ବସାଇଲେ ସେଥିରେ ବେସରକାରୀ ଲୋକଙ୍କୁ ନିଆ ଗଲା ନାହିଁ କି ?

୧୪—ବିଶ୍ୱାସ ଆରୋଗ୍ୟ ସମ୍ବନ୍ଧରେ ଗବେଷଣା କରିବାର ଯୋଗ୍ୟତା କମିଟିର ସଭ୍ୟ ମାନଙ୍କ ଭିତରୁ କାହାର ଥିଲା ?

୧୫—କମିଟିର ସଭ୍ୟ ଯେ ଗାଁ ଗାଁ ବୁଲି ୧୫୦୦ ଲୋକଙ୍କଠାରୁ ସାକ୍ଷ୍ୟ ନେଲେ ତାହା କରିବା ପାଇଁ କେଉଁ ସଭ୍ୟ କେତେଦିନ ରାଜଧାନୀରୁ ଅନୁପସ୍ଥିତ ଥିଲେ ଓ କେତେ ଟିଏ ନେଇଛନ୍ତି

୧୬—କମିଟି ସଭ୍ୟ ସମ୍ବଲପୁରର ଶ୍ରୀ ଭରତ ନାୟକଙ୍କଠାରୁ କୌଣସି ସାକ୍ଷ୍ୟ ନେଇ ଥିଲେ କି ? ଯଦି ନେଇଥାନ୍ତି ତାହା ତାଙ୍କ ମୁହଁରୁ ଶୁଣାଯାଇଥିଲା ନା ଅନ୍ୟ କାହାଠାରୁ ଉଡ଼ା ଶୁଣା ?

୧୭—କଲିକତାର ସ୍କୁଲ ଅବ ଟ୍ରପିକେଲ ମେଡିସନକୁ ଏ ଔଷଧ ପରୀକ୍ଷା ପାଇଁ ଓଡ଼ିଶା ସରକାର ପଠାଇଥିଲେ କି ? ସେମାନେ ରକ୍ତଚାପ ଗ୍ରସ୍ତ ବିଲେଇ ଦେହରେ ତାହା ପରୀକ୍ଷା କରି କାର୍ଯ୍ୟକାରୀ ବୋଲି ଯେଉଁ ରିପୋର୍ଟ ଦେଇଥିଲେ ବୋଲି ଅମୃତ ବଜାର ପତ୍ରିକାର ପ୍ରତିନିଧି ପ୍ରକାଶ କରିଥିଲେ ସରକାର ସେ ରିପୋର୍ଟ ଲୁଚାଇଛନ୍ତି କି ? ଯଦି ତାହା ମିଥ୍ୟା ହୋଇଥାଏ ପ୍ରତିବାଦ କରି ନାହାନ୍ତି କାହିଁକି ?

୧୮—ନବବାବୁ ନିଜଲୋକଙ୍କୁ ନେଇ ଯେଉଁ କମିଟି ଗଢ଼ିଲେ ସେ ଯଦି ଶତକଡ଼ା ଦଶ ଜଣ ଆରୋଗ୍ୟ ହୋଇଛନ୍ତି ବୋଲି କହନ୍ତି ତେବେ ଆମ ଦେଶରେ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଶତକଡ଼ା ଦଶ ଜଣଙ୍କୁ ଦାତବ୍ୟ ଔଷଧ ଦେବାର ବ୍ୟବସ୍ଥା ନବବାବୁଙ୍କ ସରକାର କରି ପାରିଛନ୍ତି କି ? ଯଦି ନପାରିଥାନ୍ତି ତେବେ ଏ ଔଷଧ ବିତରଣ ବନ୍ଦ କରିବାର ନ୍ୟାୟତଃ, ଧର୍ମତଃ ଓ ଆଇନତଃ କି ଅଧିକାର ତାଙ୍କର ଅଛି ?

୧୯—ନେପାଳ ସାହୁଙ୍କୁ ମାରିଦେବା ପାଇଁ ମାଳତୀ ଦେବୀଙ୍କର କୌଣସି ବିଶ୍ୱସ୍ତ ଲୋକ ଚେଷ୍ଟା କରିଥିଲା କି ? ଏବଂ ପୋଲିସ ତାହା ଧରି ମଧ୍ୟ ଛାଡ଼ି ଦେଇଥିବା ଜନରବ ମୂଳରେ କି ସତ୍ୟତା ଅଛି ?

୨୦—ନେପାଳ ସାହୁଙ୍କୁ ଔଷଧ ବିତରଣରୁ ନିବର୍ତ୍ତାଇ ନପାରିବା ଅପରାଧରେ ଢେଙ୍କାନାଳର ଜଣେ ଜିଲ୍ଲା ମାଜିଷ୍ଟ୍ରେଟଙ୍କର ବଦଳି ହୋଇଛି କି ?

୨୧—ନେପାଳ ସାହୁଙ୍କୁ ତା ଗ୍ରାମରୁ ଚୋରାଇ ଆଣି ଢେଙ୍କାନାଳରେ କୌଣସି ଭଦ୍ରଲୋକଙ୍କ ଘରେ ଲୁଚାଇ ରଖିବା ପାଇଁ ସରକାରୀ ଅଫିସରଙ୍କ ଆଡ଼ୁ ଚେଷ୍ଟା ହୋଇ ଥିଲା କି ? ଏ କଥା ମୁଖ୍ୟମନ୍ତ୍ରୀ ବା ମନ୍ତ୍ରିଣୀଙ୍କ ମନ୍ତ୍ରଣାରେ ହୋଇଥିଲା କି?



Digitized by srujanika@gmail.com



—ଘର ଗୋଲମାଲ—

ସରଦାର ପଟେଲଙ୍କ ମୃତ୍ୟୁରେ ଭାରତର ଯେ ଶୋକ ଓ ଯେଉଁ ଅପୂରଣୀୟ କ୍ଷତି ହେଲା ସେଥିପାଇଁ ସବୁଦେଶ ସମବେଦନା ଜଣାଇ ସାରି ଦେଇଛନ୍ତି। କେବଳ ରୁଷ ଓ ଚୀନ ଛଡ଼ା। ରୁଷ ସଭ-ସମ୍ଭ୍ରାନ୍ତ ସବୁ କଥା କରେ। କିନ୍ତୁ ଚୀନ କଥା ମନେ ପଡ଼ିଲେ, ମାଇପଙ୍କ ଢଗ ମନେ ପଡ଼େ— ଘର ଗୋଲମାଲ ଶିଖାଇ ଦେଉଥିବା ଉତ୍ତାରୁ, ପିଠି ଆଉଁସିଲେ ଚାଲିଯାଏ ହାତ।

ବିଷ୍ଣୁଶର୍ମାଙ୍କ କଥାରେ—

...କୁ ଯଦି ଦିଅ ରାଜ୍ୟ ଅଧିକାର,
ଦେବାଇବ ରୂପ ନିଜ ଆପେ ଆପଣାର।

ମଣିବା ଶୁଣିମା ହେଉ

କମ୍ୟୁନିଷ୍ଟ ଚୀନର କୋରିଆ ପ୍ରତି-ଆକ୍ରମଣ ୩୮ଅକ୍ଷାଂଶ ପାର ନହେବା ପାଇଁ ଆସିଆର ତେରଟି ଦେଶ କରଯୋଡ଼ ଗୁହାରି କଲେ। ତାହା ହୋଇଥିଲେ ଶାନ୍ତି ସ୍ଥାପନର ବାଟ ଫିଟି ଥାଆନ୍ତା। କିନ୍ତୁ ଚୀନ ନିଜେ ପୁରପୁରା ଅଣୀ ହୋଇଥିଲେ ମଧ୍ୟ—ତା ମୁନିବ ଯେ ହୋନାବୁଡ଼ିଆ। ସେଥିପାଇଁ ଅସିଆ ରାଷ୍ଟ୍ରମାନେ ଯେତେ ମଣିମା ଶୁଣିମା ହେଉ ବୋଲି ଭୁକିହେଲେ ଚୀନ ଦେଖୁଛି ସବୁବେଳେ—

ପଛଆଡେ ଅଛି ନଶୁଆ ତେଲ
ଖାଲ ଖମାଣକୁ ଯାଉଥା ପେଲ—

ବଳେଇକି ମୂଷା ନ ଖାଇବାକୁ କହିଲେ ସେ କି ଶୁଣେ ? ଚୀନ ଓ ରୁଷ ମଧ୍ୟ ଶୁଣିବେ। ଜବ ସବୁର କର।

—ଶାମ ଦାଦାଙ୍କ ଗାଗା କି ଅନା—

ଆମେରିକା ସାମଦାଦା ଆପଣା ଗାଗା ଟଲମଲ ଦେଖି ଦେଶରେ ଜରୁରୀ ଅବସ୍ଥା ବା ଯୁଦ୍ଧକାଳୀନ ଅବସ୍ଥା ଘୋଷଣା କରିଦେଲେଣି। ବାଘ ଖାଇବା ଠାରୁ ବାଘର ଘୋଟିବା ଟିକେ ବେଶୀ ବାଧେ। ରୁଷିଆ ସାଙ୍ଗରେ ସାମନା ସାମନି ଲଢ଼ିବା ଠାରୁ ରୁଷିଆ ବାଘର ଫାଙ୍ଗାଇ ଆମେରିକାର ଗ୍ଲାନି ବଢ଼ୁଛି।

ଆଉ ଉପମା କଣ—

ନକଲେ ନ ଚଳେ ଜୀବନ
ଢାଳଦେଲଣି ରୁଷ୍ ସ୍ୱାନ

—ଅଗୁଆ ଓଡ଼ିଆ—

ଓଡ଼ିଆ ସବୁଥିରେ ଅଗୁଆ ବୋଲି ପ୍ରସିଦ୍ଧ। ସେଥିପାଇଁ କାଳ ବିଳମ୍ବ ନକରି ଏଠା ମାମଲତକାରବୃନ୍ଦ (ଏସେମ୍ବ୍ଲି ସଭ୍ୟ) ପରମାଣୁ ବୋମାର ଧ୍ୱଂସମୂଳକ ପରିଣାମ ଦର୍ଶାଇ ତାହାକୁ ନିରସ୍ତ୍ର ହେବା ସକାଶେ ଆମେରିକାକୁ ଏକ ଲମ୍ବା ଖସଡ଼ା ଭାଗବତ ପୋଥି ବଖାଣିଛନ୍ତି। ପୁଣ୍ୟଭୂମି ଉତ୍କଳ ପକ୍ଷରେ ଏହା ଅତି ଉଚିତ କଥା! ସଭାପତି ଟ୍ରୁମାନ ସବୁର କଥା କାଟି ଦେଇପାରନ୍ତି— ମାତ୍ର ଓଡ଼ିଶାର ଏ ଧର୍ମ ମାହାତ୍ମ୍ୟରେ ନିଶ୍ଚେ ତରଳି ଯିବା ପରି ଆମକୁ ଲାଗୁଛି।

× + +

—ବିଶ୍ୱ ଶାନ୍ତି—

ରୁଷ ପ୍ରତିନିଧି ମାଲିକ କହିଛନ୍ତି କି ତୃତୀୟ ମହାସମର ରୋଧ କରି ବିଶ୍ୱ-ଶାନ୍ତି ଆଣିବାର ସୁଗମ ପନ୍ଥା ହେଉଛି—ପ୍ରତାପୀ ଦେଶମାନ ସାନସାନ ଦେଶଙ୍କୁ ସାହାଯ୍ୟ ନ କରିବା। ଆପଣା ଗୋଡ଼ରେ ଆପେ ଛିଡ଼ା ହେବାକୁ ପଡ଼ିଲେ କେହି ଲଢ଼େଇ ଲଢ଼େଇକୁ ବାହାରିବେ ନାହିଁ। ଏଥିପାଇଁ ରୁଷ ଚୀନକୁ ସାହାଯ୍ୟ ଦେବ ନାହିଁ ବୋଲି ଜବାବ ଦେଇପାରେ —ଯଦି ଅନ୍ୟମାନେ ଟିକି ହୁଅନ୍ତି।

ଏକଥା ଶୁଣି ଆମ ମନେ ପଡ଼ୁଛି କୁରୁକ୍ଷେତ୍ର ଯୁଦ୍ଧରେ ଅସ୍ତ୍ର ନ ଧରିବେ ବୋଲି ଶ୍ରୀକୃଷ୍ଣଙ୍କ ପ୍ରତିଜ୍ଞା।

—ଟିକ୍କୁ ବଧେଇ—

ଖବର ମିଳିଛି କମ୍ୟୁନିଷ୍ଟ ଚୀନ ଫଉଜ ଭାରତ ସୀମାରେ ଦେଖାଗଲେଣି। ଏଥିରେ କେତେକ ଆତଙ୍କିତ ହେଉଛନ୍ତି। କିନ୍ତୁ ଏଥିରେ ଡରିବାର କିଛି ଅଛି ବୋଲି ଆମକୁ ଲାଗୁ ନାହିଁ। ଭାରତ ଚୀନର ଅତି ପୁରୁଣା ବନ୍ଧୁ। ସେମାନେ ବନ୍ଧୁ ସମ୍ଭାଳିବାକୁ ଆସିଥିବା ସମ୍ଭବ ବୋଲି ଆମର ମନେ ହୁଏ। ଏଣୁ ଭାରତୀୟ ଫୌଜ ଯାଇ ତାଙ୍କୁ ପାଛୋଟି ଆଣିବା ଉଚିତ।

—ସେ କାଳ ପକ୍ଷାଳ—

ସୁଏଜ କେନାଲ ମିଶର ରାଜ୍ୟ ମଧ୍ୟରେ ଥିଲେ ବି ଇଂଲଣ୍ଡ ସେଥିର ମାମଲତକାର। ଏବେ ମିଶର ଇଂରେଜକୁ କହୁଛି ସେ ତୁମ ସେନା ଆମ ଦେଶରୁ ଉଠାଇ ନିଅ, ଆଉ ସୁଦାନରୁ ବାହାରି ଯାଅ। ତା ପଛକୁ ସୁଏଜ ବାଟରେ ଯେତେ ବି ଜାହାଜ ଯାଉଛି, ମିଶର ରକ୍ଷୀମାନେ ସେସବୁ ଖାନାତଲାସ କରୁଛନ୍ତି। ଆଗ କାଳ ହୋଇଥିଲେ ଏତେବେଳକୁ କାନମୋଡ଼ା ଗାଲଚାପୁଡ଼ା ବସି ଯାଆନ୍ତାଣି। କିନ୍ତୁ ସେକାଳ ପଖାଳକୁ ବାଘ ଖାଇଗଲାଣି। ବିଲେଇ ଅଣ୍ଟାବୁଡ଼ା ଦେଖି —ମୂଷା ......

—ବାର୍ଥାର ବାର୍ତ୍ତା—

ସିଂହାପୁରର ବାର୍ଥା ନାମ୍ନୀ ଗୋଟିଏ ଓଲନ୍ଦାଜ ଝିଅକୁ ନଅବର୍ଷ ହେଲା ଜଣେ ମୁସଲମାନ ରମଣୀ ପାଳିଥିଲେ ! ତାକୁ ବର୍ତ୍ତମାନ ତେରବର୍ଷ। ଜଣେ ମୁସଲମାନ ଯୁବକକୁ ସେ ବାହା ମଧ୍ୟ ହୋଇଛି। ଏବେ ତାର ନିଜ ମା' ତାର ଝିଅକୁ ଦାବି କରିବାରୁ ସେଠା ଅଦାଲତ ବାର୍ଥାକୁ ତାର ନିଜ ମାଆର ଜିମା କରି ଦେଲେ ଓ ସେ ହଲାଣ୍ଡକୁ ଚାଲିଗଲା। ଏଥିକରେ ସିଂହାପୁରର ମୁସଲମାନ ଜନତା କ୍ଷେପି ଉଠି ଗୋଳ ଲଗାଇ ଦେଲେ। ଫଳରେ କୋଡ଼ିଏ କୋଡ଼ିଏ ଲୋକ ମୃତ ଓ ଶହ ଶହ ଆହତ ହୋଇଛନ୍ତି।

ଆଗକାଳରେ ଗୋଟିଏ ଗୋଟିଏ କନ୍ୟା ପାଇଁ ଲକ୍ଷ ଲକ୍ଷ ଲୋକ ମରୁଥିଲେ ଓ କେତେ କେତେ ଦେଶ ଘର ଖାର ହୋଇ ଯାଉଥିଲା। ବାର୍ଥା କନ୍ୟା ସକାଶେ ଏତିକି ଲୋକ ମରିବା ବଡ଼ କଥା ନୁହେଁ। କିନ୍ତୁ ଏ ବୀରତ୍ୱ [galautry] ଯେ ଏବେ ବି ପୁରୁଷଙ୍କ ଠାରେ ରହିଛି ଏହା ଏକ ଆନନ୍ଦର କଥା !

—ସମାବର୍ତ୍ତନ—

ସମାବର୍ତ୍ତନ ହେଉଛି ଗୋଟିଏ ପୁରାତନ ଶବ୍ଦର ନୂତନ ବ୍ୟବହାର ହୋଇଛି। ଜନୈକ ଉଦ୍ୟୋଗୀ ସମାବର୍ତ୍ତନ ପାଇଁ ମଣ୍ଡପ



Digitized by srujanika@gmail.com

ଯୋଗ୍ୟ ହେବ । ଅର୍ଥାତ୍ ଓଡ଼ିଆ ଅକ୍ଷରକୁ ମଣ୍ଡପ ଅଟକାଇବ ପରେ ପଢ଼ି ପାରିଲେ ଭେଣ୍ଡିକି ଦରିଦ୍ର ପଞ୍ଜର କପି ଛପି ଦେବା ପାଇଁ ଘର ଖୋଲିବାକୁ ହେବ ବୋଲି—ଏହି ବିଶ୍ୱ-ବିଦ୍ୟାଳୟମାନଙ୍କର କର୍ତ୍ତୃପକ୍ଷ ଗ୍ରହଣ ଉତ୍ସବକୁ ଯଥାର୍ଥରେ ସମାବର୍ତ୍ତନ କୁହାଯାଉଛି ।

ଏହାର ଆଉ ଗୋଟିଏ ଭିତ୍ତିକ ଅର୍ଥ ମଧ୍ୟ ଅଛି । ବର୍ତ୍ତନ ବୋଇଲେ ବେତନ ବା ଦରମା । ଶାସ୍ତ୍ର କହୁଥିଲେ ସମ୍ୟକ ରୂପେ ବର୍ତ୍ତନ ଆସିବାର ସମ୍ଭାବନା ଥିବାରୁ ସମ୍+ଆ+ବର୍ତ୍ତନ = ସମାବର୍ତ୍ତନ ନାମ କରଣ ହୋଇଛି ।

କିନ୍ତୁ ଆମ ଆସଫଅଲ୍ଲି ମହୋଦୟ ସମାବର୍ତ୍ତନର ଏକ ନୂଆ ଟୀକା କରିଛନ୍ତି । ସେ କହୁଛନ୍ତି ବି ଏ ପାସ କଲାପରେ ପିଲେ ଗୋଲ ଅଣ୍ଡା ଗୃହାଟେ ଅବର୍ତ୍ତନ କରିବେ । ପୂର୍ବେ ପାସ୍ କଲା ପିଲାଙ୍କୁ ଗୋଲଅଣ୍ଡା ମିଳୁଥିଲା । ଏବେ ପାଶ୍ କଲା ପିଲାଏ ବି ଗୋଲଅଣ୍ଡା ଭଜିବେ । ଆମ କୁଳପତି ଆସଫ ସାହେବ ଜାଣନ୍ତି ନାହିଁ—ଆମ ଦେଶର ପିଲାମାନଙ୍କୁ ବାପମା ଏକ ଅଧର୍ମ କଥା ଦେଇଛନ୍ତି—'ଖେଳୁ ଅଛ ବୁଢ଼ି ଗୁଡ଼ାରେ ବାବୁ, ପାଠପଢ଼ିଲେ ତୁ ବାବୁ ହୋଇବୁ' । ଆସଫ ଅଲ୍ଲି ଏଇବାରୁ ସାହେବଙ୍କୁ ଆଗ ଗୋଲଅଣ୍ଡା ଧରାଇ ଦେଲେ —ଲୋକ ସବୁ ଦଳେ ଦଳେ ଘୂରି ଯିବ !— ଅବର୍ତ୍ତନ, ନିବର୍ତ୍ତନ, ସମାବର୍ତ୍ତନ ସବୁ ଦଳେ ଦଳେ ହୋଇଯିବ ।

—ସର୍ବ ରମଣ—

ସମାବର୍ତ୍ତନ ଉତ୍ସବକୁ ଭାଷଣ ଦେବାପାଇଁ ଜଣେ ବିଜ୍ଞ ପଣ୍ଡିତ ବିଜ୍ଞାନୀ ରମଣ ସାହେବ ଆସିଥିଲେ । ତାଙ୍କର ବିଶେଷତ୍ୱ ସେ ସମସ୍ତଙ୍କ ମନରଞ୍ଜନ କରନ୍ତି । ଛାତ୍ରଙ୍କ ମନ, ମାଷ୍ଟରଙ୍କ ମନ ଆଉ ସରକାରଙ୍କ ମନ ମଧ୍ୟ । ପିଲାଙ୍କୁ କହିଲେ—ମଣିଷ ଭୁଲ ନକରି ପାରେ ଏମିତି ନାହିଁ । ସରକାରଙ୍କୁ କହିଲେ ନେପାଳବାବା ଯାହା କରୁଛନ୍ତି ସେ ମିଛ, ପାଗଳାମି । ପିଲାଙ୍କୁ କହିଲେ ଆମ ପୂର୍ବ ପୁରୁଷମାନେ ଅଦର୍ଶବେଶୀ ଥିଲେ ତାହାର ବାଘୀ ମଧ୍ୟ ଥିଲେ । କିନ୍ତୁ ସରକାରଙ୍କୁ କହିଲେ ନେପାଳବାବାଙ୍କ ଭଳି ଆମ ପୂର୍ବ ପୁରୁଷମାନେ ଯଦ୍ୱାରା ରୋଗ ଭଲ କରୁଥିଲେ ସେସବୁ ପାଗଳାମି । ପିଲାଙ୍କୁ କହିଲେ ଟଙ୍କା ରୋଜଗାର ଲକ୍ଷ୍ୟ ନୁହେଁ । ସରକାରଙ୍କୁ କହିଲେ—ମାଳତୀ ଦେବୀଙ୍କ ଅନୁରୋଧରେ ନେପାଳବାବା ଯଦି ବୃନ୍ଦା ରୋଗୀଙ୍କ ଠାରୁ ନନେଲେ ତେବେ ତାଙ୍କ ଔଷଧ ପାଗଳାମି ।

ପିଲାଙ୍କୁ କହିଲେ—ପୃଥିବୀଟା ବଡ଼ ବିଶାଳ ଏବଂ ଆଶ୍ଚର୍ଯ୍ୟ ଜନକ—ସରକାରଙ୍କ ଅନୁରୋଧରେ କହିଲେ—ନେପାଳବାବାଙ୍କ ଔଷଧଟା ପୃଥିବୀରୁ ବାହାର—ପାଗଳାମି । ପିଲାଙ୍କୁ କହିଲେ ଆମ ଭବିଷ୍ୟତ ଉପରେ ଭରସା ରଖ!— ଲୋକଙ୍କୁ ଓ ସରକାରଙ୍କୁ କହିଲେ—ନେପାଳବାବାଙ୍କ ଔଷଧରେ ଭଲ ହେବାର ପ୍ରତ୍ୟକ୍ଷ ପ୍ରତ୍ୟକ୍ଷ ନୁହେଁ, ପାଗଳାମି । ପିଲାଙ୍କୁ କହିଲେ ତମେ ସୂର୍ଯ୍ୟ ପାଖକୁ ଦଉଡ଼ ଯାଅ—ପୋଡ଼ିଗଲେ ଯିବ ପଛେ କିନ୍ତୁ ସରକାରଙ୍କ ଅନୁରୋଧରେ କହିଲେ—ନେପାଳବାବାଙ୍କ ଔଷଧ ମୂଳରେ କଣ ଅଛି ଗବେଷଣା ସାପେକ୍ଷ ନୁହେଁ—ସେ ପାଗଳାମି । ଗୋଟିଏ ମୁହଁରେ ଉଷ୍ମ—ଗୋଟିଏ ମୁହଁରେ ଉଷୁନା ଧରି ସେ ଆସିଥିଲେ । ଗୋଟିଏ ମୁହଁରେ ଗରମ ଗୋଟିକରେ ଥଣ୍ଡା ଧରି ସେ ଆସିଥିଲେ । ଗୋଟିଏ ଗାଲରେ ଚୂନ ଓ ଗୋଟିଏ ଗାଲରେ କାଳି ଲଗାଇ ସେ ଆସିଥିଲେ । ଦେହରେ ସାହେବ ମୁଣ୍ଡ ଉପରେ ଭାରତୀୟ ଟୋକଟା ଧରି ସେ ଆସିଥିଲେ । ସାଧୁ ସାଧ୍ୱୀ ମଧ୍ୟ ବାଲ୍ୟଲୋକେ ଯେତେବେଳେ ମାନ ପାଇଁ ହେଉ ବା ପଇସା ପାଇଁ ହେଉ ମଧ୍ୟ ବିକି ଦିଅନ୍ତି ସେତେବେଳେ ଅଣାବିକ ବେମାରହିଁ ସର୍ଜନା ହୁଏ । ରମଣ ସାହେବ ତ ସେଇ ଦଳର । ତେଣୁ ବାଲ୍ୟଅମାନଙ୍କର ଦଣ୍ଡବତ୍ ।

—ମହାଯାତ୍ରା—

ଶ୍ରୀକ୍ଷେତ୍ର ଯାତ୍ରୀଙ୍କ ଉପରେ ରେଲ ମାସୁଲ ଭଡ଼ା ଉପରେ ଏକ ଶେଷଯାତ୍ରା ବା ମହାଯାତ୍ରା ଟିକସ ବସାଇବା ପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି । ପୁରୀ ଧାମକୁ ମର୍ତ୍ତ୍ୟ ବୈକୁଣ୍ଠ ବୋଲି କୁହାଯାଏ । ଏଠାକୁ ଆସିଲେ କୈବଲ୍ୟ ଓ ସ୍ୱର୍ଗପ୍ରାପ୍ତି ହୁଏବୋଲି ବିଶ୍ୱାସ । ସ୍ୱର୍ଗ ଲାଭ ହେବାର ମହାସୁଲ ରୂପେ ଅଣାଏ ଦୁଇଅଣା ପଇସା ଅଧିକା ଦେବାରେ କୌଣସି ଧର୍ମ ବିଶ୍ୱାସୀ କୁଣ୍ଠିତ ହେବେ ନାହିଁ ବୋଲି ଆମର ବି ମତ । ଏତେ ସହଜରେ ଯେ ବୈକୁଣ୍ଠ ପ୍ରାପ୍ତି କରାଇ ଦେଇ ପାରନ୍ତି ସେହି ସରକାର ଚତୁର୍ବର୍ଗ ଫଳ ପ୍ରାପ୍ତ୍ୟର୍ଥେ ତାଙ୍କ ଗୁରୁ ଖୁସିରୁ ଦଣ୍ଡବତ ।

—ଅଲ୍ଲେସର୍ଗି—

ଆମ ବାଚସ୍ପତି—ସତ୍ୟବେଳେ ଅଲ୍ଲେସର୍ଗି ଆଜିଆ ମହାନ୍ ଅଟେ ରଗି ଗୁଲିଛନ୍ତି । ତାଙ୍କ ପୂର୍ବ ପୁରୁଷ ଲୁହନ ପ୍ରସାଦ ଦାସ ଥରେ ଘୋଷଣା କରିଥିଲେ ଅସେମ୍ବ୍ଲିର ଜଣେ ସଭ୍ୟ ଯଦି ଅବିଶ୍ୱାସ ପ୍ରସ୍ତାବ ଆଣେ ତେବେ ସେ ଇସ୍ତଫା ଦେବେ । ଆମ ଚାଣକ୍ୟଜୀ—ମବଲଙ୍କର ମଧ୍ୟ ଏହି ମତ ପୋଷଣ କରନ୍ତି । କିନ୍ତୁ ଲାଲମୋହନ ମହାନ୍ତିଙ୍କ ପ୍ରସାଦରେ ହଠାତ୍ ଲାଲ ହୋଇ ଯାଇ ଥିବାରୁ ସେ ଆଇନକୁ ଡରିଲି କହିଲେ—ଦଶ ଜଣରୁ ଜଣେ କମ୍ ମେମ୍ବର ଅବିଶ୍ୱାସ ପ୍ରସ୍ତାବ ଆଣିବାରୁ ତାହା ନକର୍ ହେଲା । ପୁଣି ଏ କଥା ଶବରଶୀରେ ରଖ ଯାଇ ନାହିଁ । ଲାଲ ମୋହନ ବାବୁ ଡକ୍ଟ ସିଂଙ୍କ ଠାରୁ ଅନେକ ପାଇଥିଲେ ମାତ୍ର ତାରେ ଦୁର୍ଭାଗ୍ୟ, ଅସେମ୍ବ୍ଲି ଘର ଭିତରେ ସବୁ ଅନ୍ଧାର ହୋଇଗଲା ? ମିଥ୍ୟାଗୃହ ଓ ଭ୍ରଷ୍ଟାଗୃହର ସୀମ ଥାଏ । କିନ୍ତୁ ଲାଲମୋହନ ବାବୁ ଏକା ଲଜ୍ଜାଂ ପରିତ୍ୟଜ୍ୟ ତ୍ରିଲୋକ ବିଜୟୀ ହେବେ ।

—ମହତାବୀ ମଦ—

ମଦ ଖାଇବା ପାପ । କିନ୍ତୁ ମଦ ଦେହରେ ତୁଳସୀ କିମ୍ବା ବେଲପତ୍ର ଦେଇ ଖାଇଲେ ସେୟା ପୁଣ୍ୟ । ଆଧୁନିକ ଗାନ୍ଧୀପର ଯୁଗଟାକୁ ମହତାବୀ ଯୁଗ କୁହାଯାଉଛି ବୋଲି ମଦ ଦେହରେ ଗାନ୍ଧୀ ଭକ୍ତ ମହତାବଙ୍କ ମାର୍କା ମାରି ଦେଲେ ସବୁ ଶୁଦ୍ଧ ହୋଇ ଯାଉଛି । ଏବେ ମହତାବଙ୍କ କଳଙ୍ଗଚନ୍ଦ୍ର ଯେଉଁ ଲକ୍ଷେ ଟଙ୍କା ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦେବେ ବୋଲି କଥା ହେଉଛି ତାର ବହୁ ଅଂଶ ଓଡ଼ିଶାର ଗୋଟିଏ ମଦ କାରଖାନାରୁ ଆମଦାନୀ ହେବ । ଲୋକଙ୍କୁ ମଦ ଖୁଆଇ ସେ ଟଙ୍କାରେ ଶିକ୍ଷା ଅନୁଷ୍ଠାନ ଗଢ଼ିବା ଏକ ବଡ଼ ବାହାଦୁରୀ କଥା ଏକା । ବିଶେଷତଃ ମହତାବ ମାର୍କା ଲଗିଥିଲେ ହେଲା

ଶ୍ରୀ ମହତାବ ପୁଣି ଅମେରିକା ମଦ 'କୋକାକୋଲା' କାରଖାନା ଉଦ୍ଘାଟନ କରି ତାର ଉପକାରିତା ଗାଇଛନ୍ତି । ପାର୍ଲିଆମେଣ୍ଟରେ ପ୍ରଶ୍ନ ହେବାରୁ ସେ କହିଲେ— ଆଜି ବି ମୁଁ କିଛି ଜାଣେ ନାହିଁ— ସେଠେ ଜଣେ ରାଜା ନିମନ୍ତ୍ରଣ କରି ଡାକି ନେଇଗଲା । ଅହା ହା— ଭରତମାତାଙ୍କ ଅଲେୟାଳକୁମାର— ତାଙ୍କୁ ଠକ ଭୁଲାଇ ନେଇଗଲା କିଏ ।



Digitized by srujanika@gmail.com

ମଜାକଥା

# ଅଭିନୟ ନୁହେଁ

ଶ୍ରୀ ନଗେନ୍ଦ୍ରନାଥ ଦାସ

ମୋର ଜୀବନ ପ୍ରତି ମୋର ମମତା, ପତ୍ନୀପ୍ରେମ ଓ ପୁତ୍ରବାତ୍ସଲ୍ୟ ଅପେକ୍ଷା ଢେର ବେଶୀ ବୋଲି ଯେତେବେଳେ ଜଣାଇଦେଲି, ଭଦ୍ରଲୋକ ଟିକିଏ ଦବିଗଲେ । ତାପରେ ଆରମ୍ଭ କଲେ—

'ଆପଣଙ୍କ ମୋଟର ଡ୍ରାଇଭର ଯୋରରେ ଗାଡ଼ି ଚଲାଉଛି । ଟିକିଏ ଅଣଦେଖି ଅରୁ ଗୋଟାଏ ଆକ୍‌ସିଡେଣ୍ଟ । ବୀମା କମ୍ପାନି ଆପଣଙ୍କୁ ନୂଆକାର୍ କ୍ଷତି ପୂରଣ ଦେବ ।'

'ନା ମହାଶୟ ମୋର କାର୍ ଫାର୍ କିଛି ନାହିଁ । ଅଛି କେବଳ ଗୋଟିଏ ଦ୍ୱିଚକ୍ରଯାନ ।'

'ଧରନ୍ତୁ ଆପଣଙ୍କ ପ୍ରିୟତମା ପତ୍ନୀ—ସନ୍ତାନ ପ୍ରସବ କରି ନପାରି—ଏପରି ଉଦାହରଣତ ଆମ ଦେଶରେ ବିରଳ ନୁହେଁ । ଗୁଳ୍ପିବା ଜୀବନକୁ କେହି ଅଟକାଇ ପାରିବ ନାହିଁ । ଅଥଚ ଶୂନ୍ୟରେ ଟଙ୍କା—।'

ଆଉ ଶୁଣିବାର ଧୈର୍ଯ୍ୟ ମୋର ନଥିଲା । ଭଦ୍ରଲୋକଙ୍କୁ ବସା ଠିକଣାଟି ବତାଇ ଦେଇ ବିଦାୟ ମାଗିଲି ।

ଭଦ୍ରଲୋକଙ୍କ କଥା ନିଶ୍ଚିତ ସତ୍ୟ—ସତ୍ୟ ହେଲେବି ଅପ୍ରିୟ । ପତ୍ନୀଙ୍କ ମରିବା ଉପରେ ହାତ ଅଛି କାର ? ମରିବା ଲୋକ ତ ନିଶ୍ଚୟ ମରିବେ । ଅଥଚ ଟଙ୍କାଟା ହାତ ପୈଠ ହେବ । କିନ୍ତୁ ମୋ ପରି ବେକାର ଲୋକର ପତ୍ନୀବା ଜୁଟିବେ କୁଆଡୁ ?

ଅଦୂରରେ ଗୋଟିଏ ତରୁଣୀ ବସି ଆମ୍ଭମାନଙ୍କ କଥାବାର୍ତ୍ତାକୁ ଲକ୍ଷ୍ୟ କରୁଥିଲେ ।

ସୁଲେଖା କୌଣସି କଲେଜର ଲେକଚରର । ମା ବହୁତ କଷ୍ଟକରି ଝିଅକୁ ପାଠ ପଢ଼ାଇଥିଲେ । ସେଥିପାଇଁ ଆଜି ତାକୁ ତାଙ୍କର ଋଣ ପରିଶୋଧ କରିବାକୁ ପଡ଼ିବ । ସେ ପ୍ରତିଜ୍ଞା କରିଥିଲେ ଆଜୀବନ କୌମାର୍ଯ୍ୟ ଅବଲମ୍ବନ କରି ନିଜ କର୍ତ୍ତବ୍ୟ କରିବେ । କିନ୍ତୁ ଆଜି କାଲିକାର ଯେଉଁ ବଜାର । ପାଞ୍ଚଶହ ସତ୍ତ୍ୱେ କଲି ବେଳକୁ ପାଞ୍ଚକର୍ଷ ଲାଗିଯିବ । ମହାଜନର ତାଗଦା ଲାଗି ରହିଛି ।

ତାଙ୍କର ପ୍ରଶ୍ନ ଭରି ଗୃହିଣୀ ଅନୁମାନ କରି ପଚାରିଲି, 'ଆପଣ କି ଜଣ ବୀମା କମ୍ପାନୀର ଏଜେଣ୍ଟ ।'

'ଆପଣଙ୍କର ନଜର ଭବିଷ୍ୟତ ଅଛି । ପିଲାଛୁଆ, ଘରଦ୍ୱାର କେତେ କ'ଣ ! ପାଖରେ ପଇସା ନଥିଲେ କେହି ମୁହଁକୁ ଚାହିଁବେ ନାହିଁ । ବିଶେଷ କିଛି ନୁହେଁ —ଯତ୍‌ସାମାନ୍ୟ ଜୀବନ ବୀମାରେ ଖଟାଇ ପାରିଲେ ମୋଟେ ବାଧିବ ନାହିଁ । ଭଗବାନ୍ ନ କରନ୍ତୁ । ରୋଗ ବୈରାଗ ଉପରେ କାହାର ହାତ ଅଛି । ଆପଣଙ୍କର ଅବା ଆପଣଙ୍କର ପ୍ରିୟତମା ପତ୍ନୀ—ଏଇ ଧରନ୍ତୁ ମୋଟର ଆକ୍‌ସିଡେଣ୍ଟ ବା ଟାଇଫଏଡ୍ ହୋଇଗଲା,—କେତେବେଳେ କେଉଁ କଥା—କିଏ କହିପାରେ ! ହୁଏତ ଆପଣ ଗୋଟାଏ ପ୍ରିମିୟମ ଦେଇଥିବେ । ଅଥଚ ଆପଣଙ୍କ ପ୍ରିୟତମା ପତ୍ନୀକୁ ଅନାସ୍ଥା ହେବାକୁ ପଡ଼ିବ ନାହିଁ । ଆପଣଙ୍କ ଝିଅ ଡାକ୍ତରୀ କଲେଜ୍ ଛାଡ଼ିବାକୁ ହେବ ନାହିଁ ।'

ଆଉ ସମ୍ଭାଳି ପାରିଲି ନାହିଁ ।—"ଆଜ୍ଞା ମହାଶୟ, ମେ ଜୀବନ ବିନିମୟରେ ମୁଁ ପ୍ରିୟତମ ପତ୍ନୀର ଉଜ୍ଜ୍ୱଳ ଭବିଷ୍ୟତ ଓ ଭାବୀ ବଂଶଧରର କଲେଜ ବିଳାସ କଳନା କରି ପାରିବି ନାହିଁ । ମୋର ଜୀବନ ବୀମା ଉପରେ ମୋଟେ ଆସ୍ଥା ନାହିଁ । ବରଂ ଡୋଷ୍ଟାଲ ସେଭିଂସ ଢେର ଭଲ ।'

ବାକ୍ୟଟି ମୋର ଛାଡ଼ିବାର ପାତ୍ର ନୁହଁନ୍ତି । ସେ ବେଶ ଅନୁମାନ କରିଛନ୍ତି ଆଜି ତାଙ୍କୁ ଗୋଟାଏ ବଡ଼ ମହଜଲ ମିଳିଛି । କିଛି ରୋଜଗାର ହୋଇପାରେ ।

ସେ ଦିନ ଗୃହର ଉଦ୍ଦେଶ୍ୟରେ ସାରା ସହର ବୁଲି ବୁଲି ହାଲିଆ ହୋଇ ପାର୍କର ବେଞ୍ଚ ଉପରେ ଟିକିଏ ଆଶ୍ରା ନେଇଥିଲି । ମୋଟେ ଗୁରି ପଇସାର ଚିନାବାଦାମ ମୋର ସମ୍ବଳ । ହୁଏତ ରାତିରେ ପାଣି ସଂଯୋଗରେ ରାତି ଯାପନ କରିବାକୁ ପଡ଼ିବ । ପାଖ ବ୍ୟାଙ୍କ ନୋଟିସ୍ ବୋର୍ଡରେ କୌଣସି ଚାକିରି ଖାଲି ଅଛି କି ନାହିଁ ଦେଖି ଯେତେବେଳେ ଫେରିଲି ଏ ଭଦ୍ରଲୋକଟି ମୋ ପିଛା ଧରିଲେ । ତାଙ୍କର ଅନୁମାନ, ବାବୁ ବଡଲୋକ । ବ୍ୟାଙ୍କ ବାଲାନ୍ସ ନିଶ୍ଚୟ ଅଛି । ଅନ୍ତତଃ ଟଙ୍କା ଦଶହଜାର ଜମା କରି ପାରିଲେ—! ବୋଧହୁଏ କମିସନ ଟଙ୍କାର ସଦ୍‌ ବ୍ୟବହାର କରିବାର ବଜେଟ ମନେ ମନେ କରି ସାରିଥିବେ ।

ଖବର କାଗଜ ଉପରେ ଆଖି ବୁଲାଉଛି, ପଚାରିଲେ—'କ'ଣ ନେପାଳ ରାଜାଙ୍କୁ ଭାରତ ସରକାର ଆଶ୍ରୟ ଦେଉଛନ୍ତି ?' ଚିନାବାଦାମ ଫାଙ୍କ ବାଟେ ଅନାଇଲି । ଭଦ୍ରଲୋକ ସାମନା ବେଞ୍ଚ ଉପରେ ବସି ଖବରକାଗଜ ଉପରେ ନଜର ପକାଇଛନ୍ତି । ଚିନାବାଦାମ୍‌ଟକର ତୁରନ୍ତ ସଦ୍‌ବ୍ୟବହାର କରିବା ନିମନ୍ତେ ଖବର କାଗଜଟି ତାଙ୍କୁ ବଢ଼ାଇ ଦେଲି ।

ବିନିମୟରେ ଧନ୍ୟବାଦ୍ ନିଏ—ଚାସ୍‌ସେତିକ । ମୁଁ ଲକ୍ଷ୍ୟ କରୁଥାଏ ଭଦ୍ରଲୋକଙ୍କର ଖବରକାଗଜ ଉପରେ ସେତେ ଆଗ୍ରହ ନାହିଁ । ଦୁଇମିନିଟ୍ ଆଖି ବୁଲାଇ ଦେଇ ମୋତେ ଫେରାଇ ଦେଲେ । ତା ପରେ ପକେଟ୍‌ରୁ ସିଗାରେଟ୍ ପ୍ୟାକେଟ୍‌ଟି ବାହାର କରି ଖଣ୍ଡେ ବଢ଼ାଇ ଦେଲେ । ମୁଁ ସେତେବେଳୁ ଅନୁମାନ୍ କରିଛି ତାଙ୍କର ଉଦ୍ଦେଶ୍ୟ ନିଶ୍ଚୟ ମହତ୍ । ନୋହିଲେ ଏ ବଦାନ୍ୟତା କାହିଁକି ? ତାପରେ ତାଙ୍କ ମୂଳ ଉଦ୍ଦେଶ୍ୟର ସୂତ୍ରପାତ୍ ହେଲା ।

'ମହାଶୟ, ଆପଣ ସରକାରଙ୍କ ଏ ଜାତୀୟ କରଣ ନୀତିକୁ କିପରି ପସନ୍ଦ କରୁଛନ୍ତି ।'

'କାହିଁକି—ଖୁବ୍ ଭଲ । ତାହା ହେଲେ ଯାଇ ଜାତୀୟ ସରକାରର ନାମ ସାର୍ଥକ ହେବ ।'

"ଆପଣ ଠିକ କହୁଛନ୍ତି । ତା ନହେଲେ ସାଧାରଣ ଅନୁଷ୍ଠାନ ଉପରେ ଲୋକଙ୍କ ଆସ୍ଥା ଅଳ୍ପେ ଅଳ୍ପେ କମିଯାଉଛି । ସେ ଦିନ ସ୍ୱରାଜ ବ୍ୟାଙ୍କ ଫେଲ୍ ମାରିଲା । କେତେ ଲୋକଙ୍କ ଟଙ୍କା ଅକାରଣେ ବୁଡ଼ିଗଲା ସିନା । କିନ୍ତୁ ଆପଣ ଯେତେ ବୀମା କମ୍ପାନୀ ଦେଖିଛନ୍ତି ଆମର ଜୟହିନ୍ଦ ବୀମା କମ୍ପାନୀ ସବୁଠୁ ସଲ୍‌ଭେଣ୍ଟ । ନିରାପଦ ଓ ନିର୍ଭର ଯୋଗ୍ୟ । ଆଉ ବର୍ଷର ମୂଳଧନ ସଳଖା ଏ ବର୍ଷ ଶତ୍‌ଟା ଶୂନ ବସିଯାଇଛି । ଖାଇବା, ଶୋଇବା, ପିନ୍ଧିବା ଯେପରି ମନୁଷ୍ୟ ଜୀବନ ସଙ୍ଗେ ଜଡ଼ିତ ଜୀବନ ବୀମା ସେହିପରି ଅପରିହାର୍ଯ୍ୟ । ଏହି ବୀମା କମ୍ପାନୀଟିକୁ ସରକାର ନିକଟରେ ହାତକୁ ନେଉଛନ୍ତି । ଅନ୍ୟାନ୍ୟ କମ୍ପାନୀ ଅପେକ୍ଷା ଏହାର ସୁବିଧା ଖୁବ ବେଶୀ ।" ଇତ୍ୟାଦି ଇତ୍ୟାଦି ।

Digitized by srujanika@gmail.com

ଟିକିଏ ଅପ୍ରତିଭ ହୋଇ ସେ କହିଲେ, 'ନା— ସେ ଭଦ୍ରଲୋକଙ୍କ ପ୍ରକାଶ ଭଙ୍ଗୀ ବଡ଼ ସରସ । ନିଷ୍ଠୁର ସତ୍ୟ କଥାକୁ ସେ ଏପରି ବର୍ଣ୍ଣନା କରିପାରନ୍ତି ଯେ ସେଥିରେ କାହାକୁ ଦୁଃଖ ଲାଗିବ ନାହିଁ । ବରଂ ଅସଲ ଖାଣ୍ଟି କଥାକୁ ବାଛି ନେଇ ଉପଲବ୍ଧି କରିପାରିବେ । ମୃତ୍ୟୁ ଉପରେ କାହାର ହାତ ଅଛି । ଜଣକ ଉପରେ ନିର୍ଭର କରିଥିବା ଅନ୍ୟ ଜଣକୁ ମୃତ୍ୟୁ ପରେ ନିଃସ୍ୱ ହେବାକୁ ପଡ଼ିବ ।'

'ସତ କଥା କିନ୍ତୁ ଯାହାର କେହି ନାହିଁ ।'

'ହୁଁ'— ଦୀର୍ଘ ନିଶ୍ୱାସକୁ ଚେଷ୍ଟା କରି ବି ଦବାଇ ପାରିଲେ ନାହିଁ ।

'ଆପଣଙ୍କ ଜୀବନ କଣ ସୁରକ୍ଷିତ ?'

'ନା । ସେଥିରେ ବିଶେଷ କିଛି ଲାଭ ନାହିଁ । ଖାଲି ପ୍ରିମିୟମ ଗଣିବା ସାର ହେବ । ଅପମୃତ୍ୟୁ କେହି ଚାହେଁ ନାହିଁ । କିନ୍ତୁ ପ୍ରକୃତ ଲାଭ ସେହିଥିରେ । ତାପରେ ଦେଣାର ଦାୟି ଯାହାର ଅଛି ।'

'ନିଜେ ବୀମା କରି ମରିଗଲେ ଲାଭ ଦ୍ୱିତୀୟ ବ୍ୟକ୍ତିର ।'

କଥାବାର୍ତ୍ତାରୁ ଟିକିଏ ଘନିଷ୍ଠତା ଆସି ଯାଇଥିଲା । ପଚାରିଲି, ମହାଶୟଙ୍କ ପରିଚୟ ?

'ସୁଲେଖା ଦାସ, ମହିଳା ଲେକ୍ଚରର ।'

'ଅବିବାହିତ ତାହାହେଲେ ?'

କିଛି ଉତ୍ତର ମିଳିଲା ନାହିଁ । ମୌନ ହେବାର ଅର୍ଥ ସେ କୌଣସି ଲୋକ ବୁଝି ପାରିବ । ଅବଶ୍ୟ ଏ ପ୍ରଶ୍ନ ପଚାରି ମୁଁ ଟିକିଏ ସୀମାଲଙ୍ଘନ କରି ଯାଇଥିଲି । ମୋ ମୁଣ୍ଡରେ ହଠାତ୍ ଗୋଟିଏ ପ୍ଲାନ ଖେଳିଗଲା । ପଚାରିଲି—

'କିଛି ମନେ କରିବେ ନାହିଁ ତ—'

'କଣ କୁହନ୍ତୁ ।'

'ଏଇ ଆପଣଙ୍କର ଦେଣା ଦାୟି ଅଛି । ମୁଁ ବି ଆଜି ପର୍ଯ୍ୟନ୍ତ ଚେଷ୍ଟା କରି ଚାକିରି ଖଣ୍ଡେ ଯୋଗାଡ଼ କରି ପାରିନାହିଁ । ଆଜି ଏଇ ଇଣ୍ଟରଭ୍ୟୁ କରି ଫେରିଛି । ଉଭୟଙ୍କର ଟଙ୍କାର ଦରକାର । ଯଦି ଆପଣ ଚେଷ୍ଟା କରନ୍ତେ ଆପଣଙ୍କର ଦେଣା ପରିଶୋଧ କରି ପାରନ୍ତେ ଆଉ ମୁଁ ଗୋଟାଏ ବ୍ୟବସାୟ ପାଇଁ କିଛି ମୂଳ ଧନ ପାଇଯାନ୍ତି । ଏଥିରେ ଲାଭ ଉଭୟଙ୍କର ।'

ସେ ଖାଲି ମୋ ମୁହଁକୁ ଅନାଇ ରହିଲେ ।

'ଏଇ କଥାଟା ବୁଝି ପାରୁନାହାନ୍ତି । ଆପଣଙ୍କୁ ଟିକିଏ ଅଭିନୟ କରିବାକୁ ପଡ଼ିବ । କେବଳ ଆପଣଙ୍କୁ ନୁହେଁ । ମୋତେ ମଧ୍ୟ । ମୋ ବୀମାର ଉତ୍ତରାଧିକାରୀ ହେବେ ଆପଣ ଓ ଆପଣଙ୍କର ମୁଁ । ପରେ ମୁଁ କହିବି ମୁଁ ବିପତ୍ନୀକ ଆଉ ଆପଣ ବିଧବା ।'

'ନା, ନା ସେ କଥା ଆପଣ କୁହନ୍ତୁ ନାହିଁ ।'

'ଟିକିଏ ଭାବି ଦେଖନ୍ତୁ ଏଥିରେ କାହାର କିଛି କ୍ଷତି ନାହିଁ । ସାମାନ୍ୟ ଅଭିନୟ । ମୁଁ ଆଜି ଯାଉଛି । କାଲି ଆସି ଏଇଠି ଆପଣଙ୍କ ସହିତ ସାକ୍ଷାତ କରିବି ।'

ତହିଁ ଆରଦିନ ଫେର୍ ସେଇଠି ଦେଖା । ସୁଲେଖା ମୋ ପ୍ରସ୍ତାବରେ ରାଜି ହୋଇ ଯାଇଥିଲା ! ସେ କହିଲା 'ଅଭିନୟ କେବଳ ସେଇଥିରେ ସୀମାବଦ୍ଧ ରହିବ ।'

'ସେଥିରୁ ବ୍ୟତିକ୍ରମ ହେବାର କାରଣ କଣ ଅଛି ।'

ତାପରେ ସୁଲେଖା ଛୁଟି ଆଣିଲା ପନ୍ଦର ଦିନ । ସାରା ସହର ବୁଲି ବୁଲି ଗୋଟାଏ ଘର ଠିକ୍ କରିବା ମୋ ପକ୍ଷରେ ଦୁଷ୍କର ହୋଇ ପଡ଼ିଲା । ବହୁତ କଷ୍ଟରେ ଦୁଇ ମାସର ଭଡ଼ା ଆଗତୁରା ଦେଇ ଗୋଟିଏ ଘର ମିଳିଲା । ବାସୋପଯୋଗୀ ଉପକରଣ ସବୁ ଭଡ଼ାରେ ଆଣିବାକୁ ପଡ଼ିଲା । ସେଥିପାଇଁ ସାଇକେଲ୍ ଘଣ୍ଟା ଓ ଅନ୍ୟ କେତେଗୁଡ଼ିଏ ଜିନିଷକୁ ବନ୍ଧକ ଦେବାକୁ ପଡ଼ିଥିଲା ଚାରଦିନ ପାଇଁ ।

କଲେଜରେ ସୁଲେଖାକୁ ବସାର ଠିକଣା ଦେଇ ଆସିଥିଲି । ସେ ଗୋଟାଏ ଘୋଡ଼ାଗାଡ଼ି କରି ସନ୍ଧ୍ୟାରେ ପହଞ୍ଚିଲା । ପନ୍ଦର ଦିନ ତ ଚଳିବାକୁ ହେବ । ମୋ ପାଖରେ କପର୍ଦ୍ଦକ ନଥାଏ । ସୁଲେଖା ପାଖରେ ନିଶ୍ଚୟ କିଛି ଥିବ ।

ସୁଲେଖାକୁ ଦେଖି ପାଖ ଘରବାଲା ଭଦ୍ରଲୋକଙ୍କ ସ୍ତ୍ରୀ ବୁଲି ଆସିଲେ । ମୁଁ ତାଙ୍କୁ ମୋର ପରିବାର ସନ୍ଧ୍ୟାରେ ଆସିବେ ବୋଲି କହିଥିଲି । ତାଙ୍କ ବାବୁ ବି ସୁବିଧା ଅସୁବିଧା ସବୁ ତଦାରଖ କରୁଥିଲେ ଆଗରୁ । ମୁଁ ତାଙ୍କୁ ଚାକିରି ଅଭାବ କଥା କହିଥିଲି । ସେ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

—୨—

ତାଙ୍କ ଆସିବା ଦେଖି ମୁଁ ଟିକିଏ ଅଡେଇଗଲି । ଅବଶ୍ୟ ସୁଲେଖାକୁ ତାଙ୍କର ପରିଚୟ କହି ନେଇଗଲି ଓ ଅଭିନୟରେ ଯେପରି ଭୁଲ ନହୁଏ ସେଥିପାଇଁ ସାବଧାନ କରାଇ ଦେଲି ।

ଏଇ କେତେଦିନ କପଟ ସୁବୁଖୁବୁରେ କଟିଯାଉ ମନେ ମନେ ଭଗବାନଙ୍କୁ ଡାକୁଥାଏ । ଘରବାଲା ବାବୁଙ୍କ ସ୍ତ୍ରୀ ସୁଲେଖାକୁ କହିଲେ ଯେତେହେଲେ ଭଉଣୀ ଆମେ ହିନ୍ଦୁ ଘର । ସ୍ୱାମୀ ଥିବା ସ୍ତ୍ରୀର ମୁଣ୍ଡରେ ସିନ୍ଦୂର ନଥିବା ସାଜେ ନାହିଁ । ସେ ତାଙ୍କ ଘରକୁ ସିନ୍ଦୂର ଫରୁଆ ନେବା ପାଇଁ ଡାକ ପକାଇଲେ ।

ସେ ବୁଲିଗଲା ପରେ ମୁଁ ଦେଖିଲି ସୁଲେଖା ସିନ୍ଦୂର ଲଗାଇ ଠିକ୍ ମୋ ବୋହୂ ସାଜିବସିଛି । ମୋତେ ଦେଖି ସେ ରାଗିଯାଇ କହିଲା 'ଦେଖନ୍ତୁ ମହାନ୍ତିବାବୁ, ମୁଁ ଏପରି ଅତ୍ୟାଚାର ବରଦାସ୍ତ କରି ପାରିବି ନାହିଁ ।'

ତାକୁ କୌଣସିମତେ ବୁଝାଇ ସାନ୍ତ୍ୱନା ଦେଲି । ଏଠି ଥିବା ଯାଏ ଟିକିଏ କଷ୍ଟ କରିବାକୁ ପଡ଼ିବ । ଆଉ ଉପାୟ କ'ଣ ଅଛି ।

ସ୍ୱାମୀ ସ୍ତ୍ରୀ ଅଭିନୟରେ ସୁବୁଖୁବୁରେ ବେଶ ଦିନ କେତୋଟି କଟିଗଲା । ଉଭୟେ ଉଭୟଙ୍କ ନାମରେ ଦଶ ଦଶ ହଜାରର ବୀମା କରିଦେଲୁ । ପ୍ରଥମ ପ୍ରିମିୟମ ଦେବାକୁ ସୁଲେଖାର ଟାଣ୍ ବହୁତ ସାହାଯ୍ୟ କଲା । ଅବଶ୍ୟ ମୋ ପ୍ରିମିୟମ୍‌ଟା ଧାର ସୂତ୍ରରେ ମୁଁ ତାଠାରୁ ନେଇଥିଲି ।

ଆଉ ତିନିଦିନ ପରେ ଉଭୟେ ଉଭୟଙ୍କୁ ଛାଡ଼ି ଯିବାକୁ ପଡ଼ିବ । ମୋ ପାଖରେ ସୁଲେଖା ସବୁଦିନ ମୃତ ଓ ସୁଲେଖା ପାଖରେ ମୁଁ । ଏ ଅସନ୍ତା ବିଚ୍ଛେଦକୁ ଆମେ ଦୁହେଁ ହାଡ଼େ ହାଡ଼େ ଅନୁଭବ କରୁଥିଲୁ ।

ସୁଲେଖାର ଛୁଟି ସରିଗଲା । ସେ ଆଜି ଚାଲିଯିବ । ମୁଁ ଆଉ ସେ ସମୟକୁ ଅପେକ୍ଷା କରି ନପାରି ବୁଲି ବାହାରି ଗଲି ।

ସେଦିନ ସନ୍ଧ୍ୟାରେ ଯେତେବେଳେ ଫେରିଲି ଚାକର ମୋ ହାତକୁ ଗୋଟିଏ ଚିଠି ବଢ଼ାଇ ଦେଲା ।

'ସୁବ୍ରତ ବାବୁ, କର୍ତ୍ତବ୍ୟ ଅନୁରୋଧରେ ଆଜି ଯାଉଛି । ସତରେ ହେଉ ବା ମିଛରେ

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

Digitized by srujanika@gmail.com

# ବେଓ୍ୟାରିସ

ଲେ—ଦୈତ୍ୟାରୀ ଦାସ

ଗଭୀର ତମସା ରଜନୀ ଦିଗନ୍ତ ଅନ୍ଧକାରରେ ଆଛନ୍ନ । କେବଳ ମେଘମେଦୁର ଗଗନ ତଳେ ଅଜସ୍ର ଧାରାରେ ବାରି ଝରୁଛି । ବିରାମ ନାହିଁ ବିରତି ନାହିଁ, କେତେବେଳେ ଝର ଝର ଧାରାରେ ଧରଣୀ ବକ୍ଷ ପ୍ଳାବିତ କରୁଛି । କେତେ ବେଳେ ବେଗମାନ ଧାରା ଈଷତ୍ କମି ଯାଇ ଟିପି ଟିପି ବର୍ଷୁଛି । ହେମାଳ ବତାଶ ବହି ଚାଲିଛି । ଯେମିତି ବ୍ୟଥିତ ଧରଣୀ ମର୍ମର ଦୀର୍ଘଶ୍ୱାସ । ଅନନ୍ତ ଅସିଥିଲା ।

ପୁଣି ଶିଶିରର ଅନାବୃତ ବୃଷ୍ଟି । ବିଜ୍ଞବାଣୀ ମାର୍ଗଶୀର ଅଣୁନ ଧସଲର ସମ୍ବାଦ,—ଅଣୁନ ସୁଖ ହସର ଆଭା । ବନ୍ୟାକ୍ଳିଷ୍ଟ ଜନତାର ମୁହଁରେ ଅଙ୍କିଛି ଦୁଃଖର କାଳିମା । ଆକାଶର ବୁକୁଚିରି ଅଣୁଛି ଶୀତର କଠୋରତା ।

ପୂଜାର ଆଗେ ଆସି ପହଞ୍ଚିଥିଲା । ଅକ୍ଟୋବର ଗଲା, ଶ୍ରାବଣ ଗଲା, ଭାଦ୍ର ଗଲା; ଦୁନିଆରେ କେତେଥର କଣ ଘଟିଗଲାଣି । ଉଦ୍ଦେଶ୍ୟ ହୀନ ହୋଇ ଘୂରିବୁଲୁଛି ଅନନ୍ତ । ଅମର୍ଦ୍ଦା, ବାରଙ୍ଗ ଗୃହବାଟିଆ । ଶେଷ ଆଶ୍ରୟସ୍ଥଳ ଜନାକୀର୍ଣ୍ଣ ଷଠକ ପ୍ଲାଟଫର୍ମରେ କଟିଲାଣି କେତୋଟି ରାତି । ଶୀତର କଠୋର ରାତି କାଟେ, ପ୍ରହର ଗଣେ । କିରାସିନି ପଠାର ବାକ୍ସ, ଅଖା ଚଟେଇ ନେଇ ସଂସାର ମେଲିଛନ୍ତି ଶତ ଶତ ଗୃହହୀନ ପରିବାର । ଶୁଖିଲା ଭଜାଚୂଡ଼ା ଖାଇ ଦିନ ଯାଏ ।

---

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ହେଉ ସୀମନ୍ତରେ ଯେଉଁ ସିନ୍ଦୂର ଥରେ ଲଗିଛି ତାକୁ ପୋଛିବ କିଏ ? ଭଗବାନ ଯାହାର ଜୀବନକୁ ଚିରଦିନ ପାଇଁ ସୁରକ୍ଷିତ [insure] କରି ଦେଇଛନ୍ତି ସେ ସାମାନ୍ୟ ଜୀବନ ବୀମାରୁ କ'ଣ ପାଇବ ? ମୋର ବୀମାର ଦରକାର ନାହିଁ । ଆପଣ ବଞ୍ଚି ଥାଉ ଥାଉ ମୁଁ ମୃତ ବୋଲି କହିବ କିଏ ? ତେଣୁ ପଲିସି ଛିଡ଼ିଗଲା । ଆଜି ଆପଣଙ୍କର ନାମରେ ସମ୍ବଲପୁର ଭଞ୍ଜ ଜବ କଲେଜରେ ଲେକ୍ଚରର ଜଏନ୍ କରିବାକୁ ଆପଏଣ୍ଟମେଣ୍ଟ ଅର୍ଡ଼ର ଆସିଛି । ଟେବୁଲ୍‌ରେ ଅଛି ଦେଖ । ସୁଲେଖା ।'

ସୁବ୍ରତ ସଙ୍ଗେ ସଙ୍ଗେ ବାହାରିଲା ହସ୍ପିଟାଲ ଉଦ୍ଦେଶ୍ୟରେ ।

---

ଯେ ଦେଶ ସେମାନେ ଛାଡ଼ି ଆସିଲେ, ସେଠାକୁ ଯାଉଛନ୍ତି କେତେ ନୂଆ ଲୋକ । ସେମାନଙ୍କର ଅତୀତର ଅଙ୍ଗଣ ଧାନ ଧୁନରେ ଭରି ଉଠିବ କେଉଁ ଗୃହ କୁଟୀରର ପ୍ରାଙ୍ଗଣ । ଆଉ ଏମାନେ ଆସି ଘୂରିବୁଲୁଛନ୍ତି ରାଜପଥ, ନିରାଶ୍ରୟ ହୋଇ ପିଲା କବଳର ହାତ ଧରି ।

ଆଖି ଆଗରେ ଅତୀତର ଦିନ ଗୁଡ଼ାକ ଭାସି ଉଠେ । ରାତିର ଶେଷ ପ୍ରହର । ଲଗାଲଗି ହୋଇ ଶୋଇ ରହିଛନ୍ତି ସ୍ତ୍ରୀ, ପୁରୁଷ, ଶିଶୁ ସମସ୍ତେ । ନିର୍ଜନ ସେ ସ୍ଥାନର ବିଜୁଳିବତୀ ଗୁଡ଼ା ସେମିତି ଜଳୁଛି । ମଝି ପଡ଼ିଛି ସାରା ସହର । ନୀରବ ରାତି । କୌଣସି ଗୋଟାଏ ପିଲାର ଚିତ୍କାର ଶବ୍ଦରେ ମୁଖରିତ ହୋଇ ଉଠେ । ହୁଏତ କ୍ଷୁଧାରେ, ହୁଏତ ଶୀତର ତୀବ୍ର ଦଂଶନରେ ଚହଡ଼ି ଛଡ଼ୁଛି ପିଲାଟା । ନିଦ୍ରା ବିଜଡ଼ିତ କଣ୍ଠରେ କିଏ ଯେମିତି ଥାପୁଡ଼େଇ ଶୋଇ ପକାଇବାର ଚେଷ୍ଟା କରି କହୁଛି କାନ୍ଦନା, ଦୁନିଆଟା ପରା ।

ପିଲାଟିର ଉକ୍ତ ଚିତ୍କାରରେ ନୀରବତା ଖଣ୍ଡ ବିଖଣ୍ଡ ହୋଇଯାଏ । ତାଙ୍କର ବେଗ ସମ୍ଭାଳି ପାରେ ନାହିଁ ଅନନ୍ତ । ଛାତି ଭିତରେ ଅସୀମ ଯନ୍ତ୍ରଣା । ଚୂଡ଼ା ଖାଇ ବଞ୍ଚିଛି ଦିନ ପରେ ଦିନ । ଆଜି ଏଠି ଆଉ ଭୟ ପାଏନାହିଁ ଅନନ୍ତ । ଭୟର ଦିନ ତାର କଟିଯାଇଛି ।

ଏମିତି କେତେ ନିଦ୍ରାହୀନ ରଜନୀ ମନେ ପଡ଼େ । କହୁଛନ୍ତି ଆସାମ ଜେଲର, ପାକିସ୍ତାନ ବନ୍ଦୀର କନ୍‌ସେନ୍‌ଟ୍ରେସନ କ୍ୟାମ୍ପରେ । ଦୁଇ ବତ୍ସରର ଶୀତ ଦାର୍ଢ୍ୟରେ ଅବଧି ହାଡ଼ କମ୍ପି ଉଠେ । ଗାରୋ ଖାସି ପାହାଡ଼ର ଲୋମଶ କଳା ଭାଲୁର ଶବ୍ଦ ଆଜି ମଧ୍ୟ କାନରେ ବାଜେ । ମଳାଚର ବାଳଦ୍ରୋହୀ ଅନନ୍ତ । ପାହାଡ଼ର କ୍ରମନିମ୍ନ ଉପତ୍ୟକାର ଚିର ସବୁଜ ଗୃହ ବଗିଚାରେ ତାର ଦୃଷ୍ଟି ମିଶିଯାଏ । ଦୂରରେ—ବହୁଦୂରରେ, ଦିଗନ୍ତ ସେ ପାରିରେ ତାର ଦେଶ, କେଉଁ ଅଖ୍ୟାତ, ଅଜ୍ଞାତ ଦେଶ !

ସେଇ ବନ୍ଦୀଜୀବ ମଧ୍ୟରେ ଉତ୍ତେଜନା ତାକୁ ମଧ୍ୟ ମତୁଆଲ କରିଥିଲା । ସେ ଯୁଗର କର୍ମୀବୃନ୍ଦ ମଧ୍ୟରେ ଅନନ୍ତକୁ ନ ଚିହ୍ନେ, ଏପରି କେହି ନାହିଁ । ସାର୍ବଦାସ୍ତୁ ବସୁ, ସୁବୋଲ ବାନ୍ଧୁ, ହୃଦୟର ଅଗ୍ନି ଦେଶ ସାମ୍ପ୍ରମାନ ଚଷି ଦେଇ ପ୍ରକାଶ ପାଉଥିଲା ।

ମନେ ପଡ଼େ—

"ଯୋତା ଖୋଲି ଦେ ବୁଦ୍ର, ହାତରେ ଧର ! ଲୁଗା ମଧ୍ୟ ଖୋସି ଦେ !"

ପ୍ରାୟ ତିନିଦିନ ଅନାହାରରେ ପଦାତକ୍ରମ କଲେଣି । ପାଖାପାଖି ସବ୍‌ପୋଲିସ ଷ୍ଟେସନରେ ପୋଲିସର ରହିଛି କଡ଼ା ଦୃଷ୍ଟି ଯାତ୍ରୀମାନଙ୍କ ଉପରେ । ଏଇ କେତେଦିନ ହେଲା ପୋଲିସର କର୍ମତତ୍ପରତା ବେଶ୍ ବୃଦ୍ଧି ପାଇଛି ।

ଆଗେଇ ଚାଲିଛନ୍ତି, ବାଉଁଶ ବଣ ବେତ ବଣୀ ଦେଇ, ନଈ, ନାଳ, ଖାଲ, ଢିପ କେତେ କଣ ! ସ୍ୱାଧୀନ ଛୁଟନ୍ତି ସେମାନେ । ସନ୍ନିକଟ ଗ୍ରାମରେ ଖୁବ୍ ଧୂମଧାମ । ଦେବୀ ପୂଜା, ଗ୍ରାମଦେବତୀର ଆଜି ପୂଜା ବଳିବ ଗ୍ରାମବାସୀଙ୍କର ଭୂରି ଭୋଜନର ଉଦ୍ୟମ ! ବୁଦ୍ର ଅନୁନୟ କଲା "ଆଜ୍ଞା ଯଦି ଦୁଇଟା ଖାଇବାକୁ ମିଳନ୍ତା ।"

"କିଏ ରେ ତୁ । ଭୋଗ ନ ଲାଗୁଣୁ… ଘର କେଉଁଠିରେ ତୋର ?"

ପଳେଇ ଆସିଲା ବୁଦ୍ର । ନାଁ, ଭଲ ହେଲାନି, ମଣିଷଠୁଁ ଠାକୁର ବଡ଼ ।

ପୁଣି ଆଗେଇ ଚାଲିଲେ, ଏକ ନଦୀକୂଳରେ ପରିତ୍ୟକ୍ତ ହାଟଗୁଳରେ କଟିଥିଲା ଏକ ରାତି । ବୁଦ୍ର ପ୍ରହରୀ ହେଲା ଧେଇ ଦୁମଲୋହ ପିସ୍ତଲ ହାତରେ ଧରି । ଜନ୍ତୁ ଜାନୁଆରର ଭୟ ପାଇଁ ନୁହେଁ, ଭୟ ମଣିଷକୁ । ଯେଉଁମାନେ ଜନ୍ତୁ ଜାନୁଆର ଭଳି ଅନନ୍ତପରି ବିଦ୍ରୋହୀକୁ ଶିକାର କରି ବୁଲନ୍ତି ।

ମନେପଡ଼େ ଅନନ୍ତର—

ପୁଣି ଏକ ଚିରସ୍ମରଣୀୟ ରାତି । ଅସହ୍ୟ ସେ ଯନ୍ତ୍ରଣା । ତୃଷାରେ କଣ୍ଠ ଶୁଷ୍କ ହୋଇ ଆସେ । ସମସ୍ତ ଶିରା, ଉପଶିରା ଯେପରି ଛିଣ୍ଡି ଯିବାର ଉପକ୍ରମ, ସାମନାରେ ଆଜନ୍ମ ଅପରିଷ୍କୃତ ପୂତିଗନ୍ଧମୟ କ୍ଷୁଦ୍ର ଜଳାଶୟ, ନାକ ଫାଟି ପଡ଼େ । ତଥାପି ଅନନ୍ତ ଆକଣ୍ଠ ପାନ କଲା । ଓଃ କି ଶୀତ ! ସେଇ ବନଭୂମିର ମଧ୍ୟ ଦେଇ ବନପଶୁବତ୍ ପଳାୟମାନ ଅନନ୍ତ ଆଶ୍ରୟ ନେଲା—ଏକ କିରାସିନି ଡବାର ଅନ୍ତରାଳରେ



Digitized by srujanika@gmail.com

ଅର୍ଦ୍ଧାଲୋକିତ ବିବର୍ଣ୍ଣ ଅର୍ଦ୍ଧନିର୍ମିତ ଗୃହରେ ।

ଶ୍ରମଜୀବୀର ପଦ୍ମା, ମଥାନରୁ କେଇ ପଟ ଛିଡ଼ା ହୋଇଛି । ଘରଦରଣା ବୋଲି ରଙ୍ଗିକରା ଟିଣ ସୁଟ୍‌କେସ୍ । ମଇଳିଆ ଛୋଡ଼ ଚୋଦାଳ ବୁଇଖଣ୍ଡ । ଗୃହକର୍ତ୍ତା ପ୍ରୌଢ଼ ଅଣ୍ଟିସିଂ, ଓ ବଗିଚ୍ଚର କୁଳି ।

ଅନନ୍ତର ନଜର ବିଜ୍ଞାପତ୍ର ଉପରେ ପଡ଼ି ବେଶ ଫଟାଇଲ୍ ଦେଖେ ଦନ । କିନ୍ତୁ ତାର ଲକ୍ଷ୍ୟ ଏଠି ନୁହେଁ । ପଥହରା ପଥିକର ଉତ୍କଣ୍ଠା-ଦେଇ ସେ ନିଜେ ଦେଶଦ୍ରୋହ ରହଣରେ ।

ବ୍ୟସ୍ତ ଘନେଇ ଅସୁଛି ସାଗ୍ ବନ ମା ନୀରବ ନିସ୍ତବ୍ଧ । ଦୂର ପର୍ବତ ସୀମାଠାରୁ ଭାସି ଆସୁଛି ହଂସ ଜନ୍ତୁର କୋଳାହଳ । ପୌଢ଼ ଘୋର ନିଦ୍ରାଭିଭୂତ ।

ଅଉ ନୁହେଁ । ବନ୍ଧ ସେ ପାଖକୁ ଗୋଡ଼ ବଢ଼ାଇଲ୍ ଅନନ୍ତ । ଶେଷଥର ପାଇଁ ତାର ଅଶ୍ରୁସ୍ନାତ ଉପରେ ଦୃଷ୍ଟିପାତ କରିନେଲ୍ । ଚିରଜୀବନ ଆଉ ଦେଖା ହେବନି । ତଥାପି କେହି ଯଦି କେବେ ବିପ୍ଳବୀ ଅନନ୍ତର ଇତିହାସ ଲେଖିବାକୁ ବସେ ସେ ଅନୁସନ୍ଧାନ କରିବ ଏଇ ମୃ ବଗିଚ୍ଚର ପ୍ରୌଢ଼ କୁଳିର କଥା ।

ଉପରରେ ବନ୍ଧା ହ୍ରମର୍ଶୀତଳ ଚିରବନ୍ଧୁ ସ୍ତମ୍ଭଲର ସାହାଯ୍ୟରେ ସେ ବାହାରିଗଲା ।

ଦରଜାରେ ପ୍ରବଳ ମୁଷ୍ଟି ଆଘାତରେ ନିଦ୍ରାଭଙ୍ଗ ହେଲ୍ ପ୍ରୌଢ଼ର ! ପୁଲିସ... ପୁଲିସ...'ଇଧର କୋଇ ଥା' ।

ପୌଢ଼ ବୁଝି ପାରିଲ୍ କାହାକୁ ସେ ଆଶ୍ରୟ ଦେଇଥିଲ୍ । ପ୍ରାର୍ଥନା କଲ୍ 'ହେ ଭଗବାନ ସେ ଧରା ନ ପଡ଼ୁ।"

ସେଣ୍ଟ୍ରାଲ ଜେଲର ଉଚ ପ୍ରାଚୀର ସୀମା ଯେମିତି ବୁଇହାତ ବଢ଼ାଇ ସ୍ୱାଗତ ଜଣାଉଛି ତାର ସମ୍ବର୍ଦ୍ଧନା ପାଇଁ— ଏଇ ତୋରଣ ଦ୍ୱାର ବୃଟିସ ଜଣାଇବା ପାଇଁ । ପ୍ରହରୀର ସମାବେଶ, ମୁଣ୍ଡ ଉଚ କରି ପ୍ରବେଶ କଲ୍ ଅନନ୍ତ ।

ତାକୁ ପ୍ରଶ୍ନ ଗାଡ଼ ବର୍ଷିହୁଏ ।

"କହ, ଅନ୍ୟମାନେ କେଉଁଠି ଅଛନ୍ତି ।"

ଅନନ୍ତ ନୀରବ ।

ମୁହଁ ଉପରେ ପ୍ରଚଣ୍ଡ ଗୋଟାଏ ଅଘାତ ଓଠ ଦେଇ ଗଡ଼ିପଡ଼େ ତାଜା ରକ୍ତ, ଝୁଡ଼ିଯାଏ ଦଳପଟିର କଳଦାନ୍ତ । ଓଃ କଡ଼ ଯନ୍ତ୍ରଣା ।

'କହ, ଶୁଣୁ କହ !'

ତଥାପି ନୀରବ ଅନନ୍ତ ।

ଅନନ୍ତ ଯେ ଅନାୟାସେ ଧରା ପଡ଼ିବ । ପୋଲିସର କଳ୍ପନାତୀତ । ତେଣୁ ବିଦ୍ରୋହୀ ଅନନ୍ତର ସତ୍ୟତା ସମ୍ବନ୍ଧେ ସନ୍ଦେହାନ ।

ଜେଲ ଦରଜାର ସାମନାରେ ଶୁଣେ ତାହାର ଡାକ 'ମା' !

ପ୍ରଶ୍ନ ହୁଏ—'ଚିହ୍ନି ହୁ ଏହାକୁ କିଏ ହୁଏ-ତୋର' ।

"ନା ଏହାକୁ ମୁଁ ଚିହ୍ନେନା । ଇଏ ମୋର କେହି ହୁଏନ ।"

ଅଟୁଟ ନିଶ୍ୱାସ ଛାଡ଼େ ଅନନ୍ତ । ଛାତିଟା ଫାଟି ଯାଉଛି । ଓଠର ଦୁଇପଟେ ଜମାଟ ରକ୍ତର ଧାର । ମୁହଁଟା ଫୁଲିଯାଇଛି । ତଥାପି ଅର୍ଦ୍ଧ-ମୁଦ୍ରିତ ନେତ୍ରରେ ସଚେଷ୍ଟ ସେ ଦର୍ଶନ ଆଶାରେ ।

ତାର ପରିଚୟ ମା ମଧ୍ୟ ଦେଇପାରି ନାହିଁ । ପୋଲିସ ଏଇ ସନ୍ଦେହରେ ରହୁ ।

......ବର୍ଷ ଗୁଡ଼ାଏ କଟି ଗଲାଣି ସ୍ୱଜାତୀୟ ସାଥି ଅନନ୍ତର; କଲ୍ପନା ବାହୁଡ଼ାର ଫାଙ୍କ ଦେଇ ଦୂର ମରୁଭୂମିର ଦୃଶ୍ୟ ପ୍ରାନ୍ତର ଦେଖିବାର ବଗଡ ସନ୍ଧ୍ୟାର ଅନ୍ଧକାର ଅପେକ୍ଷା ଅପଲକ ନେତ୍ରରେ ଗୃହ ବହେ ଅନନ୍ତ ଆଜି ହଜାର ମାଇଲ ଦୂରକୁ । ଅନନ୍ତ ସ୍ୱପ୍ନ ଦେଖୁଛି ସ୍ୱଦେଶର ।

ଦକ୍ଷୀରେ ତନାରାଜା ଧଁ ଧଡ଼ପ । ନିବ-ଟିଏ ହେଲେ ପ୍ରସ୍ଥାନ ନାହିଁ । ଶତବର୍ଷ ପରା-ଧୀନ ଅଭିଶପ୍ତ ଦେଶର ଆଜି ନା ଜଣ କୋଟିଏ ଫଇସଲା ହେଉଛି ।

ଜୌବଂଶ ମାଳର ଏକ ବଣିକ ତାରଖ ସହରରେ ମହାଗୃହଲ୍ୟ ଅଣିଛି । ଅନନ୍ତ ସେ ଦିନ ମୁକ୍ତ ପାଇଲା । ଉଠିନ ବେଗାକ୍ରାନ୍ତ ହୋଇ ଅଶ୍ରୁ ନେଇଥିଲ ଅକ୍ଷୀନ୍, ରାମଲୋଚନ ଘରେ ।

ଚମକି ପଡ଼ିଲ୍ ଅନନ୍ତ । ତାହିଁ ପାଇଁ ଏ ଆନନ୍ଦ ପ୍ରାସାଦ ଶୀର୍ଷରେ ଅଲୋକ ସଜ୍ଜାକାର ସମାରୋହ । ତାର ସର୍ବ ଜୀବନର ରକ୍ତଝରା ସଂଗ୍ରାମ ଆଜି ଭଣ ସଫଳ ହୋଇଛି !

ନଜର ରକ୍ତ ତାକୁ ଟାଣିଲ୍ । ବନ୍ଦୀଗୃହରେ ଅଶ୍ରୁ ଗ୍ରହଣ ତାକୁ ଅଉ ଭଲ ଲାଗିଲ ନାହିଁ । ବାର୍ଦ୍ଧକ୍ୟ କଣ ଲେଗା ଦେଉଁ ଅଖ୍ୟାତ ଗ୍ରାମର ମୋହ ସେ ଛାଡ଼ି ପାରିନାହିଁ ।—ସେ ତାର ଜନ୍ମଭୂମି ।

ମା ! ଧାଇଁ ଆସି ମାକୁ କୁଣ୍ଢାଇ ଧରିଲ ଅନନ୍ତ । ମା ମା !

ମଥାରେ; ଗାଲରେ ହାତ ବୁଲାଇଲେ ମା "ଫେରି ଆସିଲୁ ବାବା! କଣ ହୋଇ ଆସିଛୁ ।"

ଗୋଟା ଦୁଇ ଅଗଷ୍ଟ ପରେ...ଇସ୍ ! ବିହାର, ବଙ୍ଗ, ଉତ୍ତର ପ୍ରଦେଶରେ ଜନତାର ରକ୍ତପାତ, ଭାଇ ଭାଇର ସଂଗ୍ରାମ ଛି ଛି! ଅନନ୍ତର ମୁଣ୍ଡ ନତ ହୋଇଗଲା । ମନେ ହେଲ ତାର ବିଦ୍ରୋହୀ ଅନନ୍ତ ଆଜି ଆତ୍ମହତ୍ୟା କରିବ ସଂଗୋପନରେ ।

କଣ ହେଲ ଏ ?

ବୃଦ୍ଧମାତା ସହ ନିଷ୍ପ୍ରାନ୍ତ ହେଲ ଅନନ୍ତ । ଦେଶାନ୍ତରୀ, ରାଣାଘାଟ, ସିଆଲଦା ।...

ଏକାକୀ ଆଜି ଅନନ୍ତ । ବୃଦ୍ଧମାତାର ଅପଥ୍ୟ ଦାୟିତ୍ୱ ତାର ଅଉ ନାହିଁ । ସିଆଲଦା ଷ୍ଟେସନରେ ସ୍ୱର୍ଗଲାଭ କରିଛନ୍ତି ତାର ମାତା ଅନାହାରରେ ; ବିନା ଚିକିତ୍ସାରେ ।

ଅନନ୍ତ ସ୍ପେଶାଲ ଟ୍ରେନ ଯୋଗେ ହାଓଡ଼ାରୁ ରମାନା ହେଲ୍ ଓଡ଼ିଶାକୁ । ଅମଦାବାଦରୁ ବାରଙ୍ଗ, ବାରଙ୍ଗରୁ ଟ୍ରେନ୍ ଦ୍ୱାର ସେଠୁ କଟକ ଷ୍ଟେସନ ପ୍ଲାଟଫର୍ମରେ କଟିଲାଣି ବେଶ୍ କେତେଟା ରାତ ।

ଧୀପ ଧୀରେ ଧୀରେ ଲିଭି ଆସୁଥିଲ୍ । ସହରରେ ଉତ୍ସବ--ମନ୍ତ୍ରୀ ବିଜେ କରିଛନ୍ତି । ୧୯ ତୋରଣ, ବାଦ୍ୟ ବାଦ୍ୟ । ଧୂପ ଧୀପର ବନ୍ଦନା । ମନ୍ତ୍ରୀର ସିଂହାସନ—ହଂସ ବାହାନ । ଗୃହଅଡେ ହରିବୋଲ—ହୁଳହୁଳି ।

ଜନତା ଆଗେଇ ଗଲାଣି । ତାଙ୍କ ଗୋଡ଼ ତଳେ କିଏ ଶବ୍ଦ ଦେଲ୍—ସେକଥା କେହି କେବେ ଭାବି ନାହିଁ ।

ଜୟ ନେତାଙ୍କର ଜୟ! ଜନତା ଗାଇ ଗଲାଛି । ତାଙ୍କ ଓଠରେ କିଏ ଭାଷା ଦେଲା ସେ କଥା ସେ ଭାବିଁ ନାହିଁ ।

ସେ ଶବ୍ଦ ସେ ଅପଚୟ କରିନାହିଁ ତ ? ସେ ଭାଷାର ସେ ଅନ୍ୟାୟ ପ୍ରୟୋଗ କରି ନାହିଁ ତ ।

ମଣିଷ ଉଦ୍ଦେଶ୍ୟରେ ଗୋଟିଏ ଶବଦାହ ହୋଇଗଲା—ସେଠି ମଧ୍ୟ ହରିବୋଲ !

ଜନତାର ପରାଧୀନତାର ଅନ୍ତ ନ ହବେ ! ଏ ଖାଲି ସ୍ୱାଧୀନତାର ଭୋଜିଭାଜି ।

ମରଣ ଯଥାର୍ଥ ହୋଇନାହିଁ ଅନନ୍ତର; ଜୀବନ ହୁଏତ ହୋଇଥିଲ ଯଥେଷ୍ଟ !



Digitized by srujanika@gmail.com

# ନୂଆ ପତ୍ର ପତ୍ରିକା

ଗତ ତିନିମାସ ମଧ୍ୟରେ ଓଡ଼ିଶା ସାହିତ୍ୟ ଓ ସମ୍ବାଦପତ୍ର ଜଗତରେ କେତେଗୁଡ଼ିଏ ନୂଆପତ୍ର ପତ୍ରିକା ଆତ୍ମପ୍ରକାଶ କରିଛନ୍ତି। ସମ୍ବାଦପତ୍ର ଦୃଷ୍ଟିରୁ ଶ୍ରୀଯୁକ୍ତ ବାଳକୃଷ୍ଣ କରଙ୍କ ଦ୍ୱାରା ସଂପାଦିତ—ମାତୃଭୂମି ଏବେ ସାପ୍ତାହିକ ଆକାରରେ ପ୍ରକାଶ ପାଉଛି। ଏ ଧରଣର ସାପ୍ତାହିକ ସମ୍ବାଦ ସାହିତ୍ୟ ପତ୍ରିକା ଓଡ଼ିଶାରେ ସର୍ବପ୍ରଥମ। ଅବଶ୍ୟ ଅବସର ପାଠ୍ୟ ସାହିତ୍ୟ(ଯଥା: ଗଳ୍ପ କବିତା)ର ସ୍ଥାନ ଏଥିରେ ନାହିଁ। କିନ୍ତୁ ଏହି ସାମୟିକ କର୍ତ୍ତବ୍ୟ ବିଷୟ ସନ୍ନିବେଶିତ ଏହା ଏକ ଉପାଦେୟ ସାହିତ୍ୟିକ ସମ୍ବାଦ ପତ୍ର ହୋଇଛି। ବାଣିଜ୍ୟ ବ୍ୟବସାୟଠାରୁ କୃଷି, ଗୋରକ୍ଷା, ସିନେମା ଆଦି ନାନାଦି ସ୍ଥାୟୀ ବିଭାଗ ମଧ୍ୟ ରହିଛି। ବ୍ୟଙ୍ଗଚିତ୍ର ଓ ବ୍ୟଙ୍ଗଲେଖା ପରିବେଷଣ ସଙ୍ଗେ ସଙ୍ଗେ—ସରକାରୀ ଦୁର୍ନୀତିକୁ ପଦାରେ ପକାଇ ସଂଶୋଧନ ପ୍ରୟାସକୁ ଆମ୍ଭେମାନେ ସାଧୁବାଦ ଦେଉଛୁ।

ପତ୍ରିକା କ୍ଷେତ୍ରରେ ଗୋଟିଏ ମାସିକପତ୍ରିକା ଆମ୍ଭମାନଙ୍କର ହସ୍ତଗତ ହୋଇଛି। କଟକରୁ ଅସନ୍ତାକାଲି, ବାଲେଶ୍ୱରରୁ ଦିଗନ୍ତ, ପୁରୀରୁ ନବଯୁଗ ଓ କଟକରୁ ଯୁଗଧର୍ମ। ପ୍ରଥମ ତିନୋଟିର ପର୍ଯ୍ୟାୟ ଏକ ଏବଂ ଶେଷୋକ୍ତ ପତ୍ରିକା ନିଜକ୍ଷେତ୍ରରେ ଅବଶ ହୋଇ ଅପର୍-କ୍ଷେତ୍ରକୁ ଭଲ ମନେହୁଏ। ଆମର ଏବେ ବି ସନ୍ଦେହ ହୁଏ ଯୁଗଧର୍ମ କଣ? ଯୁଗଧର୍ମରେ ପ୍ରକାଶିତ ବିଷୟ—ଚୈତନ୍ୟ ଓ ଗାନ୍ଧିଙ୍କ ପ୍ରବୃତ୍ତି ଧର୍ମ। ଏହାହିଁ କଣ ପ୍ରକୃତ ଯୁଗଧର୍ମ ?—ନା—ଏ ଯୁଗର ଧର୍ମ, ଯନ୍ତ୍ର ଓ ବିଜ୍ଞାନର କେନ୍ଦ୍ରୀକରଣ ? ମନୁଷ୍ୟ ଆପଣାର ଶକ୍ତି ଉପରେ ଆସ୍ଥା ହରାଇ—ଆପଣାକୃତ ଯନ୍ତ୍ର ହାତରେ ସମସ୍ତ ଶକ୍ତି ଆରୋପ କରିବାହିଁ ଯୁଗର ସଭ୍ୟତା ତଥା ଧର୍ମ ହୋଇଛି। ସାହିତ୍ୟ ମଧ୍ୟ ଗତି କରୁଛି ତା'ର ଚତୁଃପାର୍ଶ୍ୱରେ। ଏହା ଠିକ୍ କି ଭୁଲ ତାହା ଏକ ଜଟିଳ ଗବେଷଣା ମୂଳକ ଆଲୋଚନା। କିନ୍ତୁ ପ୍ରଥମ ତିନୋଟି ପତ୍ରିକା ପ୍ରକାଶରେ ମୌଳିକ ଭାବ ସେହି ଚିନ୍ତାଧାରାର ପୃଷ୍ଠପୋଷଣ କରୁଛି। ନାମ ମଧ୍ୟ ସେହି ଦୃଷ୍ଟିରୁ ଅତି ସୁନ୍ଦର। ଅସନ୍ତାକାଲି ଓ ନବଯୁଗରେ ଦିଗନ୍ତ-ବ୍ୟାପୀ ପୃଥିବୀର ରୂପ କଣ ହେବ ତା'ର ପରିକଳ୍ପନା ଯୁବକ ମନକୁ ଜୟଯାତ୍ରାର ପ୍ରେରଣା ଦେଉଛି। ସେ ଦୃଷ୍ଟିରୁ ସଂପାଦକମାନେ ନିଜ ନିଜ ଦକ୍ଷତାରେ କେତେଦୂର ସଫଳ-କାମ ହୋଇଛନ୍ତି ତା ଦେଖିବାର କଥା।

ତିନୋଟି ଯାକ ପତ୍ରିକା ଯନ୍ତ୍ରଯୁଗର ମୁଦ୍ରିତ ହୋଇଥିବା କାରଣରୁ ଅସନ୍ତାକାଲି ଓ ନବଯୁଗରେ ଦିଗନ୍ତ ବା ଅନ୍ୟଦେଶର ମୁଦ୍ରା ମାରିପାରି ଲକ୍ଷ୍ୟ କଲେ ଆମେ କେତେ ଦାରିଦ୍ର ତାହ ସହଜରେ ବୁଝିପାରିବ।

ସମ୍ପାଦନା ଦୃଷ୍ଟିରୁ ଦେଖିଲେ ବିଷୟ ପରିବେଷଣ ଓ ନୀତି ସମର୍ଥନ ମଧ୍ୟରେ ଏକ ବିରାଟ ବ୍ୟବଧାନ। ଗୋଟିଏ ନୀତି ଧରି ସାହିତ୍ୟ ପତ୍ରିକା ପ୍ରକାଶ କଲେ ସେଇ ନୀତି ଦୃଷ୍ଟିରୁ ଗଳ୍ପ କବିତା ଓ ପ୍ରବନ୍ଧ ପ୍ରକାଶ କରିବା ଉଚିତ। ବିଷୟ ନିର୍ବାଚନ ସେଇ ଦୃଷ୍ଟିରୁ ନହେଲେ ସଂପାଦନାର ଦାୟିତ୍ୱ ଠିକ୍ ଭାବରେ ତୁଲାଇ ହୁଏନାହିଁ। ତିନୋଟି ଯାକ ପତ୍ରିକା ଆଧୁନିକତାକୁ ସ୍ୱାଗତ କରିଛନ୍ତି। ଆଧୁନିକତା ବୋଇଲେ ପାଶ୍ଚାତ୍ୟ ଚିନ୍ତାଧାରା; ଯନ୍ତ୍ରଯୁଗରେ ଯେତିକି ନୈତିକତା ସମ୍ଭବ—ସେତିକି ଗ୍ରହଣ କରିବାର ପ୍ରବୃତ୍ତି—ବା ମାର୍କ୍ସବାଦୀୟ ଧାରା। ସେଇ ଦୃଷ୍ଟିରୁ ପତ୍ରିକା ଗୁଡ଼ିକ ସୃଷ୍ଟି ହୋଇଥିଲେ ବଡ଼ ମନୋରମ ହୋଇଥାନ୍ତା।

ଦିଗନ୍ତର ସଂପାଦକ ମଣ୍ଡଳୀ ଅଧିକ ସତର୍କ ଥିଲାପରି ମନେ ହୁଏ। ଅନ୍ୟ ଅସନ୍ତା କାଲି ପରଦେଶୀ ଓଡ଼ିଆଙ୍କ ସୁଖ ଦୁଃଖକୁ ରୂପ ଦେବାକୁ ମୁଖ୍ୟ ବସ୍ତୁ କରିଥିବାରୁ ସେ ଗୋଟିଏ ପରିସର ସ୍ୱତନ୍ତ୍ର ବାଛି ନେଇଛି। ତେଣୁ ତାର ଉଲମନ ପ୍ରବାସୀ ଓଡ଼ିଆଙ୍କ ଚିନ୍ତାଧାରାର ଛାୟାପାତ କରିବ। ନବଯୁଗର ଲେଖକ ବର୍ଗ ଅଭିଜ୍ଞ ଓ ଖ୍ୟାତ ଏବଂ ସେ ଦୃଷ୍ଟିରୁ ନବଯୁଗର ସମ୍ଭାର ସମସ୍ତଙ୍କ ଠାରୁ ମୂଲ୍ୟବାନ। ଦିଗନ୍ତରେ ଅନେକ ଅନଭିଜ୍ଞଙ୍କର ସ୍ଥାନ ମିଳିଛି। ତିନୋଟି ଯାକ ପତ୍ରିକା କୋମଳମତି ତରୁଣଙ୍କର ଭାବ ଧାରାକୁ ରୂପ ଦେଉଛି; ତେଣୁ ତ୍ରୁଟି ସ୍ୱାଭାବିକ। ମାତ୍ର ଆଶା ଅପର୍ଯ୍ୟାପ୍ତ।

ଯୁଗଧର୍ମ ସମ୍ବନ୍ଧରେ ଆଲୋଚନା କରିବାର ଧୃଷ୍ଟତା ଆମର ନାହିଁ। ଏ ଏକ ସ୍ୱତନ୍ତ୍ର ରାଜ୍ୟର କଥା। ଯାହା ଯୁକ୍ତିତର୍କର ବାହାରେ। ସେ କେବଳ ଅନୁଭୂତି ରାଜ୍ୟର କାହାଣୀ। ଧର୍ମ ଓ ଦର୍ଶନର ମୂଳବସ୍ତୁ ଅନୁଭବ। ତାହା ବାହ୍ୟଜଗତର ନ୍ୟାୟସାପେକ୍ଷ ବା ଯୁକ୍ତିପ୍ରାମାଣ୍ୟ ନୁହେଁ। କିନ୍ତୁ ଏତିକି ନିଃସନ୍ଦେହରେ କୁହାଯିବ ଯେ ଏଭଳି ପତ୍ରିକାର ଆଦର ନିତାନ୍ତ ଆବଶ୍ୟକ। ଏହାର ଚିନ୍ତାଧାରା ଗଲାକାଲିର ନୁହେଁ କି ଅସନ୍ତା କାଲିର ନୁହେଁ। ମନୁଷ୍ୟ ଯେତେଦିନ ଯାଏ ବସ୍ତୁ ଉପରେ ଅସନ୍ତୁଷ୍ଟ ରହିଥିବ ସେତେଦିନ ଯାଏ ଅଧ୍ୟାତ୍ମ ଜଗତର ଅନ୍ୱେଷଣ ଚାଲିବହିଁ ଚାଲିବ।

କିନ୍ତୁ ଏବେ ବସ୍ତୁର ଏତେ ଅନଟନ ଯେ ମନୁଷ୍ୟ ଅଭାବ ଭିତରେ ଅଧ୍ୟାତ୍ମ ଚିନ୍ତାରୁ ପଳାୟନ ପନ୍ଥା ମନେ କରୁଛି। ସେଇ ମନୋଭାବର ପ୍ରତୀକ ଅସନ୍ତାକାଲି, ନବଯୁଗ ଓ ଦିଗନ୍ତ।

## କାବ୍ୟ କବିତା

ପଲ୍ଲୀଝରଣା—ସଂପାଦକ—ଶ୍ରୀ କୃଷ୍ଣବିହାରୀ ଦାସ। ଗ୍ରାମ ପାଇଁ ଓ ଗ୍ରାମର ସାହିତ୍ୟ ଆଜି ଗଣସାହିତ୍ୟ କହି ବା ଜଣ ସାହିତ୍ୟ କହ—ସେ ଯେ କେତେ ମଧୁର ଏବଂ ପ୍ରକୃତ ତାହା ପୁଣି ଥରେ ଆମକୁ ଜଣାଇ ଦେବା ପାଇଁ କୃଷ୍ଣବାବୁ ଗାଉଁଲି—ସୃଷ୍ଟି ଗୀତ, ଯୋଗୀ ଗୀତ, କାନ୍ଦଣା, ଦୁଃଖ ଗୀତ ଓ ଅନ୍ୟାନ୍ୟ କବିତା ତଥା ଗୀତ ସଂଗ୍ରହ କରି ପ୍ରକାଶ କରିଛନ୍ତି। ସାହିତ୍ୟ ଯଦି ସ୍ୱତଃ ସ୍ଫୁରଣ ହୁଏ ତେବେ ଏଭଳି ସାହିତ୍ୟ ବିରଳ। ଆମ ସଭ୍ୟ ଲେଖକମାନେ ଯାହା ଲେଖନ୍ତି ସେଥିରେ ଏହି ସ୍ୱତଃ ସ୍ଫୁରଣର ଅନେକ ଅଭାବ ଥାଏ। ସେମାନଙ୍କର କାର୍ଯ୍ୟ ଓ ଚିନ୍ତା ଏକ ନୁହେଁ। ଚିନ୍ତା ଦୃଷ୍ଟିରୁ ସେମାନେ ଉଚ୍ଚରେ। କିନ୍ତୁ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ସେମାନେ ପଙ୍ଗୁ। ପଲ୍ଲୀଗୀତରେ ଅବଶ୍ୟ କାବ୍ୟ କବିତାର ଗଠନ ଦୃଷ୍ଟିରୁ ଭ୍ରାନ୍ତି ଥାଇପାରେ କିନ୍ତୁ ତାହା ଯେ ବାସ୍ତବ ଅନୁଭୂତିମୂଳକ ଏଥିରେ ସନ୍ଦେହ କଣ ଅଛି ?

ଅବଶିଷ୍ଟାଂଶ ପରପୃଷ୍ଠାରେ ଦେଖନ୍ତୁ



Digitized by srujanika@gmail.com

# ହୀରା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ପ୍ରସ୍ତର

( ୪ )

ଲେ—ଶ୍ରୀ ଗୋଲକବିହାରୀ ମିଶ୍ର

ଅନ୍ୟାନ୍ୟ ମୂଲ୍ୟବାନ ପ୍ରସ୍ତରମାନଙ୍କ ମଧ୍ୟରେ ରୁବି [Ruby] ଇନ୍ଦ୍ରନୀଳମଣି [Saphire], ଏମେରାଲ୍ଡ୍ [Emerald] ଗାର୍ଣ୍ଣେଟ୍ [Garnet]. ଓନିକ୍ସ [Onyx] ଆଗେଟ୍[ Agate], ଟୋପାଜ୍ [Topaz] ଆଦି ପ୍ରଧାନ। ଏହାଛଡ଼ା ଅନ୍ୟାନ୍ୟ କେତେକ ଖଣିଜ [Mineral] ସ୍ୱଚ୍ଛତା, ରଙ୍ଗ, କଠିନତା ଏବଂ ଆକାର ନେଇ ମୂଲ୍ୟବାନ ପ୍ରସ୍ତର ରୂପେ ବ୍ୟବହୃତ ହୋଇଥାଏ। ଉଦାହରଣତଃ କ୍ୱାର୍ଟଜ୍ [Quartz] ଟୁରମାଲିନ୍ [Tourmaline] ଇତ୍ୟାଦି।

ଭାରତରେ ଉପରୋକ୍ତ ମୂଲ୍ୟବାନ ପ୍ରସ୍ତରମାନଙ୍କ ମଧ୍ୟରୁ ଅନେକ ମିଳେ। କାଶ୍ମୀରରେ Saphireର ଖଣି ଅଛି। ରାଜପୁତାନାରେ Emeraldର ଖଣି ଅଛି। ବିହାର, ମାନ୍ଦ୍ରାଜ ଏବଂ ରାଜପୁତାନାର ଅଭ୍ର ଖଣିମାନଙ୍କ ମଧ୍ୟରୁ ଅନେକ ଭଲ ଭଲ ଗାର୍ଣ୍ଣେଟ୍ ମଧ୍ୟ ମିଳିଥାଏ । ଏ ସମସ୍ତ ଛଡ଼ା କାରୁକାର୍ଯ୍ୟ ପାଇଁ ବିଭିନ୍ନ ରଙ୍ଗର ମୂଲ୍ୟବାନ ପ୍ରସ୍ତର ଭାରତରେ ବହୁ ପରିମାଣରେ ମିଳେ। ବିନ୍ଧ୍ୟ ପ୍ରଦେଶରେ ବାଲୁକା ପ୍ରସ୍ତରରେ ନାଲି ସବୁଜ ରଙ୍ଗର ଜ୍ୟାସ୍ପର ଖଣ୍ଡମାନ ପ୍ରଚୁର ପରିମାଣରେ ଅଛି। ଆଗ୍ରାର ତାଜମହଲରେ ଯେଉଁ ବୃକ୍ଷଲତା, ଫଳ-ପୁଷ୍ପର କାରୁକାର୍ଯ୍ୟ ହୋଇଛି ତହିଁରେ ଏହି ମୂଲ୍ୟବାନ ପ୍ରସ୍ତର ଖଞ୍ଜା ଯାଇଛି ! ଏହାଛଡ଼ା ଧଳା, ଛିଟ, ନାଲି ଏବଂ ସବୁଜ ମର୍ମର ପ୍ରସ୍ତର [Marble] ପାଇଁ ଭାରତ ପ୍ରସିଦ୍ଧ। ଆଗ୍ରାର ତାଜମହଲ ଓ କଲିକତାର ଭିକ୍ଟୋରିଆ ମେମୋରିଆଲ ହଲ ପୃଥିବୀ ବିଖ୍ୟାତ ଶୁଭ୍ର ମକରାନା ମାରବଲରେ ତିଆରି।

ସିଂହଳରେ ମୃତ୍ତିକା ମଧ୍ୟରୁ ୩୦।୪୦ ଫୁଟ ଗଭୀର କୂପ ଖୋଳି ରୁବି ଆହରଣ କରାଯାଏ। ଏହି ଦେଶ ରୁବୀ ଲାଗି ପୃଥିବୀ ବିଖ୍ୟାତ। ରୁବି ନାଲି, ଏବଂ ସ୍ୱଚ୍ଛ Spinel $[Mgo, Al_2 O_3]$ ଏହା ସହିତ ଆହରଣ କଚ୍ଚା ଭଳି ମୃତ୍ତିକାକୁ sluice boxରେ ଧୋଇ ତହିଁରୁ ଉଦ୍ଧାର କରାଯାଏ।

Saphire [ଇନ୍ଦ୍ରନୀଳମଣି] ଗାଢ଼ନୀଳ ଏବଂ ସ୍ୱଚ୍ଛ। ଏହି ଖୁବ୍ କଠିନ [Hardness 9]; ଏହା ସାଧାରଣ ଆଲୁମିନିୟମ ଅକ୍ସାଇଡ୍ $[Al_2 \quad O_3]$— କୋରଣ୍ଡମ୍। ଏହାର ଓଜନ ଜଳଠାରୁ ୩॥ଗୁଣ [Sp. Gr 3.5]। କାଶ୍ମୀର ଏବଂ ବର୍ମାରେ ଏହାର ଖଣିମାନ ଅଛି।

Emerald ସ୍ୱଚ୍ଛ ସବୁଜ Beryl। ରାସାୟନିକ ଦୃଷ୍ଟିରୁ ବେରିଲ, ବେରିଲିୟମ ଓ ଆଲୁମିନିୟମର ଜଟିଳ ସିଲିକେଟ । ଏହାର ରଙ୍ଗ ସାଧାରଣତଃ ସବୁଜ। ସମୟ ସମୟରେ ଏହା ଶୁଭ୍ର ଏବଂ ହଳଦିଆ ମଧ୍ୟ ହୋଇଥାଏ। ଏଥିରୁ ବେରିଲିୟମ୍ ନାମକ ଧାତୁ ଆହରଣ କରାଯାଏ। ଆଜିକାଲି ହାଣ ମେସିନ୍ ଅଂଶ ଲାଗି ଏହି ବେରିଲିୟମ ଏବଂ ଲୁହାର ମିଶ୍ରଣ ବା ଆଲୟ [Alloy] କରାଯାଉଅଛି। ଏହି ବେରିଲ (Pegmatite) ନାମକ ପ୍ରସ୍ତରରେ [ଯହିଁରେ ଅଭ୍ର ଖଣି ଦେଖା ଯାଏ] ଖୁବ୍ ବିଶାଳ ସ୍ଫଟିକ ଆକାରରେ ଦେଖାଯାଏ। ବେରିଲର ଗୋଟିଏ ବୃହତ ସ୍ଫଟିକର ଲମ୍ବ ୨୦ଫୁଟ, ମୋଟ ୬।୭ଫୁଟ ଏବଂ ଓଜନ ପ୍ରାୟ ୨୦ଟନ ହେବ। ରାଜପୁତାନାରେ ବେରିଲ ପ୍ରଚୁର ପରିମାଣରେ ମିଳେ ଏବଂ ଏହି ଖଣିରୁ ସ୍ୱଚ୍ଛ ମୂଲ୍ୟବାନ ପ୍ରସ୍ତର Emerald ମଧ୍ୟ ମିଳିଥାଏ।

Garnet ମଧ୍ୟ ବଡ଼ ବଡ଼ ସ୍ଫଟିକ ଆକାରରେ Pegmatite ପ୍ରସ୍ତରରେ ଦେଖା ଯାଏ। ତାହାଛଡ଼ା ଏହା ଅନେକ ବାଲୁକା ପ୍ରସ୍ତରରେ ମଧ୍ୟ ଦେଖା ଯାଏ। ଏହାର ରଙ୍ଗ ରକ୍ତବର୍ଣ୍ଣ (Pink) ଏବଂ ସ୍ୱଚ୍ଛ ହେଲେ ମୂଲ୍ୟବାନ ପ୍ରସ୍ତର ରୂପେ ବ୍ୟବହୃତ ହୁଏ। ଅଥବା ଏହା ଏକ ପ୍ରଧାନ abrasine

Onyx, Opal, Cats eye, Agah RockCrystal ଏ ସମସ୍ତ ସିଲିକା [ବାଲି—Si O2] ର ଭିନ୍ନ ଭିନ୍ନ ରୂପମାତ୍ର। Opal ରଙ୍ଗ ଦୁଧ ଭଳି ଏବଂ ଏହା ଉଜ୍ଜ୍ୱଳ ଦେଖାଯାଏ। Cats eye ବିରାଡ଼ି ଆଖି ପରି ଝକ ଝକ କରେ। Rock—crystal ଏକ କାଚ ଭଳି ସ୍ୱଚ୍ଛ ପ୍ରସ୍ତର। ଆଗେଟ୍ର ପଟା ପଟା ଗଢ଼ଣ (Banded nature) ହେତୁ ଏହା ମୂଲ୍ୟବାନ। Onyx ଏକ କଳା agate, ଏଥିରେ ଥିବା ଧଳା ସ୍ତରମାନ ଏହାର ସୌନ୍ଦର୍ଯ୍ୟ ଓ ମୂଲ୍ୟ ବଢ଼ାଏ।

ଆଜିକାଲି କୃତ୍ରିମ ପ୍ରସ୍ତର ଅନେକ ତିଆରି ହେଲଣି। ଅବଶ୍ୟ ଆଖିରେ ଦେଖି ଦୋଷ ବାହାର କରିବା ଅସମ୍ଭବ। ତେବେ କୃତ୍ରିମ ପ୍ରସ୍ତରକୁ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ତହିଁରେ କେତେ ଗୁଡ଼ିଏ ଗୋଲାକାର ଛିଦ୍ର ଦେଖାଯାଏ ଏହି ସବୁରେ ବାୟୁ ଭରି ରହିଥାଏ। ସେହି ହେତୁ କୃତ୍ରିମ ପ୍ରସ୍ତର ସେତେ କଠିନ ନୁହେ ଏବଂ ସହଜରେ ଭାଙ୍ଗି ଯାଏ।

### ପୂର୍ବପୃଷ୍ଠାର ଅବଶିଷ୍ଟାଂଶ

ଶ୍ରୀକୃଷ୍ଣଜିଷ୍ଣୁ ଚରିତ— ଦ୍ୱ୍ୟର୍ଥ କାବ୍ୟ— ରଚକ. ଶ୍ରୀ ବିକ୍ରମଦେବ ବର୍ମା । ସାହିତ୍ୟାନୁରାଗ ଓ ସାହିତ୍ୟଚର୍ଚ୍ଚା ରାଜର୍ଷି ବିକ୍ରମଙ୍କ ଜୀବନର ଏକ ସାଧନା । ତାହାର ସ୍ପଷ୍ଟ ସୂଚନା ଏହି ଦ୍ୱ୍ୟର୍ଥବୋଧକ କାବ୍ୟ। ଗୋଟିଏ ପଦ୍ୟରେ ପକ୍ଷରେ କୃଷ୍ଣ ଓ ଅନ୍ୟ ପକ୍ଷରେ ଅର୍ଜୁନଙ୍କର କଥା ବା ଉଭୟଙ୍କ କଥୋପକଥନ ସନ୍ନିହିତ କରି ୪୮ ପଦ ସେ ଲେଖି ଯାଇଛନ୍ତି। ଏ ସାଧନା ସାଧୁ।

ପ୍ରଭାତ ନଳିନୀ—ଶ୍ରୀ ବନମାଳି ସେନାପତି— ଛୋଟ ଛୋଟ କବିତାବଳୀରେ ପୂର୍ଣ୍ଣ। ଏହା ଯେ ଲେଖକଙ୍କର ପ୍ରଥମ କବିତା ତାହା ପୁସ୍ତକର ନାମରୁ ସୂଚାଇ ଦିଏ। କବିତା ଗୁଡ଼ିକ ତରୁଣ ଭାବ ଧାରାରେ ପୂର୍ଣ୍ଣ. ଲେଖକଙ୍କର ଭବିଷ୍ୟତ ଉଜ୍ଜ୍ୱଳ। ଏ ଉଦ୍ୟମକୁ ସ୍ୱାଗତ ଜଣାଉଛୁ।

ବିପ୍ଳବୀ ଫକୀରମୋହନ-- ଶ୍ରୀ ମନୋଜକୁମାର ଦାସ କବିତା ପୁସ୍ତକରେ ଲେଖକ ଫକୀରମୋହନଙ୍କ ପ୍ରଶସ୍ତି ଗାଇ ପ୍ରମାଣ କରିଛନ୍ତି ସେ ଜଣେ ବିପ୍ଳବୀ ଥିଲେ। ଏଥିରେ ସନ୍ଦେହ କଣ ଅଛି। ସାହିତ୍ୟ, ରାଜନୀତି ଓ ଧର୍ମନୀତି ସବୁଦିଗରୁ ସେ ତତ୍କାଳୀନ ବର୍ତ୍ତମାନ ସ୍ରୋତର ପ୍ରତିକୂଳ ହୋଇ ଠିଆ ହୋଇଥିଲେ। ବିଷୟବସ୍ତୁ ଯେପରି ଚମତ୍କାର-- ଭାଷା ଭାବ ମଧ୍ୟ ତଦନୁରୂପ।



Digitized by srujanika@gmail.com

ମଜା କବିତା

# ପରୀକ୍ଷା-ପ୍ରେୟସୀ

ଲେ—ବିନୋଦ ରାଉତରାୟ

ଜନ୍ମଠାରୁ ମୃତ୍ୟୁପାଏ ଜୀବନର ପ୍ରତି ମୁହୂର୍ତ୍ତରେ
ପଦଧ୍ୱନି ଶୁଣେ ତମ କର୍ମଶୀଳ ଅଯୁତ ପଥରେ,
ତମଠାରେ ନାହିଁ ତ ଗୁମାନ,
ଶୁଭ ଅଭିସାର ରତ 'ବେସିଲେର ଓଏଣ୍ଟ୍' ସମାନ।
ଯେତେ ଯେତେ ଇଚ୍ଛା କରେ ତମଠାରୁ ରହିବାକୁ ଦୂରେ,
ସେତେ ଗୋ ନିକଟ ଆସ ଧରିନିଅ ତମ ସ୍ୱପ୍ନ-ସୁରେ।
ଯାହା ଉପକଣ୍ଠେ ବହେ ସମୟର ସୀମାହୀନ ସ୍ରୋତ,
ଫୁଟେ ଶତଦଳ ସମ ଫୁଟିଉଠେ ଲକ୍ଷ ଅର୍ଥୀ ଲୋଭ।
ଦୁଇବର୍ଷେ ଥରେ ଥରେ ମନୁଷ୍ୟର ଅଯୁତ ଆକାଂକ୍ଷା।
ଉଇ ଘଣ୍ଟା ଝାରିଁ ସମ ମହଲରେ କରୁଥାଏ ପଙ୍ଖା।
ଶାଢ଼ୀଧାରେ ନାଚରତ ନରମାନେ ଅମୃତ-ସରଗ
କଳନାର ଗୋଟିଏ ବିହଗ!
ସହସ୍ରାକ୍ଷ କାମିନୀ ଶତ ଅଙ୍କ ସନ୍ତାଗୋ ପ୍ରେୟସି.
ଅଗୋ ଅଶ୍ୱାସିନୀ ମିଠା କହୁଥାଅ କଥାପଦେ ହସି।
କହ ତ ପରୀକ୍ଷା,
ହୋଇଥିବ ଶେଷ କେବେ ଏ ଜୀବନେ ତମଠାରୁ ରକ୍ଷା?
ନିକଟରେ ଶୁଣି ତମ ଅଭିସାର ଭୟାବହ ବାଣୀ
ଦଦା ଜଗା ଜାଗି ରହୁ ରାଣି,
ନିଜକୁ ମୁଁ ସଜାଇଛି ମନ ମତେ ତମ ଉପଯୋଗୀ;
ପ୍ରତିରାତେ ପାଳିଛି ଶମଶାନ କାଳାନ୍ତକ ଯୋଗୀ।
ଜମାଇଛି ଶରୀରରେ ଭସ୍ମରେଖା, ସିଗାରେଟ୍ ଦାଗ;
ଖଳାପୋଡ଼ା ଚିନାଭାଇ ବଢ଼ାଇଛି ଗୃହଗୁଣ ଅଗ।
ହାତ ବିନା ସୁଝାଇରେ ଜଳଖିଆ କରିଛି ବରାଦ,
ସିନେମା ବା ଥିଏଟର ସାଥେ ରତି ଚନ୍ଦନ ବାଦ।
ପଡ଼ିଅଛି ପାଠାଗାରେ ସରସ୍ୱତୀ ଶୁଭ୍ର ଶ୍ୱେତାମ୍ବରୀ,
ଗଣେଶ ଠାକୁର ପାଖେ ଯାଉଅଛି ଖସାଲଡ଼ି ଧରି।
ପୈତୃକ ସମ୍ପତ୍ତି ବିକି ଟଙ୍କାଦେଇ ଠକ ଟିଉଟରେ,
ସଫା କରାସିନି କିଣି ଜାଳିଅଛି ଟିଉସନ୍ କ୍ଲାସରେ।
ତମଲାଗି ସିନା
ଶୂନ୍ୟ ମୋର ହୁଏ ଏହି ଜୀବନର ଗିନା... ।—
ଅଗୋ ମୋର ପରୀକ୍ଷା-ପ୍ରେୟସୀ,
ଆଉଏକ କଥା ଶୁଣ; ଜାଣେ କହେ ନିରଜନେ ବସି—
ତମଠାରୁ ଆମନ୍ତ୍ରଣ ପତ୍ର ପାଇଁ ଅଡ୍ମିଟ୍ କେତେ,
ଯୋଗାଡ଼ କରିଛି ଯାହା; ଅବଲୁପ୍ତ କରେ ତାହା ମୋତେ।

ପଉଷର ଶୀତ କ୍ଳିଷ୍ଟ ତନ୍ଦ୍ରାହୀନ ସୁନ୍ଦର ସକାଳେ
ମୋ ସହପାଠିନୀ ଦ୍ୱାରେ ଉଭାହୁଏ ଯାଇଁ ବାରେ ବାରେ।
ଇଚ୍ଛା ହୁଏ ଯେଣୁ ସିଏ ସହଧର୍ମୀ ତମ
ସମାଗ୍ରହ କାନ୍ଥ ହେଲେ ଦେଇ ପରେ, ଫିଟିବ ଭରମ!
ଚହି ଚମକାଇ ସେଥି ଭଲ ହୁଏ ହାସ୍ୟମୟୀ ଠାଣି
ଶୁଭ୍ରସକାଳର ବାର୍ତ୍ତା କଣ୍ଠସ୍ୱର କପଡ଼ାରେ ଗୁଣ୍ଠି,
ଜଣାଏ ସେ ମାମୁଲି ଧରଣେ,
କମ୍ପିତ ବସନାଞ୍ଚଳ ଝୁଲୁଥାଏ ଉଚ୍ଚା ବକ୍ଷ କୋଣେ॥
ଯେବେ ପଡ଼େ ତମ ପତ୍ର କଥା,
ଶୁଖିଯାଏ ହେମ ମୁହଁ, ମୋର ଏଣେ ହୁଏ ମଥା ବଥା।
...ଟେକି ଦୀର୍ଘଶ୍ୱାସ,
ନିରାଶାର ବୋଝ ବୋହି ଫେରିବାକୁ ହୁଏକି ବିଶ୍ୱାସ?
ଏଣୁ ତେଣୁ ଆଲୋଚନା ପଡ଼େ,
ତମ କଥା ଭୁଲିଯାଏ, ତମ ଚିନ୍ତା ପାଦେ ଭାର ଝଡ଼େ—
ଯେବେଁ ଭଲ ଯୌବନର ନଶ୍ୱିନାଣେ ନିର୍ମଳ ଶିଶିର
ସୁଅଁ ଫୁଲ ପାଦେ ପଡ଼େ— ଧୀର, ଅତି ଧୀର... ।
ସହପାଠିନୀର ସେହି ଥରେ ଅଧେ ସଂକେତ ଇଙ୍ଗିତ;
ଅଛି ବା ଗୋଟାଏ ଥରେ ଚୁପ୍ ତଳେ ସଂଗୋପନେ ମିତ!
ଏବେ ଯାହା କହିଲି ସେ ହସି
ନବପ୍ରୁଷ୍ଠ ସ୍ୱପ୍ନସମ ଇଚ୍ଛା ମୋର ଉଠିଲି ବିକଶି—
କୃତ କୃତ୍ୟ ହେବାଇ ନିଜକୁ,
ପ୍ରକୃତ ସହାୟ ଏକ ସହଚରୀ ରଖିଛି ପିଠିକୁ।
ସର୍ବାଗ୍ରେ ମୋ ପ୍ରସ୍ତାବରେ କରି ସମ୍ମତ
ହନୁମାନ ସମ ବହି ଆଣିବାକୁ ଚଳନ୍ତି ପର୍ବତ—
ସ୍ନାନାହାର ବେଳକୁ ତା ବନ୍ଧାରଖୀ ମହାଜନଠାରେ
ଆମନ୍ତ୍ରଣ ପତ୍ର ପାଇଁ ଲେଡ଼ି ଚାଲି ଛୁଟି କାର୍ତ୍ତନାରେ,
କିନ୍ତୁ— ପଡ଼ିଯାନ୍ତି ସକଳ ନିଷ୍ଫଳ
ବୁଝି ଏବେ ସହଚରୀ, ଗୋଟି ଏବେ ମୋର ଅର୍ଥ ବଳ।
ଯେଣୁ ଥିଲେ ନବାଗ୍ରହେ ହାରୀ ବନେ ଏକାଦଶ ଘରେ
ପାଇଲି ତମକୁ ମୋର ଘନ୍ତ ଭାବ ଅନ୍ତ ନିକଟରେ,
ଏବେ ତମଠାରୁ ଛୁଟି ଆସେ ଭିକ—
ନ ପାଇବା ଡରୁଅଛି ଜୀବନରେ ଥିଲି ବେଶି ଲୋଭ।
ଅଭିସାର ତମ ପ୍ରିୟତମା—
ଅଗୋ— ଅଶଙ୍କାର ଘର, ତେଣୁ ତମେ ଭଲ ନୁହଁ ଏମା।

## ଅଲକ୍ଷିତ

ଲେ—ଶ୍ରୀ...ମହାନ୍ତି

ମୁଁ ନୁହେଁ କବିତା-ମୁଖର ପ୍ରେମିକ କବି
ଗୁଞ୍ଜନ ଗୀତି ଗାଇବ ଭ୍ରମର ପରାଗେ,
ମିଥ୍ୟା ସପନେ ଭାସି ଯିବ ଦୂରେ ଦୂରେ
ଭ୍ରମର ସ୍ମୃତିର ଗହନ ତମିସ୍ର ଦେଶେ।
ଇଚ୍ଛା ନାହିଁ ମୋ' ଦିନ ଦିନ ଧରି ବସି
କାହିଁ ମୁଁ ଗିଳିବ ତା' ସାଥେ ଖେଳିବ ଖେଳ
ଟାଣିବି ମୁଁ ଧୂଆଁ? ଇଚ୍ଛା କଳୋଟିନ ବପ

କାମ ନଥୁ କବୁ ମିଳିନି ବି ଟିକେ ବେଳ।
ତମେ ଭାବୁଥିବ ଦାଢ଼ି ମୁଁ ଛାଡ଼ୁଛି ଏବେ
ଲେଖୁଛି କବିତା ଛାଡ଼ୁଛି ଦୀର୍ଘଶ୍ୱାସ
ନାହିଁ ନାହିଁ ମୋର-ହେଉନି ବିରହ-ଜ୍ୱର
ଖାଇବା ଶୋଇବା ସବୁ ତ ଚାଲିଛି ଠିକ୍
ସ୍କୁଲରେ କେବେ କବିତା ତ' ଲେଖିନାହିଁ

ତମଲାଗି ସିନା ମନେ ରଖିଥିଲି ସେ ଦିନ
ମାଧୁର୍ଯ୍ୟର ଗୀତ ମୁଖସ୍ଥ ଥିଲା ମୋର
ପାଣେ ବି ଗଲଣି ତମେ ବି ଯାଇଛ ଭାସି।
ଏନ୍,ସି, ସିରେ ଜଏନ୍ [join] କରିଛି ଏବେ
ସବୁ ଲ ସଞ୍ଜ ବ୍ୟାୟାମେ ଯାଉଛି ବିତି,
କେବେ କେବେ ଅବା ତୁମ କଥା ପଡ଼େ ମନେ
'ଅଭଦ୍ର ତମେ ଦୁଷ୍ଟ ଫାଜିଲ୍ ଅଟ।'



Digitized by srujanika@gmail.com

# ପ୍ରେରଣା ଓ ପେଲଣା

ଲେ—ବୃଦ୍ଧ ଭ୍ରମ

ବୃଦ୍ଧ ଭ୍ରମଙ୍କୁ ଜଣେ ପାଠକ ପଚାରିଛନ୍ତି— ଜର୍ଜ ବର୍ଣ୍ଣାଡ଼ ଶ' ନାରୀ ସହବାସକୁ ମାନବର ଅଭିଜ୍ଞତାର ପରିତୃପ୍ତି ବୋଲି ଓ ଲେଖକ ହେବାର ପୂର୍ଣ୍ଣ ଯୋଗ୍ୟତା ପାଇଁ ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ସ୍ୱୀକାର କରୁଥିଲେ ! ଆପଣ ତେବେ କୌଣସି ନାରୀଠାରୁ ପ୍ରେରଣା ପାଇ ଲେଖକ ହୋଇଛନ୍ତି କି?

ପ୍ରଶ୍ନକର୍ତ୍ତାଙ୍କର ଏଇ ପ୍ରେରଣା କଥାଟାର ଅର୍ଥ ମୋ ମଗଜରେ ହଠାତ୍ ପଶିଲା ନାହିଁ । ତେବେ ଓଡ଼ିଆରେ ପେଲଣା ବୋଲି ଗୋଟାଏ କଥା ଅଛି । ଖୁବ୍ ସମ୍ଭବତଃ ଏଇ ପେଲଣା ଶବ୍ଦ ପ୍ରେରଣାର ଅପଭ୍ରଂଶ । ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ନାରୀ ଯେ ମୋତେ ପେଲଣା ଦେଇ ନାକ କାନ ମେଞ୍ଚାଇ ନାକ ଘସେଇ କବି ଲେଖକ କରିଛନ୍ତି ଏକଥା ସତ ହୋଇପାରେ । ପାରେ କହୁଛି ଏଥିପାଇଁ ଯେ କହିଲେ ଭୂଲ ଭୂମ୍ବରୁ ଲାଜ- ନ କହିଲେ କୂଳ ଭସିଯାଉଛି ।

କିନ୍ତୁ ନାରୀ ଯେ ପ୍ରକୃତରେ ସବୁ କାମରେ ବା କବିର ଲେଖା ମୂଳରେ ପ୍ରେରଣା ଏ କଥା ମୋତେ ଅର୍ଣ୍ଣେ ମହାପ୍ରସାଦରେ ବୁଡ଼ କେହି କହିଲେ ମୁଁ ମାନିବି ନାହିଁ । ଜଣେ କଏ ଇଂରାଜୀ ବଡ଼ ମଣିଷ କହୁଥିଲେ ପରା-There is a woman at the beginning of all great things— ସବୁ ବଡ଼ କାମ ମୂଳରେ ଗୋଟେ ନା ଗୋଟାଏ ନାରୀ ନିଶ୍ଚୟ ଥିବ । ଏ କଥାର ପ୍ରତିବାଦ ମୁଁ କରିବାର କାରଣ ଦେଖୁନାହିଁ । କାରଣ ସବୁ କାମ ମୂଳରେ ନାରୀ ଥାଇପାରେ— କିନ୍ତୁ ନାରୀ ସବୁ କାମ କଥା ଛାଡ଼ନ୍ତୁ, କୌଣସି କାମର ପ୍ରେରଣା ନୁହେଁ— ଏକମାତ୍ର ମୃତ୍ୟୁ ଛଡ଼ା ।

କେହି କେହି ନଜିର ଦେଖାଇ କହିବେ— ତାଜମହଲ ଦେଖ— ଏତେ ବଡ଼ କାମ-ମୂଳରେ କିଏ? ନାରୀ! ମୁଁ ବି ମାନୁଛି । କିନ୍ତୁ ନାରୀ ତ ତାର ପ୍ରେରଣା ନୁହେଁ । ମମତାଜ ଥିବା ଯାଏ ସାଜାହାନଙ୍କର ତାଜମହଲ ସେଇ ମମତାଜଇ ଥିଲେ । ମମତାଜ ସାଜାହାନଙ୍କୁ ଛାଡ଼ି ନଯାନ୍ତୁ, ତାଜମହଲ ନହୁଏ; ସୁତରାଂ ମୂଳରେ ନାରୀ ଥାଇପାରେ— କିନ୍ତୁ ଅଗ-ବେଳକୁ ନଥାଏ— କିମ୍ବା ନରର ପ୍ରେରଣା ସେ ନୁହେଁ । ହୁଏତ ପେଲଣା ହୋଇପାରେ ।

କଏ କହୁଚ— ଗୁଣ୍ଡିଚାଙ୍କ ଲାଗି ଜଗନ୍ନାଥଙ୍କ ମନ୍ଦିର— ଏଡ଼େ ବଡ଼ାଟ । କିନ୍ତୁ ଗୁଣ୍ଡିଚା ନଥିଲେ ଜଗନ୍ନାଥ ଅଳ୍ପରୁ ବଡ଼ାଟ ହୋଇ-ଥାନ୍ତେ— ମାଇକିନିଅଙ୍କ ବୁଦ୍ଧିରେ ଜଗନ୍ନାଥ ବି ଖଣ୍ଡିଆ; ପ୍ରେରଣା କଥା ଚୁଲିକି ଯାଉ ।

ଏତେ ବଡ଼ ମହାଭାରତ ଯୁଦ୍ଧ ହେଲା— ଦ୍ରୌପଦୀ ପାଇଁ । ଅଥଚ ମହାଭାରତ ଯୁଦ୍ଧ-କ୍ଷେତ୍ର ଭିତରେ ଭଗବାନ ଶ୍ରୀକୃଷ୍ଣ ଗୀତା ବୟାନ କଲେ— କାରଣ ସେଠି ନାରୀ ନଥିଲେ ।

ସୀତାଙ୍କୁ ନେଇ ରାବଣ ମଲା— ସୀତାଙ୍କୁ ହରାଇ ରାମ କାନ୍ଦିଲେ । ସୀତା ନଥିଲେ ରାବଣ ହୁଏତ ସ୍ୱର୍ଗକୁ ସିଡ଼ି ତୋଳି ପାରି-ଥାନ୍ତା । ରାଧାଙ୍କୁ ଛାଡ଼ି ନଥିଲେ କୃଷ୍ଣ କଂସ ବଧ କରିପାରି ନଥାନ୍ତେ ।

ନାରୀ ଏକ ପ୍ରହେଳିକା, ପ୍ରଶ୍ନବାଚକ ? ହେତୁ ନାରୀ ସହବାସୀ ସବୁବେଳେ ସନ୍ଦେହରେ ଥାଏ । ତା ପକ୍ଷରେ ବିରାଟ କଳ୍ପନା ଅସମ୍ଭବ । ନାରୀହିଁ ତା ପକ୍ଷରେ ବିରାଟ କଳ୍ପନା ।

ଭିକ୍ଟର ହ୍ୟୁଗୋ ଉନବିଂଶ ଶତାବ୍ଦୀରେ କହିଥିଲେ The Enigma of 19th century କିନ୍ତୁ ଏହା ସବୁ ଶତାବ୍ଦୀରେ ସତ୍ୟ ରହିବ । ସ୍ତ୍ରୀୟାଃ ଚରିତ୍ରଂ ପୁରୁଷସ୍ୟ ଭାଗ୍ୟଂ ଦେବତା ବି ଜାଣନ୍ତି ନାହିଁ । ସେକ୍ସପିଅର କହିଥିଲେ Who is it can read woman! ଟେନିସନ ମଧ୍ୟ ଠିକ୍ ସେଇ କଥା କହନ୍ତି— Who does know the bent of wom an's fantacy.

ନାରୀ ପ୍ରେରଣା ଦେବା ଦୂରରେ ଥାଉ- ନାରୀ ପୁରୁଷକୁ ନୀଚ, ହୀନ, ଜଘନ୍ୟ, ଘୃଣ୍ୟ କରିଦିଏ । ତାର ବିଶ୍ୱାସ-ଘାତକତା ହିଁ ପୃଥିବୀକୁ ନର୍କ କରିଛି—ସ୍ୱର୍ଗକୁ ସ୍ୱପ୍ନ କରିଛି । ଗେଟେ [ Goethe ] ଠିକ୍ କହିଛନ୍ତି— Woman is mistress ot the art of completely embittering the life of the person on whom she depends. ଯେଉଁ ପୁରୁଷ ଉପରେ ନାରୀ ନ୍ୟସ୍ତ ସେ ପୁରୁଷର ଜୀବନକୁ ସମ୍ପୂର୍ଣ୍ଣ ତିକ୍ତ କରି ଦେବାର କଳା ନାରୀର ଆୟତ୍ତାଧୀନ ।

ବାଇରନ ମଧ୍ୟ କହିଛନ୍ତି—

What a whirl wind is her head
And what a whirl pool full of
depth and danger
Is all the rest about her

ନାରୀ—ତାର ମସ୍ତିଷ୍କରେ କି ପ୍ରବଳ ଝଡ଼ । ସେ କି ଘୂର୍ଣ୍ଣୀ ଓ ବିପଦ ସଂକୁଳ ।

ବ୍ରାଉନିଂ କହନ୍ତି—

As all false things are
More cold and clay
But so fair—
She takes the breath of man
away
Who gaze upon her even
unaware

ନାରୀ ମହାକାଳ ଫଳ, ମଣିଷକୁ ଅଣ-ନିଶ୍ୱାସୀ କରିପକାଏ । ସୁତରାଂ ନାରୀକୁ ନେଇ କେହି ବଡ଼ କାମ କରିପାରେ ନାହିଁ । ନାରୀ ଦୁର୍ବଳ—ଦୁର୍ବଳତାର ପ୍ରତୀକ । ତାକୁ ଧରି ମଣିଷ ବଡ଼ କାମ କରିବ କିପରି ? ପୋପ୍‌ଙ୍କ କଥାଇ ଠିକ୍ —Fine by defect and delicately weak. ଦୋଷ-ରେ ସେ ମଣ୍ଡିତ—କ୍ଷୀଣ, ଦୁର୍ବଳ, ଭଙ୍ଗୁର । ସେ ପୁଣି ପ୍ରେରଣା ଦେବ କିପରି ? ସେ ପେଲଣା ଦେଇପାରେ—

ନାରୀ ନିଆଁ । ପୁରୁଷ ମରିବାକୁ ଧାଏଁ ସେଠିକି—ଅନଳେ ପତଙ୍ଗ ସମାନ । ନାରୀ ଅଭିଜ୍ଞତାର ପରିତୃପ୍ତି ନୁହେଁ—ସମାପ୍ତି । ଗୋଟାଏ ପେଣ୍ଡୁ ଉପରେ ପିମ୍ପୁଡ଼ିକୁ ଛାଡ଼ି ଦେଲେ ସେ ଯେମିତି ନୂଆ ନୂଆ ଅଭିଜ୍ଞତା କରୁଛି ବୋଲି ଭାବୁଥିବ—ମୂର୍ଖ ପୁରୁଷ ନାରୀକୁ ଧରି ନାରୀ ଗୃହ ପାଖରେ ଘୂରି ଠିକ୍ ସେମିତି ଅଭିଜ୍ଞ ହେଉଥାଏ ।

ନାରୀ ବିନା ହିଁ ଜୀବନ ସ୍ୱାଦ୍ୟ । କଞ୍ଚା ଫଳପରି—ଲୁଣ ଦରକାର ହୁଏ ନାହିଁ । କଞ୍ଚା ପଚିବା ପରେ ପ୍ରାକୃତିକ ସ୍ୱାଦୁ ଥାଏ । ସିଝେଇ ଦେଲେ ତାହା ନଷ୍ଟ ହୋଇଯାଏ । ତେଣୁ ଲୁଣ ଦେବାକୁ ପଡ଼େ । ନାରୀ ନିଆଁ; ଜୀବନ ପରିବା ସେଥିରେ ସିଝି ଯାଏ । ଜୀବନକୁ ଉପଭୋଗ କରିବାକୁ ପୁଣି ମସଲା, ଲଙ୍କା ଦରକାର ପଡ଼େ । ଥିଏଟର ସିନେମା.

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଯେସାକୁ ତେସା

ପରମାନନ୍ଦ ବାରିକ, ୪୬ନଂ ଫ୍ରେମ୍ବାଲ୍ ଷ୍ଟ୍ରିଟ୍,
କଲିକତା

ପ୍ର—ଆମେ ଦୁଇଜଣ ବିବାହ ହେବାକୁ ରାଜି । ମାତ୍ର ଅଭିଭାବକ ମାନେ ବାଧା ଦେଉଛନ୍ତି । ଉପାୟ ?

ଉ—ଜଣାଯାଉଛି ତମ ପ୍ରେମର ଜୋର-ଠାରୁ ବାଧାର ଜୋର ବେଶି । ତେଣୁ ଅଦଳ ଧଡ଼—ତକି କିଳେଇ ତାହାକୁ ପଢ଼ ।

ପ୍ର—କେତେକ ଅବିବାହିତ ଯୁବତୀ ନଜାଣି ବିବାହିତା ଯୁବକଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଏ । କିନ୍ତୁ ଯଦି କେହି ଜାଣି ଶୁଣି ପଡ଼େ ତାର ଭବିଷ୍ୟତ କଣ ?

ଉ— ଆତ୍ମହତ୍ୟାରେ ପୁଣି କି ଭବିଷ୍ୟତ ।

ଦେଶବନ୍ଧୁ ଦାସ, ୭/ ଦାଶଲେନ,
କଲିକତା

ପ୍ର—କେହି ପୁରୁଷ କୌଣସି ସ୍ତ୍ରୀକୁ ଭଲ ପାଇଲେ ଲୋକଙ୍କ ଚକ୍ଷୁଶୂଳ ହେବାର କାରଣ କଣ ?

ଉ—ଦୋଷ ଦେଖିଲେ ମଣିଷ ପର ଅନିଷ୍ଟ ଅନ୍ବେଷଣରେ ବଢ଼ଏ—ଗୁଣ ଦେଖିଲେ ନିଜ ଅନିଷ୍ଟ ଘଟିଲା ଭଳି ମନ ହୁଏ । ତେଣୁ ଅନ୍ୟର ପ୍ରେମ ଗୁଣଟି ଆଖିରେ ଶୂଳ ଭଳି ବୋଧ ହେଉଥିବ ।

ପ୍ର—ମୁଁ ବିବାହିତ— ତଥାପି ଜଣେ ଅବିବାହିତା ସହିତ ପ୍ରେମ ରହିବାରେ କ୍ଷତି କଣ ?

ଉ—ଶେଷକୁ ପ୍ରେମ କୁଆଳିଆ ହେଇଯିବା ସମ୍ଭାବନା !

ପ୍ର—ପ୍ରେମିକ ପ୍ରେମିକାଙ୍କ ପତ୍ର ମଧ୍ୟରେ ଏତେ ହରଣଚାଲ ହୁଏ କିଆଁ ?

ଉ—ପ୍ରେମଟା ସବୁବେଳେ ହରଣଚାଲି ଚାଲ୍ । ଜଣେ ଜଣକୁ ହରଣ ନକଲେ ଯାଏ ଏମିତି ଚାଲୁ-ଥିବ । ହରଣ କରିନେଇ ସ୍ୱ ଭଲ ପରେ ପୁଣି ଦୁଇଦୁନେ ଗୁଣ ହେଇ ଗୁଣନ ଆରମ୍ଭ ହେବ ।

ବିଜୟ କେତନ ଦାସ, ରେଭେନ୍ସା
କଲେଜ, କଟକ

ପ୍ର—ଉତ୍କଳ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ମାନ୍ୟବର ପବିତ୍ର ମୋହନ ପ୍ରଧାନ

—ଚନ୍ଦ୍ରୀ ଚନ୍ଦ୍ରଙ୍କ ହ୍ରାସ ଗଡ଼ ନଦ୍ୟାକି ଭୂତ ଥିଲେ ତାହାଙ୍କ ?

ଉ—ବିଶ୍ୱବିଦ୍ୟାଳୟ ଉପାଧିର ତେଜକୁ ସହି ନପାରି ସେ ଆଖି ବନ୍ଦ କରି ଦେଇଥିଲେ ମନା ।

ପ୍ର—ମାନ୍ୟବର ମହତାବଙ୍କୁ ଆନ୍ଧ୍ର ବିଶ୍ୱ-ବିଦ୍ୟାଳୟ ଯେଉଁ ଉପାଧି ଦେଲେ ମାନ୍ୟବର ମହତାବଙ୍କର ସେ ଉପାଧି ପାଇଁ ଯୋଗ୍ୟତା ଅଛି କି ?

ଉ—ଉପାଧିଟା ଅଯୋଗ୍ୟତାକୁ ଘୋଡ଼ାଇବା ପାଇଁ ଦିଆ ଯାଇଥାଏ ।

ପ୍ର—ଡଗର ସମ୍ପାଦକ କୌଣସି ଉପାଧିକୁ ବିବାହ କରୁଥିବା ସତ୍ୟ କି ?

ଉ—ଡଗର ସମ୍ପାଦକଙ୍କ ଭଳି ବିଦ୍ୟା ଓ ଲକ୍ଷ୍ମୀ-ଶୂନ୍ୟ ବ୍ୟକ୍ତିଙ୍କ ଗଳା କୌଣସି ବିଶ୍ୱବିଦ୍ୟାଳୟ ଉପାଧିଗ୍ରସ୍ତା ଓ ସରକାରୀ ଉଚ୍ଚ ପଦସ୍ଥ ମହିଳାଙ୍କ ଚଟି ସ୍ପର୍ଶ ପାଇଁ ଯଥେଷ୍ଟ ମସୃଣ ନୁହେଁ ।

ଶ୍ରୀରାମାନୁଜ ଶର୍ମା—ରେଭେନ୍ସା
କଲେଜ, କଟକ

ପ୍ର—ମାନ୍ୟବର ନେହରୁ ଙ୍କର ପଣ୍ଡିତ

---

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

ଦରକାର ପଡ଼େ, ଘର କରିବା ଦରକାର ପଡ଼େ, ପୁଅ ଝିଅ ଦରକାର ପଡ଼େ । ଏସବୁ ନହେଲେ ନାରୀଯୁକ୍ତ ଜୀବନ କଦାପି ସୁଅବସ୍ଥ ହେବ ନାହିଁ ।

ଲେଖକ ହେବାର ପୂର୍ଣ୍ଣ ଯୋଗ୍ୟତା ପାଇଁ ନାରୀ ସହବାସ ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ଶ' ଙ୍କ ନିଜ କଥାରୁ ଜଣାଯାଏ ନାହିଁ । ସେ ବିଶେଷ କାମ ପ୍ରବଣ ନଥିଲେ—Sex-sublimation କାମୋର୍ଦ୍ଧ୍ୱବୃତ୍ତି ତାଙ୍କର ସମ୍ଭବତଃ ହୋଇଥିଲା ।

ଭୋଗ ଓ ବିଳାସ ଯେପରି—ନାରୀ ମଧ୍ୟ ସେହିପରି । ଖାଇବାବିନା ମନୁଷ୍ୟ ବା ଲେଖକ ବଞ୍ଚି ପାରେ ନାହିଁ । ସେହିପରି ଦାରିଦ୍ର୍ୟ ଲେଖାର ଅନ୍ତରାୟ । ମନ ବିଳାସ ଲେଖାର ଗତି ଚିପି ମାରି ଦିଏ । ଠିକ୍ ସେମିତି-ଲେଖକ-ର ସ୍ୱଚ୍ଛନ୍ଦ ଜୀବନ ନିର୍ବାହ ପାଇଁ ନାରୀର ଆବଶ୍ୟକତା ଥାଇପାରେ । କିନ୍ତୁ ନାରୀ ସାନ୍ନିଧ୍ୟ ସହବାସ ସଙ୍ଗେ ସଙ୍ଗେ ନାରୀଗତ ପ୍ରାଣ ହେଲେ ଲେଖା ମରି ଯାଏ । ଧନ ଧନ ବାଦ ହେଲେ ଲେଖକ ଯେପରି ଲେଖାର ଗତି ଚିପି ମାରେ—ନାରୀ ନାରୀ ଝୁରି ହେଲେ ଲେଖା ସେମିତି ମରେ—କାରଣ ବୃତ୍ତି ଭ୍ରଷ୍ଟ ହୁଏ । ଧନ ଅଛିଥିବା ମନ ଧନକୁ ବେଶି ଚରିକରି ଦାରିଦ୍ର୍ୟ ବର୍ଣ୍ଣନ କରିବାରେ ଚାହାନ୍ତି । ନାରୀ ଅଛିଥିବା କିନ୍ତୁ ନାରୀ ପଛରେ ନଗେଡ଼ଇ ନାରୀକି ଗୋଡ଼ଇ ଗୋଡ଼ଇଠା ମାରି ଯିବାରେ ପୌରୁଷ ସେଇ ପୁରୁଷହିଁ ଲେଖକ ହବ ହୁଏ । ଅଭିଜ୍ଞ ଲୋକ ଲେଖକ ହେବା ଅସମ୍ଭବ । ଅନୁଭବ ନ କଲେ ମଧ୍ୟ ଲେଖକ ହେବା ଅସମ୍ଭବ । ତେଣୁ ଲେଖକ ହେବା ପାଇଁ ଅନୁଭବ କରି ଅନୁଭବର ଉପରକୁ ଉଠିବାକୁ ହେବ । ତେବେ ଲେଖକ ହେବା ସମ୍ଭବ ।

ମନୁଷ୍ୟର ଜ୍ଞାନ ଓ ସତ୍ୟାନୁଭୂତି ଅମୃତ ନହେଲେ ହୁଏ ନାହିଁ । ଅନ୍ତଃସ୍ଥା ମାନବକୁ ବହିର୍ମୁଖୀ କରେ ଏଇ ନାରୀ । ତେଣୁ ଲେଖକ ଓ କବି ଭାବ-ଗମ୍ଭୀରତା ତଥା ରସ ପାଚୁର୍ଯ୍ୟ ପାଇଁ ନାରୀଠାରୁ ଦୂରେଇ ଯିବା ଭଲ । ତା ନହେଲେ ଅମୃତ ନହୋଇ ନାରୀସ୍ଥ ହେବାର ଯଥେଷ୍ଟ ସମ୍ଭାବନା ।

ତଥାପି ଏଇ ଆତ୍ମାନୁଭୂତି—ଜ୍ଞାନ ଅନୁଭୂତି ପଥରେ ମାନବ ବେଳ ବେଳେ ପରାଜୟ ମାନେ । ଜ୍ଞାନ ଓ ଭାବ ଦୁଇଟି ଯାକ ମହା ବିରାଟ ବସ୍ତୁ—ଭଗବାନ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦେଖି ବେଳେ ବେଳେ କାବୁସ୍ଥ ହୋଇ ନର ଅର୍ଜ୍ଜୁନ କହେ—ତେନୈବ ରୂପେଣ ଚତୁର୍ଭୁଜେନ ସହସ୍ର ବାହୋ ଭବ ବିଶ୍ୱମୂର୍ତ୍ତେ ।

ସେତେବେଳେ ହୁଏତ ଉନ୍ମୁକ୍ତ ଲେଖକ ନାରୀର ସ୍ନେହ ଆଶା କରି ଠିଆ ହୋଇ ରହେ । ଜ୍ଞାନ ଓ ଭାବର ବିରାଟତ୍ୱକୁ ସହି ନପାରି କହୁଥିବ—ତେନୈବ ରୂପେଣ ନାରୀ ରୂପେଣ ଅସାମଞ୍ଜସ୍ୟ ଭବ ଭବ ସନ୍ତେ ।

ସେତେବେଳେ ଅର୍ଜ୍ଜୁନ ଭଳି ଲେଖକ ଭବ ଦୁର୍ବଳ । ନାରୀ ଗ୍ରହଣ ତାର ପରାଜୟର ସ୍ୱୀକୃତି । ଏଇ ଅବସର ଦେଖି ହୁଏତ ପ୍ରେମିକ ନରକୁ ନାରୀ କହୁଥିବ—

ମାମେକଂ ଶରଣଂ ଗଚ୍ଛ ସର୍ବ ଭବେନ ପୁରୁଷ
ଅହଂତ୍ୱାଂ ସର୍ବ ଭବେଭ୍ୟୋ ମୋକ୍ଷୟିଷ୍ୟାମି
ମାଶୁଚ

ଭକ୍ତ ନର ସେତେବେଳେ କହିବ—

ଯାଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ



Digitized by srujanika@gmail.com

ଉପାଧି ଏପରି ସମୟରେ ତ୍ୟାଗ କଲେ କାହିଁକି ?

ଉ—ପଣ୍ଡିତ ଥିବା ଯାଏ ତାଙ୍କୁ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ ନୀତି ଧରିବାକୁ ପଡ଼ିଥିଲା । ତେଣୁ ଭାରତରୁ ଅଧେ ଦେଲେ—କାଶ୍ମୀରରୁ ଅଧେ ଦେଲେ—ଏପରିକି ଶାସନ ଦାୟିତ୍ୱରୁ ପଟେଲଙ୍କୁ ଅଧେ ଦେଲେ । ଏଣିକି ପୁରା ଦାୟିତ୍ୱ ନେଇ ପାରିବେ ।

ପ୍ର— ଅଧ୍ୟାପକ କେ: ବି: ସାହାଙ୍କୁ ରେଭେନ୍ସା କଲେଜରୁ ଉଇମେନ୍ସ କଲେଜକୁ ନିଆଗଲା କାହିଁକି ?

ଉ—ଉଇମେନସଙ୍କର ସବୁ ଧନେ ଜଣେ ଆଃହା ସୁବୃଦ୍ଧ ଦରକାର ।

ପ୍ର— ମାନ୍ୟବର ମହତାବ କେନ୍ଦ୍ରସରକାରକୁ ଗଲା ପରେ ଓଡ଼ିଶାରେ କି କି ପରିବର୍ତ୍ତନ ଘଟିଛି ?

ଉ— ଗର୍ଣ୍ଣ ଘୋଡ଼ା ବେଇଛି ।

ମହେନ୍ଦ୍ରର ମହାପାତ୍ର, ଭୁଲଣ୍ଡି, ବରପାଲି

ପ୍ର— ପୁଅ ଯୋଗ୍ୟ ହେଲେ ଧନ କାହିଁକି ସଞ୍ଚୁ, ପୁଅ ଯୋଗ୍ୟ ନହେଲେ ଧନ କାହିଁକି ସଞ୍ଚୁ ? ଏ କହଣିର ତାତ୍ପର୍ଯ୍ୟ କଣ ?

ଉ— ଧନ ଅର୍ଜନେ ଧର୍ମ କର,
ଧର୍ମେ ପ୍ରାପତ ଶ୍ରୀ ଡଗର ।

ପ୍ର— ଗ୍ରୋମୋର ଫୁଡ୍ ରହିବା ଦ୍ୱାରା ଆମ ରାଜ୍ୟରେ କି ଉନ୍ନତି ହୋଇଛି ?

ଉ— ମନ୍ତ୍ରୀମାନଙ୍କ ମୁଣ୍ଡ ଭିତର ପଡ଼ିଆ ଜମିରେ ଗୋବର ପଡ଼ି ଅଧିକ ବଢ଼ିଆ ହୋଇଛି ।

ପ୍ର— ଆମ ଅଞ୍ଚଳରେ ଜଣେ ରୂପସୀ ସର୍ତ୍ତ ଦେଇଛନ୍ତି ଯେ ଗୋଟିଏ ଦିଆସିଲି କାଠିରେ ୧୪ଜଣ ଲୋକଙ୍କୁ ଗୃହପାଖରେ ବସାଇ ସମସ୍ତଙ୍କ ସିଗାରେଟରେ ଯେ ନିଆଁ ଦେଇପାରିବ ତାକୁ ସେ ସ୍ୱୟଂବର କରିବେ । ଚନ୍ଦ୍ରଚନ୍ଦ୍ର ପାରିବେ କି ?

ଉ— ଚନ୍ଦ୍ରଚନ୍ଦ୍ରଙ୍କର ଦିଆସିଲି ମଧ୍ୟ ଦରକାର ପଡ଼ିବ ନାହିଁ । କାରଣ ସ୍ୱୟଂବରାଙ୍କ ମୁହଁରେ ଯେଉଁ ନିଆଁ ଅଛି ସେଥିରେ ବିଡ଼ି ସବୁ ପାଖରୁ ନେଇ ମାଳେ ଜଳି ଉଠିବ ।

ବାଳମୁକୁନ୍ଦ ଦେଓ, ସୋନପୁର

ପ୍ର— ହୀରାକୁଦ ବନ୍ଧ ଗୋଟିଏ କୃଷ୍ଣଙ୍କ ରାଜତ୍ୱରେ ଆରମ୍ଭ ହୋଇ ଅବ ଏକ କୃଷ୍ଣ ଭୋଗ କଲେଣି । ପୁଣି ଏକ କୃଷ୍ଣ ଜନ୍ମ ହେଲେ ଯାଇ କଣ ଶେଷ ହେବ ?

ଉ—ନାହିଁ ନାହିଁ, କୃଷ୍ଣର ଆଉ ଦରକାର ନାହିଁ । ରାଧା ନାଚିଲେ ହୋଇଯିବ ।

ପ୍ର—ଆଜି କାଲି ଅମଲାତନ୍ତ୍ର ଶାସନ ଚାଲିଛି ବୋଲି ଲୋକେ କହୁଛନ୍ତି କାହିଁ ?

ଉ— ଏ ଶାସନ କେବେ ମରି ନାହିଁ ଓ ମରିବ ନାହିଁ ବୋଲି ଅମଲା ।

ପ୍ର— ବାଲ୍ୟ ବିବାହ ଓ ଯୁବତୀ ବିବାହ ଭିତରୁ କେଉଁଟା ଭଲ ?

ଉ— ବାଳିକା ଓ ଯୁବତୀଙ୍କ ଭିତରୁ ଯିଏ ହାଲୁକା ତାକୁ ବହିବା ସୁବିଧା ।

କାଳଚରଣ ମହାପାତ୍ର,
ଖଲ୍ଲିକୋଟ କଲେଜ, ବ୍ରହ୍ମପୁର

ପ୍ର— ଯୌବନର ପତନ କେବେ ?

ଉ— ଯୌବନର ପତନ ନାହିଁ । ସେ ତଳରୁ ଉପରକୁ ଉଠେ । ବୟସ ବେଶି ହେଲେ ହାତ ଗୋଡ଼ରୁ ଉଠି କେବଳ ତୁଣ୍ଡରେ ଥାଏ ।

ପ୍ର—ଆପଣ ଯାହା କହନ୍ତି ତାହା ପାଳନ୍ତି କି ?

ଉ— ଦରକାର ପଡ଼େ ନାହିଁ । କାରଣ ମୁଁ ଯାହା କହେ ଦିଏଁ ତା ସଙ୍ଗେ ସଙ୍ଗେ ପାଳିତ ହୋଇଯାଏ ।

ପ୍ର— ଆପଣ ନୃତ୍ୟ ଓ ଗୀତ ମଧ୍ୟରୁ କେଉଁଟାକୁ ବେଶି ପସନ୍ଦ କରନ୍ତି ?

ଉ— ନୃତ୍ୟକୁ କାରଣ ମୁଁ ଗାଏଁ—ଇନ୍ଦ୍ରାଣୀ ନାଚନ୍ତି ।

ଶରତଚନ୍ଦ୍ର ମହାନ୍ତି, ମେଦିନୀପୁର କଲେଜ,

ପ୍ର— ମୋର କବିତା ଲେଖିବାର ସ୍ପୃହା କମିଯାଉଛି କାହିଁକି ?

ଉ— କବିତା ବୋଧହୁଏ କଳ୍ପନାରୁ ଆସି ବାସ୍ତବିକ ହୋଇ ଧରା ଦେଲେଣି ।

ପ୍ର— ସ୍କୁଲ କଲେଜରେ ଯୁଦ୍ଧ ବିଦ୍ୟାଟାକୁ ସରକାର ବାଧ୍ୟତାମୂଳକ କରୁ ନାହାନ୍ତି କାହିଁକି ?

ଉ—ଫୁଲଶର ସନ୍ଧାନର ଟ୍ରେନିଂ ସବୁ ।

ପ୍ର— ନାରୀ ଯନ୍ତ୍ରୋ ମୋହିନୀ ଉଚ୍ଚକୋ ବାହିନୀ— ଆପଣ ଏ ଉକ୍ତି କି ବିଶ୍ୱାସ କରନ୍ତି କି ?

ଉ— ନାଃ । ନାରୀ ସବୁବେଳେ ସର୍ପିଣୀ ।

ସୁରେନ୍ଦ୍ରମୋହନ ତୁଙ୍ଗ —ଏମ୍ ଏସ ମେସ୍
ବାରିପଦା

ପ୍ର—ନବକୃଷ୍ଣ ନଥିଲେ ହରେକୃଷ୍ଣଙ୍କ ଉତ୍ତରାଧିକାରୀ କିଏ ହୋଇଥାନ୍ତେ ?

ଉ—ଗବକୃଷ୍ଣ ।

ପ୍ର—ତୃତୀୟ ମହା ସମରରେ ଭାରତ କାହା ପକ୍ଷ ନେବ ?

ଉ—ଯମପକ୍ଷ ।

ପ୍ର—ସ୍ୱର୍ଗକୁ ଯିବାର ବାଟ କେଉଁଟା ?

ଉ—ହିମାଳୟ ପାର ହୋଇଗଲେ ନାଲି ଅଞ୍ଚଳ ପଡ଼ିବ ।

ଅଶୋକକୁମାର ନାୟକ—କଲେଜହଷ୍ଟେଲ
ବାରିପଦା

ପ୍ର—ନାରୀମାନଙ୍କୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ କାହିଁକି ?

ଉ—କାରଣ ନାରୀଙ୍କ ଛଡା ମନକୁ କେବେ ପୁରୁଷକୁ ଦେଇପାରେ ନାହିଁ ।

ପ୍ର—ନାରୀର ସତୀତ୍ୱ ଓ ନାରୀତ୍ୱ କଣ ?

ଉ—ସତୀତ୍ୱ ଅନ୍ୟକୁ ଭୁଲାଇବା—ନାରୀତ୍ୱ ନିଜକୁ ଘୋଡ଼ାଇବା ।

ପ୍ର—ନାରୀ ଓ ପୁରୁଷ ମଧ୍ୟରେ ଚିରସ୍ଥାୟୀ ସମ୍ବନ୍ଧ ରହେ କିପରି ?

ଉ—ଦୁହେଁଯାକ ଗୋଟିଏ କୁକୁର ନାଙ୍ଗୁଡ଼କୁ ଦୁଇ ପାଖରୁ ଧରି ସବୁବେଳେ ସିଧା ରଖିବାକୁ ପଣ କରି ବସିଲେ ରହିବାର ସମ୍ଭାବନା ।

ବୀରେନ୍ଦ୍ରକୁମାର ସେଠି—ବୀଣାପାଣିମେସ୍
କରଞ୍ଜିଆ

ପ୍ର—ଅବିଶ୍ୱାସୀ ଆତ୍ମପ୍ରକାଶ କରେ କିପରି ?

ଉ—ଆତ୍ମ ପ୍ରବଞ୍ଚନାରେ ।

ପ୍ର—ଦୂର ହସ ସୁନ୍ଦର ଦିଶେ କି ?

ଉ—ହସିବା ଲୋକ ଯଦି ଦାନ୍ତୁଡ଼ା ବା ଦାନ୍ତୁଡ଼ୀ ହୋଇଥାଏ ।

ପ୍ର—ସମୟ କଣ ନ କରେ ?

—ନାରୀର ମନକୁ ବୁଢ଼ା କରି ପାରେ ନାହିଁ ।

ନିତ୍ୟାନନ୍ଦ ଦାସ—ବୈରାମ ନଗର
ବାଲେଶ୍ୱର

ପ୍ର—ମଣିଷର ମନ ପରିବର୍ତ୍ତନ ହୁଏ କାହିଁକି ?

ଉ—ବାନ୍ଧିବା ପାଇଁ ସବୁ ଦଉଡ଼ି ମିଳେ ନାହିଁ ବୋଲି ।



Digitized by srujanika@gmail.com

# ମୁଁ କାହିଁକି ଲେଖେଁ

ଲେ—ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

ଛାତି ଫାଟି ଯାଉଛି । ଦେହ ଧରି ମୁହୂର୍ତ୍ତେ ଠିଆ ହୋଇ ହେଉ ନାହିଁ । ରକ୍ତର ପ୍ରବାହରେ ଶିଥିଳତା ଆସୁଛି । ମନ ଦବି ଯାଉଛି ।

କଣ ହେଲା ? ଏ କଣ ?

କଟକ ଷ୍ଟେସନ ! ଯେଉଁଠି ନରନାରୀଙ୍କର ଆନନ୍ଦ-କୋଳାହଳରେ ବାୟୁ ମଣ୍ଡଳ ସଦେ କଲ୍ଲୋଳ ମୁଖରିତ ହୋଇ ଉଠୁଥିଲା, ଆଜି ସେଠାରେ ଘେରି ଯାଇଛି ବିଷାଦର କରାଳ ଛାୟା । ସ୍ୱାମୀ-ହରା ବିଧବା ନାରୀ ପରି ସେ ଶୋକାକୁଳା ହୋଇ ରୋଦନ କରୁଛି । ଅଙ୍ଗରେ ଭୂଷଣ ନାହିଁ, ଶରୀରରେ ଉନ୍ମାଦ ମଦକତା ନାହିଁ କି ନୟନରେ ଅଶ୍ରୁ ବି ନାହିଁ । ତାର ହୃତ୍‌ପିଣ୍ଡ ପ୍ଲାଟଫର୍ମ ଉପରେ ବ୍ଲାଷ୍ଟିଂ ପାଉଡ଼ରର ପ୍ରତିଶୋଧକାରୀ ଇକ୍ସପ୍ଲୋଜନର ଦୁର୍ଦ୍ଦମନୀୟ ତାଣ୍ଡବ ଲୀଳା ଏବଂ ସର୍ବୋପରି ମାନବର ସଂଖ୍ୟାହୀନ ମହାଯାତ୍ରା । ଯୁବତୀର ଲୀଳା ସ୍ଥଳରେ ମହାକାଳର ଇଙ୍ଗିତରେ ପେଚକର ହୁତପୂର୍ଣ୍ଣ ଚିତ୍କାର ରାଜତ୍ୱ କରୁଛି । ହୃଦୟ-ବିଦାରକ କରୁଣ ବିୟୋଗାନ୍ତ ଦୃଶ୍ୟରେ ତାହା ରୂପାନ୍ତରିତ ହୋଇଛି ।

ଏକ ଅଶରୀରୀ ଆତ୍ମା ଯେପରି ସମସ୍ତଙ୍କୁ ଗ୍ରାସ କରିବା ପାଇଁ ଶୂନ୍ୟରେ ମୁଖ ବ୍ୟାଦାନ କରି ଘୂରି ବୁଲୁଛି । ତାର ଶକ୍ତିଶାଳୀ କରାଳରୁ ମୁକ୍ତି ପାଇବା ଲାଗି ମାନବ ମଧ୍ୟ ଆପ୍ରାଣ ସଂଗ୍ରାମରୁ ନିବୃତ୍ତ ହେଉ ନାହିଁ । ଯେ ଜିତିଲା, ସେ ଜୀବନରେ ପ୍ରତ୍ୟାବର୍ତ୍ତନ କରୁଛି ଏବଂ ଯେ ହାରିଲା, ସେ ମୃତ୍ୟୁର କୋଳରେ ଆଶ୍ରୟ ଭିକ୍ଷା କରି ପରିଶେଷରେ ଶ୍ମଶାନର ଶାନ୍ତିପ୍ରଦ ନୀଡ଼ରେ ବିଶ୍ରାମ ନେଉଛି ।

ପୃଥିବୀ ଉପରକୁ ଓହ୍ଲାଇ ଆସିଛି କାଳଗ୍ରାସୀ ଅନ୍ଧକାରର ରାତି । ପ୍ରଥମ ପ୍ରହର । ଭୋଜନ ବସ୍ କଟଲଜ ପାଖରେ ଅଭିଯାନ ଶେଷ କଲି । ମୁଁ ଚିହ୍ନେଁ ନାହିଁ । ସାଥୀ ବନ୍ଧୁ ଜଣେ । ସେ ବରଣ କରୁଥିଲେ । ମାନିଲି ନାହିଁ । ଧୂହେଁ ଗଣ୍ଡି କଲି । ପୋଷ୍ଟ ଅଫିସ ଠାରୁ ସାତ ରହୁଛି କଟକର ଗଞ୍ଜ ପଦର ଗହଳିଆ ଅନ୍ଧାର ରାତିରେ ଅଗଣିତ ନରନାରୀ ଆଶ୍ରୟ ନେଇଛନ୍ତି । ନିର୍ମମ ନୈଷ୍ଠୁର୍ଯ୍ୟ ପୈଶାଚିକ ମୂର୍ତ୍ତି ଧାରଣ କରି ଏହି ମହାପଥରେ ଅବତୀର୍ଣ୍ଣ ହୋଇ ତାର ନାରକୀୟ ଆଧିପତ୍ୟ ସ୍ୱୀକାର କରିବାକୁ ବଜ୍ର ନିର୍ଘୋଷ କଣ୍ଠରେ ଘୋଷଣା କରୁଛି ।

ଗଛ ମୂଳ ଆଉ ଶୂନ୍ୟ ନାହିଁ । ନରନାରୀଙ୍କ ଅସ୍ଥାୟୀ ଜ୍ୱାଳାମୟୀ ଆବାସ ବ୍ୟାପି ଯାଇଛି ଖୋଲା ପଡ଼ିଆକୁ । ଉପରେ ଚନ୍ଦ୍ରାତପ ଆକାଶ, ତଳେ ଶୁଖିଲା ଘାସ ଓ ନାଲି ଗୋଡ଼ିମାଟି ।

ଗୃହହୀନ ଅପରିଚିତ ନରନାରୀ ମଶା-ଜାଲି ଘେରି ବସିଛନ୍ତି । ଦୁଇ ଜଣ ସ୍ୱାମୀ-ସ୍ତ୍ରୀ ବୋଲି ଅନୁମିତ ହେଉଛନ୍ତି । କୋଳରେ ଦୁଇ ବର୍ଷର ଶିଶୁଟିଏ । ଅନ୍ୟ ଦୁଇ ଜଣଙ୍କ ଭିତରୁ ଏକ ବୃଦ୍ଧା, ଅପରଟି ଯୌବନ ଅତିକ୍ରମ କରି ଯାଇଛି । ସମସ୍ତଙ୍କର ପରିଧାନ—ବସ୍ତ୍ର ଅଶୁଭ୍ର, ମଳିନ । ବଦନ-ମଣ୍ଡଳରେ ବିଷାଦର ଛାୟା ପରିସ୍ଫୁଟ । ଶରୀର ନିସ୍ତେଜ । ସର୍ବ-ଅଙ୍ଗରେ କ୍ଳାନ୍ତି ଓ ଶକ୍ତି ହୀନତା ପ୍ରକଟ କରୁଛି ।

ଧୀରେ ଧୀରେ ପୁରୁଷଟି ପ୍ରଶ୍ନ କଲା—କେତେ ଖଣ୍ଡ ରୁଟି ଅଛି ?

ରମଣୀଟି ପୁଟୁଳିଟି ଫିଟାଇ, ଗୋଟିଏ କାଗଜ ଗୁଡ଼ା ଯାହା ଥିଲା ପ୍ୟାକେଟ ବାହାର କଲା । ବୃଦ୍ଧ ଆଡ଼କୁ ବଢ଼ାଇ ଦେଲା । ସେ ନିର୍ବାକ ଓ ନିର୍ଜୀବ ଭାବରେ ତାହା ଫିଟାଇଲା । ଏବଂ ନୀରବରେ ପ୍ରକାଶ କଲା—ଚାରିଖଣ୍ଡ ।

ଚାରୋଟି ଶୁଖିଲା ରୁଟି । କେବେ ତିଆରି ହୋଇଥିଲା ଜଣା ନାହିଁ । ସେମାନଙ୍କ ଗ୍ରାମରୁ ରନ୍ତାଲେଇ ଉଦ୍ଦେଶ୍ୟରେ ଯେତେବେଳେ ବାହାରିଲେ, ସେତେବେଳେ ଅନ୍ନହୀନ ପଥରେ ଏକମାତ୍ର ପାଥେୟ ରୂପେ ଆଣିଥିଲେ ଏହି ପୁଟୁଳିଟି । ତାର ଭିତରେ ଥିଲା କେତେଖଣ୍ଡ ଲୁଗା ଓ ଘରର ନୋଟଟିଏ, ବେଲି ଦୁଇଖଣ୍ଡ, ଗୋଟିଏ ମୁଣିରେ ଛତୁଗୁଣ୍ଡ ଏବଂ କାଗଜରେ ଗୁଡ଼ା ହୋଇଥିଲା କେତୋଟି ରୁଟି । ସେମାନେ ଜାଣିଥିଲେ, ରୋଗରୁ ମୁକ୍ତି ପାଇବା ପାଇଁ ନେପାଳୀ ବାବାଙ୍କ ଠାରୁ ଔଷଧ ନେଇ ଅଚିରେ ନିଜ ବାସସ୍ଥାନକୁ ବାହୁଡ଼ି ଯିବେ । କିନ୍ତୁ ତାଙ୍କର ସମସ୍ତ ଆଶା ଆଜି ବ୍ୟର୍ଥତାରେ ପରିଣତ ହୋଇଛି । ଅନେକ ବେଳେ ନାନାଦି କଷ୍ଟ ଓ ଯନ୍ତ୍ରଣା ସହ୍ୟ କରି ସ୍ୱୟଂ-'ଭଗବାନ'ଙ୍କୁ ଦର୍ଶନ କଲେ ଏବଂ ଔଷଧ ବି ସେବନ କଲେ । ଫେରିବାକୁ ଚାହିଁଲେ ରନ୍ତାଲେଇରେ ମୁହଁକୁ ମୁହଁ ଦେଖାଯାଉ ନାହିଁ । ହଲଚଲ ହେବାକୁ ବି ଟିକିଏ ସ୍ଥାନ ନାହିଁ ! ଯାନ-ବାହାନର ଆଶା ପରିତ୍ୟାଗ କରି ପଦ-ଯାନରେ ମେଳାମଣ୍ଡଳକୁ ଆସିଲେ । ଖାଇବାକୁ କିଛି ମିଳୁ ନଥାଏ ଏବଂ ପଥଘାଟ ବ୍ଲେକ-ରଣ୍ୟ । ଜୀବନ ଧରି ସୁସ୍ଥ ନିଜ ବାହୁଡ଼ିବା ଯେଉଁଠି ଦୁରୂହ ପରିଗତ, ସେଠାରେ ଖାଦ୍ୟର ପ୍ରଶ୍ନ ବା କାହିଁକି? ଯାହା ହେଉ ପ୍ରାଣ ବଞ୍ଚାଇବା ଲାଗି କେବେ କେତେବେଳେ ଶୁଖିଲା ରୁଟି ଖଣ୍ଡେ ଓ କମ୍ବା ଛତୁ ମୁଠାଏ । ପିଇବାକୁ ପାଣି କାହିଁ ? ତାହା ଆଉ ଏକ ବିରାଟ ସମସ୍ୟା । ପୁଚ୍ଛାପଟି ଦୁଇ ଘଣ୍ଟା ପରିଶ୍ରମ କରି ଏବଂ ଗୋଟିଏ ଟଙ୍କା ଖର୍ଚ୍ଚରେ ଲୋଟିଏ ପାଣି ଆଣିଥିଲା । ମେଳାମଣ୍ଡଳରେ ଏମାନେ ସମସ୍ତେ ଟୋପାଏ ଟୋପାଏ ଭାଗରେ ଦେଉଥିଲେ । ସେଦିନ ମଧ୍ୟ । ଅଣ୍ଡା ଭାଙ୍ଗରରେ ଉପାସ ଭୋକରେ ଦୁଇଦିନ ପଡ଼ି ରହିବା ପରେ ଅତି କଷ୍ଟରେ ଗାଡ଼ିରେ ଉଠିବାକୁ ପାଇଲା । କଟକରେ ଓହ୍ଲାଇବାକୁ ହେଲା । ଯେଉଁ ନିଃସହ ମୃତ୍ୟୁକୁ ପୁଣି ସେଠା ! ଏଠାରେ ବି ତିନି ଦିନ ହେଲା ସେମାନଙ୍କ ଆଶ୍ରୟ ହେଉଛି ଧରିତ୍ରୀର ଏକ ଉନ୍ମୁକ୍ତ କୋମଳ ସ୍ଥାନ । ନିଜ ଆବାସକୁ ଫେରି ଯିବାକୁ ଗାଡ଼ି ମିଳୁନାହିଁ । ଯାହା କିଛି ଅର୍ଥ ସମ୍ବଳ ଥିଲା ତାହା ବି ସରି ଗଲାଣି ।

ପୁରୁଷଟି ଦୁଇଟା ମୁଠା ଛଡ଼ାଇ ନେଲା । ଗୋଟିଏ ବୃଦ୍ଧା ହାତକୁ ବଢ଼ାଇ ଦେଲା ଏବଂ ଅନ୍ୟଟିର ପାଣି ଖଣ୍ଡ ଟିକିଏ ଲଗାଇ ଖାଇଲା । ବୃଦ୍ଧା ବି ତାକୁ ଖଣ୍ଡିଏ ରୁଟି ଦେଲା ।

ରୁଟି ଥରେ କାମୁଡ଼ି ଦେଇଛି । ପେଟ ଭିତରେ କଣ ମୋଡ଼ି ହେଲା । ଭଉ ଭଉ କରି ବାନ୍ତି ହୋଇ ପଡ଼ିଲା । ଏଣେ ଲୁଗାରେ ବି ପଡ଼ି ଯିବାକୁ ଲାଗିଲାଣି । ଦୁଇ ବାଟରୁ ଜଳସ୍ରୋତ ଛୁଟିବାକୁ ଲାଗିଲା । ସମସ୍ତେ ତାକୁ ଧରି ଥାଆନ୍ତି ।

ଦୁଇ ଜଣ ଭଲଣ୍ଟିଅର କେଉଁଠୁ ଛୁଟି ଆସି ତାକୁ ଷ୍ଟ୍ରେଚରରେ ଉଠାଇ ନେଇ ଚାଲିଗଲେ । ସମସ୍ତେ କାନ୍ଦି କାନ୍ଦି ଗଡ଼ି ଯାଉଥାନ୍ତି । ସ୍ତ୍ରୀଟି ତାର ପିଲାଟିକୁ ଛାତି ମୁଣ୍ଡ ବାଡ଼େଇ ହେଉଥାଏ ।

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ଚଳନ୍ତିକା

ଲେ—ଶ୍ରୀ ବିନୋଦଚନ୍ଦ୍ର ନାୟକ

ଷ୍ଟେସନର ବିରାଟଛାତ ତଳେ
ଜମୁଥିଲା କ୍ରମଶଃ କାକଳି
ଧଗଡେଇ ସବୁଜ ଆଲୋକ
ଅପ୍ରେ ଅପ୍ରେ ପଡ଼ୁଥିଲା ଝରି
ମନ୍ଦିହଛ ସାଇକ୍ଲୋପସ୍
ଏକ ଚକ୍ଷୁ ଇଂଜିନର ପରେ ।
ଏ ମାଟେ ଆଶ୍ରୟ ପ୍ରାର୍ଥୀ
ଭିଡ଼ ଜମେ । ସେ ପାଖ ଟ୍ରଲିରେ
ବଙ୍ଗାଳୁଣୀ ସଂଧ୍ୟା ସ୍ନାନ ସରେ ।
ଗଲେ ତାର ସବୁଜର ଫେଣ
ଆଉ ଦେଉଳ ଶାଢ଼ୀ ଭେଦ କରି
ଫୁଟିଉଠେ ଲୋଭନୀୟ ଦେହର ବରଣ ।
ବିସ୍ମୃତ ଗ ଅଧ୍ୟୁଥିଲା
ମୁହିଁ ଏକା ଛିଡ଼ା ହୋଇଥିଲି
ଆକାଶେ ବି ଚନ୍ଦ୍ର ଥିଲା
ଆଉ ଥିଲା ସନ୍ଧ୍ୟାର କାକଳି ।
ସାମ୍ନା ହୋଟେଲକୁ ଯାଇଁ
କଟିପଥ ଇୟାରଙ୍କ ସଙ୍ଗେ
ହଠାତ୍ ଆସିଲ ତମେ । ତୁମ ତନୁ ଅଙ୍ଗେ
ସେଇ ପରିଚିତ ନୀଳ ରେଶମର ଫ୍ରକ୍
ଓଠ ତଳେ ସେଇ ରଙ୍ଗ ଲେପ ।

ଆଖିରେ ତୁମର
ସ୍ମୃତିର ମହତ୍ତ୍ୱ ସମ ଗଭୀରତା ରହିଛି ଅଧିକ
ହାତରେ ମୋର ଏକ୍ କପ୍ ସ୍ପୃହା
ତୁମେ ମତେ ସହସା ଦେଖିଲ
ତାପରେ ଚରଣ ଗତି ଆକସ୍ମିକ କଣେ ଶିଥିଳ
ଇନ୍ଦ୍ରିୟର ପକେଟ୍ ନେଇ
ଓଠେ ଦେଲ ଖଣ୍ଡେ ସିଗାରେଟ୍
ଥଣ୍ଡା ହେଲା ହାତେ ମୋର ସ୍ପୃହା
କହି କଏ ଅବା ଭାବିଥିଲା
ହେବ ଏଇ ଭଳି ଦିନେ ଭେଟ ।
ଦୂରେ ପଟ୍ଟ ଘାଟର ଶାହାଣେ
ସେଇଦିନ ଶୀତ ସନ୍ଧ୍ୟା ନଇଁ
ନେପଥ୍ୟ ପିଆନୋ ଅବାଜ
ବନ୍ଧୁଙ୍କର ପ୍ରାର୍ଥନା ଅଳସ୍ୟେ
ତୁମେ ଆସିଥିଲ ମୋର ପାଶେ ।
ତାହାପରେ ସେଦିନ କଣିଥେ
ଦେହ ନିବେଦନ ମତେ କରିଥିଲ
ଅପରୂପ ପ୍ରଗଲ୍ଭ ସଙ୍ଗୀତେ ।
ତାହାପରେ ସେ ଅଶ୍ରୁତ ଗୀତେ
ଦେଇ ମତେ ଅ ମୃତ୍ୟୁ ଏକ ।

ମନେଥିବ ମନେ ଅଛି ସବୁ—
ହୃଦେ ଅଛି ସେ ସ୍ୱର୍ଣ୍ଣ ସ୍ମାରକ ।
ସୁପ୍ରସ୍ଫୁଟିତ ଶାଖା ଛୁଇଁ
ପାଇଛି ମୁଁ କଣ୍ଟକ ଆଘାତ
ଲାବଣ୍ୟବତୀଙ୍କ ଦେଖି ସାମନାରେ
କରିଅଛି ମଧ୍ୟ ଆଖି ନତ
କବିତାରେ କେତେ ମନୋମତ
ତୁମରି ଦେହର ତୃପ୍ତି ଆଣିଅଛି
ହୃଦୟ ଅବିରତ ।
ସେ ସବୁର ଇତର ମହତ୍ତ୍ୱ
ଅଛି ଏଇ ପିଚ୍ ଗ୍ଲାସ୍ ଟାରେ
ସିଗାରେଟ୍ ଖଣ୍ଡସମ ଦଳିଦେବା ପାଇଁ
ଇଚ୍ଛା ହୁଏ ଏ ଯେ ଛାର ତଳେ ।
ନୂତନ ବନ୍ଧୁର ସାଥେ
ଗୃହସ୍ଥ ତୁମ କରର ମର୍ଦ୍ଦନ
ଗୃହଲକ୍ଷ୍ମୀ ତୁମ ଦେହ ଲାଞ୍ଛନ
ଟିକେ ବିହ୍ୱଳ ଯଦି ମନୋଭାବ ନେଇ
ଦୂରୁ ବନ୍ଧ କରେ ନିରୀକ୍ଷଣ···ଖାଲି ନିରୀକ୍ଷଣ ।
ଓଃ ତୁମେ ଗଲଣିଚ ଚାଲି !
ଟ୍ରେନ୍‌ର ତୃତୀୟ ଘଣ୍ଟା ବାଜିଉଠେ !
ସେ ପାଶେ ବି ନିସ୍ତବ୍ଧ କାକଳି ।

---

କିଛି ସମୟ ପରେ କେତେଜଣ ଲୋକ ଆସି ଏମାନଙ୍କୁ ଇଞ୍ଜେକ୍‌ସନ ଦେଲେ ତଥାପି ବୁଢ଼ାଟିକୁ ପୁଣି ହସ୍ପିଟାଲକୁ ନେବାକୁ ପଡ଼ିଲା ।

ଷ୍ଟେସନ ବଜାରରେ କେତେ ଲୋକ ଠିଆ ହୋଇ ହୋଟେଲ ବନ୍ଦ କରୁଛନ୍ତି । ମାଛି ବାଲ୍ଟି ତା ଘୁଞ୍ଚି ନରେ ମଞ୍ଚ ଧରି ବସିଛି । ବିରି ପିଆଜୀ ଛଣା ବନ୍ଦ ନାହିଁ । ତିନିଜଣ ଗେଟ ଭିତରର ଟ୍ୟାଙ୍କରେ ପଚା ସଢ଼ା କମଳା ଲେମ୍ବୁ ରଖି ଡାକ ଛାଡ଼ୁଛନ୍ତି । ଦକ୍ଷିଣ ପାଖରେ ଗୋଟେ କାର୍‌ର ଗୋଟାଏ ଅଣାଏ ।

ଠିକ୍ ଆର.ଏମ୍.ଏସ୍.କୁ ଲାଗି ସଡ଼କ କଡ଼ରେ ବସିଛନ୍ତି ଗୁଡ଼ାଏ ସ୍ତ୍ରୀ ଓ ପୁରୁଷ । ସମସ୍ତେ ଦେଥ ଉଳକୁ କରି ଜଣ ଭଳି ଛନ୍ତି । ଆଜି ସେମାନେ ଯେପରି ସର୍ବ-ଶକ୍ତିରହିତ ନିର୍ଜୀବ ନିସ୍ତେଜ ମାଂସ ଫେଣ୍ଟା ।

ଭଦ୍ରସନ୍ତାନ ପରିବାର ସବାରୀ ବୋହି ନେଇ ଯାଉଛନ୍ତି ।

ପଡ଼ିଲା ପୁଲିସ ଲାଇନ୍ । ସିପାହୀଟିଏ ଲୋକଙ୍କୁ ଏପଟକୁ ଆଡ଼େଇ ଦେଉଛି । ଯାନ-ବାହନ ଛାଡ଼ ଦେଉନାହିଁ ।

ପ୍ଲାଟ୍‌ଫର୍ମରେ ଗାଡ଼ିଟିଏ ଠିଆ ହୋଇଛି ତା ଭିତରେ ଖାଲି ମୁଣ୍ଡ ମଲା । ଚଢ଼ିବାର କେହି ଦେଖା ଯାଉନାହିଁ । ଷ୍ଟେସନ ଦୁଆର ମୁହଁରେ ଜଣେ ସ୍ୱେଚ୍ଛା-ସେବକ ସର୍ଦ୍ଦାର ଓ ଜଣେ ଫ୍ରେଣ୍ଡ୍‌ସ ସର୍ଭିସ୍‌ ସୋସାଇଟିର ଲୋକଙ୍କ ସମ୍ପର୍କ ଛନ୍ତି । ଭିତରୁ ଆସିଲେ ଟିକେଟ ଦେଖାଇ ଦେଉଛନ୍ତି ଏବଂ କାହାରିକୁ ମିଳି ବି ଦେଉ ନାହାନ୍ତି ।

ମହରମ ତାସା ଖେଳି ପଡ଼ୁଛି । ଖାଁ ଖାଁ ଲାଗୁଛି । ଦୁଇଜଣ ଭଲଣ୍ଟିଅର ଷ୍ଟ୍ରେଚରରେ ଲୋକଟିଏ ବୋହି ଆଣି ସେଠାରେ ବସାଇ ଦେଲେ । ସେ ତତ୍‌କ୍ଷଣାତ୍ ଢଳି ପଡ଼ିଲା । ପୁଟୁଳିଟି ତାର କଡ଼ରେ ଥୁଆ ହୋଇଥାଏ । ଆଖି ମିଟିମିଟି କେ ମୁଣ୍ଡି ଜଣକୁ ଅଣିଲେ । ସେ ବି ବସିଲା ନାହିଁ । ଆଉ ବୃଦ୍ଧ ଖଞ୍ଜ ମିନିଟ ପରେ ବେହି ଅଣ୍ଟି ଥୋଇ ଦେଲେ ସାତ ବର୍ଷର ଝିଅଟିଏ । ମୂଲ୍ୟବାନ ବସ୍ତ୍ର ଓ ସୁନା ଅଳଙ୍କାର ତା ଅଙ୍ଗରେ ଥାଏ । ଧନୀ ଘରର ସନ୍ତାନ ! ମା ଅଛି ତା ପଛେ ପଛେ ଗୋଡ଼େଇ ଥାଏ, ବାପଟି ତରୁ ଟାଣି ରଖି ଦେଉଥାଏ — ଆଉ ଦୁର୍ଗଣ କାହିଁକି ? ମେଟ୍ରୋନ୍‌ରତିଏ ଦେଖାଇ ଦେଲା—ସୁନା ଗହଣା କାଢ଼ି ନିଅନ୍ତୁ । ହଠାତ୍ ତା ବାପ ପଛିରୁ ବାହାରିଗଲା—ତା ସାଙ୍ଗରେ ଯାଉ ।

କି ବୀଭତ୍ସ ମର୍ମନ୍ତୁଦ ଦୃଶ୍ୟ ! ଅନତିଦୂରରେ ଦୁର୍ଭିକ୍ଷ ମହାମାରୀର ଏହା ଧଳିଗଲା । ଲୋକ ବାବୁ ବାବୁ ଗଡ଼ି ପଡ଼ୁଛି । ପଟି ନାହିଁ, ତୃଣ ନାହିଁ । ଦୁର୍ଗନ୍ଧରେ ବାୟୁ ପରିପୂର୍ଣ୍ଣ ।

ଯତୀନ୍ଦ୍ର ମୋ ହାତକୁ ଟାଣିଧରି କହିଲା—ଆଉ ଆଗକୁ ଯାଆନ୍ତୁ ନାହିଁ, ଆସନ୍ତୁ ଯିବା ।

ଏହି ସମୟରେ ଦୁଇ ଗୃହିଜଣ ଆସି ଲୋକଙ୍କୁ ଇଞ୍ଜେକ୍‌ସନ ଦେବାକୁ ଲାଗିଲେ । ତାଙ୍କ ଭିତରୁ ଜଣକୁ ଯତୀନ୍ଦ୍ର ପଚାରିଲା—କେତେ ଇଞ୍ଜେକ୍‌ସନ ଦେଇ ଏମାନଙ୍କୁ ମହାମାରୀରୁ ରକ୍ଷା କରିବ ?

ଦେଖା ହିଁ ଯାଉଛି—ଜବାବ ମିଳିଲା ।

ମୁଁ ସ୍ତୁଣ୍ଣ ଚାଲିଛି ଯାଉଥିଲି । ମୋତେ ହଲାଇ ଦେଇ ଯତୀନ୍ଦ୍ର କହିଲା---ଆସନ୍ତୁ ପଳେଇବା ।

କେଉଁଠିକି ପଳାଇବା ? କେଉଁଠି ତା ଏହାର ନିସ୍ତାର । ଅଗଣିତ ନେପାଳୀ ବାବା ଆଜି ଅନଳ ପରି ପୃଥିବୀକୁ ଧ୍ୱଂସ କରିବାକୁ ଧାଇଁ ଆସୁଛନ୍ତି । ଏବଂ ତାହାର ବିଲୋପ ଅନିଶ୍ଚିତ, ଯେତେଦିନ ଯାଏ ଆମେ ଏକ ନବ-ପୃଥିବୀ ଗଠନ ନକରିଛୁ ।

ମୋର ଡେଟିମ୍ୟୁତ ମାନ ଏତିକି । ତେଣୁ ମୋ ହାତରେ ଅଛି କଲମ—ଅଛି ଏବଂ ଥିବ ।



Digitized by srujanika@gmail.com

ନାଗଙ୍କ କଲମରୁ

## ନିଷ୍ପେଷିତ

ଶ୍ରୀମାନ୍ ଉପେନ୍ଦ୍ରନାଥ ପଣ୍ଡା (୧୩/୨)

ଭୁଲିଗଲିଣି କି ପରାଧୀନ ହୋଇ
ନାହିଁ ଓଡ଼ିଆ ଆରେ ?
ଜାଣି ପାରୁନୁକି ଦାସତ୍ୱ କାହାର
ହେତୁ ଏହି ଦୁନିଆରେ ?
ଜାଣି ଜାଣି କେତେ ହେଉଁ ପଡ଼ିଅଛୁ
ଦୁଃଖ ସାଗରକୁ ତୁହି ?
ଯେଉଁ ଶାସନରୁ କେହି କେବେ ଲୋକ
ଛାଡ଼ି ପାଇପାରୁ ନାହିଁ ।
ଦେଖି ପାରୁନୁକି ପଡ଼ି ଏହା ଜାଲେ
କେତେ ଜେର ଜାତି ଭାଇ,
ନଇରାଶ୍ୟ ରୂପ ଭୀମ ଅଗ୍ନିକୁଣ୍ଡେ
ଧ୍ୱଂସ ହେଉଛନ୍ତି ଯାଇ ।
ଜାଣି ପାରୁନୁକି ତୁରେ ?
କେତେ ଭୟଙ୍କର ଏହି ନୀଚ ପ୍ରଥା
ମୁକ୍ତ ଏ ଦୁନିଆରେ । ୧ ।
ନିଷ୍ପେଷିତ ତୁହି ଦେଶର ସମ୍ମୁଖେ
ଘୃଣ୍ୟ ହେତୁ ଅଛୁ ତୁହି,
ଅନ୍ୟ ଜାତି ସୁଖେ କାଳ କାଟୁଛନ୍ତି
ତୋତେ ତୁଚ୍ଛ୍ୟ ରୂପେ ଚାହିଁ ।
କ୍ରୀଡ଼ନକ ତୁହି ଅଟୁ ବିଦେଶୀଙ୍କ
ତାଙ୍କ ପାଖେ ଅତି ହେୟ,
ତୋର ଦୁଃଖ ଦେଖି ସେମାନଙ୍କ ମନେ
ହୁଏ ହାସ୍ୟର ଉଦୟ ।
ଲାଗି ପରିଶ୍ରମର ଉପାର୍ଜନ ତୁହି
କରୁ ଅତି ଅଳ୍ପ ଅର୍ଥ,
ଜୀବନରେ ସର୍ବଦା ହୃଦୟ ତୋହର
ହୋଇଅଛି ଭୀତ ସନ୍ତ୍ରସ୍ତ ।
ଦେଖି ପାରୁନୁକି ତୁରେ ?
ନୈରାଶ୍ୟର ଛାୟା ପଡ଼ିଅଛି ଏହି
ଜଘନ୍ୟ ଦାସତ୍ୱରେ । ୨ ।
ଜାଣି ପାରୁନୁକି ଜନ୍ମଭୂମି ତୋର
ସ୍ୱର୍ଗଦପି ଗରୀୟସୀ,
ସେ ତୋର ଜନନୀ ଜନମ ଦାତ୍ରୀ
ପୁଣ୍ୟବତୀ ମହୀୟସୀ ।
ତାର ସନ୍ତାନପଣେ ପୂଜା ହୋଇଅଛି
ବଳିଷ୍ଠରେ ଯେତେ ତୋର,
ତା ମଧ୍ୟ ସେତେବେଳେ ବାଲ୍ୟ କାଳେ ତୁହି
ହୋଇଥିଲୁ ଅତି ବିଭୋର ।
ଜୀବନରେ ନଷ୍ଟ କରି ଭୁଲିଯାଇ ତାର
ଗଭୀର ସେନେହ ବାଣୀ,
ବିଦେଶକୁ ଯାଇ ଲାଗିଗଲି ତୁହି
କରୁଅଛୁ ଲାଭ ଜାଣି ।
ତରେ ଦୁର୍ଦ୍ଦିନ ପକା ତାରେ
କ୍ଷୁଣ୍ଣ ହୋଇଅଛି ହୃଦୟ ତାହାର
ତୋର ବିରହ ଜାଳାରେ । ୩ ।
ଜାଣି ନାହୁଁ ତୁକି ଦାସର ହୃଦୟ
ନିରାଶାର ହୋଇ ଖେଳେ,
ହୃଦୟ ତାହାର ଦୁଃଖର ଜୁଆର
ଉଠୁଥାଏ ସବୁବେଳେ ।
ନିଷ୍ପେଷିତ ଅଟେ ସେ ନର ଯାହାର
ମାନେ ଦାସତ୍ୱ ଶୃଙ୍ଖଳ,
ସେ ନର ସର୍ବଦା ଅଟେ ଜୀବନେ
ଦୀନ, ହୀନ ଓ ଦୁର୍ବଳ ।
ଏହା ଜାଣୁ ଜାଣୁ ଧ୍ୱଂସ ହେଉ କିମ୍ପା
ଦାସତ୍ୱ ରୂପ ଅନଳେ,
ରେ ଓଡ଼ିଆ ଭାଇ ଦୁର୍ଦ୍ଦିନ ପଡ଼ି ଥିବ
ତୋହର ଜନ୍ମଭୂମିରେ ।
ଫେରିଆ ତୁ ନିଜଦେଶେ
ବଢ଼ା ତୋ ଜାତିର, ଦେଶର ସମ୍ମାନ
ଦାସ ଦାସତ୍ୱର କ୍ଲେଶେ ।

## ଅମର ସହୀଦ ଲକ୍ଷ୍ମଣ ନାୟକ

ଶ୍ରୀ ଗଣେଶଚନ୍ଦ୍ର ନାୟକ

ଆଜି ଭାରତ ସ୍ୱାଧୀନ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତର ଭାଗ୍ୟାକାଶରେ ସ୍ୱାଧୀନତା ରବି ଉଦିତ ହେଲେ । ଭାରତ-ଲୌହ ଶୃଙ୍ଖଳ, ବନ୍ଧନ, ଓ ଦାସତ୍ୱରୁ ମୁକ୍ତ ହୋଇ ଏହି ଦିବସରେ ପିନ୍ଧିଲେ ସ୍ୱାଧୀନ ବସୁ-ନ୍ଧରା । ଭାରତର ଏହି ସ୍ୱପ୍ନକୁ ଦେଖିବା ଆଶାରେ ଯେଉଁ ବୀରମାନେ ଆତ୍ମଦାନ କରିଅଛନ୍ତି । ସେମାନଙ୍କ ବଳୀୟାନ୍ ଆଦର୍ଶ ଜାତିର ତଥା ସମଗ୍ର ବିଶ୍ୱର ଜୀବନରେ ଚିର ଉଜ୍ଜ୍ୱଳ ସ୍ମୃତି ହୋଇ ରହିବ । ସେଇ ଆଦର୍ଶ ଶତ୍ରୁକୁ ସବୁ ବାଧା ଓ ବିପଦରେ ବାଟ କଢ଼ାଇବ । ପୂର୍ବୀୟ ପ୍ରତି ଜାତିର ସହିଦମାନେ ସମଗ୍ର ବିଶ୍ୱର ପୂଜନୀୟ ହେବାର କଥା । ଆମ ଭାରତ-ବର୍ଷ ଏଭଳି ଅନେକ ସହିଦଙ୍କୁ ନିଜ ବକ୍ଷରେ କୋଳ ଧରିଥିଲା । ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ ଅନ୍ୟତମ ।

ଭାରତର ଶେଷ ସ୍ୱାଧୀନତା ଆନ୍ଦୋଳନ ଅଗଷ୍ଟ ବିପ୍ଳବରେ ଗିରଫ ହୋଇ ବ୍ରହ୍ମପୁର କେନ୍ଦ୍ର ଜେଲରେ ଓଡ଼ିଶାର ବଡ଼ ବଡ଼ ନେତା ଓ କର୍ମୀମାନେ ବନ୍ଦୀ ହୋଇଥିଲେ । ସେ ବନ୍ଦୀମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ ନାମରେ କୋରାପୁଟ ଜିଲ୍ଲାର ଜଣେ ପୁରୁଖା କଂଗ୍ରେସ କର୍ମୀ ଓ ନେତା ମଧ୍ୟ ଥିଲେ । ସେ ବୟସରେ ବୁଢ଼ା ହୋଇଥିଲେହେଁ ତାଙ୍କ ମନରେ ଯୁବକର ସାହସ ଓ ଦେହରେ ଯୁବକର ବଳ ଥାଏ । ବାପୁଜୀଙ୍କ ଆଦର୍ଶକୁ ଅତି ସଚ୍ଚୋଟ ଭାବରେ ମାନିବା ଲୋକ ମଧ୍ୟରେ ସେ ଜଣେ-ଥିଲେ । ତାଙ୍କର ଫାଶୀ ହେବାର ଆଦେଶ ସରକାର ଦେଲେ । ଏହାର ପ୍ରଧାନ କାରଣ ହେଉଛି କୋରାପୁଟ ଜିଲ୍ଲାବାସୀ ତଥା ଓଡ଼ିଶା-ବାସୀଙ୍କ ମନରେ ଭୟ ଜନ୍ମାଇବା ଓ ସ୍ୱାଧୀ-ନତା ଆନ୍ଦୋଳନକୁ ଦବାଇ ଦେବା ।

୧୯୪୩ ମସିହାର ମାର୍ଚ୍ଚ ୨୮ ତାରିଖ ତାଙ୍କର ଫାଶୀ ହେବା କଥା ଶୁଣି ମହାତ୍ମାଙ୍କର ସଦ୍ ଶିଷ୍ୟ ନବଗାନ୍ଧୀ ଓ ଶ୍ରୀ ରାଧାକୃଷ୍ଣ ବିଶ୍ୱାସ-ରାୟ ତାଙ୍କ ନିକଟକୁ ଗଲେ । ସେତେବେଳକୁ ଲକ୍ଷ୍ମଣ ନାୟକ ନୀରବ ନିଶ୍ଚଳ ଥାଇ ଶେଷ ଜୀବନରେ ଭଗବତ୍ ପ୍ରାର୍ଥନାରେ ଗୋଟିଏ ଅନ୍ଧାରୀ କୋଠରୀ ମଧ୍ୟରେ ବସିଥିଲେ । ପାଖରେ କଡ଼ା ପ୍ରହରୀ ବନ୍ଧୁକ ଧରି ଜଗି ରହିଥାଏ । କିଛି ସମୟ ବାପୁଜୀଙ୍କ ଶିଷ୍ୟଙ୍କ ସହ କଥାବାର୍ତ୍ତା ପରେ ଲକ୍ଷ୍ମଣ ନାୟକ ବିଦାୟ ନେଇ କହିଲେ, 'ଭାଇ, ଯେଉଁ ସ୍ୱରାଜ ଲାଗି କେତେ ଜେଲ, କେତେ ଲାଠିମାଡ଼ ସହି, ଶେଷରେ ଫାଶୀ-ଖୁଣ୍ଟରେ ପ୍ରାଣ ଦେବାକୁ ଯାଉଛି, ଦେଖିଲି-ନାହିଁ ଥରେ ସେଇ ସ୍ୱାଧୀନ ଭାରତର ମୂର୍ତ୍ତି । କିନ୍ତୁ ମନେ ରଖିଥିବ ଭାଇ, ଆମମାନଙ୍କ ଏଇ ଆତ୍ମଦାନ ପରେ ନିଶ୍ଚୟ ସ୍ୱରାଜ ଆସିବ, ଯେଉଁଥିରେ ଦେଶର ଦୀନ ଦୁଃଖୀ ମୂଠାଏ ମୁରୁଛ୍ରୁରେ ଖାଇବେ, ଖଣ୍ଡେ ପିନ୍ଧିବାକୁ ପାଇବେ ଓ ମଣିଷ ପରି ବଞ୍ଚି ରହିବେ ।

ଲକ୍ଷ୍ମଣଙ୍କର ସେହି ଶେଷ ବାଣୀ । ତାପରେ ଆସିଲା ରାତି ପାହିଲା ପହର । ଆକାଶରେ କାଳି ଜହ୍ନ ପଡ଼ିଥାଏ । ଏତିକିବେଳେ ଗମ୍ଭୀର କଣ୍ଠରେ ଶୁଣାଗଲା, 'ବନ୍ଦେ ମାତରମ୍' 'ସ୍ୱାଧୀନ ଭାରତ କି ଜୟ' 'ମହାତ୍ମା ଗାନ୍ଧୀକି ଜୟ' ଲକ୍ଷ୍ମଣଙ୍କର ପ୍ରାଣଭରା ଜୟଧ୍ୱନି ଶେଷ ଥାଇ ପାଇଁ ।

ତାପରେ ଲକ୍ଷ୍ମଣ ଜେଲ କର୍ତ୍ତୃପକ୍ଷଙ୍କ ପହରାରେ ଗୁଡ଼ିଲେ ଫାଶୀ ଖୁଣ୍ଟକୁ, ଦେଶ-ମାତାର ପବିତ୍ର ପୂଜା ବେଦୀରେ ପ୍ରାଣ ବଳି ଦେବାକୁ । ସାରା ଜେଲଖାନା କମ୍ପାଇ ଦେଇ ଦେଶର ଗୁରୁ ଆତ୍ମାକୁ ସହିଦର ବିଜୟବାର୍ତ୍ତା ନେଇ ଦକ୍ଷିଣା ପବନ ।

'ଲକ୍ଷ୍ମଣ ନାୟକ— ଅମରନାଦ,
ଭାରତ ଭରମେ ଗୁଞ୍ଜେ ନାଦ ।



Digitized by srujanika@gmail.com

Dagaro
Reg. No O 18. ORISSA's MOST POPULAR FORTNIGHTLY 16 12-50

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ଛଅ ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ । ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ । ଯଥାଃ— ଦେଶ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି । କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ସେଥିପାଇଁ ଆମ୍ଭେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ସାହୁଣୀ, ସହକାର ବା ଅନ୍ୟ ପତ୍ରପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ୍ ଏମ୍ପୋରିଅମ୍, କଟକ—୨ ମ୍ୟାନେଜର, ଡଗର ପ୍ରେସ କଟକ—୧

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶଙ୍କର ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ ।

# ଲଙ୍କାଯାତ୍ରୀ

ଗାଁ । ଝିଅଙ୍କ ଲୁହରେ ଲେଖା—

# ପଲ୍ଲିଚରଣା

ପ୍ରକାଶିତ ହେଲା ।

ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଦୁଇଟଙ୍କା

| | |
|---|---|
| ଗୃହିଣିକା- | ଟ୨ |
| କଙ୍କାଳର ଲୁହ | -ଟ୦୳ |
| କଳକଲ୍ଲୋଳ- | ଟ୨୳ |
| ପଲ୍ଲୀପୁଷ୍ପ- | ଟ୧୳ |

ପ୍ରାପ୍ତିସ୍ଥାନ- ଓଡ଼ିଶାର ବଡ ବଡ ବହି ଦୋକାନ ।

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରି ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରି ମଙ୍ଗଳା
କଟକ ( ୧ )

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୲ |
| ପାଞ୍ଚଜନ୍ୟ— | ” | ଟ ୧୲ |
| କାଳରତ୍ନ— | ” (ଯନ୍ତ୍ରସ୍ଥ) | ଟ ୧୲ |
| ହାଡମାଟି— | [ ଉପନ୍ୟାସ ] | ଟ ୨୳ |
| ଜାଅନ୍ତା ମଣିଷ— | ” | ଟ ୨୳ |
| ଜୀବନର ଲକ୍ଷ୍ୟ— | | ଟ ୨୲ |
| ଭୁଲ— | | ଟ ୨୲ |
| ଏକୋଇଶ— | [ ଶ୍ରେଷ୍ଠ ଗଳ୍ପମାଳା ] | ଟ ୧। |
| କ୍ଷଣିକା— | ” | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ ୧ ---

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ଘଣ୍ଟମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
ତ୍ରୟୋଦଶ ସଂଖ୍ୟା

ପୌଷ
ପ୍ରଥମାର୍ଦ୍ଧ

## ନଯିବି ଲଣ୍ଡନ ତୋହ୍ମ ତୁଲେ




କମନ ଓଏଲଥ ସମ୍ମିଳନୀରେ କାଶ୍ମୀର କଥା ନ ପଡ଼ିଲେ ଲିଆକତ ମିଆଁ ସମ୍ମେଳନରେ ଯୋଗଦେବେ ନାହିଁ ବୋଲି ଦୁର୍ଜନ୍ମ ମନ ମାରି ବସିଛନ୍ତି ।—ସମ୍ବାଦ

ଏ ସଂଖ୍ୟାରେ--ସ୍ୱପନ ବିଳାସୀ ରାଜ କିଶୋର

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

Digitized by srujanika@gmail.com

ସଦ୍ୟପ୍ରକାଶିତ
ସଚିତ୍ର

# 'ଜହରଲାଲ'

ଲେଖକ:- ଶ୍ରୀ ବାଳରାମ ସାହୁ, ବି. ଏ. ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**–ପରିଚୟ ସୂତ୍ର, ଜହରଲାଲଙ୍କ ଛାତ୍ର ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅଭିଯାନ, ବହୁସଂଘର୍ଷମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ନେହେରୁଙ୍କ ଦୃଷ୍ଟିରେ; ଭାରତର ଭବିଷ୍ୟତ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍ଟର ଜେ, ଓ, ଇଭେଲ୍ ହବୋପିଅନ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମି: ରୋଲ୍ଫ ସ୍କୁଲ, ଜର୍ମାନୀ । ପୂର୍ବଭାଷ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ଭାରତ ଚିଠି' (ଇଂରାଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ରଥଭୂଷଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଏସ୍; ଓ; ଲଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି; ରମନ୍ (ନୋବେଲ୍-ଲରେଟ୍), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବିଭାଗ ମନ୍ତ୍ରୀ; ଅଧ୍ୟକ୍ଷ ଏସ୍. ଏନ୍. ଏଗରଓ୍ୱାଲ୍, ଓ୍ୱାର୍ଦ୍ଧା; ଶ୍ରୀ ଯୋହନ୍ ଅଲଜା, "Forum"ର ସଂପାଦକ; ଶ୍ରୀମତୀ ସୋଫିଆ ଓ୍ୱାଡ଼ିଆ P. E. N. ଭାରତ ଶାଖାର ସମ୍ପାଦକ; ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, ଦାନ୍ତବୀର ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦାଶ; ଡକ୍ଟର ଜି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ ପାର୍ଲବର ଆମେରିକା ଡ଼୍ୱାଇଟ୍ ମୁଲଳବରଜ ଅନନ୍ୟ ବହୁ ଚିତ୍ର—। ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ ହୋଇଅଛି ।

ପ୍ରାପ୍ତି ସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍‌ଏଜେନ୍‌ସି
ବର୍ଣ୍ଣ ହାଟ, କଟକ ।

ସ୍ୱାସ୍ଥ୍ୟ ଚେଗ ଧାନୁ

## ମେହନୀ ଚକେନ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଲେ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୨୲୦ ଡାକ ଖର୍ଚ୍ଚ—।୵୦

**ଦେହ ଏବଂ ମନର ପ୍ରସନ୍ନ ପୁଷ୍ଟିକାରକ**

**-ଧନ-ବିଳାସ ରସାୟନ-**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୦।୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଘା-କ୍ଷତ, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଜ୍ୟୋତିଷ ଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଚାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୧ମନିଅର୍ଡର କରି କୁପନ-ରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଜ୍ୟୋତିଷ ମହାତୀର୍ଥ କାର୍ଯ୍ୟାଳୟ
ଭାରତୀ ଭବନ, ଭଦ୍ରକ ।

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.—ଏଚ୍. ଆଇ. ଏ.

ଏଠାରେ ବେ ଦ୍ୱୟ ଡାଫେଲ୍‌ଙ୍କର ହୋମିଓ ପ୍ୟାଥିକ ଔଷଧ ଓ ତାଙ୍କ ଜାତୀୟ ବାଇଓ କେମିକ ଓ ସ୍ପେସିଫିକ ଔଷଧଦ୍ୱାରା ସବୁପ୍ରକାର ରୋଗ ଚିକିତ୍ସା କରାଯାଏ । ମଫସଲ ବାସିନ୍ଦା ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ସ୍ୱଳ୍ପ ଚିକିତ୍ସାର ବନ୍ଦୋବସ୍ତ କରାଯାଏ

## ଠିକଣା

ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ

Digitized by srujanika@gmail.com

ଆନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ




ପୌଷ ପ୍ରଥମାର୍ଦ୍ଧ ୧୪ ଶ ବର୍ଷ ତ୍ରୟୋଦଶ ସଂଖ୍ୟା ୧ । ୧ । ୫୧

## ସ୍ୱପନ ବିଳାସୀ ରାଜକିଶୋର

ଆପଣଙ୍କ ଯୌବନର ସ୍ୱପ୍ନ ସେଇ 'ସପନ କୁହୁଡ଼ି'ରେହିଁ ରହି ଯାଇଛି । ଆପଣଙ୍କର ସ୍ୱପ୍ନ ଆଉ ବାସ୍ତବ ଭିତରେ ଯେଉଁ ବ୍ୟବଧାନ ତାହା ପ୍ରତୀକ ଆପଣଙ୍କର ଅଭିନ ଜୀବନର କୃଷ୍ଣକାନ୍ତ ପୋଦ୍ଦାର । ଆପଣଙ୍କ ସରସ୍ୱତୀ ଆଜି ଯେପରି ଗାଉନ୍ ପିନ୍ଧି ଅଦାଲତର ନଥିବସ୍ତା ଭିତରେ ଆଶ୍ରୟ ନେଇଛନ୍ତି ।




ତଥାପି ଆପଣଙ୍କର ଖେଳାଡ଼ୀ ପ୍ରକୃତି ଜୀବନକୁ ଅତି ହାଲୁକା —ଅତି ଭଣ୍ଡ ଖିଆ ଢଙ୍ଗରେ ଏକ ସାମୟିକ ଶକ୍ତି ଭଳି ଅଦମ୍ୟ ଦାମ୍ଭିକତାରୁ ଅନେକ ଦୂରକୁ ଆଗେଇ ନେଉଛି ପଦ୍ଧଣାମକୁ । । ପ୍ରତି ନାହିଁ ଅତୀତକୁ ଭ୍ରୂକ୍ଷେପ ନାହିଁ । ବାସ୍ତବ ଦୁନିଆରେ ଗୋଡ଼ ଦେଇ ଏକ ଅତିବାସ୍ତବ ସ୍ତରକୁ ଆପଣ ଏକ ନିପୁଣ ଯାଦୁକର ପରି ଖେଳନ୍ତି । ସେଥିପାଇଁ ଆପଣଙ୍କର ପ୍ରାଣ ଅଜ ପିଞ୍ଜରର ପକ୍ଷୀ — ସେଥିପାଇଁ ଆପଣଙ୍କ ଦର୍ପ ଗର' 'ସ୍ୱତର ମଣିଷି' ଭିତରେ ପଥ ଅଲଭା ।

ଆପଣ ପ୍ରେମକୁ କଳ୍ପିତ ହାତରେ ଗଢ଼ି ଦେଇଛନ୍ତି ତେଣୁ ଗୋଟିଏ ହେଲେ ବାଳାମଣିର ପାଦଚିହ୍ନକୁ ଧରି ନ ରଖିବାର କଠୋରତା ସତ୍ତ୍ୱେ କେବଳ 'ଛୁଟର ପଥର'ଆଜି ବି ଆପଣଙ୍କ ଚରଣଧୂଳିକୁ ଗୃହ ରହିଛି । ହେ 'ଅସରନ୍ତି'ପଥର ପଥିକ, ଆପଣଙ୍କର 'ହୃଦୟର-ବନ୍ଧନ' ଏବେ ମଧ୍ୟ ମୋହ ମୁକ୍ତ । ପ୍ରାଚୁର୍ଯ୍ୟ ଭିତରେ ଆପଣ ନିଃସଙ୍ଗ । ଆପଣ ଅନାସକ୍ତ ଯୋଗୀ ।

ସେଥିପାଇଁ ଆପଣ ନାନା ବେଶରେ ଆତ୍ମଗୋପନ କରି ମଧ୍ୟ କେତକୀର ବାସ ଭଳି ମହକି ଉଠିଛନ୍ତି !

ଡଗରର ଶୁଭେଚ୍ଛା ନେବେ ବନ୍ଧୁ !

ସଂପାଦକୀୟ

## ଦୁର୍ନୀତି

ପୃଥିବୀରେ କୌଣସି ସଭ୍ୟ ଶାସନ ତଳେ ଏଭଳି ଘଟଣା ସମ୍ଭବ ହୋଇ ନଥିବ--- ଯାହା ଅନୁକୂଳ ଦୁର୍ନୀତିରେ ହେଲା । ଅନୁରୂପ ଘଟଣା ଯଦି ପ୍ରକୃତରେ ଐତିହାସିକ ସତ୍ୟ ହୋଇଥାଏ ତେବେ ଏ ଘଟଣା ତାହା-ଠାରୁ ସହସ୍ରଗୁଣ ନିକୃଷ୍ଟତା ପ୍ରମାଣ କରୁଛି । ତାହା ମନ୍ତ୍ରୀମଣ୍ଡଳ ବା କୌଣସି ମନ୍ତ୍ରୀର ଇଚ୍ଛାକୃତ ଘଟଣା ହେଉ ନହେଉ ସରକାର-ଙ୍କର ଅବହେଳାଜନିତ ଘଟଣା ବୋଲି କହି-ବାକୁ କୌଣସି ଲୋକ ଦ୍ୱିଧା କରୁନାହିଁ । ବରଂ ଏକାଦିନକେ ହଠାତ୍ ଏପରି ବ୍ୟାପକ ସଂକ୍ରାମକ ସଂକ୍ରମଣ ମୂଳରେ କୌଣସି ରହସ୍ୟ ଥିବାର ସନ୍ଦେହ ଯେ ଲୋକମନରେ ଉଠୁଛି ତାହା ଦୂର କରିବା ପାଇଁ ସରକାର କାରଣ ଦେଖାଇ ପାରିନାହାନ୍ତି ।

କୌଣସି ବିଶ୍ୱାସକୁ ଅବିଶ୍ୱାସ ବୋଲି କହିଦେବା ନିତାନ୍ତ ମୂର୍ଖତା । ଜଗନ୍ନାଥଙ୍କୁ କେହି କେହି କାଠଗଣ୍ଡି ବୋଲି କହିପାରେ । କୃଷ୍ଣଙ୍କୁ ମଧ୍ୟ କେହି କେହି ବାତୁଳ କଳ୍ପନା କହିପାରେ । ବିଶ୍ୱାସ ଗୋଟାଏ ବସ୍ତୁ ନୁହେଁ । ବସ୍ତୁ ଉପରେ ଆରୋପିତ ବିଶ୍ୱାସ । ଦୁର୍ନୀତିର ଗୋପାଳ ବାଳକ ଯଦି କେତେକଙ୍କ ଆରୋପିତ ଈଶ୍ୱର ହୋଇଥାଏ, ଅବିଶ୍ୱସ୍ତ ମୂର୍ଖ ଲୋକେହି ତାର ପ୍ରତିବାଦ କରିବେ । ଭଗବାନ ତ ସ୍ଫୂର୍ତ୍ତି ଅଛନ୍ତି— ଆମର ଉପଲବ୍ଧି କରିବାର କ୍ଷମତାହିଁ ବିଶ୍ୱାସର ସ୍ତର ସୃଷ୍ଟି କରେ ।

ଲୋକ ମନରେ ଆଜି ଯେଉଁ ସନ୍ଦେହ ଉଠୁଛି ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ଶ୍ରୀମତୀ ମାଳତୀ ଦେବୀଙ୍କ ଖିଆଲ ଯୋଗୁ ସରକାର ଏପରି ଅବହେଳା କରିଛନ୍ତି । ତାହାକୁ ନିତାନ୍ତ ଅପୌରୁଷ କହିବାର ସତ୍‌ସାହସ ପାଉନାହୁଁ । ବାସ୍ତବିକ ସରକାରଙ୍କ କହିବା ଅନୁସାରେ କେତେକ ବ୍ୟବସାୟୀଙ୍କ ଲାଭ-ଖୋର ଅଭିସନ୍ଧିମୂଳକ ପ୍ରଚୁର ଦୁର୍ନୀତି ବ୍ୟାପାର ପାଇଁ ଦାୟୀ କି ଲୋକଙ୍କ ଧାରଣା ଅନୁଯାୟୀ ସରକାରଙ୍କ ଅବହେଳା ଓ ଖିଆଲ ଦାୟୀ ଏହା ନିର୍ଣ୍ଣୟ କରିବା ପାଇଁ କେନ୍ଦ୍ର ସରକାର ଏକ ନିରପେକ୍ଷ ଛାନ୍‌ବିନ୍ କମିଟି ବସାନ୍ତୁ । ଏହାହିଁ ଆମର ଦାବୀ ।

Digitized by srujanika@gmail.com

# ପ୍ରସ୍‌ପେକ୍ଟସ୍

## ଦ କଳିଙ୍ଗ ସର୍ବହରୀ ବଜୟକୃଷ୍ଣ ଚୌଧୁରୀ ଆଣ୍ଡ ମିତ୍ର ଲିମିଟେଡ୍

(ଅଂଶ ଦ୍ୱାରା ସସୀମ ସମବାୟ କଂପାନୀ)

(ଦ ପ୍ରଜାତନ୍ତ୍ର କଂପାନୀଜ୍ ଆକ୍ଟ— ୧୯୨୪—୧୯୪୮ ଅନୁସାରେ ଅନୁଷ୍ଠିତ)

(ଏହି ଅନୁଷ୍ଠାନପତ୍ର ବା ପ୍ରସପେକ୍ଟସର ଏକ କପି ଜଏଣ୍ଟ ଷ୍ଟକ କଂପାନୀ ସମୂହର ରେଜିଷ୍ଟ୍ରାର ମହୋଦୟଙ୍କ ଓଡ଼ିଶାଙ୍କ ଦପ୍ତରରେ ନଥି ସାମିଲ ହୋଇଛି ।)

ସ୍ୱାଧିକାର ସାବ୍ୟସ୍ତ ମୂଳଧନ ବା ଅଥରାଇଜ୍‌ଡ କ୍ୟାପିଟାଲ—୧୦,୦୦୦.୦୦୦,୦୦୦ ।

କାର୍ଯ୍ୟକ୍ଷମ ମୂଳଧନ ବା ଇସୁଡ୍ କ୍ୟାପିଟାଲ ଟ୧୦,୦୦୦,୦୦୦,୦୦୦ ।

ଏଥିରୁ ୫୦୦୦୦୦୦୦୦୦ ସାଧାରଣ ୧୫୦ ଟଙ୍କାର ସଭ୍ୟ ଅଂଶ ଓ ୫୦୦୦୦୦୦୦୦୦ ବାକିଙ୍କ ୧୦୦୦ ଟଙ୍କାର ଅସଭ୍ୟ ବଣିଜ୍ୟ ଅଂଶରେ ବିଭକ୍ତ । ସଭ୍ୟମାନେ ଅସଭ୍ୟ ବଣିଜ୍ୟ ଅଂଶ ଭବିଷ୍ୟତରେ ନେଇପାରନ୍ତି । ମାତ୍ର ଅସଭ୍ୟ ଅଂଶ ଅସଭ୍ୟଙ୍କ ଛଡ଼ା ଅନ୍ୟ କେହି କ୍ରୟ କରିପାରିବେ ନାହିଁ ।

ପ୍ରବେଶିକା ଫିସ ରେଜିଷ୍ଟାର୍ଡ ଅଫିସରେ ଗୋଟିଏ ସାକ୍ଷ୍ୟ ମିଳନର ବ୍ୟୟ ହାର ।

ଡ଼ାଇରେକ୍ଟର ବୋର୍ଡ ବା ଦେବର୍ତ୍ତା ପରିଷଦ

୧ । ଶ୍ରୀ ଶ୍ରୀ କଳିଙ୍ଗ କେଶରୀ

୨ । ଶ୍ରୀ ଶ୍ରୀ ଦୁର୍ଜ୍ଜୟ ପଟ୍ଟଶିଷ୍ୟ

୩ । ଶ୍ରୀ ଶ୍ରୀ ମାଳତୀବାନ୍ଧବ ଚତୁର୍ଧାରୀ

୪ । ଶ୍ରୀ ଶ୍ରୀ ବୀରାର୍ଧାବୀରବର ମୈତ୍ର

୫ । ଶ୍ରୀ ଭୈରବ ସାହୁନ୍ତ

୬ । ଶ୍ରୀ ଚେତାବନୀ ପାଣି

୭ । ଶ୍ରୀ ମୂଷଲାଲ ଭଣ୍ଡ

୮ । ଶ୍ରୀମତୀ କେଶବୀ

୯ । ଶ୍ରୀମତୀ ବିଜୟିନୀ

୧୦ । ଶ୍ରୀମତୀ ଚତୁର୍ଧାରିଣୀ

୧୧ । ଶ୍ରୀମତୀ ମୈଥିଳୀ

### ମ୍ୟାନେଜିଂ ଏଜେଣ୍ଟସ

### ବା ମାମଲତ କାରପରଦାର

ମହନ୍ତ ପଟ୍ଟ ଆଣ୍ଡ ଗ୍ରେଭ୍‌ସ୍ କ୍ୟାଙ୍କର ଜା କୋମ୍ପାନୀ ସଂସ୍ଥା ।

କ— ବଇର୍ଯ୍ୟିନୀ କେନଟୀଡ୍ୟାସ୍ ଲିମିଟେଡ୍

ଖ— ପଟ୍ଟନାୟକ ଗଭର୍ଂ ଦ୍ୱାରା କର-ପୋରେଶନ୍ ଲିଃ ।

ଗ— ମୈତ୍ରେୟୀ ଜାତୀୟ ଧ୍ୱାଉବାନ୍ସ ଲିମିଟେଡ୍ ।

### ଅଡ଼ିଟରସ୍—ସମୀକ୍ଷକ

ଧନୀ ଲଙ୍କପତି ଓଗେର ।

### ଲିଗେଲ ଅଡ଼ଭାଇଜରସ୍

### ବା ଆଇନ ଉପଦେଷ୍ଟା

ଶ୍ରୀ— ଦୁଃଖୀବନ୍ଧୁ ସାହୁକାର

### ଜେନେରେଲ ଅଡ଼ଭାଇଜରସ

### ବା ସାଧାରଣ ଉପଦେଷ୍ଟା

କ— ସୁଧାର ଘୋଷ ବଳଦ

ଖ— କୃପାକର କରଗାହୀ

ଗ— ବନ୍ଧୁ ପାଷାଣପ୍ରସାଦ ଶର୍ମା

ଘ— ଲୋଳମଣି ରାୟ

ଙ— କଳାଙ୍ଗଚରଣ ଦାସ

(ସର୍ବୋଚ୍ଚ ଓ ଅସ୍ତ୍ରୀକ ବହୁ ଅଖ୍ୟାତ ନବଯୁବକ ଗଣ—ବଟାପେଲ୍ଲା ସଂଘର ସମସ୍ତ ସଭ୍ୟ ।)

### ରେଜିଷ୍ଟର୍ଡ ଅଫିସ-

### ବହଳ ବଜାର, କଟକ

### ଉଦ୍ଦେଶ୍ୟ—

ଏହି କଂପାନୀ ଏହି ଉଦ୍ଦେଶ୍ୟରେ ଗଠିତ ହୋଇଛି କି ଏହି ଅନୁଷ୍ଠାନ ତଳ ଲିଖିତ ଯାବତୀୟ ବା ଆଂଶିକ ଭାବରେ ସମସ୍ତ ପ୍ରକାର ବ୍ୟବସାୟ— ଏବଂ ଏତଦ୍ ବ୍ୟତୀତ ଯାହା ଯେତେବେଳେ ସମ୍ଭବ ହେବ ବା ଏହି କଂପାନୀର ଖାଇଲା ପକ୍ଷରେ ଯାହା କିଛି ପଡ଼ିବ ସେ ସବୁର ଏକଚାଟିଆ କାରବାର ଏ କଂପାନୀ କରିବା ପାଇଁ ନିଜେ ନିଜକୁ ଅଧିକାର ଦେଲା ।

### ତଫସିଲ-ଭୁକ୍ତ ବ୍ୟବସାୟ ।

୧—ପନ୍ଥ ପନ୍ଥିକା—(କ) ମିଥ୍ୟାତନ୍ତ୍ର । [ଖ] ଉତ୍କୀର୍ଣ୍ଣ ହୁଇମସ୍ [ଗ] ଢ଼ଡ଼ଙ୍କାର ।

୨—ମାଲ ପ୍ରସ୍ତୁତ—ଦେଶୀମଦ ପ୍ରସ୍ତୁତ [ଖ] ବିଲାତି ମଦ ଆମଦାନୀ [ଗ] କୋକା-କୋଲା ପାନୀୟ ଚ୍ରୋସାହ (ଘ) ମଂତ୍ରୀମଦ (ଙ) କ୍ଷମତା ମଦ [ଚ] ଅସେମ୍ବ୍ଲି, ଡିଷ୍ଟ୍ରିକ୍ଟବୋର୍ଡ ଆଦି ସଭ୍ୟ ମଦ (ଛ) ପରସ୍ତ୍ରୀ ମଦ । [ଜ] ଯୌବନ ଓ ଯୁବମଦ [ଝ] ଧନମଦ ପ୍ରଭୃତି ।

୩—କଳାପୋଡ଼ା [କ] ଶୁଖୁଣା ଘରକୁ କଳାପୋଡି ଦେବା (ଖ) ଲୋକର ଲୋକଙ୍କୁ ଗୃହଦ୍ୱାରରେ ପୋଡିବା (ଗ) କର୍ମଚାରୀ ଅମଲାଙ୍କ ଦରମା କଳା- ବଜାର ବଢ଼ାଇବା କମାଇବା-ବଦଳ କରିବା ପୁଣି ମୂଲଡଜୀ ରଖିବା ପ୍ରମୋସନ ଦେବା ଡିଗ୍ରେଡ଼ କରିବା [ଘ] ଗ୍ରେଭବଜାରରେ ବିକ୍ରୀ କରିବା ପାଇଁ ପେନସାଲ ପରମିଟ ଦେବା, ଏକଚାଟିଆ-କାରବାର ଦେଇକି କଳାପୋଡ଼ିଆଙ୍କୁ ଲାଇସେନ୍ସ କରିଦେବା [ଙ] ଅଯୋଗ୍ୟ ଲୋକଙ୍କୁ ପଛଅଡ଼ ଟେକ ଧରି ଉଠାଇବା [ଚ] ପଥରରୁ ପାଣି ବାହାର କରିବା (ଛ) ପାଣି ପଥର କରିବା (ଜ) ଆକାଶରେ ଡାଳ ଫୁଲ ଫୁଟାଇବା [ଝ] ଭୂଇକମ୍ପଗ୍ରସ୍ତ ଲୋକଙ୍କୁ ଖାଦ୍ୟ ଯୋଗାଇ ଧର୍ମନାମରେ କଳାପୋଡ଼ିବା [ଞ] ସର୍ବପ୍ରକାର ପଣିକଳ; ବିଜୁଳିକଳ, ଉଡ଼ା-ଜାହାଜ କଳ, କୋଇଲାକଳ, ରେଫ୍ରି-ଜେଟର କଳ, ଲୁଗାକଳ, ଦାମକଳ, ବୋମାକଳ, ଉତ୍ତୋଳନକଳ; ହରଣ ଗୁଲ୍ କଳ, କଳାପୋଡ଼ା କଳ, କଳାଭଠା କଳ ପ୍ରଭୃତି ।

୪—ଅନ୍ୟାନ୍ୟ ଯାହା ଲୋକେ ଭାବି-ଥିବେ ଏବଂ ଯାହା ଭାବିନଥିବେ ଓ ଭାବି-ପାରିବେ ନାହିଁ ସେ ସମସ୍ତର ଏକଚାଟିଆ ବ୍ୟବସାୟ ।

### ବୈଦେଶିକ ଧୂରନ୍ଧର

### ବା ଟେକନିକାଲ ଏକ୍ସପାର୍ଟ

ଦେଶର ବହୁ ମାରୁଆଡ଼ୀ ଓଡ଼ିଆ ବ୍ୟବସାୟୀ; କଳାପୋଡ଼ିଆ, ଗ୍ରେଭ, ଡ଼କାୟତ, ସଇତାନ; ପାଜୀ, ଗୁଣ୍ଡା ଓ ଶୁଣ୍ଡିମାନେ ପରାମର୍ଶ ଦେବାକୁ ସ୍ୱୀକୃତ ହୋଇଛନ୍ତି ।

### ପ୍ରାଥମିକ ଖର୍ଚ୍ଚ

ଏହି କଂପାନୀର ପ୍ରାଥମିକ ଖର୍ଚ୍ଚ ଅନୁ-ମାନିକ ଟ୧୦,୦୦୦ ଧରାଯାଇଛି । କଂପାନୀ ଉନ୍ନୟନ [promotion] ପାଇଁ କେହି ଟଙ୍କା ଦାବୀ କରିବେ ନାହିଁ । ମାତ୍ର ଟି, ଏ, ବାବଦ ଯାହା କିଛି ପାଇପାରିବେ । ଆବଶ୍ୟକ ହେଲେ କଟକ, ଦିଲ୍ଲୀ—ଦିଲ୍ଲୀରୁ ଲଣ୍ଡନ ଇଟାଲି ଫ୍ରାନ୍ସ ଜରମାନ ଯାଏ ମଧ୍ୟ ଟି ଏ ମିଳିବ । ଏ ଟି ଏ ମଧ୍ୟରେ ସ୍ୱାଗତ ଭାଷଣ ଛପା, ଶୋଭା-ଯାତ୍ରା, ତୋରଣ, ସୁନ୍ଦର ବିମାନ ଆଦି ମଣ୍ଡପ ସାଜଣି, ଉପଢ଼ୌକନ, କୁହୁଡ଼ାଣ୍ଡ, ମୁଗୁରା-ଫଟଆ, ଛେନା ଗଜା ଆଦି ସବୁ ରହିବ ।

କ୍ରମଶଃ



Digitized by srujanika@gmail.com



ପଦବୀ

ପଦବୀ ଯିଏ ନିଏ ସେ ପଦ ନ ନିଏ; ଯିଏ ପଦ ନିଏ ସେ ପଦବୀ ନ ପାଏ । କେଉଁ କେଉଁ ଏ ପଦାଘାତକୁ ଗୌରବ ମଣନ୍ତି । ନିଜେ ଭଗବାନ ଭକ୍ତର ପଦକୁ ମଥାରେ ଗ୍ରହଣ କରିଛନ୍ତି । ଆଗରୁ ବ୍ରିଟିଶ ସରକାର ଏଇ ପଦବୀ ପଦାଘାତ ଦେଉଥିଲେ ଏବେ ବିଶ୍ୱବିଦ୍ୟାଳୟମାନେ ଦେଉଛନ୍ତି । ଅବଶ୍ୟ ପଢ଼ି, ଜାଣି ଅଛି, ଧଡ଼ପଡ଼ ବାଜି, କାହାଠେ ଡେଇଁ ପଡ଼ି ଡକ୍ଟର ଉପାଧି କେଉଁ ବିଶ୍ୱବିଦ୍ୟାଳୟରେ ଅଛି କି ନାହିଁ ବିଲୁଆ ସମ୍ବାଦ ଜାଣି ନାହିଁ । ଆନ୍ଧ୍ର-ବିଶ୍ୱବିଦ୍ୟାଳୟ କିନ୍ତୁ ସାହିତ୍ୟ ସେବା ପାଇଁ ଶ୍ରୀ ମହାପାତ୍ରଙ୍କୁ ଡକ୍ଟରର ଉପାଧି ଦେଇଛନ୍ତି ।

ମାର୍ ମାର୍ ନେପାଳିଆକୁ

ଆଗରୁ କଥା ଥିଲା— ମାର୍ ମାର୍ ଗୋପାଳିଆକୁ ମାର୍ । ଏବେ ଓଡ଼ିଶା ସରକାର ଧୁଆ ଉଠାଇଛନ୍ତି— ମାର୍ ମାର୍ ନେପାଳିଆକୁ ମାର୍ । ଅପରାଧକୁ ମାରିବା ପାଇଁ ବାବୁଙ୍କର ଧାରଣା ହୁଏ— ନେପାଳି ବାବା ପାଇଁ ୧୪୪— ଘର ଖ ନିଷେଧ— ସବୁ ପାପ, ମିଛ ଉତ୍ପାତ ଯିଏ ବଢ଼ୁଛି— ଲୋକେ ଭାବିଲେ ଝଡ଼ ପଡ଼ିଲାଣି । ଏତେ ବ୍ୟସ୍ତ କାହିଁ ? ସରକାରଙ୍କ ପ୍ରଚୁର ବିଭାଗ ଓ ହଜାର ହଜାର ଖରଚ କରି ସଇ ପ୍ରଚୁର କରୁଛନ୍ତି— କେଉଁଠି କଣ ହେଉଛି ? କେତେ ଲୋକ ତାଙ୍କ ପାଖକୁ ଆସୁଛନ୍ତି ?

ଧଳା ପଇସା ଏତିକି

ନେପାଳିବାବାଙ୍କ ପାଖକୁ ଯାଇ ଯେ ଧାଡ଼ିବାନ୍ଧିରେ ଠିଆ ଠିଆ ଲୋକେ ମରନ୍ତି— ଓଡ଼ିଶା ସରକାର କହୁଛନ୍ତି— ଔଷଧ ଆଣିବାକୁ ଯାଇ ନେପାଳିବାବାଙ୍କୁ— ଫଳ ପାଇଲେ କି ଏତିକା ହେ ଭଗତେ— ଧଳା ପଇସା ଏତିକା ।

ନେପାଳ ବାବାଙ୍କ ପାଖକୁ ନଯିବା ପାଇଁ ସରକାର ଏ ଯେଉଁ ଅଣହେଲା ନୀତି ଧରି ବସିଲେ ଦଳେଇ ମହାମାରୀରୁ ତାଙ୍କୁ ଆଣିଲେ— କେତେ ଲୋକଙ୍କର ଜୀବନହାନି ଯେ ଘଟିଗଲା ଏ ପାଇଁ ଦାୟୀ ମାଳତୀ ଦେବୀ ନା-ନାବବାକୁ ?

ଧସର ଫାଟ

ମହତାବ ଓଡ଼ିଶାକୁ ଆସି ତାଙ୍କ ଦଳର ଫାଟ ଯୋଡ଼ିବାକୁ ଚେଷ୍ଟା କଲେ । ଉପରେ ଉପରେ ମଧ୍ୟ ପତ୍ରମାନ ଭଲ ଯୋଡ଼ି ଗଲେ । କିନ୍ତୁ କାନନଗୋ ବିଲକୁଲ୍ ଫାଟି ପଡ଼ିଲେଣି । ପ୍ରଜାତନ୍ତ୍ର ପ୍ରଚୁର ସମ୍ପତ୍ତିରୁ ସେ ଇସ୍ତଫା ଦେଇ ଦେଇଛନ୍ତି । ମାଇପେ କହିଲେ ଛନ୍ଦା—

ଯେତେ ଦେଉ ପଛେ ବେଷର ବାଟି
ସେତିକି ଯାଉଛି ଫସର ଫାଟି ।

ଦୋଷୀ କିଏ

ଜଣେ ପାଠକ ପ୍ରଶ୍ନ କରୁଛନ୍ତି କି— ରକ୍ତଲେଇ ହୁକୁମ ଯୋଗେ ଗୋଟିଏ ଦେଶ ଯେପରି ନିହାଣ ଗଲା, ଯେଉଁ ଦେବୀଙ୍କ କାରଣରୁ ଅଧିକ ଲୋକ ସଂସାର ମାୟାରୁ ମୁକ୍ତି ଲଭିଲେ 'ଏଥିପାଇଁ ଦାୟୀ କିଏ'—ନେପାଳି-ବାବା; ନା ଏ ବିଶ୍ୱାସୀ ଲୋକେ, ନା ଓଡ଼ିଶା ସରକାର ?

ବିଲୁଆ ସଭରେ ଏମାନଙ୍କ ଆଲୋଚନା ହେଲା ଏହି ସାର ହେଲା— ଏ ପାଇଁ ଡାକ୍ତରମାନେ ଦାୟୀ । କାରଣ ସେମାନେ ଯେବେ ଠିକ୍ କରି ରୋଗ ସବୁ ଭଲ କରି ଦେଇ ଥାଆନ୍ତେ ଲୋକେ ବା ରକ୍ତଲେଇ ଆସନ୍ତେ କାହିଁକି !

ନାରୀଙ୍କ ପୌରୁଷ

ଭୁବନେଶ୍ୱର ଖଣ୍ଡଧାରରେ ଅଫିସର-ମାନଙ୍କ ସକାଶେ ଯେଉଁ ସବୁ କ୍ୱାର୍ଟର (ବାସାଘର)ମାନ ତିଆରି ହୋଇଛି ସେସବୁ ସ୍ୱାସ୍ଥ୍ୟ ଓ ସୁବିଧା ଦୃଷ୍ଟିରୁ ଠିକ ହୋଇଛି କି ନାହିଁ ତାହା ଯାଞ୍ଚ କରି ପରାମର୍ଶ ଦେବା ସକାଶେ ଆମ ସରକାର ଗୋଟିଏ ମହିଳା କମିଟି ଗଠନ କରିଛନ୍ତି । ସବୁ ପୁରୁଷଙ୍କୁ ଗଲେ ଘରକରଣା ବିଷୟରେ ନାରୀମାନଙ୍କର ଏହି ସହଜାତ ଉପାଧି ଥିବା ଯୋଗୁଁ ଥାଇଁ ଅକାରଣେ ଏହି ସରକାର ମୁଣ୍ଡ ଖଟାଉଛନ୍ତି କାହିଁକି ! ତାଙ୍କର ଯୋଗ୍ୟତା ଓ ବିଜ୍ଞତା ଯେ ଅଧିକ ଏହା ଯେ କେହି ପୁରୁଷ ସ୍ୱୀକାର କରିବେ । ଆମ ସରକାର ଏହା ସ୍ୱୀକାର କରି ନାରୀ ବୁଦ୍ଧି ବିବେକ ନୁହେଁ, ତାଙ୍କ ଗୌରବରେ [Gall·antry] ର ପରିଚୟ ଦେଇଛନ୍ତି । ସବୁ ବିଷୟରେ ନାରୀମାନଙ୍କର ସହଯୋଗ ମିଳିଲେ ଅନେକ ଅସୁବିଧା ଓ ଅଶାନ୍ତି ଦୂର ହୋଇ ସଂସାର ସୁଖମୟ ହୋଇ ପାରନ୍ତା ।

... ... ...

ଶୁଣାଯାଉଛି, ଏହି ନାରୀ-କମିଟିରେ ମନ୍ତ୍ରିଣୀମାନେ ମଧ୍ୟ ରହିଛନ୍ତି । ମନ୍ତ୍ରୀଗଣ ଯେପରି ଶାସନକାର୍ଯ୍ୟରେ ଧୂରନ୍ଧର, ତାଙ୍କ ଗୃହିଣୀଗଣ ଯେ ଗାର୍ହସ୍ଥ୍ୟ ବିଭାଗ [Home-dept]ର ସମ୍ପୂର୍ଣ୍ଣ ନିପୁଣା ହୋଇଥିବେ ଏଥିରେ ସନ୍ଦେହର କାରଣ ନାହିଁ । ଗୃହ-ନିର୍ମାଣ ବିଭାଗରେ ଏଣିକି ଗୃହକର୍ମୀମାନଙ୍କୁ ଗ୍ରହଣ କରାଗଲେ କାମଗୁଡ଼ିକ ରଙ୍ଗୀନ ଓ ମଧୁର ଭାବରେ ଚାଲିଥାନ୍ତା ହୋଇ ପାରନ୍ତା ଓ ଉତ୍ପାଦନରେ ମଧ୍ୟ ସାହାଯ୍ୟ କରନ୍ତା ।

ଗାନ୍ଧୀ ଭକ୍ତି

ଖବର ଜଣାଯାଉଛି ଭାରତ ସରକାର ୧୦୦୦୦ ସୈନ୍ୟ କମାଇ ଦେଇ ବର୍ଷକୁ କୋଟି ଟଙ୍କା ବଞ୍ଚେଇ ନେବେ । ଜଣେ ଜଣେ ସିପାହି ପିଛା ବର୍ଷକୁ ୬୩୦୦୦ ଖରଚ ହୁଏ । ଆମେ ତ ଅହିଂସାବାଦୀ ଗାନ୍ଧିଭକ୍ତ ଜାତି । ତେଣୁ ପୁରାପୁରି ସେନାବିଭାଗଟାକୁ ଉଠାଇ ଦେଲେ ଆମର ବହୁ କୋଟି ଟଙ୍କା ବଞ୍ଚି-ଯାଆନ୍ତା । ଏ ବଳକା ଟଙ୍କାରୁ ପ୍ରେମର ଫୁଡ଼ ଖରଚ କଲେ ଅନେକ ଲୋକ ବଞ୍ଚି-ଯାଆନ୍ତେ ।

ଶାନ୍ତି ପ୍ରେମ

ପ୍ରେସିଡେଣ୍ଟ ଟ୍ରୁମାନ ଏଥର ଖ୍ରୀଷ୍ଟ ମାସ ବାଣୀ ଶୁଣାଇଛନ୍ତି । ସେଥିରେ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ବିଶ୍ୱ-ଶାନ୍ତି ନିମନ୍ତେ ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା ପାଇଁ । ଶାନ୍ତିର ଅମୋଘ ଅସ୍ତ୍ର ତାଙ୍କର ହାତରେ ଥାଉ ଥାଉଁ ତାଙ୍କୁ ଭଗବାନଙ୍କ ପାଖେ ଯିବାର ଦେଖି ଆମକୁ ଆଶ୍ଚର୍ଯ୍ୟ ଲାଗୁଛି । ସେ ହୁଏ ଆଟମ-ବୋମାରେ ତ କଥା ସରନ୍ତା ।



Digitized by srujanika@gmail.com

### ବ୍ୟବସ୍ଥାରେ ଅବ୍ୟବସ୍ଥା

ଭାରତ ସରକାର କହୁଛନ୍ତି କି ଭାରତ ପାର୍ଲିଆମେଣ୍ଟ ପାଇଁ ପ୍ରତି ମିନିଟରେ ପଚିଶ ଟଙ୍କା ଖରଚ ପଡେ । ଅର୍ଥାତ୍ ପ୍ରତି ଘଣ୍ଟାରେ ପନ୍ଦରହଜାର । ଏହା ଛଡା ପ୍ରାଦେଶିକ ଆସେମ୍ବ୍ଲିମାନ ରହିଛି ।

ଭାରତର ପ୍ରତ୍ୟେକ ପୂର୍ଣ୍ଣବୟସ୍କ ବ୍ୟକ୍ତିକୁ ପାର୍ଲିଆମେଣ୍ଟ ବା ବ୍ୟବସ୍ଥାସଭାର ମେମ୍ବର କରିଦେଲେ ଏକ ନିମିଷକେ ସାରା ଦେଶର ଦାରିଦ୍ର୍ୟ ଦୂର ହୋଇ ଯାଆନ୍ତା ନାହିଁ କି ?

### ଦଇବ ସାହା ପୁରୁଷ

ରକ୍ତଲେଇ ଲୁହୁମକୁ ଦଇବ ଦୁର୍ବଳର ବଳ କଲା । ଭଗବାନ ହାଇଜାକ୍ ପଠାଇ ନଥିଲେ ଲୋକଙ୍କର ଏ ଅନ୍ଧବିଶ୍ୱାସ କେତେଦୂର ଯାଇଥାନ୍ତା ଆମ ମୁଖ୍ୟମନ୍ତ୍ରୀ ତାହା ଠିକ୍ କହିପାରୁ ନଥିଲେ ବୋଲି ସାମ୍ବାଦିକମାନଙ୍କୁ କହିଲେ । ଦେଖାଯାଉଛି ପ୍ରଧାନମନ୍ତ୍ରୀଙ୍କ ଈଶ୍ୱର ଆଉ ମନ୍ତ୍ରୀଙ୍କ ଈଶ୍ୱର ଭିନ୍ନ ! ମନ୍ତ୍ରୀଙ୍କ ଈଶ୍ୱର ନେପାଳ ବାବା ଓ ନବବାବୁଙ୍କ ଈଶ୍ୱର ନେପଳବାବାଙ୍କୁ ଯେ ଟିପାନୀ ଚଢେଇଲେ ସେଇ ।

### ମିଛୁଆ କାଗଜ

ଭାରତର ଗଣତାନ୍ତ୍ରିକମାନେ ମିଛ ଲେଖିବାକୁ ରକ୍ତଲେଇରେ ଏ ଅଭ୍ୟାସ ହେଲା । ଗାନ୍ଧୀଙ୍କ ନାମ ନେଇ ମାଳତୀ ଦେବୀ ଖବରକାଗଜବାଲାଙ୍କୁ ଶୋଧୁଛନ୍ତି । ଗାନ୍ଧୀ ତ ଅନେକ ଦିନରୁ ଯାଇଥିଲେ । ତାଙ୍କ ନାମଟା କି ମାଳତୀ ଦେବୀ ରକ୍ତଲେଇ ହାଇଜାକରେ ଖରଚରେ ପକେଇ ଦେଲେଣି । ଗାନ୍ଧୀ କହୁଥିଲେ ଏକ ରାମ ନାମହିଁ ସବୁ ରୋଗର ଔଷଧ । କେହି ଯଦି ରାମନାମ ଭକ୍ତ ତ୍ରୁଟିକ ସ୍ୱରୂପ ଔଷଧ ଚାହିଁବେ ମାଳତୀ ଦେବୀ ତାକୁ ଅବିଶ୍ୱାସ କହନ୍ତି; ଆଉ ଏଗାର ବର୍ଷ ପିଲାକୁ ମାଡ ଦେଇ ସାବାଡ କରିବାଟା କେଉଁ ନୀତି ବିଶ୍ୱାସ ମାଳତୀ ଦେବୀ କହିବେ କି ? ଏ ଯୁଗରେ ଭୂତ ମୁହଁରେ କି ରାମନାମ ଶୁଭେ । ଯୁଗର ନାମ କଳାପେଟେଇ ଯୁଗ । ଯିଏ କଳାପେଟ ପାଖିଲା ସେ ବଡ଼ ।

### ସଇତାନୀ ଈଶ୍ୱର

ମାଳତୀପତି ନବବାବୁ ମାଳତୀ ଦେବୀଙ୍କୁ ନେପାଳୀବାବା ହାତରୁ ରକ୍ଷା କରିବାକୁ ଅଣହେଲାବେ ରକ୍ତଲେଇ ଯାତ୍ରୀଙ୍କୁ ମନ୍ଦିବାକୁ ଦେଲେ । ଏ ଘୂର୍ଣ୍ଣମରୁ ନବବାବୁଙ୍କୁ ରକ୍ଷା କରିବା ପାଇଁ ତାଙ୍କ ପତି ମହାଭାବ ମଧ୍ୟ ଲେଖାମାନ ଗଲେଇଲେଣି । ଯେ କହିଲେ ରାମକୃଷ୍ଣ ପରମହଂସ କହୁଥିଲେ — ହାତୀ ଦେହରେ ଈଶ୍ୱର ଅଛନ୍ତି ବୋଲି ତୁମ୍ଭେ ପଳାଇଲାବେଳେ ମାହୁନ୍ତ ଦେହର ଈଶ୍ୱର ଯେ ମନା କରୁଥିଲା ତାକୁ ଶୁଣିବା ଉଚିତ । ସେମିତି ନେପାଳ ଈଶ୍ୱରଙ୍କ ପାଖକୁ ଗଲାବେଳକୁ ଓଡ଼ିଶା ସରକାର ରୂପୀ ଈଶ୍ୱରଙ୍କ କଥା ଶୁଣିବା ଉଚିତ । ମାତ୍ର କଥା ହେଉଛି ଯେ ଅନେକ ସମୟରେ ସଇତାନ ବି ନିଜକୁ ଈଶ୍ୱର ବୋଲି ପରିଚୟ ଦିଏ । ରାବଣ ମଧ୍ୟ ନିଜକୁ ଅବତାର ମନେ କରି ସୂର୍ଯ୍ୟ ଚନ୍ଦ୍ର ଇନ୍ଦ୍ର ବରୁଣଙ୍କୁ ଖଟାଇ ଥିଲା ।

### ମାଇକି ମନ୍ତ୍ରୀ

ଅମଲା ସଭାରେ ଶ୍ରୀଯୁକ୍ତ କାନନଗୋ କହିଲେ ଯେ ଆମେରିକାରେ ମଧ୍ୟ ଅମଲା ରାଜ କରନ୍ତି; ତାର କାରଣ ସେଠି ସବୁ ପଟ ହେଉଛନ୍ତି ଜଣେ ପୁରୁଣା ବା ସେଭଳି ଗୋଷ୍ଠୀର ପନ୍ଥା ଓ ପ୍ରକୃତ ଶାସକ । ମାତ୍ର ଆମ ଦେଶରେ ପ୍ରକୃତ ଶାସକ ଓ ପତି ହେଉଛନ୍ତି ଅମଲା । ନିର୍ବାଚିତ ପ୍ରତିନିଧି ମାନଙ୍କ ଉପରେ ସବୁ ଥାଏ ସେଥିପାଇଁ ଆମ ଦେଶର ମାଇପେମାନେ ମନ୍ତ୍ରୀ ହେବା ଉଚିତ କିମ୍ବା ମନ୍ତ୍ରୀମାନେ ମାଇକିଆ ହେବା ଉଚିତ ।

### ଅରେ ସଖି

ଶୁଣାଯାଏ ଅମଲା ସଭାରେ ମନ୍ତ୍ରୀ କାନନଗୋ ଅମଲାମାନଙ୍କୁ ଘୁସ୍‌ଖୋର ବୋଲି ଗାଳିଦେବାରୁ ଜଣେ ଅମଲା ମଧ୍ୟ ବଡ଼ ବଡ଼ କର୍ତ୍ତାମାନଙ୍କୁ ଘୁସ୍‌ଖୋର୍ ବୋଲି କହିଲେ । ଘର କଥା ଥିଲେ ଏମିତି କଳିହୁଏ । ମାତ୍ର ଘରକଥା ପଦାରେ ପକାଇବାର ନୁହେଁ । କୂଅ ଖେଳେଇଲେ ଗନ୍ଧ ! ଚୋର ଠାରୁ ଚୋର ମା ଜାଣେ । କାନନଗୋଇଙ୍କ ପୁଅମାନଙ୍କ ଦୋଷ ସଭା ସନ୍ନିକଟରେ ପକାଇବା ଭୁଲ୍ ହୋଇଛି । ଆଉ ସେଭଳି କହିବେ ନାହିଁ ବୋଲି ଆମର ଭରସା । ଅଲେ ସଖି—ଆପଣା ମହତ

### ଅଜଣା ଓ ଜଣା ଚୋର

ସମ୍ବଲପୁର ଇଉନାଇଟେଡ୍ ଟ୍ରେଡ଼ିଂ କୋଃର ଦଶହଜାର ଟଙ୍କା କୌଣସି ଅଜଣା ଚୋର ନେଇଯାଇଛି ବୋଲି ସମ୍ବାଦ ପ୍ରକାଶ ପାଇଛି । ବୋଧହୁଏ ଯୋଉଁ ପୂର୍ବରୁ ଯେଉଁ ଚୋରି ସବୁ ହୋଇଛି ତାହା କୌଣସି ଜଣାଶୁଣା ଚୋର କରୁଥିଲେ । ଏଇ ଭଳି ଜଣା ଚୋରତ ଚତୁର୍ବର୍ଗରେ ଅମଲାଙ୍କଠୁ ଆରମ୍ଭ କରି ମନ୍ତ୍ରୀଙ୍କ ଯାଏ—କିଏ ନୁହେଁ ?

### ବାଇଗା ଘାଣ୍ଟି

ଜାନୁୟାରୀ ୨୨ ତାରିଖରେ ପୁଣି ଶ୍ରୀ ମହାଭାବ ଓଡ଼ିଶା ଆସିବେ । ୨୨ ଅଙ୍କଟା ବଡ଼ ଅଶୁଭ । ମାତ୍ର ଅଶୁଭ ଯାକ ଏଥର ଏକା ବିଶ୍ୱନାଥ ଗ୍ରାସ କରିବେ ଶୁଣାଯାଏ । ମହାଦେବଙ୍କ ସବୁଦିନେ ବିଷ ଖାନ୍ତି । ତା ଛଡ଼ା ଓଡ଼ିଶାରେ ଯେତେ ଥର ମହାଦେବ ଓ ହରିଙ୍କ ଭିତରେ କଳି ଲାଗିଲାଣି ସବୁବେଳେ ବୈଷ୍ଣବ ଦେଶରେ କୃଷ୍ଣହିଁ ଜିଣିଛନ୍ତି । ହରେକୃଷ୍ଣ ଅବତାର ହୋଇ ନୀଳକଣ୍ଠ ଦଳନ ହୋଇଥିଲା । ଏଥର ନବକୃଷ୍ଣ ଅବତାରରେ ବିଶ୍ୱନାଥ ମାରଣ ହେବ । ନିତ୍ୟାନନ୍ଦ ସ୍ମରଂ ସ୍ମରଂ ସ୍ୱଚ୍ଛନ୍ଦଂ ଚରିତଂ ।

### ଛାଡ଼ ଛାଡ଼ ଗୁମାନକୁ

କମନଓ୍ୱେଲଥ ସମ୍ମିଳନୀକୁ ଲିଆକତ ଆଲି ଯିବେ ନାହିଁ ବୋଲି ଘୋଷଣା କରିଦେଲେ; ସେ ମାନମାନ ବସିଛନ୍ତି ଯେ କମନଓ୍ୱେଲଥ ସମ୍ମିଳନୀରେ କାଶ୍ମୀର କଥା ନ ପଡ଼ିଲେ ସେ ଯିବେ ନାହିଁ । ନେହେରୁ କହୁଛନ୍ତି କି ସେଥା ମିଳିତ ଜାତି ସଂଘର ବାତ୍ । ଏଟି କାହାର ହାତ୍ ନାହିଁ । କିନ୍ତୁ ଲିଆକତ ଅଲିଙ୍କର ଏକା ଜିଦ୍

ନ ଯିବି ଲଣ୍ଡନ ଛୋଡ଼ ଦୁଲେ
[ସଖି ନେହେରୁ] ମରିବ ପଛେ ମୁଁ କଲକଲେ ।

### ଲ୍ହାସା ବିପରୀତ

ତିବ୍ବତର ଦାଲାଇ ଲାମା ଭାରତକୁ ଆସୁଛନ୍ତି । ଆଗରୁ ତାଙ୍କ ମା' ଆସି ଯାଇଛନ୍ତି । ଏବେ ଲାମା ଆସିବେ । ଚାଇନା ଯେ ଯେତେ ପାଇଲା—ସେଥିପାଇଁ ମାଲେ ମାଲେ ହୋଇ ଲାମା ଭାରତ ପଳାଇ ଆସିଛନ୍ତି । ଶେଷରେ ଚାଇନା କମ୍ୟୁନିଷ୍ଟମାନେ ଲାମାଙ୍କୁ ଓଲଟା ସଂବୋଧି ଭାରତକୁ ଯେପରି ପଣି ନଆସନ୍ତି ।



Digitized by srujanika@gmail.com

# କବି

ଲେ—ଶ୍ରୀ ମନୋଜକୁମାର ଦାସ

ଉନ୍ମୁକ୍ତ ବଳାକାର ବକ୍ଷ ଭେଦ କରି ଟ୍ରେନ ତା'ର ଗନ୍ତବ୍ୟ ମାର୍ଗରେ ଛୁଟି ଚାଲିଥିଲା । ତନ୍ଦ୍ରା ଜଡିତ ଚକ୍ଷୁରେ ଝରକା ବାହାରକୁ ଥରେ ଦୃଷ୍ଟି ନିକ୍ଷେପ କରି ପୁଣି ଚକ୍ଷୁ ମୁଦ୍ରିତ କଲି । ମ୍ଳାନ ଚନ୍ଦ୍ରର ଶେଷ ଜ୍ୟୋତ୍ସ୍ନା ଟିକକ ସେତେବେଳେ ଆଗତ ପ୍ରଭାତର କିରଣ ଆଭାସରେ ଧୀରେ ଧୀରେ ଲୀନ ହୋଇ ଯାଉଥିଲା । ଜୀବନର ପ୍ରାକ୍‌କାଳରେ ଅଧିକାଂଶ ତରୁଣ ବେକାରଙ୍କ ଭଳି କବିତ୍ୱର ନିଶା ମୋତେ ମଧ୍ୟ ଟିକିଏ ବ୍ୟତିବ୍ୟସ୍ତ ଯେ ନ କରୁଥିଲା ତାହା ନୁହେଁ; କିନ୍ତୁ ଅଳ୍ପଦିନ ପୂର୍ବେ ବାଲେଶ୍ୱର ସାହିତ୍ୟ ସମ୍ମିଳନୀରେ କୁମାର ଲକ୍ଷ୍ମୀନାରାୟଣ ମହାନ୍ତି କବି ଜୀବନର ଯେଉଁ କରୁଣ କାହାଣୀ ବର୍ଣ୍ଣନା କରିଗଲେ, ତାହା ସ୍ମରଣ କରି ସେ ଦିଗରୁ ଏକ ପ୍ରକାର ଜୋର କରି ମନଟାକୁ ଫେରାଇ ଆଣିବାକୁ ପଡ଼ିଥିଲା । ଏଇ ସେ ଦିନ ନେତାଙ୍କ ଜଣେ ବନ୍ଧୁ ମୋତେ ଉପଦେଶ ଦେଉଥିଲେ, 'ଯଦି ନାମ କରିବାକୁ ଚାହଁ, ତେବେ ଆଜିକାଲିର ଶସ୍ତା ରାଜନୀତିରେ ଭାଗ ନ ନେଇ ସାହିତ୍ୟ ଫାହିତ୍ୟ ଆଡେ ଝୁଙ୍କୁଛ କାହିଁକି ? କିମ୍ବା ଅର୍ଥ ଆବଶ୍ୟକ ହେଲେ ବ୍ୟବସାୟରେ ଯୋଗ ଦେଉନା ?'

ବାସ୍ତବିକ ଏତେବଡ଼ ଜଟିଳ ପ୍ରଶ୍ନର ଏଭଳି ସହଜ ସମାଧାନଟା ଚିନ୍ତା କରିବା ଭଳି ବୟସ ନୁହେଁକି ? ଭାବୁଥିଲି—

ହଠାତ୍ ଗୋଟିଏ ତର୍କ ବିତର୍କର ଝୋଟ ହଲ୍ଲାରେ ମୋର ଭାବନାର ଜୁଆରରେ ଭଟ୍ଟା ପଡିଗଲା । ମନ ଆପଣା ଛାଏଁ ସେ ଆଡକୁ ଆକୃଷ୍ଟ ହୋଇଗଲା । ଦେଖିଲି— ପାର୍ଶ୍ୱସ୍ଥିତ ବେଞ୍ଚ ଅଧିକାର କରି ବସିଥିବା ଭଦ୍ରଲୋକ ଦୁହିଙ୍କ ମଧ୍ୟରେ ତୁମୁଳ ବାକ୍ୟବାଣର ଆଦାନପ୍ରଦାନ ଚାଲିଛି । କଥା କ'ଣ ! ଟିକିଏ ଜାଣିବା ମାନସରେ ସଚେଷ୍ଟ ହୋଇ ଜାଣିଲି ଯେ ଦୁଇ ଜଣ କବିଙ୍କୁ ନେଇ ସେମାନଙ୍କ ଗୋଳମାଳର ସୃଷ୍ଟି । ବାକ୍ୟ ଯୋଦ୍ଧାମାନଙ୍କ ମଧ୍ୟରୁ ଜଣେ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଏ ଯୁଗର ଶ୍ରେଷ୍ଠ କବି ଓ ଅପର ଜଣକ କୃଷ୍ଣଚରଣ ବେହେରାଙ୍କୁ ଆଧୁନିକ ଉତ୍କଳର ଶ୍ରେଷ୍ଠ କବି ବୋଲି ପ୍ରମାଣ କରିବାକୁ ପ୍ରାଣପଣେ ଚେଷ୍ଟା କରୁଅଛନ୍ତି । ସେମାନଙ୍କର ଏହି କବି ନିର୍ବାଚନ ଗୋଳମାଳରେ ଡବାଟିରେ ଉପବିଷ୍ଟ ପ୍ରାୟ ପ୍ରତ୍ୟେକ ଯାତ୍ରୀ ଆକୃଷ୍ଟ ହୋଇ ପଡିଥିଲେ । କେହି କେହି ଭାଗ ନେବାରେ ମଧ୍ୟ ତ୍ରୁଟି କରୁନଥିଲେ । ସେତେବେଳେ ସଚ୍ଚିଦାନନ୍ଦ ବାବୁଙ୍କର ସପକ୍ଷ ବକ୍ତା ଟି ଅନର୍ଗଳ ଭାବରେ କହିଚାଲିଥାନ୍ତି—'ଆପଣ ମାନଙ୍କ ମଧ୍ୟରୁ କେହି ଯଦି ପଢିଥିବେ, ଶ୍ରୀଯୁକ୍ତ ମହାପାତ୍ରଙ୍କର 'ଜୀବନ୍ତମାନବ' 'ଚଉଦଶ' 'ବାଘିକା' 'ଯୋଡ଼ମହଟ' ଇତ୍ୟାଦି ତାହାହେଲେ ଜାଣିଥିବେ କବିଙ୍କ ହୃଦୟ ଦୁର୍ଭିକ୍ଷ ନିପୀଡିତ ନିରନ୍ନ ମନୁଷ୍ୟ ଜାତି ପାଇଁ ସର୍ବଦା କିପରି ବ୍ୟାକୁଳିତ । ସତ୍ୟ ଜଗତରେ ତାଙ୍କର ନବତମ ସାହିତ୍ୟ ମହାବିପ୍ଳବ ସୃଷ୍ଟି କରିଛି ଏବଂ ଯାହା ନ କରିଛି ଆହୁରି କରିବ ମଧ୍ୟ ।

ଅନ୍ୟ ଭଦ୍ରଲୋକଟି ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ଅକସ୍ମାତ ଚିତ୍କାର କରି ଉଠିଲେ "ଶାନ୍ତ ହୁଅନ୍ତୁ ମହାଶୟ, ଆପଣ ଯଦି ପଢ଼ିଥାନ୍ତେ ମହାନ୍ତି ମହାଶୟଙ୍କର 'ଅଠିଲି ରାଜା' 'ତୋଫାନର ଶେଷ' 'ବନ ଜଙ୍ଗଲର ଉପରେ; ଅଦେଖା ଗୋଡ଼' ତାହାହେଲେ ବୁଝିଥାନ୍ତେ, ଦାର୍ଶନିକ କବି କିପରି ଅଦ୍ଭୁତ ଉପାୟରେ ଉପନ୍ୟାସ ଜଗତରେ 'ଯୁଗାନ୍ତର' ଆଣିଛନ୍ତି । ତାଙ୍କ ସାହିତ୍ୟର ବର୍ଣ୍ଣନାଭଙ୍ଗୀ ହେଉଛି, ପଲ୍ଲୀ-ଜୀବନର ଅବିକଳ ଚିତ୍ର ।

ଅନ୍ୟ ଜଣକ ଅସହିଷ୍ଣୁ ଭାବରେ କହିଲେ, 'କାହିଁକି ବୃଥାରେ ବକ୍ତୃତା ଦେଉଛନ୍ତି ! ଜୀବନର ଗୁରୁ ସମସ୍ୟା ଗୁଡିକର ସରଳ ସମାଧାନ ଶ୍ରୀଯୁକ୍ତ ମହାପାତ୍ରଙ୍କ ସୃଷ୍ଟି ସାହିତ୍ୟରେ ଯେପରି ସୁନ୍ଦର ରୂପ ପାଇଛି ତାହା ଯେକୌଣସି କବିର ଅନୁକରଣୀୟ । ଧୈର୍ଯ୍ୟ ଧରନ୍ତୁ । ଶୀଘ୍ର ମହାପାତ୍ର ମହାଶୟ ଜ୍ୱଳନ୍ତା ଅଗ୍ନି' ଲେଖି ପୁଞ୍ଜିବାଦର ଧ୍ୱଂସ ସାଧନ କରିବେ 'ମରଣଜୀବ ସଂହିତା' ପୁସ୍ତକରେ— ।

ବକ୍ତାଙ୍କର ଖଣ୍ଡବାକ୍ୟ ପୂର୍ଣ୍ଣ ହେବା ପୂର୍ବରୁ ସେଠାରେ ଅକସ୍ମାତ୍ ଏକ ତୃତୀୟ ପୁରୁଷର ଆବିର୍ଭାବ ହେଲା । ଯଥାସମ୍ଭବ ଗମ୍ଭୀରତା ବଜାୟ ରଖି ସମସ୍ତଙ୍କୁ ଅଳ୍ପ ସମୟ ପାଇଁ ନୀରବ ରହିବାକୁ କହି ନିଜର ଅଳ୍ପ ଦାଢି ଶୋଭିତ ମସ୍ତକରେ କିଛି କ୍ଷଣ ହସ୍ତ-ସଂଚାଳନ କରିସାରି ଆରମ୍ଭ କଲେ 'ଭଦ୍ରଲୋକ, ସର୍ବପ୍ରଥମେ ମୁଁ ଆପଣମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି । କାରଣ ମୁଁ ଆପଣମାନଙ୍କ କଥାରୁ ଏତିକି ସାନ୍ତ୍ୱନା ପାଉଛି ଯେ, ଓଡ଼ିଶାରେ ଏ ପର୍ଯ୍ୟନ୍ତ ସାହିତ୍ୟ ବିଷୟରେ ଆଲୋଚନା କରିବା ଭଳି ଯୋଗ୍ୟ ବ୍ୟକ୍ତି ଅଛନ୍ତି । ଅତଏବ ଆଜିକାଲି ସାହିତ୍ୟର ଅଧଃପତନ ବିଷୟରେ ମୋର ଧାରଣା ଅନେକ ଅଂଶରେ ଅମୂଳକ । ଆମେ, ଅର୍ଥାତ୍ ଆମେ ସାହିତ୍ୟିକମାନେ ଯେ ପର୍ଯ୍ୟନ୍ତ ପାଠକ ସମାଜ ନିକଟରେ...

ହଠାତ୍ ଜଣେ ପଚାରିଦେଲେ, 'ଆଜ୍ଞା ଆପଣ କଣ ତାହାହେଲେ ଜଣେ ସାହିତ୍ୟିକ ?

ମୁଁ ନିଜେ ଆଜ୍ଞା ଆପଣମାନଙ୍କ ସେବକ କୃଷ୍ଣଚରଣ ମହାନ୍ତି ।'

ଭଦ୍ରଲୋକଟିର ଉତ୍ତରରେ ହଠାତ୍ ଗୋଟିଏ ଶାନ୍ତ ନୀରବତାରେ ଡବାଟି କିଛିକ୍ଷଣ ଆଚ୍ଛନ୍ନ ରହିଲା । ଜଣେ ଯାତ୍ରୀ ଆଗ୍ରହରେ କହିଲେ, ଆମ୍ଭମାନଙ୍କ ମଧ୍ୟରେ ଆଜି ଆପଣଙ୍କୁ ପାଇ ଆମେ ନିଜକୁ ଧନ୍ୟ ମନେ କରୁଛୁଁ । କିଛି କ୍ଷଣ ପୂର୍ବେ ଆପଣଙ୍କ ବିଷୟରେ ଅନେକ ଯୁକ୍ତି ତର୍କ ଆଲୋଚନା ହୋଇଯାଇଛି । ସେଥିପାଇଁ ଯେପରି କିଛି ମନେ ନ କରନ୍ତୁ ।

ମହାନ୍ତି ମହାଶୟ ଉତ୍ତର ଦେଲେ, 'ଅହଙ୍କାର କବି ଜାତିର ଜନ୍ମ ଯେ କେବଳ ଦୁଃଖ ସହ୍ୟ କରିବା ପାଇଁ । ଦୁଃଖହିଁ ଆମର ପ୍ରାପ୍ୟ । ଭର୍ଜିଲ୍, ହୋମର, ସେକ୍ସପିଅର ଆଦି ଯେଉଁ କବିମାନେ ଆଜି ଅମର ପ୍ରାତଃ-ସ୍ମରଣୀୟ, ଦୁଃଖହିଁ ଥିଲା ସେମାନଙ୍କର ଚିର ସାଥୀ ।'

ଦୀର୍ଘନିଃଶ୍ୱାସଟିଏ ଛାଡି କବିଜୀ ପୁଣି ଆରମ୍ଭ କଲେ । ଦେଖନ୍ତୁ— ସଚ୍ଚିଦାନନ୍ଦ ବାବୁ କେବଳ କବି ନୁହନ୍ତି, ଜଣେ ଆଦର୍ଶ ଦାର୍ଶନିକ ଓ ବିଚକ୍ଷଣ ସମ୍ପାଦକ ମଧ୍ୟ । ତାଙ୍କ ଲେଖାରେ ଅଛି ମାଧୁର୍ଯ୍ୟ, କଠୋରତା, ଉତ୍ତେଜନା, କୋମଳତା, ସବୁକିଛି । ଯାହା ହେଉ କହିବା ବାହୁଲ୍ୟ ଯେ ଏ ଦେଶର କବିମାନଙ୍କ ପେଟକୁ ଦୁର୍ଭିକ୍ଷ ଭଳି ରୂପରେ ଅନ୍ନ ଜୁଟିବା ଅସମ୍ଭବ ।

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଏ ବଡ଼ ଲୋକଙ୍କର ମତ !

ଲେ—ଶ୍ରୀ କୃଷ୍ଣଚରଣ ବେହେରା

ପୁଅ ପାଖରେ ଗଦା ପାଣି ଠିକ୍ ଦେବାକୁ ଯାଉଛି, ଦାଣ୍ଡ ଦୁଆରେ ବଡ଼ ଜୋର୍‌ରେ ଡାକ ଶୁଭିଲା—'ହରି ପଧାନ ହୋ, ହରି-ପଧାନ' !

ତରତର କରି ପୁଅ ପାଖରେ ଗଦା ପାଣି ଚଳେ ଗଳେଇ ପକେଇ ହରି ପଧାନ ବାହାରକୁ ଆସି ଦେଖନ୍ତି—ସେଇ ସରକାରୀ ପିଅନଟା, ଲମ୍ବା ମୋଟା ଶାଳଗଛଟା ପରି ମଣିଷ, ଧାନ ଉଷୁନା ହାଣ୍ଡି ପରି କଳା ଫୁଲିଲା ମୁହଁ, ଚଟକା ଗାଲ ଉପରେ ମୋଟା ଜୁଆଳିଆ ନିଶ, ହାତରେ ଏକ କଣ୍ଟା ବାଉଁଶର ଢେଙ୍କଢଙ୍ଗା ପାଚିଲା ଠେଙ୍ଗା। ହରି ପଧାନ ଛାତି ଧଡ଼୍ କରି ଉଠିଲା।

ପିଅନ କହିଲା—'ବାବୁ ରହିଲେ ହାଟ ଉପରେ, ସେ ଆଉ ଇମିତି ଘର ଘର ବୁଲି ଟଙ୍କା ଆଦାୟ କରି ପାରିବେ ନାହିଁ। କିଏ ତମେ ଯିବ ତାଙ୍କ ଗୋଡ଼ ପାଖକୁ, ନା ସେ ଆସିବେ ତମ ଗୋଡ଼ ପାଖକୁ ? ବୁଝିଲ, ସରକାରୀ ହାକିମ ସେ, ବଡ଼ ମଣିଷ, ବଡ଼କଥା ! କଡ଼ା ହୁକୁମ୍—ତୁ' ଏଇକ୍ଷଣି ଟଙ୍କା ନେଇ ଚାଲ, ହାଟ ଉପରେ ଦେଇ ଆସିବୁ ସେ କାଲି ବଡ଼ି ଭୋରୁ ଯିବେ ବାହାରି'।

ହରି ପଧାନ ମଥା ଝୁଲେଇ ଦେଲା-ହାଟ ଚାରି ମାଇଲ ବାଟ। ତିନି ଦିନ ହେଲା ପୁଅ ଏଣେ ବିଛଣାରେ ପଡ଼ିଛି—ଜ୍ୱର ରକ୍ତ ଝାଡ଼ା। ପୁଅକୁ ଛାଡ଼ି ଏତେ ବାଟ ସେ ଯିବ କେମିତି ? ସଂସାରରେ ତାର ଆଉ କିଏ ଅଛି ଯେ, ସେ ଛାଡ଼ି ଗଲେ—ପୁଅଟିର ଯତ୍ନ ନେବ। ହରି ପଧାନକୁ ଚାରିଆଡ଼ୁ ଅନ୍ଧାର ଦେଖା ଗଲା।

ତିନି ବର୍ଷ ତଳେ ସରକାର ବଣ୍ଡ୍ ଲେଖି ନେଇ ଧାନ ବିହନ ବାଣ୍ଟି ଦେଇ ଗଲା। କହି-ଥିଲା କଣ—ଭଲ ଚାଷ କର, ଖାଦ୍ୟ ଶସ୍ୟ ବେଶୀ ଉପୁଜାଅ' ! ହରି ପଧାନ ବଣ୍ଡ୍ ଲେଖି ଦେଇ ସେଇ ଧାନକୁ ରଖିଥିଲା କିଛି। ଯାହା ତା'ର ଲାଭ ହେଲା—ହେଲା। ସେଇ ଋଣ ଘରେ ଘରେ ବୁଲି ଆଦାୟ କରିବାକୁ ଦଶ ଦିନ ତଳେ ପିଅନ କହି ଯାଇଥିଲା। ସେଇ ମୁତାବକ ହରି ପଧାନ ଟଙ୍କା ଯୋଗାଡ଼ କରି ରଖିଛି ବାବା, ସରକାର'ର ଘର-ଧନ ଗହମ ଗୋଟି ଗଣି ତା ଠିକ୍ ବେଳରେ ନଦେଲେ ପୁଣି ଘର କୋରଖ କରି ବସିବେ। ସେଥିପାଇଁ ହରିପଧାନ ଆଗରୁ ହୁସିଆର ! ମାତ୍ର ଏକ୍ଷଣି ସେ ପୁଅକୁ ଛାଡ଼ି ଯାଉଣୁ ଆସୁଣୁ ୩୦ ମାଇଲ୍ ବାଟ ଯିବ କିମିତି ?

ପିଅନ ଜିଦ୍ ଧରିଲା—'କଡ଼ା ହୁକୁମ୍, ଏଇକ୍ଷଣି ଯିବାକୁ ହେବ'।

ହରି ପଧାନ ଆଉ କିଛି ଉପାୟ ନଦେଖି ଜଣେ ପଡ଼ିଶା ବୁଢ଼ୀ ଜିମାରେ ପୁଅକୁ ଛାଡ଼ି ବାହାରିଲା। ହାକିମଙ୍କ ପାଖରେ ନିଜ ଦୁଃଖ-ଜଣେଇ ସଭିଙ୍କ ଆଗେ ସେ ଟଙ୍କା ଦେଇ ବେଳ ଥାଉଁ ଥାଉଁ ଫେରି ଆସିବ। ଗାଁର ଅନ୍ୟମାନେ ବି' ନିଜର କାମଧନ୍ଦା ଛାଡ଼ି ଟଙ୍କା ଧରି ଧାଇଁଛନ୍ତି; ସରକାର ଘର କଡ଼ା ହୁକୁମ !

ଝାଳ ସର ସର ଦେହରେ ସଁ ସଁ ହୋଇ ହରି ପଧାନ ହାଟ ଉପରେ ପହଞ୍ଚି ଦେଖିଲା—ବହୁତ ଲୋକ ଜମିଛନ୍ତି। ସଭିଏଁ ଆଗେ କାମ ସାରି ଚାଲିଯିବେ ବୋଲି ବ୍ୟସ୍ତ। ଠେଲା ପେଲା, ଜୋର ଜବରଦସ୍ତି ଲାଗିଛି। ପିଅନ ଠେଙ୍ଗା ଉଞ୍ଚେଇ ଲୋକଙ୍କୁ ଶାନ୍ତକରି ଜଣ ଜଣଙ୍କ' ହାକିମଙ୍କ ନିକଟକୁ ଛାଡ଼ୁଛି।

ହରି ପଧାନ ସେଇ ଗହଳି ଠେଲି ପେଲି ହାକିମଙ୍କ ପାଖକୁ ଯିବାକୁ ବାହାରିଲା। ଅଧ-ବାଟରୁ ସେଇ ପିଅନଟା ତାର ହାତ ଜାବୁଡ଼ି ଧରିଲା—'ଏ କି ବଦମାସୀ ! ମଣିଷଙ୍କୁ ମାଡ଼ି ଦଳିଦେଇ ଯାଉଛୁ। ଠିଆ ରହ !' ହରି-ପଧାନ ବୋକାଟି ପରି ଅଟକି ଛିଡ଼ା ହେଲା।

ଅଥଚ ତାରି ଆଖି ଆଗରେ ତା'ରି ଗାଁ ଲୋକ—ନଦା ଦାସ, ଭିକାରି ମଲିକ ଲୋକଙ୍କୁ ଦଳି ଚକଟି ଦେଇ ଆସି ପିଅନ ହାତରେ କଣ ଗୁଞ୍ଜିଦେଇ ହସ ହସ ମୁହଁରେ ଆଗେ ହାକିମଙ୍କ ପାଖକୁ ଚାଲିଗଲେ। ପିଅନଟା ସେମାନଙ୍କୁ ଉଁ କି ଚୁଁ କିଛି କହିଲା ନାହିଁ। ହରିପଧାନ ସବୁ ବୁଝିପାରିଲା।

ଏତେ ବିକଳ ହୋଇ ସେ କହିଲା—'ପିଅନ ବାବୁ, ମୋତେ ଟିକେ ଆଗେ ଛାଡ଼ିଦିଅ। ମୋ' ପୁଅ ଦେହ ଜ୍ୱର ଅସୁଖ' ଘରକୁ ମୁଁ ଏକା, ତ ପର ଧରମ ହେବ ବାବୁ, ମୋତେ ଟିକେ......

'ଚୁପ୍ ରହ୍' !—ପିଅନର ନାଲି ଆଖି ଦେଖି ହରିପଧାନ ଦବିଗଲା। ନଦା ଭିକା କାମ ସାରି ଫେରିଲେ। ହରିପଧାନକୁ ସେମିତି ଛିଡ଼ା ହୋଇ ଥିବାର ଦେଖି କହିଲେ—'କିରେ ବୋକା, ମହାଦେବଙ୍କୁ ଦର୍ଶନ କରି-ବାକୁ ଗଲେ ଆଗେ ବାହୁଆ ବଳଦଙ୍କ ପୂଜା ଦରକାର, ! ବଡ଼ ବଡ଼ ହୋଇ ବୁଝୁଁ ନାହୁଁ କଣ ? ଆଖି ଖୋଲ !'

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

ରୁ ମଧ୍ୟ ଅତିଥିଙ୍କୁ ଗଳେଇ। ସଦାଚାର ବ୍ୟକ୍ତି-ମାନଙ୍କର ଏକାନ୍ତ ସହାନୁଭୂତି ହେତୁ, ମୋର ପୂର୍ବ ଅଳ୍ପସଂଖ୍ୟକ ପୁସ୍ତକ ଆମେ ପ୍ରକାଶ କରି ଅଛି। କିନ୍ତୁ ଏକ ଶିକ୍ଷା ପୁସ୍ତକମାଳା ଅପେକ୍ଷା ପାଣ୍ଡୁଲିପିର ସଂଖ୍ୟା ଅଧିକ। ସେ ଗୁଡ଼ିକ ମଧ୍ୟରୁ 'ଜାଗ୍ରତ ସ୍ୱପ୍ନ' ନାମକ କାବ୍ୟ ଗ୍ରନ୍ଥଟିଏ ମୁଁ ଶୀଘ୍ର ପ୍ରକାଶ କରି ଆପଣମାନଙ୍କୁ ଉପହାର ଦେବାକୁ ମନସ୍ଥ କରିଛି। କିନ୍ତୁ ମୋର ଆର୍ଥିକ ଅବସ୍ଥା ଅତି ଶୋଚନୀୟ। ସେଥିପାଇଁ ମୁଁ ଅନୁରୋଧ କରୁଛି, ଆପଣମାନଙ୍କ ମଧ୍ୟରୁ କେହି ଯଦି କିଛି ସାହାଯ୍ୟ କରନ୍ତେ...'

ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରତ୍ୟେକ କିଛି କିଛି ସାହାଯ୍ୟ କଲେ।

ଏହି ଦୀର୍ଘ ସମୟ ପର୍ଯ୍ୟନ୍ତ ମୁଁ ନୀରବରେ କବିଙ୍କର ମୁଖମଣ୍ଡଳ ଗଭୀର ଏକାଗ୍ରତାସହ-କାରେ ନିରୀକ୍ଷଣ କରୁଥିଲି। ମନେ ହେଉଥାଏ, କୋଉ ଏକ ନଷ୍ଟ ଭଦ୍ରଲୋକଙ୍କୁ ଦେଖିଛି। ପ୍ରାୟ ଘଣ୍ଟାଏ ସମୟ ଅତିବାହିତ ହୋଇଗଲା।

ସେତିକିବେଳକୁ ଧୀରେ ଧୀରେ ପ୍ରାୟ ପ୍ରତ୍ୟେକ ପୁରାତନ ବ୍ୟକ୍ତି ଅନ୍ତର୍ଦ୍ଧାନ ହୋଇଗଲେଣି ଓ ଉଭୟ ନିର୍ଜନ ଯାତ୍ରୀମାନଙ୍କ ହାତ ଶୂନ୍ୟ ହୋଇଗଲାଣି। ପୁଷ୍ଟା ଭିତରେ କେବଳ କବି ଓ ମୁଁ।

ନାଃ, ଏହଥର ଠିକ୍ ଧରିଛି। କବିଙ୍କ ନିକଟକୁ ଉଠିଯାଇ ପଚାରିଲି, କିରେ ଗବ୍ରୁ ! କବି କୃଷ୍ଣଚରଣ ମହାନ୍ତି କେବେଠୁଁ ହେଲୁ ?

ଗବ୍ରୁ ସେତେବେଳେ ହସି ହସି ଅଛି'ର। 'ତଥାପି ମନ୍ଦ କଅଣ ?

ଏଇ ଦେଖ, ସାଢ଼େ ସାତ ଟଙ୍କା— ଏହା କହି ପରବର୍ତ୍ତୀ ଷ୍ଟେସନରେ ହସି ହସି ଗବ୍ରୁ-ଚନ୍ଦ୍ର ଓହ୍ଲାଇଗଲା।



Digitized by srujanika@gmail.com

# ବୃଷଭ ମିଳନ

ଲେ—ଚନ୍ଦ୍ରମୋହନ ପଣ୍ଡା

ସେ ଦିନ ସେ ବୃଷଭ ମିଳନେ
ମିଳିଥିଲେ ଫୁଲ,କଂଥା, ଯେତେ ଓଲ୍ଡ ଜୋବ
କରିଥିଲେ ଅୟୋଜନ ସେଥି
ଗ୍ରାଜୁଏଟ୍, ମୁଖପାତ୍ରଗଣ ।
ଓ, ଓ୍ଡ, ଟି ଧୂଆଁ ଅଫିସ ପ୍ରାଙ୍ଗଣେ
ବସିଲେ ସମସ୍ତେ କିନ୍ତୁ ନ ବସିଲେ କେହି କାହା କୋଳେ
କେହି କା'ରେ ଚୁମ୍ବ-ଦେଇନାହିଁ ଭୁଲେ ।
ଅମେ ଫୁଲ୍ ଯେତେ ସମସ୍ତେ ଶୋଷିତ'
କେହି ସୁବା ପାଇନୁ ଆସନ ।
ଆର୍ତ୍ତନାଦ ଛାଡ଼ ଉଠି ଡ କଲେ ବଲ୍ଲଭ
ରକ୍ଷା କର କୃଷ୍ଣ
ବେକାରର ମୂର୍ଚ୍ଛନାରେ ହୋଇ ମୁଁ ମୂର୍ଚ୍ଛିତ ।
ଚାରୀବରେ ଉଇଁଛୁ ସବିତା
ଛାଡ଼, ଛାଡ଼ଦିଅ ମୋତେ
ଆଉ କେବେ 'ହର-ଜନ୍ମେ' ଲେଖିବିନି ଗୀତ
ଗୃହା, ଫାନା ପାଇଁ ଅଉ କେବେ
ହେବ ନାହିଁ 'ବେଲମୋନ୍ଟ ଆର ସାଙ୍ଗ
ନାକ ଛୁଇଁ କହୁଛି କିଏସ
ଅଳ୍ପ କେବେ ସାହିତ୍ୟ ସଙ୍ଘରେ ପଢ଼ିବିନି ଲେଖି ମୋ ବକ୍ତବ୍ୟ ।
ଉଠିଲେ 'ଜାହ୍ନବୀ'
ଆପଣା ସ୍ୱଚ୍ଛନ୍ଦେ
"କଳିଙ୍ଗ-ଭାରତୀ" ଦେବୀ ପଦରେ ଅର୍ଚ୍ଚନା
କରି କିନ୍ତୁ ଶେଷେ
ପାରିଲେନି 'ବୈଦେହୀଶ' ଅନୁବାଦ ଶେଷ ।
ସିଂହପଦ ଉଠି 'ଗ୍ରନ୍ଥସିନ୍ଧୁ'
ବାହାର ପଡ଼ିଲେ ସେହିକ୍ଷଣେ
କହିବାକୁ ମହାନଦୀ ତୀରେ 'ଜ୍ୟୋସ୍ନାର ବିହାର ।'
କିନ୍ତୁ ଅମେ ଦୌଡ଼ିଲୁଁ ପଛୁ ପିଛି ଉପରଫୁ କାରେ
କେଶିଲ୍ ସେ ନଫେରିବେ ସେଥି
ଜୀବନଟା ତାଙ୍କ ଅନ୍ଧକାର ।
ନାଚଲେ "ଶାଳନ୍ଦୀ"
"ଭରଜୁ ପଧ ନ" ପର ପ୍ରଥିଳ ସୁନ୍ଦର
"ହାକିବେ କର" ବେଶ ସାଜେ ଅତି ମନୋହର
ହବ ମଣ୍ଡଳଙ୍କ ପାନଶିଆ ପାଟି
ଲୁହାର ମଣ୍ଡପ ପରି ବଡ଼ ଶକ୍ତ ଦୃଢ଼ ସଂଗଠନ
ଏ ଗୁଡ଼ାକ ସବୁ ଏକ ଦେହେ ହୋଇ ଲୁଣ୍ଠିଛି
ହୋଇଛି "ଶାଳନ୍ଦୀ" ।
କହିଲେ କଣ କହିବି ବାବୁ
କିଛି ଅଳ୍ପ ଅଜକାଲି, ମୋର ମନେ ନାହିଁ ।
ଦେଖିଲି "ବାହାରେ ରକତ ତାଙ୍କ ଅନ୍ତରେ ରକତ"
କାହିଁ ନଥିଲା ଦାଗ ।

(କ୍ରମଶଃ)

## ଓକିଲ

ଲେ—ଚିରଜୀର୍ଣ୍ଣ ବୃକ୍ଷ

ଦେଖ ଅମେ ଜଜଙ୍କ ପ୍ଲିଡର,
ଯେତେବେଳେ ପଡ଼ୁ କୋର୍ଟ ମୁନ୍‌ସେଫ୍ଙ୍କର ଭିତର
(ଅଉ)co..sciensce to us is a marketable thing
[ବିବେକ ଆମ ପାଇଁ ବଜାର ସଉଦା]
[which] We sell to the highest bidder
[ବିକୁଛୁ ଦେଇଁ ଯେ ବେଶି ଡାକ ଦେଇ ଦର]
ଦେଖ annually swelling in number
[ସାଲ ସାଲେ ଆମ ସଂଖ୍ୟା ବଢ଼ି ଚାଲେ ଝର]
ଆମେ ଦେଉଁ Bar encumber
(ଓକିଲ ବାର୍‌ରେ ଭଲ ଯୋଡ଼ ଅମର)
ଅ ହଉ ଆମ ଓ୍ୟାଚ୍ ମୋ ଡାଉରେ
We look so grave and Sombre
[ଦେଖାଉ କେତେ ଗଳା ପ୍ରାଣ ଗମ୍ଭୀର]
ଅମେ ବନ୍ଧୁଙ୍କ କହୁଁ ହ ଲୋ— (hallow)
ଡମ ମାମଲା ଅତି ଭଲ;
ସୁନି ପୁରୁଣା ବନ୍ଧୁ କହୁଁ କଚି ଦେଉଁ,
କେତେ ଟଙ୍କା ଦେବ ଆଗ କଥା କଳ
ଦାଉ କିଏ ଟଙ୍କା ଶହ ଅଉଳ ।

ଗାଳ୍ଲ ଉପରେ ଝାପଟା ହସ ଛିଟିକେ ହସି ପିଅନ କହିଲା—'ବେହିପୋ, ଶୁଣିଲ୍ ପୁଣି ହାତରେ ଅସିଛି ହାକିମ ମସଲକୁ ! ପୁଣି କହୁଛ କଣ ମୋତେ ଅଗ ଛାଡ଼ !'

ହକିଆଧାନ ମୁହଁ ଖୋଲିଲା ନାହିଁ, ଅଣ୍ଟି ଖୋଲିଲା । ପିଅନ ହାତରେ ଦିଅଣା ପଇସା ଭୋଇ କହିଲା—'ବାବୁ ମୁଁ ଅଧିକା ପଇସା ଅଣି ନାହି ଖାଲି ଟଙ୍କାଟିଏ ଅଣିଥିଲି ସୁଅଟାଇଁ ଧଳି ପୂଲିରୁ କଟୁ ହବି ନେବାକୁ । ସେତକ ଅପଣଙ୍କୁ ଦେଲି ।' ପିଅଦା ସେତେବେଳକୁ ଅନ୍ୟଆଡ଼େ ଯାଇ ଲୋକଙ୍କୁ ତାଡ଼ି କରିବ-ଥିଲା ।

ହାକିମଙ୍କ ଅଗେ ହାତ ଯୋଡ଼ି ହକି-ଆଧାନ ସବୁ ଦୁଃଖ ଜଣାଇଲା ଓ ତା' ଭାମ ଚଞ୍ଚଳ ସାରି ତାକୁ ଅଗେ ବିଦା କରିବାକୁ କହିଲା । ହାକିମ ଲେଖୁ ଲେଖୁ ଦୁଅଡ଼ ତାକୁ ନ ଗୃହ ବି ହାତରେ ନିର୍ଦ୍ଦେଶ ଦେଲେ—ସେଇଠି ବସିବାକୁ । ହକିଆଧାନ ଛିଟିଏ ଖସି ହୋଇ ବସି ପଡ଼ିଲା—ତା' ନାଁ ଏଇଥର ପଡ଼ିବ !

କିନ୍ତୁ ଘଡ଼ିଏ ଗଲା, ବାଘଡ଼ିଗଲା, ବେଳ ବୁଡ଼ିଲା । ତାହି ଅଗି ଅଗରେ ହାକିମ ଅନ୍ୟ-ମାନଙ୍କ କାମ ସାରିଦେଲେ । ହକିଆଧାନ

ଅବଶିଷ୍ଟାଂଶ ୯ମ ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଯେସାକୁ ତେସା

—ଚୁଟୁକ୍ରୀ ଚନ୍ଦ୍ରଙ୍କ ଦ୍ୱାରା

ନିତ୍ୟାନନ୍ଦ ଦାସ ବାଲେଶ୍ୱର

ପ୍ର—ଈଶ୍ୱର ବିଶ୍ୱାସ ମଣିଷର ଦୁର୍ବଳତା କି ?

ଉ—ନିଜର ଦୁର୍ବଳତାକୁ ଜାଣିବା ଯଦି ଦୁର୍ବଳତା ହୋଇଥାଏ—ତେବେ ସନ୍ଦେହ କଣ ଅଛି ।

ପ୍ର—ମଣିଷକୁ ଆଗେଇ ଯିବା ପାଇଁ ପ୍ରେରଣା କିଏ ଦିଏ ?

ଉ—ପଛକୁ ନ ଚାହିଁବା ।

କୁମାର ଚନ୍ଦ୍ରମୋହନ ସିଂହ ନୂଆ ଗାଁ

କୋରାପୁଟ

ପ୍ର—ପ୍ରେମ ଜିନିଷଟା ଈଶ୍ୱର ଦତ୍ତ, ନା ପିତୃ ଦତ୍ତ ନା ନାରୀ ଦତ୍ତ ?

ଉ—ପ୍ରେମଟା ଦାନ ନୁହେଁ—ଦାତବ୍ୟ ।

ପ୍ର—ବୈଜ୍ଞାନିକ ଯୁଗରେ କେଉଁ ଜିନିଷ ମାରାତ୍ମକ

ଉ—ପ୍ରେମ । କାରଣ ସେଇଟିକୁ ଅଜ୍ଞାନ ।

ପ୍ର—ରାମରାଜ୍ୟ ପ୍ରତିଷ୍ଠା ପାଇଁ କେଉଁ ନୀତି ଲୋଡ଼ା ?

ସୀତାଙ୍କୁ ବନବାସ ପଠାଇ ଦେବା ।

ବୈଦ୍ୟନାଥ ରାମ, ବାଣୀପୁର ପୁରୀ

ପ୍ର—କବିର କଳ୍ପନା ଓ କବିର ପ୍ରିୟା ମଧ୍ୟରେ କବି ପକ୍ଷରେ କେଉଁଟା ମୂଲ୍ୟବାନ ?

ଉ—କବି ପ୍ରିୟା । କାରଣ କଳ୍ପନାର ମୂଲ୍ୟନାହିଁ ।

ପ୍ର—ନୂଆ ବୋଉର ଅଠ ଭଉଣୀ ଥିଲେ ବାପାଙ୍କର କି ଲାଭ ।

ଉ—ଅଲାବୁ ଭକ୍ଷଣ ।

ପ୍ର—କୋଉଟିଏ କଲେଜ ଝିଅକୁ ଆପଣ ନିଜର ପତ୍ନୀହିସାବେ ପାଇବାକୁ ଇଚ୍ଛା କରନ୍ତି ନା ନିଜର ପତ୍ନୀଙ୍କର ଭଉଣୀ ହିସାବରେ ପାଇ-ବାକୁ ଇଚ୍ଛା କରନ୍ତି ।

ଉ—ଯେଉଁମାନେ ବେଶ ହେଲେ ସୁନ୍ଦର ଦିଶନ୍ତି ବା ଯେଉଁମାନେ ବେଶଯୋଗ୍ୟା ସେମାନେ ପତ୍ନୀର ଭଉଣୀ ହେଲେ ପତ୍ନୀ ମଧ୍ୟ ବେଶ୍ୟା ହୋଇପାରେ, ତେଣୁ ମୁଁ କୌଣସି ସମ୍ପର୍କ ଚାହେଁ ନାହିଁ । ତଥାପି ବାଧ୍ୟ କଲେ ଭଉଣୀର ନଣନ୍ଦ ବୋଲି ସଂବୋଧନ କରିବାକୁ ଆପତ୍ତି ନାହିଁ ।

ବିନୋଦବିହାରୀ ମିଶ୍ର, କାଳିକାପୁର

ପୁରୁଣାହାଟ ଶାସନ, କଟକ

ପ୍ର—ପ୍ରେମ ଜୀବନକୁ ସ୍ଥାପିତ କରାଏ ନା ଜୀବନ ପ୍ରେମକୁ ସ୍ଥାପିତ କରିବାରେ ଆନନ୍ଦ-ପାଏ ?

ଉ—ମଞ୍ଜିରୁ ଗଛ ହୁଏ । ପୁଣି ଗଛ ଫୁଲ ଫଳ ଓ ମଞ୍ଜି କରିବାରେ ଆନନ୍ଦ ପାଏ ।

ପ୍ର—ପ୍ରେମ ଓ ମମତା ଭିତରେ ତଫାତ୍ କେଉଁଠି ?

ଉ—ପ୍ରେମିକା ଭିତରର ପ୍ରତିମା ଓ ପ୍ରତିମାଙ୍କ ବାହାରର ପ୍ରେମ । ପ୍ରଥମଟି ଅପ୍ରକାଶ୍ୟ ପ୍ରତିମା—ଦ୍ୱିତୀୟଟି ପ୍ରକାଶ୍ୟ ପ୍ରେମ ।

ପ୍ର—ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ରଙ୍କ 'ଜନମର୍ମର' ଓ ଅଧ୍ୟାପକ ରାଜକିଶୋର ରାମଙ୍କର 'ଜନଜ୍ୟୋତ୍ସ୍ନା' ହେବାର ସାର୍ଥକତା କଣ ?

ଉ—ଗୋପାଳ ଚନ୍ଦ୍ରଙ୍କ ଦେହରେ ଚନ୍ଦ୍ର ଥିବାରୁ ତାଙ୍କ ଜ୍ୟୋତ୍ସ୍ନା ବନରେ ମର୍ମର ଖୋଜିଥିଲେ । ଆଉ ଅଧ୍ୟାପକ ରାମଙ୍କ ଦେହରେ କିଶୋର ଥିବାରୁ ତାଙ୍କ ମର୍ମର ଜ୍ୟୋତ୍ସ୍ନା ଖୋଜି ବୁଲୁଥିଲେ ।

ଶ୍ରୀମତୀ ଶକୁନ୍ତଳା ରାଉତରାୟ

C/o D C. Routry; overseer

ଭୁବନେଶ୍ୱର

ପ୍ର—ଆପଣ ଓ ମୋ ମଧ୍ୟରେ ତଫାତ୍ କଣ ?

ଉ—ଆପଣ ମୂଲ୍ୟବାନ୍ । ମୁଁ ଅମୂଲ୍ୟ ।

ପ୍ର—ଜଳାସୁରଙ୍କ ଗୋରାପତ୍ନୀ କାହିଁକି ଲୋଡ଼ନ୍ତି ?

ଉ—ବିଦ୍ୟୁତ ପ୍ରସ୍ତୁତ ହେବାକୁ ହେଲେ ଅସ୍ତିକାଣୁ (positron) ଓ ନାସ୍ତିକାଣୁ [negatron]ର ଆବଶ୍ୟକ ହୁଏ ।

ପ୍ର—ଆମଦେଶର ଶିକ୍ଷିତ ବା ଉଚ୍ଚପଦସ୍ଥ ଯୁବକ ଏତେ ବରଶୁଳ୍କ ଦାବି କରନ୍ତି କାହିଁକି ?

ଉ—ବିଦ୍ୟା ଓ ଜନତା ଉଭୟ ତାଙ୍କ ପକ୍ଷରେ ବଜାର ସଉଦା ।

କିଶୋରଚନ୍ଦ୍ର ପାତ୍ର,

ହାଃ ଇ ବିଦ୍ୟାଳୟ କୋରାପୁଟ

ପ୍ର—ବାଇଶିଙ୍କ ବର୍ଷେ ନ ପୂରୁଣୁ ତିନି ଜଣ ସମ୍ପାଦକ ହେବାର କାରଣ କଣ ?

ଉ—ରକ୍ତଲେଇ ମନ୍ତ୍ରଲେଇ ଅସମ୍ଭାଳ ହେଉଥିବେ ।

ପ୍ର—କଅଁଳ ଶିଶୁଙ୍କାର ମଲାଟ କାଗଜରେ ପ୍ରତି ସଂଖ୍ୟାରେ ଓଡ଼ିଶାର ମନ୍ତ୍ରୀମାନଙ୍କର ବ୍ୟଙ୍ଗଚିତ୍ର ପରି କାହିଁକି ହେଉଛି ?

ଉ—ବେଙ୍ଗକୁ ସୁନ୍ଦର କରି ଲେଖିଲେ ବ୍ୟଙ୍ଗ ନୁହେଁ ହେବ । ମନ୍ତ୍ରୀମାନେ ତାହୁଁ ସୁନ୍ଦର ନୁହନ୍ତି ।

ପ୍ର—ଉଗରରେ ପ୍ରଶ୍ନ ପଚାରିଲେ ପ୍ରଶ୍ନ-କର୍ତ୍ତାଙ୍କୁ କଣ ମିଳେ ?

ଉ—ଯେସାକୁ ତେସା ।

ପରମାନନ୍ଦ ମିଶ୍ର, ଇଂଲିଶ ଅଫିସ, କେଉଁଝର

ପ୍ର—ମୁଁ କେତୋଟି ବହି ଲେଖିଛି । ମାତ୍ର ପଇସା ନାହିଁ— କିପରି ଛାପିବି ?

ଉ—ଛପାଇ ରଖି ଦିଅନ୍ତୁ ।

ପ୍ର—ପ୍ରେମ ଓ ପ୍ରୀତି ମଧ୍ୟରେ ତଫାତ କ'ଣ ?

ଉ—ମୂଳାର ଏ ପାଖ ସେ ପାଖ ଭିତରେ ତଫାତ୍ କଣ ?

ପ୍ର—ମୁଁ ମିତବ୍ୟୟୀ ହେବି କିପରି ?

ଉ—ନିଜ ଖର୍ଚ୍ଚ ନକରି ମିତ୍ରମାନଙ୍କୁ ବ୍ୟୟ କରିବା ପାଇଁ ସବୁ ଦେଇ ଦିଅନ୍ତୁ !

ଯୋଗୀନ୍ଦ୍ର ପଟ୍ଟନାୟକ, ଗାନ୍ଧିରଙ୍ଗପୁର

ପ୍ର—ଗୋପବନ୍ଧୁ ଓ ହରେକୃଷ୍ଣଙ୍କ ଭିତରେ ତୁଳନା କରନ୍ତୁ ।

ଉ—ଗୋପବନ୍ଧୁ ଗାଈମାନଙ୍କ ଭଳି ନିଜେ ଘାସ ଖାଇ ଦୁଧ ଦିଅନ୍ତି ଓ ସମସ୍ତଙ୍କର ବନ୍ଧୁ । ହରେକୃଷ୍ଣ ହରି (ସିଂହ) ଭଳି ହରଣ ବା ଶୋଷଣ କରନ୍ତି । କେଶରୀର କେ ନଥାଇ ମଧ୍ୟ ।

ପ୍ର—ମୁଁ ଲେଖିକା ସାଙ୍ଗ ଚାହେଁ ! ଗୋଟିଏ ଠିକଣା ଦେବେ କି ?

ଉ—କେ.ସ୍ତ୍ରୀ ପଠାନ୍ତୁ ।

ପ୍ର—ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାର ଉପାୟ କଣ ?

ଉ—ଜାଗିବାର ଦରକାର ।

—ſ—

# ମୁଁ କାହିଁକି ଲେଖେଁ

ଲେ—ଶ୍ରୀ ରାଜକିଶୋର ପଟ୍ଟନାୟକ

ଆଜି ଏହି ପ୍ରଶ୍ନର ଉତ୍ତର ପ୍ରୟୋଜନ ନାହିଁ। ଅନେକ ଦିନୁ ଲେଖା ଛାଡ଼ିଲିଣି। ୧୯୪୧ମସିହା ଆରମ୍ଭରୁ ଆଜି ୧୯୫୧ ମସିହା ଆରମ୍ଭ ପର୍ଯ୍ୟନ୍ତ ଦଶବର୍ଷ ଭିତରେ ନୂଆ କିଛି ଲେଖିନାହିଁ କହିଲେ ଚଳେ। ସାହିତ୍ୟ ପତ୍ର ବିନା ପଇସାରେ ପାଇବା ପାଇଁ କର୍ତ୍ତୃଙ୍କୁ ଚିଠି ଲେଖିବି ଗଳ୍ପ ହିସାବରେ ଏହି ଏଗାର ବର୍ଷର ସାହିତ୍ୟ-ସାଧନା। ତେଣୁ ଏହି ପ୍ରଶ୍ନର ଉତ୍ତର ମୁଁ ଠିକ୍ ଦେଇପାରିବି ନାହିଁ।

କାହିଁକି ଲେଖା ଆରମ୍ଭ କଲି କହିପାରିବି ନାହିଁ। ବୋଧହୁଏ ଯୁବକ ମନ ଅଜାଣତରେ ଦିନେ ଦିନେ କବି ଗୁଣୁ ଗୁଣୁ ହୋଇ ଗାଉଥିଲା ସେହି ଭାବର ଆବେଗରେ ଯାହା ଲେଖି ପକାଇଥିଲି, ସେହି ମୋର ପ୍ରଥମ ଲେଖା। ସେତେବେଳର ସାହିତ୍ୟିକ ବନ୍ଧୁମାନଙ୍କ ପାଖକୁ ନେଇ ସେଇଟିକୁ କେତେ ଚେଷ୍ଟା କରି ଠିକ୍ କଲି। ତା'ପରେ ବ୍ରହ୍ମପୁରରେ ପ୍ରକାଶ ପାଉଥିବା ଗୋଟିଏ ସାହିତ୍ୟ-ପତ୍ରକୁ ପଠାଇ ପ୍ରକାଶର ଅପେକ୍ଷାରେ ରହିଲି।

ଗୋଟିଏ ପରେ ଗୋଟିଏ ସପ୍ତାହ ଗଡ଼ିଗଲା। ହିସାବ କରି କରି ମୋର ଲେଖା ଆରମ୍ଭ କରିବା ମୋର ଶକ୍ତିର କୁଶଳ ଜାଣିବାକୁ; ବୋଧହୁଏ ଏହି ଉଦ୍ଦେଶ୍ୟରେ ଶେଷକୁ ପାଞ୍ଚ ସପ୍ତାହ ପରେ ଉତ୍ତର ଆସିଲା ଯେ ଲେଖାଟି 'ଓରେଞ୍ଜ ଫାଇଲ୍'ରେ ଅପେକ୍ଷା କରି ରହିଛି "ରିଜେକ୍ସନ ଫାଇଲକୁ" ଯିବ ବୋଲି। ଶେଷକୁ ପାଇପାରିଲି ନାହିଁ।

ଏଣେ ସେହି ଲେଖାର ଦୁଇଟି ନକଲ କରି ସ୍ଥାନୀୟ ସାହିତ୍ୟ-ପତ୍ରିକା ଦୁଇଟିକୁ ବି ପଠାଇ ଦେଲି। ବଡ଼ ଅପ୍ରତ୍ୟାଶିତ ଭାବରେ ଦୁଇଟିଯାକ ପତ୍ରିକାରେ ଏକ ମାସରେ ଛପା ହୋଇଗଲା। ବଡ଼ ବିବ୍ରତ ହୋଇ ଗୋଟିକର ସମ୍ପାଦକଙ୍କୁ ବହୁତ ଅନୁନୟ ବିନୟ କରି ଛପା ହେବା ଫର୍ମା ଭଙ୍ଗାଇଲି।

ହଠାତ୍ ମନେ ହେଲା ଯେ ମୁଁ ଜଣେ ଲେଖକ। କାରଣ ମୋର ଲେଖା ଛପା ହୋଇ ପାରୁଛି। ଯାହାକୁ ପଛ ଲେଖି ନଗଲେ ଭାଲେ ଛପା ହେବାରେ ବାଧା ଆସିବ ବୋଲି ବଡ଼ ଅଧ୍ୟବସାୟ ସହକାରେ କେତେ ବର୍ଷ ଲେଖିଲି। ସେଥି ଭିତରେ ଯୁବକ ମନର, ଜଟିଳ ଅନୁଭୂତିର ସତ୍ୟ ରସ ନିଗାଡ଼ି ଦେଇଛି। କେତେ ଓଡ଼ିଆଙ୍କର ଜଣେ ଲେଖକ ବୋଲି ସ୍ୱୀକାରକୁ ଆସିଛି। ସେହି ଲେଖା ଗୁଡ଼ିକୁ ପତ୍ରିକା ଓ ପୁସ୍ତକରେ ପଢ଼ିବାକୁ ଓ ରଖିବାକୁ ମୋର ଓଡ଼ିଆ ବନ୍ଧୁମାନେ ଦୟାକରି କିଣି ନେଇଛନ୍ତି। ସମ୍ପାଦକ ଓ ପ୍ରକାଶକମାନେ ମଧ୍ୟ ଦୟାକରି ସେହି କେତୋଟି କଥା ଗୁଡ଼ିକୁ ଛାପି ଓ ଛପେଇ ଦେଇଛନ୍ତି।

ସହଜରେ ହୋଇଯିବ ବୋଲି ଗଳ୍ପ ଲେଖୁଥିଲି। ଓଡ଼ିଆରେ ସବୁଠାରୁ ଭଲ ଗଳ୍ପ ମୋର ହେଉଥିବ ବୋଲି ବେଳେବେଳେ ଧାରଣା ହେଉଥିଲା। କେବେ ସେତିକ ଭୁଲ। ଏବେ ଗଳ୍ପ ପାଇଁ ଟଙ୍କା ମିଳୁଛି। ଗୋଟିଏ ଗଳ୍ପ ଏବେ ଓଡ଼ିଶାରେ ପ୍ରଥମ ହୋଇ ଦୁଇ ଶହ ଟଙ୍କା ପୁରସ୍କାର ପାଇଲା। କିନ୍ତୁ ଗୋଟିଏ ଗଳ୍ପକୁ ସର୍ବପ୍ରଥମ ପାଞ୍ଚଟଙ୍କା ପାଇଥିଲି। ସେତିକ ପୁଣି ଗଳ୍ପ ପ୍ରକାଶ କରିବାର ନ' ବର୍ଷ ତିନିମାସ ପରେ।

ପତ୍ରିକାରେ ଗଳ୍ପ ଲେଖିବା ଦରକାର ହେଉଥିଲା ବୋଲି ଗଳ୍ପ ଲେଖୁଥିଲି। ପତ୍ରିକାର ବିକ୍ରିର ଅସୁବିଧା ହେଉଥିଲା। ପ୍ରବନ୍ଧ,ପଦ୍ୟ ଆଦି ମୋତେ ଜଣାନାହିଁ। ଆଜି ଅନେକ ଗଳ୍ପ ଲେଖକ ଓ ଗଳ୍ପ ମଧ୍ୟ ହେଲେଣି। ମୋର ନାଁ ଥିବା ଲୋକ ଜଣେ ଅନ୍ୟ ଗଳ୍ପ ବି ଲେଖୁଛନ୍ତି। ତେଣୁ ସମ୍ପାଦକମାନେ ଚାହିଁଲେ ମନେ କରିଥିବେ ମୁଁ ଲେଖୁଛି। କିନ୍ତୁ ... ସାହିତ୍ୟିକ ହିସାବରେ ମୋର କର୍ତ୍ତବ୍ୟ ମୁଁ ଶେଷ କରିଛି କହିଲେ ଚଳେ। ଖାଲି ମୁଁ ଯେ ଲେଖୁଥିଲି ଓ ଲେଖିପାରିବ ବୋଲି ପ୍ରମାଣ କରିବାକୁ ବେଳେବେଳେ କେବେ ଲେଖିଦିଏ।

ଓଡ଼ିଶା ଶାଖା 'ଅଲଇଣ୍ଡିଆ ରେଡ଼ିଓ'ର ସାହିତ୍ୟିକ ତାଲିକା ଭିତରୁ ବାଦ୍ ଯାଇନାହିଁ। ସରକାରୀ ଲେଖକ ଓ ପ୍ରକାଶକ ତାଲିକାରୁ ବାଦ ପଡ଼ିନାହିଁ। ପାଠକମାନଙ୍କର ପ୍ରିୟ ସାହିତ୍ୟିକ ଶ୍ରେଣୀରୁ କଟି ଯାଇନାହିଁ। ତଥାପି ଉତ୍ତର ପତ୍ରିକା ଆଜି ତାଙ୍କର ଏହି ତେର ନମ୍ବର ସାହିତ୍ୟିକକୁ ସେ କାହିଁକି ଲେଖେ ପଚାରି ପଠାଇଛି।

ବର୍ତ୍ତମାନ ଦଶବର୍ଷ ଗଲା ଏହି ପ୍ରଶ୍ନର ମୂଲ୍ୟ ଗଲା। ତେବେ 'କାହିଁକି ଲେଖୁଥିଲି'ର ଅର୍ଥ କାହାରି ଦରକାରରେ ଲାଗିପାରିବ ନାହିଁ ମନେ କରି ଏତିକି ଲେଖିଲି। ଧନ୍ୟବାଦ।

---

[୨ପୃଷ୍ଠାର ଅବଶିଷ୍ଟାଂଶ ଦେଖନ୍ତୁ

ସିମିଜ ଅସ୍ଥିର ହୋଇ ଗୃହିଁ ବସିଛି। ଏତିକି-ବେଳେ ସେ ପିଅନଟା ଆସି ତା' କାନରେ କହିଗଲା— 'ହାକିମଙ୍କୁ ଖବର କରିଦେଲେ, ଅଫେଇ ତୋ' ଚାମ ଛଡ଼ାଇଦେବେ.'

ହେଡ଼ପ୍ୟୂନ ଆଖି ବଡ଼ କରି ଚାହିଁଲା—ଏ ପରା ହାକିମ, ବଡ଼ ମଣିଷ ! ଏ ପିଅନଟା ସମ୍ମତି ହେଲା ବୋଲି ସରକାରୀ ହାକିମ ବି...

ହେଡ଼ପ୍ୟୂନ କଣ କରିବ କିଛି ଠିକ କରି ପାରିଲା ନାହିଁ। ସଞ୍ଜ ହେଲା ଆସି, ପୁଅର ଅବସ୍ଥା ତେମନ୍ତ କଣ ହେଉଣି—ଈଶ୍ୱର ଜାଣନ୍ତି! ପଛରେ ଆଉ ତେଣିକି ପଇସା ସମ୍ଭଳ। ଶେଷରେ ସେଇଥିରୁ ଚାରଣା ପଇସା ଦାଣ୍ଡରଖ ସେ ହାକିମଙ୍କୁ ଦେଇ କହିବାକୁ ଯାଉଛି, ହାକିମ ପଇସାକୁ ଦେଖି ଚିଡ଼ିକରି ଉଠିଲେ—'ଅରେ ବଦମାସ୍ ମୋତେ ଲାଞ୍ଚ ଦେଉଛୁ! ଏଇଠି ଥାନା ଅଛି ଜାଣୁ; ମଜା ବାହାର କରିଦେବି।' ହେଡ଼ପ୍ୟୂନ ମୁହଁ ଉପରେ କଳା କାଠ ପଡ଼ିଗଲା।

ପଛରୁ ପିଅନଟା, ପୁଣି ତା' କାନରେ କହିଦେଲା—'ଆରେ ବୋକା ମଣ୍ଟୁ ମାଗିଲେ ହାକୁ ଚାରଣା। ବଡ଼ ହାକିମ ସେ— ଦଶଟଙ୍କା ଥା'; ଚାରଣା ପଇସା କଣ ଦେଉଛୁ ? ଟଙ୍କାଟିଏ ଦେ !'

ହେଡ଼ପ୍ୟୂନ ହତବୁଦ୍ଧି ହୋଇଗଲା। ହାକିମ ଓ ପିଅନଙ୍କ ଉପରେ ମନେ ମନେ ସେ ବଡ଼ ଚିଡ଼ିଗଲା। କିନ୍ତୁ କରେ କଣ ? ଏଣେ ଘଣ୍ଟା ଆସି ହେଲା। ପୁଅ ପାଇଁ କିଛି ନ ନେଇ ଫେରେ, ତାପରି ଗୃହେ ଘରେ ପଡ଼ିଥିବ ପୁଅଟି

ଅବଶିଷ୍ଟାଂଶ ୧୧ ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ବନ୍ଧନର ମୋହ

ଲେ—କୃଷ୍ଣଚନ୍ଦ୍ର ତ୍ରିପାଠୀ ବି. ଏ.

କେତେ ଯେ ଅଜାଣତେ ମାନୁଁ ମୁଁ ଟଳିଗଲେ ଧୀର
ବୁଝେ ନାହିଁ କିଏ ବୁଝେ ନାହିଁ ଯେତେ ମନ କଥା
କେତେ ହୃଦୟ ମନ ନ ରଖାର ହଟେ ଲାଗେ ପାଇଁ ?
ଧୂଳି ଧରା ଉପରେ, କାଳ କବା କ୍ଷଣ ମୋହ ପାଇଁ ?

*　　*　　*

ଓଠେ ମୋ ଲାଗିଲେ ମୃଦୁ ମୃଦୁ ହାସ କ୍ଷଣେ ପାଇ
ସେ ହାସର ଯେତେକ ପ୍ରତିହାସ ଲଭେ ପାଏ ନାହିଁ
ମନେ ହୁଏ ନାହିଁ ଦରଦୀ କି ମୋ ଜୀବନେ ହା
ଚଉଦିଗ ଲାଗେ ଘୋର ଅନ୍ଧାର ଘନଘଟା ।

*　　*　　*

ଅଜ୍ଞାତ ଭିତରେ ବସିଥାଏ ଯେବେ ମନ ମୋର
ଭୁଲିଥାଏ କିଏ ମଧ୍ୟ ସଂବାଦ ଦେବ ତାର ?
ମୋ ବୁକୁ ଭିତର ଯନ୍ତ୍ରଣା କିଏ ବୁଝେ ତାର
ନ ବୁଝିଲେ ଭେଙ୍ଗି ଯାଉଁ ଥାଏ ମୋ ଅନ୍ତର ।

ଶିରେ ମୋର କିଏ ବାନ୍ଧିଲେ ଜଞ୍ଜାଳ ଆସି
ବିଏ ନାହିଁ ଯେବେ କହ ବା କୁଳୁ ତଳ ହସି
ସେ ବଜାଇ ମୋର ପଞ୍ଚଜନ୍ମ ଉପାଡ଼ି ବଳ ହୀନ
ଲାଗେ ନାହିଁ ମୋରେ ଧରଣୀରେ ମୁହିଁ କେତେ ଦୀନ ।

*　　*　　*

ଅପର ର କଥା ନ ସେନେହେ ମୁଁ ଯେବେ କାହାରେ ଡାକେ
ମୁହଁ ମୋଡି ଦେଇ ସେ ଯେବେ ନ ଆସେ ମୋହ ପାଖେ
ମୋର ସେନେହର ନାହିଁ ପାଏ ଯେବେ ପ୍ରତିଦାନ
ଦୁଃସହ ମୋରେ ଲାଗଇ ଧରଣୀ ତୁଚ୍ଛ ସ୍ଥାନ ।

*　　*　　*

ମୋର ସମ୍ପଦ ରୋଗ ଶୋକ ମୋର ବିପଦର
ଭିତରେ ମୁଁ ଖୋଜେ ଧରଣୀର ମଧ୍ୟ ଅନ୍ତର
ସବୁ ଅମୃତ ସବୁ ସୁନ୍ଦର ମଧୁ ଲାଗେ
ମୋରେ ଯେବେ କିଏ ଗୃହେ ବୁଝି ଅନୁରାଗେ ।

## ବିସର୍ଜନ

ଜୀବନର ଯାବତ ଜଞ୍ଜାଳ
ଗୋଟି ଗୋଟି ଖସି ପଡ଼େ ସବୁ
ହଜି ହଜି ଯାଉଛି ଯେ କେତେ
ଖୋଜି ତକୁ ଲଭୁଁ ଦାନ ଲଭୁଁ ।
ଯାତନାରେ ସନ୍ଧ୍ୟା ଦେଇବ
ଉନ୍ମୋଚି ପାଉଁଶ ନାହିଁ ।
ଶତ ଶତ ନିର୍ଯ୍ୟାସ ପଶରା

ଗୃହୁଁ ଗୃହୁଁ ଯାଉଛି ଉଭାଇ ।
ଇଚ୍ଛା କରି ବଳେ ହଜୁଛି ଯା,
ତହୁଁ ବେଶୀ ଗନ୍ଧ ଅଜାଣତେ
ଅଜାଣତେ ପଡ଼ୁଛି କେ ଖସି
ଅତୀତର ବିତଳ ସଂଗତେ ।
ଧୂଳି ଖାଲି ଗୋଟିଏ ସମ୍ଭାର
ଭାରକ୍ରାନ୍ତ କରେ ମୋ ଜୀବନ

ଖାଲି ଏକ କୁସୁମର ମାଳା
କ୍ଷୀଣ ଏକ ହୃଦ ସଂବେଦନ ।
ଆଜି ଏହି ନବ ପ୍ରତ୍ୟୁଷରେ
ତାହା ମଧ୍ୟ ଦେଉଛୁ ଉଭାଇ
କାହିଁକି ଯେ ଏହି ନିଠୁରତା
ଅଜଣା ମୁଁ ନପାରେ ବୁଝାଇ ।

— ଦରଦୀ ।—

## ମନ୍ଦିର ଭାଇ

(ମନ୍ଦିରଧର ମଲ୍ଲିକଙ୍କୁ)

ଲେ—ଶ୍ରୀ ବିନୋଦ ଚକ୍ରବର୍ତ୍ତୀ

ସଜ ସୁନା ଦେହ ଚୂନା ଚୂନା କରି ଅପରୁ ପାଇଁ
ବଡ଼ି ମରୁଡ଼ିର ରଡ଼ ଆଗେ ଠିଆ ମନ୍ଦର ଭାଇ ।
ଦୁଆରେ ଅପର ପଡେ ଯେବେ ଅବ ଭଉଁଳ ଖରା,
ନଢ଼ିଆ ପତର ନେଳରେ ଲଗାଇ ମୁହଁ ଭାଙ୍ଗରା,
ଜୀବନର ଯେତେ ଦୁଃଖ ବେଗ ସବୁ ଝାଳରେ ଧୋଇ
ଗାଧିବ ସୁଖ ସେ ଉଠିବ ସୁହାଳ ଧଳାଇ ଥୋଇ
ସନ୍ଧ୍ୟା ସକାଳର ହାତ ଚ ତାଳୁ ଅପର ଭଭା
ଶାଳ ଗଛ ଭଳି ଉଆଳ ମରଦ ଭେଣ୍ଡିଆ ଯୁବା ।
ପଥର ପରିଏ ଠାଣିଆ ଛାତିରେ ଅଗାଧ ବଳ
ଶିରାରେ ଶିରାରେ ଯୌବନ ରକତ—ଝରଣା ଜଳ ।।
ତଉଳ ବାହାରେ ତଉଳ ବହନ ବହଳ ପୁଟ
ହୃଦାଳିଆ ଦେହେ ଛୁଆଇବୁ ଯାକ ହୋଇଛି ଜୁଟ ।
ପାଚିଲା-କଦଳୀ-ପାହିଲା ଫିଙ୍ଗୁରେ ଦରବା କନା
ଅଣ୍ଟୁ ଲୁଚୁ ନାହିଁ ସାଢ଼େ ବୁଢ଼ହାତ ପଛରୁ ଅନା ।
ମୁହଁଳା ସୁଲଭ ମୁହଁଳ ପଢ଼ଚ ନଜର ନାହିଁ

କଳା ବଜାରରେ ଉପହସିତ ମୋ ମନ୍ଦର ଭାଇ ।
ଖଟି ଖଟି, ତଟି, ମାଟି ସାଥେ ଧରି କାଳକୁ ମାଟି
ଝରତେ ଲକଟା ପଦ୍ମପତ୍ରରେ ଧାନ ଅଣଇ କାଟି ।
ନଈ ବଢ଼ି ତଳ ଘରେ ଏଣେ ଯାଏ ମଉଳ ବାଟି
ଅଧିକ ଗୋଟିକେ ଅଧା ବଅସ ତା ପଡ଼ଇ ଫୁଟି ।
ଅପର ମୁଁ ହରେ ଉଚ୍ଚୁଟାଇବାକୁ ଫଗୁଣ ହସ
ପୂରେଇ ପବନେ ଉଡ଼ାଇ ଦେଇ ଜୀବନ ରସ ।
ତହ ଅଗୃହରେ ସାଗ, ମୁଗ, ସାରୁ, କଦଳୀ କସି,
ଅପର ଭୋଜେଡା ଭୋଗଥାଏ ଯାହା ଅଶରେ ରସି;
ସବୁ ଅଶା ସବୁ ଭରସାକୁ କରି ଏକାଠି ଠୁଳ
ଅନ୍ୟରେ କରେ ସେ ଯତନ ଲଗନେ ରତନ ମୂଳ ।
ଦେବତା ପରିଏ ଜଗତ କରଇ ଖାମିଦ ଘରେ
ବୁଣେଇ ପୁଣେଇ ସକଳ ପୁରବ ବରଷକରେ ।
ମହା ଭୋଗୀ ପାଖେ ମହା ତ୍ୟାଗୀ ଧରି, ଧରମ ଗୃହୀ
ଦୀନ ଦୁନିଆଁର ଅମର ଶହୀଦ ମନ୍ଦର ଭାଇ ।



Digitized by srujanika@gmail.com

# ନୋବେଲ ଲରେଟ୍

ଲେ—ଶ୍ରୀ...

ସାହିତ୍ୟରେ ନୋବେଲ ପୁରସ୍କାର ପାଇଲେ ଏଥର ଦୁଇଟି ମନୀଷୀ—ଆମେରିକାର ଉଇଲିୟମ୍ ଫକ୍‌ନର ଓ ଇଂଲଣ୍ଡର ବାର୍ଟ୍ରାଣ୍ଡ ରସେଲ।

ବିଶ୍ୱ ସାହିତ୍ୟର କ୍ଷେତ୍ରରେ ଆମେରିକା ଇମରସନ, ହ୍ୱିଟ୍‌ମ୍ୟାନ, ସିନ୍‌କ୍ଲେଅର ଲୁଇଙ୍କୁ ସୃଷ୍ଟି ଦେଇଲ ଏ ଯୁଗରେ—କେହି ସେମିତି ଆଖିରେ ପଡ଼ନ୍ତି ନାହିଁ। ପାର୍ଲବକ୍ ଆମେରିକାର କିମ୍ବା ଚୀନାର କହିବା କଠିନ। କିନ୍ତୁ ଏବେ କଥାଶିଳ୍ପୀ ଫକନର ଓ ନାଟ୍ୟକାର ଓଇଜେନ ଓ'ନିଲ ବେଶ୍ ଚମତ୍କାର ସୃଷ୍ଟି କରିଚନ୍ତି।

ଫକନରଙ୍କର ଜୀବନ ବୈଚିତ୍ର୍ୟମୟ। ସାହିତ୍ୟ-ସେଥିପାଇଁ ବିଚିତ୍ର। ଯେଉଁଠି ମିଥ୍ୟା ହିଁ ସତ୍ୟ ହୋଇ ଠିଆ ହୁଏ—ବଞ୍ଚନା ପ୍ରତ୍ୟୟର ରୂପ ନିଏ, ଅତ୍ୟାଚାର ଯେଉଁଠି ଆଇନ ନାମରେ ଅବହିତ, ଯେଉଁଠି ଅନିଷ୍ଟ, ଅମଙ୍ଗଳ, ଅଶିବହିଁ ଜୀବନର ସତ୍ୟ ରୂପ ପରିଗ୍ରହ କରେ ଫକନର ତାହା—ସେଇ ସମାଜର ଆଲେଖ୍ୟ ଅପୂର୍ବ ଭାବରେ ମଣିଷଙ୍କର ଅବିକୃତ ରୂପକୁ ଚିତ୍ରିତ କରି ଥୋଇ ଦେଇଛନ୍ତି। ତାଙ୍କର ପ୍ରଥମ ଉପନ୍ୟାସ 'ଦ ସୋଲ୍‌ଜର୍ସ ପେ' ଯେତି ଲେଖକଙ୍କ ସୌନ୍ଦର୍ଯ୍ୟ ବୃତ୍ତ ସଂବଧରେ ସନ୍ଦିହାନ ହେବାକୁ ହୁଏ। ଏହି ପୁସ୍ତକଟି ତାଙ୍କର ପରେ 'ଦ ସାଙ୍କ୍‌ଚୁଏରୀ' ନାମରେ ପ୍ରକାଶିତ ହେଲା ଏବଂ ପାଠକ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମାତ୍ର ଏ ବହିରେ ରସକୁ ସାହିତ୍ୟରୁ ବିଦାୟ ଦେଇ ଲେଖକ କେବଳ ଅମାନୁଷିକତା ନୃଶଂସତାକୁ ସତ୍ୟ ବୋଲି ଟେକି ଧରିଛନ୍ତି। ଏମିତିକି ପାଠପଢ଼ୀ ଯୁବକ ଏକା ବେଳେକେ ସମାଜର ଅଳିଆ ଅସନାରୁ ଜାତ ହୋଇ ସଭ୍ୟତାର ବହୁ ଦୂରରେ ଅଭବ୍ୟ ହୋଇ ରହିଲାପରି ଲାଗେ। ନିଜର ଉତ୍କଣ୍ଠା ଗୁଣରେ ସେ ଚରିତ୍ରଗୁଡ଼ିକ ବିଷୟବସ୍ତୁକୁ ସ୍ୱାଭାବିକ ଭାବରେ କହିବାର ଫକନରଙ୍କର କାରିଗରୀକୁ ଅତିକ୍ରମ କରି ବଡ଼ ଜୀବନ୍ତ।

ଫକନରଙ୍କ କଳାକୃତିର ଏକ କୌଶଳ ବା ଟେକ୍‌ନିକ୍—ସେ ସାଧାରଣର ଭିତରୁ ଅସାଧାରଣ ଓ ଅସାଧାରଣ ଭିତରୁ ସାଧାରଣକୁ ଆବିଷ୍କାର କରନ୍ତି। ସ୍ୟାଙ୍କ୍‌ଚୁଏରୀର ଲେଖକଙ୍କଠୁ ସେଥିପାଇଁ ସାର୍ଟୋରିସ୍ ଉପନ୍ୟାସରେ ଏକ ଅସାଧାରଣ ଅର୍ଦ୍ଧପାଗଳ ପରିବାରର ଅସାଧାରଣ ଜୀବନୀ ମଧ୍ୟରୁ ସାଧାରଣ କଳନା ବିଳାସ ମଧ୍ୟ ଦେଖିବାକୁ ମିଳେ। ଜୀବନର ଅନିଷ୍ଟ ଦିଗରେ ଇଙ୍ଗିତ ଯଦିଓ ପରିଭୂତ କରିବାର ଅଦ୍ଭୁତ ଖିଆଲ ତାଙ୍କର କେବେ ଯାଇନାହିଁ—ତଥାପି ମଙ୍ଗଳର ସ୍ଥାନକୁ ସେ ଅସ୍ୱୀକାର କରି ନାହାନ୍ତି ମନୁଷ୍ୟ ଜୀବନରେ।

ଫକନରଙ୍କ ଚରମ ସାଧନାର ପରମ ସାହିତ୍ୟ ସୃଷ୍ଟି ହେଲା—ଦ ଲାଇଟ୍ ଇନ୍ ଅଗଷ୍ଟ। ଅନ୍ୟାନ୍ୟ ଉପନ୍ୟାସ ଭଳି ଏହାର ପୃଷ୍ଠଭୂମିରେ ପାର୍ଥକ୍ୟ ନଥିଲେ ଏହା ବହୁ ଶାଖା ପ୍ରଶାଖା ଦେଇ ଯେପରି ଜଟିଳ ସେହିପରି ଆକର୍ଷଣୀୟ ମଧ୍ୟ। ସେଥିପାଇଁ ନୀରସ ବସ୍ତୁ ରସ ଯୁକ୍ତ ହୋଇଛି। ଗୋର୍କିଙ୍କ ଭଳି ସେ ମାନବକଥାକୁ ଯେମିତି ଜ୍ୱଳନ୍ତ କରିଛନ୍ତି ଲରେନ୍‌ସଙ୍କ ଭଳି ସେହିପରି ଆବେଗମୟ ମଧ୍ୟ କରିଛନ୍ତି; କଥା ସାହିତ୍ୟରେ ଯେ କେବଳ ବୁଦ୍ଧିର ଏକାଧିପତ୍ୟ ଚାଲି ପାରେନା ଏହା ସେ ତାଙ୍କର 'ଦ ଲାଇଟ୍ ଇନ୍ ଅଗଷ୍ଟ'ରେ ସ୍ୱୀକାର କରିଗଲା ପରି ମନେ ହୁଏ।

ଇଂଲଣ୍ଡରେ ଏ ଯୁଗର ତିନୋଟି ମନୀଷୀ ଏଚ୍ ଜି ୱେଲସ, ବର୍ନାର୍ଡ ଶ ଓ ୭୮ ବର୍ଷର ବୃଦ୍ଧ-ଜୀବନ୍ତ ବାର୍ଟ୍ରାଣ୍ଡ ରସେଲ। ଅନ୍ୟ ଦୁଇ ଜଣଙ୍କଠାରୁ ରସେଲଙ୍କର ବୈଶିଷ୍ଟ୍ୟ ତାଙ୍କର ବହୁମୁଖୀ ପ୍ରତିଭା। ସିଏ principia Methematica ବା ଗଣିତର ମୂଳସୂତ୍ର ପୁସ୍ତକ ରଚନା କରି ଅଙ୍କଶାସ୍ତ୍ରର ଏକ ନୂତନ ଧାରା ଏବଂ ଗଣିତ ବିଜ୍ଞାନ ଉପରେ ଏକ ନୂତନ ଆଲୋକପାତ କରିପାରନ୍ତି ସେଇ ପୁଣି ସାମାଜିକ ଅନୀତି ବିରୋଧରେ ଲେଖନୀ ଚଳାଇ ଲେଖନ୍ତି- Marriage and Morale ସେଇ ମନୀଷୀ ପୁଣି The History of Western Philosohpyରେ ଦର୍ଶନ ଶାସ୍ତ୍ର ବାଢ଼ି ବସିଛନ୍ତି ଏବଂ ରାଜନୀତିରେ ନୀତି ଶିକ୍ଷା ଦେବା ପାଇଁ ପୁଣି Which W.ty to Peace ପୁସ୍ତକର ରଚନା କରି ପାରିଛନ୍ତି।

ପୃଥିବୀ ଯେତେବେଳେ ନାନା ମତବାଦର ସଂଘର୍ଷରେ ଅତି ତ୍ରସ୍ତ ଆଉ ଭୀତ— କିମ୍ବା କହିଲେ ଠିକ୍ ହେବ ଯେ ବୁଦ୍ଧିମାନ ବଳଶାଳୀ ମନୁଷ୍ୟ ଯେତେବେଳେ ମତବାଦ ନାମରେ ନିରୀହ ଦୁର୍ବଳର ଶୋଷଣ ଓ ପୀଡ଼ନ କରି ପୃଥିବୀର ଶାନ୍ତ ଅଗ୍ନିକୁ ସନ୍ତପ୍ତ କରୁଛି ସେତେବେଳେ ଯେଉଁ କେତେକ ମତମାନ ରଖି ବାରମ୍ବାର ସବୁ ଧର୍ମ ଉପରେ- ସବୁ ମତ ଉପରେ ମାନବଧର୍ମ ମାନବତାବାଦକୁ ତାର ସ୍ୱରରେ ତୀବ୍ର ଓ ନିଷ୍ଠୁର ଦମ୍ଭରେ ଘୋଷଣା କରିଛନ୍ତି ତନ୍ମଧ୍ୟରୁ ରସେଲ ଶ୍ରେଷ୍ଠ କହିଲେ ଚଳେ। ସେଥିପାଇଁ ସାଧାରଣ ମତବାଦର ଦୃଢ଼ ଧାରଣାର ଶଗଡ଼ ଗୁଳାରେ ନ ଗଲେ ସେ ସବୁବେଳେ ଯାଇଛନ୍ତି ସ୍ୱାଧୀନ କିନ୍ତୁ ବିଷମ ମତବାଦକୁ ଘୋଷଣା କରି ସ୍ୱତନ୍ତ୍ର ପଥରେ। ସେ ସୋସିଆଲିଷ୍ଟ ବା ସମାଜବାଦୀ। The Theory and Practice of Bolshevismର ଲେଖକ- ଏ ଜଗତ କମ୍ୟୁନିଷ୍ଟର ଗୁଣଗାଥା ମଧ୍ୟ। କିନ୍ତୁ ବର୍ତ୍ତମାନ ଧନତାନ୍ତ୍ରିକ ସମାଜ ବ୍ୟବସ୍ଥାରେ ଯେଉଁ ଅନ୍ୟାୟର ଓ ବୈଷମ୍ୟ ବିଦ୍ୟମାନ ତାର ବିରୋଧ କରିବା ସଙ୍ଗେ ସଙ୍ଗେ ସମାଜବାଦ, କମ୍ୟୁନିଜମ୍ ବା ବଲସେଭିଜମରେ ସମଷ୍ଟି ବ୍ୟକ୍ତି ଉପରେ ହସ୍ତକ୍ଷେପ ବା ସମାଜ ଦ୍ୱାରା ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଅପହରଣ ଆଦୌ ସହ୍ୟ କରିପାରି ନାହାନ୍ତି। ତାଙ୍କ ମତରେ କ୍ଷମତା ବିକେନ୍ଦ୍ରୀକରଣରେ ହିଁ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ପ୍ରକୃତ ସ୍ୱାଧୀନତା। ରାଷ୍ଟ୍ର ଓ ସମାଜ ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ସାମଞ୍ଜସ୍ୟ ଅସମ୍ଭବ ନୁହେଁ— ନିଶ୍ଚିତରେ ସମ୍ଭବ।

ରସେଲଙ୍କର ଏଇ ସ୍ୱାଧୀନ ଚିନ୍ତା ପାଇଁ ସେ ଆଜି ସାଧାରଣ ମାନବତାପ୍ରିୟରେ ରହି ଦୂରେ ପରିଗଣିତ ହେଲେ ହେଁ ଏ ବିଷୟରେ ଅସନ୍ତୁଷ୍ଟ ସରକାରଙ୍କଠାରୁ ତାଙ୍କର ନ୍ୟାଯ୍ୟ ପ୍ରାପ୍ତ ହୋଇ ପାରି ନଥିଲେ ୭୮ ବର୍ଷ ଯାଏ। ଜୀବନରେ ବାରମ୍ବାର ପଦଚ୍ୟୁତ ହୋଇ—କାରାବରଣ ମଧ୍ୟ କରି ସେ ଗୌରବରେ ବୃଦ୍ଧବୟସରେ ନିଜମତ ଜାହିର କରି ଆସିଛନ୍ତି। ନୋବେଲ ପ୍ରାଇଜ କମିଟି ଏତେ ବିଳମ୍ବରେ ତାଙ୍କର ମେଧାକୁ ସ୍ୱୀକାର କରି ନିଜର ଦୀନତା ଦେଖାଇବା ସଙ୍ଗେ ସଙ୍ଗେ ରସେଲଙ୍କୁ ସମ୍ମାନିତ ନ କରି ନିଜେ ସମ୍ମାନିତ ହୋଇଛନ୍ତି ମନେ।

---

ଦେଖିବ- ଏଇ ଆଶାରେ ସେ ପୁଣି ଚଉଦଣା ଯାକ ପକେଟ, ହାକିମଙ୍କ ହାତରେ ଦେଇ କହିଲା— 'ମୋ ପାଖରେ ଆଉ ଏକ ଅଧଲା ନାହିଁ ହଜୁର। ଏତକ ରଖି ...?'

'ଚୁପ୍ ଚୁପ୍, ଜୋ ନାଁ ଭଣ କହ।"

ହାକିମ ଖାଲି ଲେଉଟାଇଲେ।

ଦରିପଧାନ କାମ ସାରି ଲୋକ ଗହଳି ଭିତରୁ ବାହାରକୁ ଆସି ଦେଖିଲା— ସବୁ ଗଡ଼ିଏ, ଘର ଛୁଟି ପହରର କେଉଁ ଏକ ଛୋଟ ବିଶ୍ୱାସ ଭେଣ୍ଟକୁ ବାହାରି ଆସିଲା ଏକ ଦୀର୍ଘନିଶ୍ୱାସ। ମଥାଇ ପରି ସେ ଛୁଟା ହୋଇଗଲା ଦଣ୍ଡେ।

ଉଠାଇ କାନରେ ଘର ଶୁଭିଗଲା 'ଦାଉ' 'ଦାଦୋ' ଡାକ। ଦରିପଧାନ ଲମ୍ବା ଲମ୍ବା ପାଦ ପକେଇ ଧାଇଁଲା ଘରଆଡ଼େ। ଅଜାଣତରେ ପାଟିରୁ ତାର ବାହାରି ପଡ଼ିଲା— 'ଭଗବାନ ତୋର ଏ କି ଲୀଳା।'



Digitized by srujanika@gmail.com

# ୧୯୫୦ ତିଳ ତର୍ପଣ ଚଉତିଶା

ଲେ—ହନୁମନ୍ତ

କଙ୍ଗ୍ରେସ ଘର ମଧ୍ୟରେ ପଶିଗଲା ଖନ୍ଦଳ,
କୃପାଲାନୀ ଗଲେ ବାହାରେ ନୂଆ ସାଜିଲେ ଦଳ ।
ଖାରେ ଯେ ଖେପିଲେ ଶ୍ୟାମମୁଖ ହିନ୍ଦୁସଭାରେ ତପି,
ଖଣ୍ଡ ଖଣ୍ଡ ହୋଇ କଂଗ୍ରେସ ପତ୍ର ପଡ଼ିବ ଧସି ।
ଗାନ୍ଧିବସା ଯହୁଁ ନୋହିଲା ବଶୁନନା ରହିଲେ,
"ଗଲାଣିତ ଗଲା ବଥାରେ" ବୋଲି ଗୀତ ଧଇଲେ ।
ଘୋଷ ପୁଅ ବଙ୍ଗଦେଶରେ ଯହୁଁ ବାନ୍ଧିଲେ ଦଳ,
ଘାବୋର ହୋଇଲେ କଂଗ୍ରେସ ପତ୍ର ପଣ୍ଡୁଲ କଳ!!
ନାକ ଘଷି ହୋଇ ମଣିମାଗଣ କାନକୁ ମୋଡ଼ି
ନିବୃତ୍ତି ଦଗନ ହୋଇଲେ ନିଜ ବାହା କାମୁଡ଼ି ।
ଚିୟାଂକ ଇସେକ ଚକ୍ଷୁରେ ଚୀନା ଗାଇଜ ଟେକି
ଚଛା ଶ୍ୟାମଙ୍କର ଚରଣ ଯୁଗ ହୋଇଲେ ଭକ୍ତ ।
ଛୁଟ ଧର ଚୀନା ସଇନ ମାଡ଼ ଦେଲେ ଚଳାଇ
ଛୁଟିଟିଛି ହୋଇ ଜଙ୍କେଇ ଭୟେ ଗଲେ ପଳାଇ ।
ଛବର କରଣ ଗୁଇନା ଗଲା ତିବ୍ବତ ମଠ
ଜବହାଅଲାଲ ଚୁକ୍ତାରେ ହେଲେ ମୁଣ୍ଡ ବଗୃଡ ।
ଝଗଡ଼ ହୋଇଲେ ଜଫର ଯେତେ କଶ୍ମୀର ପାଇଁ
ଟ୍ରିମିଟେ କେହି ନ ଶୁଣିଲେ ହସି ଦେଲେ ଉଡ଼ାଇ ।
ନେପାଳ ରାଜ୍ୟେ ଲାଗିଲା ବଡ଼ ବିଷମ ଗୋଳ
ନଡ଼ବଡ ହୋଇ ଗଲାଟି ରାଣା ବଳ ପ୍ରବଳ ।
ଟ୍ରୁମାନ ଚର୍ଚ୍ଚିଲଙ୍କ ପିଲେହି ପାଣି ହୋଇଲା ଖରେ
ଟାଉକର ସେହି ଅଟମ ବୋମା ଧରିଲେ କରେ ୧୧
ଠାବ ନ ମିଳିଲା ଯାହାଙ୍କୁ ମନ୍ତ୍ରୀ ମିଙ୍ଗୁଡ଼ି ଧରି
ଠୁଙ୍କି ଭରମକୁ ରହିଲେ ନିଜ ଭାଗ୍ୟ ଅଦର ।
ଡାକ ବାଜିଗଲା ଲାଗିଲା ବୋଲି ମହାସମର
ଡେଇଁ ବୀରଗଣ ଫୋଖରୀ ଅଡ଼େ ଧାଇଁଟଲ ଖର ।
ଢମ ଦେଖାଇଲା ମିଳିତ ମହା ଜାତୀୟ ସଂଘ
ଢେ ଲବଣା କର କେ ଦେଅ ଢଙ୍ଗି ଦେଲା ଢା ଶିଙ୍ଗ ।
ଆସମକୁ ସେନା ଦଳବ ଦଣ୍ଡ ଗଲାଟି ପଡ଼ି
ଅହା ଅହା ବୋଲି ଦେଖଣାହାରୀ ଛୁଟିଲେ ଚଢ଼ି ।
ଢଡ଼ଦେଲେ ମାର ହିନ୍ଦୁକୁ ପୂର୍ବ—ପାକିସ୍ଥାନିଅ
ତୋବା ତେବା ବୋଲି ଲିୟାକତ ଦୁଃଖେ ହେଲେ ଥୁନିଆ ।
ଥାପୁଡ଼ା ଥାପୁଡ଼ି କବଳୁ ଧରି ଗୃହେ ଲଣ୍ଡିଅ
ଥୋପ ନ ଗିଳିଲେ କେହିତ ହେଲେ ବଡ଼ ମୁଣ୍ଡିଆ ।
ଦୋ-ନଙ୍ଗଳୁଡ଼ୀ ନୀତି ଧଇଲେ ପ୍ରଜାତନ୍ତ୍ରୀ ଭାରତ
ଦୁଇ ନାବେ ଥୋଇ ପାଦକୁ ପ୍ରାଣ ହେବକି ହତ !
ଧମକାଇ ଦେଲା ଟ୍ରୁମାନ ଧରି ବଜ୍ର ବାଟୁଳି
ଧଡ଼ପଡ଼ ହୋଇ ଧାଇଁଲେ ଆମ ଜକା ଆଟଲି ।
ନେପାଳ ବ ବାଙ୍କ ହୁକୁମ କେଉଁ କରିଅ କଲା
ନାଢ଼ିଠାରୁ ହାଡ଼ ସରକା ଝଟେଣ ଚହଲା ଗଲା ।
ପ୍ରଜାତନ୍ତ୍ର ବୋଲି ଘୋଷିତ ହେଲା ଭାରତ ମହୀ
ପଡ଼ିଗଲା "ରାମ-ରାଇଜ" ଗାନ୍ଧୀ ଥିଲେ ଯା କହି ।
ଫାଲ୍‌ଗମାର ନେବ ନୋରିଆ ଅମେରିକା ଭାବିଲା
ଫାଙ୍କାସେ ଉଡ଼ିଲା ଶେଷକୁ ଅଫା ଅଫା ରବିଲା ।
ବଲ୍ଲଭ ଭାଇଙ୍କ ଲୁହାର ଶରୀ ହୋଇଲା ମାଟି;
ବଡ଼ବଡ଼ଆଙ୍କ ରୋଦନେ ଗଲା ଗଗନ ଫାଟି ।
ଭୁଇଁଚଲେ ଭାବ ବଢ଼ିଲା ଭାରତର ମହତ
ଭୋଟ ଦୁଆ ରୁଆ ଯାଉଛି ଫୁଲ ଘୂଅଲା ବତ ।
ମହତାବ ଦିଲ୍ଲୀ ସହରେ ଯାଇ ବସା ବାନ୍ଧିଲେ
ମୋସାହେବଗଣ ମଉନେ ଅଖିମଳି କାନ୍ଦିଲେ ।
ଯବ ଦ୍ୱୀପ ହେଲା ସ୍ୱାଧୀନ ଲଭି ବନ୍ଧୁ ସପଣ
ଯୋଗଜାକର୍ତ୍ତାରେ ଉଡ଼ିଲା ସ୍ୱାଧୀନତା କେତନ ।
ରବେଇ ଖବେଇ ଟ୍ରୁମାନ ହେଲେ କୋଡ଼ କଣ୍ଟ
ରୁଷିଆ ମଉନେ ରହିଲା ନିଜ ଆସନ ମାଡ଼ି ।
ଲୁଭ ମାଢ଼ିନେଲେ କପଟ କଳ ଗ୍ରେଟ୍‌ବ୍ରିଟେନ୍
ଲେବେ ଦାନାକନା ନ ପାଇ ହେଲେ ବାଙ୍କଲେ ଘାର ।
ବଡ଼ଲୋକଙ୍କର ମଟର ପରେ ହେଲା ମଟର
ବିଚରା ଗରିବ ଗୁଡ଼ାକ ହେଲେ ଛଟପଟର ।
ଶଠପଣ ହେଲା ପ୍ରବଳ ଶିରା ଶିରାରେ ଚରି
ଶାଢ଼ୀ ବାନ୍ଧିନେଲେ ସିହ୍ନାଣା ପାଦେ ମାଲପା ମାରି ।
ସରକାରୀ କଳ ଚଳଇ ପେଞ୍ଚ ହୋଇ ହୁଗୁଲା
ସେକ୍ରେଟେରୀଏଟ୍ ଫାଇଲ ତଳେ ଫିଟିଲା ଜଳା ।
ଷଣ୍ଢ ଲଢ଼େଇରେ ଭଣ୍ଡିଆ ହୋଇ ସୁରେଇ ପଣ୍ଡା
ସକସକ ହୋଇ କାନ୍ଦିଲେ ଯଥା ଭଦଳୀ ଭଣ୍ଡା ।
ହାଟରେ ହୁଙ୍କାର ଛାଡ଼ିଲେ ହଟି ସୁଶୀଳ ଦାସ
ହୁଙ୍କାପିଠା କମ୍ୟୁନିଷ୍ଟ ବି ଭଣ୍ଡି ରହିଲେ ବେଳ ।
କ୍ଷମାକର ଏବେ ପାଠକେ ଦେବ ନାହିଁଟି ଗାଳି
କ୍ଷେପିଅଛେ ଏକାବନଟି ଭଲେ ଥିବ ସମ୍ଭାଳି ।



Digitized by srujanika@gmail.com

## ଗୌତମ

ଶ୍ରୀ ରାମଚନ୍ଦ୍ର ମିଶ୍ର [୨୦୩]

ଦୂରର ବସ୍ତୁ ତ ରଚିତ ବିତାନେ
କପିଳ ନଗର ପ୍ରାନ୍ତେ,
କି ସୁନ୍ଦର ଅହା ପ୍ରମୋଦ-ବାଟିକା
ଲଳାମନ୍ତୁ ଅବଶ୍ରାନ୍ତେ । ୧ ।

ଲଳିତ ମଧୁରେ ଝଙ୍କାରି କୋକିଳ
ସୃଜେ ସଙ୍ଗୀତ-ଲହରୀ,
କେ ମଧୁର ସ୍ୱର ଭରଇ ନଗର
ସମୀର ପୃଷ୍ଠେ ସଞ୍ଚରି । ୨ ।

ଏସନ ସମୟେ ଚିନ୍ତା-ଭାରଧରେ
ଅଟନ୍ତି ସିଦ୍ଧାର୍ଥ ବସି,
ଏକଗୋଟି ହଂସ ଧାଇ ଶରାଘାତେ
ସମ୍ମୁଖେ ମିଳିଲା ଆସି । ୩ ।

'ଅହ ମାଂଥାନ୍ତି ଆଉ ଟିକେ ଠାଣି
ମରିଲେ ଏହି ଶରୀର'!
କେ ରୁଣ୍ଣ ସମୀରେ ଉଡ଼ିଗଲା ଚଞ୍ଚ
ସିଦ୍ଧାର୍ଥର ଏହି ଗିର । ୪ ।

ପରକ୍ଷଣେ ପୁଷ୍ପି ଚକ୍ଷୁ ପିଟାଇଣ
ଦେଖିଲେ ଆଶା-ବର୍ତ୍ତିକା,
ଏଇ ଆଶା ସିନା ପରମ ସାନ୍ତ୍ୱନା
ଜଗତ ମଧ୍ୟରେ ଏକା । ୫ ।

ପ୍ରବୋଧି ହଂସକୁ ବନସ୍ତ ବଚନେ
ପୁଚ୍ଛିଲେ ଧର୍ମ୍ମର ମର୍ମ,
ତେଣୁ ହେଲା ଶୁଭ୍ରା କାଳର ମୁହଁରେ
ନୂଆ ଯୁଗରେ ଅର୍ଜ୍ଜନ । ୬ ।

ଜୀବନ ନୌକା ଦେଖି ଦେଖାଇଲେ ଗୌତମ
ପ୍ରଥମେ ଧର୍ମ୍ମର ବେଗ,
ଆଜି ବି ସ୍ୱଜନେ ନେତ୍ରେ ଢାଳିସୁଖ
ଜାଣିଲେ କରିଲେ ସନ୍ନ୍ୟାସ ।

## ତୁମେ କି ଆସିବ ଫେର ?

ଉପେନ୍ଦ୍ରନାରାୟଣ ଜେନା

ଝୁଲଣାକୁ ଭଉ,
ଯେବେ ଆସିବ ତେ ଫେର,
ଜଣେଇ ଚାରିକର କମ ହୁଏ ଏତେ କେଉଁ ?
କା'ର ମୁଁ ଅନେକ କଥା ଶୁଣି ଥାଏ ଖୁଡ଼ି,
ଝଙ୍କେ ଦେଖ ତାଙ୍କ ଦେହ ଗଲାଣିଟି ଝଡ଼ି ।
ଭୂମ ଦ ଆଉ ବା ଦିନ ଖୁଡ଼ିଙ୍କୁ ଯେ ଜର,
ଶୁଣି ମୁଁ ଥାନ୍ତି ଦେଇ ଘରକୁ ନେଉର ।
ଲାଗିଲେ ଚଇଦ ଯେତେ ନ ହେଉନ୍ତି ଭଲ;
ଏଙ୍କୁ ଛାଡ଼ି ଯାଇ କାହିଁ, କେଉଁଟି ରହିଲ

...

ଗଛ ଧରୁବାରେ ଲୋକଜମାଅ ଗଲେ ଗୃହ,
ମଧ୍ୟ ଦାଉଆରେ ଲାଗେ ସକ୍ରିୟ ଖାଲି ;
ହାୟ ଭଗବାନ ! ଥିଲ ଭବନରେ ଏତା;
କେମିତି ଚଳିବୁ ଅମ୍ଭେ ନାହିଁ କେହି ସାହା ।
କିପରି ହେବ ମୋ ଜିଦ୍ଧା ? ମୁଣ୍ଡ ଦେଲେ ମୋର
ସରିଛି ଘର ରୁ ନାହିଁ ଗୋଟେ ବି ବୃତ୍ତ ।
ଆଣି ଥିଲ ଦଶଟଙ୍କା; ଦାସ ଘରୁ ଲବ;
ଲାଭ ମାଗେ ଦଶଥର ଦେଇ ଧମକ ଏ ।
ଗଡ ସନ୍ ଆମ ଗୃହ ପଡ଼ିଅଛି ଭାଙ୍ଗି,
ତୁଅ ପାଇଁ ବାଲିଘର ଗଲି ମିଛେ ମାଗି ।
ଦୁଇ ବର୍ଷ ହେଲା ଜମି ନରୁଲେ ଲଙ୍ଗଳ,
ଭରବନା କେ ରଖତ ବୁଲେ ଅମଙ୍ଗଳ ।
କିମ୍ପାଇ ଚଳିବୁଁ ଆମେ ଦୁଇଟି ପରାଣୀ
ହଇବାକୁ ନାହିଁ ଘରେ ମୁଦେ ଛୋଟାଣି ।
ବାରମ୍ବାର ଚିଠି ଦେଇ ଥକାଇଣି ମୁହିଁ;
ଗୋଟିକର ଉତ୍ତର ତ ଦେଲେ ସେତୁ ନାହିଁ ।
ଭଉ ! କି ଲେଖିବ ସେତେ ଅଧିକ ମୁଁ ଆଉ,
ସଂସାରର ଯେତେ ସାଧ୍ୟ ତ ଶମ ଦାଉ ;
ଦଶ୍ଚିନ୍ତ ଯୋଜନାକ ନ କହେ ଭେଜ,
ଆଜି ଦବି ଶୁଣି ଆସ ଆଉ ଫେର !

## ଅବସର ବିନୋଦନ

ପୂର୍ବରୁ କୁହାଯାଇଥିଲା ଯେ ୧୯୫୨ ଭିତରେ ଯେଉଁମାନେ ଅବସର ବିନୋଦନ ଦେବେ ତାଙ୍କ ଭିତରୁ ଯାହାର ସବୁଠୁଁ ମୌଳିକ ଓ ମୌଳିକତା ଉଦ୍ଦୀପକ ଅବସର-ବିନୋଦନ ପତ୍ରିକାରେ ଲାଗି ହେଲେ ତାଙ୍କୁ ପୁରସ୍କାର ଦେବେ । ୨୫ ଓ ୨୫ରୁ ୨୭ ନମ୍ବର ଯାଏଁ ମୁଦ୍ରିତ ହେବ ।

ଏ ପର୍ଯ୍ୟନ୍ତ ମାତ୍ର ଗୋଟିଏ ଅବସର ବିନୋଦନ ମିଳିଛି—ତେଣୁ ଶୀଘ୍ର ଅନ୍ୟମାନେ ୨୫ ଦିନ ମଧ୍ୟରେ ପଠାନ୍ତୁ । ଅଧିକ ସଂଖ୍ୟକ ମିଳିଲେ ଯେଉଁମାନେ ଆଗେ ପଠାଇଥିବେ କେବଳ ସେଇମାନଙ୍କର ମୁଦ୍ରିତ ହେବ ।

### ନଂ ୪୮

ଅଙ୍କ କଷି ଦେଖାଇ ଦିଅ ଯେପରି ୪୫ରୁ ୪୫ ବିୟୋଗ କଲେ ୪୫ ରହିବ ।

ରାମଚନ୍ଦ୍ର (୨୦୩)

### ୪୭ର ଉତ୍ତର

L—London
A – Aden
D – Dresden
O – Orinoco
G – Ganges
A – Adriatic sea ବା )Azov)

କିଶୋରଚନ୍ଦ୍ର [୧୯୨୨] ଓ ରାମଚନ୍ଦ୍ର (୨୦୩)

### ନାଗଙ୍କ ପ୍ରଶ୍ନ

୧ । କେଉଁ କେଉଁ ପଦାର୍ଥ ଗରମ କଲେ ଅମ୍ଳଜାନ ଜନ୍ମ ହୁଏ ? – ମଦନ [୧୩୫୨]

୨ । ପୃଥିବୀର କେଉଁଠି ଜାତିସଂଘ ପତାକା ଅଛି ଶୁଣେଇବ? [୧୩୫୨]

୩ । ମନୁସଂହିତା କେବେ ରଚନା ହୋଇଥିଲା ?– ଭରତ ୧୩୫୪

### ନାଗଙ୍କ ଉତ୍ତର

ମଦନଙ୍କର ଜାଣିବ—୧୯୨୨ ମସିହା ଜାନୁଆରୀ ୨୬ ତାରିଖରେ ଭାରତୀୟ କେନ୍ଦ୍ର, ମୁକ୍ତି ହେଲା — ମହେନ୍ଦ୍ର [୧୩୫୫]

### ଅଜାଙ୍କ ଉତ୍ତର

ବାଳକୃଷ୍ଣ (୧୩୨୬) ମୁଁ ସବୁଠାରୁ ବଡ଼ ବା ଛୋଟ ନାଗ ଏହି ଭିତରେ

ରବି — [୧୩୫୫] ପତ୍ରିକା ପାଠକଙ୍କ ପରମ ଓ ହିତୈଷୀ ବାପ୍ରବୀଣ ବନ୍ଧୁ ! ପ୍ରଥମ ଓ ଗରୀବ ଦୋଷ ଏଥିରେ ଯେ କେଉଁ ଦୋଷ ପ୍ରତି ଧ୍ୟାନ ଦେବ ନାହିଁ

ସରୋଜା [୧୨୪୪] ଈଶ୍ୱର ଅଛନ୍ତି କି ନାହିଁ — ମୁଁ ଜୋର କରି କହିପାରିବି ନାହିଁ ! ଭଲ ପାଇବା, ସ୍ନେହ, ମମତା, ଦୟା, ଦାକ୍ଷିଣ୍ୟ ଏ ସବୁ ଅଛି ! ତମେ ତାର ପାଖରେ ମୁଣ୍ଡ ନୁଆଁଇ ଦିଅ! ଈଶ୍ୱର ସେଇ-ପରି ଗୋଟାଏ ବଡ଼ କଥା, ତାହା ଆଉ କିଛି ନୁହେଁ । ସେଥିପାଇଁ ସେ ଏ ଆସରେ ଦେଖି-ବାର ଜିନିଷ ନୁହେଁ — ଅନୁଭବ କରିବାର ବସ୍ତୁ ।



Digitized by srujanika@gmail.com

ଡଗର
Reg. No O 18. ORISSA'S MOST POPULAR FORTNIGHTLY 1 1-51

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ। ଅନୁମାନ କରାଯାଉଛି— ଏହା ଛଅ କି ସାତୋଟି ଖଣ୍ଡରେ ଆପାତତଃ ସମାପ୍ତ ହେବ। ବହୁମୁଖୀ ସାହିତ୍ୟ ସାଧନାକୁ ସୁଶୃଙ୍ଖଳିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ। ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି। କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ। ସେଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସମ୍ବଳିତ [illegible] ଉତ୍କଳ ସାହିତ୍ୟ, ମୁକୁର, ଚାହୁଣୀ, [illegible] ବା ଅନ୍ୟ ପତ୍ରପତ୍ରିକା ଅଛି କିମ୍ବା ଅପ୍ରକାଶିତ କୌଣସି ଲେଖା ଅଛି— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେବାର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ।

ଉତ୍କଳ ବୁକ୍ ଏମ୍ପୋରିଅମ୍, [illegible]
କଟକ—୨

ମ୍ୟାନେଜର, ଡଗର ପ୍ରେସ
କଟକ—୧

---

ଅଧ୍ୟାପକ ଶ୍ରୀ କୁଞ୍ଜବିହାରୀ ଦାଶଙ୍କର ସ୍ୱପ୍ନଦ୍ୱୀପ ସିଂହଳର ରୋମାଞ୍ଚକର ଭ୍ରମଣ କାହାଣୀ।

# ଲଙ୍କାଯାତ୍ରୀ

ଗାଁ। ଝିଅଙ୍କ ଲୁହରେ ଲେଖା-

# ପଲ୍ଲିଟରଣା

ପ୍ରକାଶିତ ହେଲା।

ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଦୁଇଟଙ୍କା।

| | |
|---|---|
| ଗ୍ରନ୍ଥିକା- | ଟ୨ |
| କଙ୍କାଳର ଲୁହ | -ଟ୦୫ |
| କଳକଲ୍ଲୋଳ- | ଟ୨୫ |
| ପଲ୍ଲୀଚିତ୍ର- | ଟ୧୫ |

ପ୍ରାପ୍ତିସ୍ଥାନ- ଓଡ଼ିଶାର ବଡ ବଡ ବହି ଦୋକାନ।

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ସବୁ ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରାଇବାକୁ ଚାହାଁନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା
ଝାଞ୍ଜିରୀ ମଙ୍ଗଳା
କଟକ [ ୧ ]

ସହକାରୀ ବ୍ୟବସ୍ଥାପକ
—କବିରାଜ—
ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର
ଝାଞ୍ଜିରୀ ମଙ୍ଗଳା
କଟକ ( ୧ )

---

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଞ୍ଚଜନ୍ୟ— | ,, | ଟ ୧୯ |
| କାଳରତ୍ର— | ,, (ଅଙ୍କିତ) | ଟ ୧୯ |
| ହାଡମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | ,, | ଟ ୨୫ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଭୁଲ— | | ଟ ୨୯ |
| ଏଗାରଟା— | [ ଶ୍ରେଷ୍ଠ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ୧ ---

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ଗଣମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୧୪ଶ ସଂଖ୍ୟା

ପୌଷ
ଦ୍ୱିତୀୟାର୍ଦ୍ଧ

## ଜଳ ବହୁଲେ ପୃଥ୍ୱି ନାଶ

## କମ୍ୟୁନିଷ୍ଟ ବନ୍ୟା




ଆଟଲି — ଆଉ ନପାରିବି ବାଲ୍ଦ ବୋଝ ସମ୍ଭା ଯାହା ହେବ ତାହା ହେଉ

ଟ୍ରୁମାନ — ଢଳ ଗଲା ବନ ଢଳ [illegible] ଟିକେ ଆଉ ହେ ଆଟଲି

ଏ ସଂଖ୍ୟାରେ — କସ୍ତୁରିକ ପ୍ରାଣକୃଷ୍ଣ

ବାର୍ଷିକ
୬ ଟଙ୍କା

ପ୍ରତିଖଣ୍ଡ
୬ ଅଣା

Digitized by srujanika@gmail.com

ଅଗ୍ରପ୍ରକାଶ କଲା
ନୂଆ
# 'ଜହ୍ୱରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

'ବିଷୟ ସୂଚନା-ପରିଚୟ, ଜହ୍ୱରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅବଜ୍ଞା ର, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ମହାତ୍ମାଙ୍କ ସଙ୍ଗରେ; ଭାରତର ଭବିଷ୍ୟତ... ପ୍ରଭୃତି ୧୬ଟି ଅଧ୍ୟାୟର ପରିବେଷଣ ।

**Foreword** (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍ଟର ଜେ, ମ ଇଭେଲ୍ ହରୋପିଅନ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

**Foreword**- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ) ମିଃ ରେଲ୍ଫ ସ୍କୁଲ, ଜର୍ମାନୀ । ପୂର୍ବାଭାଷ । ଓଡ଼ିଶାର ... କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବିଲ୍ଲଭ ଛବି' (ଇଂରାଜୀ ଓ ... ) ଶ୍ରୀ ... ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ... (... )

ଅଭିମତ ... - ... ବୈଜ୍ଞାନିକ ସାର୍ ସି; ଭି; ରମଣ୍ (ନୋବେଲ୍-ଲରେଟ), ... ଯୁନ-ସ ନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ... ମନ୍ତ୍ରୀ; ଅଧ୍ୟକ୍ଷ ଏସ୍. ଏନ୍. ଏଗରୱାଲ୍ ଓ୍ୟାର୍ଦ୍ଧା; ଶ୍ରୀ ଯୋଚନ୍ ... , "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ଓ୍ୟାଡିଆ P. E. N. ଭାରତ ଶାଖାର ... ; ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, ... ; ଶ୍ରୀ ଗଦାଧର ଦାସ; ଡକ୍ଟର ପି, ପରିଜା ଉପ-କୁଳପତି ... ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ ପାର୍ଲବକ୍ ଆମେରିକା ଡକ୍ଟର ମୂଲକରାଜ ଆନନ୍ଦ ... —। ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତିସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,

... ବୁକ୍ଏଜେନ୍ସି
... , କଟକ ।

---

## ଧ୍ୱଜଭଙ୍ଗ ପାଇଁ
# ପ୍ରେମ୍ବିକା ରେଚନୀ
ପରୀକ୍ଷା କରନ୍ତୁ

... ୨୪ ଘଣ୍ଟା ମଧ୍ୟରେ ... ପ୍ରାକୃତିକ ... ଦିନରେ ... । ମୂଲ୍ୟ ୭୮ ଡାକ ଖର୍ଚ୍ଚ— ...

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ
# ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ... ହୁଏ । ଦାମ୍ପତ୍ୟ ଜୀବନ ମଧ୍ୟରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ... ଡାକଖର୍ଚ୍ଚ—।୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

## ହାଓଡ଼ା କୁଷ୍ଠ କୁଟୀର
# କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକଜିମା, ସୋରିଆସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

# ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ ।

ପ୍ରତିଷ୍ଠାତା—
**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
**(H. K. K.)**

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହରିସନ ରୋଡ କଲିକତା

---

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବଳରେ ଆପଣଙ୍କ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ୫୧ ମନିଅର୍ଡର କର କୁପନ-ରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

---

## —ଅନନ୍ତ ଗୋପାଳ ଚିକିତ୍ସାଳୟ—

ପ୍ରୋ:—ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଏମ୍.— ଏଚ୍. ଆର୍. ଏ.

ଏଠାରେ ବୋଏରିକ୍ ହାଫେଲଙ୍କର ହୋମିଓ ପ୍ୟାଥିକ ଔଷଧ ଓ କାଙ୍କା ନାଡ଼ର ବାଇଓ କେମିକ ଓ ସ୍ପେସିଫିକ୍ ଔଷଧଦ୍ୱାରା ଯାବତୀୟ ରୋଗ ଚିକିତ୍ସା କରଯାଏ । ମଫସଲ ଦରିଦ୍ର ଜନସାଧାରଣ ଅତି ଅଳ୍ପ ବ୍ୟୟରେ ଏଠାରେ ଚିକିତ୍ସିତ ହୋଇ ପାରିବେ । ପତ୍ରଦ୍ୱାରା ମଧ୍ୟ ଚିକିତ୍ସାର ବନ୍ଦୋବସ୍ତ କରଯାଏ

ଠିକଣା
ଡାକ୍ତର ଶ୍ରୀ ଚତୁର୍ଭୁଜ ନନ୍ଦ
ଗ୍ରାମ ଓ ପୋ.ଅ.ଛତିଆ ଜିଲ୍ଲା କଟକ


Digitized by srujanika@gmail.com

ଅନନ୍ଦାତ୍ ହ ଖଲୁ ଇମାନି ଭୁତାନି ଜାୟନ୍ତେ



ପୌଷ ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ୧୪ଶ ସଂଖ୍ୟା ୧୭ । ୧ । ୫୧'

## କସ୍ତୁରିକ ପ୍ରାଣକୃଷ୍ଣ

— କସ୍ତୁରୀ ମୃଗ ସମ
ବ୍ୟାକୁଳ ହୋଇମୁଁ ବନେ ବନେ ବୁଲେ
ଆପଣା ଗନ୍ଧେ ମମ !

ହେ 'କସ୍ତୁରିକ'ର କବି, ଆପଣ କେବଳ ବ୍ୟାକୁଳ ନୁହନ୍ତି— ଏକ ଅପରିଚିତ, ଅପର୍-କୃଷ୍ଣ ଅପରିଲବ୍ଧର ଅନୁସନ୍ଧାନରେ ଯେପରି ଉନ୍ମତ୍ତ ଉତ୍କ୍ଷିପ୍ତ...! ଆପଣଙ୍କର ସେ ଅନୁସ-ଅନ୍ୱେଷଣ ସେ ଆକୁଳ-ଆହ୍ୱାନ ଆପଣଙ୍କୁ କେତେବେଳେ 'ପଲ୍ଲୀ ଜୀବନ'ରୁ ଆଣି ସହରର କୋଳାହଳ ମଧ୍ୟରେ ଛାଡ଼ିଛି— 'ଜୋଛନା' ବଦୌଳତ କନ୍ଧ ଉଦିତା ସ୍ୱରଗ ଓ ମର୍ତ୍ତ୍ୟ ଧାର ମଧ୍ୟରୁ ଟାଣି ଆଣିଛି- ପାଗଳ ହୋଇ ଆପଣ 'ସ୍ୱପ୍ନ' ପାଇଁ ସନ୍ଧାନ କରିଥିଲେ। ଜୀବନ-ର କେତେ ରଙ୍ଗରେ ପଛରେ ପଡ଼ି ଯାଇଛି-- କେତେ ସନ୍ଧ୍ୟାବିଣୀ ପଥପ୍ରାନ୍ତରେ ଭଗ୍ନ ହୋଇ ପଡ଼ି-ଥିବେ ହୁଏତ! ଥାପି ଆପଣ ଆଗେଇ ଚାଲିଛନ୍ତି 'ହ୍ୱାଗ କା ଦାନ୍ତ' ଭଳି ଅଜଣାରେ ଆପଣଙ୍କ ଲକ୍ଷ୍ୟ ମୁଖରେ। ଆପଣ ସେଥି-ପାଇଁ କେବେ କବି କେବେ ଲେଖକ, କେବେ



କାହାଣୀ କେତେ କବିତା, କେବେ ଭାବ କେବେ କଥା, କେବେ ମଞ୍ଚର ପ୍ରସ୍ତାବରେ, କେବେ ବା ସ୍ୱର୍ଗର ଅମର ଲୋକରେ।

କିନ୍ତୁ ବନ୍ଧୁ-- ସବୁର ସାର୍ଥକତା ରହିଛି ଆପଣା ଅଧ୍ୟବସାୟରେ! ଆପଣାର ଗନ୍ଧ ବାହାରର ଅବଜ୍ଞା। ବାହାରର ସୌରଭ ଆପଣାର ଗନ୍ଧଦୌର୍ବଲ୍ୟ। ଏହି ଭଲକୁହିଁ ଆଜି ଆପଣଙ୍କ କସ୍ତୁରିକ ସାର୍ଥକ କରିଛି।

ଆପଣ ଯାହା ଲେଖିଛନ୍ତି- ନଜେ ହୁଏତ ତାହା ବୁଝିନାହାନ୍ତି। କାରଣ ହୃଦୟ ଅବୁଝା ଅରଣ୍ୟ। ସେଇ ହୃଦୟର ଜୟ ହେଉ-- ଏହାହିଁ ଉଗରର ଆଜି ଆପଣଙ୍କ ପ୍ରତି ସ୍ୱାଗତ ସମ୍ଭାଷଣ।

ସମ୍ପାଦକୀୟ

### ଅନଟନ

ଦିନୁ ଦିନୁ ଅନଟନ ବଢ଼ିଲା। ବାସ୍ତବରେ କ୍ଷିତିକ ଅଭାବର ଭୀତି ପ୍ରବଳ ହୋଇ ଉଠିଲା। ସ୍ୱାଧୀନତାର ମୂଲ୍ୟ ଏଭଳି ଦୁର୍ମୂଲ୍ୟ ଯେ ଆଜି ଅସହାୟ ଭାବରେ ଦେଖିବାକୁ ପଡ଼ିଲାଣି ଯେ, ଅବୁଝା ଗାଆଁଲି ଲୋକେ କହି ଆରମ୍ଭି-ଲେଣି— ଇଂରେଜ ଥିଲା ବରଂ ଭଲ। ଏହା ଯେ ତାଙ୍କର ଦେଶଦ୍ରୋହିତା ତା' ନୁହେଁ। ଏହା ତ ତାଙ୍କ ଅସହାୟ ହୃଦୟର ଗଭୀର କ୍ଷୋଭ ତା ପ୍ରତ୍ୟେକେ ହୃଦୟବାନ ଲୋକେ ବୁଝିବେ। ଧାନ ଦର ବଢ଼ିଲା, ଗହମ ଦର ବଢ଼ିଲା, ଚିନି ଦର ବଢ଼ିଲା, ଲୁଗା ଦର ବଢ଼ିଲା— ଲୋକେ ଦାନା ଦାନା ପାଇଁ ବାର ଅନା ହେଲେ। ତଥାପି ଶାସକ ଓ ନେତା-ମାନଙ୍କର ନିଦ ଭାଙ୍ଗୁ ନାହିଁ। ଆଉ ପ୍ରଦେଶରୁ ଧାନ ବାହାରକୁ ପଠାଇ ଦେଇ ନେତାମାନେ ଆଜି ଏକ ହିସାବ ତ ଖାଲି ଏକ ହିସାବ ଦେଉଛନ୍ତି। ଆପଣା ଶାସନ ଚଳାଇବା ପାଇଁ ନାନା ଚକ୍ରାନ୍ତ, ଘୁଷଖୋର, ଅର୍ଥସଂଗ୍ରହ-ଲୋକସଂଗ୍ରହ ଚାଲିଛି। ଲୋକଙ୍କ କଥା ବୁଝିବାକୁ ବେଳ ନାହିଁ। ଗୋରା କର୍ତ୍ତା-ମାନେ କଂଗ୍ରେସକୁ ଦଳନ କରିବା ପାଇଁ ବ୍ୟସ୍ତ ଥିଲେ— କଳା କର୍ତ୍ତାମାନେ ଆପଣା ଆପଣା ଭିତରେ କଳି ଲାଗି ଅସ୍ଥିର। ସବୁଠି ବଡ଼ ଲୋକ ପାଣ୍ଡିଆଙ୍କର ଖେଳ—ଅତ୍ୟାଚାର। ମୁଣ୍ଡ ଗଣିବା ନା ଅଛି ସ୍ୱାଧୀନତା — ନା ଅଛି ସ୍ୱଚ୍ଛଳତା ? ସେତେବେଳେ ଗାଁ ଗାଁର ଲୋକେ କହି ବସିଲେଣି-- ସୁସ୍-କାସ୍ଥା ପୁଣି ଆସିଲେ ହୁଏତ ଭଲ ହେବ। ଏହା ଅତ୍ୟନ୍ତ ଦୁଃଖର ଶାସନର ସୂଚନା ହେଲେ ମଧ୍ୟ ଏ ମନୋବୃତ୍ତି ପାଇଁ କିଏ ଦାୟୀ ତାର ବିଚାର ସର୍ବାଦୌ ପ୍ରୟୋଜନ। ବାସ୍ତ-ବିକ ନେତାମାନେ ଗୋଟାରେ ହୁଏତ ଇଂଲଣ୍ଡ ଆମେରିକା ନଚେତ ରୁଷିଆ ବିକିଦେବେ ଦେଶକୁ।

କେନ୍ଦ୍ର ସରକାର ଯେ ନ୍ୟାବଳ ଜମାଇ-ଛନ୍ତି। ଏହା ଶାସ୍ତ୍ରର ଅବାଧିକ ସନ୍ଦେହ ନାହିଁ। ମାତ୍ର ଏଥି ସଙ୍ଗେ ସଙ୍ଗେ ଆମେ ଯଦି ସଂଗଠିତ ନହେବା ତେବେ ଏ ସୈନ୍ୟହ୍ରାସ ଏକ ଦୁର୍ବଳତାର ପରିଚାୟକ ହୋଇ ରହିବ ଓ ଶତ୍ରୁ ରାଜ୍ୟ ସର୍ବଦା ତାର ସୁଯୋଗ ନେବାକୁ ମୁହାଁଇ ରହିବ।

ବର୍ତ୍ତମାନ ଦେଶ ଏକ ନୂତନ ନେତୃତ୍ୱ ଚାହୁଁଛି। ଏ ନେତୃତ୍ୱ ଯେ କିଏ ନେବ ଓ କିଏ ଦେବ ତାହା ସହଜରେ କୁହାଯାଇ ନାହିଁ। କିନ୍ତୁ ଏକ ବିପ୍ଳବ ଯେ ଅବଶ୍ୟମ୍ଭାବୀ ଏଥିରେ ସନ୍ଦେହ କରିବାର କିଛି ନାହିଁ।

Digitized by srujanika@gmail.com

# ଯେସାକୁ ତେସା

ରାମଚନ୍ଦ୍ର ପାଢ଼ୀ, ନାରାୟଣ ପାଟଣା
କରାପୁଟ

ପ୍ର— ଦୁଇ ନାଅରେ ଗୋଡ଼ ଦେଲେ ଲାଭ ନା କ୍ଷତି ?

ଉ— ଗୋଡ଼ର ଜୋର ଥିଲେ ଲାଭ-କାରଣ ନା ହୁଏଟି ଯଉଁଳା ହୋଇ ଚାଲିବ ।

ପ୍ର— ସ୍ତ୍ରୀକୁ କେତେ ପରିମାଣରେ ଭଲ ପାଇବା ଉଚିତ ?

ଉ— ଧୋବା ଲୁଗାଠାରୁ ଲୁଗାର ଇସ୍ତ୍ରୀକୁ ଯେତେ ଭଲ ପାଇବା ଉଚିତ ସେତିକି । ଅର୍ଥାତ୍ ବ୍ରାହ୍ମଣ ଅପଣଙ୍କର ଲୁଗା-ସ୍ତ୍ରୀ ଆପଣଙ୍କର ଇସ୍ତ୍ରୀ । ଇସ୍ତ୍ରୀ ହେଲେ ସୁନ୍ଦର ଦିଶିବ— ନହେଲେ ଷଣ୍ଢ ନାହିଁ ।

ପ୍ର— ମୋର ଜଣେ ଡାକ୍ତର ବନ୍ଧୁ କହିଲେ ବୀରେନ୍ଦ୍ର ମିତ୍ର ମନ୍ତ୍ରୀ ହୋଇ ନପାରି ମନ୍ତ୍ରୀଙ୍କୁ ଗାଳି ଦେଇ ମନ୍ତ୍ରିତ୍ୱ ଅନୁଭବ କରୁଛନ୍ତି । ଏହି ଉକ୍ତିକୁ ମୁଁ ବିଶ୍ୱାସ କରିପାରେଁ କି ?

ଉ— କଂସ ରାବଣ ଏହି ଉପାୟରେ ଭଗବାନଙ୍କୁ ପାଇଥିଲେ । ସାୟୁଜ୍ୟ ମୁକ୍ତି ହୋଇଥିଲା । ବୋଧହୁଏ ମଲା ପରେ ମୁଁ ମନ୍ତ୍ରୀ ହେବ ।

ଧବଳପ୍ରସାଦ ଗୁପ୍ତ, ପାରଳାଖେମୁଣ୍ଡି

ପ୍ର— ଡଗରର ସମ୍ପାଦକ ନାମ ବିଦ୍ୱେଷୀ କାହିଁକି ?

ଉ— ପୂର୍ବ ଉତ୍ତର ଦେଖନ୍ତୁ । ଭକ୍ତ ଭଗବାନଙ୍କୁ ଶୀଘ୍ର ପାଇବା ପାଇଁ ଶତ୍ରୁ ଭାବ— ଜୟ ଓ ବିଜୟ କଂସ ରାବଣ ହିରଣ୍ୟାକ୍ଷ ହେଲେ ପରା ।

ପ୍ର— ପ୍ରେମ ଓ ତାର ପରିଣତି ମଧ୍ୟରେ କେଉଁଟା ମଧୁର ?

ଉ— ପ୍ରେମଟା ମଧୁର । ପରିଣତି ମଧୁର-ତର — ମାତ୍ର ମଧୁରତମ ହେଲା ପରେ ବିପରୀତ ଗତି ଧରେ । ସେତେବେଳେ ମଧୁରତାର ପ୍ରଶ୍ନ ନାହିଁ ।

ପ୍ର— ଦ୍ୱାପରରେ ପାଣ୍ଡବ ଘରଣୀ କୃଷ୍ଣାଙ୍କର ବେଣୀ ସଂହାର ପାଇଁ ମହାଭାରତ ଯୁଦ୍ଧ ହୋଇଥିଲା । ଏତ ଲୋକ କହୁଛନ୍ତି କଳି ଯୁଗରେ କୃଷ୍ଣଙ୍କ ଘରଣୀ କୃଷ୍ଣାଙ୍କର ବେଣୀ ସଂହାର ପାଇଁ ଗନ୍ତଲାଇ ଦଳନ ହେଲା । ଆପଣଙ୍କର ମତ କଣ ?

ଉ— ଗନ୍ତଲାଇ ଦଳନ ତ ହୋଇ ନାହିଁ; ମଳନ ଅର୍ଥାତ୍ ମଳ ନିଷ୍କାସନ ହୋଇଛି ।

ପ୍ରଫୁଲ୍ଲ ଚନ୍ଦ୍ର ନନ୍ଦ, ଓଲପୋଷ୍ଟ ଅଫିସ
କଲିକତା... ୧

ପ୍ର— ମୁଁ ପଢ଼ିବା ସମୟରେ ଗୋଟିଏ ବାଳିକା ପ୍ରେମରେ ପଡ଼ିଥିଲି । ସେ ଏବେ ବିବାହିତା । ସେ ମୋତେ ଭାବୁଥିବ କି ?

ଉ— ତାର ପିଲାଏ ମାମୁଁ ମାମୁଁ ଡାକୁଛନ୍ତି ବେଳେ ନିଶ୍ଚେ ଆପଣ ତାର ମନେ ପଡ଼ ଯାଉଥିବେ ।

ପ୍ର— ବିବାହ କରିବା ଭଲ କି ?

ଉ— ବିବାହ କରିବା ଭଲ । ନକରିବା ଆହୁରି ଭଲ ।

ପ୍ର— ଜନମେ ମେ ଭଜୀ ବାଙ୍ଗମେ ବାଘୀ ପଲକ୍ ପଲକ୍ ଲହରୁଟେ— କଥାରେ ତାତ୍ପର୍ଯ୍ୟ କଣ ?

ଉ— ରକ୍ତ ବେଶି ହୋଇଥିଲେ ରକ୍ତ ବ୍ୟାଙ୍କରେ ଦେଇଦେବା ଭଲ । ସ୍ତ୍ରୀ ଗୋଟିଏ ରକ୍ତ ବ୍ୟାଙ୍କ । ବିବାହ କଲେ ବୁଝିବେ । ରକ୍ତ ବେଶି ହୋଇଛି କି ଆପଣଙ୍କର ?

ଫକୀରଚରଣ ମହାପାତ୍ର ୧୪୪
ଗୋବିନ୍ଦସେନ ଲେନ କଲିକତା ୧୨

ପ୍ର— ଯେଉଁ ଯୁବକ ଯୁବତୀ ବିବାହ-ସମ୍ବନ୍ଧରେ ଅନିଚ୍ଛା ପ୍ରକାଶ କରୁଛନ୍ତି ସେମାନଙ୍କ ଚରିତ୍ର ସମ୍ବନ୍ଧରେ ଆପଣଙ୍କ ମତ କଣ ?

ଉ... ଶିରେ ନାସ୍ତି ଶିରଃପୀଡ଼ା ? ଦେଖିଲେ ଚିନ୍ତା ମତ ଦେବ ।

ପ୍ର— କୁଙ୍କୁମ ସମ୍ପାଦକେ ଦେବ ଲୋକରେ ନା ମର୍ତ୍ତ୍ୟରେ !

ଉ— ପାତାଳରେ ଥିବା ଲୋକଙ୍କୁ ମର୍ତ୍ତ୍ୟଠାରେ ସ୍ୱର୍ଗ ପରି ଦିଶିବ ।

ପ୍ର... ମୋର ବନ୍ଧୁ କୌଣସି ଶିକ୍ଷିତା ଝିଅର ପ୍ରେମରେ ପଡ଼ିଥିଲେ । ମାତ୍ର ସେ ଅନ୍ୟତ୍ର ବିବାହ କରି ବିଧବା ହୋଇଛି । ବନ୍ଧୁ ତାକୁ ଗ୍ରହଣ କରିପାରନ୍ତି କି ?

ଚୂଡ଼ୁନ୍ଦ୍ରୀ ଚନ୍ଦ୍ରଙ୍କ ଦ୍ୱାରା

ଉ— ମହିଳାଙ୍କୁ ଯଦି ଘରଣୀ ରୋଗ ଧରିଥାଏ ନୈବଚ, ନୈବଚ; କାରଣ ଆପଣଙ୍କର ବନ୍ଧୁ ଇତିହାସର ପୁନରାବୃତ୍ତି କରିବେ ମାତ୍ର ।

ପ୍ରାଣବନ୍ଧୁ ନାୟକ ଶର୍ମା
ଭଗ୍ନପୀଠ — ବଲାଙ୍ଗୀର

ପ୍ର— ନଅଁଖୁଣ୍ଟା ଓ ଡଗର ମଧ୍ୟରେ କି ସଂପର୍କ ?

ଉ— ଖେଣ୍ଟା ଓ ରଗଡ଼ା ମଧ୍ୟରେ ଯେଉଁ ସଂପର୍କ ।

ପ୍ର— ଆପଣ ସମସ୍ତଙ୍କୁ ସମାଲୋଚନା କରନ୍ତି ଆପଣଙ୍କ ଧର୍ମ ବା ମତବାଦ କଣ ?

ଉ— ସନାତନ ।

ପ୍ର— ମୁଁ କାହିଁକି ଲେଖେଁ କାହିଁରୁ ଆରମ୍ଭ—କେଉଁଠି ଶେଷ ?

ଉ— ମାୟାସଂସାର ମାୟାଧରଙ୍କଠାରୁ ଆରମ୍ଭ ପୁଣି ଶେଷରେ ତତ୍ତ୍ୱ ଦର୍ଶନରେ [illegible] ମିଳିବ ।

କାମାକ୍ଷା ପ୍ରସାଦ ଆଚାର୍ଯ୍ୟ
ବଲାଙ୍ଗୀର ପାଟଣା

ପ୍ର— କୁଙ୍କୁମ କାହିଁକି ପ୍ରକାଶିତ ହେଉଛି ?

ଉ— ଆଧୁନିକାମାନେ ବିନ୍ଦି ଲଗାଇବାକୁ ।

ପ୍ର— ଡଗର ପଢ଼ିବାକୁ ଶିକ୍ଷକମାନେ କାହିଁକି ବାରଣ କରୁଛନ୍ତି ।

ଉ— ଆପଣ ଶିକ୍ଷକଙ୍କୁ ରଗଡ଼ୁଛନ୍ତି ବୋଲି ।

ପ୍ର— ଆସନ୍ତା ଭୋଟରେ କେଉଁ ଦଳ ଜିଣିବ ଆଉ କେଉଁ ଦଳ ଦେଶର ଶାସନଭାର ଗ୍ରହଣ କରିବ ?

ଉ— ଯିଏ ସବୁଠୁ ବେଶି ଧାପ୍ପା-ମାରି ପାରିବ, ସେହି ଦଳ ।

ରାମାନୁଜ ଶର୍ମା, ରେଃ କଲେଜ, କଟକ

ପ୍ର— ଆମ କଲେଜର ସବୁ ବିଭାଗର ଅଧ୍ୟାପକ ଚଷମା ଲଗାନ୍ତି ମାତ୍ର ଓଡ଼ିଆ ବିଭାଗ ବେଚଷମ କାହିଁକି ?

ଉ— ଦୁଃଖ କରନ୍ତୁ ନାହିଁ— ଆଖି ଥାଇ ଅନ୍ଧ ଓ ଆଖି ନଥାଇ ଅନ୍ଧ ଭିତରେ ତଫାତ୍ କଣ !

ଅବଶିଷ୍ଟାଂଶ ୧୨ ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଶିଆଳ ଆଖିରେ

—ଗଣ୍ଡ ସେଇଠା ବଲ୍ଲ—

ମିଅାଁ ଲ୍ୟାକତ ଶେଷରୁ ବଅସ ଗଣ୍ଡାଇ ଦେଇ ଲଣ୍ଡନ ଗଲେ । କମନୱେଲଥ ମନ୍ତ୍ରୀମାନେ କୁଆଡ଼େ କାଶ୍ମୀର କଥା ଆଲୋଚନା କରିବାକୁ ଅଙ୍ଗୀକାର କରିବାରୁ ସେ ଗଲେ । ମାତ୍ର ସେ ଆଲୋଚନାଟା ଯେ ବାଧ୍ୟବାଧ ଭାବରେ ନହୋଇ ମମୁଲି କଥାବାର୍ତ୍ତା ହେବ ଏକଥା ଲ୍ୟାକତ ଜାଣି ଜାଣି ଘେ ଡେଇ ଦେଇଛନ୍ତି । ଲଣ୍ଡନରେ ଯାଇ ପହଞ୍ଚି ମାମୁଲି ଆଲୋଚନାଟା କଲି ଦେଲାରୁ ନେହରୁ କହିବେ—ମୁଁ ତ କାଶ୍ମୀର କେଶଣୀଙ୍କୁ ନଅଗ୍ରର କିଛି କହିପାରିବ ନାହିଁ । ତେଣୁ ଲ୍ୟାକତ

ପଥ ପରୁର ପିତାଘର ଯିବେ
ଆଉ ଅଯୋଧ୍ୟା ମୁଖ ନଦେଖିବେ ।

କାହାବୋଲେ ଗଲ୍ଲକୃଷ୍ଣ

ମେଜର ଜେନରାଲ ଗ୍ରେ ଧିଙ୍କ ସମ୍ବନ୍ଧରେ କେତେକ ରହସ୍ୟ ଶୁଣା ଯାଇଛି । ସଂବାଦ ପତ୍ରରେ ଅନେକ ଦିନ ହେବ ତାଙ୍କ ନାମ ଦେଖାଯାଉ ନାହିଁ । ଭାରତ ମାତା ବୋଧହୁଏ ଶୋକ କରୁଥିବ—

କୋଇଲି କେଣେ ଯେ କେଉଁ ସ୍ଥାନେ ଗଲା
କାହା ବୋଲେ ଗଲ କୃଷ୍ଣ ବାହୁଡ଼ି ନଇଲଲେ

—ଗାଣ୍ଡି ଚମୁଟ—

ପାକିସ୍ଥାନ ଯେ ସବୁବେଳେ ଭାରତର ଗାଣ୍ଡି ଚମୁଟା ନୀତି ଧରିଲିଣି—ସେକଥା ସହଜରେ ବୁଝା ପଡ଼ ଯାଉଛି । କଣ୍ଟା ବାଡ଼ରେ ଲୁଗା ପକାଇ କାଳ କଲ ମାଇଯେ ପାକିସ୍ଥାନ ଅଞ୍ଚଳରେ ବେଶି ରହିଗଲେ ବୋଧହୁଏ । ଭାରତର ପୂର୍ବ ସୀମାନ୍ତରେ ବାରମ୍ବାର ପାକିସ୍ଥାନ ପୁଲିସ ଭାରତ ଆଡ଼କୁ ଗୁଳି ମାରୁଛନ୍ତି ଓ ଏବେ କେତେକ ସଶସ୍ତ୍ର ପାକିସ୍ତାନୀ ଭାରତ ରାଜ୍ୟ ଭିତରେ ପଶି ଅକଥନୀୟ ଅତ୍ୟାଚାର କରିଛନ୍ତି ।

ବଳେଇ ଅଣ୍ଡ ପୁରୁଷା ଦେଖି
ମୂଷା ଧରମକୁ ଦଏ ଡାକ

—ବରଦାଙ୍କ ଚର—

ଭାରତସରକାର ବରୋଦାର ମହାରାଜଙ୍କୁ ଜଣାଇ ଦେଇଛନ୍ତି ଯେ ବରୋଦା ରାଜ୍ୟ ବମ୍ବେପ୍ରଦେଶରେ ମିଶି ଯିବା ପାଇଁ ଲେଖିଦେଇ ସେ ଏବେ ପୁଣି ଆପତ୍ତି ଉଠାଇବାରୁ ତାଙ୍କ ନିଜ ସ୍ଥିତିକୁ ସେ ଟଳମଳ କରି ଦେଇଛନ୍ତି । ଆମର ମନେ ହୁଏ ବରଦାର ମହାରାଜା ବମ୍ବେର ନିଶା ନିବାରଣ ହେତୁ ମଦ ନପାଇବାରୁ ଜମତା ନିଶା ଖାଇ ଗୁଜରାଣ ମେଣ୍ଟାଉଛନ୍ତି । ଏ ଜମତା ନିଶା ତ ଆଇନ ବଳରେ ଛଡ଼ାଇ ହେବ ନାହିଁ । ଏଥିପାଇଁ ପାଚଲା ବେତ ଦରକାର । ତା ହେଲେ ବରଦା ମହାରାଜଙ୍କ ବର ଦାତା ହୋଇପାରନ୍ତେ ।

—ପୁଣି ନେପାଳ ଲେଉଟିଲେ—

ଅନୁଗୁଳରେ ହିନ୍ଦୁ ଗଉଡ଼ ଟୋକାକୁ ଶେଷ ନକରୁଣୁ—ବୀରଭୂମରେ ଜଣେ ପଠାଣ ଗଳ୍ପ ଟୋକା ହୁକୁମ ଔଷଧ ଦେଉଛି । ଆମ ଓଡ଼ିଶା ସରକାର ଯାହା ଆଜି କରନ୍ତି ବଙ୍ଗଳା ସରକାର ତାହା କାଲି କରନ୍ତି । ସେଥିପାଇଁ ସେ ମଧ୍ୟ ୧୪୪ ଜାରି କରି ଔଷଧ ବଣ୍ଟା ବନ୍ଦ କଲେଣି ସେଠି ବନ୍ଦ କରୁନକରୁଣୁ—ପୁଣି ଜବଲପୁରରେ ଆଉ ଜଣେ ବାଏ ବାହାରିଛନ୍ତି । ପୁଣି ସମ୍ବଲପୁରରେ ଜଣେ ବାଏ ସାଧୁ ଅସାଧ୍ୟ କୁଷ୍ଠ ରୋଗ ଭଲ କରୁଛନ୍ତି । ଏ ପଟରେ ଖାଲି ଯେ ବାବା ମାନଙ୍କର ସଂଖ୍ୟା ବଢ଼ୁଛି, ତା ନୁହେ ; ଏଣେ ଓଡ଼ିଆ ସରକାରଙ୍କ ବଂଶ ମଧ୍ୟ ବଢ଼ି ବଢ଼ି ଚାଲିଛି । ଗୋଟାଏ କୃଷ୍ଣକୁ ଛାଡ଼ୁ ନଛାଡ଼ୁ ଆଉ ଗୋଟାଏ କୃଷ୍ଣ ଅବତୀର୍ଣ୍ଣ ।

ରନ୍ତାଳଇ ଓ ବୀରଭୂମରେ ହିନ୍ଦୁ ମୁସଲମାନ ସମାନ ଅଧିକାର ସାବ୍ୟସ୍ତ ହୋଇଛି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଗାଦିରେ ସ୍ତ୍ରୀ ପୁରୁଷ ସମାନ ଅଧିକାର ସାବ୍ୟସ୍ତ ହୋଇଛି ।

—ଗୋରଖାଙ୍କ ପରଢ଼ା—

ନେପାଳର ରଣା ସରକାର ଭାରତ ସରକାରଙ୍କ କଥା ମାନି ରାଜ୍ୟରେ ଅସ୍ଥାୟୀ ଗଣତନ୍ତ୍ର ଶାସନ ଗଢି ୭ ମାସ ଭିତରେ ସମ୍ବିଧାନ ସଭା ଡାକିବେ ବୋଲି ଘୋଷଣା କରିଛନ୍ତି । ରଣାଙ୍କ ମନ ମଧ୍ୟ ରାହୁତରେ ବୋଲି ସାର ହେଲା । ମାତ୍ର ନେପାଳ ଲୋକେ ଏ ମନ ଭୁଲାଣିଆ କଥାରେ ଭୁଲି ନାହାନ୍ତି । ସେ କହୁଛନ୍ତି ଆମକୁ ପରଖୁଛନ୍ତି ଏମାନେ । ବିଶ୍ୱାସର ତାଳ ଭଙ୍ଗ କରିବା ପାଇଁ ଏ ଲୋଭ । ଆମ ମତରେ ଯଦି ବଜ୍ରକୁ ମେନକା ଓ ସ୍ୱର୍ଗ ମିଳିବାର ଆଶା ଥାଏ ତେବେ ରଣା କଥା ମାନିଗଲେ କ୍ଷତି କଣ ?

—ମହତାବଙ୍କ ମହତ—

ଶୁଣାଯାଏ—କେନ୍ଦ୍ର ବାଣିଜ୍ୟ ବିଭାଗରେ କେତେକ ହାତ ସଫେଇ ହୋଇଛି । ଶୁଣାଯାଉଥିଲା—ଷ୍ଟୋଟ ବଦଳରେ ଚାଇନା ଠାରୁ ଦଶଲକ୍ଷ ଟନ ଚାଉଳ ଆସିବ । ମାତ୍ର ଏବେ ଦେଖା ଯାଉଛି ବଢ଼ାଦେଇ ମୋଟେ ୫୦୦୦୦ ଟନ ଚାଉଳ ଆମେ ପାଇବୁ । ଏ କାରବାର ତଳେ କେତେ ଲୋକଙ୍କର ହାତ ଚକଚକ ହୋଇଥିବ ସେ କଥା ପ୍ରଜାତନ୍ତ୍ର ଦେଶରେ ପ୍ରକାଶ ପାଇନାହିଁ । ତଥାପି ଆଶାକରୁ ଆସନ୍ତା ୨୨ତାରିଖ ଦେଲାକୁ ମହତାବ ଅଧିକ ସୁସ୍ଥ ହୋଇ ଆସିବେ ।

—ଚକ୍ର ଘୂରୁଛି—

ଆମେ ଧାନ ଗୃହ ନକରି ନାଲିତା ଗୃହକରୁ । ଷ୍ଟୋଟ ନେଇ ପୁଣି ଚାଉଳ କିଣି ଖାଉଛୁ । ଏମିତି ଚକ୍ର ଘୂରୁଥିବ । ଏ ଯୁଗଟା ସେଇଆ । ନାକ ଦେଖେଇଲେ ବୁଲେଇ ଦେଖାଇ ବାକୁ ହୁଏ । ଏମିତି ବଙ୍କାବାଟ ନକଲେ ମର୍ତ୍ତ୍ୟରେ ମୁନାଫା ମିଳିବ ନାହିଁ ଆମ ମନ୍ତ୍ରୀ ଅମଲ୍ଲ ଓ ବେପାରୀଙ୍କୁ ।

—ବଶଳ ଓଡ଼ିଆ—

ଜଣା ଯାଉଛି ବସ୍ତର ରାଜ୍ୟରେ ବହୁତ ଖଣିଜ ଦ୍ରବ୍ୟ ମିଳିବ । ଆମ ମହତାବଙ୍କ ସରକାର ବସ୍ତରଟାକୁ ମଧ୍ୟ ପ୍ରଦେଶ ଭିତରେ ନିର୍ବନ୍ଧରେ ଛାଡ଼ିଦେଲେ । ଛାଡ଼ି ନଥିଲେ ବିଶାଳ ଓଡ଼ିଶାର ଚିନ୍ତା ଆଉ କେହି କାଲେ



Digitized by srujanika@gmail.com

ଦେଇଥାନ୍ତି । କିନ୍ତୁ ସମ୍ପ୍ରତି ଓଡ଼ିଶାର ପିତା ନୂତନ ଯେ ଓଡ଼ିଆଙ୍କୁ ପିତା ହୋଇ ରହିଗଲେ ।

—ଚର୍ଚ୍ଚିଲ—

କମନ୍‌ୱେଲଥ ସଭାରେ ଯୋଗ ଦେଇ ସେ ଦେଖିଲେ ଚର୍ଚ୍ଚିଲ ସହିତେ । ତୁମ ପକ୍ଷରୁ ଦୁଇଦେଶ--ଆମେରିକା ପକ୍ଷରୁ ଦୁଇ ଦେଶ ପଟେ ହାତକୁ ଦୁଇହାତରେ ବାନ୍ଧି ସାମ୍ରାଜ୍ୟ ହେଉଥିଲା । ଏଣିକି ଗୃହହାତ ଯାଇ ଦରକାର ନାହିଁ । ତୁମର ଦୁଇହାତ ଓ ଆମେରିକାର ଦୁଇହାତ । ମାତ୍ର ଦୁହେଁ ସାଙ୍ଗ ଯଦି ଖାଇବା ହାତ ଦୁଇଟାରେ ଖାଇବାକୁ ବସନ୍ତି ଆଉ ଦେବାର ହାତ ଦୁଇଟାରେ ଦେବାଳ ଚେଷ୍ଟା ଚେଷ୍ଟାର ଗ୍ରହ ଶାନ୍ତି ତେବେ ଶାନ୍ତି ବଦଳରେ ବାନ୍ତିସାର ହେବ ।

—ପାଲବଣ୍ଡା ରାଜ୍ୟ—

ପାଲବଣ୍ଡା ରାଜାଙ୍କ ରାଜ୍ୟରେ ସୁନା ସେର ଟଙ୍କେ ତ ଚାଉଳ ସେର ଟଙ୍କେ ଥିଲା ବୋଲି ଶୁଣା ଯାଉଥିଲା । ଏବେ ଆମ ଦେଶରେ ଧୀରେ ଧୀରେ ଦରଦାମ ସେହି ରାଜାଙ୍କ ଶାସନକୁ ଲକ୍ଷ୍ୟ କରି ଆମ ଦେଶରେ ଘର କଲାଣି । ଚାଉଳ ଗହମ ଦର ପୁଣି ବଢିଲା ; ଲୁଗା କପଡା ଦର ବି ବଢିଲା । ଏଣିକି ଲୋକେ ଦିଗମ୍ବର ହୋଇ ପବନ ଖାଇ ରହିବା ଦରକାର ।

କଟକରେ ବସ୍ତ୍ର ହରଣ

କଟକ ସହରରୁ ଶହ ଶହ ଲୁଗା ପାର୍ସଲ ଚାଲିଛି । ଅଥଚ ଲୋକେ ଖୋଲା ବଜାରରେ ଲୁଗା ପାଉନାହାନ୍ତି ; ଲୁଗା କ୍ରମେ ଉଭେଇ ଯାଉଛି । ଏ ବସ୍ତ୍ର ହରଣ ଯେ କେଉଁ କୃଷ୍ଣଙ୍କ ଲୀଳା ତା ସେହି ଜାଣନ୍ତି । ମାରବାଡି ମାନଙ୍କର କୃଷ୍ଣ ଭକ୍ତି ମଧ୍ୟ ବଢିଯାଉଛି ।

—ଅଦ୍ୟା ଶକ୍ତି—

ଭାରତ ସରକାର ମାଇପଙ୍କୁ ନେଇ ଖାଦ୍ୟ କମିଟି ଗଢୁଛନ୍ତି । ଓଡ଼ିଶାରୁ ଗୋଟିଏ ପରିବାରରୁ ଏକଜଣିଆ ସଭ୍ୟ ପଦ ଦିଆ ଯାଉଛି ବୋଲି କହନ୍ତି ଅଛନ୍ତି । ମନ୍ଦ ନୁହେଁ । ଯିଏ ସଭ୍ୟ ହେବ ତା ସଭ୍ୟା ହେବ ମାଇପେ ତ ଅଦ୍ୟାଶକ୍ତି ସେହି ରାନ୍ଧିଲେ ଦେବେ ଖାଇଲେ ଖାଇବେ । ଅଦ୍ୟା ଓ ଖାଦ୍ୟା ଶକ୍ତିମା ।

ଅଞ୍ଜନ ଶଳାକ

ଶୁଣାଯାଉଛି କମ୍ୟୁନିଷ୍ଟଙ୍କ କେମ୍ପିନ-ଫର୍ମରୁ ଅନେକ ଗୁପ୍ତ ବାର୍ତ୍ତା ଆସିଥିଲା ଯେ ଭାରତ ସରକାର ଶତ୍ରୁଙ୍କରେ କୌଣସି ହଙ୍ଗାମା କରିବ ନାହିଁ । କିନ୍ତୁ ଭାରତୀୟ କମ୍ୟୁନିଷ୍ଟ ପଟର କେନ୍ଦ୍ର ଯାମଲଙ୍କାର ଲୋକ ତାକୁ ଲୁଚେଇ ରଖି ଦେଇଥିଲେ । ଏବେ ସେ ରହସ୍ୟ ଦୋଳୁ ଫାଟି ପଡ଼ିବାରୁ— କମ୍ୟୁନିଷ୍ଟ ମାନଙ୍କ ଭିତରେ ଏବେ ଗଣ୍ଡି କଥା ହୋଇ ଗଲାଣି । ଯା ହେଉ-ଏତେ ଦିନକେ ଯେ ଅଞ୍ଜନ ଶଳାକା ଆଖିରେ ଦେଖିବାକୁ ମିଳିଲା ଏଥିରେ ବାଲିଆ ସଭିଙ୍କୁ ସବୁଠୁ ଆନନ୍ଦ ।

—ହନୁ ସତ କହେ—

ସବୁଦିନେ ଆମେରିକାର ସାମ କହେଇ କହି ହୁଅନ୍ତି ତାଙ୍କର ପର ପ୍ରୀତି ବଡ଼ ପ୍ରବଳ । ଅନ୍ୟ ଦେଶ ମାନଙ୍କର ସ୍ୱାଧୀନତା ରକ୍ଷା କରିବା ପାଇଁ ସେ ସେନା ସାଜ କରନ୍ତି— ଅସ୍ତ୍ର ଶସ୍ତ୍ର ତିଆର କରନ୍ତି ଏପରିକି ଅଣୁବୋମା ମଧ୍ୟ ପୃଥିବୀର ଗଣତନ୍ତ୍ର ରକ୍ଷାପାଇଁ ହୁଏ । ନିଜ ସ୍ୱାର୍ଥ ତାଙ୍କର କେବେ ହେଲେ କିଛି ନଥିଲା । ମାତ୍ର ଏବେ ଟ୍ରୁମାନଙ୍କ ମୁହଁରୁ ସତ କଥାଟା ବାହାରି ପଡ଼ିଛି । ସେ କହୁଛନ୍ତି ରୁଷିଆ ଇଉରୋପ ମାଡ଼ି ବସିଲେ କେଉଁଠି ଗଲା ପରି—ଆଫ୍ରିକା ମାଡ଼ି ବସିଲେ ଅଣୁ-ବୋମାର ମସଲା ୟୁରେନିୟମ ମିଳିବ ଉତ୍ପାଦ ଇତ୍ୟାଦି । ଏତେ ଦିନକେ ଟ୍ରୁମାନ ତାଙ୍କ ନାମକୁ ସାର୍ଥକ କରି ଟ୍ରୁମ୍ୟାନ ବା ସତ୍ୟବନ୍ତ ସୁଚିତ ହୋଇଗଲେ ଏଥର ।

—ଯା ହାତ ଯେପରି—

କମନ୍‌ୱେଲଥ ସଭାର ମନ୍ତ୍ରୀ ମାନଙ୍କ ଭିତରୁ ଆମ ମନ୍ତ୍ରୀ ନେହେରୁ, ଲେଡି ଓ ଲେଡ ମାଉଣ୍ଟବ୍ୟାଟେନ୍‌ଙ୍କ ଘର ଅଧିକରେ ଯାଉଥିଲେ ବୋଲି ସମ୍ବାଦ ବାହାରିଛି । ଲୋକ ସବୁ ଅହରହ ସମ୍ବାଦ ପଢୁଛି ଯେ ସଭା ସାରି ଆଉ ନିଜେ ଯାଉଥିଲେ ବଲ ଡ୍ୟାନ୍‌ସ୍‌କୁ । କାନେଡା ମନ୍ତ୍ରୀ ସେଣ୍ଟ୍ ଲରେନସ୍ ଯାଉଥିଲେ— ଗିର୍ଜାଘର ଦେଖିବାକୁ କାରଣ ସେ କାଥୋଲିକ୍—ଅଷ୍ଟ୍ରେଲିଆର ଗିର୍ଜା ମାନ । ନ୍ୟୁଜିଲାଣ୍ଡ ମନ୍ତ୍ରୀ ସିଡ୍‌ନିହଲାଣ୍ଡ ଯାଉଥିଲେ ଯାଦୁ କୋଠି ଦେଖିବାକୁ । ତାଙ୍କର ଅଟେ ନାହିଁ ଉଇଣ୍ଡସର୍ ଆଗାରରେ । ଅଷ୍ଟ୍ରେଲିଆର ମନ୍ତ୍ରୀ ମିଉଜିୟମ ଯାଉଥିଲେ ସର୍କସ ଦେଖିବାକୁ କାରଣ ତାଙ୍କର ଫିଲ୍ମମନୋବୃତ୍ତି ଏବେ ବି ଯାଇନାହିଁ । ସେ କହେ ଯେ ବି ଅବଶ୍ୟକ ହେଲେ ମାଙ୍କଡ଼ ନାଚ ମଧ୍ୟ ପାରିବେ । ସିଂହଳର ମନ୍ତ୍ରୀ ସେନାନାୟକ ଯାଉଥିଲେ ଖେଳର ସରଦ କରି ଖେଳଣା କିଣି । ଦକ୍ଷିଣ ରୋଡେସିଆର ଗଡ଼ଫ୍ରେ ସାହେବ ଯାଉଥିଲେ ମେଣ୍ଢା ଗୁଞ୍ଜ ଖେଳ ଖେଳି । ଦକ୍ଷିଣ ଆଫ୍ରିକା ମନ୍ତ୍ରୀ ମାଲାନ୍ ଯାଉଥିଲେ ଚିଡ଼ିଆ ଖାନାରେ ତାଙ୍କ ଭାଇକୁ ଦେଖିବାକୁ ଆଉ ପାକିସ୍ଥାନର ଲିଆକତ୍ ଘର ଭିତରେ ଶିଖିଲା ନାଚେ ପଢ଼ଣା ଘରକୁ ଆଣ ଥିଲେ ।

ଦୋକତା ଦାହନ

ଆମ ଦେଶରେ ଦୋକତା ଚାଷରୁ ବେଶି ଲାଭ ହେଉଛି—ସେଥିପାଇଁ କପା ଚାଷରେ କେହି ମନ ଦେଉ ନାହାନ୍ତି । ଫଳରେ ଲୁଗା ଦର ବଢ଼ୁଛି—ଲୁଗା ମିଳୁ ନାହିଁ ବୋଲି ସରକାର ମହଲରୁ ଆପତ୍ତି ଉଠୁଛି । ମାତ୍ର ଏଥିପାଇଁ ଆମ ଲୋକେ ଦାୟୀ ନା—ସରକାର ଦାୟୀ ? ମନ୍ତ୍ରୀ ମାନେ ଆଗେ ବିଲାତି ଲୁଗା ଜାଳୁଥିଲେ ବୋଲି ଦେଶୀ ଲୁଗା ଆଦର ପାଉଥିଲା । ଏବେ ବିଲାତି ଦୋକତା ବା ସିଗାରେଟ ଜାଳୁଥିବାରୁ ଦୋକତାର ଆଦର ବଢ଼ିଛି ।

ଓଡ଼ିଶାରେ କେନ୍ଦ୍ର

ଓଡ଼ିଶାର ଏ ପକ୍ଷରେ ଭାରତର କେନ୍ଦ୍ର ହୋଇଗଲା ପରି ଲାଗୁଛି କାରଣ ଖାଦ୍ୟ କେନ୍ଦ୍ର ମନ୍ତ୍ରୀ ଓ ଉପମନ୍ତ୍ରୀ ମାନେ ବିଜେ କରୁଛନ୍ତି । କେନ୍ଦ୍ରୀୟ ଖାଦ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ଜୈନ— ପୁଣି ବମ୍ବେର ଲାଟ ମହାରାଜସିଂ, ତାଙ୍କ ପଛକୁ ଖାଦ୍ୟ ବିଭାଗ ସହକାରୀ ମନ୍ତ୍ରୀ ଚତୁର୍ମଲ୍ଲଙ୍କର ଓ ତ୍ରିବେଦୀ ଆସିଛନ୍ତି ଓ ଆସୁଛନ୍ତି । ଫଳରେ ଆମ ଭାଗ୍ୟାକାଶ ବର୍ତ୍ତମାନ କେନ୍ଦ୍ରରେ ଭାଗ୍ୟ ବଦଳିଯିବ ।

—ଅନୁଗୁଳରେ ଅନଗୁଳିଆ—

ଭୁଡ଼ ଖେଳରେ ଭେଳ କହୁଥିବା ରାଜା ଧରିଲେ ଅନଗୁଳିଆ ମାଡ଼ ତ ଦିଏ । କିନ୍ତୁ ସରକାର ଯେଉଁ ଅନଗୁଳିଆ ଗୁଳନ୍ତି—ତାଙ୍କୁ ମାଡ଼ ଦେବାକୁ କେହି ନାହାନ୍ତି । ଅନୁଗୁଳରେ ସରକାର ସେମିତି କେତେକ ବାହାଘର ଲୋକଙ୍କ ବିରୁଦ୍ଧରେ ଅନୁଗୁଳିଆ ୧୪୪ ଜାରି କଲେ । ମାତ୍ର ସୁଖର ବିଷୟ ତାଙ୍କ ବୁଦ୍ଧିକୁ କଟକ ଭଦ୍ରକ ପଠାଇ ଦେବାରୁ ସେ ତାକୁ ପ୍ରତ୍ୟାହାର କରୁଛନ୍ତି ।



Digitized by srujanika@gmail.com

# ଦେଶ୍ କେ ଲିଏ

ଲେ—ଶ୍ରୀ କମଳ କୁମାର

ମୁଁ ଜଣେ ଯୁଙ୍ଗମ୍ୟାନ୍ । ତେବେ ମୋର ଏ ଉପାଧିଟା ଶ୍ରୀମତୀଙ୍କ ଦିଆ ।

ଗଳ୍ପଟି ଆରମ୍ଭ କରି ବର୍ତ୍ତମାନ ମୁଁ ବୁଝି-ପାରୁଛି ଆପଣ ସ୍ୱତଃ ଜାଣିବାକୁ ଇଚ୍ଛା କରିବେ ଶ୍ରୀମତୀଙ୍କ ବିଷୟରେ କିଛି ।

ମୁଁ—ଯୁବକ; ଗ୍ରାଜୁଏଟ୍, ବୟସ ତିରିଶ-ରୁ ଅଳ୍ପ କୋଡ଼ିଏରୁ ବେଶୀ (ନିଜସ୍ୱ କାରଣ ବଶତଃ ମୁଁ ମୋର ବୟସ ଲୁଚାଇବା ପ୍ରୟୋଜନ ମନେ କରୁଛି) । ବ୍ୟାଙ୍କ୍ ବ୍ୟାଲାନ୍ସ କିଛି ଅଛି । ମୋଟରେ ଅଛି; ନିଜକୁ ବଡ଼ ଭାରତୀୟ ବୋଲି ଭାବେ; ଆଉ ପୁଣି ମୋର ବିଶ୍ୱାସ ସରକାରୀ ଚାକିରୀ କରି ଦେଶପାଇଁ କାମ କିଛି କରି ହେବନି । ଦେଶପାଇଁ ବହୁତ କାମ ବର୍ତ୍ତମାନ ବାକି ଅଛି; ତେଣୁ ସେଇ ବୁଦ୍ଧିରୁ ମୁଁ ସଦ୍ୟ ରାଜନୀତି ଭିତରକୁ ପ୍ରବେଶ କରିଛି ।

ଶ୍ରୀମତୀ—ଯୁବତୀ [?] ସଂସାର ଅଭିଜ୍ଞତା ଅଛି; ତାଙ୍କ ବୟସ ବିଷୟରେ ସେ ମୋତେ କେବେ କିଛି କହି ନାହାନ୍ତି । ତେବେ ଶୁଣା ଶୁଣିରୁ ଜଣାଯାଏ ଯେ, ତାଙ୍କ ବୟସ ବିଷୟରେ କେହି କେବେ ପ୍ରଶ୍ନ କଲେ ସେ ଓଲଟା ତାଙ୍କ ବୟସ ଅନ୍ଦାଜ କରିବାକୁ କହନ୍ତି । କହିବା ଲୋକ ପାଞ୍ଚପେଣ୍ଟ କଲେ, ଶ୍ରୀମତୀ ମଧ୍ୟ ବରାବର ସେଥିରୁ ଆଉରି ପାଞ୍ଚ ଫେଡ଼ନ୍ତି । ଏଇଥିରୁ ବିଚାର କଲେ ଜଣାପଡ଼େ ତାଙ୍କର ବୟସ ପଚିଶରୁ ବେଶୀ ଆଉ ପଇଁତିରିଶରୁ କମ୍ । ସେ ନିଜର ଟଙ୍କା (ଅବଶ୍ୟ ତାଙ୍କର ଯଥେଷ୍ଟ ଅଛି) ଖରଚ କରିବାର ମୁଁ କେବେ ଦେଖିନି । ପର ଧନକୁ ସେ ନିଜର ବୋଲି ମନେ କରନ୍ତି । ନିଜର ମଟର ନଥାଇ ମଧ୍ୟ ମଟର ବିନା ସେ କେତେବେଳେ କୁଆଡ଼େ ଯିବାର ମୁଁ ଜାଣେନା । ସେ ଦେଶର କାମରେ ନିଜ ଜୀବନର ଶ୍ରେଷ୍ଠାଂଶ ବ୍ୟୟ କରିଥିବା କଥା ବରାବର କହନ୍ତି । ସେ ଥିଲାବାଲା ନଥିଲାବାଲା ବହୁତ ଲୋକଙ୍କୁ ଜାଣନ୍ତି । ସମ୍ପ୍ରଙ୍କର ନୈତିକତା ଚରିତ୍ରରେ ଦୋଷ-ଅଛି । ଆଉ କାହାର କେତେ ଅଛି ସେକଥା ଶ୍ରୀମତୀଙ୍କର ନଖ ଦର୍ପଣରେ । ସେ ଜଣେ ଦେଶ୍ କେଲିଏ ଅର୍ଥାତ ସମାଜରେ, ଦେଶରେ ନୂତନ ଅବହାଓ୍ୱା ତିଆରି କରିବା ପାଇଁ ସେ ଜୀବନ ଉତ୍ସର୍ଗ କରିଛନ୍ତି । ଅଭିଜ୍ଞତାର ଦୁହାଇ ଦେଇ ରାଜନୈତିକ ମଞ୍ଚ ସେ ବହୁ-ବାର ବଦଳାଇବାର ପ୍ରମାଣ ଅଛି । ଏତିକି ହେଲେ ବର୍ତ୍ତମାନ ପାଇଁ ଯଥେଷ୍ଟ ହେବ ତାଙ୍କର ସାଂଲିକ ପରିଚୟ ।

ଏବେ ମୁଁ ମୋର ଗଳ୍ପ ଆରମ୍ଭ କରେ—ମୁଁ ମୋର କାର ଖଣ୍ଡିକ ନିଜେ ଡ୍ରାଇଭ୍ କରୁଥିଲି । ଶ୍ରୀମତୀ ମୋ ନିକଟରେ ବସି ମୋତେ ଉପଦେଶ ଦେଉଥାନ୍ତି । ମୋ ଆଗରେ ଉଜ୍ଜ୍ୱଳ ଭବିଷ୍ୟତ୍ । କଅଣ ମୁଁ ନ କରି ପାରିବି । ଯଦି କାମ କରିଯାଏଁ; ଯେବେ ତାଙ୍କର ନିର୍ଦ୍ଦେଶ ମାନେ ଦେବେ ...ତେବେ ମୁଁ ରହିଯିବି ଇତିହାସରେ...ଚିରଦିନ ପାଇଁ । ଅନ୍ତତଃ ଓଡ଼ିଶାର ଇତିହାସରେ ରହିଯିବି । ଏ ନାମ ଯଶ ନିଜ ପାଇଁ ନୁହେଁ ଦେଶକେଲିଏ ! କାରଣ ସୁଯଶ ସୁନାମ ନ-ହେଲେ ଲୋକେ ମାନିବେ ନାହିଁ । ଲୋକେ ନମାନିଲେ ତାଙ୍କର ଉପକାର ବି କରିହେବ ନାହିଁ ।

ସେ କହୁଥିଲେ କୁମାର—[ସେ ମୋତେ ବେଳେ ବେଳେ କୁମାର ବୋଲି ମଧ୍ୟ ସମ୍ବୋଧନ କରନ୍ତି । ତାର କାରଣ ମୁଁ ଅବିବାହିତ; ଏଇଟା ତାଙ୍କର ମୋ ପ୍ରତି ଦ୍ୱିତୀୟ ସମ୍ବୋଧନା] ବୁଝିଲ ନା; ତୁମେ ଜଣେ ଯୁଙ୍ଗମ୍ୟାନ୍ ତୁମର ବର୍ତ୍ତମାନ ବହୁତ କିଛି କରିବାର ଅଛି । ଏଇ ଶୁଣ ମୁଁ ଯାହା କହୁଛି । ଦେଖ—ପ୍ରତ୍ୟେକ ଲୋକର କାମକୁ ବିଚାର କରି ଆମେ କାହାକୁ ପ୍ରାଧାନ୍ୟ ଦେଉ ?—ଯେ ପୃଥିବୀକୁ ନୂତନ କିଛି ଦାନ ଦେଇ ଯାଇଛି ନହେଲେ ନିଜର ଦେଶପାଇଁ କିଛି ନୂଆ କରି ଯାଇଛି; କିମ୍ବା ନହେଲେ ସେ ଯେଉଁ ଗାଁରେ କିମ୍ବା ସହ-ରରେ ଥାଏ ସେଠା ପାଇଁ ନୂଆ କଅଣ କରି ଯାଇଛି ଏଇଆ ବିଚାର କରି ଆମେ ବଡ ସାନ ବିଚାର କରିବୁ ।’—ମୋର ମନେ ପଡ଼ିଲା ଠିକ ଏମିତି କଥା ମୁଁ ଆଗରୁ କେବେ ଶୁଣିଛି ଜର୍ମାନୀର ଜଣେ କବି କହିଥିଲେ ଠିକ ଏମିତି କିଛି ।

ଶ୍ରୀମତୀ କହି ଚାଲିଥାନ୍ତି— “ବର୍ତ୍ତମାନ ତୁମକୁ ତୁମର ନାମ ବାଛି ନେବାକୁ ପଡ଼ିବ । ଭାବରେ ତୁମକୁ ତୁମର ରାସ୍ତା ମଧ୍ୟ ଠିକ କରିବାକୁ ପଡ଼ିବ ।—ତୁମେ ଏ କ୍ଷେତ୍ରରେ ନୂଆ । ନା ନା ବ୍ୟସ୍ତ ହେବାର କିଛି ନାହିଁ । ମୁଁ ତୁମକୁ ରାସ୍ତା ବତାଇ ଦେବି । ତୁମେ ନିଶ୍ଚୟ ଦିନେ ବଡ଼ ହେବ । କିନ୍ତୁ ସେତେବେଳେ ଆମକୁ ତୁମର ମନେ ରହିବ ତ ?’—ସେ ମୋତେ କହୁଣୀରେ ଟିକିଏ ଠେଲି ଦେଲେ ।

ନିଶ୍ଚୟ—ଆପଣ କଅଣ ଭାବନ୍ତି ?—କହିଲି ।

‘ତଥାପି ବୁଝିଲ ଯୁଙ୍ଗମ୍ୟାନ୍, କେତେ-ଲୋକଙ୍କୁ ମୁଁ ଏମିତି ତିଆରି କରିଛି । କେହି ହେଲେ କଅଣ ମୋତେ କିଛି ମୂଲ୍ୟ ଦେଲେ । ଯେମିତି ଟିକିଏ ଉପରକୁ ଉଠିଛନ୍ତି ତାଙ୍କ ମୁହଁ ପର୍ଯ୍ୟନ୍ତ ସେମାନେ ମୋତେ ଦେଖାଇ ନାହାନ୍ତି । ବରଂ କେତେ ପ୍ରକାରରେ ଘୃଣା କରିବି—ସବୁ ସହେ—କେବଳ ଦେଶକେ-ଲିଏ । ମୋତେ ଗାଳି ଦେବାର ଶୁଣିବି ।

ଦୁନିଆ ସେଇଆ ।’

‘ଠିକ—ଠିକ କହିଲ ତୁମେ—ଆଉ ତୁମେ ବି ତ ସେଇ ଦୁନିଆର ?’—ସେ କହିଲେ ।

ମୁଁ କିଛି ଉତ୍ତର ଦେଇ ପାରିଲି ନାହିଁ । ସେ ମୋର ଜବାବ ଦେଖି କହିଲେ—‘ତଥାପି କଅଣ ବୁଝିଲ କୁମାର । ମୁଁ ତୁମକୁ ବିଶ୍ୱାସ କରେ । ତୁମେ ବାସ୍ତବିକ କିଛି କରି ପାରିବ । ମୁଁ ଆଜିକାଲିକାର ଏଇ ତୁମପରି ଯୁଙ୍ଗମ୍ୟାନ୍ ମାନଙ୍କୁ ଭଲପାଏ । ଆଗକାଳର ପିଲାଏ ଯଦିବା ପାଠ ପଢ଼ା ଶୁଣା ଭଲ କରୁଥିଲେ ତେବେ କଅଣ ଜାଣିଚନା ତାଙ୍କ ଦେହରେ ଜୀବନ ନଥିଲା । ନୂଆ କରି ମୁଣ୍ଡରୁ ବାହାର କରିବା ଏଇ କଥା ତାଙ୍କ ଦେଇ ନଥିଲା; ସେଇଥି ସକାଶେ ଗାନ୍ଧୀଙ୍କୁ ଦେଖ—ସେ ଯୁଗରେ ହେଇ ମଧ୍ୟ ସେ ଆଗଭର ହେଇ କାମ କରି ଗଲେ । ତାଙ୍କ କାମର ମୂଲ୍ୟ କିଏ ଦେଲା । କେହି ନାହିଁ । କିନ୍ତୁ ଆଜି କାଲିକାର ଏଇ ପିଲା ମାନଙ୍କଠୁ ମୁଁ ବହୁତ କିଛି ଆଶା କରୁଛି ଦେଶକେଲିଏ ବିଶେଷ ଭଲ ଭୂମି ନିକଟରୁ—କହି ସେ ପୁଣି କହୁଣୀରେ ମୋତେ ଟିକିଏ ଠେଲି ଦେଲେ ।



Digitized by srujanika@gmail.com

ହୁଏତ ଏ ଠେଲାଟା ବି ଦେଶସେବା ଲାଗି ହୋଇଥିବ ।

'ସେ ଆପଣଙ୍କ ଦୟା'—କହିଲି ।

'ଦୟା! କଅଣ !—ତୁମେ କାମ କରିବ—ଫଳ ତୋଳିବ—ବୁଝିଲନା ?—ମୁଁ ଦେଶସେବା ଲାଗି ମୁଁ ଦୟା ଉପରେ ବିଶ୍ୱାସ କରେନା । ଆଉ ୟଙ୍ଗ୍ ମ୍ୟାନ୍, ତୁମେ କଅଣ ଭାବ ଯେ ଗାନ୍ଧୀଜୀ କାହାର ଦୟା ଉପରେ ମହାତ୍ମା ହୋଇଥିଲେ ?—ନା ଜହରଲାଲ, ସୁଭାଷ ଏମାନେ କାହାର ଦୟା ଉପରେ ନିର୍ଭର କରି ବିଶ୍ୱବରେଣ୍ୟ ହୋଇଛନ୍ତି ?'

'ସେମାନେ ବହୁତ ବଡ଼'

'ତୁମେ କାହିଁକି ନହେବ ? ଏ ସବୁ ପଳାୟନ ମନୋବୃତ୍ତି—ମୁଁ ଯାହା କହୁଛି ସେଇଆ କରିଯାଅ, ତୁମେ ମଧ୍ୟ ନିଶ୍ଚୟ ବଡ଼ ହେବ ?' କଥାବାର୍ତ୍ତା ଭିତରେ କାର ଆଗେଇ ଚାଲିଥାଏ । ସ୍ପିଡ଼ୋମିଟରରେ ସେତେବେଳକୁ ଛୁଉଁଥାଏ ଷାଠିଏ ।

'ତୁମେ ଭୟଙ୍କର ରେକ୍‌ଲେସ !—ଲୋକେ ଗୁଡ଼ାଏ ଜୀବନରେ ରେକ୍‌ଲେସ୍ ହେବା ସ୍ୱାଭାବିକ ଏବଂ ଭଲ ଗୁଣ ମଧ୍ୟ । ବିଶେଷତଃ ଦେଶସେବା ଲାଗି ରେକଲେସ ନହେଲେ କୌଣସି କାମ କରି ହୁଏନା—କାମ ଭଲ ହେଉ ବା ମନ୍ଦ ହେଉ । ମୁଁ ଭୁବନେଶ୍ୱରରେ ଗାଡ଼ି ରଖିବି । ମୋର ସେଠି କେତେ ଜଣଙ୍କ ସହିତ ଦେଖା କରିବାର ଅଛି; ନିଜ ପାଇଁ ନୁହେଁ; ଦେଶସେବା ଲାଗି— ଶ୍ରୀମତୀ କହିଲେ ।

ବର୍ତ୍ତମାନ ପୁଣି କିଛି କହିବାର ପ୍ରୟୋଜନ ଅନୁଭବ କରୁଛି । ଆମେ ବାହାରିଥିଲୁ ଏକ କନଫରେନ୍‌ସରେ ଯୋଗ ଦେବାପାଇଁ ! ଦିନକ ଆଗରୁ ସେଠାରେ ପହଞ୍ଚି କେତେକ ବନ୍ଦୋବସ୍ତ କରିବାର କଥା ।

ଭୁବନେଶ୍ୱର ମନ୍ଦିରରୁ ଅଳ୍ପ ଦୂରରେ କାର ପାର୍କ କଲି । ଶ୍ରୀମତୀ କାରରୁ ବାହାରି ଗଲେ ମନ୍ଦିର । ତାପରେ ଆରମ୍ଭ ହେଲା ଭ୍ରମଣ ବହୁତ ଲୋକଙ୍କ ସହିତ ଦେଖା କଲେ ସେ । ତେଣୁ କିଛି ଟଙ୍କା ସଂଗ୍ରହ କଲେ । ଦେଶସେବା ଲାଗି ଆହୁରି ପ୍ରତିଶ୍ରୁତି ମିଳିଲା । ତେବେ ଟଙ୍କା ତା ପର ଦିନ ମିଳିବ । ହେଲେ ରାତିଟା ସେଠି ରହିଲେ ହିଁନା !

ଶ୍ରୀମତୀ ମତେ କହିଲେ—'ୟଙ୍ଗମ୍ୟାନ—ଆଜି ରାତିଟା ଆମକୁ ଧର୍ମଶାଳାରେ ଆଶ୍ରୟ ନେବାକୁ ହେବ—କଣ କରିବା ?—ଦେଶସେବା ଲାଗି ।'

କଅଣ ତଳେ ଶୋଇବା?—ପ୍ରଶ୍ନ କଲି ।

କାହିଁକି ତୁମେ ବିଛଣା ପତ୍ର ଆଣିନ ଯେ ?

ହଁ—ହୋଲ୍‌ଡଅଲଟା—କିନ୍ତୁ ଦୁଇ ଜଣଙ୍କ ସକାଶେ ହେବନି । ତେବେ ଆପଣ ତାକୁ ନେଇ ପାରନ୍ତି, ମୁଁ ଗୋଟାଏ ଚଦରରେ କାମ ଚଳାଇ ଦେବି ।' ଭଦ୍ରତା ରକ୍ଷା କରିବାକୁ ଯାଇ କହିଲି ।

'ସେଇଆ ତ ଦରକାର—ଦେଶସେବା ଲାଗି ଯେ ସବୁବେଳେ, ସବୁକ୍ଷେତ୍ରରେ, ସବୁ ଅସୁବିଧାରେ ପଡ଼ି ମଧ୍ୟ ନିଜକୁ ଚଳାଇ ନେଇପାରେ ସେଇ କେବଳ ଦୁନିଆ ଆଗରେ ମୁଣ୍ଡ ଟେକି ଛିଡ଼ା ହୋଇପାରିବ ।' ଶ୍ରୀମତୀ ମତେ ଧନ୍ୟବାଦ ଜଣାଇ କହିଲେ ।

ଓପରବେଳ ସାରା ବୁଲି ବୁଲିରେ, ଲୋକମାନଙ୍କ ସଙ୍ଗରେ ଦେଖା କରିବାରେ ଗଲା । ରାତିରେ ହୋଟେଲରେ ଖାଇ କିଛି ମହମବତୀ କିଣି ଆମେ ଆସି ପହଞ୍ଚିଲୁ ଧର୍ମଶାଳାରେ ।

ଧର୍ମଶାଳା ମେନେଜର ଶ୍ରୀମତୀଙ୍କୁ ବିଶେଷ ଭାବରେ ଜାଣନ୍ତି । ତାଙ୍କ ସଙ୍ଗେ ଗୋଟିଏ ବଖରା ଘର ମିଳିଗଲା । ଧର୍ମଶାଳାର ଲୋକ ଆସି ବଖରାଟା ପରିଷ୍କାର କରିଦେଇ ଚାଲିଗଲେ ।

ହୋଲ୍‌ଡଅଲଟା ବାହାର କରି ଦେଲି ଶ୍ରୀମତୀଙ୍କ ସକାଶେ । ଗୋଟାଏ ଚଦର ନେଇ ଚାରିଆଡ଼କୁ ବିକଳ ଭାବରେ ଅନାଇଲି । କେଉଁଠି କିମିତି ଗଡ଼ ପଡ଼ିବି ଭାବୁଥା । ଶ୍ରୀମତୀ ବୁଝିପାରି କହିଲେ— 'କୁଆଡ଼େ ଆଉ ଚାହିଁଛ ? ଶୋଇପଡ଼ ଏଇଠି— କେଉଁଠିକୁ ଯିବାର ଦରକାର ନାହିଁ ।'

'ଆପଣ?' ପ୍ରଶ୍ନ କଲି ।

'ଆଃ ଦେଶସେବା ଲାଗି— ଦୁଇଜଣ ସେଇଥିରେ ଶୋଇପଡ଼ିବା— ଗୋଟାଏ ରାତି କଥାତ- ଯେତେ କଅଣ । ଦରକାର ବେଳେ ସବୁ କ୍ଷେତ୍ରରେ ନିଜକୁ ଚଳାଇ ନେବାକୁ ହୁଏ । ଆଉ, ଦେଶ କାମରେ ପରସ୍ପର ଭିତରେ ଏତିକି ବିଶ୍ୱାସ କିମ୍ବା ସହଯୋଗ ନ ରହିଲେ ତ କିଛି କାମ ହେବନି ।'

ଯୋଡ଼ାଏ ତକିଆ ଥିଲା । ମଝିରେ ଗୋଟିଏ ତକିଆକୁ ଦୋସମାଳ ସୀମ କରି ଶୋଇବାକୁ ଚେଷ୍ଟା କଲି । ଶ୍ରୀମତୀଙ୍କର ଦେଖିଲି କୌଣସି ଅସୁବିଧା ନାହିଁ । ବେଶ ସହଜ ଭାବରେ ଶୋଇ ପଡ଼ିଲେ । ସେ ପଟେ ମହମବତୀଟା ଜଳୁଥିଲା । ଆଲୋକ ତାଙ୍କ ନିଦରେ ବ୍ୟାଘାତ ଦେଲା । ସେ ମତେ ବତୀଟାକୁ ଲିଭାଇ ଦେବା ପାଇଁ କହିଲେ । ଦେଲି । ଦିଅସିଲି କାଠି ଜାଳି ନିଜର ନିର୍ଧାରିତ ସ୍ଥାନକୁ ଫେରି ଆସିଲି । ଆସିବାବେଳକୁ କିନ୍ତୁ ସୀମାରେଖାଟାକୁ ଶ୍ରୀମତୀ ଆର ପଟକୁ ନେଇ ତା' ଉପରେ ଗୋଡ଼ ଥୋଇ, ସେଇ ପଟକୁ ମୁହଁ କରି ଆରାମରେ ଶୋଇବାର ଚେଷ୍ଟାରେ ଅଛନ୍ତି ଦେଖିଲି । ମୋ ଆଖିକୁ କେଜାଣି କାହିଁକି ନିଦ ଆସିଲାନି । ଦେଶସେବା ଲାଗି ଏୟା ମଧ୍ୟ ? ଭାବିଲି ।

ବେଳ ଆଗେଇ ଚାଲିଲା ।

ହାତ ଘଡ଼ିଟାର ଶବ୍ଦ ଆସି କାନରେ ବାଜୁଥାଏ ।

ସକାଳ ହେଲା- ଦେଖିଲି ଆମେ ଦୁହେଁ ଗଡ଼ ଗଡ଼ ଆସି ତଳେ ଶୋଇଥାଉଁ । ସାରା ରାତି ଉଜାଗର । କେଦାରଗୌରୀରେ ଘଣ୍ଟାଏ କାଳ ଗାଧୋଇବା ପରେ ଟିକିଏ ଭଲ ଜଣାଗଲା । ହୋଟେଲରେ ବେଶ୍ ଥୋଡ଼ାଏ ଖାଇଦେଲୁ । ସେଠା ବି ଦେଶସେବା ଲାଗି ଶ୍ରୀମତୀ କହନ୍ତି । ଖାଇସାରି ମୋଟରକୁ ଆସିଲାବେଳେ ହଠାତ ଚାବିଟାକୁ ମୁଁ ବୁଲାଉଥାଏ ଅଙ୍ଗୁଳି ଚାରିପଟେ । ଚାବିଟା ଥିଲା, ଗୋଟାଏ ଚେନ ସହିତ ସଂଯୁକ୍ତ । ଚେନଟା ଖସିଗଲା ଗୋଟାଏ ଅନୁଚ୍ଚ ପ୍ରାଚୀର ଆର ପଟକୁ ।

ମୁଁ ଚେନ୍ ଆଉ ଚାବିକୁ ଆଣିବାକୁ ଉଦ୍ୟତ ହେଲାବେଳେ ଶ୍ରୀମତୀ ମତେ ପଚାରିଲେ ପ୍ରଶ୍ନ କଲେ 'ଏତେ ବଡ଼ ପାଚେରୀଟାକୁ ଡେଇଁ ପାରିବ ?'

'ଏୟାଠାରୁ ବଡ଼ ବଡ଼ ପାଚେରି ଡେଇଁଛି' କହିଲି ।

'ହଁ ହଁ ବାରଣ ତୁମର ଜଣାଯାଉ ନାହିଁ କଅଣ । ଯେ ଗୋଟାଏ ତକିଆ ଡେଇଁ ପାରେନା । ସେ ପୁଣି ଡେଇଁବ ପାଚେରି ।

ଅବଶିଷ୍ଟାଂଶ ୯ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଖଣ୍ଡେ ପାନ

ଲେ—ଶ୍ରୀ ଗୋପୀନାଥ ମହାନ୍ତି

ରେଲ୍ ଗାଡ଼ିରେ 'ରନ୍ତଲେଇ' ଭିଡ଼, ବାଦୁଡ଼ି ପରି ଲଟକି ଲଟକି ବିଦେଶକୁ ଯାତ୍ରୀ ଆସୁଛନ୍ତି ଅନୁଗୁଳ ଯିବେ ଦୈବୀ ଔଷଧ ଆଣି। ରେଲ୍ ଉପସ୍ଥିତ, ଷ୍ଟେସନ୍‌ରେ ରେ ରେ କାର, ତିଳ ପକାଇବାକୁ ଯାଗା ନାହିଁ।

ବାହୁ ବଳରେ ଗୋଟାଏ ଫାଷ୍ଟ କ୍ଲାସ୍ ଡବା ଦୁଆର ମୁହଁରେ ଠିଆ ହେବାକୁ ଯାଗା କରନେଲି, ସେଠି ମୋ ପରି ଆଉ ସାତ-ଜଣ ଧସ୍ତ ଧର ହୋଇ ଠିଆହୋଇ ରହିଛନ୍ତି।

ଭିତରକୁ ନଜର ପକାଇଲି, ରନ୍ତଲେଇ ଯାହା କରୁ ନକରୁ ଗୋଟାଏ କଥାତ କରିଛି ଅବଶ୍ୟ,—କ୍ଲାସ ଭାଙ୍ଗିଛି। ଏ ଫାଷ୍ଟ କ୍ଲାସରେ ଯେଉଁ ପାଞ୍ଚଟି ଜଣ ଅଛନ୍ତି ଅବଶ୍ୟ ସମସ୍ତେ ନୁହନ୍ତି ବଡ଼ ସାହେବ୍ ବା ବଡ଼ ଧନୀ। ପରିଷ୍କାର ଜାରିହୁଏ,—ଏଇଟି ନିଷ୍ଟୟ ଗୃହକର ବାକର ଶ୍ରେଣୀର, ସଙ୍କୁଚିତ ଭଙ୍ଗୀ ସହିତ ପ୍ରସାରିତ ଦେହ ତାର ପରିଚୟ ଦିଏ। ଆଉଟି ସମ୍ଭବତଃ କଳା-ବେପାରୀ, ଭେକ ଓ ଚେହେରା ଠିକ୍ ଖାପିଛି। ଏମାନେ ଗୃହୀ। ସେଟିଏ କମ୍ବଳ ଉପରେ ଚଟାଣରେ ବସିଛନ୍ତି ବୁଢ଼ାଲୋକ ତାଙ୍କୁ ମୁଁ ଚିହ୍ନେ, ଜଣେ ପେନ୍‌ସନ୍‌ପ୍ରାପ୍ତ ସମ୍ମାନାର୍ହ ଭଦ୍ରଲୋକ। ଖଦ୍ଦର ବେଲେର ଗୋଟାଏ ପ୍ରକାଣ୍ଡ ମୋଟା ଓଭରକୋଟ୍ ଗଳେଇଛନ୍ତି ଯାହା ବର୍ତ୍ତମାନ ଖାପିଛି ଗୋଟାଏ ହୁଗୁଳା ଖୋଳ ପରି,—ପୂର୍ବ ଜୀବନର ସନ୍ତକ, ସାଥିରେ ତାଙ୍କ ବୁଢ଼ୀ ପାନ ଝୋରୁଛନ୍ତି କଡ଼ରେ ଗୋଟିଏ ସତର ଅଠର ବର୍ଷର ଝିଅ, କପାଳରୁ ବାରି ହେଉଛି ସେ ବିଧବା। ତାର ସାମ୍ନାରେ ପୋଷାକପି। ଜଣେ ଟୋକା ସବ୍‌-ଇନସ୍‌ପେକ୍ଟର, ଲଣ୍ଡିତ ମୁଣ୍ଡ।

"ମୁଁ ରଘୁ, ମତେ ଆପଣ ଚିହ୍ନି ପାରୁନାହାନ୍ତି? ଆପଣଙ୍କ ଘରକୁ କେତେଥର ଯାଇଛି, ବିନୁ ମୋ ସାଙ୍ଗରେ ପଢୁଥିଲା।" ଟୋକା ସବ୍‌ଇନସ୍‌ପେକ୍ଟର ପରିଚୟ ଦେଉଥାନ୍ତି ବୁଢ଼ାକୁ।

"ହଁ, ହଁ, ରଘୁ, ରଘୁ," ବୁଢ଼ୀ କହିଲା "ହେଇଲେ ଅନୁ, ଏ ରଘୁ ଭାଇ। ଅନୁକୁ ଚିହ୍ନି ପାରିଲ ନାହିଁ ବାପା?"

ଅନୁ, ଅର୍ଥାତ୍ ଝିଅଟି, ଟିପି ଟିପି ହସୁଛି।

"ଆରେ! ଏ ଅନୁ! ତିନବର୍ଷ ହେଲା ଦେଖି ନାହିଁ!" ଅନୁ ହସୁଛି।

ବୁଢ଼ୀ କହିଲେ,—"ଚିହ୍ନିବ କେମିତି ବାପ, ଅନୁର କଣ ସେ ଦେହ ଆଉ ଅଛି? ବିଭା ଦେଲୁଯେ, ସେଇଦିନ୍ ସତେକି ତାର ଶିରୀ ଛୁଟିଗଲା, ଦେହ ଭାଙ୍ଗି ପଡ଼ିଲା. ଦେଖୁନ ଦଶା ହେଲାଣି!" ଅନୁର ଘନ ଘନ ଦୀର୍ଘଶ୍ୱାସ, ଚୁପି ରହିଛି, ମୁହଁ ତଳକୁ କଲାଣି, ଓଠ ଥରୁଛି।

ରଘୁବାବୁ ରୁମାଲ୍‌ରେ ମୁହଁ ପୋଛୁଛନ୍ତି।

ଜାଣିଛି ଗୃହିଣୀ, ଆଖି ଜଳ ଜଳ ଦିଶୁଛି ନା?

"ସେଥିପାଇଁତ ଝିଅଟାକୁ ନେଇ ଯାଉଛି," ଘ ଘଡ଼ା ଗଳାରେ ବୃଦ୍ଧ ଖିଅ ଧରିଲେ,—"ଏତେ ଲୋକ ଯାଉଛନ୍ତି; ଏ ବ ଯଦି ଭଲ ହୁଏ। ଆଦୌ ହଜମ୍ ହେଉନାହିଁ; ଅଳ୍ପ ଖାଇଦେଲେ ପେଟଯାକ ଉର୍ଦ୍ଧ ହେଲା ପରି ତାପରେ ହାଲୁଟି ଖାଲି ହାଲୁଟି।"

ରଘୁବାବୁ ଲଣ୍ଡାମୁଣ୍ଡ ସାଉଁଳୁଛନ୍ତି।

ପଚାରିଲେ. "ଆପଣଙ୍କର କଣ ହୋଇଛି ଆଜ୍ଞା? ଲଣ୍ଡା କାହିଁକି ହୋଇଛନ୍ତି।"

ଶରକ୍ତ ହୋଇ ବୁଲି ପଡିଲେ, କହିଲେ—"ବାପା ମରିଯାଇଛନ୍ତି।"

"ଆଃ". ଗାଡ଼ିରେ ଅଚିହ୍ନା କେତେ ଲୋକ ସହାନୁଭୂତି ଦେଲେ,—"ବାପା ପରା ପଦାର୍ଥ—ଗଲେ ଆଉ କଣ ମିଳେ?"

ରଘୁବାବୁ ପୁଣି ବୁଲି ପଡିଲେଣି ବୁଢାଙ୍କ ଆଡ଼କୁ।

ଥାଆନ୍ତୁ ସେମାନେ. ଆହା।—ରେଲ୍ ଛୁଟୁଛି: ପଧାଳ ଅନେଇଛି। ଠେଲଣ ଚାଲୁଛି। ହଠାତ୍ ହାତ ହଲ ଚଉ,—'ବାବୁ ବଡ଼ ଲୋକଙ୍କ ବାବୁ—ଟିକିଏ ଥାନ ଦିଅ।" ଦୁଆର ମୁହଁରେ ହିଟିଏ ବନ୍ଧା ପରି ହାତରେ ଦୁଆରର ରେଲିଂକୁ ଧରି ଜଣେ ବୁଢ଼ା ଲୋକ ଝୁଲୁଛି। 'ପାଦ ରଖ ପାଦ ରଖ' ବୁଢ଼ାଟି ଫୁଟବୋର୍ଡରେ ପାଦ ଯୋଡ଼ିକ ଥୋଇଲା। ରେଲ ଛାଡି ଦେଲା।

ଓହୋ, ଜଗନ୍ନାଥ। ବୁଢ଼ା ଚିତ୍କାର କଲା।—ବୁଢ଼ୀକି ପାଞ୍ଚ ଦିନ ହେଲା ଜର! ଭାବୁଥିଲି ଯାଇ ପାରିବିନି କି ଆଉ—'

ଏଇ ବୁଢ଼ା, ବାଳ ଖୋଟ ହେଲାଣି। ଦେହ ବଦାକାଠି, ତଥାପି ଶିର ଦଉଡ଼ ହାତରେ ଦୁଆର ରେଲିଂକୁ ଯାବୁଡ଼ି ଧରିଛି ଶକ୍ତ ଅସି ମୁଠାରେ। ଭିତରେ ସେ ଥାନ ପାଇଛି। ଜନ୍ମ ଜୀବନର ଜୟ। ଉଲ୍ଲାସରେ ଚିତ୍କାର କରିବାକୁ ମନ ହେଲା। ଚିତ୍କାର ନକରି ପାନ ଡବା କାଢ଼ିଲା।

'ପାନ ଖାଇବ ବୁଢ଼ା? କଣ୍ଟା ଗୁଣ୍ଡି।'

'ଅହାହା କି ସ୍ନେହ। ଆଣ ହେଉ ଖଣ୍ଡେ।"

"ହସିଅର ମୁଠା ଛାଡ଼ ନାହିଁ, ଖୋଇ ଦଉଛି ଆଁ' କର-"

'ଅହହା କି ଅମୃତ ବଚନ! ଦଉଛି ବାବୁ ଖୋଇ ଦଉଛି। ଆପଣଙ୍କ ଧର୍ମ ହେଉ।'

ପାନ ଖୋଇଦେଲା ଜୀବନର ପ୍ରତୀକକୁ, ଏମିତି ସେ ସନାତନ ଓ ଜୀବନ୍ତ।

ପାନ ଖଣ୍ଡେ ପାଟିରେ ପଡେଇ ବୁଢ଼ାର ସ୍ୱର ହୁଗୁଳି ଗଲା। ବାଟଯାକ କେବଳ ଆନନ୍ଦ ଓ ପ୍ରଶଂସା—

'ଆଜି କି ଭାଗ୍ୟ ମୋର! ଫାଷ୍ଟକ୍ଲାସରେ ଚଢିଲି। ଏତେ ବାବୁ ଭାଇଙ୍କ ସାଙ୍ଗରେ ସାଙ୍ଗସୁଖ ହୋଇଗଲି। ଫେର ବାବୁ ଖୋଇ ଦେଲେ ପାନ ଖଣ୍ଡେ। ଆହା କି ମଧୁର ତେଜ! ଆଉ ଜୀବନରେ କଣ ସୁଖ, ଏଇତ ବଇକୁଣ୍ଠ ଯୋଉଠି ମଣିଷ ଯୋଉଠି ଏ ସ୍ନେହ ସେଇଠି ବଇକୁଣ୍ଠ। କଅଣ ବୋଇଲ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦଃ।' ମୁଁ ଚିହ୍ନିଲେ ବୁଦ୍ଧ ଦୋଷ। ବାବୁ ମୋ ମୁହଁ ଚିହ୍ନିକରି ପାନ ଖଣ୍ଡେ ବଢ଼େଇ ଦେଲେ ସିନା। ଧନ୍ୟ ମୋ ଭାଗ୍ୟ!

ଗାଡ଼ି ଭିତରେ ବାକୀ ଭଦ୍ରଲୋକ ଝିଅର ଦୁଃଖ କହିସାରି ପୁଅର ଦୁଃଖ କହୁଥାନ୍ତି—'ବନ୍ଧ୍ୟା ମଣିଷ ହୋଇଥିଲେ ମୋର ଆଉ ଦୁଃଖ ଥାନ୍ତା କଣ? ବେପାର କଲି, ତାକୁ ବି ବୁଡ଼େଇଲା-ତକ ହୋଇଗଲା ଏମିତି ଟାଏ କଲା ଯେ ତାର ଗଛା ଯାକର ଚକ୍ର ଆସି ବାନପ୍ରସ୍ଥ ପଡ଼ି ଗୋଟ କଲେ। ସବୁ ମାଗି ଛି ବିଚାର ଯାଏ ଗଲାଣି। ଫେର ଅନେଇଚି ମୋ ପେନ୍‌ସନ୍ ଟଙ୍କାକୁ। କଣ ଆଉ କରେଁ କହ? କପାଳ ଭାଗରେ

ଅବଶିଷ୍ଟାଂଶ ପରପୃଷ୍ଠା ରେଖ ଦେଖନ୍ତୁ



Digitized by srujanika@gmail.com

# ସଂପାଦକଜୀ ନମସ୍ତେ

· ଲ—ଦିଗମ୍ବର

[ ୧ ]

ସମ୍ପାଦକ ଜୀ ନମସ୍ତେ ।
ଯେଉଁ ଉପାଦାନେ ଗଢ଼ା ତୁମ୍ଭ ହିଆ,
ଅବା ଉପାଡ଼ି ପରେ ଶାଣ ଦିଅ,
କେତେବେଳେ ତୁମେ ଧର କେଉଁ ବାଟ,
ତୁମକୁ ଚିହ୍ନିବା କାଠିକର ପାଟ,
ହିରଣ୍ୟ ପଦ୍ମ ଅଖାକାବା ହେବ
ଦୁନିଆର ଲୋକ ସମସ୍ତେ
ସମ୍ପାଦକ ଜୀ ନମସ୍ତେ ।

[ ୨ ]

ସମ୍ପାଦକ ଜୀ ନମସ୍ତେ ।
ପୃଥିବୀର ଯେତେ ଭଲମନ୍ଦ କଥା
"ନ୍ୟୁଜ" ଗୋଟାଇ ମଥାହୁଏ ବଥା
କାଗଜ ଛାପିବା କମ୍ପୋଜ ଆଦ
ସମ୍ପାଦକର ଏ ପରମ ବ୍ୟାଧି
"ଟ୍ରେଡଲ୍" ଗୁଳାଇ ହେଲେ ଅଭାବ—
ଇବ୍ରେରମେଣ୍ଟେ ସ୍ୱହସ୍ତେ
ସମ୍ପାଦକ ଜୀ ନମସ୍ତେ ।

[ ୩ ]

ସମ୍ପାଦକ ଜୀ ନମସ୍ତେ ।
କଲମ ଚଳାଅ ବସି ରାତି ଦିନ
କେ ଅପଣା ପର ନାହିଁ ଚିହ୍ନାଚିହ୍ନ
ଅଡ଼ ଗୃହିଣୀରେ ପରଶୀକ୍ଷ ତାଙ୍କୁ
ବିଜ୍ଞାପନରେ ନଗୃଅ ଜାହାକୁ
କଳା ଟୋଟେଲଙ୍କ ଅଛ ବାମା ମାଆ—
ତୁମକୁ ଚଣ୍ଡୀ ଅନାସ୍ଥେ
ସମ୍ପାଦକ ଜୀ ନମସ୍ତେ ।

[ ୪ ]

ସମ୍ପାଦକ ଜୀ ନମସ୍ତେ !
ଅବର୍ଣ୍ଣାବ ଟୋ' ସଭା ସମ୍ମୁଖରେ
ଅବା କର୍ଣ୍ଣୋନ୍ମୁଖଲେ ନେତାଙ୍କ ଭଟରେ
ନାହିଁଙ୍କ ପଲଶୀ ହୋଇଲେ କେଉଁଠି
ଅଛ ନୋଟେ ବା ଯାଅ ସେଠି ଜୁଟି
ଡ଼ିନର ପାର୍ଟିରେ ଅଗ ଭୂମ ପାଖେ
ବଢ଼ାହୁଏ ଗୃହ ଉପସ୍ତେ
ସମ୍ପାଦକ ଜୀ ନମସ୍ତେ ।

[ ୫ ]

ସମ୍ପାଦକ ଜୀ ନମସ୍ତେ ।
"ଲଡ଼ର" "ଫ୍ଲଡ଼ର" ଗଳେ ଦେଇ ରସି
ନାଚ ଦେଖୁଥାଅ ଅଫିସ୍‌ରେ ବସି
କଳନାର ସେ ନନ୍ଦନ ବନେ
ବସାଅ କାହାକୁ ଦରବାର ଆସନେ
"ଜାଅ ହେ ବଙ୍ଗଳନ" ମାଗ ଭୁଲ
ଲେକିନ୍ କୋଇ ନ ସମଝ୍‌ତେ
ସମ୍ପାଦକ ଜୀ ନମସ୍ତେ ।

[ ୬ ]

ସମ୍ପାଦକ ଜୀ ନମସ୍ତେ
କା' ଘରେ କଲମ କାଗଜ ବାଜାଅ
ପଥିକର ମତ ଗଟକୁ ହଜାଅ
ଫାଇଲ-ପତ୍ରର ଯାକ କାଖ ତଳେ
ପୁଂଜୀପତିର ଘରେ ମିଳ ବଳେ
କେବେ ଅବା ତୁମେ ଉଦ୍ଧି ସନ୍ୟାସୀ
ମିଳ ଯାଇ ବନ ବନସ୍ତେ,
ସଂପାଦକ ଜୀ ନମସ୍ତେ ।

[ ୭ ]

ସଂପାଦକ ଜୀ ନମସ୍ତେ ।
ମରନ ନିନ୍ଦା ପ୍ରଶଂସା ଗୃହୁବା,
ନିଷ୍ଟୁକ ପେପରେ ଉଠାଇ ଉଡୁର,
କାହାକୁ କନ୍ଦାଅ କାହାକୁ ହସାଅ,
ପରର ଛିଦ୍ର ଖୋଜି ବୁଲୁଥାଅ,
ଏବା କଲମ କେ ଦଫାରଫା ହୁଏ
ଚାଲା ଅଚଲା ସମସ୍ତେ
ସଂପାଦକ ଜୀ ନମସ୍ତେ ।

[ ୮ ]

ସଂପାଦକଜୀ ନମସ୍ତେ ।
ବିପ୍ଳବ ନାଆଁ ବଣ୍ଟେ ଲଗାଇ,
ଅପଣାକୁ ନିମ୍ନପଦରେ ଜଗାଇ,
"ଟାରପେଡୋ" ସମ ଶବ୍ଦର ବାଣ,
ଅଟମ ବୋମାରୁ ଅବା କାଳସ୍ଥାନ,
ଦେଖି ବୀର ହାଣ୍ଡି ଟାର ଖସି ପଡ଼େ,
ଚରାଚରେ ମାନେ ପରସ୍ତେ
ସଂପାଦକଜୀ ନମସ୍ତେ ।

[ ୯ ]

ସଂପାଦକଜୀ ନମସ୍ତେ ।
କିଏ ଅଧି କରେ କେତେ ଖୋସାମତ;
ଅମ୍ଳାନ ଦେବେ କେ ମିଳାଏ ହାତ,
ହସି କେ କହଇ ମୋ କାହାଣି ଦେଖ,
କେ ବକଲେ କହେ ମୋ ନାଆଁଟି ଲେଖ;
ଦରଶନ ପାଇଁ କେବା ଧାଇଁ ପାଦୁ
ଚମଡ଼ା ଉଠାଏ ତରସ୍ତେ
ସଂପାଦକ ଜୀ ନମସ୍ତେ ।

[ ୧୦ ]

ସଂପାଦକ ଜୀ ନମସ୍ତେ ।
ହରକତ ଭାକେ ଛାପିବା ଖବର,
ହିନ୍ଦୁକୋଡ଼ ବିଲ ଶାସନ ଜବର;
ସବୁଗଲା କହି ସବୁଗଲା ଏବେ;
ଗଣ୍ଡେ କଣି ପଡ଼ ଛୋଟା ଅଛି ଯେବେ;
ଅବକ୍ତି ଗଦାକୁ ପଠାଇବ ଷଣ୍ଡେ—
ଫିଲ୍ କପି ମୋଡ଼ ନମସ୍ତେ
ସଂପାଦକ ଜୀ ନମସ୍ତେ ।

---

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

ଲାଗିଲା ଶିଅ ପର ସମ୍ଭ୍ରଲ ଗାର ; ଆଖିରେ ଅଜ୍ଞଙ୍କର ସୂଚନା ।

ଅର ଷ୍ଟେସନ ହେଲା । ଦୁଆର ମୁହଁରୁ ବୁଢ଼ା ପାଟି କଲା,— ବାବୁ ବାବୁ—

" କିଏ ?"

' ଆପଣଙ୍କ ନାଁ କଣ ବଡ଼ ବାବୁ ମୁଁ ଏଇଠି ଓହ୍ଲାଇବି । ବଡ଼ ବାବୁ ଆପଣଙ୍କୁ ମୋ ସ୍ୱଣ ।

'କାହିଁକି ବୁଢ଼ା ?'

ବାଟ ସାରା ଘୋଷି ଘୋଷି ଘଟିଛି ଯିବ, ଗାଁରେ କହିବି । ସୁନ୍ଦ ଚିହ୍ନି ପାନ ଖଣ୍ଡେ ଖୋଇ ଦେଇଥିଲ ବାବୁ, ସଂସାରକୁ ଦଦନ ପାଇଁ ଅସିଛି କିଏ କଣ ଦେଇଯିବ ନେଇଯିବ ଖାଲି ଏଇ ପାନ ଖଣ୍ଡକ ଏଇ ସ୍ନେହ । ବଡ଼ ବାବୁ ନାଁ କହ ।

"ହଉ ହଉ ଯାଉଛ ଯଦ ତେବେ ମୋର ନମସ୍କାର ବୁଢ଼ା --'

"ଓଲଗି ବାବୁ; ନାଁ କହ, ନାଁ କହ ।'

'ମୋ ନାଁ । ଜାନୁବଣ ଦାସ' --

'ଜଣ କହଲ ? ଦାନୁବ ?'

'ଜାନୁବଣ ଦାସ ।'

ଅହା ହା ହା ସୁନ୍ଦର ନାଁ ; ଧନ୍ୟ ନାଁ ।— ଜାନୁବାଣ ଦାସ । ଜାନୁବଣ ଦାସ— ବଡ଼ ବଡ଼ ହୋଇ ବୁଢ଼ାଟି ଓହ୍ଲାଇଗଲା । ଲାଗିଲା ତା ସହିତ ଓହ୍ଲାଇଗଲା ଅବା ସାକ୍ଷାତ୍ ବୈକୁଣ୍ଠ । ରଘୁବାବୁ ମୋ ଆଡ଼କୁ ବୁଲି ପଡ଼ିଲେ । କହିଲେ ଜାନୁବାଣ ବାବୁ, ଆପଣଙ୍କୁ ମୁଁ ଦେଖିଛି କେଉଁଠି ପରି ଲାଗୁଛି ।'

ଦେଖିଥିବେ କୋଠରେ— ମୁଁ କହିଲି ଅର ବୁଢ଼ାଙ୍କୁ ନମସ୍କାର କରି କହିଲି— ଆଜ୍ଞା ନମସ୍କାର କନ୍ ମୋ ସାଙ୍ଗରେ ପଢ଼ୁଥିଲା ।'

ଅନ୍ୟ ହତୁହଳୀ ହୋଇ ମତେ ଅନାଇଁ-ଦେଲା ଟିକିଏ ।

ବୁଢ଼ା କହିଲେ— ସେ କନ୍ କଥା ଛାଡ଼ନ୍ତୁ ମତେ ଭୁଲିଗଲେଣି ।'



Digitized by srujanika@gmail.com

# ବଙ୍ଗ ସାହିତ୍ୟ

ଲେ—ଲକ୍ଷ୍ମୀନାରାୟଣ ସାହୁ

(ବୈଶାଖ ମାସର ଶେଷରେ ୭ । ୧ । ୧୯୪୨ ରେ ଶ୍ରୀ ସତ୍ୟାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ସାହିତ୍ୟ ସଭା ନିକଟରେ ପଠିତ ପ୍ରବନ୍ଧ)

୧୮୧୧ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣର ଜେନେରାଲ ଲର୍ଡ ମିଣ୍ଟୋ ଲେଖିଥିଲେ ଯେ ଭାରତୀୟମାନଙ୍କ ମଧ୍ୟରେ ସାହିତ୍ୟ ଓ ବିଜ୍ଞାନ କ୍ରମାଗତ ଅବନତି କରୁଅଛି । ଏହାର ଫଳରେ ବହୁ ପଢ଼ା ଜମି ଯାଉଛି । ଫଳରେ ଏହା ହେବ ଯେ ସରକାର ଏଥିରେ ହସ୍ତକ୍ଷେପ କଲେ ଆଉ ବହି ରହିବ ନାହିଁ କି ପାଠକ ରହିବେ ନାହିଁ । ଏହାର ଫଳରେ ୧୮୧୩ ଖ୍ରୀଷ୍ଟାବ୍ଦରେ ଭାରତବର୍ଷର ଶିକ୍ଷା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବର୍ଷକୁ ଖର୍ଚ୍ଚ ହେବ ବୋଲି ଠିକ କରାଗଲା । ଏ ବାବଦରେ ୧୮୨୩ ପର୍ଯ୍ୟନ୍ତ କିନ୍ତୁ କିଛି ହୋଇନାହିଁ । ୧୮୨୩ ଖ୍ରୀ ରେ ରାଜାରାମ ମୋହନ ରାୟ ଲର୍ଡ ଆମହର୍ଷ୍ଟଙ୍କୁ ଲେଖିଲେ ଭାରତବାସୀର ପ୍ରକୃତ ମଙ୍ଗଳ କରିବାର ଇଚ୍ଛା ଥିଲେ ସଂସ୍କୃତ ପରିବର୍ତ୍ତରେ ଇଂରାଜୀ ଶିକ୍ଷାର ପ୍ରଚଳନ କରନ୍ତୁ । ଏହା ନବଯୁଗର ପ୍ରଥମ ସାମରିକ ଶଙ୍ଖଧ୍ୱନି । ଇଂରାଜର ଅନୁକରଣ କରି ସେ ସମୟରେ ସୁରାପାନ ମଧ୍ୟ ଚାଲିଥିଲା । (୧୦ ପୃଷ୍ଠା)

"ରାମତନୁ ଲାହିଡ଼ୀ ଓ ତତ୍କାଳୀନ ବଙ୍ଗ ସମାଜ" ପୁସ୍ତକରେ ଲେଖାଅଛି ଯେ ରାମ ମୋହନ ରାୟ ନିଜେ ପରୋକ୍ଷଭାବରେ ସୁରାପାନ ଶିକ୍ଷା ଦେଉଥିଲେ । କିନ୍ତୁ ମାସାଡ଼ିଗ୍ରସ୍ତ ସେ କେବେହେଁ ମଦ୍ୟ କରୁ ନ ଥିଲେ (୧୬୯ ପୃ) ୧୮୧୮ ଖ୍ରୀଷ୍ଟାବ୍ଦ ଏବଂ ସେହି ସମୟରେ ଧର୍ମତଳା ସୁପ୍ରିମକୋର୍ଟରେ ଜଣେ ଓଡ଼ିଆ ବ୍ରାହ୍ମଣ କମ୍ବା ତୁଳସୀ ଓ ଗଙ୍ଗାଜଳ ନେଇ ସାକ୍ଷୀ ଓ ଅସାମୀଙ୍କୁ ଶପଥ କରାଉଥିଲେ । ମୃତ୍ୟୁଞ୍ଜୟ ମିଶ୍ର (ଜନ୍ମ ୧୮୨୪ ଖ୍ରୀ) ୧୮୩୬ ଖ୍ରୀଷ୍ଟାବ୍ଦରେ କଲିକତା ପବ୍ଲିକ ଲାଇବ୍ରେରୀରେ ଡେପୁଟି ଲାଇବ୍ରେରିଆନ ପଦରେ ନିଯୁକ୍ତ ହେଲେ ; ପରେ ଲାଇବ୍ରେରିଆନ, କ୍ୟୁରେଟର ଏବଂ ସେକ୍ରେଟାରୀ ପଦରେ ଉନ୍ନୀତ ହୋଇଥିଲେ । ସେ ସଂସ୍କୃତ-ବହୁଳ-ବହୁଗ୍ରନ୍ଥ ବଙ୍ଗଳା ଭାଷାରେ ଲେଖି ଯାଇଛନ୍ତି । ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଏବଂ ଅକ୍ଷୟ କୁମାର ଦତ୍ତ ସଂସ୍କୃତ ବହୁଳ ବଙ୍ଗ ଭାଷାରେ ଲେଖିଥିଲେ ।

ଦେବେନ୍ଦ୍ରନାଥ ଠାକୁରଙ୍କ ଆଲାଲର ଘରେର ଦୁଲାଲ ଲେଖକ ପ୍ୟାରୀଚାନ୍ଦ ମିତ୍ର । ଏହା ବଙ୍ଗଳାର ପ୍ରଥମ ଉପନ୍ୟାସ । ଏହି ସମୟରେ ଡାଃ ନାରାୟଣ ମଜୁମଦାରଙ୍କର "ବିଜୟ ବସନ୍ତ" ନାମକ ଆଉ ଗୋଟିଏ ଉପନ୍ୟାସ ମଧ୍ୟ ବାହାରିଥିଲା । "ଆଲାଲର ଘରେର ଦୁଲାଲ" ବଙ୍ଗ ସାହିତ୍ୟରେ ନବ ଜୀବନ ଆଣିଥିଲା । ଏଥିରେ "ହୁତୁମେର ନକ୍ସା" ଲେଖା ବଡ଼ ହୃଦୟଗ୍ରାହୀ ।

ଏହାର ଫଳରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଅକ୍ଷୟ ମଧ୍ୟ ସେପରି ରହିଲେ ନାହିଁ । ଏହି ଦୁଇଙ୍କ Compromise ବା ସମ୍ମିଳନରେ ବଙ୍କିମଚନ୍ଦ୍ରଙ୍କର ସୃଷ୍ଟି ହେଲା । ୧୮୩୫ ସାଲରେ ମୁଦ୍ରା ଯନ୍ତ୍ରର ସ୍ୱାଧୀନତା ଯେ ସ୍ଥିର ହେବା ସଙ୍ଗେ ସଙ୍ଗେ ବଙ୍ଗ ସାହିତ୍ୟରେ ପ୍ରସାର ଗତି ଦେଖା ଦେଲା । ବିଦ୍ୟାସାଗରଙ୍କ ଜନ୍ମ ୧୮୨୦ ସାଲରେ [ମୃତ୍ୟୁ ୧୮୯୧] ୧୮୫୬ରୁ ୧୮୭୧ ପର୍ଯ୍ୟନ୍ତ ବଙ୍ଗ ସମାଜର ମାହେନ୍ଦ୍ର କ୍ଷଣ । ଏହି ସମୟ

( ଦଶମାଂଶ ୧୧ପୃଷ୍ଠା ଦେଖନ୍ତୁ )

---

(ମଙ୍ଗଳବାର ୭ ପୃଷ୍ଠା ପରଠାରୁ)

ଗୃହିଣୀ ଦେଖ ଆସିଲ ।

ତାପରେ ଶ୍ରୀମତୀ ଟଙ୍କା ଆଣିଲ କଲେ ଆଉ ଆସିଲ କନ୍‌ଫରେନ୍‌ସ ପାଇଁ ବାହାରିଲ । କନଫରେନ୍‌ସରେ ସାରା ଦିନ ଖଟିବାକୁ ପଡ଼ିଲା । ବାମକଲେ ଶ୍ରୀମତୀଙ୍କ ସହିତ ଆଉ ବେଶୀ ଦେଖା ହେଉନ । ହଠାତ୍ କେମିତି ଛକିଲେ; କହିହେଲା ନାହିଁ । ରାତିରେ ଖୋଇବା ବେଳେ ତାଙ୍କ ସହିତ ମୋର ଦେଖା ହେଲା । ଆଉ ଜଣେ ନାରୀ ନେଇ ମଧ୍ୟ ଆସିଥିଲେ । ଶ୍ରୀମତୀ ତାଙ୍କ ସଖୀଙ୍କ ସହିତ ମୋର ପରିଚୟ କରାଇ ଦେଲେ । ଏ ପରିଚୟଟା ମଧ୍ୟ ନାଟକ- ବୋଲି ପ୍ରୀତି ଦେଖାଇଲ ।

ଶ୍ରୀମତୀ ଏବଂ ତାଙ୍କ ସଖୀଙ୍କ ସହିତ ଗୋଟିଏ ଟମ୍‌ଟମ୍ କନ୍ଧମାଳ ହେଉଥାଏ । ଶ୍ରୀମତୀଙ୍କ ଇଚ୍ଛା ହେଲା ମଝିରେ ସେ ଟମ୍‌ଟମ୍‌ରେ ରାତିରେ ପହରା ଦେବାକୁ ପଡ଼ିଲା । ଦେଖାଇଲ ।

ବାହାରେ ମୁଁ ଠିଆ ହୋଇଥାଏ । ଶ୍ରୀମତୀ ଭିତରୁ ଡାକ ଛାଡ଼ିଲେ, ଯୁଗମ୍ୟାନ୍ କାହାରେ ଅନ୍ଧାରେ ବାହାର ବୁଲୁଛ, ଭିତରକୁ ଆସ ମୋ ନିକଟରେ । ପୁଣି ତାଙ୍କ ସକଳ ନାମ ଅଛି । ଭିତରକୁ ଯାଇ ଶୋଇଲି- ସେଇ ଦେଖାଇଲ- ଶ୍ରୀମତୀ କହିଲେ ।

ରାତି ଅଳେଇଲା । କିନ୍ତୁ ରାତିସାରା ମୋ ଆଖିକୁ ନିଦ ନାହିଁ । ଖସି ଖସି ଗୋଟିଏ ଭଳିକୁ ମତେ ଗତ ଆସି ଅଲସ୍ୟ ନେବାକୁ ପଡ଼ିଥିଲା ବାଧ୍ୟ ହେଇ ।

ନିଦ ଭାଙ୍ଗିଲା ବେଳକୁ ସକାଳ ହେଲାଣି । ଦେଖିଲି ମୋ ଗୋଡ଼ରେ ଗୋଟିଏ ପୁଡ଼ିଆ । ତା ଅଗରୁ ଗୋଟିଏ ଚିଠି । ଲେଖାଇ ଦେଖାଇଲ ଏଇ ହୋଇଯାଏ ବୋଧହୁଏ ।

ଦିନ ସାରା ନାମ କରିବାକୁ ପଡ଼ିଲା । ଅନ୍ୟ ଆଡ଼କୁ ଚିନ୍ତା କରିବାର ଅବସର ନାହିଁ । ହଠାତ୍ ଶ୍ରୀମତୀଙ୍କ ସଖୀଙ୍କ ସହିତ ମୋର ଦେଖା ହେଲା । ସେ ମତେ ପ୍ରଶ୍ନ କଲେ ତୁମେ ବଡ଼ ଅଳସୁଆ । ସକାଳେ ଉଠିଲା ବେଳକୁ ତୁମ ଗୋଡ଼ରେ କଅଣ ବାନ୍ଧା ହୋଇଥିଲା ?

'ଚିଠି' ।

ହିଁ ହିଁ ଖିଁ ଖିଁ ସେ ହସି ଉଠିଲେ ଦେଖାଇଲ ।

ସେଦିନ ରାତିରେ ସମସ୍ତେ ଖାଇସାରି ଶୋଇବାକୁ ଗଲେ । ମୁଁ ଯାଇ ପଶିଲି ଭିତରେ । ହଠାତ୍ ଦେଖିଲି ତା ଚେହେରା ସେଠିରେ ଭେଳ ଦେଖାଇ ଦେନ ଫେରି ଆସିଲି; ଦେଖାଇଲ ।

ତାପରେ ଶ୍ରୀମତୀଙ୍କ କ୍ୟାମ୍ପ ଅଗରେ ମୋର ପଡ଼ିଲା ପହରା । ଜଣ ଧରିବା ଦେଖାଇଲ ସେଠିକି ଧରିବାକୁ ପଡ଼ିଲା । ଯାହା ଚାହୁଁଥିଲି ଏବଂ ବୁଝିଥିଲି, ଠିକ୍ ସେଇୟା ହେଲା । ସେଇ ରାତି ନିଶାର ଅନ୍ଧକାର । ମୁଁ ଆଉ ମଧ୍ୟ ସହିପାରିଲି ନାହିଁ । କେବଳ ଲଣ୍ଠନ ଧରି ଗଲି ପରେ ଭେଳ ଆଉ କାନକୁ ମୋ ପକେଟରେ ଖଣ୍ଡିଏ କାଗଜରେ ଥୋଇ ଦେଇଥାଏ । ଦେଖାଇଲ ।

ତାହିଁ ଆରଦିନ କ୍ୟାମ୍ପରେ ଚାଲି ହୋଇଗଲା । ଶ୍ରୀମତୀ ବେଶ ହାସ୍ୟରେ ଖାଇ ଦେଇ ହାତ ମୁହଁ ସଫା କରି ବସି ଦେଉଛନ୍ତି । ଶ୍ରୀମତୀ ମୋ ପାଖକୁ ଆସିବା ପୂର୍ବରୁ ମୁଁ କନଫରେନ୍‌ସ ଛାଡ଼ି ପଳାଇ ଆସିଥିଲି । ସେଇ ଦିନଠୁଁ ରାଜନୀତି ବ ଛାଡ଼ିଲି ଦେଖାଇଲ ।



Digitized by srujanika@gmail.com

# ବରଫ୍ ପାହାଡ଼ରେ ଜ୍ୟୋତ୍ସ୍ନା

ଲେ—ଯଦୁନାଥ ଦାସ ମହାପାତ୍ର

ମେଡ଼ିକାଲ୍ ଗେଟ୍ ମୁକ୍ତ ନଥିଲା ସତ୍ୟ;
ଦୂର ବାହାପେଡ଼ ଛକିଘଣ୍ଟା ବୁକୁରେ
ଦୂରେ ଯାଉଥିଲା ଗୁଳି
ଏଗାରଟା ହେବ ରାତି ।
ଧୀରେ ଅତି ଧୀରେ କଫିରେଷ୍ଟୋରାଁ "ବନ୍ଧୁ"
ସମସ୍ତା ଦୋକାନେ ନସ୍ତେ ଟାଣିଲି
କଳା ପରଦାର ଜାଲ,
ପାନ ଦୋକାନଟା ସ୍ତବ୍ଧ-ନୀରବ
ହଠାତ୍ ଏକ ସ୍ୱର
ସଂଗୀତର ଭଗ୍ନ ଦୂରେ ଖେଳଯାଏ—
ମେଡ଼ିକାଲ ଗେଟ୍ ପାଶେ
ଉଦ୍ଧାପିତ ଦଳ— ସୁରବର୍ଦ୍ଧିତ ଅଗ୍ନି—
ମନ୍ତ୍ରଣାରତ ଦେଖାଇବେ ସବୁ
ରାତିର କାରଖାନା ।

କଫିରେଷ୍ଟୋରାଁ ଟେବୁଲ ଉପରେ
ଧୀରେ ରଖି ହାତ ଦୁଇ
ମୋହର ଡିଅଲ୍ଲ ଚୁମ୍ବିଲ ତୁମେ ଥରେ...
ତାହା ପରେ ଯାହା ପଇସା କମାଣି
ରାସ୍ତାର ନୂଆ ମେଳେ
ରାତି ବନ୍ଦରେ ଅଗେ ଚଲାଇଲେ ପାଦ—
ଜୀବନ ବିହୀନ ସହରର କେଉଁ
ନିର୍ଜନ ତଳୁ ଛିଏ
କହାଇ ଦେବା ଏ ଅସ୍ପୃଶ୍ୟବିହୀନ-ରାତି ।
ଶୀତର ତମସା, ଅଞ୍ଚଳ ତୁମ ଖୋଲି
ଉପରେ ଘୋଡ଼ାଇ ନେଲ
କାକର-ବର୍ଷା ଚୁମ୍ବୁଥିଲା ଟିକି ଘାସ ।
ମୁହୂର୍ତ୍ତ କେତେ ପରେ—
ଚମକି ଉଠିଲ ଦୁଃସ୍ୱପ୍ନ ଅବା ଦେଖି
ନର୍ମ ହାତରେ ହଲାଇ ମୋହର ମଥା

ଚନ୍ଦ୍ରକାର କଲ—
ତନ୍ଦ୍ରା ବିହ୍ୱଳେ ତୁମେ ।
ଫାଶ୍ରୀ ଅଙ୍ଗୁଳେ ଦେଖି ନେଲ ସବୁ
ଏ ଧରଣୀ ଶୂନ୍ୟସ୍ଥାନ ।
ପଦାରେ କେବଳ ସହର ପ୍ରହରୀ
(ଧାଡ଼ି ମୁଖେ ଅଧା ଭୁଟି)
ହେଉଛି କୁକୁର ଠାଏ ...
ସିଗ୍ନାଲ୍—ବୀଜ ଶୂନ୍ୟ ପବନରେ ଯାଏ ବୁଣି ।
ପାଣିର ପାଇପ୍ ଟିକିଏ ମୁଖରେ ଦେଇ
ପଛେ ହାତ ରଖି— ବସିଥିଲ ଯେବେ
ଲମ୍ବାଇ ଦୁଇ ପାଦ—
ଆଗ ତଳୁ ଶିଖେ ରାତି ଶେଷରେ
ଓହ୍ଲାଇଥିଲା ଚନ୍ଦ୍ରମା,
କାକର ବିନ୍ଦୁ ମୁକ୍ତା ପାଲଟି ଥିଲା ।
କହିଲ ବ୍ୟସ୍ତେ— 'ଆଉ ହେବ ନାହିଁ ଶୋଇ,
ଶୋଇ କବା ଲାଭ, ମୁକ୍ତ ପବନେ ଚାଲ ଏ' ଶୁଭ୍ର ଦେଶେ
ଜୀବନର ଯହିଁ ନଥିବ ତାଡନା;
ଜ୍ୟୋତ୍ସ୍ନାରେ ଖେଳ ବୁଲି
ସଫେଦ୍ ବରଫେ ମେଣ୍ଟାଇ ନେବା ତୃଷା ।"
ଅଗେ ଆମ ପାଦ ମଝିରେ ପହଁର ଗଲା
ଦୂରେ ଦଣ୍ଡୁଥିଲା ବରଫ—ପାହାଡ଼
ଜ୍ୟୋତ୍ସ୍ନାର ଜଳ ସ୍ରୁଏ
ଦେଖିଲେ ପ୍ରଥମେ ସା' ନୁହେଁ ଗୋ ଭୁଲିବାର ।
...ମେଡ଼ିକାଲ ଗେଟେ— କଫିରେଷ୍ଟୋରାଁ ସତ୍ୟ;
ବରଫ ପାହାଡ଼ ସ୍ୱପ୍ନେ ମିଳାଇ ଯାଏ
କାହିଁ ଅମେ ଗୋ' ସମ୍ରାଟ ଅଳି ଏଥି—
ବିପୁଳ ଜ୍ୟୋତ୍ସ୍ନା— ବରଫ ଖଣ୍ଡ
ଆମରେ ପ୍ରମାଣ ଦିଏ ।

## ଜବାବ୍

ଲେ—ଶ୍ରୀ...ମହାନ୍ତି

ଚନ୍ଦ୍ର କେତେ ପ୍ରବୋଧ ଦେଇଛ ମତେ
'ଭୁଲିବାକୁ ହେବ ମନରୁ ତାହାର କଥା!
ତୁମ ଲାଗି ଆଜ ମମତା ନାହିଁ ଯା ପ୍ରାଣେ
କାହିଁକି ତା' ପାଶେ ନୁଆଁଇବ ଯାଇ ମଥା ?
ତୁମ କଥା ଯେତୁ ମନକୁ ଦେଇଛ ପୋଛି
ପ୍ରତାରିତ କରି ଅପଥେ ଯେ ଗଲା ଚାଲି
ଉଚିତ ନୁହଁଇ ତା' ଲାଗି ଢାଳିବା ଲୁହ
ନିର୍ମମ ହେବେ ଉପେକ୍ଷା ତା'ରେ ଖାଲି ।
କାରଣ ନଥାଇ କାରୁଣ୍ୟ ହେବ ସୃଜି
ବସିବା କେବଳ ଦୁର୍ବଳ ପାଇଁ ସାଜେ
ଜାଣିଚ ତ ସବୁ ସେନେହ ମମତାଠାରୁ
ଜୀବନ ଶ୍ରେଷ୍ଠ ପରମ ସ୍ୱରୂପେ ରାଜେ ।
ଏ ଜଗତେ ଯଦି ତୁମକୁ ନଗ୍ନହେଁ ଦେହ
ତାହାଲାଗି ଆଉ ଅଳସ ପ୍ରାଙ୍ଗଣେ ବସି

ଯାଅ ନାହିଁ ତୁମେ ବିଷାଦର ଗୀତି ଗାଇ ।'
ତଥାପି ବନ୍ଧୁ ପ୍ରବୋଧ ମାନେନା ମନ
ଉଦାସ ଭାବନା ଘନାଏ ଚାନ୍ଦ ତଳେ
ସବୁ ବୁଝି ପୁଣ ଅବୁଝା ଶିଶୁର ସମ
ଅତୀତ ସ୍ମୃତିର ନିର୍ଜନ ଉପକୂଳେ—
କାନ୍ଦେ ପରାଣ ହଜାଇ ରତନ ତା'ର
ପାଇବ କୋଉଁ ସେ ଧୂସର ବାଲୁକା କ୍ଷେତ୍ର
ଭଙ୍ଗା ହୃଦୟ ହୁଏ ନାହିଁ କିଆଁ ଯୋଡ
ନିର୍ବୋଧ ମୁହିଁ ବୁଝି ନାଇଁ ତାର ହେତୁ ।
ଅଭିଶପ୍ତ ମୋର ଜୀବନେ ଲାଗିଛି କାଳ
ମୋ ନାମେ ମୁଁ ଶୁଣେ ବହୁ ଅପବାଦ କଥା
ବିଦ୍ରୁପ ବାଣେ ଜର୍ଜର ହୁଏ ଛାତି
ବନ୍ଧୁ ମହଲେ ନଇଁ ଯାଏ ମୋର ମଥା ।
ଦେଖି ନିଷ୍ଠୁର ଜଗତର ରୀତିଗତି

ମମତା ବିହୀନ ନିର୍ମମ ବ୍ୟବହାର
ଅନ୍ତର ତଳେ ଅନୁଭବ ଏଇ କଥା
ଅଶ୍ରୁ ସଜଳ ନହେବ କା' ଅନ୍ତର ?
ଜାଣିଛି ତ ଏଇ ହତଭାଗ୍ୟର କଥା
ଅଜାଣ୍ଟେ ଗଢ଼ା ବିଷାଦର ଉପାଦାନେ
ଚିର ତୃପ୍ତି ପାଇନି ମୁଁ କାହାଠାରୁ
ସେନେହ ମମତା ତଳେ ହେଲେ ଏ ଜୀବନେ ।
ଢାଳି ଦେଇଥିଲି ସେ ଲାଗି ମୋହର ସବୁ
ଜଣକର ପାଶେ ସଞ୍ଚିତ ଅନୁରାଗ
ହୃଦୟ ସ୍ୱପ୍ନେ ଗଢ଼ିଥିଲି ଯାକୁ ଆପେ
ଉପେକ୍ଷା ତା'ର ନଦେବ କି ହୃଦେ ଦାଗ ?
ଏଇ ପରିବେଶେ ଯଦି ହୁଏ ଅପରାଧ
ପ୍ରତାରଣା ସେ କି ନୁହେଁ ଗୁରୁତର
ଭ୍ରାନ୍ତିର ଗହ୍ୱର ।



Digitized by srujanika@gmail.com

# ମୁଁ କାହିଁକି ଲେଖେଁ !

ଲେ—ଶ୍ରୀ ପ୍ରାଣକୃଷ୍ଣ ସାମଲ

କମନୀୟ ଶୁଭ୍ର ଯେଉଁ କବିତା ପ୍ରଷ୍ଟିରେ
ମର୍ମ ରତ୍ନାକର ତଳୁ ହୀର ଉର୍ମି ହାତେ
କଳାର ନର୍ତ୍ତନ ଛନ୍ଦେ ଝଙ୍କାର ପ୍ରବନ୍ଧେ
ଦେଇ ନେଲ ରୂପ ନେଲ ଶ୍ରୀମତୀ କବିତା!
ସୁବିମଳ ମନେ ଅଛ କେବେ ଭୁଲିନି ତା'।

ତମେ ପ୍ରଥମେ ମୋର ପ୍ରାଣରେ ପ୍ରକାଶୋନ୍ମୁଖୀ ପ୍ରେରଣା ଜାଗ୍ରତ କରାଇଲ ଏକ ଶୁଭ୍ର ଶରତ ସନ୍ଧ୍ୟାରେ । ମୁଁ ବସିଥାଏଁ ପଡ଼ାମୁଣ୍ଡାଇ କେନାଲ ପୋଲର ଏକ ପାହାଚ ସାଇଫନ୍ର ଉପରେ—ସମ୍ମୁଖରେ ଶସ୍ୟ କ୍ଷେତ୍ରାବୃତ୍ତ କଇଁ ଫୁଲରେ ତାରକିତ ବିସ୍ତୃତ ଏକ ଜଳରାଶି—ତନ୍ମଧ୍ୟରେ ସୁନୀଳ ଆକାଶ ସହିତ ସ୍ନିଗ୍ଧ ଚନ୍ଦ୍ରମାର ପ୍ରତିବିମ୍ବ । ବୟସ ମୋର ତେର କି ଚଉଦ ହେବ ସେତେବେଳକୁ ।

ଦିନେ ଦୁଇ ଦିନ ପରେ ପ୍ରୟୋଜନ ପଡ଼େ ଏକ ଲେଖାର—[illegible] ମଧ୍ୟ-ଇଂରାଜୀ ବିଦ୍ୟାଳୟର ହାତଲେଖା 'ମଧୁପ ଗୁଞ୍ଜନ' ପ୍ରଥମ କରି ବାହାରିବାର କଥା । ଅଗତ୍ୟା ସୁନାମ ହୋଇ ଯାଉଥାଏ ସ୍କୁଲରେ- ଭାବାର୍ଥ ମୋର ଭଲ ହେଉଛି—ପଣ୍ଡିତ ମଧୁସୂଦନ ରାଓଙ୍କ "ସାହିତ୍ୟ ପ୍ରସଙ୍ଗ"—ଭାବାର୍ଥ ଶିକ୍ଷକ-ହେଡ୍ ପଣ୍ଡିତ ମହାଶୟ ଟିପି ନେଉଥାନ୍ତି ଅନାଗତ ଅଧ୍ୟାୟୀମାନଙ୍କ ପାଇଁ—ଏହି ଉତ୍ସର୍ଗରେ ରଚିତ ହୁଏ ମୋର ପ୍ରଥମ କବିତା "ଚନ୍ଦ୍ର" ।

ଯେ ଥରେ ଆସେ—ଆଉ ଅନ ଅପଣାର ହୋଇ ଆସେ ସେ କି ଆଉ ଯାଏ ? ତେଣୁ ମୁଁ ଲେଖିଗଲେ ଯାହା କିଛି ପ୍ରାଣକୁ ସ୍ପର୍ଶ କରେ—କନକ ସକାଳ, ଦୁପହର ଧୂସର ଜ୍ୟୋତ୍ସ୍ନାମୟୀ ରଜନୀ, ଶସ୍ୟ ଆହରଣ ଉଦ୍ଦେଶ୍ୟରେ ପଙ୍କ୍ତିଧରି ଉଡ଼ିଯାଉଥିବା ଶୁକ ପକ୍ଷୀ ଦଳ, ବାଣ-କୁସୁମ-ଧବଳିତ ପଡ଼ା, ଫୁଲଭରା ଧାନ କ୍ଷେତର ସୁନ୍ଦର ଦୃଶ୍ୟ, ପଲାଶ ଗଛର ହରିଦ୍ରାଭ କେଶର ଶୋଭିତ ମେଞ୍ଚି ମେଞ୍ଚି ସ୍ଫଟିକ ଧବଳ ଫୁଲ—ପ୍ରକାଶିତ ହୁଏ; ବସ୍ତୁର ଧର୍ମ ନେଇ ରୂପ ତାର ବଦଳେ । ତେବେ ମୂଳତଃ ମୁଁ ପ୍ରକୃତିର ଉପାସକ—ଲେଖା ମୋର ଜନ୍ମ ନିଏ ଏକ ଅନନ୍ତ ମଧୁ ସଚେତନ ହୃଦୟରୁ । ପ୍ରଫେସର ଆର୍ତ୍ତ ବଲ୍ଲଭ ସେଥିପ କହୁଥିଲେ—କବି ସଚ୍ଚିଦାନନ୍ଦ ।

ପ୍ରକୃତିରେ ମୋ ଉପରେ ତାର ପ୍ରଭାବ ଏତେ ଦୂର ପକାଏ ଯେ ମୁଁ ଯୌବନର ପ୍ରାରମ୍ଭରେ ଗାଇ କହେ ।

"ହେମମୟୀ ହେମନ୍ତ କିଶୋରୀ
କାଶ ମଞ୍ଚେ ପ୍ରାଣ ଭରି ପ୍ରୀତ
ଜୋଛନା ସରୁର ପ୍ରିୟ
ଜୋଛନାର ପ୍ରିୟ ହେବା ଲାଗି
ନେସ ଧୂସର ପତ୍ରରେ ଫେଇ
କତି ସାଜ ରହେ ମୁଁ ଉଜାଗି ।"

ଏ ଭାବର ପରିବର୍ତ୍ତନ ହେଲା—। ଦେହର ଜ୍ୱଆର ଫେରାଇଦେଲେ ପ୍ରାଣର

---

[ନବମ ପୃଷ୍ଠାର ଅବଶିଷ୍ଟାଂଶ]

ମଧ୍ୟରେ ବିଧବା ବିବାହ ଆନ୍ଦୋଳନ, ଇଣ୍ଡିଆନ ମ୍ୟୁଟିନି, ନୀଳ ଚାଷ ଗୋଳମାଳ, ହରିଶ ଚନ୍ଦ୍ର ମୁଖୋପାଧ୍ୟାୟଙ୍କ [ହିନ୍ଦୁ ପେଟ୍ରିୟଟ ଲେଖକ] ଆବିର୍ଭାବ, ସେ ସମ୍ପ୍ରଦାୟର ଅକ୍ଷୟ ଦତ୍ତ; ଦେଶୀୟ ନାଟ୍ୟଶାଳାର ପ୍ରତିଷ୍ଠା, ଈଶ୍ୱର ଗୁପ୍ତଙ୍କର ତିରୋଭାବ, ମଧୁସୂଦନ ଦତ୍ତଙ୍କର ଆବିର୍ଭାବ । କେଶବ ଚନ୍ଦ୍ର ସେନଙ୍କର ବ୍ରାହ୍ମସମାଜର ପ୍ରବେଶ ପ୍ରଭୃତି ଅନେକ ଘଟନା ଘଟିଥିଲା ବୋଲି "ରାମ ତନୁଲାହିଡ଼ି ଓ ତତ୍କାଳୀନ ବଙ୍ଗ ସମାଜ" ବହିରେ ଲେଖା ଅଛି ।

"ଯାତ୍ୟେକତୋଽସ୍ତଶିଖରଂ ପତିରୋଷଧୀନାଂ
ଆବିଷ୍କୃତାରୁଣପୁରଃସର ଏକତୋଽର୍କଃ

ମଧୁସୂଦନଙ୍କ ଅମିତ୍ରାକ୍ଷର ଛନ୍ଦର "ମେଘନାଦ ବଧ" କାବ୍ୟ ଦେଖାଦେଲା । ୧୮୬୦ରୁ ୧୮୭୦ ପର୍ଯ୍ୟନ୍ତ କେଶବ ଚନ୍ଦ୍ର ସେନ ନବୋଦ୍ୟମୀମାନ ରବି ପରି ଦେଖା ଦେଲେ । ୧୮୭୪ଖ୍ରୀ.ରେ ବ୍ରାହ୍ମିକା ସମାଜ ନାମରେ ଗୋଟିଏ ସ୍ୱତନ୍ତ୍ର ଉପାସନା ସମାଜ ଗଢ଼ା ହେଲା । କେଶବ ଏହାର ଅଗ୍ରଜ । ଏହି ସମୟରେ ଦୀନବନ୍ଧୁ ମିତ୍ର "ନୀଳ ଦର୍ପଣ" ଲେଖିଲେ । ମହାଭାରତ ଅନୁବାଦକ କାଳୀ ପ୍ରସନ୍ନ ସିଂହ ନୀଳଦର୍ପଣ ଅନୁବାଦକ ମାଇକେଲ ମଧୁସୂଦନ ଏବଂ ମୁଦ୍ରାକର ଜେମ୍ସ ଲଂ ସାହେବଙ୍କୁ ମୋକଦ୍ଦମାରେ ସାହାଯ୍ୟ କରିଥିଲେ । ଲଂ ସାହେବଙ୍କୁ ୧ମାସ ଜେଲ ଏବଂ ୧୦୦୦ ଟଙ୍କା ଜୋରିମାନା ହୋଇଥିଲା । କାଳୀ ପ୍ରସନ୍ନ ଏହି ୧୦୦୦ଟଙ୍କା ଦେଇଥିଲେ । ଦୀନବନ୍ଧୁ ଭିତରେ ଭିତରେ ଥିବାରୁ ତାଙ୍କୁ ଧରି ପାରିଲେ ନାହିଁ । ପରେ ଦୀନବନ୍ଧୁ ଅଦ୍ଭୁତ ହାସ୍ୟରସାତ୍ମକ ନାଟକ ସବୁ ଲେଖିଲେ । "ବିୟେ ପାଗଲା ବୁଢ଼ୋ !" "ସଧବାର ଏକାଦଶୀ" "ଜାମାଇ ବାରିକ" ଉଦାହରଣ । ୧୮୭୩ରେ ତାଙ୍କର କାଳହେଲା । ବଙ୍କିମଙ୍କର ଜନ୍ମ ୧୮୩୮ ଖ୍ରୀ.ରେ । କଲିକତା ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ବି.ଏ ଉପାଧି ସର୍ବ ପ୍ରଥମେ ପ୍ରାପ୍ତ ହୋଇ ଡେପୁଟି ମାଜିଷ୍ଟ୍ରେଟ ହେଲେ । ୧୮୭୨ଖ୍ରୀ.ରେ ସେ ବଙ୍ଗ ଦର୍ଶନ ପତ୍ରିକା ବାହାର କଲେ । ୪୨ ବର୍ଷ ବୟଃକ୍ରମ ପରେ ବଙ୍କିମ ପ୍ରତିଭା ଭାଙ୍ଗି ଆସିଲା ।

ରଜନୀକାନ୍ତ ଦତ୍ତ, ଆନନ୍ଦ ମୋହନ ବସୁ, ମନମୋହନ ଘୋଷ ପ୍ରଭୃତି ଚରିତ୍ରବାନ୍ ବ୍ୟକ୍ତିଗଣ ପରେ ପରେ ଦେଖା ଦେଲେ ।

ସାହିତ୍ୟ ନବରସ ଅଟନ୍ତି । ସେଥିପାଇଁ କବି ଗାଇଛନ୍ତି—

ଇତରତାପଶତାନି ଯଥେଚ୍ଛୟା ବିତର ତାନି ସହେ ଚତୁରାନନ
ଅରସିକେଷୁ ରସସ୍ୟ ନିବେଦନଂ ଶିରସି ମା ଲିଖ ମା ଲିଖ ।

ବାଂଲା ଗଦ୍ୟରୀତିରେ ବଙ୍କିମ ହାସ୍ୟ ରସିକ, ଶରତ୍ ଚଟ୍ଟୋ ମାଧ୍ୟମରେ ଯଥେଷ୍ଟ ରସ ଯୋଗାଇଛି ।

ଚୈତନ୍ୟ ଦେବଙ୍କର ଆଗମନରେ ସାହିତ୍ୟର ଯେଉଁ ସବୁ ଜଘନ୍ୟତା ମଳ ଥିଲା ସେ ସବୁ ଦୂର ହେବାକୁ ବସିଲା ଏବଂ ବଙ୍ଗଳାରେ ନୂଆ ସବୁ ଲେଖା ଦେଖାଦେବାକୁ ଆରମ୍ଭ ହେଲା । ଏହା ଆଦ୍ୟ ଇତିହାସ । ଏହି ବୈଷ୍ଣବ କବିମାନେ ପ୍ରକୃତରେ ରସପୂର୍ଣ୍ଣ କବିତା ଲେଖିବାକୁ ଆରମ୍ଭ କଲେ । କୃଷ୍ଣ ଦାସ କବିରାଜ ୮୨ ବର୍ଷ ବୟଃକ୍ରମରେ ଚୈତନ୍ୟ ଚରିତାମୃତ ଲେଖିବାକୁ ଆରମ୍ଭ କଲେ । ଏବଂ ୧୦ ବର୍ଷରେ ୧୬୧୫ ଖ୍ରୀ.ରେ ତାହା ପୂର୍ଣ୍ଣ କଲେ । ବିଦ୍ୟାପତି ଓ ଚଣ୍ଡୀଦାସ ଏହି ବୈଷ୍ଣବ ସାହିତ୍ୟର ଆଦ୍ୟ ସରସ ଲେଖକ । ବଙ୍ଗଳାରେ ଗଦ୍ୟସାହିତ୍ୟ ସପ୍ତଦଶ ଶତାବ୍ଦୀ ପୂର୍ବରୁ ନାହିଁ ।



Digitized by srujanika@gmail.com

## ମୁଁ କାହିଁକି ଲେଖେ

ଜୀବନର ବଳଗଳ୍ପ ମୋର ଲେଖା ନୋଲ ଅନ୍ୟରୂପ—ତଳେ ତାର ନମୁନା—

ଦୂରୁ ଦେଖି ଯେତେ ଜନ ହୁଏ ହସ ହସ
ବିରସ ବଦନେ କେତେ ଗୃହେ ତାର ପଥେ!
ତଥାପି ନୈତିକତାର ରୂପ ମୋ ଉପରେ
ଅନ୍ଧ ସ୍ତୁତି
ବାସନା ଅନଳ ପରେ ମାଯମର ଟାଣି ଆବରଣ
ଭସ୍ମ ମୁହିଁ ପଳେ ପଳେ ଅଦୃଶ୍ୟ ଜୀବନ୍ତ ମରଣ"
"ସ୍ୱପର ପିପାସା ଦେଇ ଜୀବନର ବନ୍ଧନେ
କେ ମତେ ବାନ୍ଧିଲା କହ
କାହିଁ କି କାରଣେ!"

ଅବ ସ ନହି ଦିନରୁ ଗୋଟାଏ ଆଦର୍ଶବାଦ ମଧ୍ୟରେ ବଢିବାକୁ ହୋଇଥିଲା ମତେ—ସେ ଯେଉଁ ପ୍ରାଣରେ ଏ ସଙ୍ଘର୍ଷ।

ଏ ସଙ୍ଘର୍ଷର ପରିସମାପ୍ତି ହୁଏ ଯେତେବେଳେ ମତେ ଲେଖିବାର ସୁଯୋଗ ମିଳେ—

କାନ୍ଦିବେ ଆଜି ଲୁହକୁ ନିକଟେ ପାଇ
ଶୋଚ ଏ ମୋର ପ୍ରାଣ ହୋଇ ଉଠେ ତୃପ୍ତ।

ଏ ଗଳ୍ପ ଲେଖକ ଜୀବନର ଏକ ଅଧ୍ୟାୟ ଯେତେବେଳେ କି ଲେଖାରେ କଣ ବା କାହିଁକି-ର ପ୍ରଶ୍ନ ଉଠେ ନାହିଁ—ଅନ୍ତରର ଭାବ ଭାଷାରେ ପ୍ରକାଶିତ ହେବାକୁ ଚାହେଁ—ଏବଂ ରୂପ ନିଏ।

---

ପ୍ର—ଯୁବକ ଓ ଯୁବତୀ ମଧ୍ୟରେ କିଏ ବେଶି ସୁନ୍ଦର?

ଉ—ଯାହାର ଯୌବନ ଯେତେ ସ୍ୱଚ୍ଛନ୍ଦ ସେ ସେତେ ସୁନ୍ଦର।

ପ୍ର—ନିମ୍ନ ଲିଖିତ ବ୍ୟକ୍ତି ମାନଙ୍କର ପେଶା କଣ?

ଉ—୧। ଶ୍ରୀ ସୁଧୀର ଘୋଷ—
୨। ଶ୍ରୀ ରବୀନ୍ଦ୍ର ମିଶ୍ର—
୩ ଶ୍ରୀ ସଦାଶିବ ତ୍ରିପାଠୀ—
୪। ଶ୍ରୀ ଭୈରବ ଚରଣ ମହାନ୍ତି—
୫ ଶ୍ରୀ ଚନ୍ଦ୍ରମଣି ଚନ୍ଦ୍ର

ଉ—

୧—L. S. [Liiers Society ପଢିବେ ନାହିଁ। ଲୋକ ସଂଘର୍ଷ ପଢି ପାରନ୍ତି!

୨—A.B. ( Ass's Bureau ପଢିବେ ନାହିଁ। ଅବିବାହୀ ପଢିପାରନ୍ତି।

୩—L.R—Land Revenue ମାତ୍ର—Love Registration ପଢିବେ ନାହିଁ।

୪—E. T. Eastern times-ପଢିବେ Ever Trial ପଢିବେ ନାହିଁ।

୫—B.S.[Bad Smell,] Bachelor of Sixteens ପଢିବେ ନାହିଁ।

ତେଣୁ ପ୍ରଶ୍ନରେ ଜାଗେ ଯଦି ପିପାସା—ମୁଁ ଲେଖକ ହେବି—ଚମତ୍କାର ଲେଖିବି—ଯୋଜନା କରି ଲେଖିବି—ଲେଖାକୁ ମୋର ସର୍ବାଙ୍ଗ ସୁନ୍ଦର କରି। ଯୌବନର ଶେଷ ପ୍ରାନ୍ତରେ ଉଭା ହୋଇ—ସୁନ୍ଦରୀ ରମଣୀ ଯେତେବେଳେ ନିଜକୁ ବସନ, ଭୂଷଣରେ ସଜ୍ଜିତ କରି ଅଧିକତର ସୁନ୍ଦର ଦିଶିବାକୁ ଚାହେଁ—ମୋର ମନେ ହୁଏ ଲେଖକ ଜୀବନର ଏହା ସେହିପରି ଏକ ଅବସ୍ଥା ଯେତେବେଳେ ପ୍ରାଣରୁ ଗୀତି ଛନ୍ଦର ସହଜ ସୁନ୍ଦର ଧାରା ଜୀବନ ଜଂଜାଳର ରୁକ୍ଷ ପରଶରେ ଆସ୍ତେ ଆସ୍ତେ ଜମାଟ ବାନ୍ଧି ଆସୁଥାଏ। (ତଥାପି ରୁଚି-ପୂର୍ଣ୍ଣ ବେଶ ଭୂଷା ଅନେକ ସମୟରେ ଉନ୍ମୁଖ ଯୌବନ ଠାରୁ ଅଧିକ ଉପଭୋଗ୍ୟ ହୋଇଥାଏ) ଜୀବନରେ ମୋର ଏ ମୁହୂର୍ତ୍ତ ଆସିବା ପୂର୍ବରୁ ଲେଖାରେ ଗଦ୍ୟ ଅବତରଣ କରି ଆସି ସାରିଥିଲା ଅବଶ୍ୟ ପଦ୍ୟ ମଧ୍ୟ ଗଦ୍ୟ—ଏ ପରିବର୍ତ୍ତନରେ ତେଣୁ ମୁଁ ଉପନ୍ୟାସ ରଚନାରେ ହାତ ଦିଏଁ। ଏଇଠାରୁ ମୋର ଉଦ୍ଦେଶ୍ୟ-ମୂଳକ ଲେଖାର ଆରମ୍ଭ। ଆଗରୁ କହି ସାରିଛି ଲେଖାରେ ନୈତିକତାର ପନ୍ଥୀମାନଙ୍କୁ ତ୍ୟାଗ କରିବାକୁ ମୁଁ ଏକାନ୍ତ ଅନିଚ୍ଛୁକ।

"କେଶର କୁଞ୍ଜ ଦେଇପରେ
ବ୍ରଜେନ୍ଦ୍ର ବୃନ୍ଦାକୁ ପୁଚ୍ଛନ୍ତି ଧୀରେ
ରାଧା ବୋଲି କେ ବୁଲେରେ?

ଏ ଜାତି ସୃଷ୍ଟିଠାରୁ ମୁଁ ପସନ୍ଦ କରେ

"ମାନ ନମୂନା ଛାଡି
ହେବନି ମୋ ବନା"

ମୁଁ ଚାହେଁ କରିବା "ମେଘଦୂତ" ମର୍ତ୍ତ୍ୟର ରମଣୀ ଠାରୁ ଉଡି ଯାଉ ଅଳକା ପୁରୀକୁ ଯେଉଁଠାରେ ବିରହିଣୀ ଯକ୍ଷ ପତ୍ନୀ ତାର ସ୍ୱାମୀର ପ୍ରତ୍ୟାଗମନର ଦିନ ଗଣି ବାତାୟନ ଧରି ପ୍ରାଣ ସହିତ ତାର ଦୃଷ୍ଟିକୁ ହଜାଇ ଦେଇଛି ଦୂର ଦିଗ୍‌ବଳୟ ଦେହରେ।

ଭାଷାର ମାଧ୍ୟମରେ ମୁଁ ରସ ପରିବେଷଣ କରିବାକୁ ଚାହେଁ—ମାତ୍ର ରୁଚିକୁ ବିକୃତ କରିବାକୁ ଚାହେଁନା। ସେ ଲାଗି ଲେଖାରେ ମୁଁ ଅଶୋଭନ ଚରିତ୍ରର ଅବତାରଣା କରେ ନାହିଁ। ମୁଁ ମନେ କରେଁ କୃଷ୍ଣ ଚରିତ୍ର ଗ୍ରହଣ ନକରି ମଧ୍ୟ ନିକୃଷ୍ଟ ଚରିତ୍ର ସୃଷ୍ଟି କରି ହେବ—ରାମ ସୀତାର ଚରିତ୍ରର ମହତ୍ୱ ଫୁଟାଇବା ଲାଗି ରାବଣ ବା ରଜକୀ ଯେ ଅପରିହାର୍ଯ୍ୟ ମୁଁ ଏହା ଉପଲବ୍ଧି କରିନାହିଁ ଆଜିଯାଏ—ଆଧୁନିକ ଜୀବନରେ, ଯେତେବେଳେ ସୂର୍ପଣଖା ବା ଚନ୍ଦ୍ରସେଣୀ ପ୍ରତି ମୁହୂର୍ତ୍ତରେ ଚତୁର୍ଦ୍ଦିଗରେ ପ୍ରକାଶିତ ହେଉଛି ତାକୁ ପୁନର୍ବାର ଶୁଦ୍ଧକଳାର ମଧ୍ୟଦେଇ ରସ ପିପାସୁ ମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାର ଯଥାର୍ଥତା କେଉଁଠି? ମୁଁ ପାଠକ ଆଗରେ ଏପରି-ଚିତ୍ର ପରିବେଷଣ କରିବାକୁ ଚାହେଁ ଯାହାକି ମନକୁ ତେଲ ଲୁଣ ଜୀବନରେ ଦୁର୍ବଳତା ମଧ୍ୟରୁ କ୍ଷଣକ ପାଇଁ ହେଲେ ନୂତନତ୍ୱର ରାଜ୍ୟକୁ ଟାଣିନେବ। ସାହିତ୍ୟ ମନୁଷ୍ୟ ସମାଜର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେବା ଉଚିତ—ମାତ୍ର ସମସ୍ୟାର ଗୋଲକ ଧନ୍ଦାରୁ ବାହାରିବାର ବାଟ ପଡ଼ିଛି କେବଳ କଳା ସୃଷ୍ଟିର ମଧ୍ୟଦେଇ। ସେଥିପାଇଁ ଦେଖିବାର କଥା କଳା ଦୃଷ୍ଟିରୁ ଲେଖା ଯେପରି କ୍ଷୁଣ୍ଣ ନହୁଏ—ସାହିତ୍ୟ ପତ୍ରପ୍ରଚାରର ବାହକ ନ ହୋଇ କଳା ସୃଷ୍ଟି କଲେ ତାହା ସାଧାରଣ ପତ୍ରପ୍ରଚାର ଠାରୁ ଶତଗୁଣରେ ଶକ୍ତିଶାଳୀ ହୁଏ ବୋଲି ମୋର ଧାରଣା। କାଳର ଗତିରେ କେତେ ସମସ୍ୟାର ସମାଧାନ ହୋଇ ଯାଇନାହିଁ ମାତ୍ର ପତି-ନିଗୃହୀତା ଶକୁନ୍ତଳା ଆଜି ମଧ୍ୟ ଚକ୍ଷୁ କୋଣରେ ଲୋତକର ସଂଗ୍ରହ କରେ କାଳିଦାସ ଙ୍କର କମନୀୟ ଲେଖା ଶୈଳୀରେ ବ୍ୟଥିତ ହୋଇ ସୁଫିଜିମ୍ ବିଷୟରେ କେତେ ପୁସ୍ତକ ପ୍ରଣୀତ ହୋଇ ନଥିବ ମାତ୍ର ଓମର ଖୈୟାମଙ୍କର ରୁବାୟତ୍ ପରି କେହି ସର୍ବଦେଶ ଏବଂ ସର୍ବ କାଳର ମନକୁ ଅଧିକାର କରି ପାରନ୍ତି କି? ଏହି ଆଦର୍ଶକୁ ଆଗରେ ରଖି ଏବଂ କେତେକ କାରଣରୁ ରାଜନୈତିକ ସମସ୍ୟାର ଆଲୋଚନା କରିବା ପାଇଁ ମୋର ସ୍ୱାଧୀନତା ନଥିବାରୁ ମୁଁ ମୋର କଲମକୁ ଚାଳିତ କରେ ସାମାଜିକ ସମସ୍ୟା ନେଇ।

ଆବର୍ଜନାକୁ ନୂତନ ନିର୍ଦ୍ଦେଶର ମାଟି ତଳେ ପୋତି ତା' ଉପରେ ଆଦର୍ଶ ଚରିତ୍ର ସୂଚକ ପୁଷ୍ପ ପାଦପ ରୋପଣ କରି ଦେଇ ଯିବାକୁ ମୁଁ ଚାହେଁ ନୂତନ ଆନନ୍ଦ ମଧ୍ୟ ଯୁଗର ପରିକଳ୍ପନା ଦେଇ ଜୀବନ ବିମୁଖ ପ୍ରତ୍ୟେକଙ୍କ କାନରେ ଧ୍ୱନିତ କରିବାକୁ ଚାହେଁ ନବୀନ ଜୀବନର ଆଶାବାଣୀ।



Digitized by srujanika@gmail.com

## ଆସିବ କି ଫେରି

ଶ୍ରୀ ଉପେନ୍ଦ୍ରନାଥ ପଣ୍ଡା ନା ଗ ନଂ ୩୬୨

ସେ ଦିନ ଆଉ କି ନାହିଁ
ଯେଉଁ ଦିନ ଆମ ଓଡ଼ିଆ ବିଦେଶ
ଗଲା ବୋଇତ ବାହି । ୧ ।
ନାହିଁ କି ସେ ଦେଶ ଆମ ?
ଯେ ଦେଶ ସାର୍ଥକ କରୁଥିଲା ତାର
ପବିତ୍ର ଉତ୍କଳ ନାମ । ୨ ।
କାହିଁ ଗଲା ସେ ବିଭବ ?
ହାୟରେ ଆମ ଜନମ ଭୂଇଁର
ବିରାଜୁଥିଲା ଗୌରବ । ୩ ।
କାହିଁ ଗଲା ଧର୍ମପଦ ?
ଆଜି କି ଏ ଦେଶ ଜନମ ଦେବ
ଏମନ୍ତ ପର ସଂପଦ ? । ୪ ।
କାହିଁ ଗଲେ କପିଳେନ୍ଦ୍ର ?
କାହିଁ ଗଲେ ଯାତି ପୁରୁଷୋତ୍ତମ
ଆଉ ବଶିଷ୍ଠ ରାଜେନ୍ଦ୍ର ? । ୫ ।
ସତେ କି ଏ ଦେଶ ଆଉ
ଫେରି ପାଇବନି ତାର ସଂପଦକୁ
ତାର ବୀର ମହାବାହୁ ? । ୬ ।
କିପରି ତେବେ ଏ ଦେଶ
ଅର୍ଜି ପାରିଥିଲା ମହାନ ଗୌରବ
ଅମୂଲ୍ୟ ନାମ ଅଶେଷ ? । ୭ ।
ସାକ୍ଷ୍ୟ ରୂପେ ତାର ଆଜି
ଅପୂର୍ଣ୍ଣ ଅଛି ଧଉଳି ଦେଉଳ
ପୁରୀ କୋଣାର୍କେ ବିରାଜି । ୮ ।
ଅଛି ତ ଆଜି ଅମର
କାରୁକାର୍ଯ୍ୟ ପୂର୍ଣ୍ଣ ଭୁବନେଶ୍ୱରର
ମନ୍ଦିର ଶିଳ୍ପୀଙ୍କର । ୯ ।
ତେବେ କିପାଁ ଆଜି ଆମେ
ହୋଇ ପାରିବାନି ଯଶ ଗୁଣ ଯୁକ୍ତ
ମୁକ୍ତ ଏହି ଧରାଧାମେ । ୧୦ ।

## ଜାଗିଉଠ ହିନ୍ଦୁ ମୁସଲମାନ

ଶୁଭେନ୍ଦୁମୋହନ ଦାସ [ନା ଗ ନଂ ୧୩୫୨]

ଗୋଟିଏ ମାଆର ଦୁଇ ପୁଅ ପରି
ହିନ୍ଦୁ ମୁସଲମାନ
ପଲାସି ପ୍ରାନ୍ତେ ଦେଇଥିଲେ ଦିନେ
ଏକାଠି ରକ୍ତ ଦାନ ।
ସେ ଦିନ ଆସିଲା ବ୍ରିଟିଶ ଶାସକ
ଚଳେପଣେ ଆମ ଐକ୍ୟ
ଅନ୍ତରେ ଥିଲା ହିଂସା ତାହାର
ବାହାରେ ବନ୍ଧୁ ସାଜିଲେ ।
ହିନ୍ଦୁରେ ଭାଇରେ କି ଝଗଡ଼ା ଲାଗିଲେ
ଭେଦାଭେଦ ହେଲ ଭେଇ
ଭାଇ କେବେ ଭାଇ ଛୁରୀ ବସାଇଲା
ଜାତି କଳଙ୍କ ହୋଇ ।
ଗୋଟିଏ ଦେଶକୁ ଦୁଇଭାଗ କରି
ଶେଷେ ଗଲା ସେହି ଛାଡ଼ି
ଏବେ ବି ଆମେ ରହିଲ ଜାଲ ଜଲ ଦ୍ୱାରେ
ମନ୍ଦିରକୁ କୋତ କରୁଛି ।
ଆମରି ଦେଶରେ ଆମେଇଁ ରହିବୁ
ଗାଇ ଆମ ଦେଶ ଜୟ
କାନ୍ଧ ପଦାରେ ଏକ ହେବୁ ଆମେ
ତେବେ ଆଉ କିବା ଭୟ ।
ଏଇ ଦେଶ ମାଆ ମାଟିର ବୁକୁରେ
ସମ୍ବାଦ ରକ୍ତ ଲାଲ—
ଜାଗି ଉଠ ଆଜି ଭାଇ ବନ୍ଧୁ ହେ
ଆସିଛି ଯେ ମହାକାଳ ।
ମାଟିର ବୁକୁରେ ନିଦ୍ରିତ ଅଛି
ଅନେକ ଅଭାଗା ପ୍ରାଣ ।
ଜାଗି ଉଠ ଆଜି ଏ ଦେଶର ଯେତେ
ହିନ୍ଦୁ ମୁସଲମାନ ।

## ନାଗଙ୍କ ପ୍ରଶ୍ନ

୧ । ସୌର ଜଗତରେ ବୃହତ୍ତମ ଗ୍ରହର କେତୋଟି ଉପଗ୍ରହ ? ଶୁଭେନ୍ଦୁ ୧୩୫୨ ।

୨ । ଭାରତରେ ସବୁଠାରୁ ବଡ଼ ଭୂମିକଂପ କେବେ ହୋଇଥିଲା — ମଦନ (୧୩୮୨)

୨ । ସଂସ୍କୃତ ସାହିତ୍ୟରେ ଶ୍ରେଷ୍ଠ ନାଟ୍ୟକାର କିଏ ? — ବରଦା [୧୩୮]

## ନାଗଙ୍କ ଉତ୍ତର

ପୃଥିବୀରେ ଅଧିକ ଷ୍ଟୋନ, ଲକ୍ଷ ଗୃହ, ଫୈଲବାଜ ... ଦେଶ ଭାରତ— ମଦନ (୧୩୮୨)

## ଅବସର ବିନୋଦନ ୫୯

[ଶୁଭେନ୍ଦୁ ୧୩୫୨]

କ । ଦୁଇଅଙ୍କ ବିଶିଷ୍ଟ ଏପରି ଏକ ସଂଖ୍ୟା ଲୁହ ଯେଉଁଥିରେ ୩, ୬, ୯, ୧୨; ୧୫, ୧୮, ୨୧, ୨୪ ଓ ୨୭ ଗୁଣିଲେ ପ୍ରତ୍ୟେକଥର ଗୁଣ ଫଳ ପୃଥକ ହେଲେ ମଧ୍ୟ ସମାନ ଅଙ୍କ ସଂଖ୍ୟା ହେବ— ।

[ଶୁଭେନ୍ଦୁ ୧୩୫୨]

ଖ । କ-ଖ ଗ; କାନ କାଣ— କ ଗ'ର ଭାଇ ଓ ଗ ଖ'ର ଭାଇ; କିନ୍ତୁ ଖ, କ କିମ୍ବା ଗ'ର ଭାଇ ନୁହେଁ । ତେବେ କହ ଯେ— ଖ କ ଓ ଗ'ର କିଏ ?

## ଅବସର ବିନୋଦନ ୬୦

(ମଦନ—୧୩୮୨)

କ । ଜଣେ ମେଣ୍ଢା ମାଲିକ ତାର ୧୯୫ଟି ମେଣ୍ଢା ୪ଟି ବିଭିନ୍ନ ଖୁଣ୍ଟିରେ ୪ ଭାଗ କରି ରଖିଥିଲା । ସେ ୨ୟ ଖୁଣ୍ଟିରେ ୧ମର ଦୁଇ; ୩ୟ ଖୁଣ୍ଟିରେ ୨ୟର ଦୁଇ ଗୁଣ ଓ ୪ର୍ଥ ଖୁଣ୍ଟିରେ ୩ୟର ୧ଗୁଣ ... ରଖିଥିଲା । ତେବେ ପ୍ରତ୍ୟେକ ଖୁଣ୍ଟିରେ କେତୋଟି କରି ବାନ୍ଧିଥିଲା ?

ଖ । ଗୋଟିଏ ସ୍ଥାନରେ ଗୋଟିଏ ହଂସ ସମ୍ମୁଖରେ ୨ଟି ହଂସ- ଗୋଟିଏ ହଂସ ପଛରେ ୨ଟି ହଂସ ଓ ୨ଟି ହଂସ ମଧ୍ୟରେ ୧ଟି ହଂସ ଥିଲା । ସର୍ବମୋଟ କେତୋଟି ହଂସ ?

## ଅବସର ବିନୋଦନର ଉତ୍ତର

୯, ୮, ୭, ୬, ୫, ୪; ୩, ୨, ୧ [illegible] ୪୫
୧, ୨, ୩, ୫, ୪, ୬, ୭, ୮, [illegible] ୪୫
୮, ୬, ୪, ୧, ୯, ୭, ୫, ୩, ୨ ୪୫

[illegible] [୧୩]

## ନୂଆ ନାଗଙ୍କ ନାମ

୧୪୦୮—[illegible] ବାଲେଶ୍ୱର ମିଶନ [illegible]— ବାଲେଶ୍ୱର । ୧୪୦୯—[illegible] ଦାସ ମହାପାତ୍ର— ପୁରୁଣା ବାଲେଶ୍ୱର [illegible] ବାଲେଶ୍ୱର ।

## ନାଗବାବୁ ଶୁଣନ୍ତୁ

ଅଜା, ମୁଁ [illegible] ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ ଉଣା ମୋର ଜନ୍ମ—[illegible] । । ମସିହା । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବାବୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଗ୍ରାହକ ନମ୍ବର ୫୦ ... ଟିକଟ ଦେଲି ।

ସ୍ନେହର
ଟିକଣା—ଶ୍ରୀ...



Digitized by srujanika@gmail.com

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଅକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ଛଅ ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ । ବହୁମୁଖୀ ସାହିତ୍ୟ ସାଧନାକୁ ସଠଥାଶଭ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ । ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି । କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ସେଥିପାଇଁ ଆମ୍ଭ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ବାରୁଣୀ, ରସଚକ୍ର ବା ଅନ୍ୟ ପତ୍ରପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ୍ ଏମ୍ପୋରିଅମ୍, କଟକ—୨ | ମ୍ୟାନେଜର, ଉଦୟ ପ୍ରେସ, କଟକ—୧

ସୁସାହିତ୍ୟିକ ଜାନକୀନାଥ ରଥଙ୍କର ସମ୍ପାଦନରେ ନିର୍ଦ୍ଦେଶରେ ନୂତନ ଯୁଗର ଲେଖକଙ୍କର

ବିନୋଦ ରାଉତରାୟଙ୍କ

ସଂଯୋଜିତ ପ୍ରଚ୍ଛଦପଟ ଓ ସ୍ୱାକ୍ଷର ସହ ଆତ୍ମପ୍ରକାଶ କଲା

# ନିର୍ମଳା

ମୂଲ୍ୟ— ଅଠଅଣା

ମୁକ୍ତି ଅପେକ୍ଷାରେ

ସୌଦାମିନୀ, ନିବେଦିତା, ଅନାହୂତ, ସ୍ୱୟଂବର

ପ୍ରାପ୍ତିସ୍ଥାନ:—

ଉପନ୍ୟାସ ମହଲ, ବାଣୀବିହାର, କଟକ--୩ | ଲେଖକ ସହଯୋଗ ସମିତି, ଲାଲବାଗ, କଟକ--୨

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ସବୁ ପୁରାତନ ଜଟିଳ ରୋଗରେ ଚିକିତ୍ସା ଆୟୁର୍ବେଦୀୟ ମତେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା, ଝାଞ୍ଜିରି ମଙ୍ଗଳା, କଟକ [ ୧ ]

ସହକାରୀ ବ୍ୟବସ୍ଥାପକ —କବିରାଜ— ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଝାଞ୍ଜିରି ମଙ୍ଗଳା, କଟକ ( ୧ )

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଞ୍ଚଜନ୍ୟ— | ,, | ଟ ୧୯ |
| କାଳରାତ୍ରି— | ,, (ଯନ୍ତ୍ରସ୍ଥ) | ଟ ୧୯ |
| ହାଡ଼ମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | ,, | ଟ ୨୫ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଭୁଲ — | | ଟ ୨୯ |
| ଏଟୋଚିଠା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତିସ୍ଥାନ—ଉଦୟ ପ୍ରେସ,—କଟକ୧ ---

Printed, Published and Edited by N. Mahapatra at the Dagaro Press, Cuttack—1

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୯ମ ସଂଖ୍ୟା

ମାଘ
ପ୍ରଥମାର୍ଦ୍ଧ




ତ୍ୱମେବ ଦଧୀଚ ନେତା ତ୍ୱମେବ
ତ୍ୱମେବ ଗାନ୍ଧୀଷ୍ଟ ସନ୍ଧି ତ୍ୱମେବ
ତ୍ୱମେବ ମନ୍ତ୍ରିତ୍ୱ ମନ୍ତ୍ର ତ୍ୱମେବ
ତ୍ୱମେବ ସର୍ବ ମମ ମହତାବ

—ନବକୃଷ୍ଣ

ବାର୍ଷିକ
୬ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

ଏ ସଂଖ୍ୟାରେ--ନଟରାଜ କାଳିଚରଣ

Digitized by srujanika@gmail.com

ଅନୁବାଦ ଜର
ଜିଲ୍ଲା

# 'ଜହ୍ୱରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି. ଏ. ବେନାରସ ହିନ୍ଦୁବିଶ୍ୱବିଦ୍ୟାଳୟ

'ବିଷୟ ସୂଚନା-ପଣ୍ଡିତ ନୂଆ. ଜହ୍ୱରଲାଲଙ୍କ ଘଟଣାମୟ ଜୀବନ,... ଗାନ୍ଧି-ନେହେରୁ ଭେଟ, ଦେଶବନ୍ଧୁ ଦାସ, ବହୁଷ୍ୟଙ୍କ ଜୀବନର ଚାହିଁ,... ଜାତୀୟତାର ଭୌତିକ କଥା, ଦେଶବାସୀଙ୍କ ଗହଣରେ; ଭାରତର ଜହ୍ୱରଲାଲ... ପ୍ରଭୃତି ୧୩ଟି ଅଧ୍ୟାୟର ସନ୍ନିବେଶ।

Foreword (ଇଂରେଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଭ୍ଲାଡିମିର ଜେ, ମାଇକେଲ୍ ଫ୍ରିଗୋପିଅନ୍: ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟ, ଆମେରିକା।

Foreword- (ଜର୍ମାନ ଓ ତାର ଇଂରେଜୀ ଅନୁବାଦ, ମିଃ ବ୍ରେଲ୍ ଫ ସ୍କୁଲ, ଜର୍ମାନୀ। ପୂର୍ବାଞ୍ଚଳ ! ଓଡ଼ିଶାର ଲେଖକଙ୍କ କବି ଶ୍ରୀ ହରିଚନ୍ଦନ ଯାଉଛନ୍ତି। 'ବିଶ୍ୱର ରତି' (ଇଂରେଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବଟକୃଷ୍ଣ ଦାସ, ଏମ୍, ଏ, ଏ. ଏମ୍, (ଆମେରିକା); ବି. ଏସ୍; ଡ଼ି; ଜନ୍ (ଇଂଲଣ୍ଡ)।

ଅଭିମତ ବାର୍ତ୍ତା- ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି; ରମନ୍ (ନୋବେଲ୍-ଲରେଟ), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବାଣିଜ୍ୟ ମନ୍ତ୍ରୀ; ଅଧ୍ୟକ୍ଷ ଏସ୍. ଏନ୍. ଏଗରୱାଲ୍ ଓ୍ୱାର୍ଦ୍ଧା; ଶ୍ରୀ ସୋଫିଆ ଅଲ୍‌ଜା, "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ଓ୍ୱାଦିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ଗଜଶେଖର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦାସ; ଡକ୍ଟର ଡି, ପର୍କିନ୍ସ ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଳ ପାର୍ଲବତ୍ ଆମେରିକା ଓ ... ମୂଲକର ଅନେକ ବନ୍ଧୁ ପ୍ରଭୃତି—। ରେଖା- ଚିତ୍ର ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି।

ପ୍ରାପ୍ତିସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,

ଉତ୍କଳ ବୁକ୍ଏଜେନ୍ସି
ରାଣୀହାଟ, କଟକ।

---

ସ୍ତ୍ରୀ ରୋଗ ପାଇଁ

## ଦ୍ରୁମ୍ବକୀ ବିରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କ୍ରିୟା ଅଦୌ ହାନି କାରକ ନୁହେଁ। ମୂଲ୍ୟ ୬୯ ଡାକ ଖର୍ଚ୍ଚ—।୵

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

### ମଦନ-ବିଲାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଗୁଡ଼ିକ ଦୂରୀଭୂତ ହୁଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ— — ଡାକଖର୍ଚ୍ଚ—।୵ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତ ହୋଇ ପଠାଯାଏ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

ହାଓଡ଼ା କୁଷ୍ଠ କୁଟୀର

## କୋଢ଼

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ଅଙ୍ଗାଙ୍ଗିକ ବା ଆଙ୍ଗିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ... ଆରୋଗ୍ୟର ଏକମାତ୍ର ଭରସାର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ। ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ

ପ୍ରତିଷ୍ଠାତା—

### ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ

(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା

---

### ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣ କରି ୧୦ରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନରୁ ଅଣିକି ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ବିଚାର ଦ୍ୱାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ। ମାତ୍ର ୫୧ ମନିଅର୍ଡର କର କୁପନ-ରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ।

---

ଉତ୍କଳର ପ୍ରତି ପଲ୍ଲୀରେ ପ୍ରତି ସହସ୍ର ଊର୍ଦ୍ଧ୍ୱ ରମଣୀ ଓ ପ୍ରସୂତୀଙ୍କ ଠାରୁ

### ପ୍ରେଗଟନ୍

ପ୍ରଶଂସା ପାଉଛି କାହିଁକି ଜାଣନ୍ତି ? ମୃତ ବତ୍ସା ଦୋଷ, ଅକାଳ ପ୍ରସବ, ଗର୍ଭ ନଷ୍ଟର ସମ୍ଭାବନାକୁ ଦୂର କରାଇ ଅଳ୍ପ ବେଦନାରେ ସବଳସୁସ୍ଥ ସୁଶ୍ରୀ ସନ୍ତାନ ଜନ୍ମ କରାଏ ତୋଳି ଓ ପ୍ରସବ ପରେ ଜରାୟୁ ମଣ୍ଡଳର ସମସ୍ତ ଉପସର୍ଗ ନଷ୍ଟ କରି ଦେହରେ ରକ୍ତ କଣିକା ବୃଦ୍ଧି କରେ ପ୍ରତ୍ୟେକ ସ୍ତ୍ରୀ ମାନଙ୍କୁ ଗର୍ଭାବସ୍ଥାରେ ଏହାକୁ ବ୍ୟବହାର କରାଇ ପ୍ରସବ ସମୟର ଜୀବନ ମରଣ ସମସ୍ୟାରୁ ରକ୍ଷା କରନ୍ତୁ।

ବ୍ୟବସାୟୀ ମାନଙ୍କୁ ଉଚିତ କମିଶନ ଦିଆଯାଏ। ମୂଲ୍ୟ ୧ ଶିଶି ୫୲୰

ଡାକ୍ତର କେ: ସି: ମହାନ୍ତି
ପ୍ରେଗଟନ ଫାର୍ମାସି-ଡିପୋ: ପୁରୁଣା ହାଟ
ଶାସନ କଟକ


Digitized by srujanika@gmail.com

ଅନଧାଡ଼୍ ଓ ଅଲୁ ସମାନ ଭୁଲି ନି ଲାମ୍ଭିରେ



ମାଘ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ୧୫ଶ ସଂଖ୍ୟା ୧ । ୬ । ୫୧

## ନଟ ରାଜ କାଳିଚରଣ

ଅପଣଙ୍କ ଚରଣରେ କାଳୀ ଥାଇପାରେ କିନ୍ତୁ ଅପଣଙ୍କ ମୁଖ ଚନ୍ଦ୍ରବଦନ ଉଜ୍ଜ୍ୱଳ । ଅପଣ ନାଟ୍ୟ ଜଗତରେ ଯେଉଁ ବିପ୍ଳବ ଆଣିଛନ୍ତି ତାହା ଓଡ଼ିଆ ରଂଗମଞ୍ଚକୁ ପରଭାବର ପ୍ରଭାବରୁ ବଞ୍ଚାଇ ରଖିଛି । ଯୌବନର ପ୍ରାରମ୍ଭରେ ଅପଣ ଭାବର ଗୁରୁତ୍ୱପୂର୍ଣ୍ଣ ରଚନା କରି ପରବର୍ତ୍ତୀ ଜୀବନ କାଳରେ ଅପଣ ରୁଚି ପଛରେ ଧାଇଁ ପୁରାଣ, ଇତିହାସ, ତଥା ଅଧୁନାର ଆଖ୍ୟାୟିକାକୁ ଅବଲମ୍ବନ କରି--କହି ହେଉନାହିଁ ଅପଣ ରୁଚିକୁ ନିଜ ଅଧୀନରେ ରଖି ଅଭିନୟ କରଛନ୍ତି କିମ୍ବା ରୁଚିଦ୍ୱାରା ଅଭିଭୂତ ହୋଇଛି ଅପଣଙ୍କର ଲେଖନୀର ଅବୟବ— [ତଥାପି] ଅପଣ ଭୋଜିଙ୍କୁ ଖାଦ୍ୟ ଦେଇ ସନ୍ତୁଷ୍ଟ ହୋଇନାହାନ୍ତି— ଅଧୁନିକ ଯୁବକର ମନ ଓ ଅପହାସ୍ୟ ନିମନ୍ତେ ମଧ୍ୟ ଦେଇଛନ୍ତି ଗାଳ୍ପିକ ଫୁଲକୁ ଅଗ୍ନି ! ଅଭି ରାମଚନ୍ଦ୍ରାଙ୍କ ହାତରେ ଦେଇଛନ୍ତି--'ହରଣଗୁଳ'ର ଉପାୟ । ଅପଣ ଭକ୍ତକୁ ଦେଇଛନ୍ତି ଗୀତଗୋବିନ୍ଦ, ରସିକକୁ ଦେଇଛନ୍ତି ଲାବଣ୍ୟବତୀ— ଅପଣଙ୍କର ଜୟଦେବ ଓ ଉପେନ୍ଦ୍ରଭଞ୍ଜ ଜରିଆରେ ।



ରଙ୍ଗମଞ୍ଚରୁ ଗ୍ରନ୍ଥାମଞ୍ଚ ଯାଏ ଅପଣଙ୍କର ବିସ୍ତୃତି— ଅଥଚ ଅପଣଙ୍କର ଅବସ୍ଥିତି ଅତି ବୈଚିତ୍ର୍ୟମୟ ।

ଭଲା ମନୁଷ୍ୟର ଜୀବନ ରସରେ ପୁଷ୍ଟି ହୁଏ; ନା— ଭଲା ଜୀବନ ରସକୁ ସଂଗ୍ରହ କରେ ଏ ପ୍ରଶ୍ନ ଅପଣଙ୍କଠାରେ ଏବେ ବି ହୁଏତ ଅନୁତ୍ତରିତ ।

ଜୀବନକୁ ଅପଣ ବେଶୀ ଉପଭୋଗ କରିଛନ୍ତି;ମାତ୍ର ଯୌବନ ଅପଣଙ୍କୁ ଅଣି ଦେଇଛି ସଂଯୋଗ । ଯେମିତି ଜୀବନରଙ୍ଗମଞ୍ଚରେ ଅପଣ ନିଜେ କେବେ ରଙ୍ଗୀଣ ନହୋଇ ମଧ୍ୟ ଉପଭୋଗ କରିଛନ୍ତି— ଅଶ୍ରୁବର୍ଷଣ କରିଛନ୍ତି—କେବଳ ଅନ୍ତରନ୍ନ ମନ-- ହୃତ ଅଭିନେତା ପରି । ଉପର ପ୍ରଣିପାତ ଜଣାଉଛି ଅପଣଙ୍କୁ ।

## ବାପୁଜୀ!

ମୁଣି ଏକ ବର୍ଷ ଗଲା ବିତି
ତଥାପି ହୋଇନି ଶାନ୍ତ ଧରିତ୍ରୀ ଏ କ୍ଷିତି ।
ପୂର୍ଣ୍ଣାହୁତି ତବ ଶୋଣିତରେ
ପାଇ ମଧ୍ୟ ଅଶାନ୍ତିର ବହ୍ନି
ବ୍ୟସ୍ତ ଅଛି ଚର ବା ଅଚରେ ।
ଲୁଚି ନାହିଁ ତଥାପି ଏ ଭ୍ରାନ୍ତି
ଦେବର ଆସନେ ଅଛି—
 ଦାନବହିଁ ହୋଇଛି ଅସାଧ ।

ବିକ୍ଷୋଭର ନାମାନ୍ତର ଶାନ୍ତି
ପ୍ରବଞ୍ଚନା ଧରେ ଅଛି ପ୍ରଶସ୍ତିର କାନ୍ତି
ସ୍ୱାଧୀନତା ଶୃଙ୍ଖଳରେ ହୁଏ ପରିଣତି
ତବନାମ ଛଦ୍ମବେଶୀ ମୁଖେ ଅବିରତ ।
 ତଥାପି ଦେବତା
ବୁଝୁନି ନ ହେଉଛି ଖାଲି ଗୋଟିଏ ବାରତା—
 'ସତ୍ୟବାର ଅଛି ଅଧିକାର
ସତ୍ୟ ପାଇଁ ଧର୍ମ ପାଇଁ—'
 ସେ ସୁଯୋଗ ଜୀବନରେ
 ଅସେ ବାରବାର—
 —ନିତ୍ୟାନନ୍ଦ

## ଓଡ଼ିଶା କଂଗ୍ରେସ

ଓଡ଼ିଶା କଂଗ୍ରେସ ଆଜି ଦୁଇ ଖଣ୍ଡ ହୋଇଯାଇଛି । ସ୍ୱାର୍ଥ ସାଧନ ପାଇଁ ଅନ୍ୟାୟ ଆଚରଣର ପ୍ରତିଯୋଗିତା କଂଗ୍ରେସକୁ ନେଇ ଏଭଳି ଏରଣ୍ଡା ଅରଣ୍ୟରେ ଛାଡ଼ିଛି । ଦୁଇଦଳରୁ କିଏ ଭଲ ଓ କିଏ ମନ୍ଦ ତା ଜାଣିବା କଠିନ୍ । କିନ୍ତୁ ଯେତେଦିନ ଯାଏ କଂଗ୍ରେସ ଏକ ସ୍ୱାର୍ଥ ସିଦ୍ଧିର ସାଧନ ହୋଇଥିବ ସେତେ ଦିନ ଏ କନ୍ଦଳ ଲାଗି ରହିବ ଏବଂ କଂଗ୍ରେସ ଦ୍ୱାରା ଆଉ ବିପ୍ଳବର ସ୍ୱପ୍ନ ଦେଖିବା ଅସମ୍ଭବ ହୋଇଯିବ । ଏକ ବୈପ୍ଳବିକ କର୍ମଯୋଜନା ଆଗରେ ନ ରଖିଲେ ଏ ଭେଦ ତୁଟିବ ନାହିଁ କିମ୍ବା କଂଗ୍ରେସ ଅନ୍ୟାନ୍ୟ ରାଜନୈତିକ ଦଳଠାରୁ ଶ୍ରେଷ୍ଠ ହେବାର ଆଶା ମଧ୍ୟ ରଖି ପାରିବ ନାହିଁ ।

କଂଗ୍ରେସକୁ କେବଳ ରାଜନୈତିକ ଦଳ କରିବାରେ କୌଣସି ଲାଭ ନାହିଁ । କାରଣ, ନୀତିଗତ ଦୃଷ୍ଟିରୁ କଂଗ୍ରେସ କମ୍ୟୁନିଷ୍ଟ ବା ସୋସାଲିଷ୍ଟ ଦଳ ତୁଳନାରେ କେବଳ ନେତୃତ୍ୱ ଯୋଗ୍ୟତା ପାର୍ଥକ୍ୟ ବିନା ନୀତିଗତ ପାର୍ଥକ୍ୟ କିଛି ନାହିଁ । ବର୍ତ୍ତମାନ ଆଚରଣ ପ୍ରତି ଦୃଷ୍ଟି ଦେଲେ ଏହା ସ୍ପଷ୍ଟ ବୁଝାପଡ଼େ ।

Digitized by srujanika@gmail.com

# ବିଦଗ୍ଧ କୃଷ୍ଣ

ଲେ – ମଡା ଅଧିମନ୍ୟୁ

ଧୀରେ ନବ କରଧର ବହୁଚନ୍ଦ୍ର ହବକ
ଜୀବନ ନେଇବାକୁ କର୍ମୀ ସଜ୍ଜ ହେଲ ଭରକ ।
ବନ୍ଧୁହେ ନେଇକୁ ସବୁ ଜଏ ଗଳ ଦେଲକୁ ।
ଜାଗାଡ ହେଲଣି ମୁହିଁ ଡାଳ ରାବ୍ୟାବାକୁ ।

କର୍ମିଏ ବୋଇଲେ ଯାହା ସତ ସବୁ ହେବକ,
କଳାପୋତଅଙ୍କ ପଦେ ନୂହେଁ କଏ ସେବକ?
ତେଣୁ ହେକୁମି ଫଳକୁ ସ୍ୱୀକାର ଦେବା ବିଧିକ
ନଧରିଲେ ରକ୍ଷିନୋହେ କଳାପୋଡା ବନ୍ଧିକ ।

ବୀରେନ୍ଦ୍ର ଦରପାଦରେ ବଳ ହେଲ ମୁହିଁ ତ;
ତାଙ୍କ ଅନୁଗ୍ରହେ ହୁମ୍ ପ୍ରଜାତନ୍ତ୍ର ଲହତ ।
ବନ୍ଧୁହେ ସେ ଧନ ବିନା ଆନ ଗତି ନାହିଁ ତ
ବିବ୍ୟତଙ୍କେ ବଗୃହବ ଏହା ଧର୍ମ ବହତ ।

ଗୃନ୍ଧା ବିନା କୁଷ୍ଠ ଚକ୍ର ଆନ ଗତି ନାହିଁକି;
ବହାଧୀନାଗରେ ତେବେ ଏତେ ଧନ୍ଦା କାହିଁକି ।
ବନ୍ଧୁହେ କର୍ମୀମାନଙ୍କୁ କହ ଧର ପାଣିକି;
ଅରଜିଛୁ ଗୃଜ ଗୋଟି ଏବେ ଭାଙ୍କ ଅଣିକି ।

ନରବଧି ହୃଦୟୁକୁ ନିତ୍ୟାନନ୍ଦ ଦାହବ
ବିଶ୍ୱନାଥଙ୍କର ଦାଉ ଆଉ କେତେ ସହିବ ।
ହୃଦେଗୋ କର୍ମୀଗୋଠକୁ ଏତେ ମାତ୍ର କହିବ;
ଟେଙ୍କି ଲୁ ଘୁଷୁରୀ ନାହିଁ କେଉଁ ଯଶ ରହିବ ।

ଦେଶ ଦଲ୍ଲୀ କ ଟେକେ ଭରସା ମୋ ହୋଇବ
କାହାକୁ କା ହେବ ଭହ ସବୁ କଲ୍ଲ ଦଇବ ।
ବନ୍ଧୁହେ କେହୁ ମୋ ଅବଗୁଣକୁ ନଗାଇବ,
ଛାରମନ୍ତ୍ରୀପଦ ପାଇଁ ଏତେ କର୍ପା ସହିବ !

ମୁଖ୍ୟମନ୍ତ୍ରୀପଦ ଯେନି ବୃଥା ତାପ ବାଢ଼ିବ
ତା ଭିବ ଜୀବନଗଲେ ରନ୍ତଲାଇ ଗଢ଼ିବ ।
ବନ୍ଧୁହେ ତେତେକ ଗାଧୀ ଲୋଭଣୀତ ଭାଙ୍ଗିବ
ନୋହିଲେ ମୋପଦ୍ୱିତର ମନ୍ତ୍ରୀଭୂତ ଲାଗିବ !

କୃର୍ମିଙ୍କ ପାଖରୁ ମୋହ ପାଇଁ କଦା ମାଗିଚ ।
ମୋନାମ ଧରିଲେ ଜାଣ ସବୁ ପୁଣ୍ୟ ଜାଗିବ ।
ବନ୍ଧୁହେ କୃର୍ମିଗଣଙ୍କୁ 'ଜଡ଼େ ଜଡ଼େ' ଭାର୍ପିବ;
ଅମ୍ଭ ଦୁହିଁଙ୍କୁ ରଖିଲେ ଯଶ ହିନା ଦଶିବ ।

ନେତା ଏତା କଲେ ତେଜିବାର ନୋହେ ସୁନ୍ଦର
ଚନ୍ଦ୍ରମଣିଙ୍କ ତ ଭଙ୍ଗାରିଲ ପୁଣି ସାଦର ।
ବନ୍ଧୁହେ କର୍ମୀଙ୍କୁ କହ ଦୋଷ ଥିଲେ ନ ଧର;
ତାଙ୍କୁ ଧର ନେତା ହିନା ତେଣୁ ବାରେ ଭଙ୍ଗର ।

ସେ ଛାଡ଼ିଲେ ଆମେ ଛାଡ଼ି ନ ପାରିବା କର୍ମୀଙ୍କି
ସ୍ୱାର୍ଥତ ବାବ୍ୟକୁ ଡର ଯାଏ ବଳ ଧର୍ମୀଙ୍କି?
ବନ୍ଧୁହେ କର୍ମୀଙ୍କି କହ ଗୃହମନ୍ତ୍ରୀ ରସକୁ,
ବକ୍ତୃତା ବାଣେ ହାଣିକ ସ୍ୱହୁ ଛନ୍ଦେ ଅଣଲୁ ।

କ୍ଷତଜନ୍ତୁ ପଦ୍ମପତ୍ରେ ବୁଡ଼ବୁଡ଼ ହୋଇଲ ।
ଅଣ କର ନାଶଯିବ ନବକୃଷ୍ଣ ବୋଇଲ ।
ବନ୍ଧୁହେ କହ କର୍ମୀଙ୍କି ଭ୍ରମେ ହର ଧାଇଁଲ;
କଟକରୁ ଗଲ୍ଲ ଦିଲ୍ଲୀ ନଗରଉ ପାଇଲ ।

ସମାଲୋଚକ ବଚନ ଶରୁଁ କ୍ଷିର ଆଉଛୁ;
ପାପତାପ ଉଭୟ ଭଯୁକୁ ଭଲେ ଏଡ଼ିଛୁ !
ବନ୍ଧୁହେ କହ କର୍ମୀଙ୍କି ଲୋକପେଷା ଛାଉଛୁ
ନଦାନ ମୁଁ ସ୍ୱଜନମାନ ପଛୀ ବେକ ମୋଡ଼ୁଛୁ ।

ଗତି ଆଉ ନାହିଁ ନହିଁ ସୃଷ୍ଟି ଯାକ ଖୋଜିଛୁ,
ଯେଛା ତାହା ହେଉ ମୁଖ୍ୟମନ୍ତ୍ରୀ ପଦ ଭଜୁଛୁ;
ବନ୍ଧୁହେ କହ କର୍ମୀଙ୍କି ସବୁ ଦମ୍ଭ ଘୋଟିଛୁ
ନାମଯଶ-ଯମ ଜୀବ ନେବାପାଇଁ ହଟିଛୁ ।

ହେଲା କଲେ ପଦ ଭେଲା ମୋର ବୁଡି ଯାଉଛୁ
ବିଗୃର କରନ୍ତୁ କେତେ ଅସୁନ୍ଦର ପାଉଛୁ ।
ବନ୍ଧୁହେ କହ କର୍ମୀଙ୍କୁ ଏ ବିଗୃର ହେଉଛୁ,
ଈଶ ଥାଉ ବିଶ୍ୱନାଥ ବୃଥା ଦଶା ଦେଉଛୁ ।

ଉଦେ କଲ ପଦ-ଘନ ମାନ ଉଡି ଯାଉଛୁ
ପଛେ ଦୋଷ ନଦେଇବ ବାର ବାର କହୁଛୁ ।
ବନ୍ଧୁହେ କହ କର୍ମୀଙ୍କୁ କେହୁ ଦେହ ସହୁଛୁ
ବିଗୃରନ୍ତୁ ସବୁ ଅଣା ଏହ ଠାରୁ ରହୁଛୁ ।

କହିବ ଆହୁର ଥରେ ଶ୍ରୀ ଖୃଷ୍ଣେ କର୍ମୀଙ୍କି
ଏ ଦଥେ ନ ଆସିବ ମୁଁ ଆଉ କେବେ ଭୂମିକି ।
ବନ୍ଧୁହେ କହ ସବିଙ୍କି ଦିଅନ୍ତୁ ସେ ଉତ୍ତର
ନବ ମାଗିଛନ୍ତି ମନ୍ତ୍ରୀ ଦେ ଛଡ଼ା ମନ୍ତ୍ରର ।

କହୁଁ କହୁଁ ମୁହୁମୁହୁଁ କୃଷ୍ଣ ହେଲେ କାତର
ହା ହା ମନ୍ତ୍ରୀ ପଦ କହ ନେମ ହାତସ୍ଥ ଚତୁର
ବନ୍ଧୁହେ ଏ ଜାତିଗୀତ ପୋଡ଼ୁ ରାଜନୀତିର
ଅଧିମନ୍ୟୁର ଏ ଫଳ ଗାନ ଗିତିଗିତିର ।


Digitized by srujanika@gmail.com

—ଦଫାଲ କଂଗ୍ରେସ—

ଓଡ଼ିଶା କଂଗ୍ରେସ ଦଫାଲ ହେଲା । ଫାଳେକେ ବିଶ୍ୱନାଥ ନିତ୍ୟାନନ୍ଦ- ଆଉ ଫାଳେକେ ହରେକୃଷ୍ଣ । ନବକୃଷ୍ଣ କୁଆଡ଼େ ହରେକୃଷ୍ଣଙ୍କ ଆଗମନ ବେଳକୁ ଗୋଟିଏ କର୍ମୀ ସଭା ଡକାଇ ଓଡ଼ିଶାର ନେତା ଭାବେ ତାହା ସ୍ୱୀକାର କରିଦେବା ପାଇଁ କହିଲେ । ମାତ୍ର ବିଶ୍ୱନାଥ ସେତେବେଳେ ସମୟ ହେବ ନାହିଁ ବୋଲି କହିମନା କରିଦେଲେ । ତହୁଁ ନବକୃଷ୍ଣ ବାହାସ୍ଫୋଟ ମାରି କହିଲେ···ଅଚ୍ଛା ଦେଖିବାତ ଭଲ କସରତ କରାମତ ହେଉନା ।

ମାତ୍ର ମହତାବଙ୍କ ବିନା ନବକୃଷ୍ଣଙ୍କ ଭିତ୍ତି ନୁହନ୍ତି— ପଞ୍ଜିରେ ନୁହନ୍ତି କି ପଟାରେ ନୁହନ୍ତି । ନାଟକ ବାହୁବଳେ ବିରାଟ ରଜା— ହରେକୃଷ୍ଣ ବାହୁବଳେ ନବକୃଷ୍ଣ ମନ୍ତ୍ରୀ । ହରେକୃଷ୍ଣ ତଳ ନବବାବୁ ଡ଼ାକିଦେଲେ ସାରା ଓଡ଼ିଶାଯାକ କଂଗ୍ରେସ କର୍ମୀଙ୍କି । ମାତ୍ର ସେ କି ଜାଣିଥିଲେ ଯେ କେଳେ ପୁଣି ତାଙ୍କୁ ମହତାବଙ୍କ ଅଟେ କହିବାକୁ ପଡ଼ିବ—

ବାପେ ଯାଉଥିଲେ ଫାଣ୍ଡିକି···

—ଅଜା ଶ୍ରାଦ୍ଧ—

କଥାରେ ଥାଏ ଭଣି ଶ୍ରାଦ୍ଧ··· ଅଜା ଯୁଦ୍ଧ-- ପ୍ରଭୁଙ୍କ ମେଘ ଡମ୍ବରୁ-- ଏ ସବୁ ବହୁ ଆଡ଼ମ୍ବରରେ ଲଘୁକ୍ରିୟା ହୁଏ । ସେଥି-ପାଇଁ କଟକ କଂଗ୍ରେସ କର୍ମୀଙ୍କ ସମ୍ମିଳନୀରେ ଭଣି ଯୁଦ୍ଧ ଓ ଅଜା ଶ୍ରାଦ୍ଧ ଆରମ୍ଭ ହୋଇ-ଗଲା । ଭୁଣି ବିଶ୍ୱନାଥ ଓ ମହତାବଙ୍କ ଯୁଦ୍ଧ ଦେଖିବା ପାଇଁ କର୍ମୀମାନେ ବହୁ ସଂଖ୍ୟାରେ ଆସିଲେ । ମାତ୍ର ୧୦୮ ଅଜା ଶ୍ରାଦ୍ଧ ପାଇଁ ଅଣା ହୋଇ ୨୫ଜଣ ହେଲେ ବାଦ୍‌ବାକି ମନ-ଦୁଃଖରେ ପଥ ବଣା ହୋଇ ଚାଲିଗଲେ । ଯେଉଁମାନେ ଏ ଅଜାମେଧ ଯଜ୍ଞରେ ପ୍ରାଣ ଦେଲେ ସେମାନେ ସ୍ୱର୍ଗବାସ କରିଥିବେ ନିଶ୍ଚୟ । ସେ ଯାହାହେଉ କର୍ମୀ ସଭାରେ ଓଲଟା ହାଟରେ ଲଘୁ ଆଡ଼ମ୍ବର ଓ ବହୁ କ୍ରିୟା ହେଲା । ସେଥିପାଇଁ ଅଢେଇ ହଜାର କର୍ମୀ-ଙ୍କର ଅଢ଼େଇ ଘଣ୍ଟା ବକ୍ତୃତା ହେଲା ।

—ଅହିଂସା ନାଲବଳ—

ସଭାରେ ଜଣେ କର୍ମୀ କୁଆଡ଼େ କହିଲେ- ଆଗମ ଗତ ୩୦ ବର୍ଷ କଂଗ୍ରେସରେ କାମ କଲିଣି —ବହୁ ସଭା ସମିତି ସମ୍ମିଳନୀ କଲିଣି ମାତ୍ର ଗଣ୍ଡାଏ ଛେଳି କଟା ହୋଇ ଭୋଜୀ-ଭାତର ଆଡ଼ମ୍ବର ଦେଖିବା ପାଇଁ ହୋଇନାହିଁ । ଏଇଟା ଜଣ ଗାନ୍ଧୀଙ୍କର ଅହିଂସା ନୀତି ? କର୍ମୀ ଜଣକ ବୋଧହୁଏ ବୁଝି ପାରିଲେ ନାହିଁ ଯେ ଗାନ୍ଧିଜୀ ଛେଳି ଦୁଧ ଖାଉଥିବାରୁ ସେ ଶତ୍ରୁର ହାତଆରରେ ପ୍ରାଣ ଦେଲେ । ସେଥିପାଇଁ ତାଙ୍କ ଅନୁଗ ଏବେ ବଡ ହନ୍ତସନ୍ତ ହେଉଛନ୍ତି । ସେ ଯଦି ଥଇଁଟେ ଛେଳି ଦୁଧ ନଖାଇ ଛେଳି ମାଂସ ଚାଖିଥାନ୍ତେ ତେବେ ଶତ୍ରୁ କଦାପି ତାଙ୍କୁ ଆଘାତ କରିବାକୁ ସାହସ କରି ନଥାନ୍ତା । ସେଥିପାଇଁ ନବକୃଷ୍ଣ ଓ ହରେକୃଷ୍ଣଙ୍କ ଶତ୍ରୁଦଳନ ପାଇଁରେ ଛେଳି ଶ୍ରାଦ୍ଧ ପ୍ରକୃତରେ ଗାନ୍ଧୀ ପନ୍ଥା ଓ ଗାନ୍ଧୀଧର୍ମ ପାଳନ ଛଡ଼ା ଆଉ କିଛି ନୁହେଁ । ଏହା ନବକୃଷ୍ଣଙ୍କ ସର୍ବୋଦୟ ସମାଜ ଓ ମହତାବଙ୍କ ସର୍ବୋଦୟ ସଂଘର ମିଶ୍ରିତ ଯୋଜନା ।

—କଳା ପୋତା—

ଜଣେ କର୍ମୀ କହିଲେ– ବର୍ତ୍ତମାନ ମନ୍ତ୍ରୀ-ମାନେ କଳାପୋତାକୁ ଦୃଷ୍ଟି ଦେଉନାହାନ୍ତି । ବରଂ ତାଙ୍କର ଲୋକେ କଳାପୋତଅଙ୍କଠାରୁ କଳାପୋତେଇ ଆଣି ବଡ଼ ବଡ଼ ବ୍ୟବସାୟ କାମ କରୁଛନ୍ତି । କଳାପୋତଅଙ୍କଠାରୁ ଚାନ୍ଦା ଆଣୁଛନ୍ତି । ସେଥିପାଇଁ ଅନାଚାର ବଢ଼ୁଛି । ତାର ଉତ୍ତରରେ କୁଆଡେ ମହତାବ କହିଲେ-- କଳାପୋତେଇ ଘୁସ୍ ବ୍ରିଟିଶ ଅମଳରେ ଥିଲା । ଏବେ ସେଟା ଧରି ପଡିବାର କାରଣ ଲୋକେ ମନ୍ତ୍ରୀ ଓ ଲାଟଙ୍କ ସଂସ୍ପର୍ଶରେ ଆସୁ-ଛନ୍ତି । ମାତ୍ର ଆଉ ଗୋଟିଏ ତଫାତ୍ ମହ-ତାବଙ୍କ ଦୃଷ୍ଟିରେ ପଡି ନାହିଁ । ସେତେ-ବେଳେ ଘୁସଟା ଗୋପନରେ ନେଉଥିଲେ କାରଣ ସେଟା ପାପ ପଇସା ବୋଲି ବିଚାର କରି ଯାଉଥିଲା । ଆଜିକାଲି ନେତାମାନଙ୍କ ପ୍ରସାଦରେ ପାପ ପଇସା ପୁଣ୍ୟ ପଇସାରେ ପରିଣତ ହେଉଛି । ତେଣୁ ଘୁସଟା ପ୍ରକାଶ୍ୟରେ ନିଆଯାଉଛି— ପୁଣ୍ୟ ନାମରେ । ଯଥା— ଖବର କାଗଜ କାଢ଼ିବା ପାଇଁ ଘୁସ ନେଲେ ପୁଣ୍ୟ । ନିଜ ଖରଚ ପାଇଁ ନେଲେ ପାପ ।

—ସୁରେଇ ପଣ୍ଡା—

ଜଣେ କର୍ମୀ କହିଲେ ଏ ସଭାକୁ ପ୍ରାଦେ-ଶିକ କଂଗ୍ରେସ କର୍ମୀ ନଡ଼ାକି ନବବାବୁ କାହିଁକି ଡାକିଲେ ନବବାବୁଙ୍କର ସୁରେଇ ପଣ୍ଡା ହେବାର କି ଦରକାର ଥିଲା । ନବବାବୁ ଏ ଉତ୍ତର ଦେଇ ନପାରି ଥମ ଥମ ହୋଇ-ଗଲେ । ମାତ୍ର କଥା ହେଉଛି ବିଶ୍ୱନାଥ ବୈଷ୍ଣବ···ସେତ ସବୁବେଳେ ରାଧାଭାବରେ ଥାଆନ୍ତି । ନବକୃଷ୍ଣ ବାହାରେ କୃଷ୍ଣ ସେ କେହି କୃଷ୍ଣ ଯାହା କହିବେ ସେଥିରେ ତାଙ୍କର ଆନନ୍ଦ । ଏକଥା ନବବାବୁ ଜାଣିଥିଲେ ଏବଂ ଘଟଣା ମଧ୍ୟ ତାହା ହେଲା । ବିଶ୍ୱନାଥ ନିତ୍ୟାନନ୍ଦ ପାଇଁ ସଭାରେ ହାଜର ହୋଇ ଗାଇଲେ···

ବିଶ୍ୱନାଥ କୃଷ୍ଣ କର

ଧରି ବୋଲି କହି ଆଉ ନକର

ଘର ଭୟ ଛାଡ଼ିଲି ନିଜର ସଜନୀ,

ତୁଚ୍ଛ ମୋହିବା କର୍ମୀଙ୍କି

ତୁମ୍ଭ ଦାସ ପଣେ ଯୋଗ୍ୟ ମୁଁ କିଙ୍କ ଗୋ

ଅଲଙ୍କାର ତୁମ୍ଭେ ଅବଳାକ ଗୋ ।

—କେଉଁ ପାଣି କୁଆଡ଼େ—

ଶେଷରେ ରାଧାନାଥ ରଥେ ସ୍ୱସ୍ତିବାଚନ କରି ପ୍ରସ୍ତାବମାନ ଆଣିଲେ ଏବଂ ଅପଣା ସମ୍ବାଦପତ୍ରରେ ବଡ଼ ବଡ଼ କରି ଛପାଇବାର ସୁଯୋଗ ମଧ୍ୟ ପାଇଗଲେ । ଆଗରୁ ସେ ରାଧାଙ୍କ ନାଥ ଥିଲେ ଏଣିକି କୃଷ୍ଣଙ୍କ ନାଥ ବି ହୋଇଗଲେ । ତାଙ୍କ ସମ୍ବନ୍ଧରେ ଯେମିତି ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ ଠିକ ସେମିତି— ସମସ୍ତଙ୍କର ମଙ୍ଗଳ ହେଉ ପ୍ରସ୍ତାବରେ ସେ ସବୁ କର୍ମୀଙ୍କୁ ଗୋଟିଏ ଗୋଟିଏ ଧନ୍ୟବାଦ ଦେଇ ସଭା ସାଙ୍ଗ କଲେ । ଦେଖ୍ୟା ଯାଉ କେଉଁ ପାଣି କୁଆଡ଼େ ଯାଉଛି । ରାଧାନାଥ କେବେ ପୁଣି ମନ୍ତ୍ରୀ ହେଉଛନ୍ତି ।



Digitized by srujanika@gmail.com

—କିଏ ଜିଣିଲା ?—

କେତେକ କହୁଛନ୍ତି ନବବାବୁଙ୍କ ଡାକରାରେ ଯେ ହଜାର ହଜାର କଂଗ୍ରେସ କର୍ମୀ ଏକଜୁଟ ହୋଇପାରିଲେ ଏଥିରୁ ଜଣାଗଲା ଯେ ନବ-ବିଶ୍ୱନାଥ ଲଢ଼ାଇରେ ବିଶ୍ୱନାଥଙ୍କର ପରାଜୟ ହେଲା-- ନବବାବୁ ଚେକ୍‌ମେଟ୍ କରି ଦେଲେ । କେହି କେହି କହୁଛନ୍ତି— ଯେ ନବବାବୁଙ୍କ କଥାରେ ସମସ୍ତେ ଆସିଲେ ମାତ୍ର ନବବାବୁଙ୍କୁ କେହି ଶୁଣିଲେ ନାହିଁ । ବୀରେନ୍ଦ୍ରଙ୍କ ପରାମର୍ଶରେ ନବବାବୁ ଗୋଟିଏ ଇଲେକ୍‌ଶନ କମିଟି ନିଜ ହାତ ଲୋକଙ୍କୁ ନେଇ ଗଢ଼ିବାକୁ ଚାହିଁଥିଲେ । ସେ ପ୍ରସ୍ତାବ ଆସିଥିଲେ ଆସନ୍ତା ନିର୍ବାଚନରେ ନବବାବୁଙ୍କ ଆସନ ଦୃଢ଼ ହୋଇଥାନ୍ତା । ମାତ୍ର ସେ ପ୍ରସ୍ତାବ ପସର ଫାଟିଗଲା—ମହତାବ ସଭାର ନାଡ଼ ଟିପି— ଅପମାନକୁ ଏଡ଼ିବା ପାଇଁ ପ୍ରସ୍ତାବ ବନ୍ଦ କରିଦେଲେ । ନହେଲେ ନବବାବୁ ଅଳ୍ପରେ ହସିଥାନ୍ତେ । ତେଣୁ ବିଜୟ ଉଭୟଙ୍କର ହେଲା । ନବବାବୁଙ୍କ ମୁହଁର ଜୟ— ବିଶ୍ୱନାଥଙ୍କର ପେଟି ।

—ଅର୍ଥ ଓ ଅନର୍ଥ—

ଶୁଣାଯାଉଛି— କର୍ମୀ ସମ୍ମେଳନ ପାଇଁ ଏଗାର ହଜାର ଟଙ୍କା ଖରଚ ହୋଇଥିଲା । ଏ ଟଙ୍କା ଏତେ ଅଳ୍ପ ସମୟ ଭିତରେ କେଉଁଠୁ ଆସିଲା ବୋଲି କେହି କେହି କାନଫୁସି ଚଳାଇଛନ୍ତି । ଟଙ୍କାଟା କାହାରି ଘରେ ଅନର୍ଥ ସୃଷ୍ଟି କରୁଥିଲା । ଉତ୍କଳ କଂଗ୍ରେସରେ ତ ଅନର୍ଥ ଅଛି । ତେଣୁ ସେଠିକି ଟଙ୍କା ଗଲେ ଆଉ ନୂଆ ଅନର୍ଥ ଘଟିବ ନାହିଁ ବୋଲି ଦାନ କରିଦେଲା । ମାତ୍ର ସେଠି ପୁଣି ଅନର୍ଥ ଲାଗିବାର ଭୟ ହେବାରୁ ସେ ଟଙ୍କାକୁ ଖର୍ଚ୍ଚ କରି ଦିଆଗଲା । ସୁତରାଂ ଟଙ୍କା ବାଟେ ବାଟେ ଗୁଣ୍ଡିଗଲା ଏଥିରେ ଦେବା ନେବା ଓ ଖରଚ କରିବା ଲୋକର କିଛି ଦୋଷ ନାହିଁ । ଏ ଟଙ୍କା ଯିଏ ଦେଇଛି ତା ପାଇଁ ହୁଏତ କେଉଁ ଖଣିରେ ଟଙ୍କା ପୋତା ହୋଇଥିବ । ତା ଭାଗ୍ୟରେ ଶିଖା ଛୁଟିବ ବୋଲି— ଶିଖା ଜଟ ଜଟ ହେଲାଣି ।

—ସରକାରଙ୍କ ନାମ ବିକାର—

ସ୍ୱାଧୀନତା ଦିବସରେ ସରକାର ଲୋକ-ସମ୍ପର୍କ ବିଭାଗର ଇଂରାଜୀ ପ୍ରଚୁରପତ୍ର ଜଣ୍ଟ ସାହିତ୍ୟର ଇଂରାଜୀ ଅନୁବାଦ କରି ଓଡ଼ିଶାର ବୁଟର ଗୋଟାଏ ବିରାଟ ପ୍ରଦର୍ଶନୀ କରିଛନ୍ତି । କେଉଁ ସାହିତ୍ୟ କେଉଁଠି ପ୍ରକାଶ ପାଏ—ତାର ସ୍ଥାନା ସ୍ଥାନ ପାତ୍ର ପାତ୍ର ବିଚାର କରାଯାଏ । ମାତ୍ର ଓଡ଼ିଶା ସରକାରଙ୍କର ମହତାବଙ୍କ ଅମଳରୁ ତାଙ୍କ ପ୍ରକୃତିଗତ ଦୋଷରୁ ଧରି ସ୍ଥାନା ସ୍ଥାନ ଜ୍ଞାନ କାଳ ଓ ପାତ୍ରା ପାତ୍ର ବିଚାରର ଲୋପ ପାଇଯାଇଛି । ତେଣୁ ମକର ମାସରେ ପ୍ରଭାତରେ ସ୍ନାନ କରି ଓଡ଼ିଶା ସରକାର ନାମ ବିକାରରୁ ଉଦ୍ଧାର ପାଇବା ପାଇଁ ଯୁକ୍ତି ସଂଗ କାମନା କରୁଛନ୍ତି ବୋଲି ତାଙ୍କ ଓଡ଼ିଶା ରିଭିଉରେ ପ୍ରକାଶ ପାଇଛି ।

ତିନିନିଧି

କଟକ କର୍ମୀ ସମ୍ମେଳନ ମନ୍ଥନରୁ ତିନୋଟି ରତ୍ନ ବାହାରିଛନ୍ତି । ଗୋଟିଏ ରାଧାନାଥ, ଗୋଟିଏ ମଦନ ମୋହନ ଓ ଅନ୍ୟଟି ହରିଚନ୍ଦ୍ର । ଗୋଟିଏ ଉଚ୍ଚୈଃଶ୍ରବା, ଗୋଟିଏ ଐରାବତ— ଅନ୍ୟଟି ଶଙ୍ଖାସୁର । କେହି କେହି କହନ୍ତି ପ୍ରଥମଟି ଗରଳ ତାକୁ ବିଶ୍ୱନାଥ ଶିବ ପାନ କରିବେ । ଦ୍ୱିତୀୟଟି ଚନ୍ଦ୍ରମା ତାକୁ ରାହୁ ଗ୍ରାସ କରିବେ । ତୃତୀୟଟି ପାରିଜାତ, ତାକୁ କୃଷ୍ଣ ହରଣ କରିବେ । ସେ ଯାହା-ହେଉ ତିନି ନିଧିରୁ ଦୁଇଟି ନିଧି ନବକୃଷ୍ଣ ଧାରଣ କରିପାରିବେ ତହିଁ ଅଧିକ ହେଲେ ସମ୍ଭାଳି ହେବନି ।

—ଗୋଦଡ଼ା କୋଚଡ଼େ ଯେତେ—

ସଭ୍ୟଙ୍କ ମୁହଁରେ ଥୋପ ଦେଇ ଓଡ଼ିଶା ମନ୍ତ୍ରୀମଣ୍ଡଳ ମୂଳରୁ ତାଙ୍କ ପାଟିକୁ ବନ୍ଦ ପାତରୁ ରକ୍ଷା କରି ଆସୁଛନ୍ତି । ତିନିରୁ ପାଞ୍ଚ, ପାଞ୍ଚରୁ ଛ ସାତ ଆଠ ପୁଣି ନଅ ଦଶ ମନ୍ତ୍ରୀ ହେବାକୁ ବସିଲେଣି । ମନ୍ତ୍ରୀମଣ୍ଡଳ ଯେତେ କୋଡ଼ି କୋଡ଼ି ଗୁଡ଼ୁଛି—ସେତିକି ମାଡ଼ ମାଡ଼ ଗୁଡ଼ୁଛି । ଖାପକୁ ଖାପରେ ଯୋଡ଼ିଲେ ହୁଏ ନାହିଁ କି ଲୋକଙ୍କୁ ଲୋଭେଇଲେ ଥଣ୍ଡା ପଡ଼େ ନାହିଁ । ନ ଯାତୁ କାମକାମାନା ଉପଭୋଗେନ ସାମ୍ୟତି —ହୋମରେ ଘୃତ ଢାଳିଲେ ପରି ସେ ବରଂ ବୃଦ୍ଧି ଜଳିବ ।

—ବନଶୀଖେଳ—

ରାଧାନାଥ, ମଦନମୋହନ ଆଉ ହରିଚନ୍ଦ୍ରଙ୍କ ଭିତରୁ କିଏ ମନ୍ତ୍ରୀ ହେବେ ସେ ଜେନା ମନ୍ତ୍ରୀ ନବକୃଷ୍ଣଙ୍କ ଯେତିକି ଲାଗିଲେଣି ବ୍ୟକ୍ତିମାନଙ୍କର ତାହା ଇଚ୍ଛା ନୁହେଁ । ରାଧାନାଥ ତ ଥୋପ ବହୁଦିନରୁ ଖାଇ ବସିଛନ୍ତି । କେବଳ ମାଛକୁ କଣ୍ଟାରେ ଲଗେଇ ଖେଳାଇବାର ଆନନ୍ଦ ମାଛ ଧରିବା ବାଲାଙ୍କର ଯେତିକି ଧରାପଡ଼ିଥିବା ବୋକା ମାଛର କି କମ୍ ଆନନ୍ଦ ନୁହେଁ । ସେ ଭାବେ ମୋ ଆଧାରଟା ମୋତେ ଏତେ ପ୍ରେମ କରୁଛି ଯେ ମୋ ମୁହଁରୁ ଛାଡ଼ିବାକୁ ନାହିଁ । ସେଇ ଆନନ୍ଦରେ ସେ ଖେଳେ । ମଦନମୋହନ ସହଜରେ ଧରା ଦିଅନ୍ତି ନାହିଁ । ଆଉ ଧରା ଯେତେବେଳେ ଦିଅନ୍ତି ସେତେବେଳକୁ ତାଙ୍କ କମିଟା ଧରାପଡ଼ିଯାଏ । ମାଛ ଧରାଳୀ ଦେଖେ—ଏତ ମାଛ ନୁହେ—କୋତରା । ହରିଚନ୍ଦ୍ରଙ୍କ କଥାଟା— ବଙ୍ଗାଳୀ ଗୋଟେ କଥା କହନ୍ତି— ବେଟା ଘୁଘୁ ଦେଖେଛେ—ଫାନ୍ଦ ଦେଖେନି ।

—ରାଜଧାନୀ—

ଭୁବନେଶ୍ୱର ରାଜଧାନୀରେ ତିଆରି ହୋଇଥିବା ଘରଗୁଡ଼ିକ ଦେଖି ତନଖି କରି ରିପୋର୍ଟ ଦେବା ପାଇଁ ଓଡ଼ିଶା ସରକାର ଏକ ମାଇକନିଆ କମିଟି ଗଢ଼ିଥିଲେ । ଶୁଣାଯାଏ ସଭ୍ୟା ଶ୍ରୀମତୀ ଲତିକା ଦେବୀ ରିପୋର୍ଟ କରିଛନ୍ତି ଯେ ଘରର ଦୁଆର ଗୁଡ଼ିକ ଛୋଟ— ଆଉ ଟିକିଏ ଚଉଡ଼ା ନହେଲେ ମାଇପେ ଗଳିବେ ନାହିଁ ।

—ଶ୍ରୀକ୍ଷେତ୍ର—

ବର୍ତ୍ତମାନକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ହେବାରୁ ଆମ ବଡ଼ ଠାକୁରେ ବି ନିରପେକ୍ଷ ହୋଇ ଗଲେଣି । ଦଇତା ପତିମାନେ, ପଣ୍ଡା-ପଡ଼ିଆରିମାନେ ବା ଛତିଶା ନିଯୋଗ ଯେତେବେଳେ ଯାହା କରୁଛନ୍ତି ଜଗନ୍ନାଥେ ସେଥିରେ ତୁଷ୍ଟ । ଖାଇବାକୁ ଦେଲେ ଖା— ନ ଦେଲେ ତ ନାହିଁ । ଏଥିରୁ ପୁରୀ ସହରର ଧର୍ମାତ୍ମାମାନେ ଯେତେ ସଭାସମିତି କଲେ କାହାର କି ଯାଏ ! ଜଗନ୍ନାଥ ତ ବଳସ୍ତାର ଭକ୍ତ । ସେ ସବୁବେଳେ ରାଜା ଓ ପୂଜକ-ମାନଙ୍କୁ ଘଣ୍ଟ ଘୋଡେଇ ରଖିଛନ୍ତି । ଏଥିରୁ ଜଣାଯାଏ ଭକ୍ତମାନେ ଗଣ୍ଡଗୋଳ କଲେ ଜଗନ୍ନାଥ ଦେଉଳ ଛାଡ଼ି ସଦଳ ବଳରେ ବିଏନ ଆର୍ ହୋଟେଲ ଆଡ଼କୁ ଯିବେ ।



Digitized by srujanika@gmail.com

# ସମ୍ବାଦିକ

ଲେ—ଶ୍ରୀ ରବୀନ୍ଦ୍ରନାଥ ଦାସ [ କଲିକତା ]

କଟକ, ଜୁନ ୨୫, ୧୯୪୯ । ଅଦ୍ୟ ଏଠି ମର୍ମନ୍ତୁଦ ଏଠାରେ ଏକ ସମ୍ବାଦ ପହଞ୍ଚିଛି ଯେ, ଏଠାରୁ ୧୨ମାଇଲ ଦୂରରେ ଅବସ୍ଥିତ ଏରସମା ଗ୍ରାମରେ ଗତକାଲି ରାତ୍ରରେ ଏକ ଭୀଷଣ ଗଣ୍ଡଗୋଳ ହୋଇଯାଇଛି । ଖବରଣୀରେ ପ୍ରକାଶ ଗତ ଦଶ ଘଟିକା ସମୟରେ ସ୍ଥାନୀୟ ବର୍ଦ୍ଧିଷ୍ଣୁ ଗୃହସ୍ଥ ଶ୍ରୀଯୁକ୍ତ ମାଧବାନନ୍ଦ ଦାସଙ୍କ ଗୃହରେ ଦଲେ ସଶସ୍ତ୍ର ଦୁର୍ବୃତ୍ତ ପ୍ରବେଶ କରିଥିଲେ । ଶ୍ରୀଯୁକ୍ତ ଦାସଙ୍କ ଘରୁ ଏତେ ରାତ୍ରରେ ନାନା ଜଣର ଚିତ୍କାର ଏବଂ ମାରପିଟ ଓ ତର୍ଜନ ଗର୍ଜନ ଶବ୍ଦରେ ଆକୃଷ୍ଟ ହୋଇ ଗ୍ରାମର ଲୋକମାନେ ଘଟଣା ସ୍ଥଳରେ ଉପସ୍ଥିତ ହୋଇଥିଲେ । କଟକସହର ଥାନାରୁ ନିକଟସ୍ଥ ଥାନାରୁ ମଧ୍ୟ କେତେକ ପୋଲିସ ଘଟଣାସ୍ଥଳକୁ ଆସିଥିଲେ, କିନ୍ତୁ ଦୁର୍ବୃତ୍ତଦଳ ଏମାନଙ୍କ ଆଗମନ ପୂର୍ବରୁ ପଳାଇ ଯାଇ ନିଜକୁ ରକ୍ଷା କରିଛନ୍ତି । ଶ୍ରୀଯୁକ୍ତ ଦାସଙ୍କ ବୃଦ୍ଧମାତାଙ୍କୁ ଆହତ ଓ ପ୍ରାୟ ଅଚେତନ ଅବସ୍ଥାରେ ପଡ଼ିଥିଲେ । ତାଙ୍କ ସ୍ତ୍ରୀ ଶ୍ରୀମତୀ [illegible] ଦେବୀଙ୍କୁ ମଧ୍ୟ ମୂର୍ଚ୍ଛିତ ଅବସ୍ଥାରେ ଦେଖା ଯାଇଥିଲା । ଏଠାରେ କହିବା ବାହୁଲ୍ୟ ଯେ ଏରସମା ଗ୍ରାମର ଚତୁଃପାର୍ଶ୍ୱରେ ମୁସଲମାନ ବସତି । ଶ୍ରୀଯୁକ୍ତ ଦାସ ଗତ ଏରସମା ନିର୍ବାଚନ ବେଳେ କଂଗ୍ରେସ ପକ୍ଷର ପ୍ରଚାର କରୁଥିଲେ । ପୁଲିସ ତଦନ୍ତ ଚାଲିଛି । ଏ ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଚାରିଜଣଙ୍କୁ ଗିରଫ କରାଯାଇଛି ।

ଏ, ପି, ଆଇ, ଓ ଆଇ, ପି

ଉପରୋକ୍ତ ସମ୍ବାଦଟି ପ୍ରକାଶିତ ହେବାର ସପ୍ତାହକ ମଧ୍ୟରେ ଓଡ଼ିଶାର ବହୁଳ ପତ୍ରପତ୍ରିକାର ସମ୍ପାଦକୀୟ ମନ୍ତବ୍ୟର ଉଲ୍ଲେଖଯୋଗ୍ୟ [illegible]—

... ଗତକାଲି [illegible] ସମ୍ବାଦ ଏଥିରେ ପ୍ରକାଶିତ ଏରସମା ଗ୍ରାମରେ ଦୁଃସାହସିକ ଆକ୍ରମଣ [illegible] ଶାନ୍ତିକାମୀ ଜନସାଧାରଣଙ୍କର [illegible] ହେବ । ଏ ଧରଣର [illegible] ଘଟଣାର [illegible] ଉତ୍ତରଦାୟିତ୍ୱ [illegible] । ଗତକାଲରେ ପ୍ରାୟ ନିତ୍ୟ ନୈମିତ୍ତିକ ହେଲା ପରିବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ସମ୍ବନ୍ଧରେ ସରକାର ଓ ଜନସାଧାରଣଙ୍କୁ ଆମ୍ଭେ ପୂର୍ବରୁ ବାରମ୍ବାର ସତର୍କ କରିଅଛୁ । ଧ୍ୱଂସାତ୍ମକ କାର୍ଯ୍ୟକଳାପରେ ଶାନ୍ତିପ୍ରିୟ, ସମାଜର ଶତ୍ରୁ, ଏହି ଦୁର୍ବୃତ୍ତମାନଙ୍କୁ ଉପଯୁକ୍ତ ଶାସ୍ତି ନହେଲେ ଏମାନଙ୍କର ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିବ । ସରକାର ଏମାନଙ୍କୁ ଖୋଜିବା ଦିଗରେ ଯେତିକି ତତ୍ପର ହେବା ଆବଶ୍ୟକ ଜନସାଧାରଣ ମଧ୍ୟ ଏମାନଙ୍କୁ ଖୋଜିବାରେ ସାହାଯ୍ୟ ସେତିକି ଓ ସହଯୋଗ କରିବା ଦରକାର । ଉଭୟ ସତର୍କ ରହିଲେ ମଧ୍ୟ ସମୟ ଏପରି ଦୁର୍ଘଟଣା ଘଟିଥାଏ । ଏଥିପାଇଁ ଦୋଷ କାହାକୁ ଦିଆଯାଇ ପାରେ ନାହିଁ । ୧୯୪୫ରେ ୧୫୦, ୧୯୪୬ରେ ୧୭୫, ୧୯୪୭ରେ ୧୪୫, ୧୯୪୮ରେ ୧୭୦, ୧୯୪୯ରେ ୧୦୫ ଏପରି ଘଟଣା ଘଟିଛି । ଦେଖାଯାଉ ୫୦ରେ କଣ ହେଉଛି ।

[ନିସାଣ]

...କିଛି ଦିନ ପୂର୍ବେ ଏରସମା ନିବାସୀ କଂଗ୍ରେସ ପ୍ରାର୍ଥୀ ଓ ସେବକ ଶ୍ରୀ ମାଧବାନନ୍ଦ ଦାସଙ୍କ ଗୃହରେ ବଳପୂର୍ବକ ପ୍ରବେଶ କରି କେତେକ ଗୁଣ୍ଡା ପ୍ରକୃତିର ଯୁବକ ଅସହାୟ ସ୍ତ୍ରୀ ଲୋକମାନଙ୍କ ଉପରେ ଯେଉଁ ଘୃଣ୍ୟ ଅତ୍ୟାଚାର କରିଥିଲେ ସେଥିରେ ଆମ୍ଭେମାନେ ବିସ୍ମିତ ହୋଇଛୁଁ । ରାଜନୈତିକ କ୍ଷେତ୍ରରେ ମତପାର୍ଥକ୍ୟ ହେତୁ ବିଦ୍ୱେଷ ସୃଷ୍ଟି ହୋଇଥାଏ କିନ୍ତୁ ସେହି ବିଦ୍ୱେଷକୁ ଉପଲକ୍ଷ କରି ଏ ଧରଣର କାପୁରୁଷତା କୌଣସି ମତେ ସମର୍ଥନଯୋଗ୍ୟ ନୁହେଁ । ଶ୍ରୀଯୁକ୍ତ ଦାସଙ୍କର କର୍ମମୟ ଜୀବନରେ ସେ ଚିରଦିନାହିଁ ଦେଶସେବାରେ ସର୍ବସ୍ୱ ତ୍ୟାଗ କରିଛନ୍ତି । ୧୯୪୨ ମସିହାରେ ସେ ସର୍ବସ୍ୱ [illegible] ହୋଇ ନଥିଲେ । କିଛି ଦିନ ପୂର୍ବେ ହୋଇଥିବା ନିର୍ବାଚନରେ ସେ ସଫଳ କର୍ମୀ [illegible] ପରିଚୟ ଦେଇଛନ୍ତି । ସୋଶିଆଲିଷ୍ଟ କର୍ମୀର ସହ୍ୟ ଥାଇ ବହୁ ଲୋକଙ୍କର [illegible] ହୋଇ [illegible] ପଡ଼ିଥିଲା । [illegible] ତ୍ୟାଗୀ ଓ ଆଦର୍ଶବାଦୀ [illegible] ଏ ବିଦ୍ୱେଷ [illegible] ଯୋଗ୍ୟ । ସରକାର ଏଥିପାଇଁ ବିଦ୍ରୋହୀ ଦଳ ଉପରେ କଡ଼ାନଜର ରଖିବା ଉଚିତ । ଏହି ତ୍ୟାଗୀ ବ୍ୟକ୍ତିଙ୍କୁ ଦେଶ ଓ ସରକାର ସାହାଯ୍ୟ ଦେବା ଉଚିତ । ଅନ୍ତତଃ ମଙ୍ଗଳମୟ ଶୀଘ୍ର ସେ ସୁସ୍ଥ ହେଉନ୍ତୁ ଏହାହିଁ କାମନା କରୁଁ ।

[ପ୍ରଜାତନ୍ତ୍ର]

ଗତ ନିର୍ବାଚନ ଦ୍ୱନ୍ଦ୍ୱରେ ଶ୍ରୀଯୁକ୍ତ ମାଧବାନନ୍ଦ ଦାସ ଯେଉଁ ଅନ୍ତରଙ୍ଗତା ଓ ନିଷ୍ଠାର ସହ ବିଜୁ [illegible] ପ୍ରଚାର କରିଛନ୍ତି ତାହାର ପ୍ରତିକ୍ରିୟା ସ୍ୱରୂପ ତାଙ୍କ ପ୍ରତି ବିଦ୍ୱେଷ ହେତୁ ଗଣ୍ଡ [illegible] ଦିନ ତଳେ ତାଙ୍କ ଗୃହ ଆକ୍ରମଣର ଲକ୍ଷ୍ୟ ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଛି । ଶ୍ରୀଯୁକ୍ତ ଦାସ ଏରସମା ଗ୍ରାମର ଜଣେ ବର୍ଦ୍ଧିଷ୍ଣୁ ମହାଜନ । ଗତ ଦୁର୍ଭିକ୍ଷ ବେଳେ ତାଙ୍କର ଅର୍ଥ୍ୟଗୃହ ପ୍ରତ୍ୟେକଙ୍କ ପାଇଁ ଅକାତରରେ ଯେଉଁ ଆତଙ୍କ ସୃଷ୍ଟି କରିଥିଲା ତାହା ଆମେ ଲେଖିଥିଲୁ... ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ ଏ ଧରଣର ଆକ୍ରମଣ କରିବା ଅହେତୁକ ଧ୍ୱଂସର ଆଶଙ୍କା ନେଇ ଅନ୍ୟାୟ ପ୍ରତିବାଦ କରିବା ସମର୍ଥନଯୋଗ୍ୟ ନୁହେଁ । ଯଥାର୍ଥ ଗଣତାନ୍ତ୍ରିକ ଉପାୟରେ ଜନମତ ଗଠନ କରି କଂଗ୍ରେସ ମନ୍ତ୍ରୀମଣ୍ଡଳର ଓ ଶୋଷଣର ଉପଯୁକ୍ତ ପ୍ରତିକାର [illegible] । [illegible] ତାହାକୁ ଦେଖା କରାଯାଇ ନପାରେ । ଏହା ଶ୍ରେଣୀ ସଂଘର୍ଷର ସୂଚନା । ଧ୍ୱଂସାତ୍ମକ [illegible] ସମାଜର ବିରୁଦ୍ଧ ସମ୍ବାଦ !

(ମଜଦୁର)

“କ୍ଷେତ୍ରକାର ଓ ଦୁର୍ଗତି [illegible] ମନ ସନ୍ଦେହ [illegible] ଅକର୍ମଣ୍ୟ ଓ ଅଯୋଗ୍ୟ [illegible] ପ୍ରତିବାଦ ନ କରି ଏରସମା [illegible] ସ୍ଥାନୀୟ ସମ୍ବାଦଦାତା ଲେଖିଛନ୍ତି ଯେ କୌଣସି ଏକ ରାଜନୈତିକ ଦଳ [illegible] ଦାବି କରୁଛନ୍ତି । କିନ୍ତୁ ପୁଲିସ ଓ ଲୋକଙ୍କର [illegible] ଦୂରରେ ଥିବା ଥାନାର ପୋଲିସ କର୍ମଚାରୀଗଣ ଘଟଣା ସ୍ଥଳରେ ଉପସ୍ଥିତ ନ ହେବା ପୂର୍ବରୁ [illegible] ଶେଷ କରିଥିଲେ ବୋଧହୁଏ । କଂଗ୍ରେସୀ ପୁଲିସର ଅକ୍ଷମତାର [illegible] ତାହା [illegible]

ଅବଶିଷ୍ଟାଂଶ ପରପୃଷ୍ଠାରେ ଦେଖନ୍ତୁ



Digitized by srujanika@gmail.com

# ଭୁଲ

ଲେ— ଶ୍ରୀ କମଳ କୁମାର ମିଶ୍ର

' Hay you wise, you are yet to learn

କଳାପୂର୍ଣ୍ଣ ଜୀବନ ଭିତରେ ମୁଁ ବଢ଼ି ଆସିଛି ଯେଉଁଠି ମଣିଷ ପ୍ରତି ପଦକ୍ଷେପରେ କଳାର ଛଳନା କରେ। ଉଦ୍ଦେଶ୍ୟହୀନ ଭାବରେ ସେ କିଛି କରେନା, ତାର ପ୍ରତ୍ୟେକ ହାତ ହଲଚଲ ପଛରେ ଥାଏ ଉଦ୍ଦେଶ୍ୟ। ତଥାପି ମୁଁ ଭଲ ପାଉଥିଲି ରଞ୍ଜନାକୁ। ମଫସଲ ଝିଅ, ଅକୃତ୍ରିମ, ସାଧାରଣ ଗଣ୍ଡିଏ ଲୁଗା ସେ ନିହାତି ସାଧାରଣ ଭାବରେ ପିନ୍ଧିଥିଲା। ତା କଥାବାର୍ତ୍ତାରେ ନଥିଲା କଳା— ପଦକ୍ଷେପରେ ନଥିଲା ଛନ୍ଦ— ତା ଆଖି ଅନ୍ୟାୟ ଭାବରେ ଭଙ୍ଗୀ ଧରୁନଥିଲା। କିନ୍ତୁ ସେ ମୋତେ ଆମୋଦ ଦେଇ ପାରୁଥିଲା।

ସହରର ଝିଅଙ୍କୁ ବହୁତ ଦେଖିଛି। କୃତ୍ରିମତାର ଆଶ୍ରୟ ନେଇ ତାଙ୍କ କୃତ୍ରିମତାର ରୂପ ଭେଦ କରି ତାଙ୍କୁ ପାଇଛି। ସବୁଠି ପାଇଛି ଗୋଟିଏ ଲେଖାଏ ଶୂନ୍ୟ। କେହି... ମତେ କେହି ବାନ୍ଧି ରଖିପାରି ନାହାନ୍ତି। ଫଳରେ ମୁଁ ତାଙ୍କୁ ଘୃଣା କରେ। ତାର କାରଣ ଶିକ୍ଷା ନାଁରେ କୃତ୍ରିମତାହିଁ ସେମାନେ ଗ୍ରହଣ କରିଛନ୍ତି ଗଦ୍ୟ ପଢ଼ି ମଧ ସେମାନେ କବିତାକୁ ଗ୍ରହଣ କରିଛନ୍ତି! ତାଙ୍କୁ ଘୃଣା କରିବା ସ୍ୱାଭାବିକ। ଯେତେବେଳେ ମୁଁ ତାଙ୍କଠୁ ପଳାୟନ କରି କଳନାରେ ଆଶ୍ରୟ ଖୋଜୁଥିଲି ସେତେବେଳେ ଦିନେ ଆସି ମୋ ଆଗରେ ଧରା ଦେଇଥିଲା ରଞ୍ଜନା। ଅଳ୍ପ କେଇ ପଦ କଥାବାର୍ତ୍ତାରେ ମୁଁ ତାକୁ ଭଲ ପାଇଥିଲି। କେବଳ ଦିନ ଯେତେକର ଦେଖା।

ଗାଁକୁ ଫେରିଯାଇ ସେ ମୋ ଭଉଣୀ ନିକଟକୁ ପତ୍ର ଲେଖିଥିଲା। ଶେଷକୁ ସେ ଲେଖିଥିଲା—

"...... ଭାଇନାଙ୍କୁ ମୋର ପ୍ରଣାମ ଦେବ। ସେ ଯଦି ମତେ ଭୁଲି ଯାଇଥାନ୍ତି ତେବେ ମନେ ପକାଇ ଦେବ। ଗାଁର ଏଇ ଅଶିକ୍ଷିତା ଝିଅଟିକୁ କ'ଣ ତାଙ୍କର ମନେ ଥିବ। କେଜାଣି। କିନ୍ତୁ ମୁଁ ମନେ ରଖିଛି। ମୋ ପରି ଗୋଟାଏ ଗାଁ ଝିଅ ସାଙ୍ଗରେ ସେ ଯେ କଥାବାର୍ତ୍ତା କଲେ ସେତିକି ମୋ ପାଇଁ ଯଥେଷ୍ଟ......"

ପଢ଼ିଥିଲି। ଖୁବ ଭଲ ଲାଗିଥିଲା। ଏଇତ ଗୋଟିଏ ଝିଅ। ଅତି ଅକୃତ୍ରିମ। ପ୍ରକୃତି କୋଳରେ ବଢ଼ି ଆସିଛି। ସେ କ'ଣ ଜାଣେ ଛଳନା କ'ଣ, କଳା କ'ଣ, କୃତ୍ରିମତା କ'ଣ। ତା ଆଗରେ ଜୀବନ ହେଉଛି ଗୋଟାଏ ଆକର୍ଷଣ— ମାୟାପୂର୍ଣ୍ଣ, ମମତାପୂର୍ଣ୍ଣ, ସ୍ନେହପୂର୍ଣ୍ଣ। ତା ଆଗରେ ବିବେକର ହାକ ହେଉଛି ନ୍ୟାୟ— ସେଇୟା ହେଉଛି ତାର ଧର୍ମ।

ଭଉଣୀ ନାଁରେ ମୁଁ ତା ନିକଟକୁ ପତ୍ର ଲେଖିଥିଲି। ମୁଁ ଲେଖିଥିଲି—

'.........ତୁମର ପ୍ରଣାମ ଭାଇନାଙ୍କୁ ଦେଲି। ସେ ଖୁବ ଖୁସି ହେଲେ। ତୁମକୁ ସ୍ନେହ ଦେଇଛନ୍ତି ନେବ। ତୁମେ ଯେ ତାଙ୍କୁ ମନେ ରଖିଛ ସେଥିପାଇଁ ତୁମକୁ ଧନ୍ୟବାଦ। ସେ ତୁମ ସାଙ୍ଗରେ ଆଉଥରେ ଭଲ ପରିଚୟ କରିବା ପାଇଁ ଚାହାନ୍ତି। ସେ ହୁଏତ ଯା ଭିତରେ ଗାଁକୁ ଯିବେ। ସେତେବେଳେ ତୁମେ ତାଙ୍କୁ ଚିହ୍ନି ପାରିବତ? ସେଇୟା ସେ ପଚାରୁଥିଲେ। ସେ କହୁଥିଲେ କେବଳ ତୁମର ସାଙ୍ଗରେ ପରିଚୟ କରିବା ପାଇଁ ସେ ନିଶ୍ଚୟ ଗାଁକୁ ଯିବେ। ସେ ତୁମକୁ ଭଲ ପାନ୍ତି।...'

କିଛି ଦିନ ପରେ ତାର ଉତ୍ତର ଆସିଥିଲା। ରଞ୍ଜନା ଲେଖିଥିଲା—

"......ଭାଇନା କେବେ ଆସିବେ। ସେ ଯେ ଏଠାକୁ ଆସିଲେ ମୁଁ ତାଙ୍କୁ ଚିହ୍ନି ପାରିବିନି ସେ ଏ କଥା କେମିତି ଭାବି ପାରିଲେ। ମୁଁ ତାଙ୍କୁ ଏଠି ବରାବର ମନେ ପକାଏଁ। ସେ ଯଦି ମୋତେ ତାଙ୍କର ସ୍ନେହ ଦେଇ ପାରିଛନ୍ତି ତେବେ ମୁଁ କ'ଣ ନଦେଇ ପାରିବି। ତା ଛଡ଼ା ମୋର ଆଉ କ'ଣ ଅଛି। ମୋର ଶିକ୍ଷା ନାହିଁ— ଧନ ନାହିଁ, କିଛି ନାହିଁ। ମୋର ଯାହା କିଛି ଅଛି ସେତକ ତାଙ୍କୁ ଦେଇପାରିଲେ ମୁଁ ମୋ ଜୀବନ ସାର୍ଥକ ମଣିବି........

ତା ପରେ ମୋତେ ଗାଁକୁ ଯିବାକୁ ପଡ଼ିଥିଲା। ମୋ ଯିବା ଦିନ ଆଗରୁ ତାକୁ ଚିଠିରେ

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ମିଳାକୁ ବେଶ୍ ସ୍ପଷ୍ଟ ଜଣାଯାଏ। କିନ୍ତୁ ଯେଉଁଠି ପୁଲିଶର ପ୍ରକୃତ ଦରକାର ସେଠାରେ ଏମାନେ ଥାଆନ୍ତି କେଉଁଠି? ଏ ସମ୍ପର୍କରେ କେତେକ ନାଗରିକ ଦେଶପ୍ରେମୀ ପ୍ରଗତିଶୀଳ ସୋସାଇଟି କର୍ମୀଙ୍କୁ ଗିରଫଦାର କରୁଥିବା ବୀରତ୍ୱର ପରିଚୟ ଦେଉଛି। ଏ ଅରାଜକତା ଆଉ କେତେ ଦିନ ଚାଲିବ? ଭଗବାନ ଜାଣନ୍ତି।

[ବି. ମା]

ଆମ ଅଫିସର କନେଷ୍ଟବଳ ଦାସ ବାବୁର ଏ ଅବସ୍ଥା। ସେ ମାଧବାନନ୍ଦ ଦାସଙ୍କର ଆତ୍ମୀୟ ମଧ୍ୟ। ତାଙ୍କଠାରୁ ଘଟଣାଟିର ବିସ୍ତାରିତ ବିବରଣୀ ଜାଣିବାର ସୁଯୋଗ ଆମର ହୋଇଛି। ତାଙ୍କର ବର୍ଣ୍ଣନା ଅନୁଯାୟୀ ଘଟଣାଟି ସଂକ୍ଷେପରେ ଏହିପରି...

ରାତି ପ୍ରାୟ ନଅଟା ସମୟରେ ଶ୍ରୀଯୁକ୍ତ ଦାସଙ୍କ ପତ୍ନୀ [ଦ୍ୱିତୀୟ ବିବାହ, ପ୍ରଥମ ଦୁହିତାଙ୍କ ବିୟୋଗାନ୍ତେ] ଶ୍ରୀମତୀ ଭାନୁମତୀ ଦେବୀ ବୋଝେ ବାସନ ମାଜି ପୋଖରୀ ଘାଟରୁ ଫେରୁଥିଲେ। ଏପରି ସମୟରେ ଏକ ଅର୍ଦ୍ଧ ଚୀନ ଅସରପା ଉଡ଼ିବାର ଅନ୍ଧାରରେ ହଠାତ୍ ଶ୍ରୀମତୀଙ୍କ ଦେହରେ ପଡ଼େ। ଶ୍ରୀମତୀଙ୍କର ଅସରପା ଭୟ ସାଙ୍ଗକୁ ମୂର୍ଚ୍ଛା ରୋଗ ମଧ୍ୟ ଥିଲା। ସୁତରାଂ ଅସରପାଟି ଦେହରେ ପଡ଼ିବା ମାତ୍ରେ ସେ ମୂର୍ଚ୍ଛିତ ହୋଇ ପଡ଼ନ୍ତି। ତାଙ୍କର ହାତରେ ଥିବା ବାସନ କୁସନ ଚାରିଆଡ଼େ ଝଣ ଝାଣ ଶବ୍ଦରେ ବିକ୍ଷିପ୍ତ ହୋଇ ପଡ଼େ। ଶ୍ରୀଯୁକ୍ତ ଦାସଙ୍କ ବୁଢ଼ୀ ମା ତା ନାତି ନାତୁଣୀମାନଙ୍କୁ ଧରି ଚିହ୍ନାଉଥିଲେ। ବାସନ ପଡ଼ିବାର ଶବ୍ଦରେ ନିଦ୍ରାଳସ କଣ୍ଠରେ 'ଚୋର' 'ଚୋର' ବୋଲି ଚିତ୍କାର କରି ବାହାରକୁ ଦଉଡ଼ି ଆସୁ ଆସୁ ଦୁଆର ବନ୍ଧରେ ଝୁଣ୍ଟି ହୋଇ ପଡ଼ିଯାନ୍ତି ଫଳରେ ମଥାରେ ସାମାନ୍ୟ ଆଘାତ ଲାଗେ। ଏଥିରେ ବିଚଳିତ ହୋଇ ସାନ ସାନ ପିଲା ପିଲା ଗୁଡ଼ାକ ସୁର ଧରି କାନ୍ଦି ଉଠନ୍ତି। ଚୋର ଚୋର ଚିତ୍କାରରେ ପଡ଼ୋଶୀ ଘରୁ ଦୁଇ ଚାରିଜଣ ଠେଙ୍ଗା କଟୁରୀ ଧରି ବାହାରି ଆସନ୍ତି, ଏବଂ ଶ୍ରୀଯୁକ୍ତ ଦାସଙ୍କ ସ୍ତ୍ରୀ ଓ ବୁଢ଼ୀ ମାଙ୍କୁ ସାହାଯ୍ୟ କରନ୍ତି।... କିଛି ସମୟ ପରେ କୌଣସି ସୂତ୍ରରୁ ଖବର ପାଇ ଥାନା ଇନ୍ସପେକ୍ଟର ମହୋଦୟ ଜନ୍ ଗାଡ଼ିରେ ଆସି ରାଗ ହୋଇ ଥିବା ଚୋର ପାଞ୍ଚ ଜଣଙ୍କୁ ଧରି ନେଇ ଯାଇଛନ୍ତି।



Digitized by srujanika@gmail.com

ଜଣାଇ ଦେଇଥିଲି । ସେ ମୋ ସହାଶେ ଅପେକ୍ଷା କରିଥିଲା ।

ରଞ୍ଜନା ସହିତ ଆଳାପ ହେଲା । ଫଳରେ ମୁଁ ତାକୁ ଆହରି ଭଲ ପାଇଲି । କଲେଜରେ ଯେଉଁ ମାଧୁରୀ ସବିତାଙ୍କୁ ଦେଖି ମୁଁ ଘୃଣା କରୁଥିଲି ଏ ତାଙ୍କଠାରୁ କେତେ ଫରକ । ମାଧୁରୀ ସବିତା ସଙ୍ଗରେ ବା ସିନେମା ହଲର ବେଲକନି ଉପରେ ସମ ବୟସ୍କ ଯୁବକମାନଙ୍କର ଚଞ୍ଚଳ ହେବା ମନ୍ଦ ଲାଗିବନି । କିନ୍ତୁ ତାଙ୍କଠି ମିଳିବ କଅଣ । କିନ୍ତୁ ଏଇ ଅଶିକ୍ଷିତା ତରୁଣୀ ମତେ ବହୁତ କିଛି ଦେଇପାରିବ । ମୋ ଦେହ ଖରାପ ଥିଲେ ଯେ ମୋ ନିକଟରେ ରାତି ଦିନ ବସି ପାରିବ । ମୋ ମୁଣ୍ଡରେ ହାତ ବୁଲାଇ ଦେଇ ପାରିବ । ସେମାନେ ଜୀବନ ସଙ୍ଗିନୀ ହେଇ କଣ କରିବେ । ଡାକ୍ତରକୁ ଫୋନରେ ଡାକି ଦେବାରେ ହିଁ ତାଙ୍କ କର୍ତ୍ତବ୍ୟର ସମାପ୍ତି ହୋଇଛି । କେତେ ତଫାତ୍ ।

ସହରକୁ ଫେରି ଆସିଥିଲି । କିନ୍ତୁ ରଞ୍ଜନାକୁ ମନ ଭିତରୁ ତଡି ଦେଇ ପାରିଲିନି । ଫଳରେ ପୁଣି ଚେଷ୍ଟା କଲି କିପରି ରଞ୍ଜନା ସହରକୁ ଆସିବ । ଉଦ୍ୟମ ସଫଳ ହେଲା ।

ସନ୍ଧ୍ୟାପରେ ସବୁ ଦିନ ରଞ୍ଜନା ଆଉ ମୁଁ ଆସି ବସୁ ଛାତ ଉପରେ । କେତେ ପ୍ରକାର କଥାବାର୍ତ୍ତା ହୁଏ । କେତେପ୍ରକାର ତୁଅଳିଆ କଥା ସବୁ ସେ ମୋତେ କହେ । ଏ ଜଗତର ଛଳନା ବିଷୟରେ ସେ କିଛି ଜାଣେନା । କେତେ ସରଳ । ମୁଁ ତାକୁ ଆହରି ଭଲ ପାଇଲି ।

ଯୋଡ଼ିଏ ସାନ ସାନ ତୁଅ ପରି ଆମେ ଛାତ ଉପରେ ପରସ୍ପରର ମୁହଁ ନିକଟରେ ମୁହଁ ରଖି ଶୋଇ ପଡ଼ୁଥାଉ । ମୁଁ ଯେ କିପରି ସାନ ପିଲାଟିଏ ପରି ହୋଇଗଲି ତା ମୁଁ ଠିକ୍ ଜାଣେନା । ମାଧୁରୀ ସବିତା ସଙ୍ଗରେ ମୁଁ ଏ ପ୍ରକାର ବ୍ୟବହାର କେବେହେଁ କରି ପାରନ୍ତିନି । ତାଙ୍କୁ ମୁଁ ଅଳ୍ପ କଥା କହନ୍ତି । ହାବଭାବରେ ଭାଷା ବ୍ୟକ୍ତ କରନ୍ତି । ହାତ ବଢ଼ାଇ ମଧ୍ୟ ତାଙ୍କ ହାତ ଗ୍ରହଣ ନକରି ମୋ ହାତ ଫେରାଇ ଆଣନ୍ତି । ତାଙ୍କ ମନରେ କୁହେଳିକାର ଧୂଆଁ ସୃଷ୍ଟି କରନ୍ତି । ତା'ରି ଭିତରେ ତାଙ୍କୁ ହଜାଇ ଦେଇ ଶେଷରେ ମୋର ପଦାନତ କରନ୍ତି । ତାଙ୍କୁ କନ୍ଦାନ୍ତି—ହସାନ୍ତି— ତାଙ୍କୁ ଦୁର୍ବଳ କରି ମୁଁ ହସନ୍ତି । ସେଇଠି ହୁଅନ୍ତା ମୋ ଶିକ୍ଷାର ସାର୍ଥକତା । ଆଉ ଚରମ ସାର୍ଥକତା ଆସନ୍ତା ଯେତେବେଳେ ମୁଁ ତାଙ୍କୁ ଗୋଡ଼ରେ ଆଡ଼େଇ ଦେଇ ପାରନ୍ତି ! ରାସ୍ତା ଉପରର ଗୋଟିଏ ଗୋଟିଏ ପଥର ଖଣ୍ଡଗୁଡ଼ିକ । ପ୍ରତିବନ୍ଧକ । ତାଙ୍କୁ ରାସ୍ତାରୁ ଗୋଡ଼ରେ ଆଡ଼େଇ ଦେବା ଦରକାର । ନହେଲେ ଅନ୍ୟମନସ୍କ ହୋଇଥିବା ସମୟରେ ଆମର ପଡ଼ିଯିବାର ସମ୍ଭାବନା ଅଛି ।

ଗୋଟିଏ ମାତ୍ର ସପ୍ତାହ । ତା'ପରେ ରଞ୍ଜନା ତାଙ୍କ ଘରକୁ ଫେରିଗଲା । ଗଲାବେଳେ ମୁଁ ଦେଖିଥିଲି ତାର ଆଖି ଛଳ ଛଳ ହେଇ ଉଠିଛି । ମୁଁ ତ ମୁଣ୍ଡରେ ହାତ ବୁଲାଇ ଆଦର କଲି ବିଦାୟ ବେଳରେ ସେ କାନ୍ଦି ଉଠିଥିଲା । ମୁଁ ଦୁର୍ବଳ ହୋଇ ପଡ଼ିଥିଲି । ମୋ ଆଖି ଆର୍ଦ୍ର ନହେଲେ ମଧ୍ୟ ତାକୁ ବିଦାୟ ଦେଇ ଫେରି ଆସିବା ପରେ ମତେ ଆଉ କିଛି ଭଲ ଲାଗିନି । ସେ ଫେରିଯିବାର ଅଳ୍ପ ଦିନ ପରେ ଚିଠି ଆସିଥିଲା ।

"......ଆପଣ ଯେ ମତେ କେତେ ଭଲ ପାନ୍ତି ସେ କଥା ମୁଁ ଜାଣେ । ମୋ ପରି ଗୋଟିଏ ଅଭାଗୀକୁ ଯେ ଆପଣ ଭଲ ପାଇ ପାରିଲେ ସେଥିପାଇଁ ଈଶ୍ୱରଙ୍କ ନିକଟରେ ମୋର ଶତ ଧନ୍ୟବାଦ । ମୋର ବହୁତ ଆଶା ଆପଣଙ୍କ ନିକଟରେ ଥିଲା । ଆଉ କିଛି ଦିନ ସେଠି ଥିଲେ......

ଆପଣଙ୍କ କଥା ମୋର ସବୁବେଳେ ମନେ ପଡ଼େ ମୁଁ ସବୁବେଳେ ଆପଣଙ୍କ କଥା ଭାବେ । ଆଉ କେବେ କଅଣ ଆପଣଙ୍କ ସହିତ ମୋର ମିଳନ ହେବନି ? ଭଗବାନଙ୍କ ନିକଟରେ ସେଥିପାଇଁ ମୁଁ ପ୍ରାର୍ଥନା କରୁଛି । ପୁଣି ଦେଖାହେଲେ ଆଉ......

ମୋର ପ୍ରଣାମ ଗ୍ରହଣ କରିବେ । ଶତ ପ୍ରଣାମ ଦେଲି । ସବୁତକ ଆପଣଙ୍କ ଗୋଡ଼ ତଳେ ଦେଲି । ଆଉ ଗୋଟାଏ ମଧ୍ୟ ଦେଲି ଆପଣଙ୍କ ହୃଦୟ ପାଇଁ......।

ତାର ଉତ୍ତର ଦେଲି ମୁଁ ।

ଲେଖିଥିଲି—

'ରଞ୍ଜନା ! ମୁଁ ତୁମକୁ କେଜାଣି କାହିଁକି ଭଲପାଏ ଜାଣେନା । ମାତ୍ର ଏ କଥା ସତ ଯେ ତୁମେ ହେଉଛ ଏକମାତ୍ର ପ୍ରିୟ ସାଥୀ ଯାହା କଥା ମୋ ମନରେ ଜାଗେ । ତୁମେ କେବଳ ମୋ ମନରେ ଦାଗ ପକାଇ ପାରିଛ । ତୁମର ସ୍ନେହ ତୁମର ଭଲ ପାଇବା ଯେ ମୁଁ ପାଇ ପାରିଛି ସେଥିପାଇଁ କୃତାର୍ଥ ଅନୁଭବ କରୁଛି......"

'ଉତ୍ତର ଆସିଥିଲା—

'......ମୋର ସ୍ନେହ ଆଉ କଅଣ ଦେଇ ପାରିଛି । କଅଣ ଅବା ଆପଣ ମୋ ନିକଟରୁ ପାଇଛନ୍ତି । ମୋର ଯାହା କିଛି ଅଛି ଯେଉଁଦିନ ସବୁ ଆପଣଙ୍କ ଗୋଡ଼ ତଳେ ଥୋଇ ଦେଇ ପାରିବି ସେ ଦିନ ମୋ' ଜୀବନ କୃତାର୍ଥ ହେବ । ମୋର ବହୁତ କିଛି ଆଶା ଆପଣଙ୍କ ନିକଟରେ ଅଛି । ଯେଉଁ ଦିନ ସେ ସବୁ ମୁଁ ପାଇବି ସେଇ ଦିନ ମୁଁ ଭାଗ୍ୟବତୀ ହେବି । ହାୟ, ଆଉ କିଛି ଦିନ ସେଠି ରହି ପାରୁଥାନ୍ତି ତେବେ......

ମୋର ପ୍ରଣାମ ନେବେ— ଆଶାରେ ରହିଲି......

ବଡ ସରଳ ଲେଖା । କପଟତା ନାହିଁ । ଛଳନା ନାହିଁ । ପ୍ରବଞ୍ଚନା ନାହିଁ । ଏପରି କଳା କିମ୍ବା କିଛି ନାହିଁ । ତଥାପି ଚିଠି ଗୁଡକର ମାଧୁର୍ଯ୍ୟ ଅଛି । ମନ ଅଛି । ହୃଦୟ ଅଛି । ମୁଁ ରଞ୍ଜନାକୁ ଆଉ ବେଶୀ ଭଲ ପାଇବାକୁ ଆରମ୍ଭ କଲି । ତାକୁ ମୋ ନିକଟରେ ରଖିବାର ବାସନା ବଳବତୀ ହୋଇ ଉଠିଲା । ମୁଁ ଚାହିଁଲି ଯେପରି ସେ ମୋ ନିକଟରେ ଥାଉ, ମୋ ସାଙ୍ଗରେ ଥାଉ, ମୁଁ ତାକୁ ଆଦର କରିବି, ତା ସାଙ୍ଗରେ ଖେଳେ । କିନ୍ତୁ କଳନା କେବଳ କଳନା—

ପୁଣି ଚେଷ୍ଟା କଲି କିପରି ମୁଁ ପୁଣି ତା ନିକଟକୁ ଯାଇ ପାରିବି କିମ୍ବା ସେ ସହରକୁ ଆସି ପାରିବ । ବହୁତ ଚେଷ୍ଟା କଲି । ଶେଷକୁ ରଞ୍ଜନା ଆସିଲା ।

ପୁଣି ଆରମ୍ଭ ହେଲା ସେ ପୁରୁଣାର ଅଭିନୟ । ସେଇ ଛାତ ଉପରୁ— ସେଇ ମଅଁଳିଆ କଥା । ପୁଣି ମୁଁ ଶିଶୁଟିଏ ହୋଇଗଲି ତା ନିକଟରେ । ବସ୍ତୁବାଦ ଶିକ୍ଷା ସେ ଈଶ୍ୱରଙ୍କ ସୃଷ୍ଟି ପାଏ— ତା' ମୁଁ ଭୁଲିଗଲି । ଏଇ ଆନନ୍ଦରେ ଛଳ ନାହିଁ— କପଟ ନାହିଁ ବାସ୍ତବିକ ମୁଁ ଆନନ୍ଦ ପାଉଥିଲି ତା ନିକଟରେ ।

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ଗୃହିଣୀର ଅଭିମାନ

ଲେ—ଶ୍ରୀ ଉଗ୍ରସେନ ଶତପଥୀ

ସ୍ୱାମୀ ବରଷକରେ ଘରକୁ ଆସୁଛ ଦିନେ ମାତ୍ର
ଲୁଚିକି ନ ରହ ଖବର ଜାଣିବାକୁ କାହିଁ ଦେଲ ଅସ୍ତ୍ର ?
ଅଫିସରେ ଏବେ ତମେ ପଡ଼ୁଛ, ନା ପଢ଼ୁଛ କଏ
ପୋଡ଼ି ଯାଉ ତୁମ କାଗଜ ଲଗା ପାଠ ଆଇ, ଏ, ବି, ଏ, ?
ପାଠ ପଢ଼ିବାକୁ ସ୍ପୃହା ତୁମର ଥିଲା ଗୋ ଯେବେ
ଜାଣୁ ତ ଶୁଣି କି କହିଁ ହାତ ଦେଖାଇ ଧରିଲ କେବେ ?
କାହୁଁ କାହୁଁ ଏବେ ଲେଖୁଛି ଗଳ୍ପ ଶୁଣ ବରଷ
ମରମର କଥା କାହାକୁ କହିବି କପାଳ ଦୋଷ ।
ବିଦେଶରେ ରହି ଦୁଃଖ ସୁଖ ମୋର ବୁଝିଲ ନାହିଁ
ଦେଲ ଅଚଳରେ ରହିବି କେମନ୍ତେ ମୁଁ ସୁହିଁ ଗୃହିଁ ?
କେତେ ଗୁଣବତୀ ମହିଳା ତୁମର ଶୁଣିଛି ଭଲ
ଭଗବାନ ଗଣ୍ଡିବା ଶୁଣିବାକୁ ହାତ ଦେଖାଲେ ଥିଲ !
ଧାନ କୁଟି କୁଟି, ପାଣି ବୋହି ବୋହି ମଲିଣି ସତି
ଘରକ ଚଳନ୍ତି କରି ମୋ ମାଉସୀ ଗଲାଣି ମରି ।
ସାଇ ପଡ଼ିଶାରେ ହସ ହସା କରି କହନ୍ତି ପୁଣି
ଆଜିକି ଅଟିରେ ଜୀବନ ଧନ୍ୟ ମୁଁ ସଉତୁଣୀ ।
ସବୁ ସହି ସହି ଛାତିଟା କାଲିଣି ଏବେ ପଥର
ମାଡ଼ ଖାଇବାକୁ ବଳ କାହିଁ ଯଦି ଦେବି ଉତ୍ତର ।
ଭଉଣୀ ତୁମର ଖାଇ ପିଇ ଶୋଇ ହେଲାଣି ମୋଟି
କଥରେ କିଣିବା ଗାଁ ଆହା କାହିଁକି ଓଡ଼ଣା ଗୋଟି ।
ମା' ଝିଅ ଦହେଁ ମେଣ୍ଟି ଲାଗିବେ କଳି କଜିଆ
ସେ ଗାଳି ଶୁଣିଲେ ନ ଜଳିବ କହ କାହାର ହିଆ ?
ସବୁ ଶୁଣି ଦେଖି ତମ ବାପ-ମୋତେ କହନ୍ତି ଦୋଷୀ
'ହଳ' ଗାହ ସିନା ସ୍ୱର୍ଣ୍ଣପାଏ ଗୁମ୍ଫା ଜାଣ ଅହିଂସି ।
ଆପଣେ ହେଲ ଗୋ ! ତୁମେ ପଢ଼ୁଅଛ କହିକେ ପାଠ
ବୁଝାଉ ଜାଣିବ ଘର ଭିତରର ଏ ସବୁ ନାଟ ?
ଶୁଣି କି ଏବେ ମୁଁ ତୁମ ସାଥେ ପରା ପଢନ୍ତି ଯିଏ
ତେଲ ବୁଲ ଥିଲେ କାଠଯୋଡ଼ି କୂଳେ ହାଉଆ ଖାଅ ?
ଯୋଡ଼ ଯୋଡ଼ ହୋଇ ସିନେମା ଘରରେ ଥାଅ କି ବସି
ଜବ ନାଚ, ଗୀତ, ଥିଏଟର ତାମସା କି ଲଗାଅ ହସି ?
ଖେଳା ଶେଷ ହେଲେ ନାଲି ଲଫାପାରେ ଦିଅ ପଠାଇ
ଖରର ଘରଣୀ ଯାଉଅଛି ତେଣୁ ମନ ପାସୋର !
ସ୍ନୋ, ପାଉଡ଼ର ମାଗିବା ସବୁରି ଦୁଲୁକି ଗଲା
ତୁମେ ଥିଲ ବୋଲି ଆଣୁଥିଲ; ଆଉ କେ ଦେବ ଭଲ ?
କବିତା ଲେଖିବା ତମ ଗଳ୍ପ କାମ ଦେଲାଣି ସ୍ଥିତି
ଯାହା ଥିଲା ପାଖେ ଟଙ୍କା ଭିତରରେ ଦେଉଛି ଜାଳି !
ସୁନ୍ଦର କରି ଏଣେ ଗଢ଼ିଲେ ଟାଏ ଭାତ, ରହିଲି ଦୂରେ
ସପନପୁରର ରାଜରାଣୀ ଏଣେ ବସିଦେଇ ସୁରେ !
ଘଟକୁ ଫେରିଲେ ଆଣନ୍ତ କି ଶାଢ଼ୀ ବାଉଜ ଜନା
ସୁନା ଚୁଡ଼ି ଅବା ଫେସ ପାଉଡ଼ର ଆଣୁ ନ ଜମା ।
ସେଥିପାଇଁ ଭାବେ ମନରୁ ଯାଉଛ ନ ହେଉ ଭୁଲ
ମାସେ କି' ମାସରେ ଆସନ ସବୁରେ ଗାଁକୁ ବୁଲି ।
ତୁମକୁ ନଦେଖି ନେ ଆଉ ଚଳି ପାରିବି ନାହିଁ
କବିତା ଏବେଠୁଁ ରଖିବ ମୋ' ବାପ ଘରକୁ ଯାଇ ।
ଧନ ଦରବ ତ ଏତେ ଟିକିଅଛି କଏ ଖାଇବ
ହଇ ଗୋ । ଏଥର ନାହିଁ ଘରେ ରହିବି ଆସିବ ।

---

ମୁଁ ଯେ ଗୋଟିଏ ଯୁବକ—ମୁଁ ଯେ ଯୁବତୀର ଦେହ ମୁଁ କେବେହେଁ ତା ଯେ ଶତ୍ରୁ ଯେ ମୋ କାହିଁକି ଅଛି ସେ କଥା ମୁଁ ଭୁଲିଗଲି ।

ଦିନ ଆସିଲା ଯାଉଛି । କ୍ରମେ କ୍ରମେ ଆମେ ଅନ୍ଧାର କୋଣରେ ହେଲୁ । କେତେ କଥା । କେତେ ଗପ । ସେହି ତୁମ୍ଭାଳିଆ ପ୍ରକାର ର ସବୁ ଗଳି ଭିତରେ କଳ୍ପନାକୁ ମୁଁ ଆମ୍ଭର ଭଲ ପାଇଲି । ଆହୁରି...

ସେ ଯେ ମୋତେ ଭଲପାଏ ତା ମଧ୍ୟ ମୁଁ ଜାଣିଥିଲି । ସେ ମଧ୍ୟ ମୋତେ ଦେଖି ଭଲ ପାଇଲା । ମୁଁ ଖୁସି ହେଲି ।

ରଞ୍ଜନାର ଗାଁକୁ ଫେରିଯିବାର ସମୟ ହୋଇ ଆସିଲା ତଥାପି ଦିନ ଆଗରୁ ଆବେଗରେ ଆସିଲି ମୁଁ ଦୁଃଖ ଅନୁଭବ କଲି ଆମେ ଏଇ ବାହ ବାହା ପିଲା ଦିନ କଥା ଏକାଠି ଏମିତି ଜୀବନ କଟାଇ ପାରିବା ।

ଆଉ ଦିନେ ବାକି ଅଛି । ସେଦିନ ରଞ୍ଜନା ଗଳ୍ପ ଲେଖିଲା ଏ କାଗଜ ମୋତେ ଦେଇ ଦେଲା ମୋ ହାତକୁ । କହିଲା, 'ଗଲା ପରେ ପଢ଼ିବେ ।'

ଲେଖାଥିଲା—

'......ମୁଁ ଆପଣଙ୍କୁ କେଉଁ ରୂପେ ପାଇବି । ଆପଣ ମୋତେ ଭଲ ପାଆନ୍ତି— ସେ କଥା କହନ୍ତି, ଲେଖନ୍ତି । କିନ୍ତୁ ଏତେଦିନ ଧରି ମୁଁ ଯେ ଆପଣଙ୍କ ଭଲ ପାଇବା ପାଇ ମାଗିବା ପାଇଁ ଆସି ବାହାର ହୋଇ ଚେଷ୍ଟା କରିଛି ସେ କଥା କେଉଁଠି ଆପଣ କେବେ ହେଲେ ବୁଝି ପାରନ୍ତି କି ? ମୁଁ ଅନୁଭବ କରୁଛି ଆପଣ ମୋତେ ଭଲ ପାଆନ୍ତି ନାହିଁ, କେବଳ ସେଇମିତି ଦେଖାଇ ହେବାକୁ ଗୃହସ୍ଥ...'—

ମୋର ମନେ ପଡ଼ିଲା ତାର ଚିଠି ଗୁଡ଼ିକ । ସେ ଲେଖିଥିଲା—'ଆଉ କେତେଦିନ ହେଲେ...' ପୁଣି ...ଦେଖାହେଲେ ଆଉ...'—'ହୃଦୟ ପାଇଁ'— 'ଯଦି କେତେଦିନ ସେଠି ରହି ପାରିଥାନ୍ତି ତେବେ... ...' ମୋର ସବୁ ମନେ ପଡ଼ିଲା । ବର୍ତ୍ତମାନ ମୁଁ ରଞ୍ଜନାକୁ ବୁଝି ପାରିଲି । ତାର ଚିଠି ଗୁଡ଼ାକ ବୁଝି ପାରିଲି ।

ତା ପରଦିନ ରଞ୍ଜନା ଫେରିଗଲା ବେଳେ ତାକୁ ଦେଖିଲି । ଆଜି ଆଉ ତାର ସେ ନମ୍ର ଭାବ ନାହିଁ । କେବଳ ପ୍ରାର୍ଥନା ତା ଆଖିରେ ନାହିଁ । ସେଠି ଅଛି କେବଳ—

ସେ ଦିନ ମୋର ଆଉ ଭୁଲ ହୋଇ ନଥିଲା ।

Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ—କାଳୀଚରଣ ପଟ୍ଟନାୟକ

ସତ କଥାକୁ, କାହିଁକି ଲେଖେଁ ? ମନରେ ଯାହାଥାଏ, ଯାହା ଫୁଟେ, ତା କଅଣ କାମରେ ହୁଏ ? ଆଶାରେ ସେ ଆଶ ଥାଏ—ସେଇଟି ତାର ଜନ୍ମ; ମରଣ ବୋଧହୁଏ ସେ ଅସାର ଅସାର ଆଶା ଭିତରେ । ତଥାପି ଆଶାହିଁ ଭରସା ।

ଖୁବ୍ ପିଲା ଦିନେ ସେତେବେଳକୁ ମୋତେ ପ୍ରାୟ ଦଶବର୍ଷ— ଲେଖା ଆରମ୍ଭ କାଳ ମୋର ସେଇ । ଗୀତକୁ ମୁଁ ଭାରି ସୁଖ ପାଉଥିଲି, ପାଏ ମଧ୍ୟ । ଆମ ଘରେ ବି ଆଗରୁ ବାପା, ଯେଜେବାପାଙ୍କ କାଳରୁ ଗୀତର ଚର୍ଚ୍ଚା ଥିଲା । ଦାଣ୍ଡ ମେଲା ବୈଠକରୁ ବହୁତ ପୁରୁଣା ଗୀତ ଶୁଣେ । ହଠାତ୍ ଦିନେ ମୋର ମନ ହେଲା କେମିତି ଗୀତ ଲେଖନ୍ତି । ଅବଶ୍ୟ ସଂଗୀତ ଶାସ୍ତ୍ର ହିସାବରେ ସ୍ୱରଜ୍ଞାନର ଧାର ଧାରୁ ନଥିଲି ମୁଁ; ମାତ୍ର ଶୁଣି ଶୁଣି ବହୁତ ଗୀତ ଗାଉଥିଲି । ମୋର କୁଆଡେ ଭଲ ଗଳା ଥିଲା ବୋଲି ଲୋକେ କହନ୍ତି । ଆମ ବଂଶଟା ପାକ୍କା ଶକ୍ତ ଉପାସକ । ଘର ପାଖରେ ଅମର ଚର୍ଚ୍ଚିକା ଠାକୁରାଣୀଙ୍କ ଦେଉଳ । ରୋଜ ସଞ୍ଜ ବେଳେ ମୁଁ ଦର୍ଶନ କରିଯିବା ପାଇଁ ବୋଉ ମୋତେ ଅଭ୍ୟାସ କରାଇଥାଏ । ସେ ରଙ୍ଗୀନ ପାହାଡ଼, କୁଳୁଖୋଲା ମହାନଦୀ, ଏକୁଟିଆ ଗୋଟିଏ ଅଚହ୍ନା ଗଛ, ମେଲା ପବନ, ଭଦୁଅଁ ଜହ୍ନ ଭାରି ଭଲ ଲାଗେ ମୋତେ, ବେଢ଼ା କଡ଼ର କାନ୍ଥ ଉପରେ ବସି ମନ ଇଚ୍ଛା ଗୀତ ଗାଏଁ— ଶାଗରୁ ପଦେ— ମୂଗରୁ ପଦେ । ଦିନେ ହଠାତ ଘରକୁ ଫେରି ଖାତା ପେନ୍‌ସିଲ ଧରି ଗୀତ ଲେଖି ବସିଲି । ସେ ଗୀତଟିର ପ୍ରଥମ ଧାଡ଼ି ହେଲା:—

"ହେବ ଗୋ, ପରମାନନ୍ଦଦାୟିନି
ପଦ୍ମଗନ୍ଧ-ପ୍ରସୂନ ମାଳିନି,
ମା ମଙ୍ଗଳ ବିଳାସିନି!
କର ଦୟା ଦିନେ ସିଂହବାହିନି!
ହର ହୃଦୟ ପରଶୁବାଣି !

ଏବେ ସେ ଗୀତଟି ଦେଖି, ପଢି, ଶୁଣି— ଏ ଲେଖା ମୋର ବୋଲି ମନେ ହୁଏ ନାହିଁ । ସେତେବେଳେ ମୋର ବୟସ, ମୋ ବିଦ୍ୟା ବୁଦ୍ଧି, ଅପର ପ୍ରାଇମେରୀ ପଢ଼ୁଆ ଛାତ୍ର ମୁଁ କେହି ସେ କଥା ବିଶ୍ୱାସ କରିପାରିବେ ନାହିଁ, ତଥାପି ମୁଁ ଅଙ୍ଗେ ଲିଭେଇ ଥିବା କଥା କହୁଛି । ସେ ଗୀତ ଦେଖିବା ଭଳି ଜଣେ ଅଧେ ଲୋକ ଏବେ ବି ଜୀଇଛନ୍ତି । ଛଡ଼ା ଏମିତି ହଉ ହଉ— ଗୀତ ଲେଖାରେ ମନ ବଳିଲା । କ୍ଲାସରେ ବସି ପଢ଼ିଲା ବେଳେ ବି ଗୀତ ଲେଖିଥାଏଁ । ଏଇଟି— ଏଇ କଟକରେ ମୋର ସେ ସହପାଠୀମାନେ ଅଛନ୍ତି—ଅବଶ୍ୟ ମୋର ୧୫।୧୬ବର୍ଷ ବେଳରେ ସହପାଠୀ— ସେମାନେ ଆଜି ସୁଦ୍ଧା ଏଇ କଥା ମନେ ରଖି କହନ୍ତି । ଗୀତ ଲେଖୁ ଲେଖୁ ଧୀରେ ଧୀରେ କବିତା ଲେଖି ବସିଲି । କବିତାରୁହିଁ ମୋ ଲେଖା ଆରମ୍ଭ । ଏଇ କବିତା ଆଉ ଗୀତ ଭିତରେ ଭକ୍ତିରସ ଓ ଆଦିରସର ବହୁତ ରଚନା ଥିଲା । ପଣ୍ଡିତ କୃପାସିନ୍ଧୁ ହୋତା [ଏବେ ସାକ୍ଷୀଗୋପାଳରେ ଅଛନ୍ତି] ମୋତେ ଆଦିରସର କବିତା ଲେଖିବାରୁ ବାରଣ କରିଥିଲେ । ମୋ ଲେଖାର ଗତି କେତେ ପରିମାଣରେ ଫେରିଗଲା ସତ, ମାତ୍ର ବରାବର ଆଦିରସଟାକୁ ବାଦ୍ ଦେଇ ପାରିଲି ନାହିଁ । କବିତାଠାରୁ ଗୀତ ଲେଖାରେ ଝୁଙ୍କ ବେଶୀ ଥାଏ— ଲେଖେଁ, ଗାଏଁ—ଧାଙ୍ଗ ପିଲାମାନଙ୍କୁ ଶୁଣାଏଁ— ଖୁବ୍ ଆନନ୍ଦ ପାଏ । ଏତିକି । ତା ଛଡ଼ା ମୋର ଆଉ ଲେଖିବାରେ କାରଣ ନଥିଲା ।

ଗଡ଼ଜାତର ପ୍ରକୃତି ଭିତରେ ମୁଁ ବଢିଛି, ସେ ବଣ ପାହାଡ଼, ଝରଣାର କୁଳୁକୁଳୁ ଗୀତ, ବଣ କୋଇଲିର କୁହୁ କୁହୁ ଡାକ ସଙ୍ଗେ ଲୁଚକାଳି ଖେଳ, ବଣୁଆଁ ଶବର ସାନ୍ତାଳମାନଙ୍କ ମନଖୋଲା ନାଚ ଗୀତ, ଏଇ ସବୁ ମୋର ସାଥୀ । ସେଇମାନଙ୍କୁ ଉପାଦାନ କରି ମୁଁ ଲେଖେଁ, ମୋର ଆନନ୍ଦ ପାଇଁ; ମୋର ସୁଖ ପାଇଁ— ମୋର ପାଇଁ ମୋ ଲେଖା— ଆଉ କାହା ପାଇଁ ନୁହେଁ ।

ସେଇଠୁ ପଲ୍ଲୀ ପ୍ରକୃତି ମୂଳ କରି କବିତା ଲେଖି ବସିଲି । ମୋର ଲେଖକ ଜୀବନର ପ୍ରଥମ ପ୍ରକାଶ "କଳାହାଣ୍ଡିଆ ମେଘ" ପଲ୍ଲୀର ବର୍ଷା ବର୍ଣ୍ଣନା— ମୁଦ୍ରଣ କାଳ ୧୯୧୭ସାଲ- ମୁଦ୍ରଣାଳୟ ଅରୁଣୋଦୟ ପ୍ରେସ, ପ୍ରକାଶକ— ମୋର ପିତାଙ୍କର ଅନ୍ତରଙ୍ଗ ବନ୍ଧୁ ସ୍ୱର୍ଗୀୟ ଡ଼ାଃ ନରସିଂହପ୍ରସାଦ ଦାନ । ତା ପରେ ଲେଖିଛି ବହୁତ— କୁଆଡେ ଯେ ସେ ସବୁ ହଜିଲା ବା କିଏ ନେଇଛି ପାଇଲି ନାହିଁ ।

ଗୀତ ଆଉ କବିତା ଲେଖୁ ଲେଖୁ ଆରମ୍ଭ କଲି ନାଟକ, ଛୋଟ ଗପ ଆଉ ଉପନ୍ୟାସ ଲେଖା । ନିଜେ ନିଜେ ପ୍ରଯୋଜକ ହୋଇ ହୋଇ ସାଙ୍ଗସାଥୀ ପିଲାମାନଙ୍କୁ ନେଇ କେତେ ନାଟକ ଯେ ଅଭିନୀତ କରାଇଛି, ଠିକଣା ନାହିଁ । ସେଥିଭିତରୁ ଅଧିକାଂଶ ମୋ ଲେଖା ।

ସବୁ କଥା ବଖାଣି ବସିଲେ ତ ଲେଖା ବଳେଇ ପଡ଼ିବ । ଟିକେ ଟିକେ କହୁଛି । ଏଇ କାଳରୁ ମୋର ନାଟକ ଲେଖା, ଗୀତରେ ସୁର ଦିଆ; ଆଉ କବିତା ଲେଖା ଉପରେ ଟିକିଏ ଝୁଙ୍କ ବେଶୀ ହେଲା । ସେତେବେଳକୁ ଆମ ଏଠି ପୁରୁଣା ଗୀତ ସବୁ ବୁଡ଼ ବୁଡ଼ୁ ଆସୁଥାଏ । ଆମ ଦେଶ, ଆମ ଜାତି, ଆମ ସ୍ୱର ଆମ ସାହିତ୍ୟର ଗୌରବ ରକ୍ଷା— ମୋର ମନରେ ବସା ବାନ୍ଧିଲା । ମୋ ପ୍ରତିଷ୍ଠିତ ରାସ ଦଳରେ ପୁରୁଣା ଗୀତମାନ ଖଞ୍ଜି ପ୍ରଚଳନରେ ଲାଗିଲି । ୧୯୩୨ରେ ଚମ୍ପୂ ଗୀତିକ ରୂପରେ ଖଞ୍ଜାଇ ଗୀତି-ନାଟ୍ୟ ଲେଖି ଅଭିନୀତ କରାଇଲି । ସେତେବେଳକୁ ମୋତେ ଲୋକେ ଟିକିଏ ଟିକିଏ ଚିହ୍ନିଲେଣି । ଚମ୍ପୂ ନାଟକ ଘରେ ଘରେ ସମାଦର ପାଇଲା । ଦୁନିଆରେ ନୂଆ ହୋଇ କିଛି ଅଛି ବୋଲି ମୋର ମନେ ହୁଏ ନାହିଁ । ଖାଲି ପୁରୁଣା ସୁରରେ ନୂଆ ବୋଲିବା କଥା । ବୁଡ଼ି ଯାଉଥିବା ଘର ପଦାର୍ଥକୁ ସାଇତି ସଂପାଦ ରଖି ନୂଆ ଛାଞ୍ଚରେ ବେଭାରିବା ହେଲା ମୋର ଲକ୍ଷ୍ୟ । ମୋ ଗାଁ, ମୋ ନଈ, ମୋ ଦେଶ— ମୋ ପାଇଁ ସ୍ୱର୍ଗ— ଏଇ ହେଲା ମୋ କବିତ୍ୱ । ଗଣ ବା mass ପାଖରେ ଯେ ଭାଇବା-ଟାକୁ ମୁଁ ପସନ୍ଦ କରେ ନାହିଁ । 'ଗୋଲେ ହରିବୋଲ' ହେଲା mass ର ମତ, କଥା ଭାଙ୍ଗର— ତାଙ୍କୁ ପ୍ରାଣ-ପକ୍ଷେ ଦେଶର ପଲ୍ଲୀ-ଘର ଫିଟାଇ ଦେଖାଇବା ମାନସରେ ମୁଁ ଲାଗିପଡ଼ିଲି । ବୁଡ଼ି ଯାଉଥିବା ସ୍ୱର, ପାଶୋରା ସାହିତ୍ୟର-ଜିନିଷ ଗୁଡ଼ିକ ଟାଣି, ଢଙ୍ଗ ରଙ୍ଗ ଚେତାଇ ଦେବାକୁ ଚେଷ୍ଟା କଲି ।



Digitized by srujanika@gmail.com

ହୋଇ ଏ ପ୍ରତିଯୋଗିତାକୁ କିଏ କି ଦୃଷ୍ଟିରେ ନେଲ୍ଲ ମୁଁ ବିଚାର କରି ନାହିଁ । ଗଢ଼ଜାତର ରଜା-ମାନେ ମୋତେ ଯଥେଷ୍ଟ ସାହାଯ୍ୟ କରି-ଥାଆନ୍ତି ଏ ଦିଗରେ । କଳା ବଞ୍ଚିଥିଲା ଅନେକଙ୍କ ଗନ୍ତାଘରେ ।

ବନଗଲ୍ଲ—ସଂଗୀତ ଓ ନାଟକ ଲେଖା ହେଲ୍ଲ ମୋର କବି ଜୀବନର ଭେଟଣ । ଏତିକିବେଳେ ମନେ ହେଲ୍ଲ ମୁଁ କାହିଁକି ଲେଖୁଛି— ଅବା ଲେଖେ ।

ଏଥର ଅଳ୍ପ କଥାରେ ସବୁ ତୁଟିଯିବ ! ସଂଗୀତ ମୁଁ ଲେଖେ— ମନରେ କାନରେ ଅଡନ-ବୋଉଲର କୁହୁ ଅସି ଚହଲ ପକାଇ ଦିଏ ବୋଲି, ନିଝୁମ ରାତିରେ ଏକୁଟିଆ ଦୂର ବଣ ବାଟୋଇର ବଂଶୀ ଶୁଭେ ବୋଲି । କଳେ ଶୁଣେ, ଅଜ ମୁଁ ଗୃହେ ମୋର ପ୍ରିୟ ଗାଆଁ ଭୂଇଁର ମନୁଷ୍ୟ ପରିବାରକୁ ଏଇ ସବୁ ଶୁଣାଇ ଚିର ବସନ୍ତ ଜଗାଇ ରଖିବାକୁ । ମୋ ଗୀତର ଓଡ଼ିଶା ଭଳେ ମୁଁ ସଜାଡ଼ିଥାଏ ସରଳ ମନକଥାକୁ ଉରଳ ସ୍ୱର ଛାତିରେ ଓଡ଼ିଆ ଘରର କୁମ୍ଭପକା ଜଳାମ୍ବରୀ ପାଟ ପିନ୍ଧେ ।

ପାରଖୀ ମୋ ଗୀତ ଭିତରେ ପାଇବେ ପୁରୁଣା କାଳରେ ନୂଆଁ ଗଢ଼ଣ । ଅଜି ନୋହିଲେ ଦିନେ ହେଲେ ଯେ ସୁଅ ଭଲି ବାହୁନି ବାହୁଫୋଟ ମାରି 'ଅମ ଘରି ଜିନିଷ' ବୋଲି କହିବେ, ଏ ଭରସା ମୋର ଅଛି । ଅମ ସଂଗୀତର ନାଆଁ ବୁଡ଼ିଯିବ ? ଏ କଥାଟା ମୋତେ ବଡ଼ ବାଧେ । ସେଇଥି-ପାଇଁ ମୁଁ ହିନ୍ଦୁସ୍ଥାନୀ ସଂଗୀତ ଶିକ୍ଷା ପାଇଥିଲେହେଁ ଓଡ଼ିଶୀ ସଂଗୀତକୁ ପ୍ରାଣପଣେ ସୃଷ୍ଟି ପାଏଁ । ଆଉ ସେହି ସଂଗୀତର ଗଠଣ, ସ୍ୱର, ତାଳ, ଛନ୍ଦ, ଭଙ୍ଗୀ ବିକାଶ, ଢଙ୍ଗ ଓ ସାହିତ୍ୟ ଭିତରେ ପାଏଁ ମନଭରି ଆନନ୍ଦ ।

ଚେଷ୍ଟା ତ କରୁଛି ବହୁତ— ଫଳ ଧଳ ନାହିଁ ଅଛ ଅବଧି ; ସେ ମୋ ଦୋଷ କି ଅମ ଲୋକଙ୍କ ଦୋଷ, ହୁଏତ ମୁଁ ବୁଝାଇ ପାରୁନାହିଁ ବା ସେମାନେ ବୁଝିପାରୁ ନାହାନ୍ତି, ମୁଁ ପୂରାଇ ପାରିବାକୁ ଅସମର୍ଥ ବା ସେମାନେ ବାସନା କାରିବାକୁ ଅଯୋଗ୍ୟ— ଏବଯାଏଁ ସେତିକ ମୁଁ ଚିହ୍ନିପାରି ନାହିଁ । କିନ୍ତୁ ମୁଁ ଆଶା ଛାଡ଼ିନାହିଁ । ସେଇ କାରଣରୁ ଅମ ସଂଗ ତର ସ୍ୱରଲିପି ଦେଇ, ଶାସ୍ତ୍ରବିଧି ଅନୁ-ଯାୟୀ କେତେଗୋଟି ଗୀତ ମୁଁ ରାଗ, ତାଳ ସହିତ 'ଓଡ଼ିଶୀ ସଂଗୀତ ପ୍ରକାଶ ନାମରେ ଛପାଇବାକୁ ଆରମ୍ଭ କରି ଦେଇଛି । ଦେଖା-ଯାଉ ଭବିଷ୍ୟତ ଯୁଗର କଅଣ ? ଏ ଦେଖାଯାଉ କଥାଟା ମୋ "ଦେଖାଯାଉ" ପାଇଁ ଭରସା ରଖି କହୁ ନାହିଁ—କହୁଛି ଭବିଷ୍ୟତ ପାଇଁ ।

ନାଟକ ଲେଖେଁ— ଜାତୀୟତା ଭିତରେ ଦେଶର କଳା, ଇତିହାସ, ଗୃହ ଚଳଣ, ଢଙ୍ଗ ଭରତି କରି ବାଢ଼ିବାକୁ । ଯାବୁ ପର୍ଯ୍ୟନ୍ତ ନିଖୁଣ କରି ସେ ଗୁଡ଼ିକ ଫୁଟାଇବାକୁ ବି ଚେଷ୍ଟା କରୁଛି । ମୋର ସବୁ ନାଟକ ଲେଖା ଭିତରେ ମାପଚୁପ ଅଛି ! ଅଯଥା ଗୁରିଏ ବ୍ୟାର ବ୍ୟବହାର ମୋର ଅଭ୍ୟାସ ନୁହେଁ । ଅଳ୍ପ ଭିତରେ ବେଶୀ ଫୁଟାଇବା ମୋର ନୀତି । ବୁଲିଆଁ ଠାରୁ ଆଗେ ଦେଖୁଥିଲି ଗୋଟାଏ ଖେଳ ଘର— ଏବେ ଦେଖୁଛି ନିଆଁଶାଳ । ଦେଖୁଛି ଫୁଲର ଦେଖଣାହାରୀ ବହୁତ ବାକି ବାସନା ସେମାନେ ଥରେ । ପୁଷ କାଅଁଳ-ଠାରୁ ବୈଶାଖୀ ଝାଞ୍ଜି ମୋ ନାଟକର ମୂଳ-ଦୂଅ । ଗର୍ବ ଯେ ବେଳେବେଳେ ମୋର ଅସେ ନାହିଁ-- ଏ କଥା ନୁହେଁ ସଙ୍ଗେ ସଙ୍ଗେ ସଂଯମ ମଧ ଅସିଥାଏ । ଘୃଣା ନିଜକୁ ଅସେ-ବୁଲିଆଁ ଉପରେ ବିଛୁଡ଼ି ହୋଇ ପଡ଼େ । ଶ ଗ ମାଛ ଏକ ଦର ଦେଖେ ବେଳେ ବେଳେ । ନିଜ ଢୋଲ ନିଜେ ପିଟିବା ଅଭ୍ୟାସ ସମସ୍ତଙ୍କର ଥାଏ ନାହିଁ । ଆପଣା ବଡ଼ିମା ଗାଇବାକୁ ଲଜ ଲାଗେ; କେହି ଗାଇଲେ ବି ସେ ଧକ୍କା ପାଆନ୍ତି-- ଏ କଥା ବାରମ୍ବାର ଦେଖି ଅସିଛି ! ମୁଁ ଗୃହେ ମୋ ଅନୁଭୂତିଠାରୁ ଲୋକଙ୍କୁ ଚଖାଇବାକୁ—ବିଶ୍ୱ- ସୃଷ୍ଟିକୁ ଫୁଟାଇବାକୁ ତେଣୁ ଲେଖେଁ, ଲେଖୁଛି, ଲେଖିବି ବୋଧହୁଏ; ମାତ୍ର ମନେ ହୁଏ କବି ମୁଁ ଥିଲି ଦିନେ— ଏବେ କେମିତି ସେ ଫୁଲ ମଉଳି ଯିବା ପରି ଲାଗିଲଣି । ଏବେ ଯେମିତି ଲେଖୁଛି ଖାଲି କଲମ କାଳି କାଗଜ ପେଶିବାକୁ; ଖାଲି ବଞ୍ଚି ରହିବା ପାଇଁ ଏ ଲେଖା— ସେଇଟା ଏ ଜନ୍ମ ପାଇଁ ବା ଜୀବନଟା ପାଇଁ କି ମରଣ-ର ପର ପାଇଁ କେଜାଣି ।

ଗୋଟାଏ ନୂଆ ଜୀବନ ମିଳେ ପ୍ରତି ବସନ୍ତରେ— ଏବେ ତା ପାଉ ନାହିଁ । ଏବେ ଆଳୁଅ ଦେଖେ— ସତ- ଢାକି ଅନ୍ଧାରି ଭିତରେ । ମୁଁ ଲେଖେ ଯାହା ପାଇଁ ସେମାନେ ତାକୁ ସେ ଭଲ ଭାବରେ ଜେନନ୍ତି ବୋଲି ମୋର କାହିଁକି ମନେ ହୁଏ ନାହିଁ । ଯାହାର ଜୟଗୀତ କଣ୍ଠ ଫିଟାଇ ଗାଇଛି ସେ ହୁଏତ ବଧିର ବା ମୂକ । ଯେଉଁ ଦେଶ, ଜାତି, ଭାଷା ଲାଗି ଲେଖନୀ ଧରିଛି ସେ ହୁଏତ ପଥର ପାହାଡ଼ ଜଡ଼ । ଲେଖେଁ— ଲେଖିବସେ ମନ କଥା ମନେ ମନେ ଗାଇ, ମନକୁ ଶୁଣାଇବାକୁ । ଭାବର ପ୍ରସାର ଲାଗି । ଅଉ ଲେଖେଁ ସତ୍ୟ ଶିବ ସୁନ୍ଦରର ମହାସମା-ବେଶର ଜୟଗାନ ଲାଗି । କିନ୍ତୁ ଏବେ ସେ ସ୍ପନ୍ଦନ କାହିଁକି କେଜାଣି ମଝିରେ ମଝିରେ ଥମି ଯାଉଛି । ସବୁ କ୍ଷେତ୍ରରେ ଅଭାବ, ଅଘାତ, ଅବହେଳା, ଅନାସ୍ଥା ଲେଖନୀକୁ ମୋର ବ୍ରେକ ଦେବା ପରି ଲାଗିଲଣି ।

ମୋ ନାଟକ ଗୁଡ଼ିକ ଯେ ପଢ଼ନ୍ତି, ବା ମୋର ରଙ୍ଗମଞ୍ଚରେ ସେ ଗୁଡ଼ିକର ଅଭିନୟ ଯେଉଁମାନେ ଦେଖିଛନ୍ତି, ସେମାନେ ବୁଝୁ-ଥିବେ ମୁଁ ନାଟ୍ୟ ଜଗତର କି ଅଭିନବତ୍ୱ ଓଡ଼ିଶାକୁ ଆଣି ଦେଇଛି କିନ୍ତୁ ଫଳ କଅଣ ତାର ? ଭବିଷ୍ୟତ ବୋଧହୁଏ କହିପାରିବ । ସଂସ୍କୃତ ଓ ଇଂରାଜୀ ନାଟ୍ୟକାରମାନଙ୍କ ସହିତ ମୋର ପରିଚୟ ପରେ ମୁଁ ଭିନ୍ନ-ଧାରାରେ ଅନୁପ୍ରାଣିତ ହୋଇ ମଞ୍ଚ ଶିଳ୍ପକୁ ଗଢ଼ିଛି, ମୌଳିକତା ରଖିବାକୁ ସତତ ଚେଷ୍ଟା କରୁଛି-- ପ୍ରତିପଦରେ ପ୍ରାଣ ସଞ୍ଚାର ମୋର ଉଦ୍‌ଦେଶ୍ୟ କିନ୍ତୁ ଉପାୟ ନାହିଁ ? ମନରେ ଅନେକ କଥା ଜାଗି ଉଠେ ପୁଣି ସେଇଠି ମରଇ । ହୁଏତ ଏ ଜୀବନରେ ସଫଳତା ଏକ ବିରାଟ କଳ୍ପନା । କିନ୍ତୁ ଏହି ନିଷ୍ଫଳତା ଭିତରେ ଲେଖାଟା ମୋର ଅସ୍ତିତ୍ୱ-ବାଦ । ଏ ନିରାଶାବାଦ କାହିଁକି ମୁଁ ଜାଣି ଜାଣୁନାହିଁ । ଏବେ କେମିତି ପେଶାଦାର ପାଲଟି ଗଲିଣି ପରା । ତଥାପି ଲେଖୁଛି, ଲେଖା ଛଡ଼ି ବସିବାର ସାହସ ନାହିଁ ବୋଲି ।

ମାତ୍ର ସତରେ କାହିଁକି ଯେ ଲେଖେ, ଯେ ମୋତେ ପ୍ରଥମରୁ ଲେଖାଇଛି, ବୋଧ-ହୁଏ ସେଇ ଜାଣେ ତାର କାରଣ 'ଝଙ୍କାର'ଙ୍କୁ ତାଙ୍କ ପ୍ରଶ୍ନର ସଠିକ ଉତ୍ତର ନଦେଇ ପାରି ମୁଁ ବାସ୍ତବିକ ଦୁଃଖିତ ।



Digitized by srujanika@gmail.com

# ଯେସାକୁ ତେସା

ଶ୍ରୀ ଶ୍ରୀନିବାସ ଉଦ୍‌ଗାତା,
ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗିର,

ପ୍ର— 'Hindustan is only for Hindus ଓ Only Hindustan is for Hindus' ଏ ଦୁଇଟି ଉକ୍ତିରୁ ଆପଣ କେଉଁଟିକୁ ସମର୍ଥନ କରନ୍ତି ଓ କାହିଁକି ?

ଉ— ସମର୍ଥନ କରେ ନାହିଁ । ପ୍ରଥମଟିକୁ କହି ହୁଏ ନାହିଁ । ଦ୍ୱିତୀୟଟିକୁ ନାଗରିକ ପାକିସ୍ତାନ ସମର୍ଥନ କରିଦେବ ।

ପ୍ର— ଜଣେ କହିଲେ— ବର୍ତ୍ତମାନ ଭାରତର ଶିକ୍ଷାନୁଷ୍ଠାନମାନଙ୍କରେ ପଢ଼ା ଯାଉଥିବା ଇତିହାସ ଇତିହାସ ନୁହେଁ—ଉପନ୍ୟାସ! ଏହା କିପରି ?

ଉ— ଉପନ୍ୟାସ ଗୁଡ଼ିକ ଇତିହାସ ହୋଇ ଥିବାରୁ ଇତିହାସ ଓ ଉପନ୍ୟାସ ଭିତରେ ତଫାତ୍ ରହୁନାହିଁ । କାରଣ ଉପନ୍ୟାସର ନାୟକ ନାୟିକା ତ ସମସ୍ତେ ମୃତ । ଜୀଅନ୍ତା ମଣିଷ କାହିଁ ଯେ ଲେଖକ ଚିତ୍ରଣ କରିବ ।

ପ୍ର— ମହୁମାଛିର କେତୋଟି ଆଖି ?

ଉ— ସେ ଅନ୍ଧ; ତା ନହୋଇଥିଲେ ସେ ପର ପାଇଁ ଏ ଯୁଗରେ ସଞ୍ଚୟ କରନ୍ତା ନାହିଁ ଆଉ ଏତେ ପରିଶ୍ରମ ମଧ୍ୟ କରନ୍ତା ନାହିଁ । କାରଣ ଅନ୍ଧ ନହୋଇଥିଲେ ସେ ବୁଝିପାରନ୍ତା ଯେ ପରିଶ୍ରମ ନକଲେ ଲୋକେଇ ଆଜି କାଲି ବଡ଼ ଲୋକ ।

ଶ୍ରୀ ମହେନ୍ଦ୍ରଚନ୍ଦ୍ର ପି, ଡ଼ବଲିଉ, ଓ,
ସେକ୍ରେଟେରିଏଟ୍

ପ୍ର— ବାହା ହେବାକୁ ମୋତେ ଟୋକି ମିଳୁନାହାନ୍ତି କିଆଁ ?

ଉ— ଲୁଚି ଖୋଜନ୍ତୁ ।

ପ୍ର— ମୁଁ ବର୍ତ୍ତମାନ ଗୋଟିଏ ଉପାଧ୍ୟା ଗୃହରେ; କଣ କଲେ ଉପାଧ୍ୟାକୁ ଯାଇପାରିବ ? କଣୁଣି ଲଗେଇ ବା ଜଡ଼ା ତେଲ ନେଇ ?

ଉ— ଶୀଘ୍ର ସୁନ୍ଦରୀ ଟୋକୀଟିଏ ବାହାହେଇ ପଡ଼ନ୍ତୁ ।

ପ୍ର— ୨୦ତାରିଖରେ ମାନ୍ୟବର ମହତାବ କଲିକତା ଯାଇଥିଲେ ପୁଣି ଭୁବନେଶ୍ୱର ଆସିବାର ମାନେ କଣ ?

ଉ— ସେ ଦଲୀଶ୍ୱର ହେବେ କି ଭୁବନେଶ୍ୱର ହେବେ ଏ ପର୍ଯ୍ୟନ୍ତ ଦୋ ଦୋ ପାଞ୍ଚରେ ଥିବାରୁ ଇତସ୍ତତଃ ବୃତ୍ତି ।

ପ୍ର— ଯୁବକ ଯୁବତୀଙ୍କ ଆକର୍ଷଣରୁ ପ୍ରେମ କାହିଁକି ବହନ୍ତି ?

ଉ— ଆପଣ ମୂଳରୁ ଆରମ୍ଭ କଲେ । ଆକର୍ଷଣ ହୋଇଲେ କର୍ଷଣର ଆରମ୍ଭ; ତରୁଣ ତରୁଣୀ କରିଥାନ୍ତି । ଯୁବକ ଯୁବତୀଙ୍କର ଘର୍ଷଣ ହୁଏ ପୁଣି ବୁଢା ବୁଢ଼ୀଙ୍କର ଉତ୍କର୍ଷ; ପ୍ରେମର ଏ ତିନୋଟି ଅବସ୍ଥା ।

ମୁରଲିମୋହନ ଜେନା, ଭଗତପୁର କଟକ

ପ୍ର— କଲେଜ ଛାତ୍ରମାନେ ଏଣିକି ବାଳ ଦାଢ଼ି କଣ ଛାଡ଼ୁଛନ୍ତି କାହିଁକି ?

ଉ— ପୁରୁଷତ୍ୱ ବଢ଼ୁଛି ।

ପ୍ର— 'ବିବାହ ବନ୍ଧନ' ଅବିବାହିତ ଯୁବକ ଓ ଯୁବତୀମାନଙ୍କୁ ପଢ଼ିବା ମନା, ଏହା ଦ୍ୱାରା ବହିର କାଟ୍‌ତି ବଢ଼ୁଛି ନା କମୁଛି ? ଓ କାହିଁକି ?

ଉ— ବଢ଼ୁଛି । ଅବିବାହିତମାନେ ବରଯାତ୍ରୀ ଯାଇ ସାରିଥାନ୍ତି ବୋଲି ବାହା- ନହେଲେବି ତାଙ୍କର ଦରକାର ପଡ଼େ । ଆଇନ ଅମାନ୍ୟ ସେ କରନ୍ତି ନାହିଁ ।

ପ୍ର— ମହତାବଙ୍କ ସମୟର ବୀରେନ ସରକାର ଓ ନବବାବୁଙ୍କ ସମୟର ମାଳତୀ ସରକାର ମଧ୍ୟରେ ପ୍ରଭେଦ କଣ ?

ଉ— ମୁଁ ଏ କଥା ସ୍ୱୀକାର କରେ ନାହିଁ । କାରଣ ମାନହାନି ମୋକଦ୍ଦମାରେ ପଡ଼ିବି । ଏତିକି କହିପାରେ ଯେ ପୁରୁଷର ଶରୀର ବିକୃତଠାରୁ ନାରୀର ମସ୍ତିଷ୍କ ବିକୃତ ବେଶି ମାରାତ୍ମକ ।

ଅଶୋକକୁମାର ନାୟକ, ଏମ୍ ପି, ସି,
କଲେଜ ବାରିପଦା

ପ୍ର— ବିବାହ ନକଲେ କ୍ଷତି କଣ ?

ଉ— କାଳେ ନମଲେ ଯମର ଭେଟ ଅସମ୍ଭବ । ଏ ପ୍ରଶ୍ନର ଉତ୍ତର ଦେଲେ ଆପଣ ବୁଝିପାରିବେ ନାହିଁ । ବିବାହ ହେଲେ ଯାଇ ବୁଝିବେ ।

ପ୍ର— ବିବାହର ଉଦ୍ଦେଶ୍ୟ କଣ ?

ଉ— ବାହା ବନ୍ଧନ ହେବା ଅର୍ଥାତ୍ ନିଜ ବାହାକୁ ଛେଦନ କରିବା ।

ପ୍ର— ମନ ଅନ୍ୟ ଦିଗକୁ ଗତି କରେ କାହିଁକି ?

ଚୁଚୁନ୍ଦ୍ରୀ ଚନ୍ଦ୍ରଙ୍କ ଦ୍ୱାରାଏ

ଉ— ତୁଳ ଗନ୍ଧ ବନ ଭଲ ଲାଗେ ମନ ;

ରାଧାନାଥ ମହାରଣା, ଆନନ୍ଦପୁର

ପ୍ର— ଲଭ୍ ଓ ରତି ମଧ୍ୟରେ ସଂବନ୍ଧ କଣ ?

ଉ… ମାଡ଼ ଓ ବଥା ଭିତରେ ଯେଉଁ ସଂବନ୍ଧ ।

ପ୍ର— ମୋର ଜଣେ ପ୍ରେମିକର ଦରକାର- ଆପଣ ଖୋଜି ଦେଇପାରିବେ କି ?

ଉ— ମୁଁ ତ ଚୁଚୁନ୍ଦ୍ରାଣୀଙ୍କ ପାଖରେ ବାନ୍ଧ ଗାଏଁ-'ଖିଆଅ ମୋତେ ତୋ ବେହରଣ ଫୁଲ ଖଟିଥିଲେ ଦବା କଣା ସଂଗୋଡ଼ ।'

ପ୍ର— ପ୍ରଦେଶରେ ଖାଦ୍ୟାଭାବ ହେବାର କାରଣ କଣ ?

ଉ— ଖାଇବାଠାରୁ ହଗିବା ବେଶି ହେଉଛି ।

ପରମାନନ୍ଦ ମିଶ୍ର… ଇଂଲିଶ ଅଫ ସ
କେନ୍ଦୁଝର ଗଡ଼

ପ୍ର— ପ୍ରେମର ସୀମା କେଉଁଠୁ କେଉଁ- ଯାଏଁ ?

ଉ— ଗୁରୁ ଆଖିରୁ ଛୁଟି ଆଖି ନହେବା ଯାଏଁ ।

ପ୍ର— ପ୍ରେମରେ ପ୍ରଥମେ ଲଜ୍ଜା ସ୍ଥାନ ପାଏ କାହିଁକି ?

ଉ— ଦୀପ ଲିଭିବା ପୂର୍ବରୁ ଜଳି ଉଠେ ।

ପ୍ର… ଯୁବତୀମାନେ ବେଶୀ ଲଜ୍ଜାଶୀଳ କାହିଁକି

ଉ— ପେଟରେ ଭୋକ ମୁହଁରେ ଲାଜ ।

ପରମାନନ୍ଦ ବାରିକ, ୨୪ପ୍ରେମ୍ବିଲ୍ଲିଡ଼େ ସ୍ମିଥ
କଲିକତା ୧

ପ୍ର— କଳି ଯୁଗରେ ପ୍ରତ୍ୟକ୍ଷ ବର ଦିଅନ୍ତି କେଉଁ ଦେବତା ?

ଉ— କଳାପେଟେଇ ।

ପ୍ର— ନେପାଳୀବାବା କଣ ବେଦନା କାମନାଗ୍ରସ୍ତ ଲୋକଙ୍କୁ ଓଲ୍ଡ ଓଠରେ ଉଦ୍ଧାର କଲେ କି ?

ଉ— ସରକାର ତାଙ୍କୁ ଓଲ୍ଡ ଛିବ ଉଠାଇ ନେଲେ ।



Digitized by srujanika@gmail.com

# ପ୍ରିୟାର ଗାଆଁରେ ଫୁଟିଲା ଫୁଲ

ଲେ—ଗୋପାଳ ଚନ୍ଦ୍ର ମିଶ୍ର ଏମ ଏ

ବହୁ ଦିନ ପରେ ପ୍ରିୟାର ଗାଆଁରେ ଫୁଟିଲା ଫୁଲ ଗୋ ଫୁଟିଲା ଫୁଲ
ଫୁଲ ନୁହେଁ ଏହା, ଫୁଲଠାରୁ ବଳି ଗୋଟି ଗୋଟି ତାର ଅମୂଲ ମୂଲ
ଫୁଲ ନୁହେଁ ଏହା ଫୁଲଠାରୁ ବଳି ଅଦର ଢଳ ଗୋ, ଅଧର ତାର
ନୂଆ ପାହାନ୍ତିର ଶିଶିରରେ ଧୁଆ, ମହୁପିଆ ନୂଆ ମାଖୁଛି ଭର ।
ଡେଉଁଥାନ୍ତି ଅଛି ଶଇଳ ମଥାନ ମେଘ ମେଘେ ଆହୁଁ ଅକାଶ ଚୁମି
ପହଞ୍ଚି ଆସନ୍ତି ଯା ଶିଖରେ ଧୀରେ ବନଦା ବାହୁନି ଯାଅଇ ଚୁମି ।
ସେହି ଶଇଳର ତଳ ବନଭୂମି, ଡାଳେ ଡାଳେ ଯହିଁ ଗାଅଇ ପିକ
ଅଙ୍କଭରି ଏହି କାମଦେବ ଯହିଁ ସଜ କରୁଥାଏ ଫୁଲ ବଶିଖ ।
ବହୁ ଦିନ ପରେ ସେଇ ଗାଆଁଟିରେ ଫୁଟିଲା ଫୁଲ ଗୋ ଫୁଟିଲା ଫୁଲ
ଅଳପ ଅଳପ ମହକ ମହକ ଚମକ ଛନକ ଭରି ମହୁଲ

ବହୁ ଦିନ ପରେ ପ୍ରିୟାର ଗାଆଁରେ ଫୁଟିଲା ଫୁଲ ଗୋ ଫୁଟିଲା ଫୁଲ
ମନେମନେ ଭାବେ ମାଳୁଣୀ କାହାଠେ ଏହି ଫୁଲ ଦେଇ ଆଣିବ ମୂଲ
ପବନେ ପବନେ ବହାସେ ବତାସେ ସୁରଭି ତାହାର ଯାଉଛି ଭାସି
ସୁନ୍ଦରୀ ତାର ହେମ ପାଖୁଡାରେ ସଜାଉଛି କିଏ ମୁକୁତା ରାଶି ।
ବହୁ ଦିନ ପରେ ପ୍ରିୟାର ଗାଆଁରେ ଫୁଟିଲା ଫୁଲ ଗୋ ଫୁଟିଲା ଫୁଲ
ଫୁଟିଥାଉ ତାହା ଚିରଦିନ ପାଇଁ, ତୋଳି ନେବା ତାହା ମନର ଭୁଲ
ଫୁଟି ଥାଉ ଫୁଲ, ଫୁଟି ହସି ଥାଉ, ନଚେ ନଚ ତାର ରସ କବିତା-
ବହୁ ଦିନ ପରେ ପ୍ରିୟାର ଗାଆଁରେ ଫୁଟିଲା ଫୁଲ ଗୋ ଜଗତଜିତା ।
ଯେ ଫୁଲ ଫୁଟିଛି, ଫୁଟି ଥାଉ ତାହ, ତୋଳ ନାହିଁ ଡରେ ଅବୁଝା ମନ
ଅଚଷା ସୁରଭି ଅଚଷା ବଉଳ, ଅଚଷା ଯା ସବୁ ନିତି ନୂତନ ।

# ନେପାଳି ବାବାର ଜୟ

ଲେ—ମୁରଲୀମୋହନ ଜେନା

ମଣିଷକୁ କିଏ ମଣିଷ ଭାବରେ ମଣିପାରି ଦେଇଛି ପ୍ରାଣ
ଜୀବନ ଜୁଆର ସୃଷ୍ଟି ଅପାର ବୃଷ୍ଟିକି କରି ମ୍ଳାନ?
ଜୀବନର ଯେତେ ଭାଳେ, ଖାଲେ ଜଳେ ଉଜ୍ଜ୍ୱଳ ମହାଦୀପ
ଚିର୍ଣ୍ଣ ଶେଷେ ଅବାଧ ଅଶ୍ରୁତ ସମ୍ମୁଖ ଶୋଭ ଧୂପ ।
ମଣିଷ ହୋଇ ଯେ ମଣିଷଠାରୁ ଯେ ବଡ
ମଣିଷକୁ କରି ପାଷାଣଠାରୁ ବି ଜଡ—
ଏହି କି ତା' ପ୍ରତିଦାନ ?
ଜୀବନ ଆଘାତେ ମଣିଷ ଖେଳନା ନୁହେଁ କିଏ ? ହୀନମାନ
ଶତମନ୍ଦିର କର୍ମିଳ ଧାରା ଚଞ୍ଚଳ ଚଳ ଗତି
ପୁଲକ ହୃଦୟର ମୁଗ୍ଧ ପରାଣେ କମ୍ପିତ କରି ମତି
ନେପାଳି ବାବାର ଜୟ

ଶତ ମନ୍ଦିରେ ଲୁଚି ତଳେ ତଳେ ଅନ୍ତର ବରାଭୟ ।
ମନ୍ତ୍ରରେ ଦେଇଗଲା ପରଶ ସୁପ୍ତନ ମହାଗାନ
ନୂତନ ଭାବର ଆଘାତ ହାଣିଲା ସେ ଯୁଗର ଅପମାନ !
ଦେବତା ହୋଇ ସେ ଦେବତାକୁ କଲା ସାନ
ମନ୍ଦିର କପାଳେ ଲେଖି ଦେଲା ଆଜି ମଣିଷର ଅବସାନ
ମନ୍ଦିରର ଶବ ମଡ଼ା ପାଲଟିଲା! ଶବରସ ତାଳେ ତାଳେ
ଦେବତା ମହିମା ମାନ ପରାଜୟ ସୁଖର ଅଗ୍ନି ଜାଳେ ।
ଚଉଦିଗେ ଆଜି ହୋମାନଳ ସମ ମୃତ୍ୟୁର ବିଭୀଷିକା
ଦେବତାର କାହିଁ ମଣିଷ ଜନମ ସୃଷ୍ଟିର ଅହମିକା ।
କହୁ ପଛେ ଆମେ ନେପାଳୀବାବାର ଜୟ
ମଣିଷ ନୁହେଁ ସେ ଦେବତାର ପରାଜୟ ।

# ମିନତି

ଲେଖିକା—ଶୈଳବାଳା ମହାନ୍ତି

ତୁମେ ଯଦି ସତେ ଭଲପାଅ ତେବେ
ପୋଛିଦିଅ ମୋର ନୟନ ନୀର;
ତୁମେ ଯଦି ଦୁଃଖେ ଭରିଲ ହୃଦୟ
ତୁମେ ତେବେ ପଦେ ସାନ୍ତ୍ୱନା ଗିର ।
କାହିଁ ତୋ ପଦେ ଦାନ ଦେବ ଯଦି
ମହତ ବାଧିବ କିଏ ସେ ମତେ,
ଦେବତାକୁ ଭକ୍ତି କଲେ ଦେବତା
ମନକୁ ବୁଝିବ ତୁମରି ସତେ ?

ଦୂରେ ଗୁଞ୍ଜିଗଲେ ତୁମରି ପଦାଙ୍କ
ଅନୁସରି ମୁଁ ତ ଗୃହିବ ପଥ,
ତୁମ ଆଦରରେ ତୁମରି ଚରଣେ
ଚିର ଦିନ ମୋର ମଥା ନତ ।
ଝଡ଼ ତାପ ସିନା ମଉଳା କୁସୁମ
ପରିବ ସେଦିନ ହେବ ମୋ ଦଶା,
ଶାନ୍ତି ଲୋଡ଼ିବି ବାଧାଧାର ସମ
ତୁମେ ବିନା ମୋର ହେବ ଭରସା ।

ଘନ ଅନ୍ଧାରେ ଧ୍ରୁବ ତାରା ପରି
ନିରମଳ ଜ୍ୟୋତି ପ୍ରଦାନ ତୁମେ,
ପଥ ସାଥୀ ମୋର ହେଲେ କଦାଚିତ
ଜୀବନ ଦୁଃଖ ବିଷାଦ-ଧୂମେ ।
ମର ଭୁବନର ଦେବତା ହେ ମୋର
ଅର୍ଘ୍ୟ ମୁଁ ଦିଏ ଚରଣେ ତବ,
ସେ ଚରଣ-ଧୂଳି ବଳୁଛିବୁ ବଳେ
ଜୀବନେ ମୋହର ସେ ଗଉରବ ।



Digitized by srujanika@gmail.com

ନାଗଙ୍କ କଲମରୁ

## ମୋ ଗାଆଁ

ଅଛି ଛୋଟିଆ ଗାଆଁଟି ମୋର
ସୁନ୍ଦର ତାର ନାଆଁ
ସହରଠାରୁ ଦୂରରେ ଅଛି
ନାଆଁଟି କରଞ୍ଜିଆ
ମଫସଲର ଗାଆଁଟି ମୋର
ସବୁଜ କ୍ଷେତେଭରା
ଚୂଳିଆ ଘର ମୁଣ୍ଡ ଟେକିଛି
ବହୁଛି ନୀଳ ଧାର।
କୁମୁଦମାଳା, ପଦ୍ମନେ ଧରି
ହସେ ପୋଖରୀ ପୁଣି
ଶଙ୍ଖ ଶବ୍ଦେ ଗାଆଁଟି ପୂରେ
ହୋଇଣ ଗଲେ ସଞ୍ଜ।
ପକ୍କା କୋଠାର ଦରଶ ନାହିଁ
ନାହିଁ ବଡ ପାଠୁଆ
ପୁଞ୍ଜିପତିଙ୍କ ଖମାର ନାହିଁ
ନାହାନ୍ତି ଧନୀ ଟୁଆ।
ନମିଳେ ଏଠି କଲେଜ ସ୍କୁଲ
କଚେରୀ ଅଦାଲତ
ଗ୍ରାମ କଳହ ମୀମାଂସା ପାଇଁ
ଡାକନ୍ତି ପଞ୍ଚାଏତ।
ଅବଧାନର ଚଉପାଢ଼ି ପିଣ୍ଡେ
ପଢ଼ନ୍ତି ପିଲେ ବସି,
ଗାଆଁଟି ମୋର ଅତି ସୁନ୍ଦର
ସୁନ୍ଦର ଗ୍ରାମବାସୀ।
ନାହିଁ ଏଠାରେ ବଜାର ହାଟ
ସହରିଆ ଦରବ
ନପଡ଼େ ଏଠି ଧନୀଙ୍କ ପାଦ
ବଡ଼ ବଡ଼ ସାହେବ।
ଦୁଃଖ ସୁଖରେ ଗ୍ରାମବାସୀଙ୍କ
ଦିନଟି ହୁଏ ଗତ
ଗରିବ ହୋଇ ମୋ ଗାଆଁବାସୀ
ପଛାନ୍ତି ନାହିଁ ହତ!

ଲେଖିକା—ସବିତା [୧୬୪୪]

## ଚାଲ ବାପୁ କର୍ମ ପଥେ

ଲେ— ଶ୍ରୀ ଉଦୟନାଥ ଜେନା

ଜନ ଜନ ଧରି ଜପିଲେତ ନାମ—
ତା ଦେଖା ମିଳିବ ନାହିଁ
କାନ୍ଦ କାନ୍ଦ ମୁଣ୍ଡ ପିଟାଇଲେ ମଧ୍ୟ
ବାପୁଜୀ ଫେରିବ ନାହିଁ।
ଏ ଦେଶର ପ୍ରତି ମୂଳ ଧରି ହାତେ—
ଜିଇଁଥିଲେ ଜୀବନ ଯା'ର
ଦେଶ ପାଇଁ ଦୁଃଖ ମଙ୍ଗଳ ପାଇଁ କି
ବଳିଛି ଜୀବନ ଯାର?
ଏ ଦେଶ ତାହାର ଜୀବ-ଭରିବାର
ଧନ ତା' ରାଷ୍ଟ୍ରୀୟ ପୂଜା।
ସ୍ୱତନ୍ତ୍ର ଜନତା! ତେଜି ତନ୍ଦ୍ରା ଚାଲ!
[ତାରେ] କର କର୍ମ-ପୁଷ୍ପେ ପୂଜା।
× + +
ଏଡ଼ ନାହିଁ କେବେ ଏଡ଼ିବ ନାହିଁ ସେ—
ତା' ଜୀବ-ଉତ୍ଫୁଲ୍ଲ ହସ
ଅନ୍ତରାଳେ ପୂର୍ଣ୍ଣ କରିବ
ଜୀବନ-କଳିତ ଆଶା।
ତୁ ଯାହା ଭାବୁଛୁ ମନେ, ଭ୍ରାନ୍ତ ସେ'ନେ
ବାପୁ! ଆସିବେନା ଏଥେ
ସେ ଭ୍ରାନ୍ତ ଧାରଣା ଗୋଛ ସର୍ବେ ମନୁଁ
ଚାଲ ବାପୁ କର୍ମ ପଥେ।

## ନାଗଙ୍କ ପ୍ରଶ୍ନ

ଅନୁଜ [୧୬୫୬]— ଥର୍ମୋଫ୍ଲାକର୍ କିଏ ଆବିଷ୍କାର କରିଥିଲେ?

୧। ରବୀନ୍ଦ୍ରମୋହନ [୧୯୫୫] କେଉଁ ଜୀବକୁ କୌଣସି ପଦାର୍ଥ ଦେଲେ ଖାଏ ନାହିଁ; କିନ୍ତୁ ନଦେଲେ ଖାଏ?

୨। ବରଦା [୧୩୮] ପୃଥିବୀର ସର୍ବାପେକ୍ଷା ବୃହତ୍ ଫୁଲର ନାମ କଣ ଓ କେଉଁଠାରେ ମିଳେ?

୩। ଅନନ୍ତକିଶୋର (୧୧୪୫) ଆମ ଦେଶର ସ୍ତ୍ରୀଅମାନେ କାହିଁକି ନିଜ ମାଆକୁ ପ୍ରଣାମ ହୁଅନ୍ତି ନାହିଁ?

୪। ସୁଚରାଣୀ [୧୧୯୩] ପ୍ରଥମାଷ୍ଟମୀତ ବର୍ଷର ପ୍ରଥମ ଅଷ୍ଟମୀ ନୁହେଁ, ତେବେ ତର ଏପରି ନାମକରଣର କାରଣ କଣ?

## ନାଗଙ୍କ ଉତ୍ତର

ଶୁଭେନ୍ଦୁ ଭାଇ ଜାଣିବା— ସୌର ଜଗତର ବୃହତ୍ତମ ଗ୍ରହ ହେଉଛି ନେପ୍‌ଚ୍ୟୁନ। ଏହାର ଗୋଟିଏ ଉପଗ୍ରହ ଅଛି—ଅନୁଜ [୧୬୫୬]

ମଦନଭାଇ ଜାଣିବା—ଭାରତର ବଡ଼ ଭୂମିକମ୍ପ ବିହାରରେ ୧୯୩୪ରେ ହୋଇଥିଲା—ଅନୁଜ [୧୬୫୬]

ଶୁଭେନ୍ଦୁ ଭାଇ ଜାଣିବା— ଇଂରେଜମାନେ ଏ ଦେଶକୁ ଆସିବା ପରେ ବଡ଼ଲାଟ ଓଆରେନ ହେଷ୍ଟିଂସଙ୍କ ଅମଳରେ ସନ ୧୭୮୦ ମସିହାରେ କଲିକତାରୁ ପ୍ରଥମ ସମ୍ବାଦପତ୍ର ଇଂରେଜୀ ଭାଷାରେ ପ୍ରକାଶିତ ହୋଇଥିଲା। ଏହାର ସମ୍ପାଦକଙ୍କ ନାମ ହିକି ଏବଂ ପତ୍ରିକାଟିର ନାମ "ହିକିଜ୍ ଗେଜେଟ୍"—ବରଦା [୧୩୮]।

## ଅବସର ବିନୋଦନ ୫୯ (ଖ)ର ଉତ୍ତର

ଖ, କର୍ତ୍ତ ଗର ଭଉଣୀ—

ଅ: ବି: ୬୦୭ (କ)ର ଉତ୍ତର—ପ୍ରଥମ ଖୁଣ୍ଟିରେ ୭ଟି, ୨ୟରେ ୧୪ଟି, ୩ୟରେ ୨୮ଟି ଓ ୪ର୍ଥରେ ୫୬ଟି ମେଣ୍ଢା ବାନ୍ଧିଥିଲା।

୬୦ (ଗ)— ସର୍ବମୋଟ ୬ଟି ହଂସ ଥିଲେ। —ଗୋବର୍ଦ୍ଧନ

## ଅବସର ବିନୋଦନ ୬୧

ତିନିବର୍ଣ୍ଣ ବିଶିଷ୍ଟ ଏପରି ଏକ ଶବ୍ଦ କହ ଯାହାର ଅର୍ଥ, ଗୋଟିଏ ବଣ, ଗୋଟିଏ ଫୁଲ ଓ ଜଣେ ରାଜାଙ୍କ ନାମ ହେବ—

ଗୋବର୍ଦ୍ଧନ

## ନୂଆ ନାଗଙ୍କ ନାମ

୧୪୨୦—ଗୋବର୍ଦ୍ଧନ ସାହୁ, ୧୪୨୨—କୃପାସିନ୍ଧୁ ସାହୁ ଯାଜପୁରରୋଡ଼ ହାଇସ୍କୁଲ, ୯ମ ଶ୍ରେଣୀ— ଯାଜପୁରରୋଡ଼ କଟକ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାଗ ନାତୁଣୀ ହେବାକୁ ଚାହେଁ। ମୋର ବୟସ ୯ ବର୍ଷରୁ ଊଣା ମୋର ଜନ୍ମ—ତା । । ମସିହା। ମୁଁ ସତ୍ୟ ସାହସ ଓ ସେବା ତ୍ୟାଗ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟାକରି ନାଗବାନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ଚାନ୍ଦା ନିମନ୍ତେ ୦ ୬ ଡାକ ଟିକଟ ଦେଲି।

ସ୍ନେହର

ଠିକଣା—ଶ୍ରୀ...

Digitized by srujanika@gmail.com

**Dagaro**

Reg. No O 18. ORISSA'S MOST POPULAR FORTNIGHTLY 16 1-51

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ। ଅନୁମାନ କରାଯାଉଛି— ଏହା ତିନି ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ। ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ଗ୍ରନ୍ଥଙ୍କ ଗ୍ରନ୍ଥକୁ ୧୦ ଭାଗରେ ବିଭକ୍ତ କରାଯିବ। ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱପ୍ନ ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଜୀବନ ସାହିତ୍ୟ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହୋଇଅଛି। କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ। ତେଣୁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହାଙ୍କଠାରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ଚାହୁଣୀ, ସଂଗଠକ ବା ଅନ୍ୟ ପତ୍ରପତ୍ରିକା ଅଛି କିମ୍ବା ଅପ୍ରକାଶିତ କୌଣସି ଲେଖା ଅଛି— ସେମାନେ ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ।

[illegible] ଏଡମିନିଷ୍ଟ୍ରେଟର [illegible] — କଟକ—୧

ମ୍ୟାନେଜର, ଡଗର ପ୍ରେସ, କଟକ—୧

ସୁସାହିତ୍ୟିକ ଜାନକୀନାଥ ରଥଶର୍ମା ମହାଶୟଙ୍କର ନିର୍ଦ୍ଦେଶରେ ନୂତନ ଯୁଗର ଲେଖନୀକାର

ବିନୋଦ ରାଉତରାୟଙ୍କ

ସଂଶୋଧିତ ପ୍ରଚ୍ଛଦପଟ ଓ ଶିଳ୍ପ ସଜ୍ଜା ଆତ୍ମପ୍ରକାଶ କଲା

# ନିର୍ମଳା

ମୂଲ୍ୟ— ଅଠଅଣା

ମୁକ୍ତି ଅପେକ୍ଷାରେ

ମୌସୁମୀ, ନିବେଦିତା, ଅନାହୂତ, ସ୍ୱୟଂବର

ପ୍ରାପ୍ତି ସ୍ଥାନ:—

ଉପନ୍ୟାସ ମଣ୍ଡଳ, ବାଲୁବଜାର, କଟକ—୩

ଲେଖକ ସହଯୋଗ ସମିତି, ବାଲୁବଜାର, କଟକ—୨

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ।

# ସୁଧାସିନ୍ଧୁ ଔଷଧାଳୟ

(କବିରାଜ ହରେକୃଷ୍ଣ ମିଶ୍ରଙ୍କଦ୍ୱାରା ପ୍ରତିଷ୍ଠିତ)

ଆପଣ ନିଜ [illegible] ରୋଗରେ ଶାସ୍ତ୍ରୀୟ ଅନୁଷ୍ଠାନର ମତ କରିବାକୁ ଇଚ୍ଛାକଲେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ।

କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମା, ଝାଞ୍ଜିରି ମଙ୍ଗଳା, କଟକ [ ୧ ].

ସହକାରୀ ବ୍ୟବସ୍ଥାପକ — କବିରାଜ — ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଝାଞ୍ଜିରି ମଙ୍ଗଳା, କଟକ ( ୧ )

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ସଙ୍ଗମ— | ( କବିତା ) | ଟ ୧୯ |
| ପାନ୍ଥ ଜନ୍ୟ— | " | ଟ ୧୯ |
| କାଳବୈଶାଖୀ— | " (ଯନ୍ତ୍ରସ୍ଥ) | ଟ ୧୯ |
| ହୃତମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | " | ଟ ୨୫ |
| ଜୀବନର ଲକ୍ଷ୍ୟ— | " | ଟ ୨୯ |
| ଭୁଲ— | | ଟ ୨୯ |
| ଏଗାରଟା— | [ ଛୋଟ ଗଳ୍ପମାଳା ] | ଟ ୧। |
| କ୍ଷଣିକା— | " | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ-୧

Printed, Published and Edited by N. Mahapatra at the Dagaro Press, Cuttack—1

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୧୭ ସଂଖ୍ୟା

ମାଘ
ଦ୍ୱିତୀୟାର୍ଦ୍ଧ

## ମୁଁ କିଏ?




ତିନି ଦିଗେ ଦିଗେ ତିନି ଦର୍ପଣରେ ତିନି ଛବି ରୂପ ମୋର
ଏକ ହୋଇ ତିନି ହୋଇଲି କପର ସଂକଟ ପଡ଼ିଲା ଘୋର ।
କେଉଁଠୁ ଆଇଲି କାହିଁ ଯିବ ପୁଣି କିଏ ଅବା ଅଟେ ମୁହିଁ
ଷ୍ଟାଲିନ ଟ୍ରୁମାନ ଏଟଲିରୁ କେହି ଉତ୍ତର ଜାଣ ଦିଅ କହି ।

—ନେହେର

ଏ ସଂଖ୍ୟାରେ—କାନ୍ତ କବି ଲକ୍ଷ୍ମୀକାନ୍ତ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

Digitized by srujanika@gmail.com

ଅଗ୍ନିପ୍ରକାଶ କଳା
ଛବିାଳି

## ‘ଜହ୍ଵରଲାଲ୍’

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ଵବିଦ୍ୟାଳୟ

**ବିଷୟ ସୂଚନା**-ପରିଚୟ ହୁଅ, ଜହ୍ଵରଲାଲଙ୍କ ଘରୋଇ ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅବିଷ୍କାର, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ଡମକବାଙ୍କ ରାଇଜରେ; ଭାରତର ରତ୍ନରାଜ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

**Foreword** (ଇଂରାଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍ଟର ଜେ, ମାଇକେଲ୍ ହଟୋପିଅନ୍: କାଲିଫର୍ଣ୍ଣିଆ ବିଶ୍ଵବିଦ୍ୟାଳୟ, ଆମେରିକା ।

**Foreword**- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ, ... ରୋଲ୍ଫ ସ୍କୁଲ, ଜର୍ମାନୀ । ପୂର୍ବାହ୍ନ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । ‘ବିଲତ ଶଠି’ (ଇଂରାଜୀ ଓ ତା’ର ଓଡ଼ିଆ ଅନୁବାଦ) ଶ୍ରୀ ବିଟଭୂଷଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଲିଟ୍; ଡି; ଲିଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**- ବିଶ୍ଵବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି; ରମଣ୍ (ନୋବେଲ୍-ଲରେଟ), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବିଭାଗ ମନ୍ତ୍ରୀ; ଅଧ୍ୟକ୍ଷ ଏସ୍. ଏନ୍. ଏଗରୱାଲ୍ ଓ୍ୟାର୍ଦ୍ଧା; ଶ୍ରୀ ଯୋଗମ୍ ଆଲଭା, “Forum”ର ସମ୍ପାଦକ; ଶ୍ରୀମତୀ ସୋଫିଆ ଓ୍ୟାଡିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦାଶ; ଡକ୍ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ଵବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର, ରଭଲ ପାର୍ଲିବିକ୍ ଆମେରିକା ଡକ୍ଟର ମୁଲକରାଜ ଆନନ୍ଦ ବମ୍ବେ ପ୍ରଭୃତି—। ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତି ସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍ଏଜେନ୍ସି
ବଣିହାଟ, କଟକ ।

---

**ସ୍ତ୍ରୀ ରୋଗ ପାଇଁ**

## ନ୍ୟୁଜା ରୋଜନା

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ଥିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧରେ କିମ୍ବା ଅଦୌ ହାନି ବାରେକନୁହେଁ । ମୂଲ୍ୟ ୨ ୬୯ ଡାକ ଖର୍ଚ୍ଚ—୨୮୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ **ଅଶ୍ଚର୍ଯ୍ୟ ଜନକ** ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୨୦୮୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
70, Cornwallis St., Calcutta

---

**ହାଓଡ଼ା କୁଷ୍ଠ କୁଟୀର**

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏକଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏଥାଇଁ ବର୍ଦ୍ଧର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

---

## ଆଶ୍ଚର୍ଯ୍ୟ ଭାଗ୍ୟ ଗଣନା

କେବଳ ଇଷ୍ଟଦେବଙ୍କୁ ସ୍ମରଣକରି ୧ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଶ୍ଳେଷଣ ବିଚାର ଦ୍ଵାରା ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ । ମାତ୍ର ଟ ୧ ମନିଅର୍ଡର କର କୁପନରେ ମନୋନୀତ ସଂଖ୍ୟା ଲେଖି ପଠାନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
ଭାଗବତ ଭବନ, ଭଦ୍ରକ ।

---

ଉତ୍କଳର ପ୍ରତି ପଲ୍ଲୀରେ ସ୍ଥିର ସହସ୍ରରୁ ଊର୍ଦ୍ଧ୍ଵ ଜନନୀ ଓ ପ୍ରସୂତାଙ୍କ ଠାରୁ

## ପ୍ରେଗଟନ୍

ପ୍ରଶଂସା ପାଇଛି କାହିଁକି ଜାଣନ୍ତି ? ମୃତ ବତ୍ସା ଦୋଷ, ଅକାଳ ପ୍ରସବ, ଗର୍ଭ ନଷ୍ଟର ସମ୍ଭାବନାକୁ ଦୂର କରାଇ ଅଳ୍ପ ବେଦନାରେ ସବଳସୁସ୍ଥ ସୁଶ୍ରୀ ସନ୍ତାନ ଜନ୍ମ କରାଏ ତଥା ଓ ପ୍ରସବ ପରେ ଜରାୟୁ ମଣ୍ଡଳର ସମସ୍ତ ଉପସର୍ଗ ନଷ୍ଟ କରି ଦେହରେ ରକ୍ତ କଣିକା ବୃଦ୍ଧି କରେ ପ୍ରତ୍ୟେକ ସ୍ତ୍ରୀ ମାନଙ୍କୁ ଗର୍ଭାବସ୍ଥାରେ ଏହାକୁ ବ୍ୟବହାର କରାଇ ପ୍ରସବ ସମୟର ଜୀବନ ମରଣ ସମସ୍ୟାରୁ ତ୍ରାହି କରାନ୍ତୁ ।

ବ୍ୟବସାୟୀ ମାନଙ୍କୁ ଉଚିତ କମିଶନ ଦିଆଯାଏ । ମୂଲ୍ୟ ୧ ଶିଶି ଟ୩

ଡାକ୍ତର କେ: ସି: ମହାନ୍ତି
ପ୍ରେଗଟନ ଫାର୍ମାସି-ପୋ: ପୁରୁଣା ହାଟ
ଶାସନ କଟକ

Digitized by srujanika@gmail.com

ସାହିତ୍ୟ ଓ ଅଳ୍ପ ଯୋଗ ଭୁକ୍ତି ସାପ୍ତାହିକ



ମାଘ ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ୧୭ଶ ସଂଖ୍ୟା । ୧୭ । ୨ । ୫୧

## କାନ୍ତ କବି ଲକ୍ଷ୍ମୀକାନ୍ତ




ପ୍ରଣତି

ସମ୍ପାଦକୀୟ

## ଖାଦ୍ୟ ସମସ୍ୟା

ବର୍ତ୍ତମାନ ଖାଦ୍ୟ ସମସ୍ୟା ଜଟିଳତର ଅଛି । ଏପ୍ରକାର ପ୍ରଜାଗଣର ବାକ୍ୟ ଧନ୍ନ ନାହିଁ । ବିଦେଶରୁ ଖାଦ୍ୟ ଭିକ୍ଷା କରି ଆମେ ସ୍ୱାଧୀନ ଜାତି ବୋଲି ଅହଙ୍କାର କରିବା ବଡ଼ ହାସ୍ୟାସ୍ପଦ କଥା । କିନ୍ତୁ ନିଜ ଦେଶର ଲୋକମାନଙ୍କର ଫସଲ ବଢ଼ିବା ପାଇଁ ନାନା ଆୟୋଜନ ହେଉଛି ବୋଲି ଯେ ଖାଦ୍ୟର ଅଧିକ ଉତ୍ପାଦନ ସମ୍ଭବ ହେଉନାହିଁ ସେ କଥା ଆଦୌ ବିଶ୍ୱାସ କରାଯାଇ ନାହିଁ । ଜନସଂଖ୍ୟା ବୃଦ୍ଧି ଗୋଟାଏ କାରଣ ହୋଇପାରେ । ମାତ୍ର ଜନସଂଖ୍ୟା ବୃଦ୍ଧି ନପାଇବାର ଉପାୟ ପାଇଁ କେହି ମୁଣ୍ଡ ଘୂରାଉ ନାହାନ୍ତି । ଜନ୍ମ ନିରୋଧ ବ୍ୟବସ୍ଥା କଲେ ସାମାଜିକ ଚରିତ୍ର ଯେ କେତେ ତଳକୁ ଖସିଯିବ— ଦୂର ଦୃଷ୍ଟିରେ ତାହା ଦେଖି ବୈଜ୍ଞାନିକ ଜନ୍ମ ନିରୋଧ ପ୍ରଚାର କରିବା ଆବଶ୍ୟକ ।

ଲୋକ-ସଂଖ୍ୟା-ହ୍ରାସ ସମସ୍ୟାକୁ ଭବିଷ୍ୟତରେ ଅଧିକ ଗୁରୁତର ହେବାକୁ ଦେବ ନାହିଁ— ଏହା ହୋଇପାରେ; କିନ୍ତୁ ଏହାର ପ୍ରତିକାର କଣ ? ଅଧିକ ଉତ୍ପାଦନ ନକଲେ ନହେବ । କିନ୍ତୁ ଅଧିକ ଉତ୍ପାଦନ ସମ୍ଭବ ନହେଉଛି କାହିଁକି ?

ବିଚାର କଲେ ଦେଖାଯିବ ଯେ ସମାଜ ବର୍ତ୍ତମାନ ମାନସିକ ବ୍ୟାଧିଗ୍ରସ୍ତ ହୋଇଛି । ଖାଦ୍ୟଶସ୍ୟ ଉତ୍ପାଦନ କଥା ଛାଡ଼ନ୍ତୁ, କୌଣସି ପ୍ରାକୃତିକ ସୃଷ୍ଟି ପ୍ରତି ଆମେ ଯଥେଷ୍ଟ ସମ୍ମାନ ଦେଖାଇ ପାରୁନାହୁଁ । ଯନ୍ତ୍ର ସଭ୍ୟତା ଆମର ଦୃଷ୍ଟି ଭଙ୍ଗୀ ବଦଳାଇ ଦେଲାଣି । ଶ୍ରମଶକ୍ତି ଆଉ ଗୌରବରେ ପରିଚିତ ହେଉ ନାହିଁ । ଉତ୍ପାଦନକାରୀ ସମାଜରେ ହୀନ ଗଣ୍ୟ । ଏ ଆଜିର ପ୍ରଥମ ଘଟନା ନୁହେଁ । ବର୍ଷ ବର୍ଷ ଧରି ସାମାଜିକ ଅବ୍ୟବସ୍ଥାର ଚରମ ପରିଣତି ଆଜି ଯନ୍ତ୍ର ସଭ୍ୟତାକୁ ସ୍ୱାଗତ କରିଛି । ଉତ୍ପାଦନକାରୀ ହାତରୁ ଖାଦ୍ୟ ଛଡ଼ାଇ ନିଆଯାଉଛି— ତାର ଆସନ ତଳକୁ କରାଯାଉଛି । ସେ ନିମ୍ନ ହୋଇ ଶୋଷଣକାରୀ ଶକ୍ତିର ପ୍ରେମକୁ ଘୃଣା କରି ମନୁଷ୍ୟ ହୁଅନ୍ତେ ଯନ୍ତ୍ର ନିୟୋଗ କରିବାକୁ ଇଚ୍ଛା ଦେଖାଉଛି । ମାତ୍ର ଏ ଦେଶରେ ତାହା ମଧ୍ୟ ସମ୍ଭବ ହେଉନାହିଁ ।

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖ

Digitized by srujanika@gmail.com

# ଉତ୍କଳ ବିଶ୍ୱବିଦ୍ୟାଳୟର

## ଉପାଧି-ଉତ୍ତର ପରୀକ୍ଷା

(ଉତ୍କଳ ଆସେମ୍ବ୍ଲିର ସଭ୍ୟ ହେବା ପାଇଁ ଯୋଗ୍ୟତା ହାସଲ ନିମନ୍ତେ—ସ୍ଥାନ— ଉତ୍କଳ ରେସିଡେନ୍ସିଆଲ ଇଉନିଭରସିଟି, ଗୋଡ଼ବନଗଡ଼ିଆ
ସମୟ— ପୁଲିସ୍ ପହଞ୍ଚିବାରେ ବିନା ଭୟରେ ଲେଖିଦେବା ମିନିଟ । ପୂର୍ଣ୍ଣ ଅଙ୍କ— ଶହେ ।)

୧— ନିମ୍ନଲିଖିତ ବାକ୍ୟମାନଙ୍କରେ ଖାଲି ଥିବା ସ୍ଥାନପୂରଣ କର:—

[କ] [illegible] ······ ଙ୍କ ଭୋଟ ଧରିଥିବାରୁ ······ ଙ୍କୁ ଆଉ ଭାନ ହେବା ନିମନ୍ତେ ······ କ୍ଷେତ୍ରିତ ଲୋକଙ୍କୁ ଗଣନା କରି କଣ୍ଟ୍ରୋଲ ପଠାଇଛନ୍ତି ।

(ଖ)······ ଙ୍କେମା, ଶ୍ରୀ ଅଙ୍ଗେଶର ଅନାଗାର ଭଳି ଗାର ଭଳି ବସିଛି । ···ର ଭିକ୍ଷୁମାଳ ପାଇ ହେଲେ ବାରଣମାନ । ହେବ ।

[ଗ]······ ଫଟିଲ୍ଲଇଙ୍କର କାରଖାନାର ଗଣ୍ଡଗୋଳ ବାବଦରେ ଜବାବ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ···ଙ୍କ ପଛି ଅଫା ଅଫା ମାଉ-ଗଲେ ।

[ଘ]··· ପଟ୍ଟନାୟକଙ୍କ ନାମରେ ଅପଗତି ହେଲେ ଶ୍ରୀଯୁକ୍ତ··· କାନନଗୋ ଓ ··· ଦାସଙ୍କ ନାମରେ ଅପଗତି ହେଲେ ଶ୍ରୀଯୁକ୍ତ··· ନାଥ ଦାସ ଓଡ଼ିଶାରୁ ହେବେ ମନ୍ତ୍ରୀ··· ରଥଙ୍କ ନାମରେ ଅପଗତି ହେଲେ ସର୍ବସଙ୍ଗି ହେବାର ସମ୍ଭାବନା ।

[ଙ]—ବଲାଙ୍ଗିରରେ ରାଜେନ୍ଦ୍ର ଗଣତନ୍ତ୍ର କଲେ, ମ୍ୟୁନିସିପାଲଟିର ଧର୍ମଘଟ ପୁଣି···ମାନେ ସେ,ସ ଲମ୍ବା ପାଟି ଗଡ଼ଲେ ।

[ଚ]— କଲିପୋଡ଼ିଆଙ୍କ ବକ୍ତୃତାରେ ସାଧାରଣ ସଭା ଭାଙ୍ଗିବାକୁ ଯିବାରୁ କଳ-ଯୋଡ଼ିଆ ସରକାର କଂଗ୍ରେସ କର୍ମୀ ରଙ୍ଗାଧର ଦାସଙ୍କ ମୁହଁରେ ୧୪୪··· ଫୋଡ଼ ହୋଇଛନ୍ତି ଅନାଥ ପୁରବେ ।

[ଛ] ବାଲେଶ୍ୱର ମିଉନିସିପାଲିଟି··· ୬୪।୯।୫୦ତାରିଖ ଭୁଜି ବଣ୍ଟାହେଲେ ସ୍ଥାନୀୟ ···ଜନୈକା··· ମହତ୍ତ୍ୱ ବିଶ୍ରମ୍ଭାଳାପ କେଲେ ହେଡ଼ଜନଙ୍କ [illegible] ପଥଭୁଲ ହେଲେ ।

(ଝ) କେଉଁ ପୁରରେ ଜଣେ ମହିଳା କର୍ମିଙ୍କ ଘରେ··· ସଂଗଠନ ବିଭାଗ ଅଫିସ ହେବା ନିମନ୍ତେ···କଠାରେ ଦାବି କରାଯାଇଛି ।

୨—ପୂର୍ବାପର ସଂଗତି ଦେଇ ବୁଝାଅ

କ— ଅଙ୍ଗଦେଶ କହଅବୁ ବଙ୍ଗଦେଶ ଦର, ମନ୍ଦିରେ ବାନ୍ଧି ହୋଇଛୁ ଶରଣ ପତ୍ରର ।

ଖ— ବ୍ୟାଖ୍ୟା କର

ବଙ୍ଗଦେଶ କହଅବୁ କଳିଙ୍ଗର ଚାର
ନବ ସିଂହାସନେ ଦୋଲେ ମାଳତୀର ହାର ।

୩— କପିଳା ଓ ନେପାଳ ବିଷୟରେ ସଂକ୍ଷେପରେ ଲେଖ ଓ କପିଳା ବାଳାପରୁ ହୃଦୟସ୍ପର୍ଶୀ ଦୃଷ୍ଟି ଉଦ୍ଧାର କର ।

୪— ଉତ୍କଳ ବିଶ୍ୱବିଦ୍ୟାଳୟର ନନ୍-ଡ଼ିଟେଲଡ୍ ରଙ୍ଗ ପ୍ରଜାତନ୍ତ୍ର ୧୦।୧।୫୧ର ଫସ୍ଲିସିତରେ ଥିବା ମହତ୍ତ୍ୱ ନପଡ଼ି ନପଡ଼ି ଉଚ୍ଚର ଉପାଧି ପ୍ରାପ୍ତ ହେବା ଓ ହେବାକୁ ଅର୍ଥାଭାବ ଦୂର କରିବା ପାଇଁ କଥାରୁ ଅର୍ଥ [illegible] ।

୫— ନିମ୍ନଲିଖିତ ଶବ୍ଦମାନଙ୍କୁ ନେଇ ବାକ୍ୟ ପ୍ରସ୍ତୁତ କର—

(କ) ଶ୍ରୀ, ସାକୁଳ ନେଇ, ପଟ୍ଟନାୟକ, ରାଜନୀ, ଦାନ କଲେ, ଛୁଟି ।

(ଖ) ସରକାର, ଠିକା, ଲକ୍ଷ୍ୟାଧିକ କଲେ ପଟ୍ଟନାୟକଙ୍କୁ, ଦାନ, ଯୌତୁକ ।

[ଗ] ଯଜ୍ଞରେ, କର୍ମୀ ସମ୍ମେଳନୀ, କଟକ, ପଡ଼ିଲେ, ଛଗ, ଏକଶତ,ବଳି ।

୬—ନିମ୍ନଲିଖିତ ବାକ୍ୟମାନଙ୍କରେ ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଓ ନପୁଂସକଲିଙ୍ଗ ନିର୍ଣ୍ଣୟ କର ।

ଶ୍ରୀଯୁକ୍ତ ମହତାବ ମୋଦିଙ୍କ ପୁରରେ ତେଜ କରି ମୋଦିଙ୍କ ଗହଣରେ ବିଶ୍ରମ୍ଭାଳାପ କଲେ ।

୭—ଭକ୍ତରେ ମାଧୁର୍ଯ୍ୟ, ଦାସ୍ୟ, ବାତ୍ସଲ୍ୟ ସଖ୍ୟ ଓ ଶାନ୍ତ ଏଇ ପାଞ୍ଚ ରସହିଁବା କେଉଁ କେଉଁ ବ୍ୟକ୍ତ ରସାଶ୍ରିତ ତାହା ନିମ୍ନ ପଦ୍ୟାଂଶରୁ ବାହାର କରି ଟୀକା ଲେଖ ।

> ବାର ବାଟୀରେ କର୍ମୀ ସମ୍ମେଳନୀ
> ବାର ବିଳାସେ ପହିଲ୍ଲ ରଜନୀ
> ନବ ନବ ରସେ ହେଲେ ବିଭୋର
> 'ନବ ନବ ଜୀବଙ୍କ ପ୍ରାଣେଶ୍ୱର । ?'
> ପ୍ରଭୃତି ଯେ ଶୁଭୁଅଛୁ ଭୈରବ ।
> 'ପ୍ରଭୁ ତୁମ ଦାସ ମୋର ଗୌରବ ।'
> ବୀର ଇନ୍ଦ୍ରପଦ ଦେଲ ଅସାରେ
> ବିରଳ ଏ ବନ୍ଧୁପଣ ସଂସାରେ ।
> ମାଳତୀରେ ଗୁନ୍ଥି ନାନା କୁସୁମ
> ମାଳ ଟରେ ବିଭ ହୃଦ ବିଷମ
> ପୁଣି ନଥିଲ୍ଲ ପାଇ ଧଣେ ଚନ୍ଦ୍ରୀ
> ସ୍ୱତନ୍ତ୍ର ମଲ୍ଲ ହୋଇ କହନ୍ତି ।

୮—ବଚନ ସନ୍ଧି ଦର୍ଶନ କରି ବାକ୍ୟାଂଶ ଶୁଦ୍ଧ କର ।

(କ).ଏକା ହରିଆ ଦାନ୍ଦଶ ପଲ ।

[ଖ] କୃଷ୍ଣ ନବ ମାଳତୀ ମନ୍ତ୍ରୀ ହେଲେ ।

[ଗ] କପିଳେଶ୍ୱର ମନ୍ତ୍ରୀ ହେବାରୁ କୃଷ୍ଣ ଉଚିତପାବନ ଆଖ୍ୟା ପାଇଲେ ।

---

ଯେଉଁ ଦେଶରେ ଯନ୍ତ୍ର ଶ୍ରମ କରି ମନୁଷ୍ୟକୁ ପରିଶ୍ରମ କବଳରୁ ମୁକ୍ତ କରିଛି ସେ ଦେଶର ଲୋକେ ଯନ୍ତ୍ରର ଗୋଲାମି ଗୋଲାମ ହୋଇ ଥିବୁ ନାହାନ୍ତି । ତାର କାରଣ ସେ ଦେଶରେ ସଂପଦ ଛଡ଼ା ଆଉ ଅନ୍ୟ ଚିନ୍ତା ନାହିଁ । ଯେ ତେଣୁ କରିବ ସେ ପ୍ରଧାନ ହେବାହିଁ ହେବ । କିନ୍ତୁ ଏ ଦେଶର ପରମ୍ପରା ଭିନ୍ନ । ଧନକୁ ଜୀବନର ମୂଳବସ୍ତୁ ଏମାନେ ଧରୁନାହାନ୍ତି । ସେଥିପାଇଁ ଧନ ବଢ଼ାଇବାର ପ୍ରବୃତ୍ତି ଅଳ୍ପ । ଆବଶ୍ୟକତା, ପ୍ରବୃତ୍ତିରୁ ଯେଉଁ ସାମାନ୍ୟ ଧନ ଦରକାର ତାକୁ ଚାଷୀ ଓ କୃଷିଆ ଲୋକେ ଶ୍ରମାଶ୍ରମରେ ଅର୍ଜନ କରୁଥିବାରୁ ଧନବୃଦ୍ଧିର ଉପାୟ ଉପେକ୍ଷିତ ହୋଇଯାଇଛି ।

ଏହାର ପ୍ରତିକାର ଏ ସାମାଜିକ ବିପ୍ଳବ । ସାମାଜିକ ବିପ୍ଳବ ରାଜନୈତିକ ବିପ୍ଳବ ବିନା ଅସମ୍ଭବ । ଶାସନ ପଦ୍ଧତିକୁ ସରଳ କରି ଚାଷୀ ଓ କୃଷିଆ ଲୋକଙ୍କୁ ଗାଣ୍ଠିରୁ ନ ଖସାଇଲେ ଆଉ ଉପାୟ ନାହିଁ । ଶାସନରେ କେତେଜଣ ଲୋକେ ଶାସନଭାର ମୁଠାରେ ଥିଲେ ଯାଏଁ ଖାଦ୍ୟ ସମସ୍ୟା ସମାଧାନ ଅସମ୍ଭବ ।

ଗାଁରେ ଗାଁରେ ଅଳ୍ପ ଗୃହୀ ମୂଲିଆ ଉଠି ଆସ ଏଇ କୃଷିଆ ପାଠୁଆଙ୍କ ବୁଦ୍ଧି ଓ ଶୋଷଣର କାରଖାନା ସ୍କୁଲ କଲେଜକୁ ବାସନ୍ଦ କରନ୍ତୁ । ଏ ଅନୁଷ୍ଠାନରେ ଅଗ୍ନି ନ ଜାଳିଲେ ଏ ଶୋଷଣ ରାଷ୍ଟ୍ରର ବିନାଶ ସମ୍ଭବ ନୁହେଁ । ତାର ବିନାଶ ବିନା ଅଧିକ ଉତ୍ପାଦନ ଉନ୍ନୟନ ଏବଂ କପୋଳ କଳ୍ପିତ ବସ୍ତୁ ହୋଇ ରହିବ ।



Digitized by srujanika@gmail.com



—ଗଣଙ୍କ ମୁଣ୍ଡରେ ସିନ୍ଦୂର—

ଆମ ପାର୍ଲିମେଣ୍ଟରେ ହିନ୍ଦୁ ମାଇପଙ୍କ ଆଇନ ବଗୁନ ଗୃହୀନ୍ତି । କେତେକ ଅସନ୍ତୁଷ୍ଟି ସୃଷ୍ଟି କରୁଛନ୍ତି ଏ ଆଇନ ଗଣଙ୍କ ପାଇଁ ହେଉଛି । ହେଲେ ଯନ୍ତ୍ରଣା କଣ ? ଗଣ୍ଡିଆ-ପାଳ ଆଗେ ହୁନଅଛାରୁ ମାଡ଼ପିଟି ଖାଉଥିଲେ ଏବେ ନହେଲେ ଗଣ୍ଡ ବି ଧାନାକେତେ ହେଇ ପାରିବେ । ଗଣ୍ଡ ବାହୁଣୀ ହାତରେ ଏଥର ପଡ଼ା ପଡ଼ିବ । ପୁଥିଆ ଟିକିଏ ଧରିକି ଥିବା ଦରକାର ।

—ଅଣବାପୁଅ—

ଅଣବାପୁଅ ବୋଲି ଗାଳିଟିଏ ଲୋକଙ୍କ ଛାଡ଼ୁ ଏଣିକି ଉଠେଇ ଦେବାକୁ ହେବ । କାରଣ ବାପ ନଥାଇ କିଏ କେଉଁ ଜନ୍ମ ହୁଏ କି ? ତେବେ ଅଗ୍ନି ଦେବଙ୍କୁ ସାକ୍ଷୀ ରଖି ଆଗେ ଯେଉଁ ବାହାଘର ହେଉଥିଲେ, ସେ ସବୁ ଗାଉଁଲି ହିସାବ । ଏଣିକି ଆଇନ ଅଦାଲତରେ ହାକିମ କୋର୍ଟ ଫିସ ନାମଟାରୁ ଇଉରୋପୀୟ ଦେଇ ବାହା ହେବାକୁ ପଡ଼ିବ । ପୁଣି ମନ ପଡ଼ିଲେ ଖାରଜ କରି ନୂଆ ଘଇତା ବା ନୂଆ ମାଇପ ବି ଜୁଟେଇ ହେବ । ବାସ୍ତବିକ ସବୁଦିନେ ଗୋଟାଏ ମାଇପ ବା ଗୋଟାଏ ଘଇତା ପାଖରେ ରହିଲେ ତ ଘୃଣ ହୋଇ ଉଠିଲାଗିବା କଥା । ଆଜି କାଲିର ଉଡ଼ା-ଜାହାଜ ରେଳଯୁଗରେ ଦୁନିଆଟା ଯେମିତି ଦ୍ରୁତ—ମଣିଷର ମନ ବି ସେମିତି ଚଞ୍ଚଳ ହେଉଛି । ଗୋଟାଏ ପାଖରେ ଅଠେଇ ଦିଆଟା ଛତ୍ରେଇ ଯିବା ବା କଣ୍ଟିନ୍ୟୁ ।

—ପିଲାଙ୍କ କଳି—

ଜଣେ ଗୁଡ଼ିଏ ମାଇପ ଛାଡ଼ି ପଞ୍ଚମ ମାଇପ ଆଣିଲା । ତାର ମାଇପ ବି ୫ଟି ପିଲା ଛାଡ଼ି ଚାଲିଛି । ତାପରେ ମାଇପଟି ପିଲାଙ୍କୁ ଡାକି ପଚାରିଲା—'କ'ଣ କରୁଛ ?' ପିଲେ କହିଲେ—'ତୁମ ଚୁଆ ଓ ମୋ ଚୁଆ... ଆମ ଚୁଆଙ୍କ ସଙ୍ଗରେ କଳି ଲାଗେଇଛନ୍ତି ।' ଅର୍ଥାତ୍ ମାଇପଙ୍କର ଆଗ ସ୍ୱାମୀର ଚୁଆ ଘଇତାଙ୍କର ଆଗ ପତ୍ନୀଙ୍କର ଚୁଆ ସହିତ ଘଇତା ମାଇପଙ୍କର ଏବରୁ ହୋଇଥିବା ଚୁଆଙ୍କ ସହିତ କଳି ଲାଗୁଛି । ଏମିତି କେତେ ଟିଗ ତମାସା ଯେ ଆମ ସାହିତ୍ୟକୁ ପୁଷ୍ଟ କରିବ ତାର ଠିକ୍ ନାହିଁ । ଏଣିକି ଯେଉଁ ନାଟକ ଲେଖା ହେବ ସେ ସେତେ ସତୀ ସତ ବୋଲି ଲେଖା କହିବେ । ତାଙ୍କର ମୂଲ୍ୟ ବି ସମାଜରେ କମିଯିବ । କାରଣ ଅଭିଜ୍ଞତା ବଡ଼ କଥା । ଯିଏ ଯେତିକି ଘଇତା ଖାଇଥିବ ସେ ପ୍ରେମ ସମ୍ବନ୍ଧରେ ସେତିକି ନିପୁଣା ହୋଇପାରିବ ତତ୍ ପ୍ରେମ ପଞ୍ଚବାଣ ବସ୍ତୁବାଦ ପୁରୁଷପକ୍ଷରେ ସୌନ୍ଦର୍ଯ୍ୟର ବିଷୟ ହୋଇଯିବ ।

—ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ—

'ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ' ବୋଲି ଗୋଟିଏ ବଙ୍ଗଳା ଅଶ୍ଳୀଳ କଥା ଅଛି । ସେ କଥା ହିନ୍ଦୁକୋଡ଼ ବିଲ୍ ପାସ୍ ହେଲେ ଆଉ ଅଶ୍ଳୀଳ ରହିବ ନାହିଁ । କାରଣ ଏଣିକି ହିନ୍ଦୁ-ଟାକୁ ଭଉଣୀ ହେଉ ପଛେ ସମ୍ପତ୍ତି ବାହାରକୁ ଯିବାକୁ ନଦେବା ପାଇଁ ଭାଇ ଭଉଣୀ ବାହା ହୋଇ ପଡ଼ିବେ । ଏହାକୁ କେହି ପାପ ବୋଲି ଭାବିଲେ ଭଗବାନଙ୍କ ନାମ ଧରି କହିଗୁଣିଯିବେ ; କାରଣ ପେଟ ପୋଷ, ନାହିଁ ଦୋଷ ।

—ପ୍ରୋବେସନର ହକିକତ୍—

ହିନ୍ଦୁକୋଡ଼ ବିଲରେ ବ୍ୟବସ୍ଥା ଅଛି ଯେ ବାହାଘର ତିନିବର୍ଷ ଭିତରେ କେହି କାହାରୁ ଛାଡ଼ପତ୍ର ପାଇ ନ ପାରେ । ପ୍ରଥମ ତିନିବର୍ଷ ନ ପୂର୍ବାପର ଦରକାର ପୁଣି ଦରକାର ନ ହେଲେ ପ୍ରୋବେସନର ବା ଏକ୍ସପେରିମେଣ୍ଟ ଘଇତା କିମ୍ବା ମାଇପ ହୋଇ ରହିବେ । ତିନିବର୍ଷ ପରେ କନଫର୍ମେସନ ସର୍ଟିଫିକେଟ ମିଳିବ ।

—ବେକା ସ୍ୱାମୀ—

ସ୍ୱାମୀ ଯଦି ପାଗଳ କିମ୍ବା ବେକା ହୋଇଥାଏ ତେବେ ମାଇପ ତାକୁ ଛାଡ଼ପତ୍ର ଦେଇପାରେ ବୋଲି ଏ ଆଇନରେ ବ୍ୟବସ୍ଥା ଅଛି । ଫଳରେ ଘଇତାମାନେ ଏଣିକି ପ୍ରେମପତ୍ର ଲେଖିବାକୁ ଡରିବେ । କାରଣ କେଉଁ ସମୟରେ ଚନ୍ଦ୍ରମୁଖୀ ବୋଲି ସମ୍ବୋଧନ କରେ—ମାଇପ କହିବ ଏଟା ବେକା ନହେଲେ ଚନ୍ଦ୍ରମୁଖରେ ମଣିଷ ମୁହଁକୁ ତୁଳନା କରନ୍ତା କି ? ଯଦି ସ୍ତ୍ରୀ ଦୁଇ ଦିନ ମୁହଁରୁ ସନ୍ଦେହ କରେ ତେବେ ସେ କହିବ—ଏଟା ଭୂଷ ପାଗଳାମି । ତେଣୁ—ବାହାଘର ବିଚ୍ଛେଦ ହିଁ ଏକମାତ୍ର ପନ୍ଥା । ପୁରୁଷଙ୍କୁ ବୋକା ବା ପାଗଳ ପ୍ରମାଣ କରିବା ପାଇଁ ମାଇପଙ୍କୁ ବେଶି ହେବ ଯିବ ନାହିଁ ।

—ପ୍ରଜାପତି—

ବିବାହ ଆଇନରେ ଅଛି ଯେକୌଣସି ବାବାଜୀ ଯଦି ଗୃହସ୍ଥ ହେବା ଦ୍ୱାରା ଚାହିଁ ଥିବ ତେବେ ସେ କୌଣସି ସାଧାରଣ ଲୋକ ବା ଗୃହସ୍ଥ ଆଇନ କରି ବିଚ୍ଛେଦ ମଧ୍ୟ କରି ଦେଇପାରିବେ । ଅତଏବ ଏଣିକି ପ୍ରଜାପତି ବ୍ରହ୍ମାଙ୍କ ଧର୍ମ ପ୍ରଜାପତି ବା ଧାତ୍ରୀପତି କଣ କରୁଛନ୍ତି । ଯାହାର ଟଙ୍କା ଅଛି—ସେ ପତି—ଏ ପଦ ଆଉ ଚଳିବ ନାହିଁ । ଏଣିକି ଆମ ମନ୍ତ୍ରୀମାନେ ଇଚ୍ଛା କଲେ ବାହା କରି ଦେଇ ପାରିବେ ।

—ଟଙ୍କେଶ୍ୱର—

ଏଥର ଜଣ ପତ୍ରିକାରେ ଜଣେ ଦେଶୀ ତାଙ୍କ ସ୍ୱାମୀ ନାମ ଧନକୁ ଦେବ—ସେ କହିଲେ ଯେ—ତାଙ୍କ ସ୍ୱର୍ଗ ନାମ ଟଙ୍କେଶ୍ୱର । ଅର୍ଥାତ୍ ସେ ଟଙ୍କାକୁ ଦେବ ବୋଲି ଭାବନ୍ତି—ମଣିଷକୁ ନୁହେଁ । ତାଙ୍କ ଘରେ ବଡ଼ ଚମତ୍କାର । ଆଜିକାଲି ମନ୍ଦିରର ଦେବତା ଟଙ୍କାରେ ଗଢ଼ା ହେଲେଣି । ଟଙ୍କା ଦିଅନ୍ତି, ଯୋଗାନ୍ତି, ଦୁର୍ଗେଇନ୍ତି, ଫୁଟେଇନ୍ତି, ... ଦେବ, ମର୍ଯ୍ୟାଦା—ଟଙ୍କା ଟଙ୍କା ଟଙ୍କା ଟଙ୍କା

ଟଙ୍କା ଟିଙ୍କେ ବୋଲନ୍ତି

ଙ୍କେ ନାସ୍ତ୍ରେବ ନାସ୍ତ୍ରେ ନାସ୍ତ୍ରେ ଗଡ଼ିରହିଥା

—ଅଧବୋଲା ଦୃଷ୍ଟି—

ଆଉ ଜଣେ ଦେଶୀ ଝାଙ୍କର ସଂସାରରେ ନାମ କହିବାକୁ ଯାଇ କହିଲେ— ତାଙ୍କ



Digitized by srujanika@gmail.com

ବାଂଲାଦେଶରୁ ଅବସର ବିନୋଦନ । ଅର୍ଥାତ୍ ଲୋକମାନଙ୍କର ସୁବିଧାର୍ଥେ ସେ ଉକ୍ତର ବେଶ୍ୟାନୃତ୍ୟ ପ୍ରଦର୍ଶନ କରୁଛନ୍ତି । ଅବସର ବିନୋଦନ ପାଇଁ ଥିଏଟର ସିନେମା ଦେଖିବା ତାସ୍, ଫୁଟବଲ ବେଡ଼ମିଣ୍ଟନ ଖେଳିବା ଯଥା ବେଶ୍ୟାନୃତ୍ୟ ମଧ୍ୟ ଗଣିବା ତଥା । ଏଣିକି ଥିଏଟର ସିନେମା ଘର ଓପନ୍ କରିବାକୁ ମନ୍ତ୍ରୀମାନେ ଯେପରି ଉଦଘାଟନ କରନ୍ତି—ବେଶ୍ୟାନୃତ୍ୟ ପ୍ରବର୍ତ୍ତନ ପାଇଁ ମଧ୍ୟ ସେମାନଙ୍କୁ ନିମନ୍ତ୍ରଣ ପଠାଇବେ ବୋଲି ଆଶା କରାଯାଉଛି ।

ନେତାମାନଙ୍କ ଖିଆଲ

ନେପାଳର ପ୍ରଜା ଗଣ ହିନ୍ଦୁମାନଙ୍କ ଉପରେ ମୁସଲମାନ ପଡ଼ନ୍ତି । ଗତବର୍ଷ ମହାରାଜ ଥରେ ଦର୍ଶନରେ ଆସିଲେ ଉତ୍ସବ କରିଥିଲେ । ରାଜ୍ୟରେ ଜନ୍ମ ଦିବସ ସ୍ତୁତି ମହୋତ୍ସବ ପରେ ସେ ପୁଣି ସମ୍ପୂର୍ଣ୍ଣ ନୂଆ ଗଳ୍ପ କହିଲେ । ନେପାଳ ପ୍ରଧାନମନ୍ତ୍ରୀ ଙ୍କର ଏକେଡେ ବଡ଼ ଅବସ୍ଥା ହୋଇ ଏବେ ତାଙ୍କୁ ଆସୁଛନ୍ତି । ନିର୍ବାଚନରେ ତାଙ୍କୁ ଜିତିବାକୁ ପଡ଼ିବ— ଗଣେଶ ଗଳ୍ପ କଥାରେ ଯଥା ।

—ବନ୍ଦୀଙ୍କ ଭୂତ—

ଚୀନା ସୈନ୍ୟମାନେ ଆକ୍ରମଣ କରୁ କରୁ ହଠାତ୍ ଫେରିଯିବା ପରେ ଆଉ ଭାରତ ପାର୍ଲିଆମେଣ୍ଟରେ ସରକାର ସମ୍ବନ୍ଧରେ ଚର୍ଚ୍ଚା ଚାଲିଛି । ଆଗେ ଗୋଟିଏ ବାର ଏବେ ବନ୍ଦୀମାନଙ୍କ ଭଲ ମନ୍ଦ ଚିନ୍ତା ହେଲା । ଭାରତ ସେମାନଙ୍କ କିଛି ବୁଝି ଉଠିନେବ ଚୀନା ସୈନିକ ଭୂତ ଦେଖୁଛନ୍ତି !

—ଚୋରା ପାନ—

ପାକିସ୍ତାନ ମଧ୍ୟ ଭାରତ ଦେଶକୁ ଆସି ଗୁପ୍ତ ଚର ହୋଇ । ଭାରତ ପୁଲିସ ଅନେକ ଗୁପ୍ତ ଚର ଧରିଲେ । ସେମାନେ ଗାଁ ଗାଁ ପାକିସ୍ତାନ ଅଧୀନରେ ରହନ୍ତି । କେହି ପୁଣି ଏ ଦେଶରେ କାମ କରନ୍ତି । ମିଳିତ ନହେବାଯାଏ କେବଳ ପାକିସ୍ତାନ ପକ୍ଷ ଦର୍ଶାଉଛନ୍ତି । ସେହି ଯେଉଁ ମୂଳକ ତାର— ଆଉ କିଏ ହଜିଲା ପାନ । ମାତ୍ର— କିଏ ପୁଅ କି ? କେଉଁଠି ହଜି ଗଲା !

—ଉଠ ନେତା—

ପାର୍ଲିଆମେଣ୍ଟ କଂଗ୍ରେସ ଦଳର ଉପନେତା ଗୋପୀନାଥ ଆଜାଦ ହେଲେ । ବସ୍ତୁତଃ

ଡଗର

ଅଧ୍ୟକ୍ଷଙ୍କର ଅଜ୍ଞ କାଲି ଯେପରି ଉପଦେଶ ନହେଲେ ନଚଳେ, ଅଧ୍ୟକ୍ଷ ଗଣତନ୍ତ୍ର ଦଳମାନଙ୍କର ମଧ୍ୟ ସେହିପରି ଦରକାର ହୁଅନ୍ତି ।

—ପଙ୍ଗପାଳ—

ଜଲନ୍ଧରରେ ବହୁ ପଙ୍ଗପାଳ ମାଡ଼ିଆସିବାରୁ ଶହ ଶହ ପୁଲିସଙ୍କ ମୂତୟନ କରି ସେଠିକି ପଙ୍ଗପାଳ ଘଉଡ଼ାଇବା ପାଇଁ ପଠାଯାଇଛି । କାଲିକଟା ପୁଲିସଙ୍କୁ ବସନ୍ତ ବିରୁଦ୍ଧରେ ଅଭିଯାନ କରିବାକୁ ପଠା ଯାଇଥିଲା । ଓଡ଼ିଶା ପୁଲିସ ମନ୍ତ୍ରୀମାନଙ୍କ ଆଦେଶ ନ ଦେଲେ ପଠାଯାନ୍ତି । ପୁଲିସମାନେ ଆସନ୍ତା ଦାଗ ଗୁଡ଼ିକ ଅନ୍ୟ କାମକୁ ଅଣ ।

—ନେତାଙ୍କ ନଦପତ୍ର—

କରାଚିରୁ ଆସିବାର ମିଆଦ ପୂରିଯିବାରୁ ଶ୍ରୀଯୁକ୍ତ ରାଜଗୋପାଳାଚାରୀ ପୁଣି ଥରେ ତାହା ପାର୍ଲିଆମେଣ୍ଟରେ ଆଗତ କରୁଛନ୍ତି— ଯେ ଆଇନକୁ ଯିଏ ଅପବ୍ୟବହାର କରିବ ସେ ଦେଶର ଶତ୍ରୁ ବୋଲି ବିବେଚିତ ହେବ । ମାତ୍ର ମନ୍ତ୍ରୀମାନଙ୍କ ଆଇନକୁ ସ୍ଥାନୀ କରିବା ପାଇଁ ବ୍ୟବହାର କରାଗଲେ ସେମାନଙ୍କୁ ଅପବ୍ୟବହାର କୁହାଯିବ କି ? କେବଳ ବ୍ୟବହାର ହେଉଥିବାରେ— ମାତ୍ର ଅପବ୍ୟବହାର ନୁହେଁ ।

—ପଣିରେ ଗାର—

ରାଜାଜୀ କହୁଛନ୍ତି ଯେ ଯେଉଁଠି ଧ୍ୱଂସାତ୍ମକ କର୍ମ ନହେଉଛି ସେଠି ଏ ଆଇନ ଖାଟିବ ନାହିଁ । ଓଡ଼ିଶାରେ କେଉଁଠି ଧ୍ୱଂସାତ୍ମକ କାମ ହେଉଛି ଜଣା ନାହିଁ । ମାତ୍ର ଏଠି କରାଚି ଆଇନରେ ବହୁ ହୋଇ ବନ୍ଦୀ ଅଛନ୍ତି । ଆଉ ନେତାଙ୍କ କଥା ଦାଉ ଠାଣ । ସେ ପଣିରେ ମଧ୍ୟ ଗାର କାଟି ଦିଏ ।

—ସ୍ୱାମୀଙ୍କ ନିର୍ବାସନ—

ମାନ୍ଦ୍ରାଜରେ ଜଣେ ପାକିସ୍ତାନୀ ପଢ଼ୁଥିବା ସ୍ତ୍ରୀକୁ ପାଇବା ପାଇଁ ତାର ସ୍ୱାମୀକୁ କରାଚିର ଆଇନରେ ଅଟକାଇ ରଖିଥିଲେ ବୋଲି ପାର୍ଲିଆମେଣ୍ଟରେ କଥା ଉଠିଲା । ମାତ୍ର ସେ ପାକିସ୍ତାନ ହୁଏତ ସ୍ତ୍ରୀର ପାଖରୁ ଅଣ ନିରାପଦରେ ରଖିବା ପାଇଁ ସ୍ୱାମୀଙ୍କୁ ବନ୍ଦୀ କରିଥିଲେ । ଏ ସାମ୍ୟ ଉଦ୍ଦେଶ୍ୟଟା କାହାର୍ ଆଖିକୁ ଦିଶିଲା ନାହିଁ ।



—ସ୍ୱାମୀ ନା ସ୍ତ୍ରୀ—

ନିଖିଳ ସଂସାର ମୁସଲମାନ ସମ୍ମେଳନରେ କାଳରେ ପାରସୀ ଛାତ୍ରଙ୍କ ଗଠନରେ ଶ୍ରୀଯୁକ୍ତ ଆଗା ଖାଁ ଭାଷଣ ଦେଲେ ଯେ ପାକିସ୍ତାନର ଭାଷା ଉର୍ଦ୍ଦୁ ବଦଳରେ ଆରବୀ ହେଉ । ଶ୍ରୀମତୀ ଆଗା ଖାଁ, କଣ୍ଠସ୍ୱର କଳ କଳ କରି କହୁଥିବେ—ନା—ନା—ପାକିସ୍ତାନ ଭାଷା ପାରସୀ ହେଉ । ଏ କଳିରେ କିଏ ଜିତିବ ଦେଖାଯିବ ।

—ମୁସଲମାନ ମେଣ୍ଟ—

ପାକିସ୍ତାନର କରାଚିରେ ସବୁ ମୁସଲମାନମାନେ ମେଣ୍ଟବାନ୍ଧି ଠିକ୍ କରିଛନ୍ତି ଯେ କୌଣସି ଗୋଟିଏ ମୁସଲମାନ ଦେଶ ଉପରେ ଆକ୍ରମଣ ହେଲେ ତାହା ସବୁ ମୁସଲମାନ ଦେଶ ଉପରେ ଆକ୍ରମଣ ହେଲା ବୋଲି ଧରି ନିଆଯିବ । ଫଳରେ ଏଣିକି କୌଣସି ଗୋଟିଏ ମୁସଲମାନ ପୁରୁଷ ଉପରେ ଆକ୍ରମଣ ହେଲେ ସବୁ ମୁସଲମାନ ସ୍ତ୍ରୀଙ୍କ ପୁରୁଷ ଉପରେ ଆକ୍ରମଣ ହେଲା ବୋଲି ମଧ୍ୟ ଧରି ନିଆଯିବ । ଅତଏବ—

—ଦୁନିଆ ଅନ—

ମାର୍ଶାଲ ଷ୍ଟାଲିନ୍ ରୁଷିଆକୁ ଆକ୍ରମଣ କାରୀ ବୋଲି ଘୋଷଣା କରିଦେଲେ । ମାତ୍ର ଆମେରିକାକୁ ଆକ୍ରମଣକାରୀ ଘୋଷଣା କରିବା ପାଇଁ ରୁଷିଆର ପ୍ରସ୍ତାବକୁ ନାକଚ କରିଦେଲେ । ଭାରତ କିନ୍ତୁ ଦୁଇଟିଯାକ ପ୍ରସ୍ତାବ ବିରୁଦ୍ଧରେ ମତ ଦେଲା । ଅର୍ଥାତ୍ ଋଷିଆ କେହି ଆକ୍ରମଣ କରି ନାହିଁ କି ଆମେରିକା ପ୍ରତିରୋଧ ଆକ୍ରମଣ କରି ନାହିଁ । ଅର୍ଥାତ୍ ଭାରତ ଆଖିରେ କୋରିଆରେ ଯୁଦ୍ଧ ମଧ୍ୟ ହୋଇ ନାହିଁ । ଭାରତ ଯେମିତି ତିନିଙ୍କ ଭଳି ଆଖି ବୁଜି ଦେଇ କହି ଦେଉଛି— "କେହି ମୋତେ ତ କେହି ଦେଖୁ ନାହାନ୍ତି । ମୁଁ ଏଇ ନୁହେ ଦୁନିଆ ଅନ ।"

—ଦରୋଡ଼ା ଅଲଡା—

ଓଡ଼ିଶା ମହାରାଜାଙ୍କ ଦରକାର କଣ୍ଡିଆ ଧରିଛନ୍ତି ! ତଥାପି ଚଳିତ ହଜାର ଟଙ୍କାର ଗେଟେ ନୂଆ ସେକ୍ରେଟେରୀ ଦାନାର୍ଜ୍ଜ ସଂସ୍ଥାରେ ଆସୁଛନ୍ତି । ଦେଶଯାକ ଦାନାର୍ଜ୍ଜ ମୁନାର୍ଜ୍ଜରେ ଉଦ୍‌ଭାସିତ ହେଉଛି । ମାତ୍ର ଏତେ ଆଡ଼ମ୍ବର କାହିଁକି । ଅର୍ଥ ଦେବା ଧନ ନାହିଁ—ସେଥିରେ ମନରେ ଏତେ ବଙ୍ଗଳୀତ କାହିଁକି ?

Digitized by srujanika@gmail.com

# ମୁଁ କାହିଁକି ଲେଖେ ନାହିଁ ?

ଲେ—ଧୂର୍ଜ୍ଜଟୀ ଶର୍ମା

ଏଥିରେ ବର୍ଣ୍ଣନା କରାଯାଇଥିବା ଚରିତ୍ରର ବର୍ତ୍ତମାନଙ୍କ ସହିତ ସମ୍ପର୍କ ନାହିଁ ।

ଦେଖାଣିଆ ଓଡ଼ିଶା ! ବେତାର କେନ୍ଦ୍ରରୁ ଶୁଣି ଆମ 'ଡଗର' ଏବେ କେତେ ଦିନ ହେଲା 'ମୁଁ କାହିଁକି ଲେଖେ' ବୋଲି କୈଫିୟତ ମାଗି ମାଗି ଲେଖକ ମାନଙ୍କୁ ନିର୍ଯ୍ୟାତ୍ନ କରି ସାରିଲେଣି । କିନ୍ତୁ ଯେଉଁମାନେ ଲେଖୁ ନାହାନ୍ତି, ସେମାନଙ୍କୁ ତ କାହିଁ 'ଡଗର' କୈଫିୟତ ମାଗୁ ନାହାନ୍ତି ? 'ଉପାୟଂ ଚିନ୍ତୟେତ୍ ପ୍ରାଜ୍ଞଃ ଅପାୟମପି ଚିନ୍ତୟେତ୍'—ଏ ଶାସ୍ତ୍ର ବାକ୍ୟ କଣ ଡଗର ସମ୍ପାଦକ ଭୁଲି ଗଲେ କି ?

ଯାହାହେଉ, ମୁଁ କାହିଁକି ଲେଖେ ନାହିଁ ତାହାର କୈଫିୟତ ଆଜି ମୋଠାରୁ ହିଁ ଆରମ୍ଭ ହେଉ ।

ମୁଁ ଲେଖୁଥିଲି, ଗତଦିନ ଲୁଚି ପଡ଼ି କେତେ ଖୋପ ଭୁଲି କସରତ୍ କରୁଥିଲି, ମୋର ଲକ୍ଷ୍ୟ ଥିଲା, କିପରି ନାଁଟା ଛପା ହୋଇ ବାହାରି ଯାଉ, କିନ୍ତୁ କେବେ ହେଲେ ବିଧାତା-ର କୃପାଦୃଷ୍ଟି ମୋ ଉପରେ ପଡ଼ିଲା ନାହିଁ ।

ଆଜି କୌଣସି କବିତା ଦେଖିଲେ, ମୋର ମନରେ ପ୍ରଥମେ କବି ପ୍ରତି କରୁଣା ଜନ୍ମେ । ଅହା ! ବିଚାରି କବି ! କେତେ ମାଡ଼ ଖାଇ ନଥିବେ ! ଗାଲ ଫାଟିଥିବ, ପିଠି ଫୁଲିଥିବ, କାନ ଛିଡ଼ି ରକ୍ତ ଗଳିଥିବ ।

ଛାଡ଼ ସେ କଥା, ମୋ କଥା ମୁଁ କହେ ।

ମୁଁ କିପରି ଜଣେ ଲେଖକ ହେବି, ଏ ଝୁଙ୍କ ମୋର ପିଲା ଦିନରୁ ଥିଲା । ପ୍ରଥମେ ପ୍ରବନ୍ଧ ଲେଖିବାକୁ ବସିଲି—କିଛି ପାଇଲି ନାହିଁ । କେତେ ଗଳ୍ପ ଫାନ୍ଦିଲି । ନାୟକ ନାୟିକାଙ୍କୁ ଉଡ଼ାଇଲି, ବୁଡ଼ାଇଲି; ଛଡ଼ାଇଲି ମିଳାଇଲି—କିନ୍ତୁ କୌଣସି ସମ୍ପାଦକ ତାଙ୍କ କାଗଜରେ ଛାପିଲେ ନାହିଁ । ଥରକୁ ଥର ଦିସ୍ତା ଦିସ୍ତା କାଗଜ ଲେଖି, ହାତରୁ ପଇସା ଖର୍ଚ୍ଚ କରି ରେଜେଷ୍ଟ୍ରି ଡାକରେ ପଠାଇଲି । ଜଣେ ଦୁଇଜଣ ସମ୍ପାଦକଙ୍କୁ ଅନୁରୋଧ କଲି, ଏ ଲେଖାଟି ଛାପିଲେ ପାଞ୍ଚ ଟଙ୍କା ପୁରସ୍କାର ଦେବି । କିନ୍ତୁ କାହିଁରେ କିଛି ହେଲା ନାହିଁ । ଛପା ଅକ୍ଷରରେ ମୋ ନାଁଟି ନୁହେଁ, ନାଁ ର ଫାଳେ ଯୁଙ୍କା ବାହାରିଲା ନାହିଁ । ଚାହିଁ ଚାହିଁ ଆଖି ପାଣି ଆଖିରେ ମଲି ।

ତା ପରେ ଠିକ୍ କଲି, ନା, ଏ ଗପ ମୋ ହାତରେ ହେବ ନାହିଁ । କବିତା ଲେଖା ଭାରି ସହଜ । ଆଙ୍ଗୁଠିରେ ଗଣି ଅକ୍ଷର ମିଳାଇ ଦେବ ଆଉ ଶେଷ ଅକ୍ଷର ଯୋଡ଼ ଠିକ୍ ରହିବ—ତା ହେଲେ ତ ହେଲା କବିତା । ଆଜି କାଲି 'ଗଦ୍ୟ କବିତା' ବି ଲେଖା ହେଲାଣି । ସେଥିରେ ଅକ୍ଷର ନମ୍ବର ଠିକ୍ ରହିବା କି ଯୋଡ଼ ପଡ଼ିବା ଦରକାର ନାହିଁ ।

ଶୁଣିଥିଲି, କୁଆଡ଼େ ଆଗେ କବି ଜଣେ କବିତା ଲେଖିଥିଲେ—

'ଅହା, ଭୂପଟର କେଡ଼େ ସୁନ୍ଦର !' ଶେଷ ଅକ୍ଷର 'ର' ସହିତ ଯୋଡ଼ ପକାଇବାକୁ (ହଁ, ଏଇ ଲାଗେ ମନେ ପଡ଼ୁଛି, ତାକୁ ଯତି ପକାଇବା କହନ୍ତି) 'କର' 'ଖର' 'ଗର' 'ଘର' ଏମିତି ବୋଲିଦେଇ ଗଲେ । ଶେଷକୁ 'ଙର'ଟା ଠିକ୍ ମିଳିଗଲା । ତେଣୁ ଆଉ ପଦେ ଲେଖିଲେ

ଙୋଙେ ଦେଖି ମୋତେ ମାଡ଼ୁଛି ଡର ।

ଦେଖ୍ ତ, କବିତା ଲେଖା ଏତେ ସହଜ । ମୁଁ ତେବେ ଅନ୍ୟ ଆଉ ଏପରି ମନ୍ତ୍ର ଘୁରାଉ ଥିଲି କାହିଁକି ?

ପାଠ ପଢ଼ା ଛାଡ଼ି କବିତା ଲେଖାରେ ଲାଗିଗଲି । ବାଟ ଚାଲିଲା ବେଳେ ଗୁଣୁ ଗୁଣୁ ହୋଇ କବିତା ବୋଲିଲି, ବସିଲା ବେଳେ ଲେଖିଲି, ଶୋଇଲା ବେଳେ କବିତା ସପନ ଦେଖିଲି, ରଫ ଖାତା, ଇତିହାସ ନୋଟ ଖାତା, ମନେ ଖାତା—ସବୁଥିରେ କବିତା ପୂରାଇ ଦେଲି । ଯେ ଦେଖିଲା, ସେ କହିଲା ଖଟ ଗଦାରେ ପଦ୍ମ ଫୁଲ ଫୁଟିଛି । ସମସ୍ତେ ପ୍ରଶଂସା କଲେ—କିନ୍ତୁ ଗୋଟିଏ ହେଲେ କୌଣସି କାଗଜରେ ଛପା ହେଲା ନାହିଁ ।

ମୁଁ କବିତା ଲେଖାରେ ପାଗଳ ହୋଇଗଲି । ପାଠ ପଢ଼ା ଛାଡ଼ିଲି । ଥରକୁ ଥର ପରୀକ୍ଷାରେ ଫେଲ ହେଲି । ସେଥିପାଇଁ ମୋର ଚିନ୍ତା ନଥାଏ । ରବୀନ୍ଦ୍ର ନାଥ ପୁଣି ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପାଶ୍ କରି ନଥିଲେ । ମୁଁ ପାଶ୍ ନକଲେ କଣ କ୍ଷତି ହୋଇଗଲା ?

କିନ୍ତୁ ବାପା ହେଲେ ଛାଡ଼ିବାର ପାତ୍ର ନୁହନ୍ତି । ଥରକୁ ଥର ମୋତେ ପରୀକ୍ଷା ଦେବାକୁ ବାଧ୍ୟ କରନ୍ତି । ଟଙ୍କା ଗଣାଯାଏ । ମୁଁ ଗତ ସାତ ଘରେ ଅଳ୍ପ ଜଳ ପଢ଼ି ବସେ—ଅର୍ଥାତ୍ କବିତା ଲେଖେ ।

ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ । ମୁଁ କବିତା ଲେଖିଲି —

"ଜାନୁଆରୀ ଛବିଶ ଆସିଲୁ ଫେରି ବର୍ଷ
ମୋ ପାଇଁ ଆଣିଲୁ ହର୍ଷ"

(ନୋଟ—ପାଠକେ, ଏହା ଇଂରାଜୀ ହର୍ସ ନୁହେଁ ଓଡ଼ିଆ ହର୍ଷ । ଇଂରାଜୀ ହର୍ସ=ଘୋଡ଼ା ଚଢ଼ିବା ଶକ୍ତି ମୋର ନାହିଁ)

ଏଥରକ ପରୀକ୍ଷା ଆଉ ଅଳ୍ପ ଦିନ । ବାପାଙ୍କ କଡ଼ା ତାଗିଦାରେ ମୁଁ ସାତସାଙ୍କ ଘରେ ଅଳ୍ପ ଜଳ ଓଡ଼ ପଢ଼ିରେ ମନ୍ଦି ଯାଇ ଥାଏ । ସତ କହିଲେ ଖଣ୍ଡିଏ ବହି ଫିଟାଏ ନାହିଁ । ଦିସ୍ତା ଦିସ୍ତା କାଗଜ କବିତା ଲେଖି ଜମାଇ ଦିଏ । ପରୀକ୍ଷାରେ କାଗଜ କଣା, କପେଇନ କହିଲେ—ଏସବୁ ତ ଆଉ କବିତା ମାନିବ ନାହିଁ । ତୁମ ଭଳି ଅଳବ ଏସବୁ ହିସାବ କରନ୍ତି ।

ଜଣ୍ଟ ଗତ । ମୋ ଝରକା ଆଗରେ ଖୋଲା ଛାତରେ ନୂଆ ବୋଉ ଠିଆ ହୋଇ ଥାଆନ୍ତି । ହଠାତ୍ ମୋ ଆଖି ପଡ଼ିଗଲା, ଏ ସୁଯୋଗ କିଏ ଛାଡ଼େ ? ମୁଁ ଲେଖିଲି କବିତା—

'ଅହୋ ନୂଆ ବୋଉ, ଅଛକି ତୁମର
ସାନ ଭଉଣୀ ଆଉ,
ତୁମ ପରି ସେଠି ଫଳୁଛନ୍ତି ସତେ କଅଁଳ
ଲାଉ ?"

ମୋ କାଁ ଗାଲରେ ହଠେ ଅଦା ବଜ ଛିଡ଼ ପଡ଼ିଲା । ଦୁଇ ଆଖିରେ ଜୁଳୁ ଜୁଳୁ ଯୋକ ବାହାରିଗଲା ମୁଣ୍ଡ ଘୁରିଗଲା । ମୁଁ ଟଳି ପଡ଼ି ହୋଇ ଟେବୁଲ ଉପରେ ପଡ଼ିଗଲି ।

କଅଣ ହେଲା ଜାଣିବାକୁ ପଛକୁ ଚାହିଁଛି —ବାପାଙ୍କ ପାଟି ଗର୍ଜି ଉଠିଲା, "କବେଇମନ୍ ତେଲ ଖର୍ଚ୍ଚ ହୋଇ ଏଇ ପଢ଼ା ହେଉଛି ?

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖ

—✱—

Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ—ଲକ୍ଷ୍ମୀକାନ୍ତ ମହାପାତ୍ର

ଜଣେ ସମ୍ପାଦକ ମୋତେ ପଚାରିଛନ୍ତି—'ମୁଁ କାହିଁକି ଲେଖେ ?' ଏ ପ୍ରଶ୍ନର ଉତ୍ତର ଯେତିକି ସରଳ, ସେତିକି ଅଦ୍ଭୁତ । ସବୁ କଥାରେ ଛୋଟିଆ ଉତ୍ତର—'ମୋ ମନ ଯାଏ ମୁଁ ଲେଖେ' । କିନ୍ତୁ ଏତିକିରେ କାହାରି ମନ ମାନିବ ନାହିଁ । ତେଣୁ କଥାଟାକୁ ଟିକିଏ ବଢ଼ାଇବି, ଫମ୍ପାଇବି; ଫେଣେଇ ଲେଖିବାକୁ ପଡ଼ୁଛି ।

ହଁ, ଯାହା ଆସୁଛି ଲେଖିଯାଉଛି—ନିଜ ଅନୁଭୂତିକୁ । ସବୁ ବେଳେ ଯେ ଆମେ ମନ ଇଚ୍ଛାରେ ଅର୍ଥର ପ୍ରେରଣା ବଳରେ ଲେଖୁଁ; ତାହା ନୁହେଁ । ଲୋକଙ୍କ ଅନୁରୋଧ, ଉପରୋଧ ରକ୍ଷିବାକୁ ଯାଇ ବହୁତ ବହୁତ ଲେଖା ଲେଖିବାକୁ ପଡ଼େ । ପଦ୍ମିନ୍ଦ ପଦ୍ମିନ୍ଦ [illegible] ଲେଖି ହୋଇଯାଏ । ତାହାରେ ଲେଖକ ତଳେ ନାଆଁ ପଡ଼ିଲା ଉଚିତ୍ ଏ ବରାଦର ଅନ୍ୟ ନାହିଁ । ଅଣୁ ମାତ୍ର ଫରମାସ । ସଙ୍ଗୀତ; ବାହାଘର ଗୀତ; ସମ୍ପାଦକଙ୍କ ଦାବି କବିତା; ପ୍ରବନ୍ଧ, ଗଳ୍ପ, ଏପରିକି ଅଭିନନ୍ଦନ ପତ୍ର ମାନପତ୍ର ଏହି ପରି କେତେ କଣ । ଏହା ଛଡ଼ା ଲେଖା ସଂଶୋଧନ କରିବା କାମ । ମୋ ହାତର ଲେଖା କରି ନ ପାରିଲେ [illegible] ମନ ଅସ୍ୱୀକାର କରିବେ, ମୁହଁ ଚେଢ଼ କରିବେ; ସେତିକି ନୁହେଁ—କିଏ

ଯାଞ୍ଚିଥିର ଫେଲ ମୋ ଲାଜ ମାଡ଼ୁନାହିଁ ? ପରୀକ୍ଷା ମଣ୍ଡପ ଉପରେ—ରସିକଙ୍କର ସେ ଉଜ୍ଜ୍ୱଳ ଉଚ୍ଛ୍ଵାସ ନୂଆ ବୋଉକୁ ଦେଖି ।"

ମୋ ଘର ଧୂଆଁର ମୁହଁଟା ଯେ କାଗଜ ଶୋଷି ରହିଥିଲା, ତା ମୋର ମନେ ନାହିଁ । ଦିନେ ମୋ ଲେଖା ଦେଖିବାକୁ ଆସି ଏ କବିତା ଦେଖି ଦୁର୍ବାସା ବନି ଯାଇଛନ୍ତି ।

ମୁଁ ସେହିଦିନ ଠାରୁ କବିତା ଲେଖା ଛାଡ଼ିଛି; କିନ୍ତୁ ଗାଲି ଖାଇବା ଏଯାଏଁ ଛାଡ଼ିନାହିଁ । ବିଶ୍ୱାସ ନ ମନ ଲାଗେ ପଢ଼ା ପଢ଼ିଲେ ବାସ୍ତୁ । ଏଇ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ମାଟ୍ରିକୁଲେଶନ ପରୀକ୍ଷାର ଫଳାଫଳ ପ୍ରକାଶନରେ କାହା ନିଷ୍ଠା ଖବର କାଗଜରେ ଆପଣ ଦେଖିବାକୁ ପାଇବେ—ସେ ଆଶା ହେଉଛି ।

ସୃଷ୍ଟି ହୁଏ । ଲେଖାଇ ଦେବେ, କିଏ ବା କହିବ ଗଳି କୁଣ୍ଡରେ ମନ ରେଖା ନ ପଡ଼ିଲେ ପୁଣି ଗଲା ! ଏଥିପାଇଁ ଅନେକ ସମୟରେ ମନ ଓ ମନକୁ ଟାଣି ଓଟାରି ଏକ କରିବାକୁ ପଡ଼େ ବାଧ ହୋଇ ।

ଏ ଗଲା ଫରମାସି ଲେଖାର କଥା । ମୁଁ ଆପେ କାହିଁକି ଲେଖେ । ସେ କଥା କହୁଛି । କହିଲି ଭଲ—ପ୍ରସୂତି କାହିଁକି ପିଲା ଜନ୍ମ କରେ ! ସେହିପରି ଲେଖାଏ ଭବ ଯେତେବେଳେ ପେଟ ଭିତରେ ମୁଣ୍ଡ ମାରି ମନ୍ଥି ପକାଏ ତାକୁ ଖଲାସ ନକରି ରହି ହେବ କି ? [illegible] ଚୁପ ରେଖା ଦେଇ ପକାଇ ନ କରିବ ଯାକେ ଛାଡ଼ିବ ନାହିଁ ଅଭିଜ୍ଞତା ହୁଏ ସେ ଅନ୍ଧାର କନ୍ଦ୍ରା ବିଷମ ହୋଇଯାଏ । କୌଣସି ମତେ କାଢ଼ି ନ ପକାଇ ନିସ୍ତାର ନାହିଁ । ତାହାପରେ କି ଉଷ୍ଣାସ—କି ଆରାମ ! ସେତିକି ପାଇଁ ଏତେ ରାତ୍ରି ଜାଗରଣ ହେବା—ଏତେ ଦୁଃଖ ସହିବା । ଏତିକି ବେଳେ ମନେ ପଡ଼େ—there is a pleasure in poetic pains which none but poets know.

ଲେଖକ ମାନଙ୍କୁ ଏକଥା କହିବେ । ମୁଁ ଭାବେ ଏହି ଆନନ୍ଦ ଟିକ ଲେଖକ ବା କବିର ମଜୁରୀ । ଆଉ ଟଙ୍କା ନିଅ, ମାନ ନିଅ, ଅର୍ଥ ନିଅ ପ୍ରଶଂସା ନିଅ ସେ ଗୁଡ଼ାକ ଉପୁରି ପାଉଣା । ଲେଖାର ଯେଉଁ ଫଳ । ତାହା ଭାଗ୍ୟର ସ୍ଥାନ ମୂଲ୍ୟ ତାହା ଭାଗ୍ୟର ପ୍ରଦକ୍ଷିଣା । ଅଶାନ୍ତି ଓ ଅର୍ଥାଭାବ ଲେଖାର ବଡ଼ ପ୍ରବର୍ତ୍ତକ । ଲେଖା ଦ୍ୱାରା ଅର୍ଥୋପାର୍ଜନ ଲେଖକକୁ ଅଦ୍ଭୁତ ଉତ୍ସାହ ଓ ଉଦ୍ଦୀପନା ଦିଏ । ମାତୃଭାଷାରେ ସାହିତ୍ୟ ଲେଖି ପଇସା କାହିଁ । ପେନ୍ସନ ନେବା ବେଳ ତ ଏ ମାନଙ୍କ ଆସେ ନାହିଁ; ପୁଣି କେତେ ଅସୁବିଧା କିଏ କହିବ ଜାଣେ !

ମୋ ମନେ ହୁଏ, ଏ ଲେଖିବା ଅଭ୍ୟାସଟା ଗୋଟାଏ ନିଶା—ଗଞ୍ଜେଇ ନିଶା ବା ଅଫିମ ନିଶା । ଗୁଣ୍ଡି ହେବାର କିଛି ଗୋଟାଏ କାରଣ ନଥାଏ କି ବେଳକାଳ ନଥାଏ । ଏହି ଭୂତ ପରି ମୁଣ୍ଡିଆ କାହାର ଯେତେବେଳେ ବିଦ୍ରୂପ ବାହାରେ, ମଣିଷକୁ ଅକ୍ରାନ୍ତ କରି ବାହାର କରି ପକାଏ ତାର ଶାନ୍ତି [illegible] । ସେ ପୁଣି ନ ହୋଇ ସେ ଥୟ ଧରି ରହି ପାରେନା । ସେହିପରି ଲେଖିବା ବାଇ ଥିବା ଲୋକ କଲମ ଧରି ଗୁଡ଼ାଏ ଗପି ନ ପକାଇବା ଯାଏ ତାର ନିସ୍ତାର ନାହିଁ । ମୋ କଥ ମୁଁ କହୁଛି—ମୁଁ ଏଥିପାଇଁ ଲେଖେଁ । ଏଇ ଆତ୍ମତୃପ୍ତି ପାଇବା ମୋ ଲେଖାର ପ୍ରଧାନ ଉଦ୍ଦେଶ୍ୟ ।

ମୋ ଲେଖାଟା କେମିତି ଭଲ ହେବ, ପାଠକଙ୍କ ମନକୁ ଲାଗିବ, ଏଥିକୁ ଭିତରେ ଭିତରେ ନଜର ରହିଥାଏ ନିଶ୍ଚୟ ଭାବରେ । ଯେ ଯାହା ନିଜ ହାତରେ ଗଢ଼େ ତାହା ନିଖୁଣ ହେବ, ସୁନ୍ଦର ହେବ ଏହା କିଏ ନ ଚାହେଁ । ମଣିଷ ଯାହା ସୃଷ୍ଟି କରେ, ତାର ସମସ୍ତ ଶକ୍ତି ଖରଚ କରି ମନପ୍ରାଣ ଲଗାଇ ତାକୁ ସୁନ୍ଦର ମନୋରମ କରି ଗଢ଼ିବାକୁ ଯତ୍ନ କରେ । ସ୍ୱୟଂ ଭଗବାନ ବି ଏହା କରିଥାନ୍ତି । ବଢ଼େଇ କହ, କମାର କହ, କୁମ୍ଭାର କହ ଚିତ୍ରକର କହ, ଦରଜୀ କହ ମୋଚି କହ, କିଏ ତାର ଜିନିଷକୁ ସରସ କରି ବନେଇବାକୁ ଚେଷ୍ଟା ନ କରେ ସାଧ୍ୟାନୁସାରେ—ନିଜର ବୁଦ୍ଧି ବିବେକ ଓ ରୁଚି ଅନୁସାରରେ ! ଯେଉଁଟା ବେଢଙ୍ଗିଆ ବା ବେଢଙ୍ଗ ହୋଇ ପଡ଼େ, ତାକୁ ସେ ପୋଡ଼ି ପକାଇ ଦିଏ । ମୋର ଯେଉଁ ଲେଖାଟାକୁ ମନ ନ ମାନେ, ମୁଁ ବି ତାକୁ ନଷ୍ଟ କରି ଦେଇଥାଏ । ମନେ ହେଉଛି ଏପରି ଲେଖାର ସଂଖ୍ୟା କେଜାଣି କେତେ ! ଏହିପରି କସରତ କରି କେତେ ବର୍ଣ୍ଣ ବହିର୍ଭୂତ ହାତରେ; ତାହା କିଏ କହିବ—କେତେ କଲମ ଭଙ୍ଗା ହୋଇଥିବ କିଏ ଜାଣିବ !

ଭିକ୍ଟର ହ୍ୟୁଗୋ କଲାଏରେ ପାଣ୍ଡୁଲିପି ଦେବା ପୂର୍ବରୁ ତାର ଗୋଟାଏ ଛାପା ପ୍ରୁଫ ମନସ୍ଥ ଅଗରେ ନ ରଖି ନାହାନ୍ତି ଉଠେ । ଭାବ, ଛନ୍ଦ, ଶୈଳୀ ଇତ୍ୟାଦି ଯେଉଁ ଯେଉଁଠି ଯେଉଁଟା ହୋଇ ପଡ଼େ ଅସ୍ପଷ୍ଟ, ସମେରର ଫେଣ୍ଡିନ୍ ଅଭ କ୍ଲୋଜ୍ ଅଫ୍ ପର, ଆଉ କଏବା ହେଡ୍ ଅଭର୍ ଭଳି ମଉଳ ଉଭେଇ ଯାଏ । କିଏ ବସ୍ତୁର ଆକାରରେ ହୋଇଯାଏ ଏକାବେଳେ ବାଲ୍ମିକ ଆଉ ଯେଉଁଠାରୁ



Digitized by srujanika@gmail.com

ଭିତରେ ଭିତରେ ଗୁଣ୍ଡି ହୋଇ ହୋଇ ରହିଯାଏ—ପୁଣି ସୁବିଧା ପାଇଲେ ବଥେଇ ଉଠିବା ଅପେକ୍ଷାରେ। ଏହି ବଥେଇବାରେ କପଟ ଗୋଟାଏ ରସ ଅଛି। ସେ ରସରୁ ଝରର ଏକ ପ୍ରକାର ମିଠା ଯାହାର ହୃଦୟ ଗୋଟାଏ ଜୀବନୀ-ଶକ୍ତି ରହିଛି। ଏହି ରସ ଦେଇ ଲେଖକ ତାର ଲେଖାକୁ ରଙ୍ଗେଇ ଦିଏ। ସେଥିପାଇଁ ବୋଧହୁଏ ସବୁ ଲେଖାରେ ଲେଖକର ବ୍ୟକ୍ତିତ୍ୱର ଛାପ ରହିଯାଏ ସ୍ପଷ୍ଟ ଭାବରେ।

ମଣିଷ ମନର ଆତ୍ମ ପ୍ରକାଶ କାମନା ଗୋଟାଏ ଝୁଙ୍କ। ସତେ ଯେପରି ଗୋଟାଏ ନିଶା। ବାଉଳା କଲା ଭଳି ନିଶା। କିଏ ନିଜକୁ କି ଭାବରେ ପ୍ରକାଶ କରେ ତାର ଠିକଣା ନାହିଁ। କିଏ କର୍ମରେ, କିଏ କଥାରେ କିଏବା ପିତୁଳା ଗଢ଼ି ଛବିକରି ଗୀତ ଲେଖି। ଆତ୍ମପ୍ରକାଶର ନାନାବାଗ ନାନା ଉପାୟ ରହିଛି। ସୃଷ୍ଟି କରିବା ମଣିଷର ପ୍ରକୃତିଗତ ଧର୍ମ। ଯାହାକୁ ଯେଉଁ ବାଟଟା ସୁବିଧା ବା ଅନୁକୂଳ ସେ ସେହି ଧାରା ଧରି କିଏ ପ୍ରକୃତି ତାକୁ ସେହି ଆଡ଼େ ନେଇଯାଏ ଟାଣି। ମଣିଷ ଏଣ ନୁହଁ।

"ମୁଁ କାହିଁକି ଲେଖେଁ" ଏକଥା କହିବାକୁ ହେଲେ 'ମୁଁ କେମିତି ଲେଖିଲି' ସେହି କଥା ଟିକିଏ ଆଭାସ ଦେବା ଦରକାର। ସେଥିରୁ ଅନେକ କଥା ପରିଷ୍କାର ହୋଇଯିବ।

ପିଲାବେଳେ ମୋର ଯାତ୍ରା ଦେଖିବାର ଭାରି ସଉକ ଥିଲା। ସବୁ ପିଲାଙ୍କର ଥାଏ। ମାତ୍ର ଦେଖିଛି, ବହୁତ ପିଲା ଅଳ୍ପକାଳ ଭିତରେ ନିଦେଇ ପଡ଼ନ୍ତି। ମୋତେ କିନ୍ତୁ ଯାତ୍ରାଦେଖି ନିଦ ମାଡୁନଥିଲା। ଶେଷର କାହାଣୀଟା ପୂରା ଜାଣିବାର ଆଗ୍ରହଟା କୌତୁହଳ ମୋତେ ଶୁଆଇ ଦିଏ ନାହିଁ। ଯାତ୍ରାରୁ ଯେତକ ବୁଝି ପାରେ ବା ଯେତକ ମନେ ରଖି ପାରେ ତାହାକୁ ଗୋଟାଏ ମୋଟାମୋଟି [plot] ବନାଇ ନେଇ ମୁଁ ତହିଁ ଆର ଦିନ ସ୍କୁଲ ଯିବା ବାଟରେ ଯାତ୍ରାଗୀତକୁ ଅନୁକରଣ କରି ଆପେ ଆପେ ପଦଯୋଡ଼ି ଗୀତ ବାନ୍ଧି ଗାଇ ଗାଇ ଚାଲେଁ। ବାଟ ଲମ୍ବ ଓ ନିରୋଳା। ସୁବିଧା ହୁଏ।

ଟିକିଏ ବଡ଼ ହୋଇ ଧ୍ରୁମାନୃଗ, ମହାଭାରତ ପଢ଼ିଲି। ତାର କଥା ବସ୍ତୁ। ବିଶେଷତଃ ଯୁଦ୍ଧର ବର୍ଣ୍ଣନା ମୋତେ ଭାରି ଭଲ ଲାଗେ। ସମୟ ପାଇଲେ ସେପରି ପଦ ବାନ୍ଧି ଗାଉଥାଏଁ ମୁହେଁ ମୁହେଁ। ମୋତେ ଲାଗୁଛି ଏହି ହୋଇ ପିଲା ବେଳରୁ ପଦ ପକାଇ ଗୀତ ବାନ୍ଧିବାର ଅଭ୍ୟାସ ଟିକିଏ ଘଟିମାକି ହୋଇଯାଇଥିଲା ମୋର। କିନ୍ତୁ ଏ ପ୍ରବୃତ୍ତିଟା କିପରି, କାହିଁକି ବା କଉଠୁ ଆସିଲା ସେକଥା ମୁଁ କହି ପାରିବି ନାହିଁ।

ଚଉଦ ପନ୍ଦର ବର୍ଷ ବୟସରେ ମୁଁ କଟକ କଲେଜିଏଟରେ ନାଆଁ ଲେଖାଇ କଲେଜ ହୋଷ୍ଟେଲରେ ରହିଲି। ସେତେବେଳେ କଲେଜ ଓ ସ୍କୁଲ ପିଲେ ଏକାଠି ରହୁଥିଲେ, ସେଠି ଦାସେ ଆପଣେ [ଗୋପବନ୍ଧୁ ଦାସ] ଓ ଶ୍ରୀ ଜଗନ୍ନାଥ ତ୍ରିପାଠୀ ଥାଆନ୍ତି। ସେମାନେ ପଢ଼ୁଥାଆନ୍ତି ବି.ଏ। ଦାସେ ଆପଣଙ୍କ ପହିଲି କବିତା ବହି 'ଅବକାଶ ଚିନ୍ତା' ଓ ତ୍ରିପାଠୀ ମହାଶୟଙ୍କର 'କବିତା ମଞ୍ଜରୀ' ଛପା ହୋଇ ବାହାରିଲା। ସେ ବହି ସମ୍ବନ୍ଧରେ ବଡ଼ ବଡ଼ଙ୍କ ଭିତରେ ବହୁତ କଥାବାର୍ତ୍ତା ଶୁଣିଲି। ମୁଁ ଶୁଣିଲି ବହି ଦୁଇଖଣ୍ଡ ଲୁଚେଇ ନେଇ ପଢ଼ିଲି। କେତେ ବା ବୁଝିଲି, କେତେ ନ ବୁଝିଲି। କିନ୍ତୁ ଛପା ବହି ଓ ତାର ଲେଖକଙ୍କୁ ଆଖି ଆଗରେ ଦେଖିବା ଏଇ ମୋର ପ୍ରଥମ। ଛପା ବହି ଦେଖିଥିଲି। ଛପା ବହି ଯେ ଲେଖନ୍ତି ସେ କି ଭଳିଆ ମୋର ଧାରଣା ନଥିଲା। କେଜାଣି କିଏ ହୋଇଥିବେ ପରି!

କାହିଁକି କେଜାଣି କବିତା ଲେଖିବା ପାଇଁ ମୋ ମନ ଖଲ ଖଲ ହେବାକୁ ଲାଗିଲା। ଲୁଚେଇ ଲୁଚେଇ ଲେଖିଲି କବିତା। ଦିନେ ପଡ଼ିଗଲି ଧରା। ଦାସେ ଆପଣେ ନଥିଲେ ମୋ ପିଠିରେ ଛାଲ ରହି ନଥାନ୍ତା। ଖାଲି ସେତିକି ନୁହେ— ଦାସେ ଆପଣଙ୍କଠାରୁ ବହୁତ ମୁହଁ ବାପ ଇଗଲି ସେ ଦିନ। ଦବ ନାଧଇ ମୋର ବଢ଼ିଗଲା ଅଦ୍ଭୁତ ଉତ୍ସାହ। ସୁବିଧା ପାଇଲେ କବିତା ଲେଖେଁ। ଧରା ପଡ଼ିବ ବୋଲି ଡର ପଳାଏଁ। କେବଳ ଦୁଃଖ ହେଉଥାଏ, ମୋ ଗୀତ ଛପା ହେଲା ନାହିଁ ବା କେହି ଦେଖିଲେ ନାହିଁ। ତଥାପି ଏତିକିରେ ମୁଁ ପାଏଁ ସୁଖ।

ମୋର କବିତା ଛପା ଅକ୍ଷରରେ ଦେଖାହେଲା ପ୍ରଥମେ ବାଲେଶ୍ୱର ସମ୍ବାଦ ବାହିକାରେ। ତାକୁ ଦେଖି ମନ ଫୁଲିଉଠିଲା। ଅନେକ ଲୋକ ପ୍ରଶଂସା କଲେ। ବୟସ ମୋର ସେତେବେଳେ ସତର ଅଠର।

ଏହାପରେ କଟକ କଲେଜରୁ ଆସିଲି। ନୂଆ ନୂଆ ମାସିକ ପତ୍ର ମୁକୁର ବାହାରୁଥାଏ। ଆମେ କେତେଜଣ ଯୁବକ ମୁକୁର ସମ୍ପାଦକ ବ୍ରଜସୁନ୍ଦର ବାବୁଙ୍କ ସଂସ୍ପର୍ଶରେ ଆସିଲୁଁ। ଦାସେ ଆପଣେ ବି ଥାଆନ୍ତି। ବ୍ରଜବାବୁଙ୍କ ଘରକୁ ପ୍ରାୟ ମୁଁ ଯାଏ। ସେଠି ଅନେକ ନାମଜାଦା ସାହିତ୍ୟିକ ପୁଣି ଜୁଟନ୍ତି। ସାହିତ୍ୟ ଆଡ୍ଡା ବସେ। ରାଜନୀତି ଓ ସାହିତ୍ୟ ସମ୍ବନ୍ଧରେ ନାନାପ୍ରକାର ଆଲୋଚନା ଚାଲେ। ସେ ଟିକିଏ ସାହିତ୍ୟିକ ଓ ଜାତୀୟ ବାତାବରଣ ଭିତରେ ନିଶ୍ୱାସ ପକାଇବାର ସୁଯୋଗ ମୋତେ ମିଳିଗଲା। ବ୍ରଜସୁନ୍ଦରବାବୁଙ୍କ ନିର୍ଦ୍ଦେଶ, ଉପଦେଶ ଓ ଉତ୍ସାହ ପାଇ ମୁଁ ମୁକୁରରେ ଲେଖିବାକୁ ଆରମ୍ଭ କଲି କବିତା ଓ ଗଳ୍ପ।

ଅନେକେ ଲେଖନ୍ତି। ଅନେକେ ଲେଖନ୍ତି। ତାଙ୍କ ଭିତରର ପ୍ରତିଭା ବି ଥାଏ। କିନ୍ତୁ ଅନେକ ହେତୁରେ ଉତ୍ସାହ ଓ ପ୍ରେରଣା ନ ପାଇ ଅନୁକୂଳ ପରିବେଶ ନପାଇ ଲେଖା ବେଶି ଦିନ ଟେକି ପାରେ ନାହିଁ। ଆଉ ଗୋଟେ, ବଡ଼ ପ୍ରକଥା କଥା ଛପା ଦିଅ। ପତ୍ରିକା ଦଖଲରେ ଥିବା, ଟାଣଥିବା ଉପଯୁକ୍ତ ଲୋକଙ୍କ ଭେଟେ ଗୁଣୀ ଲେଖକଙ୍କ କଲମ ଚଳିବାକୁ ଯାଇଁ ଥିଣ୍ଟା କରି ଦେଉଛି। ମୋର ଏହିକି ସୌଭାଗ୍ୟ ଯେ ଏ ନୂଆ ନୂଆ ବେଳରେ ମୋତେ ଏସବୁ ସହିବାକୁ ପଡ଼ି ନାହିଁ। ବରଂ ଓଲଟି ମୁଁ ପାଇଥିଲି ବହୁତ ବାହାବା, ବାହାଦୁରି। ଭକ୍ତ କବି ମଧୁସୂଦନ, ଗୋପବନ୍ଧୁ ବାବୁ, ବ୍ରଜସୁନ୍ଦର ବାବୁ, ବିଶ୍ୱନାଥ କର, ଗୋପାଳ ପ୍ରହରାଜ; ଶଶୀବାବୁ, ମୃତ୍ୟୁଞ୍ଜୟ ରଥ; କବିବର ଚିନ୍ତାମଣି; ଅନେକ ବିଶିଷ୍ଟ ସେ ଯୁଗର ସାହିତ୍ୟିକ ବଡ଼ବଡ଼ ଆମମାନଙ୍କ ଆଶୀର୍ବାଦ ମୋ ଲେଖାକୁ ମିଳିଥିଲେ ଏପରି ସାହାଯ୍ୟ ମିଳିଛି ଯେ ତାହା ପାଇ ନଥିଲେ କେଜାଣି ହୁଏତ ମୋ କଲମ ପେଟରେ ଥିଲି ପଡ଼ି ଯାଇଥାଆନ୍ତା—ଓ ମୋର ଜୀବନରେ କବିତା ଦୂରବସ୍ଥ ହୋଇ ରହିଯାଇଥାନ୍ତା।

ସବୁଠୁ ବଡ଼ ପ୍ରେରଣା ମିଳିଲା



Digitized by srujanika@gmail.com

ମୋତେ, ଧନେ ବ୍ୟାସ କବି ଫକୀରମୋହନଙ୍କ ଠାରୁ। ଫକୀର ମୋହନଙ୍କ ଆଶୀର୍ବାଦ ମୋ ଲେଖକ ଜୀବନ ଉପରେ ଏପରି ଗଭୀର ପ୍ରଭାବ ପକାଇ ଦେଇ ଯେ ତାହା ଅଲିଭା ହୋଇ ରହି ଯାଇଛି ମୋ ଶିରା ଶିରାରେ। ମୋର ଗୋଟାଏ ଲେଖା ଦେଖି ସେ ମୋତେ କୁଣ୍ଢାଇ ପକାଇ କହିଲେ—'ତୋ ଲେଖାରେ ଫୁଲଚନ୍ଦନ ପଡ଼ୁ। ଥକିବୁନାହିଁ ବାଆ—ଭଲ ମନ୍ଦର ବିଚାର କରିବୁ ନାହିଁ—ଲେଖିଯିବୁ। ସେ ବିଚାର କରିବ—'କାଳ'। କାଳର ଅଗ୍ନିରେ ପୋଡ଼ି ହୋଇ ଯାହା ଖାଦ୍ୟ ତାହା ପାଉଁଶ ହୋଇଯିବ, ଆଉ ଯାହା ଖାଣ୍ଟି ସୁନା ତାହା ଝଟକି ରହିଯିବ; କାଳ କଳିବ।'

ଆଗରୁ କହିଛି, ମଣିଷର ଆତ୍ମପ୍ରକାଶ କରିବାର ପ୍ରବୃତ୍ତି ସହଜାତ। କିଏ କେଉଁ ବାଗରେ ନିଜକୁ ପ୍ରକାଶ କରି ଆତ୍ମପ୍ରସାଦ ଲାଭ କରେ। ହର୍ଷରେ ମଣିଷ ହସେ, କୁହାଟ ଛାଡ଼େ। ଦୁଃଖରେ ଲୁହ ଗଡ଼ାଏ, ବାହୁନି କାନ୍ଦେ। କିନ୍ତୁ ଭାବ ପ୍ରାବଲ୍ୟ ନ ହେଲେ ଅର୍ଥାତ୍ ଭାବାବେଗ ଉଚ୍ଛୁଳା ଉଠିବା ଅବସ୍ଥାକୁ ନ ଆସିଲେ ଆତ୍ମପ୍ରକାଶ ଜନ୍ମିଉଠେ ନାହିଁ।

ଲେଖାରେ ଆତ୍ମପ୍ରକାଶ କରିବା ଗୋଟାଏ ପ୍ରକୃତିଗତ କଥା। ହୁଏତ ଗୁଡ଼ାଏ ସୁବିଧା, ସୁଯୋଗ ମୁଁ ପାଇଯାଇଥିଲି ମୋ ରୁଚିର ଅନୁକୂଳ ମାର୍ଗରେ। ସେଥିପାଇଁ ଲେଖିଲି।

ଅନେକ କ୍ଷେତ୍ର ଥାଇ ମଧ୍ୟ ଲେଖନ୍ତି ନାହିଁ ଲଜ୍ଜିକୁଳା ହୋଇ। ଏଇଟା ଦୁର୍ବଳତା, ଆତ୍ମପ୍ରତ୍ୟୟର ଅଭାବ। ଲେଖକ ହେବାକୁ ଗଲେ ବଡ଼ ହିମ୍ମତ୍ ଦରକାର। ବୋଧହୁଏ ପ୍ରତ୍ୟେକ ଲେଖକ ଟିକିଏ ବେହିଆ। ସେପରି ଗାନ୍ଧିକ ସା ବନ୍ତା।

ଯାହାକୁ ଏ ଲେଖାଭୂତ ଗ୍ରାସେ, ସେ ବାଉଳିକୁ ହେଇଯାଏ ଲେଖିବା ପାଇଁ। ଅଥ କିଅ, ଅମ କିଅ, ଧର୍ବାଧର୍ କାଲନ୍ୟା ହୋଇ ସେ ଲେଖି ଯାଏ। ଲେଖିଲା ବେଳେ ଭଲ ମନ୍ଦ ବିଚାରର ଫୁରସତ ନ ଥାଏ ତାର। ଆତ୍ମପ୍ରକାଶର ଯେଉଁ ଉଦ୍ଦାମ ଆନନ୍ଦ ସେଥିରେ ସେ ବିଭୋର ହୋଇ ଲେଖି ଚାଲେ ଆତ୍ମହରା ଲେଖାର ଛନ୍ଦେ ଛନ୍ଦେ ଯେଉଁ ଅମୃତରସ-ସ୍ରୋତ ତାକୁ ଚାଖିବା ପାଇଁ ଜିଭ ତାର ଲୋଲେଇ ଉଠେ। ମାତ୍ର ଏତିକିରେ ସେ ତୃପ୍ତ ହୁଏ ନାହିଁ। ସେ ଚାହେଁ ଏ ଆନନ୍ଦର ଭାଗୀ, ଅଂଶୀଦାର କରିବା ପାଇଁ ଅନ୍ୟଙ୍କୁ। ଅଂଶୀଦାରର ସଂଖ୍ୟା ଯେତେ ଅଧିକ ହେବ ଲେଖକର ସେତେ ବଢ଼େ ଉତ୍ସାହ। କାରଣ ଭାଗ ହୋଇଗଲେ ଏ ଆନନ୍ଦ କମିଯାଏ ନାହିଁ—ବରଂ ବଢ଼େ।

ଲେଖକର ସୃଷ୍ଟି, ସେ ଯାହା ହେଉ ପଛକେ, ତାର ଛାୟା ସ୍ପନ୍ଦିତ, ତାର ସୁଖ, ଦୁଃଖ ଆଶା ଆକାଂକ୍ଷା, ହର୍ଷ, ବିଷାଦ, ଅଭାବ; ଅଭିଯୋଗ; ଆଦର୍ଶ ଅନୁଭୂତିର ସମଷ୍ଟି। ଲେଖକ ଆପଣାକୁ ଦୁନିଆ ଧୂଆଁରେ ବିଛୁଡ଼ି ଦେଇ ଲୋଡ଼ି ବୁଲେ ଦୁନିଆର ବନ୍ଧୁଟେ ଦରଦି, ଟିକିଏ ସମବେଦନା ଚେନାଏ ସହାନୁଭୂତି। ଏତିକ ପାଇଁ ତାର ଏତେ ସାଧନା, ଏତେ ଶ୍ରମ।

ଯେତେବେଳେ ତାର ଲେଖିବାର ନିଶା ଘୋଟେ, ସେ ବେଳଟା ଠିକ୍ କଥା ତାହାରି ଯୌବନ ବେଳ ଭଳି। ସେତେବେଳେ ସେ ଆତ୍ମବିସ୍ମୃତ, ଉଦାସୀ, ସଂସାରର ଅତୀତ। ସେତେବେଳେ ସେ କେଉଁ ଜଳ-ଲୋକର ସ୍ୱପ୍ନ-ସରୋବରର ମୃଦୁ ହିଲ୍ଲୋଳରେ ପହଁରି ବୁଲୁଥାଏ। ସେ ନିଶାଟା ଛାଡ଼ି ଗଲେ ପୁଣି ଫେରି ଆସେ ସୁଖ, ଦୁଃଖ ସଂଗ୍ରାମମୟ ଏହି ଜଗତକୁ ତାର ସମସ୍ତ ଜ୍ୱାଳା, ଜଞ୍ଜାଳ; ଆହାର ନିଦ୍ରା, ହିଂସା ଦ୍ୱେଷ, ଅଭାବ, ଅଭିଯୋଗ ସାଙ୍ଗରେ ନେଇ ଠାକୁରାଣୀ ପ୍ରସନ୍ନ ହୋଇଥିବା କାଳିସୀ ପରି। ଯେତେକ୍ଷଣ ସାଧାରଣ ମଣିଷ ହୋଇ ରହିଥାଏ, ସେ କଳା ସୃଷ୍ଟି କରିପାରେ ନାହିଁ।

Art begins where necessity ends.

ମନେ ହୁଏ ଯେ ଯେତେ ଦୁଃଖ ଯାତନାର ହାତୁଡ଼ି ପାହାର ସହିଛି ସେ ସେତିକି କଳାକାର। ମାଡ଼ ଖାଇ ଖାଇ ହାଡ଼ ଯାହାର ଚୂନା ହୋଇଥିବ, ମାଉଁସ ଚେଚ୍ଛି ହୋଇ ଯାଇଥିବ, କାଳିଜା ଫେଣ୍ଟି ହୋଇ କାଦୁଅ ମେଞ୍ଚା ପାଲଟି ଥିବ, ସେହି ହୋଇପାରିବ ଖାଣ୍ଟି ଲେଖକ। ତାହାରି ଲେଖାରେ ଏକା ସମବେଦନାର ପ୍ରତିଧ୍ୱନି ଉଠେ ବା ସହସ୍ର ଅନ୍ତରରୁ।

ପ୍ରକୃତ ଲେଖକ ବିଶ୍ୱର ସମସ୍ତ ବ୍ୟଥା, ବେଦନାକୁ ବୁଣ୍ଢାଇ ନିଜ ଭିତରେ ଅନୁଭବ କରେ— ଆଉ— ନିଜର ସମସ୍ତ ବେଦନାକୁ ବିଶ୍ୱରେ ବିସ୍ତୃତ ଦିଏ। ଏଇଠି ଲେଖକର ସାର୍ଥକତା, Our sweetest songs are those that tell of saddest things. କବିର; ସାହିତ୍ୟିକର ହୃଦୟ ମାନବିକ କରୁଣାରେ ପରିପୂର୍ଣ୍ଣ। ସେ ଆହରଣ କରିବାକୁ ଚାହେଁ ବିଶ୍ୱଜଗତରୁ ଅପାର କରୁଣା।

କହିପାର 'ମନ-ଫୁଲଣା ସିନା ଗୀତ ଗାଏ।' ଯାହା ମନରେ ଏତେ ବ୍ୟଥା ସେ ପୁଣି ଗୀତ ଗାଇବ କିମିତି? କଥାଟା ସତ। କିନ୍ତୁ ମନ-ଫୁଲଣା ଗାଏ, ଗାଉକର ଅନ୍ତର ଭିତରର ଗୀତ କି? ସାମୟିକ ଉତ୍ତେଜନାରେ ମାତି ଉଠି ମନଫୁଲଣା ଗାଇ ଦିଏ ସିନା ଉଲ୍ଲାସରେ ପଦେ ଦିଲ୍‌ଖୁସିଆ ଗୀତ! ଏ ଗୀତ ତଣ୍ଟି ପାଖରୁ ବାହାରେ ତାର— ଛାତି ଭିତରୁ ନୁହେଁ। ଯେ ପ୍ରକୃତରେ ଚିର ଦୁଃଖୀ, ଚିର କାଙ୍ଗାଳ; ଚିର ଅସ୍ଥିର— ତାହାରି ଅନ୍ତରର ନିଭୃତ କକ୍ଷ ଭେଦି ଯେଉଁ ଉଚ୍ଛ୍ୱାସ, ଯେଉଁ ହାହାକାର ଉଠେ, ତାହାହିଁ ପ୍ରକୃତ ଗୀତ। ସେହି ଗୀତର ତୀବ୍ର ସ୍ୱର ପ୍ରତିଧ୍ୱନିତ ହୁଏ ଯାଇ ସହସ୍ର ଅନ୍ତର-ତାରରେ।

ପ୍ରଶ୍ନ ହୋଇପାରେ— ଏପରି ନିର୍ଯ୍ୟାତିତ, ବ୍ୟଥାଭରା ହୃଦୟ ଯାହାର, ସେ କିପରି ରଙ୍ଗ ବ୍ୟଙ୍ଗ କରିପାରେ— ହାସ୍ୟରସପୂର୍ଣ୍ଣ ଲେଖା ଲେଖେ?

ମୋ ମନେ ହୁଏ, ରଙ୍ଗସ୍ରଷ୍ଟା ଅନ୍ତର୍ବେଦନା ଅସୀମ। ଅନ୍ତର୍ବ୍ୟଥାରେ ଫାଟି ନ ପଡ଼ିଲେ ବୋଧହୁଏ କୌଣସି ଲେଖକ ହାସ୍ୟରସ ସୃଷ୍ଟି କରିପାରନ୍ତା ନାହିଁ। କବିର ମର୍ମବେଦନା ଯେତେବେଳେ ତାର ସହନ ଶକ୍ତିକୁ ବଳିକି ଉଠେ, ବେଳା ଲଂଘନ କରେ, ସେ ହୋଇଯାଏ ପାଗଳ। ପାଗଳାମିର ଛଳନାରେ ସେ ଟେଙ୍ଗରସର ଛାୟାତଳେ ଆତ୍ମଗୋପନ ବା ଆତ୍ମପ୍ରବଞ୍ଚନା କରି ଦୁଃସହ ଦୁଃଖକୁ ଏଡ଼ି ଦେବାର ଚେଷ୍ଟା କରେ। ଏତିକ ନଥିଲେ ହୁଏତ ସେ ମୃତ୍ୟୁକୁ ଆଶ୍ରୟ କରନ୍ତା। ନିରୁପାୟ, ନିରାଶ୍ରୟ, ବିଷାଦ-ବିଦୀର୍ଣ୍ଣ ଚିତ୍ତକୁ କ୍ଷଣିକ ଆରାମ ଦେବା ନିମନ୍ତେ

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ନୀଳ କାଚ

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ, ଏମ୍. ଏ.

ସ୍କୁଲ ବେଳ । ରାସ୍ତାରେ ଗୋଟିଏ ବଡ଼ ମଟର ଗାଡ଼ି ଧୂଳି ଉଡ଼ାଇ ଚାଲିଗଲା । ତା'ହାର ପଛେ ପଛେ ମଟର ତେଲର ପୋଡ଼ା ଗନ୍ଧ ଶୁଙ୍ଘି ଶୁଙ୍ଘି ଗୋଟିଏ ପିଲା ବଡ଼ ବଡ଼ ଖୋଜ ପକାଇ ଚାଲିଛି । ପିଲାଟିର ବୟସ ଆଠ ବର୍ଷ । ପଢ଼ା ପିଲାଙ୍କ ଭଳି ବେଶ । ଗୋଟିଏ ହାତରେ ସ୍ଟ୍ରାପରେ ବନ୍ଧା ହୋଇଥିବା ବହି ଖାତାର ବଣ୍ଡଲଟିଏ, ଆଉ ହାତରେ ଗୋଟିଏ ଫୁଟ ।

କିଛି ଦୂରରେ ତା'ର ସାଙ୍ଗ ପିଲା ଦଳଙ୍କୁ ଦେଖିଲା । ସେମାନେ ସ୍କୁଲ ଯାଉଥିବାବେଳେ ଅଟକି ଯାଇ ରାସ୍ତାରେ ଛୋଟ ଛୋଟ ଇଟା କିଛି ଖଞ୍ଜି ରଖିଥିଲେ । ମଟର କି ସାଇକଲ ଆସିଲେ ସେମାନେ ନ ଜାଣିବାର ଦେଖଣା କରି ଚାହିଁ ଥାନ୍ତି । ମନେ ମନେ ଚାଳକଙ୍କୁ ହଇରାଣ କରିବାକୁ ଗାଡ଼ିଟା ପଥର ଉପରେ ଚଢ଼ିଲେ ଉଛୁଳି ଯାଉ । ଗୋଟିଏ ମଟର ଟିକିଏକରେ ଖସିଗଲା । ସେଇଥିପାଇଁ ଦଳର ଭାବ ଜାଣି ହେଲା ନାହିଁ । ସ୍କୁଲ ବେଳ ହୋଇଯାଉଛି । ଆଗକୁ ଚାଲିଲେ ଦଳର ସମସ୍ତେ ।

ତା' ହାତରେ ଆଗ ଦିନର ସ୍କୁଲ ଛୁଟିଠାରୁ

ସେହି ଯିବା ବେଳଯାଏ ସେମାନଙ୍କ ଭିତରେ ନୂଆ ଝଗଡ଼ା ଓ ମଜ୍ଜାର କଥା ହୋଇଥିଲା ପରସ୍ପର ଭିତରେ ହୁଡ଼ାହୁଡ଼ି ହେଲେ । ଗୋଟିଏ ଝିଅ ପାଣ୍ଟ ପକେଟରୁ ଖଣ୍ଡେ ଛୋଟ କୋଣିଆ ମୋଟା ନୀଳ କାଚ ବାହାର କରି ଆଖି ଆଗରେ ଧରିଲା । ସମସ୍ତଙ୍କର ଆଖି ତାହାର ଆଡ଼େ । ପିଲାଟି ବାଁ ଆଖି ବନ୍ଦ କରି ଡାହାଣ ଆଖି ଆଗରେ କାଚ ଖଣ୍ଡିକ ରଖି କହିଲା 'ଇସ୍ ପୃଥିବୀଟା କେଡେ ନୀଳ ଦିଶୁଛି ।'

ସାଙ୍ଗେ ସାଙ୍ଗେ ଚୁପ ହୋଇଥିବା ସେହି କିଛିସଟି ଟିକିଏ ମଜ୍ଜା ଦେଖିବାକୁ ସେଇଠି ଭିଡ଼ି ପଡ଼ିଲେ । ରାସ୍ତା ଉପରେ ଗୋଟିଏ ଛୋଟ ଧରଣର ହାଟ ହୋଇଗଲା ।

ସ୍କୁଲ ମାଷ୍ଟରେ ଡାକି ଦେଲେ ଦୁହିଁଙ୍କୁ ଉପରେ ନଜର ମାରିଲା । ସେମାନେ ଚମକି ଗଲେ । ଗୋଟିଏ ପିଲା କହିଲା, "ଦେଖା ଟିକିଏ କାଚ ଦେଲ ମୁଁ ଦେଖେଁ କୁକୁଡ଼ା କେମିତି ଦିଶୁଛି ।" ନୀଳ କାଚ ଖଣ୍ଡ କାଚର ମାଲିକ ଓ ଅନ୍ୟମାନେ ସ୍କୁଲରେ ପଶିଲେ । ......

ପରା ଚାଲିଛି । ଗୋଟିଏ ପିଲା ଉଠି କହିଲା "ସାର ଟିକିଏ ଯାଏ ଯିବି ।" ମାଷ୍ଟ୍ରେ ଛୁଟି ଦେଲେ । ସେ ନଇପଡ଼ା ଘାଟ ପିଲାକୁ କହିଲା "ତୋ ନୀଳ କାଚଟି ଟିକିଏ ଦେଲୁ, ମୁଁ ତାକୁ ଦେଖି ଦେଖି ଯିବି । ପେଡ଼ା କେମିତି ରଙ୍ଗ ଦେଖି ଫେରି ଆସିବି ।" ପିଲାଟି କାଚ ଖଣ୍ଡିକ ନେଇ ଦେଖି ଦେଖି ଚାଲିଲା ।

ଫେରି ଆସିଲା । ତାହାର ଖାଲି ହାତ ଦେଖି ମାଲିକ ଆଖି ଦୁଇଟି ଅନ୍ଧାରରେ ଯୋଡ଼ିକ ପରି ଉଠିଲା । କାଚ କାହିଁ ?

ସେ ମୁହିଁ ନିଜ ଜାଗାରେ ବସି ପଡ଼ି କହିଲା 'ଗୁଡ଼ାରେ ହଜିଗଲା ।'

'ହଜିଗଲା ! କୋଉଠି ହଜେଇଲୁ ?'

'ଯାଉ ଯାଉ ବାଟରେ କେଉଁଠି ପଡ଼ିଗଲା ସେ ।'

'କୋଉଠି ପଡ଼ିଲା ? ନା ରଖିଛୁ କୋଉଁଠି ?'

'ନାହିଁ ମ ବାଟରେ କୋଉଠି ପଡ଼ିଛି । ଚାଲ୍ ମୁଁ ଖୋଜିଦେବି କେଉଁଠି ଅଛି ।'

ମାଷ୍ଟ୍ରଙ୍କ ଆଖି ଏ ଦୁହିଙ୍କ ଉପରେ

ପଡ଼ିଲା । ଦୁହିଁଙ୍କୁ ନିଷେଧ ବାହାର କରିଦେଲେ । ପଦାକୁ ଆସି ଦୁହେଁ କିଛି ସମୟ ପାଇଁ ଠିଆହୋଇ ରହିଲେ । ତା'ପରେ ଧୀରେ ଧୀରେ ଚାଲିଲେ ନୀଳ କାଚ ଖୋଜିବାକୁ । କାଚର ମାଲିକ ଥରକୁଥର ଲାଲୁକୁ ପଚାରୁ ଥାଏ 'ଲାଲୁ କହ କୋଉଠି ପକେଇଛୁ ମୁଁ ଖୋଜିବି ।' ଲାଲୁ କହିଲା 'ମୋର କଣ ମନେ ଅଛି ? ଚାଲ ଆଉ ଖୋଜି ଖୋଜି ଆସିବା । ଏଇଠି କେଉଁଠି ପଡ଼ିଥିବ ।'

ଖୋଜା ଚାଲିଲା । ଲାଲୁ ଅଣ୍ଟାରେ ହାତ ଦେଉଥାଏ ଆଉ କାଢ଼ି ନେଉଥାଏ । ଘଣ୍ଟା ପଡ଼ିଗଲା । ମାଷ୍ଟ୍ରେ ଆସି ଦେଖିଲେ ସେ ଦୁହେଁ ଫେରିନାହାନ୍ତି । ଧରାହୋଇ ଆସିଲେ । ଦଣ୍ଡ ମିଳିଲା ଯେ ସ୍କୁଲ ସରିଲେ ଘଣ୍ଟାଏ ଅଟକି ରହିବେ ।

କାଚ ହଜିଲା । ତା'ପରେ ଗାଳି । ସ୍କୁଲ ଲାଲୁକୁ କହିଲା 'ଆଜି ସଞ୍ଜ ବେଳେ ତୋତେ ମୁଁ ଦେଖିବି ।' ଉଠି ଗଲା କଥା ଶେଷ ହେଲା । ଚୋର ମରୁ ।'

ଲାଲୁ ଗର୍ଜି ଉଠିଲା—'ମତେ ଚୋର କହିଲୁ ? ତୁ କୋଉଠୁ ଚୋରି କରି ଆଣିଥିଲୁ କି କଣ ହଜିଗଲା ।' ଦୁଇଟି ପିଲାଙ୍କର ବନ୍ଧୁତା ସେମିତି ପାଟି ଦୁଇଫାଳ ହୋଇଗଲା ।

ତହିଁ ଆରଦିନ । ଦୁଇଜଣ ଯାକ ଏହି କଥା ମାଷ୍ଟ୍ରମାନଙ୍କ ଭିତରେ କହି ବୁଲିଲେ । ସୁର କହିଲା 'ଲାଲୁ ଚୋର' । ଲାଲୁ କହିଲା 'ସୁରର ଚୋରି ଦରବ ହଜିଗଲା' ସୁର ବୁଝିରେ ଲାଲୁ ଆଡେ ଚାହେଁ ଆଉ କହେ 'କେତେ ଭାଗ୍ୟ ଲାଲୁର । ମୋ କାଚ ନେଇ କେତେକଥା ଦେଖିସାରିଲାଣି ।'

ପିଲାମାନେ ହୁଡ଼ାହୁଡ଼ି ହୁଅନ୍ତି ଲାଲୁକୁ ଚୋର । କିନ୍ତୁ ଲାଲୁ ଚୁଅଡ଼େ ଖେଳିବୁଲି ଉଠିବାକୁ ନ ଯାଇ ସେ ନୀଳ କାଚରେ ଖାଲି ଗଛ ପତ୍ର ଫୁଲର ରଙ୍ଗରେ ଅବ ସବୁ ଦେଖୁଥାଏ ।

ବିଲାମିଶା ହେଲା । ଜିଜ୍ଞାସୁ ବୁଲିଗଲେ ସୁରର ମନେ ନାହିଁ କାଚ କଥା ଲାଲୁର ମନେ



ସମ୍ପାଦକଙ୍କ ଏହା ଗୋଟିଏ ଇଶ୍ବରଦତ୍ତ ଉପାୟ । ମଣିଷମାନଙ୍କୁ ଚେତାଇ ଦେବାର ଶିକ୍ଷାଦେବାର ଗୋଟିଏ ସହଜ କୌଶଳ ।

ତା' ସହିତ ସୃଷ୍ଟିକାରୀ ଲେଖକ ଆପଣ ତା'ର ଭାବନା— ଆନନ୍ଦ ହସ ଓ ରସ ଭରି ନାଚନ୍ତି । ନିଜେ ଦେଖନ୍ତି ତାଙ୍କ ଚିତ୍ର ତାହାରି ଭିତରେ ନିଜକୁ ହସାଇବାର ଯେଉଁ ଆନନ୍ଦ ତାହିଁ ତାକୁ ଦିଏ ସଞ୍ଜୀବ ଅଭିରାମ ଆଶା ସାନ୍ତ୍ୱନା ।

ମୋ ନିଜ କଥା କହିବାକୁ ଗଲେ ମୁଁ ଲେଖେଁ ନିଜେ ଜୀଇଁ ରହିବା ପାଇଁ । ଏହି ଲେଖିବାର ମୋହ ମୋତେ ଏଯାଏଁ ବଞ୍ଚାଇ ରଖିଛି ବୋଲି ମୋର ବିଶ୍ୱାସ । ଭଗବାନ ଏଡିକି ମୋତେ ଏ ଅଭ୍ୟାସରୁ ବଞ୍ଚିତ କରି ନାହାନ୍ତି । ଏତିକି ମୋ ଦୁର୍ବିସହ ଜୀବନର ଏକମାତ୍ର ଆଶ୍ୱାସନା, ଏକମାତ୍ର ସମ୍ବଳ । ଏହି ଅବଲମ୍ବନଟି ଯେଉଁ ଦିନ ଛାଡ଼ିଯିବ, ସେହି ଦିନ ଏକା ମୋର ଶେଷ ଦିନ ।

Digitized by srujanika@gmail.com

ଯାଇନାହିଁ । ଯେଉଁସବୁ ଜିନିଷ ସାଙ୍ଗେ ସାଙ୍ଗେ ନେବାର ପ୍ରୟୋଜନ ଉଭୟଙ୍କର ନଥିଲା । କିନ୍ତୁ ଲିଲି ସେଗୁଡ଼ିକ ଜୋର କରି ମୋଟରରେ ପକାଇ ଦେଇଥାଏ । ସେ ପାଖୁ ଦିଏ ନାହିଁ ।

ତା ପରଠାରୁ ଲିଲିକୁ ଦେଖିଲେ ସୁରର ମନ ଭିତରେ ଗୋଟାଏ ଅଭିମାନ ଆସେ । ତାହାର ଦରକାରୀ ଜିନିଷ ଖେଳର ଜିନିଷ ସବୁ ସେ ନେଇଛି । କେବେ କେବେ ସ୍ୱପ୍ନ ଦେଖିଛି ଲିଲି କାଚ ଖଣ୍ଡିକ ଆଣି ସୁରର ହାତକୁ ବଢ଼ାଇ ଦେଉଛି । ସୁର ହାତ ବଢ଼ାଇଲେ ଲିଲି ପୁଣି କାଚ ଖଣ୍ଡିକ ଟାଣି ନେଇଯାଉଛି ।

ପଢ଼ାରେ ଲିଲି ଭଲ କରେ । କେଉଁ ମାଷ୍ଟ୍ରେ କେଉଁ ପ୍ରକାରର ଉତ୍ତର ଖୋଜନ୍ତି ଲିଲି ବୁଝିପାରେ । କେଉଁ ମାଷ୍ଟ୍ର କଣ ଖୁସି ହୁଅନ୍ତି ଲିଲି ଜାଣେ ସେହି ଅନୁସାରେ ଚଳେ । ପିଲାଙ୍କ ସାଙ୍ଗରେ ଭଲ ମିଶି-ପାରେ । ତାହାର ବହି, ନୋଟଖାତା, ପେନ୍ସିଲ ସାର୍ପନର, ଜିଓମେଟ୍ରି ବକ୍ସର ଅଭାବ ହୁଏ ନାହିଁ । ସମସ୍ତଙ୍କ ଠାରୁ ଯେମିତି କିଛିଏ ଛଡ଼ି ନେଇ ଲିଲି ତାହାର ଗଣ୍ଡି ଘର ପୂର୍ଣ୍ଣ କରେ ।

ସୁର ଏହାର ଓଲଟା । ନେଇ ଜାଣେ-ନାହିଁ ସେଥିପାଇଁ ତାହାର ଯେତିକି ଥାଏ ସେଥିରୁ କିଛି ଜଣା ପଡ଼େ ପଡ଼ିଯାଏ, ଅଧିକ ହୁଏନାହିଁ । ସୁର ପଢ଼େ । କିନ୍ତୁ ମାଷ୍ଟ୍ରଙ୍କ ମନ-ଜାଣି କାରବାର କରିବା, ଉତ୍ତର ଲେଖିବା ଶିଖି ନଥିବାରୁ ପରୀକ୍ଷାରେ ମୂଲ୍ୟ ମିଳେନାହିଁ । ସାଙ୍ଗ କମ ହୁଅନ୍ତି । ଲିଲି ନୂଆ ସ୍କୁଲରେ ବଡ଼ ସୁନାମ ହେଲା । ସୁର ମନେ ମନେ ଯେ ଈର୍ଷା ହେଉଛି ଠିକ୍ ଏହାର ।

ଗୀତ କାଟ ଭିତର ଦେଇ ଗଛ, ଗଡ଼ା, ହୁଗୁଡ଼ା ଘେରୁଥିବା ପୋଖରୀ ପିଲାଗୁଡ଼ିଏ ଯେମିତି ଖୁସି ହୁଅନ୍ତି ସଂସାରର ସାଧାରଣ ଲୋକେ ଠିକ ପିଲାଙ୍କ ପରି ଠାକୁରଙ୍କ ଦର୍ଶନ-କାଳ ଭିଡ଼ରେ ସବୁ ଦେଖି ଖୁସି ହୁଅନ୍ତି । ଏ ହର ନଥାଏ ସେ ବାହାର ସେଇ ରଙ୍ଗିଆ କାଚ ଚିହ୍ନ ରଖିବା ଅଭ୍ୟାସ କରିଥାଏ ।

ଏକା ଦିନ ପଡ଼ିସାରି ଦୋଟି ହେଉଁ ବାହାରି ହେଲା । ଲିଲି ଉଲଟ କଥା ସେ କାମ ଯାହା ଭଲ ନ କରୁ, ଉପର ମନରୁ ହଳୁ କରୁ ରହିଥାଏ । ଠାକୁର ଅବସରରେ ଥିବା ଯାକେ ଲିଲି ଝିଅ ଛୋଟ ଭାଇର ଭୋଗରେ ଲାଗିଥାଏ; ଡାକ୍ତରଙ୍କ ଆଦେଶ ପାଇଲେ ସେହି ଆଦେଶକୁ ମୁଣ୍ଡେଇ ବଡ଼ ଧୀ ଦେଖାଇ କରେ । କମ ଗଡ଼ା ନକରେ ତହିଁରୁ ଅଧିକ କରିବାର ଛଳନା କରେ ।

ସୁର ଦେଖେଇ ହୁଏନାହିଁ । ଠକାଇ ଜାଣେନାହିଁ । ତାହାର କାମ କାହାର ପସନ୍ଦ-କୁ ଆସେନାହିଁ । ଲିଲି ଚୁଗୁଲି କରେ କିନ୍ତୁ ତାକୁ ସମସ୍ତେ ଖୁସି ପାଆନ୍ତି । ତଥାପି ପଞ୍ଚ-ବଥ ବୁଝନ୍ତି । ସୁରକୁ କେହି କିଛି ପଚାରେ ନାହିଁ ।

ସୁର ହୁଏ ବଳଦ ! ଲିଲି ହୁଏ ମଣିଷ । ସୁର ଭାବେ ଯେଉଁ ଲିଲି ପିଲାଦିନୁ କଚ-ଖଣ୍ଡେ ବହିଖଣ୍ଡେ ଟଙ୍କା ଟିଏ ଠକାଇ ନେଇ ଜାଣିଥିଲା ସେହି ବଡ଼ ହେଲେ ଭଲ ଲୋକ—ଦଶଲୋକ ।

ତାହାର କେଲେ କେଲେ ସେହି ଗୀତ କାଟଫିକି କଥା ମନେ ପଡ଼େ । ପ୍ରଥମେ ସେଇଟି ସେ ଠକିଥିଲା ! ସେଇଟିଏ ପ୍ରଥମକରି ବଶ୍ୱସ ଭଙ୍ଗିଥିଲା ।

ଏ ଯେପରି ମନୁଷ ହୋଇଥିଲେ ବି ଜଣେ ବଢ଼ିଛି ବଗଗଛ ପରି । ଆଉ ଯେ ଗୋଟିଏ ଗଛ, ଦେଖିଲେ ବି ପ୍ରତ୍ୟୟ ଆସୁନାହିଁ ।

ଲିଲି ଅଫିସରେ ସୁରର ଗୁରୁବାପା । ସୁରକୁ ଲିଲି କାମ ବତାଇ ଦିଏ । ହାକିମ ଦେଖନ୍ତି ! ଲିଲି ଅଙ୍ଗ, ଚଢ଼ା କଥା । ନାକ ଛୁଆଁ ତା, ଜଗଳ ଫିଙ୍ଗା ଆଦି ସବୁ କରେ । ଲିଲି ମନେ କରେ ସୁର ଗୋଟାଏ ଅପଦାର୍ଥ । ଓର୍ମିଙ୍ଗ ରିପୋର୍ଟରେ ସେହି ମତ ଲେଖି-ଦିଏ । କେବେ କେବେ ସୁର ଭାବେ ଠକଙ୍କ ଖାଲିଟି [illegible] ଜାହିର ହୋଇଗଲା । ଭାଗ୍ୟ ଏତେ ଖେଳ ଯେ ଲିଲି ଅଫିସରେ ଟେଷ୍ଟ ପାଇଁ ଖଟିଥିବାରୁ ପଡ଼ିଲା ।

[illegible] ହାକିମ ଲିଲିବାବୁଙ୍କ ବଦଳି । ତାଙ୍କ ଜାଗାରେ ସଜାଡ଼ିବାକୁ ସୁରକୁ ଡକାଦ [illegible] । ଅନେକ ଦିନ ପରେ ପ୍ରଥମେ ବଦଳି [illegible] ଥିବାରୁ ତାଙ୍କର ଆଲମାରୀ ଖୋଲି [illegible] ଦେବାକୁ ଯାଇ ସୁର ଗୋଟିଏ ମଜା । ଭାଗ ଜାଣିସ ପାଇଲା ।

ସେଇଠି ଥାଏ ଦର୍ପଣ ଘରଙ୍କ ଜଗା ଲେନ୍ସ, କେଇଖଣ୍ଡ ନାଲି ନେଳ ଚାନ୍ଦ ଖଣ୍ଡ, ପୁରୁଣା ରାଜାଙ୍କ ଅମଳର କେଇଟା ଟଙ୍କା, ଅଣା, ପଇସା; କଲେଜ ଲାବୋରେଟୋରୀର କେତେ ଗୁଡ଼ା ଜିନିଷ, ସାଙ୍ଗ ପିଲାଙ୍କ ବହି । ବହିରେ ତାଙ୍କ ପଢ଼ା ପିଲାଙ୍କ ନାଁ ଲେଖା ହୋଇଛି । ଖଣ୍ଡିଏ କାଗଜରେ ଗୁଡ଼ା ହୋଇ ସୁରର ସେହି ଗୀତ କାଚ ।

ସୁର ଭାବିଲା ହାକିମ ଲିଲିବାବୁ ଭୁଲି-ଗଲେଣି ଯେ ପିଲାଦିନେ ଚୋରି କରୁଥିଲେ । ଏବେ ବି ପରଠାରୁ ମାରିଖିଆ କରି ନିଜର ପ୍ରତିପତ୍ତି ଓ ପ୍ରତିଷ୍ଠା ବଢ଼ାଇବାରେ ଲାଗିଛନ୍ତି ।

ସାଙ୍ଗରେ ସେହି ଜିନିଷ ଗୁଡ଼ିକୁ ସେ ପଠା ଦେବେ କି ନାହିଁ ବୋଲି ବୁଝିବାକୁ ଆସିଲେ । ଲିଲିବାବୁ ଜାଣିପାରିଲେ । ଅଟାରେ ଗୋଟିଏ ପରଦା ଆଖି ଆଗରେ ଭାସିଗଲା । କେତେଥର ସେ ଭାବିଛନ୍ତି କାଚଟା ସୁରଆକୁ ଫେରାଇ ଦେବେ । ମନ ହେଉଛି, ହାତ ଅଟକି ଯାଉଛି । ଆଜି ଏତେ ବର୍ଷରେ ସେହି ଜିନିଷ ପୁଣି ତାଙ୍କର ଆଖି ଆଗରେ ମାଗୁଣି ଆସି ଥିଆ ହେଉଛି । ବୋଧହୁଏ ତାଙ୍କୁ ଭେଟ କରିବା ପାଇଁ ।

'ଲେଖକୁ ଅଲଗା କରି ନକଲେ କଣ ହୁଏ ନାହିଁ ? ଘରେ ତାଏ କଣ ରହିଯାଇଛି ସେ ପ୍ରତ୍ୟେକର ବୈଧ୍ୟିକୃତ କଣ ମାଲିକ ହୋଇ-ଥିବ ।' କହିଯାଇ ସୁରକୁ କହିଲେ 'ନେଇଯାଅ ତମ ପିଲାଙ୍କୁ ଦିଅ । ଖେଳିବେ ।'

ସୁରର ମୁହଁ ଗମ୍ଭୀର ହୋଇ ଆସିଲା । କାଚ ଖଣ୍ଡିକ ଥରେ ଆଖି ଆଗରେ ରଖି ଧରିଲା । ଜନ୍ତୁଙ୍କ ମୁହଁ କହିଲା 'ନାଁ, ଏଗୁଡ଼ାକ ପିଲାଙ୍କୁ ଖରାପ କରିଦେବ । ପ୍ରତ୍ୟେକ ଜିନିଷକୁ ଠିକ ଢଙ୍ଗରେ ଦେଖିପାରିବେ ନାହିଁ । ଅଭ୍ୟାସ ଖରାପ ହୋଇଯିବ ।' କହି ପାଖ ନଦୀକୁ କାଚ ଖଣ୍ଡିକ ଫୋପାଡ଼ି ଦେଲେ ।

ହାକିମ ଲିଲି ବାବୁଙ୍କର ଆଖି ଓ ମୁହଁ ଗମ୍ଭୀର ହୋଇ ଉଠିଲା ଯେମିତି କହୁଥିଲା—ସୁର ଭଳି ଲୋକେ ସଂସାରରେ ଜୀଇଁବେ କିନ୍ତୁ ମଣିଷରେ ଗଣତି ହେବେ ନାହିଁ ।



Digitized by srujanika@gmail.com

# ସନେଟ-ସଜନୀ

ଲେ - ବିନୋଦିନୀ [illegible]

ଅଜବ ଏ ଜ୍ୟୋତ୍ସ୍ନା, ସ୍ନାତ ସୁଭଗ ରଜନୀ,
ଶ୍ୱେତ ଦ୍ୱୀପର ସୀମାଳ ଜ୍ୟୋତିର୍ମୟୀ ସନେଟ-ସଜନୀ ।
ଫୁଲ୍ଲଚନ୍ଦ୍ରିକାରେ ହସେ ମୃଦୁଳା ଏ ପ୍ରତୀଚ୍ୟ ଧରା ବାଳା
ପାଶ୍ଚାତ୍ୟ ବକ୍ଷେ ନାଇ ସାଧନାର ମୁକ୍ତା ବନ୍ଦମାଳା ।
ମୁଞ୍ଜରିତ କୁଞ୍ଜ ପୁଞ୍ଜେ ଲକ୍ଷକୋଟି କୁସୁମ କଳି
ମୁଖରିତ ସମୀରଣେ ସୋହାଗରେ ନାଚେ ଢଳି ଢଳି ।
ନାଇଁ କି ଏ ଗୀତିକାର ଝଙ୍କାରର ଛନ୍ଦର ନିର୍ଝର
ଅମଳଶ୍ୟାମଳବତୀ ଗନ୍ଧ ପାଦେ ଅବେଶ ଝଙ୍କର ।
ମଧୁ ମୌନ ଶାନ୍ତ ଲୋ ଶରତ୍ପୂର୍ଣ୍ଣୀ ଅମୃତ ସ୍ୱପ୍ନ ଶ୍ଳଥ;
ଗତ ଅତୀତର କୋଳ୍ରୁ ବର୍ତ୍ତମାନେ ଉଠେ ଏ ଭାରତୀ ।
ହସେ ମନ—ନାଚଇ ଯୌବନ—
ଗାଇ ଉଠେ କବିତାରେ କବିତାର ଫେନିଳ ପ୍ଲାବନ ।
କବି ମୁଁ ଯେ ଜମ୍ବୁଦ୍ୱୀପେ ଆଗମନୀ ଶୁଣି ବାରି ବାର
ଠକ୍ ଠକ୍ କାନ ପଡ଼େ, ଗୃହେଁ ଧୀରେ ଫେରେଣି ଦୁଆର ।
ଆସିଲକି ଈପ୍ସିତା ମୋ ? ଏ ଟେସନ୍ ସର ମୃଦୁ ଗୀତ ଭରି
ଆଧୁନିକ ଦୁନିଆଁର ରୂପରେ ଧୀରେ ଅବତରି
ଚନ୍ଦନ ପାଶ୍ଚାତ୍ୟର ଅଣବଳ ମର୍ମର ଝଙ୍କାର—
ଜଡ଼ ସଭ୍ୟତାର ଧରି ଛବିଳ ଟିଙ୍କାର ।
ଆସିଲକି, ଆସିଲକି ସତେ ?
କାମନାର ଉପବନେ ଶ୍ୟାମଳିମା ଉଜ୍ଜ୍ୱଳ ମରତେ ??

. . .   . . .   . . .

ଅର୍ଦ୍ଧ ବିକଶିତା ଅଗୋ ଶୁକ୍ଳା ଚତୁର୍ଦ୍ଦଶୀ!!
ପଲ୍ଲବ ଅଧର ତଳେ ଖଣ୍ଡଚନ୍ଦ୍ର ହସି—
ସମ; ସ୍ୱର୍ଣ୍ଣ କେଶଗୁଚ୍ଛ ତଳେ ଝୁଲେ ଚଞ୍ଚଳ ଆନନ,
ଅଙ୍ଗୁର କୋରକେ ଜୁଆ ସୁକୋମଳା ପ୍ରେମ ଛନ ଛନ;
ନିଦ୍ରାର ଗହ୍ୱରେ ସତେ ସପନର ହାସ୍ୟ ସୁନା—ଶଣୀ;
ଅଥବା କୈଶୋର କୋଳେ ସ୍ୱୀଣ ଆଶା ରେଖା ଉଠେ ହସି;
ହସିଉଠେ କେଶ ଗୁଚ୍ଛେ ପୂର୍ଣ୍ଣୋଦିତ ଗୋଲପର ଛବି ।
ଜାଣେ ଯା ଏ ପିତୃସମ ଦ୍ରବି . . .
ମୋ ଭାର ଜନ୍ମ ରେଖା ଦ୍ରାଘିମାରେ ନୟନ ଅଞ୍ଚଳେ;
କୁଞ୍ଚିତ ରକ୍ତିମ ଆଗ ଅଞ୍ଜିରେ ପୁଷ୍ପାଧର ତଳେ;
ରେଶମୀ କେଶ ଝାଉଁଳା ଧୀରେ ଧୀରେ ପଡ଼ିରେ ଚହଟି
କୋମଳ କମଳାଭରା ଶୁକ୍ଳମାର ଅଙ୍ଗ ପର ପଟି ।
ହାଇଥିଲ୍ ଡ଼ ସେ ବାସ୍ତୁ ପଲ୍ଲା ମଞ୍ଜିଯାଏ ନାଇଁ
ଟଳଳ ଭ ପୂର୍ଣ୍ଣ ଗୌଣ ଅଧି ଉଠେ କେବା ଶ୍ୱେତ ଭାଇ ?
ନାରୀମ ଯୌବନା,
ପରମା କଳ୍ପଣୀ ସଖି; ଶ୍ୱେତଦ୍ୱୀପ ସରଳ ଅଙ୍ଗନା !!!
ପାଶ୍ଚାତ୍ୟର ବସ୍ତୁମୁଖୀ ସଭ୍ୟକ ସଭ୍ୟତାର ସାଥେ
ମିଳାଇବା ଲାଗି ପ୍ରାଚ୍ୟ ସଂସ୍କୃତିରେ ଶୁଭ୍ରଚନ୍ଦ୍ର ରାତେ,
ଆସିଚକି ଅପ୍ରତୁଳ, ଅମିତାର୍ଥୀ ଆଜ ଜମ୍ବୁ ଦ୍ୱୀପେ
ବାକ୍ୟର ଇଙ୍ଗିତ ଦେଖି ନେହାମୃନ ଅଙ୍ଗନ ସମୀପେ;
ଦୈବ ଆଉ ବସ୍ତୁର ମିଳନ,
ବିଶ୍ୱରେ ପ୍ରସବ ପାରେ ନବଯୁଗ,
ନୂଆ ଉଦ୍ଦୀପନ ।—
ସୃଷ୍ଟିର ପରମ ଅର୍ଥ, ସଭ୍ୟତାର ଚରମ ଭୂଷଣ,
ଏସିଆ ଜାଗ୍ରତ ଏବେ; ଜାଗୃହିତା ଅଟାବ ପ୍ରତିଶ୍ରୁ
—ତିବ୍ବତ, ନେପାଳ, ଚୀନ,
—ଭାରତ, ଚୋଟିଆ,
ସଜାଗ ପଞ୍ଚଇନ୍ଦ୍ରିୟ, ରକ୍ତସ୍ରୋତେ ଲଟିଯାଏ ନିଆଁ;
ଜାଗେ ଗଣ, ଜାଗେ ଅଖଣ୍ଡିତ,
ମନୁଷ୍ୟବିକ୍ଷ ଦୁନିଆଁରେ ସୃଷ୍ଟିକରେ ପରମ ଦେବତ୍ୱ ।
ସୁକଣୋତ୍ରୀ ସନେଟ-ସଜନୀ,
ତୁମ ଦୈତ୍ୟାତ ଗିରି ବଳେ, ବିଶ୍ୱେବ୍ୟାପେ ଅଦ୍ଭୁତ କରଣୀ (?)
କଅଁ ସତେ କର ହଟ ହଟା,
ପରଦେଶୀ ପ୍ରିୟ ବେଶୀ, ସଙ୍କେତକ ଏ ମିଳନ ଛଟା ?
ସୁନ୍ଦରୀ ସୁସ୍ମିତା,
ଅନାଘ୍ରାତ ଯୌବନର ଅନାଦୃତ ବିପୁଳା କବିତା;
ଅଳଙ୍କାର ଛନ୍ଦ୍ରାଳ ଗନ୍ଧରେ—
ନତାନନେ ଭଜା ମୋର ଅବଜ୍ଞାତ ରଙ୍ଗ ଭୂମି ପରେ ।

## ହାଇ-ପ୍ରଫେସର ସୁନେଲ ଆଶା

ଲେ—ଶ୍ରୀ କୃଷ୍ଣଚନ୍ଦ୍ର ବଳ

ହାଇ ପ୍ରଫେସର ସୁନେଲ ଆଶା ?
ଗେଜେଟେଡ୍ ପୋଷ୍ଟ ସର୍ବନାଶା !
ଭାବୁଥିଲୁ ପାସ କଲଣି ବି ଏ
ବ ବରଷ ଏମ ଏ ନପଢେ କିଏ ।
ହାତ ପାଆଁତାରେ ନଥ କ୍ଲାସ
ଇଜିଲ୍‌ସ ଦେହା ଗେଡ଼ଙ୍କ ଆଶ ।
କାହାକୁ ଧରିବି କାହାକୁ ଛାଡ଼
ଶେଷେ ଏହି ଯେ ଣା ଆସିଲା ମାଡ଼ ।
ହାଇ ପ୍ରଫେସର ସୁନେଲ ଆଶା ।
ମଥାଁଠାରେ କା ମରେ ପିଆସା
କ୍ଲାସକୁ ଯାଏ ଟାଇଟ ଭିଡ଼
ହାତେ ପୁଣି ନୂଆ ସାଇମା ଘଡ଼

ଏମ୍ପେସେଡାରଅ ଚସମା ନାକେ
ଲେକ୍‌ଚରର ପାଇଁ କଲେଜ ଡାକେ
ସିଗରେଟ୍ ଟାଣି କରେ ସର୍ଦ୍ଦିଲ
ହସିଦିଏ ପାଟେ କଲେଜ ଗାର୍ଲ ।
ହାଇ ପ୍ରଫେସର ସୁନେଲ ଆଶା ।
ଠାଠାଠ୍ ବଜାଏରେ ଯାଏ ମଇସା
ପ୍ରତିଦିନ ସନ୍ଧ୍ୟେ ସିନେମା ଦେଖି
ଭବେ କେ ଯୁବତୀ ଗୃହିଁ ପୋଷିବେ କି ?
ସାର୍ ବୋଲି ଡୁବୁ ସମ୍ପଦ କରି
ମନେ ମନେ ଅବା ନେବେ ସେ ବରି ।
ହାଇ ପ୍ରଫେସର ସୁନେଲ ଆଶ ।

ଗେଜେଟେଡ୍ ପୋଷ୍ଟ କି ଦଶ୍ଚରା
ଖାତା ଦେଖିଁ ଦେଖିଁ ଯାଉଛି ବେଳ
ଅବାଳେ ପାଚିଲୁ ମଥାରେ ବାଳ ।
ଚସମା ପାୱାର ଯାଉଛି ବଢ଼ି
ତିନି ହୋଇ ଆସେ ଦାନ୍ତର ରେଡ଼ି
ଭାଗ୍ୟବଳେ ଯେ ପାଇଲୁ ବୋଲି
ମିଛଟାରେ ଫଲ୍ ମୁଁ ଫୁଲିମରି
ନେଷ୍ଟ ପ୍ରଫେସର ଅବା ଫ୍ରେଣ୍ଡ
ସମ୍ଭବେ ଏକାଠି ହୋଇଲେ ମେଣ୍ଟ
ସୁନେଲି ସପନ ଗଲୁ ମୋ ଭାଜି
ହାଇ ପ୍ରଫେସର କି ଦୁଃଖ ଆଜି ।



Digitized by srujanika@gmail.com

# ଚଢ଼ାକୁ ଉତ୍ତର

ସଚ୍ଚିଦାନନ୍ଦ ମିଶ୍ର— ମାଙ୍ଗଳପୁର,
ବାଲେଶ୍ୱର ।

ପ୍ର ...ବାର୍ଦ୍ଧକ୍ୟ ଶତକଡ଼ା ୯୯ଜଣ ପ୍ରେମ ବଢ଼ାନ୍ତି କାହିଁକି ?

ଉ— ଯେ ହେତୁ ୯୯ଜଣ ପଞ୍ଜା ନାଆଁରେ ପଡ଼ନ୍ତି ।

ପ୍ର— ବର୍ତ୍ତମାନ ପରିସ୍ଥିତିରେ ସାଧାରଣ ଛାତ୍ର ରାଜନୀତି କଲେ ଉପକୃତ ହେବ କିପରି ?

ଉ— ବର୍ତ୍ତମାନ ଦୃଷ୍ଟିରୁ କଲେ ଭବିଷ୍ୟତ୍ ଅଗ୍ରେ ଧାଇଁବ ଧାଇଁବ ।

ପ୍ର— ବେଶ୍ୟା ଓ କଲେଜଗାର୍ଲ ମଧ୍ୟରେ ପାର୍ଥକ୍ୟ କଣ ? ସମାଜକୁ କାହାର ଦାନ ବେଶି ଏବଂ ଦୁଇଜଣଙ୍କ ହୃଦୟ ତଳେ କି ଗୋପନୀୟତା ଥାଏ ?

ଉ— ଉଭୟେ ବେଶ ହୁଅନ୍ତି ସତ କିନ୍ତୁ ଜଣେ ବଜାରରେ ଆଉ ଜଣେ ବିଦ୍ୟାପୀଠରେ । ଜଣେ ପାପୀନର ଶାନ୍ତି ବିଧାନ କରେ ଆଉ ଜଣେ ପାପ ପାଠର । କିନ୍ତୁ ଉଭୟଙ୍କ ହୃଦୟ ତଳେ ଅଭିନୟ ପ୍ରବୃତ୍ତି ସମାନ ।

ଶରତଚନ୍ଦ୍ର ମହାନ୍ତି; ମେଦିନୀପୁର
କଲେଜ ।

ପ୍ର... ଅଟ୍ଟେଲିଆର ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଦେଲେ ଯେ କାଶ୍ମୀରରେ କମନୱେଲଥ ତରଫରୁ ସୈନ୍ୟ ଯାଇ ଶାନ୍ତି ରକ୍ଷା କରିବେ । ଏ କଥା ଲିୟାକତଙ୍କୁ କେମିତି ଲାଗିଲା ଆଉ ନେହେରୁଙ୍କୁ କେମିତି ଲାଗିଲା ?

ଉ— ପିଲ୍ଟରେ ବଥ ହେଲେ ପିଲଙ୍କର ଉପ ଭଲ ଉଠି ନେହେରୁଙ୍କର ହେଉଥିବ ଓ ବେଦ୍ୟଙ୍କର ମୁଖ ଭଲ ଦିଶୁଥିବ ଲିୟାକତଙ୍କର ।

ପ୍ର— ୟୁ, ଏନ୍ ଓ, କଣ ତୃତୀୟ ମହାଯୁଦ୍ଧକୁ ଡାକୁଛି ?

ଉ— ନମିକ୍ଷ ମାତ୍ର ଭବ ସବ୍ୟସାଚିନ୍ ।

ପ୍ର— ତୃତୀୟ ମହାଯୁଦ୍ଧ ହେଲେ ଭାରତର ଲାଭ ନା କ୍ଷତି ?

ଉ— ଦୁଇ ହାତୀ ବାଡ଼େଇ ହେଲେ ଝାଙ୍କରର କି ଯାଏ ?

ବୈକୁଣ୍ଠନାଥ ମହାନ୍ତି, ରେଢ଼ାଖୋଲ

ପ୍ର— ସ୍ଥୂଳକାୟ ଓ କୃଶକାୟ ଲୋକ ମଧ୍ୟରେ କାହାର ବୁଦ୍ଧି ବେଶୀ ଓ ଚୁଟ୍କୁଲୀଚନ୍ଦ୍ର କେଉଁ ଜାତି ?

ଉ— ମନୁଷ୍ୟର ବପୁ ଯେମନ୍ତ ବୁଦ୍ଧି ମଧ୍ୟ ତେମନ୍ତ ହୁଏ । ଚୁଟ୍କୁଲୀ ଚନ୍ଦ୍ରଙ୍କ ଉକ୍ତିରୁ ତାଙ୍କ ବପୁ ନିର୍ଣ୍ଣୟ କରନ୍ତୁ ।

ପ୍ର— ସାଧାରଣତଃ 'ଯେସାକୁ ତେସା' ଜଗତରେ ଫଟୁଣ ଫଟୁଣୀମାନଙ୍କର ପ୍ରେମ ପ୍ରକ୍ରିୟାରେ ଉତ୍ତର ଦେଉଥାନ୍ତି ତଦ୍ୱାରା ସେମାନଙ୍କ ମନୋବୃତ୍ତି ତେଣିକି ଅଟେଇବା ସ୍ୱାଭାବିକ ନୁହେଁ କି ?

ଉ— ଗାଲରେ ଯୋଡ଼ାଏ ଖାଇ ଯଦି କେହି କହେମୋତେ ହାଲୁକା —ତେବେ ମୁଁ କହିବି ନିଶ୍ଚୟ ଜାନ୍ୟାଗତ ।

ପ୍ର...ଆବର୍ତ୍ତନ ଓ ବିବର୍ତ୍ତନର ସନ୍ଧି ସ୍ଥଳ କଣ ?

ଉ— ନିବର୍ତ୍ତନ ।

କୈଳାଶଚନ୍ଦ୍ର ମିଶ୍ର— ଜୟପୁର କଲେଜ

ପ୍ର— ସୂର୍ଯ୍ୟାଲୋକ ଓ ଚନ୍ଦ୍ରାଲୋକର ପ୍ରଭେଦ କଣ ?

ଉ— ପ୍ରଥମଟି କାମିକାକୁ ବାଧା ଦିଏ ଦ୍ୱିତୀୟଟି କାମୁକାକୁ ।

ପ୍ର— ଓଡ଼ିଶାରେ ସୁଗାୟିକା କଏ ? ଚୁଟ୍କୁଲୀ ଗାଇ ପାରନ୍ତି କି ?

ଉ— ଓଡ଼ିଶାର ଶ୍ରେଷ୍ଠ ଗାୟିକା ଦେଖିଲେ ଚୁଟ୍କୁଲୀ ଦୂରରୁ ନମସ୍କାର କରନ୍ତି ।

ପ୍ର— ମୁଁ କିପରି ନାମଜାଦା ଲେଖକ ହେବି ?

ଉ— 'ସହକାର' ତଳକୁ ଚାଲିଯାଅ ।

ପ୍ର— ମାଇଙ୍କ ଭାଇ ଭଉଣୀଙ୍କୁ କଣ ମାନ୍ୟ କରିବି ?

ଉ— ଯଦି ମାଇଁ ମାଉସୀ କହ ଯାଏ ଅଡୁଆ ଲାଗିବ ନିଶ୍ଚୟ । ତେଣୁ ଦାଦା ପିଉସୀ ଡାକ ପାର ।

ପ୍ର— ବ୍ରହ୍ମଚାରୀ ହେବା ଭଲ କି ?

ଉ— ବ୍ରହ୍ମାଙ୍କୁ ଯଦି ସ୍ତ୍ରୀ ଜାତି ଦେହରେ ମଧ୍ୟ ନ ଦେଖ ତେବେ ନିଶ୍ଚୟ ଭଲ ।

କାନା ବହିଦାର; ସମ୍ବଲପୁର

ପ୍ର— ବେହୁ କହିବା ପାଇଁ ଝିଅକୁ ଯେମିତି ନାନା ପ୍ରଶ୍ନ କରନ୍ତି ଯୁଆଇଁ କରିବାକୁ ପୁଅକୁ ସେମିତି କରନ୍ତି ନାହିଁ କିଆଁ ?

ଉ— ଝିଅରେ ଯେତେ ଦୋଷ ଥିଲେ ବି ଲାଜ ଥାଏ ଆଉ ପୁଅର... ପିଠି ଅରକ୍ଷିତ ମୁହଁ ନଥାନ୍ତି ।

—ଚୁଟ୍କୁଲୀ ଚନ୍ଦ୍ରଙ୍କ ଦ୍ୱାରା

ପ୍ର— ମୋର ଗୋଟିଏ ପୋଷା କୁକୁରର ନାମ ଚୁଟ୍କୁଲୀ ରଖିଲେ କ୍ଷତି କଣ ?

ଉ—ମଣିଷର ନାମ ଭୂଷୁଣ୍ଡୀ ରଖିବେ ତ ?

ପ୍ର— ବଭାଘର ବାଦ୍ୟ ଶୁଣିଲେ ବାଳକଙ୍କ ତରୁଣ ଓ ବୃଦ୍ଧମାନଙ୍କ ହୃଦୟରେ କି କି ଭାବ ଉଦ୍ରେକ ହୁଏ ।

ଉ—ବାଳକର ଗୋଡ ନାଚେ ଯୁବକର ହୃଦ ଓ ବୁଢ଼ାର ମନ ।

ସୁରେଶଚନ୍ଦ୍ର ରାୟ, ୩୦ ତାଳପୁକୁର ଲେନ୍
କଲକତା— ୨୨

ପ୍ର... ସାଧାରଣତଃ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଶ୍ରୀମାନ୍ ଚୁଟ୍କୁଲୀ ଚନ୍ଦ୍ରଙ୍କୁ ଏତେ ପ୍ରେମ ବା ବିବାହ ବିଷୟକ ପ୍ରଶ୍ନ ପଚାରନ୍ତି କାହିଁକି ?

ଉ— ଛାତ୍ରୀମାନେ ବଡ଼ା ହେବାକୁ ଚାହାନ୍ତି ଏବଂ ଛାତ୍ରମାନେ ତ ସବୁବେଳେ ଛାତ୍ରୀଙ୍କ ଭାଇ ।

ପ୍ର— ହିନ୍ଦୁ କୋଡ଼୍ ବିଲରେ କାହାର ଲାଭ ? ଆପଣ କି ଲାଭ କରିବେ ?

ଉ— ଲାଭ ଜାରଜ ପିଲାଙ୍କର । ଚୁଟ୍କୁଲୀ ଚନ୍ଦ୍ର ଜାରଜ ନୁହନ୍ତି ।

ପ୍ର— ବାଲେଶ୍ୱରରୁ ଦିଗନ୍ତ ପ୍ରକାଶ ପାଉଛି ଚୁଟ୍କୁଲୀ ଚନ୍ଦ୍ର ପାଉଛନ୍ତି କି ?

ଉ... ଦିଗନ୍ତକୁ ଦେଖାଯାଏ... କିନ୍ତୁ ପାଇବାକୁ ଗଲେ ପାଖରେ ଯେ ଗୋଡ଼ ଏ ସେ ମୂର୍ଖ ।

କିଶୋରଚନ୍ଦ୍ର ପାତ୍ର, କୋରାପୁଟ

ପ୍ର... ଆଜିକାଲି ସାମାଜିକ ଚିତ୍ର ଦେଖିବାକୁ ଲୋକେ ପସନ୍ଦ କରୁଛନ୍ତି କିଆଁ ?

ଉ— ଲୋକେ ବଡ଼ ଅସାମାଜିକ ହୋଇ ଥିବାରୁ ତାଙ୍କୁ ସମାଜଚିତ୍ର ନୂଆ ଲାଗୁଛି ।

ପ୍ର— ଓଡ଼ିଶାର ପତ୍ରିକାମାନଙ୍କ ଭିତରୁ ନିଆଁଖୁଣ୍ଟା ଡଗର ଓ କୁଙ୍କୁମ ଏ ତିନୋଟି ଏତେ ଲୋକ ପ୍ରିୟ କହିଁକି ?

ଉ— ଯୋଗଣ ଯୋଜନା କିରା ଏ ତିନୋଟି ଅବସ୍ଥା ଜୀବନ ସହ ଓତପ୍ରୋତ ଭାବରେ ଜଡ଼ିତ ।

ପ୍ର— ଜଣେ ଖ୍ରୀଷ୍ଟିୟାନ ଝିଅ ହିନ୍ଦୁ ପୁଅଟିକୁ ବିଭାହେବାକୁ ଚାହେଁ—ଆପଣଙ୍କ ମତ କଣ ?

ଉ— ବିଭା ହେବାଟା ଯଦି ଧର୍ମ ନହୋଇ ଅଧର୍ମ ବା ବିଧର୍ମ ହୋଇଥାଏ ତେବେ ଭଲ ।



Digitized by srujanika@gmail.com

**ନାଗଙ୍କ କଲମରୁ**

## ମୃତ୍ୟୁ

ଚେତନାର ଶୁଭ୍ର ରଶ୍ମିମାନ ଖରତର
ଅବସନ୍ନ ମସ୍ତିଷ୍କର ତନ୍ଦ୍ରା
ହୋଇଥାଏ ଅବଲୀଳା । ହନ
ମନ୍ଦ୍ରରୁ ମନ୍ଦ୍ରତର ଚୀତ୍କାର
ପ୍ରିୟତମ ଅବମୂକ
ଅଙ୍ଗ ପ୍ରତିଅଙ୍ଗ
ଦୁର୍ବହ ଭାରବ ସମ ହୋଇଉଠେ ଗୁରୁ ।
ପ୍ରକୃତିର ଗୃଢ଼ ବଞ୍ଚନତା
ଚକ୍ଷୁଦ୍ବୟରେ ପ୍ରତ୍ୟକ୍ଷ୍ୟାନ
କେତେ ଶି ଅନ୍ତରେ ଦୃଷ୍ଟି
କରେ ଉପଦ୍ରେଗ
ମସ୍ତିଷ୍କର ଶେଷ ଚୁଦର୍ଶନା
ସଂଖ୍ୟାହୀନ ସ୍ମୃତି ସମ୍ମିଳିତ
ଜୀବନର ସ୍ୱପ୍ନ-ଚଳଚିତ୍ର
କଦାଚର ଚପଳ ମଧୁଛନ୍ଦ
ଅବାଧ ଭ୍ରମର ସମ
ମ୍ଳେଚ୍ଛ ଅନୁଭୂତି
କ୍ଷଣେ ୨ କରେ ବିସ୍ମୟ
ବିଶ୍ୱ ବିସ୍ମରଣ ସୁଖ ।
ପ୍ରଦୀପର ତୈଳ ସମାପିତ
ଚେତନାର ଜ୍ୟୋତି ହୁଏ ନିର୍ବାପିତ ।
ଅସ୍ତିତ୍ୱର ଉଜ୍ଜ୍ୱଳ ଅଭିସେ
ମରଣର ଘନ ଛାୟା ପାତେ ।
ଯୁଗ ଯୁଗ ହୁଏ ଭ୍ରମାଗତ ,
ଜୀବନର କ୍ରମଶଃ ପୂର୍ଣ୍ଣେ ।
ବର୍ତ୍ତମାନ ହୁଅଇ ଅତୀତ—
ଗଳ୍ପ ପୁରାତନ ।
କ୍ଷଣ ଭଙ୍ଗୁର ଶରୀର
ରୂପ ଅନ୍ତର୍ଧାନ
ଜୀବନର ନେହ ଶେଷ
ଜନ୍ମାବଧି ମରଣର ଜନ୍ମ ଇତି ନୃତା ।

ଶ୍ରୀ ପ୍ରେମଚନ୍ଦ୍ର, ଯାଜ ୭୬୩

## ନାଗଙ୍କ ପ୍ରଶ୍ନ

ସୁରେନ୍ଦ୍ର [୧୩୫୨]— ହାଓଡ଼ା ପୋଲ ପରି Cantilever span bridge ପୃଥିବୀରେ ଆଉ କେଉଁ ସ୍ଥାନରେ ଅଛି ?

ଅନନ୍ତ (୧୧୪୫) ମନୁଷ୍ୟ ଯାହା ଗୃହେଁ ତା ପାଏ କି ?

ଶରତ [୨୩୮] ଭାରତରେ ପ୍ରଥମ ବୈଦ୍ୟଶାସ୍ତ୍ରର ରଚୟିତା କିଏ ଓ ଏହା କେବେ ରଚିତ ହୋଇଥିଲା

ଉଦୟ— ନିଦ୍ରା ଓ ହିପ୍ନୋଟିଜମ ମଧ୍ୟରେ ପ୍ରଭେଦ କଣ ?

## ନାଗଙ୍କ ଉତ୍ତର

ରବୀନ୍ଦ୍ର ଭାଇ ଜାଣିବ… ଗୋରୁ ମୁହଁରେ ଜାଲ ଦେଲେ ଖାଏ ନାହିଁ — ଜାଲ ନଦେଲେ ଧାନ କୁଟା ଘାସ ଇତ୍ୟାଦି ଖାଇ-ଯାଏ — ସୁରେନ୍ଦ୍ର [୧୩୫୨]

ସ୍ୱ ରଞ୍ଜନୀ— ପଢ଼ୁଆ ପିଲାଙ୍କ ବନ୍ଦୀ ହୁଏ ବୋଲି ପ୍ରଥମାଷ୍ଟମୀ । ତାହା ଛଡ଼ା ମାର୍ଗଶିର ମାସ ମାସମାନଙ୍କର ସାର ବୋଲି ଗୀତାରେ କହନ୍ତି । ପ୍ରଥମାଷ୍ଟମୀ ସେଇ ମାସରେ ପଡ଼େ ବୋଲି ପ୍ରଥମ ଅଷ୍ଟମୀ ଧରାଯାଏ । ଆମ ଦେଶରେ ଧାନ ଅମଳ ସେତେବେଳେ ହୁଏ । ସମସ୍ତଙ୍କ ମନରେ ଆନନ୍ଦ ଥାଏ ।

ସବିତା ୨୬୪୪

ଟେଭେନ୍ଦ୍ର ଭାଇ – ବିହାର ଭୂମିକମ୍ପ ୧୯୩୪ରେ ହୋଇଥିଲା । ସଂସ୍କୃତରେ ନାଟକ ଲେଖକ କାଳିଦାସ । ବୃନ୍ଦାବନ ସବୁଠାରୁ ବଡ଼ ହ୍ରଦ— ସବିତା

## ଅବସର ବିନୋଦନ ଉତ୍ତର

୫୯ କ-- ସଂଖ୍ୟାଟି ୩୭-- ୩୭ ଦ୍ୱାରା ଗୁଣିଲେ ଯଥାକ୍ରମେ ୧୧୧; ୨୨୨, ଏହିପରି ୯୯୯ ପର୍ଯ୍ୟନ୍ତ ହେବ— ସୁରେନ୍ଦ୍ର

୭୦(କ) ଛନୋଟି ହଂସ ଥିଲେ— ମଦନ

୭୧ — ଅଶୋକ— ସବିତା

## ଅବସର ବିନୋଦନ ୭୨

ଗୋଟିଏ ଘରର ଓ୍ୱାର୍ଡ଼ ନମ୍ବର-- ଘର ନମ୍ବର ଏବଂ ବ୍ଲକ ନମ୍ବରର ଗୁଣଫଳ ୩୬୩୬ ଏବଂ ଓ୍ୱାର୍ଡ଼ ନମ୍ବର ବ୍ଲକ ନମ୍ବରର ଏକାଙ୍କ ଯାହା ଓ୍ୱାର୍ଡ଼ ନମ୍ବର ବ୍ଲକ ନମ୍ବର ଏବଂ ଘର ନମ୍ବରର ଏକାଙ୍କ ମଧ୍ୟ ତାହା । ଘର ନମ୍ବର ଶତକ ସଂଖ୍ୟା ଏବଂ ବ୍ଲକ ଓ୍ୱାର୍ଡ଼ ଏ ଦୁଇଟିର ଏକକ ସଂଖ୍ୟା ନମ୍ବର ବ୍ଲକ ନମ୍ବର ଯାହା, ଘର ନମ୍ବରର ଶତକ ସଂଖ୍ୟା ମଧ୍ୟରୁ ଶତକ ଏବଂ ଦଶକକୁ ଯଥାକ୍ରମେ ରଖି ଏକକରେ ବଦଳାଇଲେ ତାହା ହେବ । ଏବଂ ଏକକ ଦଶକ ସଂଖ୍ୟାର ଗୁଣଫଳ ମଧ୍ୟ ତାହା ଏକକ ଦଶକ ସଂଖ୍ୟାକୁ ଯଥାକ୍ରମେ ରଖି ଶତକ ସଂଖ୍ୟାରେ ବଦଳ ମଧ୍ୟ ତାହା । ତାହେଲେ ଘର ଓ୍ୱାର୍ଡ଼ ଓ ବ୍ଲକ ନମ୍ବର କେତେ ।

ଉରନ୍ଧତୀ

## ଅଜାଙ୍କ ଉତ୍ତର

ସୁରେନ୍ଦ୍ର—ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ଓ ମନ୍ଦୋଦରୀଙ୍କୁ ସତୀ ଏଥିପାଇଁ କୁହାଯାଉଛି ସେ ସେମାନେ ଏକାଧିକପତି ଗ୍ରହଣ କରିଥିଲେହେଁ ତାହା ସେମାନଙ୍କ ଇଚ୍ଛାନୁଯାୟୀ । ଧର୍ମରେ ଯେ ସେମାନେ ପତି କରିଛନ୍ତି ତାହିଁ ଅଧିକ ସତ୍ୟ ସେ ସେମାନେ କରିନାହାନ୍ତି । ଯାହା ଗୋପନ କରିବ ତାହା ଅସତ୍ୟ ଏବଂ ପାପ । ଯାହା ପ୍ରକାଶ କରିବ ତାହା ସତ୍ୟ । ଯଦି କୌଣସି କର୍ମ ଅନ୍ୟାୟ ହୋଇଥାଏ—ତେବେ ପ୍ରକାଶ କଲେ ତାହାର ପ୍ରାୟଶ୍ଚିତ ହୁଏ ।

ସବିତା— ସ୍ୱପ୍ନ ମାନସିକ କ୍ରିୟା ମନ ଜାଗ୍ରତାବସ୍ଥାରେ ଆମ ଆକାଂକ୍ଷା ଯାହା ଘଟିପାରେ ନାହିଁ ସ୍ୱପ୍ନ ସେସବୁ ପୂର୍ଣ୍ଣ କରିଦିଏ ବୋଲି ମନେହୁଏ । ସ୍ୱପ୍ନରୁ ମନେହୁଏ । ସ୍ୱପ୍ନରୁ ମନର ଭିତରର ଅବସ୍ଥାକୁ ଜାଣିହେବ । କାରଣ ଜାଗ୍ରତାବସ୍ଥାରେ ଆମେ ଏତେ ସ୍ୱାର୍ଥପର ଯେ ନିଜକୁ ସବୁବେଳେ ଘୋଡ଼ାଇ ରଖି ବାହାରେ ଆଉ ଏକ ପ୍ରକାର ଥାଉ । ଏ ଅଭ୍ୟାସ ହେତୁ ଆମେ ଆମକୁ ଭୁଲିଯାଉ । ସ୍ୱପ୍ନରେ ମନୁଷ୍ୟ ନିଜର ଅଜାଣତ ହୋଇ ନିଜର ସ୍ୱରୂପ ଦେଖେ । ସ୍ୱପ୍ନର ବିଚାର କରି ଅର୍ଥ କରିବା ବଡ଼ କଠିନ । ସ୍ୱପ୍ନ ବିଚାରକମାନେ ଥାଆନ୍ତି । ମେଡେ ଜଣେ ବିଚାରକ ବୋଲି ପ୍ରବେଶ କରିପାର

## ନୂଆ ନାଗଙ୍କ ନାମ

୧୪୧୭…ଶ୍ରୀନିବାସ ଜେନା ଦ୍ୱିତୀୟ ହାଇସ୍କୁଲ ପୋ: ବାଙ୍କୀ ର ୨୬୩ । ଚନ୍ଦ୍ରଶେଖର ମହାନ୍ତି ସାମନ୍ତଚନ୍ଦ୍ରଶେଖର କଲେଜ ପୁରୀ ୧୪୧୪…ପ୍ରଦୀପକୁମାର ମହାନ୍ତି / ଶ୍ରୀ କଳ୍ପମଣି ମହାନ୍ତି ଗୋ: ଚମ୍ପୁଆ— କେନ୍ଦୁଝର ।



Digitized by srujanika@gmail.com

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ତିନି ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ। କବିଙ୍କ ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ନିମ୍ନ ଧାରାରେ ବିଭକ୍ତ କରାଯିବ । ଯଥାଃ— ଦେଶ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି । କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ସେଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପୁରୁଣା ଉତ୍କଳ ସାହିତ୍ୟ, ମୁକୁର, ବାନ୍ଧବୀ, ସେବକ ବା ଅନ୍ୟ ପତ୍ରପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେବାରେ ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ୍ ଏମ୍ପୋରିଅମ୍, କଟକ—୨ କିମ୍ବା ମ୍ୟାନେଜର, ଡଗର ପ୍ରେସ, କଟକ—୧

ଆମ୍ଭ ପ୍ରକାଶ କଲୁ
ପ୍ରଗତିଶୀଳ ପନ୍ଥି ପତ୍ରିକାରେ
ବିନୋଦ ରାଉତରାୟଙ୍କର
ଅଭିନବ କବିତା ଗୁଚ୍ଛ

# ନିର୍ମଳା

ସବୁଜ ଲେଖନୀର ଶୁଭେଚ୍ଛା

# ମୌସୁମୀ

ମୂଲ୍ୟ—ଆଠଅଣା

## ମୁକ୍ତି ପ୍ରତୀକ୍ଷାରେ

ନିବେଦିତା, ଅନାହୂତ, ସ୍ୱପ୍ନ ବଧୂ
ଶ୍ୟାମଳିକା ଓ କାକଳି
ପ୍ରକାଶକ
ନାଦଘର
ପୋ:—ପୁରୁଣାହାଟ ଶାସନ
କଟକ

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ
ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

## ପ୍ରସିଦ୍ଧ କବିରାଜଙ୍କ ପରଲୋକ

କଟକ, ମଣିରମଣ୍ଡଳା ସୁଧାସିନ୍ଧୁ ଔଷଧାଳୟର ପ୍ରବର୍ତ୍ତକ କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମାଙ୍କ ମହାପ୍ରୟାଣ ହୋଇଯାଇଛି । ତାଙ୍କର ପୁତ୍ର ଏବଂ ସୁଧାସିନ୍ଧୁ ଔଷଧାଳୟର ଅଭିଜ୍ଞ ବ୍ୟବସ୍ଥାପକ କବିରାଜ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ବର୍ତ୍ତମାନ ଔଷଧାଳୟର ସମସ୍ତ ପରିଚାଳନା ଭାର ଗ୍ରହଣ କରିଛନ୍ତି । ସୁଧାସିନ୍ଧୁ ଔଷଧାଳୟର ପୃଷ୍ଠପୋଷକ ଓ ସ୍ୱର୍ଗୀୟ କବିରାଜ ପଦ୍ମନାଭ ମିଶ୍ରଙ୍କ ପ୍ରତି ଅନୁଗତ ଭଦ୍ରବ୍ୟକ୍ତିମାନଙ୍କୁ ଅନୁରୋଧ ଯେମିତି ଏହି ଅନୁଷ୍ଠାନ ପ୍ରତି ପୂର୍ବ ସମ୍ମାନଭୂତି ପ୍ରଦର୍ଶନ କରିବେ ।

ପରିଚାଳକ
ସୁଧାସିନ୍ଧୁ ଔଷଧାଳୟ
ଝାଞ୍ଜିରି ମଙ୍ଗଳା
କଟକ (୧)

# ଓଡ଼ିଆ ସାହିତ୍ୟରେ ଅଭିନବ

## ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଞ୍ଚ ଜନ୍ୟ— | ,, | ଟ ୧୯ |
| କାଳରଙ୍ଗ— | ,, (ଯନ୍ତ୍ରସ୍ଥ) | ଟ ୧୯ |
| ହାଡ଼ମାଟି— | [ ଉପନ୍ୟାସ ] | ଟ ୨୨ |
| ଜୀଅନ୍ତା ମଣିଷ— | ,, | ଟ ୨୨ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଭୁଲ— | ,, | ଟ ୨୯ |
| ଏଟାରଠା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ ୧ —

Printed, Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ



୧୪ଶ ବର୍ଷ

୭ ଓ ୮ ସଂଖ୍ୟା

ଫଗୁଣ

ପ୍ରଥମ ଓ ଦ୍ୱିତୀ


## ଗାଛ ମେ କଠା ଲୁଠ୍ ମେ ତେଲ




ଓଡ଼ିଶା ବଜେଟ ନିଅଣ୍ଟିଆ ବୋଲି
            ଚିନ୍ତା ନାହିଁ ଚିନ୍ତା ନାହିଁ,
ହୀରାକୁଦ ଧିଅ,ମଧୁ ବରଷିବ
            ରହିଥାଅଟି ଅନାଇ ।
ଗଛରେ ପଣସ ଧରିଲାଣି ଏବେ
            ଓଠରେ ଲଗାଅ ତେଲ,
ଆକାଶ କଇଁଆ ! ଅଣ୍ଡଦେବ କର
            ଚିଲିକା ମାଛର ଝୋଳ ।

—ନଟକୃଷ୍ଣ—

ଏ ସଂଖ୍ୟାରେ—ନଟବର ଅଶ୍ୱିନୀକୁମାର


ବାର୍ଷିକ

୫ ଟଙ୍କା

ପ୍ରତିଖଣ୍ଡ

୫୦ ପଇସା


Digitized by srujanika@gmail.com

ଅଚିରେ ପ୍ରକାଶ କଲା
ନୂତନ

# 'ଜବାହରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**—ପଣ୍ଡିତ ନେହେରୁ, ଜବାହରଲାଲଙ୍କ ପରିବାର ଜୀବନ,... ଗାନ୍ଧି-ନେହେରୁ ଭେଟ, ଭାରତ-ଅଭିଯାନ, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ମହାତ୍ମାଙ୍କ ସଙ୍ଗରେ; ଭାରତର ଭବିଷ୍ୟତ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରେଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଉଦ୍‌ଟର ଜେ, ମାଇକେଲ୍ ହରୋପିଅନ୍ସ୍ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନୀ ଓ ତାର ଇଂରେଜୀ ଅନୁବାଦ, ମିଃ ରେଲ୍ ଫ ସ୍କୁଲ, ଜର୍ମାନୀ । ପୂର୍ବାଭାଷ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବିଲାତ ଚିଠି' (ଇଂରେଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବିଧୁଭୂଷଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଏହ୍; ଡ଼ି; ଜେ. (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**— ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି: ରମଣ୍ (ନୋବେଲ୍-ଲରେଟ), ଅଧ୍ୟାପକ ତାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବାଣିଜ୍ୟ ମନ୍ତ୍ରୀ; ଅଧକ୍ଷ ଏସ୍. ଏନ୍. ଅଗରୱାଲ୍ ଓ୍ୱାର୍ଦ୍ଧା; ଶ୍ରୀ ଯୋଶେଫ୍ ଅଲକଟ, "Forum"ର ସମ୍ପାଦକ; ଶ୍ରୀମତୀ ସୋଫିଆ ଓ୍ୱାଡ଼ିଆ P. E. N. ଭାରତ ଶାଖାର ସମ୍ପାଦକ; ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶ୍ରୀ ଗଦାଧର ଭଞ୍ଜ; ଡକ୍ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ ପାର୍ଲମେଣ୍ଟ ଆମେରିକା ଡକ୍ଟର ମୁଲକରାଜ ଆନନ୍ଦ ଦାମ୍ଭେ ପ୍ରଭୃତି—। ରେଖା- ଚିତ୍ର ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତିସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍ଏଜେନ୍ସି
ବାଲିବଜାର, କଟକ ।



ସ୍ତ୍ରୀ ରୋଗ ପାଇଁ

## ରମଣୀ ରଞ୍ଜନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଗର୍ଭାବସ୍ଥାରେ ସେବନ କରିବେ ନାହିଁ । ମୂଲ୍ୟ ୨୲୦ ଡାକଖର୍ଚ୍ଚ—।୵୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ରୋଗ ଦୂରୀଭୂତ ହଏ । ଦାମ୍ପତ୍ୟ ଜୀବନ ପଥରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—।୵୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta



ହାୱଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ କର୍ମର ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାୱଡ଼ା
ଶାଖା ୩୬—ନଂ ହାରିସନ ରୋଡ କଲିକତା



ସିଗାରେଟ ଲଗାଇବା
କଳ ଦିଆସିଲି



ପାଣିଲାଗିଲେ ଜଳେ ନାହିଁ, ଦୀର୍ଘ ସ୍ଥାୟୀ, ଦେଖିବାକୁ ସୁନ୍ଦର, ଦିଆସିଲିଠାରୁ ଶସ୍ତା ।
ମୂଲ୍ୟ ଟ ୨୲ ରୁ ଟ୩, ସରସା—ଟ ୪, ଅତି ସରସା—ଟ ୭

ଏକ ଡଜନ ଘଷା ପଥର ଟ୧, ଏକ ବୋତଲ ତେଲ ଟ ୧, ଡାକ ମାସୁଲ ଟ।୵୦

ଏକ ସଙ୍ଗରେ ଯୋଡ଼ାଏ ନେଲେ ଡାକ ଖରଚ ଛାଡ଼ ଦିଆଯାଏ ।

ଓରିଏଣ୍ଟ ଟ୍ରେଡିଂ କୋ.
ପୋ. ବକ୍ସ ନ. ୧୧୪୫୮, କଲିକତା—୭



DOCTORS HAND BAG
COMPLETE BAC with 23 articles Rs.30/-. EMPTY BAG size 12''×6½ Rs. 18/- Size 14×7½ Rs 22/- EYECASE Rs 45. B. D.STETHESCOPE COMPLETE Rs 8.
POSTAGE FREE
Apply for Catalogue
To. DR. JASWANTSINGH & Co.
CANNAUGHT PLACE
DEHRADUN [ U.P ]


Digitized by srujanika@gmail.com

ଅନନ୍ଧାଡ଼୍ ହ ଖବୁ ଉମାନ ଭୁଡାନ ଚାମୃଣ୍ଡେ




ଫଗୁଣ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ୧୭ଶ ଓ ୧୮ ସଂଖ୍ୟା ୧ । ୩ । ୫୧

## ନଟବର ଅଶ୍ୱିନୀକୁମାର

ଓଡ଼ିଶାର ରଙ୍ଗମଞ୍ଚ ଯେତେବେଳେ ଦୁର୍ବଳ, ରୋଗଗ୍ରସ୍ତ, ମୁମୂର୍ଷୁ—ଯେତେବେଳେ ଅଦ୍ଭୁତ ରୁଚିନାମରେ, ଅଶ୍ଳୀଳତା ଶ୍ରୀଳ ରୂପରେ, ବିକୃତ ଅଭିନୟାକୃତି ଆକାରରେ ପରିଚିତ ହେଉଥିଲା



ସେତେବେଳେ ହେ ନଟଦେବ୍ୟ ଅଶ୍ୱିନୀକୁମାର, ଆପଣ ଯେନ୍ଦ୍ରଜାଲ ଚିକିତ୍ସା କଲେ ଏବଂ ଅଭିନବ ଭଙ୍ଗୀ ଦ୍ୱାରା ଓଡ଼ିଆ ନାଟକକୁ ନୂତନ ଜୀବନ, ନୂତନ ପ୍ରେରଣା ଓ ନୂତନ ଉଦ୍‌ବୋଧନା ତଥା ଉଦ୍ଦୀପନା ଆଣି ଦେଇଛନ୍ତି ।

ଆପଣ କେଶାଗ୍ରପରି ଗଢ଼ିଛନ୍ତି ଆଧୁନିକ ରଙ୍ଗମଞ୍ଚକୁ । ତାର ପାଦ ତଳେ ଧନ ଐଶ୍ୱର୍ଯ୍ୟ ଯଶ ମାନ ଜଳାଞ୍ଜଳି ଦେଇ ଜନଗହଳରେ ଜଣେ ନହୋଇ ସମସ୍ତଙ୍କ ଆଗରେ ଅପରିଚିତ ଅଲୋଡ଼ା ଗୋଟିଏ ମନୁଷ୍ୟ ଭଳି ଅତି ସାଧାରଣ ଜୀବନ ଯାପନ କରନ୍ତି—ଆତ୍ମବଳ ନହେଲେ ହେଁ ଆତ୍ମ ଗୋପନ ଦ୍ୱାରା — ଧର୍ମପଦ ନହେଲେହେଁ କର୍ମପଦ ବ୍ୟସ୍ତ ଭଳି । ପୁରାଣ ଇତିହାସ ଓ ସମାଜ ଜନୋହି ଉପାଦାନକୁ ଯଥେଷ୍ଟ ପ୍ରୟୋଗ କରି ନାଟ୍ୟ ସାହିତ୍ୟର ଭଣ୍ଡାରକୁ ଭରପୁର କରିଛନ୍ତି ଆପଣ । ଅଭିନୟ ନକରି ଅଭିନୟ କରାଇ ଆପଣ ଆପଣାକୁ ଦେଖାନ୍ତୁ ନଦେଖାନ୍ତୁ ଆପଣାଭିତରର ମହତ୍ତ୍ୱକୁ ପୂଜା କରିପାରିଛନ୍ତି ।

ଦୈନ୍ୟ ଆପଣଙ୍କର ସହଚର । ଉଦାସୀନତା ଆପଣଠାରେ ଚିର ଋଣୀ ।

ସଂଘର୍ଷର ଝଡ଼ଝଞ୍ଜାକୁ ଆପଣ ବିଦ୍ରୂପ କରିଛନ୍ତି—ଅଭିମାନର ଉତ୍ତେଜନାକୁ ଆପଣ ଏଡ଼ିଦେଇ ଯାଇଛନ୍ତି—ଆସନ ଓ ପଦକୁ ଆପଣ ଗୋଡ଼େଇ ଅଡ଼େଇ ଦେଇଛନ୍ତି ।

ଆପଣ ଯତି—ତାପସୀ—କର୍ମୀ ଓ କଳାକାର ।

ସଂପାଦକୀୟ

## ବଜେଟ

ଓଡ଼ିଶା ରାଜ୍ୟ ଓ ଭାରତର ବଜେଟ ବେଶ୍ ବଡ଼ । ଉଭୟ ନିଅଣ୍ଟିଆ ବଜେଟ । ମାତ୍ର ଓଡ଼ିଶା ସରକାର ସନ୍ତୁଳନର ପ୍ରୟାସ କରି ନାହାନ୍ତି । ଭାରତ କରିଛନ୍ତି— ଗରିବ ଲୋକଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଧାର୍ଯ୍ୟ କରି । ଦୋକତା ଆଦି ମାଦକ ଦ୍ରବ୍ୟ ଉପରେ ଧାର୍ଯ୍ୟ କରକୁ ଆମେ ଆପତ୍ତି କରୁନାହୁଁ କିନ୍ତୁ ଅନ୍ୟାନ୍ୟ ଅନେକ କର ଅଛି ଯାହାକୁ ଅନ୍ୟାୟ ବୋଲିବାକୁ ହିଁ ହେବ । ଅଥଚ ପୁଞ୍ଜିପତିଙ୍କ ଦେୟ କର କୋହଳ ହୋଇଛି । ଏହାଦ୍ୱାରା ପୁଞ୍ଜିକୁ ଅଧିକ ଉତ୍ପନ୍ନ କରିବାର ସୁଯୋଗ ଦିଆଯାଉଛି କି ଅଳସ ପୁଞ୍ଜିକୁ ଅଧିକ ଲାଭ ଦେବା ଦ୍ୱାରା ଅଧିକର ଅଳସୁଆ କରି ଦିଆଯାଉଛି ତାହା ଦେଖିବାର କଥା । ଅଳସ ପୁଞ୍ଜି ଅଧିକ ଆୟ କଲେ ଫଳ ହୁଏ ସମଗ୍ର ଜାତିର ପୁଞ୍ଜିଚ୍ୟୁତି ତଥା ଶ୍ରମ ପ୍ରତି ଅଶ୍ରଦ୍ଧା । ଅଶ୍ରଦ୍ଧାର ପରିଣାମ ଅସାଧୁତା ଏବଂ ନୈରାଶ୍ୟ । ତାହାହିଁ ଆଜି ସମଗ୍ର ଦେଶର ମନସ୍ତାତ୍ତ୍ୱିକ ବିଶ୍ଳେଷଣ । ଅସାଧୁତା ଓ ଅପାରଗତା ଦୋଷରେ ସରକାର କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହଜ । କିନ୍ତୁ ତାର ମୂଳ କାରଣ ଗବେଷଣା କରିବା ବୁଦ୍ଧିମାନ ଲୋକର କର୍ମ ।

ପ୍ରଦେଶରେ ସାଧାରଣ ଶାସନ ବିଭାଗରେ ଖର୍ଚ୍ଚ ବଢ଼ି ଶିକ୍ଷା ସ୍ୱାସ୍ଥ୍ୟ ଆଦିର ଖର୍ଚ୍ଚ କମିଛି । ଅଥଚ ଏହାକୁ ୱେଲଫେୟାର ରାଷ୍ଟ୍ର କୁହାଯାଉଛି । କର୍ମତଃ ଏହା ଏକ ଶାନ୍ତି ଶୃଙ୍ଖଳା ରକ୍ଷାକାରୀ ଜବରଦସ୍ତ ରାଷ୍ଟ୍ର ହୋଇ ଠିଆ ହେଲାଣି । କେବଳ ଶାସନକର୍ତ୍ତାଙ୍କ ଆସନର ନିରାପତ୍ତା ଓ ଶାନ୍ତି ପାଇଁ ଯେପରି ଲୋକମଙ୍ଗଳ କାର୍ଯ୍ୟକ୍ରମକୁ ପରିତ୍ୟାଗ କରିବାକୁ ପଡ଼ୁଛି । ଏହା ଅତି କରୁଣ ଓ ନିରାଶଦାୟକ ପରିସ୍ଥିତି । ଯୋଜନା ନାହିଁ—ପରିକଳ୍ପନା ନାହିଁ—ଲକ୍ଷ୍ୟ ନାହିଁ—ତେଣୁ ରାଷ୍ଟ୍ର ସରକାରଙ୍କର ଗତି ନାହିଁ । କେବଳ ସ୍ଥିତି ସ୍ଥାପକତାକୁ ବଞ୍ଚାଏ ରଖିବାହିଁ ଅର୍ଥବ୍ୟୟର ମୁଖ୍ୟ ଉଦ୍ଦେଶ୍ୟ ।

ରାଷ୍ଟ୍ରସରକାର କେବଳ ହୀରାକୁଦ ଅଧକ୍ଷ ଭୂଦୁମକୁ ଫନାଇ ବସିବାପାଇଁ ବାରମ୍ବାର ଆଶ୍ୱାସନା ଦେବା ଆଉ ସୁହାଇ ନାହିଁ ।

—ନ:ମ:

Digitized by srujanika@gmail.com

ହାତର ଡାଳରେ

# ମୁଖ୍ୟମନ୍ତ୍ରୀ କଳାକାହ୍ନୁଙ୍କ ବଜେଟ ଭାଷଣ

ମାନନୀୟ ବାଚସ୍ପତି ଓ ମୋର ସଭ୍ୟ-ସଭ୍ୟ ଗଣ ! ଆଜିକାର ଆଲୋଚ୍ୟ ବିଷୟ ହେଉଛି ଆସନ୍ତା ବର୍ଷର ବଜେଟ। ଯଦିଓ ବଜେଟ ସମାଲୋଚନାର କିଛି ଦିନ ପୂର୍ବରୁ ମୁଁ ଦେଶର ଭବିଷ୍ୟତ ଆୟ ଓ ବ୍ୟୟର ହିସାବ ଦେଇଥିଲି ତାହା 'ସମ୍ବାଦ' କାଗଜରେ ପ୍ରକାଶ ପାଇଥିଲା। ଦେଶବାସୀ ଯେ ତହିଁରେ ଚଳଚଞ୍ଚଳ ହୋଇ ନାହାନ୍ତି ସେ ନିର୍ବେଦିତ! ପାଇଁ ମୁଁ ଋଣୀ। ଆସନ୍ତା ବର୍ଷର ବ୍ୟୟ ଆୟ ଅପେକ୍ଷା ଅଧିକ ହେବ ବୋଲି ଧରାଯାଇଛି। ଅଶୀ ଲକ୍ଷ ଟଙ୍କାର ଅଧିକ ବ୍ୟୟଟାକୁ ଯେ କେମିତି ପ୍ରକାରେ ଭେଟିବା ତାହାର ଏକ ପ୍ରସ୍ତାବ ଆପଣମାନଙ୍କ ଆଗରେ ଉପସ୍ଥାପିତ କରୁଛି। ଖର୍ଚ୍ଚକାଟ କରିବାକୁ ଯାଇ ଆମେ ଜଣେ ଅଧିକ ମନ୍ତ୍ରୀ ନିଯୁକ୍ତ କରିଅଛୁଁ। ଉକ୍ତ ମନ୍ତ୍ରୀଙ୍କୁ ଆମ୍ଭେ ଖର୍ଚ୍ଚକାଟ ବିଭାଗରେ ରଖିଅଛୁଁ। ସେ ଯେ ମତେ ମାସକୁ ଏକହଜାର ପାଞ୍ଚଶ ଟଙ୍କା କମ ଖର୍ଚ୍ଚ କରିବାର ପ୍ରସ୍ତାବ ଦେଇଛନ୍ତି ତାହା ମୁଁ ଆପଣଙ୍କୁ ପରେ ଦର୍ଶାଇବି। ଖର୍ଚ୍ଚକାଟ କରିବାକୁ ଯାଇ ଅନେକ ହୁଏତ କହିବେ ଏବଂ କହିଅଛନ୍ତି ଯେ ସରକାରୀ କର୍ମଚାରୀ ଗୋଷ୍ଠୀକୁ ପାତଳା କରିଦେବା। ସେହି ଦୃଷ୍ଟିରୁ ଖର୍ଚ୍ଚକାଟ କରିବାକୁ ଗଲେ ଅନେକାନେକ ଅସୁବିଧା ରହିଛି। ଆମ୍ଭେ ଯେକୌଣସି କାମ କରିବାକୁ ଯିବା ପୂର୍ବରୁ ଆମ୍ଭେ ତାହାର ଭଲ ମନ୍ଦ ବିଚାର କରିବା ଦରକାର। ଆମ୍ଭେ ଯଦି ସରକାରୀ କର୍ମଚାରୀ ଓ ଅଧିକା ଦରମା ନିଆ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟରୁ ଅବ୍ୟାହତି ଦେଉ ତାହାହେଲେ ଆମର ଏହି ଆଇନ ବିଧାନ ସଭାରେ ଉପସ୍ଥିତ ସଦସ୍ୟ ମାନଙ୍କ ମନରେ ଘନ ଆଘାତ ଆସିବ। ସଦସ୍ୟମାନଙ୍କ ଭିତରୁ ଅନେକ ଏ କଥାର ଲକ୍ଷ୍ୟ କରିପାରିଥିବ। ଗତ ପାଞ୍ଚବର୍ଷ ଧରି ଯେଉଁ ନୂତନ ମୋଟା ଦରମା ନିଆ କର୍ମଚାରୀମାନେ ସରକାରୀ କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି ସେମାନେ କୌଣସି ନା କୌଣସି ସଦସ୍ୟଙ୍କ ପ୍ରିୟ ବା ପ୍ରୀତିଭାଜନ ଅଟନ୍ତି। ଯଦିବା ନହୋଇ ଥିବେ ପୁଣି ଭଣ୍ଡୁଟ ସାର୍ଟିଫିକେଟ ସେ ଦେଇଛନ୍ତି ଯାହାକୁ ବା କି ସରକାରଙ୍କୁ [ ମେଢ ]

ସେମାନଙ୍କୁ ଥଇଥାନ କରିବାକୁ ପଡ଼ିଛି। ତେଣୁ ସେକ୍ରେଟେରୀ, ଅଣ୍ଡର ସେକ୍ରେଟେରୀ, ଡେପୁଟି ସେକ୍ରେଟେରୀ, ଏସିଷ୍ଟେଣ୍ଟ ସେକ୍ରେଟେରୀ ସବ୍ ଏସିଷ୍ଟେଣ୍ଟ ସେକ୍ରେଟେରୀ, ମେଜର ସେକ୍ରେଟେରୀ, ହେଡ଼ ଏସିଷ୍ଟେଣ୍ଟ ସେକ୍ରେଟେରୀ ପଦ ମାନ ତିଆରି କରି ସେମାନଙ୍କୁ ଚାକିରୀ ଦିଆ ହୋଇଛି। ଯେଉଁଠି ସଦସ୍ୟମାନେ ଅବୁଝ ବା ଅଝଟ ହୋଇ କଂଗ୍ରେସ ବିରୁଦ୍ଧରେ ଲାଠି ଉଠାଇବାକୁ ଇଙ୍ଗିତ ଦେଉଛନ୍ତି ସେଇଠି ମୁଁ ସେମାନଙ୍କୁ କେଣ୍ଟନମେଣ୍ଟରେ ଉପଯୁ ପାର୍ଶ୍ୱସ୍ଥ ଘରେ ବା ଭୁବନେଶ୍ୱରରେ ସ୍ଥାନ କରି ଦେଇଛି କିନ୍ତୁ ଯେଉଁ ସଦସ୍ୟମାନେ ସାଧୁ ସେମାନଙ୍କ ପୁଅମାନଙ୍କୁ ସାଧୁବିବେଚନା କରି ମୁଁ ସେକ୍ରେଟେରୀ ପଦ ଦେଇଅଛି। ଅଧିକ ମଧ୍ୟ ଯେଉଁମାନଙ୍କ ମୋ ପାଖକୁ ପଶିବାର ସାହାସ ଅଛି ସେମାନଙ୍କୁ ବା ସେମାନଙ୍କ ଆତ୍ମୀୟ ସ୍ୱଜନ ମାନଙ୍କୁ ବିଲାତ ଆଦି ଯିବାର ଉପାୟ କରି ଦେଇଛି। ବର୍ତ୍ତମାନ ଏହି ପରିସ୍ଥିତିରେ କୌଣସି କର୍ମଚାରୀଙ୍କୁ ତଡ଼ିବାର ଅଭିପ୍ରାୟରେ ନାହିଁ।

[ ହିଅର, ହିଅର, ହିଅର. ହିଅର ]

ଆଜିର ଏଇ ଅର୍ଥ ସଂକଟ ବେଳେ ଯେ କେମିତି ଉପାୟରେ ଆମକୁ ସମ୍ମୁଖୀନ ହେବାକୁ ପଡ଼ିବ ତାହାହିଁ ଗୁରୁତମ ସମସ୍ୟା। ଯାନ ଚଳାଚଳ ବିଭାଗଟା ସରକାର ହାତକୁ ନେଇ ଅନେକ ଟଙ୍କା ଲାଭ କରିଛି। ତେବେ ଅନ୍ୟାନ୍ୟ ଶିଳ୍ପ ଅନୁଷ୍ଠାନ ଗୁଡ଼ିକୁ ସରକାର ହାତକୁ ନେଲେ ହୁଅନ୍ତା। କିନ୍ତୁ ସେଥିରେ ଯେ ଅସୁବିଧା ଅଛି ତାହା ଦେଶର ଓ ଆମର ସୁବିଧା ପକ୍ଷରେ ହାନିକର ହେବ ବୋଲି ମୁଁ ଭାବୁଛି। ଯଦି କାଚ କାରଖାନା, କାଗଜ କାରଖାନା ଆମ ହାତକୁ ଆମେ ନେଉଁ ତାହାହେଲେ କୁବେର ଭାଇ ଆଉ ଆମକୁ ସାହାଯ୍ୟ କରିବେ ନାହିଁ ଏବଂ ଆମର ଜୟନ୍ତୀ ପାଳନ କରିବେ କି ନାହିଁ ସନ୍ଦେହ। ପୁଣି ସେମାନେ ଯେଉଁ ଚାନ୍ଦା ଆଦି ଦିଅନ୍ତି ତାହା ହୁଏତ ବନ୍ଦ କରିଦେବେ। ତେଣୁ ଏଇ ଅସୁବିଧା ଦୃଷ୍ଟିରୁ ସରକାର ନିଜ ହାତକୁ ଏସବୁ ବ୍ୟବସାୟ ନେବେ ନାହିଁ।

[ ହିଅର, ହିଅର, ହିଅର, ହିଅର ]

ତେବେ ବର୍ତ୍ତମାନ ଅଶୀଲକ୍ଷ ଟଙ୍କା ବ୍ୟୟ ପାଇଁ ମୁଁ ଯେଉଁ ପ୍ରସ୍ତାବ ଆଗତ କରୁଛି ତାହା ମନୋନିବେଶ ପୂର୍ବକ ଶୁଣିବେ। ମୋର ପ୍ରଥମ ପ୍ରସ୍ତାବ ହେଉଛି ନିର୍ବାଚିତ ସଦସ୍ୟ ଓ ମନ୍ତ୍ରୀମାନେ ବିନା ଦରମାରେ ଦେଶ ସେବା କରନ୍ତୁ। ଏ ବିଲ୍ ପାଶ୍ ହେବା ପରେ ଆଉ ମନ୍ତ୍ରୀମାନେ ଓ ସଦସ୍ୟମାନେ ଦରମା ନେବେ ନାହିଁ। ଅନେକ ହୁଏତ ଆଶ୍ଚର୍ଯ୍ୟ ହେଉଥିବେ ବିନା ଦରମାରେ ମନ୍ତ୍ରିତା ଗ୍ରହଣ ବା ସଦସ୍ୟ ପଦ ଲାଭ ଏକ ନୂତନ କଥା। କିନ୍ତୁ ମୁଁ ଜଣେ ଦେଶସେବୀ ଦରିଦ୍ର ମନ୍ତ୍ରୀ। ମୁଁ ଏକଥାଟା ଖୁବ୍ ଭାବିଚିନ୍ତି କହୁଛି। ସଦସ୍ୟମାନଙ୍କ ଦରମାରୁ ଯେ ସେମାନେ ପ୍ରତିପାଳିତ ହୁଅନ୍ତି ଏହା ହୁଏତ କେହି କହିବେ ନାହିଁ। ଆମେ ଆମର ହାତର ପାଞ୍ଚ ହାତରେ ରଖି ଏ ସଭାକୁ ଆସିଛୁଁ ଓ ଆମର ସ୍ଥାୟିତ୍ୱ କେବଳ ପାଞ୍ଚ ବର୍ଷ ପାଇଁ ତାପରେ ଆମର ଦାଣ୍ଡରେ ଭିକାରୀ ହେବା କଥା। କିନ୍ତୁ କାହିଁ ଏ ସଦସ୍ୟ ନହେବା ପରେ ଆମେ ଦାଣ୍ଡର ଭିକାରୀ ହୋଇ ପଡ଼ୁନା। ବିଶ୍ୱନାଥ ଦାସ କଣ ଦାଣ୍ଡର ଭିକାରୀ? ବୃଧିରାମ କଣ ଦାଣ୍ଡର ଭିକାରୀ? ସେମାନେ ତ ନ ଖାଇ ମରିନାହାନ୍ତି। ତେବେ ଏ ଦରମାଟା ନେବା କାହିଁ କି?

ଆମେ ଯଦି ଦରମା ବଦଳରେ ବ୍ୟବସାୟ କରିବାର ସୁବିଧା ପାଉଁ ତା ସମସ୍ତ କଣ୍ଟ୍ରୋଲ ଜିନିଷ ଆମ ହାତରେ ରଖି ଆମେ କାରବାର କରୁଁ ତେବେ ଏଥିରେ କିଏ ଆପତ୍ତି କରିବେ କି? ଲୁହା, ସିମେଣ୍ଟ ଗୁଡ଼ଲ, ଚିନି ଆଦି ବ୍ୟବସାୟଗୁଡ଼ିକୁ ସଦସ୍ୟମାନଙ୍କ ହାତରେ ଦେଇ ଦିଆଯିବ। ସେମାନେ [ସଦସ୍ୟ] ସରକାରଙ୍କୁ ମାସକୁ ଦେଢ଼ଶ ଟଙ୍କା ଦେବେ। ଯେଉଁମାନେ ଆଜିକାଲି ଯେତିକି ଟି ଏ ନେଉଛନ୍ତି ଧରି ସେମାନେ ମାସକୁ ସେତିକି ଟଙ୍କା ସରକାରୀ ଟ୍ରେଜେରୀରେ ଦାଖଲ କରି ଦେଇଆସନ୍ତି ସେମାନଙ୍କୁ ସେହି ପରିମାଣରେ ବ୍ୟବସାୟ [illegible] ଦିଆଯିବ ଏବଂ ସ୍ଥାୟୀ [illegible] କଣ୍ଟ୍ରୋଲ [illegible] ଗଠା। ସେମାନଙ୍କ କର ମୁଠାରେ ରହିବ

(ହିଅର ହିଅର ହିଅର ହିଅର)

ଦ୍ରୁ ମଣ୍ଡାଃ



Digitized by srujanika@gmail.com



ଓଡ଼ିଶା ବ୍ୟବସ୍ଥା ସଭାରେ ସେ ଦିନ ଜଣେ ପାଠଶାଳୀ ସଭ୍ୟ କୌଶଳ-କଳା ପ୍ରଦର୍ଶନ କରି ସମସ୍ତଙ୍କୁ ବିମୋହିତ କରିଦେଲେ । ସେ ବଜେଟ ବକ୍ତୃତା ପ୍ରସଙ୍ଗରେ କୁଆଡ଼େ କୌଣସି କବିତାଂଶ ଉଦ୍ଧାର କରି ତାକୁ ସ୍ୱର ସଂଯୋଗରେ ଗାୟନ କରିବାର କଳା-କୌଶଳ ଦେଖାଇଥିଲେ । କଳାକୁଶଳୀ ସଭ୍ୟ ବୃନ୍ଦଙ୍କ ମଧ୍ୟରୁ ଅନେକ ମଧ୍ୟ ଛନ୍ଦରେ ତାଳ ଦେବା ନିମନ୍ତେ କର ଓ ମସ୍ତକ ସଂଚାଳନ କରିବାକୁ ଲାଗିଲେ । ବାକି ରହିଗଲା କେବଳ ନୃତ୍ୟ ।

ଏ ଯାଏ ଆମ ଆସେମ୍ବ୍ଲିଟା ବଡ଼ ନୀରସ ହୋଇ ଯାଉଥିଲା । ସେଥିରେ ଯେଉଁ ସଭ୍ୟ ଏଭଳି ଭାବରେ ରସ ସଂଚାର କରି ବସାଇ କରି ପାରିଲେ, ସମଗ୍ର ଜାତି ପକ୍ଷରୁ ସେ ଧନ୍ୟବାଦ ପାଇବାକୁ ହକଦାର । ଯାହାହେଉ ଏତଦ୍ୱାରା ଗୋଟାଏ ନୂଆ ସଭ୍ୟ ମାର୍ଗର ଆବିଷ୍କାର ହୋଇଗଲା । ଏହାର ଉନ୍ନତି କଲେ ଏଣିକି ଆମେ ସୁରୁଚି ଦେଖିବୁ ଯେ ଏଣିକି ଆସେମ୍ବ୍ଲି ବୈଠକ ବେଳେ ମଝିରେ ମଝିରେ ଟିକିଏ ମାଧୁର୍ଯ୍ୟ ପରିବେଷଣର ବ୍ୟବସ୍ଥା କରିବା ଉଚିତ । ଏଥିପାଇଁ ଆଜି 'କେଳି କରୁଛି ଶ୍ରୀଗମ୍ଭୁରେ ମାରୁଣି ମୋର ଏନ୍ତା ।' ଗୀତିଟି ଜଣେ ସଭ୍ୟ ଗାଇବେ, ଅବ କେତେଜଣ ଟେବୁଲ ଉପରେ ତାଳଦେବେ ଓ ମନ୍ତ୍ରୀମାନେ ଦକ୍ଷିଣୀ ନାଚ ନାଚିଲେ ମଣ୍ଡାଣ ଦିଶିବ ।

× + +

ଲକ୍ଷ୍ନୌ ସହରରେ ଭାଷଣ ଦେଇ ଶ୍ରୀ ଜହରଲାଲ କହିଛନ୍ତି କି—କମ୍ୟୁନିଷ୍ଟମାନେ ଚୋର, ଖଣ୍ଡା, ଡକାଏତ୍—ଏମାନଙ୍କୁ କଠୋର ଭାବରେ ଦଳିତ ଓ ନିର୍ମୂଳ କରାଯିବ ।

ଆମେ ପଚାରୁଁ—କଳାବଜାରୀ, ଚୋର-ବେପାରୀ, ଲାଞ୍ଚଖୋର କର୍ମଚାରୀ, ଭଣ୍ଡ କଣ୍ଟା ଖଦଡ଼ଧାରୀ ଆଉ ଅନାଥନାଥ ଟଙ୍କା ବସାଇ ଲୋକଙ୍କ ଲହୁ ଶୋଷଣକାରୀ ଏମାନେ କଣ ଭଲଲୋକ ନା କମ୍ୟୁନିଷ୍ଟ ବଡ଼ ଡକାଇତ ?

ଗୃହିଣୀ ଅଟେ ହୁଣ୍ଡିକୁ—ତୋ ପଛରେ ଗୋଟାଏ ଥା !

+ + +

ଓଡ଼ିଶାର ପ୍ରବୀଣ ବାଙ୍ଗାଳୀ କଂଗ୍ରେସ ନେତା ଶ୍ରୀ ଭୈରବଚରଣ ମହାନ୍ତି ଏବେ ଅମୃତବଜାର ପତ୍ରିକାରେ ଏକ ପ୍ରବନ୍ଧ ଲେଖି ତହିଁରେ ଦେଶର ସର୍ବବ୍ୟାପୀ ଦୁର୍ଗତି, ଦୁର୍ନୀତି ଓ କଂଗ୍ରେସବାଲାଙ୍କ ଅସାଧୁତା ଓ ମନ୍ତ୍ରୀମାନଙ୍କ ଅପାରଗତାକୁ ଦାୟୀ କରିଛନ୍ତି ଓ ପଚାରିଛନ୍ତି କି ଏଥର ଭୋଟରେ ଛଡ଼ କଂଗ୍ରେସ ଜିତେ ତେବେ ହୁଏକି ?

ଗୋଟିଏ କଥାରେ ଉତ୍ତର ଦେବାକୁ ଗଲେ ଆମେ କହୁଁ—ଭୈରବବାବୁଙ୍କ ଭଳି ଯଦି ସଭିଏ ହୁଅନ୍ତେ ତେବେ ହୋଇବ—ସ୍ୱର୍ଗଲାଭ ।

× × ×

ରେଳଗାଡ଼ିର ଭଡ଼ା ପୁଣି ବଢ଼ିଲା । ଏ ଭଡ଼ା ବଢ଼ାଇଲା ବେଳେ କେନ୍ଦ୍ର ମନ୍ତ୍ରୀ ସଫେଇ ଦେଇ କହିଲେ—ସବୁ ଜିନିଷର ଦାମ ଯେତେବେଳେ ବଢ଼ିଗଲାଣି, ଓ ଲୋକେ ତାହା ଦେଇ ପାରୁଛନ୍ତି, ରେଳ ଗାଡ଼ିର ବଢ଼ା ଭଡ଼ାଟା ଲୋକେ କାହିଁକି ନଦେବେ ?

ଏ ଜଳନ୍ତା ଯୁକ୍ତିର ଜବାବ ଦେବାକୁ ଆମ ବଳ ଆଉ ନାହିଁ— ନୋହିଲେ ମନ୍ତ୍ରୀ ମହାଶୟଙ୍କର ବାଲ୍‌ଟିଏ ପାଣି ଲୋଡ଼ା ହୋଇ ଥାଆନ୍ତା ।

× + +

ସରକାର ଏବେ ଜିନିଷପତ୍ରର ମୂଲ୍ୟ କମାଇବାକୁ ଲାଗି ପଡ଼ିଥିବା ବେଳେ (ଅନ୍ତତଃ ବକ୍ତୃତାରେ) ପୁଣି ଗୋଟିଏ ପଟରୁ ଗୋଟିକର ମୂଲ୍ୟ ବଢ଼ାଇବା ଖୁବ୍ ବୁଦ୍ଧିର କାମ । କାରଣ ସବୁ ଜିନିଷର ମୂଲ୍ୟକୁ ଏକା ମାନ [standard]କୁ ଆଣିବା ସରକାରଙ୍କ କାମ ତ ! ବଢ଼ି ବଢ଼ିବା କେତେ ବାଟ ଯାଉଛି ଯାଉ । ଆମେ ସହିବାକୁ ପ୍ରସ୍ତୁତ; ଯେଣୁ ଏହା ପରା ସ୍ୱାଧୀନତାର ମୂଲ୍ୟ !

× + ×

ଆମ ପାଠ ମନ୍ତ୍ରୀ+ଅର୍ଥମନ୍ତ୍ରୀ ନବବାବୁ ଏଥର ଓଡ଼ିଶା ପାଇଁ ଏକ ନିଅଣ୍ଟିଆ ବଜେଟ ଉପସ୍ଥାପନ କରିଛନ୍ତି— ଅର୍ଥାତ୍ ଜମାରୁ ଖରଚ କୋଟିରୁ ଅଧିକା ବଳ ପଡ଼ୁଛି । ଏଥିରୁ ଅନେକ ଲୋକେ ମନେ କରିପାରନ୍ତି ଯେ ଆମେ କ୍ରମେ ଦୁଆଳିଆରେ ନାଆଁ ଲେଖାଇବାକୁ ଯାଉଛୁଁ । ମାତ୍ର ଆମେ ଏ ଭଳିଆ କଥା କହି ପାରୁନାହୁଁ । ମନ୍ତ୍ରୀଙ୍କର ବୁଦ୍ଧି ଥିଲେ ଗଲା ବର୍ଷ ପରି ଖରଚ-ଗୁଡ଼ାକ ରୋକି ଦେଲେ ବର୍ଷ ଶେଷକୁ କେତେ ଟଙ୍କା ବଳକା ହୋଇ ପଡ଼ିବ ନାହିଁ କି ? ଉପରେ ଦେଖିବାକୁ ନିଅଣ୍ଟିଆ ବଜେଟ ବଳକା ବଜେଟରେ ପରିଣତ ହୋଇଯିବ । ଏଇତ ମନ୍ତ୍ରୀଙ୍କ ବାହାଦୁରି !

+ + +

ବଜେଟରେ ଗୋଟାଏ କଥା ଦେଖି ଅନେକ ବ୍ୟସ୍ତ ହୋଇ ପଡ଼ୁଛନ୍ତି । ତାହା ହେଉଛି, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ଜାତୀୟ ଉନ୍ନତିକର ବିଭାଗରେ ଗତବର୍ଷଠାରୁ କମ ଟଙ୍କା ଦିଆ ହୋଇଛି— ଏଣେ ପୋଲିସ, ଶାସନ ପ୍ରଭୃତିରେ ଅଧିକ ରଖା ହୋଇଛି । ଅର୍ଥାତ୍ ଏଥିରୁ ଟଙ୍କା କାଟି ସେଥିରେ ଭରଣା ହୋଇଛି । ଆମ ବିଚାରରେ ଏଥିରେ ଦୋଷ-ଠାରୁ ସରକାରଙ୍କ ଗୁଣପକ୍ଷିଆ ଦିଶୁଛି । ଜଣାଯାଉଛି କି କଂଗ୍ରେସ ସରକାର ଅମଳରେ ଆମ ଦେଶ ଏପରି ଶିକ୍ଷିତ ହୋଇଗଲାଣି ଓ ଦେଶର ଲୋକେ ଏପରି ସୁସ୍ଥ ଓ ନିରୋଗୀ ହେଲେଣି ଯେ ତାଙ୍କ ପାଇଁ ଆଉ ଏ ଦିଗରେ ଅଧିକ ଖରଚ କରିବାର ପ୍ରୟୋଜନ ନାହିଁ ।

❊ ❊ ❊ ❊

ନିସ୍ପୃହ ଗାନ୍ଧିଭକ୍ତ ବାବାଜୀ ଗୋପବନ୍ଧୁ ଚୌଧୁରୀ ସମାଜରୁ ଥିବା ଏକ ଚିଠିରେ ଲେଖିଛନ୍ତି—'ସରକାରଙ୍କ ଯାହା ହେଉଛି ସେଥିରେ ମୋଭଳି ଲୋକର ସରକାରଙ୍କ ସହିତ ସହଯୋଗ କରିବା ଛଡ଼ା ଅନ୍ୟ ଉପାୟ ନାହିଁ' ଏଇଟା ସହଯୋଗ ନା ଅଭିଯାନ ?



Digitized by srujanika@gmail.com

ତାଇ ଅନ୍ତତଃ ରାଇଡୋହଙ୍କୁ ମଗାଇ ନିଆଯାଇ ପାରେ ତ !

ସେଥିରେ ହେଲେ ମରିଲେ ଗୋପବାବୁ ଅନଶନ କରିବେ ତ

\+ + +

ଶ୍ରୀ କୃପାଳନୀ ଓ ଚୁନ୍ଦ୍ରିଗଡ଼ଙ୍କୁ ମୁଣ୍ଡବିରଣା ପାଇଁ ହାଣ୍ଡକାଣୀ ଓ କଟାକାଟି ଲାଗି ଲାଗି ଥକିଲେ—ମନ୍ତ୍ରୀ ପାଇଲେ ନାହିଁ ।

କୃପାଳନୀ କହିଲେ—କଂଗ୍ରେସରୁ ଗାନ୍ଧିଜୀ ନଗଲେ ସେ କେଉଁଠି ନାହିଁ—ଆଉ ପ୍ରଫୁଲ୍ଲବାବୁ କହିଲେ—କଂଗ୍ରେସ ଯାହା ହୋଇଛି, ସେଥିରେ ଆମଭଳିଆ ଲୋକଙ୍କ ସ୍ଥାନ ନାହିଁ ।

କୃପାଳନୀ ଭିତର ମନ୍ତ୍ରେ ଓ ଘୋଷ ବାବୁଙ୍କ ସଙ୍ଗ ନିଅ ଏବଂ ଦେଖିବେ ଯେ ସବୁ ମଣ୍ଡଳୀ ନିଜ ଠାରୁ କଂଗ୍ରେସ ଦୂରେଇ ହୋଇ ଯିବ । ସେତେବେଳେ ଜନତାଙ୍କ ଥାନ ହବ ପକ୍କା । କିନ୍ତୁ ଡର ଲାଗୁଛି ଏହି ଚାପରେ ଯଦି ଶ୍ୱାସ ରୁନ୍ଧି ନିର୍ବାଣ ଘଟିଯାଏ !

× + +

ଶ୍ରୀଯୁକ୍ତ ଭୁବନାନନ୍ଦଙ୍କୁ ସମ୍ବର୍ଦ୍ଧନା ଦେଇ ପ୍ରଜାତନ୍ତ୍ର ସଂପାଦକ କହିଲେ ଓଡ଼ିଶାର ଯେଉଁଠିକି ଯିବ ସେଠି ସମ୍ପାଦକଙ୍କ ଛାୟା ଦେଖିବ । କିନ୍ତୁ ଓଡ଼ିଶାରେ ଯେତେବେଳେ ଭୁବନାନନ୍ଦଙ୍କ ସେତେବେଳେ ତାଙ୍କ ପଛେ ପଛେ ପରିଭ୍ରମଣ କରୁଥିଲେ । ତୁମର କହିବାର ଏଇ କଣ ସମ୍ପାଦକଙ୍କ ଛାୟା ?

\+ × +

ତୁମେ ତ କାହ୍ନୁଙ୍କର ବଙ୍ଗ ସାହିତ୍ୟ ଓ ଉତ୍କଳୀୟ ସାହିତ୍ୟକୁ ଅବଦାନ ହେତୁ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ ଏକ ସମ୍ବର୍ଦ୍ଧନା ଜଣାଇ ଥିଲେ ଏବଂ ଆର କୁଳଜାତ ଧୂର୍ଜଟି ବୈଷ୍ଣବ କହିଲେ ଯାଏଁ ଦାବି କଲେ ପଚିଶିଟି ଅଣ୍ଡାବାରୁ । ଏଣିକି ଅମୃତ ବଜାରରେ ଉତ୍କଳ ସାହିତ୍ୟର ହେଉ ନହେଉ ବଙ୍ଗଳୀ ନେତାମାନଙ୍କର ପ୍ରଚାର ଓ ପ୍ରସାର ବାବଦ ବୋଲି ଅଗ୍ରୀମ ଦେଇ ଯାଉଥିବେ ।

\+ + +

ଓଡ଼ିଶାକୁ ଯେଉଁ ନୂଆ ଅର୍ଥ ସେକ୍ରେଟେରୀ ଆସିଛନ୍ତି ସେ ଓଡ଼ିଆ ଅସିଷ୍ଟାଣ୍ଟମାନଙ୍କ ଡ୍ରାଫ୍ଟ ବା ଚିଠା ସମୁଦାୟ ପାରୁ ନାହାନ୍ତି । ଓଡ଼ିଆଙ୍କ ଇଂରାଜୀ ଓ ତାଙ୍କ ଇଂରାଜୀ ଭିତରେ ହେଉଁଠି ତଫାତ୍ ରହିଯାଉଛି ଧରି ପାରୁ ନାହାନ୍ତି । ତେଣୁ ନବବାବୁ ଓ ମାଳତୀ ଦେବୀଙ୍କ ଟିଉସନରେ କିଛି ଦିନ ରହିଲେ ସବୁ ଠିକ ହୋଇଯିବ ବୋଲି ବଳିଆ ସଭାର ସତ୍ ପରାମର୍ଶ ।

❊ ❊ ❊

ଖାଁଙ୍କୁ ପୁଲିସ ଅରେଷ୍ଟ ନ କରିବା ପାଇଁ ଯେତେ ଯେତେ କୌଶଳ କରାଗଲା ସବୁ ଫସର ଫାଟିଗଲା ପରେ ଏବେ ତାଙ୍କୁ ଗୋଟାଏ ମନ ଭୁଲା ପଦ ଦିଆଯାଉଛି— ଟ୍ରାନ୍ସପୋର୍ଟ ବିଭାଗରେ । ଏମିତି ସମସ୍ତଙ୍କ ମନ ଭୁଲାଇ ସରକାର କାମ ଚଳାଇଲେ ଶେଷକୁ ନବବାବୁଙ୍କ ୱେଲଫେୟାର ଷ୍ଟେଟ ମନ ଭୁଲା ଷ୍ଟେଟରେ ପରିଣତ ହୋଇଯିବ । ତା ଛଡ଼ା କ୍ରମେ କ୍ରମେ ଓଡ଼ିଶାରେ ବଙ୍ଗ ରାଜ୍ୟ ପ୍ରତିଷ୍ଠା ମଧ୍ୟ ହୋଇଯିବ । ରାୟ ଓ ଖାଁଙ୍କ ଭିତରେ ଟଙ୍କା ଓ ଦରମାରେ ଉଭୟେ ସମାନ ହେବା ପାଇଁ ହଜାର ହଜାର ଟଙ୍କାର ନୂଆ ଗୃହର ଖୋଲିବାରୁ ଆମେ ସରକାରଙ୍କ ଦିଲ୍ଦରିଆ ପଣକୁ ଧନ୍ୟ ଧନ୍ୟ କହୁଛୁ ।

... ... ...

ଭାରତ ସରକାର ଶେଷକୁ ସେଇ ଘୋଷଣା କଲେ । ପାକିସ୍ତାନଠୁଁ ବାରଅଣା ଅଣି ଟଙ୍କାଏ ଦେବେ ବୋଲି ଚୁକ୍ତି କଲେ । ଏଥିପାଇଁ କମନୱେଲଥ ସଭାଠାରୁ ବଣ୍ଟ ଅର୍ଥନୈତିକ କମିଟି ଯାଏ ମୁଣ୍ଡ ଦାଢ଼ି ବାଢ଼େଇ ଥିଲେ । ଶୁଣୁଛୁ କିଏ । ସବୁଠି ଇଂଲଣ୍ଡ, ଆମେରିକାର କାରସାଦି । କାଶ୍ମୀର ସମ୍ବନ୍ଧରେ ପାକିସ୍ତାନର ପକ୍ଷ ନେଇ ଯେଉଁ ପ୍ରସ୍ତାବ ଇଂଲଣ୍ଡ ଆମେରିକା କରିଛନ୍ତି—ସେଥିରୁ ବେଶ୍ ବୁଝାଯାଉଛି— ଲିଆକତ୍ ଟ୍ରୁମାନ ଓ ଆଟଲି ଅଭେଦ୍ୟ ଅଙ୍ଗ । ନେହେରୁ ଏବେ ଭାବୁଥିବେ—

ଯାହାକୁ ପ୍ରଥମ କନ୍ୟା ଦେଲୁ
ଶିଅ ପରେ ତାର ମୁଣ୍ଡ ବରଜୁ ।

\+ × +

ଟଙ୍କାରୁ ବାରଅଣା ଦେବାପାଇଁ ଚୁକ୍ତି କରି ଲିଆକତ ଅଲ ବାହୁ ଫଟକା ଫୁଟାଇ କହୁଛନ୍ତି— ଏ ଅର୍ଥନୈତିକ ଯୁଦ୍ଧରେ ପାକିସ୍ତାନ ଜିଣିଲା— ରାଜନୈତିକ ଯୁଦ୍ଧରେ ମଧ୍ୟ ଜିଣିବ ଆଉ କାଶ୍ମୀରର ୪୦ଲକ୍ଷ ଲୋକଙ୍କୁ ଅବଶ୍ୟ ଉଦ୍ଧାର କରିବ । ମନେ ହେଲା ଅବ ଲିଆକତ ବୁଝି ଉଦ୍ରକ ଗର୍ଜିଲେ । ଉଦ୍ରକ ସନ୍ତାନ ମହତାବ ତ ବାଣିଜ୍ୟ ମନ୍ତ୍ରୀ । ସେ ଏଡ଼େ ଗଳା ମଗଜିଆ ନୁହନ୍ତି । ସେ ପାକିସ୍ତାନଠୁ ବାରଅଣା ନେଇ ଟଙ୍କ ଟିଏ ଦେବେ ସିନା କିନ୍ତୁ ବାର ଅଣା ମାଲକୁ ଯଦି ଟଙ୍କାଏ ଦର କରି ଚଢ଼ା ଭାଉ ଲଗାନ୍ତି... ବା ବାରଣା ମାଲକୁ ଟିକସ କରି ଟଙ୍କାଏ ଧରି ନିଅନ୍ତି ? ଲିଆକତ ସେତେବେଳେ କହିବେ—

ଛି ଛି ଏତା ଜଞ୍ଜାଳ—
ସାରେ ଗାଲମେ ଉଡ଼ବାଲ ।

× + ×

ଏଥର ପୁଣି ରେଲ ଟିକସ ବଢ଼ିଗଲା । କାରଣ ଆଗେ ରେଲ ଗାଡ଼ିରେ ବସି ମଣିଷ ପୃଥିବୀରେ ବା ଭାରତ ଭୂଇଁରେ ଏଠୁ ସେଠିକି ସହଜରେ ଯାଉଥିଲା । ଏବେ ତ ରେଲ ଚଢ଼ିଲେ ମଣିଷ ସ୍ୱର୍ଗକୁ ମଧ୍ୟ ଯାଇପାରିବ ।

\+ × ×

ଉତ୍କଳ କଂଗ୍ରେସ କମିଟି ଠିକ୍ କଲେ ଯେ ଆସନ୍ତା ମିଉନିସିପାଲିଟି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଠିଆ କରାଇବେ ନାହିଁ । କାରଣ ଏ ସବୁ ଅନୁଷ୍ଠାନ ସେବାମୂଳକ । ସେଥିରେ ରାଜନୀତି ପଶିବା ଠିକ୍ ନୁହେଁ । ତେଣୁ କଂଗ୍ରେସବାଲା ବ୍ୟକ୍ତିଗତ ଭାବରେ ଠିଆ ହେବେ ମାତ୍ର କଂଗ୍ରେସ ନାମ ବ୍ୟବହାର କରିବେ ନାହିଁ । କଥାଟା ଖୁବ୍ ଭଲ । ଏ ନୀତି ଯଦି ଆସେମ୍ବ୍ଲି ବେଳକୁ ମଧ୍ୟ ଧରାଯାଏ ତେବେ ବାସ୍ତବିକ ଲୋକ ପ୍ରତାରଣା ବନ୍ଦ ହୋଇଯିବ ଏବଂ ଯେଉଁ କଂଗ୍ରେସବାଲା ଯେଉଁ ଅଞ୍ଚଳରେ ଫିମ୍ପ ସେ ସିଟ୍ ବନ୍ଦ ହୋଇଯିବେ ମାତ୍ର ସେ ଦଳ ଆଉ ଦେବ ନାହିଁ । ନେତାମାନେ ନିଜ ଦଳ ଠିକ କରିବାକୁ ଲାଗି ପଡ଼ିବେ ଆଉ ଆପଣା ଆଶ୍ରିତ ଜନଙ୍କ ହାତରେ କଂଗ୍ରେସ ମାର୍କା ଧରାଇ ଦେଇ ଛାଡ଼ିଦେବେ । ବଳିଆ ସଭାର ମତ ଯେଉଁ ଗାଈ ଧଣ୍ଡିକ ଗୃହ ଆଡ଼େ ଧାଏ— ଦେହାଳୁଅଁରେ ବୁଡ଼ିବା ଛଡ଼ି ।

× + +

ଏ ଶାଟକୁ ବିଦ୍ୱ ସାମ୍ୟବାଦୀମାନେ କହୁଛନ୍ତି— କଂଗ୍ରେସ ଲଙ୍ଗୁଳଯାକ ପଳାଇଲା । ମାତ୍ର ଆମ ମତରେ ଏହା ଷ୍ଟ୍ରାଟେଜିକ ରିଟ୍ରିଟ୍ । ରହିରେ ରହିରେ କଂସାସୁର ସାଧାରଣ ନିର୍ବାଚନ ବେଳକୁ ତକାଇ ଥା । ଦେଖିବା ବାହାର କେତେ ପାରିଲା ପଣ ।



Digitized by srujanika@gmail.com

# ଭଗବାନଙ୍କ ପାଖକୁ ଭକ୍ତର ଚିଠି

ଲେ—ସୁନୀଲମୋହନ ମିଶ୍ର

ହେ ଭଗବାନ ।

କାଲି ରାତି ଦୁଇଟାରେ ଯମ ଦେବତାଙ୍କ ସମନ ପାଇଲି । ଯମ ଦେବତାଙ୍କ ସମନକୁ ମୋର ଭୟ କରିବାର କାରଣ ନ ଥାଆନ୍ତା, ଯଦି ମୋର ସାବିତ୍ରୀ ଥାଆନ୍ତେ । ଦୁଃଖର କଥା ସାବିତ୍ରୀ ମୋର ନାହାନ୍ତି ଆଉ ଯଦି ବା ଥାଆନ୍ତେ ତେବେ ବି ସେ ମୋତେ ବଞ୍ଚାଇବାକୁ ଚେଷ୍ଟା କରି ନଥାନ୍ତେ କାରଣ ଦେଶ ଆଜି ସେଇ ସାବିତ୍ରୀ ସମାଜକୁ ବର୍ତ୍ତମାନ ସମାଜର ଶିକ୍ଷକ, ଶାସକ, କର୍ତ୍ତାଙ୍କ ମନରେ ଶାନ୍ତି ଆଣି ପାରିଛି । ସେମାନଙ୍କ ଅଧିକାର ଆମ ଅଧିକାରଠାରୁ ଖଇରେ କହୁଁଛି ନା, ସେମାନେ ଗର୍ଭବତୀ ହେଲେ ଛ ମାସ ଦରମା ସହ ଛୁଟି ପାଇବେ କିନ୍ତୁ ଆମକୁ ସର୍ବସାଧାରଣ ରାତି ସକାଳରୁ ଧାଇଁବାକୁ ପଡ଼େ ରୋଜଗାର କରିବାକୁ । ବିଶ୍ୱବିଦ୍ୟାଳୟର ଫଳ ହେଉଛି ଏହା । ମାଷ୍ଟର ଏଠି ଚାକିରି ନପାଇ ମରେ; ନାରୀ ଚାକିରି କରି ବାହା ନହୋଇ ଗପ୍ପ କରେ ।

ଆଚ୍ଛା ଭଗବାନ ! ଯମ ଦେବତାଙ୍କୁ ସ୍ୱର୍ଗରୁ ଖଟି କଟି କରିବାକୁ ଯାଇ କିଏ ବାହାର କରି ଦେଲା ? ଯଦି ବାହାର କରି ନ ଦେଇଛ ତେବେ ସେ ଭକ୍ତଙ୍କ ମତର ଅବହେଳା କରୁଛନ୍ତି । ନହେଲେ ଏମିତି ଗଳା ଧାଙ୍ଗୁଡ଼ି ଦେଖାଇ ରହିପାରନ୍ତେ । ସୁଖର କଥା ସେମାନେ ଆଜିକାଲି ପଢ଼ିଲେଣି । ଶୁଣିଛି ଚିତ୍ରଗୁପ୍ତ ଅତି ବୃଦ୍ଧ ହେଲେଣି । ତଥାପି ଆପଣ ତାହାଙ୍କୁ ଏକ୍ସଟେନସନ ଦଉଛନ୍ତି କାହିଁକି ? ସେ ଆଜିକାଲି ଫାଇଲ ପତ୍ର ଏମିତି ଭାବରେ କାରବାର କରୁଛନ୍ତି ଯେ ସେଥିରୁ ମରଣ ହେଉଛି ଆପଣ ବି ତାଙ୍କ ପଥରେ ଚାଲି ଛାଡ଼ି ମରୁଛନ୍ତି । ସେ ପୁରୁଣା ଲୋକ ସତ କିନ୍ତୁ ଟିକିଏ ସ୍ୱାର୍ଥପର ହେବା ଅସମ୍ଭବ ନୁହେଁ । ତାଙ୍କର ତ ଲାଞ୍ଚ, ବାଗଦତ୍ତ, ସାଙ୍ଗଲୋକ, ଚେଲା ଲୋକ ଅଛନ୍ତି । ତେଣୁ ଆପଣଙ୍କୁ ଟିକିଏ ଚେତାଇ ଦେବା ପାଇଁ ଲେଖିଲି । ଆପଣଙ୍କ କାନକୁ ଯାଇଛି କି ନାହିଁ କେ ଜାଣେ ଆଉ ଯିବା ବି ଉଚିତ କାହିଁକି ନା ଅଫିସ ସୁପରିଣ୍ଟେଣ୍ଡେଣ୍ଟ ବଡ଼ ବଡ଼ ଏସିଷ୍ଟେଣ୍ଟଙ୍କ ଭୁଲଟା ତ ସେମାନଙ୍କ ଅସୁବିଧାଙ୍କ ଗଲତିଟା ସାହେବ କାନକୁ ଯାଏନା । ଯେତେକ ଦୋଷ ଭଣ୍ଡାରୀଙ୍କର । ଆପଣ ଜାଣନ୍ତି ବୋଧହୁଏ ମହାତ୍ମା ଗାନ୍ଧୀ ଏଇ ଭାରତ ଭୂଇଁରେ ୧୨୫ ବର୍ଷ ବଞ୍ଚିବା ପାଇଁ ପାରମିଟ ପାଇଥିଲେ କିନ୍ତୁ ତାଙ୍କୁ ୭୮ ବର୍ଷ ବୟସରେ ଭାରତ ଛାଡ଼ିବାକୁ ପଡ଼ିଲା । ଭାରତ ଛାଡ଼ ପ୍ରସ୍ତାବରେ ଇଂରେଜମାନେ ଗଲେ ଦେଶର ଶାସନ ଛୁଟ୍ ଛାଟ୍ ଚାଲିଲା, କେରଳା, ରାଜେନ୍ଦ୍ରଙ୍କୁ ଦେଇ ଗାନ୍ଧୀ ଚିତ୍ରଗୁପ୍ତଙ୍କ ଭୁଲ ଲାଗି ଏ ଦେଶରୁ ଚାଲିଗଲେ । ସୁଭାଷ ବୋଷ ଓ ମାଓ ସେ ତାଙ୍କ ଫାଇଲ କଥା ଆଉ କଣ ଲେଖିବି । ସେ ଫାଇଲ ଏ ପର୍ଯ୍ୟନ୍ତ ଅଫିସରେ ଅଛି କି ହଜିଯାଇଛି ଗଲ୍ଲ କେଜାଣେ । ଯଦି ବର୍ତ୍ତମାନ ଆପଣ ସେ ବିଷୟରେ ଚିତ୍ରଗୁପ୍ତଙ୍କୁ କୈଫିୟତ ମାଗନ୍ତି ତେବେ ଦେଖିବେ ତା ଅବହେଳନ ଯୋଗୁଁ ଫାଇଲ ସବୁ ମାଇଁଶ ପଲଙ୍କି ଯାଇଥିବ ଓ ସ୍ୱର୍ଗରାଜ୍ୟ ଗଲା ପରି ଦେଖିବ ଘଟଣା ବା କମ୍ରେଡ଼ ଅସୁରମାନେ ଉପଦ୍ରବ କରୁଛନ୍ତି । କମ୍ରେଡ଼ ବନ୍ଧୁଙ୍କରେ ଲେଖିବାକୁ ତ ସ୍ୱର୍ଗରାଜ୍ୟ ସଦା ଜାଗ୍ରତ । ମୁଁ ଡରୁଛି ମୋର ସମନଟା ସେମିତି ନୁହେଁ ତ ? ଚିତ୍ରଗୁପ୍ତଙ୍କୁ ପଚାରିବାର ସାହାସ ମୋର ନାହିଁ । ଯମ ଦେବତାଙ୍କୁ କିଛି ଟିକିଏ ପଚାରିଲେ ଠେଙ୍ଗାଇବାକୁ ବସିବେ । ଆପଣଙ୍କ ନାଁ ଧରି ଡାକିଲେ ଆପଣ କହିବେ ଭାରତବର୍ଷର ଲୋକେ ଡିସିପ୍ଲିନ ଜାଣନ୍ତି ନାହିଁ । ଯଦି ଚିତ୍ରଗୁପ୍ତଙ୍କ ପାଖରେ ମୋର ନାଁ ଲେଖାହୋଇଥାଏ ତେବେ ମୁଁ ଯିବାକୁ ପ୍ରସ୍ତୁତ— କିନ୍ତୁ ଗୋଟିଏ କଥା ଭଗବାନ— ଆପଣଙ୍କୁ ଭକ୍ତବତ୍ସଳ ବୋଲି କହନ୍ତି । ଆପଣ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ କରିଥିଲ । ପିଲାଟିକୁ ଭୀଷ୍ମ ବିପଦରୁ ରକ୍ଷା କରିଥିଲ ଗଜେନ୍ଦ୍ରକୁ ମୁକ୍ତି ଦାନ ଦେଇଥିଲ— ପ୍ରହ୍ଲାଦଙ୍କୁ ଇନ୍ଦ୍ରପଦ ଦେଲ, ଧ୍ରୁବକୁ ରାଜା କଲ, ସୁଦାମାକୁ ଧନ ଦେଲ— ଆଉ ମୋ ପାଇଁ କଣ ରଖିଛ ? ମୁଁ ସ୍ୱର୍ଗକୁ ଯିବି କିନ୍ତୁ ମୁଁ ତ ତପସ୍ୟା କରି ନାହିଁ ତେବେ ମୁଁ ଆଉ ଇନ୍ଦ୍ରପଦ ତ ପାଇ ପାରିବି ନାହିଁ । ଇନ୍ଦ୍ରପଦ ମୋର କଣ ହେବ ? ମୋର କେଉଁ ସଙ୍କଳ୍ପ ଅନ୍ଦରର ଖାଲି ଘୁଡ଼ିଟା ମଲି ତ ଖାଇ ଅଧିକାର ମୁଁ ଦେଖୁ ଚାହିଁଛି ସ୍ୱର୍ଗରେ ମଦ୍ୟପାନ । ଆଉ ବସ୍ତ୍ର ଟିକେ ଗୁଡ଼ାଖୁ ନହେଲେ ମୋର ପାଇଖାନା ସଫା ହୁଏ ନାହିଁ । ଗୁଡ଼ାଖୁ ଧରି ଯେତେବେଳେ ମୁଁ ପାଇଖାନା ସିଂହାସନରେ ବସେ ସେତେବେଳେ ମୋର ମନ ହୁଏ ସେଇଟି ମୋର ଇନ୍ଦ୍ରପଦ ।

ଗୁଡ଼ାଖୁ ଭିନ୍ନ ମୋର ସକାଳ ନିଦ ଭାଙ୍ଗେ ନାହିଁ । ଆପଣଙ୍କ ସ୍ୱର୍ଗରେ କଣ ଗୁଡ଼ାଖୁ ମିଳେ ? ଯଦି ଗୁଡ଼ାଖୁ ମିଳେ ନାହିଁ ତେବେ ଦୁଇଟା ହିନ୍ଦୀ ବହି ମିଳିଲେ ଚଳିବ । ଛାତ୍ରମାନଙ୍କ ମଧ୍ୟରେ ହାଇଦ୍ରାବାଦ ପରି ଆଉ ବଡ଼ ଏ ଦୁନିଆରେ ନାହିଁ । ଟିକିଏ ଦୟା ଦେଖାନ୍ତୁ ଭଗବାନ ହାଇଦ୍ରାବାଦ ସ୍ୱର୍ଗରେ ମିଳେ କି ନା । ହାଇଦ୍ରାବାଦ ଯଦି ଆପଣଙ୍କ ସହର ନାବଦ ପନ ଦଉଛନ୍ତି ତେବେ ବୁଝନ୍ତେ ସେଥିର ମହତ୍ତ୍ୱ କଣ ! ଲକ୍ଷ୍ମୀ ପରମେଶ୍ୱରୀ ମନ୍ଦିର ଉପର ମହତ୍ତ୍ୱ ବୁଝିଛନ୍ତି ବୋଧ ହୁଏ କହନ୍ତି ସେଥିଟା କେତେ ଦୂର ସତ, ତ ମୁଁ ଜାଣେ ନାହିଁ ।

ସ୍ୱର୍ଗରେ ହାଇଦ୍ରାବାଦ ନାହିଁ କି ଆଜିକାଲି ଗୁଡ଼ାଖୁ ନାହିଁ ମୁଁ ସେଠିକି ଗଲେ ଚଳିବି କିପରି ? ମୋ ମନ ସବୁବେଳେ ଘାରି ହେଉଥିବ । ଯେଉଁଠି ଚଳନ୍ତି ନାହିଁ ଅଛି ସେଠି ମୁଁ କଣ ମୁଣ୍ଡଟା ଜାଳି ହୋଇ ପଡ଼ି ରହିଥିବି ? ତେଣୁ ମୋ ଉପରୁ ସମନ ଉଠାଇ ନିଅ ହେବ ।

ସ୍ୱର୍ଗକୁ ଗଲେ କି ମିଳିବ ବୋଲି ମଣିଷ କହୁଛି କିନ୍ତୁ ଘଟଣାଟା କେତେଦୂର ସତ ତା ମୁଁ ଜାଣିପାରୁ ନାହିଁ । ସେତେବେଳେ ସମ୍ଭବ ସ୍ୱର୍ଗରେ ସୁବିଧା ଥିବ । ଯେଉଁଠି ସୁଖ ଅଛି ସେଇଠି ମୋର ଇଚ୍ଛା ଆଉ ବରଞ୍ଚ ମୁଁ ପଡ଼ି ରହିବି ଯେତେ ଦୁଃଖ ଦୈନ୍ୟ ଦୂର କରି ଥାଉଛି ଆଉ କିଏ ତାହା କରି ପାରିବ ଭଲ ଚିନ୍ତା ପଡ଼େନାହିଁ । ବାସ୍ତବତାକୁ ଧରି ନ ଚଳିବାକୁ ହେବ ଚିନ୍ତା ନାହିଁ କିନ୍ତୁ ହିସାବ ହେବ । ଖର୍ଚ୍ଚ ହିସାବ ବୁଝିଲେ ଯେତେବେଳେ ପ୍ରଶ୍ନ ଉଠିଏ କେହି, ଜାଣିଲେ ଲୋକ କିନ୍ତୁ କହନ୍ତି 'ସେଥିରୁ କଣ ମିଳିବ, ଆଗେ ହିସାବ କର; ପାଇଁ ସେଇ କଥା ।'

ପାଠ ଦେଲେ ପାଣିବନ୍ଧ ଯଜ୍ଞ ଭାବରେ

—*—

Digitized by srujanika@gmail.com

ଜଳିଗଲା ଚରଣରେ । ଦୂରେ ମହାନଦୀ ବହୁଥାଏ । ଖୁମାନେ ଖେଳେ । ଦେଖାଯାଉଥିବ ଅବ ସେମାନଙ୍କ କଥା ମନେ ପକାଉଥିବାର ସ୍ୱପ୍ନ ସୁନ୍ଦର ଶୋଭା ଆଉ ଜମଳାଲେମ୍ବୁ ବଗିଚାର ଶୋଭାର ଆଭା । ମୋହନ ରୂପ ଅସୀମ ସୁଷମା ଆଉ ତରୁର ଛାୟା । ମନ୍ଦିରର ଶୃଙ୍ଗର ଶୋଭା ଦେଖି ପଥିକ ମୁଗ୍ଧ ମନରେ । ଲୋକେ ମନ୍ଦିର ଶୃଙ୍ଗକୁ କହନ୍ତି 'ମହିମାର ସମ୍ପଦ୍ ନିଏ ସେ ମାନବ ଜୀବନ ସଫଳ କରିବା ପାଇଁ......'

ମନୁଷ୍ୟର ପଥ ଉପରେ ବସି ବୃକ୍ଷ ପ୍ରାର୍ଥନା କଲା ଭଗବାନ । ତୁମେଇ ଭୂଇଁ ମୁଁ ଜନ୍ମିତ ଏହି ପାଇଁ ଛାଡ଼ି ଦେବ ସ୍ୱର୍ଗକୁ ଯିବ । ହଁ ସ୍ୱର୍ଗରେ ଅମୃତ ଅଛି କିନ୍ତୁ ତାହା ପିଇବା ନାହିଁ । ଯଦି ବା ଦେବେ ଅମୃତ ପାନ କରିବି ସେଇଠା ଖାଲି ଆମ ମଣିଷ ସମାଜକୁ ଧ୍ୱଂସ କରୁଥିବା ଭଳି ଦ୍ରବ୍ୟର ପରଶ ପାଇବାକୁ । ମୁଁ ଭଲା ସେଇ ଅମୃତ ପାତ୍ରରେ ଯୋଗ ଦେଇ ପାରିବି । ସେଠି ଶୁଣିଛି ଜଣେ ହିଁ ସିଦ୍ଧ ମନ ଖାଲି ଅଛି ବର୍ତ୍ତମାନ ଜଗତ ସେଇ ଗୋଟିଏ ବିହାରର ବସନ୍ତ ଆଉ ଦୁଇଟା ସାଥି ନେଇ ସେ ଓ ନୃପଙ୍କ ପାଇଁ ଝୁଅନ୍ତି ବିଚାର୍ଯ୍ୟ କରି ହେଲେ ସାରନ୍ତି ।

ତେଣୁ ଭଗବାନ ମୁଁ ମୋର କଥା କହି ଛାଡ଼ି ପାରୁନାହିଁ । ଆପଣ ମୋତେ ସ୍ୱର୍ଗକୁ ନେଇନ୍ତୁ ନାହିଁ । ମୁଁ ସ୍ୱର୍ଗ ଛାଡ଼ି ପାରେ - କିନ୍ତୁ ଗୃହ ଛାଡ଼ି ପାରେ ନା । ମୋତେ ମୁଁ ଜନ୍ମ କରି ଦିଅନ୍ତୁ ପାଇଁ ମର୍ତ୍ତ୍ୟରେ ରଖନ୍ତୁ ।

ଭଗବାନ ମୋତେ ସ୍ୱର୍ଗକୁ ପଠାଇ ଅବ ମନବନ୍ଧନ କରନ୍ତୁ ନାହିଁ । ଅଜିତ ବନ୍ଧନ ହେଲେ ମୁନିଙ୍କ ଜଙ୍ଗଲଧର ବର୍ଷାରେ ଚନ୍ଦ୍ର ହେଉଛି ପେଟରେ ଶଇଳ ହସ ହସି, ଘରେ ନଟ ସୁନ୍ଦର କନ୍ୟା ଓ ବୃଦ୍ଧା ସ୍ତ୍ରୀ ରଖି ବୃକ୍ଷ ଲୋକ ଭରି ବନ ମହେନ୍ଦ୍ରର ପାଳନ କରି-ଛନ୍ତି । ମହାଜନ ବୃକ୍ଷ ଦାଉରେ ମୁନସି ବସ୍ତ୍ର-ସ୍ୱର ଘର ଖଣ୍ଡିଏ ବି ନାହିଁ ତଥାପି ଅଦ୍ୟ ଅଖାଡ଼ାରେ ବୃକ୍ଷ ଲଗାଇଛନ୍ତି ନିଜ ପାଇଁ ନୁହେଁ । ମୋର ପାଇଁ କେବଳ ମୋର ପାଇଁ । ସେଇ କଲ୍ପତରୁ ଫଳବ; ମନୁଷ୍ୟ ବିଭିନ୍ନ ଧାନ ଗହମ ଉତ୍ପାଦ । ତୁମେମାନେ ଦିନେ ଶୁଣିଥିଲ କାମଧେନୁକୁ ଯାହା ମାଗିଲେ ତାହା ଦିଏ କିନ୍ତୁ ମନୁଷ୍ୟ ଲଗାଇଥିବ କଲ୍ପ ବୃକ୍ଷରୁ ସବୁ ମିଳେ । ଖାଦ୍ୟ ମେଣ୍ଟି ନ ପାରେ ତଥାପି ପବିତ୍ର ଶାସ୍ତ୍ରରେ ଲେଖା ମୁଁ ଯଦି ଏ ଫଳ ନ ଖାଏ ମତରେ ମୁନଷ୍ଟିକୁ ଘୋର ପାତକ ଲାଗବ ଆଉ ତୁମେ ଅଧିକ ମୁଁ କଳ୍ପବୃକ୍ଷ । ତେଣୁ ମୋତେ ଏ ଥରକ ଅନ୍ତତଃ ଏ ପଞ୍ଚ-ମନଙ୍କରେ ଧନ ଧରିବା ଯଏଁ ମୋତେ ଏ ମର୍ତ୍ତ୍ୟରେ ରଖାଯାଉ ।

ଆଉ ଗୋଟିଏ କଥା ଭଗବାନ ଆଜି ସରକାର ଯେଉଁ ଅଧିକ ଶସ୍ୟ ଫଳ ଉପାଦାନ ଯୋଜନା ଆରମ୍ଭ କରିଛନ୍ତି ସେଇ ଅଧିକ ଶସ୍ୟ ଫଳାଇବା ମୋତେ ବାନ୍ଧି ଉ ରଖନ୍ତୁ । ଆଜି କଟେଈ ହାତରେ, ସାହେବ ମନ୍ଦରେ, ମନ୍ତ୍ରୀ ଭବନରେ, ଲାଟ କୋଠିରେ ଫଳ ଲଗା ଗୁଡ଼ିଛି । ଶୁଣିଛି ସେଇ ଫଳକୁ ଗୋଟିଏ ଖାଇଲେ ମନୁଷ୍ୟ କ୍ଷୁଧା ତୃଷ୍ଣା ଭୁଲି-ଯାଏ । କେଉଁ ଅମୃତ ଫଳ ଫଳକୁ ବାଣ୍ଟି କରନ୍ତୁ ନାହିଁ । ମୁଁ ଆଜି ସେଇ ଫଳ ପାଇବା ପାଇଁ ଭାରତର ଜାତି, ଲକ୍ଷ ପକ୍ଷୀ ପିଇ, ଓଳିଏ ନଖାଇ ଓଳିଏ ଖାଇ ବଞ୍ଚି ରହୁଛନ୍ତି । ଆଉ ଆଜି ଯଦି ଆପଣ ମୋତେ ନେଇ ଯାଉଛନ୍ତି ତେବେ ଏଇ ଶିକ୍ଷିତ ଦେଶ ହାଙ୍ଗ କୃଷକମାନଙ୍କ ପିଣ୍ଡରୁ ପ୍ରାଣ ପଳେଇଯିବ ।

ଭଗବାନ ଶୁଣିଛି ଯେଉଁମାନେ ଆପଣ-ଙ୍କୁ ଡାକନ୍ତି ତାହାଙ୍କୁ ଅନେକ ସୁଖ ଦେଇ-ଥାଆନ୍ତି । ପ୍ରହ୍ଲାଦ ଆପଣଙ୍କୁ ଡାକିଲେ, ସେ ରାଜା ହେଲେ, ତା ବାପା ଶିବ ଭକ୍ତ ହୋଇ-ଗଲେ । କିନ୍ତୁ ଭଗବାନ ମୁଁ ଦେଖୁଛି ଏଇ ମର୍ତ୍ତ୍ୟରେ ସେଇ ଲୀଳା କୃଷ୍ଣ ଜଗାଇଛନ୍ତି । ଯେ କୃଷ୍ଣ ଭକ୍ତ ସେ ନାହିଁ ଭୋଗ କରେ, ଯେ ଶିବ ଭକ୍ତ ତାକୁ ମିଳେ ବନ୍ଦୀ ଗୃହ । ଆପଣ କୃଷ୍ଣ ହୋଇ ଜନ୍ମ ଗ୍ରହଣ କରିଥିଲେ କଂସର ଘରରେ ଜନ୍ମିକି ମଥୁରା ଜେଲରେ କାର-ଗାରରେ । ସେ ପର୍ଯ୍ୟନ୍ତ ଆପଣଙ୍କୁ କିଏ ଜାଣି ନଥିଲା । ଆପଣ ସ୍ୱୟଂ ଭଗବାନ ସେମିତି ଆମ ମର୍ତ୍ତ୍ୟର କୃଷ୍ଣ ବନ୍ଦୀ ଗୃହରେ ଲାଳିତ ପାଳିତ । ଯେଉଁବେଳେ ଭାରତ ଆକାଶରୁ ଧଳା ବାଦଲ ଫେରିଗଲା ଆରବ ସାଗରରୁ ଆଟଲାଣ୍ଟିକ ସାଗର ଅଡ଼କୁ ସେତେବେଳେ ଭାରତ ଆକାଶରେ ଜନ୍ମ କଲା ବାଦଲର ରେଖା । ମଣି ଧ ଭୂଇଁକୁ ଏଇଥି ବର୍ଷାର ସଚନା କିନ୍ତୁ ଭଗବାନ ଏଇ କଳା ବାଦଲକୁ ମାରି ଦେଲ ତୁମେ — ହାତ ଟେକି ଆକାଶ ଆଡ଼କୁ ମୁହଁ-କରି ଲୋକର ମଥା ନେଇ ପଡ଼ିଲା ଜନ୍ତୁ ନଖାଇ ନପିଇ, ନ ଶୋଇ, ନ କହି, ନାଗଧେ ମଣି ଖ ମଲା ଝାଅନ୍ତା ମରଣ ! ତୁମେ ଏମିତି କେତେ ଜ ହାଙ୍କୁ ଦଣ୍ଡ ଦେଇଛ ଭଗବାନ । ତୁମେ ଯଦି ମଣିଷକୁ ଏମିତି ଦଣ୍ଡ ଦେଇ ପାରିବ, ତେବେ ତୁମେ କି ଭଗବାନ, ତୁମର କ୍ଷମତା ଦାବି କରି ମୋତେ ସ୍ୱର୍ଗକୁ ଫେରାଇ ନେବ ।

ଗୋବର୍ଦ୍ଧନ ପୂଜା ବେଳେ କୃଷକ ବନ୍ଧୁ ଇନ୍ଦ୍ର ଲକ୍ଷ୍ମୀ ଦେଇ ଥିଲା କିନ୍ତୁ ତୁମେ ଖାଇ ପକାଇଲ ଆଉ ନୂଆକୁ ତଡ଼ାଇ । ଇନ୍ଦ୍ରଦଣ୍ଡ ଜନକରେ ତୁମେ କଣ ଲୁକ ଥିଲ କିହ ? ତୁମେ ଏହି ଅତ୍ୟାଚାରୀ ତୁମେ କଳା-ବଜାରି, ତୁମର ଯାହା ପ୍ରାପ୍ୟ ନୁହେଁ ତୁମେ ତାହା ନେଇଛ ଆଉ ବର୍ତ୍ତମାନ ମୋତେ ଫନ୍ଦିରେ ଦେହ ଧରେଣ ।

ତେଣୁ ଖମ୍ବ ସନ୍ଧି ଧରି ମୁଁ ଆପଣଙ୍କ ଗୁଣ ବର୍ଣ୍ଣନା ନଦେଖି ଅଶୋକ ଖମ୍ବ ଗାଁଧରୁ କହୁଛି । ହେ ନୃସିଂହ ଲକ୍ଷ୍ମୀପତି, ମୋତେ କରୁଣା କର । ମୋତେ ଆଉ ସ୍ୱର୍ଗକୁ ନନେଇ ମର୍ତ୍ତ୍ୟରେ ରଖ । ଯାହା ଯେ ଗାଁମାନେ କଲି କାଲି ତପସ୍ୟା କରି ନପାରିଛନ୍ତି ମୁଁ କେବଳ ଗୋଟିଏ ଡିକରେ ପାଇବ ବୋଲି ଆଶା କରେ; ଏ ଟିକେ ଡାକିବ ବୋଲି ମୋର ଆଶା ନାହିଁ । ଆଉ ବର୍ଷକୁ ଡାକିବ ବୁଢ଼ା ଡାକିବ । ହଳଧରଙ୍କୁ ଡାକିବାକୁ ମୋର ସାହାସ ନାହିଁ । ତାଙ୍କୁ ଡାକିଲେ ମୋ ନିଜ ପ୍ରାଣ କଣ ରହିବ । ମୁଁ ମୋତେ ଯୋଗାଇ ନେବ କାରାଗାରରୁ ହଳ ଓ କେବଳ ଆଜି ସେ ହାଣ୍ଡିକୁ ଭୋଗ ପରିବେଷ ।

ଭଗବାନ ସ୍ୱର୍ଗରେ ସୁରେନ୍ଦ୍ର, ନରଗିନ୍ଦ, ମଧ୍ୟବାଳମାନଙ୍କୁ ଦେଖିବାକୁ ଯିଲେ । 'ବିହ୍ୱ'ର ଅଙ୍ଗ ହୁଏ ନୃତ୍ୟ ହୁଏତ ଉର୍ବଶୀ କଳନା କର ନଥିବେ ତେବେ ସ୍ୱର୍ଗକୁ ଯାଇ କର କି ଲାଭ · ଯେଉଁଠି ଧଳା ପବନ ରେ କିଛି ନାଚେ ନ । ସ୍ୱର୍ଗ ପୁରୀରେ ଉର୍ବଶୀ ନାଚେ କିନ୍ତୁ ସେ ନାଚ କଣ ଭିତର ଲୋକ ଦେଖନ୍ତି । ସେ ସବୁ ଦେଖିବାକୁ ତେ ନେଇ ଦେବାକୁ ପଡ଼ିବ ।

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# କଟକ ବେତାର କେନ୍ଦ୍ର

ମହାଶୟ,

ନିଖିଳ ଭାରତ ବେତାର କେନ୍ଦ୍ର, କଲିକତା ଶାଖାରୁ ପ୍ରତ୍ୟହ "ପୂର୍ବ ଭାରତୀୟ ସଙ୍ଗୀତ" ଅଧ ଘଣ୍ଟାଏ ପରିବେଷଣ ହୁଏ। ପୂର୍ବ ଭାରତୀୟ ସଙ୍ଗୀତ ହିସାବରେ କଟକ କେନ୍ଦ୍ରର ପ୍ରୋଗ୍ରାମ୍ ସପ୍ତାହରେ ପ୍ରାୟ ତିନିଥର ଥାଏ। ଗତ ତା୧୦ରିଖ ବୁଧବାର ୬ଟାରେ କଟକ କେନ୍ଦ୍ରର ପ୍ରସାରିତ ସଙ୍ଗୀତମାନ ଆମେ ଏଠାରେ ରେଡ଼ିଓରେ ଶୁଣି ବାସ୍ତବିକ ବଡ଼ ଲଜ୍ଜିତ ହେଲୁଁ। ମନେହେଲା ଯେପରି ଆମେ ବର୍ତ୍ତମାନ ବି ଷଷ୍ଠଶତାବ୍ଦୀର ପ୍ରଥମ ଭାଗରେ ଅଛୁଁ। କଲିକତା ବା ଗୌହାଟୀ କେନ୍ଦ୍ରରୁ ପ୍ରସାରିତ ସେ କୌଣସି ଉତ୍କୃଷ୍ଟ ସଙ୍ଗୀତଠାରୁ ଏ ନିକୃଷ୍ଟତର। ସବୁଠାପର ବିଷୟ, ଯେତେବର୍ଷ ହେଲା ବେତାର କେନ୍ଦ୍ର ଉନ୍ମୋଚନ ହେଲେ ମଧ୍ୟ ଉକ୍ତ କେନ୍ଦ୍ରର ଉନ୍ନତିକଳେ କେନ୍ଦ୍ର କଣ କିଛି ଦୃଷ୍ଟି ଦେଉ ନାହାନ୍ତି। ଭଲ ଭଲ ଶିଳ୍ପୀର ଅଭାବ ଯୋଗୁଁ ଏପରି ଅଧେ ଗନ୍ତା ନା କଟକ ବେତାର କେନ୍ଦ୍ର କଉଡ଼ି ଗଜମାଟ ଯୋଗୁଁ ? ଭଲ ଶିଳ୍ପୀ ପରିବର୍ତ୍ତେ ଗୋଟିଏ ବିଶେଷ ଶ୍ରେଣୀର ଗାୟକ ଗାୟିକାଙ୍କର [ସଙ୍ଗୀତ କଳାରେ ସେମାନଙ୍କର ଯେପରି ଦକ୍ଷତା ଥାଉ ନା କାହିଁକି] ଏହା ଗୋଟିଏ କୌଣସି ବିଶେଷ କାରଣ ଯୋଗୁଁ କାଳାନ୍ତରରେ ପରିଣତ ହୋଇଛି।

ଏପରି ନସ୍ତ ଓ ଅନଭିଜ୍ଞ ଗୁଣୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରି ସାଧାରଣ ଓଡ଼ିଆ ଜାତିକୁ ପରିହାସର ବସ୍ତୁ (laughing stock) କରିବା ଉଚିତ କି ?

ଆପଣଙ୍କର
ବିଶ୍ୱସ୍ତ

୧। ଶ୍ରୀ ଉପେନ୍ଦ୍ରମଣି ସାହୁ ଏମ ଏ ଓଲ ଛାତ୍ର
୨। ଶ୍ରୀ ଗୋକୁଳଚନ୍ଦ୍ର ଘୋଷ ଏମ ଏ ଓ ଲ ଛାତ୍ର
୩। ରାଜକିଶୋର ମହାନ୍ତି ଏମ ଏମ ଓ ଲ ଛାତ୍ର
୪। ଶ୍ରୀ ନୀଳମଣି ମହାପାତ୍ର ଏମ୍ ଏମ୍ ଓଲ
୫। ଶ୍ରୀ ବିଭୂତି ଭୂଷଣ ଦାସ ଏମ୍ ଏମ୍ ଓ ଆଇନ ଛାତ୍ର
୬। ଶ୍ରୀ ଅମଳାକାନ୍ତ ପତି ଏମ୍ ଏ ଓ ଆଇନ ଛାତ୍ର

ସଂପାଦକ ମହାଶୟ,

ସେ ଦିନ ସନ୍ଧ୍ୟାରେ ରେଡ଼ିଓରେ କୋଉଠି ଓଡ଼ିଶୀ ସ୍ୱର ଗତ ପଟିରେ ଆସି କାନରେ ପଡ଼ିଲା। ମୁଁ ଆମ ଗାଁ ଭୁବନେଶ୍ୱର ଦେଉଳ ମାନ ଉପରୁ ଶଲ ଭଟି ଶୁଣିଲି। ଗୀତଟି କବିସୂର୍ଯ୍ୟଙ୍କର ଗାନ୍ଧିତ ଗଲା କଥା ବୁଝେ ରହିଛି। ଗୀତଟି ମୂଳରୁ 'ଚିତ୍ର ନେମ୍ରୋକୁ ଧ୍ୟାକଛି' ଗାଇଲା ବେଳେ ଚିତ୍ର ଉଚ୍ଛ୍ୱଳେ—ହିନ୍ଦୁ—ଅଜଉ। ଏହିପରି ଭାବରେ ଗାୟକ ଗାଉଥିଲେ। ବନ୍ଧୁ ଗାଳମରେ ସତ୍ୟଭୀ ସ୍ୱର ବ୍ୟବଧାନକୁ ପୋଡ଼ି ମୁଁ ସବୁ କଥା ଚେଉରେଇଲି। ଗାୟକ କବିସୂର୍ଯ୍ୟଙ୍କ କିର୍ତ୍ତି ଗଲାପିତ ଗଲା କଟାରେ ବୁଝିବରେ

ହାନ୍ଦୀଙ୍କ ଅକ୍ଷର ଗଣି ରଚନା ହୋଇଥିବା ଏଇ 'ଚିତ୍ର କଳେ' ଅନ୍ୟାଦ ଗୀତଟିକୁ ଗାଉଥିବା ଫଳରେ ବିକଳାଙ୍ଗ ପ୍ରାପ୍ତ ହୋଇ ନର ବାନର ରୂପ ଧରିଥାଏ। ହଠାତ୍ ମୋର ମନେ ପଡ଼ିଗଲା ପିଲାଦିନେ ଦେଖିଥିବା ଯାତ୍ରା ଦଳ ବୁଦ୍ଧି ଜଠା ହେଲେଇ ବୃମୁଠା ଦାଢ଼େଇ ମଞ୍ଚରେ ଭୂମିଷ୍ଠ ହେଲେ ଫଗ ! କବିସୂର୍ଯ୍ୟ କେଉଁ ହଦ ଫୁଟେଇବା ଲାଗି କେଉଁ ସ୍ୱରକୁ ଉପଯୁକ୍ତ ବୋଲି ଥୋଇଛନ୍ତି ସେ କଥା ଏ ସଂଗୀତ ଲେଖାଳୀଙ୍କି ମାଲୁମ ନାହିଁ। ବିଜ୍ଞ ମନ୍ତ୍ର ନଜାଣି ସେ ସାପ ଗାତରେ ସ୍ୱଚ୍ଛନ୍ଦରେ ହାତ ଦେଇ ସଂଗୀତ ରଚୟିତା ହିସାବରେ ନାଁ କମେଇବେ ବୋଲି ଉଦ୍ଧତ ଭାବ ଦୃଷ୍ଟିରେ ବିକଳରେ ମୁହଁ ମାରିଲା ପରି ମନେ ହେଲା ମୋର। କବିତା ଓ ସଂଗୀତ ରଚନା ଭିତରେ ଆକାଶ ପାତାଳ ଫରକ। ଯାହାଙ୍କର ସଂଗୀତରେ 'ସ' ସହିତ ମଧ୍ୟ ସମ୍ପର୍କ ନାହିଁ ସେ କବିସୂର୍ଯ୍ୟଙ୍କ 'ସ' ଗୀତର ସର୍ଦ୍ଦା ହେଲ ଦୂରିଭୁ ଦେବ୍ୟାଦ ପାଡ଼ି ଆର-ମେଇବା କେତେ ଅବାଞ୍ଛନୀୟ ନୁହେଁ କି ? ରେଡିଓ କର୍ମକର୍ତ୍ତାମାନଙ୍କୁ ମଧ୍ୟ ଏପରି ଗୀତକୁ ଆମ ଭିତ ଆଗ ଦାଢ଼ି ଅପମାନିତ କରିବାର କି ଉଦ୍ଦେଶ୍ୟ ? ଗାୟକ ବା କିମ୍ପା ଗାଇଲେ ? ତାଙ୍କର ତ ସଂଗୀତ ଜ୍ଞାନ କିଛି ରହିବା ଉଚିତ ନଥିଲା କି ?

ସରଳା ଦେବୀ

ଅଚ୍ଛା ଭଗବାନ ସ୍ୱର୍ଗରେ କଣ 'ରଗଡ଼' ପତ୍ରିକା ଅଛି ଯେଉଁଠି ପୋ ପର ଦର-ଲେଖକ ଲେଖା ଲେଖି ହାତରେ ଖଣ୍ଡିଏ ଧରି ଘର ଘର ଯାଇ ପ୍ରଚାର କରି କହି ହେବ ଯେ ମୁଁ ଗୋଟାଏ ଲେଖକ। ତାହାହେଲେ ମୁଁ ଏ କଳା କେଉଁଠି ପ୍ରକାଶ କରିବ। ତେଣୁ 'ରଗଡ଼'ରେ ଲେଖିବା ପାଇଁ ମୁଁ ଆପଣଙ୍କୁ ନିବେଦନ କରେ ମୋ ଲେ ମର୍ତ୍ତରେ ରଖା-ଯାଉ।

ଏଇଠି ଅଲ ଖାଇଲେ ଅଜକାଲି ପେଟ ପୂରୁଛି। ମୁନ୍ସିବାବୁଙ୍କ ଆଶୀର୍ବାଦ ଏଥର ଆମ ପର ବିକଳଅଙ୍କ ଉପରେ ପଡ଼ୁଛି। ଯଦି କିଛି ଅନୁବାଦ୍ୟା ମନେ ନ କରନ୍ତି ତେବେ ଏଇ ଛାଅ ଅଉନ୍ସ ଚାଉଳ ଖାଇ ବଞ୍ଚିବାର ଅଧିକାର ଦିଆଯାଉ।

ହଁ ପଟେଲ ଯାଇଛନ୍ତି ତାଙ୍କୁ ଟିକିଏ ନଜର ଦେବ। ଇନ୍ଦ୍ର ସହିରେ ସ୍ଥାନ ଦେବ ନହେଲେ ଭଗବାନ ! ତୁମକୁ 'ସ୍ୱର୍ଗ ଛାଡ଼' ପ୍ରସ୍ତାବ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ତାଙ୍କ କେତେଦେଲେ ଉହିଦ ନାହିଁ ଯେ ଏଇଠି ସ୍ୱର୍ଗରେ ସମସ୍ତେ ସମାନ। ପଟେଲ ତେବେ ବୃହାନ୍ତି ମାର୍ଚ୍ଚ ଯେ ପାଇ ଅନ୍ନ ଛୁଟି ସମାନ ହେଉ।

ଦେବତାମାନଙ୍କ ଅଙ୍ଗୁର ଗଳେଇରେ ରକ୍ଷିବ ନ ହେଲେ ସେ ବି ଦିନେ ଇନ୍ଦ୍ର ସଭାରେ ଅନସନ ଜମାଇ ବସିବେ।

ଭଗବାନ ଏ ଜଗତର ଗୁହାରି ଶୁଣିବେ ଚିତ୍ରଗୁପ୍ତଙ୍କ ମୋର କୋଟି କୋଟି ନମସ୍କାର। ଚିତ୍ରଗୁପ୍ତ ଯଦି ମୋର କିଛି ସୁବିଧା କରି-ପାରନ୍ତେ ତାହାହେଲେ ସବୁ ଚାଉଳ ଓ ଘିଅ ମୋର ଗନ୍ଧବେଳକୁ ନେଇଯିବ। ଇତି

ଆପଣଙ୍କର ଅଭାଗିଲ



Digitized by srujanika@gmail.com

ପ୍ରବନ୍ଧ

# ମୁଁ ଲେଖେ କାହିଁକି

ଲେ—ଅଶ୍ୱିନୀକୁମାର ଘୋଷ

ଏହି ଗୋଟିଏ ଆତ୍ମ-ପ୍ରଶ୍ନ । ଯେକୌଣସି ଲେଖକଙ୍କୁ ଏହା ବିବ୍ରତ କରିଦେବ; ସନ୍ଦେହ ନାହିଁ । କାରଣ, ପ୍ରଶ୍ନଟିର ଉପଯୁକ୍ତ ଉତ୍ତର ଦେବାକୁ ହେଲେ, ଏ ପରିବେଶରେ ଆତ୍ମ-ପ୍ରକାଶ ଓ ଆତ୍ମୋପଲବ୍ଧି ଆବଶ୍ୟକ, ତାହା ସହଜରେ ଅନୁମେୟ । ବର୍ତ୍ତମାନ, ମୋର ସମୟ-ସଂକ୍ଷେପ ପ୍ରବୃତ୍ତି ପାଇଁ ଆପଣଙ୍କ-ଙ୍କର ସ୍ଥାନ-ସଂକ୍ଷେପ—ଏହାପରି କ୍ଷେତ୍ରରେ ମୁଁ ସ୍ଥୂଳ ଦୃଷ୍ଟିରେ ଯେତିକି ସମ୍ଭବ ସେତିକି ଆତ୍ମ ସମାଲୋଚନାରେ ପ୍ରବୃତ୍ତ ହେବି ଏବଂ ମୋର ଲେଖକ ଜୀବନର ଇତିହାସ ବାଢ଼ିବି । ମୁଁ କାହିଁକି ଲେଖକ ହେବି:—ଏହି ଉଦ୍ଦେଶ୍ୟ ସଚେତନ ମନରେ ଜାଗ୍ରତ ନଥିଲେ ମଧ୍ୟ; ଅତି ଶୈଶବକାଳରୁ ମୋ'ର ଅବଚେତନ ମନ ମଧ୍ୟରେ ଯେ ଲୁକ୍କାୟିତ ଭାବେ ସୁପ୍ତ ଥିଲା, ଏହା କହିବା ବାହୁଲ୍ୟମାତ୍ର । କାରଣ, ଅତୀତ ଜୀବନାକାଶକୁ ମୁଁ ଜୀବନର ଏହି ସୁଦୂର ପ୍ରାନ୍ତରୁ ଯେତିକି ନିରୀକ୍ଷଣ କରେ ଦେଖେ ତ—ତାର ଦୂରବୀକ୍ଷଣ ସହାୟରେ—ସେତିକି ସ୍ପଷ୍ଟ ଓ ଧ୍ରୁବ ହୋଇ ଉଠେ ହେଉଛି ଆଜି ଆଗରେ ସେହି ଧରଣୀଟି!.... ମନେ ପଡ଼ୁଛି ସେହି ଦିନର କଥା—ମୁଁ ଯେତେବେଳେ ଦଶରୁ-ବାରବର୍ଷ ବାଳ ମୋ ଅଟେ [କୈଶୋରାବସ୍ଥାର] ପଡ଼ୋଶୀ ମଜଲିସରେ ବସି ବସି ଯାହା ଦେଖିବି,—ଶୁଣିବ, ଶୁଣି ପାଇବି—ଆଖିର ପଲକ ଖୋଜା ପଡ଼ିବ ନାହିଁ; ...ବଙ୍ଗଳା-ଯାତ୍ରା, ବା ନାଟକାଭି-ନୟ ଦେଖି ଆସିବି,—ଏବଂ ତା'ର ଛାୟା ଅବଲମ୍ବନରେ, ଛୋଟ ଛୋଟ ଦୃଶ୍ୟ ଓ ଛୋଟ ଛୋଟ ସଂଳାପ ଯୋଜନା କରି, ନାଟକଟିଏ ଗଢ଼ି ପକାଇବି, ଏବଂ ତାହା ଭାଇମାନଙ୍କ ସାହାଯ୍ୟରେ ମଧ୍ୟ ଅଭିନୟ କରିବି,—ମଶିଣା ବା ଚଦରକୁ ସ୍କ୍ରିନ୍ [ପର୍ଦ୍ଦା] କରି ଟାଙ୍ଗି ... ......ଏସବୁ ଅତି ଶିଶୁ ଖେଳର କଥା । ତାପରେ କଲେଜର ଜୀବନ ଆସେ । ମୁଁ ବି ଏ ପାଶ୍ କରେ ଅଙ୍କରେ ଅନର୍ସ ନେଇ ପରେ ପରେ ଏମ୍ ଏ,ମଧ୍ୟ ସେହି ଅଙ୍କରେ । ସୁତରାଂ ଏକା-ଡେମିକ ବା ଛାତ୍ର ଜୀବନରେ ସାହିତ୍ୟ ପ୍ରତି ଅନୁରାଗ ଥିଲେ ମଧ୍ୟ ସାହିତ୍ୟ ଚର୍ଚ୍ଚା ବିଶେଷ ଭାବରେ କରିବାର ଅବକାଶ ପାଇ ନାହିଁ —ଏକଥା କହିଲେ ଅତ୍ୟୁକ୍ତି ହେବ-ନାହିଁ ।...ମନ ଗର୍ଭର ଲୁକ୍କାୟିତ ଉଦ୍‌ବେଳିତ ନାଟକ-ପ୍ରୀତି ମୋର କୈଶୋର ଜୀବନର ତତ୍କାଳୀନ ଉଚ୍ଚାକାଂକ୍ଷା—ଯେମିତି ଗୋଟାଏ ଓଟୋଥି ହେବି, ବା ଅଧ୍ୟାପକ ହେବି,—ତା'କୁ ଉଛୁଡ଼ି ବାଟ କରି ଆତ୍ମ-ପ୍ରକାଶ କଲା ସେହିଦିନୁ ଯେଉଁ ଦିନୁ ବନମାଳି ପତିଙ୍କ ପ୍ରତିଷ୍ଠିତ— ଓଡ଼ିଆରେ ଜାତୀୟ ଇତିହାସରେ ପ୍ରଥମ ବ୍ୟବସାୟୀ ରଙ୍ଗମଞ୍ଚ କୋଣାର୍କ ଥିଏଟର ରାଧାକୃଷ୍ଣ ଥିଏଟର ବା କଳିଙ୍ଗ ଥିଏଟର ସଙ୍ଗେ ମୋର ଘଟିଲା ଯୋଗାଯୋଗ । ଏହି ଯୋଗସୂତ୍ର ବାଧ୍ୟରେ ନବପର୍ବ ଯେଉଁ ନାଟକଟି ଲେଖାଇଥିଲା, ତାହା ହେଉଛି 'ସେର୍ଓଳ' ନାଟକ । ବିଗତ ୧୭,୧୮ବର୍ଷ ତଳର ଲେଖା ହେଲେ ମଧ୍ୟ... ଓଡ଼ିଆ ରଙ୍ଗମଞ୍ଚରେ ଏହାର ସବୁଜତା ଅଦୌ ଲୋପ ପାଇ ନାହିଁ କହିଲେ ଚଳେ । ତା' ପରେ ଗୋଟିଏ କ୍ରମ-ବର୍ଦ୍ଧମାନ ଉତ୍ତେଜନା, ଉତ୍ସାହ ଓ ସହାନୁଭୂତି ମୋତେ ଧାରାବାହିକ ନାଟକ-ରଚନାରେ ପ୍ରବୃତ୍ତ କରାଇ ଦିଏ, ଫଳରେ ଓଡ଼ିଆ ଜାତିର ଇତିହାସ, ସାହିତ୍ୟ, କଳା-କୃଷ୍ଟିକୁ ନାଟକରେ ରୂପ ଦେଖି ଦେବା-ଏହି ଆକାଂକ୍ଷା ମୋ ମଧ୍ୟରେ ଜାତ ହୁଏ;—ଏବେ ସାଂସାରିକ ଜଞ୍ଜାଳ ମଧ୍ୟରେ ଥାଇ ପୁଣି ସେହି ଆକାଂକ୍ଷା କେମିତି ଚରିତାର୍ଥ କରିବି, ସେଥିପାଇଁ ମୁଁ ଯେମିତି ଉନ୍ମାଦ—! ଏହି ପ୍ରବନ୍ଧ ଲେଖୁଥିଲାବେଳେ ମଧ୍ୟ ସେହି ଭାବ ମୁଁ ମର୍ମେ ମର୍ମେ ଅନୁଭବ କରୁଛି—ଏହା ମୋର ଅନ୍ତରର କଥା— କେହି ବିଶ୍ୱାସ କରୁ ଅବା ନକରୁ ।

କବିତା

# ହେ ରାଜନୀତିକ!

ଲେ—ଶ୍ରୀ ଶରତଚନ୍ଦ୍ର ମହାନ୍ତି

ମୁନାଫା ଉଠାଏ ଧନପତି ଆଜି
ମୁନାଫା ଉଠାଏ ରାଜା
ଗରିବ ପ୍ରଜାର ଉଣ୍ଡିବା ଲାଗି
ବାଜି ଉଠେ ଢୋଲ ବାଜା
"ପ୍ରଜାହିତ ଲାଗି ରାଜନୀତି ଆମ
ପ୍ରଜା ରଂଜନ ଆଜି ଆମ୍ଭ ଧର୍ମ"
ସ୍ଲୋଗାନ ଖୁଜିଲ ତାଜା ।
ମୁନାଫା ଉଠାଏ ରାଜନୀତି ଆଜି
ମୁନାଫା ଉଠାଏ ରାଜା ।
ଆଜି—ରାଜନୀତି ପାଇଁ ମସ୍ତିତ ପଡ଼ୁଛି ଚଳି
ଲକ୍ଷ କୁଟୀର ଜଳିଲେ ଯଉଠି ଜଳି
କିଏ ସେଥିପାଇଁ ଦାୟୀ ?
ଶାନ୍ତ ଆକାଶେ ଧୂମକେତୁ ଚେଚେ
କିଏ ଦୁର୍ବୃତ୍ତ ସେଠି!
ହେ ରାଜନୀତିକ ଦାୟୀ ସେଥିପାଇଁ ତୁମେ
ଘୂର୍ଣ୍ଣୀ ବାତ୍ୟା ତୁମେଇ ରଚିଛ ଭୂମେ
ନିଜ ସ୍ୱାର୍ଥର ଲାଗି
ରକ୍ତ ପିପାସୁ ମୂଷ ପରି ତୁମେ
ଅନ୍ଧାରେ ଉଠ ଜାଗି ।
ଡେଙ୍କାଲ ଶିଶୁ ସେ ଭୋକେ ଯାଏ ଆଜି ମରି
ମଣିଷ ରକ୍ତେ ସହର ଉଠେରେ ଭରି
ରାଜପଥ ପରେ ଗଡ଼ି
କା'ଯୋଗୁଁ ଆଜି ସେ ଗାନ, କାଂଗାଳ
ମନେ ଥରେ ଭାବ ନାଥ ।
ଯେତେ ରାଜନୀତି ଶାନ୍ତି ଆଣିନା ତୁମେ
ଯେତେ ରାଜନୀତି ମଣିଷ ନଷ୍ଟ ତୁମେ
ଛାଡ଼ି ଦିଅ ତାକୁ ଆଜି
ଗାନ୍ଧୀର ବାଣୀ ମନେ ମନେ ନେଇ
ଆସ ହେ ଦେବତା ସାଜି ।
ଭରି ଦିଅ ତୁମେ ଶାନ୍ତି ସୁଖ ଓ ସୁଂଜା
ହେ ରାଜନୀତିକ ! ତେବେ ତ ପାଇବ ପୂଜା ।
ମୁନାଫା ଉଠାଅ ନାହିଁ—
ଆସ ତୁମେ ଆଜି- ହେ ରାଜନୀତିକ
ମଣିଷ ପୂଜାଦା ପାଇଁ ।



Digitized by srujanika@gmail.com



ପରିଚାଳକ ଯତନ ଦାସ

ଜେମିନୀ କୃତ 'ନିଶାନ' ଚିତ୍ର ଯେଉଁମାନେ ଦେଖିଛନ୍ତି ସେମାନଙ୍କ ନିକଟରେ ଦକ୍ଷିଣ ଭାରତର ଶ୍ରେଷ୍ଠ ଅଭିନେତ୍ରୀ 'ଭାନୁମତୀ'ଙ୍କର ସୁନ୍ଦର ଅଭିନୟ ନିପୁଣତା ସମ୍ବନ୍ଧରେ ବିଶେଷ କିଛି କହିବାର ପ୍ରୟୋଜନ ହେବ ନାହିଁ ୧୯୨୪ ମସିହା ଦକ୍ଷିଣ ଭାରତସ୍ଥିତ ଇଙ୍ଗୋଲ ନାମକ ଏକ ଗ୍ରାମରେ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ। ପିଲାଟି ବେଳୁ ସଙ୍ଗୀତ ପ୍ରତି ତାଙ୍କର ବିଶେଷ ଆକର୍ଷଣ ଥିଲା। ତାଙ୍କର ନିଜର ସାଧନା ବଳରେ ସେ କ୍ରମେ କ୍ରମେ ଅଳ୍ପ ସମୟ ମଧ୍ୟରେ ସଙ୍ଗୀତ ଜଗତରେ ଜଣେ ସୁପରିଚିତା କଣ୍ଠଶିଳ୍ପୀ ହିସାବରେ ପରିଚିତ ହୋଇ ପଡ଼ିଲେ।



ଯେତେବେଳେ ସେ ଚତୁର୍ଦ୍ଦଶ ବର୍ଷର ଝିଅ ସେତିକିବେଳେ କୌଣସି ଜଣେ ଚିତ୍ର ପରିଚାଳକ ତାଙ୍କୁ ତେଲୁଗୁ ଚିତ୍ରରେ ଭାନୁମତୀଙ୍କୁ ଏକ କ୍ଷୁଦ୍ର ଭୂମିକାରେ ଅଭିନୟ କରିବାର ଓ କଣ୍ଠ ସଙ୍ଗୀତ ପରିବେଷଣ କରିବାର ସୁଯୋଗ ଦେଲେ। ଚିତ୍ରଟି ମୁକ୍ତିଲାଭ କଲାପରେ ଭାନୁମତୀଙ୍କର ସୁନ୍ଦର ସ୍ୱାଭାବିକ ଅଭିନୟ ଓ ସୁମଧୁର କଣ୍ଠ ସଙ୍ଗୀତ ବିଷୟ ଚିତ୍ର ଜଗତରେ ଏକ ଚାଞ୍ଚଲ୍ୟ ସୃଷ୍ଟି କଲା। ମାତ୍ର ୧୬ ବର୍ଷ ବୟସରେ ଦୀନା ଚିତ୍ରରେ ସୁ-ଅଭିନୟ ଦ୍ୱାରା ସମସ୍ତ ଦାକ୍ଷିଣ ଭାରତର ସିନେମା ପ୍ରେମୀମାନଙ୍କ ହୃଦୟ ରାଜ୍ୟରେ କଳାନାର ରାଣୀ ହୋଇ ବିଚରଣ କରିବାକୁ ଲାଗିଲେ। 'ମାଲତୀମାଧବ' ଧର୍ମପତ୍ନୀ ଭକ୍ତମାଳା ପ୍ରଭୃତି ତେଲୁଗୁ ଚିତ୍ରରେ ଭାନୁମତୀଙ୍କର ସର୍ବଶ୍ରେଷ୍ଠ ଅଭିନୟ ନୈପୁଣ୍ୟର ପରିଚୟ ମିଳେ। 'କୃଷ୍ଣପ୍ରେମ" ସୁଟିଂ ଚାଲିଥିଲାବେଳେ ତାଙ୍କ ନିଜ ଚିତ୍ରର ସହକାରୀ ପରିଚାଳକ ଶ୍ରୀଯୁକ୍ତ ରାମକୃଷ୍ଣଙ୍କ ସହିତ ଭାନୁମତୀଙ୍କର ପରିଚୟ ହେଲା ଏବଂ ଏହି ପରିଚୟ କ୍ରମେ ଗାଢ଼ରୁ ଗାଢ଼ତର ରୂପଧାରଣ କରି ଶେଷରେ ଦୁହିଁଙ୍କୁ ବିବାହ ବନ୍ଧନରେ ଛନ୍ଦି ଦେଲା। କିଛି ଦିନ ପରେ ସ୍ୱାମୀ—ସ୍ତ୍ରୀ—ଦୁହେଁ ମିଳି ଭରଣୀ ପିକ୍‌ଚର୍ସ' ନାମକ ଏକ ଅନୁଷ୍ଠାନ ଗଢ଼ିଲେ ଓ ତାମିଲ୍ ଭାଷାରେ ରତ୍ନମାଳା ଓ ଲୈଲା-ମଜନୁ ପ୍ରଭୃତି ଚିତ୍ର ନିର୍ମାଣ କରି କମ୍ପାନୀଟିକୁ ଆହୁରି ସୁଦୃଢ଼ କରି ଗଢ଼ି ତୋଳିଲେ। ଏତେଦିନଯାଏ ଭାନୁମତୀଙ୍କର କଳାନୈପୁଣ୍ୟ କେବଳ ଦକ୍ଷିଣ ଭାରତର ଚିତ୍ର ଜଗତରେ ମଧ୍ୟରେହିଁ ସୀମାବଦ୍ଧ ହୋଇଥିଲା। ତାପରେ ଜେମିନୀକୃତ 'ନିଶାନ' (ହିନ୍ଦୀ) ଚିତ୍ରରେ ଭାନୁମତୀଙ୍କର ଅପୂର୍ବ ଅଭିନୟ ଦେଖି ସାରା ଦେଶର ଲୋକେ ଶତମୁଖରେ ପ୍ରଶଂସା କଲେ। ବହୁଦିନ ପରେ ପୁଣିଥରେ 'ଭାନୁମତୀ'ଙ୍କୁ ଦେଖିବାକୁ ମିଳିବ ଜେମିନୀର ଦ୍ୱିତୀୟ ହିନ୍ଦୀଚିତ୍ର 'ମଙ୍ଗଳା'ର ନାୟିକା ରୂପେ। ମଙ୍ଗଳା ଚିତ୍ରଟି ଯଦିଓ ହେଉଛି ଉଚ୍ଚସ୍ତରର ହୋଇନାହିଁ ତଥାପି 'ଭାନୁମତୀ'ଙ୍କ ସଙ୍ଗୀତ ଓ ଉଚ୍ଚସ୍ତରର ଅଭିନୟ ଉକ୍ତ ଚିତ୍ରରେ ପ୍ରଧାନ ଉପଭୋଗ୍ୟ ସାମଗ୍ରୀ ହୋଇଛି।

ନୃତ୍ୟ ଓ ସଙ୍ଗୀତ ହେଉଛି ଭାନୁମତୀଙ୍କର ଜୀବନର ସବୁଠାରୁ ପ୍ରିୟ। ସେ ଜଣେ ସୁଚରିତ୍ରା ଲେଖିକା ମଧ୍ୟ ପ୍ରିୟ ତେଲୁଗୁ ଓ ତାମିଲ କାଗଜରେ ତାଙ୍କର ନାନାପ୍ରକାର ଲେଖା ପ୍ରକାଶିତ ହେବାର ଦେଖାଯାଏ। ଇଂରାଜୀରେ ମଧ୍ୟ ସେମିତି ପାରଦର୍ଶିକ ଜ୍ଞାନ ଅଛି। ଜୀବନ ତାଙ୍କ ଶାନ୍ତିପୂର୍ଣ୍ଣ। ସେ ଟିଏ ମାତ୍ର ପୁଅ ନାନ୍ଦନର ମଣି କହିଲେ ଚଳେ। ବର୍ତ୍ତମାନ ସ୍ୱାମୀ ପୁତ୍ରଙ୍କୁ ନେଇ ଭାନୁମତୀ ସୁଖ ଓ ଶାନ୍ତିମୟ ପାରିବାରିକ ଜୀବନ ଅତିବାହିତ କରୁଛନ୍ତି।

## ଜାଣିଛନ୍ତି କି ?

| | | |
|---|---|---|
| ସୁରେଇୟାଙ୍କର ପ୍ରକୃତ ନାମ | | ସୁରେୟା ବାନୁ |
| ମଧୁବାଲା | ,, | ମୋମ୍ତାଜ ବେଗମ୍ |
| ନରଗିସ୍ | ,, | ଜଗୀଜାବାଈ |
| କାମିନୀକୌଶଲ | ,, | ଉମା ଦେବୀ |
| ରେହାନା | ,, | ମୁସ୍ତାଜାନ |
| ଗୀତାବାଲି | ,, | ହରେ ଅତନକୀର |
| ନସୀମ୍ | ,, | ଶୋଶନାରା |
| ବନମାଲା | ,, | ସୁଶୀଲା |
| ଖୁରସୀଦ୍ | ,, | ଆକ୍‌ସାଦ ବେଗମ୍ |
| ମେହେତାବ | ,, | ନଜମା |
| ଜାନୁପରନ୍ଦ | ,, | ଦୋକିଲ ଦେବୀ |

## ଛାୟାଲୋକରୁ କହୁଛି

ଖବର ମିଳୁଛି ଯେ ପ୍ରସିଦ୍ଧ ଅଭିନେତ୍ରୀ ଓ ବିଖ୍ୟାତ ଚିତ୍ର ପରିଚାଳକ ସୋହରାବ ମୋଦିଙ୍କର ଧର୍ମପତ୍ନୀ ଶ୍ରୀମତୀ ମେହେତାବ "ଝାଁସୀ କି ରାଣୀ" ଚିତ୍ରର ନାୟିକା ରୂପେ ଅବତୀର୍ଣ୍ଣ ହେବେ। ସେଥିପାଇଁ ସେ ଘୋଡ଼ା ଚଢ଼ା ଶିଖୁଥିଲେ। ହଠାତ୍ ଦିନେ ଘୋଡ଼ା ପିଠିରୁ ପଡ଼ିଯାଇ ବିଶେଷ ଜଖମ ହୋଇ ପଡ଼ିଥିଲେ। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ଚକ୍ରଧର ନେ ଘୋଷଣା କରିଛନ୍ତି। ଚିତ୍ରଟିର ପରିଚାଳନା କରୁଛନ୍ତି ଶ୍ରୀଯୁକ୍ତ ସୋହରାବ ମୋଦି ନିଜେ। ସୋହରାବ ମୋଦି ହେଉଛନ୍ତି ଭାରତ ପୃଥ୍ୱୀବଲ୍ଲଭ ସିକନ୍ଦର ଓ ଶିଶମହଲ ପ୍ରଭୃତିର ସୁନାମଧନ୍ୟ ପରିଚାଳକ।



Digitized by srujanika@gmail.com

# "ଏକାବନ ଜନ ଗଣନା"

ଲେ—କୃଷ୍ଣଚନ୍ଦ୍ର ଦାସ

ଦଉ ଦଉ ଘରେ ବୁଲନ୍ତି ସମସ୍ତେ କରି ନପାରନ୍ତି କଳନା
ଏକାବନ ଜନ ଗଣନା ।
ବର୍ଷା ଦାଉଁ ଫିଲ୍, ପାଣି ଭରି ବଲ୍, ପ୍ରଦେଶେ ପ୍ରଦେଶେ ପେପରେ,
ମନ୍ତ୍ରୀମଣ୍ଡଳରେ ସୂଚନା ମିଳଲା କର୍ମୀ ନେତା ଖୋଜି ବାଛିଲେ,
ସେ ପାରିବ ଭଟା ପେଲଣା
ଏକାବନ ଜନଗଣନା ।
ଗୃହୀ ମଣ୍ଡଳରେ ଅନେକ ପଡ଼ିଛୁ କଣ୍ଟ୍ରୋଲ ଉଦ୍ଧ ବସ୍ତ୍ର,
ଗ୍ରାମ ମୁଖିଆଙ୍କ ପାଖକୁ ଧାଆଁନ୍ତି ଜଣ ଜଣ କରି ପଚାରି,
ସେ ଭାବୁଁ ଜାଣିବେ ଘଟଣା,
ଏକାବନ ଜନ ଗଣନା ।
ବାଟକିଆ ଗୃହୀ ମୁଣ୍ଡ ଆଉଁସନ୍ତି ବୋଲନ୍ତି ମରିଲୁ ଗରିବ,
ଦୁଇ ଜଣ ଛୁଆ ଖାଇବାକୁ ଘରେ ପଞ୍ଚମାଣ ଜମି ପଡ଼ିବ
ସରିଗଲା ଘର କରଣା
ଏକାବନ ଜନ ଗଣନା ।
ଡାକ୍ତର ଜୋଡ଼େ ମାତି ଉଠିଛନ୍ତି ଜାତି ପଦବୀ କି ଦେବେ ବଢ଼ାଇ
କିଏ ମାନସିଂହ କିଏ ମହାପାତ୍ର କେହି ନରହିବେ ଘଟାଇ;
ଭାନେ ଭାନେ ହୁଏ ମନ୍ତ୍ରଣା
ଏକାବନ ଜନ ଗଣନା ।
ଯୁବକ ଦଳରେ ବଗୃହ ଗୁଲୁଛି ତୃତୀୟ ସମର ହୋଇବ,
କିଏ ରେଜିମେଣ୍ଟ କିଏ କରନଲ୍ କାପଟେନ ପଦ ପାଇବ,
ଏଥି ଲାଗି କେତେ କଳନା
ଏକାବନ ଜନ ଗଣନା ।
ଶେଠ, ସୁନ୍ଦିପଟ କିବ ଧନୀ ବୁଢ଼ ବଡ଼ ଲେବଠାଉ ଚେଇଁଲେ
ହାତର ପାଆଁଚ ଖସି ଗଲା ହାତୁ ଦମ୍ ଛଡ଼ାଇ ଗାଇଲେ,
ଦେଖି ପିଲା ଏଇ ଖେଳନା,
ଏକାବନ ଜନ ଗଣନା ।
ରଜା ଜମିଦାର ଦୋଳେ ଭିତର ଅଭିବୃଷ୍ଟା ଦେଇ ବସନ୍ତି
ଦେଖି ଦେଶ ସବୁ ଢାଳର ହୋଇଛି ଆଉ ନାହିଁ ଗତି ମୁକ୍ତି
ଏ କଷ୍ଟ ସାହାଯ୍ୟ ଗୃହଣା,
ଏକାବନ ଜନ ଗଣନା ।
ଗାଁ ଚାଷୀ [illegible] ଭାବିଲେ ପଡ଼ିଲା ବିପତ୍ତି
ସଟା ବଟା [illegible] ଦାଉ ଆଉ ନାହିଁ ଶାନ୍ତି,
ଭାବୁଁ ଅଛନ୍ତି ଏ ଛଳନା
ଏକାବନ ଜନ ଗଣନା ।
ଭୋଟ, ଗିଡ଼ାର, ପଣ୍ଡା ଯୋଗୀଙ୍କର ଧନ୍ ଧନ ବଢ଼ି ଗୁଲୁଛି,
ସେପାଇଁ [illegible] ନେତା ଗୃହସ୍ଥ ନମସ୍କାର ଏ ଗଲି ସେ ଗଲି ବୁଲୁଛି
ମିଳିଯିବ ଦାନ ଦୋଳଣା
ଏକାବନ ଜନ ଗଣନା ।
କମ୍ୟୁନିଷ୍ଟ ଛୋଟେ ପାଟି ବିସ୍ତାରିଛି ଗିଳିବ ବୋଲି ଏ ଦେଶକୁ
ପାକିସ୍ଥାନ ଛୋଟେ ହୁମ୍‌କି ମାରୁଛି ଦାବି ମାରିବାକୁ ଶେଷକୁ
କେ ଜାଣେ କି ଗତି ହୋଇବ ଏ ଦେଶ କାହାରି ନାହିଁ ଧାରଣା
ଏକାବନ ଜନ ଗଣନା ।
ଆମେ ଜନ [illegible] କଲୁଁ ବେଳ ହୋଇଗଲା
କିଏ ଯିବ [illegible] କିଏ ଯିବ ପଟେ କାହା ପାଞ୍ଜି ଯମ ଲିହିଲା
ଦାନା ଦନା [illegible] ନପ୍ରିନ୍ ଝୁରୁଛି ଝୁରଣା
ଏକାବନ ଜନ ଗଣନା ।

## ବୃଷଭ ମିଳନ

[ପୂର୍ବପ୍ରକାଶିତ ଉତ୍ତାରୁ] ଲେ—ଶ୍ରୀ ଚନ୍ଦ୍ରମୋହନ ପଣ୍ଡା

ବୁଦ୍ଧି ପଚିଗଲା ଆମ ସମସ୍ତଙ୍କ ଯାଇ
କେହି ଜଣେ ଗ୍ରାଲକାଡ୍ ମାର ଖେଳୁଛି ବାଗୁଡ଼ି
କହେ ମରେ ନାହିଁ କେହି ମରେ ଖାଲି ଭାଅ ।
ମୁହୂର୍ତ୍ତକେ ଆରମ୍ଭିଲେ ଅଭିଯାନ ଏକ
ଯିବା ପାଇଁ 'ଗ୍ରାମ ଶମଶାନେ'
ଉପର ଆକାଶେ ପଡ଼ିଥିଲା 'ନକ୍ଷତ୍ରର ଛନ୍ଦ
'ଚନ୍ଦ୍ର ସହ ଶରତ ପର ସନ୍ଧ୍ୟା'
ମିଳଲି ସମସ୍ତେ ଯାଇ ନଦୀକୂଳ ଗ୍ରାମ ଶମଶାନେ
ମହାଶୟେ ଯାଇଛନ୍ତି ହୋଇ ଡରତର
ଅଗ୍ନିଚିହ୍ନ କୁଲା, ଶିକା ଛାଞ୍ଚୁଣି ଇତ୍ୟାଦି
ଭାଷାର 'ପାଣ୍ଡୁଲିପି' ବର୍ଜିତ ବିଅର ।
'ସର୍ବନାଶ' ବସି ତହିଁ କାନ୍ଦଲେ ଗଣେଶ
କହୁ ଅରସିକେ ଦଶ ଜଣ ମରିଥିଲେ ବୋଲି'
ଧୀରେ ଧୀରେ ଫେରୁଥିଲେ 'ଗ୍ଲେଟ ସେହି ଗାଆଁ ଟିବ' ବୃନ୍ଦେ !
ଉଠିଲେ ବାଟ ମୋହନ ସିଧା ସାଧା ବେଶେ
'ଲବେ ଇର୍ଷା' ନାହିଁ ତାଙ୍କ ନାହିଁ
ଯାହା କହିବାକୁ ସିଏ ଯାଉଥିଲେ ତାହା ହୋଇଲାନି ଶେଷ
ତହିଁ ନାହିଁ ତାଙ୍କ ଦେମ
ମନ ଉଡ଼ିଗଲା ନୀଳ ଆକାଶର ପକ୍ଷୀଟି ପରି
ଦୁନିଆ ପାରରେ ଦରଆପାର
ମାଟିର ମଣିଷ ପଙ୍କ ଅଦ୍ଭୁତ ସାଧନ
ଭାଷାକୁ ଦେଇଛନ୍ତି ନିର୍ଦ୍ଦିଷ୍ଟ ଭାର ସହ ସମାନ ଆସନ ।
ଭୁଣ୍ଡ ଖାଇଦେ ବଜାଇ ଗାଉଥିଲେ ହନୁ
'ହରିଣୀ'ର ଭଣା ତାଙ୍କ ଯାଇନାହିଁ ମନୁ
ଜୀବନର ଏହି 'ଝୁମ୍ପା' ତଳେ
ଚଢ଼ିଥାନ୍ତି ସେ ଅଦେଖା ହାତର ଇଙ୍ଗିତେ
ତଥାପି ସେ ରଜା
ବାଲ୍ୟଖଣ୍ଡ ମରୁଦ୍ବୀପେ ରଜା
ମିଳନର ଛନ୍ଦେ ଛନ୍ଦେ ପାଆନ୍ତି ଅନନ୍ଦ ।
ହଠାତ୍, ଶୁଣାଗଲା, ଗାଳିଗୁଲ ବାଙ୍କରେ ହାଉଳ
କେହି ଆସୁଛନ୍ତି 'ବେକାର' ସମସ୍ୟାର ସମାଧାନ ପଗୃହ ଧଗୃହ
ଝିଭଲଭରର ଫାଙ୍କା ଅର୍ଣ୍ଣଳି ବାଜି
ଝଡ଼ ପଡ଼ୁଅଛି ବିକ୍ରି ଲେଦୁଅଛି ମାଟି
ଚକାପାଣି ଘୁରୁଅଛି ମଥା
ତଥାପି—କହନ୍ତି ସେ ଭୁଲିବେନି 'ଗତ ବସନ୍ତ'ର ଜୀଅନ୍ତା ସ୍ୱପ୍ନ
ଇଚ୍ଛା କରୁଛନ୍ତି ପୁଣି ରଚିବାକୁ ପ୍ରିୟ, ଗଣ୍ଡସ୍ଥଳରେ 'ଚୁମ୍ବନ' ।
ଦୁଷ୍ଟ ଦଳକୁ ବଢ଼ାଇଥିଲେ ରବି
ଜୀବନର ତଳେ ଖେଳଇ ତାଙ୍କର 'କଲ୍ଲୋଳ' କଳ-କଳ
ମନଟି ତାଙ୍କର 'ଉଦୁମ୍ବା' ପ୍ରପାତ ଜଳ
ଠେଙ୍ଗେପେଲି ହୋଇ କହି ଯାଉଥାଏ 'ପଲ୍ଲୀଝରଣା' ତଳେ
[କ୍ରମଶଃ]



Digitized by srujanika@gmail.com

# ଡାକ୍ତର

ଲେ—ଶ୍ରୀ ଦେବଳପ୍ରସାଦ ଗୋସ୍ୱାମୀ

ଅତୀତର ଗୋଟାଏ ପୃଷ୍ଠା । ଉତ୍ତର ଓଡ଼ିଶାର ଗୋଟାଏ ବର୍ଦ୍ଧିଷ୍ଣୁ ସହରର ସଦର ହସ୍‌ପିଟାଲ ଚାର୍ଜରେ ଥାଏ ସେତେବେଳେ ହଠାତ ଦିନେ ଇନ୍‌ଡୋରରେ ଦୁଇଟି ରୋଗୀ ଭର୍ତ୍ତି ହେଲେ । ଦୁଇଟି ଯାକ ଯୁବକ ଓ ରୋଗ ଟାଇଫଏଡ୍ ।

ରୋଗୀମାନଙ୍କର କୌଣସି ବିଶିଷ୍ଟତା ନଥିଲା । କିନ୍ତୁ ମୁଁ ବିବ୍ରତ ହୋଇ ପଡ଼ିଲି ସେମାନଙ୍କର ପିତାଦୁହିଁଙ୍କୁ ନେଇ । ଜଣେ ହେଉଛନ୍ତି ଡାକ୍ତର, ପ୍ରତି ପଦରେ ମୋର ତ୍ରୁଟି ଧରିବାକୁ ସେ ତତ୍ପର । ଅନ୍ୟ ଜଣକ ବୃଦ୍ଧ । କଣ କରନ୍ତି ଜାଣି ନଥିଲି । ମୁଣ୍ଡର ବାଳସବୁ ପାଚି ଧଳା ହୋଇଯାଇଥାଏ । କିନ୍ତୁ ଯେବେ ମୁଁ ରୋଗୀ ନିକଟକୁ ଯାଏ ଚେୟାର ଛାଡ଼ି ଉଠି ସେ ଠିଆ ହୁଅନ୍ତି । ଯେଉଁ ଦୁଇ ତିନିଟି ପ୍ରଶ୍ନ ପଚାରନ୍ତି ତା ନିହାତି ସମ୍ଭ୍ରମତାର ସହିତ ଓ ମୋର ଉପଦେଶ ନୀରବରେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି । କୌଣସି ଅହେତୁକ ଅବାରଣ ନାହିଁ; ଅଥଚ ରୋଗୀଟି ତାଙ୍କର ଏକମାତ୍ର ପୁତ୍ର ଓ ରୋଗ ଟାଇଫଏଡ୍ ।

ଡାକ୍ତର-ପିତାଙ୍କର ଅତି ବୈଜ୍ଞାନିକତା ଓ ବୃଦ୍ଧଙ୍କର ଅତି ନିର୍ଭରଶୀଳତା ମୋତେ ବିବ୍ରତ କରିଥିଲା ।

ଡାକ୍ତର ପୁଅଟିର ଚିକିତ୍ସା ତାଙ୍କ ସହିତ ପରାମର୍ଶ କରିବାରେ ବଡ଼ ବଡ଼ ବିଲାତି ବହି ପରାମର୍ଶ କରି ଯେଉଁ ଧରଣର ଚିକିତ୍ସା ପାଇଁ ସେ ସୁପାରିଶ କରନ୍ତି କଲିକତା ବ୍ୟତୀତ ଅନ୍ୟ କେଉଁଠି ତାହା ସମ୍ଭବ ନୁହେଁ । ତେଣୁ ସବୁବେଳେ ସେ ଅନୁଶୋଚନା କରନ୍ତି— ସମୟ ଥାଉ ଥାଉ ପୁଅକୁ କଲିକତା ନେଇ ପାରିଲେ ନାହିଁ । ତେବେ ସୁଦ୍ଧା ଲୋକ ପଠାଇ କଲିକତାରୁ ସେ ଯଥାସାଧ୍ୟ ଔଷଧ ଓ ଇନ୍‌ଜେକ୍‌ସନ ମଗାଉ ଥାନ୍ତି । ତାଙ୍କ ପୁଅର ଟିକିଏ ଟେମ୍ପରେଚର ବଢ଼ିଲେ ଟିକିଏ କାଶ ହେଲେ ବା ନିଦ ନହେଲେ ମୋତେ ଦଉଡ଼ କରି ଯିବାକୁ ହୁଏ ।

ତେବେ ସୁଦ୍ଧା ତାଙ୍କୁ ମୁଁ ସନ୍ତୁଷ୍ଟ କରି ପାରିଲି ନାହିଁ । ଡାକ୍ତରବାବୁଟି ମୋର ପରିଚିତ । ନିକଟସ୍ଥ ଗୋଟିଏ ଗ୍ରାମରେ ପ୍ରାଇଭେଟ ପ୍ରାକ୍‌ଟିସ କରନ୍ତି । ବୃଦ୍ଧ ଜଣକ ବିଦେଶୀ । ଏଠାକୁ ଆଗନ୍ତୁକ ପୁଅ ତାଙ୍କର ବ୍ୟବସାୟ ଉପଲକ୍ଷରେ ଆସିଥିଲେ । ହଠାତ୍ ଟାଇଫଏଡ଼ରେ ଆକ୍ରାନ୍ତ ହେଲେ । ସମ୍ବାଦ ପାଇ ବୃଦ୍ଧ ଦମ୍ପତି ଧାଇଁ ଆସିଛନ୍ତି । ସେମାନେ ଆସି ଏଠାରେ ପହଞ୍ଚିବା ବେଳକୁ ରୋଗୀ ସ୍ଥାନାନ୍ତରିତ ହେବା ଅବସ୍ଥାରେ ନଥିଲା । ତେଣୁ ଏଠାକୁ ଆଣିବା ବ୍ୟତୀତ ଉପାୟାନ୍ତର ନଥିଲା । ରୋଗୀଟି ବୃଦ୍ଧ ଦମ୍ପତିଙ୍କର ଏକମାତ୍ର ସନ୍ତାନ ।

ଦିନେ ରାତି ପ୍ରାୟ ଦୁଇଟା ବେଳେ ଡାକ୍ତରବାବୁ ଅସମ୍ଭାଳ ହୋଇ ଆସି ମୋ କ୍ୱାର୍ଟରରେ ପହଞ୍ଚିଲେ । "ରୋଗୀର ଅବସ୍ଥା ସାଂଘାତିକ । ଶୀଘ୍ର ଚାଲନ୍ତୁ ।"

ଏକ ପ୍ରକାର ଦଉଡ଼ି କରି ଗଲି ।

ଯାଇ ଦେଖିଲି ଏତେ ପ୍ରକାର ସାବଧାନତା ସତ୍ତ୍ୱେ ହେମାରେଜ ଆରମ୍ଭ ହୋଇ ଯାଇଛି ; ଡାକ୍ତରବାବୁ ପଚାରିଲେ 'ଭିଟାମିନ ସି ଆମ୍ପୁଲସ ଅଛି ? ଆପଣଙ୍କ ନାମରେ କଲିକତାରୁ ଯାହା ଆଣାଇଥିଲି ସବୁ ସରି ଯାଇଛି ।'

ଡାକ୍ତରଖାନାରେ ନଥିଲା । ମନା କଲି ।

'ଆଚ୍ଛା କଂଗୋ ରେଡ୍' [Congo red]

'ନାଁ'

ସେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ । ମୁଁ ମଧ୍ୟ ଟିକିଏ ବିବ୍ରତ ହୋଇ ପଡ଼ିଲି । ତାଙ୍କୁ ପଚାରିଲି ଗୋଟାଏ ମର୍ଫିନ୍ ଦେଲେ କେମିତି ହୁଅନ୍ତା ?

'ଆପଣ ଆସିବା ଆଗରୁ ଦେଇଛି । କିଛି ଫଳ ହେଲା ନାହିଁ ।' ପେଟ ଉପରେ ଆଇସ୍‌ବ୍ୟାଗ୍ ଦିଆ ହୋଇଥାଏ । ଆଉ କିଛି କରିବାର ନଥିଲା ।

ମୁଁ କହିଲି, 'ସୌଭାଗ ଛକରେ Mitre and Friends ଦୋକାନରେ କଂଗୋରେଡ୍ ମିଳିପାରେ । ଆପଣ ଚେଷ୍ଟା କରି ଦେଖନ୍ତୁ ।' ମୁହୂର୍ତ୍ତେ ଅପେକ୍ଷା ନକରି ଡାକ୍ତରବାବୁ କଂଗୋରେଡ୍ ସନ୍ଧାନରେ ସେହି ନିଶୀଥ ଅନ୍ଧକାରରେ ମିଳାଇଗଲେ ।

ପୁଅର ଅନ୍ତିମ କାଳରେ ତା ସହିତ ତାଙ୍କର ଦେଖା ହୋଇ ପାରିଲା ନାହିଁ । ମୁମୂର୍ଷୁ ପୁଅଟିକୁ ପଦେ ଆଶ୍ୱାସନା ବାଣୀ ଶୁଣାଇବା ପରିବର୍ତ୍ତେ ମା ତାର ମୁଣ୍ଡ ଉପରେ ବସି କେବଳ ଅନୁଶୋଚନା କରିବାରେ ଲାଗିଥାନ୍ତି । 'ଏମିତି ଅବସ୍ଥାରେ ପଡ଼ି ତୋର ପ୍ରାଣ ଗଲା । ଏହା ସ୍ୱପ୍ନରେ ବୁଝି କେବେ ଭାବି ନଥିଲିରେ ଧନ ।' ଟିକିଏ ପରେ ସେ ଚିରଦିନ ଲାଗି ସଂସାର ଛାଡ଼ି ଚାଲିଯିବ । ଅଥଚ ତା କାନପାଖରେ ଏ ବିକଟ ଆର୍ତ୍ତନାଦ ।

ତା ପରଦିନ ଯେତେବେଳେ ସେମାନେ ଚାଲିଗଲେ ମୋତେ ଗୋଟାଏ ଧନ୍ୟବାଦ ସୁଦ୍ଧା ଦେଇଗଲେ ନାହିଁ । ମୋର ଯେପରି ସବୁ ଅପରାଧ ।

ତା ପରଦିନ ଦିନ ବାରଟା ବେଳେ ନର୍ସ ଆସି ଡାକିଲା, 'ପଚିଶ୍ ନମ୍ବର ଟାଇଫଏଡ୍ ରୋଗୀର ଅବସ୍ଥା ସାଂଘାତିକ । ଗ୍ଲୁକୋଜ୍ ଇନ୍‌ଜେକ୍‌ସନ୍ ଦେବା ସତ୍ତ୍ୱେ ଓ ନାଡ଼ୀର ଗତି କ୍ରମଶଃ ଅଳ୍ପକୁ ଗତ କରୁଛି ।

ବ୍ୟସ୍ତ ହୋଇଗଲି ।

ପହଞ୍ଚି ଦେଖିଲି ରୋଗୀର ମା ତାର ମୁଣ୍ଡ ଉପରେ ବସି ନୀରବରେ କାନ୍ଦୁଛନ୍ତି । ବୃଦ୍ଧ ଗୀତା ପାଠ କରିବାରେ ଲାଗିଛନ୍ତି । ରୋଗୀର ଶ୍ୱାସ ଉଠିବାକୁ ଆରମ୍ଭ କଲାଣି ।

ମୋତେ ଦେଖି ବୃଦ୍ଧ ସ୍ମିତହସି ଡାକିଲେ 'ଆସନ୍ତୁ ଆସନ୍ତୁ ଡାକ୍ତରବାବୁ, ଆପଣ ଅନେକ କରିଛନ୍ତି । ଭଗବାନଙ୍କ ହାତରେ କଥା । ଆଉ ଆଶା ନାହିଁ । ଏଥର ଶେଷକୃତ୍ୟ କରନ୍ତୁ! ଆପଣଙ୍କ ପଦଧୂଳି ଟିକିଏ ତା ମଥାରେ ଦିଅନ୍ତୁ ତାର ସମସ୍ତ ଯନ୍ତ୍ରଣାର ଅବସାନ ହେଉ । ଜୀବନର ସମସ୍ତ ଯନ୍ତ୍ରଣାର ଅବସାନ ହେଉ । ଜୀବନର ସମସ୍ତ ଗ୍ଲାନି ଦୂର ହୋଇଯାଉ ।'

ଏପରି ପରିସ୍ଥିତିରେ ଆଗରୁ କେବେ ପଡ଼ିନଥିଲି । ଅପ୍ରସ୍ତୁତ ହୋଇ ଠିଆହୋଇ ରହିଲି ।

ମୋତେ ଅପ୍ରସ୍ତୁତ ହେବାର ଦେଖି ସେ କହିଲେ 'ଅପ୍ରସ୍ତୁତ ହେବାର କିଛି ନାହିଁ ଡାକ୍ତରବାବୁ, ଦୟାକରି ଆସନ୍ତୁ । ଆପଣ ବ୍ରାହ୍ମଣ ଆପଣଙ୍କ ପଦଧୂଳିତ ତାର କାମ୍ୟ । ଦିଅନ୍ତୁ, ଆଉ ଡେରି କରନ୍ତୁ ନାହିଁ । ତାପରେ [illegible] କହିଲେ 'ସମୟ ହୋଇ ଆସି [illegible] ପରେ ବହୁତ ସମୟ ମିଳିବ । ଏଥର ଟିକିଏ ନାମ ଶୁଣାଅ । ପୁଅ ଯାଉଛି [illegible] ର ପାଖେଇ ଦିଅ ।'

ଅଙ୍କୁରି [illegible] ପରହୁଷ୍ଟା ଶେଷ ଦେଖନ୍ତୁ



Digitized by srujanika@gmail.com

# ଚଟ୍ଟାକୁ ଉତ୍ତର

ଶୈଳବାଳା ଦାସ ବାରିପଦା

ପ୍ର—ଜଣେ ଅଧ୍ୟାପକ ଯୁଧିଷ୍ଠିର ଓ ରାମଚନ୍ଦ୍ରଙ୍କୁ ପାଇଚାଆ ଆଖ୍ୟା ଦେଇଛନ୍ତି । ଏହାକଣ ସତ୍ୟ ?

ଉ—ବରଂ ସୀତା ଓ ଦ୍ରୌପଦୀ ଅଣ୍ଡିରଚଣ୍ଡୀ ଥିଲେ କାରଣ ଦୁହେଁଯାକ ଘଇତା ପଛେ ପଛେ ବଣକୁ ଗୋଡ଼େଇଥିଲେ ।

ପ୍ର—ଉଭୟ ଦ୍ୱିତୀୟକୁ ଯିଏ ନାରୀ ଓ ଉଦସନାରୀ ବୋଲି କହନ୍ତି ତାଙ୍କୁ କଣ କୁହାଯିବ ?

ଉ—ନପୁଂସକ ଓ ମନେ କହ କୁହାଯାଇ ପାରେ ।

ପ୍ର—ସୌନ୍ଦର୍ଯ୍ୟର ଉପାସକ କିଏ ?

ଉ—ଯିଏ ଟାଇମପାସ ହଇ ପାଇଁ ହୁଏ

ହେମନ୍ତକୁମାର ତରାଇ—ଚଉରା ଖେମୁଣ୍ଡି ଗଞ୍ଜାମ

ପ୍ର—ପାରଦ ପଥକୁ ଖସଡ଼ା ବୋଲି କାହିଁକି କହନ୍ତି ? ଯଦି ଖସଡ଼ା ହୋଇଥାଏ ତାକୁ ଛଡ଼ାଇବାର ଉପାୟ କଣ ?

ଉ—ପାରଦ ପଥ ଖସଡ଼ା ନୁହେଁ; ଶୁଖିଲା ଭୂଇଁରେ ଯେଉଁଠି କଣ୍ଟା ଫୋଡ଼ନ୍ତି ଲୋକେ—ସେଇଠାରେ ପାରଦପଥ ସେଥିପାଇଁ କହ, ନଜର ରଖି ଚାହିଁକି ଗୋଡ଼ ବଢ଼ାଇଲେ ପଦପଦେ ଭଟଣ । ଅନେକ ଖସଡ଼ା କୁ ନାହିଁ ଛଡ଼ାଇବେ କିଏ ?

---

ପୂର୍ବ ସ୍ମୃତିର ଅବଶିଷ୍ଟାଂଶ ଦେଖନ୍ତୁ

ଏ ସମ୍ବନ୍ଧରେ ବହୁରେ ଗାଙ୍କ ଦେହରେ ଛୁଇଁ ପ୍ରମାଣ ବଞ୍ଚାଇବାର ଚେଷ୍ଟା କରିଛି । କିନ୍ତୁ ସେଦିନ ସେ ପ୍ରକୃତ ମୋର ଆଉ ରହିଲ ନାହିଁ । ଏକ ଅପ୍ରତ୍ୟାଶିତ କରୁଣ ପରିସ୍ଥିତି ମଧ୍ୟରେ ପଡ଼ି ବ୍ୟକ୍ତିକେଶ ମୋର ସମ୍ପୂର୍ଣ୍ଣରୂପେ ବଦଳିଗଲା । ବୃଦ୍ଧଙ୍କର ଅନୁରୋଧ ଏଡ଼ି ପାରିଲି ନାହିଁ । ନଇଁକର ଯୋତା ଖୋଲିବାକୁ ଲାଗିଲି ।

ପରଦିନ ବୃଦ୍ଧ ଡାକ୍ତରଖାନାକୁ ଏକହଜାର ଟଙ୍କା ଦାନକରି ଚାଲିଗଲେ । ଚେକ୍‌ଟାକୁ ଭଙ୍ଗାଇବାକୁ ଯାଇ ଦେଖିଲି ସେ ଜଣେ ବିଳାତ ଡିଗ୍ରୀଧାରୀ ରଟାୟାର୍ଡ ସିଭିଲ୍ ସର୍ଜନ୍ ।

---

ପ୍ର—ବରଷା ଘୋରଝଡ଼ ବର୍ଷା ରାତିରେ ସାଥୀର ବନ୍ଧନେ ବେଶୀ ଦୁଃଖପାଏ ନା ଜନକନିଅ ଶୀତ ରାତିରେ ?

ଉ—ଝଡ଼ରେ । କାରଣ ପ୍ରେମଟା ଦୋହଲି ଉଠେ । ଶୀତରାତିରେ କମଳ ଭିତରେ ଡକଅ ଅଦରି ଶୋଇପଡ଼େ ।

ପ୍ର—ଥୋକେ ଲୋକ ନିଜର ସୁନ୍ଦରୀ ସ୍ତ୍ରୀର ଫଟୋ ଥାଉଁ ଥାଉଁ ସିନେମା ଅଭିନେତ୍ରୀଙ୍କ ଫଟୋ ମନିବ୍ୟାଗରେ ସୁରକ୍ଷିତ ପକେଟରେ ରଖିଥାନ୍ତି କାହିଁକି ?

ଉ—ମନିବେଗରୁ ଜିନିଷ ଅନ୍ୟକୁ ଦିଆଯାଏ କିନ୍ତୁ ମାଇପକୁ ଦିଆଯାଇ ପାରେନାହିଁ ।

ରାଧାନାଥ ମହାରଣା—ବି ଏନ ହାଇସ୍କୁଲ ଆନନ୍ଦପୁର

ପ୍ର—କଳିଯୁଗରୁ ମୁକ୍ତି ପାଇବାର ପଥ କେଉଁଟା ?

ଉ—ଯୁଗ ବା ଯୁଟ୍ ନ ହୋଇ ସଳଖି ଗୃହିବା ।

ପ୍ର—ଚୁଟୁନ୍ଦ୍ରୀଚନ୍ଦ୍ର ଯେସାକୁ ଚେସାର ଉତ୍ତର କରି କଣ ପାଆନ୍ତି ?

ଉ—କଲମ ଗଳ୍ପମରେ ।

ପ୍ର—ସାଧାରଣତଃ କେଉଁମାନେ ନିଆଁଖୁଣ୍ଟା ମଗାନ୍ତି ?

ଉ—ଯାହାଙ୍କ ମୁହଁ ଜଳିଯାଇଥାଏ ।

ଅନନ୍ତ କିଶୋର ଦାସ ଟି ଜାଇଭରେ
କାଟକଟା

ପ୍ର—ହରେକୃଷ୍ଣ ମହତାବ କେନ୍ଦ୍ରର ସବୁ ମନ୍ତ୍ରୀଙ୍କ ଭିତରେ ବେଶି ଗସ୍ତ ଖର୍ଚ୍ଚ ନେବା ଓଡ଼ିଆଜାତି ପକ୍ଷରେ ଗୌରବ ନୁହେ କି ?

ଉ—ନିଶ୍ଚୟ ! କାରଣ ବେଶିଗସ୍ତ ପ୍ରଗତିର ଲକ୍ଷଣ ।

ପ୍ର—ମୁଁ ଉଗର ଅଜାଙ୍କ ନାତୁଣୀଟିଏ ବାହାହେବାକୁ ଚାହେଁ—ଚୁଟୁନ୍ଦ୍ରୀଚନ୍ଦ୍ର ଘଟକାଳି କରିବେ କି ?

ଉ—ଆପଣ ଯଦି ଉଗର ଅଜାଙ୍କର ନାତୁଣୀଯୋଗ୍ୟ ନହେବେ ତେବେ ବୋଧହୁଏ ଅଜାଙ୍କର ଆପତ୍ତି ନଥିବ ।

ପ୍ର—ମୋର କବିତା ଲେଖିବାକୁ ସ୍ପୃହା ଚୁଟୁନ୍ଦ୍ରୀଚନ୍ଦ୍ରଙ୍କ ଦ୍ୱାରା ଏ ମାନ ସଂପାଦକଙ୍କ କଡ଼ା ଦୃଷ୍ଟିକୁ ଉଛୁରିବାର ଉପାୟ କଣ ?

ଉ—ଆପଣ କୌଣସି ସ୍ତ୍ରୀ ନାମରେ ପଠାନ୍ତୁ । କଡ଼ା ଦୃଷ୍ଟି କୋମଳ ହୋଇଯିବ ।

ଗୁରୁପ୍ରସାଦ ଭଗତ—ବକ୍ସି ବଜାର କଟକ

ପ୍ର—ପ୍ରତିସଂଖ୍ୟା ଉଗରରେ ସଂପାଦକ ମୁଁ କାହିଁକି ଲେଖେଁ ଲେଖକଙ୍କ ବିଷୟରେ ପଦେଅଧେ ଲେଖନ୍ତି କିନ୍ତୁ ଏ ସଂଖ୍ୟାରେ କାନ୍ତକବିଙ୍କ ବିଷୟରେ ନ ଲେଖିବାର କାରଣ କଣ ?

ଉ—ବିଦ୍ୟା ନଗରୀରେ କାଳିଦାସ ଭଳିଆ ।

ପ୍ର—ନିଆଁଖୁଣ୍ଟା ଉଗର ଆଗରେ ପିନ୍ଧି ହେଲେ ମଧ୍ୟ ତାହା ଉଗରକୁ ଟପିଯାଇଛି କି? ଯାଇଥିଲେ କାରଣ କଣ ?

ଉ—ଉଗର ନିଆଁଖୁଣ୍ଟା ଏକାଶ୍ରେଣୀର ନୁହନ୍ତି—ସେଥିପାଇଁ କେହି କାହାକୁ ଟପିଯିବାର ପ୍ରଶ୍ନ ନାହିଁ । ଉଗରର ତୁଣ୍ଡବାଇଦ ସହସ୍ର କୋଶ । ନିଆଁଖୁଣ୍ଟା ଯେଉଁଠି ଲାଗେ ହୁହୁଳି ଉଠେ ।

ପ୍ର—ଚୁଟୁନ୍ଦ୍ରୀଚନ୍ଦ୍ର କେବେ ସିନେମା ଦେଖି ଯାଆନ୍ତି କି ? ଗଲେ ସାଙ୍ଗରେ ଚୁଟୁନ୍ଦ୍ରାଣୀ ଥାଆନ୍ତି କି ?

ଉ—ଚୁଟୁନ୍ଦ୍ରାଣୀ ସିନେମା ଯାଆନ୍ତି । ତାଙ୍କ ସାଙ୍ଗରେ ଚୁଟୁନ୍ଦ୍ରୀଙ୍କୁ ନ ନେବାର କାରଣ ଆପଣମାନଙ୍କ ଭଳି ସିନେମାକାଳୀଙ୍କର ଦୃଷ୍ଟି ନେବାକୁ ସେ ହତାଶ କରନ୍ତି ନାହିଁ ।

---

## କ୍ଷମା ଭିକ୍ଷା

ବଜାରରେ ଛପା କାଗଜ କେବଳ ଦୁର୍ମୂଲ୍ୟ ନୁହେଁ ଦୁର୍ଲଭ ହୋଇଗଲାଣି । ଉଗର ପରି ଅଳ୍ପ ପାଣ୍ଠିରେ ଗଠିତ ଅନୁଷ୍ଠାନ ପକ୍ଷରେ କାଗଜ ସଂଗ୍ରହ ଦୁଷ୍କର । ତେଣୁ ବାଧ୍ୟହୋଇ ଆମ୍ଭେମାନେ ନିକୃଷ୍ଟ ଧରଣର କାଗଜକୁ ଉତ୍କୃଷ୍ଟ କାଗଜ ମୂଲ୍ୟରୁ ଅଧିକରେ କିଣି ଦୁଇଟି ସଂଖ୍ୟା ଏକତ୍ର ପ୍ରକାଶ କଲୁଁ । କାଗଜ ପାଇଁ ବ୍ୟବସ୍ଥା କରାଯାଉଛି । ଆଶାକରୁ ସମସ୍ତଙ୍କର ସଦିଚ୍ଛାରେ ଆମେ ବାଧା ଅତିକ୍ରମ କରିବୁ ।

—ପରିଚାଳକ.



Digitized by srujanika@gmail.com



## ବଡହେବ ମୁହଁ ଦିନେ

ଦୁଃଖନାହିଁ ମୋର, ହେଲେ ବି ଛୋଟ
ଦିନେ ମୁଁ ହୋଇବି ବଡ଼
ଏକାଥରେ ଫୁଲ ଫୁଟେ କି କେବେ
ଅଗ ଧରେ ଫୁଲ କଢ଼ ।
ବଡହୋଇ ପୁଣି, ବଡ଼ ଯେ ବୋଲନ୍ତି
ଆଉ ନ ପାରନ୍ତି ବଢି
ବଢ଼ି ହୋଇ ହୋଇ ହେଲେ ପୂର୍ଣ୍ଣଚନ୍ଦ୍ର
ପୁଣି ସିନା ଯାଏ ଛିଡି
'ବଡ' ନ ହୁଅଇ ଛୋଟ ଆଉ କେବେ
ଛୋଟହୋଇ ପାରେ ବଡ଼
ଛୋଟ ଅଟେ ମୁହି; ବଡ଼ ହେବି ଦିନେ
ଭଙ୍ଗାହେଲା ମୋର ଦଢ଼ ।
ମୁଁ ଅଟଇଁ କ୍ଷୁଦ୍ର ଅତିଶୟ
ଦିନେ ହେବି ବଡ଼ ମୁଁ ନିଶ୍ଚୟ—
ଅପମାନ ନାହିଁ, କ୍ଷୁଦ୍ର ଅଟେ ମୁହିଁ
ବଡ଼ ହେବ ମୁହିଁ ଦିନେ
ଫୁଲ କଢିଗୁଡ଼ିକ ଫୁଟିଥିବ ରହି
କଲ୍‌ପନା ରହିଲା ମନେ
ବଡ଼ ହେବ ମୁହିଁ ଦିନେ ।
—ସୁଭାଷ

## ନିଶା ଆଗମନ

ପଶ୍ଚିମ ଆକାଶେ ପର୍ବତ ଫାଙ୍କରେ
ପାଟଳ ଭୂଷଣ ଦେଇ ସବିତା
ଧରାରୁ ବିଦାୟେ ମାଗିଲେ ସଦାୟେ
ଜଣାଇଲେ ଲୋକେ ନିଶା ବାରତା ।
ମାଉଁମୁଖୀ ହୋଇ ବିହଙ୍ଗ ଫେରିଲେ
ଗାଇ ନିଶା ଆଗମନୀ ଗୀତିକା
ଗୋଧୂଳେ ଅବନୀ ଧୂଳି ଉଠୁଥିଲା
ବିଛେଇଲେ ନଭେ ଚନ୍ଦ୍ର ତାରକା ।
ପତ୍ରର ଫାଙ୍କରେ ସଦ୍ୟଜାତ ପୁଷ୍ପ
ମୁଦିଦେଇଥିଲା ପାଖୁଡ଼ା ଗୁଡ଼
ନିଶା ଆଗମନ ଦେଖି ସୂର୍ଯ୍ୟମୁଖୀ
ଦେଇଥିଲା ତାର ମୁଖଟି ମୋଡ଼ ।
କ୍ଷେତ କାମ ସାରି କ୍ଲାନ୍ତ ଚଷାପୁଅ
ଫେରୁଥିଲେ ଗୃହେ ବିଶ୍ରାମ ଆଶେ
କଳାଶାଢ଼ୀଟିଏ ପିନ୍ଧି ନିଶାରାଣୀ
ଦେଖା ଦେଇଥିଲେ ଦିବସ ଶେଷେ ।

ପ୍ରଭୁଙ୍କ ନାମରେ ମନ୍ଦିରେ ମନ୍ଦିରେ
ଘଣ୍ଟାଶଙ୍ଖ ଧ୍ୱନେ ପୂରେ ଆଜାନ
ନିଯୁକ୍ତ ନିୟମେ ଦିବସ ଶେଷରେ
ରାଜତ୍ୱ କରିଲା ଭବେ ରଜନୀ ।
—ସବିତା

## ଅବସର ବିନୋଦନ ୭୩

ପର୍ବତାଗ୍ରେ ରଥଂ ଯାତି ଭୂମି ତିଷ୍ଠତି ସାରଥୀ
ଚଳତି ପବନ ବେଗେ ପାଦମେକୋ ନ ଗଚ୍ଛତି
—ରାମଚନ୍ଦ୍ର

୭୪

A marble room
as white as milk
A golden ball inside
as soft as silk
No entrance into
no gates unfold
Yet thieves break in
and steal the gold
ରାମଚନ୍ଦ୍ର (୨୮୩)

୭୫

ଢଳେଥିବା ନିର୍ଭୁଳ ଆକାର ଜାଗାରେ ୪ଟି ଗଛଥିଲା—ସେ ଜମିଟିକୁ ଏପରି ଭାବରେ ବୃକ୍ଷଗଣଙ୍କ ମଧ୍ୟରେ ବାଣ୍ଟିଦିଅ ଯେପରି ପ୍ରତ୍ୟେକ ଭାଗରେ ସମାନ ଆକାରରେ ଜମି ପଡ଼ିବ ଓ ଗୋଟିଏ ଲେଖା ଗଛ ପଡ଼ିବ । —ସୁରେନ୍ଦ୍ର

## ଭ୍ରମ ସଂଶୋଧନ

୫୯ ନମ୍ବର [କ]—୨୮ ପରିବର୍ତ୍ତେ ୯ ହେବ ୬୦ ନମ୍ବର [କ]—୪ର୍ଥ ଗ୍ରନ୍ଥିରେ ତୃତୀୟରୁ ୨ ଗୁଣ୍ । 

## ୬୦ ଅବସର ବିନୋଦନ ଉତ୍ତର

ଖଗ ବିପରୀତ ଯହିଁ ଅଇଲା—ବର୍ଷା ଋତୁ
କାମ ବିପରୀତ ପୁରଦହିଲା—ମକା
ବଲ୍ଲକନାଦ ଭୀମବାସ ପୁରେ—ଚୁଲିରେ
ଜହ୍ନୁଁ ଅକ୍ରୂରଙ୍କୁ ଲୋଡ଼ନ୍ତି ନରେ—କାଶ୍ଣର
କେଉଁ ଋତୁରେ
ନାଗଭାଇ ମୋର କହ ସତ୍ୱରେ—ବର୍ଷା ଋତୁରେ
—ଜଗନ୍ନାଥ [୧୨୮୨]

## ନାଗଙ୍କ ପ୍ରଶ୍ନ

ଦିନରେ କାହିଁକି ହେନାଫୁଲ ବାସେନ ?—ରାମଚନ୍ଦ୍ର ପଣ୍ଡା

ଅଷ୍ଟାଦଶ ପୁରାଣ କେବେ ରଚିତ ହୋଇଥିଲା—ବରଦା [୧୩୨୪]

ମନୁଷ୍ୟ ପକ୍ଷରେ ଦୁନିଆରେ ସବୁଠୁଁ ବଡ଼ କିଏ ଭଣ ?—ସବିତା [୧୨୪୪] ।

## ନାଗଙ୍କ ଉତ୍ତର

ବରଦା ଭାଇ ଜାଣିବ—ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ ଜ୍ୟୋତିଷ ଓ ଛନ୍ଦ ବେଦର ଏହି ଛଅ ଅଙ୍ଗ—ସବିତା (୧୨୪୪)

## ଅଜାଙ୍କ ଉତ୍ତର

ନିର୍ମଳେନ୍ଦୁ -[ ୯୨୨ ]-ଯେଉଁ ଚିଠିଟିରୁ ମଝିରେ ତାର ବନ୍ଧୁମାନେ ଅପମାନ ଦେଉଛନ୍ତି ସେ ଚିଠିଟି ଛାପିବାର କଥା ନାହିଁ ! ସେ ଗାରବଟରେ ଅନ୍ଧପିଟି ସତ୍ୟ ହେଲେ ପ୍ରକାଶ ପାଇବ ।

ରାମଚନ୍ଦ୍ର (୫୨୨)-ଅଧିକ ମିଠା ଖାଇଲେ, ଖେଳ ଖାଇଲେ ସଂଖ୍ୟା ଓ ନିରାମିଷ ଆହାରକଲେ ଯେ କ୍ରୋଧ ଦୂର ହେବ ଏକଥା ନୁହେଁ । ସେଥିରୁ କେବଳ ପଥ୍ୟ—ଔଷଧ ନାହିଁ କେବଳ ପଥ୍ୟରେ ରୋଗ ଭଲହୁଏ ନାହିଁ । ଔଷଧ ହେଉଛି ରାମନାମ ବା ଈଶ୍ୱର ପ୍ରାର୍ଥନା-ପାଠ ହେବା ! କ୍ରମେ ଅଭ୍ୟାସ ଏବଂ ଚେଷ୍ଟାରୁ ତୁମର କ୍ରୋଧ ନିବାରିତ ହେବ ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାଗ ନାତୁଣୀ ହେବାକୁ ଚାହେଁ । ମୋର ବୟସ ୯ ବର୍ଷରୁ ଊଣା ମୋର ଜନ୍ମ—ତା । ।
ମସିହା । ମୁଁ ସତ୍ୟ ସାହସ ଓ ସେବା ବ୍ରତ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଚିଠା କମରେ ୫୦ ୯ ଡାକ ଟିକଟ ଦେଲି ।
ସ୍ୱାକ୍ଷର
ଠିକଣା—ଶ୍ରୀ...



Digitized by srujanika@gmail.com

Dagaro
Reg. No O 18. ORISSA'S MOST POPULAR FORTNIGHTLY 1 3-51

ପ୍ରକାଶ ପାଉଛି ! ପ୍ରକାଶ ପାଉଛି !

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ । ଅନୁମାନ କରାଯାଉଛି— ଏହା ତିନି ବା ତତୋଧିକ ଖଣ୍ଡରେ ଆପାତତଃ ସମାପ୍ତ ହେବ । ବହୁମୁଖୀ ସାହିତ୍ୟ ସାଧନାକୁ ଯଥୋଚିତ ପ୍ରକାଶ ଦେବା ପାଇଁ ପ୍ରତ୍ୟେକ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ । ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି । କାରଣ ତାର ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ । ସେଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପ୍ରକୃତି ଉତ୍କଳ ସାହିତ୍ୟ, ମୁକୁର, ବାନ୍ଧବୀ, ନବଚକ୍ର ବା ଅନ୍ୟ ପତ୍ରପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଶର ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ ।

ଉତ୍କଳ ବୁକ୍ ଏମ୍ପୋରିଅମ୍, କଟକ—୨ | ମ୍ୟାନେଜର, ଡଗର ପ୍ରେସ, କଟକ—୧

ଆମ୍ଭ ପ୍ରକାଶ କଲୁ

ପ୍ରଗତିଶୀଳ ପତ୍ର ପତ୍ରିକାରେ ପରିଚିତ ବିନୋଦ ରାଉତରାୟଙ୍କର ଅଭିନବ କବିତା ଗୁଚ୍ଛ

# ନିର୍ମଳା

ସବୁଜ ଲେଖନୀର ଶୁଭେଚ୍ଛା ସହ

# ମୌସୁମୀ

ମୂଲ୍ୟ—ଆଠଅଣା

ମୁକ୍ତି ପ୍ରତୀକ୍ଷାରେ

ନିବେଦିତା, ଅନାହୂତ, ସ୍ୱପ୍ନ ବିରି ଶ୍ୟାମଳିକା ଓ କାକଳି

ପ୍ରକାଶକ

ନାଦଘର

ପୋ:—ପୁରୁଣାହାଟ ଶାସନ

କଟକ

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ ।

# ସୁଧାସିନ୍ଧୁ ଔଷଧାଳୟ

## ପ୍ରସିଦ୍ଧ କବିରାଜଙ୍କ ପରଲୋକ

କଟକ, ଝାଞ୍ଜିରମଙ୍ଗଳା ସୁଧାସିନ୍ଧୁ ଔଷଧାଳୟର ପ୍ରବର୍ତ୍ତକ କବିରାଜ ଶ୍ରୀ ପଦ୍ମନାଭ ମିଶ୍ର ଶର୍ମାଙ୍କ ମହାପ୍ରୟାଣ ହୋଇଯାଇଛି । ତାଙ୍କର ପୁତ୍ର ଏବଂ ସୁଧାସିନ୍ଧୁ ଔଷଧାଳୟର ସହକାରୀ ବ୍ୟବସ୍ଥାପକ କବିରାଜ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ବର୍ତ୍ତମାନ ଔଷଧାଳୟର ସମସ୍ତ ପରିଚାଳନା ଭାର ଗ୍ରହଣ କରିଛନ୍ତି । ସୁଧାସିନ୍ଧୁ ଔଷଧାଳୟର ପୃଷ୍ଠପୋଷକ ଓ ସ୍ୱର୍ଗୀୟ କବିରାଜ ପଦ୍ମନାଭ ମିଶ୍ରଙ୍କ ପ୍ରତି ଅନୁଗତ ବ୍ୟକ୍ତିମାନଙ୍କୁ ଅନୁରୋଧ ସେମାନେ ଏହି ଅନୁଷ୍ଠାନ ପ୍ରତି ପୂର୍ବ ସହାନୁଭୂତି ପ୍ରଦର୍ଶନ କରିବେ ।

ପରିଚାଳକ
ସୁଧାସିନ୍ଧୁ ଔଷଧାଳୟ
ଝାଞ୍ଜିରି ମଙ୍ଗଳା
କଟକ (୧)

# ଓଡ଼ିଆ ସାହିତ୍ୟରେ ଅଭିନବ

ନିତ୍ୟାନନ୍ଦଙ୍କର

—କଥା ଓ କବିତା—

| | | |
|---|---|---|
| ମରମ— | ( କବିତା ) | ଟ ୧୯ |
| ପାଞ୍ଚଜନ୍ୟ— | ,, | ଟ ୧୯ |
| କାଳରନ୍ଧ— | ,, (ଯନ୍ତ୍ରସ୍ଥ) | ଟ ୧୯ |
| ହାଡ଼ମାଟି— | [ ଉପନ୍ୟାସ ] | ଟ ୨୫ |
| ଜୀଅନ୍ତା ମଣିଷ— | ,, | ଟ ୨୫ |
| ଜୀବନର ଲକ୍ଷ୍ୟ— | ,, | ଟ ୨୯ |
| ଭୁଲ— | ,, | ଟ ୨୯ |
| ଏଗାରଟା— | [ ଛୋଟ ଗଳ୍ପମାଳା ] ଟ | ଟ ୧। |
| କ୍ଷଣିକା— | ,, | ଟ ୧। |

ପ୍ରାପ୍ତି ସ୍ଥାନ—ଡଗର ପ୍ରେସ,—କଟକ୧ —

Printed,—Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ

୧୯ ସଂଖ୍ୟା

ଚୈତ୍ର

ପ୍ରଥମାର୍ଦ୍ଧ

## କୋକି ଓ ବକ




ଉତ୍କଳ କଂଗ୍ରେସ    ନେତା ମହତାବ
ସାଲିସ କରିଲେ ବସି,
ନବକୃଷ୍ଣଙ୍କର    ପାଠିଏ ଭାଗରୁ
ଦାନଗୋଇଙ୍କ ମିଳସି ।
ଗଳ୍ପରେ ଫସର ଫାଟି,
ଲଗେ ଠଣା ଭିଣା    ଦେଖିବା କଥ ସେ
ପାରେ କାର ଉଣ୍ଡି ଦାଟି ।

ବାର୍ଷିକ

୬ ଟଙ୍କା

ପ୍ରତିଖଣ୍ଡ

ଦୁଇଅଣା

ଏ ସଂଖ୍ୟାରେ—ସାରସ୍ୱତା ଦେବହୂତି

Digitized by srujanika@gmail.com

ଅମୃତପ୍ରକାଶ କଲ
ଛବିଳ

# 'ଜହରଲାଲ'

ଲେଖକ:- ଶ୍ରୀ ବଳରାମ ସାହୁ, ବି, ଏ, ବନାରସ ବିଶ୍ୱବିଦ୍ୟାଳୟ

**ବିଷୟ ସୂଚନା**–ଓରଣ୍ଡଟ ହୃଅ, ଜହରଲାଲ୍‌ଙ୍କ ଘରେଇ ଜୀବନ,... ଗାନ୍ଧି-ନେହେରୁ ହେଟ, ହରନ୍ତ-ଅଧିବେଶନ, ରହସ୍ୟମୟ ଜୀବନର ବାର୍ତ୍ତା,... କାରାବାସର କୌତୁକ କଥା, ନେତାଙ୍କ ଘରକରେ; ଭାରତର ଜନ୍ମଜାତ... ପ୍ରଭୃତି ୧୩ଟି ଅଧ୍ୟାୟର ପରିବେଷଣ ।

Foreword (ଇଂରେଜୀ ଓ ତାର ଓଡ଼ିଆ ଅନୁବାଦ) ଅଧ୍ୟାପକ ଡକ୍‌ଟର ଜେ, ଓ ଇଭେଲ୍ ହ୍ୱଗୋପିଅନ୍: କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଆମେରିକା ।

Foreword- (ଜର୍ମାନ ଓ ତାର ଇଂରେଜୀ ଅନୁବାଦ, ?? ଦ୍ରେଲ୍ ଫ ସ୍ଥୁଲ, ଜର୍ମାନୀ । ନିର୍ବାସିତ ! ଓଡ଼ିଶାର ଲୋକପ୍ରିୟ କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ । 'ବିଲ୍ଲଭ ଚିଠି' (ଇଂରେଜୀ ଓ ତା'ର ଓଡ଼ିଆ ଅନୁବାଦ) ଶ୍ରୀ ବିଟକୃଷ୍ଣ ଦାସ, ଏମ, ଏ, ଏ, ଏମ, (ଆମେରିକା); ବି. ଲିଟ୍; ଡି; ଲିଟ୍ (ଇଂଲଣ୍ଡ) ।

**ଅଭିମତ ବାର୍ତ୍ତା**– ବିଶ୍ୱବିଖ୍ୟାତ ବୈଜ୍ଞାନିକ ସାର୍ ସି; ଭି; ରମଣ୍ (ନୋବେଲ୍-ଲରେଟ), ଅଧ୍ୟାପକ ଟାନ୍ ୟୁନ-ସାନ୍, ଚୀନଭବନ ଶାନ୍ତିନିକେତନ; ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ, ଭାରତର ଶିଳ୍ପବିଭାଗ ମନ୍ତ୍ରୀ; ଅଧକ୍ଷ ଏସ୍. ଏନ୍. ଅଗରୱାଲ୍ ଓୟାର୍ଦ୍ଧା; ଶ୍ରୀ ଜୋଶେଫ୍ ଅଲ୍‌ଡା, "Forum"ର ସଂପାଦକ; ଶ୍ରୀମତୀ ସୋଫିଆ ଓ୍ୟାଡିଆ P. E. N. ଭାରତ ଶାଖାର ସ୍ଥାପକ; ଶ୍ରୀଯୁକ୍ତ କାଳନ୍ଦୀଚରଣ ପାଣିଗ୍ରାହୀ, ଅଧ୍ୟାପକ ବ୍ରଜକିଶୋର ରାୟ, କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର; ଶ୍ରୀ ଗଦାଧର ଦତ୍ତ; ଡକ୍‌ଟର ପି, ପରିଜା ଉପ-କୁଳପତି ବନାରସ ବିଶ୍ୱବିଦ୍ୟାଳୟ; ଶ୍ରୀଯୁକ୍ତ ହରିଷ୍ଟନ୍ ରଭାଲ ପାର୍ଲବିନ୍ ଆମେରିକା ଡକ୍‌ଟର ମୂଲକରାଜ ଆନନ୍ଦ ବମ୍ବେ ପ୍ରଭୃତି—। ରେଖା- ପ୍ରାୟ ୫୦ଟି ଚିତ୍ର ଏଥିରେ ସନ୍ନିବେଶିତ କରାଯାଇଛି ।

ପ୍ରାପ୍ତିସ୍ଥାନ— ମୂଲ୍ୟ ଦୁଇଟଙ୍କା ମାତ୍ର,
ଉତ୍କଳ ବୁକ୍‌ଏଜେନ୍‌ସି
ବଣିଆହାଟ, କଟକ ।

---

ସ୍ତ୍ରୀ ରୋଗ ପାଇ

## ଚନ୍ଦ୍ରକଳା ଭେଷଜ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼େ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ମୁକ୍ତ ହେବ । ଔଷଧର କିମ୍ବା ଅବୌ ହାନି କାରକ ନୁହେଁ । ମୂଲ୍ୟ ୬୯ ଡାକ ଖର୍ଚ୍ଚ—୮୯/୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

**ମଦନ-ବିଳାସ ରସାୟନ**

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ରୋଗ ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପଥରେ ଏହା ଅମୂଲ୍ୟ ବର ସ୍ୱରୂପ । ମୂଲ୍ୟ—୩— ଡାକଖର୍ଚ୍ଚ—୮୦/୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିନ ବା ଅଂଶିକ ଫୁଲା, ଏଡ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ

## ଧବଳ

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ । ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣକରନ୍ତୁ

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହ୍ୟାରିସନ ରୋଡ କଲିକତା

---

ଆସନ୍ତା ସଂଖ୍ୟାରେ
ତିନିଜଣ ପ୍ରସିଦ୍ଧ ଲେଖକଙ୍କର

# "ତ୍ରିଭୁଜ"

କାହାଣୀ ବିହଗଙ୍କୁ ଟାକନ୍ତୁ
ମୂଳଦୁଆ—କାଳନ୍ଦୀ ଚରଣ
କାଣ୍ଡ—ଅନନ୍ତ
ମୁଣ୍ଡ—କନ୍ୟାନନ୍ଦ

କ୍ରମାନ୍ୱୟ ତିନି ସଂଖ୍ୟାରେ ପ୍ରକାଶିତ ହେବ ।

— ତାପରେ —

କାନ୍ତକବିଙ୍କ ଅନବଦ୍ୟ
ରସାତ୍ମକ ଉପନ୍ୟାସ

# "କଣାମାମୁଁ"

Digitized by srujanika@gmail.com



ଚୈତ୍ର ପ୍ରଥମାର୍ଦ୍ଧ ୧୪ଶ ବର୍ଷ ୧୯ଶ ସଂଖ୍ୟା ୧ । ୪ । ୫୧

## ସାରସ୍ୱତା ଦେବହୂତି




ଆପଣ ସ୍ୱୟମ୍ଭୂ ବଙ୍କର ତନୟା ନ ହୁଅନ୍ତୁ— ଆପଣ ସ୍ୱୟଂଭବା କନ୍ୟା । ଜୀବନ ଅଭ୍ୟାସରେ ଆପଣ ସାରସ୍ୱତ ଧାମରେ ଅଧିଷ୍ଠିତ ହୋଇଛନ୍ତି । ଆପଣ ଋଷି କର୍ଦ୍ଦମଙ୍କର ପତ୍ନୀ ହୁଅନ୍ତୁ ନ ହୁଅନ୍ତୁ ଆପଣ ସଂସାରର କର୍ଦ୍ଦମ ଆପଣଙ୍କୁ ସ୍ପର୍ଶ କରି ନାହିଁ । ଆପଣ ଅଧିନତା ହୁଅନ୍ତୁ ନହୁଅନ୍ତୁ ଆପଣ 'ସଙ୍ଗୋପନରେହିଁ ଭଲ' ସନ୍ଦିହାନ ଏ ସତ୍ୟାହି ପ୍ରମାଣ କରି ଏବ ଅଶ୍ଲୀଳ ଗୃହସ୍ଥାଳୀରେ ଆପଣାହିଁ ମହାଭବା ହଜାଇ ଦେଇଥାନ୍ତି । ଅଶ୍ଳୀଳକୁ ଅବସର ନୁହେଁ— ଜଞ୍ଜାଳର ଅବସାନହିଁ ସାହିତ୍ୟ— ଏହି ସାରସ୍ୱତବାଣୀରେ ଆପଣ ଉତ୍କଳକୁ ମଧୁର ଗୀତ ଶୁଣାଉଛନ୍ତି । ଆପଣଙ୍କ ଧନ୍ୟ ଭବିତା ।

## ଜମିଦାରୀ ଉଚ୍ଛେଦ

ଶ୍ରୀ ଅଧିକାରୀ

ଜମିଦାରୀ ଉଚ୍ଛେଦ ବିଲ ପାରିତ ହୋଇଛି । ଏହି ବିଲ ଆଇନ ହୋଇ ବିଧାନ ସଭା ଓ ଜନ ସାଧାରଣରେ ଅନେକ ଦେଖିଲେ । ଜିଲ୍ଲାର ସାଧାରଣ ଏହି ଆଇନକୁ ଅଗଣନ୍ତ ଭାବେ ନାପସନ୍ଦ କରନ୍ତି । ଶାସନତନ୍ତ୍ରରେ ବ୍ୟକ୍ତିଗତ ସମ୍ପତ୍ତିର ନିରାପତ୍ତା ଉପରେ ସରକାର ହସ୍ତକ୍ଷେପ କରି ନପାରିବା ର ସଂବିଧାନ ଏହି ଉଚ୍ଛେଦ ଆଇନ ଅନୁଯାୟୀ ହୋଇଛି । ଭାରତ ସରକାର ଏଣୁ ସଂବିଧାନ ବଦଳାଇବାକୁ ଯାଉଛନ୍ତି । ମାତ୍ର ଆମର ମନେ ହୁଏ ଏହାର କୌଣସି ଆବଶ୍ୟକତା ନାହିଁ । ସର୍ବୋଚ୍ଚ ହାଇକୋର୍ଟମାନଙ୍କ ମତ ବ୍ୟକ୍ତିଗତ ସଂପତ୍ତିର ନୈତିକ ଅର୍ଥ ବର୍ଣ୍ଣାଇ କହାଯାଇଥିବା ହେବେ ଜମିଦାରୀ ଉଚ୍ଛେଦରେ ବାଧା ରହନ୍ତ ନାହିଁ । ଆମ୍ଭେମାନେ ବଙ୍ଗଳାର ଓଡ଼ିଶା ହାଇକୋର୍ଟର ଯୁକ୍ତିକୁ ଆଗ ଆଲୋଚନାରେ ଦେଉଛୁ ।

ପ୍ରଥମେ ସଂପତ୍ତି ଏବଂ ସ୍ୱତ୍ୱର ପାର୍ଥକ୍ୟ ବୁଝିବା ଦରକାର । ସଂପତ୍ତି ମନୁଷ୍ୟର ଭୋଗ୍ୟ ଆବଶ୍ୟକ ଅର୍ଥାତ୍ ଯେ କୌଣସି ଉତ୍ପନ୍ନ ଦ୍ରବ୍ୟ ଏବଂ ଉତ୍ପାଦନର ଉପକରଣର ନାମ ସଂପତ୍ତି ଯଥା— ଖାଦ୍ୟ, ପରିଧେୟ, ଜମି, ବାଡ଼ି, ହଳ, ଲଙ୍ଗଳ, ଲୁଗା ତନ୍ତ, ଟ୍ରାକ୍ଟର, ପାଣି ଏବଂ ପବନ ମଧ୍ୟ । ଏହି ସଂପତ୍ତି ମାତ୍ରେ ସର୍ବସାଧାରଣ— ପାଣି ପବନ ଭଳି । କୌଣସି ଭୋଗ୍ୟ ସଂପତ୍ତି ଭୋଗୀ ମନୁଷ୍ୟର ସଂଖ୍ୟାନୁପାତରେ କମ ହେଲେ ସଂପତ୍ତିର ବଣ୍ଟନ ଦରକାର ହୁଏ । ଫଳରେ ସଂପତ୍ତିର ସର୍ବସାଧାରଣତ୍ୱ ଲୋପ ପାଇ ବ୍ୟକ୍ତିଗତ ଅଧିକାର ସାବ୍ୟସ୍ତ କରିବାଏ ତା ବ୍ୟକ୍ତିର ସ୍ୱତ୍ୱ ଉଦ୍ଭବ ହୁଏ । ସୁତରାଂ ଆବଶ୍ୟକୀୟ ସଂପତ୍ତିର ନିର୍ଦ୍ଦିଷ୍ଟ ଓ ସଂଯତ ବ୍ୟବହାର ପରିଣାମ ସ୍ୱତ୍ୱ । ଯେ ଯେତେ ଅଧିକ ପାଇବ ତାହା ତାହାର ସ୍ୱତ୍ୱ ହୋଇ ନପାରେ । ଯେ ଯାହା ଦରକାରୀ ଖରଚ କରି ପାରିବ ତାହହିଁ ସ୍ୱତ୍ୱ ବ୍ୟକ୍ତିଗତ ସଂପତ୍ତି । ଯେ ଯେତେ ସଂପତ୍ତି ଅଧିକାର ବାହା ଯଦି ତାର ସ୍ୱତ୍ୱ ସାବ୍ୟସ୍ତ ହୁଏ ତେବେ ଭଣ୍ଡାରରେ ହୋଇଥିବା ବ୍ଲାକ ମାର୍କେଟିଂକୁ ମଧ୍ୟ ଆଇନସଂଗତ କୋହଯାଉ ହେବ ଏବଂ ଚୋର ବା ଡକାୟତଙ୍କର ଚୋରାମାଲ ମଧ୍ୟ ବ୍ୟକ୍ତିଗତ ସାବ୍ୟସ୍ତ ହେବ ।

କ୍ରମଶଃ

Digitized by srujanika@gmail.com

ଭାଗେ ଭାଗେ

# ମୁଖ୍ୟମନ୍ତ୍ରୀ କଳାକାହ୍ନୁଙ୍କ ବଜେଟ ଭାଷଣ

୬

( ପୂର୍ବ ପ୍ରକାଶିତ ପରଠାରୁ )

ଦେଶର ଏହି ଆର୍ଥିକ ସଙ୍କଟ ସନ୍ଧିବେଳେ ମନ୍ତ୍ରୀମାନଙ୍କ ଭତ୍ତା ଦେବା ବଡ଼ ଅସଙ୍ଗତ ଜଣା ପଡ଼ୁଅଛି । ତେଣୁ ମନ୍ତ୍ରୀମାନଙ୍କ ଦ୍ୱାରା ଯାନ ଚଳାଚଳ ସମସ୍ତ ଉପକରଣ, ବସ୍, କାର, ଇତ୍ୟାଦି ଉଠାଯିବ । ସେମାନେ ଯେଉଁ ସ୍ଥାନକୁ ଯିବେ ବିନା ପଇସାରେ ଯିବେ ଓ ଏହି ବାଣିଜ୍ୟରେ ମିଳୁଥିବା ଟଙ୍କାକୁ ସେମାନଙ୍କ ମଧ୍ୟରେ ବାଣ୍ଟି ନେବେ ଏବଂ ସରକାରକୁ ମାସକୁ ସେମାନେ ଯେତେ ଭତ୍ତା ନିଅନ୍ତି ସେତିକି ଟଙ୍କା ଦେବେ । ଏଥିରେ ଯଦି କାହାର ଆପତ୍ତି ଥାଏ ତେବେ ସେମାନଙ୍କୁ ମନ୍ତ୍ରୀ ପଦ ତ୍ୟାଗ କରି ସଦସ୍ୟ ହେବାକୁ ମଣ୍ଡଳ ଓ ସଦସ୍ୟ ଭିତରୁ ଯେ କୌଣସି ଲୋକ ମନ୍ତ୍ରୀ ହେବାକୁ ସୁଯୋଗ ଦିଆଯିବ । ଆମର ମୁଖ୍ୟମନ୍ତ୍ରୀ ପଦଟା ସଦସ୍ୟମାନଙ୍କ ଭିତରେ ନିଲାମରେ ଡକାଯିବ । ଯିଏ ମାସକୁ ଯେତେ ଅଧିକ ଟଙ୍କା ସରକାରଙ୍କୁ ଦେବେ ସିଏ ମୁଖ୍ୟମନ୍ତ୍ରୀ ହୋଇପାରିବେ ।

ଏଇଆ ଗଲା ମନ୍ତ୍ରୀ ଓ ସଦସ୍ୟମାନଙ୍କ ପକ୍ଷରୁ ଏଇ ନିଅଣ୍ଟିଆ ବଜେଟକୁ ସାହାଯ୍ୟ କରିବାର ପ୍ରସ୍ତାବ ।

ତାପରେ ଆଜିକାର ହସ୍ପିଟାଲମାନଙ୍କରେ ଅତ୍ୟନ୍ତ ଖର୍ଚ୍ଚ ହେଉଛି ତେଣୁ ହସ୍ପିଟାଲମାନଙ୍କୁ ଗୋଟାଏ ଗୋଟାଏ ବ୍ୟବସାୟ କେନ୍ଦ୍ର ହିସାବରେ ପରିଣତ କରିବାକୁ ହେବ । ବର୍ତ୍ତମାନ ହସ୍ପିଟାଲମାନଙ୍କରେ ଯେଉଁ କର୍ମଚାରୀମାନେ ଅଛନ୍ତି ସେମାନେ ଯେତିକି ଦରମା ପାଆନ୍ତି ସେତିକି ଦରମା ପ୍ରତ୍ୟେକ ମାସ ସରକାରଙ୍କ ଟ୍ରେଜେରୀରେ ଦାଖଲ କରିବାକୁ ପଡ଼ିବ । ଉକ୍ତ କର୍ମଚାରୀମାନଙ୍କୁ ସରକାରଙ୍କ ତରଫରୁ କିଛି ଦରମା ମିଳିବ ନାହିଁ ।

ପ୍ରତ୍ୟେକ ମକଦ୍ଦମାରେ ବାଦୀ ପ୍ରତିବାଦୀ ଦୁଇ ଦଳ ଲୋକ ଥାଆନ୍ତି । ତେଣୁ ସେହି ବାଦୀ ଓ ପ୍ରତିବାଦୀଠାରୁ ଜଜ, ମାଜିଷ୍ଟ୍ରେଟ ଯେ କେହି ହୁଅନ୍ତୁ ଟଙ୍କା ନିଶ୍ଚୟ ବିଚାର ପାଇଁ ଗ୍ରହଣ କରିବେ, କିନ୍ତୁ ମନେ ରଖିବାକୁ ହେବ ଯେ ଉଭୟଙ୍କଠାରୁ ସମାନ ଟଙ୍କା ଗ୍ରହଣ କରିବେ ନହେଲେ ଅଧିକ ଟଙ୍କା ଦେଉଥିବା ପକ୍ଷ ଆଡ଼କୁ ନ୍ୟାୟଟା ଟଳିଯିବାର ସମ୍ଭାବନା ଅଛି । ବାଦୀ ପକ୍ଷର ସାକ୍ଷୀମାନଙ୍କଠାରୁ ମଧ୍ୟ ମାଜିଷ୍ଟ୍ରେଟ ଟଙ୍କା ଗ୍ରହଣ କରିପାରିବେ । ଦୋଷୀକୁ ଅର୍ଥଦଣ୍ଡ ଦେଲେ ସେହି ଅର୍ଥର ଅଧା ସରକାର ନେବେ ଆଉ ଅଧା ନିଜେ କର୍ମଚାରୀ ନେବେ ମୋ କଥା ହୁଏତ ଆପଣମାନେ ପ୍ରଶ୍ନ କରିପାରନ୍ତି ଅର୍ଥଦଣ୍ଡରୁ ସମସ୍ତ ଅର୍ଥ ସରକାର ନେବେ ନାହିଁ ? ସଦସ୍ୟମାନଙ୍କ ବୁଝିବା ଉଚିତ ଯେ ଜେଲ ବିଭାଗରେ ବ୍ୟୟ ହେଉଥିବା ଟଙ୍କାର ଲାଘବ ପାଇଁ ସରକାରୀ ଅର୍ଥଦଣ୍ଡର ଅଧେ ଅର୍ଥଦଣ୍ଡ ଦେଉଥିବା କର୍ମଚାରୀ ଗ୍ରହଣ କରିପାରିବେ ବୋଲି କୁହାହେଉଛି । ସରକାରୀ କର୍ମଚାରୀ ଯଦି ଅର୍ଥଦଣ୍ଡର ଅଧେ ଅର୍ଥ ଗ୍ରହଣ ନ କରନ୍ତି ତେବେ ସେମାନେ ଦୋଷୀମାନଙ୍କୁ ଖାଲି ଜେଲକୁ ପଠାଇବେ ଯଦ୍ୱାରା ସରକାରଙ୍କୁ ଜେଲ ବିଭାଗରେ ଅଧିକ ବ୍ୟୟ କରିବାକୁ ପଡ଼ିବ । ହୁଏତ କିଛି 'ଧର୍ମ ବଣ୍ଡ୍ ସାହି' କହିବେ ଏମିତି ଅପରାଧ ଅଛି ଯେଉଁଠି କେବଳ ଜେଲ ଦଣ୍ଡ ଦିଆଯାଏ ଓ ଅର୍ଥଦଣ୍ଡ ଦିଆଯାଇ ପାରେନା । ଅବଶ୍ୟ କଥାଟି ଖାଣ୍ଟି ସତ ତେବେ ସେଇପରି ଜାଗାରେ ଦୋଷୀକୁ ଜେଲ ନପଠାଇ ସେ ଯେତେଦିନ ଜେଲରେ ରହିବା କଥା ସେତିକି ଦିନ ଉକ୍ତ ହସ୍ପିଟାଲରେ ବିନା ଦରମାରେ ଚପରାଶି କାମ କରିବ । ହସ୍ପିଟାଲ ବିଭାଗରେ ଯେ ଖର୍ଚ୍ଚ ହେବ ନାହିଁ ମୁଁ ତାହା କହୁନାହିଁ । ହସ୍ପିଟାଲ ବିଭାଗରେ ଖର୍ଚ୍ଚ ବି ହେବ । ଯେତେବେଳେ କୌଣସି ପୋଲିସ କର୍ମଚାରୀ କମ୍ୟୁନିଷ୍ଟମାନଙ୍କୁ ଧୃତ କରନ୍ତି ସେତେବେଳେ ସେମାନଙ୍କୁ ପୁରସ୍କୃତ କରାଯିବ । ଏଇଆ ହେଲା ହସ୍ପିଟାଲ ଜନିତ ଖର୍ଚ୍ଚ ।

—ପୋଲିସ ବିଭାଗ—

ପୋଲିସ ବିଭାଗ ସମ୍ବନ୍ଧରେ କହିଲେ, ଆମକୁ ପ୍ରଥମେ ସ୍ୱୀକୃତି ଦେବାକୁ ହେବ ଆମ ପୋଲିସ ବିଭାଗୀୟ ପାରଗତା ଅଭାବ । ଆମ ଦେଶରେ ଏମିତି ଅନେକ ଚୋରି ହେଉଛି ଯାହା ଆମ ପୋଲିସଙ୍କ ଆଖି ଆଗରେ ହେଉଛି କିନ୍ତୁ ଏମାନେ ଧରିପାରୁ ନାହାନ୍ତି । ତେଣୁ ସମସ୍ତେ ପୋଲିସ ବିଭାଗକୁ ତଥା ସରକାରଙ୍କୁ ନିନ୍ଦା କରୁଛନ୍ତି । ପୋଲିସ ବିଭାଗର ଅନେକ ଦାୟିତ୍ୱ ବଢ଼ିଯାଉଛି । ସେମାନେ ଆମକୁ ନିର୍ବାଚନରେ ସାହାଯ୍ୟ କରିବେ ବୋଲି ବିପକ୍ଷଦଳର ହୋଇଛନ୍ତି । ତାଙ୍କ ବିନୁ ଆମେ ନାଶ ଯିବା । ତେଣୁ ତାଙ୍କ ହାତରେ ସ୍ୱାଧୀନତା ସରର ଗନ୍ତା କାଠିଟା ଧରାଇ ନଦେଲେ ଆମକୁ ଏଠାରେ ସମବେତ ହେବାକୁ ସୁଯୋଗ ମିଳିବ କି ନାହିଁ ସନ୍ଦେହ । ତଥାପି ତାଙ୍କ ପିଛରେ ଆମର ଅଜସ୍ର ଖର୍ଚ୍ଚ ରହୁଛି । ସେହି ଖର୍ଚ୍ଚଟାକୁ ଆମକୁ କମାଇବାକୁ ପଡ଼ିବ । କିନ୍ତୁ କି ଉପାୟରେ ? ଆମେ ଯେତେବେଳେ ଏଠାରେ ଉପାୟ ଖୋଜିବାକୁ ସମବେତ ହୋଇଛୁ, ସେତେବେଳେ ଆମକୁ ସମ୍ୟକ୍ ପଥ ପାଇବାକୁ ଅସୁବିଧା ହେବ ନାହିଁ । ତେଣୁ ସେହି ପଥଟି ମୁଁ ଉଲ୍ଲେଖ କରୁଛି ।

ଦେଶର ପୋଲିସମାନେ ଚୋରି ମାଲ ଉଦ୍ଧାର କରି ସେଇ ମାଲଟାକୁ ବା ତାହାର ଉଚିତ ଦାମ ଚୋର ମାଲ ମାଲିକ ଠାରୁ ଅସୁଲ କରି ନିଅନ୍ତି ତାହାହେଲେ ସେମାନେ ବିନା ଦରମାରେ ଚାକିରୀ କରିବାକୁ ନାରାଜ ହେବେ ନାହିଁ । ଯଦି ପୋଲିସ ଅଫିସ ଚୋରି ଯାଇଥିବା ବ୍ୟକ୍ତିର କଥାରେ ଶ୍ରଦ୍ଧା ରଖି ଚୋରି ଯାଇଥିବା ମାଲ ଓ ଚୋରକୁ ବା ଚୋର ମାଲ ଖରିଦଦାର ବା ବିକ୍ରେତାଙ୍କୁ ଖୋଜିବାକୁ ଯାଇ ବିଫଳ ହୁଅନ୍ତି ତେବେ ଚୋରି ଯାଇଥିବା ଧନର ଅର୍ଦ୍ଧେକ ମୂଲ୍ୟ ସେ ମାଲିକ ଠାରୁ ଅସୁଲ କରିପାରିବେ । ପୋଲିସ ଅଫିସର ଏ ସବୁ ଚୋରି ଇତ୍ୟାଦିର ଘଟଣା, ହାଲଚାଲ ଇତ୍ୟାଦି ଲେଖି ସରକାରଙ୍କଠାକୁ ପଠାଇବେ । ମୁଁ ଏଠାରେ ଗୋଟାଏ କଥା କହି ରଖେ ଯେ, ପୋଲିସ ଅଫିସର କେତେବେଳେ ହେଲେ ସରକାରଙ୍କ ପାଖକୁ ଚୋରି ମାଲ ପ୍ରାପ୍ତି ବିଷୟରେ ଲେଖିବେ ନାହିଁ । କାହିଁକି ନା ପୋଲିସ ଅଫିସର ଯଦି ଏ ସବୁ ସରକାର ପାଖକୁ ଲେଖେ ତାହାହେଲେ ହୁଏତ ସରକାର ସେଇ ପୋଲିସ ଅଫିସରର ଆୟ ଉପରେ ଇନ୍‌କମଟେକ୍ସ ବସାଇ ପାରନ୍ତି ।

[କ୍ରମଶଃ]



Digitized by srujanika@gmail.com



### ଚଣ୍ଟୁର ଲୁଆଇଁ

ଭାରତ ପାର୍ଲାମେଣ୍ଟର ପ୍ରଶ୍ନୋତ୍ତରରୁ ଜଣାଯାଇଛି ଯେ ଖାଦ୍ୟ ମନ୍ତ୍ରୀ ଶ୍ରୀ ମୁନ୍‌ସୀଙ୍କ ଲୁଆଇଁକୁ ନଳକୂପ ଖୋଳିବା ନିମନ୍ତେ ୨ଲକ୍ଷ ଟଙ୍କାର ଲୋନଗ୍ରାଣ୍ଟ ଦିଆ ହୋଇଛି ।

ଏଥିରେ ଦୋଷ କେଉଁଠି ତାହା ଆମେ ବୁଝି ପାରୁନାହୁଁ । ମୁନ୍‌ସୀଜୀ ଜନ୍ମେ ଭଲ । ତାଙ୍କର ଅନ୍ତର୍ଦୃଷ୍ଟି ଥିବ ନିଶ୍ଚୟ । ତାହାଛଡ଼ା ଲୁଆଇଁ କେତେ ଗହିରକୁ ଭେଦ ପାରେ ସେ କଥା ଶ୍ୱଶୁରଙ୍କ ଛଡ଼ା ଅଧିକ କିଏ ଜାଣନ୍ତି ।

### ଗହମ ଥୋପ

ଆମେରିକା ଭାରତକୁ ଗହମ ଦେବ ଦେବ ବୋଲି ଥୋପ ଦେଖାଉଛି । ଦାନ ଦେବ ବା କରଜ ଦେବ, ଥୋପଟା ଗିଳି ପକାଇବାରେ ଆପତ୍ତି କାହିଁକି ? ଥୋପ ଖାଇସାରି ହେଉ ଛଟ୍‌ପଟ ହେଲେ ଦୋଷ ରହିବ କେଉଁଠି ?

### ଏକ ଦେବା

ଶିଳ୍ପମନ୍ତ୍ରୀ ମହତାବ କହୁଛନ୍ତି କି ଆସନ୍ତା ଇଲେକସନକୁ ଆଉ କଣ୍ଟ୍ରୋଲ୍ଡ କାଗଜ ମିଳିବ ନାହିଁ । ଅର୍ଥାତ୍ କଂଗ୍ରେସୀ ଖବରକାଗଜଙ୍କ ଛଡ଼ା ଆଉ କୌଣସି କାଗଜ ବାହାରି ପାରିବେ ନାହିଁ ଓ କଂଗ୍ରେସବିରୋଧୀ ପ୍ରାର୍ଥୀମାନେ ତାଙ୍କର ନିବେଦନ ଛାପି ପାରିବେ ନାହିଁ । ଆମର ଏକା ଏତିକି ଲାଭ ଯେ ଭଲକି ଭଲ କାଗଜ ବଳୁଆ ପଢି ଭୋଟ ଦେବା ଅନ୍ଧୁଆରେ ପଡିବୁଁ ନାହିଁ । ଏକ ଦେବା— ଏକ ସେବା ।

### ଲୁଣର ଗୁଣ

ଅମୃତବଜାରର ପରିବ୍ରାଜକ ସଂପାଦକ ଶ୍ରୀ ତୁଷାରକାନ୍ତି ଓଡ଼ିଶା ସରକାରଙ୍କର ଲୁଣ ଖାଇବା ମାତ୍ରେ ତାଙ୍କ କାଗଜରେ ଗୁଣ ଗାଇଲେଣି । ସେ କହୁଛନ୍ତି କି ଓଡ଼ିଶା ଏକ ଉନ୍ନତ ଦେଶ, ସେଠି ଅଭାବ ଅନଟନ ନାହିଁ । ସେଠି ଘିଅ ମହୁ ବର୍ଷୁଛି ଇତ୍ୟାଦି ।

ତୁଷାରଙ୍କଠାରୁ ଏପରି ଶୀତଳବାଣୀ ଶୁଣି ଆମ ଜଠରାଗ୍ନି ଥଣ୍ଡା ପଡ଼ିଗଲା ଯାହା-ହେଉ

### ହଟ୍ଟମଟ

ପାକିସ୍ଥାନର ଖୁଇଜଣ ବଡ଼ ସାମରିକ-କର୍ତ୍ତା ସେଠା ସରକାର ବିରୁଦ୍ଧରେ ଷଡ଼ଯନ୍ତ୍ର ଚଳାଉଥିବା ଅଭିଯୋଗରେ ପକଡ଼ା ହୋଇଛନ୍ତି । ଘଟଣାଟି ଭୋଟ ପୂର୍ବରୁ ଏହା ହୋଇଛି । ଆମ ଭୋଟ ନିର୍ବାଚନ ଆଗରୁ ଏହି ଧରଣର ଗୋଟାଏ ଅତ୍ୟ ଚମତ୍କାର ଓ ଉପଭୋଗ-ପ୍ରଦ କାମ ଦେଖାଇଦେବା ପାଇଁ ଭାରତ ସରକାର ଆକାଶକୁ ଚେଇଁ ରହିବା ଦରକାର ।

### ଦୋଦୋପଞ୍ଚା—ସବୁପଞ୍ଚା

କୋରିଆ ଲଢ଼େଇରେ ଏବେ ଗୁଡ଼ିଗଲାଣି । ଦୁଇ ପକ୍ଷ ଖାଲି ପେଲାପେଲି ଲଗାଇଛନ୍ତି । ଏପରି ଦୀର୍ଘ ପେଲାପେଲି ଦେଖି ଦେଖି ଆର ଥଟା ଲାଗିଲାଣି । ଆଉ ଘଟଣା କିଛି ଗୋଟାଏ ନହେବା ଯାଏ ମନ ଥୟ ଧରିବାକୁ ନାହିଁ । ଉଭୟ ପକ୍ଷ ବଡ଼ ଦୋ-ଦୋ-ପଞ୍ଚା ପଡ଼ ଲାଗୁଛି ।

### ଅନ୍ଧବାହୁନେ

ପୃଥିବୀର ଗୃହଆଡ଼େ ଧିମେଇ ଧିମେଇ ନିଆଁ ହୁଳୁହୁଳିବା ପରି ଜଣାଯାଉଛି । ଇରାନରେ ଗୋଳ, ପାକିସ୍ଥାନରେ ଗୋଳ, ଶ୍ୟାମରାଜ୍ୟରେ ଗୋଳ, ଜର୍ମାନୀରେ ଛକାଛକି, କାଶ୍ମୀରରେ ରୋକାରୋକି— ଏହିପରି କେତେ କଣ । ଆମେ କେବଳ ଭୋଳରେ ଅଛୁଁ— ଯଦିଓ ମଣିପୁର ଓ ତେଲେଙ୍ଗାନା ଅଞ୍ଚଳରେ କମ୍ୟୁନିଷ୍ଟ ଗୋଳ ଲାଗିଛି ।

କିନ୍ତୁ ଗୋଳର ଡର ଆମର ନାହିଁ । ପେଟ ପୁରିଲେ କିଏ ସିନା ଗୋଳ ଲଗାଇବାକୁ ଯାଏ । ଆମର ଯେ ଦାନା ଭନା ଉଭୟ ନଦାରଦ୍ ।

ଅନ୍ଧ ବାହୁନେ ହଂସ ଗେନ ,<br>
ଗେଳକରିକୁ କାହାଘେନ ।<br>
ବାଳଅ ନା ବେରଣ୍ଡ ?

ଆସନ୍ତା ମ୍ୟୁନିସିପାଲିଟି ନିର୍ବାଚନରେ କଂଗ୍ରେସ ଦଳ ଭାବରେ ନଟେ ଛଡ଼ା ହେବନାହିଁ— ମାତ୍ର ଶ୍ରୀଯୁକ୍ତମାନଙ୍କୁ ଆଗରେ ରଖି ପଛିମୁ ଘଣ୍ଟା ଲଗୁଛି । କେତେକ ଲୋକେ କହୁଛନ୍ତି କି ସେହି ସହରର ଭୋଟରେ କଂଗ୍ରେସ ହାରିଯାଏ ତାର ବଦ୍‌ପ୍ରଭାବ ପଡ଼ିବ ଆସନ୍ତା ଆସେମ୍ବ୍ଲି ଭୋଟ ଉପରେ, ଆଉ ପୁଣି ବିପକ୍ଷ ଲୋକେ ତଥା ଭୋଟରମାନେ ହେମତ ପାଇଯିବେ । ଏଥିପାଇଁ କଂଗ୍ରେସ ଚାଲାକି କରି ଏପରି ଯାଉଛି ଓ ବିପକ୍ଷଙ୍କ ବଳ କେତେ ତାହା କଳି ନେଉଛି ।

ଆମେ ଏ କଥା କହୁନାହୁଁ । ଆମର ଧାରଣା, କାଳିଆ, ଗୋରିଆ ଯାହା ମୁଠା ଭିତରେ, ସେ କାହିଁକି ଏ କେଉଁଣ୍ଡ କଣ୍ଟି ଆଡ଼ୁ ମନ କରି ଦାଳ ହଟେଇବ ।

### ବସନ୍ତ ଆସିଛି

କଟକ ସହରରେ ଘମାଘୋଟ ବସନ୍ତ ଲାଗିଛି । ପୁଣି ଅନ୍ୟଆଡ଼େ ବି ଘୋଟିଗଲାଣି । ଏଥିରୁ ଜଣାଯାଉଛି ଥୋକେ ଓଡ଼ିଆଙ୍କ ଜୀବନରେ ଯୌବନ ଆସିଗଲା । ମନ୍ତ୍ରୀମାନେ ହୁଙ୍କେ ହୁଙ୍କେ ଅଭିସାର କରି ମଳୟ ହାଓ୍ୱା ଉପଭୋଗ କରି ନିଅନ୍ତୁ ପୂର୍ଣ୍ଣ ବର । ବସନ୍ତଟା କ୍ଷଣ ସ୍ଥାୟୀ ପରା ।

### କଳିଙ୍ଗ ଖଣ୍ଡ

ଓଡ଼ିଶାର ଖଣ୍ଡଗୁଡ଼ିକ ଭଲ ନୁହନ୍ତି ବୋଲି ଓଡ଼ିଆମାନେ ସବୁଦିନେ କଳିଙ୍ଗା ଖଣ୍ଡ ଆମଦାନି କରନ୍ତି । ମାତ୍ର କେତେବର୍ଷ ହେବ ଓଡ଼ିଶାର ସବୁଖଣ୍ଡ କଳିଙ୍ଗା ଖଣ୍ଡ ହୋଇ ବସିଲେଣି । ଯେଉଁଠି ଦେଖ ସେଠି କଳିଙ୍ଗା ମାଙ୍କ ମାଉଛି । କଳିଙ୍ଗ ଶବ୍ଦଟା ଏବେ ପୁରାପୁରି ଖାଣ୍ଟି ଓଡ଼ିଆ ହୋଇଗଲାଣି । ଏଇ କଳିଙ୍ଗା ଖଣ୍ଡକୁ ନେଇ ଓଡ଼ିଶା ଆସେମ୍ବ୍ଲିରେ ରାଧାନାଥ ରଥ ଓ ଶିଳ୍ପମନ୍ତ୍ରୀଙ୍କ ଭିତରେ ମଧୁର ମଧୁର ଖଣ୍ଡ ଲଢ଼େଇ ମଧ୍ୟ ଲାଗିଗଲା । ସରକାର କେବଳ ଗୋଟାଏ କଳିଙ୍ଗା ଖଣ୍ଡ କର୍ପୋରେସନକୁ କେନ୍ଦ୍ରୀୟସରକାରଙ୍କୁ ମାଗି ନଇ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ରପ୍ତାନି ପାଇଁ ପଟ୍ଟା ଦେଇଛନ୍ତି ବୋଲି ରାଧାନାଥ ରଥେ ଆସେମ୍ବ୍ଲିରେ ଗୁମର ଖୋଲିଦେଲେ ।



Digitized by srujanika@gmail.com

ରାଜସ୍ୱ ମନ୍ତ୍ରୀ ଗଜପତି କହିଲେ—ମାନ୍ୟବର ସଭ୍ୟ ଏ ଖବର କେଉଁଠୁ ପାଇଲେ। ଶ୍ରୀଯୁକ୍ତ ରଥ ଛାତି ଫୁଲେଇ କହିଲେ ମୁଁ ସୂତ୍ର ସଂବାଦ କହିବାକୁ ବାଧ୍ୟ ନୁହେଁ—ମାତ୍ର ଏକଥା ଯଦି ଭୁଲ ହୋଇଥାଏ ମନ୍ତ୍ରୀ ତାହା ଖଣ୍ଡନ କରନ୍ତୁ। ମନ୍ତ୍ରୀଙ୍କ ମୁହଁ ଅଫା ଅଫା—ଆଉ କଥା ନ ଆସଇ ରଖ କର ବାପା ବୋଲି କହି ତୁନିପଡ଼ିଗଲେ। ମନ୍ତ୍ରୀଙ୍କ ଅନ୍ତରଙ୍ଗ ସଦାଶିବ ତ୍ରିପାଠୀ କହିଲେ—ଯଦି ଏମିତି କଂଗାଳୀ ଗଢ଼ା ହୋଇଥାଏ ତେବେ ବଡ଼ ଗୌରବର କଥା। ଓଡ଼ିଆମାନେ ତ କଂଗାଳ ଗଢ଼ିଛନ୍ତି—ସତକଥା! ରାଜସ୍ୱମନ୍ତ୍ରୀ ବୋଧହୁଏ ତାଙ୍କ ମୁହଁଟାକୁ ଲଣ୍ଡ୍ରିରେ ରଖି ଘରକୁ ଫେରୁଥିବେ। କହୁଥିବେ—

ନାଥେ କା କଲ କଲ
ମନମହତକୁ ତଳେ ଥୋଇଲ

× + ×

ମାମୁଁଘର ଘୁଞ୍ଚିଗଲା

ଓଡ଼ିଶାରେ କଏଦୀ ସଂଖ୍ୟା କମିଯିବାରୁ ଜେଲଖାନାରେ ଲୋକସଂଖ୍ୟା କମିଯାଉଛନ୍ତି। ସେଥିପାଇଁ କେତେକ ଜେଲଖାନା ଉଠାଇ ଦେବା ପାଇଁ ସରକାର ସନ୍ଥ କରୁଛନ୍ତି। ଲୋକେ ଚୋରି ନ କରିବାରୁ ଜେଲ ଯାଉନାହାନ୍ତି ନା—ଚୋର ଆଉ ଭଲ ଲୋକଙ୍କ ଭିତରେ କିଛି ତଫାତ ସରକାରଙ୍କ ଆଖିରେ ଆଉ ନାହିଁ? ମାମୁଁଘର ସୁଖ ଘରେ ବସି ମିଳିଲା—ଘରକୁ ଯଦି ମାମୁଁ ମାଇଁ ଭାର ବେଭାର ଧରି ଆସିଲେ ତେବେ ଆଉ ମାମୁଁଘରକୁ କିଏ ଯିବ? ବର୍ତ୍ତମାନ ଏକ ପ୍ରଶ୍ନ ଉଠିବ—ଯେଉଁଠି ଚୋର ରହନ୍ତି ସେଇଟା ଜେଲଖାନା ନା—ଜେଲଖାନାରେ ଯିଏ ରହେ ସେ ଚୋର। ଦ୍ୱିତୀୟଟା ସତ୍ୟ ହେଲେ ଉଆଡର ଜେଲର ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ ଚୋର। ଦ୍ୱିତୀୟଟି ସତ୍ୟ ହେଲେ ମନ୍ତ୍ରୀ ଓ ବଡ଼ ଅମଲାଙ୍କ ଘର ମଧ୍ୟ ଜେଲଖାନା। ସେ ଯାହା ହେଉ ସରକାର ଜାଅଲ ସବୁ କମାଇ ଦେଲେ ଏ ଦେଶରୁ ମାମୁଁଘର ସୁବିଧା ମଧ୍ୟ କମିଯିବ।

ନିମକହାରାମ ମହାଲ

ହୀରାକୁଦ ବୃହତ୍ ଅଞ୍ଚଳରେ ନିମକହାରାମ ମହାଲ ନାମରେ ଖଣ୍ଡେ ମହାଲ ଅଛି। ସେ ଅଞ୍ଚଳ ବୁଡ଼ିଗଲେ ସରକାର ଆଉ ଏକ ନିମକହାରାମ ମହାଲ ସୃଷ୍ଟି କରିବେ କି? ବୋଲି ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଆସେମ୍ବ୍ଲିରେ ପ୍ରଶ୍ନ କରିଥିଲେ। ଚାଲୁଅସଭା ବିଚାରରେ ସରକାର ନିଶ୍ଚୟ ଏଥିରେ ରାଜି ହୋଇଯିବା ଉଚିତ—ଅବଶ୍ୟ ପଣ୍ଡିତ ଲକ୍ଷ୍ମୀନାରାୟଣ ଯଦି ଆସନ୍ତା ନିର୍ବାଚନରେ ସେଇ ଅଞ୍ଚଳରେ ପ୍ରତିନିଧି ହୋଇ ଆସି ପାରିବେ ବୋଲି ନିର୍ଭର ଜବାବ ଦେଇପାରିବେ।

\+ × +

ମୂଳାଶିକ୍ଷା

ଓଡ଼ିଶା ଆସେମ୍ବ୍ଲିରେ ମୌଳିକ ଶିକ୍ଷା ସମ୍ବନ୍ଧରେ ବିଲ ବିଚାରବେଳେ ଆମ ଏକଜଣ କମ୍ୟୁନିଷ୍ଟ ସଭ୍ୟ କହିଲେ—ମୌଳିକ ଶବ୍ଦ ଠିକ ନୁହେଁ। ତାର କାରଣ ସେ ଅନୁମାନ କଲେ...ମୌଳିକ ଶବ୍ଦଟି ବୋଧହୁଏ ମୂଳାରୁ ଉତ୍ପନ୍ନ ହୋଇଛି। ତେଣୁ ଏ ମୂଳା ଜାତୀୟ ଶିକ୍ଷା ଫଳରେ ଧୂଆମୂଳା ଅଧୂଆମୂଳା ସବୁ ସମାନ ହୋଇଯିବେ—ତାଙ୍କ ଓଗ୍ରାହି ଆଉ ପଚାରିବ କିଏ? ତାଛଡ଼ା ଦେଶରୁ କମ୍ୟୁନିଷ୍ଟମାନେ ବୁଝିଥିବାରୁ ଯେଉଁ ମୂଳା ଅଣୁଛନ୍ତି ସେ ମୂଳାଛଡ଼ା ଏ ଗନ୍ଧମୂଳା ତାଙ୍କୁ ଭଲ ଲାଗୁନାହିଁ।

ସୁଆନା ଧର ମୋଇଳା ଖାଏ

କମ୍ୟୁନିଷ୍ଟ ରଥେ ମୌଳିକ ଶିକ୍ଷାର ବିରୋଧ କରି କହିଲେ ଏହା ଫଳରେ ଶିକ୍ଷା ବିକଳାଙ୍ଗ ହୋଇଯିବ। ପିଲାମାନେ କୁଲି ବନିଯିବେ। କାରଣ ଶ୍ରୀଯୁକ୍ତ ରଥ ଏ ଶିକ୍ଷା ନ ପାଇଥିବାରୁ ସକଳାଙ୍ଗ ହୋଇଛନ୍ତି! ଯାହା ବା କିଏ ଖଣ୍ଡ ତାଙ୍କ ଦିହରେ ଅଛି—ସେ କେବଳ ଏଇ ମୌଳିକ ଶିକ୍ଷା ନାମ ଉଚ୍ଚାରଣ କରିଥିବାରୁ। ମାତ୍ର ପିଲାମାନେ କୁଲି ହୋଇଗଲେ ରଥଙ୍କର ଏଥିରେ ଆପତ୍ତି କାହିଁକି? ସେ ତ କୁଲି ମୂଲିଆଙ୍କ ରାଜୁତି ଚାହାନ୍ତି। ବୋଧହୁଏ ସେ ମୂର୍ଖ କୁଲିମୂଲିଆ ରାଜୁତି ଚାହାନ୍ତି। ଅର୍ଥାତ କୁଲିମୂଲିଆ ଯାକ ଏମିତି ମୂର୍ଖ ହୋଇଥିବେ ଯେ ତାଙ୍କ ଭଳି ପାଠୁଆ ଲୋକେ ଖାଲି ଚୁସି ସ୍ୱର୍ଗକୁ ଯିବାପାଇଁ କହି ସବୁବେଳେ ଭୁଆ ବୁଲେଇ ଦେଉଥିବେ। ତ ହେଲେ କୁଲିମୂଲିଆ ନାଁରେ ଏଇ ପାଠୁଆ ଲୋକଙ୍କର ରାଜୁତି ଚାଲିବ।

ଶୁଆନା ଧର ପେଇଟ ଖାଏ
ମୂଲିଆ ନାଁରେ କମ୍ୟୁନିଷ୍ଟ ଖାଏ
ସରସ୍ୱତୀଙ୍କ ବସ୍ତ୍ର ହରଣ

ଆମ ପାଠୁଆ ମୁଖ୍ୟମନ୍ତ୍ରୀ ଆସେମ୍ବ୍ଲି ସଭାରେ କହିଲେ ପାଠ୍ୟ ପୁସ୍ତକ ବ୍ୟବସାୟୀଙ୍କୁ ବହୁତ ଲାଭ ହେଉଛି। ସେଥିପାଇଁ ବହିଟିକସ ପଢ଼ା ବହିକୁ ଛାଡ଼ ଦିଆଯିବ ନାହିଁ। ତଳ କ୍ଲାସ ପାଠ ବହିରୁ କିଛି ଟିକସ ଛାଡ଼। ହିସାବରୁ ଦେଖାଯାଉଛି ଯେ ତଳ କ୍ଲାସ ପାଠ ବହିରୁ ଦୋକାନୀ ବେଶୀ ଲାଭ କରନ୍ତି। ବୋଧହୁଏ ମୁଖ୍ୟମନ୍ତ୍ରୀଙ୍କ ମୁହଁଟା ତଳେ ଆଉ ଗୋଡ଼ଟା ଉପରେ ଥିବାରୁ ସେ ଓଲଟା ଆଡ଼ୁ ଦେଖୁଛନ୍ତି। ତା ଛଡ଼ା ମୁଖ୍ୟମନ୍ତ୍ରୀଙ୍କ ଆଗରେ ବୋଧହୁଏ ଏବେ ଇଲେକ୍ସନ କଣ୍ଟା ପଶିଯାଇଛି। ସେଥିପାଇଁ ସେ ବୁଝି ପାରୁନାହାନ୍ତି ଯେ ବହି ବ୍ୟବସାୟୀଙ୍କୁ ଲାଭଟା ଯେଉଁମାନେ ଗାର୍ଜିଆନ ଦିଅନ୍ତି—ଟିକସଟା ବି ସେଇ ଦିଅନ୍ତି। ଯିଏ ଲାଭ ଖାଏ ତାର କଣ ଯାଏ? ସରକାର ତା ସାଙ୍ଗରେ ସରସ୍ୱତୀଙ୍କ ବସ୍ତ୍ରହରଣ ଅଭିନୟ ମାତ୍ର କରନ୍ତୁ।

ଭାଗବାଣ୍ଟ

ଯାହା ହେଉ ଓଡ଼ିଶା କଂଗ୍ରେସ ଫାଟ ଫାଟ ମାତ୍ର ନିର୍ବାଚନ ବେଳକୁ ମଇଁଷି ଶିଙ୍ଗଗୋଟା ହୋଇଯାଇଛି। ମହତାବ ନହେଲେ କିଛି କାମ ହୋଇ ପାରିବ ନାହିଁ ବୋଲି ନିତ୍ୟାନନ୍ଦ ରଡ଼ହୁଡ଼ି କଲେ। ସମସ୍ତେ ତାଟକା ହୋଇ ଗୁହାରିଲେ—ଏଯୁଗ ଆଉ ଓଲଟିଲା କି? ଚାଲୁଅ ସଭା କିନ୍ତୁ ଠିକ ଜାଣେ—ଭିତରେ ଭିତରେ ଲାଗିଛି ଖଣ୍ଡା-ପୋଖରୀ ତୁଠରେ କାଢ଼ିଲ ସଞ୍ଜ। କିଏ କେତେ ପାଇବ କିଏ କଣ ପାଇବ ଏଇ ନେଇ ତ କଳି। ମହତାବଙ୍କର ୬୦—ଓ କାନୁନଗୋଙ୍କର ୪୦ ଯଦି ଭାଗ ଛିଡ଼େ ତେବେ କାହାର ଆପତ୍ତି ନଥିବ। ସବୁ କଥାରେ ଏଇ ଅନୁପାତ ରଖିଦେବା ପାଇଁ ଚାଲୁଅସଭା ପ୍ରସ୍ତାବ କରୁଛି। ଆସନ୍ତା ନିର୍ବାଚନରେ ମହତାବଙ୍କ ପକ୍ଷ ୬୦ ଜଣ କଂଗ୍ରେସ କର୍ମୀ ମନୋନୀତ କଲେ ଆଉ ଗୋଳ ରହିବ ନାହିଁ। ଶୁଣାଯାଏ ଚାଲୁଅ ସଭା ଏ ଚକ୍ରର କହିବା ଆଗରୁ ମହତାବ କାନୁନଗୋଙ୍କ ସାଲିସ ହୋଇସାରିଥିବ। ତାହେଲେ ତ ସେମାନେ ଭବିଷ୍ୟତ ବକ୍ତା ବୋଲି ବୋଲାଇବାକୁ ହେବ। ଦେଖାଯାଉ କଣ ହେଉଛି।



Digitized by srujanika@gmail.com

# ଦୂରଦୃଷ୍ଟି

ଲେ—ଶ୍ରୀ କମଳକୁମାର ବି.ଏ.

ରେଳଗାଡ଼ି ଭିତରେ ଆମେ ମାତ୍ର ତିନିଜଣ ଥିଲୁ...ଜଣେ ପ୍ରଥିତଯଶା ପ୍ରୌଢ଼, ଦେଖିଲେ ଯେମିତି ଜଣାଯାଏ ସେ ନିଜକୁ ଟିକିଏ ଦେଖାଇ ହେବାକୁ ଚାହାନ୍ତି। ଜଣେ ସୁଦର୍ଶନ ଯୁବକ ଏବଂ ମୁଁ। କିଛି ସମୟ ପରେ ଯୁବକ ହଠାତ ମୋ ଆଡ଼କୁ ଅନାଇ ପ୍ରଶ୍ନ କଲେ।

'କ୍ଷମା କରିବେ—ଦୟାକରି ମହାଶୟ କହିବେ କି ବର୍ତ୍ତମାନ ସମୟ କେତେ?'

'ଦୁଃଖିତ ହେଲି—ମୋର ଘଣ୍ଟା ବନ୍ଦ ହୋଇଯାଇଛି'—ଜବାବ ଦେଲି ମୁଁ।

"ଓ!—ଧନ୍ୟବାଦ"...ତା ପରେ ସେ ପ୍ରୌଢ଼ ଭଦ୍ରଲୋକଙ୍କ ଆଡ଼କୁ ଅନାଇ କହିଲେ—"କ୍ଷମା କରିବେ—ସମୟ କେତେ କହିବେ କି?"

ଉତ୍ତର କିନ୍ତୁ ଆସିଲା ନାହିଁ। ପ୍ରୌଢ଼ ଭଦ୍ରଲୋକ ଏପଟକୁ କାଗଜରୁ ଆଖି ଉଠାଇଲେନି। ଯୁବକ କେମିତି ଅପ୍ରସ୍ତୁତ ହୋଇ ଲଜ୍ଜାରେ ଲାଲ୍ ପଡ଼ିଗଲେ ଏବଂ ଯେପରି ବେଶି ଉତ୍କଣ୍ଠିତ ହୋଇ ଝରକା ସେପଟକୁ ଆଖି ଫେରାଇ ରହିଲେ। କେତେ ମାଇଲ ନିରବତାରେ ଗଲା—

ତା'ପରେ ଯୁବକ, ଯେପରି ହଠାତ୍ ଚଞ୍ଚଳ ହୋଇ ଉଠିବା ପରି ଜଣାଗଲା ଏବଂ ସେ ଆଗ କଥା ଭୁଲି ଯାଇ ତାଙ୍କ ପ୍ରଶ୍ନର ପୁନରାବୃତ୍ତି କଲେ। ଫଳ ଠିକ ଆଗ ପରି ହେଲା। ଏଥର ଆଗ ଥର ଅପେକ୍ଷା ଯୁବକ ଅଧିକା ନାଲିଆ ପଡ଼ିଗଲେ। ସେ ଝରକା ନିକଟକୁ ଯାଇ ସେଇଠି ବସି ରହିଲେ। ମାଇଲ ପରେ ମାଇଲ ରେଳ ଆଗେଇ ଚାଲିଲା। କିନ୍ତୁ ଯେପରି ଜଣାଗଲା ଯୁବକ କିଛି ଖୋଜୁଥିଲେ। ସେ ତାଙ୍କ ଟିକେଟ ଆଡ଼କୁ ଦେଖିଲେ। ମୁଁ ଦେଖିଲି ତାଙ୍କ ହାତରେ ଗ୍ରେଲ୍‌ଟନ୍ ପର୍ଯ୍ୟନ୍ତ ଗୋଟିଏ ଟିକେଟ ଥିଲା। ମୁଁ ମଧ୍ୟ ସେଇଠାକୁ ଯାଉଥିଲି। ମୋର ଯାହା ଧାରଣା ହେଲା ସେ ଜାଣିବାକୁ ଇଚ୍ଛା କରୁଥିଲେ ଗାଡ଼ି ଠିକ ସମୟରେ ଚାଲୁଛି କି ନାହିଁ। ଏଥର ସେ ପ୍ରଶ୍ନ ପଚାରିବା ଆଗରୁ ଥରେ ନାଲି ପଡ଼ିଗଲେ ଏବଂ ପ୍ରୌଢ଼ ଭଦ୍ରଲୋକଙ୍କ ଆଡ଼କୁ ଚାହିଁ ପାଞ୍ଚଥର ଢୋକ ଢୋକି, ଗଳା ପରିଷ୍କାର କରି କହିଲେ—

'ମୁଁ ଦୁଃଖିତ ଯେ, ଆପଣଙ୍କୁ ଥରକୁ ଥର ବିରକ୍ତ କରୁଛି କିନ୍ତୁ ସମୟ କେତେ ଯଦି ଆପଣ ଦୟାକରି ମତେ ଜଣାନ୍ତେ ମୁଁ ଆପଣଙ୍କ ନିକଟରେ ଚିର କୃତଜ୍ଞ ରହନ୍ତି।'

ତଥାପି ଉତ୍ତର ଆସିଲା ନାହିଁ। ଯେପରି ଜଣାଗଲା ପ୍ରୌଢ଼ ଭଦ୍ରଲୋକ ଜଣକ ସେ ପ୍ରଶ୍ନ ଶୁଣି ନାହାନ୍ତି। ଯୁବକ ଜଣକ ଥରେ କାନ୍ଧ ନେଇ ମୁହଁ ଫେରାଇ ଝରକା ନିକଟରେ ଯାଇ ବସିଲେ। ତା ପରେ କିଛି ସମୟ ବେଶ୍ ନିରବଚ୍ଛିନ୍ନ ଘଟିଲା ଯେଉଁ ପର୍ଯ୍ୟନ୍ତ ସେଇ ପ୍ରଥିତଯଶା ପ୍ରୌଢ଼ ଭଦ୍ରଲୋକ ଜଣକ ତାଙ୍କର ଖବର କାଗଜ ତଳେ ଥୋଇ ଦେଲେ ଏବଂ ତାଙ୍କ ଚଷମା ଖୋଲି କରି ତାଙ୍କ ନାକରେ ଥୋଇ ଯୁବକ ଆଡ଼କୁ ଏକନିଷ୍ଠ ଭାବରେ ଅନାଇଲେ ଏବଂ ଖୋଲି ହସରେ କହିବାକୁ ଆରମ୍ଭ କଲେ—

'ଯୁବକ, ତୁମେ ମତେ ଚିନ୍ତିତ ଥିଲ ସମୟ କେତେ ପ୍ରଶ୍ନ କରିଚ କିନ୍ତୁ ମୁଁ ତୁମକୁ ଉତ୍ତର ଦେଇନି। ହୁଏତ ତୁମେ ଭାବୁଚ ଯେ ମୁଁ ଅଭଦ୍ର କିମ୍ବା କାଣ୍ଡ। କିନ୍ତୁ ପ୍ରକୃତରେ ମୁଁ ସେ ଭୁଲ ଭାବକୁ କିଛି ନାହିଁ। ମୁଁ ସେ ଭୁଲ କରିବାକୁ ଚାହେଁନାହିଁ। ମୁଁ ସବୁବେଳେ ଆଗ-ପଛ ବିଚାର କାମ କରେଁ। ଧର ମୁଁ ଯଦି ତୁମକୁ ଉତ୍ତର ଦେଇଥାନ୍ତି,—କଅଣ ହୋଇଥାନ୍ତା? ତୁମେ ମତେ ଧନ୍ୟବାଦ ଦେଇଥାନ୍ତ। ତାପରେ ହୁଏତ ତୁମେ ମତେ ସିଗାରେଟ୍ ଯାଚିଥାନ୍ତ ଯେଉଁଟା ମୋର ଗ୍ରହଣ କରିବା ଉଚିତ ହୋଇଥାନ୍ତା। ତା ପରେ ଆମେ ଆଳାପ କରିବାକୁ ଆରମ୍ଭ କରନ୍ତେ। ତୁମକୁ ଦେଖି ମୁଁ ବୁଝି ପାରୁଛି ତୁମେ ବେଶ ଭଦ୍ର ଏବଂ ଚାଲାଖ। ମୋ କଥା କହିବାକୁ ଗଲେ—ମୁଁ ବେଶ ଆଳାପ ଜମାଇ ପାରେ। ଆମେ ଦୁଇଜଣ ପରସ୍ପରକୁ ଖୁବ ଭଲ ଭାବରେ ଆମୋଦ ଦେଇ ପାରିଥାନ୍ତେ।

ଯୁବକ ଚଞ୍ଚଳ ହୋଇ ଉଠିଲେ। କିନ୍ତୁ ପ୍ରୌଢ଼ ବ୍ୟକ୍ତି ଜଣକ ହାତ ହଲାଇ ତାଙ୍କୁ ଚୁପ ରହିବାକୁ ଈଶାରାଇଲେ।

'ମୁଁ ଦେଖିଲି ଯେ ତୁମେ ଗ୍ରେଲଟନ ପର୍ଯ୍ୟନ୍ତ ଟିକେଟ କାଟିଚ। ସେଇଠି ମୋ ଘର। ଗ୍ରେଲ୍‌ଟନ୍‌ରେ ପହଞ୍ଚିବା ଆଗରୁ ଆମ ଭିତରେ ବେଶ ଟିକିଏ ଆକର୍ଷଣ ବଢ଼ିଥାନ୍ତା। ତା ପରେ ଆମେ ପରସ୍ପରକୁ ଛାଡ଼ିବାବେଳେ ଦୁଃଖ ଅନୁଭବ କରନ୍ତେ। ତେଣୁ ମୁଁ କହିଥାନ୍ତି—ଷ୍ଟେସନ ହୋଟେଲକୁ ଯାଇ କିଛି ବସ୍ତୁ ପାନୀୟ ପିଇଲେ କିପରି ହୁଅନ୍ତା? ତୁମେ କହିଥାନ୍ତ—ମହାଶୟ ମୁଁ ଆପ୍ୟାୟିତ ହୁଅନ୍ତି। ଆମେ ଷ୍ଟେସନ ହୋଟେଲକୁ ଯାଉଥାନ୍ତେ ମୁଁ ପାନୀୟ କିଣିଥାନ୍ତି। ଆମେ ଉଠିଲା ବେଳକୁ ତୁମେ କହିଥାନ୍ତ, 'ମୋ ତରଫରୁ ଅପଣ ଆଉ କିଛି ଗ୍ରହଣ କରନ୍ତୁ'। ମୁଁ ବାଧ୍ୟ ହୋଇ କହିଥାନ୍ତି—ମୁଁ ଅତ୍ୟନ୍ତ ଦୁଃଖିତ, କାରଣ ମୋର ସ୍ତ୍ରୀ ମୋ ସକାଶେ ବର୍ତ୍ତମାନ ଅପେକ୍ଷା କରୁଥିବେ। ମୁଁ କହନ୍ତି କଅଣ କି ମୋ ଘର ରାସ୍ତା କି ସେ ପଟକୁ! ତୁମେ ଆସୁନ ଆମ ଘରେ ଟିକିଏ କିଛି ପାନୀୟ ପିଇ ଦେଇ ଘରକୁ ଯିବ। ତୁମେ ସଙ୍ଗେ ସଙ୍ଗେ ରାଜି ହୋଇ ଯାଇଥାନ୍ତ। ଆମେ ଆମ ଘରକୁ ଯାଉଥାନ୍ତେ। ମୁଁ ତୁମକୁ ମୋ ସ୍ତ୍ରୀ ସହିତ ପରିଚୟ କରାଇ ଦିଅନ୍ତି। ସେ ସଙ୍ଗେ ସଙ୍ଗେ ତୁମକୁ ଭଲ ପାଇଯାଆନ୍ତା। ବିନା ପ୍ରଶ୍ନରେ ସେ ତୁମକୁ ରାତିରେ ଆମ ଘରେ ଖାଇବାକୁ ବାଧ୍ୟ କରନ୍ତା। ତୁମେ ଆପ୍ୟାୟିତ ହୋଇ ରହିବାକୁ ନିଶ୍ଚୟ କରନ୍ତ। ବୁଝି ପାରୁଛ?'

ଯୁବକ ଦୁର୍ବଳ ଭାବରେ ମୁଣ୍ଡ ହଲାଇଲେ। ମୋର ଯେପରି ମନେ ହେଲା ତାଙ୍କର ସ୍ୱର କିଛି କ୍ଷଣ ସକାଶେ ନିସ୍ତବ୍ଧ ହୋଇ ପଡ଼ିଥିଲା, ତା ମାନେ ସେ କହିବା ଶକ୍ତି ହରାଇଥିଲେ।

ପ୍ରୌଢ଼ କହି ଚାଲିଲେ—'ଖାଇଲାବେଳେ ତୁମେ ମୋ ଝିଅକୁ ଦେଖିଥାନ୍ତ। ସେ ପାଠ ପାଠ ପଢ଼ିଛି। ଦେଖିବାକୁ ବେଶ୍ ଭଲ। ସମସ୍ତଙ୍କ ସହିତ ସେ ଭଦ୍ର ବ୍ୟବହାର କରେ ଏବଂ ସମସ୍ତଙ୍କୁ ଆପଣାର କରିପକାଏ। ଏବଂ ତୁମ ସହିତ ସେ ଭଦ୍ର ହୋଇ କଥାବାର୍ତ୍ତା ଆରମ୍ଭ କରି ଦେଇଥାନ୍ତା। ଏହି କଥାବାର୍ତ୍ତା ଭିତରେ ନିଶ୍ଚୟ ତାର ଏବଂ ତୁମର କିଛି ରୁଚି ଯେ ସମାନ ସେ କଥା ଜଣା ପଡ଼ିଥାନ୍ତା। ତୁମେ ମଧ୍ୟ ହଠାତ୍ ଅବିଷ୍କାର କରନ୍ତ ଯେ ତୁମେ ସାହିତ୍ୟ ଭଲ ପାଅ ଠିକ୍ ତା ପରି। ତୁମେ ବିଦାୟ ନେଲାବେଳକୁ

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ

—⁂—

Digitized by srujanika@gmail.com

# ଗ୍ରାମ ମୋର ତୀର୍ଥ

ଲେ—ଶ୍ରୀ ଯଦୁନାଥ ମହାପାତ୍ର

ହିବ କ୍ୟାମ୍ପ ଥାଏ । ସକାଳ ନ'ଟାରୁ ଆସି ବାଜିଯାଏ ରାତି ନ । ଗ୍ଲେଟ ଟେବୁଲଟିର ଭିତରେ ବସି ମୁଁ ମୋ କାମରେ ଲାଗିଥାଏଁ । ନୂଆ ଓକିଲ । ମଫସଲ ଛୋଟ ସହରରେ ରହୁଚି । ଆଗରେ କେମିତି ଗୋଟାଏ ସୁନା ଦିନର ବଟାଘର ଝକ୍ ଝକ୍ କରୁଥାଏ ।

ନୂଆ ଓକିଲ । ଗଧପରି ଖଟିବାକୁ ହେବ, ତା'ପରେ ଆସିବ ପଇସା—ଆସିବ ନାଁ—ସବୁ କିଛି । ନୂଆ କେସ୍‌କୁ ନୂଆ ପ୍ରକାରରେ ସଜେଇବାକୁ ହବ—ଗୁଳିଖିଆ ହୋଇ ଜେରା କରିବାକୁ ହବ । ଅସମ୍ଭବ ଭଇଠ୍ ଦାବିକାର—ଅସମ୍ଭବ ଭଇଠ୍ ।

ସେ' ଦିନ ପ୍ରଥମ କୋର୍ଟରେ ଠିଆହବା ବେଳେ ଦୁଇଗୋଡ଼ ଥରୁଥାଏ । ମନେ ଅଛି ଠିକ୍ ବୟସ୍କ ଓକିଲମାନେ ମୁଚକି ହସାରେ ମଣ ଅଉଁସୁଥାନ୍ତି । କେଡ଼େ ନିର୍ଦ୍ଦୟ ସେମାନେ—ଜୁନିୟରମାନଙ୍କ ପରି ଟିକିଏ ହେଲେ ବି ସହାନୁଭୂତି ନାହିଁ ସେମାନଙ୍କର । ମୁଁ ସେ'ଦିନ 'May it please your lordship' କହୁଁ କହୁଁ ଆଉଜଣେ ଗୋଟାଏ କହିଦେଇଥିଲେ । ନନ୍‌ସେନ୍‌ସ ! ମନ ସାରା ପ୍ରକମ୍ପିତ ହସରେ ଥରି ଉଠିଥିଲି । କେଡ଼େ ଅଭଦ୍ର । ନୂଆ ଓକିଲ—[illegible] ଜାଣି ନାହିଁ । ଏଥିପାଇଁ ମଟେ ଥଟ୍ଟା କରିବାର କଣ ଅଛି ?

ତଥାପି ସେମାନେ ହସିଲେ...ଉପହାସ କଲେ । ମୋର ଅତି ତରୁଣ ମନରେ ଗୋଟାଏ ପ୍ରକାର ପ୍ରତିହିଂସା ଜାଗି ଉଠିଲା । ଏଇ ଅପମାନ—ଯା'ର ପ୍ରତିଶୋଧ ନିଶ୍ଚୟ ।

—ଲାଗି ପଡ଼ିଲି । ଠିକ ମନେ ଅଛି ସେହି ଦିନଠୁ ମୁଁ ଗଧପରି—ମେସିନ୍ ପରି ଚଳିବାକୁ ଲାଗିଲି—ଘୋଡ଼ା ପରି କର୍ମଠ ହବାକୁ ଶିଖିଲି । ଜୀବନର ପ୍ରଥମ ପାହାଚରେ ଏ' ଭୀଷଣ ଅପମାନ, ମୁଁ କଣ ବଡ଼ ଓକିଲ ହୋଇ ପାରିବିନି ?

ମୋର ଟେବୁଲ ପାଖର ଗ୍ଲେଟ ଆଲମିରା । ତାକୁ ପାଖେ ପଡ଼େ କାଠର ସେଲ୍‌ଫ । ଜୀବନ ପାଇଲି ସେଇ ଦିନଠୁଁ । ନିଜେ ଓପାସ ରହି ସବୁ ପ୍ରକାରର ବହି କିଣି ସଜେଇ ରଖିଲି । ପଢ଼ିବାକୁ ହବ—ଜାଣିବାକୁ ହବ । ତାପରେ ଅଗରେ ପ୍ରତ୍ୟେକ ପୃଷ୍ଠାର ନିୟମ-କାନୁନ ଭାସି ବୁଲିବ । ତା'ନହେଲେ ପ୍ରତିଭା । ଅସମ୍ଭବ—ପଇସା ଅସମ୍ଭବ ।

ଆଜି ମୋର ନିର୍ଯାତିତ ଜୀବନରେ ଅତୀତର ସବୁ ଦୁଃଖ ମନେ ପଡ଼ିଯାଏ ଆସି । ଜୀବନ ସହିତ ଯୁଦ୍ଧ କରି କରି ମୁଁ ପାଠ ପଢ଼ିଚି । ଅସମ୍ଭବ କ୍ଷୁଧା, ଅଭାବର ବିକଟ ଛବି ତେବେ ଦାରୁଣ ସେ' ସବୁ । ମୁଁ କିନ୍ତୁ ଅଟେଁ ନିର୍ଭେଇଚି । ବୁଝିଚି । ସର୍ବହରା ହୋଇ ଦୁନିଆରେ ବଞ୍ଚି ରହିବା ଅସମ୍ଭବ ।

ପଇସା ନିହାତି...ପଇସା । ଆଉ ସେଥିପାଇଁ ଲୋଡ଼ା କଠୋର ସାଧନା—ପରିଶ୍ରମ ପୁଣି ସ୍ୱାମୀ 'ଶିବାନନ୍ଦ'ଙ୍କ ସଂଯମ ।

ଦୁନିଆର ସମସ୍ତଙ୍କଠୁ ସଂବନ୍ଧ ତୁଟେଇ ମୁଁ ମୋର କର୍ମଜୀବନ ଆରମ୍ଭ କଲି । ଏକା ମୁଁ । ବାପ—ମାର କରୁଣ ନିବେଦନ । ଭୋକିଲା ପେଟର ଅସହଣୀ ଜ୍ୱାଳା । ମୋର ବର୍ତ୍ତମାନ ଚିନ୍ତା କରିବାର ନୁହେ । ମୁଁ ଚାହେ ପ୍ରତିଷ୍ଠା । ମୋର ପ୍ରତିଷ୍ଠା ରେଇ ସେଇମାନେ ତ ପୁଣି ଉପକୃତ ହେବେ । କାହା ପାଇଁ ଆଜି ମୁଁ ଖଟୁଚି ! ପରିବାରର ଅଭାବ—ଚିରନ୍ତନ ଯନ୍ତ୍ରଣା ମୋଟେ ଆଜି ଅସହଣୀୟ ।

ରାତିର ସମସ୍ତ ପ୍ରହର ମୁଁ ଏଇ ଚିନ୍ତାରେଇ କଟାଏଁ । ମୋଟା ମୋଟା ଲବହିର ବିକଟ ପୃଷ୍ଠା ଉପରେ ଆଖି ଜ୍ୟୋତି ହଜିଯାଏ । ହାରିକେନ୍‌ବତୀର ମିଞ୍ଜି ମିଞ୍ଜି ଆଲୁଅ ସାମନାରେ ଆପରିମିତ ଚୁମାଲରେ ନାକ ପେଲି ମୁଁ ବସି ରହେଁ—ବହି ଉପରେ ନିବଦ୍ଧ ଦୃଷ୍ଟି—ସମୟର ଗତି ଆଗେଇ ଯାଏ । ତଥାପି

ଅବଶିଷ୍ଟାଂଶ ପରପୃଷ୍ଠା । ଦେଖନ୍ତୁ

ସେ ତୁମକୁ ଗୋଟିଏ ବାହ ଧରି ଦେଇଥାନ୍ତା । ନୟନଙ୍କୁ ଫେରାଇବା ପାଇଁ ଦୁଇ ଦିନ ପରେ ତୁମେ ନିଜେ କଣ୍ଟମ୍ପୁ ଆସି ତ ସହିତ ଅଭିନୟ ବଢ଼ାଇଥାନ୍ତ । ବୋଧ ହୁଏ ତୁମେ ମଧ୍ୟ ତାକୁ ଗୋଟିଏ ବାହ ଧରି ଦେଇଥାନ୍ତ । ତାପରେ ସେହି ବହି ଗୁଡ଼ିକ ବିଷୟରେ ତୁମେମାନେ ଆଲୋଚନା ସମାଲୋଚନା କରନ୍ତ । ବହି ଉପରୁ ତୁମେ ଜଣା ଅଜଣା କଥାର ସୂଅ ଫେରାନ୍ତ । ଫଳରେ ଆସନ୍ତା ଥିଏଟର । ତା ପରେ ବିଚାର କରନ୍ତ ଯେ ତୁମେ ତାକୁ ଥିଏଟର ଦେଖିଯିବା ପାଇଁ ନିମନ୍ତ୍ରଣ କରନ୍ତ । ସେଇ ଥିଏଟର ଯିବାଟା ଗୋଟିଏ ନୂଆ ଧାରା ଫିଟାଇ ଦିଅନ୍ତା । ତାପରେ ଆସନ୍ତା ନାଚ, ସିନେମା, ବୁଲବୁଲ ମହରରେ ବୁଲି । ମୋ ଝିଅ ଉପରେ ତୁମର ଏକ ମସ୍ତବଡ଼ ଗୋଟିଏ ଧାରଣା ହୋଇ ଯାନ୍ତା । ଏବଂ ତୁମ ବିଷୟରେ ମୋ ଝିଅ ମଧ୍ୟ ସମାନ ଧାରଣା ପୋଷଣ କରନ୍ତା ।'

ବକ୍ତା ଏହି ସମ୍ବନ୍ଧରେ କିଛି ସମୟ ନୀରବ ରହିଲେ । ଗାଡ଼ିର ଗତି କ୍ରମେ ଧିମେଇ ଆସିଲା । ସେ ପୁଣି କହିବାକୁ ଆରମ୍ଭକଲେ—

'କ୍ରମେ, ହଁ, ଏଥିରେ ସନ୍ଦେହ କରିବାର କିଛି ନାହିଁ ତୁମେ ଦିନେ ମୋ ନିକଟକୁ ନିଶ୍ଚୟ ଆସି କହନ୍ତ—"ମହାଶୟ, ଆପଣଙ୍କ ଅନୁମତି ନେଇ ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ ଆପଣଙ୍କ ଝିଅ ମୋ ପତ୍ନୀ ହେବାପାଇଁ ସ୍ୱୀକୃତି ଦେଇଛନ୍ତି ।"

ଗାଡ଼ିଆସି ଠିଆହେଲା । ଆମେ ଆସି ଗ୍ରେନ୍‌ଟନରେ ପହଞ୍ଚିଥିଲୁ । ପ୍ରୌଢ଼ ବ୍ୟକ୍ତି ଖୋଲି ତଳକୁ ଓହ୍ଲାଇ ପ୍ଲେଟଫର୍ମ ଉପରୁ କହିବାକୁ ଆରମ୍ଭ କଲେ—

'ତୁମେ ଭାବୁଚ ମୁଁ କହୁଁକି ସେତେବେଳେ ତୁମକୁ ସମସ୍ତ କହିଲିନି ? ତୁମେ କଅଣ ଭାବୁଚ ଯୁବକ, ବାସ୍ତବିକ ଭାବିଚ ଯେ ମୋ ପରି ଜଣେ ସ୍ନେହୀ ଏବଂ କର୍ତ୍ତବ୍ୟ ପରାୟଣ ପିତା ତା ଝିଅକୁ ଏପରି ଗୋଟିଏ ଲୋକକୁ ବିବାହ ଦେବାଟା ପସନ୍ଦ କରିବ ଯେ ଗୋଟିଏ ଘଡ଼ି ପର୍ଯ୍ୟନ୍ତ କିଣି ପାରେନା ? ବିଦାୟ ।

ସେ ଚାଲିଗଲେ । ଆମ ଦୁଇଜଣଙ୍କ ଯାତ୍ରାର ମଧ୍ୟ ସେଠି ଏଇଠି । କିନ୍ତୁ ଯୁବକ ଯେପରି କ୍ଷଣ କାଳ ନିମନ୍ତେ ସ୍ତମ୍ଭିତ ହେଲାପରି ଦେଖାଗଲା । ତା ପରେ ସେ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ହଠାତ୍ ହସି ଉଠିଲେ ।

'ଠିକ୍'—ସେ କହିଲେ 'ମୁଁ—ମୁଁ ମୋର ଜୀବନକାଳ ଭିତରେ ଏତେ ମଜାର ବାଜେକଥା କେବେ ଶୁଣିନି । କଣ ଜାଣିଛନ୍ତି ମୋର ଧାରଣା ଲୋକଟାର ଝିଅ ଫିଅ କୋଉଁଠି କିଛି ନାହିଁ ।

'ନା—ନା ତାର ଝିଅ ଠିକ ଅଛି'—କହିଲି ମୁଁ—'କିନ୍ତୁ କଥାକଣ ବୁଝିଲେ ? ତାର ଘଡ଼ି ନାହିଁ ।'



Digitized by srujanika@gmail.com

ମୁଁ ଅଚଳ ଅଟଳ । ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ୁଛି । ଚିନ୍ତାର ସୁଅ ଖୁବ ତୀବ୍ର । ମୁଁ ବଡ଼ ଇନ୍‌ଡ଼ି... ଭିଜୁଏଲ୍‌ଷ୍ଟିକ୍ [Individualistic] ହୋଇ ପଡ଼ୁଛି ।

ସତକଥା । ମୋର ସାଧନା ପଥରେ କୌଣସି ଅନ୍ତରାୟ ମୁଁ ଚାହେଁନା । ଏପରିକି ସ୍ତ୍ରୀ କଲ୍ୟାଣୀର ସ୍ୱପ୍ନକୁ ମୁଁ ଆଜି ଦେଖେନା । ବିବାହର ଏଇ ଅଳ୍ପ କେଇଦିନ ହେଲା । ତାରୁଣ୍ୟ ମୋର କ୍ଷୁଧାରେ ପୀଡ଼ିତ । ତଥାପି ମୁଁ ଘରକୁ ଯାଉନି...ଯିବି ବା କେମିତି ? ଆଗରେ ଯେ ମୋର ଜୀବନ ସଂଗ୍ରାମର କୁରୁକ୍ଷେତ୍ର । ସମୟ କାହିଁ ? ଆଗାମୀର ଏଇ କାମନାର ସାଙ୍ଗ ଚାହିଁ—ତା'ପରେ ମା-ବାପ ସ୍ତ୍ରୀ ।

ବନ୍ଧୁମାନେ ଆକ୍ଷେପ କରନ୍ତି ।—ମୁଁ ପାଗଳ ହୋଇଯିବି । ଜାତୀୟ କଂଗ୍ରେସର ସଭାପତି ସେଦିନ କହିଲେ—ଏ ସବୁ ବ୍ୟର୍ଥ ଉଦ୍ୟମ । ଯୁଗର କିଛି ମୂଲ୍ୟ ହୁଏନା ।

ସେଦିନ ଅଧଘଣ୍ଟାଏକାଳ ତାଙ୍କ ସହିତ କଥାବାର୍ତ୍ତା ହୋଇଥିଲା ମୋର । ସେ... 'ଗାନ୍ଧୀଜୀଙ୍କର ଗ୍ରାମ ସଂଗଠନ" ପ୍ରଭୃତିର ବିବରଣୀ ଦେଲେ । ଆଜିମ ଟୋକା ଗୁଡ଼ାକ ଖାଲି ହୁଜୁଗରେ ପଡ଼ୁଛନ୍ତି—ତାଙ୍କର ଏଇଆ ମତ । ମୋର ଜୀବନ ମୁଁ ନଷ୍ଟ କରୁଛି ।

ନଷ୍ଟ...? ହସ ଲାଗିଲା ଭାରି । ମୋର ସାଧନା-କାମର ଇତିହାସ ସେ ଜାଣନ୍ତି ନାହିଁ । ମନକୁ ମନ ହସିଲି ।

ଆଜି ଦେଖାହେଲା ଆମ ଗାଁର ରଥୁଆ-ନାହାକ ସଙ୍ଗରେ । ସେ ଆସିଥିଲେ ଟେ[illegible]ଏ ମାମଲା ନେଇ । ଗାଁର ମୁଖିଆ । ସମସ୍ତେ ମାନନ୍ତି—ମତେ କହିଲା—ଗାଁରେ ଜମିଦାରର ଭାରି ଅତ୍ୟାଚାର । ଦଳାଦଳି । ବର୍ତ୍ତମାନ ଭୀଷଣ ଗୋଳମାଳ ଚାଲିଛି...ଧୁଇଁଦାଳ କି ଛନଛନ ହୋଇ ଯାଉଛି ଗାଁଟା । ସାମାନ୍ୟ କଥାର କଳିଆ ହେଉଛି ଲୋକଙ୍କରେ...ଦୋଷ କେସ ଚାଲିଛି...୧୦୭ ମୋକଦ୍ଦମା । ଧାନ କାଟିର ରକ୍ତଯୁଦ୍ଧରେ କିଆରୀ ନାଲ୍ ହୋଇଛି ।

ରଥୁଆ ନାହାକ କହିଲା— ମୁଁ ଶୁଣିଲି । ମନେ ପଡ଼ିଲା ମୋର ଆମ ସଭାପତିଙ୍କ ଗ୍ରାମ ସଂଗଠନର ବକ୍ତୃତା । ମାନେ କାହିଁ ? ଏଇତ ଶୁଣିଲି ଆମ ଗାଁର ଅବସ୍ଥା— ସେଠି କାହିଁ ତ ଆପଣ ସଭାପତି ସଂଗଠନ କରୁନାହାନ୍ତି । ନାହିଁ ତାଙ୍କର ପାଦ ଚିହ୍ନ ସେଠି । ମୁହଁରେ ଖାଲି ବଡ଼ ବଡ଼ କଥା । ଶ' ଆଜି ମରିଗଲେଣି— କିନ୍ତୁ ସେ କହି ଯାଇଛନ୍ତି— He, who can, does, he who cannot, teaches. ଏଇଟା କେବଳ ସତ କଥା ।

ପ୍ରାଣରେ ଭାରି ଆଘାତ ଲାଗିଲା । ବାପା ଆଜି ଚିଠି ଦେଇଛନ୍ତି । ଟଙ୍କା କରଜ କରି ମତେ ପାଠ ପଢ଼ାଇଥିଲେ । ମୁଁ ମଣିଷ ହେଲେ ଟଙ୍କା ଶୁଝିଦେବି । ଜମିତକ ଆଉ ବନ୍ଧକ ରହିବନି । ମୁଁ ତ ଏବେ ଓକିଲାତି କରୁନି । ଆଉ ବା ସେ ଅପେକ୍ଷା କରନ୍ତା କାହିଁକି ?

ତା' ସହିତ ଆସିଛି ପୁଣି କଲ୍ୟାଣୀର ଚିଠି । ଶାଶୁ ଉପରେ ସେ ସନ୍ତୁଷ୍ଟ ନୁହେଁ । ମୁଁ ଓକିଲ ହୋଇଛି... ସେ ଏହି ସହରରେ ଆସି ରହିବାକୁ ଚାହେଁ ।

ଆଜି ଆଗରେ ଧୂଆଁର ଛାଇ ମୋର ସାଧନା ତ ଶେଷ ହୋଇନି । ଏଇଟା ଆରମ୍ଭ ମାତ୍ର । ସାଧନାର ଶେଷ ପାହାଚ ଦରକାର ଗାଁରେ ଗାଁରେ ମୋକଦ୍ଦମା—କଳି । ମଜାସ ଆସିବ । ରଥୁ ନାହାକ କେସ୍‌ର ଚିଠା କଲି । ମୋର ବ୍ରିଫ୍ସ ଆଜି ତିନି । ରଥୁ ନାହାକକୁ ଇଙ୍ଗିତ ଦେଇଥାଏ— ଆଉ କେସ୍ ଯୋଗାଡ଼ କର । ଭାଇ ଭାଇ ଭିତରେ ଭାଗ-ବଣ୍ଟା ଆଉ ଝଗଡ଼ା ତୁ ଲଗେଇ ପାରିବୁ ନି ? କେତେ ବି ପଇସା ମିଳିବ—ଲାଭରୁ ଶେୟାର ! ତୁ ରଥୁ ନାହାକ । ଗାଁ ମଣ୍ଡଳଙ୍କର ପରି ।

ମୋ ପ୍ରାଣରେ ଆଘାତ ଲାଗିଛି— ସିନେମାରେ ନାଇକର ପଇସାର ଅପଚୟ— ପନ୍ଦର ଦିନ ଖାଲି ପାଣି ବୁଲେଇବାର ଭଙ୍ଗୀ ଅସହ୍ୟ ମୋ ପାଖରେ । ସେ ଦିନ ଜଣେ ସିନେମାର୍ ଭଣ୍ଡିଲେ— ମୋ' ପରି କାଙ୍ଗାଳ ପକ୍ଷରେ ଓକିଲାତି କରିବା ହାସ୍ୟାସ୍ପଦ କଥା । ହାତ ଆଣିଲେ ମୋତେ ଖାଇବ । ନାମ କରି ପଇସା ଅର୍ଜିବା ପର୍ଯ୍ୟନ୍ତ ତ ସେ' ଅପେକ୍ଷା କରିବେନି । ଖାଦ୍ୟ ଚାହେଁ ସେ— ଖାଦ୍ୟ ଚାହାନ୍ତି ବାପା । ବିବାହର ଏଇ ପ୍ରଥମ ବର୍ଷରେ କଲ୍ୟାଣୀ ଚାହେଁ ସ୍ୱାମୀର ସବୁ କିଛି ।

ପୁଣି ହସିଲି— ଭାରି ତୀକ୍ଷ୍ଣ ଥାଏ ସେ ହସରେ । ରଥୁଆ ନାହାକ କେସ୍ ଯୋଗାଡ଼ କରିବ ; ତା'ପରେ ପଇସା । ପୁଣି ହସିଲି ! ହାଃ ।

ଆଜି ଆଗରେ ବାପାଙ୍କ ଚିଠି— ଜମିଦାର ଡ଼େଉରି ସହିବନି । କଲ୍ୟାଣୀ ଲେଖିଛି ଶୀଘ୍ର ତାକୁ ନେବା ଆସିବାକୁ । ଧାନ କ୍ଷେତର ନର୍ଗ'ଗ ଛଟରେ ଭାଇର ରକ୍ତ ଛୁଟିଯାଉଛି । ମୋର ଭୋକିଲା ପେଟ ଚାହୁଁଛି— ପଇସା । ଟେବୁଲ ଉପରେ ମୁଣ୍ଡ ଭରା ଦେଇ ଚିନ୍ତିତ ରହିଲି ।

ଆଗ ସଡ଼କରେ ଲୋକଟାଏ ଧାଇଁ ଧାଇଁ ଆସୁଛି— ରଥୁଆର ସାନ ଭାଇ ସେ । ମୋ' ପାଖରେ ଆସି ହଠାତ୍ ପଡ଼ିଗଲା— ବାବୁ, କେସ କରିବ ମୁଁ । ଶଳା ଅଜଣା ହରିଆ ଯେନା ମୋ ଭାଇର ମୁଣ୍ଡ ଫଟେଇଛି । ମୋ କ୍ଷେତ ଉପରେ ହରିଆ ଯେନାର ଦାବୀ— ଅସଂଗତ । ଲଢ଼େଇ କର ମୋ' ପାଇଁ ବାବୁ । ଦେଖିବି ଶଳାର କେତେ ହିମତ ।'

ମୁଁ ନିର୍ବାକ୍ । ମୁଖ ମୋର ଘର ସାମନାରେ ଆସି ବଳଦ ଗାଡ଼ିଟିଏ ଲାଗିଲା । ଗାଡ଼ି ଭିତରୁ ବାହାରି ଆସିଲେ ଗାଁ ଜମିଦାରଙ୍କ ସାନ ଭାଇ ଗୋପାଳ ଚୌଧୁରୀ । ବଡ଼ ଭାଇ ଜମିଦାର ସେ ଲାଗ ଚାହାନ୍ତି । ଫଟ୍'ସନାର କେସ୍ ।

ସେମାନଙ୍କୁ ଆସନ ଦେଲି । ମେସେଞ୍ଜର ଆସି ଯାଉଛି । କଚେରି ଟାଇମ୍ । ଘର ଭିତରେ ଅସି ପୁଣି ପଢ଼ିଲି ନିଜ ଡାଏରୀ । ଆମ ଗାଁର ଭାଇ ଭଉଣୀ ଘୁଣ୍ଡା ! ନଈ କୂଳ ଗୋଳମାଳରେ ତା' ପୁଅକୁ ପିଟିଛି ଆଗ ଗାଁର ଧୋବେଇ ଟୋକା, ସେ ତାର କିନାରା ଚାହେଁ ।

ଆଜିରେ ମୋର ମନଭ ନାହିଁ । କେସ୍ ଉପରେ କେସ୍—ପଇସାର ସ୍ୱପ୍ନ ମୁଁ ଦେଖୁଛି । ରଥୁଆକୁ ପ୍ରଶଂସା କଲି । କେତେ ବୁଦ୍ଧିଆ ଲୋକଟା ! ତା'ର ମଥା ଫାଟି ଯାଉଛି । ଲଢ଼ିବାକୁ ହେବ ।

ତା'ପରେ ପୁଣି ଦଳେ ଲୋକ ଆସିଲେ— ଆମରି ଗାଁର ବାସିନ୍ଦା । ଦାନ ବାଟି ମୋକଦ୍ଦମା— ଧାଡ଼ କାଟି ଭାଇ ଭାଇର ଲଢ଼େଇ । ହାଃ ହାଃ ହାଃ !

କେନ୍ଦ୍ର ପ୍ରଧାନ ବି ଆସିଛି— ବାପାଙ୍କର

ଅବଶିଷ୍ଟାଂଶ ୯ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

ମଜା କବିତା

# ଆରତତ୍ରାଣ ଚଉତିଶାର ଲାଳିକା

ଲେ—ହନୁମନ୍ତ

[ କ ]

କେନ୍ଦୁଶ୍ରିଅ ବଦନ — କଳିଅବାଳିକିନୀ
କେଉଁ କବରୀ କବ ଜନ,
କେଉଁ ମାନଙ୍କୁ ଯାଇ — କଟରେ କାନ କୁଣ୍ଡାଇ
କୁଣ୍ଡାଇ କହଇ ବଚନ ଦେଖ, କଲାକାର,
କେତେ କନ୍ଧାର ପଡ଼ ହୋଇ
କାଣା କାଙ୍କର ଜଳ ଡହି
କାନ୍ଦୁଣୀ କାଳ ନାହିଁ, — କଟେ କଉଡ଼ି ଦେଇ
[ମୁଣ୍ଡି] କେଷ୍ଟିଳ କାଦୁଏ ପକାଇ ହେ ।

( ଖ )

ଖିଳ ବ୍ରହ୍ମାଣ୍ଡ ଖଣ୍ଡି — ଖଣ୍ଡି ଦେଖିଲି ଦାନ୍ତ
ଖଳାଖିଅ ମୋ ସମ ନାହିଁ,
ଖଟେବାଳକେ କାନ୍ତ — ଖେ କାନ୍ଦଣ ଖେମନ୍ତ
ଖେଦ ମୁଁ ନଖୋଲି କହିଲଇଁ ହେ, ଖଣ୍ଡାଧର
ଖଣ୍ଡିଲ ନାହିଁ ଖଟର ମୋର
ଖୋଭ ଜାଣ୍ଡ ଖଣ୍ଡାଯୁକ୍ତ,
ଖେପା ନକର, ମୋର — ଖଣ୍ଡ ବିପତ୍ତି ଖୋର
ଦଣ୍ଡା ପ୍ରହାରେ ଖଣ୍ଡା କର ହେ । ୨ ।

( ଗ )

ଗଣ୍ଡାଗିଳକୁ ଦେଖିଲେ — ଗାଳେ ଖୁସାନିବାଲି
ଡାକିନୀ ଗଣ ଦାନ୍ତାବଳି,
ଗ୍ରହଙ୍କର ଅରଜ — ଜାଗେ ଗା ଚିଟଘଟ
ଗୁପତେ ପେଷିଲ ମୁଷଳ ହେ, ଗଜରାଜ
ଗାଢ଼ ଗଣ୍ଡି ନିଷ୍ଠା କାଳି
ଗଣ୍ଡା ବାଟରୁ ଗାଡ଼ିଲ
ଗେଣ୍ଡାଳିଆ କେତନ — ଗେରବ ଦେବାଳ ଘେନ
ଗିରିଶ ଗୋଷ୍ଠାମନ୍ତ୍ର ଦେହିଲ ହେ । ୩ ।

[ ଘ ]

ଘମା ଉଦର ଘନ- — ବାଘଦ ବନାଶନ
ବଗୁରୁ ଥାଇ ଘଣ୍ଡ ଘଣ୍ଡ
ଘୋଡ଼ ଘାଉଡ଼ି ଛାର — ଘୃଣା ମାନ ଯାହାର
ଧନ୍ଷ୍ଟ ମହିମା ଘଉଘଣ୍ଟ ହେ, ଘୋଡ଼ାମୁହାଁ
ଘେନ ଏ ଘୃଣା ମନେ ଥିଲି
ଘଣ୍ଟ କି ଘୋଡାଇ ନୋହିଲା
ଘୋର ବିପତ୍ତି ମୋର — ଘରେ ଘଣା ଆକାର
ମହିମା ଗଣିକୁ ପେଷିଲା ହେ । ୪ ।

( ଙ )

ଙାଳସ ଙାମ୍ବାନସ — କାରଟେଣ ପ୍ରହରଣୀ
ଙାଲମ କାନରେ ଖୋଷିଛି,
ଙାଧନ ସମସ୍ତରେ — ଙାହ୍ନୁଣୀ ଜନଠାରେ
ଙାହାତ ଜାଦର୍ମ୍ମ ହେଉଛି ହେ; ଙାଦାରୁଣ
ଙାଦାରେ ... ଙାଙ୍କୁଥିବ
ଙାପର ଙାନ ନାଶ ଯିବ
ଙାରେଲା ଙାଡକେଡନ — ମଧାରେ ଘନା ଘନ
ନାଦ କି କର୍ଣ୍ଣରେ ବାଜିବ । ୫ ।

( ଚ )

ଚପରାସି ଯାହାର — ଚଢ଼େ ମୋଟରକାର
ଚଉଦ ଭୁବନେ ଚମକାଏ,
ଚରଣ ଯାର ଗୁହି — ଚେହେର ସାଧୁ ପାଲଟି
ଗୁଲକର ଭାତ ମାଗି ଖାଏ ହେ, ଚିଣ୍ଡପାଛଡ଼ା
ଚଉଦ ଭୁବନର ପ୍ରାଣୀ
ଚାହିଁକି ଯିବ ଏହା ଶୁଣି
ଚିଡ ନୋହେ କି ଏହା — ଚଲାଖି କଲ ଯାହା
ଚେଙ୍ଗ ଚତୁର ଚୂଡ଼ାମଣି ହେ । ୬ ।

[ ଛ ]

ଛାଉ ସଦଳ ଛାଳ — ଛୁମ୍ବ ଚପଲ ଚଳ
ଭରଯା କଲିଛୁ ସନ୍ତତେ,
ଛଟପଟରେ ପଡ଼ି — ଛେଳୁଛି ଉଡ଼ି ଘଉ
ଛାଡ଼ି ଦେଇଛି ଯାହା ସେତେ ହେ, ଛୁତଛଡ଼ା,
ଛେପଧ୍ଵ କଏ ଛୁମ୍ବ ଭନା
ଷଡତରେ କାହିଁ ଅଛି କନା
ଛଳ ନକରି ମୁହିଁ — ଛାମୁରେ କହୁଛଇଁ
ନଷ୍ଟେ ଏବେଠେବାଳିକୁ ଦିନା ।

[ ଜ ]

ଜଠରଥି ଜୁମ୍ଭର — ଜାହାଲା ପରକାର
ଦେ ଲାଜଅଛ ଜନ ଜନତା,
ଜଗତରୁ ବାହାର — ଅଟେକ ମୁହାଁ ଘର
ଜାଣେଡ କହୁ ନାହିଁ କଥା ହେ, ଜୋକମୁହାଁ
ଜଡ଼ାପଡ଼ିଏ ଚେକ ନାକ
ଜମାରୁ ନ ଶୁଣିବ ଡ଼ାକ
ଜୀବ ଯିବାର ବେଳେ — ରଷା ନକଲ ହେଲେ
ନିନ୍ଦା ବ୍ୟାପିବ ଜଗ ଯାକ ହେ । —କ୍ରମଶଃ



Digitized by srujanika@gmail.com

# କୋଣାର୍କ ଦର୍ଶନ

ଲେ—ଲକ୍ଷ୍ମୀକାନ୍ତ ମହାପାତ୍ର

ପିଲାଦିନରୁ କୋଣାର୍କ କାହାଣୀ ଶୁଣି ଥରେ କୋଣାର୍କ ଦେଉଳ ଦେଖିବା ପାଇଁ ବଡ଼ ସାଧ ଥିଲା, କିନ୍ତୁ କୋଣାର୍କଟା କହିଁ ବାଟରେ ଟ଼ ଶୂନ୍ୟ ଅପନ୍ତରା, ନିଛାଟିଆ ମରୁଭୂମି ଭିତରେ ବୋଲି ଜଣାଥିବାରୁ ସେଠିକି ଯିବାର ସୁଯୋଗ ବା ସୁବିଧା ପାଇ ନଥିଲି। କେବେ ହେଲେ ଯିବା ବୋଲି ବେଳଗଡ଼ାଇ ଦେଲି ସେତେବେଳେ —ଯେତେବେଳେ ଟିକିଏ ହେମନ୍ତ ଧରିଥିଲେ ଯାଇପାରି ଥାଆନ୍ତି। ତାହାପରେ ବ୍ୟାଧିଗ୍ରସ୍ତ ପଙ୍ଗୁ ହୋଇ ପଡ଼ିଲି। କୋଣାର୍କ ଦର୍ଶନର ଆଶା ଏତେବେଳକେ ଧୂଳିସାତ ହୋଇଗଲା। କେବଳ କଳ୍ପନା ଚକ୍ଷୁରେ ଯେତିକି ଦେଖିପାରିଲି ସେତିକିରେ ମନ ମାରିଦେଇ ରହିଗଲି।

ଦିନେ କଟକ ମ୍ୟୁନିସିପାଲିଟିର କର୍ମକର୍ତ୍ତା ଶ୍ରୀମାନ ବିଭୂତି ଭୂଷଣ ତ୍ରିପାଠୀ ଭଦ୍ରକ ଠାରେ ମୋ ସହିତ କଥାଭାଷା ହେଉ ହେଉ କୋଣାର୍କ କଥା ପକାଇଲେ। ମୁଁ କେବେ ହେଲେ କୋଣାର୍କ ଦେଖିନାହିଁ ଜାଣି ବଡ଼ ଦୁଃଖ କଲେ ସେ। ତାହାପରେ କହିଲେ ମତେ—ଆଗକାଳ ପରି ଏବେ କୋଣାର୍କ ଯିବାର ଅସୁବିଧା ନାହିଁ, ଆପଣ ଥରେ କଟକ ଚାଲନ୍ତୁ, ମୁଁ କୋଣାର୍କ ନେଇଯିବି ସଙ୍ଗରେ ଓ ଚନ୍ଦ୍ରକିରଣରେ କୋଣାର୍କ ମନ୍ଦିର ଦେଖାଇ ଆଣିବି। ଅପୂର୍ବ ଦୃଶ୍ୟ ସେ। ଏଭାର ମୋର।

ତାଙ୍କ କଥାରେ ପୁଣି ଆଶା ଗଜୁରିଲା। ମାତ୍ର ଯେତେବେଳକୁ କଣ୍ଟ ଦେଇଥିଲେ, ମୁଁ ସେତେବେଳେ କଟକ ଆସିପାରିଲି ନାହିଁ।

ଏହାର ବର୍ଷକ ପରେ ମୁଁ କଟକ ଆସିଲି। ବିଭୂତି ଭୂଷଣ ମୋଠାକୁ ଧାଇଁ ଆସି କହିଲେ—ଆପଣଙ୍କୁ ଏହିଥର କୋଣାର୍କ ଯିବାକୁ ହେବ। ମୁଁ ତାର ବ୍ୟବସ୍ଥା କରି ଦେଉଛି।

ସେ ଦିନ ଅମାବାସ୍ୟା। ମୁଁ କହିଲି—ଚନ୍ଦ୍ରକିରଣ କାହିଁ ଯେ କୋଣାର୍କ ଯିବି! ସେ କହିଲେ—ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ, ସୁଯୋଗ ଥରେ ଛାଡ଼ିଦେଲେ ଆପଣଙ୍କ ଜୀବନରେ ଆଉ ଥରେ ଆସି ନପାରେ। ଯିମିତି ହେଲେ ଆପଣ ଯିବେ।

ଆଉ କଥା ଏଡ଼ି ପାରିଲି ନାହିଁ। ଯିବାକୁ ମଙ୍ଗିଗଲି। ସେ ମୋ ପାଇଁ ଗୋଟାଏ ଜୀପଗାଡ଼ି ଓ ଡ୍ରାଇଭର ବ୍ୟବସ୍ଥା କରିଦେଲେ। କିନ୍ତୁ ତାଙ୍କର ଦେହ ଦୁର୍ବଳ ଓ ଅସୁସ୍ଥ ଥିବାରୁ ସଙ୍ଗରେ ଯାଇ ପାରିଲେ ନାହିଁ।

୧୯[illegible]୧ ମାର୍ଚ୍ଚ ୭ ତାରିଖ ଶେଷ ରାତିରେ ମୁଁ ଉଗର ପ୍ରେସରୁ ବାହାରିଲି। ସାଙ୍ଗରେ ମୋ ପୁଅ ନିତ୍ୟାନନ୍ଦ ଓ ଡ୍ରାଇଭର। ଆଗରୁ କଥା ହୋଇଥିବା ମୁତାବକେ ଆମର ସହଯାତ୍ରୀ ହେଲେ ପ୍ରସିଦ୍ଧ ନଂଗଲ ଓ ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ। ତାଙ୍କ ସାଙ୍ଗରେ ଥିଲେ ବିଖ୍ୟାତ ନର୍ତ୍ତକୀ ଓ ଗାୟିକା ଶ୍ରୀମତୀ ସୁମତୀ ଦେବୀ ଓ ତାଙ୍କ ଶିଶୁ ପୁତ୍ର ଶ୍ରୀମାନ ରାଜଗୋପାଳ। ଏମାନଙ୍କୁ ସାଙ୍ଗରେ ପାଇ ଭାବିଲି ଏ ଯାତ୍ରା ମଧୁମୟ ହେବ ନିଶ୍ଚୟ। ମନେ ହେଉଥିଲା ଆମେ ଯେପରି ଗୋଟାଏ ପୂର୍ଣ୍ଣ ନାଟ୍ୟଦଳ।

ବିଭୂତି ବାବୁଙ୍କ ନିର୍ଦ୍ଦେଶ ଅନୁସାରେ ଗାଡ଼ି ଖଣ୍ଡି ଧୀରେ ଧୀରେ ସନ୍ତର୍ପଣରେ ଚାଲିବାକୁ ଲାଗିଲା। ଦେହରେ ଯେପରି ବାଧା ନହେବ। ଡ୍ରାଇଭର ସାବଧାନ ଥାଏ।

ଗଲାବେଳେ ଆମେ ବାଲିକଣ୍ଟି ବାଟ ଧରିଲୁ, ଲେଉଟାଣି ଆସିବାବେଳେ ଭୁବନେଶ୍ୱର ବାଟେ ଆସିବୁ ବୋଲି। ଯେଉଁ ବାଟରେ ଗଲେ ମଧ୍ୟ ବହୁତ ଗୁଡ଼ାଏ ନଈ ପାରି ହେବାକୁ ପଡ଼େ। ଏ ନଈ ଗୁଡ଼ିକର ପୋଲ ନାହିଁ। ଖରାଦିନିଆ ବାଟ ବାଲି ହୋଇଛି। ନଈ କୂଳରେ ଟଗାଟାଏ ଲେଖା ଅଛି। ଅଙ୍କିର ଲାଗୁଆଳ ମୋଟର ଗାଡ଼ି ପିଛା ଟଙ୍କିଏ ନେଲେ ବାଟ ଛାଡ଼ିଦିଏ। ଏହି ଟଙ୍କା ଦେବାକୁ ସରକାର ଜୋରିମାନା କଥା ଜବରଦସ୍ତ ଲୁଟି ହେଲାପରି ଲାଗିଲା। ଗୋଟାଏ ଥାନାରେ ପାଞ୍ଚ ପୋଲ ହୋଇଛି। ସେଠି ବି। ଏହି ମାଗଣା ପଥିକଙ୍କ ପାଇଁ ଦେଉଛନ୍ତି, ସେଥିପାଇଁ ବାଟ ଚାଲନ୍ତି! ଏତେ ଯେପରି ବାଟ ଚାଲିରେ ଛାଟ ଗିଆ! ଭଳି ଉପରେ ଟକସ, ଗୋରୁ ଗାଡ଼ି ଉପରେ ରଥ! ଗୁଡ଼।

ଏତା ନିଶ୍ୱାସରେ ଯାତ୍ରା ଅନା ପାରି ହେଲେ ଯାଇ କୋଣାର୍କ। ଏତେ ଲମ୍ବା ପଥ ମଟର ଚଢ଼ି ପାରି ହେବା ମୋ ଜୀବନରେ କେବେ ଘଟି ନଥିଲା। ଯାହାହେଉ ଆସି ପ୍ରାୟ ଘଣ୍ଟେ ଚୋଡ଼ଏ ମାଇଲ।

ମନରେ ଦୃଢ଼ ଥାଏ କେଜାଣି ସେ ଦୁର୍ଗମ ମରୁଭୂମିରେ ଯଦି ମଟର ଚାଲେ ତେବେ ମୋର କୋଣାର୍କ ଦେଖିବା ଇଚ୍ଛା ହୋଇଯିବ। ଭାଗ୍ୟକୁ ତାହା ହେଲା ନାହିଁ। ଦେଖି, ବିଦେଶ ବଡ଼ମୁଣ୍ଡିଆ ନେତା ଓ ଧନୀ ଲୋକଙ୍କ ନଜରରେ ଏ ଭଙ୍ଗା ଦେଉଳଟା ପଡ଼ିଥିବାରୁ ତାହା ସାଙ୍ଗରେ ଆମ ଜଳ ମଳମୁଣ୍ଡିଆ କପାଳ ବି ଫିଟିଯାଇଛି। ବାଲି କଡ଼ା ହୋଇ ମାଟି-ରାସ୍ତା ବନା ହୋଇଛି। ଦେଉଳର ଖବର ନିକଟକୁ ଆମ ଗାଡ଼ି ଚାଲିଗଲା। ସେତେବେଳକୁ ଦିନ ନଅଟା। ଖରା ଟାଣେଇ ଗଲାଣି। ଭଙ୍ଗା-ଦେଉଳ କପରକୁ ମୋ ସାଥୀମାନେ ଉଠି ଦେଖିବାକୁ ଗଲେ। କବିଚନ୍ଦ୍ର ଓ ମୁଁ ଦୁହେଁ ତଳେ ରହିଲୁ, କବିତା କହିବା ପାଇଁ।

(କ୍ରମଶଃ)

---

ଛଟି ଅଣିଚ ସେ— ଏଇ ମାସକ ଭିତରେ ଟଙ୍କା ନଦେଲେ ଜମିଦାର ଘର ଡାକ ନିଲାମ କରିବ।

ଆଗର କାନ୍ଥ ଥରି ଉଠିଲା ଭୟରେ। ଆଉ ଗୋଟିଏ ଲୋକ ଆସିଛି— ଖବର ଆଣିଛି ରଥିଆ ନାହାକ ଉକ୍ରଣୀ ନାରେ ମରିଯାଇଛି।

ରଥିଆ ନାହାକ ସାନ ଭାଇଟା ତାର କାନ୍ଦି କାନ୍ଦି ଗଡ଼ିଗଲା। ମୋର ହିନ୍ଦୁ ରଥିଆର ମରଣ ଖବର। ବ୍ୟଥିତ ହେଲି। ମାତ୍ର ପେଟର ଦାଉ-ଯନ୍ତ୍ରଣା ସହନ୍ତି କେମିତି ମୁଁ।

ଗାଁରେ ଲଡେଇ। କ୍ଷେତ ଉପରେ ରକ୍ତ ନଦୀର ଢେଉ। ବାପାଙ୍କ ଛାତି ଜମିଦାରର ଧପକ।

ଟଙ୍କା ପଠେଇ ଦେଲି। ବାପା ଭାରି ଖୁସି ହେଲେ। ପୁଅ ତ ଭଲ ନାମ କରି ଓକିଲ ହେଉଛି— ପଇସା କମଉଛି। ଗାଁଆର ଦୁଃଖ ଘୁଞ୍ଚିବ ଏଥର।

ହଠାତ୍ କାହିଁକି ଅଜଣା ଭୟରେ ଥରି ଉଠିଲି। ଗାଁର ଦୁଃଖ ଘୁଞ୍ଚିବ ଏଥର? ହାଃ ହାଃ ହାଃ ହସିଲି। ପୁଣି ଭୟ ଆସିଲା ମନକୁ ରଥିଆ ନାହାକର ବିକଟ ଆତ୍ମା ପବନ ଦେହରେ ଖେଳି ବୁଲୁଛି। ବଡ଼ ଭୟଙ୍କର।



Digitized by srujanika@gmail.com

କବିତା

# ପୁରୀ ଗାନ୍ଧି ଘାଟ

ଲେ—ଶ୍ରୀ ଗୋବର୍ଦ୍ଧନ ମିଶ୍ର

ଅସରନ୍ତି ସ୍ରୋତ ଏକ—ଶିରେ ଉଡେ ତିନିରଙ୍ଗୀ ବାନା
ଦୂରେ ଦୂରେ ଦିଗ୍‌ବଳୟ
ହସେ ବାଲି ରେଣୁକା ମଣ୍ଡଳ
ଅସ୍ତ କରେ ଲଙ୍ଘିଯାଏ ସୀମା ।
ପ୍ରଦୋଷ ମଳୟ ବହେ କେତେ ହର୍ଷ କେତେ କୋଳାହଳ
ଖେଳି ଖେଳି ଯାଏ ଏ ପୁଳିନେ
କେହି ହେଲେ ଅସନ୍ତି ନା ଥରେ
ଯହିଁ ଶୋହେ ବାପୁଜୀ ଅନ୍ତର ।
କୋଠେ ଟି କାଠର ବାଡ଼ ସିମେଣ୍ଟର ପ୍ଲେଟ ବେଦୀଟିଏ
ତଳେ ତାର ସତ୍ୟର ଚହଲ
ଅହିଂସାର ମହା ଆଡ଼ମ୍ବର
ଏ ଜନତା ଭବନା ଟିକିଏ ।
ନାମ ମାତ୍ର ଶିଷ୍ୟ କେତେ ଅହିଂସାର ଧରି ଜପାମାଳ
ବାହୁଡ଼ିବେ ମହାସ୍ରୋତ ସମ
କେତେ ଗାନ କେତେ ଯେ ପ୍ରଶସ୍ତି
ଏକା ଦିନେ ସବୁ ଯିବ ସରି ।
ପୁରୀରେ କି ନାହିଁ ଶିଷ୍ୟ ? ଫୁଟୁନି କି କୁସୁମ ସମ୍ଭାର ?
କିବା ନାହିଁ ଭକ୍ତ ଏଠି ?
ପୂଜାହୀନ ରହେ ସବୁ ଦିନ
ଏ ଜାତିର ସତ୍ୟଶିବ—
ଏ ଜାତିର ବିରାଟ ସୁନ୍ଦର ।

❀ ❀ ❀

କାନ୍ଦିବାକୁ ନୁହେଁ ଏ ଯେ ପୀଠ
ଢାଳିବ କି ଅଶ୍ରୁ—ମହାନଦୀ
ଗାନ୍ଧୀଘାଟ କହୁନତ କେବେ
ଦୁର୍ବଳ କି ରହ ଚିର ଜାତି ।
ତୁଚ୍ଛ ଏ ଯେ କୋଳାହଳ
ଶୂନ୍ୟ ଏ ଯେ ଜପାମାଳା ଭ୍ରମ
ଛିନ୍ନବେଶୀ ବୈଷ୍ଣବଜନତୋ’
ରଘୁପତି ରାଘବ ଓ ଜନଗଣମନ ।
ଜାତିପିତା ! ଶିବାଜୀ ଏ—ଅଶୋକ ଏ !
ଏ ଜାତିର ମହାନ ନିର୍ମାଣ !
କର ଜାତି ନମସ୍କାର
ଦୀନ ହୀନ ନାହିଁର ଲାଗି
ଫୁଟୁ ତୋର ଅହିଂସା କମାଣ
ପରିଣତି ହେଉ ତୋର
ପାପହୀନ ଅନ ବଳ ମହତ ନିର୍ବାଣ !

# ସୀମାହୀନ ସେନେହ କେ ଦେଲାନାହିଁ ମତେ ଗୋ !

ଲେ—କୃଷ୍ଣଚନ୍ଦ୍ର ତ୍ରିପାଠୀ

ସୀମାହୀନ ସେନେହ କେ ଦେଲା ନାହିଁ ମତେ ଗୋ
ଦିନ ଦିନ ଧରି ମୁଁ ଖୋଜିଛି ଅବିରତେ ଗୋ
କେତେ ଦିନ କେତେ ରାତି ନିରାଶେ ଯାଉଛି ବିତି
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲା ନାହିଁ ମତେ ଗୋ ।
କଳତାନ କରି କରି ବହିଯାଏ ନଈ ଗୋ
ସୁଦୂର ପାହାଡ଼ ଚୂଳ ବାଆ ଆସେ ବହି ଗୋ
ଜୋଛନା ନିଶୀଥ କେତେ ଆସି ଫେରିଯାଏ ଏଥେ
ଚାହିଁ ମୁଁ ବସିଛି କାହା ପଥେ ଗୋ,
ସୀମାହୀନ ସେନେହ କେ ଦେଲାନାହିଁ ମୋତେ ଗୋ ।
ଭାସି ଆସେ ସମୀରଣେ ଚମ୍ପକ ବାସ ଗୋ
ବନେ ବନେ ଫୁଟି ଉଠେ କୁସୁମର ହାସ ଗୋ
ସବୁଜ କେଦାର ମାଳେ କି ମାଧୁରୀ ଢାଳ ପଡ଼େ
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲାନାହିଁ ମୋତେ ଗୋ ।
ଉଡ଼ିଯାଏ ଦୂର ନଭେ ଉଦବଦଳଅ ଗୋ
କେତେ ହସ ଖେଳେ ଗୁଞ୍ଜୁଛି ଏ ଦୁନିଆ ଗୋ
ବୁଝି ତଳେ ତଳେ ମମ କାରେ ଲୋଡ଼େ ଚିରଦିନ
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲା ନାହିଁ ମତେ ଗୋ ।
ଅନ୍ତର ତଳେ କେତେ ମଉଳଇ ଆଶା ଗୋ !
କାହାକୁ କହିବି ମୋର ଅନ୍ତର ଭାଷା ଗୋ
କେ କରିଛି ଅଧିକାର ଏହି ଦେହ ମନ ମୋର
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲା ନାହିଁ ମତେ ଗୋ ।
ଶୋଣିତରୁ ବଳି କାରେ ପାଇଛି ମୁଁ ଭଲ ଗୋ
କାହାଇଁ ନୟନୁ ବହେ ଲୁହ ଝର ଝର ଗୋ
କାହା ଓଠ ବାଣୀ ଟିକ ତ୍ରିଭୁବନ ଅମୃତ !
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲାନାହିଁ ମତେ ଗୋ ।
ମନ ତଳେ ବହେ କେତେ କଳନା ସୁଅ ଗୋ
ଲୁଚିଥିଲେ ଲୁଚିଥିବ ଏଇ ଆଖି ଲୁହ ଗୋ
କାହା ପାଇଁ ସବୁ ଖଣ୍ଡ ଖୁରୁଡ଼ିଲେ ହୁଏ ଭଲ
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲା ନାହିଁ ମତେ ଗୋ
ମୋ ଶୋଣିତ ପ୍ରତିବିନ୍ଦୁ ତଳେ କାର ଛାୟା ଗୋ
ବିସାରି ରହିଛି କିବା ବିମୋହନ ମାୟା ଗୋ !
ଢାଳି ଶତ ଲୁହଧାର କରୁଛି ମୁଁ ଆପଣାର
ଚାହିଁ ମୁଁ ବସିଛି କାହା ପଥେ ଗୋ
ସୀମାହୀନ ସେନେହ କେ ଦେଲାନାହିଁ ମତେ ଗୋ ।



Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ:—ଶ୍ରୀମତୀ ଦେବହୂତି ଦେବୀ

ମୁଁ କାହିଁକି ଲେଖେଁ ଏକଥା ଜାଣିବା ପାଇଁ ମତେ ଆମ ଓଡ଼ିଶାର ଜନପ୍ରିୟ ଲେଖକ-ଜଗତର ସମ୍ପାଦକ ଭଦ୍ର ଆଗ୍ରହରେ ପଚାରିଛନ୍ତି ପୁଣି ସେ କହିଛନ୍ତି ସେ ଏକା ଜାଣିବାକୁ ଚାହଁ ନାହାନ୍ତି ଜଗତର ଆଉ ପାଞ୍ଚଜଣ ପାଠକ ପାଠିକାମାନଙ୍କୁ ଜଣେଇ ଦେବାକୁ ତାଙ୍କର ଇଚ୍ଛା—ଯୋଉ ଜଣେଇ ହବା କଥାଟିକୁ କି ମୁଁ ଖୁବ୍ ବେଳେ ଅପସନ୍ଦ କରି ଏଡ଼ାଇ ଦେବାକୁ ବସିଥାଏ। ଆଜି ତାଙ୍କ ସଶ୍ରଦ୍ଧ ଅନୁରୋଧ ଭାଙ୍ଗି ନପାରି ମତେ ସେଇ ଅଡୁଆରେ ପଡ଼ିବାକୁ ହେଲା।

ଆଜି ମୁଁ କାହିଁକି ଲେଖେଁ—ଏକଥା କହିବାକୁ ଗଲେ ମତେ ଗତ ପଇଁତିଶ ବର୍ଷର ଅତୀତ ଦିନର ଘଟଣା ଗୁଡ଼ିକର ସ୍ମୃତିକୁ ଖେଳେଇ ଖେଳେଇ ମୋ ଲେଖିକା ହବାର କାହାଣୀକୁ ଖୋଜି ବାହାର କରିବାକୁ ପଡ଼ିବ।

ମୁଁ ପ୍ରଥମେ ପାଠପଢ଼ିଥିଲି ଆମ ଗାଁ ସ୍କୁଲରେ। ସେ ପାଠପଢ଼ା ମୋର ନଅବର୍ଷ ବୟସରେ ଶେଷ ହୋଇଗଲା। ତାପରେ ମୋର ଖେଳ କୁଦ ସମୟ କଟାଇବାର କଥା। କିନ୍ତୁ ସେଥିପାଇଁ ଆମ ଗାଁରେ ମୋର ଆଉ ବାଳିକା ସାଙ୍ଗ କେହି ନଥାନ୍ତି। ତେଣୁ ସମୟ କଟାଇବା ପାଇଁ ମୁଁ ପଠନର ଆଶ୍ରୟ ନେଲି। ସେଇଦିନ ଠାରୁ ମୋର ପଢ଼ିବା ସ୍ପୃହା କ୍ରମେ ବଢ଼ିଲା। କାରଣ ମୋ ମନରେ ଯେଉଁ ଜ୍ଞାନ ପିପାସା ଜାତ ହେଉଥିଲା ତାହା ମେଣ୍ଟାଇବାକୁ ସେଇ ପୁସ୍ତକମାନେ ସାହାଯ୍ୟ କରୁଥିଲେ। ଅନ୍ୟ କାହାଁରୁ ମୁଁ ତାହା ପାଉ ନଥିଲି। ସେଥିପାଇଁ କୋଉ ବହିରେ କଣ ଅଛି ତାହା ଜାଣିବା ପାଇଁ ବହି ଖଣ୍ଡିଏ ପାଇଲେ ତାକୁ ପଢ଼ି ନ ସାରିବା ଯାଏଁ ମୁଁ ଭୋକଶୋଷ ଭୁଲିଯାଏ। ତେବେ ଆଜିକାଲି ପରି ମୋ ପିଲାଦିନେ ଏତେ ରକମର ଛପାବହି ବାହାରୁ ନଥାଏ ଯାହା ବାହାରୁ ଥାଏ ତାହା ମୋ ହାତକୁ ଆସିବା ସୁବିଧା ନଥାଏ। ସେତେବେଳେ ପଢ଼ିବାକୁ ମୋର ଏତେ ଇଚ୍ଛାଥାଏ ଯେ କିଏ ଯଦି ଗୋଟିଏ ଥାକବହି ଆଉ ଗୋଟିଏ ଥାକ ଟଙ୍କା ବା ଗହଣା କି ଲୁଗା ରଖି ମତେ ସେଥିରୁ ମନଇଚ୍ଛା ଯୌଣସି ଗୋଟିଏ ଥାକ ନେବାକୁ ଅନୁମତି ଦେଉଥାନ୍ତା ମୁଁ କେବଳ ବହିଥାକଟିକୁ ନେଇ ଥାଆନ୍ତି। କାହିଁକିନା ମୁଁ ସେଇଥିରୁ ଆନନ୍ଦ ପାଏ ସବୁଠାରୁ ବେଶି।

ସେତେବେଳେ ପୁରାଣ ସବୁ ଓଡ଼ିଆରେ ଛପା ହୋଇ ନୂଆ ବାହାରୁଥାଏ। ସେଇ ସବୁ ବହି କିଣା ହୋଇ ଆମ ଘରକୁ ଯାଏ ତାକୁ ସବୁ, ତାଛଡ଼ା ବିଚିତ୍ର ରାମାୟଣ, ବିଚିତ୍ର ମହାଭାରତ, ଦାଣ୍ଡ୍ୟତା ଭକ୍ତି, ଭାଗବତ ମୂଳରୁ ଶେଷ ଯାଏଁ ପଢ଼ି ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ସମୟ କଟାଉଥାଏ। 'ଉତ୍କଳ ଦୀପିକା' ନାମକ ସାପ୍ତାହିକ ସମ୍ବାଦ ପତ୍ର ଓ 'ପ୍ରଭାତ' ନାମରେ ଯେଉଁ ମାସିକ ପତ୍ରିକାଟି ଶ୍ରୀମତୀ ରେବା ରାୟଙ୍କ ସଂପାଦନାରେ ବାହାରୁଥିଲା ବାପା ସେ ଦୁଇଟି କାଗଜ ମୋ ନାଁରେ ମଗାଇ ଦେଉଥିଲେ ତାହାର ମୁଁ ନିୟମିତ ପାଠିକା ଥାଏ। ତାଛଡ଼ା ମୁକୁର, ଉତ୍କଳ ସାହିତ୍ୟ, ଆଉ ଯାହାସବୁ ନୂଆ, ଆଧୁନିକ ବହି ମୋ ହାତକୁ ଆସେ ପଢ଼େ। ନିରୋଳାରେ ବସି ଖାଲି ପଢ଼ିବାକୁ ମତେ ସବୁଠାରୁ ବେଶି ଭଲ ଲାଗେ।

ମତେ ବୋଧହୁଏ ସେତେବେଳେ ସତର ବର୍ଷ ବୟସ। ସେତିକି ବେଳକୁ ମୋ ଜୀବନରେ ପ୍ରଥମ ହୋଇ ଗୋଟିଏ ଅତ୍ୟନ୍ତ ଶୋକାବହ ଘଟଣା ଘଟିଲା। ମୋର ଅତି ଘନିଷ୍ଠତର ପ୍ରିୟତମା ସଙ୍ଗିନୀ ଓ ଆତ୍ମୀୟା ସ୍ନେହମୟୀ ଖୁଡ଼ୀ ଅକାଳରେ ମୃତ୍ୟୁ ମୁଖରେ ପତିତା ହେଲେ। ତାଙ୍କର ଅକାଳ ମୃତ୍ୟୁରେ ମୁହ୍ୟମାନା ହୋଇ ଦିନରାତି ତାଙ୍କୁ ଭାବି ଭାବି ତାଙ୍କର ଉଦ୍ଦେଶରେ କେତେଗୁଡ଼ିଏ ପଦ୍ୟ ପଦ ଲେଖିଥିଲି। ସେଇ ହେଉଛି ମୋର ଆଦ୍ୟ ରଚନା। ବିଚ୍ଛେଦ ବେଦନାର ଶୋକରୁ ଯାହାର ଜନ୍ମ।

ତାପରେ କେତେଦିନ ବିତିଗଲା। କେତେଦିନ ପରେ ପରିଚାରିକା ନାମରେ ଖଣ୍ଡିଏ ମାସିକ ପତ୍ରିକା ବାହାରିଲା। କଟକରୁ—ଶ୍ରୀମତୀ ବସନ୍ତ କୁମାରୀ ଦେବୀଙ୍କ ସମ୍ପାଦନାରେ। ସେଥିରେ ଲେଖିଲେ ବହୁତ ନାରୀ। ତାହା ଦେଖି ମୋର ଲେଖିବା ପାଇଁ ଇଚ୍ଛା ହେଲା। ମୁଁ ଏଥର ପ୍ରବନ୍ଧ ଲେଖା ଆରମ୍ଭ କଲି। ଗୋଟାଏ ଚିଠା ସେଥିରୁ 'ପରିଚାରିକା' ପାଇଁ ପଠାଇଲି ମଧ୍ୟ। ସେଥିରେ ସେ ଲେଖା ଛପା ହୋଇ ମୋ ପାଖକୁ ଗଲା। ମୁଁ ସେତେବେଳେ ପାଟନାରେ ଥାଏଁ। ଏତେ ଦୂରରେ ଥାଇ ମନରେ ଖୁବ୍ ଉତ୍ସାହ ଆସିଲା—ଲେଖିବା ପାଇଁ। ସେତେବେଳେ ସମୟ, ସୁବିଧା, ଉତ୍ସାହ ସବୁ ଥାଏ। ତେବେ ବେଶି ସମୟ କଟେ ଘରକାମ, ଖେଳା ବୁଲାରେ। ଯାହା ହେଉ ତାରି ଭିତରେ ଲେଖା ଚାଲେ। 'ପରିଚାରିକା' ଯୋଗୁଁ ଯେ ମୋର ଲେଖିବା ଆରମ୍ଭ ହେଲା ଏଇଟି ଠିକ୍।

ତାଛଡ଼ା 'ବାରୁଣୀ' 'ସହକାର' ଉତ୍କଳ ସାହିତ୍ୟ 'ନବୀନ' ଏସବୁ ମାସିକ ପତ୍ରିକାମାନେ ମୋ ଲେଖା ସବୁ ବାହାର କରି ମତେ ଲେଖିବା ପାଇଁ ଖୁବ୍ ଉତ୍ସାହ ଯୋଗାଇଛନ୍ତି। ସେଇଥିପାଇଁ ମୋ ମନରେ ଗୋଟାଏ ପ୍ରତ୍ୟୟ ଆସିଲା ଯେ ମୋର ଭାବ ପ୍ରକାଶ କରିବା ପାଇଁ କିଛି ଶକ୍ତି ଅଛି। ଆଉ ଲୋକେ ତାକୁ ନିତାନ୍ତ ଅବହେଳା ଦେଖାଉ ନାହାନ୍ତି।

ପରିଚାରିକା ମୁହିଁ ଲୁଚିଗଲାଣି ଅନେକ ଦିନୁ। କିନ୍ତୁ ତାହାରି ଯୋଗୁଁ ଲେଖିବା ଉତ୍ସାହ ମତେ ଭୂତପରି ମାଡ଼ି ବସିଲା। ଯେତେବେଳେ ପ୍ରାଣକୁ ପ୍ରେରଣା ଆସେ ଭାବନାକୁ ରୂପ ଦେବା ପାଇଁ ସେତେବେଳେ ଅନେକ ବାଧା ବିଘ୍ନ ସତ୍ତ୍ୱେ ସେ ଭୂତ ତାହା ନ ଲେଖେଇ ଛାଡ଼େନାହିଁ। ଆଉ ସେଥିରୁ ମୁଁ ଯେଉଁ-ତୃପ୍ତିର ଆନନ୍ଦ ଟିକିକ ପାଏଁ ତାରି ନିଶାରେ ବୋଧହୁଏ ଏ ବେଗାର ଖଟେ! ଅନ୍ୟକାମ ଅପେକ୍ଷା ଏଇ କାମଟାର ନିଶା ମତେ ବେଶି ଲାଗିଯାଇ ଏକ ପ୍ରକାର ଆନନ୍ଦ ଦିଏ।

ଅବଶ୍ୟ ଲେଖାଲେଖି କରିବା ପାଇଁ ପୁରୁଷମାନଙ୍କ ତୁଳନାରେ ଗୃହସ୍ଥ ନାରୀ ଯାହା ଉପରେ କି ଘର କରଣା ସନ୍ତାନ ପାଳନର ଦାୟିତ୍ୱ ରହିଛି ସେ ସୁବିଧା ପାଏ ଖୁବ୍ କମ୍। ପୁରୁଷମାନଙ୍କର ପ୍ରଧାନ କାମ ହେଲା ବିଦ୍ୟାଚର୍ଚ୍ଚା। କିନ୍ତୁ ଗୃହସ୍ଥ ନାରୀ ନାନା

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଚଢ଼ାକୁ ଉତ୍ତର

କାଳୀଚରଣ ମହାପାତ୍ର, ବ୍ରହ୍ମପୁର

ପ୍ର— ସ୍ତ୍ରୀ ଓ ପୁରୁଷ ଭିତରେ ପ୍ରଭେଦ କଣ ?

ଉ— ଭ୍ରମାକୁ ସମସ୍ତେ ଉପଦେଶ କରନ୍ତି ସ୍ତ୍ରୀଙ୍କା ଏକଚୁଟିଆ ।

ପ୍ର— ସଂସାର ମାନେ କଣ ?

ଉ— ଅସତ୍ୟ ଉପରେ ଆବରଣ ।

ପ୍ର— କେଉଁ ପୋଷାକ ପିନ୍ଧିଲେ ନାରୀ ଅଧିକ ସୁନ୍ଦର ଦିଶନ୍ତି ?

ଉ— ମୋଟରଖା ପିନ୍ଧିଲେ— କାରଣ ସବୁ ଅସୁନ୍ଦର ଲୁଚିଯାଏ ।

ଅଜିତ କୁମାର ରାଜଗୁରୁ,
ଜଳକାପୁର, କଟକ

ପ୍ର— ଯେଉଁ ପାଣ୍ଠି ଭବିଷ୍ୟତ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ ତାହାହିଁ ଯଦି ମୂଳଧନ ହୁଏ, ସ୍ତ୍ରୀ କଣ ସ୍ୱାମୀର ମୂଳଧନ ?

ଉ— ସ୍ତ୍ରୀ ଅସଲ— ପୁଅ ଝିଅ ସୁଧ— ଚକ୍ରବୃଦ୍ଧି ହାରରେ ଜମା ହୁଏ ।

ପ୍ର— ଆପଣ ତ ମୋତେ ଦେଖିନାହାନ୍ତି ତେବେ ମୋ ଚେହେରା କିପରି ଅନୁମାନ କରୁଛନ୍ତି ?

ଉ— ଆପଣଙ୍କ ଚିଠି ଉପରେ ପୋଷ୍ଟ ଅଫିସ ମୋହରରେ ବସିଥିବ 'ସେଭିଂସ ସାର୍ଟିଫିକେଟ କିଣନ୍ତୁ' ବିଜ୍ଞାପନ ଲେଖା । ଅର୍ଥାତ୍ ଜେବରେ ପଇସା କିଣିଲେ ଠିକ୍ ଟଙ୍କା ଖରଚ, ପାଞ୍ଚବର୍ଷ ପରେ ସୁଧ ଅସଲ ବଢ଼ି ଯାଇଥିବ ।

ପ୍ର— Comforts ଓ Luxuries ଭିତରେ ଫରକ କଣ ?

ଉ— ଦେହ ଅସୁସ୍ଥ ହେଲେ ପ୍ରଥମ ଆରାମ [Comforts] ଖୋଜେ ଓ ମନ ଅସୁସ୍ଥ ହେଲେ ବିଳାସ [Luxury] ଖୋଜେ ।

ବୈକୁଣ୍ଠନାଥ ପଣ୍ଡା, ରେଢ଼ାଖୋଲ

ପ୍ର— ଓଟମନ କଲେଜର ମିସ୍ ମାଷ୍ଟର-ମାନଙ୍କ କପାଳରେ ଶ୍ୟବା ଯୋଗ ଅଛି କି ?

ଉ... ଆପଣ କେବେ ତାରୁଣିଶିଆ ଝାଳା ବାଜିଆ ଗଳା ଶୁଣିଥିଲେ କି ?

ପ୍ର— ଶ୍ରୀ ରାଧାମୋହନ ମୁଁ ବାନ୍ଧବ ଲେଖାରେ କହୁଛନ୍ତି— 'ବୃନ୍ତହୀନ ପୁଷ୍ପ ସମ' ତାର ପ୍ରକାଶ । ବୃନ୍ତ ନଥାଇ ପୁଷ୍ପ ଥାଏ କି ? ତାଙ୍କ କବିତା କଣ ଅସମ୍ଭବ ବସ୍ତୁବାଦ ?

ଉ— ସମସ୍ତଙ୍କ କବିତାରେ ବସ୍ତୁ ନଥାଇ ମଧ୍ୟ ସମ୍ଭାବନା ବର୍ତ୍ତମାନ ଥାଏ । ରାଧାମୋହନ ସମ୍ଭବ୍ୟକୁ ଅସମ୍ଭବ କରି ପାରିଛନ୍ତି ।

ପ୍ର— ଆପଣଙ୍କୁ ଅନେକ ସମୟରେ ଯାଯ୍ ପ୍ରେମ ପ୍ରଶ୍ନ ପଚରା ଯାଉଛି । ଆପଣଙ୍କର ଏ ପ୍ରେମ ଅଭିଜ୍ଞତା ଯୋଗୁଁ ମୁଁ ଯଦି ପ୍ରେମ କରେଁ ଫଳ କଣ ହେବ ?

ଉ— ମୋତେ ଭଗବନ୍ତ ବର୍ଣ୍ଣିତ ଇଳା ଧନ୍ୟା ସହିବାକୁ ପଡ଼ିବ । ବୃଦ୍ଧ ଚନ୍ଦ୍ରଶେଖରଙ୍କ ପାଖରେ ଯୌବନ ସମ୍ଭୂତ ଓ ଆପଣଙ୍କ ପାଖରେ ଯୌବନ ସ୍ତ୍ରୀ । ବା ଜଗତରେ ପୁରୁଷ ଜାତିରେ ସ୍ତ୍ରୀ ବା ଦୈତ୍ୟ ଜାତିରେ ।

ଚୋଦଶ୍ୟାର ସେନାପତି, ଅନନ୍ତପୁର

ପ୍ର— ବର୍ତ୍ତମାନ ବସ୍ତ୍ରର ଅଭାବ ଦୂର ହେବ କି ?

ଉ— ଜେଲ୍‌ରେ ଦୁରେକୃଷ୍ଣ ବସ୍ତ୍ରହରଣ ଅଭିନୟ କରୁଛନ୍ତି ।

ଚୂଡ଼ାମଣି ଚନ୍ଦ୍ରଙ୍କ ଦ୍ୱାରା

ପ୍ର— ସ୍ତ୍ରୀମାନେ ମୁଣ୍ଡମାନ୍ଦ୍ର ... ଗାଁ ଭୁଲନ୍ତ କାହିଁକି ?

ଉ— ସ୍ତ୍ରୀମାନେ କେବେହେଲେ ପୁରୁଷକୁ ଭୁଲନ୍ତି ନାହିଁ । ଜଣକୁ ଭୁଲିଲେ ଜାଣିବେ ଯେ ସେ ... ଚାରୁ ଆଉ ଜଣକୁ ଧରି ସାରିଛନ୍ତି ।

ହରିଶ୍ଚନ୍ଦ୍ର ଦାସ ବାରିପଦା

ପ୍ର— ମୁଁ କିଏ ?

ଉ— ଆପଣଙ୍କର ଭୂତ—ବା ଚଳନ୍ତା ଶବ ।

ପ୍ର— ଅହିଂସା କଣ ?

ଉ— ଅହିଂସା ଅର୍ଥ ବଜାରୁ ହିଂସା ଭରିବା ।

ପ୍ର— ମୈଥୁନ ଦଂଶନ କଣ ?

ଉ— ଯାହା ଆଖିରେ ନ ଦେଖିଛ ।

ବାଲମୁକୁନ୍ଦ ହୋତା—ସୋନପୁର

ପ୍ର— ଓଡ଼ିଆ ଅସେମ୍ବ୍ଲିରେ ଯେଉଁ ଓଡ଼ିଆ ମେମ୍ବରମାନେ ଅଛନ୍ତି ତାଙ୍କ ଭିତରୁ କେତେ କଣ ବୁଡ଼ା କଏ, ଅନ୍ଧ କଏ ମୂକ କଏ ଓ ବଧିର କଏ ?

ଉ— ଚେଷ୍ଟା କଲାବେଳେ ଗଛ ତେଣୁ ସେ ବିପକ୍ଷ ଦଳନେତା ହୋଇ ମଧ୍ୟ ଯୁଝି ପାରନ୍ତି ନାହିଁ । ବୁଢ଼ା ବୈଦ୍ୟନାଥ ରଥ ତେଣୁ ସେ ସମସ୍ତଙ୍କୁ ଅସୁନ୍ଦର ଦେଖନ୍ତି । ଅନ୍ଧ ମାନ୍ୟବର ସଭ୍ୟଗଣ ତେଣୁ ଦଳପତି ଯାହା କହନ୍ତି ଆଖି ବୁଜି ହାତ ଟେକନ୍ତି । ମୂକ—ନିଜେ ବାଚସ୍ପତି । ତେଣୁ ସେ ପଦେ ପଦେ ଭଲା କୁହନ୍ତି । ବଧିର ତ ନିଜେ ମୁଖ୍ୟମନ୍ତ୍ରୀ ତଥା ଅନ୍ୟାନ୍ୟମନ୍ତ୍ରୀ କାରଣ ବାଙ୍ଗ ବକ୍ତାଙ୍କ ଅଭିଯୋଗ ସେ ଶୁଣନ୍ତି ନାହିଁ ।

ପ୍ର— ମନ୍ତ୍ରୀମାନଙ୍କ ପତ୍ନୀର ଉଦ୍ଦେଶ୍ୟ ଦେଶର ମଙ୍ଗଳ ନା—ନିଜର ଗଣିବାକୁ ?

ଉ— ହୋମରେ ଅହୁତି ଦେଲେ ଜିଭ ଅଦରକ ହୁଏ ନାହିଁ—ତାହା ମଧ୍ୟ ଦେଶ ପକ୍ଷରେ ମଙ୍ଗଳଜନକ ।

ପ୍ର— ସମସ୍ତେ ତ ଗ୍ରାଜୁଏଟ ପାଠ ପଢ଼ିଲେ—ଅନ୍ୟ ବ୍ୟବସାୟ କରିବ କିଏ ?

ଉ— ସବୁ ଲୁହର ବାରାଣସୀ ଯାଇ ପାରିବେ ନାହିଁ ।

ଦୈତାରି ଓଝା—ଅନନ୍ତପୁର

ପ୍ର— ବର୍ତ୍ତମାନ ପଇସା ପଞ୍ଚ ଅଢ଼ିକ ଯେପରି ପାଠପଢ଼ା ଗୋଡ଼ କଣ କରିହେବ କି ?

ଉ— ମନ୍ତ୍ରୀ ହୋଇ ପାରିବ । ସେଥିରେ ପାଠର ଦରକାର ହୁଏ ନାହିଁ ବୁଦ୍ଧିର ଦରକାର ନାହିଁ ।

---

ଜଙ୍ଗଲରେ ବାସ୍ତ ରହି ବିଦ୍ୟା ଚର୍ଚ୍ଚାର ସୁବିଧା ଖୁବ୍ କମ୍ ପାଏ । ହୃଦୟ ଭିତରୁ ଖୁବ୍ ଜୋରରେ ପ୍ରେରଣା ଆସିଲେ ସେ ଗୁଡ଼ାକୁ ଅନୁଭବରେ ଭାବନାକୁ ରୂପ ଦେବା ପାଇଁ ବସିଯାଏ । ସେ ରୂପ ଦର୍ପ ହେଉ କି ମଞ୍ଜୁର ହେଉ ତୋଟାଏ ଏଣୁକେଣୁ କିଛି ଠିଆ କରି ନ ଦେବା ଯାଏଁ ନିସ୍ତାର ନାହିଁ । ମୋର ଅନୁଭୂତିକୁ ମୁଁ ଏପରି ଭଲପାଏ । ଆଉ କିଏ ବୁଝିବ ପଢ଼ୁଥିଲେ ମେ ଓଡ଼ିଏ ମୁଁ ଯାହା କହୁ କହୁ ବା ଯାହା ଭାବି ପାରିବ ଭଗବାନଙ୍କର ଲୀଳା ନୁହେଁ । ତଥାପି ଉଦ୍ଧୃତ ଦୁଃଖ ମୁଖ, ଦର୍ପ ଘୃଣା, ହିଂସା, ଅନ୍ୟ ଭିତର ଦେଇ ସେ ଶ୍ରୀ ଅଲଭ୍ୟ ମତେ ତା ବାଟରେ ଘୋଷାରି ନେଇ ଗୃହର ତୃପ୍ତିର ଆନନ୍ଦ ଟିକିଏ ଲେଖା ଚଖେଇ ଦେଇ ।

ବାସ୍ତବ ସଂସାରର ଧୂଳି । ତଳରେ ବସି ମୁଁ ମୋ ସ୍ୱପ୍ନ ରଚେ ନୀଡ଼ ଭିତରେ । ଏଇଟା ମୋର ଜନ୍ମଗତ ପ୍ରକୃତି । ସେଇ କଳନା ନୀଡରେ ସେ ବାହ୍ୟ ଅନୁଭୂତି ଟିକେ କେବେ କେବେ ଆସି ଆନ୍ଦୋଳନ ସୃଷ୍ଟି କରେ ତାହା ପ୍ରକାଶ କରିବା ପାଇଁ ମୋ ମନରେ ଯେଉଁ ଅଦମ୍ୟ ଆକୁଳଭାବ ଜନ୍ମେ ତାକୁ ଶାନ୍ତ କରିବା ପାଇଁ ମୁଁ ଲେଖେଁ । ଏଇ ମୋର ଲେଖାର ଇତିହାସ; ଜାଣିଲେ କଣ ଭଲ ସମ୍ପାଦକ ?

ଜୟନ୍ତନ



Digitized by srujanika@gmail.com

## ଜୀବନ ଆଶାୟୀ

ଦରିଦ୍ର ମୁଁ ଧରାବୁକେ ଜୀବନ ଅଶାନ୍ତି
ଖୋଜିବୁଲେ ସ୍ୱପନେ ମୁଁ ସୁନାର ରାଇଜ
ଦିନେ ହେଲେ ଯା'ରେ ଦେଖିନାହିଁ ।
ସ୍ୱପ୍ନେ ଗଢ଼େ କେତେ କେତେ ମୁହିଁ
ଶୁଭ-ସ୍ୱଚ୍ଛ ଉଡ଼ନ୍ତି ସଉଧ,
ଭାସି ବୁଲେ ପବନର ସଙ୍ଗେ
ସ୍ୱପ୍ନେ ଖେଳେ ଚପଳା ବଉଦ ।
ଆକାଶର ଚୃନ୍ଦ ଦେଖି ମୁହିଁ
ଆନନ୍ଦେ ଲହରୀ ଉଠାଇଲେ,
ବଢ଼ାଏ ମୋ ସ୍ୱପ୍ନାତୁର କର
ଜୀବନର କ୍ଷଣିକ ମୋହରେ ।
ଦେଖେ ଚନ୍ଦ୍ର, ଆସେ ମୋର ପାଶେ
ଖେଳେ କେତେ ଖେଳ ଜାବ ସାଥେ,
ସରଗର ପାରିଜାତ ଆଣି
ହସି ହସି ଦିଏ ତାର ମାଥେ ।
ହସି ଉଠେ ଦୁଷ୍ଟ ଚନ୍ଦ୍ର ଧୀରେ—
କହେ, 'ତୁମେ ଫାଜିଲ୍ ହେଲଣି'
ହସି ଦିଏ ତା ଉତ୍ତର
[ଚୃନ୍ଦ] ଅକଠାରୁ ତୁମେ ହେଲ ଗଣି ।
ସରଗର ବିମୁଗ୍ଧ ନୟନେ
ଅନ୍ତେ ହସି ଚୃହେଁ ସେହ୍ନ ମୋତେ,
ପ୍ରତିଦାନେ-ହସଟିଏ ସାଙ୍ଗେ
ହାତ ଥିଉ ନିଏ ତାରେ ସାଥେ ।
ଚୃଲଯାଉଁ ଅଜଣା ରାଇଜେ
ନାହିଁ ଯହିଁ ସମାଜ ଅର୍ଗଳ,
ମାନବର ଜୀବନକୁ ଯେହୁ
ପ୍ରତି ପାଦେ ଦିଏ ମାଡ଼ ଦଳ ।
ସେଠି ନାହିଁ ଦୁନିଆର ଦୁଃଖ
ନାହିଁ ମୋହ ମାୟାର ଆଧାର,
ସତ୍ୟ ପ୍ରେମ ଦୟା ମନ୍ଦ କିନୀ
ଅବିରତ ବହେ ଜନଧାର ।
ଯାଏ ଦୁଇ ଆତ୍ମା ତହିଁ ମିଶି
ଏକ ସ୍ଥାନ କରଇ ଆଶ୍ରୟ
ଜୀବନର ଜଞ୍ଜାଳକୁ ଭୁଲି
ପ୍ରାଣଭରି ହୁଏ ମଧୁମୟ
+ + +
କିନ୍ତୁ କେଉଁ ଝଞ୍ଜାର ଆଘାତେ
ଛିନ୍ନ ଭିନ୍ନ ହୁଏ ଆତ୍ମା ଦୁଇ
ଏକ ଚୃଲଯାଏ କେଉଁ ପଥେ
ଅନ୍ୟ ମରେ ଝୁରି ତାର ପାଇଁ ।
ସ୍ୱପ୍ନାତୁର ଜୀବନ ଅଶାନ୍ତି
ସ୍ୱପ୍ନାତୁର ନେତ୍ର ଫେଡ଼ି ଦେଖେ,
ସ୍ୱପନର ମାୟା ଜାଲ ନାହିଁ
ନାହିଁ ତାର କପୋତି ତା ପାଖେ ।
ଏବା ଅଛୁ ଭାବ ଏ ସଂସାରେ
ଦୁଃଖ ସାରା ଜୀବନେ ତାଡ଼ନା,
ଲୁଟେ ଏହ ଦରିଦ୍ର ଜୀବନ
କେତେ ମୂଲ୍ୟହୀନ ଧନ ବିନା
ଯହିଁ ଦେଖେ ଧନର ଆଦର
ଧନୀ ମୁଣ୍ଡେ ସୁନାର କଳସୀ
ଗରୀବର ଅଛି ଖାଲି ଗାଳି
ହତଭାଗା—ଭାଗ୍ୟ ନିନ୍ଦେ ବସି ।
ଦେବା ପାଇଁ ଅନ୍ନ ମୁଠେ ତରେ
ଧନୀ କେବେ ଦିଏ ନାହିଁ ଧରା,
ପାଇବାକୁ ଗୋଟିଏ ପଇସା—
ଦେବାକୁ ସେ, ସଚ୍ଚାଙ୍କ ହାପର ।
ଦୁନିଆର ସତ୍ୟ ଓ ସପନ
ଦୁଇ ମଧ୍ୟେ ଏତେ ବ୍ୟବଧାନ,
ଲୁଟେ ନାହିଁ ଅଶାନ୍ତି ଟଥିର
ଲୁଟେ ଯେବେ ପାଏ ପ୍ରତିଦାନ ।

ଶ୍ରୀ ରାଧାଗୋବିନ୍ଦ ରଥ ଅଧିକାରୀ [୧୧୦୯]

## ଅବସର ବିନୋଦନ ୭୭

୪ଅଙ୍କ ବିଶିଷ୍ଟ ଏପରି ଏକ ସଂଖ୍ୟାଲୁହପାହାର.
୧ମ ଅଙ୍କ + ୩ୟ ଅଙ୍କ = ୨ୟ ଅଙ୍କ + ୪ ଅଙ୍କ
୨ୟ ଅଙ୍କ − ୧ମ ଅଙ୍କ = ୩ୟ ଅଙ୍କ + ୪ର୍ଥ ଅଙ୍କ
୨ୟ ଅଙ୍କ − ୩ୟ ଅଙ୍କ = ୧ମ ଅଙ୍କ − ୪ର୍ଥ ଅଙ୍କ
୧ମ ଅଙ୍କ + ୨ୟ ଅଙ୍କ + ୩ୟ ଅଙ୍କ + ୪ ଅଙ୍କ = ୮

—[ରାଧାନାଥ]

## ୭୪ ଅବସର ବିନୋଦନ ଉତ୍ତର

ଲୁଲୁତା ଅଣ୍ଡା—୧୯୯
୭୫ ଉତ୍ତର

ସେଇ ନିକ୍ତିଜାକାର ଜମିର ବାହ୍ୟଗୁଡ଼ିକର ମଧ୍ୟ ବିନ୍ଦୁଗୁଡ଼ିକ ଯୋଗ କଲେ ତାହା ୪ ସମାନ ଭାଗରେ ବିଭକ୍ତ ହେବ । ସେଇ ଚୃରି ଭାଗରେ ଚୃରିଟି କୂଅ ରହିଲେ ୪ ଜଣଙ୍କ ଭାଗରେ ପଡ଼ିବ—ରାଧାନାଥ

## ଅଜାଙ୍କ ଉତ୍ତର

ଭଗବାନ—୧୩୬୭— ଈଶ୍ୱରଙ୍କ ନାମ ମନେ ନ ପକାଇ କେବଳ ସତ୍‌କର୍ମକଲେ ଯଥେଷ୍ଟ ହେବ ନାହିଁ । ଈଶ୍ୱର ନାମ ଘୋଷିବା ଦରକାର ନାହିଁ ବୋଲି ଭାବିବା ଅନ୍ୟାୟ । କାରଣ ଔଷଧ ଖାଇ ପଥ୍ୟ ନକଲେ ଯେପରି ଫଳ ହୁଏ ନାହିଁ—ଈଶ୍ୱର ନାମ ବିନା ସତ୍କର୍ମର ଫଳ ନାହିଁ । ଈଶ୍ୱର ବିଶ୍ୱାସ ନଥିଲେ ସତ୍‌କର୍ମରେ ପ୍ରବୃତ୍ତି ଆସିବା ଅସମ୍ଭବ ।

## ନାଗଭାଇଙ୍କ ପ୍ରଶ୍ନର ଉତ୍ତର

ଶୁଭେନ୍ଦୁ ଭାଇ ଜାଣିବ—ନବଯୁର୍ଣ୍ଣ କାନଚିହ୍ନ ଇଷ୍ଟ ନଦୀର ହେଲଗେଟ୍ ପୋଲ ହାଉଡ଼ା ପୋଲ ପରି Cantiliver span bridge

ତରଦା ଭାଇ ଜାଣିବ—ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀର ଦକ୍ଷିଣଙ୍କ ସମସାମୟିକ ଚରକ ଓ ଶୁଶ୍ରୁତ ଭାରତର ପ୍ରଥମ ବୈଦ୍ୟଶାସ୍ତ୍ର-ରଚୟିତା ।

ଅଷ୍ଟାଦଶ ପୁରାଣ ୪ର୍ଥ ଓ ପଞ୍ଚମ ଶତାବ୍ଦୀର ମଧ୍ୟ ଭାଗରେ ଗୁପ୍ତ ଯୁଗରେ ଲିଖିତ ହୋଇଥିବା ସମ୍ଭବ ।

ଅନନ୍ତଭାଇ· ଜାଣିବ—ମନୁଷ୍ୟ ଯାହା ଚୃହେଁ ତାହା ପାଇଁ ପ୍ରାଣ ପଣେ ଚେଷ୍ଟାକଲେ ତାହା ମିଳପାରେ କିନ୍ତୁ ସବୁକ୍ଷେତ୍ରରେ ପାଇବା ଅସମ୍ଭବ ।

ସବିତା ଭଉଣୀ ଜାଣିବ—ଜନ୍ମ ଓ ମୃତ୍ୟୁ ମନୁଷ୍ୟ ହସ୍ତରେ ଦୁନିଆରେ ସବୁଠୁଁ ବଡ଼ ଜିନିଷ କାରଣ ସେ ଏ ଦୁଇଟିକୁ ଜୟ କରି ପାରିନାହିଁ । —ଭଗବାନ [୧୩୬]

## ନାଗଙ୍କ ପ୍ରଶ୍ନ

କାହା ସମୟରେ ଜନ୍ମମୃତ୍ୟୁ ହିସାବ ରଖିବାର ଆଇନ ହେଲା ? ଗଙ୍ଗାଧର ୧୩୦
ଈଶ୍ୱର ନିରାକାର କାହିଁକି ?—ଭଗବାନ
୨୩୬ ପୃଥିବୀର ଓଜନ କେତେ—ରାମଚନ୍ଦ୍ର

## ନୂଆନାଗଙ୍କ ନାମ

୧୪୧୫ ରସାନନ୍ଦ ସାହୁ ୯ମ ଶ୍ରେଣୀ ଓ ଏନ୍ ହାଇସ୍କୁଲ; କେଉଁଝର କେଉଁଝରଗଡ଼ । ୧୪୧୬ ଶ୍ରୀ ବିପିନ ବିହାରୀ ଦାଶ ଦେବ ଶର୍ମା ୯ମ ଶ୍ରେଣୀ ପୃଥ୍ୱୀ ବଲ୍ଲଭ ହାଇସ୍କୁଲ ବଲ୍ଲାଙ୍ଗିର ପୋ. ଅ. ବଲାଙ୍ଗିର । ୧୪୧୭ ଭିକାରୀ ଚରଣ ନନ୍ଦ ନନ୍ଦଭଙ୍ଗିଆ ପୋ. ଝିଲିଙ୍ଗା ବଲାଙ୍ଗିର ।



Digitized by srujanika@gmail.com

Dagaro
Reg. No O 18. ORISSA'S MOST POPULAR FORTNIGHTL. 1 1-51

# ଛାୟାଲୋକ

ପରିଚାଳନା—ଜଗନ୍ନାଥ ଦାସ

ଶାହାନାଇ, ଶିକସ୍ତ, ସୁରଜମୁଖୀ, ବିଜଲୀ ଓ ସରଗମ୍ ପ୍ରଭୃତି ଚିତ୍ରର ଚଞ୍ଚଳା ଅଭିନେତ୍ରୀ ରେହେନା ଜନ୍ମଗ୍ରହଣ କରିଥିଲେ ଲକ୍ଷ୍ନୌ-ସ୍ଥିତ ଏକ ନର୍ତ୍ତକୀ ଗୃହରେ। ମାତା ଶାହା-ଯାହା ବେଗମ୍ ଥିଲେ ସେଠାକାର ଜଣେ ବିଖ୍ୟାତ ନର୍ତ୍ତକୀ। ପିତା ଓସ୍ତାଦ୍ ମହମ୍ମଦ ଖାଁ ଥିଲେ ଅନ୍ୟତମ ପ୍ରସିଦ୍ଧ ସଙ୍ଗୀତଜ୍ଞ। ଅତଏବ ସୁଯୋଗ୍ୟ ପିତା ମାତାଙ୍କର ତତ୍ତ୍ୱାବଧାନରେ ସୌଭାଗ୍ୟବତୀ ରେହେନା ଅଳ୍ପଦିନ ମଧ୍ୟରେ ସଂଗୀତ ଓ ନୃତ୍ୟରେ ପାରଦର୍ଶିତା ଲାଭ କଲେ। ତାପରେ ଶାହାଯାହାଁ ବେଗମ ରେହେନାଙ୍କୁ ଏକ 'ଭେରାଇଟିଶୋ' ପାର୍ଟିରେ ଭର୍ତ୍ତି କରେଇ ଦେଲେ। ପାର୍ଟି ସେତେବେଳେ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ପରିଭ୍ରମଣ କରି ନାନା ପ୍ରକାର ଆମୋଦ ପ୍ରମୋଦ ଦ୍ୱାରା ଦର୍ଶକ ମାନଙ୍କର ମନୋ-ରଞ୍ଜନ କରୁଥିଲେ। ସେଠାରେ କିଛିଦିନ ରହିଲା ପରେ ରେହେନାଙ୍କୁ ଭଲ ଲାଗିଲା ନାହିଁ। ଫେରି ଆସିଲେ ଘରକୁ। କିନ୍ତୁ ଆସି ଦେଖନ୍ତି ସେ ମାତା ତାଙ୍କର ମୃତ୍ୟୁ ଶଯ୍ୟାରେ। ତାଙ୍କର ଏତେ ଆନନ୍ଦ ଉତ୍ସାହ ମୁହୂର୍ତ୍ତକ ମଧ୍ୟରେ ସବୁ କୁଆଡ଼େ ପାଣି ଫୋଟକା ଭଳି ଶୂନ୍ୟରେ ମିଳେଇଗଲା। ଆଖିର ଲୁହ ତାଙ୍କର ବାଧା ମାନିଲା ନାହିଁ। ହେଲେ ନିଷ୍ଠୁରଗତି ରୋଧିବାର ନୁହଁ। ଦିନେ ଦମକା ପବନ ଆସି ଶାହାଯାହାଁ ବେଗମଙ୍କର ହୃଦୟ ପ୍ରଦୀପଟିକୁ ଚିରଦିନ ଲାଗି ଲିଭେଇ ଦେଇଗଲା। ତାର କିଛିଦିନ ପରେ ଆସିଲା ଆଉ ଏକ ଦୁର୍ଯୋଗ-ମୟୀ ରାତି। ବେଗମ ସାହେବାଙ୍କ ଆହ୍ୱାନରେ ଓସ୍ତାଦ୍ ମହମ୍ମଦ ଖାଁ ମଧ୍ୟ ସେଦିନ ପୃଥିବୀର ସମସ୍ତ ମାୟା ମମତା ତ୍ୟାଗ କରି ଚାଲିଗଲେ ଅଜଣା ଦେଶକୁ। ପିତୃ ମାତୃ ହୀନା ରେହେନାଙ୍କର ଚତୁର୍ଦ୍ଦିଗ ଅନ୍ଧକାର ମୟ ହୋଇଗଲା। ଜଣେ ଅଭିଭାବକ ଶୂନ୍ୟା, ଅସହାୟ ଯୁବତୀର ଦୁଃଖରେ ସମ-ବେଦନା ଓ ସହାନୁଭୂତି ଜଣେଇବାକୁ ଅନେକେ ଆଗେଇ ଆସିଲେ ସତ କିନ୍ତୁ ଏମାନଙ୍କର ସମବେଦନା ଅନ୍ତରାଳରେ ଥିଲା ସ୍ୱାର୍ଥସିଦ୍ଧିର ଉଗ୍ରବାସନା। ହେଲେ ବୁଦ୍ଧିମତୀ ରେହେନା ଏସବୁକୁ ଭ୍ରୂକ୍ଷେପ କଲେ ନାହିଁ ସମସ୍ତ ପ୍ରକାର ପ୍ରଲୋଭନକୁ ଉପେକ୍ଷା କରି ସେ ଘରୁ ବାହାରି ପଡ଼ିଲେ ନିଜେ ଅର୍ଥ ଉପାର୍ଜନ କରିବାକୁ। +++

ସେତେବେଳେ ଚାଲିଥାଏ ଦ୍ୱିତୀୟ ମହାଯୁଦ୍ଧ। ସାମରିକ ଲୋକମାନଙ୍କର ମନୋ-ରଞ୍ଜନ କରିବା ଲାଗି କେତେଜଣ ଶିଳ୍ପୀଙ୍କର ପ୍ରୟୋଜନ ଥାଏ। ରେହେନା ଏ ସୁଯୋଗର ଅପବ୍ୟବହାର କଲେ ନାହିଁ। କିଛିଦିନ ପରେ ସରକାରୀ ଲଫାପା ଭିତରେ ଆସିଲା ତାଙ୍କର ନିଯୁକ୍ତି ପତ୍ର।



ତାପରେ ଶୁଭଦିନ ଶୁଭଘଡ଼ି ଦେଖି ଦିନେ ରେହେନା ବାହାରି ପଡ଼ିଲେ ତାଙ୍କର ନୂତନ କର୍ମସ୍ଥଳୀକୁ। ନୂତନ ନାମରେ ପରିଚିତ ହେଲେ ସେଠି। ସମସ୍ତେ ତାଙ୍କୁ ମୋହିନୀ ବୋଲି ଜାଣିଲେ। କାରଣ ଗୃହର ଓ ଦେଶର ମାୟା ତ୍ୟାଗ କରି ଯେଉଁମାନେ ଯୁଦ୍ଧ କ୍ଷେତ୍ରରେ ମୁହୂର୍ତ୍ତ ମୁହୂର୍ତ୍ତ ମୃତ୍ୟୁରେ ଆହ୍ୱାନକୁ କାନ ଡେରି ବସିଛନ୍ତି ସେହିସବୁ ଯୁଦ୍ଧରତ ସୈନିକ ଓ ଅଫିସରମାନଙ୍କର ମନୋରଞ୍ଜନ କରିବା ଲାଗି ରେହେନା ଦିନପରେ ଦିନ ନୂତନ ନୂତନ ନୃତ୍ୟଗୀତର ଇନ୍ଦ୍ରଜାଲ ରଚନା କରିବାକୁ ଲାଗିଲେ। ଏହିପରି ଭାବେ ଭାରତର ବିଭିନ୍ନ ସ୍ଥାନ ମାନଙ୍କରେ ଥିବା ସାମରିକ ଫୌଜମାନଙ୍କର ମନୋରଞ୍ଜନ କରି ୧୯୪୪ ମସିହାରେ ସେ ବମ୍ବେକୁ ଫେରି ଆସିଲେ। ସେଠାରେ କେତେଜଣ ପରିଚିତ ବ୍ୟକ୍ତିମାନଙ୍କ ସାକ୍ଷାତ ପାଇଲେ। ଏମାନଙ୍କ ମଧ୍ୟରୁ ଇଷ୍ଟୁଫ୍ ସାହେବ ନାମକ ସେତେବେଳ-କାର ଜଣେ ଚିତ୍ରପରିଚାଳକ ଉଦ୍‌ଯୋଗରେ ମୁରାରୀ ପିକ୍‌ଚର୍ସକୃତ 'କୃଷ୍ଣାର୍ଜୁନ ଯୁଦ୍ଧ' ଚିତ୍ରରେ ସର୍ବପ୍ରଥମ ଥର ଲାଗି ତାଙ୍କୁ ଦୃଶ୍ୟରେ ନୃତ୍ୟ କରିବାର ସୁଯୋଗ ମିଳିଗଲା। ତାପରେ ଧରତିଆନ, ନେକ୍‌ପରୱିନ୍, ତଦ୍‌ବୀର, ଲାଜ, ଫୁଲ ଆଦି ଚିତ୍ରରେ ନୃତ୍ୟ ସମ୍ବଳିତ କେତେ-ଗୁଡ଼ିଏ କ୍ଷୁଦ୍ର ଭୂମିକାରେ ସାଫଲ୍ୟ ସହିତ ଅଭିନୟ କରି ସୁନାମ ଅର୍ଜନ କଲେ। ତାଙ୍କର ଅଭିନୟ ନୈପୁଣ୍ୟରେ ମୁଗ୍ଧ ହୋଇ ନିର୍ଦ୍ଦେଶକ [Directer] ଶ୍ରୀଯୁକ୍ତ ସନ୍ତୋଷି ପ୍ରଭାତ ପିକଚର୍ସକୃତ 'ହାମଏକ ହେଁ' ନାମକ ଏକ ଚିତ୍ରଟିର ପାର୍ଶ୍ୱଚରିତ୍ର[Side Roll]ରେ ଅଭିନୟ କରିବାର ସୁଯୋଗ ଦେଲେ। ଅକ୍ଲାନ୍ତ ପରିଶ୍ରମ କରି ସେ ଚରିତ୍ରଟିକୁ ଏପରି ଭାବରେ ଦର୍ଶକମାନଙ୍କ ସମ୍ମୁଖରେ ଜୀବନ୍ତ ଭାବେ ଫୁଟେଇ ତୋଳିଲେ ଯେ ଚାରିଆଡ଼େ ଉଚ୍ଛ୍ୱସିତ ପ୍ରଶଂସାର ଢେଉ ଖେଳିଗଲା। ତା'ପରେ ସନ୍ତୋଷି ତାଙ୍କୁ ସାହାନାଇ, ଶିକସ୍ତ, ସାଜନ ପ୍ରଭୃତି ବହୁ ଚିତ୍ରରେ ନାୟିକା ରୂପେ ଗ୍ରହଣ କଲେ। ପରିଚାଳକଙ୍କର ନିର୍ଦ୍ଦେଶ ଓ ତାଙ୍କର ନିଜର ଅକ୍ଳାନ୍ତ ପରିଶ୍ରମ ଓ ଆନ୍ତରିକ ପ୍ରଚେଷ୍ଟା ଦ୍ୱାରା ରେହେନା ଅଳ୍ପ ଦିନ ମଧ୍ୟରେ ଲୋକ-ପ୍ରିୟ ହୋଇପଡ଼ିଲେ। ଭାଗ୍ୟର ଚକ ବୁଲିଗଲା। ଚଳଚିତ୍ର ଜଗତରେ ଅନ୍ୟତମ ଶ୍ରେଷ୍ଠ ତାରକାଙ୍କ ପର୍ଯ୍ୟାୟରେ ରେହେନା ହେଲେ ଦଳଭୁକ୍ତ। ମୁନେହାଂର ଦିନ୍, ଗୃହାକୀ ଗୃହିଣୀ, ଦୀଲଗୁବା, ଏକ୍‌ସଟ୍ରେସ, ବିଜଲୀ, ସରଗମ ଚିତ୍ରମାନଙ୍କରେ ପ୍ରଶଂସନୀୟ ଅଭିନୟ ତାଙ୍କୁ ଖ୍ୟାତିର ପର୍ବତ ଶିଖରରେ ପହଞ୍ଚେଇ ଦେଲା। କିନ୍ତୁ ସବୁଠାରୁ ଏକ୍‌ଟ୍ରେସ ଚିତ୍ରରେ ଅଭିନୟ ସର୍ବଶ୍ରେଷ୍ଠ ବୋଲି ତାଙ୍କର ଧାରଣା।

ଶିକ୍ଷା ଦିଗରେ ରେହେନାଙ୍କର କୌଣସି ପାରଦର୍ଶିତା ନଥିଲେ ମଧ୍ୟ ସାଧାରଣ ଭାବେ କାମ ଚଳାଇବା ଭଳି ଲେଖି ପଢ଼ି କରି-ପାରନ୍ତି। ରୂପେଲି ପର୍ଦ୍ଦାରେ ତାଙ୍କର ସ୍ୱଭାବ ଯେତେ ଚଞ୍ଚଳ ବୋଲି ମନେ ହୁଏ ବ୍ୟକ୍ତିଗତ ଜୀବନରେ ଠିକ୍ ତାର ବିପରୀତ ଅର୍ଥାତ୍ ଗମ୍ଭୀର ଓ ଧୀର ପ୍ରକୃତିର। ନିର୍ଦ୍ଦେଶକ-ମାନଙ୍କ ମଧ୍ୟରେ ସନ୍ତୋଷି ଓ ଅଭିନେତାମାନଙ୍କ ମଧ୍ୟରେ ଅଶୋକକୁମାରଙ୍କ ଅଭିନୟକୁ ପସନ୍ଦ କରନ୍ତି ବେଶି। ନିଜେ ଗୀତ ଜାଣିଲେ ମଧ୍ୟ ପ୍ରତ୍ୟେକ ଚିତ୍ରରେ ତାଙ୍କର ଗୀତଗୁଡ଼ିକ ପ୍ଲେବ୍ୟାକ କରାଯାଏ। ସାମାନ୍ୟ ଜଣେ ନର୍ତ୍ତକୀରୁ ଆଜି ଭାରତର ଅନ୍ୟତମା ଶ୍ରେଷ୍ଠା ଅଭିନେତ୍ରୀ ରୂପେ ପରିଗଣିତ ହୋଇ ପାରି-ଛନ୍ତି ଯେଉଁଥିଲାଗି ରେହେନାଙ୍କର ଉଦ୍ୟମ, ପରିଶ୍ରମ, ଏବଂ ଧୈର୍ଯ୍ୟ ପ୍ରକୃତରେ ପ୍ରଶଂସନୀୟ।

Printed,—Published and Edited by N. Mahapatra at the Dagaro Press, Cuttack—1
ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ଘଣ୍ଟମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୨୦ ସଂଖ୍ୟା

ଚୈତ୍ର
ଦ୍ୱିତୀୟାର୍ଦ୍ଧ

## ନିଖିଳ ଉତ୍କଳ ସଂଗୀତ ସମ୍ମେଳନୀ



ଶ୍ରୀଯୁକ୍ତ ବରହାଙ୍କ ସଭାପତିତ୍ୱରେ

ବାର୍ଷିକ
ଛ ଟଙ୍କା

ପ୍ରତିଖଣ୍ଡ
ଟ୍ଃ ଦୁଇଅଣା

ଏ ସଂଖ୍ୟାରେ—ନାଟ୍ୟାଚାର୍ଯ୍ୟ କୃଷ୍ଣ ପ୍ରସାଦ

Digitized by srujanika@gmail.com

# କାନ୍ତ ସାହିତ୍ୟ ମାଳା

କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ରଚନାବଳୀ ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ। ଅନୁମାନ କରାଯାଉଛି— ଏହା ତିନି ଟି ଖଣ୍ଡାତ୍ମକ ଖଣ୍ଡରେ ଅପାତତଃ ସମାପ୍ତ ହେବ। ବହୁମୁଖୀ ସାହିତ୍ୟ ସାଧନାକୁ ସଠିକ ଭାବରେ ପ୍ରକାଶ କରିବା ପାଇଁ ଗ୍ରନ୍ଥଙ୍କ ଖଣ୍ଡକୁ ୧୦ ଭାଗରେ ବିଭକ୍ତ କରାଯିବ। ଯଥାଃ— ଗଦ୍ୟ ସାହିତ୍ୟ, ପଦ୍ୟ ସାହିତ୍ୟ, ନାଟ୍ୟ ସାହିତ୍ୟ, ସ୍ୱର ସାହିତ୍ୟ, କଥା ସାହିତ୍ୟ, ରସ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ ସାହିତ୍ୟ ଓ ଭଜନ ସାହିତ୍ୟ।

ଏହି ସାହିତ୍ୟମାଳା ପାଇଁ କାନ୍ତକବିଙ୍କର ନାନା ପତ୍ର ପତ୍ରିକାରେ ପ୍ରକାଶିତ ଲେଖାମାନ ସଂଗୃହୀତ ହେଉଛି। କାରଣ ତାଙ୍କ ମୂଳ ପାଣ୍ଡୁଲିପି ବର୍ତ୍ତମାନ ଅପ୍ରାପ୍ୟ। ସେଥିପାଇଁ ଆମେ ଉତ୍କଳର ସାହିତ୍ୟ ରସିକମାନଙ୍କୁ ଅନୁରୋଧ କରୁଛୁଁ— ଯାହା ନିକଟରେ କାନ୍ତକବିଙ୍କ ଲେଖା ସଂବଳିତ ପ୍ରାଚୀନ ଉତ୍କଳ ସାହିତ୍ୟ, ମୁକୁର, ବାରୁଣୀ, ସହକାର ବା ଅନ୍ୟ ମାସିକ ପତ୍ରିକା ଥିବ କିମ୍ବା ଅପ୍ରକାଶିତ କୌଣସି ଲେଖା ଥିବ— ଦୟାକରି ନିମ୍ନ ଠିକଣାକୁ ପଠାଇ ଦେଲେ ଏକ ମହତ୍ କାର୍ଯ୍ୟରେ ସାହାଯ୍ୟ କରିବେ।

ଉତ୍କଳ ବୁକ ଏମ୍ପୋରିଅମ୍, କମ୍ପାନୀ
କଟକ—୨

ମ୍ୟାନେଜର, ଉଦୟ ପ୍ରେସ
କଟକ—୧

---

ସ୍ତ୍ରୀ ପୁରୁଷ ପାଇଁ

## ସ୍ନେହ ବଟିକା

ପରୀକ୍ଷା କରନ୍ତୁ

କୌଣସି କାରଣରୁ ଯଦି ଦେହ ମନ ୨୪ ଘଣ୍ଟା ମଧ୍ୟରେ ନଷ୍ଟ ପ୍ରାକୃତିକ ଭାବ ହେବ। ଔଷଧ ଗୋଟିଏ ଲେଖାଏଁ ଦୁଇ ଥର ଦେବେ। ୩୨ ବଟିକା ମୂଲ୍ୟ—୨ଟଙ୍କା

ଦେହ ଏବଂ ମନର ପ୍ରତିଭ ପୁଷ୍ଟିକାରକ

ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ସେବନ କଲେ ଆଶ୍ଚର୍ଯ୍ୟ ଫଳପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅନିଦ୍ରା, କ୍ଷୁଧାହୀନତା, ଅବସାଦ ଏବଂ ଅନ୍ୟାନ୍ୟ ରୋଗ ଦୂରୀଭୂତ ହୁଏ। ଚାଳିଶ୍ ବର୍ଷ ପରେ ଏହା ଅମୂଲ୍ୟ ବନ୍ଧୁ ସଦୃଶ। ମୂଲ୍ୟ— ୧— ଶିଶି—୨॥୦ ଅଧିକ।

ପ୍ରତ୍ୟେକ ଔଷଧ ବିଶେଷଜ୍ଞ ଦ୍ୱାରା ପ୍ରସ୍ତୁତ।

Kaviraj M. K. KAVYATIRTHA (D. C.)
70, Cornwallis St., Calcutta

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ

# ସୁଧାସିନ୍ଧୁ ଔଷଧାଳୟ

ପ୍ରତିଷ୍ଠାତା— କବିରାଜ ହରେକୃଷ୍ଣ ମିଶ୍ର

ଆପଣ ଯଦି ମୂଲ୍ୟବାନ ଲାଭ କରିବାକୁ ଉତ୍କୃଷ୍ଟ ଆୟୁର୍ବେଦୀୟ ମତରେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ।

ବ୍ୟବସ୍ଥାପକ—କବିରାଜ— ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଚାନ୍ଦିନୀ ମଙ୍ଗଳା (କଟକ)—୧

---

ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ

ବାତରକ୍ତ, ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗରେ ବା ଅଂଶରେ ଫୁଲା, ଘା, କ୍ଷତ, ମୋଡ଼ା ଲାଗିବା, କୁତ୍ସିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏଠାରେ ଚିକିତ୍ସା ଯୋଗ୍ୟ ପ୍ରତିଷ୍ଠାନ

## ଧଳା

ଶରୀରରେ ଯେ କୌଣସି ସ୍ଥାନରେ ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ। ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥାପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—

**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**

(H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା ୩୬—ନଂ ହାରିସନ ରୋଡ଼ କଲିକତା

---

ଠାକୁରହାଟ

କାନ୍ତ କବିଙ୍କର ରସାପ୍ଳୁତ

ଉପନ୍ୟାସ

## "କଣାମାମୁଁ"

ପୁଣି ପ୍ରକାଶ ପାଇବ

---

ପୁରୁଣାକୁ ନୂଆ କରିବାକୁ ଚାହାନ୍ତି ?

# ଜଗନ୍ନାଥ

# ପ୍ରିଣ୍ଟିଂ ଓ୍ୱାର୍କସ

ଦୋଳମୁଣ୍ଡେଇ କୁ ଆସନ୍ତୁ

ସାଇକେଲ୍ ଠାରୁ, ଯାତ୍ରୀବାହୀ ମୋଟର ଆଦି ସମସ୍ତ ପ୍ରକାର ସରଞ୍ଜାମ ରଙ୍ଗେଇ କରାଯାଏ। ସ୍ପ୍ରେ ପେଣ୍ଟିଂ ଓ ଷ୍ଟୋଭ ଏନାମେଲିଂ ଆଦି କାର୍ଯ୍ୟ ଆମ୍ଭର ବିଶେଷତ୍ୱ। ରଙ୍ଗର ସ୍ଥାୟିତ୍ୱ ଗ୍ୟାରେଣ୍ଟି ଦିଆଯାଏ।

Digitized by srujanika@gmail.com

ଅନନ୍ତ ରୂପ ଶଳ୍ୟ ଜମା ଭୁଗାନ ଛାମୁରେ



ଚୈତ୍ର ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ୨୦ଶ ସଂଖ୍ୟା ୧୭ । ୪ । ୫୧

## କୃଷ୍ଣପ୍ରସାଦ ନାଟ୍ୟାଚାର୍ଯ୍ୟ

ଉଦରଙ୍ଗମଞ୍ଚ ବିଚିତ୍ର— ଯେ ଅଭିନୟ ନଗରେ— ସେଇ ଏଠି ସୌଭାଗ୍ୟବାନ। ଦେଖନ୍ତୁ କରନ୍ତୁ ସମସ୍ତେ କିନ୍ତୁ ନିଜର ଅଭିନୟ କେହି ଦେଖେ ନାହିଁ। ଯିଏ ଅଭିନୟ କରୁଏ ସେ ନିଜର ଅଭିନୟ ପ୍ରତି ସବୁବେଳେ ସଜାଗ। କିନ୍ତୁ ନିଜ ସ୍ୱଚକ୍ଷୁରେ ନାହାନ୍ତି ଅସମର୍ଥ ଯୋଗୀ।




ଆପଣ ଜୀବନର ଆନନ୍ଦକୁ ରଥ ନେଇ ଜୀବନଟାକୁ ନାଟକ ପରି ଦେଖନ୍ତି। କେତେବେଳେ ନାଟ୍ୟାଚାର୍ଯ୍ୟ, କେତେବେଳେ ସଂଗୀତାଚାର୍ଯ୍ୟ, କେତେବେଳେ ବା ପଟାଚାର୍ଯ୍ୟ ବେଶରେ ଆପଣ କେବଳ ଦୁନିଆକୁ ଏକ ଅଦ୍ଭୁତ ଦେଖାଉଛନ୍ତି ମନ, ମନ ଆପଣ କେଉଁ ଏକ ଅଦୃଶ୍ୟର ଅନ୍ୱେଷଣରେ ଯୋଗର ନିତ୍ୟପ୍ରବୃତ୍ତ ବର୍ତ୍ତମାନ।

ପ୍ରକୃତି— ସବୁକ୍ଷେତ୍ରରେ ସେଥିପାଇଁ ଆପଣ ହୋଇଛନ୍ତି ବିପ୍ଳବୀ। ଫଳରେ ଆପଣ ସର୍ବତ୍ର ହୋଇଛନ୍ତି ଏକାନ୍ତ ଏକ— ସର୍ବଶେଷରେ। ବିପ୍ଳବର ଧାରା ସେ। ତାକୁ ଏଡ଼ିବାର ପଥ ନାହିଁ।

ସେଥିପାଇଁ ନିଜେ ନାଚ, ନିଜେ ଗାଇ ନିଜେ ବଜାଇ ବୋଧହୁଏ ବେଳେବେଳେ ନିଜେ ଶୁଣି ନିଜେ ଶୁଣାଇ ବାହାବା ପାଏ ଆତ୍ମତୃପ୍ତି। ସମ୍ଭବତଃ ସେଇ ହେତୁ ଆପଣଙ୍କର ମନ ଆଜି ଓଡ଼ିଶାର ଗାଁ ସଂସ୍କାର ଆଡ଼କୁ ଢଳିଛି।

ଦୁନିଆ ବଦଳୁଛି। ଦୁନିଆକୁ କେହି ବଦଳାଇ ପାରୁନାହାନ୍ତି। ଯିଏ ଯେତିକି ପଢ଼ିଲେ ପର ହଣନ୍ତି ସେ ଅଧିକ ସତ୍ୟ ଆହରଣ କରୁଛନ୍ତି କି ଯିଏ ଆଗେଇ ଯାଉଛି ଅଣନିଶ୍ୱାସୀ କି, ତାର ଅବସ୍ଥା ଅନୁଭୂତ ବୋଧ ଅଧିକ ତାର ଉତ୍ତର ଯେତେବେଳେ ମିଳ ଦେବ ସେତେବେଳେ ଆପଣମାନଙ୍କ ପରି ସାହିତ୍ୟିକ ଶଲ୍ୟବିଦ୍ ହେବେ ତାର ମୁଖ୍ୟ ସାକ୍ଷୀ।

ସଂଗୃହୀତ

## ଜମିଦାରୀ ଉଚ୍ଛେଦ (୨)

ମି. ଚେଷ୍ଟର୍‌ସ ଯେ କେଉଁଠି ଉତ୍ପନ୍ନ କୃଷିଜାତ ଦ୍ରବ୍ୟ ଅଧିକ ବ୍ୟବସାୟ ହେଇ ନପାରେ। ତାଙ୍କ ମତରେ ଯୁଦ୍ଧ, ବାଳକ ପଥା ଅଷ୍ଟମ ଦୁର୍ବଳ ଲୋକଙ୍କର ସମାଜରେ ସ୍ଥାନ ରହିବ ନାହିଁ ଅର୍ଥାତ୍ ଏହା କେବଳ ମାନବିକତା ବା ଏକଚାଟିଆ ନୈତିକ ଦାରଣ ଯୋଗୁଁ ହୁଏ ପାରନ୍ତି। ବସ୍ତୁତଃ ଦୃଷ୍ଟିଭଙ୍ଗୀରେ ଦେଖିବାକୁ ଗଲେ ମନୁଷ୍ୟର ଶରୀର ବଳ କେବଳ ଉତ୍ପନ୍ନ କରୁନାହିଁ। ଏହା ତୃଷ୍ଣ ଓ ଉତ୍ପାଦନର ଉପକରଣ ଯୋଗେ ସେ ଅଧିକ ଉତ୍ପନ୍ନ କରେ। ଉନ୍ନତ ଉପକରଣ ସେ ଉଦ୍ଭାବନ କଲା ସବୁ ସଂପତ୍ତି ହୁଏତ ତା'ର ହେବା ଉଚିତ। ତା ନହୋଇ ସେ ଉପକରଣକୁ ଯେ ବ୍ୟବହାର କଲା ତାର କପଟ ହେବ। ଫଳରେ କାହିଁ ବାସ୍ତବିକ ଉତ୍ପନ୍ନର ଅଧିକାରୀ— କାଳକ୍ରମେ ମନୁଷ୍ୟ ମଧ୍ୟ ନୁହେଁ। ତା ଛଡ଼ା ଜଳ ବାୟୁ ଜମି ମାଲ୍ ଉପରେ ନିର୍ଭର କରେ। କେହି ଜଳର ସମଗ୍ର ଉତ୍ପାଦନ ତାର ନିଜସ୍ୱ ନୁହେଁ। ଅର୍ଥାତ୍ ଯେ ଅଧିକ ଉତ୍ପାଦନ କରେ ତାର ଅଧିକ ଉତ୍ପନ୍ନ ଅନ୍ୟାନ୍ୟ ପରିସ୍ଥିତି ଉପରେ ନିର୍ଭର କରେ କେଉଁ ଉତ୍ପାଦନକାରୀ ସମଗ୍ର ଉତ୍ପନ୍ନର ଅଧିକାରୀ ହୋଇ ନପାରେ ତେଣୁ ସବୁ ଉତ୍ପନ୍ନ ସଂପତ୍ତି ଉପରେ ତାର ସ୍ୱତ୍ୱ ସଂରକ୍ଷିତ ହୋଇ ନପାରେ।

ବୃତ୍ତି ମଧ୍ୟ ଏକ ସଂପତ୍ତି ମନ୍ତ୍ର ଏହା ସବୁବେଳେ ସ୍ୱତ୍ୱ ନୁହେଁ। ବୃତ୍ତି ଯେତେବେଳେ ଏ ଅସୁସ୍ଥ ଅନୁଷ୍ଠାନରେ ସୀମାବଦ୍ଧ ହୋଇଥାଏ— ସେତେବେଳେ ପାଏ ସ୍ୱତ୍ୱ। ଏପରିକି ସେ ବୃତ୍ତିକୁ ଆତ୍ମ ଅନୁଭୂତ ପ୍ରକାଶ ପାଇଁ ବ୍ୟବହାର କରିବାର ଛଡ଼ା ତାର ସ୍ୱତ୍ୱ ନଷ୍ଟ ହୋଇଯାଏ। ବୃତ୍ତିଟା ପ୍ରଥମରେ ସ୍ୱତ୍ୱ ହୋଇ ରହେ, ମାତ୍ର କାର୍ଯ୍ୟକାରୀ ହେଲେ ମାତ୍ର ତାହା ସଂପତ୍ତି। ସୁତରାଂ ବ୍ୟକ୍ତିବିଶେଷର ବୃତ୍ତି ସମ୍ପୃକ୍ତ ସଂପତ୍ତି ସେହି ବ୍ୟକ୍ତିର ସ୍ୱତ୍ୱ ନୁହେଁ। କାରଣ ଅନ୍ୟ ସଂପତ୍ତିର ବିନା ସାହାଯ୍ୟରେ ବୃତ୍ତି ବିକାଶ ଅସମ୍ଭବ।

(କ୍ରମଶଃ)

Digitized by srujanika@gmail.com

ଜାତିର ଡାକର

# ମୁଖ୍ୟମନ୍ତ୍ରୀ କଳାକାହ୍ନୁଙ୍କ ବଜେଟ ଭାଷଣ

ଗୋଟାଏ କଥା ଭୁଲିଗଲି ଯେ କୌଣସି ପୋଲିସ ଅଫିସର ମାସକୁ ପଚାଶରୁ ବେଶୀ ଟଙ୍କା ଅନ୍ୟ ଭାବ ପାଇବ ନାହିଁ ଯଦି କରେ ତାହାହେଲେ ତାହାକୁ ପଚାଶ ଟଙ୍କାରୁ ଅଧିକ ପାଇଥିବା ସମସ୍ତ ଟଙ୍କା ସରକାର ହାତକୁ ଦେବାକୁ ପଡ଼ିବ । ଏହାଦ୍ୱାରା ଅଉ ଗୋଟାଏ ଲାଭ ଅଛି ଯେ ଚୋର ହୋଇଥିବା ଲୋକ ବା ପୋଲିସ ଅଫିସରକୁ କେବେ-ହେଲେ ହେବ ନାହିଁ ଯେ ତାହାଙ୍କଠାରୁ ଚୋରି ହୋଇଛି । ଅପରାଧମାନେ ଅଉ କ୍ରାଇମ ରିପୋର୍ଟର କେବେହେଲେ ହେଲେ ବେଶୀ-ବାକୁ ପାଇବେ ନାହିଁ ଯେ ଗୋଟାଏ ହେଲେ ଚୋରି ଏ ଦେଶର କୌଣସି ପ୍ରାନ୍ତରେ ହୋଇଛି । ଅର୍ଥାତ୍ ନ ହେବା ଓ ସରକାରୀ ରେକର୍ଡରେ ଶାନ୍ତି ରକ୍ଷାର ସଫଳ ଉପାୟ ହେଉଛି ଏହା । ଯେତେବେଳେ ଜଣେ ପୋଲିସ ଅଫିସର ତାର ଦୈନନ୍ଦିନ କର୍ତ୍ତବ୍ୟ ଚଳା-ଇବା ପାଇଁ ସମସ୍ତ ଉପକରଣ ପାଏ ସେତେ-ବେଳେ ସେ ଅଉ ଲାଞ୍ଚ ନେବ କାହିଁକି ? ଏହାଦ୍ୱାରା ପୁଲିସଙ୍କ ନୈତିକତା ବଢ଼ିବ, ସମ୍ଭବ ନାହିଁ କି ! ପୋଲିସ ଅଫିସରଙ୍କୁ ଗୋଟାଏ ଏଲାଉଏନ୍ସ ମିଳିବାର ବ୍ୟବସ୍ଥା ସରକାର ଦେବେ । ସେଇ ଏଲାଉଏନ୍ସର ନା ହେବ— 'ଲେଂଟନୀ ଏଲାଉଏନ୍ସ' । ଗୋଟାଏ ଲୁଙ୍ଗିନାକ୍ଷ ଦେଖି ପାଇଲେ ଗୋଟାଏ ପୋଲିସ ଅଫିସରଙ୍କୁ ଦଶ ଟଙ୍କା ମିଳିବ । ଏହି ଏଲାଉଏନ୍ସକୁ ପୂର୍ବ ଭଳି ପଚାଶ ଟଙ୍କା ଭିତରେ ଚୋରି ଗ୍ରହଣ କରିବେ ନାହିଁ । ଏହି ଏଲାଉଏନ୍ସ ମାସକୁ ପଚାଶ ଟଙ୍କାରୁ ଅଧିକ ହୋଇପାରେ ।

—ଜେଲବିଭାଗ—

ଜେଲବିଭାଗରେ ଆମର ଦୃଷ୍ଟି ଅନେକ ଯାଇଛି । ତେଣୁ ଜେଲ କଏଦୀମାନଙ୍କୁ ଉଠାଇ ଦେବାର ପ୍ରସ୍ତାବରେ ମୁଁ ଅଛି । ତେଣୁ ଚୋରଙ୍କୁ କାମରେ ଲଗାଇବା ପାଇଁ ମୁଁ ନିର୍ଦ୍ଦେଶ ଦିଏ । ଯେଉଁମାନେ ଦଣ୍ଡମାନ ଫାଶି-ହେବାର ଦଣ୍ଡ ପାଇବେ ସେମାନଙ୍କୁ ପୋଲିସ ଜେଲ ଚଳାଇବାର ଲାଇସେନ୍ସ ଦିଆଯିବ ବା ମନଇଚ୍ଛା ଜେଲ ଚଳାଇବାର ସୁବିଧା କରି ଦିଆଯିବ । ଯଦି ଏଥିରେ ଜଜ୍ଦଣ୍ଡ ପ୍ରାପ୍ତ ବନ୍ଦୀ ନିଯୁକ୍ତ ହୋଇ ନ ପାରନ୍ତି ତେବେ ସେମାନେ ଲାଇସେନ୍ସ ପ୍ରାପ୍ତ ଡ଼କ୍ତର ହେବେ ।

ଯେଉଁମାନେ ଗୋଟିଏ ଜେଲଦଣ୍ଡ ପାଇବେ ସେମାନଙ୍କୁ ଉପଯୁକ୍ତ ବ୍ୟବସାୟ କରିବା ପାଇଁ ସମସ୍ତ ସୁବିଧା ଦିଆଯିବ । ଯେଉଁମାନେ ପାଞ୍ଚବର୍ଷ ତଳେ ଜେଲଦଣ୍ଡ ହୋଇଥିବାର ଜାଣିବେ ସେମାନଙ୍କୁ ବୈଧ ନିଜ ଘରେ ମଦ୍ୟପାନ ମଧ୍ୟ କରିଯାଇ ପାରେ । ରାଜନୈତିକ ବନ୍ଦୀମାନଙ୍କୁ ଏକସଙ୍ଗରେ ଜେଲର ସ୍ୱାଧୀନତା ଦିଆଯିବ ତାହା ସ୍ଥିର କରିଯାଇ ପାରେ । ସ୍ତ୍ରୀ ଓ ଜନ୍ମାନ୍ତରୀୟ ଜନ୍ମାନ୍ତ କୋଣ-ମାନଙ୍କୁ ଜେଲର ସୁପରିଣ୍ଟେଣ୍ଡେଣ୍ଟଙ୍କ ପ୍ରେସି-ଡେଣ୍ଟ କମ୍ବା ସେକ୍ରେଟାରୀ କରାଯିବ । ଶ୍ରେଷ୍ଠ ଦେଶଭକ୍ତମାନଙ୍କୁ ସେକ୍ରେଟାରୀମାନଙ୍କ ଘରେ ଦରମାହୀନ ଚାକର ବାକର କରାଯିବ ; ଏତ-ଦ୍ୱାରା ଜେଲର ସମସ୍ତ ବ୍ୟୟ ଦୂର ହେବ. ସରକାର କିଛି ଅଧିକ କରିବାର ସୁଯୋଗ ମିଳିବ । ସେହିଲେଖ ସାହାଯ୍ୟରେ ଅର୍ଥନୈ-ତିକ ଦୂରବସ୍ଥାକୁ କମାଇବା ଉପଯୁକ୍ତ ହେବ ନାହିଁ । ବର୍ତ୍ତମାନର ଜନ୍ମ ମୂର୍ଖ ନାହାନ୍ତି ତା ଉପରେ ଦାୟିତ୍ୱ ଦିଆଯାଇ ପାରେ ।

—ଶିକ୍ଷାବିଭାଗ—

ଆମର ଏଇ ଶିଶୁ ସ୍ୱାଧୀନ ରାଷ୍ଟ୍ର ଗଢ଼ିବାକୁ ସୁନ୍ଦର କରି ଗଢ଼ିବାକୁ ହେଲେ ଏ ସୁନ୍ଦର-ତାକୁ ଧୀରେ ଧୀରେ ବଢ଼ାଇବ । କିନ୍ତୁ ବର୍ତ୍ତମାନ ଅବସ୍ଥା ଅନୁସାରେ ଆମକୁ ଚେଷ୍ଟା କରିବାକୁ ହେବ । ନୂତନ ସ୍କୁଲ ନୂତନ କଲେଜ ବସାଇ ଶିକ୍ଷାଦାନ କରିବାର କେବଳ ଅଭି-ନୟ । ବର୍ତ୍ତମାନ ପେଟ ଆଉ ଖାଦ୍ୟର ସମସ୍ୟା ଆମକୁ ଘେରି ରହିଛି ।

ଉତ୍ତମ ଶିକ୍ଷା ଦେବାକୁ ହେଲେ ଆମକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ଖର୍ଚ୍ଚାନ୍ତ ଯୋଗୁଁ ଆମକୁ ନିଅଣ୍ଟିଆ ବଜେଟରେ ସମ୍ମୁଖୀନ ହେବାକୁ ପଡ଼ୁଛି ତେଣୁ ଆମର ଶିକ୍ଷାଦାନରେ କିଛି ଅଳ୍ପ ଖର୍ଚ୍ଚ କରିବାକୁ ପଡ଼ିବ । ଛାତ୍ରଙ୍କ ଦରମା ବଢ଼ାଇ ଶିକ୍ଷକଙ୍କ କାଟ କରିବାର ଗୋଟାଏ ମତ ପନ୍ଥା ଆମ ହାତରେ ହେଉଛି । ବେଶୀ ଛାତ୍ର ଯେମିତି ହୁଅନ୍ତି ତାହାର ଗୋଟାଏ ମାତ୍ର ପନ୍ଥା ରହିଛି ବିଶ୍ୱବିଦ୍ୟାଳୟ ହାତରେ । ଯେ ଯଦି କେବଳ ଶିକ୍ଷିତ ଦେଖନ୍ତା ତାହା-ହେଲେ କେଉଁଠି ଛାତ୍ର ପଢ଼ିବାକୁ କଲେଜ ଯିବାକୁ ଆସନ୍ତେ । ମୁଁ ଏକଥାକୁ ଚିନ୍ତା କରି ତାହାଙ୍କୁ କହିବି ସମସ୍ତ ବିଦ୍ୟାଳୟ ବିଦ୍ୟାର୍ଥୀଙ୍କର ଧନର ଉନ୍ନତିରେ ନ ହେଲେ ସରକାରୀ ତରଫରୁ ତାଙ୍କୁ କୋର ଦିଆଯିବ । ତାପରେ ଅନୁଷ୍ଠ ଗୋଟାଏ ମତ ଦେଉଛି ଯେ ଯେଉଁ ପିଲାମାନେ କଲେଜରେ ପଢ଼ିପାରି ନ ଥିବେ କିମ୍ବା ଚାକିରୀ କରୁଛନ୍ତି ସେମାନଙ୍କୁ ଡିଗ୍ରୀ ଦିଆଯିବ । ଏଇ ଡିଗ୍ରୀର ନାଁ ହେବ "ଅନାଧକୃତ ଡିଗ୍ରୀ" ଏହି ଡିଗ୍ରୀ ନେବାର ଅର୍ଥ ହେଉଛି ସରକାର ଯାହାପାଇଁ ସ୍କୁଲ କଲେଜ ତିଆରି କଲେ ସେମାନେ ନପଢ଼ି ଚାକିରୀ କଲେ କାହିଁକି ? ଯେଉଁମାନେ ମେଟ୍ରିକ୍ ପାଶ କରି ଚାକିରୀ କରୁଛନ୍ତି ସେମାନେ ମାସକୁ ପାଞ୍ଚଟଙ୍କା ହିସାବ-ରେ ଗୁଣାଗାର ଦେବେ । ଯେଉଁମାନେ ଆଇ ଏ ପଢ଼ି ଚାକିରୀ କରୁଛନ୍ତି ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ସାତ ଟଙ୍କା ହିସାବରେ ମାସକୁ ଦେବାକୁ ପଡ଼ିବ । ଏହାଦ୍ୱାରା ଛାତ୍ର-ସଂଖ୍ୟା ବଢ଼ିପାରେ ନ ହେଲେ ନିଜେ ଟଙ୍କା ଦେଇ ପାରେ ଆମର ଖୁଣ୍ଟା ଲାଭ ।

ଯେଉଁମାନେ ବି ଏ ପାଶ କରି ଚାକିରୀ କରୁଛନ୍ତି ସେମାନଙ୍କୁ ମାସିକ ଟ୍ୟାକ୍ସ ଦେବାକୁ ପଡ଼ିବ ଏବଂ ଏହି ଟ୍ୟାକ୍ସର ନାଁ ହେବ ଗ୍ରାଜୁଏଟ ଟ୍ୟାକ୍ସ ।

ଏହି ଟ୍ୟାକ୍ସ ବି ଏ ପାସ କଲାପରେ ବି, ଏ ପାସ କରିଥିବା ଲୋକଙ୍କ ପ୍ରଥମ ପୁଅ ସ୍କୁଲରେ ନାଁ ଲେଖାଇବା ପର୍ଯ୍ୟନ୍ତ ଦେଉ-ଥିବେ । ଏହି ଟ୍ୟାକ୍ସର ଅର୍ଥ ହେଉଛି କି ସ୍କୁଲ କିମ୍ବା କଲେଜ କେବଳ ଗୋଟାଏ ପୁରୁଷ ପାଇଁ ରଖା ହୋଇନାହିଁ । ଏହା ପୁରୁଷ ପରେ ପୁରୁଷ ଚାଲିଛି ଓ ଚାଲିଥିବ ମଧ୍ୟ । ତେବେ ଗୋଟାଏ ପୁରୁଷକୁ ଅଉ ଗୋଟାଏ ପୁରୁଷ ପଛରେ ରହି ଦିନ ସ୍କୁଲ କଲେଜରେ ଶିକ୍ଷା ଲାଭ ନ କରିବା ଅନ୍ୟାୟ । କାରଣ ଦେଶ ରାଷ୍ଟ୍ର ରହିବ ପଣ୍ଡିତ ରେ; କଲେଜ ଗୁଡ଼ିକ ଛାତ୍ରମାନେ ଚଳାଇ ଯାଆନ୍ତି । ତେଣୁ କଲେଜ ସ୍କୁଲ ଚଳାଇବା ପାଇଁ ଏହି ଟ୍ୟାକ୍ସ ଆବଶ୍ୟକ ।

(ଅବଶିଷ୍ଟ ୧୬ପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com



### ଅମୂଲା

ଦୁଇପକ୍ଷ କଳି ଲାଗି ଉଭୟେ ପଞ୍ଚାୟତ ମାନନ୍ତି, ତେବେ ଯାଇ ଭଲଲୋକ ଆସନ୍ତି ନିଷ୍ପତ୍ତିକୁ। ମାତ୍ର ଏବେ ଭଲଲୋକ ମାଡ଼ିବସି ନିଷ୍ପତ୍ତି କରିବାକୁ ବାହାରିଲେଣି। ପୃଥିବୀ ନିରାପତ୍ତା ସଭା ପାସ୍ କରି ଦେଲେଣି ଯେ ଆମେ ଭାରତ-ପାକିସ୍ଥାନର କାଶ୍ମୀର ବିବାଦକୁ ମାଧ୍ୟସ୍ଥ ପଠାଇ ମେଣ୍ଟାଇ ଦେବୁ। ନିଷ୍ପତ୍ତିର ଯେଉଁ ସର୍ତ୍ତ ଦିଆହୋଇଛି ତାହା ଭାରତ ପକ୍ଷରେ ହାନିକର କାରଣ ଜବାହର ଲାଲଜୀ ମାନିବେ ନାହିଁ ବୋଲି କହି ଦେଲେଣି। ଏ ଠାଣି ପଣିଆ କେତେ ଦିନ ରହିବ ତାହା ଦେଖିବାର କଥା। ଏସବୁ ଦେଖି ଏକା ପଣ୍ଡିତ ପୁଅ ହାଲି ହେଉଥିବେ— ଏ ବୁଦ୍ଧି କାହିଁକି କଲି ? କଥାରେ ଯାହା କହନ୍ତି—ଅ—ମୂଲା… !

### ଏରକା ଅରଣ୍ୟ

ଆମେରିକା ଯେବେ କୋରିଆରେ ୩୮° ଅକ୍ଷାଂଶ ପାରି ହୁଏ, ତେବେ ରୁଷିଆ ଚକ୍ରଟେଇବ ବୋଲି ହୁଙ୍କାର କରୁଥିଲେ। ଆମେରିକା ୩୮° ରେଖା ପାରି ହେଲେଣି। ତେଣେ ଚୀନ ମଧ୍ୟ ତଡ଼ବଡ଼ ହେଲଣି। ଏରକା ଅରଣ୍ୟର ନିଆଁ ଏଥର ବଢ଼ୁଛି କି ନାହିଁ ଦେଖାଯାଉ।

### ଅଖଣ୍ଡରେ ଭାଲୁ

ଆମେରିକା ସେନାପତି ମାକ୍ ଆର୍ଥର ଯେବେ ଟିକିଏ ଜିତି ଉଠନ୍ତି, ଗଲ ଫୁଲାଇ ମାରି ବସାଇ ଦେବା ତାଙ୍କର ଖସଲତ। ଏବେ କୋରିଆରେ ଚୀନକୁ ପଛକୁ ଠେଲି, ଭଲ ଗୁଡ଼ାଏ କହିଲେ ରେ ଚୀନ, ଅକାରଣେ ତାହାଙ୍କ ନାଶ ଯିବ, ଆସି ମିଳାମିଶା କରିବ ତ କର।

ଏଥିରେ ଚୀନାମନ୍ତ୍ରୀ କହିଛନ୍ତି କି ମ୍ୟାକ ଆର୍ଥରଙ୍କୁ ଗଲ୍ପ କଥାର ଉତ୍ତର ଦେବା କଣ—ଗୋଇଠାମାର ଅର୍ଥାତ୍ ଗଦାରେ ଫୋପାଡ଼ି ଦେବା ଉଚିତ।

ତେବେ ଆମେରିକା କଣ ମାଙ୍କଡ଼ ମୁହାଁ ଚୀନାକୁ ଏ ଅପମାନ ସହିପାରିବ। ମାତ୍ର— ଅଡାଳରେ ପଡ଼ିଛି ଭାଲୁ…

### ରାମ ରାଜ୍ୟ

କଂଗ୍ରେସ ଅମଳରେ ଦେଶର ବସ୍ତୁ ପଦାର୍ଥଟା ବିଲକୁଲ ହରଗଲା ପରି ଲାଗୁଛି। ଲୋକେ ତୁଳାଗୁଣ୍ଡ କଲେ ନାହିଁ କି ସୂତା କାଟିଲେ ନାହିଁ। ସରକାର ଅଭ କଣ କରନ୍ତେ! ଏଣାତେଣା ଆମର ଏଇକ୍ଷଣି ରାମରାଜ୍ୟ ଚାଲିଛି। ରାମ ରାଜ୍ୟ ବୋଇଲେ ସମସ୍ତେ ଉଲଗ୍ନ ହେବାର କଥା। ଲୋକେ ଲୁଗା ପିନ୍ଧିଲେ ରାମରାଜ୍ୟ ହୋଇ ପାରିବ ନାହିଁ ଜାଣି—ଆମ ସରକାର ବସ୍ତ୍ରହରଣ ଦ୍ୱାରା ତାହା ପୂର୍ଣ୍ଣ କରୁଛନ୍ତି। ଏଥିରେ ବ୍ୟସ୍ତ ହେବାର କଥ ନାହିଁ ମାଲିକୁ।

### ମାଧୁକରୀ

ଦିନକୁ ଦିନ ଦୁର୍ଭିକ୍ଷ ମାଡ଼ି ଆସୁଛି ବୋଲି ଲୋକେ ଅଣ୍ଟାରେ ପାଣି ପିଉ ନାହାନ୍ତି। ଧନ ଧାନ୍ୟ ପୂର୍ଣ୍ଣ ଭରା ଭାରତର ଲୋକ ସରକାର ତେଣୁ ଆଗରୁ ହୁସିଆର ହୋଇ ପୃଥିବୀର ଦ୍ୱାରେ ଦ୍ୱାରେ ଭିକ୍ଷା ଥାଳି ଘେନି ବୁଲିଲେଣି। ଏଥିରେ ଆମର ଅପମାନ ନାହିଁ—କାରଣ ଭାରତ ମୁନିଋଷିଙ୍କ ଦେଶ ବୁଦ୍ଧ ନାନକ, ଶଙ୍କର, ଚୈତନ୍ୟଙ୍କ ଦେଶ। ଭିକ ମାଗିବା ଆମକୁ ସୁହାଏ ସିନା। ଏ ଯେ ମାଧୁକରୀ।

### ମରଣ ମହୋତ୍ସବ

ଦୁର୍ଭିକ୍ଷରେ ଖାଇବାକୁ ନ ପାଇଲେ—ଖୁବ ଜୋର ମଳମୂତ୍ରିଆ ଥୋଡ଼ାଏ ମରିଯିବେ- ମାନେ, ତରିଯିବେ। ଭାରତର ଲୋକ ସଂଖ୍ୟା ଯେପରି ବଢ଼ିଛି ଏବଂ ସରକାରଙ୍କ ମତରେ ସେହି ହେତୁ ଖାଦ୍ୟାଭାବ ମଧ୍ୟ ଘଟୁଛି, ସେଥିରେ ଲୋକ କିଛି ମରିବା ଦେଶ ପକ୍ଷରେ ମଙ୍ଗଳ କର। ତେଣୁ ସେଟା ମହୋତ୍ସବ।

### ପ୍ରତ୍ୟୁ ଟଙ୍କାଳ

ଦାନା ଓ ଧନା ସାଙ୍ଗକୁ ପୁଣି କାଗଜ ଦୁର୍ଭିକ୍ଷ ହେଲଣି। ଭାତ ଲୁଗା ଭଳି କାଗଜଟା ଏ ଯୁଗର ଗୋଟାଏ ଅତି ଦରକାରୀ ଜିନିଷ। ତାହା ଯଦି ନ ମିଳେ, ତେବେ ଆମ ପଢ଼ୁଆ ପିଲେ ସ୍କୁଲକୁ ଛୁଟି ପାଇଯାଇ କଲ୍ୟାଣ କରିବେ। ମତ ଟୋକା ଟୋକାଙ୍କର ପ୍ରେମପତ୍ର ଲେଖା ଓ ନଭେଲ ପଢ଼ା ବନ୍ଦ ହୋଇଗଲେ ସେମାନେ ବେକାର ହୋଇ କଣ କରିବେ ସେଥିକୁ ଭାବନା ପଡ଼ୁଛି। ସବୁଠାରୁ ବଡ଼ ଭାବନା—ଖୋଟ ବେଳକୁ ଖବର କାଗଜ ଓ ନିବେଦନ ପତ୍ର, ଇସ୍ତାହାର ଯେବେ ବନ୍ଦ ହୋଇ ଯାଏ ସରକାର ଆଜଠୁ ତାର ବ୍ୟବସ୍ଥା କରି କେବଳ ପ୍ରଚୁର ବିଭାଗ ଗୋଦାମମାନଙ୍କରେ କାଗଜ ଜମାଇ ରଖି-ଦିଅନ୍ତୁ ବେଳକୁ।

### ପାଗଳାବାବା ନଂ ୨

କାଳିଆ ବୋଦାର ଜଣେ ପାଗଳାବାବା ଥିଲେ। ଏବେ ଜଣା ପଡ଼ୁଅଛି ଅଭିନବ ପାଗଳାବାବା ଅଛନ୍ତି ବୋଲି ଜଣେ ଆସେମ୍ବ୍ଲି ମେମ୍ବର ଅବସ୍ଥାର କରୁଛନ୍ତି!

ଆମ ମନେ ହେଉଛି ତାଙ୍କୁ ଦେଖିଲେ ଆସେମ୍ବ୍ଲିରେ ଏକା ସାଙ୍ଗୀ ନୂତନ ଅଛନ୍ତି ଅନେକ ସନ୍ତୁଷ୍ଟ, ପଦ୍ମାନପୁଅ ଦାସ ପୁଅ ଟାଆଡ଼ି ବାହାରିବେ। ଏହା ହେଲେ ଦେଖାଯାଉଛି କଟକଟା ଅଲଧନ ଭିତରେ ରାଜ୍ଯି ଓ ଗୃହଲକ୍ଷ୍ମୀଙ୍କ କାନଖୋଲ ହୋଇ-ଯିବନି ?

### ନେତାଜୀଙ୍କ ଲିଏ

ଭାରତ ପାର୍ଲିଆମେଣ୍ଟରେ ମନ୍ତ୍ରୀ କେଶକାର କହିଲେ କି, ସ୍ୱର୍ଗତ ନେତାଜୀ ସୁଭାଷଙ୍କ ଗଲ ଜାପାନର ଏକ ମଠରେ ଥିବାରୁ ତାହା ଭାରତକୁ ଅଣାଇବାର ଚେଷ୍ଟା କରାଯାଉଛି। ମାତ୍ର ପୁଣି ପ୍ରଶ୍ନ ହେବାରୁ ସେ ସ୍ୱୀକାର କଲେ କି ନେତାଜୀ ମରିବା କଥାର ସେ ନିର୍ଧାର୍ଯ୍ୟ ପ୍ରମାଣ ପାଇନାହାନ୍ତି। ସୁଭାଷ ମରିଥାଆନ୍ତୁ ବା ନଥାନ୍ତୁ ତାଙ୍କ ଗଲ ବା ଛତାଭସ୍ମ ଯେଉଁଠି ହେଲେ ଆଣି ଆମ ଦେଶରେ ସାଇତି ରଖିବା ନିହାତି ଦରକାର ପଡ଼ିଗଲାଣି। କାରଣ



Digitized by srujanika@gmail.com

ଗୋଟାଏ ତାଜମହଲ ବା ମନ୍ଦିର ବନାଇ ଆମେ ଯେ ନେତାଜୀଙ୍କର ପୂଜା କରିବାର ସୁବିଧା ପାଉନାହୁଁ । ସମସ୍ତେ ନେତାଜୀଙ୍କ ଦିଏ କଂଗ୍ରେସକୁ ଭୋଟ ଦେବେ ।

### ଅକ୍ଷୟ ଅମର

ଶୁଣାଯାଉଛି ସୁଭାଷ ବୋଷ ବଞ୍ଚି ରହିଛନ୍ତି ବୋଲି ଏକା ଏକା ଏ ଦେଶରେ ଅନେକଙ୍କର ବିଶ୍ୱାସ ନୁହେଁ— ପୂର୍ବ ଏସିଆ ଖଣ୍ଡର ଅନ୍ୟାନ୍ୟ ଦେଶର ଲୋକେ ମଧ୍ୟ ସେ କଥା ଜୋର କରି କହୁଛନ୍ତି । ତେଣୁ ଆମେ କହୁଁ, ନେତାଜୀ ସତରେ ମରିଥିବେ ଓ ଥିବେ— ଯଦି ମରି ନଥାନ୍ତି, ତେବେ ତାଙ୍କର ଏତିକି-ବେଳେ ଲୁଚିକରି ମରିଯିବା ଏକାନ୍ତ ଉଚିତ । ତାହା ହେଲେ ଅଶ୍ୱତ୍ଥାମା, ବଳି, ବ୍ୟାସ ପ୍ରଭୃତି ସାତଜଣ ଚିର ଅମରଙ୍କ ସାଙ୍ଗରେ ଅକ୍ଷୟ ଅମର ହୋଇ ଯୁଗ ଯୁଗକୁ ପୃଥିବୀରେ ରହି-ଯିବେ ।

### ନୂଆ ହିଟଲର

ଆମ ପ୍ରାଣ ମନ୍ତ୍ରୀ ଚୌଧୁରୀ ସେ ଦିନ ଆସେମ୍ବ୍ଲିରେ ସଫା ସଫା କରି କହିଦେଲେ କି— ହିଟଲର ଯେଉଁ ଜନ ବିରୁଦ୍ଧରେ ତୁଛା ହାତରେ ଜାହାଁକି ପାଟି ତୁଣ୍ଡ କରୁଛି । ଆମେ ଯାହା କରିବୁ ବୋଲି ମନ କରିଛୁ ତାହା ନିଶ୍ଚୟ କରିବୁଁ । କାହାର କଥା ଶୁଣିବୁଁ ନାହିଁ । ଏ ଭଳି ଦମ୍ଭରେ କଥା କହୁଥିଲେ ଏ ଯୁଗର ଏକା ହିଟଲର ! ଆମର ଏ ଡିମୋକ୍ରେସି ମୁଲକରେ ହିଟଲର ବାହାରିବାର ଦେଖି ଆମ ଛାତି ଫୁଲି ଉଠୁଛି । ବିରୋଧୀ ପକ୍ଷ ସଭ୍ୟଯାକ ତୁଣ୍ଡରେ ଜାହାଁକି ରହିଛନ୍ତି ସେଠି କେତେବେ ? ବେହିଆ କଣ ଗଛରୁ ଫଳନ୍ତି ?

### ଲାଟ ପାଲଟ

ଓଡ଼ିଶା ମୁଲକର ବାଦଶା ଜନାବ ଆସଫଅଲି ଓଡ଼ିଶା ଛାଡ଼ି ଛୁଟିରେ ଯାଉଛନ୍ତି । ତାଙ୍କ ବଦଳରେ ଅନେକଙ୍କ ନାଁ ପଡ଼ୁଛି । ତହିଁ ମଧ୍ୟରେ ବଙ୍ଗଳାର ନନ୍ଦନ ଦା ଓ ଅନ୍ଧ୍ରର ଗିରି ମହାଶୟଙ୍କ ନାଁ ବି ଅଛି । ଏହିମାନଙ୍କ ଭିତରୁ ଜଣେ କେହି ଗାଦି ପାଇ-ଗଲେ ଆମର ମଙ୍ଗଳ । କାରଣ ଏ ଦାଦା ଆସିଲେ ଲାଟଭବନ ନନ୍ଦନ କାନନ ହୋଇ-ଯିବ ଓ ଗିରି ଆସିଲେ ଗିରି ଜଳାର ସୁଅ ବହିବ ।

### ଗର୍ଭିଣୀ ବେଦନା

ଲୋକ ପ୍ରିୟ କଂଗ୍ରେସ ସରକାର ଅନେକ ଦିନରୁ ଲୋକଙ୍କ ପ୍ରୀତିରେ ନୁହେଁ— ନିରାପତ୍ତା ଆଇନ ଉପରେ ନିର୍ଭର କରି ଆପଣାର ଆସନ ଦୃଢ଼ପଦ ରଖିଛନ୍ତି । ଏହି ଆଇନ ବଳରେ ଯେତେବେଳେ ଇଚ୍ଛା ସରକାର ବିନା କାରଣ-ରେ ଓ ବିନା ବିଚାରରେ ଯାହାକୁ ଇଚ୍ଛା ତାହାକୁ ଧରି ନେଇ ଜେଲଖାନାରେ ବନ୍ଦ କରି ଯେତେ ଦିନ ଖୁସି ରଖିପାରିବେ ।

ଓଡ଼ିଶାରେ ଏହି ଆଇନର ମିଆଦ ଏହି ଅକ୍ଟୋବର ପହିଲାରେ ସରିଯିବାର ଥିଲା ! ତେଣୁ ତାକୁ ପୁଣି ବରଷେ ବଢ଼ାଇ ଦିଆଗଲା । ବିପକ୍ଷ ଦଳର ଲୋକମାନେ ବହୁତ ଆପତ୍ତି କରିବା ସତ୍ତ୍ୱେ ହାତ ଟେକା ଦଳଙ୍କ ଭୋଟ ବଳରେ ଆଇନଟା ପାସ ହୋଇଗଲା ।

କଂଗ୍ରେସ ସରକାରଙ୍କ କାନ ପାଖରେ ଯେ ସବୁବେଳେ 'ବାଘ ମାର ବାଘ ମାର' ନାଦ ଶୁଭୁଛି । ହେଇ ଅଳ୍ପ ବେଳ କରୁଥି ଭିତରେ ଛାତି ଧାଲୁ ଧାଲୁ ହେଉଛି, ସେ କଥା ବିରୁଦ୍ଧ ଦଳଅ କାହୁଁ ଜାଣିବେ । ଗର୍ଭିଣୀ ବେଦନା ଏକା ଗର୍ଭିଣୀ ଜାଣେ ।

### କଳି ଶକୁନ୍ତଳା

ଆସାମର ଏକ ବଡ଼ ହ୍ରଦରେ ସଠା ଲାଟ ନେହେରୁଙ୍କ ମୁଦି ହଜିଯାଇଛି । ତେଣୁ ପମ୍ପ ଲଗାଇ ହ୍ରଦରୁ ଶୁଖାଇ ଦିଆଯାଉଛି କି କାଉଁଥିକୁ ଖୋଳାଇ ଓ ପ୍ରତି ମାଛର ପେଟ ଚିରି ସେ ମୁଦି ଖୋଜା ହେବ ।

ଶକୁନ୍ତଳା କଳି କାଳରେ ପୁଣି ଜନ୍ମ ହେଲେ କି ! କିନ୍ତୁ କଳି ଦୁଷ୍ମନ୍ତ କାହାନ୍ତି ।

### ଭାନୁମତୀ ପେଡ଼ି

ବାଲେଶ୍ୱର ଜିଲ୍ଲାର ସରକାରୀ ମହଲରେ ଭାନୁମତୀ ଲୀଳା ଚାଲିଛି । କାଉଁରି କାଠି ଛୁଇଁ ଦେଲା ପରି କେତେ ସରକାରୀ ଜିନିଷ ଏଇଠି ଅଛି ଏଇଠି ନାହିଁ ହେଉଛି । କେଲକ୍ଟର ସବୁ ବରଫ ହୋଇ ପାଣି ହୋଇଗଲା ପରେ ଏବେ ପୁଲିସ୍ ଷ୍ଟୋରରୁ ଦୁଇ ହଜାର ଟଙ୍କାର ସରଞ୍ଜାମ ହରଣଚାଳ ହୋଇଗଲା । କିଏ ଉଚ୍ଚପଦସ୍ଥ ଅଫିସର ଗିଲିମ ଚଲାଇ ଦେଇ ସରକାରଙ୍କ ଚକ୍ଷୁ ବନ୍ଧନ କରି ଦେଇଥିବେ ବୋଲି ଆଶା କରାଯାଏ ।

### ଚକ୍ଷୁ ବନ୍ଧନ

କଟକ ମେଡ଼ିକାଲ ହସପାତାଲରେ କିନ୍ତୁ କେଉଁ ଗୁଣିଆ ଚକ୍ଷୁ ବନ୍ଧନ କରି ଦେଇଛନ୍ତି ଯେ ଆଜିକୁ ୧୫ବର୍ଷ ହେବ ଅଡ଼ିଟ ହୋଇ-ନାହିଁ ବୋଲି ଶୁଣାଯାଉଛି । ହସପାତାଲର ହିସାବ ତ ଯମଦେବତା ରଖନ୍ତି ସୁତରାଂ ମଣିଷ କିଆଁ ରଖିବେ । ପଇସା କଉଡ଼ି ଔଷଧ ପତ୍ର ସବୁ ନେଇ ସେଇ ଯମ ରାଜାଙ୍କ ନାମରେ ଆହୁତି ହେଉଥିବ ।

### ଭାଗ୍ୟ ଦୋଷ

ଗୃହୀଙ୍କ ଉପକାର ପାଇଁ ଭାଗଚାଷ ହେଲା । କିନ୍ତୁ ଗୃହୀଏ ବୋଇଲେ —ଏ ଭାଗ ଚାଷ ନୁହେଁ—ଭାଗ୍ୟ ଦୋଷ । ଏଣେ ଗୃହୀଙ୍କୁ ସୁବିଧା ଦେବାକୁ କହି ସରକାର ପୁଲିସଙ୍କୁ ଲଗେଇ ଅଦାଲତ ମାମଲାରେ ଫୌଜଦାରୀ ସୁପର୍ଦ୍ଦ କରୁଛନ୍ତି । ଗୃହୀଏ ମାଇପେ କହିଲା ଛଡ଼ା କରେଇରୁ ତେଲେ ନିଆଁରେ ପଡ଼ିବା ସାର ।

### ଆଶାଙ୍କ ନିରାଶା

ସ୍ୱର୍ଗତଃ ଶଶିଭୂଷଣଙ୍କ ଦାୟାଦ ମଦନ-ଲାଲ ଜାଜୋଡ଼ିଆ ନବଓଡ଼ିଶା ଆଶା ଦୈନିକ ଖବର କାଗଜ ଦୁଇଟି ବନ୍ଦ କରି ଦେଲେ । ଜାଜୋଡ଼ିଆ ଯେଉଁ ଆଶା କରିଥିଲେ ବୋଧ-ହୁଏ ତା ନିରାଶାରେ ପରିଣତ ହୋଇଛି । ତେଣୁ ଆଶାର ସମ୍ପାଦକ କର୍ମଚାରୀ ସମସ୍ତଙ୍କର ବି ନିରାଶା । ଆଇନ ଅନୁସାରେ ଦରମା ପଇସା ନ ଦେବାରୁ ଜାଜୋଡ଼ିଆଙ୍କ ମ୍ୟାନେଜର ଥାନାକୁ ଟଣା ହେଉଛନ୍ତି । ଜାଜୋଡ଼ିଆ କଲିକତାରେ ବସି ନାକରେ ତେଲ ପକାଉଛନ୍ତି । ଦେଖାଯାଉ— ପ୍ରଭୁ ନିତ୍ୟାନନ୍ଦ ଜଗାଇ-ମାଧାଇଙ୍କୁ ଉଦ୍ଧାର କଲା ଭଳି ଜାଜୋଡ଼ିଆଙ୍କୁ କିଏ ଉଦ୍ଧାର କରୁଛି ।

### ନାରୀ ଆକ୍ରମଣ

ମଧ୍ୟପ୍ରଦେଶ ବ୍ୟବସ୍ଥା ସଭା ଦର୍ଶକ ମେଢ଼ର ନାରୀମାନଙ୍କ ଜାଗାରେ ଜଣେ ପୁରୁଷ ଆସି ଭୁଲରେ ବସି ପଡ଼ିଥିଲା ବୋଲି ଶହ ଶହ ନାରୀ ଆସି ପୁରୁଷମାନଙ୍କ ଜାଗା ଦଖଲ କରି ନେଲେ । ଏଥିରେ ପୁରୁଷମାନେ ମହା ଖୁସି । ବିଚରା ନାରୀମାନଙ୍କର ପୁରୁଷମାନଙ୍କ ଉପରେ ଏ ଆକ୍ରମଣର ପ୍ରେସ୍ତୁତ୍ ସ ହେବା ଥିଲେ କି ବ୍ୟାଖ୍ୟା କରିଥାନ୍ତେ କେଜାଣି ।



Digitized by srujanika@gmail.com

# କଣ କରିବି ?

ଲେ—ଶ୍ରୀ —ମହାପାତ୍ର

ହଠାତ୍ ସକାଳୁ ଉଠି ଗୃହିଣୀ କହିଲେ, ତମେ ଏମିତ ଶୁଖିଲା ଦିଶୁଛ କାହିଁକି ! ଅରସି ଆଣି ମୁହଁ ଦେଖିଲି । ଧଳା, କଳା ଗୁଡ଼-ଗୁଡ଼ାଏ ମୁହଁଯାକ ବାଲ୍ଭ ବାଲ୍ଭ ହୋଇଛି । ଭିତର ଡ଼ାକ ଝର ହୋଇପଡ଼ିଲି । ଠିକ ଠିକ କରି ନାନାଭଙ୍ଗୀରେ ପ୍ରକାର ପ୍ରକାର 'କ୍ଲୋଜ୍ କେଶ'ରେ ମୁହଁକୁ ନିରଖି ଦେଖିଲି ! ମନଟା ଟିକିଏ ଉଶ୍ୱାସ ପଡ଼ିଲା । କିନ୍ତୁ ଦାଗଟା ପୂରା ଲିଭିଲା ନାହିଁ । ମଝିରେ ମଝିରେ ମନଟା ଗୁଡ଼େଇ ତୁଡ଼େଇ ହୁଏ ! ସତେ କଣ ମୁଁ ଶୁଖିଲା ଦିଶିଲିଣି !

ପୁଣି ସେଇ କଥା ! ଘରଣୀ ପୁଣି ଦିନେ କହିଲେ, ତମର ଦେହ କଣ ହଉଛି କି ? ମୁଁ କହିଲି ନାହିଁ ତ ! ସେ କହିଲେ, 'ତେବେ ଇମିତ ଶୁଖିଯାଉଛ ଯେ ?' 'ହଁ' ବୋଲି କହି ଦେଇ ଚାଲିଗଲି ସେଠୁ । କିନ୍ତୁ ମନରେ ଥିବା ଖଟକାଟା ଆଉ ଉଠିଲା ପୁଣି । ଯାଇ ବନ୍ଧୁ ମନବାବୁଙ୍କୁ କହିଲି, ମୁଁ କଣ ଶୁଖିଲା ଦିଶୁଛି ? ସେ ଘଡ଼ିଏ ଖଣ୍ଡେ ମୁହଁ ଚାହିଁ କହିଲେ, 'ସତେ ତ !'

ତହୁଁ ଆଉ ଦିନ ଘରଣୀ କହିଲେ, 'ଦେହ କଣ କିଛି ହେଉଛି ?'

'କାହିଁକି ମ ?'

'ଖାଉନ ଯେ ! ଯେତେ ହେଉ ଖାଉଥିଲ ! ଡ଼ାକ୍ତର......'

ବାକି କଥାଟା ନକହି ସେ ଚୁପ୍ ହୋଇଗଲେ ।

ମୋ ମନରେ ହେଲା— ନିଶ୍ଚୟ କିଛି ଗୋଟାଏ ହେଲାଣି । ଆଉ କେଉଁଠି ମନ ଲାଗିଲା ନାହିଁ । ସବୁବେଳେ ଏଇ ଚିନ୍ତାଟା ଓଥଡ଼ା ପରି ମାଡ଼ି ବସିଲା ସତେ କି ।

ଗଲି ଡ଼ାକ୍ତର ପାଖକୁ । ଡାଙ୍ଗ୍ କାନ୍ଦୁ ଭିଡ଼ ହଉଥାଏ ଏଲୋପାଥି ଡ଼ାକ୍ତର । ତାଙ୍କୁ କହିଲି, 'ଟିକିଏ ଏକଜାମିନ କରନ୍ତୁ ତ !'

'କଣ ହୋଇଛି ?'

'କଣ ହୋଇଛି ସେଇ କଥାଟା ତ ଜାଣିବା ପାଇଁ ଆସିଛି । ମୁଁ କାହିଁକି ଭଲ ଫାଲ feel କରୁନାହିଁ ।'

'ଓଃ ଏଇ କଥା ! ଆଚ୍ଛା ଦେଖୁଛି ।'

ଟେବୁଲ ଉପରେ ଶୁଆଇ ସେ ପନ୍ଦର ମିନିଟ ଖଣ୍ଡେ ଚପା ଚପି କରି ଷ୍ଟେଥସ୍କୋପ ଲଗାଇ ତଳୁ ଉପର ଯାଏ ଦେଖିଲେ । ଘଡ଼ିକୁ ଚାହିଁ ନାଡ଼ି ଗଣିଲେ । ତାପରେ ମୁହଁଟାକୁ ଅମିଳା ଭଳି କରି କହିଲେ— There is something wrong in your system—ଅଚ୍ଛା, ଆପଣ ଥରେ ଇଉରିନଟା ପରୀକ୍ଷା କରି ଅସନ୍ତୁ । ଅଉ ବୁଝିଲେ ? ଷ୍ଟୁଲଟା ବି ତା ସାଙ୍ଗରେ । ପାରିବେ ଜଣେ ଡେଣ୍ଟିଷ୍ଟକୁ ଦାନ୍ତ ଦେଖାଇ ଆସିବେ । ଆଉ ସବୁଠୁ ଭଲ ହେବ ଯଦି ଥରେ Dr. Dash ଙ୍କଠାକୁ ଯାଇ ପାରନ୍ତି ହାର୍ଟ ଡ଼ାକ୍ତର ଏକ୍ସପର୍ଟ ସେ । ହାର୍ଟ ଟ୍ରବଲ ବା ଆର୍ଟେରିଓ-ସ୍କ୍ଲେରୋସିସର ଟେଣ୍ଡେନ୍ସି ଥିଲେ ସେ କହି-ଦେବେ । ବୁଝିଲେ ?

ଏକ୍ସପର୍ଟ ଯାକ ସବୁ ଅଲଗା ଅଲଗା ଡ଼ାକ୍ତର । ପ୍ରଥମେ ଇଉରିନର ପାଳି । ଡ଼ାକ୍ତର ମୂତ୍ର ବିଶ୍ଳେଷଣ କରି କହିଲେ— କିଡ଼ନିଟା ଭାରି weak ହୋଇଯାଇଛି— ଆଉ ଡ଼ାଇବେଟିସ ଲକ୍ଷଣ ସୁସ୍ପଷ୍ଟ । ସୁଗାର୍ ସୁଗାର୍ ! ସୁଗାରକୁ ସାବଧାନ ରହନ୍ତୁ ।

'ସୁଗାର ତ ମୁଁ କେଣି ଖାଏ ନା— କଣ୍ଟ୍ରୋଲ ବଜାରରେ ଚିନିର ଯେଉଁ ଅବସ୍ଥା ସେଥିରେ—'

'ଓ ହୋ— ତା ନୁହେଁ— ଆପଣ ନିଜେ ଗୋଟିଏ Sugar factory ଯେ ! ଦେଖନ୍ତୁ— diet control ହେଉଛି ଏହାର ଭଲ ଉପାୟ ।'

ଆରେ ବାବା ! କିରୋସିନଠାରୁ ଲୁଗା ପଟା ଯାଏ ସବୁ ତ କଣ୍ଟ୍ରୋଲ— ସେଥିରେ ପୁଣି diet କଣ୍ଟ୍ରୋଲ ବାକି ଥିଲା !

ଡାକ୍ତର କହିଲେ—Orange juice Appel— ଆଉ tomato ଏଇ ସବୁ ଖାଇବେ । ମିଠା ଏକଦମ୍ ବନ୍ଦ ।

ସେଠୁ ଫେରିଗଲି stool ବାଲା ଡ଼ାକ୍ତର ପାଖକୁ । ସେ stool ନେଇ କଲେ Culture. ଯେଉଁ ଦିନକୁ କହିଥିଲେ ସେ ଦିନ ଗଲି । ରିପୋର୍ଟ ଲେଖି ସାରିଥିଲେ । ରିପୋର୍ଟ ଦେଇ କହିଲେ, ଆପଣଙ୍କ ଦେହରେ hook worm ସାଲ୍ ସାଲ୍— ଆଉ ଏମିବାଇ germ ବି ମାଲୁମ ହେଉଛନ୍ତି । ଆପଣ ଏମେଟିନ injection ଗୋଟାଏ କୋର୍ସ ନିଅନ୍ତୁ— ଡେରି କଲେ ବିପଦ । ଆଉ ଡ଼ାଏଟ ବିଷୟରେ ସାବଧାନ ଥିବେ । ଖୁବ୍ light ଆଉ nutritious diet ଖାଇବେ । ଦୁଧଟା ବେଶି ।

ପାଖରେ ଡେଣ୍ଟିଷ୍ଟଙ୍କ ଦୋକାନ । ସେ ମୋ କଥା ଶୁଣି ଦାନ୍ତ ଦେଖିଲେ । କହିଲେ, ଏ ପାୟୋରିଆ ଆଉ ଦନ୍ତମାଡ଼ି । ଏ ଦାନ୍ତଗୁଡ଼ାକ ବାହାର କରାଇ ଦିଅନ୍ତୁ—painless extraction American method— ଦେଖିବେ କିଛି ରହିବ ନାହିଁ ଏକ week ଭିତରେ youth ଫେରି ଆସିବ ।

ସେଠୁ ଆସି ଗଲି blood ବାଲାଙ୍କ ଠେଇଁକି । ସେ କାଚରେ ରକ୍ତ ନେଇ ରଖିଲେ । ଦୁଇ ତିନି ଦିନ ପରେ ରିପୋର୍ଟ ବଢ଼ାଇ ଦେଇ କହିଲେ— blood poison— ଭେନେରିଅଲ ଡିଜିଜ ଜଣାପଡୁଛି ।

'ଆଜ୍ଞା ମୋର ତ କେବେହେଲେ...'

'ତା ନୁହେଁ... ଆପଣଙ୍କ ବାପାଙ୍କର; ଗ୍ରେଟ୍ ଗ୍ରାଣ୍ଡ ଫାଦର, ଏପରି କି ଅଜା; ପଣ ଅଜା maternal sideର— କାହାର ଥାଇ-ପାରେ ତ । test କଣ ମିଛ ! ପେନ୍‌ସିଲିନ ନିଅନ୍ତୁ । ବିଶେଷରେ ପୁଣି କାମ ଦେବ । ଆଉ ବୁଝିଲେ diet । ମାଂସ, ଅଣ୍ଡା, ଚିକେନ୍ ଏସେନ୍ସ ଏଇସବୁ । ମାଛଟା ଖାଇବେ ନାହିଁ କିନ୍ତୁ ।'

ନମସ୍କାର କରି ଫିସ୍ ଦେଇ ବାହାରି ଆସିଲି । ଭାବିଲି ଥରେ ହୋମିଓପାଥି ଦେଖାଇଲେ କମିତି ହୁଅନ୍ତା । ମୋ ଝିଅଟାର ଯେ ଅବସ୍ଥା ହୋଇଥିଲା, ହୋମିଓପାଥିରେ ତ ବିଲକୁଲ ଆରାମ ହୋଇଗଲା ।

ତା'ପରେ ଖରଚ ଭାରି କମ । Dietର ହଙ୍ଗାମା ନାହିଁ । ଗରିବ ଲୋକଙ୍କର ଏକମାତ୍ର ବନ୍ଧୁ ହୋମିଓପାଥି । ଖୁବ ବଡ଼ ବଡ଼ ରୋଗ ବି ଭଲ ହୋଇ ଯାଏ ଏକା ଡୋଜରେ ହୋମିଓପାଥ ଗୋକୁଳବାବୁ ଖୁବ୍ ଉତ୍ସାହରେ ସେ ଘଣ୍ଟାଏକୁ ଉପର ବସାଇ ଜେରା କଲେ ।



Digitized by srujanika@gmail.com

ଅନ୍ଧାର ଭଲ ଲାଗେ କି ଆଲୁଅ ଭଲ ଲାଗେ । କେଉଁ ରଙ୍ଗ ସୁଖ ପାଅ । କି ସ୍ୱାଦ ରୁଚେ—ଖଟା କି ମିଠା, କି ପିତା ? କେଉଁ ମଣିଷ ଭଲ ଲାଗନ୍ତି । ଖୋଲା ପବନ କି ବନ୍ଦଘର ଭଲ ଲାଗେ । କଳା ମଣିଷ କି ଗୋରାମଣିଷ ଦେଖିଲେ ସୁଖ ଲାଗେ । ସକାଳ କି ସନ୍ଧ୍ୟା କେଉଁଟା ସୁଖ କର ! ଗରମ କି ଥଣ୍ଡା ଭଲ ପାଅ ଇତ୍ୟାଦି ଇତ୍ୟାଦି ।

ସବୁ ପଚାରି ସାରି କହିଲେ—'ଆପଣ ବିଲକୁଲ Nux man—ମୁଁ କିଛି ବୁଝିଲି ନାହିଁ । କହିଲି—'ଔଷଧ ଦେବେ ?"

"ନିଶ୍ଚୟ"

"ରୋଗଟା କଣ ଦେଖିଲେ"

'ହାଃ ହାଃ—ହୋମିଓପାଥିର ସେଇତ ବାହାଦୁରି । ରୋଗ ଜାଣିବା ଆମର ଦରକାର ନାହିଁ । ଆମେ ଧରନ୍ତୁ ମଣିଷକୁ । ସେଇଟିକ study କରି ଧରି ପାରିଲେ ଆମର କାମଶେଷ । ଅଖିବୁଜି ଏକ ଡୋଜ ଦେଇଦବା ଆଉ ନିର୍ଘାତ radical cure ! ଦେଖନ୍ତୁ ଆପଣଙ୍କୁ C.M. ଏକପାନ ଦେଉଛି । ଛଅଟି ମାସ ଅପେକ୍ଷା କରି ରହିବେ । ଅନ୍ୟ କିଛି ଔଷଧ ପତ୍ର ଛୁଇଁବେ ନାହିଁ । ସେଠା ପରେ ଫେଲ କଲେ ତେବେ ନିଶ୍ଚୟ ଆପଣ puls ଜାଣିବେ । ପରେ puls ଅଲବତ କାମ କରିବ । nerve— nerve— nerve ଉପରେ ଆମର action କନା । ଆଉ ଯଦି କିଛି symptom ବାକି ରହିଯାଏ, ତେବେ sulphur ଏକ ଡୋଜ । ଦେଖିବେ ଆଉ କିଛି ନ ଥିବ ।

'ତେବେ ଏ ତିନୋଟା ଯାକ ମିଶେଇ ଦେଲେ ତ—

'ନା ହେଇ ପାରେନା । ଆମର principle ହେଉଛି—single dose single medicine Similea Similibus Curantee -- ବୁଝିଲେ ?

ସବୁ ବୁଝିଗଲି ପରି ମୁଣ୍ଡ ହଲେଇ ରହିଲି ।

ଡାକ୍ତର ଗମ୍ଭୀର ହୋଇ କହିଲେ 'ଅଲ୍ଲୋପ୍ୟାଥିର ଏ theory ଏବେ ବାହାରିଛି—ଭୁଲ-ଭଟକା medecine ଏକା ସାଙ୍ଗରେ mixture କରି ଦିଆ ଯାଇ ପାରେ । ଯଦି ଆପଣ କହିବେ ତ ଆମର ଆପତ୍ତି କଣ ?

"ଅଚ୍ଛା ପରେ ବୁଝି କହିବି" ବୋଲି କହିଦେଇ ବିଦା ହୋଇ ଆସିଲି । ବାଟରେ ହକିମ ଫାରୁକଙ୍କ ଦବାଖାନା ଶୁଣିଥିଲି । ନବାବ ବାଦଶାମାନେ ଯୁନାନୀ ଚିକିତ୍ସା କରନ୍ତି । ହାକିମ ସାହେବଙ୍କୁ ସଲାମ କରି ଦବାଖାନାରୁ ପଶିଲି । କହିଲି ମୋର ଦେହଟା...

'ତବିୟତ—ତବିୟତ ? ବହୁତ ଅଚ୍ଛା... ହାତଟା ଦିଅନ୍ତୁ ।' ହାତ ବଢ଼ାଇଦେଇ ମୁଁ କଣ କହିବାକୁ ଯାଉଥିଲି—ହାକିମ ସାହେବ ବାଧା ଦେଇ କହିଲେ—ଖାମୁସ୍—କିଛି କହିବାର ଜରୁରତ ନାହିଁ—ଲେକିନ୍ ନସ୍ ଦେଖି ହମେ ସବ ବତଲାଇ ଦେବା । ନେହିତୋ ଦେହଲୀ ସହରରେ ହାକିମ ଅଜମଲଖାଁଙ୍କ ଦବାଖାନରେ ସାଢ଼େ ସାତ୍ ବରଷ୍ ପଢ଼ିଲି କ୍ୟା ମୁଫତ୍ ?

ନାଡ଼ୀ ଚିପାଦେଲି—ପ୍ରାୟ ଦଶମିନଟ । ତାପରେ ଜିଭ ଓ ଆଖି ଦେଖିଲେ ଗୋଟାଏ sunglass ଲଗାଇ । ସବୁ ପରୀକ୍ଷା ସାରି କହିଲେ, 'ଆପଣଙ୍କର ଭିତରର ସବୁ ଯନ୍ତର ଜଖମ ହୋଇଯାଇଛି । ପହିଲେ ଜୁଲାବ ନେବେ ଏକୁଇଶ ରୋଜ ତାପରେ ଦଉଆ, ସକାଳେ ଶିଲ୍‌କିତ ଆଉ ସାଞ୍ଜେ ମିଶ୍ରିର ସରବତ ଗୁଲାବ ଜଳରେ । ଲେକିନ ଗାଜିପୁରର ଅସଲି ଗୁଲାବ ଜଳ । ଦଉଆ ଖୁବ ଅଛି । ରଡ଼ୁଅର ମୋତି, ରଡ଼ୁଅର ହୀରା, ଦୁଇରତି ସୁନାର ଭସ୍ମ ମିଶାଇ ଖାଇବେ ସହଦ (ମହୁ) ସାଙ୍ଗରେ । ଖାମ୍‌ଖା ଖମିରା ଗାଓଜୁଆନ ଆଉ ମହଲ୍ୟାମ ଖସଲଖସ ଏକ ହଟା କରି । ଲେକିନ ଖମିର ମରଓ୍ୱାରିଦ ଖମିରା ଅବ୍ରେସାମ ଅର୍କ ଅମ୍ବର ସାଙ୍ଗରେ—ବସ୍ ।

'ଆଜ୍ଞା ହକିମ ସାହେବ, ଖର୍ଚ୍ଚର କୋଉଠି ମିଳିବ ନାହିଁ ।'

'ପରୱା ନାହିଁ—ହାମେ ତଦବିର କରିବା ।'

'ଆଉ ପଥ୍ୟ କଣ ।

'ପଥ୍ୟ ଭିତରେ ପାଞ୍ଚସେର ଦୁଧର ରାବିଡ଼ି—ଅଧସେର ଗାଈଅ ଘିଅ—ଆଉ ଦୁଇଗଣ୍ଡା ଅଣ୍ଡା । ରାତିରେ ମୁରଗା ଚୂଜାର ସୁରୁଆ ସାଙ୍ଗରେ ଅଣ୍ଡାର ହାଲୁଆ ଆଉ ଗେହୁଁବା ରୋଟି । ବସ୍—ଇତନା ।

"କେତେ ପଡ଼ିବ ?"

ଡାକ୍ତରମାନେ ଯେପରି ଫିସ ନିଅନ୍ତି ଆମର ତାହା ନବା ହାରାମ୍— ଉସ୍ତାଦଙ୍କର ମନା ଅଛି । ଖାଲି ଦବାଇର କିମ୍ମତ୍ ।

'କେତେ ପଡ଼ିବ ତେବେ ?

'ଦେଖନ୍ତୁ ଏ ସବୁ ଚିଜ ହିନ୍ଦୁସ୍ତାନରେ ମିଳେ ନାହିଁ । ଆମେ ଖାସ୍ ଇରାକ୍, ଆରବ, ମିଶର ଦେଶରୁ ଆଣୁ । କାଶ୍ମୀରରୁ ସିଫ୍ ଆସେ ଶିଲ୍‌ଜିତ୍, ସାଲେମିଶ୍ରି । ଆଉ ଆପଣ ହରରୋଜ ସୁର୍ମା ଲଗେଇବେ ଆଖିରେ ଅସଲି ମମୀର ସୁର୍ମା । ମିଶରର 'ମମି' ଜାଣନ୍ତି ? ଲକ୍ଷ ଲକ୍ଷ ବର୍ଷ ମୁର୍ଦାର ତାଜା ରହିଛି । ସେଇ ଚିଜ ଅଛି ଏଥିରେ । ଆଖି ବାଟେ ଯାଇ ଖୁନ ପଇଦା କରିବ ।

ଏ ମୁଖବନ୍ଧ ଶୁଣି ଆଉ ଦାମ ପଚାରିବାକୁ ସାହସ ହେଲା ନାହିଁ । 'ପରେ ଆସିବି' ବୋଲି କହି ଖସିଲି ।

ଏତେ ଥକାରେ ସୁଦ୍ଧା ନିଦ ହେଉ ନଥାଏ । ବ୍ୟାଧି ଓ ମୃତ୍ୟୁର ଭୟ କି ଭୀଷଣ ! ନାନା ଦୁଶ୍ଚିନ୍ତା । ଏ ସବୁ ଚିକିତ୍ସାକୁ ପଇସା ଯୋଗାଇବାର କ୍ଷମତା ନାହିଁ । ଏକମାତ୍ର ଉପାୟ ମରିବା । ଝିଅଟା ବାହା ହୋଇନାହିଁ । ପୁଅ ଦୁଇଟା ପାଠ ପଢୁଛନ୍ତି । ଏ ଗୁଡାକୁ ଭସେଇ ଦେଇ କମିତି ଯିବି ! ବିଚାରି ସ୍ତ୍ରୀ । ତାର ଆଉ କିଏ ଅଛି ମୋ ଛଡ଼ା ।

ହଠାତ୍ ମନେ ପଡ଼ିଲା ଗାଉଁଲି କବିରାଜଙ୍କ କଥା । ତାଙ୍କଠଉଁ ସରଳ ଭେଷଜ ଦଶକା ଆଣି କେତେଥର ଖାଇଛି । ପରିଚୟ ଅଛି ଖୁବ୍ । ତାଙ୍କୁ ଥରେ ଦେଖାଇବା ନିହାତି ଉଚିତ । ବାସ୍ତବିକ ମୁଁ କେଡେ ଭୁଲ୍ କଲି ମ । ଆମ ନିଜ ଦେଶର ଶାସ୍ତ୍ର ସଂଗତ ଚିକିତ୍ସାକୁ ଛାଡ଼ି ମୁଁ ଧାଇଁଛି ଇଆଡ଼େ ସିଆଡ଼େ । ଘୋର ଅନ୍ୟାୟ ।

ସକାଳୁ ଉଠି ଚାଲିଲି ଗାଉଁଲି କବିରାଜଙ୍କ ଘର ଆଡ଼େ । କବିରାଜେ ପୋଖରୀପାଣି ଯାଇଥିଲେ । ଅପେକ୍ଷା କରିବାକୁ ପଡ଼ିଲା । ଦେଖା ହେଲାରୁ ସବୁ କଥା କହିଲି । ସେ ନାଡ଼ୀ ଦେଖି ସାରି କହିଲେ— 'ବେମାରଟା କଠିନ । ନିଦାନ ଦେଖିବାକୁ ହେବ । ଆପଣ କାଲି ଆସନ୍ତୁ । ପଢ଼ିଆ ମୁହଁଟା ଗୋଟାଏ ମୁଣ୍ଡାଏ ପାଖରେ ଧରି ଆସିଥିବେ ।

କ୍ରମଶଃ



Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ—ଶ୍ରୀ କୃଷ୍ଣପ୍ରସାଦ ବସୁ

ଉପର ପଂକ୍ତିରେ ମୁଁ କାହିଁକି ଲେଖେଁ । ଏ ପ୍ରଶ୍ନର କି ଉତ୍ତର ଦେବି, ଠିକ୍ ବୁଝିପାରୁ ନାହିଁ । ଅତଏବ ଗର୍ଦ୍ଧଭ-ମର୍ଦ୍ଦନ ଯୋଗାଇ ଦେଉଛି, ତାଙ୍କ ବିପଳ୍ୟକରଣୀଟି ସେ ଖୋଜୁ ନାହାନ୍ତି ।

ବଙ୍ଗଳାର ଜଣେ ଶ୍ରେଷ୍ଠ କବି ସ୍ୱର୍ଗୀୟ ରଜନୀକାନ୍ତ ଲେଖିଛନ୍ତି—

'ତାକ୍ ଦେଖି ଚୋରର ବୈଜ୍ଞାନିକେ—
ଦେଖ୍‌ବୋ ସେ ଉପାଧି ନିଲେ
କଣ୍ଠ୍‌ଟା କେନର ଜବାବ୍ ଶିଖେ ।

କୋକିଲ୍ କେନ କୁହୁ ବଲେ, ଭ୍ରମର୍ କେନ ଗୁନ୍ ଗୁନ୍ କରେ ? ବୋଧହୁଏ ଏତିକି ଯଥେଷ୍ଟ—

ଆମର ନିଜକୁ ବେମାଲୁମ୍—କିନ୍ତୁ ଆମେ କାଳେ ଥିଲୁଁ ଗୋଟାଏ ବିପ୍ଳବୀ ଭଦ୍ର ଯୁବକ-ଦଳଙ୍କର ବଶିଷ୍ଠ ସଭ୍ୟ । ବ୍ରିଟିଶ୍ ଶାସନର ତୀକ୍ଷ୍ଣ ସୂକ୍ଷ୍ମ ଦୃଷ୍ଟିରେ ଆମେ କପଟ ମଫ-ସଲ୍‌ରୁ କଲିକତା କଲେଜ ଯାଇ ହଠାତ୍ ହୋଇଗଲୁଁ ଗୋଟାଏ ୨ ବିପ୍ଳବୀ Suspect. ଆମର ବାପା ମାଙ୍କୁ ହେଲା ଗୋପନ ତାଗିଦ୍ । କେତେଥର ଅଙ୍କ ରଣ୍ଡି କାଳେ ଅକାଳେ ଠଣା ହେଲୁ ଥାନାକୁ— ; ଫଳରେ ପଢ଼ାପଢ଼ି ହୋଇଗଲା 'ଇତିଶ୍ରୀ'— । ଅଗତ୍ୟା Vaga-bondଙ୍କ ପରି ଗାଁରେ ବୁଲିବା, ତାସ ଖେଳିବା ଛଡ଼ା ନଥିଲା ଅନ୍ୟ ପନ୍ଥା । କିନ୍ତୁ କୁହୁଳୁଥାଏ ମନେ ମନେ ଗୋଟାଏ ନିଆଁ । ବିନା ଦୋଷେ ଲାଞ୍ଛନା— ଅତଏବ ଦରକାର ପ୍ରତିଶୋଧ—

ଯେତେବେଳେ ବଙ୍ଗଳାରେ ହୋମାର-ଯୁଗ । ବସୁମତୀର ସଂପାଦକ ଦେଶପୂଜ୍ୟ ସଖାରାମ ଗଣେଶ ଦେଉସ୍କରଙ୍କର 'ଦେଶର କଥା' ନାମକ ରାଜଦ୍ରୋହଜନକ ପୁସ୍ତକ ବାହାରି ବ୍ରିଟିଶ ଅତ୍ୟାଚାରର ନାନା ବିବ-ରଣ ପ୍ରକାଶ କରୁଥାଏ । କଲିକତାର Foot-Pathରେ କେତେ Pamphlet କେତେ Hand Bill, କେତେ ବୁକ୍, କେତେ କିପରି ବାହାରି ପଡ଼ି ତାରୁଣ୍ୟ ଦେଇ ଗୌରବ ପ୍ରାଣଗୁଡ଼ିକୁ ହାତ ମଧ୍ୟରେ କରୁଥାଏ । ସେ କାଗଜ ଯାହା ହାତରେ ଥିବ ସେ ମଧ୍ୟ ଘଣ୍ଟା ନପାଉଣୁ ହଜତ । ସେହିପରି ଦିଗ୍‌ଭ୍ରାନ୍ତ ବିପ୍ଳବୀ ଯୁବକମାନେ ପଞ୍ଚୁଆ ପଥରେ ଘୂରି ବୁଲୁଥିଲେ ଅନ୍ଧାର ଆଲୁଅରେ । ସେତେବେଳେ ଥିଲି ମୁଁ vagabond ଜୀବନର ଅଭ୍ୟାସୀ ।

ବିନା କାରଣରେ ଆମେ ଚୋରୁଆ ପାଣି-ପାଚିରି କହିଲେ ଚଳେ— ଆମେ ହେଲୁଁ ଗୁଣ୍ଡା ବ୍ରାକେଟ୍— ଭୁଲିଗଲୁ ଆମର ସବୁ ଉଚ୍ଚ ଅଭିଳାଷ— ଗାଁକାଳୀ ତାସ ଖେଳିଲେ, ସେ ମଧ୍ୟ ଠିକ୍ ହେବ ଥାନାକୁ—ଦ୍ରୁତଖେଳ କୌତୁକ ସ୍ଫୂର୍ତ୍ତି ନିଆଁ ପରି ଲାଗି ରହିବେ ଗୁପ୍ତଚର— ଦଶ ପଚିଶ ଟଙ୍କାର ସରକାରୀ ବୃତ୍ତିର ଆମେ ଅଯୋଗ୍ୟ— ହୋଇ— ଦିହାତି ଖେଳଦେଖାଇ ଦେଲେ ଯନ୍ତ୍ର ଭଳି— ମନଟା ହେଲା ଆହୁ ପାରୁ—

ଯେତେବେଳେ ମୈମନସିଂର ଖ୍ୟାତ-ନାମା କବି ଓ ଯାତ୍ରାଓ୍ୱାଲା ବାବୁ ମୁକୁନ୍ଦ ଦାସ ତାଙ୍କର ଯାତ୍ରା ଦଳର ବିପ୍ଳବୀ ଗୀତ ଓ ନାଟକମାନଙ୍କ ଦ୍ୱାରା ଦେଶପ୍ରେମ ପ୍ରଚାର କରୁଥାନ୍ତି ଜାଗରଣର ମନ୍ତ୍ର । ଆମ ଏ ଦେଶରେ କି ହୋଇପାରେ ନାହିଁ ସେହିପରି ଗୋଟାଏ— କିନ୍ତୁ କିଏ କାହିଁ ? ସାଥି କିଏ ? ତାଙ୍କ ବହିଟି ଅନୁବାଦ କରି ଦେଖାଇଲେ ଆମର ଯାତ୍ରାପାର୍ଟି ବାହାରିବ । ସେଠାରେ Norton, C. R. Das ପ୍ରଭୃତି ପରେ ମଧ୍ୟ ବିନା ପଇସାରେ ଲଢୁଛନ୍ତି— ଏଠାରେ ପଇସା ନେଇ ଦେଶ ଉଦ୍ଧାର କରିବାକୁ ବାହାରିବେ କି ?

ଇମିତି ଭାଳୁଥାଏ ହୋଇ ରହିଥାଏ ଗାଁଟି—ବାବୁ ଭାଗ୍ୟ ଅଫିସର ଭଦ୍ରଲୋକେ ବାଧ୍ୟ ବନ୍ଧାପନା ନିମନ୍ତ୍ରଣରେ ମଧ୍ୟ ଦେଖିଲେ ଚାଁକ ପଡ଼ୁଥାନ୍ତି ।

ଅନ୍ତରଙ୍ଗ ବନ୍ଧୁ ଗୋଟିଏ ମାତ୍ର ସେ କାଳରେ ଥିଲେ—ତାଙ୍କୁ ବାଣୀକଣ୍ଠ ମହାନ୍ତି— ଭଦ୍ରକର—ଯାହାଙ୍କର 'ଅଚ୍ଛା ଚୋଲହେଲୁଲ ପାଲ୍ଟା—' ଓ ସ୍ୱଦେଶୀ ଗୀତଗୁଡ଼ିକ ଅଦ୍ୟାବଧି ଅମର ହୋଇ ରହିଛି ଉତ୍କଳ ସାହିତ୍ୟରେ । ସେହି ଜାଣିଥିଲେ ମୋର ମନର କଥା, ସେହି ଏକା ଦେଇଥିଲେ ସାହସ । ଯଦି ମୁଁ Jail ଯାଏ, ଠିକ୍ କରି ଯାତ୍ରା ଦଳର ନାଁଟିକୁ ବଦଳାଇ ଦେଇ ସେ ହେବେ ମ୍ୟାନେଜର । ଏହିପରି ପର୍ଯ୍ୟାୟକ୍ରମେ ଚାଲି ଯାଇ ମଧ୍ୟ ଦଳଟିଏ ଚଳାଇବା ଏହି ହେଲା ଆମ ଦୁହିଁଙ୍କ ମଧ୍ୟରେ ଗୋଟାଏ ପରାମର୍ଶ ।

କିନ୍ତୁ ଯେଉଁ ଦେଶପ୍ରେମ ଘରଘରଣା ଲୋକମାନଙ୍କ ଆସରେ ଆମ ସମର୍ଦ୍ଧନାକୁ । ଅଗତ୍ୟା ନିରକ୍ଷର ପଲ୍ଲୀବାସୀ ସହଯୋଗୀ କେତେଜଣଙ୍କୁ ନେଇ ଶିକ୍ଷଣ ଦେଇ, ବାଉଁଳା ଯାତ୍ରାଦଳ ଗଢ଼ିଲା । ମୁଁ ଥିଲି ବିଜ୍ଞାନର ଛାତ୍ର, ସାହିତ୍ୟ ସଙ୍ଗେ ସଂପର୍କ ଥିଲା ଅତି ଅଳ୍ପ । ଓଡ଼ିଆ ଭାଷାରେ ପୌରାଣିକ ଯାତ୍ରାଗୁଡ଼ିକ ନାଟକ ଆଦି ଆଲୋଚନା କଲି । ଦେଖିଲି ସେ ଗୁଡ଼ିକ ପରଦା ମଧ୍ୟରେ stageକୁ ଉପ-ଯୋଗୀ, କିନ୍ତୁ ଗୁରୁପିଠି ମୁକୁଳା ରହିଥିବା ପଡ଼ିଆ ଯାତ୍ରାକୁ ବେସୁରା ବେଯମକ । ଯାତ୍ରା ପାଇଁ ପ୍ରଚୁର ଗୀତ ବାଦ୍ୟ ନ ହେଲେ ଅଚଳ । ସ୍ୱର ଝଙ୍କାର ନିଆଁ ପୂର୍ବରୁ ଅନ୍ୟ ଝଙ୍କାର ପ୍ରୟୋଗ କରିବାକୁ ହେବ । ଅଗତ୍ୟା ନିଜକୁ ଧରିବାକୁ ହେଲା କଲମ— ବାଧ୍ୟ ବାଧକରେ ।

ସାଧାରଣ ଜନପ୍ରିୟ ପୌରାଣିକ ଗଦ୍ୟ ସାହିତ୍ୟର ନାଟକମାନ ଯଥାଶକ୍ତି ଲେଖିଲି, ତାହି ସଙ୍ଗେ ପ୍ରତି ନାଟକ ମଧ୍ୟେ ପଚିଶ ତିରିଶ ଲେଖି ଏ ଗୀତ ରଚନା କଲି । ଏପରକୁ ପ୍ରତି-ଯୋଗରେ ବ୍ୟବହାର କରିବା ଲାଗି 'ଦେଶର କଥା'ର ବର୍ଣ୍ଣିତ ବିବରଣ ସମ୍ବଳିତ କେତେକ ଗୀତ ମଧ୍ୟ ରହିଲା ଚନ୍ଦ୍ରଶେଖର ।

'ଅରହନ୍ଦନା' 'କପାଳୁଙ୍କ' 'ଖଦଡ଼-ପ୍ରଚାର' 'ବିଦେଶୀ ବର୍ଜନ' 'ଦୁର୍ବଳର ଅଶ୍ରୁ ପାଣି' 'ବନ୍ଦନା ଜନନୀ' ଇତ୍ୟାଦି ନାନା ଗୀତ ମଧ୍ୟ ଉନ୍ମାଦନା ସୃଷ୍ଟି କଲା । କହିବା ବାହୁଲ୍ୟ ଲୋକେ ଭାବ ଓ ଭାଷାକୁ ଆଦରରେ ଗ୍ରହଣ କଲେ । ପ୍ରତି ଯାତ୍ରାସ୍ଥଳରେ ପଛେ ପଛେ ଟିଙ୍କ ପରି ଲାଗି ରହୁଥାନ୍ତି Police Officer. ଗୀତ ଗୁଡ଼ିକ ଅଧିକାଂଶ ଥିଲା Figure ଓ statistics ସମ୍ବଳିତ ହେତୁ ଆଇନ ଘଟିତ ଦୋଷରେ ପକାଇବା ଥିଲା ବଡ଼ କଠିନ । ପଛରେ ସପକ୍ଷ ଥିଲେ ଗୋପନରେ କେତେକ ଓକିଲ ଓ ଜମିଦାର । ସେମାନେ ମୋର ଗୁରୁ ନମସ୍ୟ ।



Digitized by srujanika@gmail.com

ବୟସ୍କ ମେମ୍ବର କେହି ଦଳକୁ ଶିଖେଇବାକୁ ସାହାସ କରି ନଥିଲେ । ସହାୟ ଥିଲେ ମାତ୍ର ୪।୫ଟି ଭଲ ଭଲ ଛାତ୍ରୀ ତଥାପି ମୁଁ ଅଧିକାଂଶ ନବାଗତ ପ୍ରତି [illegible] ନଜରରେ ପାଉଥିଲେ [illegible] ସହଯୋଗୀଙ୍କର ଲାଗି ଥିଲା ସମୟ । ମୋର ମ୍ୟାନେଜର ବା ନାଟ୍ୟ ଲେଖକ ବୋଲି ସ୍ୱତନ୍ତ୍ର ଅଧିକା କିଛି ନେଉନଥିଲି । ଅଗତ୍ୟା ପ୍ରତି ମାସରେ ସେ ସଂଖ୍ୟା ତୁଳନାରେ ସେମାନଙ୍କର ଆୟ ହେଉଥିଲା ପ୍ରଚୁର । ପରୋକ୍ଷରେ ନାନା ବାଧା ଭେଟିଲେ ମଧ୍ୟ ସେମାନେ ଧମକ ଚମକରେ ନଇଁଲ ଚାହୁଁଥିଲେ ଅନୁଗତ ।

କାଗଜରେ ପଢ଼ିଲେ ବଢ଼େଇ ଶିଖନ୍ତି—କଥାଟା ମିଛ ନୁହେଁ । ଯାହାକୁ ଭାବୁଥିଲି ପର୍ବତ ପରି, ତାହାହିଁ ହୋଇଗଲା ସରଳ । ମୋର ପୂର୍ବବର୍ତ୍ତୀ ସମୟରେ ଗଦ୍ୟ ସାହିତ୍ୟରେ ରଚିତ ନାଟକ ଯାତ୍ରାରେ ପ୍ରଚଳିତ ନଥିଲା । ଦଳମାନେ ଗାଉଥିଲେ କାବ୍ୟସଙ୍ଗୀତ ଟୀକା କରି ଦେଉଥିଲେ ନିଜର ତୁଣ୍ଡ ଗଢ଼ା କଥା ଦ୍ୱାରା । କିନ୍ତୁ ଏହି ଦାୟିତ୍ୱର ବୋଝଟିଏ ପଡ଼ିଯିବାରୁ ମଥା ଉପରେ ନାନା ରଚନାରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଲି । ଦେଖିଲି ମାତୃଭାଷା ହେଉ ପଛକେ ଓଡ଼ିଆ ଭାଷାରେ ଜ୍ଞାନ ଯଥେଷ୍ଟ ନୁହେଁ । ସେ କାରଣ ଦୁଇଥର ଉତ୍କଳ ଶାସ୍ତ୍ରୀ ବୋଧୁକଳାଠାରୁ ଆରମ୍ଭ କରି ଉଷ୍ଟ୍ରୀୟ ସାହିତ୍ୟ, ଦୀନକୃଷ୍ଣ; ଅଭିମନ୍ୟୁ ଓ କବିସୂର୍ଯ୍ୟ ଗୋପାଳକୃଷ୍ଣ ପ୍ରଭୃତିଙ୍କ ଗ୍ରନ୍ଥମାନଙ୍କରେ ବୁଡ଼ି ପାଞ୍ଚ ବର୍ଷ ରହିଲି । ଏହିପରି ଭାବରେହିଁ ରଚିତ ହୋଇଛି ଚବିଶ ଖଣ୍ଡି ନାଟକ, ପନ୍ଦର ଖଣ୍ଡ ଖଣ୍ଡ କାବ୍ୟ, ସହସ୍ରାଧିକ ଗୀତାବଳୀ—

ନିଜେ ଚୂନକାଳି ଲେପି ହୋଇ ନାଟୁଆ ଭାବେ ସମସ୍ତଙ୍କୁ ଚାହାଁରେ, କିନ୍ତୁ ଜନ ଜନ ଭାବେ ପରୀକ୍ଷା କରୁଥାଏଁ ଦର୍ଶକଙ୍କର ଦୃଷ୍ଟିଭଙ୍ଗୀ, ଭାବ ଓ ଉତ୍ସାହ ଉତ୍ତେଜନାକୁ । ତେଣୁ ଭଲ କରି ବୁଝି ପାରୁଥାଏ କେଉଁ ଭାବ, କେଉଁ ଭାଷା, କେଉଁ ଘଟଣା କେତେବେଳେ ଠିକ କରିବାକୁ ହେବ । ଖଣ୍ଡେ ଖଣ୍ଡେ ନାଟକକୁ ସର୍ବାଙ୍ଗ ସୁନ୍ଦର ଆମୂଳଚୂଳ ଜମକଦାର କରାଇବା ଲାଗି ୬।୭ ଥର ସଂଶୋଧିତ କରିବାକୁ ପଡ଼ିଛି । ସବୁ ସ୍ଥଳରେ ଥାନ୍ତି ହାକିମ ହୁକୁମା ଓକିଲଙ୍କ ଠାରୁ ଆରମ୍ଭକରି ବର୍ଣ୍ଣଜ୍ଞାନ-ହୀନ ଦାଇ ଖଟୁଆ ଶ୍ରମଜୀବୀ ମଜୁରିଆମାନେ ଯାଏଁ—ସମସ୍ତଙ୍କ ବୋଧ ନହେଲେ ଗ୍ରାମ ନ ପହୁଣ୍ଡ ବଜାଇବା କଥା... କେହି ଖୋଜୁଛନ୍ତି ଦାର୍ଶନିକ ମାଧୁର୍ଯ୍ୟ, କେହି ସବୁଜ ସାହିତ୍ୟ, କେହି ସ୍ୱାଧୀନତା କେହି ରବୀନ୍ଦ୍ରୀ । କି plot କଲେ ସମସ୍ତଙ୍କର ଆଶା ପୂର୍ଣ୍ଣ କରୁ ହେବ ସମସ୍ତଙ୍କର ବୋଧଗମ୍ୟ ହେବ ଏହାହିଁ ବଡ଼ ଜଟିଳ, ବଡ଼ କଠିନ ସମସ୍ୟା । ଏହା ଶିକ୍ଷା କରିବାକୁ ଅନୁମାନ ଦଶବର୍ଷ ଲାଗିଥିଲା । ପ୍ରତିବର୍ଷ ଶହେରୁ ଅଧିକ ନାଟ ଦେଖୁଥିବା ଲୋକ ମଧ୍ୟ ଏଥିରୁ କମ ସମୟରେ ଏ ଚଟକ ଆୟତ୍ତ କରି ପାରିବେ ଏହା ସମ୍ଭବପର ବୋଧ ହେଉନାହିଁ । କିଛି ଶିକ୍ଷା କଲି ଆଉ ଗୋଟିଏ କୌଶଳ—ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ପଲ୍ଲୀବାସୀ ଅଭିନେତା—ଯେଉଁମାନେ motion posture, କଳାକୌଶଳରେ ଏକାନ୍ତ ଅନଭିଜ୍ଞ ସେମାନଙ୍କୁ ଯେତେ ଅଳ୍ପ ସମୟରେ କାର୍ଯ୍ୟ ହାସଲ କରାଇବାକୁ ହେଲେ ଏବଂ ତାହା ସଙ୍ଗେ ସଭାସ୍ଥଳକୁ ଅତ୍ୟନ୍ତ ଗରମ ରଖି ରସ ସଞ୍ଚାର କରାଇବାକୁ ହେଲେ, କି ଭାଷା, କି plot, କି ସ୍ୱର ଯୋଜନା କରିବାକୁ ହେବ ତାହାର କଳ୍ପିତ ଅଭ୍ୟାସ ।

ଏଇ ନାଟ୍ୟ ସମ୍ପ୍ରଦାୟମାନଙ୍କରେ କାର୍ଯ୍ୟ କଲା ବେଳେ ଲକ୍ଷ୍ୟ କଲି ଆଉ ଗୋଟାଏ କଥା—ଅପର ଦେଶର ନାଟୁଆମାନେ ଏପରି କି ଅଳ୍ପ ବୟସ୍କ ବାଳକ ବାଳିକା ମଧ୍ୟ ବିଚିତ୍ର ତାନାଲାପ ପ୍ରୟୋଗ କରି କଣ୍ଠ ସଙ୍ଗୀତର ଅଦ୍ଭୁତ ଚାତୁର୍ଯ୍ୟ ଦେଖାନ୍ତି । କିନ୍ତୁ ଆମ ପିଲାଏ ତାହା ପାରନ୍ତି ନାହିଁ । ଅତଏବ ସେମାନଙ୍କୁ ବିଧିମତ ସାରିଗମର ସ୍ୱର ସାଧନ ଠାରୁ, ଠାଟ ସାଧନ, ଦକ୍ଷିଣ ସାଧନ ମଧ୍ୟମାବତୀ, ତାରକସ୍ଥାୟୀ, ଯୁଗ୍ମ, ବିସ୍ତାର ତାନବର୍ଣ୍ଣ, ଆଳାପ କୃତିତ୍ୱ ଏହି ସମସ୍ତ ପ୍ରକାର ଶିକ୍ଷାକୁ ଶାସ୍ତ୍ରୀୟ ମାର୍ଗ ପଦ୍ଧତିରେ ନ ଦେଲେ ଉତ୍ତାରର କିଛି ଆଶା କରିବା ବିଡ଼ମ୍ବନା । ମଧ୍ୟ ଏହି ଏତେକ ବିଷୟ ବସ୍ତୁକୁ ସାଧାରଣ ଚଳନ ସହ ଭାବରେ ଆୟତ୍ତ କରିବାକୁ ଅନ୍ତତଃ ୩।୪ ବର୍ଷ ଆବଶ୍ୟକ । କିନ୍ତୁ ଏତେ ଗୁଡ଼ାଏ ପିଲାଙ୍କୁ ପ୍ରତିପାଳନ କରି ଶିକ୍ଷା ଦେବ କିଏ ? ସେ ବିଦ୍ୟାର ଯଥାର୍ଥ ପଥ ଆମେ ଜାଣୁ କଣ ? ଆମର ବା ଉକ୍ତ ବେତେ—ଅତଏବ ଯାତ୍ରା ଦଳଟିଏ ଗଢ଼ିଲେ ଖର୍ଚ୍ଚ କମ, କାହାରି ପଇସାରେ ଖର୍ଚ୍ଚ ଉଠିଯାଏ; ଅଭିଜ୍ଞ ହେଉଥାନ୍ତି [illegible] ଚଳୁଥାଉ; ଦେଶରେ ଥାନ୍ତୁ ବା ବିଦେଶରେ ବୁଲୁଥାନ୍ତୁ ପ୍ରତି ଛାତ୍ରକୁ ପ୍ରତିଦିନ ଅନ୍ତତଃ ଘଣ୍ଟାଏ 'ଭଞ୍ଜଗୁରୁ'ଙ୍କ ଉପଦେଶ ଅନୁଯାୟୀ ଯନ୍ତ୍ର ବା କଣ୍ଠରେ କିଛି ନା କିଛି ସାଧନା ଅଭ୍ୟାସ କରିବାକୁ ପଡ଼ିବ । ଏହି ବାଉଟିକୁ ବାଧ୍ୟତାମୂଳକ କରାଇବାରୁ ଦେଖିଲି ବାସ୍ତବରେ ମାତ୍ର ଗୋଟିଏ ବର୍ଷରେ ପିଲାଏ ବିଚକ୍ଷଣ ଭାବେ ଗାଇପାରିଲେ ଏଥିଲାଗି ମୋତେ ମଧ୍ୟ ତାଲିମ ହୋଇ ଛାତ୍ରମାନଙ୍କୁ ଶିଖାଇବାକୁ ପଡ଼ିଥିଲା । ପିଲାଏ ହୃଦ୍ୟଗୀତ ବୁଝି ପାରନ୍ତି ନାହିଁ, ସେଥିଯୋଗୁଁ ଠିକ ସେହି ସ୍ୱରରେ ଓଡ଼ିଆଗୀତ କେତୋଟି ରଚିତ ହୋଇଛି ଓ ତହିଁ ସଙ୍ଗେ ପ୍ରଚୁର ତାନବର୍ଣ୍ଣ ଯୋଗ କରାହୋଇଛି । ପିଲାଏ—ସାଧାରଣ ଯାତ୍ରା ଦଳର ନାଟୁଆଛୁଆ ହୋଇ ମଧ୍ୟ ରୂପ ପଦ୍ଧତିରେ ଦକ୍ଷ ହୋଇଛନ୍ତି । ପଚିଶ ବର୍ଷ ଅଖଣ୍ଡ କାର୍ଯ୍ୟକାଳ ମଧ୍ୟରେ ପ୍ରାୟ ଆଠ ଦଶଟି group ଶିକ୍ଷା ପାଇଛନ୍ତି । ମୋର ପିଲାମାନଙ୍କୁ ଟିକେ ଦକ୍ଷ କାନ ବୁଝିଆ କରାଇବାର ଅଭିଳାଷ ମଧ୍ୟ ମୋର ଲେଖା ଲେଖିର ତୁଚ୍ଛ କାରଣ ନୁହେଁ—

ପୁଣି ଦେଖିଲି ଆମେ ଏହି କଟକିଆ ବାଲେଶ୍ୱରିଆଙ୍କର ବାସ୍ତବ ଦକ୍ଷିଣୀ ସଙ୍ଗୀତ ପଦ୍ଧତିର ଜ୍ଞାନ ଅତି ଅଳ୍ପ । ତେଣୁ ଗୃହେ ଗୋଟି ମେଧାବୀ ଛାତ୍ରଙ୍କୁ ସଙ୍ଗେ ନେଇ କିଛିଦିନ ଗଞ୍ଜାମ ଜିଲ୍ଲାରେ ରହିଲି । କିଛି କିଛି ତେଲଗୁ ସଙ୍ଗୀତର ଖାଁଟି ପଦ୍ଧତି ଶିକ୍ଷା ପ୍ରଣାଳୀ ଓ ଗୀତ ଆୟତ୍ତ କଲି ଓ ସେହିସ୍ୱର ସଙ୍ଗେ ଯେପରି ଠିକ ବସାଇ ଦେଇ କେତୋଟି ଗୀତ ମଧ୍ୟ ରଚନା କଲି । ଆମେ ଏ ଅଞ୍ଚଳରେ ଯାହାକୁ ଦକ୍ଷିଣୀ ବୋଲି କହୁ ତାହା ବାସ୍ତବ ଦକ୍ଷିଣୀର ରୂପ ମଧ୍ୟ ନୁହେଁ । ତାନ୍ ଆଳାପ କୃତିତ୍ୱ ନାହିଁ ଏ ପ୍ରକାର ଗୀତ-ବିଦ୍ୟା-ଦର୍ପଣ ପରି ସରଳତମ ଦକ୍ଷିଣ ପଦ୍ଧତିର ଗ୍ରନ୍ଥଟିଏ ଖଣ୍ଡେ ସୁଦ୍ଧା ପାଇବେ ନାହିଁ, କିନ୍ତୁ ଆମର ଏଠାରେ ପ୍ରଚଳିତ ଦକ୍ଷିଣୀ ପଦ୍ଧତି

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ତ୍ରିଭୁଜ

ଲେ—ଭାଗବତୀଚରଣ ପାଣିଗ୍ରାହୀ

ଦଶମୀର ଚନ୍ଦ୍ର ଆଲୁଅରେ ପୁରୀର ବଡ଼-ଦାଣ୍ଡ । ପୋଲିସ ଥାନା ଆଗରେ ହଠାତ୍ କାହାର ଚିହ୍ନା ଚିହ୍ନା ମୁହଁ ଦେଖାଗଲା । ସୁଦର୍ଶନ ଡାକି ଉଠିଲା, 'ଅଦ୍ୱୈତ !'

ତାହା ପାଖକୁ ଚାଲି ଆସି ଅଦ୍ୱୈତ ଚିତ୍କାର କଲା 'ସୁଦର୍ଶନ—! ଆରେ—ଆରେ—'

ଦୁଇ ବନ୍ଧୁଙ୍କର ବହୁତ ଦିନ ପରେ ସାକ୍ଷାତ୍ । ଯେତେ ବେଗରେ ଅଦ୍ୱୈତ ତାହାର ବାଲ୍ୟ ବନ୍ଧୁକୁ ଆଲିଙ୍ଗନ କରିବାକୁ ଆସିଥିଲା, ସେଇ ଭଳି ଠକ୍ କରି ସେ ଛିଡ଼ା ହୋଇଗଲା । ନିଜ ବେଗର ବ୍ରେକ୍‌ଟା ଏତେ ଜଲ୍‌ଦି ତାକୁ ଟାଣିବାକୁ ହେଲା ଯେ ସୁଦର୍ଶନ ଉପରେ ସେ ପଡ଼େ କି ନପଡ଼େ ।

ଅଦ୍ୱୈତକୁ ନିଜ ହୃଦୟାବେଗ ସମ୍ଭାଳି ନେବାକୁ ହୋଇଥିଲା । ସୁଦର୍ଶନ ପାଖରେ ଯୋଉଏ ନାରୀ ମୂର୍ତ୍ତିକୁ ଚାହିଁ ।

'ରେଖା ଦେବୀଙ୍କ ସଙ୍ଗେ କଣ ତୋର ପରିଚୟ ନାହିଁ କି ? ଆଉ ଇଏତ ମୋର ଭଉଣୀ ।' ସୁଦର୍ଶନ ତାର ସହଗାମିନୀ ଦୁହିଁଙ୍କୁ ଚିହ୍ନାଇ ଦେଲା !

ରେଖା—ଅଦ୍ୱୈତର ଆଖି ରେଖା ଉପରେ ପଡ଼ିବାମାତ୍ରେ ପୃଥିବୀଟା ଯେମିତି ନିଜ ଅକ୍ଷ ଚାରି-ପାଖେ ଘର ଘର ହୋଇ ଘୂରି ଥରେ ବୁଲିଆସି ପୁଣି ନିଜ ସ୍ଥାନରେ ସ୍ଥିର ରହିଗଲା । ସେଇ ଘୂର୍ଣ୍ଣନ ବେଗରେ କେତେ ଅତୀତର ଚିତ୍ର ବିଜୁଳି ବେଗରେ ଅଦ୍ୱୈତ ମନରେ ନାଚି-ଗଲା ।

ଏ ପାଖେ ପ୍ରକାଣ୍ଡ ପୁଲିସ ଥାନା; ଆର ପାଖେ ପ୍ରକାଣ୍ଡ ଧର୍ମଶାଳା ଓ ବଡ଼ଦାଣ୍ଡରେ ବିଜୁଳିବତୀ ଯେମିତି ଅତି ଅସୀମ ଭୂମି-କମ୍ପରେ ଅଦୃଶ୍ୟ ହୋଇଗଲେ ମୁହୂର୍ତ୍ତକ ପାଇଁ ତାହାର ଭିତରେ ସୁଦର୍ଶନ, ରେଖା; ବୀଣା, ଯାତ୍ରୀମାନଙ୍କ ସଭାଯୁକ୍ତ, ମଟରଗାଡ଼ି ଘୋଡ଼ା ଗାଡ଼ି ଓ ସାଇକେଲ ରିକ୍ସାର ସହିତ ସଂପୂର୍ଣ୍ଣ ରୂପେ ହଜି ଯାଇଥିଲା ।

ପୁଣି ଯେବେ ସେଥି ସ୍ଥାନକୁ ସମସ୍ତେ ଫେରି ଆସନ୍ତି, ଅଦ୍ୱୈତ ଆଖିରେ ଭାସି ଉଠିଲା ଖାଲି ରେଖା । ରେଖାକୁ ସେ ଏଥିପୂର୍ବରୁ କେତେ ଥର ଦେଖିଛି ପ୍ରିୟ ବନ୍ଧୁ ମୋହନର ନବୋଢ଼ା ପ୍ରେୟସୀ ରୂପରେ । କେତେ ଥର ମୋହନ ପାଖରେ ବସି ରେଖା ହାତରୁ ଚାହା ପିଆଲା ନେଲା ବେଳେ ତାହାର ଚମ୍ପକ ଅଙ୍ଗୁଳି ଉପରେ ଦୃଷ୍ଟି ନିବଦ୍ଧ କରିଛି । ସେଇ ରେଖାର ରୂପ ଆଜି ଯଥାର୍ଥରେ ଏକ ରେଖାରେହିଁ ପରିଣତ ହୋଇଛି ।

ତାହାର ଆଭରଣହୀନ ଅଙ୍ଗ ଉପରେ ବୈଧବ୍ୟର ଶୁଭ୍ରବସନ ଏହି ଜ୍ୟୋତ୍ସ୍ନାରେ ବଡ଼ କରୁଣ ଦେଖାଯାଉଥିଏ । ତାହାର ମଧ୍ୟରୁ ଜଳ ଉଠିଥିଏ ଯେ ଏ ବୈଧବ୍ୟଯନ୍ତ୍ରଣା ଶୂନ୍ୟ ଆଖି । ଯେତେ ଥର ରେଖା ଉପରେ ସେ ଦୃଷ୍ଟିପାତ କରୁଛି, ଏହି ଆଖି ଦୁଇଟାର ନିର୍ମମ ଆଘାତରୁ ଯେପରି କେବେ ହେଲେ ଏଡ଼ି ପାରୁ ନାହିଁ ।

ସୁଦର୍ଶନର ସମ୍ମୁଖରେ ସ୍ପଷ୍ଟ ତାହାର ଭଙ୍ଗି ଯାଏ 'କି ରେ ଚାଲ, ଆମ ଘର ଆଡ଼େ ବୁଲି ଆସିବୁ ଟିକିଏ ।' 'ହଉ ଚାଲ' କହି ଅଦ୍ୱୈତ ତାହା ସଙ୍ଗେ ସଙ୍ଗେ ଚାଲେ । ସୁଦର୍ଶନ କେତେ କଥା ପଚାରେ ଅଦ୍ୱୈତ ବିଷୟରେ କିନ୍ତୁ ସବୁଠାରୁ ଆପଣା କଥା ଗପେ ବେଶି ।

ହଁ, ନାହିଁ ଉତ୍ତର ଦେଇ ଅଦ୍ୱୈତ ଚାଲିଥାଏ । ପଛରେ ଚାଲୁଥାନ୍ତି ରେଖା ଆଉ ବୀଣା । ବଡ଼ଦାଣ୍ଡ, ସିଂହଦ୍ୱାର, ଦଶହରା ଦେବ-ଯାତ୍ରାର ସମାବେଶ, ବଡ଼ଦେଉଳ, ସମୁଦ୍ର, ଅସୀମ ନୀଳିମା ଭିତରେ ମିଶି ଯାଇଥିବା ସମୁଦ୍ର । ସେଇ ନୀଳିମାକୁ ସ୍ଥାନେ ସ୍ଥାନେ କ୍ଷତ

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ଅନ୍ତର୍ଗତ ଓଡ଼ିଶୀ ନାମଧେୟ ଗୀତମାନଙ୍କର ବ୍ୟବହାରରେ କେବଳ ଭିନ୍ନତା ବ୍ୟତୀତ ଅନ୍ୟ ସମ୍ବଳ ନାହିଁ—। ସ୍ୱରଲିପି ମଧ୍ୟ ଏଯାଏଁ ହୋଇ ନାହିଁ । ସୁଭାଗ୍ୟ ଯେ radioରେ କେତୋଟି ଦକ୍ଷିଣୀ ଶିଳ୍ପୀଙ୍କୁ ଅଣା ହୋଇଛି ଅଣା ହେଉଛି ଓଡ଼ିଶୀର ସ୍ୱରୂପ କିଛି ବଦଳିବ । ଏହି ଦକ୍ଷିଣୀ ବାଜନ ଶିକ୍ଷା ଦେବାରେ ମୋତେ ଯଥେଷ୍ଟ କୃପା କରିଥିଲେ ପାରଳାର ଭୂତପୂର୍ବ ସଭାସଦ 'ପୁରନ ରାଘୁଣୀ' । ଅତି ଉଦାର ଅତି ମହତପ୍ରାଣ ଥିଲେ ତାଙ୍କର । ମୁଁ ସେଠାରେ ଶିକ୍ଷା କରୁଥିବା ସମୟରେ ଦୈବଦୁର୍ଘଟଣା ବାରଦଘରେ ପୋଡ଼ିଯାଇଁ ଦେହତ୍ୟାଗ କରିଛନ୍ତି ରହି । ଅପର କେତେକ ଶିକ୍ଷା ପାଇଥିଲି ବାବୁ ନୀଳମଣି ବେବର୍ତ୍ତା ପଟ୍ଟନାୟକ ମହାଶୟଙ୍କ ଠାରୁ । ସେ ଥିଲେ girl schoolର music teacher ଶିକ୍ଷା ଦେବାର ପ୍ରଣାଳୀ ଅତି ଚମତ୍କାର—। ଏ ଉଭୟ ଗୁରୁ ଆଜି ମହାରାଜ୍ୟରେ । ଏହି ଦୁଇଙ୍କଠାରୁ ଶିକ୍ଷା ଲାଭ କରି ମୁଁ ମୋର ଛାତ୍ରମାନଙ୍କୁ ଦକ୍ଷିଣୀ ଗୀତରେ କେତୋଟି ଶିକ୍ଷା ଦେଇଛି ଓ ରଚନା କରିଛି ।

ଯୁଦ୍ଧର Blackoutରେ ଯାତ୍ରା ନାଟ ଆଦି ପୂରା ବନ୍ଦ ହୋଇଗଲା । ମୋ ପକ୍ଷରେ ଏହା ଏକ ସମ୍ଭାଳିବା କଠିନ ହେଲା । ଗତ ଅଠ-ବର୍ଷ ହେଲା ସେ ଯାତ୍ରା ଦଳ କହନ୍ତୁ ବା ସଂଗୀତ ଶିକ୍ଷାର ବିଦ୍ୟାଳୟ କହନ୍ତୁ ତାହା ଲୋପ ହୋଇଛି ।

ଦେଶୀୟ ପାଲାବାଲାମାନେ ପ୍ରଚଳିତ ଗୀତରେ କେବଳ ନାନା ଗ୍ରନ୍ଥରୁ, କାହିଁରୁ ବେଳାଏ କାହିଁରୁ ଦୁଇଏ Quotation ଦେଖାଇ ବିକ୍ଷିପ୍ତ ଓ ବିଶୃଙ୍ଖଳ ଭାବରେ ବର୍ଣ୍ଣନା ବ୍ୟାଖ୍ୟା କରି, ତାଳ ଧ୍ୱନି କରି-ଥାନ୍ତି । ତଦ୍ୱାରା ପାଣ୍ଡିତ୍ୟ ଦେଖାନ୍ତି ସତ, କିନ୍ତୁ ରସ ସର୍ଜନା କରିବାର ଭାବ ଅତ୍ୟଳ୍ପ । ଅତଏବ ଯଦ୍ୱାରା ତିନି ଚାରି ଘଣ୍ଟାରେ କୌଣସି ଆଖ୍ୟାନ ନାନା ସ୍ୱରରେ ନାନା ଛନ୍ଦରେ ଗାଇ ବାଦ୍ୟସହ ଜନରଞ୍ଜନ କରାଇ ପାରନ୍ତି ସେହିକି ୧୬ଟି ଗୀତ କାବ୍ୟର ରଚନା କରି ସାରିଛି—। ବାସ୍ତବରେ ଏ ପଦ୍ଧତି ବର୍ତ୍ତମାନ ଶିକ୍ଷିତ ସମାଜର ଦୃଷ୍ଟି ପାଇଛି । ଏ ମୋର ଆନନ୍ଦ ଓ ସୌଭାଗ୍ୟର କଥା ।

ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ବହି ନା ବହି ଲେଖି ପେଡ଼ି ମଧ୍ୟରେ ଛପେଇ ଦେଉଛି । କେଉଁ ଦିନ ସମ୍ବଳ ହେବ ଏ ପୋଥିଙ୍କ ଛପା ହେବ, ତାହା ଭଗବାନ ଜାଣନ୍ତି । ମୁଁ ତ ନିଃସମ୍ବଳ—।

ଏହାହିଁ ମୋର ଜୀବନୀ । ଏହାହିଁ ଲେଖିବାର କାହିଁକି । ଭଗବାନଙ୍କର ଡାକରା ; କିଏ ଜାଣେ ବିଳମ୍ବ ହେଲେ ପିଆଦା ମୋତେ ଛାଡ଼ି ଦେବ କି କଣ—

ଆଜି ଏତିକି—



Digitized by srujanika@gmail.com

କରୁ ଅସଂଖ୍ୟ ଢେଉର ଉତ୍ଥାନପତନ ଓ ଫେନାୟମାନ ଗର୍ଜନ ; ପୁଣି ସବୁର ଉପରେ କି ଅବା ଜଳଧିର ତଳରେ ଅପରିଚିତ ଉଦ୍ଭାସିତ ଏକାଦଶୀ ଚନ୍ଦ୍ର ।

ମୁହୂର୍ତ୍ତକ ମଧ୍ୟରେ ସବୁ ପୁଣି ଶୂନ୍ୟ ହୋଇଯାଏ ସୁଦର୍ଶନର ଆକସ୍ମିକ ପ୍ରଶ୍ନରେ ।

'ତେବେ ପାଇଁ ତା' ହେଲେ ବନ୍ଦ ହେଲେ କାମ ଜୁଟିଲା ନାହିଁ, ଅଜିତ ଭେ ?'

'ଚାକିରୀ କଣ ଏତେ ସହଜରେ ମିଳେ ବନ୍ଧୁ । ପୁଣି ଏଇ କଣ୍ଟ୍ରୋଲ କେଉଁଠାରେ ଯୁଗରେ ? ଜନ୍ମ ହେବା ପାଇଁ କଣ୍ଟ୍ରୋଲ, ପାଠ ପଢ଼ିବାକୁ କଣ୍ଟ୍ରୋଲ, ଚାକିରୀ ପାଇବାକୁ କଣ୍ଟ୍ରୋଲ, ଦେଖ କନ କୋଠା ଘର ବାହାର ସବୁଆଡ଼େ ଆଜି ଚଳିବା ପାଇଁ ଟଣାଟଣି କଷାକଷି ।'

ଅଦ୍ୱୈତ ଉତ୍ତର ଦିଏ ନାହିଁ । କେବଳ ଭାବେ, ଏକମାତ୍ର ମରଣ ପାଇଁ କଣ୍ଟ୍ରୋଲ ନାହିଁ । ମଣିଷ ଯେତେ ମରୁ ତାକୁ ବନ୍ଦ କରିବା ଇଚ୍ଛା ଦୂରେ ଥାଉ, ବରଂ ମରିବା ପାଇଁ ତାର ଯୋଗାଡ଼ ଚାଲିଛି ଢେର ।

ସୁଦର୍ଶନ କହି ଚାଲିଲା, 'ତେବେ ଏଇ କଣ୍ଟ୍ରୋଲ କଟକଣା ଭିତରୁ ଯେଉଁ ଫାଙ୍କ ଦେଇ କଳାବଜାର ଜନ୍ମ ଲଭେ ଅଥଚ ତାହା ଫଳରେ ଠିକ୍ ଏ ହେଲେ ଦୁନିଆର ଭିତିରେ ରହିଚି ଠିକ୍ ଯେମିତି କଣ୍ଟ୍ରୋଲ ସଙ୍ଗେ ସଙ୍ଗେ ଏହା ଚାଲିଛି । ଗୋଟାଏ ରେଳ ଲାଇନ ସଙ୍ଗେ ଆଉ ଗୋଟିଏ ଲାଇନ ଚାଲିଲା ଭଳି ; ପୁଣି ସେଇ ଦୁଇଟା ଲାଇନ ଉପରେହିଁ ଚାଲିଛି ଦୁନିଆର ରେଳଗାଡ଼ି । କଳାପେଟେଇର ଦର୍ଶନ ମଧ୍ୟ କଣ୍ଟ୍ରୋଲ ସଙ୍ଗେ ସଙ୍ଗେ ଘର ଭିତରେ ଘର ବାହାରେ, ଦୋକାନ ବଜାରରେ, ଶିକ୍ଷା କ୍ଷେତ୍ରରେ, ଚାକିରୀ କ୍ଷେତ୍ରରେ, ସିନେମା କିଣିବାର ଲମ୍ବା ରେଲ ଟିକେଟ କିଣିବାରେ ମିଳିଥାଏ । ତାହାର ଦର୍ଶନ ମିଳିଥାଏ ହଠାତ୍ ଅଯୋଗ୍ୟ ବ୍ୟକ୍ତି ଯୋଗ୍ୟ ହୋଇ ପଡ଼ିବାରେ । କଦା ମୂର୍ଖ ମଧ୍ୟ ପଣ୍ଡିତ ହୋଇ ବାହାରିବାରେ । କେଶ ଦୂରକୁ ଯିବା ଯାହିଁକି । ଏଇ ଦେଖନ୍ତୁ ତୋ ମୋ ଭିତରେ ପ୍ରଭେଦ । ତୁ ଯେ ମୋ ଠାରୁ ଅପେକ୍ଷା ସବୁ ବିଷୟରେ ଯୋଗ୍ୟତର ଏଥିରେ କିଛି କଣ ସନ୍ଦେହ ଅଛି ? ଅଥଚ ମୁଁ ଚାକିରୀ ପାଇଲି ତୁ ହେଲୁ ବେକାର । ସବୁ କେବଳ ଆମର ସ୍ୱାଧୀନତା । ସୁଦର୍ଶନ କହି ଚାଲିଥାଏ ଓ ଅଦ୍ୱୈତ ଶୁଣି ଚାଲିଥାଏ । 'ବୁଝିଲୁ ଅଦ୍ୱୈତ ଜାତି ସ୍ୱାଧୀନ ହୋଇ ନଥିଲେ ଏହା କଦାପି ସମ୍ଭବ ହୋଇ ନଥାନ୍ତା ।

ଅଦ୍ୱୈତ ନିଜ ମନକୁ ମନ ରହସ୍ୟ ପ୍ରଶ୍ନ କରେ । କିନ୍ତୁ ସ୍ୱାଧୀନତାଟା ମଧ୍ୟ ଏଇଭଳି ହଗ ଗଣ୍ଟର କଳାବଜାର ଭିତରେ ଆସି-ନାହିଁ ତ ?

ସୁଦର୍ଶନ ଗଳ୍ପ ଲହରୀ ମଧ୍ୟରେ ଅଦ୍ୱୈତ ଶୁଣୁଥାଏ ସମୁଦ୍ରର ଗର୍ଜନ । ପୁଣି ତାହାର ମନ୍ଦିରେ ବାଣୀ ତାହାର ବାଣୀ କଣ୍ଠରେ ରେଖା ଆଗରେ ଅନର୍ଗଳ ବକ୍ତୃତା ଦେଉଥିବାର ସ୍ମୃତି ଓ ଅକାରଣ ଉଚ୍ଚ-ହାସ୍ୟ ।

ସମୁଦ୍ରକୂଳେ ଆସି ସେମାନେ ଝାଉଁ ବଣରେ ରହସ୍ୟମୟ ସ୍ୱର ମୂର୍ଚ୍ଛନା ଓ ଚନ୍ଦ୍ର ଛାୟାରେ ସ୍ୱପ୍ନିଳ ପଥଚାରଣ କରି ଗୋଟିଏ ଛୋଟ ଏକ ମହଲା କୋଠାର ଦ୍ୱାର ଦେଶରେ ପହଞ୍ଚି ଯାଇଥିଲେ । ଏଇଟି ସୁଦର୍ଶନର କ୍ୱାଟର ବା ଘର । ଘରଟିକୁ ସମୁଦ୍ର ଗର୍ଜନ ଅହରହ ଶୁଣାଯାଏ ଯଦିବା ତାହାକୁ ବସି ଶୁଣିବା ପାଇଁ ଘରେ କାହାର ଫୁରସତ ନାହିଁ ।

ଅଳ୍ପ କାଳ ଘର ଭିତରେ ସମସ୍ତେ ବସିଲେ । ତଥାପି ସୁଦର୍ଶନର ଗଳ୍ପସ୍ରୋତ ବନ୍ଦ ହୋଇ ନଥାଏ । 'ଖାଲି ମୋର କଥା ମୁଁ କହୁନାହିଁ । ଆଜିକାଲି ହଠାତ୍ ଯେତେ ଅନୁନ୍ନତ ଲୋକଙ୍କର ଉନ୍ନତି ହୋଇଛି, ସେଥିରେ ତାଙ୍କ ଭିତରୁ ଅନେକ ହାର୍ଟଫେଲ କରି ମରିବା ଉଚିତ । ସେମାନଙ୍କ ହାର୍ଟକୁ କିନ୍ତୁ ବଞ୍ଚାଇ ରଖିଛି ଖାଲି ଏଇ କଳାପେଟେଇ । ତୋ ଆଗରେ ମୋର କିଛି ଗୁପ୍ତକଥା ଲୁଚାଇବାରତ ଭୟ ନାହିଁ । କାରଣ ତୁ କେବେ ହେଲେ ମୋ ବିରୁଦ୍ଧରେ ଯିବୁନି । ମୁଁ ଖାଇ ବଞ୍ଚିଛି କଳାପେଟେଇ ଉପରେ ; ଜାଣୁ ?'

ଚମକି ପଡ଼ିଲା ଅଦ୍ୱୈତ । ମୁହଁକୁ ତାର ଚାହିଁଲା । ସୁଦର୍ଶନର ରୂପ ଅନ୍ତର୍ହିତ ହୋଇ ଅବା ଗୋଟାଏ ରାକ୍ଷସ ରୂପ ପାଲଟି ଗଲା ଅକସ୍ମାତ ।

ବୀଣା ଉଠି ଛିଡ଼ା ହେଲା ଘରଭିତରକୁ ଯିବା ଉଦ୍ୟମରେ ଅଥବା ତାର ଗର୍ବିତ ବେଣୀକୁ ପଛପଟେ ଝୁଲାଇଦେଇ ଦେଖାଇବାର ବାସନା କରି । ସୁଦର୍ଶନ ଏଙ୍ଗେଜ ହେଲା ଗୃହ ଅଥବା ପରି ରେଖାଦେବୀ ମଧ୍ୟ ଉଠିଗଲେ ବୀଣାର ପଛେ ପଛେ ଗୃହାଧର ପ୍ରବେଶ କଲେ ବୀଣା ଦେବୀ ଏବଂ ତାଙ୍କ ପଛରେ ପାଣି ଓ ଜଳଖିଆ କିଛି ଧରି ରେଖା ଆସି ଛିଡ଼ା ହେଲା ।

ଆୟୋଜନ ଦେଖି ଅଦ୍ୱୈତ କହିଲା,— 'ମୋ ପାଇଁରେତ ଅନେକ ଭଦ୍ରତା ଦେଖାଉଛ, ସୁଦର୍ଶନ ?'

'ଏହାକୁ କଣ ଭଦ୍ରତା କହନ୍ତି ?' ସୁଦର୍ଶନର ଗଳ୍ପର ବେଗ ପୁଣି ଛୁଟିବ ବୋଲି ଆଶଙ୍କା କରି ଅଦ୍ୱୈତ କହିଲା, 'ମୋର କିନ୍ତୁ ଜଳଖିଆଟା ନେଇଥିଲେ ଠିକ ଏ, କେବଳ ଭଦ୍ରତା ଖାତିରରେତ ମୁଁ ଗ୍ରହଣ କରି ପାରିବି ନାହିଁ ।' ଯଥାର୍ଥରେ ଅଦ୍ୱୈତ ମିଛ କହିଥିଲା । ଜଳଖିଆ ଅପେକ୍ଷା ଯେଉଁ ବ୍ୟକ୍ତିଟା ଜଳଖିଆ ପାତ୍ରକୁ ଧରିଥିଲା, ତାହାର ଉପରେ ହିଁ ନଜର ତାର ପଡ଼ୁଥାଏ ବେଶୀ । ମନେ ପଡ଼ିଲା ମୋହନକୁ ଯେଉଁଦିନ ମଶାଣିରେ ନେଇ ପାଉଁଶ କରି ଦେଇ ସେ ଆସିଥିଲା । ସେଦିନ ରେଖାର ଦେହ ସଜାଇବାକୁ ମଧ୍ୟ ଚେଷ୍ଟା କରିବାକୁ ପଡ଼ିନାହିଁ ।

ମନେ ପଡ଼ିଲା ମଶାଣି ଉପରେ ମୋହନର ଶାୟିତ ଶବ । ମାଟିତଳୁ ନିଆଁଟା ଯେପରି ଦୀର୍ଘ ଜିହ୍ୱା ବଢ଼ାଇ ସେଇ ଶବକୁ ଆଲିଙ୍ଗନ କରୁଥିଲା । ଅଳ୍ପ ଦୂରରୁ ଅଦ୍ୱୈତ ପ୍ରିୟତମ ବନ୍ଧୁର ଚିତାଅଗ୍ନିକୁ ନିରୀକ୍ଷଣ କରି ତାହାର ପୋଡ଼ା ମାଂସର ଗନ୍ଧ ଆଘ୍ରାଣ କରୁଥିଲା । ମୋହନ ଆଜି ସ୍ୱପ୍ନ — ପାଲଟି ଯାଇଛି । କେବଳ ବାସ୍ତବ ହୋଇ ରହିଛି ରେଖା । ରେଖାର ଅଙ୍ଗୁଳି ଠାରୁ ଆରମ୍ଭ କରି ମୁଖ-ପର୍ଯ୍ୟନ୍ତ ସେ ଥରେ ଆଖି ବୁଲାଇ ନେଲା । କି କରୁଣ ମର୍ମନ୍ତୁଦ ରେଖାର କାହାଣୀ । ସେ ଯେପରି ସୁଦର୍ଶନ ଘରକୁ ଆସି ସୁଖୀ ହୋଇ ପାରିନାହିଁ । ତାହାହେଲେ ସେ ଆସିଲା କାହିଁକି ? ସୁଦର୍ଶନ ସଙ୍ଗେ ତାର ଦୂର

ଅବଶିଷ୍ଟାଂଶ ୧୩ପୃଷ୍ଠା ଦେଖନ୍ତୁ



Digitized by srujanika@gmail.com

# ଆରତତ୍ରାଣ ଚଉତିଶାର ମାଳିକା

ଲେ—ହନୁମନ୍ତ

[ ଝ ]

ଝଲିଛୁ ଏ ବଚନ ଦଶଗୃହ ଭୁବନ
ଶରଣ ରକ୍ଷଣ ହୋ ବାନା
ଝାଡ଼ା ଫେରିବା ପାଇଁ ପଦା ଆଡ଼କୁ ଧାଇଁ
ଯାଉଛ ଛାଡ଼ି ପାଇଖାନା ହେ— ଝିଟିବର,
ଝାଉଁଳ ପଡ଼ିବାରୁ ମଥା
ଝଗଡ଼ କହୁଛ ଏ କଥା
ଝିମିଟି ଏ ବାଟରେ ହର ହେ ଜନପଥ
ଝୁଣ୍ଟି ହେଲଣି ଗଣ୍ଠି ବଥା ।

[ ଞ ]

ଞର୍ଦ୍ଦୟା ଥିଲେ ରଙ୍ଗେ ଞଧାର୍ଯ୍ୟେ କହ ମୋତେ
ମୋ ଜିଭ ଟାକୁ ଠାକୁ ଫିଟୁ
ଞଷ୍ଟେ କପାଳେ ମୋର ଞଅଁ ଲାଗିଲା ବୋଲି
ଘାଟରେ ବାଟରେ ପ୍ରକଟୁ ହେ— ଞଦାଗିଲା,
ଞଗିଧା ହୋଇବଟି ଯେବେ
ଞଶିଲେ ଆଉ କିଏ ଥିବେ,
ନେତା, ବେପାରୀ, ଚୋର ଉକିଲ, ଡାକ୍ତର
ଯେ ଯାହା ଶାନ୍ତିକୁ ଲଘିବେ ।

। ଟ ।

ଟିକାଏ ବଳମିତ୍ର ନ ଜାଉ ଶଢ ଗଢ
ଟାଜିକ, ଘୁଣ୍ଡି କୁ ଟେଳିଲ,
ଟଙ୍କା ବଢୁଛି କେତେ ଟେକ ଦାରିଦ୍ର୍ୟ ଯେତେ
ଟଳି ଯାଉଛି ଉପ ଦେଲ ହେ,— ଟଙ୍କଧର
ଟେକିଣ ଟ ସୁ ଏକାଥରେ
ଟେରେଇ ବଲେଇଲେ ମୋତେ
ଟଳି ଯିବ କି ତୁମ୍ଭ ମହିମା ବାଛି-ତୁମ୍ଭ
ଏମନ୍ତ ବଗୃରେ ମନରେ ହେ ।

। ଠ ।

ଠ ବ ନକଲ ଚଞ୍ଚେ କେଉଁ ଦୋଷକୁ ସତେ
ଠାପୁଅ ହୋଇଲ ଏ ଭଳି
ଠାକୁର ହୋଇ ଭକ୍ତ୍ୟ ଠରେ କଲେ ଏମନ୍ତ
ଠକ ବୋଲି ଖାଇବ ଗାଳି ହେ— ଠେଙ୍ଗାଧର
ଠୁଳ ବପୁ ଦେଖି ମୋର
ଠକ୍କା ତା ନଜର ଅନ୍ତର
ଠାକୁ ଦେଲେଟି ଥରେ ଠଣ ନେବ ଯୁଗରେ
ଠେଲି ଯିବଇଁ ଖରଖର ।

। ଡ ।

ଡେରିଥିଲ ଶ୍ରବଣ ଡାକୁ ଉଦ୍ଧାରଗଣ
ଡାକିଲ ମ ନକେ ଶୁଣିଲ
ଡେଣା ଢଳରେ ଥାଇ ଡାକିଲେ ଶୁଭୁ ନାହିଁ
ଡହ କି ଡଲଟା ମଣିଲ ହେ, ଡ଼ମାଅଗି
ଡଙ୍କି ବାଜୁଛୁ ଜଗତରେ
ଡଗର ଅଟ ତୁମ୍ଭେ ନରେ
ଡଧିଲ ଦେଖି ମୋର ଡେଙ୍ଗା ବଉଦ୍ଧ ଘେନ
ଡେଣୁ ବ ନ ଖାଉଛ ବାରେ ।

। ଢ ।

ଢାଲେ ତୁମ୍ଭର ବାନ୍ଧୁ— ଢାପ୍ନାହି ଏତ ଢେଙ୍ଗା
ଢହଇ ଏହ ଦୁନିଆରେ
ଢିପ କଳ ଖାଇ ଖାଇ ଢିଠିରେ ହୋଏ ଗର୍ଜି
ମରଇ ପୁଣି ଘରିଆରେ ହେ— ଢୋଲପେଟା
ଢେମଣା ପ୍ରାପ୍ତେ ମୋ ଉଦର
ମଣି ନକର ହରବର
ଢଳ ନଯାଉ ପ୍ରାଣ ଢାଳ କରୁଣା କଣା
ଦୁଃଖ ସାଗରୁ ଟେକି ଧର ।

। ଣ ।

ଅହେ ହେ ମହାଭାଗ ବପଦ ଛାଗ ବାଘ
ଅଙ୍କ ଯେ ଦେଇଛ ଣ୍ରିତୁଣ୍ଡେ
ଣାରତ ଜନ ହେଲେ ଅଣ୍ଡ ପାଟି ଭାଙ୍ଗିଲେ
ମୁଁ ତାକୁ ବସାଇବ ମୁଣ୍ଡେ ହେ— ଣାଗ ବନ୍ଦୀ
ଣାଉ ଆରଟ ମୋହଠାରୁ
ଅଛି କେ କହ ମହାମେରୁ
ଣାଣ୍ଟ କରୁଛ ଏଣେ ଅଟଇ ମୁଁହି ଯେଣୁ
ଏରଣ୍ଡ, ତୁମ୍ଭେ ଦେବଦାରୁ ।

। ତ ।

ତୁମ୍ଭେ ତୃଷା ହରଣ ତୁଙ୍ଗ ମଞ୍ଚ ବାରଣ
ତପିତ ଜନ ତପ୍ତାରଣ
ତରସେ ତେଣୁ କର ତରସା ଅଛି ମୋର
ତଇଲ ଚରଣ ମର୍ଦ୍ଦନ ହେ— ତୋତମୁହାଁ
ତଥାପି ତୁରିତରେ ଯେବେ
ତେରଛେ ଗୃହଁ ବ ତେବେ
ତୁରୀ ବଜାଇ ତୁଣ୍ଡେ ତୁମ୍ଭ ନାମରେ ଦାଣ୍ଡେ
ତୋଳିବ ଦ୍ରୋପାଗଣ୍ଡ କବେ ।

। ଥ ।

ଥାମ୍ଭ ନୋହୁଛ ମନ ଯେପେଛେ ବଜୁଚିକା
ସିନେମା ଚଳଚିତ୍ର ଦ୍ୱାର
ଥିଲି ଯେଉଁ ତୃଟ୍ଟୁ ଥାଗା ଉଛବିବ ଛୁ
ଦେଖି ଏ ତାଙ୍କର ଅନ୍ୟାୟ ହେ— ଥେଣ୍ଟାର୍ଦ୍ଦିଲ
ଥୋମଣି ବୁଲିଇବ ତୁମ୍ଭେ
ଥାକିବ ଆଉ କେଉଁ ଦମ୍ଭେ
ଥୋଡ଼ ବଢ଼ାଇ ଗଣ୍ଡେ ଟୋପି ଚଢ଼ାଇ ମୁଣ୍ଡେ
ଗୃହ୍ୟପିବଇଁ ଲମ୍ଭେ ଲମ୍ଭେ ।

କ୍ରମଶଃ



Digitized by srujanika@gmail.com

# କୋଣାର୍କ ଦର୍ଶନ

(ପୂର୍ବପ୍ରକାଶିତ ପରରୁ)

ଲେ—ଲକ୍ଷ୍ମୀକାନ୍ତ ମହାପାତ୍ର

ଭଲେ ଥାଉ ଯାହା ଯେତିକି ଦେଖିଲି ସେତିକିରେ ମୋର ପେଟ ପୂରିଗଲା । ସେଠିକାର କଳା କୌଶଳ ବର୍ଣ୍ଣନା କରିବାର ଶକ୍ତି ତ ମୋର ନାହିଁ, ପରନ୍ତୁ ମୁଁ ତାହା ଉପରେ କବିତ୍ୱ ପ୍ରକାଶ କରିବା ଉଦ୍ଦେଶ୍ୟରେ ମଧ୍ୟ ଏହା ଲେଖୁ ନାହିଁ । କୋଣାର୍କ କଳା ସମ୍ବନ୍ଧରେ ବହୁତ ଲେଖା ହେଲାଣି, ହେବ ବି ଭବିଷ୍ୟତରେ । ମୋତେ ଖାଲି ଆଶ୍ଚର୍ଯ୍ୟ ଲାଗିଲା ଏତିକି ଯେ କେତେ ଅଭ୍ୟାସ କରି କରି ମଧ୍ୟ ଖଣ୍ଡିଏ ପଥର ପାଇଲି ନାହିଁ ଯହିଁରେ କାରିଗରର ନିପୁଣ ନିହାଣ ମୁନ ନ ବାଜିଛି ଓ ଯାହା ଉପରେ କାରିଗରର ଶିଳ୍ପୀ ତାର ପ୍ରାଣ ଢାଳି ନ ଦେଇଛି ।

ମୁଁ ଆଗରୁ ଭାବିଥିଲି ଦେଉଳ ଗେଟ ଥାକଥାକ କଳା ମୁରୁଜରେ ହୋଇଥିବ ବୋଲି । ତା ହୋଇଥିଲେ ସୁନ୍ଦର କେତେକ ମୂର୍ତ୍ତିକ ଏଯାଏ ନିଖୁଣ ହୋଇ ରହିଥାଆନ୍ତା ପରା । ଭାରି ଦୁଃଖ ଲାଗିଲା ଯେ, ଏଡ଼େ ସୁନ୍ଦର ସୁନ୍ଦର ଚିତ୍ର ପ୍ରକଟାଇବାର ପରିଶ୍ରମ ହୋଇଛି ଅଯାଡ଼ିଆ ବାଲିଆ ପଥର ଉପରେ । ସେଥିପାଇଁ ବୋଧହୁଏ ଏହି କେତେ ଶତାବ୍ଦୀ ଭିତରେ ସବୁ ଚିତ୍ର ଦେହରେ ଘଷା ଲାଗି ଯାଇଛି । ତଥାପି ଯାହା ଯାହା ନଷ୍ଟ ନହୋଇ ରହିଛି ସେଥିରୁ ଜଣା ପଡ଼ୁଛି ନୂଆ ବେଳରେ କଣ ହୋଇ ନଥିବ । ମୂର୍ତ୍ତି ଗୁଡ଼ିକର ଅବୟବର ଭଙ୍ଗୀ, ଛିଡ଼ା ହେବାର ଠାଣି, ନେତ୍ରର ଚାହାଣୀ, ମୁଖର ଭାବ ପରିଷ୍କାର ଜଣା ପଡ଼ୁଛି । ଅଃ, କି ମନୋରମ ! ଏ ଅବେଗପୂର୍ଣ୍ଣ ସତେ ଯେପରି ଜୀବନ୍ତ ପ୍ରାଣୀ ଗୁଡ଼ିକ କଥା କହିବାକୁ ଉଦ୍ୟତ ।

ଅଧିକାଂଶ ମୂଳରେ ଯୁଗଳ ମନୁଷ୍ୟ ମୂର୍ତ୍ତି— ଯୌନ ସଙ୍ଗମ କରନ୍ତି । କବିଚନ୍ଦ୍ର ଓ ମୁଁ ଏ ସମ୍ବନ୍ଧରେ ଆଲୋଚନା କଲୁଁ । ଶୁଣିଛି, ବଡ଼ ବଡ଼ ଦେଉଳରେ ଯୌନ ସଙ୍ଗମର ଚିତ୍ର ସ୍ଥାପିବାର ଉଦ୍ଦେଶ୍ୟ ଥିଲା ଯେ, ସେ ସବୁ ଚିତ୍ର ଥିଲେ ବଜ୍ରାଘାତ ହୁଏ ନାହିଁ ଦେଉଳ ଉପରେ । ଶାସ୍ତ୍ରରେ ଅଛି ଯୌନ କ୍ରୀଡ଼ା ବେଳେରେ ଇନ୍ଦ୍ର ଦେବତା ବଜ୍ରାଘାତ କରନ୍ତି ନାହିଁ । ଦେବତାଙ୍କୁ ଠକିବାର ଏ ଗୋଟାଏ କୌଶଳ ପରା ! ନିଏହା ଛଡ଼ା ଆଜି କାଲିର ଶିକ୍ଷିତ ଜାତି ବା ଶିକ୍ଷିତ ସମାଜ ଯୌନ କ୍ରିୟାକୁ ଯେଉଁ ଦୃଷ୍ଟିରେ ଦେଖୁଅଛନ୍ତି, ସେ ଯୁଗର ଲୋକେ ତାହା କରୁ ନଥିଲେ । ସେ ଯୁଗର କାବ୍ୟ ଓ ଚିତ୍ର କଳା ତାହାର ସାକ୍ଷୀ । କେବଳ ଫ୍ରଏଡ଼ ସାହେବ ଜନ୍ମ ହେବାରୁ ଏବେ ଯୌନ ବା Sexକୁ ଗୋଟାଏ ବିଜ୍ଞାନ ଭାବରେ ସ୍ଥାନ ଦିଆଗଲାଣି । ଆମ ଦେଶରେ Sex ଗୋଟାଏ ବିଜ୍ଞାନ ଓ କଳା ଭାବରେ ଥିଲା । ଯୌନ ସଙ୍ଗମ ଉପରେ ଚିତ୍ରାଙ୍କିତ, ଜଘନ୍ୟତା ବା ଅସଭ୍ୟତାର ଛାପ ଆକ୍ଷେପ କରି ହେଉ ନଥିଲା ଆମର ଦେଶରେ ଥାଉ ଏ ବିଚାର ପଣ୍ଡିତମାନେ କରନ୍ତୁ । ଏ ଯୁଗରେ ଦୁନିଆ ଯାକ ଅନାଗ୍ରହ ଦେଖାଉଛନ୍ତି, ଆଗ୍ରହ ଅବ-ରତ ଭଲେ କଲେ ଦୃଷ୍ଟିରେ ଦୋଷ ନାହିଁ । ଏ ଯେ ମିଥ୍ୟାଗ୍ରହର ଯୁଗ ।

ଦେଉଳ ଦ୍ୱାରରେ ଥିବା ଗୃହଚିତ୍ରଗୁଡ଼ିକ ସବୁଠାରୁ ମୋର ଚିତ୍ତ ହରଣ କଲା । ବିଶେଷତଃ ପୂର୍ବ ଦ୍ୱାରର କୋହିନୂର ଏ ଗୁଡ଼ିକ ମୁଗୁନି ପଥରର ଉପରେ ଖୋଦିତ ହୋଇଛନ୍ତି । କି ସୂକ୍ଷ୍ମ ହାତରେ ହୋଇଛି ତାହା କିଏ କହିବ ! ପୁଣି କେତେ ସୁରୁଚି ସମ୍ପନ୍ନ ! ଏ ଯୁଗର ଯେ କୌଣସି ଉନ୍ନତ ଚିତ୍ରକର ପକ୍ଷରେ ସେ ଗୁଡ଼ିକ ଆଦର୍ଶ ସ୍ଥାନୀୟ ।

ଇତସ୍ତତଃ ବିକ୍ଷିପ୍ତ ଅନେକ ଗୁଡ଼ିଏ ମୂର୍ତ୍ତିକୁ ସଂଗ୍ରହ କରି ସରକାର ଗୋଟିଏ ଶାଳାରେ ରଖିଛନ୍ତି । ଏହି ଯାଦୁଘରଟି ଘର ତିଆରି ହେଉଛି । ମୂର୍ତ୍ତି ସବୁ ଓଳିଆରେ ଦାନା ହୋଇ ରହି ଥିବାରୁ ତାହା ଦେଖି ପାରିଲୁ ନାହିଁ । କେବଳ ନବଗ୍ରହ ଥିବା ପଥର ଖଣ୍ଡି ଦେଖିଲୁଁ । ବେଢ଼ା ମଧ୍ୟରେ ଥିବା ହାତୀ ଓ ଘୋଡ଼ାଗୁଡ଼ିକ ସତେ ଯେପରି ଧାଇଁ ଆସୁଛନ୍ତି କି ଧନ୍ୟ କଳନା କି ହାତର ନୈପୁଣ୍ୟ ଆମେ ଯେଉଁ ଅଙ୍କାର ଓଡ଼ିଆ ଜାତି, ଆମର ପୂର୍ବ ପୁରୁଷଙ୍କ ସିଏ ?

ଗଞ୍ଜ ଟାଣ ହେବାରୁ ଆମେ ଡାକ ବଙ୍ଗ-ଳାରେ ଆଶ୍ରୟ ନେଲୁଁ । ସେଠି ହାତ ଗୋଡ଼ ଧୋଇ ଧାଇ ଉଦର ଶାନ୍ତ କରିଗଲୁ । ବିଶ୍ରାମ କଲେ ବିଳମ୍ବ ହୋଇଯିବା ଭୟରେ ମଧ୍ୟାହ୍ନ ଖିଆବେଳେ ପଡ଼ିଲୁ ବାହାରି । ନଟମନ୍ଦିର କାଳଚରଣ ଖଣ୍ଡିଏଁ ନାଟ ନାଚଲେ ନାହିଁ ବା ଗାୟିକା ସୁମତ୍ତ ଗୋଟିଏ ଗୀତ ଗାଇଲେ ନାହିଁ । କେବଳ ଶିଶୁ ରାଜଗୋପାଳ ଦାସେ ଟିକିଏ କଥା କହି ଓ ଖଣ୍ଡେ ଗୀତ ଗାଇ ଆମ ଯାତ୍ରାକୁ ସରସ କରି ଦେଉଥାଏ । କବିଚନ୍ଦ୍ରଙ୍କର ମଝି ମଝିରେ ପଦେ ପଦେ ରସରସିଆ ଟିପଣୀ ଖରାବେଳରେ ତାତକୁ ଶୀତଳ କରୁଥାଏ ।

ଭାବିଥିଲୁଁ ବାଟରେ ଗୋପଗ୍ରାମ । ସେଠି କିଛିସମୟ ଦହି ମଉଳିବ । ଏ ବେଳରେ ଦହି ବଡ଼ ଆରାମ ଦେଇ ଥାଆନ୍ତା । କିନ୍ତୁ ଗୋପଠା ଖାଲି ନାଆଁକୁ ଗୋପ...ଗୋପୀ ନାହାନ୍ତି କି ଗୋପାଳ ନାହାନ୍ତି । ଗୋଧନ ତ ସ୍ୱପ୍ନ !

ନାଚ ଗୀତର ଅଭାବଟ ପୂରଣ କରି ଦେଲା ଏକା ଗୋପଠାରୁ ପିପିଲି ଯାଏ ମାଟି ସଡ଼କ । ମଟର ମଧ୍ୟରେ ଥାଇ ଆମେ ସମସ୍ତେ 'ଗୋଠ—ନୃତ୍ୟ' group dance କରୁଁ କରୁ ଆସିଲୁଁ । ଭୁବନେଶ୍ୱରରେ ପାଞ୍ଚଟା ବାଜିଲା । କେହି କେହି ଲିଙ୍ଗରାଜ ଦର୍ଶନ କରି ଆସିଲେ । ମୋର ପିଲାବେଳର ଗୁରୁ ଶ୍ରୀ ରତ୍ନାକର ଗର୍ଗବଡୁଙ୍କ ଚରଣ ଦର୍ଶନ କଲି । ତାହାପରେ ଆସିଲୁଁ ନୂଆ ରାଜଧାନୀ ଦେଖିବା ପାଇଁ । ଚିକଣିଆ ରାସ୍ତା—ଧାଡ଼ି ଧାଡ଼ି ଏକାବେଳିଆ ପକ୍କାଘର ବଡ଼ ସୁନ୍ଦର ଦିଶୁଛି । ବିଶାଳ ଭୂମିଖଣ୍ଡ । କରିପାରିଲେ ଆଦର୍ଶ ରାଜଧାନୀ ହୋଇପାରିବ । ଏହା ଭୂତମନ୍ତ୍ରୀ ମହତାବଙ୍କ କାରଧାନୀ । ତେଣୁ ଏହାର ନାମ 'ମହତାବ ନଗର' ରଖାଗଲେ ଭଲ ହୁଅନ୍ତା ନାହିଁ କି ? ହେଉ, ନହେଉ ଏ ନୂଆ ରାଜଧାନୀ ତାଙ୍କୁ ଅମର କରି ରଖିବ ।

ରାଜଧାନୀକୁ କେତେଗୁଡ଼ିଏ ସରକାରୀ ଅଫିସ ଉଠି ଆସିଲେଣି । ବାକିତକ କ୍ରମେ ଆସିବ । ପୁରାତତ୍ତ୍ୱ ବିଭାଗର କର୍ମକର୍ତ୍ତା ବାବୁ ପରମାନନ୍ଦ ଆଚାର୍ଯ୍ୟଙ୍କ ଭେଟହେଲା । ସେ ତାଙ୍କର ମ୍ୟୁଜିୟମ ଦେଖାଇଲେ । ବହୁତ ପଥର ମୂର୍ତ୍ତି ସଂଗୃହୀତ ହୋଇଛି । କୌଣସି କୌଣସି ମୂର୍ତ୍ତି ଭଙ୍ଗା କୋଣାର୍କ ମୂର୍ତ୍ତି ସହିତ ଟକ୍କର ଦେବ । ଯେତେ ମୂର୍ତ୍ତି ଦେଖିଲି ତହିଁ ମଧ୍ୟରେ ଗୋଟିଏ ଗରୁଡ଼ ମୂର୍ତ୍ତିର ଶିଳ୍ପଚାତୁରୀ ବଡ଼ି ସରସ । ଯେପରି ଠାଣି ସେହିପରି ବାଣୀ ।

କ୍ରମଶଃ



Digitized by srujanika@gmail.com

# ଚଟ୍ଟାକୁ ଉତ୍ତର

ସୁଶୀଲ କୁମାର ଦାଶ, ବାଲିଆ ପଲ
ବାଲେଶ୍ୱର

ପ୍ର— ଭାଷା ଓ ଭାବ ମଧ୍ୟରେ କି ବିଶେଷତ୍ୱ ?

ଉ—ଭାବଟା କଳା—ଭାଷାଟା କଳାର ।

ପ୍ର—କୁଙ୍କୁମର ହଠାତ୍ ନିର୍ବେଦଭାବ ଯୋଗୁଁ ଆପଣ ଆନନ୍ଦିତ ନା ଦୁଃଖିତ ?

ଉ—ମୁଁ ତମକୁ କଣ କହିବି ମୋ, ସ୍ତ୍ରୀର ଦୁଃଖରେ ମୁଁ ଯେ ତହୁଁ ଦଳ ।

ପ୍ର—ପ୍ରଜାତନ୍ତ୍ର ଓ ଡ଼ଗର ମଧ୍ୟରେ ପାର୍ଥକ୍ୟ କଣ—ବିଶେଷତଃ ସରକାରଙ୍କ ଆଖିରେ ?

ଉ—ଗୋଟିଏ ତାହାଣୀ—ଆଉ ଗୋଟିଏ ଗୁଣିଆ ।

—ଅଜ୍ଞାତ—

ପ୍ର—ନିରାପତ୍ତା ପରିଷଦରେ କାଶ୍ମୀର ବିଷୟ ଉପସ୍ଥାପନ କରି ଭାରତ ସରକାର ବିଜ୍ଞତାର ପରିଚୟ ଦେଇଛନ୍ତି କି ?

ଉ—ହୈମୀ କୁରଙ୍ଗୀ ନଚ ପୂର୍ବବାର୍ତ୍ତା
ନଶ୍ରୁୟତେ ବେଦ ପୁରାଣ ଗୀତେ
ତଥାପି ବୃଷ୍ଣା ରଘୁନନ୍ଦନେନ—

ପ୍ର—ନିଜେ ନିଜର ପ୍ରତାରକ— ଏକଥା କପରି ?

ଉ—ନିଜେ ପୁରୁଷ ହୋଇ ମଧ୍ୟ ସ୍ତ୍ରୀ ପାଦରେ ପଡ଼ି ସ୍ତ୍ରୀ ଠାରୁ ହୀନ ହେବାଠାରୁ ବଡ଼ ଆତ୍ମ ପ୍ରବଞ୍ଚନା ପୁରୁଷର ନାହିଁ—ଆଉ ନିଜେ ଅବଳା ହୋଇ ପୁରୁଷ ଉପରେ ଘୋଡ଼ା ଚଢ଼ି ମନ କରିବା ଠାରୁ ମଧ୍ୟ ସ୍ତ୍ରୀର ପ୍ରବଞ୍ଚନା କିଛି ନାହିଁ ।

ପ୍ର—ପ୍ରେମଟା କପରି ଚିରସ୍ଥାୟୀ ହେବ ?

ଉ—ପ୍ରେମିକା ଠାରୁ ଦୂରରେ ରହିଲେ ।

ଏସ୍ ମହାପାତ୍ର —୫ ନେତୃତ୍ୱରେ—
କଟକ

ପ୍ର—ନାରୀକୁ ଆୟତ୍ତ କରିବାର ସୁଗମ ଉପାୟ କଣ ?

ଉ—ଚୁମ୍ବନ୍ ।

ପ୍ର—ସ୍ତ୍ରୀମାନଙ୍କର କଣ ଦାଢ଼ୀ ନାହିଁ କାହିଁକି ଓ ଥିଲେ ପୁରୁଷରେ କି କ୍ଷତି ବା ଲାଭ କରନ୍ତା ?

ଉ—ମିଜାଜ ଥଣ୍ଡା ରଖିବା ଲାଗି । ଦାଢ଼ୀ ଥିଲେ ନୀତି ଦିନେ କମଳର ଲେଡ଼ାହୁଅନ୍ତା ନ ଗରମ ଦିନେ କିଦ ହୁଅନ୍ତା ନାହିଁ !

ପ୍ର—ପୁରୁଷ ସ୍ତ୍ରୀର ମୁଖକୁ ନ ଚାହିଁ ବକ୍ଷକୁ ଚାହେଁ କାହିଁକି !

ଚନ୍ଦ୍ରଶ୍ରୀଚନ୍ଦ୍ରଙ୍କ ଦ୍ୱାରାଏ

ପ୍ର—ନାରୀର ନାରୀତ୍ୱ ଥାଏ ମୁଖରେ—ଓ ମାତୃତ୍ୱ ଥାଏ ବକ୍ଷରେ । ମୁଖରେ ଛଳନା—ବକ୍ଷରେ ମମତା ।

ବ୍ରଜନାଥ ରଥ ସୁନହାଟ ବାଲେଶ୍ୱର

ନାରୀ ସ୍ୱାଧୀନତା ବଢ଼ି ଗଲେ ପୁରୁଷଙ୍କ ଅବସ୍ଥା କେଉଁ ଆଡ଼କୁ ଗତି କରିବ ?

ଉ—ଘେଞ୍ଚା ଶାଳକୁ ।

ପ୍ର—ଡ଼ଗର ସମ୍ପାଦକ ନାଃ ମଃ ନିମପରି ତିକ୍ତ ଲେଖନ୍ତି କାହିଁକି ?

ଉ—ନିମ ଦେହକୁ ହିତ- ଇତି ଚନ୍ଦ୍ରଶ୍ରୀଚନ୍ଦ୍ର, ମାତ୍ର ତାଙ୍କୁ ପଚାରିବାରୁ ସେ କହିଲେ—
ସର୍ପରେ ଜାତ କଲୁ ମେତେ
ସ୍ୱଭାବ ଛାଡ଼ିବି କେମନ୍ତେ

ପ୍ର—ଡ଼ଗର ପ୍ରଶ୍ନୋତ୍ତର ବିଭାଗର ନାମ ବଦଳିଛି କିଆଁ ।

ଉ—ସଂସାର ପରିବର୍ତ୍ତନ ଶୀଳ ।

ରତ୍ନାକର ମିଶ୍ର—ଚନ୍ଦ୍ରଶେଖର କଲେଜ ପୁରୀ

ପ୍ର—ମନ୍ଦିର ମାନଙ୍କରେ ନଗ୍ନଚିତ୍ର ରଖିବାର ତାତ୍ପର୍ଯ୍ୟ କଣ ?

ଉ—ଶରୀର ମନ୍ଦିରର ବାହାର ଅଶ୍ଳୀଳ କିନ୍ତୁ ଭିତରେ ପବିତ୍ର ଓ ସୁନ୍ଦର ଆତ୍ମା ।

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ସମ୍ପର୍କ ପୂର୍ଣ୍ଣ ସୁଦର୍ଶନ ବିପରୀତ । ଅଦ୍ୱୈତର ମନେ ହେଲା ଯେପରି ନିଜ ଇଚ୍ଛା ବିରୁଦ୍ଧରେ ସେ ଏଠାରେ ଆସି ବନ୍ଦୀ ହୋଇ ପଡ଼ିଛି ।

ଆଉ କେହି ଏଠାରୁ ତାକୁ ଉଦ୍ଧାର ନକଲେ ତାର ରକ୍ଷା ନାହିଁ ।

ବୀଣା ଚୂଡ଼ା ତିଆରି ରଖିଲା । ଅତି ସହଜରେ ଅଦ୍ୱୈତ କହିଲା, 'ମୁଁ ଚୂଡ଼ା ଖାଏନି ।' 'ଚୂଡ଼ା ଖାଆନ୍ତି ନାହିଁ ଆପଣ ?' ନିଜ ଅଜ୍ଞାତରେ ଯେପରି ଏ ପ୍ରଶ୍ନଟା ବୀଣା ମୁହଁରୁ ବାହାରି ପଡ଼ିଲା । କାତର ବିସ୍ମିତ ହୋଇ ଅଦ୍ୱୈତ ଜବାବ ଦେଲା 'ଅନେକ ଦିନୁ ମୁଁ ଚୂଡ଼ା ଛାଡ଼ି ଦେଇଛି ।'

'ତୁମେ ମଧ୍ୟ ଅନେକ ଦିନୁ ଚୂଡ଼ା ଛାଡ଼ିଛ ରେଖା ଦେବୀ ? ଆଉ କେଉଁ କାଳ ଜୀବନ ହୋଇ ରହିବ ତା ସୁଦର୍ଶନର ଅଭ୍ୟାସ ନୁହେଁ । ସେଥିପାଇଁ ବୀଣାକୁ ଦେଖାଇ କହିଲା, 'ଆମ ବୀଣା କିନ୍ତୁ ଦିନ ଭିତରେ କୋଡ଼ିଏ ଥର ଚୂଡ଼ା ନ ଖାଇଲେ ଶାନ୍ତି ପାଏନି । ସତ୍ୟ ନହୁଁ ସତ୍ୟ ନହୁଁ ଖାଇ ଗୁଡ଼ିଆ ଗୁଳେଇ । ନୁହେଁ ବୀଣା ?'

ବୀଣା ମୁହଁ ଫୁଲାଇ କହେ, 'ତୁମେ ଅତି ଦୁଷ୍ଟ ଲୋକ ଭାଇ ।"

'ନା, ନା, ପରୀକ୍ଷା ବେଳର ପରିଶ୍ରମରେ ଚୂଡ଼ା ଟିକିଏ ନ ଖାଇଲେ ଚଳେନି । ପରୀକ୍ଷା ପାଇଁ ପଢ଼ାପଢ଼ି କି ଭଳି ହେଉଛି ? ବୀଣା ଏଥର ଆଇ, ଏ, ଦେବ । ଜାଣୁ ଅଦ୍ୱୈତ ? ଚତୁର ସୁଦର୍ଶନ— ପୁଣି ବୀଣାକୁ ଉଦ୍ଦେଶ୍ୟ କରି କହେ, ବୀଣାର ବିବାହ ପାଇଁ କେତେ ଯେ ପ୍ରସ୍ତାବ ଆସିଲାଣି, ସବୁ ଭାଙ୍ଗି ଦେଇ ମୁଁ କେବଳ ତାକୁ ଶିକ୍ଷିତ କରିବାକୁ ଚାହେଁ । ନୁହେ କି ବୀଣା ।

ବୀଣା ହଠାତ୍ ଘର ଭିତରକୁ ପଳାଇଯାଏ ଯୌବନ ସୁଲଭ ଲଜ୍ଜାରେ । ଗାଲ ଦୁଇଟାରେ ତାର ଉତ୍ତପ୍ତ ଲାଲ ଆଭା ଫୁଟି ଉଠେ । ସଙ୍ଗେ ସଙ୍ଗେ ଅଦ୍ୱୈତର ଦୃଷ୍ଟି ଫେରି ଆସେ ରେଖା ଉପରକୁ । ସେ ଯେମିତି ସବୁ ହସ କାନ୍ଦଣାର ବାହାରେ ରହି ଏକ ନିର୍ଜୀବ ମାର୍ବଲ ମୂର୍ତ୍ତି ଭଳି ସ୍ଥିର ହୋଇଯାଇଛି । ତାହାର ମନୁଷ୍ୟତାର ସବୁ ଗର୍ବ ଉଭେଇ ଯାଇଛି କେବଳ ମୂର୍ତ୍ତିଟା ରହିଛି ପଡ଼ି ।

ଅଦ୍ୱୈତ ପ୍ରାୟରେ ଯେତେ ଦିନ ରହିଲା, ସୁଦର୍ଶନ ସଙ୍ଗେ ପ୍ରାୟ ଦେଖାହୁଏ ତାର । ବୀଣା ଏବଂ ରେଖା ତାହାର ଜୀବନକୁ ସ୍ୱର୍ଗ କରନ୍ତି ଆଲୋଡ଼ନ କରନ୍ତି । ଅଦ୍ୱୈତର ସବୁ ସମସ୍ୟା କିନ୍ତୁ ରେଖା କିମ୍ବା ବୀଣା ଭିତରେ ଆବଦ୍ଧ ନୁହେଁ । ସେ ଦୁହେଁ ତାହାକୁ ଅଧିକ ସଚେତନ କରି ଦିଅନ୍ତି — ଅସଲ ତାହାର ବେକାର ସମସ୍ୟା ପ୍ରତି । ମାତ୍ର ସେ ସମସ୍ୟାର ସମାଧାନ କାହିଁ । ସୁଦର୍ଶନ ଭଳି କଣ କଳାବଜାର, କଳାପୋତେଇ କରି ସେ ବଞ୍ଚିବ !

ତେବେ ଆଉ କି ଉପାୟରେ ? ଚୋରି ? ଡ଼କାୟତି ? ଖୁଣି ? ଜୁଆ ? ଅବା ପକେଟମାରୁ ? [କ୍ରମଶ] ଏ ଅଙ୍କ ଆର ସୌଜନ୍ୟରୁ



Digitized by srujanika@gmail.com

ପ୍ର—ପରଦାମାନେ ସିନେମା ଶ୍ରେଣୀ ଓ ମାଇପେ ମହିଳା ଶ୍ରେଣୀ ବୋଲନ୍ତି କାହିଁକି ?

ଉ—ପରଦାଙ୍କ ମନ ସହଜରେ ଫଟି-ଯାଏ...ଏ ବିଗିଲେ ଆଉ କଡ଼ାକର ନୁହେ ।

ପ୍ର—ପୁରୁଷ ଓ ସ୍ତ୍ରୀ—ଦୁହିଁଙ୍କ ମଧ୍ୟରୁ ସୁଖୀ କିଏ ?

ଉ—ସ୍ତ୍ରୀହୀନ ପୁରୁଷ ।

ମହେନ୍ଦ୍ରଚନ୍ଦ୍ର ସେକ୍ରେଟେରୀଏଟ୍ ଭୁବନେଶ୍ୱର

ପ୍ର—ଆପଣଙ୍କ ନାମ ସଙ୍ଗେ ମୋ ନାମରେ ସାମଞ୍ଜସ୍ୟ ଦୃଷ୍ଟିରୁ କି ସଂପର୍କ ରଖାଯାଇପାରେ—ଭାଇ ହେଲେ ଚଳିବ ?

ଉ—ଭାଇ ଡାକିପାରନ୍ତି କିନ୍ତୁ ଆପଣ ସାନହେଲେ ବି ଆପଣଙ୍କୁ ଦଣ୍ଡବତ କରିବାକୁ ପଡ଼ିବ— ଡରେ ।

ପ୍ର—କାପିଟାଲ ଜନଷ୍ଟିକସନର ସବୁଜାମ ପସ୍ତାଣୀ ନେଲେ କାହିଁକି ?

ଉ—ତାଙ୍କ ପାଖରେ କାପିଟେଲ ଅଛି ବୋଲି ।

ପ୍ର— ଘରେ ଓ, ଓ, ଟି, ଦେଲେ ମଶା ବେଶିହେଉଛନ୍ତି କାହିଁ ?

ଉ— ରୋଗର ବୀଜାଣୁ ରୋଗ ପ୍ରତି-ଷେଧକ କାର୍ଯ୍ୟ କରେ ।

କୃଷ୍ଣଚନ୍ଦ୍ର ଦାସ, କଲିକତା

ପ୍ର— ଜଗନ୍ନାଥ ପାଞ୍ଜି ଓ ରେଳ ପାଞ୍ଜିର ତଫାତ୍ କଅଣ ?

ଉ— ପାଞ୍ଜିରେ ତଫାତ୍ ନାହିଁ— କିଏ ଆଗ କିଏ ପଛ ।

ପ୍ର— ନୂଆବୋଉର ଭଉଣୀ ଥିଲେ ମୋର କି ଲାଭ ହୁଅନ୍ତା ?

ଉ— ଗଛରେ ବେଲ ପାଚିଲେ କାଉର ଯେଉଁ ଲାଭ ।

ପ୍ର— ମୁଁ କପରି ଭଲ କବିତା ଲେଖିବି ?

ଉ— ଅପିମଖିଆ ଅଭ୍ୟାସ କର ।

ଯୋଗୀରାମ ଖେଟ, ବଲାଙ୍ଗିର ପାଟଣା

ପ୍ର— ପ୍ରେମର ସଂସ୍କାର କେତେବେଳେ ?

ଉ— ବୁଦ୍ଧିଭ୍ରଂଶ ଯେତେବେଳେ ।

ପ୍ର— ପ୍ରେମ ଏବଂ ପରିଣୟ ମଧ୍ୟରେ ସୁନ୍ଦର କେଉଁଟା ?

ଉ— ପ୍ରେମର ପ୍ରଥମ ଓ ପରିଣୟର ପରିଣାମଟା ସୁନ୍ଦର ।

ପ୍ର—ବର୍ତ୍ତମାନ କବି କୁନ୍ତଳର ବାସ୍ତବ ରୂପ ଦେଖାନ୍ତୁ କଣ !

ଉ—ଚେହେରେ ଓଦା କନା ।

ସଚ୍ଚିଦାନନ୍ଦ ଦାସ ବ ସିପଦା

ପ୍ର—ବିପ୍ଳବୀ ଓ ବିଦ୍ରୋହୀ ମଧ୍ୟରେ ତଫାତ କେଉଁଠି ? ଉଦାହରଣ ଦେବେକି !

ଉ—ବିଦ୍ରୋହୀ ଉଡ଼ିଯାଏ— ବିପ୍ଳବୀ ମଉଡ଼ାଏ । ପ୍ରଥମଟି ନେତାଜୀ—ଦ୍ୱିତୀୟଟି ଗାନ୍ଧୀଜୀ ।

ପ୍ର—ସତୀ କିଏ—ସତୀତ୍ୱ କଣ !

ଉ—ସତକୁ ଯିଏ ଘୋଡ଼ାଇ ପାରେ ଆଜିକାଲି ସେଇ ସତୀ ।

ପ୍ର—ପୁରୁଷ ଓ ନାରୀଙ୍କର କେଉଁଠି ତଫାତ ?

ଉ—ପୁରୁଷ ଯାହା କହେ ତା କରେ ନାହିଁ—ନାରୀ ଯାହା କରେ ତା' କହେ-ନାହିଁ ।

ଶଶିଭୂଷଣ ସାହୁ, ଝୁମ୍ପୁରା କେଉଁଝର

ପ୍ର—କବି ଓ କାବ୍ୟ ମଧ୍ୟରେ ସଂବନ୍ଧ କଣ ?

ଉ—କାବ୍ୟ ଗଳ୍ପ, କବି ପିଠି ।

ପ୍ର...କଳାକାରର ଲକ୍ଷ୍ୟ କଣ ?

ଉ—ମୁହଁରେ କାଳି ଲଗାଇବା ।

ପ୍ର—ସୌନ୍ଦର୍ଯ୍ୟର ପରିସମାପ୍ତି କେଉଁଠି ?

ଉ—ସଂହେଗରେ ।

ରାଧାନାଥ ମହାରଣା ଆନନ୍ଦପୁର

ପ୍ର—ଆପଣ ଚନ୍ଦ୍ରମାନଙ୍କ ମଧ୍ୟରେ ଚନ୍ଦ୍ରନା—ଚନ୍ଦ୍ରମାନଙ୍କ ମଧ୍ୟରେ ଚନ୍ଦ୍ରନ୍ଦ୍ରୀ ?

ଉ—ମୁଁ ଚନ୍ଦ୍ରନ୍ଦ୍ରୀ ହୋଇ ମଧ୍ୟ ଚନ୍ଦ୍ର ଭଳି ଦେଖାଯାଏ ।

ପ୍ର—ସହର ଓ ମଫସଲ ଭିତରୁ କେଉଁଟି ପ୍ରେମ ପାଇଁ ଉର୍ବର !

ଉ—ଯେଉଁ ଭୂଇଁ ଯେତେ ଅନୁର୍ବର ସେ ଲୋକଙ୍କ ହୃଦ କ୍ଷେତ୍ର ପ୍ରେମପାଇଁ ସେତେ ଉର୍ବର ।

ପ୍ର—ବାଉଁଶ ଫୁଲିଲେ ମରେ, ମଣିଷ ଭୁଲିଲେ ମରେ—ଆଉ କଣ ଫୋଟିଆ ?

ଉ—ଭୁଲିଲେ ମରେ ।

ଦାଲୀଚରଣ ମହାପାତ୍ର ଖଲିକୋଟ କଲେଜ ବ୍ରହ୍ମପୁର

ପ୍ର—ଜଗତରେ କେତେ ପ୍ରକାର ନାରୀ ଅଛନ୍ତି ?

ଉ—ଏକପ୍ରକାର ସମସ୍ତେ ।

ପ୍ର—ପ୍ରେମର ଉପକାରିତା ଓ ଅପକାରିତା କଣ ?

ଉ—ସହିବାଶକ୍ତି ଓ ସହିବା (ପୋଡ଼ି-ହେବା) ଶକ୍ତି ବଢ଼ାଏ ।

ପ୍ର—ଜଣେ ବିଧବାଙ୍କୁ ମିସ୍ ଡକାଯାଇ ପାରେ କି !

ଉ—ଯେଉଁ ଯାଏ ସମସ୍ତ ସମ୍ମୁଖରେ ମିସେସ ବୋଲି ଜଣାଯାଉ ଥାଏ, ତେବେ ଆପତ୍ତି କଣ ।

କୈଳାସଚନ୍ଦ୍ର ସିଂହ ଜୟପୁର କଲେଜ

ପ୍ର—ପୂର୍ଣିମା ରଜନୀ, କୋଇଲିର କୁହୁ, ପ୍ରସ୍ଫୁଟିତ କୁସୁମରେ ଭ୍ରମର ଗୁଞ୍ଜନ ଦେଖିଲେ କାହିଁକି ମତେ ବିରକ୍ତି ଲାଗେ ।

ଉ—ଆପଣ ବୋଧହୁଏ ରେସ୍‌ପ୍ରେମ କରନ୍ତି ।

ପ୍ର—ସ୍ତ୍ରୀର ଆକର୍ଷଣ ଶକ୍ତି କେଉଁଠାରେ ନିହିତ !

ଉ—ମରୁଭୂମିରେ ମରୀଚିକା ସଦୃଶ ଆଖି ଯୋଡ଼କରେ ।

ପ୍ର—କୈଶୋର, ଯୌବନ ଓ ବାର୍ଦ୍ଧକ୍ୟ ଭିତରୁ କେଉଁ ଅବସ୍ଥାରେ ସ୍ତ୍ରୀ ପୁରୁଷର ଅର୍ଦ୍ଧାଙ୍ଗିନୀ ?

ଉ—ବାର୍ଦ୍ଧକ୍ୟରେ, କାରଣ ଅନ୍ୟ ଦୁଇ ଅବସ୍ଥାରେ ସର୍ବାଙ୍ଗିନୀ ।

ପରମାନନ୍ଦ ମିଶ୍ର କେଉଁଝରଗଡ଼

ପ୍ର—ଯୁବତୀମାନେ ତାଙ୍କ ଉଦ୍ଦେଶ୍ୟକୁ ସଫା ସଫି ନ କହନ୍ତି କାହିଁକି ?

ଉ—ମନ ତାଙ୍କର କେବେ ସଫା ନଥାଏ

ପ୍ର—ଥିଲେ ଅଙ୍କ ପଛେ ଗୁଣ ହଜାର ଚରିତ୍ର ନଥିଲେ ସବୁ ଅସାର - କଥାର ତାତ୍ପର୍ଯ୍ୟ କଣ ?

ଉ—ଚରିତ୍ରଟା ସାର ! ତାକୁ ନଦେଲେ ଗୁଣ ଫୁଟେ ନାହିଁ ।

ପ୍ର—ଯୁବକମାନେ ଥିଏଟର କଲେ ଯୁବତୀମାନେ ଭାଗ ନ ନିଅନ୍ତି କାହିଁ ?

ଉ—ଅଭିନୟ କରିବା ପାଇଁ ତାଙ୍କର ରଙ୍ଗ ମଞ୍ଚ ଦରକାର ହୁଏ ନାହିଁ ।

ପ୍ରବୋଧଚନ୍ଦ୍ର ମିଶ୍ର, ପୁରୀ

ପ୍ର—ଆପଣ କି କଲମ ଓ କାଳି ବ୍ୟବ-ହାର କରନ୍ତି ?

ଉ—swan [ହଂସ] କଲମ ଓ କାଜଲକାଳି କାରଣ ଧଳାରେ କଳା ଫୁଟେ ଭଲ ।



Digitized by srujanika@gmail.com

# ସୃଷ୍ଟି

ଲେ—କୃଷ୍ଣଚନ୍ଦ୍ର ତ୍ରିପାଠୀ ବି. ଏ.

କାହାର ଏଇ ବିପୁଳ ସୃଷ୍ଟି ବୁଲୁଛି ଏଥି ଉଦାସେ ମୁହିଁ
ଦେଖୁଛି ବନ, ପାହାଡ଼ଶ୍ରେଣୀ ନିର୍ଝର ବନ କାନନକୁଞ୍ଜ ।
ଦେଖୁଛି ଫୁଲ କାନନେ ଫୁଟେ, ଶଇଳଚୂଳେ ବାଦଲ ଚରେ
ସନ୍ଧ୍ୟା ହେଲେ ତାରକା ସବୁ ଉଇଁଲେ ନୀଳ ଆକାଶ ତଳେ ।
ବର୍ଷା ଆସେ ବଜ୍ରନାଦରେ, ଉତ୍ତପ୍ତ ଦିନ ହୁଏ,
ଶରତ ଗନ୍ଧ ସ୍ୱର୍ଣ୍ଣପୁଞ୍ଜ ଧରଣୀ ବକ୍ଷେ ଲମ୍ବିତ ଯାଏ ।
ବସନ୍ତର ପୁଷ୍ପ ବନ୍ଦୀ ଫୁଟାଇ ପିକ ମଧୁର ଗାନ
ମଳୟ ଡେଉଁ ସୁଗନ୍ଧ ଆଣେ ମୁଗ୍ଧ କରେ ସକଳ ପ୍ରାଣ ।
ଦେଖେ ଯେ ସବୁ ଚକ୍ଷୁ ଏଥି କାହାର ତୁଳେ ଆନନ୍ଦ ଭରେ
ସେ କେଉଁ ଶିଳ୍ପୀ କରଛି ତୁଳି ନିର୍ମୁକ୍ତ ଚିଏ ସଜାଗ ଘରେ ।
ଜୀବ ସେ ମଧ୍ୟେ କାହା କଲେ ପଶୁଶ୍ରୀ ଭବ ପାଏ ସେ ଭଲ
କାହାର ମୂର୍ତ୍ତି ଅନ୍ତରେ ପଶି ହୁଏ ନିରନ୍ତର ।
ଭସ୍ମ କାର ଅଣୁରେ ସିକ୍ତ ହୁଏ ଧରଣୀ ତଳ
କାହାର ଉଠେ ହାସ୍ୟ ଫୁଟେ ଆନନ୍ଦ ଓ ଗୌରବରେ ;
କାହାର ଏଇ ବିପୁଳ ସୃଷ୍ଟି ବୁଲୁଛି ଏଥି ଉଦାସେ ମୁହିଁ
ଲକ୍ଷ ଚେଷ୍ଟା ପଶ୍ଚାତ୍ତଳ ନୀରବେ ଯାଏ କାହିଁଛି ଛୁଇଁ ।
ପ୍ରଶ୍ନ ଉଠେ କିଏ ସେ ଥିଲେ ଯାହାଙ୍କ ମୁହିଁ ଏଇଠି ଭୁଲେ ?
ଶୁଣାଇ ଘନ ବାଦଲ ଧାଇଁ, ବସଇ ଦୂର ପାହାଡ଼ କୂଳେ
ସାଗର କୂଳେ କାହାଁକୁ ବସେ ଦେଖଇ ନୀଳ ଉର୍ମିମାଳା
ଯାଉଁଲେ ଫୁଲ ଗନ୍ଧ ଭରେ ବସେ... ଦୁଃଖ ...
ଜଗତ ଗୀତ ଗଗନେ ମୁହିଁ କେଉଁ ଠାରେ ରହେ ସେ ଗୃହ
ସେ ମହାକୂଳେ କେଉଁ ଖେ ମେହର ଅଛି ମୁଁ ଜାଣେ ନାହିଁ ।
ଖୋଜି ବୁଲି ଯାହାଙ୍କ ମଧ୍ୟେ ଲାଗଇ ସତେ ଏମନ୍ତ ଭଲ
ଇଚ୍ଛା ହୁଏ ଚୈତନ୍ୟ ହେଲେ ସନ୍ଦେହ ମୁଁ ଅବିରଳ ।

ଜୀବନଯାତ୍ରେ ଚଳନ୍ତି ହାଣ୍ଡି ଉଦାର ହାସ ତାହାର ଶୁଣି
ଯାହାଙ୍କ ମନେ ଲାଗଇ ଭଲ କାହିଁକି ହୁଏ ଏ ମଧୁରତା ।
ନିରନ୍ତର ନୂତନ ଚନ୍ଦ୍ର ଦୈନ୍ୟ ତେଜି ଯେ ଲକ୍ଷ୍ୟ ବହେ
ତାହାରେ ଗୃହ ନିରବ ହୋଇ କେମା ମୁହିଁ ଚାହିଁ ରହେ ?
ଆଉ ଏ ବ୍ୟଥା ଭୋଗିବି କାହିଁ ଯେବେ ମୋତେ ପଡ଼ଏ ତାଣି
ମୋ ହୃଦୟ ନେଇ ମୁଗଲ୍ ... ଅସରନ୍ତି ପାଣି ।
ପ୍ରଶ୍ନ ଉଠେ କିଏ ସେ ଥିଲେ ଯାହାଙ୍କ ମୁହିଁ ଏଇଠି ଭୁଲେ !
ଅସୀମ ହେଲେ ଛନ୍ଦ ହୋଇ ... ଏ ସୃଷ୍ଟି ଦେଲେ ?
ଏ ମହାସୃଷ୍ଟି ଯାହାଙ୍କ ମନେ ଲାଗଇ ଏତେ ନିଜର ପର
ଏ ମହାସୃଷ୍ଟି ପ୍ରତି ରେଣୁରେ ସେନେହ ... ଦେଉ ମୁଁ ଭାଗ ।
ଏତେ ଯେ ଏହୁ ନିଜର ମୋର ଇଚ୍ଛା ନାହିଁ ଯିବି ମୁଁ ଘରେ
ସୃଷ୍ଟି ପ୍ରତି ରେଣୁରେ ... ମୋର ଜୀବନ ନାଉ ।
ପୃଥକ୍ ମୁହିଁ କେଉ ମୁହିଁ ... ମୁଁ ଓ ପାରୁନା ଭଲ
ଭିତରେ ମୋର ସୃଷ୍ଟି ... ନିର୍ମୁକ୍ତ ତାଳ !
ସୃଷ୍ଟି ପ୍ରତି ଅନ୍ତରେ ମୁଁ ... ଆଲିଙ୍ଗନ
ମୋହର ଏଇ ସୃଷ୍ଟି ସାଥ— ଆକାଶ ବନ ପାହାଡ଼ ବନ ।
ମୋହର ଏଇ ସୂର୍ଯ୍ୟ ଚନ୍ଦ୍ର ମୋହର ଏଇ ସାଗର ହ୍ରଦ
ଅସୀମ ଏଇ ଛନ୍ଦରେ ମୋର ... ଆନନ୍ଦ !
ସତ୍ୟ ଭୁଲେ ... ମୁହିଁ ଛନ୍ଦ ମୁହିଁ ଅସୀମ ଜଳ
ଯାହାର ... ଦେଖଇ ଯେତେ ମୋହର ବୁଝି ଶକ୍ତିଧାର ।
ଏହି ... ଯାଏ ମୁଁ ... ଅସୀମ କେଉଁ ସମ୍ବନ୍ଧ ପାଇଁ
ସୃଷ୍ଟି ... ମୋହର ... ନାହିଁ ।
ଏ ମହାସୃଷ୍ଟି ... ମନେ ଲାଗଇ ଏତେ ନିଜର ପର
ଏ ମହାସୃଷ୍ଟି ପ୍ରତି ରେଣୁରେ ସେନେହ ... ଦେଉ ମୁଁ ଭାଗ ।

---

# ବାରିତଳେ ଫୁଟେ କେତକୀ କଳି

ବିନୋଦ ରାଉତରାୟ

ବାରିତଳେ ଫୁଟେ ପହିଲି କଳି ଗୋ
ଲହୁ ହୁନ ଗୋରା କେତକୀ କଳି
ଚପଳା ଚଳନ୍ତି ଚଇତାଳି ଉଡ଼େ
ଗହନ ଗହ୍ୱରୁ ଆସଇ ଚଳି ।
ଢଳ ଢଳ ହେଲେ ହେମ ପାଖୁଡ଼ାଟି
ଗୋ ଚଳ ଲଟନେ ରଞ୍ଜିତ ରଙ୍ଗ
ସୁରଭି ତାହାର ପବନେ ପବନେ
ମନସିଜ ମନ ଭରଇ ସଙ୍ଗ ।
ସଜ କରେ ସେ ଯେ ସକଳ ଫଗୁଣ
ଅଧର ସକାଳ ଅଧମ ଗ୍ରାସେ
ମହକ ମେଲ ଛନ୍ଦକ ଛୁଆଁଇ
ବାରି ତଳମଳେ କେତକୀ ଆସେ ।
ଅସେ ମନୋରମା ନରମ ରୂପସୀ
ସରମ ଝରଣା ପଡ଼ଇ ଝରି
କବିର୍ଦ୍ଦ ଗହ୍ୱରେ ନୂଆ କଥା ଏ ଗୋ,
ମହୁଆ ମଦର ମହକ ଭରି ।
ଭରି ଦଏ ତାର ଅଳପ ଅଳପ
ସବୁଜ ଭଳପ ସପନେ ଦଳି
ଫୁଟି ଫୁଟି ଉଠେ ପହିଲି କଳି ଗୋ
ବାରି ତଳ ମାଳେ କେତକୀ କଳି ।

ପହିଲି କଳି ଗୋ ନନ୍ଦନ ଯୁବତୀ
ହୁନା ପଞ୍ଝ ଧରା କେତକୀ କଳି;
ନାଶାରେ ଘୁମରେ ଗଭୀର ସୁରଭି,
ନୂଆ ଯଉବନେ ଉଠଇ ଝଳି ।
ଝଳ ଉଠେ ଏଇ ମର୍ତ୍ତ୍ୟ ଲଗନେ
ଗେଲ ଗେଲ କରି ମଧୁରୀ ସିନା
ଜୀବନ ଭଜନେ ନବ-ଯଉବନେ
ଘୁମର ଉଠଇ ଗୋପନ ବୀଣା ।
ବୀଣା ତାରେ ତାରେ ଉଲୁଟେ କେତେକ
ଭଳକ କେତକୀ ଅକୁଳ ଆଶା
ଅଧମ ଯୁଗର ମନ ଗହ୍ୱରର
ଛନ ଛନ ସଜ ସଜେଳି ଭାଷା ।
ଭାଷା ଜ୍ୱଳିଯାଏ କେତେ ଗୋଠା ଭରି
ରୂପଅନୁଣୀ ବୃନ୍ଦ କଳି ଫୁଟେ
ସଜରଜ ବୋଲା ଲଜ ଉଚ୍ଛଳେ
ସପନ କାହାଣୀ ଗୋପନେ ଫୁଟେ ।
ଫୁଟେ ଏ ଜୀବନେ ଯଉବନ ଫୁଲ
ମଲ୍ଲ ଅଟୀତରୁ ପଦରେ ଦଳି···
ବାରି ତଳେ ଫୁଟେ ପହିଲି କଳି ଗୋ
ସବୁ ସୁନା ଗୋରା କେତକୀ କଳି !



Digitized by srujanika@gmail.com

# ବହିପତ୍ର

—ଜୀବନୀ—

ଚନ୍ଦ୍ରଚୂଡ଼—ଲେଖକ ଲକ୍ଷ୍ମୀଧର ସାହୁ—ପ୍ରକାଶକ ଗୋପୀନାଥ ପ୍ରେସ, କଟକ—ମୂଲ୍ୟ ୨ ଟଙ୍କା, ଡବଲ କ୍ରାଉନ ପେଜର ପ୍ରାୟ ୧୦୦ ପୃଷ୍ଠାର ବହି। ବହି ଖଣ୍ଡିକ ଲେଖକଙ୍କ ଅଭିମତ ଓ ଯୁକ୍ତିରେ ସଂକଳିତ। ଜୀବନୀଟି କଥା-ଛାନ୍ଦରେ ଲିଖିତ। ଲେଖାରେ ଯୋଗାଏ ମଧୁରତା ରହିଛି ଯାହା ପାଠକର ଆଗ୍ରହ ବଢ଼ାଏ।

ପିଲଙ୍କ ଜହ୍ନରଙ୍ଗଲ—ଶ୍ରୀ ବିନୋଦ କାନନଗୋ—କଟକ ଷ୍ଟୁଡ଼େଣ୍ଟ ଷ୍ଟୋର୍ସ ପ୍ରକାଶିତ—୬୦ ପୃଷ୍ଠାର ବହି—ମୂଲ୍ୟ ୫୦/ ଜହ୍ନର ଜୀବନର କେତେକ ବିଶେଷ ଘଟଣା ପିଲଙ୍କ ବୁଝିବା ଭାଷାରେ ବେଶ ମନୋରଞ୍ଜନ ଭାବରେ ଲେଖା।

ଗାନ୍ଧିକଥା—ଲେଖକ ଶ୍ରୀ ବିନୋଦ କାନୁନଗୋ—କଟକ ଷ୍ଟୁଡ଼େଣ୍ଟ ଷ୍ଟୋର୍ସ ପ୍ରକାଶ ୬୦ ପୃଷ୍ଠାର ପୁସ୍ତକ ମୂଲ୍ୟ ଦଶଅଣା। ଗାନ୍ଧୀ ଜୀବନର କେତେକ କାହାଣୀ—ପିଲାମାନଙ୍କ ପାଇଁ ବୁଝିବା ଭଳି ଅତି ସରଳ ଭାଷାରେ ଲେଖା-ଯାଇଛି।

—କବିତା—

ନିର୍ମଳା—ବିନୋଦ ରାଉତରାୟ। ବିଭିନ୍ନ ବିଷୟ ଉପରେ ରଚିତ ସମ୍ପୂର୍ଣ୍ଣ ତରୁଣ କବି ମନର କେତେକ ଉଚ୍ଛ୍ୱାସମୟ। କବିଙ୍କର ଭବିଷ୍ୟତ ଯେ ଉଜ୍ଜ୍ୱଳମୟ, ତାହା ନିଶ୍ଚିତ। ତୁଳସୀ ତୁଳପତ୍ରରୁ ବାସେ।

ସ୍ମୃତିରେଖା—କବି ଶ୍ରୀ ବୀରକିଶୋର ଦାସ ଗାନ୍ଧୀଜୀଙ୍କ ଆଦର୍ଶରେ ଓ ନିର୍ଦ୍ଦେଶରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସୈନିକ ରୂପେ ତାଙ୍କର ବ୍ୟକ୍ତିଗତ ଜୀବନର କେତେକ ଘଟଣାକୁ ଜାତୀୟ କବିତା ଗୁଡ଼ିକରେ ସୁନ୍ଦର ରୂପ ଦେଇ ପାରିଛନ୍ତି।

ଉତ୍କଳଗୀତ—ଶ୍ରୀମତୀ ଦେବହୂତି ଦେଈ—ଉତ୍କଳ ଜନନୀର ବନ୍ଦନା ଗୀତ ଗୁଡ଼ିକ ଯେପରି ମଧୁର ସେହିପରି ମର୍ମସ୍ପର୍ଶୀ! ଏହି ସଙ୍ଗୀତଗୁଡ଼ିକରୁ ଅନେକ ନାନା ସଭା ସମ୍ମେଳନରେ ଗୀତ ହୋଇଛି। ଲେଖିକାଙ୍କର ଲେଖନୀ ଯେ ଖୁବ ବଳଶାଳୀ ତାହାର ପ୍ରମାଣ ଯଥେଷ୍ଟ ମିଳିଛି ପୂର୍ବରୁ।

ଗୀତ ବୀଥିକା—ଶ୍ରୀ ନକୁଳ ଦାସ। କଟକ, ମଣ୍ଡଳୀଗାଡ଼ିଆ—ଆଧୁନିକ ସଙ୍ଗୀତ ଗୁଡ଼ିକର ଏକତ୍ର ସମାବେଶ। ଯୁଦ୍ଧ ପୂର୍ବରୁ ଲେଖିଥିବା ସଙ୍ଗୀତ ଗୁଡ଼ିକୁ ଦେଖିଲେ ମନ ଖୁସି ହେବ।

ନନ୍ଦନକାନନ—ରଚନା ସମ୍ପାଦକ ଅନୁ-କୂଳ୍ୟରୁ—୧୯୩୦ ମସିହା ପାଟନା କ୍ୟାମ୍ପ ଜେଲରେ ଥିଲାବେଳେ କେତେକ ରାଜବନ୍ଦୀ କବି ଓ ଅକବି ମିଳି କବିତା ଲେଖିଥିଲେ, ଏଥିରେ ତାର ସଂସ୍କରଣ। ମହତାବ ଓ ଲକ୍ଷ୍ମୀ ବୀରକିଶୋରଙ୍କ ଠାରୁ ଆରମ୍ଭ କରି ସାଧାରଣ ଅପରିଚିତ ଅଜ୍ଞେୟ କର୍ମୀ ମଧ୍ୟ ଲେଖକ ହୋଇଛନ୍ତି। ଲେଖା ଗୁଡ଼ିକ ଉପଭୋଗ୍ୟ।

—ବିଜ୍ଞାନ—

ପବନ—ଜ୍ଞାନ ବିଜ୍ଞାନ ଗ୍ରନ୍ଥମାଳାର ପ୍ରଥମଖଣ୍ଡ। ଲେଖକ ଶ୍ରୀ ବିନୋଦକାନନଗୋ। ପିଲାଙ୍କ ପାଇଁ ବା ସାଧାରଣ ଅବୈଜ୍ଞାନିକଙ୍କ ପାଇଁ ପବନ କଣ—ବା ପବନ ସଂଚାରରେ ବୈଜ୍ଞା-ନିକ କାରଣ ଦେଖାଇ ଦିଆଯାଇଛି ଏ ଛୋଟ ପୁସ୍ତକରେ। ଗ୍ରନ୍ଥଟି ପାଠକଙ୍କର ଉପାଦେୟ—ବିଶେଷତଃ ଶିକ୍ଷାନୁଷ୍ଠାନମାନଙ୍କ ପକ୍ଷରେ।

ପ୍ରବନ୍ଧ

ଅସହଯୋଗ—ଲେଖକ ଶ୍ରୀ ନରସିଂହ ସାହୁ। ସ୍ୱର୍ଗତ ସ୍ୱାମୀ ଠାରୁ ପ୍ରାପ୍ତ ପତ୍ରାବଳୀରେ ଦେଶର କେତେକ ସମସ୍ୟା ଏକ ନୂଆ ଢଙ୍ଗରେ ମନେ ରମ ଆଲୋଚନାରେ ଓ ମିଠା ଭାଷାରେ ଲିଖିତ ସମାଧାନ ପୁସ୍ତକ। ୧୩୦ ପୃଷ୍ଠାର ମୂଲ୍ୟ ୫୧।

—ଅନ୍ୟଭାଷା—

ଯୁଗସାଧକ—ହିନ୍ଦୀ ନାଟକ, ଲେଖକ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ—'ଉତ୍କଳ' ଯୁଗେ ଯୁଗେ ସତ୍ୟର ସାଧକ। ଆଗରେ ଯେଉଁ ସମସ୍ୟା ଉପସ୍ଥିତ ହୋଇଛି ଲେଖକ ତାର ସମାଧାନ କରିବାକୁ ଯାଇ ଏକ ପ୍ରତୀକାନୁ-ବର୍ତ୍ତୀ ନାଟକ ରଚନା କରିଛନ୍ତି।

The problem of French India by Dr.N.V.R ajkumar—Department of Foreign Relations, Indian Ntional Congress—ବର୍ତ୍ତମାନ ସ୍ୱାଧୀନ ଭାରତ ଭିତରେ କେତେକ ଛୋଟ ଛୋଟ ସହର ଯେଉଁ ସାମାନ୍ୟ ଫରାସୀ ଅଧିକୃତ ଅଞ୍ଚଳ ଅଛି ତାକୁ ଦୂର କରିବା ପାଇଁ ଯେଉଁ ଚେଷ୍ଟା ବା ଆନ୍ଦୋ-ଳନ ଚାଲିଛି ତତ୍‌ସଂକ୍ରାନ୍ତୀୟ ନାନା ଜ୍ଞାନ ସମ୍ବଳିତ ଉପାଦେୟ ପୁସ୍ତକ।

(ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏଥି ଦ୍ୱାରା ଦେଶର ଲାଭ ଅଛି। ଯେଉଁମାନେ ମାଟ୍ରିକ୍ ପାସ କରି ଚାକିରି ପାଇବା କାମକୁ ଅଧିକ ବଡ଼ ହେଲେ ମଧ୍ୟ ଦେଶ କର୍ମ୍ମ ଅନୁଷ୍ଠାନ କରିବାକୁ ତତ୍ପର ହେବେ ଏବଂ ଏହି ଦୋଷସବୁ ଛାଡ଼ିବା ଲାଗି ଶୀଘ୍ର ସ୍କୁଲରେ ନାଆଁ ଲେଖାଇ ଦେବେ।

—ନାରୀଶିକ୍ଷା—

ପୁରୁଷ ଶିକ୍ଷା ଠାରୁ ଅଧିକ ଖର୍ଚ୍ଚ ଲାଗେ ସ୍ତ୍ରୀ ଶିକ୍ଷାରେ। ତଥାପି ଅଧିକ ନାରୀଶିକ୍ଷା ଦେବାକୁ ପଡ଼ିବ। ଆଜିକାଲି ନାରୀଶିକ୍ଷା ବିନା ସ୍କୁଲ କଲେଜ ଫେରେ ହେଉଛି। ନାରୀ-ମାନେ ଶିକ୍ଷା ଲାଭ କରି ଆଜିକାଲି ପଢ଼ୁଆ ନରମାନଙ୍କର ସ୍ତ୍ରୀ ହୋଇ ପାରୁଛନ୍ତି। ଏହି ଶିକ୍ଷା ହେତୁ ଆଜି ଅନେକ ସବ୍‌ଡେପୁଟି, ଡେପୁଟି ହୋଇ ଦୁନିଆ ଆଗରେ ବାହାବାହା-ପାଇ ହୋଇଛନ୍ତି। ନାରୀଶିକ୍ଷାକୁ ବାଧ୍ୟତା ମୂଳକ କରିବାକୁ ହେବ। ନ ହେଲେ ସ୍ତ୍ରୀ ଶିକ୍ଷା ବଢ଼ି ପାରିବ ନାହିଁ। ସ୍ତ୍ରୀ ଶିକ୍ଷାକୁ ବାଧ୍ୟ କରିବାକୁ ହେଲେ ଯୋଗାଏ ପନ୍ଥା ଅଛି ଯାହା ସହଜ ଗମ୍ୟ। ସ୍ତ୍ରୀଶିକ୍ଷା ବାଧ୍ୟତା ମୂଳକ କରି-ବାକୁ ହେଲେ ସ୍ତ୍ରୀ ବିବାହ ବାଧ୍ୟତାମୂଳକ କରିବାକୁ ହେବ ନହେଲେ ସ୍ତ୍ରୀ ଶିକ୍ଷାର ମୂଲ୍ୟ କିଛି ନାହିଁ। ପ୍ରତ୍ୟେକ ସ୍ତ୍ରୀକୁ ବିବାହ କରିବାକୁ ହେଲେ ମେଟ୍ରିକୁଲେସନ ପାସ କରିବାକୁ ହେବ। ମେଟ୍ରିକ ପାସ୍ ହେଲେ ବୈବାହିକ କାମ ଅଧିକ ଯେମନ ଗୁଡ଼ାକ ହେଇଲ। ନଚେତ ବିବାହ ବନ୍ଦ କରିବାକୁ ହେବ। ଏହାଦ୍ୱାରା ନାରୀଶିକ୍ଷା ବଢ଼ିବ। ଏହି ନାରୀମାନେ [ଯେଉଁମାନେ ଛାତ୍ରୀ] ଫେନ୍‌ସି ଫେଅର,ଫେନ୍‌ସିକ୍ଲବ, ଫେନସିଡ୍ରେସ୍ ଇତ୍ୟାଦି କରି ସରକାରଙ୍କୁ ସାହାଯ୍ୟ କରିବେ ଏବଂ ଯେଉଁ ମହିଳା ବିଦ୍ୟାଳୟ ବେଶୀ ସାହାଯ୍ୟ କରିବ ସେହି ବିଦ୍ୟାଳୟ ଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ପାତ୍ର ସରକାରଙ୍କ ଜରିଆରେ ଠିକ କରି ଦିଆଯିବ। ଏହା ଦ୍ୱାରା ଛାତ୍ରୀ ଅଭି-ଭାବକମାନେ ମଧ୍ୟ ସରକାରଙ୍କୁ ସାହାଯ୍ୟ କରିବା ଭଳି ଆଶା ଦେଖାଯାଏ। ଆଜି ଏତିକରେ ବର୍ତ୍ତମାନ ବକ୍ତବ୍ୟ ଶେଷ କଲି।



Digitized by srujanika@gmail.com



## ଅଜାଙ୍କ ଉତ୍ତର

ସ୍ୱର୍ଗାଚରଣ [? ଗିରି ଓ ଚୈତନ୍ୟ ଭଟ୍ଟଙ୍କ ଯେଉଁ ଅଭିମାନ ତୁମ୍ଭର । ମାଷ୍ଟ ଗିରିଙ୍କ ପାଣ୍ଡିତ୍ୟ ଦେଶର ପରାଧୀନତା ବା ଅବନତିର କାରଣ ବୋଲି ଯେଉଁମାନେ ନେତାଙ୍କ ଜଣାଯାଇ ନ ଥିଲେହେଁ ଚୈତନ୍ୟଙ୍କ ଉତ୍କଳର ସ୍ୱାଧୀନତା ପାଇଁ ଯେଉଁମାନେ ଦାବୀ କରନ୍ତି ସେମାନଙ୍କ ମୂର୍ଖ ବୁଦ୍ଧିମାନଙ୍କ ଭିତରେ ଉଦ୍ଭବ—ଭଗବାନ ଏମାନଙ୍କୁ କ୍ଷମା କର—ଏମାନେ କଣ କହୁଛନ୍ତି ତା ବୁଝି ନ ପାରନ୍ତି । ଓଡ଼ିଶାର ପରାଧୀନତାର କାରଣ ଚୈତନ୍ୟ ନୁହନ୍ତି । ବରଂ ଓଡ଼ିଶାରେ ଯେ ସମନ୍ୟ ସ୍ୱାଧୀନ ଚିନ୍ତା ଜୀଇଁ ରହିଲା—ତା କେବଳ ଚୈତନ୍ୟଙ୍କ ପାଇଁ ବୋଲି ମୁଁ ଲୋକଙ୍କର ଏପରି ନୈତିକ ପତନ ହୋଇଥିଲା ଯେ, କଳାପାହାଡ଼ ଆସିବା ପରେ ସେ ଦେଶ ମୁସଲମାନ ହୋଇଯାଇ ଥାନ୍ତା । ଏହା ଦୃଢ଼ ଭାବେ ମୁଁ ବିଶ୍ୱାସ କରି କହୁ ନାହିଁ । କେତେକ ଲୋକଙ୍କର କୌଣସି ଧର୍ମ ପଡ଼ିଲେ ମୁଁ ପତନ ଓ ପରାଧୀନତା କହୁଛି । ଏହି ଲୋକମାନଙ୍କ ଦୃଷ୍ଟିରେ ପଥ ନେବାର ନୈତିକ ସାହସ ଚୈତନ୍ୟ ଦେଇ ଦେଇଗଲେ । ତୁମ୍ଭର ଦେହ ଓ ସାହସରେ ଆଜି ଏ ଯାହା ନୈତିକ ବଳ ଦେଖି ଚୈତନ୍ୟଙ୍କ ଓ ସ୍ୱଭାବ ଉପରେ ନିର୍ଭର କରିଅଛି । ନୈତିକ ବଳ ବିନା ସୈନ୍ୟବଳରେ ଜୟ ହୁଏ ନାହିଁ । ସେଥିପାଇଁ ଭାରତୀୟ ଶିଖ ସଂସ୍କୃତି ଆଜି ଏ ଜୀଇଁଛି । ଯେଉଁମାନେ ଚୈତନ୍ୟଙ୍କୁ ପରାଧୀନତା ପାଇଁ ଦାୟୀ କରନ୍ତି ସେମାନେ ପୁଣି ଗାନ୍ଧୀଙ୍କୁ ଅଧ୍ୟପତନ ଭାରତର ସ୍ୱାଧୀନତା ପାଇଁ ଦାୟୀ କରନ୍ତି । କେତେ ହାସ୍ୟାସ୍ପଦ କଥା ।

ସୁରେନ୍ଦ୍ର—ଛଡ଼ୋକର ଗଳ୍ପକଥା ଆଗରେ ଦେଖି ବିଶ୍ୱାସ କରୁଛ ? ଅନେକ କଥା ତାଙ୍କ ଗଳ୍ପ ଓ ଗଳ୍ପ ବାକ୍ୟ ଉପରେ ବିଶ୍ୱାସ କଲେ ମାନ-ହାନି ହୁଏ । ସତ୍ୟ ନିର୍ଣ୍ଣୟ କରିବା ମୁସ୍କିଲ ହେଉଛି ।

ବୋଲି ଭଗବାନ ଦେଖନ୍ତି । ସନ୍ତ ଅନୁ-ବାଦକ ଯେତେବେଳେ ଭଗବାନ ପ୍ରତି ପ୍ରେମ ଲେଖନ୍ତି ଉଜ୍ଜ୍ୱଳ ଅନୁଭୂତି ମନ ନେଇ ନେତାଙ୍କ କଥାରେ, ସେମାନେ ସହଜ ପ୍ରକାଶ କରୁଛନ୍ତି । ସ୍ୱାମୀ ଭାଷାରେ ବାପାଙ୍କ ପ୍ରଶଂସା କରୁଛନ୍ତି । ସେହିପରି ଈଶ୍ୱର ଅନୁଭୂତ ଯେଉଁମାନଙ୍କର ଅଛି ତାଙ୍କ କଥାରେ ବିଶ୍ୱାସ କରିବା ଉଚିତ । ତାପରେ ଜଣେ ଲୋକ ଆମର ଈଶ୍ୱର ଅନୁଭୂତି ହେବ ସେଠାରେ ବଢ଼ାଇ ଦେଇଛନ୍ତି । ବିନା ପରୀକ୍ଷାରେ ବିଜ୍ଞାନ ଜାତି-ପତିତ ହେଉ କ୍ଷମତା ବଢ଼ାଇବା ପାଇଁ ଗୁରୁ ମାନ୍ୟ ଭଗବାନଙ୍କୁ ଜାଣିବା ପାଇଁ ବାଟ ବଢ଼ାନ୍ତି ।

ନାଗଲେଖକ

## ଜାତୀୟ ପତାକା

—ବ୍ରଜେନ୍ଦ୍ର ନମସ୍କାର

ଜାତୀୟ ପତାକା ତୁମକୁ ନମସ୍କାର ।
ଶାନ୍ତିରବାଣୀ ଶୁଣାଅ ସବୁରି
ଯୁଗେ ଯୁଗେ ବାର ବାର ।

ଗୈରିକେ ଆଣ ତ୍ୟାଗର ମନ୍ତ୍ର
ସବୁଜେ ଦେଖାଅ ସବୁଜ ଚିନ୍ତା
ଶୁଭ୍ର—ଶୁଭ୍ରରେ ନିର୍ମଳ କର—
ପୂର୍ଣ୍ଣ ଏ ସଂସାର ।

ମଧ୍ୟରେ ନୀଳ ଅଶୋକ ଚକ୍ର
ଘୁରୁଛି ଦୁର୍ନିବାର ।
ମନ୍ଦିର-ମସ୍‌ଜିଦ ଉଡ଼ୁଛି ଉପର
ନଗର-ନଗରେ ପ୍ରାଣ ଜୁଡ଼ିଛି ସବୁରି
ଜାଗ ଭାରତବାସୀ ସମସ୍ତ
ନଇଁ ହେଅ ଜନ
ତୁମକୁ ନମସ୍କାର ।'

ନାଂ ୧୩୫୨—ବ୍ରଜେନ୍ଦ୍ର ମୋହନ ଦାସ

## ୭୪ ଅବସର ବିନୋଦନ ଉତ୍ତର

ସଂଖ୍ୟାଟି—୪୦୦୪ ହେବ ପରୀକ୍ଷା କର

ଦେଖ—ସୁରେନ୍ଦ୍ର—୧୩୫୨

## ନାଗଙ୍କ ଉତ୍ତର

ଗୀତବନ୍ଧୁ ଦାସ ଜଣାଇବ—ପୃଥିବୀର ବ୍ୟାସ ୧୬୫×୧୨ ୩୬) ଅର୍ଥାତ ୧୬୫୦, ୩୨୫, ନିତ୍ୟ ବେଶୀ ଉଚ୍ଚ ଯେତେ ହେବ ସେତିକି

## ନାଗାଙ୍କୁ

ଭାଇ ଯୋଗବନ୍ଧୁ ନାଗଙ୍କ ନାମ ଦେଇ କେତେଟା ଗଳ୍ପ ରଚନା କରିବେ ?—ସୁରେନ୍ଦ୍ର—୧୩୫୨

## ନୂଆ ନାଗଙ୍କ ନାମ

୨୪୯୮ ଶ୍ରୀ ରାମଚନ୍ଦ୍ର ପଣ୍ଡା ଆନନ୍ଦପୁର ଗଭଃ ହାଇସ୍କୁଲ ୪ର୍ଥ ଶ୍ରେଣୀ ଆନନ୍ଦପୁର କେନ୍ଦୁଝର ୨୪୯୯—ଶ୍ରୀ ପ୍ରାଣଚନ୍ଦ୍ର ଦାସ ଗ୍ରା, ପୋ, ଥା—ବାଲିପା ଜେ, ଭଦ୍ରକ ୨୫୧୦ ଶ୍ରୀ ହରିହର ... ବେହେରା ଏମ୍, ଇ, ସ୍କୁଲ ୪ର୍ଥ ଶ୍ରେଣୀ ବେରହମପୁର ୨୫୧୧ ଶ୍ରୀ ଅଖିଳକୁମାର ମିଶ୍ର ବେରହମପୁର ରାଜା ହରଚନ୍ଦ୍ର ହାଇସ୍କୁଲ ୪ର୍ଥ ଶ୍ରେଣୀ ୨୫୧୨—ଶ୍ରୀ ରାମନାଥ ମହାନ୍ତି C/O ଶ୍ରୀ ବ୍ରଜକିଶୋର ମହାନ୍ତି ଗ୍ରା—ଆନନ୍ଦପୁର ଜେ—ଆନନ୍ଦପୁର କେନ୍ଦୁଝର ୨୫୧୩—ଶ୍ରୀ ମାଧବ ନନ୍ଦ ବି, ଏନ ହାଇସ୍କୁଲ ୪ର୍ଥ ଶ୍ରେଣୀ ଜେ, ଆନନ୍ଦପୁର କେନ୍ଦୁଝର ୨୫୧୪—ଶ୍ରୀ ପୂର୍ଣ୍ଣଚନ୍ଦ୍ର ଗଣନାୟକ ନାରାୟଣ ହୁଣ୍ଡି ... ଶ୍ରେଣୀ ଜେ ଗ୍ରାମ ଆନନ୍ଦପୁର ୨୫୧୫—ଶ୍ରୀ ଦୁର୍ଗାପ୍ରସନ୍ନ ସାହୁ ବି, ୪ର୍ଥ ଶ୍ରେଣୀ ଆନନ୍ଦପୁର କେନ୍ଦୁଝର

## ନାଗବନ୍ଧୁ କୁପନ

ନୂଆ ନୂଆ କଥା ଜାଣିବା ପାଇଁ ମୁଁ ଗୁହଁ । ମୋର ବୟସ ୯ ମୋର ଜନ୍ମ—ତା ମସିହା । ମୁଁ ସତ୍ୟ ମାନୁଷ ଓ ଅଧ୍ୟବସାୟ ପରିକଳ୍ପନା ... ଦସ୍ତଖତ ନାଗବନ୍ଧୁ ଦଳରେ ଲେଖାଇ ଦେବେ । ମୁଁ ଏ ନାମରେ ୫୦ ✓ ଡାକ ଟିକଟ

ପ୍ରଭଞ୍ଜନ



Digitized by srujanika@gmail.com

Dagaro
Reg No C 12. ORISSA'S MOST POPULAR FORTNIGHTLY 16-1-51.

## ଛାୟାଲୋକରୁ କହୁଛି

ଭରସ ଭି. ବାବୁଲ ଚିତ୍ର ପ୍ରଯୋଜକ ନାୟିକା ନରଗିସ ଅବସ୍ଥାନ୍ତ ଓବେଶ୍ୱା ହେବାରୁ ସେଠୁ ସେ ଉଭଲ ଅଭିନୟ କରୁ କରୁ ସେହି ଭାବରେ ଅଜ୍ଞାନ ହୋଇ ପଡ଼ିଥିଲେ। ତାପରେ ଡାକ୍ତରମାନଙ୍କ ଯତ୍ନ ନିଦେଶ ନିଆଁ ଜଳବାୟୁ ପରିବର୍ତ୍ତନ ପାଇଁ ତାଙ୍କର କାଇଁକୁ ଦ ଦ୍ୱା-ରକୁ ନେଇଯାଇ ଥିଲେ। ଗାର୍ଡ଼ିଆ ଅନ୍-ପତ୍ନୀ ଓ ପରେ ସୁସ୍ଥ ହୋଇ ପୁଣି ସେ କର୍ଯ୍ୟରେ ଯୋଗଦେଲେ। କିନ୍ତୁ ପୁଣି ଅସୁସ୍ଥତାର ପୁନରାବୃତ୍ତି ହେବାରୁ ତାଙ୍କୁ ନୀରବ ଚିତ୍ରର କାର୍ଯ୍ୟ କରିବା ଲାଗି ଡାକ୍ତର-ମାନେ ନିର୍ଦ୍ଦେଶ ଦେଇଛନ୍ତି।

\+ \+ \+

କନୌଜ ଏକ ସମ୍ବାଦରେ ପ୍ରକାଶ ଯେ ଗିରିଜାଶଙ୍କର ନାମକ ଜଣେ ୧୯ ବର୍ଷର ଯୁବକକୁ ତାଙ୍କର ଅଭିଭାବକମାନେ ସିନେମା ଦେଖି ପଇସା ନଷ୍ଟ କରୁଥିବାରୁ ସେ ଗଳାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏହା-ପୂର୍ବରୁ ଖବର ମିଳିଥିଲା ଯେ ଯୁବକଟି ନୀଳମ ଏକ ଅଭିନେତ୍ରୀର ପ୍ରତିଛବି ସେ ପର୍ଦ୍ଦାରେ ଦେଖି ତାକୁ ପାଇବାଲାଗି ବିକ୍ଷିପ୍ତ ହୋଇ ଉଠିଥିଲେ।

\+ \+ \+

ଦେବ୍ୟମୟୀ ରାଣୀଙ୍କ ଚିତ୍ରର ନାୟିକା ଶ୍ରୀମତୀ ଲଳିତା ପବାର 'ଶୋଭନା ପିକଚର୍ସ' ଫିଲ୍ମ ଏକ ଚିତ୍ରରେ କଂଟ୍ରାକ୍ଟ ଦେଇଛନ୍ତି।

ସୁପ୍ରଥମ ହେଉଛି 'ଦାମ ଏଣ୍ଡ ଜେଠୀ' ଦାସ ଭାଇଙ୍କର ଦୁଇଟି ଅନୁଷ୍ଠାନ ଓ ହରଗୋବିନ୍ଦ ବୃନ୍ଦର ଅଭିନୟ କରିଛନ୍ତି। ତାଙ୍କ ଭୂମିକାରେ ଅଭିନୟ ମେହବୁବ, ଦେବେନ୍ଦ୍ର ଶେଖର, ତ୍ରିବେଦୀ—ଚିତ୍ରଟିର ଗୁଡ଼ିକରେ କରିଛନ୍ତି ଶୋଭନା ସମର୍ଥ ଉଜ୍ଜ୍ୱଳ

—ଉଜ୍ଜ୍ୱଳ। + ×

ଯେଉଁଥିରେ ... ଚିତ୍ରର ପରିଚାଳକ ସଙ୍ଗୀତଗୁରୁଙ୍କ ଚିତ୍ରର ନାମ ହେଉଛି କଳାରେ ଗୀତର କାର୍ଯ୍ୟ ଶୁଦ୍ଧ ଦୃଢ଼ତାରେ ଲେଖକ ସେ। ଏହାର ବଶେଷତ୍ୱ ହେଉଛି ଯଥେଷ୍ଟ ମଙ୍ଗଳୁଅବୁ ସର୍ବପ୍ରଥମ ଥରପାଇଁ ରଙ୍ଗ ଦେଖିବାକୁ ମିଳିବ।

# ଛାୟାଲୋକ

ସମ୍ପାଦକ—ଯତୀନ୍ ଦାସ

ଅର୍ଥାଭାବରେ ସର୍ବ-ଶ୍ରେଷ୍ଠ ଚଳଚ୍ଚିତ୍ରନେତା ପୃଥ୍ୱୀରାଜ କପୁର ଏଥରେ ପିତାଙ୍କ ଭୂମିକାରେ ଅଭିନୟ କରିବେ। ପୁତ୍ର ଭୂମିକାରେ ରହିବେ ରାଜକପୁର ନିଜେ। ସୁତରାଂ ପୁତ୍ରର ପରିଚାଳନାଧୀନରେ, ଖ୍ୟାତନାମା ଓ ଅଭିଜ୍ଞ ବୃଦ୍ଧ ଅଭିନେତା ପୃଥ୍ୱୀରାଜଙ୍କର ଅଭିନୟ କେବଳ ଚିତ୍ର ଜଗତରେ ଏକ ଜ୍ୱଳନ୍ତ ଉଦା-ହରଣ ହୋଇ ରହିବ।

* + *

ଖବର ମିଳିଛି ଯେ 'ଅଫସର' ଚିତ୍ରରେ ନାୟିକା 'ସୁରେଇୟା' ବହୁତ ଟଙ୍କା ଦେଇଛନ୍ତି ଲାଗି ବମ୍ବେର ନୈଋତ ଏକ ପରିବା ସିନେମା ବୃନ୍ଦକୁ ଯାଇଥିଲେ। ସେ ନିଜ ଭକ୍ତଙ୍କ ଭିଡ଼ରୁ ନିଜକୁ ରକ୍ଷା କରିବା ଲାଗି ତାଙ୍କୁ 'ବୋରଖା' ପିନ୍ଧି ଯିବାକୁ ପଡ଼ିଥିଲା। ତାପରେ ଠାରୁ ପ୍ରାୟ ଅଧିକାଂଶ ଚିତ୍ରତାରକା 'ସୁରେଇୟା'ଙ୍କ ରେକର୍ଡ ଦେଖି ଏହି ଅବଲମ୍ବନ କରି ବାଜାରରେ ଯିବା ଆସିବା କରୁଅଛନ୍ତି। ସୁତରାଂ ନୌଶାଦ ଏକ ଚିତ୍ର ନେତାଙ୍କ ଭକ୍ତ ପ୍ରଶଂସକ ଚିତ୍ରାଭିନେତ୍ରୀଙ୍କୁ ମଧ୍ୟ ଲୋକ ହାତରୁ ନିଜକୁ ରକ୍ଷା କରିବାଲାଗି 'ବୋରଖା' ପିନ୍ଧିବା ନୀତି ଅବଲମ୍ବନ କରୁଥିବାର ଦେଖାଯାଇଛି।

\+ \+ \+

'ଦାମନ' ନାମକ ଚିତ୍ରର ସୁଟିଂ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ ଚିତ୍ରର ନାୟିକା ନିମ୍ମି ... ମୂର୍ଚ୍ଛିତା ହୋଇ ପଡ଼ିଲେ। ପରେ ଅନୁସନ୍ଧାନ କରି ଜଣାଗଲା ଯେ ନିମ୍ମି ଗର୍ଭବତୀ। ନିମ୍ମିଙ୍କ ହେଉଛନ୍ତି— ଦ୍ୱାରକାନାଥ ଦାଦେନ୍ ,ଅଲଖ ନିରଞ୍ଜନ ଓ ଅଶୀତ୍ ବଥ-ଚିତ୍ରର ନାୟିକା।

... ... ...

କିଛିଦିନ ତଳେ ପ୍ରସିଦ୍ଧ କୌତୁକାଭିନେତା 'ଓମ୍ ପ୍ରକାଶ' ତାଙ୍କର ନିଜସ୍ୱ ଚିତ୍ରରେ ଅଭିନୟ କରିବା ଲାଗି ନୂତନ ଅଭିନେତା ଅଭିନେତ୍ରୀର ସନ୍ଧାନ କରିବା ଲାଗି ବିଜ୍ଞପ୍ତି ଦେଇଥିଲେ। ପୂର୍ବରୁ କାଗଜରେ ବିଜ୍ଞାପନ ମଧ୍ୟ ବାହାର ହୋଇଥିଲା। ଫଳରେ ତାଙ୍କ ଦେଖିବା ଲାଗି ଏତେ ଲୋକ ଜମାହୋଇଗଲେ ଯେ ଶିଳ୍ପୀନିର୍ବାଚନ ତ ଦୂରର କଥା ନିଜର ଆତ୍ମରକ୍ଷା କରିବା ଲାଗି ଶେଷରେ ତାଙ୍କୁ ପୁଲିସର ସାହାଯ୍ୟ ନେବାକୁ ପଡ଼ିଥିଲା। ଏହାପରେ ସେ ଖବରକାଗଜ ଅଫିସରେ ସେ ସାକ୍ଷାତ୍ ପ୍ରାର୍ଥୀଙ୍କୁ ଆହ୍ୱାନ କରିବାକୁ ବାଧ୍ୟ ହୋଇଥିଲେ।

ସୁନାମଧନ୍ୟ ଚିତ୍ର ପରିଚାଳକ ଶ୍ରୀ କୃଷ୍ଣ-ଗୋପାଳ ସେରେ ତାଙ୍କର ସହକର୍ମୀ ଶ୍ରୀମତୀ ମୀନା [ରାଜରାଣୀ] ଏକଥା ଲେଖିକା ଚିତ୍ରର ପ୍ରଥମାନ୍ୟ ନାୟିକା]ଙ୍କ ସହ ତାଙ୍କର ପରବର୍ତ୍ତୀ ରଙ୍ଗୀନ ଚିତ୍ର 'ଜବାନ୍'ର କେତେକ ପ୍ରାକୃତିକ ଦୃଶ୍ୟ ଗ୍ରହଣ କରିବା ଲାଗି କାଶ୍ମୀର ଯାଇଥିଲେ। ସେଠାରେ ସେମାନେ ମାସେ କାଳ ରହିବେ। ସେମାନଙ୍କ ପରେ ସ୍ୱର୍ଣ୍ଣମନ୍ଦିର, ଅମୃତସର ଓ ଚଣ୍ଡୀଗଡ଼ର ଚଳଚିତ୍ର ଶିଲ୍ପ ପ୍ରତିଷ୍ଠାନ ଗୁଡ଼ିକ ପରିଦର୍ଶନ କରିସାରିଲା ପରେ ଗତ ୨୮ ତାରିଖରେ ପୁଣି ବମ୍ବେ ଫେରି 'ଜବାନ୍' ଚିତ୍ରଟି ଶୀଘ୍ର ମୁକ୍ତି ଲାଭ କରିବ ବୋଲି ଆଶା କରାଯାଏ।

## ପ୍ରଶ୍ନୋତ୍ତର

ପ୍ର—ମଧୁବାଲା କି ଜାତି ? ତାଙ୍କର ପୂର୍ବନାମ କଣ ? ସେ ସର୍ବପ୍ରଥମ କେଉଁ ଚିତ୍ରରେ ଆତ୍ମପ୍ରକାଶ କରିଥିଲେ।

ଉ—ମଧୁବାଲା ଜାତିରେ ମୁସଲମାନ। ପୂର୍ବନାମ ହେଉଛି ମମତାଜ ଜାହାନ। ସର୍ବପ୍ରଥମେ ସେ 'ବସନ୍ତ' ଚିତ୍ରରେ ବେବୀ ଭୂମିକାରେ ଆତ୍ମପ୍ରକାଶ କରିଥିଲେ।

ପ୍ର—ଶଶୀକପୁର କଣ ରାଜ-କପୁରଙ୍କ ଭାଇ ?

ଉ—ନା। ଶଶୀ କପୁର ହେଉଛନ୍ତି ପୃଥ୍ୱୀରାଜ କପୁରଙ୍କ ସାନ ଭାଇ ରାଜକପୁରଙ୍କ କାକା।

ପ୍ର—ଭାରତବର୍ଷରେ ସବୁଠାରୁ ଅଧିକ ସିନେମା ଗୃହ କେଉଁଠାରେ ଅଛି ?

ଉ—କଲିକତାରେ।

ପ୍ର—ସୁଲୋଚନା ବିବାହିତା ନା କୁମାରୀ ଯଦି ବିବାହିତା ତାଙ୍କ ସ୍ୱାମୀଙ୍କର ନାଁ କ'ଣ

ଉ—ହଁ ବିବାହିତା—ତାଙ୍କ ସ୍ୱାମୀଙ୍କର ନାମ ହେଉଛି ମେଜର ଦ୍ରୋଣୀ।

P.—Published and Edited by N. Mahapatra at the Dagaro Press, Cuttack—1
ନିତ୍ୟାନନ୍ଦ ମହାପାତ୍ର
ପରିଚାଳନା—ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଝଙ୍କାର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୨୧ ସଂଖ୍ୟା

ବୈଶାଖ୯
ପ୍ରଥମାର୍ଦ୍ଧ

## ଅମର ସହୀଦ ନବକୃଷ୍ଣ




( ବନ୍ଧୁ ପାଇଁ ଅଦ୍ଭୁତ ଆତ୍ମବଳିଦାନ )

ବାର୍ଷିକ
ଚ ଟଙ୍କା

ପ୍ରତିଖଣ୍ଡ
ଗ ଅଣା

ଏ ସଂଖ୍ୟାରେ---ପଣ୍ଡିତ ଗୋଦାବରୀଶ

Digitized by srujanika@gmail.com

# ବମ୍ବେ ଲାଇଫ ଏସିଓରେନ୍‌ସ

## କମ୍ପାନୀ ଲିମିଟେଡ, ପ୍ରତିଷ୍ଠିତ—୧୯୦୮

୧୯୪୯ର ବିବରଣୀ—

| | |
|---|---|
| ବାର୍ଷିକ ଆୟ | ୧,୦୭,୯୭ ଲକ୍ଷ |
| ବୀମା ପାଣ୍ଠି | ୪,୯୦ କୋଟି |
| ଚଳନ୍ତି ବୀମାର ପରିମାଣ | ୧୮,୮୧ କୋଟି |

ସରକାରୀ କାଗଜପତ୍ରରେ ବୀମାପାଣ୍ଠିର ଶତକଡ଼ା ୯୦ଟଙ୍କା ନିୟୋଜିତ ହୋଇ କମ୍ପାନୀର ସ୍ଥିରତାର ପରିଚୟ ଦେଉଛି ।

ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜରେ ଉତ୍ତମ ପାରିଶ୍ରମିକରେ ଏଜେଣ୍ଟ, ଅର୍ଗାନାଇଜର ଓ ଇନ୍‌ସପେକ୍‌ଟର ଆବଶ୍ୟକ । ଅନୁସନ୍ଧାନ କରନ୍ତୁ ।

| | | |
|---|---|---|
| ହେଡ ଅଫିସ, | ଶାଖା ମେନେଜର | ଓଡ଼ିଶା ଶାଖା,— |
| ବମ୍ବେ. | ନରେନ୍ଦ୍ରପ୍ରସାଦ ଦାସ | ବୁଦ୍ଧନଚୌକ, କଟକ । |



### ସ୍ତ୍ରୀ ରୋଗ ପାଇଁ

# ତ୍ର୍ୟମ୍ବକୀ ବିରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧରେ କିଛି ଅପକାରୀ ଦ୍ରବ୍ୟ ନାହିଁ । ମୂଲ୍ୟ ୬୯ ଡାକ ଖର୍ଚ୍ଚ—୫୦ ।

### ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ

# ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଜନିତ ନଷ୍ଟ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୫୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**



ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ

# ସୁଧାସିନ୍ଧୁ ଔଷଧାଳୟ

### ପ୍ରତିଷ୍ଠାତା—କବିରାଜ ହରେକୃଷ୍ଣ ମିଶ୍ର

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତେ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

ବ୍ୟବସ୍ଥାପକ—କବିରାଜ—ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଝାଞ୍ଜିରି ମଙ୍ଗଳା (କଟକ)—୧



# କୁଇନାଇନ

ଚୀନର ସମ୍ରାଟଙ୍କ ଜୀବନ ରକ୍ଷା କଲା ୧୬୦୩ରେ ମ୍ନସନାରୀ ଫାଦର ଫୋଣ୍ଟେନୀ ଲେଖିଥିଲେ —

"୧୬୯୨ ରେ ଚୀନର ସମ୍ରାଟଙ୍କ ସହ ସାକ୍ଷାତ୍ ବେଳେ ସେ—ଜ୍ୱରରେ ପୀଡ଼ିତ ଥିଲେ । ସେତେବେଳେକୁ ଫରାସୀ ଔଷଧ ବଟି ସକଳର ଅଦ୍ଭୁତ କ୍ରୀୟା ଦେଖି ଲୋକେ 'ଚନ୍ଦ୍ରଯୋଗ' ବା ସ୍ୱର୍ଗୀୟ ପ୍ରତିକାର ଆଖ୍ୟା ଦେଲେଣି । ଆମେ ରାଜାଙ୍କ ଔଷଧ ବ୍ୟବସ୍ଥା ଦେଲୁ । ତାଙ୍କ ଚିକିତ୍ସକ ମନା କଲେ । ଶେଷରେ ସମ୍ରାଟ ଅଧପାନେ ଖାଇ ଭଲ ହୋଇ ଗଲେ ।

ଏହି କୁଇନାଇନ ପୂର୍ବରୁ ପେକିଂରେ କେହି ଜାଣିନଥିଲେ । ଆମେ ରାଜଦରବାରରେ ତାହା ପେସ୍ କଲୁ । ଔଷଧ ପରୀକ୍ଷା ହେଲା । ରାଜା ନିଜେ ଜରରୋଗରୁ ଆରୋଗ୍ୟ ହେଲେ । ରାଜବାଟୀରେ ଗୁଞ୍ଜନ ଉଠିଗଲା ଯେ ରାଜାଙ୍କ ଜୀବନ କୁଇନାଇନ ରଖିଲା । ସେ ନିୟମିତ କୁଇନାଇନ ଖାଇ ସୁସ୍ଥ ଓ ସବଳ ହେଲେ ।

ଆଜି ଶହ ଶହ ବର୍ଷ ପରେ ମଧ୍ୟ ସିଙ୍କୋନାରୁ କୁଇନାଇନ ବାହାର ମ୍ୟାଲେରିଆର ଅଦ୍ଭୁତ ପ୍ରତିଷେଧକ କାର୍ଯ୍ୟ କରୁଛି । ଭୂତପୂର୍ବ ଲିଗ୍ ଅବ ନେସନର ଏକସ୍‌ପାର୍ଟ କମିଟି ସେଥିପାଇଁ କହିଛନ୍ତି ଯେ ଜ୍ୱର ପ୍ରତିଷେଧକ ହିସାବରେ ପ୍ରତ୍ୟହ ୬ଗ୍ରେନ ଏବଂ ଜ୍ୱରନାଶକ ହିସାବରେ ୧୫ ବା ୨୦ ଗ୍ରେନ ପାଞ୍ଚ ସାତ ଦିନ କୁଇନାଇନ ଖାଇବା ବିଧି ।

Mal No492 Eng



ପୁରୁଣାକୁ ନୂଆକରିବାକୁ ଚାହାନ୍ତି ?

# ଜଗନ୍ନାଥ

# ପେଣ୍ଟିଂ ଓଆର୍କସ

### ଦୋଳମୁଣ୍ଡେଇକୁ ଆସନ୍ତୁ

ସାଇକେଲ୍ ଟ୍ରଙ୍କ, ସୁଟ୍‌କେଶ ମୋଟର ଆଦି ସମସ୍ତ ପ୍ରକାର ସରଞ୍ଜାମ ରଙ୍ଗେଇ କରାଯାଏ । ସ୍ପ୍ରେ, ପେଣ୍ଟିଂ ଓ ଷ୍ଟୋଭ ଏନାମେଲିଂ ଆଦି କାର୍ଯ୍ୟ ଆମ୍ଭର ବିଶେଷତ୍ୱ । ରଙ୍ଗର ସ୍ଥାୟିତ୍ୱ ଗ୍ୟାରାଣ୍ଟି ଦିଆଯାଏ ।


Digitized by srujanika@gmail.com



ବୈଶାଖ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ୨୧ ଓ ୨୨ଶ ସଂଖ୍ୟା ୧୭।୫।୫୧

## ପଣ୍ଡିତ ଗୋଦାବରୀଶ




ଆପଣ କବିତା ଲେଖିଛନ୍ତି, ନାଟକ ଲେଖିଛନ୍ତି, ଗଳ୍ପ ଲେଖିଛନ୍ତି ସ୍ୱଳ୍ପ ଲେଖିଛନ୍ତି କିନ୍ତୁ ଆପଣଙ୍କର ନବ ସାହିତ୍ୟ ସୀତାକୁ କେଉଁ ରାଜନୀତି ରାବଣ ସ୍ୱେର କରିନେଲା। ରାଜନୀତି ଆପଣଙ୍କ ହାତରେ ଯେଉଁ ବେଢ଼ୀ ପକାଇଲା—ତାହା ଅଉ ମୁକୁଳା ନାହିଁ ଅଜ୍ଞାପାତକ । ଆପଣଙ୍କ ପାଣ୍ଡିତ୍ୟ ଆପଣଙ୍କୁ ରାଜନୀତିକୁ ଟାଣିଲା —ଆପଣଙ୍କ ବୁଦ୍ଧି ବିଚକ୍ଷଣତା ଆପଣଙ୍କୁ ମନ୍ତ୍ରିତ୍ୱର ଆସନ ଦେଲା କିନ୍ତୁ ଆପଣଙ୍କର କବି ହୃଦୟ ପୂର୍ଣ୍ଣ ପ୍ରତାରଣା କଲା ସମର କ୍ଷେତ୍ରରେ । ପ୍ରେମ ଓ ସମର ଏ ଦୁଇ କ୍ଷେତ୍ରରେ ହୃଦୟବାନ ଲୋକ ଚିରଦିନ ପରାଜିତ ।

ଆପଣଙ୍କର ଗାଥା କାବ୍ୟ [ballad] ଆପଣଙ୍କୁ ଓଡ଼ିଆ ସାହିତ୍ୟରେ ଅମର କରିବ ସତ୍ୟ; ଆପଣଙ୍କର ଅସି ଧାର କିନ୍ତୁ ଶତ୍ରୁ ଶୋଣିତ ଗାରେ ରଞ୍ଜିତ ହୋଇ ପାରିନାହିଁ—ଅଉ ପାରିବାର ସମ୍ଭାବନା ନାହିଁ । ଆପଣଙ୍କର କାଳିଯାଈ କେଉଁ ଗହନଗର୍ଭରେ ହଜିଗଲେ ମଧ୍ୟ ଲୋକ ମୁଖରେ ବଞ୍ଚିରହିବ । କିନ୍ତୁ ଆପଣଙ୍କ ପ୍ରତାପ ରୁଦ୍ରଙ୍କର କୀର୍ତ୍ତି ହଜିଯିବ—ହଜିଯାଏ ବଲେ ବଲେ—ଏହାହିଁ ଚିରନ୍ତନ ସତ୍ୟ ।



## ✓ ରାଜର୍ଷି ବିକ୍ରମ ଦେବ

ସଂଘର୍ଷ ଓ ବିଳାସର ପ୍ରାଚୁର୍ଯ୍ୟ ମଧ୍ୟରେ ସଂଯତ ଓ ସଂଗତ ଜୀବନ ଯାପନହିଁ ଯତିବ୍ରତ । ସେ ଉପଯୁକ୍ତ ସାମରାଜ ଯାର ସାହିତ୍ୟ, ତାର ଜୀବନହିଁ ତାର ଉପଯୁକ୍ତ ସ୍ମୃତି । କବିସମ୍ରାଟ ବିକ୍ରମ ଦେବଙ୍କ ପାଇଁ କୌଣସି ସ୍ମୃତି ରଚିବା ଆମର କ୍ଷମତାତୀତ ।

ଆମର ଆତ୍ମା ପ୍ରତି ଓଡ଼ିଶାର କୃତଜ୍ଞତା ଜଣାଉଛି ଆଜି ଏକ ପ୍ରସଙ୍ଗକ୍ରମେ । ସାହିତ୍ୟ ସମ୍ରାଟ ପରିଚିତ ହେବାର ପୂର୍ବଦିନ ଓଡ଼ିଶାର ମୁଦ୍ରଣାଳୟ ଓ କାର୍ଯ୍ୟାଳୟ ଗୃହ ନିର୍ମାଣ କରିଦେବା ପାଇଁ ଅଙ୍ଗୀକାର କରି ଦେବାନଙ୍କୁ ଏ କାର୍ଯ୍ୟରେ ଅଗ୍ରସର ହେବା ପାଇଁ ମୌଖିକ ଆଦେଶ ଦେଇଥିଲେ । ଏ ସମ୍ବାଦ ଓଡ଼ିଶାର ଅଫିସରେ ଆସି ପହଞ୍ଚିବା ପୂର୍ବରୁ ସେ ଇହଧାମ ଛାଡ଼ି ଯାଇଥିଲେ । ସେ ଓଡ଼ିଶାର ପ୍ରତି ଚିରଦିନ ସୁଦୃଷ୍ଟି ଦେଇଛନ୍ତି, ଏବଂ ସେ ଓଡ଼ିଶାର ସର୍ବପ୍ରଥମ ଆଜୀବନ ଗ୍ରାହକ ଶ୍ରେଣୀଭୁକ୍ତ ହୋଇଥିଲେ !

ମହାନ୍ ଆତ୍ମାର ଶାନ୍ତି ହେଉ।

---

## ଡିଣ୍ଡିମର ଅନିୟମିତା

ଡିଣ୍ଡିମ ଏ ବର୍ଷ ଭିତରେ ଯୋଡ଼ିଏ ସଂଖ୍ୟା ପ୍ରକାଶ କରି ପାରି ନାହିଁ । କାଗଜ ଦୁର୍ମୂଲ୍ୟ ଓ ଦୁର୍ଲଭ ହେବା ସଙ୍ଗେ ସଙ୍ଗେ ଅର୍ଥାଭାବକୁହିଁ ଏହାର କାରଣ ଦର୍ଶାଇ କ୍ଷାନ୍ତ ହେଲେ କର୍ତ୍ତବ୍ୟ ସରୁ ନାହିଁ । ମନେ ହୁଏ, କାର୍ଯ୍ୟସଂପାଦନରେ ମାନସିକ ଦୃଢ଼ତା ତଥା କର୍ମ କୁଶଳତାର ଅଭାବ ଏଥିପାଇଁ ଅନେକାଂଶରେ ଦାୟୀ । ଡିଣ୍ଡିମର ଅନିୟମିତା ପାଇଁ କ୍ଷମା ମାଗିବା ସଙ୍ଗେ ସଙ୍ଗେ ପାଠକ ପାଠିକାମାନେ ଏହାର ଦୋଷଦୁର୍ବଳତା ଦେଖାଇ ଦେଲେ ଆମ୍ଭେମାନେ କୃତଜ୍ଞ ରହିବୁଁ ।

---

Digitized by srujanika@gmail.com

# ଅଭିନବ ଭେରାଇଟି ଶୋ

ଆସନ୍ତୁ ! ଦେଖନ୍ତୁ ! ଶୁଣନ୍ତୁ !

(ଉତ୍କଳର ମାଡ-ଦୁର୍ଭିକ୍ଷ-ପୀଡ଼ିତ ସ୍ୱାର୍ଥଗ୍ରହଣୀଗ୍ରସ୍ତ ନେତା ମାନଙ୍କ ମଙ୍ଗଳାର୍ଥେ ସାହାଯ୍ୟ ରଜନୀ)

ଟିକେଟର ମୂଲ୍ୟ:—ପ୍ରଥମଶ୍ରେଣୀ—ଗୋଟିଏ ଖଦଡ଼ ଟୋପି । ୨ଶ୍ରେଣୀ—ଗୋଟିଏ ଖଦଡ଼ ଝୁଲ୍ଲା । ୩ଶ୍ରେଣୀ ହଲେ ଛିଡ଼ା ଚପ୍ପଲ ।
ପ୍ରଥମ ଶ୍ରେଣୀ ଟେଲ, ୨ୟଶ୍ରେଣୀ ବେଞ୍ଚ ଓ ତୃତୀୟ ଶ୍ରେଣୀ ଚଟ୍ଟାଣରେ ।
ଏମ୍ ଏଲ୍ ଏ ମାନଙ୍କପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା—
ବିଶେଷତଃ ଖଦଡ଼ ଧାରୀ ଏମ୍ ଏଲ୍ ଏଙ୍କ ଉନ୍ନତର ସୁବ୍ୟବସ୍ଥା କରାଯାଇଛି

—ଉଦ୍‌ଘାଟକ—

ଦିଲ୍ଲୀର ବିଶିଷ୍ଟ ଡାକୁ ସର୍ଦ୍ଦାର ଚୌପଟ୍‌ସିଂ । ଏ ମହାନୁଭବ ଭାରତ ସରକାରଙ୍କ ବସ୍ତ୍ରବିଭାଗରେ ଏପରି ଏକ ହାତ ସଫେଇ କରିଛନ୍ତି ଯେ, ସାରା ଭାରତରେ ବର୍ତ୍ତମାନ ହନୁମାନ୍ ସଭ୍ୟତା ଜୋର୍‌ସୋରରେ ମାଡ଼ି ଚାଲିଛି । ଓଡ଼ିଶାର ଏକ ଲୁଗା ଉତ୍ପାଦକ ସଂଘ ଏ ମହାତ୍ମାଙ୍କ ଅପାର କରୁଣାରେ ଗୋଟିଏ ବର୍ଷ ଭିତରେ ସ୍ପେସାଲ ପରମିଟ ବଳରେ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି । ଏ ମହାଶୟ ନିଜର ପ୍ରଚାରପତ୍ର ପାଇଁ କାଗଜ ପରମିଟ କରାଇ ଗୋଟିଏ ଅନୁନ୍ନତ ବ୍ୟାଙ୍କ ଜରିଆରେ ବେଶ ସାଧୁତାର ସାଇନବୋର୍ଡ ମାରିପାରିଛନ୍ତି । ଏ ମହାଶୟ ନିଜର ଉପର ସଂପତ୍ତି କେତେବେଳେ ସ୍ତ୍ରୀ ନାମରେ ରଖି ନିଜେ ତୁଳସୀ ପତ୍ର ଲୋକ ଆଖିରେ ଧୂଳି ଦେଇପାରନ୍ତି । ଏ ମହାଶୟ ପୋଖରୀକ ଯାକ ମାଛ ଖାଇ ପାରିବେ କିନ୍ତୁ ପଙ୍କ ଟିକିଏ ଲାଗିବ ନାହିଁ । ଏଣୁ ଏ ଅବସରରେ ସେଇ ଏକା ଉଦ୍‌ଘାଟନକୁ ଯୋଗ୍ୟ ଅଟନ୍ତି ।

—ସଭାପତି—

ଏଇ ରଜନୀରେ ସଭାପତିତ୍ୱ କରିବେ ଲଟ୍‌ପଟ୍ ସିଂହ । ଏ ମହାଶୟ ବିଚକ୍ଷଣତାର ସହିତ ଯୋଉଠିଲେ ଟଙ୍କାପଇସା ମିଳିବା ଯାଗାରେ ରହି ପାରନ୍ତି । ଏ ମହାଶୟଙ୍କର ବାହାଦୁରୀ ହେଉଛି—ତନ୍ତ୍ର ଠିକ୍ କଣଠାରେ । ସେ ସବୁ ଜିନିସ ଘୋଡ଼ାଇ ଲୋକଙ୍କ ଆଖିରେ ଅଦ୍ଭୁତ ହଟଚମଟ ବିଦ୍ୟା ଦେଖାଇ ଦେଇ ପାରନ୍ତି । ଚୌପଟ ସିଂହଙ୍କ ସହ ପଞ୍ଝା ମିଳାଇ ଏ ହାରିଗଲେ ମଧ୍ୟ—ମୁହଁ ଭୁରୁଡ଼ି ପଡ଼ନ୍ତି ନାହିଁ । ଚୌପଟସିଂହଙ୍କ ଏ ମହାଶୟ ଟେକିଥିବାର ଗର୍ବ କରନ୍ତି । ତେଣୁ ଚୌପଟଙ୍କ ପୃଷ୍ଠ ପୋଷକ ହିସାବରେ ତାଙ୍କୁ ସଭାପତି କରାଗଲା । ଯଦିଓ କେଶଗୁଚ୍ଛ ଦେଖି କେହି କେହି ସଭାପତ୍ନୀ ମନେ କରିବାର ଭୟ ଅଛି ।

—ବିଶିଷ୍ଟ ଅତିଥି—

ଶ୍ରୀଯୁକ୍ତ ଚମ୍ପଟ ସିଂହଙ୍କୁ ଏଇ ସୁଅବସରରେ ଆମ୍ଭେମାନେ ବିଶିଷ୍ଟ ଅତିଥି ରୂପେ ପାଇ ଆପଣାକୁ ଗୌରବାନ୍ୱିତ ମନେ କରୁଛୁ । ଗୋଟାଏ ଅବସ୍ଥାରୁ ହଠାତ୍ ଚମ୍ପଟ, ଦେବାର କାଏଦା ଏ ମହାଶୟଙ୍କୁ ନିପୁଣ ଭାବେ ଜଣା । ବାମପନ୍ଥୀ, ଦକ୍ଷିଣପନ୍ଥୀ, ଗାନ୍ଧୀପନ୍ଥୀରୁ ପୁଣି ଚର୍ଚ୍ଚିଅପନ୍ଥୀ ହୋଇ ନିଜେ କଳା ନ ପୋଡି କଳାପୋଡା ଉପରେ ଫୁଲ ଚନ୍ଦନ ଦେଇ ନିଜେ ଠିକ୍ ବୋଲି ଛାତି-ଫୁଲାଇ ପତଆରା ଦେଖାଇ ପାରିବା ଭଳିଆ ମୁହଁ ଏଙ୍କର ଅଛି । ନିତ ନିତ ନବ ନବ ଛନ୍ଦ ଏହାଙ୍କର ବିଶେଷତ୍ୱ ।

ଶ୍ରେଷ୍ଠାଂଶରେ

୧ । ଯୋଧପୁରର ବାଇଜୀ—

୨ । ମୌଲବୀ ଜନାବ ୟୁସୁଫ ଅଲ୍ଲବେଗ୍ ।

୩ । ଗୋଲ୍‌ମୋହନ ସେନାନାୟକ ।

୪ । ମିସ୍ ସେନାନାୟକ—

୫ । ଶ୍ରୀମତୀ ମିସେଜ୍ ବୃହନ୍ନଳା ସିଂ ।

୬ । ମିସ ଦାସ, ମିସେଜ ବାନର୍ଜୀ, ଘୋଷ, ବୋଷ, ଚାଟର୍ଜୀ ଇତ୍ୟାଦି ଇତ୍ୟାଦି ।

ପ୍ରଯୋଜକ—ଦୁର୍ଯ୍ୟୋଧନ ଭଟ୍ଟ ।

ରୂପଶିଳ୍ପୀ—ମୋତିବାବା

ସ୍ୱରଯନ୍ତ୍ରୀ—ମିଶାଣୀ ।



Digitized by srujanika@gmail.com



### ବ୍ରହ୍ମାଣ୍ଡ ଦୋକାନ

ଆସନ୍ତା ଭୋଟ ଖେଳ ନହେଉଣୁ—ଗୋଟାଏ ଫୁଲ ଖେଳ ହୋଇଗଲା । ଯାହା କରିବା ଆଗରୁ ଆଖଡ଼ା ଘରେ ହଇଛଇ କରିବା ପରି ନାଚୁଆମାନେ ମିନସିପାଲଟି ନିର୍ବାଚନରେ ମାତିଗଲେ । କଂଗ୍ରେସବାଲା ଉହାଡ଼ରେ ଲୁଚି ଖେଳ ଖେଳି ଶକ୍ତିର ପରୀକ୍ଷା କରି ନେଲାପରି ଲାଗୁଛି । କିନ୍ତୁ କଂଗ୍ରେସ ନିଜେ ବାହାରିଥିଲେ କଣ ହୋଇ ଥାନ୍ତା କିଜାଣି କଂଗ୍ରେସ ରଙ୍ଗ ବୋଳା ହଳଦିଆ ବାକ୍‌ସବାଲାଙ୍କ ବାକ୍‌ସ ଭିତର ଦିଗମ୍ବର ହୋଇଗଲା । କଂଗ୍ରେସର ମହତ ରହିଲା । କାରଣ କଂଗ୍ରେସ ଏଥର ପର୍ଯ୍ୟନ୍ତ ଛନ୍ଦି ନକଲ ବ୍ରହ୍ମାଣ୍ଡ ଦୋକାନ ବୋଲି ପରିଚୟ ଦେଇପାରିବ ।

### ଶୁଣ୍ଡି ସାକ୍ଷୀ

କଟକ ସହରରେ ମହତାବ ମିନିଙ୍କ ଦୋମିଣାଦଳ ଟାଉନ କମିଟି ସୋସାଲିଷ୍ଟ ମାନଙ୍କୁ ମୂଳପୋଛ କରି ଦେଇଦେଇ କିଛି କସର ରହିପାଇଛି । କିନ୍ତୁ ସ୍ୱାଧୀନତାପର କଂଗ୍ରେସ ମାର୍କା ଯେତିକ ସମସ୍ତେ ଗୋଟି ଗୋଟି ହାଣ ଖାଇଛନ୍ତି । ବୀରେନ୍ଦ୍ରଙ୍କ ବ୍ରଜପୁରବାଲା ଯେପରି—ଶଗାଙ୍କ ମୁଖ ମଧ୍ୟ ସେଇପରି । ଏଥରୁ ଜଣାଗଲା, ଲୋକେ—ପଇସାବାଲା, ଲାଞ୍ଚଖୋର, କଳାବେପାରୀ, ମଦୁଆ, ଭାଙ୍ଗୁଆଙ୍କୁ ପଛେ ଭୋଟ ଦେବେ, କିନ୍ତୁ କଂଗ୍ରେସବାଲାଙ୍କୁ ଦେବେ ନାହିଁ । ବସ୍ତବିକ ଭଲଲୋକଙ୍କ ପ୍ରତିନିଧି ଖୁବ ଭଲ ଲୋକେ ହେବେ । ମଦୁଆ, ଭାଙ୍ଗୁଆ-ଶୁଣ୍ଡିଙ୍କ ପ୍ରତିନିଧି ବିଲକୁଲ ମାତାଲିଆ ହେବା ଜଣାଗଲା ।

### ଅଗୁଆ ବାଲେଶ୍ୱର

ବାଲେଶ୍ୱରରେ କଂଗ୍ରେସବାଲାଙ୍କ ଅପମାନ ହଉଛି । ରଜାଙ୍କ ଗଣତନ୍ତ୍ର ତରଫରୁ ଯେଉଁମାନେ ଅପ୍ରକାଶରେ ଠିଆ ହୋଇଥିଲେ ସେଇମାନେ ଭୋଟ ପାଇଛନ୍ତି । ଉଡ଼ିଲେ ଯାହା ହେଉ କଂଗ୍ରେସର ହଳଦିଆ ବାକ୍‌ସ ଫାଟିଛି । ବାଲେଶ୍ୱରରେ ନାହିଁ । ବାଲେଶ୍ୱର ସବୁ ବିଷୟରେ ଅଗୁଆ । କଂଗ୍ରେସ ଆନ୍ଦୋଳନରେ ଅଗୁଆ । ପୁଣି କଂଗ୍ରେସ ବିଦାଳନରେ ଅଗୁଆ । ବାଲେଶ୍ୱର ବାସୀ କଂଗ୍ରେସକୁ ମାନମର ଖପରରେ ଖାଇଛନ୍ତି । ସରସ୍ୱତୀକୁ ବଶ କରିବା ପାଇଁ ଘଇତାକୁ ଖାଇଛନ୍ତି । ମଶା ମାରିବା ପାଇଁ ଘରେ ନିଆଁ ଲଗେଇଛନ୍ତି ; ଜୟ ବାଲେଶ୍ୱର କୀ ଜୟ ।

### କଂଗ୍ରେସ ଶିଶୁପାଳ

ସମ୍ବଲପୁରରେତ କଂଗ୍ରେସ ନାମ ଅକଥାକୁ ମୋ ଶ୍ରବଣେ ନଶୁଣାଇବଟି କେହିଗୋ । ସମ୍ବଲପୁରଟା ବଡ଼ ଗରମ ଜାଗା । କଂଗ୍ରେସ ସମ୍ବଲପୁରବାଲାଙ୍କୁ ଗରମ ନକଲେ ଭୋଟ ପାଇବା ମୁସକିଲ । ତାଛଡ଼ା କଂଗ୍ରେସ କଥା ବୋଧେ କଟକିଆ ତାଙ୍କୁ ପଢ଼ିଲେ ଶୁଣ ଇଥିଲେ । କଟକିଆମାନେ (ସମ୍ବଲପୁର ଛଡ଼ା ବାକୀ ସମସ୍ତେ)' ଅମୃତ ଦେବେ ତ ସମ୍ବଲପୁରକୁ ସେ ବିଷ । ସେଥିପାଇଁ ସମ୍ବଲପୁର କଂଗ୍ରେସକୁ ଶିଶୁପାଳ କରି ଛାଡ଼ି ଦେଲା ।

### ଅନ୍ଧାର ବଢ଼େ

ବଲାଙ୍ଗିର ଇବାଜାପାଟଣାତ ଭୋଟ ଇତିହାସରେ ରେକର୍ଡ଼ ତିଆରି କରି ଦେଇଛି । ହଳଦିଆ ବାକସ ବାଲାଙ୍କର ସେଠି ୧୯-୨୦ଟା ବାକ୍‌ସ ବିଲକୁଲ ଖାଲି—ଶୂନ୍ୟ । ସେଠା ଲୋକେ ନିରାମିଷଭୋଜୀ । ମାଛଟା ନିରାମିଷ ନାଲଭାଜୀ, ଅଣ୍ଡାଟା ନିରାମିଷ ଫଳ । ସେଇଭଳି ବଲାଙ୍ଗିର ଇବାଜାପାଟଣା ଲୋକେ ରଜାଙ୍କ ଦଳକୁ ଭୋଟ ଦିଅନ୍ତି । ନାମ ଦିଅନ୍ତି ଗଣତନ୍ତ୍ର । ସେ ନରକକୁ ଗଲେ ମଧ୍ୟ ମନେ କରନ୍ତି ଆମେ ସ୍ୱର୍ଗକୁ ଗଲୁଁ । ଓଡ଼ିଶା ଗଡ଼ଜାତର ଯେଉଁ ଅଞ୍ଚଳ ସ୍ୱାଧୀନତା ପାଇଁ କିଛି ନକରି ସ୍ୱାଧୀନତା ପାଇଛନ୍ତି ତାଙ୍କୁ ଆଉ କିଛି ଦିନ ଲାଗିବ—ସ୍ୱାଧୀନତା କଣ ବୁଝିବା ପାଇଁ । ରଜାଙ୍କ ଅନ୍ଧାର ବଢ଼େ ଯୁଗ ଏବେ ବି ଯାଇନାହିଁ ।

### ଯଜ୍ଞ ବରାହ

ଯାଜପୁରରେ ଯଜ୍ଞବରାହ ନିଜେ ଅବତାର ହୋଇ କଂଗ୍ରେସକୁ ଉଦ୍ଧାର କଲେ । ଚଣ୍ଡୀଗରେ ସ୍ୱାଧୀନପ୍ରାର୍ଥୀମାନେ ଜନ୍ମ ଏହା ସ୍ୱାଧୀନତା ଯୁଗ ସ୍ୱାଧୀନପ୍ରାର୍ଥୀମାନେଙ୍କ ଜନ୍ମ ହେବା ସ୍ୱାଭାବିକ । ଲୋକେ ସ୍ୱାଧୀନତା କଣ ଠିକ ବୁଝିଛନ୍ତି । ଯାଜପୁର ପଛକୁ ପଡ଼ିବ କିଆଁ

### ପତିତ ପାବନ

ମାନ ପୁରୀ ପୁରୁଷୋତ୍ତମ— ଜଗନ୍ନାଥ ଧାମରେ ନିଜେ ବଡଠାକୁର ଏଥର ପତିତପାବନ ନାମକୁ ସାର୍ଥକ କରିଛନ୍ତି । ଏଠି କଂଗ୍ରେସ ପତିତ ହୋଇ ମଧ୍ୟ ଉଦ୍ଧାର ପାଇଛି । ଦଳଆର ବୁଢ଼ ଜଗନ୍ନାଥେ, ଏଥର ମାନ ରଖିଲେ । ହରଭକ୍ତ ସ୍ୱୟଂ ଗଙ୍ଗାଧର ମହାଦେବ ଏଥର ଗାଇବେ—

ମାନ ଉଦ୍ଧାରଣ କରହେ ତାରଣ
ଶରଣ ମୁଁ ତୁମ୍ଭ ପାଦତଳେ
ନୀଳାଚଳ ନାଥ ଅନାଥର ନାଥ
ଜଗନ୍ନାଥ ନାମ ମହୀ ତଳେ ।

### ଅନ୍ଧାର ବଢ଼େ

ଓଡ଼ିଶାକୁ ଏବେ ଜଣେ ଥୋଇଲ ଇଟସାହେବ ମେନନ ଆସିଛନ୍ତି । ଆମ ଅସଫଅଲ ସାହେବ ଥିଲେ ଯେ ଦେଶରେ ଏକ ବାଦସାହୀ କୃଷ୍ଟିର କଥାଁଇତ ଦର୍ଶନ ମିଳି ପାଉଥିଲା । ଏବେ ମେନନ ସାହେବ କହୁ ରଜା ଗଜଡ଼ାଙ୍କ ପ୍ରଧାନ ମୋଡା ମୋଡ଼ କରି ଯଦି କିଛି ସ୍ୱଛତା ଆଦର୍ଶ ଦେଖାନ୍ତି ତେବେ ବା, ବିଲୁଆ ସହର ନୀଳବର୍ଣ୍ଣ ଶୃଗାଳ ତାଙ୍କୁ ବଧାଇ ଦେବ । ଅନ୍ତତଃ ମେନନ ସାହେବ ଯେଉଁ ପରଗ ଓ ଦରବେଶ ପିନ୍ଧି ଆସିଥିଲେ ସେଥିରୁ ପୁରୁଣା ଗଡ଼ଜାତ ପ୍ରକୃତି ଯେ ଫେରି ଆସିବ ସେ ଆଶା ଆମେ ନକଲେ ମଧ୍ୟ କାର୍ଯ୍ୟରେ ଦେଖିବାର କଥା ।

### ମହତାବେ ଆକଲେ

ଛାମୁକୁ ମହତ କଲୁ କେନ୍ଦ୍ର ଶବ୍ଦାଇଲାଣି ବୋଲି ବିହାରବାଗରୁ ଖବର ବାହାରିଲା । ଠାକୁର ଘରେ କିଏ— ମୁଁ କଦଳୀ ଖାଇନାହିଁ ବୋଲି କହିବାରୁ ଏ ଗୁଜବରେ



Digitized by srujanika@gmail.com

ଅଦ୍ଭୁତ ଓ' ଗୁରୁ ଘୋଡ଼ା ରଙ୍ଗ ବୋଲି ଦେଇ ତୀବ୍ର ପ୍ରତିବାଦ ଜଣାଇ ଦେଲେ ଯେ କଥାଟା ନିହାତି ମିଛ । ମହତାବ ଓଡ଼ିଶା ଫେରିବେ ନାହିଁ କି ପ୍ରଧାନମନ୍ତ୍ରୀ ହେବେ ନାହିଁ । ଅର୍ଥାତ୍ ମହତାବ ଏତେ ଛୋଟ ନୁହନ୍ତି ଯେ ପକାଇଲା ଛେପକୁ ସେ ପୁଣି ଚାଟିବେ ଅଉ ନବବାବୁଙ୍କ ମନ୍ତ୍ରୀପଣକୁ ଛଡ଼ାଇ ନେବେ । ନବବାବୁଙ୍କର ଅଖଣ୍ଡ ରାଜତ୍ୱ ସେଇପରି ନିରଂକୁଶ ରହିଲା ।

**ଘୋଡ଼ ଦୁଇଟି ହୁଉଛି**

ନବବାବୁ ଅଦ୍ଭୁତ ଆଖି ବୁଜି ବଲେଇ ଦୁଧ ପିଇଲାପରି କହୁଛନ୍ତି କି ଓଡ଼ିଶା କଂଗ୍ରେସ ଭିତରେ ଅଉ ଫଟା ଫଟି ନାହିଁ । ଫଟା ଢୋଲ ତ ଗୁରୁଆଡେ ବାଜୁଛି । ମୋତେ ଶୁଭୁନାହିଁ ବୋଲି କହିଲେ—ଅଉ ସମସ୍ତଙ୍କ କାନରେ ବିର୍ଣ୍ଣି ଦେଇ ପାରିବେ ନାହିଁ । ହାଟମର ଲୁଚି ଡାକୁଣି ପଡିଲା ଲେଖେ କଥା । ବଜାରବନ୍ଦ୍ ବାସ୍ତୁ କରିପକାଇ ଥିଲା । ସେ କଥାଟା କେହି କାହାରେ କହିବା ଠିକ୍ ନୁହେଁ ।

**କେବଳ ପ୍ରଜାତନ୍ତ୍ର ଥିବ**

ନବବାବୁ ମାତ୍ର ଭଙ୍ଗା ନାବଟିଏ ଧରି ବୁଲୁଛନ୍ତି ସର୍ବୋଦୟ ନାମ ଜପ କରି ଯେତେ ପାପ ଧୋଇ ଦେଇ— ବୈତରଣୀ ପାରି ହୋଇ ଯିବେ । କିନ୍ତୁ ଶେଷରେ ହରେକୃଷ୍ଣ ମହ୍ୟ କଳ୍ପଦ୍ରୁମ ବଟପତ୍ରରେ ଭସି କହିବେ—

ଜଳେ ମୋ ଦଳ ନାଶଯିବ
କେବଳ ପ୍ରଜାତନ୍ତ୍ର ଥିବ ।

**ଗଣ୍ଡ ନାଶକ**

ଇଂରେଜୀ ସରକାର ଗୁଡ଼ାକଟାଙ୍କୁ ନାଶ କରିଥିଲେ । ନବ ସରକାର କୁହୁଣୀ ନାଶ ଆରମ୍ଭ କରିଛନ୍ତି । ଅଧା ଦରରେ ଧାନ କିଣା କଲ ସବୁ ଗାଁରେ ଗାଁରେ ବସାଇ କାହୁଁ ଟଙ୍କା ଯୋଗାଇ ଦେଉଛନ୍ତି ।

ନବବାବୁଙ୍କର ଏ ନୂଆ ସର୍ବୋଦୟ ଫଳରେ ଗଣ୍ଡଖଣ୍ଡିଏ ତାଙ୍କୁ ଆଶୀର୍ବାଦ କରିବେ । କାରଣ ସେମାନେ ଯେଉଁ ହାତଭଙ୍ଗା କଠିଣ ପରିଶ୍ରମ କରୁଥିଲେ ସେ ଶ୍ରମ କରିବାକୁ ପଡିବ ନାହିଁ । ସେ ଯାହାହେଉ, ନବବାବୁଙ୍କର ସର୍ବୋଦୟର ଏ ନୂଆ ଟୀକା ପାଇଁ ଗୋପବାବୁ ଗୋଟିଏ ମେଡ଼େଲ ଦେବେ ବୋଲି ବଲ୍ୟ ସଭ ସୁପାରିଶ କରୁଛି ।

**ସ୍ୱଭାବ**

ଓଡ଼ିଶା କମ୍ୟୁନିଷ୍ଟମାନେ ଏଥର ଗରିଲ୍ଲା-ଯୁଦ୍ଧ ବନ୍ଦ କରି ବିଧାନସଂଗତ ଆନ୍ଦୋଳନ କରି ଭୋଟ ଲଢ଼ାଇ ଆରମ୍ଭ କରିବେ ବୋଲି ସମ୍ବାଦ ପ୍ରକାଶ ପାଇଛି । ସେତିକିବେଳେ ଜଣେ କମ୍ୟୁନିଷ୍ଟ ପୁଲିସ ହାତରୁ ଖସି ପଳାଇଛନ୍ତି । ବୋଇଲା—

ସର୍ପରେ ଜାତ କଲ୍ୟ ମୋତେ
ସ୍ୱଭାବ ଛାଡ଼ିବ କେମନ୍ତେ ।

**ହନୁମାନ ସଭ୍ୟତା**

ଲୁଗା ବଣ୍ଟନରେ ଏମିତି ଗଣ୍ଡଗୋଳ ଆରମ୍ଭ ହୋଇଛି ଯେ ଲୋକେ ଏଣିକି ସିଧା ପାଠ ଛାଡି କ୍ରନ୍ଦନ ବିଦ୍ୟା ଆରମ୍ଭ କରିଦେଲେଣି । କଟକରେ ସିଭିଲ ସପ୍ଲାଇ ଆସିଷ୍ଟାଣ୍ଟଙ୍କ ଉପରେ ହୋଇଛି— ପୁରୀରେ ଜଣେ ମାଜିଷ୍ଟ୍ରେଟଙ୍କ ଉପରେ ହୋଇଛି । କମିଉନିଷ୍ଟମାନେ ଗରିଲା ଯୁଦ୍ଧ ବନ୍ଦ କଲା ବେଳକୁ ସରକାରୀ କର୍ମଚାରୀମାନେ ଯେ ଗରିଲା ସଭ୍ୟତା ଜବରଦସ୍ତି ପ୍ରଚାର କରୁଛନ୍ତି ଏହାର ଫଳ କଣ ହେବ ଠାକୁରେ ଜାଣନ୍ତି ।

**ନାମକା ୱାସ୍ତେ ମନ୍ତ୍ରୀ**

ଶ୍ରୀଯୁକ୍ତ କାନନଗୋଙ୍କ ହାତରୁ ଘରୋଇ ବିଭାଗଟା ଛଡ଼ାଇ ନେଇ ଓଡ଼ିଶା ସରକାର କହୁଛନ୍ତି କି ଏଟା ଶାସନ ସୁବିଧା ପାଇଁ ହୋଇଛି । ଏଥିରେ ବାଦାନୁବାଦ ବା ମନ୍ତ୍ରୀମଣ୍ଡଳର ଫଟାଫଟି ନାହିଁ । ଗୋଦର ଗୋଡ଼କୁ ଲୁଚାଇଲେ ସେ କି ଲୁଚେ । ଏଥିପାଇଁ ନବବାବୁଙ୍କ ସାହାସକୁ ଯେତିକି ଧନ୍ୟ ଧନ୍ୟ କରିବା—ନିତ୍ୟାନନ୍ଦଙ୍କ ସହିବା ଶକ୍ତିକୁ ତହୁଁ ଅଧିକ ଧନ୍ୟ କହିବା । ଆମେ ଜାଣୁ ନିତ୍ୟାନନ୍ଦ ଏ ଅପମାନ ପାଇ ମଧ୍ୟ ଥରକୁଥର ଯେମିତି ଦାନ୍ତ କାମୁଡ଼ି ପଡ଼ିରହିଛନ୍ତି—ଏଥର ତହୁଁ ଅଧିକ ଅଶ୍ରୀ ଦୁରଶା କିଛି ହେବନାହିଁ । ଏଣିକି ଲୋକେ ନିତ୍ୟାନନ୍ଦ ନାମ ଦେଇ ଅପମାନନ୍ଦ ନାମ ଧରିବେ ଅର୍ଥାତ ସେ ଯେ ଅପମାନକୁ ମଧ୍ୟ ଆନନ୍ଦରେ ଗ୍ରହଣ କରନ୍ତି ଏକଥା ସମସ୍ତେ ଜାଣିବେ । ନିତ୍ୟାନନ୍ଦବାବୁ ଶେଷକୁ ମନ୍ତ୍ରୀ ଉଇଦାଉଟ୍ ପୋର୍ଟଫୋଲିଓ ହୋଇ ରହିବେ । ଅର୍ଥାତ୍ ନାମ୍‌କାୱାସ୍ତେ ମନ୍ତ୍ରୀ ହୋଇ ରହିବେ କାମକାୱାସ୍ତେ ନୁହେଁ ।

**ଉର୍ବର ମୁଣ୍ଡ**

କୃଷି ବିଭାଗଟା ଆମ ମତରେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ଯାଇ ନିତ୍ୟାନନ୍ଦଙ୍କ ମୁଣ୍ଡରେ ରହିବା ଉଚିତ । କାରଣ ନିତ୍ୟାନନ୍ଦ ବାବୁ ନିଜ ମୁଣ୍ଡ ଉପରେ ଖୁବ କେଶଗୁଚ୍ଛ କରି ଉର୍ବରତାର ପ୍ରମାଣ କରିଛନ୍ତି ମାତ୍ର ନବବାବୁଙ୍କର ମୁଣ୍ଡ ଖଲ୍ୱାଟ ।

**ଶହୀଦ ନବକୃଷ୍ଣ**

ଶୁଣାଯାଏ, ମହତାବ ନିକଟରେ ଓଡ଼ିଶା ଆସି— ସର୍ବୋଦୟ କର୍ମୀ ନବକୃଷ୍ଣ ଚୌଧୁରୀଙ୍କର ଏକ ସ୍ମୃତି ଫଳକ ଉନ୍ମୋଚନ କରିଯିବେ । କାରଣ ମାନ୍ୟବର ନବକୃଷ୍ଣ ଆମ ନବକୃଷ୍ଣ ନୁହନ୍ତି । କିସ ପୁଣି ଦେଖାଯାଏ ଜୀଇଁ ଥିଲେ ଜୀବରେ । ଯାହାହେଉ ମହତାବଙ୍କ ଭାଗ୍ୟ— ଉତ୍କଳରେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ମହତାବଙ୍କ ହିତ ପାଇଁ ଶହୀଦ ହୋଇଗଲେ ।

**କାହାକେ ଲେଙ୍ଗେ**

ହିନ୍ଦୁସ୍ଥାନରେ ସୋମନାଥ ମନ୍ଦିରର ଲିଙ୍ଗ ସ୍ଥାପନା ହେଉଥିଲା ବେଳେ ସେଠେଣେ ପାକିସ୍ଥାନରେ ସୋମନାଥ ମନ୍ଦିର ଚଢ଼ାଉ ପର୍ବ ପାଳିତ ହେଉଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ ଆମରଟା ପୁରା ହିନ୍ଦୁ ଦେଶ ଓ ପାକିସ୍ତାନ ପୁରାପୁରି ମୁସଲମାନ ଦେଶ । ଏଠି ଲୋକେ ଯାହା କରନ୍ତୁ ସେଠି ମୁସଲମାନ ଠିକ ଅଛନ୍ତି କିନ୍ତୁ । ଲଢ଼କେ ଲେଙ୍ଗେ ପାକିସ୍ତାନ— ପୁଣି କହିଲେଣି ଲଢ଼କେ ଲେଙ୍ଗେ ହିନ୍ଦୁସ୍ଥାନ । ଆମେ କେବଳ ଇ, ଏନ୍, ଓ,ରେ କାହିଁ ଜାଣିଛୁ ଯାହା ।

**ସୁଭଦ୍ରାୟୈ ସ୍ୱାହା**

ଓଡ଼ିଶା ଟେକ୍ସଟାଇଲ ମିଲର ଏ ବର୍ଷ ଯେତେ ଲାଭ ହୋଇଛି, ତାହା କେଉଁ ସୂତ୍ରରେ ହୋଇଛି— କି ବିଶେଷ ସୁବିଧା ପାଇଥିବାରୁ ଲାଭ ସେମାନେ କଲେ— ସେ ସବୁ ରହସ୍ୟ ଗୋଟିଏ ଇଂରାଜୀ କାଗଜରେ ବାହାରିଛି । ସଂପାଦକ ପଚାରିଛନ୍ତି ଏ ଲାଭାଂଶ କଳରେ ଶିଳ୍ପମନ୍ତ୍ରୀଙ୍କର କେହି ନିଜ ଲୋକର ଅଂଶ ଅଛି କି ? ଆମ ମହତାବ ଜଣେ ଓଡ଼ିଆ ହୋଇ ଯେ ଶିଳ୍ପ ମନ୍ତ୍ରୀ ହୋଇଛନ୍ତି ଏକଥା ଅନ୍ୟଙ୍କୁ ସୁହାଉ ନଥିବାରୁ ତାଙ୍କ ନାମରେ ଏପରି କଳଙ୍କ ରଟନା କରୁଛନ୍ତି ଲୋକେ । କିନ୍ତୁ ମହତାବ ଗୋଟିକଯାକ ତୁଳସୀ । ଓଡ଼ିଶା ଲୁଗା କଳ ଲାଭ କଲେ ତାଙ୍କର ବା ଯାଏ ଆସେ କେତେ । ସବୁ ଅଦ୍ଭୁତ ପଡିବ— ସୁଭଦ୍ରାୟୈ ସ୍ୱାହାଇଦଂ ।



Digitized by srujanika@gmail.com

# କଣ କରିବି ?

[ ପୂର୍ବପ୍ରକାଶିତ ପରଠାରୁ ]

'ମାଟି ଭଣ୍ଡାଏ ମିଳିବା କାଠିକର ପାଠ; ତାପରେ ତାକୁ ହାତରେ ଧରି ଆଣିବା ବଡ଼ ଅସୁବିଧା । ଭାତ ବୋତଲ ଚଳିବ ନାହିଁ ?'

'ଭାତ ବୋତଲ ଡାକ୍ତରଙ୍କର— ଅମର ମୂତ୍ରସୂପାସ— ଶାହାସ୍ତ୍ର ତାଲିଛି— ସ୍ପୃଷ୍ଟିକଃ ନୈବ ସଠିକଃ—ଜାଣିଲେ ?'

ତହିଁ ଆରଦିନ ବଡ଼ି ସକାଳୁ ମାଟି କଟୁରିରେ ପହିଲ ମୂତ୍ର ଧରି ଆସିଲି । କବିରାଜ ତହିଁରେ ସୋରିଷ ମାଲପା ପକାଇ ଘାସ ବୁଡ଼ାଇ ଗଡ଼ିଏ ଦେଖିଲେ । ତାପରେ କହିଲେ, 'ହଁ ନିଦାନ ଠିକ୍ ମିଳିଛି । ତୈଳ ବିନ୍ଦୁ ଶୂକରାକୃତି ଧାରଣ କରୁଛି— 'ଶୂକରେ ଚୈବ ଦୁଃସ୍ୱରଃ' ଇତି ଚରକଃ । ଏ ରୋଗ ଦୁରାରୋଗ୍ୟ ମାତ୍ର ସାଧ୍ୟ । ସୁଚିକିତ୍ସକ ହାତରେ ପଡ଼ିଲେ ଯେବେ କଥା ।'

'କଣ କରାଯିବ ?'

'କିଛି ନା— ଔଷଧ ସେବନ ଆଉ ପଥ୍ୟ । ବସନ୍ତ କୁସୁମାକର ରସ ପ୍ରାତେ— ବୃହତ୍ ଛାଗଳାଦ୍ୟ ଘୃତ ସାୟଂକାଳେ । ଆଉ ଶୂକର ତୈଳ ସେବନ ଓ ସର୍ବାଙ୍ଗେ ମର୍ଦ୍ଦନ । ଏତିକି ।'

'ଆଉ ଶୂକର ତୈଳ କେଉଁଠୁ ମିଳିବ ? ବଡ଼ ଦୁଷ୍ପ୍ରାପ୍ୟ ।'

'ତାହା ସତ୍ୟ— ତେବେ ଶାସ୍ତ୍ରକାର ତାର ବ୍ୟାଖ୍ୟା ମଧ୍ୟ କରିଛନ୍ତି । ବାଗ୍‌ଭଟ୍ଟ କହିଲେ— 'କୁକୁରଃ ଶୂକରାଭାବେ ମୂଷକଃ ଫଳଦୋ ଖଲୁ'—ଅର୍ଥାତ୍ ଶୂକର ନ ମିଳିଲେ କୁକୁର ବା ମୂଷକ କ ନିଶ୍ଚୟ ଫଳପ୍ରାପ୍ତ ହେବ ।'

'ହରି, ଆଉ କେବେ ଆସିବି' ବୋଲି କହି ସେଠୁ ଖସିଲି । ଭାବିଲି— ଶେଷେ କୁକୁର ଚର୍ବି ଖାଇବାଯାକେ ଗଲି !

ସେ ଦିନଠାରୁ ମୋ ମନ କଉଁଥିରେ ଲାଗିଲା ନାହିଁ । ବିଷର୍ଣ୍ଣ ଓ ଅନ୍ୟ ମନସ୍କ ଦେଖି ପ୍ରେୟସୀ କହିଲେ—'ତମେ କମିତଦା ମଣିଷ ହେଲ ! ଏତେ କହିଲି ଥରେ ଡାକ୍ତର ପାଖକୁ ଗଲ ନାହିଁ ?' କଣ କହିବି । ସ୍ତ୍ରୀ ଏଇଯା ଜାଣି ଚୁପ୍ ରହିଲେ । ଦେଖିଲି ପ୍ରିୟତମାଙ୍କର ବିଧବା ହେବାର ଭୟଟା କ୍ରମେ ବଢ଼ିଯାଉଛି । ମରିବା ପାଇଁ ମୁଁ ନିଜେ ମନକୁ ଅଣ୍ଟ କରି-ଥିଲେ ବି କେବଳ ତାଙ୍କର ବୈଧବ୍ୟକୁ ସ୍ମରଣ କରି ପୁଣି ବଞ୍ଚିବାକୁ ମନ କରୁଥାଏଁ ! ଆଉ ଯିବି କଉଁଠିକି ?

ସବୁଆଡ଼େ ତ ମୃତ୍ୟୁ ମାଡ଼ି ଆସିଲାଣି । କିନ୍ତୁ ଏତେ କଥା ଗୃହିଣୀ ଜାଣି ନଥାନ୍ତି । ମୁଁ ଜାଣି ଶୁଣି ତାଙ୍କୁ କହି ନଥାଏ । ଯେତେହେଲେ ମାଇପି ଲୋକ—ଅବଳା— କାଳେ ହତାଶ ହୋଇ ପଡ଼ି ଅଗତ୍ୟା ବୈଧବ୍ୟକୁ ଅଙ୍ଗୀକାର କରିଅନ୍ତି !

କିନ୍ତୁ ସେ ନଛୋଡ଼ବନ୍ଧା । 'କହ୍ନୋ, ଗଲ ନାହିଁ ? ଆଉ କେତେବେଳେ ଯିବ ?' ଇତ୍ୟାଦି ଆପତ୍ତି ଯାଉଣୁ ତାଙ୍କ ତୁଣ୍ଡରେ ଲେପଟି ଲାଗି ରହିଥାଏ ।

ଦେଖିଲି, ଘରେ ରହିଲେ ସେ ଆଉ ବସେଇ ଉଠେଇ ଦେବେ ନାହିଁ । 'ମା କାଳୀ' ବୋଲି କହି ବାହାରି ପଡ଼ିଲି !

ଶୁଣିଥିଲି ଲଣ୍ଡା ଦେଉଳକୁ କାଏ ଜଣେ ସାଧୁ ଆସିଛନ୍ତି । ମହା ଯୋଗୀ ପୁରୁଷ । ସିଧା ସିଧା ଚାଲିଲି ସେଠିକି । ଗୋଟିଏ ନଶ୍ୟ ଗୁଣ୍ଡ ଆଉ ପାଞ୍ଚଅଣା ପଇସା ଥୋଇ ଦେଇ ଲମ୍ବ ଖମ୍ବ ପଡ଼ିଗଲି ଗୋଡ଼ ତଳେ ।

'ଅରେ ପଗଲା ଉଠ୍ ଉଠ୍' କହି ମୋ ମୁଣ୍ଡରେ ହାତ ମାରି ଉଠାଇ ଦେଲେ । ପରମ କାରୁଣିକ ସ୍ୱରରେ ପଚାରିଲେ 'କ୍ୟା ଦୁଃଖ ବେଟା ?'

ମୁଁ ସବୁ ହାଲତ୍ କହିଗଲି । ଶୁଣି ସେ କହିଲେ, 'କୁଛି ପରୁଆ ନାହିଁ, ତୁ ଯୋଗ ସାଧନ କର...ସବ୍ ଭଲ ହୋ ଯାବେଗା ।'

ମୁଁ କହିଲି 'ଆଜ୍ଞା ଗୃହସ୍ଥ ସଂସାରୀ ଲୋକ ଯୋଗ ସାଧନ କରି ପାରିବ ?'

'ଖୁବ୍ ବେଟା ଖୁବ୍ । ସକାଳୁ ପ୍ରାଣାୟାମ ଏକଘଣ୍ଟା, ଅପର ଯୋଗାସନ ଅଧା ଘଣ୍ଟା । ଶାମକୁ ପ୍ରାଣାୟାମ ଅଧା ଘଣ୍ଟା ଚଳିବା ପାରିବୁ ନାହିଁ ?'

'ଚେଷ୍ଟା କରିବି ।'

'ଅଉର୍ ଗୋସ୍ତ୍, ମାଛଲି ଛୋଡ଼ ଦୋ । ଅଲ୍‌ଗ ଛୋଡ଼ନେ ସେ ଅଚ୍ଛା ହୋଗା । ଖାଲି ଦୁଧ ଔର ଶାକ୍ । ଅଭି ଯା— କଲ୍ ସବେରେ ଆନା । ଆସନ ପ୍ରାଣାୟାମ ବତଲାଇ ଦେଗା...

—*—

ଚଳ—ଶ୍ରୀ—ମଧୁ ପତ୍ର

ଥୋଡା ସେର ଭର ଖାଣ୍ଟି ଦୁଧ ଔର ଗଞ୍ଜେଇ ଘିଉ ଲେଆନା ।' ସେ ଗାଙ୍କ ଚରଣ ତଳେ ଦଣ୍ଡବତ୍ କରି ବିଦା ହୋଇ ଆସିଲି ।

ଘରେ ପହଞ୍ଚିଲା ବେଳକୁ ଦେଖିଲି ଜଣେ ଜଟାଧାରୀ ଲମ୍ବ ଦାଢ଼ିବାଲା ମହାପୁରୁଷ ବସି କଉଛନ୍ତି । ଗୃହିଣୀ କହିଲେ— 'ଏ ହେଉଛନ୍ତି ସିଦ୍ଧ । ବାବା ଧବଳେଶ୍ୱରଙ୍କ ହୁକୁମ ପାଇଛନ୍ତି । ତମକୁ ଦେଖିବା ପାଇଁ ଅଟକେଇ ରଖିଛି । ଏତେବେଳଯାଏ ଯାଇଥିଲ କୁଆଡେ ମ ? ମୁହଁ ରହିଚ କଣ ବଲ ବଲ କରି । କର, କର, ଗୋଡ଼ ତଳେ ପଡ଼ି ଦଣ୍ଡବତ୍ କର । ବାବାଙ୍କ ଦୟା ହେଲେ ଆଉ କଣ ରୋଗ ବାନ୍ଧି ହୁଇ ପାରିବ ।'

ଏକ ନିଶ୍ୱାସରେ ସେ ଡର ଡର କରି ଏତେ ଗୁଡ଼ାଏ କଥା କହି ପକାଇଲେ ଯେ ମୁଁ ବୁଝିଲି ସେ ବଡ଼ ଅଧୈର୍ଯ୍ୟ ହୋଇ ପଡ଼ିଛନ୍ତି ।

ଦଣ୍ଡବତ୍ କଲି । ସିଦ୍ଧ କହିଲେ ବସ ।

ପ୍ରେୟସୀ ଆଗରୁ ସବୁ କହି ସାରିଥିଲେ । ସେ ପରିଶ୍ରମଟା ମୋତେ କରିବାକୁ ପଡ଼ିଲା ନାହିଁ । କିନ୍ତୁ ସିଦ୍ଧଙ୍କର ମୋତେ ଗୃହସ୍ଥ ଦେଖିବାର ଦରକାର ଥିଲା । ମୋର ଆପାଦ ମସ୍ତକ ପାଞ୍ଚ ମିନିଟ ଯାକେ ନିରୀକ୍ଷଣ କରି ଶେଷେ କହିଲେ— ଏ ଗୋଟାଏ ସଇତାନ-- ଖୁବ ଜବ୍‌ବର ସଇତାନ ବାବା । ମୁସଲମାନ କବରଖାନା ଆଡେ ଯାଇଥିଲ କି କେବେ ?

'ସେଇଟା ତ ବାଟ ଅମର । କଚେରୀ ଯିବାକୁ ପଡ଼େ ।'

'ହଁ —ସେଇ ସକାଳରେ ।'

'ତାହା ବି ହୁଏ ।'

'ହୁଁ' କହିଦେଇ ସିଦ୍ଧ ଗମ୍ଭୀର ହୋଇ ପୁଣିଥରେ ମୋତେ ଆଖି ତରାଟି ମୁହଁ ରହିଲେ । ବୋଧହୁଏ କଣ କରିବେ ତାହା ସ୍ଥିର କଲେ ସେଥି ଭିତରେ । କହିଲେ—ବୁଝିଲ ବାପା, ସବୁବେଳେ ସବୁକଥା ହୁଏନା । ତାର କାଳ ବେଳ ଅଛି—ଗ୍ରହ ନକ୍ଷତ୍ର ଅଛି । ଏମିତି କପଟରେ ତାର ନଜରରେ ପଡ଼ି ଯାଉଛ ଯେ

ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com

# କୋଣାର୍କ ଦର୍ଶନ

ପୂର୍ବପ୍ରକାଶିତ ଭାଗରୁ

ଲେ—ଲକ୍ଷ୍ମୀକାନ୍ତ ମହାପାତ୍ର

ସେଠାରେ ବିଖ୍ୟାତ ପ୍ରତ୍ନତାତ୍ତ୍ୱିକ ଶ୍ରୀ କେଦାରନାଥ ମହାପାତ୍ର ଓ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କର ସହିତ ସାକ୍ଷାତ ହେଲା । ଓଡ଼ିଶା ସରକାର ଏତେଗୁଡ଼ିଏ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଏକ ସ୍ଥାନରେ ଠୁଳାଇ ରଖିଛନ୍ତି, ସୁଖର କଥା ।

ଡକ୍ଟର ପରମାନନ୍ଦ ଆଚାର୍ଯ୍ୟ କହିଲେ— ଆପଣ ଏତେ ଶୀଘ୍ର କୋଣାର୍କ ଦେଖି ଫେରି ଆସିଲେ ଯେ ? ମୁଁ କହିଲି—ମୁଁ ତ ପ୍ରତ୍ନତତ୍ତ୍ୱ ଗବେଷକ ନୁହେଁ, ମୋର ଦୂରରୁ ଥାଇ ଦେଖିବାର କଥା—ଆପଣ ସିନା ବଣେଇଙ୍କ ଘର ଝିଙ୍କାଣି ଦେଖି ତାର କାଳ, ଜାତି ପ୍ରଭୃତି ନିରୂପଣ କରିବେ । ଆମେ ଦେଖିବୁଁ କେବଳ ତାର ସୌନ୍ଦର୍ଯ୍ୟ । ଗୋଟାଏ ମୋଟାମୋଟି ଧାରଣାହିଁ ଆମର କାମ୍ୟ ।

ମୁଁ ଭାବୁଛି କଳ୍ପନା ଓ କୌତୂହଳରେ ମଧୁରତା ଅଛି । ଆମ୍ଭେ ଯେ କେବେ ତୃପ୍ତି ନାହିଁ, ତା ପଛରେ ଆମ୍ଭର କଳ୍ପନା କେତେ ମଧୁର ! ତୃପ୍ତି ଆସିଲେ ଆଉ ସେ ସୁଖ ଥାଏ କି ?

କଥାରେ ଶୁଣି ଓ ବହିରେ ପଢି କୋଣାର୍କର ଯେଉଁ ଅନେକ ରୂପ କଳ୍ପନାରେ ଆଙ୍କିଥିଲି ବାସ୍ତବ କୋଣାର୍କ ଦେଖିଲା ପରେ ତାହା ଛିନ୍ନଛତ୍ର ହୋଇଗଲା । ମାନୁଛି, ଚକ୍ଷୁବାଳର ଗୋଟାଏ ଅଞ୍ଜଳିପ ପରିତୃପ୍ତ ହେଲି—ମନ ଦୁଃଖ ଲାଗୁଛି, ମୋର ସେ ସ୍ୱପ୍ନ ଭାଙ୍ଗି ଯାଇଛି । ଏଇକ୍ଷଣି ଭାବୁଛି ଏତେ ଜିଦ୍ କରି ଯେ କୋଣାର୍କ ଦେଖିଲି ତାହା କରି ନଥିଲେ ଭଲ ହୋଇ ଥାଆନ୍ତା । ସେହି ସ୍ୱପ୍ନିଳ ଛବିଟା ଚିରନ୍ତନ ହୋଇ ନେତ୍ରପାତେ ରହି ଯାଆନ୍ତା ।

ନୂଆ ରାଜଧାନୀ ଗସ୍ତକୁ ପୂର୍ବରୁ ଲେଖକ ସମ୍ପର୍କ ବନ୍ଧୁ ଗୃହର କର୍ମକର୍ତ୍ତା ଶ୍ରୀ ସୁଧୀର ବୋଷଙ୍କ ଅତିଥି ହେଲୁଁ ତାଙ୍କ ଘରେ— ପରିବାର, ପରିଚ୍ଛନ୍ନ ଚକଚକିଆ ଘର । ଗୃହେଶ ( host ) ଓ ଗୃହେଶ୍ୱରୀ [hostess] ଉଭୟେ ଆମକୁ ଅତିଯତ୍ନ ସହକାରେ ଉପାଦେୟ ଜଳଖିଆ ଓ ଚାହା ଖୁଆଇଲେ । ତାହାଠାରୁ ଅଧିକ ମଧୁର ଲାଗିଲା ସେମାନଙ୍କର ସ୍ନେହାଦର । ଏପର୍ଯ୍ୟନ୍ତ ଖରାରେ ଦୀର୍ଘ ପଥ ଅତିକ୍ରମ କରି ଆମେ ଯେପରି ଶ୍ରାନ୍ତ, କ୍ଳାନ୍ତ ହୋଇ ପଡ଼ିଥିଲୁଁ, ତାହା ଏଇଠି ଭୁଲେଇ ଗଲୁ ।

ବାଟରେ ଶ୍ରୀମତୀ ସୁମତି ଉଦୟଗିରି, ଖଣ୍ଡଗିରି ବୁଲି ଆସିଲେ । ମୁଁ ଆଗରୁ ଦେଖିଥିଲି । ଆଉ ଦେଖିବାର ସାମର୍ଥ୍ୟ ନଥିଲା କି ସ୍ପୃହା ବି ନଥିଲା ।

ଏଥର ସିଧା ସିଧା ମଟର ଛାଡ଼ିଦେଲୁ । ସନ୍ଧ୍ୟା ସାଢ଼େଛଟା ସମୟ କଟକ ଧରିଲୁଁ ।

କୋଣାର୍କ ଦେଖିସାରି ଭାବୁଛି—ବାରବର୍ଷ କାଳ ବାରଶହ ବଢ଼େଇ ଲଗାଇ, ଓଡ଼ିଶା ସାମ୍ରାଜ୍ୟର ବାରବର୍ଷର ଆୟ ଖରଚ କରି ଏତେ ବଡ଼ ଦେଉଳ ତୋଳାଇବାର କି ଲାଭ ଥିଲା ରାଜାଙ୍କର ? ଗୋଟାଏ ସଉକ ନା ଅହଙ୍କାର ? ସମସ୍ତେ ଜାଣନ୍ତି ଯେତେ ଠାଣିଆ କରି ଗଢିଲେ ମଧ୍ୟ କୌଣସି ପଦାର୍ଥ ଏ ଜଗତରେ ଚିରସ୍ଥାୟୀ ନୁହେଁ । ଆଜି ହେଉ କାଲି ହେଉ ଶହେ ବର୍ଷରେ ହେଉ ହଜାରେ ବର୍ଷରେ ହେଉ ତାର ନିଶ୍ଚୟ କ୍ଷୟ ଓ ବିଲୟ ଘଟିବ । ତଥାପି ମଣିଷ ନିଜକୁ ବଞ୍ଚାଇ ରଖିବା ପାଇଁ ପୋଖରୀ ଖୋଳାଏ, ଦେଉଳ ତୋଳାଏ, କୋଠାବାଡ଼ି କରେ, ସଂପତ୍ତି ଖଞ୍ଜେ । ନିଜର ନାଆଁ ରହିବ ବୋଲି ପୁତ୍ର କନ୍ୟା ଉତ୍ପାଦନ କରେ । ସେତେବେଳେ କାଳ ହସୁଥାଏ । ଏହିପରି କେତେ ସାମ୍ରାଜ୍ୟ ଯାଇଛି । କେତେ ସଭ୍ୟତା ଲୋପ ପାଇଛି, କେତେ ଅକ୍ଷୟ କୀର୍ତ୍ତି ନିର୍ମୂଳ ହୋଇଛି । କୋଣାର୍କ ଦେଉଳ ଉତ୍କଳୀୟ ଶିଳ୍ପକଳାର ଗୌରବମୟ ମୁକୁଟ ଧାରଣ କରି ମହାମହିମାରେ ମୁଣ୍ଡ ଟେକିଥିଲା, ଆଜି ତାହା ଅର୍ଦ୍ଧ ବିଲୁପ୍ତ । କେତେକାଳ ପରେ ଏତେ ଯତ୍ନ ସତ୍ତ୍ୱେ ତାର ଚିହ୍ନ ବି ରହିବ ନାହିଁ । ଆଉ କିଛି ଦିନ ତାର ସ୍ମୃତି ମାତ୍ର ସାର ହୋଇ ରହିବ, ତାପରେ ପୂର୍ଣ୍ଣ ଭାବରେ ଲିଭିଯିବ । ମହାକାଳ ସହିତ ମଣିଷର ଏହି ସଂଗ୍ରାମ ତଥାପି ଲାଗିରହି ଥିବ—ମଣିଷ ଜାତି ଯେତେ ଦିନ ଯାଏ ଧ୍ୱଂସ ହୋଇ ନଥିବ— ସେତେଦିନ ଏହି ସଂଗ୍ରାମହିଁ ବୋଧହୁଏ ଜୀବନ । [ଶେଷ]

---

ସେ ରାତି ଉଠେଇ ବସିଯାଇ ଭାଳୁଥାନ୍ତି ଧରି ପଡ଼ାଇସଣି ।

ଦେଖିଲି ଗୃହିଣୀଙ୍କ ମୁହଁ ଶୁଖି ଗଲାଣି । ପ୍ରସ୍ତ କଦମ୍ବାଳେ ଉପରେ । ସିଦ୍ଧ କହିଲେ—ହାଣ୍ଡି ଖଣ୍ଡାଏ ଭାତ ଅଟକ ଟେକିଗଲା ଅଳ୍ପ ଗୁଡ଼ାଳ, ଘିଅ, ଧୂପ, ଫୁଲ, ନୈବେଦ୍ୟ ବେଶ ସରଞ୍ଜାମ ଦରକାର । ତାଙ୍କୁ ଡାକ ଲୋକ !—ଆଉ ଡାକିଲେ ? ପାଠାଏ ଖଡିଖ ଦେଲା ତାଙ୍କ ଲାଗି ଘୁଷୁଡ଼ିଲେ, ଘୁଷୁଡ଼ିବାର ଦରକାର । ଆମ ହିନ୍ଦୁ ଭୂତ ହୋଇଥିଲେ ତୋତେ ଚୌଦିରେ ଚଳନ୍ତା ସିନା ।

ମୁଁ କହିଲି, 'ଓଃ ଫେଁପେ ମୋ ପାଇଁ କିଛି ନାହିଁ ତ ।'

'ଘୁଷୁର ଚାଳର ଧୂପ ଦେବି । ସେଇଥିରେ ସଇତାନ ଛାଡ଼ି ପଳେଇବ । ତାପରେ କାଳକା ଯାହା ସେ ରହିଲା କରି-ଥିବ ତାହା ଅଳ୍ପକେ ସୁଧାରି ଯିବ । ପାଏ କଞ୍ଚା ଲଙ୍କା ମରିଚ ପାଏ ତେନ୍ତୁଳି ମଣ୍ଡ ଏକା ସାଙ୍ଗରେ ଗୋଳେଇ ପିଇବ ଦୁଇଓଳି ।'

ନାନା କଥା ଶୁଣି ଶୁଣି ମନ ତ ଆଗରୁ ଚଟିଥିଲା । ଏଇଥର ଦନ୍ତ ଭାଙ୍ଗିଗଲା କ୍ରୋଧ୍-କରି । କହିଲି, 'ହଇହେ ସିଦ୍ଧ, ତମେ ପୁଅ ଦେଇ ପାରିବକି ? ଆମ ଘରଙ୍କର ପୁଅଟିଏ ଲୋଡ଼ା କରିବାକୁ ଭାରି ମନ ।'

ଗୃହିଣୀ ପକ୍ଷମ ହୋଇ ଉଠିଲେ । କହିଲେ 'ଏଇ ବୁଢ଼ାକାଳର ବୁଦ୍ଧି ଅକଲ ସବୁ ପୋଡ଼ି ଖାଇଲ ? ମୁହଁ ଠାରେ ବାଡ଼ବତା ନାହିଁ । କଉଠି କଣ କହନ୍ତି ଟିକିଏ ହିସାବ ହେଲେ ଥାଆନ୍ତା । ସିଦ୍ଧ ମହାପୁ କଣ ବଗୃହବେ ଭଲ ।'

ମୋର ବି ମୁଣ୍ଡ ଗରମ । କହିଲି, ହଇହେ ସିଦ୍ଧ ଏ ବୁଢ଼ୀର ତମ ଉପରେ ଭକ୍ତିଟା କେମିତି ତ ଦେଖୁଛ । ପୁଅଟିଏ କରାଇ ଦେବାକୁ ପଡ଼ିବ, ତା ନୋହିଲେ ଆଉ ବସିଛ ତୁମେ ।

ବେଗତିକ ଦେଖି ସିଦ୍ଧ ବାବାଜୀ ଓହ୍ଲାଇ ବାହାରି ପଡ଼ିଲେ । ମୁଁ କହିଲି 'ଯାଉଛ ଯାଅ ହେ—ବୁଢ଼ୀ ତ ଛାଡ଼ିବ ନାହିଁ—ଏମିତି ନୋହିଲେ ସାଙ୍ଗରେ ଗୋଡ଼େଇ ଯିବ ।'

ସିଦ୍ଧ ବାକ୍ୟବ୍ୟୟ ନକରି ଏକ ନିଶ୍ୱାସରେ ଚାଲିଦେଲେ—ଏହା ପରେ ଭୀଷଣ ମଧ୍ୟମର

ଅବଶିଷ୍ଟାଂଶ ୧୧ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ଆରତତ୍ରାଣ ଚଉତିଶାର ଲାଳିକା

ପୂର୍ବପ୍ରକାଶିତ ଉତ୍ତାରୁ

ଲେ—ହନୁମନ୍ତ

। ଦ ।

ଦଳ୍ ଦଳୁଅ ବୋଲି          ଦକା ଚେତକ ଉକଳ
ସକାଇ ତୁମ୍ଭର ଚରଣେ
ଦେଲ ଯୌବନ ଦଣ୍ଡ          ଦରଜ ହେଲୁ ମୁଣ୍ଡ
ଦେଖୁଛ ନାହିଁ ଅକ୍ଷି କୋଣେ ହେ, ଦଗାଦାର
ଦରଦଅ ନାମ ତୁମ୍ଭର
ଦଲ କଟେ ସୁବସ୍ତ୍ରାର
ଦୁଃଖ ଦାବଦର ପଡ଼ି          ଦାନ୍ତ ମୋ ଗଲୁ ଝଡ଼ି
ଏ ଦଶା ହୋଇବ କାହାର ।

। ଧ ।

ଧରିଛ ଏହ ଦମ୍ଭ          ହେଉଣ ଲମ୍ବ ଖମ୍ବ
ତୁମ୍ଭର ଶରଣ ପଶିଲେ
ଧରି ବକଟ ରୂପେ          ବନାଣ ଭର କୋପେ
ବିପଦ ତାରକ ଦାଣ୍ଡିଲେ ହେ, ଧର୍ମରାଜ
ଧ୍ୟାନରେ ଯାହା ନାମ ଜପି
ଧରାରେ କେ ନଗଲୁ ଟପି
ଧୂଳି ଧୂସର ହୋଇ          ଧଡ଼ାଇ ବାନ୍ଧୁଛଇଁ
ରହିଲ କାହିଁ ପ୍ରଭୁ ଛପି ।

। ନ ।

ନଦାଭୂଣ ଠାକୁ          ତେଣ ନଅଁ କାଣକୁ
ଏତେବ କପାଇଁ ଦଅ ଠାଇ.
ନହାତ ଗଲେ ନାଶ          ନରକ ଏହ ଦାସ
ନାମରେ ଲାଗିବଟ କାଳ ହେ, ନାଟଦେଖା
ନସହ ଅରଜର ରଡ଼
ନମ୍ପେ ଦୁଃଖ ଦେଲ ଭଡ଼
ନଧନ ସମୟରେ          ନଗଟ ଜନଠାରେ
ଯାଉଛି କିନା ନଡ଼ବଡ଼ ।

। ପ ।

ପଡ଼ିହଠ ସକଳ          ପାନ କଣ୍ଠ ଅମଳ
ପଡ଼ିଛି ଚରଣେ ତୁମ୍ଭର
ପ୍ରଭୁଙ୍କ ଅବଗୁରେ          ପେଲ ଦେଉଛ ମୋରେ
ପ୍ରଦଟର ପହଲ ନମ୍ବର ହେ. ପେଡମ୍ବହଁ।
ପଡ଼ପର ତୁମ୍ଭର ନହିଁ
ପଲ୍ଲବ, ପାଯୁସ ଖୁଅଇ
ପୋଷି ଥିଲ ଯାହାକୁ          ପିଅଇ ପଞ୍ଜାଳକୁ
ନାହିଁ ଦବୁଛ କାହିଁ ପାଇଁ ।

। ଫ ।

ଫେଉ କହ୍ଵନ କେତେ          ଫୁହାଣି ଭାଳ ଷେତେ
ଫଡ଼ଅ ତଳ ଅଶ୍ରୁ ଦର
ଫୁଲ ଗାନ୍ଧିଅ ତୁଳୁ          ଛାଣିଣ ଭାହା ସବୁ
ଫିଙ୍ଗିଲ ଫଟା ଯୋଡା ପର ହେ, ଫିସାଦଅ
ଫନ୍ଦା ମୁଁ କରିଛି ତୁମ୍ଭକୁ
ଫାଙ୍କିବ କୋଲୁ ଜଗତକୁ
ଫିକର ଫାନ୍ଦେ ପଡ଼          ଫାଳାସି ଗଳ୍ପ ବଢ଼
ରଖ ନରକ ଫକରକୁ ।

। ବ ।

ବସ୍ତ୍ର କସୁବନ୍ତ          ବଡ଼ଟ ହନୁମନ୍ତ
ବଣାଳ ବଳଅର କାନ୍ଧ
ବିଷମ ସମୟରେ          ବକଳା ଜନଠାରେ
ବହିଲ ନାହିଁ ଦୟା ଅବ ହେ, ବାସଦେଟ ।
ବେଦମ ବିପଦ ପଡ଼ିଲି
ବହନ ବହୁତ ବୁଡ଼ିଲି
ବଦ୍ଧୁତ ବଳ୍ପ ବଳ୍ପ          ବରାଦେ ଗଳ୍ପ ଥକ୍କ
ବୁଲୁରେ ବାଇ ବାଗଛଲି ।

। ଭ ।

ଭେଦଭ ଶେ ଭ ହରଣ          ଭଣ୍ଡ ଭେପା ଭରଣ
ଭୋଗୀଜନଙ୍କ ଉଚ୍ଚାରଣ
ଭାବୁଛି ମନେ ମନେ          ତୁମ୍ଭ ଭଜ ଭୁବନେ
ଅଛୁ ଭେ ଦାଭାଟେ ଭୂଷଣ ହେ, ଭୃଣ୍ଡାଭିଲ
ଭକ୍ତବତ୍ସଳ ତୁମ୍ଭ ଭୂଦ
ଭୁଷୁଡ଼ି ଗଲ୍ପ ଦରଦ
ଭାଙ୍ଗ ଗୁଣ୍ଡାଏ ଦେଇ          ଭୁଙ୍କେ ରଖିଲ ନାହିଁ
ଭେମଟେ ଭୋଲୁଅ ମରଦ ।

(ଅବଶିଷ୍ଟାଂଶ ପରଧୃଷ୍ଟା ଦେଖନ୍ତୁ)

---

ସମ୍ପାଦନା ଅନୁମାନ କଥ ହ୍ଵଏଟ । ଗୃହିଣୀ ମଧ୍ୟ ଲଜ୍ଜା ସଙ୍କୋଚରେ ନୀରବ ରହିଗଲେ । — କେଉଁ ଦେଶର ହୃଦେଇ ଯାକ ତୁନ ହୋଇ ରହିଲ ।—କାଲେ ଅପଗାଇପ ଦେଇଥିବ କଥା—। ଏତିକରେ ଅଣିରୁ ଦୁଇଧାର ଲୁହ ଗଡ଼ି ପଡ଼ିଲା ତାଙ୍କର । ମୁଁ ବି ଉତ୍କଣ୍ଠା ସଂକଟରୁ ରକ୍ଷା ପାଇ ଗଲି ।

ସେହିଦିନଠୁ ଦେଖିଛି ଚୂହିଣୀଙ୍କର ମୁହଁରୁ ହସ ଲିଭିଯାଇଛି । ସବୁବେଳେ ଯେପରି ଗୋଟାଏ ଅନାଗତ ଅବୋଧ୍ୟ ବିପଦର ଆଶଙ୍କାରେ ଭୀତ ସନ୍ତ୍ର । ମୋତେ ଲାଗୁଛି ଯେପରି ସେ ଦିନକୁ ଦିନ ଝାଉଁଳି ପଡ଼ୁଛନ୍ତି ।

ଏସବୁ ଦେଖି ମୋ ବେମାର ହୁଅନ୍ତେ ପଳେଇଗଲାଣି । ତାଙ୍କର କଥା ହୋଇଛି ମୋର ପ୍ରଧାନ ଚିନ୍ତା । ଡାକ୍ତର, ଦରବୃଜ ହୋମିଓପାଥ, ହାକିମି, ସାଧୁ, ସିଦ୍ଧ କାହାକୁ ଦେଖାଇବ । ଏ ବିଷୟରେ କେହି ସୁଦ୍ଧା ପାଠକ ପାଠିକା କେହି ଟାଏ ସୁପରାମର୍ଶ ଦେବେକି ?—ଭଗ ଭରିବ !



Digitized by srujanika@gmail.com

| ୧ |

ମୋରେ କଲ ଅନ୍ତର　　　　ନାମ କରି ମନ୍ତର
ଅନ୍ତେ ଜପୁଥିବି ମୁହିଁ
ମେଘ ଦେଖି ମୟୂର　　　　ମଦନ୍ତି ମାତାଲର
ମମତା ଯେଭଳି ହୁଅଇ ହେ, ମଗଜିଆ
ମୋଠେଇଁ ମାୟା ! ନ ବଢ଼ିବ
ମାଗୁଣି ମୋର ନ ସହିବ
ମୁଣ୍ଡ ତୋଉ ମୁଁ ପାଦେ　　　　ମରିବି ସିନା ଖେଦେ
ମହତ ତୁମ୍ଭର ରହିବ ।

| ୨ |

ଯାହା ନାମ ସ୍ମରଣେ　　　　ଯାବତ ଭୟ କେଶେ
କ୍ଷଣକେ ଯାଏ ଅପସରି
ଯାମିନୀ ଦବା ମୁହିଁ　　　　ତାହା ଶରଣ ନେଇ
ଜୀବନ ଗଙ୍ଗ ତରି କରି ହେ, ଯଦୁବର
ଯାହାକୁ କରିଥିଲି ଆଶା
ଯେବେ ସେ ନୋହିଲ ଭରସା
ଯାପିବି ସିନା ଦିନ　　　　ଯେସନ୍ତେ ଜାଲରେ ମୀନ
ଜଗତେ ହୋଇ ଲୋକହସା ।

| ୩ |

ରଦନେ ଘନ ଘନ　　　　ପ୍ରେମକୁ କରି ପାନ
ରହିଛି ଯାହାର ଅଧର
ରଙ୍ଗଣା ଏତେ ହେଲ　　　　ଭୁଏ ତନେ ନ ଦେଲ
ଭୃତ୍ୟ ହୋଇଲି ହରବର ହେ, ରସଚଣା
ରସିକ ପଣେ ଛଣ କାମ
ରସାରେ ରହିଅଛି ନାମ
ରଚିଏ ମାତ୍ର କୃପା　　　　ନକରି ଦେଲ ଧପ୍ପା
ମୋ ଧର୍ମ ଏମନ୍ତ କି କାମ ।

| ୪ |

ଲଘା ନୋହୁଛି ଯେବେ　　　　ମୋର ଦୁଃଖକୁ ଲଭେ
ଲଦିକୁ ମୁଣ୍ଡ ପରେ ଦଣ୍ଡ
ଲଭ ନାହିଁକ ମୋତେ　　　　ଲାହିଁକ ମିଛେ ତୋତେ
ଲୋଡ଼ ହୋଇବ ଲଣ୍ଡ ଭଣ୍ଡ ହେ ଲମ୍ପଟେ ର
ଲଗାଇ କନ୍ଦୁମଟା ଲୀଳା
ଲଭ ଏବେଳକୁ ସର୍ଜିଲା
ଲେଉ ଲୋଚନେ ଯାଉ　　　　ଲଲେଇ ହୋଇ ହୋଇ
ଲସିକୁ ଯେସନ୍ତେ ଅଣ୍ଟକଳା ।

| ୫ |

ବଞ୍ଚନ କରି କ୍ଷଣେ　　　　ବୋଡ଼ା କଚଟି ଘଣେ
ବେଦୀ ଦେଗଳା ମଡ଼ାଇଲି
ବେଦାର, ବାରବୁଲ　　　　କେତେ ବ୍ୟକ୍ତିକୁ ଭଲ
ବ୍ୟୋମ ବିମାନ ଚଢ଼ାଇଲି ହେ, ବାହାପିଆ
ବଣର ଶପଟୁ ଭଲର
ବହପ ବୁଡ଼ିଲି ମୋହର
ବାନକୁ ଭାବ ମୋତେ　　　　ବଚନ ଦେଇ ଏତେ
ବିଶ୍ୱ କହୁଛି ହରବର ।

| ୬ |

ଗଣକ ଶସ୍ତ୍ରୀ ଧରି　　　　ହିଂସ୍ରକୁ ଶଙ୍କା କରି
ଫୁଙ୍କାରି ଯେବେ ନ କହିବ
ଶୁଣ ହେ ମହାମେରୁ　　　　ଏ ଶୋକ ସାଗରରୁ
ସହଜେ କେମନ୍ତେ ତରିବ ହେ, ଶଠ ଲଅ
ସରବଜାଣ ବୋଲି ଖ୍ୟାତ
ସଂସାରେ ଜଳୁଅଛି ବାତ
ସେବକ ଦୁଃଖ ଜାଣି　　　　ଶୋଇ ଗଲେଟି ପୁଣି
ଫାଟିକି ଯିବ ନାହିଁ ଛାତ ।

| ୭ |

ଷଡ଼ରସ ଯାହାର　　　　ନାଟପ୍ରତ ଆହାର
ତାହାର କି ଦେବି ଉପମା,
ଷଟ୍‌ପଦକୁ ଜିଣି　　　　ରସିକ ଶିରୋମଣି
ଗୁଣର ନାହିଁ ଯାର ସୀମା ହେ, ଷଣ୍ଢ଼ସୁର
ସୁଆଦ ଭରା ଯାର ବାଣୀ
ଶୋକ ସନ୍ତାପ ଦିଏ ହାଣି
ଶୁଣିଅଛି ଅହୁରି　　　　କଥାଏ ଚତୁରି
ପଥର କରିପାରେ ପାଣି ।

| ୮ |

ଶୁଣି ତୁମ୍ଭେ ଶରଣା—　　　　ଗତ ଜନତାରଣ
ଜାରଣ ଶତ୍ରୁ ଜନଙ୍କର
ସେ କାରଣେ ଚରଣ　　　　ସରୋଜକୁ ଧାରଣ
କରି ମୁଁ ଥାଉଛି ଫିକର ହେ, ସିହାଣିଆ
ସବୁ ସମର୍ପି ତୁମ୍ଭ ଠାଇଁ
ଶୂନ୍ୟକୁ ରହିଛି ଚାହିଁ
ସାହା ନୋହିଲେ ସାଇଁ　　　　ସହିବେ କୃହା ଖାଇ
ସାଆନ୍ତେ ପଡ଼ିବଇଁ ଶୋଭ ।

| ୯ |

ହୃଦୟ ଅଛି ଅଣ　　　　ହୋଇ ତୁମ୍ଭର ଦାସ
ହାସ୍ୟକୁ ନେଇଯିବ ମାତ୍ର
ହୋଇ କରୁଣାକନ୍ତ　　　　କରୁଛ ହନ୍ତସନ୍ତ
ହଲକ ଦେଉଅଛ ଶାସ୍ତ୍ର ହେ, ହଠଭାଗୀ
ହତାଶ ହୋଇଲାଣି ମନ
ହାଇ ଉଠଇ ଘନ ଘନ
ହୁଡ଼ ବପରେ ନାହିଁ　　　　ଲାଗିଲା ଭଲ ତାହିଁ
ହାଣିରେ କୁହେ ହୁତାଶନ ।

| ୨ |

କ୍ଷମାସାଗର ବୋଲି　　　　କହିଲି ମୁହିଁ ଖୋଲି
ସେକଥା ଶୁଣ ବା ନଶୁଣ
କ୍ଷତହେବାକୁ ଭାରି　　　　ଆଉ ସହି ନପାରି
ଦେଇଛି ଗାଳି ପୁଣ ପୁଣ ହେ, କ୍ଷିତପାଳ
କ୍ଷତ ବିକ୍ଷତ ମୋର ହୃଦ
କ୍ଷୋଭରେ ଜନ୍ମାଇଛି ଖେଦ
କ୍ଷଣକେ ଦୟା ମୁହିଁ　　　　ଖଣ୍ଡିଆ ବଣ୍ଡ ଗାଇ
କ୍ଷାଳନ କର ଅପରାଧ ।

Digitized by srujanika@gmail.com

# ମୁଁ କାହିଁକି ଲେଖେ

ଲେ—ପଣ୍ଡିତ ଗୋଦାବରୀଶ ମିଶ୍ର

ଶ୍ରଦ୍ଧେୟ ସଂପାଦକ,

ତୁମ ସହିତ କଥାବାର୍ତ୍ତାରେ ମୁଁ ସେଦିନ ବୁଝିଲି; ତୁମେ ମୋତେ ପଚାରିଲ, 'ଆପଣ କାହିଁକି ଲେଖନ୍ତି?' ସେତେବେଳେ ମୁଁ ପ୍ରଶ୍ନଟି ଗ୍ରହଣ କରି ନେଲି ଏବଂ ଉତ୍ତର ଦେବାକୁ ସ୍ୱୀକୃତି ମଧ୍ୟ ଜଣାଇଲି । କିନ୍ତୁ କଲମ ଧରି ଉତ୍ତର ଲେଖି ବସିବା ବେଳକୁ ଭାବୁଛି, ମୋ ଉତ୍ତର ତ ଯାହି ହେବ, ତୁମ ପ୍ରଶ୍ନଟି ଭୁଲ ! 'ଆପଣ କାହିଁକି ନ ଲେଖନ୍ତି ?' ଏହି ପ୍ରଶ୍ନଟି ପଚାରିଥିଲେ ଠିକ ହୋଇଥାନ୍ତା । କାରଣ, ମୁଁ ପ୍ରକୃତରେ ଲେଖକ ମଧ୍ୟରେ ଗଣ୍ୟ ନୁହେଁ । ଲେଖାରେ ପ୍ରକାଶ କରିବା ନିମନ୍ତେ ଆଗରେ ବହୁ ବିଷୟବସ୍ତୁ ରହିଥିଲେ ସୁଦ୍ଧା, ମୁଁ ଲେଖେନାହିଁ । ଲେଖି ନପାରିବା ହିଁ ତା ମୂଳରେ । ମନରୁ ବିସ୍ତର ଧାରଣା ଆସେ, କିନ୍ତୁ ତାହା ଲିପିବଦ୍ଧ କରିବାକୁ ମତେ ଭାଷା ମିଳେନାହିଁ । ଲେଖିବସିବା ବେଳକୁ ଆଖୁ କାଉରେ ବଲ୍ଲଅ ପଶି ଯେପରି ହୁଏ, ମୋତେ ସେହିପରି ଲାଗିଯାଏ । ଯୌବନରେ ଲେଖିବା ଅଭ୍ୟାସ ମୁଁ ଯାହା କରିଥିଲି, ଯୌବନ ସହିତ ତାହା ଚାଲିଗଲା ।

ପ୍ରାୟ କୋଡ଼ିଏ ବର୍ଷ ତଳେ, ପାଟଣାରେ ତୁମରି ଜଣେ ଆତ୍ମୀୟ ଥରେ ଅକସ୍ମାତ ମୋତେ ପଚାରିଥିଲେ, 'ଆପଣ ଆଜିକାଲି ଆଉ କାହିଁକି ଲେଖୁନାହାନ୍ତି ?' ମୁଁ ଉତ୍ତର ଦେଲି, 'ଲେଖୁଛି ତ' ସେ ବିସ୍ମିତ ହେଲେ ତାଙ୍କ ମୁଖ ଭଙ୍ଗୀ ଦେଖି ମୁଁ ବୁଝିଲି, ସେ ଆଉ କଣ ପଚାରିବାକୁ ଭାଷା ଖୋଜୁଛନ୍ତି । ତାଙ୍କୁ ସେପରି ଏକ ଅବସ୍ଥାରୁ ଉଦ୍ଧାର କରିବା ସକାଶେ ମୁଁ କହି ବସିଲି, 'ଲେଖୁଛି—ଏହି ମାସକ ଭିତରେ ଦୁଇଟା ଲେଖିଛି ।' ତାଙ୍କ ବିସ୍ମୟର ମାତ୍ରା ଅଧିକ ବଢ଼ିବାର ଦେଖି ମୁଁ କଥା ସହିତ ତଥ୍ୟ ମିଶାଇ କହିଲି, 'ଆଶ୍ଚର୍ଯ୍ୟ ହୁଅନାହିଁ, ଗୋଟାକର ମୂଲ୍ୟ ତିନିଶହ ଟଙ୍କା, ଅନ୍ୟଟାର ଅଧିକ ବେଶୀ—ଚାରିଶହ ।

ଶୁଣାଯାଏ, ଇଂରେଜ କବି ସମ୍ରାଟ ମିଲଟନଙ୍କ ଅମର କାବ୍ୟ 'ପାରାଡ଼ାଇଜ-ଲଷ୍ଟର ପାଣ୍ଡୁଲିପି ପନ୍ଦରଶହ ଟଙ୍କାରେ ବିକ୍ରି ହୋଇଥିଲା । ବନ୍ଧୁ ତାହା ଜାଣିଥିବାରୁ ଭାବିଲେ, ମୋର ଦୁଇ ଗୋଟି ଲେଖା କୌଣସି ପ୍ରକାଶକ ସାତଶହ ଟଙ୍କାରେ କିଣି ନେଇଛନ୍ତି । କିନ୍ତୁ ମୋର ସେଇ ଦୁଇ ଗୋଟି ଲେଖା ଦୁଇଟି ହ୍ୟାଣ୍ଡନୋଟ ମାତ୍ର । ତେବେ ସେ ଋଣ ପରିଶୋଧ କରିବା ନିମନ୍ତେ ମୋତେ ବାଧ୍ୟ ବାଧକତାରେ ପୁନର୍ବାର ସରସ୍ୱତୀଙ୍କ ଆଶ୍ରୟ ନେବାକୁ ହେଲା । ଏଥର ମୁଁ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ନିମନ୍ତେ ପାଠ୍ୟ ପୁସ୍ତକ ଲେଖିବାକୁ ଆରମ୍ଭ କଲି । ତାହା ଗଞ୍ଜାମ ଜିଲ୍ଲାରେ ଚଳିଲା । ପ୍ରକାଶକ ମୋତେ ଛପା ପୃଷ୍ଠାରୁ ଦୁଇଟଙ୍କା ହିସାବରେ ମୂଲ୍ୟ ଦେଇ ତାର ସ୍ୱତ୍ୱ ଯାବତ ଚନ୍ଦ୍ରାର୍କେ କିଣିନେଲେ । ତା ପୂର୍ବରୁ ଅର୍ଥାଭାବରେ କେତେକ କାଳ ମୋତେ ଅନଶନ ବା ଅର୍ଦ୍ଧ ଅନଶନରେ କଟାଇବାକୁ ହୋଇଥିଲା । କେବେ କେବେ କେବଳ ପୋଡ଼ା ପାଚିଲା ତାଳ ଖାଇ କାଳ କଟାଇ ଦେଉଥିଲି । ସୁତରାଂ ମୋ ଲେଖା ଲାଗି ପ୍ରକାଶକଙ୍କର ଏ ପ୍ରକାର ମୂଲ୍ୟ ନିରୂପଣ ତାଙ୍କୁ ଓ ମତେ ଉଭୟଙ୍କୁ ବେଶ ସୁହାଇଲା ।

ଏବେ ଦେଖୁଛି, କୌଣସି କୌଣସି ଶିଶୁ ସାହିତ୍ୟ ପ୍ରେମୀ ବେଳେ ବେଳେ ଶିଶୁଙ୍କ ଉପଯୋଗୀ ଲେଖା ମୋତେ ମାଗନ୍ତି । ପାଠ୍ୟ ପୁସ୍ତକ ଲେଖକ ହିସାବରେ ପରିଚିତ ହୋଇଥିବା ଯୋଗେ ମୁଁ ଏ ସମ୍ମାନ ପାଉଛି । କିନ୍ତୁ ଏ ସଂମାନ ମୋର ୧୯୩୮ ମସିହାରୁ ଜନ୍ମିନଥିଲା । ସେତେବେଳେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ଶାସନ । ମୁଁ ପୁଣି ବ୍ୟବସ୍ଥା ପରିଷଦ ସଦସ୍ୟ ଭାବରେ ସେହି ମନ୍ତ୍ରୀମଣ୍ଡଳର ଜଣେ ପୃଷ୍ଠପୋଷକ । ସେତେବେଳେ ମୋର ଖଣ୍ଡିଏ ପାଠ୍ୟ ପୁସ୍ତକ ସରକାରଙ୍କ ଦ୍ୱାରା ନାମଞ୍ଜୁର ହୋଇଗଲା । ତାକୁ ପଢି ତାର ଉପଯୋଗିତା ବିଷୟରେ ମତାମତ ଦେଇଥିଲେ ଜଣେ କଂଗ୍ରେସର ବିଶିଷ୍ଟ ସହକର୍ମୀ । ସେ ନିଜ ମତ ଯେପରି ଭାବରେ ବ୍ୟକ୍ତ କରିଥିଲେ ତାହା ଅବିକଳ ଉଦ୍ଧାର କଲେ ହେବ— 'ଲେଖା ପ୍ରନଳରେ ସରସତାର ବାସେସ ଅଭାବ, ବର୍ନାସୁଧୀ ମଧ୍ୟ ଅନେକ ଅଛି ।'

ଆମ ଓଡ଼ିଶାରେ ଅନେକ ଲେଖନ୍ତି, ସେମାନଙ୍କ ମଧ୍ୟରୁ କେତେକ ଭଲ ମଧ୍ୟ ଲେଖିଥାନ୍ତି । ସରସ୍ୱତୀଙ୍କ ପ୍ରସାଦରେ ପେଟ ପୋଷିବା ସମ୍ଭବ ହେଉଥିଲେ, ଉଚ୍ଚ କୋଟିର ଲେଖକମାନେ, କିଏ ସରକାରୀ ଚାକିରୀରେ ମୁଣ୍ଡ ବିକନ୍ତେ ନାହିଁ, କିଏ ଓକିଲାତି ବ୍ୟବସାୟର ଆଶ୍ରୟ ନେଇ ନଥାନ୍ତେ, କିଏବା କାଠ କାରବାର ଆଡ଼କୁ ମନ ବଳାନ୍ତେ ନାହିଁ । କାହିଁକି ଲେଖନ୍ତି ବୋଲି ସେମାନଙ୍କୁ ପଚାରିଲେ, ସମସ୍ତେ ନିଶ୍ଚୟ ଏକ ସ୍ୱରରେ ଉତ୍ତର ଦେବେ, 'ଆମେ ହୃଦୟରେ ସରସ୍ୱତୀଙ୍କ ପ୍ରେରଣା ଅନୁଭବ କରୁ, ସେଥିପାଇଁ ଲେଖୁ ।' ମୁଁ ଏ ଉତ୍ତର ଦେଇପାରିବି ବୋଲି ମନେ କରୁନାହିଁ । ମୋର ଲେଖନୀ ଧାରଣ କରିବାର ଦୁଇଟି କାରଣ ଅଛି । ଗୋଟିଏ, ପେଟ ପୋଷିବାର ପ୍ରୟାସ ଅପରଟି, କର୍ତ୍ତବ୍ୟର ଅନୁରୋଧ । ପେଟ ପୋଷିବାର ପ୍ରୟାସ; ପାଠ୍ୟ ପୁସ୍ତକ ଲେଖିବାରୁ ବୁଝାଯାଉଛି । ସେ ପ୍ରୟାସ ଯେ ସର୍ବଦା ସାଫଲ୍ୟ ଲାଭ କରୁଛି, ତା ନୁହେ । ସେଥିରେ ଏକାଧିକ ଦୁର୍ଲଂଘ୍ୟ ବାଧା ଅତିକ୍ରମ କରିବାକୁ ପଡ଼େ । ସେଥିରୁ ଗୋଟିକର ଉଲ୍ଲେଖ ଉପରେ କରିଛି । ସବୁ ବାଧା ଲଂଘନ କରିସାରି ମଧ୍ୟ ଆଶାୟୀ ହୋଇ ଚାହିଁ ବସିବା ସମୟରୁ ପୁଣି ଏକ ନୈରାଶ୍ୟ ଆସି ଘୋଟିଯାଏ । କେତେକ ଲେଖକ ତା ପାଇଁ ଦାୟିତ୍ୱ ପ୍ରକାଶକଙ୍କ ଉପରେ ପକାନ୍ତି । ମୋ ମନରୁ ସେ ଧାରଣା ଯାଇନଥିଲା । ଏବେ ଗତ ଦୁଇମାସ ମଧ୍ୟରେ ଜଣେ ପ୍ରକାଶକ ଅନ୍ୟ ଏକ ପ୍ରକାଶକଙ୍କ ସଂପର୍କରେ ମୋର ସେହି ଧାରଣା ଜନ୍ମାଇବାକୁ ଚେଷ୍ଟା କରିଛନ୍ତି । ମଞ୍ଜିଟା ମାଟିତଳେ ଗଜାଇଲା ପରି ବୋଧ ହେଉଛି । ସମ୍ଭବତଃ ମାଟିରେ ପୋତା ହୋଇଥିବା ଯୋଗେ ସେପରି ହେଉଥିବ, କାଳେ ତା ଚୂନରେ ହୁଏତ ଫଳ ବିପରୀତ ହୋଇଥାନ୍ତା ।

ଅବଶିଷ୍ଟାଂଶ ୧୦ପୃଷ୍ଠା ଶେଷ ଦେଖନ୍ତୁ



Digitized by srujanika@gmail.com

# ତ୍ରିଭୁଜ ( ୨ )

ଲେ—ଅନନ୍ତ ପଟ୍ଟନାୟକ

କେଉଁଥିପାଇଁ ଯୋଗ୍ୟ ନୁହେଁ ମୁଁ—? ଟ୍ରେବ୍, ଡ୍ରକାଏଣ୍ଟ, ଖୁଣ୍ଟି, ଜୁଆ ଅବା ପକେଟମାରୁ—ତେମେନ୍ତ ଜାଣ ରେଖା !' ଛଳଛଳିଆ ଆଖି ଅଳ୍ପ ଆବେଗରେ ଅଦ୍ୱୈତ କହିଯାଉଥାଏ ଦୁଇମାସ ଅନ୍ତର୍ଧାନ ହେଲା ପରେ ସୁଦର୍ଶନ ଘରେ ଏଇ ତାର ପୁନରାବିର୍ଭାବ । ରେଖା ଲକ୍ଷ୍ୟ କରୁଥାଏ ତାର ନାସିକାଗ୍ର ଶୋଭୀ ସୁନା ଚଷମାର ଫ୍ରେମଟିରୁ ଆଉ ପାଦ ଦେଶର ସାବୁନ୍‌ଘଷା ସଫେଦ୍ ମସୃଣତାକୁ । କୁଶଳ ଜିଜ୍ଞାସା ପରେ ଅଦ୍ୱୈତର ଗତିବିଧି ଠଉରେଇବା ଇଚ୍ଛାରେ । 'ଆଜିକାଲି ଢଙ୍ଗ କରୁଚ କିହୁ ସେ ଯେପରି ତାର' ହୃଦୟ ଉପରରେ ଗଢ଼ିଲ ନୀରବତାର ଯୋଡ଼ଣି ଖୋଲି ଦେଉଥାଏ ।— ଅତି କୌତୂହଳ ଦୀପ୍ତ ଆଖିରେ ଅନାଇ ଶୁଣୁଥାଏ ଅଭିଭୂତ ହୋଇ । ସାମ୍ନାହୁର ଖଣ୍ଡା ରେଖାର ଗାଢ଼ ନୀଳମାମୟ ଆଖି ତଳରୁ ପାଣ୍ଡୁର କପୋଳରେ ପଡ଼ି ଏପରି ଏକ କରୁଣ ଆଭା— ଅଦ୍ୱୈତର ହୃଦୟ ଆଣିଥାଏ ଯେ ତାହାଙ୍କୁ ଯେପରି ଅଦ୍ୱୈତରୁ ମୁଗ୍ଧ ମୁଖର କରି ଦେଉଥାଏ । ଅଦ୍ୱୈତ ଉତ୍ତରରେ ଜଣାଉଥାଏ—'ତଳୁ ଏ ଗୁଡ଼ିକର ସାର ଛାଣି ଏଭଳି ଗୋଟିଏ ତତ୍ତ୍ୱ, ଏଭଳି ଗୋଟିଏ ପନ୍ଥା ଆବିଷ୍କାର କରିଚି ଯାହା ତମ ମୋ ଭଳି ଅନ୍ୟ କୌଣସି ଲୋକର କଳ୍ପନାର ବାହାରେ । ରେଖା ସଂଯତ ଉଦ୍‌ବେଗରେ କହିଲା, 'କଣ କଳା ଯୋଡେଇ ?'

'ନା! କଳାପୋଡେଇ ନୁହେଁ, କଳାପୋଡେଇଠୁ ବଳି ଅଦ୍ଭୁତ ଟ୍ରେଞ୍ଜଲ୍ୟଜର ! ଖାଲି ଜୀବିକା ଅର୍ଜନ କାହିଁକି ଅଳକେ ଅଜସ୍ର ଅର୍ଥ ଲାଭର ସହଜ ଉପାୟ ! ଅଦ୍ୱୈତ ଖୋଲି କହିବାକୁ ଯେପରି କଷ୍ଟ ଭୋଗ କରୁଥାଏ । ପକେଟରୁ ଟ୍ରୁପାର ସିଗାରେଟ୍‌କେଶ ବାହାର କରି ସିଗାରେଟ୍ ଲଗାଏ । ରେଖା ସିଗାରେଟ୍ ଦାନିଟି—ଟିପୟ ଉପରେ ରଖି ଟେବୁଲ ଉପରୁ ଖଣ୍ଡେ ଖବରକାଗଜ ଉଠାଇ ନେଇ ଭାବେ, ଆସାମ ଭୂମିକମ୍ପ— ପରେ ଭୂଗର୍ଭରୁ କଣ ଧନରତ୍ନ ବାହାରି ହୋଇ

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ବର୍ତ୍ତମାନ କର୍ତ୍ତବ୍ୟର ଅନୁରୋଧ କଥା କହିବି । ସେ ଅନୁରୋଧ ମୁଁ ସର୍ବ ପ୍ରଥମେ ଅନୁଭବ କଲି ପ୍ରାୟ ଦଶବର୍ଷ ତଳେ, ଓଡ଼ିଶାର ମନ୍ତ୍ରିତ୍ୱ ଗ୍ରହଣ କରିବା ସମୟରେ ସରକାରୀ ଫାଇଲମାନଙ୍କର କାଗଜପତ୍ରରେ ଲମ୍ବା ଲମ୍ବା ଲେଖା ସବୁ ଲେଖିଲି । ସରକାରୀ ଦପ୍ତରର ହାକିମମାନେ ତାହା ପସନ୍ଦ କରି ନଥିବେ । କାରଣ, ତାଯୋଗେ ସେମାନଙ୍କର ପୂର୍ବରୁ ପ୍ରକାଶିତ ମତ ଖଣ୍ଡିତ ହୋଇଯାଏ । ଏପରି ଘଟଣା ହୁଏତ ପଚାଶ ପଚିଶଟା ଘଟିଥିବ । କିନ୍ତୁ ଏହି ଘଟଣାଗୁଡ଼ାକ ଆସି ଉପରେ ପଡ଼ି ନଥିଲେ, ମୁଁ ନିଶ୍ଚୟ ସେସବୁ ଲମ୍ବା ଲେଖା ଲେଖି ନଥାନ୍ତି । ସାହିତ୍ୟ କ୍ଷେତ୍ରରେ ସେ ସବୁର କଣିକାଏ ସୁଦ୍ଧା ମୂଲ୍ୟ ନାହିଁ । ତା ମୂଳରେ ରହିଥିଲା କର୍ତ୍ତବ୍ୟର ଅନୁରୋଧ ରକ୍ଷା ।

କିନ୍ତୁ ପ୍ରକୃତ ସାହିତ୍ୟିକ ପେଟ ପୋଷିବା ବା କର୍ତ୍ତବ୍ୟ ପାଳନ କରିବା ନିମନ୍ତେ ଲେଖନ୍ତି ନାହିଁ । ଉଦ୍ଦେଶ୍ୟ ସାଧନ ଲାଗି ଲେଖା ଯାଉଥିବା ଲେଖାରେ ଅବଶ୍ୟ ପୃଥିବୀରେ ବଡ଼ ବଡ଼ କାମ ହୋଇଛି । ଫରାସୀ ରାଷ୍ଟ୍ର ବିପ୍ଳବ ଓ ରୁଷିୟାର ସ୍ୱାଧୀନତା ଲାଭ ସାମାନ୍ୟ ଘଟଣା ନୁହେଁ । ଏପରି ଛୋଟ ବଡ଼ ଘଟଣା ଇତିହାସ ବହୁତ ଲିପିବଦ୍ଧ କରିଛି । ସେ ସବୁ ପଛରେ ମନୀଷୀମାନଙ୍କର ଯେ ଉଦ୍‌ବୋଧନ ରହିଛି, ତାହା ଜଣାଶୁଣା କଥା । ରୁଷୋ, ଭୋଲଟେୟାର, ଟଲଷ୍ଟୟ, ମହାତ୍ମାଗାନ୍ଧୀ ପ୍ରଭୃତି ଜନନାୟକବର୍ଗ ନିଜ ନିଜ ଲେଖା ବଳରେ ଦେଶର ସୁପ୍ତ ଜନସାଧାରଣଙ୍କୁ ଜାଗ୍ରତ କରିଛନ୍ତି ।

ସେମାନଙ୍କ ଲେଖନୀ ବଜ୍ରଠାରୁ ଶକ୍ତ । କିନ୍ତୁ ମାନବ ପ୍ରାଣର ସୂକ୍ଷ୍ମ ତନ୍ତ୍ରୀରୁ ସ୍ପନ୍ଦନ ଦେବା ଭଳି ଲେଖା ହେଉଛି ପ୍ରାଣର ଉଦ୍ଦେଶ୍ୟହୀନ ଭାଷା । ସେ ଲେଖା ସବୁ ଲେଖନୀରୁ ବାହାରେ ନାହିଁ । ଭାଷା ଯେତିକି ଉଦ୍ଦେଶ୍ୟ ବିହୀନ ହେବ, ତାର ଶକ୍ତି ସେତିକି ବଢ଼ିବ ଓ ତାର ପ୍ରସାର ବାୟୁମଣ୍ଡଳର ଇଥର ସଦୃଶ ସେତିକି ସୁଦୂରଗାମୀ ହୋଇଉଠିବ । ସେହି ଭାଷାହିଁ ବିଶ୍ୱଭାଷା ଓ ସେ ଭାଷାରେ ଲିଖିତ ସାହିତ୍ୟ ବିଶ୍ୱ ସାହିତ୍ୟ । ତାହା ଜାତି ଧର୍ମ ବା ଭୌଗୋଳିକ ବାଧାବିଘ୍ନ ମାନି ଚାଲିବାର ବସ୍ତୁ ନୁହେଁ । ସେ ଭାଷା ସବୁ ଲେଖନୀରୁ ଯେପରି ନିଃସୃତ ହୁଏ ନାହିଁ । ଏକ ଲେଖନୀରୁ ମଧ୍ୟ ସର୍ବଦା ବାହାରିବା ବିରଳ । ସେପରି ଭାଷାରେ ଲିଖିତ ସାହିତ୍ୟ ପଢ଼ିଲେ ମନ ଯେତିକି ଉନ୍ନତ ସୋପାନକୁ ଉଠେ, ନିଜେ ଲେଖିବାର ପ୍ରୟାସ କଲିଲେ, ଅମୂର୍ତ୍ତ ମଧ୍ୟ ସେତିକି ଲାଗେ । ଲେଖନୀ ହାତରୁ ଖସି ପଡ଼େ ।

ପାଠ୍ୟ ପୁସ୍ତକ ଛଡ଼ା, ମୁଁ ଯେ ପଦ୍ୟ, ଗଦ୍ୟ, ନାଟକ, ଉପନ୍ୟାସ ଗୋଟିଏ ଆଦି ନ ଲେଖିଛି, ତା ନୁହେଁ । କିନ୍ତୁ ଲେଖିବସିବା ବେଳକୁ ମୋର ଗୋଟିଏ ପିଲା ଉଜର ସ୍ମୃତି ମନକୁ ଆସେ । ମୋର ଜଣେ ସହପାଠୀ ଚିତ୍ରାଙ୍କନ ପରୀକ୍ଷାରେ ଗାଈର ଚିତ୍ର ଅଙ୍କି ସାରି ଦେଖିଲେ ଯେ ତାହା ଗାଈ ପରି ଦିଶୁ ନାହିଁ । ତହୁଁ ଗୋଟାଏ ବୁଦ୍ଧି ତାଙ୍କୁ ଦିଶିଗଲା । ସେ ଚିତ୍ର ତଳେ ଲେଖିଦେଲେ, ଏ ବିଲାତୀ ଗାଈ । ପରୀକ୍ଷକ ତାଙ୍କ ପାରଦର୍ଶିତା ତୁଲ ଯେଉଁ ମୂଲ୍ୟ ନିରୂପଣ କରି ବସାଇଥିଲେ, ତା ତଳେ ଲେଖିଲେ 'ଏ ବିଲାତି ଅଙ୍କ ।' ଆମ ସାହିତ୍ୟର କ୍ରମବିକାଶ ଗତିରେ ଆମ ପାଠକବର୍ଗ ସେହି ଚିତ୍ରାଙ୍କନ ପରୀକ୍ଷକଙ୍କ ସ୍ତରକୁ ବୋଧହୁଏ ଉଠିନାହାନ୍ତି । ଫଳରେ ଧୂଆଁମୂଳା ଅଧୂଆ ମୂଳା ସମାନ ମୂଲ୍ୟରେ ବିକ୍ରୀ ହେଉଛି । ନୋହିଲେ ବହୁ ଲେଖାର ମୂଲ୍ୟ ପାଠକ ସମାଜ ବିଲାତି ଅଙ୍କରେ ନିରୂପଣ କରନ୍ତେ । ମୁଁ ଯେ ଲେଖେ ତାର କାରଣ କହିଛି, ମୁଁ ଯେ ଲେଖେ ନାହିଁ, ତାର ଏହାହିଁ କାରଣ । ଇଂରେଜୀ ଭାଷାରେ ଗୋଟିଏ ପ୍ରବଚନ ଅଛି, ତାର ଓଡ଼ିଆ ଅର୍ଥ ହେବ— ସ୍ୱୟଂ ଦେବଦୂତ ଯେଉଁଠାରେ ପାଦ ପକାଇବାକୁ ଡରିବେ, ମୂଢ଼ ସେଠାକୁ ନିରାଲମ୍ବରେ ମାଡ଼ି ଆସନ୍ତି । ମୋ ଭଳି ଅନେକ ଲେଖକଙ୍କୁ ଭାବୀ ବଂଶଧରମାନେ ନିରାଲମ୍ବରେ ମାଡ଼ି ଯାଉଥିବା ତାଲିକାରେ ପକାଇବେ ସିନା । ତେଣୁ ହୃଦୟର ବେଦନା ହୃଦରେ ମାରି ରହିବା ସିନା, ଭଲ ଲେଖନୀ ଧରି ତାକୁ ଭାଷାରେ ଗଢ଼ିବାକୁ ବସିବା [illegible] ନୁହେଁ ।



Digitized by srujanika@gmail.com

ପଡ଼ିଲା ! ତୃଷ୍ଣ ଅମେରିକା ମଧ୍ୟରେ ଗଭୀର ବନ୍ଧୁତା ସୃଷ୍ଟି ହୋଇ ଭାରତକୁ ଖାଦ୍ୟ ଆଉ ବିଳାସତା ସାମଗ୍ରୀ ବୋହି ଆସିଲା ! ତାହିଁ ସୁଦର୍ଶନର ନଈଖୋର, କଳାପୋଡେଇ କାରବାରର ତଳେ ହେଲେ ଭଣା ପଡ଼ୁନାହିଁ । ତାହାର କଦର୍ଯ୍ୟ ମନଗଢ଼ା ସେହିପରି ସଫଳ ରୀତିରେ ବିଷ ସଞ୍ଚାର କରି କରି ଚାଲିଛି । ଏଇ ସେଦିନ ତ ଅଦ୍ୱୈତଙ୍କ ସଂପର୍କରେ କଥା ପ୍ରସଙ୍ଗରେ ସେ କହୁଥିଲା…'ତାକୁ (ଅଦ୍ୱୈତକୁ) କେତେ କହିଲି, କାହାର ଭୃତ୍ୟ ପରିକର ହେବାକୁ ଲାଜଉଚ୍ । ବାର ନେହୁରା ହେଉଚ୍ କାହିଁକି ? କିଏ ପ୍ରତି ଚାଉଳ ବସ୍ତାରୁ ଦୁ' ଦୁ' ପୋଷ ଚାଉଳ କାଢ଼ି ଦୁ' ଦୁ' ପୋଷ ଧୂଳିମାଟି ଭର୍ତ୍ତି କଲେ ତ କାଲି ସକାଳେ ଉଠି ବସିବୁ । ସେ କଣ ଶୁଣିଲା ।' ସୁଦର୍ଶନର ଅଦବକାଏଦା ଦୋରବସ୍ତ ଚାଲିଚଳଣି, ଫିକ୍ କିଣିଆ ହସ ମୁହଁ ରେଖା ଆଗରେ ଭାସି ଉଠେ । ମାତ୍ର ମଇଦା ବସ୍ତାରୁ ଗୋବରକଣା ବାଛି ମଇଦା ଗଳିଲା ଭଳି କଳାପୋଡେଇ ସୁଦର୍ଶନର ଶୁଭ୍ରଦନ୍ତ ପନ୍ତିରୁ ହସ ଗଳିପଡେ—ରେଖା ହାତରୁ ଖବରକାଗଜ ଖସି ପଡ଼େ । ସିଗାରେଟ୍ ଟାଣି ଅଦ୍ୱୈତ କହେ—'ମୋ ସିଗାରେଟ ଖିଆ ଦେଖି ଆଶ୍ଚର୍ଯ୍ୟ ହେଉଥିବ ! କିନ୍ତୁ ନିରୁପାୟ । ମୋ ପକ୍ଷର ପରମ ଟନିକ୍ ଏ ଚେଷ୍ଟମାନ ! ବ୍ୟବସାୟୀର ଜ୍ୱଳନ୍ତ ପରିଚୟ' ଅଦ୍ୱୈତ ଜାଣି ଜାଣି ସିଗାରେଟ ଗୁଳି ଝାଡ଼େ ।

ଏହି ସେ ଅଦ୍ୱୈତ, ଯେ ସୁଦର୍ଶନକୁ ବେଖାତିର ସ୍ୱରରେ କହିଥିଲା — କଂପାନିର ଏଜେଣ୍ଟ ଭାବରେ ମିଥ୍ୟାର ପ୍ରଚାରକ ହୋଇ ପାରିବି ନାହିଁ କି ଲୋକପ୍ରତାରଣା କରି ପାରିବି ନାହିଁ । ବଡ଼ କଥା ଉପରେ ଗାନ୍ଧିଜୀଙ୍କ ଛବି ପରି ଭ୍ରଷ୍ଟାଚାରର ଉପରେ ନିଜକୁ ସତ୍ୟର ଲେବଲ ଚୁପେ ମାରିପାରିବି ନାହିଁ । ରେଖା ଟାପର୍କ ଦୃଷ୍ଟିରେ ଦେଖେ ଏ ତ ସାକ୍ଷାତ ସେହି ଅଦ୍ୱୈତ । କେବଳ ସିଗାରେଟ ପ୍ରଚାରକ ନା ଆଉ କିଛି ! ଅଦ୍ୱୈତ ଆରମ୍ଭ କରିଦିଏ, "ସେ ପନ୍ଥା କେଉଁଦିନ ଆବଶ୍ୟକର କହିଲୁ ଜାଣ ? ଯେଉଁଦିନ ଅର୍ଥନୀତିର ସୂତ୍ର ଘଟେଇ ବାହାର କରି ନକଲି ଅଚଳନ୍ତ ମୁଦ୍ରା ଚଳନ୍ତ ମୁଦ୍ରାକୁ ନିକାଲି ଆପଣକୁ ମୁଦ୍ରା ବୋଲି ଅର୍ଥ ବଜାରରେ ଜାହିର କରିଥାଏ । ମୋର କଣ ଅଚଳନ୍ତ ମୁଦ୍ରା ଭଳି ପ୍ରତିଭା କି କାର୍ଯ୍ୟକାରିତା ନାହିଁ । ସେ ଦିନ ଅନାହାରରେ ଉତ୍ପୀଡ଼ିତ ହୋଇ ଅର୍ଦ୍ଧ ପାଗଳଙ୍କ ପରି ଆଗେ ବଡ଼ ଦେଉଳରେ ପଶି ଗଲି । ଜଗନ୍ନାଥ ଜଗନ୍ନାଥଙ୍କ ସିଂହାସନରେ ବସିଥାଆନ୍ତି । ଲକ୍ଷ୍ମୀ ବଜାରରେ ବୁଲି ଗଲି । ପାରିଜାତ ମାଠ ସରସୂଳକୁ ଅତି ଲୋଲୁପ ଆଖିରେ… ଦୃଷ୍ଟି ଆଣିଲି । ଅନ୍ନ ଅଲୋଡ଼ର ପ୍ରାଚୁର୍ଯ୍ୟ ଭିତରେ ଭିକ୍ଷା ହାଣ୍ଡି ଅର୍ଦ୍ଧ ଉଲଗ୍ନ ମଣିଷ ଗୁଡ଼ିକ ସାଲୁବାଲୁ ହୋଇ ଖପରା ଖଣ୍ଡ ଯେନ ଯାତ୍ରୀଙ୍କୁ ଅବଶିଷ୍ଟ ଅନ୍ନ ସାଉଁଟୁଥାନ୍ତି । ସେମାନଙ୍କ ତତ୍ପରତା ଅତ ଫୁର୍ତ୍ତି ମନେ ଯେମିତି ନୂଆ ନୂଆ ଲାଗିଲା । ସେମାନେ ତ ନିଜକୁ ହୀନ ହେବୃ ମଣନ୍ତି ନାହିଁ । ସେମାନଙ୍କର ବନ୍ଧୁବାନ୍ଧବ ପ୍ରିୟ ପରିଜନ ଅଛନ୍ତି—ଅଳିଙ୍କ ଭଳି ସମୁଦ୍ର କୂଳି ଆଡ଼େ ଚାଲି ଆସିଲି । ନିର୍ଜନ ପଲ୍ଲୀରେ—ରୁଗ୍ଣ—ବୋଉର ଜଳକଷ୍ଟାତୁର ମୁଖ, ଅନୂଢ଼ା-ଭଉଣୀଟିର ବ୍ୟଥାତୁର ଚାହାଣୀ ମନେ ପଡ଼ୁଥାଏ । କଙ୍କାଳସାର ଭାଇ ଦର୍ଜିଟିର ବୋଉଲେ ଭୋକ, ଭୋକ, ଡାକ ଅହରହ କାନରେ ସମୁଦ୍ର ରଡ଼ ବୁଡ଼େଇ ବାଜୁଥାଏ । ଭଦ୍ରତା ଖାତିରରେ କେହି କୁଆଡ଼ୁ ଅଯୁଚ କି ନାହିଁ ଦେଖି ନ୍ୟୁଜପେପରଟି କଲରୁ ଚଳଚଳ କରି ପାଣି ପିଇ ଉଦର ଶାନ୍ତ କରି ଦେଲି । କିନ୍ତୁ ରେଖା ଜୀବନ ବୈଶାଖୀରେ ଉତ୍ତପ୍ତ ଅଗ୍ନି ବାଲୁକା ଉପରେ ତୃଷିତ ଦଗ୍ଧ ହୃଦୟଟା ଯେମିତି ଫୋଟକା ହୋଇ ନାଚିଥାଏ… ସେଠାରୁ ଓ୍ୱେଭିସ୍ ପରି ଛାୟା ପାଇବି । ଆଶ୍ୱାସନା ପାଇବି ବୋଲି ଧାଇଁ ଆସିଲି । ଆଶାଯୁକ୍ତ ଚିତ୍ତରେ ଏହି ଦ୍ୱାରର ପାଖକୁ ସନ୍ତର୍ପଣରେ ଟିପ ମାରି—ଦୁର୍ବଳ ଦେହରେ ପଡ଼ୁଥିଲି— ଚୁଡ଼ାନ୍ତ ସ୍ୱରରେ ଉତ୍ତର ଦେଲି —ବାବୁ ନାହାନ୍ତି । ଫେରିଛନ୍ତି କି ନାହିଁ ଦ୍ୱାର ଖୋଲି ନାକ ଟେକି କହିଲି—ଓ ତମେ ଅପଣ ! ହଁ ମୁଁ—ତମେ ଆପଣ ନୁହେଁ—ତୁଚ୍ଛ ! ଉତ୍ତରଟା କଣ୍ଠରେ…ଅଟକିଗଲା— ଜଗତର ଘୃଣ୍ୟ ଅଧମ ଜୀବ ମୁଁ ଅନାହୂତ ଭାବରେ ଆସିଛି—ନିରୁଦ୍ଦେଶ୍ୟ ଭାବରେ ଫେରିଯାଉଛି । ତମେ ଅଛକି ନାହିଁ ଭରସା କରି ଧରିବି ପାରିବି ନାହିଁ ।…ଆଃ !"ଜ୍ୱଳନ୍ତ ସିଗାରେଟ୍ ଖଣ୍ଡେ ଥୁଆ ହୋଇ କେତେବେଳୁ ପୋଡ଼ି ପାଉଁଶ ହୋଇ ଯାଇଥାଏ—ରହିଥାଏ ତା ଅଙ୍କୁଟର— ପାଂଶୁଳ…ଅବଶେଷ । ରେଖା ଅନାଡ଼ ଦୃଷ୍ଟିରେ ରେଖାଙ୍କନ କରୁଥାଏ ପାଦର ପଞ୍ଚାଙ୍ଗୁଳିରେ ଚଟାଣ ଉପରେ !

ଅଦ୍ୱୈତ ସିଗାରେଟ୍ ଟାଣି କଥାର ସୂତ୍ର ଧରିଲା…'ଚରମ ମୁହୂର୍ତ୍ତରେ… ହୁଏତ ଛଅ ଛଅ ଘଣ୍ଟା ମିଳେ…ମୃତ୍ୟୁର ନ ହେଲେ ଜୀବନର । ଏଇ ଦ୍ୱାରର ମୁହଁରୁ ଫେରି—' ସେଇ ଦୂରସ୍ଥ ଝାଉଁବନକୁ ଦେଖାଇ ଦେଲା ଅଦ୍ୱୈତ ! 'ସେଇ—ସେଇଠି ଝାଉଁ ବନରେ ପଶିଗଲି ପଳାତକ ଯଥା ବନ୍ଦିତ କୁକୁରର ଭଳି ଅଥକା ମାରିବା ଅଭିପ୍ରାୟରେ । ସେଠାରେ ତମ କଥା ହିଁ ବାରମ୍ବାର ମନକୁ ଘାଣ୍ଟିଦେଲା— ତମେ ଆସି ସୁଦର୍ଶନ ଘରେ ଆଶ୍ରୟ ନେଲ, ମୁଁ ଦୁର୍ଭାଗା ତମର କଷ୍ଟ କରିବା ଦୂରେ ଥାଉ ଓଲଟି ତମଠାରୁ ସାନ୍ତ୍ୱନା ନେଉଥିଲି । ଅନୁଶୋଚନାରେ ବିଭ୍ରାନ୍ତ ହୋଇ ଗଲି ! ମନେ ନାହିଁ କେତେବେଳେ କାହିଁକି ଗୋଟିଏ ଦୁଃସ୍ପର୍ଶୀ ରମଣୀର ଅର୍ଦ୍ଧ ଅବୁଝମଣ୍ଡ ନିବେଦନ, ନା ଅନୁରୋଧପୂର୍ଣ୍ଣ ଆଦେଶ ମାନି ଚାଲିଲି ତାଙ୍କ ସଦନକୁ ଅମାବାସ୍ୟାର ନିରନ୍ଧ୍ର ଅନ୍ଧକାର ଭିତରେ ! ତେବେ ମନେ ଅଛି ଏତିକି ତୃପ୍ତି ହିଁ ରୁମ୍‌ରେ ତୃପ୍ତିରେ ଆହାର କଲାପରେ ସେ କହିଥିଲେ—'ଆପଣଙ୍କୁ ମୋର ସ୍ୱାମୀ ବୋଲି ପରିଚୟ ଦେବାକୁ ହେବ । ନାଇଁଜାତି ପାଖରେ ସଙ୍କୁଚିତ ବୋଧକରେ ଯେ ସେ ଜୀବନରେ ପ୍ରଥମହିଁ ସାହସର ସହିତ ପ୍ରତିବାଦ କରିଥିଲି 'ନା' ! ତାହାହେଲେ ଭାଇ ବୋଲି ଡାକେ ? ତାଙ୍କର ଅନୁଯୋଗ ତଳରେ ରାଜି ହୋଇଥିଲି । ତମେ ଅବିଶ୍ୱାସ କରିବ ରେଖା, କଲିକତାରେ ପହଞ୍ଚିଲା ପରେ ମୁଁ ଆଜି ସେଇ ରମଣୀଙ୍କର ନୁହେଁ, ତାଙ୍କ ପରି କେତେଜଣଙ୍କର ଭାଇ କିମ୍ବା ବାପ ! ତମଠାରୁ ଦିନେ ଯେ ସାନ୍ତ୍ୱନା ପାଇବାକୁ ଆସିଥିଲି—କେତେ ଅସହାୟାଙ୍କୁ ସାନ୍ତ୍ୱନା ଦିଏ କେତେ ନିର୍ଯାତିତାଙ୍କ ଲାଗି କଲିକତାରେ ଆଶ୍ରୟ—ବ୍ୟବସ୍ଥା କରେ—କଲିକତାରୁ ପୁରୀ କଟକକୁ କେତେକଙ୍କୁ ହାଓଆ ପାଇଁ ଆଉ କାହାର ସ୍ୱାସ୍ଥ୍ୟ ବଦଳାଇବା ଉଦ୍ଦେଶ୍ୟରେ ପଠାଏ…ମନେ ହେଉଥିବ ଘୃଣା କଲଣି ତମେ ?'



Digitized by srujanika@gmail.com

ରେଖାର ଅଧର ଓଷ୍ଠର କୁଞ୍ଚିତ ...ବକ୍ର ହୋଇ ଯାଇଥାଏ । ଝୁଂକା-କାଟେଇ ବସିଥିବା ବାଇପ୍ଲେପ ଉପରେ ପ୍ରଚାର ଅନୁପଯୋଗୀ ଫିକା ଫିକା ସଦା ବାହାରି ଫୁଲଗୁଡ଼ିକୁ ଅନାଇ ଅର୍ଦ୍ଧସ୍ଫୁଟ ସ୍ୱରରେ କହିଲା ନା ନା...ସାହା ତାର ନା-ପ୍ରତି ଅପେକ୍ଷା ନ ରଖି-ଅଦ୍ୱୈତ କହିଥିଲା— 'କଣ ବା ଭୁଲ କହିଛ ? ଭୁଲ କରିଥିଲେ ସେଥିପାଇଁ କାହା ଆଗେଇ କୈଫିୟତ ଦେବାକୁ ହେବନାହିଁ । ଏବେ ବୁଝୁଥିବ— ସେ ଦିନ ଏଭଳି କାମ କାହିଁକି । ଏଭଳି ବ୍ୟବସ୍ଥା ଟିକିଏ ଯାହା ଚିରନ୍ତନ । ତାହା କୌଣସି କଂଟ୍ରୋଲ ମାନେ ନାହିଁ, ସେଥିରେ କୌଣସି କଟକଣା କାମ କରେ ନାହିଁ । ତାର ଚାହିଦା— ଯୋଗାଣ ମନ୍ଦା ପଡେ ନାହିଁ ।... ଭୂମିକଂପ ହେଉ, ଅଗ୍ନ୍ୟୁଦ୍‌ଗାର ହେଉ— ପ୍ରଳୟ ହେଉ—ପ୍ରଭଞ୍ଜନ ବହୁ, ସେ ବ୍ୟବସାୟ ଯୁଗକାଳ ଠିକ ରୂପ ପରିବର୍ତ୍ତନ କରି ଚାଲିଛି ଓ ଚାଲିବ । କାରଣ ସେଥିରେ ତ ଅଛି ଦୁର୍ଭିକ୍ଷ ମହାମାରୀ ମହାଯୁଦ୍ଧ ଯୁଦ୍ଧ ଭଳି ନରହତ୍ୟା ସୃଷ୍ଟି ହୁଏ ନାହିଁ । ତାହା ଅବସାଦ ଦିଏ, ଆନନ୍ଦ ଦିଏ, ମୋଭଳି ଲୋକଙ୍କ ପାଇଁ ଯଥାରୀତି ଦଲାଲ ଅଛି, ଦସ୍ତୁର ଅଛି । ଆଉ କେତେକଙ୍କୁ ମଧୁର ଉତ୍ତେଜନା ଯୋଗାଏ ! ଅଦ୍ୱୈତର ପେଶା-ଦାର ବିଜ୍ଞାପନ ଏଜେଣ୍ଟଙ୍କ ବକ୍ତୃତାରେ ରେଖା ଅଥୟ ହୋଇ ଉଠୁ ଉଠୁ ହେଉଥାଏ । ସାୟାହ୍ନର ଟିକିଏ ଘୂର୍ଣ୍ଣିଯିବା ହେତୁ ଅବା ମୁଖମଣ୍ଡଳ ପୌଢ଼ ଶେଷର ସଂଧ୍ୟା ଭଳି ପାଣ୍ଡୁର ହୋଇ ଯାଇ ଥାଏ । ଉଠୁ ଉଠୁ ହୋଇ ଭାବୁଥାଏ । ଦେଶ ପାଇଁ କାରବରଣ କ୍ଷମତା ଲୋଭୀଙ୍କ ପ୍ରାଦୁର୍ଭାବରେ ମନ୍ତ୍ରୀ ସୁମ୍ମାଣ ମୋହନ ଫ୍ରେଗ ଶଯ୍ୟାରେ ଶୋଇ କହିଥିଲା—

'ବୁଝିଲ ରେଖା, ଅକସ୍ମାତ ଯଦି ଆଖି ବୁଜେଇଁ ମନ୍ତ୍ରୀତା ଯଦି କାହାଠାରେ ଦେଖିବ, ଦେଖିବ ଅଦ୍ୱୈତଠାରେ । ଆଉ ବିଷୟ ବୁଝି ଯଦି କାହାଠାରୁ ପାଇବ, ସୁଦର୍ଶନଠାରୁ ।

ଅଦ୍ୱୈତ ବକ୍ତବ୍ୟ ସାରି ପାରୁ ନଥାଏ ଏଥର କିନ୍ତୁ ସେ ପୂର୍ବର ଅଦ୍ୱୈତ ସିରି ଧୀର ବିଜୟୀ ଭଙ୍ଗୀରେ କହିଲା—

'ଶେଠ ସାହୁକାର ରାଜ୍ୟହୀନ ରାଜା ମହା-ରାଜା ଅସନ୍ତି, ଅସନ୍ତି ସେମାନଙ୍କର ଗୃହ-ଲକ୍ଷ୍ମୀ ସହଧର୍ମିଣୀ କେବଳ, କାହାର ସମାଜ ତ ଟିକିଏ ଗୋଟାଏ ଗୋଡ଼ରେ ଚାଲେ ନାହିଁ, ମୋର ଫ୍ଲାଟ୍ ତଳେ ସରବତ ଦୋକାନ ଦେଖ । ସମସ୍ତେ ବସି ବିଦ୍ୟୁତ ଚାଳିତ- ସରବତ Lotus Driuk ପିଅନ୍ତି ଫୋନ ଧରି ସଂପର୍କର ବନ୍ଦୋବସ୍ତ କରି ଦିଏ, ସକାଳ ଓ ସନ୍ଧ୍ୟାରେ । ତା' ପରେ ଫ୍ଲାଟରେ ବସି ଜୀବନର Illustrated weekly ସଚିତ୍ର କାଗଜ ପଢ଼େଁ— ଅନ୍ଧକାରରେ ସିନେମା ଦେଖା ମୋହ ନାହିଁ । ଜାଣ । ବଡ ଖାଁ ଖାଁ ଲାଗେ ଉପଦ୍ରବର ବା ରାତ୍ରି ହ୍ରା— ଅବଶ୍ୟ କଲିକତା ବାହାରେ କଥା ଅଲଗା ସେଠାରେ ଦୁଃସାହାସିକତା ଦେଖାଇ ଆପେ ଆସେ ଭାଇବନ୍ଧୁ ସାଜିବାକୁ ହୁଏ କି ନା—' ମଟର ହର୍ଣ୍ଣର ଶବ୍ଦ ହେଲା, ରେଖା ଦୁଃଖ ମିଶ୍ରିତ ଘୃଣାର କି ଘୃଣା ମିଶ୍ରିତ ଅନୁକମ୍ପାର ପ୍ରତିଚ୍ଛବି ଭଳି ଉଠି ଛିଡ଼ା ହୋଇ ଯାଇଥାଏ । 'ତମେ ତ ଗୃହା ଖାଇବଣି, ଗୃହା ଆଣେ !' କହି ଦେଇ ପାଦ ଆଗେଇଛି ସୁଦର୍ଶନ କୁଦା ମାରି ପାଟି କରି ପହଞ୍ଚିଗଲା— ଆରେ ଅଦ୍ୱୈତ ଆସିଛନ୍ତି କି ? ଅସିଥିବ ନିଶ୍ଚୟ ବାଃ ବାଃ ଚମତ୍କାର ହ ଡେ ସଫେଇ ଦେଖାଇଲା ଚେହେରା । ଅଦ୍ୱୈତକୁ ଷଣ୍ଢୀରେ ଦେଖି ଅଧିକ ଉଚ୍ଛ୍ୱାସରେ କହିଲା—

'ଏକାବେଳକେ ମଟେ ବଦଳେଇଗଲା । Bravo Boy । ତୋ ସାଙ୍ଗସାଥିମାନଙ୍କର ସବୁ ବନ୍ଦୋବସ୍ତ କରି ଦେଇଛୁ ତେ ।

ରେଖା ଧୀରେ ଧୀରେ ଅଗ୍ରସର ହେଉଥିଲା । ଏବୁଣ୍ଡି ପାଖରେ ଛିଡ଼ା ହୋଇ ପଚାରିଲା- 'ଅଦ୍ୱୈତଙ୍କ ସଙ୍ଗେ ଦେଖା ହୋଇଥିଲା ?'

ବାଃ, ସେ କହି ନାହିଁ ? ବୋଚ ଉଡାଉ ଠାଇ ଫିଟାଉ ଫଟାଉ ଉତ୍ତର ଦେଲା ସୁଦର୍ଶନ । 'ଜାଣେ କହିନଥିବ ! ସେ କଣ ଆସିଥିଲା କହେ । ହେଁ ତାକୁ ତମର ମୋର କେତେ ରଣ ନିୟମ ପକାଇ ପଠାଇଛୁ । ବଡ଼ଲୋକ ହୋଇଗଲାଣି ପୁଣି କଲକତା କରେ, ଯେତେ ହେଲେ ତ ଢେମଣା ରୁଲ ରୁଲ ସେଇ ଅଗଣା । ମଟେ ନଧରି ସୁସ୍ଥ ସହରରେ ତୁ କାମ ହାସଲ କରିବୁ ? ସଙ୍ଗେ ସଙ୍ଗେ ରେଖାକୁ ପାଟି କରି ସୁଚାଇଲା 'ଦେଖ ମୋ ପାଇଁ ଖାଲି ଗୃହା ଜଳଖିଆ । ଅଦ୍ୱୈତ କାନ୍ଧିକୁ ହଲାଇ ଦେଇ କହିଲା— 'ଏଃ, ଏତେ ସଜ୍ଜନରେ— ସେମାନେ । କି ସୌଜନ୍ୟରେ । ଯେତେ ବଳାତ୍କାରରେ ଖୁଆଇଲେ, ବଶେଷରେ ତୋର ସେ ବାନ୍ଧବୀ ଦ' ଜଣ ।'

ସୁଦର୍ଶନର ଆଖି ଓ ଓଠ ଯେପରି ଚଟା ଚଟି ହେବାକୁ ଆରମ୍ଭ କରିଥିନ୍ତି । ଅଦ୍ୱୈତର ଭୂଲ୍ଯୋଡ଼ିକ ବିରକ୍ତିରେ ବିତୃଷ୍ଣାରେ କୁଞ୍ଚିତ ହୋଇ ଯାଉଥାଏ । ସେ ଚାଣି ଓଟାରି ହୋଇ ହସି ରେଖା ଟି ପଏରେ ଗୃ କପ ଥୋଇବା ମାତ୍ରେ— ତାହା ଉଠାଇ ନେଇଚ କି ନାହିଁ— ଏତିକିବେଳେ ବାଣୀ କଲେଜରୁ ଫେରି—ବର୍ମିଜ୍ ସାଣ୍ଡାଲ୍ ହଲକ ଘୋଷାରି ଘୋଷାରି ଦ୍ୱାରମୁଁହ ପାଖରେ ଶୁଣାଇ ହେଲା— 'ନୂଆ ବୋଉ, ନୂଆବୋଉ ମ ! କି ସୁନ୍ଦର ସେଭର୍‌ଲେଟ କାରଟା । ଭାଇ ଆମର ସେ ପୁରୁଣା ମଡେଲରେ ମଟରଟା ବଦଳାଇ ଏମିତିକା ଗୋଟାଏ କିଣନ୍ତେ ନାହିଁ ?' ହଠାତ୍ ଅଦ୍ୱୈତକୁ ଦେଖିପାରି କହିଲା— 'ମ ଅଦ୍ୱୈତ ବାବୁ ଯେ ! ସେ କଣ ଆପଣଙ୍କ କାର୍ । ବୁଲାଇ ନେବେ ନାହିଁ ଆମକୁ ? ମୁଁ ଏ ଶାଢ଼ୀଟା ବଦଳେଇ ଆସେ କି ।' କହି ଯେମିତ ଝଡ଼ ପରି ଆସିଥିଲା ତେମୋଟି ପ୍ରାଣୀକୁ ସେ ଚକିତ ସ୍ତବ୍ଧ କରି ଦେଇ ସେମିତ ଝଡ଼ ପରି ଛୁଟି ପଳାଇଗଲା ।

ଗଳା ଖଙ୍କାରି ଖଙ୍କାରି ନିସ୍ତବ୍ଧତା ଭାଙ୍ଗିଲା ସୁଦର୍ଶନ 'ଦେଖିଲୁ ଅଦ୍ୱୈତ, ଅତି ଅଧୁନିକ ଝିଅ ନା । କହିଲା ଜଣେ ଜଣଙ୍କର ଶୂନ୍ୟ ସ୍ଥାନରେ ପରିପୂରକ ହୋଇପାରିବ । ଶୁଣ, ସୂକ୍ତ । ସେହିଦିନଠାରୁ ରେଖା ଦେବୀଙ୍କୁ ନୂଆ ବୋଉ ଡାକିବା ଆରମ୍ଭ କରି ଦେଇଛି ।' ରେଖା ଆଉକୁ ନ ଅନାଇ ଏଭଳି ଏକ ବିଚିତ୍ର ହସ ହସିଲା ସୁଦର୍ଶନ—ଅଦ୍ୱୈତ ରେଖାକୁ ଦେଖି— ବୁଝି—ପାରିଲା ନାହିଁ ! ତାହା ଉପରେ ଭୁଲା କି ଭୃତାର ବୃଷ୍ଟି ହେଉଥାଏ । କେବଳ କବାଟ ଝାଙ୍କିବନ ମନ୍ଦିରେ ସବୁଆ ଘଷ୍ଟା ଶେଷରେ ସେ ଦେଖିଲା, ଦିଗ୍‌ବଳୟ ଲୀନ ସମୁଦ୍ର । ସୁଦର୍ଶନ ହସି ହସି କହୁ ଚେତେଇଲା— 'ଦେଖି ଅଦ୍ୱୈତ ତୋର ତ ପୁଣି କର୍ତ୍ତବ୍ୟ ଅଛି । ତୁ ଏଥର ରେଖା ଦେବୀଙ୍କୁ କିଛି ଦିନ ପାଇଁ କଲିକତା.

ଅବଶିଷ୍ଟାଂଶ ପରପୃଷ୍ଠା କୌଣରୁ



Digitized by srujanika@gmail.com



## ଏହି ପରି ମୋ ଦେଶ

[ଲେଖିକା— ସବିତା- ୧୨୪୪]

ଏହିପରି ମୋ ଦେଶ
ପୂର୍ବ ଭାରତ ପାଇଁ ଯେ ଦିନେ
ଅରଜି ଥିଲା ପଣ । ୧ ।
ଏହିଠାର କର୍ମ ବୀର
ବଜାଇଥିଲେ ବିଜୟ ବାଜା
କମ୍ପିଲା ପ୍ରତି ଗିରି । ୨ ।
ବାହୁ ବଳରେ ପରି ।
ହୋଇଥିଲା ମୋ କଳିଙ୍ଗ ଭୂମି
ଶସ୍ୟ ଶ୍ୟାମଳେ ଭରି । ୩ ।
ସାଧବ ପୁଅ ମେଳ
କରୁଥିଲା ସେ ଅନ୍ୟ ଦେଶରେ
ବାଣିଜ୍ୟ କାରବାର । ୪ ।
ଏହିଠାର ପୁରୀଧାମ
ବଡ ଦେଉଳ ରଚିଲେ ପରି
ନୃପ ଅନଙ୍ଗଭୀମ । ୫ ।
କାଠଯୋଡ଼ିର କୂଳ
ପୂର୍ବ ସ୍ମୃତି ରଚିଲେ ମୋର
ନବଟଳ ପ୍ରାସାଦ । ୬ ।
ଭୁବନେଶ୍ୱରରେ ମୋର
ଲିଙ୍ଗରାଜର ମନ୍ଦିର ଭରା
ଗୌରବ ଉତ୍କଳର । ୭ ।
ମନ୍ଦ ନବୀର ବାରି
ଦେଖି ଆସୁଛି କଳିଙ୍ଗ ଜାତି
କେତେ ଶତାବ୍ଦୀ ଧରି । ୮ ।
ଗଣ୍ଡାମଙ୍ଗଳ ପ୍ରାନ୍ତେ
ଚିଲିକା ହ୍ରଦ ଛୁଟିଛି ପରି
ଅବଗମର ସ୍ରୋତେ । ୯ ।
ମୋ ଦେଶ କୋଣାରକ
ମୋ ଦେଶ ପୁଅ ଧରମ ପଦ
ରଖିଲା ଜାତି ଟେକ । ୧୦ ।
ରହିଛି ଧର୍ମ ସ୍ମୃତି
ଭଗ୍ନ ଐଶ୍ୱର୍ଯ୍ୟ ଧରି ରଖିଛି
ଅତୀତ ବୀର କୀର୍ତ୍ତି । ୧୧ ।
ଏହିପରି ମୋ ଦେଶ
କାଳର ସ୍ରୋତେ ଗୌରବଭାର
ହୋଇଛି ଆଜି ନାଶ । ୧୨ ।

### ନାଗଙ୍କ ପ୍ରଶ୍ନ

ପୃଥିବୀର ସବୁଠାରୁ ବଡ଼ ଦାର୍ଶନିକଙ୍କ ନାମ କଣ ? — ବରଦା

ପ୍ରଥମ ଉଡ଼ଗଳ୍ପ କେବେ ପ୍ରକାଶ ପାଇଥିଲା ?

### ନାଗଙ୍କ ଉତ୍ତର

ଭଗବାନ ଭାଷା ଜାଣିବି — ଈଶ୍ୱର ଏହି ଶବ୍ଦରେ ଆକାର ନାହିଁ ବୋଲି ଈଶ୍ୱର ନିରାକାର — ବରଦା

### ଅଜାଙ୍କ ଉତ୍ତର

ରାମଚନ୍ଦ୍ର - ତିମର ବା... ମର ସଦ୍‌ଗୁଣଟିକ । ତମେ ତାକୁ ଛାଡ଼ିଲେ ବିପଦରେ ପଡ଼ିବ । ସେ ତମକୁ ଛାଡ଼ିବ ନାହିଁ ପାଠ ପଢ଼ିଲେ ଏଇ ସଦ୍‌ଗୁଣ ବଢ଼େ । ଯେଉଁ ପାଠରେ ସଦ୍‌ଗୁଣ ନବଢ଼େ ସେ ପାଠ ପାଠ ନୁହେଁ । ତାକୁ ପଢି ତମ ଜୀବନରେ କିଛି ହେବ ନାହିଁ !

ବରଦା — ଛାତ୍ରମାନେ ଯଦି ନିଜେ ସାଧୁ ହୁଅନ୍ତି ଓ ଅସାଧୁ ଲୋକଙ୍କୁ ଘୃଣା କରନ୍ତି; ଏପରିକି ଯଦି ଛାତ୍ରଙ୍କର ଶିକ୍ଷକ ବା ଗୁରୁଜନ ଅସତ୍ ଉପାୟରେ ଅର୍ଜନ କରୁଥାନ୍ତି ତାଙ୍କୁ ବର୍ଜନ କରିବାରେ ଦେଶ ପ୍ରତି ଛାତ୍ରମାନଙ୍କର ଯଥେଷ୍ଟ କର୍ତ୍ତବ୍ୟ ରହିଛି ।

---

ନେଇ ଯାଏ । ସେ ଏଠାରେ ଯେମିତି ଖୁସି ରହୁ ନ ଥାନ୍ତି । ଅବଶ୍ୟ ତୁଣ୍ଡ ଖୋଲି କହୁ-ନାହାନ୍ତି କି ଓଜର ଆପତ୍ତି କରୁ ନାହାନ୍ତି । କିନ୍ତୁ ଆକାର ଇଙ୍ଗିତରୁ ବାରିହୁଏ ସେ ଯେମିତି ଅଶାନ୍ତି ଅସନ୍ତୋଷରେ ଅଛନ୍ତି । ତୁ ତ କହୁଥିଲୁ, ବୋଉକୁ ନେଉଛୁ ?' ଏଥର' ଅଦ୍ୱୈତ ମୁଣ୍ଡ ହଲାଇ ହଁ ଭରିଲେ — 'ଆଉ ତେବେ ଅସୁବିଧା କଣ ? ବୋଉ ଯିବେ ଭଉଣୀଟି ଯିବ, ରେଖାଙ୍କର ଦୃଷ୍ଟିଭଙ୍ଗୀ ହୁଏତ ବଦଳିଯିବ ମନ ଭୁଲିବ । କଣ ରେଖା ଯିବନି କି ?' ରେଖା ନମ୍ର, କ୍ଷଣ — ପ୍ରତିମା ପରି, ଚୌକିଟିରେ ଭରି ରହି ଉଭା ହୋଇଥାଏ । ତାର ଓଷ୍ଠ ପୁଟ ସାମାନ୍ୟ ବିସ୍ଫାରିତ ହୋଇ ହୋଇ ଆସିଲା । ଟିମି ବୁଲୁବୁଲୁ ଗେଲ ଭରି କରି ବାଣୀ ପ୍ରଶ୍ନ ପରି ଆସି କହିଲା । 'ଯିବଟିକି, କଣ ? ଅଲବତ ଯିବ, ଯିବ ନାହିଁ ନୂଆବୋଉ ? କେମିତିକା କାର, ନାଇଁଲେ ଟିମି ?' ବୀଣା ଟିମି ଉପରେ କ୍ଷୋଭ ଆଭାସ ଦେଉଥାଏ । ରେଖା ବୀଣା ଟିମିଙ୍କର କୌତୁକ କ୍ରୀଡ଼ାକୁ ଅର୍ଥହୀନ ଭଙ୍ଗିରେ ଗୃହ ଗମ୍ଭୀର ଭାବରେ ସୁଦର୍ଶନକୁ ଏକେ କହିଲା,'ହଁ ଯିବ । ଅଦ୍ୱୈତର ସୁନା ଫ୍ରେମର ଚଷମାଟି ନାସିକା-ଗ୍ରରେ ଥରିଗଲା । ପ୍ରବଳ ବେଗରେ ସୁଦର୍ଶନ ଦହଡ଼ ଗୃହା ଟେକି ଯାଉଥାଏ । 'ଚାଲ ଅଦ୍ୱୈତ ବାବୁ, ଖରା ମଉଳ ପଡ଼ିବ ଯେ । ଆସ ନୂଆ ବୋଉ !" କହି ବୀଣା ଟିମିକୁ ଧରି ଦ ଘେରି ଘୂରି ଯାଇ ଗାଇଦେଲା --

ଭାଇ ଚାଲେ ଭଉଣୀ ଚାଲେ
ଚାଲେ ନୂଆ ବୋଉ,
ମଧୁର ସୁରେ ଟିମି ମୋର
ହୁଏ ଭେଉ ଭେଉ ।

ଟିମିର ଲାଙ୍ଗୁଳ ସହିତ ତା ବେଣୀରେ ଛନ୍ଦା ଛନ୍ଦ ଘର୍ଷଣ ନୃତ୍ୟ ଦେଖି ସମଗ୍ର ଘରଟା ହାସ୍ୟରୋଳରେ କମ୍ପିଗଲା ମୁହଁ ଉପରେ ସ୍ମିତ ରେଖାଟିକୁ ମୁହୂର୍ତ୍ତକେ ପୋଛି ଦେଇ ରେଖା ସ୍ଥିର ସଞ୍ଚିତ ସ୍ୱରରେ କିନ୍ତୁ କହିଲା, 'ବୀଣା ତୁମେ ଯାଅ ଅଦ୍ୱୈତ ବାବୁଙ୍କ ସଙ୍ଗରେ ବୁଲି ଆସିବ । ସୁଦର୍ଶନକୁ ଯେପରି ଆଦେଶ ଦେଲି ଅଦ୍ୱୈତ ବାବୁଙ୍କ ବନ୍ଧୁ ବାନ୍ଧବମାନଙ୍କୁ ଯାଇ ନିମନ୍ତ୍ରଣ କରିବେ । ସୁଦର୍ଶନର ପ୍ରଗଲ୍‌ଭତା କେଉଁଠି ହଜିଯାଇ-ଥାଏ । ସେ ରେଖାର ଆଦେଶ ଶିରୋଧାର୍ଯ୍ୟ କରି ନିର୍ଗତ ହୋଇଗଲା । ବୀଣା ଅଦ୍ୱୈତର ସୁନା ଫାଉଣ୍ଟେନ ପେନ୍‌ଟାକୁ ପକେଟରୁ ଟାଣି ଆଣି ଡାକିଲା, 'ଆସନ୍ତୁ ମ ! ନୂଆବୋଉ ନଗଲେ ନାହିଁ ! ସେ ସିନା ଘରଣୀ ।,

ଅଦ୍ୱୈତ ଅବାଧ୍ୟ ରେଖା ଆଡ଼କୁ ଦୃଷ୍ଟିପାତ କରି ସଙ୍ଗେ ଯୋଗ ଦେଇ ଚାଲିଯାଆନ୍ତି, ଶରତ୍ ଶ୍ରୀର ଗୃହଲି ପଛେ ପଛେ । ରେଖା ସିଗାରେଟ ଦାନିଟା ଝରକା ବାଟେ ଝାଡ଼ି ପାଉଁଶ ଗୁଡ଼ାକ ଉଡ଼ାଇ ଦେଲାବେଳେ ଦେଖୁଥାଏ ସନ୍ଧ୍ୟାବେଳିଆ ସମୁଦ୍ର ବକ୍ଷରେ ଗୁଡ଼ାଏ ପାଣିବୁଆ ଛଡ କାଟି କାଟି ଏଠି ସେଠିକି ଉଡ଼ୁଥିଲେ ଅଲଗା ହେଉ-ଥିଲେ, ଏକନ୍ନ ହେଉଥିଲେ । ସମୁଦ୍ରର ନୀଳିମା ଭିତରେ ବୁଡ଼ି ଉଠିଥିଲେ । ଆଉ କାହିଁ ଦୂରରେ ପଶ୍ଚିମ ଦିଗବଳୟ ତଳେ ଦିଶୁଥିଲା ଗୋଟିଏ ବାଲିଯୁମାନ ଯୋଡ଼ିଏର ଛାୟା ।



Digitized by srujanika@gmail.com

ଡାଗରା
Reg No O 18 ORISSA'S MOST POPULAR FORTNIGHTLY 16 5-51.

# ଚଟ୍ଟାଙ୍କୁ ଉତ୍ତର

କେଶବଚନ୍ଦ୍ର ଦାଶ—ହଜାରୀବାଗ

ପ୍ର—ଆପଣ ଈଶ୍ୱର ବିଶ୍ୱାସ କରନ୍ତି କି ? କରିବା ବା ନକରିବାର କାରଣ କଣ ?

ଉ—କରେଁ—କାରଣ ଅନ୍ୟାୟ କରି ଅଇଁଠା ହାତ ବୋଳିଦେବା ପାଇଁ ଗୋଟାଏ ମୁଣ୍ଡ ଦରକାର ହୁଏ ।

ପ୍ର—ଜାତିଭେଦ ପ୍ରଥା ଦୂର କରିବାର ଉପାୟ କଣ ? ଏହାର ଅପକାରିତା ବା ଉପକାରିତା କଣ ?

ଉ—ବିବାହ । ପୁରୁଷ ଓ ସ୍ତ୍ରୀ ଦୁଇଜାତି ମଧ୍ୟ ବିବାହ ପରେ ମିଳିମିଶି ଯାଆନ୍ତି । ଅନ୍ୟାନ୍ୟ ଜାତିକଥା ଛାଡ଼ନ୍ତୁ । ଏହା କାର୍ଯ୍ୟବେଳେ ଉପକାରୀ—ଅକାର୍ଯ୍ୟରେ ବା ନିଷ୍କର୍ମା ଅବସ୍ଥାରେ ଅପକାରୀ । ଅର୍ଥାତ କାମବେଳେ ଯେଝା ଯେଝା କାମ କରିବେ—ଏପରିକି ନାରୀ ଘର ଭିତରେ ପୁରୁଷ ବାହାରେ । ନିଷ୍କର୍ମା ଅବସ୍ଥାରେ କେବଳ କଳିକନ୍ଦଳ ସୃଷ୍ଟି ହୁଏ ।

ପ୍ର—ମାକ ଆର୍ଥରଙ୍କ ପରେ କୋରିଆ ଯୁଦ୍ଧର ଅବସ୍ଥା କଣ ହେବ ?

ଉ—ଆରଥର ଯାହା ହୋଇଥିଲା ।

ଏସ ମହାପାତ୍ର—କଲିକତା

ପ୍ର—ଆମେରିକା ଭାରତକୁ * ଲକ୍ଷ ଟନ୍ ଗହମ ଦାନ ଦେବ—ଦକ୍ଷିଣା କଣ ?

ଉ—ଯେଣେ ଇଚ୍ଛା ତେଣେ ଯା
ମୋର ହୋଇ ପଡ଼ିଥା …
ଇତି ହିତୋପଦେଶ ।

ପ୍ର—ଆସନ୍ତା ଭୋଟରେ କାହାକୁ ଭୋଟ ଦେବା ଉଚିତ ?

ଉ—ନିଜକୁ ।

ପ୍ର—୧୯୫୧ରେ ଯେଉଁମାନେ ମ୍ୟାଟ୍ରିକ ପାସ କଲେ ସେମାନେ କଣ କରିବେ ?

ଉ—ଘାସକାଟିବେ । ନଚେତ୍—ଖାଦ୍ୟଗ୍ରାସ କରିବେ ଓ ସତ୍ୟାନାଶ କରିବେ ।

ଶଚୀନ୍ଦ୍ରନାଥ ବେହେରା ବେତନଟି

ପ୍ର—କିଏ ପୃଥିବୀକୁ ନିମେଷକ ମଧ୍ୟରେ ବୁଲିଆସେ ?

ଉ—ମନ !

ପ୍ର—ଚୋରର ପ୍ରକୃତ ଦଣ୍ଡ କଣ ?

ଉ—ଜେଲ ସଜା ନ କରିବା । କାରଣ ଚୋରି କରିବାକୁ ନ ପାଇଲେ ସେ ହନ୍ତସନ୍ତ ହୋଇ ମରିବ ।

ପ୍ର—କାହା ବଳରେ ଲୋକ ଚୋରୀ କରେ ?

ଉ—ପୁଲିସ ବଳରେ ।

ପରମାନନ୍ଦ ମିଶ୍ର—କେନ୍ଦୁଝର

ପ୍ର—ପ୍ରେମ ସରଳ ନା କଠିନ ?

ଉ—ସାପ ଛୁଚୁନ୍ଦ୍ରାକୁ ଧରିବା ଯେମିତି । ଧରିବାକୁ ସରଳ—ଛାଡ଼ିବାକୁ କଷ୍ଟ ।

ପ୍ର—ପ୍ରେମ ରଜ୍ଜୁରେ ବାନ୍ଧି ହେବାପାଇଁ କିଏ ଆଗ ଆଗ୍ରହାନ୍ୱିତ—ପୁରୁଷ ନା ସ୍ତ୍ରୀ ?

ଉ—ସ୍ତ୍ରୀ ଆଗ ଲୋଭ ଦେଖାଏ—ପୁରୁଷ ଆଗ ପଡ଼େ ।

ପ୍ର—ମୋର ଜଣେ ସଙ୍ଗିନୀ ଦୂର ଅଜଣା ରାଇଜକୁ ଚାଲିଯାଇଚନ୍ତି ମୁଁ ତାଙ୍କ ଠିକଣା ନ ପାଇ ବଡ ହଇରାଣ । କିପରି ତାଙ୍କ ଠିକଣା ପାଇବି କହିବେ କି ?

ଉ—ତାଙ୍କ ବାପାଙ୍କୁ ଯାଇ କହନ୍ତୁ—ତମର ଜଣେ ସଂଗୀ ତାଙ୍କ ଝିଅର ଦୁର୍ନାମ କରୁଛି ଯେ ସେ ବନାରସରୁ ତାପାଖକୁ ଚିଠି ଦେଇଛନ୍ତି । ତା ହେଲେ ବାପା ଏହା ମିଛ ବୋଲି ପ୍ରମାଣ କରିବା ପାଇଁ ବଳେ ବଳେ ଠିକଣାଟି କହିଦେବେ ।

ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୁରୀ

ପ୍ର—ବାହାରେ ଥାଇ ସରକାରଙ୍କୁ ସମାଲୋଚନା କରୁଥିବା କର୍ମୀ ବା ନେତା ଶାସନ କ୍ଷମତା ପାଇଲେ ସଂପୂର୍ଣ୍ଣ ବଦଳି ଯାନ୍ତି କାହିଁକି ?

ଉ—ଜନ୍ଦାର ପର ଲାଗିବା ଏକ ପ୍ରାକୃତିକ ପର୍ଯ୍ୟାୟ

ପ୍ର—ସଂସ୍କୃତ ସିଲାବସ ପରିବର୍ତ୍ତନ ପାଇଁ ଦଶବର୍ଷ ହେବ ଜବାବ ଦେଉଥିଲେ ହେଁ ସରକାର କାର୍ଯ୍ୟରେ ପରିଣତ କରୁ ନାହାନ୍ତି କିଆଁ ?

ଚୁନ୍ତ୍ରୀ ଚନ୍ଦ୍ରଙ୍କ ଦ୍ୱାରାଏ

ଉ—ସଂସ୍ଥାନ ସରକାରଙ୍କର ଏତେ ବେଶୀ ଲୋଭ ଯେ ସେ ସଂସ୍କୃତର ସଂସ୍କାର କଲେ ଆବର୍ଜନା ରଖିବା ପାଇଁ ସ୍ଥାନାଭାବ ହେବ ।

ପ୍ର—ମନ୍ତ୍ରୀହେବା ପାଇଁ କି ଯୋଗ୍ୟତା ଲୋଡ଼ା ?

ଉ—ସ୍ୱାର୍ଥଗାୟତ୍ରୀ ମନ୍ତ୍ର ଜପ କରି ସିଦ୍ଧି ଲାଭ କରିବାକୁ ହେବ—ମନ୍ତ୍ରଃ—ସ୍ୱାର୍ଥଦେବାୟ ବିଦ୍ମହେ—ଆତ୍ମସାତାୟ ଧୀମହି—ତନ୍ନୋ-ନନ୍ତ ପ୍ରଚୋଦୟାତ୍ ।

ହରିଶ୍ଚନ୍ଦ୍ର ଜେନା—ବାଲେଶ୍ୱର

ପ୍ର—ଭୂତପ୍ରେତ ସମ୍ବନ୍ଧରେ ଆପଣଙ୍କର ମତ କଣ ?

ଉ—ଭୂତ ଅର୍ଥ ଯେ ଅତୀତ । ପ୍ରେତ ଅର୍ଥ—ଯେ ବର୍ତ୍ତମାନ ଅର୍ଥାତ ଆପଣ ଓ ମୁଁ ।

ପ୍ର—ମନୁଷ୍ୟ ସୁଖରେ ରହିବାର ପ୍ରଧାନ ଉପାୟ କଣ ?

ଉ—ଜୀବନରେ ଯାହା କିଛି 'ସୁ' କି ଉତ୍ତମ ତାକୁ 'ଖ' କି ଶୂନ୍ୟ କରିଦେବ ।

ପ୍ର—ମନୁଷ୍ୟ କେତେବେଳେ ଆତ୍ମହରା ହୁଏ ?

ଉ—ଯେତେବେଳେ ପ୍ରେମିକ ବା ପ୍ରେମିକା ଆତ୍ମାର ଆସନକୁ ମାଡ଼ିବସେ ।

ବୈଷ୍ଣବ ଜେନା—କେନ୍ଦୁଝର

ପ୍ର—ନାରୀ ନିକଟରେ ପୁରୁଷର ଜୟ କୃତିତ୍ୱ ନା ପରାଜୟ କୃତିତ୍ୱ ?

ଉ—ଜୟ କୃତିତ୍ୱ ଓ ପରାଜୟ ପୁରୁଷତ୍ୱ ।

ପ୍ର—କଳିଯୁଗ କେବେ ଶେଷ ହେବ ! ଶେଷହେଲେ କାହିଁକି ହେବ ?

ଉ—ଯେଉଁଦିନ ମଣିଷଙ୍କ ମୁହଁ ପଛକୁ ହୋଇଯିବ । କାରଣ ସେଦିନ ଏଇ ଅଗ୍ରଗତି ଆଧୁନିକତା ଧୂଆଁରେ ସରିଯିବ ।

ପ୍ର—ଭଲପାଇବାର ଶେଷ ସୀମା କେଉଁଠି ?

ଉ—ସମୁଦ୍ର ଆକାଶ ସଙ୍ଗରେ ମିଶିଛି ଯେଉଁଠି ।

Printed,—Published and Edited by N. Mahapatra at the Dagaro Press, Cuttack—1
ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ସହକାରୀ—ଶ୍ରୀ ରମେଶଚନ୍ଦ୍ର ମହାନ୍ତି ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

# ଡଗର

ଆନନ୍ଦ ଆଲୋକ ଓ ଅଗ୍ରଗତିର ପ୍ରତୀକ

୧୪ଶ ବର୍ଷ
୨ୟ ସଂଖ୍ୟା

ଜ୍ୟେଷ୍ଠ
ପ୍ରଥମାର୍ଦ୍ଧ

## ଜଗଜୀବନ ଓ ନିତ୍ୟାନନ୍ଦ ଲଢ଼େଇ




ହାମ୍ ଭୀ ଯୋଶ୍ ପୈଦା କର୍ ସକତେ ହୈଁ
—ଜଗଜୀବନ ରାମ

କଥାରେ ଶାଗ ସିଝେ ନାହିଁ—
—ନିତ୍ୟାନନ୍ଦ ମହାପାତ୍ର

ଏ ସଂଖ୍ୟାରେ—ସଂବିଧାନ ସଂଶୋଧନ

ବାର୍ଷିକ
୭ ଟଙ୍କା

ପ୍ରତିଖଣ୍ଡ
ଚାରିଅଣା

Digitized by srujanika@gmail.com

# ବମ୍ବେ ଲାଇଫ ଏସିଓରେନ୍ସ

**କମ୍ପାନୀ ଲିମିଟେଡ, ପ୍ରତିଷ୍ଠିତ—୧୯୦୮**

୧୯୪୯ର ବିବରଣୀ—

| | |
|---|---|
| ବାର୍ଷିକ ଆୟ | ୧,୮୭,୯୨ ଲକ୍ଷ |
| ବୀମା ପାଣ୍ଠି | ୪,୯୦ କୋଟି |
| ଚଳନ୍ତି ବୀମାର ପରିମାଣ | ୧୮,୮୧ କୋଟି |

ସରକାରୀ କାଗଜାଦିରେ ବୀମାପାଣ୍ଠିର ଶତକରା ୯୦ଟଙ୍କା ନିୟୋଜିତ ହୋଇ କମ୍ପାନୀର ସୁଦୃଢ଼ତାର ପରିଚୟ ଦେଉଛି ।

ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜରେ ଉତ୍ତମ ପାରିଶ୍ରମିକରେ ଏଜେଣ୍ଟ, ଅର୍ଗାନାଇଜର ଓ ଇନ୍‌ସପେକ୍ଟର ଆବଶ୍ୟକ । ଅନୁସନ୍ଧାନ କରନ୍ତୁ ।

| | | |
|---|---|---|
| ହେଡ଼ ଅଫିସ, | ଶାଖା ମେନେଜର | ଓଡ଼ିଶା ଶାଖା,— |
| ବମ୍ବେ. | ନରେନ୍ଦ୍ରପ୍ରସାଦ ଦାସ | ଚାନ୍ଦନୀଚୌକ, କଟକ । |

---

**ସ୍ତ୍ରୀ ରୋଗ ପାଇଁ**

## ରେଣୁକା ବଟିକା

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧରେ କିମ୍ବା ଅନ୍ୟ ହାନି କାରକ ନୁହେଁ । ମୂଲ୍ୟ ୨ ୭୯ ଡାକ ଖର୍ଚ୍ଚ—୨।୵

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୨ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୩— ଡାକଖର୍ଚ୍ଚ—୫୦୵ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟୀ ଯୁକ୍ତହୋଇ ପଠାଯାଏ ।

**Kaviraj M. K. KAVYATIRTHA (D. C.)**
**70, Cornwallis St., Calcutta**

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ

# ସୁଧାସିନ୍ଧୁ ଔଷଧାଳୟ

**ପ୍ରତିଷ୍ଠାତା—କବିରାଜ ହରେକୃଷ୍ଣ ମିଶ୍ର**

ଆପଣ ଯଦି ପୁରାତନ ଜଟିଳ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତରେ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

ବ୍ୟବସ୍ଥାପକ—କବିରାଜ—ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଝାଞ୍ଜିରୀ ମଙ୍ଗଳା (କଟକ)—୧

---

# ପାନାମା କେନାଲ

ଆଟଲାଣ୍ଟିକ ଓ ପ୍ରଶାନ୍ତ ମହାସାଗର ଭିତରେ ନୌବାଣିଜ୍ୟର ବନ୍ଦୋବସ୍ତ ପାଇଁ ପାନାମା ଯୋଜକକୁ ପାନାମା ପ୍ରଣାଳୀରେ ପରିଣତ କରିବାକୁ ମେନୋଜନ୍ ଙ୍କର ମାଥାରେ ନୂଆ ପରିକଳ୍ପନା ଆସି ଯେତେବେଳେ ଠିକ୍ ହେଲା ସୁଏଜ କେନାଲର ନିର୍ମାତା ଫର୍ଡିନାଣ୍ଡ ଲସେପ୍‌ସଙ୍କ ପରାମର୍ଶ ନିଆଗଲା । କିନ୍ତୁ ତା ସତ୍ତ୍ୱେ ଫ୍ରେଞ୍ଚ ପାନାମା କମ୍ପାନୀ ଭାରି କ୍ଷତିଗ୍ରସ୍ତ ହେଲେ କାରଣ ୫୦୦୦ କର୍ମୀ ମ୍ୟାଲେରିଆ ଓ ପୀତ ଜ୍ୱରରେ ମରିଗଲେ ତାପରେ ଆମେରିକା ସରକାର କମ୍ପାନୀଙ୍କଠୁ ସବୁ ସ୍ୱତ୍ୱ କିଣିନେଲେ ପଚାଶ ଲକ୍ଷ ପାଉଣ୍ଡ ଦେଇ । ତଥାପି ଲୋକେ ମରିବାକୁ ଲାଗିଲେ । କାମ ଆଗେଇଲା ନାହିଁ—ଶେଷରେ ଜଣାଗଲା ଯେ ଏହି ଛୋଟ ଛୋଟ ମଶାଙ୍କ ଯୋଗୁ ଏତେ କ୍ଷତି ହେଉଛି । ଚିକିତ୍ସକ ବିଶେଷଜ୍ଞଙ୍କ ପରାମର୍ଶ ନେଲେ । ଗାଡ଼ ପୋଖରୀ ସନ୍ତସନ୍ତିଆ ସ୍ଥାନ ସବୁ ପୋତି ଦିଆଗଲା ପାଣି ଶୁଖାଇ ଦିଆଗଲା । ଫଳରେ ମେଲେରିଆ କମିଲା ।

ମାତ୍ର ଶେଷରେ କୁଇନାଇନହିଁ ସମସ୍ତଙ୍କୁ ରକ୍ଷାକଲା—ପାନାମା କେନାଲ ଖୋଲାହେଲା । ଭୂତପୂର୍ବ ହେଲ୍ଥ ଅଫିସରଙ୍କ ଏକସ୍ପାର୍ଟ କମିଟି ସେଥିପାଇଁ କହୁଛନ୍ତି ଯେ ଜ୍ୱର ପ୍ରତିଷେଧକ ହିସାବରେ ପ୍ରତ୍ୟହ ୨ଗ୍ରେନ ଏବଂ ଜ୍ୱରନାଶକ ହିସାବରେ ୧୫ ବା ୨୦ ଗ୍ରେନ ପାଞ୍ଚ ସାତ ଦିନ କୁଇନାଇନ ଖାଇବା ବିଧି ।

Mal No493 Eng

---

ପୁରୁଣାକୁ ନୂଆକରିବାକୁ ଚାହାନ୍ତି ?

# ଜଗନ୍ନାଥ ପେଣ୍ଟିଂ ଓାର୍କସ

**ଦୋଳମୁଣ୍ଡେଇକୁ ଆସନ୍ତୁ**

ସାଇକେଲ୍ ଟ୍ରଙ୍କ, ସୁଟ୍‌କେଶ ମୋଟର ଆଦି ସମସ୍ତ ପ୍ରକାର ସରଞ୍ଜାମ ରଙ୍ଗେଇ କରାଯାଏ । ସ୍ପ୍ରେ, ପେଣ୍ଟିଂ ଓ ଷ୍ଟୋଭ ଏନାମେଲିଂ ଆଦି କାର୍ଯ୍ୟ ଅତ୍ୟନ୍ତ ବିଶେଷତ୍ୱ । ରଙ୍ଗର ସ୍ଥାୟିତ୍ୱ ଗ୍ୟାରାଣ୍ଟି ଦିଆଯାଏ ।

Digitized by srujanika@gmail.com

ଅନନ୍ଦ'ଡ଼୍ ହ ଖଲ୍ ଇମାନ ଭୂତାନ ଜାମୁନ୍ତେ



ଜ୍ୟେଷ୍ଠ ପ୍ରଥମାର୍ଦ୍ଧ ୧୪ଶ ବର୍ଷ ୨୩ଶ ସଂଖ୍ୟା ୧ । ୬ । ୫୧

## ସଂବିଧାନ ସଂଶୋଧନ

ଭାରତୀୟ ସଂବିଧାନ ଏକବର୍ଷ କାର୍ଯ୍ୟକାରୀ ହେଉ ନ ହେଉଣୁ ତାହାର ସଂଶୋଧନ ଆବଶ୍ୟକ ହୋଇଛି । ଗୋଟିଏ ଜମିଦାରୀ ଲୋପ ସଂକ୍ରାନ୍ତରେ ଅନ୍ୟଟି ମୌଳିକ ନାଗରିକ ଅଧିକାର ଘେନି । ଜମିଦାରୀ ଉଠିଯିବା ପକ୍ଷରେ ଆମେ ମତ ଦେଲେହେଁ, ଏପରି ଏକ କାର୍ଯ୍ୟପଦ୍ଧତିର ଟିକିନିଖି ବିଷୟ ସେଭଳି ନୀତି ନିୟାମକ ସଂବିଧାନର କଳେବରକୁ ବିସ୍ତାର ଦେବା ପିଲାଳିଆମି । ବ୍ୟକ୍ତିଗତ ସମ୍ପତ୍ତିର ଗୋଟାଏ ଟୀକା ସଂବିଧାନରେ ଯୋଗ କରି ଦେଇଥିଲେ— ଉପର ବିଚାରାଳୟମାନଙ୍କର ଆପତ୍ତି ପାଇଁ ଅବସର ନଥାନ୍ତା ।

ବ୍ୟକ୍ତିଗତ ସ୍ୱାଧୀନତାକୁ ଖର୍ବ କରି ଲୋକମତ ପ୍ରକାଶ ଉପରେ ଯେଉଁ ସଂଶୋଧନ ଆସୁଛି ତାହା ବଡ଼ ଗୁରୁତର । ଅବଶ୍ୟ ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ସ୍ୱାଧୀନ ବ୍ୟକ୍ତି ସ୍ୱେଚ୍ଛାଚାରୀ ହେଲେ ଅଙ୍କୁଶ ଆବଶ୍ୟକ । ମାତ୍ର ଅଙ୍କୁଶଧାରୀ ସ୍ୱେଚ୍ଛାଚାରୀ ହେଲେ ନିରଙ୍କୁଶ ଯଥେଚ୍ଛାଚାରିତାକୁ ପ୍ରଶ୍ରୟ ଦେବ ନାହିଁ କି ? ଯନ୍ତ୍ରର ସ୍ୱାର୍ଥ ଦୃଷ୍ଟିରୁ କେଉଁଟି ଅଧିକ ମାରାତ୍ମକ ତାହା ଦେଖିବାର କଥା ।

ଆମ ମତରେ ସଂବିଧାନକୁ ଛପା ଛର-କ୍ରାନ୍ତ ଯେତେ କଠିନ ସେତେ ଅଧିକ ଗୋଳ ଯୁକ୍ତିକର । ଭୟରେ ଶୃଙ୍ଖଳା ଅସିବା ଅସମ୍ଭବ । କେବଳ ଭକ୍ତିରେହିଁ ଶୃଙ୍ଖଳା ସମ୍ଭବ । ଆଇନର ପ୍ରଚଳନ ପ୍ରଣାଳୀହିଁ ତବ । ଆଇନ ନଥାଇ କେବଳ ଆଇନର ସ୍ଥାନଦାନୀ ବା ପ୍ରଚଳିତ ପ୍ରଥା ଦେଶର ଶାନ୍ତି ଅଣି ଦେଇପାରେ । ପୁଣି ଏତେଶୀଘ୍ର ଆଇନ ଉପରେ ହାତ ଦେବା ସରକାରଙ୍କ ପକ୍ଷେ ଘୋର ଅନ୍ୟାୟ ।

ତା ଛଡ଼ା ବର୍ତ୍ତମାନ ପାର୍ଲାମେଣ୍ଟ ଏକ ଅନ୍ତର (interim)ସରକାର । ଏହା ସଂବିଧାନ ବିଧାୟିନୀ ସଭାର ଉଦ୍ଭବ ମାତ୍ର ସଂବିଧାନକାରୀ ହୋଇନାହିଁ । ପୁଣି ସଂବିଧାନ ବିଧାନାନୁଯାୟୀ ବିଧିବଦ୍ଧ ଲୋକ ପ୍ରତିନିଧି ସରକାର ଏହା ନୁହେଁ । ଏହା ମଧ୍ୟବର୍ତ୍ତୀ କାଳ ପାଇଁ କେବଳ ଶାସନ କରିପାରନ୍ତି— ସଂବିଧାନ ଉପରେ ହସ୍ତକ୍ଷେପ କରିବାର ଶକ୍ତି ଏହାର ନଥାଇ ପାରେ । ଅବଶ୍ୟ ନିଜେ ଜବରଦସ୍ତି ଏକ ଅନ୍ୟାୟ କଲେ ତାର ପ୍ରତିବାଦ କେହି କରିପାରିବ ନାହିଁ— କିନ୍ତୁ ଭବିଷ୍ୟତ ପାଇଁ ଏହା ସୁନ୍ଦର ଦୃଷ୍ଟାନ୍ତ ନୁହେଁ ।

ସଂଶୋଧନରେ ପ୍ରେସ ଉପରେ ଯେଉଁ ଚାପ ଅଛି··· ତାହା ସରକାରଙ୍କ ଆକାଂକ୍ଷିତ ବା ଉଦ୍ଦିଷ୍ଟ ନୁହେ ବୋଲି ନେହେରୁ କହିଲେ ମଧ୍ୟ— ଆଇନରେ ଉଲ୍ଲେଖ ନଥିଲେ ସେ କଥାର କୌଣସି ମୂଲ୍ୟ ନାହିଁ । ନେହେରୁ ଏ ସଂଶୋଧନ ସଂପର୍କରେ ନିଜେ ଯେପରି ଦ୍ୱିଧା ପ୍ରକାଶ କରୁଛନ୍ତି ସେଥିରୁ, ନେହେରୁ ବାସ୍ତବିକ ଲୋକ ଚକ୍ଷୁରେ ତଳକୁ ଖସିଗଲେ ।

ମୋଟ ଉପରେ ଏ ସଂଶୋଧନ ପ୍ରସ୍ତାବ ନେହେରୁ ସରକାରଙ୍କୁ ନାଜୀ ସରକାର ବା ସୋଭିଏଟ ସରକାର ଆସନକୁ ନେଇଯାଇଛି । ଏହା ବର୍ତ୍ତମାନ ସମୟରେ ଶ୍ଳାଘ୍ୟ ହେଉ ନହେଉ ଅନ୍ତତଃ କଂଗ୍ରେସର ଘୋଷିତ ନୀତି-ବିରୁଦ୍ଧ, ଏଥିରେ ସନ୍ଦେହ ନାହିଁ ।

—

ସଂପାଦକୀୟ

## କଂଗ୍ରେସ ବର୍ତ୍ତମାନ

ଆମେ ଗତ ତିନିବର୍ଷ ଧରି କଂଗ୍ରେସକୁ ସତର୍କ କରି ଆସିଛୁ ଯେ ଦଳତନ୍ତ୍ରରେ କଂଗ୍ରେସର ମୌଳିକ ନୀତି କାର୍ଯ୍ୟକାରୀ ହେବା ଅସମ୍ଭବ । ବିଶେଷତଃ କଂଗ୍ରେସର କାର୍ଯ୍ୟପଦ୍ଧତି ଦୃଷ୍ଟିରୁ ତାହା [illegible] ଓ ଜମିଦାରଙ୍କ ଗୋଷ୍ଠୀର ସମ୍ମିଳନ ମନ୍ତ୍ରୀଦଳ ଓ ସର୍ବସାଧାରଣ ଚରିତ୍ରହୀନ ଦଳ ହୋଇଯାଇଛି । କଥା ଓ କାର୍ଯ୍ୟର ପାର୍ଥକ୍ୟ ଯୋଗୁଁ ଦେଶବାସୀ [illegible] ବିଶ୍ୱାସ ହରାଇଲେ । ସେ ଅଭାବ ପୂରଣ କରିବା ପାଇଁ କଂଗ୍ରେସ ତାର ପୂର୍ବ ପ୍ରତିଦ୍ୱନ୍ଦ୍ୱୀ ବ୍ରିଟିଶ ଶାସକଙ୍କର ସମସ୍ତ କୂଟନୀତି ସହିତ ଅନ୍ୟାୟ ନୀତି ପ୍ରୟୋଗ କରି କ୍ଷମତା ରକ୍ଷା କରିବାକୁ ଲକ୍ଷ୍ୟ କରି ବସିଲା । ସ୍ୱାଭାବିକ ସ୍ୱାର୍ଥପରଙ୍କ ଦଳ ଫାଟିଲା । ଏବଂ ଫଳରେ ସାଧୁ ଲୋକେ ଆଉ ସେ ଦଳ ଭିତରେ ଆପଣା ପାଇଁ ନିରାପଦ ସ୍ଥାନ ପାଇଲେ ନାହିଁ । କଂଗ୍ରେସ ଏକ ବିପ୍ଳବପନ୍ଥୀ କର୍ମଠ ଅନୁଷ୍ଠାନ ହିସାବରେ ମରିଯାଇ ଏକ ସ୍ୱାର୍ଥାନ୍ୱେଷୀ ଅଳସୁଆ ଅକର୍ମଣ୍ୟ ସଂସ୍ଥା ହୋଇ ରହିଲା ।

ଯେଉଁମାନେ ସାମାଜିକ ଅର୍ଥନୈତିକ ବିପ୍ଳବ ମାଗି କଂଗ୍ରେସକୁ ଧରି ବସିଥିଲେ ସେମାନେ ଧୀରେ ଧୀରେ କଂଗ୍ରେସ ଛାଡ଼ିଲେ । ଶ୍ରୀ କିରଣ ଶଙ୍କର, ଜୟପ୍ରକାଶ ଓ ଆଚାର୍ଯ୍ୟ କୃପାଳନୀଙ୍କ ପରି ଗାନ୍ଧୀ ମତାବଲମ୍ବୀ ସତ୍ପୁରୁଷମାନେ ବାଧ୍ୟ ହୋଇ କଂଗ୍ରେସରୁ ଗଲେ । ବରଂ କଂଗ୍ରେସ ସେମାନଙ୍କୁ ସହ୍ୟ କରିପାରିଲା ନାହିଁ । ନିର୍ବାଚନ ଛିଡ଼ିବା ଯଦି ଲୋକପ୍ରିୟତାର ମାନଦଣ୍ଡ ହୁଏ ତେବେ କଂଗ୍ରେସ ଭୁଲ କରିଚି । କେବଳ ତାର ନେତୃତ୍ୱ ଦେଶ ସ୍ୱୀକାର କରେ ବୋଲି ବୁଝାଯିବ— ତା'ର କଥାରେ ଲୋକେ ସମସ୍ତ କାର୍ଯ୍ୟ କରିବାକୁ ଉତ୍ସାହ ପାଇବେ ।

କଂଗ୍ରେସର ନେତୃତ୍ୱ ଦେବାର ଶକ୍ତି ଆଉ ନାହିଁ— ଏହା ପ୍ରମାଣ ହୋଇଛି । ଯଦି ଏବେ ନୂଆ କର୍ମଯୋଜନା ନକଲେ କଂଗ୍ରେସ ରହିବାର ପ୍ରୟୋଜନୀୟତା ନାହିଁ ।

—

Digitized by srujanika@gmail.com

# ନୂତନ ଯୋଗ—ମନ୍ତ୍ରୀ ନିଯୋଗ

( ସରକାରଙ୍କ ନୂଆ ଯୋଜନା )

ସରକାରଙ୍କ ଅର୍ଥ ବିଭାଗର ଗୋଟିଏ ଫାଇଲରୁ ଜଣାଯାଏ ଯେ ନିକଟରେ ଆଉ ଜଣେ ନୂଆ ମନ୍ତ୍ରୀ ନିଯୁକ୍ତ ହେବେ। ତାଙ୍କର ନାମ ହେବ—ଯୋଗମନ୍ତ୍ରୀ। ଏ ମହାଶୟ କି କି କାର୍ଯ୍ୟ କରିବେ ତାର ବର୍ଣ୍ଣନା ନିମ୍ନ ମତେ ଦିଆଯାଉଛି—

## ଭକ୍ତିଯୋଗ

ମନ୍ତ୍ରୀ ମହାଶୟ ଚତୁର୍ଦ୍ଦିଗରେ ପ୍ରଚାର କରିବେ ଯେ କଳିକାଳରେ ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍। ହରି ନ ଭଜିଲେ ଓ କୃଷ୍ଣ ନ ଭଜିଲେ ଗତି ନାହିଁ। ଛଳେ ବଳେ କୌଶଳେ ଲୋକଙ୍କୁ ହରେର୍ନାମ ଧରାଇ ଅସନ୍ତା ଭୋଟ ବେଳକୁ ସମସ୍ତେ ଯେପରି ହରିଙ୍କ ବାକ୍ସରେ ଭୋଟ ଦିଅନ୍ତି ସେଥିପାଇଁ କ୍ଷେତ୍ର ଦେଶରେ ପ୍ରସ୍ତୁତ କରିବେ। ତାଛଡ଼ା ସର୍ବତ୍ର—ସବୁ ସରକାରୀ ଅଫିସ—ସ୍କୁଲ କଲେଜରେ ଛାତ୍ର ଶିକ୍ଷକ, ଅମଲା ପିଅନ ସମସ୍ତଙ୍କ ଭିତରେ ମନ୍ତ୍ରୀମାନଙ୍କୁ ଭକ୍ତି କରିବା ପାଇଁ ଯୋଜନା ଦେବେ। କେବଳ ଭକ୍ତି ଛଡ଼ା କାର୍ଯ୍ୟ ସାଧନ ହେବ ଅନ୍ୟଥା ଅସମ୍ଭବ। ଭକ୍ତି ବଳରେ ଚାକିରି ମିଳେ, ପରମିଟ୍ ମିଳେ, ପାସପୋର୍ଟ ମିଳେ କନ୍ୟା ମିଳେ, ସନ୍ତାନ ମଧ୍ୟ ମିଳେ।

## ଜ୍ଞାନଯୋଗ

ବର୍ତ୍ତମାନ ଦେଶରେ ଅଜ୍ଞାନ ଅନ୍ଧକାର ଘୋଟିଯାଇଛି। କେହି କିଛି ବୁଝି ନପାରି ସମସ୍ତେ ସରକାରଙ୍କୁ ଗାଳି ଦେବାରେ ଲାଗିଛନ୍ତି। ଜ୍ଞାନାଞ୍ଜନ ଶଲାକା ଆଣି ସମସ୍ତଙ୍କ ଆଖିରେ ଖେଞ୍ଚି ଆଖି ଖୋଲି ଦେଖାଇ ଦେବାକୁ ହେବ ବର୍ତ୍ତମାନ ପରିସ୍ଥିତି ପାଇଁ ସରକାର ଆଦୌ ଦାୟୀ ନୁହନ୍ତି। ଲୋକେ ସରକାରଙ୍କ କଥା ନ ଶୁଣିବାରୁ ହିଁ ଦୁଃଖୀ ହେଉଛନ୍ତି। ଲୋକଙ୍କୁ ଏହି ଜ୍ଞାନ ଦେବାପାଇଁ ଚାଣକ୍ୟଙ୍କୁ ଯେଉଁ ଭଳି ଧରି ଯିବେ ସବୁର କାଣ୍ଟା ଅଗରୁ ଆଣି ମନ୍ତ୍ରୀଙ୍କ ଜମା କରିଦିଆଯିବ। ସେଇ ମାଠିଆ କାଣ୍ଟା ସାହାଯ୍ୟରେ ସେ ଲୋକଙ୍କ ଆଖିରେ ଆଲୋକ ଦେବେ।

## କର୍ମଯୋଗ

ଲୋକେ କର୍ମ କଣ, ଅକର୍ମ କଣ କିଛି ସ୍ଥିର ନକରି ପାରି ଦେଶରେ ଘୋର ବିଭ୍ରାଟ ସୃଷ୍ଟି କରୁଛନ୍ତି। ଅନାସକ୍ତ କର୍ମହିଁ କର୍ମ। କର୍ମରେ କେବଳ ଅଧିକାର ଫଳରେ ନାହିଁ। ତେଣୁ ଯାହା କାମ କରିବେ ତାର ଫଳ ରାଜନୈତିକ ଦଳ ଓ ନେତାମାନଙ୍କ ହାତରେ ଦେଇ ଅଶେଷ ପୁଣ୍ୟ ଅର୍ଜନ କରିବ। କିମ୍ କର୍ମ କିମ୍ ଅକର୍ମ ଇତ୍ୟାଦି ପ୍ରଶ୍ନର ସହଜ ସମାଧାନ ପାଇଁ ମନ୍ତ୍ରୀ ନିଜେ ଯାହା କହିବେ ତାହା ନିଜ ପାଖରେ ସମର୍ପିତ କରି ଆଉ ସମସ୍ତଙ୍କୁ ତାଙ୍କପାଖରେ ଅର୍ପଣ କରିବାକୁ ଶିକ୍ଷା ଓ ଦୀକ୍ଷା ଦେଇ କର୍ମର ମର୍ଯ୍ୟାଦା ରକ୍ଷା କରିବେ।

## ହଠଯୋଗ

ଦେଶର ବର୍ତ୍ତମାନ ଯେଉଁ ଖାଦ୍ୟ ପରିସ୍ଥିତି ଏଥିରେ ସବୁଠାରୁ ଅଧିକ ଆବଶ୍ୟକ ହଠଯୋଗ। ଭାରତରେ ଏକଦା ଏହି ହଠଯୋଗ ସାହାଯ୍ୟରେ ଯୋଗୀମାନେ କ୍ଷୀଣରୁ କ୍ଷୀଣ ହୋଇ ପିମ୍ପୁଡ଼ି ଗାତ ମଧ୍ୟରେ ମଧ୍ୟ ପଶିଯାଉଥିଲେ। ଏବେ ଅନ୍ନ ଅଭାବରେ ଲୋକେ କ୍ଷୀଣ ହେଉଛନ୍ତି ସତ ମାତ୍ର ପିମ୍ପୁଡ଼ି ଗାତରେ ପଶି ପାରୁ ନାହାନ୍ତି। ସେମାନେ ପିମ୍ପୁଡ଼ି ଗାତରେ ପଶିପାରିବା ଭଳି ଅବସ୍ଥାକୁ ଆସିବାର ଉପାୟ ଶିକ୍ଷାଦେବା ଉଚିତ। ସମସ୍ତେ କେବଳ ପବନ ଆହାର କରି ବଞ୍ଚିପାରିବା ପାଇଁ ସମସ୍ତଙ୍କୁ ହଠଯୋଗ ପ୍ରଣାଳୀ ଶିଖାଇ ଦେବାକୁ ହେବ। ଏହାଦ୍ୱାରା ଦେଶରେ ଖାଦ୍ୟ ସମସ୍ୟା ଅତି ସହଜରେ ସମାଧାନ ହୋଇ ପାରିବ। ଅଧିକ ଉତ୍ପନ୍ନ ଯୋଜନାର ଆବଶ୍ୟକତା ରହିବ ନାହିଁ। ବରଂ ଅଧିକ ପ୍ରଜନନ ପାଇଁ କ୍ଷେତ୍ର ପରିଷ୍କାର ହେବ। କାରଣ ପିମ୍ପୁଡ଼ି ଗାତ ଭିତରେ ମଣିଷ ରହି ପାରିଲେ-ଖର୍ବ ଖର୍ବ—ପରାର୍ଦ୍ଧ ୨ ଯାଏ ମଣିଷ ସୃଷ୍ଟି ହେଲେ କୌଣସି କ୍ଷତିନାହିଁ। ତେଣୁ ଏ ମନ୍ତ୍ରୀଙ୍କର ସର୍ବଶ୍ରେଷ୍ଠ—ସର୍ବପ୍ରଥମ କାର୍ଯ୍ୟ ହେବ ଦେଶରେ ହଠଯୋଗ ଶିକ୍ଷା ଦେବ।

## ଜଳଯୋଗ

ଅକ୍ଷୁଧ୍ୟ ହେଲେ ସାମାନ୍ୟ ଜଳଯୋଗ—ଅର୍ଥାତ କେବଳ ପାଣିର ବ୍ୟବସ୍ଥା କରିବାକୁ [ଜଳଖିଆ ନୁହେଁ] ମନ୍ତ୍ରୀ ମହୋଦୟ ବାଡ଼ର ବନ୍ଦୋବସ୍ତ ମଧ୍ୟ କରିବେ।

## ଯୋଗା ଯୋଗ

ଏ ମନ୍ତ୍ରୀଙ୍କ ହାତରେ ଯୋଗାଯୋଗ ବିଭାଗ ରହିବ। ଏ ବିଭାଗର କେନ୍ଦ୍ର ଅଫିସ ରହିବ ଅନୁଗୁଳରେ। ହଠଯୋଗ ସାଧିତ ହେଲେ ଆଉ ଜନ୍ମ ନିୟନ୍ତ୍ରଣର ଆବଶ୍ୟକତା ରହିବ ନାହିଁ। ତେଣୁ ଅବାଧ ପ୍ରଜନନ କ୍ରିୟା ଚାଲିବ। ଯେଉଁ ଠାରେ ଅଧିକ ଝିଅ ସେଠାରୁ ଝିଅ ଆଣି ଯେଉଁ ଦେଶରେ ଅଧିକ ପୁଅ ସେଠୁ ପୁଅ ମଗାଇ ବିବାହ ଦେବାକୁ ହେବ। କେବଳ ଜାତି ଅଜାତି ନିର୍ବିଶେଷରେ ନୁହେ ପଶୁ ପକ୍ଷୀ ମନୁଷ୍ୟ ଖେଚର ଭୂଚର ଚରାଚର ନିର୍ବିଶେଷରେ ଯୋଗାଯୋଗ କ୍ରିୟା ସଂଘଟନ ହେଲେ କିଛିଦିନ ପରେ ବିନା ଜାହାଜ,ଲୁଡ଼ା ଜାହାଜ, ଉଡ଼ାଜାହାଜରେ ମନୁଷ୍ୟ ବଂଶ ଅନୁକ୍ରମରେ କୁଡ଼ ଦେଖିବ ଉଡ଼ି ଶିଖିବ ନିଶ୍ଚୟ।

## ବିଯୋଗ

ଏ ମନ୍ତ୍ରୀଙ୍କ ହାତରେ ବିଯୋଗ ଅର୍ଥାତ୍ ବିବାହ ବିଚ୍ଛେଦ ବିଭାଗ ମଧ୍ୟ ରହିବ। ସଂସାରଟା କ୍ରମେ ଏକଘାସିଆ ହୋଇଯାଉଛି। ତେଣୁ କିଛି ନୂତନ ସ୍ୱାଦ ଆବଶ୍ୟକ। ଗୋଟାଏ ପୁରୁଷ ସବୁଦିନେ ଗୋଟାଏ ସ୍ତ୍ରୀ ବା ଗୋଟାଏ ସ୍ତ୍ରୀ ସବୁବେଳେ ଗୋଟାଏ ପୁରୁଷ ଭୋଗ କଲେ ଜୀବନ ଶୁଷ୍କ ନୀରସ ହୋଇଯିବ ତେଣୁ ବାରମ୍ବାର ଯୋଗାଯୋଗ ପାଇଁ ବିଯୋଗା ଯୋଗ ମଧ ଆବଶ୍ୟକ ପଡ଼ିବ। ଏ ସବୁକାର୍ଯ୍ୟ ଏହି ଯୋଗମନ୍ତ୍ରୀ ପର୍ଯ୍ୟବେକ୍ଷଣ କରିବେ।

## ମୁଷ୍ଟିଯୋଗ

ବର୍ତ୍ତମାନ ରୋଗ ଏପରି ବ୍ୟାପୁଛି ଯେ ଲୋକଙ୍କୁ ଔଷଧ ଦେବା ସରକାରଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ୁଛି। ତେଣୁ ଚାଲାଣି ଯେଉଁ ଔଷଧ ସବୁ ବେସରକାରୀ ଲୋକେ ନବାଣ୍ଟି ସରକାରୀ ଲୋକେ ବାଣ୍ଟିବେ ଏବଂ ସେଠାରୁ ଯେଉଁ ପଇସା ଆଦାୟ ହେବ ସେ ପଇସାରୁ ନାନା ଦାତବ୍ୟ ଅନୁଷ୍ଠାନ ଚାଲିବ।

## ମୁଷ୍ଟିଯୋଗ

ଆବଶ୍ୟକ ହେଲେ ଏ ମନ୍ତ୍ରୀ ବା ତାଙ୍କ ସ୍ତ୍ରୀ ଲୋକଙ୍କ ପିଠିରେ ମୁଷ୍ଟିଯୋଗ ପ୍ରୟୋଗ କରିପାରନ୍ତି। ସେହି ଦୃଷ୍ଟିରୁ କେନ୍ଦ୍ର ସରକାର ବ୍ୟକ୍ତିଗତ ସ୍ୱାଧୀନତା ସମ୍ବନ୍ଧରେ ସମ୍ବିଧାନ ସର୍ତ୍ତର ସଂଶୋଧନ ପ୍ରସ୍ତାବ ଆଣିଛନ୍ତି ମଧ୍ୟ। ଏଥିପାଇଁ ଜନସାଧାରଣଙ୍କୁ ପୂର୍ବରୁ ନୋଟିସ୍ ଦେବାକୁ ହେବ ଯେ ସେମାନେ ପିଠିରେ ବେଙ୍ଗମେଞ୍ଚା ବାନ୍ଧିଥିବେ। ଆସନ୍ତା ନିର୍ବାଚନରେ ମନ୍ତ୍ରୀଙ୍କ ଦଳକୁ ଭୋଟ ନଦେଲେ ଏଇ ଯୋଗ କିଏ ଜାଣେ କେତେବେଳେ ଉପସ୍ଥିତ ହୋଇଯିବ।



Digitized by srujanika@gmail.com



### ଅରସିକେଷୁ

ପ୍ରବାସୀ ଉତ୍କଳ ସମ୍ମେଳନୀ ହୋଇଗଲା । କଲିକତା ଓଡ଼ିଆମାନେ ସମସ୍ତଙ୍କୁ ନିମନ୍ତ୍ରଣ କଲେ ମାତ୍ର ଏକମାତ୍ର ବାଦ୍ ପଡ଼ିଗଲେ— ବଳିଆ ସିଂ । କାରଣ ଜଗଜୀବନ ଭଳି ଲୋକେ ଯେଉଁଠି ସଭାପତି ସେଠି ବୃଦ୍ଧିଆ ବଳିଆକହିବେ —ଶିରସି — ମାଲିଖ— ମାଲିଖ ।

### ଗଲ୍ପଣିତ ଗଳ୍ପକଥା

ଶୁଣାଯାଏ ପ୍ରବାସୀ ଉତ୍କଳ ସମ୍ମେଳନୀରୁ ଶ୍ରୀ ଜଗଜୀବନ ବିବେକୀ ବ୍ୟକ୍ତ ହୋଇ ଦିଲ୍ଲୀ ଫେରିଲେ । ସେଥିପାଇଁ ସେ ସନ୍ଦେଶଟିଏ ମଧ୍ୟ ନଖାଇ ଖାଲି ଗିଲାସକରୁ ପୁଅଏ ପାଣି ପିଇ ଚାଲିଗଲେ । ତାଙ୍କୁ କିଏ ସେଇଲା କଜାଣି—ବିଶ୍ୱନାଥ ଦାସେ କିନ୍ତୁ ଗୀତ ଧରି ଥିବେ—ଗଲ୍ପଣିତ ଗଳ୍ପ କଥାରେ ସଂଗାତ— ଗଲ୍ପଣିତ ଗଳ୍ପ କଥା ।

### ମାରେ ଜୋର୍

ବକ୍ତୃତା ଶେଷରେ ଶ୍ରୀ ଜଗଜୀବନ ରାମ କୁହନ୍ତି କହିଲେ—'ହମ ଭୀ ଜୋର୍ ପଇଦା କର ସକତେ ହେଁ' । ଅର୍ଥାତ ମୁଁ ମନକଲେ ଲୋକଙ୍କୁ ଉତ୍ତେଜ ଦେଇପାରେ । କିନ୍ତୁ ଭାଗ୍ୟେ ସେ ମନ କଲେ ନାହିଁ । ନହେଲେ ଅବସ୍ଥା ଯେ କଣ ହୋଇଥାନ୍ତା କିଏ ଜାଣେ ! ତେଣୁ ସମ୍ମେଳନୀଟି ଥଣ୍ଡାରେ ଥଣ୍ଡାରେ ଭାଙ୍ଗିଗଲା । ଜଗଜୀବନ କେବଳ ନିଜେ ତାତି ଚାଲିଗଲେ ।

ମାରେ-ଜୋର — ହାଇସ୍ସା
ଜଗଜୀବନ — ହାଇସ୍ସା

### ଜଗଜୀବନ ଉଡ଼ିଲେ

ଉଗର ସଂପାଦକ ଲୋକଙ୍କଠୁଁ ଶୁଣି ତାଲପାଇଲେ ବୋଲି ଜଗଜୀବନ ଯିବେଗଲେ ବୋଲି କୁହା ହୁଅ ହେଲେ । କିନ୍ତୁ ପ୍ରକୃତରେ ହଜାର ହଜାର ଲୋକଙ୍କ ତାଲିରୁ ଏକା ନିଫା ଉଠାଇଛନ୍ତି ଜଗଜୀବନ କାରଣ ସେ ଗୁଡା ସବୁ କଲିକତାରୁ ଦିଲ୍ଲୀ ଉଡ଼ିଗଲେ ଲୋକଙ୍କ ତାଳର ପୁଣି ଏତେ କରାମତି ।

### ଛତୁ ମୋର ପଖାଳ ତୋର

ସମସ୍ତେ ଭାରତବାସୀ ହୁଅ ବୋଲି ଜଗଜୀବନ ହିତୋପଦେଶ ଶୁଣାଇ ଦେଇଗଲେ । ମାତ୍ର ଏ କଥାଟା କେବଳ ସତ୍ୟେଇକଲା, ଖରସୁଆଁ, ସିଂହଭୂମ ବାବଦରେ ମିଶିଯିବେଲେ । ତାପରେ ମୋ ଛତୁ ମୋର ତୋ ପଖାଳ ତୋର । ମା ଝିଅ ଦୁହେଁ ଦେଉଳକୁ ଗଲେପରି ।

### ବାବଦରେ ଅଳିଅ

ଶ୍ରୀଯୁକ୍ତ ଜଗଜୀବନ ସଭାପତି ହୋଇ ଓଡ଼ିଆଙ୍କର କି ଅଳିଅ ଖଣ୍ଡ କରିଗଲେ ବୋଲି ଅନେକ ଲୋକ ପଚାରି ଉଚାଟ ହେଉଛନ୍ତି । ବଳିଆ- ସିଂ ଉତ୍ତର ଦେଉଛି—

ତ୍ରିମୂର୍ତ୍ତି ବାବୁତା ବଡ଼ି ହୋଇଗଲା
ଗଗନେ ଉଡ଼ିଲା ଧଳ
ବଳର ଉଙ୍କତା ମୃଦଙ୍ଗ ପିଟିଲେ
ବେଗଦେଲେ ହୁଳହୁଳ ।

### ମଦନଭସ୍ମ

ସଙ୍ଗୀତ ସଂମେଳନୀରେ ଶ୍ରୀଯୁକ୍ତ ଉଗର ସଂପାଦକ ଭଣିଲେ ଯେ ସଂଗୀତ କଦାପି କାମ ପ୍ରବଣ ଚରିତ୍ର ହୀନ ନରନାରୀଙ୍କ ଦ୍ୱାରା ସମ୍ଭବ ନୁହେଁ । ନୃତ୍ୟ ସଙ୍ଗୀତର ସ୍ରଷ୍ଟା ନଟରାଜ ପ୍ରଥମେ ମଦନକୁ ଭସ୍ମକରି ତାପରେ ତାଣ୍ଡବ ରଚନା କଲେ । ଅମେ କି ସେ କଥା ମାନୁଛୁଁ । ବୋଧହୁଏ ସେଥିପାଇଁ ରତିଦେବୀ ସିନେମା ସ୍କ୍ରିନ ଉପରେ ଜନ୍ମ ନେଉଛନ୍ତି ଓ ମଦନ ଅଦେହରେ ଆମ୍ଭମାନଙ୍କ ଉପରେ ପ୍ରତିଶୋଧ ନେଉଛନ୍ତି—କାରଣ ଅମେ ସମସ୍ତେ ନଟରାଜଙ୍କର ପୂଜକ । ନଟରାଜଙ୍କୁ ଛାଡ଼ି ମଦନଙ୍କୁ ପୂଜା କଲେ ରତିମାନେ ଆମ ପଛେ ପଛେ ଗୋଡ଼ାନ୍ତେ—ଏବେ ହିତେ ବିପରୀତ । ଆମେ ତାଙ୍କ ପଛେ ।

### ରଜାଙ୍କୁ ଡର

ବଲାଙ୍ଗିରରେ କଂଗ୍ରେସ ସଭାରେ ରଜାଙ୍କୁ ତଡ଼ିଦେବା ପାଇଁ ଦାବି ହେଲା । ଲୋକେ କୁଆଡ଼େ ପ୍ରକୃତରେ ରଜାଙ୍କ ନଅରକୁ ଘେରାଉ କରିବାକୁ ଉଠି ପଡ଼ିଥିଲେ । ମାତ୍ର ଶ୍ରୀଯୁକ୍ତ ମହତାବ ଓ ବିଶ୍ୱନାଥ ରଥ ଲୋକମାନଙ୍କୁ ସବୁର ସବୁର କହିବାରୁ କୌଣସି ଅଘଟଣ ଘଟି ନାହିଁ । ମହତାବ କି ଇଚ୍ଛେ ରଜା । ତାଙ୍କୁ ଆଗର ପଞ୍ଚରେ ରଜା କୁହାଯାଏ । ତାଛଡ଼ା ସେ ପୁଣି ମନ୍ତ୍ରୀ । ଭୁଲରେ ଲୋକେ ତାଙ୍କୁ ରଜା ବୋଲି କହି ବଲାଙ୍ଗିରରୁ ତଡ଼ି ଦେଇ ନାହାନ୍ତି ତ ?

### ବିପ୍ଳବୀ କଂଗ୍ରେସ

କୃପାଳନୀ କଂଗ୍ରେସରୁ ଇସ୍ତଫା ଦେଲେ । କଂଗ୍ରେସ ଆଉ ବିପ୍ଳବ କରି ପାରିବ ନାହିଁ ବୋଲି ତାଙ୍କର ମତ । କିନ୍ତୁ ବଳିଆ ସିଂ କହେ—କଂଗ୍ରେସ ଆଉ ଅଧିକ କି ବିପ୍ଳବ କରନ୍ତା ? କର୍ମୀକୁ ଧନୀ କଲା, ଅପାଠୁଆକୁ ପାଠୁଆ କଲା, ମୂର୍ଖଙ୍କୁ ମନ୍ତ୍ରୀ କଲା, ବଡ଼ଲୋକଙ୍କୁ ନାଲିଆ କଲା, ମୂଳିଆଙ୍କୁ ହ ଲିଆ କଲା, କମ୍ୟୁନିଷ୍ଟଙ୍କୁ ଅଙ୍କଶ ପରଂ ।

### ସହଗମନ

କୃପାଳନୀଙ୍କ ପରେ ପରେ ତାଙ୍କ ସହଧର୍ମିଣୀ ସୁଚେତା ମଧ୍ୟ ଶେଷରେ—

ଚେତି ସୁଚେତା ଗୃହିଲେ ଜଣିଶେଷେ
ପାଶେ ନାହାନ୍ତି କୃପାଳନୀ
ମାରିହେଲେ ହାତ ହା ନାଥ ହା ନାଥ
ବୋଲି କଲେ କେତେ ଭଣି
ବୋଲେ ଅର୍ଦ୍ଧାବେ
କଂଗ୍ରେସ ଛାଡ଼ିଲେ ବାଧିବେ ।

### ମନ୍ତ୍ରୀ ପଦ

କିନ୍ତୁ କୃପାଳନୀଙ୍କ ଦକ୍ଷିଣ ହସ୍ତ କହୁଥିଲ ସାହେବ କି ଦୁହାଇ ଦେଇ ରହିଗଲେ କଜାଣି ଶେଷକୁ ? ସଂସାର ମଧ୍ୟ ବନ୍ଧନ ଛିଡ଼ୁନାହିଁ । ଗୁରୁ କୃପାଳନୀଙ୍କ ମନ୍ତ୍ରର କାରଣ ହେଲାନାହିଁ । କମ୍ୟୁ ବିଷରେ ଖେଳ ରହିଲେ ହରି ମିଳିବା ଅସମ୍ଭବ । ମନ୍ତ୍ରୀ ଛାଡ଼ିଲେ କେ ହରି ମିଳେ ତୋ ନୈବନ୍ନ କି ଦୁଃଖ !

### ସ୍ୱାଧୀନତା ବେଡ଼ି

ଆମ ଶାସନ ସଂବିଧାନରେ ବହୁତ ଭୁଲ ତ୍ରୁଟି ରହିଯାଇଛି ବୋଲି ପଣ୍ଡିତ ନେହେରୁ ସଂଶୋଧନ ପ୍ରସ୍ତାବ ଆଣିଛନ୍ତି । ଏଥର



Digitized by srujanika@gmail.com

ଦେଶୀୟ ରାଜ୍ୟ ସ୍ୱାଧୀନତାରେ ବାଣ୍ଡ ଭଗା ହେବାର ବ୍ୟବସ୍ଥା ହେଉଛି ଆଗରୁ ଦେଶ ବିରୁଦ୍ଧରେ କହିବା ଲେଖିବା ପାପଥିଲା—ଏବେ ସରକାର ବିରୁଦ୍ଧରେ କହିବା ବି ପାପ। ଏଣେ ପାପ ତେଣେ ପାପ-ଚତୁର୍ଦ୍ଦିଗରେ। କେବଳ ଗୁଣଗ ନୁହେଁ ଶୂନ୍ୟ। ଏଣିକି ପ୍ରତ୍ୟହ ପଣ୍ଡିତ ନେହେରୁ ଭଳି—ରାଜେନ୍ଦ୍ର ପ୍ରସାଦ ଭଳି ବୋଧ ଚତୁର୍ଦ୍ଦିଗରେ ପ୍ରକୃତ ଫେର-ହେଲେ ଦେଶର ଦୁର୍ଗତି ଦୂର ହେବ।

## ଭଅ ଭସୁନା

ନେହେରୁଙ୍କର ସେଇ ମୁହଁରେ ଭଅ ପୁଣି ସେଇ ମୁହଁରେ ଭସୁନା। ଥରେ ସେ କହିଥିଲେ ଯେ ବରଂ ସମ୍ବାଦ ପତ୍ରମାନେ ଯେ ଇଚ୍ଛା ତା ଲେଖନ୍ତୁ, ତା ସହ୍ୟ କରି ହେବ କିନ୍ତୁ ସମ୍ବାଦପତ୍ର ଏଣ୍ଟି ଚାପି ଦେଲେ ମୋତେ ବାଧା ଲାଗିବ। ସେତେବେଳେ ନେହେରୁ ଏବେ ନେହେରୁ ଭିତରେ ଏ ତଫାତ କିମିତି ହେଲା ? ବୟସ ବୃଦ୍ଧି ସଙ୍ଗରେ ଅକଲ ବି ବଢ଼ିଛି ବୋଧହୁଏ।

## ରୁଷିଆ ବାହୁବଳେ

ପାରସ୍ୟର ତେଲଖଣି ନେଇ ଇଂରେଜ ଅମେରିକା ବହୁତ ଧମକ ଦେଲେ। ପାରସ୍ୟ ସେସବୁ ଧମକାଣି ଶୁଣୁନାହିଁ। ତେଣେ ରୁଷିଆ ପାରସ୍ୟ ଉପରେ ପ୍ରସନ୍ନ ହୋଇ ସାହାଯ୍ୟ ଦେବ ବୋଲି କହିଛି।

ଯାହାକୁ ପ୍ରସନ୍ନ ଜଗନ୍ନାଥ ସ୍ୱାମୀ
ଘିଅ ପରେ ତାହାର ହେବ ବରଷି।

## ଫଟା କଂଗ୍ରେସ

ଫଟା କଂଗ୍ରେସକୁ ଗୋଟା କରିବା ପାଇଁ ପୁଣି ନିଖିଳ ଭାରତ କଂଗ୍ରେସ କମିଟି ଡକା ଯିବାର ଶୁଣାଯାଏ। ମାତ୍ର ଟଣ୍ଡନ ଜୀ ଟାଣ୍ଡନଙ୍କ ମାଡ଼ ଖଣ୍ଡନ କରିବ କିଏ ? ଯାଇଛି ପଛେ ମରୁ ସହଭୂମି ବାଣ୍ଡ ହେଉ। କଂଗ୍ରେସ ପଛେ ଉଜୁଡ଼ୁ ମୋ କଥା ରହୁ।

## ବେକାର

ଗୋଟିଏ ଟାଇପିଷ୍ଟ କାମ ପାଇଁ ୫୦୦୦ ହଜାର ଲୋକ ଦରଖାସ୍ତ କରିଛନ୍ତି। ଅନ୍ୟ ଦେଶରେ ମାଇପେ ସବୁ ଏ କାମ କରିଥାନ୍ତି। ଆମ ଦେଶରେ ମର୍ଦ୍ଦ ଶିଖେ ମାଇପେ ସମସ୍ତେ ସମାନ ହୋଇଯିବାରୁ ଅର୍ଥାତ ମାଇପେ ମର୍ଦ୍ଦ ହେବାରୁ ଓ ମର୍ଦ୍ଦ ଶିଖେ ମାଇପେ ହେବାରୁ ଏ ସଂଖ୍ୟା ବୃଦ୍ଧି ପାଉଛି। ସ୍ତ୍ରୀ ସ୍ୱାଧୀନତା ଓ ପୁରୁଷ ଗୋଲାମି ନ ବଢ଼ିଲେ ବେକାର କମି ପାରନ୍ତା ଦେଶରୁ।

## ଅଯାଚିତ କନ୍ୟା

ବଙ୍ଗ ସରକାରଙ୍କ ଟ୍ରକଟ ବା ପରିକଳ୍ପିତି ଶହରରେ ମାଟି ଖୋଳା ଯନ୍ତ୍ରପାଇଁ ଟେଣ୍ଡର ମଗା ଯାଇଥିଲା। ଦରଖାସ୍ତ ଆସିଲା କନ୍ୟା ପାତ୍ରୀମାନଙ୍କର। ସମସ୍ତେ ଦକ୍ଷା, ଗୃହକର୍ମ ନିପୁଣା, ସକଳକଳା-କୁଶଳା। ମାଟିଖୋଳି ଜନକ ଗୋଟିଏ ସୀତାଙ୍କୁ ପାଇଥିଲେ। ସରକାର ମାଟିଖୋଳା ବିଜ୍ଞାପନ ଦେଇ ଶହ ଶହ ସୀତା ପାଇଲେ ଏ ଯେ କଳିକାଳ।

## କୁକୁଡ଼ା ଓ ଛେଳି

ଲକ୍ଷ୍ନୌରେ ମୁସଲମାନମାନେ ହିନ୍ଦୁ-ମହାସଭାରେ ଯୋଗଦେବା ପରେ ଛେଳି-ମାନେ ଅଣ୍ଡା ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥିବେ। ହିନ୍ଦୁମାନେ ମୁସଲିମ ଲିଗରେ ଯୋଗ ଦେଲେ।

ଲେଖିଅଛ ନେହେରୁ ଡେଗ୍ରନାମ
ସବୁ କୋ ସନ୍ମତି ଦେ ଭଗବାନ।

## ଡେର ଡେର ନାହିଁ ଶୃତି

ବରଦା ମହାରାଜ କହଥିଲେ ହୋଇ ଯେତେ ରାଜେନ୍ଦ୍ର ପ୍ରସାଦଙ୍କୁ କହିଲେ ସେ ଆଉ ଶୁଣିଲେ ନାହିଁ।

ଡେରଥିଲ ଶ୍ରବଣ       କର୍ମିଜନଙ୍କ ଗଣ
ତେଲଙ୍ଗାନାରେ ଶୁଣିଲ
ଢ଼ୋଲା ଗୋଚରେ ଥାଇ     ବରଦା ଡାକୁଛଇ
କର୍ଣ୍ଣ କୁହର କି ମୁଦିଲ ହେ

## ପଞ୍ଚୁଅତି

ଓଡ଼ିଶାର ପାଞ୍ଚବର୍ଷିଆ ଉନ୍ନୟନ ଯୋଜନା ପାଇଁ ୨୩ କୋଟି ଟଙ୍କା ଆମ ସରକାର କେନ୍ଦ୍ରରୁ ସାହାଯ୍ୟ ମାଗିଛନ୍ତି। ପାଞ୍ଚବର୍ଷରୁ ପଚାଶକୋଟି ନ ହୋଇ ୨୩ କୋଟି କାହିଁକି ହେଲାବୋଲି ଅନେକ ପଚାରୁଛନ୍ତି। ବଳୁଆ ସଭା ଅନୁସନ୍ଧାନ କରି ଜାଣିଛନ୍ତି ଯେ ବାକି ଦୁଇ-କୋଟି ଟଙ୍କାର ବ୍ୟବସ୍ଥା ମହତାବ କରି ସାରିଛନ୍ତି। ତାହା ଇଲେକସନରେ ଖର୍ଚ୍ଚ ହେବ। ସେଇଟି ଆମ ଉନ୍ନୟନ ଶିଶୁର ପଞ୍ଚୁଅତି।

## ଜାଲ ନେତା

କଲିକତାରେ ଜାଲ ରେସନକାର୍ଡର ଗୋଦାମ ଧରା ପଡ଼ିଛି। ପାକିସ୍ତାନ ଭାରତକୁ ଜାଲ ରେଶନ ମଧ୍ୟ ପଠାଉଛି। ମନେ ହେଉଛି କୁହନ୍ତି ଖାଲି ଜାଲ ଆଉ ଭେଜାଲରେ ଚାଲିଛି। ନେତା ଓ ମନ୍ତ୍ରୀମାନେ ମଧ୍ୟ ଜାଲ। ଅର୍ଥାତ ତାଙ୍କ କାହାଣୀ ଓ କରଣୀ ବିଲକୁଲ ଫରକ।

## ଅନଆସ୍ଥା

ଓଡ଼ିଶା ଟେକସ୍‌ଟାଇଲସ୍‌କୁ ଶ୍ରୀ ମହତାବ କେତେକ ବିଶେଷ ସୁବିଧା ଦେବା ଯୋଗୁଁ କଂପାନୀର ଯେଉଁ ଲାଭ ହୋଇଛି ତାହା ଆସନ୍ତା ନିର୍ବାଚନ ବେଳକୁ କାମରେ ଆସିପାରେ। ତେଣୁ ଏଭଳି ଆସ୍ଥାକୁ ଅନଆସ୍ଥା ବା ଅନ୍ୟାସ୍ଥା କହିବା ଭୁଲ ହେବ।

## ସଉତୁଣିଆ ପୁଅ

ଅଶୀ ଜଣ ପାର୍ଲିମେଣ୍ଟ କଂଗ୍ରେସ ସଭ୍ୟ ସଂବିଧାନ ସଂଶୋଧନ ଆଇନରେ ଦଳକୁ ଛାଡ଼ି ସ୍ୱାଧୀନଭୋଟ ଦେବାକୁ ଅନୁମତି ଚାହିଁଛନ୍ତି। ଦଳପତି ନେହେରୁ ଭାବୁଥିବେ—
ମୁଁ ଯାହାପାଇଁ କାନ୍ଦୁଥାଏ
ତା ଆଖିରେ ନାହିଁ ଲୁହ
ଯାହାପାଇଁ ମୋର ଦିନ ନଯାଏ
ହୁଏ ସଉତୁଣୀ ପୁଅ

## ନାଗାଙ୍କ ପଘା ଛୁଡ଼ା

ଆସାମର ନାଗାମାନଙ୍କୁ ମତାଇ ଲାଲ୍ କମ୍ୟୁନିଷ୍ଟ ରାଜ୍ୟ ଗଢ଼ିବାକୁ ଭାରତର ଲାଲ ପଲଟନ ସପନ ଦେଖୁଥିଲେ। ନାଗାଙ୍କର ତ ଅଧା ନାହିଁକି ପଘା ନାହିଁ—କାହାକୁ ଅବା ଲାଗ ? ଧୀରେ ଧୀରେ ସେ ପୁଣି ସୁଧାର ଧରିଲେଣି।

## ଅବ୍ୟାପାର

ଜାପାନ ସାଗରରେ ରୁଷିଆର ମାଇନ ସବୁ ଭାସୁଛି। ପାରସ୍ୟ ସାଗରରେ ପନ୍ଦରଟା ଯୁଦ୍ଧ ଜାହାଜ ଦେଖାଗଲାଣି। ଗୋଆରେ ଅମେରି-କାର ସୈନ୍ୟ ଓ ବନ୍ଧୁକ ଉହଗଲାଣି। ଏଭଳି ଚମତ୍କାର ସମ୍ବାଦ ଶୁଣିଲେ ମନେ ହେଉଛି ସମସ୍ତେ ଯଦି ଅନଧିକାର ଚର୍ଚ୍ଚା କରନ୍ତି ତେବେ ଅଧିକାରୀ କୁଆଡ଼େ ଗାଧୋଇ ଯିବେ।

## ଟାଣ୍ଡନଙ୍କ ଶିରପା

ଏଥର ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନରେ ଟାଣ୍ଡନଙ୍କୁ ତଡ଼ିବା ପାଇଁ ଆୟୋଜନ ହେଉଛି ବୋଲି ଯାହା ଶୁଣା ଯାଉଥିଲା ତାହା ମିଛ। ବରଂ ତାଙ୍କ ମୁଣ୍ଡରେ ଗୋଟାଏ ଶିରପା ବାନ୍ଧି ତାଙ୍କୁ ମହାମହୋ-ପାଧ୍ୟାୟ ଉପାଧି ଦିଆଯାଇ ପାରେ। କାରଣ ଯେ କୃପାଳନୀଙ୍କ ବିପକ୍ଷ ହଜମ କରିବାର ବୁଟି ଜାଣିଛନ୍ତି, ତାଙ୍କ ଦାଢ଼ୀର ଚରବାଲ ଜୟ ହେବ।



Digitized by srujanika@gmail.com

# ଇୟେସ୍ ସାର୍

ଲେ—ମୃଣାଳମୋହନ ମିଶ୍ର

ଶୀତର ସକାଳ। ବାହାରେ କମଳା ଲେମ୍ବୁ ରଙ୍ଗର ଖରା। କଲେଜ ନିକଟ ମଦନା ଦୋକାନରେ ଚୂଲ୍ଲିରୁ ଧୂଆଁ ଉଠୁଛି। ତାହାର ଗନ୍ଧ ପବନର ସ୍ତରେ ସ୍ତରେ ଭାସି ଆସୁଛି। ରେଡ଼ିଓରୁ ଶୁଭୁଛି ଶରୀରକୁ ସୁସ୍ଥ ରଖନ୍ତୁ ପ୍ରୋଗ୍ରାମ। କଲେଜର ସାମନାରେ ଜୁଣ୍ଡ ହୋଇଛନ୍ତି ଦଳେ ଅଇନ ଛାତ୍ର। ସେମାନଙ୍କ ଭିତରେ ଆଲୋଚନା ହେଉଛି। ନୂତନ ବିବାହିତ ବନ୍ଧୁମାନଙ୍କ ପାଇଥିବା ଯୌତୁକ-ର କଥା କିମ୍ବା ଯିଏ ବିବାହ କରିବାକୁ ଯାଉଛି ତାହାର ଆସନ୍ନ ବଥିର କର୍ମ ନିର୍ଘଣ୍ଟ।

ବେଳ ହୋଇ ଆସୁଛି ପାଠ ଆରମ୍ଭ ହେବାକୁ। ଅନେକ କ୍ଲାସ ସାମନାରେ ଠିଆ ହୋଇ ଏଇ ଚାଲେଥିବା ପିଲାଙ୍କୁ ଆନନ୍ଦ-ର ବର୍ଦ୍ଧିତ କରୁଛନ୍ତି। ହୁଏତ ଏଇମାନଙ୍କ ଭିତରୁ କିଏ କିଏ ଆସୁଥିବା ବନ୍ଧୁମାନଙ୍କୁ ନମସ୍କାର ଜଣାଉଛନ୍ତି। ଦଳେ ଦଳେ ଜୁଣ୍ଡ ହୋଇଛନ୍ତି ଟେନିସ ପଡ଼ିଆ ପାଖରେ। ଅନେକ ସିଗାରେଟ ଟାଣୁଛନ୍ତି। ଆଉ ଦଳେ ଖୁସି ଗପ କରୁଛନ୍ତି। ବେଳେ ବେଳେ ଗୋଟାଏ ଅଧେ ରିକ୍‌ସା ଯିବା ଆସିବା କରୁଛି। ହୁଏତ ଜଣେ ଅଧେ ଅଧ୍ୟାପକ ଓହ୍ଲାଉଛନ୍ତି ବା ଛାତ୍ରୀ! ମଟର ବି ଆସୁଛି କିନ୍ତୁ ଜଣେ ଅଧେ ଛାତ୍ରୀ! ମଟର ବି ଆସୁଛି କିନ୍ତୁ ସେଇଟା ତାର ଗନ୍ତବ୍ୟ ସ୍ଥାନକୁ ଚାଲିଯାଉଛି। ସେମାନେ ମଟରବାଲା ଟେନିସ ପଡ଼ିଆରେ ଜୁଣ୍ଡ ହେବାର ସ୍ୱାସ୍ଥ୍ୟ ତାଙ୍କର ନାହିଁ—

ଟିନ୍ ଟିନ୍ ଟିନ୍...ଘଣ୍ଟା ବାଜେ। ପଢ଼ା ଆରମ୍ଭ ହେବାର ସତର୍କ ଘଣ୍ଟି। କିନ୍ତୁ ଯିଏ ଚିରଦିନ ଅସତର୍କ ତାକୁ ଏଇ ସତର୍କ ଘଣ୍ଟି କଣ କରିବ।

ଟିନ୍ ଟିନ୍ ଟିନ୍...ଘଣ୍ଟା ବାଜେ। ଏଥର ପଢ଼ା ଆରମ୍ଭ ହେବ। ହିନ୍ଦୁଲ, ଟେନେନସି, ଟି ପି ଇତ୍ୟାଦି। ଟେନିସ ପଡ଼ିଆରେ ଖରା ପୋଉଁଥିବା ବନ୍ଧୁମାନେ ପ୍ରଶ୍ନ କଲେ—ସାର ଆସିଲେଣି ?

ହୁଏତ ଉତ୍ତର ଆସିଲା—ନା ?

ଆଉ ଟିକିଏ ବେଳ ଗଡ଼ିଯାଏ।

ମଦନା ଦୋକାନରେ ରେଡ଼ିଓ ଗୀତ ଗାଇବାକୁ ଆରମ୍ଭ କରିଛି।

କ୍ଲାସ ସାମନାରେ ଥିବା ଛାତ୍ରମାନେ ହାତ ଠାରି ଡାକିଲେ—ଆସ ଆସ ଆସ।

ସାର ଆସିଲେ ?

ଛାତ୍ରୁ ପ୍ରଶ୍ନ ହେଲା—'କାହାର କ୍ଲାସ' ?

"ସୋମନାଥ"

ଓ ପାଠପଢ଼ା ସରିଲେ ସେ ପ୍ରେଜେଣ୍ଟ ପକାନ୍ତି। ବେଶ ଗପାଯାଉ।

ଜଣେ ଅଧେ ନିଜକୁ ଖୁବ ହୁସିଆର କରିବାକୁ ଯାଇ କହି ଦିଅନ୍ତି 'ଦେଖ ରୋଲ ଟୁ ହଣ୍ଡ୍ରେଡ଼ ନାଇନ୍ ମୋଲଟା ପ୍ରୋକ୍ସି କରିଦେବ। ତାପରେ ସିଗରେଟ ଟଣା, ହସ ଆଉ ନିଛକ ଆଲୋଚନାରେ କଟିଯାଏ କିଛି ସମୟ।

'ଅରେ ରାମ ବାହାହେଲୁ କିଛି ଖାଇବାକୁ ଦେଲୁ ନାହିଁ ତ ?'

ରାମ ମଥାରେ ଦୁଶ୍ଚିନ୍ତା ଦେଖା ଦେଲା। କିନ୍ତୁ ସୁଖର କଥା ଗୋଟାଏ ସୁଦ୍ଧା ପଇସା ନଥିଲା ତା ପକେଟରେ। ତେଣୁ ସେ ଦୁଇଟା ହାତ ଉପରକୁ ଟେକି ଆତ୍ମ-ସମର୍ପଣ କଲା। ତେଣୁ ରାମ ବାବୁଙ୍କ ସ୍ତ୍ରୀର ସୌନ୍ଦର୍ଯ୍ୟ କିମ୍ବା ଯୌତୁକ ନେଇ ଆଲୋଚନା ସ୍ଥଗିତ ରଖାଗଲା।

ତାପରେ ଆଲୋଚନାର ଗତି ବଦଳି ଗଲା। ହଠାତ୍ କିଏ କହି ଉଠିଲା 'କିରେ ପ୍ରଫୁଲ୍ଲ, ମିସ୍ ପଟ୍ଟନାୟକ ସାଙ୍ଗରେ କେତେ-ଦୂର ଆଗେଇଲୁଣି ?

ପ୍ରଫୁଲ୍ଲ ଉତ୍ତର ଦେଲା—ଛାଡ଼ ସେ ବାଜେ କଥାରୁ କଣ ପାଇବ। ଉତ୍ତର ଦେଉଁ ଦେଉଁ ଅଧରରେ ଖଣ୍ଡିଏ ହସ ଭାରି ବୁଲିଥିଲା।

'ବାଜେକଥା ! ସମସ୍ତେ କହୁଛନ୍ତି—ଶେଷରେ ପ୍ରଫୁଲ୍ଲର ଗଳାରେ ବରଣମାଳା ଦେଲା ମିସ ପଟ୍ଟନାୟକ।

ତାପରେ ପ୍ରଫୁଲ୍ଲ ତାହାର ପ୍ରେମ କାହାଣୀ-ଟା କହିଯାଏ। ସମସ୍ତେ ଯେ ତାହାର ଏଇ ପ୍ରେମକାହାଣୀଟାକୁ ମନଯୋଗ ଦେଇ ଶୁଣନ୍ତି ତାହା ନୁହେଁ। ଧୈର୍ଯ୍ୟଚ୍ୟୁତ ଯେତେ-ବେଳଯାଏ ହୋଇନ ସେତେବେଳେ ଯାଏଁ ସେ କାହାଣୀଟା ହିହାହିଏ କିନ୍ତୁ କାହାଣୀର ଶେଷ ପୃଷ୍ଠା ଓଲଟାଇବାକୁ ଯାଉଥିବା ବେଳେ କିଏ କହିଲା—ତାହା-ହେଲେ ଭଲଲ ରେସ୍ତୁରାଁରେ ଗୋଟା ହୋଇ-ଯାଉ।

ଲେ—ମୃଣାଳମୋହନ ମିଶ୍ର

'ଗୁ ! ପ୍ରଫୁଲ୍ଲ ପକେଟ ଅଶ୍ରୁ ଲେ। ବେଶ ନିମନ୍ତ୍ରଣ କଲି। କିନ୍ତୁ ସିଗଲ ଗୁ ଆଉ ସିଗରେଟ। ତାପରେ ଶୁନ୍‌ସାନ ହୋଇ-ଗଲା ଗୋଟାଏ ବନ୍ଧୁ ଦଳର ଇତିହାସ।

ଏମାନେ ଭଲଲ ରେସ୍ତୁରାଁକୁ ଗଲେ। ସକାଳର କ୍ରାଉନ ଖରା ଟିକିଏ କାଟିବାକୁ ଆରମ୍ଭ କଲଣି। ଆଉ ଅଳ୍ପ ସମୟ ପରେ ପ୍ରଥମ ପିରିୟଡ଼ ସମାପନ ହେବ ସେଥିପାଇଁ ଅନେକେ ଝରକା, ବାରଣ୍ଡାରେ ଛିଡ଼ା ହୋଇଛନ୍ତି।

ଠିନ୍ ଠିନ୍ ଠିନ୍...

ଅଧ୍ୟାପକ ମୃଣ୍ଡରୁ ଝାଳ ପୋଛୁଲେ। ହୁଏତ ଯେଉଁମାନେ କଲାପଟା ବ୍ୟବହାର କରନ୍ତି ସେମାନେ ହାତ ପୋଛୁଲେ। କୋଟ-ରେ ହାତ ମାରି ଅଧ୍ୟାପକ କଲମଟା ବାହାର କରୁଁ କରୁ କହିଲେ,'ମୁଁ ଆଜି ତୁମକୁ ଯାହା ଶିକ୍ଷା ଦେଲି ଖୁବ୍ କଡ଼ା ଅଡ଼ୁଆ ପାଠ' ଇତ ମଧ୍ୟରେ ଅନେକ ହୁଏତ କ୍ଲାସ ଭିତରେ ପଶି ଯାଇ 'ଇୟେସ ସାର' କହିବାକୁ ପ୍ରସ୍ତୁତ ହୋଇଛନ୍ତି। ଅଧ୍ୟାପକ ମୁଣ୍ଡ ଟେକ ଅନାଇଲେ, ଶ୍ରେଣୀରେ ପିଲାଙ୍କ ବସିବା ପାଇଁ ସ୍ଥାନ ନାହିଁ। ଅନେକ ଛିଡ଼ା ହୋଇଛନ୍ତି ବସିବା ପାଇଁ ଅନ୍ତତଃ ସେମାନେ ଆନ୍ଦୋଳନ କରିବେ ନାହିଁ। ତାପରେ 'ୱାନ, ଟୁ, ଥ୍ରୀ ଆଉ ଇୟେସ ସାର ଇୟେସ ସାର, ଇୟେସ ସାର।'

'ୱାନ ବାଇ ଟୁ'

ଟୁ-ଅଲ୍

ଥ୍ରୀ ବାଇ ଟୁ'

ହେଣ୍ଡ୍ରସ ଚେଞ୍ଜ—

ବେଡମିଣ୍ଟନ୍ ଫିଲ୍ଡ଼ରେ ଭିଡ଼ ଜମିଛି। ବେଳେ ବେଳେ ପାଟି ହେଉଛି 'ଦାନ୍ତୁ ରେକେଟଟା। ମୋତେ ଦେବୁ।'

ଦାନ୍ତୁ ଉତ୍ତର ଦେଉଛି ସମସ୍ତଙ୍କୁ 'ନିଶ୍ଚୟ' କଲେଜ ତୋରଣ ତଳେ ହୁଏତ କେହି ତରୁଣୀ ଆସୁଛି। ତାକୁ ସମ୍ମାନ ଦେଖାଇବାକୁ ଯାଇ ବେଡ଼ମିଣ୍ଟନ ଖେଳାଳିମାନେ ପାଟି କରି ଉଠନ୍ତି।

"ଲଭ ଗେମ"

"ଲଭ ଗେମ"

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)



Digitized by srujanika@gmail.com

# ପରୀକ୍ଷା ହେ ତମେ

ଶ୍ରୀମତୀ ପୂର୍ଣ୍ଣଲତା ମିଶ୍ର

ପରୀକ୍ଷା ହେ ତମେ ଏତେବେଳେ କାହିଁ ଆସ !
ଅଶ୍ରୁବନ୍ଧ ତମେ ମନେ ମହାଭୀତି
ନବ୍ୟା ସଜନୀଠାରେ ପୁଣି ପ୍ରୀତି
ସାଢ଼େ ଛ' ଡ଼ିଗ୍ରୀ କମ୍ପାଉ ଯେବେ ରଚେ ମୋ ଗ୍ରୀଷ୍ମାବାସ
ପରୀକ୍ଷା ହେ ତମେ ସେତେବେଳେ କାହିଁ ଆସ !
ନଦେଖି ଜୀଇଛୁ ପୁଣି 'ହଲଚଲ'
ପ୍ରାଣ ଦମ୍ଭର୍ କଲ ଚଲବଲ
'ସରଗମ୍' ଗଲ 'କୋହିନୂର' ଯାଏ ଯିବ ଗୃହେ 'ଲବକୁଶ'
ପରୀକ୍ଷା ହେ ତମେ ଏତେବେଳେ କାହିଁ ଆସ ?
ଡାକଇ କଟକ ହୋଟେଲ ମଧୁରେ
ଆସାନସୋଲବେଳ ଇଷ୍ଟେସନ ଧୂରେ
ଅନ୍ତରେ ମୋର ଲୁଚ ଲୁଚ ଜାଗେ କେତେ ମଧୁ ଅଭିଳାଷ !
ପରୀକ୍ଷା ହେ ତମେ ଏତେବେଳେ କାହିଁ ଆସ ?
ନିମ ଗଛ ଡାଳେ ଫୁଟି ଉଠେ ଫୁଲ
ଭବ କଳପନା ଲଗାଇ ଦୁଲ
କଅଁଳ ପଥ ଧୂର୍ତ୍ତା କହାଉ ରୂପସୀ ତରୁଣୀ ହାସ
ପରୀକ୍ଷା ହେ ତମେ ଏତେବେଳେ କାହିଁ ଆସ ?
ନାସ୍ପାତି ଗୁଚ୍ଛ ହସେ ମଥାପରେ
ବାଦାମୀ ଝରଣା ଝିରି ଝିରି ପଡ଼େ
ବହୁ ଛୁଇଁବାକୁ ଏ ଯୁବା ବୟସେ ନାହିଁ ଯେବେ ଅବକାଶ
ପରୀକ୍ଷା ହେ ତମେ ସେତେବେଳେ କାହିଁ ଆସ ?

# ଗୋଟିଏ ଅଛୁ ମୋର ପାଠୋଇ ଶାଳୀ

ଲେ—ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର ଏମ୍. ଏ.

ଗୋଟିଏ ଅଛୁ ମୋର ପାଠୋଇ ଶାଳୀ
ତାଙ୍କର ସବୁ ଶେଫ, ନାହିଁ ଶେଫାଳୀ ।
କେତକୀ ଅଙ୍ଗ ତାର, ନୁହେଁ ତ କାଳୀ
ରୂପରେ କବା ଦେବ ଦୁନିଆ ଜାଳି ।

ଅନ୍ଧାର ଘରକଣେ ସେହୁ ଦୀପାଳୀ,
ଜୋଚ୍ଛନା ଲୋକେ ଅବା କାର ସଙ୍ଗୀଳୀ
ଗୋଟିଏ ଅଛୁ ମୋର ପାଠୋଇ ଶାଳୀ
ତାଙ୍କର ସବୁ ଶେଫ, ନାହିଁ ଶେଫାଳୀ ।

ଏମିତି ନୁହେ ସେତ ପାଠୋଇ ଝିଅ
ଅଡ଼୍ମା ସନ୍ତାଗୁଣ୍ଟି ଯେତେ ସେ ଖିଅ

କଥାରେ କଥା ଖଞ୍ଜେ ମଥାରେ ଫୁଲ
ତା ସଙ୍ଗେ କଥା ହେବା ବଡ଼ଇ ଭୁଲ ।

ଅଭାବ ନାହିଁ ତାର ସ୍ୱଭାବ ବନ୍ଧୁ
ଆଖିରୁ ଝରେ ତେବେ ସପନ-ମଧୁ ।
ଏ ନବ ଯୁଗେ ସେହୁ ଏକ ସମସ୍ୟା
ପାଠୋଇଶାଳୀ ସତେ କି ଲୋକହସା ।
ମରାଳଗମନା ଗୋ, ଗତି ରୁଚିର
ଗତିରେ ଝୁଲୁଥିବ ନଖତ୍ର ଶିର ।
ହାସ୍ୟରେ ହାସ୍ୟ ସତେ ପାଠୋଇ ଶାଳୀ
ଦୁନିଆଁକୁ ସେହୁ ଦେବକି ଜାଳି ।
ତାଠାରେ ଅଛୁ ସତେ ବହୁତ ଗୁଣ
ସିଲାଇ ସାଥେ ଗୀତ କବିତା ପୁଣ ।

କବିତା କଲ୍ଲୋଳ ହେମ ବାସିନୀ
ପାଠୋଇଶାଳୀ ଅଟ୍ଟା ଅଭିମାନିନୀ ।

କଥା ସେ କହେ ମାତ୍ର ବ୍ୟଞ୍ଜନା ରଖି
କଥା କଥାକେ ଦିଏ ମନ ପରଖି ।
କଅଁଳ କଥା ତାର ବଡ଼ ସୋହାଗ
ପାଠୋଇଶାଳୀ ଏହୁ ଯୁଗର-ଦାଗ ।

ନବୀନ ଯୁଗେ ସତେ ପାଠୋଇ ଶାଳୀ
ତାଙ୍କର ସବୁ ଶେଫ ନାହିଁ ଶେଫାଳୀ
ଗରିବ ବାପମାଆ, ଝିଅ ପାଠୋଇ
ଏମିତି ଶାଳୀ ଅଛୁ. ନଥିବ କାହିଁ ।

---

କେହି ହୁଏତ ଗୀତ ଆରମ୍ଭ କରିଦେଇଛୁ । 'ପରେ ଯଦ ବାଧୁମୁଖୀ ..ସିନ୍ଧୁ ବୁଦା ମୁଳେ ଭାନ୍ଦେ ଏଣୁ ଅ—

ନାରୀ ଛୁପିଠା ଭାଜି ପଣତ ଭାମୁଡ଼ି କାମୁଡ଼ି ଦଉଡ଼ିବାକୁ ଆରମ୍ଭ କରିଛୁ ।

ସେକେଣ୍ଡ ପିରିଅଡ୍ ।

ଅଧ୍ୟାପକ ଆସୁଚନ୍ତି ।

କେତେ ଜଣ ପଛେଟି ଆସିବାକୁ ଯାଉଥିଲେ । ବୋଧହୁଏ ସେମାନଙ୍କର ପାରସେଣ୍ଟେଜ ସର୍ଟ ଥିବ । କ୍ଲାସରେ ବସିଛନ୍ତି କେତେ ଜଣ । କେହି ହୁଏତ ଅଜିକାର ଖବରକାଗଜ ନେଇ ବ୍ୟସ୍ତ, କେହି ହୁଏତ ବଙ୍ଗାଳୀ ଦେଶ ପଢ଼ୁଛି, କେହି ଅତ ଜଣକ ହାତ ପାପୁଲିଟାକୁ ନେଇ ତାହାର ଭବିଷ୍ୟତଟା କହୁଛି, କିଏ ପଢ଼ୁଛି ରୋମାନଲ ଆଉ କିଏ ପଢ଼ୁଛି ଏଣ୍ଡେଭେନ୍ସ ।

ଅଧ୍ୟାପକ କହୁ ଗୃଲଛନ୍ତି ରେଫର୍ଡ କମେଣ୍ଟେଟର ପଦ୍ଧ ଆଉ ପ୍ରଥମ ବେଞ୍ଚରେ ଯେଉଁମାନେ ବସିଛନ୍ତି ସେମାନେ ହଁ ହଁ ନକଲ ମୁଣ୍ଡ ଟିଙ୍ଗାରୁଛନ୍ତି । ବାରଣ୍ଡାରେ ଏ ପର୍ଯ୍ୟନ୍ତ ଯିବା ଆସିବାର ଶବ୍ଦ ଲାଗି ରହୁଛି ଦଳେ ହୁଏତ ବଡ଼ ପାଟିରେ ହସୁଛନ୍ତି ।

ରମନନ୍ଦନ ବାବୁଙ୍କ ସିଟ୍ ସାମନାରେ ଲେଖା ହୋଇଛି ଅନେକ ଗୁଡ଼ାଏ ନମ୍ବର । ବୋଧହୁଏ ସେ ଦଶ ଜଣଙ୍କର ଭାର ନେଇଛନ୍ତି ।

ଆଉ ଯେଉଁମାନେ କ୍ଲାସରେ ବସିଛନ୍ତି ସେମାନେ ହୁଏତ ପାଞ୍ଚ ଛଅ ଜଣଙ୍କର କ୍ଲାସ ଆସିବାର କାମଟା ମୁଣ୍ଡାଇ ନେଇଛନ୍ତି । ଝରକା ଖୋଲି କିଏ ହୁଏତ କହୁଛି ମିଷ୍ଟର କାଲ୍, ରୋଲ ଭଆନ୍ ସିକ୍ସ ସିକ୍ସ । ତା ପରେ, ମଞ୍ଚ ମଞ୍ଚ ମଞ୍ଚ ଯୋତାର ଶବ୍ଦ ମିଳାଇ ଯାଉଛି ଧୀରେ ଧୀରେ ।

କଲେଜ ଅଫିସ ସାମନାରେ ଅନେକ ଗୁଡ଼ାଏ ଚିଠି ପଡ଼ିଛି । କାହାର ବାହାଘର ନିମନ୍ତ୍ରଣ । ବାପାଙ୍କ ନିମନ୍ତ୍ରଣ । ଶ୍ୱଶୁରଙ୍କ ନିମନ୍ତ୍ରଣ, ସ୍ତ୍ରୀର ନିମନ୍ତ୍ରଣ । କିନ୍ତୁ ଚିଠି ଗୁଡ଼ା ଖାଲି ପଡ଼ି ରହେ । ଯିଏ ଯିବା କଥା ହୁଏତ ଚିଠି ଲେଖିବା ଦିନ ସେ ପହଞ୍ଚି ଯାଇଥିବେଣି ।

ନମସ୍କାର କେବେ ଆସିଲେ ।

କାଲି ।

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com

# ତ୍ରିଭୁଜ

ପୂର୍ବ ପ୍ରକାଶନ ପରଠାରୁ

ଲେ—ନିତ୍ୟାନନ୍ଦ ମହାପାତ୍ର

ସେ ଭାବେ ନୁହେଁ— ଚିନ୍ତା…

ଆଉ ଏକ ସନ୍ଧ୍ୟା—

ଦିଗ୍‌ବଳୟ ତଳେ— ଯୋଡ଼ିଏ ଅର ଛାୟା ନୁହେଁ – ତିନୋଟି ବିରାଟ ପୁରୁଷ— ତ୍ରିଭୁଜ ପରି ତ୍ରିଭୁଜ ଆକାରରେ— ଧୀରେ ଧୀରେ ଲିଭି ଲିଭି ଆସୁଥାଏ। ତଥାପି ରେଖା ଭରିଗଲା। ପଛକୁ ଫେରି ଚାହିଁଲି। ଯେମିତି ରାସ୍ତା ବନ୍ଦ ତା ପଛ ଆଡ଼େ। ବାଟ ନାହିଁ ଫେରିବାକୁ। ଆଗରେ ଅନନ୍ତ ଆକାଶ— ଅସୀମ ଅମ୍ବୁଧି। ତ୍ରିଭୁଜ ପରି ତିନୋଟି ବିରାଟ ପୁରୁଷ। ସେ ଟିଏ ବାହୁ ପଡ଼ିଛି ତଳେ— ସେଇ ତ୍ରିଭୁଜରେ। ଆଉ ଯୋଡ଼ିଏ ଠିଆ ହୋଇଛନ୍ତି ତା'ର ଉପରେ। ତିନୋଟି ପୁରୁଷ— ପୁରୁଷର ଛାୟା ଧୀରେ ଧୀରେ ଲିଭି ଲିଭି ଆସୁଛି। ଯେତିକି ଅସ୍ପଷ୍ଟ ହେଉଛି ଛାୟା ତିନୋଟି ସେତିକି ଦେଖା ଯାଉଛନ୍ତି— ତିନୋଟି ବିରାଟ ପୁରୁଷଙ୍କର କାୟା— ତିନୋଟି ପୁରୁଷ, ବ୍ୟାକରଣର ପୁରୁଷପଦ— ପ୍ରଥମ, ଦ୍ୱିତୀୟ, ତୃତୀୟ। ପ୍ରଥମରେ ମୋହନ; ମୁଁ ପରି, ଅହମ ପରି ଅହଂକାର ପରି ଅତି ଆପଣାର ତଥାପି ଅଚିହ୍ନା। ଦ୍ୱିତୀୟରେ ସୁଦର୍ଶନ, ତୁମେ ଆପଣ ପରି ଅତି ନିକଟରେ ଥାଇ ମଧ୍ୟ ପର… ସଂବୋଧ୍ୟ ହୋଇ ମଧ୍ୟ ବୋଧ୍ୟ ନୁହେଁ। ଅଦ୍ୱୈତ; ସେ ତୃତୀୟ ପୁରୁଷ 'ସେ ସେମାନେ ଉଳ—

ଅନେକ ଦୂରରେ— ଅଥଚ ସେଇ ଦୂରତ୍ୱ ଭିତରେ ଅଣି ଦେଇଛି ଏକ ଅଦୃଶ୍ୟ— ଅବ୍ୟକ୍ତ— ଅପରିଜ୍ଞେୟ ମଧୁରତା; ତିନିକଣ ଯେମିତି ରେଖା ଜୀବନର ତିନୋଟି ବାହୁର-'ତ୍ରିଭୁଜ'। ମୋହନକୁ ସେ ବନ୍ଧୁ ହୋଇ ଭଲ ପାଇଥିଲା। ଅଦ୍ୱୈତକୁ ସେ ବନ୍ଧୁ ନହୋଇ ମଧ୍ୟ ଭଲ ପାଇଥିଲା— ବନ୍ଧୁ ହେବାର ବହୁ ପୂର୍ବରୁ। ସୁଦର୍ଶନକୁ ସେ ବନ୍ଧୁ ହୋଇନାହିଁ— ଭଲ ମଧ୍ୟ ପାଇନାହିଁ— ଅଥଚ ଅତି ଦୁର୍ଦିନରେ ସେ ଦଉଡ଼ି ଯାଇଛି— ତାରି ପାଖକୁ ଆଶ୍ରୟ ନେବା ପାଇଁ। ସେ ହୁଏତ ମନେ କରିଥିଲା— ଏ ଆଶ୍ରୟକୁ ମାଗିବାରେ ଲଜ୍ଜା ନାହିଁ— ସଂକୋଚ ନାହିଁ— ଭୟ ନାହିଁ— ଦୁର୍ବଳତା ନାହିଁ— ସ୍ୱାର୍ଥ। ନୀଚ ସ୍ୱାର୍ଥ ମଧ୍ୟ ନାହିଁ। କଳ୍ପନାର ସେ ତ୍ରିଭୁଜକୁ ସେ ଆଉଥରେ ଚାହିଁଲା। ମୋହନ ପଡ଼ିଛି ତଳେ— ତାରି ଉପରେ ଆଜି ଠିଆ ହୋଇଛନ୍ତି ଅଦ୍ୱୈତ ଓ ସୁଦର୍ଶନ— ଉଭୟେ ସମାନ— ଉଭୟେ ନୀଚ, ଘୃଣ୍ୟ କିନ୍ତୁ ଉପାସ୍ୟ କିଏ? ଉପାସ୍ୟ କିଏ? ମୋହନର ପ୍ରେତାତ୍ମାଟାକୁ ସଂବୋଧନ କରି ସେ ପଚାରିଲା ମନେ ମନେ, ଉପାସ୍ୟ କିଏ— ଉପାସ୍ୟ କିଏ? ମୁହଁରେ ହାତ ଦେଇ ସେ କାନ୍ଦିଲା ପିଲାଙ୍କ ଭଳି। ଲୁହ ପୋଛି ଦେଖିଲା— ସତେ ଯେମିତି ମୋହନ ଆଜି ସ୍ୱର୍ଗର ଦୂତ ପରି ଠିଆ ହୋଇଛି ଆଗରେ। କି ସୁନ୍ଦର ସେ ସତେ? ଏତେ ସୁନ୍ଦର ତ ନଥିଲେ ସେ ଆଗେ। ହଠାତ୍ ତ ଭିତରୁ କ୍ରୋଧ ଉଠି ଆସିଲା। ସେ ଚିତ୍କାର କରି କହିଲା ପରି କହୁଥାଏ ମନେ ମନେ! ଚାଲିଯାଅ—ଚାଲିଯାଅ ତୁମେ ମାଟିର ସଂସାରରେ ମୋତେ ଛାଡ଼ି ଦେଇ ସ୍ୱର୍ଗର ଦେବତା ହେବାକୁ ତୁମର ଗୌରବ ଅପମାନିତ ହୋଇନାହିଁ? ଦୂର ହୁଅ ମୋ ଆଗରୁ।

ଆଖି ବୁଜି ସେ ପୁଣି କାନ୍ଦିଲା। ମୋହନର ସ୍ମୃତି ଅନେକ ଦିନ ପରେ ଆଜି ପୁଣି ତା' ଆଖିରେ ଲୁହଗାର କାଟିଛି। ଅତୀତ ଆଜି ଅନେକ ଦିନ ପରେ ଉପହାସ ନଜର କରୁଣାର ଦୃଷ୍ଟିରେ ଚାହିଁଛି।

ରେଖା ଆଗରେ ସେ ଦିନ ମଧ୍ୟ— ଏଇ ତିନୋଟି ପୁରୁଷ— ଶିକ୍ଷିତା ଅନୂଢ଼ା ରେଖାର ଜୀବନକୁ ତିନି ଦିଗରୁ ଆକ୍ରମଣ କରିଥିଲେ—ଗୋଟିଏ ପିଣ୍ଡକୁ ତାର ଦୈର୍ଘ୍ୟ ପ୍ରସ୍ଥ ଓ ବେଧ ଆକ୍ରମଣ କଲା ପରି। ସେ ଆକ୍ରମଣ ବିନା ରେଖାର ଯେପରି ଅସ୍ତିତ୍ୱ ହିଁ ନଥାନ୍ତା। ସୁଦର୍ଶନ ଥିଲା ଧନୀର ସନ୍ତାନ— ଫୁର୍ତ୍ତିବାଜ୍… ଖେଳ୍ ଆଉ ଜୀବନଟା ଅତି ସହଜ ତା ଆଖିରେ। ସେଥିପାଇଁ ସୁଦର୍ଶନ ପ୍ରତି ତାର—ଆକର୍ଷଣ ଥିଲା ଯେତେ- ଭୟ ଥିଲା ତା'ଠୁ ବହୁଗୁଣ। ଗୋଟାଏ ଶୀତଦିନ ସନ୍ଧ୍ୟା ସେ ଦିନ। ସୁଦର୍ଶନ ଓ ସେ ବୁଲୁଥିଲେ, ଏଇ ବେଳାରେ… ଏକାକୀ। ସେ ଦିନ ହଠାତ୍ କଥାରେ ବକ୍ରଗତି ସୃଷ୍ଟି କରି ସୁଦର୍ଶନ ରେଖାର ହାତ ଧରି ପକାଇଥିଲା। ସେଇଦିନ ସୁଦର୍ଶନ ପ୍ରତି ତାର ପ୍ରଥମ ଆସିଲା ଘୃଣା, କିନ୍ତୁ ସୁଦର୍ଶନର ସେଇ ଆଚରଣ ତଳେ ଯେଉଁ ସୁପୁଷ୍ଟ ପୁଲକ ଦାମ୍ଭିକତା ଥିଲା— ସେଇ ଦାମ୍ଭିକତା ଯେ ଅବଳାର ଶରଣରକ୍ଷଣ ବାନା ତା' ସେ ସେଦିନ ବୁଝି-ପାରି ନଥିଲେ ମଧ୍ୟ ତା'ର ଅନ୍ତର ତାକୁ ସେ ଭରସା ଦେଇଥିଲା ବୋଲି ସେ ବାଧ୍ୟ ହେଲା ସୁଦର୍ଶନର ଆଶ୍ରୟ ନେଲା… ଅଦ୍ୱୈତର ନୁହେଁ… ଯଦିଓ ମୋହନ ଆଖିରେ ଅଦ୍ୱୈତ ହିଁ ଥିଲା ବଡ଼।

ପ୍ରୋଫେସି ପଢ଼ୁଥିଲି।

ହଁ।

ତୁମେ ଯିବ?

ଯିବୁଛି।

ଯିବୁ…ହା ହା ହା, ଯିବା ବଥାତ ଗୁଡ୍‌ଯିବ, ରେଲ ଠୁ ଷିକ୍ସ ଥ୍ରୀ ତ।

ଗୁଡ୍ ବାଇ

ଗୁଡ୍ ବାଇ! ଫିଜିକ୍‌ସ ପଢ଼ାଇ ଦେବ। ବେଳେ ବେଳେ ନୋଟିସ ଆସେ କ୍ଲାସକୁ। ଗାନ୍ଧୀଙ୍କ ଶ୍ରାଦ୍ଧ ତିଥି…ତେଣୁ ଟେଇଶ ନମ୍ବରରେ ସମ୍ମିଳନୀ; ତୃତୀୟ ଅଧିବେଶନରେ ହାଜରା ନିଆ ହେବ ନାହିଁ।

ହଠାତ୍ କରତାଳି ବାଜି ଉଠେ। ସେଇମାନଙ୍କର ଯେଉଁମାନେ ଅନେକଙ୍କ ଦାୟିତ୍ୱଟାକୁ ମଥାରେ ନେଇଛନ୍ତି।

ତୃତୀୟ ଅଧିବେଶନ ଆରମ୍ଭ ହେବ। ତେଇଶ ନମ୍ବର ଶ୍ରେଣୀରେ ଜମା ହୁଅନ୍ତି ଦଳେ ଛାତ୍ରାବାସବାସୀ କିନ୍ତୁ ତଳେ ସଇକଲର ମୁହୂର୍ତ୍ତ ମୁହୂର୍ତ୍ତ ଧ୍ୱନିରେ ମୁଖରିତ ଉଠେ କଲେଜ! ଗୃହବାସୀ ଛାତ୍ରମାନେ ପ୍ରାଣପଣେ ପଳାଉଛନ୍ତି। ଆଜି ଠିକ୍ ଦଶଟାରେ ସେମାନେ ଅଫିସରେ ଯୋଗ ଦେବେ। ହେଡ ଏସିଷ୍ଟେଣ୍ଟ ଆଉ ନାଲି ଆଖି ଦେଖାଇ ପାରିବ ନାହିଁ।

ମନେ ହୁଏ— ଗାନ୍ଧୀ ମହାତ୍ମାଙ୍କ ମହାକାବ୍ୟ। ଯେପରି ଏକ ଆଶୀର୍ବାଦ। ବର୍ଷରେ ସେ ଆଉ ଗତହେଥର ଖଣ୍ଡେ ମରିବେ କି?

ତାପରେ ସକାଳ ସରି ଆସେ। କଳ୍ପନା ଭାସିଯାଏ। ଜୀବନର ସମସ୍ୟା ସକାଳରେ ନୁହେଁ ସନ୍ଧ୍ୟାରେ ଆରମ୍ଭ।



Digitized by srujanika@gmail.com

ହୁଏତ ଅଦ୍ୱୈତ ତାକୁ ଅଧିକ ସୁଖୀ କରି ପାରିଥାନ୍ତା । ହୁଏତ ସୁଦର୍ଶନଠାରୁ ଅଦ୍ୱୈତ ନିଜେ ଅଧିକ ସୁଖୀ ହୋଇଥାନ୍ତା । କିନ୍ତୁ ପୁରୁଷକୁ ସୁଖୀ କରାଇବା ପାଇଁ ତ ନାରୀର ସୃଷ୍ଟି ନୁହେଁ । ରେଖା; ଅପଣା ଇଚ୍ଛାରେ ନାରୀତ୍ୱକୁ ଗ୍ରହିଲା । ସେ ତ ଅବଳା ନୁହେଁ । ନିତାନ୍ତ ଇତର ହିଂସ୍ର ପଶୁକୁ ମଧ୍ୟ ପରାସ୍ତ କରିବାର ଶକ୍ତି ଯେକି ତାର ନାରୀତ୍ୱ ବଳି ହୋଇଛି । ଏ ନାରୀତ୍ୱକୁ ଯେ ଭଲ ପାଏ, ତାର ଭକ୍ତି ପିଇ, ତାକୁ ଯେ ଘୃଣା କରେ ତାରି ପାଖରେ ଆତ୍ମସମର୍ପଣ କରିବାରେହିଁ ହୁଏ ଚରିତାର୍ଥ—ପାଏ ସାର୍ଥକତା ।

ଅଦ୍ୱୈତ ରାତି ରାତି ଅନିଦ୍ର ହୋଇ ଅଶ୍ରୁବର୍ଷଣ କରୁଛି ରେଖା ପାଇଁ । ପୃଷ୍ଠା ପୃଷ୍ଠା ବ୍ୟାପୀ ପ୍ରଣୟ ପତ୍ର ଲେଖିଛି- ଭିତରର ଆଶା ନିରାଶା ମଧ୍ୟ । କିନ୍ତୁ ଦିନେ ହେଲେ ସାହସ କରି ସେ ପ୍ରଣୟ ଦାବୀ କରି ପାରି-ନାହିଁ- ସୁଦର୍ଶନ ପରି । ରେଖାର ନୀରବତାରେ ଅପୂର୍ଣ୍ଣ ଆଚରଣରେ ଅଦ୍ୱୈତ ବ୍ୟଥିତ ହେଉଛି, ମଥିତ ହୋଇଛି··· କିନ୍ତୁ ସୁଦର୍ଶନ ପରି ଅବହେଳା କରି ·ମାଡ଼ି ମକଚି ଦେଇ ଚାଲି ଯାଇ ପାରିନାହିଁ । ସୁଦର୍ଶନ ଆଖିରେ ଅଶ୍ରୁ କେବେ ଦେଖି ନାହିଁ ସେ । ସେଥିପାଇଁ ସେ ସୁଦର୍ଶନର ଆଶ୍ରୟ ନେବାକୁ ଶ୍ରେୟ ମନେ କରିଥିଲା । ଅତୀତରେ ସୁଦର୍ଶନ ପ୍ରତି ତାର ବ୍ୟବହାର ତାକୁ ଶଙ୍କିତ ସନ୍ଦିଗ୍ଧ କରି ନାହିଁ । ସେ ଦିନ ଯେଉଁ ସୁଦର୍ଶନକୁ ସେ ବିଜୟୀ ହେବାକୁ ଦେଇ ନଥିଲା ଦିନେ ସେ ସେଇ ସୁଦର୍ଶନ ହାତରେ ବିଜୟ ଟୀକା ଦେବାକୁ ଧାଇଁ ଗଲା ନିଜେ ନିଜେ ।

ଆଉ ଅଦ୍ୱୈତ ? ଅଦ୍ୱୈତକୁ ସେ ବାସ୍ତବିକ ଭଲ ପାଇଥିଲା । ସେଥିପାଇଁ ସେ ଅଦ୍ୱୈତକୁ ଆଘାତ ଦେଇଛି ସବୁଠାରୁ ବେଶୀ । ସେଇ ଆଘାତ ଦେବାରେହିଁ ସେ ନିଜ ଭିତରେ ନାରୀତ୍ୱର ସନ୍ଧାନ ପାଇଥିଲା ସେ ଦିନ । ସେ ଅଦ୍ୱୈତଠାରେ ଋଣୀ । କିନ୍ତୁ ଯେଉଁ ନାରୀତ୍ୱ ପୁରୁଷକୁ ଆଘାତ ଦିଏ ସେଇ ନାରୀତ୍ୱ ସେ ପୁରୁଷଠାରୁ ଆଘାତ ପାଇବା ପାଇଁ କେତେ ବ୍ୟାକୁଳ ଅଧୈର୍ଯ୍ୟ ହୁଏ । ଅଦ୍ୱୈତ ଅନ୍ତର୍ମୁଖୀ ହୋଇ ବୁଝି ପାରି ନଥିଲା ସେ ଦିନ ।

ସୁଦର୍ଶନ ଆଘାତ ଦେଇପାରେ କିନ୍ତୁ ଆଘାତ ପାଇବାକୁ ପ୍ରସ୍ତୁତ ହୋଇ ପାରେ ନାହିଁ । ଅଦ୍ୱୈତ ଆଘାତ ପାଇବାକୁ ପ୍ରସ୍ତୁତ କିନ୍ତୁ ଆଘାତ ଦେବାର ସାହସ ନାହିଁ ତାର । ସେଥିପାଇଁ ଦିନେ ଯେଉଁ ଆଦର୍ଶବାଦୀ ଭୀରୁ ଯୁବକର ନାମ ଚର୍ଚ୍ଚା ମାନେ ସେ ଥରି ଉଠୁଥିଲା- ଆଗ ପଛ ବିଚାର ନକରି ତାହାରି ପରି ଆଖି ବୁଜି ବରଣ କରିଥିଲା ତାକୁଇ—ସେଇ ମୋହନକୁ । ବାପ ମାଙ୍କ ପ୍ରସ୍ତାବରେ ସେ ଅମତ ହୋଇ ନାହିଁ ।

ମୋହନ ଥିଲା ଆଦର୍ଶବାଦୀ । ବିବାହ ପୂର୍ବରୁ ରେଖାକୁ ସେ ଭଲ ଭାବରେ ଦେଖି ମଧ୍ୟ ନଥିବ ହୁଏତ- ଏକା କଲେଜରେ ବର୍ଷ ବର୍ଷ ଧରି ପଢ଼ି ମଧ୍ୟ । ଛାତ୍ର କଂଗ୍ରେସର ସଂପାଦକ ମୋହନର ପ୍ରଣୟ ପ୍ରାର୍ଥିନୀ ବନ୍ଧୁ କୁମାରୀଙ୍କ ମନ କଥା ମନରେ·ମରିବାକୁ ଦେଇ ସେ ବାହାହେଲା- ସ୍ୱର୍ଗପୁର ଗଢ଼ିବାକୁ । କିନ୍ତୁ ହେଲା କଣ ?

ସ୍ତ୍ରୀଠାରୁ ଆଦର୍ଶହିଁ ହେଲା ମୋହନର ବଡ । ସେ ଚାକିରୀ କଲା ନାହିଁ ନିଜର ସ୍ୱାଧୀନ ମତ ପ୍ରକାଶରେ ବାଧା ପଡ଼ିବ ବୋଲି । ସେ ବ୍ୟବସାୟ କଲା ନାହିଁ- କଳାବଜାର ଲାଞ୍ଚ ମିଛକୁ ଡରି । ଅତି ଦରିଦ୍ର ଭାବରେ ସେ ଅର୍ଦ୍ଧାହାର ଅବସ୍ଥାରେ ଦିନ କାଟିଲା- ଓଡ଼ିଆ ମଧ୍ୟବିତ୍ତ ପରିବାରର ଅକର୍ମଣ୍ୟ ଯୁବକ ମୋହନ- ଯୁଦ୍ଧୋତ୍ତର ଯୋଜନା ପରି କେବଳ ଗୋଟାଏ ପୁରାଣ— କାର୍ଯ୍ୟତଃ ନପୁଂସକ । ରୋଗର ଚିକିତ୍ସା ମଧ୍ୟ କରି ପାରିନାହିଁ ମୋହନ । ଶାଶୁ, ଶଶୁରଙ୍କୁ ଖବର ନଦେବା ପାଇଁ ରାଣ ନିୟମ ପକାଇ କହିଥିଲା ରେଖାକୁ । ସେମାନେ ହୁଏତ ସାହାଯ୍ୟ କରି ପାରିଥାନ୍ତେ ସେ ବେଳରେ । କିନ୍ତୁ-କିନ୍ତୁ ମୋହନର ଆଚରଣ ସେମାନଙ୍କୁ ବ୍ୟଥିତ କରିଥିଲା । ସେମାନେ ମୋହନକୁ ଘୃଣା କରୁଥିଲେ ଅକର୍ମଣ୍ୟ ବୋଲି । ମୋହନ ସେମାନଙ୍କୁ ଘୃଣା କରୁଥିଲା—ପରଶ୍ରୀକାତର କଳାବଜାରୀ ଦଳ—ଦେଶର ଶତ୍ରୁ ଅର୍ଥ ଗୃଧ୍ନୁ କହି । ସେଥିପାଇଁ ଏ ଦୁର୍ଦ୍ଦିନରେ ମଧ୍ୟ ରେଖା ପିତାମାତାଙ୍କ ପାଦତଳେ ଆଶ୍ରୟ ନେବାକୁ ସାହସ କରିନାହିଁ । ସେମାନେ ସାହାଯ୍ୟ ଯାଚିଛନ୍ତି । ମାତ୍ର ତା ତଳେ ବିଜୟୀ ମନର ପ୍ରଚ୍ଛନ୍ନ ପରିହାସକୁ ରେଖା ସହ୍ୟ କରି



ପାରି ନଥିଲା । ମାତ୍ର କଲା କଣ ସେ ? ଗୋଟାଏ ଭୁଲକୁ ଏଡ଼ିବାକୁ ଯାଇ ସେ କରି ବସିଲା ଆଉ ଏକ ଭୁଲ । ଛାଡ ସେକଥା । ରେଖା ସାନ୍ତ୍ୱନା ଦେଲା ମନକୁ । କେବଳ ଭୁଲ କରିବାରେଇ ଯଦି ମଣିଷର ଅଧିକାର ସବୁ-ବେଳେ ସାବ୍ୟସ୍ତ ହୁଏ—ଭୁଲ କରିବାକୁ ଦିଅ ତାକୁ—ସେ ଭୁଲ କରିଯାଉ । ତା' ଭିତରୁ ଯଦି କେତେବେଳେ ଠିକ୍ କେଉଁଠୁ ଗୋଟାଇ ପାଏ । ଭାଗ୍ୟ ।

ସୁଦର୍ଶନ ବିନା ଦ୍ୱିଧାରେ ସ୍ୱାଗତ ଜଣାଇଥିଲା ରେଖାକୁ—ହୁଏତ ଅଦ୍ୱୈତ ପାରିନଥାନ୍ତା—ସମାଜର ଭ୍ରୂକୁଟୀ ଭୟରେ । ପାପର ଭୟ ସୁଦର୍ଶନର ନାହିଁ—ପାପର କଳଙ୍କ ମଧ୍ୟ ତା ପକ୍ଷରେ କଳଙ୍କ ନୁହେଁ ।

ରେଖାକୁ ଯେକି ତାର କଳଙ୍କ ଯେ ନହେଲା ତା' ନୁହେଁ । ସୁଦର୍ଶନର ବନ୍ଧୁ-ମାନେ ପରାମର୍ଶ ଦେଲେ ରେଖାକୁ ଆଇନତଃ ପତ୍ନୀରୂପେ ଗ୍ରହଣ କରିବାକୁ । ସେଦିନ ସୁଦର୍ଶନ ସ୍ପଷ୍ଟ ଭାବରେ କହିଥିଲା – ରେଖା ଓ ମୋର ସଂପର୍କ ଯଦି ସମସ୍ତଙ୍କ ଆଖିରେ ପାପ ହୁଏ—ତାକୁ ପାପବୋଲି ଧରି ନେଇ, ତା ଜାଗାରେ ତାକୁ ରହିବାକୁ ଦିଅ । ତା ଉପରେ ପୁଣ୍ୟର ମାର୍କା ମାରିବା ପାଇଁ ମୁଁ— ଆଇନ ବା ଶାସ୍ତ୍ର କାହାରି ଆଶ୍ରୟ ନେବାକୁ ପ୍ରସ୍ତୁତ ନୁହେଁ । ଗାନ୍ଧୀମାର୍କା ମିଲ୍ ଲୁଗା ପିନ୍ଧିବାକୁ ମୁଁ ଚାହେଁ ନାହିଁ—ଖାଣ୍ଟି ବିଲାତି ମଲ ମଲ ମୋର ଲୋଡ଼ା ।

ରେଖା ଏକଥା ଶୁଣି ଖୁସି·ହୋଇଥିଲା କି ନାହିଁ ସେ ଜାଣେ ନାହିଁ—କିନ୍ତୁ ତା' ଘରୁ ପଳାଇ ଆସିବାର କୌଣସି କାରଣ ନଥିଲା ସେତେବେଳେ । ଆଉ ଆଜି ! ସେ ପଳାଇ ଆସିଛି । ମାତ୍ର କାହିଁକି ? ସେ ଜାଣେ ନାହିଁ । କିନ୍ତୁ କେଉଁଠିକି ଯିବ ? ଜାଣେ ନାହିଁ । ସେ ପଡ଼ିରେ ଦିଗନ୍ତ ବ୍ୟାପୀ ଅସୀମ ସମୁଦ୍ର । ମୁକ୍ତିଭଳି ଅନନ୍ତ । ପଥ ବିସ୍ତୀର୍ଣ୍ଣ— ମାତ୍ର ସେତ ଜୀବନର ପଥ ନୁହେଁ । ଜୀବନର ସୀମାରେଖାକୁ ପାରି ହୋଇଯିବା ପାଇଁ ତାର ସାହସ ନାହିଁ—ଛାତି ଥରି ଉଠୁଛି । ହଠାତ୍ ମନେ ପଡ଼ିଲା—ଅଦ୍ୱୈତ ? ଚମକି ପଡ଼ିଲା— ଅସମ୍ଭବ । ଲୋକେ କହିବେ କଣ ! ସୁଦର୍ଶନ ଭାବିବ କଣ ! ସେ ମନେ କରିବ ଏସବୁ ଅଦ୍ୱୈତର ଷଡଯନ୍ତ୍ର ଅନ୍ତତଃ ଅଦ୍ୱୈତ

Digitized by srujanika@gmail.com

ନାମକୁ ଅଧିକ କଳୁଷିତ ହେବାକୁ ସେ ଦେଇ ପାରିବ ନାହିଁ । ଅଦ୍ୱୈତ ପ୍ରତି ସୁଦର୍ଶନର ପ୍ରେମ ଆଜି ଅନେକ ଦିନପରେ ତାକୁ ନାରୀତ୍ୱରୁ ଉପରକୁ ଉଠିବାକୁ ଦେଲା ।

ତେବେ କଣ ଫେରିଯିବ ପୁଣି ସେ ସୁଦର୍ଶନର ଅନ୍ଧକାରମୟ ପୁରକୁ—ଯେଉଁଠି ପାପକୁ ମଧ୍ୟ ପବିତ୍ର କରିପାରେ ସେଇ ଗହ୍ୱର ଭିତରକୁ ସେ କଣ ପୁଣି ଫେରିପିବ ? ଅସମ୍ଭବ ! ପାପରେ ଗୋଟିପଣେ ଘଣ୍ଟି ହେଲା ପରେ ପାପକୁ ପୁଣି ଆଉ ଭୟ କାହିଁକି ! ସୁଦର୍ଶନର କବଳରୁ ପଳାଇ ଆସି ସେ କଣ ଦୁନିଆ ଆଗରେ ନିଜକୁ ସତୀ ବୋଲି ସାବ୍ୟସ୍ତ କରି ପାରିବ ? ବରଂ ସେ ଯାହା, ଦୁନିଆକୁ ସେଇଆ ବୋଲି ସାହସର ସହିତ ପରିଚୟ ଦେବାରେ କ୍ଷତି କଣ । ତା ହେଲେତ ଅଦ୍ୱୈତର ଆଶ୍ରୟ ବରଂ ଶ୍ରେୟସ୍କର—ଅଧିକ ଉପଭୋଗ୍ୟ ।

'ରେଖା !'

ହଠାତ ଚମକିଉଠେ ମଠରଠାଏ ଅଟକି ଗଲା । ଫେରି ଚାହିଁଲା ରେଖା—ଏ ପଥ ବଡ ଭୀଷଣ ।

ସୁଦର୍ଶନ ରେଖାର ସନ୍ଧାନ ପାଇଛି । 'ମୋତେ କ୍ଷମାକର ସୁଦର୍ଶନ । ମୁଁ ତମର ସଂସାର ଚଳାଇ ପାରିବ ନାହିଁ ।' 'ପାଗଳ ତମେ ରେଖା । ମୁଁ ତମକୁ ମୋ ସଂସାରର ଭାର ଦେବାକୁ ଡାକୁନାହିଁ । ମୁଁ ତମର ଭଲପାଇଁ କହୁଛି, ତମେ କାହାର ଆଶ୍ରୟ ଭାବରେ ଯୌବନ ବଞ୍ଚିବାଠାରୁ, ବରଂ ଜଣକ ଆଶ୍ରୟ...

ସୁଦର୍ଶନ !—ରେଖା ଫଣି ଭଳି ଗର୍ଜି ଉଠିଲା ।

'ଏ କ୍ରୋଧର ମୂଲ୍ୟ କଣ ରେଖା ଦେବ ? ମୁଁ ପୁଣି ସ୍ପଷ୍ଟ କରି କହୁଛି—ସୁଦର୍ଶନ ତମକୁ ଆଶ୍ରୟ ଦେଇଥିଲା ତାର ମୁଖର ସଂସାର ଗଢିବାକୁ ନୁହେ । ସେ ଆଶାଥିଲେ ମୁଁ ଆଜି କେତେ୍ଢ କାହାଣ ହୋଇଥାନ୍ତି ଭାବିଲ । ମୋ ସଂସାରକୁ ତମେ ସାମାନ୍ୟ ସୁନ୍ଦର କରି ଗଢ଼ ପାରିଛ କି ! ରେଖା ଦେବୀମାନେ କାହାରି ସଂସାରକୁ ସୁନ୍ଦର କରି ଗଢ଼ିବାକୁ କେବେ ଚେଷ୍ଟା କରନ୍ତି ନାହିଁ । ଅସୁନ୍ଦରରେ ହିଁ ମୋର ତୃପ୍ତି ! ସୁନ୍ଦର କରିବାକୁ ନୁହେଁ—ଆହୁରି ଅସୁନ୍ଦର କରିବାକୁ ହେବ ମୋ ସଂସାରକୁ । ତମେ ଚାଲିଗଲେ ଚଳିବ କିମିତି ! ତମେ ଯେ ଦର୍ଶନର ଥୋପ । ସଂସାରକୁ ଅସୁନ୍ଦର କରିବା ପାଇଁ ଗୋଟିଏ ନାରୀ ଯଥେଷ୍ଟ ନୁହେଁ—ବହୁ ନାରୀ ଆବଶ୍ୟକ । ତମେ ନ ରହିଲେ ଚଳିବ କିପରି—ଶ୍ରୀମତୀ ରେଖାଦେବୀ ।

'ଲଜ୍ଜାବୋଧ ହେଉନାହିଁ ତମକୁ ।

'ଲଜ୍ଜା କିପରି ହଟାଇବାକୁ ହୁଏ ସେ ଶିକ୍ଷା ମୁଁ ତମରଠାରୁ ଜୀବନରେ ପ୍ରଥମ ପାଇଥିଲି ରେଖା । ଆଉ ଲଜ୍ଜାକୁ ଭୟ ନାହିଁ । ପାତାଳରେ ପଶିଛି—ଦେଖେ କେତେଦୂର ତାର ପରିଧି !

'ଚାଲିଯାଅ ତମେ ମୋ ଆଗରୁ ସୁଦର୍ଶନ—ମୁଁ ତମ ସହିତ କଥା କହିବାକୁ ଚାହେଁନାହିଁ । 'ଯାଅ—ମଠର ଭିତରକୁ ।'

'ମୁଁ ଯିବ ନାହିଁ ।

ଅଲବତ ଯିବାକୁ ହେବ । ସୁଦର୍ଶନ ରେଖାର ହାତ ଧରି କହିଲା—ତମକୁ ଲଜ୍ଜା ବୋଧ ହେଉନାହିଁ ରେଖା ? ଏ ଦୃଶ୍ୟ—ଏ ଅଭିନୟର କ ସ ଥିକତା । ତମେ ସୁଦର୍ଶନର ରକ୍ଷିତା ବୋଲି ପରିଚିତ ହେବାରେ ଆଉ କଣ ବାକି ଅଛି !

ରେଖା କାନ୍ଦିବାକୁ ଲାଗିଲା-- ପଣତରେ ମୁହଁ ଲୁଚାଇ,

କିନ୍ତୁ ତଥାପି କହୁଛି ରେଖା ଦେବୀ ଏ ପରିଚୟରେ ମଧ୍ୟ ଗୌରବ ଅଛି । ଆଜିର ଦୁନିଆ ଏସବୁ ବ୍ୟକ୍ତିଗତ ପ୍ରସଙ୍ଗକୁ ଖାତିର କରେ ନାହିଁ । ଦୁନିଆ ଆଖିରେ ସମାଜର ମାନଦଣ୍ଡ ଚରିତ୍ର ନୁହେଁ... ଅର୍ଥ । ସୁଦର୍ଶନର ଅର୍ଥ ଅଛି । ସେଥିପାଇଁ ରେଖା ଓ ସୁଦର୍ଶନଙ୍କର ପ୍ରଣୟ ମଧ୍ୟ ଯଥାର୍ଥ । ମାତ୍ର ତମେ ଯଦି ସୁଦର୍ଶନର ଏ ସୁନା ପିଞ୍ଜରାରୁ ଫିଟି ଯାଅ—ତେବେ ସଂସାରରେ ତମର ସ୍ଥାନ କେଉଁଠି ଭାବି ଦେଖିଲ ।

ସୁଦର୍ଶନ ରେଖାର ହାତ ଧରି ନେଇ ମଠରରେ ବସାଇଲା । ରେଖା ପ୍ରତିବାଦ କରି ପାରି ନାହିଁ—ମଠରର ଷ୍ଟାର୍ଟ ବନ୍ଦ କରି ସୁଦର୍ଶନ ଅଦୃଶ୍ୟ ହୋଇ ଦେଖିଲା, ଦୁଆର ମୁହଁରେ ଠିଆ ହୋଇଛନ୍ତି— ଅଦ୍ୱୈତ ଓ ବୀଣା । ସୁଦର୍ଶନର ହାତ କଡ଼ମଡ଼ କରି ଉଠିଲା । 'ଇଣ୍ଟରଗାଣ୍ଡ' ଚିତ୍କାର କରି ଉଠିଲା ସୁଦର୍ଶନ । ଅଦ୍ୱୈତ ସାମାନ୍ୟ ବିଚଳିତ ମଧ୍ୟ ନହୋଇ କହିଲା— ମୋତେ କ୍ଷମା କରିବ ନାହିଁ ବାବୁ ? 'Scoundral' ଦାନ୍ତ କଡ଼ମଡ଼ କରି କହିଲା ସୁଦର୍ଶନ ।' ଅନ୍ୟର ମା ଭଉଣୀଙ୍କ ସତୀତ୍ୱର ମୂଲ୍ୟରେ ଯେଉଁ ପାପ କରୁ ଆସେ... ତାର କ୍ଷମା ଅଛି— ଆଜି ନିଜ ମା ଭଉଣୀଙ୍କ—

'ଅଦ୍ୱୈତ' । ମାରିବା ପାଇଁ ଉଦ୍ୟତ ହେଲା ସୁଦର୍ଶନ 'ତୁ ଜାଣିଛୁ ଅଦ୍ୱୈତ ତୋର ଏଇ ଲମ୍ପଟେଇ କାରବାର ଫଳରେ କେତେ ମା ଭଉଣୀ ଅଛି—'

ମୁଁ କିଛି ଶୁଣିବାକୁ ଚାହେଁନାହିଁ, ତୁ ଚଣ୍ଡାଳ ଅମନୁଷ୍ୟ ।

ମୁଁ ଚଣ୍ଡାଳ ନୁହେଁ, ମୁଁ ଅମନୁଷ୍ୟ ନୁହେ । ମୁଁ ମନୁଷ୍ୟ ସେଥିପାଇଁ ମୁଁ ଆସିଛି ତୋର ଅନୁମତି ପାଇଁ—ମୁଁ ବୀଣାକୁ ବିବାହ କରିବାକୁ ଚାହେଁ ।

'ତୋ ଭଳି କୃତଘ୍ନକୁ ମୁଁ ଭଉଣୀ ଦେବାକୁ ଚାହେଁ ନାହିଁ ।

କିନ୍ତୁ ବୀଣା ଯେ ମୋ ସହିତ ପଳାଇ ଯାଇଛି—ଏକଥା କଣ ଜାଣିବାକୁ କେଉଁ ବାକି ଅଛି ସୁଦର୍ଶନ ।

ଓଃ ମୁଁ ରେଖାକୁ ଆଶ୍ରୟ ଦେଲିବୋଲି ତୁ ତାର ଖୁବ ପ୍ରତିଶୋଧ ନେଇଛୁ ଅଦ୍ୱୈତ ! ସୁଦର୍ଶନ ଆଖିରେ ଲୁହ । 'ମୁଁ ପ୍ରତିଶୋଧ ନେଇନାହିଁ ସୁଦର୍ଶନ । ମୁଁ କେବଳ ଚେତାଇ ଦେବାକୁ ଚାହିଁଥିଲି ତୋତେ । ବୀଣା ଏବେ ମଧ୍ୟ ନିଷ୍କଳଙ୍କ । ତଥାପି ମୁଁ ତାକୁ ପଚାରିବାକୁ ଚାହେଁ—ଯିଏ ବିଧବା ରେଖା ପାଇଁ ସମାଜରେ ସ୍ଥାନନଦେଇ ଗ କରିପାରେ—ସେ ଚପଳମତି ବାଳିକା ବୀଣାର ସାମୟିକ ଭୁଲକୁ କ୍ଷମା କରିପାରେ ନାହିଁ ? ରେଖାରେ ଯେପରି ସମାଜରେ ସ୍ଥାନ ଅଛି—ବୀଣାର ମଧ୍ୟ ସେହି ପରି ରହିବା ଉଚିତ ।

ସୁଦର୍ଶନ ! ଅଦ୍ୱୈତ କହିଲା— ଅର୍ଥ ଓ ସମ୍ଭୋଗକୁ ଶିକ୍ଷା ଓ ସଭ୍ୟତାର ମାନଦଣ୍ଡ କରି ପୁଣି ମନୁଷ୍ୟର ଏ ସ୍ୱାଭାବିକ ପ୍ରବୃତ୍ତିକୁ ଘୃଣା କରିବା ଅତି ହାସ୍ୟାସ୍ପଦ ସୁଦର୍ଶନ । ବର୍ତ୍ତମାନର ଶିକ୍ଷା ଓ ସଭ୍ୟତା ଅସଂଖ୍ୟ ବୀଣା ଓ ରେଖା ସୃଷ୍ଟି କରିବ ହିଁ କରିବ । ଏ ବାସ୍ତବକୁ ଆଖି ବୁଜିଦେଲେ ସମସ୍ୟାର ସମାଧାନ ହେବ ନାହିଁ । ଅଚ୍ଛା

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

କବିତା

# ଗାଈ ଖାଇଗଲା ଧଳା ?

ଲେ—ତୁଳସୀ ଦାସ

'ଧଇଲେ' ହୋଇଛୁ ସକାଳୁ ପଢ଼ିବୁ ଯାଉଥିଲୁ କେଉଁଣେ ନୂଆଁ ?
ପାଣି ଧାରଣ୍ଟାଏ ଗରଜି ଗରଜି ନ ହେଲୁ—ନିଅଣ୍ଟ ଚୂଲି ।
ଧୂଆ ଚୁଲକୁ ଚୁଲି ଚୁଲି କରି କୁକୁର ପୁଲାଏ ଖାଇ,
ସୂଅ ଶେଯ ପରି କଳଙ୍କାରୁ ଖଣ୍ଡେ ନେଇ ପକେଇଛୁ କାହିଁ ।
ଭେଲମ ରି ହୋଇ ନୋଟା ଖଣ୍ଡେ ଧରି ଗାଧୋଇ ଗଲଣି ବାପ,
ଟାଇମ ବେଳକୁ ଚାଳିକି ଦେବୁଟି ? ସରଯାତ୍ରା ସବୁ ପାପ ।
ପରଯାନ୍ତି ଯଦି ତୋ ବାଇକୁ ମୁହଁ—ନଆଁ ଲଗା ଯମ କାଣ୍ଡ—
ମେନ୍ତେ ନେବପରି ଡ଼ହଳ ବିକଳ କରିଦେଉଥିବ ଠାଅଁ ।
ଖଣ୍ଡା ଗୋଟାଙ୍କର କାମ କରି କରି ହେଲଣି ଶିରୀ-କଡରା,
ଖୋଲ କରତର ତିଅଟାରୁ ପୁଣି ହେଉଛୁ ଏତେ ଚେଟରା ?
ପାଠରୁ ପଢ଼ିବୁ ବୋଲି କଣ ଆଉ ଶିଖିବୁନି କିଛି କାମ ?
ତୋ'ହରି ପରିତ ଝିଅ ଗୋଟେ ଗୋଟେ ରଞ୍ଜନା, ଫିଟେଇ, ଭିମ ।
ଦେଖିବୁଟୁ ଗଲି ବାସିକାମ ସାରି ଗାଧଇବ ତି ସାରି ଥିବେ,
ଦଶଟା ବେଳକୁ ବହିପତ୍ର ଧରି ଇସ୍କୁଲକୁ ବାହାରିବେ ।
ତୋପରିକେ ଅଛୁ ଅଣ୍ଡିରୀ ଚଣ୍ଡୀଲୋ ନହାତି କେଉଁଟେ ମନ—
ଲୁଗାଖଣ୍ଡେ ପିନ୍ଧି ଇସ୍ତ୍ରୀ ସାଇ ଡା'ଅ ସାଇକ ଯାଉଛୁ ଗଳ ?
ଯେ ଗୀ ଥାଲେ ମୁଠେ ଭଗ ଦେଉନାହିଁ ଦୁଆର ଦେଉଛୁ କଳ,
ଅଜଣା ଅଖୁଣା ଟୋକା ଟାକଲାଙ୍କ ସଙ୍ଗରେ ଯାଉଛୁ ମିଳ ?
ଫେଟରେ ପଛକେ ଓଦାକନା ଦେଇ ବେଣୀରେ ଖୋସୁଛୁ ଫୁଲ,
ସ୍ନୋ' ପାଉଡ଼ର ଘଣ୍ଟାଏ ନହେଲେ ଘର, ଗାଆଁ, ହୁଲସ୍ଥୁଲ ।
ନ୍ୟାକ୍ଟି, ନ୍ୟାକ୍ଟି କହି ମାଆ, ମାଉସୀଙ୍କି ରୁମାଲ ଦେଉଛୁ ନାକେ,
ଘର କଥାଯାକ ପଦାରେ କହୁଛୁ ଯାଇଁ ଭଗାରୀଙ୍କ ପାଖେ ।
ମାଆ ହାତ ଖଡ଼ୁ ବନ୍ଧକ ପକାଇ କିଣୁଛୁ ବ୍ଲାଉଜ, ସାୟା,
ଶାଢ଼ୀ ଚଟି ଲାଗି ମୁନିଆ ବାପକୁ କନେଇ ଦେଉଛୁ ବାୟା ।
ଥେଟର, ସିନେମା ଦେଖିବାକୁ ଯାଇ ଫେରୁଛୁ ଅଧରାତରେ,
ହିଡ଼ାନାହିଁ ପୁଛାନାହିଁ ଘରେ କାହୁ, ଧରମ ଭଇ ସାଥିରେ ।
ପିଲା ଚୁଖଣ୍ଡେ ତୁ ଏକା ଚୁସୁଡ଼ିକେ ଛଣ୍ଡିଯାନ୍ତା ତୋର ମୁଣ୍ଡ,
ତୁ ଫେରେ କେଉଁଠି କଅଟ ଜବାବ ଦଅନ୍ତୁ ଖୋଲି ବା ତୁଣ୍ଡ ?
ବାପ ଭାଇ ଦହେଁ ଦମାଳକୁ ବେଳୁବେଳ ଦଅନ୍ତୁ ତଡ଼ାଇ,
ଶାଶୁ ଘରକୁ ତୁ ଗଲେ ଲୁଝିବୁ ଯେ ମରିବୁ ନିହ ଗଡ଼ାଇ ।
ସବୁ କାମ ଭଲ ନ କଲେତ ନଆଁଖେଣ୍ଡା ଗାଲେ ଗୁଡ଼ିଦେବେ,
ଅଲକ୍ଷଣୀଟାଏ ଆସିଲା ବୋଲି ଦାଣ୍ଡେ ଘାଟେ କହି ହେବେ ।
ସାତ ପୁରୁଷକୁ ପିଣ୍ଡ ପକେଇବେ—ତଳକୁ ପୋତିବୁ ମଥା,
ଚୁକରଣୀ ଗୋଟା ଥିଲା ଆମ ଘରେ କହୁଥିଲା ଏହି କଥା ।
ସେତେବେଳେ ଯାଇଁ ଚେତିବୁଲୋ ଝିଅ, ଭାଙ୍ଗିଯିବ ଚଉଁ ଫର
ଲୁହ ନ କାନ୍ଦିବୁ ରକତ କାନ୍ଦିବୁ, ଦୁଃଖେ ହେବୁ ହରବର ।
ନୋହିଲେ ଯଦବା ନାଆଁ ପକାଇବୁ ରାଧୁଦାସ ଝିଅ ? ପରି,
କହିବୁ କଣନ ବାହା ହେବ ମୁହଁ ନଜେ ଦେଖା ଚାହିଁ କରି
'ସେଇଟା ନଫୁଙ୍ଗା, ସେଟା ଇଡ଼ିଏଟ, ସେଟା ପୁରୁଣା ବଜାରୀ,
'ସେଇଟା କାଳିଆ, ସେଟା ମା' ଭଉଣୀ ନହାତି ବାର ହଜାରୀ' ।
ବାପ, ମଉଳାଏ କରିବନ୍ଧ ଯେତେ କରିଥିବେ ଭାଙ୍ଗି ଦେବୁ
ସିଏତ ଅଲଗା କଥା, ଜନ୍ମ କରି ଅପବାଦ ବୋହି ନେବୁ
ଯାଉଛୁନା କିଆ ? ଶୁଣୁଟାକୁ ଧରି ସକେଇ ହେଉଛୁ ? ଛିଛି,
ଆସିଲା ସରଧା ଖୁଡ଼ୀ ଖୁଡ଼ୀ ଡାକ ପଛକୁ ଚାହିଁଲା—ଇଛି ।
'ବଡଖୁଡ଼ୀ ତମ କାଳୀ ଗାଈଟାକୁ ଆଜଟେ ରଖୁନା କିଆଁ,
ଏତିକି ଭଲେଇ, ପଘା ଛିଣ୍ଡେଇଟା, କଂସେଇଙ୍କ ଦିଅ, ଛିଆ ।
ହଗୁରୀ ବାସୁଟା ତିନ ପୁଞ୍ଜା ଧଳା ରଖିଥିଲା ଆଣି କାଲି,
ଦନେଇ ଖଳାରେ, ଧାନ ମୋଟେ ନାହିଁ, ନଡ଼ାଗୁଡ଼ାଅଛି ଖାଲି ।
ଭାବିଥିଲି କାଲି ବେଙ୍ଗାଳା ପକାଇ ଉଁ ଷେଇବି, ଆଜି ଆସି,
ଚୁଉଳ ଦକୁଛା ଉଧାର ନେଇକି ରାନ୍ଧିଦେବି, ନାହିଁ ବାଶୀ ।
ଘରେ କାଲଠାରୁ, ଆମେ ଦି ପରାଣୀ ସେଇଥିରେ ଚଳିଯିବୁ,
ମାସନ୍ତ, ସଂକ୍ରାନ୍ତି ବାରନାହିଁ ମୋଟେ କପରି ଆମେ ବଳିବୁ ?'
କହ ବଡ ଖୁଡ଼ୀ ? ଶରଧା କହିଲା, କଇଁ କଇଁ ହୋଇ କାନ୍ଦି—
ଚୁକରଟା ଯାଇଁ ଠେଙ୍ଗାରେ ପିଟିଲା ଗାଈକି ଖୁଣ୍ଟରେ ବାନ୍ଧି ।

---

ଚୁଲିଲ—ନମସ୍କାର । ବୀଣାପାଇଁ ଉପଯୁକ୍ତ ପାତ୍ର ନ ମିଳଲେ ମୋତେ ଖବର ଦେବୁ ।

ନମସ୍କାର—

ଅଦ୍ୱୈତ ଚାଲିଯାଉଥିଲା । ରେଖା ଡାକିଲା—ଅଦ୍ୱୈତବାବୁ, ରହନ୍ତୁ । ଅଦ୍ୱୈତ ଆଶ୍ଚର୍ଯ୍ୟ ହୋଇ ଠିଆ ହେଲା । 'ମୋତେ ନେଇଯାନ୍ତୁ—ଆପଣଙ୍କ ସାଙ୍ଗରେ ।' ସୁଦର୍ଶନ କାନ୍ଦିନ—ନିର୍ବାକ । ରେଖା ମୋଟରରେ ବସିଲା—ମୋଟରରେ ଷ୍ଟାର୍ଟ ଦେଇ ଅଦ୍ୱୈତ ପଚାରିଲା···ମୋତେ ଘୃଣା କରୁନାହିଁ ତ ରେଖା ! ରେଖା କାନ୍ଦି ପକାଇଲା ।—

ମୋଟରରୁ ଓହ୍ଲାଇ ଦୁହେଁ ଯାକ ଏକ୍ସପ୍ରେସରେ ଚଢ଼ିଲେ । ଅଦ୍ୱୈତ ପୁଣି ପଚାରିଲା—ତମେ କାହିଁତ ଆସିଲ ମୋ ସଙ୍ଗରେ ରେଖା ?—ତହି ପାରିବ ନାହିଁ । ଗୃର୍ଧାବୋଢ଼ ।

କାରୁଖାନା—ହୋଟେଲବାଲା ପଚାରିଲା । ହାଁ—ଅଦ୍ୱୈତ କହିଲା । 'ମେମ୍ ସାହେବ କା ବାସ୍ତେ— ।' 'ହାଁ' ଉତ୍ତର ଦେଲା ।

ରେଖାର ମୁହଁ ଲାଜରେ ରଙ୍ଗାଧରି ଆସୁଥିଲା । ଅଦ୍ୱୈତ କହିଲା—ରେଖା ଆଉଦିନେ ଏମିତ ଜଣେ ମହିଳା ମୋତେ ଏଇଭଳି ପରିଚୟ ପାଇଁ ବଡ଼ କାକୁସ୍ଥ ହୋଇ କହିଥିଲେ । ସେକଥା ମୁଁ କହୁଛି ତୁମକୁ । ରେଖା ହସିଲା ଏଥର !

ନେଖା, ନେଖା, ବାଲେଶ୍ୱର ଆସିଗଲା—ଉଠ !

ବାଲେଶ୍ୱର ? ରେଖା ଆଶ୍ଚର୍ଯ୍ୟ ହୋଇ ଚାହିଁଲା ।

ଆଉ ତମେ କଣ ଭାବିଥିଲ ହାଓଡ଼ା ? ସେ ରାସ୍ତା ଯେ ତମେ ବନ୍ଦ କରି ଦେଇଛ ଭଉଣୀ ।

ମୁଁ ଜାଣିଥିଲି ।

ରେଖା ମୁହଁରେ ଆନନ୍ଦ ଫୁଟି ପଡ଼ିଲା ।

ସେଥିପାଇଁ ହୁଏତ ତମେ ମୋ ସାଙ୍ଗରେ ଆସିବାକୁ ସାହସ କଲ ନୁହେଁ ?

ଘଇନ୍ କ୍ଲକର ଘଣ୍ଟି ବାଜିଲା—ଠଣ୍ ଠଣ୍ - ଠଣ୍—ଦୁହେଁ ଯାକ ଚମକି ପଡ଼ିଲେ ।



Digitized by srujanika@gmail.com

# ଚଢ଼ାକୁ ଉତ୍ତର

ପ୍ରତିମା ଦେବୀ—ବାଲେଶ୍ୱର

ପ୍ର—ଗାନ୍ଧୀଙ୍କ ଭଳି ମହାପୁରୁଷ ଯୁରୋପରେ ଜାତ ନହୋଇ ଭାରତରେ ଜାତ ହେଲେ କାହିଁକି ?

ଉ—ଯୁରୋପରେ ଖୋଲା ହୃଦରେ କେହି ରହି ପାରିବେ ନାହିଁ । ସମସ୍ତଙ୍କ ଛାତି କୋଟ୍ ଦ୍ୱାରା ଆବୃତ । ଗାନ୍ଧୀଙ୍କ ହୃଦ ଯେ ଖୋଲା ଥିଲା ।

ପ୍ର—ଅନେକ ସୁନ୍ଦରୀ ମହିଳା ଆପଣଙ୍କର ପ୍ରଶଂସା କରନ୍ତି । ଆପଣ ବଡ଼ ଭାଗ୍ୟବନ୍ତ ।

ଉ—ଏକମତ । କାରଣ ସେମାନେ ମୋଠାରୁ ଦୂରରେ ଅଛନ୍ତି ।

ପ୍ର—ରାଜନୈତିକ ନେତା ପକ୍ଷରେ ସବୁଠାରୁ ରୋମାଣ୍ଟିକ [romantic] ଘଟଣା କଣ ?

ଉ—ଯଦି ଜୀଇ ଥାଉଁ ଥାଉଁ କେହି ମନ୍ତ୍ରୀ-ପଦ ବା ଏମ୍ ଏଲ ଏ ପଦ ଛାଡ଼େ ।

କାଶୀନାଥ ଦାସ—କୋରାପୁଟ

ପ୍ର—ଶିକ୍ଷକ ଓ ସାମ୍ବାଦିକ ମଧ୍ୟରେ ତଫାତ କଣ !

ଉ—ଦୁହେଁ ଯାକ ଏକାଦଶୀ କରନ୍ତି । ଶିକ୍ଷା ଓ ଭିକ୍ଷା ଦୁହିଁଙ୍କର ପେଶା । ଜଣେ ଯାହା ନଦେଖେ ତାହା ଲେଖେ । ଆଉ ଜଣେ ଯାହା ନକରେ ତାହା କହେ ।

ପ୍ର—ଆପଣ କଂଗ୍ରେସ ସଭ୍ୟ ଥିବାର କାରଣ କଣ ?

ଉ—ଅସଭ୍ୟ ଲୋକମାନଙ୍କର ଦୌରାତ୍ମ୍ୟରୁ ମୁକ୍ତ ପାଇବା । ନିଜେ ଦୁରାତ୍ମା ନହେଲେ ଦୌରାତ୍ମ୍ୟରୁ ରକ୍ଷା ପାଇବା ଅସମ୍ଭବ ।

ପ୍ର—ମଣିଷ କେତେବେଳେ ଭଗବାନଙ୍କୁ ଭାବେ !

ଉ—ପାପ ଯେତେବେଳେ ବିଫଳ ଯନ୍ତ୍ରଣା ଦାୟକ ହୁଏ ।

ହରିହରପାଣି କଟକ

ପ୍ର—ଆପଣଙ୍କ ପୁଅ ଏବଂ ଉଭୟଙ୍କ ଗଳିକୁଳାରେ ରାଜିହେବାକୁ ବାହାହେବାକୁ ଚାହେ ଆପଣ କଣ କହିବେ ?

ଉ—ଉପଦେଶ ଦେବି—ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କର୍ତ୍ତବ୍ୟ । କାରଣ ସଂସାର ଅସାର- ଏ ପ୍ରଣୟ ସବୁଦିନେ ରହେନା ।

ପ୍ର—ଅଧ୍ୟାପକ ରାଧାନାଥ ରଥ ଓ ସମ୍ପାଦକ ରାଧାନାଥ ରଥଙ୍କର କି ସମ୍ପର୍କ ?

ଉ—ସାଯୁଜ୍ୟ ସଂଗ ।

ପ୍ର—ଗୋପାଳବାବୁଙ୍କ ଅବାଞ୍ଛିତ ବୋମାରୁ ଯୋଡ଼ାଏ କୋରିଆ ଯୁଦ୍ଧକୁ ପଠାଇଦେଲେ କିପରି ହୁଅନ୍ତା ?

—ଭାଙ୍ଗି ଅନ୍ତ୍ୟେଷ୍ଟି କରନ୍ତେ ।

ରବିନାରାୟଣ ମିଶ୍ର, ପୁରୀ

ପ୍ର—କିଭଳି ମୃତ୍ୟୁ ଭଲ ?

ଉ—ଜୀଇଁ ମରିବା ଠାରୁ, ମରି ଜୀଇବା ଭଲ ।

ପ୍ର—ପାକିସ୍ତାନର ବଡ଼ଲାଟ ଅଜବଙ୍କ ଭଳି ତାଙ୍କ ରାଜସଭାକୁ ଆପଣଙ୍କୁ ନିମନ୍ତ୍ରଣ କଲ ଜଣନେଲେ ଆପଣ ଯିବେକି ?

ଉ—ତାଙ୍କ ମନ୍ତ୍ରୀସଭାରେ ତ ପ୍ରତ୍ୟେକ ଜଣେ ଜଣେ ବନ୍ଧୁକ—ମୋର ସ୍ଥାନ କାହିଁ !

ପ୍ର—ଜେଲ ଯିବା ଗୋଟାଏ ଯେ ଗଣ୍ଡା ବୋଲି ମନେ କରନ୍ତି କି !

ଉ—ଏବେ ଆଉ ନୁହେଁ । ତା'ହେଲେ କମ୍ୟୁନିଷ୍ଟମାନେ ମହାତ୍ମା ପାଲଟି ଯାନ୍ତେ ।

କୃଷ୍ଣପ୍ରସାଦ ବେହେରା—କଲିକତା

ପ୍ର—ଅନେକ ଗାନ୍ଧୀଙ୍କ ବାକ୍ୟ ଆବୃତ୍ତି କରନ୍ତି କିନ୍ତୁ ତାଙ୍କ ଭଳି କାର୍ଯ୍ୟ କରନ୍ତି ନାହିଁ ତ !

ଉ—ବୃତ୍ତିର ଆରମ୍ଭ ଆବୃତ୍ତି । ଅପେକ୍ଷା କରନ୍ତୁ ।

ସୁଷମା ମହାନ୍ତି—କଟକ [ସହର]

ପ୍ର—ବିବାହିତା ସ୍ତ୍ରୀ ପ୍ରତି ପୁରୁଷ ବା ବିବାହିତ ପୁରୁଷ ପ୍ରତି ସ୍ତ୍ରୀ ଆସକ୍ତ ହେବା ପାପ କି ?

ଉ—ଯେ କୌଣସି ବସ୍ତୁରେ ଆସକ୍ତ ହେବା ପାପ । ଅନାସକ୍ତ ଭାବରେ ସବୁ କରାଯାଇ ପାରେ । ଅନାସକ୍ତ ଭାବରେ ଆସକ୍ତ ବି ହୋଇପାରନ୍ତି ।

ପ୍ର—ଆଜିକାଲି ସିନେମାର ନାୟିକାଗଣ ପ୍ରାୟ କୃଷ୍ଣ ପୂଜା କରନ୍ତି କାହିଁକି ?

ଉ—ସବୁ ଦେବତାଙ୍କଠୁ କୃଷ୍ଣ ଅଧିକ ରସିକ—ଯେ ହେତୁ ସେ ଅତି ସହଜରେ ପ୍ରେମିକାମାନଙ୍କୁ ତ୍ୟାଗ କରିପାରନ୍ତି ।

ପ୍ର—ଆପଣ ଆସନ୍ତା ନିର୍ବାଚନରେ ଚନ୍ଦ୍ରୀ ଚନ୍ଦ୍ରଙ୍କ ଦ୍ୱାରାଏ ଠିଆ ହେବାକୁ ଚାହାନ୍ତି କି ?

ଉ—ତେଲ ଯଥେଷ୍ଟ ନାହିଁ—ପୁଣି ମୋ ସ୍ତ୍ରୀ ଅସୁନ୍ଦରୀ ଓ ଗତଯୌବନା ।

ବିମଳେନ୍ଦୁ ମିଶ୍ର—ପୁରୀ

ପ୍ର—ଦୁର୍ଭାଗ୍ୟର ସାନ୍ତ୍ୱନା କଣ ?

ଉ—ସୁଇସାଇଡ୍ ।

ପ୍ର—କଟକ ଗଲେ ଆପଣଙ୍କ ଦେଖା ମିଳିବ ?

ଉ—ନାହିଁ, ଆପଣଙ୍କ ପ୍ରଶ୍ନରୁ ଜଣାଯାଉଛି ଆପଣ ମୋତେ ଜଣେ ଲେଖିକା ମନେ କରିଛନ୍ତି ।

ପ୍ର—ଟୋକାମାନେ ଟୋକୀଙ୍କ ପଛରେ ଗୋଡ଼ାନ୍ତି କାହିଁକି ?

ଉ—ଟୋକୀଏ ଟୋକାଙ୍କୁ ଆଗେ ହାତାନ୍ତି ବୋଲି ।

ପ୍ରେମାନନ୍ଦ ମହାପାତ୍ର—ବ୍ରହ୍ମପୁର

ପ୍ର—ଅମ୍ବେଦକର କହୁଛନ୍ତି କି ସେ ଖବର କାଗଜରୁ ସୁଖ ପାଆନ୍ତି ନାହିଁ କାହିଁକି ?

ଉ—ଖବରକାଗଜ ଗୁଡ଼ା ତାଙ୍କ ଫଟୋ ଛାପିବାକୁ କୁଣ୍ଠିତ ବୋଲି ।

ପ୍ର—ଜଗଜୀବନ, ମହାଭାରତୀୟ ଭାବ ପ୍ରଚାର କଲେ କିଆଁ ?

ଉ—ଜାଗତିକ ଭାବ ପର୍ଯ୍ୟନ୍ତ ସେ ଏବେ ବି ଯାଇନାହାନ୍ତି ତେବେ ।

ପ୍ର—ଆପଣ ମଣିଷକୁ ଡରନ୍ତି ନା ଈଶ୍ୱରଙ୍କୁ ଡରନ୍ତି ?

ଉ—କାହାରିକୁ ନା । ବରଂ ପାପକୁ ସମସ୍ତେ ଡରନ୍ତି । ଈଶ୍ୱର ମୋ ପାପ ଦେଖିଲେ ଛାଡ଼ି ପଳାଇବେ । ମନୁଷ୍ୟତ ଛାର ।

ମହେଶ୍ୱର ମହାରଣା—ଢେଙ୍କାନାଳ

ପ୍ର—ଆପଣ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି କି ?

ଉ—ଦରକାର ପଡ଼ିନାହିଁ—ପଡ଼ିଲେ କରିବି ।

ପ୍ର—ଆଶା କାହାକୁ କହନ୍ତି ?

ଉ—ଆଶା ଏକ ମହୁମାଛି ଯେ ବିନା ଫୁଲରେ ମଧୁ ସଞ୍ଚୟ କରେ ।

ପ୍ର—ଆପଣ କି ରଙ୍ଗ ପସନ୍ଦ କରନ୍ତି—କଳା ନା ଧଳା ?

ଉ—ଟୋପି ବେଳକୁ ଧଳା—ବଜାର ବେଳକୁ କଳା ।



Digitized by srujanika@gmail.com

# ମୁଁ କାହିଁକି ଲେଖେଁ ?

- ନିତ୍ୟାନନ୍ଦ ମହାପାତ୍ର

ଆପଣ ପଚାରୁଛନ୍ତି— ମୁଁ କାହିଁକି ଲେଖେ ? ମୋର ମନେ ହେଉଛି ମୁଁ ଯେମିତି କହିଲି, ଆଉ ମୋତେ କାଠଗଡ଼ାରେ ଛିଡ଼ା କରି ଆପଣ ସତ୍ୟ ପାଠ କରାଇ ମୋତେ ପଚାରୁଛନ୍ତି— 'ତୁ ଦୋଷୀ କି ନିର୍ଦୋଷ ?' ବାସ୍ତବିକ ମୁଁ ଯଦି ସତ କହିବି ତେବେ ଆମର ସମାଜ, ଦୁନିଆ, ଆପଣ ସମସ୍ତେ କହିବେ— ଏଟା ପାପୀ, ଅପରାଧୀ, ନିର୍ଲଜ ! ତଥାପି କବି ହିସାବରେ, ଲେଖକ ହିସାବରେ ସାମ୍ବାଦିକ ହିସାବରେ, ସାହିତ୍ୟିକ, ସମାଲୋଚକ, କଥାକାର, ହାସ୍ୟ ମୋଦୀ ଭାବରେ ମୋର କହିବାର ଅନେକ ଅଛି। ସବୁ କଥା କହିଲେ କେତେବେଳେ ପରସ୍ପର ବିରୋଧୀ ସତ୍ୟ ଆପଣଙ୍କ ଆଗରେ ଆସି ଠିଆ ହେବ। ତାର କାରଣ ମୁଁ ତ ଗୋଟିଏ ନୁହେଁ— ସହସ୍ର । ମୋ ଭିତରର କବି, କଥାକାର, ସମାଲୋଚକ ସମସ୍ତେ ଅଲଗା ଅଲଗା। ମୁଁ କାନ୍ଦିଛି ଆଉ ହସିଛି। କିନ୍ତୁ ଏତିକି କହିବି, ମୁଁ ଯେତିକି କାନ୍ଦିଛି, କେବଳ ମୋ ତେଇ କାନ୍ଦାଇବା ପାଇଁ, କନ୍ଦାଇ ସୁଖ ପାଇବା ପାଇଁ । ଆପଣଙ୍କୁ କନ୍ଦାଇବାର ଆଶଙ୍କା ମୁଁ କରି ନାହିଁ— କରୁଥିଲେ ବୋଧହୁଏ ମୁଁ କିଛି ଲେଖିପାରନ୍ତି ନାହିଁ। କିନ୍ତୁ ଯେତିକି ହସିଛି— ସେ କେବଳ ଆପଣଙ୍କୁ ହସାଇବା ପାଇଁ । ମୋର ଭିତର ହସିବା ଖୁବ୍ କମ। ପ୍ରାୟ ହସି ନାହିଁ କହିଲେ ଚଳେ। କେବଳ ଆପଣମାନଙ୍କର ଆନନ୍ଦ ପାଇଁ ମୋର ହାସ୍ୟରସାତ୍ମକ ଆଲେଖ୍ୟର ସୃଷ୍ଟି । ତଥାପି କଣ ଲେଖକ ବୋଲି ସମାଜ ମୋତେ ଘୃଣା କରିବ ?

'ମୁଁ କାହିଁକି ଲେଖେଁ'ର— ଲେଖେଁ କ୍ରିୟାଟା କର୍ତ୍ତୃ ପ୍ରବୃତ୍ତି— ତା ଭିତରେ ରହି ଯାଉଛି— ମୁଁ କାହିଁକି ଲେଖୁଥିଲି, କାହିଁକି ଲେଖୁଛି ଓ କାହିଁକି ଲେଖିବି ।' ଲେଖିବା ପ୍ରଶ୍ନଟା ବଡ଼ ଧୂମାଳ ଅସ୍ପଷ୍ଟ ଯଦିଓ; ତଥାପି ମୁଁ କହେଁ । କହିବା ଫଳରେ ମୁଁ ନିଜକୁ ଆପଣଙ୍କ ଆଖିରେ ଛୋଟ କରିଦେବାର ଭୟ ନିଃସନ୍ଦେହରେ ଥିଲେ ମଧ୍ୟ ସତକଥାଟାକୁ କହିବାକୁ ହେବ । ମୁଁ ଚାହେଁ ମୋର ଜୀବନର ପ୍ରତି ପୃଷ୍ଠା— କାହାରି ଆଗରେ ଢ଼ାଙ୍କି ବନ୍ଦ ହୋଇ ନରହୁ ।

ପିଲାଦିନ କଥା ମନେ ପଡୁଛି— କେତେ ଦାଗ ବସିଛି ଏଇ ଦଶେନ୍ଦ୍ରିୟକୁ ଶିଥିଳ କରି । ଆଜିକୁ କିଛି ଅଳ୍ପ ୩୦ ବର୍ଷ ତଳେ ମୋର ୯, ସାତ ବର୍ଷ ବୟସ ବେଳେ ମୁଁ ପ୍ରଥମ କବିତା— ଲେଖିଥିଲି— ସପ୍ତମ ଶ୍ରେଣୀରେ ପାଠ ପଢ଼ୁଥାଏ— ଲେଖିଥିଲି, ସାବିତ୍ରୀ ସତ୍ୟବାନ ଉପାଖ୍ୟାନ । କୁଆଡ଼େ ଚାଲିଗଲା ସେ । ବୋଧହୁଏ କେବଳ ସତ୍ୟବାନ, ସାବିତ୍ରୀହୀନ ସତ୍ୟବାନର ଉପାଖ୍ୟାନ ମୋ ଜୀବନରେ ଲେଖା ହେବାର ଥିଲା ବୋଲି— ସେ ହଜିଯାଇଛି । କିନ୍ତୁ ଆଜି ସେଇ ସାବିତ୍ରୀ ନାହାନ୍ତି ବୋଲି ଜୀବନରେ ଖାଲି ସତ୍ୟସନ୍ଧାନହିଁ ଚାଲିଛି— ଆଉ ମୁଁ ବୋଧହୁଏ ଲେଖି ପାରୁଛି । ସେ ଦିନ ସାବିତ୍ରୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଲେ କିନ୍ତୁ ସତ୍ୟବାନଙ୍କ ଜୀବନ ଛଡ଼ା ଅନ୍ୟ ଯାହା କିଛି ନ ମାଗିବାକୁ ସତ୍ୟ କରି ଶତ ପୁତ୍ରବତୀ ହେବାର ବର ନେଇ ସଙ୍ଗେ ସଙ୍ଗେ ସେ ଯେଉଁ ସତ୍ୟଟିକି ଦେଇ ଆସିଲେ ଯମରାଜାଙ୍କ ପାଖରେ ନିଜେ ସତୀ ସାବିତ୍ରୀ ହୋଇ; ମୋ ଜୀବନରେ ସେ ଭଳି ସାବିତ୍ରୀର ସ୍ନେହ କରୁଣା ଅନୁକମ୍ପାର ସୁଯୋଗ— ବା ଦୁର୍ଯୋଗ ଆସିନାହିଁ ବୋଲି ତ ଆମ୍ବିକା ସଙ୍ଗେ ସଙ୍ଗେ ମିଥ୍ୟା ପ୍ରମାଣିତ ହୋଇଯାଇଛି ବୋଲି ମୁଁ ବୋଧହୁଏ ଆଜି ଲେଖି ପାରୁଛି । ସତ୍ୟ ଲେଖିବାର ସତ୍ତାକୁ ବଳି ଦେଇ କୌଣସି ସାବିତ୍ରୀ ମୋ ଜୀବନକୁ ଅମର ବା ସାର୍ଥକ କରିବାକୁ ମୁଁ ଚାହେଁ ନା ।

ହଁ, ସେଦିନ ମୁଁ ଲେଖୁଥିଲି—ପିଲାଦିନର କଥା କହୁଛି, ପିଲାଙ୍କର ଯେଉଁ ସ୍ୱଭାବ ସେଇ ସ୍ୱଭାବର ବଶବର୍ତ୍ତୀ ହୋଇ, କାହାରି ଅନୁକରଣ ପ୍ରବୃତ୍ତି ଦେଇ । ଯାହାରେ ସାବିତ୍ରୀ ସତ୍ୟବାନ ସୁଆଙ୍ଗ ଦେଖି ମୁଁ ଲେଖିଥିଲି । ସେଇ ପ୍ରବୃତ୍ତି ଜାଗି ଉଠିଲା ପ୍ରବଳ ହୋଇ କେବଳ କାବ୍ୟ କବିତାରେ ନୁହେଁ ନାନା ଦିଗରେ । କିନ୍ତୁ ଗାଇବା ଓ ଲେଖିବାର ଇଚ୍ଛା ଥିଲା ଦୁର୍ଦାନ୍ତ । ବାପାଙ୍କର ଅପେରା ଦଳର ନାମ ଯେଉଁ ଦିନ ବାପାଙ୍କ ଠାରୁ ବହୁଦୂରରେ ଥାଇ ଶୁଣିଲି, ହୋଇଛି— 'ଗୋପୀନାଥ ସଙ୍ଗୀତ ସମାଜ' ସେ ଦିନ ମୁଁ ମୋର ନିଜ ରଚିତ ଗୀତକୁ ଏକାଠି କରି ଖାତା ଉପରେ ଲେଖିଦେଲି 'ଭୂତନାଥ ସଂଗୀତ ସମାଜ' କବିତା ଲେଖା ରୋଗଟାଏ—ରୋଗ । ସେ ରୋଗ ଧରିଲେ ପାଠ ପଢ଼ାପଢ଼ି ହୁଏ ନାହିଁ ବୋଲି ମୋ ଦାଦା ସେଦିନ ମୋ କାନଟିକୁ ମୋଡ଼ିଦେଇ କହିଲେ— 'ଭୂତଟିଏ ! ସେଥିପାଇଁ ଭୂତ ନାଥ ସଙ୍ଗୀତ ସମାଜ ଲେଖିଛି ।' କିନ୍ତୁ ହାରେ ଅଭାଗା ! ପାଠ ସେଇ ଇସ୍କୁଲରେ ମୁଣ୍ଡିମଲା ! କିନ୍ତୁ କବିତା ଲେଖିବାର ଭୂତଟା ମୋତେ ସବୁବେଳେ ମାଡ଼ିବସି ମୋ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଇଛି—ଓଃ ସେ କେତେ ମର୍ମନ୍ତୁଦ ସତେ ! କବିତା ଲେଖିବାକୁ ହେଲେ ଏତେ ତ୍ୟାଗ କରିବାକୁ ପଡ଼େ—ଏତେ ହରାଇବାକୁ ପଡ଼େ—ଏତେ ଲାଞ୍ଛନା ସହିବାକୁ ପଡ଼େ ବୋଲି—ମୋ ଜୀବନ ପ୍ରଭାତରେ ମୋତେ ଯଦି କିଏ ସାମାନ୍ୟ ସୂଚନା ଦେଇଥାନ୍ତା— ତେବେ ମୁଁ ବୋଧହୁଏ କବି ବା ଲେଖକ ହୋଇ ପାରି ନଥାନ୍ତି ।

ଯୌବନ ଆସିଲା, ଫଗୁଣର ଫଗୁଆ ପବନରେ ଫୁଲର ରଜା, ଫୁଲର ରାଣୀପରି ମୋର ଫୁଲପଣକୁ ଫୁରୁ ଫୁରୁ କରି ଫୁଙ୍କି ଉଡ଼ାଇ ଦେବା ପାଇଁ କି କଣ ! ସେତେବେଳେ କେତେ ହାଲୁକା ସେ ଜୀବନ ଆଉ କେତେ ମଧୁର ସେ ସାଧନା ! ସେତେବେଳେ କାହିଁକି ଲେଖିଲି ସତେ ! ମୁଁ ଆଜି ବି ଦେଖୁଛି, ଆକାଶରେ ଘନବାଦଲ ଦେଖି ଆସେ । କୃଷ୍ଣଚୂଡ଼ା ପାହାଡ଼ ଉପରେ— ଶିଖା ଉନ୍ମୁକ୍ତ କରି ନାଚି ଉଠେ କେକା । ସେ କାହିଁକି ନାଚେ ସତେ ! କଳକାଠି ଏବେ ବି ଦରସ୍ପୃଷ୍ଟ । ଭ୍ରମରର ଉନ୍ମତ୍ତ ଗୁଞ୍ଜନ, ପକ୍ଷ ସଞ୍ଚାଳନ ତାର ଚତୁଃପାର୍ଶ୍ୱରେ, କାହିଁକି ଏ ଅଭିନୟ ସତେ ! ହୁଏତ ସେଇଥିପାଇଁ— ଠିକ୍ ସେଇଥି ପାଇଁ ମୁଁ ଲେଖୁଥିଲି । ତରୁଣ ଜୀବନରେ ସେ ସ୍ୱପ୍ନ ଭାଙ୍ଗିଯିବ ବୋଲି ଜାଣିଥିଲେ ହୁଏତ ମୁଁ ତାର ବ୍ୟର୍ଥ ସୂଚକ

[ଅବଶିଷ୍ଟ ପରପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com



## ଅଜାଙ୍କ ମାଛଶିକାର

ଅଜା ଅଛ ହୃଦେ ଅତି ମାଛପ୍ରିୟ
ଏକଥା ଜଣା ସଂସାରେ
ବାଇବେ ଵନକେ ଏକ ଖାଦ୍ୟ
ନାହିଁ ହି କାହା ହାତରେ—
ମାଛପ୍ରିୟ ଅଜା ମାଛ ଅଭାବରେ
ନ ପାରିଲେ ମୁଠେ ଗିଳି
ଆଣିବୁ ଜହଣ୍ଡି ମାଛପାଇଁ ମୁହିଁ
ସକାଳରୁ ଯିବ ଚାଲି—
ଶୁଖୁଆ ଦେଇଣ ମାଛୁଏ ଗଣ୍ଡେ
ଦଅ ରୁମ୍ ଗୃପେ ପୋଡ଼ି
ଆଜା କଥାଶୁଣି ଖରବର ଆଈ
କରିଦେଲେ ଚଡ଼ଚଡ଼—
ସକାଳରୁ ଉଠି ଅଜା ବାହାରିଲେ
ଧରିଣ ବନସୀ ବାଡ଼ି
କେବଳ ଆଶାରେ ପାଳୁଅ ଭୁଣ୍ଡର
ଲାଳ ଯାଉଥାଏ ଗଡ଼ି—
ବସି ବସି ଖାଲି ଅଳସ ଲାଗିଲା
ଟେଇଲେ ଏକ କରାଣ୍ଡି
ବାଉମାଛ ଭାବି ବାହାରେ ଟାଣନ୍ତେ
ଢଳିଗଲେ ଅଜା ଗଣ୍ଡି ।

ଗୋବର୍ଧନ ୧୦୭୯

## ନାଗଙ୍କ ପ୍ରଶ୍ନ

ସାଧାରଣତଃ ଗଛରେ କାହିଁକି ଧଳା ଓ ସୌଗନ୍ଧ ଯୁକ୍ତ ଫୁଲ ଫୁଟି ଥାଏ ? —ରବୀନ୍ଦ୍ର [୧୩୬୫]

କେଉଁଠି ଘୋଡ଼ାର ୪୪ଟି ଗୋଡ଼ ଅଛି —ରାଧାନାଥ [୧୪୨୨]

## ଅଜାଙ୍କ ଉତ୍ତର

ରବୀନ୍ଦ୍ର —ଅପ୍ରିୟ ସତ୍ୟ କହିବା ଉଚିତ ଯଦି ସେ ସତ୍ୟ କହିବାରେ ଯାହାକୁ କହିବ ତାର ମଙ୍ଗଳ ହୁଏ ଏବଂ ଜନ ସାଧାରଣଙ୍କର ମଙ୍ଗଳ ହୁଏ । ପ୍ରଥମ କ୍ଷେତ୍ରରେ ଆଗ ବୁଝିବ, ଯାହାକୁ ଅପ୍ରିୟ ସତ୍ୟ କହିବ ସେ ତମ କଥା ଶୁଣିବା ଭଳିଆ ମନରେ ଅଛି କି ନା । ସେ ଯଦି ତମକୁ ବା ତମ କଥାକୁ ଖାତିର ନକରେ ତେବେ ଅପ୍ରିୟ ସତ୍ୟ କହି ଲାଭ ନାହିଁ । କିନ୍ତୁ ଜଣେ ଲୋକର କୌଣସି କାମ ଦ୍ୱାରା ସର୍ବସାଧାରଣଙ୍କର କ୍ଷତି ହେଉଥିଲେ—ସେ ଲୋକକୁ ଅପ୍ରିୟ ହେଲେହେଁ ସତ୍ୟ କହିବା ନିତାନ୍ତ ଉଚିତ ।

ଅଶ୍ୱିନି ଓ ଶଚୀନ୍ଦ୍ର—ତୁମର ନାଗ ନମ୍ବର ଯଥାକ୍ରମେ ୮୪୨୧ ଓ ୧୪୬୦ ।

## ନୂଆ ନାଗଙ୍କ ତାଲିକା

୧୪୬୭—ଶ୍ରୀ ବୈଷ୍ଣବଚରଣ ଜେନା କେନ୍ଦୁଝର ଏ ଏନ୍ ହାଇସ୍କୁଲ; ୯ମ ଶ୍ରେଣୀ ପୋଃ ଆନନ୍ଦପୁର । ୧୪୬୭—ଶ୍ରୀ ଦୈତାରି ଝା, କେନ୍ଦୁଝର ଏ ଏନ୍ ହାଇସ୍କୁଲ, ୯ମ ଶ୍ରେଣୀ; ପୋଃ ଆନନ୍ଦପୁର । ୧୪୬୮—ଶ୍ରୀ ବନମାଳି ଉପାଧ୍ୟାୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ; ୧୦ମ ଶ୍ରେଣୀ, ପୋଃ ବେତନଟୀ, ମୟୁରଭଞ୍ଜ ଜିଲ୍ଲା । ୧୪୬୯—ଶ୍ରୀ ବିଶ୍ୱନାଥ ସାହୁ, ମଣ୍ଡରୀ ଗ୍ରାମ ଓ ପୋଃ ମୟୁରଭଞ୍ଜ ଜିଲ୍ଲା । ୧୪୭୦—ଶ୍ରୀ ଅକ୍ଷୟଚରଣ ମହାନ୍ତି, ଯାଦବ, C/O ରେଣେର୍ଜ ବ୍ରଦର୍ସ, ୧ କମର୍ସିଆଲ ବିଲ୍ଡିଂ; କଲିକତା ।

## ନାଗବନ୍ଧୁ କୁପନ

ଅଜା, ମୁଁ ଜଣେ ନାଗ ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷ । ମୋର ଠିକଣା—

ମସିହା । ମୁଁ ସତ୍ୟ ସାହସ ଓ ସେବା ଦ୍ୱାରା ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ଗୃହ୍ୟା ନିମନ୍ତେ ୫୦/ ଡାକ ଟିକଟ ଦେଲି ।

ସ୍ୱାକ୍ଷର

ବରଷା ହୃଦୟର—ଛିନ୍ନ ବିଛିନ୍ନ ପରଦା ଉପରେ ରକ୍ତରଞ୍ଜିତ ଦାଗ ବୋଲି ଜଗାଇ ରଖିବାପାଇଁ—ଏ ପରବର୍ତ୍ତୀ ଜୀବନରେ ମୁଁ କଦାପି ଆଗ୍ରହ ବଳାଇ ନଥାନ୍ତି । କିନ୍ତୁ ଯାହା ହେବାର ତାହା ହେଲା । ସେଇ ଆଘାତ ଜନିତ ପୁନରାବୃତ୍ତିହିଁ ଆଜି ମୋ କାବ୍ୟ କବିତା ଗଳ୍ପ ଉପନ୍ୟାସ ।

ମୁଁ କଣ କହିଗଲି ? ବୋଧହୁଏ ସୁନ୍ଦର ଭାଷାର ଆଡ଼ମ୍ବର ଭିତରେ ଗୋଟାଏ ନିତାନ୍ତ ଅଶ୍ଳୀଳ କଥାକୁ ଘୋଡ଼ାଇ ସୁନ୍ଦର କରିବାର ପଟପାଟି ପ୍ରଦର୍ଶନ କରିଗଲି । ଅସଭ୍ୟ ଚରିତ୍ରହୀନ ! ଲୋକେ ସମସ୍ତେ କହିବେ । ତାହାହିଁ ମୋର ପୁରସ୍କାର ।

ଆଜି ଯୌବନର ସୀମନ୍ତ ରେଖା କାଟି-ସାରି ମୁଁ କଲମ ଧରି ଭାବୁଛି ମୁଁ କାହିଁକି ଲେଖୁଛି ସତେ । ଲେଖିପାରୁଛି କିପରି । ଠିକ କହି ହେବ ନାହିଁ । ହୁଏତ ପରବର୍ତ୍ତୀ ଜୀବନରେ ସେଇ ଠିକ ଭୁଲ ନିରୂପଣ ହେବ । କିନ୍ତୁ ସେତେବେଳକୁ ହୁଏତ ମୁଁ ଦୁନିଆଁରେ ନଥିବି ସମାଜର ଅଭିଶାପକୁ ଶିରରେ ଧରି ମୌରୁଷ ପ୍ରକାଶ କରିବା ପାଇଁ ଏ ମୌରୁଷ ଯେତେ ସୌଭାଗ୍ୟର ବସ୍ତୁ ହେଉ ପଛେ ସେ ଦୁର୍ଭୋଗର କଳନା ମୋର ଛାଡ଼ି ଥରାଇ ଦିଏ । ତଥାପି ଘୋର ଅନ୍ଧକାର ଭିତରେ ମୁଁ କ୍ଷୀଣ ରେଖା ଦେଖୁଛି । ସେ ରେଖା ଯଦି ଆଲୋକର ସନ୍ଧାନ ଦେଉଥାଏ ତେବେ ମୁଁ କହିବି— ମୋ ଉପରେ ଆଜି ସମାଜର ଯେଉଁ ଅତ୍ୟାଚାର, ସାମାଜିକ ବ୍ୟକ୍ତିର ଯେଉଁ ହତାଦର; ପ୍ରବଳର ଯେଉଁ ପ୍ରାଦୁର୍ଭାବ ମୋ ଭଳି ଗୋଟିଏ ନଗଣ୍ୟ ପ୍ରାଣୀ, ଗୋଟିଏ ପତିତ ଅବଜ୍ଞାତ ବଂଶର ଶେଷ ସ୍ୱାସ ନିଏ। ଭଳି ଯିଏ ମ୍ରିୟମାଣ, ଗୃହ ପାର୍ଶ୍ୱରେ ଟଙ୍କା, ଶିକ୍ଷା-ଦୀକ୍ଷା ବା ... ବାହାରେ ଲ୍ଲାଘ୍ନାପୂର୍ଣ୍ଣ ଜୀବନରେ ହାସ ମଧ୍ୟେ ବଳ ପାଇ ହୋଇ ଅତ୍ୟାଚାର କରୁଛି ଯେ, ଅତ୍ୟାଚାର ସହ୍ୟ ନକରି— ପ୍ରେମ ବସ୍ତୁକୁ ଧରି ଜୀବନର ସହଜ ସରଳ ରସ ଆସ୍ୱାଦନରେ ଯେ ଜୀବନ ପ୍ରାଣହୀନ ତା ଉପରେ ଏଇ ଯେ ବଜ୍ର ନିର୍ଘାତ ତାର ଦୁର୍ବଳ ପ୍ରତିବାଦ କରି ଉଠିବ, ଅସମର୍ଥ ବ୍ୟକ୍ତି ଯେପରି ନିଜର ସମ୍ମାନ ହୋଇ ନପାରି ମନରେ ଗାଳି ଦେବାରେ ସନ୍ତୋଷ ପାଏ ସେଇଭଳି ଏକ କାଳ୍ପନିକ ତୃପ୍ତି ମୋତେ ଲେଖିବାରେ ମିଳୁ କହି ରଖୁଛି ବୋଲି ମୋର ବୋଲେବେଳେ ଧାରଣା ହୁଏ । ସେ ସତ ହେଉ ମିଛ ହେଉ-ସେ ସାହସିକତା ହେଉ ବା ଦୁର୍ବଳତା ହେଉ ମୁଁ କିନ୍ତୁ ଏତିକି ବୁଝୁଛି ଯେ ସାହିତ୍ୟଟା ଠିକ ସଂଗ୍ରହ ନୁହେଁ- ବରଂ ସମାଧାନ- ସମାଧାନର ଚେଷ୍ଟା ବା ଠିକ ଭାଷାରେ କହିଲେ ସମାଧାନର ସାଧନା ।

କ୍ରମଶଃ



Digitized by srujanika@gmail.com

Dagaro
Reg No O 18. ORISSA'S MOST POPULAR FORTNIGHTLY 1-6-51.

# କଳିଙ୍ଗ ଇଞ୍ଜିନିୟରିଙ୍ଗ କର୍ପୋରେସନ ଲିମିଟେଡ୍,

ରେଜିଷ୍ଟାର୍ଡ଼ ଅଫିସ—ନୟାବଜାର, କଟକ—୪
"ଓଡ଼ିଶା"

ମୂଳଧନ—୧୦ (ଦଶ) ଲକ୍ଷ ଟଙ୍କା ।

ବର୍ତ୍ତମାନ ତା ମଧ୍ୟରୁ ୫ (ପାଞ୍ଚ) ଲକ୍ଷ ଟଙ୍କାର ସେୟାର ବିକ୍ରି ହେବ ।

ପ୍ରତ୍ୟେକ ସେୟାରର ମୂଲ୍ୟ ମ.ବି ଦଶଟଙ୍କା ଓ ତାହା ଦୁଇ କିସ୍ତି ଚାରିଟଙ୍କା ଲେଖାଏ ଓ ଶେଷ କିସ୍ତି ଦୁଇଟଙ୍କା ଏହାପରେ ମୋଟ ତିନି କିସ୍ତିରେ ଦେୟ ।

ପ୍ରତ୍ୟେକ ଅଂଶୀଦାରଙ୍କୁ ଏକ ଟଙ୍କା ଲେଖାଏ ପ୍ରବେଶିକା ଫିସ ଦେବାକୁ ପଡ଼ିବ ।

## ବୋର୍ଡ଼ ଅଫ୍ ଡିରେକ୍ଟରସ୍

୧ । ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ, ପ୍ରୋପ୍ରାଇଟର ପଟ୍ଟନାଏକ ଏଣ୍ଡ କୋଃ । କାଣ୍ଟ୍ରାକମେଣ୍ଟ ରୋଡ଼ ପ୍ରୋପ୍ରାଇଟର, ଓଡ଼ିଶା ମେସିନାରୀ, ମିସନ ରୋଡ଼ କଟକ ।

୨ । ଶ୍ରୀ ବାମନଚରଣ ଦାସ, ଡିରେକ୍ଟର, ଦ ନ୍ୟାସନାଲ ଟେକ୍‌ସଟାଇଲ୍‌ସ ଆଣ୍ଡ୍ ରୋଲିଙ୍ଗ ମିଲ୍‌ସ ଲିମିଟେଡ, ନୟାବଜାର, କଟକ ।

୩ । ଶ୍ରୀ ସୋମନାଥ ମହାନ୍ତି, ଲୁହା ବ୍ୟବସାୟୀ, ଦେଓ୍ୟାନ ବଜାର, କଟକ ।

୪ । ଶ୍ରୀ ରାଜେନ୍ଦ୍ର କୁମାର ସିଂହ, ବ୍ୟବସାୟୀ ଚୌଧୁରୀ ବଜାର, କଟକ ।

୫ । ଶ୍ରୀ ଲଳିତେନ୍ଦ୍ରନାଥ ମହାନ୍ତି ୮୦—ପାର୍କ ଷ୍ଟ୍ରିଟ୍—କଲିକତା—୧୬ ।

୬ । ଶ୍ରୀ ପ୍ରସନ୍ନକୁମାର ପଟ୍ଟନାଏକ, ପ୍ରୋପ୍ରାଇଟର ପଟ୍ଟନାୟକ ଷ୍ଟୋରସ, ପୋଃ ଅଃ ଅନୁଗୁଳ ଜିଃ ଢେଙ୍କାନାଳ ।

୭ । ଶ୍ରୀ ରାଜକିଶୋର ଦାସ, ଜମିଦାର ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଜୟପୁରପଡ଼ା, ପୋଃ ଅଃ ଚମ୍ପାପଡ଼ା ଜି । କଟକ ।

---

## ଉଦ୍ଦେଶ୍ୟ

ଭାରତର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାର ପ୍ରାକୃତିକ ସମ୍ପଦ ଅଧିକ ହେଲେ ମଧ୍ୟ ଓଡ଼ିଶା ଆଜିଯାଏଁ ଅନୁନ୍ନତ ରହିଛି । ଓଡ଼ିଶାର ଭବିଷ୍ୟତ ଉନ୍ନତି ପାଇଁ ପ୍ରଧାନ ଆବଶ୍ୟକତା ହେଉଛି ଆମର ଦେଶର ଶିଳ୍ପର ଉନ୍ନତି । ଦେଶର ଚାରିଆଡ଼େ ଛୋଟ ବଡ଼ ବହୁ କଳ କାରଖାନା ବସାଇବାକୁ ହେବ, ଯାହାଦ୍ୱାରା ଆମର ଅତ୍ୟାବଶ୍ୟକ ଜିନିଷପତ୍ର ତିଆରି ହୋଇପାରିବ ଓ ସେଉଁଥିରେ ଆମର ଲୋକେ କାମ କରିବାର ସୁଯୋଗ ପାଇବେ ।

ଗ୍ରାମ ଜୀବନର ବହୁ ଆବଶ୍ୟକୀୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରାଯିବ, ଏହାଛଡ଼ା ବୋଲ୍‌ଟ, ନଟ, ଓ୍ୟାସର ଓ ଯାବତୀୟ ଲୁହା ଉପକରଣ ଆଦି ଏଠାରେ ତିଆରି କରାଯିବ । ବର୍ତ୍ତମାନ ଆମର ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କାର ପାଇପ ଦରକାର । କାରଣ ପ୍ରାୟ ପ୍ରତି ବଡ଼ ବଡ଼ ସହରରେ ଓ ବଡ଼ ବଡ଼ ସ୍ଥାନରେ ପାଣି ପାଇପ ବସାଯିବ ଓ ସେଥିପାଇଁ ଦରକାର ହେଉଥିବା ପାଣି ପାଇପ ଯାହା ଲୋଡ଼ା ତାହାଁର ଶତେ ଭାଗରୁ ପାଞ୍ଚ ଦଶଭାଗ ଛାଡ଼ିଦେଲେ ସମସ୍ତ ଓଡ଼ିଶା ବାହାରୁ ଆମଦାନୀ ହେଉଛି । ଆମ୍ଭର ପ୍ରଥମ କାମ ହେବ ପାଇପ ତିଆରି କରିବା ଯଦ୍ଦ୍ୱାରା କି ଅଂଶୀଦାରମାନେ ସେମାନଙ୍କର ଟଙ୍କାର ଶୀଘ୍ର ଲାଭାଂଶ ପାଇପାରିବେ ।

ଓଡ଼ିଶାର ପ୍ରତ୍ୟେକ ଜନସାଧାରଣ ନିଜର ଶକ୍ତି ଅନୁଯାୟୀ ଏହାର ସେୟାର୍ କିଣି ଏହି ଉଦ୍ଦେଶ୍ୟ ସାଧନରେ ସହାୟତା ଓ ସହଯୋଗିତା କରନ୍ତୁ, ଏହା ଆମର ଏକାନ୍ତ ଅନୁରୋଧ । ପ୍ରତ୍ୟେକ ଜନସାଧାରଣ ଏଭଳି ଅନୁଷ୍ଠାନର ଲାଭରେ ଭାଗୀ ହୋଇ ପାରିବେ ଏଥିପାଇଁ ଆମେ ମାତ୍ର ଗୋଟିଏ ସେୟାର ଦେବାକୁ ପ୍ରସ୍ତୁତ ଅଛୁ ଓ ଆଶାକରୁ ପ୍ରତ୍ୟେକ ନିଜର ସେୟାରଟି ନେଇ ଏହାର ଭବିଷ୍ୟତ ମଙ୍ଗଳ କାମନା କରିବେ ।

ମ୍ୟାନେଜିଙ୍ଗ ଏଜେଣ୍ଟସ୍
ବି, ସି, ଦାସ ଆଣ୍ଡ୍ କୋଃ ଲିଃ

Printed,—Published and Edited by N. Mahapatra at the Dagaro Press, Cuttack—1
ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ସହକାରୀ—ଶ୍ରୀ ରମେଶଚନ୍ଦ୍ର ମହାନ୍ତି ଶ୍ରୀ ରାଜମୋହନଦାସ
Digitized by srujanika@gmail.com

# ଡଗର

# ସେଦିନ ଓ ଆଜି




ଦିନେ ଯିଏ ପ୍ରେସ୍ ପିଠିରେ ବସାଇ
କରିଥିଲେ ମୋତେ ସାର,
ପିଞ୍ଜରାରେ ତାଙ୍କୁ ନ ଭରିଲେ ଆଜ
ହେଲା ସବୁ ଗ୍ଳର ଖାର ।

ଏ ସଂଖ୍ୟାରେ—ଡଗର ନିତ୍ୟାନନ୍ଦ

Digitized by srujanika@gmail.com

# ବମ୍ବେ ଲାଇଫ ଏସିଓରେନ୍ସ

କମ୍ପାନୀ ଲିମିଟେଡ, ପ୍ରତିଷ୍ଠିତ—୧୯୦୮

୧୯୪୯ର ବିବରଣୀ—

| | |
|---|---|
| ବାର୍ଷିକ ଆୟ | ୧,୮୭,୯୭ ଲକ୍ଷ |
| ବୀମା ପାଣ୍ଠି | ୪,୯୦ କୋଟି |
| ଚଳନ୍ତି ବୀମାର ପରିମାଣ | ୧୮,୮୧ କୋଟି |

ସରକାରୀ କାଗଜାଦିରେ ବୀମାପାଣ୍ଠିର ଶତକଡ଼ା ୯୦ଟଙ୍କା ନିୟୋଜିତ ହୋଇ କମ୍ପାନୀର ସୁଦୃଢ଼ତାର ପରିଚୟ ଦେଉଛି ।

ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜରେ ଉତ୍ତମ ପାରିଶ୍ରମିକରେ ଏଜେଣ୍ଟ, ଅର୍ଗାନାଇଜର ଓ ଇନ୍‌ସପେକ୍ଟର ଆବଶ୍ୟକ । ଅନୁସନ୍ଧାନ କରନ୍ତୁ ।

| | | |
|---|---|---|
| ହେଡ ଅଫିସ, | ଶାଖା ମେନେଜର | ଓଡ଼ିଶା ଶାଖା,— |
| ବମ୍ବେ, | ନରେନ୍ଦ୍ରପ୍ରସାଦ ଦାସ | ଗୁଡ଼ନଟୌକ, କଟକ । |

---

**ସ୍ତ୍ରୀ ରୋଗ ପାଇଁ**

## ସ୍ତ୍ରୀ ବନ୍ଧୁ ଭୈରବ ବଟୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଉ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧରେ କିମ୍ବା ଅଦୌ ହାନି କାରକ ନୁହେଁ । ମୂଲ୍ୟ ୫ ୬୧ ଡାକ ଖର୍ଚ୍ଚ—୫୯୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରବଦୂରିତ ହୁଏ । ଦାମ୍ପତ୍ୟ ଜୀବନ ମଧ୍ୟରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୩— ଡାକଖର୍ଚ୍ଚ—୫୦୯୵ ଅଧିକନ୍ତୁ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତହୋଇ ପଠାଯାଏ ।

Kaviraj M. K. KAVYATIRTHA (D. C.)

70, Cornwallis St.. Calcutta

---

ଓଡ଼ିଶାର ପ୍ରାଚୀନତମ ଓ ଶ୍ରେଷ୍ଠତମ ଆୟୁର୍ବେଦୀୟ ଅନୁଷ୍ଠାନ

# ସୁଧାସିନ୍ଧୁ ଔଷଧାଳୟ

ପ୍ରତିଷ୍ଠାତା—କବିରାଜ ହରେକୃଷ୍ଣ ମିଶ୍ର

ଆପଣ ମନ୍ଦ ପୁରାତନ କଠିନ ରୋଗର ଚିକିତ୍ସା ଆୟୁର୍ବେଦୀୟ ମତେ କରାଇବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଠିକଣାରେ ପତ୍ର ଲେଖନ୍ତୁ ।

ବ୍ୟବସ୍ଥାପକ—କବିରାଜ—ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଝାଞ୍ଜିରୀ ମଙ୍ଗଳା (କଟକ)—୧


## ଅଙ୍ଗ୍‌କର୍ ଦେଉଳର ଧ୍ୱଂସାବଶେଷ

ଶ୍ୟାମଦେଶର କଥା । କାମ୍ବୋଡିଆର ଘନ ଅରଣ୍ୟ ମଧ୍ୟରେ ଅବସ୍ଥିତ ଅଙ୍ଗ୍‌କ ଦେଉଳର ଧ୍ୱଂସାବଶେଷ ପରିଦର୍ଶନ ସକା ଏବେ ବହୁତ ଯାତ୍ରୀ ଯାଉଛନ୍ତି । ... ପ୍ରଥମାବସ୍ଥାରେ ବୌଦ୍ଧଧର୍ମର ... ପ୍ରଚଳନ ... ଅମଳରେ ବ୍ରାହ୍ମଣ୍ୟ ଧର୍ମର ... ହୋଇଥିଲା । ଦେବତାମାନେ ଏଠାରେ ବସବାସ କରୁଥିଲେ ବୋଲି କୁହାଯାଉଥିଲା । ୨+୩ ମାଇଲ ପରିମିତ ସ୍ଥାନରେ ଗୋଟିଏ ପରେ ଗୋଟିଏ ହୋଇ ଏହି ଦେଉଳମାନ ନିର୍ମିତ ହୋଇଥିଲା ଏବଂ ଗୋଟିକର ଅଙ୍ଗ ... ଶିବ ପାଇଁ ନାନାବିଧ ପ୍ରସ୍ତରମୂର୍ତ୍ତି ... ଅଳନ୍ଦମାନ ରହିଥିଲା । ଏହି ଦେଉ... ଅଳନ୍ଦ ସମୂହ ଖେମେରମାନଙ୍କ ଦ୍ୱାରା ... ହୋଇଥିଲା । ସେମାନେ ଏ ଦେଶରେ ଶ... ବର୍ଷ ଧରି ରାଜତ୍ୱ କରିଥିଲେ ମଧ୍ୟ ... ବନ୍ୟା ଯୋଗୁଁ ଜନଶୂନ୍ୟ ହୋଇ ପଡ଼ୁଥି... ମାତ୍ର ଆଜି ସେହି ଶ୍ୟାମଦେଶ ବୈ... ପଦ୍ଧତିରେ ମେଲେରିଆକୁ ଜୟ କରି... ସମର୍ଥ ହୋଇଛି । ଏ ପ୍ରଚେଷ୍ଟା ଦ୍ୱିତୀ... ମହାଯୁଦ୍ଧ ଲାଗିବା ପୂର୍ବରୁ ଆରମ୍ଭ କରାଯାଇ ଥିଲା ।

ଭୂତପୂର୍ବ ଲିଗ ଅଫ୍ ନେଶନର ଏକ୍ସପାର୍ଟ କମିଟି ସେଥିପାଇଁ କହନ୍ତି ... ମେଲେରିଆର ପ୍ରତିଷେଧକ ରୂପେ ପ୍ର... ୬ଗ୍ରେନ [ମେଲେରିଆ ହେବା ଋତୁରେ] ... ଜ୍ୱରନାଶକ ରୂପେ ୧୫ରୁ ୨୦ଗ୍ରେନ କୁଇନା... ୫।୭ଦିନ ଖାଇବା ବିଧେୟ ।

Mal No494 Eng


ପୁରୁଣାକୁ ନୂଆ କରିବାକୁ ଚାହାନ୍ତି?

# ଜଗନ୍ନାଥ ପେଣ୍ଟିଂ ୱାର୍କସ

ଦୋଳମୁଣ୍ଡେଇ, ...

ସାଇକେଲ୍ ଟ୍ରଙ୍କ, ସୁଟ୍‌କେସ ... ସମସ୍ତ ପ୍ରକାର ସରଞ୍ଜାମ ... କରାଯାଏ । ସ୍ପ୍ରେ ପେଣ୍ଟିଂ ଓ ... ମେଲିଂ ଆଦି କାର୍ଯ୍ୟ ଆମ୍ଭର ... ରଙ୍ଗର ସ୍ଥାୟିତ୍ୱ ଗ୍ୟାରାଣ୍ଟି ଦିଅ...


Digitized by srujanika@gmail.com

ଅନନ୍ଦାଦ୍ଧ୍ୱ ଖଲୁ ଇମାନି ଭୂତାନି ଜାୟନ୍ତେ




ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ ୧୪ଶ ବର୍ଷ ୨୪ଶ ସଂଖ୍ୟା ୧୬ । ୬ । ୫୧

## ଡଗର ନୃତ୍ୟାନନ୍ଦ

ଆପଣ ଜଣେ ବ୍ୟର୍ଥ ପ୍ରେମିକ, ବ୍ୟର୍ଥ ରାଜନୈତିକ, ବ୍ୟର୍ଥ ଲେଖକ, ବ୍ୟର୍ଥ ସମ୍ପାଦକ ବ୍ୟର୍ଥ ମନୁଷ୍ୟ, ବୋଧହୁଏ ବ୍ୟର୍ଥ ପତି ମଧ୍ୟ । ବ୍ୟର୍ଥତାର ବେଦନା କେତେବେଳେ ଆପଣଙ୍କର ସଂବେଦନଶୀଳ ପରାମରେ କେତେବେଳେ ବା ଆଗ୍ନେୟଗିରିର ଲାଭା ଉଦ୍‌ଗାର ଆଧିକ୍ୟରେ । ଚିନ୍ତିତ ନୈରାଶ୍ୟ ଓ ସଂଗ୍ରାମ ମଧ୍ୟରେ ଆପଣଙ୍କର ଏକ ଅଦ୍ଭୁତ ସାନ୍ତ୍ୱନା — ଡଗର ।




ଆପଣ ମଧ୍ୟବିତ୍ତ ପରିବାର ଭିତରେ ଜୀଅନ୍ତା ମଣିଷର ଭୂତ ଅବସ୍ଥାର କରିଛନ୍ତି; ତେଣେ ଗୃହୀ ମୂର୍ତ୍ତିର ସମାଧି ସ୍ତୂପ-ମାଟିରୁ ତାହାର କରିଛନ୍ତି ମହାଦେବ — ଶିବଶଙ୍କର । ଏ ଦୁଇଟିର ସାନ୍ନିଧ୍ୟ ଆପଣଙ୍କ ଜୀବନର ଲକ୍ଷ୍ୟ ହେଉ ନହେଉ ଆପଣ କେଉଁ ଖଣିକାର ପଥ ଗୃହଁ ଗୃହଁ ଜୀବନର ଏଗାରଟା ବାଜିଗଲା ପରି ମନେ ହୁଏ ।

ସାହିତ୍ୟ ଓ ରାଜନୀତି ଭିତରେ, ଧର୍ମ ଓ ପ୍ରେମ ଭିତରେ, ଧନୀ ଓ ଦରିଦ୍ର ଭିତରେ, ଜଡ ଓ ଅଧ୍ୟାତ୍ମ ଭିତରେ ଦ୍ୱନ୍ଦ୍ୱ ଓ ସାଲିସ— ବା ସାଲିସର ଅକ୍ଷମତା ହିଁ ଆପଣଙ୍କୁ ନୃତ୍ୟ ଆନନ୍ଦ ଦେଇଛି ।

ଆପଣଙ୍କର ଜଣେ — ବନ୍ଧୁ ।

<u>ସଂପାଦକୀୟ</u>

## କଂଗ୍ରେସର ଗତି

ଧର୍ମ କର୍ମିକ ଓ ନିସ୍ୱାର୍ଥ ଲୋକେ କଂଗ୍ରେସକୁ ଛାଡ଼ି ଚାଲିଗଲେ କଂଗ୍ରେସର ଗତି କେଉଁ ଆଡ଼େ ହେବ ଓ ଯେଉଁ ସାଧାରଣ କଂଗ୍ରେସ କର୍ମୀମାନେ ଏବେ ବି କଂଗ୍ରେସର ସଦ୍‌ବୁଦ୍ଧି ଜାଗିବ ବୋଲି ଆଶା କରନ୍ତି ସେ କ୍ଷେତ୍ରରେ ତାଙ୍କର କର୍ତ୍ତବ୍ୟ କଣ ହେବ କେହି ୨ ମତେ ପଚାରିଛନ୍ତି । କେହି ୨ କୃପାଲନୀ ଘୋଷ ଲିଗ୍ ବା କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେବା ଉଚିତ କି ବୋଲି ମୋତେ ପ୍ରଶ୍ନ କରିଛନ୍ତି ।

ଏ ସମ୍ବନ୍ଧରେ ମୋର ନିଜର ବିଚାର ନିଅନ୍ତୁ — ଯେ କୌଣସି ନୂଆ ଦଳ କେବଳ ଭୋଟ ଲଢ଼ାଇ ପାଇଁ ସୃଷ୍ଟି କରି ଲାଭ ନାହିଁ । କାରଣ କଂଗ୍ରେସ ଭୋଟ ଲଢ଼େଇ ପାଇଁ ଯେଉଁ ଅନ୍ୟାୟ ଅର୍ଜିତ ଅର୍ଥ ସଂଗ୍ରହ କରୁଛି ଭୋଟରେ ଲଢ଼ି ଜିତିବା କଷ୍ଟସାଧ୍ୟ । ତେବେ ବୋଲି ଅନ୍ୟାୟ ବିରୋଧରେ ନ ଲଢ଼ିବା ଉଚିତ ବୋଲି କହୁନାହିଁ । କିନ୍ତୁ ଏ ଲଢ଼େଇରେ ଲାଭ ବିଶେଷ ନାହିଁ । ବର୍ତ୍ତମାନର କଂଗ୍ରେସ ନେତାମାନେ କେବେ ତ୍ୟାଗୀ ସତ୍‌ପ୍ରବୃତ୍ତି ବୋଲି ଗଣ୍ୟ ହେଉଥିଲେ । ମନ ଅବସ୍ଥା ଚକ୍ର ତାଙ୍କୁ ଶାଳଗ୍ରାମରୁ ମାଙ୍କଡ଼ କଲା । ଏହି ଅବସ୍ଥା ଚକ୍ରକୁ ଘୁରାଇବା ପାଇଁ ଏକ ବିପ୍ଳବ ଦରକାର ହେଉଛି । ଏ ବିପ୍ଳବ ପାଇଁ କ୍ଷେତ୍ର ପ୍ରସ୍ତୁତ । ମାତ୍ର ନେତୃତ୍ୱ ନାହିଁ । ବର୍ତ୍ତମାନ ଶାସନଧାରା ଓ ସାମାଜିକ ଧାରା, ଶାସନର ଅନ୍ୟାୟ ଅତ୍ୟାଚାରକୁ ଲୋପ କରିବାକୁ ଗଲେ ଭାରତ ଛାଡ଼ ବିପ୍ଳବ ଠାରୁ ଅଧିକ ବଳଶାଳୀ ଆନ୍ଦୋଳନ ଦରକାର ହେଉଛି । କାରଣ ସେତେବେଳେ ବିଦେଶୀ ଶାସନ ଥିଲା । ଏବେ ବିଦେଶୀ ଶାସନର ଭୂତଟା ଆମରି ଉପରେ ସବାର । ଏଥି ଏକ ନୈତିକ ବିପ୍ଳବ ଦରକାର ହେଉଛି । ମାତ୍ର ନେତା କିଏ ? ମୁଁ ଆଜି ବି ଅନ୍ଧାର ଦେଖୁଛି ଚାରିଆଡ଼େ ।

କୃପଲନୀ ଦେଖିଛନ୍ତି ଠିକ୍ । କିନ୍ତୁ ଭୟ ହେଉଛି ସେ ଯେପରି ଭୋଟ ଲଢ଼େଇକୁ ବେଶୀ ପ୍ରାଧାନ୍ୟ ଦେଉଛନ୍ତି ତା ଫଳରେ ତାଙ୍କ ଦଳ ଆଉ ଏକ କଂଗ୍ରେସରେ ପରିଣତ ହେବା ବିଚିତ୍ର ନୁହେଁ ।

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ଡାଡେ ଡାଡେ

# ଅଲ୍ ଉତ୍କଳ ହର୍‌ରାଜ ସର୍କସ

ଅଦ୍ଭୁତ ଖେଳବାଡ଼ ମାନଙ୍କର ଅପୂର୍ବ ସମାବେଶ—ଅଦୃଷ୍ଟପୂର୍ବ ସିଂହ ଶାବକର ଅଭୂତପୂର୍ବ କୌଶଳ ।
ପଶୁପକ୍ଷୀ ମାନଙ୍କର ଅଶ୍ଳୀଳସା ଖେଳ ଭେଳକିବାଜୀ, ଯାଦୁ, ଇନ୍ଦ୍ରଜାଲକୁ ବଳି ଯାଇଛି ।

## ଆସନ୍ତୁ ଦେଖନ୍ତୁ ବସନ୍ତୁ ରସନ୍ତୁ

### ସିଂହ ଖେଳ

ସର୍କସରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଖେଳ ଗୋଟିଏ ନୀଳବର୍ଣ୍ଣ ସିଂହ । ଏହି ଶୃଗାଳ ପରି ଧୂର୍ତ୍ତ ହେଲେହେଁ ଏହାର ନାମ ରଖାଯାଇଛି ଉତ୍କଳକେଶରୀ । କାରଣ ଏହା ଧୋବାର ନୀଳ ହାଣ୍ଡିରେ ବୁଡ଼ି ନୀଳ ହୋଇ ନିଜକୁ ପଶୁମାନଙ୍କ ରାଜା ବୋଲି ଘୋଷଣା କରିବସିଛି । ଏହାର ଶୃଗାଳ ପିତା ମାତାଙ୍କ ଦତ୍ତ ନାମ ହରି ଥିବାରୁ ଏବଂ ହରିର ଅର୍ଥ ସିଂହ ହୋଇଥିବାରୁ ଏହା ପ୍ରାକୃତିକ ଭାବରେ ସିଂହ ଆଖ୍ୟା ପାଇଛି । ଏ ସିଂହର ବିଶେଷ ଗୁଣ ଏହି ଯେ ଏ ମଡ଼ା ଖାଏ ମାତ୍ର ମଲ୍ଲକୁ ଜୀଅନ୍ତା ଭ୍ରମଣ କରି ଖାଏ । ଗୋଟିଏ ମଲ୍ଲ ଗୋରୁ ଏହା ଆଗରେ ପକାଇ ଦେଲେ ଗୋରୁଟାକୁ ସେ ହମ୍ବା ରଡ଼ି ଧରାଇ ଦେବ ଏବଂ ତା ଉପରେ ମାଡ଼ି ବସି ରକ୍ତ ପିଇବ । କେହି ବୋଝ ଦେଇ ପାରିବେ ନାହିଁ ଯେ ସିଂହ ହୋଇ ସେ ଶବ ଖାଉଛି । ଏ ନିଜେ ନିଜର ଉପାଦାନ ଗୋଟାଇ ନିଜର ଶୃଗାଳ ସ୍ୱଭାବ ପ୍ରକାଶ କରେ, ମାତ୍ର ତାହା ଇନ୍ଦ୍ରଜାଲ ପରି ଏପରି ଚତୁରଭାବରେ କରେ ଯେ କେହି ଦେଖିପାରନ୍ତି ନାହିଁ । ସିଂହଟି କେତେବେଳେ ଶୃଗାଳ ଓ କେତେବେଳେ ମନୁଷ୍ୟ ରୂପ ମଧ୍ୟ ଧରେ । ଏ କେତେବେଳେ ଗାନ୍ଧୀ, କେତେବେଳେ ସୁଭାଷ, କେତେବେଳେ ପଟେଲ ଓ କେତେବେଳେ ଜବାହରଲାଲ ପରି ରୂପ ମଧ୍ୟ ନେଇପାରେ । ଏହାର ଖେଳ ଯେ ଥରେ ଦେଖିବ ସେ ଚିରଦିନ ମନେ ରଖିବ ।

ଏହାକୁ ଦେଖି ବହୁ ଲୋକେ ଏହାର ଜନ୍ମ ଉତ୍ସବରେ ଏକ ଅଭିନନ୍ଦନ ଦେଇ ଗ୍ରନ୍ଥ ପ୍ରକାଶ କରିଥିଲେ । ଏହାର ସ୍ମୃତିରେ ସ୍କୁଲ, ଲାଇବ୍ରେରୀ, କ୍ଲବ, ଗୁଡ଼ିଆ ଦୋକାନ, ଗୁଣ୍ଡାଖିଆ ଦୋକାନ, ମଦ ଦୋକାନ ଆଦି ସର୍ବତ୍ର ଖୋଲା ହୋଇଗଲାଣି ।

### ଭାଲୁ ଖେଳ

ଏ ଏକ ଅଦ୍ଭୁତ ଭାଲୁ । ଏହାର ମୁହଁ ନାକ ବାଳ ବି ଲାଲ୍ ଲାଲ୍ । ଏହାକୁ ବନରେ ଅଳକାଳ୍ ଚୁରି ଅଣାଗଲା । ଗଡ଼ରେ ସେ ନାନା ଖେଳ ଦେଖାଏ । ବନଥିଲା,ଯେତେବେଳେ ଏ ଜଣେ ରାଜକୁମାରଙ୍କ ଜିଭରେ ସସେମିରା ଲେଖି ଦେଇ ଆସିଥିଲା । ଏବେ ସେ ରାଜକୁମାର ସସେମିରା ଛାଡ଼ି ସର୍ବମିରା କରୁଛନ୍ତି । ଜଣେ ବ୍ରାହ୍ମଣ ମନ୍ତ୍ରୀଙ୍କୁ ମଧ୍ୟ ସେ ସସେମିରା ମନ୍ତ୍ର ଦେଇଥିଲା । ଏବେ ସେ କହୁଛନ୍ତି— ଶେଷମିରା— ଶେଷ ମିରା । ଏ ଭାଲୁ ଜଣେ ବଡ଼ ପଣ୍ଡିତ । ଦର୍ଶକ-ମାନେ ଯେଉଁ ପ୍ରଶ୍ନ ପଚାରିବେ ଭାଲୁ ତାର ଉତ୍ତର ସଙ୍ଗେ ସଙ୍ଗେ କାଗଜ କଲମରେ ଲେଖି ଦେଇ ପାରିବ । ଇତିହାସ, ସାହିତ୍ୟ, ବ୍ୟାକରଣ ଛାଡ଼ି— ଗୀତା ପାଠରେ ଏହାର ସବୁଠାରୁ ବଳି ପାରଗତା ଦେଖି ମୁଗ୍ଧ ହେବେ । ଏ ଭାଲୁ କେବଳ ମାଛ ଆହାର କରେ । କିନ୍ତୁ ତଣ୍ଟିରେ ବାର ବାର କଣ୍ଟା ଲାଗେ । ଭାଲୁ ଖେଳ ଦେଖାଉ ଦେଖାଉ ଅଜଳରେ ପଡ଼ିଯାଏ । ସେତେବେଳେ ସାମାନ୍ୟ ଶଶାଟାଏ ମଧ୍ୟ ହାଉ ସାଧେ । ଏହି ଅବସ୍ଥା ଯେତିକି ହାସ୍ୟୋଦ୍ଦୀପକ ସେତିକି କରୁଣ । ଥରେ ଦେଖିଲେ ଆପଣମାନେ ଭୁଲି ପାରିବେ ନାହିଁ ।

### ମାଙ୍କଡ଼ ଖେଳ

ଆମେ ଏକ ଅଦ୍ଭୁତ ମାଙ୍କଡ଼ ଆଣିଛୁଁ । ଏହାର ଯେଉଁ ମାଙ୍କଡ଼ୀ ଆଫ୍ରିକା ଦେଶରୁ ଅଣାଯାଇଛି । ବଡ଼ ଚମତ୍କାର ଏ ଦୁହିଁଙ୍କର ନୃତ୍ୟ । ଅବିକଳ ମଣିଷ ପରି କଥାକାଳି, ଗୋଟିପୁଅ, ଛଉ, ଉଦୟଶଙ୍କର ନୃତ୍ୟ ଏମାନେ କରି ପାରନ୍ତି । ଓଡ଼ିଶୀ ନୃତ୍ୟ ଠାରୁ ପଡୋଶୀ ନୃତ୍ୟରେ ଏମାନଙ୍କର ବେଶି ପାରଗତା । ସିଂହ ସହିତ ଏ ଦୁହିଁଙ୍କର କ୍ରୀଡ଼ା ଅତି ମନୋରମ । ସିଂହ ଉଦ୍ଦେଶ୍ୟ ଧରି କହେ—

ହନୁ ମୋର ନାଟ କରିବ
ମନ୍ତ୍ରୀ ହେବ
ମୁଣ୍ଡରେ ଖଦଡ଼ ଟୋପି ଦେବ
ମଞ୍ଚରେ ଚଢ଼ିବ ।
ବୀର ହନୁମାନ ନାମ ଧରିବ
ନିତି ନିତି ନବ ବେଶ ସାଜିବ
ବୀରେନ୍ଦ୍ର ଗଣରେ ମୁଣ୍ଡ ହୋଇବ
ମୋ ହୁକୁମକୁ ମାନି ଚଳିବ
ଓଲଟବାଜି ସେ ଟପଣି ଖେଳିବ ।

ସେତେବେଳେ ହନୁର ନାଚ ଅତ୍ୟନ୍ତ ସୁନ୍ଦର ହୋଇ ଯାଏ । ଏ ଯେତେବେଳେ ଗୀତ ଗାଏ—ସବୁ ଗୀତରେ ଆମ ସିଂହ ଉତ୍କଳ କେଶରୀଙ୍କ ଜଣାଣ ଥାଏ । ଏହାର ଜଣାଣ ଏତେ ମଧୁର ଯେ ଗଧ ମଧ ଶୁଣି ମୁଗ୍ଧ ହୋଇଯିବ । ମାଙ୍କଡ଼ ଯେପରି ମନୁଷ୍ୟ ନୁହେଁ କି ପଶୁ ନୁହେଁ—ଏ ସେପରି ଏକ ଅଦ୍ଭୁତ ବେଶରେ ବାହାରେ—ଯାହା ହାଓ୍ୟାଇ ନୁହେଁ କି ଗାନ୍ଧିଆ ନୁହେଁ ! ଅଧେ ଗାନ୍ଧି ଆଉ ଅଧେ ହାଓ୍ୟାଇ । ତଳଅଡ଼ ଗାନ୍ଧୀ—ଉପର ଅଡ଼ ହାଓ୍ୟାଇ । କଥା ଗାନ୍ଧୀ କାମ ହାଓ୍ୟାଇ । କେଲେବେଳେ ସିଂହ ଏହାକୁ ମୁଣ୍ଡରେ ବସାଏ । କାରଣ ସିଂହର ନୀଳବର୍ଣ୍ଣ ରହସ୍ୟ ଏହାକୁ ମାଲୁମ ଅଛି । ଏ ଯଦି ଭଣ୍ଡାଫୋଡ଼ କରି ଘର ହାଣ୍ଡିକି ଦାଣ୍ଡରେ ବାଡ଼େଇ ଦିଏ ତେବେ ସବୁ ସରିଯିବ ।

[କ୍ରମଶଃ]

---

ସୋସାଲିଷ୍ଟ ବଡ଼ ଅନିଶ୍ଚିତ । କାରଣ ନେତା ଜୟପ୍ରକାଶ ଗାନ୍ଧୀ—ମୋହ ଛାଡ଼ୁ-ନାହାନ୍ତି କି ମାର୍କସ—ମୋହ ଛାଡ଼ୁନାହାନ୍ତି । ପୃଥିବୀରେ ଆଗାମୀ ଯୁଗରେ ଦୁଇଟି ନୀତିର ଯଥାର୍ଥ ପରୀକ୍ଷା ହେବ । ଗୋଟିଏ ସମ୍ପବାଦ ବା କ୍ଷିଲକେନ୍ଦ୍ରୀକରଣ— ଅନ୍ୟ ନାମ ଷ୍ଟାଲିନ୍ ତନ୍ତ୍ରମାନବାଦ : ଅବା ଏକ ବିକେନ୍ଦ୍ରୀକୃତ ଶିଳ୍ପ ବା ଗାନ୍ଧୀବାଦ । ସେ ଦୃଷ୍ଟିରୁ କଂଗ୍ରେସ ବରଂ ପରିଷ୍କାର । ଗାନ୍ଧୀ ନାମକୁ ଏକ ଧର୍ମ-ବକର ଭେକ ହିସାବରେ ଧରିଛି । ମାତ୍ର କାର୍ଯ୍ୟ କ୍ଷେତ୍ରରେ ସେ ନିର୍ଜୀବ ଯନ୍ତ୍ରବାଦୀ । ତେଣୁ ଭବିଷ୍ୟତରେ କଂଗ୍ରେସ ଓ କମ୍ୟୁନିଷ୍ଟଙ୍କର ସଂଘର୍ଷ ଅବଶ୍ୟମ୍ଭାବୀ । ଭାରତ ସରକାର ଧୀରେ ଧୀରେ ଆମେରିକା ଆଡ଼କୁ ଆସି ଗଲାଣି ଜାଣେ ମସ୍କୋ ମୁହଁ । ଯେତିକି ହେଉ-ଥିବେ,କମ୍ୟୁନିଷ୍ଟ ବନ୍ଦୀଙ୍କୁ ଖଲାସ କରି ତାଙ୍କ ସହିତ ସେତିକି ସାଲିସ କରି ବସିବେ ।

ସୋସାଲିଷ୍ଟ କଂଗ୍ରେସ ମିଶିପାରିବେ ନାହିଁ । କୃପାଳନୀ ଯଦି ଏକ ବିପ୍ଳବାତ୍ମକ ଦଳ ଗଢ଼ିପାରନ୍ତି ତେବେ କଂଗ୍ରେସ କର୍ମୀ-ମାନେ ସେଥିରେ ଯୋଗଦେବା ଉଚିତ । ତା ନହେଲେ କେବଳ ଭୋଟ ଲଢ଼ି ଲାଭ ନାହିଁ । ଯଦି ଭୋଟ ଲଢ଼ିବାକୁ ହୁଏ— ତେବେ ହାରିବାକୁ ନିଶ୍ଚିତ ଜାଣି ମଧ ନ୍ୟାୟ ପାଇଁ ଏକ ସଂକେତକ ଲଢ଼ାଇ କରିଯାଇ-ପାରେ । ତଦ୍ଦ୍ୱାରା ଲୋକ ଶିକ୍ଷା ବଢ଼ିବ । ନିଃ ମଃ



## ସତ୍ୟମେବ ଜୟତେ

ଭାରତ ସରକାର ଯେତେବେଳେ ସତ୍ୟମେବ ଜୟତେ ମନ୍ତ୍ରରେ ଦୀକ୍ଷା ନେଲେ ସେତେବେଳେ କେହି କେହି ଆପତ୍ତି କଲେ, ଏଠି ଅମ୍ଭନେପଦୀରେ ଜୟତେ ହେବା କଥା। ମନ୍ଦ ପ୍ରଚଳିତ ଲୋକମୁଖରେ ପରସ୍ମୈପଦୀ ବ୍ୟବହୃତ ହେଉଥିବାରୁ ତାକୁ ନେହ୍ରୁ ସରକାର ପରସ୍ମୈପଦୀ କରି ଦେଲେ। ଏଥିରୁ ବିଲୁଆ ସଭା ଏତିକି ବୁଝିଲା ଯେ ସତ୍ୟ ନିଜେ ଜୟକରେ ନାହିଁ—ସତ୍ୟର ଜୟ ଅନ୍ୟମାନେ କରନ୍ତି। କିମ୍ବା ସତ୍ୟ ନିଜେ ଜୟୀ ହୁଏ ନାହିଁ ଅନ୍ୟକୁ ଜୟୀ କରାଏ। ତେଣୁ ପାର୍ଲିମେଣ୍ଟରେ ପଣ୍ଡିତ ନେହେରୁ ଯେତେବେଳେ ଭାରତୀୟ ଜ୍ରେସ ମାନଙ୍କୁ ଓ ତାଙ୍କ ବିରୁଦ୍ଧ ଦଳକୁ ମିଥ୍ୟାବାଦୀ କହିଲେ ଆଉ ବିରୁଦ୍ଧଦଳର ନେତା ଶ୍ୟାମାପ୍ରସାଦ ନେହେରୁଙ୍କୁ ମିଥ୍ୟାବାଦୀ କହିଲେ ସେତେବେଳେ ଲୋକେ ଅନାଇଥିଲେ ପାର୍ଲିମେଣ୍ଟର କାନ୍ଥକୁ—ଯେଉଁଠି ଲେଖାଯାଇଛି—ସତ୍ୟମେବ ଜୟତେ। ଶେଷରେ ନେହେରୁଙ୍କର ଭୋଟ ବେଶି ହେଲା—ତେଣୁ ଧରିବାକୁ ହେବ ଯେ ସତ୍ୟ ତାଙ୍କୁ ଜୟୀ କରାଇଲା। ସତ୍ୟ କାହାକୁ ନା କାହାକୁ ଜୟୀ ନିଶ୍ଚୟ କରାଏ। ସତ୍ୟବାନ ଲୋକ ଯେ ଜୟୀ ହେବେ ଏହାର କିଛି ନିର୍ଦ୍ଧାର୍ଯ ପ୍ରମାଣ ନାହିଁ। ସତ କଂସ ଆଉ ରାବଣକୁ ମଧ୍ୟ ଜୟୀ କରିଥିଲା। ଦେବତା ମାନେ କଂସ ରାବଣଙ୍କୁ ମଧ୍ୟ ଭୋଟ ଦେଇଥିଲେ। ଅତଏବ ସତ୍ୟର ଜୟ ହେଉ ନହେଉ ସତ୍ୟ ଅନ୍ୟକୁ ଜୟୀ ନିଶ୍ଚେ କରାଏ।

## ଜଗତମିଥ୍ୟା

ବ୍ରହ୍ମ ସତ୍ୟ—ଜଗତ ମିଥ୍ୟା। ସେହି କ୍ରମିକୁ ଶାସନ ସଂବିଧାନର ସଂଶୋଧନଟା ସତ୍ୟ—ଭାରତ ମିଥ୍ୟା। ନେହେରୁ ସତ୍ୟ—ବିରୋଧୀ ମିଥ୍ୟା। ନେହେରୁଙ୍କ ପ୍ରଶଂସା ସତ୍ୟ—ନିନ୍ଦା ମିଥ୍ୟା। ପେଟ ସତ୍ୟ—ଖାଦ୍ୟ ମିଥ୍ୟା। ଗୋଦାମ ସତ୍ୟ—ଦୁର୍ଭିକ୍ଷ ମିଥ୍ୟା। ବ୍ଲାକ୍ ଜର ସତ୍ୟ—ଦର ମିଥ୍ୟା। ଜବରଦସ୍ତି ସତ୍ୟ—ଛଟଣା ମିଥ୍ୟା। କିଲାପେଟେଇ ସତ୍ୟ—କିଳା ମିଥ୍ୟା। ସରକାର ସତ୍ୟ—ପ୍ରଜା ମିଥ୍ୟା। କଂଗ୍ରେସ ସତ୍ୟ—କୃପାଳନୀ ମିଥ୍ୟା। ମାର୍କସ ସତ୍ୟ—ଟେଙ୍କିନିମିଥ୍ୟା। ଆମେରିକା ସତ୍ୟ ମସ୍କୋ ମିଥ୍ୟା ଅତଏବ ନେହେରୁଙ୍କୁ ଆମେ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରୁଛୁ।

## କେଉଁଠି ଯିବା

କେରିଆର ଭୂଇଁରୁ ନିଆଁ ବାହାରେ। କାରଣ ସେଠି ଭୂମିକମ୍ପ ହୁଏ। କିନ୍ତୁ ପରସ୍ୟରେ କରେସନରେ ନିଆଁ ଲାଗିବାର ସମ୍ଭାବନା। କରେସିନରେ ନିଆଁ ଲଗେଇ ଦେଲେ ସହଜରେ ଜଳେ। ଏହା ବୁଝିଆ ତେଣୁ ଇଂରାଜୀ ଆମେରିକା ନିଆଁ ଧରି ବସିଛନ୍ତି। ଖାଲି ଝୁଡ଼ାଣିଆକୁ ରହିଛି।

## କାଶ୍ମୀରରେ କାଶୀ ପଣ୍ଡିତ

ମିଳିତଜାତି ସଂଘ କାଶ୍ମୀରକୁ ଯେଉଁ କାଶୀ ପଣ୍ଡିତ ଗ୍ରାହାମଙ୍କୁ ପଠାଉଛନ୍ତି ଭାରତ ବା କାଶ୍ମୀର ସରକାର ତାଙ୍କ ସହ ସହଯୋଗ କରିବେ ନାହିଁ ବୋଲି କାଶ୍ମୀର ସମ୍ମେଳନୀରେ ଠିକ ହେଲା। ମାତ୍ର ତାଙ୍କୁ ଯେ ଗ୍ୟ ସମ୍ମାନ ଦେଖାଇବାରେ ଭାରତ ବା କାଶ୍ମୀର ସରକାର ତ୍ରୁଟି କରିବେ ନାହିଁ। କାଶୀରେ ଜଣେ ଜଣେ ଲୋକ ଥାନ୍ତି। ଗ୍ରାସ ବିଷୟରେ ସେମାନେ ପ୍ରବୀଣ। ତାଙ୍କ ମୁହଁ ଉପରେ ଲଡୁ ପୁରା ରଖିଦେଲେ ସେ ଅକ୍ଳେଶରେ ଖାଇ ହଜମ କରନ୍ତି। ଏହି ଚୌବେମାନଙ୍କୁ ସଂମାନ ଦେଖାଇଲା ପରି ଗ୍ରାହାମଙ୍କୁ ବେଶ ପୁରା ଓ ଲଡୁ ଖୁଆଇ ଭାରତ ବିଦା କରିଦେଲେ ଗ୍ରାହାମଙ୍କ କର୍ତ୍ତବ୍ୟ ପାଳନରେ ସୁବିଧା ହୋଇ ଯିବ।

## କଳିକାଳ ହରିଶ୍ଚନ୍ଦ୍ର

ଶୁଣାଯାଏ ପାଟନା ମହାରାଜା ସ୍ୱେଚ୍ଛାରେ ତାଙ୍କ ଗାଦୀ ଓ ଜମି ଛାଡ଼ି ଦେବେ। ତାହେଲେ କଳିଯୁଗର ହରିଶ୍ଚନ୍ଦ୍ର ହେବାର ଆଶା ଅଛି। ତାଙ୍କ ଭ୍ରାତା କୁମାର ଓ ସର୍ବୋଚ୍ଚ ସେବକ ଯେ ତାଙ୍କ ଅଂଶ ଏ ଅନୁଷ୍ଠାନରେ ଗ୍ରହଣ କରିବେ ଏପର୍ଯ୍ୟନ୍ତ ଜଣାଯାଇ ନାହିଁ। ସେ ଯାହାହେଉ ତ୍ୟାଗ ସବୁ ଦିନେ ବରଦ। ଏହା ମୂଳରେ ଯେଉଁ ଉଦ୍ଦେଶ୍ୟ ଥାଉ ସାଧନ ମହତ ହେଲେ ଲକ୍ଷ୍ୟ ବି ମହତ ହେବ। ମାତ୍ର ପାଟନା ମହାରାଜା ଯୋଗ୍ୟ ଅସ୍ତ୍ର ଧରୁ ନାହାନ୍ତି।

## ଚଞ୍ଚଳା

ମହାଲକ୍ଷ୍ମୀଙ୍କର ଗୋଟିଏ ନାମ ହେଉଛି ଚଞ୍ଚଳା। ଦୁନିଆରେ ତାଙ୍କ ପଛରେ ଯିଏ ଯେତେ ଦଉଡ଼ିବ ମା ଲକ୍ଷ୍ମୀ ଭାଠି ସେତେ ପ୍ରସନ୍ନ ହୁଅନ୍ତି। ଧାନ ଟଙ୍କା ସୁନା ଅମର ସିନ୍ଧୁକରେ ରହିଲେ ମା ଲକ୍ଷ୍ମୀ ମଧ୍ୟ ବନ୍ଦିନୀ ହୋଇ ଯାଆନ୍ତି। ସେଥିପାଇଁ ବୁଦ୍ଧିଆ ଲୋକେ ଚଞ୍ଚଳା ଲକ୍ଷ୍ମୀଙ୍କୁ ଏ ପଟରୁ ସେ ପଟ ସେ ପଟରୁ ଏ ପଟ କଲେ ଲକ୍ଷ୍ମୀଙ୍କ ଚଞ୍ଚଳ ପ୍ରକୃତିଟା ସବୁବେଳେ ଘର ଭିତରେ ଏତେ ଚଞ୍ଚଳ ଥିବ ଯେ ଆଉ ବାହାରକୁ ପଳେଇବାକୁ ତର ମିଳିବ ନାହିଁ। ସେଥିପାଇଁ ଓଡ଼ିଶା ସରକାର ଆମ ପ୍ରଦେଶର ଲକ୍ଷ୍ମୀ ଧାନକୁ ବାଲେଶ୍ୱରରୁ ସମ୍ବଲପୁରରୁ—ଢେଙ୍କାନାଳରୁ କେନ୍ଦ୍ରାପଡ଼ା, କେନ୍ଦ୍ରାପଡ଼ାରୁ କୋରାପୁଟ, କଟକରୁ କେନ୍ଦ୍ରାପଡ଼ା ଏମିତି ଚଞ୍ଚଳ କରିବାରେ ଲାଗିଛନ୍ତି। କେଉଁଠିକି ଧାନ ଥାଇ ମଧ୍ୟ ଧାନ ପଠାଯାଉଛି, ଯେଉଁଠୁ ଧାନ ନଥାଇ ମଧ୍ୟ ନିଆ ହେଉଛି—ପୁଣି ଅନ୍ୟ ସ୍ଥାନରୁ ଧାନ ଆସୁଛି। ଏହି ଚଞ୍ଚଳାଙ୍କ ସାନ୍ଧ୍ୟ ଭ୍ରମଣ ବା ନିଶା ଭ୍ରମଣ ପାଇଁ ଗରିବଙ୍କ ଟିକସ ଧନରୁ କେତେ ଖାଲି ବୁହା ପଇସା ଯେ ଖରଚ ହେଉଛି ଅଯଥାରେ ତାର ହିସାବ କିଏ ରଖୁଛି। ରଖିବା ଦରକାର କଣ? ଆମ ମା ବାପା ସରକାର ଥାଉ ଥାଉଁ।

## ଆଦତ ନହି ଛୋଡ଼େ

ଶୋଟିଏ ରେଳ ଥରେ ସାଧୁଙ୍କ ପାଖରେ



Digitized by srujanika@gmail.com

ରହିଲା । କିନ୍ତୁ ଜେବୁରୀ ଅଦାଲତ୍‌ର ନ୍ୟାୟ ନୁହେଁ । ଯେଉଁ ଦଶ ଜଣରେ ସେ ଗ୍ରନ୍ଥ ଅଧ୍ୟରେ ଲେଖି ନ୍ୟାୟ ଡକାଇ ନେଇ ତା ମୁଣ୍ଡ ତଳେ, ତା ଉପରେ ନେଇ ନ୍ୟାୟ ମୁଣ୍ଡ ଉଠାଇଲେ ଏବେ । ସକଳ ଉଠି ସମସ୍ତେ କାବା ହୁଅନ୍ତି । ଶେଷରେ ଠିକ୍ ପଡିଲା ଯେ ଜେବୁର ଅଦାଲତ୍ ହୋଇଥିବା ଏମିତି କରୁଛି । ଆମ ସରକାରଙ୍କ ସେମିତି ଅଦାଲତ୍ ହୋଇଥିବୁ ସେ ଜିଲ୍ଲାର ଧାନ ଅଯଥା ଏ ଜିଲ୍ଲାରେ, ଏ ଜିଲ୍ଲାର ଧାନ ସେ ଜିଲ୍ଲାକୁ ପଠାଇ ମୁଦ୍ରାଦୋଷ ଚରିତାର୍ଥ କରୁଛନ୍ତି ।

ଗୁହକୁ ଚେଙ୍କା

ଗୁହକୁ ଚେଙ୍କିବ ନାହିଁ — ଗୁହକୁ ଚେଙ୍କା ଫିଙ୍ଗିବ ନାହିଁ । ମାତ୍ର ଆମ ସରକାର ଉଲ୍‌ଟା କରିପାରନ୍ତି । କଟକରେ ଗୁହଙ୍କ ମିଳିଲା ନାହିଁ ନାହିଁ ବୋଲି ଯେଉଁ ଗୁହକୁ ଚେଙ୍କିଥିଲେ ସେଇ ଗୁହଙ୍କୁ ଚେଙ୍କା ମାରିଲେ କି ଲାଭ ! ତଥାପି ନିଜ ଦେହକୁ ଛୁଟିକା ପଡୁ ପଛେ ଲୋକେ କାଳରେ ହାତ ନଦେଲେ ଶେଷରେ ଗୁହକୁ ଚନ୍ଦନ ବେଲ କାଢ଼ ମନ୍ତ୍ରରେ ବୋଲିବେ ଯେ ।

ତାମସା

କଟକ ମ୍ୟୁନିସିପାଲିଟି ନିର୍ବାଚନରେ ଏକ ତାମସା ଲାଗିଲା ! ଯେତେଣେ ନିର୍ବାଚନ ଆଇନରେ ଭାରତ ସରକାର ବ୍ୟବସ୍ଥା କରୁଛନ୍ତି ଯେ ଅଟକ ବନ୍ଦୀମାନେ ଭୋଟ ଦେବେ । ଏଣେ ଓଡ଼ିଶା ସରକାର ନିଜର ବାହୁ ସ୍ତମ୍ଭ ତଳେ ଥିବା ଆଇନ କମିଟିକୁ ଜନ୍ମଯୁକ୍ତ କରିବା ପାଇଁ ଜଣେ ଅଟକବନ୍ଦୀ କମିଶନରଙ୍କୁ ଜେଲରେ ଅଟକାଇ ରଖିଲେ । କଣ କରିବେ, ବର୍ତ୍ତମାନ ସରକାରଙ୍କ ପୂର୍ବ ପୁରୁଷ ଇଂରେଜୀ ସରକାର ତାଙ୍କ କାନଫୁଙ୍କି ଯାହା ଶିଖାଇ ଦେଇଛନ୍ତି ଏମାନେ ତାହା ଭୁଲନ୍ତେ କେମିତି ? ଶାସ୍ତ୍ର ଯେତିକି ମତ ବୋଧହୁଏ ଦେଇଛି କହୁ ପୁଣି ନ ହେଲେ କହୁ ଉପରେ ସେତିକ ନ ଶୁଣିଲେ ଅପମାନ ମେଣ୍ଟିବ କିମିତି ।

ମୂର୍ଖ କମିସନର

କଟକ ମିଉନିସିପାଲିଟି ନିର୍ବାଚନରେ ମଣିଗୁହ ଯେପରି ସଭ୍ୟ ଧର୍ମ ପାଳନ କଲେ ଏହା ଡାଲଚାଲକୁ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ନୁହେଁ — ମସି ଅକ୍ଷରେ ଲେଖି ଦେଇଯିବ । ସହରରେ କିଏ କଣ କହୁଛି — କିଏ କଣ କଲା ସେ ବିବରଣୀ କମିଶନରମାନେ ୫୦ ନମ୍ବର ଖାଲି ଦସ୍ତଖତ କରିବେ ବୋଲି ହୁକୁମ ଜାରି କଲେ । ବାସ୍ତବିକ ମଣିଗୁହଙ୍କ ବୁଦ୍ଧି ତାଙ୍କ ନାମକୁ ନହୋଇ ଉପାଧିକ ଯୋଗ୍ୟ ଏକା । ସେ ଯାହା ବିଚାରିଲେ — ତାହା ଠିକ୍ । କାରଣ ଏ କମିସନର ଗୁଡ଼ାକତ ମୂର୍ଖ । କେବଳ ପଇସା ଦେଇ, ମଦ ଦେଇ ଭୋଟ କିଣିଛନ୍ତି । ଏମାନେ ବିବରଣୀ ପଢ଼ିବେ କୋଉଁ ଏ କଣ ? ଦସ୍ତଖତ ନକରି ଟିପଚିହ୍ନ ଦେବା ବରଂ ଉଚିତ ଥିଲା ।

ଚାତୁଯ୍ୟାର୍ଦ୍ଦୀ

ଆମ ବିଧାନସଭା ମଧ୍ୟରେ ଦୁଇଦଳ ଭିତରେ ଯେଉଁ ଏ ସାଲିସ ହୋଇଥିଲେ ଭଲ ହୋଇଥାନ୍ତା । ଚେଆରମ୍ୟାନ ଏକ ଉଭୟ ଦଳରୁ ଜଣେ ଯେପରି ପାନ ହେଲେ — ତାଙ୍କ ଭାଇସ୍ଥ ଅନ୍ୟ ପକ୍ଷରୁ ଜଣେ ପାନୀ ହୋଇ ଥିଲେ ମନ୍ଦ ହୋଇ ନଥାନ୍ତା ।

ସୋସାଲିଷ୍ଟଙ୍କ ପୂର୍ଣ୍ଣଲତା

ପୁରୀରେ କଂଗ୍ରେସ ପନ୍ଥୀଙ୍କ ସହ ମିଳିମିଶି ସୋସାଲିଷ୍ଟମାନେ ମ୍ୟୁନିସିପାଲିଟି ପରିଚାଳନା କରୁଛନ୍ତି । ସବୁଠି ଏଇଭଳି ମିଳାମିଶା ଭଲ । ଭଲ କାମ ହେଲେ କାହାର ସୁବିଧା ନୁହେଁ । ଭୂତ ମୁଣ୍ଡୀ — ମୁଁ ତ ମୁଣ୍ଡୀ ହୋଇ କାହିଁପାଇଁ ଧୋଇବା ?

ପାର୍ଲାମେଣ୍ଟରେ ଅସଭ୍ୟ

ଜଣେ ପାର୍ଲାମେଣ୍ଟ ସଭ୍ୟ କୌଣସି ଖୁନାଖୁଣି ବ୍ୟବସାୟୀଙ୍କଠୁଁ ଟଙ୍କା ଖାଇ ତାଙ୍କ ପାଇଁ ପାର୍ଲାମେଣ୍ଟରେ ଲଢ଼ିବାରୁ ଗୋଟିଏ କମିଟି ବସି ତାଙ୍କ କଥା ବିଚାର କରୁଛନ୍ତି । ଏହା ଅନ୍ୟାୟ ହୋଇଥିଲେ ସେ ଅସଭ୍ୟ ହୋଇଯିବେ । ମାତ୍ର ଆମ ଓଡ଼ିଶା ବାଚସ୍ପତି ମହତାବଙ୍କ ଗୁଣଗ୍ରାମ ଶୁଣି କମିଟି ବସାଇବା ଦୂର କଥା — ତାକୁ ବିବରଣୀ ପୁସ୍ତକରୁ ଉଠାଇ ମଧ୍ୟ ଦେଲେ । କାରଣ ମହତାବ ସିନା ସଭ୍ୟଥିଲେ ଅସଭ୍ୟ ହୁଅନ୍ତେ । ସେ ତ ଅଗରୁ ସଭ୍ୟ ପଦକୁ ଜଳାଞ୍ଜଳି ଦେଇଛନ୍ତି ।

ଭାରତ ଯୁଦ୍ଧ

ଅସନ୍ତା ୨୬,୨୭ ତାରିଖ ବେଳକୁ ମହତାବ ବିଶ୍ୱନାଥଙ୍କର ଏକ ଯୁଦ୍ଧ ହେବାର ସମ୍ଭାବନା । ସେଥିପାଇଁ ଅଗରୁ ସୈନ୍ୟସାମନ୍ତ ସଜାସଜି ହେଉଛନ୍ତି ! ଏ ମହାଭାରତ ଅଭିନୟରେ ଶଲ୍ୟ ହେବେ କିଏ ସେତକ ଦେଖିବା ପାଇଁ ବିଧାନ ସଭା ସତର୍କ ଦୃଷ୍ଟି ଦେଇଛନ୍ତି । ଆଶାକରୁ ସମାଜ ମଧ୍ୟରେ ଶୀଘ୍ର ଏନାମ ଘୋଷିତ ହେବ । ଆମ୍ଭେମାନେ ଆଗ୍ରହରେ ସମାଜ ପଢ଼ିବୁ ଗୃହିଁବୁ ।

କେନ୍ଦ୍ର — ନା — ବିକେନ୍ଦ୍ର ?

କିଏ କହୁଛି ମହତାବ ଅସନ୍ତା ନିର୍ବାଚନରେ କେନ୍ଦ୍ରକୁ ଠିଆ ହେବେ । କିଏ କହୁଛି ସେ ପୁଣି ଓଡ଼ିଶାର ପ୍ରଧାନମନ୍ତ୍ରୀ ହେବେ ! ନବବାବୁ ଅଧିବାସୀ ସେବା ପାଇଁ ବାନପ୍ରସ୍ଥ ନେବେ । କିନ୍ତୁ ଯାହା କରିବେ ସାଇଁ — ତା କାହାର ମନରେ ନାହିଁ । ଯାହା ବିଚାରନ୍ତି ମହତାବ — ତା ପାଞ୍ଚି କେହି ନ ପାଇବ ।

ନିଆଁ ନେଇ ଖେଳ

ଶ୍ରୀଯୁକ୍ତ ମହତାବ ଝୋଟ ଲୁଗା କେପାର ରେ କେତେ କୋଟି ଟଙ୍କା କଳାପୋଟଳ କରି କଂଗ୍ରେସ ନିର୍ବାଚନ ପାଇଁ ରଖି ଦେଇଛନ୍ତି ବୋଲି କେତେକ ଖବରକାଗଜ ଛାପିଛନ୍ତି । ସେଥିପାଇଁ ଗୋଏନ୍ଦା ବିଭାଗ ଯାଇଁ ରାଜଗୋପାଳାଚାରୀଙ୍କୁ କହିବାରୁ ସେ ହେମନ୍ତେ କହିଲେ — ଚୁପ୍ ଚୁପ୍ ନିଆଁ ସଙ୍ଗେ ଖେଳ ନାହିଁ । ଆମେ ଅଗରୁ ଜାଣୁ ମହତାବ ନିଆଁ ଖାଇ ହଜମ କରି ପାରୁଥିଲେ; ଏବେ ନିଆଁ ଖାଇ ଖାଇ ସେ ନିଜେ ନିଆଁ ହୋଇଗଲେଣି ।

ଚକଦ୍ୱାର

ଚକଦ୍ୱାର ଲୁଗାକଳରେ ଗୃହଟା ଦୁଆର । ଗୋଟାଏ ମହତାବଙ୍କ ଦୁଆର — ଗୋଟାଏ ବିଜୁ ପଟ୍ଟନାୟକ — ଗୋଟେ ପ୍ରତାପ ସିଂ ଅବ ଗୋଟିଏ ସ୍ଥାନୀୟ ପୁଲିଶ । ଶ୍ରମିକମାନେ ଚକଦ୍ୱାର ଭେଦ କଲେ ଯାଇଁ ବ୍ୟୂହ ଜିଣିବେ । ଏବେ ପୁଲିଶ ଥାଉଁ ଥାଉଁ ବିଜୁ ପଟ୍ଟନାୟକ ଯାହା କରୁଛନ୍ତି ତା ଦେଖିଲେ ଚକଦ୍ୱାରର ମହିମା ବଳେ ବୁଝି ପଡ଼ିବ ।



Digitized by srujanika@gmail.com

# ମାଲୁମ ନେହିଁ

ଲେ—ଶ୍ରୀ କମଳ କୁମାର ବି.ଏ.

ଗୋରା ସେମାନଙ୍କୁ ଯେତେ ଦେଖେ ଦେଖେ କଅଣ ହେବ ତାଙ୍କର ସ୍ୱଭାବ ଗୁଣ ଅଛି। ଯେଉଁଠାରୁ ସେମାନେ ଯାଆନ୍ତି ସେଠାରୁ ସେମାନେ କିଛି ନା କିଛି ଗ୍ରହଣ କରନ୍ତି। ଆମ ଭାରତୀୟ ଶବ୍ଦ ଇଂରାଜୀ ଅଭିଧାନରେ ଅତି ଅଳ୍ପରେ ପାଞ୍ଚ ଶ' ଥିବ। ତାଙ୍କ ଦେଶର ନିହାତି ମୂର୍ଖ ଯେ ତାଙ୍କଠୁଁ ଆମର ବହୁତ ଶିଖିବାର ଅଛି। ସେମାନେ ଆମଠୁ ଯେତେ ଦୂରରେ ରହନ୍ତୁ ଆମକୁ ଯେତେ ଘୃଣା କରନ୍ତୁ ପଛକେ ଲୋକ ଗୁଡ଼ାଙ୍କର ହୃଦୟ ଅଛି। କିନ୍ତୁ ଆମ କଳା ଚମଡ଼ାଙ୍କର ନାହିଁ। ଯାହାଙ୍କ ବାହାରଟା ଯେମିତି ଭିତର ସେମିତି କେବଳ କଳାରେ ଶାସନ ଆଜି ଚାଲିଛି।

ସେତେବେଳେ ବିଶ୍ୱାଳିଶ ମସିହା। ଭାରତଟା ସାରା ଘମାଘୋଟ ଚାଲିଛି ସ୍ୱାଧୀନତା ସଂଗ୍ରାମ। ସତ୍ୟାଗ୍ରହ ପରେ ସତ୍ୟାଗ୍ରହ। ଲାଠିମାଡ଼ ଜେଲ। ସେତେବେଳକୁ ବର୍ମାରେ ଚାଲିଛି ଲଢ଼େଇ। ଜାପାନ ଆଗେଇ ଆସୁଚି। ଭାରତ ଉପରେ ବିପଦ ଆସନ୍ନ। ଇଂରେଜ ଜାହାଜର ସୁଅ ଆସି ଅଟକିଲା ବମ୍ବେ ହାରବରରେ। ସୈନ୍ୟ ଓହ୍ଲାଇଲେ। ଏଇ ସୈନ୍ୟ ଦଳରେ ଥିଲା ଗୋଟିଏ ଇଂରେଜ ଟୋକା। ନାଁ ତାର ଟୋନି ଡ଼ଗଲାସ। ଯେତେବେଳେ ଜାହାଜ ଛାଡ଼ି ସେ ଭାରତକୁ ଓହ୍ଲାଇଲା ତାର ମନେ ପଡ଼ିଲା ତା ନିଜ ଦେଶରୁ ବିଦାୟ ନେଇ ଫେରିବା ବେଳ କଥା। ସୈନ୍ୟାଧ୍ୟକ୍ଷ କହିଥିଲେ—ଦେଖ, ତୁମେମାନେ ଭାରତ ପାଇଁ ଲଢ଼ିବାକୁ ଯାଉଚ। ଆମର ଅଧୀନ ଦେଶ ସେ। ତୁମର କାର୍ଯ୍ୟ କଳାପ ଭିତରେ ଯେପରି ଆମ ଦେଶର ବଦନାମ ନ ହୁଏ। ତୁମେ ତାଙ୍କୁ ନିଜର ବନ୍ଧୁ ହିସାବରେ ବ୍ୟବହାର କରିବ।'

ଟୋନି ଯେତେବେଳେ ଆସି ବମ୍ବେରେ ପହଞ୍ଚିଲା, ଦେଖିଲା ମସ୍ତବଡ଼ ଗୋଟାଏ ପେଭି-ଲିୟନ। ତା ତଳ ଦେଇ ସେମାନଙ୍କୁ ଯିବାକୁ ହେବ। ଚମତ୍କାର ପେଭିଲିୟନ! ତା ପରେ ଭିକ୍ଟୋରିୟା ଟର୍ମିନସ୍। ସୁନ୍ଦର ଘରଟା। କାନ୍ଥ ଗୁଡ଼ିକରେ କାରୁକଳା। ତା ପରେ ସେ ବୁଲିଲା ବମ୍ବେ ସହର। ସହରରେ ଅନେକ ଘର ତାର ଦୃଷ୍ଟି ଆକର୍ଷଣ କଲା। ବିଶେଷ କରି ସେଇ ଘର ଗୁଡ଼ିକ ଯେଉଁଠିରେ କାରୁକାର୍ଯ୍ୟ ଥାଏ। ତାର କାରଣ ସେ ଇଲଣ୍ଡରେ ଚୂନ କାମର ମିସ୍ତ୍ରୀ ଥିଲା। ଇଲଣ୍ଡରେ ଏ ପ୍ରକାର ଘର ନାହିଁ। ତାଜମହଲ ହୋଟେଲ। ଆଃ—ଗ୍ରେଟ୍ କିଙ୍ଗ୍!

ରିକ୍ସା, ଟେକ୍ସି କରି ଟୋନି ବୁଲି ବୁଲେ ସାରା ସହର। ଏଠି ଅଟକେ ସେଠି ଠିଆ ହୁଏ। ବାଟ ଘାଟରେ, ଛକ ମୁଣ୍ଡରେ ଠିଆ ହୋଇ ଭାରତୀୟ ମାନଙ୍କୁ ଦେଖି ହସି ଦିଏ। କାହା କାହା ସାଙ୍ଗରେ ଆଳାପ କରି-ବାକୁ ଚେଷ୍ଟା କରେ।

ଟୋନି ଦେଖେ ଭାରତୀୟ ମାନେ ଅସ-ମ୍ଭବ ଭାବରେ ଗରିବ। ଅଳ୍ପ ଖିଆ, ଅଳ୍ପ ପିନ୍ଧା। ତାର ମନେ ପଡ଼େ ବାଳକ କଥା। ସେଠି ସେ ଶୁଣିଥିଲା, ଆଉ ତାର ପିଲା ବେଳ ଧାରଣା ଥିଲା ଯେ ଭାରତରେ ଧନ ଅଛି। କିନ୍ତୁ ସେ ଯାହା ଶୁଣିଥିଲା ଦେଖିଲା ଅନ୍ୟ କିଛି।

ତାର ମନ ହେଲା ସେ ଏ ଦେଶରେ କିଛି ଦିନ ରହିବ। ଏଠିକାର ଲୋକମାନଙ୍କୁ ବୁଝିବ। ଆଉ ଏଠି ସେ ଏତେ ସୁନ୍ଦର ଚମତ୍କାର ଘର ଗୁଡ଼ିକ, ସେ ଯଦି ସେମିତି ଘର ତିଆରି କରିବାର କୌଶଳ ଏଠୁ ଜାଣି-ଯିବ ତେବେ ଦେଶରେ ଖ୍ୟାତି ଓ ଧନ ସବୁ ତା ହାତ ମୁଠାରେ।

ସେ ଯେତେବେଳେ ଉଦ୍ଦେଶ୍ୟ ନେଇ, ଭ୍ରାତୃଭାବ ନେଇ ବାଟ ଘାଟରେ ଭାରତୀୟ ମାନଙ୍କ ସାଙ୍ଗରେ କଥା ବାର୍ତ୍ତା କରେ ଅନେକ ସାଙ୍ଗ ସାଥୀ ତାକୁ ଥଟ୍ଟା ପରିହାସ କରନ୍ତି। କିନ୍ତୁ ସେ କିଛି ଶୁଣେନା। ହେଲେ ମଧ୍ୟ ଯେ ସେ ଏ ଦେଶର ଲୋକଙ୍କ ସାଙ୍ଗରେ କଥାବାର୍ତ୍ତା କରି ପାରେ ତା ନୁହେଁ; ଏଠାକାର ଲୋକେ ଇଂରାଜୀ ଭାଷା ବୁଝନ୍ତି ନାହିଁ। ଯାହା ଅଳ୍ପ ଅଳ୍ପ ବୁଝନ୍ତି ସେଥିରେ କାମ ଚଳେନା। କିନ୍ତୁ ତାର ଦରକାର ଯେ ସେ ଏମାନଙ୍କ ସାଙ୍ଗରେ କଥାବାର୍ତ୍ତା କରିବ। ଆଳାପ କରିବ। ଏମାନଙ୍କ ବିଷୟରେ ତା ନିଜ ଦେଶକୁ ଲେଖିବ। ଏଠାକାର ଘର ତିଆରି କରିବାର ଉପାୟ ଜାଣି ନେବାକୁ ଫେରିଯିବ। ତେବେ ବଡ଼ ହେବ।

—•—

ଗୋଟାଏ ବଡ଼ ଦୋକାନରେ ବୁଲି ବୁଲି ସେ ଗୋଟାଏ ବହି କିଣିଲା। ବହିଟିରେ ହିନ୍ଦୁସ୍ଥାନୀ ଭାଷା ଆଉ ଇଂରାଜୀ ଉଭୟ ଅଛି। ବହିଟି କିଣି ଅତି ଆଗ୍ରହରେ ସେ ହିନ୍ଦୁସ୍ଥାନୀ ଶିକ୍ଷା କରିବାକୁ ଆରମ୍ଭ କଲା। ପ୍ରତ୍ୟେକ ଦିନ ସେ ବହିଟି ପକେଟରେ ପୁରାଇ ବାହାରେ। ଆଉ ରିକ୍ସାରେ ଆସି ବସେ। ରିକ୍ସା ବାଲାକୁ ପ୍ରଶ୍ନ କରେ।

'ତୁମାରା ନାମ୍ କ୍ୟା.'

'ସୁଲେମାନ୍'

'ଠିକ୍—ଠିକ୍'

ତାପରେ ନିଜ ଆଡ଼କୁ ଆଙ୍ଗୁଠି ଦେଖାଇ କହେ—

'ମି ଟୋନି ଡଗଲାସ୍'

'ସ ବ୍'

ପୁଣି ରିକ୍ସା ବାଲା ପ୍ରଶ୍ନ କଲା—

'ମେ ସାବ୍ ଆପ୍ କାହାଁ ଯାଏଗା ?'

'ମି ନେହିଁ—ଟୋନି—ଟୋନି ଡଗଲାସ୍।'

ସେ ଅଳ୍ପ ବାଟ ଯାଇ ରିକ୍ସାବାଲାକୁ ଚୁକ୍ତିଅଣା ଦେବା ଯାଗାରେ ଟଙ୍କାଏ ଦୁଇଟଙ୍କା ଦେଇ ଓହ୍ଲାଇ ପଡ଼େ। ଅଳ୍ପ ସେ ହିନ୍ଦୁସ୍ଥାନୀ ଭାଷାରେ ସେ ଏ ଦେଶର ଲୋକମାନ ସାଙ୍ଗରେ କଥାବାର୍ତ୍ତା କରି ପାରିଲା ସେତିକରେ ତାର ଆନନ୍ଦ। ଆଉ ଟଙ୍କାଏ ପାଇ ରିକ୍ସାବାଲା ଯେ ତାକୁ ଆନନ୍ଦରେ ସଲାମ କରି ଚାଲିଯାଏ ସେତିକରେ ସେ ଯେମିତି ଅନୁଭବ କରେ ସେ ଆସିଛି ସେହି ଦେଶକୁ ଯେଉଁ ଦେଶ ଏ ଦେଶକୁ ଗୋଲାମ କରି ରଖିଛି। ତଥାପି ମଧ୍ୟ ବଦାନ୍ୟତା ଅଛି ସେ ଦେଶର। ସେମାନେ ମଧ୍ୟ ଉଦାର ହୋଇ ପାରନ୍ତି। ବାପ ଯେମିତି ବେରୋଜଗାରି ପୁଅ ହାତକୁ ଚୁକ୍ତିଅଣା ପଇସା ଦେଇ ଓଡ଼ିଏ ଗାଳିଦେଲେ ମଧ୍ୟ ମନରେ ଦୁଃଖ କରେ ଆଉ ପୁଅର ଅବସ୍ଥାକୁ ଦେଖି ମନେ ମନେ ତାକୁ କରୁଣା କରେ, ମନେ ମନେ ତା ପୁଅର ପରାଧୀନତାକୁ ଉପହେଳା କରେ, ସେହିପରି ଟୋନି ମନେ ମନେ ଅନୁଭବ କରେ ସେ ଯେମିତି ଆଜି ରିକ୍ସା ବାଲାକୁ ବେଶୀ ପଇସା ଦେଇ ତାର ଭ୍ରାତୃଭାବ ଦେଖାଇଛି। ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର

Digitized by srujanika@gmail.com

କଲେ ସେଇଥିଇ ଜଣା ପଡ଼ବ । କିନ୍ତୁ ଟୋନି ମନ ଭିତରେ ଅବଳତା ନଥିଲା । ଠିକ୍ ବାପ ଯେମିତି ପୁଅକୁ ପଇସା ଦେଲାବେଳେ ତା ମନ ଭିତରେ ଅବଳତା ନଥାଏ ।

ଟୋନି ଅନୁଭବ କଲା ତାକୁ ଏ ଦେଶର ବିଷୟ ଅଧିକ ଶିକ୍ଷା କରିବାକୁ ହେବ । ଛୁଟି ମାସେ ସେ ଭାରତର ସବୁଆଡ଼ ବୁଲିଲା । ଆଗ୍ରା କଲିକତା, ପୁରୀ, କୋଣାର୍କ, ଏଲୋର ସବୁଠି ଯେଉଁଠି ସେ ଶୁଣିଲା ପଥର କାମ ଭଲ ଅଛି ସେଠାକୁ ସେ ଗଲା ।

ଦିନେ ସେ ତାଜମହଲ ଆଗରେ ଠିଆ ହୋଇଥାଏ । ବହୁତ ବେଳ ହେଲାଣି । ଜଣେ କିଏ ଆସି ସାହେବକୁ ପ୍ରଶ୍ନ କଲା—କାହିଁକି ଠିଆ ହୋଇଛନ୍ତି ?

ଟୋନି ଥରେ ଲୋକଟାକୁ ଦେଖି ଦେଇ ପୁଣି ଅନାଇ ରହିଲା ତାଜମହଲ ଆଡ଼େ । ଲୋକଟି ବୁଝି ପାରିଲା । ସେ କହିଲା—

'ତାଜମହଲ—ସାଜାହାନର କୀର୍ତ୍ତି ।'

'ସାଜାହାନ୍ ?'

'ସମ୍ରାଟ ସାଜାହାନ୍—ତାଙ୍କର ବେଗମ ପାଇଁ କରିଥିଲେ ଏଇ ସ୍ମୃତି ।'

'ନେ—ନୋ—କୋନ୍ ବନାୟା ? (Mason) ମେସନ୍‌କା ନାମ କ୍ୟା ?'

'ମିସ୍ତ୍ରୀ ?'

'ୟେସ୍—କୋନ୍ ?'

'ମାଲୁମ ନେହିଁ'

'କ୍ୟା ?'

'ମାଲୁମ ନେହିଁ'

ଟୋନି ଖୁସି ହୋଇ ଲୋକଟିକୁ ଦୁଇଟଙ୍କା ବକସିସ ଦେଲା ।

ଆଗ୍ରାରେ ସବୁ କୋଠା—ସବୁ ସ୍ମୃତି ଆଗରେ ସେ ଆସି ଠିଆ ହୋଇ ପଚାରେ—

'କୋନ ବନାୟା ? ମିସ୍ତ୍ରୀ କୋନ୍ ?'

ସବୁଠି ସେ ଶୁଣିଲା 'ମାଲୁମ ନେହିଁ'—ନହେଲେ—'ମାଲୁମ ନେହିଁ ସାବ୍'

ବକସିସ ଦେବାରେ ତାର ପ୍ରାୟ ସବୁ ଗଲା ପଚାଶ ଟଙ୍କା । ସେଥିରେ ତାର ଦୁଃଖ ନାହିଁ ।

'ମାଲୁମ ନେହିଁ'—

ଟୋନି ଭାବିଲା । ସେ ଲୋକଟା ଉଆଣ ନହୋଇଥିବ । ଜିନିୟସ୍ ! ଉତ୍ତର ଭାରତରେ ତାର କୀର୍ତ୍ତି ସବୁଆଡ଼ । ଅଥଚ ଗୋଟାଏ ଲୋକ ! କେତେ ବଡ଼ ତାର firm ନହୋଇଥିବ । କେତେ ଲୋକ ସେଠି କାମ କରୁ ନଥିବେ । ସେ ମଧ୍ୟ ସେଠି ଏପ୍ରେଣ୍ଟିସ ହୋଇ କାହିଁ ନରହିବ । ଅଥଚ ଦେଖ, ବିଲାତରେ ଗୋଟାଏ ଏତେବଡ଼ ଫାର୍ମର କୌଣସି ବିଜ୍ଞାପନ ନାହିଁ । କୋଉଠିଏ ଲୋକଟା ବିଦେଶୀମାନଙ୍କୁ ଶିକ୍ଷା ଦିଏନା । କିନ୍ତୁ ସେ ନିଶ୍ଚୟ ଲୋକଟାକୁ ମନାଇବ । ଦରକାର ହେଲେ ହିନ୍ଦୁ ହୋଇଯିବ । କମ ଶିଖିବ । ତାକୁ କଳାକାର ପକ୍ଷରେ ଧର୍ମ କିଅଣ, ଜାତି କିଅଣ । ବାଜେ—ସବୁ ବାଜେ । ବିଲାତରେ ସେ ଯାଇ ଏଇ 'ମାଲୁମ ନେହିଁ' ସାହେବର ପ୍ରଚାର କରିବ । ତାକୁ ଅମର କରିଯିବ । ନିଜେ ମଧ୍ୟ ଅମର ହେବ । ଯେମିତି......ଯେମିତି ଓମର ଖୟାମକୁ ଫିଜାରେଲ୍ଡ ଅମର କରି ନିଜେ ଅମର ହୋଇ ଗଲା ସେ ମଧ୍ୟ—ଟୋନି ଡଗଲସ୍—ଅମର ହୋଇଯିବ । ପୂର୍ବରେ ଏମିତି ବହୁତ ଅଛି । ଯାହା ପଶ୍ଚିମ ଜାଣେନା । ବର୍ତ୍ତମାନର ଚିନାରେ ଏମିତି ବହୁତ କିଛି ଥାଇ ପାରେ ଯାହା ପଶ୍ଚିମକୁ ଆଲୋକ ଦେଇ ପାରିବ ।

ଟୋନି ମନରେ ଆନନ୍ଦ ହେଲା । ସେ ଗୋଟାଏ ନୂତନର ଆବିଷ୍କାର କରିଛି । କାହାର ମୁହଁରୁ ସେ ଏମିତି କିଛି ଶୁଣିନି । ଏତେ ଲୋକ ଆସି ଫଟୋ ନେଇ ଯାଇଛନ୍ତି ଏଇ ସବୁ ଜିନିଷର କିନ୍ତୁ କେହି ତା ପଛଟାକୁ ଦେଖି ନାହାନ୍ତି ।

ଟୋନି ତା ପରେ ଆସିଲା ଜଗନ୍ନାଥ ମନ୍ଦିର—ପୁରୀ । ପ୍ରବେଶ ନାହିଁ ଦୂରରୁ ଦୂରବୀନ୍ ଦେଇ ଦେଖିଲା । କୋଣାର୍କ ଦେଖିଲା । ପଥର ଗୁଡ଼ିକ ଯେ ଭଙ୍ଗି ପଡ଼ିଛି ତାକୁ ଦେଖି ପରୋକ୍ଷରେ ତା ଆଖିରୁ ଝରଝର ଲୁହ ବହିଗଲା । ଆଃ କଳାର କି ସମାଧି !

ଟୋନି ପୁଣି ଦେଖିଲା ଦାକ୍ଷିଣାତ୍ୟ । ଅନ୍ୟ ପ୍ରକାରର କାରୁକାର୍ଯ୍ୟ ସେଠି । କିନ୍ତୁ ସେଠି ମଧ୍ୟ ସେଇଆ । ଚମତ୍କାର କଳା ପଥର ଉପରେ । ଆଉ ସବୁଠି କାମ କରିଛି ସେଇ ଗୋଟାଏ ଲୋକ—

—ମାଲୁମ ନେହିଁ ।

ଟୋନି ମନେ ମନେ ଭାବିଲା ମାଲୁମ ନେହିଁ ସାଙ୍ଗରେ ଦେଖା କରି ଆସିବ । କିନ୍ତୁ ଛୁଟି ଆଉ ଅଳ୍ପ । ତାକୁ ଲଢ଼ାଇ କ୍ଷେତ୍ରକୁ ଯିବାକୁ ହେବ । ସେ ସବା ଶେଷରେ ବର୍ମାରେ ଯାଇ ପହଞ୍ଚିଲା ଆଉ ସୈନିକ ମାନଙ୍କ ସାଙ୍ଗରେ ଯାଇ ପହଞ୍ଚିଲା ବର୍ମା ରଣ କ୍ଷେତ୍ରରେ । ଟୋନି ସବୁବେଳେ ଅନ୍ୟ ମନସ୍କ । ତାର କୌଣସିଥିରେ ମନ ନାହିଁ । ସେ କାହା ଆଗରେ କିଛି କହେନା । ତାର ସାଙ୍ଗ ସାଥୀ ମାନେ ସମସ୍ତେ ତାକୁ ଦେଖି ହସନ୍ତି । ସୈନିକ ପକ୍ଷରେ ଦାର୍ଶନିକ ହୋଇଯିବା ଶୋଭା ପାଏନା । ଟୋନି ମଧ୍ୟ ସେ ସମସ୍ତଙ୍କୁ କରିଛଡ଼ା ଦିଏ । ଏହା ଭିତରେ ଅନେକ ଅନେକ ପ୍ରକାରର ମଜଳ ମଜଲିସ କରନ୍ତି । ସେ ସେମାନଙ୍କ ସାଙ୍ଗରେ ଯୋଗ ଦିଏନା । ତା ସାଙ୍ଗ ସାଥୀ ମାନେ କହନ୍ତି ଥରେ ବଞ୍ଚି ଥାଉ ଥାଉ ଜୀବନଟାକୁ ଉପଭୋଗ କରିଯା ।

ଟୋନି ହସେ । କିଛି ଉତ୍ତର ଦିଏନା । କିନ୍ତୁ ସମସ୍ତେ ଟୋନିକୁ ଭଲ ପାନ୍ତି । ସେ ତା ବ୍ୟକ୍ତିଗତ ଜୀବନରେ ଯାହା ହେଉନା କାହିଁକି କେବେ କାହା ସାଙ୍ଗରେ କଜିଆ କରେନା, ମଦ ଖାଏନା, ସମସ୍ତଙ୍କ ପରି ଶସ୍ତା ନାରୀ ମାନଙ୍କ ସହିତ ଫୁର୍ତ୍ତି କରେନା ।

ସବା ଶେଷରେ ଲଢ଼ାଇ ସରିଲା । ଘରୁ ଆଦେଶ ଆସିଲା ତାଙ୍କୁ ଫେରି ଯିବାକୁ ହେବ । ଅଳ୍ପ କେତେ ରହିଲେ । ଟୋନି ଚେଷ୍ଟା କରି ସୈନ୍ୟ ଦଳରୁ ଇସ୍ତଫା ଦେଇ ଭାରତକୁ ଆସିଲା । କିଛି ଦିନ ଭାରତରେ ବୁଲିବୁଲି କରିବ । ଆଉ ମାଲୁମ ନେହିଁ ସାଙ୍ଗରେ ଦେଖା କରିବ ।

ଦିନେ ଦିଲ୍ଲୀର ଗୋଟାଏ ବଡ଼ ରାସ୍ତାରେ ଟେକ୍ସିରେ ଚଢ଼ି ବୁଲିଲାବେଳେ ଦେଖିଲା ଯେ ଗୋଟାଏ ବିରାଟ ଜନ ସ୍ରୋତ ଆସୁଛି । ସବା ଆଗରେ ଗୋଟିଏ ମୁର୍ଦାର । କିଏ ଜଣେ ମରିଯାଇଛି । ପ୍ରାୟ ଅଧ ଘଣ୍ଟାଏ କାଳ ଜନ ସୁଅ ଚାଲିଥାଏ । ଟୋନି ଭାବିଲା ଯେ ବଡ଼ କିଏ ଜଣେ ନିଶ୍ଚୟ ମରିଯାଇଛି । ନହେଲେ ଏତେ ଲୋକ କାହିଁ ତା ପଛରେ ଯାଆନ୍ତେ ।

ସେ ଟେକ୍ସିବାଲାକୁ ପ୍ରଶ୍ନ କଲା—

'କୋନ ମର୍ ଗୟା ?'

'ମାଲୁମ ନେହିଁ ସାବ୍'

'ମାଲୁମ ନେହିଁ ? ଠିକ୍ ଜାନତା ମାଲୁମ ନେହିଁ ?'

ହଁ ସାବ୍—ମାଲୁମ ନେହିଁ ।

[୮ମ ପୃଷ୍ଠା ଦେଖନ୍ତୁ]



Digitized by srujanika@gmail.com

# ବୃଷଭ ମିଳନ

[ ପୂର୍ବପ୍ରକାଶିତ ଉତ୍ତାରୁ ]

ଲେ—ଚନ୍ଦ୍ରମଣି ପଣ୍ଡା

ପଦ୍ମଲ ଚରଣ ପାଇଁ ହୋଇଣ ବ୍ୟାକୁଳ
ଆସିଲେ ଗୋପାଳ
ପୂର୍ବ ରାଗ ଦେଖେ ତାଙ୍କ ହୃଦ ଦାଉ ଦାଉ
କହନ୍ତ କହ ଗୋ ନୂଆବୋଉ
ଅଛୁ କି ଭ୍ରମର ଭଉଣୀ ଆଉ
ଭରା ନଭୋଦେଇର ଖୋଲେ ହୋଇଥିଲେ ସଜ
ପ୍ରକୃତ ରାଣୀଙ୍କ ପାଖଡର ବୋଲି ଦେଖାଏ ମଜା ।

ଓଡ଼ିଶାର ଇତିହାସ ଲେଖି ଲେଖି ଆସୁଛନ୍ତି ଜଣେ
ପ୍ରତିଭା ତାଙ୍କର ଅଛି କେଣେ
ଅବ୍ୟାପାର, ଆରମ୍ଭିବା ପାଇଁ ଇଚ୍ଛା ଥିଲା ଭାରି
କିନ୍ତୁ ସଦା ଚିନ୍ତିତ ବ୍ୟାକୁଳ ପରି
ଜୀବନ ସମସ୍ୟା ସମାଧାନ ହେବ କିପରି ?
ରାଜତନ୍ତ୍ର ନଗରର ତଳେ
ଛପି ଛପି ପଡ଼ି ଆସେ ଅଗ୍ରଗାମୀ ରବିର ରଶ୍ମି

ହରିଜନ ଜଣେ ଆସି କହନ୍ତି ମଣିମା
ପରଜା, ପାଠକ ସବୁ ଆମେ
କରିଥିଲୁ ଆମେ କେଉଁ ଦୋଷ
ପାନ ଖଣ୍ଡେ ପାଇନାହୁଁ ଆମେ ହୋଇନାହୁଁ ତୋଷ
ତଥାପି ତ ଆମେ ଯୁଗ ଯୁଗ ଧରି ହରିଜନ
ଅମୃତ ସନ୍ତାନ

ଅରେଚ କଶୋର ଜବ
ବନ ଜ୍ୟୋତ୍ସ୍ନାର ସଘନ ଆଘାତେ ଆମୋଦ ଥିଲେଡ଼ ଲଙ୍କି
ନୀଳ ଲହରୀରେ ଧୋଇ ଯାଇଥିଲା, ପୂଣ୍ୟ ଚରଣ ଚିଲା
କବି ହେବା ପାଇଁ ଅନ୍ତରେ କେତେ ଉଠିଥିଲା ଗୀତ ମାଳ
ଅଶୋକ ଚକ୍ରରତଳେ
ବାପୁଙ୍କ ସ୍ମରଣେ ଉତ୍ସର୍ଗ କଲେ ଜୀବନ ଶତ ଦଳେ ।

ଚାଲି ଉଖୁରିଆ ହାତରେ ଧରି ବାହାରି ପଡ଼ିଲେ ଜଣେ
କର୍ତ୍ତି ମଳୀରେ କୀର୍ତ୍ତି ତାଙ୍କର ପଣେ
ଛଅ ଅଙ୍କ ଳ ବୋଲି ସଦା ଯିଏ ଓଡ଼ିଆ ଜାତିକୁ ଡାକି
ପଡ଼ିଲେ କି କାହିଁ ଥକି ।
ରକ୍ତପାତ କରିବାକୁ ଆଉ ବଳ ନାହିଁ ତାଙ୍କ ମନ
ସାହିତ୍ୟ ତାଙ୍କର ଓଡ଼ିଆ ଜାତିର ଧନ ।

ଗଙ୍ଗେଶ ବାବୁ ଉଠିଥିଲେ ଉରତରେ
ସତ କଥା ତାଙ୍କ ନିଅ ଯିବ ଶାଶୁ ଘରେ
କାହିଁ ତା ସୁଆଣେ ଘର
ଭଲ କରି ନାଥ ବୁଦ୍ଧାରେ ନାକର ନିଅନ୍ତୁ ମାଡୁଛୁ ଡ଼ରୁ
ରାଜନୀତିକ ସେ 'ଖରସୁଆ' ଆଉ 'ସେରେଇକଲା'ର ଲୁଟି
ଅଙ୍କାଳ ତଳୁ ଆତ୍ମିନାଦ ଛୁଟାଇ ପାଆନ୍ତି ରାଗି

(କ୍ରମଶଃ)

# ବୁଝିଲ ନା କାହିଁ ସେ ଫୁଲ ମୂଲ

[ "ପ୍ରିୟାର ଗାଁରେ ଫୁଟିଲା ଫୁଲ" କବିତାର ଉତ୍ତର ]

ଲେ—ଗୋପୀନାଥ ବେହେରା

ବହୁଦିନ ପରେ ପ୍ରିୟାର ଗାଁଆରେ ଫୁଟିଲା ଫୁଲ ଗୋ ଫୁଟିଲା ଫୁଲ
ତୁମେ ତ ଦାଣ୍ଡରୀ ପ୍ରିୟତମ ତା'ର ବୁଝିଲ ନା କାହିଁ ସେ ଫୁଲମୂଲ ?
ଅଧର ସୁହାଗେ ତୁମ ଅନ୍ତରେ ଭରି ଦେଇଥିଲା ପ୍ରେୟସୀ ଗତି,
ଅବୁଝା ପରଖା ଅଭିମାନ କଲ ଜୀବନ ନାଟରେ ପକାଇ ଛନ୍ଦ ।
ମନ କି ତୁମର ମାନିଲା ନା ଥରେ ସେ ପ୍ରେୟସୀ ଗାଆଁ ଦେଖିବାପାଇଁ
ବିଗତ ସପନ ଭୁଲିଗଲ ସବୁ କେଉଁ ପ୍ରେୟସୀର ମହଲ ଖୋଇ ।
ଫଗୁଣ ସୁରଭି ମଳୟୁ ଗନ୍ଧେ ଭରି ଉଠୁଥିଲା ତୁମର ପ୍ରାଣ,
ପ୍ରିୟାର କଲ୍ପଟେ ଅଙ୍କି ଦିଅନ୍ତି ଚୁମ୍ବନ କେତେ ଭୁଟାଇ ମାନ ।
ସେ ପ୍ରିୟା ଗାଁଆର ଫୁଟିଲା ଫୁଲକୁ ଝଡ଼ାଇ ଦିଅନା—ଦିଅନା ଆଉ ।
ଦରଦୀ କବିହେ ! ଭାବିନା ଏବେ ସେ ଫୁଲର ଜିଏ ବୁଝିବ ଭାଉ ?

ଫଗୁଣ ଆସିଛି କଳ କଳ ନାଦେ ପ୍ରିୟାର ଗାଁ ପାଖେ ବହୁଇ ନଦୀ,
ଆମ୍ବ ବଉଳେ କୋକିଳ ଡ଼ାକଇ ବନ ଗାଁଆଁ ଗନ୍ଧ ପାହାଡ଼ ଭେଦି ।
ପୁରୁଣା ବାସକୁ ପାଲଟାଇ ପ୍ରିୟା ନୂତନ ବାସରେ ହେଲଣି ଏଜା,
ବହୁଦିନ ପରେ ପ୍ରିୟାର ଗାଁରେ ଫୁଟିଲା ଫୁଲକୁ ଖୋଳନ୍ତି ଆଜ ।
ପ୍ରିୟା ପାଇଁ ଦିନେ ଅନ୍ତର ତୁମ କାନ୍ଦି ଉଠିଥିଲା ବେଦନ କଥ,
ପ୍ରିୟାର ଗାଁର ଫୁଟିଲା ଫୁଲକୁ ଝଡ଼ାଇ ଦେଉଛ ଏ କେଉଁ ପଥ ?
ବସନ୍ତ ଡ଼ାକଇ ମନ ଚହଟାଇ ସେ ଫୁଲର ବାସ ପବନ ଛୁଟେ,
ଅତୀତ ନ କହି ଭରୁଛ ପ୍ରିୟରେ ମନକୁ ଆକାଶ ବାସନା ତୁଟେ ?
ଭୁଲିଯାଅ ସବୁ ମାନ ଅଭିମାନ ପ୍ରିୟାର ଗାଁକୁ ଯାଅହେ ଥରେ,
ଫୁଟିଲା ଫୁଲକୁ ଝଡ଼ାଇ ଦିଅନା ବାଧିବ ତୁମର ପ୍ରିୟା ଅନ୍ତରେ ।



Digitized by srujanika@gmail.com

# ମୁଁ କାହିଁକି ଲେଖେ?

ପୂର୍ବପ୍ରକାଶନ ଉତ୍ତରୁ

ମୁଁ ଜାଣେ ସେ ସାଧନା ପାଇଁ ଯଥେଷ୍ଟ ଶକ୍ତି ମୋର ନାହିଁ। ତଥାପି ମୁଁ ସାଧୁଛି। ମୁଁ ବେଳେ ବେଳେ କଳ୍ପନାରେ ସାଧକ ବା ସିଦ୍ଧର ଆସନରେ ନିଜକୁ ବସାଇ ଦେଖେ— ମୋର ପ୍ରକୃତ ଆସନ କେଉଁ ଉଚ୍ଚରେ ସତେ? ମୁଁ ହବେ, କବି ବୋଧେ ସିଦ୍ଧି ଲାଭ କରିବାକୁ ଜନ୍ମି ନାହିଁ କମ୍ବା କବି କେବଳ ସଂସାରର ପ୍ରପଞ୍ଚରେ ଘାଣ୍ଟି ହେବାକୁ ଆସି ନାହିଁ। କବି ଅଭିଶପ୍ତ ଋଷିଙ୍କୁ। ସେଥିପାଇଁ ସଂସାରରେ ସମସ୍ତେ ତାକୁ ହସନ୍ତି। ମୋତେ ହସନ୍ତି ମୁଁ ଜାଣେ। କବିର ମୁଣ୍ଡ ଚାରିପାଖରେ ସାଧୁସନ୍ଥ ବା ଅବତାରଙ୍କ ପରି ଜ୍ୟୋତିର୍ମଣ୍ଡଳ ନଥାଏ—ଥାଏ କଳଙ୍କର ପସରା। ଆଉ କେଉଁ ଆଧୁନିକ ଔଡ଼ିଆ ଲେଖକର ଥାଉ ନଥାଉ ମୋର କଳଙ୍କ ପ୍ରତି ମୁଁ ସଜାଗ— ବଡ଼ ବେଶୀ। ବ୍ୟାଘ୍ର, ମନୁଷ୍ୟ ଖାଏ ଏ ଲୋକାପବାଦ ଦୁର୍ନିବାର। କବି ଯେ ଦୁଷ୍ଟଚରିତ୍ର ସେ କଥା ବ୍ୟାସ ଯୁଗରେ ନହେଲେ କାଳିଦାସଙ୍କ ଠାରୁ ଆଖ୍ୟାୟିକା ହୋଇ ରହିଛି। କବି କାଳିଦାସଙ୍କର ଶକ୍ତି ନଥିଲେ ହେଁ ତାଙ୍କର କଳଙ୍କଠାରୁ ଉତ୍ତରାଧିକାରୀ ହେବାର ସୌଭାଗ୍ୟ ମୁଁ କଡ଼ାକ୍ରାନ୍ତି ଅଧିକାରରେ ଲାଭ କରିନାହିଁ। କିନ୍ତୁ ଏଇ ଅସହତର୍କ ଅନିଚ୍ଛାକୃତ ପଥଭ୍ରାନ୍ତି ଭିତରେ ଯେଉଁ ମହର୍ଘ ଅନୁଭୂତି ଅର୍ଜିତ ହୋଇଛି ତା ମୂଳରେ ଯେଉଁ ରୋମାଞ୍ଚକର ଅଥଚ ହୃଦୟଦାହୀ ସାଧନାର ଇତିହାସ, ନିର୍ମମ ଏଇ ସମାଜ ଆଗରେ—ଯାହା ଆଖିରେ ଲୁହଙ୍କର ଦୃଶ୍ୟ କୃତ୍ରିମ ସତ୍ୟ ହୋଇ ଉଠେ, ବାଳ୍ମୀକିର ବେଦନା ଓ ବଳିଦାନ ହୁଏ ଅଖ୍ୟାନ—କହିବାକୁ ଚାହେଁ ନା ସେ ସମାଜ ଆଗରେ। ତଥାପି ମୋର ସେ ଚରିତ୍ର ଚୂମ୍ବକାହିଁ ପ୍ରେରଣା ଦିଏ ଲେଖିବାକୁ। ମୋର ଅପହ୍ନୁତ ଚରିତ୍ରକୁ ଅପଲାପ କରିବାରେ, ଦୁଃଖରେ ସୁଖରେ, ରାଗରେ ଅହଙ୍କାରରେ, ଶାନ୍ତିରେ ଶୃଙ୍ଗାରରେ ଏଇ ଲେଖନୀ ଛଡ଼ା ଏକାନ୍ତ ସହାୟକ ବନ୍ଧୁ ମୋର ଆଉ କେହି ନାହିଁ। ନିଃସଙ୍ଗ ଜୀବନର ସେଇ ମୋର ଏକମାତ୍ର ଭରସା। ସେଇ ମୋର ସାଧନାର ସାକ୍ଷୀ। ମୁଁ ଯାହା ହେବାକୁ ଚାହିଁଛି, ଅଥଚ ହୋଇ ପାରି ନାହିଁ, ମୋର କାବ୍ୟ କବିତା ଗଳ୍ପ ଉପନ୍ୟାସରେ ତାର ଛବି ଫୁଟି ବଡ଼ ହୋଇ ପଡ଼ୁଛି ସବୁବେଳେ। ସେଥିପାଇଁ ମୋ ଲେଖାରେ ମୋର ଆତ୍ମଜୀବନୀ ଖୋଜିଲେ ବ୍ୟର୍ଥ-ପ୍ରୟାସ ହେବ। ମୁଁ ଯାହା ତାର ଉପରେ, ମୁଁ ଯାହା ହୋଇନାହିଁ—ହୋଇପାରିବ ନାହିଁ, ବେଶୀ ଭାଗ ସେଇଠାରେ ଠିଆ ହୋଇଛି ସର୍ବସ୍ୱ କଳ୍ପତରୁ। ମୁଁ ଯାହା ତା' ଆଖିକୁ ଦିଶେ ନାହିଁ—ଦିଶେ ଉପରଠା—ଦଉଡ଼ି ବା ଡାକନିଠା ଦିଶେ ନାହିଁ। ଦିଶେ—ଯେ ତା' ଉପରେ ନାଚ କରେ ସେଇ ଖେଳାଳୀ। ମୋର ଏଇ ହେବାର ଆକାଂକ୍ଷା ବଡ଼ ବିରାଟ— ସେ ସବୁ ନାହିଁ ବୋଲି ମୁଁ ଲେଖି ଚାଲିଛି। ସେଇଥିପାଇଁ ମୋର ସାନ୍ତ୍ୱନା। ହୁଏତ ଆତ୍ମ-ପ୍ରତାରଣା ହୋଇପାରେ—କହି ପାରିବି ନାହିଁ ଠିକ—।

'ପୁଣି କାହିଁକି ଲେଖିବ?' ରହିଗଲା ସେ କଥାଟା। କାହିଁକି ଲେଖେ— ଏ କଥାରେ 'କାହିଁକି ଲେଖିବ'ର ଦାବି ଅତି ଅଳ୍ପ। ତଥାପି କହିବାକୁ ଚେଷ୍ଟା କରିବି। ବିଶ୍ୱାସ କରିବେ? ମୂଳରୁ ମନେ ରଖନ୍ତୁ, ମୁଁ ଯେ ଲେଖିବ ଏ ବିଷୟରେ ମୁଁ ଅସନ୍ଦିଗ୍ଧ ନୁହେଁ।

ତାହାଙ୍କ ଲେଖିବ କଥା କହିଲା ବେଳେ ବେଶି ଭାଗ ଲୁହେଲିକା ହେବାହିଁ ସ୍ୱାଭାବିକ। ସେଇ ପୃଷ୍ଠଭୂମିରେ ମୁଁ କହେଁ— କ୍ଷମା କରିବେ।

ମୋର ଆଜିକାଲି କାହିଁକି ବଡ଼ ଆଶଙ୍କା ହୁଏ, ପୂର୍ବରୁ ମୁଁ ତାର ସୂଚନା ଦେଇଛି— ମୋର ଲେଖାର ପରିସମାପ୍ତି କାଳ ଅତି ଶୀଘ୍ର ଆସି ଯାଉଛି। ମନେ ହୁଏ— ବୃନ୍ଦାବନର ଲୀଳା ସରିଗଲାଣି। ସେ ଦିନ ବୋଧେ ଅକ୍ରୂର ଅତି କ୍ରୂର ଭାବରେ ମଥୁରାର ଧନୁ-ଭଙ୍ଗ ଉତ୍ସବ ଦେଖିବାକୁ ଘେନି ଆସିଲା। ବୃନ୍ଦାବନରେ ସେ କଦମ୍ବ ଆଉ କୁସୁମିତ ହେଉ ନାହିଁ— ଯମୁନା ଉଜାଣି ବହୁ ନାହିଁ। ନ ବହୁ। ମଥୁରାରେ କଂସର ଅହମିକା ଆଉ ଅତ୍ୟାଚାର ଭିତରେ ଭବିଷ୍ୟତର କୁରୁକ୍ଷେତ୍ର ମୋତେ ଭୁଲାଇ ଦେଉଛି। ସବୁ। ବଇଁଶୀ ଖସି ପଡ଼ୁଛି— ଲେଖନୀ ଶୂନ୍ୟ। ହାତରେ ଚକ୍ର ସୁଦର୍ଶନ। ବିରହ ଆଉ ବେଦନା ପ୍ରାଣରେ ଆଘାତ ଦେଉ-ନାହିଁ। ତାର ଚରମ ହୋଇଯାଇଛି। ଯେଉଁମାନେ କବି ଲେଖକଙ୍କର ଦୁଃଖକୁ ମୂଲ ଦେଇ କିଣନ୍ତି ସେମାନେ ନିରାଶ ହେବେ ଜାଣେ। କିନ୍ତୁ ସେଇ ସଂବେଦନଶୀଳ ମମତାମୟ ହୃଦୟକୁ ସମାଜର ଅତ୍ୟାଚାର ଯେ କି ଜ୍ୱଳନ ଦେଇଛି ସେ କଥାରେ କହି-ବାର ନୁହେଁ।

ଜୀବନରେ ଗୋଟାଏ ଗୋଟାଏ ସନ୍ଧି କ୍ଷଣ ଆସେ। ବିଗତ ଯୌବନରେ

[ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ]

୭ ପୃଷ୍ଠାର ଅବଶିଷ୍ଟାଂଶ ଦେଖନ୍ତୁ

ଠୋକି ଉଡ଼ିଗଲାପରି ଦେହ ଯେପରି ହଠାତ୍ ପଙ୍ଗୁ ହୋଇଗଲା। ତାମୁହଁରୁ କଥା ବାହାରିଲା ନାହିଁ।

ଟେକ୍ସି ଡ୍ରାଇଭର କିଛି ସନ୍ଦେହ କରି ପ୍ରଶ୍ନ କଲା—'କ୍ୟା ହୁଆ ସାବ୍।'

'କୁଛ୍ ନେଇ—ଟେକ୍ସି ଜୋର ଚଲାଓ' 'ଜୀ ସାବ୍'—ଟେକ୍ସି ଡ୍ରାଇଭର ଏକ୍ସିଲରେଟର ଦେହରେ ଚାପ ଦେଲା।

ଯେଉଁ ମାଲ୍ୟମ ନେହାକୁ ଖୋଜିବାକୁ ଟୋକିଓ ଆସିଥିଲା ଆଜି ସେଇ ଲୋକର ମୃତ୍ୟୁ। ତାକୁ ଗୋଟିଏ ବିରାଟ ଧକ୍କା ଦେଲା। ଯେମିତି ତା'ର ମନେ ହେଲା ପୃଥିବୀ ପୃଷ୍ଠରୁ ଗୋଟାଏ ବିରାଟ କଳାକାର ବିଦାୟ ନେଇ-ଗଲା। ଅଥଚ ଦେଶ ବିଦେଶର ଖବର କାଗଜରେ ତା ନାଁ ବାହାରିବନି। ଲୋକେ କେହି ତା କଥା ଜାଣି ପାରିବେନି।

ମେଡ଼ ବୁନ୍ଦିଗଲା ବେଳକୁ ଟେକ୍ସି ଡ୍ରାଇଭର ଲକ୍ଷ୍ୟ କରି ପାରିବନାହିଁ ଟୋକି ପକେଟରୁ ରୁମାଲ ବାହାର କରି ଆଖିର ଲୁହ ପୋଛୁଥିଲା। ଆଉ ମନର କୋହ ଚାପି ରଖିବାକୁ ସେ ପକେଟରୁ ସିଗାରେଟ୍ କାଢ଼ି ସେଥିରେ ଅଗ୍ନି ସଂଯୋଗ କଲା।

( ଅବଲମ୍ବନରେ )



Digitized by srujanika@gmail.com

# ମହକ

ଲେ—ଶ୍ରୀ ବୃନ୍ଦାବନାନନ୍ଦ ମିଶ୍ର

୧

ତାର ମିଳନ ଅରୁଣା ସନ୍ଧ୍ୟା ଗାଡ଼ିରେ ଆସୁଛି ବୋଲି । ରେଭେନ୍‌ସା କଲେଜରେ ସୁଲତାର ଜମା ମନ ଲାଗିନି । ଅରୁଣାକୁ ଦେଖିବା ଲାଗି ସେ ଭାରି ବ୍ୟଗ୍ର ହେଲାଣି; ଆଶଙ୍କାରେ ନୁହେଁ, ଆନନ୍ଦରେ । ବ୍ୟାଗ୍‌ ପକେଟରୁ ତାରଟି ବାହାର କରି ସେ ଫେରେ ପଢ଼ିଲା—coming evening passenger—Aruna.

ଅରୁଣା ଆସୁଛି । ଆସିବା'ଟା ସହଜ କଲେଜରେ ପଢ଼ିବା ଯେତେବେଳେ । କିନ୍ତୁ ସୁଲତା ଅନୁଭବ ନକରି ରହିପାରିଲାନି, ଏଇ ଆସିବା ଓ ସାଧାରଣ ଭାବରେ ଛୁଟି-ପରେ କଲେଜର ବନ୍ଧୁପଣ ଭିତରେ ଗେଲେଇ ଫୋଟେଇ ହେବା ପାଇଁ ଆସିବା ଭିତରେ ଅବଶ୍ୟ ପ୍ରଭେଦ ରହିଛି । ଅରୁଣା ଆସୁଛି କୌଣସି ସଫଳତାର ଗୌରବ ଦେବାକୁ ଯେପରି । ସୁତରାଂ ଏଇ ତାର ଟିକକର ଅର୍ଥ ସୁଲତା ପାଖରେ ବଡ଼ ବ୍ୟାପକ ହୋଇ ଯାଇଛି । ନାନା ରକମର ଅନୁମାନ ସୃଷ୍ଟି କରୁଛି ।

ଅରୁଣାକୁ ସେ ଭଲଭାବେ ଜାଣିଛି । ଜାଣିଛି ବୋଲି ଭଲ ପାଇଛି । ଭଲ ପାଉଛି ବୋଲି ବେଳେ ବେଳେ ଈର୍ଷା ମଧ୍ୟ କରିଛି । ସେଇ ଅରୁଣା ଆଜି ଆସୁଛି ମାସକର ଛୁଟି-ବାଡ଼ ପରେ । ସୁଲତା ହାତ ଘଡ଼ିକୁ ଚାହିଁଲା ଗାଡ଼ି ପହଞ୍ଚିବାକୁ ଘଣ୍ଟାଏ ମାତ୍ର ବାକି । ତରତରରେ ସେ ପ୍ରସାଧନରେ ଲାଗିଗଲା ।

୨

ଗାଡ଼ି ଯିମିତ ରହିଲା, ସୁଲତା କମରାରେ ପଶି ଅରୁଣାକୁ କୋଳ କରି ପକେଇଲା । ସେଇ ଭିଡ଼ରେ କୋଳାକୋଳି ହୋଇ ଦୁଇସାଥୀ ପ୍ଲେଟ୍‌ଫରମ୍‌ ବାହାରକୁ ଆସିଲେ । ଅରୁଣାର କାନ ଉପରେ ମୁହଁ ଲଗେଇ ସୁଲତା ପଚାରିଲା, ଖବର କଣ ଛି ? ମୁହଁରେ ହସ ଧରୁନ, ଘନିଷ୍ଠ ଭାବରେ ସୁଲତାର କାନ ପାଖ ଲହିଁ ଏ ମୃଦୁ ସ୍ୱରରେ ଚିପି ଧରି ଅରୁଣା ଫୁସ୍‌ ଫୁସ୍‌ କରି କହିଲା । 'ବଡ଼ ଅଭିସନ୍ଧି ।'

ବଗିରେ ଜିନିଷ ପତ୍ର ଲଦା ହେଲା, ଦୁଇସାଥୀ ବସିଲେ । ଅରୁଣାକୁ କୋଳେଇ ଧରିବା ସୁଲତାକୁ ଭାରି ଭଲ ଲାଗୁଥିଲା । ସେ ଅନୁଭବ କରୁଥିଲା, ଅରୁଣା ଦେହରେ କପରି ଗୋଟାଏ ବାହାରର ଅନ୍ତର ଉଷ୍ମତା

ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ

---

ଯେଉଁ ରାଜନୈତିକ ବିପ୍ଳବ ମୋତେ ସହଜ ଜୀବନ ପଥରୁ ଦୂରକୁ ଫିଙ୍ଗି ଦେଇଥିଲା ତାର ଅତି ସାମୟିକ ଅବସାନ ପରେ ଶାନ୍ତିର ସାମାନ୍ୟ ସ୍ୱପନ ବିଳାସ ଆଜ ଏକ ଅସ୍ୱସ୍ତି-କର ପରିସ୍ଥିତି ଭିତରେ ଭାଙ୍ଗି ଯାଇଛି । ନୂଆ ଏକ ଭୌତିକ ବିପ୍ଳବ—ପ୍ରଳୟ ଝଞ୍ଜାର ଆ-ଗମନୀ ମୋ ହୃଦୟରୁ କଳମ ଛଡ଼ାଇ ଫିଙ୍ଗି ଦେଉଛି । ସେ ପାଞ୍ଚଜନ୍ୟର ନିନାଦ ମୋ ଦେହକୁ ତପ୍ତ ଉତ୍ତେଜିତ କରି ଦେଲେ ଅଦ୍ଭୁତ ଏକ ଅଶ୍ରୁତ ଆହ୍ୱାନ ମୋର ଅନ୍ତର-ତ୍ମାକୁ ଅସ୍ଥିର ଚଞ୍ଚଳ କରି ଦେଉଛି । ଲକ୍ଷ୍ମୀ ହ୍ରଦର କୋଳରେ ଦୁର୍ଯ୍ୟୋଧନର ନିଦ୍ରା ଭଙ୍ଗ ହେଲା ପରି ମୁଁ ଅଧୀର ହେଉଛି ସେ ଧ୍ୱନି ଶୁଣି । ଚିହ୍ନିପାରୁ ନାହିଁ ସେ କି ଧ୍ୱନି । ଧ୍ୱନି ନୁହେଁ-ସେ ଏକ ଡାକ—ଆହ୍ୱାନ—ସଂଗ୍ରାମର ଆହ୍ୱାନ । କିନ୍ତୁ ସେ ଆହ୍ୱାନ ବଡ଼ କାତର । ସେ ଆହ୍ୱାନରେ ପ୍ରତିଶୋଧ, ପ୍ରତିସ୍ପର୍ଦ୍ଧାର ଉଗ୍ରତା ନାହିଁ । ମୋର ଯାହା କିଛି ସବୁ ଧ୍ୱଂସ କରି ମାମେକଂ ଶରଣଂ ବ୍ରଜ, ସର୍ବଭାବେନ ଭାରତ ବୋଲି ସେ ପ୍ରେରଣା ଦେଉଛନ୍ତି କିଏ ସେ— କେଉଁଠୁ ଡାକୁଛି— ମୁଁ ତାର ସୂତ୍ର ପାଇ ପାରୁନାହିଁ । କିନ୍ତୁ ସେ ଡାକ ଯେ ସାଧାରଣ ଡାକ ନୁହେଁ— ସେ କଥା ମୁଁ ସ୍ପଷ୍ଟ ବୁଝି ପାରୁଛି । ମାତ୍ର ସେ ଡାକକୁ ମୁଁ ସହ୍ୟ କରି ପାରୁନାହିଁ । ଭୟରେ ମୁଁ ବିହ୍ୱଳିତ ହେଉଛି— ଗୋଟାଏ ଶ୍ମଶାନ ଆଗରେ ନିଜର ଅସ୍ତିତ୍ୱ ହରାଇବାର ଭୟ । ମୁଁ କାନରେ ହାତ ଦେଇ ସେ ଆହ୍ୱାନ ପ୍ରତି ବଧିର ହେବାକୁ ଯେତିକି ଚେଷ୍ଟା କରୁଛି— ସେ ଡାକ ସେତିକି ଗଭୀରରୁ ବାହାରୁଛି— ଭିତରୁ । ମନେ ହେଉଛି ଭଙ୍ଗା ଡଙ୍ଗା ଖଣ୍ଡେ । ମୁଁ ବସିଛି ଏକା । ଅନ୍ଧାରୁଆ ନଈ । କୂଳ କିନାରା ଦିଶୁନାହିଁ । ତୁଫାନ ଉଠି ଆସୁଛି । ଢେଉ ପରେ ଢେଉ ମାଡ଼ି ଆସୁଛି । ମୁଁ ଦୂଳର ଏ ପାଖରେ । ସେ ପାଖର କିନାରା ଅନ୍ଧାରର ଭିତ୍ତିରେ ହଜି ହଜି ଗଲାଣି । ସ୍ୱରଟି ସେଇଠୁଁ କେଉଁଠୁ ଆସୁଛି । ମୋତେ ଯିବାକୁ ହେବ ସେଠିକି । କାରଣ ଏ ପାଖରେ ଲଙ୍ଗର ଛିଡ଼ି ଯାଇଛି । ଏ ପାଖର ବିଶ୍ୱାସଘାତକତା ମୋତେ ଠେଲି ଦେଇଛି ଦରିଆ ଭିତରକୁ । ମୋର ଏକଦା ସୁନ୍ଦର ବଳିଷ୍ଠ ଦେହ ମୋତେ ପ୍ରତାରଣା କରୁଛି । ଯୌବନର ଉଦ୍ଦାମ ଉତ୍ତେଜନା ମୋତେ ଆଜି ପରିହାସ କରି ପଳାଇ ଯାଉଛି । ଅନ୍ୟର ସ୍ନେହ ସହାନୁଭୂତି ମହାକାଳ ଫଳର ଅନ୍ତର ପରି ଭୁଲି ଶୁଖି ଯାଉଛି ।

ଜୀବନର ପ୍ରଥମ ପାଦରେ ଏ ଅଜ୍ଞାତ ପ୍ରତ୍ୟୁଷର ଶଙ୍ଖାଙ୍କନ, ତରୁଣ ଅରୁଣିମ ପୃଷ୍ଠଭୂମି-ରେ ସଦ୍ୟସ୍ଫୁଟ ପୁଷ୍ପ ପରି ନୈବେଦ୍ୟ ଉତ୍ସର୍ଗ କରିବାର ସେ କଳ୍ପନା ଓ ଉଚ୍ଚ-ଆଶାରେ କଳ୍ପନା ଆଜି ସଂଶୟର ତାମସୀ ଗର୍ଭରେ ନିମଜ୍ଜିତ । ସଂଘର୍ଷମୟ ଜୀବନର ଅନ୍ଧାର ପଥରେ ମାତ୍ର ଏ ଅଜ୍ଞାତ ଅନ୍ୱେଷଣ ମୋତେ ଆଜି ସର୍ବହରା ଅଶାନ୍ତ ପଥିକ କରି ଛାଡ଼ିଛି । ତଥାପି ବୁଝି ପାରୁ ନାହିଁ କି ମୋହ ମୋତେ ଅହରହ ମନ୍ତ୍ରାଚ୍ଛନ୍ନ କରି ଅବଶ ଭ୍ରାନ୍ତ କରି ଦେଉଛି । ବିଶ୍ୱାସଘାତକତା ମଧ୍ୟ ମୋର ଚରଅବାଂଛିତ ବନ୍ଧୁ ହୋଇ ପଡ଼ୁଛି । ମୁଁ ବୁଝି-ପାରୁଛି... କଣ୍ଟକିତ ଏ କୁସୁମ ବନର ମୋହ ନ ଛାଡ଼ିଲେ ସେ ଅବ୍ୟକ୍ତ ସ୍ୱର... ଅମୃତ ବଂଶୀର ପ୍ରକୃତ ସନ୍ଧାନ ପାଇବା ଅସମ୍ଭବ । ମୁଁ ଆଜି ନିଜ ପାଇଁ ଦୁଃଖିତ ନହେଲେ ମଧ୍ୟ ସେ ସୁର-ଯନ୍ତ୍ରର ଆହ୍ୱାନ ମୋତେ ବିହ୍ୱଳ କରୁଛି । ମୁଁ ଭାବୁଛି ବୋଧ-ହୁଏ ତା ପାଇଁ ଗୋଟାଏ ଅବସର ଅତିବାହିତ କଲେ ମୋର ଶାନ୍ତି ଆସିପାରେ । କିନ୍ତୁ ତଥାପି ପ୍ରଭାତରେ ମୋର ଅଜସ୍ର ଅଶ୍ରୁ ବର୍ଷଣ ଭିତରେ ସେ ଅସଂଖ୍ୟ ଅନ୍ଧକାରର ଅବସାନ ନାହିଁ । ମୋର ଏହି ଶାନ୍ତିହୀନ ଜୀବନର ଅବସ୍ଥା ଅନିଶ୍ଚିତ ହୋଇ ରହିଲା । ଯଦି ବଳିଦାନରେ ମୁଁ ମୋର ପ୍ରାଣ ଦେଇ ଦେଲେ ସେ କେବଳ ସେଇ ସୁରଯନ୍ତ୍ର ଲୟରେ ମୋର ଅପରଗତାର ବିଳାପ ବ୍ୟାକୁଳିତ ହେବ ? ଆଉ କଣ ହୁଅନ୍ତା । ତାକୁ ପାଇଲେ ନିବୃତ୍ତି ହେବା ଛଡ଼ା ମୋର ଆଉ କିଛି ନାହିଁ । —ନିତ୍ୟାନନ୍ଦ ମହାପାତ୍ର



Digitized by srujanika@gmail.com

ସେଠାରେ ଲାଗି ରହିଛି ଯାହା ଦେହରେ ସ୍ପର୍ଶକାତର ଅନୁଭବ କରେ ଘ୍ରାଣ-ପଟ୍ଟର ଭରି ଦେଉଛି । ସେଇ ଉଷ୍ଣତା ସୁଲତାକୁ ଅସଜ୍ଜ ମୁହୂର୍ତ୍ତରେ ଗାଢ଼ ଚୁମ୍ବନ ଓ ନିବିଡ଼ ଆଲିଙ୍ଗନ ଭଳି ଆମନ୍ତ୍ରଣ ଜଣାଉଥିଲା, ତାର ରକ୍ତ ଚଞ୍ଚଳ ହୋଇ ଉଠୁଥିଲା ।

ବାହାରି ଗଲା । ସହରର ଦୁଇପାଖେ ବିଜୁଳି ଆଲୋକର ସମାରୋହ ! ଚଳନ୍ତି ଗାଡ଼ି-ମଟରକୁ ଆଲୋକ ଆବୃତ । ଆଲୋକ ଓ ଛାୟାର ଏଇ ଲୁଚକାଳି ଭିତରେ ଅରୁଣର ମୁହଁରେ ଗୋଟାଏ ଅପୂର୍ବ ଶ୍ରୀ ବୋଳି ଦେଉଛି । ଧୀର ସ୍ୱରରେ ସୁଲତା ଡାକିଲା 'ଅରୁ'—ଅରୁଣା ଚାହିଁଲା । ତାର ମୁହଁରୁ ତୃପ୍ତିର ହସ, ସଫଳ ସମ୍ଭୋଗ ଓ ସୁସ୍ଥତାର ଆନନ୍ଦ ଝରି ପଡୁଥିଲା ।

ସୁଲତା ସମ୍ଭାଳି ପାରିଲାନି । ଅରୁଣାର ପ୍ରେମ ସଫଳ ଦେହଟିକୁ ନିଜର ଯୁକ୍ତ ଜାନୁ ଉପରେ ଟାଣିନେଇ ଦେଇ ତାର ପିଠି ଉପରେ ମୂର୍ଚ୍ଛା-ସୃଷ୍ଟ ମାଂସଳ ଛାତିଟିକୁ ଚାପି ଧରିଲା । ତାର ଦେହର ଅବାଟୁଆ 'ଫେସନ୍'ମୁକ୍ତ କଡ଼ା ପାଇଁ ଜଳଜଳ ହେଉଥିଲା । ଅରୁଣା ଯଦି ପୁରୁଷ ହୋଇଥାନ୍ତା......ସୁଲତା ଅରୁଣା ପିଠିର ପୁଷ୍ଟ ମାଂସ କାମୁଡ଼ି ଧରିଲା । ହସି ହସି ଅରୁଣା ଧଡ଼ପଡ଼ରେ ଉଠିପଡ଼ି କହିଲା, ତୁ ବଗିରେ ବସି ରହିଲୁ । ଦରଜା ଖୋଲା ଅଛି । ବଗି ଛାତ୍ରୀଭବନ ସାମନାରେ ଆସି ରହିଗଲା ।

ଛାତ୍ରୀ ଭବନର ଦ୍ୱିତଳରେ ଗୋଟିଏ ସଜ୍ଜିତ ସୁନ୍ଦର ପ୍ରକୋଷ୍ଠ । ଲାଗ ଲାଗି ଦୁଇଟି ଖଟରେ ନରମ ଶେଯ ବିଛା ହୋଇଛି । ଗୋଟିଏ ପାଖ ଶିଶୁ କାଠର ପ୍ରସାଧନ ଶେଯ ଓ ଲୁଗାରଖା । ଆଉ ଗୋଟିଏ ପାଖ ଚନ୍ଦ୍ରାକୃତି ଟେବୁଲକୁ ଘେରି କେତେଖଣ୍ଡ ଫୋଲଡିଂ ଚୌକି । ଟେବୁଲ ଉପରେ ବହିପତ୍ର ଥାକ ଥାକ ହୋଇ ସଜା ହୋଇଛି । ମଝିରେ ଧଳା ମାର୍ବଲ ପଥରର ଗୋଟାଏ ସୁଗଠିତ, ନଗ୍ନ ହେର୍କ୍ୟୁଲସ୍ ମୂର୍ତ୍ତି । ଉପରୁ ନୀଳରଙ୍ଗର ଗୋଟାଏ ବଲବ ପ୍ରକୋଷ୍ଠଟିକୁ ସ୍ନିଗ୍ଧ ଆଲୋକରେ ଆଲୋକିତ କରୁଛି । କାନ୍ଥରେ ନାନା ଦେଶ ତାରକାଙ୍କର ଫଟୋ ଟଙ୍ଗା ହୋଇଛି । ରୂପ, ସ୍ୱାସ୍ଥ୍ୟ ଓ ବେଶ ଭୂଷାର [illegible] ତୁଳନା କରି ହେବନି । ଅପଲକ ଆଖିରେ କେବଳ ଚାହିଁ ରହିବା କଥା । ପ୍ରକୋଷ୍ଠର ଗୃହକୋଣରେ ଦୁଇଟି ଉଚ୍ଚ ଉଚ୍ଚ ଟିପୟରେ ଫୁଲଦାନରେ ସଜ, ସୁବାସିତ ଫୁଲ ସଜା ହୋଇଛି । ପ୍ରତ୍ୟେକ ଫୁଲଦାନ ପାଖରେ ଗୋଟାଏ ଲେଖା ଚୀନା ମାଟିର ହାତୀ । ହାତୀର ଶୁଣ୍ଢ ଅଗରେ ଅଗୁରୁବତୀ ଜଳି ଜଳି ଘରଟିକୁ ଆମୋଦିତ କରୁଛି ।

[କଲେଜସଂଶ୍ଳିଷ୍ଟ ଛାତ୍ରୀଭବନ ଗୋଟା]-କରେ ଏତେ ରକମର ସଜ ସରଞ୍ଜାମ ଓ ବିଳାସ ସାମଗ୍ରୀ କେଉଁଠୁ ମିଳନ୍ତା ? କିନ୍ତୁ ସୁଲତା ଓ ଅରୁଣା ଧନୀ ପରିବାରର କନ୍ୟା । ସୁତରାଂ ନିଜର ପରିପାର୍ଶ୍ୱକୁ ଟିକିଏ ବିଳାସ-ରୁଚିର କରିଚନ୍ତି ଯାହା]

ଗାଢ଼ନୀଳ ବର୍ଣ୍ଣର ଗୋଟାଏ ଭେଲ୍‌ଭେଟ୍ ଲେପ କଟି ପର୍ଯ୍ୟନ୍ତ ଘୋଡ଼େଇ ସୁଲତା ଶେଯରେ ଗଡ଼ୁଛି । ସଫେଦ ପତଳା ଜର୍ଜେଟ୍‌ର ବ୍ଲାଉଜ୍ ଭିତରୁ ତାର ସ୍ତନ ସୌଷ୍ଠବ ସହଜରେ ବାରି ହଉଛି । ସୁଲତାର ସ୍ତନ ଉନ୍ନତ ଓ ଦୃଢ଼—ଧଳା ମାର୍ବଲ ଦେହର ଯେପରି ଠିକ ମାପରେ କୁନ୍ଦ କରି କଟା ହୋଇଛି । ଏମିତି ଛାତରେ ସନ୍ତୁଷ୍ଟ ହୋଇ ଆଉ କିଛି ନ ଖୋଜିବା ଯେକୌଣସି ପୁରୁଷ ପକ୍ଷରେ ଅସାଧାରଣ ନୁହେଁ ।

ମୁହଁରେ କୋଲ୍‌ଡ଼କ୍ରୀମ ଘଷି ଗନ୍ଧିବାସ ବଦାମୀ ରଙ୍ଗର ଫୁଲକିଆ ବେନାରସ୍ ସିଲ୍କର ପାଇଜାମା ଓ ବ୍ଲାଉଜ୍‌ରେ ଅରୁଣା ତାର ଶେଯ ଉପରକୁ ଆସିଲା । ସୁଲତା ସୋହାଗରେ ଡାକିଲା; 'ଅରୁ; ତୁ ମୋର ଶେଯକୁ ଆସେ, ଏଇଠି ମତେ ଲାଗିକରି ଶୋଇବୁ; ଗପ କରିବୁ ।'

ଭେଲ୍‌ଭେଟ୍ ଲେପତଳେ ଦୁଇ ବାନ୍ଧବୀ ଜଡ଼ିଗଲେ ।

୪

ଅରୁଣା ଆରମ୍ଭ କଲା— ଏକ୍ସ ମାସ-ରେତ ମୁଁ କୋରାପୁଟ ଗଲି । ବିଶେଷ ମନୋରଞ୍ଜନ ପାଇଁ କୋରାପୁଟରେ ଏଥର କିଛି ନଥିଲା । ବାପାଙ୍କର ସେଇ ପୁରୁଣା ଡ୍ରାଇଭରଟା— ମୁଁ ତାକୁ ସୁବିଧା ଦେବାକୁ ଚାହୁଁ ନଥିଲି, ଦେଲିନି । ଦିନ ଜମା ସରୁ-ନଥାଏ ମୁଁ ଏଠୁ ଯିବାର ପ୍ରାୟ ପନ୍ଦର ଦିନ ତଳେ ବାପା ଗୁଡ଼ାରି ଯିବା ପାଇଁ ବାହାରିଲେ କାମରେ । କୋରାପୁଟ ଜିଲ୍ଲାରେ ଗୋଟାଏ କୋଣରେ ଯାଇ ଗୁଡ଼ାରି । ମୋର ସ୍ୱାସ୍ଥ୍ୟ ହାନି ହେବା ଆଶଙ୍କାରେ ବାପା ମୋତେ ସାଥିରେ ନେବା ଲାଗି ଅଗ୍ରହ ପ୍ରକାଶ କରୁ ନଥିଲେ । କିନ୍ତୁ ଯିବା ପାଇଁ ମୋର ଉଦ୍‌ବେଗର ସୂଚନା ପାଇ ଆପତ୍ତି କଲେନି ।

ଆମେ ସଦଳବଳ ବାହାରିଲୁ ମଟର-ରେ । କୋରାପୁଟରୁ ରାୟଗଡ଼— ପାର୍ବତୀ-ପୁର-ଗୁଣୁପୁର ଦେଇ ସୂର୍ଯ୍ୟ ରକ୍ତରାଗ ହେବା ବେଳକୁ ଆମେ ଗୁଡ଼ାରି ଇନ୍‌ସପେକ୍‌ସନ ବଙ୍ଗଳାରେ ଯାଇ ପହଞ୍ଚିଲୁ ।

ସଡ଼କ କଡ଼ର ଗୋଟାଏ ଉଚ୍ଚ ଭୂମି ଉପରେ ବଙ୍ଗଳାର ଅବସ୍ଥିତି । ବଙ୍ଗଳାର ବାରଣ୍ଡା ଉପରୁ ପ୍ରାୟ ମାଇଲେ ଦୂରରେ ବଂଶଧାରାର ନଈ କୂଳରେ ଗାଁଟି ଲମ୍ବା ହୋଇ ଦେଖା ଯାଉଥାଏ । ନଈ ସେ ପାରିରୁ ଲହଡ଼ିଆ ପାର୍ବତ୍ୟଭୂମି ନିବିଡ଼ ଜଙ୍ଗଲ ଭିତରରୁ ଲମ୍ବି ଯାଇଛି । ତେଣିକି ତେଣିକି ଉଚ୍ଚ ପର୍ବତ ଶ୍ରେଣୀ । ନଈ ଏପାରି ମଧ୍ୟ ଠିକ ସେହିପରି, କେବଳ ପ୍ରାୟ କୋଡ଼ିଏ ବର୍ଗ ମାଇଲର ଉପତ୍ୟକା ଖଣ୍ଡକରେ ନଈ କୂଳେ କୂଳେ କେତେ ଖଣ୍ଡ ଗାଁ ବସିଯାଇଛି । ସବୁଠାରୁ ଗୁଡ଼ାରିଟି ବଡ଼ ।

ଯାତ୍ରା ଶ୍ରମ ମୋର ଦେହ ଓ ମନରେ ଗୋଟାଏ ପ୍ରକାର ଅବସନ୍ନ ଉଦାସ ଭାବ ସୃଷ୍ଟି କରିଥିଲା । ଶେଯରେ ଗଡ଼ୁ ଗଡ଼ୁ କେତେବେଳେ ନିଦ ଲାଗିଗଲା ଜାଣି-ପାରିନି ।

[ ୫ ]

ପରଦିନ ଉପର ବେଳା, ଜଳଯୋଗ ସରିଲା । ମୁଁ ବେଶଭୂଷା ହୋଇ ବାହାରିଲି କୁଆଡ଼େ କିଛି ସମୟ ବୁଲି ଆସିବା ପାଇଁ । କିନ୍ତୁ ସାଥିରେ ଯିବା ପାଇଁ ଜଣେ ଦେହରକ୍ଷୀ ତ ଲୋଡ଼ା ! ଡ୍ରାଇଭରଟା ଯେ ଯିବା ପାଇଁ ମନ କରୁଛି ତାର ହାବ ଭାବରୁ ବୁଝିପାରିଲି । ତାକୁ ଉଚିତ ଭାବରେ ଅନେଇଲି, ସେ ଆଉ ସାହସ କଲାନି । ଏତିକିବେଳେ ଜମିଦାର ଘର ଠଣାର କିଏ ଜଣେ କର୍ମଚାରୀ ବାପାଙ୍କୁ



Digitized by srujanika@gmail.com

କହିଲା, 'ଅଣ୍ଣ ଅମର ଏ ଲୋକଟା ମାଥାଙ୍କ ସାଥିରେ ଯାଉ । ଭାରି ଭଲ ଶିକାରୀ । ସବୁ ବେଳକୁ ଆଖି ରଖିଥିବ । କର୍ମଗୃହୀଟି ... କଣ୍ଠରେ ଡାକିଲା, ସୁମା –

ଲୋକଟା ଆସିଲା । ସୁସ୍ଥ ସବଳ ଦେହ । ବୟସ ପଚାଶରୁ ଅଧିକ ହେବନି । କାହିଁକି କେଜାଣି ଲୋ ତାକୁ ଦେଖି ଦେଖି ମୋର ଛାତି ଭିତରଟା ଉଦ୍‌ବେଗରେ ଥରି ଉଠିଲା । ସେ ତାର ଘରକୁ ଯାଇ ବନ୍ଧୁକ ନେଇ ଆସିଲା । ମୁଁ ମଧ୍ୟ କେମେରାଟି ଲୋଡ୍ କରି ଚାଲିଲି ।

ବଂଗଳୋରୁ ସଡ଼କ ଉପରକୁ ଓହ୍ଲାଇ ଆସିଲୁ । କହିଲି, 'କେଉଁ ଗୋଟାଏ ସୁନ୍ଦର ଜାଗାକୁ ଯିବା ଚାଲ ।'

ସେ ଟିକିଏ ମୁରୁକି ହସିଲା ।

ପଚାରିଲି, 'ହସିଲ କାହିଁକି ?'

ସେ କହିଲା, 'ଦୃଶ୍ୟ ଦେଖିବାକୁ ଥିଲେ ସଡ଼କ ଛାଡ଼ି ଏ ଭିତରକୁ ପଶିବାକୁ ହେବ ।' ସେ ନିର୍ଦ୍ଦେଶ କଲା ଅମର ଡାହାଣ ପଖ ପାର୍ବତ୍ୟ ଭୂମି ଆଡ଼କୁ । ମୁଁ ଆଗ୍ରହ ଦେଖାଇ କହିଲି, 'ଚାଲ ତେବେ' । ତାର ମୁହଁରେ ସେମିତି ମୁରୁକି ହସ—କହିଲା, 'ତମେ ଏ ବାଟରେ ଚାଲି ପାରିବନି, ଝୁଣ୍ଟି କରି ପଡ଼ିଯିବ ।' ମୋର ପାଦର ହାଇହିଲ ଜୋତା ଉପରେ ତାର ନିର୍ଦ୍ଦେଶ ଉପହାସର ଦୃଷ୍ଟି ।

ଅକାରଣରେ ତାର ଏ ମୁରୁକି ହସ ମତେ ଭଲ ଲାଗୁ ନଥିଲା । କିନ୍ତୁ ତାକୁ ବାଧା ଦେଇ କିଛି କହି ଦେବାକୁ ପାରିଲିନି ।

କହିଲି, 'ମୁଁ ପାରିବି, ଚାଲ ।'

ଚାଲିଲୁ, ସେ ଆଗରେ, ମୁଁ ପଛରେ । ଅସମାନ ଭୂମିରେ ସେମିତି ଚାଲିବା ମତେ ସହଜରେ ପ୍ରୀତି କର ଲାଗୁ ନଥିଲା, କିନ୍ତୁ ତାର ପାଖରେ ଧରାପଡ଼ିବା! ମୁଁ କେମିତି ସହି ପାରନ୍ତି ? ସୁଧ୍ୟମତ ତାର ପଛଲଗା ହୋଇ ଚାଲିଲି ।

ଥୋଡ଼ାଏ ବାଟ ଚାଲି ଆମେ ଗୋଟାଏ ଝରଣା କୂଳରେ ଯାଇ ପହଞ୍ଚିଲୁ । ଦୁଇଟି ଜଳଚର ପକ୍ଷୀ ପାଣି ଧାରରେ ବସିଥିଲେ, ଫଡ଼ ଫଡ଼ କରି ଉଡ଼ିଗଲେ । ଅନତି ଦୂରରେ ଉଚ୍ଚରୁ ପାଣି ଅଜାଡ଼ି ହୋଇ ପଡ଼ିଲା ପରି ଶବ୍ଦ ଶୁଭୁଥାଏ । ପଚାରିଲି ଆଗ୍ରହରେ, ପାଖରେ କେଉଁଠି ଜଳ ପ୍ରପାତ ଅଛି କି ? କହିଲା, 'ହଁ, ଗୋଟାଏ ସାନ ଗଦଗଦା' । ବିଶ୍ଳେଷଣ କରି ମନେ ମନେ ଅର୍ଥ କରି ନେଲି । ଜଳ ପ୍ରପାତ ହଁ, ଏଇଠି ଗଦଗଦା, ବାଦଗଡ଼ ପଟେ ଯିମିତି ଡୁଡ଼ୁମା କହନ୍ତି ।

ଝରଣାର ଦୁଇ କୂଳରେ ଝାଙ୍ଗ, ଟିଅମାଳ, କରୁଣି, ଆଉ ଆଉ କେତେ ରକମର ପାହାଡ଼ୀ ଗଛପତ୍ର କେତେ ଗଛରେ ଫୁଲମଧ୍ୟ ପେନ୍ଥା ପେନ୍ଥା ହୋଇ ଧରିଛି । ଝରଣ ସେ ପାରିରୁ ପ୍ରାୟ ମାଇଲେ ପର୍ଯ୍ୟନ୍ତ ହଳଦିଆ ବର୍ଣ୍ଣର କି ଶସ୍ୟ ଉଠିଛି । ତାର ପଛରେ ଗୋଟାଏ ମୁଣ୍ଡିଆ ଧ୍ୟାନମଗ୍ନ ଯୋଗୀ ପରି ବସି ରହିଛି । ମୁଁ ଗୋଟାଏ ପଥର ଉପରେ ବସିପଡ଼ିଲି । ଖଣ୍ଡେ ଦୂରରେ ଠିଆ ହୋଇ ସେ ଗୋଟାଏ ଉଚ୍ଚ ଝୁଙ୍କା ଗଛର ଚୂଳକୁ ତୀକ୍ଷଣ ଦୃଷ୍ଟିରେ ଚାହିଁଛି । ପଚାରିଲି—ଏ ଗୁଡ଼ାକ କି ଦୃଶ୍ୟ ? କିଛି ଚମତ୍କାର ଦେଖାଯାଉଛି ।

ଆଖି ତାର ସେଇ ଗଛ ଉପରେ; କହିଲା--
"ଚଳସି ।"

ମତେ ଭାରି ଖରାପ ଲାଗିଲା । ଲୋକଟା କେତେ ନୀରସ ; ମୋର ଉପସ୍ଥିତି କିମ୍ବା ଝରଣା ମର୍ମର ସେଇ ବଡ଼ କଳା ମୁଗୁନି ପଥରଟା ଭିତରେ ସେ କିଛି ପାର୍ଥକ୍ୟ ବାରି ପାରୁନି ବୋଧହୁଏ । ମୁଁ ଟିକିଏ ଅମର୍ଯ୍ୟାଦା ଅନୁଭବ କଲି । ଅନ୍ୟ ମନସ୍କ ଭାବରେ କେମେରାର ଖୋଳଟା ଖୋଲୁଛି, ବନ୍ଧୁକ ଶବ୍ଦ ହେଲା । ଚାହିଁଲି, ପଡ଼ର ଝପଲା ପରି ଦୁଇଟି ହରଡ଼ ଚଢ଼େଇ ଗଛ ଉପରୁ ଖସି ତଳର ଲଟା ବୁଦା ଭିତରେ ପଡ଼ିଗଲେ ।

ବନ୍ଧୁକଟି ଥୋଇ ଦେଇ ସେ ଲଟା ଭିତରେ ପଶିଗଲା । କେମେରାଟା ଗଳେଇ ଦେଇ ମୁଁ ବି ତାକୁ ଲକ୍ଷ୍ୟ କରି ଭିତରେ ପଶିଲି । ମୋ ଠାରୁ ପଛରେ ସେ ରହିଛି, ଅଥଚ ମୁଁ ତାକୁ ଦେଖି ପାରୁନଥିଲି । ଆଉ ପାଣି ଆସୁଛି, ଗୋଟାଏ ଖୁଣ୍ଟରେ ମୋର ଶାଢ଼ୀର ଧଡ଼ିଟା ଟାଣି ହୋଇ ଚିରିଗଲା । ପଛରୁ ସେ ବାହାରିପଡ଼ି କହିଲା; 'କହୁଥିଲି ନା ଆଗରୁ ତମେ ଏମିତି ବାଟରେ ଚାଲି ପାରିବନି ବୋଲି ।'

ଲୁଗାଟା ଖୁଣ୍ଟ ଦେହରୁ ଛଡ଼େଇ ନେବାକୁ ମୁଁ ଲାଗିଛି, ସେ ଅଗତ୍ୟା ନିଜେ-ପଡ଼ ଲଗାଟାକୁ ଛଡ଼େଇ ଦେଲା; ତାର ପିଠିରେ ମୋର ଦେହଟା ଲାଗି ହୋଇଗଲା । ଭୁଲିଗଲି, ସେତେବେଳେ ମତେ ଯାହା ଲାଗିଥିଲା ତାହା ଆଉ କହିବି ? ମୋର ଦେହଟା ଏତେ ଥରେ ମରିଗଲା ।

ସେ ଉଠି ଠିଆ ହେଲା । ମତେ ଚାହିଁଲା । ଏମିତି ଚାହାଁଣି କଲେ ! ମୋର ଆଖି ପଛର ଚାଲ ସେ ଯେପରି ଗଣୁଛି । କହିଲା, 'ଗୋଟାଏ ହାତରେ ତୁମର ଲୁଗା ଟେକି ଧର । ଆଉ ହାତଟା ମତେ ଦିଅ । ଧୀରେ ଧୀରେ ଆସ ।' ଶୁଣିପାରିଲି ପରି ବାଁ ହାତଟି ତାକୁ ବଢ଼େଇ ଦେଲି । ସେ ଧରି ନଥିଲେ ବି ମୁଁ ଚାଲି ପାରିଥାନ୍ତି, କିନ୍ତୁ ତାହାର କାହିଁକି ମନା କରି ପାରିଲିନି । ଗୋଟାଏ ହାତରେ ମଲା ଚଢ଼େଇ ଦୁଇଟା, ଅନ୍ୟ ହାତରେ ମୋର ହାତଟିକୁ ଚାପି ଧରି ସେ ମତେ ପଦାକୁ ବାହାର କରି ଆଣିଲା ।

ପଦାକୁ ଆସି ଦେଖିଲି ମୋର ଗୋଡ଼ର କି ଅବସ୍ଥା ହୋଇଛି । ବାଁ ଗୋଇଠି ପାଖରେ ଆଣ୍ଠୁ ତଳକୁ କଣ୍ଟା ବାଜି ଚିରି ହୋଇ ଯାଇଛି, ରକ୍ତ ବହୁଛି । ଟିକିଏ ଏପାଖ ସେପାଖ ଚାହିଁ ସେ ଗୋଟାଏ କି ଗଛରୁ ପତ୍ରଗୁଡ଼ାଏ ଛିଣ୍ଡେଇ ଆଣିଲା । ଝରଣା ଧାରର ଗୋଟାଏ ପଥର ଉପରେ ଆସି ବସିବାକୁ ମତେ ଡାକିଲା । ଯେତା ବାହାର କରି ସେଇଠି ଯାଇ ବସିଲି । ଥଣ୍ଡା ପାଣିରେ ଘା ସ୍ଥାନଟା ସେ ଧୋଇ ଦେଲା । ପତ୍ରଟିକ ହାତରେ ମକ୍ଟି ତାର ଉପରେ ଚିପୁଡ଼ିଲା ।

ଉଃ, କି ପୋଡ଼ା ଜଳାପୋଡ଼ା ଉଠିଲା । ସେ ମୋର ପଦଟାକୁ ଚାପି ଧରିଛି । ମୁଁ ତାର ଓସାରିଆ କାନ୍ଧରେ ମୋର ବର୍ତ୍ତୁଳ ହାତ ଦୁଇଟି ଥୋଇ ଦେଲି ଯନ୍ତ୍ରଣାରେ ଚଲବଲ ହୋଇ । ଦୁଇ ତିନି ମିନିଟ୍ ପରେ ଜଳାପୋଡ଼ା ଏକେବାରେ ବନ୍ଦ ହୋଇଗଲା । ଘା ଦୂରପଟେ କେମିତି ଟିକିଏ ଥିଡ଼ି ଥିଡ଼ି ଲାଗୁଥାଏ ଯାହା, ମୋର ହାତ ତାର କାନ୍ଧ ଉପରେ ସେମିତି ରହିଛି—ମୋର ମୁହଁକୁ ଚାହିଁ ରହି ସେ ହସି ହସି କହିଲା, 'ଆଉ କଷ୍ଟ ହେଉଛି ?'



Digitized by srujanika@gmail.com

# ଡଗର

ମୁଁ ବି ସ୍ନିଗ୍ଧ ହସ ହସି କହିଲି 'ନା'
ମୁଁ ତାର ଗୃହ ଛେର ଅଶା ବୁଝିପାରି-ଥିଲି। କିନ୍ତୁ ସେ କପଟ ସାହସ କରି ପାରନ୍ତା !

ବେଳ ଢଳି ଆସୁଥିଲା, ଆମେ ଫେରିଲୁ। ଚାଲୁ ଚାଲୁ ପଚାରିଲି, 'ତମେତ ଭଲ ଶିକାର କରି ପାରୁଚ ?'

ସେ ବହୁତ ବନ୍ୟଜନ୍ତୁ ଶିକାର କରିଚି ବୋଲି କହିଲା। ହରିଣଙ୍କୀ ମିଶେଇ ମିଶେଇ ମୁଁ ଗୌରବ ଅନୁଭବ ନ କରି ରହି ପାରିଲିନି।

ସଡ଼କ ଉପରକୁ ଆସିବାରୁ ଅଧେ ଶଙ୍କା ଅଧେ ବିଶ୍ୱାସ ମିଶା ଆଖିରେ ମୋ ମୁହଁକୁ ଚାହିଁ ସେ କହିଲା; 'କଣ୍ଟାରେ ଚଢ଼ ହେବା କଥା ତମ ବାପାଙ୍କୁ କହିଲେ ମୋର ଅଉ ଚାକିରୀ ରହିବନି।'

ମୁଁ କହିବିନି ବୋଲି ତାକୁ ଭରସା ଦେଲି। ପଚାରି ବୁଝିଲି ସେ ମାସକୁ ପନ୍ଦର ଟଙ୍କା ଦରମାରେ ଜମିଦାରୀ ଅଫିସରେ ଚାକିରୀ କରେ। ଲଜ୍ଜା ଓ ଦୁଃଖରେ ମୋର ପ୍ରାଣ ଅସ୍ଥିର ହୋଇ ଉଠିଲା। ଦୁଇବେଳା ଦୁଇମୁଠା ସେ ସୁଖରେ ଖାଇବାକୁ ମଧ୍ୟ ପାଉ ନଥିବ ! ପଚାରିଲି, 'କାଲିକି ମୋର ସାଙ୍ଗରେ ଆସିବତ ?' 'ତମେ ଡାକିଲେ କାହିଁକି ନ ଆସିବି ?' ସ୍ୱରରେ ତାର ମନ୍ତ୍ର-ମୁଗ୍ଧ ଆଗ୍ରହ। ମୁଁ ତାର ମୁହଁକୁ ଚାହିଁ ଆଖି ନତ କରିଦେଲି। ସେ ବୁଝି ପାରିଲାକି ନାହିଁ ଜାଣେନି, ମୁଁ କିନ୍ତୁ ତାକୁ ପସନ୍ଦ କରିଚି ବୋଲି ଜଣେଇବା ମୋର ଅଭିପ୍ରାୟ ଥିଲା।

୨

ଫେରେ ପରଦିନ ଅପରବେଳା। ପର୍ବତର ସେଇ ଝରଣା କୂଳରେ ବସିଚି। ଏଥର କିନ୍ତୁ ଟିକିଏ ଅନ୍ତରାଳରେ। ଗୋଟାଏ ବଡ଼ ଗଛ ମୂଳରେ। ମୋ ପାଖରୁ ଗୃହଦ୍ୱାର ହେବ ଦୂରରେ ସେ। ତାର ସୁଷ୍ଠୁ, ସୁନ୍ଦର, ସବଳ ଗଠନ, ଶୋଭନୀୟ ଯୌବନ ଓ ପୌରୁଷ ଆଗରେ ମୁଁ ନତଶିର ହୋଇ ସାରିଥିଲି। ମୁଁ ବସିଥିଲି ସିନା, ମନେ ହେଉଥିଲା କେହିଁ ଅଦୃଶ୍ୟ ଚୁମ୍ବକ ଦ୍ୱାରା ସେ ଧୀରେ ଧୀରେ ମୋତେ ତାର କୋଳ ଉପରକୁ ଟାଣି ନେଉଚି।

ମୁଁ ଅନ୍ୟ ମନସ୍କ ହୋଇ ଯାଇଥିଲି ସମ୍ଭବ। ସେ ପଚାରିଲା, 'ଅଉ କୁଆଡ଼େ ବୁଲିବନି ଆଜି ?' ଅନ୍ୟମନ ଭାବରେ, ଉପରେ ବାଧାର ଛଳ କରି କହିଲି, ଭଲ ଲାଗୁନି। ମୁଣ୍ଡ ବଥାଉଚି।' ସ୍ୱରରେ ସହାନୁଭୂତି ଦେଇ ସେ କହିଲା, 'ଖରାଟାରେ ଆସିଲ। ଫେରି ଯିବାକି ହେଲେ ? ମନେ କଲି କହିବି ଚାଲ ଫେରି ଯିବା। ଖାଲି ଟିକିଏ ସହାନୁଭୂତି। ବ୍ୟଗ୍ରତା ନାହିଁ କି ଆଶଂକା ନାହିଁ। କିଛି କହି ପାରିଲିନି। ପରାଜିତ ନିଃସହାୟ ଆଖିରେ କେବଳ ତାକୁ ଚାହିଁ ରହିଲି।

ତାର ବିବଶତା ମୁଁ ଲକ୍ଷ୍ୟ କଲି। ସେ ବଢ଼ିବାକୁ ଚାହୁଁଚି, ସାହସ କିନ୍ତୁ ପାଉନି। ଗଛର ଗଣ୍ଡିରେ ଆଉଜି ମୁଣ୍ଡଟାକୁ ଦୁଇ ହାତରେ ଚିପି ଧରିଲି। ପାଖକୁ ଆସି ସେ କହିଲା ମୁଁ ଚିପି ଦେବି କି ?

ଅଲଜ୍ଜୁକ ଭାବେ କହିଲି, ଦିଅ।

ପଚାରିଲା, ବସିବ ନା ଶୋଇବ।

ବସିବାର ଧୈର୍ଯ୍ୟ ମୋର ନଥିଲା। କହିଲି 'ଶୋଇବି।' ସେ ବ୍ୟସ୍ତ ହେଲା। ମୁଣ୍ଡଟା ତଳେ ରଖିଲେ ତ ଧୂଳି ହୋଇଯିବ। ଅଚ୍ଛା, ମୁଁ ଚଦର ମାଡ଼ି ବସୁଚି ମୋର ଉପରେ ରଖ।'

ବାଧ୍ୟ ଶିଶୁ ଭଳି ତାର କୋଳରେ ମୁଣ୍ଡଟି ଗଡ଼େଇ ଦେଲି। ସେ ଭାରି ହାଲୁକା ଭାବରେ ମୋର କପାଳଟିକୁ ଗୋଟାଏ ହାତରେ ସାଉଁଳିଲା। ତାର କୋଳରେ ମୁଣ୍ଡ ରଖି ସମ୍ଭାଳି ରହିବା ଶକ୍ତି ମୋର ନଥିଲା। ଅସହାୟ ଭାବରେ କହିଲି। ତରତରରେ ସେ ମତେ ଉଠେଇ ତାର ପ୍ରଶସ୍ତ ଛାତିରେ ଆଉଜେଇ ବସେଇଲା। ମୋର ଦୁର୍ବଳ ବାହୁ ଦୁଇଟି ମୁଁ ତାର ଗଳାରେ ଛନ୍ଦି ଦେଲି। ମୋ ଛାତିରେ ମୁହଁ ଘଷି ଘଷି ସେ ମଧୁ କହିଲା। ମୋର ଛାତି ଓ ମୁହଁ ତାର ଚୁମ୍ବନରେ ନଷ୍ଟ ହୋଇ ଉଠିଲା।

ଲଜ୍ଜା ପିନ୍ଧି ଠିଆ ହୋଇ ଅଉ ସିଧା ତାର ମୁହଁକୁ ଅନେଇ ପାରିଲିନି। ମୋର ଅଣ୍ଟାରେ ହାତ ଗୁଡ଼େଇ ସେ ସମିତ ମୁରୁକି ହସି କହିଲା ଏଥର ଫେରିବା ଚାଲ। ହାଲିଆ ଲାଗିବଣି।' ମୁଁ ଗୋଟାଏ ଗାଢ଼ ଚୁମ୍ବନରେ ତାର ଦୁଷ୍ଟ ହସକୁ ଜବଦ୍ କରି ନେଲି।

ବନ୍ଧୁକଟାକୁ କାନ୍ଧରେ ଝୁଲେଇ ଦେଇ ସେ ମତେ ଅବଲୀଳା କ୍ରମେ ତାର ସୁଦୃଢ଼ ବାହୁ ଉପରକୁ ଟେକି ନେଲା ଓ ଉଲ୍ଲାସ ଚଞ୍ଚଳ, ନିଶ୍ଚିତ ପାଦ ପକେଇ ଚାଲିଲା। କେଳେ କେଳେ ରହୁଥିଲା କେବଳ ମୋର ମୁହଁରେ ଚୁମ୍ବନ ଅଜାଡ଼ିବା ପାଇଁ। ହାତରେ ତାର ଗାଲଟିକୁ ଥପଥପେଇ କହିଲି, 'ମୋତେ ଏଥରକ ଓହ୍ଲାଇ ଦିଅ ଚାଲିବି। ତମ ହାତ ବଥେଇବଣି। ସେ ମୋତେ ଓହ୍ଲାଇଲା କିନ୍ତୁ ଛାଡ଼ିଲାନି। ଏତେ ନିବିଡ଼ ଭାବରେ ଯାକି ଧରିଲା, ମୁଁ ଛାତିରେ ବ୍ୟଥା ଅନୁଭବ କଲି। ଆଗରେ ଗୋଟାଏ ଲତା କୁଞ୍ଜକୁ ଦେଖେଇ କହିଲା, ସୁନ୍ଦର ଜାଗା ନୁହେଁ? ମୁଁ କିଛି କହିବା ପୂର୍ବରୁ ସେ ପୁଣି ମତେ ତାର ବାହୁ ଉପରକୁ ଟେକି ନେଇ ଥିଲା।

କଅଁଳ ପତ୍ର ଶଯ୍ୟାରେ ମୁଁ ଶୋଇ ଥିଲି। ଆଖି ବନ୍ଦ ଥିଲା। ଦେହ ଅବସନ୍ନ।

୨

ଦୀର୍ଘ ନିଶ୍ୱାସ ଛାଡ଼ି ସୁଲତା ପଚାରିଲା, 'ଗୁଡ଼ାର ଛାଡ଼ିଲାବେଳେ ତୁ ଆଉ ତାକୁ ଦେଖିନୁ ?

ଅରୁଣା କହିଲା, ସେ ଦେଖୁ ଦେଖୁ ମୁଁ ତାର ଆଗରୁ ଚାଲିଯିବା ସେ ସହି ପାରନ୍ତାନି। ସେଥିପାଇଁ ସମ୍ଭବ ଆଉ ଆସିଲାନି ବଂଗଳାକୁ।

'ତାର ନାଁ। ଟା ପଚାରି ପାରିଲୁନି ?'

'ଲାଭ କଣ ହୋଇଥାନ୍ତା ?'

ଅରୁଣାର ଛାତି ଭିତରେ ମୁହଁ ଲୁଚେଇ ସୁଲତା କହିଲା, 'ଅରୁ, ସତରେ ତୁ ବଡ଼ ସ୍ୱାର୍ଥପର।'



Digitized by srujanika@gmail.com

## ଘାସ

ଆକାଶ ତଳେ ମୁହିଁ
ଶେଣ୍ଡ ବୋଲି ବାସ,
ବଳାସୀ ବଣବାସୀ
କରେ କି ଉପହାସ !
ସାନ ମୁଁ ହେଲି ବୋଲି
ଲୁଗୁଇ ମୋର ମାନ;
ପାଦପ-ପଦ ତଳେ
ଲଭିଲି ମୋର ଥାନ ।
ସବୁରି ଚରଣରେ
ଲଭି ପେଷଣ ବ୍ୟଥା,
କୋମଳକାୟା ରତ
ହେଲି କି ଅପରାଧୀ ?
ସୃଜନ ନାମେ ହେଲି
ସବୁଠି ପରିଚିତ,
ଜଗତ ହିତ ଚିନ୍ତ
ଲଭିଲି ବର୍ଦ୍ଧିତ

ପୀଡନ ଏତେ ଲଭି
ଥିଲେ ମୋ ନାହିଁ ଶୋକ
ବୁଲନ୍ତି ମୋ' ଉପରେ
ଜୀଇଁଲି ଜୀବ ଲୋକ
ସେଇ ମୋ ମହା ସୁଖ
ସେଇ ମୋ ଗଉରବ
ଲୋଡ଼େ ମୁଁ ନାହିଁ କିଛି
ବିପୁଳ ବଇଭବ ।
ନିବିଡ ମାଟି ମୋର
ରହିଛି ଚିର ସାଥୀ,
ତା' ସାଥେ ସୁଖେ ଦୁଃଖେ
କଟୁଛି ଦିବା ରାତି
ଆକାଶ ତଳ ଅଟେ
ସୁରମ୍ୟ ନିକେତନ,
ମୁକୁଳା ମଳୟ ତ
କରୁଛି ଜୀବେଦନ ।
ଭୂଷଣ କରେ ଯେଣୁ
ସବୁରି ପଦ ରେଣୁ,
ପରଶେ ଦେବତାର
ଅଶିଷ ମିଳେ ତେଣୁ ।
ସାନ ମୁଁ ବଡ଼ ପରି
ନାହିଁ ମୋ ଅହଙ୍କାର
ଏ ସାରା ବିଶ୍ୱ ଆଗେ
ମୁଁ ଚିର ଘୃଣ୍ୟ ଘାସ ।

ଶ୍ରୀ ସୁବାସଚନ୍ଦ୍ର ଦାସ, ୮୬୩ ନାଗ ।

## ଅଜାଙ୍କ ଚିଠି

ନାତି, ନାତୁଣୀମାନେ ମୋର,

ଡଗରର ଚତୁର୍ଦ୍ଦଶ ବର୍ଷ ଏହି ସଂଖ୍ୟାରେ ଶେଷ ନୂଆ ବର୍ଷରେ ତୁମମାନଙ୍କ ପାଇଁ ନୂଆ ଆୟୋଜନ କରାଯାଉଛି ।

ପଞ୍ଚଦଶବର୍ଷ ପ୍ରଥମ ସଂଖ୍ୟାଠାରୁ ନାଗବାସୁ ଡଗରର ଆକାର ବଢ଼ାଇ ଦଶ-ଆଉ ପୃଷ୍ଠା ଏକସ୍ଥାନ କରିବି ଓ ଅନେକ ନୂଆ ବିଷୟ ତହିଁରେ ପ୍ରକାଶ ପାଇବ । ପ୍ରିୟ ନାଗ—ନାଗୁଣୀମାନେ ମୋର, ଏ ସୁଯୋଗ ହରାଇବେ ନାହିଁ ବୋଲି ଆଶା କରେ ।

## ନାଗଙ୍କ ପ୍ରଶ୍ନ

ସୂର୍ଯ୍ୟ ଉଦୟ ହେଉଥିବା ବେଳେ ଓ ଅସ୍ତ ହେଉଥିବା ବେଳେ ଲାଲ ଦେଖାଯାନ୍ତି କାହିଁକି ?

ଭଗବାନ ୧୩୬୭

## ନାଗଙ୍କ ଉତ୍ତର

ରବୀନ୍ଦ୍ର ଭାଇ ଜାଣିବ—ନିଜର ବଂଶ-ବୃଦ୍ଧି ନିମନ୍ତେ ଭ୍ରମର ଆଦି କୀଟ ପତଙ୍ଗମାନଙ୍କୁ ନିଜ ପାଖକୁ ଆକର୍ଷଣ କରିବା ପାଇଁ ବୃକ୍ଷମାନଙ୍କର ନାନା ସୌନ୍ଦର୍ଯ୍ୟ ଓ ସୁଗନ୍ଧଯୁକ୍ତ ଫୁଲ ଫୁଟେ । ଖରାର ଅଧିକାର ମଧ୍ୟରେ ସୌନ୍ଦର୍ଯ୍ୟ କିଛି କାମ ଦେବ ନାହିଁ । ତେଣୁ ଫଳ ଗୁଡ଼ିକ ରାତିରେ ସାଧାରଣତଃ ଧଳା ହୁଅନ୍ତି ଓ ନିଜର କାର୍ଯ୍ୟ ସଂପାଦନ ନିମନ୍ତେ ସୁଗନ୍ଧଯୁକ୍ତ ହୁଅନ୍ତି ।

ରାଧାନାଥ ଭାଇ ଜାଣିବ—ଇଂରାଜୀରେ ତାହାକୁ 'Twenty horses have Forty fore legs" କୁହାଯାଏ, ୪୦ ରେ forty fore ଅର୍ଥ ୪୪ ନୁହେଁ; ତାର ଅର୍ଥ ୪୦ଟି ଆଗ ଗୋଡ଼ ଅଛି । ଭଗବାନ ୧୩୬୭ ।

## ନୂଆବର୍ଷର ଅଳି

'ଡଗର'ର ବୟଃକ୍ରମ ଚତୁର୍ଦ୍ଦଶ ବର୍ଷ ଅତିକ୍ରମ କଲା । ଏହା ତା ପକ୍ଷରେ ଗୌରବା-ବହ ଓ ଗର୍ବର ବିଷୟ ହେଲେ ମଧ୍ୟ ଭଣା ବିସ୍ମୟକର ବ୍ୟାପାର ନୁହେଁ । ଏ ଗଣତନ୍ତ୍ର ଦେଶରେ ଦେଶବାସୀଙ୍କ ସ୍ନେହ ଓ ସମାଦର ରସରେ ଠିକ ପରିପୁଷ୍ଟ ହୋଇ ନପାରିଲେ ମଧ୍ୟ 'ଡଗର' ତାର ଅସ୍ତିତ୍ୱ ଯେ ବଜାୟ ରଖି ପାରିଛି— ଏହା ଅତିଶୟ ଆନନ୍ଦର କଥା । ତେଣୁ ନବବର୍ଷର ପ୍ରାରମ୍ଭରେ 'ଡଗର' ତାର ପାଠକ ପୃଷ୍ଠପୋଷକ ଓ, ଶୁଭଚିନ୍ତକମାନଙ୍କୁ ସଶ୍ରଦ୍ଧ ଅଭିବାଦନ ଜଣାଉଛି ।

'ଡଗର' ତା' ରୂପରେ ଓ ଗୁଣରେ ଅଦ୍ୱିତୀୟ । ଓଡ଼ିଶାରେ ହାସ୍ୟରସର ସର୍ବ-ପ୍ରଥମ ପତ୍ରିକା ରୂପେ ଭେଦ ବର୍ଷ ତଳେ ଆତ୍ମପ୍ରକାଶ କରି 'ଡଗର' ଏ ଯାବତ୍କାଳ ଅବଧି ଯେ ନିଜର ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରଖିପାରିଛି ଓ ଏ ଯାବତ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଛି ତହିଁରୁ ତାର ଶ୍ରେଷ୍ଠତା ହିଁ ସୂଚିତ ହୁଏ । ରସରଚନା ଓ ବ୍ୟଙ୍ଗ ଆଲୋଚନା ମଧ୍ୟରେ ସୁସ୍ଥ ଉଗର ସାହିତ୍ୟ ଓ ସୁନ୍ଦର 'ମନ'କୁ ସର୍ବଦା ସୁସ୍ଥ ରଖିବା ପାଇଁ ଯତ୍ନ କରି ଆସିଛି ଓ ଭବିଷ୍ୟତରେ ମଧ୍ୟ ସେପରି କରିବ ।

'ଡଗର' ଯେ ଏତେ ଦୀର୍ଘକାଳ ବଞ୍ଚି ରହିଛି, ତାହା ତାର ସୌଭାଗ୍ୟ ବୋଲିବାକୁ ହେବ । ମାତ୍ର ବଞ୍ଚିବା ହିଁ କେବଳ ସାର ନୁହେଁ ଅଧିକ ଶକ୍ତିଶାଳୀ ଓ ସୁଦୃଢ଼ ହେବାକୁ ପଡ଼ିବ ଏବଂ ସେଥିପାଇଁ ଦେଶବାସୀଙ୍କ ସ୍ନେହାଦର ରସ ତା ଉପରେ ଅପେକ୍ଷିତ

[ ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ ]



Digitized by srujanika@gmail.com

Dagaro
Reg No O 18 ORISSA'S MOST POPULAR FORTNIGHTLY 1-6-61

# ଚିଠାକୁ ଉତ୍ତର

ଯୋଗୀରାମ ଦେହୁରୀ—ବଲାଙ୍ଗିର

ପ୍ର—କ୍ରମଶଃ ପତ୍ରପତ୍ରିକାରେ ସିନେମା ଛବିଗୁଡ଼ିକର ପ୍ରବଳ ପ୍ରଚାର କାହିଁକି ?

ଉ—ଲୋକେ ଦୁଇଚାରି ଅଣାରେ ସ୍ୱାଦ ପାଉଛନ୍ତି ।

ପ୍ର—ଦାମ୍ପତ୍ୟ ଜୀବନରେ ପ୍ରେମର ସୃଷ୍ଟି କେତେବେଳେ ?

ଉ—ପ୍ରଥମ ଯେତେବେଳେ ଦମ୍ ଭାଙ୍ଗିନେ [ଦମ୍ + ପତି] ସଂସାର ଜ୍ୱାଳାରେ ।

ପ୍ର—ଯୌବନ ଜ୍ୱାଳାର ସୃଷ୍ଟି କେବେ ?

ଉ—ତାର ଛାଇ ଦେଖି ପଡ଼ିଲେ ।

ଗୋବିନ୍ଦ ନାୟକ—ବଲାଙ୍ଗିର

ପ୍ର—ଭଲ ପଇସା ଖାଏ କିଏ ପିଇ ?

ଉ—ହଁ, ଯେଉଁ ଲୋକ ପାନ ପିଅରେ ମରେ ନାହିଁ—ମଦ୍ୟପାନରେ ସାର୍ଥକ ହୁଏ ।

ପ୍ର—ଭଲ ପଢ଼ିବା ଜଣ ଯୁବକ ପ୍ରେମର କୋମଳତା ?

ଉ—କୋମଳତା ନୁହେଁ—...

ପ୍ର—ବାଧା ନଥିଲେ ପ୍ରେମରେ ଜଣ ସୁଖ ନଥାଏ ?

ଉ—ଯାହାକୁ ଭଲ ପାଇଲେ ସବୁ ସୁଖ । କାରଣ ବାଧା ଅତିକ୍ରମ କରି ଯାହା-ପଇବ ବାଧା ତୁଳନାରେ ତାର ମୂଲ୍ୟ ଏତେ ଅଳ୍ପ ଯେ ଶେଷରେ ନିରାଶ ହେବା ସ୍ୱାଭାବିକ ।

ଅଶ୍ୱିନୀକୁମାର—ବେତନଟୀ

ପ୍ର—ବର୍ତ୍ତମାନ ଯୁଗରେ ପାଠ ପଢ଼ିବା ଉଚିତ କି ? ନପଢ଼ିଲେ କଣ କରିବ ?

ଉ—ପାଠପଢ଼ିବା ଉଚିତ । କାରଣ ପାଠ ନପଢ଼ି ଯିଏ କଳାପୋଡ଼ା କରନ୍ତି ତାଙ୍କୁ ପାଠପଢ଼ା ଲୋକ ପେଟିଆ ଅଧିକ ଲୁଣ୍ଠେ । ପାଠ ସେଥିପାଇଁ ପଢ଼ନ୍ତି ।

ପ୍ର—ଭାରତରେ ଗଣତନ୍ତ୍ର ନିକଟରେ କୁଟୁମ୍ବନେ ଗଙ୍ଗ କେଉଁ ତନ୍ତ୍ର ବୃଦ୍ଧି ?

ଉ—ସାଉନ୍ଦତନ୍ତ୍ର ବୃଦ୍ଧି ।

ପ୍ର—ହରେକୃଷ୍ଣ ମହତାପ ଓ ଆପଣଙ୍କ ମଧ୍ୟରେ ପ୍ରଭେଦ କଣ ?

ଉ—ତାଙ୍କ ନାମ ପଛି ବାନ୍ଧକରି ନାପ କହିବାକୁ ହୁଏ । ମୋ ନାମରେ ନକ ବନ୍ଧ କଣ ଗପ କହିବାକୁ ହୁଏ ।

ନିରଞ୍ଜନ ମହାନ୍ତି—ଭଦ୍ରକ

ପ୍ର—ମୋର ଜଣେ ବନ୍ଧୁ ଦୁଃଖିତ ଯେ ତାଙ୍କ ସ୍ତ୍ରୀଠାରେ ଉତ୍ତୋଳନର ମାଦକତା ନାହିଁ । ପ୍ରତିକାର କହି ପାରିବେ କି ?

ଉ—ଖଟାଅ କେମିତି ତୋ ଦେହରଣ ଫୁଲ ଖଟରେ ଦବାକଣା—ହେଉଛି ମନ୍ତ୍ର ।

ପ୍ର—ମଧ୍ୟମ ଶ୍ରେଣୀ କାହାକୁ କହନ୍ତି ?

ଉ—ଯେଉଁଠା ଥାଏ ମାତ୍ର ଅଗିତ ଦକ୍ଷ ନାହିଁ । ସେଥିପାଇଁ ସମାଜରୁ middle class ଲୋପ ପାଉ ଅଛି । ଅର୍ଥାତ ହାଇଫେନ, ଡ୍ୟାସ୍, ବଫର, ସଂଯୋଜକ, ପ୍ରଣାଳୀ ପ୍ରଭୃତି ।

ପ୍ର—ମନୁଷ୍ୟର ଶ୍ରେଷ୍ଠ ସଂପଦ କଣ ?

ଉ—ଶ୍ମଶାନ ।

ଶରୀନ୍ଦ୍ର ବେହେରା—ବେତନଟୀ

ପ୍ର—ମନୁଷ୍ୟ କାହାର ଅଇଁଠା ଖାଇବାକୁ ଭଲ ପାଏ ?

ଉ—ପୁରୁଷ ସ୍ତ୍ରୀର ଓ ସ୍ତ୍ରୀ ପୁରୁଷର ।

ପ୍ର—ପୃଥିବୀରେ ପ୍ରକୃତ ବୀର କିଏ ?

ଉ—ଯିଏ ନାରୀର ବାଗୁରୁରୁ ଖସିପାରେ ।

ପ୍ର—ବଡ଼ ବଡ଼ ଲୋକ ବକ୍ତୃତା ଲେଖି ନଥାନ୍ତି କାହିଁକି ?

ଉ—ନ ଲେଖିଲେ ତାଙ୍କ କଥାଗୁଡ଼ାକ ହାତଆରେ ଉଡ଼ିଯାନ୍ତା ।

ଏସ୍, ମହାପାତ୍ର—କଲିକତା

ପ୍ର—କଲେଜ ଝିଅ ଓ ଗାଉଁଲି ଝିଅ, ଏମାନଙ୍କ ସମାଜକୁ କାହାର ଦାନ ବେଶୀ ?

ଉ—ଦାନ କେଉଁ ଝିଅଙ୍କର ନଥାଏ । ଜଣକର ଥାନ ବେଶି ତ ଆଉ ଜଣଙ୍କର ପାନ ବେଶି ।

ପ୍ର—ନାରୀ ସତୀତ୍ୱ ଜାଣିବାର ଉପାୟ କଣ ?

ଉ—ଆଖି ବୁଜିଦେଇ ଧ୍ୟାନରେ ଦେଖିବା ।

ପ୍ର—ଯୁବତୀ ନାରୀ ପୁରୁଷର ବଇରି କାହିଁକି ?

ଉ—କହିପାରିବି ନାହିଁ । କାରଣ ମୋ ଜାଣିବାରେ ଯୁବତୀ ନାରୀ ପୁରୁଷର ବନ୍ଧୁ—ଗ୍ରାହ୍ୟ ଗଳାର ବନ୍ଧୁ ହେଲାପରି ।

## ବିଜ୍ଞାପନ

ଆମ୍ଭେ ନୂତନ ଧରଣର ଆଦର୍ଶ ଜନ୍ମ ପତ୍ରିକା ପ୍ରସ୍ତୁତ କରି ଆବଶ୍ୟକ ମତେ ସର୍ବସାଧାରଣଙ୍କୁ ଯୋଗାଇଥାଉଁ । ଏତଦ୍ ବ୍ୟତୀତ ସକଳ ପ୍ରକାର ଜ୍ୟୋତିଷର ଗଣନା କରି ଶୁଭାଶୁଭଫଳ ଦର୍ଶାଇ ଥାଉଁ । ଥରେ ମାତ୍ର ପରୀକ୍ଷଣୀୟ ।

ନୂତନ ଧରଣର ଆଦର୍ଶ ଜନ୍ମ ପତ୍ରିକାର ପାରିଶ୍ରମିକ ମୂଲ୍ୟ ୪ ଟଙ୍କା ବିବାହ ମେଳକ କୋଷ୍ଠିର ବିଚାର ପାରିଶ୍ରମିକ ମୂଲ୍ୟ ୨ ଟଙ୍କା । ଅନ୍ୟାନ୍ୟ ଦଶା ଅନ୍ତରଦଶା ବୟସ ପ୍ରତ୍ୟନ୍ତର ଦଶା ବୟସ ଅନୁପାତରେ ଫଳ ବିଚାର ୨ ଟଙ୍କା ।

ଅଧିକ ବୟସର ଗ୍ରହଣ କଲେ ପାରିଶ୍ରମିକ ମୂଲ୍ୟ ଅଧିକ ପଡ଼ିବ । ଏସବୁ ଭି, ପି, ଦ୍ୱାରା ଯୋଗାଇ ଥାଉଁ ।

ଠିକଣା

ଶ୍ରୀ ଅନନ୍ତଚରଣ ସାହୁ । ମାଷ୍ଟର
ପୁରୁଣା ବଜାର ଭଦ୍ରକ

---

ଭିତରେ ବର୍ଣ୍ଣିତ ହେବା ଆବଶ୍ୟକ । ଦେଶବାସୀଙ୍କ ନିକଟରେ ନବବର୍ଷରେ ଡଗରର ସେବକ ମାଗୁଛି ।

ନୂତନ ବର୍ଷରେ ଡଗରକୁ ନୂତନ ଆକାର ଦେବାର କଳ୍ପନା ଥିଲେ ସୁଦ୍ଧା ଦୁର୍ମୂଲ୍ୟତା ଓ କାଗଜ ଦୁର୍ଲଭ ଯୋଗୁଁ ସେ କଳ୍ପନା ଅସ୍ତ୍ରବତାରେ ପରିଣତ ହେବା ସମ୍ଭବ ହେବ ନାହିଁ । ତଥାପି ପାଠକମାନଙ୍କ ସଂତୋଷ ବିଧାନାର୍ଥେ, ଡଗର ପକ୍ଷରୁ କୌଣସି ଅବହେଳା ପ୍ରଦର୍ଶିତ ହେବନାହିଁ । ନବବର୍ଷର ପ୍ରାରମ୍ଭରୁ ଡଗର ପୃଷ୍ଠାରେ ନୂତନ କେତେକ ବିଭାଗ ସଂଯୋଗ କରାଯିବ । ଦେଶବାସୀଙ୍କ ସଦିଚ୍ଛା ଓ ଶୁଭେଚ୍ଛାକୁ ସମ୍ବଳ କରି ଡଗର ନୂତନ ବର୍ଷର ଜୟଯାତ୍ରା ଆରମ୍ଭ କରୁଛି ।

Printed,—Published and Edited by N. Mahapatra at the Dagaro Press, Cuttack—1
ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
ସହକାରୀ—ଶ୍ରୀ ରମେଶଚନ୍ଦ୍ର ମହାନ୍ତି ଶ୍ରୀ ରାଣଦମୋହନଦାସ

Digitized by srujanika@gmail.com